গীতা শ্রবণী

ওঁ

মহাত্মা গান্ধী

ସନ୍ତ ଜ୍ଞାନେଶ୍ୱର ବିରଚିତ

ଗୀତା ଭାବାର୍ଥଦୀପିକା

ଜ୍ଞାନେଶ୍ୱରୀ

✡

ଗୋରାଚାନ୍ଦ ମିଶ୍ର

ଓଡ଼ିଶା ବୁକ୍ ଷ୍ଟୋର୍

ଗୀତା ଭାବାର୍ଥ ଦୀପିକା – ଜ୍ଞାନେଶ୍ୱରୀ

ପଦ୍ୟାକାରରେ ମୂଳ ରଚନା : ସନ୍ତ ଜ୍ଞାନେଶ୍ୱର

ଓଡ଼ିଆ ଭଷାନ୍ତର ଓ ସମ୍ପାଦନା :

ଗୋରାଚାନ୍ଦ ମିଶ୍ର

ପ୍ରକାଶକ

ଶ୍ରୀ ବିଜୟ ଶଙ୍କର ପାତ୍ର

ଓଡ଼ିଶା ବୁକ୍ ଷ୍ଟୋର୍

ବିନୋଦ ବିହାରୀ, କଟକ – ୭୫୩୦୦୨

ପରିମାର୍ଜିତ ଅଷ୍ଟମ ସଂସ୍କରଣ :

ଶ୍ରୀଗୁଣ୍ଡିଚା, ୨୦୧୫

ପ୍ରଚ୍ଛଦ : ଅସିତ୍ ମୁଖାର୍ଜୀ

ଲିପି ସଂଯୋଜନା ଓ ମୁଦ୍ରଣ :

ଗୁରୁପ୍ରସନ୍ନ ପ୍ରେସ୍

ଝୋଲାସାହି, (ନିଉକଲୋନୀ) କଟକ-୧

ବନ୍ଧେଇ :

ଓଁ ବାଇଣ୍ଡର୍ସ, କଟକ

ଶ୍ରୀଦୁର୍ଗା ବାଇଣ୍ଡିଂ ୱାର୍କସ୍, କଟକ

PRICE : **Rs.333/-**

ISBN-81-7400-170-0

GEETA BHABARTHADIPIKA

DNYANESWARI

Written in Poetry by

Santh Dnyaneswar

Edited & Translated by

Gorachand Mishra

Published by

Sri Bijoy Shankar Patra

ORISSA BOOK STORE

Binod Behari

Cuttack-753 002

Revised 8th Edition:**2015**

ଓଡ଼ିଶା ବୁକ୍ ଷ୍ଟାର୍‌ର ସ୍ୱର୍ଣ୍ଣଜୟନ୍ତୀ ବର୍ଷରେ
ସପ୍ତମ ସଂସ୍କରଣ ପ୍ରକାଶିତ

ଗୀତା ଜ୍ଞାନେଶ୍ୱରୀ ଗ୍ରନ୍ଥର ପ୍ରକାଶକାଳ

ପ୍ରଥମ ପ୍ରକାଶ	ବିଜୟା ଦଶମୀ— ୧୯୭୮
ଦ୍ୱିତୀୟ ମୁଦ୍ରଣ	ଶ୍ରୀରାମ ନବମୀ— ୧୯୮୩
ତୃତୀୟ ମୁଦ୍ରଣ	ବିଜୟା ଦଶମୀ— ୧୯୮୭
ଚତୁର୍ଥ ମୁଦ୍ରଣ	ବିଜୟା ଦଶମୀ— ୧୯୯୨
ପଞ୍ଚମ ମୁଦ୍ରଣ	ବିଜୟା ଦଶମୀ— ୧୯୯୬
ଷଷ୍ଠ ମୁଦ୍ରଣ	ଝୁଲଣ ପୂର୍ଣ୍ଣିମା — ୨୦୦୦
ସପ୍ତମ ମୁଦ୍ରଣ	ଶ୍ରୀରାମ ନବମୀ— ୨୦୦୯
ଅଷ୍ଟମ ମୁଦ୍ରଣ	ଶ୍ରୀଗୁଣ୍ଡିଚା — ୨୦୧୫



ସନ୍ତ ଜ୍ଞାନେଶ୍ୱର

ସେକ୍ରେଟେରୀ
ଆଚାର୍ଯ୍ୟ ବିନୋବାଭାବେ

ତାରଫୋନ- ୨୫୧୮

ବ୍ରହ୍ମବିଦ୍ୟାମନ୍ଦିର
ପୋ: ପୌନାର
ୱାର୍ଦ୍ଧା-୪୪୨୦୦୧
୫.୧୧.୭୭

ଶ୍ରୀ ଗୋରାଚାନ୍ଦଜୀ,

ଆପ୍‌କା ତା ୨୭ । ୧୦ । ୭୭ କା ପତ୍ର ପୂଜ୍ୟ ବିନୋବାଜୀ କୋ ମିଲା ହୈ । ଉନ୍ହୋନେ ୱହ ପଢ଼୍ ଲିୟା ହୈ । ଆପ୍ ଜାନ୍‌ତେ ହି ହୋଙ୍ଗେ କି ବିନୋବାଜୀନେ ପତ୍ର-ବ୍ୟବହାର ଆଦି ଲେଖନ୍ ବନ୍ଦ୍ କିୟା ହୈ ।

"ଖୁସ୍ ହୁଆ ଜାନ୍‌କର କି ଆପ୍‌ନେ ଜ୍ଞାନେଶ୍ୱରୀକା ଅନୁବାଦ ଓଡ଼ିଆ ମେ କିୟା ହୈ । ବହୁତ୍ ଅଚ୍ଛା କାର୍ଯ୍ୟ ହେ ୟହ ।"

ବାଲ୍‌ବିଜୟକା
ପ୍ରଣାମ

ଭକ୍ତିର ଭଣ୍ଡାର

ଜ୍ଞାନେଶ୍ୱରୀ

ଶ୍ରୀ ଶ୍ରୀ ଜ୍ଞାନେଶ୍ୱର ତ୍ରୟୋଦଶ ଶତାବ୍ଦୀର ଶେଷ ପାଦରେ ମହାରାଷ୍ଟ୍ର ପ୍ରଦେଶରେ ଜନ୍ମଲାଭ କରି ସେ ଅଞ୍ଚଳର ସବୁଶ୍ରେଣୀର ଅଧିବାସୀଙ୍କୁ ଶ୍ରୀମଦ୍‌ଭଗବଦ୍‌ଗୀତାର ଗୂଢ଼ ଅର୍ଥ ଅତି ସରଳ କଥୋପକଥନ ଭାଷାରେ କେବଳ ଯେ ଅବହିତ କରିଥିଲେ ତାହା ନୁହେଁ, ସେଥିରେ ସେ ସେମାନଙ୍କୁ ଅନୁପ୍ରାଣିତ କରିଥିଲେ । ବମ୍ବେର ରାଜ୍ୟପାଳ ଥିଲାବେଳେ ମୁଁ ମହାରାଷ୍ଟ୍ରର ବହୁ ଅଞ୍ଚଳ ପରିଦର୍ଶନ କରିଛି ଏବଂ ଜନସାଧାରଣଙ୍କ ସଂସ୍ପର୍ଶରେ ଆସିଛି । ମହାରାଷ୍ଟ୍ର ଏକ ଭକ୍ତି-ପ୍ରଧାନ ଅଞ୍ଚଳ । ଜ୍ଞାନେଶ୍ୱରଙ୍କ ପରେ ନାମଦେବ, ତୁକାରାମ, ଏକନାଥ ପ୍ରଭୃତି ବହୁ ଭକ୍ତ, ସିଦ୍ଧସାଧକ ମହାରାଷ୍ଟ୍ରୀୟ ଜୀବନକୁ ଭକ୍ତିମାର୍ଗରେ ସୁଶୃଙ୍ଖଳ, ସୁସଂଯତ କରିଯାଇଛନ୍ତି । ଭାରତର ପ୍ରତ୍ୟେକ ଅଞ୍ଚଳରେ ଯୁଗେ ଯୁଗେ ପ୍ରବୀଣ ଭକ୍ତମାନଙ୍କ ଆବିର୍ଭାବ ହୋଇଥାଏ ଏବଂ ସେମାନଙ୍କ ଭକ୍ତିଧାରାରେ ଜନଜୀବନଧାରା ପ୍ରବାହିତ ହୁଏ । ପୂର୍ବୋପକୂଳରେ ଶ୍ରୀଚୈତନ୍ୟ, ଉତ୍ତରଭାରତରେ ତୁଳସୀଦାସ ଜନଜୀବନକୁ ଭକ୍ତିମାର୍ଗରେ ଯେପରି ପ୍ରଭାବିତ କରିଥିଲେ, ତତ୍‌ପୂର୍ବରୁ ସନ୍ତ ଜ୍ଞାନେଶ୍ୱର ମହାରାଷ୍ଟ୍ରବାସୀଙ୍କୁ ସେହିପରି ଭକ୍ତିପ୍ରବଣ କରାଇପାରିଥିଲେ । ଶ୍ରୀମଦ୍‌ଭଗବଦ୍‌ଗୀତା ଏକ ସର୍ବଯୁଗୋପଯୋଗୀ ମାନବ-ସମାଜର ଦିଗ୍‌ଦର୍ଶକ । କିନ୍ତୁ ସଂସ୍କୃତ ଭାଷା ସାଧାରଣଙ୍କ ବୋଧଗମ୍ୟ ନୁହେଁ । ପୁଣି ସଂସ୍କୃତ ଶ୍ଳୋକ ନିହିତ ଅର୍ଥ ମଧ୍ୟ ସହଜରେ ବୁଝିହେବା ସମ୍ଭବ ନୁହେଁ । ତେଣୁ ଜ୍ଞାନେଶ୍ୱର ଗୀତାକୁ ଲୋକଙ୍କ ବୁଝିବା

ଭଳି ଭାଷା ଏବଂ ଢଙ୍ଗରେ ମରାଠୀ ଭାଷାରେ ପ୍ରଚାର କରିଥିଲେ । ସେ ଗୀତାର ଆକ୍ଷରିକ ଅନୁବାଦ କରିନଥିଲେ । ଅନ୍ନ ଜୀର୍ଣ୍ଣ ହେଲେ ଯେପରି ରକ୍ତମାଂସରେ ପରିଣତ ହୁଏ, ସେହିପରି ଗୀତା-ଦର୍ଶନକୁ ସମ୍ପୂର୍ଣ୍ଣ ଭାବରେ ଜୀର୍ଣ୍ଣ କରି ଜ୍ଞାନେଶ୍ୱର ସେହି ମହାନ୍ ଦର୍ଶନକୁ ଲୌକିକ ଭାଷାରେ ନିଜର ରଚନା ଭଳି ପ୍ରଚାର କଲେ । ଏହା ଏକ ଅଦ୍ଭୁତ ସାଧନା । ସେହିପରି ସାଧନା ପରବର୍ତ୍ତୀ ଯୁଗରେ ତୁଳସୀଦାସଙ୍କଠାରେ ପ୍ରକାଶିତ ହୁଏ ।

'ଜ୍ଞାନେଶ୍ୱରୀ'ର ଅନୁବାଦ ପ୍ରାୟ ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ହୋଇସାରିଛି । ଏହାର ଓଡ଼ିଆ ଅନୁବାଦ କରି ଶ୍ରୀ ଗୋରାଚାନ୍ଦ ମିଶ୍ର ଓଡ଼ିଆ ସମାଜର ବିଶେଷ ଉପକାର ସାଧନ କରିଛନ୍ତି । ଦୁଃଖର ବିଷୟ ଓଡ଼ିଆ ସମାଜରେ ଭକ୍ତିର ପ୍ରଭାବ ସେପରି ନାହିଁ, ଯେପରି ମହାରାଷ୍ଟ୍ର ଏବଂ ଅନ୍ୟ ଅନେକ ଭାଷାରେ ଅଛି । ମହାରାଷ୍ଟ୍ର ସହିତ ସଂପୃକ୍ତ ଥିବାବେଳେ ମୁଁ ଅନୁଭବ କରିଥିଲି ଓଡ଼ିଶାରେ ଭକ୍ତିସାହିତ୍ୟର ପ୍ରଚାର ଏକାନ୍ତ ଆବଶ୍ୟକ । ଏ ଦିଗରେ ଗୋରାଚାନ୍ଦଙ୍କ 'ଜ୍ଞାନେଶ୍ୱରୀ' ଅନୁବାଦ ପ୍ରଭୂତ ସାହାଯ୍ୟ କରିବ ବୋଲି ମୋର ବିଶ୍ୱାସ । ଗୋରାଚାନ୍ଦ ଇତିମଧ୍ୟରେ ଅନେକ ଭକ୍ତି-ସାହିତ୍ୟ ରଚନା ଏବଂ ପ୍ରକାଶ କଲେଣି । ସବୁଠାରୁ ବଡ଼ ହୋଇଛି ଏହି 'ଜ୍ଞାନେଶ୍ୱରୀ'ର ଅନୁବାଦ । ଈଶ୍ୱର ତାଙ୍କ ଶ୍ରମ ସାର୍ଥକ କରନ୍ତୁ । ଓଡ଼ିଆ ସମାଜରେ ଭକ୍ତିଭାବ ପ୍ରସାରଲାଭ କରୁ ।

(ଶ୍ରୀ ହରେକୃଷ୍ଣ ମହତାବ୍)

ପ୍ରଥମରୁ ଅଷ୍ଟମ

'ଗୀତା-ଜ୍ଞାନେଶ୍ୱରୀ'ର ନୂତନ ସଂସ୍କରଣ ପ୍ରକାଶ ପାଇଲା । ମନେପଡୁଛି ବହୁବର୍ଷ ତଳର କଥା । 'ଗୀତା-ଜ୍ଞାନେଶ୍ୱରୀ' ପ୍ରଥମେ ପ୍ରକାଶ ପାଇଲା ୧୯୭୮ ଶେଷ ଆଡ଼କୁ, କିନ୍ତୁ ବଜାରକୁ ଆସିଲା ୧୯୭୯ ଜାନୁଆରୀ ମାସରେ । ବହିଟିର କିୟଦଂଶ ପଢ଼ିବା ପରେ ଦିନେ 'ନିୟତି'ର ସମ୍ପାଦକ ବନ୍ଧୁ ଦୀନକୃଷ୍ଣ ମିଶ୍ର ଏହି ପୁସ୍ତକର ପ୍ରକାଶକ ଶ୍ରୀ ଗୋବିନ୍ଦ ଚରଣ ପାତ୍ରଙ୍କୁ କହିଥିଲେ, ''ଶୀଘ୍ର ଏହାର ଦ୍ୱିତୀୟ ସଂସ୍କରଣ ଲାଗି ପ୍ରସ୍ତୁତ ହୁଅନ୍ତୁ ।''

ଗୋବିନ୍ଦବାବୁ କହିଥିଲେ, ''ଯାହା ପ୍ରଭୁଙ୍କର ଇଚ୍ଛା ।''

ଏହାର ପ୍ରଥମ ପ୍ରକାଶ ବେଳେ ଯାହା କହିନଥିଲି, ଏବେ କହୁଚି । ବୁଭୁକ୍ଷୁ, ଭିକ୍ଷାପାତ୍ର ଧରି ଦ୍ୱାର ଦ୍ୱାର ବୁଲି ନାସ୍ତିବାଣୀ ଶୁଣିଲାଭଳି 'ଜ୍ଞାନେଶ୍ୱରୀ' ବହୁମୁଖରୁ ନାସ୍ତିବାଣୀ ଶୁଣିଛି । ଜ୍ଞାନେଶ୍ୱର କିଏ, ଚଉଦବର୍ଷରୁ ଅଠରବର୍ଷ ବୟସ ଭିତରେ ପିଲାଟାଏ କ'ଣ କହିଥିବ, କ'ଣ ବା ଲେଖିଥିବ, ଛାପିଲେ ବିକ୍ରି ହେବ କି ନାହିଁ, ଏତେଗୁଡ଼ାଏ ଟଙ୍କା ଖର୍ଚ୍ଚ କରି ବହିକୁ ଉଇ ଖୁଆଇବା ସାର ହେବ ଇତ୍ୟାଦି... କେହି କେହି ଏପରି କହିଥିବା ଏ କାନ ଶୁଣିଛି ।

ଦୁଇ ତିନି କିଲୋ ଓଜନର ପାଣ୍ଡୁଲିପି ଧରି ଉପଯୁକ୍ତ ଗ୍ରାହକ ନ ପାଇ ଘରକୁ ଫେରିଚି ବହୁଥର । ମନେ ମନେ ଭାବିଚି, ଭୁଲ କୌଣସି ପ୍ରକାଶକର ନୁହଁ, ମୋର । ମତେ ଯାହା ଭଲ ଲାଗିବ, ଅନ୍ୟକୁ ତାହା ନିଶ୍ଚୟ ଭଲ ଲାଗିବ ବୋଲି ଭାବିବା ମୂଢ଼ତା ଛଡ଼ା କିଛି ନୁହଁ । ବୋଧହୁଏ ସେଥିଲାଗି ମୋ ଦ୍ୱାରା ଓଡ଼ିଆ ଭାଷାରେ ରୂପାନ୍ତରିତ ହୋଇ 'ଜ୍ଞାନେଶ୍ୱରୀ' ଏପରି ପ୍ରତ୍ୟାଖ୍ୟାତ ହେଉଚି ।

ଶୁଣିଥିଲି, କେହି ଜଣେ ବ୍ୟକ୍ତି ଏକ ବିରାଟ ପ୍ରସିଦ୍ଧ ଗୀତା-ଭାଷ୍ୟ ଛପାଇବା ଲାଗି ବହୁ ଅର୍ଥ ବ୍ୟୟ କରିଥିଲେ । ଛପା ସରିଥିଲା । କିନ୍ତୁ ଏପରି ପରିସ୍ଥିତି ହେଲା ଯେ, ବହିଟି ଲୋକଲୋଚନକୁ ଆସିପାରିଲା ନାହିଁ । ଛାପା ଫର୍ମାଗୁଡ଼ିକୁ ପ୍ରେସ୍ ମାଲିକ ଠୁଙ୍ଗାଦରରେ ବିକ୍ରି କରିଦେଲେ ।

ଗୀତାର ପ୍ରକାଶନ ଠିକ୍ ଏକ ମନ୍ଦିର ନିର୍ମାଣ ଭଳି । ମନ୍ଦିର ନିର୍ମାଣ ଏକ ପୁଣ୍ୟ କାର୍ଯ୍ୟ । କିନ୍ତୁ ଏହା ନିର୍ବିଘ୍ନରେ ହୋଇପାରେନା । ବାପର କୀର୍ତ୍ତି ମୂଳଦିଆଠି ରହିଯାଏ; ପୁଅ, ନାତି, ଅଣନାତି, ପଣନାତି ହୁଏତ ଏହାକୁ ଶେଷ କରନ୍ତି । କୌଣସି କୌଣସି ମନ୍ଦିର ଅଧାତୋଳାରେ ରହିଯାଏ । ଇତିହାସରେ ଏହାର ବହୁ ଦୃଷ୍ଟାନ୍ତ ରହିଛି ।

'ଗୀତା'ର ଜନ୍ମ ଯୁଦ୍ଧ ଭିତରୁ, କଳହ-କୋଳାହଳ, ବାଦ-ବିବାଦ ଭିତରୁ । ଅର୍ଜୁନ ଚାହୁଁଛନ୍ତି ଖସି ପଳାଇବାକୁ, ଶ୍ରୀକୃଷ୍ଣ କହୁଛନ୍ତି—କିହୋ ! ଯିବ କୁଆଡ଼େ ? ଯୁଆଡ଼େ ଯିବ ସେଇଠି କୁରୁକ୍ଷେତ୍ର, ସେଇଠି ଯୁଦ୍ଧ, ସଂଗ୍ରାମ, ସେଇଠି କଳହ । ବିଚିତ୍ର ଏ ସଂସାର । ଯାହା ଦେଖୁଚ, ତାହା ନୁହଁ । ସବୁ ଓଲଟା । ଏହି ସଂସାର ବୃକ୍ଷର ମୂଳ—ଉପରେ, ଡାଳ—ତଳେ ।

ତେଣୁ ଗୀତା ସମସ୍ତଙ୍କୁ ସୁହାଏନା । ଏଥିଲାଗି ଉପଯୁକ୍ତ 'ପାତ୍ର' ଲୋଡ଼ା । ଗୀତା ଲେଖିବାପାଇଁ ଯେପରି, ଛାପିବାପାଇଁ ସେପରି ଅକୁଣ୍ଠିତ ମନ, ନିଷ୍ଠା, ନିର୍ମଳ ହୃଦୟ, ତ୍ୟାଗ, ଭକ୍ତି ଓ ପ୍ରେମ ଆବଶ୍ୟକ ।

ତେଣୁ 'ଜ୍ଞାନେଶ୍ୱରୀ' ଫେରି ଆସିଥିଲା—ଯେଉଁ ଦ୍ୱାରଦେଶରୁ ଯାଇଥିଲା, ସେହି ଦ୍ୱାରପାଖକୁ । ଆଗରୁ ସେହି ଘରେ ତାଲା ପଡ଼ିଥିଲା । ତେଣୁ କବାଟ ବାଡ଼େଇବା ଦରକାର ନଥିଲା । 'ନାହିଁ ନାହିଁ' ଶୁଣି ଶୁଣି ଫେରି ଆସିଲା 'ହଁ' ପାଖକୁ । ଦେଖିଲା ଏବେ ଦ୍ୱାର ଉନ୍ମୁକ୍ତ । 'ଜ୍ଞାନେଶ୍ୱରୀ' ଇତିମଧ୍ୟରେ ତାଙ୍କୁ କି ଜ୍ଞାନ ଦେଲା କେଜାଣି, ତାକୁ ସ୍ୱାଗତ ଜଣାଇବାପାଇଁ ଗୃହକର୍ତ୍ତାଙ୍କ ଦୁଇ ହସ୍ତ ପ୍ରସାରିତ । 'ଜ୍ଞାନେଶ୍ୱରୀ' ଭୂରି ଭୋଜନ ପାଇ 'ତୃପ୍ତ' ହେଲା । ସେହି 'ତୃପ୍ତି'ର ପରିବେଷଣ ଚାଲିଲା ଦୁଇବର୍ଷ ଧରି । 'ଓଡ଼ିଶା ବୁକ୍ ଷ୍ଟୋର'ର ସ୍ୱତ୍ୱାଧିକାରୀ ଶ୍ରୀ ଗୋବିନ୍ଦ ଚରଣ ପାତ୍ର ପରିବେଷକ ଭାବେ ଯେଉଁ କାର୍ଯ୍ୟ ସାଧନ କଲେ, ସେଥିଲାଗି ତାଙ୍କପ୍ରତି କରୁଣାମୟଙ୍କ କରୁଣାର ବର୍ଷଣ ଅବିରତ ଲାଗି ରହିଥାଉ— ଏହାହିଁ ପ୍ରଭୁ ଜ୍ଞାନଦେବଙ୍କଠାରେ ପ୍ରାର୍ଥନା ।

ବର୍ଷେ ଦୁଇବର୍ଷ ଭିତରେ 'ଜ୍ଞାନେଶ୍ୱରୀ' ପ୍ରଥମ ସଂସ୍କରଣ ତ ପୁସ୍ତକ ବିପଣୀରୁ ବିଦାୟ ନେଇଥିଲା, ତାକୁ ପୁଣି ପାଛୋଟି ଆଣିବା ଲାଗି ତିନିବର୍ଷ ସମୟ ଲାଗିଯାଇଥିଲା ।

ସେତେବେଳେ ଏହି ଅନିଚ୍ଛାକୃତ ବିଳମ୍ବ ଯୋଗୁଁ ମୁଁ ବହୁ ଲୋକଙ୍କଠାରୁ ବହୁ କଥା ଶୁଣିଚି । ପ୍ରଶଂସା ଶୁଣିଚି, ଗାଳି ମଧ୍ୟ ଶୁଣିଚି । ଜଣେ ବୟସ୍କ ବ୍ୟକ୍ତି ମୋ ଘରକୁ ଆସି କହିଲେ, ''ମୁଁ କେବଳ 'ଜ୍ଞାନେଶ୍ୱରୀ' ପାଇବା ଆଶାରେ, ବହୁ ଦୂରରୁ ଆସିଛି । ଆଗରୁ ପ୍ରକାଶକଙ୍କ ପାଖରୁ ତିନିଥର ଆସିସାରିଲିଣି । ସବୁଥର ଶୁଣିଚି—ଏଇ ଛାପା ଚାଲିଚି, ମାସେ ଦି'ମାସ ଭିତରେ ବାହାରି ପଡ଼ିବ । କିନ୍ତୁ କାହିଁ ସେ ବହି ?'' ଶେଷରେ ସେ ମତେ କହି ଦେଇଗଲେ—''କ'ଣ ମୁଁ ମଲେ ଯାଇ ଛାପିବ ?''

ଅଶୀତି ବର୍ଷ ବୟସର ବୃଦ୍ଧ । ତାଙ୍କ ମୁହଁରୁ ଏପରି ମର୍ମଭେଦୀ ଉକ୍ତିକୁ ମୁଁ ଏକ ଅଭିଶାପ ଭଳି ଅନୁଭବ କରିଥିଲି । ମନେ ମନେ ଜ୍ଞାନେଶ୍ୱର ମହାରାଜଙ୍କୁ ପ୍ରାର୍ଥନା କରି କହିଥିଲି, ହେ ପ୍ରଭୋ ! ମୋ କଲମରେ ତୁମ ଗୀତା-ସମ୍ପଦକୁ ଓଡ଼ିଆ ଭାଷାରେ ଲିପିବଦ୍ଧ କରାଇବାଲାଗି ପଠାଇଲ କାହିଁକି ? ତୁମେ ତ ଗୀତାରେ 'ସ୍ଥୈର୍ଯ୍ୟ' ସମ୍ପର୍କରେ ପୃଷ୍ଠା ପୃଷ୍ଠା ବ୍ୟାପୀ ପ୍ରବଚନ ଦେଇଚ, ତୁମ 'ଜ୍ଞାନେଶ୍ୱରୀ' ତ ଅପଭ୍ରଷ୍ଟ ହୋଇପଡ଼ିବାରେ, ପୁଣି ପରିମାର୍ଜିତ ଭାବରେ ପ୍ରକାଶିତ ହେବା ପାଇଁ ସନ୍ଥ ଏକନାଥଙ୍କ ଲେଖନୀକୁ ଶହେ ବର୍ଷ ଧରି ଅପେକ୍ଷା କରିଥିଲ, ମାତ୍ର ଦୁଇ ତିନିବର୍ଷର ବିଳମ୍ବ ଲାଗି ଏଭଳି ଅଧୈର୍ଯ୍ୟ କାହିଁକି ? ତୁମେ ତ ପୁଣି ଗୀତା-ଭାବାର୍ଥରେ କହିଚ—ଏ କାନ କେବଳ ପ୍ରଶଂସା ଶୁଣିବାଲାଗି ନୁହଁ, ଗାଳି ଶୁଣିବା ଲାଗି ମଧ୍ୟ ପ୍ରସ୍ତୁତ । ମତେ ମଧ୍ୟ ସେହିଭଳି ହେବାଲାଗି ଶକ୍ତି ଦିଅ ।

ଯାହାହେଉ ମୋ ସ୍ତୁତିର ପ୍ରତିଧ୍ୱନି ଯଥାସ୍ଥାନରେ ପ୍ରତିଧ୍ୱନିତ ହେଲା । ଗୁରୁ ପ୍ରସନ୍ନ ହେଲେ । ଗୁରୁପ୍ରସନ୍ନ ପ୍ରେସ୍‌ର ସ୍ୱତ୍ୱାଧିକାରୀ ଶ୍ରୀ ପ୍ରସନ୍ନ କୁମାର ମହାପାତ୍ରଙ୍କ ମନରେ ସ୍ୱୟଂ ଜ୍ଞାନେଶ୍ୱର ପ୍ରତିଭାତ ହୋଇ କି ନିର୍ଦ୍ଦେଶ, କି ପ୍ରେରଣା ଓ ଉତ୍ସାହ ଦେଲେ କେଜାଣି, ସେ କହିଲେ, ମତେ ମାତ୍ର ଦୁଇମାସ ସମୟ ଦିଅନ୍ତୁ, 'ଜ୍ଞାନେଶ୍ୱରୀ'ର ମୁଦ୍ରଣ କାର୍ଯ୍ୟ ନିଶ୍ଚିତ ଭାବେ ଶେଷ ହେବ । ପ୍ରଥମ ସଂସ୍କରଣବେଳେ ପ୍ରସନ୍ନବାବୁ ଠିକ୍ ଏହିଭଳି ଏକ ଅଦୃଶ୍ୟ ଶକ୍ତିର ପ୍ରେରଣାରେ ମାତ୍ର ତିନିମାସ ଭିତରେ ଜ୍ଞାନେଶ୍ୱରୀ ଭଳି ଏକ ସୁଦୀର୍ଘ ଦୁର୍ଗମପଥ ଅତିକ୍ରମ କରି ପାରିଥିଲେ ।

ଗୀତା-ସ୍ରଷ୍ଟାଙ୍କ ନିକଟରେ ଗୋବିନ୍ଦବାବୁଙ୍କ ନୀରବ ପ୍ରାର୍ଥନା, ପାଠକ ପାଠିକାଙ୍କ ବ୍ୟାକୁଳ ତାଡ଼ନା, ପ୍ରସନ୍ନବାବୁଙ୍କ ଯନ୍ତ୍ର (ଣା) ଭିତରୁ ଜ୍ଞାନେଶ୍ୱରୀ ପୁନର୍ବାର ନୂତନ ଆଭରଣରେ ପରିଶୋଭିତ, ପରିବର୍ଦ୍ଧିତ ଓ ପରିମାର୍ଜିତ ହୋଇ ଲୋକଙ୍କ ଆଗରେ ଅବତୀର୍ଣ୍ଣ ହୋଇପାରିଥିଲା । ଏହାକୁ ନିଷ୍କାମଭାବରେ ଯେଉଁମାନେ ଉପଭୋଗ କରିପାରିଥିବେ, ସେମାନଙ୍କ ଉଚ୍ଛିଷ୍ଟ ହିଁ ମୋର ପ୍ରାପ୍ୟ ।

x x x

ଜ୍ଞାନେଶ୍ୱରୀ ଭଳି ଏକ ସୁଉଚ୍ଚ 'ଦେଉଳତୋଳା' କାମ କେବେହେଲେ ଜଣକଦ୍ୱାରା ସମ୍ଭବ ହୋଇ ପାରି ନ ଥାଆନ୍ତା । ସମସ୍ତଙ୍କ ସହଯୋଗରେ ଏହା ଗଢ଼ିଉଠିଛି । ଗ୍ରନ୍ଥାନୁବାଦ ଦିଗରେ ମୋ ସହଧର୍ମିଣୀ ଶ୍ରୀମତୀ ମୃଦୁଳା ମିଶ୍ର (ଚାରୁଲତା), ଭ୍ରାତୃପ୍ରତିମ ନିତ୍ୟାନନ୍ଦ ଏବଂ ଏହାର ପରିଶୋଭନ ଦିଗରେ ମୋର ଦି' ନାତି କୁନା (ବିଜୟ) ଓ ତୁକା (ତୁକାରାମ) ତଥା ସ୍ୱନାମଧନ୍ୟ ଶିଳ୍ପୀ ଶ୍ରୀ ଅସିତ୍ ମୁଖାର୍ଜୀଙ୍କ ଅବଦାନ ଉଲ୍ଲେଖନୀୟ । ଓଡ଼ିଶାର ଯେଉଁ ଅଗଣିତ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ଏହି ପବିତ୍ର ଗ୍ରନ୍ଥ ଗୁଣଗ୍ରାହୀଙ୍କ ନିକଟରେ ପହଞ୍ଚି ପାରିଛି, ଯେଉଁ ପାଠକ-ପାଠିକାମାନେ ଏହି ଗ୍ରନ୍ଥ ପାଠ କରିବାପରେ ଅନ୍ୟମାନଙ୍କ ମନରେ ଏହାକୁ ପଢ଼ିବାପାଇଁ ଅଧୀରତା ଓ ଆଗ୍ରହ ସୃଷ୍ଟି କରାଇ ପାରିଛନ୍ତି, ସେମାନଙ୍କଠାରେ ମୁଁ ଓ ପ୍ରକାଶକ ଚିରକୃତଜ୍ଞ । ଆମର ବିଶ୍ୱାସ ସନ୍ତ ଜ୍ଞାନେଶ୍ୱରଙ୍କ ଅପାର କୃପାରୁ ଯଦି ଏହି ପବିତ୍ର ଗ୍ରନ୍ଥ ପଠନ ନିମିତ୍ତ ପାଠକ ପାଠିକାଙ୍କ ମନରେ ଏହିଭଳି ନିରବଚ୍ଛିନ୍ନ ଆଗ୍ରହ ସର୍ବକାଳୀନ ହୋଇ ରୁହେ, ତେବେ ନିଶ୍ଚିତ ଭାବରେ ଏହା ସଂସ୍କରଣ ପରେ ସଂସ୍କରଣ ପ୍ରକାଶ ପାଇଚାଲିଥିବ ॥ ଇତି ॥

ନବବର୍ଷ
୨୦୦୫ ଗୋରାଚାନ୍ଦ ମିଶ୍ର

ଗୋରାଚାନ୍ଦ ମିଶ୍ର (ଦୀନବନ୍ଧୁ), ପିତା ୺ ସୋମନାଥ ମିଶ୍ର, ଜନ୍ମସ୍ଥାନ : ଗେରେଡ଼ା (କୁଲାଡ଼) ଗଞ୍ଜାମ, ବାଲ୍ୟଶିକ୍ଷା : କୁମାରାଙ୍ଗ ଶାସନ, ବାଣପୁର (ପୁରୀ) । ଜନ୍ମ : ୧୯୩୮ ଅପ୍ରେଲ୍ ପହିଲା, ତିରୋଧାନ ୨୦ ଅକ୍ଟୋବର ୨୦୦୫ । ଶତାଧିକ ପୁସ୍ତକର ଉଚୟିତା । ରଚନାବଳୀ : ଉପନ୍ୟାସ – ପ୍ରୀତିପୂର୍ବା, କେତେ କାମିନୀ କେତେ ଯାମିନୀ, ମୁକ୍ତଛନ୍ଦ, ନିର୍ବନ୍ଧ ଭାଙ୍ଗିଗଲା । ଗଳ୍ପ – ଅଶାନ୍ତ ଝଡ଼, ତମାଳ ଶ୍ୟାମ । ଭ୍ରମଣ କାହାଣୀ – ପାଷାଣୀ କନ୍ୟା, ତୁଷାର କନ୍ୟା, ଶିରିଡ଼ିରୁ ପୁଙ୍ଗପର୍ତ୍ତି । ଧର୍ମ ପୁସ୍ତକ – ଗୀତା ଜ୍ଞାନେଶ୍ୱରୀ, ଶ୍ରୀ ଦାସବୋଧ, ଅମୃତାନୁଭବ, ସାଇସର୍ବସାର, ମହିମାମୟ ସାଇରାମ, କରୁଣାମୟୀ ସାଇମାତା, ଲୀଳାମୟ ସାଇକୃଷ୍ଣ, ସାଇ ଗଳ୍ପମାଳା (୩ ଖଣ୍ଡ), ସାଇ ଉପମା (୩ ଖଣ୍ଡ), ଅଶାନ୍ତିରୁ ପ୍ରଶାନ୍ତି । ଅନୁବାଦ – ଚରିତ୍ରହୀନ, ବିପ୍ରଦାସ, ଦତ୍ତା । ସନ୍ଥ ଚରିତମାଳା (୨୧ ଖଣ୍ଡ) । ରାମାୟଣ, ମହାଭାରତ, ଶ୍ରୀମଦ୍ ଭଗବଦ୍ ଗୀତା, ଶ୍ରୀମଦ୍ ଭାଗବତ, ମତେ ବରିଲେ ତପ କରି ।

୧୯୫୦ – ୫୭ 'କୃଷକ' ସାପ୍ତାହିକର ଯୁଗ୍ମ ସମ୍ପାଦକ ଓ ୧୯୫୭ରୁ ୧୯୯୧ ପ୍ରଜାତନ୍ତ୍ରର ସହ-ସମ୍ପାଦକ ଓ ବାର୍ତ୍ତା ସମ୍ପାଦକ ତଥା ପ୍ରଜାତନ୍ତ୍ର 'ପ୍ରତିଭା'ର ସମ୍ପାଦକ । ୧୯୯୦ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ 'ଜ୍ଞାନେଶ୍ୱରୀ'' ସେମିନାରରେ ସଭାପତିତ୍ୱ, ୧୯୯୧ରେ ଅରୁଣାଚଳ ପ୍ରଦେଶ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚୀବ ଓ ୧୯୯୪ରେ 'ଅଣାକାର'ର ମୁଖ୍ୟ ସଂପାଦକ । କଳାବିକାଶ କେନ୍ଦ୍ର (କଟକ) ଟ୍ରଷ୍ଟବୋର୍ଡ଼ର ସଭ୍ୟ । ବହୁ ସାହିତ୍ୟ, ସାଂସ୍କୃତିକ ଏବଂ ସାମାଦିକ ଅନୁଷ୍ଠାନ ତଥା ସଂଘ ପକ୍ଷରୁ ସମ୍ମାନିତ ।

●



ଗୋବିନ୍ଦ ଚରଣ ପାତ୍ର, ପିତା ୺ ନାରାୟଣ ପାତ୍ର, ଜନ୍ମସ୍ଥାନ– ସନ୍ତୋଷପୁର, ପିତଳ (ପୋ.ଅ.) ଗଞ୍ଜାମ । ଜନ୍ମ– ଅପ୍ରେଲ ଦୁଇ ତାରିଖ ଉଣେଇଶ ଶହ ଛବିଶ । **'ଓଡ଼ିଶା ବୁକ୍ ଷ୍ଟୋର'**(୧୯୫୯)ର ପ୍ରତିଷ୍ଠାତା ଏବଂ ସହସ୍ରାଧିକ ପୁସ୍ତକ, ସଦ୍‌ଗ୍ରନ୍ଥ, ସନ୍ଦର୍ଭ, ଉପାଦେୟ ଜୀବନୀ ଓ ଆତ୍ମ–ଜୀବନୀ, ଗ୍ରନ୍ଥାବଳୀ ଏବଂ ଅଭିଧାନର ପ୍ରକାଶକ ।

ଉତ୍କଳ ପାଠକ ସଂସଦ ଓ ସାରଳା ସାହିତ୍ୟ ସଂସଦର ସକ୍ରିୟ ସଭ୍ୟ ଏବଂ ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଶା ଶିଶୁ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରର ଆଜୀବନ ସଭ୍ୟ ଏବଂ ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟକାରିଣୀ ସମିତିର ସଭ୍ୟ ତଥା କୋଷାଧ୍ୟକ୍ଷ । ଏହି ସମୟରେ ଉତ୍କଳ ସାହିତ୍ୟ ସମାଜର ଉନ୍ନତି କଳ୍ପେ ଗୋବିନ୍ଦ ନାରାୟଣ ସଦନ ବିପଣୀମାଳା ନିର୍ମିତ । ବହୁ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ସହ ସଂପୃକ୍ତ ଏବଂ 'ସାଧାରଣ ଜ୍ଞାନ' ସଙ୍କଳନର କାର୍ଯ୍ୟକାରୀ ସମ୍ପାଦକ (୧୯୭୫) ଓ 'ହସଖୁସି' ପିଲାଙ୍କ ପତ୍ରିକାର ପ୍ରକାଶକ ଓ ସମ୍ପାଦକ (୧୯୮୮) ।

ରୁଚିବନ୍ତ ପ୍ରକାଶକ ଭାବେ ଉତ୍କଳ ପାଠକ ସଂସଦ ଦ୍ୱାରା ଉପାୟନ ପ୍ରାପ୍ତ (୧୯୭୮) । ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସାରଳା ପୁରସ୍କାର' ତରଫରୁ ଉପାୟନ ପ୍ରାପ୍ତ (୧୯୯୦) । 'କଟକ ସୁରକ୍ଷା କମିଟି' ତରଫରୁ 'କଟକ ପ୍ରତିଭା' ପୁରସ୍କାର ପ୍ରାପ୍ତ (୧୯୯୩) ଏବଂ ଗଣେଶ ସମ୍ମାନ ୨୦୦୬ । ''ଭୁବନେଶ୍ୱର ପୁସ୍ତକ ମେଳା'' କମିଟି ତରଫରୁ ରୁଚିପୂର୍ଣ୍ଣ ଓ ଉନ୍ନତ ମାନର ପୁସ୍ତକ ପ୍ରକାଶକ ରୂପେ ସାରସ୍ୱତ ସମ୍ମାନ ପ୍ରାପ୍ତ (୧୯୯୪) । ରୁଚିଶୀଳ ଓ ସମ୍ଭ୍ରାନ୍ତ ପ୍ରକାଶକ ଭାବେ 'ସାରଳା ସାହିତ୍ୟ ସଂସଦ' କଟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ (୧୯୯୫) । ଓଡ଼ିଶା ପବ୍ଲିଶର୍ସ ଓ ବୁକ୍ ସେଲର୍ସ୍ ଆସୋସିଏସନ୍ କଟକ ଦ୍ୱାରା ସମ୍ବର୍ଦ୍ଧିତ (୨୦୦୫) । ରାଜଧାନୀ ପୁସ୍ତକ ମେଳାରେ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନ ପ୍ରାପ୍ତ (୨୦୦୫) ।

ରଚିତ ପୁସ୍ତକ – ଶିଶୁ, କିଶୋର ଉପଯୋଗୀ 'କୁନି ଗପମାଳା', 'କୁନି ବହି' (୧୯୫୬), 'ମୋ ଗପ ବହି', 'ଭୂଇଁ ତକର ଗଙ୍ଗା', 'ଏଣୁତେଣୁ ଗୀତ', 'ଟିକି ଟିକି ଗୀତ', 'ଗଛ ଆମର ଜୀବନ' ଏବଂ 'ଜଳପରୀର କାହାଣୀ' ଓ କେତେକ ଛାତ୍ରୋପଯୋଗୀ ପୁସ୍ତକ ।

ଜ୍ଞାନେଶ୍ୱର ଓ ଜ୍ଞାନେଶ୍ୱରୀ

ମହାରାଷ୍ଟ୍ରର ଘରେ ଘରେ ସନ୍ତ ଜ୍ଞାନେଶ୍ୱର ବା ଜ୍ଞାନଦେବଙ୍କ ନାମ କୀର୍ତ୍ତନ ଗତ ସାତଶହ ବର୍ଷ ହେଲା ଚାଲି ଆସିଛି । ତାଙ୍କ ରଚିତ'ଜ୍ଞାନେଶ୍ୱରୀ' ହେଉଛି ଜ୍ଞାନର ଭଣ୍ଡାର । ଜ୍ଞାନେଶ୍ୱର ତାଙ୍କର ଏହି ରଚନାର ନାମ ରଖିଥିଲେ "ଗୀତା-ଭାବାର୍ଥଦୀପିକା" । କିନ୍ତୁ ସନ୍ତ ଏକନାଥ ଓ ଭକ୍ତମାନେ ଜ୍ଞାନେଶ୍ୱରଙ୍କ ନାମାନୁସାରେ ଏହି ଗ୍ରନ୍ଥର ନାମ ରଖିଲେ "ଜ୍ଞାନେଶ୍ୱରୀ" ।

କଥିତ ଅଛି– ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥିଲେ ଜ୍ଞାନଦେବ ରୂପରେ– ସର୍ବସାଧାରଣଙ୍କ ମଧ୍ୟରେ ପ୍ରାକୃତ ବା କଥିତଭାଷାରେ ଶ୍ରୀମଦ୍ ଭଗବଦ୍ ଗୀତାମୃତ ପରିବେଷଣ ଲାଗି । ତାଙ୍କ ପୂର୍ବରୁ ଗୀତା ଥିଲା ବ୍ରାହ୍ମଣ ପଣ୍ଡିତମାନଙ୍କ ପାଣ୍ଡିତ୍ୟର ଅଭେଦ୍ୟ ଦୁର୍ଗ ମଧ୍ୟରେ ଆବଦ୍ଧ । ସେମାନେ କଟକଣା ରଖିଥିଲେ ଯେ ଗୀତା ଯେହେତୁ ସଂସ୍କୃତ ଭାଷାରେ ରଚିତ, ତାର ଭାବାର୍ଥ ମଧ୍ୟ କେବଳ ସଂସ୍କୃତ ଭାଷାରେ ରଚିତ ହେବା ବିଧେୟ, ତାହାହିଁ ଧର୍ମ, ଅନ୍ୟ ଭାଷାରେ ଭାବାର୍ଥ ରଚନା ଅଧର୍ମ ତଥା ମହାପାପ ।

ସନ୍ତ ଜ୍ଞାନେଶ୍ୱର ଏହି ଦୁର୍ଗର ଦ୍ୱାର ଉନ୍ମୁକ୍ତ କରି ଆଚଣ୍ଡାଳ ସମସ୍ତଙ୍କ ପାଇଁ ବିତରଣକଲେ ଗୀତାର ମହାନତତ୍ତ୍ୱକୁ– ଅତି ସରସ ସୁନ୍ଦର ସାବଲୀଳ ମରାଠୀ ଭାଷାରେ । ଏଥିଲାଗି ତାଙ୍କୁ ଧିକ୍କୃତ, ଭର୍ତ୍ସିତ ହେବାକୁ ପଡ଼ିଥିଲା ତଥାକଥିତ ବ୍ରାହ୍ମଣ ପଣ୍ଡିତମାନଙ୍କ ଦ୍ୱାରା । କିନ୍ତୁ ଜ୍ଞାନଦେବ ବା ଜ୍ଞାନେଶ୍ୱରଙ୍କ (ସେ ନିଜକୁ ଜ୍ଞାନଦେବ ନାମରେ ପ୍ରକାଶ କରିଥିଲେ ମଧ୍ୟ ଲୋକମୁଖରେ ଜ୍ଞାନେଶ୍ୱର ନାମରେ ସଂବୋଧିତ ହେଉଥିଲେ ।) ଜ୍ଞାନର ଜ୍ୟୋତି ଆଗରେ ସେମାନେ ହୋଇ ପଡ଼ିଲେ ନିଷ୍ପ୍ରଭ । ଜ୍ଞାନେଶ୍ୱର ଯେଉଁ ବାଟ ଫିଟେଇ ଦେଇଗଲେ, ସେହି ବାଟରେ କ୍ରମଶଃ ବହୁ ପଣ୍ଡିତ ଚାଲିବା ଆରମ୍ଭ କଲେ । ଜ୍ଞାନ ଓ ପାଣ୍ଡିତ୍ୟ ମଧ୍ୟରେ ପାର୍ଥକ୍ୟ କ'ଣ ତାହା କାଳକ୍ରମେ ବୁଝି ପାରିଲେ ଅନେକେ । ଯାହାକୁ ସେମାନେ ଅଧର୍ମ, ମହାପାପ ବୋଲି କହୁଥିଲେ, ତାହାହିଁ ହେଲା ସେମାନଙ୍କର ଧର୍ମ ଓ ମହାପୁଣ୍ୟ ।

ଶ୍ରୀମଦ୍ ଭଗବତ୍ ଗୀତା ହେଉଛି ଚିରନ୍ତନ ସତ୍ୟର ବାଣୀ । ଯାହା ଚିରନ୍ତନ, ନିତ୍ୟ ଓ ସତ୍ୟ, ତା ନିକଟରେ ବ୍ରାହ୍ମଣ, ଚଣ୍ଡାଳ, ପାପ, ପୁଣ୍ୟ, ଧର୍ମ, ଅଧର୍ମର ବିଚାର ହେଉଚି କେବଳ ମାନସିକ ବିକାର ।

ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯାହା କହିଛନ୍ତି, ତାହା କେବଳ ଅର୍ଜୁନଙ୍କ ଲାଗି ନୁହଁ– ସମଗ୍ର ମନୁଷ୍ୟ ସମାଜ ଲାଗି । ଶ୍ରୀକୃଷ୍ଣ ଭଗବାନ, ପୁରୁଷୋତ୍ତମ । ଅର୍ଜୁନ ଭକ୍ତ, ନରୋତ୍ତମ । ତେଣୁ ଯିଏ ଭକ୍ତ, ସେ ଅର୍ଜୁନ ।

ଧର୍ମର ଗ୍ଲାନି, ଅଧର୍ମର ପ୍ରାଦୁର୍ଭାବ, ସାଧୁତା ପ୍ରତି ନିର୍ଯ୍ୟାତନା ଓ ଅସାଧୁତାର ଉଦ୍‌ଗାର ମାତ୍ରେ ଭଗବାନ ଜଗତର କଲ୍ୟାଣ ସାଧନଲାଗି ଯୁଗୋପଯୋଗୀ ଭାବ ଓ ଭାଷାରେ ଗୀତାର ବାଣୀ ଶୁଣାଇଥାନ୍ତି । ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ନାନାଭାବରେ ସେ ଗୀତାର ବ୍ୟାଖ୍ୟା କରି ମହାସତ୍ୟର ପରିଚୟ ଦେଇଥାଆନ୍ତି । ଗୀତା ହେଉଛି ସୁପ୍ରାଚୀନ ମହାରତ୍ନ, ମହାମଣି । ହସ୍ତାନ୍ତର ହୋଇ ହୋଇ ଏହି ମଣି ଉଜ୍ଜ୍ୱଳତର ହେବାରେ ଲାଗିଛି ଗତ ପାଞ୍ଚହଜାର ବର୍ଷ ଧରି । ଦେଶ କାଳପାତ୍ର ଅନୁଯାୟୀ ଆଚାର୍ଯ୍ୟ ଶଙ୍କର, ରାମାନୁଜାଚାର୍ଯ୍ୟ, ମଧୁସୂଦନ, ମାଧ୍ୱାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନିମ୍ବାର୍କାଚାର୍ଯ୍ୟ, ଶ୍ରୀଧରସ୍ୱାମୀ, ଆନନ୍ଦଗିରି ପ୍ରମୁଖ ପ୍ରାଚୀନ ଓ ମଧ୍ୟଯୁଗୀୟ ଆଚାର୍ଯ୍ୟମାନେ ଗୀତାକୁ ବ୍ୟାଖ୍ୟା କରିଛନ୍ତି ନାନା ଭାବରେ । ଗୀତାମୃତର ପରିବେଷଣ ଯେତେହେଲେ ମଧ୍ୟ ମନୁଷ୍ୟର କ୍ଷୁଧା ମେଣ୍ଟୁଚି କେତେକେ ?

ଜ୍ଞାନେଶ୍ୱରଙ୍କ ଆବିର୍ଭାବ କାଳରେ ମହାରାଷ୍ଟ୍ରରେ ଚାଲିଥିଲା ତୁମୁଳ ବିସମ୍ବାଦ । ହାହାକାର, ଦୈନ୍ୟ, ଅଶାନ୍ତି, ଲାଂଛନା, ବିଚ୍ଛେଦ,ବିଶୃଙ୍ଖଳା, ଅସଂଯମ, ସ୍ୱେଚ୍ଛାଚାରିତାଆଦି ସମାଜ, ଧର୍ମ ଓ ରାଷ୍ଟ୍ରକୁ କରିଥିଲା କଳଙ୍କିତ । ତା ଭିତରେ ଚାଲିଥିଲା ପାଣ୍ଡିତ୍ୟର ଅହମିକା ।

ସ୍ୱର୍ଗତ ଶ୍ରୀ ଯଶୱନ୍ତ ବଳବନ୍ତ ରାଓ ଚୌହାଣ (Y.B. Chavan) (ପୂର୍ବତନ କେନ୍ଦ୍ର ମନ୍ତ୍ରୀ) ୧୯୬୨ ରେ ଏକ ପ୍ରବନ୍ଧରେ ଲେଖିଥିଲେ–

"Times were significant when Dnyaneswar wrote this unique commentry on Bhagavat Gita. A religious resurgence had been taking place in India and a liberist movement

upholding the right of the common man to religion and spiritual knowledge was afoot. The undying spirit of democracy, which is a common man's awareness to his individual rights; was making itself felt in the realm of religion, it is not in politics. For in those days religion was a supreme fact in man's life, it was more real and intimate than politics or economics. People wanted religion but priests and pundits created barriers. They had kept spiritual knowledge shut behind the iron curtain of Sanskrit. These barriers had to be smashed. The saints and mystics who spearheaded the aforesaid movement did this job and did it well. They talked religion to common man and in his own parlance and soon spiritual knowledge which was a preserve of few became the property of all.

Dnyaneswar was the first to start this process of democratization in Maharastra x x x x Dnyaneswar is indeed the originator of Bhakti Cult in Maharastra. x x x x The place of Dnyaneswari is unequalled in Marathi literature. It is atonce the first and the best effort in literary writing in Marathi language. Dnyaneswar is a house-hold name in Maharastra."

ବାସ୍ତବରେ ଜ୍ଞାନେଶ୍ୱରୀ ସଂଯମର ସିଦ୍ଧମନ୍ତ୍ର, ଆତ୍ମବୋଧର ରହସ୍ୟବିଦ୍ୟା ଏବଂ ବିଶ୍ୱପ୍ରୀତିର ଗୋପନସ୍ପର୍ଶ । ମହାରାଷ୍ଟ୍ରୀୟ ସାହିତ୍ୟରେ ଏହି ଗ୍ରନ୍ଥ ଏକ ଅପୂର୍ବ, ଅମୂଲ୍ୟ ଅବଦାନ । ଭାଷାର ନୈପୁଣ୍ୟ, ଭାବର ଗାମ୍ଭୀର୍ଯ୍ୟ, ସୁନ୍ଦର ଆଳଂକାରିକ ବିନ୍ୟାସ, ଦୃଷ୍ଟାନ୍ତକୁଶଳତା, ବର୍ଣ୍ଣନାଚାତୁର୍ଯ୍ୟ, ଦାର୍ଶନିକଅନ୍ତର୍ଦୃଷ୍ଟି, ସୂକ୍ଷ୍ମ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ବୈଜ୍ଞାନିକର ସତ୍ୟସନ୍ଧାନ, ରସିକ ଭାବୁକର ରସାସ୍ୱାଦନର ପ୍ରାଚୁର୍ଯ୍ୟରେ ଜ୍ଞାନେଶ୍ୱରୀର ତୁଳନା କେବଳ ଜ୍ଞାନେଶ୍ୱରୀ । ଏହି ମହାଗ୍ରନ୍ଥ କର୍ମଯୋଗୀର ସ୍ୱର୍ଗଦ୍ୱାର, ରାଜଯୋଗୀର ସମାଧିମନ୍ଦିର, ଜ୍ଞାନୀର ତତ୍ତ୍ୱଲୋକ ଦର୍ଶନ ଓ ରସିକ ଭକ୍ତର ଭଗବତ୍ ରସାସ୍ୱାଦନ ।

x x x x

ଜ୍ଞାନଦେବ ତଥା ଜ୍ଞାନେଶ୍ୱର ଜନ୍ମଗ୍ରହଣ କରିଥିଲେ ପୁନେ (ପୁଣେ)ର ଦକ୍ଷିଣ ପ୍ରାନ୍ତରେ ଆଳନ୍ଦୀ ନାମକ ଏକ ଗ୍ରାମରେ ୧୨୭୫ ଖ୍ରୀଷ୍ଟାବ୍ଦରେ । ତାଙ୍କ ପିତାଙ୍କ ନାମ ବିଠଲ୍‌ପନ୍ଥ (କେହି କେହି ଡାକୁଥିଲେ ବିଠୋବା ପନ୍ଥ) ଓ ମାଆଙ୍କ ନାମ ଥିଲା ରୁକ୍ମାବାଇ (ରୁକ୍ମିଣୀବାଇ) । ବିଠଲପନ୍ଥ ଥିଲେ ଜଣେ ଭଗବତ୍‌ପ୍ରେମୀ ଓ ବୈରାଗ୍ୟବାନ ପୁରୁଷ । ବିବାହର ଅଳ୍ପ କେତେବର୍ଷ ପରେ ତାଙ୍କ ମନରେ ସଂସାରପ୍ରତି ବୈରାଗ୍ୟ ଏତେ ପ୍ରବଳ ହୋଇ ଉଠିଲା ଯେ, ଇଚ୍ଛା କଲେ ଗୃହତ୍ୟାଗ କରିବା ପାଇଁ । ମଝିରେ ମଝିରେ ସ୍ତ୍ରୀ ରୁକ୍ମାବାଇଙ୍କୁ ଏକଥା କହୁଥିଲେ ସେ । କିନ୍ତୁ ବିବାହ ପରେ ସନ୍ନ୍ୟାସୀ ହେବାକୁ ସ୍ତ୍ରୀର ଅନୁମତି ଏକାନ୍ତ ଆବଶ୍ୟକ ଥିବାରୁ ସେ ଏହି ଅନୁମତିକୁ ଅପେକ୍ଷା କରି ରହିଥିଲେ । ସ୍ତ୍ରୀ କହୁଥିଲେ ଗୋଟିଏ ସନ୍ତାନ ହୋଇଗଲେ ତୁମେ ଚାଲି ଯାଇପାର । ତୁମେ ଗଲେ ଅନ୍ତତଃ ସନ୍ତାନର ମୁଖ ଦେଖି ହେଲେ ବଞ୍ଚି ରହିବି । ଦିନେ ସ୍ତ୍ରୀ ଘର କାମରେ ବ୍ୟସ୍ତ ଥିବାବେଳେ କଥା ପ୍ରସଙ୍ଗରେ ବିଠଲ ପନ୍ଥ ଚାହିଁଲେ ତାଙ୍କ ଅନୁମତି । ସେ ଅନୁମତି ଚାହୁଁଥିଲେ ଗଙ୍ଗାସ୍ନାନଲାଗି ଯିବା ପାଇଁ, ଗୃହତ୍ୟାଗ ପାଇଁ ନୁହଁ । ଅନ୍ୟମନସ୍କା ଥିଲେ ରୁକ୍ମାବାଇ । କହୁ କହୁ କହିଦେଲେ, ଇଚ୍ଛା ହେଉଛି ଯଦି ଯାଅ କିନ୍ତୁ ଶୀଘ୍ର ଫେରିଆସିବ । ବିଠଲ ପନ୍ଥ ଭାବିଲେ ସନ୍ନ୍ୟାସୀ ହେବାପାଇଁ ଅନୁମତି ମିଳିଗଲା । ସେ ଗଲେ କାଶୀ । ସେଠାରେ ରାମାନନ୍ଦ (କବିରଙ୍କ ଗୁରୁ)ଙ୍କ ଠାରୁ ଦୀକ୍ଷା ଲାଭ କରି ସନ୍ନ୍ୟାସ ଗ୍ରହଣ କଲେ । କିନ୍ତୁ ଦୀକ୍ଷା ନେବା ପୂର୍ବରୁ ଗୁରୁ ରାମାନନ୍ଦ ବିଠଲଙ୍କୁ ପଚାରିଥିଲେ– ପିତା, ମାତା ଓ ସ୍ତ୍ରୀଠାରୁ ଅନୁମତି ଆଣିଚ ତ ? ବିଠଲ କହିଥିଲେ, ଅନୁମତି ପାଇନଥିଲେ କ'ଣ ମୁଁ ଏଠାକୁ ଆସିଥାନ୍ତି ? ଦୀକ୍ଷା ନେବାପରେ ବିଠଲ ନାମଗ୍ରହଣ କରିଥିଲେ ଚୈତନ୍ୟସ୍ୱାମୀ ।

କ୍ରମଶଃ ବିଠଲ ପନ୍ଥ ରାମାନନ୍ଦଙ୍କର ଅତିପ୍ରିୟ ହୋଇ ଉଠିଲେ । ସେ ଆଶ୍ରମର ସମସ୍ତ ଦାୟିତ୍ୱ ନ୍ୟସ୍ତକଲେ ବିଠଲଙ୍କ ଉପରେ । କେତେଦିନ ପରେ ଗୁରୁ କେତେଜଣ ଶିଷ୍ୟଙ୍କୁ ସାଙ୍ଗରେ ଧରି ବାହାରିଲେ ତୀର୍ଥ ଭ୍ରମଣ ଉଦ୍ଦେଶ୍ୟରେ । ଆଶ୍ରମ କଥା ବୁଝିଲେ ବିଠଲ ପନ୍ଥ । ରାମାନନ୍ଦ ଭ୍ରମଣ କରୁ କରୁ ଦିନେ ପହଞ୍ଚିଲେ ଆଳନ୍ଦୀ ଗ୍ରାମରେ । ସେଠାରେ ଏକ ମନ୍ଦିର ପାଖରେ ଅଶ୍ୱତ୍ଥଗଛ ମୂଳରେ ସେ

ଆଶ୍ରୟ ଗ୍ରହଣ କଲେ । ପ୍ରତିଦିନ ସକାଳେ ରୁକ୍ମାବାଈ ଏହି ଅଶ୍ୱତ୍ଥ ବୃକ୍ଷ ଚାରିପଟେ ବୁଲି ସାରି ସୂର୍ଯ୍ୟ ନମସ୍କାର କରୁଥିଲେ ଏବଂ ପ୍ରାର୍ଥନା କରୁଥିଲେ ''ପ୍ରଭୁ ! ମୋ ସ୍ୱାମୀଙ୍କୁ ଫେରାଇ ଆଣ ।''

ସେଦିନ ରାମାନନ୍ଦ ଗଛମୂଳେ ବସି ସ୍ଥାନୀୟ ଲୋକଙ୍କୁ ଉପଦେଶ ଦେଉଥିବା ବେଳେ ହଠାତ୍ ରୁକ୍ମାବାଈ ଆସି ତାଙ୍କ ପାଦତଳେ ପ୍ରଣିପାତ କଲେ । ସ୍ୱାମୀଜୀ ତାଙ୍କୁ 'ପୁତ୍ରବତୀ ଭବ' କହି ଆଶୀର୍ବାଦ କରିବା ମାତ୍ରେ ରୁକ୍ମାବାଈ ହସି ଉଠିଲେ ।

ହସିଲେ କାହିଁକି ବୋଲି ରାମାନନ୍ଦ ପଚାରିବାରେ ରୁକ୍ମାବାଈ କହିଲେ, ମୋ ସ୍ୱାମୀ ତ ଗୃହତ୍ୟାଗ କରି ସନ୍ନ୍ୟାସୀ ହୋଇଛନ୍ତି,ପୁତ୍ରଲାଭ ହେବ କିପରି ? ସ୍ୱାମୀଜୀ କହିଲେ, ''କିନ୍ତୁ ମୋ ଆଶୀର୍ବାଦ ତ ଅନ୍ୟଥା ହୋଇ ନ ପାରେ ।'' ରୁକ୍ମାବାଈ ଆଉ କିଛି ନ କହି ଚାଲିଗଲେ ଘରକୁ । ପରେ ସ୍ୱାମୀଜୀ ଜାଣିପାରିଲେ ତାଙ୍କର ଶିଷ୍ୟ ବିଠଲ ପନ୍ତ ହିଁ ରୁକ୍ମାବାଈଙ୍କ ପତି ।

ରାମାନନ୍ଦଙ୍କ ତୀର୍ଥଭ୍ରମଣ ଏହିଠାରୁ ବନ୍ଦ ରହିଲା । ସେ ବିଠଲ ପନ୍ତଙ୍କ ପ୍ରତି ମନେ ମନେ ଅସନ୍ତୋଷ ପ୍ରକାଶ କରି ଫେରିଗଲେ କାଶୀକି । ଶିଷ୍ୟ ଚୈତନ୍ୟସ୍ୱାମୀ (ବିଠଲ)ଙ୍କୁ ସବୁକଥା ବୁଝେଇ କହିଲେ, ଫେରିଯାଅ ଘରକୁ, ପୁଣି ଗୃହସ୍ଥାଶ୍ରମ କର । ସେ ଆହୁରି କହିଲେ, ମୁଁ ଜାଣି ପାରୁଛି ତୁମ ଔରସରୁ ଜାତ ହେବେ ଚାରୋଟି ଦିବ୍ୟ ସନ୍ତାନ । ସ୍ୱୟଂ ଭଗବାନ ଅବତରିତ ହେବେ ଦ୍ୱିତୀୟ ସନ୍ତାନ ଭାବରେ ।

ଗୁରୁଙ୍କ ଆଦେଶ ପାଳନ କରି ଅନିଚ୍ଛା ସତ୍ତ୍ୱେ ବିଠଲ ପନ୍ତ ଫେରି ଆସିଲେ ଘରକୁ । କଲେ ଘର ସଂସାର । ରୁକ୍ମାବାଈଙ୍କ ଗର୍ଭରୁ ଜାତ ହେଲେ ତିନୋଟି ପୁତ୍ର ସନ୍ତାନ ଓ ଗୋଟିଏ କନ୍ୟା– ଯଥାକ୍ରମେ ଏମାନଙ୍କ ନାମ ରହିଲା ନିବୃତ୍ତିନାଥ, ଜ୍ଞାନଦେବ, ସୋପାନନାଥ ଓ ମୁକ୍ତାବାଈ । (ଥରେ ଏହି ଚାରିଜଣ ନିଜ ନାମର ବିଶ୍ଳେଷଣ କରି କହିଥିଲେ, ବାପ ମାଆ ଆମମାନଙ୍କ ପ୍ରକୃତି କ'ଣ ହେବ ଆଗରୁ ଜାଣିପାରି ଆମମାନଙ୍କ ନାମ ଦେଇଛନ୍ତି । ନିବୃତ୍ତିନାଥ କହିଥିଲେ, ମୋ ନାମ ନିବୃତ୍ତି କାରଣ ପ୍ରବୃତ୍ତି ସହିତ ମୋର କୌଣସି ସମ୍ପର୍କ ନାହିଁ । ଜ୍ଞାନଦେବ କହିଥିଲେ,

ମୋ ନାମ ଜ୍ଞାନଦେବ ତଥା ଜ୍ଞାନେଶ୍ୱର, କାରଣ ମୁଁ ହେଉଛି ଜ୍ଞାନଯୋଗୀ, ଜ୍ଞାନର ଭଣ୍ଡାର, ଆସିଚି ସମସ୍ତଙ୍କୁ ଜ୍ଞାନ ବିତରଣ କରିବା ଲାଗି । ସୋପାନନାଥ କହିଥିଲେ, ହଠାତ୍ ମନୁଷ୍ୟ ବୈକୁଣ୍ଠରେ ପ୍ରବେଶ କରି ନପାରେ । ପାହାଚ ପରେ ପାହାଚ ଦେଇ ଯିବାକୁ ପଡ଼ିବ ସେଠାକୁ । ସେହି ସୋପାନ ତଥା ପାହାଚ ଦେଖାଇବାକୁ ଆସିଛି ମୁଁ । ପ୍ରଥମ ପାହାଚ ହେଉଚି ଭଗବାନଙ୍କନାମ ସ୍ମରଣ, ଭଜନ, କୀର୍ତ୍ତନ । ମୁକ୍ତାବାଈ କହିଥିଲେ, ମୁଁ ଆସିଛି ମୁକ୍ତିର ଦ୍ୱାର ଦେଖାଇବା ପାଇଁ ।)

ମହାରାଷ୍ଟ୍ର ଇତିହାସରେ ଏହି ଚାରିଜଣ ହେଉଛନ୍ତି ପ୍ରଧାନ ସାଧୁସନ୍ତ । ଏମାନେ ସମସ୍ତେ ଥିଲେ ଆଜୀବନ ବ୍ରହ୍ମଚାରୀ । ବିଠଲ ପନ୍ତ ଜ୍ୟେଷ୍ଠପୁତ୍ର ନିବୃତ୍ତିନାଥଙ୍କର ନଅବର୍ଷ ବୟସରେ ବ୍ରତୋପନୟନ ଲାଗି ଆୟୋଜନ କଲେ । ସେଥିଲାଗି ସେ ସ୍ଥାନୀୟ ବ୍ରାହ୍ମଣମାନଙ୍କ ଅନୁମତି ଭିକ୍ଷା କଲେ । ଥରେ ସନ୍ନ୍ୟାସୀ ହୋଇ ପୁଣି ଯିଏ ଗୃହସ୍ଥାଶ୍ରମ କରିଛି, ସେ ତାର ସନ୍ତାନମାନଙ୍କ ଉପନୟନ ସଂସ୍କାର ଲାଗି ଯୋଗ୍ୟ ନୁହଁନ୍ତି ବୋଲି ଦର୍ଶାଇ ବ୍ରାହ୍ମଣମାନେ ଅନୁମତି ଦେବାକୁ ମନା କରିଦେଲେ । କହିଲେ ଯେ ଶାସ୍ତ୍ରାନୁଯାୟୀ ଏମାନଙ୍କ ବ୍ରତୋପନୟନ ନିଷିଦ୍ଧ ।

ବିଠଲ କହିଲେ, ମୁଁ ଏଥିଲାଗି ଯେକୌଣସି ପ୍ରାୟଶ୍ଚିତ୍ତ କରିବାପାଇଁ ପ୍ରସ୍ତୁତ । ଉତ୍ତର ମିଳିଲା– ପ୍ରାୟଶ୍ଚିତ୍ତର ଏକମାତ୍ର ପନ୍ଥା ହେଉଛି ଆତ୍ମହତ୍ୟା । ସେମାନେ ଏକଥା ମଧ୍ୟ କହିଲେ ଯେ 'ପ୍ରତିଷ୍ଠାନ'କୁ ଯାଅ, ସେଠାରେ ପଣ୍ଡିତସଭା ଯାହା କହିବ ତଦନୁଯାୟୀ କାର୍ଯ୍ୟ କରିବ । ସେତେବେଳେ 'ପଇଠାଣ'ର ନାମ ଥିଲା 'ପ୍ରତିଷ୍ଠାନ' । ପୁରୀର ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ସଭାଭଳି ଏଠାରେ ଥିଲା ବେଦଜ୍ଞପଣ୍ଡିତମାନଙ୍କ ମହାସଭା । କୌଣସି ଶାସ୍ତ୍ର ବିଷୟରେ ମତଭେଦ, ବିବାଦ ଉପୁଜିଲେ ଲୋକେ ଯାଉଥିଲେ ଏଇଠିକି ସମାଧାନ ଲାଗି । ଏହି ପଣ୍ଡିତମଣ୍ଡଳିର ସିଦ୍ଧାନ୍ତକୁ ଗ୍ରହଣ କରାଯାଉଥିଲା ଚୂଡ଼ାନ୍ତ ଭାବରେ ।

ବିଠଲ ପନ୍ତ ପିଲାମାନଙ୍କୁ ଧରି ଗଲେ ଏହି ପଇଠାଣକୁ । ଯିବା ବାଟରେ ସେ ରହିଥିଲେ ତ୍ରୟକେଶ୍ୱର ମନ୍ଦିରରେ କେତେମାସ । ଏହିଠାରେ ଥିଲା ଅଞ୍ଜନି ନାମକ ଏକ ପର୍ବତ । ବିଠଲ ପନ୍ତ ପ୍ରତିଦିନ ପ୍ରାତଃକାଳରେ ସପରିବାର ଏହି

ପର୍ବତ ପରିକ୍ରମା କରୁଥିଲେ । ଦିନେ କୁହୁଡ଼ି ଘୋଟି ଆସୁଥିବା ସମୟରେ ପର୍ବତ ପରିକ୍ରମା କରୁଥିବାବେଳେ ହଠାତ୍ ଏକ ବାଘର ଗର୍ଜନ ଶୁଣି ପରିବାରଠାରୁ ବିଚ୍ଛିନ୍ନ ହୋଇ ପଡ଼ିଲେ ନିବୃତ୍ତିନାଥ ।

ନିବୃତ୍ତିନାଥ ବାଟଭୁଲି ପ୍ରବେଶ କଲେ ଏକ ଗୁମ୍ଫା ଭିତରେ । ଏହି ଗୁମ୍ଫା ଭିତରେ ସେ ସାକ୍ଷାତ କଲେ ଜଣେ ମହାପୁରୁଷ ଗହନିନାଥ (ଗୈନିନାଥ)ଙ୍କ ସହିତ । ଏହି ଗହନିନାଥ ଥିଲେ ଗୋରକ୍ଷନାଥଙ୍କ ଶିଷ୍ୟ । (ଏହାଙ୍କ କଥା ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି ।) ସେ ନିବୃତ୍ତିଙ୍କୁ ଦେଖିବାମାତ୍ରେ କହିଲେ, ''ମୁଁ ତତେ ହିଁ ଅପେକ୍ଷା କରି ରହିଛି ଏଇଠି ବହୁବର୍ଷ ଧରି । ଜାଣିଥିଲି ତୁ ଆସିବୁ । ମୋର ଗୁରୁଙ୍କ ଆଦେଶ ଯେ ତତେ ଜ୍ଞାନ ଅର୍ପଣ କରିବା ପରେ ଯାଇ ମୁଁ ଦେହତ୍ୟାଗ କରିବି । ମୁଁ ତତେ ଯେଉଁ ଜ୍ଞାନ ଦେବି, ତୁ ସେହି ଜ୍ଞାନ ଅର୍ପଣ କରିବୁ ତୋର ତଳଭାଇ ଜ୍ଞାନଦେବଙ୍କୁ । ଜ୍ଞାନଦେବ ସ୍ୱୟଂ ଭଗବାନ; ବିଷ୍ଣୁଙ୍କ ଅଂଶରେ ଅବତରଣ କରିଛନ୍ତି ପୃଥିବୀରେ । ଜ୍ଞାନଦେବ ଜ୍ଞାନ ବିତରଣ କରିବେ ସମଗ୍ର ସଂସାରରେ, ସର୍ବସାଧାରଣରେ ।''

ଗହନିନାଥ ନିବୃତ୍ତିନାଥଙ୍କୁ ''ରାମକୃଷ୍ଣ ହରି'' ମନ୍ତ୍ରୋପଦେଶ ଦେଇ ସେଇ ମାଧ୍ୟମରେ ଦାନ କଲେ ବ୍ରହ୍ମଜ୍ଞାନ ।

ନିବୃତ୍ତିନାଥ ଏହି କୃଷ୍ଣୋପାସନାର ମନ୍ତ୍ର ଲାଭ କରି ଫେରି ଆସିଲେ ପିତାମାତା ଓ ଭାଇ ଭଉଣୀଙ୍କ ନିକଟକୁ । ଗୁରୁଙ୍କ ନିର୍ଦ୍ଦେଶମତେ ସେ ସଙ୍ଗେ ସଙ୍ଗେ ଜ୍ଞାନଦେବଙ୍କୁ ବ୍ରହ୍ମଜ୍ଞାନ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ । ପରେ ଜ୍ଞାନଦେବ ସେହି ମନ୍ତ୍ର ଉପଦେଶ ଦେଇଥିଲେ ସୋପାନନାଥ ଓ ମୁକ୍ତାବାଇଙ୍କୁ ।

ତ୍ରିମ୍ବକେଶ୍ୱରରୁ ବାହାରି ସେମାନେ ଯାତ୍ରା କଲେ 'ପଇଠାଣ' ଅଭିମୁଖେ । ବାଟରେ ଭିକ୍ଷା କରି କରି ସେମାନେ ପହଞ୍ଚିଲେ 'ପଇଠାଣ'ରେ ।

'ପଇଠାଣ'ରେ ସେମାନେ ଆଶ୍ରୟ ଗ୍ରହଣ କରିଥିଲେ ପଣ୍ଡିତ ମହାସଭାର ଜଣେ ସଦସ୍ୟ ବ୍ରାହ୍ମଣଙ୍କ ଘରେ । ଏହି ବ୍ରାହ୍ମଣ ପଣ୍ଡିତ ଜଣକ ନିବୃତ୍ତିନାଥ ଓ ଜ୍ଞାନଦେବ ପ୍ରମୁଖଙ୍କୁ ଦେଖିବାମାତ୍ରେ ମୁଗ୍ଧ ହୋଇ ପଡ଼ିଥିଲେ ।

ପଣ୍ଡିତ ମହାସଭାର ବୈଠକ ବସିବା ପରେ ଅଧ୍ୟକ୍ଷ ଘୋଷଣା କଲେ, "ଏମାନଙ୍କଲାଗି କୌଣସି ପ୍ରାୟଶ୍ଚିତ୍ତ ବିଧିବିଧାନର ଆବଶ୍ୟକତା ନାହିଁ । ଯେହେତୁ ଏମାନେ ଭଗବାନଙ୍କର ଏକାନ୍ତ ଭକ୍ତ ଏବଂ ସର୍ବଭୂତ ପ୍ରତି ସମଭାବାପନ୍ନ, ତେଣୁ ଏମାନଙ୍କୁ ବ୍ରାହ୍ମଣ ସଂପ୍ରଦାୟରେ ଗ୍ରହଣ କରିବାରେ କୌଣସି ଆପତ୍ତି ନାହିଁ ।"

ଏହି ନିଷ୍ପତ୍ତିରେ ବିଠଲ ପନ୍ଥ ସପରିବାର ପରମ ସନ୍ତୋଷ ଲାଭ କଲେ ସତ, କିନ୍ତୁ ଜଣେ ବ୍ରାହ୍ମଣ ପୁଣି ପଣ୍ଡିତସଭା ଡକାଇ ନାନାଶାସ୍ତ୍ର ଉଦ୍ଧାର କରି କହିଲେ "ଯେହେତୁ ଏମାନଙ୍କର ପିତା ସନ୍ନ୍ୟାସୀ ହୋଇ ପୁନର୍ବାର ଗୃହସ୍ଥାଶ୍ରମ କରିଅଛନ୍ତି, ସେହେତୁ ଏମାନେ ପ୍ରାୟଶ୍ଚିତ୍ତର ଅଧିକାରୀ ହୋଇ ନ ପାରନ୍ତି । ଯେଉଁ ବ୍ରାହ୍ମଣ ପଣ୍ଡିତ ଏମାନଙ୍କୁ ଆଶ୍ରୟ ଦେଇଛନ୍ତି, କାଲି ଅଛି ତାଙ୍କ ଘରେ ପିତୃଶ୍ରାଦ୍ଧ । ସେହି ବ୍ରାହ୍ମଣଙ୍କୁ ସମାଜଚ୍ୟୁତ କରାଯିବ । ତେଣୁ କୌଣସି ବ୍ରାହ୍ମଣ ତାଙ୍କ ଘରକୁ ଭୋଜନ କରିବାକୁ ଯିବା ଅନୁଚିତ ।"

ତାହାହିଁ ହେଲା । ଆଶ୍ରୟଦାତା ବ୍ରାହ୍ମଣଙ୍କ ଘରକୁ କେହି ଶ୍ରାଦ୍ଧଭୋଜି ଖାଇବାକୁ ଗଲେ ନାହିଁ । ଏହିଠାରେ ଭଗବାନଙ୍କ ଅବତାର ଜ୍ଞାନଦେବ ଆରମ୍ଭ କଲେ ତାଙ୍କର ଚମତ୍କାର ଲୀଳା । ଭୋଜନଲାଗି ପତ୍ର ପଡ଼ିଲା । ଅଥଚ 'ପଇଠାଣ'ର କୌଣସି ବ୍ରାହ୍ମଣ ନଆସିବା ଦେଖି ଜ୍ଞାନଦେବ ଆଶ୍ରୟଦାତାଙ୍କ ପୂର୍ବ ଦଶ ପିତୃପୁରୁଷର ଦଶଟି ଶରୀର ଧାରଣ କରି ଧାଡ଼ି ହୋଇ ବସିଲେ ଭୋଜନ ଉଦ୍ଦେଶ୍ୟରେ । 'ପଇଠାଣ'ର ବ୍ରାହ୍ମଣମାନେ ଉଁକିମାରି ଦେଖୁଥିଲେ ଏହି ଦୃଶ୍ୟ । ସମସ୍ତେ ତଟସ୍ଥ । ଏହି ଦୃଶ୍ୟ ଦେଖୁଥିବା ବ୍ରାହ୍ମଣମାନେ ଆସି ଜ୍ଞାନଦେବଙ୍କ ପଦ ସ୍ପର୍ଶ କଲେ । ନିଜର ଭୁଲ୍ ସ୍ୱୀକାର କଲେ । ଜ୍ଞାନଦେବ ଓ ତାଙ୍କ ଭାଇ ଭଉଣୀମାନଙ୍କ ନାମର ନିର୍ଘୋଷ ଚାଲିଲା 'ପଇଠାଣ'ରେ । କିନ୍ତୁ ଯେଉଁ ବ୍ରାହ୍ମଣମାନେ ଏହି 'ଲୀଳା' ଦେଖି ନଥିଲେ, ସେମାନଙ୍କ ମନରେ ରହିଥିଲା ସଂଦେହ ।

ଜ୍ଞାନଦେବ ବେଦକୁ ଉଦ୍ଧାର କରି କହିଲେ, ସର୍ବଦେହେ ନାରାୟଣ, ସର୍ବ ବ୍ରହ୍ମମୟ । ଆତ୍ମୋପଲବ୍ଧି ହୋଇ ପାରିଲେ ସିନା ଏହା ଜାଣିପାରିବ !

ପଣ୍ଡିତମନ୍ୟ ବ୍ରାହ୍ମଣମାନେ ବାଟରେ ଯାଉଥିବା ଏକ ମଇଁଷିକୁ ଦେଖାଇ କହିଲେ, ଏହି ମଇଁଷି ଦେହରେ କ'ଣ ନାରାୟଣ ଅଛନ୍ତି, ସିଏ କ'ଣ ବେଦପାଠ କରି ପାରିବ ?

ଜ୍ଞାନଦେବ କହିଲେ, ନିଶ୍ଚୟ ! ସେ ସଙ୍ଗେ ସଙ୍ଗେ ମଇଁଷି ପାଖକୁ ଯାଇ ତା ମୁଣ୍ଡକୁ ଆଉଁଶି କହିଲେ, ''କର ବେଦପାଠ ।'' ମଇଁଷି ମୁହଁରୁ ଚାଲିଲା ବେଦଧ୍ୱନି ।

ସନ୍ଦେହମୋଚନ ହେଲା ବ୍ରାହ୍ମଣମାନଙ୍କର । 'ପଇଠାଣ'ରେ ଚାଲିଲା ତିନିଭାଇଙ୍କର ବ୍ରତୋପନୟନର ଆୟୋଜନ । ନିଜେ ବ୍ରାହ୍ମଣମାନେ ଏହି ବ୍ୟବସ୍ଥା କଲେ । ନମସ୍ୟ ହୋଇ ଉଠିଲେ ବିଠଲ ପନ୍ତଙ୍କ ପରିବାର ।

କିନ୍ତୁ ବିଠଲ ପନ୍ତଙ୍କ ମନରେ ଆଳନ୍ଦୀର ବ୍ରାହ୍ମଣମାନେ ପ୍ରାୟଶ୍ଚିତ୍ତ ପାଇଁ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେ କଥା ଘାରିହେଉଥିଲା ସର୍ବଦା । ସେମାନଙ୍କ ନିର୍ଦ୍ଦେଶ ଥିଲା– ଆତ୍ମହତ୍ୟା ହିଁ ଏକମାତ୍ର ପ୍ରାୟଶ୍ଚିତ୍ତ ।

ମନରେ ସେହି କଥାକୁ ରଖି ସେ ସପରିବାର ଗଲେ ପ୍ରୟାଗ । ପ୍ରୟାଗର ସଂଗମ ସ୍ଥଳରେ ଝାସ ଦେଇ ସେ ପ୍ରାଣତ୍ୟାଗ କଲେ । ସତୀ ରୁକ୍ମାବାଈ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କଲେ ।

ଏଠାରୁ ନିବୃତ୍ତିନାଥ ପ୍ରମୁଖ ଫେରି ଆସିଥିଲେ ଆଳନ୍ଦୀ । ସେମାନଙ୍କ ହାତରେ ଥିଲା 'ପଇଠାଣ' ପଣ୍ଡିତସଭାର ଶୁଦ୍ଧିପତ୍ର । ତେଣୁ ଆଳନ୍ଦୀର ବ୍ରାହ୍ମଣମାନେ ସେମାନଙ୍କୁ ଯେ ନିଶ୍ଚୟ ଗ୍ରହଣ କରିବେ, ସେ ସଂପର୍କରେ ସେମାନେ ଥିଲେ ନିଃସନ୍ଦେହ ।

ଫେରିବା ବାଟରେ ''ନେବାସେଁ'' ନାମକ ସ୍ଥାନରେ ସେମାନେ ରହିଥିଲେ କେତେ ମାସ । ସେତେବେଳକୁ ଜ୍ଞାନଦେବଙ୍କ ବୟସ ଚଉଦ ବର୍ଷ । ସେମାନେ ମହାଳୟା ଦେବୀଙ୍କ ପୀଠରେ ଥିଲେ । ଏହି ଗ୍ରାମର ଲୋକେ ଥିଲେ ଅତ୍ୟନ୍ତ ସରଳ, ନିରୀହ ଓ ଭଗବଦ୍‌ପ୍ରେମୀ । ସେମାନେ ଅନୁଭବକଲେ ଯେ ଜ୍ଞାନଦେବ ବିଷ୍ଣୁ, ନିବୃତ୍ତିନାଥ ଶିବ, ସୋପାନନାଥ ବ୍ରହ୍ମା ଓ ମୁକ୍ତାବାଈ ମା' ସରସ୍ୱତୀଙ୍କ

ଅବତାର । ଜ୍ଞାନଦେବ ମଧ୍ୟ ଏହି ଲୋକଙ୍କଠାରୁ ପରିଚୟ ପାଇଲେ ଅପରିମେୟ ସାଧୁତାର । ତେଣୁ ସେ ମହାଳୟା ମନ୍ଦିର ନିକଟରେ ଏକ ପଥର ଉପରେ ବସି ଶ୍ରୋତାମାନଙ୍କୁ ଶୁଣାଉଥିଲେ ଗୀତାର ଭାବାର୍ଥ । 'ଓବି' ଛନ୍ଦରେ ଗୀତାକୁ ଗୀତ ଆକାରରେ ମରାଠୀ ଭାଷାରେ ଗାଇଗଲେ ସେ । ତାଙ୍କର ଏହି ପ୍ରବଚନକୁ ଲିପିବଦ୍ଧ କରିଥିଲେ ଶ୍ରୀସଚ୍ଚିଦାନନ୍ଦ ସ୍ୱାମୀ । ପରବର୍ତ୍ତୀକାଳରେ ଏହି ଭାବାର୍ଥ ବା ଟିକା 'ଜ୍ଞାନେଶ୍ୱରୀ' ନାମରେ ପ୍ରସିଦ୍ଧହେଲା । ସେ ଯେଉଁ ଶିଳାସ୍ତମ୍ଭ ପାଖରେ ବସି ଗୀତାମୃତ ପରିବେଷଣ କରିଥିଲେ, ତାହା 'ଜ୍ଞାନେଶ୍ୱରୀ ସ୍ତମ୍ଭ' ଭାବରେ ବିଖ୍ୟାତ ।

ପରେ ଜ୍ଞାନଦେବ ନିବୃତ୍ତିନାଥଙ୍କ ଅନୁରୋଧକ୍ରମେ ରଚନା କରିଥିଲେ ଆଉ ତିନୋଟି ଗ୍ରନ୍ଥ 'ଅମୃତାନୁଭବ', 'ଅଭଙ୍ଗ' ଓ 'ଚାଙ୍ଗଦେବ ଫାସଷ୍ଟୀ' ।

ମାତ୍ର ଏକୋଇଶ ବାଇଶ ବର୍ଷ ବୟସରେ ଜ୍ଞାନଦେବ ସ୍ୱେଚ୍ଛାରେ ଜୀବନ୍ତ ସମାଧି ଗ୍ରହଣ କରିଥିଲେ । ଆଳନ୍ଦୀ ଗ୍ରାମର ଇନ୍ଦ୍ରାୟଣୀ ନଦୀ କୂଳରେ ପ୍ରାଚୀନ ସିଦ୍ଧେଶ୍ୱର ମନ୍ଦିର ନିକଟ ଏକ ଗଛ ତଳେ ତାଙ୍କ ସମାଧି ଲାଗି ବିରାଟ ଗୁହା ଖୋଳାଗଲା । ଗୁହା ତଳେ ତୁଳସୀପତ୍ର ଓ ବେଲପତ୍ର ବିଛାଇ ଆସନ ରଚନା କରାଗଲା । ଲଲାଟରେ ଚନ୍ଦନ ବୋଳି, ଗଳାରେ ଫୁଲମାଳା ପିନ୍ଧି ଜ୍ଞାନେଶ୍ୱର ଗୁହାକୁ ପରିକ୍ରମା କରିବାପରେ ପ୍ରବେଶ କଲେ ତା ଭିତରେ । ପ୍ରବେଶ କରିବା ସମୟରେ ସେ ଭକ୍ତମାନଙ୍କୁ ଦେଖାଦେଇଥିଲେ 'ବିଠଲା' (ବିଷ୍ଣୁ) ରୂପରେ । ଗୁହା ଭିତରେ ପ୍ରବେଶ କରିବା ପରେ ତାଙ୍କ ନିର୍ଦ୍ଦେଶମତେ ଗୁହାର ଦ୍ୱାର ବନ୍ଦକରି ଦିଆଯାଇଥିଲା ଏକ ବିରାଟ ପ୍ରସ୍ତର ଫଳକରେ ।

ଜ୍ଞାନଦେବଙ୍କସମସାମୟିକ ଥିଲେ ସନ୍ଥ ନାମଦେବ । ଅବଶ୍ୟ ସେ ଜ୍ଞାନଦେବଙ୍କଠାରୁ ବୟସରେ ବହୁତ ବଡ଼ ଥିଲେ, ତଥାପି ସେ ଜ୍ଞାନଦେବଙ୍କୁ ନିଜର ଗୁରୁଭାବରେ ଗ୍ରହଣ କରିଥିଲେ ।

କଥିତ ଅଛି, ନାମଦେବଙ୍କୁ ଐଶୀଶକ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଜ୍ଞାନଦେବ ଅଳ୍ପ ବୟସରେ ଦେହତ୍ୟାଗ କରିଥିଲେ ।

ତାଙ୍କ ସମୟରେ ଚାଙ୍ଗଦେବ ନାମରେ ଥିଲେ ଜଣେ ବିଖ୍ୟାତ ହଠଯୋଗୀ । ସେ କୁଆଡ଼େ ହଠଯୋଗ ବଳରେ ଚଉଦଶହ ବର୍ଷ ଜୀବିତ

ରହିଥିଲେ । ଜ୍ଞାନଦେବଙ୍କ ମହିମାରେ ସେ ଅତିଷ୍ଠ ହୋଇ ହଠଯୋଗ ବଳରେ ତାଙ୍କୁ କାବୁ କରିଦେବା ଲାଗି ଉଦ୍ୟମ କରି ନିଜେ କାବୁ ହୋଇ ପଡ଼ିଥିଲେ । ଚାଙ୍ଗଦେବ ହଠଯୋଗ ବଳରେ ଆୟତ୍ତ କରିଥିଲେ ବାଘ, ଭାଲୁ ଓ ବିଷଧର ସର୍ପମାନଙ୍କୁ । ନିଜ ଦେହରେ ବାଘଛାଲ ଗୁଡ଼େଇ, ବାଘ ଉପରେ ବସି ଏବଂ ହାତରେ ଦୁଇଟି ସାପକୁ ଚାବୁକ ଭଳି ଧରି ବାଇଦ ବାଜଣା ବଜାଇ ସେ ଆସିଥିଲେ ଜ୍ଞାନେଶ୍ୱରଙ୍କ ପୀଠ ଆଡ଼କୁ । ସେତେବେଳକୁ ଜ୍ଞାନଦେବ ଘର ବାରଣ୍ଡାରେବସି ଭାଇ ଓ ଭଉଣୀମାନଙ୍କ ସହିତ ଆଧ୍ୟାତ୍ମିକ ଚର୍ଚ୍ଚାରେ ଲିପ୍ତ ଥିଲେ । ଭଉଣୀ ମୁକ୍ତାବାଈ ବାଇଦବାଜଣା ଶୁଣି ପଚାରିଥିଲେ ଜ୍ଞାନଦେବଙ୍କୁ– ''କିଏ ଆସୁଛି କି, ଇମିତି ବାଇଦ ବାଜଣା ବାଜୁଚି କାହିଁକି ?''

ଜ୍ଞାନଦେବ କହିଲେ, ''ହଠଯୋଗୀ ଚାଙ୍ଗଦେବ ଆସୁଛନ୍ତି ଆମ ପାଖକୁ, ଚାଲ ଯିବା ତାଙ୍କୁ ପାଛୋଟି ଆଣିବା ।'' ଏହା କହି ଜ୍ଞାନଦେବ ବସିଥିବା ଘରଟିକୁ ନିର୍ଦ୍ଦେଶ ଦେଇଥିଲେ 'ଚାଲ' ବୋଲି । ଘରଟା ଚାଲିଲା ସଜୀବ ଭଳି । ଗୋଟାଏ ଘର ଚାଲି ଚାଲି ଆସୁଥିବା ଦେଖି ଚାଙ୍ଗଦେବଙ୍କ ହଠଯୋଗର ସମସ୍ତ ବଳ ଖସି ଆସିଥିଲା । ସେ ନତମସ୍ତକ ହୋଇଥିଲେ ଜ୍ଞାନେଶ୍ୱରଙ୍କନିକଟରେ । କହିଥିଲେ, ମୋର ଚଉଦଶହ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା । ମୁଁ ସିନା ସଜୀବକୁ ଆୟତ୍ତ କରିପାରୁଚି– ତୁମେ ତ ଜଡ଼ ଓ ଅଚଳକୁ ସଚଳ କରିଦେଇ ପାରୁଚ, ତେଣୁ ତୁମେ ସ୍ୱୟଂ ଭଗବାନ, ମତେ ସୁଜ୍ଞାନ ଦିଅ । ଜ୍ଞାନଦେବ ଏହି ଚାଙ୍ଗଦେବଙ୍କୁ ଯେଉଁ ଉପଦେଶ ଦେଇଥିଲେ, ତାହାହିଁ ଲିପିବଦ୍ଧ ହୋଇଛି ''ଚାଙ୍ଗଦେବ ଫାସଷ୍ଟୀ'' ପୁସ୍ତକରେ । ତାପରେ ଜ୍ଞାନଦେବଙ୍କ ପରାମର୍ଶକ୍ରମେ ଚାଙ୍ଗଦେବ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ମୁକ୍ତାବାଈଙ୍କର ।

ଚାଙ୍ଗଦେବଙ୍କୁ ମୁକ୍ତାବାଈଙ୍କର ପ୍ରଥମ ଉପଦେଶ ହେଉଛି– ''ଜୀବନ ପ୍ରବାହରୁ ନିଜକୁ ଫେରାଇ ଆଣ । ବଳପୂର୍ବକ ପହଁରି ପହଁରି ଯେ ସଂସାରପ୍ରବାହ ପାର ହୋଇଯାଇ ପାରିବ– ଏ ଅଭିମାନ ମନରେ ରଖ ନାହିଁ । ସଂସାର– ପ୍ରବାହ ପ୍ରଖର, ତୁମକୁ ଭସେଇ ନେଇଯିବ । ଜୀବନ କ୍ଷଣସ୍ଥାୟୀ, ବୃଥା ବ୍ୟୟ କର ନାହିଁ । ସତ୍ୟ ନିତ୍ୟ ବସ୍ତୁର ସଂଧାନରେ ଲାଗ ।''

ଜ୍ଞାନଦେବ ଥିଲେ ''ବାର୍‌କାରୀ'' ଦଳର ମୁଖ୍ୟ । 'ବାର୍‌କାରୀ'ର ଅର୍ଥ ହେଉଛି ପାଦରେ ଚାଲି ଚାଲି ଗ୍ରାମେ ଗ୍ରାମେ ବୁଲି ଭଗବାନଙ୍କ ନାମ ସଂକୀର୍ତ୍ତନ କରିବା । ଏହି ବାର୍‌କାରୀ ଦଳ ବୁଲି ବୁଲି ପ୍ରତ୍ୟେକ ଏକାଦଶୀ ଦିନ ପଣ୍ଢପୁରକୁ ବିଠଲଙ୍କ ଦର୍ଶନ ପାଇଁ ଆସିଥାଆନ୍ତି । ଏବେ ମଧ୍ୟ ଏହି 'ବାର୍‌କାରୀ' ବିଠଲା ଭକ୍ତମାନଙ୍କ ପ୍ରବାହ ଲାଗି ରହିଛି । ନାମଦେବ, ତୁକାରାମ, ଏକନାଥ, ଗୋରାକୁମ୍ଭାର ପ୍ରମୁଖ ଥିଲେ ଏହି 'ବାର୍‌କାରୀ' ଦଳର । ତୁକାରାମ ଥିଲେ ଶିବାଜୀଙ୍କ ଅମଳର । ଏକନାଥ ତୁକାରାମଙ୍କ ପରବର୍ତ୍ତୀ । ମହାରାଷ୍ଟ୍ରର ଘରେ ଘରେ ଏହି ସନ୍ଥମାନଙ୍କ ନାମ ସୁପରିଚିତ ।

କିମ୍ବଦନ୍ତୀ ଅଛି– ଥରେ ଏକନାଥ କଣ୍ଠରୋଗରେ ପୀଡ଼ିତ ହୋଇ ପଡ଼ିଲେ । ବହୁ ଚିକିତ୍ସା ସତ୍ତ୍ୱେ ଏହି ରୋଗ ଭଲ ହେଲା ନାହିଁ । ଦିନେ ସ୍ୱପ୍ନରେ ଜ୍ଞାନେଶ୍ୱର ଆସି ତାଙ୍କୁ କହିଲେ, ''ଯେଉଁ ଗଛମୂଳେ ମୁଁ ସମାଧି ନେଇଛି, ସେ ଗଛର ଚେର ମୋ କଣ୍ଠକୁ ଚିପି ପକାଇଲାଣି, ତୁମେ ଆସି କାଟି ଦିଅ ।'' ଏକନାଥ ଏହି ନିର୍ଦ୍ଦେଶ ଅନୁଯାୟୀ ଜ୍ଞାନଦେବଙ୍କ ସମାଧି-ଗୁମ୍ଫା ଭିତରେ ପ୍ରବେଶ କରି ତା ଭିତରେ ରହିଥିଲେ ତିନିଦିନ । ସେଠାରେ ସେ ଦର୍ଶନ କରିଥିଲେ ଜ୍ଞାନଦେବଙ୍କୁ । ଜ୍ଞାନଦେବ ଯେଉଁ ଚେର କଥା ସ୍ୱପ୍ନରେ କହିଥିଲେ ତାର ଏକ ଗୂଢ଼ ଅର୍ଥ ଥିଲା– ତାହା ହେଉଛି, ''ମୁଁ ଯେଉଁ ଗୀତାର୍ଥ ରଚନା କରିଛି, ତାହା କାଳକ୍ରମେ ଲୋକମୁଖରେ ଅପଭ୍ରଷ୍ଟ ହୋଇ ପଡ଼ିଲାଣି, ମୂଳ ଗ୍ରନ୍ଥରେ ଯାହା ଥିଲା ମୁଁ ତତେ କହିଦେବି, ତୁ ତଦନୁଯାୟୀ ସଂଶୋଧନ କରିବ ।''

ସନ୍ଥ ଏକନାଥ ଏହି ନିର୍ଦ୍ଦେଶ ପାଇ ପ୍ରଚଳିତ ଜ୍ଞାନେଶ୍ୱରୀକୁ ସଂଶୋଧନ କରିଥିଲେ ଏବଂ ସଂଶୋଧନ ପରେ ସେ ମୁକ୍ତ ହୋଇଥିଲେ କଣ୍ଠରୋଗରୁ । ବର୍ତ୍ତମାନର 'ଜ୍ଞାନେଶ୍ୱରୀ' ହେଉଛି ସେହି ସଂଶୋଧିତ ରୂପ । ଏହି ଶୁଦ୍ଧ 'ଜ୍ଞାନେଶ୍ୱରୀ'କୁ ହିଁ ଓଡ଼ିଆରେ ଅନୁବାଦ କରାଯାଇଛି ।

x x x x

ଗୀତାର ପ୍ରକୃତ ଶ୍ଳୋକ ସଂଖ୍ୟା କେତେ ଏ ସଂପର୍କରେ ବହୁ ମତ ରହିଛି । ଶ୍ରୀଚୈତନ୍ୟ ତଥା ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କ ପ୍ରିୟଭକ୍ତ ଗଦାଧର ପଣ୍ଡିତଙ୍କଦ୍ୱାରା ଲିଖିତ ପୋଥିରେ ଗୀତାର ଶ୍ଳୋକ ସଂଖ୍ୟା ୭୪୫ ରହିଛି । କିନ୍ତୁ ସର୍ବବିଦିତ

ପ୍ରଚଳିତ ଗୀତାର ଶ୍ଳୋକ ସଂଖ୍ୟା ସାତଶହ । ଶଙ୍କରାଚାର୍ଯ୍ୟ ପ୍ରଥମ ଅଧ୍ୟାୟର ପ୍ରଥମ ଶ୍ଳୋକ ଏବଂ ତ୍ରୟୋଦଶ ଅଧ୍ୟାୟର ପ୍ରଥମ ଶ୍ଳୋକ ବ୍ୟାଖ୍ୟା କରି ନାହାଁନ୍ତି । ଜ୍ଞାନେଶ୍ୱର ସମ୍ଭବତଃ ଏହି ବ୍ୟାଖ୍ୟା ଅନୁସରଣ କରି ଜ୍ଞାନେଶ୍ୱରୀରେ ତ୍ରୟୋଦଶ ଅଧ୍ୟାୟର ପ୍ରଥମ ଶ୍ଳୋକର ଭାବାର୍ଥ କରି ନାହାଁନ୍ତି । ସେ ଶ୍ଳୋକଟି ହେଉଛି-

ଅର୍ଜୁନ ଉବାଚ

ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ ।
ଏତଦ୍ ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ॥

ଏହି ଶ୍ଳୋକଟିକୁ 'ଜ୍ଞାନେଶ୍ୱରୀ'ରେ ଦିଆଯାଇ ନାହିଁ ।

ଜ୍ଞାନେଶ୍ୱର ଭକ୍ତିମାର୍ଗ ପ୍ରଦର୍ଶନ କରିଥିଲେ ମଧ୍ୟ ଯୋଗମାର୍ଗକୁ ତ୍ୟାଗ କରି ନଥିଲେ । ସେ ଥିଲେ ପରମ ଯୋଗେଶ୍ୱର । ଷଷ୍ଠ ଅଧ୍ୟାୟର ୧୨ରୁ ୧୬ ଶ୍ଳୋକର ବ୍ୟାଖ୍ୟା ଯୋଗପ୍ରଧାନ । ଶଙ୍କରାଚାର୍ଯ୍ୟ ତାଙ୍କ ଟିକାରେ ଯୋଗ ସଂପର୍କରେ କୌଣସି ସଂକେତ ଦେଇ ନାହାଁନ୍ତି । କିନ୍ତୁ ଜ୍ଞାନେଶ୍ୱର ମହାରାଜ ନିଜର ଯୋଗାଭ୍ୟାସର ଯଥେଷ୍ଟ ପରିଚୟ ଦେଇଛନ୍ତି । କୁଣ୍ଡଳିନୀକୁ ଜାଗ୍ରତ କରାଇବାର କେତେ ଉପାୟ ପ୍ରଦର୍ଶନ କରି ଏହାଦ୍ୱାରା ଉତ୍ପନ୍ନ କେତେକ ସିଦ୍ଧିର ଉଲ୍ଲେଖ କରିଛନ୍ତି ସେ ।

ଜ୍ଞାନେଶ୍ୱରଙ୍କ ଦୁଇଟି ବିଶେଷତ୍ୱ ହେଉଛି ଗୀତାର ଶ୍ରୋତାମାନଙ୍କୁ ଉଚ୍ଚସ୍ଥାନ ଓ ଗୁରୁଙ୍କୁ ସର୍ବୋଚ୍ଚସ୍ଥାନ ଦେବା । ସେ ସର୍ବଦା କହି ଆସିଛନ୍ତି "ମୁଁ ନିବୃତ୍ତିନାଥଙ୍କ ଦାସ । ନିବୃତ୍ତିନାଥ ମୋର ଗୁରୁ । ମୁଁ ଗୁରୁଙ୍କ ଭବନ, ଦ୍ୱାର, ଦ୍ୱାରପାଳ, ଛତ୍ର ଓ ଛତ୍ରଧାରୀ– ଏପରିକି ତାଙ୍କର ପିକଦାନି ମଧ୍ୟ ମୁଁ ।" ସେହିଭଳି ଶ୍ରୋତାମାନଙ୍କୁ ସେ କହିଛନ୍ତି, ଆପଣମାନଙ୍କ ଭଳି ସୁଧୀବୃନ୍ଦଙ୍କୁ ପାଇ କୋଟିଜନ୍ମର ତପସ୍ୟା ସାର୍ଥକ ହୋଇଛି ।

ତେଣୁ ଜ୍ଞାନେଶ୍ୱରୀ ପଢ଼ିବା ବେଳେ ପ୍ରତ୍ୟେକ ପାଠକ ପାଠିକା ମନେ ରଖିବା ଉଚିତ ଯେ– ଆଗରେ ବସିଛନ୍ତି ଏକ ସୁଧୀ ଶ୍ରୋତାମଣ୍ଡଳୀ, ଯେଉଁମାନେ କି ତୁମଠାରୁ ଅଧିକ ଜାଣନ୍ତି, ସେମାନଙ୍କ ନିକଟରେ ତୁମ ଜ୍ଞାନ ତୁଚ୍ଛ । ମନରୁ ଏହି ଅହଂଭାବ ଗଲେ ଯାଇ ଗୀତାପାଠ ସାର୍ଥକ ହୋଇପାରିବ ।

x x x x

ମୋ କଥା

ଗତ ତିନି ବର୍ଷ ତଳେ ହଠାତ୍ କଟକ କମଳପୁରର ହୋମିଓପ୍ୟାଥି ଚିକିତ୍ସକ ଶ୍ରୀ ବୈକୁଣ୍ଠନାଥ ମହାନ୍ତିଙ୍କ ଟେବୁଲ୍ ଉପରେ 'ଜ୍ଞାନେଶ୍ୱରୀ'ର ବଙ୍ଗଳାନୁବାଦ ଦେଖିଥିଲି । ବେଶ୍ ବଡ଼ ବହିଟିଏ । ପୃଷ୍ଠା ଲେଉଟଉ ଲେଉଟଉ ପଢ଼ିବାରେ ଏଭଳି ନିଶା ଲାଗିଗଲା ଯେ, ମୁଁ ରୋଗ କଥା ଭୁଲିଗଲି । ଯାଇଥିଲି ଔଷଧ ଆଣିବା ପାଇଁ, ପାଇଲି ମହୌଷଧି 'ଜ୍ଞାନେଶ୍ୱରୀ' । ବହିର ପ୍ରାପ୍ତିସ୍ଥାନର ଠିକଣା ଟିପିଆଣି ସଙ୍ଗେ ସଙ୍ଗେ ଶ୍ରୀମାନ୍ ପ୍ରଶାନ୍ତ ନନ୍ଦଙ୍କ ଜରିଆରେ ମଗାଇଥିଲି ବହିଟିଏ କଲିକତାରୁ । ଆମୂଳଚୂଳ ପଢ଼ିବା ପରେ ଥରେ ବୈକୁଣ୍ଠବାବୁଙ୍କୁ ଯାଇ କହିଲି– ଭାବିଚି ବହିଟିକୁ ମୁଁ ଅନୁବାଦ କରିବି ଓଡ଼ିଆରେ । ସେ କହିଲେ– କରିପାରିଲେ, ତୁମେ ନିଜେ ତ କୃତାର୍ଥ ହେବ, ଓଡ଼ିଶାର ଲୋକେ ମଧ୍ୟ ଏହାକୁ ପଢ଼ି କୃତାର୍ଥ ହେବେ ।

ଅନୁବାଦ ଆରମ୍ଭ କଲି ପ୍ରଥମେ ବଙ୍ଗଳା ବହିରୁ ୧୯୭୫ ଜନ୍ମାଷ୍ଟମୀ ଦିନଠାରୁ । ଆଗରୁ ବଙ୍ଗଳା ଉପନ୍ୟାସ ମଧ୍ୟରୁ ଅନୁବାଦ କରିଥିଲି କେତେକ ବଡ଼ ବଡ଼ ଗ୍ରନ୍ଥ । ତେଣୁ ଭାବିଥିଲି ଏହା ମଧ୍ୟ ସହଜ ହେବ । କିନ୍ତୁ ମଝି ମଝିରେ ଝୁଣ୍ଟିଲି ବହୁତ । ଯେତେ ସହଜ ଭାବିଥିଲି ଇଏ ତାହା ନୁହେଁ । ମୁହଁରେ ପଢ଼ିଦେବା ଏବଂ ଅନୁବାଦ କରିବା ଏକାକଥା ନୁହେଁ । ଶୁଣିଥିଲି 'ଜ୍ଞାନେଶ୍ୱରୀ'ର ଅନୁବାଦ ହୋଇଛି ଇଂରାଜୀ, ହିନ୍ଦୀ, ଗୁଜରାଟୀ, ତାମିଲ, ତେଲୁଗୁ ଆଦି ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ । ଅନୁଧ୍ୟାନ କରି ଦେଖାଯାଇଛି 'ଜ୍ଞାନେଶ୍ୱରୀ'ରେ ରହିଛି ୫୬ଟି ଭାଷାର ବିଭିନ୍ନ ଶବ୍ଦ । ମାତ୍ର ୧୪ ବର୍ଷ ବୟସରେ ଯେଉଁ ଜ୍ଞାନେଶ୍ୱର ଏତେ ଭାଷା ଜାଣିଥିଲେ, ତାଙ୍କ ରଚିତ 'ଜ୍ଞାନେଶ୍ୱରୀ' ଶତାଧିକ ଭାଷାରେ ଅନୂଦିତ ହେବା ବିଚିତ୍ର ନୁହେଁ ।

କିନ୍ତୁ ଓଡ଼ିଶାରେ ଜ୍ଞାନେଶ୍ୱର ଓ ଜ୍ଞାନେଶ୍ୱରୀ ଅନାମଧେୟ, ଅପରିଚିତ । 'ସନ୍ତ ଜ୍ଞାନେଶ୍ୱର' ନାମକ ଏକ ହିନ୍ଦୀ ଚଳଚ୍ଚିତ୍ରର କେବଳ ଗୋଟିଏ ଗୀତ–

(ଜୋତ ସେ ଜୋତ ମିଲାକେ ଚଲୋ
ପ୍ରେମକି ଗଙ୍ଗା ବହାକେ ଚଲୋ
ରାହୋମେ ଯୋ ଆୟେ ଦୀନ ଦୁଃଖୀ
ସବ୍‌କୋ ଗଲେମେ ଲଗାକେ ଚଲୋ ।)

ମୋ ହୃଦୟକୁ ସ୍ପର୍ଶ କରିଥିଲା ବହୁଦିନରୁ । ଏହିଭଳି କାଁ ଭାଁ 'ସନ୍ଥ ଜ୍ଞାନେଶ୍ୱର'ଙ୍କ ନାଁ ପଡୁଥିଲା କାନରେ । 'ସନ୍ଥ ଜ୍ଞାନେଶ୍ୱର' ନାମକ ୬୪ ପୃଷ୍ଠାର ଖଣ୍ଡିଏ ପୁସ୍ତକ ଲେଖି ଛାପି ସାରିବା ପରେ ଗଲି ଶିରିଡ଼ି– ଶିରିଡ଼ି ସାଇବାବାଙ୍କ ଦର୍ଶନ ଲାଗି । ସେଠାରୁ ଗଲି ପଣ୍ଢପୁର ବିଠଲାଙ୍କ ଦର୍ଶନ ଉଦ୍ଦେଶ୍ୟରେ । ଏଇଠି ପାଇଲି 'ସନ୍ଥ ଜ୍ଞାନେଶ୍ୱର' ଓ 'ଜ୍ଞାନେଶ୍ୱରୀ'କୁ ମନଭରି । ମୂଳ ମରାଠି ଭାଷାରେ ରଚିତ'ଜ୍ଞାନେଶ୍ୱରୀ' ମହାଗ୍ରନ୍ଥକୁ ଆଣିଲି ଏହି ପଣ୍ଢରପୁରରୁ । ଆଗରୁ ଶ୍ରୀ ବାବୁଲାଲ ଦୋଶୀଙ୍କ ଜରିଆରେ ପାଇଥିଲି ଏହାର ଇଂରାଜୀ ସଂସ୍କରଣ । ଡକ୍ଟର ଶତଞ୍ଜୀବ ଦାଶ ଶର୍ମାଙ୍କଠାରୁ ପାଇଲି ହିନ୍ଦୀ ଅନୁବାଦ । ଏହି ଚାରୋଟି ଭାଷାରୁ ସଂକଳିତ ହୋଇଛି ଓଡ଼ିଆ 'ଜ୍ଞାନେଶ୍ୱରୀ' । ସେଥିଲାଗି ମୁଁ ବଙ୍ଗଳା ଅନୁବାଦକ ଶ୍ରୀ ପ୍ରଣବକୁମାର ଗୋସ୍ୱାମୀ, ହିନ୍ଦୀ ଅନୁବାଦକ ପଦ୍ମଶ୍ରୀ ବାବୁ ରାମଚନ୍ଦ୍ର ବର୍ମା, ଇଂରେଜୀ ଅନୁବାଦକ ସ୍ୱର୍ଗତ ମନୁ ସୁବେଦାରଙ୍କଠାରେ ଚିରଋଣୀ । ମଝିରେ ଥରେ ଡାକ୍ତର ହରିହର ଦାଶଙ୍କ ସହିତ ଆମ ଘରକୁ ଆସିଥିଲେ ଜଣେ ମହାରାଷ୍ଟ୍ରୀୟ ଡାକ୍ତର । ସେ ଓଡ଼ିଆ ଜାଣନ୍ତି । ସେ ଉଦ୍ୟମ କରିଥିଲେ 'ଜ୍ଞାନେଶ୍ୱରୀ'କୁ ଓଡ଼ିଆରେ ଅନୁବାଦ କରିବା ପାଇଁ । କିଛି ବାଟ ଆଗେଇଥିଲେ ସେ । କିନ୍ତୁ ମୋ ଅଗ୍ରଗତି ଓ ଉତ୍ସାହ ତାଙ୍କଠାରୁ ଅଧିକ ଉପଲବ୍ଧି କରି ସେ ଆଉ ଆଗେଇଲେ ନାହିଁ । କହିଲେ, ଆପଣ ଆଗେଇ ଯାଆନ୍ତୁ ।

ପ୍ରଥମେ ଏହି ବହିର ବଙ୍ଗଳାନୁବାଦ ମଗାଇ ଗୋବିନ୍ଦବାବୁ (ଏ ବହିର ପ୍ରକାଶକ) ମନେ ମନେ ସ୍ଥିର କରିଥିଲେ ଏହାର ସଡ଼ିଆ ଅନୁବାଦ ଛାପିବା ପାଇଁ । ଯାହାହେଉ ଘଟଣାକ୍ରମେ ତାଙ୍କର ମନସ୍କାମନା ପୂର୍ଣ୍ଣ ହେଲା । ବହିଟିକୁ ଛାପି ସେ ଲୋକଙ୍କର ବହୁ ଉପକାର କରିଛନ୍ତି । ତେଣୁ ମୋ ଭଳି ପାଠକ ପାଠିକା ସମସ୍ତେ ଓଡ଼ିଶା ବୁକ୍ ଷ୍ଟୋର ସ୍ୱତ୍ୱାଧିକାରୀ ଗୋବିନ୍ଦ ଚରଣ ପାତ୍ରଙ୍କ ପ୍ରତି କୃତଜ୍ଞ ରହିବା ଉଚିତ । ଏହି ବହିଟିର ମୁଦ୍ରଣ ଦିଗରେ ଗୁରୁପ୍ରସନ୍ନ ପ୍ରେସ୍‌ର ସ୍ୱତ୍ୱାଧିକାରୀ ଶ୍ରୀ ପ୍ରସନ୍ନକୁମାର ମହାପାତ୍ର ଯେଉଁ କଠୋର ପରିଶ୍ରମ କରିଛନ୍ତି, ସେଥିଲାଗି ତାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

ଗୀତାର ବ୍ୟାଖ୍ୟା ଏଥିରେ ଯେପରି ପ୍ରାଞ୍ଜଳ ଓ ସରଳ ଭାବରେ ରୂପକ, ଉପମା, ଉପମେୟ ଆକାରରେ କରାଯାଇଛି, ସେପରି ବ୍ୟାଖ୍ୟା ବିରଳ । ଏହାର

ମୂଳ ରଚନା ଗୀତ ଆକାରରେ, ସେ ପୁଣି ତ୍ରୟୋଦଶ ଶତାବ୍ଦୀର ରଚନା । ତଥାପି ଏହା ଏବେ ମଧ୍ୟ ଯୁଗୋପଯୋଗୀ । ଏଥିରେ ପୁନରାବୃତ୍ତି ଦୋଷ ପରିଲକ୍ଷିତ ହୋଇପାରେ । ଏ ସଂପର୍କରେ ଜ୍ଞାନେଶ୍ୱର ମହାରାଜ ଏକ ସୁନ୍ଦର ଉଦାହରଣ ଦେଇଛନ୍ତି । ସେ କହିଛନ୍ତି, ଜମିରେ ପ୍ରତିବର୍ଷ ବିହନ ବୁଣାଯାଏ, ଗଛ ଉଠେ, ଫଳ ଫଳେ । ଚାଷୀ ଖୁସିହୁଏ । ପୁଣି ସେ ଜମି ଚଷେ । ବିହନ ବୁଣେ । ତେଣୁ ପୁନରାବୃତ୍ତିରେ ଅଛି ଆନନ୍ଦ, ଅଛି ତୃପ୍ତି ।

ଏହି ଓଡ଼ିଆ ଅନୁବାଦରେ ତ୍ରୁଟି-ବିଚ୍ୟୁତି ନିଶ୍ଚୟ ଥିବ । ''ଜ୍ଞାନେଶ୍ୱର'' ଏହି ଗୀତାର୍ଥ କରିବାବେଳେ ତାଙ୍କ ଆଗରେ ରହିଥିଲେ ଏକ ସୁଧୀ ଶ୍ରୋତାମଣ୍ଡଳି । ସେ ଏହି ଶ୍ରୋତାମଣ୍ଡଳୀକୁ ପ୍ରଶଂସା କରିଛନ୍ତି ବହୁତ । ସେ ସେମାନଙ୍କୁ କହିଛନ୍ତି, ''ଆପଣମାନେ ହେଉଛନ୍ତି ସାଧୁ ସନ୍ତ; ମୁଁ ବାଳକ, ପାଠ ପଢ଼ିନି, ଲେଖି ଜାଣିନି, ଗୁରୁ ମୋ କଣ୍ଠରେ ବସି ଯାହା କହି ଯାଉଛନ୍ତି, ମୁଁ ଆପଣମାନଙ୍କୁ ତାହା କହିଯାଉଛି ।''

ସେହିଭଳି ଓଡ଼ିଆ ପାଠକ ପାଠିକାମାନଙ୍କୁ ମୋର ନିବେଦନ– ଆପଣମାନେ କ୍ଷମାସୁନ୍ଦର, ଧୈର୍ଯ୍ୟବାନ– ତେଣୁ ମୋର ଧୃଷ୍ଟତା ଲାଗି ମତେ କ୍ଷମା ଦେବେ । ବାସ୍ତବରେ ମୁଁ ନିମିତ୍ତ ମାତ୍ର । ମନେ ରଖିବା ଉଚିତ ଯେ, ଗୀତାର ରଚୟିତା ଯିଏ, ଅନୁବାଦକ ମଧ୍ୟ ସିଏ, ମୁଁ ନୁହେଁ ।

ବିଜୟା ଦଶମୀ
ତା ୧୧-୧୦-୭୮

ଗୋରାଚାନ୍ଦ ମିଶ୍ର

ସନ୍ତ ଜ୍ଞାନେଶ୍ୱର

ଶ୍ରୀମଦ୍ଭଗବଦ୍‌ଗୀତା ପାଠ୍ୟକ୍ରମଃ

କରନ୍ୟାସ

ଶ୍ରୀହୟଗ୍ରୀବାୟ ନମଃ
ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍ ।
ପ୍ରସନ୍ନବଦନଂ ଧ୍ୟାୟେତ୍ ସର୍ବବିଘ୍ନୋପଶାନ୍ତୟେ ॥
ନାରାୟଣଂ ନମସ୍କୃତ୍ୟ ନରଞ୍ଚୈବ ନରୋତ୍ତମମ୍ ।
ଦେବୀଂ ସରସ୍ୱତୀଂ ଚୈବ ତତୋ ଜୟମୁଦୀରୟେତ୍ ॥
ବ୍ୟାସଂ ବଶିଷ୍ଠନପ୍ତାରଂ ଶକ୍ତ୍ରେଃ ପୌତ୍ରମକଲ୍ମଷମ୍ ।
ପରାଶରାତ୍ମଜଂ ବନ୍ଦେ ଶୁକତାତଂ ତପୋନିଧିମ୍ ॥
ବ୍ୟାସାୟ ବିଷ୍ଣୁ ରୂପାୟ ବ୍ୟାସରୂପାୟ ବିଷ୍ଣବେ ।
ନମୋ ବୈ ବ୍ରହ୍ମବିଧୟେ ବଶିଷ୍ଠାୟ ନମୋ ନମଃ ॥
ଅଚତୁର୍ବଦନୋ ବ୍ରହ୍ମା ଦ୍ୱିବାହୁରପରେ ହରିଃ ।
ଅଭାଲଲୋଚନଃ ଶମ୍ଭୁର୍ଭଗବାନ୍ ବାଦରାୟଣିଃ ॥

ଓଁ ଅସ୍ୟ ଶ୍ରୀମଦ୍ଭଗବଦ୍ ଗୀତାପାଠମନ୍ତ୍ରସ୍ୟ ଭଗବାନ୍ ବେଦବ୍ୟାସଃ ଋଷିଃ ଅନୁଷ୍ଟୁପ୍‌ଛନ୍ଦଃ ଶ୍ରୀକୃଷ୍ଣଃ ପରମାତ୍ମା ଦେବତା, ଅଶୋଚ୍ୟାନାନ୍ୱଶୋଚସ୍ତ୍ୱଂ ପ୍ରଜ୍ଞବାଦାଂଶ୍ଚ ଭାଷସେ ଇତି ବୀଜମ୍, ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ଇତି ଶକ୍ତିଃ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ଇତି କୀଳକମ୍ ।

ଏହି ମନ୍ତ୍ରଟି ପାଠ କରି ଉଭୟ ହସ୍ତର ବୃଦ୍ଧାଙ୍ଗୁଷ୍ଠଦ୍ୱାରା ତର୍ଜନୀ ସ୍ପର୍ଶ କରିବା ବିଧି ।

''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ'' ଇତ୍ୟଙ୍ଗୁଷ୍ଠାଭ୍ୟାଂ ନମଃ । ଏହି ମନ୍ତ୍ର ପଢ଼ି ଉଭୟ ତର୍ଜନୀଦ୍ୱାରା ସେହି ସେହି ହସ୍ତର ଅଙ୍ଗୁଷ୍ଠଦ୍ୱୟ ସ୍ପର୍ଶ

କରିବ । ''ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ'' ଇତି ତର୍ଜନୀଭ୍ୟାଂ ସ୍ୱାହା (ଦୁଇ ଅଙ୍ଗୁଷ୍ଠଦ୍ୱାରା ସେହି ସେହି ହସ୍ତର ତର୍ଜନୀ ସ୍ପର୍ଶ କରିବା) ।

''ଅଚ୍ଛେଦ୍ୟୋଽୟମ୍ ଅଦାହ୍ୟୋଽୟମ୍ ଅକ୍ଲେଦ୍ୟୋଽଶୋଷ୍ୟ ଏବ ଚ''– ଇତି ମଧ୍ୟମାଭ୍ୟାଂ ବଷଟ୍ (ବୃଦ୍ଧାଙ୍ଗୁଳିଦ୍ୱାରା ସେହି ସେହି ହସ୍ତର ମଧ୍ୟମା-ସ୍ପର୍ଶ) । ''ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନଃ''– ଇତି ଅନାମିକାଭ୍ୟାଂ ହୁମ୍ (ବୃଦ୍ଧାଙ୍ଗୁଳିଦ୍ୱାରା ଅନାମିକା-ସ୍ପର୍ଶ) । ''ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ''– ଇତି କନିଷ୍ଠାଭ୍ୟାଂ ବୌଷଟ୍ (ବୃଦ୍ଧାଙ୍ଗୁଳିଦ୍ୱାରା କନିଷ୍ଠା-ସ୍ପର୍ଶ) । ''ନାନାବିଧାନିଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ''– ଇତି କରତଳପୃଷ୍ଠାଭ୍ୟାମ୍ ଅସ୍ତ୍ରାୟ ଫଟ୍ (ଏହି ମନ୍ତ୍ର ପାଠପୂର୍ବକ ଦକ୍ଷିଣ କରତଳଦ୍ୱାରା ବାମ କରତଳ ଉପରେ ଆଘାତ କରିବ) ।

ଅଙ୍ଗନ୍ୟାସ

''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ''– ଇତି ହୃଦୟାୟ ନମଃ (ଏହି ମନ୍ତ୍ର ପାଠ କରି ଦକ୍ଷିଣ ହସ୍ତର ତର୍ଜନ୍ୟାଦି ଅଙ୍ଗୁଳ୍ୟଗ୍ରତ୍ରୟଦ୍ୱାରା ବକ୍ଷ ସ୍ପର୍ଶ କରିବ) । ''ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ''– ଇତି ଶିରସେ ସ୍ୱାହା । (ଏହି ମନ୍ତ୍ରରେ ଦକ୍ଷିଣ ତର୍ଜନ-ମଧ୍ୟମାଗ୍ରଦ୍ୱାରା ଶିରୋଦେଶ ସ୍ପର୍ଶ କରିବ) । ''ଅଚ୍ଛେଦ୍ୟୋଽୟମ୍ ଅଦାହ୍ୟୋଽୟମ୍ ଅକ୍ଲେଦ୍ୟୋଽଶୋଷ୍ୟ ଏବ ଚ'' ଇତି ଶିଖାୟୈବଷଟ୍ (ଏହି ମନ୍ତ୍ରରେ ଅଙ୍ଗୁଷ୍ଠାଗ୍ରଦ୍ୱାରା ଶିଖା ସ୍ପର୍ଶ କରିବ) । ''ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନଃ'' ଇତି କବଚାୟ ହୁମ୍ (ଏହି ମନ୍ତ୍ରରେ ଯଥାକ୍ରମେ ଦକ୍ଷିଣ କରାଙ୍ଗୁଳିଦ୍ୱାରା ବାମ ବାହୁମୂଳ ଓ ବାମ କରାଙ୍ଗୁଳିଦ୍ୱାରା ଦକ୍ଷିଣ ବାହୁମୂଳ ସ୍ପର୍ଶ କରିବ) । ''ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ'' ଇତି ନେତ୍ରତ୍ରୟାୟ ବୌଷଟ୍ (ଏହି ମନ୍ତ୍ର ଇଚ୍ଚାରଣ କରି ଦକ୍ଷିଣ ହସ୍ତର ତର୍ଜନୀ, ମଧ୍ୟମା ଓ ଅନାମିକାଦ୍ୱାରା ବାମ ଓ ଦକ୍ଷିଣ ନେତ୍ର ଏବଂ ନାସାମୂଳ ସ୍ପର୍ଶ କରିବ) । ''ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ''– ଇତି କରତଳପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍ ଶ୍ରୀକୃଷ୍ଣପ୍ରୀତ୍ୟର୍ଥଂ ପାଠେ ବିନିଯୋଗଃ'' (ଏହି ମନ୍ତ୍ରପାଠପୂର୍ବକ ଦକ୍ଷିଣ ହସ୍ତର ତର୍ଜନୀ ଓ ମଧ୍ୟମାଙ୍ଗୁଳିଦ୍ୱାରା ବାମ କରତଳରେ ଆଘାତ କରିବ) ।

ଆଂଶିକ ହେଲେ ମଧ୍ୟ ଗୀତାର ନିତ୍ୟପାଠ ବିଶେଷ କଲ୍ୟାଣର ନିଦାନ, ଗୀତା ସର୍ବଶାସ୍ତ୍ରସାରସ୍ୱରୂପ । ''ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃଶାସ୍ତ୍ରବିସ୍ତରୈଃ ।''– ଅର୍ଥାତ୍ ଗୀତାପାଠ ପ୍ରଧାନ କର୍ତ୍ତବ୍ୟ; ଅନ୍ୟାନ୍ୟ ବହୁଶାସ୍ତ୍ର-ପାଠର କ'ଣ ପ୍ରୟୋଜନ ? ଶ୍ରୀଭଗବାନ ଅର୍ଜୁନଙ୍କୁ କହିଛନ୍ତି– ''ଗୀତାମେ ହୃଦୟଂ ପାର୍ଥ''– ହେ ପାର୍ଥ, ଗୀତାକୁ ମୋର ହୃଦୟ ବୋଲି ଜାଣିବ । ହରିଃ ଓଁ ତତ୍ ସତ୍ ।

ଗୀତାକବଚମ୍

ଓଁ ଅସ୍ୟା ଶ୍ରୀମଦ୍ଭଗବଦ୍‌ଗୀତାୟାଃ ଶ୍ରୀବେଦବ୍ୟାସୋ ଭଗବାନୃଷିଃ ଅନୁଷ୍ଟୁପାଦିଛନ୍ଦାଂସି । ଶ୍ରୀକୃଷ୍ଣୋ ବାସୁଦେବଃ ପରମାତ୍ମା ଦେବତା ''ଅଶୋଚ୍ୟା-ନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ'' ଇତି ବୀଜମ୍, ''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ'' ଇତି କୀଳକମ୍; ''ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍‌ପ୍ରସାଦାତ୍ ତରିଷ୍ୟସି''ଇତି କବଚମ୍– ଏବଂ ପ୍ରକାରେଣ ଶ୍ରୀଗୋପାଳକୃଷ୍ଣବାସୁଦେବ-ଭଗବତ୍ ପ୍ରୀତ୍ୟର୍ଥଂ କବଚରୂପେ ବିନିଯୋଗଃ ।

ଶ୍ରୀମଦ୍ଜ୍ଞାନାତ୍ମନେ ଶ୍ରୀକୃଷ୍ଣାୟ ଅଙ୍ଗୁଷ୍ଠାଭ୍ୟାଂ ନମଃ ।
ଶ୍ରୀମଦୈଶ୍ୱର୍ଯ୍ୟାତ୍ମନେ ବୈଶ୍ୱାନରାୟ ତର୍ଜନୀଭ୍ୟାଂ ସ୍ୱାହା ।
ଶ୍ରୀବାସୁଦେବାୟ ମଧ୍ୟମାଭ୍ୟାଂ ବଷଟ୍ ।
ଶ୍ରୀମଦ୍ବଳାତ୍ମନେ ବଳଭଦ୍ରାୟ ଅନାମିକାଭ୍ୟାଂ ହୁମ୍ ।

ଶ୍ରୀମତ୍ତେଜସାତ୍ମନେ ଗାଣ୍ଡୀବଧନ୍ୱନେ ଶ୍ରୀମଦର୍ଜୁନାୟ କରତଳପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍ । ଇତି କରନ୍ୟାସଃ ।

ଇତ୍ଥଂ ହୃଦୟାୟ ନମଃ, ଶିରସେ ସ୍ୱାହା, ଶିଖାୟୈ ବଷଟ୍, କବଚାୟ ହୁଂ । ନେତ୍ରତ୍ରୟାୟ ବୌଷଟ୍ । କରତଳପୃଷ୍ଠାଭ୍ୟାଂ ଫଟ୍ । ଇତି ଅଙ୍ଗନ୍ୟାସଃ ।

ଇତି ଶ୍ରୀମଦ୍ଭଗବଦ୍‌ଗୀତା କବଚଂ ସମାପ୍ତମ୍ । ଶ୍ରୀକୃଷ୍ଣାୟାର୍ପଣମସ୍ତୁ ।

●

ଶ୍ରୀମଦ୍ଭଗବଦ୍‌ଗୀତା ଧ୍ୟାନମ୍

ଓଁ

ପାର୍ଥାୟ ପ୍ରତିବୋଧିତଂ ଭଗବତା ନାରାୟଣେନ ସ୍ୱୟଂ
ବ୍ୟାସେନ ଗ୍ରଥିତାଂ ପୁରାଣମୁନିନା ମଧ୍ୟେ ମହାଭାରତମ୍ ।
ଅଦ୍ୱୈତାମୃତବର୍ଷିଣୀଂ ଭଗବତୀମଷ୍ଟାଦଶାଧ୍ୟାୟିନୀମ୍
ଅମ୍ବ, ତ୍ୱାମନୁସନ୍ଦଧାମି ଭଗବଦ୍‌ଗୀତେ ଭବଦ୍ୱେଷିଣୀମ୍ ॥ ୧ ॥
ନମୋଽସ୍ତୁତେ ବ୍ୟାସ ବିଶାଳବୁଦ୍ଧେ ଫୁଲ୍ଲାରବିନ୍ଦାୟତପତ୍ରନେତ୍ର ।
ଯେନତ୍ୱୟା ଭାରତତୈଳପୂର୍ଣ୍ଣଃ, ପ୍ରଜ୍ୱାଳିତୋଜ୍ଞାନମୟଃପ୍ରଦୀପଃ ॥୨ ॥
ପ୍ରପନ୍ନପାରିଜାତାୟ ତୋତ୍ରବେତ୍ରୈକପାଣୟେ ।
ଜ୍ଞାନମୁଦ୍ରାୟ କୃଷ୍ଣାୟ ଗୀତାମୃତଦୁହେ ନମଃ ॥ ୩ ॥
ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ ।
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ॥ ୪ ॥

ହେ ଜନନି ଭଗବଦ୍ ଗୀତେ ! ମହାଭାରତ ମଧ୍ୟରେ ପ୍ରାଚୀନ ମୁନି ବେଦବ୍ୟାସ-କର୍ତ୍ତୃକ ଗ୍ରଥିତ, ପାର୍ଥଙ୍କୁ ଉପଲକ୍ଷ୍ୟ କରି ସ୍ୱୟଂ ଭଗବାନ ନାରାୟଣଙ୍କଦ୍ୱାରା ସମ୍ୟକ୍‌ରୂପେ ବିଜ୍ଞାପିତ, ପୁନର୍ଜନ୍ମନାଶକାରିଣୀ ଅଦ୍ୱୈତାମୃତବର୍ଷିଣୀ ଅଷ୍ଟାଦଶାଧ୍ୟାୟରୂପିଣୀ ଭଗବତି ! ତୁମକୁ ମୁଁ ଧ୍ୟାନ କରୁଛି । ୧ ।

ବିକଶିତ ପଦ୍ମପାତ୍ରସଦୃଶ ଚକ୍ଷୁବିଶିଷ୍ଟ ମହାବୁଦ୍ଧି ହେ ବ୍ୟାସଦେବ ! ତୁମକୁ ନମସ୍କାର । ତୁମଦ୍ୱାରା ମହାଭାରତରୂପକ ତୈଳଦ୍ୱାରା ଜ୍ଞାନମୟ ପ୍ରଦୀପ ପ୍ରଜ୍ୱାଳିତ ହୋଇଛି । ୨ ।

ଶରଣାଗତ ପକ୍ଷରେ ପାରିଜାତ-ବୃକ୍ଷତୁଲ୍ୟ, ଅଶ୍ୱତାଡ଼ନା ନିମିତ୍ତ ବେତ୍ରଦଣ୍ଡହସ୍ତ, ଆହୁରି ମଧ୍ୟ ଜ୍ଞାନମୁଦ୍ରାବିଶିଷ୍ଟ ଗୀତାରୂପକ ଅମୃତଦୋହନକାରୀ ଶ୍ରୀକୃଷ୍ଣଙ୍କୁ ନମସ୍କାର । ୩ ।

ସମସ୍ତ ଉପନିଷଦ ଗାଭୀସ୍ୱରୂପ, ଗୋପାଳନନ୍ଦନ ଦୋହନକର୍ତ୍ତା, ଅର୍ଜୁନ ବାଛୁରୀ ସଦୃଶ, ପଣ୍ଡିତଗଣ ପାନକାରୀ, ଗୀତାର ଅମୃତସ୍ୱରୂପ ବାଣୀ ଉତ୍କୃଷ୍ଟ ଦୁଗ୍ଧସଦୃଶ । ୪ ।

ବସୁଦେବସୁତଂ ଦେବଂ କଂସଚାଣୂରମର୍ଦ୍ଦନମ୍ ।
ଦେବକୀପରମାନନ୍ଦଂ କୃଷ୍ଣଂ ବନ୍ଦେଜଗଦ୍‌ଗୁରୁମ୍ ॥ ୫ ॥

ଭୀଷ୍ମଦ୍ରୋଣତଟା ଜୟଦ୍ରଥଜଳା ଗାନ୍ଧାରନୀଳୋତ୍ପଳା
ଶଲ୍ୟଗ୍ରାହବତୀ କୃପେଣ ବହନୀ କର୍ଣ୍ଣେନ ବେଳାକୁଳା ।
ଅଶ୍ୱତ୍ଥାମାବିକର୍ଣ୍ଣଘୋରମକରା ଦୁର୍ଯ୍ୟୋଧନାବର୍ତ୍ତିନୀ
ସୋତ୍ତୀର୍ଣ୍ଣା ଖଳୁ ପାଣ୍ଡବୈ ରଣନଦୀ କୈବର୍ତ୍ତକେ କେଶବେ ॥ ୬ ॥

ପାରାଶର୍ଯ୍ୟବଚଃସରୋଜମମଳଂ ଗୀତାର୍ଥଗନ୍ଧୋତ୍କଟଂ
ନାନାଖ୍ୟାନକକେଶରଂହରିକଥାସମ୍ବୋଧନାବୋଧିତମ୍ ।
ଲୋକେ ସଜ୍ଜନଷଟ୍ ପଦୈରହରହଃ ପେପୀୟମାନଂ ମୁଦା
ଭୂୟାଦ୍ ଭାରତପଙ୍କଜଂ କଳିମଳପ୍ରଧ୍ୱଂସିନଃ ଶ୍ରେୟସେ ॥ ୭ ॥

ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍ ।
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦମାଧବମ୍ ॥ ୮ ॥

ବସୁଦେବପୁତ୍ର, କଂସ ଓ ଚାଣୂର-ଦୈତ୍ୟର ବିନାଶକ, ଦେବକୀଙ୍କ ପରମାନନ୍ଦପ୍ରଦ, ଜଗଦ୍‌ଗୁରୁ ଦୀପ୍ତିମାନ ଶ୍ରୀକୃଷ୍ଣଙ୍କୁ ବନ୍ଦନା କରୁଅଛି । ୫ ।

ଭୀଷ୍ମ ଓ ଦ୍ରୋଣ ଯେଉଁ ଯୁଦ୍ଧରୂପକ ନଦୀର ତଟ, ଜୟଦ୍ରଥ ଯାହାର ଜଳ, ଗାନ୍ଧାରୀର ପୁତ୍ରଗଣ ଯହିଁରେ ନୀଳପଦ୍ମ ପରି, ଶଲ୍ୟ ଯହିଁରେ କୁମ୍ଭୀର, କୃପାଚାର୍ଯ୍ୟ ଯହିଁରେ ପ୍ରବାହ, କର୍ଣ୍ଣ ଯାହାର ବେଳାଭୂମି, ଅଶ୍ୱତ୍ଥାମା ଓ ବିକର୍ଣ୍ଣ ଯହିଁରେ ଘୋର ମକରସଦୃଶ, ଦୁର୍ଯ୍ୟୋଧନ ଯହିଁରେ ଆବର୍ତ୍ତ, ସେହି ଯୁଦ୍ଧନଦୀରେ କେଶବ କର୍ଣ୍ଣଧାର ହୋଇଥିବାରୁ ପାଣ୍ଡବମାନେ ଏହାକୁ ନିଶ୍ଚିତରୂପେ ଉତ୍ତୀର୍ଣ୍ଣ ହେଲେ । ୬ ।

କଳିକଳୁଷନାଶକ ଅମଳ ଗୀତାର ଉପଦେଶରୂପକ ସୁଗନ୍ଧଯୁକ୍ତ ନାନା ଆଖ୍ୟାନ-କେଶରବିଶିଷ୍ଟ ଶ୍ରୀକୃଷ୍ଣଙ୍କର ବାଣୀଦ୍ୱାରା ପ୍ରବୋଧିତ, ଜଗତରେ ସର୍ବଦା ସଜ୍ଜନରୂପକ ଭ୍ରମରଗଣ-କର୍ତ୍ତୃକ ସାନନ୍ଦରେ ପୁନଃ ପୁନଃ ପୀୟମାନ, ପରାଶରନନ୍ଦନ ବେଦବ୍ୟାସଙ୍କ କାବ୍ୟ-ସରୋବରରେ ଜାତ ମହାଭାରତରୂପକ ପଦ୍ମ ଆମ୍ଭମାନଙ୍କର କଲ୍ୟାଣର କାରଣ ହେଉ । ୭ ।

ଯାହାଙ୍କର କୃପା ମୂକକୁ ବାଚାଳ କରେ, ପଙ୍ଗୁକୁ ପର୍ବତ-ଲଂଘନ କରାଏ, ମୁଁ ସେହି ପରମାନନ୍ଦ ମାଧବଙ୍କୁ ବନ୍ଦନା କରୁଛି । ୮ ।

ଯଂ ବ୍ରହ୍ମାବରୁଣେନ୍ଦ୍ରରୁଦ୍ରମରୁତଃସ୍ତୁନ୍ୱନ୍ତି ଦିବ୍ୟୈଃସ୍ତବୈ—
ର୍ବେଦୈଃ ସାଙ୍ଗପଦକ୍ରମୋପନିଷଦୈର୍ଗାୟନ୍ତି ଯଂ ସାମଗାଃ ।
ଧ୍ୟାନାବସ୍ଥିତତଦ୍‌ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ ॥ ୯ ॥

॥ ଇତି ଶ୍ରୀମଦ୍ଭଗବଦ୍‌ଗୀତାଧ୍ୟାନଂ ସମାପ୍ତମ୍ ॥

ବ୍ରହ୍ମା, ବରୁଣ, ଇନ୍ଦ୍ର, ରୁଦ୍ର ଓ ମରୁଦ୍‌ଗଣ ଦିବ୍ୟସ୍ତବଦ୍ୱାରା ଯାହାଙ୍କୁ ସ୍ତୁତି କରନ୍ତି, ସାମବେଦଗାୟକଗଣ ଅଙ୍ଗ, ପଦକ୍ରମ ଓ ଉପନିଷଦ ସହିତ ଯାହାଙ୍କର ମହିମା ଗାନ କରନ୍ତି, ଯୋଗୀମାନେ ଧ୍ୟାନରେ ତଦ୍‌ଗତଚିତ୍ତ ହୋଇ ଯାହାଙ୍କୁ ଦର୍ଶନ କରନ୍ତି ଏବଂ ଦେବାସୁରଗଣ ଯାହାଙ୍କର ଅନ୍ତ ଜାଣନ୍ତି ନାହିଁ, ସେହି ପରମ ଦେବତାଙ୍କୁ ମୁଁ ପ୍ରଣାମ କରୁଛି । ୯ ।

॥ ଶ୍ରୀମଦ୍ଭଗବଦ୍‌ଗୀତାର ଧ୍ୟାନ ସମାପ୍ତ ॥

[ରାମକୃଷ୍ଣ ଶିବାନନ୍ଦ ଆଶ୍ରମ (ବାରାସାତ୍, ଚବିଶ ପ୍ରଗଣା)ର ସ୍ୱାମୀ ଅପୂର୍ବାନନ୍ଦଙ୍କ ଦ୍ୱାରା ଅନୂଦିତ ଓ ସଂପାଦିତ ଶ୍ରୀମଦ୍‌ଭଗବଦ୍ ଗୀତାରୁ ଏହି ଗୀତା ପାଠ୍ୟକ୍ରମ ଓ ଧ୍ୟାନବିଧି ସଂଗୃହୀତ ।]

●

ଶ୍ରୀଶ୍ରୀଗୀତାମାହାତ୍ମ୍ୟମ୍ (୧)

(ବରାହପୁରାଣୋକ୍ତମ୍)

ଓଁ ନମୋ ଭଗବତେ ବାସୁଦେବାୟ

ଧରୋବାଚ

ଭଗବାନ୍ ପରମେଶାନ ଭକ୍ତିରବ୍ୟଭିଚାରିଣୀ ।
ପ୍ରାରବ୍ଧଂ ଭୁଜ୍ୟମାନସ୍ୟ କଥଂ ଭବତି ହେ ପ୍ରଭୋ । ୧ ।

ଶ୍ରୀ ବିଷ୍ଣୁରୁବାଚ

ପ୍ରାରବ୍ଧଂ ଭୁଜ୍ୟମାନୋ ହି ଗୀତାଭ୍ୟାସରତଃ ସଦା ।
ସ ମୁକ୍ତଃ ସ ସୁଖୀ ଲୋକେ କର୍ମଣା ନୋପଲିପ୍ୟତେ । ୨ ।

ମହାପାପାଦିପାପାନି ଗୀତାଧ୍ୟାନଂ କରୋତି ଚେତ୍ ।
କ୍ୱଚିତ୍ ସ୍ପର୍ଶଂ ନ କୁର୍ବନ୍ତି ନଳିନୀଦଳମମ୍ବୁବତ୍ । ୩ ।

ଗୀତାୟାଃ ପୁସ୍ତକଂ ଯତ୍ର ତତ୍ର ପାଠଃ ପ୍ରବର୍ତ୍ତତେ ।
ତତ୍ର ସର୍ବାଣି ତୀର୍ଥାନି ପ୍ରୟାଗାଦୀନି ତତ୍ର ବୈ । ୪ ।

---

୧ । ଧରିତ୍ରୀ ଦେବୀ ଶ୍ରୀବିଷ୍ଣୁଙ୍କୁ ପଚାରିଲେ– ହେ ଭଗବାନ୍, ହେ ପରମେଶ୍ୱର, ହେ ପ୍ରଭୋ, ପ୍ରାରବ୍ଧ କର୍ମ ଭୋଗ କରୁଥିବା ବ୍ୟକ୍ତିଙ୍କର କିପରି ଏକନିଷ୍ଠ ଭକ୍ତି ଲାଭ ହୁଏ ?

୨ । ଶ୍ରୀବିଷ୍ଣୁ କହିଲେ– ପ୍ରାରବ୍ଧ କର୍ମ ଭୋଗ କରୁଥିଲେ ହେଁ ଯେଉଁ ବ୍ୟକ୍ତି ସର୍ବଦା ଗୀତାଭ୍ୟାସରେ ବ୍ୟାପୃତ ଥାନ୍ତି, ସେହି ବ୍ୟକ୍ତିହିଁ ଇହଲୋକରେ ମୁକ୍ତ ଏବଂ ସୁଖୀ ହୁଅନ୍ତି ଏବଂ ସେ କୌଣସି କର୍ମରେ ଆସକ୍ତ ହୁଅନ୍ତି ନାହିଁ ।

୩ । ଯେଉଁ ବ୍ୟକ୍ତି ଗୀତାର ଧ୍ୟାନ କରନ୍ତି, ତାହାଙ୍କୁ ମହାପାପ ଆଦି ପାପସକଳ ପଦ୍ମପତ୍ରରେ ଥିବା ଜଳସଦୃଶ କେବେହେଁ ସ୍ପର୍ଶ କରନ୍ତି ନାହିଁ ।

୪ । ଯେଉଁ ସ୍ଥାନରେ ଗୀତା ପୁସ୍ତକ ଥାଏ ଏବଂ ଯେଉଁ ସ୍ଥାନରେ ଗୀତାପାଠ ପ୍ରବର୍ତ୍ତିତ ହୁଏ, ସେହି ସ୍ଥାନମାନଙ୍କରେ ପ୍ରୟାଗାଦି ତୀର୍ଥସକଳ ନିଶ୍ଚୟ ବିରାଜମାନ ହୁଅନ୍ତି ।

ସର୍ବେ ଦେବାଶ୍ଚ ଋଷୟୋ ଯୋଗିନଃ ପନ୍ନଗାଦୟଃ ।
ଗୋପାଳୈଗୋପିକାଭିଶ୍ଚ ନାରଦୋଦ୍ଧବପାର୍ଷଦୈଃ ।
ସମାୟାନ୍ତି ତତ୍ର ଶୀଘ୍ରଂ ଯତ୍ର ଗୀତା ପ୍ରବର୍ତ୍ତତେ । ୫ ।

ଯତ୍ର ଗୀତାବିଚାରଶ୍ଚ ପଠନଂ ପାଠନଂ ଶ୍ରୁତମ୍ ।
ତତ୍ରାହଂ ନିଶ୍ଚିତଂ ପୃଥ୍ୱି ନିବସାମି ସଦୈବ ହି । ୬ ।

ଗୀତାଶ୍ରୟେଽହଂ ତିଷ୍ଠାମି ଗୀତା ମେ ଚୋତ୍ତମଂ ଗୃହମ୍ ।
ଗୀତାଜ୍ଞାନମୁପାଶ୍ରିତ୍ୟ ତ୍ରୀନ୍ ଲୋକାନ୍ ପାଳୟାମ୍ୟହମ୍ । ୭ ।

ଗୀତା ମେ ପରମା ବିଦ୍ୟା ବ୍ରହ୍ମରୂପା ନ ସଂଶୟଃ ।
ଅର୍ଦ୍ଧ ମାତ୍ରାକ୍ଷରା ନିତ୍ୟା ସ୍ୱାନିର୍ବାଚ୍ୟପଦାତ୍ମିକା । ୮ ।

ଚିଦାନନ୍ଦେନ କୃଷ୍ଣେନ ପ୍ରୋକ୍ତା ସ୍ୱମୁଖତୋଽର୍ଜୁନମ୍ ।
ବେଦତ୍ରୟୀ ପରାନନ୍ଦା ତତ୍ତ୍ୱାର୍ଥଜ୍ଞାନସଂଯୁତା । ୯ ।

---

୫ । ଯେଉଁ ସ୍ଥାନରେ ଗୀତାପାଠ ପ୍ରବର୍ତ୍ତିତ ହୁଏ, ସେହି ସ୍ଥାନକୁ ସକଳ ଦେବତା, ଋଷି, ଯୋଗୀ ଏବଂ ନାଗଗଣ, ନାରଦ, ଉଦ୍ଧବ ଆଦି ସଭାସଦ୍‌ବର୍ଗ ଗୋପାଳ ଗୋପିକାଗଣଙ୍କ ସହିତ ଶୀଘ୍ର ଆଗମନ କରନ୍ତି ।

୬ । ହେ ପୃଥ୍ୱି ! ଯେଉଁଠାରେ ଗୀତାର ଆଲୋଚନା, ପଠନ ପାଠନ ଏବଂ ଶ୍ରବଣ ହୁଏ, ସେଠାରେ ମୁଁ ସର୍ବଦା ନିଶ୍ଚୟ ବାସ କରେ ।

୭ । ମୁଁ ଗୀତାକୁ ଆଶ୍ରୟ କରି ଅବସ୍ଥାନ କରେ । ଗୀତା ମୋର ଉତ୍ତମ ବାସସ୍ଥାନ । ଗୀତା ଜ୍ଞାନ ସାହାଯ୍ୟରେ ମୁଁ ତିନି ଲୋକକୁ ପାଳନ କରୁଅଛି ।

୮ । ଗୀତା ମୋର ସର୍ବଶ୍ରେଷ୍ଠ ବ୍ରହ୍ମବିଦ୍ୟା ଏଥିରେ ସନ୍ଦେହ ନାହିଁ । ସେ ଅର୍ଦ୍ଧମାତ୍ରା, ଅକ୍ଷରା, ନିତ୍ୟା ଏବଂ ତାହାଙ୍କ ନିଜ ସ୍ୱରୂପ ଅନିର୍ବାଚ୍ୟ । (କେବଳ ଅର୍ଦ୍ଧମାତ୍ର ଅକ୍ଷର ଅର୍ଥାତ୍ କ୍, ପ୍ ପ୍ରଭୃତି ସ୍ୱରହୀନ ବ୍ୟଞ୍ଜନବର୍ଣ୍ଣଦ୍ୱାରା ଯେପରି କୌଣସି ବଚନ ପ୍ରକାଶିତ ହୁଏନାହିଁ, ସେହିପରି ଗୀତାସ୍ୱରୂପକୁ ବଚନରେ ପ୍ରକାଶ କରି ହୁଏ ନାହିଁ । ତେଣୁ ସେ ଅର୍ଦ୍ଧମାତ୍ରା ଏବଂ ଅନିର୍ବାଚ୍ୟା ।)

୯ । ବେଦତ୍ରୟରୂପିଣୀ, ପରମାନନ୍ଦମୟୀ, ତତ୍ତ୍ୱାର୍ଥଜ୍ଞାନସମ୍ପନ୍ନା ଗୀତାକୁ ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ନିଜ ମୁଖରେ ଅର୍ଜୁନଙ୍କୁ କହିଥିଲେ ।

ଯୋଽଷ୍ଟାଦଶ ଜପୋନ୍ନିତ୍ୟଂ ନରୋ ନିଶ୍ଚଳମାନସଃ ।
ଜ୍ଞାନସିଦ୍ଧିଂ ସ ଲଭତେ ତତୋ ଯାତି ପରଂ ପଦମ୍ । ୧୦ ।
ପାଠେଽସମର୍ଥଃ ସମ୍ପୂର୍ଣ୍ଣେ ତତୋଽର୍ଦ୍ଧ ପାଠମାଚରେତ୍ ।
ତଦା ଗୋଦାନଜଂ ପୁଣ୍ୟଂ ଲଭତେ ନାତ୍ର ସଂଶୟଃ । ୧୧ ।
ତ୍ରିଭାଗଂ ପଠମାନସ୍ତୁ ଗଙ୍ଗାସ୍ନାନଫଳଂ ଲଭେତ୍ ।
ଷଡ଼ଂଶଂ ଜପମାନସ୍ତୁ ସୋମଯାଗଫଳଂ ଲଭେତ୍ । ୧୨ ।
ଏକାଧ୍ୟାୟଂ ତୁ ଯୋ ନିତ୍ୟଂ ପଠତେ ଭକ୍ତିସଂଯୁତଃ ।
ରୁଦ୍ରଲୋକମବାପ୍ନୋତି ଗଣୋ ଭୂତ୍ୱା ବସେଚ୍ଚିରମ୍ । ୧୩ ।
ଅଧ୍ୟାୟମେକପାଦଂ ବା ନିତ୍ୟଂ ଯଃ ପଠତେ ନରଃ ।
ସ ଯାତି ରେତାଂ ଯାବନ୍ମନ୍ୱନ୍ତରଂ ବସୁନ୍ଧରେ । ୧୪ ।
ଗୀତାୟାଃ ଶ୍ଳୋକଦଶକଂ ସପ୍ତ ପଞ୍ଚ ଚତୁଷ୍ଟୟମ୍ ।
ଦ୍ୱୌ ତ୍ରୀନେକଂ ତଦର୍ଦ୍ଧଂ ବା ଶ୍ଳୋକାନାଂ ଯଃ ପଠେନ୍ନରଃ ।
ଚନ୍ଦ୍ର ଲୋକମବାପ୍ନୋତି ବର୍ଷାଣାମଯୁତଂ ଧ୍ରୁବମ୍ । ୧୫ ।

---

୧୦ । ଯେଉଁ ବ୍ୟକ୍ତି ଏକାଗ୍ରଚିତ୍ତରେ ପ୍ରତ୍ୟହ ଗୀତାର ଅଠରଟି ଅଧ୍ୟାୟ ପାଠ କରନ୍ତି, ସେ ଜ୍ଞାନସିଦ୍ଧ ହୋଇ ପରମପଦ ମୋକ୍ଷ ଲାଭ କରନ୍ତି ।

୧୧ । ସମ୍ପୂର୍ଣ୍ଣ ଗୀତାପାଠ କରିବାକୁ ଅସମର୍ଥ ହେଲେ ତାହାର ଅର୍ଦ୍ଧାଂଶ ପାଠ କରିବା ଉଚିତ । ତଦ୍ୱାରା ଗୋଦାନର ପୁଣ୍ୟ ଲାଭ ହୁଏ ।

୧୨ । ଗୀତାର ତିନି ଭାଗରୁ ଏକଭାଗ ପାଠ କଲେ ଗଙ୍ଗାସ୍ନାନର ଫଳ ଲାଭ ହୁଏ ଏବଂ ଛଅ ଭାଗରୁ ଏକଭାଗ ପାଠ କଲେ ସୋମଯାଗର ଫଳ ଲାଭ ହୁଏ ।

୧୩ । ଯେଉଁ ବ୍ୟକ୍ତି ଭକ୍ତିସହକାରେ ପ୍ରତିଦିନ ଗୀତାର ଏକ ଅଧ୍ୟାୟ ପାଠ କରନ୍ତି, ସେ ଶିବଲୋକକୁ ଗମନ କରନ୍ତି ଏବଂ ଶିବଗଣ ହୋଇ ସେଠାରେ ଚିରକାଳ ବାସ କରନ୍ତି ।

୧୪ । ହେ ବସୁନ୍ଧରେ ! ଯେଉଁ ବ୍ୟକ୍ତି ପ୍ରତ୍ୟହ ଗୋଟିଏ ଅଧ୍ୟାୟ ବା ତାହାର ଏକାଂଶ ପାଠ କରନ୍ତି, ସେ ଏକ ମନ୍ୱନ୍ତର ପର୍ଯ୍ୟନ୍ତ ମାନବଜନ୍ମ ଲାଭ କରନ୍ତି ।

୧୫ । ଯେଉଁ ଲୋକ ଗୀତାର ଦଶଟି, ପାଞ୍ଚଟି ଚାରିଟି, ତିନିଟି, ଦୁଇଟି, ଗୋଟିଏ ବା ତାହାର ଅଧେ ଶ୍ଳୋକ ପାଠ କରନ୍ତି, ସେ ନିଶ୍ଚୟ ଦଶ ହଜାର ବର୍ଷ ଚନ୍ଦ୍ରଲୋକରେ ବାସ କରନ୍ତି ।

ଗୀତାପାଠସମାୟୁକ୍ତୋ ମୃତୋ ମାନୁଷତାଂ ବ୍ରଜେତ୍ ।
ଗୀତାଭ୍ୟାସଂ ପୁନଃ କୃତ୍ୱା ଲଭତେ ମୁକ୍ତିମୁତ୍ତମାମ୍ । ୧୬ ।

ଗୀତେତ୍ୟୁଚ୍ଚାରସଂଯୁକ୍ତୋ ମ୍ରିୟମାଣୋ ଗତିଂ ଲଭତେ । ୧୭ ।

ଗୀତାର୍ଥଶ୍ରବଣାସକ୍ତୋ ମହାପାପଯୁତୋଽପି ବା ।
ବୈକୁଣ୍ଠଂ ସମବାପ୍ନୋତି ବିଷ୍ଣୁନା ସହ ମୋଦତେ । ୧୮ ।

ନାନାକର୍ମସମାୟୁକ୍ତୋ ଗୀତାର୍ଥଧ୍ୟାନତତ୍ପରଃ ।
ଜୀବନ୍ମୁକ୍ତଃ ସ ବିଜ୍ଞେୟୋ ଯାତ୍ୟନ୍ତେ ପରମଂ ପଦମ୍ । ୧୯ ।

ଗୀତାମାଶ୍ରିତ୍ୟ ବହବୋ ଭୁଭୁଜୋ ଜନକାଦୟଃ ।
ନିର୍ଧୂତକଲ୍ମଷା ଲୋକେ ଗୀତ୍ୱା ଯାତାଃ ପରଂ ପଦମ୍ । ୨୦ ।

ଗୀତାୟାଃ ପଠନଂ କୃତ୍ୱା ମାହାତ୍ମ୍ୟଂ ନୈବ ଯଃ ପଠେତ୍ ।
ବୃଥା ପାଠୋ ଭବେତ୍ ତସ୍ୟ ଶ୍ରମ ଏବ ଭ୍ୟଦାହୃତଃ । ୨୧ ।

---

୧୬ । ଯେଉଁ ବ୍ୟକ୍ତି ଗୀତାପାଠରେ ନିଯୁକ୍ତ ଥାଆନ୍ତି ସେ ମୃତ୍ୟୁପରେ ମାନବଜନ୍ମ ଲାଭ କରନ୍ତି ଏବଂ ପୁନଶ୍ଚ ଗୀତାଭ୍ୟାସ କରି ଉତ୍ତମ ମୁକ୍ତି ଲାଭ କରନ୍ତି ।

୧୭ । ମୃତ୍ୟୁକାଳରେ 'ଗୀତା' ଏହି ଶବ୍ଦଟି ଉଚ୍ଚାରଣ କଲେ ମନୁଷ୍ୟ ମୋକ୍ଷ ଲାଭ କରେ ।

୧୮ । ଯାହାଙ୍କର ଗୀତାର ବ୍ୟାଖ୍ୟାନ ଶ୍ରବଣରେ ଆସକ୍ତି ଥାଏ, ସେ ମହାପାପୀ ହୋଇଥିଲେ ସୁଦ୍ଧା ବୈକୁଣ୍ଠ ଗମନ କରି ବିଷ୍ଣୁଙ୍କ ସହିତ ଆନନ୍ଦରେ ବାସ କରନ୍ତି ।

୧୯ । ନାନା ପ୍ରକାର କର୍ମ କରି ସୁଦ୍ଧା ଯେଉଁ ବ୍ୟକ୍ତି ଗୀତାର୍ଥ ଧ୍ୟାନ କରନ୍ତି, ସେ ଜୀବନ୍ମୁକ୍ତ ହୁଅନ୍ତି ବୋଲି ବୁଝିବାକୁ ହେବ । ମୃତ୍ୟୁପରେ ସେ ପରମ ପଦ ମୋକ୍ଷ ଲାଭ କରନ୍ତି ।

୨୦ । ଗୀତାକୁ ଆଶ୍ରୟ କରି ଜନକାଦି ଅନେକ ରାଜା ଇହଲୋକରେ ପାପଶୂନ୍ୟ ହୋଇଥିଲେ ଏବଂ ଗୀତା ପାଠ କରି ପରମ ପଦ ମୋକ୍ଷ ଲାଭ କରିଥିଲେ ।

୨୧ । ଯେଉଁ ବ୍ୟକ୍ତି ଗୀତା ପାଠ କରି ଗୀତାମାହାତ୍ମ୍ୟ ପାଠ କରନ୍ତି ନାହିଁ, ତାହାଙ୍କର ଗୀତାପାଠ ବୃଥା ହୁଏ ଏବଂ କେବଳ ପରିଶ୍ରମ ସାର ହୁଏ ବୋଲି କଥିତ ହୋଇଅଛି ।

ଏତନ୍ମାହାତ୍ମ୍ୟସଂଯୁକ୍ତଂ ଗୀତାଭ୍ୟାସଂ କରୋତି ଯଃ ।
ସ ତତ୍ ଫଳମ୍‌ବାପ୍ନୋତି ଦୁର୍ଲଭାଂ ଗତିମାପ୍ନୁୟାତ୍ । ୨୨ ।

ସୂତ ଉବାଚ

ମାହାତ୍ମ୍ୟମେତଦ୍ ଗୀତାୟା ମାୟା ପ୍ରୋକ୍ତଂ ସନାତନମ୍ ।
ଗୀତାନ୍ତେ ଚ ପଠେଦ୍ ଯସ୍ତୁ ଯଦୁକ୍ତଂ ତତ୍‌ଫଳଂ ଲଭେତ୍ । ୨୩ ।

ଇତି ଶ୍ରୀମଭଗବତ୍ ଗୀତାମାହାତ୍ମ୍ୟଂ ସମାପ୍ତମ୍ ।

---

୨୨ । ଯେଉଁ ମନୁଷ୍ୟ ଏହି ମାହାତ୍ମ୍ୟ ସହିତ ଗୀତାପାଠ କରନ୍ତି, ସେ ତହିଁର ଫଳ ପାଆନ୍ତି ଏବଂ ଦୁର୍ଲଭ ମୋକ୍ଷ ଲାଭ କରନ୍ତି ।

୨୩ । ସୂତ କହିଲେ– ମୁଁ ଗୀତାର ଏହି ସନାତନ ମାହାତ୍ମ୍ୟ କହିଲି । ଯେଉଁ ବ୍ୟକ୍ତି ଗୀତାପାଠ ସମାପ୍ତି ପରେ ଏହାକୁ ପାଠ କରନ୍ତି, ସେ ଯେପରି କୁହାଯାଇଛି ସେହିପରି ଫଳ ପ୍ରାପ୍ତ ହୁଅନ୍ତି ।

ଇତି ଶ୍ରୀମଭଗବଦ୍‌ଗୀତାମାହାତ୍ମ୍ୟ ସମାପ୍ତ ।

●

ଗୀତା-ମାହାତ୍ମ୍ୟମ୍ (୨)

ଓଁ ନମୋ ଭଗବତେବାସୁଦେବାୟ

ଶ୍ରୀକୃଷ୍ଣୋ ଭଗବାନୁବାଚ

ଗୀତା ମେ ହୃଦୟଂ ପାର୍ଥ ! ଗୀତା ମେ ସାରମୁତ୍ତମମ୍ ।
ଗୀତା ମେ ଜ୍ଞାନମତ୍ୟୁଗ୍ରଂ ଗୀତା ମେ ଜ୍ଞାନମବ୍ୟୟମ୍ । ୧ ।

ଗୀତା ମେ ଚୋତ୍ତମଂ ସ୍ଥାନଂ ଗୀତା ମେ ପରମଂ ପଦମ୍ ।
ଗୀତା ମେ ପରମଂ ଗୁହ୍ୟଂ ଗୀତା ମେ ପରମୋ ଗୁରୁ । ୨ ।

ଗୀତା ମେ ପରମଂ ଗୁହ୍ୟଂ ଗୀତା ମେ ପରମଂ ଗୃହମ୍
ଗତାଜ୍ଞାନଂସମାଶ୍ରିତ୍ୟ ତ୍ରିଲୋକଂ ପାଳୟାମ୍ୟହମ୍ । ୩ ।

ଗୀତା ମେ ପରମା ବିଦ୍ୟା ବ୍ରହ୍ମରୂପା ନ ସଂଶୟଃ ।
ଅର୍ଧମାତ୍ରାକ୍ଷରା ନିତ୍ୟମନିର୍ବାଚ୍ୟପଦାତ୍ମିକା । ୪ ।

ଗୀତାନାମାନି ବକ୍ଷ୍ୟାମି ଗୁହ୍ୟାନି ଶୃଣୁ ପାଣ୍ଡବ ।
କୀର୍ତ୍ତନାତ୍ ସର୍ବପାପାନି ବିଲୟଂ ଯାନ୍ତି ତତ୍‌କ୍ଷଣାତ୍ । ୫ ।

ଗଙ୍ଗା ଗୀତା ଚ ସାବିତ୍ରୀ ସୀତା ସତ୍ୟା ପତିବ୍ରତା ।
ବ୍ରହ୍ମାବଳିବ୍ରହ୍ମବିଦ୍ୟା ତ୍ରିସନ୍ଧ୍ୟା ମୁକ୍ତିଗେହିନୀ । ୬ ।

ଭଗବାନ ଶ୍ରୀକୃଷ୍ଣ କହିଲେ– ହେ ପାର୍ଥ, ଗୀତା ହିଁ ମୋର ହୃଦୟ, ଗୀତା ହିଁ ମୋର ସାରସର୍ବସ୍ୱ, ଗୀତା ହିଁ ମୋର ଅତ୍ୟୁଗ୍ର ଜ୍ଞାନ ଏବଂ ଅବ୍ୟୟ ଜ୍ଞାନସ୍ୱରୂପ । ଗୀତା ମୋର ଉତ୍ତମ ସ୍ଥାନ, ଗୀତା ମୋର ପରମ ପଦ, ଗୀତା ମୋର ପରମ ଗୁହ୍ୟ, ଗୀତା ମୋର ପରମ ଗୁରୁ । ଗୀତାକୁ ଆଶ୍ରୟ କରି ମୁଁ ଅବସ୍ଥାନ କରେ, ଗୀତା ହିଁ ମୋର ପରମ ଗୃହ, ଗୀତାଜ୍ଞାନ-ଆଶ୍ରୟ କରି ମୁଁ ତ୍ରିଲୋକ ପାଳନ କରେ ।୧,୨,୩ ।

ଗୀତା ମୋର ବ୍ରହ୍ମରୂପ ପରମ ବିଦ୍ୟା, ଏଥିରେ ସଂଶୟ ନାହିଁ, ଗୀତା ଅର୍ଧମାତ୍ରାରୂପିଣୀ, ନିତ୍ୟ ଅନିର୍ବାଚ୍ୟ-ପଦସ୍ୱରୂପିଣୀ । ୪ ।

ହେ ପାଣ୍ଡବ ! ମୁଁ ଗୀତାର ଗୁହ୍ୟ ନାମଗୁଡ଼ିକ କହୁଛି–ଶୁଣ । ଏହିସବୁ ନାମ କୀର୍ତ୍ତନ କଲେ ସଙ୍ଗେ ସଙ୍ଗେ ସମସ୍ତ ପାପ ବିନଷ୍ଟ ହୋଇଯାଏ । ୫ ।

ଅର୍ଦ୍ଧମାତ୍ରା ଚିଦାନନ୍ଦା ଭରଘ୍ନୀ ଭ୍ରାନ୍ତିନାଶିନୀ ।
ବେଦତ୍ରୟୀ ପରାନନ୍ଦା ତତ୍ତ୍ୱାର୍ଥଜ୍ଞାନମଞ୍ଜରୀ । ୭ ।
ଇତ୍ୟେତାନି ଜପେନ୍ନିତ୍ୟଂ ନରୋ ନିଶ୍ଚଳମାନସଃ ।
ଜ୍ଞାନସିଦ୍ଧିଂ ଲଭେନ୍ନିତ୍ୟଂ ତଥାନ୍ତେ ପରମଂ ପଦମ୍ । ୮ ।
ପାଠେଽସମର୍ଥଃ ସଂପୂର୍ଣ୍ଣେ ତଦର୍ଦ୍ଧପାଠମାଚରେତ୍ ।
ତଦା ଗୋଦାନଜଂ ପୁଣ୍ୟଂ ଲଭତେ ନାତ୍ର ସଂଶୟଃ । ୯ ।
ତ୍ରିଭାଗଂ ପଠମାନସ୍ତୁ ସୋମଯାଗଫଳଂ ଲଭେତ୍ ।
ଷଡ଼ଂଶଂ ଜପମାନସ୍ତୁ ଗଙ୍ଗାସ୍ନାନଫଳଂ ଲଭେତ୍ । ୧୦ ।
ତଥାଧ୍ୟାୟଦ୍ୱୟଂ ନିତ୍ୟଂ ପଠମାନୋ ନିରନ୍ତରମ୍ ।
ଇନ୍ଦ୍ରଲୋକମବାପ୍ନୋତି କଳ୍ପମେକଂ ବସେଚ୍ଛୁବମ୍ । ୧୧ ।
ଏକମଧ୍ୟାୟକଂ ନିତ୍ୟଂ ପଠତେ ଭକ୍ତିସଂଯୁତଃ ।
ରୁଦ୍ରଲୋକମବାପ୍ନୋତି ଗଣୋ ଭୂତ୍ୟା ବସେଚ୍ଚିରମ୍ ।୧୨ ।
ଅଧ୍ୟାୟାର୍ଦ୍ଧଞ୍ଚ ପାଦଂ ବା ନିତ୍ୟଂ ଯଃ ପଠତେ ଜନଃ ।
ପ୍ରାପ୍ନୋତି ରବିଲୋକଂ ସ ମନ୍ୱନ୍ତରସମାଃ ଶତମ୍ । ୧୩ ।

ଗଙ୍ଗା ଗୀତା ସାବିତ୍ରୀ, ସୀତା ସତ୍ୟା ପବିତ୍ରତା, ବ୍ରହ୍ମବଳି, ବ୍ରହ୍ମବିଦ୍ୟା, ତ୍ରିସନ୍ଧ୍ୟା, ମୁକ୍ତିଗେହିନୀ, ଅର୍ଦ୍ଧମାତ୍ରା, ଚିଦାନନ୍ଦା, ଭରଘ୍ନୀ, ଭ୍ରାନ୍ତିନାଶିନୀ, ବେଦତ୍ରୟୀ, ପରାନନ୍ଦା ତତ୍ତ୍ୱାର୍ଥଜ୍ଞାନମଞ୍ଜରୀ । ୬-୭ ।

ଯେଉଁ ବ୍ୟକ୍ତି ପ୍ରତ୍ୟହ ସ୍ଥିର ଚିତ୍ତରେ ଏହିସବୁ ନାମ ଜପ କରନ୍ତି, ସେ ଇହଲୋକରେ ନିତ୍ୟଜ୍ଞାନସିଦ୍ଧି ଓ ଶେଷରେ ପରମପଦପ୍ରାପ୍ତ ହୁଅନ୍ତି । ୮ ।

ଗୀତା ସମ୍ପୂର୍ଣ୍ଣ ପାଠରେ ଅସମର୍ଥ ହେଲେ ଅର୍ଦ୍ଧେକ ପାଠ କରିବ ଏବଂ ତହିଁରେ ଗୋଦାନର ଫଳଲାଭ ହେବ, ଏଥିରେ ସନ୍ଦେହ ନାହିଁ । ୯ ।

ଏକତୃତୀୟାଂଶ ପାଠ କଲେ ସୋମଯାଗର ଏବଂ ଷଷ୍ଠାଂଶ ପାଠ କଲେ ଗଙ୍ଗାସ୍ନାନର ଫଳ ଲାଭ ହୁଏ । ୧୦ ।

ଯେ ନିତ୍ୟ ଦୁଇ ଅଧ୍ୟାୟ ପାଠ କରନ୍ତି, ସେ ଇନ୍ଦ୍ରଲୋକପ୍ରାପ୍ତ ହୁଅନ୍ତି ଏବଂ ସେଠାରେ ଏକକଳ୍ପକାଳ ନିଶ୍ଚୟ ବାସ କରିଥାଆନ୍ତି । ୧୧ ।

ଯେ ଭକ୍ତିଭାବରେ ନିତ୍ୟ ଏକ ଅଧ୍ୟାୟ ଗୀତା ପାଠ କରନ୍ତି, ସେ ରୁଦ୍ରଲୋକପ୍ରାପ୍ତ ହୁଅନ୍ତି ଏବଂ ସେଠାରେ ଚିରକାଳ ବାସ କରନ୍ତି । ୧୨ ।

ଯେ ଏକ ଅଧ୍ୟାୟର ଅର୍ଦ୍ଧାଂଶ ବା ଚତୁର୍ଥାଂଶ ନିତ୍ୟ ପାଠ କରନ୍ତି, ସେ ସୂର୍ଯ୍ୟଲୋକ-ପ୍ରାପ୍ତ ହୋଇ ଶତ ମନ୍ୱନ୍ତର ସେଠାରେ ବାସ କରନ୍ତି । ୧୩ ।

ଗୀତାୟାଃ ଶ୍ଳୋକଦଶକଂ ସପ୍ତ ପଞ୍ଚ ଚତୁଷ୍ଟୟମ୍ ।
ତ୍ରିଦ୍ୱ୍ୟେକମେକମର୍ଦ୍ଧଂ ବା ଶ୍ଳୋକାନାଂ ଯଃ ପଠେନ୍ନର ।
ଚନ୍ଦ୍ରଲୋକମବାପ୍ନୋତି ବର୍ଷାଣାମୟୁତଂ ତଥା । ୧୪ ।
ଗୀତାର୍ଥମେକପାଦଞ୍ଚ ଶ୍ଳୋକମଧ୍ୟାୟମେବ ଚ ।
ସ୍ମରଂସ୍ତ୍ୟକ୍ତ୍ୱାଜନୋ ଦେହଂ ପ୍ରୟାତି ପରମଂ ପଦମ୍ । ୧୫ ।
ଗୀତାର୍ଥମପି ପାଠଂ ବା ଶୃଣୁୟାଦନ୍ତକାଳତଃ ।
ମହାପାତକଯୁକ୍ତୋଽପି ମୁକ୍ତିଭାଗୀ ଭବେଜ୍ଜନଃ । ୧୬ ।
ଗୀତାପୁସ୍ତକ ସଂଯୁକ୍ତଃ ପ୍ରାଣାଂସ୍ତ୍ୟକ୍ତ୍ୱା ପ୍ରୟାତି ଯଃ ।
ବୈକୁଣ୍ଠଂ ସମବାପ୍ନୋତି ବିଷ୍ଣୁନା ସହ ମୋଦତେ । ୧୭ ।
ଗୀତାଧ୍ୟାୟସମାଯୁକ୍ତୋ ମୃତୋ ମାନୁଷତାଂ ବ୍ରଜେତ୍ ।
ଗୀତାଭ୍ୟାସଂ ପୁନଃ କୃତ୍ୱା ଲଭତେ ମୁକ୍ତିମୁତ୍ତମାମ୍ । ୧୮ ।
ଗୀତେତ୍ୟୁକାରସଂଯୁକ୍ତୋ ମ୍ରିୟମାଣୋ ଗତିଂ ଲଭେତ୍ ।
ଯତ୍ ତତ୍ କର୍ମ ଚ ସର୍ବତ୍ର ଗୀତାପାଠପ୍ରକୀର୍ତ୍ତିମତ୍ ।
ତତ୍ତତ୍ କର୍ମ ଚ ନିର୍ଦ୍ଦୋଷଂ ଭୁତ୍ୱା ପୂର୍ଣ୍ଣତ୍ୱମାପ୍ନୁୟାତ୍ । ୧୯ ।

ଯେ ଗୀତାର ଦଶ, ସାତ, ପାଞ୍ଚ, ଚାରି, ତିନି, ଦୁଇ, ଏକ ବା ଅର୍ଦ୍ଧ ଶ୍ଳୋକ ପାଠ କରନ୍ତି, ସେ ଅୟୁତବର୍ଷକାଳ ଚନ୍ଦ୍ରଲୋକରେ ବାସ କରନ୍ତି । ୧୪ ।

ଯେ ଗୀତାର ଏକ ଅଧ୍ୟାୟର ଏକ ଶ୍ଳୋକର ଏକ ଚରଣର ଅର୍ଥ ସ୍ମରଣ କରୁ କରୁ ଦେହ ତ୍ୟାଗ କରନ୍ତି, ସେ ପରମପଦ-ପ୍ରାପ୍ତ ହୁଅନ୍ତି । ୧୫ ।

ଅନ୍ତିମ ସମୟରେ ଗୀତାର୍ଥ ପାଠ ବା ଶ୍ରବଣ କଲେ ମହାପାତକୀ ବ୍ୟକ୍ତି ମଧ୍ୟ ମୁକ୍ତିଭାଗୀ ହୋଇଥାଏ । ୧୬ ।

ଯେ ଗୀତା-ପୁସ୍ତକ ନିଜ ପାଖରେ ରଖି ପ୍ରାଣତ୍ୟାଗ କରନ୍ତି, ସେ ବୈକୁଣ୍ଠଧାମକୁ ଯାଇ ବିଷ୍ଣୁଙ୍କ ସହିତ ଆନନ୍ଦଭୋଗ କରନ୍ତି । ୧୭ ।

ଗୀତାର ଏକ ଅଧ୍ୟାୟ ପାଠ କରୁ କରୁ ମୃତ୍ୟୁ ହେଲେ ମନୁଷ୍ୟଜନ୍ମ ଲାଭ ହୁଏ ଏବଂ ପୁଣି ଗୀତାଭ୍ୟାସ କରି ମାନବ ଉତ୍ତମା ମୁକ୍ତି ଲାଭ କରେ । ୧୮ ।

'ଗୀତା'– ଏହି ଶବ୍ଦ ଉଚ୍ଚାରଣ କରି ମଧ୍ୟ କାହାରି ମୃତ୍ୟୁ ହେଲେ ତହିଁରେ ସଦ୍‌ଗତି ଲାଭ ହୁଏ । ଯେକୌଣସି କର୍ମ ଅନୁଷ୍ଠାନ କରାହେଉ, ସେ ସମୟରେ ଗୀତା ପାଠ କଲେ ସେ କର୍ମ ନିର୍ଦ୍ଦୋଷ ହୋଇ ସମ୍ପୂର୍ଣ୍ଣ ଫଳଦାନରେ ସମର୍ଥ ହୁଏ । ୧୯ ।

ପିତୃନୁଦ୍ଦିଶ୍ୟ ଯଃ ଶ୍ରାଦ୍ଧେ ଗୀତାପାଠଂ କରୋତି ହି ।
ସନ୍ତୁଷ୍ଟାଃ ପିତରସ୍ତସ୍ୟ ନିରୟାତ୍ ଯାନ୍ତି ସ୍ୱର୍ଗତିମ୍ । ୨୦ ।

ଗୀତାପାଠେନ ସନ୍ତୁଷ୍ଟାଃ ପିତରଃ ଶ୍ରାଦ୍ଧତର୍ପିତାଃ ।
ପିତୃଲୋକଂ ପ୍ରୟାନ୍ତ୍ୟେବ ପୁତ୍ରାଶୀର୍ବାଦତତ୍ପରାଃ । ୨୧ ।

ସୂତ ଉବାଚ

ମାହାତ୍ମ୍ୟମେତଦ୍ ଗୀତାୟାଃ କୃଷ୍ଣପ୍ରୋକ୍ତଂ ପୁରାତନମ୍ ।
ଗୀତାନ୍ତେ ପଠତେ ଯସ୍ତୁ ଯଥୋକ୍ତଫଳଭାଗଭବେତ୍ । ୨୨ ।

ଗୀତାୟାଃ ପଠନଂ କୃତ୍ୱା ମାହାତ୍ମ୍ୟଂ ନୈବ ଯଃ ପଠେତ୍ ।
ବୃଥା ପାଠଫଳଂ ତସ୍ୟ ଶ୍ରମ ଏବ ଉଦାହୃତଃ । ୨୩ ।

ଏତନ୍ମାହାତ୍ମ୍ୟସଂଯୁକ୍ତଂ ଗୀତାପାଠଂ କରୋତି ଯଃ ।
ଶ୍ରଦ୍ଧୟା ଯଃ ଶୃଣୋତ୍ୟେବ ପରମାଂ ଗତିମାପ୍ନୁୟାତ୍ । ୨୪ ।

ଶ୍ରୁତ୍ୱା ଗୀତାମର୍ଥଯୁକ୍ତଂ ମାହାତ୍ମ୍ୟଂ ଯଃ ଶୃଣୋତି ଚ ।
ତସ୍ୟ ପୁଣ୍ୟଫଳଂ ଲୋକେ ଭବେତ୍ ସର୍ବସୁଖାବହମ୍ । ୨୫ ।

ଯେ ପିତୃଲୋକ ଉଦ୍ଦେଶ୍ୟରେ ଶ୍ରାଦ୍ଧରେ ଗୀତା ପାଠ କରନ୍ତି, ତାଙ୍କର ପିତୃଗଣ ନରକରେ ଥିଲେ ମଧ୍ୟ ସନ୍ତୁଷ୍ଟ ହୋଇ ସ୍ୱର୍ଗକୁ ଗମନ କରନ୍ତି । ୨୦ ।

ଗୀତାପାଠରେ ସନ୍ତୁଷ୍ଟ ପିତୃଗଣ ଶ୍ରାଦ୍ଧରେ ତୃପ୍ତିଲାଭ କରି ପିତୃଲୋକକୁ ଗମନ କରନ୍ତି ଏବଂ ପୁତ୍ରକୁ ଆଶୀର୍ବାଦ କରିଥାଆନ୍ତି । ୨୧ ।

ସୂତ କହିଲେ– ଯେ ଗୀତାପାଠାନ୍ତେ ଶ୍ରୀକୃଷ୍ଣୋକ୍ତ ଏହି ପୁରାତନ ଗୀତା-ମାହାତ୍ମ୍ୟ ପାଠ କରିଥାନ୍ତି, ସେ ଯଥୋକ୍ତ ଫଳଭାଗୀ ହୁଅନ୍ତି । ୨୨ ।

ଯିଏ ଗୀତା ପାଠ କରି ଗୀତାମାହାତ୍ମ୍ୟ ପାଠ କରନ୍ତି ନାହିଁ, ତାଙ୍କର ଗୀତାପାଠରେ କୌଣସି ଫଳ ହୁଏ ନାହିଁ, ତାଙ୍କର ପରିଶ୍ରମ ବୃଥା ହୁଏ । ୨୩ ।

ଯିଏ ଏହି ମାହାତ୍ମ୍ୟ ସହିତ ଗୀତାପାଠ କରନ୍ତି ଏବଂ ଯିଏ ଶ୍ରଦ୍ଧାପୂର୍ବକ ତାହା ଶ୍ରବଣ କରନ୍ତି, ସେମାନେ ଉଭୟେ ପରମାଗତି ପ୍ରାପ୍ତ ହୁଅନ୍ତି । ୨୪ ।

ଅର୍ଥ ସହିତ ଗୀତା ଶ୍ରବଣ କରି ଯେ ମାହାତ୍ମ୍ୟ ଶ୍ରବଣ କରନ୍ତି, ଜଗତରେ ତାଙ୍କର ପୁଣ୍ୟଫଳ ସର୍ବସୁଖାବହ ହୋଇଥାଏ । ୨୫ ।

ଶ୍ରୀମଦ୍ଭଗବଦ୍‌ଗୀତା-ମାହାତ୍ମ୍ୟଂ ସମାପ୍ତମ୍ ।

●

'ଜ୍ଞାନେଶ୍ୱରୀ' ସପ୍ତାହ-ପାରାୟଣବିଧି

ଦିବସ	ଅଧ୍ୟାୟ
ପ୍ରଥମ	୧, ୨, ୩, ୪, ୫
ଦ୍ୱିତୀୟ	୬ ଓ ୭
ତୃତୀୟ	୮, ୯, ୧୦
ଚତୁର୍ଥ	୧୧ ଓ ୧୨
ପଞ୍ଚମ	୧୩ ଓ ୧୪
ଷଷ୍ଠ	୧୫, ୧୬, ୧୭
ସପ୍ତମ	୧୮

●

ବାସୁଦେବ ସୁତଂ ଦେବଂ କଂଶ ଚାଣୁର ମର୍ଦ୍ଦନମ୍ ।
ଦେବକୀ ପରମାନନ୍ଦ କୃତଂ ବନ୍ଦେ ଜଗଦ୍‌ଗୁରୁମ୍ ॥

ଗୀତା-ଜ୍ଞାନେଶ୍ୱରୀ

ସୂଚୀପତ୍ର

ଅଧ୍ୟାୟ		ପୃଷ୍ଠା
	ମଙ୍ଗଳାଚରଣ	୧
ପ୍ରଥମ ଅଧ୍ୟାୟ	ଅର୍ଜୁନ ବିଷାଦ	୯
ଦ୍ୱିତୀୟ ଅଧ୍ୟାୟ	ସାଂଖ୍ୟଯୋଗ	୨୮
ତୃତୀୟ ଅଧ୍ୟାୟ	କର୍ମ ଯୋଗ	୬୭
ଚତୁର୍ଥ ଅଧ୍ୟାୟ	ଜ୍ଞାନ-କର୍ମ ସନ୍ନ୍ୟାସ ଯୋଗ	୯୩
ପଞ୍ଚମ ଅଧ୍ୟାୟ	କର୍ମ-ସନ୍ନ୍ୟାସ ଯୋଗ	୧୧୬
ଷଷ୍ଠ ଅଧ୍ୟାୟ	ଧ୍ୟାନ ଯୋଗ	୧୩୩
ସପ୍ତମ ଅଧ୍ୟାୟ	ଜ୍ଞାନ-ବିଜ୍ଞାନ ଯୋଗ	୧୭୭
ଅଷ୍ଟମ ଅଧ୍ୟାୟ	ତାରକବ୍ରହ୍ମ ଯୋଗ	୧୯୭
ନବମ ଅଧ୍ୟାୟ	ରାଜବିଦ୍ୟା-ରାଜଗୁହ୍ୟ-ଯୋଗ	୨୨୨
ଦଶମ ଅଧ୍ୟାୟ	ବିଭୂତି-ଯୋଗ	୨୭୦
ଏକାଦଶ ଅଧ୍ୟାୟ	ବିଶ୍ୱରୂପ ଦର୍ଶନ ଯୋଗ	୨୯୮
ଦ୍ୱାଦଶ ଅଧ୍ୟାୟ	ଭକ୍ତି-ଯୋଗ	୩୬୨
ତ୍ରୟୋଦଶ ଅଧ୍ୟାୟ	କ୍ଷେତ୍ରକ୍ଷେତ୍ରଜ୍ଞବିଭାଗ ଯୋଗ	୩୮୨
ଚତୁର୍ଦ୍ଦଶ ଅଧ୍ୟାୟ	ଗୁଣତ୍ରୟବିଭାଗ ଯୋଗ	୪୬୬
ପଞ୍ଚଦଶ ଅଧ୍ୟାୟ	ପୁରୁଷୋତ୍ତମ ଯୋଗ	୪୯୫
ଷୋଡ଼ଶ ଅଧ୍ୟାୟ	ଦୈବାସୁରସଂପଦବିଭାଗ ଯୋଗ	୫୩୩
ସପ୍ତଦଶ ଅଧ୍ୟାୟ	ଶ୍ରଦ୍ଧାତ୍ରୟବିଭାଗ ଯୋଗ	୫୭୩
ଅଷ୍ଟାଦଶ ଅଧ୍ୟାୟ	ମୋକ୍ଷସନ୍ନ୍ୟାସ ଯୋଗ	୬୦୯
	ଜଙ୍ଗଲ ନା ଘର ?	୭୪୩
	ଅକାରାଦିକ୍ରମେ ଶ୍ଳୋକ-ସୂଚୀ	୭୫୪
	Dnyaneshwari and Bhakti Movement	୭୮୦
	ଏକ ଲକ୍ଷ୍ୟ– ମତେ ପାଇବା	୭୯୪

●

ଜ୍ଞାନେଶ୍ୱରୀ (ମୂଳପାଠ, ମରାଠୀ)

ମଙ୍ଗଳାଚରଣ

ଶ୍ରୀଗଣେଶାୟ ନମଃ

ଓଁ ନମୋଜୀ ଆଦ୍ୟା । ବେଦପ୍ରତିପାଦ୍ୟା । ଜୟ ଜୟ ସ୍ୱସଂବେଦ୍ୟା । ଆତ୍ମରୂପା ॥ ୧ ॥

ଦେବା ତୁଂଚି ଗଣେଶ । ସକଳମତିପ୍ରକାଶ । ହୁଣେ ନିବୃତ୍ତିଦାସ । ଅବଧାରିଜୋଜୀ ॥ ୨ ॥

ହେ ଶବ୍ଦବ୍ରହ୍ମ ଅଶେଷ । ତେଚି ମୂର୍ତ୍ତି ସୁବେଶ । ତେଥ ବର୍ଣ୍ଣବପୁ ନିର୍ଦ୍ଦୋଷ । ମିରବତ ଆସେ ॥ ୩ ॥

ସ୍ମୃତି ତେଚି ଅବୟବ । ଦେଖା ଆଙ୍ଗିକଭାବେ । ତେଥ ଲାବଣ୍ୟାଚୀ ଠେବ । ଅର୍ଥଶୋଭା ॥ ୪ ॥

ଅଷ୍ଟାଦଶ ପୁରାଣେ । ତୀଂଚି ମଣିଭୂଷଣେ । ପଦପଦ୍ଧତି ଶେବଣେ । ପ୍ରମେୟରତ୍ନାଚାଁ ॥ ୫ ॥

ପଦବନ୍ଧନାଗର । ତେଂଚି ରଂଗାଥିଲେଁ ଅମ୍ବର । ଜେଥ ସାହିତ୍ୟବାଣେଁ ସପୁର । ଉଜାଳାଚେ ॥ ୬ ॥

ଦେଖା କାବ୍ୟନାଟକା । ଜେଁ ନିର୍ଦ୍ଧାରିତାଁ ସକୌତୁକା । ତ୍ୟାଚି ରୁଣଝୁଣତୀ କ୍ଷୁଦ୍ରଘଣ୍ଟିକା । ଅର୍ଥଧ୍ୱନି ॥ ୭ ॥

ନାନା ପ୍ରମେୟାଚୀ ପରୀ । ନିପୁଣପଣେ ପାହତାଁ କୁସରୀ । ଦିସତୀ ଉଚିତ ପଦେମାଝାରୀଁ । ରନ୍ଧେଁ ଭଲିଁ ॥ ୮ ॥

ଜେଥ ବ୍ୟାସାଦିକାଂଚୀ ମତୀ । ତେଚି ମେଖଳା ମିରବତୀ । ଚୋଖାଳ ପଣେ ଝଳକତୀ । ପଲ୍ଲବସଡ଼କା ॥ ୯ ॥

ଦେଖା ଷଡ଼ଦର୍ଶନେଁ ହୁଣିପତୀ । ତେଚି ଭୁଜାଂଚୀ ଆକୃତି । ହୁଣଭନି ବିସମ୍ବାଦ ଧରିତୀ । ଆୟୁଧେ ହାତୀ ॥ ୧୦ ॥

ତରୀତର୍କ ତୋଚି ଫରଶୁ । ରିତିଭେଦ ଅଙ୍କୁଶୁ । ବେଦାନ୍ତ ତୁ ମହାରସୁ । ମୋଦକ ମିରବେ ॥ ୧୧ ॥

ଏକେ ହାତୀଂ ଦନ୍ତ । ଜୋ ସ୍ୱଭାବତା ଖଣ୍ଡିତ । ତୋ ବୌଦ୍ଧମତସଂକେତ । ବାର୍ତ୍ତିକାଚା ॥ ୧୨ ।

●

ଗୀତା : ଜ୍ଞାନେଶ୍ୱରୀ

ମଙ୍ଗଳାଚରଣ

ହେ ପ୍ରଣବ-ସ୍ୱରୂପ ପରବ୍ରହ୍ମ ! ତୁମକୁ ନିବୃତ୍ତିଦାସ-ଜ୍ଞାନଦେବର ପ୍ରଣିପାତ । ତୁମେ ଆଦ୍ୟ ଏବଂ ନିଖିଳ ବେଦପ୍ରତିପାଦ୍ୟ । ହେ ପରମାତ୍ମସ୍ୱରୂପ ! ତୁମେ ସ୍ୱସମ୍ବେଦ୍ୟ, ତୁମର ଜୟ ହେଉ । ତୁମେ ସକଳ ଜ୍ଞାନର ପ୍ରକାଶକ ଶ୍ରୀଗଣେଶସ୍ୱରୂପ । ବୁଦ୍ଧି ପ୍ରକାଶରେ ତୁମେ ଏକ୍ୟୈଶ୍ୱର । ହେ ପୂର୍ଣ୍ଣାଙ୍ଗ ବେଦସ୍ୱରୂପ ! ତୁମର ମୂର୍ତ୍ତି ଅପୂର୍ବ ସୌନ୍ଦର୍ଯ୍ୟମଣ୍ଡିତ । ତୁମର ଅଙ୍ଗକାନ୍ତି ନିର୍ଦ୍ଦୋଷ । ତୁମେ ବିରାଜିତ ସର୍ବ ରୂପରେ । ସ୍ମୃତିଶାସ୍ତ୍ର ତୁମର ସର୍ବାବୟବ । ତୁମର ଆଙ୍ଗିକଭାବ ସମସ୍ତଙ୍କର ଦର୍ଶନୀୟ । ଶ୍ରୁତି ଓ ସ୍ମୃତିଶାସ୍ତ୍ରର ଅର୍ଥଶୋଭା ହେଉଛି ତୁମ ଅଙ୍ଗର ଲାବଣ୍ୟପୁଞ୍ଜ । ଅଷ୍ଟାଦଶ ମହାପୁରାଣ ତୁମର ମଣିଭୂଷଣ । ପୁରାଣର ଶବ୍ଦସମୂହର ତାତ୍ପର୍ଯ୍ୟାର୍ଥ ବା ପ୍ରମେୟରୂପ ରତ୍ନଖଚିତ ଏକ ଗର୍ଭସ୍ୱରୂପ । ଉତ୍ତମ ପଦଲାଳିତ୍ୟ ତୁମର ବର୍ଣ୍ଣାଢ୍ୟ ବସନ । ଶବ୍ଦଅଳଙ୍କାର ଉଜ୍ଜ୍ୱଳ ବିବିଧବର୍ଣ୍ଣ । କାବ୍ୟ ଓ ନାଟକ ଆଦି ତୁମର କଟିବନ୍ଧଭୂଷଣ । କାବ୍ୟ ଓ ନାଟକର ଅର୍ଥଧ୍ୱନି ତୁମର ମଧୁର ଶବ୍ଦମୟ ଘୁଙ୍ଗୁର । ବିବିଧ ତାତ୍ପର୍ଯ୍ୟବୋଧକ ବର୍ଣ୍ଣନାର ନୈପୁଣ୍ୟ ବା କୁଶଳତା ଘୁଙ୍ଗୁରର ଘାଗୁଡ଼ି ସଦୃଶ । ଏହି ଘାଗୁଡ଼ିଗୁଡ଼ିକ ମହାମୂଲ୍ୟବାନ ମଣିମୁକ୍ତା ଭଳି ଦେଖାଯାଆନ୍ତି । ବେଦବ୍ୟାସ ପ୍ରଭୃତିଙ୍କ ବୁଦ୍ଧି ତୁମର ମେଖଳା ସ୍ୱରୂପ ପରିଶୋଭିତ । ବୁଦ୍ଧିର ତୀକ୍ଷ୍ଣତା ମେଖଳାର ଅଗ୍ରଭାଗ ରୂପେ ଝଟକୁଛି । ଷଡ଼ଦର୍ଶନ ତୁମ ଭୁଜର ଆକୃତି । ବିଭିନ୍ନ ମତବାଦ ହେଉଛନ୍ତି ତୁମର କରଗତ ଅସ୍ତ୍ର । ତର୍କଶାସ୍ତ୍ର ହେଉଛି ପର୍ଶୁ, ନୀତିଶାସ୍ତ୍ର ହେଉଛି ଅଙ୍କୁଶ, ବେଦାନ୍ତ ହେଉଛି ରସମୟ ଲଡ୍ଡୁ । ଏହି ଲଡ୍ଡୁ ତୁମର ଗୋଟିଏ ହାତରେ ଶୋଭା ପାଉଛି । ଏକ ହସ୍ତରେ ଖଣ୍ଡିତଦନ୍ତ ବୌଦ୍ଧମତର ପ୍ରତୀକ, ତୁମର ବରଦାୟକ କରକମଳ

ବ୍ରହ୍ମବିଷୟକ ସମ୍ବାଦ-ସୂଚକ । ଯେଉଁଥିରେ ଧର୍ମର ପ୍ରତିଷ୍ଠା ହୁଏ, ତାହା ହେଉଛି ତୁମର ଅଭୟହସ୍ତ । ସରଳ ବ୍ରହ୍ମାନନ୍ଦଙ୍କ ପରମାନନ୍ଦରୂପକ ତୁମର ସୁବିମଳ ବିବେକମୟ ସରଳଶୁଣ୍ଢ ଦଣ୍ଡାକାରରେ ଶୋଭା ପାଉଛି । ସିଦ୍ଧାନ୍ତ-ସମ୍ବାଦ ହେଉଛି ସରଳ ଓ ଅଖଣ୍ଡିତ ଶୁଭ୍ରଦନ୍ତ । ଦନ୍ତର ଶୁଭ୍ରବର୍ଣ୍ଣ ହେଉଛି ସମତାର ପ୍ରତୀକ । ସମଭାବାପନ୍ନ ଜ୍ଞାନଦୃଷ୍ଟି ହେଉଛି ତୁମର ସୂକ୍ଷ୍ମନେତ୍ର । ଉତ୍ତର ଓ ପୂର୍ବ ଏହି ଦୁଇ ମୀମାଂସାଶାସ୍ତ୍ର ତୁମର କର୍ଣ୍ଣଯୁଗଳ । ବୋଧାମୃତ ହେଉଛି ବିଗଳିତ ଅମୃତଧାରା । ଏହାକୁ ପାନକରୁଛନ୍ତି ମୁନିଗଣରୂପକ ଅଳିସମୂହ । ଶାସ୍ତ୍ରର ତାତ୍ପର୍ଯ୍ୟ ବା ପ୍ରମେୟସମୂହ ତୁମର ଗଣ୍ଡସ୍ଥଳରେ ପ୍ରବାଳମାଳାର ଶୋଭା ବିସ୍ତାର କରୁଛନ୍ତି । ଦ୍ୱୈତାଦ୍ୱୈତ ସିଦ୍ଧାନ୍ତ ହେଉଛି ତୁମର ଦୁଇ ଗଣ୍ଡ ସ୍ୱରୂପ । ଉଦାର-ଜ୍ଞାନ-ମକରନ୍ଦପରିପୂର୍ଣ୍ଣ ଦଶ ଉପନିଷଦସ୍ୱରୂପ ସୁଗନ୍ଧିଯୁକ୍ତ କୁସୁମ-ମୁକୁଟ ତୁମର ଶିରୋଦେଶରେ ଅତି ସୁନ୍ଦର ଭାବରେ ଶୋଭା ପାଉଛି । ପ୍ରଣବ ଅନ୍ତର୍ଗତ 'ଅ'କାର ତୁମର ପଦଯୁଗଳ, 'ଉ' କାର ବିଶାଳ ଉଦର, 'ମ'କାର ମହାମଣ୍ଡଳ ହେଉଛି ତୁମର ଶିରୋପଦେଶ । ଏହି ତିନୋଟି ବର୍ଣ୍ଣକୁ ଏକତ୍ର କରି ତୁମେ ଶବ୍ଦବ୍ରହ୍ମ ଓଁକାରରୂପ ଗ୍ରହଣ କରିଛ । * ହେ ଆଦିବୀଜ ! ଶ୍ରୀଗୁରୁକୃପାଦ୍ୱାରା ମୁଁ ତୁମକୁ ନମସ୍କାର କରୁଛି ।

ତାପରେ, ହେ ଅଭିନବ ବାଗ୍‌ବିଳାସିନୀ, ଚାତୁର୍ଯ୍ୟ କଳାବିଦ୍ୟାର ଅଧିସ୍ୱାମିନୀ, ବିଶ୍ୱମୋହିନୀ ଶ୍ରୀ ଶ୍ରୀ ସରସ୍ୱତୀ, ତୁମକୁ ମୋର ନମସ୍କାର । ମୋ ହୃଦୟ ଭିତରେ ଯେଉଁ ସଦ୍‌ଗୁରୁ ବାସ କରିଛନ୍ତି, ତାଙ୍କରି କୃପାରେ ମୁଁ ବିଶାଳ ସଂସାରବନ୍ୟା ପାର ହୋଇଛି, ତାଙ୍କରି ପ୍ରେରଣାରେ ମୋ ବିବେକ-ବିଚାର ପ୍ରତି

---

* ନିବୃତ୍ତିଦାସ ଜ୍ଞାନଦେବ ତାଙ୍କ 'ଗୀତା-ଭାବାର୍ଥ-ଦୀପିକା ବା ଗୀତା ଜ୍ଞାନେଶ୍ୱରୀ'ର ମୁଖବନ୍ଧରେ ବେଦପ୍ରତିପାଦ୍ୟ ମହାକାବ୍ୟ ପ୍ରଣବକୁ ଆଦିବୀଜ ଏବଂ ଶ୍ରୀଗଣେଶଙ୍କ ସ୍ୱରୂପ ବୋଲି ବର୍ଣ୍ଣନା କରିଛନ୍ତି । ଉପନିଷଦ, ପୁରାଣ, ଶ୍ରୁତି ଓ ଦର୍ଶନ ଶାସ୍ତ୍ର ପ୍ରଭୃତିକୁ ଏହି ପ୍ରଣବମୟ ଶ୍ରୀଗଣେଶ ମାଧ୍ୟମରେ ନିଜ ଚିନ୍ତାଧାରାଦ୍ୱାରା ବିଘ୍ନନାଶନ ଲାଗି ସେ ଶ୍ରୀମଦ୍ ଭଗବତ୍‌ଗୀତା-ଭାଷ୍ୟର ମଙ୍ଗଳାଚରଣ କରିଛନ୍ତି ।

ଅତିଶୟ ଆଦର ବଢ଼ିଛି । ନୟନରେ ଅଞ୍ଜନ ଲଗାଇଲେ ଯେଭଳି ଦୃଷ୍ଟିତିମିର ଦୂର ହୋଇଯାଏ ଏବଂ ଭୂମିରେ ପଡ଼ିଥିବା ପଦାର୍ଥ ସ୍ପଷ୍ଟ ଦେଖାଯାଏ, ଜ୍ଞାନଦେବ କହୁଛି, ''ଗୁରୁ ନିବୃତ୍ତିନାଥଙ୍କ କୃପାରୁ ମୁଁ ସେହିଭଳି ପୂର୍ଣ୍ଣକାମ ହୋଇଛି ।'' ଯେଉଁଭଳି ମୂଳରେ ଜଳସିଞ୍ଚନଦ୍ୱାରା ଶାଖା ଓ ପଲ୍ଲବର ସନ୍ତୋଷଲାଭ ହୋଇଥାଏ, ସେହିଭଳି ଯିଏ ଶ୍ରୀଗୁରୁଙ୍କ ସେବା କରିବ, ସେ ନିଶ୍ଚୟ କୃତକାର୍ଯ୍ୟ ହୋଇପାରିବ । ତ୍ରିଭୁବନର ସକଳତୀର୍ଥ-ଜଳରେ ସ୍ନାନକରି ଯେଉଁ ପୁଣ୍ୟ ସଞ୍ଚୟ ହୋଇଥାଏ, ଏହି ସକଳତୀର୍ଥର ଶ୍ରେଷ୍ଠ ଗୁରୁସେବା-ସମୁଦ୍ରରେ ସ୍ନାନକଲେ ସେହି ପୁଣ୍ୟ ପ୍ରାପ୍ତି ହୋଇଥାଏ । ଅମୃତରସ ଆସ୍ୱାଦନ କଲେ ଯେଭଳି ସକଳ ରସ ସେବନ କରାଯାଇଥାଏ ଏବଂ ସର୍ବମନୋରଥ ପୂର୍ଣ୍ଣ ହୋଇଥାଏ, ସେହିଭଳି ସର୍ବ ଈପ୍‌ସିତ କାମନାପୂରଣକାରୀ ଶ୍ରୀଗୁରୁଙ୍କୁ ମୁଁ ବାରମ୍ବାର ବନ୍ଦନା କରୁଛି ।

ତାପରେ ସକଳ କୌତୁକ-କାହାଣୀର ଜନ୍ମସ୍ଥାନ ଗୂଢ଼ ରହସ୍ୟମୟ କଥା ଶୁଣନ୍ତୁ । ଏହା ହେଉଛି ବିବେକ-ତରୁର ଅଭିନବ ଉଦ୍ୟାନ, ସର୍ବସୁଖଦାୟକ ପ୍ରେମର ମହାନିଧି, ନବରସରେ ପରିପୂର୍ଣ୍ଣ ଅମୃତସାଗର ଅର୍ଥାତ୍ ମୋକ୍ଷର ପରମଧାମ । ସକଳ ବିଦ୍ୟାର ମୂଳପୀଠ, ନିଖିଳଶାସ୍ତ୍ରର ଆଶ୍ରୟ, ସକଳ ଧର୍ମର * ପିତୃଗୃହ, ସଜ୍ଜନମାନଙ୍କ ଜୀବନ ଦେବୀ ସରସ୍ୱତୀଙ୍କ ଲାବଣ୍ୟର ରତ୍ନଭଣ୍ଡାର । ବିଭିନ୍ନ ଆଖ୍ୟାନରୂପିଣୀ ଏହି ବାଣୀ ମହାମତି ବ୍ୟାସଦେବଙ୍କ ଲେଖନୀ ମାଧ୍ୟମରେ ତ୍ରିଜଗତରେ ପ୍ରକାଶିତା । ସୁତରାଂ ବ୍ୟାସଦେବଙ୍କ ମହାଭାରତଗ୍ରନ୍ଥ ହେଉଛି କାବ୍ୟର ନୃପତି, ଗୌରବର ନିଳୟ, ଶୃଙ୍ଗାରାଦି ସକଳ ରସର ରସାଳତା । ଏହିଥିରୁ ହିଁ ସର୍ବଶାସ୍ତ୍ରସମୃଦ୍ଧ ଜ୍ଞାନ ଓ ଆତ୍ମବୋଧର ଦ୍ୱିଗୁଣିତ କୋମଳତା ଲାଭ ହୋଇଥାଏ । ଆହୁରି ଶୁଣନ୍ତୁ ! ତତ୍ତ୍ୱାର୍ଥଜ୍ଞାନ ଓ ସୌଭାଗ୍ୟର ବୃଦ୍ଧି ଏହିଥିରୁ ହିଁ ହୋଇଥାଏ । ମାଧୁର୍ଯ୍ୟମୟ ବସ୍ତୁର ମାଧୁରୀ, ଶୃଙ୍ଗାରାଦିର ସୌନ୍ଦର୍ଯ୍ୟ, ଯୋଗ୍ୟବସ୍ତୁର ଶ୍ରେଷ୍ଠତ୍ୱ ଏହି ମହାଭାରତ କଥାରୁ ଲାଭ କରାଯାଇଥାଏ । ଏହାହିଁ

---

* ମୂଳଲେଖାରେ ଅଛି ''ମାହେର'' ଅର୍ଥାତ୍ ମାଆଘର, କିନ୍ତୁ ଆମ ଓଡ଼ିଶାରେ ଏହା 'ବାପଘର' ଭାବରେ ପ୍ରଚଳିତ । ଝିଅ ତା ବାପଘରକୁ ଯାଇଛି ବୋଲି କୁହାଯାଏ, କିନ୍ତୁ ମହାରାଷ୍ଟ୍ରରେ କୁହାଯାଏ ଝିଅ ଯାଇଛି ତା ମାଆ ଘରକୁ ।

କଳାବିଦ୍‌ମାନଙ୍କ କଳାକୌଶଳ, ପୁଣ୍ୟବାନ୍‌ର ପୁଣ୍ୟ ଏବଂ ଅବଲୀଳାକ୍ରମେ ଜନ୍ମେଜୟଙ୍କ ବ୍ରହ୍ମହତ୍ୟାଜନିତ ପାତକ ବା ଦୋଷହରଣକାରୀ । ଅତିଅଳ୍ପ ପରିମାଣରେ ଅର୍ଥାତ୍ ସଂକ୍ଷେପରେ ଏହାର ଆଲୋଚନା କଲେ ମଧ୍ୟ ଶୃଙ୍ଗାରାଦି ରସର ସୌନ୍ଦର୍ଯ୍ୟ ଉପଲବ୍ଧି କରାଯାଇଥାଏ ଏବଂ କେଉଁ ଗୁଣର କେତେ ସାମର୍ଥ୍ୟ, ତାର ପରିଚୟ ମିଳିଥାଏ ।

ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଯେପରି ତ୍ରିଲୋକ ଉଦ୍‌ଭାସିତ ହୋଇଥାଏ, ସେହିଭଳି ବ୍ୟାସଦେବଙ୍କ ବୁଦ୍ଧି କବଳିତ ବିଶ୍ୱ ଶୋଭା ପାଉଛି । ସୁକ୍ଷେତ୍ରରେ ବୀଜ ବପନକଲେ, ଏହା ଯେପରି ଆପେ ଆପେ ସମଗ୍ରଭାବରେ ବିସ୍ତାରିତ ହୋଇଥାଏ, ସେହିଭଳି ମହାଭାରତ କଥା ସର୍ବବିଷୟରେ ପ୍ରସାର ଲାଭକରିଛି । ନଗରରେ ବାସ କଲେ ଲୋକ ଯେପରି ବିଳାସପ୍ରିୟ ନାଗରିକ ହୋଇପଡ଼େ, ସେହିଭଳି ବ୍ୟାସଦେବଙ୍କ ଉକ୍ତି ସମସ୍ତ ବିଷୟକୁ ଜ୍ଞାନୋଜ୍ଜ୍ୱଳ କରି ପାରିଛି । ପ୍ରଥମ ଯୌବନୋଦ୍‌ଗମବେଳେ ଅଙ୍ଗନାଗଣ ଯେଭଳି ନବ ନବ ଅଙ୍ଗଲାବଣ୍ୟ ଧାରଣ କରିଥାଆନ୍ତି କିମ୍ବା ମଧୁମାସ ବା ବସନ୍ତ ଋତୁର ସମାଗମରେ ଉଦ୍ୟାନ ଯେପରି ବନ ଅରଣ୍ୟର ସୌନ୍ଦର୍ଯ୍ୟକୁ ଟପିଯାଇ ଅଧିକରୁ ଅଧିକ ଶୋଭା ବିସ୍ତାର କରେ କିମ୍ବା ପୁଞ୍ଜୀଭୂତ ସ୍ୱର୍ଣ୍ଣ ଯେପରି ଅଳଂକାର ରୂପରେ ପରିଣତ ହୋଇ ଅଧିକ ଶୋଭା ବିସ୍ତାର କରେ, ସେହିଭଳି ବ୍ୟାସଦେବଙ୍କ ଉକ୍ତି ମହାଭାରତର ଆଶ୍ରୟରେ ଇତିହାସକଥା ହୋଇ ଅଧିକତର ସୌନ୍ଦର୍ଯ୍ୟମଣ୍ଡିତ ହୋଇଛି । ସମସ୍ତ ପ୍ରକାରର ପୁରାଣ ମହାଭାରତ ଅନ୍ତର୍ଗତ ହୋଇ ଜଗତରେ ପ୍ରସିଦ୍ଧି ଲାଭ କରିବା ଆଶାରେ ଏହାର ଶରଣ ନେଇଛନ୍ତି; ତେଣୁ କୁହାଯାଉଛି, ''ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ ବା ଜଗତେ ।'' ଅର୍ଥାତ୍ ଯାହା ମହାଭାରତରେ ନାହିଁ, ତାହା ତ୍ରିଲୋକରେ ନାହିଁ ।

ଆହୁରି ମଧ୍ୟ କୁହାଯାଉଛି ତ୍ରିଜଗତ ବ୍ୟାସଦେବଙ୍କ ଉଚ୍ଛିଷ୍ଟ । ଜଗତର ସୁରସ କଥା, ପରମାର୍ଥର ଜନ୍ମଭୂମି ଏହି ମହାଭାରତ ଜନ୍ମେଜୟଙ୍କ ନିକଟରେ ବୈଶମ୍ପାୟନ ଯେପରି ଭାବରେ ବର୍ଣ୍ଣନାକରିଛନ୍ତି, ତାହା ଅଦ୍ୱିତୀୟ ଓ ଉତ୍ତମ । ଏହାକୁ ଏକମାତ୍ର ପବିତ୍ରବସ୍ତୁ ଏବଂ ପରମ-ମଙ୍ଗଳ-ନିଧାନ ବୋଲି ଅବଧାରଣ

କରିବା ଉଚିତ । ମହାଭାରତ ଏକ କମଳ ସଦୃଶ । ଶ୍ରୀଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କ ପ୍ରତି ଉପଦିଷ୍ଟ ଶ୍ରୀମଦ୍ ଭଗବଦ୍‌ଗୀତା ନାମକ ପ୍ରସଙ୍ଗ ସେହି କମଳର ପରାଗ । ବ୍ୟାସଦେବ ନିଜ ବୁଦ୍ଧିଦ୍ୱାରା ଶବ୍ଦବ୍ରହ୍ମ-ସମୁଦ୍ରକୁ ମନ୍ଥନ କରି ଯେଉଁ ନବନୀତ ବାହାର କରିଛନ୍ତି, ଗୀତା ସେହି ନବନୀତ । ସେହି ନବନୀତକୁ ଜ୍ଞାନରୂପକ ଅଗ୍ନିରେ ବିଚାରରୂପକ ସାମାନ୍ୟ ଇନ୍ଧନ ଦେଇ ଅତିଶୟ ରୁଚିକର ଘୃତ ରନ୍ଧନ କରା ହୋଇଛି । ଏହାକୁ ବୈରାଗ୍ୟବାନ୍ ମନୁଷ୍ୟ ମାତ୍ରକେ ପାଇବାଲାଗି ଅଭିଳାଷ କରିଥାଏ, ସୁଧିଜନ ମାତ୍ରକେ ସେବନ କରିଥାଏ ଏବଂ ବ୍ରହ୍ମନିଷ୍ଠ ବ୍ୟକ୍ତି ପରମାନନ୍ଦ ଲାଭ କରିଥାଏ । ଏହାହିଁ ଭକ୍ତମାନଙ୍କର ପରମ ଶ୍ରୋତବ୍ୟ । ତ୍ରିଜଗତରେ ଆଦିବନ୍ଦନୀୟ ଭୀଷ୍ମପର୍ବ ଅନ୍ତର୍ଗତ ଶ୍ରୀମଦ୍‌ଭଗବଦ୍‌ଗୀତା ବ୍ରହ୍ମା ଓ ଶଙ୍କରଙ୍କଦ୍ୱାରା ପ୍ରଶଂସିତ ଏବଂ ଆଦର ସହିତ ସନକାଦି ମୁନିଗଣସେବିତ । ଶରତ୍‌କାଳରେ ପୂର୍ଣ୍ଣଚନ୍ଦ୍ରର ସୁଶୀତଳ ଅମୃତ ଆସ୍ୱାଦନ କରିବାଲାଗି ଚକୋର ଯେଭଳି ଭାବରେ ଆକୁଳତା ପ୍ରଦର୍ଶନ କରେ, ସେହିଭଳି ଶ୍ରୋତୃବୃନ୍ଦ ଚିତ୍ତକୁ ଏକାଗ୍ରକରି ଗୀତାକୁ ଅନୁଭବ କରନ୍ତୁ । ଗୀତାବାଣୀ ଆସ୍ୱାଦନ କରିବା ସମୟରେ ଇନ୍ଦ୍ରିୟର ସମସ୍ତବୃତ୍ତି ଭୁଲିଯିବାକୁ ପଡ଼ିବ । ସେମାନଙ୍କୁ ଜାଣିବାକୁ ଦେବନାହିଁ ।

ଭ୍ରମର କମଳର ମଧୁ ଆସ୍ୱାଦନ କରିବା ସମୟରେ ଯେପରି ଏହାର ପାଖୁଡ଼ାଗୁଡ଼ିକୁ ସୁଦ୍ଧା ଜାଣିବାକୁ ସୁଯୋଗ ଦେଇନଥାଏ, ଅତି ସନ୍ତର୍ପଣରେ ମଧୁପାନ କରିଥାଏ, ସେହିଭଳି ଅତି ସନ୍ତର୍ପଣରେ ଇନ୍ଦ୍ରିଗୁଡ଼ିକୁ ଜାଣିବାର ସୁଯୋଗ ନ ଦେଇ ଏହି ଗ୍ରନ୍ଥ ଆସ୍ୱାଦନ କରିବାକୁ ପଡ଼ିବ । ଚନ୍ଦ୍ରୋଦୟରେ କୁମୁଦିନୀ ଯେଭଳି ଭାବରେ ନିଜ ସ୍ଥାନ ପରିତ୍ୟାଗ ନ କରି ମଧ୍ୟ କୁମୁଦବନ୍ଧୁକୁ ପ୍ରୀତିମୟ ଆଲିଙ୍ଗନ କରିବାର ରୀତି ଜାଣେ, ସେହିଭଳି ଭାବରେ ଗାମ୍ଭୀର୍ଯ୍ୟ ଓ ଅନ୍ତଃକରଣର ସ୍ଥୈର୍ଯ୍ୟଦ୍ୱାରା ଏ ଗ୍ରନ୍ଥର ରହସ୍ୟଭେଦ ସମ୍ଭବ । ଏହି ଗୀତା ଶ୍ରବଣଲାଗି ଅର୍ଜୁନଙ୍କର ଯେଉଁ ଯୋଗ୍ୟତା ଥିଲା, ଗୀତା ପାଠକମାନେ ସେଥିପ୍ରତି ଲକ୍ଷ୍ୟ ରଖିବା ଆବଶ୍ୟକ ।

ହେ ସାଧୁ ସନ୍ତଗଣ ! ଆପଣମାନଙ୍କ ହୃଦୟ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଅତି ପ୍ରଶସ୍ତ । ମୁଁ ତ ବାଳକ ମାତ୍ର, ଆପଣମାନଙ୍କ ଚରଣରେ ପ୍ରାର୍ଥନା କରୁଛି । ମାତା ପିତାଙ୍କ

ନିକଟରେ ଶିଶୁର ଅସ୍ଫୁଟ ପ୍ରଳାପ ଯେଭଳି ଅତିଶୟ ସନ୍ତୋଷର କାରଣ ହୋଇଥାଏ, ସେହିଭଳି ସହଜରେ କ୍ଷମାଶୀଳ ଆପଣମାନେ ମତେ କ୍ଷମାଦେବେ ବୋଲି ଅଙ୍ଗୀକାର କରନ୍ତୁ, ଏହା ହିଁ ମୋର ପ୍ରାର୍ଥନା । ମୋର ଅପରାଧ ତ ପ୍ରଚୁର । କାରଣ ମୁଁ ଗୀତାର୍ଥକୁ ସ୍ପଷ୍ଟ କରିବାର ସ୍ପର୍ଦ୍ଧା କରୁଛି । ଗୀତାର୍ଥର ପ୍ରକଟନ କାର୍ଯ୍ୟ ଅତିଶୟ କଠିନ ହେଲେ ମଧ୍ୟ ମୋର ଚିତ୍ତରେ ବ୍ୟର୍ଥଧୈର୍ଯ୍ୟର ଉତ୍ପତ୍ତି ଘଟିଛି । ଖଦ୍ୟୋତ ସୂର୍ଯ୍ୟକୁ ପ୍ରକାଶ କରିବାପାଇଁ ଚେଷ୍ଟାକରିବା ଦ୍ୱାରା ଯେଭଳି ହାସ୍ୟାସ୍ପଦ ହୋଇଥାଏ, ଗୀତାର୍ଥ ପ୍ରକାଶରେ ମୋର ଚେଷ୍ଟା ମଧ୍ୟ ତଦ୍ରୂପ । * ଟିଟ୍ଟିଭପକ୍ଷୀ (ଟିଁଟିଁଆ) କ୍ଷୁଦ୍ର ଚଞ୍ଚୁଦ୍ୱାରା ସାଗରକୁ ଜଳଶୂନ୍ୟ କରିଦେବା ପାଇଁ ଯେଭଳି ଚେଷ୍ଟିତ ହୋଇଥିଲା, ସେହିଭଳି ମୁଁ ଗୀତାର୍ଥ ପ୍ରକାଶ ଦିଗରେ ପ୍ରବୃତ୍ତ ହୋଇଛି ।

ଆକାଶଠାରୁ କାହାର ଆକାର ବିରାଟ ନହେଲେ ସେ ଆକାଶକୁ କରତଳଗତ କରିବା ଯେପରି ଅସମ୍ଭବ, ସେହିଭଳି ମୋ ପକ୍ଷରେ ଗୀତାର ତାତ୍ପର୍ଯ୍ୟ ନିର୍ଦ୍ଧାରଣ କରିବା ଅସମ୍ଭବ । ଭଗବାନ ଶଙ୍କର ଏହି ନିଖିଳ ଗୀତାର୍ଥ

---

* ଥରେ ଗୋଟିଏ ଟିଁଟିଆଁ ପକ୍ଷୀ ସମୁଦ୍ରକୂଳରେ ବାସ କରୁଥିଲା । ସମୁଦ୍ର କୂଳ ବାଲିରେ ଗୋଟିଏ ଗାତ କରି କେତୋଟି ଡିମ୍ବ ପାରିଥିଲା ସେ । ହଠାତ୍ ସମୁଦ୍ର ଜୁଆରମାଡ଼ି ଆସିବାରେ ତା ଡିମ୍ବଗୁଡ଼ିକ ଭାସିଗଲା । ଟିଁଟିଆଁ ପକ୍ଷୀଟି ଆସି ଦେଖିଲା ତା ଡିମ୍ବ ଆଉ ନାହିଁ । ସମୁଦ୍ର ଉପରେ ଭାରି ରାଗିଗଲା ସେ । ଛୋଟ ଥଣ୍ଟଟିଏ ତାର । ସେହି ଥଣ୍ଟରେ ସେ ଟୋପେ ଟୋପେ ପାଣି ସମୁଦ୍ରରୁ ଆଣି ଟିକିଏ ଦୂରକୁ ଯାଇ ତାକୁ ପକାଇବାରେ ଲାଗିଲା । ମନେ ମନେ ଭାବିଲା ଏଭଳି କରି ସେ ସମୁଦ୍ରକୁ ଅକ୍ଳେଶରେ ଶୁଖାଇ ଦେଇପାରିବ । ଦେବର୍ଷୀ ନାରଦ ସେହି ବାଟ ଦେଇ ଯାଉଥିଲେ । ନାରଦ ପଚାରିବାରୁ ପକ୍ଷୀଟି ତା' ଦୁଃଖ ଜଣାଇ କହିଲା, ଏ ସମୁଦ୍ର ମୋର ସର୍ବନାଶ କରିଛି । ନାରଦ ତାର ଦୁଃଖ ମୋଚନ ଲାଗି ଆଶ୍ୱାସନା ଦେଲେ ଏବଂ ଗରୁଡ଼କୁ ଆହ୍ୱାନ କଲେ । ଗରୁଡ଼କୁ ସେ ସବୁ କଥା ଜଣାଇବା ପରେ ଗରୁଡ଼ ଗଲା ମହାବିଷ୍ଣୁଙ୍କ ପାଖକୁ । ବିଷ୍ଣୁଙ୍କୁ ଧରି ପହଞ୍ଚିଲା ସେ । ବିଷ୍ଣୁ ସବୁକଥା ଶୁଣିଲେ । ସମୁଦ୍ରକୁ ସେ କହିଲେ, ତୁ ତ କିଛି ରଖିବା କଥା ନୁହଁ, ଡିମ୍ବଗୁଡ଼ିକୁ ନେଇଛୁ ଯଦି ଫେରାଇ ଦେ !

ବର୍ଣ୍ଣନା କରିବାବେଳେ ତାକୁ ଶୁଣି, ଦେବୀ ଭବାନୀ ଚମତ୍କୃତା ହୋଇ ଶଙ୍କରଙ୍କୁ ପଚାରିଥିଲେ ଏବଂ ଶଙ୍କର ତାଙ୍କୁ ଉତ୍ତର ଦେଇଥିଲେ, ''ହେ ମହାଦେବି ! ତୁମ ସ୍ୱରୂପରେ ଯେଭଳି ଆଦିଅନ୍ତ ସୁଦ୍ଧା ମିଳେନାହିଁ, ସେହିଭଳି ଗୀତାତତ୍ତ୍ୱ ନିତ୍ୟନୂତନ ରୂପରେ ପରିଲକ୍ଷିତ ଓ ଆସ୍ୱାଦିତ ହୋଇଥାଏ । ଏହାର ମଧ୍ୟ ଅନ୍ତନାହିଁ । ବେଦାନ୍ତ-ସାଗର ହେଉଛି ଭଗବାନଙ୍କ ଯୋଗନିଦ୍ରା, ଗୀତା ହେଉଛି ସେହି ସର୍ବେଶ୍ୱରଙ୍କ ଜାଗ୍ରତ ଅବସ୍ଥା ।''

ଏହିଭଳି ଭାବରେ ଯେଉଁ ଅଗାଧ ଗୀତା ଶାସ୍ତ୍ରକୁ ଦେଖି ବେଦ ମଧ୍ୟ ସ୍ତବ୍ଧ ହୋଇ ଯାଇଥାଏ, ସେହି ବିଷୟ ବର୍ଣ୍ଣନାର ମନ୍ଦମତି ମୋର ହୋଇଛି । ହେ ଅପାର ଗୀତାତତ୍ତ୍ୱ ! ତୁମକୁ କିଭଳି ଅଧିଗତ କରିବି— ମହାତେଜକୁ କିଭଳି ମୁଁ ଉଜ୍ଜ୍ୱଳ କରିବି, ଏହାହିଁ ବଡ଼ ପ୍ରଶ୍ନ । ମୁଁ ତ ମଶକଠାରୁ କ୍ଷୁଦ୍ର । ଆକାଶକୁ ଧରିବା ପାଇଁ ଆସ୍ଫାଳନ କରିବି କିପରି ? ଶ୍ରୀନିବୃତ୍ତିନାଥଙ୍କ ଦାସ ମୁଁ ଜ୍ଞାନଦେବ କହୁଛି, ଏ ବିଷୟରେ ମୋର ଏକମାତ୍ର ଭରସା ଗୁରୁକୃପା । ସେହି ହେତୁ ଧୈର୍ଯ୍ୟଧରି ମୁଁ ଏହି କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛି । ଶ୍ରୀଗୁରୁଦେବ ମୋ ପ୍ରତି ଅନୁକୂଳ ଅଛନ୍ତି, ତାହାହିଁ ମୋର ଭରସା ।

ମୁଁ ଜଣେ ମୂର୍ଖ । ଅବିବେକୀମାନଙ୍କ ସାଙ୍ଗରେ ରହିଆସିଛି । ସାଧୁମାନଙ୍କର କୃପାଲୋକଦ୍ୱାରା ଯେ ମୋ ଅନ୍ତର ଉଜ୍ଜ୍ୱଳ ହୋଇପାରିଛି, ଏହାହିଁ ମୋର ପରମ ସୌଭାଗ୍ୟ । ପରଶମଣିର ଗୁଣରେ ଲୁହା ସୁନାରେ ପରିଣତ ହୁଏ । ଅମୃତ ପାନକରି ମୃତ ଜୀବିତ ହୋଇଉଠେ । ସରସ୍ୱତୀଙ୍କ କୃପା ମିଳିଲେ ମୁକ ମଧ୍ୟ କଥା କହିବାକୁ ସମର୍ଥ ହୁଏ । ଏ ସମସ୍ତ ହେଉଛି ବସ୍ତୁଶକ୍ତି । ଯିଏ କାମଧେନୁର ଶରଣାଗତ ହୁଏ, ତା ପକ୍ଷରେ ଅପ୍ରାପ୍ୟ ବୋଲି କିଛି ରହିପାରେ କି ? ସେହିଭଳି ଆପଣମାନେ

ସମୁଦ୍ର ଡିମ୍ବଗୁଡ଼ିକୁ ଫେରାଇ ଦେଲା । ପକ୍ଷୀଟିର ଦୁଃଖ ମୋଚନ ହେଲା । ଯାହାହେଉ ଯେଉଁ ଉଦ୍ଦେଶ୍ୟରେ ପକ୍ଷୀଟି ସମୁଦ୍ରର ଜଳ ନେଇ ବାହାରେ ପକାଉଥିଲା, ସେ ଉଦ୍ଦେଶ୍ୟ ତାର ସାଧିତ ହେଲା । ସେହିଭଳି ଜ୍ଞାନଦେବ ଗୁରୁ ନିବୃତ୍ତିଦାସଙ୍କ କୃପା ଉପରେ ଭରସା କରି ଟିଁଟିଆଁ ପକ୍ଷୀଭଳି ଦୁରୂହ ଗୀତାର୍ଥର ଆଲୋଚନା କରିବାକୁ ପ୍ରବୃତ୍ତ ହୋଇଛନ୍ତି ।

ଶ୍ରବଣ କରନ୍ତୁ, ମୁଁ ଏହି ଗ୍ରନ୍ଥ ବ୍ୟାଖ୍ୟାନରେ ପ୍ରବୃତ୍ତ ହେଲି । ମୁଁ ଆପଣମାନଙ୍କ ନିକଟରେ ପ୍ରାର୍ଥନା କରୁଛି, ଏ ଗ୍ରନ୍ଥ ଶ୍ରବଣ ସମୟରେ ମନରେ ଯଦି କିଛି ନ୍ୟୂନଭାବ ଥାଏ, ତାକୁ ପୂରଣ କରିନିଅନ୍ତୁ । ଯଦି ବଳକା କିଛି ଥାଏ, ତାକୁ ପରିତ୍ୟାଗ କରନ୍ତୁ । କାଠ-କଣ୍ଢେଇ ଯେପରି ସୂତାର ଅଧୀନ ହୋଇ ନୃତ୍ୟ କରିଥାଏ, ମୋର ଚେଷ୍ଟା ମଧ୍ୟ ସେହିଭଳି । ମୁଁ ଆପଣମାନଙ୍କ କୃପାଦେଶ ପାଳନ କରିବା ଲାଗି ପ୍ରସ୍ତୁତ ରହିଛି । ତେଣୁ ଆପଣମାନେ ନିଜକୁ ନିଜ ଇଚ୍ଛା ଅନୁଯାୟୀ ନଚେଇବେ ।

ଶ୍ରୀଗୁରୁ ମତେ କହୁଛନ୍ତି, ଆରେ ଜ୍ଞାନଦେବ ! ଆଉ ବେଶି କହିବା ଅନାବଶ୍ୟକ । ଗ୍ରନ୍ଥ ଶୁଣାଇବା ଦିଗରେ ବିଳମ୍ବ ନକରି ସେହିଥିରେ ମନଦିଅ । ତେଣୁ ହେ ସୁଧିବୃନ୍ଦ, ହେ ଶ୍ରୋତାଗଣ ! ଆଉ ବିଳମ୍ବ ନ କରି ମୁଁ ଶ୍ରୀ ନିବୃତ୍ତିନାଥଙ୍କ ଆଜ୍ଞାରୁ ପରମ ଉଲ୍ଲାସରେ ଏ ଗ୍ରନ୍ଥ ବର୍ଣ୍ଣନା ଦିଗରେ ମନ ଦେଉଛି ।

●

ଅର୍ଜ୍ଜୁନ-ବିଷାଦ

ପ୍ରଥମ ଅଧ୍ୟାୟ

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ! ॥ ୧ ॥

ପୁତ୍ର ସ୍ନେହରେ ମୋହିତ ଧୃତରାଷ୍ଟ୍ର ସଂଜୟଙ୍କୁ ପଚାରିଲେ, କୁରୁକ୍ଷେତ୍ରର ସମ୍ବାଦ କ'ଣ କହନ୍ତୁ । ଯାହା ଧର୍ମକ୍ଷେତ୍ର ବୋଲି କଥିତ, ସେ ସ୍ଥାନକୁ ଆମର ପୁତ୍ରଗଣ ଓ ପାଣ୍ଡବମାନେ ଯାଇଛନ୍ତି । ସେମାନେ ସେଠାରେ ଏପର୍ଯ୍ୟନ୍ତ କ'ଣ କରୁଛନ୍ତି ତାହା ଅବିଳମ୍ବେ ମୋତେ ଜଣାନ୍ତୁ ।

ସଂଜୟ ଉବାଚ

ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯୋଧନସ୍ତଦା ।
ଆଚାର୍ଯ୍ୟମୁପସଙ୍ଗମ୍ୟ ରାଜା ବଚନମବ୍ରବୀତ୍ ॥ ୨ ॥

ସେତେବେଳେ ସଞ୍ଜୟ କହିଲେ, ପ୍ରଳୟକାଳରେ ସର୍ବଗ୍ରାସୀ ମହାକାଳପରି ପାଣ୍ଡବସେନା ବିକ୍ଷୁବ୍ଧ ଓ ଅଗ୍ରସର । ସେମାନେ ତ ଏକାବେଳକେ ପ୍ରସ୍ତୁତ ହୋଇସାରିଲେଣି । ସମୁଦ୍ର ମନ୍ଥନରେ କାଳକୂଟ ବିଷ ଯେପରି ଚାରିଆଡ଼େ ଖେଳିଯାଏ ଏବଂ ବଡ଼ବାନଳ ପ୍ରଳୟପବନ ସାହାଯ୍ୟରେ ଯେପରି ସମୁଦ୍ର ଜଳକୁ ଶୋଷଣ କରି ଶୂନ୍ୟକୁ ଆକର୍ଷଣ କରିଥାଏ, ସେହିଭଳି ବିବିଧ ପ୍ରକାରର ଦୁର୍ଦ୍ଧର୍ଷ ବ୍ୟୂହ ରଚନା କରି ପାଣ୍ଡବମାନେ ଛକି ରହିଛନ୍ତି । ଏମାନଙ୍କୁ ଦେଖିଲା ମାତ୍ରେ ଭୟ ସଞ୍ଚାର ହେବା ସ୍ୱାଭାବିକ । ତେବେ ହାତୀ ପଲକୁ ସିଂହ ଯେପରି ତୁଚ୍ଛ ମନେକରିଥାଏ, ସେହିଭଳି ପାଣ୍ଡବମାନଙ୍କ ସୈନ୍ୟବ୍ୟୂହ୍ୟକୁ ଦେଖି ଦୁର୍ଯ୍ୟୋଧନଙ୍କର ତିଳେହେଲେ ଭୟ ନାହିଁ । ଦୁର୍ଯ୍ୟୋଧନ ଦ୍ରୋଣାଚାର୍ଯ୍ୟଙ୍କର ନିକଟକୁ ଯାଇ କହିଲେ...

ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂମ୍ ।
ବ୍ୟୂଢ଼ାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ॥ ୩ ॥

ହେ ଆଚାର୍ଯ୍ୟ ! ପାଣ୍ଡୁ ପୁତ୍ରମାନଙ୍କର ସୈନ୍ୟବଳକୁ ଦେଖନ୍ତୁ । ଅତିବୁଦ୍ଧିମାନ ଦ୍ରୁପଦକୁମାର ଧୃଷ୍ଟଦ୍ୟୁମ୍ନ ଯେଉଁସବୁ ସୈନ୍ୟବ୍ୟୂହ ରଚନା କରିଅଛନ୍ତି, ସେଗୁଡ଼ିକ ଗତିମାନ୍ ଗିରିଦୁର୍ଗ ଭଳି ଦେଖାଯାଉଛି । ଦେଖନ୍ତୁ, ଭଲକରି ଦେଖନ୍ତୁ, ଯାହାକୁ ଆପଣ ଅସ୍ତ୍ରଶିକ୍ଷା ପ୍ରଦାନ କରି ଅସ୍ତ୍ରବିଦ୍ୟାରେ ନିପୁଣ କରିଛନ୍ତି, ସେହି ଧୃଷ୍ଟଦ୍ୟୁମ୍ନ କିପରି ବିଚକ୍ଷଣତାର ସହିତ ସୈନ୍ୟ-ସାଗର ବିସ୍ତାର କରି ଅଛନ୍ତି ।

ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ॥ ୪ ॥
ଧୃଷ୍ଟକେତୁଶ୍ଚେକିତାନଃ କାଶୀରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍‌କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥ ୫ ॥
ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ୍ ।
ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବ ଏବ ମହାରଥଃ ॥ ୬ ॥

ଏହି ଯୁଦ୍ଧରେ ଅସ୍ତ୍ରଶସ୍ତ୍ର ଶିକ୍ଷାରେ ପ୍ରବୀଣ ଓ କ୍ଷତ୍ରିୟଧର୍ମନିପୁଣ ଅସଂଖ୍ୟ ବୀର ଅଛନ୍ତି । ଏମାନେ ଭୀମ ଓ ଅର୍ଜୁନଙ୍କ ଭଳି ବୀର୍ଯ୍ୟବାନ୍ । ଏମାନଙ୍କ ମଧ୍ୟରେ ମହାଯୋଦ୍ଧା ଯୁଯୁଧାନ, ବିରାଟରାଜ ଏବଂ ମହାରଥୀ ବୀର ଦ୍ରୁପଦ ମଧ୍ୟ ଅଛନ୍ତି । ଚେକିତାନ, ଧୃଷ୍ଟକେତୁ, ପରାକ୍ରମୀ ବୀର କାଶୀରାଜ, ନୃପଶ୍ରେଷ୍ଠ ଉତ୍ତମୌଜା ଏବଂ ଶୈବ୍ୟ ନୃପତିଙ୍କୁ ମଧ୍ୟ ଦେଖନ୍ତୁ ! କୁନ୍ତିଭୋଜ ଏବଂ ଯୁଧାମନ୍ୟୁ ମଧ୍ୟ ଆସିଛନ୍ତି । ଆହୁରି ମଧ୍ୟ ପୁରୁଜିତ୍ ପ୍ରମୁଖ ବହୁ ନୃପତି ଅଛନ୍ତି । ସୁଭଦ୍ରାହୃଦୟାନନ୍ଦ ଅଭିମନ୍ୟୁ ଯିଏ କି ଦ୍ୱିତୀୟ ନବୀନ ଅର୍ଜୁନ ଏବଂ ଦ୍ରୌପଦୀଙ୍କ ଅନ୍ୟପୁତ୍ରମାନେ ମଧ୍ୟ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ । ଏ ସମସ୍ତେ ମହାରଥୀ ଏବଂ ଯେଉଁମାନଙ୍କର ସଂଖ୍ୟା ଗଣନା କରାଯାଇପାରିବ ନାହିଁ, ସେଭଳି ଅଗଣିତ ବୀର ଏଠାକୁ ଆସିଛନ୍ତି ।

ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ ।
ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍‌ବ୍ରବୀମି ତେ ॥ ୭ ॥
ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।
ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିର୍ଜୟଦ୍ରଥଃ * ॥ ୮ ॥

ତା'ପରେ ଆମପକ୍ଷର ସୈନ୍ୟବାହିନୀ ଭିତରେ ଆପଣଙ୍କୁ କେନ୍ଦ୍ରକରି ଯେଉଁସବୁ ପ୍ରଧାନ ପ୍ରଧାନ ବୀର ଅଛନ୍ତି, ପ୍ରସଙ୍ଗକ୍ରମେ ମୁଁ ସେମାନଙ୍କୁ ମଧ୍ୟ ଚିହ୍ନେଇ ଦେଉଛି । ପ୍ରତାପରେ ଭାନୁତୁଲ୍ୟ ତେଜସ୍ୱୀ ହେଉଛନ୍ତି ଗଙ୍ଗାନନ୍ଦନ ଭୀଷ୍ମ । ଶତ୍ରୁ ରୂପକ ହାତୀପଲ ନିକଟରେ ସିଂହ ଭଳି ପରାକ୍ରମୀ ହେଉଛନ୍ତି ବୀରକର୍ଣ୍ଣ । ଯିଏ ଇଚ୍ଛାକଲେ ଏକା ଏକା ବିଶ୍ୱକୁ ସଂହାର କରିଦେଇ ପାରନ୍ତି, ସେଭଳି ବୀର ହେଉଛନ୍ତି କୃପାଚାର୍ଯ୍ୟ ଓ ବୀର ବିକର୍ଣ୍ଣ । ଶତ୍ରୁ ମନରେ ଯିଏ ସାକ୍ଷାତ୍ କୃତାନ୍ତତୁଲ୍ୟ, ସେହିଭଳି ବୀର ହେଉଛନ୍ତି ଅଶ୍ୱତ୍ଥାମା । ଯୁଦ୍ଧରେ ସଦା ବିଜୟୀ ହେଉଛନ୍ତି ସୌମଦତ୍ତି ବା ଭୁରିଶ୍ରବା । ଏମାନେ ସମସ୍ତେ ଆମ ପକ୍ଷରେ ଅଛନ୍ତି ।

ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।
ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ॥ ୯ ॥

ଏହିପରି ଆହୁରି ଅନେକ ବୀର ଅଛନ୍ତି, ଯେଉଁମାନଙ୍କର ପରାକ୍ରମକୁ ବ୍ରହ୍ମା ସୁଦ୍ଧା କଳନା କରିପାରିବେ ନାହିଁ । ଏମାନେ ଶସ୍ତ୍ରବିଦ୍ୟାରେ ପାରଦର୍ଶୀ ଏବଂ ସାକ୍ଷାତ୍ ମନ୍ତ୍ରର ଅବତାର । ଏମାନଙ୍କର ମହିମାରେ ଜଗତରେ ବିଭିନ୍ନ ଅସ୍ତ୍ର ବିଖ୍ୟାତ୍ ହୋଇପାରିଛି । ଜଗତରେ ଅପ୍ରତିଦ୍ୱନ୍ଦୀ ଅସୀମ ପ୍ରତାପଶାଳୀ ବୀରବୃନ୍ଦ ନିଜ ନିଜ ପ୍ରାଣକୁ ପଣକରି ଏହି ଯୁଦ୍ଧରେ ଆମ ପକ୍ଷଭୁକ୍ତ ହୋଇଛନ୍ତି । ପତିବ୍ରତାନାରୀର ହୃଦୟରେ ଯେପରି ପତିଚିନ୍ତା ଛଡ଼ା ଅନ୍ୟ କୌଣସି ଚିନ୍ତା ନଥାଏ, ସେହିଭଳି ମୁଁ ହେଉଛି ଏହି ବୀରମାନଙ୍କର ସର୍ବସ୍ୱ । ଏମାନେ ଏଭଳି ନିଷ୍ଠାପର ଉତ୍ତମ ପ୍ରଭୁଭକ୍ତ ଯେ, ମୋ ସ୍ୱାର୍ଥଲାଗି ନିଜ ନିଜ ଜୀବନକୁ ମୂଲ୍ୟବାନ ତଥା ତୁଚ୍ଛ ମନେ କରିଥାଆନ୍ତି । ଏମାନେ ଯୁଦ୍ଧ କଳା କୌଶଳରେ ଅତିଶୟ ନିପୁଣ । ପୂର୍ବରୁ ଏମାନେ ବହୁ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏବଂ କ୍ଷତ୍ରିୟ

---

* ପାଠାନ୍ତରେ "ସ୍ତଥୈବ ଚ" ମଧ୍ୟ ହୋଇଥାଏ ।

ନୀତି କ'ଣ ଏମାନେ ଭଲ ଭାବରେ ଜାଣନ୍ତି । ଆମ ସୈନ୍ୟବାହିନୀ ମଧ୍ୟରେ ଯେତେ ସଂଖ୍ୟାରେ ପରାକ୍ରମୀ ବୀର ଅଛନ୍ତି, ସେ ସମସ୍ତଙ୍କୁ ବର୍ଣ୍ଣନା କରିବା ଅସମ୍ଭବ, ଅଗଣିତ ସେମାନେ ।

ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତମ୍ ।
ପର୍ଯ୍ୟାପ୍ତଂତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତମ୍ । ୧୦ ।

ଜଗତରେ କ୍ଷତ୍ରିୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ଯୋଦ୍ଧା ପିତାମହ ଭୀଷ୍ମ ଆମ ସୈନ୍ୟବାହିନୀର ପ୍ରଧାନ ସେନାପତି ପଦବୀ ଗ୍ରହଣ କରିଛନ୍ତି । ଆମର ସୈନ୍ୟମାନେ ସଦୃଢ଼ ଦୁର୍ଗଭଳି ବ୍ୟୁହାକାରରେ ସୁସଜ୍ଜିତ । ଏହାଙ୍କୁ ଦେଖିଲେ ତ୍ରିଭୁବନର ପରାକ୍ରମ ମଧ୍ୟ ସାମାନ୍ୟ ମନେହେବ । ସମୁଦ୍ର ତ ନିଜେ ଦୁସ୍ତର, ତାହା ପୁଣି ବଡ଼ବାନଳ ସାହାଯ୍ୟରେ ଆହୁରି ଦୁସ୍ତର ହୋଇଉଠେ । ପ୍ରଳୟ-କାଳର ଅଗ୍ନି ସହିତ ପ୍ରବଳ ବାୟୁର ମିଳନ ବା ସଂଘାତ ଘଟିଲେ, ଏହା ଯେପରି ଆହୁରି ଭୀଷଣ ଆକାର ଧାରଣ କରେ, ଗଙ୍ଗାନନ୍ଦନ ଭୀଷ୍ମଦେବ ଆମ ସୈନ୍ୟବାହିନୀର ପ୍ରଧାନ ସେନାପତି ହୋଇଥିବାରୁ ଆମ ପକ୍ଷ ସେହି ରୂପ ଧାରଣ କରିଛି । ଅତଏବ, ଆମ ସୈନ୍ୟବାହିନୀଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ କିଏ ବା ସମର୍ଥ ହେବ ? ଆମ ସୈନ୍ୟବାହିନୀ ନିକଟରେ ପାଣ୍ଡବ ସୈନ୍ୟବଳ ଯାହାରକି ସେନାପତି ମୋଟାବୁଦ୍ଧିଆ ଭୀମସେନ, ଅତି ତୁଚ୍ଛ ମନେହେଉଛି । ଏହା କହି ଦୁ ର୍ଯ୍ୟୋଧନ ନୀରବ ରହିଲେ ।

ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବଃ ଏବ ହି ॥ ୧୧ ॥

ପୁଣି ଦୁର୍ଯ୍ୟୋଧନ ଫେରି ଆସି ଅନ୍ୟ ସେନାଧକ୍ଷମାନଙ୍କୁ ସମ୍ବୋଧନ କରି କହିଲେ, ନିଜ ନିଜ ସୈନ୍ୟବାହିନୀକୁ ସଜ୍ଜିତ କରି ପ୍ରସ୍ତୁତ ହୋଇ ପଡ଼ନ୍ତୁ । ଯେଉଁମାନଙ୍କର ଅକ୍ଷୌହିଣୀ ସୈନ୍ୟବାହିନୀ ରହିଛି, ସେମାନେ ନିଜ ନିଜ ସୈନ୍ୟଙ୍କୁ ନେଇ ଆଗକୁ ଚାଲିଯାଆନ୍ତୁ । ଯେଉଁମାନେ ମହାରଥୀ, ସେମାନେ ନିଜ ନିଜ ସୈନ୍ୟ ବିଭାଗକରି ଯଥାସ୍ଥାନରେ ରହିଯାଆନ୍ତୁ । ସମସ୍ତଙ୍କୁ

ଭୀଷ୍ମାଚାର୍ଯ୍ୟଙ୍କ ଆଦେଶ ପାଳନ କରିବାକୁ ପଡ଼ିବ ଏବଂ ଭୀଷ୍ମାଚାର୍ଯ୍ୟଙ୍କର ଯେପରି କୌଣସି କ୍ଷତି ନ ହୁଏ, ସେହିଭଳି ଭାବରେ ତାଙ୍କୁ ପାଣ୍ଡବ ପକ୍ଷର ଦୃଷ୍ଟି ଅନ୍ତରାଳରେ ରଖିବାକୁ ପଡ଼ିବ ।

ତା'ପରେ ରାଜା ଦୁର୍ଯ୍ୟୋଧନ ଦ୍ରୋଣାଚାର୍ଯ୍ୟଙ୍କୁ କହିଲେ, ''ଆପଣ କିନ୍ତୁ ସବୁ ସୈନ୍ୟଙ୍କ ପ୍ରତି ଦୃଷ୍ଟି ରଖିବେ । ଆପଣାର ମନେକରି ଭୀଷ୍ମଦେବଙ୍କୁ ରକ୍ଷା କରିବେ, କାରଣ ଭୀଷ୍ମଦେବ ହେଉଛନ୍ତି ଆମ ସୈନ୍ୟ ବାହିନୀର ଏକମାତ୍ର ଭରସା ।''

ତସ୍ୟ ସଞ୍ଜନୟନ୍‌ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥୧୨॥

ଦୁର୍ଯ୍ୟୋଧନଙ୍କ ମୁହଁରୁ ଏ ସବୁ କଥା ଶୁଣିବା ପରେ ଭୀଷ୍ମଦେବ ତାଙ୍କୁ ଖୁସି କରାଇବା ଲାଗି ସିଂହନାଦ କଲେ । ସେହି ଅଦ୍‌ଭୁତ ନାଦ ଦୁଇପକ୍ଷ ସୈନ୍ୟବାହିନୀ ମଧ୍ୟରେ ପ୍ରତିଧ୍ୱନିତ ହୋଇ ତାହା ଆକାଶକୁ ଉଠିଲା । ଏହି ସିଂହନାଦ ପ୍ରତିଧ୍ୱନିତ ହେଉଥିବା ସମୟରେ ସେ ନିଜର ବୀରବୃତ୍ତିର ପୂର୍ଣ୍ଣ ପରାକ୍ରମ ସହିତ ଦିବ୍ୟ ଶଙ୍ଖ ବଜାଇଲେ । ସିଂହନାଦ ଓ ଶଂଖଧ୍ୱନି ଉଭୟର ମିଳନରେ ତ୍ରିଲୋକ ବଧିର ହୋଇ ପଡୁଥିବାଭଳି ମନେହେଲା । ମନେହେଲା ଯେପରିକି ଆକାଶ କଡ଼ମଡ଼ କରି ଭାଙ୍ଗି ପଡୁଛି । ଗଗନ ଗୁରୁ ଗମ୍ଭୀର ଧ୍ୱନି କରି ଉଠିଲା । ସାଗର ଉଚ୍ଛଳିତ ହୋଇ ପଡ଼ିଲା । ସଚରାଚର ବିଶ୍ୱ ବଧଭାବରେ କମ୍ପିତ ହେବାକୁ ଲାଗିଲା । ସେହି ମହାଗମ୍ଭୀର ନାଦ ଗିରି କନ୍ଦରରେ ମଧ୍ୟ ପ୍ରତିଧ୍ୱନିତ ହୋଇଉଠିଲା । ସେତେବେଳେ ସୈନ୍ୟମାନଙ୍କ ମଧ୍ୟରେ ନିନାଦିତ ହେଲା ରଣବାଦ୍ୟ ।

ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ ॥ ୧୩ ॥

ନାନାପ୍ରକାରର ରଣବାଦ୍ୟ ଏକାଠି ବାଜି ଉଠିବାରେ ଏଭଳି ଭୟାନକ ପ୍ରଚଣ୍ଡ ଧ୍ୱନିର ଉଦ୍‌ଭବ ହେଲା ଯେ, ସମବେତ ମହାବୀରମାନେ ଭାବିଲେ ମହାପ୍ରଳୟ ଆସିଗଲା । ଭେରୀ, ତୂରୀ, ମାଦଳ, ଶଙ୍ଖ, ଝାଞ୍ଜ ଇତ୍ୟାଦି

ନାନାରକମର ବାଦ୍ୟଧ୍ୱନି ସଙ୍ଗେ ସଙ୍ଗେ ବୀର ଯୋଦ୍ଧାମାନଙ୍କ ଭିତରେ ସୃଷ୍ଟିହେଲା ତୁମୁଳ କୋଳାହଳ । କିଏ ବା ଯୁଦ୍ଧ କରିବାଲାଗି ଭୋଳ ହୋଇ ବାହୁସ୍ଫୋଟ କରିବାକୁ ଲାଗିଲା ତ ଅନ୍ୟ କେହି ବୀରଦର୍ପରେ ହୁଂକାର କରିବାକୁ ଲାଗିଲା । ହାତୀଗୁଡ଼ାକ ମଧ୍ୟ ଅସମ୍ଭାଳ ହୋଇ ପଡ଼ିଲେ । ଭୀରୁମାନଙ୍କ କଥା କ'ଣ କହିବି ? ସେମାନେ ଶୁଖିଲା ଘାସ, କାଠିକୁଟା ତଥା ତୂଳାଭଳି ଉଡ଼ିଗଲେ । ଯେଉଁଥିରେ କୃତାନ୍ତ ବା ଯମ ଭୟତ୍ରସ୍ତ ହୋଇ ପଡ଼ିଥାଏ, ସେହିଭଳି ଏ ଯୁଦ୍ଧ ଭୟରେ କାହାର କାହାର ଠିଆ ହେଉ ହେଉ ପ୍ରାଣବାୟୁ ଉଡ଼ିଗଲା । ଯେଉଁମାନେ ନିଜକୁ ଖୁବ୍ ଧୈର୍ଯ୍ୟବାନ୍ ବୋଲି କହି ହେଉଥିଲେ, ଭୟରେ ସେମାନଙ୍କର ଦାନ୍ତ ପାଟି ପଡ଼ିଗଲା । ଯେଉଁମାନେ ପ୍ରସିଦ୍ଧ ଯୋଦ୍ଧା ବୋଲାଉଥିଲେ ଏବଂ ଯେଉଁମାନଙ୍କ ଦେହରେ ବିଶ୍ୱସଂହାରର ବଳ ଅଛି ବୋଲି ଦୁର୍ଯ୍ୟୋଧନ କହୁଥିଲେ, ସେମାନେ ଭୟରେ କମ୍ପିବାକୁ ଲାଗିଲେ । ବାସ୍ତବରେ ବାଦ୍ୟଧ୍ୱନି ଏପରି ଭୟଙ୍କର ହୋଇ ଉଠିଲା ଯେ, ବ୍ରହ୍ମା ଆଦି ବ୍ୟାକୁଳ ହୋଇପଡ଼ିଲେ । ଇନ୍ଦ୍ରାଦି ଦେବତାଗଣ ମଧ୍ୟ କହିଲେ, ଆଜି ବୋଧହୁଏ ପ୍ରଳୟକାଳ ଆସିଗଲା ।

ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ॥ ୧୪ ॥
ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ॥ ୧୫ ॥
ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ॥ ୧୬ ॥

ଏହି ଧ୍ୱନି ସ୍ୱର୍ଗଲୋକରେ ମଧ୍ୟ ପ୍ରତିଧ୍ୱନିତ ହୋଇଉଠିଲା । ବର୍ତ୍ତମାନ ପାଣ୍ଡବ ସୈନ୍ୟମାନଙ୍କ ମଧ୍ୟରେ କି ପ୍ରତିକ୍ରିୟା ହେଲା ଦେଖାଯାଉ । ଯାହା ବିଜୟର ପିତୃଗୃହ, ତେଜର ଭଣ୍ଡାର, ଗରୁଡ଼ ଭଳି ବେଗବାନ୍, ଚାରୋଟି ଶ୍ୱେତ ଅଶ୍ୱଯୁକ୍ତ ଏବଂ ଯାହାକୁ ଦେଖିଲେ ପକ୍ଷଯୁକ୍ତ ମେରୁପର୍ବତପରି ପ୍ରତୀୟମାନ ହୋଇଥାଏ, ସେହି ରଥ ଚତୁର୍ଦ୍ଦିଗକୁ ଉଜ୍ଜ୍ୱଳ ତେଜଦ୍ୱାରା ପରିପୂର୍ଣ୍ଣ କରି

ସେଠାରେ ଶୋଭା ପାଇବା ଲକ୍ଷ୍ୟ କରାଗଲା । ଯେଉଁ ରଥର ଅଶ୍ୱଚାଳକ ସ୍ୱୟଂ ବୈକୁଣ୍ଠାଧିପତି ହୃଷୀକେଶ ଶ୍ରୀକୃଷ୍ଣ, ସେ ରଥର କ'ଣ ବା ବର୍ଣ୍ଣନା କରିବି ? ଧ୍ୱଜସ୍ତମ୍ଭ ଉପରେ ରହିଛନ୍ତି ଶଙ୍କରଙ୍କ ଅବତାର ମାରୁତି । ଅର୍ଜୁନଙ୍କ ସାରଥି ସାର୍ଙ୍ଗଧର ସ୍ୱୟଂବିଷ୍ଣୁ । ଭକ୍ତପ୍ରତି ପ୍ରଭୁର ଅଦ୍ଭୁତ ପ୍ରେମର ନୂତନ ପରିଚୟ ମିଳିଲା । କାରଣ ସେ ସେବକକୁ ପଛରେ ରଖି ସ୍ୱୟଂ ସମ୍ମୁଖରେ ରହିଲେ । ଅବଲୀଳାକ୍ରମେ ପାଞ୍ଚଜନ୍ୟ ନାମକ ନିଜ ଶଙ୍ଖ ବଜାଇଲେ ସେ । ଆରମ୍ଭ ହେଲା ଶଙ୍କର ମହାନିର୍ଘୋଷ । ଯେପରି ସୂର୍ଯ୍ୟଙ୍କ ଉଦୟରେ ନକ୍ଷତ୍ର ଗଗନରେ ମିଳେଇ ଯାଇଥାଏ, ସେହିଭଳି ପାଞ୍ଚଜନ୍ୟର ମହାନାଦରେ କୌରବ ସୈନ୍ୟଙ୍କ ରଣବାଦ୍ୟ ଓ କୋଳାହଳ କୁଆଡ଼େ ଡୁବିଗଲା । ଅର୍ଜୁନ ମଧ୍ୟ ଦେବଦତ୍ତ ନାମକ ମହାଗମ୍ଭୀର ନାଦଯୁକ୍ତ ନିଜ ଶଙ୍ଖ ବଜାଇଲେ । ଏହି ଦୁଇ ଶବ୍ଦ ଏକତ୍ର ମିଳିତ ହୋଇ ଏଭଳି ଅଦ୍‌ଭୁତ ଗମ୍ଭୀର ଧ୍ୱନି ସୃଷ୍ଟି ହେଲା ଯେ, ବ୍ରହ୍ମାଣ୍ଡକୁ ଶତଧା ବିଦୀର୍ଣ୍ଣକରିବା ଉପକ୍ରମ କଲା । ସେତେବେଳେ ପାଣ୍ଡବ ସେନାବାହିନୀର ପ୍ରଧାନ ସେନାପତି ମହାଭୀମକର୍ମା ଭୀମସେନ ଭାବାବିଷ୍ଟ ହୋଇ ମହାକାଳଭଳି ଉତ୍ତେଜିତ ହୋଇପଡ଼ିଲେ ଏବଂ ନିଜର ପୌଣ୍ଡ୍ର ନାମକ ଶଙ୍ଖ ବଜାଇଲେ । ଏହା ଫଳରେ ମହାପ୍ରଳୟକାଳର ମେଘ ଯେପରି ଗମ୍ଭୀର ଘଡ଼ଘଡ଼ି ଧ୍ୱନି କରିଥାଏ, ସେହିଭଳି ଧ୍ୱନି ହେଲା । ଯୁଧିଷ୍ଠିର ବଜାଇଲେ ତାଙ୍କର ଅନନ୍ତବିଜୟ ଶଙ୍ଖ । ନକୁଳ ତାଙ୍କର ସୁଘୋଷ ଓ ସହଦେବ ତାଙ୍କର ମଣିପୁଷ୍ପକ ନାମକ ଶଙ୍ଖ ବଜାଇଲେ । ଏମାନଙ୍କ ଧ୍ୱନିରେ ସାକ୍ଷାତ ଯମ ମନରେ ମଧ୍ୟ ଭୟ ସଞ୍ଚାର ହେଲା ।

କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥ ୧୭ ॥
ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ !
ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ ॥ ୧୮ ॥
ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।
ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋବ୍ୟନୁନାଦୟନ୍ ॥ ୧୯ ॥

ସେଠାରେ ବହୁ ନୃପତି ଥିଲେ । ଦ୍ରୁପଦ, ଦ୍ରୌପଦେୟ, ମହାବାହୁ କାଶୀପତି, ଅର୍ଜ୍ଜୁନଙ୍କ ପୁତ୍ର ଅଭିମନ୍ୟୁ, ଅପରାଜିତ ସାତ୍ୟକି, ନୃପଶ୍ରେଷ୍ଠ ଧୃଷ୍ଟଦ୍ୟୁମ୍ନ, ଶିଖଣ୍ଡୀ, ବିରାଟରାଜା ପ୍ରମୁଖ ବହୁ ପ୍ରଧାନ ପ୍ରଧାନ ବୀର ଥିଲେ । ସେମାନେ ବିଭିନ୍ନ ଶଙ୍ଖଧ୍ୱନି କଲେ । ସେହିସବୁ ଶଙ୍ଖର ଧ୍ୱନିରେ ଶେଷନାଗ ଓ କୂର୍ମ୍ମ ଚମକି ଉଠିଲେ ଏବଂ ପୃଥିବୀର ବୋଝକୁ ଛାଡ଼ିଦେବା ଲାଗି ପ୍ରବୃତ୍ତ ହେଲେ । ସେଥିରେ ତ୍ରିଲୋକ ଟଳମଳ ହୋଇ ପଡ଼ିଲା, ମେରୁମନ୍ଦର ପର୍ବତ ଆନ୍ଦୋଳିତ ହୋଇଉଠିଲା । ସମୁଦ୍ରର ଜଳ କୈଳାସ ପର୍ବତ ପର୍ଯ୍ୟନ୍ତ ଉଛୁଳି ପଡ଼ିଲା । ମନେହେଲା ଯେପରି ପୃଥିବୀଟା ଓଲଟି ପଡ଼ିଲା, ଆକାଶ ଭାଙ୍ଗି ତଳେପଡ଼ିଗଲା, ନକ୍ଷତ୍ରଗଣ କକ୍ଷଚ୍ୟୁତ ହୋଇପଡ଼ିଲେ । ସତ୍ୟଲୋକରେ ହଇଚଇ ପଡ଼ିଗଲା । ସମସ୍ତେ କହିଲେ, ସୃଷ୍ଟିର ସର୍ବନାଶ ହୋଇଗଲା । ନିରାଶ୍ରିତ ହୋଇପଡ଼ିଲେ ଦେବତାମାନେ । ସେମାନେ ଭୀଷଣ ଚିତ୍କାର କରିଉଠିଲେ । ଦିନବେଳେ ସୂର୍ଯ୍ୟର ଗତି ବନ୍ଦ ହୋଇ ଆସିଲା ଏବଂ ପ୍ରଳୟକାଳ ଭଳି ତ୍ରିଲୋକରେ ହାହାକାର ପଡ଼ିଗଲା । ଏସବୁ ଦେଖି ଆଦିପୁରୁଷ ଶ୍ରୀକୃଷ୍ଣ ବିସ୍ମିତ ହୋଇ କହିଲେ, ''ଆରେ ମୁଁ ତ ଶଙ୍ଖ ବଜାଇବା ଭୋଳରେ ସୃଷ୍ଟିକୁ ଲୋପ କରିବାକୁ ବସିଲିଣି !'' ଏହା କହି ସଙ୍ଗେ ସଙ୍ଗେ ସେ ଶଙ୍ଖନାଦ ବନ୍ଦ କରିଦେଲେ । କଥିତ ଅଛି, ଶ୍ରୀକୃଷ୍ଣପ୍ରଭୃତିଙ୍କ ଶଙ୍ଖ ନିନାଦରେ ଯୁଗାନ୍ତର ଉପକ୍ରମ ହୋଇଥିଲା । ଏହି ଧ୍ୱନି ବନ୍ଦ ହେବାରେ ସୃଷ୍ଟି ରକ୍ଷାପାଇଲା । ସେ ଗମ୍ଭୀର ଧ୍ୱନିର ଉପସଂହାର ବା ଶେଷ ହେଲେ ମଧ୍ୟ ଏହାର ପ୍ରତିଧ୍ୱନିରେ କୌରବ ସୈନ୍ୟମାନଙ୍କ ପରାକ୍ରମର ବିନାଶ ଘଟିଲା । ହାତୀପଲ ଭିତରେ ପଶି ସିଂହ ଯେପରି ଅବଲୀଳାକ୍ରମେ ସେମାନଙ୍କୁ ବିଦାରି ପକାଇଥାଏ, ସେହିଭଳି ଶ୍ରୀକୃଷ୍ଣଙ୍କ ଶଙ୍ଖଧ୍ୱନିରେ କୌରବ ପକ୍ଷର ହୃଦୟ ବିଦୀର୍ଣ୍ଣ ହୋଇପଡ଼ିଲା । ମନେହେଲା ଯେପରି ଶଙ୍ଖଧ୍ୱନି ସେମାନଙ୍କୁ କହୁଚି— ସାବଧାନ ! ସାବଧାନ !

ଅଥ ବ୍ୟବସ୍ଥିତାନ୍‌ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ ।
ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ।
ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ॥ ୨୦ ॥

କୌରବ ପକ୍ଷରେ ପ୍ରୌଢ଼ ମହାରଥୀମାନେ ପୁଣି ନିଜ ନିଜ ସୈନ୍ୟମାନଙ୍କୁ ଆଶ୍ୱାସନା ଦେଇ ଯୁଦ୍ଧରେ ପ୍ରବୃତ୍ତ କରାଇଲେ ଏବଂ ସୈନ୍ୟମାନେ ପୂର୍ବାପେକ୍ଷା ଦ୍ୱିଗୁଣିତ ଉତ୍ସାହରେ ଅଗ୍ରସର ହେଲେ । ପୁଣି ତ୍ରିଲୋକ ପଡ଼ିଲା, ଉଠିଲା । ଧନୁର୍ଦ୍ଧାରୀବୀରମାନଙ୍କ ବାଣ ବର୍ଷଣରେ ପୁଣି ମେଦିନୀ କମ୍ପି ଉଠିଲା । ମନେ ହେଲା ଯେପରି ପ୍ରଳୟ କାଳର ମେଘବର୍ଷଣ ଚାଲିଛି । ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ଯୁଦ୍ଧରତ ଦେଖି କପିଧ୍ୱଜ-ରଥାରୂଢ଼ ଅର୍ଜୁନ ଆନନ୍ଦିତ ହେଲେ । ସେ ଗମ୍ଭୀର ଭାବରେ ଦୃଷ୍ଟିପାତ କଲେ ସୈନ୍ୟମାନଙ୍କ ଉପରେ । ସେ ଦେଖିଲେ କୌରବ ସୈନ୍ୟବଳ ସଂଗ୍ରାମ ଲାଗି ସୁସଜ୍ଜିତ । ତାପରେ ସେ ଧନୁକୁ ଟଙ୍କାରି ଶର ନିକ୍ଷେପ କରିବା ଲାଗି ଉଦ୍ୟତ ହେଲେ ।

ଅର୍ଜୁନ ଉବାଚ

ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ !॥୨୧ ॥
ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।
କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍‌ରଣସମୁଦ୍ୟମେ ॥ ୨୨ ॥
ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।
ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ ॥ ୨୩ ॥

ଠିକ୍ ଏହି ସମୟରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ, ''ଶୀଘ୍ର ଦୁଇପକ୍ଷର ମଧ୍ୟସ୍ଥଳକୁ ଆମର ରଥକୁ ନେଇ ଚାଲନ୍ତୁ । ଯୁଦ୍ଧ କରିବାକୁ ଆସିଥିବା ବୀର ଯୋଦ୍ଧାମାନଙ୍କୁ ମୁଁ ଯେପରି ଭଲଭାବରେ ଦେଖି ପାରିବି, ଠିକ୍ ସେହିଭଳି ଏକ ସ୍ଥାନରେ ରଥକୁ ନେଇ ରଖନ୍ତୁ । ସମସ୍ତଙ୍କୁ ଦେଖିଲେ ସିନା ରଣାଙ୍ଗନରେ ସମବେତ ଯୋଦ୍ଧାମାନଙ୍କ ମଧ୍ୟରୁ ପ୍ରଥମେ କାହା ସହିତ ଲଢ଼ିବି ସ୍ଥିର କରି ପାରିବି । ଶୌର୍ଯ୍ୟବୀର୍ଯ୍ୟହୀନ ହେଲେ ମଧ୍ୟ ମନ୍ଦବୁଦ୍ଧି ଦୁର୍ଯ୍ୟୋଧନ ତଥା କୌରବମାନଙ୍କୁ ସନ୍ତୁଷ୍ଟ କରିବାଲାଗି ଯେଉଁ ତଥାକଥିତ ବୀରମାନେ ଆମମାନଙ୍କ ସହିତ ଯୁଦ୍ଧ କରିବାକୁ ଆସିଛନ୍ତି, ଜଣ ଜଣ କରି ମୁଁ ସେମାନଙ୍କୁ ଦେଖିବାକୁ ଚାହେଁ । ମୁଁ ଜାଣେ, ଏମାନଙ୍କର ଯୁଦ୍ଧ କରିବାକୁ ଇଚ୍ଛାଥିଲେ ମଧ୍ୟ

ସାମର୍ଥ୍ୟ ନାହିଁ । ସେ ଯାହା ହେଉନା କାହିଁକି, ହେ ଅଚ୍ୟୁତ ସେମାନଙ୍କୁ ମୁଁ ଦେଖିବା ପର୍ଯ୍ୟନ୍ତ ଆମ ରଥକୁ ମଧ୍ୟସ୍ଥଳରେ ନେଇ ରଖନ୍ତୁ ।

ସଂଜୟ ଅର୍ଜୁନଙ୍କର ଏସବୁ କଥା ମହାରାଜା ଧୃତରାଷ୍ଟ୍ରଙ୍କୁ ଜଣାଇଥିଲେ ।

ସଞ୍ଜୟ ଉବାଚ

ଏବମୁକ୍ତୋ ହୃଷୀକେଶୋ ଗୁଡ଼ାକେଶେନ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ॥୨୪॥
ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।
ଉବାଚ ପାର୍ଥ ! ପଶ୍ୟୈତାନ୍‌ସମବେତାନ୍ କୁରୁନିତି ॥୨୫॥
ତତ୍ରାପଶ୍ୟାତ୍‌ସ୍ଥିତାନ୍ ପାର୍ଥଃ ପିତୄ ନଥ ପିତାମହାନ୍ ।
ଆଚାର୍ଯ୍ୟାନ୍ ମାତୁଳାନ୍ ଭ୍ରାତୄ ନ୍
ପୁତ୍ରାନ୍ ପୌତ୍ରାନ୍ ସଖୀଂସ୍ତଥା ।
ଶ୍ୱଶୁରାନ୍ ସୁହୃଦ୍‌ଶ୍ଚୈବ ସେନୟୋରୁଭୟୋରପି ॥୨୬॥
ତାନ୍‌ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୁନବସ୍ଥିତାନ୍
କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ ॥୨୭॥

ଅର୍ଜୁନ ଏହିଭଳି କହିବା ପରେ ସେ (ଶ୍ରୀକୃଷ୍ଣ) ଉଭୟ ସେନାଙ୍କ ମଧ୍ୟ ସ୍ଥଳରେ ନେଇ ରଥକୁ ରଖିଲେ । ଶ୍ରୀକୃଷ୍ଣ କପିଧ୍ୱଜରଥକୁ ନେଇ ସେଇଠି, ରଖିଲେ, ଯେଉଁଠି ଭୀଷ୍ମ, ଦ୍ରୋଣ ଏବଂ ରାଜା ମହାରାଜା ଏକତ୍ର ହୋଇଥିଲେ । ରଥର ଗତି ସ୍ଥିର ହୋଇ ଆସିବାପରେ ଅର୍ଜୁନ ସମ୍ଭ୍ରମ ଭାବରେ ସୈନ୍ୟମାନଙ୍କୁ ଦେଖିଲେ । ଶ୍ରୀକୃଷ୍ଣଙ୍କୁ କହିବାକୁ ଲାଗିଲେ— ଦେଖୁଛନ୍ତି ତ, ଏମାନଙ୍କ ଭିତରେ ଆମମାନଙ୍କର ଆତ୍ମୀୟ ସ୍ୱଜନ ଓ ଗୁରୁସ୍ଥାନୀୟ ଲୋକେ ରହିଛନ୍ତି । ଅର୍ଜୁନଙ୍କ ମୁହଁରୁ ଏକଥା ଶୁଣି ଶ୍ରୀକୃଷ୍ଣ କିଛି ସମୟ ପାଇଁ ବିସ୍ମିତ ହୋଇ ପଡ଼ିଲେ । ସଙ୍ଗେ ସଙ୍ଗେ ସେ ମନେ ମନେ କହିହେଲେ, ଅର୍ଜୁନଙ୍କ ମନରେ ଇଏ କି ଅଭିନବ ଭାବ ! ଏଭଳି ତ କେବେ ଦେଖା ନ ଥିଲା ! ନିଶ୍ଚୟ କିଛି ନା କିଛି ବିପରୀତ

ଭାବ ଉପସ୍ଥିତ ହୋଇଛି । ସର୍ବାନ୍ତର୍ଯ୍ୟାମୀ ଭଗବାନ ଭବିଷ୍ୟତ ଚିନ୍ତା କରି ଅର୍ଜୁନଙ୍କର ଏଭଳି ଭାବ କାହିଁକି ଓ କିପରି ଜାତ ହେଲା ଜାଣି ପାରିଲେ ସତ, ତଥାପି ସେ ଚୁପ୍ ରହିଲେ ।

ଧନୁର୍ଦ୍ଧର ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ପିତା, ପିତାମହ, ଗୁରୁ, ବନ୍ଧୁ, ମାତୁଳ ପ୍ରଭୃତିଙ୍କୁ ଦେଖିଲେ । କେବଳ ସେତିକି ନୁହେଁ ସେ ଦେଖିଲେ ମିତ୍ର, ସୁହୃଦ୍, ସଖା, ପୌତ୍ର, ଶ୍ୱଶୁର, ଶ୍ୟାଳକ ସମସ୍ତଙ୍କୁ । ଯେଉଁମାନଙ୍କର ସେ ମଙ୍ଗଳ କରିଛନ୍ତି, ସଙ୍କଟ ସମୟରେ ଯେଉଁମାନଙ୍କୁ ସେ ରକ୍ଷା କରିଛନ୍ତି, ଏଭଳି ଛୋଟ ବଡ଼ ନିଜର ଅନେକ ଗୋତ୍ରଜ ଯୁଦ୍ଧ କରିବାକୁ ଆସି ଉଭୟ ପକ୍ଷର ସୈନ୍ୟ ଭିତରେ ରହିଛନ୍ତି । ତାପରେ ଅର୍ଜୁନଙ୍କ ମନରେ ଆରମ୍ଭ ହେଲା ତୁମୁଳ ଆଲୋଡ଼ନ । ଆପେ ଆପେ ତାଙ୍କ ମନରେ ନାନା ଦୁର୍ବଳତା ଦେଖାଗଲା । ଏହି ଦୁର୍ବଳତାକୁ ଦେଖି ବୀରତ୍ୱ ଅପମାନିତ ହୋଇ ଅର୍ଜୁନଙ୍କୁ ଛାଡ଼ି କୁଆଡ଼େ ପଳେଇଲା । ସମ୍ଭ୍ରାନ୍ତ କୁଳରେ ଜନ୍ମ ହୋଇଥିବା ସୁଗୁଣସମ୍ପନ୍ନା ଓ ରୂପଲାବଣ୍ୟବତୀ ସ୍ତ୍ରୀ ନିଜର ଗୌରବ ଯୋଗୁଁ ନିଜ ପତି ସହିତ ଅନ୍ୟ କୌଣସି ସ୍ତ୍ରୀଲୋକର ସହବାସ ସହ୍ୟ କରିପାରେନା; କାମୁକ ପୁରୁଷ ନୂତନ ସ୍ତ୍ରୀ ମୋହରେ ନିଜ ଧର୍ମପତ୍ନୀକୁ ଭୁଲିଯାଇ ଲକ୍ଷ୍ୟଭ୍ରଷ୍ଟ ହୋଇଯାଏ । ତପସ୍ୟାର ଐଶ୍ୱର୍ଯ୍ୟରେ ସିଦ୍ଧିଲାଭ କରି ବୁଦ୍ଧିଭ୍ରଷ୍ଟ ହେଲେ ତପସ୍ୱୀର ମନ ଆଉ ବୈରାଗ୍ୟ ଆଡ଼କୁ ଯାଏନା । ଠିକ୍ ସେହିଭଳି ଅର୍ଜୁନଙ୍କ ଅନ୍ତରରେ କାରୁଣ୍ୟ ଭାବର ଉଦୟ ହେଲା । ତା ଫଳରେ ତାଙ୍କର ଶୌର୍ଯ୍ୟ, ବୀରତ୍ୱ କିଛି ଆଉ ରହିଲା ନାହିଁ । କାରଣ ତାଙ୍କ ମନ ଓ ହୃଦୟରେ କେବଳ ରହିଲା କାରୁଣ୍ୟ, ହତାଶା ଓ ବିଷାଦ । ତାନ୍ତ୍ରିକ (ଗୁଣିଆ) ମନ୍ତ୍ର- ପାରାୟଣରେ ଭୁଲ କରି ବସିଲେ, ତାକୁ ଯେପରି ଭୂତ ମାଡ଼ିବସେ, ସେହିଭଳି ଅର୍ଜୁନଙ୍କୁ ମୋହଭୂତ ଆସି ମାଡ଼ିବସିଲା । ହୃଦୟ ଦ୍ରବୀଭୂତ ହୋଇପଡ଼ିଲା । ଧୈର୍ଯ୍ୟ ଚାଲିଗଲା— ଠିକ୍ ଯେପରି ଚନ୍ଦ୍ରକିରଣରେ ଚନ୍ଦ୍ରକାନ୍ତ ମଣି ବିଗଳିତ ହୋଇପଡ଼େ, ସେହିଭଳି । ତା'ପରେ ମୋହଜର୍ଜରିତ ପାର୍ଥ ଅତି ଦୁଃଖରେ କହିବାକୁ ଲାଗିଲେ—

ଅର୍ଜୁନ ଉବାଚ

ଦୃଷ୍ଟ୍ୱେମାନ୍ ସ୍ୱଜନାନ୍ କୃଷ୍ଣ ! ଯୁଯୁତ୍ସୁନ୍ ସମବସ୍ଥିତାନ୍ ।*
ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ॥୨୮॥
ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ।
ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ ତ୍ୱକ୍ଚୈବ ପରିଦହ୍ୟତେ ॥୨୯॥
ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ।
ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ! ॥୩୦॥

ହେ ଭଗବାନ ! ମୁଁ ସବୁ ସୈନ୍ୟଙ୍କୁ ଦେଖିଲି । ଏଠାରେ ଆତ୍ମୀୟସ୍ୱଜନ ସମସ୍ତେ ଆସି ଯୁଦ୍ଧ କରିବାକୁ ଉପସ୍ଥିତ ହୋଇଛନ୍ତି । କିନ୍ତୁ ସେମାନଙ୍କ ବିରୁଦ୍ଧରେ ମୁଁ ଯୁଦ୍ଧ କରିବା ଉଚିତ ହେବ କି ? ଏମାନଙ୍କ ସହିତ ଯୁଦ୍ଧ କରିବି— ଏକଥା ଭାବିଲା ମାତ୍ରେ ତ ମୋ ମନ କ'ଣ ନା କ'ଣ ହୋଇଯାଉଛି । ବୁଦ୍ଧି ସ୍ଥିର ହୋଇ ରହୁନାହିଁ । ଦେହ ଥରି ଉଠୁଛି । ଲୋମ ଟାଙ୍କୁରି ଉଠୁଛି । ଦେହରେ ସନ୍ତାପ । ହାତ ମୁଠା ଶୀଥିଳ ହୋଇ ପଡ଼ିବାରୁ ଗାଣ୍ଡୀବଧନୁ ଖସି ପଡୁଚି । ଗାଣ୍ଡୀବ ଖସି ତଳେ ପଡ଼ିଗଲେ ମଧ୍ୟ ମୁଁ ଜାଣିପାରୁ ନାହିଁ । ଆତ୍ମୀୟ ସ୍ୱଜନଙ୍କ ପ୍ରତି ମୋହ ହିଁ ମୋ ହୃଦୟକୁ ଆଚ୍ଛନ୍ନ କରିପକାଉଛି । ବଜ୍ରଠାରୁ କଠିନ, ଦୁର୍ଦ୍ଧର୍ଷ, ଅତି ଦାରୁଣ ମୋର ହୃଦୟ । ଏହି ଅଭିନବ ମୋହ ତାଠାରୁ ମଧ୍ୟ ଅତି କଠିନ ମନେହେଉଛି । ଯିଏ ଶଙ୍କରଙ୍କ ସହିତ ଯୁଦ୍ଧକରି ବିଜୟୀ ହୋଇପାରିଛି, ନବାତକବଚ ଭଳି ରାକ୍ଷସକୁ ବିନାଶ କରିପାରିଛି, ସେହି ଅର୍ଜୁନକୁ ଆଜି ନବୀନ ମୋହ କବଳିତ କରି ପକାଇଛି । ଭ୍ରମର ଯେପରି କଠିନ କାଠକୁ ସୁଦ୍ଧା ଅତି ସହଜରେ ଭେଦ କରିପାରେ କିନ୍ତୁ କୋମଳକମଳଦଳ (ପାଖୁଡ଼ା) ଭିତରେ ଆବଦ୍ଧ ହୋଇ ସେଠାରେ ମରିଗଲେ ମଧ୍ୟ କମଳକୋରକକୁ ଛିନ୍ନ କରି ପ୍ରାଣ ନେଇ ଚାଲି ଆସିବାକୁ ତାକୁ ବୁଦ୍ଧିବାଟ ଦେଖାଯାଏନା, ସେହିଭଳି ଭାବରେ ଆତ୍ମୀୟସ୍ୱଜନଙ୍କ ସ୍ନେହ ଅତି କୋମଳ ହୋଇଥିଲେ ମଧ୍ୟ ମତେ ଅତି କଠିନ ବୋଧ ହେଉଛି ।

---

* ପାଠାନ୍ତର — ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ! ଯୁଯୁତ୍ସୂ ସମୁପସ୍ଥିତଂ ।

ସଂଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ହେ ରାଜନ୍ ! ଏହି ମୋହ ହେଉଛି ଭଗବାନଙ୍କର ମାୟା । ବ୍ରହ୍ମାଦି ଦେବତାମାନେ ଏହି ମୋହର ଅଧୀନସ୍ଥ । ତେଣୁ ଅର୍ଜୁନ ଏଥିରେ ବ୍ୟାକୁଳ ହୋଇପଡ଼ିବା ସ୍ୱାଭାବିକ । ଅର୍ଜୁନ ନିଜର ସମସ୍ତଙ୍କୁ ଦେଖି, ସଂଗ୍ରାମ କରିବା ଲାଗି ତାଙ୍କର ଯେଉଁ ଅଭିମାନ, ଅହଙ୍କାର ଥିଲା, ତାହା ସେ ଭୁଲିଗଲେ । କିଭଳି ଭାବରେ ହଠାତ୍ ତାଙ୍କ ଚିତ୍ତରେ ଏହି କାରୁଣ୍ୟ ଭାବର ଉଦ୍ରେକ ହେଲା, ତାହା ବୁଝି ହେଉ ନାହିଁ ।

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ, ଏଠାରେ ଆଉ ରହି ହେବନାହିଁ । ଏସମସ୍ତଙ୍କୁ ବଧ କରିବା କଥା ଭାବିବାମାତ୍ରେ ମନ ଅତି ବ୍ୟାକୁଳ ହୋଇ ପଡୁଚି ଏବଂ ବାକ୍‌ରୁଦ୍ଧ ହୋଇ ଆସୁଚି ।

ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ।
ନ କାଙ୍କ୍ଷେ ବିଜୟଂ କୃଷ୍ଣ ! ନ ଚ ରାଜ୍ୟଂ ସୁଖାନି ଚ ॥୩୧॥

ଯଦି କୌରବମାନଙ୍କୁ ବଧ କରିବାକୁ ହେବ, ତେବେ ଯୁଧିଷ୍ଠିର ପ୍ରମୁଖଙ୍କୁ ବଧ ନ କରିବି କାହିଁକି ? ମୋର ବା ଆମର ଲୋକ ବୋଲି ଯେଉଁମାନଙ୍କୁ ଭାବୁଛି, ସମସ୍ତେ ତ ଗୋଟିଏ ଗୋତ୍ରର । ଧିକ୍ ଏ ଯୁଦ୍ଧକୁ ! ଏ ଯୁଦ୍ଧ ମୋର ଅଭିପ୍ରେତ ନୁହଁ । ଏହି ମହାପାପରେ ଲିପ୍ତ ହେବାକୁ ମୁଁ ଚାହେଁନା । ହେ ଭଗବାନ୍ ! ସବୁ ଦିଗରୁ ଭାବି ଦେଖିଲିଣି ଯେ ଏ ଯୁଦ୍ଧର ପରିଣାମ ଅତିଶୟ ମନ୍ଦ । ବରଂ କୌଣସିମତେ ଏହି ଯୁଦ୍ଧକୁ ଏଡ଼େଇ ପାରିଲେ ଲାଭ ଅଛି । ଏଥିରେ କଲ୍ୟାଣ ବୋଲି କିଛି ହେଲେ ନାହିଁ ।୩୧।

କିଂ ନୋ ରାଜ୍ୟେନ ଗୋବିନ୍ଦ !
କିଂ ଭୋଗୈର୍ଜୀବିତେନ ବା !
ଯେଷାମର୍ଥେ କାଙ୍କ୍ଷିତଂ ନୋ
ରାଜ୍ୟଂ ଭୋଗାଃ ସୁଖାନି ଚ ॥୩୨॥
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ୟକ୍ତ୍ୱା ଧନାନି ଚ ।
ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।
ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସମ୍ବନ୍ଧିନସ୍ତଥା ॥୩୩॥

ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ !
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ॥୩୪॥

ରାଜ୍ୟ ପାଇବାର ଆଶା ଦୂରେ ଥାଉ, ଏଭଳି ଯୁଦ୍ଧକରି ଜୟଲାଭ କରିବାର ତିଳେମାତ୍ର ଆବଶ୍ୟକତା ଅଛି ବୋଲି ମୁଁ ଅନୁଭବ କରୁନି । ପାର୍ଥ କହିଲେ, ହେ ଗୋବିନ୍ଦ ! ଏମାନଙ୍କୁ ବଧ କରି ଯେଉଁ ରାଜ୍ୟଭୋଗସୁଖ ମୁଁ ଲାଭ କରିବି, ତାକୁ ଧିକ୍ ! ଏଇ ସୁଖ ବ୍ୟତୀତ ମୋ ଭାଗ୍ୟରେ ଆଉ ଯାହା କିଛି ମିଳୁନା କାହିଁକି, ସେ ସବୁ ମୁଁ ସହ୍ୟ କରିବାକୁ ପ୍ରସ୍ତୁତ । ଏପରିକି ପ୍ରାଣତ୍ୟାଗ କରିବାକୁ ମଧ୍ୟ ପ୍ରସ୍ତୁତ । ଏହି ଆତ୍ମୀୟ ସ୍ୱଜନମାନଙ୍କୁ ହତ୍ୟାକରି ମୁଁ ରାଜ୍ୟ ଉପଭୋଗ କରିବି— ଏକଥା ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ହେଉନାହିଁ । ଯଦି ଗୁରୁଜନମାନଙ୍କର ମୃତ୍ୟୁଚିନ୍ତା କରିବାକୁ ପଡ଼େ, ତାହେଲେ ମୋର ବଞ୍ଚି ରହିବାର କ'ଣ ବା ଲାଭ ଅଛି ? ଜନ୍ମଗ୍ରହଣ କରିବାରେ କି ବା ସାର୍ଥକତା ଅଛି ? ବଂଶରେ ସନ୍ତାନ ଲାଭର ଇଚ୍ଛା କରି ଏବଂ ସନ୍ତାନ ଜନ୍ମଗ୍ରହଣ ପରେ ନିଜ ଗୋତ୍ରକୁ ସମୂଳେ ସଂହାର କରିବା କ'ଣ ଉଚିତ ? କ'ଣ ସନ୍ତାନ ଜନ୍ମର ଉଦ୍ଦେଶ୍ୟ ଏଇଥିପାଇଁ ? ନିଜ ହୃଦୟକୁ କିଭଳି ଭାବରେ ବଜ୍ରଠୁ କଠିନ କରିବି ଏବଂ ଗୋତ୍ର-ବିନାଶ ଚିନ୍ତାକୁ ମନରେ କିପରି ସ୍ଥାନ ଦେବି ଭାବିସୁଦ୍ଧା ପାରୁନି । ମୁଁ ଯାହା ଯାହା ପାଇବି ଏମାନଙ୍କ ଭୋଗ ଲାଗି ହିଁ ଉତ୍ସର୍ଗ ହେବ, ସେଥିରେ ସେମାନେ ସନ୍ତୁଷ୍ଟ ନ ହେଲେ ସେମାନଙ୍କ ଉପକାର ଲାଗି ନିଜ ପ୍ରାଣକୁ ସୁଦ୍ଧା ବଳି ଦେବି । ଯେଉଁ ବନ୍ଧୁବାନ୍ଧବମାନଙ୍କ ଆନନ୍ଦ ଓ ସନ୍ତୋଷ ଲାଗି ଦେଶ ଦେଶାନ୍ତର ବୁଲି ନୃପତିମାନଙ୍କୁ ଜୟ କରିଛି, ସେଇ ବନ୍ଧୁବାନ୍ଧବମାନେ ହିଁ ରଣାଙ୍ଗନରେ ଉପସ୍ଥିତ । ଇଏ କି ବିପରୀତ କଥା ଦେଖୁଛି ମୁଁ ! ସେହିମାନେ ଆମ ସହିତ ଯୁଦ୍ଧ କରିବା ପାଇଁ ଉଦ୍ୟତ । ସ୍ତ୍ରୀ, ପୁତ୍ର, ଧନ ସବୁ ଜଳାଞ୍ଜଳି ଦେଇ ସେମାନେ ଆସିଛନ୍ତି ଯୁଦ୍ଧରେ ପ୍ରାଣବଳି ଦେବାପାଇଁ । କିଭଳି ଏମାନଙ୍କୁ ବଧ କରିବି କୁହ ତ ? କାହା ବିରୁଦ୍ଧରେ ଅସ୍ତ୍ର ଧାରଣ କରିବି ? ଆତ୍ମୀୟ ସ୍ୱଜନମାନଙ୍କ ବିନାଶ କରିବି କିପରି ? ଯେଉଁମାନେ ଯୁଦ୍ଧକୁ ଆସିଛନ୍ତି, ସେମାନଙ୍କ ସହିତ କ'ଣ ମୋର ପରିଚୟ ନାହିଁ ? ଭୀଷ୍ମ, ଦ୍ରୋଣ ତ ଅଛନ୍ତି । ଏମାନେ ମୋର ଗୁରୁ । ଏମାନେ ଆମମାନଙ୍କର ବହୁ ଅସାଧାରଣ ଉପକାର ସାଧନ କରିଛନ୍ତି । ଆଉ ଏମାନେ ହେଲେ ଶ୍ୟାଳକ, ଶ୍ୱଶୁର, ମାତୁଳ ଏବଂ

ବନ୍ଧୁ, ପୁତ୍ର, ପୌତ୍ର ଓ ଆତ୍ମୀୟଗଣ । ହେ ମଧୁସୂଦନ ! ଏମାନଙ୍କ ସହିତ ମୋର ସମ୍ପର୍କ ଏତେ ନିବିଡ଼, ଏତେ ଘନିଷ୍ଠ ଯେ ଯୁଦ୍ଧ କରିବା କଥା ଭାବିଲେ ଅତ୍ୟନ୍ତ ଗର୍ହିତ କାର୍ଯ୍ୟ ହେବ ବୋଲି ମନେ ହେଉଛି ।

ନିହତ୍ୟ ଧାର୍ତରାଷ୍ଟ୍ରାନ୍ ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦ୍ଦନ ।
ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ।।୩୫।।

ଅନ୍ୟପକ୍ଷରେ ଏମାନେ ଯଦି ମତେ ବଧ କରି ପକାନ୍ତି, ତଥାପି ଏମାନଙ୍କୁ ବଧ କରିବା କଥା ମୁଁ ମନରେ ସ୍ଥାନ ଦେବାକୁ ଚାହେଁ ନାହିଁ । ଅତି ସହଜରେ ନିଷ୍କଣ୍ଟକ ଭାବରେ ତ୍ରିଲୋକର ଶାସନ କ୍ଷମତା ପାଇଲେ ମଧ୍ୟ ମୁଁ ଏହି ଅନୁଚିତ କର୍ମ କରିପାରିବି ନାହିଁ । ମୁଁ ଯଦି ଆଜି ଏହି କାମ କରିବସେ, ତାହାହେଲେ କାଲି ମୋ ନାଆଁ ଧରିବ କିଏ ? ହେ ଜନାର୍ଦ୍ଦନ, ଯୁଦ୍ଧ ସରିବାପରେ ତୁମ ମୁହଁକୁ ଚାହିଁବି କିପରି ?

ତସ୍ମାନ୍ନାର୍ହାଃ ବୟଂ ହନ୍ତୁଂ ଧାର୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ।
ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ।।୩୬।।
ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।
କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ।।୩୭।।
କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନି ବର୍ତ୍ତିତୁମ୍ ।
କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଭିର୍ଜନାର୍ଦ୍ଦନ ।।୩୮।।
କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମା ସନାତନାଃ ।
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ।।୩୯।।
ଅଧର୍ମାଭିଭବାତ୍ କୃଷ୍ଣ ! ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ! ଜାୟତେ ବର୍ଣ୍ଣସଙ୍କରଃ ।।୪୦।।

ଆତ୍ମୀୟମାନଙ୍କୁ ବଧ କଲେ ମୁଁ ସମସ୍ତ ଦୋଷର ଭଣ୍ଡାର ବୋଲି ବିବେଚିତ ହେବି । ତୁମେ, ଯିଏକି ମୋର ନିକଟତମ, ସେହି ତୁମେ ମଧ୍ୟ

ମୋଠାରୁ ଦୂରେଇଯିବ । କୁଳକ୍ଷୟକୃତ ଅଶେଷ ପାତକ ମତେ ସ୍ପର୍ଶ କରିବ । ସେତେବେଳେ ତୁମକୁ ପାଇବି କେଉଁଠୁ ? ବଣରେ ନିଆଁ ଲାଗିଲେ ଏବଂ ଏହା ଚାରିଆଡ଼କୁ ଖେଳିଗଲେ, ବନସ୍ଥ କୋକିଳ ଯେପରି କ୍ଷଣେ ହେଲେ ସ୍ଥିର ରହି ପାରେନା, ସରୋବରର ଜଳ କର୍ଦ୍ଦମମୟ ହୋଇପଡ଼ିଲେ ଚକୋର ଯେପରି ସେ ସ୍ଥାନକୁ ଛାଡ଼ି ପଳାଏ, ସେହିଭଳି ହେ ଭଗବାନ ! ମୋର ପୁଣ୍ୟ କ୍ଷୀଣ ହୋଇ ଆସିଲେ ତୁମେ ମାୟା ବିସ୍ତାର କରି ମତେ ଛାଡ଼ି ପଳେଇବ । ତେଣୁ ମୁଁ ଏ ଯୁଦ୍ଧ କରି ପାରିବି ନାହିଁ । ଅସ୍ତ୍ର ସୁଦ୍ଧା ଧାରଣ କରିପାରିବି ନାହିଁ । କାରଣ ଏହା ଅତିଶୟ ନିନ୍ଦନୀୟ କାର୍ଯ୍ୟ । ହେ କୃଷ୍ଣ ! ତୁମ ସହିତ ବିୟୋଗ ଘଟିଲେ, ମୋର ବୋଲି ଆଉ ରହିବ କିଏ ? ତୁମ ସହିତ ବିୟୋଗଜନିତ-ବିରହ ଘଟିବ, ଏକଥା ଭାବିବା ମାତ୍ରେ ଛାତି ଫାଟି ଯାଉଛି । ତେଣୁ କୌରବମାନଙ୍କୁ ବଧ କରି ରାଜ୍ୟ ଉପଭୋଗ କଥା ଭାବିବା ନିରର୍ଥକ ।

ଅଭିମାନ-ମଦରେ ଉନ୍ମତ୍ତ ହୋଇ କୌରବମାନେ ଯୁଦ୍ଧ କରିବାକୁ ଆସିଛନ୍ତି । ଅବଶ୍ୟ ପ୍ରଥମେ ନିଜ ହିତ ଦେଖିବା କଥା; କିନ୍ତୁ ଯେଉଁ ଯୁଦ୍ଧରେ ନିଜ ଲୋକଙ୍କୁ ବଧ କରିବାକୁ ପଡ଼େ; ସେଥିରେ ମୁଁ ପ୍ରବୃତ୍ତ ହେବି କିପରି ? ହେ ମାଧବ ! ବାଟରେ ଯାଉ ଯାଉ ହଠାତ୍ ସିଂହ ଆସି ଉପସ୍ଥିତ ହେଲେ ତାର ଦୃଷ୍ଟିକୁ ଏଡ଼େଇ ଖସି ପଳେଇବା ଶ୍ରେୟସ୍କର । ଆଲୋକମୟ ସ୍ଥାନ ତ୍ୟାଗ କରି ଅନ୍ଧକୂପର ଆଶ୍ରୟ ନେଲେ କି ଲାଭ ମିଳିବ ? ପ୍ରଜ୍ୱଳିତ ଅଗ୍ନିକୁ ଦେଖି ତାକୁ ଏଡ଼େଇ ନଗଲେ ତାହା ମୁହୂର୍ତ୍ତକ ଭିତରେ ଗ୍ରାସ କରିଥାଏ । ଦୋଷ ଏଠାରେ ମୂର୍ତ୍ତିମାନ ହୋଇ ସମର ରୂପରେ ଉପସ୍ଥିତ ହୋଇଛି । ଏକଥା ନିଜ ଆଖିରେ ଦେଖୁଚି, କାନରେ ଶୁଣୁଚି, ତଥାପି ଏଥିରେ ଝାସ ଦେବି କିପରି ?

ଏହି ଅବସରରେ ପାର୍ଥ ଭଗବାନଙ୍କୁ କହିଲେ; ହେ କୃଷ୍ଣ ! ଏ ଯୁଦ୍ଧଜନିତ ପାପର ଗୁରୁତ୍ୱ ସମ୍ପର୍କରେ ମୁଁ କହୁଛି, ଶୁଣ । ଯେଭଳି ଶୁଖିଲା କାଠ ସହିତ କାଠର ଘର୍ଷଣଦ୍ୱାରା ଅଗ୍ନି ଉତ୍ପନ୍ନ ହୋଇଥାଏ, ଏବଂ ସେଥିରେ କାଠରୁ ଜାତ ଆଖପାଖର ସବୁ ଦ୍ରବ୍ୟ ପୋଡ଼ିଜଳି ଧ୍ୱଂସ ହୋଇ ଯାଇଥାଏ, ସେହିଭଳି

ଏକକୁଳଜାତ ବନ୍ଧୁବାନ୍ଧବମାନେ ଦୁଷ୍ଟବୁଦ୍ଧି ପ୍ରଣୋଦିତ ହୋଇ ପରସ୍ପରକୁ ବଧ କରିବସିଲେ ଯେଉଁ ମହାଦୋଷର ଉତ୍ପତ୍ତି ହୋଇଥାଏ, ତାହା ସମଗ୍ର କୁଳର ସର୍ବନାଶ ଘଟାଇଥାଏ । ତେଣୁ ଏହି ପାପଦ୍ୱାରା କୁଳପରମ୍ପରାପ୍ରାପ୍ତ ସନାତନ ଧର୍ମର ବି ଲୋପ ହୋଇଥାଏ ଏବଂ କୁଳ ଭିତରେ ଅଧର୍ମ ପ୍ରବେଶ କରିଥାଏ ।

ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ॥୪୧॥
ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।
ଉତ୍ସାଦ୍ୟନ୍ତେ ଜାତି ଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ॥୪୨॥
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !
ନରକେ ନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ॥୪୩॥

ସେତେବେଳେ ଭଲମନ୍ଦ, ସାର ଅସାରର ବିଚାର, ଯୋଗ୍ୟାଯୋଗ୍ୟ ଆଚରଣ ଏବଂ କର୍ତ୍ତବ୍ୟାକର୍ତ୍ତବ୍ୟ ବୁଦ୍ଧି ଉଭେଇ ଯାଇଥାଏ । ହାତରେ ଦୀପ ନ ନେଇ ଅନ୍ଧକାର ପଥରେ ଚାଲିଲେ ଯେପରି ସରଳ ପଥରେ ମଧ୍ୟ ପଥଭ୍ରଷ୍ଟ ହେବାକୁ ପଡ଼ିଥାଏ, ସେହିଭଳି କୁଳକ୍ଷୟ ହେତୁ କୁଳଧର୍ମ ନଷ୍ଟ ହେଲେ, ପାପଛଡ଼ା ଆଉ କ'ଣ ବା ଲାଭ ହୋଇପାରେ ? ଯେଉଁମାନେ ନୀତି ନିୟମରେ ପଥ ପରିତ୍ୟାଗ କରି ଇନ୍ଦ୍ରିୟର ନିର୍ଦ୍ଦେଶ ଅନୁସାରେ ନିଜକୁ ପରିଚାଳିତ କରିଥାନ୍ତି, ସେହି କୁଳସ୍ତ୍ରୀମାନଙ୍କର ବ୍ୟଭିଚାର ଦୋଷ ଘଟିଥାଏ । ଉତ୍ତମ ଅଧମ ସହିତ ମିଶିଲେ ବର୍ଣ୍ଣାବର୍ଣ୍ଣ ମିଶ୍ରିତ ହୁଏ । ସେହିହେତୁ ଜାତିଧର୍ମ ସମୂଳେ ବିନଷ୍ଟ ହୁଏ । ଚତୁଷ୍ପଥରେ ବୈଶ୍ୱଦେବ ବଳି ଦେଲେ, କାକମାନେ ଯେପରି ଚତୁର୍ଦ୍ଦିଗରୁ ଆସି ଏଇଠି ଜୁଟନ୍ତି, ସେହିଭଳି ଏ ଯୁଦ୍ଧରେ ଜ୍ଞାତିବଧ କଲେ, ନିଜ କୁଳରେ ଚତୁର୍ଦ୍ଦିଗରୁ ନିର୍ବୋଧ ପାପସବୁ ଆସି ପ୍ରବେଶ କରିବେ । ସେଥିରେ କୁଳ ଓ କୁଳଘାତକ ଉଭୟେ ନର୍କରେ ପଡ଼ିବେ । ବଂଶବୁଦ୍ଧି ଦୁଷିତ ହୋଇ ଶୁଦ୍ଧବଂଶ ଲୋପ ପାଇବ । ସେଥିରେ ସ୍ୱର୍ଗବାସୀ ପୂର୍ବପୁରୁଷମାନଙ୍କର ମଧ୍ୟ ପତନ ଘଟିବ । ଯେଉଁ କୁଳରେ ନିତ୍ୟନୈମିତ୍ତିକ କାର୍ଯ୍ୟାନୁଷ୍ଠାନ ବନ୍ଦ ହୋଇଯାଏ, ସେଠାରେ କିଏ ବା କାହାକୁ

ତିଳୋଦକ ଅର୍ପଣ କରିବ ? ସେତେବେଳେ ପିତୃପୁରୁଷଗଣ କ'ଣ କରିବେ ? ସେମାନେ ସ୍ୱର୍ଗଲୋକରେ ନିଶ୍ଚିନ୍ତରେ ବାସ କରିବେ କିପରି ? ଫଳରେ ସେମାନଙ୍କୁ ପୁଣି ନିଜ ନିଜ କୁଳ ନିକଟରେ ଶରଣ ନେବାକୁ ପଡ଼ିଥାଏ । ଯେଭଳି ନଖ ଅଗକୁ ସର୍ପ ଦଂଶନ କଲେ ମଧ୍ୟ ସେହି ବିଷ କ୍ଷିପ୍ରଗତିରେ ମୁଣ୍ଡ ପର୍ଯ୍ୟନ୍ତ ଉଠିଯାଇଥାଏ, ସେହିଭଳି କୁଳକ୍ଷୟ ହେତୁ ଯେଉଁ ଦୋଷ ହୋଇଥାଏ, ତାହା ବ୍ରହ୍ମକୁ ସୁଦ୍ଧା ପାପରେ ପ୍ଲାବିତ କରିଥାଏ ।

ଅହୋବତ ମହତ୍ ପାପଂ କର୍ତ୍ତୁଂବ୍ୟବସିତା ବୟମ୍ ।
ଯଦ୍ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ ।।୪୪।।
ଯଦି ମାମପ୍ରତିକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।
ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ।।୪୫।।

ହେ ଭଗବାନ୍ ! ଆଉ ଗୋଟିଏ କଥା ଅବଧାରଣ କରନ୍ତୁ । ଏଥିରେ କେବଳ ମହାପାତକ ହେବ ନାହିଁ, ସଙ୍ଗଦୋଷରେ ଲୌକିକ ସଦାଚାର ମଧ୍ୟ ବିନଷ୍ଟ ହେବ । ଯେଭଳି ଗୋଟିଏ ଘରେ ଅଗ୍ନି ଜଳାଇ ଦେଲେ ଅଗ୍ନି କେବଳ ସେ ଘରକୁ ଜାଳିଦେଇ ନିବୃତ୍ତ ହୋଇ ନ ଥାଏ, ଅନ୍ୟଗୃହକୁ ମଧ୍ୟ ଭସ୍ମୀଭୂତ କରିଥାଏ, ସେହିଭଳି ଏହି ଦୂଷିତ କୁଳ ସହିତ ଯେଉଁମାନଙ୍କର ସଂସର୍ଗ ଘଟିବ, ସେମାନଙ୍କୁ ମଧ୍ୟ ନାନାଦୋଷ ସ୍ପର୍ଶ କରିବ ଏବଂ ଶେଷରେ ନରକବାସ ହେବ । ଏହି ନରକରେ ପଡ଼ିଲେ, କଳ୍ପାନ୍ତରେ ମଧ୍ୟ ଏଥିରୁ ନିସ୍ତାର ମିଳିବ ନାହିଁ । କୁଳକ୍ଷୟ ପାପରେ ଏହିଭଳି ଅଧଃପତନ ଘଟିଥାଏ । ହେ ଭଗବାନ ! ଏକଥା ଶୁଣିବା ପରେ ମଧ୍ୟ କ'ଣ ତୁମର ଭୟ ହେଉ ନାହିଁ ? ଚିତ୍ତକୁ କିପରି ବଜ୍ରଭଳି କଠୋର କରି ପକାଇଚ ଭାବି ସୁଦ୍ଧା ପାରୁନାହିଁ । ଯେଉଁ ରାଜ୍ୟସୁଖ ପାଇବି ବୋଲି ଅପେକ୍ଷା କରିବି, ତାହା କ୍ଷଣିକ । ଏକଥା ଜାଣିବା ପରେ ମହାପାପକୁ ଏଡ଼େଇବା ମୋର କର୍ତ୍ତବ୍ୟ ନୁହେଁ କି ? ଆମମାନଙ୍କଠାରୁ ଶ୍ରେଷ୍ଠ ଯେଉଁ ଗୁରୁଶ୍ରେଣୀର ଲୋକେ ଏଠାରେ ଏକତ୍ର ହୋଇଛନ୍ତି, ସେମାନଙ୍କୁ ବଧ କରିବି ବୋଲି ଇଚ୍ଛା କରି ସେମାନଙ୍କ ପ୍ରତି ଦୃଷ୍ଟିପାତ କରିବାଦ୍ୱାରା ମୋର ବହୁ ପାପ

ହୋଇ ସାରିଲାଣି; ଏହି ମହାପାପରେ ଲିପ୍ତ ହୋଇ ବଞ୍ଚି ରହିବା ଅପେକ୍ଷା ଅସ୍ତ୍ରତ୍ୟାଗ କରି କୌରବମାନଙ୍କ ଆଗରେ ଛାତି ଦେଖାଇ ଦେବା ଶତଗୁଣରେ ଭଲ । ସେମାନେ ଯେତେ ବାଣବର୍ଷଣ କରି ପାରିବେ କରନ୍ତୁ– ସେଥିରେ ମୋର ମୃତ୍ୟୁ ହୋଇଗଲେ ମଧ୍ୟ ଭଲ । ତେଣୁ ସବୁ ଦିଗରୁ ଚିନ୍ତା କରି ସ୍ଥିର କରୁଛି ଯେ ସେମାନଙ୍କୁ ହତ୍ୟାକରି ପାପଲିପ୍ତ ହେବାର କୌଣସି ଆବଶ୍ୟକତା ନାହିଁ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱାର୍ଜୁନଃ ସଙ୍ଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ।।୪୬।।

ରାଜା ଧୃଷ୍ଟରାଷ୍ଟ୍ରଙ୍କୁ ସଞ୍ଜୟ କହିଲେ, ରଣାଙ୍ଗନରେ ସେହି ସମୟରେ କୃଷ୍ଣଙ୍କୁ ଏକଥା କହୁ କହୁ ଅର୍ଜୁନ ଅତ୍ୟନ୍ତ ଉଦ୍‌ବିଗ୍ନଚିତ୍ତ ହୋଇ ଭାବବିହ୍ୱଳିତ ହୋଇପଡ଼ିଲେ । ଏହାକୁ ସମ୍ବରଣ କରିବାକୁ ଅସମର୍ଥ ହୋଇପଡ଼ି ସେ ରଥ ଉପରେ ଥକାମାରି ବସିପଡ଼ିଲେ । ଯେଭଳି ରାଜକୁମାର ପଦଚ୍ୟୁତ ହେଲେ ମର୍ମାହତ ହୋଇ ପଡ଼ନ୍ତି, ସୂର୍ଯ୍ୟ ରାହୁଗ୍ରସ୍ତ ହେଲେ ପ୍ରଭାହୀନ ହୋଇପଡ଼େ, କିମ୍ବା ସିଦ୍ଧିଲାଭ କରି ମଧ୍ୟ ତପସ୍ୱୀ ଭ୍ରମବଶତଃ କାମସେବାଦ୍ୱାରା ସିଦ୍ଧିଭ୍ରଷ୍ଟ ହୋଇ ଦୈନ୍ୟଦଶା ଲାଭ କରେ; ସେହିଭଳି ଧନୁର୍ଦ୍ଧର ଅର୍ଜୁନ ଅତ୍ୟନ୍ତ ଦୁଃଖରେ ଜର୍ଜରିତ ହୋଇ ବସିପଡ଼ିଲେ । ସଞ୍ଜୟ କହିଲେ, ମହାରାଜ ! ଆହୁରି ଶୁଣନ୍ତୁ– ଅର୍ଜୁନ ଗାଣ୍ଡୀବ ଧନୁ ପରିତ୍ୟାଗ କରି ଦେଲେଣି ଏବଂ ତାଙ୍କ ନୟନଯୁଗଳ ଅଶ୍ରୁବିଗଳିତ ହୋଇପଡ଼ିଲାଣି ।

ଏହାପରେ ଅର୍ଜୁନଙ୍କ ଦୁଃଖ ଦୂର କରିବା ଲାଗି ବୈକୁଣ୍ଠନାଥ ଶ୍ରୀକୃଷ୍ଣ ତାଙ୍କୁ ଯେପରି ପରମାର୍ଥ ନିର୍ଦ୍ଦେଶ-ନିରୂପଣ କରି ଉପଦେଶ ଦେଇଛନ୍ତି, ତାହା ଅତିଶୟ କୌତୁକପୂର୍ଣ୍ଣ, ଏହା ମୁଁ ନିବୃତ୍ତିଦାସ ଜ୍ଞାନଦେବ କହୁଛି ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ-ଦୀପିକାୟାଂ
ପ୍ରଥମୋଧ୍ୟାୟଃ ।

ସାଂଖ୍ୟ ଯୋଗ

ଦ୍ୱିତୀୟ ଅଧ୍ୟାୟ

ସଞ୍ଜୟ ଉବାଚ

ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଳେକ୍ଷଣମ୍ ।
ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ॥୧॥

ସଞ୍ଜୟ ପୁଣି ଧୃତରାଷ୍ଟ୍ରଙ୍କୁ କହିଲେ, ମହାରାଜ ! ଏହିଭଳି ଭାବରେ ପାର୍ଥ ଶୋକାଭିଭୂତ ହୋଇ କ୍ରନ୍ଦନ କରିବା ଦେଖାଗଲା । ଆତ୍ମୀୟସ୍ୱଜନଙ୍କୁ ଦେଖି ସେମାନଙ୍କ ପ୍ରତି ତାଙ୍କର ଏପରି ମମତା ଜାଗ୍ରତ ହେଲା ଯେ ସେଥିରେ ତାଙ୍କର ହୃଦୟ ବିଚଳିତ ହୋଇପଡ଼ିଲା । ଜଳରେ ଲୁଣକୁ ମିଶେଇ ଦେଲେ ତାହା ଯେପରି ଗୋଳେଇ ହୋଇଯାଏ; ବାୟୁର ସ୍ପର୍ଶରେ ମେଘ ଯେପରି ତଳକୁ ଝରିଆସେ; ସେହିଭଳି ଅର୍ଜୁନ ଧୈର୍ଯ୍ୟବାନ୍ ହେଲେ ମଧ୍ୟ ତାଙ୍କ ହୃଦୟ ତରଳି ଯାଇଥିଲା । ସେହି ମମତାରେ ତାଙ୍କ ହୃଦୟ ଆକୁଳ ବ୍ୟାକୁଳ ହୋଇ ପଡୁଥିବାରୁ ମୁହଁରେ ବିଷଣ୍ଣତା ଘୋଟି ଯାଇଥିଲା । ରାଜହଂସ କାଦୁଅରେ ଗୋଳେଇ ପୋଳେଇ ହୋଇ ଯେପରି ମଳିନ ଦେଖାଯାଏ, ସେହିଭଳି ପାଣ୍ଡୁନନ୍ଦନ ଅର୍ଜୁନ ମହାମୋହରେ ଅତ୍ୟନ୍ତ ଜର୍ଜରିତ ହୋଇ ପଡ଼ିଥିଲେ ।

ଶାର୍ଙ୍ଗଧର ଶ୍ରୀକୃଷ୍ଣ ତାଙ୍କର ଏହି ଅବସ୍ଥାକୁ ଦେଖି କହିଲେ-

ଶ୍ରୀଭଗବାନ ଉବାଚ

କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍ ।
ଅନାର୍ଯ୍ୟୁଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ ! ॥୨॥

ଅର୍ଜ୍ଜୁନ ! ତୁମର ହୋଇଛି କଣ ? ଏଭଳି ଶୋକ ତୁମ ପକ୍ଷରେ ଶୋଭା ପାଉଚି କି ? ତୁମର କ'ଣ ବା ଅଭାବ ଅଛି ଯେ ପୂରଣ ନହେବାରେ ଏପରି ଦୁଃଖ କରୁଛ ? ଅନୁଚିତ ବିଷୟ ପ୍ରତି ମନ ଦିଅନାହିଁ । ଧୈର୍ଯ୍ୟ ହରାଅ ନାହିଁ । ତୁମେ କ୍ଷତ୍ରିୟ କୁଳର ମୁକୁଟମଣି । ତୁମେ ଶୂରବୃତ୍ତିର ଆଶ୍ରୟସ୍ଥଳ । ତୁମ ନାଆଁ ଶୁଣିବାମାତ୍ରେ ''ଅପଯଶ'' ଲୁଚି ପଳାଇଥାଏ । ତ୍ରିଲୋକରେ ତୁମର ବୀରତ୍ୱ ସୁପ୍ରତିଷ୍ଠିତ । ମନେ ଅଛି ତ, ଶଙ୍କରଙ୍କୁ ସୁଦ୍ଧା ତୁମେ ସଂଗ୍ରାମରେ ପରାସ୍ତ କରି ପାରିଚ । ନିବାତକବଚକୁ ତୁମେ ସମୂଳେ ନିପାତ କରିଛ । ଗନ୍ଧର୍ବଗଣ ତୁମର ଯଶଃଗାନରେ ସର୍ବଦା ମୁଖର । ହେ ଅର୍ଜ୍ଜୁନ ! ତୁମର ପବିତ୍ର ପରାକ୍ରମ ତ୍ରିଭୁବନରେ ଅତୁଳନୀୟ । ତୁମେ ସେହି ବୀର ଅର୍ଜ୍ଜୁନ । ବୀରବୃତ୍ତିକୁ ଜଳାଞ୍ଜଳି ଦେଇ ମୁଣ୍ଡ ତଳକୁ କରି କାନ୍ଦିବା ଲଜ୍ଜାକର ବିଷୟ ନୁହଁ କି ? ହେ ଅର୍ଜ୍ଜୁନ ! ତୁମେ ବିଚାରବାନ୍ ! ସବୁଆଡୁ ବିଚାର କରି ଦେଖ । କାରୁଣ୍ୟ ହିଁ ତୁମ ଚିତ୍ତକୁ କାଙ୍ଗାଳ କରି ପକାଇଛି । ଅନ୍ଧକାର କେବେ କ'ଣ ସୂର୍ଯ୍ୟକୁ ଗ୍ରାସ କରିପାରେ କି ? ପବନ ମେଘକୁ ଦେଖି ଭୟ କରେ କି ? ଅମୃତର କ'ଣ ମରଣ ଅଛି ? କାଠ କେବେ ଅଗ୍ନିକୁ ଗ୍ରାସ କରି ପାରେ କି ? କାଳକୂଟ ବିଷ ଅନ୍ୟ କୌଣସି ବିଷର ଜ୍ୱାଳାରେ ମରି ଯାଏ କି ? ବେଙ୍ଗ ମହାଫଣୀ ସର୍ପକୁ ଗିଳିପାରେ କି ? ଶୃଗାଳ ସିଂହ ପାଖରେ ବୀରତ୍ୱ ପ୍ରକାଶ କରିଥାଏ କି ? କିନ୍ତୁ ମୁଁ ଲକ୍ଷ୍ୟ କରୁଛି, ଏହି ରଣାଙ୍ଗନରେ ଠିଆହୋଇ ତୁମେ ସମସ୍ତ ଅସମ୍ଭବକୁ ସମ୍ଭବ କରିବାରେ ଲାଗିପଡ଼ିଚ । ଏହାଠୁ ବଳି ଅଶୋଭନୀୟ ଆଉ କ'ଣ ଅଛି ?

ହେ ଅର୍ଜ୍ଜୁନ ! ମନରୁ ହୀନ କାରୁଣ୍ୟ ଭାବ ପୋଛି ପକାଅ । ଯଥାଶୀଘ୍ର ଧୈର୍ଯ୍ୟଧରି ମନକୁ ସ୍ଥିର କରିନିଅ । ପରିତ୍ୟାଗ କର ହୀନବୁଦ୍ଧିକୁ, ମୂର୍ଖତାକୁ । ହାତରେ ଧର ଧନୁଶର । ଯୁଦ୍ଧଭୂମିରେ କାରୁଣ୍ୟ, ଶୋକ, ଦୁଃଖ, ରୋଦନ ଆସୁଛି କିପରି ? ତୁମେ ତ ଅଜ୍ଞାନୀ ନୁହଁ, ଜ୍ଞାନୀ । ତେଣୁ ବିଚାର କରି ଦେଖ, ଚିନ୍ତାକର— ଯୁଦ୍ଧକ୍ଷେତ୍ରରେ ମାୟା, ମୋହ, ମମତା, ସଦୟଭାବ ଯୋଗ୍ୟ କି ? ହେ ଅର୍ଜ୍ଜୁନ ! ଏହି ଭାବଦ୍ୱାରା ତୁମର କେବଳ ଯେ ସୁକୀର୍ତ୍ତି ଧ୍ୱଂସ ପାଇବ ତାହା

ନୁହଁ, ପରଲୋକରେ ମଧ୍ୟ ହାନି ଘଟିବ । ଯୁଦ୍ଧକ୍ଷେତ୍ରରେ ପଛଘୁଞ୍ଚା ଦେବା ଆତ୍ମହତ୍ୟାଠୁ ବଳି ହୀନକାର୍ଯ୍ୟ ।

କ୍ଲୈବ୍ୟଂ ମାସ୍ମ ଗମଃ ପାର୍ଥ ! ନୈତତ୍ତ୍ୱୟ୍ୟୁପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତିଷ୍ଠ ପରନ୍ତପ ! ।।୩।।

ଶ୍ରୀକୃଷ୍ଣ ପୁଣି କହିଲେ, ତେଣୁ ତୁମେ ଶୋକ କର ନାହିଁ । ଧୈର୍ଯ୍ୟ ଧର, ଦୁଃଖ ପରିହାର କର । ଏପରି ଶୋକସନ୍ତପ୍ତ ହେବା ତୁମ ପକ୍ଷରେ ଅନୁଚିତ । ଏହାଦ୍ୱାରା ତମେ ଏତେ କାଳଧରି ଯେଉଁ ବିପୁଳ ଯଶଃ ଅର୍ଜନ କରିଛ, ତାହା ଲୋପ ପାଇବ । ତେଣୁ ବିଚାର କରି କର୍ତ୍ତବ୍ୟ ନିର୍ଦ୍ଧାରଣ କର । ଯୁଦ୍ଧକାଳରେ ଏପରି କାରୁଣ୍ୟ, ଏପରି ଦୟାଭାବ ଓ ଦୁର୍ବଳତା ଯଥାର୍ଥ ନୁହଁ । ଏଠାରେ ଯେଉଁ ସବୁ ଲୋକଙ୍କୁ ଦେଖୁଚ, ସେମାନେ ହଠାତ୍ ଆଜି କ'ଣ ତୁମର ଆତ୍ମୀୟ ହୋଇପଡ଼ିଲେ ? ଏମାନେ ଆତ୍ମୀୟ ଥିଲେ ବୋଲି କ'ଣ ତୁମେ ଆଗରୁ ଜାଣି ନଥିଲ ? ଏମାନେ ଆତ୍ମୀୟ ବୋଲି କ'ଣ ଆଗରୁ ଚିହ୍ନି ନଥିଲ ? ତୁଚ୍ଛ ବିଷୟକୁ ଅଯଥା ଗୁରୁତ୍ୱ ଦେବାରେ ଲାଭ ବା କ'ଣ ? ତୁମେ କ'ଣ ନୂଆକରି ଯୁଦ୍ଧ କରୁଛ ? ଇଏ କ'ଣ ତୁମର ପ୍ରଥମ ଯୁଦ୍ଧ ? ତୁମମାନଙ୍କ ମଧ୍ୟରେ ପରସ୍ପର ନିଜ ସହିତ ଆଗରୁ ତ କଳହ ଲାଗି ରହିଛି । ଏ କଳହ ତ ଆଜୀବନ । ଏବେ ହଠାତ୍ ତୁମର ହେଲା କ'ଣ ? ତୁମ ମନରେ ଏମାନଙ୍କ ପ୍ରତି ଏପରି ଦୟାଭାବ ହଠାତ୍ ଉପୁଜିଲା କାହିଁକି ମୁଁ ବୁଝି ପାରୁନି । ବୁଝି ଦେଖ, ତୁମେ ଭୀଷଣ ଅନ୍ୟାୟ କରୁଛ । ମୋହର ପରିଣାମ କ'ଣ ବୁଝିଚ ? ଯେଉଁ ପ୍ରତିଷ୍ଠା ଲାଭ କରିଚ, ସେତକ ନଷ୍ଟ ହେବା ହିଁ ସାର ହେବ । ଏହା ବ୍ୟତୀତ ଐହିକ ଓ ପାରମାର୍ଥିକ ସମସ୍ତ ମଙ୍ଗଳ କାର୍ଯ୍ୟରେ ବିଘ୍ନ ଦେଖାଦେବ । ହୃଦୟର ଦୁର୍ବଳତା କେବେହେଲେ ମଙ୍ଗଳକର ନୁହଁ । ସଂଗ୍ରାମ କାଳରେ ଦୁର୍ବଳତା, କ୍ଲୀବତା କ୍ଷତ୍ରିୟର ଅଧଃପତନର କାରଣ ହୋଇଥାଏ ।

ଦୟାମୟ ଶ୍ରୀକୃଷ୍ଣ ଏହିଭଳି ଭାବରେ ଅର୍ଜୁନଙ୍କୁ ବହୁତ ବୁଝାଇଲେ । ଏସବୁ ଶୁଣି ମଧ୍ୟ ଅର୍ଜୁନ କହିଲେ—

ଅର୍ଜୁନ ଉବାଚ

କଥଂ ଭୀଷ୍ମମହଂ ସଙ୍ଖ୍ୟେ ଦ୍ରୋଣଞ୍ଚ ମଧୁସୂଦନ !
ଇଷୁଭିଃ ପ୍ରତିଯୋତ୍ସ୍ୟାମି ପୂଜାର୍ହାବରିସୂଦନ ! ।।୪।।
ଗୁରୁନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହଲୋକେ ।
ହତ୍ୱାର୍ଥକମାଂସ୍ତୁ ଗୁରୁନିହୈବ
ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ।।୫।।

ହେ ଦେବ ! ଦୟାକରି ମୋ କଥା ଟିକିଏ ଶୁଣନ୍ତୁ । ବେଶି କିଛି କହିବାର ଆବଶ୍ୟକତା ନାହିଁ । ପ୍ରଥମତଃ ଆପଣ ନିଜେ ଏହି ଯୁଦ୍ଧ ସମ୍ପର୍କରେ ବିଚାର କରି ଦେଖନ୍ତୁ । ଇଏତ ଯୁଦ୍ଧ ନୁହଁ, ବିଷମ ପ୍ରମାଦ । ଯୁଦ୍ଧ ମାତ୍ରେ ପାପ । ଏହି ଯୁଦ୍ଧରେ ଲିପ୍ତ ହେଲେ ମତେ ଭୀଷଣ ଦୋଷ ଲାଗିବ । ଗୁରୁଜନମାନଙ୍କୁ ନିପାତ କରିବା ହେଉଛି ବଡ଼ ଦୋଷ, ମହାପାପ । ପିତାମାତାଙ୍କ ପୂଜା କରିବା, ସବୁଦିଗରୁ ସେମାନଙ୍କ ସନ୍ତୋଷ ବିଧାନ କରିବା ପୁତ୍ରର କର୍ତ୍ତବ୍ୟ । ସେହି ପିତାମାତା, ଭାଇବନ୍ଧୁମାନଙ୍କୁ ନିଜ ହାତରେ ନିଧନ କରିବି କିପରି ? ହେ ଦେବ ! ମାଧୁଜନଙ୍କୁ ଅଭିବାଦନ କରିବା ଏବଂ ପାରିଲେ ସେମାନଙ୍କ ପୂଜା କରିବା ଉଚିତ । ସେ ସବୁ କର୍ତ୍ତବ୍ୟ ପରିତ୍ୟାଗ କରି ମୁହଁରେ ସୁଦ୍ଧା ସେମାନଙ୍କ ନିନ୍ଦା କରିବା ଅନୁଚିତ । ମୁଁ ଦେଖୁଚି, ଏଠାରେ ଆମର କୁଳଗୁରୁ ରହିଛନ୍ତି । ସେ ମୋର ସର୍ବଦା ପୂଜନୀୟ । ଭୀଷ୍ମ ଓ ଦ୍ରୋଣ ଆମର ବହୁ ଉପକାର କରି ଆସିଛନ୍ତି । ସ୍ୱପ୍ନରେ ସୁଦ୍ଧା ଯେଉଁମାନଙ୍କ ପ୍ରତି କେବେହେଲେ ଶତ୍ରୁତା ଆଚରଣ କରିନାହିଁ, ସେମାନଙ୍କୁ ପ୍ରତ୍ୟକ୍ଷରେ ହତ୍ୟା କରିବି କିପରି ? ତା ଅପେକ୍ଷା ଏ ଜୀବନ ଚାଲିଗଲେ ଭଲ । ଆପଣ କ'ଣ ଭାବୁଛନ୍ତି ହଠାତ୍ ଏହି ଗୁରୁଜନ-ମାନଙ୍କର ଭାଗ୍ୟର ବିପର୍ଯ୍ୟୟ ଘଟିଛି ? ଯେଉଁମାନଙ୍କଠାରୁ ମୁଁ ଶସ୍ତ୍ରବିଦ୍ୟା ଶିକ୍ଷା କରିଛି, ସେହି ବିଦ୍ୟାକୁ ପ୍ରୟୋଗ କରିବି ସେମାନଙ୍କୁ ମାରିବା ପାଇଁ ? ମୋର ବିଦ୍ୟାର କ'ଣ ପ୍ରତିଷ୍ଠା ହେବ ସେହିମାନଙ୍କ ମୃତ୍ୟୁରେ, ସେମାନଙ୍କୁ ହତ୍ୟା

କରିବାରେ ? ମୁଁ ଅର୍ଜୁନ । ଦ୍ରୋଣାଚାର୍ଯ୍ୟ ମତେ ନିଜ ହାତରେ ଗଢ଼ିଛନ୍ତି । ସେ ମତେ ଶିକ୍ଷା ଦେଇଛନ୍ତି ଧନୁର୍ବିଦ୍ୟା । ତାଙ୍କ ଉପକାରରେ ଅନୁଗୃହୀତ ହୋଇଛି କ'ଣ ତାଙ୍କୁ ବଧ କରିବା ଲାଗି ? ମୁଁ କ'ଣ ଭସ୍ମାସୁର ଯେ ଯାହାର କୃପାରେ ବରଲାଭ ହେଲା, ତାଙ୍କ ପ୍ରତି ବିଦ୍ୱେଷ ପୋଷଣ କରିବି ? ତାଙ୍କର ଅନିଷ୍ଟ କରିବି ? *

ହେ ଦେବ ! ସମସ୍ତେ ଜାଣନ୍ତି ସମୁଦ୍ର ଗଭୀର । କିନ୍ତୁ ଏହାର ଗାମ୍ଭୀର୍ଯ୍ୟ କେବଳ ଉପରେ । ସେହିଭଳି ଦ୍ରୋଣାଚାର୍ଯ୍ୟଙ୍କ ମନର ଗମ୍ଭୀରତା ଏପରି ବିଲକ୍ଷଣ ଯେ, ଏଥିରେ କ୍ଷୋଭର ସତ୍ତା ସୁଦ୍ଧା ନାହିଁ । ମୁଣ୍ଡ ଉପରେ ଦେଖାଯାଉଥିବା ଆକାଶକୁ ମାପିବା ହୁଏତ ସମ୍ଭବ ହୋଇପାରେ, କିନ୍ତୁ ଦ୍ରୋଣାଚାର୍ଯ୍ୟଙ୍କ ହୃଦୟ ଏପରି ଅଗାଧ ଓ ଗଭୀର ଯେ, ତାହା ଅମାପ । ଅମୃତକୁ ନଷ୍ଟ କରାଯାଇପାରେ, ବଜ୍ରକୁ ଭାଙ୍ଗି ଦିଆଯାଇପାରେ କିନ୍ତୁ ଦ୍ରୋଣଙ୍କ ହୃଦୟ ଏପରି ଗମ୍ଭୀର ଯେ ଏହାକୁ କ୍ଷୁବ୍ଧ କରିବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କ ମନୋବୃତ୍ତିକୁ ଚଞ୍ଚଳ କରାଯାଇ ପାରିବ ନାହିଁ । ସ୍ନେହ ମମତା ଦୃଷ୍ଟିରୁ ମାତା ହିଁ ଏକମାତ୍ର

---

* ଭାଗବତରେ ବର୍ଣ୍ଣିତ ବକାସୁର ଓ ଏହି ଭସ୍ମାସୁର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ମହାଦେବ ନିଜ ଅଙ୍ଗରେ ଭସ୍ମ ଲେପନ ଉଦ୍ଦେଶ୍ୟରେ ଶୁଦ୍ଧଭସ୍ମ ସଂଗ୍ରହ କରିବା ଲାଗି ନିଜ ଅଙ୍ଗ ବିଭୂତିରୁ ଏହି ଅସୁରକୁ ସୃଷ୍ଟି କରିଥିଲେ । ଶଙ୍କରଙ୍କ ଲାଗି ଭସ୍ମ ଆଣିବା ଥିଲା ଏହି ଅସୁରର କାମ । ଦିନେ ଅସୁର କହିଲା ଶଙ୍କରଙ୍କୁ, ପ୍ରତିଦିନ ଶୁଦ୍ଧଭସ୍ମ କେଉଁଠୁ କେତେ ଆଣିବି ? ଖୋଜିଲେ ମିଳୁନି । ଗୋଟିଏ କାମ କରନ୍ତୁ, ମତେ ଏଭଳି ଏକ ବର ଦିଅନ୍ତୁ, ଯଦ୍ୱାରା ମୁଁ ଯାହା ମୁଣ୍ଡରେ ହାତ ଦେବି ସେ ଭସ୍ମ ହୋଇଯିବ । ଭୋଳାନାଥ ଶଙ୍କର କହିଲେ "ତଥାସ୍ତୁ" । ଅସୁରକୁ ସୁଯୋଗ ମିଳିଗଲା । ଦିନେ ସୁବିଧା ଉଣ୍ଡି ଶଙ୍କରଙ୍କ ମୁଣ୍ଡରେ ହାତଦେଇ ତାଙ୍କୁ ଭସ୍ମୀଭୂତ କରିବାକୁ ଚେଷ୍ଟା କଲା । ଭଗବାନ ଶଙ୍କର ଧରିଲେ ଏକ ମୋହିନୀମୂର୍ତ୍ତି । ମୋହିନୀରୂପ ପ୍ରତି ପ୍ରଲୁବ୍ଧ ହୋଇ ପଡ଼ିଲା ଭସ୍ମାସୁର । ପରିଶେଷରେ ଭସ୍ମାସୁର ନିଜ ମୁଣ୍ଡରେ ନିଜ ହାତ ଦେଇ ନିଜକୁ ଭସ୍ମୀଭୂତ କରିବା ସାରହେଲା । ଶଙ୍କରଙ୍କ ବର ପାଇ ଶଙ୍କରଙ୍କ ବିରୋଧ କରିବା ହେଉଛି ଭସ୍ମାସୁର ଚରିତ୍ରର ତାତ୍ପର୍ଯ୍ୟ ।

ଆଦର୍ଶ, ସେହିଭଳି ଦ୍ରୋଣାଚାର୍ଯ୍ୟ କରୁଣାର ପୂର୍ଣ୍ଣ ଅବତାର । ସେ ସକଳ ଗୁଣାକାର, ଦୟାର ଆଧାର ଏବଂ ବିଦ୍ୟାର ଅପାରବାରିଧି । ସବୁ ଶ୍ରେଷ୍ଠ ମଧ୍ୟରେ ଶ୍ରେଷ୍ଠ । ସେଥିରେ ପୁଣି ସେ ମୋ ପ୍ରତି ଏକାନ୍ତ ସଦୟ । ଯାହାକୁ ହତ୍ୟା କରିବି ବୋଲି ଚିନ୍ତା ସୁଦ୍ଧା କରିବା ଅନୁଚିତ, ତାଙ୍କୁ ହତ୍ୟା କରିବି କିପରି ? ଏଭଳି ଜଣେ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ବଧ କରି ମୁଁ ପରମସୁଖରେ ରାଜ୍ୟଭୋଗ କରିବି, ଏଭଳି ଚିନ୍ତା ଜୀବନରେ କେବେ ହେଲେ କରି ନ ପାରେ । ବରଂ ପ୍ରାଣ ଚାଲିଯାଉ, ମନରେ ଏଭଳି ଚିନ୍ତା କେବେ ନ ଆସୁ । ରାଜ୍ୟଭୋଗ ଆଚାର୍ଯ୍ୟ ଦ୍ରୋଣଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଯଦି ମୁଁ ଭାବେ, ତାହାହେଲେ ଏ ଭାବନା ମୋ ପକ୍ଷରେ ଏପରି ଭୟଙ୍କର ହୋଇଉଠିବ ଯେ, ବରଂ ସୁଖଭୋଗଠାରୁ ଦୂରରେ ରହିବା ଶ୍ରେୟସ୍କର ମନେ କରିବି । ଏହାଠୁ ଭଲ ହେବ ବରଂ ଭିକ୍ଷା କରିବା କିମ୍ବା ଦେଶ ଛାଡ଼ି କୌଣସି ପର୍ବତ କନ୍ଦରର ଗୁମ୍ଫା ଭିତରେ ଏକାକୀ ବାସ କରିବା । ବାସ୍ତବରେ ଦ୍ରୋଣାଚାର୍ଯ୍ୟ ପ୍ରଭୃତି ଗୁରୁଜନଙ୍କ ବିରୋଧରେ ଅସ୍ତ୍ରଧାରଣ କରିବାଠୁ ବଳି ଦୁଷ୍କର୍ମ କିଛି ନାହିଁ ।

ହେ ଭଗବାନ ମତେ କ୍ଷମା କରିବେ । ନବଶାଣିତ ତୀକ୍ଷ୍ଣବାଣ ଦ୍ୱାରା ସେମାନଙ୍କୁ ପ୍ରହାର କରି ସେମାନଙ୍କ ରକ୍ତରେ ଅଭିଷିକ୍ତ ହୋଇ ରାଜ୍ୟଭୋଗ କରିବା ମୋର ଲୋଡ଼ାନାହିଁ । ତାକୁ ପାଇ ଲାଭ ବା କ'ଣ ? ରୁଧିରସିକ୍ତ ରାଜ୍ୟସୁଖ କେବେ କ'ଣ ଉପଭୋଗ୍ୟ ହୋଇପାରେ ? ତେଣୁ ଯୁଦ୍ଧ ସପକ୍ଷରେ କୌଣସି ଯୁକ୍ତି ମତେ ଭଲ ଲାଗୁନାହିଁ ।

ଅର୍ଜୁନ କହି ଚାଲିଛନ୍ତି କିନ୍ତୁ ଶ୍ରୀକୃଷ୍ଣ ଶୁଣି ମଧ୍ୟ ନଶୁଣିଲା ଭଳି ଭାବଭଙ୍ଗୀ ପ୍ରକାଶ କରିବାରେ ଲାଗିଛନ୍ତି । ତେଣୁ ଅର୍ଜୁନ ପୁଣି ପଚାରିଲେ, ମୁଁ ଯାହା କହୁଛି ମନଦେଇ ଶୁଣୁଛନ୍ତି ତ ?

ନଚୈତଦ୍‌ବିଦ୍ମଃ କତରନ୍ନୋ ଗରୀୟୋ
ଯଦ୍‌ବା ଜୟେମ ଯଦି ବା ନୋ ଜୟେୟୁଃ ।
ଯାନେବ ହତ୍ୱା ନ ଜିଜୀବିଷାମ
ସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତରାଷ୍ଟ୍ରାଃ ।।୬।।

ମୋ ମନରେ ଯାହା ଆସିଲା ସ୍ପଷ୍ଟ କହି ପକାଇଲି । ତାପରେ ଭଲ କ'ଣ, ମନ୍ଦ କ'ଣ ଆପଣ ହିଁ ବିଚାର କରିବେ । ଏତିକି ମାତ୍ର ଜାଣନ୍ତୁ ଯେ ଯେଉଁମାନଙ୍କ ସହିତ ବୈରଭାବ ଆଚରଣ କରିବାକୁ ପଡ଼ିବ ବୋଲି ଶୁଣିବା ମାତ୍ରେ ମୁଁ ପ୍ରାଣତ୍ୟାଗ କରିବାକୁ ପ୍ରସ୍ତୁତ, ସେହି ସମସ୍ତ ଆତ୍ମୀୟ ସ୍ୱଜନ ଏହି ରଣାଙ୍ଗନରେ ଉପସ୍ଥିତ । ଏମାନଙ୍କୁ ବଧ କରିବି କି ଖସି ପଳେଇବି— ଏହି ଦୁଇଟି ପନ୍ଥା ମଧ୍ୟରୁ କେଉଁଟି ଭଲ ମୁଁ ଜାଣେନା ।

କାର୍ପଣ୍ୟଦୋଷୋପହତ ସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ଼ଚେତାଃ ।
ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ।।୭।।

ମୋ ଚିତ୍ତ ମୋହରେ ଏତେ ଆକୁଳ ହୋଇପଡ଼ିଛି ଯେ, କ'ଣ କରିବା ଉଚିତ ଅନୁଚିତ ମୁଁ ନିଜେ ବୁଝି ପାରୁନାହିଁ । ଅନ୍ଧକାରରେ ଯେପରି ଚକ୍ଷୁର ଦୃଷ୍ଟି ଚାଲିଯାଏ, ପାଖରେ ଥିବା ବସ୍ତୁ ଦେଖାଯାଏନା, ମୋ ଅବସ୍ଥା ମଧ୍ୟ ଠିକ୍ ସେହିଭଳି ହୋଇଛି । ମୋ ମନ ଏଭଳି ବିଭ୍ରାନ୍ତ ହୋଇ ପଡ଼ିଛି ଯେ, କେଉଁ ପନ୍ଥା ମଙ୍ଗଳଜନକ ବୁଝିବା ସମ୍ଭବ ହେଉନାହିଁ । ତେଣୁ ହେ କୃଷ୍ଣ ! ମତେ ଯଥାର୍ଥ ପଥପ୍ରଦର୍ଶନ କରାନ୍ତୁ, କାରଣ ତୁମେ ହିଁ ମୋର ବନ୍ଧୁ ଓ ଯଥାସର୍ବସ୍ୱ । ତୁମେ ମୋର ଗୁରୁ, ତୁମେ ପିତା, ତୁମେ ଭ୍ରାତା, ତୁମେ ହିଁ ଇଷ୍ଟଦେବତା ଏବଂ ବିପଦବେଳେ ସର୍ବଦା ରକ୍ଷାକର୍ତ୍ତା । ଗୁରୁ କେବେହେଲେ ଶିଷ୍ୟକୁ ଦୂର କରିଦିଅନ୍ତି ନାହିଁ । ସମୁଦ୍ର କେବେହେଲେ ନଦୀକୁ ପରିତ୍ୟାଗ କରିପାରେ କି ? ମାଆ ସନ୍ତାନକୁ ଛାଡ଼ି ଚାଲିଗଲେ ସନ୍ତାନ ଜୀବନଧାରଣ କରିବ କିପରି ? ସେହିଭଳି ହେ ଭଗବାନ ! ତୁମେ ହିଁ ସବୁ ଦିଗରୁ ମୋର ସହାୟ । ମୁଁ ଯାହା ସବୁ କହିଲି, ସେ ସବୁ ଯଦି ତୁମର ଅନୁମୋଦିତ ନହୁଏ, ହେ ପୁରୁଷୋତ୍ତମ ! ମୋର ଯାହା କର୍ତ୍ତବ୍ୟ, ଯାହା ଧର୍ମବିରୁଦ୍ଧ ନୁହେଁ, ସେ ବାଟ ଦେଖାନ୍ତୁ ।

ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍-
ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।
ଅବାପ୍ୟ ଭୂମାବସପତ୍ନମୃଦ୍ଧଂ
ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ ।।୮ ।।

ଏହି ଆତ୍ମୀୟମାନଙ୍କୁ ଦେଖି ମୋ ମନରେ ଯେପରି ଶୋକ ଉତ୍ପନ୍ନ ହେଉଛି, ତାହା ଆପଣଙ୍କ ଉପଦେଶ ବ୍ୟତୀତ ଅନ୍ୟ କୌଣସିଥିରେ ଦୂର ହୋଇପାରିବ ନାହିଁ । ସମଗ୍ର ପୃଥିବୀର ସମ୍ରାଟ ହେଲେ କିମ୍ବା ଶ୍ରେଷ୍ଠ ଇନ୍ଦ୍ରପଦ ଲାଭ କଲେ ମଧ୍ୟ ମନର ମୋହ ଦୂର ହୋଇପାରିବ ନାହିଁ । ମଞ୍ଜିକୁ ନିଆଁରେ ଭାଜି ଅତି ଉର୍ବର ଜମିରେ ବୁଣି ଯେତେ ଜଳସେଚନ କଲେ ମଧ୍ୟ ଅଙ୍କୁର ଉଦ୍‌ଗମ ହୋଇ ନ ପାରେ । ଆୟୁଶେଷ ହୋଇଗଲେ କୌଣସି ଔଷଧ କାଟୁ କରି ନପାରେ । ସେତେବେଳେ କେବଳ ଭଗବାନଙ୍କ ନାମାମୃତ ହିଁ ଉପଯୋଗୀ ହୋଇଥାଏ । ସେହିଭଳି ରାଜ୍ୟଭୋଗ-ସମୃଦ୍ଧି ପ୍ରତି ମୋ ମନ ବଳୁ ନାହିଁ, କେବଳ ଆପଣଙ୍କ କରୁଣା ହିଁ ମୋ ଜୀବନର ଜୀବନ ।

ଅର୍ଜୁନ ଏକଥା କହିବାବେଳେ ସେହି ମୁହୂର୍ତ୍ତରେ ତାଙ୍କ ମନରୁ ମୋହ ତୁଟିଯାଇଥିଲା ସତ, ମାତ୍ର ପୁଣି ତାଙ୍କୁ ମୋହ ମାଡ଼ିବସିଲା । ମନ ଭିତରେ ଖେଳି ଚାଲିଲା ମୋହର ତରଙ୍ଗ ପରେ ମହାତରଙ୍ଗ । ମହାମୋହରୂପୀ କାଳସର୍ପ ତାଙ୍କୁ ଗ୍ରାସ କରିବାକୁ ଲାଗିଲା ।

ଅର୍ଜୁନଙ୍କ ଏହି ଅବସ୍ଥା ଦେଖି ଶ୍ରୀହରିରୂପକ ଗାରୁଡ଼ି, ଯାହାର ଦୃଷ୍ଟି ପଡ଼ିବାମାତ୍ରେ ବିଷ ନଷ୍ଟ ହୋଇଯାଇଥାଏ, ସେ ଛୁଟିଆସି ଅତି ବ୍ୟାକୁଳ ଭାବରେ ଅର୍ଜୁନଙ୍କ ପାଖରେ ଠିଆ ହେଲେ । ଶ୍ରୀହରି ଯେ ନିଜ କୃପାଦ୍ୱାରା ଅର୍ଜୁନଙ୍କୁ ରକ୍ଷା କରିବେ ଏକଥା ଜାଣି ମୁଁ ଅର୍ଜୁନଙ୍କୁ ମୋହସର୍ପଗ୍ରସ୍ତ ବୋଲି ବର୍ଣ୍ଣନା କରିଛି । ମେଘର ଆବରଣରେ ସୂର୍ଯ୍ୟ ଯେପରି ଢାଙ୍କି ହୋଇପଡ଼େ, ଅର୍ଜୁନ ସେହିଭଳି ମୋହରେ ମୋହିତ ହୋଇ ପଡ଼ିଥିଲେ । ଗ୍ରୀଷ୍ମକାଳରେ ପର୍ବତରେ ଦାବାନଳ ଯେପରି ଜଳିଉଠେ; ସେହିଭଳି ଅର୍ଜୁନ ଦୁଃଖରେ ଜର୍ଜରିତ ହୋଇ ପଡ଼ିଥିଲେ ।

ସେଥିଲାଗି ଯିଏ ସ୍ୱାଭାବିକ ସୁନୀଳବର୍ଣ୍ଣ ଏବଂ କୃପାମୃତ ପରିପୂର୍ଣ୍ଣ ହେତୁ ସଜଳ ସେହି ଶ୍ରୀଗୋପାଳରୂପୀ ମହାମେଘ ଆସି ଉପସ୍ଥିତ ହେଲେ । ତାଙ୍କର ସୁନ୍ଦର ଦନ୍ତପଙ୍‌କ୍ତିର ଉଜ୍ଜ୍ୱଳତା ମନେ ହେଉଥିଲା ଯେପରିକି ବିଦ୍ୟୁତର ଛଟା ଏବଂ ତାଙ୍କ ଗମ୍ଭୀରବାଣୀ ମେଘଗର୍ଜନ ଭଳି ।

ଏବେ ଏହି ମେଘ କିଭଳି ବର୍ଷଣ କରିବ ଏବଂ ଏଥିରେ ଅର୍ଜୁନରୂପକ ଦାବାନଳ-ପୀଡ଼ିତ-ପର୍ବତ କିପରି ଜଳସିକ୍ତ ହେବ, କିପରି ଜ୍ଞାନରୂପକ ନବୀନ ଅଙ୍କୁରର ଉଦ୍‌ଗମ ହେବ, ସେହିକଥା ମନର ସମାଧାନ ଲାଗି ଶ୍ରବଣ କରିବାକୁ ନିବୃତ୍ତିଦାସ ଜ୍ଞାନଦେବ ଶ୍ରୋତାମାନଙ୍କୁ କହୁଛନ୍ତି ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ହୃଷୀକେଶଂ ଗୁଡ଼ାକେଶଃ ପରନ୍ତପଃ ।
ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ॥୯॥

ସଞ୍ଜୟ କହିଲେ ହେ ରାଜନ୍ ! ଅର୍ଜୁନ ପୁଣି ଶୋକାଭିଭୂତ ହୋଇ କ'ଣ କହିଲେ ଶୁଣନ୍ତୁ । ସେ ଅତ୍ୟନ୍ତ ବିଷାଦଜର୍ଜର ଅବସ୍ଥାରେ ଶ୍ରୀକୃଷ୍ଣଙ୍କୁ କହିଲେ, ମତେ ବାରମ୍ବାର ଅନୁରୋଧ କରିବେ ନାହିଁ— ମୁଁ ଏମାନଙ୍କ ସହିତ କୌଣସି ମତେ ଯୁଦ୍ଧ କରିପାରିବି ନାହିଁ, ଏକଥା ସୁନିଶ୍ଚିତ । ଏତିକି କହିସାରି ଅର୍ଜୁନ ପୁଣି ନୀରବ ରହିଲେ ଏବଂ ଅର୍ଜୁନଙ୍କ ଏ ଅବସ୍ଥା ଦେଖି ଶ୍ରୀକୃଷ୍ଣ ବିସ୍ମିତ ହୋଇ ପଡ଼ିଲେ ।

ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ॥୧୦॥

ଶ୍ରୀକୃଷ୍ଣ ମନେ ମନେ ଭାବିବାକୁ ଲାଗିଲେ, ଅର୍ଜୁନଙ୍କର ହେଲା କ'ଣ ? ଏହାକୁ ବୁଝେଇବି କିପରି ? ସେ କିପରି ଧୈର୍ଯ୍ୟ ଧରିବେ ତାହା ହିଁ ବଡ଼ ସମସ୍ୟା ।

ଯାନ୍ତ୍ରିକ ଯେପରି ଗ୍ରହ ସମ୍ବନ୍ଧରେ ପରୀକ୍ଷା ନିରୀକ୍ଷା କରିଥାଏ, ରୋଗ ଅସାଧ ଦେଖି ବୈଦ୍ୟ ଯେପରି ଅମୃତତୁଲ୍ୟ ଔଷଧ ଖୋଜିବାରେ ଲାଗିଥାଏ,

ସେହିଭଳି ଅର୍ଜୁନଙ୍କ ମୋହବ୍ୟାଧି ଦୂର କରିବାଲାଗି ଶ୍ରୀଅନନ୍ତ ଯୁଦ୍ଧକ୍ଷେତ୍ରର ମଧ୍ୟସ୍ଥଳରେ ମନେ ମନେ ନାନା ଉପାୟ ଚିନ୍ତା କରିବାକୁ ଲାଗିଲେ । ମୋହନିବାରଣର ଉପାୟ ସ୍ଥିର କରି ସାରି ଅର୍ଜୁନଙ୍କ ମନକୁ ଶୀତଳ କରିବା ଭଳି ଧୀରେ ଧୀରେ କଥା କହିବା ଆରମ୍ଭ କଲେ ସେ । ମାଆ ବାହାରେ ରାଗିବା ଭଳି ଦେଖାଗଲେ ମଧ୍ୟ ତାର ହୃଦୟ ଯେପରି ସ୍ନେହପୂର୍ଣ୍ଣ ଥାଏ; ଔଷଧ କଟୁ ହୋଇଥିଲେ ମଧ୍ୟ ତା ଭିତରେ ଯେପରି ଅମୃତତୁଲ୍ୟ ଗୁଣ ରହିଥାଏ; ସେହିଭଳି ହୃଷୀକେଶ ବାହାରେ ଉଦାସଭାବ ପ୍ରକାଶ କରି ଅନ୍ତରର ସୁରସପୂର୍ଣ୍ଣ କଥାଦ୍ୱାରା ଅର୍ଜୁନଙ୍କୁ ସମ୍ଭାଷଣ କଲେ ।

ଶ୍ରୀଭଗବାନୁବାଚ

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ।।୧୧।।

ଶ୍ରୀ ଭଗବାନ ଏଥର ପ୍ରକାଶ୍ୟ ଭାବରେ ଅର୍ଜୁନଙ୍କୁ କହିଲେ, ଆଜି, ଏଠାରେ ତୁମେ ଯେଉଁ ମନୋଭାବ ପ୍ରକାଶ କଲଣି, ମୁଁ ଏଭଳି ଭାବ ତମଠି ପ୍ରଥମେ ଦେଖୁଛି । ତୁମେ ନିଜକୁ ଜ୍ଞାନୀ କହି ମଧ୍ୟ ଅଜ୍ଞାନକୁ ଛାଡ଼ି ପାରିନ । ଶିକ୍ଷାଦେଲାବେଳେ ତ ତୁମେ ବହୁ ନୀତିକଥା କହିଯାଅ । ଜନ୍ମାନ୍ଧ ବ୍ୟକ୍ତି ପାଗଳ ହୋଇଗଲେ ଯେପରି ଏପଟେ ସେପଟେ ଚାରିଆଡ଼େ ଦିଗହରା ହୋଇ ଦୌଡ଼ିଥାଏ, ତୁମେ ସେହି ଚାତୁର୍ଯ୍ୟ ପ୍ରକାଶ କରୁଥିବା ଲକ୍ଷ୍ୟ କରୁଛି । ସବୁଠାରୁ କୌତୂହଳର ବିଷୟ ଯେ ତୁମେ ନିଜକୁ ଜାଣିନ, ଅଥଚ କୌରବମାନଙ୍କ ଲାଗି ଶୋକ କରିବାରେ ଲାଗିଚ । ସେହିକଥା ଭାବିଭାବି ମୁଁ ବିସ୍ମିତ । ମତେ କହନ୍ତ ଦେଖି, ତୁମେ କ'ଣ ଏହି ତ୍ରିଭୁବନକୁ ପାଳନ କରୁଛ ? ନା ଏକଥା ମିଥ୍ୟା ଯେ ଏହି ବିଶ୍ୱରଚନା ଅନାଦି ? ଜଗତରେ ସମର୍ଥ କେବଳ ଜଣେ, ତାଠାରୁ ସମଗ୍ର ଜୀବଜଗତ, ଅଣୁ ପରମାଣୁର ଉତ୍ପତ୍ତି । ଏକଥା କ'ଣ ବୃଥା କୁହାଯାଉଛି ? କ'ଣ ଏବେ ବୁଝିବାକୁ ପଡ଼ିବ ଯେ, ଜନ୍ମମୃତ୍ୟୁର ସୃଷ୍ଟିକର୍ତ୍ତା ଅନ୍ୟ କେହି ନୁହଁ, ଅର୍ଜୁନ ଏବଂ ଅର୍ଜୁନଙ୍କ ଇଚ୍ଛାରେ ହିଁ ଏସବୁ ଧ୍ୱଂସ ପାଇବ ? ତୁମେ ଯଦି ଭ୍ରମରେ ପଡ଼ି, ଅହଂକାରରେ ମୋହିତ ହୋଇ

କୌରବମାନଙ୍କୁ ବଧ ନ କର, ଭାବିଚ କଣ ସେମାନେ ଚିରଞ୍ଜୀବୀ ରହିବେ ? ତୁମେ କ'ଣ ଏକମାତ୍ର ଘାତକ ଆଉ ସମସ୍ତେ ବଧ ?

ହେ ଅର୍ଜୁନ ! ଏଭଳି ଭ୍ରାନ୍ତିକୁ ମନରୁ ପୋଛି ପକାଅ । ଏ ଜଗତ ଅନାଦି କାଳରୁ ରହି ଆସିଛି । ଉତ୍ପନ୍ନ ହେବା ଓ ନଷ୍ଟ ହେବା ଏହାର ସ୍ୱଭାବ । ଅତଏବ ଶୋକ କାହିଁକି ? ଦୁଃଖ କାହିଁକି ? ତୁମ ମନରେ ମୂର୍ଖତା ସରବାନ୍ଧି ଯାଇଥିବାରୁ ଏକଥା ବୁଝିପାରୁନ । ଯେଉଁ ଚିନ୍ତା ତୁମେ ଆଦୌ କରିବା ଅନୁଚିତ, ତୁମେ ତାହାହିଁ କରିବାରେ ଲାଗିଚ । କେବଳ ସେତିକି ନୁହଁ, ଓଲଟା ମତେ ନୀତିକଥା କହି ଉପଦେଶ ଦେବାରେ ଲାଗିଚ । ହେ ଅର୍ଜୁନ ! ଯିଏ ପ୍ରକୃତରେ ବିବେକୀ, ସେ ଜନ୍ମ ନୁହଁ କି ମୃତ୍ୟୁ ନୁହଁ, ଉତ୍ପତ୍ତି ନୁହଁ କି ବିନାଶ ନୁହଁ, ସେ ଏସବୁ ଲାଗି ଶୋକ କରି ନଥାଏ, କାରଣ ଏସବୁ ହେଉଛନ୍ତି ଭ୍ରାନ୍ତିର ପରିଣତି ।

ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।
ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃପରମ୍ ॥୧୨॥

ହେ ଅର୍ଜୁନ, ଶୁଣ ! ଏ ସଂସାରରେ ମୁଁ, ତୁମେ ଓ ସମସ୍ତ ରାଜା ମହାରାଜା ଯେ ସବୁବେଳେ ରହିଥିବେ, କିମ୍ବା ନିଶ୍ଚୟ ଲୋପ ପାଇବେ ଏହା ହେଉଛି ଏକ ଭ୍ରାନ୍ତ ଧାରଣା । ଏ ଦୁଇଟିଯାକ କଥା ମଧ୍ୟରୁ କୌଣସିଟି ଠିକ୍ ନୁହ । ଜନ୍ମ ଓ ମୃତ୍ୟୁ, ଉତ୍ପତ୍ତି ଓ ବିନାଶ ଯାହା ଦେଖାଯାଉଛି ତାହା ହେଉଛି ମାୟାଯୋଗୁ । ବାସ୍ତବିକ ଯାହା ମୂଳତତ୍ତ୍ୱବସ୍ତୁ ତାହା ଅବିନାଶୀ । ବାୟୁଦ୍ୱାରା ଜଳ ଯେତେବେଳେ ଆନ୍ଦୋଳିତ ହୋଇ ତରଙ୍ଗାକାର ଧାରଣ କରିଥାଏ, ସେତେବେଳେ କ'ଣ ତରଙ୍ଗର ଜନ୍ମ ହୋଇଥାଏ ? ଯେତେବେଳେ ସେ ବାୟୁର ଆନ୍ଦୋଳନ ବନ୍ଦ ହୋଇ ଜଳ ସ୍ଥିର ଓ ଶାନ୍ତ ହୋଇଆସେ, ସେତେବେଳେ କ'ଣ ତରଙ୍ଗର ବିନାଶ ଘଟେ ? ଏକଥା ବିଚାର କରି ଦେଖ ।

ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥୧୩॥

ଶରୀର ଏକ ହେଲେ ମଧ୍ୟ ବୟସ ଭେଦରେ ଅନେକ ମନେ ହୋଇଥାଏ । ଏହା ପ୍ରତ୍ୟକ୍ଷ ଦେଖାଯାଏ । ପ୍ରଥମେ ଏ ଶରୀରରେ ଦେଖାଦିଏ ବାଲ୍ୟାବସ୍ଥା । ପୁଣି ଯେତେବେଳେ ଯୌବନାବସ୍ଥା ଆସେ, ସେତେବେଳେ ବାଲ୍ୟାବସ୍ଥା ନଷ୍ଟ ହୋଇଯାଏ । ବାଲ୍ୟାବସ୍ଥାର ବିନାଶ ସଙ୍ଗେ ସଙ୍ଗେ ଶରୀରର ବିନାଶ ଘଟେ ନାହିଁ, କିମ୍ବା ଯୁବାବସ୍ଥା ଚାଲିଯିବା ପରେ ଶରୀର ଚାଲିଯାଏ ନାହିଁ । ସେହିଭଳି କେବଳ ଚୈତନ୍ୟର ଆଶ୍ରୟରେ ଯେ ଏହି ଶରୀରର ଅଦଳ ବଦଳ ବା ପରିବର୍ତ୍ତନ ହୋଇଥାଏ, ଏହା ବୁଝି ପାରିଲେ ମନରେ ଭ୍ରମଜନିତ ଦୁଃଖସୁଖ ତଥା ମୋହ ଆଉ ରହିବ ନାହିଁ ।

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ! ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ! ।।୧୪।।

ତୁମେ ପଚାରିପାର ଏହି ତତ୍ତ୍ୱକୁ ବୁଝିହୁଏ ନାହିଁ କାହିଁକି ? ବୁଝି ନ ପାରିବାର କାରଣ ହେଉଛି ମନୁଷ୍ୟ ଇନ୍ଦ୍ରିୟର ଅଧୀନ । ତାର ଏହି ଅଧୀନତା ହେଉଛି ଅଜ୍ଞାନ ଯୋଗୁ । ଇନ୍ଦ୍ରିୟ ସବୁବେଳେ ଅନ୍ତଃକରଣକୁ ଆକର୍ଷଣ କରିଥାଏ । ସେଥିଯୋଗୁ ଜୀବ ଭ୍ରମରେ ପଡ଼େ । ଇନ୍ଦ୍ରିୟର ପ୍ରବୃତ୍ତି ହେଉଛି ବିଷୟକୁ ଭୋଗ କରିବା । ତା ଫଳରେ ସୁଖ ଦୁଃଖ, ହର୍ଷ ଓ ଶୋକ ଉତ୍ପନ୍ନ ହୋଇଥାଏ । ବିଷୟ ସହିତ ଅନ୍ତର ମୋହରେ ଡୁବିଯାଏ । ବିଷୟ ମଧ୍ୟ ସବୁବେଳେ ଅସ୍ଥିର । ଏହି ବିଷୟାଶ୍ରିତ ହୋଇପଡ଼ିବା ଯୋଗୁ ମନୁଷ୍ୟ କେତେବେଳେ ଦୁଃଖ, କେତେବେଳେ ସୁଖ ଅନୁଭବ କରିଥାଏ । ନିନ୍ଦା ଓ ସ୍ତୁତି ହେଉଛି ଶବ୍ଦସ୍ୱରୂପ । କାରଣ ଏହା ଶବ୍ଦରୁ ଜାତ । ଯେତେବେଳେ କାନ ଏହାକୁ ଶୁଣେ, ସେତେବେଳେ ସେହି ଶବ୍ଦରୁ ମନ ଭିତରେ ସୃଷ୍ଟି ହୁଏ ଦ୍ୱେଷ କିମ୍ବା ପ୍ରୀତି— ଭିନ୍ନ ଭିନ୍ନ ଦୁଇ ପ୍ରକାରର ବିକାର । କୋମଳ ଓ କଠୋର ହେଉଛି ସ୍ପର୍ଶଗୁଣ । ସ୍ପର୍ଶେନ୍ଦ୍ରିୟ ଦ୍ୱାରା ଏହା ଅନୁଭୂତ ହେବା ସଙ୍ଗେ ସଙ୍ଗେ ସୁଖ ଓ ଦୁଃଖ ଜାତ ହୋଇଥାଏ । ଭୟଙ୍କର ଓ ସୁନ୍ଦର ହେଉଛି ରୂପର ସ୍ୱରୂପ । ଏହା ଚକ୍ଷୁଦ୍ୱାରା ସୁଖ ଦୁଃଖ ଉତ୍ପନ୍ନ କରାଇଥାଏ । ସୁଗନ୍ଧ ଓ ଦୁର୍ଗନ୍ଧ ହେଉଛି ପରିମଳର ପ୍ରକାର

ଭେଦ । ଏହା ଘ୍ରାଣେନ୍ଦ୍ରିୟଦ୍ୱାରା ବିଷାଦ ଓ ସନ୍ତୋଷ ପ୍ରଦାନ କରେ । ରସନେନ୍ଦ୍ରିୟରେ ରସ ପ୍ରତି ରୁଚି ଓ ଅରୁଚି ଭାବ ସୃଷ୍ଟି କରିଥାଏ । ତେଣୁ ବିଷୟ ହେଉଛି ମୂଳ । ଏହା ମଣିଷକୁ ଭ୍ରଷ୍ଟ କରିବାର ଏକମାତ୍ର କାରଣ । ସ୍ପର୍ଶେନ୍ଦ୍ରିୟର ଅଧୀନ ହେଲେ ଶୀତ ଉଷ୍ଣାଦି ଅନୁଭୂତ ହୁଏ ଏବଂ ଏହା ସୁଖ ଦୁଃଖକୁ ଡାକିଆଣେ । ଇନ୍ଦ୍ରିୟଗୁଡ଼ିକର ଏପରି ସ୍ୱଭାବ ଯେ ବିଷୟ ବ୍ୟତୀତ ଏମାନଙ୍କୁ ଆଉ କିଛି ଭଲ ଲାଗେନା । ତୁମେ ଯଦି ପ୍ରଶ୍ନକର ଏହି ବିଷୟ କିଭଳି, ତାହାହେଲେ ମୁଁ କହିବି, ଏହା ହେଉଚି ମରୀଚିକାର ଜଳଭଳି ଏବଂ ସ୍ୱପ୍ନରେ ଦେଖାଯାଉଥିବା ପ୍ରାଣଭଳି ଅନିତ୍ୟ । ତେଣୁ ହେ ଧନୁର୍ଦ୍ଧର, ତୁମେ ଏହି ବିଷୟକୁ ଛାଡ଼ । ଏହା ସହିତ କେବେହେଲେ ସାଙ୍ଗ ହୁଅ ନାହିଁ ।

ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ !
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ॥୧୫॥

ଏ ବିଷୟରେ ଯିଏ ବଶୀଭୂତ ନୁହ, ତାକୁ ସୁଖ କିମ୍ବା ଦୁଃଖ ଭୋଗ କରିବାକୁ ପଡ଼େ ନାହିଁ । ଗର୍ଭବାସ ଯନ୍ତ୍ରଣା ମଧ୍ୟ ତାର ନ ଥାଏ । ହେ ପାର୍ଥ, ଯେଉଁ ବସ୍ତୁ ଇନ୍ଦ୍ରିୟମାନଙ୍କ ଅଧୀନସ୍ଥ ନୁହଁ, ସେ ସର୍ବଦା ଓ ସମ୍ପୂର୍ଣ୍ଣ ନିତ୍ୟରୂପ ।

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ॥୧୬॥

ହେ ଅର୍ଜୁନ ! ତୁମକୁ ଆଉ ଗୋଟିଏ କଥା କହୁଛି ଯାହା ସମସ୍ତ ବିଚାରବାନ ଲୋକ ଜାଣି ଥାଆନ୍ତି । ଯେଉଁ ସର୍ବଗତ ଚୈତନ୍ୟ ଉପାଧି ମଧ୍ୟରେ ଗୁପ୍ତ ରହିଥାଏ, ଏହାକୁ ତତ୍ତ୍ୱଜ୍ଞାନୀ ସାଧୁ ସନ୍ଥଗଣ ହିଁ ଜାଣି ପାରିଥାଆନ୍ତି । ଜଳ ଓ ଦୁଗ୍ଧ ଏକାଠି ମିଶି ରହିଥିଲେ ମଧ୍ୟ ରାଜହଂସ ଯେପରି ଅଲଗା କରି ନେଇଥାଏ ଅଥବା ବୁଦ୍ଧିମାନ ଲୋକ ଯେପରି ଅଗ୍ନିରେ ଦଗ୍ଧ କରି ଅଶୁଦ୍ଧ ସ୍ୱର୍ଣ୍ଣକୁ ଶୁଦ୍ଧ କରି ନେଇଥାଏ କିମ୍ବା ଚତୁରତାର ସହିତ ଦଧିକୁ ମନ୍ଥନ କରି ପରିଶେଷରେ ଯେପରି ନବନୀତ ବାହାର କରାଯାଇଥାଏ, ଧାନ ଓ ତଷୁ ଏକାଠି ରହିଥିଲେ

ମଧ୍ୟ ଉଡ଼େଇ ଦେଲେ ଯେପରି ଧାନକୁ ଅଲଗା କରି ଦିଆଯାଏ, ସେହିଭଳି ବିଚାର କରି ଦେଖିଲେ, ଜ୍ଞାନୀ ସହଜରେ ଅସତ୍ ପ୍ରପଞ୍ଚକୁ ପରିତ୍ୟାଗ କରି ଶୁଦ୍ଧତତ୍ତ୍ୱକୁ ହିଁ ଗ୍ରହଣ କରିନିଏ । ଅନିତ୍ୟବସ୍ତୁ ପ୍ରତି ତାର କୌଣସି ଆସ୍ତିକ୍ୟବୃଦ୍ଧି ରହେନା । କାରଣ ସେ ଜାଣେ ଯାହା 'ନିତ୍ୟ' ତାହା 'ସତ୍ୟ', ଯାହା 'ଅନିତ୍ୟ' ତାହା 'ଅସତ୍' ।

ଅବିନାଶି ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍ ।
ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତ୍ତୁମର୍ହତି ॥୧୭॥

ସାର ଅସାରକୁ ବିଚାର କଲେ ଦେଖିପାରିବ, ଅସାରତା ହେଉଛି ଭ୍ରାନ୍ତି । ଅର୍ଥାତ୍ ଯାହା 'ଅସ୍ଥିର' ତାହା ହେଉଛି ଅସାର । ଯାହା ସାର ତାହା ସ୍ୱଭାବତଃ ନିତ୍ୟ । ଯେଉଁଥିରୁ ତ୍ରିଲୋକର ଆକାରର ବିସ୍ତାର ତାର ନାମ, ରଙ୍ଗ, ରୂପ, ଚିହ୍ନବର୍ଣ୍ଣ କିଛି ନାହିଁ । ଆକାର ମଧ୍ୟ ନାହିଁ । ଏହା ସର୍ବଦା, ସର୍ବବ୍ୟାପକ ଏବଂ ଜନ୍ମମରଣରହିତ । ଏହାକୁ ମାରିବାକୁ ଚାହିଁଲେ ମଧ୍ୟ କେହି ମାରି ନପାରେ କାରଣ ଏହା ଅବିନାଶୀ ।

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।
ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍‌ଯୁଧ୍ୟସ୍ୱ ଭାରତ ! ॥୧୮॥
ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥୧୯॥

ଏସବୁର ଶରୀର ନଶ୍ୱର, ବିନାଶଶୀଳ । ତେଣୁ ହେ ପାଣ୍ଡୁପୁତ୍ର ପାର୍ଥ, ତୁମେ ନିଃଶଙ୍କରେ ଯୁଦ୍ଧ କର । ତୁମେ କେବଳ ମନରେ ଦେହାଭିମାନ ରଖି ଏବଂ ଶରୀର ପ୍ରତି ଦୃଷ୍ଟି ରଖି କହୁଛ ଯେ ତୁମେ ହେଉଛି ମାରିବାବାଲା ଏବଂ ଏମାନେ ମରିବାବାଲା, ତୁମେ ହନ୍ତା, ସେମାନେ ହନ୍ତବ୍ୟ । ତୁମେ ଚିନ୍ତାକରି ଦେଖିଲେ ଜାଣିପାରିବ ଯେ ବାସ୍ତବରେ ତୁମେ ମାରିଲାବାଲା ନୁହଁ କିମ୍ବା ସେମାନେ ମରିବାବାଲା ନୁହନ୍ତି । ତୁମେ ବଧକର୍ତ୍ତା ନୁହଁ, କିମ୍ବା ସେମାନେ ବଧ୍ୟ ନୁହନ୍ତି ।

ନ ଜାୟତେ ମ୍ରିୟତେ ବା କଦାଚିନ୍-
ନାୟଂଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥୨୦॥
ବେଦାବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟମ୍ ।
କଥଂ ସପୁରୁଷଃ ପାର୍ଥ ! କଂ ଘାତୟତି ହନ୍ତି କମ୍ ॥୨୧॥

ସ୍ୱପ୍ନରେ ଯାହା ଦେଖାଯାଏ, ତାହା ସ୍ୱପ୍ନ କାଳରେହିଁ ସତ୍ୟ । ଜାଗ୍ରତ ହେବାପରେ ସ୍ୱପ୍ନରେ ଦେଖିଥିବା ବିଷୟର କୌଣସି ଚିହ୍ନ ନଥାଏ । ସେହିଭଳି ଏହି ମାୟା । ତୁମେ ମାୟାବଶତଃ ବୃଥା ଭ୍ରମରେ ପଡ଼ିଚ । କୌଣସି ବ୍ୟକ୍ତି ବା ଜିନିଷର ଛାଇକୁ ଆଘାତ କଲେ ଯେପରି ପ୍ରକୃତ ବ୍ୟକ୍ତି ବା ଜିନିଷର କୌଣସି କ୍ଷତି ହୁଏନା, ଯେପରି ପୂର୍ଣ୍ଣ କୁମ୍ଭକୁ ଓଲଟେଇ ଦେଲେ ତା ଭିତରେ ଦେଖାଯାଉଥିବା ସୂର୍ଯ୍ୟର ପ୍ରତିବିମ୍ବ ନଷ୍ଟ ହୋଇଗଲେ ମଧ୍ୟ ସୂର୍ଯ୍ୟର ବିନାଶ ଘଟେନା ଅଥବା ଘଟ ଭିତରେ ଆକାଶ ଘଟର ଆକାର ଧାରଣ କଲେ ମଧ୍ୟ ଘଟ ଭାଙ୍ଗିଗଲେ ଯେପରି ଆକାଶ ଅବିକୃତ ରହିଥାଏ, ସେହିଭଳି ହେ ଅର୍ଜୁନ, ଶରୀର ଲୋପ ପାଇଗଲେ ମଧ୍ୟ ସ୍ୱରୂପ ଲୋପ ପାଏନା । ତେଣୁ ଏହି 'ବିନାଶ'ର ମିଥ୍ୟା କଳ୍ପନା କରି ମୂଳସ୍ୱରୂପ ଉପରେ ତାହା ବୃଥାରେ ଆରୋପ କର ନାହିଁ ।

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂଯାତି ନବାନି ଦେହୀ ॥୨୨॥

ଲୋକ ଯେପରି ପୁରୁଣା ଲୁଗାକୁ ଛାଡ଼ି ନୂତନ ଲୁଗା ପିନ୍ଧେ, ସେହି ଭଳି ଚୈତନ୍ୟସ୍ୱରୂପ ଜୀବାତ୍ମା ଏକ ଦେହ ଛାଡ଼ି ଅନ୍ୟ ଦେହ ଧରିଥାଏ ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥୨୩॥
ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ
ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନଃ ॥୨୪॥

ଏ ଆତ୍ମା ଅନାଦି, ନିରନ୍ତର, ସ୍ୱତଃସିଦ୍ଧ, ଉପାଧିହୀନ ଓ ବିଶୁଦ୍ଧ । ତେଣୁ କୌଣସି ଶସ୍ତ୍ରଦ୍ୱାରା ଏହାର ଛେଦନ ଅସମ୍ଭବ । ପ୍ରଳୟ କାଳର ଜଳପ୍ଳାବନରେ ମଧ୍ୟ ଏହାକୁ ସିକ୍ତ କରାଯାଇ ନ ପାରେ । ଅଗ୍ନିଦ୍ୱାରା ଏହାକୁ ଦଗ୍ଧ କରିବା ସମ୍ଭବ ନୁହେଁ । ପବନର ମହାଶୋଷଣ ଶକ୍ତି ଥିଲେ ସୁଦ୍ଧା ଏହାପ୍ରତି ତାକୁ ପ୍ରୟୋଗ କରିବା ବୃଥା । ହେ ଅର୍ଜୁନ, ଏ ଆତ୍ମା ଅବିନାଶୀ, ବିକାରହୀନ, ଅଚଳ, ସର୍ବବ୍ୟାପୀ, ସର୍ବତ୍ର ସର୍ବଦା ବର୍ତ୍ତମାନ ଏବଂ ପରିପୂର୍ଣ୍ଣ ।

ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ଯ୍ୟୋଽୟମୁଚ୍ୟତେ
ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ! ॥୨୫॥

ହେ କିରୀଟି, ଏହି ଆତ୍ମାକୁ ତର୍କଦ୍ୱାରା ବୁଝାଯାଏନା, ପ୍ରକାଶ କରାଯାଇପାରେନା, ଏହା ତାର୍କିକର ଦୃଷ୍ଟିଗୋଚର ନୁହଁ । ଧ୍ୟାନ ଧାରଣରେ ଲିପ୍ତଥିବା ଯୋଗୀଗଣ ଏହାର ଦର୍ଶନଲାଗି ସର୍ବଦା ଉତ୍କଣ୍ଠିତ । ମନ ପକ୍ଷରେ ଏହା ଦୁର୍ଲ୍ଲଭ । ସାଧନା ଦ୍ୱାରା ଅପ୍ରାପ୍ୟ । ହେ ଅର୍ଜୁନ, ଏହି ପୁରୁଷୋତ୍ତମତତ୍ତ୍ୱ ଅସୀମ । ଏହା ତ୍ରିଗୁଣାତୀତ, ଗୁଣପ୍ରତି ନିର୍ଲିପ୍ତ । ଏହାର ରୂପ ନାହିଁ କି ସୀମା ନାହିଁ । ଏହାକୁ ଚିନ୍ତା କରାଯାଇପାରେନା, ବିକୃତ କରାଯାଇପାରେନା, କଥାରେ କୁହାଯାଇ ପାରେନା । ଏହା ଅନାଦି, ଅନନ୍ତ । ଭାଇ ଅର୍ଜୁନ ! ଏହି ଆତ୍ମାକୁ ବୁଝିବା ଉଚିତ ଏବଂ ଅନୁଭବ କରିବା ଉଚିତ ଯେ, ଏହା ସବୁଥିରେ ସର୍ବବ୍ୟାପୀ । ଏକଥା ବୁଝିପାରିଲେ ତୁମ ମନରେ ତିଳେ ସୁଦ୍ଧା ଶୋକ ସ୍ଥାନ ପାଇବ ନାହିଁ, ଶୋକ ହେଲେ ମଧ୍ୟ ତାହା ତତ୍‌କ୍ଷଣାତ୍ ଦୂର ହୋଇଯାଇ ପାରିବ ।

ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱଂ ମହାବାହୋ ! ନୈନଂ ଶୋଚିତୁମର୍ହସି ॥୨୬॥

ଅଥବା ତୁମେ ଯଦି ଏହି ଆତ୍ମାକୁ ବିନାଶଶୀଳ ବୋଲି ଭାବ ତଥାପି ହେ ସଖା ଅର୍ଜୁନ ! ତୁମେ ଶୋକ କରିବାର କୌଣସି କାରଣ ନାହିଁ । ଗଙ୍ଗାର ସ୍ରୋତ ଯେପରି ପ୍ରବହମାନ, ସେହିଭଳି ଉତ୍ପତ୍ତି, ସ୍ଥିତି ଓ ବିଲୟର ପ୍ରବାହ ନିତ୍ୟ ନିରନ୍ତର । ଗଙ୍ଗାର ସ୍ରୋତ ମୂଳରୁ ଅଖଣ୍ଡ, ସମୁଦ୍ର ସହିତ ମିଳିଲେ ମଧ୍ୟ ଏହା ଅଖଣ୍ଡ ଏବଂ ପ୍ରବାହର ମଧ୍ୟଭାଗରେ ମଧ୍ୟ ଅଖଣ୍ଡ । ସେହିଭଳି ଜୀବ ଜଗତର ଉତ୍ପତ୍ତି, ସ୍ଥିତି ଓ ବିଲୟର ଅଖଣ୍ଡ ପ୍ରବାହ ଲାଗି ରହିଛି, ଏହାକୁ ମଝିରେ କେହି ବାଧା ଦେଇ ନ ପାରେ । ତେଣୁ ସେହି ଜଗତ ଲାଗି ତୁମେ ଶୋକ କରିବା ଅନୁଚିତ । କାରଣ ସୃଷ୍ଟିର କ୍ରମ ଏହିଭଳି ଭାବରେ ସ୍ୱଭାବତଃ ଅନାଦି । ହେ ଅର୍ଜୁନ ! ଜନ୍ମ ମୃତ୍ୟୁର ଅଧୀନ ଜଗତକୁ ଦେଖି ମଧ୍ୟ ଯଦି ତୁମର ମନ ନ ମାନୁଛି, ତଥାପି ତୁମେ ଶୋକ କରିବାର କୌଣସି କାରଣ ନାହିଁ । ଜନ୍ମ ମୃତ୍ୟୁ ଅପରିହାର୍ଯ୍ୟ, ତାକୁ କେହି ରୋକି ନପାରେ ।

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥୨୭॥

ଯିଏ ଜନ୍ମ ହୁଏ, ତାର ମୃତ୍ୟୁ ହୁଏ, ଯାହାର ମୃତ୍ୟୁ ହୁଏ, ସେ ପୁଣି ଜନ୍ମ ଗ୍ରହଣ କରିଥାଏ । କୂଅରୁ ପାଣି ଉଠେଇବା ଲାଗି ଘଟିକା ଯନ୍ତ୍ର * ଭଳି ସଂସାରଚକ୍ର ଘୂର୍ଣ୍ଣାୟମାନ । ସୂର୍ଯ୍ୟର ଉଦୟ ଅସ୍ତ ଯେପରି ନିରନ୍ତର ଲାଗି ରହିଛି, ସେହିଭଳି ଜନ୍ମ ମରଣ ଲାଗି ରହିଛି । ଏହା ଅନିବାର୍ଯ୍ୟ । ମହାପ୍ରଳୟ ସମୟରେ ତ୍ରିଲୋକର ସଂହାର ହୋଇଥାଏ କିନ୍ତୁ ଏଥିରେ ଆଦି ଅନ୍ତର ବିନାଶ ଘଟେନା । ତୁମେ ଯଦି ଏହା ଠିକ୍ ବୋଲି ମାନୁଚ, ତାହାହେଲେ ଦୁଃଖ କରୁଛ କାହିଁକି ? ମୁଁ ଜାଣି ପାରୁଛି ତୁମେ ବୁଝି ମଧ୍ୟ ବୁଝି ପାରୁନା । ହେ ଧନୁର୍ଦ୍ଧର ! ଏହା ବ୍ୟତୀତ

---

* କୂଅରୁ ପାଣି ଉଠେଇବା ଲାଗି ଦକ୍ଷିଣ ଓ ପଶ୍ଚିମାଞ୍ଚଳର ଲୋକେ ଏକ ଚକ୍ରାକାର ଯନ୍ତ୍ର ବ୍ୟବହାର କରିଥାନ୍ତି । ଏହା ସହିତ କେତୋଟି ବଡ଼ ବଡ଼ ମାଟି ଘଡ଼ି ବନ୍ଧା ହୋଇଥାଏ । ଚକକୁ ଘୂରାଇବା ମାତ୍ରେ ଘଡ଼ି ଗୁଡ଼ିକରେ ଜଳପୂର୍ଣ୍ଣ ହୋଇ ଗୋଟିକ ପରେ ଗୋଟିଏ ଉପରକୁ ଉଠିଆସେ ।

ଆଉ ଗୋଟିଏ କଥାବିଚାର କରି ଦେଖିଲେ ବୁଝିପାରିବ ଯେ, ଦୁଃଖ କରିବାର ବୋଲି କିଛି ନାହିଁ ।

ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ !
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିବେଦନା ।।୨୮।।

ସମସ୍ତ ପ୍ରାଣୀ ଜନ୍ମ ଗ୍ରହଣ ପୂର୍ବରୁ ଅମୂର୍ତ୍ତ ରହି ଥାଆନ୍ତି, ପରେ ଜନ୍ମ ଗ୍ରହଣ କରି ଆକାର ଲାଭ କରିଥାଆନ୍ତି । ମୃତ୍ୟୁ ଘଟିଲେ ଏମାନେ ଯେ ଅନ୍ୟ କିଛି ହୋଇଯାଆନ୍ତି ଏ କଥା ଭାବ ନାହିଁ । ଏମାନେ ପୁଣି ଅମୂର୍ତ୍ତ ଦଶାହିଁ ଲାଭ କରିଥାଆନ୍ତି । ଜନ୍ମ ଓ ମୃତ୍ୟୁର ମଧ୍ୟ ଭାଗରେ ଯାହା ଦେଖାଯାଏ, ତାହା ନିଦ୍ରିତ ଅବସ୍ଥାରେ ସ୍ୱପ୍ନ ଦେଖିବାଭଳି । ଏହା ମାୟାର ପ୍ରଭାବରେ ସତ୍‌ସ୍ୱରୂପ ଆତ୍ମତତ୍ତ୍ୱରେ ଭାସିତ ହେବାଭଳି ପ୍ରତୀତ ହୁଏ । ବାୟୁ ସ୍ପର୍ଶରେ ଜଳ ଯେପରି ତରଙ୍ଗାକାର ଦେଖାଯାଏ, ସ୍ୱର୍ଣ୍ଣ ଯେପରି ଲୋକର ଇଚ୍ଛାନୁସାରେ ବିଭିନ୍ନ ଅଳଙ୍କାରର ଆକାର ଧାରଣ କରେ, ସେହିଭଳି ସମସ୍ତ ମୂର୍ତ୍ତବସ୍ତୁ ମାୟାବିଷ୍ଟ । ଶରୀରଧାରୀ ଭୂତ ବା ଜୀବ ମାତ୍ରକେ ମାୟାବଳରେ ଆକାର ଲାଭ କରିଥାଏ । ଗଗନରେ ଯେପରି ଅଭ୍ରପଟଳ ଦେଖାଯାଏ, କିନ୍ତୁ ବାସ୍ତବରେ ସେ କିଛି ନୁହଁ, ସେହିଭଳି ଯାହାର ମୂଳ ନାହିଁ, ତା ଲାଗି ତୁମେ ରୋଦନ କରୁଛ କାହିଁକି ? ଯାହା ଲାଗି ଆତୁର ହୋଇ ସାଧୁସନ୍ତମାନେ ବିଷୟ ବାସନାପରିତ୍ୟାଗ କରିଥାଆନ୍ତି, ଯାହାଲାଗି ମନୁଷ୍ୟ ବୈରାଗୀ ହୋଇ ବନବାସ କରେ, ଯାହାକୁ ଲକ୍ଷ୍ୟ କରି ମୁନିଋଷିଗଣ ବ୍ରହ୍ମଚର୍ଯ୍ୟ ଆଦି ବ୍ରତ ଓ ତପସ୍ୟା କରିଥାଆନ୍ତି, ସେହି ଅକ୍ଷୟ ଅଦ୍ୱିତୀୟ ଚୈତନ୍ୟ ତତ୍ତ୍ୱପ୍ରତି ସର୍ବଦା ଦୃଷ୍ଟିରଖ ।

ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନ-
ମାଶ୍ଚର୍ଯ୍ୟବଦ୍ ବଦତି ତଥୈବ ଚାନ୍ୟଃ ।
ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି
ଶ୍ରୁତ୍ୱାପ୍ୟେନଂବେଦ ନ ଚୈବ କଶ୍ଚିତ୍ ।।୨୯ ।।

କେହି କେହି ନିଶ୍ଚଳ ଅନ୍ତରରେ ପରମାତ୍ମାଙ୍କ ଦର୍ଶନ ଲାଭ କରି ସଂସାରର ସବୁକିଛି ଭୁଲିଯାଇ ଥାଆନ୍ତି, କେହି କେହି ତାଙ୍କର ଗୁଣ କୀର୍ତ୍ତନ କରି କରି ଭାବାବିଷ୍ଟ ହୋଇପଡ଼ି ତନ୍ମୟ ହୋଇ ପଡ଼ିଥା'ନ୍ତି । ଅର୍ଥାତ୍ 'ତଲ୍ଲୀନତା' ଲାଭ କରିଥାଆନ୍ତି । କେହି କେହି ଭଗବାନଙ୍କ ଗୁଣଗାନ ଶୁଣି ଶୁଣି ଚିତ୍ତରେ ଶାନ୍ତିଲାଭ କରିବା ସଙ୍ଗେ ସଙ୍ଗେ ଦେହାଭିମାନ ତ୍ୟାଗ କରିଥାଆନ୍ତି । ଆଉ କେହି କେହି ନିଜ ଅନୁଭୂତିଦ୍ୱାରା ପରମାର୍ଥତତ୍ତ୍ୱ ସହିତ ତଦ୍ରୂପତା ଲାଭ କରିଥାଆନ୍ତି । କେହି କେହି ଚୈତନ୍ୟ ସହିତ ଏକାକାର ହୋଇ ଉଠନ୍ତି । ସମସ୍ତ ନଦୀ ଯେପରି ସମୁଦ୍ରରେ ମିଳିଥାଆନ୍ତି, ଆଉ ଫେରି ଆସି ନଥାନ୍ତି, ସେହିଭଳି ଯୋଗୀଶ୍ୱର-ମାନଙ୍କ ବୁଦ୍ଧି ଚୈତନ୍ୟର ସାକ୍ଷାତ୍‌କାର ଲାଭ ସଙ୍ଗେ ସଙ୍ଗେ ତା ସହିତ ଏକାକାର ହୋଇ ଯାଇଥାଏ । ଚୈତନ୍ୟର ସାକ୍ଷାତକାର ହେଲେ ମଧ୍ୟ ଯଦି ବୁଦ୍ଧି ଏକାକାର ହୋଇ ନ ପାରେ, ତଥାପି ଚୈତନ୍ୟତତ୍ତ୍ୱ ହଟିଯାଇ ନଥାଏ ।

ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ !
ତସ୍ମାତ୍ ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ॥୩୦॥

ଯିଏ ସବୁଠି ଏବଂ ସର୍ବ ଶରୀରରେ ବିଦ୍ୟମାନ, ଯାହାକୁ ଆଘାତ କରିବାକୁ ଚାହିଁଲେ ମଧ୍ୟ ଆଘାତ କରାଯାଇ ନପାରେ, ସେହି ଏକରୂପୀ ଚୈତନ୍ୟ ହେଉଛି ବିଶ୍ୱର ଆତ୍ମା ! ତାହାର ସ୍ୱାଭାବିକ ଧର୍ମରୁ ସକଳ ବିଶ୍ୱର ସୃଷ୍ଟି ଓ ଲୟ ! ଏ ଅବସ୍ଥାରେ ତୁମେ ଶୋକ କରୁଛ କାହା ଲାଗି ? ହେ ପାର୍ଥ ! ମୁଁ ଯାହାସବୁ କହୁଛି, ତୁମ ମନକୁ ସ୍ପର୍ଶ କରିପାରୁନି କିପରି ? ସେ ଯାହାହେଉ ସବୁଦିଗରୁ ବୁଝି ଦେଖ ତୁମର ଶୋକ ନିନ୍ଦନୀୟ ।

ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍‌କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥୩୧॥

ହେ ଅର୍ଜୁନ ! ତୁମେ ଭଲ ଭାବରେ ବିଚାର କରୁନା କାହିଁକି ? ଯେଉଁ ସ୍ୱଧର୍ମ ତୁମକୁ ସବୁ ଦିଗରୁ ରକ୍ଷା କରିଥାଏ, ତୁମେ କ'ଣ ସେହି ସ୍ୱଧର୍ମକୁ ଭୁଲି

ଯାଇଛ ? ଯଦି ଏହି କୌରବମାନେ ମରିଯାଆନ୍ତି କିମ୍ବା ଯଦି ତୁମର ବା କିଛି ହୋଇଯାଏ, ଯଦି ଏହି ଯୁଗର ମଧ୍ୟ ସମାପ୍ତି ଘଟେ, ତଥାପି 'ସ୍ୱଧର୍ମ' ନାମରେ ଯେଉଁ କଥାଟି ରହିଛି, ତାକୁ କୌଣସିମତେ ପରିତ୍ୟାଗ କରିବା ଉଚିତ ନୁହଁ । ତାକୁ ତ୍ୟାଗ କରିବା ଫଳରେ ତୁମ ମନରେ ଯେଉଁ କାତରତା ଦେଖାଦେଇଛି, ସେଥିରୁ ଉଦ୍ଧାର ପାଇବା ଲାଗି କୌଣସି ଉପାୟ ଚିନ୍ତା କରିଛ କି ? ହେ ଅର୍ଜୁନ, ମୁଁ ଜାଣେ ତୁମେ ଏକାବେଳକେ ଭାଙ୍ଗିପଡ଼ିଚ, କିନ୍ତୁ ଏହା ଯୁଦ୍ଧ ସମୟରେ ଅନୁଚିତ । ଜାଣିଚ ତ, ଗାଈକ୍ଷୀର ପଥ୍ୟ ହେଲେ ମଧ୍ୟ ସମୟ ବିଶେଷରେ ଏହା ପଥ୍ୟ ନୁହଁ । ଉଦାହରଣ ସ୍ୱରୂପ ନବଜ୍ୱରରେ ଏହା ବିଷତୁଲ୍ୟ । ସାବଧାନ ! ଯାହା ଯେତେବେଳେ ଆସିଲା, ଅପ୍ରାସଙ୍ଗିକ ଭାବରେ କରି ବସିଲେ ନିଜର ଅମଙ୍ଗଳ ହିଁ ସାର ହୋଇଥାଏ । ତେଣୁ ବୃଥାରେ ବ୍ୟାକୁଳ ହୋଇ ପଡ଼ନାହିଁ, ସ୍ୱଧର୍ମ ପ୍ରତି ଦୃଷ୍ଟିଦିଅ । ସ୍ୱଧର୍ମ ଆଚରଣରେ କେବେ କୌଣସି ଦୋଷ ନଥାଏ, ବାଧା ନଥାଏ । ସୁପଥରେ ଚାଲିଲେ କୌଣସି ହାନି ହୁଏନା । ହାତରେ ଆଲୁଅ ଧରି ଚାଲିଲେ ପଦସ୍ଖଳନର ଭୟ ନଥାଏ । ସେହିଭଳି ସ୍ୱଧର୍ମ ଆଚରଣରେ ସହଜରେ ମନୋରଥ ସିଦ୍ଧ ହୋଇଥାଏ । ତୁମେ କ୍ଷତ୍ରିୟ, ତୁମର ସ୍ୱଧର୍ମ ହେଉଛି ଯୁଦ୍ଧ କରିବା । ତାହା ତୁମର କର୍ତ୍ତବ୍ୟ । ତେଣୁ ନିଷ୍କପଟ, ନିଃଶଙ୍କଭାବରେ ଦଣ୍ଡାୟମାନ ହୋଇ ଯୁଦ୍ଧ କରିଯାଅ । ବହୁତ କଥା କୁହାଗଲାଣି, ଆଉ ବେଶି କିଛି କହିବା ଆବଶ୍ୟକ ମନେ କରୁନାହିଁ ।

ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ! ଲଭନ୍ତେ ଯୁଦ୍ଧମୀଦୃଶମ୍ ।।୩୨।।

ହେ ଅର୍ଜୁନ ! ଇଏ ଯୁଦ୍ଧ ନୁହଁ । ଇଏ ହେଉଛି ତୁମର ସୌଭାଗ୍ୟ । ସକଳ ଧର୍ମର ନିଦାନ ଯୁଦ୍ଧରୂପରେ ପ୍ରକଟିତ ହୋଇଛି । ଏହା ସଂଗ୍ରାମ ନୁହଁ । ତୁମର ପ୍ରତାପରେ ସ୍ୱର୍ଗ ନିଜେ ମୂର୍ତ୍ତିମାନ ହୋଇ ଠିଆହୋଇଛି ସମ୍ମୁଖରେ । ତୁମ ଗୁଣର ପରିଚୟ ପାଇ ସ୍ୱୟଂ ''କୀର୍ତ୍ତି'' ପ୍ରୀତିରେ ଆସକ୍ତ ହୋଇ ତୁମକୁ ବରଣ କରିବା ଲାଗି ସ୍ୱୟମ୍ବରା ହୋଇ ଆସିଛି ତୁମ ପାଖକୁ । ବହୁ ପୁଣ୍ୟ କଲେ ଯାଇ କ୍ଷତ୍ରିୟ

ପକ୍ଷରେ ଏପ୍ରକାର ସଂଗ୍ରାମର ସୁଯୋଗ ମିଳିଥାଏ । ବାଟରେ ଯାଉ ଯାଉ ହଠାତ୍ ଚିନ୍ତାମଣି ହସ୍ତଗତ ହେବା, ହାଇ ମାରୁ ମାରୁ ଦୈବାତ୍ ଅମୃତ ଆସି ପାଟିରେ ପଡ଼ିବାଭଳି ଭାଗ୍ୟବଶତଃ ଏହି ସଂଗ୍ରାମର ସୁଯୋଗ ମିଳିଛି ତୁମକୁ ।

ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂକୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ।।୩୩।।

ଏବେ ଯଦି ତୁମେ ଯୁଦ୍ଧ ତ୍ୟାଗ କର ଏବଂ ଅନର୍ଥକ ଶୋକ କର, ତାହାହେଲେ ନିଜେ ହିଁ ନିଜର ଅମଙ୍ଗଳ କରିବା ସାର ହେବ । ତୁମେ ଯୁଦ୍ଧ ନକରି ଅସ୍ତ୍ରତ୍ୟାଗ କଲେ ପୂର୍ବାର୍ଜିତ ସମସ୍ତ ସୁଖ୍ୟାତି ଲୋପ ପାଇବ । ଏଥିରେ ତୁମର କୀର୍ତ୍ତିନାଶ ଘଟିବ, ଜଗତ ତୁମର ନିନ୍ଦା କରିବ, ଅଭିଶାପ ଦେବ, ମହାପାତକ ହେବ । ଯେପରି ପତିହୀନା ସ୍ତ୍ରୀ ସବୁଆଡୁ ଅପମାନିତା ହୋଇଥାଏ, ସ୍ୱଧର୍ମହୀନ ମନୁଷ୍ୟର ଅବସ୍ଥା ମଧ୍ୟ ସେହିଭଳି । ଲୋକେ କହିବେ ଅର୍ଜୁନଙ୍କୁ ଧର୍ମ ଛାଡ଼ିଗଲାଣି । ରଣକ୍ଷେତ୍ରରେ ପରିତ୍ୟକ୍ତ ଶବଗୁଡ଼ିକୁ ଶାଗୁଣା କୁକୁର ଯେପରି ଭିଣ୍‌ଭିଣା କରି ଖାଇ ଥାଆନ୍ତି, ସେହିଭଳି ସ୍ୱଧର୍ମହୀନ ବ୍ୟକ୍ତିକୁ ମହାଦୋଷ ବିଦାରି ପକାଇଥାଏ ।

ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।
ସମ୍ଭାବିତସ୍ୟ ଚାକୀର୍ତ୍ତିର୍ମରଣାଦତିରିଚ୍ୟତେ ।।୩୪।।

ସ୍ୱଧର୍ମ ତ୍ୟାଗ କଲେ କେବଳ ପାପ ତ ହେବନି ଏ ଅପକୀର୍ତ୍ତି କଳ୍ପାନ୍ତରେ ସୁଦ୍ଧା ଦୂର ହେବ ନାହିଁ । ଅପକୀର୍ତ୍ତି ଆଜୀବନ ସ୍ପର୍ଶ ନକରୁ, ଏହା ବୁଦ୍ଧିମାନ ବ୍ୟକ୍ତି ଚାହିଁଥାଏ । ଏଥର କହ ତ, ଯୁଦ୍ଧରୁ ଫେରିଯିବ ? ଧର ତୁମେ ସଦୟ ହୋଇ, ଦୟାପରବଶ ହୋଇ ଯୁଦ୍ଧ ଛାଡ଼ି ଚାଲିଯିବ, କିନ୍ତୁ ଯେଉଁମାନଙ୍କ ଲାଗି ଚାଲିଯିବ, ସେମାନେ ତୁମର ଉଦ୍ଦେଶ୍ୟକୁ ବୁଝି ପାରିବେ କି ? ତୁମେ ସିନା ଛାଡ଼ି ଚାଲିଯିବାକୁ ଚାହିଁବ କିନ୍ତୁ ସେମାନେ ତୁମକୁ ଛାଡ଼ିବେ ନାହିଁ । ଚାରିଆଡୁ ଘେରିଯିବେ । ବାଣ ପରେ ବାଣ ବର୍ଷଣ କରିବେ । ତୁମକୁ ଆଘାତ କରିବେ

କଠୋର ଭାବରେ । ସେ ପରିସ୍ଥିତିରେ ତୁମକୁ ଏହି 'ଦୟାଭାବ' ରକ୍ଷା କରି ପାରିବ କି ? ତୁମେ ସମସ୍ତେ ପ୍ରକାରର ସଂକଟକୁ ଅତିକ୍ରମ କରି ଯୁଦ୍ଧ କ୍ଷେତ୍ରରୁ ଖସି ଚାଲିଗଲେ ମଧ୍ୟ ଆଦୌ ନିଷ୍କୃତି ପାଇପାରିବ ନାହିଁ । ତାପରେ ଭାବିବ ଜୀବିତ ରହିବା ଅପେକ୍ଷା ମରଣ ବରଂ ଶ୍ରେୟସ୍କର ।

ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।
ଯେଷାଂଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ।।୩୫।।

ଆଉ ଗୋଟିଏ କଥା ତୁମେ ବିଚାର କରି ପାରୁନା । ତୁମେ ଏଠାକୁ ଆସିଚ ସୁସଜ୍ଜିତ ହୋଇ ମହାଡ଼ମ୍ବରରେ ଯୁଦ୍ଧ କରିବା ପାଇଁ । ଏବେ ଯଦି ଦୟାପରବଶ ହୋଇ କୋମଳ ହୃଦୟରେ ଫେରିଯାଅ, ତାହାହେଲେ ଏହି ଦୁର୍ଜ୍ଜନ ଶତ୍ରୁମାନେ ତୁମକୁ ବିଶ୍ୱାସ କରିବେ କି ?

ଅବାଚ୍ୟବାଦାଂଶ୍ଚ ବହୁନ୍ ବଦିଷ୍ୟନ୍ତି ତବାହିତାଃ ।
ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ।।୩୬।।

ଏମାନେ କହିବେ, ଗଲାରେ ଗଲା, ଆମମାନଙ୍କୁ ଭୟ କରି ଅର୍ଜ୍ଜୁନ ଖସି ପଳେଇଗଲା । ମୁହଁରେ ନ ଧରିବା କଥାସବୁ କହିବେ । ଏପରି ଅକୀର୍ତ୍ତି, ଅପଯଶରେ ଭାଗୀହେବା ତୁମ ପକ୍ଷରେ ଠିକ୍ ହେବ କି ? ହେ ଧନୁର୍ଦ୍ଧର, ଲୋକେ ବହୁ କଷ୍ଟ କରି ଏପରିକି ନିଜ ଜୀବନ ବିନିମୟରେ ଯେଉଁ କୀର୍ତ୍ତି ଅର୍ଜ୍ଜନ କରିଥାଆନ୍ତି, ସେହି କୀର୍ତ୍ତି ତୁମେ ଅନାୟାସରେ ଲାଭ କରିଛ । ଗଗନ ଯେପରି ଅଦ୍ୱିତୀୟ, ତୁମର କୀର୍ତ୍ତି ମଧ୍ୟ ସେହିଭଳି ଅନୁପମ ଓ ଅସୀମ । ତୁମର ସୁନାମ ତ୍ରିଭୁବନରେ ପ୍ରକଟିତ । ନାନା ଦେଶର ରାଜାମହାରାଜା ଭାଟଭଳି ତୁମର ଗୁଣ ବର୍ଣ୍ଣନା କରିବା ଲକ୍ଷ୍ୟ କରାଯାଏ— ତାକୁ ଶୁଣି କୃତାନ୍ତ ପ୍ରଭୃତି ସଚକିତ । ତୁମର ମହିମା ଏପରି ଗମ୍ଭୀର ଓ ଗଙ୍ଗାଭଳି ସୁନିର୍ମଳ ଯେ ତାକୁ ଦେଖି ଜଗତର ବୀରପୁରୁଷ-ଗଣ ତଟସ୍ଥ ହୋଇଥାଆନ୍ତି । ସେହି ତୁମର ଅଦ୍‌ଭୁତ ପୌରୁଷ କଥା ଶୁଣି ବହୁ ନୃପତି ପ୍ରାଣର ଆଶା ଛାଡ଼ି ତୁମକୁ ଓ ତୁମ ଯୁଦ୍ଧ କୌଶଳକୁ

ଦେଖିବାପାଇଁ ଏଠାକୁ ଆସିଛନ୍ତି । ସିଂହର ଗର୍ଜନ ଶୁଣି ମଦମତ୍ତହସ୍ତୀ ମଧ୍ୟ ଯେପରି ମୃତ୍ୟୁକାଳ ଆସିଗଲା ଭାବି ପ୍ରମାଦ ଗଣେ, ସେହିଭଳି କୌରବଗଣ ତୁମକୁ ଦେଖି ଭୀତତ୍ରସ୍ତ । ପର୍ବତ ଯେପରି ବଜ୍ରକୁ, ସର୍ପ ଯେପରି ଗରୁଡ଼କୁ ଭୟ କରିଥାଏ, ହେ ଅର୍ଜୁନ ! କୌରବମାନେ ତୁମକୁ ଠିକ୍ ସେହିଭଳି ଭୟ କରିଥାଆନ୍ତି । ଯଦି ଯୁଦ୍ଧ ନ କରି ତୁମେ ବିମୁଖ ହୁଅ, ତାହାହେଲେ ତୁମର ମହତ୍ତ୍ୱ ଓ ଶ୍ରେଷ୍ଠତ୍ୱ ତ ନଷ୍ଟ ହେବ, ନୀତିହୀନତା ମଧ୍ୟ ପ୍ରତିପାଦିତ ହେବ । ତୁମେ ପଳେଇ ଯିବାକୁ ଚାହିଁଲେ ମଧ୍ୟ ଏମାନେ ତୁମକୁ ପଳାଇବାକୁ ଦେବେ ନାହିଁ । ତୁମକୁ ଧରି ଭର୍ତ୍ସନା କରିବେ ଏବଂ ତୁମ ମୁହଁରେ ଥୁ ଥୁ କରିବେ । ଗାଳିମନ୍ଦ କରିବେ । ସେହି ସମୟରେ ଏସବୁ ଶୁଣି ତୁମେ ଛାତି ଫାଟିଯିବା ଭଳି ଅନୁଭବ କରିବ । ତା ଅପେକ୍ଷା ନିଜର ଶୌର୍ଯ୍ୟବୀର୍ଯ୍ୟ ପ୍ରକାଶ କରି ଯୁଦ୍ଧ କରିବ ନାହିଁ କାହିଁକି ?

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।
ତସ୍ମାଦୁତ୍ତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ ।।୩୭।।

ଯଦି ଜୟୀ ହୁଅ ତାହାହେଲେ ରାଜ୍ୟପ୍ରାପ୍ତି ନିଶ୍ଚିତ । ଯଦି ଯୁଦ୍ଧ କରୁ କରୁ ପ୍ରାଣ ଚାଲିଯାଏ ତ ଅନାୟାସରେ ଲାଭ କରିବ ସ୍ୱର୍ଗସୁଖ । ତେଣୁ ହେ କିରୀଟି ! ଆଉ କୌଣସି ବିଷୟରେ ମୁଣ୍ଡ ନ ଖେଳେଇ ଧନୁଶର ଧରି ଚଟାପଟ ଯୁଦ୍ଧରେ ଲାଗିଯାଅ । ମନେରଖ ସ୍ୱଧର୍ମାଚରଣ କଲେ ପୂର୍ବର ସମସ୍ତ ପାପ ଦୂର ହୋଇଥାଏ । ଏ କାମ କଲେ ପାପ, ସେ କାମ କଲେ ଦୋଷ, ଏପରି ଭ୍ରମ, ତଥା କଳ୍ପନା ମନକୁ ଆସୁଛି କିପରି ଓ କାହିଁକି ? ଭେଳାକୁ ଆଶ୍ରୟ କଲେ ମଣିଷ କେବେ ଡୁବିଯାଏ କି ? ଠିକ୍ ବାଟରେ ଚାଲିଲେ କିଏ ପଥଭ୍ରଷ୍ଟ ହୁଏ କି ? ଯିଏ ଭଲ ଭାବରେ ଚାଲି ଜାଣେନା, ବାଟ କ'ଣ ଅବାଟ କ'ଣ ସବୁଠି ଝୁଣ୍ଟିଚ । ଯେପରି ଅମୃତ ସହିତ ବିଷ ମିଶେଇ ଖାଇଲେ ମନୁଷ୍ୟ ଅମୃତ ଖାଇ ମଧ୍ୟ ମରେ, ସେହିଭଳି କାମନା ସହିତ ସ୍ୱଧର୍ମ ଆଚରଣ କଲେ ସେଥିରେ ଦୋଷ ହେବା ନିଶ୍ଚିତ । ତେଣୁ ହେ ଅର୍ଜୁନ, ତୁମେ ସମସ୍ତ ପ୍ରକାରର କାମନା ବାସନାକୁ ମନରୁ ପୋଛି ପକାଇ ଯଦି କ୍ଷତ୍ରିୟ ଧର୍ମର ଆଚରଣ କରିବ, ତାହାହେଲେ କୌଣସି ପାପ ହେବ ନାହିଁ ।

ସୁଖ ଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ।।୩୮।।

ସୁଖରେ ଉତ୍‌ଫୁଲ୍ଲ ହୋଇ ଉଠନି କିମ୍ବା ଦୁଃଖରେ ବିଚଳିତ ହୋଇ-ପଡ଼ନି । ସ୍ୱଧର୍ମ ଆଚରଣ କରିବାବେଳେ ଲାଭ ଲୋକସାନର କଳ୍ପନା ସୁଦ୍ଧା ମନରେ ସ୍ଥାନଦେବା ଅନୁଚିତ । ଯୁଦ୍ଧରେ ବିଜୟଲାଭ ହେବ କିମ୍ବା ପ୍ରାଣ ଯିବ ଏପରି ଚିନ୍ତା ଆଗରୁ କରନାହିଁ । ମରେ କିମ୍ବା ବଞ୍ଚେ, ଜୟ ହେଉ ପରାଜୟ ହେଉ, ଯାହା ହେଉନା କାହିଁକି, ମୁଁ ମୋର ଧର୍ମଆଚରଣ କରି ଯିବି ଏବଂ ସବୁ ପ୍ରକାରର ଅବସ୍ଥାକୁ ଶାନ୍ତ ଚିତ୍ତରେ ସହ୍ୟ କରିନେବି— ଏଭଳି ଭାବନା ହେବା ଉଚିତ । ଯେତେବେଳେ ଏପରି ବିଚାର ଲାଗି ମନ ପ୍ରସ୍ତୁତ ହୋଇଯିବ, ସେତେବେଳେ ସ୍ୱଭାବତଃ ମନୁଷ୍ୟର ପାପାଚରଣ ହେବନାହିଁ । ତୁମକୁ ମୋର ଏତିକି କହିବା କଥା ଯେ, ତୁମେ ମନରୁ ସମସ୍ତ ପ୍ରକାରର ସଂଶୟ ଦୂର କରି ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଯାଅ ।

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟାଯୁକ୍ତୋ ଯୟା ପାର୍ଥ ! କର୍ମବନ୍ଧଂ ପ୍ରହାସ୍ୟସି ।।୩୯।।

ସାଂସାରିକ ଶୋକମୋହାଦିର ବିନାଶକାରୀ ଆତ୍ମତତ୍ତ୍ୱ ହେଉଛି ସାଂଖ୍ୟ । ଏହି ଯୋଗର ସ୍ଥିତି ସମ୍ପର୍କରେ ତୁମକୁ ସଂକ୍ଷେପରେ ବର୍ଣ୍ଣନା କଲି । ତାପରେ ବୁଦ୍ଧିଯୋଗ— ସିଦ୍ଧାନ୍ତ ବର୍ଣ୍ଣନା କରୁଛି ଶୁଣ । ଯେପରି ବଜ୍ରକବଚ ଧାରଣକଲେ ଶସ୍ତ୍ରର ପ୍ରତିରୋଧ କରାଯାଇଥାଏ ଏବଂ ପରିଶେଷରେ ନିର୍ବିଘ୍ନରେ ବିଜୟଲାଭ ହୁଏ, ସେହିଭଳି ଯିଏ ବୁଦ୍ଧିଯୁକ୍ତ ହୁଏ, ହେ ପାର୍ଥ, ସେ କେବେହେଲେ କର୍ମବନ୍ଧନରେ ପଡ଼େନାହିଁ । କର୍ମ ତାକୁ ବାଧା ଦିଏନାହିଁ ।

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।।୪୦।।

ବୁଦ୍ଧିଯୋଗର ସାଧନା ସିଦ୍ଧ ହୋଇ ଯିବାପରେ ଐହିକ ସୁଖ କେବେ ନଷ୍ଟ ହୁଏନା ଅଥଚ ମୋକ୍ଷଲାଭ ହୋଇଥାଏ । ଏହି ବୁଦ୍ଧିଯୋଗଦ୍ୱାରା ପୂର୍ବକୃତ

କର୍ମ ପରିଷ୍କାର ଭାବରେ ଦୃଷ୍ଟିଗୋଚର ହୁଏ ।କର୍ମ ବରାବର କରୁଥିଲେ କର୍ମଫଳପ୍ରତି ଆସକ୍ତି ରହେନାହିଁ । ମନ୍ତ୍ର ଜାଣିଥିବା ବ୍ରାହ୍ମଣକୁ ଯେପରି ଭୂତପ୍ରେତାଦି ଭୟ ଦେଖାଇ ପାରନ୍ତି ନାହିଁ, ସେଇଭଳି ଯାହାର ସୁବୁଦ୍ଧି ଲାଭ ହୋଇଥାଏ, ତାକୁ ଜନ୍ମମରଣଜନିତ ଉପାଧି ବଶୀଭୂତ କରିପାରେନା । ଯେଉଁ ଯୁଦ୍ଧରେ ପାପପୁଣ୍ୟର ସଞ୍ଚାର ହୁଏନା, ଯାହା ସୂକ୍ଷ୍ମ ଓ ନିଷ୍କାମ, ଯାହାକୁ ତ୍ରିଗୁଣ ତିଳେହେଲେ ସ୍ପର୍ଶ କରି ପାରେନା, ହେ ଅର୍ଜୁନ, ପୁଣ୍ୟବଶତଃ ସେହିଭଳି ବୁଦ୍ଧି ଅଳ୍ପପରିମାଣରେ ଥିଲେ ମଧ୍ୟ ଅଶେଷ ସଂସାର ଭୟ ନଷ୍ଟ ହୋଇଯାଏ ।

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ !
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋ ଽବ୍ୟବସାୟିନାମ୍ ।।୪୧।।

ଦୀପର ଶିଖା ଛୋଟ ହେଲେ ମଧ୍ୟ ସମଗ୍ର ଘରକୁ ଆଲୋକିତ କରିଥାଏ, ସେହିଭଳି ସଦ୍‌ବୁଦ୍ଧିକୁ ଅଳ୍ପ ମନେ କରନାହିଁ, କାରଣ ଏହାର ପ୍ରଭାବ ବହୁତ । ହେ ପାର୍ଥ; ବିଚାରବାନ୍ ବ୍ୟକ୍ତି ଅନେକ ଉପାୟରେ ଏହି ସଦ୍‌ବୁଦ୍ଧି ଲାଭ ଲାଗି ବହୁ ସାଧନା କରିଥାଆନ୍ତି କାରଣ ଏହି ସଦ୍‌ବୁଦ୍ଧି ସଚରାଚର ବିଶ୍ୱରେ ଦୁର୍ଲ୍ଲଭ । ପଥର ତ ବହୁତ କିନ୍ତୁ ପରଶମଣି ମିଳିଥାଏ କ୍ୱଚିତ୍ । ଦୈବଯୋଗରେ ହିଁ ଅମୃତର କଣିକାଏ ମିଳିଥାଏ । ସେହିଭଳି ଯେଉଁ ସଦ୍‌ବୁଦ୍ଧିଦ୍ୱାରା ପରମାର୍ଥ ଲାଭ ହୋଇଥାଏ, ତାହା ଦୁର୍ଲ୍ଲଭ । ଗଙ୍ଗା ଯେପରି ନିରନ୍ତର ସମୁଦ୍ରଗାମିନୀ, ସେହିଭଳି ସୁବୁଦ୍ଧି ସର୍ବଦା ଈଶ୍ୱରାଭିମୁଖୀ । ଏହି ସୁବୁଦ୍ଧି ବ୍ୟତୀତ ଆଉ ଯେତେ ବୁଦ୍ଧି ରହିଛି, ସେ ସବୁ ଦୁର୍ବୁଦ୍ଧି ପଦବାଚ୍ୟ । ଏହି ଦୁର୍ବୁଦ୍ଧିରୁ ଜାତ ହୁଏ ନାନା ବିକାର ଓ ଅବିବେକିତା । ଅତଏବ ହେ ପାର୍ଥ, ଏଥିରୁ ସ୍ୱର୍ଗବାସ, ସଂସାରବାସ ଓ ନରକବାସ ପ୍ରାପ୍ତ ହୋଇଥାଏ, କିନ୍ତୁ ଆତ୍ମସୁଖ ମିଳି ନଥାଏ ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ! ନାନ୍ୟଦସ୍ତୀତି ବାଦିନଃ ।।୪୨।।
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।
କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ।।୪୩।।

ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତ ଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।।୪୪।।

ଏପରି ଲୋକେ ବେଦକୁ ଆଧାର କରି କେବଳ କର୍ମକାଣ୍ଡକୁହିଁ ପ୍ରତିପାଦନ କରିଥାଆନ୍ତି । ସେମାନଙ୍କ ମନରେ ଥାଏ କେବଳ କର୍ମଫଳର ଆସକ୍ତି । ସେମାନେ ଭାବନ୍ତି ସଂସାରରେ ଜନ୍ମଗ୍ରହଣ କରି ବେଦୋକ୍ତ କର୍ମ ବା ଯଜ୍ଞାନୁଷ୍ଠାନ କଲେ ସ୍ୱର୍ଗସୁଖ ଲାଭ ହୋଇଥାଏ ଏବଂ ଏହା ଛଡ଼ା ଅନ୍ୟ କୌଣସି ସୁଖ ନାହିଁ ।

ଏଭଳି କଥା କେବଳ ଅବିବେକୀ ଓ ଦୁର୍ବୁଦ୍ଧିସମ୍ପନ୍ନ ଲୋକେ କହିଥାଆନ୍ତି । ହେ ଅର୍ଜୁନ ! ଏମାନେ ସକାମ ହୋଇ କେବଳ ସୁଖଭୋଗ ଉଦ୍ଦେଶ୍ୟରେ ସକଳ କର୍ମ ଆଚରଣ କରିଥାଆନ୍ତି । ଏମାନେ କର୍ମପ୍ରତି ଏତେ ନିଷ୍ଠାବାନ ଯେ, କୌଣସି ବିଧି-ବିଧାନକୁ ଲଙ୍ଘନ କରିବାକୁ ଦିଅନ୍ତି ନାହିଁ ଏବଂ ଅତି ନିପୁଣତା ସହିତ ଧର୍ମାନୁଷ୍ଠାନ କରିଥାଆନ୍ତି ।

କିନ୍ତୁ ଏମାନେ ଗୋଟିଏ ଅନୁଚିତ କାମ କରିଥାଆନ୍ତି । ମନରେ ସ୍ୱର୍ଗସୁଖ କାମନା କରି ଯଜ୍ଞର ଭୋକ୍ତା ପୁରାଣପୁରୁଷ ପୁରୁଷୋତ୍ତମକୁ ଭୁଲି ଯାଇଥାଆନ୍ତି । କର୍ପୂରକୁ ଏକାଠି କରି ନିଆଁ ଲଗାଇଦେବା କିମ୍ବା ମିଷ୍ଟାନ୍ନରେ କାଳକୂଟ ବିଷ ଆଣି ମିଶାଇବା କିମ୍ବା ସୌଭାଗ୍ୟବଶତଃ ମିଳିଥିବା ଅମୃତ କୁମ୍ଭକୁ ବାଡ଼ିରେ ପିଟି ଭାଙ୍ଗିଦେବାଭଳି ଧର୍ମକୁ ହାତରେ ପାଇଲେ ମଧ୍ୟ ମନରେ ଫଳ ଆକାଙ୍କ୍ଷା ରଖି ଏମାନେ ଏହାକୁ ନଷ୍ଟ କରି ଦେଇଥାଆନ୍ତି ।

ହେ ଅର୍ଜୁନ ! କଷ୍ଟକରି ଯଦି ପୁଣ୍ୟ ଅର୍ଜନ କଲ, ତେବେ ସଂସାରରେ ଭୋଗକୁ ଅପେକ୍ଷା କାହିଁକି ? କିନ୍ତୁ ଅପ୍ରାପ୍ତ ବସ୍ତୁକୁ ପାଇବା ଲାଗି କ'ଣ କରାଯିବା ଉଚିତ ସେମାନଙ୍କ ବୁଦ୍ଧିକୁ ଆସେ ନାହିଁ । ଭଲ ଭଲ ରୋଷେଇ କରିବାବାଲା ଯେପରି ସୁମିଷ୍ଟ ଖାଦ୍ୟ ରନ୍ଧନ କରି ଅର୍ଥ ଲୋଭରେ ବିକିଦିଏ, ସେହିଭଳି ଅବିବେକୀ ଲୋକେ ଭୋଗ ଆଶା କରି ଧର୍ମକୁ ହରେଇ ବସିଥାଆନ୍ତି । ଅତଏବ ହେ ପାର୍ଥ, ଯେଉଁମାନେ କେବଳ ବେଦକୁ ନାନା ଅର୍ଥ କରିବାରେ ଏବଂ ବିବାଦ କରିବାରେ ଲାଗିଥାଆନ୍ତି, ସେମାନେ କେବଳ ଦୁର୍ବୁଦ୍ଧିର ବଶବର୍ତ୍ତୀ ହୋଇଥାଆନ୍ତି ।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ !
ନିର୍ଦ୍ୱନ୍ଦ୍ୱୋନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ।।୪୫।।

ଏହା ନିଶ୍ଚିତଭାବରେ ଜାଣ ଯେ, ବେଦ ତ୍ରିଗୁଣାତ୍ମକ । ତିନୋଟି ଗୁଣ ହେଉଛି ସତ୍ତ୍ୱ, ରଜଃ, ତମଃ । ଉପନିଷଦାଦି ହେଉଛି ସାତ୍ତ୍ୱିକ । ବେଦର ଦ୍ୱିତୀୟ ଭାଗ ଯେଉଁଥିରେ ସ୍ୱର୍ଗସୁଖଆଦି ଲାଗି ଯଜ୍ଞ ଓ କର୍ମକାଣ୍ଡ ଆଦିକୁ ଦର୍ଶାଯାଇଛି, ସେ ସବୁ ରଜ ଓ ତମ ଗୁଣରେ ପରିପୂର୍ଣ୍ଣ । ତେଣୁ ତୁମେ ବୁଝିରଖ ଯେ ସମସ୍ତ କର୍ମ ହେଉଛି ସୁଖ-ଦୁଃଖ ଉତ୍ପାଦକ । ତୁମେ ତୁମ ମନରେ ଏହାକୁ ସ୍ଥାନ ଦିଅନାହିଁ । ଏହି ତିନିଗୁଣକୁ ତ୍ୟାଗ କର । 'ମୁଁ' 'ମୋର' ଭାବ ରଖନାହିଁ । ନିଜ ଅନ୍ତରକୁ ଆତ୍ମସୁଖରେ ଲିପ୍ତ ରଖ ।

ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ।।୪୬।।

ବେଦରେ ବହୁ ବିଷୟରେ ବହୁ କଥା କୁହାଯାଇଛି । ନାନା ବିଧିବିଧାନର ଉଲ୍ଲେଖ ରହିଛି । କିନ୍ତୁ ସେଥିରୁ କେବଳ ଏହି ବିଷୟକୁ ଗ୍ରହଣ କରିବା ଉଚିତ, ଯାହା ହେଉଛି ହିତକାରୀ । ସୂର୍ଯ୍ୟୋଦୟ ହେବା ମାତ୍ରେ ସବୁ ରାସ୍ତାଘାଟଦେଖାଯାଏ । କିନ୍ତୁ କ'ଣ ସବୁ ବାଟରେ ଚାଲିବାକୁ ପଡ଼େ ? ସମଗ୍ର ପୃଥିବୀ ଜଳମୟ ହୋଇଗଲେ ମଧ ଯେତିକି ଜଳ ଆବଶ୍ୟକ ସେତିକି ଜଳ ଗ୍ରହଣ କରିବା ଉଚିତ୍ ନୁହଁ କି ? ସେହିଭଳି ଜ୍ଞାନୀବ୍ୟକ୍ତି ବେଦ ଭିତରୁ ସାରାଂଶ ତଥା ଶାଶ୍ୱତ ବିଷୟ ହିଁ ଗ୍ରହଣ କରିଥାଆନ୍ତି ।

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମାତେ ସଙ୍ଗୋଽସ୍ତ୍ୱ କର୍ମଣି ।।୪୭।।

ଅତଏବ ହେ ଅର୍ଜୁନ ! ଏହି ସିଦ୍ଧାନ୍ତ ଅନୁସାରେ ସ୍ୱକର୍ମ ଆଚରଣ କରିବା ତୁମ ପକ୍ଷରେ ଉଚିତ । ସବୁଆଡୁ ବିଚାର କରି ତୁମକୁ ମୋର ପରାମର୍ଶ ହେଉଛି ଯେ ବିହିତ କର୍ମ ତ୍ୟାଗ କରିବା ତୁମର ଉଚିତ ନୁହଁ । କର୍ମ କର, କିନ୍ତୁ ଫଳ ପ୍ରତି

ଆଶା ରଖନାହିଁ କିମ୍ବା କୁକର୍ମ କରନାହିଁ । ନିଷ୍କାମ ମନରେ ସ୍ୱଧର୍ମୋଚିତ କର୍ମାଚରଣ କର ।

ଯୋଗସ୍ଥଃକୁରୁ କର୍ମାଣି ସଙ୍ଗଂତ୍ୟକ୍ତ୍ୱା ଧନଞ୍ଜୟ !
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।।୪୮।।

ତୁମେ ଯୋଗଯୁକ୍ତ ହୁଅ, ଫଳ ଆଶା ତ୍ୟାଗ କର ଏବଂ ମନୋଯୋଗ ସହିତ ସ୍ୱକର୍ମ ଓ ସ୍ୱଧର୍ମ ଆଚରଣ କର । ଯେଉଁ କାମ କରିବ, ଦୈବାତ୍ ସେ କାମ ହାସଲ ହୋଇଗଲେ, ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠନା । ସେହିଭଳି କାମ କରୁ କରୁ ଯଦି ବ୍ୟର୍ଥ ହୋଇଯାଅ, ସେଥିଲାଗି ଦୁଃଖରେ ଭାଙ୍ଗିପଡ଼ ନାହିଁ । କାମ କରୁ କରୁ ଯଦି ଏହା ପୂରା ହୋଇଯାଇ ପାରିଲା ତ ଭଲ କଥା, ଯଦି ନ ହେଲା ତେବେ ବି ଏହାକୁ ସଫଳ ହେଲା ବୋଲି ମନେକର । ଯାହା କରିବ, ତାହା ଆଦିପୁରୁଷ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଦେଲେ, ତାହା ସହଜରେ ସମ୍ପନ୍ନ ହୋଇଯାଏ ବୋଲି ମନେ କରିବା ଉଚିତ । ସ୍ୱକର୍ମ ସନ୍ତୋଷଦାୟକ ହେଉ ବା କଷ୍ଟଦାୟକ ହେଉ ସେହି କର୍ମ କଲାବେଳେ ମନରେ ସାମ୍ୟଭାବ ଓ ଶାନ୍ତଭାବ ରଖିବା ଉଚିତ । ଏହି ଅବସ୍ଥାକୁ ଜ୍ଞାନୀମାନେ ''ଯୋଗସ୍ଥିତି'' କହିଥାଆନ୍ତି । ଚିତ୍ତକୁ ଶାନ୍ତ ରଖିବା ହେଉଛି ଯୋଗର ସାରକଥା । ଏହି ସମତାଦ୍ୱାରା ମନ ତଥା ବୁଦ୍ଧିର ସମ୍ପୂର୍ଣ୍ଣ ଏକତା ଆସିଥାଏ ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ !
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ।।୪୯।।
ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତ ଦୁଷ୍କୃତେ ।
ତସ୍ମାଦ୍‌ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ ।।୫୦।।

ହେ ପାର୍ଥ ! ବୁଦ୍ଧିଯୋଗର ବିଚାର କଲେ କର୍ମଯୋଗ ବା କର୍ମକାଣ୍ଡର ଯୋଗ୍ୟତା ବହୁତ କମ୍ ଦେଖାଯାଇଥାଏ; କିନ୍ତୁ ଏହି କର୍ମଯୋଗ ହିଁ ବୁଦ୍ଧିଯୋଗର ସାଧନ । କାରଣ କର୍ମସିଦ୍ଧି ହେଲେ ସହଜରେ ଯୋଗସିଦ୍ଧି ହୋଇଥାଏ । ତେଣୁ ହେ ଅର୍ଜୁନ ! ବୁଦ୍ଧିଯୋଗ ବାସ୍ତବରେ ବଳବାନ୍ । ତୁମେ ଏହି ଯୋଗରେ ସ୍ଥିର

ରହ ଏବଂ ଫଳ ଆଶା ତ୍ୟାଗକର । ଯିଏ ଏହି ବୁଦ୍ଧିଯୋଗରେ ଲାଗି ରହେ ସେ ସଂସାର ସାଗର ଅତିକ୍ରମ କରିଥାଏ ଏବଂ ପାପପୁଣ୍ୟ ଏ ଦୁଇଟିଯାକ ବନ୍ଧନରୁ ମୁକ୍ତ ହୋଇଥାଏ ।

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂତ୍ୟକ୍ତା ମନୀଷିଣଃ ।
ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ।।୫୧।।

ଏପରି ଲୋକ କର୍ମଆଚରଣ କଲେ ମଧ୍ୟ କର୍ମଫଳରେ ଲିପ୍ତ ହୁଅନ୍ତି ନାହିଁ । ତେଣୁ ସେମାନଙ୍କର ଜନ୍ମ ମରଣ ବନ୍ଦ ହୋଇଯାଏ । ତା ଛଡ଼ା ହେ ଅର୍ଜୁନ ! ବୁଦ୍ଧି ଯୋଗରେ ସିଦ୍ଧ ହୋଇଥିବା ଜ୍ଞାନୀପୁରୁଷ ଆନନ୍ଦମୟ ଅଚ୍ୟୁତ ପଦଲାଭ କରିଥାଏ ।

ଯଦା ତେ ମୋହକଲିଳଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ।।୫୨।।

ଯେତେବେଳେ ଏହି ମୋହକୁ ଛାଡ଼ିଦେବ ଏବଂ ମନରେ ବୈରାଗ୍ୟର ସଞ୍ଚାର ହେବ; ସେତେବେଳେ ତୁମେ ମଧ୍ୟ ଏହି ଅବସ୍ଥାକୁ ଚାଲି ଆସିବ । ସେତେବେଳେ ମନରେ ଉତ୍ପନ୍ନ ହେବ ଅଗାଧ ଆତ୍ମଜ୍ଞାନ । ସେଥିରେ ମନ ଆପେ ଆପେ ତୃପ୍ତ ହୋଇ ଉଠିବ । ମନର ସମସ୍ତ କଳ୍ପନା ଶାନ୍ତ ହୋଇ ଆସିବ । ଏବେ କ'ଣ ଜାଣୁଚି, ଆଗକୁ କ'ଣ ଜାଣିବି, ଆଗରୁ କ'ଣ ଜାଣିଥିଲି ସେ ସବୁ ଭାବନା ଆସିବ ନାହିଁ ।

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ।।୫୩।।

ଯାହାର ମନ ଇନ୍ଦ୍ରିୟପ୍ରତି ଆସକ୍ତ ହୋଇ ଚଞ୍ଚଳ ଥାଏ, ଆତ୍ମସ୍ୱରୂପ ଲାଭ ହେବାପରେ ତାର ମନ ସ୍ଥିର ହୋଇଆସେ । ଏହି ସ୍ଥିରତା ଆସିଗଲେ ବୁଦ୍ଧି ସମାଧିସୁଖରେ ନିଶ୍ଚଳ ହୋଇ ପଡ଼ିବ । ଏହା ହିଁ ହେବ ପ୍ରକୃତ ଯୋଗାବସ୍ଥା ।

ଅର୍ଜୁନ ଉବାଚ

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ !
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ।।୫୪।।

ଅର୍ଜୁନ କହିଲେ, ହେ ଦେବ ! ହେ କୃପାନିଧି !! ଏ ବିଷୟରେ ମୁଁ ଏକ ପ୍ରଶ୍ନ କରିବାକୁ ଚାହେଁ । ଅଚ୍ୟୁତ କହିଲେ, ହେ କିରୀଟି ! ତୁମର ଯାହା ଇଚ୍ଛା ଆନନ୍ଦରେ ପଚାରିପାର ।

ଶ୍ରୀକୃଷ୍ଣ ଏତିକି କହିବା ମାତ୍ରେ ଅର୍ଜୁନ ପଚାରିଲେ, ''ସ୍ଥିତପ୍ରଜ୍ଞ'' କାହାକୁ କୁହାଯାଏ ଏବଂ ତାଙ୍କୁ ଚିହ୍ନିବ କିପରି, ସେ କଥା ବୁଝେଇ ଦିଅନ୍ତୁ । ଯାହାକୁ ''ସ୍ଥିରବୁଦ୍ଧି'' କୁହାଯାଏ, ଯିଏ ଅଖଣ୍ଡ ସମାଧିସୁଖ ଉପଭୋଗ କରିଥାଏ, ତାଙ୍କୁ କେଉଁ ଲକ୍ଷଣରୁ ଜାଣିହେବ ? ହେ ଦେବ ! ହେ ଲକ୍ଷ୍ମୀପତି ! ସେ କିପରି ଅବସ୍ଥାରେ ଥାଆନ୍ତି, କ'ଣ ସବୁ କରନ୍ତି, କିପରି ବିଚରଣ କରନ୍ତି, ସେ ସବୁ ମତେ ଟିକେ ଟିକେ କହନ୍ତୁ ।

ତା'ପରେ ପରବ୍ରହ୍ମଙ୍କ ଅବତାର ଏବଂ ଷଡ଼ଗୁଣ ଐଶ୍ୱର୍ଯ୍ୟସମ୍ପନ୍ନ ଶ୍ରୀକୃଷ୍ଣ ଯାହାସବୁ କହିଲେ, ଆପଣମାନେ ଶୁଣନ୍ତୁ ।

ଶ୍ରୀଭଗବାନ ଉବାଚ

ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ! ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ।।୫୫।।

ଶ୍ରୀଭଗବାନ କହିଲେ, ହେ ଅର୍ଜୁନ ! ମନରେ ପ୍ରବଳ ବିଷୟ ବାସନା ହିଁ ଆତ୍ମସୁଖର ପ୍ରଧାନ ପ୍ରତିବନ୍ଧକ । ଯେଉଁ ବ୍ୟକ୍ତି ସର୍ବଦା ତୃପ୍ତ, ଯାହାର ଅନ୍ତର ଜ୍ଞାନପୂର୍ଣ୍ଣ, ବିଷୟପଙ୍କରେ ଯିଏ ବୁଡ଼ି ରହେନା, ଯିଏ କାମନା ବାସନାଠାରୁ ଦୂରରେ, ଯାହାର ମନ ଆତ୍ମସନ୍ତୋଷରେ ମଗ୍ନ ଥାଏ, ସେ ହେଉଛି ସ୍ଥିତପ୍ରଜ୍ଞ ।

ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।।୫୬।।

ନାନା ଦୁଃଖ ସତ୍ତ୍ୱେ ଯାହାର ମନରେ ତିଳେହେଲେ ଉଦ୍‌ବେଗ ନଥାଏ କିମ୍ବା ସୁଖଲାଗି ଯିଏ ବ୍ୟାକୁଳ ନୁହେଁ, ହେ ଅର୍ଜୁନ ! ତାକୁ କାମକ୍ରୋଧ ଆଦି ସ୍ପର୍ଶ କରିପାରନ୍ତି ନାହିଁ । ତାର ହୃଦୟ ସର୍ବଦା ଆତ୍ମାନନ୍ଦରେ ପରିପୂର୍ଣ୍ଣ ।ତେଣୁ ସେ ନିର୍ଭୀକ । ଯିଏ ଏହିଭଳି ଅବସ୍ଥାରେ ରହେ ସେ ହେଉଛି ସ୍ଥିରବୁଦ୍ଧି ସମ୍ପନ୍ନ । ତା ମନରେ କୌଣସି ଭେଦଭାବ ନଥାଏ ।

ଯଃ ସର୍ବତ୍ରାନଭିସ୍ନେହସ୍ତତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୫୭॥

ଯେପରି ପୂର୍ଣ୍ଣଚନ୍ଦ୍ର ଜ୍ୟୋତ୍ସ୍ନା ପ୍ରଦାନ କରିବାରେ ଉତ୍ତମ ଅଧମ ଭେଦ ରଖିନଥାଏ, ଇଏ ଭଲ, ସିଏ ଖରାପ, ଇଏ ଆଲୁଅରେ ରହୁ, ସେ ଅନ୍ଧାରରେ ରହୁ, ଏ ପ୍ରକାରର ଭାବ ରଖିନଥାଏ, ସେହିଭଳି ସର୍ବଦା ଏକପ୍ରକାରର ଅଖଣ୍ଡ ସମତା, ସର୍ବଜୀବ ପ୍ରତି ସଦୟତା ଏବଂ ମନକୁ ଅଭେଦଭାବସମ୍ପନ୍ନ କରି ରଖିବା ଯାହାର ସ୍ୱଭାବ, ଯିଏ ଲାଭରେ ସନ୍ତୋଷ ଏବଂ ଲୋକସାନରେ ଦୁଃଖ ଅନୁଭବ କରେନା, ଯିଏ ହର୍ଷ ଓ ଶୋକରହିତ ଏବଂ ଆତ୍ମଜ୍ଞାନପୂର୍ଣ୍ଣ, ହେ ଅର୍ଜୁନ ! ସେ ହେଉଛି ସ୍ଥିତପ୍ରଜ୍ଞ ବା ପ୍ରଜ୍ଞାଯୁକ୍ତ ।

ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୫୮॥

ହେ ଅର୍ଜୁନ ! ସ୍ଥିତପ୍ରଜ୍ଞର ସ୍ୱଭାବ ହେଉଛି ଠିକ୍ କଇଁଚ ଭଳି । କଇଁଚ ଆନନ୍ଦରେ ନିଜ ଅବୟବକୁ ବାହାର କରି ନିଜ ଇଚ୍ଛାନୁସାରେ ସଙ୍କୁଚିତ କରି ନେଇଥାଏ । ସେହିଭଳି ଇନ୍ଦ୍ରିୟଗୁଡ଼ିକ ଯାହାର ଅଧୀନ, ଯିଏ ଏଗୁଡ଼ିକୁ ନିଜ ଇଚ୍ଛା ଅନୁଯାୟୀ ପରିଚାଳିତ କରିଥାଏ, ସେହିଭଳି ଲୋକର ମନ ସ୍ଥିର । ସେ ସ୍ଥିତପ୍ରଜ୍ଞ ।

ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।
ରସବର୍ଜଂ ରସୋଽପ୍ୟସ୍ୟ ପରଂଦୃଷ୍ଟ୍ୱା ନିବର୍ତ୍ତତେ ॥୫୯॥

ହେ ଅର୍ଜ୍ଜୁନ ! ତୁମକୁ ଆଉ ଏକ ମଜାକଥା କହୁଛି ଶୁଣ । ଯେଉଁ ସାଧକ ନୀତିନିୟମ ପୂର୍ବକ ବିଷୟ ତ୍ୟାଗ କରିଥାଏ; ଚକ୍ଷୁ, କର୍ଣ୍ଣ, ନାଶା ଆଦି ଇନ୍ଦ୍ରିୟକୁ ଦମନ କରିଥାଏ, ଅଥଚ ରସନାକୁ ସଂଯତ କରିନଥାଏ, ତାକୁ ବିଷୟବାସନା ଶତ ସହସ୍ର ଦିଗରୁ ଆସି ମାଡ଼ିବସେ । ମୂଳରେ ଜଳ ଦେଇ ଉପରୁ ଉପରୁ ପତ୍ର ଛିଣ୍ଡେଇଲେ ଗଛ ନଷ୍ଟ ହୁଏ କି ? ଯେତିକି ଛିଣ୍ଡଉଥିବ ସେତେ କଅଁଳୁଥିବ । ଜଳର ବଳରେ ବୃକ୍ଷର ଯେପରି କଳେବର ବୃଦ୍ଧି ପାଇଥାଏ, ସେହିଭଳି ଖାଇବା ପିଇବା ଆଦି ରସନାର ବାସନାଦ୍ୱାରା ବିଷୟଭୋଗ ବଢ଼ିବାରେ ଲାଗିଥାଏ । ଅନ୍ୟ ଇନ୍ଦ୍ରିୟଗୁଡ଼ିକ ବିଷୟ ଭୋଗରୁ ପ୍ରତ୍ୟାହାର କରି ନିଆଯାଇପାରେ, କିନ୍ତୁ ମନକୁ ଯେତେ ଦୃଢ଼ କଲେ ମଧ୍ୟ ଖିଆପିଆ ବନ୍ଦ କରିହୁଏନା ! କାରଣ ତା ବିନା ଜୀବନ ଧାରଣ କଷ୍ଟକର । କିନ୍ତୁ ହେ ଅର୍ଜ୍ଜୁନ ! ଅନୁଭବଦ୍ୱାରା ପରବ୍ରହ୍ମଙ୍କ ସାକ୍ଷାତ୍‌କାର ପରେ ରସନାର ବାସନାକୁ ମଧ୍ୟ ସଂଯତ କରାଯାଇପାରିବ । ସେତେବେଳେ ଦେହ ଭାବ ଆଉ ରହିବ ନାହିଁ, ଇନ୍ଦ୍ରିୟଗୁଡ଼ିକ ମଧ୍ୟ ବିଷୟଭୋଗ ଭୁଲିଯିବେ ଏବଂ ଅନୁଭବ କରିପାରିବ ''ମୁଁ ସେହି ବ୍ରହ୍ମ'' ।

ଯତତୋ ହ୍ୟପି କୌନ୍ତେୟ ! ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।।୬୦।।

ହେ ଅର୍ଜ୍ଜୁନ ! ଯେଉଁମାନେ ନିରନ୍ତର ସମାନ ଭାବରେ ସାଧନା କରିଥାଆନ୍ତି, ସେମାନେ ମଧ୍ୟ ଇନ୍ଦ୍ରିୟଗୁଡ଼ିକୁ ସହଜରେ ସଂଯତ କରିପାରି ନ ଥାଆନ୍ତି ।ଯେଉଁମାନେ ଅଭ୍ୟାସକୁ ଦ୍ୱାରପାଳ ଭାବରେ ନିଯୁକ୍ତ କରି, ଯମନିୟମର ପାଚିରୀଦ୍ୱାରା ଘେରେଇ ମନକୁ ନିଜ ମୁଠା ଭିତରେ ରଖି ଥାଆନ୍ତି, ସେମାନେ ମଧ୍ୟ ଇନ୍ଦ୍ରିୟଦ୍ୱାରା ବ୍ୟାକୁଳ ହୋଇ ପଡ଼ିଥାଆନ୍ତି । ବ୍ରହ୍ମପିଶାଚ ଯେପରି ମନ୍ତ୍ରଜ୍ଞକୁ ଭୁଲାଏ, ସେହିଭଳି ଇନ୍ଦ୍ରିୟଗୁଡ଼ିକ ବୁଦ୍ଧିସିଦ୍ଧି ଛଳରେ ସାଧକକୁ ବିଷୟ ଭୋଗଲାଗି ବାଧ୍ୟ କରନ୍ତି ଏବଂ ନିଜର କୋମଳ ସ୍ପର୍ଶରେ ତାଙ୍କୁ ବଶୀଭୂତ କରାଇଥାଆନ୍ତି । ସେହି ସମୟରେ ମନ ବିଷୟ ବୁଦ୍ଧିରେ ଲାଖିଯାଏ ଏବଂ ଅଭ୍ୟାସଦ୍ୱାରା ଦୁର୍ବଳ ହୋଇପଡ଼େ । ଇନ୍ଦ୍ରିୟର ଶକ୍ତି ଏହିପରି ବଳବତୀ ।

ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍‌ପରଃ ।
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୬୧॥

ଅତଏବ ହେ ପାର୍ଥ ! ଯିଏ ସବୁ ବିଷୟ ଉପରୁ ଆସ୍ଥା ପରିତ୍ୟାଗ ଇନ୍ଦ୍ରିୟଗୁଡ଼ିକୁ ସବୁ ଦିଗରୁ ଦମନ କରିଥାଏ, ସେ ହେଉଛି ଯୋଗନିଷ୍ଠ । ତା ବୁଦ୍ଧିସ୍ଥିର । ଏହି ଯୋଗନିଷ୍ଠ ବ୍ୟକ୍ତିର ମନ ବିଷୟ ସୁଖରେ ମୋହିତ ହୋଇପଡ଼େ ନାହିଁ । ସେ ଆତ୍ମବୋଧରେ ମଜ୍ଜିତ ରହିଥାଏ । କେବେହେଲେ ସେ ମତେ ପାସୋରି ପାରେନା । ବାହାରେ ବିଷୟଭୋଗ ନଥିଲା ଭଳି ଜଣାପଡ଼ିଲେ ମଧ୍ୟ ଯଦି ମନରେବିଷୟଭୋଗର ଚିନ୍ତା ଥାଏ, ସେ ମୂଳରୁ ଶେଷଯାଏଁ ସଂସାର ଜଞ୍ଜାଳରେ ବୁଡ଼ି ରହିଥାଏ । ଯେପରି ଟୋପାଏ ସୁଦ୍ଧା ବିଷ ଖାଇଲେ ଏହା ସମଗ୍ର ଶରୀରକୁ ବିଷାକ୍ତ କରିପକାଏ, ଶେଷରେ ମୃତ୍ୟୁ ଅନିବାର୍ଯ୍ୟ ହୋଇଉଠେ, ସେହିଭଳି ମନରେ ଚିନ୍ତା ଟିକିଏ ଥିଲେ ମଧ୍ୟ ତାହା ବିପୁଳ ଜ୍ଞାନକୁ ମଧ୍ୟ ନଷ୍ଟ କରି ଦେଇଥାଏ ।

ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍‌ସଂଜାୟତେ କାମଃ କାମାତ୍‌କ୍ରୋଧୋ ଽଭିଜାୟତେ ॥୬୨॥

କ୍ରୋଧାଦ୍‌ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍‌ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥୬୩॥

ହୃଦୟରେ ଯଦି ତିଳେହେଲେ ବିଷୟ ଭାବନା ଥାଏ, ଯେତେ ବୈରାଗୀ ହେଲେ ମଧ୍ୟ ମଣିଷ ବିଷୟର ସଙ୍ଗୀ ହୋଇପଡ଼େ । ଏହା ସହିତ ନାନା ଅଭିଳାଷ ବା କାମନା ମୂର୍ତ୍ତିମନ୍ତ ହୋଇ ଉଠନ୍ତି । କାମ ଉତ୍ପନ୍ନହେବା ସଙ୍ଗେ ସଙ୍ଗେ ପ୍ରଥମେ ଦେଖାଦିଏ କ୍ରୋଧ । କ୍ରୋଧ ସହିତ ମୋହ । ପ୍ରଚଣ୍ଡ ବାୟୁ ପ୍ରବାହରେ ଦୀପ ଯେପରି ଲିଭିଯାଏ, ସେହିଭଳି ମୋହର କାମ ଆରମ୍ଭ ହେବାମାତ୍ରେ ନଷ୍ଟ ହୁଏ ସ୍ମରଣ ଶକ୍ତି । ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ରାତ୍ରି ଯେପରି ସୂର୍ଯ୍ୟର ତେଜକୁ ଗ୍ରାସ

କରେ, ସ୍ମୃତିଭ୍ରମ ପରେ ମନୁଷ୍ୟର ସେହି ଦଶା ହୋଇଥାଏ । ଯେଉଁ ଅଜ୍ଞାନ ଅନ୍ଧକାର ଅବଶିଷ୍ଟ ଥାଏ, ସେଥିରେ ସବୁ ଡୁବିଯାଏ । ସେହି କାରଣରୁ ବୁଦ୍ଧି ମଧ୍ୟ ଭ୍ରଷ୍ଟ ହୁଏ ।

ହେ ଧନୁର୍ଦ୍ଧର ! ଜନ୍ମାନ୍ଧ ବ୍ୟକ୍ତି ଦୌଡ଼ିପଳାଇବାକୁ ଚେଷ୍ଟା କଲେ ଯେପରି ଏଠି ସେଠି ବାଡ଼େଇ ହୁଏ, ଖାଲରେ ପଡ଼େ, ଢିପରେ ଝୁଣ୍ଟି ହୁଏ, ସେହିଭଳି ବୁଦ୍ଧିରୁ ଉପୁଜେ ନାନା ଭ୍ରମ । ସ୍ମୃତିଭ୍ରଂସ ସଙ୍ଗେ ସଙ୍ଗେ ବୁଦ୍ଧିଭ୍ରଂଶଘଟେ ଏବଂ ସେଥିରେ ସମସ୍ତ ଜ୍ଞାନ ଲୋପପାଏ । ଚୈତନ୍ୟ ଲୋପ ପାଇଲେ ମନୁଷ୍ୟ ଶରୀରର ଯେଉଁ ଅବସ୍ଥା ହୁଏ, ବୁଦ୍ଧିନାଶରେ ମଧ୍ୟ ମନୁଷ୍ୟର ସେହି ଅବସ୍ଥା ହୁଏ । ହେ ଅର୍ଜୁନ ! ଇନ୍ଧନର ସଂଯୋଗରେ ଅଗ୍ନିସ୍ଫୁଲିଙ୍ଗ କ୍ରମଶଃ ଯେପରି ଲେଲିହାନ ଶିଖା ଉଠାଇଥାଏ ଏବଂ ତାପରେ ଯାହା ପଡ଼ିଲା ପୋଡ଼ି ଧ୍ୱଂସ କରିଦିଏ, ସେହିଭଳି ମନରେ ସାମାନ୍ୟ ବିଷୟଚିନ୍ତା ଦେଖାଦେଲେ ମନୁଷ୍ୟର ଅଧଃପତନ ଘଟେ ।

ରାଗଦ୍ୱେଷବିଯୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ।।୬୪।।

ତେଣୁ ମନରୁ ବିଷୟବାସନା ପୋଛି ଦେବାକୁ ପଡ଼ିବ ।ତାହାହେଲେ ଯାଇ ରାଗ, ଦ୍ୱେଷ ସହଜରେ ଲୋପ ପାଇବ ।ହେ ପାର୍ଥ ! ଆଉ ଗୋଟିଏ କଥା ଶୁଣ, ରାଗ ଦ୍ୱେଷ ଦୂର ହୋଇଯିବା ପରେ ଇନ୍ଦ୍ରିୟଗୁଡ଼ିକ ବିଷୟ ସେବନ କଲେ ମଧ୍ୟ କୌଣସି ଉପଦ୍ରବ କରି ପାରିବେ ନାହିଁ । ଗଗନରେ ଥିବା ସୂର୍ଯ୍ୟ ନିଜର କିରଣରୂପକ ହସ୍ତଦ୍ୱାରା ପୃଥିବୀକୁ ସ୍ପର୍ଶ କରିଥାଏ ବୋଲି ତାକୁ ସଂସର୍ଗଦୋଷରେ ଲିପ୍ତ କରାଯାଇପାରେ କି ? ସେହିଭଳି ଯେଉଁ ବ୍ୟକ୍ତି ଇନ୍ଦ୍ରିୟଭୋଗ୍ୟ ବିଷୟାଦି ପ୍ରତି ଉଦାସୀନ, ଯିଏ ଆତ୍ମସୁଖରେ ନିମଗ୍ନ, ଯିଏ କାମକ୍ରୋଧ ପ୍ରତି ନିର୍ଲିପ୍ତ, ସେ ବିଷୟ ଭିତରେ ଥିଲେ ମଧ୍ୟ ତାକୁ ଆତ୍ମା ବ୍ୟତୀତ ଅନ୍ୟ କିଛି ଦେଖାଯାଏନା । ଏବେ ତୁମେ ନିଜେ କୁହ, କେଉଁ ବିଷୟ କାହାକୁ

ବା ବାଧା ଦେବ ? ଯଦି ଜଳରେ ଜଳ ଡୁବିଯାଇପାରେ, ଅଗ୍ନିରେ ଅଗ୍ନି ଜଳି ଯାଇପାରେ, ତେବେ ଯାଇ ଏହି ଜ୍ଞାନସମ୍ପନ୍ନ, ପରିପୂର୍ଣ୍ଣ ବ୍ୟକ୍ତିକୁ ବିଷୟ-ଜାଲରେ ବନ୍ଧାଯାଇପାରେ; କିନ୍ତୁ ଦୁଇଟିଯାକ କାର୍ଯ୍ୟ ଅସମ୍ଭବ ! ତେଣୁ ଏକଥା ଜାଣ ଯେ, ଯେଉଁ ବ୍ୟକ୍ତି ପରିପୂର୍ଣ୍ଣ ଅର୍ଥାତ୍ ସର୍ବରୂପ ହୋଇଯାଏ, ତାର ବୁଦ୍ଧି ଅଚଳ ଓ ଅଭ୍ରାନ୍ତ ।

ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥୬୫॥

ଯାହାର ମନରେ ଥାଏ ଅଖଣ୍ଡ ପ୍ରସନ୍ନତା, ସେଠାରେ ସାଂସାରିକ ଦୁଃଖ ପ୍ରବେଶ କରିପାରେନା । ଯାହାର ଉଦରରେ ଅମୃତନିର୍ଝରିଣୀ ପ୍ରବାହିତ, ତାର କେବେହେଲେ କ୍ଷୁଧା, ତୃଷ୍ଣାର ଭୟ ନଥାଏ । ହୃଦୟ ପ୍ରସନ୍ନ ଥିଲେ ଦୁଃଖ ଜାତ ହେବ କିପରି, ଦୁଃଖ ରହିବବା କେଉଁଠି ? ସେତେବେଳେ ବୁଦ୍ଧି ଆପେ ଆପେ ପରମାତ୍ମା ସ୍ୱରୂପରେ ଅବସ୍ଥାନ କରିଥାଏ । ଯେପରି ବାୟୁ ନଥିବା ସ୍ଥାନରେ ପ୍ରଦୀପ ରଖିଲେ କମ୍ପନ ହୁଏନା, ସେହିଭଳି ସ୍ଥିରବୁଦ୍ଧି ଆତ୍ମସ୍ୱରୂପ ସହିତ ସଂଯୁକ୍ତ ରହିଲେ ଏହା ନିଷ୍କମ୍ପ ହୋଇପଡ଼େ ।

ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥୬୬॥

ଯାହାର ଅନ୍ତରରେ ସ୍ଥିରବୁଦ୍ଧିର ବିଚାର ନାହିଁ, ସେ ବିଷୟାଦି ବନ୍ଧନରେ ବଶୀଭୂତ ବୋଲି ଜାଣିବ । ହେ ପାର୍ଥ ! ଏପରି ଲୋକର ବୁଦ୍ଧି କେବେହେଲେ ସ୍ଥିର ରହେନା କିମ୍ବା ଏହି ସ୍ଥିରତା ଲାଭ ଲାଗି ତାର ଇଚ୍ଛା ମଧ୍ୟ ନଥାଏ । ହେ ଅର୍ଜୁନ ! ନିଶ୍ଚଳତାର ଭାବନା ଯଦି ମନରେ ଜାଗ୍ରତ ନ ହୁଏ, ତାହେଲେ ଶାନ୍ତି ପାଇବ କିପରି ? ଯେପରି ପାପୀ କେବେହେଲେ ମୋକ୍ଷଲାଭ କରିପାରେନା, ସେପରି ଯେଉଁଠି ଶାନ୍ତିନାହିଁ, ସେଠାକୁ ସୁଖ ଭୁଲ୍‌ରେ ସୁଦ୍ଧା ଯାଏନା । ନିଆଁରେ ଭଜା ହୋଇଥିବା ବୀଜରୁ ଯଦି ଅଙ୍କୁର ଉଦ୍‌ଗମ ସମ୍ଭବ ହୁଏ, ତାହାହେଲେ

ହୁଏତ ଅଶାନ୍ତ ମନୁଷ୍ୟର ସୁଖଲାଭ ସମ୍ଭବ ହୋଇପାରେ ! ତେଣୁ ମନର ଅସଂଯମତା ହିଁ ସମସ୍ତ ଦୁଃଖର କାରଣ । ସେଥିଲାଗି ଆବଶ୍ୟକ ଇନ୍ଦ୍ରିୟ-ନିଗ୍ରହ ।

ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋ ଽନୁବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥୬୭॥

ଇନ୍ଦ୍ରିୟର ବୋଲ ମାନି ଯିଏ କାମ କରେ, ସେ ବ୍ୟକ୍ତି ବିଷୟ-ସମୁଦ୍ର ପାରହୋଇଗଲି କହିଲେ ମଧ୍ୟ ବାସ୍ତବରେ ସେ ପାର ହୋଇ ପାରିନି ବୋଲି ବୁଝିବ । ନୌକା ତୀରରେ ଲାଗିଗଲେ ମଧ୍ୟ ଯଦି ଦୈବାତ୍ ଝଡ଼ ଆସେ, ତାହାହେଲେ ଯେଉଁ ବିପଦକୁ ଅତିକ୍ରମ କରାଯାଇଥାଏ, ସେ ପୁଣି ଫେରି ଆସେ । କୃତାର୍ଥ ବ୍ୟକ୍ତି ଯଦି କୌତୂହଳରେ ଇନ୍ଦ୍ରିୟର ଲାଳନ ପାଳନ କରି ବସେ ତାହାହେଲେ ଜାଣିବ ଯେ ତାକୁ ସଂସାର ଦୁଃଖ ଆକ୍ରମଣ କରିଛି ।

ତସ୍ମାଦ୍ ଯସ୍ୟ ମହାବାହୋ ! ନିଗୃହୀତାନି ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୬୮॥

ଅତଏବ ହେ ଧନଞ୍ଜୟ ! ଇନ୍ଦ୍ରିୟଗୁଡ଼ିକ ଯଦି ଆପେ ଆପେ ବଶୀଭୂତ ହୋଇଯାଆନ୍ତି ତ ତାଠୁ ବଳି ସଫଳତା କିଛି ନାହିଁ । କୂର୍ମ ବା କଇଁଚ ଯେପରି ନିଜ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଆପେ ଆପେ ପ୍ରସାରିତ କରି ପୁଣି ଇଚ୍ଛାମତେ ସଙ୍କୁଚିତ କରିନିଏ, ସେହିଭଳି ଇନ୍ଦ୍ରିୟ ଯାହାର ବଶ ହୋଇ ଆଜ୍ଞା ମାନିନିଏ, ତାହାର ପ୍ରଜ୍ଞା ସ୍ଥିତିଲାଭ କରିଛି ବୋଲି ବୁଝିବ । ଏବେ ହେ ଅର୍ଜୁନ ! ଜ୍ଞାନୀର ଆଉ ଏକ ଗୂଢ଼ ଲକ୍ଷଣ କହୁଛି— ଶୁଣ ।

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥୬୯॥

ବିଷୟ ପ୍ରତି ଅନ୍ୟମାନେ ଅଜ୍ଞାନରେ ଥିବାବେଳେ ଯିଏ ଜ୍ଞାନରେ ଥାଏ ଅର୍ଥାତ୍ ଅନ୍ୟମାନେ କିଛି ଜାଣୁ ନଥିବାବେଳେ ଯିଏ ସବୁ ଜାଣିପାରେ; ଅନ୍ୟମାନେ ବିଷୟପ୍ରତି ଜାଗ୍ରତ ଥିବାବେଳେ ଯିଏ ନିଦ୍ରିତ ଥାଏ, ସେହି

ମୁନିରଷିମାନେ ହେଉଛନ୍ତି ନିରୂପାଧି, ସେମାନେ ସମସ୍ତ ପ୍ରକାରର ଉପାଧିରୁ ମୁକ୍ତ ଏବଂ ପ୍ରକୃତ ସ୍ଥିତପ୍ରଜ୍ଞା । ସେମାନେ ଗମ୍ଭୀର ମୁନୀଶ୍ୱର ।

ଦିନବେଳେ ମନୁଷ୍ୟ ଦେଖିପାରେ; କିନ୍ତୁ ପେଚାର ସେତେବେଳେ ଅନ୍ଧକାର । ରାତିରେ ପେଚା ଦେଖିପାରେ, କିନ୍ତୁ ମନୁଷ୍ୟ ଦେଖିପାରେ ନାହିଁ । ସେହିପରି ଇନ୍ଦ୍ରିୟାସକ୍ତ ଲୋକେ ବିଷୟ ଜଞ୍ଜାଳରେ ଲିପ୍ତ ରହିଥିବାରୁ ବ୍ରହ୍ମ ବା ଆତ୍ମଦର୍ଶନ କରିପାରନ୍ତି ନାହିଁ; କିନ୍ତୁ ଇନ୍ଦ୍ରିୟ ଯାହାର ଅଧୀନ ସେପରି ସଂଯମୀ ମୁନିରଷିମାନେ ଆତ୍ମଦର୍ଶନ କରି ପାରନ୍ତି ।

ଅପୂର୍ଯମାଣମଚଳପ୍ରତିଷ୍ଠଂ
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ।।୭୦।।

ହେ ପାର୍ଥ ! ଏ ବିଷୟଟିକୁ ଆଉ ଅନ୍ୟ ଭାବରେ ବୁଝାଯାଇପାରେ ସମୁଦ୍ରରେ ରହିଥାଏ ଅଖଣ୍ଡ ଗମ୍ଭୀରତା । ଯଦିଓ ଦୁଇକୂଳ ଖାଇ ବହୁନଦୀଯାଇ ସମୁଦ୍ରରେ ମିଳିତ ହୋଇଥାଆନ୍ତି, ତଥାପି ସମୁଦ୍ରର କିଞ୍ଚିତ୍ ବୃଦ୍ଧି ହୁଏନା । ସେ ସୀମାଲଙ୍ଘନ କରେନା । ଗ୍ରୀଷ୍ମକାଳରେ ନଦୀଗୁଡ଼ିକ ଶୁଖିଗଲେ ମଧ୍ୟ ତାର କଳେବର କ୍ଷୁଣ୍ଣ ହୁଏନା । ସେହିଭଳି ରୁଦ୍ଧିସିଦ୍ଧି ଲାଭ କରିବା ପରେ ଜ୍ଞାନୀ ବ୍ୟକ୍ତିର ବୁଦ୍ଧି ବା ମତି ଚଞ୍ଚଳ ହୋଇ ପଡ଼େନା । ରୁଦ୍ଧିସିଦ୍ଧି ଲାଭ ନ ହେଲେ ମଧ୍ୟ ତାର ଧୈର୍ଯ୍ୟଚ୍ୟୁତି ଘଟେନା । ସୂର୍ଯ୍ୟର ଘରେ ପ୍ରଦୀପ ଜାଳିବାର କ'ଣ ବା ଆବଶ୍ୟକତା ରହିଛି ? ଜାଳିଲେ କ'ଣ ତା ଘର ଆଲୋକିତ ହେବ, ନ ଜାଳିଲେ କ'ଣ ଅନ୍ଧାର ହେବ ? ସେହିଭଳି ରୁଦ୍ଧିସିଦ୍ଧି ଲାଭ ହେଉ ବା ନ ହେଉ; ଲାଭ ଲୋକସାନକୁ ଯିଏ ମନରେ ଆଦୌ ସ୍ଥାନ ଦିଏନା, ତାର ହୃଦୟ ସର୍ବଦା ମହାସୁଖରେ ନିମଗ୍ନ ରହିଥାଏ । ଯିଏ ନିଜ ଘରର ସୌନ୍ଦର୍ଯ୍ୟ ଆଗରେ ଇନ୍ଦ୍ରିୟଭବନକୁ ତୁଚ୍ଛ ମନେ କରେ; ତାକୁ ପତ୍ରକୁଡ଼ିଆରେ ରଖାଗଲେ ଆନନ୍ଦ

ପାଇ ପାରିବ କି ? ଯିଏ ଅମୃତକୁ ତୁଚ୍ଛ ମନେ କରେ, ତାକୁ ଖୁଦଯାଉ ଭଲ ଲାଗିବ କି ? ସେହିଭଳି ଯିଏ ଆତ୍ମସୁଖାନୁଭବୀ ସେ ରୁଦ୍ଧିସିଦ୍ଧି ଆଦି ଭୋଗ ପ୍ରତି କଦାପି ଆକୃଷ୍ଟ ହୁଏନା । ଯିଏ ସ୍ୱର୍ଗସୁଖକୁ ତୁଚ୍ଛ ମନେକରେ, ତା ପାଖରେ ରୁଦ୍ଧିସିଦ୍ଧି ତୁଚ୍ଛବସ୍ତୁ ନୁହଁ କି ? ତା ଦୃଷ୍ଟିରେ ଇଏତ ଅତି ସାମାନ୍ୟ, ସାଧାରଣ ବସ୍ତୁ ।

ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ॥୭୧॥

ଏହିଭଳି ଯିଏ ଆତ୍ମଜ୍ଞାନଦ୍ୱାରା ସନ୍ତୁଷ୍ଟ, ପରମାନନ୍ଦଦ୍ୱାରା ଯାହାର ଅନ୍ତର ପରିପୁଷ୍ଟ, ଜାଣିବ ସେ ହେଉଛି ଶ୍ରେଷ୍ଠ ସ୍ଥିତପ୍ରଜ୍ଞ । ତା ମନରେ ତିଳେହେଲେ ଅହଂକାର ନଥାଏ କିମ୍ବା କୌଣସି କାମନା ନଥାଏ । ସେ ବିଶ୍ୱରେ ବିଶ୍ୱରୂପ ହୋଇ ବିଚରଣ କରିଥାଏ ।

ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ! ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱାସ୍ୟାମନ୍ତକାଳେଽପି ବ୍ରହ୍ମନିର୍ବାଣମୃଚ୍ଛତି ॥୭୨॥

ଯେଉଁ ନିଷ୍କାମ ବ୍ୟକ୍ତି ଏହି ଅନନ୍ତ ଅସୀମ ଅପ୍ରତିମ ବ୍ରହ୍ମ ବା ଆତ୍ମସ୍ଥିତିର ଅନୁଭୂତି ଲାଭ କରେ, ସେ ଅନାୟାସରେ ପରଂବ୍ରହ୍ମପଦ ଲାଭ କରିଥାଏ ।

ସଞ୍ଜୟ କହିଲେ, ଏହି ବ୍ରହ୍ମସ୍ଥିତି ହେତୁ ଚୈତନ୍ୟ ସ୍ୱରୂପରେ ମିଳନ ସମୟରେ ଜ୍ଞାନୀର ଚିତ୍ତ ମୃତ୍ୟୁକାଳୀନ ବ୍ୟାକୁଳତା ଦ୍ୱାରା ବାଧାପ୍ରାପ୍ତ ହୁଏନାହିଁ । ଶ୍ରୀପତି ଶ୍ରୀକୃଷ୍ଣ ନିଜ ମୁହଁରେ ଅର୍ଜୁନଙ୍କୁ ବ୍ରହ୍ମସ୍ଥିତି ସଂପର୍କରେ ଏହି ଉପଦେଶ ଦେଇଛନ୍ତି ।

ଶ୍ରୀକୃଷ୍ଣଙ୍କର ଏସବୁ କଥା ଶୁଣି ଅର୍ଜୁନ ମନେ ମନେ ଭାବିଲେ, ବାସ୍ତବରେ ଶ୍ରୀକୃଷ୍ଣଙ୍କ ଏ ସମସ୍ତ ଉପଦେଶ ମୋ ଲାଗି ମଙ୍ଗଳକର ତଥା ଯଥାର୍ଥ । ଶ୍ରୀକୃଷ୍ଣ ତ ସମସ୍ତ କର୍ମକୁ ନିଷେଧ କରିଛନ୍ତି । ଏଥିରୁ ମୋ ପକ୍ଷରେ ଯୁଦ୍ଧ କରିବା ଯେ ଅନାବଶ୍ୟକ, ଏହାହିଁ ସିଦ୍ଧ ହେଉଛି ।

ଶ୍ରୀକୃଷ୍ଣଙ୍କ କଥାଗୁଡ଼ିକୁ ମନେ ମନେ ଭାବି ଭାବି ଅର୍ଜୁନଙ୍କ ହୃଦୟ ପ୍ରସନ୍ନ ହୋଇ ଉଠିଲା ସତ, କିନ୍ତୁ ସନ୍ଦେହ ତୁଟିଲା ନାହିଁ । ଏଣିକି ଅର୍ଜୁନ ମହାପ୍ରଭୁଙ୍କୁ ଭଲ ଭଲ ପ୍ରଶ୍ନ କରିବେ । ଶ୍ରୀକୃଷ୍ଣ ଏସବୁ ପ୍ରଶ୍ନର ଯାହାସବୁ ଉତ୍ତର ଦେବେ ତାହାହିଁ ହେବ ସକଳଧର୍ମର ଉତ୍ପତ୍ତିସ୍ଥଳ ତଥା ବିବେକ-ଅମୃତର ଅସୀମ ସମୁଦ୍ର ।

ସର୍ବଜ୍ଞନାଥ ଶ୍ରୀଅନନ୍ତ ଶ୍ରୀକୃଷ୍ଣ ଯେଉଁ ସମ୍ବାଦର ନିରୂପଣ କରିବେ, ନିବୃତ୍ତିଦାସ ଜ୍ଞାନଦେବ ତାକୁ ନିଜ ଭାଷାରେ ବର୍ଣ୍ଣନା କରିବେ ।

ଇତିଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ ଦୀପିକାୟାଂ

ଦ୍ୱିତୀୟୋଽଧ୍ୟାୟଃ ।

●

କର୍ମ ଯୋଗ

ତୃତୀୟ ଅଧ୍ୟାୟ

ଅର୍ଜୁନ ଉବାଚ

ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ !
ତତ୍‌କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ! ॥୧॥

ଅର୍ଜୁନ କହିଲେ, ହେ ଦେବ ! ହେ କୃପାନିଧି ! ଆପଣଙ୍କ କଥା ମୁଁ ଭଲଭାବରେ ଶୁଣିଛି । ଆପଣ କହିଛନ୍ତି ଯେ ଉକ୍ତ ଆତ୍ମସ୍ୱରୂପରେ କର୍ମ ନାହିଁ କି କର୍ତ୍ତା ନାହିଁ । ହେ ଶ୍ରୀଅନନ୍ତ ! ଏହା ଯଦି ଆପଣଙ୍କର ନିଶ୍ଚିତ ଅଭିମତ, ତାହାହେଲେ ମତେ ଯୁଦ୍ଧଲାଗି କାହିଁକି ପ୍ରୋତ୍ସାହିତ କରୁଛନ୍ତି ? ଯୁଦ୍ଧ ତ ଏକ ଭୀଷଣ କର୍ମ । ତା ଭିତରକୁ ମତେ ଠେଲିଦେବାରେ ଆପଣଙ୍କର ଟିକିଏ ବି ସଙ୍କୋଚ ହେଉନାହିଁ ? ଆପଣ ନିଜେ କୌଣସି କର୍ମ କରିବାକୁ ନିଷେଧ କରୁଛନ୍ତି ଅଥଚ ମତେ ଏହି ହିଂସାତ୍ମକ କର୍ମ କରିବାକୁ କହୁଛନ୍ତି । ହେ ହୃଷୀକେଶ ! ଆପଣ ଭାବି ଦେଖନ୍ତୁ ତ, ନିଜେ ଆପଣ କର୍ମକୁ ଆଦୌ ଭଲ ମନେ କରୁନାହାନ୍ତି ଅଥଚ ମୋଦେଇ ହିଂସା କରାଇବାକୁ କୁଣ୍ଠାବୋଧ ମଧ୍ୟ କରୁନାହାନ୍ତି !

ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ॥୨॥

ହେ ଦେବ ! ଆପଣ ଯଦି ଏଭଳି ସବୁ କହନ୍ତି, ତାହାହେଲେ ଆମଭଳି ଅଜ୍ଞାନୀଲୋକ କରିବ କ'ଣ ? ବିବେକ-ବିଚାରର ସମ୍ପୂର୍ଣ୍ଣ ଅନ୍ତ୍ୟେଷ୍ଟିକ୍ରିୟା

ସମ୍ପନ୍ନ ହୋଇଯାଇଛି ବୋଲି ବୁଝିବାକୁ ହିଁ ହେବ । ଯଦି ଆପଣଙ୍କ ଉପଦେଶ ଏପରି ସନ୍ଦେହାତ୍ମକ ହୁଏ, ତାହାହେଲେ ଅପଭ୍ରଂଶ ଆଉ କାହାକୁ କୁହାଯିବ ? ମୋର ଆତ୍ମଜ୍ଞାନର ମନସ୍କାମନା ପୂର୍ଣ୍ଣ ହୋଇଯାଇଛି । ବୈଦ୍ୟ ଯଦି ପଥ୍ୟ ଉପଦେଶ ଦେଇ ନିଜେ ବିଷ ପ୍ରଦାନ କରେ, ତେବେ କହନ୍ତୁ ତ ରୋଗୀ ବଞ୍ଚିବ କିପରି ? କୌଣସି ଅନ୍ଧକୁ ଅଙ୍କାବଙ୍କା ବାଟରେ ନେଲେ କିମ୍ବା ମାଙ୍କଡ଼କୁ ମାଦକଦ୍ରବ୍ୟ ପାନ କରାଇଲେ ସେମାନଙ୍କ ଅବସ୍ଥା ଯେପରି ହୁଏ, ଆପଣଙ୍କ ଉତ୍ତମ ଉପଦେଶ ଲାଭ କରି ମୋ ଅବସ୍ଥା ମଧ୍ୟ ସେହିଭଳି ହୋଇଛି । ମୁଁ ପୂର୍ବରୁ ତ ଅଜ୍ଞାନୀ, ତା ସଙ୍ଗେ ସଙ୍ଗେ ମୋହଗ୍ରସ୍ତ, ତେଣୁ ହେ ଶ୍ରୀକୃଷ୍ଣ ! ମୁଁ ଆପଣଙ୍କ ଉପଦେଶ ଚାହିଁଥିଲି । ଆପଣଙ୍କ ପ୍ରତ୍ୟେକ ଉପଦେଶ ମତେ ବିଲକ୍ଷଣ ଦେଖାଯାଉଛି ଏବଂ ବିପରୀତ ମନେ ହେଉଛି । ଶରଣାଗତକୁ ଏପରି ଅବସ୍ଥାରେ ପକାଇବା କ'ଣ ଉଚିତ ? ମୁଁ କାୟମନୋବାକ୍ୟରେ ଆପଣଙ୍କ କଥାକୁ ବିଶ୍ୱାସ କରି ଆସିଛି । ଆପଣ ଯଦି ଏଭଳି କରନ୍ତି, ତାହେଲେ ତ ମୁଁ ସରିଗଲି । ଏପରି ବୁଝାଇଲେ କ'ଣ ମୋର ମଙ୍ଗଳ ହେବ ବୋଲି ଭାବୁଛନ୍ତି ? ଏଥିରେ ଜ୍ଞାନ ପାଇବାର ଆଶା କ'ଣ ଅଛି ? ଜ୍ଞାନ କଥା ଛାଡ଼ନ୍ତୁ, ବରଂ ଫଳ ଏହା ହୋଇଛି ଯେ ମୋ ମନରେ ଯାହାବା ଟିକିଏ ସ୍ଥିରଭାବ ଥିଲା ସେତକ ମଧ୍ୟ ବିକ୍ଷୁବ୍ଧ ହୋଇ ପଡ଼ିଛି ।

ତେବେ ହେ ଶ୍ରୀକୃଷ୍ଣ ! ଯଦି ନାନା ଛଳନା କରି ମୋ ମନୋଭାବ ଜାଣିବାକୁ ଚାହୁଁଥାଅ ତାହାହେଲେ ମୁଁ କିଂକର୍ତ୍ତବ୍ୟ-ବିମୂଢ଼ । ମୁଁ ଆପଣଙ୍କ ଚରିତ୍ରକୁ ବୁଝି ପାରୁନି । ଆପଣଙ୍କ ଲୀଳା ତ ତର୍କର ଉର୍ଦ୍ଧ୍ୱରେ । ଏସବୁ ବିଚାର କରି ମଧ୍ୟ ମୁଁ ଆଦୌ ବୁଝି ପାରୁନାହିଁ ଯେ ଆପଣ ମତେ ପ୍ରତାରଣା କରୁଛନ୍ତିକି ପରମାର୍ଥ ବିଷୟରେ ଉପଦେଶ ଦେଉଛନ୍ତି । ସେଥିଲାଗି ହେ ଦେବ ! ଭାବାର୍ଥକୁ ଗୂଢ଼ ଭାବରେ ମତେ ନକହି ଜ୍ଞାନ ପାଇପାରିବା ଭଳି ପ୍ରାକୃତ ଭାଷାରେ ଠିକ୍ ଠିକ୍ ଉପଦେଶ ଦିଅନ୍ତୁ । ଏଭଳି ନିଶ୍ଚୟାତ୍ମକ କଥାସବୁ କହନ୍ତୁ ଯେଉଁଥିରେ ଅଳ୍ପମତି ଲୋକ ହେଲେ ମଧ୍ୟ ବୁଝିପାରିବ । ରୋଗ ଦୂରକରିବା ଲାଗି ଔଷଧ ମାତ୍ରେ ଶକ୍ତିସମ୍ପନ୍ନ ହେବା ଉଚିତ, ତା ଛଡ଼ା ଏହା ରୁଚିକର ଓ ମଧୁର ମଧ୍ୟ ହେବା

ଆବଶ୍ୟକ । ସମସ୍ତ ପ୍ରକାରର ଅର୍ଥ ପରିପୂର୍ଣ୍ଣ ସମୁଚିତ ତତ୍ତ୍ୱ କଥାସବୁ ଏପରି ଭାବରେ କହନ୍ତୁ ଯେଉଁଥିରେ ମୋ ମନ ସେସବୁ ସହଜେ ବୁଝି ପାରିବ । ହେ ଦେବ ! ଆପଣଙ୍କ ଭଳି ଗୁରୁ ପାଇ କ'ଣ ମୁଁ ନିଜର ଇଚ୍ଛାକୁ ପୂର୍ଣ୍ଣ କରି ପାରିବିନି ? ଲଜ୍ଜା କରିବି କାହାକୁ ? ଆପଣ ତ ମୋର ମାତା । ଯଦି ଦୈବଯୋଗେ କାମଧେନୁ ମିଳିଗଲା, ତେବେ ମନୋରଥ ଅପୂର୍ଣ୍ଣ ରହିବ କାହିଁକି ? ଯଦି ଚିନ୍ତାମଣି ହସ୍ତଗତ ହୋଇଯାଇ ପାରିଲା, ତେବେ କାମନା କରିବାରେ ଅସୁବିଧା କ'ଣ ଅଛି ? ନିଜ ଇଚ୍ଛାନୁଯାୟୀ କାମନା କରିବି ନାହିଁ କାହିଁକି ? ଯଦି କେହି ଅମୃତସମୁଦ୍ର କୂଳକୁ ଯାଇ ମଧ୍ୟ ତୃଷାରେ ବ୍ୟାକୁଳ ରହେ, ତେବେ ସେ ସେଠାକୁ ଯିବାଲାଗି ଏତେ ପରିଶ୍ରମ କଲା କାହିଁକି ? ହେ କମଳାପତି ! ବହୁ ଜନ୍ମଜନ୍ମାନ୍ତର ଧରି ଆପଣଙ୍କ ଉପାସନା କରି କରି ଦୈବଯୋଗେ ଆଜି ଆପଣ ମୋର ନିକଟତମ ହୋଇଛନ୍ତି— ତେଣୁ ହେ ପରମେଶ୍ୱର ! ମୋ ଇଚ୍ଛାମତେ ଯେତେ ପ୍ରାର୍ଥନା ଅଛି କରିବି ନାହିଁ କାହିଁକି ?

ଆଜି ମୋ ମନର ଭାଗ୍ୟୋଦୟ ଘଟିଛି । ଦେଖନ୍ତୁ ଆଜି ମୋର ସମସ୍ତ ଇଚ୍ଛାର ପ୍ରାଣପ୍ରତିଷ୍ଠା ହୋଇ ପାରିଛି ଏବଂ ମୋର ପୁଣ୍ୟ ସଫଳ ହୋଇଛି । ସର୍ବ ମନୋରଥର ବିଜୟ ହୋଇଛି । ଆଉ କ'ଣ କହିବି ? ହେ ପରମ କଲ୍ୟାଣନିଧି, ହେ ସକଳଦେବଗଣ ଶ୍ରେଷ୍ଠ ! ଆଜି ଆପଣ ମୋର ଅଧୀନ ହୋଇଛନ୍ତି । ଯେପରି ମାଆର ସ୍ତନ୍ୟପାନ କରିବା ଲାଗି ଶିଶୁର କେବେହେଲେ ସମୟର ଅଭାବ ହୁଏନା, ସେହିଭଳି ହେ ଦେବ ! ହେ କୃପାସିନ୍ଧୁ, ମୋ ମନକୁ ଯାହା ଆସୁଚି ପଚାରି ପକାଉଛି । ତେଣୁ ଏଭଳି ଏକ ନିଶ୍ଚିତ ଉପଦେଶ ଦିଅନ୍ତୁ— ଯାହା ପରଲୋକରେ ହିତକର ହେବ ଏବଂ ଇହଲୋକରେ ପାଳନ କରିବା ଲାଗି ଉପଯୁକ୍ତ ହୋଇପାରିବ ।

ଶ୍ରୀଭଗବାନୁବାଚ

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ !
ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ॥

ଏହି କଥା ଶୁଣି ଶ୍ରୀ ଅତ୍ୟୁତ ବିସ୍ମିତ ହୋଇ କହିଲେ, ହେ ଅର୍ଜୁନ ! ଆତ୍ମଜ୍ଞାନ ଓ କର୍ମର ଅଭିପ୍ରାୟ ମୁଁ ସଂକ୍ଷେପରେ ବର୍ଣ୍ଣନା କରିଛି । ଆହୁରି ବୁଦ୍ଧିଯୋଗର ବର୍ଣ୍ଣନା ପ୍ରସଙ୍ଗରେ ସାଂଖ୍ୟଯୋଗ କଥା ମଧ୍ୟ କହିଛି । ଗୋଟିଏ କଥା ତୁମେ ଜାଣିନାହଁ, ସେଥିଯୋଗୁଁ ଏସବୁ ବୁଝିବାରେ ଅଯଥା ତୁମକୁ କଷ୍ଟ ହେଉଛି, ତେଣୁ ତୁମେ ମୋପ୍ରତି ଅଯଥା କ୍ଷୁବ୍ଧ ହେଉଚ । ଏବେ ଶୁଣ, ମୁଁ ସେହି ଦୁଇ ଯୋଗ କଥାହିଁ କହୁଚି । ହେ ନିଷ୍ପାପ ବୀରଶ୍ରେଷ୍ଠ ! ଏ ଦୁଇଟିଯାକ ପନ୍ଥା ଅନାଦିସିଦ୍ଧ ଏବଂ ମୋ'ଠାରୁ ହିଁ ପ୍ରକାଶିତ ହୋଇଛି । ଗୋଟିକୁ କୁହାଯାଏ ଜ୍ଞାନଯୋଗ । ଏହାକୁ ଜ୍ଞାନୀମାନେ ଆଚରଣ କରି ଥାଆନ୍ତି । ଜ୍ଞାନଲାଭ ହେଲେ ବ୍ରହ୍ମରୂପ ପ୍ରାପ୍ତି ଘଟିଥାଏ । ଅନ୍ୟଟି ହେଉଛି କର୍ମଯୋଗ । ଏଥିରେ ନିପୁଣ ହୋଇ ସାଧକମାନେ ଯଥାକାଳରେ ନିର୍ବାଣ ଲାଭ କରିଥାଆନ୍ତି । ଏହି ଦୁଇଟି ପଥ ନିଦାନକାଳରେ ଏବଂ ପରିଶେଷରେ ଏକ ହୋଇ ଯାଇଥାଆନ୍ତି । ଯେଭଳି ଖାଦ୍ୟରନ୍ଧା ହେଉ ବା ନ ହେଉ ଖାଦ୍ୟର ଉଦ୍ଦେଶ୍ୟ ହେଉଛି ଉଦରତୃପ୍ତି ଏବଂ ଯେଭଳି ପୂର୍ବାଭିମୁଖୀ ଓ ପଶ୍ଚିମାଭିମୁଖୀ ନଦୀ ଆପାତତଃ ଭିନ୍ନ ଭିନ୍ନ ଦିଗରେ ଗତିକଲେ ମଧ୍ୟ ପରିଶେଷରେ ସମୁଦ୍ର ମିଳନରେ ଏକ ହୋଇଥାଆନ୍ତି, ସେହିଭଳି ଜ୍ଞାନ ଓ କର୍ମର ଦୁଇଟିଯାକ ମାର୍ଗ ଗୋଟିଏ କାରଣକୁ ହିଁ ସୂଚେଇଥାଏ । ତେବେ ଏହାର ସାଧନ, ସାଧକର ଯୋଗ୍ୟତା ଉପରେ ନିର୍ଭର କରେ । ପକ୍ଷୀ ଉଡ଼ି ଉଡ଼ି ଯାଇ ସିଧାସଳଖ ଫଳ ଉପରେ ବସିପାରେ; କିନ୍ତୁ ମଣିଷ ଚାହିଁଲେ ମଧ୍ୟ ପକ୍ଷୀର କ୍ଷିପ୍ରଗତି ପାଇପାରିବ କି ? ସାଧାରଣ ମଣିଷକୁ ଫଳ ପାଖରେ ପହଞ୍ଚିବାକୁ ହେଲେ ଗଛରେ ଚଢ଼ି ଏ ଡାଳରୁ ସେ ଡାଳ ହୋଇ ଯିବାକୁ ପଡ଼ିବ; କିନ୍ତୁ ଜ୍ଞାନୀବ୍ୟକ୍ତି ବିହଙ୍ଗମ ଗତିରେ ଜ୍ଞାନକୁ ଆଶ୍ରୟ କରି ସଦ୍ୟମୋକ୍ଷଗତି ଲାଭ କରିଥାଏ । ଅନ୍ୟ ଯୋଗୀମାନେ କର୍ମକୁ ଆଶ୍ରୟ କରି ବେଦବିହିତ ଧର୍ମାଚରଣ କରୁ କରୁ ଯଥା ସମୟରେ ପୂର୍ଣ୍ଣତା ଲାଭ କରିଥାଆନ୍ତି ।

ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସଂନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥୪॥

ବାସ୍ତବରେ ଉଚିତକର୍ମ ଆରମ୍ଭ ନ କରି ମଣିଷ ସିଦ୍ଧପୁରୁଷଙ୍କ ଭଳି ନିଷ୍କର୍ମ ହୋଇ ପାରେନା । ହେ ଅର୍ଜୁନ ! ବିହିତ କର୍ମ ତ୍ୟାଗ କରିଦେଲେ ଯେ ନିଷ୍କର୍ମତା ପ୍ରାପ୍ତ ହୋଇଯାଏ, ଏଭଳି ଭାବିବା ବୃଥା ଓ ମୂର୍ଖତା । ନଦୀର ଆର କୂଳକୁ ଯିବା ସମୟରେ ସଙ୍କଟ ଦେଖାଦେଲେ ନୌକା ତ୍ୟାଗ କରିବା ଉଚିତ କି ? ଖାଇବାପାଇଁ ମନ ଉତ୍କଳ ବିକଳ ହେଉଥିବା ବେଳେ ଏବଂ ସବୁ ଜିନିଷ ପ୍ରସ୍ତୁତ ଥିବାବେଳେ ରନ୍ଧାରନ୍ଧି ନ କରି ଚୁପ୍‌ଚାପ୍ କେହି ବସି ରହିପାରେ କି ଏବଂ ରନ୍ଧାସାରିବା ପରେ ନଖାଇ କେହି ରହିପାରେ କି ? ସେହିଭଳି ଯେ ପର୍ଯ୍ୟନ୍ତ ନିରାକାଙ୍କ୍ଷାର ଆଗମନରେ କର୍ମର ଆତୁରତା ଦୂର ନହୋଇଛି, ସେ ପର୍ଯ୍ୟନ୍ତ କର୍ମମୟ ବ୍ୟାପାର ଚାଲୁ ରହିଥିବ । ସନ୍ତୋଷ ଲାଭ ହେବାମାତ୍ରେ, ସ୍ୱାଭାବିକ ଭାବରେ ଏହା ବନ୍ଦ ହୋଇଯିବ । ତେଣୁ ହେ ପାର୍ଥ ! ଯାହାର କାମନାଶୂନ୍ୟ ହେବାଲାଗି ଇଚ୍ଛା ଅଛି, ତାର କର୍ତ୍ତବ୍ୟକର୍ମ ପରିତ୍ୟଜ୍ୟ ହୋଇପାରେନା । କର୍ମର ଲକ୍ଷଣ ଏପରି ଯେ, ଏହାକୁ ମାଡ଼ିବସି ନକଲେ ତାହା ତା ମନକୁ ଖସି ପଳାଏ— ଏକଥା କେବଳ ସ୍ୱେଚ୍ଛାଚାରୀମାନେ କହିପାରନ୍ତି; କିନ୍ତୁ ଚିନ୍ତାକରି ଦେଖିଲେ ବୁଝିପାରିବ ଯେ, କର୍ମକୁ ତ୍ୟାଗକଲେ କର୍ମ ଛାଡ଼ି ପଳାଏନା । ଏହି ସିଦ୍ଧାନ୍ତ ଅଭ୍ରାନ୍ତ ।

ନ ହି କଶ୍ଚିତ୍‌କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।।୫।।

ଯେତେଦିନ ଧରି ମାୟାର ପ୍ରଭାବ ରହିଥିବ, ସେତେଦିନ ଧରି ''ମୁଁ କର୍ମକୁ ଗ୍ରହଣ କରୁଛି ଓ ଇଚ୍ଛାମତେ ତାକୁ ତ୍ୟାଗ କରି ପାରୁଛି''— ଏହି ଅଜ୍ଞାନ ରହିଥିବ । ଏହି ଗ୍ରହଣ ଓ ତ୍ୟାଗର ଚେଷ୍ଟା ହେଉଚି ଗୁଣାଧୀନ । ଦେଖ, ଯେତେ ବିହିତ କର୍ମ ରହିଛି, ସବୁ ଯଦି କେହି ଛାଡ଼ିଦିଏ, ତେବେ ବି କ'ଣ ଇନ୍ଦ୍ରିୟର ସ୍ୱଭାବ ଲୋପ ପାଇପାରିବ ? ଶ୍ରବଣ ଇନ୍ଦ୍ରିୟକୁ କ'ଣ କେବେ ବନ୍ଦ କରାଯାଇପାରେ କିମ୍ବା ନେତ୍ରର ତେଜ କ'ଣ କେବେ ଚାଲିଯାଏ । ପରିମଳଗ୍ରାହୀ ନାସିକା କ'ଣ ଗନ୍ଧକୁ ଗ୍ରହଣ କରେନା ? ପ୍ରାଣ କ'ଣ ନିଜର ବାୟୁଗତିକୁ ବା ନିଃଶ୍ୱାସ ପ୍ରଶ୍ୱାସକୁ ବନ୍ଦ କରିଦିଏ ? ବୁଦ୍ଧି କ'ଣ ନିର୍ବିକଳ୍ପହୋଇଯାଏ ? କ୍ଷୁଧା

ତୃଷାର ଆତୁରତା କ'ଣ ଲୋପ ପାଇଯାଏ ? ସ୍ୱପ୍ନ ଓ ଜାଗରଣକୁ ଠେଲି ଦିଆଯାଇପାରେ କି ? ପଦବିକ୍ଷେପ କରିବାକୁ କେହି କ'ଣ ଭୁଲି ଯାଇପାରେ ? ଆଉ ବେଶି କ'ଣ କହିବି ? ଜନ୍ମ ମୃତ୍ୟୁକୁ କ'ଣ ବନ୍ଦ କରାଯାଇ ପାରେ ? ଏସବୁକୁ ଯଦି ବନ୍ଦକରି ନ ପାରିଲ, ତାହାହେଲେ କେଉଁ କର୍ମକୁ ତ୍ୟାଗ କଲ ? ତେଣୁ ଜାଣିରଖ, ଦେହାଭିମାନୀ କେବେହେଲେ କର୍ମକୁ ତ୍ୟାଗ କରିପାରେନା । କର୍ମ ପରାଧୀନ । ବସ୍ତୁତଃ ଏହା ପ୍ରକୃତିର ଗୁଣାନୁରୋଧରେ ହୋଇଥାଏ । ତେଣୁ "ମୁଁ କର୍ମ କଲି ବା ଏହାକୁ ତ୍ୟାଗ କଲି" ଏପରି ବୁଝିବା ବୃଥା । ରଥରେ ଚଢ଼ି ନିଶ୍ଚଳ ଭାବରେ ବସା ଯାଇପାରେ, କିନ୍ତୁ ପରାଧୀନ ହୋଇ ରଥର ଗତି ସହିତ ଆରୋହୀକୁ ସରଳ ଭାବରେ ଘୂରିବାକୁ ହିଁ ପଡ଼ିବ । ବାୟୁଦ୍ୱାରା ଚାଳିତ ଶୁଷ୍କପତ୍ର ଅଚେତନ ହେଲେ ମଧ୍ୟ ଯେପରି ଶୂନ୍ୟରେ ଘୂରିବାରେ ଲାଗିଥାଏ, ସେହିଭଳି ମାୟାର ଆଶ୍ରୟରେ କର୍ମେନ୍ଦ୍ରିୟର ବିକାରଦ୍ୱାରା ନିଷ୍କାମ ପୁରୁଷ ନିରନ୍ତର କର୍ମରତ ରହିଥାଏ । ତେଣୁ ମଣିଷ ଯେତେଦିନ ପ୍ରକୃତି ସହିତ ସଂଶ୍ଳିଷ୍ଟ, ସେତେଦିନ ଧରି ତାର କର୍ମତ୍ୟାଗ ହୋଇ ପାରେନା । ଏସବୁ ବୁଝିବା ସତ୍ତ୍ୱେ ମୁଁ କର୍ମତ୍ୟାଗ କରି ପାରିବି ବୋଲି ଯିଏ କହେ, ତାର କେବଳ ଆଗ୍ରହ ହିଁ ସାର ହୋଇଥାଏ ।

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।୬।।

ଯିଏ ଉଚିତ କର୍ମତ୍ୟାଗପୂର୍ବକ କର୍ମେନ୍ଦ୍ରିୟକୁ ଦମନ କରି କର୍ମବିମୁକ୍ତ ହେବାକୁ ଚାହେଁ, ସେ କର୍ମତ୍ୟାଗୀ ପଦବାଚ୍ୟ ହୋଇ ନ ପାରେ; କାରଣ ତା ମନ ଭିତରେ କର୍ମ କରିବା ଅଭିଳାଷ ରହିଯାଇଥାଏ । ଉପରେ ଉପରେ ଲୋକଦେଖାଣିଆ ତ୍ୟାଗ ବିଡ଼ମ୍ବନା ମାତ୍ର । ଏଭଳି ବ୍ୟକ୍ତି ଯେ ସର୍ବଦା ବିଷୟାସକ୍ତ ଏକଥା ନିଃସନ୍ଦେହ ଭାବରେ କୁହାଯାଇ ପାରେ । ହେ ଧନୁର୍ଦ୍ଧର ! ଏଥର ପ୍ରସଙ୍ଗତଃ ତୁମକୁ ନିରାକାଙ୍କ୍ଷ ମନୁଷ୍ୟର ଲକ୍ଷଣ ସବୁ କହୁଚି, ଶୁଣ ।

ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।
କର୍ମେନ୍ଦ୍ରିୟୈଃ କର୍ମଯୋଗମସ୍ତକଃ ସ ବିଶିଷ୍ୟତେ ।।୭।।

ଯାହାର ଅନ୍ତଃକରଣ ଦୃଢ଼, ଯିଏ ପରମାତ୍ମା ସ୍ୱରୂପରେ ନିମଗ୍ନ ଏବଂ ବାହାରେ ଲୋକାଚାର ଅନୁସାରେ ଚଳେ, ଯିଏ ଇନ୍ଦ୍ରିୟଦ୍ୱାରା ପରିଚାଳିତ ହୁଏନା, ଯାହାର ମନରେ ବିଷୟ-ଭୋଗ ଇଚ୍ଛା ନ ଥାଏ, ଉଚିତ କର୍ତ୍ତବ୍ୟ କର୍ମରୁ ଯିଏ ପରାଙ୍ମୁଖ ହୁଏନା, ଯାହାର କର୍ମେନ୍ଦ୍ରିୟ କର୍ମରେ ଲିପ୍ତହେଲେ ମଧ୍ୟ ଏବଂ ଏସବୁ ନିୟମର ଅଧୀନ ହୋଇ ମଧ୍ୟ ବିକାରର ଅଧୀନ ହୁଏନା, କୌଣସି କାମନାର ବଶୀଭୂତ ହୁଏନା, ମୋହମଳରେ ଜର୍ଜରିତ ହୁଏନା, ଯିଏ ପଦ୍ମପତ୍ରଭଳି ପାଣିରେ ପଡ଼ିଥିଲେ ମଧ୍ୟ କେବେହେଲେ ଭିଜିଯାଏନା, ଜଳରେ ସୂର୍ଯ୍ୟବିମ୍ବ ଭଳି ଯିଏ ସଂସାରରେ ରହିଥାଏ ଏବଂ ସମସ୍ତଙ୍କ ସହିତ ସମାନ ଭାବରେ ଚଳପ୍ରଚଳ କରେ— ସାଧାରଣ ଦୃଷ୍ଟିରେ ତାର ସ୍ଥିତି ବୁଝି ହୁଏନା । ଏଭଳି ଲକ୍ଷଣଯୁକ୍ତ ବ୍ୟକ୍ତି ହିଁ ମୁକ୍ତ ଏବଂ ନିରାକାଙ୍କ୍ଷ ।

ହେ ଅର୍ଜୁନ ! ଏଭଳି ଯୋଗୀ ହିଁ ଜଗତରେ ବିଶେଷକୀର୍ତ୍ତି ଲାଭ କରିଥାଏ । ତେଣୁ ମୁଁ ତୁମକୁ କହୁଚି, ତୁମେ ଏହିଭଳି ଯୋଗୀ ହୁଅ । ମନକୁ ସଂଯତ କରି ଅନ୍ତରକୁ ନିଶ୍ଚଳ ରଖ । କର୍ମେନ୍ଦ୍ରିୟ ତା ମନ ଖୁସିରେ ଯାହା କରୁଛି କରୁ, ସେଥିରେ କୌଣସି କ୍ଷତି ନାହିଁ ।

ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀରଯାତ୍ରାପି ଚ ତେ ନ ପ୍ରସିଧ୍ୟେଦକର୍ମଣଃ ।।୮।।

ନିଷ୍କର୍ମ ହେବା ତ ଏ ଜଗତରେ ସମ୍ଭବ ନୁହେଁ, ତେବେ ନିଷିଦ୍ଧ କର୍ମକୁ କିପରି ଆଚରଣ କରାଯାଇପାରିବ ? ସେଥିଯୋଗୁଁ ଯେଉଁ ଯେଉଁ ଉଚିତକର୍ମ ସମ୍ମୁଖରେ ଉପସ୍ଥିତ ହୁଏ, ଯଥାସମୟରେ ପ୍ରାପ୍ତସେହି କର୍ମଫଳପ୍ରତି ଆଶାତ୍ୟାଗ କରି କର୍ମ କରିଯାଅ । ହେ ପାର୍ଥ ! ଆଉ ଏକ ରହସ୍ୟ ରହିଛି, ତୁମେ ସେକଥା ଜାଣନାହିଁ । କଥାଟି ହେଉଛି, ଏଭଳି କର୍ମ ହିଁ ନିଜେ ନିଜ ଯୁକ୍ତିର

କାରଣ ହୋଇଥାଏ । ବର୍ଣ୍ଣାଶ୍ରମ ଆଶ୍ରୟରେ ଯିଏ ସ୍ୱଧର୍ମାଚରଣ କରିଥାଏ, ସେ ଏହାଦ୍ୱାରା ନିଶ୍ଚୟ ମୋକ୍ଷଲାଭ କରିଥାଏ ।

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ! ମୁକ୍ତସଙ୍ଗଃ ସମାଚର ॥୯॥

ସ୍ୱଧର୍ମାଚରଣହିଁ ନିତ୍ୟଯଜ୍ଞ । ତେଣୁ ଏହାକୁ ଆଚରଣ କରିବାଦ୍ୱାରା ପାପର ସଞ୍ଚାର ହୋଇ ନପାରେ । ଏହି ସ୍ୱଧର୍ମ ଯେତେବେଳେ ଚାଲିଯାଏ ଏବଂ କୁକର୍ମ କରିବାରେ ମନ ବଳେ, ସେତେବେଳେ ମଣିଷ ସଂସାର ବନ୍ଧନରେ ଘାଣ୍ଟି ହୋଇଥାଏ । ଏଥିଲାଗି ଯିଏ ସ୍ୱଧର୍ମାଚରଣ ସ୍ୱରୂପ ଅଖଣ୍ଡ ଯଜ୍ଞାନୁଷ୍ଠାନମାନ କରେ, ତାର କର୍ମବନ୍ଧନ ଘଟିନଥାଏ । ଏ ସଂସାର କର୍ମଦ୍ୱାରା ଆବଦ୍ଧ ଏବଂ ମାୟାର ଅଧୀନ ହେବାର ମୂଳ କାରଣ ହେଉଛି, ନିତ୍ୟ ଯଜ୍ଞାନୁଷ୍ଠାନରେ ଭ୍ରମ । ହେ ପାର୍ଥ ! ତୁମକୁ ଏବେ ଏ ସମ୍ପର୍କରେ ଏକ ଆଖ୍ୟାନ କହୁଛି ।

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱାପୁରୋବାଚ ପ୍ରଜାପତିଃ ।
ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥୧୦॥

ବ୍ରହ୍ମା ବିଶ୍ୱକୁ ରଚନା କରିଛନ୍ତି । ଏହି ରଚନା ସମୟରେ ସେ ସମଗ୍ର ପ୍ରାଣୀଜଗତ ସହିତ ନିତ୍ୟଯଜ୍ଞର ବ୍ୟବସ୍ଥା କରିଥିଲେ; କିନ୍ତୁ ଯଜ୍ଞତତ୍ତ୍ୱ ଅତି ସୂକ୍ଷ୍ମ ହେତୁ ପ୍ରାଣୀମାନେ ତାର ପରିଚୟ ପାଇଲେ ନାହିଁ । ତେଣୁ ପ୍ରଜାମାନେ ବ୍ରହ୍ମାଙ୍କୁ ଅତ୍ୟନ୍ତ ବିନୀତ ଭାବରେ ପଚାରିଲେ, ହେ ଦେବ ! ଆମକୁ ତ ସୃଷ୍ଟି କରିଦେଲ, ଆମର ଆଶ୍ରୟ କ'ଣ ? ସେତେବେଳେ କମଳଯୋନି ବ୍ରହ୍ମା ପ୍ରାଣୀମାନଙ୍କୁ କହିଲେ, ତୁମମାନଙ୍କର ବର୍ଣ୍ଣବ୍ୟବସ୍ଥା ଅନୁସାରେ ନିଜ ନିଜ କର୍ମ ରଚନା କରାଯାଇଛି । ସେହି କର୍ମକୁ ହିଁ ଉପାସନା କର, ତୁମମାନଙ୍କର ମନୋରଥ ସହଜରେ ପୂର୍ଣ୍ଣ ହୋଇପାରିବ । ବ୍ରତନିୟମର କୌଣସି ଆବଶ୍ୟକତା ନାହିଁ, ଶରୀରକୁ ପୀଡ଼ା ଦେଇ ତପସ୍ୟା କରିବାର କୌଣସି ଆବଶ୍ୟକତା ନାହିଁ କିମ୍ବା ତୀର୍ଥ କରିବା ଲାଗି ଦୂର ସ୍ଥାନକୁ ଯିବାର କୌଣସି ପ୍ରୟୋଜନ ନାହିଁ । ଯୋଗସାଧନା, ସକାମ ଆରାଧନା, କିମ୍ବା ତାନ୍ତ୍ରିକ ଅନୁଷ୍ଠାନ କରନାହିଁ । ଅନ୍ୟ

ଦେବତାର ଭଜନ ମଧ୍ୟ କର ନାହିଁ । କିଛି ନକରି ଅକ୍ଲେଶରେ ସ୍ୱଧର୍ମ କର୍ମାନୁଷ୍ଠାନରୂପକ ଯଜ୍ଞ ଅନୁଷ୍ଠାନ କର । ନିଷ୍କାମ ଚିତ୍ତରେ ଏହା କରିବାକୁ ପଡ଼ିବ । ପତିବ୍ରତା ନାରୀ ଯେପରି ପତିର ସେବା କରିଥାଏ, ସେହିଭଳି ସ୍ୱଧର୍ମ-ଯଜ୍ଞ ତୁମର ଏକମାତ୍ର ସେବ୍ୟ । ସତ୍ୟଲୋକନାୟକ ବ୍ରହ୍ମା ଆହୁରି ମଧ୍ୟ କହିଲେ, ହେ ପ୍ରଜାଗଣ ! ସ୍ୱଧର୍ମଭଜନ କଲେ, ତାହାହିଁ ହେବ ତୁମର କାମଧେନୁ ଏବଂ ସେହି କାମଧେନୁ କେବେହେଲେ ତୁମକୁ ତ୍ୟାଗ କରିବ ନାହିଁ ।

ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।
ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ॥୧୧॥

ଯେତେବେଳେ ଏହି ସ୍ୱଧର୍ମ ସେବାଦ୍ୱାରା ଦେବତାଙ୍କ ସମ୍ପୂର୍ଣ୍ଣ ସନ୍ତୋଷ ଲାଭହେବ, ସେତେବେଳେ ଦେବତାମାନେ ତୁମର ଅଭିଳାଷ ପୂର୍ଣ୍ଣ କରିବେ । ସ୍ୱଧର୍ମର ଆଦର କଲେ, ଦେବତା ନିଶ୍ଚୟ ତୁମର ଯୋଗକ୍ଷେମ— ଅର୍ଥାତ୍ ଅପ୍ରାପ୍ତ ବସ୍ତୁ ଲାଭ ଲାଗି ବ୍ୟବସ୍ଥା କରିବେ ଏବଂ ପ୍ରାପ୍ତବସ୍ତୁର ସୁରକ୍ଷା କରିବେ । ଯେତେବେଳେ ପରସ୍ପର ମଧ୍ୟରେ ପ୍ରୀତି ଜନ୍ମିବ, ଅର୍ଥାତ୍ ତୁମେ ଦେବତାର ଭଜନ କରିବ ଏବଂ ଦେବତା ତୁମର ପ୍ରୀତିରେ ସନ୍ତୁଷ୍ଟ ହେବେ; ସେତେବେଳେ ତୁମେ ଯାହା କରିବ, ତାହା ଆପେ ଆପେ ସିଦ୍ଧ ହୋଇ ପାରିବ, ମନର କାମନା ପୂର୍ଣ୍ଣ ହେବ ଏବଂ ବାକ୍‌ସିଦ୍ଧି ଲାଭ ହେବ । ତୁମେ ହେବ ଆଜ୍ଞାକର୍ତ୍ତା । ଇନ୍ଦ୍ରିୟଗୁଡ଼ିକ ତୁମ ଆଜ୍ଞାମାନି ଚଳିବେ । ଯେପରି ବସନ୍ତ ଋତୁର ଆଗମନରେ ଅରଣ୍ୟାନି ସୁଶୋଭିତ ଓ ଲାବଣ୍ୟମଣ୍ଡିତ ହୋଇଥାଏ, ସେହିଭଳି ତୁମର ଜୀବନ ହୋଇଉଠିବ ସୁଖମୟ ।

ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।
ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ॥୧୨॥

ସେହିଭଳି ମୂର୍ତ୍ତିମାନ ଦୈବସୁଖ ତୁମ ନିକଟକୁ ଖୋଜି ଖୋଜି ଆସିବ । ତେଣୁ ନିରାକାଙ୍କ୍ଷ ହୋଇ ଏକମାତ୍ର ସ୍ୱଧର୍ମରେ ହିଁ ଲାଗି ରହିଥାଅ । ସେଥିରେ

ତୁମେ ସମ୍ପୂର୍ଣ୍ଣ ସୁଖ ଉପଭୋଗ କରି ପାରିବ । ଭୋଗସମ୍ପତ୍ତି ଲାଭରୁ ଯେଉଁ ବ୍ୟକ୍ତି ବିଷୟର ସ୍ୱାଦଦ୍ୱାରା ପ୍ରଲୁବ୍ଧ ହୋଇ ଉନ୍ମତ୍ତ ଇନ୍ଦ୍ରିୟ ଦ୍ୱାରା ଚାଳିତ ହୋଇଥାଏ; ଯଜ୍ଞଦ୍ୱାରା ସନ୍ତୁଷ୍ଟ ହେବା ପରେ ଦେବତାଗଣ ଦେଇଥିବା ସମ୍ପତ୍ତିଦ୍ୱାରା ଯେଉଁ ବ୍ୟକ୍ତି ସର୍ବେଶ୍ୱର ସ୍ୱଧର୍ମର ପୂଜା କରି ନ ଥାଏ, ଯିଏ ଅଗ୍ନିରେ ହବ୍ନ କରେ ନାହିଁ, ଦେବତାମାନଙ୍କର ପୂଜା କରେ ନାହିଁ; ଯଥା ସମୟରେ ବ୍ରାହ୍ମଣମାନଙ୍କ ଭୋଜନ ବ୍ୟବସ୍ଥା କରାଏ ନାହିଁ, ଗୁରୁଭକ୍ତି ପ୍ରତି ବିମୁଖ ହୁଏ; ଅତିଥି ସତ୍‌କାର କରେନାହିଁ, ନିଜ ଜାତିର ସନ୍ତୋଷ ବିଧାନ କରେ ନାହିଁ, ଏସବୁ ନକରି ଯିଏ ସ୍ୱଧର୍ମରହିତ ସମ୍ପତ୍ତି ଲାଭ କରି ଅଭିମାନଯୁକ୍ତ ଏବଂ କେବଳ ଭୋଗରେ ନିମଗ୍ନ ରହିଥାଏ; ତାର ପରିଶେଷରେ ଏଭଳି ଦୂରବସ୍ଥା ହୁଏ ଯେ, ସଞ୍ଚିତ ସମସ୍ତ ଭୋଗ ସମ୍ପତ୍ତି କୁଆଡ଼େ ଚାଲିଯାଏ । ପ୍ରାପ୍ତ ଭୋଗରୁ ସୁଖ-ଶାନ୍ତି ମଧ୍ୟ ଲାଭ ହୋଇ ନଥାଏ ।

ଯେପରି ଆୟୁହୀନ ମଣିଷର ଶରୀରରେ ଜୀବାତ୍ମା ନଥାଏ, କିମ୍ବା ଅଭାଗା ଘରେ ଲକ୍ଷ୍ମୀ ବାସ କରନ୍ତି ନାହିଁ, ସେହିଭଳି ସ୍ୱଧର୍ମ ଲୋପ ପାଇଲେ, ସକଳ ସୁଖର ଆଶ୍ରୟସ୍ଥଳ ଭାଙ୍ଗିଯାଏ । ପ୍ରଦୀପ ଲିଭିଯିବା ମାତ୍ରେ ତାର ଦୀପ୍ତି ମଧ୍ୟ ଲୋପପାଏ । ବ୍ରହ୍ମା କହିଲେ, ହେ ପ୍ରଜାଗଣ ! ସତ୍‌କଥା ହେଉଛି, ସ୍ୱଧର୍ମବୃତ୍ତି ଚାଲିଯିବା ମାତ୍ରେ ସ୍ୱାଧୀନତାର ସ୍ଥାନ ଆଉ ରହେନା । ଅତଏବ ଯିଏ ସ୍ୱଧର୍ମତ୍ୟାଗ କରିବ, କାଳ ତାକୁ ଦଣ୍ଡ ଦେବ ଏବଂ ସେ ସବୁ ଜିନିଷ ଚୋରି କରିଛି ଭାବି ତାର ସର୍ବସ୍ୱ ହରଣ କରିନେବ । ରାତି ହେବାମାତ୍ରେ ଯେପରି ଶ୍ମଶାନକୁ ଭୂତ ଆସି ଚାରିଆଡୁ ଘେରି ରହନ୍ତି, ସେହିଭଳି ସବୁପ୍ରକାରର ସଙ୍କଟ ଆସି ସ୍ୱଧର୍ମତ୍ୟାଗୀ ଲୋକକୁ ଚାରିଆଡୁ ଘେରିଯାଆନ୍ତି । ତ୍ରିଭୁବନର ସମସ୍ତ ଦୁଃଖ, ଦାରିଦ୍ର୍ୟ ଓ ପାପ ତାଙ୍କ ନିକଟରେ ଆସି ବାସ କରିଥାନ୍ତି । ହେ ପ୍ରାଣୀଗଣ ! ଯେତେବେଳେ ସେହି ଉନ୍ମତ୍ତ ବ୍ୟକ୍ତିର ଏହି ଦଶା ହୁଏ, ସେତେବେଳେ କଳ୍ପକଳ୍ପାନ୍ତ ଧରି ରୋଦନ କଲେ ମଧ୍ୟ ସେ ଦୁଃଖ ଛାଡ଼େନା । ଚତୁର୍ମୁଖ ବ୍ରହ୍ମା ପ୍ରଜାମାନଙ୍କୁ କହିଲେ, ତେଣୁ କେହି ଆତ୍ମବୃତ୍ତିକୁ ଛାଡ଼ ନାହିଁ

କିନ୍ତୁ ଇନ୍ଦ୍ରିୟକୁ ପ୍ରଶୟ ଦିଅନାହିଁ । ଜଳତ୍ୟାଗ କଲେ ଯେପରି ତତ୍‌କ୍ଷଣାତ୍ ଜଳଚରର ମୃତ୍ୟୁ ହୁଏ, ସ୍ୱଧର୍ମକୁ ଭୁଲିଗଲେ ଜୀବର ଦଶା ଠିକ୍ ସେହିଭଳି ହୋଇଥାଏ । ସେଥିଲାଗି ବାରମ୍ବାର ନିଜ ନିଜର ଉଚିତ କର୍ମକୁ ତ୍ୟାଗ କରନାହିଁ । ସେହିଥିରେ ଲାଗି ରହିଥାଅ ।

ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍‌ବିଷୈଃ ।
ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ॥୧୩॥

ଯିଏ ପ୍ରାପ୍ତ ସଂପତ୍ତିକୁ ବିହିତ କର୍ମଲାଗି ନିଷ୍କାମ-ବୁଦ୍ଧିରେ ବ୍ୟବହାର କରେ, ଯିଏ ଗୁରୁ, ଆତ୍ମୀୟ ଓ ଅଗ୍ନିର ପୂଜା କରିଥାଏ ଏବଂ ଯଥା ସମୟରେ ବ୍ରାହ୍ମଣର ସେବା କରେ, ନିଜ ପିତୃପୁରୁଷମାନଙ୍କ ଶ୍ରାଦ୍ଧତିଥି ପାଳନ କରେ, ବିହିତ କର୍ମାନୁଷ୍ଠାନ ଓ ପଞ୍ଚଯଜ୍ଞାଦି କରି ଯଜ୍ଞଶେଷ ଅବଶିଷ୍ଟକୁ ଆନନ୍ଦରେ ସପରିବାର ଭୋଜନ କରେ, ତାର ସର୍ବପାତକ ଦୂର ହୋଇଥାଏ । ଯଜ୍ଞାବଶିଷ୍ଟ ଅନ୍ନ ଭୋଜନକୁ ଅମୃତ-ସେବନ ବୋଲି ମନେକରିବାରେ ଯେପରି ମଣିଷଠାରୁ ମହାରୋଗ ଦୂର ହୋଇଯାଏ, ସେହିଭଳି ପାପ ତା ନିକଟକୁ ଆଦୌ ଯାଏନା । ବ୍ରହ୍ମନିଷ୍ଠ ବ୍ୟକ୍ତିକୁ ଯେପରି ଭ୍ରାନ୍ତି ଲେଶସୁଦ୍ଧା ସ୍ପର୍ଶ କରିପାରେନା, ସେହିଭଳି ଯଜ୍ଞଶେଷଭୋଜୀ ମନୁଷ୍ୟକୁ ପାପଦୋଷ ବଶୀଭୂତ କରିପାରେନା ।

ସେହେତୁ ସ୍ୱଧର୍ମରେ ଥାଇ ଯାହା ଅର୍ଜନ କରାଯାଏ, ଅର୍ଥାତ୍ ସ୍ୱଧର୍ମାଚରଣର ବିନିଯୋଗ ଦ୍ୱାରା ଯାହା ଉଦ୍‌ବୃତ୍ତ ଥାଏ, ତାକୁ ସନ୍ତୋଷରେ ଭୋଗ କରିବା କର୍ତ୍ତବ୍ୟ । ହେ ପାର୍ଥ ! ଏହାଛଡ଼ା ଅନ୍ୟ କୌଣସି ଭାବରେ ଚାଲିବା ଅନୁଚିତ ।

ଶ୍ରୀମୁରାରି ଏହିଭଳି ଭାବରେ ଆଦିକଥା କହିଲେ । ଯିଏ ଦେହକୁ ହିଁ ଆତ୍ମାବୋଲି ମନେ କରେ ଏବଂ ବିଷୟକୁ ଭୋଗ୍ୟବୋଲି ବୁଝେ ଏବଂ ଏହା ଭିନ୍ନ ଅନ୍ୟକିଛି ଜାଣେନା, ଯିଏ ସମଗ୍ର ଜଗତକୁ ଯଜ୍ଞସାମଗ୍ରୀ ବୋଲି ଉପଲବ୍ଧି କରେନା, ଭୁଲରେ ପଡ଼ି "ମୁଁ, ମୋର" କହି କେବଳ ଭୋଗ

କରିବାକୁ ଚାହେଁ ଏବଂ ଇନ୍ଦ୍ରିୟର ରୁଚି ଅନୁସାରେ ଭଲ ଭଲ ଭୋଜ୍ୟ ସାମଗ୍ରୀ ପ୍ରସ୍ତୁତ କରେ, ସେ ଲୋକ କେବଳ ପାପର ହିଁ ସେବା କରିଥାଏ । ଏ ସମସ୍ତ ସମ୍ପତ୍ତି ହବନର ସାମଗ୍ରୀ ବୋଲି ବୁଝି ସ୍ୱଧର୍ମରୂପ ଯଜ୍ଞଦ୍ୱାରା ପରମେଶ୍ୱରଙ୍କୁ ସମସ୍ତ ସାମଗ୍ରୀ ଅର୍ପଣ କରାଯିବା ଉଚିତ । ଏହା ନକରି ମୁର୍ଖଲୋକ କେବଳ ନିଜ ଉଦର ତୃପ୍ତି ଲାଗି ନାନାପ୍ରକାରର ଖାଦ୍ୟପାକ କରିଥାଏ । ଯେଉଁ ଅନ୍ନଦ୍ୱାରା ଯଜ୍ଞସିଦ୍ଧି ହୁଏ ଏବଂ ପରମେଶ୍ୱର ସନ୍ତୁଷ୍ଟ ହୁଅନ୍ତି, ସେ ଅନ୍ନକୁ ସାମାନ୍ୟ ମନେକର ନାହିଁ । ଏହା ହେଉଛି ବ୍ରହ୍ମ ସ୍ୱରୂପ, ବିଶ୍ୱଜୀବନର କାରଣ ।

ଅନ୍ନାଦ୍ଭବନ୍ତି ଭୂତାନି ପର୍ଜ୍ଜନ୍ୟାଦନ୍ନସମ୍ଭବଃ ।
ଯଜ୍ଞାଦ୍ଭବତି ପର୍ଜ୍ଜନ୍ୟୋଯଜ୍ଞଃ କର୍ମସମୁଦ୍ଭବଃ ॥୧୪॥
କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭବମ୍ ।
ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ॥୧୫॥

ଅନ୍ନ ବା ଖାଦ୍ୟରୁ ପ୍ରାଣୀମାନଙ୍କର ବୃଦ୍ଧି ହୋଇଥାଏ, ପର୍ଜ୍ଜନ୍ୟ ଅର୍ଥାତ୍ ମେଘ ଅନ୍ନ ବା ଶସ୍ୟ ଉତ୍ପାଦନ କରେ । ଯଜ୍ଞରୁ ପର୍ଜ୍ଜନ୍ୟର ଜନ୍ମହୁଏ ଏବଂ ଯଜ୍ଞକୁ କର୍ମ ହିଁ ପ୍ରକାଶ କରିଥାଏ । କର୍ମର ଉତ୍ପତ୍ତିସ୍ଥାନ ହେଉଛି ବେଦରୂପ ବ୍ରହ୍ମ । ପରାତ୍ପର ବ୍ରହ୍ମହିଁ ବେଦ ପ୍ରକାଶକ । ଏଭଳି ଭାବରେ ସକଳ ଚରାଚର ବ୍ରହ୍ମର ଅଧୀନ । ହେ ସୁଭଦ୍ରାପତି ! କର୍ମର ମୂର୍ତ୍ତି ଯେଉଁ ଯଜ୍ଞ, ତାହାହିଁ ଶ୍ରୁତିର ଅଖଣ୍ଡ ନିବାସ ସ୍ଥାନ ।

ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀୟ ଯଃ ।
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ! ସ ଜୀବତି ॥୧୬॥

ହେ ଧନୁର୍ଦ୍ଧର ! ଏହି ଯଜ୍ଞ ସମ୍ବନ୍ଧୀୟ ଆଦି ପରଂପରା ତୁମକୁ ସଂକ୍ଷେପରେ କହିଲି । ଯେଉଁ ପ୍ରମତ୍ତ ପୁରୁଷ ଏ ସଂସାରରେ ସର୍ବଥା ଉଚିତ ସ୍ୱଧର୍ମରୂପ ଯଜ୍ଞାନୁଷ୍ଠାନ ନ କରି କୁକର୍ମଦ୍ୱାରା ଇନ୍ଦ୍ରିୟର ତୃପ୍ତି ସାଧନ କରେ, ତାକୁ ପାପର ଖଣି ତଥା ପୃଥିବୀର ବୋଝ ବୋଲି ଜାଣିବ । ତାର ଜନ୍ମ ଓ

ସକଳ କର୍ମ ନିଷ୍ଫଳ । ଯେପରି ଅକାଳରେ ମେଘର ଉଦୟ ବୃଥା ହୁଏ କିମ୍ବା ଅଜାଗଳସ୍ତନର ଜନ୍ମ ଯେପରି ବୃଥା, ସେହିଭଳି ସ୍ୱଧର୍ମାଚରଣହୀନ ବ୍ୟକ୍ତିର ଜୀବନ ମଧ୍ୟ ବୃଥା । ଅତଏବ ହେ ପାଣ୍ଡବ ! କେହିହେଲେ ସ୍ୱଧର୍ମ ପରିତ୍ୟାଗ କରିବା ଉଚିତ ନୁହେଁ । ଶରୀର ଧାରଣ କରିବା ସଙ୍ଗେ ସଙ୍ଗେ କିଏ କ'ଣ କରିବ, ତାର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ହୋଇଯାଇଛି । ତେବେ ନିଜର କର୍ତ୍ତବ୍ୟ କର୍ମକୁ କିପରି ତ୍ୟାଗ କରାଯାଇ ପାରେ ? ହେ ସବ୍ୟସାଚି ! ମନୁଷ୍ୟ ଦେହ ପାଇ ଯିଏ କର୍ମ କରିବାରେ ଆଳସ୍ୟ କରେ, ତାକୁ ମୂଢ଼ କୁହାଯାଏ ।

ଯସ୍ତ୍ୱାତ୍ମରତିରେ ବସ୍ୟାଦାତ୍ମତୃପ୍ତଶ୍ଚ ମାନବ ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ।।୧୭।।

ଦେହ ଦେହଧର୍ମ କରୁଥିଲେ ମଧ୍ୟ ଯେଉଁ ପୁରୁଷ ଆତ୍ମସ୍ୱରୂପରେ ରମଣ କରେ, ସେ କର୍ମଦ୍ୱାରା ଲିପ୍ତ ହୁଏନା । ସେ ଆତ୍ମବୋଧ ଦ୍ୱାରା ସନ୍ତୁଷ୍ଟ, ସେଥିଲାଗି କୃତାର୍ଥ ହୋଇ ସହଜରେ କର୍ମସଙ୍ଗରୁ ମୁକ୍ତ ହୋଇଯାଏ ।

ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ୍ ।
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ।।୧୮।।

ଯେଭଳି ତୃପ୍ତି ଆସିଗଲେ ସମସ୍ତ ପ୍ରକାରର ସାଧନ ଆପେ ଆପେ ବନ୍ଦ ହୋଇଯାଏ, ସେହିଭଳି ସ୍ୱରୂପାନନ୍ଦ ପ୍ରାପ୍ତ ହେବାମାତ୍ରେ ଅନ୍ୟ କର୍ମ ଆଉ ରହେନା । ହେ ଅର୍ଜୁନ ! ଆତ୍ମଜ୍ଞାନ ହେବା ପର୍ଯ୍ୟନ୍ତ ମନର ସାଧନା ଦିଗରେ ଆଚରଣର ଆବଶ୍ୟକତା ରହିଛି ।

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୁରୁଷଃ ।।୧୯।।

ତେଣୁ ତୁମେ ସର୍ବକାମନାରହିତ ହୋଇ ସ୍ୱଧର୍ମ ଆଚରଣ କର । ଯିଏ ନିଷ୍କାମ ବୁଦ୍ଧିରେ ସ୍ୱଧର୍ମ ଆଚରଣ କରେ, ସେ ସଂସାରରେ ରହି ମଧ୍ୟ ବସ୍ତୁତଃ କୈବଲ୍ୟ ପଦ ଲାଭ କରିଥାଏ ।

କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।
ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ।।୨୦।।

ଦେଖ, ଜନକ ପ୍ରଭୃତି ସତ୍‌ପୁରୁଷଗଣ ସଂପୂର୍ଣ୍ଣ କର୍ମତ୍ୟାଗ ନକରି ମଧ୍ୟ ମୋକ୍ଷପଦ ଲାଭ କରିଛନ୍ତି । ଅତଏବ ହେ ପାର୍ଥ ! କର୍ମରେ ଆସ୍ଥା ରଖ । ଏହାଦ୍ୱାରା ଗୋଟିଏ ଦିଗରୁ ତୁମର ଉପକାର ହେବ । ତୁମେ କର୍ମ କରୁଥିବା ଦେଖି, ସଂସାରୀଲୋକେ ତୁମକୁ ଆଦର୍ଶ ଭାବରେ ଗ୍ରହଣ କରିବେ । ତା ଫଳରେ ସେମାନଙ୍କ ଦୁଃଖ ଦୂର ହେବ । ଯିଏ ସ୍ୱୟଂ କୃତାର୍ଥ ହୋଇଛି ଓ ନିଷ୍କର୍ମତା ଲାଭ କରିଛି, ତାହାର ମଧ୍ୟ ଲୋକହିତ ଲାଗି କର୍ମ ବାକୀ ରହିଯାଇଥାଏ । ଅନ୍ଧର ହାତଧରି ତାକୁ ରାସ୍ତାରେ ନେଇ ଯାଉଥିବା ନେତ୍ରବାନ୍ ମନୁଷ୍ୟ ଯେପରି ଅନ୍ଧ ସହିତ ସମାନ ପାଦ ପକାଇ ଚାଲେ, ସେହିଭଳି ଅଜ୍ଞାନୀକୁ ଜ୍ଞାନୀଲୋକ ମଧ୍ୟ ନିଜର ଆଚରଣ ଦ୍ୱାରା ଧର୍ମଜ୍ଞାନ ଶିକ୍ଷା ଦେବା ଆବଶ୍ୟକ । ତାହା ନହେଲେ, ଅଜ୍ଞାନୀ ଶିକ୍ଷା ପାଇବ କିପରି ? ସେ ଏହି ପଥର ସନ୍ଧାନ ପାଇବ କିପରି ?

ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।।୨୧।।

ସଂସାରରେ ଶ୍ରେଷ୍ଠ ଲୋକେ ଯେପରି ଆଚରଣ କରିଥାଆନ୍ତି, ସାଧାରଣ ଲୋକେ ତାକୁହିଁ ଧର୍ମ ବୋଲି ବୁଝିଥାଆନ୍ତି ଏବଂ ସେହିଭଳି ଭାବରେ ଆଚରଣ କରନ୍ତି । ଏହା ସ୍ୱାଭାବିକ । ତେଣୁ ସାଧୁସନ୍ଥମାନଙ୍କୁ ମଧ୍ୟ କର୍ମତ୍ୟାଗ ନ କରି ଭଲ ଭାବରେ ଏହି କର୍ମାନୁଷ୍ଠାନ କରିବାକୁ ପଡ଼ିଥାଏ ।

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ।।୨୨।।

ଏବେ ଅନ୍ୟମାନଙ୍କ କଥା କହିବି କ'ଣ ? ହେ କିରୀଟି ! ମୁଁ ନିଜେ ମଧ୍ୟ କର୍ମାନୁଷ୍ଠାନ ପଥରେ ଚାଲି ଆସିଛି । ମୋ ଉପରେ କୌଣସି ସଙ୍କଟ ପଡ଼ିଥିବାରୁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଅଭିଳାଷ ରଖି ଯେ, ଏହା କରୁଛି ଏକଥା ଯଦି ମନେ କରୁଥାଅ, ତାହା ଭୁଲ । ତୁମେ ଏକଥା ଭଲଭାବେ ଜାଣ ଯେ, ଏ

ସଂସାରରେ ମୋ ଭଳି ସାମର୍ଥ୍ୟ ଥିବା କିମ୍ବା ପୂର୍ଣ୍ଣତା ଲାଭ କରିଥିବା ବ୍ୟକ୍ତି ଦ୍ୱିତୀୟ କେହି ନାହିଁ । ମୁଁ ମୃତ ଗୁରୁପୁତ୍ରକୁ * ଫେରାଇ ଆଣି ଗୁରୁଙ୍କୁ ଦେଇଛି । ମୋର ଏଭଳି ଅଲୌକିକ ମହାତ୍ମ୍ୟ ସଂପର୍କରେ ତ ତୁମେ ଅବଗତ ଅଛ । ତଥାପି ମୁଁ ଶାନ୍ତ ଭାବରେ ସମସ୍ତ ବିହିତ କର୍ମକୁ ବରାବର ଆଚରଣ କରିଥାଏ ।

ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ! ସର୍ବଶଃ ॥୨୩ ॥

ମୁଁ ଏପରିଭାବେ ଏସବୁ କର୍ମ ଆଚରଣ କରିଥାଏ ଯେ, ଦେଖୁଥିବା ଲୋକ ଭାବିବ ମୁଁ ଏପର୍ଯ୍ୟନ୍ତ ସ-କାମ । କିନ୍ତୁ ଏପରି କରିବାର ଏକ ଉଦ୍ଦେଶ୍ୟ ଅଛି । ଉଦ୍ଦେଶ୍ୟ ହେଉଛି ସମସ୍ତ ଜୀବ ଜଗତ ଯେ ମୋ ଦ୍ୱାରା ପରିଚାଳିତ, ସେକଥା ଯେପରି ସମସ୍ତଙ୍କ ମନେ ରହିବ, କେହି ଭୁଲିଯିବେ ନାହିଁ ।

---

*ଶ୍ରୀମଦ୍ ଭାଗବତର ଦଶମସ୍କନ୍ଧରେ ବର୍ଣ୍ଣନା କରାଯାଇଛି ଯେ, ଅବନ୍ତୀ ନଗରୀରେ ସାନ୍ଦୀପନି ମୁନିଙ୍କଠାରୁ ଶ୍ରୀକୃଷ୍ଣ ବିଦ୍ୟାଶିକ୍ଷା କରିଥିଲେ । ଅତି ଅଳ୍ପ ଦିନର ଉପଦେଶରେ ଶ୍ରୀକୃଷ୍ଣ ଚତୁଃଷଷ୍ଠୀ (ଚୌଷଠି) କଳାବିଦ୍ୟା ଓ ଅନ୍ୟାନ୍ୟ ସମସ୍ତ ବିଦ୍ୟାରେ ପାରଦର୍ଶିତା ଲାଭ କରିପାରିଲେ । ଗୁରୁଗୃହରୁ ସେ ବିଦାୟ ନେଲାବେଳେ ଗୁରୁ ଭାବିଲେ ଏଭଳି ଛାତ୍ର ସେ ଆଉ କେବେ ପାଇବେ ନାହିଁ । ଇଏ ଯେ ନରାକୃତି ପରବ୍ରହ୍ମ । ଏହାଙ୍କଠାରୁ ଯାହା ଚାହିଁବ ତାହା ମିଳିପାରିବ । ଶ୍ରୀକୃଷ୍ଣଙ୍କୁ ସେ କହିଲେ, ଯଦି ଗୁରୁ ଦକ୍ଷିଣା ଦେବାକୁ ଚାହୁଁଛ, ତେବେ ମୋର ମୃତ ପୁତ୍ରକୁ ଆଣି ଦିଅ । ପ୍ରଭାସ ତୀର୍ଥରେ ସେ ସମୁଦ୍ର ଗର୍ଭରେ ବୁଡ଼ି ମରିଯାଇଛି । ଶ୍ରୀକୃଷ୍ଣ ଗୁରୁପୁତ୍ରକୁ ଫେରାଇ ଆଣିବା ଲାଗି ପ୍ରଭାସ-ସମୁଦ୍ର ପାଖକୁ ଗଲେ । ସମୁଦ୍ର କହିଲା, ମୁଁ ବ୍ରାହ୍ମଣ ପୁତ୍ରକୁ ନେଇନାହିଁ, ପଞ୍ଚଜନ୍ୟ ନାମକ ସମୁଦ୍ର ନିବାସୀ ଅସୁର ତାକୁ ନେଇ ଥାଇପାରେ । ଶ୍ରୀକୃଷ୍ଣ ପଞ୍ଚଜନ୍ୟକୁ ବଧକରି ପାଞ୍ଚଜନ୍ୟ ଶଙ୍ଖ ପାଇଲେ କିନ୍ତୁ ଗୁରୁପୁତ୍ରକୁ ପାଇପାରିଲେ ନାହିଁ । ପରିଶେଷରେ ସେ ଯମର ସଂଜୀବନୀପୁର ଦ୍ୱାର ଦେଶରେ ଉପସ୍ଥିତ ହୋଇ ପଞ୍ଚଜନ୍ୟ ଶଙ୍ଖ ବଜାଇଲେ । ଯମରାଜ ଦୌଡ଼ି ଆସିଲେ ଏବଂ ଶ୍ରୀକୃଷ୍ଣଙ୍କୁ ଦେଖି ବିସ୍ମିତ ହୋଇପଡ଼ିଲେ । ଆଗମନର କାରଣ ପଚାରିଲେ ସେ । ଶ୍ରୀକୃଷ୍ଣ କହିଲେ ଯେ ସେ ସାନ୍ଦିପନି ମୁନିଙ୍କ ମୃତପୁତ୍ରକୁ ଫେରାଇନେବାକୁ ଆସିଛନ୍ତି । ଯମରାଜ ସଙ୍ଗେସଙ୍ଗେ ମୁନି ପୁତ୍ରକୁ ଫେରାଇ ଦେଲେ । ଶ୍ରୀକୃଷ୍ଣ ବ୍ରାହ୍ମଣ ପୁତ୍ରକୁ ସଙ୍ଗରେ ଆଣି ଗୁରୁ ଦକ୍ଷିଣା ପ୍ରଦାନ କଲେ ।

ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥୨୪॥

ଯଦି ମୁଁ ପୂର୍ଣ୍ଣ କାମ ହୋଇ ବା ସକଳ କର୍ମକୁ ଆବୋରି ବସି କୌଣସି କର୍ମ ନ କରି କେବଳ ବ୍ରହ୍ମସ୍ଥିତିରେ ହିଁ ଅବସ୍ଥାନ କରେ, ତାହାହେଲେ ପ୍ରଜାଗଣ ନିସ୍ତାର ପାଇବେ କିପରି ? ସେମାନଙ୍କ କାମ ଚାଲିବ କିପରି ? ମୋ ଆଚରଣର ଆଦର୍ଶକୁ ଦେଖି, ସେମାନଙ୍କ ଆଚରଣ ଶିକ୍ଷାର ରୀତି ଯାହାକି ଲୋକାଚାର ଭାବରେ ଚଳି ଆସିଛି, ତାହା ନଷ୍ଟ ହୋଇଯିବ । ତେଣୁ ସଂସାରରେ ଯିଏ ସମର୍ଥ ଏବଂ ସର୍ବଜ୍ଞାତା, ବିଶେଷତଃ ସେ କେବେହେଲେ କର୍ମତ୍ୟାଗ କରିବା ଅନୁଚିତ ।

ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।
କୁର୍ଯ୍ୟାଦ୍‌ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ॥୨୫॥

ସକାମ ମନୁଷ୍ୟ ଫଳ ଆଶାରେ ଯେପରି ତତ୍‌ପରତାର ସହିତ କର୍ମ ଆଚରଣ କରିଥାଏ, ନିଷ୍କାମ ବ୍ୟକ୍ତି ମଧ୍ୟ ସେହିଭଳି କର୍ମ ଆଚରଣ କରିବା ଉଚିତ । ହେ ପାର୍ଥ ! ଚାରି ଦିଗରୁ ଲୋକସ୍ଥିତିକୁ ବାରମ୍ବାର ରକ୍ଷା କରିବାର ଆବଶ୍ୟକତା ରହିଛି । ତେଣୁ ଲୋକଙ୍କ ଦୃଷ୍ଟିରେ କେବେହେଲେ ଅଲୌକିକ ହୋଇ ପଡ଼ିବ ନାହିଁ ।

ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମ ସଙ୍ଗିନାମ୍ ।
ଯୋଜୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ॥୨୬॥

ଯେଉଁ ପିଲା ସ୍ତନ୍ୟପାନ କରିବାକୁ ଅକ୍ଷମ, ତାକୁ ପକ୍ୱାନ୍ନ ଦେଲେ ସେ ଖାଇବ କିପରି ? ଅତଏବ ହେ ଧନୁର୍ଦ୍ଧର, ଯେଭଳି କୌଣସି ପିଲାକୁ ପକ୍ୱାନ୍ନ ଦେବା ଉଚିତ ନୁହେଁ, ସେହିଭଳି କର୍ମ ବିଷୟରେ ଯାହାର ଅଧିକାର ନାହିଁ, ତାକୁ ନୈଷ୍କର୍ମ୍ୟର ଉତ୍କୃଷ୍ଟତା ସମ୍ପର୍କରେ ଭୁଲରେ ସୁଦ୍ଧା ଉପଦେଶ ଦେବା ଉଚିତ ନୁହେଁ । ତାକୁ ସତ୍‌କର୍ମ କରିବାଲାଗି ହିଁ ଉପଦେଶ ଦିଆଯିବା ଉଚିତ । ତା ଆଗରେ କେବଳ ସତ୍‌କର୍ମର ପ୍ରଶଂସା କରାଯିବା ଆବଶ୍ୟକ । କେବଳ ସେତିକି ନୁହେଁ, ନିଷ୍କର୍ମ ଲୋକ

ନିଜେ ସତ୍‌କର୍ମ କରି ଅନ୍ୟକୁ ସେହି ଶିକ୍ଷା ଦେବା ଉଚିତ୍ । ବର୍ଣ୍ଣାଶ୍ରମ ଧର୍ମର ସୁରକ୍ଷା ଲାଗି କର୍ମକୁ ବ୍ୟବହାର କଲେ, ଏଥିରେ କର୍ମବନ୍ଧନର ଅବକାଶ ରହେନା । ବହୁରୂପୀ, ରାଜା ଓ ରାଣୀର ପୋଷାକ ପିନ୍ଧିଥାଏ ସତ, ତା ମନ ଭିତରେ ରାଜାର ଭାବ କିମ୍ବା ରାଣୀର ଭାବ କିମ୍ବା ସେହିଭଳି ପୁରୁଷ ବା ସ୍ତ୍ରୀ ଭାବ ନଥାଏ । କେବଳ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ସେ ବେଶ ବଦଳାଇ ଥାଏ ।

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ॥୨୭॥

ହେ ଧନୁର୍ଦ୍ଧର, ଅନ୍ୟର ବୋଝକୁ ନିଜ ମୁଣ୍ଡରେ ଆଣି ଲଦିଲେ ଏହା ଭାରି ଲାଗିବ ନାହିଁକି ? ସେହିଭଳି ପ୍ରକୃତିର ଧର୍ମରୁ ଯେଉଁ ଭଲମନ୍ଦ କର୍ମ ଉତ୍ପାଦିତ ହୁଏ, ମୁର୍ଖଲୋକ ବୁଦ୍ଧି ଭ୍ରମରୁ ନିଜକୁହିଁ ଏହାର କର୍ତ୍ତା ବୋଲି ବୁଝିଥାଏ । ଏହି ଅହଙ୍କାରପୂର୍ଣ୍ଣ ଦେହକୁ ଯିଏ ଆତ୍ମାବୋଲି ବୁଝେ, ସେ ମୂର୍ଖ । ତାକୁ ଏହି ଗୂଢ଼ ରହସ୍ୟ ବୁଝାଇବା ବୃଥା । ଏବେ ମୁଁ ତୁମକୁ ଏକ ହିତକର କଥା କହୁଛି, ମନ ଦେଇ ଶୁଣ ।

ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମ ବିଭାଗୟୋଃ ।
ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥୨୮॥

ଯେଉଁ ଦେହଭାବରୁ କର୍ମ ଉତ୍ପନ୍ନ ହୁଏ, ସେ ଦେହଭାବ ତତ୍ତ୍ୱଜ୍ଞାନୀର ନଥାଏ । ଦେହାଭିମାନ ତ୍ୟାଗ କରି ସେ ଗୁଣ ଓ କର୍ମର ଅତୀତ ଭାବରେ ସାକ୍ଷୀଭୂତ ହୋଇ ଦେହରେ ଅବସ୍ଥାନ କରେ । ଯଦିଓ ସେ ଶରୀର ଧାରଣ କରେ, ତଥାପି କର୍ମଦ୍ୱାରା ଆବଦ୍ଧ ହୋଇ ପଡ଼େନା । ପ୍ରାଣୀମାନଙ୍କ କର୍ମ ପ୍ରଚେଷ୍ଟାରେ ସୂର୍ଯ୍ୟ ଲିପ୍ତ ହୁଏ ନାହିଁ ।

ପ୍ରକୃତେର୍ଗୁଣସଂମୂଢ଼ାଃ ସଜ୍ଜନ୍ତେ ଗୁଣକର୍ମସୁ ।
ତାନକୃତ୍ସ୍ନବିଦୋ ମନ୍ଦାନ୍ କୃତ୍ସ୍ନବିନ୍ନ ବିଚାଳୟେତ୍ ॥୨୯॥

ଯିଏ ଗୁଣର ଭ୍ରମରେ ବଶୀଭୂତ ହୋଇ ପଡ଼େ ଏବଂ ପ୍ରକୃତିର ଅଧୀନରେ ଥିବାଭଳି ବ୍ୟବହାର କରେ, ଯାହାର ଇନ୍ଦ୍ରିୟଗୁଡ଼ିକ ବିଭିନ୍ନଗୁଣର

ଆଶ୍ରୟରେ ନିଜ ନିଜ କର୍ମରେ ନିଯୁକ୍ତ ଥାଇ ଅନ୍ୟର କର୍ମକୁ ନିଜେହିଁ ଅଙ୍ଗୀକାର କରେ, ସେଭଳି ବ୍ୟକ୍ତି ସଂସାରରେ କର୍ମଦ୍ୱାରା ଲିପ୍ତ ହୁଏ ।

ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।।୩୦।।

ଅତଏବ ତୁମେ ସକଳ କର୍ତ୍ତବ୍ୟ କର୍ମର ଆଚରଣ କରି ତାହା ମତେ ଅର୍ପଣ କର ଏବଂ ଚିତ୍ତବୃତ୍ତିକୁ ଆତ୍ମସ୍ୱରୂପରେ ବିଶେଷ ଭାବରେ ସଂଲଗ୍ନ ରଖ । ଇଏ ହେଉଚି କର୍ମ; ମୁଁ ଏହାର କର୍ତ୍ତା କିମ୍ବା ଅମୁକ ଫଳଲାଗି ମୁଁ ଏହି କର୍ମ କରିବି, ମନ ଭିତରେ ଏଭଳି ଅଭିମାନ ପ୍ରବେଶ କରିବାକୁ ସୁଯୋଗ ଦିଅନାହିଁ । ଶରୀରର ଅଧୀନ ହୋଇ ପଡ଼ନାହିଁ । ସମସ୍ତ କାମନାକୁ ଜଳାଞ୍ଜଳି ଦିଅ । ଯଥା ସମୟରେ ଯୋଗ୍ୟ ବିଷୟକୁ ଭୋଗ କର । ଏବେ ନିଜର ଧନୁଶରକୁ ହାତରେ ଉଠେଇ ସମାଧାନପୂର୍ବକ ନିଜ ବୀରବୃତ୍ତିକୁ ସ୍ୱୀକାର କର । ସଂସାରରେ କୀର୍ତ୍ତି ବଢ଼ାଅ । ସ୍ୱଧର୍ମର ମାନ ବଢ଼ାଅ । ପୃଥିବୀକୁ ମଧ୍ୟ ଭାରମୁକ୍ତ କର । ତେଣୁ ହେ ପାର୍ଥ ! ନିଃଶଙ୍କ ନିଃସନ୍ଦେହ ଚିତ୍ତରେ ସଂଗ୍ରାମଲାଗି ପ୍ରସ୍ତୁତ ହୁଅ । ଏହା ଛଡ଼ା ଏ ସମୟରେ ଆଉ କିଛି କର ନାହିଁ ।

ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।
ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ।।୩୧।।

ହେ ଧନୁର୍ଦ୍ଧର, ମୋର ଏହି ନିଶ୍ଚିତ ମତକୁ ଯିଏ ଆନନ୍ଦରେ ସ୍ୱୀକାର କରେ ଏବଂ ଶ୍ରଦ୍ଧାପୂର୍ବକ ଆଚରଣ କରେ, ସେ କର୍ମର ଆଚରଣ କଲେ ମଧ୍ୟ କର୍ମରହିତ । ଅତଏବ ଏହି ଉପଦେଶକୁ ନିଶ୍ଚିତ ଭାବରେ ଅନୁସରଣ କରିବା ଉଚିତ ।

ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।
ସର୍ବଜ୍ଞାନବିମୂଢ଼ାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ।।୩୨।।

ଯିଏ ପ୍ରକୃତିର ଅଧୀନ ହୋଇ ଇନ୍ଦ୍ରିୟମାନଙ୍କର ଲାଳସା ବଢ଼ାଇ ମୋ ମତକୁ ଅନିଚ୍ଛାପୂର୍ବକ ତ୍ୟାଗ କରେ କିମ୍ବା ଏହାକୁ ସାମାନ୍ୟ ମନେ କରେ ଏବଂ

ଅବଜ୍ଞା କରି କହେ ଯେ, ଏହା ଅର୍ଥବାଦ ମାତ୍ର, ସେ ନିଶ୍ଚିତ ଭାବରେ ମୋହ-ମଦିରାରେ ମତ୍ତ ହୋଇ ପଡ଼ିଚି କିମ୍ବା ବିଷୟ-ବିଷରେ ଜର୍ଜ୍ଜରିତ ହୋଇ ପଡ଼ିଚି କିମ୍ବା ଅଜ୍ଞାନ-ପଙ୍କରେ ଡୁବି ଯାଇଛି ବୋଲି ବୁଝିବ । ମୃତମନୁଷ୍ୟ ଗଳାରେ ରତ୍ନାଳଙ୍କାର ପିନ୍ଧେଇବା ଯେପରି ବୃଥା, ଜନ୍ମାନ୍ଧ ନିକଟରେ ଆଲୋକ ଯେପରି ନିରର୍ଥକ କିମ୍ବା ଚନ୍ଦ୍ରର ଉଦୟ ଯେପରି କାକ ପକ୍ଷରେ ଉପଯୋଗୀ ହୁଏନା, ସେହିଭଳି ଏହି ସତ୍ୟ ମୂର୍ଖଲୋକ ପକ୍ଷରେ ରୁଚିକର ହୁଏନା । ହେ ପାର୍ଥ ! ଯିଏ ଏହି ପରମାର୍ଥ ସତ୍ୟକୁ ମାନେନା, ତାହା ମନ୍ଦିତ ସମ୍ଭାଷଣ କରିବା ଉଚିତ ନୁହେଁ । ସେ ଏହାକୁ କେବଳ ମାନେନା ବରଂ ଏହାର ନିନ୍ଦା କରିଥାଏ । କୁହତ ଭଲା, ପତଙ୍ଗ ଆଲୋକ ଦେଖିବାମାତ୍ରେ ସ୍ଥିର ହୋଇ ରହି ପାରେ କି ? ସେ ଦୀପକୁ ଆଲିଙ୍ଗନ କରି ବସେ ଏବଂ ସେହିଥିରେ ହିଁ ତାର ମୃତ୍ୟୁ ହୁଏ । ସେହିଭଳି ବିଷୟ-ଭୋଗରେ ଅବଶ୍ୟ ନିଜର ବିନାଶ ଘଟିଥାଏ ।

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।।୩୩।।

ଇନ୍ଦ୍ରିୟ ଏଭଳି ଏକ ବସ୍ତୁ ଯାହାକୁ ଗୁରୁତ୍ୱ ଦେଇ ଲାଳନ ପାଳନ କରିବା ଜ୍ଞାନୀଲୋକ ପକ୍ଷରେ ଉଚିତ ନୁହେଁ । ଆଚ୍ଛା କହିଲ ଦେଖି, ସର୍ପ ସହିତ କେହି କ'ଣ ଖେଳିପାରେ ? ବାଘ ସହିତ ବସବାସ କରିପାରେ ? ହଳାହଳ ବିଷପାନ କରି ତାକୁ କେହି କ'ଣ ଜୀର୍ଣ୍ଣ କରିପାରେ ? ଖେଳୁ ଖେଳୁ ଲୁଗାରେ ନିଆଁ ଲାଗିଗଲେ ତାକୁ ଆୟତ୍ତ କରିବାକୁ ଚାହିଁଲେ ମଧ୍ୟ ଏହା କଷ୍ଟକର ହୋଇପଡ଼େନା କି ? ସେହିଭଳି ଇନ୍ଦ୍ରିୟମାନଙ୍କ ଲାଳନପାଳନ କରିବା ଭଲ ନୁହଁ । ହେ ଅର୍ଜୁନ ! ଏହି ପରାଧୀନ ଶରୀର ଲାଗି ବିବିଧ ପ୍ରକାରର ବିଷୟ ଭୋଗ ରଚନା କରିବା ଉଚିତ କି ? ଅକ୍ଲାନ୍ତ ପରିଶ୍ରମ କରି ଦିନରାତି ସମସ୍ତ ସୁଖ ସମ୍ପତ୍ତି ଦ୍ୱାରା କ'ଣ ଆମେମାନେ ଏହି ଦେହର ପ୍ରତିପାଳନ କରିବାକୁ ଆସିଛୁ ? ସ୍ୱଧର୍ମତ୍ୟାଗ କରି ଏହି ଶରୀରର ପୋଷଣ କରିବା ଲାଗି ହିଁ କ'ଣ ସବୁଆଡୁ ସମସ୍ତ ପ୍ରକାରର କଷ୍ଟ ସହ୍ୟକରି ସମ୍ପତ୍ତି ଠୁଳ କରିବାରେ ଲାଗିଥିବୁ ?

ଯେତେବେଳେ ପଞ୍ଚଭୂତର ଅଂଶ ପଞ୍ଚଭୂତରେ ମିଶିଯିବ, ସେତେବେଳେ ତୁମେ କରିଥିବା ପରିଶ୍ରମର ଫଳଗୁଡ଼ିକୁ ଖୋଜିଲେ କ'ଣ ଆଉ ପାଇ ପାରିବ ? ଅତଏବ କେବଳ ଶରୀର ପୋଷଣକୁ ହିଁ ଯଥାର୍ଥ କ୍ଷତି ବୋଲି ଭାବିବା ଠିକ୍ । ତେଣୁ ଏଥିରେ ଆଦୌ ମନ ଦିଅନାହିଁ ।

ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।
ତୟୋର୍ନବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ॥୩୪॥

ଇନ୍ଦ୍ରିୟମାନଙ୍କ ଇଚ୍ଛାନୁସାରେ ବିଷୟର ପ୍ରତିପୋଷଣ କଲେ, ଆପାତତଃ ଚିତ୍ତର ସନ୍ତୋଷ ଲାଭ ହୋଇଥାଏ । କିନ୍ତୁ ସେଇ ସନ୍ତୋଷରେ ମଧ୍ୟ ବିପଦ ରହିଛି । ସାଧୁବେଶଧାରୀ ଚୋର ମଧ୍ୟ ନଗରରେ ସୀମାନ୍ତ ପାରି ହେବା ପର୍ଯ୍ୟନ୍ତ ଭାରି ନମ୍ର ଓ ଶାନ୍ତଥିବା ଭଳି ଛଳନା କରେ । ସାଙ୍ଗ ସାଥିଭଳି କଥାବାର୍ତ୍ତା କରି ଜନଗହଳି ଟପି ଯିବା ପରେ ତୁମ ପ୍ରତି ଆକ୍ରମଣ କରିଥାଏ । ହେ ବତ୍ସ ! ବିଷର ମଧୁରତା ପ୍ରଥମେ ମନରେ ପ୍ରୀତି ଉତ୍ପନ୍ନ କରେ, କିନ୍ତୁ ଏହାର ପରିଣାମ କ'ଣ ପଚାରିଲେ ଜାଣିପାରିବ ଯେ, ଏହା କେବଳ ପ୍ରାଣ ହରଣ କରିଥାଏ । ଇନ୍ଦ୍ରିୟ ଭିତରେ ଯେଉଁ କାମ ବାସନା ରହିଛି, ତାହା ସୁଖଲାଗି କୁଚିନ୍ତାହିଁ ସୃଷ୍ଟି କରେ । କେଞ୍ଚୁଆ ମାଛକୁ ଭୁଲେଇ ବନ୍ଶୀ ପାଖକୁ ନେଇଆସେ । ତାକୁ ଦେଖାଯାଏନା ବୋଲି ସେ ଜାଣିପାରେନା ଯେ ବନ୍ଶୀରେ ଯେଉଁ ପୋକଜୋକ ବା କେଞ୍ଚୁଆ ରହିଛି ତା ଭିତରେ ତାର ପ୍ରାଣସଂହାରକ କଣ୍ଟା ରହିଛି । କାମନା ଯୋଗୁଁ ମଣିଷର ଏଭଳି ଦଶା ହୋଇଥାଏ । ବିଷୟକୁ ଆଶାକରି ମଣିଷ କ୍ରୋଧାଗ୍ନିର ଅଧୀନ ହୋଇପଡ଼େ । ବ୍ୟାଧ ଜାଣିଶୁଣି ଯେପରି ବଧ କରିବା ଲାଗି ମୃଗକୁ ନିଜ ସୀମା ଭିତରକୁ ନେଇ ଆସେ, ସେହିଭଳି ଏହି ବିଷୟ ଏକ ବ୍ୟାଧ । ଅତଏବ ହେ ପାର୍ଥ ଏହି ବିଷୟ ସହିତ ସଂଶ୍ଳିଷ୍ଟ ହେବା ତୁମ ପକ୍ଷରେ ଉଚିତ ନୁହେଁ । କାମ ଓ କ୍ରୋଧ ଦୁଇଟିଯାକ ହେଉଛନ୍ତି ଘାତକ । ତେଣୁ ସେମାନଙ୍କ ଆଶ୍ରୟ ନେବା ଅନୁଚିତ ।ମନରେ ଏହାକୁ ସ୍ମରଣ ସୁଦ୍ଧା କରିବା ଉଚିତ ନୁହେଁ । ଆତ୍ମବୃତ୍ତିର ଜାଗ୍ରତ ଅବସ୍ଥାକୁ କେବେହେଲେ ନଷ୍ଟ ହେବାକୁ ଦିଅନାହିଁ ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।।୩୫।।

ସ୍ୱଧର୍ମ ଯଦିଓ କଠିନ ତଥାପି ଏହାକୁ ପାଳନ କରିବା ଉଚିତ । ଅନ୍ୟମାନଙ୍କ କର୍ମର ଆଚରଣ ଯେତେ ଭଲ ହେଉନା କାହିଁକି, ଅନୁଷ୍ଠାନକାରୀ ନିଜଧର୍ମ ହିଁ ପାଳନ କରିବା ଉଚିତ । ଶୂଦ୍ରଘରେ ଅନେକ ପ୍ରକାରର ଭଲ ଭଲ ପକ୍ୱାନ୍ନ ଥିଲେ ମଧ୍ୟ ବ୍ରାହ୍ମଣ ତାହା ଖାଏ କି ? ଅନ୍ୟକଥା ଦୂରେ ଥାଉ ଏଭଳି ଅନୁଚିତ କାର୍ଯ୍ୟ କ'ଣ କେବେ କରାଯାଏ ? ଯେଉଁ ବସ୍ତୁ ଗ୍ରହଣଯୋଗ୍ୟ ନୁହଁ, ତାକୁ ପାଇବା ଲାଗି ଇଚ୍ଛା କରାଯିବା ଉଚିତ କି ? ଅନ୍ୟ ଲୋକର ସୁନ୍ଦର ସୁନ୍ଦର ଅଟ୍ଟାଳିକା ଦେଖି କିଏ କ'ଣ କେବେ ନିଜ ପତ୍ରକୁଡ଼ିଆକୁ ଭାଙ୍ଗି ପକାଏ ? ନିଜ ସ୍ତ୍ରୀ ଯେତେ ଅସୁନ୍ଦରୀ ହେଲେ ମଧ୍ୟ ସେ ଅତି ଆପଣାର ।ସେହିଭଳି ସ୍ୱଧର୍ମ ଯେତେ କଠିନ ହେଉନା କାହିଁକି ଏବଂ ତାକୁ ଆଚରଣ କରିବା ଦୁରୂହ ହେଉନା କାହିଁକି, ସେ ହେଉଚି ପରଜନ୍ମର ସୁଖର ସାଥୀ । ଗୁଡ଼ ଓ ଦୁଗ୍ଧ ମଧୁରତା ଲାଗି ପ୍ରସିଦ୍ଧ କିନ୍ତୁ କୃମିଦୋଷ ଥିବାରୁ ରୁଗ୍ଣ ବ୍ୟକ୍ତି ପକ୍ଷରେ ଏହା ଶତ୍ରୁ । ତାକୁ ସେ ପାନ ବା ଭୋଗ କରିବ କିପିର ? ଏହା ସତ୍ତ୍ୱେ ସେ ଯଦି ତାକୁ ଖାଏ ବା ପାନ କରେ, ତାହାହେଲେ ସେ ଅତି ଆଗ୍ରହବଶତଃ କଲା ବୋଲି ବୁଝାଯିବ ଯେତ, କିନ୍ତୁ ଏହା ହିତକର ହୁଏନା । ନିଜଲାଗି ଯାହା ଅନୁଚିତ, ସେଭଳି ଆଚରଣ କେବେହେଲେ କରିବା ଉଚିତ ନୁହେଁ । ଏହି ସ୍ୱଧର୍ମର ଅନୁଷ୍ଠାନ କରୁ କରୁ ଯଦି ଜୀବନକାଳ ଶେଷ ହୋଇଯାଏ, ତଥାପି ଏହା ଉଭୟ ଇହଲୋକ ଓ ପରଲୋକରେ ଶ୍ରେଷ୍ଠ ବୋଲି ବୁଝିବ ।

ସର୍ବଦେବତାଙ୍କ ଶିରୋମଣି ଶ୍ରୀଶାର୍ଙ୍ଗପାଣି, ଏସବୁ କଥା ବୁଝେଇବାରେ ଅର୍ଜ୍ଜୁନ କହିବାକୁ ଲାଗିଲେ ହେ ଦେବ ! ମୋର ଏକ ନିବେଦନ ଅଛି । ଆପଣ ଯାହା ସବୁ କହିଲେ, ସବୁତ ଶୁଣିଲି, କିନ୍ତୁ ଏଥର ମୁଁ ନିଜ ଇଚ୍ଛାନୁଯାୟୀ କେତେକ କଥା ପଚାରିବାକୁ ଚାହେଁ ।

ଅର୍ଜୁନ ଉବାଚ

ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ ! ବଳାଦିବ ନିୟୋଜିତଃ ।।୩୬।।

ହେ ଦେବ ! ଜ୍ଞାନୀର ମଧ୍ୟ ଅସ୍ଥିରତା ଓ ମତିଭ୍ରମ ହୋଇଥାଏ । ସେ ସତ୍‌ପଥ ଛାଡ଼ି ଅନ୍ୟ ବାଟରେ ଚାଲେ ବୋଲି ମନେ ହୁଏ ନାହିଁ କି ? ଯିଏ ସର୍ବଜ୍ଞ ଓ ନାନା ଉପାୟ ମଧ୍ୟ ଜାଣେ, ସେ କେଉଁଗୁଣରୁ ନିଜଧର୍ମ ତ୍ୟାଗ କରି ପରଧର୍ମ ଆଚରଣ ପୂର୍ବକ ବ୍ୟଭିଚାର କରେ ? ଅବଶ୍ୟ ଅନ୍ଧବ୍ୟକ୍ତି ମଞ୍ଜି ଓ ତୁଷକୁ ବାଛିପାରେନା କିନ୍ତୁ ଚକ୍ଷୁଷ୍ମାନ୍ ମନୁଷ୍ୟ ଭୁଲ୍ କରେ କାହିଁକି ? ପ୍ରାପ୍ତ ସଂସର୍ଗ ତ୍ୟାଗ କଲେ ମଧ୍ୟ ସଂସର୍ଗ ଲାଳସାରେ ମନକୁ ଯିଏ ଅତୃପ୍ତ ରଖେ, ସବୁଦିଗରୁ ପାପ ଦୂର କରିଦେଲେ ମଧ୍ୟ ବଳପୂର୍ବକ ମନକୁ ଯିଏ ପାପରେ ନିଯୁକ୍ତ ରଖେ, ଘୃଣ୍ୟ ପ୍ରତି ଯିଏ ମନକୁ ଲଗେଇ ରଖେ ଏବଂ ତାକୁ ନିଜର କରିବା ଲାଗି ଯତ୍ନକଲେ ମଧ୍ୟ ପୁଣି ଫେରି ଆସେ, ସେହି ଶକ୍ତିଶାଳୀ ଗୁଣଟି କ'ଣ ? ହେ ହୃଷୀକେଶ ! ମତେ ସେ ବିଷୟରେ ଭଲଭାବରେ ବୁଝେଇ ଦିଅନ୍ତୁ ।

ଶ୍ରୀଭଗବାନ ଉବାଚ

କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ।।୩୭।।

ଯିଏ ହୃଦୟ କମଳର ସୁଖଦାୟକ, ନିଷ୍କାମ ଥାଇ ମଧ୍ୟ ଯାହା ଲାଗି ଯୋଗୀ ସକାମ ହୋଇପଡ଼େ, ସେହି ପୁରୁଷୋତ୍ତମ ସେତେବେଳେ ଅର୍ଜୁନଙ୍କୁ କହିଲେ, ଶୁଣ, ବତ୍ସ ! କାମ ଓ କ୍ରୋଧ ହେଉଛନ୍ତି ଏପରି ଦୁଇଟି ଗୁଣ ଯାହା ନିକଟରେ କୃପା ବୋଲି ତିଳେ ସୁଦ୍ଧା ନାହିଁ । ଏ ଦୁଇଟି ହେଉଛନ୍ତି ମୂର୍ତ୍ତିମନ୍ତ କୃତାନ୍ତ ତଥା ଜ୍ଞାନରୂପୀ ସମ୍ପଦର କାଳସର୍ପ । ବିଷୟରୂପୀ ଗୁହାର ବ୍ୟାଘ୍ର । ଭଜନ ପଥରେ ନରଘାତକ ଚଣ୍ଡାଳ । ଦେହରୂପୀ ଦୁର୍ଗର ପ୍ରସ୍ତର । ଇନ୍ଦ୍ରୟନଗରୀର ପ୍ରାଚୀର ସ୍ୱରୂପ । ଏହି କାମ ଓ କ୍ରୋଧ ନାନା ମୋହ ରୂପରେ

ସଂସାରରେ ପ୍ରବଳ ପ୍ରଭାବ ବିସ୍ତାର କରି ଥାଆନ୍ତି । ଏହା ମନର ରଜୋଗୁଣରୁ ଉତ୍ପନ୍ନ ଏବଂ ସମ୍ପୂର୍ଣ୍ଣ ଆସୁରିକ ଉପାଦାନଦ୍ୱାରା ନିର୍ମିତ ।ଅବିଦ୍ୟାଦ୍ୱାରା ପରିପୁଷ୍ଟ । ଏହା ରଜୋଗୁଣରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ତମୋଗୁଣର ଅତ୍ୟନ୍ତ ପ୍ରିୟ । ତମୋଗୁଣ ଏହାକୁ ନିଜର ପଦମର୍ଯ୍ୟାଦା ଦେବା ସଙ୍ଗେ ସଙ୍ଗେ ନାନା ଭ୍ରମ ଓ ମୋହକୁ ମଧ୍ୟ ଦେଇଥାଏ । ମୃତ୍ୟୁନଗରୀରେ ଏମାନେ ଶ୍ରେଷ୍ଠ ଭାବରେ ପରିଚିତ । କାରଣ ଏହା ପ୍ରାଣୀଗଣର ଶତ୍ରୁ । ଏ ଦୁଇଟି କ୍ଷୁଧିତ ହୋଇ ପଡ଼ିଲେ ସେମାନଙ୍କ ପକ୍ଷରେ ସମସ୍ତ ବିଶ୍ୱ ଏକ ଗ୍ରାସ ବା ଏକ ଗୁଣ୍ଡାଠାରୁ ମଧ୍ୟ କମ୍ । 'ଆଶା' ହେଉଛି ଏହାର ଭିଟାମାଟି । ଏହି ଆଶାର ହାତମୁଠା ଏତେ ବଡ଼ ଯେ, ଚତୁର୍ଦ୍ଦଶ ଭୁବନ ଏହି ମୁଠାକୁ ନିଅଣ୍ଟ ହେବା ଭଳି ମନେ ହୁଏ । ଭ୍ରାନ୍ତି ହେଉଛି ଏମାନଙ୍କର ଅତି ଗେହ୍ଲା ଛୋଟ ଭଉଣୀ । ଏହି ଭ୍ରାନ୍ତି ତ୍ରିଲୋକରେ ବୁଲି ଏଠୁ ମୁଠାଏ ତ ସେଠୁ ମୁଠାଏ ଖାଉ ଖାଉ ଅନାୟାସରେ ସମଗ୍ର ତ୍ରିଲୋକକୁ ଗିଳିପକାଏ । ଭ୍ରାନ୍ତିର ଦାସୀ ହେଉଛି ତୃଷ୍ଣା । ମୋହ ସୁଦ୍ଧା ଏହି ଭ୍ରାନ୍ତିକୁ ମାନି ଚଳେ । ମୋହ ଅହଙ୍କାର ସହିତ ଏହାକୁ ଆଲିଙ୍ଗନ କରି ଆନନ୍ଦିତ ହୁଏ । ଏହି ମୋହର ଗୁଣରେ ଭ୍ରାନ୍ତି ସମଗ୍ର ସଂସାରକୁ ନିଜ ଇଚ୍ଛାନୁଯାୟୀ ନଚାଇଥାଏ । ସେ ସତ୍ୟର ଉଦର ଭେଦ କରି ଏଥିରେ ଅସତ୍ୟର କାଠିକୁଟା ଆଦି ଭର୍ତ୍ତି କରିବା ଭଳି ଦମ୍ଭକୁ ପ୍ରତିଷ୍ଠିତ କରି ରଖେ । ଏହି ଭ୍ରାନ୍ତି, ମୋହ ଓ ତୃଷ୍ଣା ସାହାଯ୍ୟରେ ପତିବ୍ରତା ''ଶାନ୍ତି''କୁ ନିରାଭରଣା କରି, ମାୟାରୂପିଣୀ ବାରବନିତାକୁ ସୁସଜ୍ଜିତ କରି ରଖିଥାଏ ଏବଂ ଏହାଦ୍ୱାରା ସାଧୁମାନଙ୍କୁ ଭ୍ରଷ୍ଟ କରିଥାଏ । ଏହା ବିବେକର ବଳକୁ ନଷ୍ଟ କରେ, ବୈରାଗ୍ୟର ଚମଡ଼ା ସୁଦ୍ଧା ଉତାରି ପକାଏ । ଉପଶମକୁ ଜୀଅନ୍ତା ତଣ୍ଟିଚିପି ମାରିଦିଏ । ଏହା ସନ୍ତୋଷରୂପକ ବଣକୁ କାଟି ସଫା କରିଦିଏ । ଧୈର୍ଯ୍ୟର ଦୁର୍ଗ ଭାଙ୍ଗିଦିଏ । ଏବଂ ଆନନ୍ଦସ୍ୱରୂପ ବୃକ୍ଷର ଉତ୍ପାଟନ କରିପକାଏ । ଏହା ଜ୍ଞାନର ଅଙ୍କୁରକୁ ଛିନ୍ନ କରିଦିଏ, ସୁଖର ନାମସୁଦ୍ଧା ଲୋପ କରି ପକାଏ ଏବଂ ଅନ୍ତଃକରଣରେ ତ୍ରିବିଧ ତାପାଗ୍ନି ସୃଷ୍ଟି କରିଥାଏ । ଶରୀର ଧାରଣ ପର୍ଯ୍ୟନ୍ତ ଏହା ହୃଦୟରେ ଲାଗି ରହିଥାଏ, କିନ୍ତୁ ଏହା ଏଭଳି ଗୋପନରେ ରହିଥାଏ ଯେ, ଖୋଜିଲେ ବ୍ରହ୍ମାଦି ଦେବତାଗଣ ମଧ୍ୟ ଏହାକୁ

ଧରିପାରନ୍ତି ନାହିଁ । ଜ୍ଞାନର ସମସ୍କନ୍ଧ ହୋଇ ଚୈତନ୍ୟ ନିକଟରେ ବସି ରହିଥାଏ; ତେଣୁ ଏହା ମହାପ୍ରଳୟ ସୃଷ୍ଟି କରିବାରେ ପ୍ରବୃତ୍ତ ହୁଏ । କେହି ଏହାର ପ୍ରତିରୋଧ କରିବାକୁ ଚାହିଁଲେ ମଧ୍ୟ କାହାରି ବାଧା ମାନେନା । ଏହା ଜୀବଗଣଙ୍କୁ ବିନାଜଳରେ ଡୁବାଏ, ବିନା ଅଗ୍ନିରେ ଜାଳିପକାଏ, କିଛି ନ ଜଣାଇ ଗିଳି ପକାଏ । ଏହା ବିନା ଶସ୍ତ୍ରରେ ଆଘାତ କରେ, ବିନା ଦଉଡ଼ିରେ ବାନ୍ଧିପକାଏ, ଜ୍ଞାନୀମାନଙ୍କ ସାମର୍ଥ୍ୟ ନଷ୍ଟ କରି ସେମାନଙ୍କୁ ବଧ କରେ । ବିନା ପଙ୍କରେ ପଙ୍କିଳ କରିପକାଏ, ଗଣ୍ଠି ନ କରି ମଧ୍ୟ ଫାଶ ପକେଇ ପାରେ । ଚିତ୍ତ ଭିତରେ ପ୍ରବେଶ କରିଛି ବୋଲି କାହା ପାଖରେ ଏହା ପରାଜିତ ହୁଏନା କି ନତମସ୍ତକ ହୁଏନା ।

ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।
ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ।।୩୮।।

ଯେଭଳି ଚନ୍ଦନବୃକ୍ଷ ମୂଳରେ ସର୍ପ ଗୁଡ଼େଇ ହୋଇ ରହିଥାଏ, ଯେପରି ଗର୍ଭ, ଗର୍ଭାବରଣ ଥଳିରେ ଆବୃତ୍ତଥାଏ କିମ୍ବା ଯେପରି ତେଜୋହୀନ ସୂର୍ଯ୍ୟ, ଧୂମ ବିନା ଅଗ୍ନି, ଧୂଳିବିହୀନ ଦର୍ପଣ କେବେହେଲେ ରହି ପାରେନା, ସେହିଭଳି ଏହା ଭିନ୍ନ ଜ୍ଞାନକୁ କେବେହେଲେ ଅଲଗା ଦେଖାଯାଏନା । ବୀଜ ଆବରଣଦ୍ୱାରା ଆବୃତ୍ତ ଥାଇ ଉତ୍ପନ୍ନହୋଇଥାଏ ।

ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।
କାମରୂପେଣ କୌନ୍ତେୟ ! ଦୁଷ୍ପୂରେଣାନଳେନ ଚ ।।୩୯।।

ଜ୍ଞାନ ଯଦିଓ ସ୍ୱରୂପତଃ ଶୁଦ୍ଧ ତଥାପି ଏହା କାମ କ୍ରୋଧ ଦ୍ୱାରା ଆଚ୍ଛାଦିତ ହୋଇ ଗୂଢ଼ ଭାବରେ ରହିଥାଏ । ପ୍ରଥମତଃ ଏହି କାମ କ୍ରୋଧକୁ ପରାଜିତ କରିବାକୁ ପଡ଼ିବ । ତାହାହେଲେ ଯାଇ ଜ୍ଞାନଲାଭ ହେବ, କିନ୍ତୁ ରାଗଦ୍ୱେଷର ପରାଭବ ସମ୍ଭବ ନୁହେଁ । ଏହାକୁ ମାରିବାଲାଗି ଦେହରେ ଯେଉଁ ବଳ ସଞ୍ଚୟ କରାଯାଏ, ତାହା ଅଗ୍ନିରେ ଇନ୍ଧନ ଭଳି ଏହାକୁ ହିଁ ସାହାଯ୍ୟ କରିଥାଏ ।

ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।
ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ।।୪୦।।

ଯେଉଁ ଉପାୟ ଗ୍ରହଣ କରାଯାଉନା କାହିଁକି, ସମସ୍ତେ ଏହାର ସହାୟକ ହୋଇପଡ଼ନ୍ତି । ସେଥିଯୋଗୁଁ ଏହା ଦୃଢ଼ବ୍ରତୀ ଯୋଗୀମାନଙ୍କୁ ମଧ୍ୟ ପରାଜିତ କରିଥାଏ । ଏହି ସଂକଟରୁ ତ୍ରାହି ପାଇବାପାଇଁ ଗୋଟିଏ ଉପାୟ ଅଛି, ଯଦି ତୁମର ଅନୁକୂଳ ହୁଏ, ତେବେ ଗ୍ରହଣ କରିପାର ।

ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ !
ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ।।୪୧।।

ଏହାର ପ୍ରଥମ ଉତ୍ପତ୍ତିସ୍ଥଳ ହେଉଛି ଇନ୍ଦ୍ରିୟ । ଏହାର ପ୍ରବୃତ୍ତିମାତ୍ରେ କର୍ମ ଉତ୍ପନ୍ନ କରେ । ପ୍ରଥମତଃ ସେହି ଇନ୍ଦ୍ରିୟଗୁଡ଼ିକୁ ହିଁ ପରାଜିତ କରିପକାଅ ।

ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।
ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ।।୪୨।।

ଏଭଳି କରିପାରିଲେ ମନର ଦୌଡ଼ଧାପଡ଼ ବନ୍ଦ ହୋଇଯିବ ଏବଂ ବୁଦ୍ଧି ମଧ୍ୟ ମୁକ୍ତି ପାଇ ପାରିବ । ଏପରି ଭାବରେ ଏହି ଦୁରାତ୍ମାର ପ୍ରଭାବ ମେଣ୍ଟିପାରିବ ।

ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ।।୪୩।।

ଯେପରି ସୂର୍ଯ୍ୟକିରଣନଥିଲେ ମରୀଚିକାର ସତ୍ତା ରହି ପାରେନା, ସେହିଭଳି ରାଗଦ୍ୱେଷକୁ ଅନ୍ତଃକରଣରୁ ବାହାର କରି ଦେଇ ପାରିଲେ, ନିଶ୍ଚୟ ଏହା ବିନଷ୍ଟ ହୋଇଯିବ । ତେଣୁ ରାଗ ଓ ଦ୍ୱେଷର ବିନାଶ ଘଟିଲେ, ବ୍ରହ୍ମରୂପୀ ସ୍ୱରାଜ୍ୟ ଲାଭ ହୁଏ ଏବଂ ମନୁଷ୍ୟ ମଧ୍ୟ ନିଜେ ଆତ୍ମସୁଖ ଭୋଗ କରିପାରେ । ଏହା ହେଉଛି ଶ୍ରୀଗୁରୁ ଓ ଶିଷ୍ୟର ରହସ୍ୟ ସଂବାଦ । ଏହାହିଁ ଜୀବ ଓ ବ୍ରହ୍ମର ମିଳନ । ଏହି ଅବସ୍ଥାରେ ସ୍ଥିର ହୋଇ ରହିଥାଅ, କେବେ ହଲଚଲ ହୁଅନା ।

ଧୃତରାଷ୍ଟ୍ରଙ୍କୁ ସଞ୍ଜୟ କହିଲେ, ହେ ରାଜନ୍ ! ସମ୍ପୂର୍ଣ୍ଣ ସିଦ୍ଧିର ସମ୍ରାଟ ଲକ୍ଷ୍ମୀପତି ତଥା ଦେବାଧିଦେବ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହିଭଳି ଭାବରେ ଉପଦେଶ ଦେଲେ । ଏହାପରେ ଶ୍ରୀ ଅନନ୍ତ ଦେବ ପୁଣି ଆଉ ଏକ ପୁରାତନ କଥା କହିବେ ଏବଂ ପାଣ୍ଡୁନନ୍ଦନ ଅର୍ଜୁନ ପୁଣି ତାଙ୍କୁ ନାନାଦି ପ୍ରଶ୍ନ କରିବେ । ସେହି ସମ୍ବାଦର ଯୋଗ୍ୟତା ଅଥବା ରସପୂର୍ଣ୍ଣତାର ଶ୍ରେଷ୍ଠତାଦ୍ୱାରା ଶ୍ରୋତାମାନଙ୍କ ଶ୍ରବଣସୁଖ ବୃଦ୍ଧି ହେବ । ନିବୃତ୍ତିଦାସ ଜ୍ଞାନଦେବ କହୁଛି, ହେ ତାତ ! ନିଜର ବୁଦ୍ଧିକୁ ଭଲ ଭାବରେ ଜାଗ୍ରତ ରଖି ଶ୍ରୀକୃଷ୍ଣ ଓ ପାର୍ଥଙ୍କରଏହି ସମ୍ବାଦ ଉପଭୋଗ କରନ୍ତୁ

ଇତିଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥଦୀପିକାୟାଂ

ତୃତୀୟୋଽଧ୍ୟାୟଃ ।

●

ଜ୍ଞାନକର୍ମସନ୍ନ୍ୟାସ ଯୋଗ

ଚତୁର୍ଥ ଅଧ୍ୟାୟ *

ଆଜି ଆମମାନଙ୍କର ଶ୍ରବଣେନ୍ଦ୍ରିୟ ପକ୍ଷରେ ସୌଭାଗ୍ୟର ଦିନ । କାରଣ ଗୀତାରୂପକ ସମ୍ପଦ ସେ ଶୁଣି ପାରିଛି । ଏବେ ସ୍ୱପ୍ନରୂପ ଜଗତ ମଧ୍ୟ ସତ୍ୟ ଭଳି ଦେଖାଯାଉଛି । ପ୍ରଥମତଃ ଏହି ଗୀତାକଥା ବିବେକମୟ, ସେଥିରେ ପୁଣି ଜଗତ୍‌ଶ୍ରେଷ୍ଠ ଶ୍ରୀକୃଷ୍ଣ ତାକୁ ନିର୍ଣ୍ଣୟ କରିଛନ୍ତି ଏବଂ ଭକ୍ତ ଅର୍ଜୁନ ତାକୁ ଶୁଣିଛନ୍ତି । ପଞ୍ଚମସ୍ୱରସହିତ ସୁଗନ୍ଧର ମିଳନ ଘଟିଲେ ଯେପରି ହୁଏ, ସେହିଭଳି ଏହି ଗୀତାକଥା ଅତ୍ୟନ୍ତ ମନୋରଞ୍ଜକ । ସତେ ଏ ଭାଗ୍ୟ କେଡ଼େ ବିଶାଳ ! ମନେ ହେଉଛି ଯେପରି ମୁଁ ଅମୃତର ସୁରଧୂନୀ ଲାଭ କରିଛି । ମନେ ହେଉଛି ଯେପରି ଶ୍ରୋତାମାନଙ୍କର ପୂର୍ବ ତପସ୍ୟା ସଫଳ ହୋଇଛି । ବର୍ତ୍ତମାନ ସମସ୍ତ ଇନ୍ଦ୍ରିୟକୁ ଶ୍ରବଣେନ୍ଦ୍ରିୟର ଗୃହ ଭିତରେ ପ୍ରବେଶ କରାଇ ଏହି ଗୀତାନାମକ ସମ୍ବାଦସୁଖ ଉପଭୋଗ କରିବାକୁ ପଡ଼ିବ । ଏହାକୁ ବିସ୍ତାରିତ ଭାବରେ କହିବାର କୌଣସି ଆବଶ୍ୟକତା ନାହିଁ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କର ପରସ୍ପର ମଧ୍ୟରେ ଯେଉଁ କଥୋପକଥନ ହୋଇଥିଲା, ସେହିକଥା ହିଁ ବର୍ଣ୍ଣନା କରୁଛି । ସେ ସମୟରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ଅର୍ଜୁନ ବଡ଼ ଭାଗ୍ୟବାନ୍, କାରଣ ସେ ନାରାୟଣଙ୍କ ସହିତ ଅତିଶୟ ପ୍ରେମରେ ବାକ୍ୟାଳାପ କରୁଛନ୍ତି । ଯେଉଁ କଥା ସେ ନିଜ ପିତା ବସୁଦେବଙ୍କୁ ସୁଦ୍ଧା କହି ନାହାଁନ୍ତି, ମାଆ ଦେବକୀଙ୍କୁ କହି ନାହାନ୍ତି,

---

* ଏହି ଅଧ୍ୟାୟ ଜ୍ଞାନଯୋଗ ତଥା ବ୍ରହ୍ମାର୍ପଣ ଯୋଗ ନାମରେ ପ୍ରସିଦ୍ଧ ।

ଯାହା ଭାଇ ବଳରାମଙ୍କୁ ସୁଦ୍ଧା କେବେ ଶୁଣେଇ ନାହାନ୍ତି, ସେ ରହସ୍ୟକଥା ସେ ଅର୍ଜୁନଙ୍କୁ କହୁଛନ୍ତି । ଦେବୀ ମହାଲକ୍ଷ୍ମୀ ଭଗବାନଙ୍କର ପାଖେ ପାଖେ ରହୁଥିଲେ ମଧ୍ୟ କେବେହେଲେ ଏହି ପ୍ରେମସୁଖ-ଧନ ପାଇନାହାନ୍ତି । ଶ୍ରୀକୃଷ୍ଣଙ୍କ ସ୍ନେହର ସୌଭାଗ୍ୟ ଅର୍ଜୁନହିଁ ଲାଭ କରିବାକୁ ସକ୍ଷମ ହୋଇ ପାରିଛନ୍ତି । ଏହି ସ୍ନେହ ପାଇବା ପାଇଁ ସନକାଦି ଋଷିଗଣ ବହୁ ଆଶା କରି ମଧ୍ୟ ଅର୍ଜୁନଙ୍କ ଭଳି ସଫଳତା ଲାଭ କରି ପାରିନାହାନ୍ତି । ଅର୍ଜୁନଙ୍କ ପ୍ରତି ଜଗଦୀଶ୍ୱରଙ୍କ ଏହି ପ୍ରେମ ନିରୂପମ । କିପରି ଭାବରେ ଅର୍ଜୁନ ଯେ ସର୍ବୋତ୍ତମ ପୁଣ୍ୟ କରିପାରିଲେ ତାହା କେହି ଜାଣନ୍ତି ନାହିଁ । ଯାହାର ପ୍ରୀତି ହେତୁ ଏହି ବିଦେହୀ ଭଗବାନ ଦେହରୂପ ଧାରଣ କରିଛନ୍ତି, ତାଙ୍କର ସ୍ଥିତି ଏହି ଅର୍ଜୁନଙ୍କ ସହିତ ଏକାକାର ବୋଧ ହେଉଛି । ପ୍ରାୟ ଏହି ତତ୍ତ୍ୱ ଯୋଗୀମାନଙ୍କର ମଧ୍ୟ ହସ୍ତଗତ ହୋଇ ନଥାଏ । ବେଦଜ୍ଞମାନଙ୍କର ବୁଦ୍ଧିଗତ ହୋଇପାରେନା, କିମ୍ବା ଧ୍ୟାନର ଦୃଷ୍ଟି ମଧ୍ୟ ସେ ପର୍ଯ୍ୟନ୍ତ ପହଞ୍ଚି ପାରେନା । ଏଭଳି ଆତ୍ମସ୍ୱରୂପ ଅନାଦି ଓ ନିଶ୍ଚଳ । ଭଗବାନ ଦେଖନ୍ତୁ ତ, ଅର୍ଜୁନଙ୍କ ପ୍ରତି କେତେ ଦୟାଳୁ ହୋଇ ଉଠିଛନ୍ତି ! ଯିଏ ତ୍ରୈଲୋକ୍ୟରୂପୀ ବସ୍ତୁର ପ୍ରସାର ଓ ବିସ୍ତାରର* ଅନୁଷ୍ଠାନ ଏବଂ ପ୍ରାକୃତ ଆକାରର ଅତୀତ, ସେ କିପରି ଯେ ଏହି ଅର୍ଜୁନଙ୍କ ଅଧୀନ ହୋଇ ରହିଛନ୍ତି ବୁଝି ହୁଏନା ।

ଶ୍ରୀଭଗବାନ ଉବାଚ

ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥୧॥

ପୁଣି ପ୍ରଭୁ କହିବାକୁ ଲାଗିଲେ, ହେ ପାଣ୍ଡୁସୁତ ! ଏହି ଯୋଗକଥା ମୁଁ ବିବସ୍ୱାନ ଅର୍ଥାତ୍ ସୂର୍ଯ୍ୟଙ୍କୁ କହିଥିଲି— ଏହା ବହୁପ୍ରାଚୀନ । ସୂର୍ଯ୍ୟ ଏ ସମସ୍ତ ଯୋଗସ୍ଥିତିକୁ ମନୁଙ୍କୁ ଅତି ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଥିଲେ । ମନୁ ନିଜେ ଏହି ଯୋଗାନୁଷ୍ଠାନ କରିଥିଲେ ଏବଂ ଏକଥା ଇକ୍ଷ୍ୱାକୁଙ୍କୁ ଉପଦେଶ ଦେଇଥିଲେ । ଏହିଭଳି ଭାବରେ ପୁରାତନ କାଳରୁ ଗଡ଼ିଆସିଥିବା ଏହି ଜ୍ଞାନ ବିସ୍ତୃତ ହୋଇଚାଲିଛି ।

---

* କଥିତ ଭାଷାରେ ତାନା-ପରାନା । ଲମ୍ବା ଓ ଓସାର ।

ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପଃ ।।୨।।

ପରେ ପରେ ଅବଶ୍ୟ ଏହି ଯୋଗକୁ କୌଣସି କୌଣସି ରାଜର୍ଷି ଜାଣି-ପାରିଲେ କିନ୍ତୁ ସେ ସମୟଠାରୁ ଆଉ କେହି ଜାଣି ପାରି ନାହାନ୍ତି । ପ୍ରାଣୀମାନଙ୍କର ବିଷୟପ୍ରତି ଅଭିରୁଚି ଏବଂ ଶରୀର ପ୍ରତି ମମତା– ଏହି ଦୁଇକାରଣରୁ ଏହି ଆତ୍ମଜ୍ଞାନ ସମ୍ପର୍କରେ ଭ୍ରମଧାରଣା ଉପୁଜିଛି । ଲୋକଙ୍କ ବୁଦ୍ଧି ଓ ବିଶ୍ୱାସ ଯେତେବେଳେ ବଙ୍କାବାଟରେ ଚାଲେ, ସେତେବେଳେ ବିଷୟ ସୁଖ ହିଁ ପରମ ପ୍ରାପ୍ୟ ବୋଲି ବିବେଚିତ ହୋଇଥାଏ ଏବଂ ଯିଏ ଯେପରି ଭାବରେ ଥାଏ, ତା'ପକ୍ଷରେ ସେହି ଅବସ୍ଥାହିଁ ପ୍ରିୟ ହୋଇଥାଏ । ସାଧାରଣତଃ ଯେଉଁ ଗ୍ରାମରେ କେବଳ ଦିଗମ୍ବରମାନେ ବାସ କରିଥାଆନ୍ତି, ସେଠାରେ ବହୁମୂଲ୍ୟବାନ୍ ବସ୍ତ୍ରର ବା କି ପ୍ରୟୋଜନ ? ଜନ୍ମାନ୍ଧ ନିକଟରେ ସୂର୍ଯ୍ୟର କି ଉପଯୋଗିତା ? ବଧୀର ସଭାରେ ସଙ୍ଗୀତର ଆଦର ବା କ'ଣ ? ଶୃଗାଳକୁ କ'ଣ କେବେ ଚନ୍ଦ୍ରକିରଣ ଭଲ ଲାଗେ ?

ଚନ୍ଦ୍ରୋଦୟ ହେବା ପୂର୍ବରୁ ଯାହାର ଚକ୍ଷୁକୁ କିଛି ହେଲେ ଦେଖାଯାଏନା, ସେ ଚନ୍ଦ୍ରକୁ ଦେଖିବ କିପରି ? ଯିଏ ବୈରାଗ୍ୟର ଦ୍ୱାର ସୁଦ୍ଧା ମାଡ଼ିନି, ବିବେକର ନାଁ ସୁଦ୍ଧା ଶୁଣିନି, ସେପରି ମୂର୍ଖ ଈଶ୍ୱରଙ୍କ ନିକଟରେ ପହଞ୍ଚିବ କିପରି ? କିମିତି କେଜାଣି ଜାଣେନା, ମୋହ ବଢ଼ିଯାଇଛି ଏବଂ ବହୁକାଳ ବୃଥାରେ କଟିଯାଇଛି, ତେଣୁ ଇହଲୋକରେ ଏହି 'ଯୋଗ' ଲୁପ୍ତ ହୋଇଯାଇଛି ।

ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।
ଭକ୍ତୋଽସି ମେ ସଖା ଚେତି ରହସ୍ୟାଂ ହ୍ୟେତଦୁତ୍ତମମ୍ ।।୩।।

ହେ କୁନ୍ତୀସୁତ ! ଆଜି ମୁଁ ସେହି ଯୋଗକୁ ତୁମ ନିକଟରେ ତାତ୍ତ୍ୱିକ ଭାବରେ ଉପସ୍ଥାପିତ କରୁଛି । ମନରୁ ସମସ୍ତ ସନ୍ଦେହ ପୋଛି ପକାଅ । ଏହା ମୋର ହୃଦୟର ଗହନ ରହସ୍ୟ; କିନ୍ତୁ ତୁମ ପାଖରେ ତାକୁ ଲୁଚେଇ ରଖି ପାରିବି ନାହିଁ– ଯେହେତୁ

ତୁମେ ମୋର ଗୁଣଗ୍ରାହକ, ତୁମେ ମୋର ଅତିପ୍ରିୟ । ହେ ଧନୁର୍ଦ୍ଧର ! ତୁମେ ହେଉଚ ପ୍ରେମର ମୂର୍ତ୍ତି, ଭକ୍ତିର ହୃଦୟ, ମୈତ୍ରୀର ଜୀବନସର୍ବସ୍ୱ, ବିଶ୍ୱାସର ଆଶ୍ରୟ ଶ୍ରଦ୍ଧାକର । ଅତଏବ ତୁମକୁ କେବେ ପ୍ରତାରଣାକରି ପାରିବି କି ? ଯଦିଓ ସମସ୍ତେ ଯୁଦ୍ଧ ଲାଗି ପ୍ରସ୍ତୁତ, ତଥାପି କ୍ଷଣିକଲାଗି ଯୁଦ୍ଧର କୋଳାହଳକୁ ଭୁଲି ପ୍ରଥମତଃ ତୁମର ଅଜ୍ଞାନ ଦୂର କରିବାକୁ ପଡ଼ିବ ।

ଅର୍ଜୁନ ଉବାଚ

ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।
କଥମେତଦ୍‌ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ।।୪।।

ଅର୍ଜୁନ କହିଲେ, ହେ ଶ୍ରୀହରୀ ! ମୋ କଥା ଟିକିଏ ଶୁଣନ୍ତୁ । ମାଆ ତାର ନିଜ ପୁଅକୁ ସ୍ନେହକରେ, ଏହା ସ୍ୱତଃସିଦ୍ଧ, ଏଥିରେ ଆଶ୍ଚର୍ଯ୍ୟର ବିଷୟ କିଛି ନାହିଁ । ଆପଣ ହେଉଛନ୍ତି ସଂସାର-ତାପରେ ତପ୍ତ ମଣିଷ ପକ୍ଷରେ ସୁଶୀତଳ ଛାୟା, ଅନାଥର ନାଥ, ପିତା ଓ ମାତା । ବସ୍ତୁତଃ ଆପଣଙ୍କ କୃପାଯୋଗୁ ହିଁ ଆମେ ସୃଷ୍ଟି ହୋଇଛୁ । ହେ ଦେବ ! ପଙ୍ଗୁ ସନ୍ତାନ ଜନ୍ମ ହେଲେ ମାତାପିତାଙ୍କୁ ଆଜୀବନ ସନ୍ତାନର ଝିଞ୍ଜଟ ସହ୍ୟ କରିବାକୁ ପଡ଼ିଥାଏ । ଆପଣ ଯେ କେତେ ଶ୍ରେଷ୍ଠ, ସେକଥା କ'ଣ ଆପଣଙ୍କୁ ବର୍ଣ୍ଣନା କରି କୁହାଯିବା ସଙ୍ଗତ ? ଏବେ ମୁଁ ଯେଉଁ ପ୍ରଶ୍ନ କରିବି, ସେଥିପ୍ରତି ଟିକିଏ ମନ ଦିଅନ୍ତୁ । ମୋ ପ୍ରଶ୍ନ ହୁଏତ ଅବାନ୍ତର ହୋଇପାରେ, ସେଥିଲାଗି ରାଗିବେନି । ହେ ଅନନ୍ତ ! ଆପଣ ଯେଉଁ ପୁରାତନ କଥା କହିଲେ, ମୁଁ ତାକୁ ମନରେ ଧାରଣା କରି ପାରୁନାହିଁ । ମୋ କଥା ଛାଡ଼ନ୍ତୁ, ମୋ ବଂଶର ଆଦିପୁରୁଷଗଣ ମଧ୍ୟ ବିବସ୍ୱାନ କିଏ ଜାଣନ୍ତି ନାହିଁ । ସେହି ବିବସ୍ୱାନଙ୍କୁ ଆପଣ କେତେବେଳେ ଉପଦେଶ ଦେଲେ ? ବିବସ୍ୱାନ ତ ବହୁ ପୁରାତନ କାଳର, ଆପଣ ଶ୍ରୀକୃଷ୍ଣ ତ ଆଧୁନିକ । ଏବେ ଜନ୍ମ ହୋଇଛନ୍ତି । ତେଣୁ ପୂର୍ବ ବାକ୍ୟରେ ଯାହା ସବୁ କହିଲେ, ତାହା ଠିକ୍ ବୋଲି ବିଶ୍ୱାସ ହେବ କିପରି ? ତଥାପି ହେ ଦେବ ! ମୁଁ ଆପଣଙ୍କ ଚରିତ୍ର ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିବାରୁ ଆପଣଙ୍କ କଥା ଯେ ସମ୍ପୂର୍ଣ୍ଣ ମିଥ୍ୟା ଏକଥା ମଧ୍ୟ କହିବି କିପରି ? ତେଣୁ

ସବୁ ବିଷୟକୁ ଏପରି ପ୍ରାଞ୍ଜଳ ଭାବରେ ବୁଝାନ୍ତୁ, ଯାହାକୁ ମୋ ବୁଦ୍ଧି ଭେଦ କରି ପାରିବ, ଅର୍ଥାତ୍ ମୋର ବୁଦ୍ଧିର ସୀମା ଯେତିକି, ତାରି ଭିତରେ ରଖି ବିଷୟଗୁଡ଼ିକୁ କହନ୍ତୁ । ଆପଣ ସୂର୍ଯ୍ୟଙ୍କୁ କିପରି ଉପଦେଶ ଦେଇଥିଲେ ମତେ ବୁଝେଇ କହନ୍ତୁ ।

ଶ୍ରୀଭଗବାନ ଉବାଚ

ବହୂନି ମେ ବ୍ୟତୀତାନି ଜନ୍ମାନି ତବଚାର୍ଜୁନ !
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରଂତପ ! ।।୫।।

ତାପରେ ଶ୍ରୀକୃଷ୍ଣ କହିଲେ, ହେ ପାଣ୍ଡୁସୁତ ! ଯେତେବେଳେ ବିବସ୍ୱାନ ଥିଲେ, ସେତେବେଳେ ଯେ ମୁଁ ନଥିଲି, ତୁମ ମନରେ ଯଦି ଏଭଳି ଭ୍ରମ ହୋଇଥାଏ, ତାହାହେଲେ ତାହା ହେଉଛି ତୁମର ଅଜ୍ଞାନ । ଦେଖ ପାର୍ଥ ! ଇତି ମଧ୍ୟରେ ତୁମର ଓ ମୋର ବହୁ ଜନ୍ମ ହୋଇଯାଇଛି । ସେ ସବୁ ପୂର୍ବଜନ୍ମ କଥା ତୁମର ମନେ ପଡୁନି, କିନ୍ତୁ ମୁଁ ଆଗରୁ ଯେଉଁ ସବୁ ରୂପରେ ଅବତାର ଗ୍ରହଣ କରି ଆସିଛି, ସେ ସବୁ କଥା ମୋ ସ୍ମୃତିରେ ରହିଛି ।

ଅଜୋଽପି ସନ୍ନବ୍ୟୟତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟତ୍ମମାୟୟା ।।୬।।

ତେଣୁ ପୁରାତନ କଥା ମୋର ମନେ ଅଛି । ଯଦିଓ ମୋର ଜନ୍ମ ନାହିଁ କି ମୃତ୍ୟୁ ନାହିଁ; ତଥାପି ସ୍ୱପ୍ରକୃତିକୁ ଅଙ୍ଗୀକାର କରି ମାୟାଯୋଗୁଁ ମୁଁ ଜନ୍ମ ଗ୍ରହଣ କରିଥାଏ । ଏଥିରେ ମୋର ''ଅବିନାଶିତା'' ତଥା ନିରାକାରତା ଭଙ୍ଗ ହେଉନାହିଁ । ଜନ୍ମ ଓ ମୃତ୍ୟୁ ବୋଲି ଯାହା ଦେଖୁଚ, ତାର କାରଣ ହେଉଛି ମାୟା । ଏହି ମାୟା ମୋ ମଧ୍ୟରେ ପ୍ରତିଭାସିତ । ମୋର ସ୍ୱତନ୍ତ୍ରତା କେବେହେଁ ନଷ୍ଟ ହୁଏନା । ତେବେ ମତେ ତୁମେ କର୍ମର ବଶୀଭୂତ ହେବାଭଳି ଯାହା ଦେଖୁଛ, ତାହା ତୁମ ମନର ଭ୍ରମ । ମୁଁ ବସ୍ତୁତଃ କର୍ମର ଅଧୀନ ହୋଇ ପଡ଼େନା । ଦର୍ପଣର ଆଧାର ଗୁଣରେ ଗୋଟିଏ ବସ୍ତୁ ଦୁଇଟି ଦେଖାଯାଏ । ବାସ୍ତବରେ କୌଣସି

ଦ୍ୱିତୀୟ ବସ୍ତୁର ସତ୍ତା ସେଠାରେ ନଥାଏ । ସେହିଭଳି ହେ କିରୀଟି ! ମୁଁ ନିରାକାର (କ) ହେଲେ ମଧ୍ୟ ଯେତେବେଳେ ମାୟାର ଆଶ୍ରୟ ନିଏ, ସେତେବେଳେ ବିଭିନ୍ନ କାର୍ଯ୍ୟ କରିବା ଲାଗି ଅଭିନେତା ବେଶଭୂଷା ଧାରଣ କରିବା ଭଳି ନାନା ଆକାର ଧାରଣ କରିଥାଏ ।

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ !
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।୭।।

ପ୍ରତ୍ୟେକ ଯୁଗରେ ମତେ ହିଁ ସଂପୂର୍ଣ୍ଣ ଭାବରେ ଧର୍ମକୁ ରକ୍ଷା କରିବାକୁ ପଡ଼ିଥାଏ— ସୃଷ୍ଟିର ଆରମ୍ଭରୁ ଏହି ସ୍ୱାଭାବିକ ରୀତି ଚାଲି ଆସିଛି । ସେହିହେତୁ ଯେଉଁ ସମୟରେ ଅଧର୍ମ, ଧର୍ମକୁ ଗ୍ରାସ କରିବାକୁ ବସେ, ସେହି ସମୟରେ ମୁଁ ମୋ ଜନ୍ମରହିତ ଗୁଣକୁ ଦୂରରେ ରଖି ଦିଏ ଏବଂ ନିଜର ନିରାକାରତାକୁ ମଧ୍ୟ ଭୁଲିଯାଏ ।

ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୮।।

ସେ ସମୟରେ ଭକ୍ତ ତଥା ସାଧୁସନ୍ତମାନଙ୍କୁ ରକ୍ଷା କରିବା ଲାଗି ମୁଁ ସାକାର ହୋଇ ଅବତୀର୍ଣ୍ଣ ହୁଏ ଏବଂ ଅଜ୍ଞାନରୂପୀ ଅନ୍ଧକାରକୁ ନାଶ କରେ । ଅଧର୍ମର ମୂଳ ଉତ୍ପାଟନ କରେ । ପାପର ଚିହ୍ନ ସୁଦ୍ଧା ପୋଛି ପକାଏ ଏବଂ ସାଧୁସଜ୍ଜନମାନଙ୍କଦ୍ୱାରା ଧର୍ମର ପତାକା ପୁଣି ଉଡ଼ାଏ । ଦୈତ୍ୟମାନଙ୍କୁ ନାଶ କରେ, ସାଧୁମାନଙ୍କୁ ସମ୍ମାନ ପ୍ରଦାନ କରାଏ । ଧର୍ମ ଓ ନୀତି ମଧ୍ୟରେ ବିବାହ ସମ୍ପାଦନ କରାଇଦିଏ । ଯେତେବେଳେ ମୁଁ ଅବିବେକିତାର କଜ୍ଜଳ

(କ) ପ୍ରାକୃତ ଆକାରରହିତ । ସାତ୍ତ୍ୱିକ ସମ୍ପ୍ରଦାୟ ସବୁକିଛି ଶ୍ରୀଭଗବାନଙ୍କ ଅପ୍ରାକୃତ ସଚ୍ଚିଦାନନ୍ଦଘନ ଶ୍ରୀବିଗ୍ରହବୋଲି ସ୍ୱୀକାର କରି ଥାଆନ୍ତି । ସେହି ସ୍ୱରୂପ ପ୍ରାକୃତ ହେୟଅଂଶ ବିବର୍ଜିତ ଓ ଅପ୍ରାକୃତ ଅନନ୍ତ ଗୁଣଗଣାଳଂକୃତ । ରାମାନୁଜ, ମାଧ୍ୱ, ବଲ୍ଲଭାଚାର୍ଯ୍ୟ ଓ ନିମ୍ବାର୍କ ପ୍ରମୁଖ ସବୁ ସଂପ୍ରଦାୟ ଏ ସମ୍ପର୍କରେ ଏକମତ ।

ପୋଛିବାଲାଗି ବିବେକର ଦୀପଶିଖା ଜଳାଇ ଦିଏ, ସେତେବେଳେ ଯୋଗୀମାନଙ୍କ ଲାଗି ଦୀପାବଳି ଭଳି ଉଜ୍ଜ୍ୱଳତା ପ୍ରକାଶ ପାଏ । ବିଶ୍ୱ ଆତ୍ମସୁଖରେ ଉଲ୍ଲସିତ ହୋଇଉଠେ । ସଂସାରରେ ଧର୍ମର ଜୟଲାଭ ହୁଏ ଏବଂ ବାହାରେ ଓ ଭିତରେ ସାତ୍ତ୍ୱିକ ଭାବର ଉଦୟ ହୁଏ । ହେ ପାଣ୍ଡୁ କୁମାର । ଯେତେବେଳେ ମୋ ମୂର୍ତ୍ତି ପ୍ରକାଶିତ ହୁଏ, ସେତେବେଳେ ପାପର ପାହାଡ଼ ଅପସାରିତ ହୋଇଯାଏ ଏବଂ ପୁଣ୍ୟର ପ୍ରଭାତ ହୁଏ । ଏହିଭଳି କାର୍ଯ୍ୟ ଲାଗି ମୁଁ ପ୍ରତିଯୁଗରେ ଅବତୀର୍ଣ୍ଣ ହୋଇଥାଏ । ସଂସାରରେ ଏକଥା ଯିଏ ଜାଣିପାରେ, ସେ ହେଉଛି ପ୍ରକୃତ ଜ୍ଞାନୀ ।

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱାଦେହଂ ପୁନର୍ଜନ୍ମ ନୈତି ମାମେତିସୋଽର୍ଜୁନ ! ॥୯॥

ମୁଁ ଜନ୍ମରହିତ ହୋଇ ମଧ୍ୟ ଜନ୍ମଗ୍ରହଣ କରେ, ନିଷ୍କ୍ରିୟ ହୋଇ ମଧ୍ୟ କର୍ମ କରେ— ଏକଥା ମନରେ କୌଣସି ସଂଶୟ ନ ରଖି ଯିଏ ବୁଝିପାରେ, ସେ ହେଉଛି ମୁକ୍ତପୁରୁଷ । ମନୁଷ୍ୟ ଦେହସହିତ ତାର ସମ୍ପର୍କ ଥିଲେ ମଧ୍ୟ ସେ ଅସଂପୃକ୍ତ । ତାର ଦେହ ଥିଲେ ମଧ୍ୟ ସେ ଦେହଭାବରେ ବଶୀଭୂତ ହୁଏନା । ପଞ୍ଚତ୍ୱପ୍ରାପ୍ତି ଘଟିବାମାତ୍ରେ ସେ ମୋ ସ୍ୱରୂପରେ ଆସି ମିଶିଯାଏ ।

ବିତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତା ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥୧୦॥

ଯିଏ ପୂର୍ବାପର କୌଣସି କଥା ଲାଗି ଶୋକ କରେନା, ଯିଏ କାମନାଶୂନ୍ୟ, କ୍ରୋଧଶୂନ୍ୟ, ଯିଏ ମୋ ସହିତ ସବୁବେଳେ ସଂଲଗ୍ନ ଥାଏ, ଯିଏ ମୋର ସେବା କରିବା ଲାଗି ହିଁ ଜୀବନଧାରଣ କରେ; ଯିଏ ନିରାକାଙ୍କ୍ଷ ଭାବରେ ଆତ୍ମଜ୍ଞାନଦ୍ୱାରା ସନ୍ତୁଷ୍ଟ ରହେ, ତପସ୍ୟାର ତେଜପୁଞ୍ଜ ଅଥବା ଜ୍ଞାନକୁ ହିଁ ଆଶ୍ରୟ କରି ରହିଥାଏ, ଯିଏ ସ୍ୱୟଂ ତୀର୍ଥସ୍ୱରୂପ ହୋଇ ଅନ୍ୟ ତୀର୍ଥର ପବିତ୍ରତା ବିଧାନ କରେ, ସେହି ମନୁଷ୍ୟ ସହଜରେ ମୋ ସ୍ୱରୂପ ଲାଭ କରିଥାଏ ।

ସେ ମୋ ଭଳି ହୋଇଯାଏ । କାରଣ ମୋର ଓ ତାର ଭିତରେ କୌଣସି ପାର୍ଥକ୍ୟ ଆଉ ରହେନା । ପିତଳର ସମ୍ପୂର୍ଣ୍ଣ କଳଙ୍କ ଦୂର ହୋଇଯିବା ପରେ ଏହାର ରଙ୍ଗ ସହିତ ସୁବର୍ଣ୍ଣର କୌଣସି ପାର୍ଥକ୍ୟ ଥାଏ କି ? ସେହିଭଳି ଯିଏ ଯମ, ନିୟମ ପାଳନପୂର୍ବକ ତପସ୍ୟାରତ, ସେ ମୋ ସ୍ୱରୂପ ହିଁ ଲାଭ କରେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ! ସର୍ବଶଃ ॥୧୧॥

ଆହୁରି ଏକଥା ମଧ୍ୟ ଜାଣ ଯେ, ମୋ ପ୍ରତି ଯାହାର ଯେଉଁଭଳି ପ୍ରେମ, ତା'ପ୍ରତି ମୁଁ ସେହିଭଳି ପ୍ରେମବାନ୍ । ବସ୍ତୁତଃ ସମସ୍ତ ମନୁଷ୍ୟ ସ୍ୱଭାବତଃ ମତେ ହିଁ ଭଜନ କରିଥାଆନ୍ତି । ତେବେ ମଣିଷର ଜ୍ଞାନ ଅଭାବରୁ ହିଁ ନାନା ଅନିଷ୍ଟ ହୋଇଥାଏ । ଜ୍ଞାନାଭାବ ଯୋଗୁଁ ତାର ବୁଦ୍ଧିରେ ଭେଦ ସୃଷ୍ଟି ହୁଏ । ମୁଁ ଏକ, ଅଥଚ ସେମାନେ ମତେ ଅନେକ ରୂପରେ କଳ୍ପନା କରିଥାଆନ୍ତି । ମୁଁ ଭେଦରହିତ ତଥାପି ସେମାନେ ମୋ ଉପରେ ଭେଦ ଆରୋପ କରିଥାଆନ୍ତି, ମୁଁ ନାମରହିତ, ତଥାପି ମୋର ନାମକରଣ କରିଥାଆନ୍ତି । ମୁଁ ଅନିର୍ବାଚ୍ୟ ତଥାପି ସେମାନେ ''ହେ ଦେବ, ହେ ଦେବୀ'' ଇତ୍ୟାଦି ସଂଶୋଧନ କରିଥାଆନ୍ତି । ମୁଁ ସର୍ବତ୍ର ଓ ସର୍ବଦା ସମାନ ତଥାପି ଭ୍ରାନ୍ତିମୟ ବୁଦ୍ଧିବଶତଃ ସେମାନେ ମୋ ପ୍ରତି ଅଧମ ଓ ଉତ୍ତମ ଭେଦଭାବ ରଖିଥାଆନ୍ତି ।

କାଙ୍କ୍ଷନ୍ତଃ କର୍ମ୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।
କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମ୍ମଜା ॥୧୨॥

ମନରେ ବହୁ କାମନା ପୋଷଣ କରି ଯଥାବିଧିବିବିଧ ଉପଚାର ଦ୍ୱାରା ସେମାନେ ବହୁ ଦେବତାଙ୍କ ଉପାସନା କରିଥାଆନ୍ତି ଏବଂ ଅଭିଳଷିତ ସମ୍ପୂର୍ଣ୍ଣ ଫଳଲାଭ କରିଥାଆନ୍ତି । ବାସ୍ତବରେ ଏଗୁଡ଼ିକ ହେଉଛି ସେମାନଙ୍କର କର୍ମଫଳ । କର୍ମ ବ୍ୟତୀତ ଫଳଦାତା ବା ଗ୍ରହୀତା ଅନ୍ୟ କେହି ନାହିଁ । ଏ ଧରାଧାମରେ କର୍ମ ହିଁ ଏକମାତ୍ର ଫଳଦାତା । କ୍ଷେତ୍ରରେ ଯେଉଁ ବୀଜ ବପନ କରାଯାଏ, ଠିକ୍ ସେହି ଶସ୍ୟ ହିଁ ଉତ୍ପନ୍ନ ହୋଇଥାଏ, ତାଛଡ଼ା ଅନ୍ୟ କୌଣସି ଶସ୍ୟ ଉତ୍ପନ୍ନ

ହୁଏନା । ଦର୍ପଣକୁ ଆଧାର ବୋଲି ଗ୍ରହଣ କରି ମଣିଷ ଯେଉଁ ରୂପ ଦେଖିବାକୁ ଚାହେଁ, ସେ ରୂପ ଦେଖିଥାଏ, କିନ୍ତୁ ଅନ୍ୟରୂପ ଦେଖିପାରେନା । ହେ କିରୀଟି ! ପର୍ବତ ଗୁହା ଭିତରେ ପାଟିକଲେ ଯେଭଳି ନିଜ ଶବ୍ଦର ହିଁ ପ୍ରତିଧ୍ୱନି ଶୁଣାଯାଏ, ସେହିଭଳି ଏ ସମସ୍ତ ଭଜନର ମୁଁ ହେଉଛି ସାକ୍ଷୀସ୍ୱରୂପ କିନ୍ତୁ ଏଥିରେ ନିଜ ନିଜ ଭାବ ହିଁ ପ୍ରତିଫଳିତ ହୋଇଥାଏ ।

ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥୧୩॥

ବର୍ତ୍ତମାନ ଆଉ ଗୋଟିଏ କଥା ଭଲ ଭାବରେ ବୁଝିବାକୁ ଚେଷ୍ଟା କର । ଚାରୋଟି ବର୍ଣ୍ଣକୁ ମୁଁ ଗୁଣକର୍ମଭେଦରେ ସୃଷ୍ଟି କରିଛି । ପ୍ରକୃତିର ଆଧାରରେ ଗୁଣର ମିଶ୍ରଣ ହୁଏ ଏବଂ ସେହି ଗୁଣ ଅନୁସାରେ କର୍ମର ନିୟମ କରାଯାଇଥାଏ । ହେ ଧନୁର୍ଦ୍ଧର ଅର୍ଜୁନ ! ଏ ଜଗତରେ ସବୁ ହେଉଚି ଏକ । ତେବେ ସ୍ୱଭାବତଃ ଗୁଣ ଓ କର୍ମର ଏଭଳି ବ୍ୟବସ୍ଥା କରାଯାଇଛି ଯେ, ସେଥିରେ ଏହାକୁ ଚାରୋଟି ବର୍ଣ୍ଣରେ ବିଭକ୍ତ କରିବାକୁ ପଡ଼ିଚି । ସେଥିଲାଗି ହେ ପାର୍ଥ ! ବର୍ଣ୍ଣଭେଦ ବ୍ୟବସ୍ଥାର କର୍ତ୍ତା ମୁଁ ନୁହେଁ ।

ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।
ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥୧୪॥

ଏହି ଭେଦ ମୋ ହେତୁ ହିଁ ଉତ୍ପନ୍ନ ହେଉଛି, ଅଥଚ ମୁଁ ଏଥିରେ ଲିପ୍ତ ନୁହେଁ କି ମୁଁ ଏହା କରିନାହିଁ— ଯିଏ ଏକଥା ବୁଝି ପାରେ, ସେ କର୍ମରୁ ମୁକ୍ତ ହୁଏ । ଜ୍ଞାନୀମାନେ ଜାଣନ୍ତି ଯେ ମୁଁ କର୍ମ କିମ୍ବା କର୍ମଫଳରେ ଲିପ୍ତ ନୁହଁ ।

ଏବଂ ଜ୍ଞାତ୍ୱାକୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।
କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈ ପୂର୍ବତରଂ କୃତମ୍ ॥୧୫॥

ହେ ଧନୁର୍ଦ୍ଧର ! ପୂର୍ବେ ଯେଉଁମାନେ ମୁମୁକ୍ଷୁ ଥିଲେ, ସେମାନେ ମତେ ପୂର୍ବୋକ୍ତ ପ୍ରକାରେ ବୁଝିପାରି ସମ୍ପୂର୍ଣ୍ଣ କର୍ମକରି ଆସିଛନ୍ତି । ଭଜା ହୋଇଥିବା

ମଞ୍ଜିକୁ ଜମିରେ ବୁଣାଗଲେ ଯେପରି କେବେହେଲେ ଗଜା ସୁଦ୍ଧା ବାହାରେନା, ସେହିଭଳି ସେହି ମୁମୁକ୍ଷୁମାନଙ୍କ ଲାଗି କର୍ମ କୌଣସି ବନ୍ଧନର କାରଣ ହୁଏନା; ବରଂ ମୋକ୍ଷର କାରଣ ହୋଇଥାଏ । ଆଉ ଗୋଟିଏ କଥା ହେଉଛି, ଜ୍ଞାନୀମାନଙ୍କ କର୍ମ ଓ ଅକର୍ମର ବିଚାର ସାଧାରଣ ମନୁଷ୍ୟ ନିଜ ଇଚ୍ଛାନୁସାରେ କରିବା ଅନୁଚିତ ।

କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।
ତତ୍ତେ କର୍ମପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱାମୋକ୍ଷ୍ୟସେଽଶୁଭାତ୍ ॥୧୬॥

ଯାହାକୁ କର୍ମ କୁହାଯାଏ, ତାହା କ'ଣ ? ଅକର୍ମର ଲକ୍ଷଣ କ'ଣ ? ଏହି କର୍ମ, ଅକର୍ମର ବିଚାର କରିବାରେ ବିଦ୍ୱାନଲୋକେ ମଧ୍ୟ ନାନା ସଂଶୟରେ ପଡ଼ିଥାଆନ୍ତି । ଯେପରି ନକଲମୁଦ୍ରା ଅସଲ ଦେଖା ଯିବାରେ ଚକ୍ଷୁରେ ଭେଳିକି ଲାଗିଯାଏ, ସେହିଭଳି ଯିଏ ସଂକଳ୍ପ କରିବାମାତ୍ରେ ନୂତନ ସୃଷ୍ଟି କରିପାରେ, ସେଭଳି ସମର୍ଥବ୍ୟକ୍ତି ମଧ୍ୟ "ମୁଁ ନିଷ୍କର୍ମ" ଏହିଭଳି ମିଥ୍ୟା କଳ୍ପନା କରି କର୍ମବନ୍ଧନଗ୍ରସ୍ତ ହୋଇ ପଡ଼େ । ଏହି ବିଷୟରେ ଜ୍ଞାନୀଲୋକ ମଧ୍ୟ ମୋହଗ୍ରସ୍ତ ହୋଇପଡ଼ିଥାଆନ୍ତି । ମୂର୍ଖଙ୍କ କଥା କ'ଣ କୁହାଯିବ ?

କର୍ମଣୋହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମୋଣୋ ଗତିଃ ॥୧୭॥

ଯେଉଁଥିରୁ ସ୍ୱଭାବତଃ ବିଶ୍ୱର ଆକାର ପ୍ରକାଶିତ ହୁଏ, ତାକୁ ହିଁ କର୍ମ କୁହାଯାଏ । ପ୍ରଥମତଃ ଏହି କର୍ମ କ'ଣ ବୁଝିବା ଉଚିତ୍ । ତାପରେ ବର୍ଣ୍ଣାଶ୍ରମ ଅନୁଯାୟୀ ବିହିତ କର୍ମ କ'ଣ ସ୍ଥିର କରି ଏଗୁଡ଼ିକର ଆବଶ୍ୟକତା ସମ୍ପର୍କରେ ମଧ୍ୟ ବୁଝିନେବାକୁ ପଡ଼ିବ । ଯାହାକୁ ନିଷିଦ୍ଧ କର୍ମ କୁହାଯାଏ, ତାହାର ସ୍ୱରୂପକୁ ମଧ୍ୟ ଜାଣିବାକୁ ପଡ଼ିବ । ଏହା ଜାଣିପାରିଲେ ଆପେ ଆପେ ଚିତ୍ତ ଆଉ କୌଣସିଥିରେ ଲିପ୍ତ ହେବ ନାହିଁ । ସମଗ୍ର ସଂସାର କର୍ମର ଅଧୀନ । ଏହାର ବ୍ୟାପକତା ଅତ୍ୟନ୍ତ ଦୁରୂହ । ସେକଥା ଥାଉ; ଏଣିକି ମୁକ୍ତପୁରୁଷର ଲକ୍ଷଣ କ'ଣ ଶୁଣ ।

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନ କର୍ମକୃତ୍ ।।୧୮।।

ଯିଏ କର୍ମରେ ଲିପ୍ତ ରହି ମଧ୍ୟ ନିଜକୁ ନିଷ୍କର୍ମ ବୋଲି ଜାଣେ, କର୍ମ ସହିତ ସାଙ୍ଗ ହେଲେ ମଧ୍ୟ ଫଳ ଆଶା ରଖେନା, କର୍ତ୍ତବ୍ୟ ବ୍ୟତୀତ ସଂସାରରେ ଆଉ ଦ୍ୱିତୀୟବସ୍ତୁ କିଛି ନାହିଁ; ଏହିଭଳି ନୈଷ୍କର୍ମ୍ୟଜ୍ଞାନ ସହିତ ଯିଏ ନିଜକୁ ସଂଯୁକ୍ତ ରଖିଥାଏ, ତଥାପି ସମସ୍ତ କର୍ମରେ ନିପୁଣ ଏବଂ ଯିଏ କ୍ରିୟାବାନ୍ ଭାବରେ ପ୍ରତିପାଦିତ— ଏହିସବୁ ଲକ୍ଷଣ ଯାହାଠି ଥାଏ, ସେ ହେଉଛି ମୁକ୍ତପୁରୁଷ ତଥା ପ୍ରକୃତ ଜ୍ଞାନୀ । ଜଳ ନିକଟରେ ଠିଆହୋଇ ଜଳ ଭିତରେ ନିଜ ପ୍ରତିବିମ୍ବ ଦେଖିଲେ ମଣିଷ ନିଶ୍ଚିତ ଭାବରେ ଜାଣିପାରେ ଯେ, ଏହି ପ୍ରତିବିମ୍ବଠାରୁ ସେ ପୃଥକ୍ । ଗତିଶୀଳ ନୌକାର ଆରୋହୀ ତୀରସ୍ଥିତ ବୃକ୍ଷଗୁଡ଼ିକୁ ଧାଉଁଥିବା ଦେଖିଲେ ମଧ୍ୟ ଯିଏ ସତ୍ୟଦ୍ରଷ୍ଟା ସେ ନିଶ୍ଚୟ କହିବ ଯେ ବୃକ୍ଷଗୁଡ଼ିକ ଅଚଳ । ସେହିଭଳି ଯିଏ ଜ୍ଞାନୀ, ସେ କର୍ମର ଆଚରଣକୁ ଅସତ୍ୟ ବୋଲି ବୁଝିବା ସଙ୍ଗେ ସଙ୍ଗେ ନିଜକୁ ନିଷ୍କ୍ରିୟ ବୋଲି ବୁଝିପାରେ । ସୂର୍ଯ୍ୟ ସ୍ଥିର ଥିଲେ ମଧ୍ୟ ଉଦୟ ଓ ଅସ୍ତ ସମୟରେ ଗତିଶୀଳ ବୋଲି ଦୃଷ୍ଟିଗୋଚର ହୁଏ । ସେହିଭଳି ଯିଏ କର୍ମକରି ମଧ୍ୟ ନୈଷ୍କର୍ମ୍ୟତତ୍ତ୍ୱକୁ ଜାଣେ, ମନୁଷ୍ୟର ଦୋଷ ଗୁଣରେ ସେ ଲିପ୍ତ ହୁଏନା । ସେ ଜାଣେ ସୂର୍ଯ୍ୟର ବିମ୍ବ କେବେ ଜଳରେ ଡୁବିଯାଏନା । ଯିଏ ଆଖିଖୋଲି ନ ଦେଖିଲେ ମଧ୍ୟ ସମଗ୍ର ବିଶ୍ୱକୁ ଦେଖିପାରୁଛି— କିଛି ନ କଲେ ମଧ୍ୟ ସବୁକାର୍ଯ୍ୟ କରି ପାରୁଛି, କିଛି ଭୋଗ ନକଲେ ମଧ୍ୟ ସମସ୍ତ ଭୋଗ୍ୟବସ୍ତୁକୁ ଭୋଗ କରି ପାରୁଛି, ସେ ଗୋଟିଏ ସ୍ଥାନରେ ଥିଲେ ମଧ୍ୟ ସର୍ବତ୍ର ରହିଛି । ଆଉ ଅଧିକ କ'ଣ କହିବି, ସେ ନିଜେ ବିଶ୍ୱରୂପ ହୋଇଯାଇଛି ।୧୭।

ଯସ୍ୟ ସର୍ବେ ସମାରମ୍ଭାଃ କାମସଂକଳ୍ପବର୍ଜିତାଃ ।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ।।୧୯।।

କର୍ମ ବିଷୟରେ ଯେଉଁ ବ୍ୟକ୍ତିର କୌଣସି ଦୁଃଖ କିମ୍ବା କ୍ଷୋଭ ନାହିଁ; ଫଳପାଇଁ ଅପେକ୍ଷାଭାବ ଯାହା ମନରେ କ୍ଷଣିକଲାଗି ମଧ୍ୟ ଉତ୍ପନ୍ନ ହୋଇନଥାଏ,

ମୁଁ ଏ କର୍ମ କରିବି ବା ଏହି ପ୍ରାରବ୍ଧ କର୍ମକୁ ମୁଁ ପୂର୍ଣ୍ଣ କରିବି, ଏଭଳି ସଂକଳ୍ପ ଯାହାକୁ ଦୂଷିତ କରେନା, ଯିଏ ଜ୍ଞାନରୂପକ ଅଗ୍ନିଶିଖାରେ ଅଶେଷ କର୍ମକୁ ଜାଳିପୋଡ଼ି ଦେଇସାରିଛି, ସେ ହେଉଛି ମନୁଷ୍ୟ ଦେହଧାରୀ ପରବ୍ରହ୍ମ ।

ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।
କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ ॥୨୦॥

ହେ ଧନୁର୍ଦ୍ଧର ! ଦେହ ସମ୍ବନ୍ଧରେ ଯିଏ ଉଦାସୀନ, ଫଳ ଭୋଗ ବିଷୟପ୍ରତି ନିଷ୍ପୃହ ଏବଂ ସର୍ବଦା ଆନନ୍ଦରେ ଥାଏ, ସେ ସନ୍ତୋଷ ରୂପକ ଗୃହ ମଝିରେ ଭୋଜନ କରିବା ସମୟରେ ଆତ୍ମଜ୍ଞାନ-ସ୍ୱରୂପ ଖାଦ୍ୟର ପରିବେଷଣ ଯେତେ ହେଉନା କାହିଁକି, ''ଯଥେଷ୍ଟ ହୋଇଗଲା'' ବୋଲି କେବେ କହେନା ।

ନିରାଶୀର୍ଯତଚିତ୍ତାତ୍ମା ତ୍ୟକ୍ତସର୍ବ ପରିଗ୍ରହଃ ।
ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ॥୨୧॥
ଯଦୃଚ୍ଛାଲାଭସଂତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥୨୨॥

ଅହଂକାର ସହିତ ଆଶାକୁ ତ୍ୟାଗକରି ଯିଏ ଅଧିକରୁ ଅଧିକ ପ୍ରେମରେ ମହାସୁଖର ମାଧୁରୀ ଆସ୍ୱାଦନକରେ, ଯଥାସମୟରେ ପ୍ରାପ୍ତ ବସ୍ତୁଦ୍ୱାରା ହିଁ ଯିଏ ସୁଖୀ ରହେ, ଯାହାର ପର ଆପଣାର ଭେଦାଭେଦ ଭାବ ନଥାଏ, ସେ ପ୍ରକାରର ମନୁଷ୍ୟ ଯାହା ଦେଖେ, ଯାହା ଶୁଣେ, ସବୁ ହୋଇଉଠେ ଆତ୍ମସ୍ୱରୂପ । ପାଦରେ ଚାଲିବା, ମୁହଁରେ କହିବା ଆଦି ଯେତେ କର୍ମ ରହିଛି, ତାର ସବୁ ଆପେ ଆପେ ହୋଇଯାଏ । ଆତ୍ମତତ୍ତ୍ୱ ବ୍ୟତୀତ ତା ପାଖରେ ଆଉକିଛି ରହେନା । ଏ ଅବସ୍ଥାରେ 'କର୍ମ' ଆସିବ ବା କୁଆଡୁ ? ଏଥିରେ ତାର ବାଧା ମଧ୍ୟ ଜନ୍ମିବ କିପରି ? ଦ୍ୱୈତଭାବରୁ ମତ୍ସର ବା 'ମୋର' 'ତୋର' ଭାବ ଜାତ ହୋଇଥାଏ । ଯାହାର ଏହି ଭାବ ଆଦୌ ନଥାଏ, ତା'ପକ୍ଷରେ 'ବିମତ୍ସର' ହେବାଲାଗି ସନ୍ଦେହର ଅବକାଶ ରହିବ କି ? ତେଣୁ ଏ ପ୍ରକାରର ମନୁଷ୍ୟ ଯେ

ମୁକ୍ତ, ଏହା ନିଃସନ୍ଦେହ ଭାବରେ କୁହାଯାଇପାରେ । ସେ ସକର୍ମ ହେଲେ ମଧ୍ୟ କର୍ମରହିତ ଏବଂ ସଗୁଣ ହେଲେ ମଧ୍ୟ ଗୁଣାତୀତ ।

ଗତ ସଂଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥୨୩॥

ସେ ଦେହ ସହିତ ଥିଲେ ମଧ୍ୟ ବ୍ରହ୍ମସ୍ୱରୂପର ସମାନତା ଲାଭ କରିଥାଏ । ପରବ୍ରହ୍ମର କଷଟି ପଥର ଆଣି ତାକୁ ପରୀକ୍ଷା କଲେ ଦେଖାଯିବ, ସେ ଶୁଦ୍ଧ ବା ଖାଣ୍ଟି ସୁନା । ଏହାପରେ ସେ ଯଦି କୌତୁହଳ ବଶତଃ ଯଜ୍ଞାଦି କର୍ମକରେ, ତେବେ ସମଗ୍ର କର୍ମ ତା ଭିତରେ ଲୀନ ହୋଇଯିବ । ଅକାଳରେ ମେଘର ଉଦୟ ହେଲେ, ଏହା ଯେପରି ବର୍ଷା ନ କରି ଉତ୍ପନ୍ନ ହେଉ ହେଉ ଆକାଶରେ ମିଳେଇ ଯାଏ, ସେହିଭଳି ବ୍ରହ୍ମସ୍ୱରୂପ ଲାଭ କରିଥିବା ମନୁଷ୍ୟ ଯଜ୍ଞାଦି ବିହିତ କର୍ମକଲେ ମଧ୍ୟ ତା ମନରେ ଦ୍ୱୈତଭାବ ରହେନାହିଁ । ସେଥିଯୋଗୁଁ ସେ ବ୍ରହ୍ମରେ ଲୀନ ହୋଇଯାଏ ।

ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମ ସମାଧିନା ॥୨୪॥

ଏ ପ୍ରକାରର ମନୁଷ୍ୟର ବୁଦ୍ଧିରେ ଏହା ଯଜ୍ଞ, ମୁଁ ଯଜ୍ଞକର୍ତ୍ତା, ଏହି ଯଜ୍ଞରେ ମୁଁ ଭୋକ୍ତା—ଏଭଳି ଭେଦଭାବ ରହେନା । ଇଷ୍ଟ ଯଜ୍ଞର ଯଜନ, ଆହୁତି ମନ୍ତ୍ର ଏବଂ ଯଜ୍ଞାନୁଷ୍ଠାନର ଦ୍ରବ୍ୟ ଆଦି ସମସ୍ତଙ୍କୁ ସେ ଆତ୍ମସ୍ୱରୂପ ଅବିନାଶୀ ବୋଲି ଜାଣେ । ସେହି ହେତୁ, ହେ ଧନୁର୍ଦ୍ଧର ! ''ବ୍ରହ୍ମ ଓ କର୍ମରେ ଭେଦ ନାହିଁ''— ଏଭଳି ବୁଦ୍ଧି ଯାହାର ହୋଇଗଲାଣି ସେ କର୍ତ୍ତବ୍ୟ କରି ମଧ୍ୟ କର୍ମରହିତ ବା ନିଷ୍କର୍ମ । ସେ ଜାଣେ କର୍ମହିଁ ବ୍ରହ୍ମ ।

ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥୨୫॥

ଯାହାର ଅବିବେକ-ରୂପକ ବାଲ୍ୟାବସ୍ଥା ଅତିବାହିତହୋଇ ଗଲାଣି, ବୈରାଗ୍ୟ ସହିତ ପରିଣୟ ହୋଇଗଲାଣି, ଯିଏ ଯୋଗାଗ୍ନିର ପୂଜା ଆରମ୍ଭ କରି ସାରିଲାଣି, ଯିଏ ଦିନ ରାତି ଯୋଗଯଜ୍ଞ କରିବାରେ ବ୍ୟସ୍ତ, ମନ ସହିତ ଅବିଦ୍ୟାକୁ ଯିଏ ଗୁରୁବାକ୍ୟ ରୂପକ ହୋମାଗ୍ନିରେ ଆହୁତି ପ୍ରଦାନ କରିବାରେ ଲାଗିଛି, ହେ ପାଣ୍ଡୁକୁମାର ! ଏ ପ୍ରକାରର ଯଜନକାରୀଙ୍କ ଯଜ୍ଞକୁ କୁହାଯାଏ ''ଦୈବଯଜ୍ଞ'' । ଏହାଦ୍ୱାରା ଇନ୍ଦ୍ର ଆଦି ଦେବତାମାନଙ୍କୁ ପ୍ରସନ୍ନ କରାଯାଏ ଏବଂ ଏଥିରୁ ଆତ୍ମସୁଖର କାମନା ପୂରଣ ହୋଇଥାଏ । ପୂର୍ବଜନ୍ମର କର୍ମଫଳରେ ହିଁ ଦେହର ପାଳନ କରାଯିବ— ଏହି ବୁଦ୍ଧିରେ ଯିଏ ଦେହର ଭରଣ ପୋଷଣ କରେ ନାହିଁ, ସେ ଦୈବଯୋଗୀଠାରୁ ଉନ୍ନତ ମହାଯୋଗୀ ହୋଇଉଠେ । ଯିଏ ଯଜ୍ଞ କର୍ମଦ୍ୱାରା ପରମାତ୍ମାଙ୍କ ଉପାସନା କରିଥାଏ ସେଭଳି ଆଉ ଏକ ଶ୍ରେଣୀର ବ୍ରହ୍ମାଗ୍ନିହୋତ୍ରୀଙ୍କ କଥା ବର୍ଣ୍ଣନା କରୁଛି ଶୁଣ ।

ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି ।
ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥୨୬॥

କେହି କେହି ଆତ୍ମସଂଯମ ରୂପକ ଅଗ୍ନିର ହବନକାରୀ । ଏମାନେ କାୟିକ, ବାଚିକ ଓ ମାନସିକ ବୃତ୍ତି— ଏହି ତିନୋଟିକୁ ମନ୍ତ୍ରଦ୍ୱାରା ଇନ୍ଦ୍ରିୟରୂପକ ପବିତ୍ର ଦ୍ରବ୍ୟ ପ୍ରୋକ୍ଷଣ କରି ହୋମ କରିଥାଆନ୍ତି । କେହି କେହି ବୈରାଗ୍ୟରୂପକ ସୂର୍ଯ୍ୟ ଉଦୟ ହେବାମାତ୍ରେ ସଂଯମରୂପକ ଯଜ୍ଞକୁଣ୍ଡ ନିର୍ମାଣ କରି ସେଥିରେ ଇନ୍ଦ୍ରିୟରୂପକ ଅଗ୍ନି ପ୍ରଜ୍ୱଳିତ କରିଥାଆନ୍ତି । ଏଥିରୁ ବୈରାଗ୍ୟରୂପକ ଅଗ୍ନିଶିଖା ପ୍ରକାଶିତ ହୋଇ ଇନ୍ଦ୍ରିୟ-ବିକାରରୂପକ ଇନ୍ଧନ ଜଳି ଉଠିଲେ ଏବଂ ପଞ୍ଚ ଜ୍ଞାନେନ୍ଦ୍ରିୟର ଅଗ୍ନିକୁଣ୍ଡରୁ ଆଶା-ଧୂମ ଉତ୍‌ଥିତ ହେଲେ; ଇନ୍ଦ୍ରିୟାଗ୍ନି-କୁଣ୍ଡରେ ସାଧକ ବେଦବିହିତ ବାକ୍ୟର କୌଶଳ ସହିତ ବିଷୟକୁ ପୂର୍ଣ୍ଣାହୁତି ଦ୍ୱାରା ହବନ କରିଥାନ୍ତି ।

ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥୨୭॥

ହେ ପାର୍ଥ ! କେହି କେହି ଏହିଭଳି ଭାବରେ ସର୍ବଥା ପାପର ଶୋଧନକରିଥାଆନ୍ତି । ହୃଦୟରୂପକ ଭାଣ୍ଡ ଉପରେ ବିବେକରୂପକ ମନ୍ଥନ ଦଣ୍ଡ ରଖି ଏଥିରେ ଶାନ୍ତିର ଦଉଡ଼ି ବାନ୍ଧି ଧୈର୍ଯ୍ୟର ଶକ୍ତିଦ୍ୱାରା ଏହାକୁ ସ୍ଥାପନ କରି ଗୁରୁବାକ୍ୟ ସାହାଯ୍ୟରେ ଏହି ଦଣ୍ଡକୁ କ୍ଷିପ୍ରଗତିରେ ଘୂରେଇ ଥାଆନ୍ତି । ଏଭଳି ଭାବରେ ବୃତ୍ତିଗୁଡ଼ିକୁ ଏକତ୍ର କରି ମନ୍ଥନ କରିବା ଦ୍ୱାରା ଜ୍ଞାନକର୍ମ ଉତ୍ପନ୍ନ ହୁଏ ଅର୍ଥାତ୍ ଜ୍ଞାନାଗ୍ନି ଜଳି ଉଠେ । ପ୍ରଥମତଃ ରୁଦ୍ଧି ଓ ସିଦ୍ଧି ମୋହରୂପକ ଯେଉଁ ଧୂମଉଦ୍‌ଗୀରଣ ହୁଏ, ଏହା ଚାଲିଗଲେ ସୂକ୍ଷ୍ମ ସ୍ଥୂଳିଙ୍ଗ ଉତ୍ପନ୍ନ ହୋଇଥାଏ । ପ୍ରଥମରୁ ଯମ ନିୟମ ଅନୁଷ୍ଠାନଦ୍ୱାରା କୁବୃତ୍ତି ନିର୍ଦ୍ଦୋଷ ହୋଇ, ଅଗ୍ନି ଉଜ୍ଜ୍ୱଳ ହୋଇ ଉଠିବା ମାତ୍ରେ ଶିଖାବିଶେଷ ପ୍ରଦୀପ୍ତ ହୋଇ ଉଠେ । ବହୁ ବାସନାରୂପକ ସମୀଧ ବିବିଧ ପ୍ରକାରର ମୋହରୂପକ ଘୃତଦ୍ୱାରା ସିକ୍ତ କରି ସେହି ଅଗ୍ନିରେ ଜଳାଇ ସୋଽହଂ ମନ୍ତ୍ରରେ ଦୀକ୍ଷିତସାଧକ ପ୍ରଦୀପ୍ତ ଜ୍ଞାନାନଳରେ ଇନ୍ଦ୍ରିୟର କର୍ମଗୁଡ଼ିକୁ ଆହୁତି ପ୍ରଦାନ କରିଥାଏ । ପ୍ରାଣକର୍ମର ଶ୍ରୁବଦଣ୍ଡଦ୍ୱାରା ଅଗ୍ନିରେ ପୂର୍ଣ୍ଣାହୁତି ପ୍ରଦାନ କଲେ, ଐକ୍ୟବୋଧରୂପକ ''ଅବଭୃତ * ସ୍ନାନ ଅନାୟାସରେ ସମ୍ପନ୍ନ ହୋଇଥାଏ । ପୁନଶ୍ଚ ସଂଯମାଗ୍ନିରେ ଇନ୍ଦ୍ରିୟ ଦ୍ରବ୍ୟର ହବନ କରି ଯେଉଁ ଆତ୍ମସୁଖ ବାକୀ ରହିଥାଏ, ସେହି ଯଜ୍ଞବିଶିଷ୍ଟ ଅମୃତକୁ ସେ ଭୋଗ କରେ । କେହି କେହି ଏହି ରୀତିରେ ଯଜ୍ଞ କରି ମୁକ୍ତି ବା ମୋକ୍ଷଲାଭ କରିଥାଆନ୍ତି । ଅତଏବ ଯଜ୍ଞକ୍ରିୟା ନାନାପ୍ରକାରର ଥିଲେ ମଧ୍ୟ, ପରିଣାମରେ ପ୍ରାପ୍ୟ ଏକ ପ୍ରକାରର ।

ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥୨୮॥

ଯେଉଁ ଯଜ୍ଞକଥାକହିଲି, ଏଥିମଧ୍ୟରୁ ଗୋଟିକୁ ''ଦ୍ରବ୍ୟଯଜ୍ଞ'' କୁହାଯାଇଥାଏ । ତପସ୍ୟା ଦ୍ୱାରା ଯେଉଁ ଯଜ୍ଞ ସମ୍ପନ୍ନ ହୋଇଥାଏ, ତାକୁ ''ତପୋଯଜ୍ଞ'' କୁହାଯାଏ । ଆଉ ଗୋଟିକୁ କୁହାଯାଏ ''ଯୋଗଯଜ୍ଞ'' । ଶବ୍ଦଦ୍ୱାରା

---

* ଅଶ୍ୱମେଧାଦି ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନପରେ ଯେଉଁ ଶେଷସ୍ନାନ କରାଯାଏ ତାହା ''ଅବଭୃଥ'' ନାମରେ ପ୍ରସିଦ୍ଧ ।

ଯେଉଁ ଶବ୍ଦ ହୋମ କରାଯାଏ, ତାକୁ ''ବାକ୍‌ଯଜ୍ଞ'' କୁହାଯାଏ । ଯେଉଁଥିରେ ଜ୍ଞାନଦ୍ୱାରା ଜ୍ଞେୟ ବସ୍ତୁ ଲାଭହୁଏ, ତାକୁ ''ଜ୍ଞାନଯଜ୍ଞ'' କୁହାଯାଏ । ହେ ଅର୍ଜୁନ ! ଏ ସମସ୍ତ ଯଜ୍ଞ ଅତି ଦୁରୂହ, କାରଣ ଏଗୁଡ଼ିକର ଅନୁଷ୍ଠାନ ବଡ଼ କଠିନ । ତେବେ ଜିତେନ୍ଦ୍ରିୟମାନେ ନିଜ ଯୋଗ୍ୟତାବଶତଃ ଏଗୁଡ଼ିକର ସାଧନ କରିପାରନ୍ତି । ଯୋଗ-ସମୃଦ୍ଧିଦ୍ୱାରା ସୁସଂପନ୍ନ-ପୁରୁଷ ଯଜ୍ଞାଦି ବ୍ୟାପାରରେ ପ୍ରବୀଣ । କାରଣ ସେ ନିଜ ଜୀବାତ୍ମାକୁ ପରମାତ୍ମାରେ ଆହୁତି ଦେଇ ସାରିଥାଏ ।

ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥା ପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ।।୨୯।।

କେହି ଅପାନବାୟୁରୂପକ ଅଗ୍ନିଶିଖାରେ ଅଭ୍ୟାସଯୋଗ ଦ୍ୱାରା ପ୍ରାଣବାୟୁରୂପକ ଦୁଃଖର ହବନ କରିଥାଏ ତ, କେହି କେହି ପ୍ରାଣବାୟୁ ମଧ୍ୟରେ ଅପାନ ବାୟୁକୁ ଅର୍ପଣ କରିଥାଏ ଏବଂ କେହି କେହି ଦୁଇବାୟୁକୁ ମଧ୍ୟ ନିରୋଧ କରିଥାଏ । ହେ ପାଣ୍ଡୁକୁମାର ! ଏହି ଯୋଗୀମାନଙ୍କୁ ''ପ୍ରାଣାୟାମୀ'' କୁହାଯାଇଥାଏ ।

ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।
ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତ କଲ୍ମଷାଃ ।।୩୦।।

ମୋକ୍ଷ କାମନା କରି କେହି କେହି ବଜ୍ରଯୋଗକ୍ରମ (ଅହଂକାର ସାଧନରେ) ସମସ୍ତ ପ୍ରକାରର ବିଷୟ ଭୋଗର-ସଂଯମଦ୍ୱାରା ପ୍ରାଣାଗ୍ନିରେ ପ୍ରାଣବାୟୁକୁ ହବନ କରିଥାଆନ୍ତି । ଯେଉଁମାନେ ଯଜ୍ଞଦ୍ୱାରା ମନର ସମସ୍ତ ଆବିଳତାକୁ ପୋଛି ଦେଇଥାନ୍ତି, ସେମାନେ ହିଁ ମୋକ୍ଷ ଇଚ୍ଛା କରିଥାଆନ୍ତି । ସମସ୍ତ ମାୟା ମୋହ ଆଦି ଅଜ୍ଞାନକୁ ଜାଳିପୋଡ଼ି ଯେଉଁମାନେ ସ୍ୱଭାବତଃ ଆତ୍ମ ସ୍ୱରୂପରେ ରହିଥାଆନ୍ତି, ସେମାନଙ୍କର ଅଗ୍ନି ଓ ହୋତାଭାବ ଆଉ ରହେନାହିଁ । ଯଜନ କରିବାର କାମନା ଓ ସମସ୍ତ କ୍ରିୟା ପୂର୍ଣ୍ଣ ହୋଇଯାଏ । ଆଉ କୌଣସି କାମନା ସେମାନଙ୍କୁ ସ୍ପର୍ଶ କରିପାରେନାହିଁ । କୌଣସି ଦ୍ୱୈତ ଭାବ ରହେନାହିଁ ।

ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।
ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ॥୩୧॥

ଏଭଳି ଅନାଦିସିଦ୍ଧ ଶୁଦ୍ଧ ଓ ଯଜ୍ଞର ଶେଷ ଫଳ ହେଉଛି ଯେଉଁ ଜ୍ଞାନ, ଏହାକୁ ବ୍ରହ୍ମନିଷ୍ଠ ବ୍ୟକ୍ତି "ଅହଂବ୍ରହ୍ମାସ୍ମି"– ଏହାକୁ ମନ୍ତ୍ରଜପଦ୍ୱାରା ସେବନ କରିଥାଏ । ସେ ଏହି ଯଜ୍ଞ ଶେଷାମୃତ ଭୋଗ କରି ତୃପ୍ତ ହୋଇଥାଏ । ସେ ଅମରତ୍ୱ ଲାଭ କରିଥାଏ । ଅତଏବ ଅନାୟାସରେ ତାହାର ବ୍ରହ୍ମ ସ୍ୱରୂପହିଁ ଲାଭ ହୁଏ । ଯେଉଁମାନଙ୍କର ସଂଯମାଗ୍ନିର ସେବା ଘଟିନାହିଁ, ସେ ବୈରାଗ୍ୟର ଜୟମାଲ୍ୟ ଲାଭ କରିବ କିପରି ? ଯିଏ ଯାବଜ୍ଜୀବନ ଯୋଗ ଯାଗ କରେ ନାହିଁ, ସେ ବୈରାଗ୍ୟ ଲାଭ କରି ପାରେନା । ତାର ଇହଲୋକରେ ତ ସୁଖ ନଥାଏ, ପରଲୋକରେ ସୁଖ ଲାଭ ତ ଦୂରର କଥା । ହେ ପଣ୍ଡୁକୁମାର ! ତେଣୁ ତା କଥା ଛାଡ଼ ।

ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।
କର୍ମ୍ମଜାନ୍ ବିଦ୍ଧି ତାନ୍‌ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥୩୨॥

ମୁଁ ତୁମକୁ ବିଭିନ୍ନ ପ୍ରକାରର ଯେଉଁ ଯଜ୍ଞକଥା କହିଲି, ଏହା ବେଦରେ ଅତି ସୁନ୍ଦର ଓ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ତାକୁ ଆହୁରି ବିସ୍ତାରି କହିବା ଅନାବଶ୍ୟକ । ଏତିକିମାତ୍ର ବୁଝ ଯେ, ସମସ୍ତ ଯଜ୍ଞ କର୍ମଦ୍ୱାରା ସିଦ୍ଧ ହୁଏ । ଏହା ଜାଣିପାରିଲେ କର୍ମ ତୁମକୁ ବାନ୍ଧି ପାରିବ ନାହିଁ ।

ଶ୍ରେୟାନ୍ ଦ୍ରବ୍ୟମୟାଦ୍ ଯଜ୍ଞାଜ୍‌ଜ୍ଞାନଯଜ୍ଞଃ ପରନ୍ତପ ।
ସର୍ବଂକର୍ମ୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥୩୩॥

ହେ ଅର୍ଜୁନ ! ବେଦରେ ଯେଉଁ ବାହ୍ୟ-କ୍ରିୟା-ପ୍ରଧାନ ସ୍ଥୂଳଯଜ୍ଞ କଥା କୁହାଯାଇଛି, ତାହାର ଅପୂର୍ବ ଫଳ ହେଉଛି ସ୍ୱର୍ଗସୁଖ । ତାହାହିଁ ବାସ୍ତବିକ୍ ଦ୍ରବ୍ୟଯଜ୍ଞ । ଏଥିରେ କେବଳ ଜଡ଼ ଦ୍ରବ୍ୟର ହବନ ହୋଇଥାଏ । ତେବେ ସୂର୍ଯ୍ୟ ସମ୍ମୁଖରେ ନକ୍ଷତ୍ରର ଆଲୋକ ଯେପରି ଫିକା ପଡ଼ିଯାଏ, ଜ୍ଞାନ ଯଜ୍ଞ ନିକଟରେ ଦ୍ରବ୍ୟାଦି ଯଜ୍ଞର ଅବସ୍ଥା ଠିକ୍ ସେହିଭଳି । ଦେଖ, ପରମାତ୍ମା ସୁଖର ନିଧିଲାଭ

କରିବା ଲାଗି ଯୋଗୀ ଯେଉଁ ଜ୍ଞାନର ଅଞ୍ଜନ ଲଗାଇବାକୁ ଭୁଲେ ନାହିଁ, ଯେଉଁ ଜ୍ଞାନ ପ୍ରଚଳିତ କର୍ମର ଅନ୍ତିମ ଫଳ, ନୈଷ୍କର୍ମ୍ୟ ବୋଧର ଖଣି, ଆତ୍ମସ୍ୱରୂପ-ବୁଭୁକ୍ଷୁର ସାଧନାଲବ୍ଧ ତୃପ୍ତି, ଯେଉଁଠି କର୍ମର ଇଚ୍ଛା ଶେଷ ହୋଇଯାଏ, ତର୍କର ଚକ୍ଷୁବନ୍ଦ ହୋଇଯାଏ, ଯାହା ସହିତ ଇନ୍ଦ୍ରିୟଗଣ ବିଷୟସଙ୍ଗ ଭୁଲି ଯାଇଥାଆନ୍ତି, ମନର ମନତ୍ୱ ଚାଲିଯାଏ, ଯେଉଁଠି ବାକ୍ୟର ବାକ୍ୟତ୍ୱ ରହେନା, ଯାହା ମଧ୍ୟରେ ଜ୍ଞେୟ ବ୍ରହ୍ମବସ୍ତୁ ଦୃଷ୍ଟିଗୋଚର ହୋଇଥାଏ, ଯେଉଁଠି ବୈରାଗ୍ୟର ଦାରିଦ୍ର୍ୟ ଲୋପପାଏ, ବିବେକର ଉତ୍କଣ୍ଠା ମେଣ୍ଟିଯାଏ ଏବଂ ଖୋଜିବାମାତ୍ରେ ଅମରତ୍ୱ ସହଜରେ ମିଳିଯାଏ— ତାହାହିଁ ''ଜ୍ଞାନଯଜ୍ଞ'' ।

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।।୩୪।।

ସେହି ଉତ୍ତମ ଜ୍ଞାନ ଯଦି ତୁମର ଲାଭ କରିବାକୁ ଇଚ୍ଛା, ତାହାହେଲେ ନାନାଭାବରେ ସାଧୁମାନଙ୍କର ସେବା କର । କାରଣ ଜ୍ଞାନରୂପକ ଗୃହର ଫାଟକ ହେଉଚି ସେବା । ସେବା କରି ଏହି ଜ୍ଞାନକୁ ନିଜର ଅଧୀନ କର । ଶରୀର, ମନ ଓ ଆତ୍ମା ଦ୍ୱାରା ସାଧୁମାନଙ୍କ ଚରଣସେବାରେ ଲାଗି ରହ ଏବଂ ନିରଭିମାନ ହୋଇ ସେହିମାନଙ୍କର ସେବା କର । ସେତେବେଳେ ତୁମେ ଯାହା ଜାଣିବାକୁ ଚାହିଁବ ଯେଉଁ ପ୍ରଶ୍ନ ପଚାରିବ, ସେ ସଂପର୍କରେ ସେମାନେ ଉପଦେଶ ଦେବେ । ସେହି ଉପଦେଶ ଫଳରେ ତୁମ ମନରେ ଆଉ କୌଣସି ସଂକଳ୍ପ ବା ଇଚ୍ଛାର ଅବକାଶ ରହିବ ନାହିଁ ।

ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ।।୩୫।।

ସେମାନଙ୍କର ବାକ୍ୟରୂପକ ଆଲୋକରେ ତୁମ ଚିତ୍ତ ନିର୍ଭୟ ହୋଇ ଉଠିବ । ନିଶ୍ଚିତ ଭାବରେ ବ୍ରହ୍ମପ୍ରାପ୍ତିର ଯୋଗ୍ୟତା ଲାଭ କରିପାରିବ । ସେହି ସମୟରେ ତୁମେ ନିଜ ସହିତ ଏ ସକଳ ଜଗତକୁ ନିରନ୍ତର ମୋ ସ୍ୱରୂପ ମଧ୍ୟରେ ଦେଖିପାରିବ । ହେ ପାର୍ଥ ! ଯେତେବେଳେ ଶ୍ରୀଗୁରୁଙ୍କ କୃପା ହୁଏ,

ସେତେବେଳେ ଜ୍ଞାନ-ଉଷା ପ୍ରକାଶିତ ହୋଇଥାଏ ଏବଂ ମୋହରୂପକ ଅନ୍ଧକାର ନଷ୍ଟ ହୋଇଯାଏ ।

ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ।।୩୬।।

ତୁମେ ଯଦି ପାପର ଖଣି ହୁଅ, ମୋହର ସମୁଦ୍ର ହୁଅ ଏବଂ ବିକୃତିର ପର୍ବତ ହୁଅ, ତଥାପି ପରମ ଜ୍ଞାନଶକ୍ତି ନିକଟରେ ଏସବୁ ଶକ୍ତି ବା ଦୋଷ ଅତି ତୁଚ୍ଛ । ଏହି ଜ୍ଞାନର ଏଭଳି ସବୁ ବିଲକ୍ଷଣ ଉତ୍ତମ ସାମର୍ଥ୍ୟ ରହିଛି । ଦେଖ ପାର୍ଥ ! ବିଶ୍ୱାଭାସରୂପକ ମହାମାୟା ଯେଉଁ ପରଂବ୍ରହ୍ମର ଜ୍ଞାନାଲୋକର ସୂକ୍ଷ୍ମ କିରଣ ପ୍ରକାଶରେ ସମୂଳେ ବିନଷ୍ଟ ହୋଇଯାଏ, ତୁମ ମନର ଆବିଳତାକୁ ପୋଛିବାପାଇଁ ତାକୁ କେତେ ବା ପରିଶ୍ରମ କରିବାକୁ ପଡ଼ିବ ? ସେ କଥା ଉତ୍‌ଥାପନ କରିବାରେ ମଧ୍ୟ କୌଣସି ଯଥାର୍ଥତା ନାହିଁ । ସଂସାରରେ ଜ୍ଞାନୀଠାରୁ ବଳି ବଡ଼ କେହି ନାହିଁ । ଜ୍ଞାନଠୁ ବଳି ମହତ୍ କିଛି ନାହିଁ ।

ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବ କର୍ମ୍ମାଣି ଭସ୍ମସାତ୍ କୁରୁତେ ତଥା ।।୩୭।।

ପ୍ରଳୟକାଳରେ ଯେଉଁ ପବନ ତ୍ରିଭୁବନକୁ ଆକାଶ ଉପରେ ଧୂଳିଭଳି ଉଡ଼ାଇଦିଏ, ତା ନିକଟରେ ମେଘଖଣ୍ଡ ରହିପାରେ କି ? ଯେଉଁ ପବନର ପ୍ରକୋପ ଜଳକୁ ମଧ୍ୟ ଜଳାଇ ଦେଇଥାଏ, ସେହି ପ୍ରଳୟାଗ୍ନିକୁ ତୃଣ ଓ କାଷ୍ଠ ନିର୍ବାପିତ କରିପାରିବ କି ? ସେହିଭଳି ଜ୍ଞାନାଗ୍ନିରେ ସମସ୍ତ କର୍ମ ଧ୍ୱଂସ ହୋଇଯାଇଥାଏ ।

ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍‌ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ।।୩୮।।

ଅଧିକ କିଛି କହିବାର ଆବଶ୍ୟକତା ନାହିଁ । ଜ୍ଞାନଠାରୁ ବଳି ପବିତ୍ର ବସ୍ତୁ କିଛି ନାହିଁ । ସଂସାରରେ ଜ୍ଞାନହିଁ ଏକମାତ୍ର ଉତ୍ତମ ବସ୍ତୁ । ଚୈତନ୍ୟଠୁ ବଳି ଯେପରି ଦ୍ୱିତୀୟ ବସ୍ତୁ କିଛି ନାହିଁ, ସେହିଭଳି ଜ୍ଞାନଠାରୁ ଅଧିକ କିଛି ନାହିଁ ।

ଯଦି ସୂର୍ଯ୍ୟକିରଣ ରୂପକ କଷଟି ପଥରର ପରୀକ୍ଷାଦ୍ୱାରା ପ୍ରତିବିମ୍ବ ଉଜ୍ଜ୍ୱଳତର ଦେଖାଯାଏ, ଯଦି ଆକାଶକୁ ଗ୍ରାସ କରିବାକୁ ଚାହିଁଲେ ଗ୍ରାସ କରାଯାଏ, ପୃଥିବୀକୁ ପରିମାପ କରାଯାଇପାରେ, ତେବେ ହୁଏତ ଜ୍ଞାନର ଉପମା ମିଳିପାରେ । ଅତଏବ ଭଲ କରି ଦେଖିଲେ ଏବଂ ବାରମ୍ବାର ବିଚାର କଲେ, ଏହା କୁହାଯାଇପାରେ ଯେ, ଜ୍ଞାନର ପବିତ୍ରତାର ତୁଳନା କେବଳ ଜ୍ଞାନଦ୍ୱାରା ହିଁ ସମ୍ଭବ । ଅମୃତର ସ୍ୱାଦକୁ ବ୍ୟାଖ୍ୟା କରି ବସିଲେ ଅମୃତ ଭଳି କହିବାକୁ ପଡ଼ିବ । ସେହିଭଳି ଜ୍ଞାନର ଉପମା କେବଳ ଜ୍ଞାନ । ଏହାପରେ ଆଉ ଯାହାକିଛି କୁହାଯିବ, ତାହା ବୃଥା । ଏସବୁ ଶୁଣି ଅର୍ଜୁନ କହିଲେ, ଆପଣ ଯାହା କହିଲେ ସବୁ ସତ୍ୟ ।

କିନ୍ତୁ ସେ ଜ୍ଞାନକୁ କିପରି ଜାଣିପାରିବ– ସେ ସଂପର୍କରେ ପ୍ରଶ୍ନ କରିବାଲାଗି ଅର୍ଜୁନ ଚାହୁଁଥିବା ଜାଣିପାରି ଶ୍ରୀକୃଷ୍ଣ କହିଲେ, ହେ କିରୀଟି, ଏବେ ମୁଁ ତୁମକୁ ଜ୍ଞାନ ଲାଭର ଉପାୟ କହୁଛି । ସେ ବିଷୟ ମନଦେଇ ଶୁଣ ।

ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧି ଗଚ୍ଛତି ।।୩୯।।

ଯାହାର ଆତ୍ମସୁଖ-ଆସ୍ୱାଦନ ଲାଭ ଆକାଂକ୍ଷା ଫଳରେ ବିଷୟ ବାସନା ଚାଲିଯାଏ, ଯାହାଠାରେ ଇନ୍ଦ୍ରିୟମାନଙ୍କର ପ୍ରଭାବ ଦୁର୍ବଳ ହୋଇପଡ଼େ, ଯିଏ ମନ ଭିତରେ କୌଣସି ବାସନାକୁ ସ୍ଥାନ ଦିଏନା, ଯିଏ ପ୍ରକୃତିର କର୍ମକୁ ନିଜର କର୍ମ ବୋଲି ଅନୁଭବ କରେନା, ଯିଏ ଶ୍ରଦ୍ଧାର ସଂଭୋଗରେ ସନ୍ତୁଷ୍ଟ, ଯାହାର ମନରେ ପରିପୂର୍ଣ୍ଣ ଶାନ୍ତି ବିରାଜମାନ, ସେ ବ୍ୟକ୍ତି ବସ୍ତୁତଃ ଖୋଜି ଖୋଜି ଜ୍ଞାନଲାଭ କରିଥାଏ । ସେହି ଜ୍ଞାନ ଯେତେବେଳେ ହୃଦୟରେ ସ୍ଥିର ରହେ ଏବଂ ଶାନ୍ତିର ଅଙ୍କୁର ଉଦ୍‌ଗମ ହୁଏ, ସେତେବେଳେ ଆତ୍ମବୋଧର ବ୍ୟାପକତା ପ୍ରକାଶିତ ହୁଏ । ଚତୁର୍ଦ୍ଦିଗ ତାକୁ ଶାନ୍ତିମୟ ଦେଖାଯାଏ ଏବଂ ତାର ବିଚାରରେ ଆପଣା ପର ବୁଦ୍ଧି ଆଉ ରହେନା । ଏହିଭଳି ଭାବରେ ଏହି ଜ୍ଞାନ-ବୀଜର ଯେତେ ବର୍ଣ୍ଣନା କଲେ ମଧ୍ୟ ବର୍ଣ୍ଣନା ଅତି ଅଳ୍ପ ମନେହୁଏ । ତେଣୁ ଏହା ଏତିକିରେ ଥାଉ ।

ଅଜ୍ଞଶ୍ଚାଶ୍ରଦ୍ଧଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ॥୪୦॥

ଏହି ଜ୍ଞାନରେ ଯାହାର ରୁଚି ନାହିଁ, ତା ଜୀବନକୁ କ'ଣ କୁହାଯାଏ ଶୁଣ । ଏହାଠୁ ମରଣ ଶ୍ରେୟସ୍କର । ଜ୍ଞାନହୀନ ମୋହଯୁକ୍ତ ଜୀବନ, ପ୍ରାଣହୀନ ଜୀବନ ତାର ଶବ ସହିତ ତୁଳନୀୟ । ଗୃହଶୂନ୍ୟ ମନୁଷ୍ୟ ଯାହା, ଅଜ୍ଞାନୀ ତାହା । ନିଶ୍ଚିତ ଭାବରେ ଜ୍ଞାନଲାଭ ନ ହେଲେ ମଧ୍ୟ ଇଚ୍ଛାଥିଲେ ଜ୍ଞାନଲାଭରୁ କିଛିଟା ଲାଭର ସମ୍ଭାବନା ଥାଏ । ଜ୍ଞାନକଥା ଛାଡ଼, ଯେଉଁ ମଣିଷ ବିଶ୍ୱାସହୀନ ତାକୁ ଧରିନେବାକୁ ପଡ଼ିବ ଯେ, ସେ ସଂଶୟରୂପକ ଅଗ୍ନିରେ ବିଦଗ୍ଧ । କାରଣ ସମୟ ଆସେ ଯେତେବେଳ ଏଭଳି ଅରୁଚି ହୁଏ ଯେ, ଅମୃତସୁଦ୍ଧା ଭଲ ଲାଗେନା । ସେତେବେଳେ ବୁଝାଯିବ ଯେ, ତାର ନିଶ୍ଚିତ ଭାବରେ ମୃତ୍ୟୁ ହୋଇଯାଇଛି । ଯିଏ ବିଷୟ ସୁଖରେ ସୁଖୀ, ଜ୍ଞାନ ବିଷୟରେ ଅସାବଧାନ, ସେ ସଂଶୟର ବଶୀଭୂତ । ଥରେ ଯଦି ସଂଶୟରେ ପଡ଼ିଗଲ, ତାହାହେଲେ ବିନାଶ ନିଶ୍ଚିତ । ଇହଲୋକ ଓ ପରଲୋକରେ ଯିଏ ସୁଖକୁ ଆଚମନ କରି ସାରି ହାତ ଧୋଇ ସାରିଚି ବା ଯାହାର ଶରୀରରେ କାଳଜ୍ୱର ଭରି ରହିଛି, ଯାହାର ଶୀତୋଷ୍ଣର ବୋଧଶକ୍ତି ନଥାଏ, ତା ପକ୍ଷରେ ଅଗ୍ନି ଓ ଚନ୍ଦ୍ରକିରଣ ସମାନ ବୋଧହୁଏ । ସେହିଭଳି ସଂଶୟରେ ଯାହାର ଚିତ୍ତ ବ୍ୟାକୁଳ, ସେ ସତ୍ୟ, ଅସତ୍ୟ, ଅନୁକୂଳ ଓ ପ୍ରତିକୂଳ କିମ୍ବା ଭଲ ମନ୍ଦକୁ ବୁଝି ପାରେନା । ଜନ୍ମାନ୍ଧ ବ୍ୟକ୍ତି କେବେହେଲେ ଦିନରାତି କିଛି ଜାଣି ପାରେନା । ସେହିଭଳି ମନରେ ସଂଶୟ ଥିଲେ କିଛି ଜଣାପଡ଼େ ନାହିଁ ।

ଯୋଗସଂନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟମ୍ ।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ॥୪୧॥

ସଂଶୟଠୁ ବଳି ଘୋର ପାପ କିଛି ନାହିଁ । ପ୍ରାଣୀମାନଙ୍କର ବିନାଶ ଲାଗି ଏହି ଜାଲ ବିସ୍ତାର କରାଯାଇଛି । ତେଣୁ ତାକୁ ତ୍ୟାଗ କରିବାକୁ ପଡ଼ିବ । ଜ୍ଞାନର ଅଭାବରୁ ହିଁ ଏହା ହୋଇଥାଏ । ପ୍ରଥମତଃ ଏହି ସଂଶୟକୁ ବିତାଡ଼ିତ କରିବାକୁ

ପଡ଼ିବ । ଯେତେବେଳେ ଅଜ୍ଞାନ ଅନ୍ଧକାର ଘୋଟି ଆସେ, ସେତେବେଳେ ମନ ଭିତରେ ଏହି ସଂଶୟ ବୃଦ୍ଧି ପାଇଥାଏ । ସଙ୍ଗେ ସଙ୍ଗେ ଶ୍ରଦ୍ଧାର ପଥ ଅବରୁଦ୍ଧ ହୋଇଯାଏ । ଏହାର ବପୁ ଏତେ ବ୍ୟାପକ ଯେ, କେବଳ ହୃଦୟରେ ଏହାପାଇଁ ସ୍ଥାନ ଅଣ୍ଟେନା, ବୁଦ୍ଧିକୁ ମଧ୍ୟ ଖୋଜି ଖୋଜି ଗ୍ରାସ କରିପକାଏ । ଫଳରେ ସମଗ୍ର ତ୍ରିଲୋକ ସଂଶୟାଚ୍ଛନ୍ନ ମନେହୁଏ ।

ତସ୍ମାଦଜ୍ଞାନସଂଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାଽତ୍ମନଃ ।
ଛିତ୍ତ୍ୱା ନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ॥୪୨॥

ଯଦିଓ ଏହି ସଂଦେହ ବା ସଂଶୟ ଅତି ବ୍ୟାପକ ତଥାପି ଏହାକୁ ବଶୀଭୂତ କରିବା ପାଇଁ ଗୋଟିଏ ଉପାୟ ଅଛି । ଯଦି ହାତରେ ଜ୍ଞାନରୂପକ ଖଡ଼୍‌ଗ ଥାଏ, ତାହାହେଲେ ଏହାକୁ ନିଶ୍ଚିହ୍ନ କରି ଦିଆଯାଇପାରେ । ମନର ଦୁଃଖକୁ ମଧ୍ୟ ପୋଛି ଦିଆ ଯାଇପାରେ । ଅତଏବ ହେ ପାର୍ଥ ! ନିଜ ମନରେ ଥିବା ସଂଶୟକୁ ଜ୍ଞାନ-ଖଡ଼୍‌ଗଦ୍ୱାରା ବିନାଶ କରି ପକାଅ ।

ସଂଜୟ ଧୃତରାଷ୍ଟ୍ରଙ୍କୁ କହିଲେ— ହେ ରାଜନ୍ ! ସର୍ବଜ୍ଞନାଥ ଜ୍ଞାନଦୀପ କୃପାଳୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି କଥା କହିଲେ । ଏହି କଥାର ପୂର୍ବାପର ବିଚାର କରି ପାଣ୍ଡୁପୁତ୍ର ଅର୍ଜୁନ ଯେଉଁ ସମୟୋଚିତ ପ୍ରଶ୍ନ କରିବେ, ସେ କଥାର ସଂଗତି, ଭାବର ସଂପତ୍ତି ଓ ରସର ମାଧୁର୍ଯ୍ୟ ପରେ ବର୍ଣ୍ଣନା କରାଯିବ । ଏହାର ଉତ୍କର୍ଷ ଯାହା, ତାହା ନିକଟରେ ଆଠଟି ରସର ଆସ୍ୱାଦନ ମଧ୍ୟ ତୁଚ୍ଛ । ଏହା ସଂସାର ଭିତରେ ସଜ୍ଜନମାନଙ୍କ ବୁଦ୍ଧିର ବିଶ୍ରାମସ୍ଥଳ । ଏବେ ପ୍ରାକୃତ ଭାଷାରେ ସେ କଥା ଶୁଣନ୍ତୁ । ଏଥିରୁ ଯେଉଁ ଶାନ୍ତିରସ ପ୍ରକାଶିତ ହେବ, ତାହା ସମୁଦ୍ରଠାରୁ ମଧ୍ୟ ଅଗାଧ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ । ସୂର୍ଯ୍ୟର ବିମ୍ବ କ୍ଷୁଦ୍ର ଦେଖାଗଲେ ମଧ୍ୟ ଏହାର ଆଲୋକ ନିକଟରେ ତ୍ରିଭୁବନ ଅତି କ୍ଷୁଦ୍ର । ସେହିଭଳି ଭାବରେ ଏହି ଶବ୍ଦାର୍ଥର ବ୍ୟାପକତା ଅନୁଭବ କର । କଳ୍ପବୃକ୍ଷ ଯେପରି ଇଚ୍ଛାନୁରୂପ ଫଳ ପ୍ରଦାନ କରିଥାଏ, ସେହିଭଳି ଏହି ବାଣୀ ବ୍ୟାପକ ଫଳଦାୟକ । ଅତଏବ ହେ ରାଜନ୍ ! ଏଥିପ୍ରତି ମନ ଦିଅନ୍ତୁ ।

ଆଉ କ'ଣ ବା କହିବି ? ଆପଣମାନେ, ଯେଉଁମାନେ ଏହି ଭାବାର୍ଥ ଶୁଣୁଛନ୍ତି, ସମସ୍ତେ ସ୍ୱଭାବତଃ ସବୁ ତତ୍ତ୍ୱ ଜାଣିଛନ୍ତି, ତଥାପି ମୋର ମିନତି, ଭଲ କରି ବୁଝିବାପାଇଁ ଏଥିରେ ମନ ଦିଅନ୍ତୁ । ଯେପରି କୌଣସି କୌଣସି କୁଳବତୀ ସ୍ତ୍ରୀ ଏକାଧାରରେ ସୌନ୍ଦର୍ଯ୍ୟବତୀ, ପତିବ୍ରତା ଓ ବହୁଗୁଣାଳଂକୃତା ହୋଇଥାଆନ୍ତି, ସେହିଭଳି ଏହି ବାଣୀ ଲାଳିତ୍ୟ, ଅଳଙ୍କାର ଓ ଶାନ୍ତିରସରେ ପରିପୂର୍ଣ୍ଣ । ଶର୍କରା ବା ଗୁଡ଼ ସମସ୍ତଙ୍କର ପ୍ରିୟ । ଏହାକୁ ଯଦି ଔଷଧ ଭାବରେ ଦିଆଯାଏ, ତାହାହେଲେ ଖୁସିରେ ବାରମ୍ବାର ନ ଖାଇବ କିଏ ? ମଳୟ ପବନ ସ୍ୱଭାବତଃ ମୃଦୁ ଓ ସୁଗନ୍ଧଯୁକ୍ତ । ଏଥିରୁ ଯଦି ଅମୃତର ଅସ୍ୱାଦ ମିଳେ, ଏଥିରୁ ଯଦି ଦୈବାତ୍ ମଧୁର ଧ୍ୱନିର ଶ୍ରବଣ ସୁଖ ମିଳେ, ତାହାହେଲେ ଏହାର ସ୍ପର୍ଶରେ ସମଗ୍ର ଶରୀର ଶୀତଳ ହେବ ହିଁ ହେବ । ଏହାର ଆସ୍ୱାଦନ ରସନାକୁ ତୃପ୍ତ କରାଇବ ଏବଂ ଶ୍ରବଣେନ୍ଦ୍ରିୟକୁ ମଧ ମୁଗ୍ଧ କରାଇବ । ସେହିଭଳି ଏହି କଥାର ଶ୍ରବଣ ଉପବାସୀ କର୍ଣ୍ଣ ଲାଗି ବ୍ରତ ପାର୍ବଣ ସ୍ୱରୂପ ଏବଂ ଏହା କୌଣସି ପ୍ରକାରର ବିକୃତି ନଥାଇ ସଂସାର-ଦୁଃଖ ନିବୃତ୍ତିର କାରଣ । ଯଦି ମନ୍ତ୍ରଦ୍ୱାରା ଶତ୍ରୁର ବିନାଶ ହୁଏ, ତେବେ ଅଣ୍ଟାରେ ତରବାରି ବାନ୍ଧିବାର ଆବଶ୍ୟକତା କ'ଣ ଅଛି ? ଯଦି ଦୁଗ୍ଧ ଓ ଶର୍କରାରେ ରୋଗୀ ଆରୋଗ୍ୟ ହୁଏ, ତାହାହେଲେ ନିମ୍ବ ଖାଇବାର କି ଆବଶ୍ୟକତା ରହିଛି ? ସେହିଭଳି ମନକୁ ଦୁଃଖ ଓ ଇନ୍ଦ୍ରିୟକୁ କଷ୍ଟ ନ ଦେଇ କେବଳ ଏହି କଥା ଶୁଣିବାରେ ମୋକ୍ଷପ୍ରାପ୍ତି ହୋଇଥାଏ । ତେଣୁ ହେ ଶ୍ରୋତାଗଣ ! ମୁଁ ନିବୃତ୍ତିଦାସ ଜ୍ଞାନଦେବ କହୁଛି, ନିଜ ମନର ପ୍ରସନ୍ନତା ଲାଗି ପୂର୍ଣ୍ଣ ଉତ୍କଣ୍ଠାର ସହିତ ଏହି ଗୀତାର୍ଥକୁ ଶ୍ରବଣ କରନ୍ତୁ ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ ଦୀପିକାୟାଂ
ଚତୁର୍ଥୋଽଧ୍ୟାୟଃ ।

●

କର୍ମସନ୍ନ୍ୟାସ ଯୋଗ

ପଞ୍ଚମ ଅଧ୍ୟାୟ

ଅର୍ଜୁନ ଉବାଚ

ସଂନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।
ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ ॥୧॥

ତାପରେ ପାର୍ଥ ଶ୍ରୀକୃଷ୍ଣଙ୍କୁ କହିଲେ, ଆପଣ ଏସବୁ କଥା ବର୍ଣ୍ଣନା କଲେ ସତ, କିନ୍ତୁ ସେଥିରେ କ'ଣ ମନବୋଧ ହୋଇପାରିବ କି ? ମନରେ ସ୍ଥିର ଧାରଣା ହୋଇପାରିବ କି ? ପ୍ରଥମତଃ ଆପଣ ସକଳ କର୍ମର ସନ୍ନ୍ୟାସ ବିଷୟ ନାନାଭାବରେ ନିରୂପଣ କରିଛନ୍ତି, ଅଥଚ କର୍ମଯୋଗର ବିଚାରକୁ ମଧ୍ୟ ରସାଳ ଭାବରେ ବର୍ଣ୍ଣନା କରିବାରେ ଲାଗିଛନ୍ତି କାହିଁକି ? ହେ ଶ୍ରୀଅନନ୍ତ ! ଆପଣ ଏଭଳି ଦୁଇ ଅର୍ଥବୋଧକ ଭାଷା ଏବଂ ଦୋମୁହାଁ କଥା କହୁଛନ୍ତି ଯେ, ସେଥିରେ ମୋ ଭଳି ଅଜ୍ଞାନୀ ବୁଝିବା ସମ୍ଭବ ହୋଇ ପାରୁନାହିଁ । ଶୁଣନ୍ତୁ, ମୁଁ ଯାହା ଭାବୁଚି କହୁଛି । ଗୋଟିଏ ତତ୍ତ୍ୱକୁ ବୁଝିବାକୁ ହେଲେ ଏକତାର ସ୍ଥିତିକୁ ପ୍ରଥମେ ନିରୂପଣ କରିବା ଆବଶ୍ୟକ । ଏକଥା କ'ଣ ଆପଣଙ୍କଠାରୁ ନବୁଝି ଆଉ କାହାଠାରୁ ବୁଝାଯାଇପାରେ ? ସେଥିଲାଗି ମୁଁ ଆପଣଙ୍କୁ ଅନୁରୋଧ କରିଥିଲି ଯେ, ପରମାର୍ଥ ବିଷୟଟିକୁ ଚୁମ୍ବକରେ ନ କହି ମୁଁ ବୁଝିପାରିବା ଭଳି କହନ୍ତୁ । ଯାହା କୁହା ସରିଲାଣି ଛାଡ଼ନ୍ତୁ, ମତେ ଏବେ ସଠିକ୍ ଭାବରେ କହନ୍ତୁ, ଦୁଇଟି ପଥରୁ ଭଲ ପଥ କେଉଁଟି ? ଏପରି କଥା କହନ୍ତୁ ଯାହା ଶେଷପର୍ଯ୍ୟନ୍ତ ରହେ ଏବଂ ପୂର୍ଣ୍ଣଫଳ ମଧ୍ୟ ପ୍ରଦାନ କରେ— ଯେପରିକି ପାଲିଙ୍କିରେ ବସି ରହିଥିଲେ ନିଦ୍ରାସୁଖ

ଭଙ୍ଗ ହୁଏନା ଅଥଚ ବହୁଦୂରପଥ ମଧ୍ୟ ଅତିକ୍ରମ କରାଯାଇପାରେ । କିନ୍ତୁ ଏ ଦୁଇଟି ମଧ୍ୟରୁ ସୁଗମ କେଉଁଟି ?

ଅର୍ଜୁନଙ୍କଠାରୁ ଏକଥା ଶୁଣି ଶ୍ରୀକୃଷ୍ଣ ଆନନ୍ଦିତ ହୋଇ କହିଲେ, ତୁମର ଇଚ୍ଛା ପୂର୍ଣ୍ଣ ହେବ । ସେ କହିଲେ, ଯେଉଁ ଭାଗ୍ୟବାନ୍‌ର ମାତା କାମଧେନୁତୁଲ୍ୟା, ସେ ମାଆ ଚାହିଁଲେ, ସନ୍ତାନର ଖେଳର ସାମଗ୍ରୀ ଭାବରେ ଚନ୍ଦ୍ରକୁ ମଧ୍ୟ ଆଣି ଦେଇପାରେ । ଶିବ ଉପମନ୍ୟୁ ପ୍ରତି ସନ୍ତୁଷ୍ଟ ହୋଇ ତାର ଅଭିଳାଷ ପୂର୍ଣ୍ଣ କରିବା ଲାଗି, ସେ ଦୁଧଭାତ ଚାହିଁବାମାତ୍ରେ ତାକୁ କ୍ଷୀରସମୁଦ୍ର ପ୍ରଦାନ କରିଥିଲେ ।

ଶ୍ରୀକୃଷ୍ଣ ସେହିଭଳି ଉଦାରତାର ଅସରନ୍ତି ଭଣ୍ଡାର । ସେ କହିଲେ, ହେ ଅର୍ଜୁନ ! ତୁମେ 'ତାକୁ' ଯେତେବେଳେ ପାଇଚ, ଆଉ କାହାର ଆଶ୍ରୟ ନେବ କାହିଁକି ? ଶ୍ରୀ ଲକ୍ଷ୍ମୀକାନ୍ତଙ୍କ ଭଳି ଧନୀକୁ ପାଇଚ ଯେତେବେଳେ, ତାଙ୍କଠାରୁ ଯାହା ଇଚ୍ଛା ହେଉଛି ମାଗିନେଇ ପାର ।

ଅର୍ଜୁନ ମନେ ମନେ ଏହି ପ୍ରଶ୍ନ କରି ତାହାର ଉତ୍ତର ପାଇ ସାରିବା ପରେ ଶ୍ରୀକୃଷ୍ଣଙ୍କ ନିକଟରେ ପୂର୍ବୋକ୍ତ ନିବେଦନ କରିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ହସ ହସ ମୁହଁରେ ତାଙ୍କର ଆଶା ପୂର୍ଣ୍ଣ କରିଥିଲେ ।

ଏଣିକି ଶ୍ରୀକୃଷ୍ଣ ଯାହାସବୁ କହିଥିଲେ, ନିବୃତ୍ତିଦାସ ଜ୍ଞାନଦେବ ବର୍ଣ୍ଣନା କରୁଛନ୍ତି, ଆପଣମାନେ ଶୁଣନ୍ତୁ ।

ଶ୍ରୀଭଗବାନ ଉବାଚ

ସଂନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।
ତୟୋସ୍ତୁ କର୍ମସନ୍ନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ ।। ୨।।

ଶ୍ରୀକୃଷ୍ଣ କହିଲେ, ହେ କୁନ୍ତୀସୂତ ! ସନ୍ନ୍ୟାସ ଓ କର୍ମଯୋଗ ଏହି ଦୁଇଟି ବିଷୟ ବିଚାର କରି ଦେଖିଲେ ବୁଝି ପାରିବ ଯେ, ତତ୍ତ୍ୱତଃ ଦୁଇଟିଯାକ ମୋକ୍ଷପ୍ରଦାନକାରୀ । ତଥାପି ଅବଳା ସ୍ତ୍ରୀଲୋକ ଓ ଶିଶୁମାନଙ୍କୁ ନଦୀ ପାର କରାଇବା ଲାଗି ନୌକା ଯେପରି ଏକାନ୍ତ ପ୍ରୟୋଜନ, ସେହିଭଳି ଜ୍ଞାନୀ, ଅଜ୍ଞାନୀ ସମସ୍ତଙ୍କ ଲାଗି କର୍ମଯୋଗ ଅବଶ୍ୟ ସୁଲଭ ଓ ସହଜ ପନ୍ଥା ।

ମୋଟାମୋଟି ଭାବରେ ଦେଖିଲେ କର୍ମଯୋଗ ସୁଗମ ମନେ ହୁଏ । ସନ୍ନ୍ୟାସରୁ ଯେଉଁ ଫଳ ମିଳେ, ଏହାଦ୍ୱାରା ଅନାୟାସରେ ତାହାହିଁ ମିଳିଥାଏ । ଏବେ ମୁଁ ତୁମକୁ ସନ୍ନ୍ୟାସୀର ଲକ୍ଷଣ ସବୁ କହୁଛି । ସେଥିରୁ ତୁମେ ସନ୍ନ୍ୟାସ ଓ କର୍ମଯୋଗ ଯେ ଅଭିନ୍ନ ସେହି ଜ୍ଞାନ ଲାଭ କରିପାରିବ ।

ଜ୍ଞେୟଃ ସ ନିତ୍ୟସଂନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ॥୩॥

ଯିଏ ଗତ ବା ଅତୀତ ବିଷୟକୁ ସ୍ମରଣ କରେ ନାହିଁ, ଯିଏ ନପାଇବା ବସ୍ତୁକୁ ପାଇବାଲାଗି ଇଚ୍ଛା କରେ ନାହିଁ, ଯିଏ ମନକୁ ମେରୁପର୍ବତ ଭଳି ସ୍ଥିର ରଖିପାରେ, ଯାହାର ଅନ୍ତଃକରଣରେ 'ମୁଁ ଓ ଆମର' ଭାବନାର ଚିହ୍ନବର୍ଣ୍ଣ ନଥାଏ, ହେ ପାର୍ଥ ! ତାକୁ ନିରନ୍ତର ସନ୍ନ୍ୟାସୀ ବୋଲି ଜାଣିବ । ଯାହାର ମନ ଏଭଳି ସ୍ଥିର ହୋଇ ଯାଇଥାଏ; ବିଷୟ ବୁଦ୍ଧି ତା'ର ସାଙ୍ଗ ଛାଡ଼ି ପଳାଇଯାଏ । ସେ ଅନାୟାସରେ ଅଖଣ୍ଡ ସୁଖର ଅଧିକାରୀ ହୋଇଥାଏ । ତା ପକ୍ଷରେ ଘରସଂସାର ଛାଡ଼ିବାର କୌଣସି ଆବଶ୍ୟକତା ପଡ଼େନାହିଁ । କାରଣ ବିଷୟ ଗ୍ରହଣ ଦିଗରୁ ସେ ସଂପୂର୍ଣ୍ଣ ନିଃସଙ୍ଗ । ନିଆଁ ଲିଭିଯିବା ପରେ ଯେଉଁ ପାଉଁଶ ରହିଥାଏ, ସେଥିରୁ ଟିକିଏ ଟିକିଏ ଟିପରେ ଲଗାଇ ତୁଳାରୁ ସୂତା ତିଆରି କରାଯାଇଥାଏ, କିନ୍ତୁ ନିଆଁରୁ ପାଉଁଶ ବାହାରିଚି ବୋଲି ସେ ପାଉଁଶରେ ତୁଳା ପୋଡ଼ି ଯାଏନା । ସେହିଭଳି ଯାହାର ବୁଦ୍ଧିରେ ସଂକଳ୍ପ ବା କାମନାର ଆଞ୍ଚ ନଥାଏ, ତାକୁ କର୍ମବନ୍ଧନରେ ବନ୍ଧାଯାଇ ପାରେନା । କଳ୍ପନା ଚାଲିଗଲେ ଯାଇ ଆସେ ସନ୍ନ୍ୟାସ । ତେଣୁ କର୍ମଯୋଗ ଓ ସନ୍ନ୍ୟାସ ଉଭୟ ସମାନ ।

ସାଂଖ୍ୟଯୋଗୌ ପୃଥଗ୍‌ବାଳାଃ ପ୍ରବଦନ୍ତି ନ ପଣ୍ଡିତାଃ ।
ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍ ॥୪॥

ହେ ପାର୍ଥ ! ଯେଉଁ ବ୍ୟକ୍ତି ସର୍ବଦା ମୂଢ଼ ତଥା ମୂର୍ଖ, ସେ ଜ୍ଞାନ ଓ କର୍ମଯୋଗର ବ୍ୟବସ୍ଥାକୁ ବୁଝିବ କିପରି ? ସ୍ୱଭାବତଃ ଅଜ୍ଞାନୀ ଲୋକ ଦୁଇଟିକୁ ଭିନ୍ନ ବୋଲି ବୁଝିଥାଆନ୍ତି । ଆଲୋକ ଏକ କିନ୍ତୁ ଅଜ୍ଞାନୀ ଲୋକର ଧାରଣା ଯେ ଭିନ୍ନ ଭିନ୍ନ ପ୍ରଦୀପ ଭିନ୍ନ ଭିନ୍ନ ଆଲୋକ ଦିଏ । ଯେଉଁଲୋକ ଅନୁଭୂତି

ଦ୍ୱାରା ସଂପୂର୍ଣ୍ଣ ଆତ୍ମତତ୍ତ୍ୱଜ୍ଞାନ ଲାଭ କରିଥାଏ; ସେ ସନ୍ନ୍ୟାସ ଓ ଯୋଗ ଦୁଇଟିକୁ ଏକ ଭାବରେ ମାନିଥାଏ । ସେ ସାଂଖ୍ୟ ଓ କର୍ମଯୋଗ ମଧ୍ୟରେ କୌଣସି ପ୍ରଭେଦ ଥିବା ଅନୁଭବ କରେନାହିଁ ।

ଯତ୍ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍‌ଯୋଗୈରପି ଗମ୍ୟତେ
ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ।।୫।।

ସାଂଖ୍ୟ ତଥା ଜ୍ଞାନମାର୍ଗରେ ଯେଉଁ ବସ୍ତୁ ମିଳେ, କର୍ମଯୋଗଦ୍ୱାରା ମଧ୍ୟ ତାହା ମିଳିଯାରେ । ସେଥିଯୋଗୁଁ ଦୁଇମାର୍ଗର ସ୍ୱଭାବତଃ ଏକତା ରହିଛି । ଆକାଶ ଓ ଅବକାଶ ଅର୍ଥାତ୍ ଶୂନ୍ୟରେ ଯେପରି କୌଣସି ଭେଦ ନାହିଁ, ସେହିଭଳି କର୍ମଯୋଗ ଓ ସନ୍ନ୍ୟାସ ଏକ, ଅଭିନ୍ନ । ଏଥିରେ କୌଣସି ପ୍ରଭେଦ ନାହିଁ । ଯାହାର ସାଂଖ୍ୟ ଓ ଯୋଗ ସାଧନ ସମ୍ପର୍କରେ ଅଭେଦ ଜ୍ଞାନ ଅର୍ଜନ ହୋଇ ପାରିଚି; ସଂସାରରେ ସେ ପ୍ରକୃତରେ ଜ୍ଞାନୀ, ଅର୍ଥାତ୍ ତାର ଆତ୍ମପରିଚୟ ହୋଇପାରିଚି ।

ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।
ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି ।।୬।।

ଯେଉଁଲୋକ ନିଜ ମନକୁ ଭ୍ରମଠାରୁ ଦୂରରେ ରଖି ଗୁରୁବାକ୍ୟ ଦ୍ୱାରା ଶୁଦ୍ଧକରି ଦୃଢ଼ଭାବରେ ଆତ୍ମସ୍ୱରୂପରେ ଲଗାଇ ରଖିପାରେ, ସେ ଆତ୍ମସ୍ୱରୂପ ହୋଇଯାଏ । ତୁମ ହାତମୁଠାରେ ଥିବା ଲୁଣ ଅଳ୍ପ ଦେଖାଯାଏ, କିନ୍ତୁ ସମୁଦ୍ରରେ ପଡ଼ିବାମାତ୍ରେ ଏହା ମିଳେଇଯାଇ ସମୁଦ୍ରଭଳି ବିପୁଳ ହୋଇଉଠେ । ସେହିଭଳି ଯାହାର ମନ ସଂକଳ୍ପ ବା କାମନାଠାରୁ ଦୂରରେ ରହି ଚୈତନ୍ୟରୂପ ହୋଇଯାଏ, ସେ ବିଚ୍ଛିନ୍ନ ରହିଥିଲେ ମଧ୍ୟ ତ୍ରିଭୁବନରେ ବ୍ୟାପକ । ସେ ନିଜେ କର୍ତ୍ତା, କର୍ମ ଓ କ୍ରିୟା ହୋଇଥିଲେ ମଧ୍ୟ ଅକର୍ତ୍ତା ହୋଇଯାଏ ।

ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।
ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ।।୭।।
ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।
ପଶ୍ୟନ୍ ଶୃଣ୍ୱନ୍ ସ୍ପୃଶନ୍ ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପନ୍ ଶ୍ୱସନ ।।୮।।

ପ୍ରଳପନ୍ ବିସୃଜନ୍ ଗୃହ୍ଣନ୍ନୁନ୍ମିଷନ୍ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥୯॥

ହେ ପାର୍ଥ ! ଇଏ ମୋ ଦେହ, ଏକଥା ଯିଏ ମୁହୂର୍ତ୍ତେ ସୁଦ୍ଧା ସ୍ମରଣ କରେନା, ତାକ କୌଣସି କର୍ତ୍ତୃତ୍ୱ ଥାଇ ପାରେକି ? ଯିଏ ଯୋଗଯୁକ୍ତ ପୁରୁଷ, ତାଠାରେ ବିନା ଦେହତ୍ୟାଗରେ ମଧ୍ୟ ପରବ୍ରହ୍ମର ସମସ୍ତ ଗୁଣ ପ୍ରକାଶ ପାଇଥାଏ । ସେ ଅନ୍ୟ ସମସ୍ତଙ୍କ ଭଳି ଦେହଧାରୀ ଓ ଅଶେଷ କର୍ମକୁ ବ୍ୟବହାର କରିଥାଏ । ସେ ଚକ୍ଷୁଧାରୀ, ଚକ୍ଷୁଦ୍ୱାରା ଦର୍ଶନ କରେ, କର୍ଣ୍ଣଦ୍ୱାରା ଶ୍ରବଣ କରେ, କିନ୍ତୁ ସେ ଇନ୍ଦ୍ରିୟମାନଙ୍କପ୍ରତି ଆସକ୍ତ ନୁହେଁ । ତାର ସ୍ପର୍ଶଜ୍ଞାନ ଥାଏ, ନାସିକାରେ ସୁଗନ୍ଧକୁ ସେ ଆଘ୍ରାଣ କରିଥାଏ, ସମୟୋଚିତ କଥା ମଧ୍ୟ କହେ, ଖାଏ ପିଏ, ଯାହା ତ୍ୟାଗ କରିବା ଆବଶ୍ୟକ ତାହା ତ୍ୟାଗ କରେ, ନିଦ ଆସିଲେ ଆନନ୍ଦରେ ଶୁଏ, ନିଜ ଇଚ୍ଛାନୁସାରେ କର୍ମକୁ ବ୍ୟବହାର କରେ । ଗୋଟି ଗୋଟି କରି କେତେ କହିବି ? ହେ ପାର୍ଥ ! ନିଶ୍ୱାସ ପ୍ରଶ୍ୱାସ ଉନ୍ମୀଳନ ନିମୀଳନ (ଆଖିପତା ଉଠାଇବା, ପକାଇବା) ଆଦି ସମସ୍ତ କର୍ମ ସେ କରିଥାଏ । ତଥାପି ସିଏ ଯେ ଏହି ସମସ୍ତ କର୍ମର କର୍ତ୍ତା ନୁହେଁ– ଏକଥା ଦୃଢ଼ଭାବରେ କୁହାଯାଇ ପାରେ । କାରଣ ସେ ଯେତେବେଳେ ଭ୍ରାନ୍ତିଶଯ୍ୟାରେ ଶାୟିତ ଥିଲା, ସେତେବେଳେ ଯାଇ ତାର ସ୍ୱପ୍ନସୁଖ ଅନୁଭୂତ ହେଉଥିଲା, ବର୍ତ୍ତମାନ ଜ୍ଞାନୋଦୟମାତ୍ରେ ସେ ଜାଗ୍ରତ ହୋଇପଡ଼ିଛି ।

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥୧୦॥

ଏହି ସ୍ଥିତି ଆସିଗଲେ, ଦେହ ସହିତ ସମସ୍ତ ଇନ୍ଦ୍ରିୟ ନିଜ ନିଜ ବିଷୟକୁ ବ୍ୟବହାର କରିଥାଆନ୍ତି । ପ୍ରଦୀପର ଆଲୋକଦ୍ୱାରା ଯେପରି ଗୃହର ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥାଏ, ସେହିଭଳି ଯୋଗୀ ବା ଯୋଗଯୁକ୍ତ ପୁରୁଷର ଦେହ ମାଧ୍ୟମରେ ସମସ୍ତ କର୍ମ ସାଧିତ ହୋଇଥାଏ । ସେ ଅବଶ୍ୟ ସମସ୍ତ କର୍ମ କରେ, କିନ୍ତୁ ଜଳ ଉପରେ ପଦ୍ମପତ୍ର ଭାସୁଥିଲେ ମଧ୍ୟ ଜଳରେ ଭିଜି ନଗଲାଭଳି ସେ କର୍ମବନ୍ଧନରେ ଆବଦ୍ଧ ହୋଇପଡ଼େ ନାହିଁ ।

କାୟେନ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି ।
ଯୋଗିନଃ କର୍ମକୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ।।୧୧।।

ଯେଉଁ କର୍ମ ସହିତ ବୁଦ୍ଧିର କୌଣସି ସମ୍ପର୍କ ନଥାଏ, ଯେଉଁଥିରେ ମନର ଅଙ୍କୁରୋଦ୍‌ଗମ ହୁଏନା, ତାକୁ ଶାରୀରିକ କର୍ମ କୁହାଯାଏ । ସରଳ ଭାବରେ କହିବାକୁ ଗଲେ, ଯୋଗୀମାତ୍ରେ ଶିଶୁଭଳି କେବଳ ଶରୀର ଦ୍ୱାରା କର୍ମ କରିଥାଆନ୍ତି । ଏହି ପଞ୍ଚଭୂତାତ୍ମକ ଜଡ଼ ଦେହ ଯୋଗନିଦ୍ରାରେ ନିଦ୍ରିତ ଥିବାବେଳେ କେବଳ ମନ ହିଁ ଏକା ଏକା ସ୍ୱପ୍ନ ରାଜ୍ୟରେ ବିଚରଣ କରିଥାଏ । ହେ ଧନୁର୍ଦ୍ଧର ! ବାସନା ଏତେ ବ୍ୟାପକ ଓ ବିସ୍ତାରିତ ଯେ, ଦେହକୁ ବୁଝିବାକୁ ନ ଦେଇ ଏହା ସୁଖ ଦୁଃଖ ଭୋଗ କରାଇଥାଏ । ଏହିଭଳି ଭାବରେ ଇନ୍ଦ୍ରିୟଗୁଡ଼ିକୁ ବୁଝିବାକୁ ନଦେଇ ଯେଉଁ କର୍ମ ଉତ୍ପନ୍ନ ହୁଏ, ତାକୁ କେବଳ ମାନସିକ କର୍ମ କୁହାଯାଏ । ଯୋଗୀ କର୍ମକରି ମଧ୍ୟ ଏଥିରେ ଲିପ୍ତ ରହେନାହିଁ ! କାରଣ ତାର ଅହଂଭାବ ସହିତ ସଙ୍ଗଦୋଷ ନଥାଏ; କିନ୍ତୁ ଭ୍ରମଯୁକ୍ତ ହୋଇ ପଡ଼ିଲେ ଇନ୍ଦ୍ରିୟ ପିଶାଚଭଳି ଅବ୍ୟବସ୍ଥିତ ହୋଇପଡ଼େ । ପାଗଳଙ୍କଭଳି ପ୍ରଳାପ କରେ । ଆଖପାଖରେ ସମସ୍ତ ବସ୍ତୁ ଓ ମନୁଷ୍ୟର ରୂପ ଓ ଆକାର ଦେଖାଯାଏ । ତାକୁ ଡାକିଲେ ସେ ଶୁଣେ ଏବଂ ସେ ନିଜ ମୁହଁରେ କଥା ମଧ୍ୟ କହେ, କିନ୍ତୁ ଦେଖିଲେ ଜଣାପଡ଼ିବ ସେ କିଛି ହେଲେ ବୁଝୁନାହିଁ । ଯେଉଁ କର୍ମ ଅକାରଣରେ ଆପେ ଆପେ ହୋଇଯାଏ, ତାକୁ କୁହାଯାଏ ଇନ୍ଦ୍ରିୟ କର୍ମ ଏବଂ ଯେଉଁ କର୍ମ ବୁଝିସୁଝି କରାଯାଏ, ତାକୁ ହିଁ କୁହାଯାଏ ବୁଦ୍ଧିର କର୍ମ ।

ଯୋଗୀ ବୁଦ୍ଧିକୁ ସମ୍ମୁଖରେ ରଖି ମନଦେଇ କର୍ମ କଲେ ମଧ୍ୟ ବସ୍ତୁତଃ କର୍ମରୁ ମୁକ୍ତ ରହିଥାଏ । କାରଣ ବୁଦ୍ଧିଠାରୁ ଆରମ୍ଭ କରି ଦେହ ପର୍ଯ୍ୟନ୍ତ ତାର କୌଣସିଥିରେ ଅହଂଭାବ ନଥାଏ । ଅତଏବ ସେ କର୍ମ କରି କରି ଶୁଦ୍ଧ ବିଶୁଦ୍ଧ ହୋଇଥାଏ । କର୍ତ୍ତୃତ୍ୱର ଅହଂଭାବ ନଥାଇ ଯେଉଁ କର୍ମ କରାଯାଏ, ତାହାହିଁ ନିଷ୍କର୍ମତା ବା ନିଷ୍କାମ କର୍ମ– ଏହି ରହସ୍ୟ କେବଳ ଗୁରୁକୃପା ଦ୍ୱାରାହିଁ ବୋଧଗମ୍ୟ । ଏହା ଯୋଗୀ ଜାଣିପାରେ । ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ !

ଉପରୋକ୍ତ ଶାନ୍ତିରସ ଏତେ ବଢ଼ିଗଲାଣି ଯେ, ପାତ୍ରରେ ସ୍ଥାନ-ନ ହୋଇ ଏହା ଉଛୁଳି ପଡୁଚି । ଯାହାର ଇନ୍ଦ୍ରିୟର ଇଚ୍ଛା ଭଲ ଭାବରେ ପୂରଣ ହୋଇସାରିଚି, ସେ କେବଳ ଏହି ବାକ୍ୟ ଶୁଣିବାପାଇଁ ଯୋଗ୍ୟ ।

ଏହାପରେ ଶ୍ରୋତାମାନେ ଜ୍ଞାନଦେବଙ୍କୁ କହିଲେ, ଏଥର ଅନ୍ୟ ବିଷୟ ଥାଉ, ମୂଳକଥାର ସମ୍ପର୍କ ଯେପରି ଛାଡ଼ି ନ ଯାଅ, କାରଣ ଏଥିରେ ଶ୍ଳୋକ ସଂଗତି ଭଙ୍ଗହେବ । ଯେଉଁକଥା ମନରେ ଗ୍ରହଣ କରିବା କଠିନ, ଯାହା ଚେଷ୍ଟା କଲେ ମଧ୍ୟ ବୁଦ୍ଧିଦ୍ୱାରା ପ୍ରାପ୍ତ ହୋଇ ନପାରେ, ଯାହାହେଉ ଆମମାନଙ୍କ ଭାଗ୍ୟ ଯେ ଆପଣ ସେସବୁ ଉତ୍ତମରୂପେ ବର୍ଣ୍ଣନା କରିଛନ୍ତି । ସ୍ୱଭାବତଃ ଯେଉଁ ବସ୍ତୁ ଶବ୍ଦାତୀତ, ଏହା ଯଦି ଶବ୍ଦଦ୍ୱାରା ବ୍ୟକ୍ତ ହୋଇପାରିଛି, ତେବେ ଅନ୍ୟକଥା ଶୁଣିବାରେ କି ଆବଶ୍ୟକତା ରହିଛି ? ତେଣୁ ଆହୁରି କହନ୍ତୁ ।

ଶ୍ରୋତାମାନଙ୍କ ଏହି ଆତୁରତାକୁ ଲକ୍ଷ୍ୟ କରି ନିବୃତ୍ତିଦାସ ଜ୍ଞାନଦେବ କହିଲେ, ଆପଣମାନେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ସମ୍ବାଦ ମନଦେଇ ଶୁଣନ୍ତୁ ।

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଏଥର ତୁମକୁ ମୁଁ ଯୋଗୀ କ'ଣ ତାହା ସମ୍ପୂର୍ଣ୍ଣ ବର୍ଣ୍ଣନା କରୁଛି, ସେଥିପ୍ରତି ମନ ଦିଅ ।

ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।
ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ ।।୧୨।।

ଯିଏ ଆତ୍ମଜ୍ଞାନସମ୍ପନ୍ନ, ଯାହାର ହୃଦୟରେ କର୍ମଫଳ ପ୍ରତି ତିରସ୍କାର ଭାବ ରହିଥାଏ, ସେହି ବ୍ୟକ୍ତି ଜଗତରେ ଶାନ୍ତିଗୃହରେ ପ୍ରବେଶ କରି ବରଲାଭ କରିଥାଏ । ହେ କିରୀଟି ! ଯିଏ ଆତ୍ମଯୋଗୀ ନୁହଁ, ସେ କର୍ମବନ୍ଧନ ଦ୍ୱାରା ବାନ୍ଧିହୋଇ ରହିବାପାଇଁ ଫଳଭୋଗରୂପକ ଖୁଣ୍ଟି ସହିତ ଅଭିଳାଷରୂପକ ଗ୍ରନ୍ଥିଦ୍ୱାରା ନିଜକୁ ଆବଦ୍ଧ ରଖେ ।

ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ ।
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ।।୧୩।।

ଫଳକାମୀ ଭଳି ଯିଏ କାମ କରେ, କିନ୍ତୁ ମୁଁ ଏହାର କର୍ତ୍ତା ନୁହେଁ, ଏହି ଭାବରେ ଯିଏ ଫଳକୁ ଉପେକ୍ଷା କରେ, ସେ ବ୍ୟକ୍ତି ଯେଉଁ ଦିଗକୁ ଦୃଷ୍ଟିପାତ

କରେ, ସେ ଦିଗରେ ସୁଖର ଢେଉ ଖେଳିଯାଏ । ସେ ଯେଉଁଠି ସେଇଠି ମହାବୋଧର ଉପସ୍ଥିତି ଅନୁଭବ କରେ । ଫଳଇଚ୍ଛା ତ୍ୟାଗ କରିଥିବା ବ୍ୟକ୍ତି ଏହି ନବଦ୍ୱାରଯୁକ୍ତ ଦେହରେ ଥିଲେ କିମ୍ବା ଥିଲାଭଳି ଅନ୍ୟମାନେ ମନେ କରୁଥିଲେ ମଧ୍ୟ ପ୍ରକୃତରେ ସେ ସେଥିରେ ନଥାଏ, ସେ କର୍ମକଲେ ମଧ୍ୟ ପ୍ରକୃତରେ କିଛି କରିନଥାଏ ।

ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥୧୪॥

ଉଦାହରଣ ସ୍ୱରୂପ ସର୍ବେଶ୍ୱର ଅକର୍ତ୍ତା । କିନ୍ତୁ ସେ ମାୟାର ଉପାଧି ଦ୍ୱାରା ଏହି ତ୍ରିଭୁବନକୁ ସୃଷ୍ଟି କରି ବିସ୍ତାର କରିଛନ୍ତି ବୋଲି ତାଙ୍କୁ କର୍ତ୍ତା କହିଲେ ମଧ୍ୟ ସେ କୌଣସି କର୍ମରେ ଲିପ୍ତ ହୋଇପଡ଼ନ୍ତି ନାହିଁ । କାରଣ କୌଣସି ଉଦାସୀନ ବ୍ୟକ୍ତିର ହସ୍ତପଦ କର୍ମରେ ଲିପ୍ତ ହୁଏନା । ତାଙ୍କର ଯୋଗନିଦ୍ରା ଭଙ୍ଗ ହୁଏନା କିମ୍ବା ତାଙ୍କର ଅକର୍ତ୍ତାପଣ କମି ଯାଏନା । ସେ ଭଲଭାବରେ ସମସ୍ତ ପ୍ରାଣୀଙ୍କୁ ରଚନା କରିଛନ୍ତି । ସେ ଜଗତର ଜୀବନ ଭିତରେ ରହିଛନ୍ତି ଅଥଚ କେଉଁଠି ହେଲେ ନାହାନ୍ତି । ଜଗତର ଉତ୍ପତ୍ତି ଓ ଲୟ ହୋଇଥାଏ । ଏହାକୁ ସେ ଦେଖି ମଧ୍ୟ ଦେଖି ନଥାନ୍ତି ।

ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥୧୫॥

ସେ ପାପ ପୁଣ୍ୟର ଘେର ଭିତରେ ଥିଲେ ମଧ୍ୟ ତାକୁ ସେ ଦେଖନ୍ତି ନାହିଁ, ତାର ସାକ୍ଷୀ ମଧ୍ୟ ହୁଅନ୍ତି ନାହିଁ । ତେଣୁ ତାଙ୍କ ସମ୍ପର୍କରେ ଆଉ ଅନ୍ୟ କିଛି ପଚାରିବାରେ ଲାଭ ବା କ'ଣ ହେବ ? ଦେହ ଧରି ଅନ୍ୟମାନଙ୍କ ଭଳି ସେ କ୍ରୀଡ଼ାକଲେ ମଧ୍ୟ ତାଙ୍କର ନିରାକାରତାର କୌଣସି କ୍ଷତି ହୁଏନାହିଁ ବା ହାନି ହୁଏନାହିଁ । ସେ ସଂସାର ରଚନା କରିଛନ୍ତି, ତାକୁ ସେ ରକ୍ଷା କରନ୍ତି ଓ ବିକାଶ କରନ୍ତି ବୋଲି ଏ ଯେଉଁ ମତ ସଚରାଚର ପ୍ରଚାରିତ, ତାହା ଅଜ୍ଞାନପ୍ରସୂତ ।

ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।
ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍‌ପରମ୍ ॥୧୬॥

ଏହି ମାୟା ବା ଅଜ୍ଞାନ ଯେତେବେଳେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ, ଭ୍ରାନ୍ତିର କାଳିମା ଅର୍ଥାତ୍ ଅନ୍ଧକାର ଦୂର ହୋଇଯାଏ, ସେତେବେଳେ ମନୁଷ୍ୟ ଅନୁଭବ କରେ– ''ମୁଁ ଈଶ୍ୱର ଏବଂ ଅକର୍ତ୍ତା । ସ୍ୱଭାବତଃ ଆରମ୍ଭରୁ ମୁଁ ଅକର୍ତ୍ତା ରହି ଆସିଛି ।'' ମନରେ ଯଦି ଏଭଳି ଜ୍ଞାନର ଉଦୟ ହୁଏ ଏବଂ ବିବେକ ହୁଏ, ତାହାହେଲେ ଜଗତରେ କୌଣସି ବିଷୟରେ ଭେଦଭାବ ରହିପାରେ କି ? ସୂର୍ଯ୍ୟ ଉଦୟ ହେବାମାତ୍ରେ ପୂର୍ବଦିଗରୁ ଆଲୋକର ଶୋଭା ଭାସିଆସେ, ସବୁଆଡୁ ଅନ୍ଧକାର ଦୂରୀଭୂତ ହୋଇଯାଏ । ସେହିଭଳି ଅନୁଭବ ଦ୍ୱାରା ଆତ୍ମଜ୍ଞାନୀ ନିଜେ ଯେପରି ମୁକ୍ତ, ସମଗ୍ର ଜଗତକୁ ମଧ୍ୟ ମୁକ୍ତ ବୋଲି ବୁଝିପାରିବ ।

ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍‌ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ॥୧୭॥

ଆତ୍ମଜ୍ଞାନ ସମ୍ପର୍କରେ ଯାହାର ବୁଦ୍ଧି ନିଶ୍ଚିତ, ସେ ନିଜକୁ ବ୍ରହ୍ମସ୍ୱରୂପ ବୋଲି ବୁଝିପାରେ ଏବଂ ସେ ଅହର୍ନିଶି ବ୍ରହ୍ମପରାୟଣ ହୋଇ ବ୍ରହ୍ମସ୍ଥିତିରେ ଥାଏ । ଏହିଭଳି ଉତ୍ତମ ଓ ବ୍ୟାପକ ଜ୍ଞାନଦ୍ୱାରା ଯାହାର ହୃଦୟ ବିଶୋଧିତ, ସେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିଥାଏ । ସେ ବ୍ୟକ୍ତି ନିଜକୁ ଯେଉଁ ରୂପରେ ଦେଖେ, ସମଗ୍ର ବିଶ୍ୱକୁ ମଧ୍ୟ ସେହି ରୂପରେ ଦେଖିଥାଏ । ଏଭଳି ସୌଭାଗ୍ୟବାନ୍ ବ୍ୟକ୍ତି କୌତୂହଳରେ ହେଲେ ସୁଦ୍ଧା ଦାରିଦ୍ର୍ୟ କ'ଣ ଜାଣେନା, ତାର ବିବେକ କୌଣସି ଭ୍ରାନ୍ତିକୁ ଚିହ୍ନେନା । ସୂର୍ଯ୍ୟ ସ୍ୱପ୍ନରେ ସୁଦ୍ଧା ଅନ୍ଧକାରର ଚିହ୍ନ ଦେଖିପାରେ କି ? ଅମୃତ ମୃତ୍ୟୁକଥା ଶୁଣି ପାରେ କି ? ସନ୍ତାପ ଯେ କିଭଳି ବସ୍ତୁ, ଚନ୍ଦ୍ର ତାର ଖବର ରଖେ ନାହିଁ । ସେହିଭଳି ଜ୍ଞାନୀବ୍ୟକ୍ତି ପ୍ରାଣୀମାନଙ୍କ ଭିତରେ 'ଭେଦ'ର ନାମ ସୁଦ୍ଧା ଜାଣି ପାରେନା ।

ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥୧୮॥

ମନୁଷ୍ୟ ଜ୍ଞାନ ସମ୍ପନ୍ନ ହୋଇଯିବା ପରେ ଏହା ଗାଈ, ଏହା ହାତୀ ଅଥବା ଇଏ ଚଣ୍ଡାଳ, ଇଏ ବ୍ରାହ୍ମଣ, ସେ ଆପଣାର, ଆଉ ସେ ପର– ଏହି ଭାବ

ତାର ରହେନା । ଅଧିକ କ'ଣ କହିବି, ଏଇଟି ଗାଈ, ଏଇଟି କୁକୁର, ଏହା ବଡ଼, ଏହା ଛୋଟ ଇତ୍ୟାଦିର ସ୍ୱପ୍ନ, ଜାଗ୍ରତ ବ୍ୟକ୍ତିର ଆସିବ କୁଆଡୁ ? ଯେଉଁଠି ଅହଂଭାବ, ସେଇଠି ଭେଦଭାବ । ଯାହାର ଅହଂଭାବ ଆଗରୁ ଚାଲିଯାଇଛି ତା ମନରେ ଭେଦଭାବ ରହିବ କିପରି ?

ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେସ୍ଥିତଂ ମନଃ ।
ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥୧୯॥

ସମଦୃଷ୍ଟିର ସମ୍ପୂର୍ଣ୍ଣ ମର୍ମ ହେଉଛି ସର୍ବତ୍ର ସର୍ବଦା ସମାନ ଅଦ୍ୱୈତ ବ୍ରହ୍ମସହିତ ନିଜର ଅଭେଦଭାବ । ଯିଏ ବିଷୟସଙ୍ଗ ପରିତ୍ୟାଗ କରେ ନାହିଁ, ଇନ୍ଦ୍ରିୟ ନିଗ୍ରହ କରେ ନାହିଁ ଅର୍ଥାତ୍ ଯିଏ କାମନାରହିତ ହୋଇ ନିଃସଙ୍ଗତା ଭୋଗ କରେ ଏବଂ ସୁପ୍ତ ବ୍ୟକ୍ତି ସମସ୍ତ କାମନାଠାରୁ ପୃଥକ୍ ଥିବାଭଳି ଯିଏ ସଂସାର ଭିତରେ ମୂଢ଼ତାରେ ପରିପୂର୍ଣ୍ଣ ଲୌକିକ କର୍ମକୁ ତ୍ୟାଗ କରେ; ସେଭଳି ପୁରୁଷ ଯଦିଓ ଦେହଧାରୀ ଓ ସଂସାରୀ, ତଥାପି ମଣିଷ ସମାଜରେ ଅଲକ୍ଷିତ ଭାବରେ ଅବସ୍ଥିତ ଭୂତ ପିଶାଚଙ୍କୁ ଯେପରି କେହି ଦେଖି ପାରନ୍ତି ନାହିଁ, ସେହିଭଳି ତାକୁ କେହି ଚିହ୍ନିପାରନ୍ତି ନାହିଁ । ଜଳ ଭିତରେ ଜଳ ଥାଇ ପବନଦ୍ୱାରା ଆନ୍ଦୋଳିତ ହୁଏ, ଅଥଚ ଲୋକେ ଆନ୍ଦୋଳିତ ଜଳକୁ ପୃଥକ୍ ତରଙ୍ଗ ବୋଲି ମନେକରି ଥାଆନ୍ତି । ତେଣୁ ଲୋକେ ଯାହା ଭାବନ୍ତୁନା କାହିଁକି, ଯାହାର ମନ ସମତାଲାଭ କରିଥାଏ, ତାର ଶରୀର ଓ ନାମ ଥିଲେ ମଧ୍ୟ ସେ ବ୍ରହ୍ମସ୍ୱରୂପ ହୋଇଯାଇଥାଏ । ଏହି ପ୍ରକାରର ସମଦୃଷ୍ଟିସମ୍ପନ୍ନ ବ୍ୟକ୍ତିକୁ ଚିହ୍ନିବାର ଚିହ୍ନ ମଧ୍ୟ ଅଛି । ଶ୍ରୀକୃଷ୍ଣ କହିଲେ ହେ ଅର୍ଜୁନ ! ସେସବୁ ଲକ୍ଷଣ ମୁଁ ସଂକ୍ଷେପରେ ବର୍ଣ୍ଣନା କରୁଛି ଶୁଣ ।

ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟନୋଦ୍‌ବିଜେତ୍‌ପ୍ରାପ୍ୟଚାପ୍ରିୟମ୍ ।
ସ୍ଥିରବୁଦ୍ଧିରସଂମୂଢ଼ୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥୨୦॥

ମୃଗତୃଷ୍ଣା-ଜଳର ବନ୍ୟାରେ ପର୍ବତ ଡୁବି ଯାଏନା । ସେହିଭଳି ଶୁଭାଶୁଭ ଅବସ୍ଥାରେ ଯିଏ ବିକାରଗ୍ରସ୍ତ ହୁଏନା, ସେ ତତ୍ତ୍ୱତଃ ସମଦର୍ଶୀ । ଶ୍ରୀକୃଷ୍ଣ କହିଲେ— ହେ ପାଣ୍ଡୁସୁତ ! ସିଏ ହିଁ ପ୍ରତ୍ୟକ୍ଷ ବ୍ରହ୍ମ ।

ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ ସୁଖଂ ।
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥୨୧॥

ଯିଏ ଆତ୍ମସ୍ୱରୂପ ତ୍ୟାଗକରି ଇନ୍ଦ୍ରିୟର ଅଧୀନ ହୋଇପଡ଼େନା, ସେଭଳି ଲୋକ ଯେ କେବେହେଲେ ବିଷୟ ସେବନ କରେନାହିଁ– ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏଭଳି ଲୋକର ଅନ୍ତଃକରଣ ସ୍ୱଭାବତଃ ଆତ୍ମସୁଖର ଆନନ୍ଦରେ ପରିପୂର୍ଣ୍ଣ ଥିବାହେତୁ ସେ ବାହ୍ୟସୁଖ ସନ୍ଧାନଲାଗି ପଦକ୍ଷେପ ସୁଦ୍ଧା କରେନା । ଯେଉଁ ଚକୋର ବିକଶିତ କୁମୁଦର ପାଖୁଡ଼ାରୁ ଚନ୍ଦ୍ରକିରଣର ସୁଧା ଆସ୍ୱାଦନ କରେ, ସେ କେବେହେଲେ ବାଲୁକାକୁ ଚୁମ୍ବନ କରିବାକୁ ଧାଇଁବ କି ? ସେହିଭଳି ଯେଉଁ ବ୍ୟକ୍ତି ନିଜ ଭିତରେ ଆତ୍ମସୁଖ ଆସ୍ୱାଦନ ଲାଭ କରେ, ଅର୍ଥାତ୍ ବ୍ରହ୍ମସ୍ୱରୂପ ହୋଇ ଯାଇଥାଏ, ସେ ସ୍ୱଭାବତଃ ବିଷୟସୁଖ ତ୍ୟାଗ କରିଥାଏ । ତୁମେ ନିଜେ ବିଚାର କରି ଦେଖିଲେ ଜାଣି ପାରିବ ଯେ ସେଭଳି ବ୍ୟକ୍ତି ବିଷୟସୁଖ ପ୍ରତି କେବେହେଲେ ପ୍ରଲୁବ୍ଧ ହୁଏ ନାହିଁ ।

ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ! ନ ତେଷୁ ରମତେ ବୁଧଃ ॥୨୨॥

କିନ୍ତୁ ବିଷୟ ସୁଖର ଜାଲରେ ପଡ଼େ କିଏ ? ଯାହାର ଆତ୍ମଦର୍ଶନ ହୋଇନଥାଏ, ସେ ଏହି ଇନ୍ଦ୍ରିୟ ସୁଖ ବିଷୟରେ ଭ୍ରମଣ କରିଥାଏ । ଯେପରି ଦରିଦ୍ରବ୍ୟକ୍ତି କ୍ଷୁଧାରେ କାତର ହୋଇ ତଷୁ ସୁଦ୍ଧା ଖାଇ ପକାଏ, ଯେପରି ତୃଷିତ ବ୍ୟକ୍ତି ତୃଷାରେ କାତର ହୋଇ ମରିଚିକାର ଜଳକୁ ପ୍ରକୃତ ଜଳ ମନେକରି ଦୌଡ଼ି ଦୌଡ଼ି ଶେଷରେ ଟାଙ୍ଗରା ଭୂମିରେ ଆସି ପଡ଼େ, ସେହିଭଳି ଯିଏ ଆତ୍ମଦର୍ଶନକରୁ ବଞ୍ଚିତ, ଯିଏ ଆତ୍ମସୁଖ ଅଭାବରୁ କାଙ୍ଗାଳ, ତାହାନିକଟରେ ବିଷୟସୁଖ ଅତି ସୁନ୍ଦର, ସରସ ମନେ ହୋଇଥାଏ । ବାସ୍ତବରେ ବିଷୟରେ କୌଣସି ସୁଖ ନଥାଏ । ଯଦି ବିଷୟରେ ସୁଖ ଥାଆନ୍ତା, ତାହାହେଲେ ତ ବିଦ୍ୟୁତ୍ ସ୍ମରଣମାତ୍ରେ ଆଲୋକ ମିଳିଯାଇ ପାରନ୍ତା । ଆକାଶର ଛାୟାରେ ଯଦି ଝଡ଼, ବର୍ଷା ଓ ଉତ୍ତାପ ନିବାରଣ ହୋଇ ପାରୁଥାଆନ୍ତା, ତାହାହେଲେ ତ୍ରିତଳ ସୌଧନିର୍ମାଣର କୌଣସି ପ୍ରୟୋଜନ ହୁଅନ୍ତା ନାହିଁ । ତେଣୁ ଯେଉଁମାନେ କହନ୍ତି ଯେ, ବିଷୟରେ ସୁଖ ଅଛି, ସେମାନେ

ନିର୍ବୋଧ । କେତେକ ବିଷଫଳ ମଧ୍ୟ ସୁନ୍ଦର ଦେଖାଯାଏ, ମଧୁର ମଧ୍ୟ ଲାଗେ । ସେହିଭଳି ବିଷୟ ସୁଖ ହେଉଚି ସୁମଧୁର ବିଷଫଳ । ପାପଗ୍ରହ ଭୌମଗ୍ରହକୁ ମଙ୍ଗଳ ବୋଲି କହିବା, ମରୀଚିକା ଜଳକୁ ପ୍ରକୃତ ଜଳ ବୋଲି ଭାବିବା ଯାହା, ବିଷୟ ମଧ୍ୟ ତାହା । ସେକଥା ଥାଉ, ଆଉ ଗୋଟିଏ ଉଦାହରଣ ହେଉଛି, ସାପର ଫଣାତଳେ ମୂଷା କେତେ ସମୟ ଶୀତଳଛାୟା ଅନୁଭବ କରିପାରେ ? ପାଣିଭିତରେ ବୁଡ଼ି ରହିଥିବା ବନ୍‌ଶୀ କଣ୍ଟାର ଜିଆଟିକୁ ଗିଳି ନଥିବା ପର୍ଯ୍ୟନ୍ତ ମାଛର ସବୁ ଠିକ୍ ଥାଏ, ଗିଳିଦେବା ମାତ୍ରେ ତାର ସବୁ ଚାଲିଯାଏ । ସେହିଭଳି ବିଷୟସଙ୍ଗ । ହେ କିରୀଟି ! ମନରେ ବୈରାଗ୍ୟ ଆସିବା ପରେ ଏସବୁକୁ ଦେଖିଲେ ଜାଣିପାରିବ ଯେ ଏହି ବିଷୟବୁଦ୍ଧି ହେଉଛି ଠିକ୍ କାମଳରୋଗ ଭଳି— ଯାହା ଉପରୁ ଦେଖିଲେ ବେଶ୍ ଫୁଲ ଫୁଟିବା ଭଳି ଦେଖାଯାଏ । ତେଣୁ ବିଷୟ-ଭୋଗରୁ ଯେଉଁ ତଥାକଥିତ ସୁଖ ମିଳେ, ତାହା ସୁଖ ନୁହେଁ, ଦୁଃଖ । ମୂର୍ଖଲୋକ ଏହି ବିଷୟଭୋଗ ବ୍ୟତୀତ ଅନ୍ୟ କୌଣସି ପନ୍ଥା ଅଛି ବୋଲି ଭାବି ସୁଦ୍ଧା ପାରନ୍ତି ନାହିଁ । ଏହାର ମର୍ମକୁ ବୁଝି ନପାରି ସେମାନେ ଅଗତ୍ୟା ବିଷୟଭୋଗରେ ପଡ଼ିଥାଆନ୍ତି । କେଞ୍ଚୁଆ କ'ଣ କେବେ ପଙ୍କ କାଦୁଅକୁ ଘୃଣା କରିପାରେ ? ଯିଏ ବିଷୟୀ ସେ ହେଉଚି ଦୁଃଖୀ । ସେ ଦୁଃଖକୁ ଆତ୍ମସୁଖ ମନେକରେ । ସେ ବିଷୟରୂପକ କାଦୁଅ ପଙ୍କ ଭିତରେ ଥିବା ବେଙ୍ଗଭଳି । ସେ ଭୋଗରୂପକ ଜଳରେ ଜଳଚର । ଏ କାଦୁଅ ଓ ଜଳ ସେମାନଙ୍କ ଦେହରୁ ଛାଡ଼ିବ କିପରି ? ଜୀବ ଯଦି ବିଷୟ ପ୍ରତି ବିରକ୍ତ ହୋଇପଡ଼େ, ତାହାହେଲେ ଦୁଃଖମୟ ଇନ୍ଦ୍ରିୟଗୁଡ଼ିକ ନିରର୍ଥକ ହୋଇ ପଡ଼ିବ ନାହିଁ କି ? ଗର୍ଭବାସ ଏବଂ ଜନ୍ମ-ମରଣର କଷ୍ଟ ଯଦି ସେମାନେ ଭୋଗିବେ ନାହିଁ ଆଉ ଭୋଗିବ କିଏ ? ଯଦି ବିଷୟାସକ୍ତ ପୁରୁଷ ବିଷୟକୁ ଛାଡ଼ିଦେବ, ତାହାହେଲେ 'ମହାପାପ' ଆଶ୍ରୟ ପାଇବ କେଉଁଠି ! ଜଗତରେ ସଂସାର ବୋଲି ଯାହାକୁ କୁହାଯାଉଚି, ତାହା ମିଥ୍ୟା ହୋଇ ପଡ଼ିବ ନାହିଁ କି ? ତେଣୁ ମିଥ୍ୟା ଓ 'ଅବିଦ୍ୟା' ବୋଲି ଯାହା ସବୁ ରହିଛି, ସେହି ମିଥ୍ୟାକୁ ସତ୍ୟ ବୋଲି ମନେ କରୁଥିବାରୁ ଜୀବ ଦୁଃଖକୁ ସୁଖ ବୋଲି ଗ୍ରହଣ କରିଥାଏ । ଅତଏବ ହେ ସୁଯୋଦ୍ଧା ଅର୍ଜୁନ, ସବୁ ଦିଗରୁ ବିଚାର କରି ଦେଖିଲେ, ବିଷୟମାତ୍ରେ ନିକୃଷ୍ଟ । ତମେ ଭୁଲରେ ସୁଦ୍ଧା ସେହି ବାଟରେ ଯାଅନାହିଁ । ଯେଉଁମାନେ ଏହି ବିଷୟ ସୁଖଭୋଗ କରି କରି ବିରକ୍ତ ହୋଇ ପଡ଼ିଥାଆନ୍ତି,

ସେମାନେ ଏହାକୁ ବିଷବୋଲି ଜାଣିପାରି ଶେଷରେ ତ୍ୟାଗ କରିଥାଆନ୍ତି । ନିଷ୍କାମ ଲୋକେ ସୁଖରୂପକ ଦୁଃଖରେ ମୋହିତ ହୋଇ ପଡ଼ନ୍ତି ନାହିଁ ।

ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ॥୨୩॥

ଜ୍ଞାନୀମାନଙ୍କ ମନରେ ବିଷୟ-ଭାବନା ବୋଲି କିଛି ନଥାଏ । ଦେହ ଥିଲେ ମଧ୍ୟ ସେମାନେ ବିକାରଗୁଡ଼ିକୁ ନିଜର ଅଧୀନ କରି ନେଇଥାଆନ୍ତି । ସେମାନେ ବାହ୍ୟବିଷୟ ବୋଲି କିଛି ଜାଣନ୍ତି ନାହିଁ । ସେମାନଙ୍କ ଅନ୍ତରରେ କେବଳ ଗୋଟିଏ ମାତ୍ର ଆତ୍ମସୁଖ ବିଦ୍ୟମାନ ଥାଏ । କିନ୍ତୁ ସେମାନେ ଏକ ପୃଥକ୍ ଅବସ୍ଥାରେ ଥାଇ ସେହି ସୁଖର ଆସ୍ୱାଦନ କରି ଥାଆନ୍ତି । ପକ୍ଷୀ ଫଳକୁ ଖୁମ୍ପି ଖୁମ୍ପି ଆସ୍ୱାଦନ କରିବାଭଳି ଏମାନଙ୍କର ସୁଖ 'ଭୋଗ' ନୁହେଁ, ସେମାନଙ୍କ ଭୋକ୍ତାଭାବ ମଧ୍ୟ ବିସ୍ମରଣ ହୋଇଯାଏ । ଆତ୍ମସୁଖ ଭୋଗ ସମୟରେ ଏପରି ତନ୍ମୟଭାବ ଜାଗ୍ରତ ହୋଇଥାଏ ଯେ, ଜ୍ଞାନୀବ୍ୟକ୍ତି ଅହଂକାରକୁ ବିବସ୍ତ୍ର କରିପକାଇ ତନ୍ମୟତାକୁ ଦୃଢ଼ ଭାବରେ ଆଲିଙ୍ଗନ କରେ । ସେହି ଆଲିଙ୍ଗନ ଫଳରେ ଜୀବାତ୍ମା ପରମାତ୍ମା ସହିତ ଏକାକାର ହୋଇଯାଏ । ଜଳ ଦେହରେ ଜଳ ମିଶି ଯେପରି ପୃଥକ୍ ଦେଖାଯାଏ ନାହିଁ, ଆକାଶରେ ବାୟୁ ମିଳେଇ ଗଲେ ଆକାଶ ଓ ବାୟୁର ଭେଦ ଯେପରି ନଷ୍ଟ ହୋଇଯାଏ, ସେହିଭଳି ଜ୍ଞାନୀଙ୍କ ତନ୍ମୟତା ସମୟରେ 'ସୁଖ' ନିଜ ସ୍ୱରୂପରେ ହିଁ ରହିଯାଏ । ଏଭଳି ଭାବରେ 'ଦ୍ୱୈତ' ନାମ ଲୋପ ପାଇଯାଏ । ତେବେ ସେ ବର୍ଣ୍ଣନା ଥାଉ । ତୁମେ ପ୍ରଶ୍ନ କରିପାର ଯେ ଏକାକାର ହୋଇଗଲା ବୋଲି ଜାଣିବ କିଭଳି ? ତାର ସାକ୍ଷୀ କିଏ ?

ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥୨୪॥
ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।
ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ॥୨୫॥

ଏବେ ଶୁଣ, ଯାହା ଅନିର୍ବଚନୀୟ ତାକୁ ବଚନ ଦ୍ୱାରା ବର୍ଣ୍ଣନା କରାଯିବ କିପରି ? ସ୍ୱଭାବତଃ ଆତ୍ମାରାମ ପୁରୁଷ ହିଁ ତାର ସଠିକ ପରିଚୟ ପାଇଥାଏ ।

ଯିଏ ଏହି ସୁଖରେ ମାତି ଯାଇଛି, ନିଜ ସ୍ୱରୂପରେ ନିମଗ୍ନ ହୋଇଯାଇଛି, ସିଏ ହିଁ ନିଖିଳ ବ୍ରହ୍ମାନନ୍ଦର ପୂର୍ଣ୍ଣତା ଲାଭ କରିଛି, ସିଏ ହିଁ ଆନନ୍ଦର ସ୍ୱରୂପ, ଆତ୍ମବୋଧର ବିହାର ଭୂମି । ସିଏ ହିଁ ବିବେକର ଜନ୍ମଭୂମି, ପରମବ୍ରହ୍ମର ସ୍ୱଭାବ ଓ ବ୍ରହ୍ମ ବିଦ୍ୟାର ଅବୟବ । ସେ ସତ୍ତ୍ୱର ସାତ୍ତ୍ୱିକ ଅଂଶ, ଚୈତନ୍ୟର ସର୍ବାଙ୍ଗ ।

ଜ୍ଞାନଦେବଙ୍କ ଗୁରୁ ଜ୍ଞାନଦେବଙ୍କମନରେ ଥାଇ କହିଲେ, "ବହୁତ କହିଲଣି । ସେହି ସେହି କଥା କେତେ ବର୍ଣ୍ଣନା କରୁଚ ? ତୁମେ ଯଦି ସାଧୁମାନଙ୍କ ସ୍ତୁତିରେ ଆନନ୍ଦ ପାଉଚ, ତାହାହେଲେ ମୂଳକଥା ସ୍ମରଣ କରାଇ ନିରାଲମ୍ବ ସ୍ୱରୂପର ପ୍ରେମମୟ ବର୍ଣ୍ଣନା କରିବାରେ ଲାଗିଯାଅ । ଏବେ ଯେଉଁକଥା କହିଲ ସେହି ରସକୁ ବିସ୍ତାରିତ କରି, ଗ୍ରନ୍ଥାର୍ଥ ପ୍ରଦୀପକୁ ଉଜ୍ଜ୍ୱଳ କରି ସାଧୁଗଣଙ୍କ ହୃଦୟରେ ମଙ୍ଗଳ-ଉଷାକୁ ପ୍ରକାଶ କର ।

ଗୁରୁଦେବଙ୍କ ଏ ପ୍ରକାରର ଅଭିପ୍ରାୟକୁ ବୁଝିପାରି ନିବୃତ୍ତିଦାସ ଜ୍ଞାନଦେବ କହିଲେ, ତାହାହେଲେ ଆପଣମାନେ ଶୁଣନ୍ତୁ; ଶ୍ରୀକୃଷ୍ଣ କହିଲେ ହେ ଅର୍ଜୁନ ! ଯିଏ ଅନନ୍ତ ଆତ୍ମାନନ୍ଦରୂପକ ହ୍ରଦରେ ଡୁବିଯାଇ ତଳେଯାଇ ବସିଛି ଏବଂ ସେଠାରେ ହ୍ରଦ ସ୍ୱରୂପ ହୋଇପଡ଼ିଛି, ଯିଏ ଶୁଦ୍ଧ ଆତ୍ମଜ୍ଞାନାଲୋକ ସାହାଯ୍ୟରେ ନିଜ ଭିତରେ ସମଗ୍ର ସଂସାରକୁ ଦେଖିଥାଏ, ସେ ମନୁଷ୍ୟ ଦେହଧାରୀ ହେଲେ ମଧ୍ୟ ତାକୁ ପରବ୍ରହ୍ମସ୍ୱରୂପ ମନେ କରାଯାଏ । ସିଏ ପରମ ସତ୍ୟ, ସର୍ବଶ୍ରେଷ୍ଠ ଅକ୍ଷୟ ଅବିନାଶୀ ଓ ଅସୀମ । ଯିଏ ନିଷ୍କାମ ହୋଇଥାଏ, ତା'ର ଏହି ପରବ୍ରହ୍ମରୂପୀ ଦେଶରେ ବାସ କରିବାର ଅଧିକାରୀ ହୋଇଥାଏ । ମହର୍ଷି, ବୈରାଗ୍ୟବାନ୍ ମାନଙ୍କ ଭାଗ୍ୟରେ ଏହା ଘଟିଥାଏ । ଏହାଙ୍କ ସମୃଦ୍ଧିର ଶେଷ ନାହିଁ ।

କାମକ୍ରୋଧବିୟୁକ୍ତାନାଂ ଯତୀନାଂ ଯତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ॥୨୬॥

ଯିଏ କାମ, କ୍ରୋଧ ଓ ବିଷୟଠାରୁ ନିଜ ମନକୁ ପୃଥକ୍ କରି ନେଇ ନିଜ ଆୟତ୍ତରେ ରଖିଥାଏ, ସିଏ ଯେଉଁ ସ୍ଥାନରେ ଶାନ୍ତ ଭାବରେ ଶୁଏ ଏବଂ କେବେ ଜାଗ୍ରତ ହୁଏନାହିଁ, ସେହି ସ୍ଥାନକୁ ପରବ୍ରହ୍ମ-ନିର୍ବାଣ କୁହାଯାଏ । ଏଭଳି ଲୋକକୁ କୁହାଯାଏ ଆତ୍ମଜ୍ଞାନବାନ୍ । ହେ ପାଣ୍ଡୁକୁମାର ! ସେହି ପୁରୁଷ ହିଁ ପରମବ୍ରହ୍ମ ସ୍ୱରୂପ ନିର୍ବାଣ ପ୍ରାପ୍ତ ହୋଇଥାଏ । ଯଦି ତୁମେ ପ୍ରଶ୍ନ କରିବ ଯେ, ଦେହ ଥାଇ

କିଏ କ'ଣ ବ୍ରହ୍ମତ୍ୱ ଲାଭ କରିପାରେ କିଏ ? ତାହାହେଲେ ମୁଁ ସଂକ୍ଷେପରେ ବର୍ଣ୍ଣନା କରୁଛି, ଶୁଣ ।

ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ॥୨୭॥
ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।
ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ॥୨୮॥

ଯିଏ ବୈରାଗ୍ୟ ବଳରେ ବିଷୟ ବିଷକୁ ବାହାର କରି ନେଇ ଶରୀରରେ ମନକୁ ଏକାଗ୍ର ରଖିପାରେ (ଯେଉଁଠି ତିନୋଟିଯାକ ନାଡ଼ି ମିଳିତ ହୁଏ) ଏବଂ ଯିଏ ଦୁଇଟିଯାକ ଭ୍ରୁଲ୍ଲତାର ଗଣ୍ଠିକୁ ନିଜ ଦୃଷ୍ଟିଦ୍ୱାରା ଏକାଠି ଲଗାଇ ଦେଇପାରେ, ଚିଦାକାଶରେ ସଞ୍ଚାରକାରୀ ସେହି ଯୋଗୀ ଦକ୍ଷିଣ ଓ ବାମ ନୟନରେ ମାର୍ଗକୁ ବନ୍ଦ କରି ନିଜ ଚିତ୍ତ ସହିତ ପ୍ରାଣ ଓ ଅପାନ ବାୟୁକୁ ସମାନ ରଖିପାରେ । ଗଙ୍ଗାନଦୀ ରାସ୍ତାରେ ଭଲମନ୍ଦ ସମସ୍ତ ପ୍ରକାରର ନଈନାଳର ଜଳକୁ ବହନ କରି ସମୁଦ୍ରରେ ମିଳିତ ହେଲେ ମଧ୍ୟ ଯେପରି ସେହି ଜଳକୁ ଅଲଗା କରି ଦିଆଯାଇ ନପାରେ, ସେହିପରି ହେ ଅର୍ଜୁନ ! ଯେତେବେଳେ ସମାନ ଅବସ୍ଥାରେ ପ୍ରାଣ ଓ ଅପାନ ସମ୍ମିଳିତ ବାୟୁ ବଳରେ ଚିଦାକାଶରେ ମନର ଲୟ ହୁଏ, ସେତେବେଳେ ଅନ୍ୟ ବାସନାର ଚିନ୍ତା ଆପେ ଆପେ ଲୋପ ପାଇଯାଏ । ଯାହା ଉପରେ ସଂସାରର ଚିତ୍ର ଅଙ୍କିତ ହୁଏ, ସେହି ମନ ରୂପକ ପରଦା ସେତେବେଳେ ହଟିଯାଏ । ସରୋବର ଶୁଖିଗଲେ ପ୍ରତିବିମ୍ବ ନ ରହିବା ଭଳି ମୂଳକଥା 'ମନ' ଆଉ ନ ରହିଲେ, ସେଥିରେ ଅହଂକାର ଆଦି ଭାବ ଆସିବ କେଉଁଆଡୁ ? ଅତଏବ ଏହି ପ୍ରକାରର ଅନୁଭୂତିସମ୍ପନ୍ନ ବ୍ୟକ୍ତି ଦେହଧାରୀ ହେଲେ ମଧ୍ୟ ବ୍ରହ୍ମତ୍ୱ ଲାଭ କରେ ।

ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକ ମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥୨୯॥

ମୁଁ ପୂର୍ବରୁ କହିଚି ଯେ, କେତେକ ଲୋକ ଦେହ ଧାରଣ କରିଥିଲେ ମଧ୍ୟ ବ୍ରହ୍ମତ୍ୱ ଲାଭ କରିଥାଆନ୍ତି । ଯିଏ ଯମ, ନିୟମ, ଆସନ, ଧାରଣା ଆଦି ଦୁର୍ଗମ

ପର୍ବତ ଓ ଅଭ୍ୟାସର ସାଗର ଅତିକ୍ରମ କରି ପରପାରକୁ ଯାଏ, ସେ ବ୍ରହ୍ମତ୍ୱ ଲାଭ କରିଥାଏ । ସେ ଆତ୍ମସାକ୍ଷାତ୍‌କାର ବଳରେ ନିର୍ଲିପ୍ତ ରହି'ସାଂସାରିକ କାର୍ଯ୍ୟ ଚଳାଇବା ସଙ୍ଗେ ସଙ୍ଗେ ନିଜେ ଶାନ୍ତିସ୍ୱରୂପ ହୋଇପଡ଼େ । ଶ୍ରୀହୃଷୀକେଶ ଏହିଭଳି ଭାବରେ କର୍ମ ଯୋଗମାର୍ଗର ଅଭିପ୍ରାୟ ବୁଝାଇଲେ । ଅର୍ଜୁନ ମଧ୍ୟ ଏହି କଥା ବୁଝିବା ଲାଗି ଚାହିଁଥିଲେ । ତେଣୁ ସେ ଆନନ୍ଦରେ ଚକିତ ହୋଇପଡ଼ିଲେ । ଏହା ଦେଖି ଶ୍ରୀକୃଷ୍ଣ ହସି ହସି ପାର୍ଥଙ୍କୁ କହିଲେ; ଏଥର ଚିତ୍ତ ପ୍ରସନ୍ନ ହେଲା ତ ?

ସେତେବେଳେ ଅର୍ଜୁନ କହିଲେ, ହେ ଦେବ ! ଆପଣ ଅନ୍ୟର ମନକଥା ବୁଝିବାରେ ପ୍ରବୀଣ । ଆପଣ ମୋ ମନକଥା ଠିକ୍ ବୁଝିପାରିଛନ୍ତି । ମୁଁ ଯାହା ପଚାରିବି ବୋଲି ଭାବିଥିଲି, ଆପଣ ପୂର୍ବରୁ ଜାଣି ପାରିଛନ୍ତି । ତେବେ ଏବେ ଯାହା କହିଲେ, ତାହା ବିସ୍ତାରିତ ଭାବରେ ବର୍ଣ୍ଣନା କରନ୍ତୁ । ଗଭୀର ଜଳ ଅପେକ୍ଷା ଯେଉଁ ଜଳକୁ ପାଦରେ ଚାଲି ଚାଲି ପାରହେବା ସମ୍ଭବ ତାହା ସୁଗମ । ସେହିଭଳି ଆପଣ ସାଧନଲାଗି ଯେଉଁ ପ୍ରାଞ୍ଜଳ ମାର୍ଗ ସମ୍ପର୍କରେ ଉପଦେଶ ଦେଲେ, ତାହା ମୋଭଳି ବ୍ୟକ୍ତି ପକ୍ଷରେ ସାଂଖ୍ୟଯୋଗ ଅର୍ଥାତ୍ ଜ୍ଞାନମାର୍ଗଠାରୁ ମଧ୍ୟ ଅଧିକ ସୁଗମ ବୋଧ ହେଉଛି । ତେଣୁ ପର୍ଯ୍ୟାୟକ୍ରମେ ମତେଁ ଟିକିଏ ବୁଝେଇ ଦିଅନ୍ତୁ ।

ଅର୍ଜୁନଙ୍କ ମୁହଁରୁ ଏକଥା ଶୁଣିବାମାତ୍ରେ ଶ୍ରୀକୃଷ୍ଣ କହିଲେ, ଯାହାହେଉ ତୁମକୁ ଏହି ପଥ ଭଲ ଲାଗୁଚି ତ ? ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ମୁଁ କହୁଚି ତୁମେ ଆନନ୍ଦରେ ଶୁଣ । ଶୁଣୁ ଶୁଣୁ ଯଦି ଶୁଣିବା ବିଷୟର ଆଚରଣ ଲାଗି ଅର୍ଥାତ୍ ତାକୁ କାର୍ଯ୍ୟକାରୀ କରିବା ଲାଗି ତୁମେ ଯତ୍ନବାନ ହୋଇପାରିବ, ତାହାହେଲେ ମୁଁ ଉପଦେଶ ଦେବାଲାଗି କୃପଣ ହେବି କାହିଁକି ?

ଶ୍ରୀକୃଷ୍ଣଙ୍କ ଚିତ୍ତ ସ୍ୱଭାବତଃ ମାତୃହୃଦୟ ତୁଲ୍ୟ ସ୍ନେହମୟ, ସେଥିରେ ଭକ୍ତକୁ ପାଇଲେ ସେ ସ୍ନେହ ଆହୁରି ବଢ଼ିଯାଇଥାଏ । ତାଙ୍କର ଯେଉଁ ସ୍ନେହ, ତାହା ଅତି ଅଦ୍‌ଭୁତ ଓ ବର୍ଣ୍ଣନାତୀତ । ଏହାକୁ ଅପାର କରୁଣାର ଧାରାଶ୍ରାବଣ

ବୋଲି କହିବି କି ନୂତନ ପ୍ରେମର ସୃଷ୍ଟିବୋଲି କହିବି, ଠିକ୍ କରିପାରୁ ନାହିଁ ! ବାସ୍ତବରେ ଶ୍ରୀକୃଷ୍ଣଙ୍କ ସେହି ଅପାର କରୁଣାକୁ ବର୍ଣ୍ଣନା କରିବାଲାଗି ମୁଁ ଅସମର୍ଥ । କାରଣ ମନେହୁଏ ଯେପରିକି ତାଙ୍କ କରୁଣା-କଟାକ୍ଷରେ କେବଳ ଅମୃତ ଢଳା ହୋଇଚି କିମ୍ବା ଶ୍ରୀକୃଷ୍ଣ ମାଦକଦ୍ରବ୍ୟ ପାନକରି ପ୍ରେମରେ ମାତାଲ ହୋଇ ପଡ଼ିଚନ୍ତି । ଅର୍ଜୁନଙ୍କ ଭକ୍ତିପ୍ରେମରେ ସେ ଏପରି ବାନ୍ଧିହୋଇ ପଡ଼ିଥିଲେ ଯେ, ସେଥିରୁ ଖସି ପଳାଇବାର ଆଉ ବାଟ ନଥିଲା ।

ନିବୃତ୍ତି ଦାସ ଜ୍ଞାନଦେବ ଶ୍ରୋତାମାନଙ୍କୁ କହିଲେ, ଆଉ ଅଧିକା କିଛି ବର୍ଣ୍ଣନା କଲେ ମୂଳବିଷୟ ଅବାନ୍ତର ହୋଇ ପଡ଼ିବ । ତାପରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ପ୍ରେମରସକୁ ଠିକେ ଠିକେ ବର୍ଣ୍ଣନା କରିବା ସମ୍ଭବ ହେବ ନାହିଁ । ଜ୍ଞାନଦେବ ପକ୍ଷରେ ଅସମ୍ଭବ ହେବାରେ ଆଶ୍ଚର୍ଯ୍ୟ କିଛିନାହିଁ । କାରଣ ପ୍ରେମରେ ମାତାଲ ହୋଇ ଯେଉଁ ଭଗବାନ ନିଜକୁ ସମ୍ଭାଳି ପାରୁନାହାନ୍ତି, ସେ ଆମମାନଙ୍କର ବୁଦ୍ଧିଗମ୍ୟ ହେବ କିପରି ?

ଯାହାହେଉ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପରୋକ୍ତ ଭାବରେ ଯାହାସବୁ କହିଲେ, ସେଥିରୁ ଯେକୌଣସି ବ୍ୟକ୍ତି ଭାବିବ ଯେ, ସେ ନିଶ୍ଚୟ ପ୍ରେମମୟ । କାରଣ ଶ୍ରୀକୃଷ୍ଣ ପୁଣି ଆଗ୍ରହର ସହିତ କହିଲେ, ହେ ସଖା, ହେ ଅର୍ଜୁନ ! ଏଣିକି ତୁମ ଚିତ୍ତରେ ଯେପରି ଜ୍ଞାନୋଦୟ ହୋଇପାରିବ, ସେହିଭଳି ଭାବରେ କହିବି । ଯୋଗସ୍ଥିତି କାହାକୁ କୁହାଯାଏ, ଏହାର ପ୍ରୟୋଜନ କ'ଣ, ଏହାର ଅଧିକାରୀ କିଏ ପ୍ରଭୃତି ଯେଉଁସବୁ କଥା ଏହି ମାର୍ଗ ସମ୍ପର୍କରେ କହିଛି, ସେ ସବୁ ବିଷୟ ମୁଁ ବର୍ଣ୍ଣନା କରିବି । ତୁମେ ମନଦେଇ ଶୁଣ ।

ନିବୃତ୍ତିଦାସ ଜ୍ଞାନଦେବ କହୁଛନ୍ତି, ହେ ଶ୍ରୋତାଗଣ, କର୍ମସଂଗ ପରିତ୍ୟାଗ ନ କରି ମଧ୍ୟ ମନୁଷ୍ୟ କିପରି କର୍ମଯୋଗୀ ହୋଇପାରେ ଶ୍ରୀକୃଷ୍ଣ ତାହା ନିର୍ଣ୍ଣୟ କରିଛନ୍ତି । ସେହିକଥା ମୁଁ ବର୍ଣ୍ଣନା କରୁଛି ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ ଦୀପିକାୟାଂ
ପଞ୍ଚମୋଽଧ୍ୟାୟଃ ।

●

ଧ୍ୟାନ ଯୋଗ

ଷଷ୍ଠ ଅଧ୍ୟାୟ*

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ଶ୍ରୀକୃଷ୍ଣ ନିଜ ଅଭିପ୍ରାୟ ଅନୁସାରେ ଯେଉଁ ଯୋଗତତ୍ତ୍ୱ ନିରୂପଣ କରିଛନ୍ତି, ତାହା ଶୁଣନ୍ତୁ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ଲୀଳାବଶତଃ ଯେତେବେଳେ ବ୍ରହ୍ମରସର ରାଜଭୋଗ ପରିବେଷଣ କରୁଥିଲେ, ସେତେବେଳେ ମୁଁ ଅତିଥି ଭାବରେ ଉପସ୍ଥିତ ଥିଲି । ବାସ୍ତବରେ ଏହି ଭାଗ୍ୟର ମହିମା ବର୍ଣ୍ଣନା କରାଯାଇ ନପାରେ । ଯେପରି ପିପାସୀ ବ୍ୟକ୍ତି ଜଳ ପାଇବା ମାତ୍ରେ ଅମୃତ ପାଇବା ଭଳି ଅନୁଭବ କରିଥାଏ, ଆପଣଙ୍କର ଓ ମୋର ଅବସ୍ଥା ସେହିଭଳି ହୋଇଛି । କାରଣ ବହ୍ମଜ୍ଞାନ ଆମ ହାତମୁଠାକୁ ଆସିଛି ।

ସଞ୍ଜୟ ଶ୍ରୀକୃଷ୍ଣଙ୍କ ମହିମା ବର୍ଣ୍ଣନାରେ ଅଭିଭୂତ ହୋଇପଡୁଥିବା ଦେଖି ମହାରାଜ ଧୃତରାଷ୍ଟ୍ର କହିଲେ, ହେ ସଞ୍ଜୟ ମହାଶୟ, ମୁଁ ତୁମକୁ ସେକଥା ପଚାରୁ ନାହିଁ । ମୁଁ ଯାହା ପଚାରୁଛି ତାହା ହିଁ କହ ।

ରାଜାଙ୍କ ଏହି ଧମକରେ ସଞ୍ଜୟଙ୍କ ବିହ୍ୱଳଭାବ ସଙ୍ଗେ ସଙ୍ଗେ ଉଭେଇଗଲା । ସେ ବୁଝିପାରିଲେ ଯେ, ରାଜାଙ୍କ ହୃଦୟରେ ପୁତ୍ରମାନଙ୍କର ଚିନ୍ତାହିଁ ଘାରୁଛି । ସଞ୍ଜୟ ମନେ ମନେ ହସିଲେ ଏବଂ ମନେ ମନେ କହିଲେ, ବୃଦ୍ଧ ନୃପତି ମୋହରେ ପାଗଳ ହୋଇପଡ଼ିଛି । ଏପର୍ଯ୍ୟନ୍ତ ଅନେକ ଉପାଦେୟ ବିଷୟ କୁହା ସରିଲାଣି । କିନ୍ତୁ ଜନ୍ମାନ୍ଧ ଓ ମୋହାନ୍ଧ ରାଜା ସେ ସବୁ ବୁଝିବେ କିପରି, ଦେଖିବେ କିପରି ? ଏଣିକି ସ୍ପଷ୍ଟ କଥା କହିଲେ ତ ରାଜା ରାଗିଯିବେ । ତାହାହେଲେ ସେ କରିବେ କ'ଣ ?

ସଞ୍ଜୟ ଏକଥା ଭାବି ଶ୍ରୀକୃଷ୍ଣ-ଅର୍ଜୁନ-ସମ୍ବାଦକୁ ନିଜ ହୃଦୟ ଭିତରେ ପର୍ଯ୍ୟାଲୋଚନା କରି ନିଜେ ନିଜେ ମନ ଭିତରେ ସନ୍ତୋଷ ଲାଭ କଲେ ।

* ଏହି ଅଧ୍ୟାୟକୁ ଅଭ୍ୟାସଯୋଗ ମଧ୍ୟ କୁହାଯାଇଥାଏ ।

ବର୍ତ୍ତମାନ ସେହି ଆନନ୍ଦରେ ତୃପ୍ତ ହୋଇ ନିଜ ଅନ୍ତରର ଅଭିପ୍ରାୟ ପ୍ରକାଶ କରି ଯେଉଁ ବିଷୟ ସେ ପ୍ରେମର ସହିତ କହିବେ, ତାହା ହେଉଛି ଗୀତାର ତତ୍ତ୍ୱନିର୍ଣ୍ଣୟ ରୂପକ ଅଧ୍ୟାୟ ।

କ୍ଷୀରସମୁଦ୍ର ମନ୍ଥନରୁ ଅମୃତ ଲାଭ କରାଯିବାଭଳି ଯାହା ସକଳ ଗୀତାର୍ଥର ସାରାଂଶ, ଯାହା ବିବେକ ସମୁଦ୍ରର ପରପାର, ଯାହା ଯୋଗ ସମ୍ପଦର ଧନାଗାର, ଯାହା ମୂଳ ପ୍ରକୃତିର ବିଶ୍ରାମସ୍ଥଳ, ଯେଉଁଠି ସମସ୍ତ ବେଦ ନିର୍ବାକ, ଯେଉଁଥିରୁ ଗୀତା ସ୍ୱରୂପିଣୀ ଲତିକାର ଅଙ୍କୁରୋଦ୍‌ଗମ, ମୁଁ ଆଳଙ୍କାରିକ ଭାଷାରେ ତାହା ବର୍ଣ୍ଣନା କରୁଛି, ଆପଣମାନେ ମନ ଦେଇ ଶୁଣନ୍ତୁ ।

ଜ୍ଞାନଦେବ ତାଙ୍କ ଶ୍ରୋତାମାନଙ୍କୁ କହିଲେ, ମୁଁ ଅବଶ୍ୟ ପ୍ରାକୃତ ବା ଲୋକଭାଷାରେ ସବୁ ବିଷୟ ବର୍ଣ୍ଣନା କରିବି, ତଥାପି ଏଭଳି ସବୁ ସୁନ୍ଦର ସାବଲୀଳ ସରଳ ମଧୁର ଶବ୍ଦ ପ୍ରୟୋଗ କରିବି, ଯେଉଁଥିରେ ଅମୃତର ଆସ୍ୱାଦ ମଧ୍ୟ ପରାଜିତ ହେବ । ଏହି ଭାଷାର ମୃଦୁତା ଓ ମଧୁରତା ନିକଟରେ ସପ୍ତସ୍ୱରର ପ୍ରକାରଭେଦ ମଧ୍ୟ ହୀନ ପ୍ରତିପାଦିତ ହେବ । ଏହାର ରସାଳତାର ଲୋଭରେ ଶ୍ରବଣର ଜିହ୍ୱା ଲାଳାୟିତ ହୋଇପଡ଼ିବ ଏବଂ ଇନ୍ଦ୍ରିୟମାନଙ୍କ ମଧ୍ୟରେ ପ୍ରଣୟ-କଳହ ଉତ୍ପନ୍ନ ହେବ । ଏଥିରେ ରତ ହେଲେ ସୁଗନ୍ଧ ମଧ୍ୟ ତୁଚ୍ଛ ହୋଇ ପଡ଼ିବ । ମୁଁ ଯେଉଁ ଶବ୍ଦ ରଚନା କରି କହିବି, ସେସବୁ ଅବଶ୍ୟ ଶ୍ରବଣେନ୍ଦ୍ରିୟର ବିଷୟ, ତେବେ ରସନା କହିବ, ଆରେ କର୍ଣ୍ଣ, ଏ ରସ ତୋ ପାଇଁ ନୁହଁ, ମୋର ମଧ୍ୟ ଆସ୍ୱାଦନଯୋଗ୍ୟ । ଘ୍ରାଣେନ୍ଦ୍ରିୟ କେବଳ ଗନ୍ଧକୁ ହିଁ ଗ୍ରହଣ କରିଥାଏ, ତେଣୁ ଏହି ଭାଷା ସୁବାସିତ ହୋଇଉଠିବ । ଏହି ନବୀନ ଭାଷାର କବିତ୍ୱ ଦର୍ଶନ କରି ନୟନ ତୃପ୍ତିଲାଭ କରିବ, ସେ ବୁଝିବ ଏହା ହେଉଛି ଭାଷାର ରତ୍ନଭଣ୍ଡାର । ଯେଉଁଠି ପଦ ସମାପ୍ତ ହେବ, ସେଠିକି ମନ ଦୌଡ଼ିଦୌଡ଼ି ଆସିବ ତୁରନ୍ତ ଆଲିଙ୍ଗନ କରିବା ପାଇଁ, ସେ ବାହୁ ପ୍ରସାରିତ କରିବାରେ ଲାଗିଯିବ । ଏହିଭଳି ଭାବରେ ଇନ୍ଦ୍ରିୟମାନେ ନିଜ ନିଜର ଭାବ ଅନୁଯାୟୀ ଏହାକୁ ଜାଣିବାପାଇଁ ଚେଷ୍ଟା କରିବେ । ତେବେ ସୂର୍ଯ୍ୟ ଯେପରି ସମଗ୍ର ଜଗତକୁ ସମାନ ଭାବରେ ଚେତନା ଓ ଆଲୋକ ଦେଇଥାଆନ୍ତି, ସେହିଭଳି ଏହି ଭାଷାର ବାଣୀ ସମସ୍ତଙ୍କୁ ସମାନ ଭାବରେ ଜ୍ଞାନ ବିତରଣ କରିବ । ସୂର୍ଯ୍ୟଙ୍କ ଭଳି ଏହି ଭାଷାର ବ୍ୟାପକତା

ଅସାଧାରଣ । ଯିଏ ଦେଖିପାରେ ଓ ଯିଏ ବୁଝିପାରେ ତା ଲାଗି ଏହା ଚିନ୍ତାମଣିର ଗୁଣ ପ୍ରକାଶ କରିବ । ଆଉ ବେଶି କ'ଣ କହିବି ? ଏଥିରେ ଭାଷାର ପାତ୍ର ଭରିଯାଇ ପରିପୂର୍ଣ୍ଣ ବ୍ରହ୍ମରସ ହିଁ ପରିବେଷଣ କରାଯାଇଛି । ନିଷ୍କାମ ଲୋକ ପକ୍ଷରେଏହା ଏକ ମହୋତ୍ସବର ଅନୁଷ୍ଠାନ । ଯିଏ ନିତ୍ୟ ନୂତନ ଆତ୍ମଦୀପ୍ତ ପ୍ରଦୀପର ଆଲୋକରେ ଇନ୍ଦ୍ରିୟଗୁଡ଼ିକୁ ପରିଚାଳିତ କରି ଏହି ମହୋତ୍ସବକୁ ଉପଭୋଗ କରିବ, ସେ କେବଳ ଏହା ଲାଭ କରିପାରିବ । ଏଠାରେ ଶ୍ରୋତାକୁ ଶ୍ରବଣେନ୍ଦ୍ରିୟଠାରୁ ବିଚ୍ଛିନ୍ନ ହେବାକୁ ପଡ଼ିବ । ମନୋମୟ ଶରୀରରେ ଏହାକୁ ଭୋଗ କରିବା ଆବଶ୍ୟକ । ଏହି ଭାଷା ଉପରେ ଥିବା ଆବରଣ ବାହାର କରିନେଲେ ଏଥିରେ କେବଳ ବ୍ରହ୍ମରୂପହିଁ ପ୍ରକଟିତ ହେବ ଏବଂ ସହଜଲବ୍ଧ ସୁଖରେ ଥାଇ କେବଳ ସୁଖହିଁ ଭୋଗ କରାଯାଇପାରିବ । ଯଦି ଉପରୋକ୍ତ ଭାଷାରୁ ଉପରୋକ୍ତ କୋମଳତା ମିଳିବ, ତେବେ ଯାଇ ବାଣୀ ସଫଳ ହେବ, ନଚେତ୍ ସମସ୍ତ ଭାଷା କେବଳ ବହିରଙ୍ଗ ହୋଇ ରହିଯିବ ।

ତେବେ ଏବେ ସେକଥା ଥାଉ । ଆପଣମାନଙ୍କୁ ସାବଧାନ କରାଇ ଦେବାର କୌଣସି ଆବଶ୍ୟକତା ନାହିଁ । କାରଣ ଆପଣମାନେ ସମସ୍ତେ କାମନାରହିତ ଏବଂ ସ୍ୱଭାବତଃ ଜାଣିବାର ଅଧିକାରୀ । ଆତ୍ମଜ୍ଞାନରେ ଆପଣମାନଙ୍କର ରୁଚିଥିବା ହେତୁ ସ୍ୱର୍ଗ ଓ ସଂସାରକୁ ତୁଚ୍ଛ ମନେ କରି ତ୍ୟାଗ କରିଛନ୍ତି । ଆପଣମାନଙ୍କ ବ୍ୟତୀତ ଆଉ କେହି ଏହାର ମଧୁରତା କେତେ ଜାଣିପାରିବେ ନାହିଁ । ଯେପରି କାକ ଚନ୍ଦ୍ର କିରଣର ପରିଚୟ ପାଇ ନଥାଏ, ସେହିଭଳି ସାଧାରଣ ଲୋକେ ଏହି ଗ୍ରନ୍ଥର ମହିମା ବୁଝି ପାରିବେ ନାହିଁ । ଚନ୍ଦ୍ରମାର ଜ୍ୟୋତ୍ସ୍ନା ଯେପରି ଚକୋରର ଖାଦ୍ୟ, ସେହିଭଳି ଏହି ଗ୍ରନ୍ଥ ଜ୍ଞାନର ହିଁ ଆଶ୍ରୟ ଏବଂ ଅଜ୍ଞାନୀ ପକ୍ଷରେ ଏହା ସୁଦୂର ପ୍ରସାରୀ । ତେଣୁ ବେଶି କିଛି କହିବାର କୌଣସି ଆବଶ୍ୟକତା ନାହିଁ । ତଥାପି ପ୍ରସଙ୍ଗକ୍ରମେ ମୁଁ ଯାହା କିଛି କହିଚି, ସେଥିଲାଗି ସଜ୍ଜନ ଶ୍ରୋତାମାନଙ୍କଠାରୁ କ୍ଷମା ଚାହୁଁଛି ।

ଏବେ ଶ୍ରୀରଙ୍ଗଦେବ ଶ୍ରୀକୃଷ୍ଣ ଯାହା ନିର୍ଣ୍ଣୟ କରିଛନ୍ତି, କହୁଚି । ବୁଦ୍ଧି ଦ୍ୱାରା ଏହାର ସଂକଳନ କଠିନ, ତେଣୁ ଶବ୍ଦଦ୍ୱାରା ଏହାକୁ ପ୍ରକାଶ କରିବା ସୁକଠିନ । ତେବେ ମୁଁ ଏହାକୁ ଗୁରୁଦେବ ନିବୃତ୍ତିଙ୍କ କୃପାରୂପକ ପ୍ରଦୀପର ଆଲୋକରେ

ଆପଣମାନଙ୍କୁ ଦେଖାଇଦେଇ ପାରିବି । ଇନ୍ଦ୍ରିୟାତୀତ ଜ୍ଞାନବଳ ଲାଭ କଲେ ମଧ୍ୟ ଯେଉଁ ବସ୍ତୁକୁ ଦର୍ଶନ କରାଯାଇ ପାରେନା, ଦୃଷ୍ଟିପାତ ନକଲେ ମଧ୍ୟ ଗୁରୁକୃପା ବଳରେ ତାହା ଦେଖାଯାଇ ପାରେ । ଯଦି ଦୈବଯୋଗେ ପରଶମଣି ଲାଭ ହୁଏ, ତାହାହେଲେ ରସାୟନବିତ୍‌ମାନେ ଯେଉଁ ପବିତ୍ର ସ୍ୱର୍ଣ୍ଣକୁ ଖୋଜି ପାଆନ୍ତି ନାହିଁ, ପରଶମଣିର ସ୍ପର୍ଶରେ ଖଣ୍ଡିଏ ଲୁହାରୁ ମଧ୍ୟ ସେହି ବିଶୁଦ୍ଧ ସ୍ୱର୍ଣ୍ଣ ମିଳିପାରେ । ଯଦି ସଦ୍‌ଗୁରୁଙ୍କର କୃପାହୁଏ, ପ୍ରଯତ୍ନ କଲେ ତାହା ନିଶ୍ଚିତ ଭାବରେ ମିଳିପାରିବ । ଜ୍ଞାନଦେବ କହିଲେ, ମୋ ପ୍ରତି ଗୁରୁଙ୍କ ଅପାର କୃପା ଅଛି ବୋଲି ଶ୍ରୀକୃଷ୍ଣ ଯାହା ନିରୂପଣ କରିଛନ୍ତି, ତାହା ମୁଁ କହିପାରୁଛି । ମୁଁ ଶବ୍ଦଦ୍ୱାରା ବ୍ରହ୍ମର ପ୍ରକାଶ କରିବି ଏବଂ ତାହା ଇନ୍ଦ୍ରିୟାତୀତ ବସ୍ତୁ ହେଲେ ମଧ୍ୟ ଇନ୍ଦ୍ରିୟ ଦ୍ୱାରା ଭୋଗ କରାଇବି । ଆପଣମାନେ ଶୁଣନ୍ତୁ । ପୂର୍ଣ୍ଣଯଶଃ, ଶ୍ରୀ, ଉଦାରତା, ଜ୍ଞାନ, ବୈରାଗ୍ୟ ଏବଂ ଐଶ୍ୱର୍ଯ୍ୟରୂପକ ଛଅଟି ଶ୍ରେଷ୍ଠ ଗୁଣ ଅଛି ବୋଲି ଯାହାକୁ ଲୋକେ 'ଭଗବାନ' କହିଥାଆନ୍ତି, ସେହି ନିଃସଙ୍ଗ-ପୁରୁଷ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ– ''ମୋ କଥା ପ୍ରତି ମନ ଦିଅ ।''

ଶ୍ରୀଭଗବାନୁବାଚ

ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।
ସ ସଂନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନଚାକ୍ରିୟଃ ॥୧॥

ସଂସାରରେ ଯୋଗୀ ଓ ସନ୍ନ୍ୟାସୀ ଏକ । ସାଧାରଣତଃ ଏ ଦୁହେଁ ପରସ୍ପରଠାରୁ ଭିନ୍ନ ବୋଲି ମନେହୋଇଥାଏ । କିନ୍ତୁ ବିଚାର କରି ଦେଖିଲେ, ଏ ଦୁହେଁ ଏକ ବୋଲି ଜାଣିପାରିବ । ଏ ଦୁଇଟି ନାମ ଆରୋପ ମାତ୍ର । ଏହାକୁ ଛାଡ଼ିଦେଲେ ଯାହା ଯୋଗ, ତାହାହିଁ ସନ୍ନ୍ୟାସ । ବ୍ରହ୍ମଦୃଷ୍ଟି ଦ୍ୱାରା ଦେଖିଲେ, ଦୁଇଟି ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯିବ ନାହିଁ । ମଣିଷ ଏକ କିନ୍ତୁ ସେ ଯେପରି ପୃଥକ ପୃଥକ ନାମରେ ପରିଚିତ ହୋଇଥାଏ, ଗୋଟିଏ ସ୍ଥାନରେ ପହଞ୍ଚିବା ଲାଗି ଯେପରି ଅଲଗା ଅଲଗା ବାଟ ଥାଏ, ଜଳ ଏକ କିନ୍ତୁ ଭିନ୍ନ ଭିନ୍ନ ପାତ୍ରରେ ଯେପରି ଭିନ୍ନ ଭିନ୍ନ ଭାବରେ ପୂର୍ଣ୍ଣଥାଏ, ସେହିଭଳି ବାହାରେ ଯୋଗ ଓ ସନ୍ନ୍ୟାସ ଭିନ୍ନ

ଭିନ୍ନ ମନେ ହୋଇଥାଏ । ହେ ଅର୍ଜୁନ ! ସମସ୍ତେ ଏକମତ ଯେ, ଯିଏ କର୍ମକରି ଫଳ ପ୍ରତି ଅନୁରକ୍ତ ନୁହେଁ, ସିଏ ହିଁ ଯୋଗୀ । ଯେପରି ପୃଥିବୀ ତା ମନରେ କୌଣସି ଅହଂଭାବ ପୋଷଣ ନ କରି ବୃକ୍ଷ ଇତ୍ୟାଦି ଉତ୍ପନ୍ନ କରିଥାଏ, କିନ୍ତୁ ଫଳ ପାଇବାକୁ ଇଚ୍ଛା କରେନା, ସେହିଭଳି କାହାକୁ ଅପେକ୍ଷା ନକରି କିମ୍ବା କାହାକୁ ଇଚ୍ଛା ନକରି ଆତ୍ମା ସର୍ବତ୍ର ବ୍ୟାପକ ହୋଇ ରହିଛି । ଏହାର ଆଶ୍ରୟରେ ସ୍ଥିତି ଅନୁରୂପ ଯେତେବେଳେ ଯେପରି କର୍ମ ପ୍ରାପ୍ତି ହୋଇଥାଏ, ତାକୁ ଯିଏ କର୍ତ୍ତବ୍ୟ ମନେକରି ସମ୍ପାଦନ କରିଥାଏ ଅଥଚ ଶରୀରରେ ଆତ୍ମାଭିରାମ ରଖି ନଥାଏ; ଯାହାର ବୁଦ୍ଧି କର୍ମ କରି ଫଳର ଆଶା ସୁଦ୍ଧା ରଖେ ନାହିଁ, ସିଏ ହିଁ ପ୍ରକୃତ ସନ୍ନ୍ୟାସୀ ତଥା ଯୋଗେଶ୍ୱର । ଯିଏ ନିତ୍ୟ ନୈମିତ୍ତିକ କର୍ତ୍ତବ୍ୟ କର୍ମକୁ ବନ୍ଧନର ହେତୁ ଭାବି ତାକୁ ତ୍ୟାଗ କରେ ଏବଂ ଅନ୍ୟ କର୍ମ କରିବାକୁ ପ୍ରବୃତ୍ତ ହୁଏ, ତାହାର ଆଗ୍ରାହାତିଶଯ୍ୟ ହେତୁ ବୃଥା ବିଡ଼ମ୍ବନା ହିଁ ଲାଭ ହୁଏ । ତାହାର କର୍ମ ଠିକ୍ ଗୋଟିଏ ରଙ୍ଗ ଧୋଇଗଲେ ଆଉ ଏକ ରଙ୍ଗ ଲଗାଇବାଭଳି । ପ୍ରଥମରୁ ତ ଗୃହସ୍ଥାଶ୍ରମର ବିରାଟ ବୋଝ ମୁଣ୍ଡ ଉପରେ ରହିଛି, ସେଥିରେ ସନ୍ନ୍ୟାସ ଗ୍ରହଣ କରି ତାକୁ ବଢ଼ାଇବାରେ ଲାଗିବ କାହିଁକି ? ଅତଏବ ଅଗ୍ନି ହୋତ୍ର ଆଦି ଶ୍ରୌତ ଓ ସ୍ମାର୍ତ୍ତ ହୋମ କର୍ମ ଆଦି ଛାଡ଼ିବା ଉଚିତ ନୁହେଁ କିମ୍ବା କର୍ମ ଓ ଆଚାରର ମର୍ଯ୍ୟାଦା ଲଙ୍ଘନ କରିବା ଅନୁଚିତ । ତାହାହେଲେ କର୍ମଯୋଗ ସ୍ୱଭାବତଃ ଆତ୍ମସୁଖ ପ୍ରଦାନ କରି ପାରିବ ।

ଯଂ ସଂନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ।
ନ ହ୍ୟସନ୍ୟସ୍ତସଂକଳ୍ପୋ ଯୋଗୀ ଭବତି କଶ୍ଚନ ।।୨।।

ଯିଏ ସନ୍ନ୍ୟାସୀ ସେ ହିଁ ଯୋଗୀ । ଏହିଗୋଟିଏ କଥାର ଧ୍ୱଜା ସଂସାରରେ ବହୁଶାସ୍ତ୍ରରେ ଉଡ଼ାଯାଇଛି । ସେ ସବୁ ଶାସ୍ତ୍ର ନିଜ ଅନୁଭୂତିର ପ୍ରମାଣ ବଳରେ ନିର୍ଦ୍ଧାରଣ କରିଛନ୍ତି ଯେ, ଯେଉଁ ଅବସ୍ଥାରେ ତ୍ୟାଗର ସଂକଳ୍ପ ସୁଦ୍ଧା ଲୋପ ପାଇଥାଏ, ତାହାହିଁ ଯୋଗସାର ରୂପରେ ବ୍ରହ୍ମ ସହିତ ମିଳନ ଅବସ୍ଥା ।

ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।
ଯୋଗାରୁଢ଼ସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ।।୩।।

ହେ ପାର୍ଥ ! ଯଦି ଯୋଗରୂପକ ପର୍ବତଶିଖରରେ ଆରୋହଣ କରିବାକୁ ଇଚ୍ଛା, ତାହାହେଲେ କର୍ମମାର୍ଗ ରୂପକ ସିଡ଼ିକୁ ପରିତ୍ୟାଗ କର ନାହିଁ । ଏହି ବାଟରେ ଯମ ନିୟମ ରୂପକ ଆଶ୍ରୟଭୂମି, ବିବିଧ ଆସନରୂପକ ସୋପାନ ଓ ପ୍ରାଣାୟାମରୂପକ ଆଡ଼ିକାଠ ଉପରେ ନିର୍ଭର କରି ଚାଲ । ପ୍ରତ୍ୟାହାର ଏହି ପଥର ମଧ୍ୟଭାଗ । ସେଠାରେ ବୁଦ୍ଧି ମଧ୍ୟ ପତିତ ହେବାର ସମ୍ଭାବନା ରହିଛି — ଏପରିକି* ହଠଯୋଗୀର ମଧ୍ୟ ଏହି ସ୍ଥାନରେ ପଦସ୍ଖଳନ ହୋଇପଡ଼ିଥାଏ । ସେ ପ୍ରତିଜ୍ଞାଭଙ୍ଗ ହୋଇ ପଡ଼ିଥାଏ । କିନ୍ତୁ ଅଭ୍ୟାସ ବଳ ଥିଲେ, ପ୍ରତ୍ୟାହାର ରୂପକ ନିରାଲମ୍ବ ପଥର ବୈରାଗ୍ୟ ନଖ ବିଦ୍ଧ କରି ଅଗ୍ରସର ହୋଇ ପାରିଲେ ଏବଂ ପଛରୁ ଅନୁକୂଳ ବାୟୁର ଧାରଣା ନାମକ ପ୍ରଶସ୍ତ ଭୂମି ଲାଭ କଲେ କ୍ରମଶଃ ସେ ଧ୍ୟାନରୂପକ ଗିରିଶୃଙ୍ଗକୁ ଜୟ କରିପାରେ । ସେତେବେଳେ ବାଟ ଚାଲିବା ଶେଷ ହୁଏ । ସାଧ୍ୟ ଓ ସାଧନ ସମରସ ହୋଇ ପରସ୍ପରକୁ ଆଲିଙ୍ଗନ କରି ଥାଆନ୍ତି । ଯାହାପରେ ଆଉ ପଥ ନାହିଁ, ସେଠାରେ ଅତୀତର ସ୍ମରଣ ମଧ୍ୟ ନଥାଏ । ସେତେବେଳେ ଯାଇ ସମତାର ଭୂମିରେ ସମାଧିପ୍ରାପ୍ତି ହୋଇଥାଏ । ଏହି ଉପାୟରେ ଯିଏ ଯୋଗାରୂଢ଼ ଏବଂ ଶ୍ରେଷ୍ଠ ଦଶାଲାଭ କରିଛି, ତାହାର ଲକ୍ଷଣ କହୁଚି ଶୁଣ ।

ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।
ସର୍ବସଂକଳ୍ପସଂନ୍ୟାସୀ ଯୋଗାରୂଢ଼ସ୍ତଦୋଚ୍ୟତେ ॥୪॥

---

* ହଠ ଶବ୍ଦର ଅର୍ଥ ବଳ । ବଳପୂର୍ବକ ଯେଉଁ ସାଧନା କରାଯାଇଥାଏ ତାକୁ 'ହଠଯୋଗ' କୁହାଯାଏ । ରାଜଯୋଗର ସିଦ୍ଧିପ୍ରାପ୍ତି ଲାଗି 'ହଠଯୋଗ' ହେଉଚି ପ୍ରଥମ ସୋପାନ । ନାଥସମ୍ପ୍ରଦାୟର ବିଶିଷ୍ଟ ଦାନ ହେଉଛି ଏହି ହଠଯୋଗ । ଶ୍ରୀ ଆଦିନାଥ, ମତ୍ସ୍ୟେନ୍ଦ୍ରନାଥ, ଶାବର ଆନନ୍ଦ, ଭୈରବ, ଚୌରଙ୍ଗୀ, ମୀନନାଥ, ଗୋରକ୍ଷନାଥ, ବିରୁପାକ୍ଷ, ବିଳେଶ୍ୱର, ମଛାନ, ଯୋଗୀଭୈରବ ପ୍ରମୁଖ ବହୁ ହଠଯୋଗୀଙ୍କ ନାମ ଏହି ସମ୍ପ୍ରଦାୟରେ ପ୍ରସିଦ୍ଧ । ଗୋରକ୍ଷ ମୁନିଙ୍କ ମତରେ ହଠଯୋଗର ଛଅଟି ଅଙ୍ଗ କିନ୍ତୁ ମାର୍କଣ୍ଡେୟ ମୁନିଙ୍କ ମତରେ ଏହା ଅଷ୍ଟାଙ୍ଗ । ଯଥା— ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ।

ଜ୍ଞାନଦେବ ଏହି ଅଷ୍ଟାଙ୍ଗ ହଠଯୋଗର ଅବତାରଣା କରିଛନ୍ତି ।

ଯାହାର ଇନ୍ଦ୍ରିୟ ଘର ଭିତରକୁ ବିଷୟର ଗମନାଗମନ ବନ୍ଦ, ଯିଏ ଆତ୍ମଜ୍ଞାନ ରୂପକ କୋଠରିରେ ଆତ୍ମାନନ୍ଦ ସୁଖରେ ଶୟନ କରେ, ସୁଖ-ଦୁଃଖ ରୂପକ ଶରୀରର ସ୍ପର୍ଶରେ ଯାହାର ଜ୍ଞାନ ଜାଗ୍ରତ ହୁଏନାହିଁ, ବିଷୟ ପାଖକୁ ଆସିଲେ ମଧ୍ୟ ଯିଏ ତାକୁ ଆଦୌ ସ୍ମରଣ କରେନାହିଁ, ଇନ୍ଦ୍ରିୟଗଣ କର୍ମରେ ପ୍ରବୃତ୍ତ ହେଲେ ମଧ୍ୟ ଯିଏ ଫଳ ପାଇଁ ମନରେ ଅଭିଳାଷ ରଖେନା, ଏଡ଼େ ବଡ଼ ଶରୀର ଧାରଣ କଲେ ମଧ୍ୟ ଯିଏ ଜାଗ୍ରତ ଅବସ୍ଥାରେ ନିଦ୍ରିତ ଭଳି ରହିଥାଏ, ସେ ପ୍ରକୃତ ଯୋଗାରୂଢ଼ ।

ଅର୍ଜୁନ ସଙ୍ଗେ ସଙ୍ଗେ ପଚାରିଲେ, ହେ ଅନନ୍ତ ! ଏହାଶୁଣି ମତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଚି । ଏହି ଯୋଗକୁ ଏହି ଯୋଗ୍ୟତା ଦେଉଚି କିଏ ?

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।।୫।।

ସେତେବେଳେ ଶ୍ରୀକୃଷ୍ଣ ହସି ହସି କହିଲେ, ତୁମର ଏ ପ୍ରଶ୍ନ କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ ? ଏହି ଅଦ୍ୱୈତ ଅବସ୍ଥାରେ କିଏ କାହାକୁ କ'ଣ ଦେଇପାରେ ? ଭ୍ରମରୂପକ ଶଯ୍ୟାରେ ଅଜ୍ଞାନରୂପକ ନିଦ୍ରା ଆସିଥାଏ ଏବଂ ସେହି ନିଦ୍ରାବସ୍ଥାରେ ହିଁ ମନୁଷ୍ୟ ଜନ୍ମମୃତ୍ୟୁ ରୂପକ ଦୁଃସ୍ୱପ୍ନ ଭୋଗ କରିଥାଏ । ତାପରେ ହଠାତ୍ ନିଦ୍ରାଭଙ୍ଗ ହୋଇ ଚେତନା ଫେରି ଆସିଲେ, ତାକୁ ସବୁକଥା ମିଥ୍ୟା ଜଣାପଡ଼େ । ସେତେବେଳେ ଯେଉଁ ସଦ୍‌ଭାବ ଆସେ, ତାହା ନିଜ ଆତ୍ମାରୁ ହିଁ ଉତ୍ପନ୍ନ ହୁଏ । ହେ ଧନଞ୍ଜୟ ! ତାତ୍ପର୍ଯ୍ୟ ହେଉଛି ଯେ ମନୁଷ୍ୟ ମିଥ୍ୟା ଅଭିମାନରେ ମନକୁ ଲଗାଇ ନିଜକୁ ନିଜେ ବଧ କରିଥାଏ ।

ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ।।୬।।

ବିଚାର କରି ଅହଂକାରକୁ ତ୍ୟାଗ କରିପାରିଲେ ନିତ୍ୟବ୍ରହ୍ମସ୍ୱରୂପ ଲାଭ କରାଯାଏ ଏବଂ ମନୁଷ୍ୟ ନିଜେ ନିଜର କଲ୍ୟାଣ ସାଧନ କରିପାରେ । କିନ୍ତୁ ଯିଏ ଏହି ସୁଶୋଭିତ ସୁସ୍ନିଗ୍ଧ ଶରୀରଟିକୁ ନିଜର ଆତ୍ମା ବୋଲି ବୁଝେ, ସେ

ଟସର ବା ଗୋଟିପୋକ ନିଜ ନିଜ ଖୋଷାରେ ଆବଦ୍ଧ ହେବା ଭଳି ନିଜେ ନିଜର ଶତ୍ରୁହେବା ସାର ହୋଇଥାଏ । ଧନ ଲାଭର ସୁଯୋଗ ଆସିବାବେଳେ କୌଣସି କୌଣସି ହତଭାଗ୍ୟ ମନୁଷ୍ୟର ସଉକ ହୁଏ ଆଖି ବନ୍ଦ କରିଦେବା ଲାଗି । ଫଳରେ ତା ଆଗରେ ଧନଭଣ୍ଡାର ଖୋଲା ଥିଲେ ମଧ୍ୟ ବାଟଭାଙ୍ଗି ଅନ୍ୟ ବାଟରେ ଚାଲିଯାଏ । ସେ ଏହି ଭ୍ରମ ହେତୁ ମନେ କରେ, ମୁଁ ନାହିଁ, ମୁଁ ନିଜକୁ ହରାଇ ଦେଇଚି । ମନ ଭିତରେ ଏଭଳି ଜିଦ୍ କଲେ ମଧ୍ୟ ସେ ବସ୍ତୁତଃ ଯେପରି, ସେହିପରି ରହିଥାଏ । ତାର ବୁଦ୍ଧି ଠିକ୍ ନାହିଁ ବୋଲି ବୁଝାଯାଏ । ସ୍ୱପ୍ନରେ ବାଘ ଆକ୍ରମଣ କଲେ କିଏ କ'ଣ କେବେ ମରିଯାଏ ? ପକ୍ଷୀକୁ ଧରିବା ଲାଗି ଶିକାରୀ ଫାଶ ପକାଇଥାଏ । ପକ୍ଷୀ ଦୈବାତ୍ ଏଥିରେ ପଡ଼ିଯିବାମାତ୍ରେ ଖସିଯିବା ପାଇଁ ଡେଣାକୁ ଜୋରରେ ଏପଟ ସେପଟ ଛାଟେ । ସେଥିରେ ଫାସନଳୀ ଏପଟକୁ ସେପଟକୁ ହୁଏ । ପକ୍ଷୀ ହୁଏତ ସେ ଅବସରରେ ଖସି ପଳାଇ ଯାଇ ପାରନ୍ତା, କିନ୍ତୁ ମନରୁ ତାର ସନ୍ଦେହ ଯାଏନା । ଭାବେ ମୁଁ କ'ଣ ଏଥିରୁ ଖସି ଯାଇ ପାରିବି ? ସେ ବୃଥା ମୁଣ୍ଡକୁ ବଙ୍କେଇ ଡେଣାକୁ ସଙ୍କୁଚିତ କରି ଫାଶର ନଳୀଟିକୁ ଉଡ଼େଇବା ପାଇଁ ଚେଷ୍ଟା କରେ, ନିଜର ପାଦ ଓ ନଖରେ ଏହାକୁ ଟାଣେ । ମନେ ମନେ ଭାବେ ସେ ବାନ୍ଧି ହୋଇଯାଇଛି । ମନେ ମନେ ଏକଥା ଭାବି ସେ ତାର ମୁକ୍ତ ପ୍ରାୟ ପାଦଗୁଡ଼ିକୁ ଆହୁରି ସଙ୍କୁଚିତ କରିପକାଏ । ଏହିଭଳି ଭାବରେ ବିନାକାରଣରେ ଯିଏ ନିଜକୁ ବାନ୍ଧିପାରେ, ତାକୁ ଆଉ କିଏ କ'ଣ ଆସି ବାନ୍ଧି ଦେଇଚି ବୋଲି କୁହାଯିବ ? ତାର ବନ୍ଧନକୁ କାଟି ଦେଲେ ମଧ୍ୟ ସେ ନଳୀକୁ ଛାଡ଼େନା । ତେଣୁ ଶ୍ରୀକୃଷ୍ଣ କହିଲେ, ଏପରି ମନୁଷ୍ୟ ନିଜେ ନିଜର ଶତ୍ରୁ । କିନ୍ତୁ ଏହାର ବିପରୀତରେ ଯିଏ ନିଜର ସଂକଳ୍ପ ସ୍ଥିର ରଖେ ଏବଂ ମିଥ୍ୟା ବସ୍ତୁର ବଶୀଭୂତ ହୁଏନା, ସେ ହେଉଚି ଆତ୍ମଜ୍ଞାନୀ ।

ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ॥୭॥

ଯିଏ ଅନ୍ତଃକରଣକୁ ଜୟ କରି ସକଳ କାମନାକୁ ଶାନ୍ତ ତଥା ଉପଶମିତ କରିବାକୁ ଚାହେଁ, ତା ନିକଟରେ ପରମାତ୍ମା ପୃଥକବସ୍ତୁ କିମ୍ବା ଦୂରସ୍ଥ ନୁହଁ ।

ଯେପରି ସ୍ୱର୍ଣ୍ଣର ମଇଳା ବାହାର କରିଦେଲେ ଏହା ବିଶୁଦ୍ଧ ହୋଇଯାଏ, ସେପରି ସଂକଳ୍ପ ବା କାମନା ନାଶ ହୋଇଯିବା ମାତ୍ରେ ଜୀବର ବ୍ରହ୍ମତ୍ୱ ପ୍ରାପ୍ତି ହୁଏ । ଘଟାକାଶ ନାଶ ହେଲେ ଏହାକୁ ଆକାଶରେ ମିଶିବା ଲାଗି ଯେପରି ଅନ୍ୟସ୍ଥାନକୁ ଯିବାକୁ ପଡ଼େନା, ସେହିଭଳି ଯାହାର ମିଥ୍ୟା ଦେହାଭିମାନ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଚି, ସେ ପ୍ରଥମରୁ ହିଁ ସର୍ବବ୍ୟାପୀ ପରମାତ୍ମା ସ୍ୱରୂପରେ ହିଁ ରହିଛି । ସେଥିରେ ଶୀତ ଓ ଉଷ୍ଣତାର ପ୍ରବାହ, ସୁଖ ଦୁଃଖର ବିଚାର, ମାନ ଅପମାନର ଶବ୍ଦ ଇତ୍ୟାଦି କଥାର ସମାବେଶ ହୁଏନା । ଯେଉଁ ପଥରେ ସୂର୍ଯ୍ୟାଲୋକ ଗମନ କରେ, ବିଶ୍ୱର ସେ ପ୍ରଦେଶ ତେଜୋମୟ ହୋଇଉଠେ । ସେହିପରି ଯିଏ ଯେଉଁ ବସ୍ତୁଲାଭ କରେ, ସେ ସେହିରୂପ ହୋଇଯାଏ । ମେଘରୁ ପଡୁଥିବା ବର୍ଷାଧାରା ଯେପରି ସମୁଦ୍ର ପକ୍ଷରେ କଷ୍ଟଦାୟକ ହୋଇନଥାଏ, ସେହିଭଳି ଆତ୍ମସ୍ୱରୂପ ହୋଇଥିବାରୁ ଯୋଗୀଶ୍ରେଷ୍ଠ ପକ୍ଷରେ ଶୁଭାଶୁଭ କର୍ମ କ୍ଲେଶଦାୟକ ହୋଇ ନଥାଏ ।

ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟ୍ରାଶ୍ମକାଞ୍ଚନଃ ॥୮॥

ଜ୍ଞାନର ସହିତ ବିଚାର କଲେ ସଂସାର ଯେ ମିଥ୍ୟା– ଏକଥା ବୁଝି ପାରିବ । ଯିଏ ଏହି ବିଚାର କରେ, ସେ ସ୍ୱୟଂ ଜ୍ଞାନରୂପ ହୋଇଯାଏ । ତାପରେ 'ମୁଁ ବ୍ୟାପକ କି ଅବ୍ୟାପକ' ଏହି ଦ୍ୱୈତଭାବ ଆପେ ଆପେ ବନ୍ଦ ହୋଇଯାଏ । ଏଭଳି ଭାବରେ ଯିଏ ଇନ୍ଦ୍ରିୟକୁ ଜୟ କରି ପାରିଚି, ସେ ଯଦିଓ ଦେହଧାରୀ ତଥାପି ଯୋଗ୍ୟତା ଦୃଷ୍ଟିରୁ ସେ ପରଂବ୍ରହ୍ମ ସହିତ ସମାନ । ତାକୁ ହିଁ ଜିତେନ୍ଦ୍ରିୟ ଏବଂ ଯୋଗୀ କୁହାଯାଏ । ଯିଏ କେବେହେଲେ ମନରେ 'ଏଇଟି ଛୋଟ', 'ଏଇଟି ବଡ଼' ଏ ଭେଦଭାବ ରଖେନାହିଁ, ସେ ମେରୁପର୍ବତ ଭଳି ବିଶାଳ ସ୍ୱର୍ଣ୍ଣପିଣ୍ଡ ଓ ମାଟିଟେଳାକୁ ସମାନ ମନେକରିଥାଏ । ସେ ଏପରି ନିରାକାଂକ୍ଷୀ ଯେ ସମଗ୍ର ପୃଥିବୀର ମୂଲ୍ୟକୁ ମଧ୍ୟ ଅତି ସାମାନ୍ୟ ବୋଧକରେ । ତା'ପରେ ତା'ପକ୍ଷରେ ଉତ୍ତମ ଓ ଅମୂଲ୍ୟ ରତ୍ନ ମଧ୍ୟ ସାମାନ୍ୟ ଖଣ୍ଡେ ପଥର ଭଳି ।

ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ॥୯॥

ସେ ଶତ୍ରୁ, ମିତ୍ର, ଶୁଭେଚ୍ଛୁ, ଉଦାସୀନ, ପର, ଆପଣା, ପରିଚିତ ଇତ୍ୟାଦି ଚରିତ୍ର ଓ ବିଭିନ୍ନ ଭାବକୁ କଳ୍ପନାରେ ସୁଦ୍ଧା ଅନୁଭବ କରି ପାରେନା । ''ମୁଁ ହେଉଛି ବିଶ୍ୱ'' ଏହି ଭାବ ଚାଲିଆସିବା ପରେ ତାର ବନ୍ଧୁ ବା ଶତ୍ରୁ କିଏ ହୋଇପାରେ ? ହେ କିରୀଟି ! ଗମନରେ ଉତ୍ତମ ଅଧମ ଭାବ ଆସିବ ବା କାହିଁକି ? ତା ପକ୍ଷରେ ଅଣୁ ଯାହା ପର୍ବତ ତାହା । ପରଶ ପଥରକୁ ଯଦି କଷଟି ପଥର କରାଯାଏ, ତାହାହେଲେ ସୁନାରେ ଉତ୍ତମ, ମଧ୍ୟମ କିମ୍ବା ଅଧମ ଗୁଣ ରହିବ କି ? ଏହା ଉପରେ ଯାହାକୁ ଘଷିବ ତାହା ଖାଣ୍ଟି ସୁନାହିଁ ପାଲଟିବ । ନିକଷ ପଥର ଯେପରି ଶୁଦ୍ଧସ୍ୱର୍ଣ୍ଣକୁ ବାଛିଦିଏ, ସେହିଭଳି ଯୋଗୀର ବୁଦ୍ଧି ସମସ୍ତଙ୍କୁ ସମାନ ଭାବରେ ଉଜ୍ଜଳ କରିଦିଏ । ଏହି ବିଶ୍ୱରୂପକ ଅଳଙ୍କାର ବିଭିନ୍ନ ପ୍ରକାରର ହୋଇଥିଲେ ମଧ୍ୟ ଏହା ଏକ ପରଂବ୍ରହ୍ମରୂପକ ସୁବର୍ଣ୍ଣରେ ହିଁ ଗଢ଼ା । ଯେଉଁ ଲୋକର ଉତ୍ତମଜ୍ଞାନ ଲାଭ ହୋଇଯାଏ, ସେ ବହିର୍ଜଗତର ବିଭିନ୍ନ ରୂପ ପ୍ରତି ଆକୃଷ୍ଟ ହୋଇପଡ଼େନା କିମ୍ବା ସେଥିରେ ସେ ବିଭ୍ରଷ୍ଟ ହୋଇ ପଡ଼େନା । ବସ୍ତ୍ର ଦେହରେ ଯେପରି ସୂତାକୁ ହିଁ ସର୍ବତ୍ର ଦେଖିବାକୁ ମିଳେ, ସେହିଭଳି ବ୍ରହ୍ମଜ୍ଞାନୀ ସର୍ବତ୍ର ଏକ ବ୍ରହ୍ମଙ୍କୁହିଁ ଦେଖିଥାଏ । ସମଗ୍ର ସଂସାରକୁ ଯିଏ ଏକ ଅଭିନ୍ନ ମନେ କରେ, ସେ ସମବୁଦ୍ଧି ସମ୍ପନ୍ନ । ତାରି ଭିତରେ କାଶୀ, ପ୍ରୟାଗ ପ୍ରଭୃତି ସବୁ ତୀର୍ଥ ବାସ କରିଥାଏ । ତାର ଉପସ୍ଥିତିରେ ପ୍ରଶାନ୍ତି ବିରାଜମାନ । ତାର ସାନ୍ନିଧ୍ୟରେ ଏବଂ ତାର ସତ୍‌ସଙ୍ଗ ଫଳରେ ସନ୍ଦେହର ବିନାଶ ଘଟେ, ବ୍ରହ୍ମଜ୍ଞାନ ଉତ୍ପନ୍ନ ହୁଏ । ତାର ପ୍ରତି ବାକ୍ୟରେ ଧର୍ମର ସ୍ଫୁରଣ ଘଟେ । ତାର ଚକ୍ଷୁର ଦୃଷ୍ଟିମାତ୍ରେ 'ମହାସିଦ୍ଧି'ର ଉତ୍ପତ୍ତି ହୁଏ । ସ୍ୱର୍ଗସୁଖ ତା ପାଖରେ ଖେଳନା ସଦୃଶ । ଏପରିକି ଦୈବାତ୍ ଏପରି ଯୋଗୀର କଥା ମନରେ ସ୍ମରଣ ହେବାମାତ୍ରେ ମଣିଷ ସାଧୁ ହୋଇଉଠେ । ଏପରି ଯୋଗୀର ଗୁଣଗାନ କରିବାରେ ପୁଣ୍ୟ ଅର୍ଜନ ହୋଇଥାଏ ।

ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।
ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ।।୧୦।।

ଯାହାର ଅନ୍ତବିହୀନ ଅଦ୍ୱୈତ ଜ୍ଞାନସୂର୍ଯ୍ୟ ଉଦୟ ହୋଇଚି, ଯିଏ ଅଖଣ୍ଡିତ ଭାବରେ ନିଜ ଭିତରେ ନିଜେ ନିମଗ୍ନ, ହେ ପାର୍ଥ ! ସେ ସହଜରେ ଅପରିଗ୍ରହୀ ଅର୍ଥାତ୍ ପରିହାର ହୀନ । ଷଡ଼୍ ଐଶ୍ୱର୍ଯ୍ୟର ଆଧାର ଶ୍ରୀକୃଷ୍ଣ ସିଦ୍ଧପୁରୁଷର ଏହି ଅସାଧାରଣ ଲକ୍ଷଣ ଯଥୋଚିତ ବର୍ଣ୍ଣନା କରି କହିଲେ, ଯିଏ ଜ୍ଞାନୀଶ୍ରେଷ୍ଠ, ଦର୍ଶନକାରୀର ଦର୍ଶନର ସାଧକ ଶିରୋମଣି ପ୍ରଦୀପସ୍ୱରୂପ; ଯେଉଁ ପ୍ରଭୁର ସଙ୍କଳ୍ପ ମାତ୍ରକେ ବିଶ୍ୱରଚନା ହୁଏ, ପ୍ରଣବ ଓଁକାର ହାଟରୁ ପ୍ରାପ୍ତ ଶବ୍ଦବ୍ରହ୍ମ ସ୍ୱରୂପ ବସ୍ତ୍ର ଯାହାର କୀର୍ତ୍ତିକୁ ଢାଙ୍କିବା ପାଇଁ ଅସମର୍ଥ ତଥା ଅକିଞ୍ଚିତ୍କର, ଯାହାର ଅଙ୍ଗପ୍ରଭାରେ ଚନ୍ଦ୍ରସୂର୍ଯ୍ୟଙ୍କ ପ୍ରକାଶ କ୍ରିୟାର ପ୍ରତିଷ୍ଠା, ତା ବ୍ୟତୀତ ଜଗତର ପ୍ରକାଶ ଯେ ଅସମ୍ଭବ ତା କହିବା ନିଷ୍ପ୍ରୟୋଜନ ।

ଯାହାର ଗୋଟିଏ ଗୁଣର ମହିମା ନିକଟରେ ଅସୀମ ଆକାଶ ମଧ୍ୟ ଅତି ତୁଚ୍ଛ, ତାର ଗୁଣବର୍ଣ୍ଣନା କେତେ କରିବି ? ତେଣୁ ସେ ବର୍ଣ୍ଣନା ଏତିକିରେ ଥାଉ ।

ଶୁଣ, ବ୍ରହ୍ମବିଦ୍ୟା ଦ୍ୱୈତଜ୍ଞାନର ସ୍ୱୟଂଆଧାର ହୋଇ ଏହାକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ, ଏହାକୁ ସ୍ପଷ୍ଟକରି ବର୍ଣ୍ଣନା କଲେ, ଅତିପ୍ରିୟ ହେ ଅର୍ଜୁନ ! ତୁମର ପ୍ରୀତି ଭଙ୍ଗ ହୋଇପଡ଼ିବ । ସେଥିଲାଗି ସେକଥା ଆଉ ବେଶି କହୁନାହିଁ । ମୁଁ ପ୍ରେମ ଉପଭୋଗ କରିବାଲାଗି ଏକ ପତଳା ପରଦା ତିଆରି କରି ତୁମ ମନଟିକୁ ଏପରି କୌଶଳର ସହିତ ଅଲଗା କରି ରଖିଚି, ଯେପରିକି ତୁମ ପ୍ରେମଭାବ ଯିମିତି ରହିଛି ସେମିତି ରହିବ । ଯେଉଁମାନେ ମୋକ୍ଷାଭିଳାଷୀ ସେମାନଙ୍କ ଦୃଷ୍ଟି ଯେପରି ତୁମର ଓ ମୋର ପ୍ରେମ ଉପରେ ନପଡ଼େ ସେଥିଲାଗି ମୁଁ ଏ ବ୍ୟବସ୍ଥା କରିଚି । ଏପରି ଅଲଗା କରି ରଖିବାର କାରଣ ହେଉଛି, ଭକ୍ତର ଅହଂଭାବ ଚାଲିଗଲେ ଏବଂ ସେ ମଧ୍ୟ ମୋଭଳି ହୋଇଗଲେ ମୁଁ ଏକାକୀ କରିବି କଣ ? ଭକ୍ତ ଯଦି ଏକାବେଳକେ ମୋ ସହିତ ଏକାକାର ହୋଇଯାଏ,

ତାହାହେଲେ ମୁଁ କାହାକୁ ଦେଖି ଦିନ କାଟିବି ? କାହାଆଗରେ ମୋର ପରମ ମନକଥା କହିବି ? କାହାକୁ ଆଉ ପ୍ରେମରେ ଆଲିଙ୍ଗନ କରିବି ? ସେ ଯଦି ଏକାକାର ହୋଇଯାଏ, ତାହାହେଲେ ମୋ ହୃଦୟର ସର୍ବୋତ୍ତମ କଥା ଏବଂ ଯେଉଁକଥା ନ କହି ଚାପି ରଖାଯାଇ ପାରେନା, ସେ ସବୁ କାହାକୁ ଯାଇ କହିବି ?

ଶ୍ରୀକୃଷ୍ଣ ଅତି ଭାବବିହ୍ୱଳ ଓ ଦୀନହୀନ ଭାବରେ ଅର୍ଜୁନଙ୍କୁ ଏହି ଉପଦେଶ ଦେବା ଛଳରେ ନିଜ ମନ ଦ୍ୱାରା ନିଜକୁ ନିଜେ ଆଲିଙ୍ଗନ କରିବାକୁ ଚେଷ୍ଟା କରିଥିଲେ ।

ଏକଥା ଗୁଡ଼ିକ ଶୁଣିବାକୁ ଅଦ୍‌ଭୁତ ବୋଧ ହେଲେ ମଧ୍ୟ ଶ୍ରୀକୃଷ୍ଣ-ସୁଖରେ ଢଳେଇ ହୋଇଥିବା ଏକ ମୂର୍ତ୍ତିଭଳି ପାର୍ଥ ନିସ୍ତବ୍‌ଧରେ ସବୁକଥା ଶୁଣିବାରେ ଲାଗିଥାଆନ୍ତି ।

ବନ୍ଧ୍ୟା ସ୍ତ୍ରୀର ବୃଦ୍ଧାବସ୍ଥାରେ ପୁତ୍ର ଜନ୍ମଲାଭ ହେଲେ ତାକୁ ଯେପରି ସ୍ନେହ ଓ ମୋହ ଆଦି ପ୍ରପଞ୍ଚ ମାଡ଼ି ବସେ, ଶ୍ରୀକୃଷ୍ଣଙ୍କ ଦଶା ଠିକ୍ ସେହିଭଳି ହୋଇପଡ଼ିଲା । ବେଳକାଳ ଦେଖି ଯେତେବେଳେ ଏତେଦିନେ ଉପଯୁକ୍ତ ଭକ୍ତ ପାଇଛନ୍ତି, ସେ ନିଜ ମନକଥା ନକହି ରହିବେ ବା କିପରି ?

ମନେ ମନେ କହିବାରେ ଲାଗିଲେ ଅର୍ଜୁନଠାରେ ପ୍ରେମର ନିର୍ଝରିଣୀ ବହିବା ନ ଦେଖିଲେ ମୁଁ କ'ଣ ତାକୁ ଏସବୁ କହନ୍ତି ?

ହେ ଶ୍ରୋତାଗଣ ! ଦେଖିଲ ତ ଭଗବାନ କିପରି ଭକ୍ତର ପ୍ରେମ ଫାଶରେ ବନ୍ଧା ! ପ୍ରେମ କି ଅଭିନବ ବସ୍ତୁ ! କେଉଁଠି ଯୁଦ୍ଧ, ଆଉ କେଉଁଠି ଉପଦେଶ ! ଠିକ୍ ମଧ୍ୟସ୍ଥଳରେ ଭଗବତ୍-ପ୍ରୀତିର ଏକ କମନୀୟ ଚିତ୍ର ଅର୍ଜୁନଙ୍କ ମାଧ୍ୟମରେ ପ୍ରେମ ରୂପରେ ନୃତ୍ୟ କରିବାରେ ଲାଗିଛି । ଏଠାରେ ପ୍ରେମ ଆଉ ଲଜ୍ଜା ଉତ୍ପନ୍ନ କରିପାରୁ ନାହିଁ, ଭ୍ରମ ମଧ୍ୟ ଭୁଲେଇ ପାରୁନି । ତାତ୍ପର୍ଯ୍ୟ ହେଉଚି ଅର୍ଜୁନ ଏଠାରେ ମିତ୍ରତାର ଗୃହସ୍ୱରୂପ । ସୁଖ ଶୃଙ୍ଗାର ଲାଗି ମନର ଦର୍ପଣ ସେ । ବାସ୍ତବରେ

ଅର୍ଜୁନ ଧନ୍ୟ । ତାଙ୍କର ପୁଣ୍ୟ,ପବିତ୍ର ଏବଂ ଜଗତରେ ଭକ୍ତିବୀଜ ବପନ କରିବାଲାଗି ସେ ହେଉଛନ୍ତି ସୁକ୍ଷେତ୍ର । କାରଣ ସେ ଶ୍ରୀକୃଷ୍ଣଙ୍କ କୃପାର ପାତ୍ର । ଆମ୍ ନିବେଦନ କରିବା ପୂର୍ବରୁ ସଖ୍ୟ ନାମକ ଯେଉଁ ଗୋଟିଏ ଭୂମିକା ଅଛି, ଅର୍ଜୁନ ହେଉଛନ୍ତି ତାର ଅଧିଷ୍ଠିତ ଦେବତା । ସେ ଶ୍ରୀକୃଷ୍ଣଙ୍କର ଏପରି ପ୍ରିୟ ଯେ, ତାଙ୍କ ନିକଟରେ ଠିଆହୋଇ ଶ୍ରୀକୃଷ୍ଣଙ୍କ ସ୍ତୁତିନକରି, ଶ୍ରୀକୃଷ୍ଣଙ୍କ ସେବକ ଅର୍ଜୁନଙ୍କର ସ୍ତୁତି କଲେ ମଧ୍ୟ ଚଳିବ । ଯିଏ ପ୍ରୀତି ସହିତ ପତିର ସେବା କରେ ଏବଂ ପତି ନିକଟରୁ ସମ୍ମାନଲାଭ କରେ, ପତି ଅପେକ୍ଷା ସେହି ପତିବ୍ରତାନାରୀର ପ୍ରଶଂସା ଅଧିକତର ନୁହେଁ କି ?ତେଣୁ ଅର୍ଜୁନଙ୍କ ସ୍ତୁତିକରିବା ଉଚିତ ହେବ ବୋଲି ମୁଁ ଭାବୁଛି । କାରଣ ସେ ହେଉଛନ୍ତି ତ୍ରିଭୁବନରେ ଭାଗ୍ୟର ଅଧିଷ୍ଠାନ । ତାଙ୍କରି ପ୍ରେମରେ ବଶୀଭୂତ ହୋଇ ନିରାକାର ପରମାତ୍ମା ମଧ୍ୟ ସାକାରତା ସ୍ୱୀକାର କରିଛନ୍ତି । ସ୍ୱୟଂ ପୂର୍ଣ୍ଣ ଥିଲେ ମଧ୍ୟ ଭକ୍ତପାଇଁ ତାଙ୍କର ଉତ୍କଣ୍ଠା ଲାଗି ରହିଛି ।

ଏକଥା ଶୁଣିବାପରେ ଶ୍ରୋତାମାନଙ୍କୁ ଜ୍ଞାନଦେବ କହିଲେ, ଆମର ଭାଗ୍ୟ ! କି ସୁନ୍ଦର ବର୍ଣ୍ଣନା ! ଏ ବର୍ଣ୍ଣନା ନାଦବ୍ରହ୍ମର ମାଧୁର୍ଯ୍ୟକୁ ମଧ୍ୟ ପରାଜିତ କରିବାକୁ ସମର୍ଥ ! ପ୍ରାକୃତ ଭାଷାରେ ପୁଣି ଏତେ ରସ ! ଏ ଭାଷା ତ ହୃଦୟ ଆକାଶରେ ନବରସର ବର୍ଣ୍ଣଛଟା ସୃଷ୍ଟି କରି ପାରିଛି । ଏଥିରେ ଜ୍ଞାନରୂପକ ଜ୍ୟୋତ୍ସ୍ନା ଉଦ୍‌ଭାସିତ ଏବଂ ଭାବାର୍ଥରୂପକ ସ୍ନିଗ୍‌ଧତା ବିସ୍ତାରିତ । ଶ୍ଳୋକାର୍ଥରୂପକ କୁମୁଦିନୀ ସ୍ୱାଭାବିକ ଭାବରେ ବିକଶିତ । ଏଥିରେ ମନୋରଥ ଏପରି ପରିପୁଷ୍ଟ ହୋଇଉଠିଚି ଯେ, ଯାହାର କୌଣସି କାମନା ନାହିଁ ତାକୁ ମଧ୍ୟ କାମନାଯୁକ୍ତ କରିପକାଉଚି ।

ଏଭଳି ଭାବରେ ଶ୍ରୋତାଗଣ ଆନନ୍ଦିତ ହୋଇ ବିସ୍ମୟରସରେ ନିମଗ୍ନ ହୋଇପଡ଼ିଲେ ।

ନିବୃତ୍ତିଦାସ ଜ୍ଞାନେଶ୍ୱର ତାହା ବୁଝିପାରି କହିଲେ, ଆପଣମାନେ ଅବଧାନ କରନ୍ତୁ... ପାଣ୍ଡବକୁଳ ଶ୍ରୀକୃଷ୍ଣରୂପକ ନବଦିବାକରର ଉଦୟ ଦର୍ଶନ

କଲେ । ଯାହାଙ୍କୁ ଦେବକୀଦେବୀ ଗର୍ଭରେ ଧାରଣ କରିଛନ୍ତି, ଯଶୋଦା କକ୍ଷରେ ଲାଳନପାଳନ କରିଛନ୍ତି, ସେ ଅବଶେଷରେ ପାଣ୍ଡବମାନଙ୍କ ଉପଯୋଗୀ ହୋଇଛନ୍ତି । କେତେଦିନ ହେଲା ସେବା କରିବା ଏବଂ ମିନତି କରିବାର କ୍ଲେଶ ଅର୍ଜୁନଙ୍କ ଭାଗ୍ୟରେ ଜୁଟି ନଥିଲା । ଏବେ ଜୁଟିଛି ।

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ, ଏପରି ଯୋଗ୍ୟତା ତ ମୋଠାରେ ନାହିଁ । ମୁଁ ଏ ଯୋଗ୍ୟତା ହାସଲ କରିବାପାଇଁ ଅକ୍ଷମ । କିନ୍ତୁ ମତେ ପରାମର୍ଶ ଦେଲେ, ବାଟ ଦେଖାଇଦେଲେ, ଯୋଗ୍ୟ ହେବାଲାଗି ନିଶ୍ଚୟ ଉଦ୍ୟମ କରିବି । ନିଜେ ଯଦି ବ୍ରହ୍ମ ହୋଇଯାଇ ପାରିବି, କଠୋର ଅଧ୍ୟବସାୟ କରିବି ନାହିଁ କାହିଁକି ? କିନ୍ତୁ ଇତିମଧ୍ୟରେ ଯାହାସବୁ କହିଲଣି, ସେଥିରେ ମୁଁ ଏକାବେଳେ ବିସ୍ମିତ ହୋଇପଡ଼ିଛି । ଏପରି ପରିପୂର୍ଣ୍ଣତା ଲାଭ କଲେ କେତେକଥା ନ ହୁଅନ୍ତା ! କିନ୍ତୁ ସେ ଶିଖର ଦେଶକୁ ଉଠିବାଲାଗି ମତେ ଆପଣ ସାହାଯ୍ୟ କରିବା ଆବଶ୍ୟକ ।

ଶ୍ରୀକୃଷ୍ଣ କହିଲେ, ଆତ୍ମସନ୍ତୋଷ ନଥିଲେ ଚାରିଆଡ଼େ ବିପଦ । କିନ୍ତୁ ଆତ୍ମସନ୍ତୋଷ ପାଇବାମାତ୍ରେ ସଚରାଚର ଆନନ୍ଦମୟ । ଭଗବାନଙ୍କ ପ୍ରତି ମତି ରଖିଲେ ବ୍ରହ୍ମୋପଲବ୍ଧିପାଇଁ ବାଟ ଫିଟିଯାଏ ।

ଶ୍ରୀକୃଷ୍ଣ ପୁଣି ଅର୍ଜୁନଙ୍କୁ କହିଲେ, ଯୋଗରୂପକ ବୃକ୍ଷତଳେ ମୁକ୍ତିରୂପକ ଲକ୍ଷ ଲକ୍ଷ ଫଳ ବିଛେଇ ହୋଇପଡ଼ିଛି । ଭଗବାନ ଶଙ୍କର ମଧ୍ୟ ଏହି ବୃକ୍ଷ ପାଖରେ ପହଞ୍ଚିବାପାଇଁ ଅଦ୍ୟାବଧି ତୀର୍ଥଯାତ୍ରା ଚଳାଇଛନ୍ତି । ସାଧନାର ପ୍ରଥମ ପର୍ଯ୍ୟାୟରେ ସାଧୁସନ୍ଥମାନେ ନିଜର ହୃଦୟର ବହୁ ଗଳିକନ୍ଦି ଭିତର ଦେଇ ଗତି କରିଥା'ନ୍ତି, ଅବିରାମ ଅକ୍ଳାନ୍ତ ସାଧନା ଫଳରେ ପରିଶେଷରେ ସେମାନଙ୍କର ଉଚିତ ମାର୍ଗ ଦର୍ଶନ ହୋଇଥାଏ । ଆତ୍ମଜ୍ଞାନର ରାଜପଥ ଦର୍ଶନ ହେବା ମାତ୍ରେ ଯୋଗୀମାନେ ଅନ୍ୟ ସମସ୍ତ ଅଜ୍ଞାନରୂପକ ଦୁର୍ଗମପଥ ପରିତ୍ୟାଗ କରି ଉଚିତ ପଥରେ ଅଗ୍ରସର ହୋଇଥାଆନ୍ତି । ସାଧୁ,ସନ୍ଥ ମହାଜନମାନେ ଏହି ପଥ ଅନୁସରଣ କି ଆସିଛନ୍ତି । ସୁଜ୍ଞାନୀ ଓ ସଦ୍‌ଗୁରୁମାନେ ଏହି ପଥ ଅତିକ୍ରମକରି ବ୍ରହ୍ମ ପାଖରେ ପହଞ୍ଚିଛନ୍ତି । ଏହି ପଥରେ ଚାଲିବାବେଳେ

ସେମାନେ ଭୋକ-ଶୋଷ ସୁଦ୍ଧା ଭୁଲିଯାଇ ଥାଆନ୍ତି, ଏପରିକି ଦିବସ ଓ ରାତ୍ରିର ପାର୍ଥକ୍ୟ କ'ଣ ସେମାନଙ୍କର ସେହି ଜ୍ଞାନ ନଥାଏ । ଗଲାବେଳେ ସେମାନଙ୍କର ପ୍ରତିପଦକ୍ଷେପରେ ମୁକ୍ତିର ଗନ୍ତାଘରକୁ ଅନୁଭବ କରିଥାଆନ୍ତି । ସାମାନ୍ୟ ପଦସ୍ଖଳନ ଘଟିଲେ ମଧ୍ୟ ସ୍ୱର୍ଗସୁଖ ତାଙ୍କର ଅତି ନିକଟରେ । ଇତଃସ୍ତତଃ ନହୋଇ ସୂର୍ଯ୍ୟ ଯେପରି ପ୍ରତିନିତ୍ୟପୂର୍ବରୁ ପଶ୍ଚିମକୁ ଗତି କରିବାରେ ଲାଗିରହନ୍ତି, ସେହିଭଳି ତୁମେ ଚିତ୍ତକୁ ଦୃଢ଼ କରି ମୁକ୍ତିଲାଗି ଏହି ପଥରେ ଅଗ୍ରସର ହୁଅ । ଏହି ପଥ କେବଳ ସେହିଠାକୁ ପଡ଼ିଚି— ଯାହାର ନାମ ବ୍ରହ୍ମ ବା ଆତ୍ମା । ଆଉ ଏ ସମ୍ପର୍କରେ କେତେ କହିବି ? ନିଜେ ତୁମେ ଏହା ଅନୁଭବ କରି ପାରିବ ।

ଅର୍ଜୁନ ପଚାରିଲେ, ହେ ବାସୁଦେବ, ଏହା ମୋ ଭାଗ୍ୟରେ କ'ଣ କେବେ ଘଟିବ ?ମୁଁ କେବଳ ଉତ୍କଣ୍ଠା ସମୁଦ୍ରରେ ବୁଡ଼ିବାରେ ଲାଗିଛି ।

ଶ୍ରୀକୃଷ୍ଣ କହିଲେ, ଅଧୈର୍ଯ୍ୟ ହୁଅନାହିଁ । ମୁଁ ତ ସେହିକଥା ବୁଝିବାକୁ ଯାଉ ଯାଉ ତୁମେ ପଚାରି ଦେଲ ।

ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନକୁଶୋତ୍ତରମ୍ ॥୧୧॥

ଯୋଗାଭ୍ୟାସ ଲାଗି ଏପରି ଗୋଟିଏ ସ୍ଥାନ ବାଛିନେବା ଉଚିତ ଯାହାକି ଶାନ୍ତ, ଶୀତଳ ଓ ନିସ୍ତବ୍ଧ ହୋଇଥିବ । ତାହା ଏପରି ସ୍ଥାନ ହେବା ଆବଶ୍ୟକ, ଯେଉଁଠି ବସିଥିଲେ ଆଉ ଉଠିବାକୁ ଇଚ୍ଛା ହେବ ନାହିଁ, ସ୍ଥାନଟିକୁ ଦେଖିବାମାତ୍ରେ ବୈରାଗ୍ୟଭାବ ବହୁଗୁଣରେ ବଢ଼ି ଉଠିବ । ମନେହେବ ଯେପରିକି ସାଧୁସନ୍ଥମାନଙ୍କର ଏହା ହେଉଛି ଆବାସ ସ୍ଥଳ, ଆତ୍ମସନ୍ତୋଷ ଲାଗି ସହାୟକ । ଏହା ମନକୁ ଦୃଢ଼ କରିବାଲାଗି ସାଧକକୁ ଉତ୍ସାହିତ କରିପାରିବ । ସ୍ଥାନଟି ଏପରି ହେବା ଆବଶ୍ୟକ, ଯେଉଁଥିରେ ଯୋଗାଭ୍ୟାସ ଆପେ ଆପେ ସାଧକର ବଶୀଭୂତ ହୋଇପାରିବ ଏବଂ ଏହାର କମନୀୟତା ଯୋଗୁଁ ସାଧକ ଆତ୍ମାନନ୍ଦ ଅନୁଭବ କରିପାରିବ, ଯେଉଁଠାରେ ଉପସ୍ଥିତ ହୋଇଯିବା ମାତ୍ରେ ନାସ୍ତିକର ମଧ୍ୟ ତପସ୍ୟା କରିବା ଲାଗି ଇଚ୍ଛା ହେବ ଏବଂ

ମନରେ ଆଗ୍ରହ ସୃଷ୍ଟି ହୋଇପାରିବ, ସକାମମାର୍ଗରେ ଚାଲୁ ଚାଲୁ ଯେଉଁଠାରେ ଦୈବାତ୍ ପହଞ୍ଚିଗଲେ ମଧ୍ୟ ଫେରିଯିବା କଥା ମନେପଡ଼ିବ ନାହିଁ । ଏଭଳି ସ୍ଥାନ ବାଛିନେବା ଉଚିତ ଯେ, ଯେଉଁ ବ୍ୟକ୍ତି ଏହାକୁ ଚାହେଁନା ତାକୁ ଧରି ରଖିପାରିବ, ଭ୍ରମଣକାରୀଙ୍କୁ ବସେଇ ରଖିଦେବ, ବୈରାଗ୍ୟକୁ ଜାଗ୍ରତ କରାଇବ, ବିଳାସୀରାଜାର ମଧ୍ୟ ରାଜ୍ୟ ତ୍ୟାଗ କରି ସେଠାରେ ବସି ରହିବାକୁ ଇଚ୍ଛା ହେବ । ଯେଉଁ ସ୍ଥାନ ଉତ୍ତମ ଓ ନିର୍ମଳ, ସେଠାରେ ଆଖି ଆଗରେ ବ୍ରହ୍ମ ସ୍ୱରୂପ ପ୍ରକାଶିତ ହୋଇଥାଏ । ଆଉ ଗୋଟିଏ ବିଷୟପ୍ରତି ଲକ୍ଷ୍ୟ ରଖିବାକୁ ପଡ଼ିବ, ତାହା ହେଉଛି ଯେଉଁ ସ୍ଥାନ ଲୋକଙ୍କ ପଦଧୂଳିରେ କେବେହେଲେ ମଳିନ ହୋଇନଥିବ, ଏହା କେବଳ ସାଧକର ହିଁ ବାସସ୍ଥାନ । ଏଠାରେ ଅମୃତତୁଲ୍ୟ ସୁମିଷ୍ଟ ଫଳ ପ୍ରସବକାରୀ ଘନବୃକ୍ଷ ସବୁଥିବ । ଚାରିଆଡ଼େ ବହିଚାଲିଥିବ କଳକଳନାଦିନୀ ନିର୍ଝରିଣୀ । ଖରା ବର୍ଷା ସଦାସର୍ବଦା ଏଠାରେ ସୁବିମଳ ପାନୀୟଜଳ ଥିବ ପ୍ରଚୁର ।

ଏହା ଏପରି ଏକ ସ୍ଥାନ ହୋଇଥିବ ଯାହା ବେଶି ଶୀତଳ ନୁହେଁ କି ବେଶି ଉତ୍ତପ୍ତ ନୁହେଁ । ଚିର ବସନ୍ତ ଏଠାରେ ବିରାଜମାନ କରୁଥିବ । ମୃଦୁମନ୍ଦବହ ପବନ ବହି ଚାଲିଥିବ ନିରନ୍ତର । ନିସ୍ତବ୍ଧ, ନିକାଞ୍ଚନ ଏହି ସ୍ଥାନ । ଏପରି ଘନ ଅରଣ୍ୟ ଯେ, ଶ୍ୱାପଦମାନଙ୍କର ମଧ୍ୟ ପ୍ରବେଶ ସମ୍ଭବ ହେଉ ନଥିବ । କୌଣସି କୀଟପତଙ୍ଗ ନଥିବେ । କଦାଚିତ୍ ଝରଣାଗୁଡ଼ିକ ପାଖକୁ ହଂସ, ଦୁଇଚାରୋଟି ସାରସ, କୌଣସି କୌଣସି ସମୟରେ କୋକିଳ ଆସୁଥିବେ । ସର୍ବଦା ନହେଲେ ମଧ୍ୟ କେବେ କେବେ ମୟୂର ଆସୁଥାଇପାରନ୍ତି । ଏଭଳି ଏକ ସ୍ଥାନ ନିଶ୍ଚୟ ବାଛିବାକୁ ପଡ଼ିବ । ସେଠାରେ କୌଣସି ଗୁପ୍ତମଠ କିମ୍ବା ଶିବମନ୍ଦିର ଥିଲେ ଉତ୍ତମ । ଏହି ଦୁଇଟି ମଧ୍ୟରୁ ଯେଉଁଟିରେ ଚିତ୍ତ ପ୍ରସନ୍ନ ହେବ, ଯୋଗ କରିବା ପାଇଁ ଅନୁକୂଳ ହେବ, ସେହି ସ୍ଥାନରେ ଏକାକୀ ବସିବା ଉଚିତ୍ । ଯେଉଁଠି ମନ ଚଞ୍ଚଳ ହୋଇପଡ଼ିବ ବୋଲି ମନେ କରିବ, ସେ ସ୍ଥାନକୁ ଆଦୌ ଯିବନାହିଁ । ଉପଯୁକ୍ତ ସ୍ଥାନ ବାଛି ସାରିବା ପରେ ସେଠାରେ ଆସନ ପାତିବା ଉଚିତ ।

ଆସନ ମଧ୍ୟ କିପରି ହେବ ତାହା ଶୁଣ । ପ୍ରଥମେ ପଡ଼ିବ କୁଶାସନ । ତା ଉପରେ ନିର୍ମଳ ବସ୍ତ୍ର । ତା ଉପରେ ସୁନ୍ଦର ମୃଗଚର୍ମ । ଆସନଟି ଅତି ଉଚ୍ଚ ହେବନାହିଁ କି ନୀଚ ହେବ ନାହିଁ । ଆସନ ଅତି ଉଚ୍ଚ ହେଲେ ଦେହ ହଲଚଲ ହୋଇପାରେ, ଅତି ନୀଚ ହେଲେ ଭୂମିର ସମ୍ପର୍କଦୋଷ ଲାଗିପାରେ ।

ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ ।
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍‌ଯୋଗମାତ୍ମବିଶୁଦ୍ଧୟେ ॥୧୨॥

ତାପରେ ସେଠାରେ ଯୋଗୀ-ସାଧକ ଏକାଗ୍ର ଚିତ୍ତରେ ସଦ୍‌ଗୁରୁଙ୍କୁ ସ୍ମରଣ କରି କରି ଆତ୍ମସୁଖ ଲାଭ କରି ପାରିବେ । ଯେ ପର୍ଯ୍ୟନ୍ତ ମନରୁ ଅହଂଭାବ ଦୂର ହୋଇ ଅନ୍ତର ଓ ବାହାର ସାତ୍ତ୍ୱିକଭାବରେ ପରିପୂର୍ଣ୍ଣ ନ ହୋଇଛି ସେ ପର୍ଯ୍ୟନ୍ତ ଶ୍ରଦ୍ଧାର ସହିତ ସଦ୍‌ଗୁରୁସ୍ମରଣରେ ପ୍ରବୃତ୍ତ ରହିଥିବ । କ୍ରମଶଃ ବିଷୟ ଚିନ୍ତା ଚାଲିଯିବ, ଇନ୍ଦ୍ରିୟଗୁଡ଼ିକରେ ମଧ୍ୟ ବିଷୟଭୋଗର ଇଚ୍ଛା ବିନଷ୍ଟ ହୋଇଯିବ । ମନର ଏକତାଭାବ ଯେପର୍ଯ୍ୟନ୍ତ ସହଜରେ ଲାଭ ନ ହୋଇଛି, ସେ ପର୍ଯ୍ୟନ୍ତ ଆସନରେ ବସି ରହିଥିବ । ଏ ପ୍ରକାରର ଅନୁଭବ ସହିତ ବସି ରହିବା ଆବଶ୍ୟକ । ତାପରେ ମନେହେବ ଯେପରିକି ଶରୀରହିଁ ଶରୀରକୁ ସମ୍ଭାଳିଚି, ପ୍ରାଣହିଁ ପ୍ରାଣକୁ ସମ୍ଭାଳିଚି । ପ୍ରବୃତ୍ତି ପଛରେ ପଡ଼ି ରହିବ । ସମାଧି ସହଜସାଧ୍ୟ ହେବ । ଆସନ ଉପରେ ବସିଲେ ହିଁ ସମସ୍ତ ଅଭ୍ୟାସ ସହଜସାଧ୍ୟ ହୋଇଉଠିବ । ଇଏ ହେଉଚି ମୁଦ୍ରାର ମହିମା ।

ଏଣିକି ଆସନର ନିୟମ ବର୍ଣ୍ଣନା କରୁଛି । ଜଙ୍ଘ ଦୁଇଟିକୁ ଭୂମି ସହିତ ସଂଲଗ୍ନ କର । ଏକ ପଦତଳ ଅନ୍ୟ ପଦତଳ ସହିତ ଯୁକ୍ତକରି ତାକୁ ଗୁହ୍ୟସ୍ଥାନରେ ସ୍ଥିରଭାବେ ସଂସ୍ଥାପନ କରି ଚାପି ରଖ । ଦକ୍ଷିଣ ପାଦକୁ ତଳେ ରଖି, ଶିଶ୍ନସ୍ଥାନରୁ ଗୁହ୍ୟସ୍ଥାନ ପର୍ଯ୍ୟନ୍ତ ଯେଉଁ ରେଖାଅଛି, ତାକୁ ଏହି ପାଦଦ୍ୱାରା ଚାପି ଦିଅ । ଏଭଳି କଲେ ବାମପଦ ସ୍ୱତଃ ଉପରେ ରହିବ । ଗୁହ୍ୟସ୍ଥାନ ଓ ଶିଶ୍ନର ମଝିରେ ଯେଉଁ ଚାରିଆଙ୍ଗୁଳ ସ୍ଥାନ ଅଛି, ଏହାର ପ୍ରତ୍ୟେକ ଦିଗରୁ ଦେଢ଼ ଆଙ୍ଗୁଳି ପରିମିତ ସ୍ଥାନ ଛାଡ଼ି ମଧ୍ୟସ୍ଥଳରେ ଯେଉଁ ଆଙ୍ଗୁଳିଏ ସ୍ଥାନ ଅବଶିଷ୍ଟ ରହିଛି, ସେଠାରେ

ଗୁଲ୍‌ଫର ଉତ୍ତରଭାଗଦ୍ୱାରା ଚାପି ରଖ ଏବଂ ଦେହକୁ ସିଧା ଉଠେଇ ରଖ । ପିଠିର ନିମ୍ନଭାଗକୁ ଏପରି ଭାବରେ ଉଠେଇ ରଖ ଯେଉଁଥିରେ ତାହା ଉଠିଲା କି ନ ଉଠିଲା ନିଜେ ଜାଣିପାରିବ ନାହିଁ । ସଙ୍ଗେ ସଙ୍ଗେ ଦୁଇଟିଯାକ ଆଣ୍ଠୁର ଭାରା ସମ୍ଭାଳି ନିଅ । ତାହାହେଲେ, ହେ ପାର୍ଥ ! ସମଗ୍ର ଦେହର ଭାର ସ୍ଥିର ରହିପାରିବ ।

ହେ ଅର୍ଜୁନ, ଏହା ହେଉଚି ମୂଳବନ୍ଧର ଲକ୍ଷଣ । ଏହାକୁ ଗୌଣ ବଜ୍ରାସନ (କ) ମଧ୍ୟ କୁହାଯାଏ । ଏ ପ୍ରକାରରେ ଯେତେବେଳେ ମୂଳାଧାର (ଖ) ବନ୍ଧ ସିଦ୍ଧ ହୋଇଯାଏ ଏବଂ ଅପାନ (ଗ) ବାୟୁର ଅଧୋମାର୍ଗ ବନ୍ଦ ହୋଇଯାଏ ସେତେବେଳେ ବାୟୁର ଗତି ଭିତରଆଡ଼କୁ ସଙ୍କୁଚିତ ହୋଇ ଆସେ ।

ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।
ସମ୍ପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥୧୩॥

ହାତକୁ ଦ୍ରୋଣାକାର କରି ସହଜଭାବରେ ବାମପାଦ ଉପରେ ରଖିବ, ତଦ୍ୱାରା ବାହୁମୂଳ ସ୍ଥୂଳାକାର ଦେଖାଯିବ । ମଧ୍ୟ ସ୍ଥଳରେ ଶରୀର ଦଣ୍ଡ

(କ) ଯୋଗଶାସ୍ତ୍ରରେ ଚଉରାଶି ପ୍ରକାରର ଆସନ ଉଲ୍ଲେଖ ରହିଛି । ସ୍ଥିର ଭାବରେ ସୁଖରେ ଉପବେଶନ କରିବା ଭଙ୍ଗୀକୁ ଆସନ କୁହାଯାଏ— ଯଥା ପଦ୍ମାସନ, ସିଦ୍ଧାସନ, ସ୍ୱସ୍ତିକାସନ ପ୍ରଭୃତି (ସ୍ଥିରସୁଖାସନମ୍— ପତଞ୍ଜଳି ଯୋଗସୂତ୍ର ୪୩)

(ଖ) ଯୋଗଶାସ୍ତ୍ରରେ ଶରୀରରେ ନଅଟି ଚକ୍ର ସଂସ୍ଥାନର ଉଲ୍ଲେଖ ରହିଛି । ଯଥାକ୍ରମେ ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ, ଆଜ୍ଞା, ଲଳନା, ଗୁରୁ ଓ ସହସ୍ରାର । ଏହା ବ୍ୟତୀତ ଯୋଗୀମାନଙ୍କର ଜ୍ଞାନଶକ୍ତ, ସୋମଚକ୍ର ପ୍ରଭୃତି କେତୋଟି ଗୁପ୍ତଚକ୍ର ମଧ୍ୟ ରହିଛି । ମଣିଷ ଦେହରେ ଗୁହ୍ୟଦେଶଠାରୁ ଦୁଇଆଙ୍ଗୁଳ ଉର୍ଦ୍ଧ୍ୱରେ ମୂଳାଧାର ଚକ୍ର । ଏହା ଚତୁର୍ଦ୍ଦଳ ଓ ଈଷତ୍‌ରକ୍ତବର୍ଣ୍ଣ । ଏହି ପଦ୍ମଚକ୍ରର କର୍ଣ୍ଣିକାରେ ପୃଥ୍ୱୀ ମଣ୍ଡଳ ଓ ପୃଥ୍ୱୀବୀଜ ରହିଛି ।

(ଗ) ଶରୀରର ପ୍ରଧାନ ପଞ୍ଚବାୟୁ ମଧ୍ୟରୁ ହୃଦୟରେ ପ୍ରାଣବାୟୁ, ଗୁହ୍ୟ ଦେଶରେ ଅପାନ ବାୟୁ, ନାଭିମଣ୍ଡଳରେ ସମାନବାୟୁ, କଣ୍ଠରେ ଉଦାନବାୟୁ, ଏବଂ ସମଗ୍ର ଶରୀରବ୍ୟାପୀ ବ୍ୟାନବାୟୁ ଅବସ୍ଥାନ କରିଥାଏ । ପ୍ରାଣବାୟୁ ହିଁ ମୂଳ ଓ ପ୍ରଧାନ ।

ସ୍ଥିରଭାବରେ ଅବସ୍ଥାନ କରିବାରେ ଶିରକମଳ ଶରୀର ଭିତରେ ପଶି ଯାଇଥିବାଭଳି ଏବଂ ଚକ୍ଷୁପଲକ ବନ୍ଦ ହୋଇଯିବା ଭଳି ଦେଖାଯିବ । ଆଖିର ତଳ ଓ ଉପର ପତା ସ୍ଥିର ହୋଇପଡ଼ିବ— ଚକ୍ଷୁ ଅର୍ଦ୍ଧୋନ୍ମୀଳିତ ଅବସ୍ଥାରେ ରହିବ । ଦୃଷ୍ଟି କେବଳ ଅନ୍ତର୍ଦ୍ଦେଶରେ ରହିବ । କୌତୁହଳବଶତଃ ବାହାରକୁ ଆସିଲେ ମଧ୍ୟ ନାସାଗ୍ର ପର୍ଯ୍ୟନ୍ତ ଦେଖାଯିବ । ସେତେବେଳେ କେଉଁ ଦିଗଟା କେଉଁପଟେ କିମ୍ବା କାହାର ରୂପ କିପରି, କେଉଁ ବାଟ କେଉଁଠିକି ପଡ଼ିଛି ଏଭଳି ଜାଣିବା ଲାଗି ଇଚ୍ଛା ଆପେ ଆପେ ବନ୍ଦ ହୋଇଯିବ । ତଣ୍ଟି ଶୁଖିଗଲାଭଳି ମନେହେବ । କଣ୍ଠତଳେ ନିଃଶ୍ୱାସ ବନ୍ଦ ହୋଇଗଲା ଭଳି ଅନୁଭବ ହେବ... କ୍ରମଶଃ ହୃଦଯନ୍ତ୍ର କ୍ରିୟା ବନ୍ଦ ହେଲାଭଳି ମନେ ହେବ । ଏପ୍ରକାରର 'ବନ୍ଧ' ବା ଆସନକୁ ଜାଳନ୍ଧର (ଘ) କୁହାଯାଏ । ନାଭି ଉପର ଦିଗକୁ ଉଠିଯାଏ ଏବଂ ହୃଦୟରେ ହୃଦୟକମଳ ବିକଶିତ ହୋଇଯାଏ । ଏହି ପ୍ରକାରର ନାଭିତଳେ 'ସ୍ୱାଧିଷ୍ଠାନ' (ଙ) ଚକ୍ର ଉପରେ ଯେଉଁ ବନ୍ଧନିର୍ମାଣ କରାଯାଏ, ତାକୁ 'ଉଡ଼ଡ଼ିୟାନ' କୁହାଯାଏ । ଶରୀରର ବାହ୍ୟ ଅଙ୍ଗଦ୍ୱାରା ଏ ସମସ୍ତ ଅଭ୍ୟାସ କରାଯାଇଥାଏ ।

ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ।।୧୪।।

ସେତେବେଳେ ଅନ୍ତରରେ ମନୋଧର୍ମର ବେଗ ବିନଷ୍ଟ ହୋଇଯାଏ । କଳ୍ପନା କରିବାଶକ୍ତି ଚାଲିଯାଏ । ମନବୋଲି ଗୋଟାଏ କିଛି ଅଛି ଏ ଭାବ ଆପେ ଆପେ ଚାଲିଯାଏ । କ୍ଷୁଧା କ'ଣ, ନିଦ୍ରା କୁଆଡ଼େଗଲା, ସବୁ ବିସ୍ମୃତିଗର୍ଭରେ ଲୀନ ହୋଇଯାଏ । ସେ ଚିନ୍ତା ଶୀଘ୍ର ଫେରି ଆସେନା । ଯେଉଁ ଅପାନବାୟୁକୁ ମୂଳାଧାରଦ୍ୱାରା ବନ୍ଦ କରି ଦିଆଯାଏ, ସେ ପୁଣି ଫେରିଆସି, ପୂର୍ବରୁ ସଂକୁଚିତ

(ଘ) ମୂଳବନ୍ଧ, ଜାଳନ୍ଧର ବନ୍ଧ, ଉଡ଼ଡ଼ିୟାନ ବନ୍ଧ— ଏହି ତିନିପ୍ରକାରର ବନ୍ଧ ଯୋଗୀମାନେ କରୁଥିବା ବେଳେ ତାକୁ ଦେଖି ଏବଂ ସେମାନଙ୍କ ମୌଖିକ ଉପଦେଶ ବଳରେ ସାଧନଯୋଗ୍ୟ ।

(ଙ) ଶିଶ୍ନମୂଳରେ ରହିଛି ଦ୍ୱିତୀୟ ଚକ୍ର ।

ହୋଇଥିଲେ ମଧ୍ୟ ବର୍ତ୍ତମାନ କ୍ଷୁବ୍ଧ ହୋଇ ପ୍ରବଳ ହୋଇଉଠେ । ଏହି ବାୟୁ ସଂତପ୍ତ ଅବସ୍ଥାରେ ଉନ୍ମତ୍ତ ହୋଇ ମନେ ମନେ ଗର୍ଜନ କରିଉଠେ ଏବଂ ଧୀରେ ଧୀରେ ମଣିପୁର ଚକ୍ର (ଚ) ରେ ଯାଇ ଯୁଦ୍ଧ କରିବାରେ ଲାଗିଯାଏ । କ୍ରମଶଃ ଏହି ତୋଫାନ ଶେଷ ହୋଇ ଆସିଲେ, ଏହା ସମଗ୍ର ଉଦର ମଧ୍ୟରେ ଘୂରି ଘୂରି ଉଦରର ସମସ୍ତ ଆବର୍ଜନାକୁ ବାହାର କରି ଦେବାଲାଗି ଚେଷ୍ଟା କରିଥାଏ । ଏହି ବାୟୁ ଯେ କେବଳ ଉଦରରେ ପରିପୂର୍ଣ୍ଣ ରହିଥାଏ ତାହା ନୁହେଁ, ଏହାଦେହର ପ୍ରତି ପ୍ରକୋଷ୍ଠରେ ପ୍ରବେଶ କରେ ଏବଂ କଫ, ପିତ୍ତ ପ୍ରଭୃତିକୁ ନାଶ କରେ । ସପ୍ତଧାତୁର ସ୍ଥାନକୁ ଓଲଟପାଲଟ କରିଦେଇ ମେଦର ପର୍ବତକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦିଏ ।ହାଡ଼ ଭିତରୁ ମଜ୍ଜାକୁ ବାହାର କରି ନାଡ଼ିଗୁଡ଼ିକୁ ଖୋଲିଦିଏ । ସର୍ବାବୟବ ଶୀଥିଳ ହୋଇପଡ଼େ । ଏହିଭଳି ଭାବରେ ଅପାନବାୟୁ ସାଧକକୁ ଭୟଭୀତ କରିବାଲାଗି ଉଦ୍ୟମ କରିଥାଏ, କିନ୍ତୁ ସାଧକ ନିଜ ସାଧନାରେ ନିର୍ଭୀକ ରହିବା ଉଚିତ । ଏହି ବାୟୁ ଦେହରେ ନାନା ବ୍ୟାଧି ସୃଷ୍ଟି କରିଥାଏ ସତ, କିନ୍ତୁ ସେ ଏତେ ଦୟାଳୁ ଯେ ନିଜେ ନିଜକୁ ହଟେଇ ନେଇଥାଏ ଏବଂ ଏହା ଜଳତତ୍ତ୍ୱ ଓ ପୃଥିବୀତତ୍ତ୍ୱକୁ ଏକତ୍ର କରିଦେଇଥାଏ ।

ହେ ଧନୁର୍ଦ୍ଧର ! ଆସନ ଏପରି ଏକ ସାଧନା ଯାହାର ଉଷ୍ଣତା ଅନ୍ୟ ଦିଗରେ କୁଣ୍ଡଳିନୀ (ଛ) ନାମକ ଅନ୍ୟ ଏକ ଶକ୍ତିକୁ ଜାଗ୍ରତ କରାଏ । ନାଗିନୀର ଶିଶୁସନ୍ତାନକୁ କୁଙ୍କୁମରେ ସ୍ନାନ କରାଇବା ପରେ ସେ କୁଣ୍ଡଳ ବାନ୍ଧି ରହିଥିଲେ ଯେପରି ଦେଖାଯାଏ, ସେହିଭଳି ଏ ଦେହ ଭିତରେ ସାଢ଼େ ତିନି ଘେରରେ

(ଚ) ନାଭିଦେଶସ୍ଥିତ ତୃତୀୟଚକ୍ର ମେଘବର୍ଣ୍ଣ-ଦଶଦଳଯୁକ୍ତ । ଦଳ ଦଶଟି ନୀଳବର୍ଣ୍ଣ । କର୍ଣ୍ଣିକାରେ ରହିଛି ତ୍ରିକୋଣ ବହ୍ନିମଣ୍ଡଳ ଏବଂ ବହ୍ନିବୀଜ ।

(ଛ) ଧ୍ୟାୟେତ୍ କୁଣ୍ଡଳିନୀଂ ସୂକ୍ଷ୍ମାଂ ମୂଳାଧାର ନିବାସିନୀଂ
ତାମିଷ୍ଟଦେବତାରୂପାଂ ସାର୍ଦ୍ଧସ୍ତ୍ରିବଳୟାନ୍ୱିତାମ୍ ।
କୋଟି ସୌଦାମିନୀଭାସାଂ ସ୍ୱୟମ୍ଭୂଲିଙ୍ଗବେଷ୍ଟିତାମ୍ ।
ମୁଖେ ନିବେଶ୍ୟ ସା ପୁଚ୍ଛଂ ସୁଷୁମ୍ନା ବିବରେ ସ୍ଥିତା ।

କୁଣ୍ଡଳିନୀଶକ୍ତି ତଳକୁ ମୁହଁକରି ସର୍ପିଣୀଭଳି ଶୋଇ ରହିଛି । ଏହା ଦେଖିବାକୁ ବିଦ୍ୟୁତ୍‌ନିର୍ମିତ କଙ୍କଣ କିମ୍ବା ଅଗ୍ନିଶିଖାରବେଷ୍ଟନୀ କିମ୍ବା ଉଜ୍ଜ୍ୱଳପୂର୍ଣ୍ଣ ଶିକୁଳିଭଳି । ଏହିଭଳି ଭାବରେ ଅତିଅଳ୍ପ ପରିସର ମଧ୍ୟରେ ସଙ୍କୁଚିତ ଅବସ୍ଥାରେ ରହିଚି ସେ । କିନ୍ତୁ ବଜ୍ରାସନର ପ୍ରଭାବରେ ସେ ଜାଗିଉଠେ ।

କୌଣସି ନକ୍ଷତ୍ର ବିପରୀତ ଗତିରେ କକ୍ଷଚ୍ୟୁତ ହେବା ଅଥବା ସୂର୍ଯ୍ୟ ଆସନଚ୍ୟୁତହେବା କିମ୍ବା ତେଜୋପୁଞ୍ଜ ଭିତରୁ ଅଙ୍କୁରୋଦ୍‌ଗମ ହେବାଭଳି କୁଣ୍ଡଳିନୀ ଶକ୍ତି କୁଣ୍ଡଳିତ୍ୟାଗପୂର୍ବକ ଆଳସ୍ୟ ତ୍ୟାଗ କଲେ, ନାଭିମଣ୍ଡଳରେ ତାର ଦର୍ଶନ ମିଳେ । ଏକେତ ବହୁଦିନର କ୍ଷୁଧା, ସେଥିରେ ପୁଣି ନିଦ୍ରାଭଙ୍ଗ ଘଟିବାରେ ସେ ଆବେଶବଶତଃ ଉପର ଦିଗକୁ ହିଁ ଫଣା ଉଠାଏ । ହୃଦୟ-କମଳ ନିକଟରେ ଯେଉଁ ବାୟୁ ପୂର୍ଣ୍ଣ ଥାଏ ସେ ସେହି ସମସ୍ତ ବାୟୁକୁ ପ୍ରଥମେ ଗିଳିପକାଏ । ତଳ ଓ ଉପର ଭାଗରେ ଚୋଟ ମାରି ମାରି ସେ ମାଂସର ରସ ଶୋଷିନିଏ । ଫଳରେ ଶରୀରର ଯେଉଁଯେଉଁ ସ୍ଥାନ ମାଂସଳଥାଏ ସେ ସ୍ଥାନମାନଙ୍କର ମାଂସ କମିଯାଏ । କ୍ରମଶଃ ସେ ହୃଦୟସ୍ଥାନକୁ ମଧ୍ୟ ଗ୍ରାସ କରେ । ହାତ ଓ ପାଦ ତଳକୁ ମାଂସହୀନ କରି ଅଲଗା ଅଲଗା କରିପକାଏ । ସେହିଭଳି ଭାବରେ ସେ ଦେହର ଗଣ୍ଠିଗୁଡ଼ିକୁ ଫିଟେଇ ଦିଏ । ତଳଭାଗକୁ ମଧ୍ୟ ଛାଡ଼େନା । ନଖର ସତ୍ତ୍ୱ ମଧ୍ୟ ବାହାର କରିଦିଏ । ଦେହର ଚର୍ମକୁ ଶୋଧନକରି ହାଡ଼ ସହିତ ମିଶେଇଦିଏ । ହାଡ଼ନଳୀରେଥିବା ରସକୁ ବାହାର କରି ଶିରା ଭିତରେ ଥିବା ମଇଳାକୁ ଧୋଇ ପକାଇବାରେ ରୁମଗୁଡ଼ିକ ମଧ୍ୟ ଆଉ ବଢ଼ିପାରେନା । ଏପରିକି ଶରୀର ଲୋମହୀନ ହୋଇଯାଏ ।ଏହି କ୍ଷୁଧା ତୃଷ୍ଣା ଜର୍ଜରିତ କୁଣ୍ଡଳିନୀ ସପ୍ତଧାତୁର (କ) ସମୁଦ୍ର ମନ୍ଥନ କରି ରସ ପାନ କରେ । ଫଳରେ ଶରୀର ଶୀର୍ଣ୍ଣ ଓ ଶୁଷ୍କ ହୋଇପଡ଼େ । ନାସିକା ରନ୍ଧ୍ରଦ୍ୱାରାବାହାରେ ଦ୍ୱାଦଶ ଅଙ୍ଗୁଳିପରିମିତ ଯେଉଁ ବାୟୁ ନିର୍ଗତ ହୋଇଥାଏ, ତାକୁ ଠେଲି ପେଲି

(କ) ମଣିଷ ଶରୀର ଶୁକ୍ର, ଶୋଣିତ, ମଜ୍ଜା, ମେଦ, ମାଂସ୍, ଅସ୍ଥି ଓ ତ୍ୱକ୍ ଏହି ସପ୍ତଧାତୁଦ୍ୱାରା ଗଠିତ ।

ଆଡ଼େଇ ଦେଇ ରନ୍ଧ୍ର ଭିତରେ ହିଁ ପ୍ରବେଶ କରାଇ ଦିଏ । ସେତେବେଳେ ତଳବାୟୁ ଉପରକୁ ଉଠେ ଏବଂ ଉପରର ବାୟୁ ତଳକୁ ଖସିଆସେ । ଏହି ଦୁଇ ବାୟୁ ମିଳିତ ହୋଇ ଚକ୍ରକୁ ଆଘାତ କରିଥାଆନ୍ତି । ଦୁଇଟିଯାକ ବାୟୁ ମିଶିଗଲେ 'କୁଣ୍ଡଳିନୀ' କ୍ଷଣିକଲାଗି ବ୍ୟଗ୍ର ହୋଇ ଚକ୍ରକୁ କହେ, ''ତୁମର ଏଠାରେ କୌଣସି ଆବଶ୍ୟକତା ନାହିଁ, ପଳେଇଯାଅ ।'' ସେ ଶରୀରରେ ପାର୍ଥିବ ଅଂଶକୁ ଖାଇପକାଏ, କିଛି ହେଲେ ବାକୀ ରଖେନା । ତାପରେ ଜଳଭାଗକୁ ମଧ୍ୟ ଲୋପ କରି ପକାଏ । ଏଭଳି ଭାବରେ ସେ ଶରୀରର ଦୁଇ ମହାଭୂତକୁ ଖାଇଲେ ଯାଇ ତୃପ୍ତହୋଇ ସୁଷୁମ୍ନା ନାଡ଼ି ପାଖରେ ଚୁପଚାପ ପଡ଼ି ରହିଥାଏ । ତୃପ୍ତିଲାଭ ଯୋଗୁଁ କୁଣ୍ଡଳିନୀ ସନ୍ତୋଷରେ ଯେଉଁ ଗରଳ ଉଦ୍‌ଗୀରଣ କରେ, ସେହି ଅମୃତଦ୍ୱାରା ପ୍ରାଣବାୟୁ ଜୀବନ ଧାରଣ କରେ । ଭିତରୁ ସେହି ବିଷ ଆଗ୍ନେୟଗିରିର ଲାଭାଭଳି ବହିର୍ଗତ ହୁଏ, କିନ୍ତୁ ଏହା ଭିତର ଓ ବାହାରକୁ ଶୀତଳ କରିଥାଏ । ସେତେବେଳେ ଯେଉଁ ଯେଉଁ ଅବୟବ ଶୀର୍ଣ୍ଣ ହୋଇ ପଡ଼ିଥାଏ, ତାହା ପୁଣି ପରିପୁଷ୍ଟ ଓ ଦୃଢ଼ ହୋଇଉଠେ । ଯେତେବେଳେ ନାଡ଼ିର ପଥ ବନ୍ଦ, ସେତେବେଳେ ନଅ ପ୍ରକାର ବାୟୁର ଗତି ମଧ୍ୟ ବନ୍ଦ । ଶରୀର ଧର୍ମ ବିଲୁପ୍ତ । ଇଡ଼ା ଓ ପିଙ୍ଗଳା ନାଡ଼ି ଏକତ୍ର ମିଳିତ ତିନୋଟି ଗ୍ରନ୍ଥି ଛିନ୍ନ ହୁଏ । ଛଅଟି ଚକ୍ରର କଳିକା ପ୍ରସ୍ଫୁଟିତ ହୁଏ । ଚନ୍ଦ୍ର ଓ ସୂର୍ଯ୍ୟନାମକ ଦୁଇ କଳ୍ପିତ ବାୟୁକୁ ସେତେବେଳେ ପ୍ରଦୀପ ନେଇ ଖୋଜିଲେ ମଧ୍ୟ ମିଳେନାହିଁ । ବୁଦ୍ଧିର ବିକାଶ ବନ୍ଦ ହୋଇପଡ଼େ । ଘ୍ରାଣେନ୍ଦ୍ରିୟ ଭିତରେ ଯେଉଁ ସୁଗନ୍ଧ ଥାଏ, ସେ ମଧ୍ୟ କୁଣ୍ଡଳିନୀ ସହିତ ସୁଷୁମ୍ନା ନାଡ଼ି ଭିତରେ ପଶିଯାଏ । ସେହି ଅବସ୍ଥାରେ ଉପର ଦିଗରୁ ଚନ୍ଦ୍ରାମୃତ-ସରୋବର ଧୀରେ ଧୀରେ କର୍ଣ୍ଣିକାଭଳି କୁଣ୍ଡଳିନୀର ମୁହଁରେ ଆସି ପଡ଼ିଥାଏ । ଏହା ଫଳରେ ନଳୀଭିତରୁ ଯେଉଁ ରସ ମିଳେ, ତାହା ସମଗ୍ର ଶରୀରକୁ ବ୍ୟାପିଯାଏ ଏବଂ ପ୍ରାଣବାୟୁଦ୍ୱାରା ଏହା ଯେଉଁଠି ଯାଇ ପଡ଼େ ସେଇଠି ହିଁ ଶୁଖିଯାଏ । ମହମରେ ତିଆରି କଣ୍ଢେଇ ବା ଯେକୌଣସି ଜିନିଷକୁ ତରଳେଇ ଦେଲେ ଏହା ଯେଉଁ ରସରେ ତିଆରି ସେହି ରସ ହିଁ ମିଳେ । ସେହିପରି ସାଧକର ଶରୀରକୁ ଦେଖିଲେ ମନେହୁଏ ଯେପରି ସୁକାନ୍ତି ମୂର୍ତ୍ତିମାନ

ହୋଇ ଅବତୀର୍ଣ୍ଣ ହୋଇଛି ଅର୍ଥାତ୍ ସାଧନାର ରୂପ ଅତି ସୁନ୍ଦର ସୁକାନ୍ତ ହୋଇପଡ଼େ । ମେଘର ଆବରଣ ଭିତରୁ ସୂର୍ଯ୍ୟ ବାହାର ହୋଇ ଯେପରି ତେଜୋମୟ ଦେଖାଯାଏ, ସେହିଭଳି ଶରୀରରେ ତ୍ୱକ୍‌ରୂପକ ଯେଉଁ ଶୁଷ୍କ ଆବରଣ ଅବଶିଷ୍ଟ ଥାଏ, ତାହା ମଧ୍ୟ ତଷୁଭଳି ଝଡ଼ିପଡ଼ିବାରେ ଶରୀରର କାନ୍ତି ବା ଶୋଭା ଏପରି ଦେଖାଯାଏ ଯେ, ମନେହୁଏ ଯେପରି ସ୍ଫଟିକରେ ନିର୍ମିତ । ମନେହୁଏ ଯେପରିକି ବୀଜର ଅଙ୍କୁରୋଦ୍‌ଗମ ହୋଇଛି । ମନେହୁଏ ଯେପରିକି ସାଧକର ଶରୀର ଅସ୍ତଗାମୀ ସୂର୍ଯ୍ୟର ବର୍ଣ୍ଣ ନେଇ ନିର୍ମିତ ହୋଇଛି, ଅଥବା ଆତ୍ମଜ୍ୟୋତିର ଚିହ୍ନକୁ ସ୍ୱଚ୍ଛ କରାଯାଇ ରଖାଯାଇଛି; ଆତ୍ମରସକୁ ଢଳାହୋଇ ଗଢ଼ା ହୋଇଛି; ଶରୀରରେ ଶାନ୍ତି ଯେପରି ମୂର୍ତ୍ତିମାନ ହୋଇଛି; ଆନନ୍ଦମୟ ଚିତ୍ରାଙ୍କନ କରାଯାଇଛି; ମହାସୁଖର ପ୍ରତିମା କିମ୍ବା ସନ୍ତୋଷରୂପକ ବୃକ୍ଷର ଅଙ୍କୁରକୁ କିଏ ଆଣି ଧୀରେ ପୋତିଦେଇ ଯାଇଛି ।ଅଥବା ଏହା ସୁବର୍ଣ୍ଣ ଚମ୍ପକର କଳିକା, ଅମୃତର ମୂର୍ତ୍ତି, କୋମଳତାର କ୍ଷେତ୍ରଶୋଭା, ଅଥବା ଶାରଦୀୟ ଶିଶିରଦ୍ୱାରା ଚନ୍ଦ୍ରବିମ୍ବ ପଲ୍ଲବିତ ହୋଇଛି । କୁଣ୍ଡଳିନୀ ଯେତେବେଳେ ଚନ୍ଦ୍ରାମୃତ ପାନ କରେ, ସେତେବେଳେ ଶରୀରର ଅବସ୍ଥା ଏହିଭଳି ହୋଇଥାଏ । କୃତାନ୍ତ ମଧ୍ୟ ସାଧକର ଦେହକୁ ଦେଖିଲେ ଭୟଭୀତ ହୋଇପଡ଼େ; ବାର୍ଦ୍ଧକ୍ୟ ପଛକୁ ହଟିଯାଏ; ଯୌବନର ଗ୍ରନ୍ଥି ଖୋଲିଯାଏ ଏବଂ ଲୁପ୍ତ ବାଲ୍ୟଦଶା ପୁଣି ପ୍ରକାଶିତ ହୁଏ । ତାହାର ବୟସ ସେତେବେଳେ ଅଳ୍ପବୋଲି ମନେହୁଏ । ଯଥାର୍ଥରେ ତାର ଧୈର୍ଯ୍ୟର ଅତୁଳନୀୟ ମହିମା ବଢ଼ିଯାଏ । ଏଠାରେ 'ବାଲ୍ୟ'ବୋଲି ଯାହା କୁହାଗଲା, ତାହାର ଅର୍ଥ ବାଳକ ନୁହେଁ । ଏଥିରେ ଯେଉଁ 'ବାଳ' ଶବ୍ଦ ରହିଛି, ତାହାକୁ 'ବଳ' ବା ଶକ୍ତି ଅର୍ଥରେ ବୁଝିବା ଉଚିତ ।ସେହି ସାଧକର ଶରୀରରେ ଏପରି ନୂତନ ଏବଂ ଉତ୍‌କୃଷ୍ଟ ନଖ ସବୁ ବାହାରେ, ଦେଖିଲେ ମନେହୁଏ ଯେପରିକି ସ୍ୱର୍ଣ୍ଣବୃକ୍ଷର ପଲ୍ଲବରେ ନିତ୍ୟନୂତନ ରତ୍ନକଳିକାର ଉଦ୍‌ଗମ ହୋଇଛି । ନୂଆ ଦାନ୍ତ ମଧ୍ୟ ବାହାରେ । ସେଗୁଡ଼ିକ ଭାରି ଛୋଟ ଛୋଟ । ମନେହୁଏ ଯେପରି ଦି'ଭାଡ଼ି ହୀରା ବସାଯାଇଛି । ମାଣିକ୍ୟଖଣ୍ଡରେ ଯେପରି ସ୍ୱାଭାବିକ ଭାବରେ ଚାରିଆଡ଼କୁ ଅଗ ବାହାରିଥାଏ, ସାଧକ

ଶରୀରରେ ଲୋମଗୁଡ଼ିକ ସେହିଭଳି ଭାବରେ ଦେଖାଯାଏ । ହସ୍ତତଳ ଓ ପଦତଳ ରକ୍ତକମଳ ଭଳି ହୋଇଉଠେ । ନୟନର ବର୍ଣ୍ଣନା କରିବି କ'ଣ, ଏହା ଅତ୍ୟନ୍ତ ସ୍ୱଚ୍ଛ ହୋଇ ଆସେ । ପରିପକ୍ୱ ଅବସ୍ଥା ଆସିଗଲେ ଯେପରି ଶୁକ୍ତି (ଶାମୁକା) ଭିତରେ ମୁକ୍ତା ଆଉ ସ୍ଥାନ ନ ପାଇ ଶୁକ୍ତିର ଆବରଣ ଖୋଲିଦିଏ; ସେହିଭଳି ସାଧକର ଦୃଷ୍ଟି ଆଉ ଚକ୍ଷୁର ଆବରଣରେ ଆବୃତ ରହିପାରେନା । ଏହା ବାହାରକୁ ଆସି ବ୍ୟାପକ ହେବାକୁ ବ୍ୟାକୁଳ ହୋଇପଡ଼େ । ତାର ଦୃଷ୍ଟି ଅର୍ଦ୍ଧୋନ୍ମୀଳିତ ଥିଲେ ମଧ୍ୟ ଆକାଶ ପର୍ଯ୍ୟନ୍ତ ଏହା ବ୍ୟାପ୍ତ ଥାଏ । ଶରୀର ସୁନା ପାଲଟିଲେ ମଧ୍ୟ ଏଥିରେ ବାୟୁର ଲଘୁତା ଥାଏ; କାରଣ ଏଥିରେ ପୃଥ୍ୱୀ ଓ ଜଳର ଅଂଶ ନଥାଏ । ଏହାଦ୍ୱାରା ସମୁଦ୍ରର ପରପାରର ଦୃଶ୍ୟ ଦେଖାଯାଏ; ସ୍ୱର୍ଗର ନାଦ ଶ୍ରବଣ କରାଯାଏ; ଏବଂ ପିପିଲିକାର ମନର ଭାବ ମଧ୍ୟ ଅନୁଭବ କରାଯାଇନପାରେ । ଏହା ପବନରୂପକ ଅଶ୍ୱ ଉପରେ ଆରୋହଣ କରିପାରେ । ଜଳ ଉପରେ ଚାଲିଲେ ମଧ୍ୟ ସାଧକର ପାଦ ଓଦା ହୁଏନା । ଆନୁଷଙ୍ଗିକ ଭାବେ ଏହିଭଳି ବହୁ ସିଦ୍ଧି ଲାଭ ହୋଇଥାଏ ।

ପ୍ରାଣବାୟୁର ହାତକୁ ଧରି ହୃଦୟାକାଶର ସିଡ଼ିରେ ଚଢ଼ି ସୁଷୁମ୍ନା ନାଡ଼ିକୁ ଜୟ କଲେ ହୃଦୟକମଳ ଦେହରେ ଜଗଦମ୍ବା ଜନନୀ କୁଣ୍ଡଳିନୀ ପାଖରେ ପହଞ୍ଚିପାରିବ । ଏହି କୁଣ୍ଡଳିନୀ ହେଉଚି ଚୈତନ୍ୟ ରୂପକ ନୃପତି । ଏହି କୁଣ୍ଡଳିନୀ ଜଗଦ୍‌ବୀଜ ଓଁକାରର ଅଙ୍କୁରରୂପକଜୀବପ୍ରତି ଛାୟା ବିସ୍ତାର କରି ରହିଛି । ଇଏ ହେଉଛି ନିରାକାର ବ୍ରହ୍ମର ସାକାର ଶରୀର, ପରମାତ୍ମା ଶିବପ୍ରତିମାର ପ୍ରେଟିକା, ପ୍ରଣବର ଜନ୍ମଭୂମି । ସେହି କୁଣ୍ଡଳିନୀ-ବାଳା ଯେତେବେଳେ ହୃଦୟରେ ପ୍ରବେଶ କରେ, ସେତେବେଳେ ସେ ଅନାହତ ଧ୍ୱନି କରିବାରେ ଲାଗିଥାଏ । ସେତେବେଳେ କୁଣ୍ଡଳିନୀ ସହିତ ବୁଦ୍ଧିର ଚେତନା ଉପସ୍ଥିତ ଥାଏ । ସେହି ବୁଦ୍ଧିଏହି ଅନାହତ ଧ୍ୱନି ଶୁଣେ । ମହାଶବ୍ଦମୟ କୁଣ୍ଡ ଭିତରେ ମନେହୁଏ ଯେପରି ଓଁକାରରୂପ ଅଙ୍କିତ ହୋଇଛି । ଏହି ତତ୍ତ୍ୱ କେବଳ କଳ୍ପନାଦ୍ୱାରା ଜ୍ଞାତବ୍ୟ । ସେତେବେଳେ କଳ୍ପନାଦିର ସତ୍ତା ରହେନା । ତେଣୁ ଏହି ଧ୍ୱନିକେଉଁଠୁ ଆସିଲା

ଜଣାଯାଏନା । ହେ ଅର୍ଜୁନ ! ମୁଁ ଆଉ ଗୋଟିଏ କଥା କହିନାହିଁ । କଥାଟି ହେଉଚି, ଯେପର୍ଯ୍ୟନ୍ତ ପବନତତ୍ତ୍ୱର ବିନାଶ ନ ହୋଇଛି, ସେ ପର୍ଯ୍ୟନ୍ତ ଆକାଶରେ ଧ୍ୱନି ହୁଏ । ତେଣୁ ସେ ଗର୍ଜନ କରେ । ଯେତେବେଳେ ସେହି ଅନାହତ ରୂପ ମେଘ ଯୋଗୁଁ ଆକାଶ ଗର୍ଜନ କରିବାରେ ଲାଗିଥାଏ, ସେତେବେଳେ ସହଜରେ ବ୍ରହ୍ମରନ୍ଧ୍ରର ବାତାୟନ ଖୋଲିଯାଏ । ଯାହା କମଳଗର୍ଭ ପରି ସମାନ; ଯାହା ନିଜେ ଦ୍ୱିତୀୟ ମହତ୍ ଆକାଶ; ସେଠାରେ ଚୈତନ୍ୟ ନିବାସ କରେ ।ସେହି ହୃଦୟରୂପକ ଭୁବନରେ କୁଣ୍ଡଳିନୀ ପରମେଶ୍ୱରୀ ତେଜୋମୟ ବୀଜ ଅର୍ପଣ କରେ । ବୁଦ୍ଧିରୂପକ ଶାକାନ୍ନଦ୍ୱାରା ସେ ଏପରି ଉତ୍ତମ ନୈବେଦ୍ୟ ରଚନା କରେ ଯେ ସେତେବେଳେ ଦ୍ୱୈତବୋଧ ଅଦୃଶ୍ୟ ହୋଇଯାଏ । କୁଣ୍ଡଳିନୀ ନିଜ ତେଜ ପରିତ୍ୟାଗ କରେ ଏବଂ କେବଳ ପ୍ରାଣରୂପ ହୋଇ ରହିଥାଏ । ସେ ଅବସ୍ଥାଟି କିଭଳି ଦେଖାଯାଏ ଶୁଣ— ଦେଖାଯାଏ ଯେପରିକି କୌଣସି ବାୟୁପୂର୍ଣ୍ଣ କଣ୍ଢେଇ ପିନ୍ଧିଥିବା ସ୍ୱର୍ଣ୍ଣମୟ ଶାଢ଼ୀକୁ କେହି ଖୋଲିଦେଇ ବାହାରେ ରଖିଦେଇ ଯାଇଛି ! ଅନ୍ୟ କୌଣସି ପ୍ରଦୀପଶିଖା ବାୟୁ ସଂସର୍ଗରେ ଲୁପ୍ତ ହୋଇ ଯାଇଚି କିମ୍ବା ଆକାଶରେ ବିଦ୍ୟୁତ୍ ଚମକିତ ହୋଇ ବିଲୀନ ହୋଇ ଯାଇଛି ! ହୃଦୟ-କମଳଭିତରେ କୁଣ୍ଡଳିନୀ ଦେଖାଯାଏ ଯେପରିକି ଏକ ସୁବର୍ଣ୍ଣଶଳାକା, ଯେପରିକି ଆଲୋକରୂପକ ଜଳର ଝରଣା ପ୍ରବାହିତହୋଇ ଆସିଚି ଏବଂ ହୃଦୟ-କନ୍ଦରରେ ଥିବା ନଦୀ ଭିତରେ ଆସି ବିଲୀନ ହୋଇପଡ଼ିଛି । ଏହି ଶକ୍ତିର ରୂପ ଶକ୍ତି ଭିତରେ ହିଁ ଲୁପ୍ତହୋଇଯାଏ ତଥାପି ଏହାକୁ ଶକ୍ତିହିଁ କୁହାଯାଏ । ନଚେତ୍ ଏହାକୁ କେବଳ ପ୍ରାଣ କୁହାଯାଇପାରେ । ସେ ସମୟରେ ନାଦ, ବିନ୍ଦୁ, କଳା ଓ ଜ୍ୟୋତି ବୋଲି କିଛି ରହେନା । ମନକୁ ବଶୀଭୂତ କରିବା ବା ପବନକୁ ଆଶ୍ରୟ କରିବା କିମ୍ବା ଧ୍ୟାନ ଅଭ୍ୟାସ କରିବା ଇତ୍ୟାଦି ଚିନ୍ତା ମଧ୍ୟ ରହେନାହିଁ । ଏହି ଅବସ୍ଥା ହିଁ ପଞ୍ଚମହାଭୂତରେ ସ୍ୱଷ୍ଟ ନିର୍ମଳ ରୂପ । ପିଣ୍ଡଦ୍ୱାରା ପିଣ୍ଡର ଗ୍ରାସ ଯାହାକି ନାଥ ସଂପ୍ରଦାୟର ସାଧନାର ମର୍ମ ଶ୍ରୀ ମହାବିଷ୍ଣୁ ସେହି କଥା ହିଁ ଅର୍ଜୁନଙ୍କୁ କହିଲେ । ଶ୍ରୋତାମାନେ ଉପଯୁକ୍ତ ଗ୍ରାହକ ବୋଲି ବୋଧ ହେବାରେ ସେହି ଧ୍ୱନିର ଗଣ୍ଠିଳିକୁ ଖୋଲି ମୁଁ ସତ୍ୟସ୍ୱରୂପ ବସ୍ତ୍ରର ବୟନ-କୌଶଳ ପ୍ରଦର୍ଶନ କଲି ।

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ॥୧୫॥

ଶୁଣ, ଶକ୍ତିର ତେଜାଂଶଲୋପ ହେଲେ, ଦେହର ରୂପ ବିନଷ୍ଟ ହୋଇଯାଏ । ଯୋଗୀ ସେତେବେଳେ ଏପରି ସୂକ୍ଷ୍ମହୋଇପଡ଼େ ଯେ, ସମସ୍ତଙ୍କ ଚକ୍ଷୁ ଅନ୍ତରାଳରେ ଲୁଚି ରହିଯାଇପାରେ । ଯଦିଓ ତାର ପୂର୍ବ ଅବୟବ ରହିଥାଏ, ତଥାପି ତାକୁ ଦେଖିଲେ ମନେ ହେବ ତାର ଶରୀର କେବଳ ବାୟୁଦ୍ୱାରା ତିଆରି ହୋଇଚି । ମନେହେବ ଯେପରିକି କଦଳୀବୃକ୍ଷ ନିଜର ପଟୁକା ସବୁ ଖୋଲି ଦେଇ କେବଳ ମଞ୍ଜାରୂପରେ ଠିଆ ରହିଛି କିମ୍ବା ଆକାଶ ଏକ ଶରୀରଧାରଣ କରି ଦଣ୍ଡାୟମାନ । ଶରୀର ଏହି ପ୍ରକାରର ହେବାରେ ତାକୁ ଖେଚର ବୋଲାଯାଇଥାଏ । ଏହି ପଦଲାଭ ପରେ ଯୋଗୀ ସାଧାରଣ ଲୋକଙ୍କ ପାଖରେ ଏକ ବିସ୍ମୟର ବସ୍ତୁ ହୋଇପଡ଼େ । ଯୋଗୀ ଏକ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଗଲେ ଭୂମି ଉପରେ ତାର ଯେଉଁ ପାଦଚିହ୍ନ ପଡ଼େ, ଏଥିରେ ସ୍ଥାନେ ସ୍ଥାନେ ଅଣିମାଆଦି ସିଦ୍ଧି ଦେଖିବାକୁ ମିଳେ । ଯାହାହେଉ ଏଥିରେ ଆମର କି ପ୍ରୟୋଜନ ?ହେ ଧନଞ୍ଜୟ, ଏତିକିମାତ୍ର ଜାଣ ଯେ, ଏ ଦେହ ଭିତରେ ଥିବା ପୃଥ୍ୱୀ, ଜଳ ଓ ତେଜ ଏହି ତିନୋଟି ମହାଭୂତ ଏହି ରୀତିରେ ଲୋପ ପାଇଯାଏ । ହୃଦୟରେ ଜଳତତ୍ତ୍ୱ ପୃଥ୍ୱୀତତ୍ତ୍ୱକୁ ଦ୍ରବୀଭୂତ କରିଦିଏ । ଜଳକୁ ତେଜ ଶୁଷ୍କ କରିଦିଏ ଏବଂ ତେଜକୁ ବାୟୁ ଲିଭାଇ ଦିଏ । ତାପରେ କେବଳ ବାୟୁତତ୍ତ୍ୱହିଁ ରହିଥାଏ ।ତେବେ ଏହା ଶରୀରର ଆଶ୍ରୟରେ ହିଁ ରହିଥାଏ । ପୁଣି କିଛି ସମୟ ପରେ ଏହା ଆକାଶରେ ମିଶିଯାଏ । ସେତେବେଳେ ଏହା କୁଣ୍ଡଳିନୀ ନାମ ବଦଳରେ ବାୟୁ ନାମରେ ଅଭିହିତ ହୁଏ । କିନ୍ତୁ ଯେ ପର୍ଯ୍ୟନ୍ତ ବ୍ରହ୍ମରେ ଯାଇ ମିଳିତ ହୋଇ ନଥାଏ; ସେ ପର୍ଯ୍ୟନ୍ତ ଏହା ଶକ୍ତି ରୂପରେ ହିଁ ରହିଥାଏ । ସେ ଜାଳନ୍ଧର ବନ୍ଧ ଛାଡ଼ିଦେଇ 'କାକିନୀ' ମୁଖ * ଦେଇ କଣ୍ଠସ୍ଥାନ ଭେଦ କରେ ଏବଂ ବ୍ରହ୍ମରନ୍ଧ୍ରର ଗଗନ ରୂପକ ପର୍ବତରେ ଯାଇ ଅବସ୍ଥାନ କରେ ।

---

* ଅନାହତ ଚକ୍ରରେ ଯେଉଁ ଚକ୍ର ବିରାଜିତ – ତାର ନାମ କାକିନୀ ।

ପ୍ରଣବର ଯେଉଁ ବେଦି ପଡ଼ିଛି, ସେଥିରେ ପାଦକୁ ଚାଖି ପଶ୍ୟନ୍ତୀବାଣୀ ରୂପକ ନିଶୁଣୀରେ ଚଢ଼ି ସାଗରରେ ନଦୀର ମିଳନ ଭଳି ପ୍ରଣବର ଅର୍ଦ୍ଧମାତ୍ରା ପର୍ଯ୍ୟନ୍ତ ଆକାଶତତ୍ତ୍ୱ, ହୃଦୟରେ ଯାଇ ମିଳିତ ହୁଏ । ପୁଣି ସେ ବ୍ରହ୍ମଚକ୍ରରେ ସ୍ଥିର ଥାଇ ସୋ ଽହଂଭାବରୂପକ ବାହୁ ପ୍ରସାରିତକରି କ୍ଷିପ୍ରଗତିରେ ଦୌଡ଼ି ଦୌଡ଼ିଯାଇ ପରମବ୍ରହ୍ମ ସହିତ ମିଳିତ ହୁଏ । ସେ ସମୟରେ ମଧ୍ୟସ୍ଥଳସ୍ଥିତ ମହାଭୂତର ପରଦା ଛିନ୍ନ ହୋଇ ଶିବ ଓ ଶକ୍ତି ଉଭୟଙ୍କର ସମ୍ମିଳନ ଘଟେ । ସେହି ବ୍ରହ୍ମାନନ୍ଦରେ ଗଗନ ସମେତ ସବୁକିଛି ବିଲୀନ ହୋଇଯାଏ; ସମୁଦ୍ର ଯେପରି ମେଘ ମୁଖରୁ ନିର୍ଗତହୋଇ ଏବଂ ନଦୀ ରୂପରେ ପ୍ରବାହିତ ହୋଇ ପୁଣି ନିଜ ସ୍ୱରୂପରେ ମିଳିତ ହୋଇଥାଏ, ସେହିଭଳି ହେ ପାଣ୍ଡୁ କୁମାର ! ପିଣ୍ଡ ମଧ୍ୟ ଦେଇ ବ୍ରହ୍ମ ହିଁ ବ୍ରହ୍ମସ୍ୱରୂପରେ ପ୍ରବେଶ କରି ଏକାକାର ହୋଇଯାଏ । ପୂର୍ବରୁ ଏହା ଦୁଇଟି ବସ୍ତୁ ଥିଲା କି ଗୋଟିଏ ବସ୍ତୁ ଦୁଇଭାଗରେ ବିଭକ୍ତ ହୋଇରହିଥିଲା, ଏ ସଂପର୍କରେ ବିଚାର କରିବା ଲାଗି ସେ ଅବସ୍ଥାରେ ବାକୀ କିଛି ରହି ନଥାଏ । ଗଗନରେ ଗଗନ ଲୀନ ହୋଇଯିବା କଥାକୁ ଯିଏ ଅନୁଭବ କରିପାରେ, ସେହି ପୁରୁଷ ହିଁ ସିଦ୍ଧ । ଏହି ଅନୁଭବର ସଂବାଦ ଅନିର୍ବଚନୀୟ । ହେ ଅର୍ଜୁନ ! ଏହି ଅଭିପ୍ରାୟ ପ୍ରକାଶ କରିବା ଲାଗି ଅଭିମାନୀ ଚତୁର୍ଥବାଣୀ 'ବୈଖରୀ' * ମଧ୍ୟ ବ୍ୟର୍ଥ ହୁଏ ।

ଭ୍ରୂମଧ୍ୟ ଦର୍ଶନ କରି ପ୍ରଣବର ତୃତୀୟମାତ୍ରା 'ମ'କାର ମଧ୍ୟ ଅଧିକ ଦୂରକୁ ପ୍ରବେଶ କରି ପାରେନା । ପ୍ରାଣବାୟୁ ମଧ୍ୟ ଗଗନ ଉପରକୁ ଉଠିବାରେ ସଂକଟ ଦେଖାଦିଏ । କ୍ରମଶଃ ସେହି ପ୍ରାଣ ଯେତେବେଳେ ଗଗନରେ ମିଶିଯାଏ, ସେତେବେଳେ ଶବ୍ଦରୂପକ ଦିବସର ଅବସାନ ହୁଏ ଏବଂ ଆକାଶର ମଧ୍ୟ ବିନାଶ ହୋଇଯାଏ । ବୃହତ୍ ଆକାଶ ଦେହରେ ଖଣ୍ଡାକାଶର ଠିକଣା ସୁଦ୍ଧା ମିଳେନା । ସେତେବେଳେ ଶବ୍ଦକୁ ଖୋଜି ବାହାର କରିବା କ'ଣ ସମ୍ଭବ ? ତାତ୍ପର୍ଯ୍ୟ ହେଉଚି, ଉକ୍ତ ଅନୁଭୂତି ନିଶ୍ଚିତ ଭାବରେ ଏଭଳି ସ୍ପଷ୍ଟ ନୁହେଁ ଯେ, ଏହାକୁ

---

* ଧ୍ୱନିର ଚାରୋଟି ପ୍ରବୃତ୍ତି (୧) ପରା (୨) ମଧ୍ୟମା (୩) ପଶ୍ୟନ୍ତୀ (୪) ବୈଖରୀ ।

ଶବ୍ଦଦ୍ୱାରା ବର୍ଣ୍ଣନା କରାଯାଇ ପାରିବ କିମ୍ବା କର୍ଣ୍ଣଦ୍ୱାରା ଶ୍ରବଣ କରାଯାଇ-ପାରିବ । ଯଦି ଦୈବଯୋଗେ କୌଣସି ଅନୁଭବ ମିଳେ, ତାହାହେଲେ ତୁମେ ନିଜେ ସେହି ଅନୁଭବରେ ହିଁ ରହିଥିବ । ତାପରେ ଆଉ ଜ୍ଞାତବ୍ୟ ହୋଇ କିଛି ରହିବ ନାହିଁ । ଏକଥା ଏଇଠି ଥାଉ ।

ହେ ଧନୁର୍ଦ୍ଧର ! ସେକଥା ବାରମ୍ବାର କେତେ କହିବି ? ଏଭଳି ଭାବରେ ଯେତେବେଳେ ଶବ୍ଦସୁଦ୍ଧା ପଛରେ ପଡ଼ି ରହେ ସେତେବେଳେ ସଂକଳ୍ପର ଆୟୁଷ ଶେଷ ହୋଇଯାଏ ଏବଂ ସେ ଭିତରକୁ ବିଚାରର ବାୟୁ ସୁଦ୍ଧା ପ୍ରବେଶ କରି ପାରେନା । ଯାହା ଉନ୍ମନା ଅବସ୍ଥାର ଶୋଭାସମ୍ଭାର, ତୁର୍ଯ୍ୟ ଅବସ୍ଥାର ତାରୁଣ୍ୟ, ଯାହା ଅନାଦି ଅନନୁମେୟ ପରମତତ୍ତ୍ୱ, ଯାହା ବିଶ୍ୱର ମୂଳ, ଯୋଗବୃକ୍ଷର ଫଳ, ଆନନ୍ଦର ଜୀବନ, ଆକାରର ସୀମା, ମୋକ୍ଷର ଅନ୍ତ, ଯେଉଁଥିରେ ଆଦି ଓ ଅନ୍ତ ଲୀନ ହୋଇ 'ଅନନ୍ତ' ନାମ ଗ୍ରହଣ କରିଛି, ଯାହା ମହାଭୂତମାନଙ୍କ ବୀଜ, ମହାତେଜର ତେଜ, ହେ ପାର୍ଥ ! ଯାହା ମୋର ନିଜ ସ୍ୱରୂପ, ତାହା ହେଉଚି ଚତୁର୍ଭୁଜ ଆକାର । ମୋ ଭକ୍ତମାନଙ୍କ ପ୍ରତି ନାସ୍ତିକମାନଙ୍କର ଛଳକୁ ଦେଖି ମୁଁ ଏହି ଆକାର ନେଇ ଆବିର୍ଭୂତ ହୋଇଥାଏ । ମୋଦ୍ୱାରା ନିର୍ଦ୍ଦେଶିତ ଏହି ସବୁ ସାଧନକୁ ଯେଉଁ ବ୍ୟକ୍ତି ଶରୀରଦ୍ୱାରା ଆଚରଣ କରେ, ସେ ନିର୍ମଳ ହୋଇ ମୋର ଯୋଗ୍ୟତା ଲାଭ କରେ । ତାର ଶରୀରର ଶୋଭା ଏପରି ସୁନ୍ଦର, ସ୍ନିଗ୍ଧ ଓ ଲାବଣ୍ୟମୟ ଦେଖାଯାଏ ଯେ, ମନେହେବ ଯେପରି ପରମବ୍ରହ୍ମରସ ତାର ଦେହସାରା ବୋଳା ହୋଇଛି । ଏହି ଅନୁଭବ ହୃଦୟରେ ପ୍ରକାଶିତ ହେଲେ ସେ ସଂପୂର୍ଣ୍ଣ ବିଶ୍ୱରୂପ ହୋଇଉଠେ ।

ସେତେବେଳେ ଅର୍ଜୁନ ପଚାରିଲେ, ହେ ଦେବ ! ଆପଣ ଯେଉଁ ଉପାୟ ଅବଲମ୍ବନ ଲାଗି କହିଲେ, ଏହା ପ୍ରକୃତରେ ବ୍ରହ୍ମପ୍ରାପ୍ତି ଲାଗି ଉତ୍କୃଷ୍ଟ ପଥ । ଏହି ବର୍ଣ୍ଣନା ଶୁଣିବାମାତ୍ରେ ମନରେ ଜ୍ଞାନୋଦ୍ରେକ ହୋଇପାରୁଚି । ଅନୁଭବ କରିବାମାତ୍ରେ ବ୍ରହ୍ମରୂପଲାଭ ନିଶ୍ଚିତ, ଏଥିରେ କୌଣସି ସନ୍ଦେହ ନାହିଁ । ତେବେ ଗୋଟିଏ କଥା ପଚାରୁଛି, ନିମିଷକ ଲାଗି ଟିକିଏ ମନଦେଇ ଶୁଣନ୍ତୁ । ଆପଣ ଯେଉଁ ଯୋଗପଥ ଦେଖାଇଲେ, ତାହା ସହଜରେ ବୋଧଗମ୍ୟ ସତ, କିନ୍ତୁ

ନିଜର ଯୋଗ୍ୟତା ନ ଥିବାରୁ ତାକୁ ଅଭ୍ୟାସ କରି ହେବ ନାହିଁ ।ମୋ ଦେହରେ ସାମର୍ଥ୍ୟ ଯେତିକି, ସେତିକି ଖଟେଇ ଯଦି ଯୋଗସିଦ୍ଧ ହେବା ସମ୍ଭବହୋଇ ପାରିବ ବୋଲି ଆପଣ ଭରସା ଦେଇପାରିବେ, ତାହାହେଲେ ଅଭ୍ୟାସ କରିବି । ହଁ କରିପାରିବି ବୋଲି ଉଦ୍ୟମ କରି ସାମର୍ଥ୍ୟ ଅଭାବରୁ ଯଦି ମଝିରୁ ଯୋଗଭ୍ରଷ୍ଟ ହୋଇପଡ଼େ ତାହାହେଲେ ମୋର ଅବସ୍ଥା କ'ଣ ହେବ ? ଆପଣ କ'ଣ କହୁଛନ୍ତି ଯେ, ଅଭ୍ୟାସ କରୁ କରୁ ଯଥାବଶ୍ୟକ ସାମର୍ଥ୍ୟ ଆପେ ଆପେ ଆସିଯିବ ? ସେପରି କୌଣସି କୌଶଳ ଅଛିକି ଯେଉଁଥିରେ ଯୋଗ୍ୟତା ବିନା ସିଦ୍ଧିଲାଭ ହୋଇପାରିବ ?

ଏହି ପ୍ରଶ୍ନର ଉତ୍ତର ଦେଇ ଶ୍ରୀକୃଷ୍ଣ କହିଲେ, ଯୋଗ୍ୟତାବିନା କେହି କ'ଣ କୌଣସି ସାଧାରଣ କାର୍ଯ୍ୟ କରିବାକୁ ସମର୍ଥ ହୋଇପାରେ ? ତା'ଛଡ଼ା ଯାହାକୁ ଯୋଗ୍ୟତା କୁହାଯାଏ, ତାହାର ସିଦ୍ଧାନ୍ତ କାର୍ଯ୍ୟସିଦ୍ଧି ହେବାପରେ ହୋଇଥାଏ । କାରଣ ଯୋଗ୍ୟ ହେବାପରେ ଯେଉଁ କାର୍ଯ୍ୟ କରାଯାଇଥାଏ, ତାହା ସିଦ୍ଧ ହୋଇଥାଏ । ଏହି ପ୍ରକାରର ଯୋଗ୍ୟତା ଯୋଗୁଁ କାର୍ଯ୍ୟରେ ତିଳେହେଲେ ବାଧା ଉପୁଜେ ନାହିଁ । ତେବେ ତୁମେ କ'ଣ ଭାବୁଚ ଯେ, ଯୋଗ୍ୟତାର ଖଣି କେଉଁଠି ରହିଛି, ଯାହାକୁ ପାଇବା ମାତ୍ରେ ଯେତେ ଇଚ୍ଛା ଯୋଗ୍ୟତା ଆହରଣ କରିନେଇ ପାରିବ ? କ୍ଷଣିକପାଇଁ ହେଉ ପଛକେ ଯିଏ ବୈରାଗ୍ୟବାନ୍ ହୋଇ ବିହିତ କର୍ମରେ ନିଯୁକ୍ତ ରହେ, ସେ କ'ଣ ଅଧିକାରୀ ସିଦ୍ଧ ହେବ ନାହିଁ ? ତୁମେ ଯଦି ବାସନାରହିତ ଭାବରେ ବିହିତ କର୍ମ କର ତାହାହେଲେ ତୁମେ ମଧ୍ୟ ଆପେ ଆପେ ଏହି ଯୋଗ୍ୟତା ହାସଲ କରିପାରିବ ।

ଏହିଭଳି ଭାବରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସନ୍ଦେହ ଦୂର କରି କହିଲେ, ହେ ପାର୍ଥ ! ଯୋଗ୍ୟତାର ବ୍ୟବସ୍ଥା ହେଉଛି ଏହି ପ୍ରକାରର । ଏ ବିଷୟରେ ଏକ ନିୟମ ହେଉଛି, ଯେଉଁ ମନୁଷ୍ୟ ନିଜର ବିହିତ କର୍ମ ଅନାସକ୍ତ ଭାବରେ କରେ ନାହିଁ, ସେ ଏହି ଯୋଗ୍ୟତା ଲାଗି ଯୋଗ୍ୟ ହୋଇ ନପାରେ ।

ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।
ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବଚାର୍ଜୁନ ! ।।୧୬।।

ଯିଏ ରସନେନ୍ଦ୍ରିୟ ଅଧୀନ କିମ୍ବା ଯିଏ ଜୀବଭାବରେ ମୋହନିଦ୍ରା ନିକଟରେ ବିକ୍ରି ହୋଇଯାଇଛି, ତାକୁ ଏହି ଯୋଗର ଅଧିକାରୀ ବୋଲି କୁହାଯାଇ ନପାରେ । ଯିଏ ଜିଦ୍‌କି ତୃଷାକୁ ବନ୍ଦ କରିଦିଏ, ଆହାର ଉପରେ ପ୍ରହାର କରେ, ନିଦ୍ରାପଥରେ ଆଦୌ ପଦାର୍ପଣ କରେନା, ଜିଦ୍‌ଖୋର ମନୋଭାବର ଏକ ଅବତାର ଭଳି କାର୍ଯ୍ୟ କରେ, ତା ଶରୀର ତ ତାର ଅଧୀନ ହୋଇ ରହେନା, ସେ ଯୋଗର ଅଧିକାରୀ ହେବ କିପରି ? ତେଣୁ ବିଷୟ ବାସନାର ଖୁବ୍ ବେଶି ସେବା କରିବା ଉଚିତ ନୁହେଁ, କିମ୍ବା ବିଷୟସେବାକୁ ବିଲ୍‌କୁଲ୍ ବନ୍ଦ କରିଦେବା ପାଇଁ ଇଚ୍ଛା କରିବା ମଧ୍ୟ ଉଚିତ୍ ନୁହେଁ ।

ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ।।୧୭।।

ଆହାର କରିବାକୁ ହିଁ ପଡ଼ିବ କିନ୍ତୁ ଯେତିକି ଯଥାର୍ଥ ସେହି ପରିମାଣରେ ଆହାର କରିବା କର୍ତ୍ତବ୍ୟ । ଆହାର ଭଳି ଅନ୍ୟ ସମସ୍ତ କର୍ମ ସେହି ରୀତିରେ କରାଯିବା ଉଚିତ । ଯେତିକି ଆବଶ୍ୟକ ସେତିକି କରିବ, ଯେତିକି ଆବଶ୍ୟକ ସେତିକି ଶାରୀରିକ ପରିଶ୍ରମ ବା ବ୍ୟାୟାମ କରିବ । ଯଥାସମୟରେ ଶୋଇବ ଏବଂ ନିର୍ଦ୍ଦିଷ୍ଟ ସମୟ ପାଇଁ ଶୋଇବ । ଯେତିକି ସମୟ ଜାଗ୍ରତ ରହିବା ଆବଶ୍ୟକ ସେତିକି ସମୟ ଜାଗ୍ରତ ରହିବ । ଏହିପରି ଚାଲିଲେ କଫ, ବାୟୁ ଓ ଧାତୁମାନଙ୍କର ସମତା ରହିପାରିବ । ଏହିଭଳି ଭାବରେ ବିବେଚନାପୂର୍ବକ ଇନ୍ଦ୍ରିୟଗୁଡ଼ିକୁ ଆବଶ୍ୟକ ଖାଦ୍ୟ ଦେଇ ସେଗୁଡ଼ିକୁ ତୃପ୍ତ ରଖିଲେ, ମନର ସନ୍ତୋଷ ବୃଦ୍ଧି ହୋଇଥାଏ ।

ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।
ନିସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ।।୧୮।।

ବାହାରେ ଏହିଭଳି ଭାବରେ ଯୋଗମୁଦ୍ରା ଯେତେବେଳେ ନିୟମିତ ରହିଥାଏ, ସେତେବେଳେ ଭିତରେ ଭିତରେ ସୁଖର ଅଭିବୃଦ୍ଧି ଘଟିଥାଏ । ବିନାଭ୍ୟାସରେ ଏହାଦ୍ୱାରା ସହଜରେ ଯୋଗସିଦ୍ଧି ଲାଭ ହୋଇଥାଏ । ଭାଗ୍ୟୋଦୟ ଘଟିଲେ, ଉଦ୍ୟମ ଦ୍ୱାରା ସକଳ ସଂପତ୍ତି ଆପେ ଘରେ ଭର୍ତ୍ତି ହୋଇଯାଏ । ସେହିଭଳି ଯେଉଁ ବ୍ୟକ୍ତି ପରିମିତଭାବେ ଏବଂ ସଂଯମପୂର୍ବକ ଅଭ୍ୟାସ ପଥରେ ଚାଲେ, ତାର ଅନୁଭୂତି ଆତ୍ମସିଦ୍ଧିରୂପକ ଫଳରେ ମଣ୍ଡିତ ହୋଇଉଠେ । ଅତଏବ ହେ ପାଣ୍ଡବ, ଯେଉଁ ସଂଯମୀ ବ୍ୟକ୍ତି କର୍ମଯୋଗରେ ସିଦ୍ଧ ହୁଏ, ସେ ମୋକ୍ଷରୂପକ ସମ୍ରାଟ ପଦରେ ଅଭିଷିକ୍ତ ହୁଏ ।

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ॥୧୯॥

ଗଙ୍ଗା ଯମୁନାର ସଙ୍ଗମରେ ଯେପରି ମହାତୀର୍ଥ ପ୍ରୟାଗ, ସେହିଭଳି ଯୋଗ ଓ ସଂଯମର ସଂଗମରେ ଏହି ଶରୀରରେ ହିଁ ସୃଷ୍ଟି ହୁଏ ଆତ୍ମସଂଯମ ରୂପକ ପ୍ରୟାଗ । ଏହି ପ୍ରୟାଗରେ କ୍ଷେତ୍ର-ସନ୍ନ୍ୟାସ ଲାଗି ଯାହାର ମନ ଯାବଜ୍ଜୀବନ ସ୍ଥିର ରହେ, ସେ ହେଉଛି ପ୍ରକୃତ ଯୋଗୀ । ଯିଏ ଯୋଗଯୁକ୍ତ, ତାର ମନ ସ୍ଥିର ଅଚଞ୍ଚଳ ଦୀପଶିଖାଭଳି । ପବନ ହେଲେ ମଧ୍ୟ ଏହି ଶିଖା ସ୍ଥିର ରହିଥାଏ । ଏବେ ତୁମ ମନକଥା ବୁଝି ଆଉ କେତେକ କଥା କହୁଚି ଶୁଣ । ଯୋଗାଭ୍ୟାସର ପ୍ରଥମ ସୋପାନରେ ତୁମେ କେବଳ କଷ୍ଟହିଁ ଅନୁଭବ କରିବ । ବହୁ ଅସୁବିଧା ଦେଖାଦେବ । ମନରେ ନାନା ଆଶଙ୍କା ଦେଖାଦେବ । ଦୁଷ୍ଟ ଇନ୍ଦ୍ରିୟଗୁଡ଼ିକ ନାନା ଭୟ ଦେଖାଇବେ । ଔଷଧଦ୍ୱାରା ଯେ ଜୀବନ ରକ୍ଷା ହୋଇପାରେ ଏକଥା ଜିଭ ଜାଣେ— ତଥାପି ଜିଭ ତାକୁ ଶତ୍ରୁ ମନେକରି ଥୁ ଥୁ କରିଥାଏ । ତେଣୁ ଯେଉଁ ବସ୍ତୁ ଦେହ ପ୍ରତିହିତକାରୀ, ତାକୁ ସ୍ୱାଗତ କରିବା ପାଇଁ ଇନ୍ଦ୍ରିୟଗୁଡ଼ିକ ରାଜି ନ ଥାଆନ୍ତି । ନଚେତ୍ ଯୋଗଭଳି ସୁଲଭ ବସ୍ତୁ କିଛି ନାହିଁ ।

ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।
ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ॥୨୦॥

ସୁଖମାତ୍ୟନ୍ତିକଂ ଯତ୍ତଦ୍‌ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।
ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଳତି ତତ୍ତ୍ୱତଃ ॥୨୧॥

ସେଥିଯୋଗୁଁ ମୁଁ ଦୃଢ଼ତାର ସହିତ ଉତ୍ତମ ଅଭ୍ୟାସର ରୀତିସବୁ ବର୍ଣ୍ଣନା କରିଛି– ଏସବୁ ଦ୍ୱାରା ଇନ୍ଦ୍ରିୟଗୁଡ଼ିକୁ ନିବୃତ୍ତ କରାଯାଇ ପାରେ । ସାଧାରଣତଃ ଯୋଗଦ୍ୱାରା ଯେତିକି ଇନ୍ଦ୍ରିୟ ନିଗ୍ରହ ହୋଇଥାଏ, ସେହି ପରିମାଣରେ ମନ ମଧ୍ୟ ଆପେ ଆପେ ଆତ୍ମସ୍ୱରୂପ ଅନୁଭବ ଲାଗି ପ୍ରବୃତ୍ତ ହୋଇଥାଏ । ଆତ୍ମସ୍ୱରୂପ ସହିତ ଐକ୍ୟବୋଧ ହିଁ ପରମାନନ୍ଦ । ଏହାପରେ ଆଉ କିଛି ନାହିଁ । ଯାହାକୁ ଇନ୍ଦ୍ରିୟମାନେ କେବେହେଲେ ଜାଣିପାରନ୍ତି ନାହିଁ, ସେହି ବସ୍ତୁ ସ୍ୱୟଂ ରୂପରେ ଅବସ୍ଥାନ କରିଥାଏ । ଯୋଗୀ ଏହା ସହିତ ତନ୍ମୟ ହୋଇ ନିଜ ସ୍ଥାନରେ ଆତ୍ମସୁଖରେ ରହିଥାଏ ।

ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥୨୨॥

ଏହିଭଳି ଭାବରେ ମନ ଆତ୍ମା ସହିତ ମିଶିଯିବାପରେ, ମେରୁପର୍ବତ ଭଳି ପ୍ରକାଣ୍ଡକାୟ ଦୁଃଖର ବୋଝ ଆସି ଲଦିହେଲେ ମଧ୍ୟ ସାଧକର ମନକୁ ଦବେଇ ଦେଇ ନ ପାରେ । ଏହି ଅବସ୍ଥାରେ ଦେହକୁ କାଟିପକାଅ କିମ୍ବା ପୋଡ଼ିଦିଅ, ତଥାପି ମହାସୁଖରେ ନିଦ୍ରିତ ସାଧକର ଚିତ୍ତ ଜାଗ୍ରତ ହୁଏନା । ଏଭଳି ଭାବରେ ନିଜ ସ୍ୱରୂପରେ ପ୍ରବେଶ କରି ସେ ସ୍ଥିର ହୋଇଥାଏ । ସେ ଆଉ ଦେହର ଆଶା ରଖେନା, ଦେହକୁ ଏବଂ ଏହା ସହିତ ସଂପୃକ୍ତ ସମସ୍ତ ବିଷୟକୁ ସେ ଭୁଲିଯାଏ ।

ତଂ ବିଦ୍ୟାଦ୍‌ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍ ।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥୨୩॥

ଯେଉଁ ସୁଖର ମାଧୁରୀକୁ ଚାଖି ସାରିବା ପରେ ସଂସାର ବନ୍ଧନରେ ବନ୍ଧାହୋଇଥିବା ମନ ସମସ୍ତ ବାସନାକୁ ଭୁଲ୍‌ରେ ସୁଦ୍ଧା ସ୍ମରଣ କରେ ନାହିଁ

ଏବଂ ସଂସାରର ପ୍ରଲୋଭନକୁ ଛିଣ୍ଡାଇ ଫିଙ୍ଗି ଦିଏ, ଯେଉଁ ସୁଖ ହେଉଚି ଯୋଗର ଶୋଭା, ସନ୍ତୋଷର ରାଜ୍ୟ; ଯେଉଁ ସୁଖକୁ ଜାଣିବାଲାଗି ଜ୍ଞାନର ଜ୍ଞାତୃତ୍ୱର ପ୍ରବୃତ୍ତି ହୁଏ, ଯୋଗାଭ୍ୟାସ କଲେ ସେହି ସୁଖ ମୂର୍ତ୍ତିମାନ ହୋଇ ଦେଖାଦିଏ । ସେ ଦେଖାଇଦିଏ ଯେ, ଯୋଗୀ ସୁଖସ୍ୱରୂପ ହୋଇଗଲାଣି ।

ସଂକଳ୍ପପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।
ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥୨୪॥

ଏବେ ହେ ସଖା ଅର୍ଜୁନ ! ଯୋଗର ଏକ ସୁଲଭ ପନ୍ଥା କହୁଛି । ସଂକଳ୍ପର ପୁତ୍ର ହେଉଚି କାମକ୍ରୋଧ । ଏହି କାମକ୍ରୋଧକୁ ବିନାଶ କରି ସଂକଳ୍ପର ପୁତ୍ରଶୋକ ଉଦ୍ରେକ କରିପାରିଲେ ଯୋଗ ସହଜସାଧ୍ୟ ହୋଇଥାଏ । ଏହି ସଂକଳ୍ପ ବା କାମନା ତାର ପୁତ୍ର କାମକ୍ରୋଧ ମରିଗଲାଣି ଶୁଣିବା ମାତ୍ରେ ଏବଂ ଇନ୍ଦ୍ରିୟଗୁଡ଼ିକର ନିଗୃହୀତ ବା ନିବୃତ୍ତ ଅବସ୍ଥା ଦେଖି ନିଜ ହୃଦୟକୁ ବିଦାରି ପକାଇ ଆତ୍ମହତ୍ୟା କରେ । ଏହିଭଳି ବୈରାଗ୍ୟ ଲାଭ କଲେ ସଂକଳ୍ପର ଗମନାଗମନ ବନ୍ଦ ହୁଏ ଏବଂ ବୁଦ୍ଧି, ଧୈର୍ଯ୍ୟ ମନ୍ଦିରରେ ବାସ କରେ ।

ଶନୈଃ ଶନୈରୁପରମେଦ୍‌ବୁଦ୍ଧ୍ୟା ଧୃତିଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ॥୨୫॥
ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।
ତତସ୍ତତୋ ନିୟମୈତଦାତ୍ମନ୍ୟେବ ବଶଂ ନୟେତ୍ ॥୨୬॥

ଧୈର୍ଯ୍ୟ ବୁଦ୍ଧିର ଆଶ୍ରୟ ଗ୍ରହଣ କରିବା ପରେ ବୁଦ୍ଧି ମନକୁ ଧୀରେ ଧୀରେ ଅନୁଭବ ପଥରେ ବାଟ କଢ଼େଇ ନେଇ ପରିଶେଷରେ ବ୍ରହ୍ମସ୍ୱରୂପରେ ସ୍ଥାପନ କରିଦିଏ । ଏହା ହେଉଛି ଗୋଟିଏ ପଥ । ଆଉ ଗୋଟିଏ ସହଜ ବାଟ ମଧ୍ୟ ଅଛି । ତୁମେ ମନ ଭିତରେ ଏପରି ଗୋଟିଏ ନିୟମ କରିନିଅ ଯେ, ଏହାକୁ ମୁଁ ନିଶ୍ଚୟ କରିବି, ଏହାକୁ କୌଣସିମତେ ଲଙ୍ଘନ କରିବି ନାହିଁ । ଏପରି ନିୟମ

ଦ୍ୱାରା ଚିତ୍ତ ସ୍ଥିର ହେଲେ କାର୍ଯ୍ୟସାଧନ ହୋଇଥାଏ । ଯଦି ତାହା ହୋଇପାରିବ ନାହିଁ, ତାହାହେଲେ ମନକୁ ଅବାଧଗତିରେ ଚାଲିବାପାଇଁ ଛାଡ଼ିଦିଅ । ମନ ଲଗାମଛଡ଼ା ହୋଇ ଯେଉଁଠିକି ଯାଉନା କାହିଁକି, ଏହି ନିୟମ ହିଁ ତାକୁ ଫେରାଇ ଆଣିବ । କ୍ରମଶଃ ଚିତ୍ତର ସ୍ଥିରତା ଅଭ୍ୟାସରେ ପଡ଼ିଯିବ ।

ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥୨୭॥

ତାପରେ କେତେଦିନପରେ ଏହି ସ୍ଥିରତା ବଳରେ ଚିତ୍ତ ସହଜେ ଆତ୍ମସ୍ୱରୂପ ନିକଟବର୍ତ୍ତୀ ହୋଇପଡ଼ିବ ଏବଂ ତାକୁ ଦେଖୁ ଦେଖୁ ତା ସହିତ ମିଶିଯିବ । ସେତେବେଳେ ଅଦ୍ୱୈତ ମଧ୍ୟରେ ଦ୍ୱୈତ ଡୁବିଯିବ ଏବଂ ସେହି ଏକତାର ଆଲୋକରେ ତ୍ରିଲୋକ ଉଦ୍‌ଭାସିତ ହୋଇଉଠିବ । ଆକାଶରେ ଦେଖାଯାଉଥିବା ବିଭିନ୍ନ ରୂପ ଓ ବର୍ଣ୍ଣର ମେଘ ବିଲୀନ ହୋଇଗଲେ ଯେପରି ସର୍ବଜଗତ୍ କେବଳ ଆକାଶ ଦ୍ୱାରା ହିଁ ପୂର୍ଣ୍ଣ ରହିଥାଏ, ସେହିପରି ଚିତ୍ତର ବିଲୟ ହୋଇଗଲେ ସବୁକିଛି ବ୍ରହ୍ମରୂପଚୈତନ୍ୟ ହୋଇଯାଏ । ଯେଉଁ 'ପ୍ରାପ୍ତି' ଲାଗି ତୁମେ ବ୍ୟାକୁଳ, ତାହା ଏହି ଉପାୟରେ ସହଜରେ ଲାଭ ହୋଇଥାଏ ।

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଲ୍ମଷଃ ।
ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥୨୮॥

ଯେଉଁ ବ୍ୟକ୍ତି ସଂକଳ୍ପରୂପକ ସଂପତ୍ତି ତ୍ୟାଗ କରି ଏହି ସୁଲଭ ଯୋଗସ୍ଥିତିକୁ ନାନା ରୂପରେ ଅନୁଭବ କରେ, ସେ ଆନନ୍ଦର ପରବ୍ରହ୍ମରେ ପ୍ରବେଶ କରିଥାଏ । ଲବଣ ଯେପରି ଜଳକୁ ଛାଡ଼ି ପାରେନା, ସେହିଭଳି ଯୋଗୀ ଓ ପରବ୍ରହ୍ମର ମିଳନ ଅବିଚ୍ଛେଦ୍ୟ । ଏମାନଙ୍କ ମିଳନରେ ସଂସାରରେ ବ୍ରହ୍ମାନନ୍ଦରୂପକ ମନ୍ଦିରରେ ମହା ସୁଖର ଦୀପାଳୀ ପ୍ରଜ୍ୱଳିତ ହୋଇଥାଏ । ଅର୍ଥାତ୍ ସମଗ୍ର ସଂସାର ସୁଖର ମନ୍ଦିର ପାଲଟିଯାଏ । ହେ ପାର୍ଥ ! ଯଦି ଏହି ଉପାୟ ଅବଲମ୍ବନ କରି ପାରିବ ନାହିଁ, ତାହାହେଲେ ଆଉ ଏକ ଉପାୟ କହୁଛି ଶୁଣ ।

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।।୨୯।।
ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।।୩୦।।

ମୁଁ ସମସ୍ତ ଦେହରେ ବ୍ୟାପ୍ତ ହୋଇ ରହିଛି, ସମସ୍ତେ ମୋ ଦେହରେ ରହିଛନ୍ତି । ଏହି ରୀତିରେ ସମସ୍ତେ ପରସ୍ପର ସହିତ ମିଶି ପରସ୍ପରରେ ବ୍ୟାପି ରହିଛନ୍ତି । ବୁଦ୍ଧିଦ୍ୱାରା ଏ ବିଷୟକୁ ଧାରଣା କରିବା ଉଚିତ । ହେ ଅର୍ଜୁନ ! ସାଧାରଣତଃ ଯେଉଁ ବ୍ୟକ୍ତି ଏକାଗ୍ର ଭାବନାଦ୍ୱାରା ମତେ ସମସ୍ତ ଭୂତଠାରୁ ଅଭିନ୍ନ ଜାଣି ଭଜନ କରେ, ଭୂତମାନଙ୍କ ସଂସର୍ଗରେ ଯାହାର ହୃଦୟରେ ନାନାତତ୍ତ୍ୱର ଭାବ ଉତ୍ପନ୍ନ ହୁଏନା, ଯିଏ କେବଳ ମୋର ଏକତାକୁ ହିଁ ଜାଣେ, ସେ ଓ ମୁଁ ଏକ । ଏକଥା କହିବା ନିଷ୍ପ୍ରୟୋଜନ । କାରଣ ହେ ଧନଞ୍ଜୟ ! ନ କହିଲେ ମଧ୍ୟ ସେ ମୋ ସ୍ୱରୂପ ଲାଭ କରିଥାଏ । ପ୍ରଦୀପ ପକ୍ଷରେ ଦୀପ୍ତି ଓ ଦୀପ୍ତିପକ୍ଷରେ ପ୍ରଦୀପ ଯାହା, ସେହିଭଳି ଭାବରେ ଯୋଗୀ ମୋ ଭିତରେ ଓ ମୁଁ ତା ଭିତରେ ରହିଯାଉ । ଯେପରି ଜଳର ଅସ୍ତିତ୍ୱ ଅଛି ବୋଲି ରସ ବା ତରଳତାର ଅସ୍ତିତ୍ୱ ରହିଛି, ଗଗନର ଅସ୍ତିତ୍ୱ ହେତୁ ଶୂନ୍ୟତା ରହିଛି, ସେହିପରି ଉକ୍ତ ପୁରୁଷ ମୋ ରୂପରେ ରୂପ ଧାରଣ କରିଥାଏ ।

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।୩୧।।

ହେ କିରୀଟି ! ବସ୍ତ୍ର ଭିତରେ ସୂତ୍ର ବ୍ୟତୀତ ଅନ୍ୟ କୌଣସି ଜିନିଷର ଅସ୍ତିତ୍ୱ ନଥାଏ । ଅଳଂକାର ଯେତେ ପ୍ରକାରର ହେଉନା କାହିଁକି ସୁନା ଏକ । ଏହି ଭାବରେ ମତେ ଯିଏ ଏକତ୍ୱ ଦୃଷ୍ଟିରୁ ଦେଖେ ସେ ହେଉଚି ଯୋଗୀ । ତାର ଅବସ୍ଥିତି କେବଳ ଐକ୍ୟରୂପକ ପର୍ବତ ଉପରେ । ତାର ଅଜ୍ଞାନ ଶିଖର-ଅନ୍ଧକାର ଅଦ୍ୱୈତାଲୋକରେ ଉଦ୍‌ଭାସିତ । ବହୁ ଶାଖା ପ୍ରଶାଖା ପଲ୍ଲବବିଶିଷ୍ଟ ବୃକ୍ଷ ହେଲେ ମଧ୍ୟ ତାହା ଗୋଟିଏ ମଞ୍ଜିରୁ ହିଁ ଜାତ ହୋଇଥାଏ । ଯୋଗୀ ଦେହକୁ ନେଇ

ଆତଯାତ କଲେ ମଧ୍ୟ ବ୍ରହ୍ମୋପଲବ୍ଧି ଦିଗରେ ତାର କୌଣସି ଅସୁବିଧା ନଥାଏ । ସେହି ଅନୁଭବ ମାଧ୍ୟମରେ ସେ ମୋ ସ୍ୱରୂପ ଲାଭ କରେ । ସଶରୀର ହେଲେ ମଧ୍ୟ ସେ ଶରୀରଠାରୁ ମୁକ୍ତ ରହିଯାଏ । ଏକଥା ଆଉ କେତେ ଶବ୍ଦ-ବିନ୍ୟାସଦ୍ୱାରା ବୁଝାଇବି ?

ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ !
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥୩୨॥

ସେଥିଲାଗି ମୁଁ ସଂକ୍ଷେପରେ ବର୍ଣ୍ଣନା କରିଛି ଯେ, ଯିଏ ବିଶେଷତଃ ସର୍ବଦା ସଚରାଚର ସମାନଦୃଷ୍ଟି ସମ୍ପନ୍ନ, ଯିଏ ସୁଖ ଦୁଃଖର ମର୍ମ ଓ ଶୁଭାଶୁଭ କର୍ମ— ଏହି ଦୁଇ ମନୋଧର୍ମକୁ ହୃଦୟରେ ସ୍ଥାନ ଦିଏନା, ସମ ଓ ବିଷମ ଭାବ ଏବଂ ଏଭଳି ଯେଉଁସବୁ ବିଚିତ୍ର ବିଷୟ ରହିଛି, ସେଗୁଡ଼ିକୁ ଯିଏ ନିଜ ଶରୀରର ବିଭିନ୍ନ ଅଙ୍ଗ ଭଳି ମନେକରେ, ସେ ହେଉଛି ଯୋଗୀ । ଯିଏ ସଂପୂର୍ଣ୍ଣ ତ୍ରିଭୁବନକୁ ବ୍ରହ୍ମଜ୍ଞାନ କରିଥାଏ, ସେ ଦେହଧାରୀ ଏବଂ ବ୍ୟାବହାରିକ ଭାବେ ସୁଖୀ ଦୁଃଖୀ ହେଲେ ମଧ୍ୟ ପରମବ୍ରହ୍ମଭୂତ । ସେଥିଯୋଗୁଁ ହେ ପାଣ୍ଡବ ! ସମତାର ଏପରି ଉପାସନା କରିବା ଉଚିତ, ଯଦ୍ୱାରା ନିଜର ଭିତରେ ବିଶ୍ୱକୁ ଦେଖିପାରିବ ଏବଂ ନିଜେ ହିଁ ବିଶ୍ୱର ସମସ୍ତ ବସ୍ତୁ ହୋଇଯାଇ ପାରିବ । ମୁଁ ତମକୁ ଏକଥା ପୂର୍ବରୁ ବହୁବାର କହିଛି ଯେ, ସମଦୃଷ୍ଟି ହେବାଠାରୁ ଅଧିକ ପ୍ରାପ୍ୟ କିଛି ନାହିଁ ।

ଅର୍ଜୁନ ଉବାଚ

ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।
ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳତ୍ୱାତ୍‌ସ୍ଥିତିଂ ସ୍ଥିରାମ୍ ॥୩୩॥
ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍ଦୃଢ଼ମ୍ ।
ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ॥୩୪॥

ସଙ୍ଗେ ସଙ୍ଗେ ଅର୍ଜୁନ କହିଲେ, ଯାହାହେଉ ଆପଣ ଅନୁଗ୍ରହ କରି ମତେ ଗୁଡ଼ିଏ ସହଜ ଉପାୟ ଦେଖାଇଦେଲେ ସତ, କିନ୍ତୁ ସେ ବାଟରେ ଯିବା ତ ସହଜ ମନେ ହେଉନାହିଁ । ମଣିଷ ସ୍ୱଭାବତଃ ଅସ୍ଥିରମନା । ପ୍ରକୃତରେ ମନଟା

କିଭଳି, ଏହା କେତେ ବଡ଼ ଓ ବ୍ୟାପକ ତାହା ଜାଣିବା କଷ୍ଟକର । ଏହି ମନର କାର୍ଯ୍ୟ ଏତେ ବ୍ୟାପକ ଯେ, ତ୍ରିଭୁବନ ମଧ୍ୟ ତା ତୁଳନାରେ ଅତି କ୍ଷୁଦ୍ର । ମତେ ମନକୁ ସ୍ଥିର କରିବାପାଇଁ ଉପଦେଶ ଦେବା ଯାହା, ଚଞ୍ଚଳମତି ଗୋଟିଏ ମାଙ୍କଡ଼କୁ ଏକାଗ୍ରଚିତ୍ତ ବା ସମାଧି ଅବସ୍ଥାକୁ ଆଣିବା କିମ୍ବା ଘୂର୍ଣ୍ଣିବାତ୍ୟାକୁ ସ୍ଥିର ହୁଅ ବୋଲି କହିବା ତାହା । ଯେଉଁ ମନ ବୁଦ୍ଧିକୁ ନଷ୍ଟ କରି ଦେଇଥାଏ,ଦୃଢ଼ ପ୍ରତିଜ୍ଞାକୁ ହଟାଇ ଦେଇପାରେ, ଧୈର୍ଯ୍ୟର ଅନ୍ତରଙ୍ଗ ହୋଇ ତାକୁ ଠକି ଦେଇଥାଏ, ବିବେକକୁ ଭୁଲେଇ ଦିଏ, ସନ୍ତୋଷକୁ ଯଥେଚ୍ଛାଭାବରେ ଅସନ୍ତୁଷ୍ଟ କରାଏ, ଗୋଟିଏ ସ୍ଥାନରେ ବସିଥିବା ଲୋକକୁ ମୁହୂର୍ତ୍ତକରେ ସମଗ୍ର ସଂସାରକୁ ବୁଲାଇ ଆଣେ, ଯାହାକୁ ନିରୋଧ କଲେ ଅଧିକ ଉଚ୍ଛ୍ୱସିତ ହୋଇ କ୍ଷିପ୍ର ଗତିରେ ପ୍ରବାହିତ ହୁଏ; ସଂଯମ ଯାହାର ଦାସତ୍ୱ ସ୍ୱୀକାର କରିଥାଏ, ସେହି ମନ କ'ଣ କେବେ ତାର ଚଞ୍ଚଳ ସ୍ୱାଭବକୁ ଛାଡ଼ି ଦେଇପାରେ ? ଏ ସବୁ କାରଣରୁ ମୋ ମନ ଯେ ନିଶ୍ଚଳ ହେବ ଏବଂ ସମଦୃଷ୍ଟିସମ୍ପନ୍ନ ହୋଇପାରିବ ଏ ବିଶ୍ୱାସ ହେଉନାହିଁ । ବାସ୍ତବରେ ଏହା ଏକ ଦୁରୂହ କାର୍ଯ୍ୟ ।

ଶ୍ରୀ ଭଗବାନ ଉବାଚ

ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।
ଅଭ୍ୟାସେନ ତୁ କୌନ୍ତେୟ ! ବୈରାଗ୍ୟେଣ ଚ ଗୃହ୍ୟତେ ॥୩୫॥

ଶ୍ରୀକୃଷ୍ଣ କହିଲେ, ତୁମେ ଯାହା କହିଲ ସତ କଥା । ମନର ସ୍ୱଭାବ ବାସ୍ତବରେ ଚପଳ । କିନ୍ତୁ ବୈରାଗ୍ୟ ସାହାଯ୍ୟରେ ଏହାକୁ ଅଭ୍ୟାସ ବା ଯୋଗାଭ୍ୟାସ ବାଟରେ ଲଗେଇଦେଲେ କେତେ ସମୟପରେ ଏହାକୁ ସ୍ଥିର କରାଯାଇପାରେ । କାରଣ ମନର ଗୋଟିଏ ଭଲ ସ୍ୱଭାବ ରହିଛି, ତାହା ହେଉଛି, ଯେଉଁଠି ଆନନ୍ଦ ମିଳିବ ବୋଲି ଜାଣିବ, ସେ ଆଡ଼କୁ ଏହା ଟାଣି ହୋଇ ଯାଇଥାଏ । ତେଣୁ ଏହି ମନର କାନରେ ସବୁବେଳେ ଆତ୍ମସୁଖାନନ୍ଦ ମିଳିବାଭଳି କଥା ସବୁ କୁହାଯିବା ଆବଶ୍ୟକ ।

ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପଇତି ମେ ମତିଃ ।
ବଶ୍ୟାତ୍ମନା ତୁ ଯତତା ଶକ୍ୟୋ ଽବାପ୍ତୁମୁପାୟତଃ ॥୩୬॥

ମୁଁ ସ୍ୱୀକାର କରୁଚି ଯେ, ଯାହାର ବୈରାଗ୍ୟଭାବ ନାହିଁ, ଯିଏ ଏ ଦିଗରେ ଅଭ୍ୟାସ କରିବାକୁ ମଧ୍ୟ ଚେଷ୍ଟିତ ନୁହେଁ, ସେ ମନକୁ ବଶ କରିପାରିବ ନାହିଁ । ଯିଏ ଯମ, ନିୟମ ଆଦି ଯୋଗର ଅତି ସାଧାରଣ କଥାକୁ ଅଭ୍ୟାସ କରେ ନାହିଁ, ଯାହାର ଆତ୍ମସଂଯମର ଅଭାବ ରହିଛି, ଯିଏ ବିଷୟ-ପଙ୍କରେ ବୁଡ଼ିରହି ବୈରାଗ୍ୟକୁ କଳ୍ପନାସୁଦ୍ଧା କରି ପାରୁନାହିଁ, ସେ ମନକୁ ନିଶ୍ଚଳ ରଖି ପାରିବ ନାହିଁ । ଅତଏବ ମନକୁ ନିଗ୍ରହ କରିବା ଲାଗି ଯେଉଁସବୁ ଉପାୟ କହିଗଲି, ତାକୁ ଲଗେଇବା ଆରମ୍ଭ କର, ତାପରେ ମନ ସ୍ଥିର ହେଉଚି କି ନାହିଁ ଦେଖ । ତୁମେ କ'ଣ ଭାବୁଚ ଯୋଗ ଲାଗି ଯେତେ ସବୁ ସାଧନା କଥା କୁହାଗଲା ସେ ସବୁ ମିଥ୍ୟା ? ବରଂ ଏକଥା କହିପାର ଯେ ସେସବୁକୁ ଅଭ୍ୟାସକରି ହେଉଚି କି ନାହିଁ ତମେ ପରୀକ୍ଷା କରି ଦେଖିନାହଁ । ଥରେ ଯୋଗବଳ ଲାଭ ହୋଇ ଗଲେ ମନ ଆଉ ଚପଳ ରହିପାରିବ ନାହିଁ । ଚପଳତା କୁଆଡ଼େ ଛାଟିପିଟି ହୋଇ ପଳେଇଯିବ ।

ଅର୍ଜୁନ ଉବାଚ

ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚଳିତମାନସଃ ।
ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ! ଗଚ୍ଛତି ॥୩୭॥
କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।
ଅପ୍ରତିଷ୍ଠୋ ମହାବାହୋ ! ବିମୂଢ଼ୋ ବ୍ରହ୍ମଣଃ ପଥି ॥୩୮॥
ଏତନ୍ମେ ସଂଶୟଂ କୃଷ୍ଣ ! ଚ୍ଛେତ୍ତୁମର୍ହସ୍ୟଶେଷତଃ ।
ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଚ୍ଛେତ୍ତା ନ ହ୍ୟୁପପଦ୍ୟତେ ॥୩୯॥

ଅର୍ଜୁନ କହିଲେ, ସତକଥା । ଯାହା ଆଜ୍ଞା କରିଛନ୍ତି ତାହା ମିଥ୍ୟା ନୁହେଁ । ଯଥାର୍ଥରେ ଯୋଗବଳ ସହିତ ମନୋବଳକୁ ତୁଳନା କରାଯାଇ ନପାରେ । ଏହି ଯୋଗ କିପରି ଏବଂ କାହାକୁ କିପରି ଜଣାଯିବ— ମୋର ସେ ବିଚାର ଏ ପର୍ଯ୍ୟନ୍ତ ନଥିଲା । ସେଥିଯୋଗୁଁ ମୁଁ ମନକୁ ଅଜେୟ ବୋଲି ଭାବିଥିଲି । ହେ ପୁରୁଷୋତ୍ତମ ! ଆଜି ଆପଣଙ୍କ ପ୍ରସାଦରୁ ଏ ଜନ୍ମରେ ଯାହାହେଉ ଯୋଗର ପରିଚୟ ପାଇଲି । ତଥାପି ହେ ଗୋସ୍ୱାମିନ୍ ! ମୋର ଆଉ ଏକ ସଂଶୟ ରହିଛି । ତାର ନିରାକରଣ ଆପଣଙ୍କ ବ୍ୟତୀତ କେହି କରି ପାରିବେ ନାହିଁ । ମନେ କରନ୍ତୁ, କୌଣସି ବ୍ୟକ୍ତି

ଅଭ୍ୟାସବିନା କେବଳ ଶ୍ରଦ୍ଧାଦ୍ୱାରା ମୋକ୍ଷ ଲାଭ ଲାଗି ଉଦ୍ୟମ କରିଛି, ଇନ୍ଦ୍ରିୟ ରୂପକ ଗୃହରୁ ବାହାର ହୋଇ ଆତ୍ମ-ସିଦ୍ଧି-ରୂପକ ଅନ୍ୟ ଏକ ନଗର ଅଭିମୁଖେ ବିଶ୍ୱାସ ପଥରେ ଚାଲୁଚି, ଅଥଚ ଆତ୍ମସିଦ୍ଧି ପାଖରେ ପହଞ୍ଚି ପାରୁନାହିଁ; କିମ୍ବା ପଛଘୁଞ୍ଚା ଦେଇ ଫେରି ଆସି ପାରୁନାହିଁ, ଚାଲୁ ଚାଲୁ ମଝି ବାଟରେ ତାର ଆୟୁଷ-ସୂର୍ଯ୍ୟ ଅସ୍ତ ହୋଇ ପଡୁଚି, ତାହାହେଲେ ତାର ଗତି କ'ଣ ? ଅକାଳମେଘ ସାଧାରଣତଃ ପତଳା ଥାଏ, ଏପରି ମେଘ କଦାଚିତ୍ ଉଦୟ ହୁଏ, ଉଦୟ ହେଲେ ମଧ୍ୟ ଭଲବର୍ଷା କରେନା, କେବଳ ଝିପିଝିପି ହୁଏ । ସେହିଭଳି ଏପରି ବ୍ୟକ୍ତିର ଦୁଇଟି ଅବସ୍ଥା । ପ୍ରଥମତଃ ଲକ୍ଷ୍ୟସ୍ଥଳ ଦୂରରେ ରହିଛି, କିନ୍ତୁ ଶ୍ରଦ୍ଧାର ଉଦୟ ହେତୁ ଇନ୍ଦ୍ରିୟମାନଙ୍କ ବିଷୟବାସନା ଚାଲିଯାଇଛି । ଏଭଳି ଦୁଇଦିଗରୁ ଯିଏ ହାତଧୋଇ ବସିଛି ଏବଂ ଯିଏ ଶ୍ରଦ୍ଧା ଭିତରେ ଡୁବି ଯାଇଛି, ତାର ଦଶା କ'ଣ ?

ଶ୍ରୀଭଗବାନ ଉବାଚ

ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।
ନ ହି କଲ୍ୟାଣକୃତ୍ କଶ୍ଚିଦ୍ଦୁର୍ଗତିଂ ତାତ ଗଚ୍ଛତି ॥୪୦॥

ସେତେବେଳେ ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ଯାହାର ମନରେ ମୋକ୍ଷସୁଖ ପାଇବା ଲାଗି ଶ୍ରଦ୍ଧା ରହିଛି, ତାର ମୋକ୍ଷ ବ୍ୟତୀତ ଆଉ କୌଣସି ଗତି ହୋଇପାରେ କି ? କିନ୍ତୁ ମଧ୍ୟସ୍ଥଳରେ ତାକୁ ବିଶ୍ରାମ ଗ୍ରହଣ କରିବାକୁ ପଡ଼ିଥାଏ । ସେ ଯଦି ଅତି ବ୍ୟାକୁଳ ଭାବରେ ଅଭ୍ୟାସରୂପକ ପଦକ୍ଷେପ ନେଇ ଚାଲେ, ତେବେ ଆୟୁସୂର୍ଯ୍ୟ ଅସ୍ତ ଯିବା ପୂର୍ବରୁ ତାର ''ସୋଽହଂ'' ସିଦ୍ଧି ହୋଇଯାଏ । ଯିଏ ଶୀଘ୍ର ଶୀଘ୍ର ଚାଲି ପାରେନା ଅର୍ଥାତ୍ ଯାହାର ତୀବ୍ର ଆକୁଳତା ନଥାଏ, ତା ପକ୍ଷରେ ମଝିବାଟରେ ବିଶ୍ରାମନେବା ଆବଶ୍ୟକ ହୋଇପଡ଼େ । କିନ୍ତୁ ଏକଥା ନିଶ୍ଚିତ ଯେ, ତା'ଲାଗି ମୋକ୍ଷ ସାଇତା ହୋଇ ରହିଛି ।

ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।
ଶୁଚିନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥୪୧॥

ତମେ ଶୁଣି ଆଶ୍ଚର୍ଯ୍ୟ ହେବ ଯେ, ଯେଉଁ ଚୁଡ଼ାନ୍ତ ମୁକ୍ତିକୁ ଇନ୍ଦ୍ରସୁଦ୍ଧା ଲାଭ କରିବା ସହଜ ନୁହେଁ, ତାହା ନିଷ୍ଠାବାନ ସାଧକ ପକ୍ଷରେ ସହଜଲଭ୍ୟ । ଏପରି

ସାଧକ ପକ୍ଷରେ ସ୍ୱର୍ଗସୁଖ ମଧ୍ୟ କଣ୍ଟକିତ ମନେ ହୋଇଥାଏ । ଅନୁତାପାନଳରେ ତା ମନ ଦଗ୍ଧ ହୋଇପଡ଼େ । ସବୁବେଳେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ ଯେ, ଏହି ସ୍ୱର୍ଗସୁଖରୂପକ ବିଘ୍ନ ମତେ ଭୋଗିବାକୁ ଦେଲ କାହିଁକି ? ଏହି ବିଘ୍ନ ହେତୁ ସେ ପୁଣି ସଂସାରରେ ଜନ୍ମଗ୍ରହଣ କରେ । ମୋଟା ଚାଉଳରେ ମୋଟା ଭାତ ହେବା ଭଳି ଏପରି ଯୋଗଭ୍ରଷ୍ଟ ଯୋଗୀ ଐଶ୍ୱର୍ଯ୍ୟ ତଥା ବୈଭବଶାଳୀ ଘରେ ହିଁ ଜାତ ହୁଏ । ଯେଉଁ କୁଳ ଓ ପରିବାରର ଲୋକେ ଧର୍ମ ଓ ନୀତି ମାର୍ଗରେ ଚାଲିଥାଆନ୍ତି, ସତ୍ୟବ୍ରତ ହୋଇ ଶାସ୍ତ୍ରସମ୍ମତ କାର୍ଯ୍ୟ କରିଥାଆନ୍ତି, ବେଦ ଯାହାର ଦେବତା, ସ୍ୱଧର୍ମାଚରଣ ଯାହାର ବ୍ୟବସାୟ, ବିବେକସିଦ୍ଧ ସୁବିଚାର ଯାହାର ମନ୍ତ୍ରୀ, ରୁଦ୍ଧିସିଦ୍ଧି ଯାହାର ଇଷ୍ଟଦେବତା, ଯେଉଁ ଘରର ଗୃହିଣୀମାନେ ପତିବ୍ରତା ଓ ଈଶ୍ୱରଭଜନରତା— ଏଭଳି ଆତ୍ମପୁଣ୍ୟ ସଂଚୟ ଯୋଗୁଁ ଯେଉଁ ପରିବାରରେ ସୁଖ ପରିପୂର୍ଣ୍ଣ ରହିଥାଏ, ଯୋଗଭ୍ରଷ୍ଟ ବ୍ୟକ୍ତି ସେହି ଘରେ ହିଁ ଜନ୍ମଗ୍ରହଣ କରିଥାଏ ।

ଅଥବା ଯୋଗିନାମେବ କୁଳେ ଭବତି ଧୀମତାମ୍ ।
ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ॥୪୨॥
ତତ୍ରତଂ ବୁଦ୍ଧିସଂଯୋଗଂଲଭତେ ପୌର୍ବଦେହିକମ୍ ।
ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ! ॥୪୩॥

ଯିଏ ଜ୍ଞାନାଗ୍ନିର ସେବକ, ଯିଏ ପରଂବ୍ରହ୍ମ ବିଷୟରେ ଅନେକ ଉପଦେଶ ଦେଇଥାଏ, ଯିଏ ମହାସୁଖରୂପକ କ୍ଷେତ୍ରର କ୍ଷେତ୍ରୀ, ଯିଏ ସିଦ୍ଧାନ୍ତ ସିଂହାସନରେ ବିରାଜମାନ ହୋଇ ତ୍ରିଲୋକରେ ରାଜତ୍ୱ କରେ, ଯିଏ ସନ୍ତୋଷ-କାନନରେ କୂଜନକାରୀ କୋକିଳ; ଯିଏ ନିତ୍ୟ ଫଳପ୍ରସବକାରୀ ବିବେକରୂପକ ମହାଦ୍ରୁମମୂଳରେ ବସିଥାଏ; ସେହିଭଳି ଯୋଗୀକୁଳରେ ଯୋଗଭ୍ରଷ୍ଟ ଯୋଗୀର ଜନ୍ମ ହୋଇଥାଏ । ଜନ୍ମ ଗ୍ରହଣ ମାତ୍ରେ ଅର୍ଥାତ୍ ଶିଶୁ ଅବସ୍ଥାରୁ ହିଁ ତାର ଆତ୍ମଜ୍ଞାନର ପ୍ରଭାତ ହୋଇଯାଏ । ସୂର୍ଯ୍ୟୋଦୟ ମାତ୍ରେ ଯେପରି ଆଲୋକ ବିଚ୍ଛୁରିତ ହୋଇପଡ଼େ, ସେହିଭଳି ତରୁଣପୌଢ଼ାଦି ଅବସ୍ଥାରେ ନ ପହଞ୍ଚୁଣୁ ବାଲ୍ୟାବସ୍ଥାରେ ହିଁ ତାକୁ ସର୍ବଜ୍ଞାତା ଜୟମାଲ୍ୟ ଦେଇ ବରଣ କରେ । ସେହି ବୁଦ୍ଧିଦେବତା ଲାଭ

ଫଳରେ ତା ମନରୁ ନିଖିଳ-ବିଦ୍ୟାର ଉତ୍ସ ଛୁଟେ ଏବଂ ତା ମୁଖରୁ ଆପେ ଆପେ ସକଳଶାସ୍ତ୍ର ପ୍ରକାଶିତ ହୁଏ । ହେ କୁରୁନନ୍ଦନ ! ଏ ପ୍ରକାରର ଜନ୍ମଲାଭ ଲାଗି ଦେବତାମାନେ ମଧ୍ୟ କାମନାପୂର୍ବକ ସ୍ୱର୍ଗରେ ହୋମଯଜ୍ଞାଦି କରିଥାଆନ୍ତି, ଅମରଗଣ ସ୍ତାବକ ବା ଭାଟ ହୋଇ ଏହି ଜନ୍ମଲାଭ ଲାଗି ମୃତ୍ୟୁଲୋକକୁ ସ୍ତୁତି କରିଥାଆନ୍ତି । ବୁଝିଲ ତ, ଯୋଗଭ୍ରଷ୍ଟ ମାତ୍ରେ ଏହିଭଳି ଜନ୍ମଲାଭ କରିଥାଆନ୍ତି ।

ପୂର୍ବାଭ୍ୟାସେନ ତେନୈବହ୍ରିୟତେ ହ୍ୟବଶୋଽପି ସଃ ।
ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ ॥୪୪॥

ପୂର୍ବ ଜନ୍ମରେ ତାର ଯେଉଁ ସଦ୍‌ବୁଦ୍ଧି ଥିଲା, ଯାହା ଲାଭ କରିବାପରେ ତାର ଜୀବନାନ୍ତ ହୋଇଥିଲା, ଜନ୍ମହେବା ସଙ୍ଗେ ସଙ୍ଗେ ଖୁବ୍ ଶୀଘ୍ର ସେହି ସଦ୍‌ବୁଦ୍ଧିକୁ ସେ ଫେରିପାଏ । ଭାଗ୍ୟବାନ୍ ବ୍ୟକ୍ତି ନୟନରେ ଦିବ୍ୟାଞ୍ଜନ ଲାଭ ଫଳରେ ଯେପରି ଭୂଗର୍ଭସ୍ଥ ବସ୍ତୁର ସନ୍ଧାନ ପାଏ; ସେହିଭଳି ଯାହା ଅତିଶୟ କଠିନ, ଯେଉଁ ତଥ୍ୟ କେବଳ ସଦ୍‌ଗୁରୁଙ୍କଠାରୁ ଲାଭ କରାଯାଇପାରେ, ତାକୁ ମଧ୍ୟ ସେ (ଯୋଗଭ୍ରଷ୍ଟ) ବୁଦ୍ଧିବୃତ୍ତିକୁ ପ୍ରୟୋଗ ନ କରି ସୁଦ୍ଧା ଲାଭ କରିଥାଏ । ଶକ୍ତିଶାଳୀ ଇନ୍ଦ୍ରିୟଗୁଡ଼ିକ ତା ମନର ଅଧୀନସ୍ଥ ହୋଇପଡ଼ନ୍ତି । ମନ ବାୟୁ ତତ୍ତ୍ୱ ସହିତ ମିଶିଯାଏ ଏବଂ ଏହି ବାୟୁ ଅତି ସହଜରେ ଗଗନରେ ମିଳେଇ ଯିବାପାଇଁ ଚେଷ୍ଟା କରେ । ଯୋଗାଭ୍ୟାସ ଆପେ ଆପେ ବିନାଉଦ୍ୟମରେ ତା ପାଖକୁ ଚାଲିଆସେ । ''ସମାଧି'' ମଧ୍ୟ ଏହି ଲୋକର ମନରୂପକ ଗୃହକୁ ବାଟ ଖୋଜି ଖୋଜି ଆପେ ଆପେ ଆସି କହେ, ହଜୁର ! ମତେ ତୁମ କାମରେ ଖଟାଅ । ଏଭଳି ଦେହଧାରୀ ଲୋକକୁ ଦେଖିଲେ ମନେହୁଏ, ଇଏ ହେଉଛି ଯୋଗ ପୀଠର ଅଧିଦେବତା, ଜଗତର ଶ୍ରେଷ୍ଠ ସୃଷ୍ଟି; ବୈରାଗ୍ୟ, ସିଦ୍ଧି ଓ ଅନୁଭୂତିର ପ୍ରତିମୂର୍ତ୍ତି । ଏହି ଲୋକ ହେଉଛି ସଂସାରକୁ ମାପିବା ଲାଗି ଉପଯୁକ୍ତ ମାନଦଣ୍ଡ,ଅଷ୍ଟାଙ୍ଗ ଯୋଗ ସାଧନର ଦ୍ୱୀପ । ଚନ୍ଦନ ଯେପରି ଏକମାତ୍ର ସୁଗନ୍ଧିର ମୂର୍ତ୍ତି ଛଡ଼ା ଆଉ କିଛି ନୁହେଁ, ସେହିଭଳି ଏହି ପୂର୍ବଜନ୍ମସିଦ୍ଧ ସାଧକକୁ ଦେଖିବା ମାତ୍ରେ ମନେହୁଏ ଯେପରି ସେ କେବଳ ସନ୍ତୋଷ ଦ୍ୱାରା ହିଁ ନିର୍ମିତ ହୋଇଛି କିମ୍ବା ସିଦ୍ଧି ରୂପକ ମଣିମୁକ୍ତା ଭଣ୍ଡାର ଭିତରୁ ସଦ୍ୟ ବାହାରିଆସିଛି ।

ପ୍ରଯତ୍ନାଦ୍‌ଯତମାନସ୍ତୁ ଯୋଗୀ ସଂଶୁଦ୍ଧିକିଲ୍‌ବିଷଃ ।
ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ।।୪୫।।

କାରଣ କୋଟି କୋଟି ବର୍ଷପରେ ସହସ୍ର ସହସ୍ର ଜନ୍ମର ପ୍ରତିବନ୍ଧକ ଲଙ୍ଘନ କରି ସେ ଆତ୍ମୋପଲବ୍‌ଧିର ସୀମାରେ ପହଞ୍ଚି ପାରିଛି । ଫଳରେ ସଂପୂର୍ଣ୍ଣ ସାଧନଗୁଡ଼ିକ ସହଜରେ ତାର ଅନୁଗମନ କରିଥାଆନ୍ତି ଏବଂ ସେ ବିବେକ-ରୂପକ ସ୍ଥିର ଆସନରେ ବସିଥାଏ । ତାପରେ ସେ ଯାହାକୁ ଚାହେଁ, ଯାହା ଚିନ୍ତା କରେ, ତାହା ଆପେ ଆପେ ବ୍ରହ୍ମରୂପ ହୋଇଯାଏ । ସେ ସମୟରେ ମନର ମେଘ ବିଲୀନ ହୋଇଯାଏ, ମନ ବୋଲି କିଛି ରହେନା, ନିଃଶ୍ୱାସର ନିଶ୍ୱାସତା ଲୋପ ପାଇଯାଏ, ଆକାଶ ଚିଦାକାଶ ଭିତରେ ଲୀନ ହୋଇଯାଏ । ପ୍ରଣବ (ଓଁକାର) ଅର୍ଦ୍ଧମାତ୍ରାରେ ମଧ୍ୟ ଲୟ ହୋଇଯାଏ । ଏହିଭଳି ତାର ଅନିର୍ବଚନୀୟ ଆତ୍ମାନନ୍ଦଲାଭ ହୋଇଯାଏ । ତେଣୁ ତା ସମ୍ପର୍କରେ ଶବ୍ଦ ମଧ୍ୟ ମୂକ ହୋଇପଡ଼େ । ଏହି ବ୍ରହ୍ମସ୍ଥିତି ସକଳ ଗତିର ଗତି । ସେ ନିରାକାର ନିର୍ଗୁଣର ମୂର୍ତ୍ତି ଲାଭ କରେ । ପୂର୍ବଜନ୍ମର ଆବିଳତା ଏହି ଜନ୍ମରେ ପରିଷ୍କୃତ ହୋଇଯାଏ । ସେହି କାରଣରୁ ଜନ୍ମହେବା ମାତ୍ରେ ତାର ପୂର୍ବ ବିକଟବୁଦ୍ଧି ରୂପକ ଘଟ ଜ୍ଞାନଜଳରେ ଡୁବିଯାଏ ଏବଂ ବ୍ରହ୍ମସ୍ଥିତି କନ୍ୟା ସହିତ ତାର ବିବାହ ହୋଇ ସେ ଅଭିନ୍ନ ଓ ଏକରୂପ ହୋଇଯାଏ । ଯେପରି ମେଘ ଲୋପ ପାଇଲେ ଆକାଶ ରୂପରେହିଁ ରହେ, ସେହିଭଳି ଯେଉଁଥିରୁ ବିଶ୍ୱର ଉତ୍ପନ୍ନ ଏବଂ ଯେଉଁଥିରେ ବିଶ୍ୱର ଲୟ, ସେହି ବ୍ରହ୍ମରେ ହିଁ ଦେହଧାରୀ ଯୋଗୀ ଏକରୂପ ହୋଇ ରହେ ।

ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍‌ଯୋଗୀ ଭବାର୍ଜୁନ !

ଯେଉଁ ଲାଭ ଆଶାରେ କର୍ମକାଣ୍ଡୀ ପୁରୁଷ ଧୈର୍ଯ୍ୟରୂପକ ବାହୁବଳ ଭରସାରେ ପୂଜନ ଯଜନାଦି ଷଟ୍‌କର୍ମର ପ୍ରବାହକୁ ଅତିକ୍ରମ କରିବାକୁ ଚାହେଁ; ଯେଉଁ ଅଦ୍ୱୈତବସ୍ତୁ ଲାଗି ଜ୍ଞାନୀବ୍ୟକ୍ତି ଜ୍ଞାନରୂପକ ଅଭେଦ୍ୟକବଚ ଦ୍ୱାରା ଦେହକୁ ଆବୃତ୍ତ ରଖି ପ୍ରପଞ୍ଚ-ରୂପକ ରଣକ୍ଷେତ୍ରରେ ଯୁଦ୍ଧରେ ପ୍ରବୃତ୍ତ ହୁଏ; ଯାହାକୁ ପାଇବାଲାଗି ତପସ୍ୱୀ ତପସ୍ୟାରୂପକ ଦୁର୍ଗଦ୍ୱାର ଭାଙ୍ଗିବାଲାଗି ପର୍ବତଗୁହାର

ଆଶ୍ରୟ ନିଏ; ଯିଏ ଭଜନୀୟମାନଙ୍କ ଭଜନୀୟ, ଯାଜ୍ଞିକମାନଙ୍କର ଯଜନୀୟ, ସମସ୍ତଙ୍କର ପୂଜ୍ୟ, ଯିଏ ପରବ୍ରହ୍ମ ସାଧକମାନଙ୍କ ନିକଟରେ ସିଦ୍ଧିତତ୍ତ୍ୱ, ଯୋଗୀ ନିଜେ ସେହି ତତ୍ତ୍ୱରେ ପରିଣତ ହୋଇଯାଏ । ତେଣୁ ସେ ଯୋଗୀ କର୍ମନିଷ୍ଠମାନଙ୍କ ବନ୍ଦନୀୟ, ଜ୍ଞାନୀମାନଙ୍କ ଜ୍ଞାତବ୍ୟ, ତପସ୍ୱୀମାନଙ୍କର ମୂଳ ତପୋନାଥ । ଜୀବ ଓ ପରମାତ୍ମାର ମିଳନରେ ତାର ମନୋଧର୍ମର ପୂର୍ଣ୍ଣତାପ୍ରାପ୍ତି ହୋଇଯାଇଥାଏ । ସେ ଯଦିଓ ଦେହଧାରୀ, ତଥାପି ସେ ବ୍ରହ୍ମର ସମସ୍ତ ମହିମାର ଅଧିକାରୀ । ଅତଏବ ହେ ପାଣ୍ଡୁକୁମାର ! ତୁମେ ସପ୍ରାଣ ଯୋଗୀ ହୋଇଯାଅ ।

ଯୋଗୀନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।

ଯିଏ ଯୋଗୀ ବୋଲି ପରିଚିତ ସେ ହେଉଛି ଦେବତାମାନଙ୍କର ଦେବତା । ସେ ମୋର ସୁଖସର୍ବସ୍ୱ, ମୋର ଜୀବନ । ଭଜନକାରୀ ଭକ୍ତ, ଭଜିନୀୟ ଓ ଭଜନ— ଭକ୍ତି ସାଧନାର ଏହି ତିନୋଟି ବିଷୟ ମୁଁ ତାଠାରୁ ଅନୁଭବ କରିଥାଏ । ହେ ସୁଭଦ୍ରାପତି ! ତା ପ୍ରତି ମୋର ଯେଉଁ ପ୍ରେମ ତାକୁ ଶବ୍ଦଦ୍ୱାରା ବର୍ଣ୍ଣନା କରିବାକୁ ମୁଁ ମଧ୍ୟ ନିଜକୁ ଅକ୍ଷମ ମନେକରୁଛି । ସେହି ପ୍ରେମକୁ କାହା ସହିତ ତୁଳନା କରି ଦେଖାଇଦିଅ ବୋଲି ଯଦି ମତେ କହ, ତାହାହେଲେ ମୁଁ ଏତିକିମାତ୍ର କହିପାରେ ଯେ, ମୁଁ ହେଉଛି ଦେହ, ସେ ହେଉଛି ଆତ୍ମା ।

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ଭକ୍ତଚକୋରଚନ୍ଦ୍ର, ସର୍ବସଦ୍‌ଗୁଣସାଗର ତ୍ରିଭୁବନମକରନ୍ଦ ଶ୍ରୀକୃଷ୍ଣ ଯେତେବେଳେ ଅର୍ଜୁନଙ୍କୁ ଏସବୁ କଥା କହିଲେ, ସେତେବେଳେ ପାର୍ଥଙ୍କର ଯୋଗତତ୍ତ୍ୱ ନିରୂପଣ ସଂପର୍କରେ ପ୍ରଥମରୁ ଯେଉଁ ଆଗ୍ରହ ଥିଲା, ତାହା ଦ୍ୱିଗୁଣିତ ହୋଇ ଉଠିଲା ।

ଶ୍ରୀକୃଷ୍ଣ ଏକଥା ବୁଝିପାରିଲେ ଏବଂ ମନେ ମନେ କହିଲେ, ଯାହାହେଉ ଅର୍ଜୁନ ମତେ ଯୋଗନିରୂପଣ ଲାଗି ଏକ ଦର୍ପଣ ରୂପେ ପାଇଚି । ଶ୍ରୀକୃଷ୍ଣଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ସେ ଆଉ ଯାହା କହିବେ ତାହା ପରେ କୁହାଯିବ । ଏଥିରେ କେବଳ ଶାନ୍ତରସ ପ୍ରକାଶ ପାଇବ ଏବଂ ସିଦ୍ଧାନ୍ତ-ବୀଜର ଗଜା ବାହାରିଆସିବ ।

ସେଥିଲାଗି ଗୁରୁଦେବଙ୍କ ଜ୍ଞାନବୀଜ ବପନ କରିବାକୁ ମୁଁ ମଧ୍ୟ ବ୍ୟାକୁଳ ହୋଇଉଠିଲିଣି ।

ସଦ୍‌ଗୁରୁ ନିବୃତ୍ତିଦେବ ନିଜର ଲୀଳାବଶତଃ ମତେ ଉପଲକ୍ଷ କରି ମୋ ମୁଣ୍ଡ ଉପରେ ହାତରଖି ବୀଜବପନ(କ) କରିଛନ୍ତି । ତେଣୁ ମୋ ମୁହଁରୁ ଯାହା ବାହାରିବ ତାହା ସାଧୁମାନଙ୍କ ଅନ୍ତଃକରଣରେ ସତ୍ୟବୀଜସ୍ୱରୂପ ।

ଯାହାହେଉ ବହୁତ କୁହାଗଲାଣି, ଆଉ ଅଧିକ କହିବାର ଆବଶ୍ୟକତା ନାହିଁ । ଶ୍ରୀକୃଷ୍ଣ ଯାହା କହିଛନ୍ତି ସେହି କଥା ହିଁ କହୁଛି । କିନ୍ତୁ ଆପଣମାନେ ମନକର୍ଣ୍ଣ ଦେଇ ଶୁଣିବେ, ବୁଦ୍ଧି-ଚକ୍ଷୁଦ୍ୱାରା ଦେଖିବେ ଏବଂ ଚିତ୍ତ ବିନିମୟରେ ଏହାକୁ କିଣିନେବେ, ଅବଧାନପୂର୍ବକ ଏ ସବୁକୁ ହୃଦୟ ଭିତରକୁ ନେବେ । ଏହି ବାଣୀ ସଜ୍ଜନମାନଙ୍କ ବୁଦ୍ଧିକୁ ଅଭିଭୂତ କରିବ, ସମସ୍ତଙ୍କର ମଙ୍ଗଳ ସାଧନ କରିବ, ସଂକଟରୁ ରକ୍ଷା କରିବ ଏବଂ ଜୀବ ଉପରେ ସୁଖରୂପକ କୁସୁମର ଲକ୍ଷ ଲକ୍ଷ ମାଲ୍ୟ ଅର୍ପଣ କରିବ ।

ଏବେ ଶ୍ରୀ ମୁକୁନ୍ଦ ଅର୍ଜୁନଙ୍କ ନିକଟରେ ଯେଉଁ ଉତ୍ତମ ସମ୍ବାଦ ପ୍ରକାଶ କରିବେ ତାହାହିଁ ବର୍ଣ୍ଣନା କରିବି ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ-ଦୀପିକାୟାଂ
ଷଷ୍ଠୋଽଧ୍ୟାୟ ।

●

(କ) ମଗଧଦେଶରେ ଗୋଟିଏ ଅନ୍ୟ ପ୍ରକାରର ଲଙ୍ଗଳ ଦ୍ୱାରା ଚାଷ କରାଯାଇଥାଏ । କୃଷକ ଏହି ଲଙ୍ଗଳର ପଛରେ ହାତକୁ ଚାପି ରଖିଥାଏ । ଏହା ପଛରେ ଗୋଟିଏ ଲମ୍ବା ବାଉଁଶର ତୁଙ୍ଗା ରହିଥାଏ । ବିହନ ଏହି ତୁଙ୍ଗା ଭିତରକୁ ଫିଙ୍ଗି ହଳ ଚଳାଇବା ବେଳେ ଲଙ୍ଗଳ ଠିକ୍ ଯେଉଁ ଅଂଶରେ ମାଟି ଖୋଳି ଖୋଳି ଯାଏ, ସେହି ସିଆରରେ ମଞ୍ଜି ବୁଣି ବୁଣି ହୋଇ ଚାଲିଥାଏ । ତେଣୁ ଧାଡ଼ି ଧାଡ଼ି ହୋଇ ଗଛ ହୁଏ ଏବଂ ଭାରି ସୁନ୍ଦର ଦେଖାଯାଏ । ଜ୍ଞାନଦେବ ତାଙ୍କ ବଡ଼ଭାଇ ତଥା ଗୁରୁ ନିବୃତ୍ତି ଦେବଙ୍କୁ କୃଷକ ଭାବରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେ କିପରି ଜ୍ଞାନବୀଜ ବୁଣିଯାଇଛନ୍ତି, ତାହା ଦର୍ଶାଇଛନ୍ତି । ଜ୍ଞାନଦେବ ହେଉଛନ୍ତି ଲଙ୍ଗଳ ପଛରେ ବନ୍ଧା ହୋଇଥିବା ବାଉଁଶର ତୁଙ୍ଗା ତଥା ଗୁରୁଦେବଙ୍କ ଜ୍ଞାନବୀଜ ବପନର ଯନ୍ତ୍ର ।

ଜ୍ଞାନ-ବିଜ୍ଞାନ ଯୋଗ

ସପ୍ତମ ଅଧ୍ୟାୟ

ଶ୍ରୀଭଗବାନ ଉବାଚ

ମଯ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍‌ମଦାଶ୍ରୟଃ ।
ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ॥୧॥
ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।
ଯଜ୍‌ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍‌ଜ୍ଞାତବ୍ୟମବଶିଷ୍ୟତେ ॥୨॥

ତାପରେ ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ବର୍ତ୍ତମାନ ତୁମେ ଯୋଗଯୁକ୍ତ । ତୁମକୁ ଏଥର ବିଜ୍ଞାନ ସହିତ ଜ୍ଞାନ ଉପଦେଶ କରୁଛି । ତଦ୍ୱାରା ତୁମେ ସର୍ବବ୍ୟାପୀ ମତେ କରତଳଗତ ରତ୍ନ ଭଳି ଅନାୟାସରେ ଜାଣିବାକୁ ସମର୍ଥ ହୋଇପାରିବ । ବିଜ୍ଞାନ ହେଉଚି ସଂସାର । ଜ୍ଞାନ ହେଉଚି ବ୍ରହ୍ମ । ତୁମେ କହିପାର ଯେ, ବିଜ୍ଞାନ ବା ସଂସାର ସଂପର୍କରେ ଜାଣିବା କି ଦରକାର ? କିନ୍ତୁ ଏପରି ବୁଝିବା ଠିକ୍ ନୁହେଁ । ପ୍ରଥମେ ବିଜ୍ଞାନକୁ ଜାଣିବା ଆବଶ୍ୟକ । କାରଣ ସଂସାର ସଂପର୍କରେ ଜ୍ଞାନ ସଂପୂର୍ଣ୍ଣ ହେବାପରେ ଏହି ଜ୍ଞାନର ଆଖିପତା ଆପେ ଆପେ ପଡ଼ିଯାଏ । ନୌକା କୂଳରେ ଲାଗିଯିବା ପରେ ଆଉ ଅଗ୍ରସର ହୁଏନା । ସେହିଭଳି ଜ୍ଞାନ ସ୍ଥିର ହୋଇଆସେ । ସର୍ବୋଚ୍ଚଜ୍ଞାନ ବା ବ୍ରହ୍ମଜ୍ଞାନ ତାକୁହିଁ କୁହାଯାଏ, ଯେଉଁଥିରେ ଆଉ ଅଧିକ ଜାଣିବା ପାଇଁ କୌତୂହଳ ବା ଆଗ୍ରହର ଅବକାଶ ନଥାଏ । ଯୁକ୍ତିର ଗତି ବନ୍ଦ ହୋଇ ଆସେ । କଳ୍ପନାର ମଧ୍ୟ ଅବକାଶ ନଥାଏ । କିନ୍ତୁ ଯେଉଁଥିରେ କୌତୂହଳ, ଆଗ୍ରହ, ଯୁକ୍ତି ତଥା କଳ୍ପନା ରହିଥାଏ ତାହା ହେଉଚି ସାଂସାରିକ ଜ୍ଞାନ ବା ବିଜ୍ଞାନ । ସାଂସାରିକ ଜ୍ଞାନ ବା ପ୍ରପଞ୍ଚ ହିଁ ସତ୍ୟ – ଏହି କଳ୍ପନା ହିଁ ଅଜ୍ଞାନ । ଯିଏ ପ୍ରକୃତ ଜ୍ଞାନବାନ, ସେ କହିବା ପାଇଁ କିମ୍ବା ଶୁଣିବା ପାଇଁ ଆଗ୍ରହୀ ନୁହଁ । କାରଣ ତାର ସମସ୍ତ ଅଜ୍ଞାନ ଚାଲିଯାଇଥାଏ ।

ଛୋଟବଡ଼ ଭେଦଭାବ ନଥାଏ । ମୁଁ ବର୍ତ୍ତମାନ ସେହି ଗୂଢ଼କଥା ଓ ମୂଲ୍ୟବାନ ନୀତିକଥା ବର୍ଣ୍ଣନା କରିବି । ଏହି ଗୂଢ଼ରହସ୍ୟ ସଂପର୍କରେ ଅଳ୍ପ ଜ୍ଞାନ ହେଲେ ମଧ୍ୟ ମନର ବହୁ ସନ୍ଦେହମୋଚନ ହୋଇଯାଇ ପାରିବ ।

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ ଯତତି ସିଦ୍ଧୟେ ।
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂବେତ୍ତିତତ୍ତ୍ୱତଃ ॥୩॥

କୋଟି କୋଟି ଲୋକଙ୍କ ମଧ୍ୟରୁ ମୁଷ୍ଟିମେୟ କେତେଜଣ ଏହି ପ୍ରକୃତଜ୍ଞାନ ବିଷୟରେ ଜାଣିବା ଲାଗି ଆଗ୍ରହୀ ହୋଇ ଥାଆନ୍ତି । ସେମାନଙ୍କମଧ୍ୟରେ ଜ୍ଞାନସିଦ୍ଧ ବ୍ୟକ୍ତି ବିରଳ ।ସୈନ୍ୟବାହିନୀରେ ବହୁ ଲୋକଙ୍କୁ ବାଛି ବାଛି ନିଯୁକ୍ତ କରାଯାଇଥାଏ । ଯୁଦ୍ଧରେ ସେମାନଙ୍କ ମଧ୍ୟରୁ ଅନେକ ମରନ୍ତି, ଅନେକ ଆହତ ହୁଅନ୍ତି । ମାତ୍ର ବୀରପୁରୁଷ ଭାବରେ କେବଳ ଜଣେ ବ୍ୟକ୍ତି 'ବିଜୟୀ ବୀରପୁରୁଷ' ନାମରେ ପ୍ରଶଂସାର ମୁକୁଟ ପିନ୍ଧେ । ସେହିଭଳି କୋଟି କୋଟି ଲୋକ ଶ୍ରଦ୍ଧା-ରୂପକ ନଦୀ ସ୍ରୋତରେ ସନ୍ତରଣ କରିଥାଆନ୍ତି, କିନ୍ତୁ ''ପ୍ରାପ୍ତି'' ରୂପକ ତୀରଦେଶରେ ଜଣେ ଦୁଇଜଣ ପହଞ୍ଚି ଥାଆନ୍ତି । ତେଣୁ ଏହି 'ପ୍ରାପ୍ତି' ସାମାନ୍ୟ ନୁହେଁ, ଏହାକୁ ପାଇବା ପାଇଁ ଅବିରତ ଶ୍ରଦ୍ଧା ଆବଶ୍ୟକ । ଏକଥା ପରେ ବର୍ଣ୍ଣନା କରିବି । ଏବେ ଅନ୍ୟ କଥା ଶୁଣ ।

ଭୂମିରାପୋଽନଳୋ ବାୟୁଃ ଖଂ ମନୋବୁଦ୍ଧିରେବ ଚ ।
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ॥୪॥

ହେ ଧନଞ୍ଜୟ ! ବିଭିନ୍ନ ଉପାଦାନକୁ ନେଇ ମୋ ମାୟା । ଏହା ଶରୀରର ଛାୟାଭଳି ପ୍ରତିବିମ୍ବିତ । ଏହି ମାୟାହିଁ ପ୍ରକୃତି । ଏହା ଆଠ ପ୍ରକାରର । ଯଥା— ଜଳ, ତେଜ, ଆକାଶ, ପୃଥିବୀ ବାୟୁ, ମନ, ବୁଦ୍ଧି, ଓ ଅହଂକାର । ଏହିଥିରୁ ଜଗତର ସମସ୍ତ ସୃଷ୍ଟି ।

ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।
ଜୀବଭୂତାଂ ମହାବାହୋ ! ଯୟେଦଂ ଧାର୍ଯ୍ୟତେ ଜଗତ୍ ॥୫॥

ଏହି ଆଠଟିର ଐକ୍ୟାବସ୍ଥା ହେଉଚି ମୋର ଶ୍ରେଷ୍ଠ ବା ପରମପ୍ରକୃତି । ଏହାକୁ ''ଜୀବ'' କୁହାଯାଏ । ଏହା ଅଚେତନ ଶରୀରକୁ ସଚେତନ କରାଏ ।

ଶରୀରରେ ଗତି ଉତ୍ପନ୍ନ କରାଏ । ଏହା ମନରେ ଦୁଃଖ, ଭ୍ରମ ସୃଷ୍ଟି କରାଏ । ଶୋକ ଓ ମୋହର କଳ୍ପନା ମଧ୍ୟ ଏହି ପ୍ରକୃତିରୁ ଉଦ୍‌ଭୂତ । ବୁଦ୍ଧିକୁ ଜାଣିବା ଲାଗି ଯେଉଁ ଶକ୍ତି ଆବଶ୍ୟକ, ତାହା ଏହି ପ୍ରକୃତିର ସାନ୍ନିଧ୍ୟବଶତଃ ଆସିଥାଏ । 'ମୁଁ' ବା ଅହଂକାର ଭାବ ସହିତ ଏହା ସଂସାରରେ ଆତଯାତ କରେ । ଏହି ଅହଂକାର ଭାବର ପ୍ରକ୍ରିୟାରୁ ହିଁ ଜୀବର ସୃଷ୍ଟି ।

ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍‌ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।।୬।।

ସେହି ସୂକ୍ଷ୍ମ ପ୍ରକୃତି ଯେତେବେଳେ ମୋ ଲୀଳାଦ୍ୱାରା ସ୍ଥୂଳ ପ୍ରକୃତି ସହିତ ସଂଯୁକ୍ତ ହୁଏ, ସେତେବେଳେ ଜୀବ ସୃଷ୍ଟିର କାର୍ଯ୍ୟ ଆରମ୍ଭ ହୁଏ । ଚାରି ପ୍ରକାରର ଛାଞ୍ଚ ରହିଛି । ଏହି ଛାଞ୍ଚ ମାଧ୍ୟମରେ ଚଉରାଶି (୮୪) ଲକ୍ଷ ଜୀବଯୋନି ସୃଷ୍ଟି ହୋଇଥାଏ । ଏମାନଙ୍କ ଜାତି ପୃଥକ୍ ପୃଥକ । ବିଭିନ୍ନ ଶ୍ରେଣୀର ଜୀବ ମଧ୍ୟରେ ମଧ୍ୟ ଅଗଣିତ ବିଭାଗ ରହିଛି । ଏହା ଏତେ ସଂଖ୍ୟକ ଯେ ଆକାଶଠାରୁ ଅନ୍ତର୍ଭୁବନ ପର୍ଯ୍ୟନ୍ତ ଅଣୁ ପରମାଣୁ ଧରି ବିଛେଇ ହୋଇ ପଡ଼ିଛି । ମୁଦ୍ରାଶାଳାର ନିୟନ୍ତ୍ରଣକାରୀ ଯେପରି ଭଲ ଓ ଖରାପ ମୁଦ୍ରାର ହିସାବ ରଖିଥାଏ, ସେହିଭଳି ପ୍ରକୃତି ଏହି ଜୀବମାନଙ୍କର ଭଲ ଓ ମନ୍ଦ କାର୍ଯ୍ୟର ହିସାବ ରଖେ । ମୁଦ୍ରାଶାଳାର ନିୟନ୍ତ୍ରଣକାରୀ ମୁଦ୍ରା ଉପରେ ଚିହ୍ନ ଦେଇ ଏହାର ପ୍ରସାର ପାଇଁ ବାହାରକୁ ଛାଡ଼ିଥାଏ ଏବଂ ପରିଶେଷରେ ମୁଦ୍ରାଗୁଡ଼ିକୁ ଆଣି ପୁଣି ତରଳେଇ ନୂଆମୁଦ୍ରା ତିଆରି କରିଥାଏ । ଯେହେତୁ ସେ ମୁଦ୍ରାକୁ ତରଳ କରାଇଥାଏ, ସେହେତୁ ସେ ସେପରି କର୍ମ ଓ ଅକର୍ମର ଅଧିକାରୀ । ପ୍ରକୃତି ବା ମାୟାର କାର୍ଯ୍ୟ ମଧ୍ୟ ଠିକ୍ ଏହିଭଳି । ସରଳାର୍ଥ ହେଉଚି— ନାମ ଓ ରୂପର ବିସ୍ତାର ଏହି ପ୍ରକୃତି ହିଁ କରିଥାଏ । ପ୍ରକୃତି ମୋଠାରେ ସମରସ ହୋଇ ରହିଥାଏ । ତେଣୁ ମୁଁ ହେଉଚି ଜଗତର ଆରମ୍ଭ, ମଧ୍ୟ ଓ ଅନ୍ତ ।

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ !
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ।।୭।।

ମରୀଚିକାର ମୂଳକୁ ଖୋଜି ବସିଲେ ଜଣାପଡ଼େ ପ୍ରକୃତରେ କେବଳ କିରଣ ନୁହେଁ ସୂର୍ଯ୍ୟ ହିଁ ଏହାର ମୂଳ । ସୂର୍ଯ୍ୟ ଥିବାରୁ କିରଣ, କିରଣରୁ ମରିଚିକା ।

ସେହିଭଳି ପ୍ରକୃତିର ମୂଳ ହେଉଚି ମୁଁ । ଜଗତରୁ ପ୍ରକୃତିକୁ ବାଦଦେଲେ କେବଳ ରହିବି ମୁଁ । ଧର ଏକ ମଣିମୁକ୍ତାର ମାଳା । ଏହି ମଣିମୁକ୍ତାକୁ ଧରି ରଖିଚି ସୂତା । ସେହିଭଳି ଏହି ଜୀବଜଗତକୁ ଧରି ରଖିଚି ମୁଁ । ତେଣୁ ଉତ୍ପତ୍ତି, ଦୃଶ୍ୟ, ଅଦୃଶ୍ୟ ଏବଂ ସେଗୁଡ଼ିକର ବିଲୟ ସବୁ ମୋ ଭିତରେ ହିଁ ଚାଲିଛି । ସ୍ୱର୍ଣ୍ଣ ଅଳଙ୍କାରକୁ ସ୍ୱର୍ଣ୍ଣସୂତ୍ରରେ ଗୁନ୍ଥିଲେ ଯେପରି ହୁଏ, ସେହିଭଳି ମୁଁ ବିଶ୍ୱସ୍ତ ଅନ୍ତର ଓ ବାହାର ଉଭୟକୁ ଧାରଣ କରିଛି ।

ରସୋଽହମପ୍‌ସୁ କୌନ୍ତେୟ ! ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।
ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥୮॥
ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।
ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ॥୯॥

ଜଳ ମଧ୍ୟରେ ଯେଉଁ ରସ (ତରଳତା), ପବନରେ ଯେଉଁ ସ୍ପର୍ଶ, ଚନ୍ଦ୍ର ଓ ସୂର୍ଯ୍ୟରେ ଯେଉଁ ପ୍ରକାଶ ସେ ହେଉଚି ମୁଁ । ପୃଥିବୀ ମଧ୍ୟରେ ମୁଁ ହେଉଚି ଶୁଦ୍ଧ ସୁଗନ୍ଧ । ଗଗନର ଶବ୍ଦ ଓ ବେଦର ପ୍ରଣବ ଓଁକାର ହେଉଚି ମୁଁ । ମାନବର ମାନବତ୍ୱ, ଅହଂକାରୀର ବଳ (ପୌରୁଷ) ଓ ପରାକ୍ରମ ମୁଁ । ମୁଁ ନିଜର ଯଥାର୍ଥ ସ୍ୱରୂପ କହିଛି । ତେଜରେ ଅଗ୍ନି ନାମକ ଯେଉଁ ଆବରଣ ଅଛି, ତାକୁ ପୃଥକ୍ କଲେ ତେଜର ଯେଉଁ ସ୍ୱରୂପ ବାହାରି ଆସେ, ତାହା ହେଉଛି ମୁଁ । ନାନାବିଧ ଯୋନିରେ ଜନ୍ମଗ୍ରହଣ କରି ପ୍ରାଣୀ ନିଜର ଜୀବିକା ନିର୍ବାହ ଲାଗି ନାନା କର୍ମ କରିଥାଏ । ଅର୍ଥାତ୍ କେହି ବାୟୁସେବନ କରିଥାଏ, କେହି ତୃଣ ବା ଘାସଖାଇ ଜୀବନ ଧାରଣ କରିଥାଏ । ଏହିଭଳି ପ୍ରତ୍ୟେକ ପ୍ରାଣୀର ପ୍ରକୃତିବଶତଃ ଯେଉଁ ପୃଥକ୍ ପୃଥକ୍ ଜୀବନ ଦେଖାଯାଏ, ତା ଭିତରେ ଅଭିନ୍ନ ଭାବରେ ରହିଛି ମୁଁ ।

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।
ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ ॥୧୦॥
ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍ ।
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ॥୧୧॥

ଯିଏ ଉତ୍ପତ୍ତି ସମୟରୁ ହିଁ ଆକାଶର ଅଙ୍କୁର ହେଉ ହେଉ ବିସ୍ତୃତ, ଯିଏ ଶେଷରେ ଓଁକାରର ଅ, ଉ, ମ ଅକ୍ଷରକୁ ମଧ୍ୟ ବିଲୟ କରିଦିଏ, ବିଶ୍ୱର ଆକାର ଥିବା ପର୍ଯ୍ୟନ୍ତ ଯିଏ ବିଶ୍ୱାକାରରେ ପରିଦୃଷ୍ଟ, ଯିଏ ମହାପ୍ରଳୟ ସମୟରେ ଉପରୁ ଦେଖିଲେ ନଷ୍ଟ ହେଲାଭଳି ଦେଖାଯାଏ, କିନ୍ତୁ ବାସ୍ତବରେ ନଷ୍ଟ ହୋଇ ନପାରେ, ସେ ସ୍ୱୟଂସିଦ୍ଧ ଅନାଦି ବିଶ୍ୱବୀଜ ହେଉଚି ମୁଁ । ସେହି ଗୂଢ଼ଜ୍ଞାନକୁ ମୁଁ ତୁମଲାଗି ସୁଲଭ କରି ଦେଉଚି । ହେ ପାଣ୍ଡବ, ଯେତେବେଳେ ତୁମେ ଏହାକୁ ଖୋଲି ଖୋଲିକା ଆମ୍ବାନାମ୍ବା ପୁରୀକୁ ନେଇଯିବ, ସେତେବେଳେ ଯାଇ ଏହାର ଉପଯୋଗିତାକୁ ଉପଲବ୍ଧି କରିପାରିବ । ତପସ୍ୱୀର ତପ, ବଳବାନର ବଳ, ବୁଦ୍ଧିମାନର ଅନାବିଳ ବୁଦ୍ଧି ହେଉଚି ମୁଁ । ପ୍ରାଣୀମାନଙ୍କର ଯେଉଁ କାମଦ୍ୱାରା ଅର୍ଥଲାଭ ଓ ଶ୍ରେଷ୍ଠ ଧର୍ମସାଧନ ହୋଇଥାଏ, ତାହା ମଧ୍ୟ ମୁଁ ।

ଇନ୍ଦ୍ରିୟର ପ୍ରକୃତି ଓ ପ୍ରବୃତ୍ତିର ତାଡ଼ନାରେ ଧର୍ମବିରୋଧୀ ବିକାର ଉତ୍ପନ୍ନ ହେଲେ ମଧ୍ୟ ଯୋଗୀ ନିଷିଦ୍ଧ ବଙ୍କାପଥ ଛାଡ଼ି ବିଧିବଦ୍ଧ ପଥରେ ନିୟମର ମଶାଲ ଧରି ଚାଲେ । ଆତ୍ମସଂଯମରୂପକ ଜ୍ୱଳନ୍ତ ମଶାଲ ଯାହା ହାତରେ, ସେ କାମନା-ପାପ-ରୂପକ ବଙ୍କିମ ପଥରେ ଗଲେ ମଧ୍ୟ ବିଧିବଦ୍ଧ ଭାବରେ ଚାଲିଥାଏ । ତେଣୁ ସାଂସାରିକ ଜୀବନଯାପନ କରୁଥିବା ଲୋକେ ମଧ୍ୟ ମୋକ୍ଷର ଉପାୟ ଲାଭ କରିଥାଆନ୍ତି । ଯେଉଁ ଯେଉଁ କାମକଲେ ମୋକ୍ଷପ୍ରାପ୍ତି ସମ୍ଭବ ଏବଂ ଏଥିଲାଗି ବେଦରେ ଯେଉଁ ସବୁ ରାସ୍ତାଦେଖାଇ ଦିଆଯାଇଛି, ସେହି ରାସ୍ତାରେ ଯିବାପାଇଁ କାମନା, ବଢ଼ିବଢ଼ି ଚାଲେ । ସେମାନେ ନିୟମାନୁବଦ୍ଧ କାମ ଲାଗି ବ୍ୟଗ୍ର ହୋଇଥାଆନ୍ତି । ଏହି କାମ ହେଉଚି ପ୍ରାଣୀର ବୀଜରୂପ ଏବଂ କାମ ହେଉଚି ମୁଁ । ପୃଥିବୀର ସବୁକିଛିର ମୂଳ ହେଉଚି ମୁଁ ।

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁତେ ମୟି ॥୧୨॥

ସତ୍ତ୍ୱ, ରାଜସ ଓ ତାମସ ଏହି ତିନୋଟିଯାକ ଗୁଣ ବା ଭାବ ମୋଠାରୁ ହିଁ ଉତ୍ପନ୍ନ । ଏସବୁ ମୋଠାରୁ ଉତ୍ପନ୍ନ ହୋଇଥିଲେ ମଧ୍ୟ ମୁଁ ଏମାନଙ୍କ ଭିତରେ ନଥାଏ, ଯେପରିକି ଦେହରେ ଜାଗୃତି ନଥାଏ କିମ୍ବା ଜାଗୃତି ଦେହରେ ସ୍ୱପ୍ନ

ନଥାଏ । ଗଛ ଅଙ୍କୁର ଅବସ୍ଥାରେ ଥିବାବେଳେ କୋମଳ ଥାଏ, କିନ୍ତୁ ଏହି କୋମଳତାରୁହିଁ ଗଛ ବଢ଼ି ବଢ଼ି ବିରାଟ ଦ୍ରୁମ ହୁଏ । ଦ୍ରୁମ ଅବସ୍ଥାରେ ପୂର୍ବର କୋମଳତା ଆଉ ନଥାଏ । ଏହି ଗଛ ମଞ୍ଜି ଅବସ୍ଥାରେ ଘନରସ ପରିପୂର୍ଣ୍ଣ ଥାଏ । କିନ୍ତୁ କାଠଦେହରେ କଣ ସେ ବୀଜତ୍ୱ ରହିଥାଏ କି ? ସେହିଭଳି ମୁଁ ସର୍ବ ବିଦ୍ୟମାନ ହୋଇଥିଲେ ମଧ୍ୟ ମୋର କୌଣସି ଗୁଣ ନାହିଁ ମୁଁ ନିର୍ଗୁଣ । ମୁଁ ବାହାରକୁ ହୁଏତ ବିକୃତ ଦେଖାଯାଇପାରେ, କିନ୍ତୁ ମୁଁ ଆଦୌ ବିକୃତ ନୁହେଁ । ଆକାଶରେ ମେଘ ଉତ୍ପନ୍ନ ହୁଏ, କିନ୍ତୁ ମେଘରେ ଆକାଶ ନଥାଏ । ମେଘରୁ ଯେଉଁ ଜଳ ଉତ୍ପନ୍ନ ହୁଏ, ସେ ଜଳରେ ମେଘ ନଥାଏ । ମେଘର ଘର୍ଷଣରେ ଯେଉଁ ଆଲୋକ ବା ବିଦ୍ୟୁତ୍ ଉତ୍ପନ୍ନ ହୁଏ, ସେ ବିଦ୍ୟୁତରେ କ'ଣ ମେଘ କିମ୍ବା ଜଳଥାଏ ? ଅଗ୍ନିରୁ ଧୂଆଁ ବାହାରେ କିନ୍ତୁ ଧୂଆଁରୁ ଅଗ୍ନି ବାହାରେନା । ସେହିଭଳି ସବୁ ଗୁଣ ମୋଠାରୁ ଉତ୍ପନ୍ନ କିନ୍ତୁ ମୁଁ କୌଣସି ଗୁଣରେ ନଥାଏ । ତେଣୁ ସଗୁଣ ଭିତରେ ମୁଁ ନିର୍ଗୁଣ । ସାକାର ଭିତରେ ନିରାକାର ।

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥୧୩॥

ଜଳ ଉପରେ ଉତ୍ପନ୍ନ ଶୈବାଳ କିମ୍ବା ଦଳ ଜଳକୁ ଘୋଡ଼େଇ ପକାଏ । ଆକାଶକୁ ମଧ୍ୟ ମେଘ ଆଚ୍ଛନ୍ନ କରିପକାଏ । ସ୍ୱପ୍ନ ମିଥ୍ୟା ତଥାପି ନିଦ୍ରା ଅବସ୍ଥାରେ ସ୍ୱପ୍ନ ଦେଖିଲାବେଳେ ସ୍ୱପ୍ନଦ୍ରଷ୍ଟା ମନୁଷ୍ୟର ନିଜସ୍ୱ ରୂପ ସମ୍ପର୍କରେ ସ୍ମରଣ ରହେନାହିଁ । ସ୍ୱପ୍ନ ମଣିଷର ନିଜ ସତ୍ତାକୁ ମଧ୍ୟ ଘୋଡ଼େଇ ଦିଏ । ସେହିଭଳି ଅବାସ୍ତବତା ବାସ୍ତବତାକୁ ଘୋଡ଼େଇ ଦେଇଥାଏ । ଆଖିରେ ପୋଡ଼ାଜଳା ହୋଇ ଲୁହ ବାହାରିଲେ ଆଖିକୁ ସ୍ପଷ୍ଟ ଦେଖାଯାଏ ନାହିଁ । ସେହିଭଳି ମୁଁ ମୋର ତ୍ରିଗୁଣାତ୍ମକ ମାୟାଦ୍ୱାରା ନିଜକୁ ଯବନିକା ଭଳି ଘୋଡ଼େଇ ରଖିଥାଏ । ଏହା ମୋର ଛାଇଭଳି । ସେଥିଲାଗି ଜୀବଜଗତ ମୋ ଭିତରେ ଥାଇ ଏବଂ ମୁଁ ସେମାନଙ୍କ ଭିତରେ ଥାଇ ସୁଦ୍ଧା ମତେ ଚିହ୍ନି ପାରନ୍ତି ନାହିଁ । ମୁକ୍ତା ଜଳ ଭିତରୁ ଉତ୍ପନ୍ନ ହେଲେ ମଧ୍ୟ ଚାହିଁଲେ ସେ ଜଳହୋଇଯାଇ ପାରିବ

ନାହିଁ । ତେଣୁ ଜୀବମୋର ହେଲେ ମଧ୍ୟ ମୋଭଳି ହୋଇପାରିବ ନାହିଁ । ମାଟିର ଘଟ କଞ୍ଚା ଥିବା ଅବସ୍ଥାରେ ଦଳାଦଳି କରିଦେଲେ ପୁଣି ଯେଉଁ ମେଞ୍ଚାଏ ମାଟି ସେହି ମେଞ୍ଚାଏ ମାଟି ହୋଇଯାଇପାରେ, କିନ୍ତୁ ଏଇ କଞ୍ଚାମାଟିର ଘଟକୁ ଶାଳରେ ପୋଡ଼ିଦେଲେ ଏହାର ଆକାର ମାଟିଠାରୁ ଅନ୍ୟପ୍ରକାର ହୋଇଯାଏ । ସେହିଭଳି ପ୍ରାଣୀମାନେ ମୋ ଅବୟବର ଅଂଶବିଶେଷ ହେଲେ ମଧ ମୋର ଅସାଧାରଣ ମାୟା (ବିବର୍ତ୍ତନଶୀଳତା) ଫଳରେ ଅଲଗା ଭାବରେ ଜୀବଦଶା ଭୋଗ କରିଥାଆନ୍ତି । ସେମାନେ ମୋର, କିନ୍ତୁ ମୋର ସ୍ୱରୂପ ନୁହନ୍ତି । ମୁଁ ସେମାନଙ୍କର, କିନ୍ତୁ ମତେ ସେମାନେ ଚିହ୍ନି ପାରନ୍ତି ନାହିଁ । 'ମୁଁ ହେଉଚି ମୋର', 'ଇଏ ମୋର ବାପ, ମାଆ, ସ୍ତ୍ରୀ' କହି କହି, ଭାବି ଭାବି ସେମାନେ ଭ୍ରମରେ ଭ୍ରମଣ କରନ୍ତି । ନାନା କାମନା ଓ ଆସକ୍ତି ଯୋଗୁଁ ସେମାନେ ଆଖି ଥାଇ ମଧ ଅନ୍ଧ ।

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥୧୪॥

ହେ ଧନଞ୍ଜୟ ! ମୋର ତ୍ରିଗୁଣମୟୀ ଜଟିଳ କୁଟିଳ ମାୟା ଜାଲକୁ ଛିନ୍ନ କରି ତୁମର କିପରି ଆତ୍ମୋପଲବ୍ଧି ହୋଇପାରିବ, କିପରି ମୋର ସ୍ୱରୂପ ଲାଭ କରିପାରିବ, ସେ ସମ୍ପର୍କରେ କେତେକ ଉପାୟ ବର୍ଣ୍ଣନା କରୁଛି ଶୁଣ । ମାୟା ହେଉଚି ଏକ ନଦୀ । ବ୍ରହ୍ମସ୍ୱରୂପ ହେଉଛି ଏକ ପର୍ବତ । ନଦୀ ଗିରିକନ୍ଦର ଭେଦ କରି ପ୍ରବାହିତ ହେଲାବେଳେ ଏହା ଥାଏ ଶୀର୍ଣ୍ଣକାୟ । କ୍ରମଶଃ ଏହାର କଳେବରର ବୃଦ୍ଧି ଘଟେ । ଏକ ବିରାଟ ନଦୀରେ ପରିଣତ ହୁଏ । ଏହା ଦୁଇ ତଟଦେଶକୁ ପ୍ଲାବିତ କରେ । ସେହିଭଳି ମାୟା ଓ ବ୍ରହ୍ମ । ମାୟା ବ୍ରହ୍ମ ଦେହରୁ ନିର୍ଗତ ହୋଇଥାଏ । ପ୍ରଥମେ ସଂକଳ୍ପରୂପକ ସ୍ରୋତ ଶୀର୍ଣ୍ଣାକାରରେ ପ୍ରବାହିତ ହୁଏ । ତାପରେ ସୃଷ୍ଟିରୂପକ ପ୍ରବାହରେ ଏହା ବିସ୍ତାରିତ ହୁଏ । କାଳଗତିର ବେଗରେ ପ୍ରବୃତ୍ତି ଓ ନିବୃତ୍ତି ନାମକ ଦୁଇ ତଟଦେଶକୁ ଏହା ପ୍ଲାବିତ କରେ । ତ୍ରିଗୁଣରୂପକ ମେଘର ବର୍ଷଣରେ ମୋହରୂପକ ବନ୍ୟା ସୃଷ୍ଟି ହୁଏ । ଏଥିରେ ତଟ ଦେଶରେ ଥିବା ଯମ-ନିୟମ-ରୂପକ ପୁର ପଲ୍ଲୀ ଆଦି ଭାସିଯାଏ । ଏ

ନଦୀ କମ୍ ନୁହେଁ । ଏହା ଭିତରେ ରହିଛି ଦ୍ୱେଷରୂପକ ଆବର୍ତ୍ତ, ମାତ୍ସର୍ଯ୍ୟରୂପକ ବାଙ୍କ ଏବଂ ପ୍ରମାଦରୂପକ ଭୟଙ୍କର ମତ୍ସ୍ୟ ଓ କୁମ୍ଭୀରାଦି । ତାଛଡ଼ା କର୍ମ ଅକର୍ମ ଆଦି ପ୍ରଖର ସ୍ରୋତ ଓ ସୁଖ ଦୁଃଖର ତରଙ୍ଗ । ରତିରୂପକ ଶିଳା ଦେହରେ କାମନାର ତରଙ୍ଗ ବାଡ଼େଇ ହେବାରେ ଏହାର ସଂଘର୍ଷ ଭିତରୁ ଦେଖାଦିଏ ଜୀବରୂପକ ଫେଣ । ସମୟେ ସମୟେ ଅହଂକାରର ପ୍ରବାହରେ ଧନ-ସମ୍ପତ୍ତି, ବିଦ୍ୟା ଓ ସାମର୍ଥ୍ୟରୂପକ ତିନୋଟି ତୋଫାନ ଦେଖାଦିଏ । ସେଥିରେ ବିଷୟ-ତରଙ୍ଗ ଉତ୍ତାଳ ହୋଇ ଉଠେ । ଜଳ ପ୍ରବାହର ପ୍ରଖରତାରୁ ବୁଦବୁଦ ଜାତ ହୋଇ କ୍ଷଣିକରେ କୁଆଡ଼େ ଉଭେଇଯିବା ଭଳି ମଣିଷର ଜନ୍ମ ଓ ମୃତ୍ୟୁ ଘଟେ । ସେହି ନଦୀରେ ସମ୍ମୋହ ଓ ବିଭ୍ରମରୂପକ ମାଛ, ଧୈର୍ଯ୍ୟରୂପକ ବନସିର କେଞ୍ଚୁଆକୁ ଗିଳିପକାଏ । ଏହି ମାୟାରୂପିଣୀ ନଦୀରେ ଅଜ୍ଞାନରୂପକ ବେଙ୍ଗମାନଙ୍କ ରଡ଼ି ଶୁଣାଯାଇଥାଏ । ଏହାର ତଟଦେଶରେ ଭ୍ରାନ୍ତିମୟ ଅପରିଚ୍ଛନ୍ନ ଜଳରେ ଛୋଟ ବଡ଼ ଗାଡ଼ିଆ ସବୁ ରହିଥାଏ । ଏହା ଆଶ୍ରା ରୂପକ କାଦୁଅରେ ପରିପୂର୍ଣ୍ଣ । ତାରି ଭିତରେ ରହି ରଜଗୁଣରୂପକ ମଣ୍ଡୁକ ଗର୍ଜି ଉଠନ୍ତି— ସେମାନଙ୍କ କାମନା ସ୍ୱର୍ଗଭୋଗ । ଏହି ନଦୀ ଭିତରେ ତାମସିକ ଗୁଣର ପ୍ରବାହ ମଧ୍ୟ ଚାଲେ । ଏହି ନଦୀରୁ ମଧ୍ୟ ସତ୍ତ୍ୱରୂପକ ନିଶ୍ଚଳ ଏକ ବିରାଟ ସରୋବର ସୃଷ୍ଟି ହୋଇଥାଏ । ଆଉ ଅଧିକ କ'ଣ କହିବି ? ଏହି ମାୟାନଦୀ ବଡ଼ ଦୁସ୍ତର । ଏହାର ଜନ୍ମ ମରଣର ଛୁଆରର ବାରମ୍ବାର ଆଘାତରେ ସତ୍ୟଲୋକର ପ୍ରସ୍ତର ମଧ୍ୟ ଚୂନା ହୋଇ ବାଲିରେ ପରିଣତ ହୋଇଥାଏ । ବ୍ରହ୍ମାଣ୍ଡରୂପକ କଠିନ ଓ ବିରାଟ ପଥର ଭାଙ୍ଗି ଚୂନା ହୋଇଥାଏ । ଏହି ଜଳ ପ୍ରବାହର ସ୍ଥିରତା ଏପର୍ଯ୍ୟନ୍ତ ଆସିପାରିନାହିଁ । ଏ ପ୍ରକାରର ପ୍ରକାଣ୍ଡକାୟ ମାୟାନଦୀକୁ ପାର ହେବ କିଏ ?

କେହି କେହି ବେଦରୂପକ ନୌକାରେ ବସି ମାୟାନଦୀକୁ ପାର ହେବାପାଇଁ ଚେଷ୍ଟା କରିଥାଆନ୍ତି । କିନ୍ତୁ ଠିକ୍ ମଝି ନଦୀରେ ଅହଂଭାବରୂପକ ଶିଳା ଦେହରେ ବାଡ଼େଇ ହୋଇ ଗର୍ବ ଖର୍ବ ହୋଇଯାଏ । କେହି କେହି ଧନବାହୁଲ୍ୟ ସାହାଯ୍ୟରେ ମଦନର ସେବା କରିଥାଆନ୍ତି, ଫଳରେ ବିଷୟ-ରୂପକ ମଗର ତାକୁ ଚୋବେଇ ଚିକିନିଖି କରିପକାଏ । ସେ ବାର୍ଦ୍ଧକ୍ୟ-ତରଙ୍ଗର ମତିଭ୍ରମ-ରୂପକ ଜଳ ଭିତରେ ଚାରିଆଡୁ ଆବଦ୍ଧ ହୋଇ ଶୋକ-ଗହ୍ୱର ଭିତରେ ପଡ଼ିଯାଏ । କ୍ରୋଧର

ଆବର୍ତ୍ତରୁ ଉଠିବାମାତ୍ରେ ଉପରେ ଚାହିଁ ବସିଥିବା ଆପଦ-ଶାଗୁଣା ତାକୁ ଖୁମ୍ପି ପକାଏ । ଦୁଃଖମୟ ନର୍ଦ୍ଦମା ଭିତରେ ପଡ଼ି ଶେଷରେ ସେ ମୃତ୍ୟୁସୈକତରେ ଲୀନ ହୋଇଯାଏ । ଏହିଭଳି ଭାବରେ କାମନାର ସେବକ ମଣିଷର ଜୀବନ ବୃଥା ହୋଇଯାଏ ।କେହି କେହି ଭଜନ ପୂଜନ ପ୍ରକ୍ରିୟାର ଗଣ୍ଠିଳି ବାନ୍ଧି ବୁକୁ ଫୁଲେଇ ଯାଉ ଯାଉ ସ୍ୱର୍ଗସୁଖର ଦ୍ୱାର ଦେଶରେ ଆବଦ୍ଧ ହୋଇ ପଡ଼ନ୍ତି । କେହି କେହି ମୋକ୍ଷଲାଭ ଆଶାର ଧର୍ମଭେଳାକୁ ଭରସା କରି ବିଧିନିଷିଦ୍ଧ ଆବର୍ତ୍ତ ଭିତରେ ପଡ଼ିଥାଆନ୍ତି । ସେ ଏଭଳି ଏକ ଆବର୍ତ୍ତ ଯେ, ସେଠାରେ ବୈରାଗ୍ୟରୂପକ ନୌକା ମଧ୍ୟ ପ୍ରବେଶ କରି ପାରେନା— ବିବେକର ଦଉଡ଼ି ମଧ୍ୟ କୌଣସି କାମରେ ଲାଗି ପାରେନା । ଯୋଗଦ୍ୱାରା ଏହି ଆବର୍ତ୍ତ ଭିତରୁ ରକ୍ଷା ପାଇବାର ଅବଶ୍ୟ ଆଶା ଥାଏ, କିନ୍ତୁ ସେ ଆଶା କ୍ଷୀଣ । ଯଦି ଅପଥ୍ୟ ଖାଇ ବ୍ୟାଧିକୁ ବଶ କରାଯାଇପାରେ, ଦୁର୍ଜ୍ଜନର ବୁଦ୍ଧି ସାଧୁକୁ ବଶ କରି ଦେଇପାରେ, ବିଷୟାସକ୍ତ ମନୁଷ୍ୟ ପ୍ରାପ୍ତଧନକୁ ତ୍ୟାଗ କରି ଦେଇପାରେ, ଯଦି ନ୍ୟାୟସଭା ଚୋରକୁ ଭୟ କରେ ଏବଂ ବନ୍ସୀରେ ଲାଗିଥିବା କେଞ୍ଚୁଆ ମାଛକୁ ଗିଳି ଦେଇପାରେ, ଭୟ-କାତର ଲୋକ ପିଶାଚକୁ ହଟେଇ ଦେଇପାରେ, ହରିଣଶାବକ ଜାଲକୁ ଛିଣ୍ଡେଇ ପଳେଇ ଯାଇପାରେ, କାମାସକ୍ତ ପୁରୁଷ ସୁନ୍ଦରୀ ଯୁବତୀକୁ ଦେଖି ଆସକ୍ତ ନହୁଏ, ଛୋଟ ଏକ ପିମ୍ପୁଡ଼ି ମେରୁପର୍ବତକୁ ଲଙ୍ଘନ କରିପାରେ, ତାହାହେଲେ ଜୀବ ବା ମଣିଷ ମାୟାନଦୀକୁ ଲଙ୍ଘନ କରିପାରେ ବୋଲି କୁହାଯାଇ ପାରିବ । କେବଳ ଯେଉଁ ବ୍ୟକ୍ତି ସହଜ ଭାବରେ ଏବଂ ସରଳ ବିଶ୍ୱାସରେ ମତେ ଭଜନ କରେ, ସେହି ବ୍ୟକ୍ତିହିଁ ଏହି ମାୟାନଦୀକୁ ସହଜରେ ପାର ହୋଇପାରେ । ଏଥିଲାଗି ସଦ୍‌ଗୁରୁ ହିଁ ତାର ନାବିକ, ତାରକ । ନିଜ ଅନୁଭବକୁ ଅନୁସରଣ କରି ମନକୁ ଦୃଢ଼ ରଖିଲେ ଆତ୍ମ ନିବେଦନର ନୌକା ଆପେ ଆପେ ମିଳିଯାଏ । ସେ ସେତେବେଳେ ଅହଂଭାବର ବୋଝକୁ ପକେଇ ଦେଇ, ସଂଶୟରୂପକ ପ୍ରତିକୂଳ ତରଙ୍ଗକୁ ଲଙ୍ଘନ କରି, ଅନୁରାଗ ଓ ମମତାରୂପକ ଜଳପ୍ରବାହକୁ ପରିହାର କରି କୂଳରେ ଲାଗିଯାଇ ପାରେ । ଏକତାର ଆରକୂଳରେ ତାର ବୁଦ୍ଧିରୂପକ ନକ୍ଷତ୍ର ଦୃଷ୍ଟିଗୋଚର ହୁଏ । ସେହି ବୁଦ୍ଧି ଫଳରେ ସେ ନିବୃତ୍ତିର ଅପରକୂଳରେ ପହଞ୍ଚି ଯାଇପାରେ । ସେ ବୈରାଗ୍ୟରୂପକ ବାହୁବଳ ଏବଂ ସେହି ଭାବର ଶକ୍ତିଦ୍ୱାରା ଅଗ୍ରସର ହୁଏ । ଏହିଭଳି ଭାବରେ ଯିଏ ମତେ

ଭଜେ ସେ ମୋ ମାୟାକୁ ଲଙ୍ଘନ କରିପାରେ । କିନ୍ତୁ ହେ ଅର୍ଜୁନ ! ଏପରି ଭକ୍ତ ବିରଳ, ଏଭଳି ଭକ୍ତ କ୍ୱଚିତ୍ ଦେଖିବାକୁ ମିଳେ ।

ନ ମାଂ ଦୁଷ୍କୃତିନୋ ମୂଢ଼ାଃ ପ୍ରପଦ୍ୟନ୍ତେ ନରାଧମାଃ ।
ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥୧୫॥
ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ! ॥୧୬॥

ଅଧିକାଂଶ ଲୋକ ଅହଂଭାବବଶତଃ ଆତ୍ମଜ୍ଞାନରୂପକ ଲକ୍ଷ୍ୟସ୍ଥଳକୁ ଭୁଲି ଯାଇଥାଆନ୍ତି । ସେମାନେ ଯେଉଁ ଉଦ୍ଦେଶ୍ୟରେ ଦେହ ଧାରଣ କରିଛନ୍ତି, ସେ ଆତ୍ମଜ୍ଞାନକୁ ବିସ୍ମୃତ ହୋଇ ନିୟମ ବା ଆଚରଣରୂପକ ପୋଷାକକୁ ଫିଙ୍ଗି ଦେଇଥାଆନ୍ତି । ଫଳରେ ଲଜ୍ଜାହୀନ ଭାବରେ ଉଲଗ୍ନ ହେବା ସାର ହୁଏ । ତାପରେ ସେମାନେ ବେଦନିଷିଦ୍ଧ କର୍ମରେ ପ୍ରବୃତ୍ତ ହୋଇପଡ଼ନ୍ତି । ହେ ପାଣ୍ଡବ ! ଏହି ପ୍ରକାରର ଲୋକ ଯେଉଁ ଉଦ୍ଦେଶ୍ୟରେ ଶରୀରଗ୍ରାମକୁ ଆସିଥାଆନ୍ତି, ସେ କର୍ତ୍ତବ୍ୟକୁ ଛାଡ଼ି ଇନ୍ଦ୍ରିୟ-ନଗରୀର ଚାକଚକ୍ୟ, ବିଳାସ ପ୍ରଭୃତି ରାଜମାର୍ଗରେ ଚାଲିଯାଆନ୍ତି ଏବଂ ବାଟରେ ଅହଂଭାବ ଓ ମମତା ଆଦି ଗୁଡ଼ିଏ ଆବର୍ଜନାକୁ ସଂଗ୍ରହ କରିଥାଆନ୍ତି । ଭବିଷ୍ୟତରେ ମହାବିପଦ ରହିଛି ବୋଲି ନାନା ସଂଘର୍ଷଜନିତ ଦୁଃଖ ଯନ୍ତ୍ରଣାଆଦି ଦ୍ୱାରା ସତର୍କ କରାଇ ଦେଲେ ମଧ୍ୟ ସେମାନେ ଭ୍ରୂକ୍ଷେପ କରି ନଥାଆନ୍ତି । ସେମାନଙ୍କୁ ମାୟା ଗ୍ରାସ କରିଥାଏ । ତେଣୁ ସେମାନେ ମତେ ସ୍ମରଣ କରି ପାରନ୍ତି ନାହିଁ । କିନ୍ତୁ ନିଜର ମଙ୍ଗଳ ଚାହୁଁଥିବା କେତେକ ବ୍ୟକ୍ତି ମତେ ଭଜନ କରିଥାଆନ୍ତି । ଏମାନେ ଚାରିପ୍ରକାରର; ଯଥା— ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ।

ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥୧୭॥

ଏମାନଙ୍କ ମଧ୍ୟରୁ ଆର୍ତ୍ତ ନିଜର ଦୁଃଖ ନିବାରଣ ଲାଗି ଭଜନ କରେ । ଜିଜ୍ଞାସୁ ଜ୍ଞାନଲାଭ ଆଶାରେ ଏବଂ ଅର୍ଥାର୍ଥୀ ଦ୍ରବ୍ୟ ବା ଅର୍ଥପ୍ରାପ୍ତି ଇଚ୍ଛା କରି

ଭଜନ କରିଥାଆନ୍ତି । କିନ୍ତୁ ଜ୍ଞାନୀ କୌଣସି କାମନା ନରଖି କିମ୍ବା କୌଣସି ଫଳଲାଭର ଆଶା ନରଖି ମତେ ଭଜେ । ତେଣୁ ଯିଏ ଜ୍ଞାନୀ, ସେ ହେଉଚି ମୋର ଏକମାତ୍ର ପ୍ରକୃତ ପ୍ରିୟଭକ୍ତ ।

କାରଣ ତା ମନରେ ଜ୍ଞାନାଲୋକ ହେତୁ ଭେଦଭାବ ରୂପକ ଅନ୍ଧକାର ନଷ୍ଟ ହୋଇଯାଇଥାଏ– ତାର ଭକ୍ତି ଏତେ ଗଭୀର ଯେ, ସେ ମୋ ସହିତ ମିଶିଯାଇ ମୋର ଭକ୍ତ ହୋଇ ରହିଥାଏ । ସ୍ଫଟିକ ଜଳବିନ୍ଦୁ ଭଳି ଦେଖାଯିବା ପରି ସମୟେ ସମୟେ ଜ୍ଞାନୀ ମଧ୍ୟ ଅନ୍ୟ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀଙ୍କଭଳି ଦେଖାଯାଇଥାଏ, କିନ୍ତୁ ପ୍ରକୃତରେ ସେ ଜ୍ଞାନୀ । ବାୟୁ ଆକାଶରେ ବିଲୀନ ହୋଇଗଲେ ମଧ୍ୟ ତାର ବାୟୁତ୍ୱ ଅଲଗା ହୋଇ ଯାଏନା । ସେହିଭଳି ଜ୍ଞାନୀ ମୋ ସହିତ ମିଶି ଐକ୍ୟପ୍ରାପ୍ତ ହେଲେ ମଧ୍ୟ ତାର 'ଭକ୍ତ' ସଂଜ୍ଞା ନଷ୍ଟ ହୋଇଯାଏନା । ଏହି ବାୟୁର ସଞ୍ଚାଳନ ବା ପ୍ରବାହ ଅବସ୍ଥାରେ ଏହା ଆକାଶଠାରୁ ପୃଥକ୍ ଥିବାଭଳି ମନେ ହୋଇଥାଏ । ଅନ୍ୟଥା ଆକାଶ ଯିମିତି ସିମିତି ଥାଏ । ସେହିପରି ଭକ୍ତ ଶରୀର ଧାରଣ କରିଥିବା ହେତୁ ଏବଂ ସାଧାରଣ ଭାବରେ କର୍ମରେ ଲିପ୍ତ ଥିବା ଯୋଗୁଁ ସେ ମୋଠାରୁ ପୃଥକ୍ ଥିବାଭଳି ମନେ ହୋଇଥାଏ । କିନ୍ତୁ ସେ ଜାଣେ ଯେ, ସେ ହେଉଚି ମୋର ଅଂଶବିଶେଷ । ତାର ଏହି ଆତ୍ମଜ୍ଞାନ କ୍ରମଶଃ ବଢ଼େ । ଏହି ଆତ୍ମଜ୍ଞାନର କ୍ରମବିକାଶ ବା ଅଭିବୃଦ୍ଧି ବେଳେ ତାର ଆତ୍ମାନୁଭବକୁ ମୁଁ କର୍ଣ୍ଣପାତ କରିଥାଏ ଏବଂ ତାର ଉନ୍ନତି ଦିଗରେ ମୁଁ ସବୁମତେ ସାହାଯ୍ୟ କରିଥାଏ । ଦେହାତୀତ ଅବସ୍ଥାର ସଙ୍କେତକୁ ଯିଏ ଉପଲବ୍ଧି କରେ, ତାର ଦେହ ଥିବା ଯାହା ନଥିବା ତାହା ।

ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।
ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ॥୧୮॥

ତେଣୁ ହେ ପାର୍ଥ ! ଏକଥା ଜାଣ ଯେ ଅନ୍ୟ ଭକ୍ତମାନେ ନିଜ ନିଜର କାମନାକୁ ଚରିତାର୍ଥ କରିବା ଲାଗି ମତେ ଭଜନ କରିଥାଆନ୍ତି । କିନ୍ତୁ ଜ୍ଞାନୀ ଯେପରି କେବଳ ମତେ ହିଁ ଭଲପାଏ, ମୁଁ ମଧ୍ୟ ଏକମାତ୍ର ଜ୍ଞାନୀକୁ ହିଁ ଭଲପାଏ ।

ଗାଈ ଯେପରି ତା ବାଛୁରୀକୁ ହିଁ ଭଲପାଏ, ସେହିଭଳି ମୁଁ ମୋ ଭକ୍ତକୁ ହିଁ ଭଲ ପାଇଥାଏ । କ୍ଷୀର ଦୁହିଁବା ବେଳେ କେହି କେହି ଗାଈର ଗୋଡ଼କୁ ଛନ୍ଦିଛାନ୍ଦି ବାନ୍ଧି ପକାଇଥାଆନ୍ତି । କିନ୍ତୁ ବାଛୁରୀକୁ ଏହି କ୍ଷୀର ପିଇବାପାଇଁ ତା ମାଆର ଗୋଡ଼ ସହିତ ବାନ୍ଧିବାକୁ ପଡ଼େନା । କାରଣ ଗାଈ ହେଉଛି ବାଛୁରୀର ତନ୍, ମନ୍, ପ୍ରାଣ ସବୁ କିଛି । ଦେଖିବାମାତ୍ରେ ସେ ଜାଣିପାରେ ଇଏ ହେଉଚି ମୋର ମାଆ । ତାର କୌଣସି ଆଶ୍ରୟ ନାହିଁ ବୋଲି ମାଆ ହିଁ ତାର ଆଶ୍ରୟ ଏବଂ ତା ପ୍ରତି ମାଆର ଅସୀମ ପ୍ରୀତି । ନଦୀ ସମୁଦ୍ରରେ ପଡ଼ି ସାରିବା ପରେ ପୁଣି ଫେରି ଆସିବାକୁ ଚାହିଁ ନଥାଏ, ସେହିଭଳି ମତେ ଜାଣି ସାରିବାପରେ ଯୋଗୀ ଆଉ ସଂସାର ଜଞ୍ଜାଳ ଭିତରେ ଘାଣ୍ଟି ହେବାକୁ ଚାହେଁନା । ଯିଏ ଯୋଗୀ ବା ଜ୍ଞାନୀ ବୋଲି ଅଭିହିତ, ସେ ହେଉଚି ମୋର ଜୀବନ । ଏକଥା ଶବ୍ଦ ଦ୍ୱାରା ବର୍ଣ୍ଣନ କରିହେବ ନାହିଁ । ଯାହା କୁହାଯାଇ ନ ପାରେ, ତୁମକୁ କହୁ କହୁ କହି ପକାଉଚି ।

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲ୍ଲଭଃ ।।୧୯।।

ଏହି ଜ୍ଞାନୀ ବିଷୟ-ରୂପକ ବିସ୍ତୀର୍ଣ୍ଣ ଅରଣ୍ୟାନି ମଧ୍ୟରେ କାମ କ୍ରୋଧ ଆଦି ସଂକଟକୁ ଅତିକ୍ରମ କରି ସତ୍‌ବାସନା-ରୂପକ ପର୍ବତ ପାଖରେ ପହଞ୍ଚିଥାଏ । ସେ ସାଧୁମାନଙ୍କ ସହିତ ସତ୍‌କର୍ମ-ରୂପକ ସରଳ ପଥରେ ଚାଲେ ଏବଂ ଶହ ଶହ ଅକର୍ମରୂପକ ଅଙ୍କାବଙ୍କା ପଥ ପରିହାର କରିଥାଏ । ଶହ ଶହ ଜନ୍ମପଥ ଅତିକ୍ରମ କରିବାପରେ ସେ କାମନାରୂପକ କଠଉକୁ ପରିତ୍ୟାଗ କରେ । ଫଳପ୍ରାପ୍ତିର କୌଣସି ଆଶା ନ ରଖି ସେ ଭକ୍ତିର ସଂଯମ ମାର୍ଗକୁ ଗ୍ରହଣ କରେ । ଶରୀର ହେଉଚି ତା ପକ୍ଷରେ ରାତ୍ରିଭଳି । ଏହି ରାତିରେ ଚାଲୁ ଚାଲୁ ତାର କର୍ମକ୍ଷୟ-ରୂପକ ଆଲୋକମୟ ପ୍ରାତଃକାଳ ଲାଭହୁଏ । ଏହି ପ୍ରାତଃକାଳ ବା ଉଷା ହେଉଚି ଗୁରୁ କୃପା । ଏହି ଉଷାର ପ୍ରକାଶମାତ୍ରେ କୋମଳ କିରଣପାତଦ୍ୱାରା ତା ମନରେ ସମତାର ଦୃଷ୍ଟିବିଭବ ପ୍ରକାଶିତ ହୋଇଥାଏ । ତାପରେ ସେ ସର୍ବତ୍ର ମୋ ଭିନ୍ନ ଆଉ କିଛି ଦେଖି ନଥାଏ । ପୁଷ୍କରିଣୀରେ

ଘଟକୁ ବୁଡ଼ାଇବାମାତ୍ରେ ତାର ଭିତର ଓ ବାହାର ଜଳମୟ ହୋଇ ପଡ଼ିଥାଏ । ସେହିଭଳି ଭକ୍ତ ମୋ ଭିତରେ ଡୁବି ରହିଥିବାରୁ ମୁଁ ତାର ଭିତର ଓ ବାହାରେ ସର୍ବତ୍ର ରହିଥାଏ । ଅତଏବ ହେ ଅର୍ଜୁନ ! ଏ ଜ୍ଞାନର ମୂଳଧନ ଲାଭକରି ବାଣିଜ୍ୟରେ ଖଟାଇ ନିଖିଳ ବିଶ୍ୱକୁ ନିଜର ସମ୍ପତ୍ତି କରିନିଅ । ଆହୁରି ଶୁଣ, ଜ୍ଞାନୀ ବା ଯୋଗୀ ଏଭଳି ସ୍ୱାନୁଭବର ଭାବମୟ ମୂର୍ତ୍ତି ହୋଇଯାଏ ଯେ ସେ ଅନୁଭବ କରେ ଏହି ସମଗ୍ର ଜଗତ କେବଳ ବାସୁଦେବଙ୍କ ରୂପ । ତେଣୁ ସେ ଭକ୍ତଶ୍ରେଷ୍ଠ ତଥା ଶ୍ରେଷ୍ଠ ଯୋଗୀ । ହେ ଧନୁର୍ଦ୍ଧର ! ଯାହାର ଅନୁଭବର ଦୋକାନରେ ସମଗ୍ର ଚରାଚରର ପସରା ରହିଥାଏ, ସେଭଳି ମହାତ୍ମା ଦୁର୍ଲ୍ଲଭ । ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କେବଳ ଭୋଗ ଆଶାରେ ମତେ ଭଜନ୍ତି । ଏମାନଙ୍କ ଦୃଷ୍ଟି ଆଶାର ଅନ୍ଧକାରରେ ଦୂଷିତ ।

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥୨୦॥

ଫଳ ଆଶାରେ ଯାହା ହୃଦୟରେ କାମନା ପ୍ରବେଶ କରେ ଏବଂ ଏହି କାମନାର ସ୍ପର୍ଶରେ ଯାହାର ଜ୍ଞାନ ପ୍ରଦୀପ ଲିଭିଯାଏ, ସେ ଭିତରେ ଓ ବାହାରେ ଅନ୍ଧକାରରେ ଡୁବି ରହିଥାଏ । ମୋ ନିକଟରେ ଥିଲେ ମଧ୍ୟ ସେ ମତେ ଭୁଲିଯାଏ ଏବଂ ଅନ୍ୟ ବହୁ ଦେବଦେବୀଙ୍କୁ ପୂଜାକରେ । ଏହି ବ୍ୟକ୍ତି ପ୍ରକୃତି ବା ମାୟାର ଦାସ ହୋଇ ଭୋଗ ଲାଗି କାଙ୍ଗାଳ । ସେ ଲୋଭବଶତଃ କୌତୂହଳରେ ମତେ ଭଜନ କରେ । ଖାଲି ଭଜନ କରେନା, ଆରାଧନା କରେ, ନାନା ବ୍ରତ ନିୟମରେ ଚଳେ, ବହୁ ପୂଜା ସାମଗ୍ରୀ, ଧୂପ, ଦୀପ, ଫୁଲ, ଚନ୍ଦନର ସମ୍ଭାରରେ ଘର ଓ ମନ୍ଦିରକୁ ମଣ୍ଡି ପକାଏ । ବିଧିବଦ୍ଧ ଭାବରେ ବସିବାଠାରୁ ଆରମ୍ଭ କରି ହାତଯୋଡ଼ିବା, ନାନା ମୁଦ୍ରାର ବାହ୍ୟଆଡ଼ମ୍ବର କରିବା ଆଦି କାର୍ଯ୍ୟ କରେ । ନାନା ବସ୍ତ୍ର ଅର୍ପଣ କରେ । ନୈବେଦ୍ୟ ବା ଭୋଗରାଗ କରେ ବା କରାଏ ।

ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥୨୧॥

ସେ ଅନ୍ୟ ଦେବତାକୁ ପୂଜା କରୁଚି ବୋଲି ଯେ ମୁଁ ତାକୁ ଅବଜ୍ଞା, ଅବହେଳା କରେ– ତା ନୁହଁ । କୌଣସି ବ୍ୟକ୍ତି ଅନ୍ୟ କୌଣସି ଦେବତାକୁ ଭଜନ କରିବାକୁ ଇଚ୍ଛା କଲେ ମଧ୍ୟ ମୁଁ ତାର ଇଚ୍ଛାପୂରଣ କରିଥାଏ । କାରଣ ସବୁ ଦେବଦେବୀ ହେଉଚି ମୁଁ । କିନ୍ତୁ ଅନ୍ୟକୁ ଭଜନ କରୁଥିବା ବ୍ୟକ୍ତିର ଏହି ଅଭେଦ ଭାବ ନଥାଏ । ସେ ଭାବେ ଯେ ମୁଁ ଏହି ଦେବ ବା ଦେବୀଙ୍କଠାରୁ ପୃଥକ୍ ।

ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହି ତାନ୍ ।୨୨।

ଯାହାହେଉ ସେ କାର୍ଯ୍ୟସିଦ୍ଧି ହେବାପର୍ଯ୍ୟନ୍ତ ଶ୍ରଦ୍ଧାସହିତ ଏବଂ ବିଧିପୂର୍ବକ ତାର ଅଭୀଷ୍ଟ ଦେବତାର ଆରାଧନା କରିଥାଏ । ଯିଏ ଯେଭଳି ଭାବିଥାଏ, ସେ ସେହିଭଳି ଫଳ ପାଏ । କିନ୍ତୁ ସେସବୁ ମୋ ଯୋଗୁଁ ହିଁ ଘଟିଥାଏ ।

ଅନ୍ତବତ୍ତୁ ଫଳଂ ତେଷାଂ ତଦ୍ଭବତ୍ୟଳ୍ପମେଧସାମ୍ ।
ଦେବାନ୍ ଦେବଯଜୋ ଯାନ୍ତି ମଦ୍‌ଭକ୍ତା ଯାନ୍ତି ମାମପି ।।୨୩।।

ସେ ବ୍ୟକ୍ତି ମତେ ଜାଣେନା, କାରଣ ତା ମନ କାମନାରୁ ମୁକ୍ତ ହୋଇପାରେନା । ଅବଶ୍ୟ ସେ ଯାହା ଚାହିଁଥାଏ ପାଇଥାଏ କିନ୍ତୁ ଯାହା ପାଏ ତାହା କ୍ଷଣସ୍ଥାୟୀ । ବାସ୍ତବିକ ସେ କାମନାକୁ ହିଁ ପୂଜା କରିଥାଏ, ତେଣୁ ଥରକୁ ଥର ଜନ୍ମଗ୍ରହଣ କରିଥାଏ । ସେ ବୁଝିପାରେନା ଯେ ଭଲ ଜିନିଷକୁ ଭୋଗ କରିବା ଯାହା, ସ୍ୱପ୍ନ ତାହା । ଅନ୍ୟ ଦେବତାକୁ ପୂଜା ବା ଭଜନ କରି ସେ ଦେବତ୍ୱ ବା ସ୍ୱର୍ଗଲାଭ କରିପାରେ, କିନ୍ତୁ ମତେ ଯିଏ ଦେହ, ମନ, ଓ ପ୍ରାଣ ଦେଇ ପୂଜାକରେ ସେ ଦେହାନ୍ତରେ ମୋର ଶାଶ୍ୱତରୂପ ଲାଭକରେ ।

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।
ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ।।୨୪।।

ଅନେକ କୁପଥରେ ପରିଚାଳିତ ହୋଇ ଅନାବଶ୍ୟକ ଭାବରେ ନିଜର ମଙ୍ଗଳକୁ ହିଁ ବିସର୍ଜନ ଦେଇଥାଆନ୍ତି । ସେମାନେ ଆଣ୍ଠୁଏ ପାଣିରେ ପହଁରିବାକୁ

ଇଚ୍ଛା କରିଥାଆନ୍ତି । ଅମୃତ ସାଗରରେ ପହଁରିବା ବେଳେ ସେମାନେ ପାଟିକୁ ବନ୍ଦକରି ରଖିଥାଆନ୍ତି ଏବଂ ସାଧାରଣ ଜଳ ପିଇ ତୃଷା ମେଣ୍ଟାନ୍ତି । ଅମୃତରେ ପ୍ରବେଶ କରି ମରଣ ଇଚ୍ଛା ନକରି ଅମୃତରେ ଅମୃତ ହୋଇଯିବା କ'ଣ ଠିକ୍ ନୁହେଁ ? ହେ ଧନୁର୍ଦ୍ଧର ! ଫଳାଭିଳାଷ-ରୂପକ କାରାଗୃହରୁ ନିଜକୁ ମୁକ୍ତ କରି ନିଜର ଅନୁଭବ-ରୂପକ ପକ୍ଷଦ୍ୱାରା ଚିଦାକାଶରେ ମୁକ୍ତ ବିହଙ୍ଗ ଭଳି ଆନନ୍ଦରେ ବୁଲିବାର ସୁଯୋଗ କିଏ ଛାଡ଼ିଦେଇପାରେ ? ଏହି କୁପଥଗାମୀମାନେ ମୋଭଳି ଅପରିମେୟକୁ ମାପିବାପାଇଁ ଚେଷ୍ଟା କରିଥାଆନ୍ତି । ମୁଁ ନିରାକାର । ତଥାପି ଏମାନେ ମତେ ଏକ ନିର୍ଦ୍ଦିଷ୍ଟ ରୂପ ବା ଆକାରରେ ଚିନ୍ତା କରିଥାଆନ୍ତି । ହାତ ବଢ଼ାଇଲାମାତ୍ରେ ମତେ ପାଇପାରିବେ ଅଥଚ ମତେ ପାଇବାପାଇଁ ସେମାନେ ବହୁ ଦୁରୂହ ଦୁଃସାଧ୍ୟ ବିଧିବିଧାନ, ବ୍ରତ, ନିୟମରେ ମାତି ଥାଆନ୍ତି ।

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।
ମୂଢ଼ୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ॥୨୫॥

ସେମାନେ ଭ୍ରମବଶତଃ ଏବଂ ମାୟାଜାଲରେ ପଡ଼ି ଚକ୍ରବତ୍ ଘୂରିବାରେ ଲାଗିଥାଆନ୍ତି । କାହିଁକି ଏଭଳି ଅଯଥାରେ ଘୂରିବ କହିଦେଲେ ସେମାନେ ଚିଡ଼ିଯାଆନ୍ତି, କ୍ଷୁବ୍ଧ ହୋଇପଡ଼ନ୍ତି । ସେମାନେ ଏଭଳି ଅନ୍ଧ ଯେ ମୋର ପ୍ରକାଶମୟ ଦିବାଲୋକକୁ ଦେଖିପାରନ୍ତି ନାହିଁ । ସେମାନେ ଯଦି ସତ୍ୟକୁ ଚିହ୍ନନ୍ତେ, ତାହାହେଲେ ଜାଣିପାରନ୍ତେ ଯେ, ଏଭଳି କୌଣସି ଜିନିଷ ନାହିଁ, ଯେଉଁଥିରେ କି ମୁଁ ନାହିଁ । ଏଭଳି କୌଣସି ଜଳ ଅଛି କି ଯେଉଁଥିରେ ତରଳତା ନାହିଁ ? ପବନ କାହାକୁ ସ୍ପର୍ଶ ନ କରୁଛି ? ଆକାଶ ପ୍ରବେଶ ନ କରିବା ଭଳି ସ୍ଥାନ କାହିଁ ? ତୁମେ ଏତିକି ମାତ୍ର ବୁଝ ଯେ ସମଗ୍ର ବିଶ୍ୱରେ କେବଳ ମୁଁ ହିଁ ବ୍ୟାପି ରହିଛି ।

ବେଦାହଂ ସମତୀତାନି ବର୍ତ୍ତମାନାନିଚାର୍ଜୁନ !
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ॥୨୬॥

ଅତୀତ, ବର୍ତ୍ତମାନ, ଭବିଷ୍ୟତ—ସବୁ ମୋ ଭିତରେ ଥିଲା, ରହିଛି ଓ ରହିବ । ମନେରଖ ମୁଁ ସର୍ବତ୍ର, ସମଗ୍ର ସୃଷ୍ଟି ମୋ ଭିତରେ । ଏହା ହୋଇଥିଲା ବା ଏହା

ହେବ, ଏସବୁ କେବଳ ଶବ୍ଦର ବାହୁଲ୍ୟ । କିଛି ହୁଏନା କିମ୍ବା କିଛି ଯାଏନା । ଆସିବା ଯିବା ଖାଲି କଥାର କଥା । କେଉଁଟା ବାସ୍ତବ, କେଉଁଟା ଅବାସ୍ତବ ତାର ଶ୍ରେଣୀବିଭାଗ କରିବା ବୃଥା । ରାତିରେ ଦଉଡ଼ିକି ଦେଖି ସାପ ବୋଲି ତୁମର ଯେଉଁ ଭ୍ରମ ହୋଇଥାଏ, ସେ ସାପ କଳା କି ଧଳା କି ହଳଦିଆ କି ଧୂସର, ଏଭଳି ଶ୍ରେଣୀ ବିଭାଗ କରି କେହି ଗଣନା କରିବାରେ ଲାଗି ନଥାଏ । ଜୀବ ମାତ୍ରେ ମିଥ୍ୟା, ତେଣୁ ତାର ଗଣନା କରିବା ବୃଥା । ମୁଁ ସନାତନ, ଶାଶ୍ୱତ ଓ ସର୍ବବିଦ୍ୟମାନ । ହେ ପାଣ୍ଡୁସୁତ ! ଲୋକେ କାହିଁକି ଭ୍ରମରେ ପଡ଼ି ବୁଲିବାରେ ଲାଗିଥାଆନ୍ତି, ତାର ଏକ ବିଶେଷ କାରଣ ରହିଛି । ସେକଥା ଏବେ ତୁମକୁ କହୁଚି ଶୁଣ । ଯେତେବେଳେ ଅହଂକାର ସହିତ ଦେହରେ ସହବାସ ହୁଏ, ସେତେବେଳେ କାମନା ନାମ୍ନୀ ଏକ ସୁନ୍ଦରୀ ଜାତ ହୁଏ ।

ଇଚ୍ଛାଦ୍ୱେଷସମୁତ୍‌ଥେନ ଦ୍ୱନ୍ଦ୍ୱମୋହେନ ଭାରତ !
ସର୍ବଭୂତାନି ସମ୍ମୋହଂ ସର୍ଗେ ଯାନ୍ତି ପରନ୍ତପ ! ॥୨୭॥

ଏହି କାମକନ୍ୟା ଯୌବନଲାଭ କରିବାପରେ ଦ୍ୱେଷ ନାମକ ଏକ ସୁନ୍ଦର ହୃଷ୍ଟପୁଷ୍ଟ ଯୁବକ ସହିତ ତାର ବିବାହ ହୁଏ । ଏମାନଙ୍କ ସଂଯୋଗରୁ ଜନ୍ମ ହୁଏ ଦ୍ୱନ୍ଦ୍ୱ ଓ ମୋହ । ଏମାନଙ୍କ ଜେଜେବାପା ହେଉଚି ଅହଂକାର । ତାହାହେଲେ ଏମାନେ ହେଲେ ଅହଂକାରର ଅଲିଅଳ ନାତି ନାତୁଣୀ । ଏହି ନାତି ନାତୁଣୀଙ୍କୁ ଜେଜେବାପା ଅତି ଯତ୍ନରେ ଲାଳନ ପାଳନ କରିଥାଏ । ଏହି ନାତି ନାତୁଣୀ କ୍ରମଶଃ ଅବାଧ ହୋଇ ପଡ଼ନ୍ତି । ସେମାନେ ଧୈର୍ଯ୍ୟର ପରମ ଶତ୍ରୁ ହୋଇ ପଡ଼ନ୍ତି । ଏମାନେ ଏଭଳି ଲଗାମଛଡ଼ା ହୋଇପଡ଼ନ୍ତି ଯେ, ସେମାନଙ୍କୁ କୌଣସି ନିୟମରେ ବାନ୍ଧି ହୁଏନା । ଆଶାର ସର ଲବଣୀ ଖାଇ ଏମାନଙ୍କ ମେଦମାଂସ ଖୁବ୍ ବଢ଼େ । କ୍ରମଶଃ ସ୍ଥୂଳକାର ବା ମୋଟାରୋଟା ହୋଇପଡ଼ନ୍ତି । ଅସନ୍ତୋଷ ମଦିରା ପିଇ ମତ୍ତ ହୋଇ ଉଠନ୍ତି । ଫଳରେ ନାନା ବିକାର ଦେଖାଦିଏ । ଏମାନେ ଶୁଦ୍ଧଭାବ ବା ଭକ୍ତି ପଥରେ କଣ୍ଟା ବିଛାଇବାରେ ଲାଗିପଡ଼ନ୍ତି ଏବଂ ସତ୍ୟ ପଥରେ

ନ ଯାଇ ନାନା କୁତ୍ସିତ କୁଟିଳ ପଥରେ ଚାଲନ୍ତି । ଏହିଭଳି ବ୍ୟକ୍ତିମାନେ ଭ୍ରମରେ ପଡ଼ି, ସଂସାର-ରୂପକ କାନ୍ତାର ଭିତରେ ଦୁଃଖର ବୋଝ ମୁଣ୍ଡେଇ ଚାଲିଥାଆନ୍ତି ।

ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।
ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢ଼ବ୍ରତାଃ ॥୨୮॥

କିନ୍ତୁ ପ୍ରକୃତ ଭକ୍ତ ଏହି ତୀକ୍ଷ୍ଣ କଣ୍ଟକମୟ ପଥକୁ ଦେଖି ବିଚଳିତ ହୁଏନା । ତାର ମତିଭ୍ରମ ଘଟେନା । ସେ ଭକ୍ତି ସହିତ ଏକନିଷ୍ଠ ଭାବରେ ଏହି କଣ୍ଟାକୁ ଦଳି ଚକଟି ସିଧାବାଟରେ ଅଗ୍ରସର ହୁଏ ଏବଂ ମହାପାତକ-ରୂପକ କାନ୍ତାରକୁ ଅତିକ୍ରମ କରେ । ବାଟରେ କାମ, କ୍ରୋଧ, ମୋହ ଓ ଲୋଭ-ରୂପକ ଚୋରମାନେ ତାର ଅଙ୍ଗସ୍ପର୍ଶ କରି ପାରନ୍ତି ନାହିଁ । ତାପରେ ସେ ଯେଉଁ ପୁଣ୍ୟମୟ ପଥରେ ପାଦ ଦିଏ, ସେହିପଥରେ କ୍ଷିପ୍ରଗତି ଦ୍ୱାରା ମୋ ପାଖରେ ଶୀଘ୍ର ପହଞ୍ଚିଯାଏ । ତାପରେ ତାର ସମସ୍ତ ପଥକ୍ଲେଶ ମୁହୂର୍ତ୍ତରେ ଚାଲିଯାଏ ।

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।
ତେ ବ୍ରହ୍ମତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଳମ୍ ॥୨୯॥

ଜନ୍ମ ମରଣର ନିରଥର୍କ ପୁନରାବୃତ୍ତିକୁ ପରିହାର କରିବାପାଇଁ ଯାହାର ଆନ୍ତରିକ ଇଚ୍ଛା, ସେହି ସଦିଚ୍ଛା ବଳରେ ହିଁ ତାହାର ପରମବ୍ରହ୍ମରୂପକ ଫଳ ଲାଭ ହୋଇଥାଏ । ଏ ଫଳ ଏପରି ସୁପରିପକ୍ୱ ଯେ, ଏଥିରୁ ସଦାସର୍ବଦା ପରିପୂର୍ଣ୍ଣତା-ରୂପକ ରସ କ୍ଷରଣ ହୋଇଥାଏ । ସେତେବେଳେ ସମଗ୍ର ଜଗତ ତା' ପକ୍ଷରେ କୃତାର୍ଥ ହୋଇ ଉଠେ, ଆତ୍ମଜ୍ଞାନ ପୂର୍ଣ୍ଣ ହୋଇ ଆସେ । କର୍ମ ଶେଷ ହୋଇଯାଏ । ମନ ମଧ୍ୟ ଶାନ୍ତ ହୋଇଯାଏ । ହେ ଧନଞ୍ଜୟ ! ଯାହାର ବ୍ୟବସାୟର ମୂଳଧନ କେବଳ ମୁଁ, ତାର ଏହି ପ୍ରକାରର ଆଧ୍ୟାତ୍ମ ଲାଭ ହୋଇଥାଏ । ମନରେ ସାମ୍ୟଭାବ ଜାଗ୍ରତ ହୋଇଯାଏ । ତାର ଐକ୍ୟରୂପକ ଗ୍ରାହକ ବୃଦ୍ଧି ପାଇଥାଆନ୍ତି । ଭେଦବୁଦ୍ଧି ଭଳି ଦୀନତା ସହିତ ତା'ର କେବେହେଲେ ଦେଖା ସାକ୍ଷାତ ହୋଇ ନଥାଏ ।

ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ ।
ପ୍ରୟାଣକାଳେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ ॥୩୦॥

ଯିଏ ପ୍ରଗାଢ଼ ଭକ୍ତି ସହିତ ମତେ ଏକ ନିର୍ଦ୍ଦିଷ୍ଟ ରୂପରେ ଚିନ୍ତା କରେ, ସେ ଅନୁଭବ ରୂପକ ନିଜ ହସ୍ତରେ ମତେ ସ୍ପର୍ଶ କରିଥାଏ । ଯିଏ ଗଭୀର ଜ୍ଞାନଦ୍ୱାରା ମତେ ପରମବ୍ରହ୍ମଭାବରେ ଚିହ୍ନେ, ସେ ଦେହରୁ ପ୍ରାଣ ଯିବାବେଳେ କୌଣସି କଷ୍ଟ ଅନୁଭବ କରେନା କିମ୍ବା ଶରୀର ଚାଲି ଯାଉଚି ବୋଲି ଶୋକ କରେନା । ଆୟୁରୂପକ ରଜ୍ଜୁ ଛିନ୍ନ ହେବାବେଳେ ଜୀବନ ବ୍ୟାକୁଳିତ ହୋଇଥାଏ, ମନରେ ସବୁଠାରୁ ବଡ଼ ପ୍ରଳୟ ସୃଷ୍ଟି ହୋଇଥାଏ । ଜୀବନରକ୍ଷା କରିବାକୁ ସେ ଛାଟିପିଟି ହୁଏ । କିନ୍ତୁ ଯିଏ ମୋର ସ୍ୱରୂପ ଲାଭ କରିଥାଏ, ସେ ଏହି ଦେହାବସାନର ବ୍ୟାକୁଳତା ସମୟରେ ମଧ ମତେ ଭୁଲେନା । ତେଣୁ ସେ ମୃତ୍ୟୁକଷ୍ଟ ଅନୁଭବ କରି ନଥାଏ । ଏଭଳି ନିପୁଣ ବ୍ୟକ୍ତି ହିଁ ଯୋଗୀ, ଜ୍ଞାନୀ ବା ପରମଭକ୍ତ । ଶ୍ରୀକୃଷ୍ଣ ଏକଥା ବର୍ଣ୍ଣନା କରିବାବେଳେ ପ୍ରଥମେ ପ୍ରଥମେ ଶ୍ରୀକୃଷ୍ଣଙ୍କ ମୁଖ ସ୍ୱରୂପ ଗଙ୍ଗାଜଳ ନିକଟରେ ଅର୍ଜୁନଙ୍କ ମନଯୋଗର ଅଞ୍ଜଳି ନଥିଲା । ସେ ଅନ୍ୟ ବିଷୟ ଚିନ୍ତା କରୁଥିଲେ ।

ଶ୍ରୀକୃଷ୍ଣଙ୍କ ବ୍ରହ୍ମପ୍ରତିପାଦକ-କଥାଫଳ ନାନାର୍ଥ ରସରେ ପରିପୂର୍ଣ୍ଣ ଥିଲା, ଭାବଭକ୍ତିର ସୁବାସରେ ଚତୁର୍ଦ୍ଦିଗ ଆମୋଦିତ ହୋଇ ଉଠୁଥିଲା । ଶ୍ରୀକୃଷ୍ଣ-ରୂପକ ବୃକ୍ଷର ବଚନଫଳ ସରଳ କୃପା-ରୂପକ ମନ୍ଦନିଳୟର ହିଲ୍ଲୋଳରେ ଦୋଳାୟିତ ହୋଇ ହୋଇ ହଠାତ୍ ଅର୍ଜୁନଙ୍କ ଶ୍ରବଣାଞ୍ଜଳିରେ ପଡ଼ିଯିବାମାତ୍ରେ ଅର୍ଜୁନ ଚମକି ଉଠିଲେ । ସେ ଦେଖିଲେ, ତାଙ୍କ ଅଞ୍ଜଳିରେ ପତିତ ଫଳ ବେଦାନ୍ତ-ସିଦ୍ଧାନ୍ତ ତଥା ବ୍ରହ୍ମରସର ସମୁଦ୍ରରେ ମଥିତ ହୋଇ ପରମାନନ୍ଦରେ ମିଶିଯାଇଛି । ଏଭଳି ନିର୍ମଳ ଅମୃତରସ ପାଇବାମାତ୍ରେ ଅର୍ଜୁନଙ୍କ ଜ୍ଞାନନେତ୍ର ଖୋଲିଗଲା, ସେ ଦେଖିବାମାତ୍ରେ ବିସ୍ମିତ ହୋଇ ଉଠିଲେ । ଏହି ସୁଖସମ୍ପଦ ଲାଭ ହେବାମାତ୍ରେ ସେ ସ୍ୱର୍ଗସୁଖ ମଧ ତୁଚ୍ଛ ମନେକଲେ, ତାଙ୍କ ହୃଦୟ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠିଲା । ଫଳର ସୌନ୍ଦର୍ଯ୍ୟକୁ ଦର୍ଶନ କରୁ କରୁ ଭିତରେ ଥିବା

ରସ ଆସ୍ୱାଦନ ଲାଗି ତାଙ୍କ ମନ ଉଦ୍‌ବିଗ୍ନ ହୋଇ ଉଠିଲା । ସେ ସଙ୍ଗେ ସଙ୍ଗେ ବଚନାମୃତ ଫଳକୁ ନିଜ ଅନୁମାନରୂପକ ହାତରେ ଧରି ନିଜ ଅନୁଭବରୂପକ ତୁଣ୍ଡକୁ ନେବାପାଇଁ ପ୍ରୟାସ କଲେ । ସେତେବେଳେ ସୁଭଦ୍ରାପତି ଅନୁଭବ କଲେ ଯେ ବିଚାରରୂପକ ରସନା ପର୍ଯ୍ୟନ୍ତ ଏହା ଯାଇପାରିବ ନାହିଁ । ହେତୁବାଦରୂପକ ଦାନ୍ତରେ ମଧ୍ୟ ଏହାକୁ ଚୋବେଇ ହେବ ନାହିଁ । ତେଣୁ ସେ ଏହି ଫଳ ତୁଣ୍ଡକୁ ନେଲେ ନାହିଁ ।

ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ କେବଳ ମନେ ମନେ କହିବାକୁ ଲାଗିଲେ, ଜଳ ଭିତରେ ନକ୍ଷତ୍ରକୁ ଦେଖିବାଭଳି, ଯିଏ 'ଅକ୍ଷର', ତାର ସୌନ୍ଦର୍ଯ୍ୟକୁ ଦେଖୁ ଦେଖୁ ମୁଁ ମୁଗ୍‌ଧ ହୋଇପଡ଼ିଛି । ଇଏତ କେବଳ 'ଶବ୍ଦ' ନୁହେଁ, ଏହା ଆକାଶର ତତ୍ତ୍ୱ । ଏଥିରେ ମୋର ମତି ଡୁବିଲେ ମଧ୍ୟ ତଳ ସ୍ପର୍ଶ କରିପାରୁ ନାହିଁ ।ଏହାକୁ ଜାଣିବା ପ୍ରଶ୍ନ ତ ବହୁ ଦୂରରେ ।

ଏଭଳି ମନେ ମନେ ଚିନ୍ତା କରି ଅର୍ଜୁନ ଶ୍ରୀକୃଷ୍ଣଙ୍କ ପ୍ରତି ଦୃଷ୍ଟିଦେଲେ । ମିନତି କରି କହିଲେ, ହେ ଅନନ୍ତ ! ଆପଣଙ୍କର କଥା ଅନାସ୍ୱାଦିତ ଓ ଅତ୍ୟାଶ୍ଚର୍ଯ୍ୟ । ଅବଧାନର ତୀବ୍ରତା ଥିଲେ, ଏଥିରୁ ଅନେକ ସିଦ୍ଧାନ୍ତ ଅନୁଭବ କରିବା ଦୂରେ ଥାଉ, କେବଳ ଶୁଣିଲେ ଜଣାପଡ଼େ । ତେବେ ହେ ଦେବ ! ଏବେ ସେଭଳି ଅବସ୍ଥା ମୋର ଆସି ପାରିନି । ମୁଁ କେବଳ ଅକ୍ଷର-ସମୂହ ଦର୍ଶନ କରିଛି । ଏଥିରେ ମୋ ବିସ୍ମୟ ମଧ୍ୟ ବିସ୍ମୟାଭୂତ । ମୋର କର୍ଣ୍ଣ-ରୂପକ ଗବାକ୍ଷରେ ଆପଣଙ୍କ ଉପଦେଶାଲୋକ ପଡ଼ିଲେ ମଧ୍ୟ ମୋ ହୃଦୟରେ ପ୍ରକାଶିତ ହୋଇ ପାରି ନଥିବାରୁ ମୋର ବୋଧଶକ୍ତି ବନ୍ଦ ହୋଇ ପଡ଼ିଛି । ବର୍ତ୍ତମାନ ଶବ୍ଦର ତାତ୍ପର୍ଯ୍ୟ ଜାଣିବାକୁ ମୋର ଇଚ୍ଛା । ଆଉ ବିଳମ୍ବ କରନ୍ତୁ ନାହିଁ । ଅତିଶୀଘ୍ର କହନ୍ତୁ ।

ଭବିଷ୍ୟତରେ ଯାହା ଯାହା କହିବାକୁ ଅଛି ଏବଂ ପୂର୍ବରୁ ଯାହାସବୁ କହିଛନ୍ତି, ସେଥିପ୍ରତି ଦୃଷ୍ଟି ରଖି ଅର୍ଜୁନ ଅତି କୌଶଳପୂର୍ଣ୍ଣ ଭାବରେ ଶ୍ରୀକୃଷ୍ଣଙ୍କ

ହୃଦୟକୁ ଆଲିଙ୍ଗନ କରିବାକୁ ଚେଷ୍ଟାକଲେ । ଶ୍ରୀଗୁରୁଙ୍କଠାରୁ ଯେଉଁ ସମସ୍ୟାର ସମାଧାନ ମିଳିପାରିବ, ଅର୍ଜୁନ ସେ କୌଶଳ ଜାଣନ୍ତି ।

ଏଣିକି ଶ୍ରୀକୃଷ୍ଣ ଯାହା ଯାହା କହିବେ, ସଞ୍ଜୟ ସେ ବିଷୟ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଅତି ପ୍ରେମସହିତ ବର୍ଣ୍ଣନା କରିବେ । ସେଥିରେ ଅନ୍ଧଙ୍କର ପୂର୍ଣ୍ଣ ଦୃଷ୍ଟିଲାଭ ହୋଇପାରିବ ।

ବୁଦ୍ଧି-ରୂପକ ରସନା ଦ୍ୱାରା ଶବ୍ଦର ସାର ଚାଖିନେବା ପୂର୍ବରୁ କେବଳ ଅକ୍ଷର-ଶୋଭା ଇନ୍ଦ୍ରିୟମାନଙ୍କୁ ମୋହିତ କରି ପକାଇବ । ଘ୍ରାଣେନ୍ଦ୍ରିୟ ଅବଶ୍ୟ ମାଳତୀ-ମୁକୁଳର ଗନ୍ଧ ଗ୍ରହଣ କରି ମାଳତୀକୁ ଚିହ୍ନେ, କିନ୍ତୁ ତା ପୂର୍ବରୁ ନେତ୍ର ତାର ଶୋଭା ଦେଖି ସୁଖୀ ହୋଇଥାଏ । ସେହିଭଳି ଏହି କଥୋପକଥନ-ଭାଷାର ଶୋଭାରେ ଇନ୍ଦ୍ରିୟମାନେ ସୁଖରାଜ୍ୟରେ ପ୍ରବେଶ କରିପାରିବେ । କ୍ରମଶଃ ଧୀରେ ଧୀରେ ସେମାନେ ସିଦ୍ଧାନ୍ତରୂପକ ନଗରୀରେ ବିଚରଣ କରିବେ ।

ମୁଁ ନିବୃତ୍ତିଦାସ ଜ୍ଞାନଦେବ ଏହି ନିବେଦନ କରୁଛି ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ-ଦୀପିକାୟାଂ
ସପ୍ତମୋଽଧ୍ୟାୟଃ ।

●

ତାରକବ୍ରହ୍ମ ଯୋଗ *

ଅଷ୍ଟମ ଅଧ୍ୟାୟ

ଅର୍ଜ୍ଜୁନ ଉବାଚ

କିଂ ତଦ୍‌ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ?॥୧॥

ଅର୍ଜ୍ଜୁନ କହିଲେ, ହେ ଭଗବାନ ! ଆପଣ ଯାହାସବୁ କହିଲେ, ମୁଁ ସ୍ପଷ୍ଟ ଭାବରେ ବୁଝିପାରୁନାହିଁ । ବ୍ରହ୍ମ କ'ଣ, କର୍ମ କାହାକୁ କୁହାଯାଏ, ଅଧ୍ୟାତ୍ମ କ'ଣ, ଅଧିଭୂତର ରୂପ କ'ଣ, ସଂସାରରେ ଅଧିଦୈବତ କିଏ ସବୁକଥା ପ୍ରାଞ୍ଜଳ ଭାବରେ ବୁଝେଇ ଦିଅନ୍ତୁ ।

ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ ମଧୁସୂଦନ ।
ପ୍ରୟାଣକାଳେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ? ॥୨॥

ହେ ଦେବ ! ଅଧିଯଜ୍ଞ କ'ଣ ଅନୁମାନ କରି ବୁଝାଯାଏନା । ଏହା ଦେହରେ ବାସ କରିଥାଏ କିପରି ? ହେ ଶାର୍ଙ୍ଗପାଣି ! ଆପଣ ତ ହୃଦୟର ନିୟନ୍ତ୍ରଣକାରୀ, ମନୁଷ୍ୟ ତାର ମୃତ୍ୟୁ ସମୟରେ ଆପଣଙ୍କୁ ଜାଣିପାରିବ କିପରି ? ସେହି ଜ୍ଞାନ କିପରି, ତାହା ମତେ ଟିକିଏ ବର୍ଣ୍ଣନା କରି କହନ୍ତୁ ।

ଜ୍ଞାନଦେବ ତାଙ୍କର ଶ୍ରୋତାମାନଙ୍କୁ କହିଲେ, ଭାଗ୍ୟବାନ ବ୍ୟକ୍ତି ଚିନ୍ତାମଣିରୂପକ ରତ୍ନମନ୍ଦିରରେ ଶୟନ କରିଥିବା ସମୟରେ ନିଦ୍ରାବଶରେ ଯେଉଁକଥା ତା ମୁହଁରୁ ବାହାରିପଡ଼େ, ତାହା କେବେହେଲେ ବିଫଳ ହୁଏନା ।

---

* ଏହାକୁ ଅକ୍ଷରବ୍ରହ୍ମଯୋଗ ମଧ୍ୟ କୁହାଯାଇଥାଏ ।

ସେହିଭଳି ଅର୍ଜୁନଙ୍କ ମୁହଁରୁ ଏକଥା ବାହାରିବା ମାତ୍ରେ ଶ୍ରୀକୃଷ୍ଣ କହିଲେ, ତୁମେ ଯାହା ପଚାରିଚ ତାହାର ଉତ୍ତର ଭଲକରି ଶୁଣ ।

ଅର୍ଜୁନ କାମଧେନୁର ବାଛୁରୀ । ସେ ବାଛୁରୀ ପୁଣି କଳ୍ପତରୁ ମଣ୍ଡପରେ ବନ୍ଧା ହୋଇଛି । ତେଣୁ ତାର ମନୋରଥ ଆପେ ଆପେ ସିଦ୍ଧ ହେବା ସ୍ୱାଭାବିକ । ଶ୍ରୀକୃଷ୍ଣ କୋପ କରି ଯାହାକୁ ବଧ କରିଥାଆନ୍ତି, ତା'ର ମଧ୍ୟ ପରମବ୍ରହ୍ମ-ସାକ୍ଷାତ୍କାର ଲାଭ ହୋଇଥାଏ । ଯେତେବେଳେ ଅର୍ଜୁନଙ୍କୁ କୃପାକରି ଉପଦେଶ ଦେଉଛନ୍ତି, ସେତେବେଳେ ତାଙ୍କର ଅପ୍ରାପ୍ତ କ'ଣ ବା ରହିପାରେ ? ତୁମେ ଯଦି କୃଷ୍ଣ ହୋଇଯିବ, ତାହାହେଲେ ତମର ଅନ୍ତର ମଧ୍ୟ କୃଷ୍ଣମୟ ହୋଇଯିବ ।

ଅର୍ଜୁନଙ୍କର ସେହିଭଳି ଅସୀମ ପ୍ରେମ ଥିବାରୁ ତାଙ୍କର ମନୋରଥ ସର୍ବଦା ସଫଳ । ଶ୍ରୀକୃଷ୍ଣ ଅର୍ଜୁନଙ୍କର ମନକୁ ଜାଣନ୍ତି ବୋଲି କ'ଣ କ'ଣ ପରଖିବେ, ଆଗରୁ ବ୍ୟବସ୍ଥା କରି ରଖିଛନ୍ତି । ଶିଶୁର କ୍ଷୁଧାକୁ ମାଆ ହିଁ ଅନୁଭବ କରିପାରେ । ଶିଶୁ ନ ମାଗିଲେ ମଧ୍ୟ ସେ ଖାଇବାକୁ ଦିଏ । ଶିଶୁ କେବଳ କାନ୍ଦିପାରେ । କ୍ରନ୍ଦନହିଁ ତାର ଭାଷା । ସେହିଭଳି ଅର୍ଜୁନଙ୍କର ଜାଣିବାର ବ୍ୟାକୁଳତାହିଁ ତାଙ୍କର ଭାଷା ।

ଶ୍ରୀଭଗବାନ ଉବାଚ

ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।
ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ।।୩।।

ଶ୍ରୀକୃଷ୍ଣ କହିଲେ, ଏହି ଭଙ୍ଗୁର ଶରୀରରେ ଯେଉଁ ବସ୍ତୁ ଓତଃପ୍ରୋତ ଭାବେ ପୂର୍ଣ୍ଣ ହୋଇ ରହିଛି, ଯାହା କେବେହେଲେ ବିନଷ୍ଟ ହୁଏନା, ଅତି ସୂକ୍ଷ୍ମ ଦେଖାଗଲେ ମଧ୍ୟ ଯାହା ଶୂନ୍ୟ ନୁହେଁ, ଯାହା ଏପରି ପତଳା ଯେ ମନେହୁଏ ତାକୁ ଆକାଶରେ ଢାଙ୍କି ରଖାହୋଇଛି, ଯାହା ଏହି ପ୍ରପଞ୍ଚ ଜ୍ଞାନରେ ଧରାଯାଇପାରେନା, ସେ ହେଉଚି ପରମବ୍ରହ୍ମ । ସାକାର ହେଲେ ମଧ୍ୟ ଯାହା ଜନ୍ମରହିତ, ଆକାର ଲୋପ ପାଇଗଲେ ମଧ୍ୟ ଯାହାର ମୃତ୍ୟୁ ନାହିଁ– ସେ ହେଉଚି ପରମବ୍ରହ୍ମ । ବ୍ରହ୍ମ ନିଜ ସତ୍ତାରେ ସତ୍ତାବାନ୍ ଅର୍ଥାତ୍ ଆତ୍ମସତ୍ତାସଂପନ୍ନ । ଏହି କଥାକୁ ଜାଣିବା ହେଉଚି ଅଧ୍ୟାତ୍ମଜ୍ଞାନ । ନିର୍ମଳ ଗଗନକୁ ଯେପରି କୌଣସି

କୌଣସି ସମୟରେ ଅଜ୍ଞାତ ଭାବରେ ବିଚିତ୍ରବର୍ଣ୍ଣର ଅଭ୍ରପଟଳ ଛାଇଯାଏ, ସେହିଭଳି ଅତ୍ୟନ୍ତ ଶୁଦ୍ଧ ନିରାକାର ରୂପ ଅଧିଷ୍ଠାନରେ ମହତ୍‌ତତ୍ତ୍ୱ ଇତ୍ୟାଦି ବ୍ରହ୍ମାଣ୍ଡର ଭେଦଭାବାତ୍ମକ ଆକାର ଦୃଷ୍ଟିଗୋଚର ହୋଇଥାଏ । କଳ୍ପନାତୀତ ବ୍ରହ୍ମସ୍ୱରୂପିଣୀ ଧରିତ୍ରୀ ବକ୍ଷରେ ସଂକଳ୍ପରୂପକ ଅଙ୍କୁରୋଦ୍‌ଗମ ହୁଏ ଏବଂ ସଙ୍ଗେ ସଙ୍ଗେ ବ୍ରହ୍ମାଣ୍ଡରୂପୀ ବୈଚିତ୍ର୍ୟ ପ୍ରକାଶିତ ହୋଇଥାଏ । ବ୍ରହ୍ମାଣ୍ଡର ପ୍ରତ୍ୟେକ ଆକାରରେ ଫଳର ବୀଜ ଭଳି ଅଗଣିତ ବ୍ରହ୍ମବୀଜ ଉତ୍ପନ୍ନ ହୋଇଥାଏ । ଏହି ଅଗଣିତ ବୀଜ ହେଉଛନ୍ତି ଜୀବ । ଏହି ବୀଜ ଉତ୍ପାଦନଶୀଳ ଓ ମରଣଶୀଳ । ଏହି କ୍ରମ ଧାରାବାହିକ ଭାବରେ ଲାଗି ରହିଛି । ଏହି ମୌଳିକ ବ୍ରହ୍ମଦେହରୁ ଅଗଣିତ ଆଦିପ୍ରବୃତ୍ତି ଜାତ ହୋଇଥାଏ । ଏହି ପ୍ରବୃତ୍ତିର ସଂଘର୍ଷରେ ଜୀବଜଗତର ପ୍ରସାର ଘଟିଥାଏ । ତଥାପି ସର୍ବତ୍ର ଅଦ୍ୱିତୀୟ ପରମବ୍ରହ୍ମ ହିଁ ପୂର୍ଣ୍ଣ ହୋଇ ରହିଛନ୍ତି । ଏକ ହୋଇଥିଲେ ମଧ୍ୟ ସେ ବହୁ ଭଳି ଦେଖାଯାଇଥାଆନ୍ତି । ବିଭିନ୍ନ ଆକାରରେ ପ୍ରଭେଦ କିପରି ଘଟେ, ତାହା ଜାଣିବା କଷ୍ଟକର ବ୍ୟାପାର । ଅନେକ ଜୁଆର ଆସି ସମ ଓ ବିଷମ ଭାବର ଅନିର୍ବଚନୀୟ ବ୍ୟର୍ଥତା ସୃଷ୍ଟି କରିଥାଏ । ସମଗ୍ର ସୃଷ୍ଟି ମିଥ୍ୟା ଏବଂ ମାୟା ବୋଲି କୁହାଗଲେ ମଧ୍ୟ ଏଥିରେ ଉତ୍ପନ୍ନ କୋଟି କୋଟି ଜୀବ ସତ୍ୟ ଭଳି ଦେଖାଯାଆନ୍ତି । ଏହି ସବୁର ଉତ୍ପତ୍ତି ସ୍ଥଳକୁ ଖୋଜି ବସିଲେ ଅବ୍ୟକ୍ତ ଓ ଶୂନ୍ୟତାହିଁ ଏସବୁର ମୂଳ ବୋଲି ଶେଷ ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିବ । ଏହାର ଉଦ୍ଦେଶ୍ୟ କିଛି ନାହିଁ ତଥାପି ତା ଭିତରେ ଆତ୍ମସ୍ଫୂର୍ତ୍ତ ଭାବରେ ଜନ୍ମ, ବୃଦ୍ଧି, ଅଭିବୃଦ୍ଧି ଓ ବିନାଶର ଲୀଳା ଲାଗି ରହିଛି । ଏହାକୁ କୁହାଯାଏ 'କ୍ରିୟା' ବା କର୍ମ । କିନ୍ତୁ ଏ କ୍ରିୟାର କର୍ତ୍ତା କିଏ ଦେଖାଯାଉନାହିଁ । ଅଥଚ ସବୁ କାର୍ଯ୍ୟ ଚାଲିଥିବା ଭଳି ଦେଖାଯାଉଛି । କର୍ତ୍ତା ଜଣାଶୁଣା କିନ୍ତୁ ଅବ୍ୟକ୍ତ, ଅଦୃଶ୍ୟ । ଏହି କର୍ତ୍ତା ଜୀବଜଗତକୁ ଆକାର ଦେବାଲାଗି ଯେଉଁ କାର୍ଯ୍ୟ କରିଥାଏ, ତାହାହିଁ କର୍ମ ।

ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।
ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ॥୪॥

ଅଧିଭୂତ କାହାକୁ କୁହାଯାଏ, ସଂକ୍ଷପରେ କହୁଛି ଶୁଣ । ମେଘ ଉତ୍ପନ୍ନ ହୁଏ ପୁଣି ବିଲୀନ ହୋଇଯାଏ । ସେହିଭଳି ଯାହାର ଅସ୍ତିତ୍ୱ ମିଥ୍ୟା ଏବଂ ନ ହେବାଟା ସତ୍ୟ, ପଞ୍ଚମହାଭୂତର ପ୍ରଣୟରେ ଯାହାର ରୂପ ପରିଗ୍ରହ ହୁଏ, ଭୂତହିଁ ଯାହାର ଆଶ୍ରୟ, ଭୂତମାନଙ୍କ ସଂଯୋଗ ଫଳରେ ଯାହାକୁ ଦେଖାଯାଏ ଏବଂ ଏହି ଭୂତମାନଙ୍କ ବିୟୋଗ ସମୟରେ ଯାହାର ନାମଗନ୍ଧ ବିଲୁପ୍ତ ହୋଇଯାଏ, ତାହାହିଁ 'ଅଧିଭୂତ' ।

ତାପରେ ଅଧିଦୈବତ କିଏ ଶୁଣ । ମନୁଷ୍ୟ ହିଁ ଅଧିଦୈବତ । ଯିଏ ପ୍ରକୃତିଦ୍ୱାରା ପ୍ରସ୍ତୁତ ସଂପତ୍ତି ଭୋଗ କରେ, ଯିଏ ବୁଦ୍ଧିର ଦ୍ରଷ୍ଟା, ଇନ୍ଦ୍ରିୟମାନଙ୍କର ରାଜା, ଯିଏ ଦେହର ଅନ୍ତିମ ସମୟରେ କାମନାରୂପକ ପକ୍ଷୀମାନଙ୍କ ଅଶ୍ରୟସ୍ଥଳ, ସେ ହେଉଚି ଅଧିଦୈବତ । ସେ ପରମାତ୍ମା ସ୍ୱରୂପ ହେଲେ ମଧ୍ୟ ତାଠାରୁ ସେ ଭିନ୍ନ ବୋଲି ନିଜକୁ ମନେ କରିଥାଏ । କାରଣ ସେ ଅହଂକାର-ନିଦ୍ରାରେ ଶୋଇଥିବା ଅବସ୍ଥାରେ ସ୍ୱପ୍ନ ଦେଖିବା ଉଦ୍ୟମରେ ସୁଖୀ ଓ ଦୁଃଖୀ ହୋଇଥାଏ । ଯିଏ ସାଧାରଣତଃ 'ଜୀବ' ନାମରେ ଅଭିହିତ, ସେ ପଞ୍ଚଭୂତକୁ ନେଇ ଗଠିତ ଶରୀର ଭିତରେ ରହି ସୁଖଦୁଃଖ ଅନୁଭବ କରୁଥିବାରୁ ସେ ହେଉଚି ଅଧିଦୈବତ ।

'ଅଧିଯଜ୍ଞ' କ'ଣ ଶୁଣ । ଶରୀରରୂପକ ଗ୍ରାମ ଭିତରେ ଥାଇ ଯିଏ ଶରୀର ଭାବକୁ ଲୋପ କରି ଦେଇଥାଏ ଏବଂ ଶରୀର ଗ୍ରାମର ଶୃଙ୍ଖଳା ରକ୍ଷା କରିଥାଏ, ସେହି ଅଧିଯଜ୍ଞ ହେଉଚି ମୁଁ । ଅଧିଭୂତ ଓ ଅଧିଦୈବତ ମଧ୍ୟ ମୋର ଅଂଶବିଶେଷ । ସୁନାରେ ଖାଦ ମିଶାଗଲେ ଅବଶ୍ୟ ସୁନାର ମୂଲ୍ୟ ସାମାନ୍ୟ କମିଯାଇପାରେ, କିନ୍ତୁ ତା ଭିତରେ ଥିବା ସୁନାର ଗୁଣ କମିଯାଇ ନପାରେ । ଖାଦ ସହିତ ରହିଛି ବୋଲି ଏହାର ମୂଲ୍ୟ ସିନା କମିଯାଏ କିନ୍ତୁ ସୁନା ଖାଦ ସହିତ ଏକାବେଳକେ ମିଶି ଖାଦ ହୋଇ ଯାଏନା । ସେହିଭଳି ଅଧିଭୂତ, ଅଧିଦୈବତ ପ୍ରଭୃତି ଅବିଦ୍ୟାର ଆବରଣ ଦ୍ୱାରା ଆବୃତ ଥିବା ହେତୁ ଅଧିଯଜ୍ଞ ଭିନ୍ନ ମନେ ହୋଇଥାଏ । ତଳେ ପଡ଼ିଥିବା ଗୋଟିଏ କେଶ ଉପରେ ଖଣ୍ଡେ କାଚ ରଖିଦେଲେ ଏହା ବାହାରକୁ ଭଙ୍ଗା ଦେଖାଯାଏ, କିନ୍ତୁ କେଶଟିକୁ କାଢ଼ିଦେଲେ କାଚ ଭଙ୍ଗା ଦେଖାଯାଏନା । ତୁମେ କ'ଣ କହିବ ଯେ କାଚଟା ଭଙ୍ଗାଥିଲା, ଜଣେ କିଏ ଆସି ଏହାକୁ ଯୋଡ଼ି ଦେଇଗଲା ? ସେହିଭଳି ଅବିଦ୍ୟା ଥିବାଯାଏ ଭେଦ ଥିବା ଦେଖାଯିବ । ଅବିଦ୍ୟାର

ଆବରଣକୁ କାଢ଼ିନେଲେ ପ୍ରକୃତ ସ୍ୱରୂପ ଦେଖାଯିବ । ଏହି ଐକ୍ୟସ୍ୱରୂପ ଭାବଦେହରେ ମୋର ଅଧିଷ୍ଠାନ । ଏହି ଅଧିଷ୍ଠାନ ହିଁ ଅଧିଯଜ୍ଞ । ମୁଁ ଆଗରୁ କହିଛି, ସମସ୍ତ ପ୍ରକାରର ଆରାଧନା ବା ଯଜ୍ଞ କର୍ମରୁ ଉତ୍ପନ୍ନ । ଆରାଧ୍ୟ ହେଉଚି ଜଣେ । ମୁଁ ହେଉଚି ସର୍ବଜୀବର ଆଶ୍ରୟସ୍ଥଳ, ବ୍ରହ୍ମାନନ୍ଦର ଉତ୍ସ । ଏହି ଯଜ୍ଞ ବା ଆରାଧନାର ଯଥାର୍ଥ ମାର୍ଗ ହେଉଚି, ପ୍ରଥମେ ତ୍ୟାଗ ବା ବୈରାଗ୍ୟ ରୂପକ ସମୀଧ ବା ଇନ୍ଧନ ସଂଗ୍ରହ କରିବ । ଏହା ସାହାଯ୍ୟରେ ଇନ୍ଦ୍ରିୟ-ପ୍ରବୃତ୍ତିଗୁଡ଼ିକୁ ଜାଳିବ । ଏହି ଜ୍ୱଳନ ବେଳେ କ୍ରୋଧ, ଦ୍ୱେଷ, ଈର୍ଷା ଆଦିକୁ ଆହୁତି ଦେବ । ଏହି ସଂସାର ହେଉଚି ଯଜ୍ଞମଣ୍ଡପ ଏବଂ ଶରୀର ହେଉଚି ଯଜ୍ଞକୁଣ୍ଡ । ଇନ୍ଦ୍ରିୟଗୁଡ଼ିକ ହେଉଛନ୍ତି ଇନ୍ଧନ । ମନ ଓ ପ୍ରାଣବାୟୁର ନିଗ୍ରହଦ୍ୱାରା ଯୋଗମନ୍ତ୍ର ବଳରେ ଯଜନ କଲେ ଧୂମ ରହିତ ଜ୍ଞାନାଗ୍ନିର ସନ୍ତୋଷ ବିଧାନ ହୋଇଥାଏ । ସକଳ ସାମଗ୍ରୀ ଜ୍ଞାନାଗ୍ନିରେ ଅର୍ପିତ ହେବାପରେ ଜ୍ଞେୟ ପଦାର୍ଥର ଜ୍ଞାନ ଲୀନ ହୋଇଯାଏ । ତାପରେ ଯେଉଁ ଜ୍ଞେୟ ପଦାର୍ଥ ଭସ୍ମ ଆକାରରେ ରହେ, ତାହା ହେଉଚି ଅଧିଯଜ୍ଞ ।

ଏସବୁ ବର୍ଣ୍ଣନା କରିବା ପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, ଏଥର ବୁଝିଲ ତ ?

ଅର୍ଜୁନ ମନଦେଇ ଶୁଣୁଥିଲେ । ଶ୍ରୀକୃଷ୍ଣ ପୁଣି ପଚାରି ଦେବାରେ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ଶିଶୁର ତୃପ୍ତିରେ ତୃପ୍ତ ହେବା ଏବଂ ଶିଷ୍ୟର କୃତାର୍ଥତାରେ କୃତାର୍ଥ ହେବା କଥା ମାଆ ଓ ସଦ୍‌ଗୁରୁ ହିଁ ଜାଣନ୍ତି । ଅର୍ଜୁନଙ୍କ ଆଗରେ ଭଗବାନଙ୍କର ହୃଦୟରେ ସାତ୍ତ୍ୱିକଭାବ ଏଭଳି ଉଛୁଳି ଉଠୁଥିଲା ଯେ ତାହା କଥାରେ କହିହେବ ନାହିଁ । କିନ୍ତୁ ସେହି ଭାବକୁ ସଂଯତ କରାଇନେଇ ଅର୍ଜୁନଙ୍କ ଆଗରେ ସେ ସାତ୍ତ୍ୱିକ ରସକୁ ଏପରି ଭାବରେ ପରିବେଷଣ କଲେ ଯେ ଅର୍ଜୁନଙ୍କର ମନେହେଲା ସେ ଯେପରି ସୁଖରୂପକ ସୁଗନ୍ଧ ବା ଶାନ୍ତ ଶୀତଳ ଅମୃତ ଉପଭୋଗ କରୁଛନ୍ତି ।

ଶ୍ରୀକୃଷ୍ଣ କହିଲେ, ହେ ଶ୍ରୋତାଶ୍ରେଷ୍ଠ ଧନଞ୍ଜୟ ! ଶୁଣ, ଏଭଳି ଭାବରେ ମାୟା ଜଳିଗଲେ ତୁମର ମନେହେବ ଯେ ମାୟା ବିନାଶକାରୀ ଜ୍ଞାନ ମଧ୍ୟ ଜଳିବାରେ ଲାଗିଛି ।

ଅନ୍ତକାଳେ ଚ ମାମେବ ସ୍ମରନ୍‌ମୁକ୍ତ୍ୱା କଳେବରମ୍ ।
ଯଃ ପ୍ରୟାତି ସ ମଦ୍‌ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ॥୫॥

ଯେଉଁ ଘର ଭିତରେ ଶୂନ୍ୟତା ବା ଆକାଶ ରହିଛି, ସେହି ଘର ପୁଣି ଶୂନ୍ୟତା ଭିତରେ ରହିଛି । ଆକାଶ ଓ ଘର-ପରସ୍ପର ଭିତରେ ମିଶି ରହିଛନ୍ତି । ସେହିଭଳି ଯିଏ ଆତ୍ମସ୍ୱରୂପ ବା ବ୍ରହ୍ମସ୍ୱରୂପ ହୋଇ ରହିଥାଏ, ଯିଏ ଅନୁଭବ-ରୂପକ ଘରେ ସିଦ୍ଧାନ୍ତ-ରୂପକ କୋଠରିକୁ ଦର୍ଶନ କରିଥାଏ, ବାହାରକୁ ଆସିବାକୁ ଚିନ୍ତା ସୁଦ୍ଧା କରେନା, ଯିଏ ଭିତରେ ଓ ବାହାରେ ପରିପୂର୍ଣ୍ଣ ଐକ୍ୟବୋଧଦ୍ୱାରା ମୋ ସ୍ୱରୂପ ହୋଇ ରହିଥାଏ, ତାର ବାହ୍ୟିକ ପଞ୍ଚଭୂତର ଆବରଣ ଅଜ୍ଞାତ ଭାବରେ ନଷ୍ଟ ହୋଇଯାଏ । ଆବରଣ ଅଖଣ୍ଡିତ ରହିଥିଲେ ମଧ୍ୟ ସେଥିପ୍ରତି ତାର ମନ ନଥାଏ । ଏହି ଆବରଣ ନଷ୍ଟ ହୋଇଗଲେ ଅର୍ଥାତ୍ ବଞ୍ଚିଥିବା ଅବସ୍ଥାରେ 'ମୁଁ ବଞ୍ଚି ରହିଛି' ବୋଲି ଚେତନା ଚାଲିଯିବା ପରେ ଦୁଃଖ ବୋଲି କିଛି ରହେନା । ମୃତ୍ୟୁଭୟ ବା ମରଣ ଯନ୍ତ୍ରଣାର ସତ୍ତା ମଧ୍ୟ ରହେନା । ତାର ଅନୁଭବ-ରୂପକ ଉଦରରେ ଟୋପେ ବି ଜଳ ପଡ଼େନା । ତାର ବିଶ୍ୱାସ ଐକ୍ୟଭାବ ସହିତ ମିଶ୍ରିତ ହୋଇଥିବାରୁ ମନେହୁଏ ତାର ହୃଦୟ ଶାଶ୍ୱତଭାବର ଛାଞ୍ଚରେ ଢଳା ହୋଇଗଲାଣି । ଏହି ହୃଦୟ ପୂର୍ଣ୍ଣାନନ୍ଦ-ସମୁଦ୍ରରେ ଧୌତ ହୋଇଥିବାରୁ ମଳିନତାର ତିଳେହେଲେ ଅବକାଶ ରହିନଥାଏ । ଗଭୀର ଜଳରେ ଘଟକୁ ବୁଡ଼ାଇଲେ ଏହା ଅନ୍ତର ଓ ବାହାର ଜଳରେ ପୂର୍ଣ୍ଣ ହୋଇଯାଏ । ପରେ ଏହା ଦୈବାତ୍ ଭାଙ୍ଗିଗଲେ ମଧ୍ୟ ଘଟ ଭିତରେ ଥିବା ଜଳର ବିନାଶ ଘଟେ ନାହିଁ । ସାପ କାତି ଛାଡ଼ିଲେ ମଧ୍ୟ ସାପର କୌଣସି କ୍ଷତି ହୁଏନା । ଖରାଦିନେ ଗରମବୋଧ ହେଲେ ମଣିଷ ଦେହରୁ ଲୁଗାପଟା କାଢ଼ିପକାଏ । ତା' ବୋଲି ଦେହର କୌଣସି କ୍ଷତି ଘଟେ କି ? ତେଣୁ ଶରୀର ନଷ୍ଟ ହୋଇଗଲେ ମଧ୍ୟ ଆତ୍ମା ବା ବ୍ରହ୍ମ ଯେ ନଷ୍ଟ ହୋଇଯାଏନା ବରଂ ବ୍ରହ୍ମୋପଲବ୍ଧି ହୁଏ ବୋଲି ଯିଏ ଅନୁଭବ କରେ, ତାର ଭୟ କ'ଣ ? ବରଂ ଯିଏ ଏକଥା ଅନୁଭବ କରି ଦେହ ତ୍ୟାଗକରେ, ସେ ମୋ ସ୍ୱରୂପତା ଲାଭ କରିଥାଏ । ସାଧାରଣ ନିୟମ ହେଉଚି ମୃତ୍ୟୁକାଳର ଶେଷ ମୁହୂର୍ତ୍ତରେ ଯିଏ ଯାହା ସ୍ମରଣ କରିଥାଏ, ସେ

ତାହାହିଁ ହୋଇଯାଏ । କୌଣସି କୌଣସି ସମୟରେ ମଣିଷ ବିପଦରେ ପଡ଼ି ଭୟରେ କ୍ଷିପ୍ରଗତିରେ ଦୌଡ଼ି ଦୌଡ଼ି ଅକସ୍ମାତ୍ କୂଅ ଭିତରେ ଗଳିପଡ଼େ । କୂଅ ଭିତରେ ପଡ଼ିବା ପୂର୍ବରୁ କୂଅ ଭିତରେ ଯେପରି ନପଡ଼ିବ, ସେ ଚିନ୍ତା ତାର ନଥାଏ, ଉପାୟ ମଧ୍ୟ କିଛି ନଥାଏ । କୂଅରେ ପଡ଼ିବା ହିଁ ତାର ଏକମାତ୍ର ଉପାୟ । ସେହିଭଳି ମୃତ୍ୟୁକାଳ ଆସିଯିବାମାତ୍ରେ ଜୀବ ସମ୍ମୁଖରେ ବା ମନୁଷ୍ୟର ମନରେ ଯେଉଁ ବସ୍ତୁର ଚିନ୍ତା ଆସିଥାଏ, ତାକୁ ତାହାହିଁ ମିଳେ । ଜାଗ୍ରତ ଅବସ୍ଥାରେ ମଣିଷ ଯାହା ଧ୍ୟାନ ଓ ଭାବନା କରେ, ଚକ୍ଷୁ ବୁଜିବାମାତ୍ରେ ସେ ତାହାହିଁ ଦେଖିଥାଏ ।

ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ ।
ତଂ ତମେବୈତି କୌନ୍ତେୟ ! ସଦା ତଦ୍‌ଭାବଭାବିତଃ ॥୬॥

ଜୀବିତାବସ୍ଥାରେ ମନରେ ଯେଉଁ ଇଚ୍ଛା ପୂରଣ ନହୋଇ ରହିଥାଏ, ସେ ଇଚ୍ଛା ମରଣକାଳରେ ଆସି ଉପସ୍ଥିତ ହୁଏ ଏବଂ ମରଣକାଳରେ ଯିଏ ଯେଉଁ ବସ୍ତୁକୁ ମନେପକାଏ, ତାର ସେହି ଗତି ହୁଏ ।

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ ।
ମଯ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟ ସଂଶୟମ୍ ॥୭॥

ତେଣୁ ତୁମେ ମତେ ସର୍ବଦା ସ୍ମରଣ କର । ଚକ୍ଷୁରେ ଯାହା ଦେଖ, କାନରେ ଯାହା ଶୁଣ, ମନରେ ଯାହା ଚିନ୍ତାକର, ମୁହଁରେ ଯାହା କହ, ଅନ୍ତର ଓ ବାହାର ସବୁ ମୁଁ, ମୋ ବ୍ୟତୀତ ଅନ୍ୟକିଛି ନାହିଁ— ଏକଥା ଯେତେବେଳେ ଅନୁଭବ କରିପାରିବ, ସେତେବେଳେ ସର୍ବତ୍ର ମତେ ହିଁ ଦେଖିପାରିବ । ସେତେବେଳେ ଶରୀର ଚାଲିଗଲେ ମଧ୍ୟ ତାହା ଯଥାର୍ଥ ମୃତ୍ୟୁ ନୁହଁ । ସେତେବେଳେ ସଂଗ୍ରାମ କରିବାକୁ ମନରେ ଆଦୌ ଭୟ ଆସିବ ନାହିଁ । ଯଦି ତୁମେ ଯଥାର୍ଥରେ ନିଜ ମନ ଓ ବୁଦ୍ଧିକୁ ମୋ ସ୍ୱରୂପରେ ସମର୍ପଣ କରିଦିଅ, ତାହାହେଲେ ନିଶ୍ଚିତ ଭାବରେ ତୁମେ ମତେ ଲାଭ କରିପାରିବ । ଏହା କିପରି ସମ୍ଭବ ହେବ, ଏ ସମ୍ପର୍କରେ ଯଦି ମନରେ କିଛି ସନ୍ଦେହ ରହୁଛି, ତାହାହେଲେ ଅଭ୍ୟାସ କରି ଦେଖ, ତାପରେ ଯାଇ ମୁଁ ଯାହା କହୁଛି ତାହା ନ ହୋଇପାରିଲେ ମୋପ୍ରତି ବିରକ୍ତ ହୋଇ ପାର ।

ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା ।
ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ॥୮॥

ଅଭ୍ୟାସଯୋଗ ଚିତ୍ତର ହିତକାରକ । ଏହାଦ୍ୱାରା ଯୋଗୀ ମନକୁ ସଂଯତ କରିଥାଏ । ସେହି ଠିକ୍ ବାଟରେ ଗଲେ ପଙ୍ଗୁ ମଧ୍ୟ ପର୍ବତ ଆରୋହଣ କରିପାରେ । ତେଣୁ ନିରନ୍ତର ଅଭ୍ୟାସଦ୍ୱାରା ମନକୁ ପରମପୁରୁଷ ପ୍ରତି ଲଗାଅ । ଶରୀର ଅଛି କି ନାହିଁ ସେଥିପ୍ରତି ମନ ଦିଅନା । ମନ ତ ବହୁ ବିଷୟ ପ୍ରତି ଦୌଡ଼ିଥାଏ, କିନ୍ତୁ ଯେ ଏହାକୁ ଅସ୍ୱୀକାର କରିଥାଏ, ତା ମନର ଦୌଡ଼ଧାପଡ଼୍ ବନ୍ଦ ହୋଇଯାଏ । ଶରୀର ରହିଲା କି ଗଲା ସେ ଧାରଣା ଆସିପାରେନା । ନଦୀ ଦୌଡ଼ିଚି ସମୁଦ୍ରରେ ମିଶିଯିବା ପାଇଁ, କ'ଣ ହେଲା ନ ହେଲା ଦେଖିବାପାଇଁ ସେ ପଛକୁ ଚାହେଁନା । ସେ ସମୁଦ୍ରରେ ମିଶି ସମୁଦ୍ର ପାଲଟିଯାଏ । ସେହିଭଳି ଯେତେବେଳେ ଚିତ୍ତ ଜ୍ଞାନରୂପ ହୋଇଯାଏ, ସେତେବେଳେ ଜନ୍ମ ମରଣ ବନ୍ଦ ହୋଇଯାଏ । ଏହି ଅବସ୍ଥାଟି ହେଉଚି ପରମାନନ୍ଦ ।

କବିଂ ପୁରାଣମନୁଶାସିତାର-
ମଣୋରଣୀୟାଂସମନୁସ୍ମରେଦ୍ ଯଃ ।
ସର୍ବସ୍ୟ ଧାତାରମଚିନ୍ତ୍ୟରୂପ-
ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ॥୯॥
ପ୍ରୟାଣକାଳେ ମନସାଚଳେନ
ଭକ୍ତ୍ୟା ଯୁକ୍ତୋ ଯୋଗବଳେନ ଚୈବ ।
ଭ୍ରୂବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍
ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ ॥୧୦॥

ବ୍ରହ୍ମ ନିରାକାର, ତାର ଜନ୍ମ ନାହିଁ କି ମରଣ ନାହିଁ । ସେ ସର୍ବବ୍ୟାପୀ । ଆକାଶଠାରୁ ମଧ୍ୟ ପୁରାତନ । ପରମାଣୁଠାରୁ ସୂକ୍ଷ୍ମ । ତାର ସାନ୍ନିଧ୍ୟଯୋଗୁଁ ହିଁ ବିଶ୍ୱର ସମସ୍ତ କାର୍ଯ୍ୟ । ସେ ସର୍ବସୃଷ୍ଟିର ଉତ୍ସ; ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଜୀବନ । ସେ ଏପରି ଅଚିନ୍ତ୍ୟ ଯେ ଶାସ୍ତ୍ର ତାକୁ କଳନା କରିବାକୁ ଭୟ କରେ । ପତଙ୍ଗ କେବେହେଲେ ଅଗ୍ନିକୁ ଖାଇ ପାରେନା, ଆଲୋକ ଭିତରେ ଅନ୍ଧକାର ପ୍ରବେଶ

କରି ପାରେନା, ସେହିଭଳି ଅଜ୍ଞାନାତ୍ମକ ବାହ୍ୟଦୃଷ୍ଟିଦ୍ୱାରା ଶରୀରର ଅବାସ୍ତବତାକୁ ଲକ୍ଷ୍ୟ କରାଯାଇ ପାରେନା । ସୂର୍ଯ୍ୟକିରଣ ଭଳି ଅଖଣ୍ଡ ଉଜ୍ଜ୍ୱଳ କିରଣ ରୂପକ ଜ୍ଞାନଦ୍ୱାରାହିଁ ଅଖଣ୍ଡ ବ୍ରହ୍ମଦର୍ଶନ ସମ୍ଭବ, ଜ୍ଞାନୀ ବା ଯୋଗୀ ବ୍ରହ୍ମହିଁ ସଂପୂର୍ଣ୍ଣ ବୋଲି ଉପଲବ୍ଧି କରି ମରଣ କାଳରେ ସବୁଦିଗରୁ ଏକାଗ୍ରଚିତ୍ତ ହେବାପାଇଁ ଉଦ୍ୟମ କରିଥାଏ । ସେ ଉତ୍ତରାମୁଖୀ ହୋଇ ପଦ୍ମାସନରେ ବସେ । ଯୋଗାନନ୍ଦରେ ବିଭୋର ହୋଇ ସେ ମନକୁ ବ୍ରହ୍ମାଭିମୁଖୀ କରେ । ଏହି ଅବସ୍ଥାରେ ସେ ଆତ୍ମାନନ୍ଦ ଲାଭ କରୁ କରୁ ହଠାତ୍ ଅତିଶୀଘ୍ର ଆପେ ଆପେ ବ୍ରହ୍ମ ସହିତ ମିଶିଯାଏ । ଅଭ୍ୟାସ ବଳରେ ଯୋଗଦ୍ୱାରା ସେ ସୁଷୁମ୍ନାରୂପକ ରାଜପଥ ଦେଇ ଯାଉ ଯାଉ ଜନ୍ମସ୍ଥାନ ବା ଅଗ୍ନିଚକ୍ରକୁ ଅତିକ୍ରମ କରି ବ୍ରହ୍ମରନ୍ଧ୍ରରେ ପହଞ୍ଚେ । ସେଠାରେ ପ୍ରାଣ ଓ ଚିତ୍ତ ମଧ୍ୟରେ ଏକ ସଂପର୍କ ପ୍ରତିଷ୍ଠା ହୋଇଗଲାଭଳି ମନେହୁଏ ଏବଂ ବ୍ରହ୍ମରନ୍ଧ୍ର ବାଟ ଦେଇ ପ୍ରାଣ ଚାଲିଯାଇ ଆକାଶରେ ମିଶିଯାଏ । ଯୋଗୀ ମନକୁ ସ୍ଥିର ରଖି, ତାକୁ ଧୈର୍ଯ୍ୟର ସହିତ ଭକ୍ତିଭାବରେ ପୂର୍ଣ୍ଣ ରଖି, ଯୋଗବଳ ଦ୍ୱାରା ନିଜ ମନକୁ ପ୍ରାଣବାୟୁ ଆଡ଼କୁ ପରିଚାଳିତ କରାଏ ଏବଂ ଚେତନାର ଚେତନାକୁ ଭ୍ରୂ ମଧ୍ୟରେ ଆୟତ୍ତ କରି ରଖେ । ଘଣ୍ଟାଧ୍ୱନି ଯେପରି ଘଣ୍ଟା ଭିତରେ ଲୀନ ହୋଇଯାଏ, ଦୀପକୁ ଘଟଦ୍ୱାରା ଆବୃତ୍ତ କରିଦେବାଦ୍ୱାରା ଦୀପଶିଖା ଯେପରି ଅଜ୍ଞାତ ଭାବରେ ଅନ୍ତର୍ହିତ ହୋଇଯାଏ, ସେହିଭଳି ହେ ପାଣ୍ଡବ ! ଯିଏ ଦେହତ୍ୟାଗ କରେ, ସେ କେବଳ ପରମବ୍ରହ୍ମ ପରମପୁରୁଷ ମୋ ନିଜ ଧାମର ସ୍ୱରୂପତା ଲାଭ କରେ ।

ଯଦକ୍ଷରଂ ବେଦବିଦୋ ବଦନ୍ତି
ବିଶନ୍ତି ଯଦ୍‌ଯତୟୋ ବୀତରାଗାଃ ।
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି
ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ ॥୧୧॥

ସର୍ବଜ୍ଞାନର ଶେଷ ସୀମା ହେଉଛି ପରବ୍ରହ୍ମ ବା ପରମବ୍ରହ୍ମ । ଜ୍ଞାନୀ ଏହାକୁ 'ଅକ୍ଷର' ବୋଲି କହିଥାଆନ୍ତି । କାରଣ ଏହାର କ୍ଷୟ ନାହିଁ । ସେ ସର୍ବଜ୍ଞାନର ଆଧାର । ସେ ଏଭଳି ଏକ ଆକାଶ ଯେ, ପ୍ରଚଣ୍ଡ ବାୟୁର ଆଘାତରେ ମଧ୍ୟ ଏହା ଭାଙ୍ଗି ପଡ଼େନା । କେବଳ ଏହାର ଆବରଣ ରୂପେ ଥିବା ମେଘ

ଭାଙ୍ଗିଯାଏ । ତେଣୁ ଯାହା କିଛି ଜ୍ଞାତବ୍ୟ, ତାହା ଏହାର ପରିସର ଭିତରେ ହିଁ ଥାଏ । ଯାହା ଜ୍ଞାନଦ୍ୱାରା କେବେହେଲେ ଜ୍ଞାତ ହୋଇନଥାଏ, ତାହା ହିଁ 'ଅକ୍ଷର' ଭାବରେ ଅଭିହିତ । ଯିଏ ପରମ ସେ ମାୟାରୂପିଣୀ ନଦୀର ଆର କୂଳରେ ପରମବ୍ରହ୍ମ ରୂପରେ ରହିଥାଏ । ଯେଉଁମାନେ ବେଦଜ୍ଞ, ସେମାନେ ଏହାକୁ ଅକ୍ଷର ଭାବରେ ଚିହ୍ନି ଥାଆନ୍ତି । ତା ପାଖରେ ପହଞ୍ଚିବା ଲାଗି ଯୋଗୀ ବିଷୟବାସନା-ରୂପକ ବିଷକୁ ପରିହାର କରେ, ଇନ୍ଦ୍ରିୟ ନିଗ୍ରହ କରେ ଏବଂ ଶରୀରରୂପକ ବୃକ୍ଷମୂଳରେ ଉଦାସୀନ ଭାବରେ ନୀରବରେ ଧ୍ୟାନମଗ୍ନ ହୋଇ ବସି ରହିଥାଏ । ସେ ବୈରାଗ୍ୟରୂପକ ଅନୁଭବ ଦ୍ୱାରା ସେହି ପରମବ୍ରହ୍ମର ସାକ୍ଷାତ୍‌କାର ଲାଗି ଉତ୍କଣ୍ଠିତ ଚିତ୍ତରେ ଅପେକ୍ଷା କରି ରହିଥାଏ । ପରମବ୍ରହ୍ମ ମଧ୍ୟ ଏଭଳି ଯୋଗୀକୁ ଏତେ ଭଲ ପାଇଥାଆନ୍ତି ଯେ ସେ ମଧ୍ୟ ତାକୁ ପାଇବାଲାଗି ଅପେକ୍ଷା କରି ରହିଥାଆନ୍ତି । ଏହି ବ୍ରହ୍ମପ୍ରାପ୍ତିର ଅଭିଳାଷ ଏତେ ତୀବ୍ର ହୋଇଉଠେ ଯେ, ଯୋଗୀ ବା ସାଧକ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି, ଅତି କଠୋର ଭାବରେ ଇନ୍ଦ୍ରିୟଗୁଡ଼ିକୁ ଆୟତ୍ତ କରିନିଏ । ଯିଏ ଦୁର୍ଲ୍ଲଭ ଓ ଅଗାଧ, ବେଦ ଯାହା ଭିତରେ ଡୁବି ରହିଛି, ସେହି ପରମବ୍ରହ୍ମକୁ ଯୋଗୀ ଲାଭ କରେ ଏବଂ ପୂର୍ବୋକ୍ତ ରୀତିରେ ତା ଭିତରେ ଲୀନ ହୋଇଯାଏ ।

ଅର୍ଜୁନ କହିଲେ, ହେ ପ୍ରଭୁ ! ମୁଁ ତ ଏକଥା ଶୁଣିବାପାଇଁ କହୁଥିଲି ।ଏଣିକି ଯାହା କହିବେ ଆଉ ଟିକିଏ ସହଜକରି କହିବେ । ଏହି ଯୋଗ କିପରି ଆହୁରି ସହଜ ହୋଇପାରିବ, ତାହା ବର୍ଣ୍ଣନା କରି କହନ୍ତୁ ।

ଶ୍ରୀକୃଷ୍ଣ କହିଲେ, ତୁମର ବୋଧଶକ୍ତି କେତେ ମୁଁ ଭଲଭାବରେ ଜାଣେ । ଏପରି ଚେଷ୍ଟା କର, ଯେପରିକି ମନ ଆଉ ବାହାରକୁ ଆସିବାପାଇଁ ବାଟପାଇବ ନାହିଁ, ସବୁବେଳେ ହୃଦୟ ସରୋବରରେ ବୁଡ଼ି ରହିବ ।

ସର୍ବଦ୍ୱାରାଣି ସଂଯମ୍ୟ ମନୋ ହୃଦି ନିରୁଧ୍ୟ ଚ ।
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ॥୧୨॥

ମନର ଇତସ୍ତତଃ ଦୌଡ଼ିବାର ଯେଉଁ ଅଭ୍ୟାସ ରହିଛି, ହେ ଅର୍ଜୁନ ! ସେ ଅଭ୍ୟାସ ଭାଙ୍ଗିବାକୁ ହିଁ ପଡ଼ିବ । ମନକୁ ଆଣି ହୃଦୟ ଭିତରେ ରଖିଲେ ଯାଇ ସ୍ଥିରତା ଆସିପାରିବ । ଆତ୍ମସଂଯମ ଓ କଠୋର ବ୍ରତ ଦ୍ୱାରା ଇନ୍ଦ୍ରିୟର ସମସ୍ତ ଦ୍ୱାରକୁ ଚିରଦିନ ପାଇଁ ବନ୍ଦ କରିଦେଲେ ଯାଇ ଏହା ସମ୍ଭବ

ହୋଇପାରିବ । ହାତ ଗୋଡ଼ ଭାଙ୍ଗି ଦେଇ ମନୁଷ୍ୟକୁ ଗୋଟିଏ ଘର ଭିତରେ ଆବଦ୍ଧ କରିଦେଲେ ସେ ଯେପରି ଆଉ କୁଆଡ଼େ ଯାଇପାରିବ ନାହିଁ, ସେହିଭଳି ମନକୁ ପଙ୍ଗୁ କରିଦେଇ ତାକୁ ହୃଦୟ ଘରେ ଆବଦ୍ଧ ରଖିବାକୁ ପଡ଼ିବ । ଏହିଭଳି ଭାବରେ ଚିତ୍ତ ବା ମନର ସ୍ଥିରତା ଆସିଯିବା ପରେ ପ୍ରାଣାୟାମ୍ ସାହାଯ୍ୟରେ ପ୍ରାଣକୁ ପ୍ରଣବ ଓଁ କାରରେ ପରିଚିତ କରି କ୍ରମଶଃ ଏହାକୁ ଠେଲି ଠେଲି ନେଇ ବ୍ରହ୍ମଚକ୍ର ପାଖରେ ପହଞ୍ଚାଇବାକୁ ପଡ଼ିବ । ତାପରେ ପୁନଶ୍ଚ ସେହି ଯୋଗବଳରେ ଆକାଶରେ ଯାଇ ମିଶିଯିବା ପର୍ଯ୍ୟନ୍ତ ପ୍ରାଣବାୟୁକୁ ସ୍ଥିର ରଖିବାକୁ ପଡ଼ିବ । ଏଭଳି ଭାବରେ ସ୍ଥିର ରଖିବାକୁ ପଡ଼ିବ, ଯେଉଁ ଅବସ୍ଥାରେ କି ଏହା ଆକାଶରେ ମିଶିଲା କି ନାହିଁ ତାହା ଆଦୌ ଜାଣିପାରିବ ନାହିଁ । ଓଁକାରର ତିନୋଟି ମାତ୍ରା (ଅ+ଉ+ମ) ଅର୍ଦ୍ଧମାତ୍ରାରେ ପ୍ରାୟ ବିଲୀନ ହେବାଯାଏଁ ପ୍ରାଣବାୟୁକୁ ଆକାଶରେ ସ୍ଥିର ରଖିବାକୁ ପଡ଼ିବ । ତାହାହେଲେ ପ୍ରାଣବାୟୁ କ୍ରମଶଃ ଓଁକାରର ମିଳନରେ ବ୍ରହ୍ମ ସହିତ ମିଶି ଏକ ହୋଇଯିବ । ଓଁକାର ଓ ପ୍ରାଣ ଉଭେଇଯାଇ ଯାହା ଅବଶିଷ୍ଟ ରହିବ ତାହାହିଁ ବ୍ରହ୍ମ । *

ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍ ।
ଯଃ ପ୍ରୟାତି ତ୍ୟଜନ୍ ଦେହଂ ସ ଯାତି ପରମାଂ ଗତିମ୍ ॥୧୩॥

ଓଁ କାରର ସ୍ମରଣ ବନ୍ଦ ହୋଇଗଲେ ପ୍ରାଣ ମଧ୍ୟ ଚାଲିଯାଏ; ସେତେବେଳେ ଓଁକାରର ବ୍ରହ୍ମାନନ୍ଦରୂପ ହିଁ ଅବଶିଷ୍ଟ ରହେ । ପ୍ରଣବ ଯାହାର ନାମ, ଯାହା ହେଉଚି

* ଓଁକାରର ସ୍ମରଣ ବନ୍ଦ ହୋଇଗଲେ ପ୍ରାଣ ବହିର୍ଗତ ହୋଇଯାଏ । ସେତେବେଳେ ଅବଶିଷ୍ଟ ରହେ ଓଁକାରର ବ୍ରହ୍ମାନନ୍ଦସ୍ୱରୂପ । ଓଁକାରର ଅନ୍ୟ ନାମ ପ୍ରଣବ । ଏହାହିଁ ଏକାକ୍ଷରବ୍ରହ୍ମ ।

ପ୍ରଣବ, ଏକାକ୍ଷର ବ୍ରହ୍ମ, ଶବ୍ଦ ବା ନାଦବ୍ରହ୍ମ, ନାମବ୍ରହ୍ମ ଓ ଓଁକାର ଏକାର୍ଥବାଚକ । ଶ୍ରୀଚୈତନ୍ୟଚରିତାମୃତର ମତ ଅନୁସାରେ ପ୍ରଣବ ହେଉଛି ବେଦର ମହାକାବ୍ୟ । 'ଚରିତାମୃତ'ର ଆଦି ଲୀଳାରେ ଲେଖା ଅଛି—

ପ୍ରଣବ ସେ ମହାକାବ୍ୟ ବେଦର ନିଦାନ
ଈଶ୍ୱର ସ୍ୱରୂପ ପ୍ରଣବ ସର୍ବ ବିଶ୍ୱଧାମ
ସର୍ବାଶ୍ରୟ ଈଶ୍ୱରର ପ୍ରଣବ ଉଦ୍ଦେଶ୍ୟ (୭ମ ପରିଚ୍ଛେଦ)

ଏକାକ୍ଷର ବ୍ରହ୍ମ, ଯାହାକି ମୋର ସ୍ୱରୂପ, ତାକୁ ସ୍ମରଣ କରୁ କରୁ ଯେଉଁ ବ୍ୟକ୍ତି ଦେହତ୍ୟାଗ କରେ, ସେ ମତେ ହିଁ ଲାଭ କରେ । ଏହି ପ୍ରାପ୍ତି ବ୍ୟତୀତ ଅଧିକ କିଛି ଲାଭ ନାହିଁ । ହେ ଅର୍ଜୁନ ! ତୁମେ ହୁଏତ ପୁଣି ପଚାରିପାର ଯେ ମନୁଷ୍ୟ ତାର ଅନ୍ତକାଳରେ ତୁମକୁ ସ୍ମରଣ କରିପାରିବ କିଭଳି ? ମନୁଷ୍ୟର ସଂକଟକାଳ ଉପସ୍ଥିତ ହେଲେ, ଜୀବନର ସୁଖ-ସୂର୍ଯ୍ୟର ଅସ୍ତକାଳରେ ଅନ୍ତର ଓ ବାହାରେ ମୃତ୍ୟୁର ଚିହ୍ନ ପ୍ରକାଶ ପାଇଲେ, କିଏ ଆସନାଦି କରି ବସିପାରିବ କି ? ସେତେବେଳେ ଇନ୍ଦ୍ରିୟ-ନିରୋଧ କରିବାପାଇଁ ଇଚ୍ଛା କଲେ ମଧ କରି ପାରିବ କି ? ପ୍ରଣବ ସ୍ମରଣ କରିବାଲାଗି ମନ ପ୍ରସ୍ତୁତ ହୋଇପାରିବ କି ? ଏସବୁ ପ୍ରଶ୍ନକୁ ତୁମେ ମନରେ ଆଶ୍ରୟ ଦିଅନି । କାରଣ ମୋର ସେବକର ଅନ୍ତକାଳରେ ମୁଁ ତାର ସେବକ ହୋଇଯାଏ ।

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ! ନିତ୍ୟଯୁକ୍ତସ୍ୟ ଯୋଗିନଃ ॥୧୪॥
ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍ ।
ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ॥୧୫॥

ଯେଉଁ ବ୍ୟକ୍ତି ବିଷୟ ବାସନାକୁ ଜଳାଞ୍ଜଳି ଦେଇ ପ୍ରବୃତ୍ତିର ପାଦକୁ ଶୃଙ୍ଖଳିତ କରି, ସେହି ଶୃଙ୍ଖଳିତ ପଦକୁ ମୋ ହୃଦୟରେ ରଖି ଭୋଗ କରିଥାଏ,

---

ସଂହିତା ଓ ଉପନିଷଦର ଆଦି, ମଧ ଓ ଶେଷରେ ପ୍ରଣବ । ପ୍ରତ୍ୟେକ ମନ୍ତ୍ର ଓ ପ୍ରାର୍ଥନାର ଆଦି ଓ ଅନ୍ତରେ ଏହି ଧ୍ୱନି । ପ୍ରଣବର ମଧୁର ଝଙ୍କାର ବେଦ-ବେଦ୍ୟ ପରମପୁରୁଷର ନିର୍ଦ୍ଦେଶ । ଏହି ମହାବୀଜ ମନ୍ତ୍ରର ଦ୍ରଷ୍ଟା ଋଷି ବ୍ରହ୍ମା । ''ଓଁକାରସ୍ୟ ବ୍ରହ୍ମଋଷିଃ ।'' ଦ୍ରଷ୍ଟା କୃପାପୂର୍ବକ ଆର୍ଥର୍ବାଣଙ୍କୁ ଏହି ମନ୍ତ୍ରୋପଦେଶ କରିଥିଲେ । ଆର୍ଥର୍ବାଣ ପିପ୍‌ଲାଦଙ୍କୁ, ପିପ୍‌ପଲାଦ ସନତକୁମାରଙ୍କୁ, ସନତକୁମାର ଅଙ୍ଗିରସଙ୍କୁ, ଅଙ୍ଗିରସ ଭରଦ୍ୱାଜଙ୍କୁ, ଭରଦ୍ୱାଜ ସତ୍ୟବାହଙ୍କୁ, ସତ୍ୟବାହ ଅଙ୍ଗିରସ ୨ୟଙ୍କୁ, ଅଙ୍ଗିରସ ଶୌନକଙ୍କୁ ଉପଦେଶ କରିଥିଲେ । ଶୌନକଙ୍କଠାରୁ ପରମ୍ପରାକ୍ରମେ ଜଗତର ଲୋକେ ଏହି ମହାମୃତ ପାନ କରିଆସୁଛନ୍ତି ।

ଅ+ଉ+ମ= ଓମ୍ । ଅ = ବିଷ୍ଣୁ, ଉ = ବ୍ରହ୍ମା, ମ = ମହେଶ୍ୱର । ସେହିଭଳି ଅ= ସତ୍ତ୍ୱ, ଉ= ରଜଃ, ମ=ତମଃ । ତ୍ରିଗୁଣ ଓ ତିନି ଦେବତାଙ୍କ ସମଷ୍ଟି । ଅ=ବାୟୁ, ଉ=ଅଗ୍ନି, ମ=ସୂର୍ଯ୍ୟ । ଅ+ଉ+ମ+(✓) ନାଦ x (O) ବିନ୍ଦୁ = ଓଁ । ଏହିଭଳି ଭାବରେ ପ୍ରଣବର ବିଶ୍ଳେଷଣ ବହୁତ ପ୍ରକାରର ।

ତାହା ସହିତ କ୍ଷୁଧାର ଦେଖା ସାକ୍ଷାତ ସୁଦ୍ଧା ହୁଏନା । ଚକ୍ଷୁ ଓ ଅନ୍ୟ ଇନ୍ଦ୍ରିୟଗୁଡ଼ିକର କାମନାର ପ୍ରଶ୍ନ ମଧ୍ୟ ଉଠିନପାରେ । ଯିଏ ନିରନ୍ତର ଏକାଗ୍ରଚିତ୍ତରେ ମୋ ସହିତ ଯୁକ୍ତ ଏବଂ ମୋ ସ୍ୱରୂପରେ ବ୍ୟାପ୍ତ ହୋଇ ମତେ ଭକ୍ତି କରେ, ଦେହାନ୍ତ ସମୟରେ ସେ ମତେ ସ୍ମରଣ କଲେ, ମୁଁ ତା ସହିତ ସାକ୍ଷାତ ନ କରି ରହିବି କେମିତି ? କୌଣସି ଅସହାୟ ମନୁଷ୍ୟ ବିପଦରେ ପଡ଼ି ଯଦି ଡାକ ଛାଡ଼େ, ''ହେ ଭଗବାନ ଧାଇଁ ଆସ, ମତେ ଉଦ୍ଧାର କର'' ତାର ଚିତ୍‌କାର ଶୁଣି ଦୁଃଖ ଦୂର କରିବା ପାଇଁ ମୁଁ ସଙ୍ଗେ ସଙ୍ଗେ ଦୌଡ଼ି ଯାଇଥାଏ । କିନ୍ତୁ ଯେଉଁମାନେ ମତେ ସାମୟିକ ଭାବରେ ପ୍ରାର୍ଥନା କରିଥାଆନ୍ତି, ମୁଁ ସେମାନଙ୍କୁ ନିରନ୍ତର ଭକ୍ତି କରୁଥିବା ଭକ୍ତମାନଙ୍କ ସହିତ ସମାନ ସ୍ତରରେ ବିଚାର କରି ନପାରେ । କେବଳ ମୃତ୍ୟୁକାଳରେ ହିଁ ମତେ ଯେପରି ସମସ୍ତେ ସ୍ମରଣ କରିବେ, ସେଭଳି ବ୍ୟବସ୍ଥା ମୁଁ କରିଥାଏ କି ? ଏଭଳି ପ୍ରଶ୍ନକୁ ତୁମେ ମନରେ ସ୍ଥାନ ଦିଅନା । ଏତିକିମାତ୍ର ଜାଣ ଯେ ଭକ୍ତ ସ୍ମରଣ କରିବା ମାତ୍ରେ ମୁଁ ତା ପାଖରେ ପହଞ୍ଚିଯାଏ । ସେ ମତେ ସ୍ମରଣ କରିବା ଫଳରେ ମୁଁ ତା ପାଖରେ ଋଣୀ ହୋଇପଡ଼େ । ଏହି ଋଣକୁ ଅନୁଭବ କରି ନିଜକୁ ଅଋଣୀ ବା ତାର ଋଣ ପରିଶୋଧ କରିବା ଲାଗି ମୁଁ ଦେହାବସାନ କାଳରେ ଭକ୍ତର ସେବା କରିଥାଏ । ତାର ସୁକୋମଳ ଶରୀରରେ ପବନର ବିକଳସ୍ପର୍ଶ ଯେପରି ନହେବ, ସେଥିଲାଗି ତାକୁ ଆତ୍ମଜ୍ଞାନରୂପକ ଆବରଣ ମଧ୍ୟରେ ରଖିଦିଏ ଏବଂ କେବଳ ମୋ ବିଷୟ ସ୍ମରଣରୂପକ ସୁଶୀତଳ ଛାୟା ବିତରଣ କରେ । ମୁଁ ନିତ୍ୟ ବର୍ତ୍ତମାନ । ସେଥିଲାଗି ମୋ ଭକ୍ତର ଦେହତ୍ୟାଗ ସମୟରେ କଦାପି ସଂକଟ ଉପସ୍ଥିତ ହୁଏନା । ମୁଁ ନିଜ ସେବକକୁ ସୁଖରେ ନିଜ ପାଖକୁ ନେଇ ଆସେ । ତାର ବାହ୍ୟଶରୀରର ଆବରଣ ଫିଙ୍ଗିଦେଇ, ମିଥ୍ୟା ଅହଂକାରର ଧୂଳି ଝାଡ଼ିଦେଇ ଶୁଦ୍ଧ ବାସନା ଦ୍ୱାରା ନିଜ ସ୍ୱରୂପରେ ମିଶେଇ ଦିଏ । ଭକ୍ତର ନିଜ ଶରୀର ସହିତ ବିଶେଷ କୌଣସି ଆତ୍ମୀୟଭାବ ନଥିବା ହେତୁ ଏହା ଛାଡ଼ିବାକୁ କୌଣସି ବିଚ୍ଛେଦ ଦୁଃଖ ଅନୁଭବ କରେନା । ମୁଁ ତ ଯାଉଛି, ମୋ ସହିତ ମୋ ଦେହ ବି ଯାଉଛି— ଦେହାନ୍ତ ସମୟରେ ଏଭଳି ଚିନ୍ତା ସୁଦ୍ଧା ସେ କରେନା, କାରଣ ସେ ମୋ ସ୍ୱରୂପରେ ମିଶି ରହିଥାଏ । ମୁଁ ସେମାନଙ୍କ ପାଖକୁ କିଭଳି ଭାବରେ ଆସି, ମୋ ସହିତ

ସେମାନଙ୍କୁ କିଭଳି ଭାବରେ ମିଶାଇ ଦିଏ, ସେ ସମ୍ପର୍କରେ କୌଣସି କଥା ଜାଣିବା ଲାଗି ସେମାନଙ୍କର ସଚେତ ଭାବ ନଥାଏ । ଯେଉଁମାନେ ସର୍ବଦା ମୋ ଚିନ୍ତାରେ ନିମଗ୍ନ ଥାଆନ୍ତି, ମୁଁ ସେହିମାନଙ୍କ ପାଖରେ ସବୁବେଳେ ରହିଥାଏ । ଜଳରେ ଚନ୍ଦ୍ରର ପ୍ରତିବିମ୍ବ ଚନ୍ଦ୍ରରୁ ହିଁ ହୋଇଥାଏ । ତେଣୁ ଶରୀରରେ ଯେଉଁ ଜୀବନ ରହିଛି, ତାହା ମୋର ହିଁ ପ୍ରତିବିମ୍ବ । ଏହାହିଁ ସତ୍ୟ ଏବଂ ଯେଉଁ ଭକ୍ତମାନ୍ତ୍ରେ ତାହା ଉପଲବ୍ଧି କରିଥାଆନ୍ତି, ସେମାନେ ଜାଣନ୍ତି ଯେ ଯାହାଦ୍ୱାରା ହିଁ ସବୁ ତ୍ୟାଗ କରାଯାଇଥାଏ, ଯାହା ଶେଷରେ ମୃତ୍ୟୁ ପାଖରେ ବଳି ଦିଆଯାଏ, ସେହି ଶରୀର ହିଁ ସମସ୍ତ ପ୍ରକାରର ଦୁଃଖ ଯନ୍ତ୍ରଣାର ଆଧାର । ଏହିଥିରୁ ହିଁ ଭୟ ଓ ଅପମାନର ଉଦ୍‌ଗୀରଣ ହୋଇଥାଏ । ଏହି ଶରୀର ହିଁ ସମସ୍ତ ପ୍ରକାରର କୁଚିନ୍ତାର ମୂଳ କାରଣ ଏବଂ ଏହି କୁଚିନ୍ତାରୁ ହିଁ ସମସ୍ତ ପ୍ରକାରର ଭ୍ରମ ଓ ବିଭ୍ରାନ୍ତିର ଉତ୍ପତ୍ତି । ସମସ୍ତ ସାଂସାରିକ ଜଞ୍ଜାଳର ଭିତ୍ତି ହେଉଚି ଏହି ଶରୀର । ପ୍ରଲୋଭନ, ଆସକ୍ତି ପ୍ରଭୃତିର ଖଣି ଏହି ଶରୀର । ଏହା ଦୁଃଖବ୍ୟବସାୟର ମୂଳଧନ ।

ଶରୀର ହେଉଛି ସମସ୍ତ ପ୍ରକାର ବିକାରର ଉଦ୍ୟାନ । ଏହି ସକଳ ରୋଗ ପରିବେଷଣ କରାଯାଉଥିବା ଏକ ଥାଳି । ଏହା କାଳର ଉଚ୍ଛିଷ୍ଟ ଖେଚୁଡ଼ି, ଆଶା ଅବୟବର ଛାଞ୍ଚ, ଜନ୍ମ ମରଣ, ଯିବାଆସିବା କରିବାର ପ୍ରଶସ୍ତ ରାସ୍ତା ଏବଂ କଙ୍କଡ଼ାବିଛା ପରିପୂର୍ଣ୍ଣ ଏକ ଗର୍ତ୍ତ । ଏହା ଏଭଳି ଏକ ଜଙ୍ଗଲ ଯେ ଏଥିରେ କାମନାର ବ୍ୟାଘ୍ର ମାଳମାଳ, ଏହା ବେଶ୍ୟାର ମିତ୍ର, ବିଷୟ ଭୋଗର ପ୍ରକୃଷ୍ଟ ଯନ୍ତ୍ର । ଏହି ଶରୀର ହେଉଚି ଡାହାଣୀମାନଙ୍କ ପ୍ରଣୟସ୍ଥଳ । ଏହା ଏପରି କଳକବ୍‌ଜାଦ୍ୱାରା ଗଠିତ ଯେ ଏଠାରେ ହିଂସା, ଦ୍ୱେଷ ଆଦି ଦୁର୍ଗୁଣର ଉତ୍ପାଦନ କ୍ରିୟା ଲାଗି ରହିଛି । ଏହି ଶରୀରରୁ ହିଁ ଶୀତଳବିଷ ପାନ କରାଯାଇଥାଏ । ଏହା ସାଧୁବେଶଧାରୀ ଚୋରମାନଙ୍କ ବିଶ୍ୱାସୀ ସହଚର । ଏହା ତଥାକଥିତ ସାଧୁବେଶଧାରୀ ବ୍ୟାଘ୍ରର ଆଲିଙ୍ଗନକୁ ଭଲ ପାଏ । ମହାବିଷଧର ସର୍ପର ଦଂଶନକୁ ଭାବେ ବେଶ୍ ମୃଦୁ । ଏହି ଶରୀରର ସ୍ୱଭାବ ହେଉଚି ଶିକାରୀ ବ୍ୟାଧର ସଙ୍ଗୀତ ଭଳି, ଯାହାକି ମୃଗକୁ ମୃତ୍ୟୁ ଆଡ଼କୁ ଟାଣିଆଣେ । ଏହି ସ୍ୱଭାବ ଶତ୍ରୁତାର ଅତିଥିସତ୍କାର ଏବଂ ଦୁର୍ଜନର ଆଦର କରିଥାଏ । ଆଉ ଅଧିକ କ'ଣ କହିବି,

ଏହା ହେଉଛି ଅନର୍ଥର ସାଗର, ସ୍ୱପ୍ନର ସ୍ୱପ୍ନ, ମୃଗତୃଷ୍ଣାର ବିସ୍ତୃତ ମରୁଭୂମି, ଧୂମ୍ରମୟ ଧୂଳିପୂର୍ଣ୍ଣ ଗଗନମଣ୍ଡଳ । ମୋ ଅପାର ସ୍ୱରୂପ ସହିତ ଯିଏ ଏକ ହୋଇଯାଏ, ତାକୁ ଆଉ ଏ ପ୍ରକାରର ଦେହ ଧାରଣ କରିବାକୁ ପଡ଼ିନଥାଏ ।

ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ !
ମାମୁପେତ୍ୟ ତୁ କୌନ୍ତେୟ ! ପୁନର୍ଜନ୍ମ ନ ବିଦ୍ୟତେ ॥୧୬॥

ଯିଏ ବ୍ରହ୍ମ ଜ୍ଞାନ ଲାଗି ଗର୍ବକରେ, ସେ ପୁନର୍ଜନ୍ମ ଚକ୍ରରୁ ରକ୍ଷା ପାଇ ନ ପାରେ । ଯେପରି ମୃତ ମନୁଷ୍ୟର ଉଦର-ବେଦନା ହୁଏନା କିମ୍ବା ସ୍ୱପ୍ନମୟ ବନ୍ୟାରେ କେହି ବୁଡ଼ିଯାଏନା, ସେହିଭଳି ଯେଉଁ ବ୍ୟକ୍ତି ମୋତେ ପାଏ, ସେ ସଂସାର ଜଞ୍ଜାଳରେ ଲିପ୍ତ ହୁଏନା । ବ୍ରହ୍ମ ହେଉଚି ବ୍ରହ୍ମାଣ୍ଡର ଶିଖର । ତ୍ରିଲୋକର ସର୍ବୋଚ୍ଚ ପର୍ବତର ଚୂଡ଼ା । ବ୍ରହ୍ମାଙ୍କ ଦିବସ ଓ ରାତ୍ରି ଯାପନ ମଧ୍ୟରେ ସଂସାରର ଆରମ୍ଭ ଓ ଶେଷ ହୋଇଥାଏ । ବ୍ରହ୍ମାଙ୍କ ଗୋଟିଏ ଦିନ ସହିତ ଚଉଦଟି ଇନ୍ଦ୍ରଙ୍କ ଜୀବନକାଳ ସମାନ ।

ସହସ୍ରଯୁଗପର୍ଯ୍ୟନ୍ତ ମହର୍ଯଦ୍‌ବ୍ରହ୍ମଣୋ ବିଦୁଃ ।
ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ॥୧୭॥

ଚାରିଯୁଗର ସହସ୍ର ତୁଷ ଉଡ଼ିଗଲେ ବ୍ରହ୍ମଭୁବନର ଗୋଟିଏ ଦିନ ଅତିକ୍ରାନ୍ତ ହୁଏ । ସେହିଭଳି ଏକ ସହସ୍ରଯୁଗ ଅତୀତ ହେଲେ ବ୍ରହ୍ମର ଏକ ରାତ୍ରି ହୁଏ । ଯେଉଁମାନେ ଏହି ବ୍ରହ୍ମ ଦିବସ ଓ ରାତ୍ରିକାଳରେ ବଞ୍ଚି ରହିଥାଆନ୍ତି, ସେମାନେ ସମୟ କ'ଣ ଜାଣନ୍ତି । ଅର୍ଥାତ୍ ଯେଉଁଠି ଏହିଭଳି ଭାବରେ ଦିନରାତି ହୋଇଥାଏ, ସେଠାରେ ରହି ଯେଉଁ ଭାଗ୍ୟବାନ ବ୍ୟକ୍ତି ଅକ୍ଷରସ୍ୱରୂପ ଲାଭ କରିଛି, ସିଏ ହିଁ ସ୍ୱର୍ଗବାସୀ ଚିରଞ୍ଜୀବୀ । ଯେଉଁଠି ଇନ୍ଦ୍ର ଅତି କ୍ଷୁଦ୍ର, ସେଠାରେ ଅନ୍ୟ ଦେବତାମାନଙ୍କ ଅବସ୍ଥା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ମୁଖ୍ୟ ଇନ୍ଦ୍ରଙ୍କ କଥା ତ ଶୁଣିଲ ! ଆଗରୁ କହିଛି ବ୍ରହ୍ମରେ ଗୋଟିଏ ଦିନ ମଧ୍ୟରେ ଚଉଦଟି ଇନ୍ଦ୍ର ଜନ୍ମଗ୍ରହଣ କରିଥାଆନ୍ତି । ବ୍ରହ୍ମାଙ୍କ ଅଷ୍ଟପ୍ରହରକୁ ଯେଉଁ ବ୍ୟକ୍ତି ନିଜ ଆଖିରେ ପ୍ରତ୍ୟକ୍ଷ କରେ, ତାକୁ ହିଁ ଅହୋରାତ୍ରବିଦ୍ କୁହାଯାଏ ।

ଅବ୍ୟକ୍ତାଦ୍‌ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ॥୧୮॥
ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।
ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ॥୧୯॥

ସେହି ବ୍ରହ୍ମଭୁବନରେ ସକାଳ ହେଲେ ନିରାକାରର ପ୍ରକାଶରୁ ବିଶ୍ୱ ଏଭଳି ଆଲୋକିତ ହୋଇଉଠେ ଯେ, ତାହା କଥାରେ କହି ହେବ ନାହିଁ । ଦିବସର ଚାରୋଟି ପ୍ରହର ବା ବାରଘଣ୍ଟା ଅତୀତ ହୋଇଯିବା ପରେ ଏହି ସାକାର ସମୁଦ୍ର ଶୁଷ୍କ ହେବା ଆରମ୍ଭ ହୁଏ ଏବଂ ସୂର୍ଯ୍ୟୋଦୟମାତ୍ରେ ଏହା ପୁଣି ପୂର୍ଣ୍ଣ ହୋଇପଡ଼େ । ଶରତକାଳରେ ମେଘ ଯେପରି ଆକାଶରେ ଲୀନ ହୋଇଯାଇଥାଏ ଏବଂ ଗ୍ରୀଷ୍ମକାଳ ପରେ ପୁଣି ଦେଖାଦିଏ, ସେହିଭଳି ବ୍ରହ୍ମର ଦିବସ ଆରମ୍ଭରେ ଏହି ଜୀବଜଗତର ସମସ୍ତ ବସ୍ତୁ ପ୍ରକାଶିତ ହୋଇ ସହସ୍ରଯୁଗ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଅବସ୍ଥାନ କରିଥାଆନ୍ତି । ବ୍ରହ୍ମାଙ୍କ ରାତ୍ରକାଳ ଉପସ୍ଥିତ ହେଲେ, ସାକାର ଆକାରକୁ ହରାଏ ଏବଂ ଗୋଟିଏ କ୍ଷୁଦ୍ର ସହସ୍ର ଯୁଗ ଅତୀତ ହୋଇଗଲେ ପରଜନ୍ମର ଆଉ ପ୍ରଶ୍ନ ଉଠେନା । କଥା ହେଉଚି, ଜଗତର ଉତ୍ପତ୍ତି ଓ ପ୍ରଳୟ ବ୍ରହ୍ମଭୁବନରେ ଦିବସ ଓ ରାତ୍ରିକ୍ରମରେ ହୋଇଥାଏ । ସୃଷ୍ଟିକର୍ତ୍ତା ହେଉଚନ୍ତି ବୀଜଭଣ୍ଡାର ଏବଂ ଜନ୍ମମୃତ୍ୟୁର ପରିମାପକ ଦଣ୍ଡ । ହେ ଧନୁର୍ଦ୍ଧର ! ତ୍ରିଲୋକ ହେଉଛି ଏହି ବ୍ରହ୍ମଭୁବନର ବିସ୍ତାର ମାତ୍ର । ସୂର୍ଯ୍ୟୋଦୟ ହେବାମାତ୍ରେ ଜୀବଜଗତଦ୍ୱାରା ଏହା ପରିପୂର୍ଣ୍ଣ ହୋଇଉଠେ ଏବଂ ରାତ୍ରି ଆଗମ ମାତ୍ରେ ଯେଉଁମାନେ ପଞ୍ଚଭୂତରୁ ଜାତ, ସେମାନେ ଆପେ ଆପେ ଲୋପ ପାଇଯାଇଥାଆନ୍ତି । ଗଛ ଯେପରି ମଞ୍ଜିରୁ ଜାତ ହୁଏ ଏବଂ ମେଘରୁ ଯେପରି ଆପେ ଆପେ ବର୍ଷା ହୁଏ, ସେହିଭଳି ଏହା ଏକ ପ୍ରକ୍ରିୟା । ଯେଉଁଠି ଏକତ୍ୱ ଅନୁଭୂତ ହୋଇଥାଏ, ସେଠାରେ ଅସାମ୍ୟର ଚିହ୍ନ ସୁଦ୍ଧା ନଥାଏ ।

ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ ସନାତନଃ ।
ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି ॥୨୦॥

ସେ ଅବସ୍ଥାରେ ଅଳ୍ପ ଅଧିକ ବା ଛୋଟବଡ଼ ଭାବ ରହେନା । ପଦାର୍ଥମାତ୍ରେ ନାମ ସୁଦ୍ଧା ଲୋପ ପାଇଯାଏ । ଯେପରି ଦହି ପାଲଟି ଯିବା ପରେ ଦୁଗ୍‌ଧର ନାମରୂପ ଲୋପ ପାଇଥାଏ ଅଥଚ ଦହି ଏହି ଦୁଗ୍‌ଧର ହିଁ ଅନ୍ୟରୂପ, ସେହିଭଳି ଆକୃତିର ବିନାଶରେ ଜଗତର ଜଗତଭାବ, 'ସୁଖ' କହିବାର ଶବ୍ଦ ଲୋପ ପାଇଯାଏ ଏବଂ ଏହା ଯେଉଁଥିରୁ ଜାତ ହୋଇଥାଏ, ତାହାହିଁ ଅବଶିଷ୍ଟ ରହେ । ଅତଏବ ଏହାକୁ ସାଧାରଣତଃ ଅବ୍ୟକ୍ତ କୁହାଯାଏ । ଆକାର ଧରି ଏହା ପ୍ରକାଶିତହେଲେ ଏହାକୁ କୁହାଯାଏ ବ୍ୟକ୍ତ । ରୂପାରୁ ଅଳଙ୍କାର ତିଆରି କରିବା ପାଇଁ ପ୍ରଥମେ ଏହାକୁ ତରଳାଯାଏ, ତାପରେ ବିଭିନ୍ନ ଆକାରର ଅଳଙ୍କାର ପ୍ରସ୍ତୁତ କରାଯାଏ ।ଏହାର ତରଳ ଅବସ୍ଥା ଏବଂ ଅଳଙ୍କାରର ମୂଳ ଜିନିଷ ହେଲା ରୂପା । ସେହିଭଳି ବ୍ୟକ୍ତ ଓ ଅବ୍ୟକ୍ତ ଏହି ଦୁଇଟିଯାକ କଥାର ଅବଲମ୍ବନ ହେଉଚି ବ୍ରହ୍ମ । ଏହି ବ୍ରହ୍ମ ବ୍ୟକ୍ତ ନୁହେଁ କି ଅବ୍ୟକ୍ତ ବି ନୁହେଁ, ନିତ୍ୟ ନୁହେଁ କି ଅନିତ୍ୟ ବି ନୁହେଁ । ତେଣୁ ବ୍ରହ୍ମ ଏହି ଦୁଇଟିଯାକ ଗୁଣର ଅତୀତ, ଏହା ଅତୁଳନୀୟ ଏବଂ ଅନାଦି, ବିଶ୍ୱମୟ । ଚଟାଣରେ ଲେଖାଥିବା ଅକ୍ଷର ଲିଭିଗଲେ ମଧ୍ୟ ଯେପରି ସ୍ମୃତିରୁ ଏହାର ଅର୍ଥ ଲୋପ ପାଇଯାଏନା, ସେହିଭଳି ସୃଷ୍ଟି ଧ୍ୱଂସ ହୋଇଗଲେ ମଧ୍ୟ ବ୍ରହ୍ମ ଧ୍ୱଂସ ହୋଇଯାଏନା । ତରଙ୍ଗ ଉଠି ପୁଣି ଲୋପ ପାଇଗଲେ ମଧ୍ୟ ଜଳ ଅଖଣ୍ଡିତ ଭାବରେ ରହିଥାଏ । ସେହିଭଳି ଅବିନାଶୀ ବ୍ରହ୍ମ ଜୀବଜଗତର ଅଭାବରେ ମଧ୍ୟ ଅଖଣ୍ଡ ସ୍ୱରୂପ । ସ୍ୱର୍ଣ୍ଣ ଅଳଙ୍କାରକୁ ତରଳେଇ ଦେଲେ ମଧ୍ୟ ସୁନାର କୌଣସି କ୍ଷୟ କ୍ଷତି ଘଟନିଥାଏ, ସେହିଭଳି କ୍ଷୟ ଭିତରେ ଥାଇ ମଧ୍ୟ ବ୍ରହ୍ମ ଅକ୍ଷୟ । ଜୀବର ବିନାଶ ଘଟିଲେ ମଧ୍ୟ ତା ଭିତରେ ଥିବା ବ୍ରହ୍ମର ବିନାଶ ଘଟେନା । ସେ ଅମର ।

ଅବ୍ୟକ୍ତୋ ଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥୨୧॥

ସବୁଠାରୁ କୌତୂହଳର ବିଷୟ ଯେ, ବ୍ରହ୍ମ ଅବ୍ୟକ୍ତ ବୋଲି କହିଦେଲେ ଏହାର ବର୍ଣ୍ଣନା କରାଯାଏନା; କାରଣ ଏହା ମନ ଓ ବୁଦ୍ଧିର ଅତୀତ । ବ୍ରହ୍ମ

ଆକାର ଗ୍ରହଣକଲେ ମଧ୍ୟ ତାର ନିରାକାରତ୍ୱର ବିକୃତି ଘଟେନା, ଆକାର ଲୋପ ପାଇଗଲେ ମଧ୍ୟ ଏହାର ନିତ୍ୟତାର ହାନି ଘଟେନା । ତେଣୁ ଆମେ ତାକୁ ଅତି ସରଳ ଭାଷାରେ 'ଶାଶ୍ୱତ' ବୋଲି ଜାଣୁ । ଏପରି କୌଣସି ସ୍ଥାନ ନାହିଁ ଯେଉଁଠି ତାର ଅବସ୍ଥିତି ନାହିଁ । ତା ପାଖରେ ପହଞ୍ଚିବା ହିଁ ହେଉଛି 'ପରମଗତି' । ତଥାପି ସେ ଆମ ଭିତରେ ରହିଛି ।

ପୁରୁଷଃ ସ ପରଃ ପାର୍ଥ ! ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।
ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ॥୨୨॥

କଳ୍ପନା କର, ଦେହ ହେଉଛି ଏକ ରାଜଧାନୀ ନଗରୀ । ଏଠାରେ ବ୍ରହ୍ମ ବାସ କରେ । କିନ୍ତୁ ସେ ନିଜେ କୌଣସି କାର୍ଯ୍ୟ କରେନା କିମ୍ବା ତା' ଲାଗି ସେ କାହାକୁ ନିଯୁକ୍ତ କରେନା ଅଥଚ ଶରୀରର ସମସ୍ତ କାର୍ଯ୍ୟ ଚାଲେ । ଦଶଟିଯାକ ଇନ୍ଦ୍ରିୟର କାମ ମଧ୍ୟ ଅବିଶ୍ରାନ୍ତ ଭାବରେ ଚାଲେ । ଏହି ଶରୀରରୂପୀ ନଗରୀର ବିଖ୍ୟାତ କେନ୍ଦ୍ର ହେଉଛି ମାୟା । ଏଠାରେ ଶରୀର ତାର ପ୍ରବୃତ୍ତିର ଦୋକାନ ଖୋଲିଥାଏ । ଏହି ଦୋକାନ ମାଧ୍ୟମରେ ସେ ସୁଖ ଦୁଃଖ ଆଦିକୁ କିଣେ, ବିକେ । ଏହି ନଗରୀର ରାଜା ହେଉଚି ବ୍ରହ୍ମ । ସେ ନିଶ୍ଚଳ ନୀରବରେ ବସି ରହିଥିବାରୁ ପ୍ରଜାଗଣ ମନଇଚ୍ଛା ନିଜର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ପ୍ରକାରର କାର୍ଯ୍ୟ କରିବାରେ ଲାଗିଥାଆନ୍ତି, ଯେପରିକି ବାୟୁକୁ କିଏ ନ ଚଳେଇଲେ ମଧ୍ୟ ବେଶ୍ ଏହା ଚଳପ୍ରଚଳ କରିଥାଏ । ସୂର୍ଯ୍ୟ ପୃଥିବୀକୁ ନ ଚଳାଇଲେ ମଧ୍ୟ ଜୀବଗଣ ତାର ଆଲୋକରେ ଚାଲିଥାଆନ୍ତି ଏବଂ ସେମାନଙ୍କ ଅଭିବୃଦ୍ଧି ଘଟେ । ସେହିଭଳି ବୁଦ୍ଧିଦ୍ୱାରା ଜାଣିବା, ମନଦ୍ୱାରା ଉପଲବ୍ଧି କରିବା, ଇନ୍ଦ୍ରିୟର ବିବିଧ କ୍ରିୟା ଯଥା ପ୍ରଯଜନକ୍ରିୟା ପ୍ରଭୃତି ଶରୀରର ସମସ୍ତ କାର୍ଯ୍ୟ ବିଧିବଦ୍ଧ ଭାବରେ ହୋଇଥାଏ । ବ୍ରହ୍ମ ଶରୀରରେ ଶୋଇଥିବାବେଳେ ତାକୁ କୁହାଯାଏ 'ପୁରୁଷ' । ଏହି ପୁରୁଷର ଏକପତ୍ନୀବ୍ରତ । ଏହି ପତ୍ନୀର ନାମ 'ପ୍ରକୃତି' । ଏହି ପ୍ରକୃତି ସହିତ ପୁରୁଷର ସହବାସ ଘଟିଥାଏ । ବେଦ ଶେଷକଥା ହୋଇଥିଲେ ମଧ୍ୟ ଏହି 'ପୁରୁଷ'କୁ ସ୍ପର୍ଶ କରିପାରି ନାହିଁ । ଯୋଗୀଗଣ ଏହାକୁ ପରାପୂର ବା ବ୍ୟାପକଠାରୁ ବ୍ୟାପକ ବୋଲି ଅଭିହିତ କରିଥାଆନ୍ତି । ବାସ୍ତବରେ ଏହା ଆକାଶଠାରୁ ମଧ୍ୟ ବ୍ୟାପକ ।

ଏହି ପରମପୁରୁଷ ନିଜେ ଏକନିଷ୍ଠ ଭକ୍ତର ଘରକୁ ଖୋଜି ଖୋଜି ପହଞ୍ଚିଥାଏ । ଯେଉଁମାନେ କାୟମନୋବାକ୍ୟରେ କେବଳ ତାକୁ ହିଁ ଭାବିଥାଆନ୍ତି; ସେ ସେମାନଙ୍କ ହୃଦୟରେ ଭକ୍ତିର ବୀଜକୁ ବଢ଼ାଇ ମହାବୃକ୍ଷରେ ପରିଣତ କରିଥାଏ ଏବଂ ତାକୁ ଫଳପୁଷ୍ପରେ ବିମଣ୍ଡିତ କରିଥାଏ । ସେ ହେଉଚି ନିରହଙ୍କାରୀର ମହତ୍ତ୍ୱ, ନିର୍ଗୁଣର ଜ୍ଞାନ, ନିସ୍ପୃହ ପୁରୁଷର ସୁଖ ସୌଭାଗ୍ୟ, ସନ୍ତୁଷ୍ଟଚିତ୍ତର ଭୋଜନଲାଗି ପରିବେଶିତ ପାତ୍ର ଓ ଖାଦ୍ୟ-ସଂସାରରେ ନିଶ୍ଚିନ୍ତ ଶରଣାଗତିର ଜନନୀ । ଯେଉଁଠି ପହଞ୍ଚିବା ଲାଗି ଭକ୍ତିର ସରଳ ପଥ ମିଳିଥାଏ, ସେ ସମ୍ପର୍କରେ ଆଉ ତୁଳନା ଅନାବଶ୍ୟକ । ହେ ଧନଞ୍ଜୟ ! ସେ ଅବସ୍ଥା ଲାଭ କଲେ ମଣିଷ ତଦ୍ରୂପ ହୋଇଯାଏ । ଶୀତଳ ବାୟୁର ହିଲ୍ଲୋଳରେ ଉଷ୍ଣଜଳ ମଧ୍ୟ ଶୀତଳ ହୋଇଯାଏ । ସୂର୍ଯ୍ୟ ପାଖକୁ ଯିବାବେଳେ ଅନ୍ଧକାର ମଧ୍ୟ ଆଲୋକମୟ ହୋଇଯାଏ । ସେହିଭଳି ହେ ପାଣ୍ଡବ ! ସେହି ବ୍ରହ୍ମଗ୍ରାମକୁ ଯାଉ ଯାଉ ସଂସାର ସଂପୂର୍ଣ୍ଣ ମୋକ୍ଷମୟ ହୋଇଯାଏ । ଅଗ୍ନିରେ ନିକ୍ଷିପ୍ତ କାଷ୍ଠ ଅଗ୍ନିମୟ ହୋଇଯାଏ । କାଷ୍ଠ ଦେହରେ ଆଉ କାଷ୍ଠତ୍ୱ ରହେନା । ଯେତେ ବୁଦ୍ଧି ପ୍ରୟୋଗ କରାଯାଉନା କାହିଁକି, ଗୁଡ଼କୁ ଆଉ ଆଖୁରେ ପରିଣତ କରାଯାଇ ନ ପାରେ । ପରଶପଥର ଲୁହାକୁ ସୁନା କରି ଦେଇପାରେ, ମାତ୍ର ଏପରି କୌଣସି ବସ୍ତୁ ନାହିଁ ଯଦ୍ୱାରା କି ସ୍ୱର୍ଣ୍ଣରେ ପରିଣତ ଲୁହାକୁ ପୁଣି ଲୁହା କରିଦେଇ ପାରିବ । ଯେପରି ଘିଅକୁ ପୁଣି ଦୁଗ୍ଧ କରି ଦିଆଯାଇ ପାରେନା, ସେହିଭଳି ଯେଉଁ ପଦପ୍ରାପ୍ତିରେ ଆଉ ପୁନର୍ଜନ୍ମ ହୁଏନା, ତାହା ହିଁ ମୋର ଶ୍ରେଷ୍ଠ ସତ୍ୟ, ନିଜ ଧାମ । ତାର ରହସ୍ୟ ମୁଁ ତୁମ ଆଗରେ ଉଦ୍‌ଘାଟନ କରୁଛି ।

ଯତ୍ର କାଳେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ଯୋଗିନଃ ।
ପ୍ରୟାତା ଯାନ୍ତି ତଂ କାଳଂ ବକ୍ଷ୍ୟାମି ଭରତର୍ଷଭ ॥୨୩॥

ଏହି କଥାକୁ ଆଉ ଏକ ରୀତିରେ ସହଜରେ ଜାଣି ପାରିବ । ଦେହ ଛାଡ଼ିବାବେଳେ ଯୋଗୀ ଯେଉଁଥିରେ ମିଶିଯାଏ, ତାହା ହେଉଚି ମୋର ଗୁହ୍ୟସ୍ୱରୂପ । ଦୈବାତ୍ ଅସମୟରେ କେହି ଦେହତ୍ୟାଗ କରେ, ତାକୁ ଅବଶ୍ୟ

ପୁଣି ଦେହଧାରଣ କରିବାକୁ ପଡ଼େ । ଶାସ୍ତ୍ରୋକ୍ତ ଶୁଦ୍ଧ କାଳରେ ଦେହ ଛାଡ଼ିଲେ ଦେହାନ୍ତ ସଙ୍ଗେ ସଙ୍ଗେ ଯୋଗୀ ବ୍ରହ୍ମସ୍ୱରୂପ ହୋଇଯାଏ । କିନ୍ତୁ ଅକାଳରେ ଦେହ ଛାଡ଼ିଲେ ଯୋଗୀର ପୁନର୍ଜନ୍ମ ଘଟେ । ଏହିଭଳି ସାୟୁଜ୍ୟ ଲାଭ ଏବଂ ପୁନର୍ଜନ୍ମ ଦୁଇଟି ଅବସ୍ଥା ରହିଛି– ସେକଥା ମୁଁ ତୁମକୁ ବର୍ଣ୍ଣନା କରୁଛି । ହେ ସୁଭଟ ଅର୍ଜୁନ ! ସାଧାରଣତଃ ମୃତ୍ୟୁର ତନ୍ଦ୍ରା ଆସୁ ଆସୁ ପଞ୍ଚପ୍ରାଣ ନିଜ ନିଜ ପଥ ଦେଇ ବାହାରି ଯାଆନ୍ତି । କିନ୍ତୁ ଯିଏ ଯୋଗୀ ତାର ବୁଦ୍ଧିଭ୍ରମ ଘଟେନା, ସ୍ମୃତିଶକ୍ତି ନିଷ୍ପ୍ରଭ ହୋଇ ପଡ଼େନା କିମ୍ବା ମନର ବିକାଶ ଘଟେନା । ଯୋଗୀର ଏହି ତନ୍ଦ୍ରା ଅବସ୍ଥା ହେଉଛି ବ୍ରହ୍ମଭାବ । ଏହି ଭାବର ଅନୁଭବମାତ୍ରେ ଶରୀରର ବାୟୁସମୂହ ପ୍ରାଣବନ୍ତ ହୋଇ ଉଠନ୍ତି । ଜ୍ଞାନ ସୁପ୍ତ ରହେ, ଭିତରର ଜ୍ଞାନାଗ୍ନି ଜଳୁଥିବା ବେଳେ ହିଁ ଏହା ସମ୍ଭବ । ପ୍ରଦୀପର ଶିଖା ପବନରେ କିମ୍ବା ଜଳରେ ଲିଭିଯିବା ପରେ ଦୃଷ୍ଟିଶକ୍ତି ଥିଲେ ମଧ୍ୟ ଏହା ଯେପରି ଦେଖାଯାଏ ନାହିଁ, ସେହିଭଳି ମରଣ ସମୟରେ ବାୟୁର ପ୍ରକୋପରେ ଅନ୍ତର ଓ ବାହାରେ ଶରୀର କଫଦ୍ୱାରା ବ୍ୟାପ୍ତ ହୋଇପଡ଼ିଲେ, ଅଗ୍ନିର ତେଜ ଚାଲିଗଲେ, ପ୍ରାଣରେ ପ୍ରାଣ ନଥିଲେ, ବୁଦ୍ଧି ଥାଇ କ'ଣ କରିବ ? ଅଗ୍ନି ବ୍ୟତୀତ ଦେହରେ ଚେତନା ରହିନପାରେ । ଶରୀରରୁ ଅଗ୍ନି ଚାଲିଗଲେ ଆଉ ତାହା ଶରୀର ନୁହେଁ, ଏହା ତୁଷ ବା ମୃତ୍ତିକା ହୋଇ ପଡ଼ିରହେ । ଏହି ସମୟରେ ଗତ ବିଷୟକୁ ସ୍ମରଣ କରିବା ସମ୍ଭବ ନୁହଁ । ତେଣୁ ବ୍ରହ୍ମସ୍ୱରୂପ ଲାଭ ଲାଗି ମନରେ ଚିନ୍ତା ଆସି ପାରିବ କି ? ସେତେବେଳକୁ ଶରୀର ସହିତ ଜୀବନ ବରଫକୁଣ୍ଡରେ ବୁଡ଼ି ଯାଇଥାଏ । ତେଣୁ ପୁନର୍ବାର ସମସ୍ତ ସ୍ମୃତି ଧୀରେ ଧୀରେ ଲୋପ ପାଇ ଯାଇଥାଏ ।ହାତରେ ପ୍ରଦୀପ ଧରି ଜିନିଷ ଖୋଜିବାକୁ ଗଲାବେଳେ ଜିନିଷ ମିଳିବା ପୂର୍ବରୁ ପ୍ରଦୀପକୁ ତଳେ ପକାଇ ନଷ୍ଟ କରି ଦେବାଭଳି, ପୂର୍ବରୁ ବ୍ରହ୍ମପ୍ରାପ୍ତି ଲାଗି ଯେଉଁ ଅଭ୍ୟାସ କରାଯାଇଥାଏ, ତାହା ଠିକ୍ ମୃତ୍ୟୁକାଳ ଆସିବା ପୂର୍ବରୁ ଅନେକେ ନଷ୍ଟ କରି ଦେଇଥାଆନ୍ତି । ସେ ଯାହାହେଉ ତୁମେ ଏତିକି ଜାଣ ଯେ ଜ୍ଞାନର ମୂଳ ହେଉଚି ଅଗ୍ନି । ମୃତ୍ୟୁକାଳ ପର୍ଯ୍ୟନ୍ତଏହି ଅଗ୍ନିର ସମସ୍ତ ବଳ ରହିଥାଏ ।

ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍ ।
ତତ୍ରପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ॥୨୪॥

ହୃଦୟରେ ଅଗ୍ନିର ଜ୍ୟୋତି ପ୍ରକାଶିତ ଥିବାବେଳେ ହେଉ, ବାହାରେ ଶୁକ୍ଳପକ୍ଷ ବା ଦିବସ କାଳରେ ହେଉ କିମ୍ବା ଉତ୍ତରାୟଣର ଛଅମାସ ଭିତରୁ ଯେ କୌଣସି ମାସରେ ହେଉ, ଏହି ସମୟ ଭିତରେ ଯେଉଁ ବ୍ରହ୍ମବିଦ୍ ଦେହତ୍ୟାଗ କରନ୍ତି, ସେ ବ୍ରହ୍ମସ୍ୱରୂପ ଲାଭ କରିଥାଆନ୍ତି । ହେ ଧନୁର୍ଦ୍ଧର ! ଏହି କାଳର ଏହି ବିଶେଷ ସାମର୍ଥ୍ୟ ରହିଛି । ଏହିସବୁ ହେଉଛି ମୋକ୍ଷଲାଭର ସରଳପଥ । (ଉତ୍ତରାୟଣ କାଳ ହେଉଚି ମକର ସଂକ୍ରାନ୍ତିଠାରୁ ମିଥୁନ ବା ମାଘଠାରୁ ଆଷାଢ଼ ଅର୍ଥାତ୍- ଜାନୁଆରୀ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ— ଅନୁବାଦକ) ପର୍ଯ୍ୟନ୍ତ । ଏହି କର୍ମଲାଗି ପ୍ରଥମ ସୋପାନ ଶରୀରଜାତ ଅଗ୍ନି । ଦ୍ୱିତୀୟ ସୋପାନ ହେଉଛି ଅଗ୍ନିର ଜ୍ୟୋତି । ଦିବସକାଳ ହେଉଛି ତୃତୀୟ । ଶୁକ୍ଳପକ୍ଷ ଚତୁର୍ଥ ଏବଂ ପଞ୍ଚମ ସୋପାନ ହେଉଛି ଉତ୍ତରାୟଣର ଛଅମାସର କୌଣସି ଏକ ମାସ । ଏହାଦ୍ୱାରା ଯୋଗୀ ସାୟୁଜ୍ୟ ଲାଭ କରିଥାଏ । ଏହାକୁ ଅର୍ଚିରାଦି ଅର୍ଥାତ୍ ସୂର୍ଯ୍ୟକିରଣଦ୍ୱାରା ଆଲୋକିତ ପଥ କୁହାଯାଏ । ଇଏତ ଗଲା ମୃତ୍ୟୁଲାଗି ଅନୁକୂଳ ସମୟ । ପ୍ରତିକୂଳ ଏବଂ ଅନୁପଯୁକ୍ତ ସମୟ କ'ଣ କହୁଚି ଶୁଣ ।

ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ଣାସା ଦକ୍ଷିଣାୟନମ୍ ।
ତତ୍ର ଚାନ୍ଦ୍ରମସଂଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ॥୨୫॥

ମୃତ୍ୟୁ ସମୟରେ ବାୟୁ ଓ କଫର ଆଧିକ୍ୟହେତୁ ଶରୀର ଭିତରେ ଅନ୍ଧକାର ଛାଇଯାଏ, ସମସ୍ତ ଇନ୍ଦ୍ରିୟ କାଠ ଭଳି ନିଶ୍ଚଳ, ନିର୍ଜୀବ ହୋଇପଡ଼େ । ମଣିଷ ବାଉଳି ଚାଉଳି ହୁଏ । ସ୍ମୃତିଭ୍ରମ ଘଟେ । ପ୍ରାଣ ରୁଦ୍ଧ ହୋଇପଡ଼େ । ଅଗ୍ନିର ଅଗ୍ନିତ୍ୱ ଚାଲିଯାଇ ଧୂମ୍ରମୟ ହୋଇପଡ଼େ । ଫଳରେ ଶରୀରର ଚେତନା ମଧ୍ୟ ବନ୍ଦ ହୋଇଯାଏ । ଚନ୍ଦ୍ର ଘନ ଓ ସଜଳ ଜଳଦଦ୍ୱାରା ଆଚ୍ଛାଦିତ ହୋଇ-ପଡ଼ିଲେ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇ ନ ପଡ଼ିଲେ ମଧ୍ୟ ତାର ଉଜ୍ଜ୍ୱଳରୂପ ପ୍ରକାଶ ପାଇ ପାରେନା । ଏହିଭଳି ମନୁଷ୍ୟ ଜୀବିତ ଥିଲେ ମଧ୍ୟ ଏଭଳି ସ୍ତବ୍ଧଭାବ ଉପସ୍ଥିତ ହୁଏ ଯେ, ମୃତ୍ୟୁ ନ ହେଲେ ମଧ୍ୟ ତାର ଚେତନା ରହିନଥାଏ । ଆୟୁ, ମୃତ୍ୟୁ ସମୟକୁ ଅପେକ୍ଷା କରି ରହିଥାଏ ମାତ୍ର । ଏହି

ସମୟରେ ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ଚାପ ଏଭଳି ପ୍ରଚଣ୍ଡ ଭାବରେ ପଡ଼େ ଯେ, ସମଗ୍ର ଜୀବନ ଧରି ତାର ବହୁ କଷ୍ଟୋପାର୍ଜିତ ସମସ୍ତ ଲାଭ କୁଆଡ଼େ ଉଭେଇଯାଏ । ହାତ ମୁଠାରେ ଥିବା ଲଭ୍ୟପଦାର୍ଥ ଚାଲିଯିବାପରେ ଆଉ ଲାଭ କରିବା ଆଶା ବୃଥା । ମୃତ୍ୟୁ ସମୟରେ ଏହି ଦଶା ହୋଇଥାଏ । ଇଏତ ଗଲା ଦେହର ଆଭ୍ୟନ୍ତରୀଣ ପରିସ୍ଥିତି ! ବାହାରେ କୃଷ୍ଣପକ୍ଷ, ସେଥିରେ ପୁଣି ରାତ୍ରିକାଳ ଏବଂ ଦକ୍ଷିଣାୟନର ଛଅଟି ମାସରୁ କୌଣସିଏକ ମାସରେ ମୃତ୍ୟୁହେଲେ ମନୁଷ୍ୟର ପୁନର୍ଜନ୍ମ ନିଶ୍ଚିତ । ବ୍ରହ୍ମପ୍ରାପ୍ତି ଅସମ୍ଭବ । ଏହି ସମୟରେ ଯଦି କୌଣସି ଯୋଗୀର ମୃତ୍ୟୁ ହୁଏ, ତାହାହେଲେ ସେ ଅବଶ୍ୟ ଚନ୍ଦ୍ରଲୋକ ପର୍ଯ୍ୟନ୍ତ ଯାଏ କିନ୍ତୁ ସେଠାରୁ ଫେରି ଆସି ତାକୁ ପୁଣି ସଂସାରରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ପ୍ରାଣ-ପ୍ରୟାଣ ଲାଗି ଯାହାକୁ ମୁଁ 'ଅକାଳ' ବୋଲି କହିଚି, ତାହା ଏହି । ଜନ୍ମମରଣର ଗ୍ରାମପର୍ଯ୍ୟନ୍ତ ପହଞ୍ଚିବା ଲାଗି ଏହାହିଁ କଷ୍ଟପ୍ରଦ "ଧୂମ୍ରମାର୍ଗ" । ଏହା ବ୍ୟତୀତ ଅର୍ଚ୍ଚିରାଦି ଯେଉଁ ମାର୍ଗ ରହିଛି, ତାହା ସ୍ୱତନ୍ତ୍ର, ଶାନ୍ତିପ୍ରଦ । ଏହାହିଁ ନିବୃତ୍ତି ମାର୍ଗ ଅର୍ଥାତ୍ ମୋକ୍ଷମାର୍ଗ ।

ଶୁକ୍ଳ କୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ
ଏକୟା ଯାତ୍ୟନାବୃତ୍ତି ମନ୍ୟୟାବର୍ତ୍ତତେ ପୁନଃ ॥୨୬॥

ଶୁକ୍ଳ ଓ କୃଷ୍ଣ ଅଥବା ଅର୍ଚ୍ଚିରାଦି ଓ ଧୂମ୍ର ଏହି ଦୁଇଟି ମାର୍ଗ, ଆଦି କାଳରୁ ଚାଲିଆସିଛି ଏବଂ ଏହା ଶାଶ୍ୱତ ମାର୍ଗ । ଗୋଟିଏ ସରଳ, ଗୋଟିଏ କୁଟିଳ । ତୁମକୁ ସାବଧାନ କରାଇ ଦେବାପାଇଁ ଏହା କୁହାଯାଉଛି । ଉତ୍ତମ ଓ ଅଧମମାର୍ଗରୁ ଗୋଟିକୁ ହିଁ ବାଛିବାକୁ ପଡ଼ିବ । ନଦୀ ପାର ହେବାକୁ ହେଲେ ଉତ୍ତମ ନୌକାରେ ଆରୋହଣ କରିବାକୁ ପଡ଼େ । ସତ୍ୟ କିଏ ମିଥ୍ୟା କିଏ, ମଙ୍ଗଳ କିଏ ଅମଙ୍ଗଳ କିଏ, ବାଛିନେବାକୁ ପଡ଼ିବ । ଶୀଘ୍ର ପହଞ୍ଚିବା ଲାଗି ପ୍ରଶସ୍ତ ରାଜପଥ ସିଧାସଳଖ ବାଟକୁ ଛାଡ଼ି କିଏ କ'ଣ ଗଳିକନ୍ଦି ରାସ୍ତାଦେଇ ଯାଏ ? ଯିଏ ବିଷ କ'ଣ, ଅମୃତ କ'ଣ ଜାଣେ, ସେ ଅମୃତକୁ ହିଁ ବାଛିନେଇ ବିଷକୁ ତ୍ୟାଗ କରିଥାଏ । ସେହିଭଳି ଯିଏ ସରଳ ପଥ ଜାଣେ, ସେ କୁଟିଳ ପଥରେ

ଯାଏ ନାହିଁ । ସାମନାରେ ଥିବା ଜିନିଷ ମଧ୍ୟରୁ ଭଲ କେଉଁଟି, ମନ୍ଦ କେଉଁଟି ବାଛିନେବା ଉଚିତ । ପରୀକ୍ଷା କରି ଆଗରୁ ବାଛି ନେଇଥିଲେ ଅକାଳରେ ବିପଦ ଆସିପାରେନା । ଆଗରୁ ନ ବାଛିଥିଲେ ଏହି ପଥ ସମ୍ପର୍କରେ ଶେଷକାଳରେ ମନରେ ନାନା ବିଭ୍ରାନ୍ତି ଦେଖାଯାଏ । ସେଥିରେ ସାରାଜୀବନର ଅଭ୍ୟାସ ଓ ସାଧନା ବୃଥା ହୋଇଯାଏ । ଆଲୋକ ପଥ ବା ଅର୍ଚିରାଦି ପଥ ଛାଡ଼ି ଦୈବାତ୍ ଧୂମ୍ର ପଥରେ ପାଦ ଦେଲେ, ଜଙ୍ଗଲରେ ବାଟ ନ ପାଇ ବୁଲିବା ଭଳି ସଂସାର ଭିତରେ ଆବଦ୍ଧ ରହି ଥରକୁଥର ଇତଃସ୍ତତଃ ଘୂରିବାକୁ ପଡ଼ିଥାଏ ।

ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।
ତସ୍ମାତ୍ ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ ! ॥୨୭॥

ଅନ୍ତିମ ସମୟରେ ନିଜ ଇଚ୍ଛାନୁଯାୟୀ କୌଣସି ବ୍ୟବସ୍ଥା କରିବାକୁ ଚାହିଁଲେ ଚଳିବନି । ଦେହତ୍ୟାଗ କରି ବ୍ରହ୍ମରୂପ ହେବାଲାଗି ଉପରୋକ୍ତ ଉତ୍ତମ ପଥ ହିଁ ଏକମାତ୍ର ପନ୍ଥା । ଶରୀର ଥାଉ ବା ନଥାଉ ''ମୁଁ ତ କେବଳ ବ୍ରହ୍ମ ମାତ୍ର'' ଏହି ଭାବ ରହିବା ଆବଶ୍ୟକ । ଦଉଡ଼ିକୁ ଦେଖି ସାପ ବୋଲି ମନରେ ଭ୍ରମ ଉପୁଜିଲେ ମଧ୍ୟ ଦଉଡ଼ି ମାତ୍ରେ ଦଉଡ଼ି । ଦଉଡ଼ି ସାପ ହୋଇନପାରେ । ଦଉଡ଼ିର ଭ୍ରମରୂପ ହେଉଛି ସାପ । ''ମୋ ଦେହରେ ତରଙ୍ଗ ଅଛି କି ନାହିଁ'' ଜଳ ଏଭଳି କେବେ ଚିନ୍ତା କରିନଥାଏ । ଜଳକୁ ଯେଉଁ ଅବସ୍ଥାରେ ଦେଖିଲେ ମଧ୍ୟ ଜଳ, ଜଳ ହୋଇ ରହିଥାଏ । ତରଙ୍ଗ ଉଠିଲେ ଜଳର ଜନ୍ମ ହୁଏନା, ତରଙ୍ଗ ଚାଲିଗଲେ ଜଳ ଲୋପ ପାଏନା । ତେଣୁ ବିଚାର କରି ଯେଉଁ ଯୋଗୀ ଶରୀର ଥିବା ସମୟରେ ବ୍ରହ୍ମରୂପ ହୋଇଯାଏ, ତା ପାଖରେ ଶରୀରର ନାମଗନ୍ଧ ମଧ୍ୟ ନଥାଏ । ତେଣୁ ତାର ମୃତ୍ୟୁ ହେଲା ବୋଲି କୁହାଯାଇ ପାରିବ ନାହିଁ । ତାକୁ ପଥ ଖୋଜିବାକୁ ପଡ଼େ ନାହିଁ । ସ୍ଥାନ, କାଳ, ପାତ୍ର ସବୁ ଏକାକାର ହୋଇଯାଏ । ସେ ନିଜେ ଏକାକାର ହୋଇଯିବାରେ କିଏ କେଉଁଠିକି କେତେବେଳେ ଯିବ, ସେ ପ୍ରଶ୍ନ ଉଠେନା । ଘଟ ଭାଙ୍ଗିଗଲେ ସରଳ ଗତିରେ ଏହି ଘଟାକାଶ ମହାକାଶରେ ହିଁ ମିଶିଯାଏ । ସେହିଭଳି ଜ୍ଞାନାଭିମୁଖୀ ସାଧକର ସୋଽହଂ ଶବ୍ଦ ମଧ୍ୟରେ ଯୋଗ୍ୟ ବା ଅଯୋଗ୍ୟ ପଥରେ ଘୂରି ବୁଲିବାର ସଂକଳ୍ପ ଉପସ୍ଥିତ ହୁଏନା ।

ହେ ପାଣ୍ଡୁ ନନ୍ଦନ ! ତୁମକୁ ଯୋଗୀ ହେବାକୁ ପଡ଼ିବ । ତାହାହେଲେ ତୁମର ସାମ୍ୟଭାବ ଆପେ ଆପେ ସିଦ୍ଧ ହୋଇଯିବ । ଫଳରେ ଯେତେବେଳେ ଖୁସି, ଯେଉଁକାଳରେ ହେଉ, ଦେହ ଥାଉ ବା ନଥାଉ ବନ୍ଧନଶୂନ୍ୟ ନିତ୍ୟ ବ୍ରହ୍ମଭାବ ସହିତ ତୁମର କେବେହେଲେ ବିଚ୍ଛେଦ ଘଟିବ ନାହିଁ ।ଏହିଭଳି ଯୋଗୀ କଳ୍ପର ଆଦି କାଳରେ ଜନ୍ମର ବଶୀଭୂତ ହୁଏନା କିମ୍ବା କଳ୍ପାନ୍ତରେ ମୃତ୍ୟୁରେ ନିମଗ୍ନ ହୁଏନା । ଏ ଦୁଇ ମଧ୍ୟ ଭାଗରେ ଥିବା ସ୍ୱର୍ଗ କିମ୍ବା ସଂସାରର ସୌନ୍ଦର୍ଯ୍ୟରେ ମୋହିତ ହୋଇ ସେ ସେଥିରେ ଆବଦ୍ଧ ହୋଇପଡ଼େନା । ଯେଉଁ ଯୋଗୀର ଏହି ଜ୍ଞାନ ଲାଭ ହୁଏ, ସେ ବିଷୟ ଭୋଗକୁ ଗୋଇଠା ମାରିଦେଇ ସରଳ ପଥରେ ନିଜ ସ୍ୱରୂପରେ ପ୍ରତିଷ୍ଠିତ ହୁଏ । ଏପରିକି ସେ ସମସ୍ତ ସୁଖର କାରଣ ଇନ୍ଦ୍ରାଦି ଦେବତାଗଣଙ୍କ ରାଜ୍ୟସୁଖକୁ ତୁଚ୍ଛ ମନେକରି ଫିଙ୍ଗିଦିଏ ।

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ
ଦାନେଷୁ ଯତ୍‌ପୁଣ୍ୟଫଳଂ ପ୍ରଦିଷ୍ଟମ୍ ।
ଅତ୍ୟେତି ତତ୍‌ସର୍ବମିଦଂ ବିଦିତ୍ୱା
ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ॥୨୮॥

ବେଦପାଠ ଦ୍ୱାରା ପୁଣ୍ୟଲାଭ ହୋଇପାରେ, ଯଜ୍ଞ ଆଦି କରିବା ଦ୍ୱାରା ଏବଂ ନିଷ୍ଠାପର ତପସ୍ୟା ଓ ଦାନ ଇତ୍ୟାଦି ଦ୍ୱାରା ପୁଣ୍ୟଫଳ ଲାଭ ହୋଇପାରେ ଏବଂ ଅଖଣ୍ଡ ପୁଣ୍ୟ-ଉଦ୍ୟାନ ଫଳପୁଷ୍ପରେ ଶୋଭାମୟ ହୋଇ ଉଠିପାରେ, କିନ୍ତୁ ସେ ସବୁ ପୁଣ୍ୟ ନିର୍ମଳ ପରଂବ୍ରହ୍ମପ୍ରାପ୍ତି ନିକଟରେ କ୍ଷୀଣ ଦୀପଶିଖାଠାରୁ ମଧ୍ୟ ହୀନ । ପରମବ୍ରହ୍ମପ୍ରାପ୍ତି ସୁଖ ହେଉଚି ନିତ୍ୟାନନ୍ଦ । ସେ ସୁଖପ୍ରାପ୍ତି ଲାଗି ବେଦ, ଯଜ୍ଞ ଆଦି ହେଉଛି ସାଧନ ମାର୍ଗ ମାତ୍ର । ସେ ସୁଖ କେବେହେଲେ ବିକୃତ ହୁଏନା । ତାହାର ଶେଷ ନାହିଁ । ସେ ଅଶେଷ । ବ୍ରହ୍ମଜ୍ଞାନୀକୁ ଯେଉଁ ସୁଖ ମିଳିଥାଏ,ତା ଆଗରେ ସ୍ୱର୍ଗସୁଖ ନିତାନ୍ତ ତୁଚ୍ଛ । ବ୍ରହ୍ମଜ୍ଞାନୀମାତ୍ରେ ସ୍ୱର୍ଗସୁଖକୁ ମାଟି ଟେଳାଠୁଁ ହୀନ ମନେ କରି ଏହା ଉପରେ ଚଢ଼ି ବ୍ରହ୍ମପୀଠକୁ ଆରୋହଣ କରିଥାଆନ୍ତି ।

ଯିଏ ସ୍ଥାବର ଜଙ୍ଗମମୟ ସୃଷ୍ଟିର ଏକମାତ୍ର ବୈଭବ, ଯିଏ ବ୍ରହ୍ମା ଓ ଶଙ୍କରଙ୍କ ଦ୍ୱାରା ପୂଜିତ, ଯିଏ ଯୋଗୀର ଉପଭୋଗ୍ୟ ଭୋଗ ସମ୍ପତ୍ତି, ଯିଏ ସକଳ କଳାବିଦ୍ୟାର ମୂଳ କଳାବିଦ୍ୟା, ଯିଏ ପରମାନନ୍ଦର ବିଗ୍ରହ, ଯିଏ ଜଗତଜୀବର ଜୀବନ, ଯିଏ ସର୍ବଜ୍ଞାତାର ହୃଦୟ, ସେହି ଭଗବାନ ଶ୍ରୀକୃଷ୍ଣ ପଣ୍ଡୁପୁତ୍ର ଅର୍ଜୁନଙ୍କୁ ଏହା କରିବାପାଇଁ ନିର୍ଦ୍ଦେଶ କଲେ ।

ସଞ୍ଜୟ ଏହି କୁରୁକ୍ଷେତ୍ରର ବୃତ୍ତାନ୍ତ ଧୃତରାଷ୍ଟ୍ରଙ୍କ ନିକଟରେ ବର୍ଣ୍ଣନା କରୁଛନ୍ତି । ସେ କଥା ଆହୁରି ଶୁଣନ୍ତୁ ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ-ଦୀପିକାୟାଂ
ଅଷ୍ଟମୋଽଧ୍ୟାୟଃ ।

●

ରାଜବିଦ୍ୟାରାଜଗୁହ୍ୟ ଯୋଗ

ନବମ ଅଧ୍ୟାୟ

ଜ୍ଞାନଦେବ ଶ୍ରୋତାମାନଙ୍କୁ କହିଲେ, ମୁଁ ପ୍ରତିଜ୍ଞା କରି କହୁଛି, ଏହିକଥା ଶୁଣିଲେ ଆପଣମାନେ ସମସ୍ତ ସୁଖର ପାତ୍ର ହୋଇ ଉଠିବେ । ଆପଣମାନେ ସର୍ବଜ୍ଞ, କେବଳ ଆପଣମାନଙ୍କ ମନଯୋଗ ଆକର୍ଷଣ କରିବାଲାଗି ଏସବୁ ମୋର ପ୍ରେମମୟ ମିନତି । ଆପଣମାନଙ୍କ ଭଳି ଭାଗ୍ୟବାନ୍ ଜନରେ କନ୍ୟା ମାତୃଗୃହକୁ ଆଗମନ କରି ଯାହା ଇଚ୍ଛା କରୁନା କାହିଁକି, ତାହା ପୂର୍ଣ୍ଣ ହେବ । ଆପଣମାନଙ୍କ କୃପାଦୃଷ୍ଟିର ବୃଷ୍ଟିରୁ ମନେ ହେଉଛି, ମୋର ପ୍ରସନ୍ନତାର ତପୋବନରେ ନବପୁଷ୍ପାଗମକାଳ ଉପସ୍ଥିତ । ମୁଁ ସଂସାର ତାପରେ ସନ୍ତପ୍ତ ପରିଶ୍ରାନ୍ତ ଶରୀରକୁ ଆପଣମାନଙ୍କ ସେହି ପ୍ରସନ୍ନତା ଉଦ୍ୟାନର ଶୀତଳ ଛାୟାରେ ଲୋଟାଇ ଦେଇଛି । ମୁଁ ନିଶ୍ଚିତ ଯେ, ଏହି ଛାୟାରେ ଶୀତଳତା ଉପଭୋଗ ସମ୍ଭବ ହେବ । ତେବେ ଅଝଟ କରିବାକୁ ଯଦି ଭୟ କରେ, ତାହାହେଲେ ଶୀତଳ ହେବି କିପରି ?

ଶିଶୁର ଦରୋଟି କଥା, ବଙ୍କା ବଙ୍କା ଚାଲିରୁମାଆ ଆନନ୍ଦ ଉପଭୋଗ କରିଥାଏ । ଆପଣମାନଙ୍କଭଳି ସାଧୁମାନଙ୍କର ପ୍ରେମଦୃଷ୍ଟି ମୋ ଉପରେ ପଡ଼ିଲେ ଯାଇ ମତେ ଆନନ୍ଦ ମିଳିବ । ନଚେତ ଆପଣମାନଙ୍କ ଭଳି ସର୍ବଜ୍ଞ ଶ୍ରୋତାମାନଙ୍କ ଆଗରେ କୌଣସି ସିଦ୍ଧାନ୍ତ ଉପସ୍ଥାପନ କରିବାର ଯୋଗ୍ୟତା ମୋର କ'ଣ ବା ଅଛି ?

ସରସ୍ୱତୀଙ୍କ ପୁତ୍ର କ'ଣ ଆଉ କାହା ପାଖକୁ ବିଦ୍ୟାଶିକ୍ଷା କରିବାକୁ ଯାଇଥାଏ ? ଖଦ୍ୟୋତ ଯେତେ ବଡ଼ ହେଉନା କାହିଁକି, ଯେତେ ବିକ୍ରମ ପ୍ରକାଶ କରୁନା କାହିଁକି, ସୂର୍ଯ୍ୟାଲୋକରେ ନିଜର ପ୍ରଭା ପ୍ରକାଶ କରି ପାରେ କି ? ଅମୃତଥାଳିରେ ପରିବେଷଣ କରିବା ଭଳି କୌଣସି ବ୍ୟଞ୍ଜନ ରନ୍ଧନ କରିବା କ'ଣ ସମ୍ଭବ ? ଚନ୍ଦ୍ରକିରଣକୁ ପଙ୍ଖାରେ ବିଞ୍ଚିବା, ନାଦକୁ ଗାନ ଶୁଣାଇବା,

ଅଳଙ୍କାରକୁ ଅଳଂକୃତ କରିବା କ'ଣ ସମ୍ଭବ ହୋଇପାରେ ? ସୁଗନ୍ଧ କ'ଣ ସ୍ୱୟଂ ଆଘ୍ରାଣସୁଖ ଅନୁଭବ କରିପାରେ ? ଏପରି ବ୍ୟାପକ କିଏ ଅଛି ଯିଏ କି, ଆକାଶକୁ ଢାଙ୍କି ଦେଇପାରେ ? ସେହିଭଳି ଏପରି କିଏ ଅଛି ଯିଏ କି, ନିଜର ବାକ୍‌ପଟୁତାଦ୍ୱାରା ଆପଣମାନଙ୍କ ଶ୍ରବଣତୃପ୍ତି ବିଧାନ କରିପାରେ ? ବିଶ୍ୱପ୍ରକାଶକ ସୂର୍ଯ୍ୟର ଆରତି କ'ଣ ପ୍ରଦୀପଦ୍ୱାରା ସମ୍ଭବ ?

ତଥାପି ଅଞ୍ଜଳି ଭିତରେ ସମୁଦ୍ରରୁ ଜଳ ନେଇ ସମୁଦ୍ରକୁ ହିଁ ପ୍ରଦାନ କରାଯାଇଥାଏ ।

ଆପଣମାନେ ଶଙ୍କରଙ୍କ ଅବତାର । ମୁଁ ଅସହାୟ ଭାବରେ ପ୍ରାର୍ଥନା କରୁଛି, ମୋ ବାଣୀ ନିର୍ଗୁଣ, ତଥାପି ଯଦି କହୁ କହୁ ଉଗ୍ର ହୋଇପଡ଼େ, ତାହାହେଲେ ଆପଣମାନେ ନିଶ୍ଚୟ ଅସ୍ୱୀକାର କରିବେ । ଶିଶୁପୁତ୍ର ପିତାର ଭୋଜନ ପାତ୍ର ପାଖରେ ବସି ପିତାଙ୍କୁ ଖୁଆଇବା ଆରମ୍ଭ କଲେ, ପିତା ଖୁସିହୋଇ ମୁହଁକୁ ବଢ଼େଇ ଦିଏ । ସେହିଭଳି ଶିଶୁସୁଲଭ ବୁଦ୍ଧିରେ ପ୍ରଣୋଦିତ ହୋଇ ମୁଁ ଆପଣମାନଙ୍କ ସନ୍ତୋଷ ବିଦାନ ଲାଗି ଚେଷ୍ଟିତ । ମନେ ହେଉଚି, ପ୍ରେମର ମହିମାରେ ଆପଣମାନେ ସନ୍ତୁଷ୍ଟ । ନିଜର କରିନେବାଭଳି ଆପଣମାନଙ୍କର ଅଗାଧ ପ୍ରେମ ଅଛି, ତେଣୁ ମୋର ଅଝଟର ବୋଝ ଆପଣମାନଙ୍କୁ ଭାରି ବୋଧ ହେବ ନାହିଁ । ଶିଶୁର ଅଝଟ ଦେଖି ମାଆ ଭିତରେ ଭିତରେ ଅଧିକ ପ୍ରସନ୍ନ ହୋଇଉଠେ । ଯିଏ ଅତି ପ୍ରେମୀଲୋକ ତା କ୍ରୋଧରେ ମଧ୍ୟ ପ୍ରେମ ଦ୍ୱିଗୁଣିତ ହୋଇ ବୃଦ୍ଧି ପାଇଥାଏ । ସେହିଭଳି ମୋ ପ୍ରତି ଆପଣମାନଙ୍କ ସୁପ୍ତ ଦୟାଭାବ ଜାଗ୍ରତ ହୋଇଥିବା ଦେଖି ମୁଁ ଆହୁରି କହିବାଲାଗି ପ୍ରୟାସୀ ହୋଇଛି । ଜଳକୁ ଆହୁରି ତରଳେଇବା ଲାଗି କେହି ଉଦ୍ୟମ କରିନଥାଏ । ଲହୁଣୀକୁ ଆହୁରି କେହି ମନ୍ଥନ କରିନଥାଏ । ତେଣୁ ଯାହାକୁ ଦେଖିବାମାତ୍ରେ ଯେକୌଣସି ଭାବାର୍ଥ ବା ବ୍ୟାଖ୍ୟା ଲଜ୍ଜିତ ହୋଇ ଫେରିଆସେ, ସ୍ୱୟଂ ବେଦ ନିଃଶବ୍ଦ ହୋଇ ପଲଙ୍କ ଉପରେ ଶାନ୍ତଭାବରେ ଶୟନ କରିଥାଏ, ତାକୁ ଭଗବଦ୍‌ଗୀତାର୍ଥ ପ୍ରାକୃତ ଭାଷାରେ ବ୍ୟକ୍ତ କରାଯିବ କିପରି ? ମୋର ଏତିକିମାତ୍ର ଭରସା ଯେ ଚେଷ୍ଟାକଲେ ମୁଁ ନିଶ୍ଚୟ ଆପଣମାନଙ୍କ ପ୍ରେମର ଅଧିକାରୀ ହୋଇପାରିବି । ତେଣୁ ଆପଣମାନେ

ମୋତେ ଆପଣମାନଙ୍କର ଚନ୍ଦ୍ରଠାରୁ ସୁଶୀତଳ, ଅମୃତଠାରୁ ବଳି ଅଧିକ ଜୀବନଦାୟୀ "ମନୋଯୋଗ" ପ୍ରଦାନ କରି ମୋ ମନୋରଥର ତୃପ୍ତି ବିଧାନ କରନ୍ତୁ । ଆପଣମାନଙ୍କ ଏହି ମନୋଯୋଗର ବର୍ଷଣରେ ମୋ ବୁଦ୍ଧିରେ ନିଖିଳ ଭାବାର୍ଥସଂପତ୍ତି ପରିପକ୍ୱ ହୋଇପାରିବ । ଯଦି ଆପଣମାନେ ଉଦାସୀନ ରହନ୍ତି, ତାହାହେଲେ ମୋ ଜ୍ଞାନର ଅଙ୍କୁର ଶୁଷ୍କ ହୋଇ ମରିବ । ମନୋଯୋଗରୂପକ ସାର ପାଇଲେ ବାଗ୍ମିତା ଅକ୍ଷରବୀଜ ସିଦ୍ଧାନ୍ତରୂପକ ଆବରଣକୁ ଫଟେଇ ଉପରକୁ ବାହାରିବ । ଅର୍ଥ ଶବ୍ଦରୂପକ ରାଜପଥରେ ଆସି ଦଣ୍ଡାୟମାନ ହେବ । ଇଚ୍ଛା କରିବା ମାତ୍ରେ ଭିନ୍ନ ଭିନ୍ନ ଅର୍ଥ ଫୁଟି ଉଠିବ । ବୁଦ୍ଧିର ଶିର ଦେଶରେ ଭାବ-କୁସୁମର ବର୍ଷଣ ହେବ । ସମ୍ବାଦରୂପକ ଅନୁକୂଳବାୟୁ ପ୍ରବାହିତ ହେଲେ ହୃଦୟାକାଶ ବକ୍ତୃତା-ଶକ୍ତିରେ ଭରି ଉଠିବ । ଶ୍ରୋତା ଅନ୍ୟମନସ୍କ ହେଲେ ଘନୀଭୂତ ରସ ମଧ୍ୟ ଗଳିଯାଏ । ଚନ୍ଦ୍ରକାନ୍ତମଣି ଅବଶ୍ୟ ଗଳିତ ହୁଏ, କିନ୍ତୁ ତାର ରହସ୍ୟ ଜାଣେ ଚନ୍ଦ୍ର । ଶ୍ରୋତା ନଥାଇ ବକ୍ତୃତା ପଦବାଚ୍ୟ ନୁହଁ । ଭୋକ୍ତା ପାଖକୁ ତଣ୍ଡୁଳ ନିଜେ ଯାଇ କେବେ କହେ କି ମତେ ଖାଅ ବୋଲି ? ଯିଏ କଣ୍ଢେଇ ନଚାଏ ସେ କ'ଣ କଣ୍ଢେଇକୁ ପ୍ରାର୍ଥନା କରେ ତୁ ନାଚ ବୋଲି ? ତେଣୁ ମୋର ବୃଥା କଳହ କରିବା କି ଦରକାର ?

ଶ୍ରୀଗୁରୁ କହିଲେ, କିଛି କ୍ଷତି ନାହିଁ । ତୋର ସକଳ ସ୍ତୁତିକୁ ମୁଁ ଅଙ୍ଗୀକାର କରିଛି । ଏଥର ପ୍ରଭୁ ଶ୍ରୀକୃଷ୍ଣଙ୍କ ସିଦ୍ଧାନ୍ତକୁ ଶ୍ରୋତାମାନଙ୍କୁ ଶୁଣାଅ । ନିବୃତ୍ତିଦାସ ଜ୍ଞାନଦେବ ସଙ୍ଗେ ସଙ୍ଗେ ଶ୍ରୀଗୁରୁଙ୍କୁ କହିଲେ, ଯଥାଜ୍ଞା ପାଳନ ଲାଗି ମୁଁ ସବୁବେଳେ ପ୍ରସ୍ତୁତ । ଯାହା ନିର୍ଦ୍ଦେଶ କଲେ ତାହାହିଁ କରୁଛି । ଏଥର ଶୁଣନ୍ତୁ, ଶ୍ରୀକୃଷ୍ଣ କହିଲେ...

ଶ୍ରୀ ଭଗବାନ ଉବାଚ

ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।
ଜ୍ଞାନଂ ବିଜ୍ଞାନସହିତଂ ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥୧॥

ମୁଁ ମୋର ଅନ୍ତରରୁ ଅନ୍ତରତମ ଗୁହ୍ୟବିଦ୍ୟା ଅର୍ଥାତ୍ ଏହି ଆଦି ବୀଜରହସ୍ୟ ବର୍ଣ୍ଣନା କରୁଛି । ହେ ବୁଦ୍ଧିମାନ ଅର୍ଜୁନ ! ଏକଥା ତୁମକୁ କାହିଁକି

କହୁଚି ତାର କାରଣ ଶୁଣ । ପ୍ରଥମ କଥା ହେଉଚି ତୁମ ହୃଦୟ ଶ୍ରଦ୍ଧାପୂର୍ଣ୍ଣ ଏବଂ ମୁଁ ଭଲଭାବରେ ଜାଣେ ଯେ, ତୁମେ ମୋ କଥାକୁ ଅବଜ୍ଞା କରିବ ନାହିଁ । ତେଣୁ ତୁମ ନିକଟରେ ସମସ୍ତ ରହସ୍ୟ ପ୍ରକାଶ କରୁଛି ଏବଂ ଅନିର୍ବଚନୀୟ ବିଷୟ ବ୍ୟକ୍ତ କରୁଛି । ମୁଁ ଚାହେଁ ମୋ ହୃଦୟର କଥା ତୁମ ହୃଦୟରେ ମଧ୍ୟ ଅବସ୍ଥାନ କରୁ । ଗାଈ ନିଜର ଚିରରେ ଥିବା କ୍ଷୀର ନିଜେ ଖାଇ ପାରେନା । ଏହା ନିଃସୃତ ହୋଇ ଆସିଲେ ମଧ୍ୟ ମାଆ ଚାହେଁ ତା ପିଲା ଖାଉ । କାରଣ ପିଲାର ଆହାର ଦୁଗ୍ଧ ଛଡ଼ା ଆଉ କିଛି ନୁହଁ । ଉର୍ବରା ଜମିରେ ବିହନ ବୁଣିଲେ ତାହା ବୃଥା ଯାଏନା । ତେଣୁ ଯାହାର ଅନ୍ତର ପ୍ରସନ୍ନ, ଯାହାର ବୁଦ୍ଧି ଶୁଦ୍ଧ, ଯିଏ ଅନିନ୍ଦୁକ ଓ ଏକନିଷ୍ଠ ପ୍ରେମିକ— କେବଳ ତା ନିକଟରେ ଗୋପନ କଥା ବର୍ଣ୍ଣନା କରିବା ବିଧେୟ । ଯେହେତୁ ତୁମେ ଏସବୁ ଗୁଣରେ ଅଳଂକୃତ, ତେଣୁ ଗୁହ୍ୟ ବା ଗୋପନୀୟ ହେଲେ ମଧ୍ୟ ଏକଥା ମୁଁ କହିବି । ଏହା ବୁଝିବା ଦୁରୂହ ମନେ କରିପାର, ସେଥିଲାଗି ମୁଁ ଅତି ସରଳ ଭାବରେ ବିଜ୍ଞାନ ସହିତ ବର୍ଣ୍ଣନା କରିବି । ସତ୍ୟ ଓ ମିଥ୍ୟା ମିଶି ଏକତ୍ର ଥିଲେ ମଧ୍ୟ ତୁମେ ପରୀକ୍ଷାଦ୍ୱାରା ଏହାକୁ ବିଶ୍ଳେଷଣ କରି ପାରିବ । ରାଜହଂସ ନିଜ ଚଞ୍ଚୁ ବା ଥଣ୍ଟ ସାହାଯ୍ୟରେ ଜଳ ଓ ଦୁଗ୍ଧକୁ ପୃଥକ୍ କରିଦେଇଥାଏ । ମୁଁ ମଧ୍ୟ ଜ୍ଞାନ ଓ ବିଜ୍ଞାନକୁ ପୃଥକ୍ ଭାବରେ ବୁଝାଇବି । ବାୟୁରେ ତୁଷ ଉଡ଼ିଗଲେ ବାକି ରହେ ତଣ୍ଡୁଳ । ସେହିଭଳି ଜ୍ଞାନଲାଭ କଲେ ମନୁଷ୍ୟ ସଂସାରତ୍ୟାଗପୂର୍ବକ ଲକ୍ଷ୍ମୀଙ୍କ ସିଂହାସନରେ ବିରାଜମାନ କରିପାରେ ।

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।
ପ୍ରତ୍ୟକ୍ଷାବଗମଂଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ॥୨॥

ସେହି ଜ୍ଞାନ ସୁବିଦ୍ୟାନଗରୀରେ ଶ୍ରେଷ୍ଠ ଆଚାର୍ଯ୍ୟ ପଦରେ ବିଦ୍ୟମାନ । ଏହା ସମସ୍ତ ଗୁହ୍ୟ ବିଷୟର ପ୍ରଭୁ ଏବଂ ପବିତ୍ର ବିଷୟର ରାଜା । ଏହା ଧର୍ମର ଶାନ୍ତିଧାମ, ବସ୍ତୁ ମଧ୍ୟରେ ସବୁଠାରୁ ରମଣୀୟ, ସର୍ବୋତ୍ତମ । ଏହା ମିଳିଗଲେ ଆଉ କୌଣସି ବସ୍ତୁର ପ୍ରୟୋଜନ ନଥାଏ । ଆଉ ପୁନର୍ଜନ୍ମ ଗ୍ରହଣ କରିବାକୁ ପଡ଼େନା । ଏହା ଗୁରୁଙ୍କ ମୁଖରୁ ଅଳ୍ପ ପରିମାଣରେ ନିଃସୃତ ହେବାଭଳି

ମନେହୁଏ । କିନ୍ତୁ ସେହି ଜ୍ଞାନ ହୃଦୟ ଭିତରେ ନିତ୍ୟସିଦ୍ଧ । ଗୁରୁଙ୍କ କୃପାରୁ ପ୍ରତ୍ୟକ୍ଷ ଅନୁଭୂତି ଲାଭ ହୋଇଥାଏ । ଏହାକୁ ପାଇବା ପାଇଁ ସୋପାନ ନିର୍ମାଣ କରି ଆରୋହଣ କଲେ, ଜ୍ଞାନସୁଖ ଅବଶ୍ୟ ଲାଭ୍ ହୁଏ । ଏପରିକି ଏହା ଲାଭ କରିବା ପୂର୍ବରୁ ଚିନ୍ତା କରିବାମାତ୍ରେ ହିଁ ଚିତ୍ତ ପୂର୍ଣ୍ଣସୁଖରେ ସ୍ଥିର ହୋଇଯାଏ । ଏହା ସୁଲଭ ଓ ସୁଗମ । ଜଟିଳ ନୁହେଁ । କାରଣ ଏଥିରେ ରହିଛି ବ୍ରହ୍ମର ଆକାର । ଉକ୍ତ ଜ୍ଞାନ ଥରେ ଲାଭ କଲେ ଆଉ କମି ଯାଏନା । ଅନେକ ତର୍କ କରିଥାଆନ୍ତି ଯେ, ଏହା ଯଦି ଏପରି ଅମୂଲ୍ୟ, ଲୋକଙ୍କ ନିକଟରୁ ଏହା ଦୂରରେ ରହିଛି କିପରି ? ଯେଉଁ ମଣିଷ ଏକଶତ ମୁଦ୍ରା ଲୋଭରେ ଜ୍ୱଳନ୍ତ ଅନଳକୁ ମଧ୍ୟ ଡେଇଁ ପଡ଼ିପାରେ, ସେ ଏହି ସହଜଲଭ୍ୟ ସ୍ୱମାଧୁରୀକୁ ତ୍ୟାଗ କରିବ କିଭଳି ? ତା ମନରେ ତର୍କ ଉଠିପାରେ ଯେ, ଯଦି ଏହି ଜ୍ଞାନ ପବିତ୍ର, ରମଣୀୟ, ସୁଲଭ, ସୁଗମ୍ୟ, ସୁଖଦାୟକ, ଧର୍ମଯୁକ୍ତ, ନିଜ ଭିତରେ ହିଁ ଏହା ଲଭ୍ୟ ଏବଂ ପୂର୍ଣ୍ଣାନନ୍ଦପ୍ରଦାୟକ, ତାହାହେଲେ ମନୁଷ୍ୟ ଏହାକୁ ପାଇବା ପାଇଁ ଉଦ୍ୟମ ନକରି ନୀରବ ରହିଛି କିପରି ?

ଏପରି ତର୍କ କରାଯିବା ସ୍ୱାଭାବିକ । ତେଣୁ ଏହି ସନ୍ଦେହ ଦୂର କରାଯିବା ଆବଶ୍ୟକ ।

ଅଶ୍ରଦ୍ଧଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ !
ଅପ୍ରାପ୍ୟମାଂ ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ।।୩।।

ଗୋଦୁଗ୍ଧପବିତ୍ର ଓ ମଧୁର, ଚମଡ଼ା ଆବରଣ ତଳେ ଏହା ଭରପୂର ହୋଇ ରହିଥାଏ କିନ୍ତୁ ଜୋକ ଦୁଧପାନ ନ କରି ଶୋଣିତ ପାନ କରିଥାଏ । ଭ୍ରମର ଓ ଭେକ ଏକ ସ୍ଥାନରେ ଅବସ୍ଥାନ କଲେ ମଧ୍ୟ ଭ୍ରମର କମଳର ପରାଗ ଆସ୍ୱାଦନ କରିବାବେଳେ ଭେକ ରହିଥାଏ ପଙ୍କ କାଦୁଅ ଭିତରେ । ନିଜ ଘର ଭିତରେ ହାଣ୍ଡି ହାଣ୍ଡି ଭାତ, ରୁଟି, ତରକାରି ଓ ସୁସ୍ୱାଦୁ ଫଳ ରହିଥିଲେ ମଧ୍ୟ ଯିଏ ଭାଗ୍ୟହୀନ, ସେ ଉପବାସ ଓ ଦାରିଦ୍ର୍ୟରେ ହିଁ ସଢ଼ିବା ସାର ହୋଇଥାଏ ।

ସେହିଭଳି ମୁଁ ଯେ ସମସ୍ତ ସଂପଦ, ସର୍ବସୁଖର ଖଣି ଏବଂ ତୁମ ହୃଦୟରେ ଆସନ ପାତି ବସି ରହିଛି, ଏକଥା ସାଧାରଣ ମନୁଷ୍ୟ ଅନୁଭବ କରି ପାରେନା ଏବଂ ମତେ ଦେଖିବାକୁ ଚାହେନା ବରଂ ବିଷୟ ବାସନା ଆଡ଼କୁ ସେ ମନ ବଳାଇଥାଏ । ଏହାଠୁ ବଳି ମୂଢ଼ତା, ଅଧମତା ଓ ମୂର୍ଖତା କିଛି ନାହିଁ । ମୃଗତୃଷ୍ଣାର ଜଳ ଲୋଭରେ ଅମୃତକୁ ଫିଙ୍ଗିଦେବା, ମୁକ୍ତାର ଚାକଚକ୍ୟରେ ପ୍ରଲୁବ୍ଧ ହୋଇ କଣ୍ଠଲମ୍ବିତ ପରଶମଣିକୁ ଫିଙ୍ଗିଦେବା ଭଳି ଯେଉଁମାନଙ୍କର ମନ ଅହଂକାର ଦ୍ୱାରା ବଶୀଭୂତ, ସେମାନେ ଜନ୍ମ ମୃତ୍ୟୁର ପ୍ରବାହ ଭିତରେ ଭାସି ଭାସି ଯିବା ସାର ହୁଏ । ସେମାନେ କେଉଁ କୂଳରେ ପହଞ୍ଚି ପାରନ୍ତି ନାହିଁ ଏବଂ ମୋର ସ୍ୱଭାବକୁ ତିଳେସୁଦ୍ଧା ଜାଣି ପାରନ୍ତି ନାହିଁ । ମୁଁ ସବୁବେଳେ ଦେଖା ଦେଇଥାଏ । ଅସ୍ତ ଯିବା, ପୁଣି ଉଦୟ ହେବା ସୂର୍ଯ୍ୟର ସ୍ୱଭାବ କିନ୍ତୁ ମୋଠି ସେହି ସ୍ୱଭାବ ମଧ୍ୟ ନାହିଁ । ମୁଁ ସର୍ବଦା ସମସ୍ତଙ୍କ ଆଖିଆଗରେ ସ୍ପଷ୍ଟ ଓ ନିର୍ମଳ ଭାବରେ ରହିଥାଏ । ଅଥଚ କେହିହେଲେ ମତେ ଦେଖିବାକୁ ଚେଷ୍ଟା କରି ନଥାଆନ୍ତି ।

ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତ ମୂର୍ତ୍ତିନା ।
ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ।।୪।।

ପରିଦୃଶ୍ୟମାନ ସମଗ୍ର ଜଗତ କ'ଣ ମୋ ବିସ୍ତାରରେ ବିସ୍ତୃତ ନୁହଁ ? ଦୁଗ୍ଧ ଜମିଲେ ଦହି ହୁଏ, ବୀଜ ବୃକ୍ଷରେ ପରିଣତ ହୁଏ, ସୁବର୍ଣ୍ଣ ଅଳଙ୍କାର ହୁଏ । ସେହିଭଳି ମୋ ବିସ୍ତାରରୁ ହିଁ ଏ ଜଗତ । ମୁଁ ଅବ୍ୟକ୍ତ, ଘନୀଭୂତ । ବିଶ୍ୱାକାର ହେଉଚି ମୋର ତରଳ ଅବସ୍ଥା । ସେହିଭଳି ଭାବରେ ମୁଁ ନିରାକାର ବ୍ରହ୍ମ, ତ୍ରୈଲୋକ୍ୟ ରୂପରେ ସାକାର ହୋଇଛି । ମହତ୍ ଆକାଶଠାରୁ ସ୍ଥୂଳଦେହ ପର୍ଯ୍ୟନ୍ତ ସବୁକିଛି ମୋ ଆକାରର ପ୍ରତିବିମ୍ବ ମାତ୍ର । ଜଳରେ ଫେଣ ଥାଏ କିନ୍ତୁ ଫେଣକୁ ଦେଖି ଜଳକୁ ପାଇ ପାରିବ ନାହିଁ । ସ୍ୱପ୍ନରେ ଯାହା ଦେଖ, ତାହା ସଚେତ ଅବସ୍ଥାରେ ନଥାଏ । ସେହିଭଳି ସମଗ୍ର ଜୀବଜଗତ ମୋଠାରେ ପ୍ରତିବିମ୍ବିତ କିନ୍ତୁ ସେମାନଙ୍କ ଦେହରେ ମୋର ଅବସ୍ଥିତି ହଠାତ୍ ଦେଖାଯାଏନା ।

ମୁଁ ଆଗରୁ ଏ ସମସ୍ତ କଥା କହିଛି । ତେଣୁ ଏତିକିମାତ୍ର ମୁଁ କହିଦେବାକୁ ଚାହେଁ ଯେ ମୋର ପ୍ରକୃତ ଆକାର ପ୍ରତି ତୁମର ମନଶ୍ଚକ୍ଷୁ ସର୍ବଦା ନିବଦ୍ଧ ରଖ ।

ନ ଚ ମତ୍‌ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।
ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ॥୫॥

ମୋର ସାକାର ରୂପ ଦୃଶ୍ୟମାନ ଜଗତ ବା ମାୟାର ଉର୍ଦ୍ଧ୍ୱରେ । ତଥାପି ତୁମେ ଯଦି ନିଜର କଳ୍ପନାକୁ ପ୍ରୟୋଗ କରି ନପାରି ଜୀବଜଗତକୁ ମୋର ଏହି ସାକାର ରୂପ ଭିତରେ ଦେଖିବାକୁ ଚେଷ୍ଟାକର, ତାହାହେଲେ ବ୍ୟର୍ଥ ହେବ । କାରଣ ମୁଁ ହେଉଚି ସବୁକିଛି, ସର୍ବମୟ । ତେବେ ସଂକଳ୍ପ ବା କଳ୍ପନା ଦେହରେ ମଧ୍ୟ ସମୟେ ସମୟେ ସନ୍ଧ୍ୟା ଆସେ । ଏହି ସନ୍ଧ୍ୟାକାଳରେ ବୁଦ୍ଧିର ନୟନ ଅନ୍ଧଭଳି ହୋଇଯାଏ । ସେଥିଲାଗି ବୁଦ୍ଧିର ଆବେଶ ଫଳରେ ଅଖଣ୍ଡିତ ବସ୍ତୁ ଏବଂ ସମସ୍ତ ଜୀବଜଗତ ପୃଥକ୍ ପୃଥକ୍ ଦେଖାଯାଏ । ଫୁଲମାଳକୁ ଅନ୍ଧାରରେ ଦେଖି ସାପ ବୋଲି ମନରେ ଯେଉଁ ଭ୍ରମ ଜାତ ହୁଏ, ତାହାହିଁ ସନ୍ଦେହ । ଏହି ଭ୍ରମ ଚାଲିଗଲେ ଯାହା ରହେ, ତାହା ହେଉଚି ଫୁଲମାଳ । ସେହିଭଳି ସନ୍ଦେହର ସଂଧ୍ୟାକୁ ଉତ୍ତୀର୍ଣ୍ଣ ହୋଇଯିବା ପରେ ଯାହା ରହେ, ତାହା ହେଉଚି ମୋର ଶୁଦ୍ଧ ବୁଦ୍ଧି ଅଖଣ୍ଡିତ ସ୍ୱରୂପ । ମୁଁ ଏକଥାକୁ ଆଉ ଟିକିଏ ବୁଝେଇ କହୁଛି । ମାଟିଦ୍ୱାରା ବିଭିନ୍ନ ଆକାରର ପାତ୍ର ଯଥା ହାଣ୍ଡି, ମାଠିଆ, ସୁରେଇ, ସରା, ଦୀପ ଆଦି ପ୍ରସ୍ତୁତ ହୋଇଥାଏ । କିନ୍ତୁ ଏହା ହୁଏ କୁମ୍ଭକାରର ବୁଦ୍ଧିରୁ । ସମୁଦ୍ର ଜଳରୁ କୋଟି କୋଟି ତରଙ୍ଗ ସୃଷ୍ଟି ହୁଏ କିନ୍ତୁ ସେସବୁ ବାୟୁଯୋଗୁଁ ଛୋଟ ବଡ଼ ଆକାରର ହୋଇଥାଏ । ତୁଳା ଭିତରେ ପେଡ଼ି ପେଡ଼ି ଲୁଗାର ଉପାଦାନ ଭର୍ତ୍ତି ହୋଇଥାଏ । କିନ୍ତୁ ତୁଳାକୁ କେହି ଲୁଗା କହି ନଥାଆନ୍ତି । କେବଳ ବ୍ୟବହାରକାରୀ ଦ୍ୱାରା ଏହି ତୁଳାରୁ ତିଆରି ଜିନିଷ ବସ୍ତ୍ରଭାବରେ ଗୃହୀତ ହୋଇଥାଏ । ସୁବର୍ଣ୍ଣ ଅଳଙ୍କାରରେ ପରିଣତ ହେଲେ ସୁବର୍ଣ୍ଣର ସୁବର୍ଣ୍ଣତ୍ୱ ଚାଲିଯାଏନା । ଅଳଙ୍କାର ବ୍ୟବହାରକାରୀର ଭାବନା ଅନୁଯାୟୀ ନିର୍ମିତ ହୁଏ । ଶବ୍ଦର ପ୍ରତିଧ୍ୱନି କିମ୍ବା ବ୍ୟକ୍ତିର ଛାଇ କିମ୍ବା ଦର୍ପଣରେ ମଣିଷ ତାର ଯେଉଁ ରୂପକୁ ଦେଖେ, ସେହି

ରୂପ ଆଗରୁ ସେ ଯେଉଁଠି ଦେଖିଥିଲା ବା ଶୁଣିଥିଲା, ତାହା ସେଇଠି ଥିଲା କି ? ଯଥାର୍ଥରେ ତୁମେ ଶବ୍ଦ କରିବା ମାତ୍ରେ ବା ଦେଖିବା ମାତ୍ରେ ତାହା ଆସିଥାଏ । ସେହିଭଳି ମୋ ନିରାକାର ପ୍ରକୃତି ଭିତରେ ଯେଉଁମାନେ ପୃଥକ୍ ପୃଥକ୍ ବସ୍ତୁର ଚିନ୍ତାକୁ ଅନ୍ତର୍ଭୁକ୍ତ କରିଥାଆନ୍ତି, ସେମାନେ ସେହି ସେହି ବସ୍ତୁକୁ ନିଜର କଳ୍ପନାଦ୍ୱାରା ଦେଖିଥାଆନ୍ତି । ଯେତେବେଳେ ଏହି କଳ୍ପନା ବା ସନ୍ଦେହ ଚାଲିଯାଏ, ବାକି ରହେ ନିର୍ମଳ ଶୁଦ୍ଧ ପରମବ୍ରହ୍ମ । ଅନ୍ୟ କଥା ଛାଡ଼, ପର୍ବତ କନ୍ଦର ଭିତରେ ରହି ନିଜେ କେତେଥର ଘିରି ଘିରି ଘୂରିଯାଇ ଚାରିଆଡ଼କୁ ଚାହିଁଲେ ପର୍ବତ କନ୍ଦର ହିଁ ଘୂରୁଥିବା ମନେହୁଏ । ସେହିଭଳି ନିଜ କଳ୍ପନାହେତୁ ଅଖଣ୍ଡ ବ୍ରହ୍ମ ଦେଖା ନଯାଇ କେବଳ ଗୁଡ଼ିଏ ବସ୍ତୁ ଦେଖିବାକୁ ମିଳେ । ଏହି କଳ୍ପନାକୁ ଛାଡ଼ି ଦେଖିଲେ "ମୁଁ ସବୁଥିରେ ଅଛି, ମୋ ଭିତରେ ସମସ୍ତ ଅଛନ୍ତି" ସ୍ୱପ୍ନରେ ସୁଦ୍ଧା ଏହି ଭାବର ଉଦ୍ରେକ ହେବ ନାହିଁ । ମୁଁ ଜୀବଗଣକୁ ଧାରଣ କରି ରହିଥାଏ କିମ୍ବା ମୁଁ ଜୀବମାନଙ୍କ ଭିତରେ ଥାଏ, ଏହା ମାନସିକ ସନ୍ନିପାତ ରୋଗର ପରିଣତି । ହେ ପ୍ରିୟୋତ୍ତମ ! ତୁମେ ଯେଉଁ ଜୀବଜଗତକୁ ଦେଖୁଚ, ତାହା କେବଳ କଳ୍ପନାପ୍ରସୂତ । ସୂର୍ଯ୍ୟକିରଣରୁ ହିଁ ଅବାନ୍ତର ମିଥ୍ୟା ମରୀଚିକା ଜଳଭଳି ଦେଖାଯାଇଥାଏ । ସେହିଭଳି ଭାବରେ ଲୋକେ, ଜୀବଜଗତ ମୋ ଭିତରେ ଥିବା ଏବଂ ମୁଁ ସେମାନଙ୍କ ଭିତରେ ଥିବା କଳ୍ପନା କରିଥାଆନ୍ତି । ସୂର୍ଯ୍ୟ ଓ ସୂର୍ଯ୍ୟକିରଣ ଅଭିନ୍ନ । ସେହିଭଳି ଜୀବମାତ୍ରକେ ତାର ଉତ୍ପତ୍ତିର ହେତୁ ମୁଁ ଓ ଜୀବ ଅଭିନ୍ନ । ଏହାକୁ ପରସ୍ପରଠାରୁ ଅଲଗା କରାଯାଇ ନପାରେ । ତୁମେ ଯଦି ମୋର ଐଶ୍ୱର୍ଯ୍ୟ ଯୋଗକୁ ଭଲ ଭାବରେ ବୁଝିବ, ତାହାହେଲେ ମନରେ କୌଣସି ଦ୍ୱୈତଭାବ ରହିବ ନାହିଁ । କୌଣସି ଜୀବ ମୋଠାରୁ ଭିନ୍ନ ନୁହଁ କିମ୍ବା ମୁଁ ତାହାଠାରୁ ଭିନ୍ନ ନୁହଁ ।

ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।
ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀତ୍ୟୁପଧାରୟ ॥୬॥

ଆକାଶ ସହିତ ସମାନ ଭାବରେ ବ୍ୟାପି ରହିବି ପବନ । ଏହା ଆକାଶ ସହିତ ମିଳିତ ହୋଇ ରହିଥାଏ । କିନ୍ତୁ ପବନର ଗତି ସଙ୍ଗେ ସଙ୍ଗେ ଏହା ପବନ

ବୋଲି ଜଣାପଡ଼େ । ନିଶ୍ଚଳ ଅବସ୍ଥାରେ ଏହା ଜଣାପଡ଼େନା । ସେହିଭଳି ଜୀବଜଗତ ମୋ ଭିତରେ ଅଛନ୍ତି ବୋଲି କଳ୍ପନା କଲେ ସେମାନେ ଥିବାଭଳି ଜଣାପଡ଼ନ୍ତି, କଳ୍ପନା ନ କଲେ ଏହା ଥିବାଭଳି ଅନୁଭୂତ ହୁଏନା । ଏହି କଳ୍ପନାହିଁ ଭ୍ରମ । ଏହା ଚାଲିଯିବାପରେ କେବଳ ମୋ ବ୍ୟତୀତ ଆଉ କିଛି ନଥିବା ଅନୁଭବ କରିପାରିବ । ଜୀବର ଉତ୍ପତ୍ତି ଓ ବିନାଶ, ବାସ୍ତବତା ଓ ଅବାସ୍ତବତା—ଏହା ହେଉଚି କଳ୍ପନା-ଆଗ୍ନେୟଗିରିର ଉଦ୍‌ଗୀରଣ ଲାଭାଭଳି । କଳ୍ପନାକାରୀ ନ ଥିଲେ ଉତ୍ପତ୍ତି ଓ ବିନାଶର କଳ୍ପନା ଆସିବ କୁଆଡୁ ? ମୋର ଐଶ୍ୱର୍ଯ୍ୟ ସଂପର୍କରେ ତୁମକୁ ବିଶଦ ଭାବରେ କହୁଚି ଶୁଣ । ତୁମେ ଅନୁଭବ-ଜ୍ଞାନମୟ-ସମୁଦ୍ରରେ ନିଜକୁ ଯଦି ଗୋଟିଏ ତରଙ୍ଗ ମନେକର ଏବଂ ସବୁ ସମୟରେ ସଂସାରର ଚାରିଆଡ଼କୁ ଦୃଷ୍ଟିପକାଅ, ତାହାହେଲେ ତୁମେ ନିଜକୁ ସର୍ବତ୍ର ଦେଖିପାରିବ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହାପରେ ପ୍ରଶ୍ନ କଲେ, ଯେଉଁ ଜ୍ଞାନମୟ ସମୁଦ୍ର କଥା କହିଲି, ସେ ଜ୍ଞାନ ତୁମେ ଲାଭ କରିପାରିଚ କି ? ମନରେ ଯେଉଁ ଦ୍ୱୈତସ୍ୱପ୍ନ ରହିଚି, ତାହା ଯେ ମିଥ୍ୟା ଏକଥା ଅନୁଭବ କରି ପାରିଚ କି ? ଭ୍ରମ ବା କଳ୍ପନା ଶୋଇ ପଡ଼ିବାପରେ ସ୍ୱପ୍ନର ଆବେଗରେ ଅଭେଦଜ୍ଞାନ ଲୋପପାଏ ଏବଂ ପୁଣି ତୁମେ ଦ୍ୱୈତସ୍ୱପ୍ନରେ ବିଭୋର ହୋଇ ପଡ଼ିଥାଅ । ସେଥିଲାଗି ମୁଁ ତୁମ ନିକଟରେ ଏପରି ସତ୍ୟଧର୍ମ ପ୍ରକାଶ କରିବି, ଯେଉଁଥିରେ ଭ୍ରମ-ନିଦ୍ରାର ପଥ ଧ୍ୱଂସ ହୋଇଯାଇ ପାରିବ ଏବଂ ସବୁ କିଛି ଜ୍ଞାନମୟ ଦେଖାଯାଇ ପାରିବ । ତେଣୁ ହେ ଧୈର୍ଯ୍ୟବାନ୍ ଧନୁର୍ଦ୍ଧର ଧନଞ୍ଜୟ ! ମନଦେଇ ଶୁଣ ଯେ, ଜୀବମାନଙ୍କ ଉତ୍ପତ୍ତି ଓ ସଂହାରର କାରଣ ହେଉଚି ମାୟା ।

ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।
କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ।।୭।।

ପ୍ରକୃତି ବା ମାୟା ହେଉଚି ଦୁଇ ପ୍ରକାରର । ପ୍ରଥମ ପ୍ରକାର ହେଉଚି ଅପରାପ୍ରକୃତି । ଏହାର ଆଠଟି ବିଭାଗ । ଦ୍ୱିତୀୟ ହେଉଚି ପରାପ୍ରକୃତି ଅର୍ଥାତ୍

ଜୀବରୂପ । ମାୟାର ନକଲ ବିଷୟ ତୁମେ ଆଗରୁ ଶୁଣିଚ । ସେ କଥା ବାରମ୍ବାର କହିବା ଆବଶ୍ୟକ । ମହାପ୍ରଳୟବେଳେ ମାୟାଦ୍ୱାରା ଉତ୍ପନ୍ନ ସମସ୍ତ ଜୀବଜଗତ ମୋର ଅଦୃଷ୍ଟ ଆକାର ଦେହରେ ମିଳେଇ ଯାଇଥାଆନ୍ତି । ଘାସ ମାଟିରୁ ଉତ୍ପନ୍ନ ହୁଏ, ଗ୍ରୀଷ୍ମତାପରେ ଶୁଖି ଶୁଖି ସେହି ମାଟିରେ ହିଁ ମିଶିଯାଏ । ବର୍ଷାକାଳରେ ବଜ୍ର ଓ ବିଦ୍ୟୁତ ସହ ମେଘ ଆକାଶରେ ଉଦୟ ହୁଏ, କିନ୍ତୁ ଶୀତକାଳରେ ସେହି ଆକାଶରେ ହିଁ ଅନ୍ତର୍ଦ୍ଧାନ ହୋଇଯାଏ । ନିଦ୍ରିତ ଅବସ୍ଥାରେ ସ୍ୱପ୍ନ ଯେଉଁ ମନରୁ ବାହାରିଥାଏ, ଜାଗ୍ରତ ଅବସ୍ଥାରେ ସେହି ସ୍ୱପ୍ନ ସେହି ମନରେ ହିଁ ମିଳେଇଯାଏ । ସେହିଭଳି ମାୟାରୁ ଉତ୍ପନ୍ନ ହୋଇଥିବା ଜୀବଜଗତ ମହାପ୍ରଳୟ ବା କଳ୍ପାନ୍ତ କାଳରେ ମୋର ସେହି ତ୍ରିଗୁଣାତ୍ମିକା ପ୍ରକୃତି ଦେହରେ ହିଁ ବିଲୀନ ହୋଇ-ଥାଆନ୍ତି । ନୂତନ ଯୁଗ ବା କଳ୍ପର ଆରମ୍ଭରେ ମୁଁ ହିଁ ସମଗ୍ର ଜଗତକୁ ସୃଷ୍ଟି କରିଥାଏ ବୋଲି ସାଧାରଣତଃ ଯେଉଁ ଧାରଣା ରହିଛି, ତାହା କେତେଦୂର ସତ୍ୟ, ସେକଥା ମୁଁ ତୁମକୁ ଠିକେ ଠିକେ ବୁଝାଉଚି, ଶୁଣ ।

ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ॥୮॥

ହେ କିରୀଟି ! ମୁଁ ହେଉଚି ପ୍ରକୃତିର ଆଶ୍ରୟ । ମୁଁ ମୋର ଲୀଳାରୂପରେ ଏହାକୁ ଧାରଣ କରିଥାଏ । ସୂତାକୁ ଏକାଠି ବୁଣାଯିବା ଫଳରେ ହେଉଚି ବସ୍ତ୍ର । ତେଣୁ ବୟନ-କୌଶଳ ହେଉଚି କାରଣ । ଏହି କୌଶଳଯୋଗୁଁ ପ୍ରଥମେ ଗୋଟିଏ କ୍ଷୁଦ୍ର ଚତୁଷ୍କୋଣରୁ ଏହା ଏକ ନିର୍ଦ୍ଦିଷ୍ଟ ବସ୍ତ୍ର ହୋଇଥାଏ । ସେହିଭଳି ପ୍ରକୃତି ହେଉଚି ସୃଷ୍ଟିର ଭୌତିକ କାରଣ । ମୋ ଆଶ୍ରୟରେ ପ୍ରକୃତି ପଞ୍ଚଭୂତାତ୍ମକ ଆକାରରୁ ବିଭିନ୍ନ ରୂପ ଲାଭ କରିଥାଏ । ଅଳ୍ପ ଟିକିଏ ଖଟା ବା ଦହି ପକାଇ ଦେଲେ ଦୁଗ୍ଧ ଦହି ପାଲଟିଯାଏ । ସେହିଭଳି ମୋ ଲୀଳାଦ୍ୱାରା ପ୍ରକୃତି ବିରାଟ ଜଗତରେ ପରିଣତ ହୁଏ । ମଞ୍ଜି ମାଟି ଓ ଜଳର ସଂପର୍କରେ ଆସି ବିରାଟ ବୃକ୍ଷରେ ପରିଣତ ହୁଏ । ଅମୁକ ରାଜା ଏହି ସହର ବା ଗ୍ରାମ ବସାଇଛନ୍ତି ବୋଲି

କୁହାଯାଇଥାଏ । ତା ଅର୍ଥ ନୁହେଁ ଯେ, ରାଜା ନିଜ ହାତରେ ବହୁ କଷ୍ଟ ସ୍ୱୀକାର କରି ନଗର ନିର୍ମାଣ କରିଛନ୍ତି । ତୁମେ ପଚାରିପାର ମୁଁ ପ୍ରକୃତିକୁ ଗ୍ରହଣ କରୁଛି କିପରି ଏବଂ ସଂସାର ଚାଲୁଚି କିପରି ? ଏହାର ଉତ୍ତର ହେଉଚି, ମନୁଷ୍ୟ ଯେପରି ସ୍ୱପ୍ନରୁ ଜାଗ୍ରତ ଅବସ୍ଥାକୁ ଆସି ପାରୁଛି, ଏହା ସେହିଭଳି ଘଟୁଛି । ସ୍ୱପ୍ନରୁ ଜାଗ୍ରତ ଅବସ୍ଥାକୁ ଆସିବା ପାଇଁ କାହାକୁ କୌଣସି ପରିଶ୍ରମ କରିବାକୁ ପଡୁନି । ସେ ଅବସ୍ଥାରୁ ଏ ଅବସ୍ଥାକୁ ଆସିବା ପାଇଁ ତାର ଗୋଡ଼ ବଥଉନି । ସ୍ୱପ୍ନ ଦେଖୁଥିବାବେଳେ ମଧ୍ୟ ତାକୁ କୌଣସି କଷ୍ଟ ସ୍ୱୀକାର କରିବାକୁ ପଡୁନାହିଁ । ସେହିଭଳି ଜୀବଜଗତ ସୃଷ୍ଟିଲାଗି ମତେ କିଛି କରିବାକୁ ପଡ଼ି ନଥାଏ । ରାଜାର ଆଶ୍ରୟରେ ରହି ପ୍ରଜାମାନେ ନିଜ ନିଜର ବାଣିଜ୍ୟ ବ୍ୟବସାୟ ଇଚ୍ଛାନୁସାରେ କରିଥାଆନ୍ତି, ନିଜର ଜୀବିକା ନିର୍ବାହ କରିଥାଆନ୍ତି । ରାଜା ସହିତ ପ୍ରଜାର ଯେଉଁ ସଂପର୍କ, ସେହିଭଳି ପ୍ରକୃତି ସହିତ ମୋର ସଂପର୍କ । ପ୍ରକୃତି ହିଁ ସକଳ କର୍ମ କରିଥାଏ । ପୂର୍ଣ୍ଣଚନ୍ଦ୍ରକୁ ଦେଖି ସମୁଦ୍ରରେ ଜୁଆର ଆସେ । ଏଥିଲାଗି ଚନ୍ଦ୍ରକୁ କୌଣସି ପରିଶ୍ରମ କରିବାକୁ ପଡ଼ି ନଥାଏ । ଲୁହା ହେଉଚି ଜଡ଼ବସ୍ତୁ । କିନ୍ତୁ ଚୁମ୍ବକ ପାଖରେ ରହିବାମାତ୍ରେ ଏହା ତା ପାଖକୁ ଟାଣି ହୋଇ ଆସିଥାଏ । ଏଥିଲାଗି ଚୁମ୍ବକକୁ କୌଣସି କଷ୍ଟ କରିବାକୁ ପଡ଼େନା । ସେହିଭଳି ମୁଁ ପ୍ରକୃତିକୁ ଅଙ୍ଗୀକାର କରିବାମାତ୍ରେ ସୃଷ୍ଟି ଆପେ ଆପେ ବିକଶିତ ହୋଇଉଠେ । ହେ ପାଣ୍ଡବ ! ସମଗ୍ର ଜୀବଜଗତ ଏହି ପ୍ରକୃତିର ଅଧୀନ । ମଞ୍ଜିରୁ ଗଛ, ଗଛରୁ ଗଛ ଓ ପଲ୍ଲବ କରିବା ଲାଗି କେବଳ ଭୂମି ହିଁ ସମର୍ଥ । ଯେଭଳି ଶରୀର ନଥିଲେ ବାଲ୍ୟ, ତାରୁଣ୍ୟ କିମ୍ବା ବୃଦ୍ଧ ଅବସ୍ଥା ନ ଥାଆନ୍ତା, ନିଦ୍ରା ନ ଆସିଲେ ସ୍ୱପ୍ନର ପ୍ରଶ୍ନ ଉଠନ୍ତା ନାହିଁ । ସେହିଭଳି ଜୀବ -ସମୁଦ୍ରର ଏକମାତ୍ର କର୍ତ୍ତା ହେଉଚି ପ୍ରକୃତି । ସ୍ଥାବର, ଜଙ୍ଗମ, ସ୍ଥୂଳ, ସୂକ୍ଷ୍ମ, ସମସ୍ତ ଜୀବଜଗତର ମୂଳ ହେଉଚି ପ୍ରକୃତି । ଜୀବଜଗତକୁ ସୃଷ୍ଟି କରିବା, ଏହାକୁ ପାଳନ କରିବା ଆଦି କାର୍ଯ୍ୟ ସହିତ ମୋର କୌଣସି ସମ୍ପର୍କ ନାହିଁ । ଚନ୍ଦ୍ର ଜଳ ପାଖକୁ ଆସି ଚନ୍ଦ୍ରିକା ବିସ୍ତାର କରେନା । ଚନ୍ଦ୍ରିକା ବିସ୍ତାର କରି ନିଜେ ଦୂରରେ ରହିଥାଏ । ସେହିଭଳି ଯିଏ ସ୍ୱରୂପ ଲାଭ କରେ, ସେ ସକଳ କର୍ମରୁ ଦୂରରେ ଥାଏ ।

ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ !
ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ।।୯।।

ସମୁଦ୍ରରେ ଯେଉଁ ଲହଡ଼ି ଆସେ, ତାକୁ ଲବଣବନ୍ଧ ବାଧା ଦେଇ ନପାରେ । ସେହିଭଳି ପ୍ରକୃତିର ସମସ୍ତ କର୍ମ ମତେ ବାନ୍ଧି ନପାରେ । ଧୂମ୍ର କୁଣ୍ଡଳି କିମ୍ବା ଧୂଳି, ବାୟୁର ଗତିକୁ ରୋକି ନ ପାରେ । ସୂର୍ଯ୍ୟର ବିମ୍ବ ଭିତରେ ଅନ୍ଧକାର ପ୍ରବେଶ କରି ନପାରେ । ପ୍ରବଳ ବର୍ଷାହେଲେ ମଧ୍ୟ ପର୍ବତ ଗର୍ଭକୁ ଭେଦି ନପାରେ । ସେହିଭଳି ପ୍ରକୃତିର କର୍ମ ମତେ ସ୍ପର୍ଶ କରିପାରେନା । ପ୍ରକୃତିର ସମସ୍ତ କାର୍ଯ୍ୟରେ ମୁଁ ପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ମୁଁ ସଂପୂର୍ଣ୍ଣ ଉଦାସୀନ ରହି କିଛି କରେନା କିମ୍ବା କରାଏନା । ଗୃହରେ ଜଳୁଥିବା ପ୍ରଦୀପ କାହାକୁ କୌଣସି କାର୍ଯ୍ୟରେ ପ୍ରବୃତ୍ତ କରାଏନା କିମ୍ବା କିଏ କ'ଣ କଲେ ତାକୁ କାର୍ଯ୍ୟରୁ ନିବୃତ୍ତ କରେନା । ଘର ଭିତରେ କିଏ କ'ଣ କରୁଛି ସେ ବୁଝେନା । କିନ୍ତୁ ତା ଆଲୋକରେ ସବୁକାମ ହୋଇଥାଏ । ସେ ହେଉଚି ସର୍ବକର୍ମର ସାକ୍ଷୀ । ସେହିଭଳି ଜୀବର କର୍ମପ୍ରତି ଉଦାସୀନ ରହି ମଧ୍ୟ ମୁଁ ସର୍ବଜୀବରେ ବ୍ୟାପ୍ତ ହୋଇରହିଛି । ଏହା ଏକ ବିରାଟ ତତ୍ତ୍ୱ । ମୁଁ ପୁନରାବୃତ୍ତି ନ କରି ସାରାଂଶ କହୁଛି । ହେ ସୁଭଦ୍ରାପତି ! ତୁମେ ମନ ଦେଇ ଶୁଣ ।

ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।
ହେତୁନାନେନ କୌନ୍ତେୟ ! ଜଗଦ୍‌ବିପରିବର୍ତ୍ତତେ ।।୧୦।।

ସୂର୍ଯ୍ୟ ଯେପରି ଜଗତର ସମସ୍ତ କର୍ମର ନିମିତ୍ତ, ହେ ପାଣ୍ଡୁସୁତ ! ସେହିଭଳି ମୁଁ ହେଉଚି ଜଗତର ଉତ୍ପତ୍ତିର ନିମିତ୍ତ ବା କାରଣ । ପ୍ରକୃତି ମୋର ଆଶ୍ରୟ ନେବାରେ ସଚରାଚରର ଉତ୍ପତ୍ତି ହୁଏ । ଅତଏବ ମୁଁ ହେଉଚି ଏହାର କାରଣ । ସମସ୍ତ ଜୀବ ମୋଠାରୁ ଜାତ ହୋଇଥିଲେ ମଧ୍ୟ ଏକଥା ନିଶ୍ଚିତ ଯେ, ମୁଁ ସେମାନଙ୍କ ଭିତରେ ନାହିଁ । ମୋର ଏହି ଆଶ୍ଚର୍ଯ୍ୟ ଯୋଗକୁ ତୁମେ ଜ୍ଞାନାଲୋକରେ ହିଁ ଦେଖିପାରିବ । ସମସ୍ତ ଜୀବଜଗତ ମୋ ଭିତରେ ଆଶ୍ରୟ ଗ୍ରହଣ କରିଛନ୍ତି ସତ, କିନ୍ତୁ ମୁଁ ସେମାନଙ୍କ ଭିତରେ ନାହିଁ— ଏକଥା କେବେହେଲେ

ଭୁଲିଯାଅନି । ଏହା ହେଉଚି ମୋର ପରମ ରହସ୍ୟ । ଇନ୍ଦ୍ରିୟଦ୍ୱାରା ବନ୍ଦ କରି ତୁମ ହୃଦୟ ଭିତରେ ଏହି ସତ୍ୟକୁ ଅନୁଭବ କର । ଏହି ମର୍ମକଥା ତୁମେ ନ ବୁଝିବା ପର୍ଯ୍ୟନ୍ତ ମୋ ସତ୍ୟସ୍ୱରୂପକୁ ଜାଣି ପାରିବ ନାହିଁ । ତୁଷ ଭିତରୁ ଚାଉଳ ଖୋଜିବା ଯାହା, ମର୍ମକଥା ନ ବୁଝି ମୋଡେ ଦରାଣ୍ଡିହେବା ତାହା । ଅନୁମାନଦ୍ୱାରା ହିଁ ଜାଣିଲି ବୋଲି କହି ଦେଇପାର କିନ୍ତୁ ମରୀଚିକାଜଳରେ ଭୂମି ଓଦା ହୋଇ ନଥାଏ । ପାଣିରେ ବିଛା ହୋଇଥିବା ଜାଲରେ ଚନ୍ଦ୍ରବିମ୍ବ ଧରାପଡ଼ିଥିବା ଭଳି ମନେହୁଏ କିନ୍ତୁ ଏହାକୁ ବାହାରେ ଆଣି ଛାଡ଼ିଦେଲେ କ'ଣ ଚନ୍ଦ୍ରବିମ୍ବ ମାଛଭଳି ଝରିପଡ଼େ ? ସେହିଭଳି ନାନାଲୋକ, ବହୁପଣ୍ଡିତ ନାନା ଶବ୍ଦବିନ୍ୟାସ ଦ୍ୱାରା ନିଜ ଭଗବତ୍ ଅନୁଭୂତି କଥା ବର୍ଣ୍ଣନା କରିଥାଆନ୍ତି ସତ୍, କିନ୍ତୁ ସେ ସବୁ ସେମାନଙ୍କର କଳ୍ପନାପ୍ରସୂତ । ଯଥାର୍ଥଜ୍ଞାନର ପରୀକ୍ଷାବେଳେ ଏହି ସବୁ ଅନୁଭୂତିର ବର୍ଣ୍ଣନା କୌଣସି କାମ ଦିଏନା ।

ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମଭୂତମହେଶ୍ୱରମ୍ ॥୧୧॥

ତୁମେ ଯଦି ପ୍ରକୃତରେ ଜନ୍ମମୃତ୍ୟୁର ବାରମ୍ବାର ପୁନରାବୃତ୍ତିକୁ ଭୟ କରୁଚ ଏବଂ ମୋ ପାଖରେ ପହଞ୍ଚିବାପାଇଁ ବ୍ୟାକୁଳ, ତାହାହେଲେ ଏହି ତତ୍ତ୍ୱକୁ ପୂର୍ଣ୍ଣତଃ ମନେ ରଖ । ଯଦି ତା' ନକର, ତାହାହେଲେ କାମଳ-ରୋଗୀକୁ ଯେପରି ଜ୍ୟୋତ୍ସ୍ନାସୁଦ୍ଧା ହଳଦିଆ ଦେଖାଯାଏ, ସେହିଭଳି ମୋ ନିର୍ମଳ ସ୍ୱରୂପ ମଧ୍ୟ ଅନିର୍ମଳ, ଦୋଷଦୁଷ୍ଟ ଦେଖାଯିବ । ଜ୍ୱର ରୋଗରେ ଜିହ୍ୱା ଦୂଷିତ ହୋଇପଡ଼ିଲେ ଦୁଧ ମଧ୍ୟ ପିତା ଲାଗିଥାଏ । ସେହିଭଳି ଲୋକେ, ଲୋକାତୀତ ମତେ ମଧ୍ୟ ସାଧାରଣ ମଣିଷଟାଏ ବୋଲି ହେୟଜ୍ଞାନ କରିଥାଆନ୍ତି ।

ସେଥିଲାଗି ହେ ଧନଞ୍ଜୟ ! ତୁମକୁ ମୋର ବାରମ୍ବାର ଅନୁରୋଧ ଯେ ଆଗରୁ ଯେଉଁସବୁ କଥା କହିଛି, ତାକୁ ଭୁଲି ଯାଅ ନାହିଁ । ସ୍ୱପ୍ନରେ ଅମୃତ ପାନ କଲେ କେହି ଅମର ହୋଇ ପାରେନା । ସେହିଭଳି ଯେଉଁମାନେ ସ୍ଥୂଳଦୃଷ୍ଟିରେ ମତେ ଦେଖିଥାଆନ୍ତି, ସେମାନଙ୍କ ଜ୍ଞାନ, ଜ୍ଞାନପଦବାଚ୍ୟ ନୁହେଁ । ମୂଢ଼ଲୋକେ

ମତେ ଅବଶ୍ୟ ସ୍ଥୂଳ ଦୃଷ୍ଟିରେ ଦେଖି, ଭଗବାନଙ୍କୁ ମୁଁ ଭଲଭାବରେ ଚିହ୍ନେ, ଜାଣେ ବୋଲି କହିଥାଆନ୍ତି, କିନ୍ତୁ ସେମାନଙ୍କ ସ୍ଥୂଳଜ୍ଞାନ ଓ ପ୍ରକୃତ ଜ୍ଞାନ ମଧ୍ୟରେ ଏକ ଭୌତିକ ଚେତନାର ପରଦା ରହିଥାଏ । ନକ୍ଷତ୍ର ବା ଉପଗ୍ରହାଦିର ପ୍ରତିବିମ୍ବକୁ ମୁକ୍ତା ମନେ କରି ହଂସ ବଡ଼ ଆଶାରେ ଜଳରେ ପ୍ରବେଶ କରେ ଏବଂ ଜଳ ଭିତରେ ବୁଡ଼ି ବୁଡ଼ି ମରେ । ମରୀଚିକାକୁ ଗଙ୍ଗା ଭାବି ଦୌଡ଼ିଲେ ଜଳ ପାଇବା କେବେ କ'ଣ ସମ୍ଭବ ହୋଇପାରେ ? କଣ୍ଟକ ବୃକ୍ଷକୁ କଳ୍ପତରୁ ମନେ କରି ସେବା କରିବାରେ କି ଲାଭ ? ନୀଳମଣିର ହାର ମନେକରି ସାପକୁ ଧରିଲେ, ରତ୍ନ ମନେକରି ଗୁଡ଼ିଏ ଧଳାପଥର ବା ପ୍ରବାଳକୁ ଗୋଟେଇଲେ, ବହୁମୂଲ୍ୟବାନ୍ ଦ୍ରବ୍ୟ ପାଇଛି ଭାବି ଗୁଡ଼ିଏ ଅଙ୍ଗାରକୁ ଅଣ୍ଟିରେ ବାନ୍ଧିଲେ, ସିଂହ ଭଳି ନିଜ ପ୍ରତିବିମ୍ବକୁ ଚିହ୍ନିନପାରି କୂଅକୁ ଡେଇଁଲେ, ଦୁର୍ଗତି ହିଁ ସାର ହୋଇଥାଏ । ଜଳରେ ପ୍ରତିବିମ୍ବିତ ଚନ୍ଦ୍ରକିରଣକୁ ଚନ୍ଦ୍ର ମନେକରି ଧରିବା ଯାହା, ମତେ ମଣିଷ ଭାବି ସେହି ଭାବନାରେ ଯିଏ ବୁଡ଼ି ରହେ, ତାର ଚେଷ୍ଟା ନିଷ୍ଫଳ ହେବା ସେୟା । ପଖାଳ ଭାତର ତୋରାଣି ପିଇ ଅମୃତର ସ୍ୱାଦ ଯଦି ସମ୍ଭବ ହୁଏ, ତାହାହେଲେ ମର ଶରୀରରେ ମୋର ଅମର ସ୍ୱରୂପକୁ ଦେଖିବା ହୁଏତ ସମ୍ଭବ ହୋଇପାରେ । ପଶ୍ଚିମ ସମୁଦ୍ରକୁ ଯିବାକୁ ହେଲେ କ'ଣ କିଏ ପୂର୍ବଦିଗକୁ ଗତି କରେ ? ତୁଷକୁ କୁଟିଲେ କିଏ ଚାଉଳ ପାଇପାରେ ? ସେହିଭଳି ଏହି ଭୌତିକ ସଂସାରରେ ମୋର ଶୁଦ୍ଧ ବିଶ୍ୱରୂପକୁ କେହି ଦେଖି ନପାରେ । ମୋହଗ୍ରସ୍ତ ଅବୋଧ ମନୁଷ୍ୟ ଭ୍ରମରେ ପଡ଼ି ଭାବି ଥାଆନ୍ତି ଯେ, ଯେହେତୁ ମୁଁ ମନୁଷ୍ୟ ଶରୀରରେ ଅଛି, ସେହେତୁ ମୁଁ ଏହି ସଂସାରରେ ରହିଛି । ସେମାନେ ସଂସାରରେ ଘଟୁଥିବା ଜନ୍ମକର୍ମକୁ ମଧ୍ୟ ମୋ ଉପରେ ଆରୋପ କରିଥାଆନ୍ତି । ମୁଁ ଅନାମ ତଥାପି ସେମାନେ ମୋର ନାମ ରଖିଥାଆନ୍ତି । ମୁଁ ନିଷ୍କ୍ରିୟ ତଥାପି ମୋ ଉପରେ କ୍ରିୟାର ଆରୋପ କରିଥାଆନ୍ତି । ମୁଁ ବିଦେହୀ ତଥାପି ମୋଠାରେ ଉତ୍ପତ୍ତି ପ୍ରଭୃତି ଦେହଧର୍ମ ଆରୋପ କରିଥାଆନ୍ତି । ମୋ ନିରାକାର ସ୍ୱରୂପକୁ ଆକାର ଦେଇଥାଆନ୍ତି । ମୋର ଉପାଧି ବୋଲି କିଛି ନାହିଁ ତଥାପି ଲୋକେ ମୋତେ ନେଇ ବହୁ ପଦପଦବୀରେ ମଣ୍ଡିତ କରିଥାଆନ୍ତି । ମୁଁ କର୍ତ୍ତବ୍ୟାକର୍ତ୍ତବ୍ୟରୁ ମୁକ୍ତ,

ତଥାପି ସେମାନେ ମୋ ପ୍ରତି ଆଚାର ବ୍ୟବହାର ଆଦି ଆରୋପ କରିଥାଆନ୍ତି । ବର୍ଣ୍ଣହୀନକୁ ବର୍ଣ୍ଣ, ଗୁଣାତୀତକୁ ଗୁଣ, ଚରଣରହିତକୁ ଚରଣ, ହସ୍ତହୀନକୁ ହସ୍ତ, ଅପରିମେୟକୁ ପରିମାପ ଦେଇଥାଆନ୍ତି । ଯିଏ ନିର୍ଦ୍ଦିଷ୍ଟ କୌଣସି ସ୍ଥାନରେ ଅବସ୍ଥାନ କରି ନଥାଏ ଏବଂ ଯିଏ ସର୍ବବ୍ୟାପୀ, ତାକୁ ନିର୍ଦ୍ଦିଷ୍ଟ ଏକ ସ୍ଥାନ ଦେଇଥାଆନ୍ତି ।

ଶେଯରେ ଶୋଇଥିବା ବ୍ୟକ୍ତି ସ୍ୱପ୍ନରେ ଯେପରି ଅରଣ୍ୟ ଦର୍ଶନ କରେ, ସେହିଭଳି ଲୋକେ ମତେ କର୍ଣ୍ଣ, ନୟନ, ଗୋତ୍ର ଆଦି ଦେଇଥାଆନ୍ତି । କିନ୍ତୁ ମୁଁ ଏ ସବୁର ଧାର ଧରେନା । ମୁଁ ଅପ୍ରକଟ ତଥାପି ଲୋକେ ମତେ ପ୍ରକଟିତ ବୋଲି ଭାବିଥାଆନ୍ତି । ମୋର କୌଣସି କାମନା ନାହିଁ ଅଥଚ ସେମାନେ ଭାବି ଥାଆନ୍ତି ମୋର ମଧ୍ୟ ସେମାନଙ୍କ ଭଳି କାମନା ଓ ଦୁଃଖ ରହିଛି । ମୁଁ ଯେ ନିଜେ ସନ୍ତୋଷ-ସ୍ୱରୂପ ଓ ଆନନ୍ଦସ୍ୱରୂପ ଏକଥା ବୁଝି ନପାରି ମୋର ମଧ୍ୟ ସନ୍ତୋଷାନୁଭୂତି ରହିଛି ବୋଲି ସେମାନେ ଭାବିଥାଆନ୍ତି । ଯିଏ ଅନାଚ୍ଛାଦିତ, ତାକୁ ଆଚ୍ଛାଦନ ଦେବାକୁ ସେମାନେ ଚେଷ୍ଟିତ । ଯିଏ ଅଳଙ୍କାର ବା ପରିଶୋଭନର ଉର୍ଦ୍ଧ୍ୱରେ, ତାକୁ ସେମାନେ ଅଳଂକୃତ କରିବାକୁ ଚେଷ୍ଟା କରିଥାଆନ୍ତି । ଯିଏ ସମସ୍ତ କାରଣର କାରଣ, ତା ଉପରେ ସେମାନେ ନାନା କାରଣ ଆରୋପ କରିଥାଆନ୍ତି । ମୁଁ ନିରାକାର, ତଥାପି ସେମାନେ ମୋର ମୂର୍ତ୍ତି ତିଆରି କରିଥାଆନ୍ତି । ଏହି ମୂର୍ତ୍ତିକୁ ସେମାନେ ସ୍ୱୟଂସିଦ୍ଧ ବୋଲି ଭାବିଥାଆନ୍ତି । ମୁଁ ସର୍ବକାଳରେ ସର୍ବବିଦ୍ୟମାନ ତଥାପି ସେମାନେ ମତେ ଆବାହନ କରିଥାଆନ୍ତି, ବିସର୍ଜନ ମଧ୍ୟ କରିଥାଆନ୍ତି । ମୁଁ ଶାଶ୍ୱତ ଏବଂ ସ୍ୱୟଂସଂପୂର୍ଣ୍ଣ, ଅଥଚ ଲୋକେ ମୋର ବାଲ୍ୟାବସ୍ଥା, ତରୁଣାବସ୍ଥା ଓ ବୃଦ୍ଧାବସ୍ଥା ରହିଛି ବୋଲି ଭାବିଥାଆନ୍ତି । ଅଦ୍ୱୈତକୁ ଦ୍ୱୈତ, ଅକର୍ତ୍ତାକୁ କର୍ତ୍ତା ଏବଂ ଅଭୋକ୍ତାକୁ ଭୋକ୍ତା ମନେ କରିଥାଆନ୍ତି । ମୁଁ କୌଣସି ଖାଦ୍ୟ ଚାହେଁ ନାହିଁ ତଥାପି ଲୋକେ ମତେ ଖାଦ୍ୟ ନିବେଦନ କରିଥାଆନ୍ତି । ମୋର କୌଣସି କୁଟୁମ୍ବ ନାହିଁ ଅଥଚ ମୋର ବାପ ମାଆ, ଭାଇ ଭଉଣୀ, ଆତ୍ମୀୟସ୍ୱଜନ ସମସ୍ତେ ଅଛନ୍ତି ବୋଲି ଭାବିଥାଆନ୍ତି । ମୁଁ ଅବିନାଶୀ ତଥାପି ମୋର ଦେହତ୍ୟାଗମାତ୍ରେ ଲୋକେ ଶୋକ କରିଥାଆନ୍ତି । ମୁଁ ସମସ୍ତଙ୍କ

ହୃଦୟରେ ବାସ କରିଥାଏ ତଥାପି ସେମାନଙ୍କ ଭଳି ମୋର ମଧ୍ୟ ଶତ୍ରୁ ମିତ୍ର ଅଛନ୍ତି ବୋଲି ଭାବିଥାଆନ୍ତି । ମୁଁ ଆତ୍ମାନନ୍ଦରେ ସବୁବେଳେ ବିଭୋର ତଥାପି ମୁଁ ସୁଖ ଚାହେଁ ବୋଲି ଲୋକେ ଭାବନ୍ତି ।

ମୁଁ ସର୍ବବିଦ୍ୟମାନ ଓ ସମଭାବାପନ୍ନ, ତଥାପି ସେମାନେ ଭାବନ୍ତି ମୁଁ ଏ ଦେଶ ବା ସେ ଦେଶର ଲୋକ । ମୁଁ ସମଗ୍ର ଜୀବଜଗତର ଆତ୍ମା ତଥାପି ଲୋକେ ଭାବନ୍ତି ଯେ ସେ ଦେଶର, ସେ ଭାଷାର ଲୋକ ହୋଇ ଥିବାରୁ ମୁଁ ସେ ଦେଶ, ସେ ଭାଷା ବା ନିଜ ଆତ୍ମୀୟସ୍ୱଜନ ଓ ବନ୍ଧୁମାନଙ୍କ ପ୍ରତି ପକ୍ଷପାତ କରୁଛି ଏବଂ କ୍ରୋଧବଶତଃ ଅନ୍ୟମାନଙ୍କ ଅନିଷ୍ଟ କରୁଛି । ଲୋକଙ୍କ ମନର ପ୍ରକୃତି ଯାହା, ସେ ସବୁ ମୋ ପ୍ରତି ସେମାନେ ଆରୋପ କରିଥାଆନ୍ତି । ଯେହେତୁ ସେମାନଙ୍କର ଏହିସବୁ ଗୁଣ ରହିଛି, ସେହେତୁ ମୋର ମଧ୍ୟ ସେସବୁ ଗୁଣ ଥିବ ବୋଲି ଅଜ୍ଞାନ ଯୋଗୁଁ ବିଶ୍ୱାସ କରିଥାଆନ୍ତି । ସେମାନେ କୌଣସି ମୂର୍ତ୍ତିକୁ ଦେଖିଲେ ଏହା ଭଗବାନଙ୍କ ମୂର୍ତ୍ତି ମନେ କରି ହାତ ଯୋଡ଼ି ଭକ୍ତିର ସହିତ ପୂଜା କରିଥାଆନ୍ତି । ମୂର୍ତ୍ତି ଭାଙ୍ଗିଯିବା ମାତ୍ରେ ଭାବନ୍ତି ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ସେମାନେ ମତେ ସାକାର ତଥା ମଣିଷଟାଏ ଭାବି– ମଣିଷ ଯାହା କରେ ତାହା କରୁଚି ବୋଲି ଭାବିଥାଆନ୍ତି । ଏହି ଭୌତିକ ଜ୍ଞାନହିଁ ସେମାନଙ୍କୁ ସତ୍ୟଜ୍ଞାନଠାରୁ ଦୂରେଇ ରଖିଥାଏ ।

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।
ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥୧୨॥

ଏମାନଙ୍କ ଜୀବନ ଏଭଳି ଚିନ୍ତା ଓ ଧାରଣା ଯୋଗୁଁ ବିଫଳ ହୋଇପଡ଼େ । ବର୍ଷାଋତୁ ବ୍ୟତୀତ ଅନ୍ୟ ଋତୁରେ ବର୍ଷା ହେଲେ ବିଫଳ ହୋଇଥାଏ । ମରୀଚିକାର ଜଳ କେବଳ ଦୂରରୁ ଶୋଭା ପାଇଥାଏ । ମାଟିରେ ତିଆରି ଘୋଡ଼ାସବାର, ଯାଦୁକରଦ୍ୱାରା ପ୍ରଦର୍ଶିତ ଅଳଙ୍କାର, ମେଘରେ ତିଆରି ରାଜଉଆସ ଯେପରି ବୃଥା, ସେହିଭଳି ସେମାନଙ୍କ ଜୀବନ ବୃଥା । ସାବରୀ (ମରୁଭୂମିର ସିଝୁଜାତୀୟ ଗଛ) ନାମକ ଏକ ଗଛ ଅଛି ଯାହାକି ସଳଖ ସୁନ୍ଦର

ହୋଇ ବେଶ୍ ଉଚ୍ଚକୁ ବଢ଼ିଥାଏ କିନ୍ତୁ ଏହାର କୌଣସି ଫଳ ହୁଏନା ଏବଂ ଏହି ଗଛର ଭିତରଟା ପୋଲା । ଅଜାଗଳସ୍ତନ ନିରର୍ଥକ । ଅର୍ଥାତ୍ ଛେଳିର ବେକରେ ସ୍ତନ ଆକାରରେ କୌଣସି ମାଂସ ବୃଦ୍ଧି ହେଲେ ତା ଭିତରୁ ଦୁଗ୍ଧ ବାହାରେ ନାହିଁ ।

ଉପରେ କୁହାଯାଇଥିବା 'ସାବରୀ' ଗଛର କଳ୍ପିତ ଫଳ ଯେପରି କାହାକୁ ଦିଆଯାଇ ପାରେନା କିମ୍ବା ନିଆଯାଇ ପାରେନା, ସେହିଭଳି ଦୋଷଦୁଷ୍ଟ ମନୁଷ୍ୟର ଜୀବନ ନିରର୍ଥକ । ମାଙ୍କଡ଼ ଦାନ୍ତରେ କାମୁଡ଼ି ନଡ଼ିଆର କତା ଛଡ଼ାଇ ସାରି ଭାବେ, ଏ ଫଳରେ ରସ ନାହିଁ ତେଣୁ ତାକୁ ଫିଙ୍ଗି ଦିଏ, ଫଳରେ ରସରୁ ବଞ୍ଚିତ ହୁଏ । ଅନ୍ଧ ଗୁଡ଼ିଏ ମୁକ୍ତା ଗୋଟେଇ ଧରିଲେ ମଧ୍ୟ ତାହାର ମୂଲ୍ୟ ଜାଣି ନପାରି କ'ଣ ଗୁଡ଼ାଏ ଧରି ପକାଇଲି ଭାବି ଫିଙ୍ଗିଦିଏ । ସେହିଭଳି ପୂର୍ବୋକ୍ତ ବ୍ୟକ୍ତିମାନେ ଶାସ୍ତ୍ରାଧ୍ୟୟନ କରି ପଣ୍ଡିତ ବୋଲାଇଲେ ମଧ୍ୟ ସେମାନଙ୍କର ପ୍ରକୃତ ଜ୍ଞାନ ଲାଭ ହୁଏନା । ସମସ୍ତ ଶିକ୍ଷା ବିଫଳ ହୁଏ । ସେମାନଙ୍କ ଶାସ୍ତ୍ରାଧ୍ୟୟନ ଓ ମନ୍ତ୍ରଉଚ୍ଚାରଣ ହେଉଛି ଅବୋଧ ବାଳକ ହାତରେ ଅସ୍ତ୍ରଧାରଣ ଭଳି । ସେମାନେ ପ୍ରକୃତ ଜ୍ଞାନଲାଭ ନ କରିବା ଫଳରେ ସେମାନଙ୍କ ତଥାକଥିତ ଲବ୍ଧ ଜ୍ଞାନ ଓ କର୍ମ ନିରର୍ଥକ ହୋଇ ପଡ଼ିଥାଏ । ମାୟା ବା ପ୍ରକୃତିରୂପିଣୀ ତମୋଗୁଣସଂପନ୍ନା ରାକ୍ଷସୀ ନିଶାଚରୀ ଭଳି ସୁବୁଦ୍ଧିକୁ ଗ୍ରାସ କରିଦିଏ, ବିବେକର ଚିହ୍ନସୁଦ୍ଧା ଲୋପ କରିଦିଏ । ଏହି ରାକ୍ଷସୀ ଅସନ୍ତୋଷ ରୂପରେ ଦେହକୁ ନଷ୍ଟ କରିବାରେ ମନ ଓ ଶରୀରକୁ ଚିକିନିଖି କରି ଖାଇବାରେ ଲାଗିଯାଏ । ଆଶାରୂପକ ଲାଳ ଗଡ଼େଇ ଗଡ଼େଇ ମନୁଷ୍ୟକୁ ମୃତ୍ୟୁ ଆଡ଼କୁ ଠେଲି ଠେଲି ନିଏ । ଈର୍ଷାରୂପକ ଦନ୍ତପନ୍ତି ସାହାଯ୍ୟରେ ବୁଦ୍ଧିକୁ ଗୁଣ୍ଡ କରି ପକାଏ । ଏହି ହିଂସାରୂପିଣୀ ଜିହ୍ୱା, ଦୁଇଓଠକୁ ଚାଟି ଚାଟି ଆସି ଅନର୍ଥ ରୂପ ଧରି କାନ ପର୍ଯ୍ୟନ୍ତ ବିସ୍ତାରି ଯାଏ । ଯେଉଁ ମୁହଁ ହେଉଚି ପ୍ରମାଦରୂପକ ପର୍ବତ ଗହ୍ୱର ସ୍ୱରୂପ, ତାର ଯେଉଁ ଦ୍ୱେଷରୂପକ ମୁନିଆଁ ଦାନ୍ତ ସବୁ ରହିଛି, ସେଥିରେ ଜ୍ଞାନକୁ ଚୋବେଇ ଚୋବେଇ ଚୂନା କରିଦିଏ । ଚମଡ଼ା ଯେପରି ହାଡ଼କୁ ଘୋଡ଼େଇ ରଖିଛି, ସେହିଭଳି ବିପଥଗାମୀ ଲୋକଙ୍କ ବୁଦ୍ଧି ମୂର୍ଖତା ଦ୍ୱାରା ଆବୃତ୍ତ ରହିଥାଏ । ରାକ୍ଷସୀରୂପିଣୀ ମାୟା ବା ପ୍ରକୃତିର ମୁହଁରେ ଯେଉଁ ପ୍ରାଣୀ ବଳିରୂପେ ନିପତିତ ହୁଏ, ସେ ଭ୍ରାନ୍ତିରୂପକ କୁଣ୍ଡରେ

ଡୁବିଯାଏ । ଅଜ୍ଞାନର ଗର୍ତ୍ତରେ ପଡ଼ିଥିବା ହେତୁ ତାର ବିଚାରଶକ୍ତି ମଧ ଲୋପ ପାଇଯାଇଥାଏ । ଖାଲି ସେତିକି ନୁହଁ, ସେମାନେ ଗର୍ତ୍ତର କେତେ ଭିତରେ ରହିଛନ୍ତି ତାକୁ ଜାଣିବାର ମଧ କୌଣସି ମାପକାଠି ନାହିଁ । ମୂର୍ଖର ବର୍ଣ୍ଣନା କରି କି ଲାଭ ? ବୃଥା ଗୁଡ଼ିଏ ବୋଝ ନେଇ କହିଲେ 'ବାଣୀ' ଦୁଃଖ କରିବେ ।

ଶ୍ରୀକୃଷ୍ଣ ଏପରି କହିବାରେ, ଅର୍ଜୁନ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ, 'ପ୍ରଭୁଙ୍କର ଯାହା ଇଚ୍ଛା' ।

ଶ୍ରୀକୃଷ୍ଣ କହିଲେ, ''ବାଣୀ'' ଯେଉଁ କଥାରେ ବିଶ୍ରାମସୁଖ ଲାଭ କରିଥାଆନ୍ତି ସେ କଥା ଶୁଣ ।

ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।
ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ॥୧୩॥

ଯାହାର ମନରେ ମୁଁ କ୍ଷେତ୍ରସନ୍ନ୍ୟାସୀ ହୋଇ ବାସ କରିଥାଏ, ସେ ହେଉଚି ଶୁଦ୍ଧାତ୍ମା ବା ପ୍ରକୃତ ଜ୍ଞାନୀ । ଯେପରି ବୈରାଗୀ ବୈରାଗ୍ୟସାଧନ ଲାଗି ଏକ ନିର୍ଦ୍ଦିଷ୍ଟ ନିର୍ଜନ ସ୍ଥାନ ଖୋଜି ସେହିଠାରେ ହିଁ ଅବସ୍ଥାନ କରିଥାଏ, ଠିକ୍ ସେହିଭଳି ମୁଁ ବାଛି ବାଛି ଶୁଦ୍ଧମନା ଲୋକଠାରେ ବାସ କରିଥାଏ । ସେମାନେ ଏଭଳି ଲୋକ ଯେ, ନିଦ୍ରିତ ଅବସ୍ଥାରେ ମଧ ବୈରାଗ୍ୟ ବ୍ୟତୀତ ସେମାନଙ୍କର ଅନ୍ୟକୌଣସି ଚିନ୍ତା ନଥାଏ । ବ୍ରହ୍ମପ୍ରାପ୍ତି ଲାଗି ଧର୍ମ ହିଁ ସେମାନଙ୍କର ଏକମାତ୍ର କାମ୍ୟ । ସେମାନଙ୍କ ମନ ହେଉଚି ଜ୍ଞାନର ଶାଶ୍ୱତ ପୋତାଶ୍ରୟ । ସେମାନଙ୍କ ଶରୀର ହେଉଚି ସୁଗନ୍ଧ ସୁନ୍ଦର ପୁଷ୍ପମଣ୍ଡିତ ବୃକ୍ଷଭଳି ଶାନ୍ତିଦ୍ୱାରା ସୁଶୋଭିତ । ଜ୍ଞାନ-ଗଙ୍ଗାରେ ସ୍ନାନ କରିବା ଫଳରେ ସେମାନଙ୍କ ଶରୀର ପୂତ-ପବିତ୍ର । ସେମାନେ ଧୈର୍ଯ୍ୟମଣ୍ଡପର ସୁଦୃଢ଼ ସ୍ତମ୍ଭସ୍ୱରୂପ ତଥା ଆନନ୍ଦସାଗର ସଲୀଳର ପୂର୍ଣ୍ଣକୁମ୍ଭ । ସେମାନଙ୍କ ଭକ୍ତି ଏଭଳି ପ୍ରଗାଢ଼ ଯେ, ମୋକ୍ଷକୁ ମଧ ଦୂରରେ ରହିବାକୁ କହିଥାଆନ୍ତି । ସେମାନଙ୍କ କୌତୁକରେ ମଧ ନୀତି ବିରାଜିତ । ସେମାନଙ୍କ ସମସ୍ତ ଇନ୍ଦ୍ରିୟ ଶାନ୍ତି-ଅଳଙ୍କାରରେ ଅଳଂକୃତ । କେବଳ ମୋର ଚିନ୍ତା ହିଁ ସେମାନଙ୍କ ଏକମାତ୍ର ଆହାର, ଏକମାତ୍ର ଆଚ୍ଛାଦନ ।

ସେମାନେ ଯାହା କିଛି ଦେଖିଥାଆନ୍ତି, ଭାବି ଥାଆନ୍ତି, ତାହା ଭଗବାନଙ୍କ ସ୍ୱରୂପ । ମୋର ସମଗ୍ର ସ୍ୱରୂପକୁ ଅବଗତ ହୋଇ ମଧ୍ୟ ଯିଏ ପ୍ରେମରେ ମତେ ଭଜନ କରେ, ଯାହାର ମନରେ ଦ୍ୱୈତଭାବ (ମୁଁ ଜଣେ, ସେ ଜଣେ) ସ୍ପର୍ଶ କରେନା, ହେ ପାଣ୍ଡବ ! ସେ ମୋ ସହିତ ଏକାକାର ହୋଇ ମୋର ହିଁ ସେବା କରିଥାଏ । ସେମାନଙ୍କ ସଂପର୍କରେ ଆହୁରି କେତେକ ବିସ୍ମୟକର କଥା କହୁଛି ଶୁଣ ।

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ ।
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ॥୧୪॥

ସେ ପ୍ରେମରେ ହରିକୀର୍ତ୍ତନ କରି କରି ନାଚି ଉଠିଥାଏ । ମନରେ ତାର ଅନୁତାପ ବା ପ୍ରାୟଶ୍ଚିତ୍ତର ଚିହ୍ନ ସୁଦ୍ଧା ନଥାଏ । ଏହି ସପ୍ରେମ ହରିକୀର୍ତ୍ତନ ଫଳରେ ପାପର ନାମସୁଦ୍ଧା ଲୋପ ପାଇଯାଏ । ଯମ ଓ ଦମର ଅବସ୍ଥା ମଧ୍ୟ ଦୁର୍ବଳ ହୋଇ ପଡ଼େ । ତୀର୍ଥବାସର ବାସନା ଓ ଚେଷ୍ଟା ମଧ୍ୟ ଶେଷ ହୋଇଯାଏ । ତା'ପାଇଁ ଯମପୁରୀର ସକଳ ଦ୍ୱାର ବନ୍ଦ ହୋଇଯାଏ । ଯମ ପଚାରେ, ଏଭଳି ଲୋକକୁ ବାନ୍ଧିନେବା ପାଇଁ ଦଉଡ଼ି କାହିଁ ? ଦମ କହେ, ଆଉ ଦମନ କରିବି କାହାକୁ ? ତୀର୍ଥ କହେ, ଏ ଲୋକର ଦୋଷ କ'ଣ ଅଛି ଯେ ପାଳନ କରିବି, ପାପ ବୋଲି ତା ପାଖରେ ତ ଟିକିଏ ହେଲେ ନାହିଁ ।

ଏହିଭଳି ଭାବରେ ସେ ମୋର ନାମକୀର୍ତ୍ତନ କରି କରି ସଂସାର ଦୁଃଖରୁ ଦୂରରେ ରହେ । ମହାସୁଖ ଆସି ତାର ସବୁବେଳେ ସେବା କରିଥାଏ । ଏଭଳି ଭକ୍ତ ସକାଳ ହେବା ପୂର୍ବରୁ ମଧ୍ୟ ସବୁକିଛି ଦେଖିପାରେ । ଅମୃତ ପାନ ନ କରି ମଧ୍ୟ ସେ ଅମରତ୍ୱ ଲାଭ କରେ । ବିନା ଯୋଗରେ ମଧ୍ୟ ତା ପକ୍ଷରେ ମୋକ୍ଷପ୍ରାପ୍ତି ସମ୍ଭବ ହୋଇଥାଏ । ଧନୀ, ଗରିବ, ରାଜା ଓ ପ୍ରଜା ଭେଦଭାବ କିମ୍ବା ବଡ଼, ଛୋଟର ବିଚାର ତାର ନଥାଏ । ଜଗତର ସମସ୍ତଙ୍କୁ ସେ ସମାନ ଭାବରେ ଆନନ୍ଦ ପ୍ରଦାନ କରିଥାଏ । କାରଣ ସେମାନେ ସାର୍ବଜନୀନ ଆନନ୍ଦମନ୍ଦିର ଭିତରେ ଅବସ୍ଥାନ କରିଥାଆନ୍ତି । ଅଳ୍ପ କେତେଜଣଙ୍କ ବୈକୁଣ୍ଠପ୍ରାପ୍ତି ଘଟିଥାଏ ।

କିନ୍ତୁ ଏ ଯେଉଁ ଭକ୍ତଙ୍କକଥା କହୁଛି ସେମାନେ ବୈକୁଣ୍ଠକୁ ଆବାହନକରି ସଂସାରକୁ ନେଇ ଆସିଥାଆନ୍ତି । ଅହରହ ମୋର ନାମ ସଂକୀର୍ତ୍ତନ କରି ସେମାନେ ସମଗ୍ର ସଂସାରକୁ ପବିତ୍ର କରିଦେଇପାରନ୍ତି । ସୂର୍ଯ୍ୟଙ୍କତେଜ ଭଳି ସେମାନେ ତେଜିୟାନ୍, ଜ୍ୟୋତିଷ୍ମାନ୍ । କିନ୍ତୁ ସୂର୍ଯ୍ୟଙ୍କର ଗୋଟିଏ ଦୋଷ ରହିଛି ଯେ, ସେ ଅସ୍ତାଚଳରେ ଅସ୍ତ ହୁଅନ୍ତି । ଚନ୍ଦ୍ର ମାସକେ ଥରେ ପୂର୍ଣ୍ଣମୀ ତିଥିରେହିଁ ପୂର୍ଣ୍ଣଚନ୍ଦ୍ର ହୋଇଥାଆନ୍ତି । କିନ୍ତୁ ପୂର୍ବୋକ୍ତ ଭକ୍ତ ସର୍ବଦା ପୂର୍ଣ୍ଣସ୍ୱରୂପ । ମେଘ ଅବଶ୍ୟ ଉଦାର ତଥାପି ଜଳବର୍ଷଣ କରି କରି ଏହାର ଉଦର ଶୂନ୍ୟ ହୋଇପଡ଼େ । ତେଣୁ ସେ ମଧ୍ୟ ଉକ୍ତ ଭକ୍ତ ସହିତ ତୁଳନାଯୋଗ୍ୟ ନୁହଁ ।

ଏହି ଭକ୍ତର ବିକ୍ରମ ନିର୍ଭୀକ ସିଂହଭଳି ଅଥଚ ସେ କୋମଳଚିତ୍ତ । ଆନ୍ତରିକ ଭାବରେ ଏବଂ ସପ୍ରେମ ମୋର ନାମ ଥରେ ମାତ୍ର ଉଚ୍ଚାରଣ କରିବାଲାଗି ମନୁଷ୍ୟକୁ ବହୁ ଜନ୍ମର ପୁଣ୍ୟ ସଂଚୟ କରିବାକୁ ପଡ଼ିଥାଏ । ମୋ ନାମର ମହିମା ଏପରି ଯେ କଦାଚିତ୍ ମତେ ଖୋଜିବାକୁ ଚାହିଁଲେ ମଧ୍ୟ ବୈକୁଣ୍ଠରେ ସୁଦ୍ଧା ପାଇ ପାରିବ ନାହିଁ କି ସୂର୍ଯ୍ୟବିମ୍ବ କିମ୍ବା ଗ୍ରହ ଉପଗ୍ରହରେ ପାଇ ପାରିବ ନାହିଁ । ଏପରିକି ମୁଁ ଯୋଗୀମାନଙ୍କ ମନକୁ ସୁଦ୍ଧା ଅତିକ୍ରମ କରି ଚାଲିଯାଏ । କିନ୍ତୁ ହେ ପାଣ୍ଡବ ! ଯିଏ ଉଚ୍ଚସ୍ୱରରେ ମୋର ନାମକର୍ତ୍ତନ କରେ, ଖୋଜି ଖୋଜି ମୁଁ ତାରି ଅନ୍ତର ଭିତରେ ବସିଥାଏ । ତେଣୁ ଯଦି ମତେ ଚାରିଆଡ଼େ ଆଖି ବୁଲେଇ ଦେଖି ନପାର, ତାହାହେଲେ ସିଧାସଳଖ ଚାଲିଯାଅ ସେହିମାନଙ୍କ ପାଖକୁ ଯେଉଁମାନେ କି ପ୍ରେମରେ ବିହ୍ୱଳ ହୋଇ, ବାହ୍ୟଜ୍ଞାନଶୂନ୍ୟ ହୋଇ କେବଳ ମୋର ନାମ କୀର୍ତ୍ତନ କରୁଥିବେ । ମୁଁ ଯେଉଁମାନଙ୍କ ଅନ୍ତରରେ ବସି ଭଜନ ଶୁଣୁଥାଏ, ସେହି ସାଧୁ ସନ୍ତମାନେ କେବଳ ମୋର ନାମମହିମା ପାନ କରି କରି ସମସ୍ତ କ୍ଷୁଧାତୃଷ୍ଣା ମେଣ୍ଟାଇ ଥାଆନ୍ତି । ଭଜନରେ ସେମାନେ ଆତ୍ମାନନ୍ଦ ଲାଭ କରିଥାଆନ୍ତି । ନାମ ନେଇ ସେମାନଙ୍କର ଦେଶକାଳ ପାତ୍ରର ଜ୍ଞାନ ନଥାଏ । ସେମାନେ କୃଷ୍ଣ, ବିଷ୍ଣୁ, ହରି, ଗୋବିନ୍ଦ ଆଦି ମୋର ଅଗଣିତ ନାମରେ ଭଜନ, ଗୀତ ଓ କୀର୍ତ୍ତନ ରଚନା ଆଦି କରି ଥାଆନ୍ତି ଏବଂ ସମୟେ ସମୟେ ଆତ୍ମଜ୍ଞାନ ସଂପର୍କରେ ଚର୍ଚ୍ଚା କରିଥାଆନ୍ତି । ସେମାନେ ବିଭିନ୍ନ

ପଛାରେ, ବିଭିନ୍ନ ରୀତିରେ ମୋର ନାମଗାନ କରିକରି ପୃଥିବୀ ସାରା ବୁଲି ଥାଆନ୍ତି ।ନାମ ପ୍ରଚାର କରିଥାଆନ୍ତି । ଅନ୍ୟମାନେ ଅନେକ ଉପାୟରେ ପଞ୍ଚପ୍ରାଣ ଓ ମନକୁ ଜୟ କରିଥାଆନ୍ତି । ଯମ ଓ ଦମର ସେମାନେ ପାଟିରି ଘେରେଇ, ଏହା ଭିତରେ ବଜ୍ରାସନର ଦୁର୍ଗ ରଚନା କରିଥାଆନ୍ତି । ଏତକ କରିସାରିବା ପରେ ପ୍ରାଣାୟାମ ଦ୍ୱାରା ଅସ୍ତ୍ର ସଂଗ୍ରହ କରିଥାଆନ୍ତି । ତାପରେ କୁଣ୍ଡଳିନୀ ଓ ପବନର ସହାୟତାରେ ଚନ୍ଦ୍ରାମୃତ ସରୋବରକୁ ଅଧିକାର କରିନିଅନ୍ତି । ଚନ୍ଦ୍ରାମୃତ ସରୋବର ହେଉଚି ବ୍ରହ୍ମରନ୍ଧ୍ର । ଏହି ସମୟରେ ପ୍ରତ୍ୟାହାରର ପରାକ୍ରମ ପ୍ରକାଶ ପାଏ । ବିକାରର ମୁଖ ବନ୍ଦ ହୋଇଆସେ । ଇନ୍ଦ୍ରିୟ-ପ୍ରବୃତ୍ତିଗୁଡ଼ିକୁ ବାନ୍ଧିପକାଇ ହୃଦୟକୁ ନେଇଯାଏ । ଅର୍ଥାତ୍ କାମପ୍ରବୃତ୍ତି ସଂଯତ ହୋଇ ହୃଦୟାଭିମୁଖୀ ହୋଇ ପଡ଼େ । ତାପରେ ଧାରଣାରୂପକ ଅଶ୍ୱାରୋହୀର ବଳବୀର୍ଯ୍ୟ ପ୍ରକାଶ କରି ପଞ୍ଚଭୂତକୁ ଏକାଠି କରି ସଂକଳ୍ପ-କାମନାରୂପକ ଚତୁରଙ୍ଗ ସେନା ଯଥା ମନ, ବୁଦ୍ଧି, ଚିତ୍ତ ଓ ଅହଂକାରକୁ ବିନାଶ କରିପକାଏ । ଏହି ବିକାଶ ସାଧନ ସଙ୍ଗେ ସଙ୍ଗେ ଧ୍ୟାନ 'ଜୟ ଜୟ' ଧ୍ୱନି କରି ଉଲ୍ଲାସରେ ନାଚି ଉଠେ । ସେତେବେଳେ ସମାଧି-ଲକ୍ଷ୍ମୀଙ୍କ ସିଂହାସନରେ ପୂର୍ଣ୍ଣ ଆତ୍ମାନୁଭବରୂପକ ରାଜ୍ୟସୁଖର ମୁକୁଟ ପରିଧାନ କରି ଐକ୍ୟଭାବରସରେ ଭକ୍ତର ରାଜ୍ୟାଭିଷେକ ହୋଇଥାଏ ।

ହେ ଅର୍ଜୁନ ! ମୋର ଭଜନ କରିବା ଏହିଭଳି ଦୁରୂହ । ଭଜନଦ୍ୱାରା ଭକ୍ତ କିପରି ମୋକ୍ଷଲାଭ କରିଥାଆନ୍ତି କହୁଚି, ଶୁଣ । ବସ୍ତ୍ରଖଣ୍ଡର ଭରାଣୀ ଓ ଉଠାଣୀ ଦୁଇ ଦିଗରେ ଯେପରି ସେହି କେବଳ ମାତ୍ର ସୂତ୍ର ରହିଥାଏ, ସେହିଭଳି ଭକ୍ତମାନେ ଜାଣନ୍ତି ଯେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ମୋ ବ୍ୟତୀତ ଅନ୍ୟ କିଛିନାହିଁ । ବ୍ରହ୍ମଠାରୁ କ୍ଷୁଦ୍ର ମଶା ପର୍ଯ୍ୟନ୍ତ ସମସ୍ତ ଆକୃତିର ସବୁବସ୍ତୁକୁ ମୋର ସ୍ୱରୂପ ବୋଲି ଏମାନେ ଉପଲବ୍ଧି କରି ଥାଆନ୍ତି । ଏଭଳି ଭକ୍ତ ପାଖରେ ଛୋଟ ବଡ଼ ବିଚାର ନଥାଏ, ସଜୀବ ନିର୍ଜୀବ ଭାବନା ନଥାଏ । ସେମାନେ ଯାହାକିଛି ଦେଖି ଥାଆନ୍ତି ତାକୁ ମୋ ସ୍ୱରୂପ ଭାବି ଦଣ୍ଡବତ୍ ପ୍ରଣାମ କରିଥାଆନ୍ତି । ସେମାନେ ନିଜର ଯେକୌଣସି ମହତ୍‌ଭାବନାକୁ ମନ ଭିତରେ ଚାପି ଦେଇଥାଆନ୍ତି ।ସମୀପସ୍ଥ

ବସ୍ତୁର ଯୋଗ୍ୟତା ଅଯୋଗ୍ୟତା ବିଚାର ତାଙ୍କର ନଥାଏ, ବସ୍ତୁମାତ୍ରେ ସମସ୍ତଙ୍କୁ ସେମାନେ ବିନମ୍ର ପ୍ରଣାମ କରନ୍ତି । ଜଳ ଯେପରି ଉଚ୍ଚ ସ୍ଥାନରୁ ନୀଚସ୍ଥାନକୁ ଗଡ଼ି ଆସେ, ସେହିଭଳି ଯେକୌଣସି ପ୍ରାଣୀକୁ ଦେଖିବାମାତ୍ରେ ସେମାନେ ମଥାନତ କରି ଥାଆନ୍ତି । ଏହା ସେମାନଙ୍କ ସ୍ୱଭାବରେ ପରିଣତ ହୋଇଯାଏ । ଫଳଭାରରେ ବୃକ୍ଷ ଯେପରି ନଇଁଆସେ, ମୋ ଭକ୍ତ ସେହିଭଳି ବିନୀତ ହୋଇପଡ଼େ । ସେ ନିରନ୍ତର ନିରାଭିମାନୀ । ବିନୟ ତାର ସଂପତ୍ତି । ଜୟ ଜୟକାର କରି ସେ ଏହି ସଂପତ୍ତିକୁ ମତେ ସମର୍ପଣ କରିଥାଏ ।ପ୍ରଣାମ କରିବା ଅଭ୍ୟାସ ଫଳରେ ମାନ ଅପମାନ ତା ମନରୁ ଦୂର ହୋଇଯାଏ । ଏହିଭଳି କରୁ କରୁ ବା ହେଉ ହେଉ ସେ ମୋ ସହିତ ଏକାକାର ହୋଇଯାଏ । ଏଭଳି ଭକ୍ତି କ୍ୱଚିତ୍ ଲୋକଙ୍କ ଜୀବନରେ ଘଟେ ।

ଜ୍ଞାନଯଜ୍ଞ ଦ୍ୱାରା କିଭଳି ଭକ୍ତି କରାଯାଏ, ତାହା ବର୍ଣ୍ଣନା କରୁଛି ଶୁଣ । ଏକଥା ତୁମକୁ ଆଗରୁ ମଧ୍ୟ କହିଛି ।

ଅର୍ଜ୍ଜୁନ କହିଲେ, ପ୍ରଭୁ ! ଆପଣଙ୍କ କଥା ଯଥାର୍ଥ । ଆପଣଙ୍କ କୃପାରୁ ଏସବୁ ଶୁଣୁଚି ସତ, କିନ୍ତୁ ଅମୃତ ପରିବେଷଣ କରାଯିବାବେଳେ ପରିବେଷଣକାରୀ ଯଦି ପଚାରେ ଆଉ ଦେବି କି, ତାହାହେଲେ ଭୋକ୍ତା କ'ଣ କହିବ ଯେ, ନା ଯଥେଷ୍ଟ ହେଲାଣି ଥାଉ ଦିଅନି ବୋଲି ?

ଅର୍ଜ୍ଜୁନଙ୍କ ମୁହଁରୁ ଏହା ଶୁଣିବା ମାତ୍ରେ ଶ୍ରୀକୃଷ୍ଣ ଅତ୍ୟନ୍ତ ଖୁସି ହୋଇ କହିଲେ, ତୁମର ଆଗ୍ରହକୁ ଲକ୍ଷ୍ୟ କରି ତ ପୁଣି ଥରେ କହିବାକୁ ମନ ବଳାଇଛି ।

ଅର୍ଜ୍ଜୁନ କହିଲେ, ମୋର ଆଗ୍ରହକୁଅପେକ୍ଷା କରିବାର କୌଣସି କାରଣ ନାହିଁ । ଚକୋର ବ୍ୟତୀତ କ'ଣ ଜ୍ୟୋତ୍ସ୍ନା ରହି ନପାରେ ? ଜଗତକୁ ଶୀତଳ କରିବା ହେଉଛି ଜ୍ୟୋତ୍ସ୍ନାର ସ୍ୱଭାବ । ଚକୋରର ସ୍ୱଭାବ ହେଉଛି ଜ୍ୟୋତ୍ସ୍ନାକୁ ଅପେକ୍ଷା କରିବା, ଚନ୍ଦ୍ରକୁ କେବଳ ଚାହିଁ ରହିବା । ସେହିଭଳି ହେ ପ୍ରଭୁ ! ମୁଁ କେବଳ କିଞ୍ଚିତ୍ ମିନତି କରୁଛି ମାତ୍ର । ମେଘ ନିଜର ମହତ୍ ଓ ସେବାଗୁଣ ଯୋଗୁଁ ଜଗତର ପୀଡ଼ା ଶାନ୍ତ କରେ । ତାର ବର୍ଷଣ ତୁଳନାରେ ଚାତକର ତୃଷ୍ଣା ବା

କେତେ ? ମାତ୍ର ଗୋଟିଏ ଅଞ୍ଜଳି ପୂର୍ଣ୍ଣ କରିବା ଲାଗି ମଣିଷ ଗଙ୍ଗାକୁ ଯାଏ । ତେଣୁ ଇଚ୍ଛା ଅଳ୍ପ କି ବହୁତ ତାହା ପ୍ରଭୁହିଁ ଜାଣନ୍ତି ।

ଶ୍ରୀକୃଷ୍ଣ କହିଲେ, ହେଉ ହେଉ ସେତିକି ଥାଉ, ବହୁ ସନ୍ତୋଷ ଲାଭ ହେଲାଣି, ଆଉ ବେଶୀ ପ୍ରଶଂସା ଦରକାର ନାହିଁ । ତୁମେ ଯେ ମନଦେଇ ଶୁଣୁଚ ତାହାହିଁ ଯଥେଷ୍ଟ । ଏବେ ଶୁଣ ।

ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ ।
ଏକତ୍ୱେନ ପୃଥକ୍ତ୍ୱେ ନ ବହୁଧା ବିଶ୍ୱତୋମୁଖମ୍ ॥୧୫॥

ସଂକଳ୍ପ ହେଉଛି ଯଜ୍ଞର ଆଦିସ୍ତମ୍ଭ । ପଞ୍ଚପ୍ରାଣ ବା ପଞ୍ଚମହାଭୂତ ହେଉଛନ୍ତି ଯଜ୍ଞମଣ୍ଡପ । ଜୀବ ଓ ଶିବ (ଆତ୍ମା) ମଧ୍ୟରେ ଯେଉଁ ଦ୍ୱୈତ ବା ପାର୍ଥକ୍ୟବୋଧ ରହିଛି ତାହା ହେଉଛି ଯଜ୍ଞବଳି । ପଞ୍ଚବାୟୁରେ ଯେଉଁ ଗୁଣବିଶେଷ ରହିଛି ସେସବୁ ଏବଂ ଇନ୍ଦ୍ରିୟସକଳହେଉଛନ୍ତି ଦ୍ରବ୍ୟସାମଗ୍ରୀ । ଅଜ୍ଞାନ ହେଉଛି ଘୃତ । ମାନସ ବା ମନ ଏବଂ ଚେତନା ବା ବୁଦ୍ଧିହେଉଛନ୍ତି ଦୁଇଟି ଯଜ୍ଞକୁଣ୍ଡ । ଏଥିରେ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୋଇଥାଏ । ମନର ସାମ୍ୟଭାବ ହେଉଛି ଯଜ୍ଞବେଦି । ବିବେକର ମହିମା ଓ ଶାନ୍ତି ହେଉଛନ୍ତି ଶ୍ରୁବ ଓ ସୂଚ । ଯଜ୍ଞକାରୀ ଜୀବ ବିବେକ-ରୂପକ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଜ୍ଞାନାଗ୍ନିକୁ ପ୍ରଜ୍ୱଳିତ କରି ଅନୁଭବ ପାତ୍ରରୁ ଭେଦବୁଦ୍ଧିକୁ ନେଇ ଆହୂତି ଦିଏ । ସେତେବେଳେ ଅଜ୍ଞାନର ପରିସମାପ୍ତି ଘଟେ । ଯଜ୍ଞକର୍ତ୍ତା ଓ ଯଜ୍ଞ କର୍ମର ଭେଦଭାବ ମଧ୍ୟ ରହେନା । ବ୍ରହ୍ମସହିତ ନିଜର ମିଳନରୂପକ ଆନନ୍ଦ-ସାଗରରେ ଶୁଦ୍ଧସ୍ନାନ କରି ସେ ଯଜ୍ଞର ଶାନ୍ତି ଘଟାଏ । ଏଥିରେ ଯଜ୍ଞ ଶେଷ ହୁଏ । ସେ ବ୍ରହ୍ମ ସହିତ ଏକାକାର ହୋଇଯିବା ଫଳରେ ସବୁ 'ଏକ' ଅନୁଭବ କରେ । ଜୀବ କ'ଣ, ଉପଭୋଗର ସାମଗ୍ରୀ କ'ଣ, ଇନ୍ଦ୍ରିୟ କ'ଣ ଏହି ଭେଦଭାବ ତାର ଆଉ ରହେନା । ଜାଗ୍ରତ ହେବାମାତ୍ରେ ମନୁଷ୍ୟ ବୁଝିପାରେ ଯେ, ସେ ଶୋଇବା ଅବସ୍ଥାରେ ସ୍ୱପ୍ନରେ ଏକ ବିଶାଳ ସେନାବାହିନୀର ସେନାପତି ହୋଇ ଯୁଦ୍ଧ କରୁଥିଲା । କିନ୍ତୁ ସ୍ୱପ୍ନରେ ସେ ଯେଉଁ ସେନାପତି ରୂପ ଗ୍ରହଣ କରିଥିଲା ତାହା ଯଥାର୍ଥ ସେନାପତି ନୁହଁ । ସୈନ୍ୟବାହିନୀ ମଧ୍ୟ କିଛି ନୁହଁନ୍ତି । ନିଜେ ସେ ସବୁକିଛି

ହୋଇଯାଇଥିଲା । ସେହିଭଳି ଜ୍ଞାନୀ ସମଗ୍ର ବିଶ୍ୱରେ ଏକତ୍ୱକୁ ହିଁ ଦେଖେ । ସେତେବେଳେ ତାର ଭାବନା ନଥାଏ ଯେ, ସେ ଜୀବ । ବ୍ରହ୍ମ ପର୍ଯ୍ୟନ୍ତ ପରମାତ୍ମା ଜ୍ଞାନପୂର୍ଣ୍ଣ ହୋଇଯାଏ । ଏହିଭଳି ଭାବରେ କେହି କେହି ଜ୍ଞାନଯଜ୍ଞ ଦ୍ୱାରା ମୋ ପ୍ରତି ଭକ୍ତିଅର୍ଘ୍ୟ ଢାଳିଥାଆନ୍ତି । ଗୋଟିଏ ପଦାର୍ଥ ଅନ୍ୟ ପଦାର୍ଥଠାରୁ ଭିନ୍ନ ଭିନ୍ନ ଦେଖାଯାଉଥିବା ହେତୁ ଏବଂ ନାମ ଓ ରୂପ ଭିନ୍ନ ଭିନ୍ନ ରହିଥିବା ହେତୁ, ଜଗତ ଅନାଦି ହେଲେ ମଧ୍ୟ ଭିନ୍ନ ରୂପରେ ରହିଆସିଛି, ତଥାପି ଜ୍ଞାନଯଜ୍ଞକାରୀ ଭକ୍ତ ଜ୍ଞାନ ବ୍ୟତୀତ ଅନ୍ୟକିଛିଦେଖି ନଥାଏ । ଶରୀର ଏକ କିନ୍ତୁ ଅଙ୍ଗ ପ୍ରତ୍ୟଙ୍ଗ ଭିନ୍ନ ଭିନ୍ନ । ବୃକ୍ଷ ଗୋଟିଏ କିନ୍ତୁ ତାର ଛୋଟବଡ଼ ହୋଇ ଅନେକ ଶାଖାପ୍ରଶାଖା । ଏକ ସୂର୍ଯ୍ୟ କିନ୍ତୁ ବିଭିନ୍ନ ସମୟରେ କିରଣ ପୃଥକ୍ ପୃଥକ୍ । ବ୍ୟକ୍ତି ଏକ କିନ୍ତୁ ନାମ ପୃଥକ୍ ପୃଥକ୍ । ସେହିଭଳି ବୃତ୍ତିଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ବିଭିନ୍ନ ଜୀବ ମଧ୍ୟରେ ମୋ ସ୍ୱରୂପ, ଜ୍ଞାନରୂପରେ ଅଭିନ୍ନ ହୋଇ ରହିଥାଏ । ହେ ପାଣ୍ଡବ ! ଏହି ଅଭିନ୍ନତା ଦ୍ୱାରା ଭକ୍ତ ଉତ୍ତମ ଜ୍ଞାନଯଜ୍ଞ ସଂପାଦନ କରିଥାଏ ।କାରଣ ତାର ଅଭିନ୍ନତାର ଜ୍ଞାନ ଲାଭ ହୋଇ ସାରିଥାଏ । ତାର ଏଭଳି ଜ୍ଞାନୋଦୟ ହୋଇଯାଏ ଯେ, ଯେକୌଣସି ସମୟରେ ଯାହାକିଛି ଦେଖୁନା କାହିଁକି ସେ ମୋ ବ୍ୟତୀତ ଅନ୍ୟ କାହାକୁ ଦେଖି ନଥାଏ । ପାଣିର ଫୋଟକା ପାଣିର, ଅନ୍ୟ କାହାର ନୁହେଁ, ଏହି ଫୋଟକା ଯେଉଁଠିକୁ ଯାଉନା କାହିଁକି ଏହା ପାଣିରେ ହିଁ ରହିଥାଏ । ମିଳେଇଗଲେ ମଧ୍ୟ ସେ ପାଣିରେ ହିଁ ମିଳେଇ ଯାଇଥାଏ । ପବନରେ ଧୂଳି ଉଡ଼ିଲେ ମଧ୍ୟ ଏହା ପୃଥିବୀଠାରୁ ପୃଥକ୍ ନୁହେଁ । ଏହା ଖସିପଡ଼ିଲେ ସେହି ଭୂମିରେହିଁ ଆଶ୍ରୟ ନେଇଥାଏ । ସେହିଭଳି ଭକ୍ତମାତ୍ରେ ଅନୁଭବ କରିଥାଆନ୍ତି ଯେ, ଯେକୌଣସି ଭାବନାରୁ ଯାହାକିଛି ଉତ୍ପନ୍ନ ହେଉ ବା ବିନଷ୍ଟ ହେଉନା କାହିଁକି, ଏସବୁ ହେଉଛି ମୁଁ ।

ସୂର୍ଯ୍ୟବିମ୍ବକୁ ଯେଉଁ ଦିଗରୁ ଦେଖନା କାହିଁକି, ସେ ଦ୍ରଷ୍ଟାର ସମ୍ମୁଖରେ ହିଁ ଦେଖାଯାଇଥାଏ । ବାୟୁ ଆକାଶର ସର୍ବାଙ୍ଗରେ ପୂରି ରହିଥାଏ ।ସେହିଭଳି ଯୋଗୀ ବା ଭକ୍ତର ଜ୍ଞାନରେ ବାହାର ଭିତର ବୋଲି କିଛିନାହିଁ । ତାର ଭକ୍ତି ପୂର୍ଣ୍ଣସ୍ୱରୂପ ମୋର ସମତୁଲ । ମୋର କୌଣସି ରୂପ ତା ଆଖିରେ ନଥିଲେ

ମଧ୍ୟ ସେ ଆତ୍ମସ୍ଫୂର୍ତ୍ତ ଭାବରେ ମୋର ଆରାଧନା କରିଥାଏ ଏବଂ ତାର ଭଜନ ଆପେ ଆପେ ହୋଇଯାଏ । ମୁଁ ସର୍ବମୟ, ତେଣୁ ସେ କିଛି ନକଲେ ମଧ୍ୟ ମୋର ଭଜନ ହୋଇଯାଏ । ଏଭଳି କେହି ନାହିଁ, ଯିଏକି ମୋର ଉପାସନା କରେ ନାହିଁ । ସମସ୍ତେ ଉପାସନା କରନ୍ତି ଅଥଚ ଅଜ୍ଞତାବଶତଃ ଉପାସନା କରିବା କଥା ଜାଣିପାରନ୍ତି ନାହିଁ । ଅନେକେ ନିଜକୁ ନାସ୍ତିକ କହିଥାଆନ୍ତି, କିନ୍ତୁ ବାସ୍ତବରେ ନାସ୍ତିକ କେହି ନାହିଁ । ଜ୍ଞାନର ଯଥାର୍ଥ ପଥରେ ନ ଚାଲିବା ଫଳରେ ମୁଁ ସହଜରେ ଧରା ଦିଏନା । ଯିଏ ଜ୍ଞାନ ପଥରେ ଚାଲେ, ତାର ସମସ୍ତ କର୍ମହିଁ ତାକୁ ମୋ ପାଖରେ ନେଇ ହାଜର କରାଇଦିଏ । ଅଜ୍ଞାନୀ ଏହା ଜାଣେନା ବୋଲି ସେ ମତେ ପାଇପାରେନା ।

ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ॥୧୬॥

ଯଜ୍ଞର ଆରମ୍ଭ ସଙ୍ଗେ ସଙ୍ଗେ ଭକ୍ତ ସ୍ପଷ୍ଟ ଭାବରେ ଜାଣିପାରେ ଯେ ମୁଁ ହେଉଛି ମୁଖ୍ୟବେଦ । ବିଧିବିଧାନ, ଉପାଦାନ ଓ ବିଭିନ୍ନ ସାମଗ୍ରୀ ସହିତ ଯେଉଁ ଯଜ୍ଞାନୁଷ୍ଠାନ କରାଯାଏ, ସେସବୁ ହେଉଛି ମୁଁ । ସ୍ୱାହା, ସ୍ୱାଧା ଓ ସୋମଲତା ପ୍ରଭୃତି ଔଷଧି, ଘୃତ, ସମିଧ, ମନ୍ତ୍ର ଓ ହୋମ ସାମଗ୍ରୀ ହେଉଛି ମୁଁ । ଋତ୍ୱିକ ଯଜ୍ଞସ୍ଥଳୀର ଅଗ୍ନି, ଯଜ୍ଞସ୍ଥଳୀ ପ୍ରଭୃତି ଆନୁସଙ୍ଗିକ ସମସ୍ତ ଜିନିଷ ହେଉଛି ମୋ ସ୍ୱରୂପ ।

ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।
ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ ॥୧୭॥

ଅଷ୍ଟବିଧ ପ୍ରକୃତିରୁ ଯେଉଁ ଜଗତର ଜନ୍ମ, ସେ ଜଗତର ଜନକ ହେଉଛି ମୁଁ । ଶଙ୍କର ହେଉଛନ୍ତି ଅର୍ଦ୍ଧନାରୀ ନଟେଶ୍ୱରସ୍ୱରୂପ । ଯିଏ ପୁରୁଷ, ସିଏ ନାରୀ । ସେହି ରୂପରେ ମୁଁ ଗତିଶୀଳ ଏବଂ ନିଶ୍ଚଳ ପୃଥିବୀର ଜନନୀ । ଜଗତ ଉତ୍ପନ୍ନ ହୋଇ ଯେଉଁଥିରେ ଅବସ୍ଥାନ କରେ ଏବଂ ପ୍ରସାର ଲାଭ କରେ, ବସ୍ତୁ ମୋ ବ୍ୟତୀତ ଅନ୍ୟ କିଛି ନୁହେଁ । ମୋ ଇଚ୍ଛାରେ, ସୃଷ୍ଟିରେ ଏହି ଦ୍ୱୈତ ନୀତି ଯଥା ପ୍ରକୃତି ଓ ପୁରୁଷ ନିଜ ନିଜ କାର୍ଯ୍ୟ କରିଥାଆନ୍ତି । ତେଣୁ ମୁଁ ହେଉଛି ଏହି

ବିଶ୍ୱବ୍ରହ୍ମାଣ୍ଡର ପିତାମହ, ପ୍ରପିତାମହ, ବୃଦ୍ଧ ପ୍ରପିତାମହ ପ୍ରଭୃତି । ମୁଁ ହେଉଛି ବ୍ରହ୍ମର ରାଜଧାନୀ । ଏହି ରାଜଧାନୀରୁ ବିଭିନ୍ନ ଜ୍ଞାନପଥ ବାହାରି ଚତୁର୍ଦ୍ଦିଗକୁ ପ୍ରସାରିତ ହେଉଛି । ମୁଁ ହେଉଛି ସେହି ଜଣଙ୍କ ଯାହାର ଗୁଣଗାନ ବେଦରେ ଚତୁର୍ମୁଖରେ କରାଯାଇଛି । ସମସ୍ତ ଧର୍ମ ଆସି ସମ୍ମିଳିତ ହୋଇଛନ୍ତି ମୋଠାରେ । ସମସ୍ତ ତତ୍ତ୍ୱର ଭେଦ ଦୂର ହୋଇ ମିଳିତ ହୋଇଛି ମୋଠାରେ । ମୋଠାରେ ହିଁ ସମସ୍ତ ଶକ୍ତିର ପରିମେୟ । ଭ୍ରାନ୍ତି ଜ୍ଞାନ ମଧ୍ୟ ବହୁପଥ ଭ୍ରମଣ କରି କରି ଶେଷରେ ଆଶ୍ରୟ ନିଏ ମୋ ଭିତରେ । ଯାହାକୁ ପରମ ପବିତ୍ର କୁହାଯାଏ, ବ୍ରହ୍ମରୂପ ବୀଜର ଯାହା ଅଙ୍କୁର ସ୍ୱରୂପ, ଯାହା ସମସ୍ତ ଧ୍ୱନିର ଆଦି ମନ୍ତ୍ର, ସେହି ଓଁକାର ହେଉଛି ମୁଁ । ଏହି ଓଁକାରର ଉଦରରେ 'ଅ'କାର, 'ଉ'କାର ଓ 'ମ' କାର ଭିତରେ ଜଗତର ସମସ୍ତ ବର୍ଣ୍ଣମାଳା ନିହିତ ରହିଛି । ଏହି 'ଅ', 'ଉ'ଓ 'ମ'କାର ତିନୋଟି ବର୍ଣ୍ଣରୁ ସୃଷ୍ଟି ହୋଇଛି ଋଗ୍, ଯଜୁ ଓ ସାମବେଦ । ଏହାର ବଂଶ ପରମ୍ପରା ମଧ୍ୟ ମୁଁ ।

ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।
ପ୍ରଭବଃ ପ୍ରଳୟଃସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ॥୧୮॥

କ୍ଲାନ୍ତଶ୍ରାନ୍ତ ହୋଇଯିବା ପରେ ପ୍ରକୃତି, ନିଜର ସ୍ଥାବର, ଜଙ୍ଗମ ବିଶ୍ୱବ୍ରହ୍ମାଣ୍ଡକୁ ନେଇ ଯେଉଁଠିକି ଆଶ୍ରୟ ନେବାକୁ ଆସେ, ମୁଁ ହେଉଛି ସେହି ଆଶ୍ରୟସ୍ଥଳ । ମୁଁ ଏହି ପ୍ରକୃତିକୁ ଆଶ୍ରୟ ଦିଏ, ଏହାକୁ ସୁରକ୍ଷିତ କରେ ଏବଂ ଏହି ପ୍ରକୃତି ମାଧ୍ୟମରେ ଥରକୁ ଥର ବିଶ୍ୱବ୍ରହ୍ମାଣ୍ଡ ରଚନା କରେ । ମୁଁ ସବୁବେଳେ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରିଥାଏ ଏବଂ ତାକୁ ତ୍ରିଗୁଣର ଭୋଗସୁଖ ପ୍ରଦାନ କରାଯାଇଥାଏ । ଏହି ବିଶ୍ୱଲକ୍ଷ୍ମୀର ଭର୍ତ୍ତା ହେଉଚି ମୁଁ । ମୁଁ ହେଉଚି ଏହି ସମ୍ପୂର୍ଣ୍ଣ ତ୍ରିଲୋକର ସ୍ୱାମୀ । ତ୍ରିଗୁଣର ଶାସନକର୍ତ୍ତା ।

ମୋ ଆଦେଶରେ ଆକାଶ ସର୍ବବ୍ୟାପୀ ହୋଇ ବିଶ୍ୱବ୍ରହ୍ମାଣ୍ଡକୁ ଧରି ରଖିଚି । ପବନ ଚୁପ୍‌ଚାପ୍ ବସି ନ ରହି ଗତିଶୀଳ ରହିଛି । ଅଗ୍ନି ଜଳୁଛି । ମେଘ ବର୍ଷୁଛି । ପର୍ବତ ତାର ସ୍ଥାନ ପରିତ୍ୟାଗ ନ କରି ଅଟଳ ହୋଇ ବସି ରହିଛି । ସମୁଦ୍ର ସୀମା ଲଙ୍ଘନ କରି ପାରୁନାହିଁ । ପୃଥିବୀ ପ୍ରାଣୀମାନଙ୍କୁ ଧରି ରଖିଛି ।

ଏ ସବୁ ହେଉଛି ମୋ ନିର୍ଦ୍ଦେଶରେ । ମୋ ନିର୍ଦ୍ଦେଶରେ ହିଁ ବେଦପାଠ ହୋଇପାରୁଛି ଏବଂ ସୂର୍ଯ୍ୟ ଉଦୟ ହୋଇ ଅସ୍ତ ହେଉଛି । ଜଗତକୁ ଗତିଶୀଳ କରି ରଖିବା ପାଇଁ ମୁଁ ପ୍ରାଣ ସଂଚାର କରିଛି ଏବଂ ଏହି ପ୍ରାଣକୁ ନାଶ କରିବା ପାଇଁ ମୃତ୍ୟୁକୁ ଆଦେଶ କରିଛି । ଆକାଶ ଚାରିଆଡ଼େ ବ୍ୟାପି ରହିଥିବା ପରି ଅଣୁପରମାଣୁ-ଠାରୁ ଜଡ଼ ଓ ସବୁଥିରେ ମୁଁ ଅବସ୍ଥାନ କରି ମୋ ନିର୍ଦ୍ଦେଶ ଅନୁଯାୟୀ କିଏ କ'ଣ କରୁଛି, ଦେଖୁଛି । ସମସ୍ତ ଆକାର ମଧ୍ୟରେ ମୁଁ ନିରାକାର ହୋଇ ରହିଛି ଏବଂ ସେମାନଙ୍କୁ ରକ୍ଷା କରୁଛି । ଜଳରେ ତରଙ୍ଗ ରହିଛି ଏବଂ ତରଙ୍ଗରେ ଜଳ ରହିଛି । ସେହିଭଳି ସୃଷ୍ଟିରେ ମୁଁ ଅଛି, ମୋ ଭିତରେ ସୃଷ୍ଟି ରହିଛି । ମୁଁ ବିଶ୍ୱବ୍ରହ୍ମାଣ୍ଡର ସ୍ତମ୍ଭ ସ୍ୱରୂପ । ସୃଷ୍ଟିକୁ ମୁଁ ମୋ ମୁଣ୍ଡରେ ମୁଣ୍ଡେଇ ଧରିଛି । ଏକୋଦ୍ଦିଷ୍ଟ ଭାବରେ ଯିଏ ମୋତେ ହିଁ ଧ୍ୟାନ କରିଥାଏ, ମୁଁ ତାକୁ ଜନ୍ମ ମୃତ୍ୟୁ ଦଣ୍ଡରୁ ମୁକ୍ତ କରି ଦେଇଥାଏ । ମୋ ବ୍ୟତୀତ ବ୍ରହ୍ମାଣ୍ଡରେ ଆଉ କେହି ନିର୍ଭରଯୋଗ୍ୟ ନୁହଁନ୍ତି । ବିଭିନ୍ନ ଗୁଣ ଓ ପ୍ରକୃତି ମଧ୍ୟରେ ମୁଁ ଏକ ହୋଇ ରହିଥିଲେ ମଧ୍ୟ ମୁଁ ପ୍ରାଣରୂପରେ ସମସ୍ତ ସଜୀବଦେହରେ ରହିଥାଏ । ସୂର୍ଯ୍ୟ ଯେପରି ସମଭାବରେ ସମସ୍ତଙ୍କୁ କିରଣ ଦେଇଥାଆନ୍ତି,ସମୁଦ୍ର ଓ ପୁଷ୍କରିଣୀର ଭେଦଭାବ ରଖି ନଥାନ୍ତି, ସେହିଭଳି କ୍ଷୁଦ୍ର କୀଟାଣୁଠାରୁ ଆରମ୍ଭକରି ବ୍ରହ୍ମଦେବ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଭାବରେ ମୁଁ ଭଲ ପାଇଥାଏ, ସମାନ ଭାବରେ ସମସ୍ତଙ୍କୁ ପ୍ରେମବିତରଣ କରିଥାଏ । ମୁଁ ହେଉଚି ତ୍ରିଭୁବନର ସ୍ତମ୍ଭସ୍ୱରୂପ ଏବଂ ସୃଷ୍ଟି ଓ ପ୍ରଳୟର ମୂଳକାରଣ । ମଞ୍ଜିରୁ ଗଜା ହୁଏ, ଗଛରୁ ଶାଖା ହୁଏ । ଶାଖା ଚାଲିଗଲେ ମଧ୍ୟ ମଞ୍ଜି ରହେ । ସେହିଭଳି ମୋ ସଂକଳ୍ପରୁ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଏବଂ ମୋ ସଂକଳ୍ପରୁ ହିଁ ଏହାର ଧ୍ୱଂସ ହୋଇଥାଏ । ମୋ ସଂକଳ୍ପ ହେଉଛି ସୃଷ୍ଟିର ବୀଜ । ତେଣୁ କଳ୍ପାନ୍ତ ପରେ ମଧ୍ୟ ଏହି ମଞ୍ଜି ମୋ ପାଖରେ ରହିଥାଏ । କଳ୍ପାନ୍ତ ସଙ୍ଗେସଙ୍ଗେ ନାମ ଓ ରୂପ, ଜୀବର ଗୁଣ, ବର୍ଣ୍ଣ ଓ ଆକାର ଲୋପ ପାଇଯାଏ, ଜାତିଭେଦ ଆଉ ରହେନା । କେବଳ ଲୋପ ପାଏନା ମୋ କଳ୍ପନା, ବାସନା । ଏହି କଳ୍ପନାରେ ନିରାପଦ ସ୍ଥାନ ହେଉଛି ମୁଁ । ପୁଣିଏହାକୁ ଆକାର ଦେବାଲାଗି ମୁଁ ତାକୁ ସାଇତି ରଖିଥାଏ ।

ତପାମ୍ୟହମହଂ ବର୍ଷଂ ନିଗୃହଣାମ୍ୟୁତ୍ସୃଜାମି ଚ ।
ଅମୃତଂଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜ୍ଜୁନ ! ।।୧୯।।

ମୁଁ ସୂର୍ଯ୍ୟ ରୂପରେ ଉତ୍ତାପ ପ୍ରଦାନ କରିବାମାତ୍ରେ ଜଗତ ଶୁଷ୍କ ହୋଇଯାଏ । ପୁଣି ମୁଁ ଇନ୍ଦ୍ରିୟରୂପରେ ବର୍ଷଣ କରିବାମାତ୍ରେ ଜୀବନ ସଂଚାରିତ ହୁଏ । ଅଗ୍ନି ଯେପରି ଯେଉଁ କାଷ୍ଠକୁ ଦଗ୍ଧ କରେ ତାହା ଅଗ୍ନିମୟ ହୋଇଯାଏ, ସେହିଭଳି ମୁଁ ହେଉଚି ମୃତ୍ୟୁଦାତା ଓ ମୃତ୍ୟୁର କାରଣ । ମରଣଶୀଳ ଓ ଅମର ସ୍ୱଭାବତଃ ମୁଁ ସବୁ । ଆଉ ଅଧିକ କ'ଣ କହିବି, ବ୍ୟକ୍ତ ଓ ଅବ୍ୟକ୍ତ ସବୁ ହେଉଚି ମୋର ରୂପ ।ସେଥିଲାଗି ହେ ଅର୍ଜ୍ଜୁନ ! ଏଭଳି କୌଣସି ସ୍ଥାନ ନାହିଁ ଯେଉଁଠି ମୁଁ ନାହିଁ । ଯାହାକୁ ଲୋକେ ଖରାପ କହିଥାଆନ୍ତି ଏବଂ ଯାହାକୁ ଭଲକହି ଥାଆନ୍ତି ସବୁ ମୁଁ । ଜୀବମାନଙ୍କର ଦୁର୍ଭାଗ୍ୟ ଯେ ସେମାନେ ମତେ ଦେଖିପାରନ୍ତିନାହିଁ, ଜାଣି ପାରନ୍ତିନାହିଁ । ଜଳାଭାବରେ ଯେପରି ତରଙ୍ଗର ସତ୍ତା ଦେଖିବାକୁ ମିଳେନା, ସୂର୍ଯ୍ୟକିରଣଅଭାବରେ ଯେପରି ପ୍ରଦୀପ ଅଦୃଶ୍ୟ, ସେହିଭଳି ମୁଁ ବିଶ୍ୱବ୍ରହ୍ମାଣ୍ଡର ଭିତରେ ବାହାରେ ପୂରି ରହିଥିଲେ ମଧ୍ୟ ମୂଢ଼ଲୋକେ କହିଥାଆନ୍ତି ଭଗବାନ ବୋଲି କିଛି ନାହିଁ । ସେମାନେ ମୋ ଭିତରେ ଓ ମୁଁ ସେମାନଙ୍କ ଭିତରେ ଥିଲେ ମଧ୍ୟ ସେମାନେ ମୋତେ ଜାଣି ପାରନ୍ତି ନାହିଁ । ଯିଏ ଅମୃତକୂପରେ ପଡ଼ି ବାହାରକୁ ଚାଲିଯିବାକୁ ଛଟପଟ ହୁଏ, ତାପାଇଁ ଆଉ କ'ଣ କରାଯାଇପାରେ ?ହେ କିରିଟି ! ମୁଠେ ଚାଉଳ ଭିକ୍ଷା କରିବାକୁ ଯାଉ ଯାଉ ଅନ୍ଧ ଚିନ୍ତାମଣିକୁ ଝୁଣ୍ଟିଲେ ମଧ୍ୟ ତାକୁ ପାଦରେ ଆଡ଼େଇ ଦେଇଥାଏ । ସେହିଭଳି ଯାହାର ଜ୍ଞାନ ନାହିଁ ସେ ଆଖି ଥିଲେ ମଧ୍ୟ ଜନ୍ମାନ୍ଧ । ବିନା ଜ୍ଞାନରେ କୌଣସିକର୍ମ ସଫଳ ହୁଏନା । ଅନ୍ଧ ଦେହରେ ଗରୁଡ଼ର ପକ୍ଷ ଆଣି ଲଗାଇଲେ ମଧ୍ୟ ସେ ଉଡ଼ି ନପାରେ । ସେହିଭଳି ଜ୍ଞାନ ନଥାଇ ଯେତେ ସତକର୍ମ କର ପରିଶ୍ରମ ବୃଥା ।

ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା-
ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।
ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକ-
ମଶ୍ନନ୍ତି ଦିବ୍ୟାନ୍ ଦିବି ଦେବଭୋଗାନ୍ ।।୨୦।।

ହେ ପାର୍ଥ ! ଯିଏ ଶାସ୍ତ୍ରାନୁମୋଦିତ ରୀତିରେ ନିଜର କର୍ତ୍ତବ୍ୟ କରିଥାଏ, ସେ ଧର୍ମାନୁଷ୍ଠାନ ଲାଗି ଆଦର୍ଶସ୍ଥାନୀୟ ବୋଲି ଧରାଯାଏ । ଯଜ୍ଞାନୁଷ୍ଠାନ ସମୟରେ ସେମାନଙ୍କ ଉତ୍ସାହ ଏତେ ବେଶୀ ଯେ, ସାପ ଖୁସିଥିବା ବେଳେ ଯେପରି ଫଣାଟେକି ଝୁଲେ, ସେହିଭଳି ସେମାନଙ୍କ ଯଜ୍ଞବେଳେ ତିନିବେଦ ମଧ୍ୟ ଖୁସିରେ ନାଚି ଉଠିଥାଆନ୍ତି ଏବଂ ଫଳ ସହିତ ଯଜ୍ଞକର୍ମ ନିଜେ ଯଜ୍ଞକର୍ତ୍ତାକୁ ଦେବାଲାଗି ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି । ଯଜ୍ଞକର୍ତ୍ତା ସୋମରସପାନ ଲାଗି ଦୀକ୍ଷିତ ହୁଏ ଏବଂ ସେ ନିଜେ ଯଜ୍ଞସ୍ୱରୂପ ହୋଇଯାଏ । ଏହାଦ୍ୱାରା ପୁଣ୍ୟ ନାମରେ ସେ ପାପ ହିଁ ସଂଚୟ କରିଥାଏ । ଏଭଳି ଲୋକେ ବେଦମନ୍ତ୍ର ସଂପୂର୍ଣ୍ଣ ଭାବରେ ଜାଣି ଶହ ଶହ ଯଜ୍ଞାନୁଷ୍ଠାନ କରିଥାଆନ୍ତି । କିନ୍ତୁ ମତେ ପାଇବା ଲାଗି ଇଚ୍ଛା ନକରି ସ୍ୱର୍ଗଲୋକ ପ୍ରାପ୍ତି ଇଚ୍ଛା କରିଥାଆନ୍ତି । କଳ୍ପତରୁ ମୂଳରେ ବସି ଯେପରି ମନୁଷ୍ୟ ଭିକ୍ଷା କରିବା ଲାଗି ଟୋକେଇ ବୁଣିବାରେ ଲାଗିଥାଏ ଏବଂ ସେହି ସ୍ଥାନ ଛାଡ଼ି ଅନ୍ୟସ୍ଥାନକୁ ବାହାରେ, ସେହିଭଳି ମୂଢ଼ଲୋକେ ମୋର ଯଜନ କରି ସୁଦ୍ଧା ମତେ ପାଇବାକୁ ଇଚ୍ଛା ନ କରି ସ୍ୱର୍ଗସୁଖ କାମନା କରିଥାଆନ୍ତି । ଏଭଳି ପୁଣ୍ୟ ଯଥାର୍ଥରେ ପାପ । ମତେ ପରିତ୍ୟାଗ କରି ସ୍ୱର୍ଗଲାଭ ଇଚ୍ଛାକରିବା ହେଉଛି ଅଜ୍ଞାନୀମାନଙ୍କ ଭାଷାରେ 'ପୁଣ୍ୟକର୍ମ' । କିନ୍ତୁ ଜ୍ଞାନୀମାନେ ଏହାକୁ ବିଘ୍ନ ମନେ କରିଥାଆନ୍ତି । କାରଣ ଏହି ବିଘ୍ନ ହେତୁ ହିଁ ମଣିଷକୁ ଥରକୁ ଥର ଜନ୍ମ ଗ୍ରହଣ କରିବାକୁ ପଡ଼ିଥାଏ । ଯଥାର୍ଥରେ ଏହାକୁ ଅଜ୍ଞାନୀମାନେ ନାରକୀୟ ଦୁଃଖ ନ କହି ସ୍ୱର୍ଗସୁଖ ବୋଲି କହିଥାଆନ୍ତି । ନିର୍ଦ୍ଦୋଷ ଓ ନିତ୍ୟାନନ୍ଦ ସୁଖ ହେଉଛି ମୋ ସ୍ୱରୂପ । ହେ ଅର୍ଜୁନ ! ମୋ ପାଖକୁ ଆସିବାବେଳେ ନରକ ଓ ସ୍ୱର୍ଗ ନାମକ ଦୁଇପ୍ରକାରର ଅଙ୍କାବଙ୍କା ପଥରେ ମଣିଷ ଚାଲିଥାଏ । ସେ ପୁଣ୍ୟରୂପକ ପାପପଥରେ ଯାଇ ସ୍ୱର୍ଗରେ ପହଞ୍ଚେ ଏବଂ ପାପରୂପକ ପାପପଥରେ ଯାଇ ନରକଗାମୀ ହୁଏ । କିନ୍ତୁ ଯେଉଁ ବାଟରେ ମୋ ପାଖରେ ପହଞ୍ଚିବା ସମ୍ଭବ, ସେ ହେଉଛି ଶୁଦ୍ଧ ପୁଣ୍ୟମୟ ପଥ । ପୁଣ୍ୟରୂପକ ପୁଣ୍ୟପଥରେ ଚାଲିଲେ ଯାଇ ମୋ ପାଖରେ ପହଞ୍ଚିପାରିବ । ଯେଉଁ ପୁଣ୍ୟଦ୍ୱାରା ଜୀବ ଓ ମୋ ମଧ୍ୟରେ ବ୍ୟବଧାନ ହିଁ ବୃଦ୍ଧି ପାଇଥାଏ, ତାହା ପୁଣ୍ୟବାଚ୍ୟ ନୁହଁ । ତାକୁ 'ପୁଣ୍ୟ' କହିବା ଦ୍ୱାରା ଭାଷାକୁ ଅପଭ୍ରଷ୍ଟ କରିବା ସାର ହୁଏ ।

ବୈଦିକ ଯଜ୍ଞରେ ଦୀକ୍ଷିତ ବ୍ୟକ୍ତି ପୂର୍ବୋକ୍ତ ଭାବରେ ମୋର ଯଜନ କରି ମଧ୍ୟ ସ୍ୱର୍ଗଭୋଗ ହିଁ ପ୍ରାର୍ଥନା କରିଥାଏ । ଏହି ପାପରୂପକ ପୁଣ୍ୟଦ୍ୱାରା ତ ମତେ ସେ ପାଏ ନାହିଁ, ତେବେ ଯେଉଁ ତଥାକଥିତ ପୁଣ୍ୟ କରିଥାଏ, ସେଥିରେ ସେ ତୀବ୍ର ଆକାଂକ୍ଷା ସହିତ ସ୍ୱର୍ଗକୁ ଗମନ କରେ । ଅମରାବତୀ ହେଉଚି ସ୍ୱର୍ଗର ରାଜଧାନୀ । ଏଠାରେ ଅମରତ୍ୱ ହେଉଚି ସିଂହାସନ । ସେଠାରେ ଇନ୍ଦ୍ରଙ୍କ ବାହନ ଐରାବତ ହସ୍ତୀ । ଆହୁରି ଅଛି ଅଷ୍ଟମହାସିଦ୍ଧିର ଭଣ୍ଡାର । ଅମୃତର ପୁଷ୍କରିଣୀ । ଗ୍ରାମେ ଗ୍ରାମେ ଦଳ ଦଳ କାମଧେନୁ । ସେଠାରେ ଦେବତାମାନେ ଭୃତ୍ୟ । ଏହି ଭୃତ୍ୟମାନେ ଯେଉଁ ବାଟରେ ଯାତାୟାତ କରିଥାଆନ୍ତି, ତାହା କେବଳ ନାନା ରତ୍ନଚିନ୍ତାମଣିରେ ନିର୍ମିତ । ସେଠାରେ ରହିଛି ନନ୍ଦନକାନନ, କଳ୍ପବୃକ୍ଷର ଉପବନ । ଏଠାରେ ଗୀତ ବୋଲନ୍ତି ଗନ୍ଧର୍ବମାନେ । ନୃତ୍ୟ କରନ୍ତି ରମ୍ଭା, ମେନକା ପ୍ରଭୃତି ଅପ୍‌ସରାମାନେ । ଚିତ୍ତବିନୋଦନ ଲାଗି ରହିଛନ୍ତି ବହୁ ସୁନ୍ଦରୀ । ଉର୍ବଶୀ ସେମାନଙ୍କ ମଧ୍ୟରେ ପ୍ରଧାନ । ନାନା କୁସୁମ ଶୋଭିତ ଏହି ଉପବନ । ଏଠାରେ ଶଯ୍ୟାରେ ଶୟନ କରିବାମାତ୍ରେ କାମଦେବତା ମଦନ ଆସି ସେବାକରେ । ଚନ୍ଦ୍ର ଅଙ୍ଗନ ପରିଷ୍କାର କରେ । ମଳୟ ଭଳି ଦ୍ରୁତଗାମୀ ଆଜ୍ଞାବହ ଭୃତ୍ୟ ସର୍ବଦା ହାତଯୋଡ଼ି ଆଦେଶକୁ ଅପେକ୍ଷା କରି ରହିଥାଏ । ସ୍ୱସ୍ତି, ଶ୍ରୀ ଇତ୍ୟାଦି ଆଶୀର୍ବାଦ ବର୍ଷଣକାରୀ ବ୍ରାହ୍ମଣଙ୍କ ମଧ୍ୟରେ ମୁଖ୍ୟ ବୃହସ୍ପତି ବହୁ ସ୍ୱସ୍ତି ବାଚକ ବ୍ରାହ୍ମଣ-ଦେବତାଙ୍କୁନେଇ ଇନ୍ଦ୍ରଙ୍କ ଉପରେ ଆଶୀର୍ବାଦ ବର୍ଷଣ କରି ଥାଆନ୍ତି । ସେଠାରେ ଲୋକପାଳ ହେଉଛନ୍ତି ପ୍ରହରୀ । ଇନ୍ଦ୍ରଙ୍କ ଦରବାରରେ ବହୁ ରାଜାଙ୍କ ସମାଗମ । ଇନ୍ଦ୍ରଙ୍କ ଅଶ୍ୱର ନାମ ଉଚ୍ଚୈଃଶ୍ରବା । ପାପରୂପକ ପୁଣ୍ୟ ହେଉ ବା ପୁଣ୍ୟରୂପକ ପାପ ହେଉ, ଯେଉଁକଥା ତୁମକୁ ଆଗରୁ କହିଛି, ଯିଏ ଏହା ଲାଭ କରେ, ସେହି ପୁଣ୍ୟର କାର୍ଯ୍ୟକାଳ ନ ସରିବା ପର୍ଯ୍ୟନ୍ତ ସେ ଏହିଭଳି ସ୍ୱର୍ଗସୁଖ ବା ଇନ୍ଦ୍ରସୁଖ ଭଳି ବିଭିନ୍ନ ସୁଖ ଉପଭୋଗ କରିଥାଏ ।

ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ
କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।
ଏବଂ ତ୍ରୟୀଧର୍ମମନୁପ୍ରପନ୍ନା
ଗତାଗତଂ କାମକାମା ଲଭନ୍ତେ ॥୨୧॥

ତଥାକଥିତ ପୁଣ୍ୟରୂପକ ସିଡ଼ିରେ ଉଠୁ ଉଠୁ ଏହା ଶେଷ ହୋଇଯିବା ମାତ୍ରେ ଇନ୍ଦ୍ରତ୍ୱର ତେଜ କମି ଆସେ । ସେହି ସ୍ୱର୍ଗକାମୀ ବ୍ୟକ୍ତି ବା ଦେବତା ଭୋଗ ଶେଷ ହୋଇଗଲେ ପୁଣି ମର୍ତ୍ତ୍ୟଲୋକକୁ ଖସି ଆସେ । ବେଶ୍ୟାକୁ ଭୋଗ କରିବା ଲାଗି ମନୁଷ୍ୟ ତାକୁ ଧନରତ୍ନ ଦିଏ । କିନ୍ତୁ ଦେଇ ଦେଇ ସବୁ ସରିଯିବା ପରେ ରିକ୍ତ ହସ୍ତରେ ଗଲେ ବେଶ୍ୟା ତାକୁ ଦୁଆର ସୁଦ୍ଧା ମଡ଼େଇ ଦିଏନାହିଁ । ସେହିଭଳି ଯଜ୍ଞକର୍ମର ପୁଣ୍ୟରେ ତଥାକଥିତ ପୁଣ୍ୟବାନ୍ ବ୍ୟକ୍ତିର ଅବସ୍ଥା କ୍ରମଶଃ ଶୋଚନୀୟ ହୋଇଉଠେ । ନିତ୍ୟାନନ୍ଦମୟ 'ମତେ' ଭୁଲି ଯିଏ ପୁଣ୍ୟଦ୍ୱାରା ସ୍ୱର୍ଗଲାଭର ଆଶା କରେ, ତାର ଅମରତ୍ୱ ଲାଭ ବୃଥା । ପରିଶେଷରେ ତାକୁ ମର୍ତ୍ତ୍ୟଲୋକକୁ ଫେରି ଆସିବାକୁ ପଡ଼େ । ମାତାର ଉଦର ରୂପକ ଗୁହା ଭିତରେ, ବିଷ୍ଠାର ପରିବେଷ୍ଟନୀ ମଧ୍ୟରେ ନଅ ଦଶମାସ ପର୍ଯ୍ୟନ୍ତ ରହି ରହି ତାକୁ ଥରକୁ ଥର ଜନ୍ମଗ୍ରହଣ କରିବାକୁ ପଡ଼େ । ସ୍ୱପ୍ନରେ ପାଇଥିବା ଦ୍ରବ୍ୟ ଯେପରି ଜାଗ୍ରତ ଅବସ୍ଥାରେ ଲୋପ ପାଇଯାଏ, ଯଜ୍ଞକର୍ତ୍ତାର ସୁଖ ଠିକ୍ ସେହିଭଳି । ହେ ଅର୍ଜୁନ ! ବୈଦିକ ଯଜ୍ଞ ଅନୁଷ୍ଠାନ କଲେ କ'ଣ ହେବ, ଯିଏ ମୋ ସ୍ୱରୂପକୁ ଜାଣେନା ତା ଲାଗି ଚାଉଳକୁ ଫିଙ୍ଗିଦେଇ ତଷୁକୁ ସାଇତି ରଖିବା ଭଳି ସବୁ ନିରର୍ଥକ,ବିଫଳ । ମତେ ଛାଡ଼ି ବେଦୋକ୍ତ ଧର୍ମ ନିଷ୍ଫଳ । ତୁମେ ଆଉ କିଛି ଜାଣି ନ ପାରିଲେ ମଧ୍ୟ ମତେ ଜାଣି ରଖ । ସେଥିରେ ତୁମେ ପ୍ରକୃତ ସୁଖୀ ହୋଇ ପାରିବ ।

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥୨୨॥

ଏକମନ ହୋଇ ଯିଏ ନିଜ ଚିତ୍ତକୁ ମୋଠାରେ ସମର୍ପଣ କରିଥାଏ, ଗର୍ଭସ୍ଥ ପିଣ୍ଡଭଳି କୌଣସି କ୍ରିୟା ସହିତ ପରିଚିତ ନୁହଁ, ଯାହା ନିକଟରେ ମୋ ବ୍ୟତୀତ ଉପାଦେୟ ଅନ୍ୟ କିଛି ନାହିଁ, ଯିଏ ମତେ ହିଁ ଭଲ ପାଏ, ଯିଏ ନିଜ ଜୀବନକୁ ମୋ ଜୀବନ ବୋଲି ଅନୁଭବ କରେ, ଏକନିଷ୍ଠ ଭାବରେ ମତେ ହିଁ ଭକ୍ତି କରେ, ମୋ ଚିନ୍ତାରେ ହିଁ ବୁଡ଼ିରହେ, ମୁଁ ତାର ସେବା କରିଥାଏ । ଏକାଗ୍ର-ଚିତ୍ତରେ ଭକ୍ତ ମୋର ଭଜନରେ ଯେତେବେଳେ ଲାଗି ରହିଥାଏ, ସେତେବେଳେ

ମୋ ମନରେ ମଧ୍ୟ ତା ଚିନ୍ତା ଚାଲିଥାଏ । ତାର କର୍ମଗୁଡ଼ିକ ମତେ ହିଁ କରିବାକୁ ପଡ଼ିଥାଏ । ସେତେବେଳେ ମୁଁ ତାର ଭୃତ୍ୟଭାବରେ ସେବା କରେ । ପକ୍ଷିଣୀ ଶାବକଙ୍କ ପକ୍ଷ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ସେବାରେ ହିଁ ଲାଗିଥାଏ । ନିଜର ଭୋକ ଶୋଷ ଭୁଲିଯାଏ । ଶାବକର କୁଶଳ ହିଁ ମାତାର ଏକମାତ୍ର କାର୍ଯ୍ୟ ଓ କାମ୍ୟ । ସେହିଭଳି ଯିଏ ଅନ୍ତର ଦେଇ ମତେ ଭଲ ପାଏ, ସପ୍ରେମ ଭଜନ କରେ, ତାର ସମସ୍ତ କାର୍ଯ୍ୟ ମୋ ଦ୍ୱାରା ହିଁ ସଂପନ୍ନ ହୋଇଥାଏ । ମୋ ସହିତ ମିଶିଯିବା ଲାଗି (ସାୟୁଜ୍ୟ) ତାର ଇଚ୍ଛା ହେବାମାତ୍ରେ ହିଁ ମୁଁ ତାର ଇଚ୍ଛା ପୂରଣ କରେ । ମୋର ପ୍ରେମ ପାଇଁ ଇଚ୍ଛା କରିବା ମାତ୍ରେ ମୁଁ ପ୍ରେମର ଅବାରିତ ସ୍ରୋତରେ ତାକୁ ଭସେଇ ରଖେ । ତା ମନରେ ଯେତେବେଳେ ଯେଉଁ ଭାବ ଆସେ ମୁଁ ତତ୍‌କ୍ଷଣାତ୍ ତାହା ପୂର୍ଣ୍ଣ କରିଦିଏ ଏବଂ ଯାହା ଦିଏ ତାର ସୁରକ୍ଷା ମଧ୍ୟ କରିଥାଏ । ବିଭିନ୍ନ ଦିଗରୁ ବିଭିନ୍ନ ଭାବରେ ତାକୁ ମୁଁ ସମୃଦ୍ଧ କରାଏ । ଯାହାର ଏକମାତ୍ର ଆଶ୍ରୟ ମୁଁ, ତାର ଯୋଗକ୍ଷେମ ମତେ ହିଁ ବହନ କରିବାକୁ ପଡ଼ିଥାଏ ।

ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଽପି ମାମେବ କୌନ୍ତେୟ ! ଯଜନ୍ତ୍ୟବିଧିପୂର୍ବକମ୍ ॥୨୩॥

ଆଉ ଏକ ସମ୍ପ୍ରଦାୟର ଲୋକ ଅଛନ୍ତି । ମୁଁ ଯେ ସର୍ବଦେବତା, ସର୍ବବସ୍ତୁର ସମଷ୍ଟି, ଏହା ସେମାନେ ବୁଝି ନଥାନ୍ତି । ତେଣୁ ସେମାନେ ଯଜ୍ଞାନୁଷ୍ଠାନ-ମାନଙ୍କରେ ଅଗ୍ନି, ଇନ୍ଦ୍ର, ସୂର୍ଯ୍ୟ ଓ ସୋମଙ୍କ ଯଜନ ଓ ଉପାସନା କରିଥାଆନ୍ତି । ତଦ୍ୱାରା ସେମାନେ ବାସ୍ତବରେ ମୋର ହିଁ ଯଜନ କରିଥାଆନ୍ତି । କାରଣ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ହେଉଛି ମୁଁ । କିନ୍ତୁ ଏମାନଙ୍କ ଯଜନ ମୋ ଭଜନ ଲାଗି ସରଳପଥ ନୁହଁ, ବଙ୍କାଟଙ୍କା ପଥ । ବୃକ୍ଷ କଥା ଦେଖ । ତା ଦେହରେ ଯେଉଁ ଡାଳପତ୍ର ଦେଖୁଚ, ତାହା ମଞ୍ଜିରୁହିଁ ଉତ୍ପନ୍ନ । ତେବେ ରସ ଆକର୍ଷଣ କରିବା ହେଉଛି ମୂଳର କାର୍ଯ୍ୟ । ତେଣୁ ମୂଳରେ ହିଁ ପାଣି ଦିଆଯାଏ, ଡାଳରେ ନୁହଁ । ଏ ଦେହରେ ଦଶଟି ଇନ୍ଦ୍ରିୟ । କିନ୍ତୁ ଏହି ଇନ୍ଦ୍ରିୟ ଦ୍ୱାରା ଗୃହୀତ ବିଷୟ ଗୋଟିଏ ସ୍ଥଳରେ ହିଁ

ପହଞ୍ଚିଥାଏ । ତାହା ହେଉଚି ଚେତନା । ଯେଉଁ ଇନ୍ଦ୍ରିୟର ଯେଉଁ କାମ, ସେ ସେହି କାମ ହିଁ କରେ । ସୁମିଷ୍ଟ ଖାଦ୍ୟ ନେଇ କାନକୁ ଦେଲେ କାନ କ'ଣ ଖାଇ ପାରିବ ? ନାନା ସୁବାସିତ କୁସୁମକୁ ଆଖି ଆଗରେ ହଲେଇଲେ ଆଖି ଶୁଙ୍ଘି ପାରିବ କି ? ତୁଣ୍ଡ ବା ଜିଭହିଁ ରସ ଆସ୍ୱାଦନ ଲାଗି ପାରଙ୍ଗମ, ନାସିକା ଆଘ୍ରାଣ ଲାଗି ଦକ୍ଷ । ତେଣୁ ମତେ ଖୁସି କରିବା ଲାଗି ମତେ ହିଁ ଯଜନ କରିବାକୁ ପଡ଼ିବ । ମତେ ନ ଚିହ୍ନି ଭଜନ କରିବା ବୃଥା । କର୍ମର ଚକ୍ଷୁ ହେଉଚି ଜ୍ଞାନ ଏବଂ ଏହି ଚକ୍ଷୁ ନିର୍ଦ୍ଦୋଷ ନିର୍ମଳ ହେବା ଆବଶ୍ୟକ ।

ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।
ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ॥୨୪॥

ହେ ପାଣ୍ଡୁସୁତ ! ସମ୍ପୂର୍ଣ୍ଣ ଯଜ୍ଞର ଉପଚାର ଭୋଗ କରିବା ଲାଗି ମୋ ବ୍ୟତୀତ ଆଉ କିଏ ଅଛି ? ମୁଁ ହେଉଚି ସକଳ ଯଜ୍ଞର ଆଦି ଓ ପରିଣତି । କିନ୍ତୁ ମୂର୍ଖ ମନୁଷ୍ୟ ମତେ ଭଜନ ନକରି ମତେ ଭୁଲି ନାନା ଦେବତାଙ୍କ ଭଜନ କରିଥାଆନ୍ତି । ଦେବତା ଓ ପିତୃପୁରୁଷଙ୍କ ପ୍ରୀତିଲାଗି ଗଙ୍ଗାଜଳକୁ ଅଞ୍ଜଳିରେ ନେଇ ସେହି ଗଙ୍ଗାଜଳରେ ହିଁ ସମର୍ପଣ କରାଯାଇଥାଏ । ସେହିଭଳି ଯାହା ମୋର, ମତେହିଁ ସମର୍ପଣ କରାଯାଏ ସତ, କିନ୍ତୁ ସେମାନଙ୍କ ଭାବ ଭିନ୍ନଭିନ୍ନହେତୁ ହେ ପାର୍ଥ ! ସେମାନେ ସର୍ବତୋଭାବେ ମତେ ପାଇ ନଥାଆନ୍ତି । ସେମାନେ ମନରେ ଯେଉଁ ଭାବ ରଖି ଭଜନ କରିଥାଆନ୍ତି, ସେମାନେ ସେତିକି ଦୂର ହିଁ ଯାଇଥାଆନ୍ତି ଏବଂ ସେହି ଅବସ୍ଥା ଭୋଗ କରିଥାଆନ୍ତି ।

ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।
ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍‌ଯାଜିନୋଽପି ମାମ୍ ॥୨୫॥

ଯେଉଁମାନେ କାୟ, ମନ, ବାକ୍ୟରେ ଦେବତାଙ୍କୁ ପୂଜା କରିଥାଆନ୍ତି, ସେମାନେ ଶରୀର ତ୍ୟାଗ ମାତ୍ରେ ଦେବରୂପ ଲାଭ କରିଥାଆନ୍ତି । ଯେଉଁମାନେ ପିତୃଦେବତାଙ୍କୁ ପୂଜା କରନ୍ତି, ସେମାନେ ମୃତ୍ୟୁ ସଙ୍ଗେ ସଙ୍ଗେ ପିତୃଲୋକକୁ ଯାଆନ୍ତି । ଯେଉଁମାନେ ହୀନ ଦେବତା ଅର୍ଥାତ୍ ଭୂତପ୍ରେତଙ୍କୁ ପୂଜା କରି

ସେମାନଙ୍କୁ ନିଜର ଅଧୀନସ୍ଥ କରି ନାନା ବ୍ୟଭିଚାରରେ ଲିପ୍ତ ରହନ୍ତି, ସେମାନେ ମୃତ୍ୟୁ ପରେ ଭୂତ ପିଶାଚ ହିଁ ହୋଇଥାଆନ୍ତି । ନିଜର ସଂକଳ୍ପ ଅନୁଯାୟୀ କୁକର୍ମର ଫଳ ଭୋଗ କରି ଥାଆନ୍ତି । କିନ୍ତୁ ଯେଉଁମାନେ କେବଳ ମତେ ହିଁ ଦେଖିବାକୁ ଚାହିଁ ଥାଆନ୍ତି, ମୋ କଥା ହିଁ ଶୁଣିବାକୁ ଭଲ ପାଇଥାଆନ୍ତି, ମୋ ପ୍ରତି ମନୋନିବେଶ କରି ଥାଆନ୍ତି, କେବଳ ମୋର ପ୍ରଶଂସା ଗାନ କରି ଥାଆନ୍ତି, ସର୍ବଦା ମତେ ହିଁ ନମସ୍କାର କରିଥାଆନ୍ତି ଏବଂ ମତେ ଖୁସି କରିବା ଉଦ୍ଦେଶ୍ୟରେ ହିଁ ଦାନ ପୁଣ୍ୟ ଆଦି ସକଳ କର୍ମ କରିଥାଆନ୍ତି, ନିଜ ଅନ୍ତରରେ କେବଳ ମତେ ହିଁ ଅବଲମ୍ବନ କରି ଚଳିଥାଆନ୍ତି, ମୋ ଲାଗି ହିଁ ଜୀବନ ଧାରଣ କରିଥାଆନ୍ତି ବୋଲି ଅନୁଭବ କରିଥାଆନ୍ତି । ମୁଁ ଶ୍ରୀହରିଙ୍କ ଗୁଣକୀର୍ତ୍ତନ କରିବା ଲାଗି ହିଁ ଜନ୍ମ ହୋଇଛି ବୋଲି ଯାହାର ଏହି ଗୋଟିକମାତ୍ର ଅଭିମାନ ରହିଥାଏ; ଯିଏ ଭାବେ ଯେ ଶ୍ରୀହରିଙ୍କୁପାଇବା ହିଁମୋର ଏକମାତ୍ର ପ୍ରଲୋଭନ ଏବଂ ତାଙ୍କରି ପ୍ରେମରେ ହିଁ ପ୍ରେମିକ, ତାଙ୍କୁ ପାଇବା ମୋହରେ ହିଁ ମୁଁ ମୋହଗ୍ରସ୍ତ, ତାଙ୍କରି ଇଚ୍ଛାରେ ହିଁ ମୁଁ ସକାମ ଏବଂ ଏହା ଭାବି ଯିଏ ଜଗତକୁ ଭୁଲିଯାଏ,ଯାହାର ଶାସ୍ତ୍ରଜ୍ଞାନ ଓ ମନ୍ତ୍ରତନ୍ତ୍ର ମୋର ପ୍ରୀତିଲାଗି ଉଦ୍ଦିଷ୍ଟ, ସମ୍ପୂର୍ଣ୍ଣ କ୍ରିୟାଦ୍ୱାରା ଯିଏ ମତେ ହିଁ ଭଜନ କରେ ସେ ଜୀବନରେ ଥାଇ ମଧ୍ୟ ମତେ ପାଇପାରେ ।ମୃତ୍ୟୁ ହେଲେ ମଧ୍ୟ ସେ ଆଉ ଯିବ କୁଆଡ଼େ ? ସେ ମୋ ଭିତରେ ହିଁ ରହେ । ମୋ ସହିତ ମିଶିଯାଏ ।

ଯେଉଁମାନେ ମୋଠାରେ ଆତ୍ମସମର୍ପଣ କରି ମୋ ଉପରେ ସଂପୂର୍ଣ୍ଣ ନିର୍ଭର କରିଥାଆନ୍ତି,ସେମାନେ ସମ୍ମାନନୀୟ । କାରଣ ସେମାନେ ନିଜ ଇଚ୍ଛାରେ ହିଁ ମୋ ସିଂହାସନ ଆଡ଼କୁ ଆସିଥାଆନ୍ତି । ହେ ଅର୍ଜୁନ ! ଆତ୍ମସମର୍ପଣ ବ୍ୟତୀତ ମୋ ଲାଗି ଭକ୍ତର ପ୍ରେମ ଜାଗ୍ରତ ହୋଇନଥାଏ । ମୁଁ ଆତ୍ମସମର୍ପଣ ବିନା ଅନ୍ୟ କୌଣସି ଉପଚାରରେ ବଶୀଭୂତ ହୁଏନା ।ଭଗବାନଙ୍କ ସମ୍ପର୍କରେ ମୁଁ ବଡ଼ ଜ୍ଞାନୀ, ସବୁ ଜାଣେ ବୋଲି ଯିଏ କହିହୁଏ, ସେ ସବୁଠାରୁ ବଡ଼ ଅଜ୍ଞାନୀ । ସେ କିଛି ଜାଣେନା । ଯିଏ ବଡ଼ ବୋଲି ବଡ଼େଇ କରିଥାଏ, ସେ ହେଉଛି ସବୁଠାରୁ ଛୋଟଲୋକ ଏବଂ ଯିଏ ଭାବେ ମୁଁ ସମ୍ପୂର୍ଣ୍ଣ ସ୍ୱାଧୀନ, ସେ ସମ୍ପୂର୍ଣ୍ଣ ପରାଧୀନ ।

ହେ କିରୀଟି ! ଯଜ୍ଞ, ଦାନ ଆଦି ଦ୍ୱାରା ପ୍ରତିଷ୍ଠା ଲାଭ ଆଶା ଆତ୍ମସମର୍ପଣ ତୁଳନାରେ ଖଣ୍ଡିଏ କୁଟା ଭଳି ତୁଚ୍ଛ । ବେଦଠାରୁ ବଳି ଜ୍ଞାନ ଆଉ କିଛି ନାହିଁ । ଶେଷନାଗଠୁ ବଳି ଆଉ କେହି ବଡ଼ ବକ୍ତା ଅଛି କି ? ଶେଷନାଗର ସହସ୍ର ଫଣା । ତା' ଗର୍ଜନଠୁ ବଳି ଗର୍ଜନ ଆଉ ନାହିଁ । କିନ୍ତୁ ଶେଷନାଗ ଯାହାର ଶେଯତଳେ ଚାପି ହୋଇ ରହିଛି, ବେଦ ମଧ୍ୟ ଯାହାକୁ ବର୍ଣ୍ଣନା କରି ନପାରି କହିଛି ନେତି, ନେତି (ଇଏ ଯଥେଷ୍ଟ ନୁହେଁ, ଇଏ ଯଥେଷ୍ଟ ନୁହେଁ), ଯାହାକୁ ପାଇବା ଲାଗି ସନକାଦି ମୁନିଗଣ ତପସ୍ୟା କରିବାରେ ଲାଗି ରହିଛନ୍ତି, ଶଙ୍କର ମଧ୍ୟ ନିଜ ଅଭିମାନକୁ ପରିତ୍ୟାଗ କରି ଯାହାର ଚରଣତୀର୍ଥକୁ ମସ୍ତକରେ ଧାରଣ କରିଛନ୍ତି, ଯାହାର ଗୃହରେ ସ୍ୱୟଂ ଲକ୍ଷ୍ମୀଠାକୁରାଣୀ ଦାସୀ ହୋଇ ଖଟୁଛନ୍ତି, ଯାହାର କଣ୍ଢେଇ ଘର ହେଉଛି ଅମରାବତୀ ଏବଂ ଇନ୍ଦ୍ର ଯାହାର କଣ୍ଢେଇ ସଦୃଶ; ଖେଳୁ ଖେଳୁ ବିରକ୍ତି ଆସିଗଲେ ଯିଏ ଇନ୍ଦ୍ର ପଦକୁ ମଧ୍ୟ ଭାଙ୍ଗି ଚୂନ୍‌ଚୂନା କରିଦେଇଥାଏ, ଇନ୍ଦ୍ର ମଧ୍ୟ ବାଟର ଭିକାରି ପାଲଟେ; ଯାହାର ଦୃଷ୍ଟିମାତ୍ରେ ଯେକୌଣସି ବୃକ୍ଷ କଳ୍ପବୃକ୍ଷରେ ପରିଣତ ହୋଇଯାଏ; ଯାହାର ଘରେ ଅନ୍ୟ ଦାସୀମାନଙ୍କର ପ୍ରତିଷ୍ଠା ଏତେ ବେଶୀ ଯେ ଲକ୍ଷ୍ମୀଙ୍କର ମଧ୍ୟ ପ୍ରତିଷ୍ଠା ଓ ପ୍ରାଧାନ୍ୟ ନାହିଁ କହିଲେ ଚଳେ ଏବଂ ଯାହାକୁ ପାଇବା ପାଇଁ ଲକ୍ଷ୍ମୀ ମଧ୍ୟ ନତମସ୍ତକ ହୋଇ ଗୋଡ଼ ଧରିବା ପର୍ଯ୍ୟନ୍ତ କାର୍ଯ୍ୟ କରିଥାଆନ୍ତି, ସିଏ ହେଉଚି ମୁଁ । ତେଣୁ ହେ ପାଣ୍ଡବ ! ତୁମର ଯାହାକିଛି ପ୍ରତିଷ୍ଠା ଅଛି, ତାଙ୍କୁ ଫିଙ୍ଗି ଦିଅ, ବିଦ୍ୟାର ବଡ଼ିମାକୁ ଭୁଲିଯାଅ । ଅକିଞ୍ଚନ ଭାବ ଆସିଲେ ଯାଇ ମତେ ପାଇ ପାରିବ । ସୂର୍ଯ୍ୟ ଉଦୟ ହେବାମାତ୍ରେ ଚନ୍ଦ୍ରର ପ୍ରଭା ମଧ୍ୟ ଲୋପ ପାଇଯାଏ । ସେଥିରେ ଜୁଳୁଜୁଳିଆ ପୋକ ଯଦି ରହିବ, ମୁଁ ଜଗତକୁ ଆଲୋକିତ କରି ଦେଇ ପାରିବି, ତାହାହେଲେ ହାସ୍ୟାସ୍ପଦ ହେବାଛଡ଼ା ଆଉ କଣ ହୋଇପାରେ ? ଆଗରୁ କହିଛି, ପୁଣି କହୁଛି, ଯାହା ନିକଟରେ ଲକ୍ଷ୍ମୀଙ୍କ ପ୍ରତିଷ୍ଠା ତୁଚ୍ଛ, ଶଙ୍କରଙ୍କ ତପସ୍ୟା ମଧ୍ୟ ଅପୂର୍ଣ୍ଣ, ତାକୁ ଅଜ୍ଞାନୀ ଓ ପାପୀ ଜାଣି ପାରିବ କିପରି ? ତେଣୁ ହେ ଅର୍ଜୁନ ! ମତେ ଜାଣିବାକୁ ହେଲେ, ପାଇବାକୁ ଚାହିଁଲେ ମନରୁ ସମସ୍ତ ପ୍ରକାରର ଦେହାଭିମାନକୁ ପରିତ୍ୟାଗ କର । ମୋ ଉପରେ ହିଁ ନିର୍ଭର କର । ଆତ୍ମସମର୍ପଣ କର ।

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି ।
ତଦହଂଭକ୍ତ୍ୟୁପହୃତମଶ୍ନାମି ପ୍ରଯତାତ୍ମନଃ ।।୨୬।।

ଯେକୌଣସି ପ୍ରକାର ଫଳ ହେଉ ନା କାହିଁକି କୌଣସି ଭକ୍ତ ଆନନ୍ଦ ଉଲ୍ଲାସରେ ମତେ ଅର୍ପଣ କରିବାମାତ୍ରେ ମୁଁ ଦି'ହାତ ବଢ଼େଇ ଫଳରେ ଚୋପା ଥିଲେ ମଧ୍ୟ ତାକୁ ନ ଛଡ଼େଇ ଖାଇ ପକାଏ । ଭକ୍ତି ସହିତ ଭକ୍ତ ଯଦି ମତେ ଫୁଲଟିଏ ଅର୍ପଣ କରେ, ତାକୁ ଆଘ୍ରାଣ କରି ଫିଙ୍ଗିଦିଏନା, ସାଇତି ରଖେ । ଏପରିକି ଫୁଲ ଦେଲା କି ଫଳ ଦେଲା ତାକୁ ଦେଖିବାକୁ ମଧ୍ୟ ମୋର ତର ସହେନା । ଭକ୍ତର ଭକ୍ତିରେ ମୁଁ ଏପରି ଖୁସି ହୋଇଯାଏ ଯେ ଅତି ବିହ୍ୱଳ ଭାବରେ ଫଳକୁ ତ ଖାଏ, ସେ ଦେଇଥିବା ଫୁଲକୁ ମଧ୍ୟ ସମୟେ ସମୟେ ଖାଇପକାଏ । ଇଏତ ଗଲା ଫୁଲ ଫଳର କଥା । ଭକ୍ତ ପତ୍ରଟିଏ ଦେବାମାତ୍ରେ ଏହା ସଜ ହେଉ କି ବାସି ବା ଶୁଖିଲା ହେଉ, ଭୋକିଲା ଲୋକ ହଠାତ୍ ଅମୃତ ପାଇଲେ ଯେପରି ତୃପ୍ତିଲାଭ କରେ, ମୁଁ ସେହିଭଳି ଅତି ଆନନ୍ଦରେ ସେ ପତ୍ରକୁ ମଧ୍ୟ ଖାଇପକାଏ । ଏପରି ମଧ୍ୟ ହୋଇପାରେ ଯେ, ଭକ୍ତ ପକ୍ଷରେ ପତ୍ର ମଧ୍ୟ ଯୋଗାଡ଼ କରିବା ସମ୍ଭବ ହୋଇନପାରେ । କିନ୍ତୁ ଜଳରତ ଅଭାବ ହୁଏନା ! ଜଳ ବିନାମୂଲ୍ୟରେ ଏବଂ ଅଳ୍ପ ପରିଶ୍ରମରେ ସଂଗ୍ରହ କରାଯାଇ ପାରେ । ଭକ୍ତ ଏଥିରୁ ଚୋପାଏ ମଧ୍ୟ ମତେ ଅର୍ପଣ କଲେ ବୈକୁଣ୍ଠରୁ ବଳି ଆତିଥ୍ୟ ଏବଂ କୌସ୍ତୁଭରୁ ବଳି ଉଜ୍ଜ୍ୱଳ ଅଳଙ୍କାର ମିଳିଲା ଭାବି ତାକୁ ମୁଁ ଆନନ୍ଦରେ ଗ୍ରହଣ କରିଥାଏ । ସେ ଆଞ୍ଜୁଳାଏ ବା ବିନ୍ଦୁଏ ଜଳ ଦେଇପାରେ; କିନ୍ତୁ ମୁଁ ମନେକରେ ସେ ମୋ ଲାଗି କ୍ଷୀରସମୁଦ୍ରର ଅପାର ମନୋହର ଶଯ୍ୟା ସଜେଇଚି । ମୁଁ ମନେକରେ ସେ ମୋ ପାଇଁ କର୍ପୂର, ଚନ୍ଦନ, ଅଗୁରୁ ଇତ୍ୟାଦି ପଦାର୍ଥର ସୁଗନ୍ଧିରୂପକ ମହାମେରୁ ରଚନା କରିଛି, ଦୀପମାଳା ପରିବର୍ତ୍ତେ ସୂର୍ଯ୍ୟଦ୍ୱାରା ହିଁ ମୋର ଆରତି କରୁଛି ।

ମୁଁ ଭାବେ ସେ ଗରୁଡ଼ ଭଳି ବାହନ, କଳ୍ପତରୁମୟ ରମଣୀୟ କାନନ ଏବଂ କାମଧେନୁ ଭଳି ଗାଭୀଦାନ କରିଛି ଏବଂ ଖାଇବା ଲାଗି ଅମୃତଠୁବଳି ସ୍ୱାଦୁକର ସୁରସପୂର୍ଣ୍ଣ ବହୁ ମିଷ୍ଟାନ୍ନ ପରିବେଷଣ କରିଛି । ଭକ୍ତ ଦେଇଥିବା

ଜଳବିନ୍ଦୁରୁ ମୁଁ ଏଭଳି ସନ୍ତୋଷ ଲାଭ କରିଥାଏ । ହେ କିରୀଟି ! ତମକୁ ମୁଁ ଆଉ କ'ଣ ବା ବୁଝାଇବି ? ତୁମେ ସ୍ୱଚକ୍ଷୁରେ ତ ଦେଖିଚ ଯେ, ଖୁଦଭଜାଚାଣ୍ଡେ ଲାଗି ସୁଦାମା ବ୍ରାହ୍ମଣର ଗଣ୍ଠିଳିକୁ ମୁଁ ନିଜେ ଖୋଲି ପକାଇ ଖାଇବାରେ ଲାଗିଥିଲି । ତେଣୁ ମୁଁ କେବଳ ଭକ୍ତିକୁ ହିଁ ଜାଣେ, ତା ଭିତରେ ଛୋଟ ବଡ଼ କିଛି ଦେଖେନା । ଯିଏ କେହି ହେଉ ନା କାହିଁକି, ମୁଁ ତାର ଭାବକୁ ହିଁ ଦେଖେ । ପତ୍ର, ପୁଷ୍ପ, ଫଳ ସବୁ ହେଉଛି ପୂଜା ଓ ଭଜନର ଉପାଦାନ । ମୁଁ କେବଳ ଭକ୍ତର ଅତିଥି । ଏହି ପତ୍ର, ପୁଷ୍ପ, ଫଳ ଭିତରେ ଭକ୍ତର ଯେଉଁ ଭକ୍ତି, ପ୍ରେମ ବା ଭାବ ନିହିତ ଥାଏ, ମୁଁ କେବଳ ତାକୁ ହିଁ ଗ୍ରହଣ କରେ । ତେଣୁ ହେ ଅର୍ଜୁନ ! ତୁମେ ନିଜ ବୁଦ୍ଧିକୁ ଆୟତ୍ତ କରି ନିଅ । ମନ-ମନ୍ଦିର ଭିତରେ ମତେ ହିଁ ସ୍ମରଣ କର ।

ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପଶ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ॥୨୭॥

କର୍ମ, ଭୋଗ, ଉପଭୋଗ, ବିବିଧ ହୋମ, ଯଜ୍ଞଦ୍ୱାରା ଯଜନ ବା ପୂଜା, ଆରାଧନା, କୌଣସି ସତ୍‌ପାତ୍ରରେ ଦାନ, ତୁମ ଅଧୀନରେ କାମ କରୁଥିବା ସେବକକୁ ବେତନ ପ୍ରଦାନ, ତପସ୍ୟା ଓ ବ୍ରତ, ଯାହା କର ନା କାହିଁକି ଭକ୍ତି ସହିତ ମତେ ହିଁ ଅର୍ପଣ କର । ଏସବୁ କରୁଚ ମୋର ଆନନ୍ଦ ଲାଗି ବୋଲି ଉପଲବ୍ଧି କର, ଅନୁଭବ କର । ମୁଁ କରୁଛି ମୋ ପୁଣ୍ୟ ପାଇଁ, ମୁଁ କରୁଛି ମୋର କର୍ତ୍ତବ୍ୟ ପାଳନ ଲାଗି, ଏ ଚିନ୍ତା, ଏ ଅହଂକାରକୁ ମନରେ ସ୍ଥାନ ଦିଅ ନାହିଁ । ସଂପୂର୍ଣ୍ଣ ନିର୍ମଳ କର୍ମକୁ ମୋଠାରେ ସମର୍ପଣ କର ।

ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥୨୮॥

ତାହାହେଲେ ନିଆଁରେ ପୋଡ଼ିଯାଇଥିବା ମଞ୍ଜିରୁ ଯେପରି ଗଜା ହେବାର ଶକ୍ତି ଚାଲିଯାଏ, ତୁମକୁ କର୍ମର ଭଲମନ୍ଦ, ଶୁଭାଶୁଭ ଫଳଲାଗି ଆଉ ଦାୟୀ ହେବାକୁ ପଡ଼ିବ ନାହିଁ । କର୍ମ ଜୀବିତ ରହିଥିଲେ, ଏହା ନିଶ୍ଚିତ ଭାବରେ ସୁଖ, ଦୁଃଖ-ରୂପକ ଫଳ ପ୍ରସବ କରିବ ଏବଂ ଏହାକୁ ଭୋଗିବା ଲାଗି ତୁମକୁ

ଥରକୁଥର ଉପଯୁକ୍ତ ଶରୀର ନେଇ ଜନ୍ମଗ୍ରହଣ କରିବାକୁ ପଡ଼ିବ । କର୍ମକୁ ମତେ ସମର୍ପଣ କରିଦେବା ମାତ୍ରେ ଜାଣ ଯେ, ତୁମର ଜନ୍ମ ମରଣ ତତ୍‌କ୍ଷଣାତ୍ ଶେଷ ହୋଇଯାଇଛି । ଜନ୍ମ ସହିତ କଷ୍ଟ ଭୋଗିବାର ଦୁଃଖ ଆଉ ନାହିଁ । ହେ ଅର୍ଜୁନ ! ତମକୁ ମୁଁ ଅତି ସହଜ ଯୋଗମାର୍ଗ ଦେଖାଇଲି । ଏହାହିଁ ସନ୍ନ୍ୟାସମାର୍ଗ । ଆଉ ମୁହୂର୍ତ୍ତେ ବି ସମୟ ନଷ୍ଟ କର ନାହିଁ । ଅତି ଶୀଘ୍ର ଆତ୍ମାନୁଭବୀ ହୋଇଯାଅ । ତୁମେ ଏହି ମାର୍ଗରେ ଯାଅ । ଦେହବନ୍ଧନରେ ପଡ଼ି ସୁଖ ଦୁଃଖ ସମୁଦ୍ରରେ ଆଉ ନିମଜ୍ଜିତ ହୁଅ ନାହିଁ । ମୁଁ ହେଉଛି ସୁଖସ୍ୱରୂପ, ମୋଠାରେ ଲୀନ ହୋଇଯାଅ ।

ସମୋଽହଂ ସର୍ବଭୂତେଷୁ ନମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ॥୨୯॥

ମୁଁ ସମସ୍ତଙ୍କୁ ସମାନ ଭାବରେ ବିଚାର କରିଥାଏ । ଆପଣା ପର ଭାବ ମୋର ନାହିଁ । ଯିଏ ମତେ ଏହି ଭାବରେ ଜାଣି, ଅହଂକାରର ଚେରସୁଦ୍ଧା ମନରୁ ଉପାଡ଼ି ଦେଇ ସଂପୂର୍ଣ୍ଣ ବିଶ୍ୱାସର ସହିତ ସମସ୍ତ କର୍ମକୁ ମତେ ଅର୍ପଣ କରେ, ମତେ ହିଁ ଭଜନ କରେ, ସେ ଶରୀର ଧରି ସାଧାରଣ ଭାବରେ ରହିଥିଲେ ମଧ୍ୟ ବାସ୍ତବରେ ମୋ ଭିତରେ ହିଁ ରହିଥାଏ ଏବଂ ମୁଁ ମଧ୍ୟ ତା ହୃଦୟ ଭିତରେ ସଂପୂର୍ଣ୍ଣ ଭାବରେ ଅବସ୍ଥାନ କରିଥାଏ । ବିରାଟକାୟ ବଟବୃକ୍ଷ ଯେପରି ମଞ୍ଜି ଭିତରେ ରହିଥାଏ ଏବଂ ମଞ୍ଜିଥିବା ଫଳ ମଧ୍ୟ ବଟବୃକ୍ଷସାରା ଛାଇହୋଇ ରହିଥାଏ, ସେହିଭଳି ମୁଁ ଓ ମୋର ଭକ୍ତ ଅଲଗା ଅଲଗା ଦେଖା ଯାଉଥିଲେ ମଧ୍ୟ ଘନିଷ୍ଠ ଭାବରେ ନିରେଖି ଦେଖିଲେ ଜାଣିପାରିବ ଆମେ ଦୁହେଁ ଏକ, ଅଭିନ୍ନ । ପରଠୁ ଧାର କରି ଅଣାଯାଇଥିବା ଅଳଙ୍କାର କେବଳ ଶରୀରର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଏ, କିନ୍ତୁ ମନ ଭିତରେ ଏ ଅଳଙ୍କାର ମୋର ବୋଲି ଭାବନା ନଥାଏ । ସେହିଭଳି ମୋ ଭକ୍ତ ଉଦାସୀନ ଭାବରେ କେବଳ ଦେହ ଧାରଣ କରିଥାଏ, କିନ୍ତୁ ଦେହ ପ୍ରତି ତା'ର କୌଣସି ମମତା ନଥାଏ । ପବନ ଫୁଲର ସୁବାସ ହରଣ କରି ଯିବାପରେ ଫୁଲ କେବଳ ବୃନ୍ତରେ ଲାଗି ରହିଥାଏ । ସେହିଭଳି ମୋ ଭକ୍ତ କେବଳ ଅନ୍ତକାଳକୁ ଅପେକ୍ଷା କରି ରହିଥାଏ । କାରଣ

ଆଗରୁ ତାର ଦେହାଭିମାନ ଚାଲିଯାଇଥାଏ । ଅବଶେଷରେ ସେ ମୋ ସହିତ ଆସି ମିଶିଯାଇଥାଏ ।

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ॥୩୦॥

ଏଭଳି ଭକ୍ତ ଯେକୌଣସି ଶ୍ରେଣୀ, ଜାତି ବା ବର୍ଣ୍ଣର ହେଉ ନା କାହିଁକି, ମୋ ପ୍ରତି ତାର ଆନ୍ତରିକ ପ୍ରେମ ବା ଭକ୍ତି ହେତୁ ତାକୁ ଆଉ ଜନ୍ମଗ୍ରହଣ କରିବାକୁ ପଡ଼େ ନାହିଁ । ମୋର ଅତୀତ କାର୍ଯ୍ୟାବଳି ଯେତେ ଖରାପ ହୋଇଥାଉ ନା କାହିଁକି, ସେ ତା ଜୀବନକୁ ଭକ୍ତି ପଥରେ ସମର୍ପି ଦେଇଥିବାରୁ ତାର ସମସ୍ତ ପାପ ଧୋଇ ହୋଇଯାଏ । ମୃତ୍ୟୁବେଳକୁ ତାର ବୁଦ୍ଧିର ଗତି ଯାହା ହୋଇଥାଏ ତଦନୁଯାୟୀ ତାର ପରଜନ୍ମର ଗତି ନିର୍ଦ୍ଦିଷ୍ଟ ହୋଇଥାଏ । ତେଣୁ ପ୍ରଥମ ଜୀବନରେ କିମ୍ବା ଜୀବନର କେତେକାଳ ପର୍ଯ୍ୟନ୍ତ ଦୁରାଚାରୀ ହୋଇଥିଲେ ମଧ୍ୟ ଯିଏ ମୋ ପ୍ରତି ଭକ୍ତିଭାବ ରଖେ, ସେ ପୁରୁଷୋତ୍ତମ ହୋଇଉଠେ । ବନ୍ୟାରେ ଡୁବି ଯାଉଥିଲେ ମଧ୍ୟ କୌଣସି ବ୍ୟକ୍ତି ଯଦି କଷ୍ଟେମଷ୍ଟେ କୂଳକୁ ଚାଲିଆସେ, ତାକୁ ବନ୍ୟାରେ ଡୁବି ମରିଗଲା ବୋଲି କୁହାଯାଇ ନ ପାରେ । ସେହିଭଳି ଜୀବନାନ୍ତ କାଳରେ ଯିଏ ଭକ୍ତିରୂପକପବିତ୍ର ଜଳରେ ନିମଜ୍ଜିତ ହୋଇ ମୋର ସାହାଯ୍ୟ ଲୋଡ଼େ, ତାର ବଂଶାନୁକ୍ରମିକ ସମସ୍ତ ପାପ ଧୋଇଯାଏ । ସେ ପବିତ୍ର ହୋଇ ଉଠେ । ଅନୁତାପରୂପକ ତୀର୍ଥଜଳ ସ୍ନାନରେ ସେ ନିଷ୍କଳଙ୍କ ହୋଇପଡ଼େ । କେବଳ ସେ ନୁହଁ ତାର ଭକ୍ତି ଫଳରେ ତାର କୁଳ ମଧ୍ୟ ପବିତ୍ର ହୋଇ ଉଠେ । ଜୀବନରେ ଯାହା ଉତ୍ତମ ପ୍ରାପ୍ୟ ସବୁ ସେ ପାଏ । ମୁଁ ଧରିନିଏ ଯେ ସେ ସମସ୍ତ ଶାସ୍ତ୍ର ଅଧ୍ୟୟନ କରି ସାରିଛି, ତାର ସମସ୍ତ ତପସ୍ୟା ଶେଷ ହୋଇ ଯାଇଛି ଏବଂ ଅଷ୍ଟାଙ୍ଗ ଯୋଗସାଧନା ମଧ୍ୟ ସରିଛି । ମୋ ପ୍ରତି ଯାହାର ଅଟଳ ବିଶ୍ୱାସ, ସେ ସମସ୍ତ କର୍ମର ଉର୍ଦ୍ଧ୍ୱରେ । ସେ ତାର ସମସ୍ତ ମନ, ବୁଦ୍ଧି ଓ କ୍ରିୟାକୁ ଏକନିଷ୍ଠରୂପକ ସିନ୍ଧୁକରେ ଭର୍ତ୍ତି କରି, ହେ କିରୀଟି ! ମୋ ପାଖରେ ସାଇତି ରଖି ଦେଇଥାଏ ।

କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ।।୩୧।।

ଏଭଳି ଭକ୍ତ କିପରି କ୍ଷିପ୍ରଗତିରେ ମୋ ପାଖରେ ପହଞ୍ଚିଯାଏ ଶୁଣି ତୁମେ ବିସ୍ମିତ ହୋଇପାର । କିନ୍ତୁ ଏତିକି ଜାଣ ଯେ, ଯିଏ ଅମୃତରେ ବାସ କରିଥାଏ, ତାର ମୃତ୍ୟୁ ନାହିଁ । ଯେଉଁ ସମୟରେ ସୂର୍ଯ୍ୟୋଦୟ ହୁଏନା, ତାକୁ ରାତ୍ରି କୁହାଯାଏ । ସେହିଭଳି ମୋ ପ୍ରତି ଭକ୍ତି ନଥାଇ ଯେଉଁ କାର୍ଯ୍ୟ କରାଯାଏ, ତାହାର ନାମ 'ମହାପାପ' । ଯେତେବେଳେ ମନୁଷ୍ୟ ମତେ ତାର ହୃଦୟ ନିକଟକୁ ନେଇଆସେ, ସେତେବେଳେ ସେ ମୋ ଆକାର ଧାରଣ କରେ ଏବଂ ମୋର ନିତ୍ୟକାନ୍ତି ଲାଭ କରେ । ମୋ ଜୀବନଦ୍ୱାରା ହିଁ ସେ ଜୀବନ ଧାରଣ କରେ । ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ଲଗାଗଲେ, କେଉଁ ଦୀପଟି ପ୍ରଥମେ ଜଳିଥିଲା ତାହା କହିବା ଅସମ୍ଭବ । ସେହିଭଳି ଯେ ସର୍ବତୋଭାବେ ମୋର ଭଜନ କରେ, ସେ ମୋ ସ୍ୱରୂପ ଲାଭ କରେ ।ତେଣୁ ହେ ଅର୍ଜୁନ ! ମତେ ପାଇବାକୁ ଇଚ୍ଛା ଥିଲେ ମୁହୂର୍ତ୍ତେ ସୁଦ୍ଧା ମତେ ଭୁଲ ନାହିଁ । ମତେ ପାଇବାଲାଗି ବଂଶଗତ ମର୍ଯ୍ୟାଦା, ଆଭିଜାତ୍ୟ, ଅକାରଣ ବିଦ୍ୟାର ଅଭିଳାଷ ହେଉଛି ତୁଚ୍ଛ । ସେ ସବୁ କେବଳ ଅଭିମାନ ମାତ୍ର । ରୂପ ବା ଯୌବନ ମଦରେ ମତ୍ତ ହୁଅନା । ଧନସମ୍ପତ୍ତିର ଗର୍ବ ମନରେ ପୋଷଣ କରନା । ମୋ ପ୍ରତି ଭକ୍ତି ଓ ପ୍ରୀତି ନଥିଲେ ଏ ସମସ୍ତ ବ୍ୟର୍ଥ । ଭିତରେ ଚାଉଳ ନ ଥାଇ ଧାନ ଯେପରି ମୂଲ୍ୟହୀନ, ନଗରୀ ଅତି ସୁନ୍ଦର ହୋଇଥିଲେ ମଧ୍ୟ ମନୁଷ୍ୟ ନଥିଲେ ଯେପରି ମରୁଭୂମି ସଦୃଶ, ସେହିଭଳି ଭକ୍ତିହୀନ ଜୀବନ ତୁଚ୍ଛ । ଜଳ ନଥାଇ ସରୋବର, ବଣ ଭିତରେ ଦୁଃଖୀ ସହିତ ଦୁଃଖୀର ମିଳନ, ନିଷ୍ଫଳା ଗଛରେ ଫୁଲର ଶୋଭା ଭଳି ସମ୍ପତ୍ତି, ଆଭିଜାତ୍ୟ ଓ ଜାତିଗତ ବଡ଼ିମା ଠିକ୍ ଏକ ଶବଭଳି । ଶବର ସର୍ବାଙ୍ଗ ଥାଏ, କିନ୍ତୁ ଜୀବନ ନଥାଏ ଏବଂ କାଳକ୍ରମେ ଏହା ପଚି ଯାଇଥାଏ । ଭକ୍ତିହୀନ ଜୀବନର ଦଶା ଠିକ୍ ସେହିଭଳି ହୋଇଥାଏ । ମାଟି ଉପରେ ତାର ଶରୀର ଠିକ୍ ଏକ ନିର୍ଜୀବ ପଥର ଭଳି । ଯେପରି ବୁଦ୍ଧିମାନ ବ୍ୟକ୍ତି ଚାରିଆଡ଼େ କଣ୍ଟା ଓ

କୀଟପୂର୍ଣ୍ଣ ବୃକ୍ଷତଳର ଛାଇକୁ ପରିହାର କରିଥାଏ, ସେହିଭଳି ପୁଣ୍ୟ ମଧ୍ୟ 'ଅଭକ୍ତ'କୁ ଏଡ଼େଇ ଦେଇଥାଏ, ତାକୁ ପରିତ୍ୟାଗ କରିଥାଏ । ଫଳଭାରାରେ ଗଛ ନଇଁ ଆସିଲେ କେବଳ କୁଆର ଉପକାର ହୁଏ । ଅଭକ୍ତ ପାପପଙ୍କରେ ଡୁବି ରହେ ।

ଷଡ଼ରସ ପରିବେଷଣ କରି କରି ରାସ୍ତା ଉପରେ ରଖିଦେଲେ ତାହା କୁକୁରର ହିଁ ଖାଦ୍ୟ ହୋଇଥାଏ । ଭକ୍ତିହୀନର ଜୀବନ ମଧ୍ୟ ଠିକ୍ ଏହିଭଳି । ସେ ସୁକୃତି, ସତ୍‌କର୍ମ କ'ଣ ସ୍ୱପ୍ନରେ ସୁଦ୍ଧା ଜାଣି ପାରେନା । ତାର ଜୀବନଥାଳିରେ ନାନାପ୍ରକାରର ଦୁଃଖ ପରିବେଷଣ କରାଯାଇଥାଏ । ତେଣୁ ଉତ୍ତମ କୁଳର କୌଣସି ଆବଶ୍ୟକତା ନାହିଁ । ଜାତିରେ ଶୂଦ୍ର ହେଉ ବା ପଶୁ ମଧ୍ୟ ହେଉ, ସେଥିରେ କୌଣସି ଯାଏ ଆସେ ନାହିଁ । କେବଳ ଆବଶ୍ୟକ ଭକ୍ତି । ମୋ ଦ୍ୱାରା ଗଜୋଦ୍ଧାରଣ କଥା ତ ତୁମେ ଜାଣ । କୁମ୍ଭୀର ଆକ୍ରମଣରେ ଗଜ ଆକୁଳଭାବେ ଡାକିବା ମାତ୍ରେ ମୋର କରୁଣାବଳରେ ସେ ଉଦ୍ଧାର ପାଇଲା ଏବଂ ତାର ପଶୁତ୍ୱ ମଧ୍ୟ ଚାଲିଗଲା ।

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପିଯାନ୍ତି ପରାଂ ଗତିମ୍ ॥୩୨॥

ଯାହାର ନାମସୁଦ୍ଧା ଉଚ୍ଚାରଣ କରିବା ଉଚିତ ନୁହଁ, ଯିଏ ଅଧମ, ପାପଯୋନିରୁ ଯାହାର ଜନ୍ମ, ଯିଏ ବେଶ୍ୟାର ପାପଗର୍ଭରୁ ଜାତ, ଯିଏ ମୂଢ଼, ପଥର ଭଳି ଯାହାର ଜଡ଼ବୁଦ୍ଧି ଅଥଚ ସେ ଯଦି ମନପ୍ରାଣ ଦେଇ ମତେ ଭକ୍ତି କରେ, ମୋର ରୂପମାଧୁରୀ ପାନ କରେ, ତା ମନ ଯଦି କେବଳ ମତେ ପାଇବାକୁ କାମନା କରିଥାଏ, ନିଜ ଜ୍ଞାନରୁ କେବଳ ମୋର ଗୁଣଗାନ ଶୁଣିବାକୁ କାନ ଡେରି ରଖିଥାଏ, ମୋରସେବା ହିଁ ଯାହାର ସର୍ବାଙ୍ଗ ଅଳଙ୍କାର, ମତେ ଜାଣିବା ହିଁ ଯାହାର ଏକମାତ୍ର ଜ୍ଞାନ ଏବଂ ଯିଏ ଏହି ଲାଭକୁହିଁ ପ୍ରକୃତ ଜୀବନ ବୋଲି ଅନୁଭବ କରି ଅନ୍ୟ ସବୁକିଛି ମରଣ ବୋଲି ଭାବିଥାଏ,ମୋ ଜୀବନ ହିଁ ସମସ୍ତଙ୍କୁ ସଜୀବ ରଖିପାରେ ବୋଲି ଯିଏ ଉପଲବ୍ଧି କରିଥାଏ, ହେ

ପାଣ୍ଡବ ! ତାକୁ ଯଦି ମୋ ସହିତ ତୁଳନା କରିବ ତାହାହେଲେ ଜାଣିପାରିବ ତା ଯୋଗ୍ୟତା ମୋଠାରୁ ତିଳେ ହେଲେ କମ୍ ନୁହଁ ।

ସେ ପାପଯୋନି ସମ୍ଭୂତ ହୋଇଥିଲେ ମଧ୍ୟ ତାଠାରେ ପାପର କୌଣସି ଚିହ୍ନବର୍ଣ୍ଣ ରହେ ନାହିଁ । ଭକ୍ତି ଫଳରେ ଦେବତା ମଧ୍ୟ ରାକ୍ଷସ ଆଗରେ ହୀନପ୍ରଭ ହୋଇ ପଡ଼େ । ତୁମେ ପ୍ରହ୍ଲାଦ କଥା ତ ଜାଣ ! ସେ ଥିଲା ରାକ୍ଷସର ପୁତ୍ର । ତାର ଭକ୍ତି ହେତୁ ମତେ ନରସିଂହରୂପ ଧାରଣ କରିବାକୁ ପଡ଼ିଥିଲା । ଭକ୍ତିବଳରେ ସେ ମୋ ହୃଦୟରେ ଉଚ୍ଚସ୍ଥାନ ଲାଭ କରିଥିଲା । ତାକୁ ମୋ ସହିତ ତୁଳନା କଲେ ସେ ମୋଠାରୁ ମଧ୍ୟ ବଳିପଡ଼ିବ । ତାର ନାମ ସ୍ମରଣ କଲେ ସକଳ ପାପ ଧୋଇ ହୋଇଯାଏ । ସେ ରାକ୍ଷସ କୁଳରେ ଜନ୍ମଗ୍ରହଣ କଲେ କ'ଣ ହେବ, ମୁଁ ତାକୁ ଯାହା ଦେବାକୁ ଚାହିଁଥିଲି, ସେ ଜନ୍ମଆଗରୁ ତାହା ପାଇ ସାରିଥିଲା । ଇନ୍ଦ୍ର ମଧ୍ୟ ତା ମହିମା ସହିତ ତୁଳନୀୟ ନୁହେଁ । ତେଣୁ ହେ ଅର୍ଜୁନ ! ଏକମାତ୍ର ଭକ୍ତି ହିଁ ଶୋଭା ବିସ୍ତାର କରେ, ଜାତି ପତି କୌଣସି କାମ ଦିଏନା । ଖଣ୍ଡେ ଚମଡ଼ା ଦେହରେ ରାଜାର ମୋହର ବସିବାମାତ୍ରେ ସେ ଚମଡ଼ା ଖଣ୍ଡିକର ଦାମ୍ ବଢ଼ିଯାଏ, ତାକୁ ଦେଇ ସବୁ ଜିନିଷ କିଣା ଯାଇପାରେ । ଏଥିଲାଗି ସୁନା କିମ୍ବା ରୂପାର କୌଣସି ଆବଶ୍ୟକତା ନାହିଁ । ରାଜାଜ୍ଞା ଯଥେଷ୍ଟ । ସେହିଭଳି ମନ ଓ ବୁଦ୍ଧି ଯେତେବେଳେ ମୋ ଭକ୍ତିରେ ପୂର୍ଣ୍ଣ ହୋଇଯାଏ, ସେତେବେଳେ ବଡ଼ ଜାତି ଓ ଛୋଟ ଜାତିର ପ୍ରଶ୍ନ ରହେନା । ଭକ୍ତ ସେତେବେଳେ ମୋ ପ୍ରତି ଭକ୍ତିଦ୍ୱାରା କୃତାର୍ଥ ହୋଇଉଠେ । ଯେକୌଣସି ଉପାୟରେ ହେଉନା କାହିଁକି ଭକ୍ତର ମନ ମୋ ପ୍ରତି ଲାଖି ରହିବା ଉଚିତ । ମୋଠାରେ ମନ ଏକାନ୍ତ ଭାବରେ ଲାଖି ରହିଲେ ସମସ୍ତ କୃତକର୍ମ ନିଷ୍କର୍ମ ହୋଇପଡ଼େ । ଛୋଟ ଛୋଟ ନଈ ନାଳଗୁଡ଼ାକ ଗଙ୍ଗାରେ ପ୍ରବେଶ ନ କରିବା ପର୍ଯ୍ୟନ୍ତ ନଈ ନାଳ ଭାବରେ ପରିଚିତ ଥାଆନ୍ତି; କିନ୍ତୁ ଗଙ୍ଗା ସହିତ ମିଶିଯିବାପରେ ସେମାନେ ଗଙ୍ଗା ପାଲଟି ଯାଆନ୍ତି । ଅଗ୍ନିକୁଣ୍ଡରେ ପଡ଼ିବା ଯାଏଁ, କାଠଗୁଡ଼ିକ ମଧ୍ୟରୁ ଏଇଟା ଖଇର, ଏଇଟା ଚନ୍ଦନ କାଠ ବୋଲି ଲୋକେ କହିଥାଆନ୍ତି । କିନ୍ତୁ ଅଗ୍ନିକୁଣ୍ଡରେ ପଡ଼ିଯିବା ମାତ୍ରେ ଏମାନଙ୍କର ପ୍ରକାର ଭେଦ ଚାଲିଯାଏ ।

ସେହିଭଳି ମତେ ଲାଭ ନ କରିବା ପର୍ଯ୍ୟନ୍ତ ଇଏ କ୍ଷତ୍ରିୟ, ଇଏ ବୈଶ୍ୟ, ଶୁଦ୍ର, ଇଏ ସ୍ତ୍ରୀ, ପୁରୁଷ ଆଦି ଭେଦଭାବ ରହିଥାଏ । ମୋ ପ୍ରେମ ସାଗରରେ ଡୁବି ଡୁବି ମୋ ସହିତ ମିଶିଗଲେ କୌଣସି ଜାତି, ବର୍ଣ୍ଣ, ସ୍ତ୍ରୀ ପୁରୁଷ ଭାବର ଚିହ୍ନସୁଦ୍ଧା ଅବଶିଷ୍ଟ ରହେ ନାହିଁ । ପଗଡ଼େ ଲୁଣକୁ ସମୁଦ୍ର ଜଳରେ ମିଶେଇ ଦେଲେ ଲୁଣର ଅବସ୍ଥା ଯେପରି ହୁଏ, ଠିକ୍ ସେହିଭଳି ଭକ୍ତ ମୋ ସହିତ ମିଶିଯାଏ । ଏ ନଦୀଟି ପୂର୍ବରୁ ଆସିଛି, ସେ ନଦୀଟି ପଶ୍ଚିମରୁ ଆସିଛି, ଏସବୁ ଭୌଗୋଳିକ ବର୍ଣ୍ଣନା ନିରର୍ଥକ ହୋଇପଡ଼େ, ଏହା ସମୁଦ୍ରରେ ମିଶିଯିବା ପରେ । କାରଣ ସମୁଦ୍ରରେ ମିଶିଯିବା ପରେ ସବୁ ନଦୀ ଓ ସମୁଦ୍ର ଏକ । ସେହିଭଳି କୌଣସି ଭାବରେ ଭକ୍ତ ନିଜ ଚିତ୍ତକୁ ମୋ ଚିନ୍ତାରେ ଲଗାଇ ପାରିଲେ, ସେ ମୋ ସ୍ୱରୂପ ଲାଭ କରେ । ସ୍ୱର୍ଣ୍ଣମଣିକୁ ଭାଙ୍ଗିବା ଲାଗି ଖଣ୍ଡେ ଲୁହାରେ ବାଡ଼େଇଲେ ଲୁହା ନିଜେ ସୁନା ପାଲଟିଯାଏ । ବ୍ରଜର ଗୋପୀମାନେ ମତେ ପତି ଭାବରେ ବରଣ କରିଥିଲେ ମଧ୍ୟ ନିଜର ଭକ୍ତିଭାବ ଯୋଗୁଁ ହିଁ ମତେ ପାଇ ପାରିଥିଲେ । କଂସ ମତେ ଭୟ କରି, ଏହି ଭୟଦ୍ୱାରା ହିଁ ମୋତେ ପାଇପାରିଥିଲା । ଶିଶୁପାଳ ଶତ୍ରୁତା କରି ମଧ୍ୟ ମତେ ପାଇଥିଲା । ପାଣ୍ଡବମାନେ ପାରିବାରିକ ସମ୍ପର୍କ ରକ୍ଷା କରି ଆତ୍ମୀୟତା ବଳରେ ଓ ବସୁଦେବ ପ୍ରଭୃତି ଯାଦବମାନେ ସ୍ନେହମମତା ବଳରେ ମତେ ଲାଭ କରି ପାରିଥିଲେ । ନାରଦ, ଧ୍ରୁବ, ଅକ୍ରୁର, ଶୁକ ଓ ସନତକୁମାର ପ୍ରମୁଖ ମତେ ଭକ୍ତିମାର୍ଗରେ ହିଁ ଲାଭ କରିପାରିଛନ୍ତି । ମାର୍ଗ ପୃଥକ୍ ପୃଥକ୍ କିନ୍ତୁ ପ୍ରାପ୍ୟ ଏକ । ମୁଁ ହେଉଛି ନିଦାନର ଆଶ୍ରୟ । କିଏ ଭକ୍ତି ବଳରେ, କିଏ ବୈରାଗ୍ୟ ଭାବଦ୍ୱାରା, କିଏବା ବୈରଭାବ ପୋଷଣ କରି, ଏହିଭଳି ବହୁ ଉପାୟରେ ମତେ ପାଇ ପାରନ୍ତି । ତେଣୁ ହେ ପାର୍ଥ ! ମତେ ପାଇବା ଲାଗି ଉପାୟର ଅଭାବ ନାହିଁ । ଯିଏ ଯେଉଁ ଜାତିରେ ଜନ୍ମଗ୍ରହଣ କରୁ, ମତେ ଭକ୍ତି କରୁ ବା ମତେ ସମାଲୋଚନା କରୁ କିମ୍ବା ଶତ୍ରୁତା କରୁ, ସେଥିରେ କିଛି ଯାଏ ଆସେ ନାହିଁ । ଭକ୍ତ ଯେପରି ମୋ ନିଜର, ଶତ୍ରୁ ମଧ୍ୟ ମୋର ଆପଣାର ।

କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।
ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ।।୩୩।।

ସର୍ବଶ୍ରେଷ୍ଠ ବ୍ରାହ୍ମଣ କଥା କ'ଣ କହିବି ? ଯିଏ ଆଭିଜାତ୍ୟ, କୁଳମର୍ଯ୍ୟାଦାଦ୍ୱାରା ଉଚ୍ଚସ୍ଥାନ ଅଧିକାର କରିଥାଏ, ସ୍ୱର୍ଗ ଯାହାର ଜାଗିର୍‌ଦାର, ଯିଏ ମନ୍ତ୍ରଦାନରେ ନିପୁଣ, ଯେଉଁମାନେ ପୃଥିବୀରେ ଦେବସ୍ୱରୂପ, ତପସ୍ୟାରେ ପାରଙ୍ଗମ, ଯିଏ ସର୍ବତୀର୍ଥରେ ପବିତ୍ର, ଯିଏ ଯଜ୍ଞକର୍ତ୍ତା ବା ହୋତା, ଯିଏ ବେଦାଭିଜ୍ଞ ହେତୁ ସୁରକ୍ଷିତ, ଯାହାର ଦୃଷ୍ଟିମାତ୍ରେ ଶାନ୍ତି ବିରାଜମାନ, ଯାହାର ସରଳ ବିଶ୍ୱାସରେ ସତ୍‌କର୍ମ ସମ୍ପନ୍ନ ହୋଇଥାଏ, ଯାହାର ଇଚ୍ଛାରେ ସତ୍ୟ ଦ୍ୱାରପାଳ ରୂପେ ଦଣ୍ଡାୟମାନ ରହିଥାଏ, ଯାହାର ଆଶୀର୍ବାଦରେ ଅଗ୍ନି ଆୟୁ ଲାଭ କରେ, ଯାହାର ପ୍ରେମରେ ସମୁଦ୍ର ଜଳଦାନ କରେ, ଯାହାର ସୁଖଲାଗି ମୁଁ ଲକ୍ଷ୍ମୀଙ୍କୁ ଦୂରରେ ରହିବାକୁ ଆଦେଶ ଦେଇଚି, ଯାହାର ପାଦଧୂଳି ଲାଗି ମୁଁ ମୋ ହୃଦୟକୁ ବଢ଼ାଇ ଦେଇଚି, କୌସ୍ତୁଭହାରକୁ ଗଳାରୁ ଓହ୍ଲାଇ ଦେଇଛି, ଯାହାର ପଦାଘାତ ଚିହ୍ନକୁ ମୁଁ ସଦାସର୍ବଦା ବକ୍ଷ ଉପରେ ରଖି ଆସିଛି, ଯାହାର କ୍ରୋଧ କାଳ, ଅଗ୍ନି ଓ ରୁଦ୍ର ବା ଶିବଙ୍କ ନିବାସ ସ୍ଥାନ, ଯାହାର କୃପାରେ ସହଜରେ ସିଦ୍ଧିଲାଭ ହୋଇଥାଏ, ଏ ଭଳି ପୂଜନୀୟ, ପବିତ୍ର ତଥା ମୋ ବିଷୟରେ ଜ୍ଞାନବାନ ବ୍ରାହ୍ମଣ ହିଁ ମତେ ଲାଭ କରିପାରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଚନ୍ଦନ କାଠକୁ ସ୍ପର୍ଶ କରି ଯେଉଁ ବାୟୁ ନିମ୍ବଗଛକୁ ସ୍ପର୍ଶ କରେ, ସେ ନିମ୍ବଗଛ ଚନ୍ଦନ କାଠର ମର୍ଯ୍ୟାଦା ଲାଭ କରିଥାଏ । ତେଣୁ ଏହି ନିମ୍ବକାଠରେ ହିଁ ଦେବତାଙ୍କ ମୁକୁଟ, ଏପରିକି ମୋ ବିଗ୍ରହ ପ୍ରସ୍ତୁତ ହୋଇଥାଏ ବୋଲି କ'ଣ ଚନ୍ଦନକାଠର ମର୍ଯ୍ୟାଦା ଲୋପ ପାଇଯିବ ? ଚନ୍ଦନ, ଚନ୍ଦନ । ଏହାର ମର୍ଯ୍ୟାଦା ଓ ସୁଗନ୍ଧ ସମ୍ପର୍କରେ କୌଣସି ପ୍ରଶ୍ନ କରାଯାଇ ନପାରେ କିମ୍ବା ଏହାକୁ ପରୀକ୍ଷା ଦେବାକୁ ପଡ଼େନା । ଉଗ୍ର ହଳାହଳକୁ ଶୀତଳ କରିବା ଲାଗି ଶିବ ଖଣ୍ଡିତ ଚନ୍ଦ୍ରକୁ ନିରନ୍ତର ଲଲାଟରେ ଧାରଣ କରିଥାଆନ୍ତି । କିନ୍ତୁ ଚନ୍ଦନ ଚନ୍ଦ୍ରଭଳି ଶୀତଳ ଏବଂ ତା ସାଙ୍ଗକୁ ସୁବାସିତ ହୋଇଥିବାରୁ, ଶିବ ଏହାକୁ ସର୍ବାଙ୍ଗରେ ବୋଳି

ହୋଇଥାଆନ୍ତି । ଚାରିଆଡ଼ର ମଇଳାପାଣି ଯେତେବେଳେ ଗଙ୍ଗାବାଟ ଦେଇ ସମୁଦ୍ରରେ ମିଶିଥାଏ, ସେତେବେଳେ ଗଙ୍ଗାର ସମୁଦ୍ରଗତି ହୁଏ କି ନାହିଁ, ଏ ସମ୍ପର୍କରେ ସନ୍ଦେହ ପ୍ରକାଶ କରିବା ବୃଥା ।

ଅତଏବ ବ୍ରାହ୍ମଣ ହେଉ ବା ରାଜର୍ଷି ହେଉ, ଯେଉଁ ବ୍ୟକ୍ତି ମତେ ହିଁ ଗତିମୁକ୍ତିର ଏକମାତ୍ର ପନ୍ଥା ବୋଲି ଜାଣେ, ସେ ନିଶ୍ଚୟ ମୁକ୍ତିର ଅଧିକାରୀ ହୋଇପାରିବ । ନୌକାରେ ଛିଦ୍ର ଅଛି ବୋଲି ଜାଣି ସୁଦ୍ଧା ସେଥିରେ ବସି ନଦୀ ପାର ହେବାବେଳେ ନିଶ୍ଚିନ୍ତ ରହିବା ଉଚିତ କି ? ମଣିଷର ସଂସାର ହେଉଛି ସବୁରକମ ବିପଦର ଖଣି । ଯେଉଁଠି ରହିଲେ ଚାରିଆଡୁ କ୍ଷେପଣାସ୍ତ୍ର ବୃଷ୍ଟି ହେଉଚି । ସେଠାରେ ଅଙ୍ଗାବରଣ (ସାଞ୍ଜୁ) ଖୋଲି ରଖିଦେବା ଚତୁରତାର କାର୍ଯ୍ୟ କି ? ଯେଉଁଠି ଦେହ ଉପରକୁ ଟେକା ପଥର ବୃଷ୍ଟି ହେଉଚି, ସେଠାରେ ହାତରୁ ଢାଲକୁ ଫିଙ୍ଗିଦେଇ ନିଶ୍ଚିନ୍ତ ରହିବା ଉଚିତ କି ? ରୋଗ ହେଲେ ଔଷଧ ଖାଇବାକୁ ହିଁ ପଡ଼ିବ ।·ତେଣୁ ଯେଉଁଠି ଚାରିଆଡୁ ଦାବାନଳ ମାଡ଼ି ଆସୁଛି, ସେଠାରୁ ଦୌଡ଼ି ପଳାଇବା ଉଚିତ ନୁହଁ କି ? ସେହିଭଳି ଭାବରେ ସୁଖଦୁଃଖପୂର୍ଣ୍ଣ ମର୍ତ୍ତ୍ୟକୁ ଆସି ସେଥିରୁ ଉଦ୍ଧାର ପାଇବା ଲାଗି ମୋର ଭଜନ କରିବା ଉଚିତ । ଭକ୍ତି ବ୍ୟତୀତ ରକ୍ଷା ପାଇବା ପାଇଁ ଆଉ କୌଣସି ପନ୍ଥା ନାହିଁ, ଆଉ କୌଣସି ଶକ୍ତି ନାହିଁ । ବେଖାତିର କଲେ ଚଳିବ ନାହିଁ । ଯୌବନ କିମ୍ବା ଜ୍ଞାନର ବଡ଼ିମା କୌଣସି କାମ ଦେବ ନାହିଁ । ତାକୁ ଭରସା କରି କୌଣସି ଲାଭ ନାହିଁ । ଶରୀର ଅଛି ବୋଲି ଉପଭୋଗର ସାମଗ୍ରୀ ଲୋଡ଼ା ହେଉଛି, କିନ୍ତୁ ଏ ଶରୀର ମଧ୍ୟ ଲୋପ ପାଇଯାଏ । ଏହା କ୍ଷଣସ୍ଥାୟୀ । ସଂସାର ଏକ ହାଟ ସ୍ୱରୂପ । ଏହି ହାଟରେ ଦୁଃଖର ପସରା ମେଲା ହୋଇ ରହିଛି । ହାଟକୁ ଏହି ଶରୀର ମଧ୍ୟ ଆସିଚି ବିକ୍ରି ହେବା ଲାଗି । ମୃତ୍ୟୁରୂପକ ମାଲପତ୍ର ଗଣ୍ଠିଲି ଗଣ୍ଠିଲି ହୋଇ ଏହି ବଜାରକୁ ଆସୁଛି । ଶରୀର ମଧ୍ୟ ତଉଲା ହୋଇ ବିକ୍ରି ହେଉଛି । ହେ ପାଣ୍ଡୁସୁତ ! କହିଲ ଦେଖି ଏହି ହାଟରେ ଜୀବନ ପାଇଁ ସବୁଠାରୁ ସୁଖଦାୟକ ପଣ୍ୟ କ'ଣ ? ଭକ୍ତି ହେଉଛି ଏକମାତ୍ର ପଣ୍ୟ ଯାହାକୁ ଦେଲେ ସଂସାର ହାଟରୁ ତା ବିନିମୟରେ ସୁଖ ମିଳି ପାରିବ ।

ଖାଲି ପାଉଁଶକୁ ଫୁଙ୍କିଲେ କ'ଣ ନିଆଁ ବାହାରିବ ? ବିଷତୁଲ୍ୟର ଛେଳିକୁ ଘୋରି ଅମୃତ ଭାବି ପିଇବା ପରେ 'ମୁଁ ଅମୃତ ହୋଇଗଲି' ଭାବି ମନେ ମନେ ସୁଖ ଅନୁଭବ କରିବା ଯାହା, ସଂସାର ସୁଖ ତାହା । ଏହା ସୁଖ ନୁହେଁ ଦୁଃଖ । ମୂର୍ଖ ତଥା ମୂଢ଼ ଲୋକେ ଏହା କରି ଥାଆନ୍ତି । ନିଜର ମୁଣ୍ଡ ଫଟେଇ ଗୋଡ଼ରେ ହୋଇଥିବା କ୍ଷତର ଉପଶମ ଲାଗି କନା ଭିଡ଼ିବା ଯାହା, ମର୍ତ୍ତ୍ୟଲୋକର ସୁଖ ଆସ୍ୱାଦନ କରିବା ତାହା । ଜଳନ୍ତା ଅଙ୍ଗାର ଉପରେ କିଏ କ'ଣ ସୁଖରେ ଶୋଇପାରେ ? ଯେଉଁ ଜଗତରେ ଚନ୍ଦ୍ର ମଧ୍ୟ କ୍ଷୟରୋଗଗ୍ରସ୍ତ, ଯେଉଁଠି ଅସ୍ତ ଯିବା ଲାଗି ସୂର୍ଯ୍ୟର ଉଦୟ ହୁଏ, ଦୁଃଖ ଯେଉଁଠି ସୁଖର ଛଦ୍ମବେଶ ପିନ୍ଧି ଜୀବନକୁ ପ୍ରତାରଣା କରେ, ମଙ୍ଗଳର ଅଙ୍କୁରୋଦ୍‌ଗମ ସହିତ ଅମଙ୍ଗଳ ଦେଖା ଦେଇଥାଏ, ମୃତ୍ୟୁ ଯେଉଁଠି ମାଆ ପେଟର ପିଲାକୁ ମଧ୍ୟ ଟାଣି ନେଇଥାଏ, ଯେଉଁଠି ଅବାସ୍ତବ ଚିନ୍ତାସବୁ ଆସି ମନରେ ଜୁଟେ, ଯେଉଁଠି ଅତି ଅଜ୍ଞାତ ଭାବରେ ମୃତ୍ୟୁ ଆସି ଜୀବନକୁ ନେଇଯାଏ ଏବଂ କେଉଁଠିକି ନିଏ, ତାହା କେହି କହି ପାରନ୍ତି ନାହିଁ, ତାହା ହେଉଚି ଏହି ମର୍ତ୍ତ୍ୟଲୋକ ।

ଏହି ପୃଥିବୀର ଇତିହାସ ହେଉଛି କେବଳ ମୃତ ବ୍ୟକ୍ତିମାନଙ୍କର । ଯେତେ ଚେଷ୍ଟା କର ମୃତବ୍ୟକ୍ତିକୁ ଜୀବନ୍ତ କରି କେହି ଫେରାଇ ଆଣି ନପାରେ । ଅନିତ୍ୟ ଏ ସଂସାର । ଏଭଳି ଅନିତ୍ୟ ଯେ ସ୍ୱୟଂ ବ୍ରହ୍ମଦେବ ମଧ୍ୟ ଏହାକୁ ବର୍ଣ୍ଣନା କରିବାଲାଗି ଅକ୍ଷମ । ଏସବୁ ଜାଣି ସୁଦ୍ଧା ମନୁଷ୍ୟ କିପରି ଉଦାସୀନ ହୋଇପାରୁଛି, ତାହାହିଁ ଆଶ୍ଚର୍ଯ୍ୟର ବିଷୟ । ଇହଲୋକ ଓ ପରଲୋକରେ ନିଜର ମଙ୍ଗଳ ଲାଗି ଯିଏ କପର୍ଦ୍ଦକ ସୁଦ୍ଧା ଖର୍ଚ୍ଚ କରିବାଲାଗି କୁଣ୍ଠିତ; ସେହି ଲୋକ ଅମଙ୍ଗଳ ଲାଗି କୋଟି କୋଟି ଟଙ୍କା ବ୍ୟୟ କରିବାକୁ କୁଣ୍ଠିତ ନୁହଁ । ଏ ପ୍ରକାରର ଲୋକେ ଭାବିଥାଆନ୍ତି ଯେ, ଯିଏ ବିଷୟ ବିଳାସରେ ବୁଡ଼ି ରହିଛି, ସିଏ ହିଁ ପରମସୁଖୀ, ଲୋଭ ବାସନା ଯାହାର ଅଛି, ସେ କେବଳ ଜ୍ଞାନୀ । ଯାହାର ଆୟୁ ଦିନକୁଦିନ କମି କମି ଆସୁଛି, ବଳ ଓ ବୁଦ୍ଧି ଲୋପ ପାଇଆସୁଛି, ସେ ତାର ଗୋଡ଼ତଳେ ପଡ଼ିଥାଏ । ପିଲା ଯେତିକି ବଡ଼ ହୋଇଆସେ, ତାର ବାପ

ମାଆ ସେତିକି ଖୁସି । କିନ୍ତୁ ସେମାନେ ବୁଝିପାରନ୍ତି ନାହିଁ ଯେ, ତାର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ମୃତ୍ୟୁ ମଧ୍ୟ ନିକଟେଇ ଆସୁଛି । ମଣିଷ ଯେତିକି ଯେତିକି ମୃତ୍ୟୁର ନିକଟତର ହୋଇଆସିଥାଏ, ସେ ସେତିକି ଜାକଜମକରେ ତାର ଜନ୍ମଉତ୍ସବ ପାଳନ କରିବାରେ ଲାଗିଥାଏ । 'ତୁ ମରୁନୁ' କହି କେହି ଗାଳିଦେଲେ ସେ ସହିପାରେନା । କିନ୍ତୁ ମୃତ୍ୟୁ ପରେ ଲୋକେ କାନ୍ଦି ଥାଆନ୍ତି । ସେମାନେ ଭାବିପାରନ୍ତି ନାହିଁ ଯେ ଜୀବନଟା ବ୍ୟର୍ଥ ହୋଇଗଲା । ବେଙ୍ଗକୁ ସାପ ଧରି ଗିଳିବା ଉପରେ, ତଥାପି ଜିଆଟିଏ ପାଇବା ମାତ୍ରେ ବେଙ୍ଗ ତାକୁ ଗିଳିବାକୁ ତିଆର । ସେହିଭଳି ମନୁଷ୍ୟ ଅତ୍ୟନ୍ତ ଲୋଭର ବଶବର୍ତ୍ତୀ ହୋଇ ବାସନାକୁ ବଢ଼ାଇବାରେ ଲାଗିଛି । ଚାରିଆଡ଼କୁ ଯଦି ଚାହିଁ, ଦେଖିବ ମର୍ତ୍ତ୍ୟଲୋକରେ ସବୁକିଛି ଚାଲିଛି ବିପରୀତ ରୀତିରେ । ହେ ଅର୍ଜୁନ ! ଯଦିଓ ତୁମେ ଅକସ୍ମାତ୍ ଏଠାରେ ଜନ୍ମ ନେଇଛ, ତଥାପି ଶୀଘ୍ର ଶୀଘ୍ର ଏଠାରୁ ବାହାରି ଆସ । ଯେଉଁଥିରେ ମୋର ଅବିନାଶୀ ଅମୃତ ଧାମ ଲାଭ କରିପାରିବ, ସେହି ଭକ୍ତି ପଥରେ ଚାଲ ।

ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍‌ପରାୟଣଃ ।।୩୪।।

ତୁମେ ତମ ମନକୁ ମୋ ସ୍ୱରୂପ କରିନିଅ । ସପ୍ରେମ ଭଜନ କର । ସର୍ବତ୍ର ମୁଁ ଅଛି ମନେକରି ମତେ ହିଁ ନମସ୍କାର କର । ଯିଏ ମତେ ଧ୍ୟାନ କରି ସଂକଳ୍ପକୁ ଜାଳିପୋଡ଼ି ଧ୍ୱଂସ କରିଦିଏ, ସେ ହେଉଚି ପ୍ରକୃତ ଭଜନକାରୀ । କେବଳ ମୋ ଚିନ୍ତାରେ ମନୋନିବେଶ କଲେ ମୋ ସ୍ୱରୂପ ଲାଭ କରିପାରିବ । ମୁଁ ମୋର ଅନ୍ତରର କଥା ତୁମକୁ କହିଲି । ଯେଉଁ ରହସ୍ୟକୁ ମୁଁ ଅନ୍ୟ ସମସ୍ତଙ୍କ ପାଖରେ ଗୋପନ ରଖି ଆସିଛି, ତାକୁ ଲାଭକରି ତୁମେ ବି ସୁଖସ୍ୱରୂପ ହୋଇଯାଅ ।

ସେହି ଶ୍ୟାମଳ ପରମବ୍ରହ୍ମ, ତଥା ଭକ୍ତଗଣଙ୍କ ମନୋରଥର କଳ୍ପବୃକ୍ଷ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯାହା ଯାହା କହିଲେ, ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ସେସବୁ ବର୍ଣ୍ଣନା କରିଥିଲେ ।

ମଇଁଷି ପାଣି ଭିତରେ ନିଜ ଦେହକୁ ବୁଡ଼େଇ ରଖିଥାଏ । ସେହିଭଳି ଧୃତରାଷ୍ଟ୍ର ସଞ୍ଜୟଙ୍କ କଥା ଶୁଣି ନୀରବରେ ବସି ରହିଥିଲେ ।

ସଞ୍ଜୟ ମନେ ମନେ କହିଲେ, ଅମୃତର ବର୍ଷା ହୋଇଗଲା ଅଥଚ ଧୃତରାଷ୍ଟ୍ରଙ୍କ ମନ ତ ଯାଇ ଅନ୍ୟଠି । ଅମୃତ କ'ଣ ତାଙ୍କୁ ଭଲ ଲାଗିବ ? ପୁଣି ମନେ ମନେ ଭାବିଲେ ସେ ହେଉଛନ୍ତି ମୋର ଅନ୍ନଦାତା, ତାଙ୍କପ୍ରତି ଦୋଷାରୋପ କଲେ ମୋ ବାଣୀ କଳଙ୍କିତ ହୋଇପଡ଼ିବ । କିନ୍ତୁ କ'ଣ ବା କରାଯିବ ? ଧୃତରାଷ୍ଟ୍ରଙ୍କ ସ୍ୱଭାବ ତ ତାହା ।

ଯାହାହେଉ ମୋର ବଡ଼ ଭାଗ୍ୟ ଯେ, ମୁନିଶ୍ରେଷ୍ଠ ବ୍ୟାସଦେବ ଏକଥା ଧୃତରାଷ୍ଟ୍ରଙ୍କୁ କହିବା ପାଇଁ ମତେ ନିଯୁକ୍ତ କରିଛନ୍ତି ।

ଏକଥା କହୁ କହୁ ସଞ୍ଜୟଙ୍କ ମନରେ ଏଭଳି ସାତ୍ତ୍ୱିକ ଭାବ ଉଦୟ ହେଲା ଯେ, ସେ ନିଜକୁ ସମ୍ଭାଳି ପାରିଲେ ନାହିଁ । ଚିତ୍ତ ସ୍ଥିର ହୋଇପଡ଼ିଲା, ଆପାଦମସ୍ତକ ରୋମାଞ୍ଚିତ ହୋଇପଡ଼ିଲା, ଅର୍ଦ୍ଧନିମୀଳିତ ଚକ୍ଷୁରୁ ଆନନ୍ଦାଶ୍ରୁ ନିର୍ଗତ ହେବାକୁ ଲାଗିଲା, ସୁଖର ତରଙ୍ଗରେ ହୃଦୟ କମ୍ପି ଉଠିଲା । ଲୋମକୂପରୁ ନିର୍ମଳ ସ୍ୱେଦବିନ୍ଦୁ ଝରି ଦେହସାରା ଛାଇଗଲା, ମନେହେଲା ଯେପରି ସଞ୍ଜୟଙ୍କ ଦେହ ମୁକ୍ତାବରଣ ହୋଇ ପଡ଼ିଛି । ଶ୍ରୀକୃଷ୍ଣଙ୍କ ବାଣୀ ତାଙ୍କ କର୍ଣ୍ଣରେ ପ୍ରବେଶ କରିବା ମାତ୍ରେ ସେ ଅଶ୍ରୁମୋଚନ କରିବାକୁ ଲାଗିଲେ, ଦେହରୁ ଝାଳ ପୋଛୁ ପୋଛୁ ଧୃତରାଷ୍ଟ୍ରଙ୍କୁ କହିଲେ, ଏବେ ଶୁଣନ୍ତୁ—

ନିବୃତ୍ତି ଦାସ ଜ୍ଞାନଦେବ ତାଙ୍କର ଶ୍ରୋତାମାନଙ୍କୁ କହିଲେ, ଏହାପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବିଭୂତିର ସ୍ଥାନ ଦେଖାଇ ଦେବେ ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ-ଦୀପିକାୟାଂ
ନବମୋଽଧ୍ୟାୟଃ ।

●

ବିଭୂତି ଯୋଗ

ଦଶମ ଅଧ୍ୟାୟ

ହେ ନିର୍ମଳ ଜ୍ଞାନଦାନ-ଚତୁର, ହେ ବିଦ୍ୟାସ୍ୱରୂପ କମଳ-ପ୍ରକାଶକ, ହେ ପରାପ୍ରକୃତିବିଳାସୀ ଗୁରୁଦେବ ! ତୁମକୁ ନମସ୍କାର । ହେ ସଂସାରାନ୍ଧକାର ବିନାଶକାରୀ ସୂର୍ଯ୍ୟ, ହେ ଅଗଣିତ ଶ୍ରେଷ୍ଠ ଶକ୍ତିଶାଳିନ୍; ହେ ନବୀନଲୀଳା-ବିଳାସକାରି ! ତୁମକୁ ନମସ୍କାର । ହେ ନିଖିଳ ଜଗତ୍‌ପାଳକ, ହେ ସକଳ କଲ୍ୟାଣ ରତ୍ନନିଧାନ, ହେ ସଜ୍ଜନବନଚନ୍ଦନ, ହେ ସର୍ବାରାଧ୍ୟ ! ତୁମକୁ ନମସ୍କାର । ହେ ବିଦ୍ୱଜ୍ଜନ ଚିତ୍ତଚକୋର, ହେ ଆତ୍ମାନୁଭବକାରୀ ପ୍ରଜାରଞ୍ଜକ, ହେ ବେଦଜ୍ଞାନ ସମୁଦ୍ର, ହେ ମଦନଗର୍ବହାରି ! ତୁମକୁ ନମସ୍କାର । ହେ ପ୍ରେମିକ ଜନର ଭଜନୀୟ, ହେ ସଂସାରମାତଙ୍ଗଗଣ୍ଡ ବିଦାରଣକାରୀ, ହେ ବିଶ୍ୱୋତ୍ପତ୍ତି ସ୍ଥାନ ଶ୍ରୀଗୁରୁରାଜ ! ତୁମକୁ ନମସ୍କାର ।

ତୁମର ଅନୁଗ୍ରହରୂପକ ଶ୍ରୀଗଣେଶଙ୍କ କୃପା ହେଲେ ବାଳକ ମଧ୍ୟ ସମସ୍ତ ବିଦ୍ୟାର ଅଧିକାରୀ ହୋଇପାରେ । ଗୁରୁଦେବ ଉଦାର ବାକ୍ୟରେ ଅଭୟ ପ୍ରଦାନ କଲେ ନବରସାମୃତ ସମୁଦ୍ର ସୁଦ୍ଧା ପାରିହେବା ସମ୍ଭବ ହୋଇପାରିବ । ତୁମର ପ୍ରେମରୂପିଣୀ ସରସ୍ୱତୀ ଅଙ୍ଗୀକାର କଲେ ମୂକ ସୁଦ୍ଧା ବୃହସ୍ପତିଙ୍କ ଭଳି ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇପାରେ । ଯାହାପ୍ରତି ତୁମର କୃପାବୃଷ୍ଟି ପତିତ ହୁଏ, ଯାହାର ମଥା ଉପରେ ତୁମର ହସ୍ତକମଳ ସ୍ଥାପିତ ହୁଏ, ସେ ଜୀବହେଲେ ମଧ୍ୟ ଶଙ୍କରଙ୍କ ସହିତ ସମାନ ହୋଇପାରେ । ଯାହାର ମହିମା ଏଭଳି, ତାହାକୁ ମୁଁ କି ଭାଷାରେ ବର୍ଣ୍ଣନା କରିବି ? ସୂର୍ଯ୍ୟର ଅଙ୍ଗକୁ କିଭଳି ଭାବରେ ମାର୍ଜନା କରାଯାଇପାରେ ? କଳ୍ପବୃକ୍ଷ ରୋପଣ ଲାଗି ଉଦ୍ୟାନକୁ ଆଉ କିଏ କିପରି ସୁନ୍ଦର କରିପାରେ ? କ୍ଷୀରସମୁଦ୍ରକୁ କେଉଁ ଆତିଥ୍ୟଦ୍ୱାରା ସନ୍ତୁଷ୍ଟ କରାଯାଇପାରେ ? କର୍ପୂରକୁ କେଉଁ ସୁଗନ୍ଧିଦ୍ୱାରା ସୁଗନ୍ଧିତ କରାଯାଇପାରେ ? ଚନ୍ଦନ ଓ ଚନ୍ଦ୍ରକୁ କି ପ୍ରଲେପ

ଦିଆଯାଇପାରେ ? ଅମୃତକୁ କିଭଳି ଅନ୍ନ ଦିଆଯାଇପାରେ ? ଆକାଶକୁ ଆହୁରି ଉପରକୁ ଉଠାଇବାପାଇଁ କ'ଣ ବା ଯୁକ୍ତି ଅଛି ? ସେହିଭଳି ଶ୍ରୀଗୁରୁଙ୍କ କୃପାବର୍ଣ୍ଣନା କରିବାର ସାଧନ ବା କ'ଣ ଅଛି ?ସେହି କଥା ଭାବିଭାବି ମୁଁ କୌଣସି ବାଚାଳତା ପ୍ରକାଶ ନକରି ନୀରବରେ ବସିରହି କେବଳ ନମସ୍କାର କରିବାରେ ଲାଗିଛି । ବିଦ୍ୟାର ସମ୍ପନ୍ନତାରେ ଶ୍ରୀଗୁରୁଙ୍କ ସାମର୍ଥ୍ୟକୁ ବର୍ଣ୍ଣନା କରିବା ଯାହା, ମୁକ୍ତାକୁ ଆଭରଣ ଦେବା ତାହା । ଉତ୍ତମ ସ୍ୱର୍ଣ୍ଣକୁ ରୌପ୍ୟମଣ୍ଡିତ କରିବା ଯାହା, ମୋର ସ୍ତୁତି ବାକ୍ୟ ମଧ୍ୟ ଠିକ୍ ସେହିଭଳି । ତେଣୁ କିଛି ନକହି ଚରଣ ଉପରେ ମୁଣ୍ଡକୁ ରଖି ନମସ୍କାର କରିବା ଶ୍ରେୟସ୍କର ।

ପୁଣି ଶ୍ରୀଜ୍ଞାନେଶ୍ୱର କହିଛନ୍ତି, ହେ ସ୍ୱାମୀନ୍ ! ତୁମର କୃପାଦୃଷ୍ଟି ଫଳରେ ମୁଁ କୃଷ୍ଣାର୍ଜୁନ ସମ୍ବାଦ ସ୍ୱରୂପ ପ୍ରୟାଗତୀର୍ଥରେ ଅକ୍ଷୟ ବଟ ସ୍ୱରୂପ ହୋଇଛି । ପୂର୍ବକାଳେ ଉପମନ୍ୟୁ ଦୁଗ୍ଧ ମାଗିବାମାତ୍ରେ ଶିବ କ୍ଷୀରସମୁଦ୍ରର ଅନନ୍ତ ଭଣ୍ଡାର ଆଣି ତାଙ୍କ ପାଖରେ ଖୋଲି ଦେଇଥିଲେ । ବୈକୁଣ୍ଠ ଲୋକନାୟକ ଶ୍ରୀକୃଷ୍ଣ ଅଭିମାନିଆ ଧ୍ରୁବକୁ ଧ୍ରୁବପଦରୂପ ମିଷ୍ଟାନ୍ନ ପ୍ରଦାନ କରି ପ୍ରେମ ପ୍ରବୋଧନା ଦେଇଥିଲେ । ତୁମର କୃପା ସେହିଭଳି । ବ୍ରହ୍ମବିଦ୍ୟା ସବୁ ବିଦ୍ୟା ମଧ୍ୟରେ ଶ୍ରେଷ୍ଠ ଏବଂ ସକଳ ଶାସ୍ତ୍ରର ବିଶ୍ରାମସ୍ଥଳ ହେଉଚି ଭଗବତ୍ ଗୀତା । ମୁଁ ତାହା 'ଓବୀ' ଛନ୍ଦରେ ଗାନ କରୁଛି । ଯେଉଁ ବାଣୀରୂପକ ଅରଣ୍ୟରେ ଭ୍ରମଣ କରି କୌଣସି ଅକ୍ଷର ସୁଦ୍ଧା କର୍ଣ୍ଣଗୋଚର ହୁଏ ନାହିଁ, ମୁଁ ସେହି ବାଣୀ ଦ୍ୱାରା ହିଁ ନିଜର ବିଚାର-ରୂପକ କଳ୍ପଲତା ରଚନା କରିଛି । ଯାହାର କେବଳ ଦେହାତ୍ମବୋଧ ଥିଲା, ତାକୁ ମୁଁ ଆନନ୍ଦର ଭଣ୍ଡାର କରିନେଇଚି, ମନକୁ ଗୀତାର୍ଥରୂପକ କ୍ଷୀରସାଗର ବକ୍ଷରେ ଜଳଶଯ୍ୟା କରାଇ ନେଇଚି । ତୁମର ସାମାନ୍ୟ କୃପା ହେଉଚି ଅପାର, ତାକୁ କ'ଣ ମୁଁ ବର୍ଣ୍ଣନା କରିପାରିବି ? ତଥାପି ଧୈର୍ଯ୍ୟର ସହିତ କିଛି ବର୍ଣ୍ଣନା କରିବାକୁ ସାହସ କରିଛି । ଏହି ଧୃଷ୍ଟତା ଲାଗି ମତେ କ୍ଷମା କରିବେ । ତୁମର କୃପାପ୍ରସାଦ ଫଳରେ ଭଗବତ୍ ଗୀତାର ପୂର୍ବାର୍ଦ୍ଧକୁ ଆନନ୍ଦରେ ବର୍ଣ୍ଣନା କରିଛି । ପ୍ରଥମ ଅଧ୍ୟାୟରେ ଅର୍ଜୁନଙ୍କ ବିଷାଦ; ଦ୍ୱିତୀୟ ଅଧ୍ୟାୟରେ ନିର୍ମଳ ଯୋଗ ତଥା ସାଂଖ୍ୟ ବୁଦ୍ଧିର ପ୍ରଭେଦ ଦେଖାଇ ତୃତୀୟରେ କେବଳ କର୍ମର ମହିମା ବ୍ୟାଖ୍ୟା

କରାଯାଇଛି । ଚତୁର୍ଥରେ ଏହାକୁ ଜ୍ଞାନ ସହିତ ବର୍ଣ୍ଣନା କରି ପଞ୍ଚମ ଅଧ୍ୟାୟରେ ଯୋଗତତ୍ତ୍ୱ ପ୍ରତିପାଦିତ କରାଯାଇଛି । ଯୋଗର ସ୍ଥିତି ଓ ଯୋଗଭ୍ରଷ୍ଟର ଗତି ଏ ସମସ୍ତ ବିଷୟ ଷଷ୍ଠ ଅଧ୍ୟାୟରେ ପ୍ରତିପାଦିତ କରାଯାଇଛି । ସପ୍ତମ ଅଧ୍ୟାୟରେ ମାୟା ବା ପ୍ରକୃତି, ତାର କ୍ରମ ଓ ପରିହାର ଏବଂ ପୁରୁଷୋତ୍ତମକୁ ଚାରି ପ୍ରକାରରେ କିପରି ଭଜନ କରାଯାଇପାରେ, ତାର ରୀତି ବର୍ଣ୍ଣନା କରାଯାଇଛି । ସାତୋଟି ପ୍ରଶ୍ନର ଉତ୍ତର ଏବଂ ଦେହାନ୍ତ ସମୟରେ ଚିତ୍ତଶୁଦ୍ଧି ଇତ୍ୟାଦି ସକଳ ବିଷୟର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି ଅଷ୍ଟମ ଅଧ୍ୟାୟରେ ।

ବେଦରୁ ବ୍ରହ୍ମଜ୍ଞାନ ସମ୍ପର୍କରେ ଯେଉଁ ତତ୍ତ୍ୱ ମିଳିଥାଏ, ସେହି ତତ୍ତ୍ୱକୁ ଏକଲକ୍ଷ ଶ୍ଳୋକରେ ମହାଭାରତରେ ବର୍ଣ୍ଣନା କରାଯାଇଛି । ମହାଭାରତରେ ଯାହା ଅଛି, ତାହା କୃଷ୍ଣ-ଅର୍ଜୁନ ସମ୍ବାଦରେ ସଂଗୃହୀତ ହୋଇ ରହିଛି । ଗୀତାର ସାତ ଶହ ଶ୍ଳୋକର ଯେଉଁ ଉଦ୍ଦେଶ୍ୟ, ତାହା ନବମ ଅଧ୍ୟାୟରେ ରହିଛି । ତେଣୁ ନବମ ଅଧ୍ୟାୟକୁ ସ୍ପଷ୍ଟ କରିବା ଲାଗି ବେଦ ମଧ୍ୟ ଭୟ କରେ । ମୁଁ କିଏ ଯେ ଗର୍ବ କରି ପାରିବି ? ଗୁଡ଼ ଓ ନବାତ ଉଭୟ ଆଖୁରସରୁ ପ୍ରସ୍ତୁତ ତଥାପି ଉଭୟର ମାଧୁର୍ଯ୍ୟ ଭିନ୍ନ ପ୍ରକାରର । ସେହିଭଳି କୌଣସି ଅଧ୍ୟାୟ ବ୍ରହ୍ମସ୍ୱରୂପକୁ ଜାଣି ଏହାକୁ ପ୍ରତିପାଦନ କରିଥିବାବେଳେ,ଅନ୍ୟ କେଉଁ ଅଧ୍ୟାୟ ନିଜସ୍ଥାନରେ ରହି ବ୍ରହ୍ମସ୍ୱରୂପ ଏଇଠି ଅଛି ବୋଲି ନିର୍ଦ୍ଦେଶ କରିଛି । ଆଉ କୌଣସି କୌଣସି ଅଧ୍ୟାୟ ଜାଣିବାକୁ ପ୍ରଯତ୍ନ କରି ଜ୍ଞାନସ୍ୱରୂପ ହୋଇଯାଇ ବ୍ରହ୍ମରୂପ ହୋଇଯାଇଛି । ଗୀତାର ଅଧ୍ୟାୟଗୁଡ଼ିକ ଏହିଭଳି । ନବମ ଅଧ୍ୟାୟ ଅବର୍ଣ୍ଣନୀୟ । ମୁଁ ଯାହା ବର୍ଣ୍ଣନା କରିଛି, ହେ ପ୍ରଭୁ ! ତାହା ତୁମର ହିଁ ସାମର୍ଥ୍ୟ । ତୁମେ କାହାର ଅଙ୍ଗପ୍ରଭାଦ୍ୱାରା ସୂର୍ଯ୍ୟର କାର୍ଯ୍ୟ ସମ୍ପାଦନ କରିଚ ତ କାହାଦ୍ୱାରା ସୃଷ୍ଟି ଉପରେ ସୃଷ୍ଟି ରଚନା କରିଚ, ସମୁଦ୍ରରେ ଶିଳା ଭସେଇ ସୈନ୍ୟମାନଙ୍କୁ ପାର କରାଇଛ, କାହାଦ୍ୱାରା ସୂର୍ଯ୍ୟଙ୍କ ଗତି ରୋଧ କରାଇଛ, ଗଣ୍ଡୁଷରେ ସମୁଦ୍ରପାନ କରାଇଛ । ସେହିଭଳି ତୁମେ ମୋ ଭଳି ମୂର୍ଖଦ୍ୱାରା ଅନିର୍ବଚନୀୟ ବ୍ରହ୍ମକୁ ନିରୂପଣ କରାଉଚ । ତେବେ ଏବେ ସେସବୁ କଥା ଥାଉ । ରାମ-ରାବଣ ଯୁଦ୍ଧ ପୁରାଣରେ ଅତୁଳନୀୟ । ସେହିଭଳି ମୁଁ କହୁଚି, ନବମ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ବାଣୀ ନୂତନ ଅଧ୍ୟାୟଗୁଡ଼ିକ ପାଇଁ ଉପଯୁକ୍ତ । ନଅ ସଂଖ୍ୟାଟି ପ୍ରକୃତରେ ଧନ୍ୟ । ଗୀତାର ଅର୍ଥକୁ ଯିଏ ବୁଝି ପାରିଛି, ସେହି

ତତ୍ତ୍ୱଜ୍ଞବ୍ୟକ୍ତି ହିଁ ନବମ ଅଧ୍ୟାୟର ସିଦ୍ଧାନ୍ତ ଅବଗତ ହୋଇପାରେ । ମୋର ବୁଦ୍ଧି ଅନୁଯାୟୀ ମୁଁ ନବମ ଅଧ୍ୟାୟଟିକୁ ଯଥାସମ୍ଭବ ବୁଝାଇଛି ।

ଏବେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ନିକଟରେ ତାଙ୍କ ମୁଖ୍ୟ ଓ ଗୌଣ ବିଭୂତି ବିଷୟ ଯାହା ବର୍ଣ୍ଣନା କରିବେ, ତାହା ଅତି ସରସ ଓ ସୁନ୍ଦର । ଏହା ଭାଷାର ଉତ୍କର୍ଷରେ ଶାନ୍ତିରସପୂର୍ଣ୍ଣ । ଏହି ଶାନ୍ତିରସ ଶୃଙ୍ଗାର ରସକୁ ମଧ ଜିଣିଯିବ ଏବଂ ପଦଅଳଙ୍କାର ଶାସ୍ତ୍ରର ଭୂଷଣ ହୋଇ ରହିବ । ମୂଳସଂସ୍କୃତ ଗ୍ରନ୍ଥ ସହିତ ଭାଷାବ୍ୟାଖ୍ୟାକୁ ତୁଳନା କଲେ କେଉଁଟି ମୂଳଗ୍ରନ୍ଥ, ସେ ବିଷୟ ମନରେ ସ୍ଥିର କରିବା କଠିନ ହୋଇପଡ଼ିବ । ଅଙ୍ଗର ସୌନ୍ଦର୍ଯ୍ୟ ହେତୁ ଏହା ଭୂଷଣର ଭୂଷଣ ହୋଇଗଲେ କିଏ କାହାକୁ ସୁଶୋଭିତ କରିଛି ବୁଝିବା କଷ୍ଟକର । ସେହିଭଳି ସଂସ୍କୃତ ଓ ପ୍ରାକୃତ ଭାଷାର ବ୍ୟାଖ୍ୟାନ ଗୋଟିଏ ଭାବାର୍ଥରୂପକ ନିର୍ମଳ ସୁଖାସନରେ ଆନନ୍ଦର ଶୋଭା ପାଇବ । ଭାଷାର ରୂପ ପ୍ରକଟିତ ହେବା ମାତ୍ରେ ରସର ବର୍ଷଣ ହେବ ଏବଂ 'ଚାତୁର୍ଯ୍ୟ'କହିବ ବେଶ୍ ମୁଁ ପ୍ରତିଷ୍ଠା ଲାଭ କରିଗଲିଣି । ଭାଷାର ଲାବଣ୍ୟ ଲୁଣ୍ଠନ କରି ରସ ତରୁଣ ହୋଇ ଉଠିବ ଏବଂ ରସତାରୁଣ୍ୟଦ୍ୱାରା ଏହି ଗୀତାତତ୍ତ୍ୱ ରଚନା କରାଯିବ । ତାପରେ ସଚରାଚର ଶ୍ରେଷ୍ଠଗୁରୁ, ଜ୍ଞାନୀର ଚିତ୍ତଚମତ୍କାରୀ ଯାଦବେଶ୍ୱର ଶ୍ରୀକୃଷ୍ଣ କହିବା ଆରମ୍ଭ କଲେ । ଶ୍ରୀହରି କହିଲେ, ହେ ଅର୍ଜୁନ ! ଏବେ ଆତ୍ମଜ୍ଞାନର ନିରୂପଣ ଶୁଣିବା ଲାଗି ତୁମର ଅନ୍ତଃକରଣ ଯୋଗ୍ୟ ବୋଲି ମନେ କରୁଚ ତ ?

ଶ୍ରୀ ଭଗବାନୁବାଚ

ଭୂୟ ଏବ ମହାବାହୋ ଶୃଣୁମେ ପରମଂ ବଚଃ ।
ଯତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ॥୧॥

ଆଗରୁ ଯାହା କହିଛି, ପୁଣି ତମକୁ କହୁଛି । ଚାଷୀ ପ୍ରତିବର୍ଷ ଜମିରେ ବିହନ ବୁଣିବାରେ କ୍ଳାନ୍ତ କିମ୍ବା ବିରକ୍ତ ହୋଇପଡ଼େନା । କାରଣ ସେ ପ୍ରତିବର୍ଷ ଅଧିକରୁ ଅଧିକ ଫଳ ପାଏ । ଗୋଟିଏ ମଞ୍ଜି ପୋତିଲେ ଶହ ଶହ ଫଳ ମିଳେ । ବଣିଆ ସୁନାକୁ ଥରକୁ ଥର ପୋଡ଼େ, କାରଣ ସେ ଜାଣେ ସୁନାକୁ ଯେତେ

ପୋଡ଼ିବ ତାହା ଅଧିକ ଉଜ୍ଜ୍ୱଳ ହୋଇ ଉଠିବ । ତେଣୁ ମତେ ଖୁସି ଲାଗୁଛି ବୋଲି ତୁମକୁ ସେହି ସେହି କଥା ଥରକୁ ଥର କହୁଚି । ଅଳଙ୍କାର ପିନ୍ଧିଲେ ଦେହର ସୌନ୍ଦର୍ଯ୍ୟ ବଢ଼େ ବୋଲି ପିଲା ଜାଣିପାରେନା । କିନ୍ତୁ ତା ମାଆ ଜାଣେ । ପିଲାର ଦେହରେ ଅଳଙ୍କାର ପିନ୍ଧେଇ ସେ ଆନନ୍ଦ ପାଏ । ତେଣୁ ତୁମେ ତୁମର କଲ୍ୟାଣ ପଥରେ ଯେତେ ଅଗ୍ରସର ହୋଇପାରିବ, ମୋର ସେତିକି ଆନନ୍ଦ । ମୋ କଥାକୁ ମନଦେଇ ଶୁଣ । ମୋ କଥାର ଗୂଢ଼ାର୍ଥ ବୁଝିବାରେ ତୁମେ ହିଁ ସମର୍ଥ । ମୁଁ ଅବଶ୍ୟ ତୁମ ଆଗରେ ଦଣ୍ଡାୟମାନ ହୋଇଚି କିନ୍ତୁ ବାସ୍ତବରେ ସ୍ୱୟଂ ବ୍ରହ୍ମ ଏଠାରେ ତୁମକୁ ଆଲିଙ୍ଗନ କରିବା ପାଇଁ ଦୁଇ ହାତ ବଢ଼ାଇ ଠିଆ ହୋଇଛନ୍ତି । ମତେ ଦେଖି ତୁମେ ଭାବ ଯେ ସମଗ୍ର ବିଶ୍ୱଚରାଚରକୁ ଦେଖୁଚ ।

ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।
ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ।।୨।।

ମୋ ଜ୍ଞାନ ବିଷୟରେ ବେଦ ମଧ୍ୟ ମୂକ । କୌଣସି ଜ୍ଞାନ ବା ଜୀବନ ଦେଇ ମତେ ମାପି ନପାର । ମୋ ଜ୍ୟୋତି ଆଗରେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟ ନିଷ୍ପ୍ରଭ । ଗର୍ଭସ୍ଥ ସନ୍ତାନ ଯେପରି ମାତାର ଅବସ୍ଥା ଜାଣିବାକୁ ସମର୍ଥ ହୁଏନା, ସେହିଭଳି ଦେବତାମାନେ ମଧ୍ୟ ମତେ ଜାଣିବାକୁ ସକ୍ଷମ ନୁହନ୍ତି । ସମୁଦ୍ରର ବିସ୍ତାର କେତେଦୂର, ଜଳଚରମାନେ ଜାଣିପାରନ୍ତି ନାହିଁ । ପତଙ୍ଗ ଆକାଶକୁ ଲଙ୍ଘନ କରି ନପାରେ । ସେହିଭଳି ମହର୍ଷିମାନଙ୍କ ଜ୍ଞାନ ମଧ୍ୟ ମତେ ଜାଣିବାକୁ ସମର୍ଥ ନୁହଁ । ମୁଁ କିଏ, କେତେବଡ଼, କେବେ କେଉଁଠୁ ଉତ୍ପନ୍ନ ହୋଇଛି, ଏକଥା ସ୍ଥିର କରିବା ଲାଗି, ଜାଣିବା ଲାଗି, ଯୁଗ ଯୁଗ ଚାଲିଗଲାଣି, ତଥାପି କେହି ଜାଣିପାରୁ ନାହାନ୍ତି । ମହର୍ଷି, ଦେବତା ତଥା ସମସ୍ତ ପ୍ରାଣୀଙ୍କ ଆଦି କାରଣ ହେଉଚି ମୁଁ । ତେଣୁ ମତେ ଜାଣିବା ସହଜ ନୁହେଁ । ପର୍ବତରୁ ନିର୍ଗତ ଜଳ ଯଦି ପର୍ବତକୁ ଫେରି ଯାଇପାରେ, ବୃକ୍ଷ ବଢ଼ିବାପରେ ପୁଣି ମୂଳକୁ ଯଦି ଫେରିଯାଇ ପାରେ, ତାହାହେଲେ ମୋଠାରୁ ଉତ୍ପନ୍ନ ଜଗତ ମତେ ଜାଣିପାରେ । ବଟବୃକ୍ଷର ବୀଜ ଭିତରେ ବିରାଟକାୟ ବଟବୃକ୍ଷ ନେଇ ରଖାଯାଇ ନପାରେ । ତରଙ୍ଗ ଦେହରେ ସମୁଦ୍ରକୁ ରଖାଯାଇ ନପାରେ । ପରମାଣୁ ଭିତରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଭର୍ତ୍ତି

କରାଯାଇ ନପାରେ । ସେହିଭଳି ମହର୍ଷି ଓ ଜ୍ଞାନୀମାନେ ମୋଠାରୁ ଉତ୍ପନ୍ନ ହୋଇ ମତେ ଜାଣି ନପାରନ୍ତି । ଅବଶ୍ୟ ମତେ ଜାଣିବା କଷ୍ଟକର, ତଥାପି ମୋର ଶାଶ୍ୱତ ସ୍ୱରୂପକୁ ଉପଲବ୍ଧି କରିବା ଦିଗରେ ଉଦ୍ୟମ କରିବାଲାଗି ଗୋଟାଏ ବାଟ ରହିଛି । ଏଥିଲାଗି ଇନ୍ଦ୍ରିୟ ପ୍ରତି ଉଦାସୀନ ରହିବାକୁ ପଡ଼ିବ, ବାହ୍ୟ ପ୍ରବୃତ୍ତିକୁ ଛାଡ଼ିବାକୁ ପଡ଼ିବ, ଦେହାଭିମାନ ତ୍ୟାଗ କରିବାକୁ ପଡ଼ିବ ଏବଂ ପଞ୍ଚପ୍ରାଣକୁ ଅତିକ୍ରମ କରିବାକୁ ପଡ଼ିବ ।

ଯୋ ମାମଜମନାଦିଞ୍ଚ ବେତ୍ତି ଲୋକମହେଶ୍ୱରମ୍ ।
ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ।।୩।।

ଏହିଭଳି ଭାବରେ ମନକୁ ସ୍ଥିର ରଖିପାରିଲେ ନିର୍ମଳ ଆତ୍ମଜ୍ୟୋତି ମାଧ୍ୟମରେ ମୋ ଶାଶ୍ୱତ ଭାବକୁ ଉପଲବ୍ଧି କରିପାରିବ । ମୁଁ ମନୁଷ୍ୟ ରୂପରେ ଥିଲେ ମଧ୍ୟ ଯିଏ ଉପଲବ୍ଧି କରିପାରେ ଯେ ମୋର ଆଦି ଅନ୍ତ କିଛି ନାହିଁ ଏବଂ ମୁଁ ସର୍ବବ୍ୟାପୀ– ସେ ମୋର ଅଂଶବିଶେଷ ବୋଲି ଜାଣିବ ।ସେ ହେଉଚି ପଥରମାନଙ୍କ ମଧ୍ୟରେ ପରଶପଥର, ତରଳ ଦ୍ରବ୍ୟ ମଧ୍ୟରେ ଅମୃତ । ସେ ହେଉଚି ଜ୍ଞାନର ଜୀବନ୍ତ ପ୍ରତିମୂର୍ତ୍ତି । ତାର ସର୍ବାଙ୍ଗରେ ସୁଖର ଝଲକ । ଏଭଳି ଲୋକଙ୍କୁ ଜଣେ ସାଧାରଣ ବ୍ୟକ୍ତି ଭାବିବା ଭୁଲ୍ । କର୍ପୂର ଦେହରେ ପଡ଼ିଯାଇଥିବା ହୀରାଖଣ୍ଡ ଉପରେ ବର୍ଷା ହେଲେ କେଉଁଟା କର୍ପୂର, କେଉଁଟା ହୀରା ସ୍ଥିର କରିବା କଠିନ । ସେହିଭଳି ପୂର୍ବରୁ ବର୍ଣ୍ଣନା କରାଯାଇଥିବା ବ୍ୟକ୍ତି, ମନୁଷ୍ୟ ଭାବରେ ମନୁଷ୍ୟଙ୍କ ଭିତରେ ଆତଯାତ କରୁଥିଲେ ମଧ୍ୟ ସେ ମାୟା ବହିର୍ଭୂତ । ଚନ୍ଦନକାଠରେ ନିଆଁ ଲାଗିଲେ ଯେପରି ସେହି ଗଛ ଦେହରେ ଚଢ଼ିଥିବା ସାପ ଖସି ପଳାଏ,ସେହିଭଳି ଏହି ବ୍ୟକ୍ତି ପାଖରୁ ପାପ ଦୌଡ଼ି ପଳାଇଥାଏ । ଯେହେତୁ ସେ ମତେ ଜାଣେ, ତେଣୁ ତାର ଅନ୍ୟ କୌଣସି ଚିନ୍ତା ନଥାଏ । କେଉଁ କେଉଁ ବିଷୟରୁ ମତେ ଜାଣିପାରିବ, ଏ ପ୍ରଶ୍ନ ଯଦି ପଚାର, ତାହାହେଲେ କହୁଚି ଶୁଣ । ପ୍ରଥମେ କହୁଚି ମୁଁ କିଏ ଓ ମୋ ଧର୍ମ କ'ଣ ? ମୋର ଏ ଧର୍ମ ବିଭିନ୍ନ ଜୀବ ମଧ୍ୟରେ ପ୍ରକୃତି ରୂପରେ ବିସ୍ତାରିତ ।

ବୁଦ୍ଧିର୍ଜ୍ଞାନମସମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।
ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଭୟମେବ ଚ ।।୪।।
ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽଯଶଃ ।
ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ।।୫।।

ପ୍ରକୃତି ମଧ୍ୟରୁ ପ୍ରଥମ ହେଉଚି ବୁଦ୍ଧି । ତାପରେ ଜ୍ଞାନ, ସହନଶୀଳତା, କ୍ଷମା ଓ ସତ୍ୟ । ତାପରେ ଯାଇ ଚିତ୍ତ ଶାନ୍ତି ବା ମନୋନିଗ୍ରହ ଓ ଇନ୍ଦ୍ରିୟ ସଂଯମ । ତାପରେ ସୁଖ ଦୁଃଖ, ଯାହାଦ୍ୱାରା କି ଜୀବନ ନିର୍ବାହ ହୋଇଥାଏ । ତାପରେ ଜଗତରେ ଯାହା ସବୁବେଳେ ଘଟୁଛି ସେହି ଜନ୍ମ, ମୃତ୍ୟୁ । ଇଏ ସବୁ ଆସୁଚି ମୋଠାରୁ ପ୍ରକୃତି ମାଧ୍ୟମରେ । ତାପରେ ଆସେ ଭୟ, ନିର୍ଭୟ, ଅହିଂସା ଓ ସମାନତା, ସନ୍ତୋଷ, ତପସ୍ୟା, ଦାନ, ଯଶ ଓ ଅପଯଶ ଆଦି । ଜୀବମାନଙ୍କ ଭିତରେ ଯେପରି ପ୍ରକାରଭେଦ ରହିଛି ଠିକ୍ ସେହିଭଳି ଏହି ଭାବଗୁଡ଼ିକ ମଧ୍ୟ ବିଭିନ୍ନ ପ୍ରକାରର । କୌଣସି କୌଣସି ଭାବ ଜ୍ଞାନ ସହିତ ଉତ୍ପନ୍ନ ହୋଇଥାଏ । ଅନ୍ଧକାରର କାରଣ ହେଉଚି ସୂର୍ଯ୍ୟ ! ସୂର୍ଯ୍ୟ ଉଦୟ ହେଲେ ଆଲୋକ, ଅସ୍ତ ହେଲେ ଅନ୍ଧକାର । ସେହିଭଳି ମତେ ଜାଣିବା ନ ଜାଣିବା ନିର୍ଭର କରେ ଜୀବର କର୍ମ ଉପରେ । ଏହି ଭାବ ଓ କର୍ମର ପାର୍ଥକ୍ୟ ହେତୁ ଜୀବଗଣ ମଧ୍ୟରେ ବୈଷମ୍ୟ ରହିଛି । ହେ ପାଣ୍ଡୁକୁମାର ! ଏହି ସମ୍ପୂର୍ଣ୍ଣ ଜୀବସୃଷ୍ଟି ମୋ ଭାବ ଓ ଅସ୍ତିତ୍ୱ ସହିତ ଯୋଡ଼ା ହୋଇ ରହିଛି ।

ଯେଉଁ ଏଗାରଟି ଭାବଦ୍ୱାରା ସଂସାର ଚଳୁଛି ଏବଂ ସମଗ୍ର ଚରାଚର ଯେଉଁ ଭାବମାନଙ୍କ ଅଧୀନସ୍ଥ, ସେଗୁଡ଼ିକୁ ମୁଁ ବୁଝାଉଛି ଶୁଣ ।

ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।
ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।୬।।

ସର୍ବଗୁଣରେ ଗରିଷ୍ଠ, ମହର୍ଷିମାନଙ୍କ ମଧ୍ୟରେ ପରମଜ୍ଞାନୀ କଶ୍ୟପ, ଭୃଗୁଆଦି ଯେଉଁ ସପ୍ତର୍ଷି ଏବଂ ଚତୁର୍ଦ୍ଦଶ ମନୁଙ୍କ ମଧ୍ୟରେ ସ୍ୱୟମ୍ଭୁ ଆଦି ଯେଉଁ ଚାରିଜଣ ଶ୍ରେଷ୍ଠ ମନୁ ଅଛନ୍ତି, ସେହିମାନଙ୍କ ଲାଗି ମୋର ଏହି ଏକାଦଶଭାବ

ଉତ୍ପନ୍ନ ହୋଇଛି । ଯେତେବେଳେ ସୃଷ୍ଟି ରଚନା ହୋଇ ନଥିଲା କିମ୍ବା ରଚନା କରାଯିବାର କୌଣସି ପ୍ରସ୍ତାବ ବା କାର୍ଯ୍ୟକ୍ରମ ନଥିଲା, ଯେତେବେଳେ ପଞ୍ଚମହାଭୂତ ନିଷ୍କ୍ରିୟ ଅବସ୍ଥାରେ ଶୁଦ୍ଧ ଭାବରେ ଅବସ୍ଥାନ କରୁଥିଲେ, ସେତେବେଳେ ଏହି ଏଗାରଟି ଭାବକୁ ସୃଷ୍ଟି କରାଯାଇଥିଲା । ତାପରେ ଏହି ଏଗାରଟି ଭାବରୁ ହିଁ ଜଗତକୁ ସୃଷ୍ଟି କରି ତା ଭିତରେ ମନୁଷ୍ୟକୁ ଶ୍ରେଷ୍ଠ ଜୀବର ଆସନ ଦେଲି । ତେଣୁ ଏହି ଭାବଗୁଡ଼ିକ ହିଁ ପ୍ରକୃତ ଲୋକପାଳ ବା ରାଜା ଏବଂ ସମଗ୍ର ଜଗତ ହେଉଛି ସେମାନଙ୍କ ପ୍ରଜା । ଏହି ଭାବରେ ପରିଦୃଶ୍ୟମାନ ବିଶ୍ୱବିସ୍ତାର ମୋଠାରୁ ହିଁ ହୋଇଛି । ଆରମ୍ଭରେ ଥାଏ ଏକମାତ୍ର ବୀଜ । ଏହା ଅଙ୍କୁର ରୂପରେ ବାହାରି ବୃକ୍ଷରେ ପରିଣତ ହୁଏ । ସେଥିରୁ ନାନା ଶାଖା ପ୍ରଶାଖା ବାହାରେ । ଶାଖାରେ ରହେ ପଲ୍ଲବ, ପତ୍ର । ପଲ୍ଲବରୁ ଫୁଲ ଓ ଫଳ ହୁଏ । ଏହିଭଳି ଭାବରେ ବୃକ୍ଷ ପୂର୍ଣ୍ଣାଙ୍ଗ ହୋଇଥାଏ । ଚିନ୍ତାକଲେ ଦେଖାଯିବ, ଏସବୁ ଡାଳପତ୍ର ସେହି ବୀଜ ବ୍ୟତୀତ ଆଉ କିଛି ନୁହଁ । ସେହିଭଳି ମୂଳରେ ରହିଛି କେବଳ ମୁଁ । ମୋ ମନରୁ ବାହାରିଲେ ସପ୍ତଋଷି ଓ ସପ୍ତଋଷିଙ୍କ ମଧ୍ୟରୁ ଉତ୍ପନ୍ନ ହୋଇଛନ୍ତି ଚାରି ମନୁ । ଲୋକପାଳ ବା ଶାସକମାନଙ୍କଦ୍ୱାରା ବିଭିନ୍ନ କଲ୍ୟାଣକର କାର୍ଯ୍ୟ ସାଧନ ହୋଇଛି ଏବଂ ଲୋକସମାଜ ଓ ଜୀବଜଗତ ସୃଷ୍ଟି ହୋଇଛି । ଏହି ରୀତିରେ ମୁଁ ଏହି ସମଗ୍ର ବିଶ୍ୱରେ ବିସ୍ତାରିତ ହୋଇ ରହିଛି । କେବଳ ଭାବଦ୍ୱାରା ମୋର ଏହି ସ୍ୱରୂପକୁ ଜାଣିପାରିବ ।

ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।
ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ॥୭॥

ହେ ସୁଭଦ୍ରାପତି ! ଏହି ଭାବ ହେଉଚି ମୋର ବିଭୂତି ଏବଂ ଏହାଦ୍ୱାରା ଜଗତ ଚତୁର୍ଦ୍ଦିଗକୁ ବିସ୍ତାରି ରହିଛି । ବ୍ରହ୍ମାଙ୍କଠାରୁ କ୍ଷୁଦ୍ର ପିପିଲିକା ପର୍ଯ୍ୟନ୍ତ ମୋ ଛଡ଼ା ଅନ୍ୟ କିଛି ନୁହଁ । ଏହାକୁ ଯଥାର୍ଥ ଭାବରେ ଯିଏ ଜାଣେ, ତାଠାରେ ହିଁ ଜ୍ଞାନର ଜାଗରଣ ହୋଇଛି ବୋଲି କୁହାଯିବ । ଯେଉଁ ସ୍ୱପ୍ନ ବା କଳ୍ପନାଦ୍ୱାରା ମନରେ ଛୋଟ ବଡ଼ ଭେଦଭାବ ସୃଷ୍ଟି ହୋଇଥାଏ, ଜ୍ଞାନୀ ବ୍ୟକ୍ତିର ସେଭଳି

କୌଣସି ସ୍ୱପ୍ନ ଦର୍ଶନ ହୁଏ ନାହିଁ କିମ୍ବା ତା ମନରେ ସେପରି କଳ୍ପନା ଜାତ ହୁଏନାହିଁ । ସେ ମତେ ଓ ସମସ୍ତଙ୍କୁ ଏକ, ଅଭିନ୍ନ ମନେ କରିଥାଏ । କାରଣ ସେ ଜାଣେ ଯେ ସବୁକିଛି ହେଉଚି ମୋ ବିଭୂତି । ଏହି ଭାବ ଯୋଗୁଁ ମହାଯୋଗର ପ୍ରଭାବରୁ ତା ଅନ୍ତର ଯେ ମୋ ସହିତ ମିଳିତ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ । ସେ କୃତାର୍ଥ ହୋଇଯାଏ । ହେ କିରୀଟି ! ପୂର୍ବୋକ୍ତ ଅଭେଦଭାବ ଦ୍ୱାରା ସେ ଭଜନ କରି କରି ମତେ ହିଁ ଲାଭ କରେ । ଏହି ଅଭିନ୍ନଭାବଦ୍ୱାରା ଯେଉଁ ଭକ୍ତି କରାଯାଏ, ତାର କୌଣସି ପଟାନ୍ତର ନାହିଁ । ଅଭ୍ୟାସ କରୁ କରୁ ଭକ୍ତିଯୋଗ ବନ୍ଦ ହୋଇଗଲେ ମଧ୍ୟ କୌଣସି କ୍ଷତି ହୁଏନା । ଏକଥା ମୁଁ ଷଷ୍ଠ ଅଧ୍ୟାୟରେ କହିଛି । ଏହି ଅଭିନ୍ନତା କି ପ୍ରକାରର, ଏକଥା ପଚାରିଲେ, ତାର ଉତ୍ତର ଦେଉଛି ଶୁଣ ।

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ ।
ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ।।୮।।

ଏକତ୍ୱ ଭାବ ସମ୍ପନ୍ନ ଭକ୍ତର ଗୁଣାବଳୀ ମୁଁ ଗୋଟି ଗୋଟି କରି କହିବି । ହେ ପାଣ୍ଡବ ! ନିଖିଳ ଜଗତର ଉତ୍ପତ୍ତି ଓ ନିର୍ବାହ ମୋଠାରୁ ହିଁ ହୋଇଥାଏ । ଜଳରୁ ତରଙ୍ଗର ଉଦ୍‌ଭବ, ତରଙ୍ଗ ଜଳ ଉପରେ ନିର୍ଭରଶୀଳ । କାରଣ ଜଳହିଁ ତରଙ୍ଗର ଜୀବନ । ସେହିଭଳି ଏହି ବିଶ୍ୱରେ ମୋ ବ୍ୟତୀତ ଆଉ କିଛି ନାହିଁ । ଏକଥା ଉପଲବ୍ଧି କରି ତଥା ମୁଁ ସର୍ବବ୍ୟାପୀ ଜାଣି ଲୋକେ ମତେ ନିଜ ଇଚ୍ଛାନୁଯାୟୀ ଯେତେବେଳେ ସେତେବେଳେ ଏବଂ ଯେଉଁଠି ଇଚ୍ଛା ସେଇଠି ଯେକୌଣସି ଆକାର ନେଇ ପୂଜା କରିଥାଆନ୍ତି । ସବୁଦେଶରେ ସବୁ ସମୟରେ ମୁଁ ସମାନ । ବାୟୁ ଆକାଶରେ ସଞ୍ଚାରିତ ହୋଇ ଆକାଶ ହୋଇପଡ଼େ । ସେହିଭଳି ମୁଁ ସର୍ବବିଦ୍ୟମାନ ଭାବି ଭାବି ଭକ୍ତମାତ୍ରେ ବିଶ୍ୱବ୍ରହ୍ମାଣ୍ଡରେ ଆନନ୍ଦ ଉଲ୍ଲାସରେ ବିଚରଣ କରିଥାଏ । ମନେ ରଖ ଏହି ବ୍ୟକ୍ତିହିଁ ପ୍ରକୃତ ଆତ୍ମଜ୍ଞାନୀ । ସେ ସମସ୍ତଙ୍କୁ ମୋ ସ୍ୱରୂପ ବୋଲି ଭାବେ ଏବଂ ଭକ୍ତିଯୋଗଦ୍ୱାରା ସେ ମୋ ସହିତ ଯୁକ୍ତ ହୋଇଥାଏ ।

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ॥୯॥

ଭକ୍ତ ତାର ଚିତ୍ତଦ୍ୱାରା ମୋର ସ୍ୱରୂପତା ଲାଭ କରିଥାଏ । ତାର ପ୍ରାଣ ମତେ ପାଇ ସନ୍ତୁଷ୍ଟ । ସେ ଜ୍ଞାନମୟ ହୋଇଯିବାରୁ ଜନ୍ମ ଓ ମରଣ ଆଦି ଭ୍ରମର କାରଣଗୁଡ଼ିକ ଭୁଲିଯାଏ । ଜ୍ଞାନ-ନିଶାରେ ବିଭୋର ହୋଇ ନିଜ ଭିତରେ ହିଁ ସେ ଭଗବାନଙ୍କ ସହିତ କଥାବାର୍ତ୍ତା କରିଥାଏ । ଭଗବାନଙ୍କ ସହିତ ଆନନ୍ଦରେ ହାତକୁ ହାତ ଧରି ନୃତ୍ୟ କରେ । ପରସ୍ପର ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ହୋଇଥାଏ । ମୁଁ ଭକ୍ତର ଭକ୍ତ ପାଲଟିଯାଏ । ପାଖାପାଖି ଦୁଇଟି ସରୋବର ଥିଲେ ଯେପରି ତରଙ୍ଗ ଉଛୁଳି ପରସ୍ପର ସହିତ ମିଳିତ ହୁଏ, ସେହିଭଳି ଭକ୍ତ ସହିତ ଭକ୍ତର ମିଳନରେ ଆନନ୍ଦତରଙ୍ଗର ତ୍ରିବେଣୀ ସୃଷ୍ଟି ହୋଇଯାଏ । ସ୍ୱୟଂ ଜ୍ଞାନ ଜ୍ଞାନମୟ ହୋଇଉଠେ । ସୂର୍ଯ୍ୟ, ସୂର୍ଯ୍ୟର ଆରତି କରେ । ଚନ୍ଦ୍ର ଚନ୍ଦ୍ରକୁ ଆଲିଙ୍ଗନ କରେ । ଦୁଇଟି ସମାନ ପ୍ରବାହ ମିଳିତ ହୋଇ ଏକତାର ପ୍ରୟାଗ ସୃଷ୍ଟି ହୁଏ । ସେଥିରୁ ବହିଆସେ ସାତ୍ତ୍ୱିକ ଭାବର ସ୍ରୋତ । ମନେହୁଏ ଯେପରି କି ଭକ୍ତ ହେଉଚି ଚାରିଛକିରେ ଅବସ୍ଥିତ ଗଣେଶ ମୂର୍ତ୍ତି । ମହାସୁଖକୁ ସେ ଏପରି ଅତିଶୟ ଭାବରେ ଉପଭୋଗ କରେ ଯେ, ମତେ ପାଇବାର ଯେଉଁ ତୃପ୍ତି, ତାର ଉଦ୍‌ଗାର ଧ୍ୱନି, ଚାରିଆଡ଼େ ପ୍ରତିଧ୍ୱନିତ ହୋଇଉଠେ । ଗୁରୁ ଓ ଶିଷ୍ୟ ଉଭୟ ଏକାନ୍ତ ଭାବରେ ଯେଉଁ ଏକାକ୍ଷରୀ ଓଁକାର ଧ୍ୱନି କରିଥାଆନ୍ତି, ତାକୁ ପୂର୍ବୋକ୍ତ ଭକ୍ତ ତ୍ରିଲୋକର ଚତୁର୍ଦ୍ଦିଗକୁ ଗମ୍ଭୀରନାଦରେ ମେଘ ପ୍ରତିଧ୍ୱନିକ କରିବାଭଳି ଉଚ୍ଚାରଣ କରିଥାଏ । କମଳକଳି ବିକଶିତ ହୋଇଉଠିଲେ ସେ ଆଉ ମକରନ୍ଦକୁ ନିଜ ହୃଦୟରେ ଧରି ରଖିପାରେନା । ମଧୁର ଗୁଞ୍ଜନକାରୀ ଭ୍ରମରକୁ ସେ ତାହା ଦେଇଦିଏ । ସେହିଭଳି ଏହି ଭକ୍ତସମଗ୍ର ବିଶ୍ୱରେ ମୋର ହିଁ ବର୍ଣ୍ଣନା କରେ ଏବଂ ହରିକଥାର ଆନନ୍ଦରେ ସବୁକିଛି ଭୁଲିଯାଇ ବିଭୋର ହୋଇଉଠେ । ଏହି ପ୍ରେମ ପ୍ରାଚୁର୍ଯ୍ୟରେ ଯାହାର ଦିନରାତିର ଭେଦଜ୍ଞାନ ନଥାଏ, ସେ ମୋ ସ୍ୱରୂପର ପୂର୍ଣ୍ଣସୁଖ ଲାଭ କରିଥାଏ ।

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧି ଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥୧୦॥

ହେ ଅର୍ଜୁନ ! ମୁଁ ତାକୁ ଯାହା ଦେବାକୁ ଚାହେଁ, ସେହି ଉତ୍ତମ ବସ୍ତୁ ସେ ଆଗରୁ ଲାଭ କରି ସାରିଥାଏ । ଭକ୍ତ ଯେଉଁ ପଥରେ ଯାଏ, ତାହା ଏପରି ଉତ୍କୃଷ୍ଟ ପନ୍ଥା ଯେ ସ୍ୱର୍ଗ ଓ ମୋକ୍ଷପଥ ବରଂ କୁଟିଳ ମନେ ହେବ । ତାର ପ୍ରେମ ହେଉଚି ମୋର ଦାନ । କିନ୍ତୁ ମୋର ଦେବା ନ ଦେବା ତାର ଅଧୀନ । ଭକ୍ତର ସୁଖ କ୍ରମଶଃ ବୃଦ୍ଧି ଲାଭ କରେ । ତା ପ୍ରତି କାଳର କରାଳ ଦୃଷ୍ଟି ଯେପରି ନପଡ଼ିବ, ତାହା ଦେଖିବା ହେଉଚି ମୋର କର୍ତ୍ତବ୍ୟ । ଖେଳୁଥିବା ପିଲାପ୍ରତି ମାଆର ସବୁବେଳେ ସତର୍କ ଦୃଷ୍ଟି ରହିଥାଏ ଏବଂ ତାକୁ ଖେଳ ସାମଗ୍ରୀ ମଧ ଯୋଗାଇ ଦେଇଥାଏ । ମାଆ ଏହାକୁ ନିଜର କର୍ତ୍ତବ୍ୟ ମନେ କରିଥାଏ । ସେହିଭଳି ଭକ୍ତକୁ ମୁଁ ତାର ଭକ୍ତି ମାର୍ଗରେ ଯିବା ପାଇଁ ଯାହା ଆବଶ୍ୟକ ଯୋଗାଇ ଦେଇଥାଏ ଏବଂ ତାପ୍ରତି ସତର୍କ ଦୃଷ୍ଟି ରଖିଥାଏ । ତାକୁ ଭକ୍ତି ଦିଗରେ ଉତ୍ସାହିତ କରିଥାଏ । ତାର ଯେଉଁଥିରେ ଶ୍ରଦ୍ଧା, ମୁଁ ସେହି ଜିନିଷ୍ ଯୋଗାଇ ଦେଇଥାଏ । ସେ ଯଦି ଚାହେଁ ମନ୍ଦିରଟିଏ ତୋଳିବ, ସଙ୍ଗେ ସଙ୍ଗେ ମୁଁ ତାର ସମସ୍ତ ବ୍ୟବସ୍ଥା କରିଦିଏ । ସେ ଯଦି ଚାହେଁ ତୀର୍ଥଯାତ୍ରା କରିବ, ମୁଁ ତା ପାଇଁ ସଙ୍ଗେ ସଙ୍ଗେ ପାଥେୟ ଯୋଗାଇଦିଏ । ମୋ ପ୍ରେମିକ, ମୋ ଭକ୍ତପାଇଁ ମୋର କରୁଣାଭଣ୍ଡାର ସବୁବେଳେ ଉନ୍ମୁକ୍ତ । ମୁଁ ସ୍ୱର୍ଗ ଓ ମୋକ୍ଷ ଦୁଇଟିଯାକ ପଥ ଭକ୍ତ ଲାଗି ଉନ୍ମୁକ୍ତ ରଖି ତାର ଅଧୀନସ୍ଥ କରି ଦେଇଛି । ଅବଶେଷରେ ନିଜ ପ୍ରାଣପ୍ରିୟାଲକ୍ଷ୍ମୀ ସମେତ ନିଜ ଶରୀରକୁ ମଧ ମୋ ଭକ୍ତ ହାତରେ ସମର୍ପି ଦେବାପାଇଁ ମୁଁ କୁଣ୍ଠାବୋଧ କରି ନାହିଁ । ଭକ୍ତର ପ୍ରୀତି ଲାଗି ମୁଁ ନିଜକୁ ସୁଦ୍ଧା ଭୁଲିଯାଏ ।ଅବଶ୍ୟ ଏହା ପ୍ରକାଶ କରିବା କଥା ନୁହଁ, କିନ୍ତୁ ତୁମକୁ କହୁ କହୁ କହି ପକାଉଚି ।

ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥୧୧॥

ଯିଏ ମୋ ପ୍ରତି ପ୍ରେମ ବା ଭକ୍ତିକୁ ହିଁ ଜୀବନର ସକଳ ଆଶ୍ରୟ କରି ନେଇଛି, ଯିଏ ମୋ ବ୍ୟତୀତ ଆଉ ସବୁ ମିଥ୍ୟା ବୋଲି ମନେ କରେ, ତାକୁ ବାଟ ଦେଖାଇବା ଲାଗି ମୁଁ କର୍ପୂରର ମଶାଲ ଧରି ଆଗେ ଆଗେ ଚାଲିଥାଏ । ଏ ପ୍ରକାରର ଭକ୍ତ କ୍ୱଚିତ୍ ଦେଖିବାକୁ ମିଳେ । ଏହି କ୍ୱଚିତ୍ ଭକ୍ତର ଜ୍ଞାନ ନିର୍ମଳ । ସେ ଆଲୋକମୟ ଜ୍ଞାନପଥରେ ଯିବାବେଳେ ନାନାଆଡୁ ଅଜ୍ଞାନ-ଅନ୍ଧକାର ଆସି ତାକୁ ଘେରିଯିବାର ଆଶଙ୍କା ରହିଥାଏ, କିନ୍ତୁ ମୁଁ ସେ ଅନ୍ଧକାରଗୁଡ଼ିକୁ ଦୂରକୁ ଠେଲି ଦିଏ ।

ଭକ୍ତର ପ୍ରିୟତମ ଶ୍ରୀ ପୁରୁଷୋତ୍ତମ ଏସବୁ କଥା ବର୍ଣ୍ଣନା କରିବାରେ ଅର୍ଜ୍ଜୁନ କହିଲେ, ମୁଁ ବେଶ୍ ତୃପ୍ତିଲାଭ କରୁଛି । କାରଣ ଆପଣ ଆପଣଙ୍କ ବର୍ଣ୍ଣନା ଦ୍ୱାରା ସଂସାରରୂପକ ତଷ୍ଣୁକୁ ଉଡ଼େଇ ଦେଇଛନ୍ତି । ହେ ପ୍ରଭୋ ! ଆଶା କରୁଛି, ମୁଁ ଜନ୍ମ ମରଣରୁ ମୁକ୍ତ ହୋଇପାରିବି । ବର୍ତ୍ତମାନ ମୁଁ ମନେ କରୁଛି, ମୋ ଜୀବନ ମୋ ହାତରେ । ଆଜି ମୋ ଆୟୁ ସଫଳ ହୋଇଛି । ମୋର ଅନ୍ତର ଓ ବାହାରର ଅନ୍ଧକାର ଦୂର ହୋଇଛି । ମତେ ଆପଣ ଯଥାର୍ଥ ସ୍ୱରୂପ ପ୍ରଦର୍ଶନ କରିଛନ୍ତି ।

ଅର୍ଜ୍ଜୁନ ଉବାଚ

ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥୧୨॥

ହେ ଜଗନ୍ନାଥ ! ତୁମେ ପରମବ୍ରହ୍ମ । ମହାଭୂତମାନଙ୍କ ପବିତ୍ର ଓ ପରମ ବିଶ୍ରାନ୍ତି ସ୍ଥାନ । ତୁମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର– ଏହି ତିନି ଦେବତାଙ୍କ ପରମ ଦେବତା, ତୁମେ ପଞ୍ଚବିଂଶ ତତ୍ତ୍ୱସଂପନ୍ନ ପୁରୁଷ, ତୁମେ ମାୟାର ଊର୍ଦ୍ଧ୍ୱରେ ଦିବ୍ୟପୁରୁଷ । ହେ ସ୍ୱାମୀନ୍ ! ତୁମେ ଅନାଦିସିଦ୍ଧ, ଜନ୍ମ-ରହିତ । ମୁଁ ଏ ପର୍ଯ୍ୟନ୍ତ ତୁମକୁ ଚିହ୍ନି ପାରିନଥିଲି । ଏବେ ଚିହ୍ନିଲି । ତୁମେ ହିଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳର ନିୟନ୍ତା । ତୁମେ ଜୀବନକଳାର ମୁଖ୍ୟ କାରିଗର । ତୁମେ ହିଁ ବ୍ରହ୍ମାଣ୍ଡର ଆଶ୍ରୟ ।

ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।
ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥୧୩॥

ଏହି ଅନୁଭବ ତଥା ଉପଲବ୍ଧିର ଯଥାର୍ଥତା ଆଉ ଏକ ଭାବରେ ସିଦ୍ଧ ହୋଇଛି । ପୂର୍ବକାଳରେ ଶ୍ରେଷ୍ଠ ଋଷିମାନେ ତୁମର ବର୍ଣ୍ଣନା ଏହିଭଳି ଭାବରେ କରି ଅଛନ୍ତି । ଆଜି ମୋ ଅନ୍ତର ସେହି ବର୍ଣ୍ଣନାର ସତ୍ୟକୁ ଦର୍ଶନ କରୁଛି । ଦର୍ଶନ ଯେ କରିପାରୁଚି ତାହା ତୁମ କୃପା ଯୋଗୁ ହିଁ ସମ୍ଭବ ହୋଇ ପାରିଛି । ମୁଁ ତ ଦେଖିଚି, ନାରଦମୁନି ସର୍ବଦା ତୁମ ପାଖକୁ ଆସନ୍ତି, ଏହିଭଳି ବାକ୍ୟଦ୍ୱାରା ସଙ୍ଗୀତ ମାଧ୍ୟମରେ ତୁମର ବର୍ଣ୍ଣନା କରିଥାଆନ୍ତି, କିନ୍ତୁ ମୁଁ ସେ ବାକ୍ୟ ପ୍ରତି ମନ ନଦେଇ କେବଳ ସଙ୍ଗୀତସୁଖ ଅନୁଭବ କରିଥାଏ । ଯେଉଁ ନଗରରେ କେବଳ ଅନ୍ଧମାନେ ହିଁ ବାସ କରିଥାଆନ୍ତି, ସେଠାରେ ସୂର୍ଯ୍ୟର ଆଲୋକରୁ ସେମାନେ କେବଳ ଉଷ୍ଣତା ହିଁ ଅନୁଭବ କରିଥାଆନ୍ତି । ଆଲୋକକୁ ଦେଖିପାରନ୍ତି ନାହିଁ । ସେହିଭଳି ଦେବର୍ଷି ଆତ୍ମଜ୍ଞାନ ଶୁଣାଉଥିଲେ ମଧ୍ୟ ମୁଁ କେବଳ ରାଗିଣୀକୁ ଗ୍ରହଣ କରି ଆସିଛି, କିନ୍ତୁ ଜ୍ଞାନକୁ ଗ୍ରହଣ କରି ପାରିନି । ଅସିତ ଓ ଦେବଳ ଋଷିଙ୍କମୁହଁରୁ ମଧ୍ୟ ଏଭଳି ବର୍ଣ୍ଣନା ଅନେକ ଶୁଣିଛି, କିନ୍ତୁ ସେ ସବୁ ଶ୍ରବଣରେ ହିଁ ପର୍ଯ୍ୟବସିତ ହୋଇଛି । ସେତେବେଳେ ମୋ ବୁଦ୍ଧି ବିଷୟବିଷରେ ଜର୍ଜରିତ ରହିଥିଲା । ବିଷୟ-ବିଷର ମହିମା ମଧ୍ୟ କମ୍ ନୁହେଁ । ଏହା ଯାହାକୁ ଘାରେ ତାକୁ ପ୍ରକୃତ ମିଠା ଜିନିଷ ପିତା, ପିତା ଜିନିଷ ମିଠା ଲାଗିଥାଏ । ଆଉ ଅନ୍ୟମାନଙ୍କକଥା କ'ଣ କହିବି ? ସ୍ୱୟଂ ବ୍ୟାସଦେବ ନିଜେ ଆମଘରକୁ ବହୁବାର ଆସି ତୁମର ସଂପୂର୍ଣ୍ଣ ବର୍ଣ୍ଣନା କରିଛନ୍ତି । କିନ୍ତୁ ସେକଥା ମଧ୍ୟ ଆମକୁ ଭଲ ଲାଗିନାହିଁ ।ବୁଦ୍ଧି ଅଭାବରୁ ମଣିଷ ଅନ୍ଧକାରରେ ମିଳିଥିବା ଚିନ୍ତାମଣିକୁ ଫିଙ୍ଗିଦେଇ ଦିନବେଳେ ଏହାର ପରିଚୟ ପାଇଁ ଭାରି ଅନୁତାପ କରେ । ଭାବେ କ'ଣ କଲିରେ ! ସେହିଭଳି ବ୍ୟାସଦେବଆଦିଙ୍କ ବାକ୍ୟ ତତ୍ତ୍ୱଜ୍ଞାନର ଖଣି ହୋଇଥିଲେ ହେଁ ହେ କୃଷ୍ଣ ! ସୂର୍ଯ୍ୟସ୍ୱରୂପ ତୁମକୁ ମୁଁ ଉପେକ୍ଷା କରିଥିଲି ।

ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ ।
ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ॥୧୪॥

ଏବେ ତୁମ ବାକ୍ୟରୂପକ ସୂର୍ଯ୍ୟକିରଣର ପ୍ରକାଶରେ ଋଷିମାନଙ୍କ ବର୍ଣ୍ଣିତ ପନ୍ଥାକୁ ଚିହ୍ନି ପାରୁଛି । ଯାହା ଥିଲା ଅପରିଚିତ, ତାର ପରିଚୟ ମୁଁ ପାଇ ପାରିଚି ।

ସେମାନଙ୍କ ବାକ୍ୟ ହେଉଛି ଜ୍ଞାନର ବୀଜ । ଏହି ଜ୍ଞାନବୀଜ କେବଳ ମୋ ହୃଦୟକ୍ଷେତ୍ରରେ ବୁଣା ହୋଇଥିଲା । ତୁମର କୃପାବାରି ବର୍ଷଣମାତ୍ରେ ଏହାର ଅଙ୍କୁରୋଦ୍‌ଗମ ହୋଇଛି । ହେ ଅନନ୍ତ ! ତୁମ ମୋ ଭିତରେ ଏହି ଯେଉଁ କଥାବାର୍ତ୍ତା, ତାହା ଋଷିମାନଙ୍କ ଆଲୋଚନା ଆକାରରେ ସବୁ ନଦୀ ସାଗରରେ ମିଶିଲା ଭଳି ମୋ ହୃଦୟ-ସାଗରରେ ମିଶିଯାଇଛି । ନାରଦାଦି ଋଷିମାନଙ୍କ ସମ୍ବାଦ ସୁଖରୂପକ ସମୁଦ୍ରରେ ପରିଣତ ହୋଇଛି । ହେ ପ୍ରଭୋ ! ଜନ୍ମ ଜନ୍ମାନ୍ତର ଧରି ମୁଁ ଯେତେ ପୁଣ୍ୟ କରିଛି, ହେ ସଦ୍‌ଗୁରୁ ! ତୁମର ଉପସ୍ଥିତିରେ ସେ ସବୁର ଆଉ କୌଣସି ପ୍ରୟୋଜନ ନାହିଁ । ମୁଁ ତ ସର୍ବଦା ତୁମର ଗୁଣକୀର୍ତ୍ତନ ଶ୍ରବଣ କରି ଆସିଛି, କିନ୍ତୁ ତୁମ କୃପା ବ୍ୟତୀତ ସେ ସବୁ ନିରର୍ଥକ । ଭାଗ୍ୟ ଅନୁକୂଳ ହୋଇଥିଲେ ଉଦ୍ୟମ ସଫଳ ହୋଇଥାଏ । ଗୁରୁକୃପା ହେଲେ ଯାଇ ଶୁଣିବା ଓ ପଢ଼ିବା ବିଷୟ ସାର୍ଥକ ହୋଇଥାଏ । ମାଳୀ ସବୁଦିନେ ବଗିଚାରେ ପାଣିଦିଏ, ଯତ୍ନ କରେ କିନ୍ତୁ ବସନ୍ତ ଆସିଲେ ଯାଇ ଫୁଲ ଫୁଟେ । ସନ୍ନିପାତ ଜ୍ୱର ଛାଡ଼ିଲେ ଯାଇ ମିଠା ଜିନିଷ ମିଠା ଲାଗେ । ଯେଉଁ ଔଷଧରେ ଆରୋଗ୍ୟ ଲାଭ ହୁଏ, ତାକୁହିଁ ଭଲ ଔଷଧ କୁହାଯାଏ । ଜୀବନ ନଥିଲେ ଇନ୍ଦ୍ରିୟର କୌଣସି କାମ ନାହିଁ । ଏହା ନିଷ୍କ୍ରିୟ । ବେଦ, ଶାସ୍ତ୍ର-ଆଲୋଚନା ଓ ଯୋଗାଦି ଅଭ୍ୟାସ କଲେ କ'ଣ ହେବ, ଶ୍ରୀଗୁରୁଙ୍କ କୃପା ନହେଲେ ତାହା ବୋଧଗମ୍ୟ ହୁଏ ନାହିଁ । ଆତ୍ମୋପଲବ୍‌ଧି ପରେ ଅର୍ଜୁନ ଶ୍ରଦ୍ଧାନ୍ୱିତ ହୋଇ ନାଚି ଉଠିଲେ କହିଲେ ଚଳେ । ଶ୍ରୀକୃଷ୍ଣଙ୍କୁ କହିଲେ, ହେ କମଳାପତି ! ହେ କୈବଲ୍ୟପତି ! ତୁମେ ଯାହା କହିଲ ତାହା ମୋର ସ୍ୱୀକୃତ । ତୁମେ ଯେ ଦେବ ଓ ଦାନବ ବୁଦ୍ଧିର ଅଗମ୍ୟ ଏକଥା ମୋର ବିଶ୍ୱାସ ହୋଇଛି । ଏକଥା ସ୍ୱୀକାର୍ଯ୍ୟ ଯେ ନିଜ ବୁଦ୍ଧି ବଳରେ ତୁମକୁ ଜାଣିପାରିବି ବୋଲି କେହି ଅହଂକାର କରି ନପାରେ । ତମେ ବୁଦ୍ଧି ନ ଦେଲେ ମଣିଷର ବୁଦ୍ଧି ବୋଲି କିଛି ନାହିଁ ।

ସ୍ୱୟମେବାତ୍ମନାଽତ୍ମାନଂ ବେତ୍‌ଥ ତ୍ୱଂ ପୁରୁଷୋତ୍ତମ୍ !
ଭୂତଭାବନ ଭୂତେଶ ଦେବଦେବ ଜଗତ୍‌ପତେ ! ॥୧୫॥

ଆକାଶ କେତେ ବ୍ୟାପକ ତାହା ଆକାଶ ହିଁ ଜାଣେ । ପୃଥିବୀର ସମ୍ପଦ କେତେ ପୃଥିବୀ ହିଁ ଜାଣେ । ସେହିଭଳି ହେ ଲକ୍ଷ୍ମୀପତି ! ତୁମର ଶକ୍ତି କେତେ ତୁମେ ହିଁ ଜାଣ । ଭଗବାନଙ୍କୁ ଆମେ ଭଲଭାବରେ ଜାଣୁ ବୋଲି ବେଦଗୁଡ଼ିକ ଯାହା ଦାବି କରିଥାଆନ୍ତି, ତାହା ବୃଥା । ମନର କ୍ଷିପ୍ର ଗତିକୁ କିଏ ପ୍ରତିରୋଧ କରିପାରିବ ? ପହଁରି ପହଁରି କିଏ କ'ଣ ମାୟାସମୁଦ୍ରକୁ ପାରି ହୋଇପାରେ ? ତୁମର ଜ୍ଞାନ ମଧ୍ୟ ସେହିପରି । ତାକୁ ଜାଣି ହୁଏନା । ତୁମର ଜ୍ଞାନ ତୁମର ହିଁ ଜ୍ଞାତବ୍ୟ । ତୁମେ ନିଜକୁ ନିଜେ ଯେପରି ଜାଣିବାପାଇଁ ଯୋଗ୍ୟ, ସେହିଭଳି ତୁମେ ହିଁ ଅନ୍ୟକୁ ନିଜର ଜ୍ଞାନ ଦେଇପାର । ଅନ୍ୟ କେହି ତୁମର ଏହି ଜ୍ଞାନକୁ ଅନ୍ୟକୁ ଦେଇ ନପାରେ । ହେ ଜୀବନଦାତା ! ସକଳପ୍ରାଣୀର ସୃଷ୍ଟିକର୍ତ୍ତା ! ହେ ମାତଙ୍ଗଦଳନକାରୀ ସିଂହ ! ହେ ନିଖିଳଦେବଗଣ ପୂଜିତ ! ହେ ଜଗନ୍ନାଥ ! ହେ ଜଗନ୍ନାୟକ ! ମୁଁ ତୁମର ମହିମା ଦେଖି ବିମୋହିତ ହୋଇପଡ଼ିଚି । ପ୍ରକୃତରେ ମୁଁ ତମ ପାଖରେ ମୁହୂର୍ତ୍ତେ ସୁଦ୍ଧା ଦଣ୍ଡାୟମାନ ରହିବାପାଇଁ ଯୋଗ୍ୟ ନୁହେଁ । କିନ୍ତୁ ମୋର ଏହି ଦୀନତା ଲାଗି ଯଦି ଭୟଭୀତ ହୋଇ ତମ ପାଖକୁ ନ ଆସିବି ତାହାହେଲେ ଯିବି କୁଆଡ଼େ ? ତମେ ତ ସର୍ବବିଦ୍ୟମାନ । ଚତୁର୍ଦ୍ଦିଗ ସମୁଦ୍ର ଓ ନଦୀରେ ଜଳ ପରିପୂର୍ଣ୍ଣ ଥିଲେ କ'ଣ ହେବ, ଚାତକ ଲାଗି ଏହା ମରୁଭୂମି ଭଳି । ଚାତକ କେବଳ ଅପେକ୍ଷା କରି ରହିଥାଏ ମେଘର ଜଳବିନ୍ଦୁକୁ । ସେହିଭଳି ଶ୍ରୀଗୁରୁ ଅନେକ, ସବୁଠି ଅଛନ୍ତି,କିନ୍ତୁ ହେ ଶ୍ରୀକୃଷ୍ଣ ! ମୋର ଗତି ଏକମାତ୍ର ତୁମେ ।

ବକ୍ତୁ ମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।
ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥୧୬॥

ସବୁ ହେଉଚି ତୁମର ବିଭୂତି, କିନ୍ତୁ ତା ଭିତରେ ଯେଉଁଗୁଡ଼ିକ ପ୍ରଧାନ ତାକୁ ବର୍ଣ୍ଣନା କରନ୍ତୁ । ତୁମେ ସମଗ୍ର ସଂସାରରେ ବ୍ୟାପି ରହିଚ । ସେଥି ମଧ୍ୟରୁ ଯେଉଁଗୁଡ଼ିକ ଦିବ୍ୟ, ସେଗୁଡ଼ିକ ବର୍ଣ୍ଣନାକରି କହନ୍ତୁ ।

କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ॥୧୭॥

ଯେଉଁ ଯେଉଁ ରୂପରେ ତୁମକୁ ଚିନ୍ତା କରିବି, ମୁଁ ତୁମଠାରୁ ସେହି ସେହି ବିଭୂତିକୁ ଜାଣିବାକୁ ଚାହୁଁଛି । ଯଦି ତୁମେ ନିଜକୁ ସବୁକିଛି ବୋଲି କୁହ ତାହାହେଲେ ତ ଧ୍ୟାନ କରିହେବ ନାହିଁ । ତେଣୁ ଯାହାକୁ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରିସାରିଛନ୍ତି, ସେ ସବୁ ବିସ୍ତାରିତ ଭାବରେ ବର୍ଣ୍ଣନା କରନ୍ତୁ । ଯେଉଁ ଭାବରେ ଚିନ୍ତାକଲେ ସହଜ ହୋଇପାରିବ, ତୁମର ସେହି ଯୋଗ ସ୍ପଷ୍ଟ ଭାବରେ ମତେ ବୁଝେଇ ଦିଅନ୍ତୁ ।

ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ।
ଭୂୟଃ କଥୟ ତୃପ୍ତି ର୍ହିଶୃଣ୍ୱତୋ ନାସ୍ତି ମେଽମୃତମ ॥୧୮॥

ବାରମ୍ବାର ତ କହିଲିଣି ଆଉ କେତେ କହିବି ବୋଲି କହ ଦେଖି ? ଅମୃତ ପାନ କଲାବେଳେ ନା ବହୁତ ହୋଇଗଲାଣି ଆଉ ଦରକାର ନୁହଁ ବୋଲି କେହି କହି ନଥାଏ । ଦେବତାମାନେ ମୃତ୍ୟୁ ଭୟରେ କାଳକୂଟ ବିଷର ସହୋଦର ଯେଉଁ ଅମୃତ ପାନ କରିଥିଲେ, ଯେଉଁ ଅମୃତ କ୍ଷୀର ସମୁଦ୍ରର ଏକ ରସ ମାତ୍ର, ଯାହାକୁ ପାନକଲେ ମଧ୍ୟ ବ୍ରହ୍ମାଙ୍କର ଏକଦିନରେ ଚତୁର୍ଦ୍ଦଶ ଇନ୍ଦ୍ର ଜନ୍ମଗ୍ରହଣ କରିଥାଆନ୍ତି, ସେହି ଅମୃତ ବ୍ରହ୍ମରସ ପାଖରେ ମିଥ୍ୟା ପ୍ରତୀତ ହୁଏ । ଅମୃତ ଯେ ମନୁଷ୍ୟକୁ ଅମୃତ କରିଦିଏ ଏହା ଚୂଡ଼ାନ୍ତ ସତ୍ୟ ନୁହଁ । ତଥାପି ଏହାକୁ ଯିଏ ପାଏ, ଯେତେ ପିଇଲେ ମଧ୍ୟ ଯଥେଷ୍ଟ ହେଲାଣି ଆଉ ଅନାବଶ୍ୟକ ବୋଲି କେହି କହି ନଥାଏ । ତୁମର କଥା ତ ଅମୃତଠାରୁ ବଳି ମାଧୁର୍ଯ୍ୟପୂର୍ଣ୍ଣ, ପରମାମୃତ; ତେଣୁ ମୁଁ ଆହୁରି ଆହୁରି ପାନ କରିବାକୁ ଚାହେଁ । ତୁମର କଥାମୃତସ୍ୱାଦୁର ବର୍ଣ୍ଣନା କରିବାକୁ ମୋର ଭାଷା ନାହିଁ । ଏହା ତରଳ ନୁହେଁ କି କଠିନ ନୁହେଁ, ଏହା ମାଧୁର୍ଯ୍ୟଠାରୁ ଊର୍ଦ୍ଧ୍ୱରେ, ସୁଗନ୍ଧିଠାରୁ ଊର୍ଦ୍ଧ୍ୱରେ । ସ୍ୱଭାବତଃ ଏହା ଅନାଦି କାଳରୁ ରହିଆସିଛି । ଏହା ପ୍ରବାହିତ ହୁଏନା କିମ୍ବା ଭାସି ଯାଏନା, ଜମାଟ ବାନ୍ଧି ଯାଏନା । ଏହା ନିତ୍ୟସିଦ୍ଧ । ଏହାକୁ କେବଳ ସ୍ମରଣ କରିବାମାତ୍ରେ ଲାଭ କରାଯାଇ ଥାଏ ।

ସ୍ମରଣମାତ୍ରେ ଜନ୍ମମରଣ ଦଶା ମେଣ୍ଟିଯାଇଥାଏ । ଅନ୍ତରଭିତରେ ଓ ବାହାରେ ମହାସୁଖର ବୃଦ୍ଧି ଘଟେ । ଦୈବାତ୍ ଯାହାକୁ ସେବନକଲେ ଜୀବ ସେହିଭଳି ହୋଇଯାଏ, ସେହି ପରମାମୃତ ତମଠାରୁ ପାଉଛି । ତେଣୁ ଆଉ ଦିଅନାହିଁ ବୋଲି କହିବି କିପରି ? ତୁମର ନାମ ମୋର ଅତ୍ୟନ୍ତ ପ୍ରିୟ, ସେଥିରେ ପୁଣି ସାକ୍ଷାତ୍‌ଦର୍ଶନ ଓ ସଙ୍ଗଲାଭ କରିଛି । ତେଣୁ ସେ ସୁଖସମ୍ବାଦ ପୁନରାୟ ଦାନ କରନ୍ତୁ । ସୂର୍ଯ୍ୟ କ'ଣ କେବେ ପୁରାତନ ହୋଇପାରେ ? ଅଗ୍ନି କେବେ କ'ଣ ଅପବିତ୍ର ହୁଏ ? ନିତ୍ୟ ପ୍ରବହମାନ ଗଙ୍ଗା କ'ଣ କେବେ ଦୂଷିତ ହୋଇଯାଇଛି ବୋଲି କୁହାଯାଏ ? ସ୍ୱମୁଖରେ ଯାହା କହିଥିଲେ ସେଥିରେ ମୁଁ ନାଦବ୍ରହ୍ମ ଲାଭକରି ପାରିଛି । ଚନ୍ଦନତରୁର କୁସୁମ ଗନ୍ଧ ଆଘ୍ରାଣ କରୁଛି ସତ କିନ୍ତୁ ସେ ପୁଷ୍ପ ତୋଳିବା କଷ୍ଟକର ।

ପାର୍ଥଙ୍କ ଏହି ବାକ୍ୟ ଶୁଣିବାମାତ୍ରେ ଶ୍ରୀକୃଷ୍ଣଙ୍କ ସର୍ବାଙ୍ଗ ଢଳିବାରେ ଲାଗିଲା । ସେ ମନେ ମନେ ଆନନ୍ଦଲାଭ କରି କହିହେଲେ— ପାର୍ଥ କ୍ରମଶଃ ଭକ୍ତି ଓ ଜ୍ଞାନ ଶିଖରରେ ଆରୋହଣ କରୁଛି ।

ଯାହାହେଉ ଭଗବାନ ପ୍ରେମର ଉଚ୍ଛ୍ୱାସକୁ ସମ୍ମରଣ କରି ପୁଣି କହିବା ଆରମ୍ଭ କଲେ ।

ଶ୍ରୀ ଭଗବାନ ଉବାଚ

ହନ୍ତ ତେକଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।
ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥୧୯॥

ଶ୍ରୀକୃଷ୍ଣ ଯେ ବ୍ରହ୍ମାଙ୍କର ମଧ୍ୟ ପୂଜ୍ୟ ଏକଥା ସେ ଭୁଲିଯାଇ ଅର୍ଜୁନଙ୍କୁ ସମ୍ବୋଧନ କଲେ "ତାତ ! ପାଣ୍ଡୁସୁତ ସାବାସ୍ ।"

ଅର୍ଜୁନଙ୍କୁ 'ତାତ' ବୋଲି ସମ୍ବୋଧନ କରିବାରେ ଆଶ୍ଚର୍ଯ୍ୟ କିଛି ନାହିଁ । କାରଣ ଶ୍ରୀକୃଷ୍ଣ ମଧ୍ୟ ବ୍ରଜରାଜ ନନ୍ଦଙ୍କର ପୁତ୍ର । ମନୁଷ୍ୟ ପ୍ରେମରେ ପୁଅକୁ ମଧ୍ୟ ବାପ ବୋଲି ଡାକିଥାଏ ।

ଶ୍ରୀକୃଷ୍ଣ କହିଲେ, ହେ ଧନୁର୍ଦ୍ଧର ସୁଭଦ୍ରାପତି ! କହୁଛି ଶୁଣ । ତୁମେ ମୋର ଯେଉଁ ବିଭୂତି କଥା ଜାଣିବାକୁ ଚାହୁଁଚ ତା ଏତେ ଅଧିକ ଯେ ମୁଁ ନିଜେ ମଧ୍ୟ ତାହା ଗଣି ପାରୁନି । ମନୁଷ୍ୟ ନିଜ ଦେହର ଲୋମ ଯେପରି ଗଣିବାକୁ ଅକ୍ଷମ, ସେହିଭଳି ମୁଁ ମୋ ବିଭୂତିକୁ ଗଣିବାକୁ ଅକ୍ଷମ । ସେଥିଯୋଗୁ ମୋ ବିଭୂତି ମଧ୍ୟରୁ ପ୍ରଧାନ ପ୍ରଧାନ ବିଭୂତି କେତୋଟି ତୁମକୁ ମୁଁ କହୁଛି । ସେଥିରୁ କେତୋଟି ଜାଣିବାକୁ ଉଦ୍ୟମ କଲେ ବାକୀ ଅନ୍ୟଗୁଡ଼ିକୁ ସେହିଭଳି ଭାବରେ ଜାଣିପାରିବ । ମଞ୍ଜିଟିଏ ପାଇଲେ ଗଛଟିଏ ପାଇଲି ବୋଲି ଅନୁଭବ ହୋଇଥାଏ । କାରଣ ମଞ୍ଜିଟିଏ ପୋତି ତାକୁ ପାଣି ଦେଇ ବଢ଼ାଇଲେ ଗଛ ହୋଇପାରିବ । ସେହିଭଳି ଗୋଟିଏ ବଗିଚାର ମାଲିକ ହୋଇଗଲେ ତୁମେ ବିନା ବାଧାରେ ଫୁଲଫଳ ଆଦି ପାଇପାରିବ । ତେଣୁ ମୋର ମୁଖ୍ୟ କେତୋଟି ବିଭୂତିକୁ ଜାଣିଗଲେ ତମେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଜାଣିପାରିବ । ମୋର ବିସ୍ତାର ଅସୀମ, ଅନନ୍ତ । ଗଗନ ଭଳି ସୀମାହୀନ ବସ୍ତୁ ମଧ୍ୟ ମୋର ଆଶ୍ରିତ ।

ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ ।
ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ॥୨୦॥

ହେ ଗୁଡ଼ାକେଶ ! ତୁମେ ଧନୁର୍ବିଦ୍ୟାରେ ଶଙ୍କର ସଦୃଶ । ମୁଁ ସର୍ବଜୀବର ଆତ୍ମା । ଜୀବର ଶରୀରରେ ମୁଁ ହେଉଛି ହୃଦୟ ଏବଂ ଚର୍ମ ରୂପରେ ସମସ୍ତଙ୍କୁ ଆଚ୍ଛାଦନ କରିଛି । ଆଦି, ମଧ୍ୟ ଓ ଅନ୍ତରେ ରହିଚି ମୁଁ । ମେଘର ନିକଟରେ, ବାହାରେ ଓ ଭିତରେ ସର୍ବତ୍ର ରହିଛି ଆକାଶ ଏବଂ ଏହି ଆକାଶରେ ହିଁ ତାର ଉତ୍ପତ୍ତି, ସ୍ଥିତି ଓ ଲୟ । ସେହିଭଳି ସମସ୍ତ ବସ୍ତୁକୁ ମୁଁ ତିଆରି କରିଛି, ତାକୁ ପାଳୁଛି ଏବଂ ତାକୁ ଶେଷ କରୁଛି । ହୃଦୟକୁ ତୁମର କାନ କରି ମୁଁ ଯାହା କହୁଛି ଶୁଣ । ମୁଖ୍ୟ ମୁଖ୍ୟ ବିଭୂତି କଥା କହୁଛି, ଏକାଗ୍ର ଚିତ୍ତରେ ଧ୍ୟାନସ୍ଥ ହୋଇ ଅନୁଧ୍ୟାନ କର ।

ଆଦିତ୍ୟାନାମହଂ ବିଷ୍ଣୁ ଜ୍ୟୋତିଷାଂ ରବିରଂଶୁମାନ୍ ।
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ॥୨୧॥

କୃପାଳୁ ଶ୍ରୀକୃଷ୍ଣ କହିଲେ, ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରେ ମୁଁ ହେଉଚି ବିଷ୍ଣୁ । ଜ୍ୟୋତିର୍ମୟ ବା ପ୍ରକାଶମାନ ପଦାର୍ଥମାନଙ୍କ ମଧ୍ୟରେ ମୁଁ ହେଉଚି ସୂର୍ଯ୍ୟ । ମରୁତ୍‌ଗଣଙ୍କ ମଧ୍ୟରେ ମୁଁ ହେଉଚି ମରୀଚି । ନକ୍ଷତ୍ରମାନଙ୍କ ମଧ୍ୟରେ ମୁଁ ହେଉଚି ଚନ୍ଦ୍ର ।

ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ॥୨୨॥

ଗୋବିନ୍ଦ କହିଲେ, ହେ ଅର୍ଜୁନ ! ମୁଁ ହେଉଚି ବେଦମାନଙ୍କ ମଧ୍ୟରେ ସାମବେଦ । ଦେବତାମାନଙ୍କ ମଧ୍ୟରେ ମରୁତ୍‌ସହୋଦର ଇନ୍ଦ୍ର, ଇନ୍ଦ୍ରିୟ ଏକାଦଶ ମଧ୍ୟରେ ମୁଁ ହେଉଚି ମନ ଏବଂ ପ୍ରାଣୀମାନଙ୍କ ଚେତନା ହେଉଚି ମୁଁ ।

ରୁଦ୍ରାଣାଂ ଶଙ୍କରାଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।
ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ॥୨୩॥

ରୁଦ୍ରମାନଙ୍କ ମଧ୍ୟରେ ମୁଁ ହେଉଚି ମଦନଭସ୍ମକାରୀ ଶଙ୍କର, ଯକ୍ଷ ଓ ରାକ୍ଷସଙ୍କ ମଧ୍ୟରେ ଶଙ୍କରଙ୍କ ମିତ୍ର କୁବେର, ଅଷ୍ଟବସୁଙ୍କ ମଧ୍ୟରେ ଅଗ୍ନି । ଉତ୍ତୁଙ୍ଗ ଓ ପର୍ବତମାନଙ୍କ ମଧ୍ୟରେ ସର୍ବୋଚ୍ଚ ମେରୁ ହେଉଚି ମୁଁ ।

ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।
ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ॥୨୪॥
ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।
ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ॥୨୫॥

ଇନ୍ଦ୍ରଙ୍କ ସହାୟକ, ସର୍ବଜ୍ଞାତାର ଆଦିପୀଠ, ପୁରୋହିତ ଶ୍ରେଷ୍ଠ ବୃହସ୍ପତି ହେଉଚି ମୁଁ । ତ୍ରିଲୋକର ସେନାପତିଙ୍କ ମଧ୍ୟରେ ମୁଁ ହେଉଚି କାର୍ତ୍ତିକ, ଯାହାର କି ଶଙ୍କରଙ୍କ ତେଜଃ ଓ ଅଗ୍ନିର ମିଳନରେ ଜନ୍ମ ଓ ଯିଏ କୃତ୍ତିକାର ଗର୍ଭଜ । ଜଳାଶୟ ମଧ୍ୟରେ ମୁଁ ହେଉଚି ସାଗର । ମହର୍ଷିମାନଙ୍କ ମଧ୍ୟରେ ମୁଁ ହେଉଚି ଭୃଗୁ । ବୈକୁଣ୍ଠବିହାରୀ ଶ୍ରୀକୃଷ୍ଣ କହିଲେ, କଥିତବାକ୍ୟ ମଧ୍ୟରେ ସତ୍ୟସ୍ୱରୂପ ଏକାକ୍ଷର ହେଉଚି ମୁଁ । ଇହଲୋକରେ ଯଜ୍ଞ ଭିତରୁ ଯେଉଁ ଯଜ୍ଞରେ କର୍ମତ୍ୟାଗ

କରାଯାଇଥାଏ ଏବଂ କେବଳ ପ୍ରଣବାଦି ମନ୍ତ୍ର ଜପ କରାଯାଇଥାଏ, ସେହି ଜପଯଜ୍ଞ ହେଉଚି ମୁଁ । ଜପଯଜ୍ଞ ହେଉଚି ସର୍ବଶ୍ରେଷ୍ଠ । ଏହି ଜପଯଜ୍ଞ ଲାଗି ନଦୀରେ ସ୍ନାନ କରିବାର କୌଣସି ଆବଶ୍ୟକତା ନଥାଏ । ସ୍ନାନ ନରକି ମଧ୍ୟ ନାମ ଜପ କରାଯାଇପାରେ । ନାମଦ୍ୱାରା ଧର୍ମ ଓ ଅଧର୍ମ ପବିତ୍ର ହୁଏ । ତେଣୁ ବେଦରେ କୁହାଯାଇଛି ନାମହିଁ ପରବ୍ରହ୍ମ । ଲକ୍ଷ୍ମୀକାନ୍ତ କହିଲେ, ସ୍ଥାବର ପର୍ବତ ମଧ୍ୟରେ ପୁଣ୍ୟବାନ୍ ଓ ପୂଜ୍ୟ ହିମାଳୟ ହେଉଚି ମୁଁ ।

ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।
ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋ ମୁନିଃ ॥୨୬॥
ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।
ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ॥୨୭॥

କଳ୍ପବୃକ୍ଷ, ଚନ୍ଦନ, ପାରିଜାତ ପୁଷ୍ପ ଗୁଣଦ୍ୱାରା ଅତ୍ୟନ୍ତ ବିଖ୍ୟାତ ତଥାପି ବୃକ୍ଷମାନଙ୍କ ମଧ୍ୟରେ ମୁଁ ହେଉଚି ଅଶ୍ୱତଥ୍ । ହେ ପାଣ୍ଡବ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଗନ୍ଧର୍ବ ମଧ୍ୟରେ ଚିତ୍ରରଥ, ସିଦ୍ଧଗଣଙ୍କ ମଧ୍ୟରେ କପିଳାଚାର୍ଯ୍ୟ, ପ୍ରସିଦ୍ଧ ଅଶ୍ୱମାନଙ୍କ ମଧ୍ୟରେ ଇନ୍ଦ୍ରଙ୍କର ଉଚ୍ଚୈଃଶ୍ରବା, ନୃପତିଭୂଷଣ ହସ୍ତୀମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନବେଳେ କ୍ଷୀରସାଗରରୁ ଉତ୍ପନ୍ନ ଐରାବତ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ସମସ୍ତ ପ୍ରଜା ଯାହାର ସେବା କରିଥାଆନ୍ତି; ସେହି ରାଜା ହେଉଛି ମୋର ବିଭୂତି ।

ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।
ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ॥୨୮॥
ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହମ୍ ।
ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ॥୨୯॥

ହେ ଧନୁର୍ଦ୍ଧର ! ଅସ୍ତ୍ରମାନଙ୍କ ମଧ୍ୟରେ ଶତଯଜ୍ଞ ଦ୍ୱାରା ସାଫଲ୍ୟମଣ୍ଡିତ ଇନ୍ଦ୍ରଙ୍କ କରସ୍ଥିତ ବଜ୍ର ହେଉଛି ମୁଁ । ଶ୍ରୀକୃଷ୍ଣ କହିଲେ, ଗାଭୀମାନଙ୍କ ମଧ୍ୟରେ ମୁଁ କାମଧେନୁ । ଜନ୍ମଦାତାଙ୍କ ମଧ୍ୟରେ ମୁଁ ହେଉଚି ମଦନ ବା କାମାଗ୍ନି—

ଯେଉଁଥିରୁ ସବୁ କିଛି ଜାତ ହୋଇଥାଏ । ହେ କୁନ୍ତୀସୂତ, ସର୍ପମାନଙ୍କ ମଧ୍ୟରେ ମୁଁ ବାସୁକୀ, ନାଗମାନଙ୍କ ମଧ୍ୟରେ ମୁଁ ହେଉଚି ଅନନ୍ତ । ଶ୍ରୀଅନନ୍ତ କହିଲେ, ଜଳଚର ମଧ୍ୟରେ ମୁଁ ପଶ୍ଚିମ ଦିଗପତି ବରୁଣ, ପିତୃଗଣଙ୍କ ମଧ୍ୟରେ ପିତୃଦେବତା ଅର୍ଯ୍ୟମା । ଜଗତରେ ଶୁଭାଶୁଭର ହିସାବ ରକ୍ଷକ ହେଉଚି ମୁଁ । ପ୍ରାଣୀମାନଙ୍କ ମନର ଭାବ ଅନୁସନ୍ଧାନରେ ତତ୍ପର କର୍ମଭୋଗାନୁସାରେ ଭୋଗଦାତା ଓ ଶାସନକର୍ତ୍ତା ମଧ୍ୟରେ ଯମ ଓ କର୍ମର ସାକ୍ଷୀ ଧର୍ମ ମୁଁ ।

ପ୍ରହଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ ।
ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ॥୩୦॥

ଦୈତ୍ୟକୁଳରେ ପ୍ରହ୍ଲାଦ ହେଉଚି ମୁଁ, ତେଣୁ ତାର ରାକ୍ଷସଭାବ ନଥିଲା । ଶ୍ରୀଗୋପାଳ କହିଲେ, ଧ୍ୱଂସକାରୀଙ୍କ ମଧ୍ୟରେ ମୁଁ ହେଉଚି ମହାକାଳ, ଶ୍ୱାପଦ ମଧ୍ୟରେ ବ୍ୟାଘ୍ର, ପକ୍ଷୀଙ୍କ ମଧ୍ୟରେ ଗରୁଡ଼ ହେଉଚି ମୋର ବିଭୂତି । ସେଥିଯୋଗୁଁ ଗରୁଡ଼ ମୋର ବାହନ ।

ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।
ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ॥୩୧॥

ହେ ଅର୍ଜ୍ଜୁନ ! ଏହି ବିସ୍ତୃତ ପୃଥିବୀ ଉପରେ ସପ୍ତସମୁଦ୍ର ବୁଲି ଆସିଲେ, ଯାହାକୁ ମୁହୂର୍ତ୍ତେ ସୁଦ୍ଧା ଲାଗେନା, ସେଭଳି ବେଗବାନ ପଦାର୍ଥ ପବନ ହେଉଚି ମୁଁ । ହେ ପାଣ୍ଡୁସୂତ ! ଶସ୍ତ୍ରଧାରୀଙ୍କ ମଧ୍ୟରେ ମୁଁ ହେଉଚି ରାମ । ଯିଏ ସଂକଟାପନ୍ନ ଧର୍ମର ପକ୍ଷ ଗ୍ରହଣ କରି ତ୍ରେତାଯୁଗରେ ଏକମାତ୍ର ଧନୁ ସାହାଯ୍ୟରେ ବିଜୟଲକ୍ଷ୍ମୀଙ୍କୁ ସ୍ୱାଭିମୁଖିନୀ ଓ ଏକବ୍ରତଚାରିଣୀ କରିଥିଲେ, ସୁଖମୟ ପର୍ବତ ଉପରେ ଦଣ୍ଡାୟମାନ ହୋଇ ଆକାଶରେ ଜୟଧ୍ୱନିକାରୀ ଦେବତାଙ୍କ ହାତରେ ପ୍ରତାପଶାଳୀ ଲଙ୍କେଶ୍ୱର ରାବଣର ମସ୍ତକଗୁଡ଼ିକ ଉପହାର ଦେଇଥିଲେ, ଦେବତାମାନଙ୍କୁ ସମ୍ମାନ ଦାନ କରିଥିଲେ,ଧର୍ମର ଜୀର୍ଣ୍ଣୋଦ୍ଧାର କରିଥିଲେ, ସେହି ସୂର୍ଯ୍ୟବଂଶର ସୂର୍ଯ୍ୟ, ଶସ୍ତ୍ରଧାରଣକାରୀଙ୍କ ମଧ୍ୟରେ ପ୍ରଧାନ

ସୀତାପତି ଶ୍ରୀରାମଚନ୍ଦ୍ର ହେଉଛି ମୁଁ । ପୁଚ୍ଛବାନ୍ ଜଳଚର ବା ମତ୍ସ୍ୟଙ୍କ ମଧ୍ୟରେ ମୁଁ ହେଉଚି ମକର । ପ୍ରବହମାନଙ୍କ ମଧ୍ୟରେ ଭଗୀରଥଙ୍କ ଦ୍ୱାରା ସ୍ୱର୍ଗରୁ ଆନୀତ ଗଙ୍ଗା (ଯାହାକୁ ଜହ୍ନୁ ମୁନି ପାନ କରି ପୁଣି ଜଙ୍ଘରୁ ବାହାର କରିଥିଲେ ତଥା ସକଳ ଜଳପ୍ରବାହ ମଧ୍ୟରେ ତ୍ରିଭୁବନପ୍ରଧାନ ନଦୀ ଜାହ୍ନବୀ) ହେଉଚି ମୁଁ । ଏହିଭଳି ପୃଥକ୍ ପୃଥକ୍ ଭାବରେ ଗୋଟି ଗୋଟି କରି କହି ବସିଲେ ସହସ୍ର ଜନ୍ମପର୍ଯ୍ୟନ୍ତ ମୋ ବିଭୂତିର ଅର୍ଦ୍ଧେକ ମଧ୍ୟ କୁହାଯାଇ ପାରିବ ନାହିଁ ।

ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ।।୩୨।।
ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।
ଅହମେବାକ୍ଷୟଃ କାଳୋ ଧାତାହଂ ବିଶ୍ୱତୋମୁଖଃ ।।୩୩।।

ଆକାଶର ଗ୍ରହନକ୍ଷତ୍ରଗୁଡ଼ିକୁ ଚିହ୍ନିବାକୁ ଇଚ୍ଛାକଲେ ଆକାଶକୁ ଗଣ୍ଠିଲିଭଳି ବାନ୍ଧିବାକୁ ପଡ଼ିବ । ପୃଥିବୀର ପରମାଣୁ ଗଣନା କରିବାକୁ ଚାହିଁଲେ ସମଗ୍ର ଭୂମଣ୍ଡଳକୁ ହସ୍ତଗତ କରିବାକୁ ପଡ଼ିବ । ସେହିଭଳି ମୋ ବିସ୍ତାରକୁ ଦେଖିବାକୁ ଚାହିଁଲେ ମତେ ପ୍ରଥମେ ସଂପୂର୍ଣ୍ଣ ଭାବରେ ଜାଣିବାକୁ ପଡ଼ିବ । ଏଥିଲାଗି ବହୁ ଜନ୍ମ ଜନ୍ମାନ୍ତର ଲାଗିଯିବ । ଶାଖା, ଫୁଲ, ଫଳ ସବୁ ପାଇବାକୁ ଚାହିଁଲେ ବୃକ୍ଷକୁ ସମୂଳେ ଉତ୍ପାଟନ କରିବାକୁ ପଡ଼ିବ । ସେହିଭଳି ମୋର ବିଶେଷ ବିଭୂତି ଜାଣିବାକୁ ଚାହିଁଲେ, ମୋର ଶୁଦ୍ଧରୂପ ଜାଣିବା ଏକାନ୍ତ ଆବଶ୍ୟକ । ପୃଥକ୍ ପୃଥକ୍ ଭାବରେ ମୋ ବିଭୂତି କଥା କେତେ ଶୁଣିବ ? ହେ ମହାଯତି ! ସମଗ୍ର ଭାବରେ ବୁଝ ଯେ ମୁଁ ରହିଛି ସର୍ବତ୍ର । ବସ୍ତ୍ରରେ ତୁଳା ଓ ତନ୍ତୁଭଳି ମୁଁ ହେଉଚି ସମଗ୍ର ସୃଷ୍ଟିର ଆଦି, ମଧ୍ୟ ଓ ଅନ୍ତ । ମତେ ସର୍ବବ୍ୟାପକ ବୋଲି ଜାଣି ପାରିଲେ ବିଭୂତି କେତେ ପ୍ରକାରର ଜାଣିବାର ଆବଶ୍ୟକତା ନାହିଁ । ଜାଣିବାର ଅଧିକାର ମଧ୍ୟ ନାହିଁ । କିନ୍ତୁ ସେକଥା ଥାଉ । ହେ ସୁଭଦ୍ରାପତି, ତୁମେ ବିଭୂତି ସମ୍ପର୍କରେ ପ୍ରଶ୍ନ କରିଥିବାରୁ ଏବେ କହୁଚି ଶୁଣ । ମୁଁ ହେଉଚି ବିଦ୍ୟା ମଧ୍ୟରେ ଆତ୍ମବିଦ୍ୟା ।

ଯେଉଁ ବାକ୍‌ପଟୁତା ବା ବାଗ୍ମିତା ବଳରେ ବକ୍ତା ଅନର୍ଗଳ କହିପାରେ, ସେହି ବାଗ୍ମିତା ହେଉଚି ମୁଁ । ବକ୍ତୃତା ମଧ୍ୟରେ ଥିବା ବାଦ ନାମକ ଶବ୍ଦ, ଯାହାକି ଗୌରବଲାଭ କରିବାମାତ୍ରେ ବୃଦ୍ଧି ପାଇଥାଏ, ଯାହାଦ୍ୱାରା କି ଶ୍ରବଣକାରୀର ଯୁକ୍ତି ପ୍ରବଳ ହୋଇ ଉଠିଥାଏ ଏବଂ ବକ୍ତାର ବକ୍ତବ୍ୟର ମାଧୁର୍ଯ୍ୟ ବୃଦ୍ଧି ହୋଇଥାଏ, ସେହି 'ବାଦ' ହେଉଚି ମୁଁ । ଅକ୍ଷର ମଧ୍ୟରେ ମୁଁ ହେଉଚି ଶୁଦ୍ଧ 'ଅ'କାର । ସମାସ ମଧ୍ୟରେ ମୁଁ ହେଉଚି ଦ୍ୱନ୍ଦ୍ୱ ସମାସ । କୀଟ ପତଙ୍ଗ, ମଶାମାଛିଠାରୁ ଆରମ୍ଭ କରି ବ୍ରହ୍ମା ପର୍ଯ୍ୟନ୍ତ ମୁଁ ଗ୍ରାସ କରିଥାଏ । ଯିଏ ସମଗ୍ର ମେରୁମଣ୍ଡଳ ସହିତ ପୃଥିବୀକୁ ଧ୍ୱଂସ କରେ, ପ୍ରଳୟ ରଚନା କରି ସମୁଦ୍ରକୁ ଶୁଷ୍କ କରିପକାଏ, ଯିଏ ନିଜେ ପ୍ରଳୟ, ଯିଏ ପବନକୁ ସୁଦ୍ଧା ଗିଳିପକାଏ, ଆକାଶ ଯାହାର ଉଦରସ୍ଥ, ମୁଁ ସେହି ଅପରିମେୟ କାଳ । ମୁଁ ସେହି ସୃଷ୍ଟିକର୍ତ୍ତା ।

ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃକ୍ଷମା ॥୩୪॥

ଜୀବମାନଙ୍କୁ ମୁଁ ଉତ୍ପନ୍ନ କରିଥାଏ ଏବଂ ସେମାନଙ୍କ ରକ୍ଷା ମଧ୍ୟ ମୁଁ କରିଥାଏ । ମୁଁ ସମସ୍ତଙ୍କର ଜୀବନ ଏବଂ ପ୍ରଳୟକାଳରେ ସଂହାରକର୍ତ୍ତା । ଟିକିଏ ବ୍ୟଙ୍ଗୋକ୍ତି ହୋଇପାରେ ତଥାପି କହୁଚି ଯେ ନାରୀମାନଙ୍କ ମଧ୍ୟରେ ମୋର ସାତଟି ବିଭୂତି ରହିଛି । ନିତ୍ୟ ନବ ନବ 'କୀର୍ତ୍ତି' ମୋର ମୂର୍ତ୍ତି । ଉଦାରତା ପୂର୍ଣ୍ଣ 'ସମୃଦ୍ଧି' ହେଉଚି ମୁଁ । ନ୍ୟାୟ ଉପରେ ପ୍ରତିଷ୍ଠିତ ବିବେକ ପଥରେ ଚାଲୁଥିବା 'ବାଣୀ' ବା କଥା ହେଉଚି ମୁଁ । ପଦାର୍ଥକୁ ଦେଖିବାମାତ୍ରେ ଅତୀତକୁ ଯିଏ ଚିହ୍ନେଇ ଦିଏ ସେ 'ସ୍ମୃତି' ହେଉଚି ମୁଁ । ଆତ୍ମମଙ୍ଗଳସଂପାଦନକାରୀ 'ବୁଦ୍ଧି' ହେଉଚି ମୁଁ । ସଂସାରରେ 'ଧୃତି' ଓ ତ୍ରିଭୁବନର 'କ୍ଷମା' ହେଉଚି ମୁଁ । ସଂସାରରୂପକ ଗଜବିଦାରଣକାରୀ କେଶରୀ ଶ୍ରୀକୃଷ୍ଣ କହିଲେ, ନାରୀମାନଙ୍କ ମଧ୍ୟରେ ଏହା ହେଉଚି ସାତଟି ଶକ୍ତି ଏବଂ ଏହି ଶକ୍ତିଗୁଡ଼ିକ ହେଉଚି ମୋର ବିଭୂତି ।

ବୃହତ୍‌ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ॥୩୫॥

ଶ୍ରୀରମାଙ୍କ ପ୍ରାଣେଶ୍ୱର କହିଲେ, ହେ ପ୍ରିୟୋତ୍ତମ ଅର୍ଜୁନ, ବେଦମାନଙ୍କ ମଧ୍ୟରେ ମୁଁ ହେଉଚି ବୃହତ୍ ସାମ । ଛନ୍ଦମାନଙ୍କ ମଧ୍ୟରେ ମୁଁ ଗାୟତ୍ରୀଛାନ୍ଦ । ମାସମାନଙ୍କ ମଧ୍ୟରେ ମୁଁ ମାର୍ଗଶୀର୍ଷ ବା ମାର୍ଗଶୀର । ଋତୁମାନଙ୍କ ମଧ୍ୟରେ କୁସୁମାକର ବା ବସନ୍ତ ଋତୁ ହେଉଚି ମୁଁ ।

ଦ୍ୟୂତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।
ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ।।୩୬।।
ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।
ମୁନୀନାମପ୍ୟହଂ ବ୍ୟାସଃକବୀନାମୁଶନା କବିଃ ।।୩୭।।

ନାନା ପ୍ରକାର ଛଳନା ମଧ୍ୟରେ ଜୁଆଖେଳ ବା ଦ୍ୟୁତକ୍ରୀଡ଼ା ହେଉଚି ମୁଁ । ଏଥିଲାଗି ପ୍ରକାଶ୍ୟ ଭାବରେ ଚୋରି ହେଲେ ମଧ୍ୟ ତାକୁ ନିବାରଣ କରାଯାଏ ନାହିଁ । ତେଜସ୍ୱୀ ମଧ୍ୟରେ ତେଜ ହେଉଚି ମୁଁ । ସକଳ କର୍ମ ମଧ୍ୟରେ ବିଜୟ ହେଉଚି ମୁଁ । ସବୁ କର୍ମର ନୀତିପୂର୍ଣ୍ଣ ଉଦ୍ୟମ ହେଉଚି ମୁଁ । ସାତ୍ତ୍ୱିକ ଲୋକଙ୍କର ସତ୍ତ୍ୱ ହେଉଚି ମୁଁ । ଯେଉଁମାନେ କୌଣସିମତେ ସତ୍ୟକୁ ଛାଡ଼ନ୍ତି ନାହିଁ, ସେ ସତ୍ୟ ହେଉଚି ମୁଁ । ଯାଦବମାନଙ୍କ ମଧ୍ୟରେ ଦେବକୀ ଓ ବସୁଦେବଙ୍କଠାରୁ ଜନ୍ମ ହୋଇ ମୁଁ ହିଁ ଗୋପୀମାନଙ୍କ ଲାଗି ଗୋକୁଳକୁ ଗମନ କରିଥିଲି; ମୁଁ ହିଁ ପୂତନାର ସ୍ତନ୍ୟପାନ କରି ତାର ପ୍ରାଣନାଶ କରିଥିଲି । ବାଲ୍ୟାବସ୍ଥାରୁ ଉତ୍ତୀର୍ଣ୍ଣ ନ ହେଉଣୁ ମୁଁ ପୃଥିବୀରୁ ଦୈତ୍ୟକୁଳକୁ ନିପାତ୍ କରିଥିଲି । ଆଙ୍ଗୁଠି ଅଗରେ ଗୋବର୍ଦ୍ଧନଗିରିକୁ ଧରି ଇନ୍ଦ୍ରର ଗର୍ବ ଖର୍ବ କରିଥିଲି । କାଳିନ୍ଦୀ ହ୍ରଦରୁ ଯନ୍ତ୍ରଣାଦାୟକ କଣ୍ଟକ (କାଳିୟନାଗ) ଦୂର କରିଥିଲି; ଜ୍ୱଳନ୍ତ ଗୋକୁଳକୁ ରକ୍ଷା କରିଥିଲି । ବସ୍ତ୍ରାହରଣ ବିଷୟରେ ବ୍ରହ୍ମାଙ୍କୁ ମୋହିତ କରିଥିଲି । ବାଲ୍ୟାବସ୍ଥାର ପ୍ରଥମ ଭାଗରେ ହିଁ କଂସ ପ୍ରଭୃତି ବୀରପୁରୁଷମାନଙ୍କୁ ଅନାୟାସରେ ବଧ କରିଥିଲି– ଆଉ କେତେ କହିବି ? ସେକଥା ବହୁତ ଲୋକ ଜାଣନ୍ତି । ଯାଦବମାନଙ୍କ ମଧ୍ୟରେ ମୋର ହେଉଚି ଏହି ସ୍ୱରୂପ । ସୋମବଂଶୀ ପାଣ୍ଡବମାନଙ୍କ ମଧ୍ୟରେ ମୁଁ ହେଉଚି ଅର୍ଜୁନ । ସେଥିଯୋଗୁଁ ତୁମପ୍ରତି ମୋର ପ୍ରେମ ଅଖଣ୍ଡିତ । ତୁମେ ସନ୍ନ୍ୟାସୀବେଶ ଧାରଣ କରି ମୋ

ଭଗ୍ନୀକୁ ହରଣ କରି ନେଇଚ ତଥାପି ତୁମ ପ୍ରତି ପ୍ରେମଭାବ ବ୍ୟତୀତ ମୋର ଅନ୍ୟ କୌଣସିଭାବ ନାହିଁ । ଯାଦବପତି ଶ୍ରୀକୃଷ୍ଣ କହିଲେ, ମୁନିମାନଙ୍କ ମଧ୍ୟରେ ମୁଁ ହେଉଚି ବ୍ୟାସଦେବ । କବୀଶ୍ୱରମାନଙ୍କ ମଧ୍ୟରେ ଚରମ ଧୈର୍ଯ୍ୟବାନ୍ ଉଶନା କବି ହେଉଚି ମୁଁ ।*

ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ॥୩୮॥

ଦମନକାରୀଙ୍କ ମଧ୍ୟରେ ମୁଁ ହେଉଚି ଅନିର୍ବାର୍ଯ୍ୟ ଦଣ୍ଡ, ଯଦ୍ୱାରା କି କ୍ଷୁଦ୍ର ପିପିଲିକାଠାରୁ ଆରମ୍ଭ କରି ବ୍ରହ୍ମା ପର୍ଯ୍ୟନ୍ତ ସମସ୍ତଙ୍କୁ ଦମନ କରାଯାଇପାରେ । ସାର ଅସାର ନିର୍ଣ୍ଣୟକାରୀ ଧର୍ମଜ୍ଞାନର ଅନୁସରଣକାରୀ ନୀତିଶାସ୍ତ୍ର ହେଉଚି ମୁଁ । ସବୁ ଗୁହ୍ୟବିଦ୍ୟା ମଧ୍ୟରେ ମୁଁ ହେଉଚି ମୌନ ବା ନୀରବତା । ସେଥିଲାଗି ମୌନବ୍ୟକ୍ତି ପାଖରେ ସ୍ୱୟଂ ବ୍ରହ୍ମା ମଧ୍ୟ ନତମସ୍ତକ ହୋଇ ଥାଆନ୍ତି । ଏ ବିଭୂତି ହେଉଚି ଅନନ୍ତ ।

ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜ୍ଜୁନ ।
ନ ତଦସ୍ତି ବିନା ଯତ୍‌ସ୍ୟାନ୍ମୟା ଭୂତଂ ଚରାଚରମ୍ ॥୩୯॥
ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥୪୦॥

ହେ ଧନୁର୍ଦ୍ଧର ! ବର୍ଷା ଧାରାର ଗଣନା କରାଯାଇପାରେ, ପୃଥିବୀ ବକ୍ଷରେ ତୃଣ ଓ ଅଙ୍କୁର କେତେ ତାର ସଂଖ୍ୟା ସ୍ଥିର କରାଯାଇପାରେ, ମହାସମୁଦ୍ରର ତରଙ୍ଗ ଗଣନା କରା ଯାଇପାରେ, କିନ୍ତୁ ମୋର ସମସ୍ତ ଆକାର ବା ବିଭୂତିକୁ ଗଣନା ବା ବର୍ଣ୍ଣନା କରାଯାଇ ନପାରେ । ପୂର୍ବରୁ ଯେଉଁ ପ୍ରଧାନ ପ୍ରଧାନ ବିଭୂତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି, ସେ ସବୁ ବର୍ଣ୍ଣନା କରିବାର ମଧ୍ୟ କୌଣସି ଆବଶ୍ୟକତା ନଥିଲା । ତଥାପି ତୁମେ ଚାହିଁବାରୁ ତାହା କହିଲି । ଅନ୍ୟ ବିଭୂତିଗୁଡ଼ିକ ଗଣନା

---

* କେହି କେହି ଉଶନା କବିଙ୍କୁ ଶୁକ୍ରାଚାର୍ଯ୍ୟ କହି ଥାଆନ୍ତି । କିନ୍ତୁ ସୋମବଂଶୀୟ ଯଯାତିଙ୍କ ପତ୍ନୀ ଦେବଯାନୀଙ୍କ ପିତା ଶୁକ୍ରାଚାର୍ଯ୍ୟ ଇଏ ନୁହଁନ୍ତି । ଦେବଯାନୀଙ୍କ ପିତା ବାରୁଣୀ, ଭୃଗୁଙ୍କ ପୁତ୍ର ଏବଂ ଉଶନା ବାରୁଣୀ କବିଙ୍କ ପୁତ୍ର ।

କରିବା ଅସମ୍ଭବ । ତୁମେ କେତେ ବା ଶୁଣିବ, ମୁଁ ବା କେତେ କହିବି ? ମୁଁ ସଂକ୍ଷେପରେ ବିଭୂତିର ମର୍ମକଥା ବୁଝାଇ ଦେଇଚି । ଯେଉଁ ବୀଜରୁ ସମସ୍ତ ଜୀବଜଗତର ଉତ୍ପତ୍ତି, ମୁଁ ହେଉଚି ସେହି ବୀଜ । ତେଣୁ କେଉଁଟି ଛୋଟ, କେଉଁଟି ବଡ଼ କହିବାର ପ୍ରୟୋଜନ ନାହିଁ । ଉଚ୍ଚ ନୀଚ ଭାବ ପରିତ୍ୟାଗ କରିବା ଉଚିତ । କାରଣ ସବୁଥିରେ ରହିଛି ମୋର ସ୍ୱରୂପ । ତଥାପି ମୁଁ ଆଉ ଏକ ଚିହ୍ନ କଥା କହୁଛି, ଯେଉଁଥିରୁ ତୁମେ ମୋର ବିଭୂତିର ପରିଚୟ ପାଇ ପାରିବ ।

ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାବଗଚ୍ଛତ୍ତ୍ୱଂ ମମ ତେଜୋଂଽଶସଂଭବମ୍ ।।୪୧।।

ଯେଉଁଠି ଯେଉଁଠି ଶ୍ରୀ ବା ସମ୍ପଦ ଓ ଦୟା ବସବାସ କରନ୍ତି, ସେ ସବୁ ମୋର ବିଭୂତି ବା ଅଂଶ ବୋଲି ଜାଣିବ ।

ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜ୍ଜୁନ ।
ବିଷ୍ଟଭ୍ୟାହମିଦଂ କୃତ୍ସ୍ନ ମେକାଂଶେନ ସ୍ଥିତୋ ଜଗତ୍ ।।୪୨।।

ଆକାଶରେ ଗୋଟିଏ ମାତ୍ର ସୂର୍ଯ୍ୟବିମ୍ବ କିନ୍ତୁ ତାର ପ୍ରକାଶରେ ସମଗ୍ର ଜଗତ ଆଲୋକିତ । ସେହିଭଳି ସମଗ୍ର ଜଗତରେ ମୋ ଆଦେଶ ହିଁ ପାଳିତ ହୋଇଥାଏ । ମୁଁ ହେଉଚି ଅଦ୍ୱିତୀୟ । ମତେ ଏକାକୀ ଅସହାୟ ମନେ କରନାହିଁ । ଦାରିଦ୍ର୍ୟ କ'ଣ ମୁଁ ଜାଣେନା । କାମଧେନୁ ତାର ସମସ୍ତ ଧନକୁ ଗଣ୍ଠିଲି ବାନ୍ଧି ବୁଲି ନଥାଏ । ତା ନିକଟରେ ଯାହା କିଛି ପ୍ରାର୍ଥନା କରିବାମାତ୍ରେ ସେ ତାହା ଉତ୍ପନ୍ନ କରେ । ସେହିଭଳି ଜଗତର ସମସ୍ତ ଐଶ୍ୱର୍ଯ୍ୟ ମୋଠାରେ ହିଁ ପରିପୂର୍ଣ୍ଣ ରହିଛି । ଜଗତ୍ ଯାହାର ଆଜ୍ଞାକୁ ବନ୍ଦନା କରେ, ତାହା ହେଉଚି ମୋର ଅବତାର । ଇଏ ସାଧାରଣ, ଇଏ ଅସାଧାରଣ ଏଭଳି ଭେଦଭାବ ମହାପାପ । ଏକ ମୁଁ ହିଁ ସମଗ୍ର ବିଶ୍ୱକୁ ଆବୋରି ରହିଛି । ସେ ମଧ୍ୟରେ ଉତ୍ତମ, ମଧ୍ୟମ ଅଧମ କଳ୍ପନା କରିବି କିପରି ? ଏପରି ଭେଦବୁଦ୍ଧିକୁ ପ୍ରୟୋଗ କରିବ କାହିଁକି ? ଘିଅକୁ କ'ଣ ଆଉ ମନ୍ଥନ କରାଯାଏ ? ଅଧିକ ସୁସ୍ୱାଦୁ କରିବାକୁ କିଏ କ'ଣ ଅମୃତକୁ ରାନ୍ଧେ ? ବାୟୁର କ'ଣ ବାମଭାଗ, ଦକ୍ଷିଣ ଭାଗ ରହିଛି ? ସୂର୍ଯ୍ୟବିମ୍ବର ପୃଷ୍ଠଭୂମିକୁ ଦେଖିବା

ଲାଗି ଦୃଷ୍ଟିପାତ କଲେ ଦ୍ରଷ୍ଟାର ଚକ୍ଷୁ ନଷ୍ଟ ହେବା ସାର ହୁଏ । ସେହିଭଳି ମୋର ସ୍ୱରୂପ ସମ୍ପର୍କରେ ସାମାନ୍ୟ ଓ ବିଶେଷର କଥା ଉଠିନଥାଏ । ମୋର ଗୋଟିଏ ଅଂଶ ଦ୍ୱାରା ସମଗ୍ର ଜଗତ ବ୍ୟାପ୍ତ । ହେ ସୁଭଦ୍ରାପତି ! ମୋର ବିଭୂତି ଅନନ୍ତ । କେତେ କହିବି ? ଜାଣିବା ଲାଗି ତୁମ ଉଦ୍ୟମକୁ ବନ୍ଦ କର । ମନରେ ଭେଦଭାବ ନ ରଖି, ସମାନ ଭାବ ରଖି ସମଦୃଷ୍ଟିରେ ମୋର ଭଜନ କର ।

ସର୍ବଜ୍ଞାନର ଜ୍ୟୋତିପୁଞ୍ଜ ତଥା ତପସ୍ୱୀର ପ୍ରାଣଧନ ଶ୍ରୀକୃଷ୍ଣ ଅର୍ଜୁନକୁ ଏହିପରି ଭାବରେ ବୁଝାଇଲେ ।

ଅର୍ଜୁନ କହିଲେ, ଆପଣ କହୁଛନ୍ତି ଭେଦଭାବ ଛାଡ଼ ବୋଲି । ଏହିଥିରୁ ଜଣା ପଡୁଚି ଯେ 'ଭେଦ' ବୋଲି କ'ଣ କିଛି ନିଶ୍ଚିତଭାବରେ ରହିଛି ଏବଂ ମନୁଷ୍ୟ ତାକୁ ତିଆରି କରୁଛି । ତେବେ ଏହାକୁ ଛାଡ଼ିବା ଲାଗି ଉପଦେଶ ଦେବା କ'ଣ ଉଚିତ ? ସୂର୍ଯ୍ୟ କ'ଣ କେବେ ଅନ୍ଧକାରକୁ କହେ ଯେ ତୁ ଶୀଘ୍ର ପଳେଇଯାଆ । ମୁଁ ତ ଅଜ୍ଞାନୀ । ଏ ସମ୍ପର୍କରେ ତମ ସହିତ ତର୍କ କରିବା ଛୋଟ ମୁହଁରେ ବଡ଼ କଥା ଭଳି ହେବ । ସୂର୍ଯ୍ୟ ଉଦୟ ହେବାମାତ୍ରେ ଯେପରି ଅନ୍ଧକାର ଆପେ ଆପେ ଉଭେଇଯାଏ, ସେହିଭଳି ତୁମ ନାମ ଯାହା ମୁହଁରେ କୌଣସି ସମୟରେ ଥରେ ମାତ୍ର ଉଚ୍ଚାରିତ ହେବ, ଯିଏ ଥରେ ହେଲେ ଶୁଣିପାରିବ, ତା ହୃଦୟରୁ ଭେଦଭାବ ନିଶ୍ଚୟ ଅନ୍ତର୍ହିତ ହେବ । ସୌଭାଗ୍ୟବଶତଃ ପ୍ରତ୍ୟକ୍ଷ ପରବ୍ରହ୍ମ ମୋର ହସ୍ତଗତ ହୋଇ ପାରିଛି, ଆଉ ଭେଦଭାବ ଆସିବ କୁଆଡୁ ? ଚନ୍ଦ୍ରବିମ୍ବର ଗହ୍ୱରରେ ଯିଏ ପ୍ରବେଶ କରିପାରିଚି, ସେ କ'ଣ କେବେ ଉଷ୍ଣତା ବୋଧ କରିପାରେ ? ହେ ଶ୍ରୀକୃଷ୍ଣ ! ତୁମେ ଶ୍ରେଷ୍ଠ, ତେଣୁ ଯାହା ଇଚ୍ଛା କହିପାର, ମୁଁ ଶୁଣିବି ।

ଶ୍ରୀକୃଷ୍ଣ ନିଜ ହୃଦୟର ସ୍ପର୍ଶ ଦ୍ୱାରା ଅର୍ଜୁନଙ୍କୁ ଆଲିଙ୍ଗନକରି କହିଲେ, ତୁମେ ମୋର କଥାରେ ଅଭିମାନ କରନାହିଁ । ମୁଁ ଭେଦରୀତିରେ ତୁମକୁ ମୋର ବିଭୂତି ବର୍ଣ୍ଣନା ଶୁଣାଇଲି । ତାହା ତୁମର ଅଭେଦ ବୁଦ୍ଧିରେ ବୋଧ ହୋଇ ପାରିଚି କି ନାହିଁ ତାହା ପରୀକ୍ଷା କରି ଦେଖିବା ଲାଗି ମୁଁ ଉପରଠାଉରିଆ ଭାବରେ ଅଳ୍ପକିଛି କହିଦେଲି । ପରୀକ୍ଷା କରି ଦେଖିଲି ଯେ ମୋ ବିଭୂତି ସମ୍ପର୍କରେ ତୁମର ଜ୍ଞାନ ବେଶ୍ ଭଲ ଭାବରେ ହୋଇ ପାରିଚି ।

ଅର୍ଜ୍ଜୁନ କହିଲେ, ସେକଥା ତମକୁ ହିଁ ଜଣା । ମୁଁ ଏତିକିମାତ୍ର ଜାଣେ ଯେ ତୁମେ ସମଗ୍ର ବିଶ୍ୱରେ ବ୍ୟାପି ରହିଛ ।

ସଞ୍ଜୟ କହିଲେ ଧୃତରାଷ୍ଟ୍ରଙ୍କୁ, ହେ ରାଜନ୍ ! ଏହିଭଳି ଭାବରେ ଅନୁଭବ କରିବା ଭଳି ଯୋଗ୍ୟତା ଅର୍ଜ୍ଜୁନଙ୍କର ହାସଲ ହୋଇପାରିଥିଲା ।

ସଞ୍ଜୟଙ୍କଠାରୁ ଏକଥା ଶୁଣି ଧୃତରାଷ୍ଟ୍ର ମୌନ ରହିଲେ ।

ସଞ୍ଜୟ ଦୁଃଖିତ ହୋଇ ମନେ ମନେ କହିଲେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଧୃତରାଷ୍ଟ୍ର ଯାହା ଲାଭ କରିବା କଥା ତାହା ହରେଇ ସାରିଛନ୍ତି । ମୁଁ ଭାବିଥିଲି, ଏଭଳି କହିବାରେ ରାଜାଙ୍କ ମନ ପ୍ରସନ୍ନ ହେବ, କିନ୍ତୁ ଏବେ ଦେଖୁଚି, ଏ ରାଜା ବାହାରେ ଯେପରି ଅନ୍ଧ, ଭିତରେ ମଧ୍ୟ ସେହିଭଳି ଅନ୍ଧ ।

ଯାହାହେଉ ଶ୍ରୀକୃଷ୍ଣଙ୍କ ସହିତ ଏଭଳି ଆଲୋଚନା ଦ୍ୱାରା ଅର୍ଜ୍ଜୁନ ନିଜର ମଙ୍ଗଳ ବୃଦ୍ଧି କରୁଥିଲେ । ତା' ଛଡ଼ା ଜାଣିବା ଲାଗି ତାଙ୍କର ଉତ୍କଣ୍ଠା ମଧ୍ୟ ଜାତ ହେଉଥିଲା । ସେ ଇଚ୍ଛାକଲେ, ଅନ୍ତରର ଅନୁଭୂତି ବାହାରେ ତାଙ୍କ ଆଖି ଆଗରେ ପ୍ରକାଶିତ ହେଉ । ସଂପୂର୍ଣ୍ଣ ବିଶ୍ୱରୂପକୁ ଚକ୍ଷୁଦ୍ୱାରା ଆଲିଙ୍ଗନ କରିବା ଲାଗି ତାଙ୍କର ଇଚ୍ଛା ହେଲା । ଭାଗ୍ୟବାନ ନ ହେଲେ ଏଭଳି ଉଚ୍ଚ ଅଭିଳାଷ ଜାତ ହୁଏ ନାହିଁ । ସେ ତ ବର୍ତ୍ତମାନ କଳ୍ପବୃକ୍ଷର ଏକ ଶାଖାସ୍ୱରୂପ– ସେଥିରେ କୌଣସି ଗୋଟିଏ ବି ଫୁଲ ବନ୍ଧ୍ୟା ରହି ନପାରେ । ଅର୍ଜ୍ଜୁନ ମୁହଁରେ ଯାହା କହୁଛନ୍ତି, ଶ୍ରୀକୃଷ୍ଣ ତାକୁ ସତ୍ୟରୂପେ ଦେଖାଇ ଦେଉଛନ୍ତି ।

ଯିଏ ପ୍ରହ୍ଲାଦର କଥାରେ ସ୍ୱୟଂ ବିଷ ହୋଇ ଉଠିଥିଲେ, ସେହି ପରମାତ୍ମାଙ୍କୁ ଅର୍ଜ୍ଜୁନ ସଦ୍‌ଗୁରୁ ରୂପେ ଲାଭ କରିଛନ୍ତି । ଜ୍ଞାନଦେବ କହୁଛନ୍ତି, ଅର୍ଜ୍ଜୁନ କିପରି ବିଶ୍ୱରୂପ ଦର୍ଶନ ଲାଗି ଇଚ୍ଛା ପ୍ରକାଶ କରିବେ, ତାହା ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ ।

ଇତି ଶ୍ରୀ ଜ୍ଞାନଦେବ ବିରଚିତାୟାଂ ଗୀତା-ଭାବାର୍ଥ-ଦୀପିକାୟାଂ
ଦଶମୋଽଧ୍ୟାୟଃ ।

●

ବିଶ୍ୱରୂପଦର୍ଶନ ଯୋଗ

ଏକାଦଶ ଅଧ୍ୟାୟ

ଏକାଦଶ ଅଧ୍ୟାୟ ଶାନ୍ତ ଓ ଅଦ୍‌ଭୁତ ଦୁଇ ରସରେ ପରିପୂର୍ଣ୍ଣ । ଏହି ଦୁଇ ରସ ଭିତରେ ପାର୍ଥଙ୍କର ବିଶ୍ୱରୂପ ଦର୍ଶନ ହୋଇଥିଲା । ଶାନ୍ତ ରସର ଗୃହରେ ଅଦ୍‌ଭୁତରସ ଆତିଥ୍ୟ ସତ୍‌କାର ଲାଭ କରିଛି । ଅନ୍ୟ ରସଗୁଡ଼ିକର ମଧ୍ୟ ସମ୍ମାନ ଲାଭ ହୋଇପାରିଛି । ଶୁଭବିବାହ ସମୟରେ ବର ଓ କନ୍ୟାକୁ ଯେପରି ବିଭିନ୍ନ ବସ୍ତ୍ର ଓ ଅଳଙ୍କାରରେ ବିଭୂଷିତ ତଥା ସୁସଜ୍ଜିତ କରାଯାଏ, ସେହିଭଳି ସକଳ ରସକୁ ଅଳଂକୃତ କରି ଦେଶୀୟ କଥିତ ଭାଷାର ସୁଖାସନରେ ଉପବେଶନ କରାଯାଇଛି । ଏହି ସାଜସଜ୍ଜା ମଧ୍ୟରେ ଶାନ୍ତ ଓ ଅଦ୍‌ଭୁତ ରସର ଏଭଳି ମିଶ୍ରଣ ଘଟିଛି ଯେ ମନେ ହେଉଛି ଯେପରିକି ସାକ୍ଷାତ୍ ହରି ଓ ହର ଉଭୟ ପରସ୍ପର ସହିତ ଆଲିଙ୍ଗନରେ ଆବଦ୍ଧ ହୋଇପଡ଼ିଛନ୍ତି । ଅମାବାସ୍ୟା ତିଥିରେ ସୂର୍ଯ୍ୟ ଓ ଚନ୍ଦ୍ରବିମ୍ବ ଯେପରି ଏକତ୍ର ମିଳିତ ହୋଇଥାଆନ୍ତି— ସେହିଭଳି ଏହି ଅଧ୍ୟାୟରେ 'ରସ'ଗୁଡ଼ିକୁ ଏକୀଭୂତ କରାଯାଇଛି । ଗଙ୍ଗା ଓ ଯମୁନାର ମିଳନରେ ପ୍ରୟାଗ ସଂଘଟିତ ହେବାଭଳି ଏହି ଅଧ୍ୟାୟରେ ସୃଷ୍ଟି ହୋଇଛି ରସପ୍ରୟାଗ । ସେଥିଯୋଗୁଁ ଜଗତ୍ ଏହାଦ୍ୱାରା ପବିତ୍ର ହୋଇଛି । ଏଥିରେ ଗୀତା-ସରସ୍ୱତୀ ଗୁପ୍ତଭାବରେ ବାସ କରୁଛନ୍ତି, କିନ୍ତୁ ଅନ୍ୟ ଦୁଇଟି ରସର ପ୍ରବାହ ପ୍ରକଟିତ ଭାବରେ ମିଳିତ ହୋଇଛି । ତେଣୁ ତ୍ରିବେଣୀ ସଂଗମ ଘଟିପାରିଛି ।

ଜ୍ଞାନଦେବ କହିଲେ, ଦାତା ହେଉଛନ୍ତି ଶ୍ରୀଗୁରୁ ନିବୃତ୍ତିନାଥ । ତାଙ୍କର କୃପାରୁ ଶ୍ରବଣଦ୍ୱାରା ଏହି ସଂଗମତୀର୍ଥରେ ପ୍ରବେଶ ସୁଗମ ହୋଇ ପାରୁଛି । ସେ ସଂସ୍କୃତର କଠିନ ତୀର ପ୍ରଦେଶକୁ ଭାଙ୍ଗି ସେଠାରେ ଦେଶୀୟ ଭାଷାର ସୋପାନ ଶ୍ରେଣୀ ନିର୍ମାଣ କରିଦେଇଛନ୍ତି । ପ୍ରତ୍ୟେକ ସୋପାନ ହିଁ ଗୋଟିଏ

ଗୋଟିଏ ଧର୍ମନିଧାନ ତୀର୍ଥ । ସମସ୍ତେ ସଦ୍‌ଭାବ ସହିତ ଏହି ତ୍ରିବେଣୀ ତୀର୍ଥରେ ଅବଗାହନ କରିପାରିବେ ଏବଂ ତାପରେ ବିଶ୍ୱରୂପ ପ୍ରୟାଗରୂପକ ମାଧବ ଦର୍ଶନ କରି ଜନ୍ମମରଣ ସଂସାରର ତିଳାଞ୍ଜଳି ଅର୍ପଣ କରିପାରିବେ । ଏହି ଅଧ୍ୟାୟରେ ମୂର୍ତ୍ତିମାନ୍ ରସ ଓ ଭାବଦ୍ୱାରା ଏଭଳି ସୌନ୍ଦର୍ଯ୍ୟ ଫୁଟି ଉଠିଛି ଯେ, ମନେହୁଏ ଶ୍ରବଣ ସୁଖର ସାମ୍ରାଜ୍ୟ ଲାଭ ହୋଇପାରିଛି । ଶାନ୍ତ ଓ ଅଦ୍‌ଭୁତ ରସ ସୁପ୍ରକାଶିତ । ଅନ୍ୟ ରସଗୁଡ଼ିକର ମହିମା ମଧ୍ୟ ଉଦ୍‌ଘାଟିତ ହୋଇପାରିଛି । ତେବେ ସେ ସବୁର ଦୃଷ୍ଟାନ୍ତ ଅଳ୍ପ ଅଳ୍ପ । ଏହି ଅଧ୍ୟାୟରୁ ସହଜରେ ମୋକ୍ଷସୁଖ ମିଳିଥାଏ । ବାସ୍ତବରେ ଏକାଦଶ ଅଧ୍ୟାୟ ହେଉଛି ଶ୍ରୀକୃଷ୍ଣଙ୍କର ବିଶ୍ରାମ ପୀଠ । ଅର୍ଜ୍ଜୁନ ଭାଗ୍ୟବାନ୍ ତେଣୁ ଏପର୍ଯ୍ୟନ୍ତ ସେ ସବୁ ବିଷୟ ଶୁଣି ସାରିଲେଣି । କେବଳ ଅର୍ଜ୍ଜୁନ ନୁହନ୍ତି, ଦେଶୀୟଭାଷାରେ ପ୍ରଚାର କରାଯିବାରେ ପ୍ରତ୍ୟେକ ମନୁଷ୍ୟର ମଧ୍ୟ ଭାଗ୍ୟୋଦୟ ଘଟିପାରିଛି । ହେ ସଜ୍ଜନଗଣ ! ଦୟାକରି ମନଯୋଗ ସହିତ ମୋର ନିବେଦନ ଟିକିଏ ଶୁଣନ୍ତୁ । ଆପଣମାନଙ୍କ ଭଳି ସଜ୍ଜନମାନଙ୍କ ଆଗରେ କିଛି କହିବା ହେଉଚି ଧୃଷ୍ଟତା ମାତ୍ର । ମୁଁ ଅବୋଧ ବାଳକ । ଆପଣମାନଙ୍କ ପ୍ରେମ ହିଁ ମତେ କହିବାକୁ ଶକ୍ତି ଦେଉଛି । କାରଣ ପ୍ରେମହିଁ ଭଗବାନ୍ । ଶୂକଶାରୀ ମୁହଁରୁ ହରିନାମ ଶୁଣିଲେ ଆପଣମାନେ ଆନନ୍ଦରେ ମୁଣ୍ଡ ହଲାଇଥାଆନ୍ତି । ପିଲାର ଖେଳ କୌତୁକରେ ମାଆ ସନ୍ତୋଷଲାଭ କରିଥାଏ । ତେଣୁ ମୁଁ ଯାହାସବୁ କହୁଛି, ସେସବୁ ଆପଣମାନଙ୍କ ଶିକ୍ଷାର ଫଳ । ତେଣୁ ଆପଣମାନେ ନିଜ କଥା ନିଜେ ଶୁଣନ୍ତୁ । ବିଦ୍ୟାର ମଧୁମୟ ବୃକ୍ଷକୁ ଅବଧାନରୂପକ ଅମୃତ ସିଞ୍ଚନ ଦ୍ୱାରା ବଢ଼େଇ ପକାନ୍ତୁ । ତେବେ ଯାଇ ରସଭାବମୟ କୁସୁମ ଓ ଗଭୀର ତାତ୍ପର୍ଯ୍ୟମୟ ଫଳର ଶୋଭାରେ ଜଗତ୍ ସୁଶୋଭିତ, ରସପୂର୍ଣ୍ଣ ହୋଇପାରିବ ।

ଏହିକଥା ଶୁଣିବାମାତ୍ରେ ସାଧୁ ଶ୍ରୋତାମାନେ ଆନନ୍ଦିତ ହେଲେ । ସେମାନେ କହିଲେ, ବହୁତ ସନ୍ତୋଷଲାଭ କଲୁଣି । ତାପରେ ଅର୍ଜ୍ଜୁନ କ'ଣ କହିଲେ ସେହିକଥା ବର୍ଣ୍ଣନା କରନ୍ତୁ ।

ନିବୃତ୍ତି ଦାସ ଜ୍ଞାନେଶ୍ୱର କହିଲେ, ମୁଁ ତ ସାଧାରଣ ମଣିଷ । ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନ-ସମ୍ବାଦ ମୁଁ ବର୍ଣ୍ଣନା କରୁ ନାହିଁ, ଆପଣମାନେ ହିଁ କରୁଛନ୍ତି । ବଣର

ପତ୍ର ଫଳ ଖାଇ ବଞ୍ଚୁଥିବା ବାନର ଲଙ୍କେଶ୍ୱର ରାବଣଙ୍କୁ ପରାଜିତ କରିଥିଲା କାହା ବଳରେ ? ଏକାକୀ ଅର୍ଜୁନ ଏକାଦଶ ଅକ୍ଷୌହିଣୀ ସେନାଙ୍କୁ ପରାଜିତ କରିଥିଲେ କାହା ବଳରେ ? ଯିଏ ସମର୍ଥ, ସିଏ ଯାହା ଇଚ୍ଛା କରେ, ତାହା ହିଁ ସଂସାରରେ ସଂଘଟିତ ହୁଏ, ଅନ୍ୟଥା ହୁଏନା । ଆପଣମାନେ ମଧ୍ୟ ମୋ ଦ୍ୱାରା ଏହି ବିଷୟ ନିରୂପଣ କରାଉଛନ୍ତି । ଧନ୍ୟ ଏହି ଗୀତାଗ୍ରନ୍ଥ ! ଏଥିରେ ବେଦପ୍ରତିପାଦ୍ୟ ସ୍ୱୟଂ ଶ୍ରୀକୃଷ୍ଣ ହେଉଛନ୍ତି ବକ୍ତା । ଯେଉଁ ଗ୍ରନ୍ଥରେ ଶ୍ରୀ ଶଙ୍କରଙ୍କ ବୁଦ୍ଧିସୁଦ୍ଧା ପ୍ରବେଶ କରିପାରେନା, ତାର ମହିମା ବର୍ଣ୍ଣନା କରାଯିବ କିପରି ? ଜୀବ ଭାବରେ ତାଙ୍କୁ ନମସ୍କାର କରିବା ହିଁ ଶ୍ରେଷ୍ଠ ଉପାୟ । ବିଶ୍ୱରୂପ ଦର୍ଶନ ଇଚ୍ଛା କରି ଅର୍ଜୁନ କିପରି କହିବା ଆରମ୍ଭ କରିଥିଲେ, ତାହା ଶୁଣନ୍ତୁ । ଅନୁଭବ ଯୋଗୁଁ ତାଙ୍କର ଏଭଳି ବିଶ୍ୱାସ ହୋଇଥିଲା ଯେ ସମସ୍ତ ଜଗତ୍ ହେଉଛି ସେହି ସର୍ବେଶ୍ୱର । ତାଙ୍କୁ ଆଖିରେ ଦେଖିବା ଲାଗି ତାଙ୍କର ଇଚ୍ଛା । କିନ୍ତୁ ଏହି ଇଚ୍ଛାକୁ ପ୍ରକାଶ କରିବେ କିପରି ସେ ଭାବିପାରୁ ନାହାନ୍ତି । ବଡ଼ ସଂକଟରେ ପଡ଼ିଛନ୍ତି ସେ । ବିଶ୍ୱରୂପ ହେଉଛି ଅତି ଗୂଢ଼, ଏହାକୁ ଦେଖାଅ ବୋଲି କିଭଳି କୁହା ଯାଇପାରେ ? ସେ ମନେ ମନେ ଭାବିଲେ, ଯେଉଁକଥା ପୂର୍ବେ କୌଣସି ଭକ୍ତ ଜିଜ୍ଞାସା କରିନାହାନ୍ତି, ସେ କଥା 'ମତେ ଦେଖାଇଦିଅ' ବୋଲି କହିବି କିଭଳି ? ଅବଶ୍ୟ ମୁଁ ତାଙ୍କର ପ୍ରିୟ, ତେବେ କ'ଣ ଲକ୍ଷ୍ମୀଙ୍କଠାରୁ ଅଧିକ ?

ସ୍ୱୟଂ ଲକ୍ଷ୍ମୀ ମଧ୍ୟ ଏହି ପ୍ରଶ୍ନ କରିବାକୁ ଭୟ କରନ୍ତି । ମୁଁ ଏହାଙ୍କର ଯେତେ ସେବା କରୁଥାଏନା କାହିଁକି, ଗରୁଡ଼ ସହିତ ତ ତୁଳନୀୟ ନୁହଁ । ଗରୁଡ଼କୁ ତ ଏକଥା କୁହାଯାଇନି, ସେ ତ ଏହି ଦର୍ଶନ ପାଇ ପାରିନାହିଁ । ମୁଁ କ'ଣ ସନକାଦିଙ୍କଠାରୁ ପ୍ରିୟ ? ସେମାନଙ୍କ ଭଳି ବ୍ୟାକୁଳତା ତ ମୋର ନାହିଁ । ମୁଁ କ'ଣ ଗୋକୁଳବାସୀଙ୍କଠାରୁ ପ୍ରିୟ ? ସେମାନଙ୍କୁ ତ ଶ୍ରୀକୃଷ୍ଣ ବାଲ୍ୟକାଳରୁ ଏହି ଦର୍ଶନରୁ ବଞ୍ଚିତ କରି ରଖିଛନ୍ତି । ଜଣେ ଗୋପୀର ଗର୍ଭବାସ ମଧ୍ୟ ସେ ସହ୍ୟ କରିଛନ୍ତି ଅଥଚ ବିଶ୍ୱରୂପ ସେମାନଙ୍କ ନିକଟରେ ଅଦର୍ଶନୀୟ ରହିଛି । ଏପରି ଗୁହ୍ୟ, ଗୋପନୀୟ କଥା ସମ୍ପର୍କରେ ମୁଁ କେଉଁ ଅଧିକାରରେ ପ୍ରଶ୍ନ କରିବି ? କିନ୍ତୁ ପ୍ରଶ୍ନ ନକଲେ, ବିଶ୍ୱରୂପଦର୍ଶନ ନ କଲେ ତ ମୁଁ ସୁଖୀ ହୋଇପାରିବିନି,

ମୁହୂର୍ତ୍ତେ ସୁଦ୍ଧା ଜୀବନ ଧରି ରହି ପାରିବିନି । ଯେକୌଣସିମତେ ଦେଖାଅ ବୋଲି କହିବାକୁ ହିଁ ପଡ଼ିବ । କିନ୍ତୁ ଏପରି ପ୍ରେମରେ ପଚାରିବାକୁ ପଡ଼ିବ, ଯେଉଁଥିରେ କି ପ୍ରଭୁ ବିରକ୍ତ ନହୋଇ ନିଜକୁ ଉନ୍ମୁକ୍ତ କରି ବିଶ୍ୱରୂପ ଦେଖାଇ ଦେବେ ।

ଅର୍ଜୁନ ମନେ ମନେ ଏକଥା ଭାବୁଥିଲେ । ବାଛୁରୀକି ଦେଖିବା ମାତ୍ରେ ଗାଈ ସଙ୍ଗେ ସଙ୍ଗେ ଉଠିପଡ଼େ । ବାଛୁରୀ ଚିରରେ ମୁହଁ ଦେବା ମାତ୍ରେ ଦୁଗ୍ଧ ବାହାରି ଆସେ । ପାଣ୍ଡବଙ୍କ ନାଆଁ ଶୁଣିବାମାତ୍ରେ ଶ୍ରୀକୃଷ୍ଣ ସେମାନଙ୍କୁ ରକ୍ଷା କରିବା ଲାଗି ବଣକୁ ଛୁଟି ଯାଇଥିଲେ । ତେଣୁ ଅର୍ଜୁନ ଅନୁରୋଧ କରିବାମାତ୍ରେ ଶ୍ରୀକୃଷ୍ଣ ତାଙ୍କର ମନସ୍କାମନା ପୂର୍ଣ୍ଣ ନକରି ରହିପାରିବେ ନାହିଁ । ସେ ତ ସ୍ୱଭାବତଃ ପ୍ରେମସ୍ୱରୂପ, ସେଥିରେ ଅର୍ଜୁନରୂପକ ମାଦକ ଦ୍ରବ୍ୟ ସେବନ କରି କରି ସେ ସେହି ନିଶାରେ ବିଭୋଳ । ଏହା ଏକ ଅପୂର୍ବ ମିଳନ । ଅର୍ଜୁନ କହିବା ମାତ୍ରେ ସେ ବିଶ୍ୱରୂପ ହୋଇ ପଡ଼ିବେ । ସେ ପ୍ରସଙ୍ଗରେ ପ୍ରଥମ କଥା ଶୁଣନ୍ତୁ—

ଅର୍ଜୁନ ଉବାଚ

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।
ଯତ୍ତ୍ୱୟୋକ୍ତଂ ବଚସ୍ତେନମୋହୋଽୟଂ ବିଗତୋମମ ॥୧॥

ପାର୍ଥ ଶ୍ରୀକୃଷ୍ଣଙ୍କୁ କହିଲେ, ହେ କୃପାନିଧେ ! ତୁମେ ତ ବହୁ ଅନିର୍ବଚନୀୟ କଥା ବର୍ଣ୍ଣନା କରିଗଲଣି । ମହାଭୂତଗୁଡ଼ିକ ଯେତେବେଳେ ପରମବ୍ରହ୍ମରେ ବିଲୀନ ହୋଇଯାଆନ୍ତି, ଏପରିକି ମହତ୍-ତତ୍ତ୍ୱର ମଧ୍ୟ ଚିହ୍ନବର୍ଣ୍ଣ ରହେନା, ସେତେବେଳେ ତୁମେ ଯେଉଁ ସ୍ୱରୂପରେ ଅବସ୍ଥାନ କରିଥାଅ, ଯାହା ହେଉଛି କାରଣ ସ୍ୱରୂପ, ଯେଉଁ ସ୍ୱରୂପ ଜ୍ଞାନକୁ ତୁମେ କୃପଣଙ୍କ ଭଳି ହୃଦୟରେ ସାଇତି ରଖି ଆସିଚ, ଯାହାକୁ ବେଦ ସୁଦ୍ଧା ଜାଣେ ନାହିଁ, ସେହି ରହସ୍ୟକୁ ଆଜି ମୋ ପାଖରେ ଖୋଲି ଦେଇଛ । ଯେଉଁ ଅଧ୍ୟାତ୍ମ ବିଦ୍ୟା ପାଇବା ଲାଗି ଶଙ୍କର ସକଳ ଐଶ୍ୱର୍ଯ୍ୟ ପରିତ୍ୟାଗ କରିଛନ୍ତି, ହେ ପ୍ରଭୋ ! ତାହା ମତେ ଦେଇଛ । ଯଦି ''ମୁଁ ବା ମତେ'' ଆଦି କହୁଚି, କଦାପି ମୁଁ ତମ ସ୍ୱରୂପଠାରୁ ଭିନ୍ନ ନୁହେଁ । ହେ ଶ୍ରୀହରି ! ମୁଁ ମହାମୋହ ବନ୍ୟାରେ ଡୁବି ଯାଉଥିଲି, ତମେ ସେହି ବନ୍ୟା ଭିତରକୁ ଡେଇଁପଡ଼ି

ମତେ ଉଦ୍ଧାର କରିଚ । ତୁମ ବ୍ୟତୀତ ସଂସାରରେ ଦ୍ୱିତୀୟ କିଛି ନାହିଁ । କିନ୍ତୁ ମୁଁ ନିଜକୁ ଦ୍ୱିତୀୟ ବା ଅନ୍ୟ ଜଣେ ବୋଲି ଭାବି ନେଇଥିଲି । ସତେ ମୁଁ କେଡ଼େ ଭୁଲ୍ କରୁ ନଥିଲି ! ''ମୁଁ ଅର୍ଜୁନ'' ଏହି ଦେହାଭିମାନରୁ କୌରବମାନଙ୍କୁ ଭାବିଥିଲି, ସମସ୍ତେ ହେଉଚନ୍ତି ସ୍ୱଗୋତ୍ରୀ । ଏମାନଙ୍କୁ ବଧ କଲେ ପାପପଙ୍କରେ ବୁଡ଼ିଯିବ ଏହି ଆଶଙ୍କା ମୋ ମନକୁ ଛାଇ ଯାଇଥିଲା ।

ହେ ପ୍ରଭୋ ! ଯାହାହେଉ, ମତେ ଜାଗ୍ରତକରାଇ ଦେଇଚ, ସେହି ଦୁଃସ୍ୱପ୍ନରୁ ଉଦ୍ଧାର କରିଚ । ହେ ଦେବ ! ହେ ଲକ୍ଷ୍ମୀପତେ ! ଗନ୍ଧର୍ବନଗରୀ ପରିତ୍ୟାଗ କରି ଜଳପାନ ଲାଗି ମୁଁ ମୃଗତୃଷ୍ଣାର ସେବା କରୁଥିଲି । ବସ୍ତ୍ରରେ ନିର୍ମିତ ସର୍ପର ଦଂଶନକୁ ସତ ମନେ କରୁଥିଲି । ଏହିଭଳି ଅନର୍ଥକ ମୁମୂର୍ଷୁ ବ୍ୟକ୍ତିକୁ ଜୀବନ ଦାନ କରିବାର ପୁଣ୍ୟ ତମରହିଁ ପ୍ରାପ୍ୟ । ହେ ଅନନ୍ତ ! ନିଜର ପ୍ରତିବିମ୍ବ ଦେଖି କୂଅ ଭିତରକୁ ଡେଇଁ ପଡ଼ିବା ଲାଗି ଅଗ୍ରସର ହେଉଥିବା ସିଂହକୁ ଅଟକାଇବା ଭଳି ତୁମେ ମତେ ଉଦ୍ଧାର କରି ପାରିଚ । ଯଦି ଏତକ କୃପା କରି ନଥାଆନ୍ତ ତାହାହେଲେ ମୋର ସର୍ବନାଶ ହୋଇଥାଆନ୍ତା । କାରଣ ମୁଁ ସ୍ଥିର କରିଥିଲି, କୌରବମାନେ ମୋ ନିଜ ପରିବାରର, ସ୍ୱଗୋତ୍ରର । ଆକାଶ ଭାଙ୍ଗି ପଡ଼ିଯାଇପାରେ, ମୁଁ କଦାପି ସେମାନଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବି ନାହିଁ । ମୋର ଅହଂକାର ପ୍ରଚୁର ପରିମାଣରେ ବଢ଼ି ଯାଇଥିଲା । ତମେ ପାଖରେ ଥିଲ ବୋଲି ନଚେତ ମତେ କିଏ ଉଦ୍ଧାର କରି ଥାଆନ୍ତା ? ବାସ୍ତବରେ ମୁଁ କିଛି ନୁହଁ ଅଥଚ ମନେ ମନେ ଭାବିଥିଲି ମୋର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି । ସେହିଭଳି ଯେଉଁମାନଙ୍କର କୌଣସି ଅସ୍ତିତ୍ୱ ନାହିଁ, ସେମାନଙ୍କୁ ମୋର ଆତ୍ମୀୟ ସ୍ୱଜନ ବୋଲି ଗ୍ରହଣ କରି ନେଇଥିଲି । ବାସ୍ତବରେ ମୁଁ ଉନ୍ମତ୍ତ ଓ ପ୍ରମତ୍ତହୋଇ ପଡ଼ିଥିଲି । ପୂର୍ବରୁ ଥରେ ତୁମେ ହିଁ ଆମକୁ ଜଉଘର ଭିତରୁ ରକ୍ଷା କରିଥିଲ । ସେତେବେଳେ କେବଳ ଶରୀର ବିନାଶର ଭୟ ଥିଲା । ବର୍ତ୍ତମାନ ନିଜେ ନିଜର ଚୈତନ୍ୟକୁ ନାଶ କରିବାକୁ ଯାଉଥିଲି । ଦୁଷ୍ଟଗ୍ରହ ହିରଣାକ୍ଷ ମୋର ବୁଦ୍ଧି ରୂପକ ପୃଥିବୀକୁ ଅଧିକାର କରି ନେଇ ମତେ ମୋହ ସମୁଦ୍ରକୁ ଫିଙ୍ଗି ଦେଉଥିଲା । ତୁମରି ସାମର୍ଥ୍ୟଯୋଗୁଁ ମୁଁ ମୋର ବୁଦ୍ଧି ପୁଣି ଫେରିପାଇଛି । ଏ ଦୃଷ୍ଟିରୁ ତମେ

ଦ୍ୱିତୀୟଥର ବରାହ ଅବତାର ଗ୍ରହଣ କରିଚ ବୋଲି ମୁଁ ଅନୁଭବ କରୁଛି । ବାସ୍ତବରେ ତମର ଏ ଉପକାର ଅସୀମ । ଏକ ମୁଖରେ, ଆଉ କେତେ ବର୍ଣ୍ଣନା କରିବି ? ଏତିକିମାତ୍ର କୁହାଯାଇପାରେ ଯେ, ତୁମେ ମୋ ଲାଗି ନିଜର ପଞ୍ଚପ୍ରାଣ ସମର୍ପଣ କରି ଦେଇଛ । କିନ୍ତୁ ଏହା ବୃଥା ହେବ ନାହିଁ । ହେ ଦେବରାଜ ! ତୁମେ ମାୟାର ଆଦି ଅନ୍ତ ସବୁ ଶେଷ କରି ଦେଇଛ । ଏଥିରେ ତମର ଯଶଃ ବୃଦ୍ଧିହୋଇଛି । ଆନନ୍ଦସରୋବରର କମଳଭଳି ତୁମର ନେତ୍ରଯୁଗଳ ତ ପ୍ରସନ୍ନ-ମନ୍ଦିରରେ ପରିଣତ ହୋଇପାରିଚି, ତାର ମୋହ ଆସିବ କୁଆଡୁ ? ମୋହ ତା ନିକଟରେ ତୁଚ୍ଛ । ବଡ଼ବାନଳକୁ ଲିଭାଇବାପାଇଁ ମରୀଚିକାର ଜଳ କୌଣସି କାମରେ ଲାଗିନପାରେ । ହେ ଶ୍ରୀଗୁରୁ ! ମୁଁ ସେହି କୃପାରୂପକ ମନ୍ଦିରରେ ପ୍ରବେଶ କରି ବ୍ରହ୍ମରସର ଆସ୍ୱାଦନ କରୁଛି । ସେଥିରେ ମୋର ନିଶ୍ଚୟ ମୋହ ତୁଟିଯିବ, ଏଥିରେ କୌଣସି ସନ୍ଦେହ ନାହିଁ । ତୁମର ଚରଣ ସ୍ପର୍ଶ କରି କହୁଚି, ହେ ପ୍ରଭୋ, ମୁଁ ରକ୍ଷା ପାଇଚି ।

ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।
ତ୍ୱତ୍ତଃ କମଳପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ॥୨॥

ହେ କମଳପତ୍ରାକ୍ଷ, ହେ କୋଟିସୂର୍ଯ୍ୟପ୍ରକାଶ, ହେ ପରମେଶ୍ୱର ! ଆଜି ତୁମ ବକ୍ତବ୍ୟ ଶୁଣିଲି । ତୁମେ କହିଛ, ଯାହାଠାରୁ ସର୍ବଜୀବର ଉତ୍ପନ୍ନ ଏବଂ ଯାହାଯୋଗୁଁ ଏହିସବୁର ଲୟ ହୁଏ, ତାର ନାମ ମାୟା ବା ପ୍ରକୃତି । ତୁମେ ପ୍ରକୃତିର ସମସ୍ତ ବର୍ଣ୍ଣନା କରିଛ । ଯାହାର ମହିମା ଆଚ୍ଛାଦନରେ ବେଦ ଶୋଭିତ, ସେହି ପୁରୁଷର ରୂପ କ'ଣ ତାହା ତୁମେ ବର୍ଣ୍ଣନା କରିଚ । ଯାହାର ମହିମାଗାନକରି ବେଦ ଧନ୍ୟହୋଇଛି, ବେଦ ଯାହାର ଚରଣକୁ ଆଶ୍ରୟ କରି ଜୀବନ ଧାରଣ କରିଛି, ନିଜେ ସମୃଦ୍ଧ ହୋଇପାରିଛି, ଯିଏ ଧର୍ମଭଳି ମହାରତ୍ନକୁ ଉତ୍ପନ୍ନ କରିଛି, ଯିଏ ମହିମାମଣ୍ଡିତ, ସକଳପଥର ଗନ୍ତବ୍ୟ, ସିଏ ହେଉଚି ତୁମେ । ମେଘ ଦୂରହୋଇଗଲେ ସୂର୍ଯ୍ୟ ଦେଖାଯାଏ । ଦଳ ପରିଷ୍କାର କରିଦେଲେ ନିର୍ମଳ ଜଳ ଦେଖାଯାଏ । ଗୁଡ଼େଇ ହୋଇଥିବା ସାପ ଚାଲିଯିବା

ପରେ ଚନ୍ଦନ ବୃକ୍ଷକୁ ଆଲିଙ୍ଗନ କରାଯାଇପାରେ । ଯକ୍ଷକୁ ହଟେଇଦେଲେ ଧନାଗାର ହସ୍ତଗତ ହୋଇପାରେ । ସେହିଭଳି ପ୍ରକୃତିର ଆବରଣକୁ ହଟେଇଦେଇ ମୋ ବୁଦ୍ଧିକୁ ପରମବ୍ରହ୍ମରୂପକ ଶଯ୍ୟାରେ ତୁମେ ହିଁ ଶୁଆଇ ଦେଇଛ । ମୋର ଆଉ ଏକ ଆକାଙ୍କ୍ଷା ରହିଛି । ମନରେ ସଙ୍କୋଚ ରଖି ଯଦି ତୁମକୁ ନ ପଚାରିବି ତାହାହେଲେ ଆଉ ପଚାରିବି କାହାକୁ ? ମୁଁ ତ ତୁମ ବ୍ୟତୀତ ଆଉ କାହାକୁ ଜାଣିନି । ଜଳଚରଜୀବ ଜଳକୁ ଏକ ବୋଝ ମନେ କରି ତ ତାକୁ ଛାଡ଼ି ଦେଇ ପାରେନା । ଶିଶୁ ସ୍ତନ୍ୟପାନ କଲାବେଳେ କାହାର ଉପରୋଧ ରଖି ନଥାଏ । କାରଣ ତାର ବଞ୍ଚିବା ଲାଗି ଅନ୍ୟ କୌଣସି ଉପାୟ ନାହିଁ । ତେଣୁ ମୁଁ ଆଉ ମନରେ ସଙ୍କୋଚ ରଖି ପାରୁନି । ମୋର ମନ କଥା ଖୋଲି କହିଦେବାକୁ ଇଚ୍ଛା ହେଉଚି ।

ଶ୍ରୀକୃଷ୍ଣ କହିଲେ, ଇଚ୍ଛା ତ ହେଉଚି କହି ପକାଅ ।

ଏବମେତଦ୍‌ଯଥାତ୍‌ଥ ତ୍ୱମାତ୍ମାନଂ ପରମେଶ୍ୱର ।
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ।।୩।।

ଅର୍ଜୁନ କହିଲେ, ତୁମେ ଯେଉଁସବୁ କଥା କହିଲ, ତାକୁ ଉପଲବ୍ଧି କରିବାରେ ମୋ ମନ ଶାନ୍ତି ଲାଭ କରି ପାରିଛି । ତୁମର ସଂକଳ୍ପରେ ହିଁ ତ୍ରିଲୋକର ଉତ୍ପତ୍ତି ଓ ବିଲୟ ହୁଏ । ସେହି ମୂଳାକାରରୁ ତୁମେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଅବତାର ଗ୍ରହଣ କରିଥାଅ ଏବଂ ସେହି ଲକ୍ଷ୍ୟ ପୂରଣ ହୋଇ ସାରିବା ପରେ ପୁଣି ସେହି ମୂଳାକାରକୁ ଫେରି ଯାଇଥାଅ । ମୁଁ ତୁମର ସେହି ଅଭେଦ୍ୟ, ଅଚିନ୍ତ୍ୟନୀୟ ରୂପ ସମ୍ପର୍କରେ ନିଜ କାନରେ ବହୁତ ଶୁଣିଚି । ସେ ରୂପକୁ ଉପନିଷଦରେ ଭୂୟସୀ ପ୍ରଶଂସା କରାଯାଇଛି । ଯୋଗୀମାନେ ସେହି ରୂପକୁ ହିଁ ଧ୍ୟାନ କରିଥାଆନ୍ତି । ସନକାଦି ଋଷିମାନେ ସେହି ରୂପପ୍ରତି ନିବିଷ୍ଟ ରହି ଆସିଛନ୍ତି । ମୁଁ ସେହି ମହିମାମୟ 'ବିଶ୍ୱରୂପ'କୁ ନିଜ ଆଖିରେ ଦେଖିବାକୁ ଚାହେଁ । ତାକୁ ହିଁ ଦେଖିବା ଲାଗି ମୋ ଚିତ୍ତ ଉତ୍କଣ୍ଠିତ ହୋଇ ରହିଛି । ଅବଶ୍ୟ ମୁଁ ସେ ରୂପ ଦେଖିବା ପାଇଁ ଯୋଗ୍ୟ କି ନୁହଁ ଜାଣେନା କିନ୍ତୁ ତୁମେ ମତେ

ଆଗରୁ କହିଚ, ଯାହା ଇଚ୍ଛାହେଉଚି ନିଃସଙ୍କୋଚରେ କହିଯାଅ, ତେଣୁ ମୋ ଧୃଷ୍ଟତା ମାର୍ଜନା କରିବେ । ମୁଁ ମୋ ମନକଥା ଖୋଲି କହିଦେଲି । ହେ ପ୍ରଭୋ ! ସେ ବିଶ୍ୱରୂପ ଦେଖିବା ପାଇଁ ମୋର ଏକାନ୍ତ ଅଭିଳାଷ ।

ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।
ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ॥୪॥

ଆଗରୁ କହିଚି; ସେ ରୂପ ଦର୍ଶନ କରିବାଲାଗି ମୁଁ ଉପଯୁକ୍ତ କି ନୁହଁ, ଜାଣେନା । ଯଦି ପ୍ରଶ୍ନ କର, କାହିଁକି ଜାଣନା, ତାହାହେଲେ ମୋର ମଧ୍ୟ ପ୍ରଶ୍ନ ହେବ— ରୋଗୀ କ'ଣ କେବେ ତାର ରୋଗର କାରଣ ଜାଣିଥାଏ ? ଉତ୍କଣ୍ଠାର ଆସକ୍ତିରେ ଆର୍ତ୍ତ ବ୍ୟକ୍ତି ନିଜର ଯୋଗ୍ୟତାକୁ ଭୁଲିଯାଏ । ତୃଷିତବ୍ୟକ୍ତି ଭାବେ ସମୁଦ୍ର ସୁଦ୍ଧା ସେ ପିଇଦେଇ ପାରିବ । ଉତ୍କଣ୍ଠାର ମୋହ ଏପରି ଯେ ନିଜ ଯୋଗ୍ୟତାର ସୀମା କେତେ ତାହା ବୁଝିବାକୁ ସେ ସୁଯୋଗ ଦିଏନା । ହେ ଜନାର୍ଦ୍ଦନ ! ମାଆ ପିଲାର ଯୋଗ୍ୟତା ବିଚାର କରି ଖାଦ୍ୟ ଦେଇଥାଏ । ସେହିଭଳି ତମେ ମୋର ଯୋଗ୍ୟତା ବିଚାର କରି ବିଶ୍ୱରୂପ ପ୍ରଦର୍ଶନର ବ୍ୟବସ୍ଥା କର । ମୁଁ ଯଦି ଦେଖିବାକୁ ଅଯୋଗ୍ୟ ମନେ କର, ତାହାହେଲେ ସେ କଥା ମଧ୍ୟ ମତେ କହି ଦିଅ । ପଞ୍ଚମ ସ୍ୱରରେ ଗୀତ ବୋଲାଗଲେ ବଧିର ଶ୍ରବଣସୁଖ ପାଇବ କିପରି ? ମେଘକୁ ଆଶା କରି ଚାତକ ଚାହିଁ ବସିଥାଏ ବୋଲି କ'ଣ ମେଘ କେବଳ ତାକୁ ହିଁ ଜଳ ଦେବାପାଇଁ ବର୍ଷେ ? ମେଘ କ'ଣ ସମଗ୍ର ପୃଥିବୀ ପାଇଁ ବର୍ଷେନାହିଁ ? ଅବଶ୍ୟ ଚକୋର ଚନ୍ଦ୍ରାମୃତ ଆସ୍ୱାଦନ କରେ,କିନ୍ତୁ ଅନ୍ୟ କେହି ଉପଭୋଗ କରି ପାରିବେ ନାହିଁ ବୋଲି କ'ଣ ମନା ଅଛି ? ଆଖି ଯଦି ଦେଖିବା ପାଇଁ ଯୋଗ୍ୟ ନହୁଏ, ତା ଆଗରେ କୌଣସି ରୂପ ପ୍ରକାଶ ବୃଥା । ତୁମେ ଯେ ମତେ ବିଶ୍ୱରୂପ ଦେଖାଇବ— ଏ ବିଶ୍ୱାସ ମୋର ରହିଛି । ତୁମେ ଜ୍ଞାନୀ ଓ ମୂର୍ଖ ଉଭୟଙ୍କ ପାଇଁ ସମାନ । ତୁମ ଉଦାରତାର ସୀମା ନାହିଁ, ଅସୀମ । ଦାନ କରିବା ସମୟରେ ପାତ୍ର ଅପାତ୍ର ବିଚାର ତମର ନଥାଏ । କୈବଲ୍ୟ ଭଳି ପବିତ୍ରବସ୍ତୁକୁ ମଧ୍ୟ ତୁମେ ଶତ୍ରୁକୁ ସୁଦ୍ଧା ଦାନ କରିପାର ।

ମୋକ୍ଷପ୍ରାପ୍ତି ଏକ ଦୁରୂହ ବ୍ୟାପାର । ସେହି ମୋକ୍ଷସୁଖ ତୁମର ନିରନ୍ତର ସେବା କରିଥାଏ ଏବଂ ଏହି ମୋକ୍ଷ ତୁମ ନିର୍ଦ୍ଦେଶ ଅନୁସାରେ ଦୂତଭଳି ଗମନାଗମନ କରିଥାଏ । ପୂତନା ନିଜ ସ୍ତନରେ ବିଷମ ବିଷ ମାଖି ତୁମାକୁ ହତ୍ୟା କରିବାକୁ ଆସିଥିଲା, ତାକୁ ମଧ୍ୟ ତୁମେ ସନକାଦିଙ୍କୁ ଦେବାଭଳି ମୁକ୍ତିର ସଂପୂର୍ଣ୍ଣ ମଧୁରତା ସମର୍ପଣ କରିଛ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ସମାଗତ ରାଜାମହାରାଜା ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଆଗରେ ଶିଶୁପାଳ ତୁମକୁ ଭର୍ତ୍ସନା କରି କମ୍ ଅପମାନିତ କରି ନଥିଲା, କିନ୍ତୁ ହେ ଗୋପାଳ ! ତୁମେ ପୁଣି ସେହି ଶିଶୁପାଳକୁ ଚରଣ ତଳେ ଶରଣ ଦେଲ । ଉତ୍ତାନପାଦ ରାଜାର ପୁତ୍ର ଧ୍ରୁବ ତୁମର ଧ୍ରୁବପଦ ଆଶା କରି ନଥିଲା, ସେ କେବଳ ତା ପିତାଙ୍କ କୋଳରେ ସ୍ଥାନ ପାଇବାକୁ ଇଚ୍ଛା କରିଥିଲା, କିନ୍ତୁ ତାକୁ ସୂର୍ଯ୍ୟ ଚନ୍ଦ୍ରଠୁ ବଳି ଜଗତରେ ଶ୍ରେଷ୍ଠ ପଦ ପ୍ରଦାନ କଲ । ସେହିଭଳି କେତେ କହିବି, ତୁମେ ତ ଦାତା ଶିରୋମଣି । ଅଜାମିଳ ପୁତ୍ରକୁ ଡକେଇ ତୁମେ ତାକୁ ମୁକ୍ତି ପ୍ରଦାନ କରିଛ । ହେ ଦାତା ! ଯିଏ ତୁମ ଛାତିରେ ଗୋଇଠା ମାରିଥିଲା, ତାର ପଦଚିହ୍ନ ବକ୍ଷରେ ଧାରଣ କରିଚ । ବହୁଦିନ ବିତିଗଲାଣି, ତଥାପି ଶତ୍ରୁର ଶରୀରକୁ ନ ଭୁଲି ସେହିଭଳି ବକ୍ଷରେ ସ୍ଥାପନ କରି ଆସିଚ । ଶଙ୍ଖାସୁରର ଦେହକୁ ପାଞ୍ଚଜନ୍ୟ ଶଙ୍ଖ ରୂପରେ ଶ୍ରୀହସ୍ତରେ ଧାରଣ କରି ଆସିଚ । ଯିଏ ଅପକାର କରେ, ତୁମେ ତାର ଉପକାର କରିଥାଅ । କୁପାତ୍ର ପ୍ରତି ମଧ୍ୟ ତୁମେ ଉଦାର । ବଳୀରାଜା ତୁମକୁ ଦାନ କରିଥିଲେ ବୋଲି ତାଙ୍କର ଦ୍ୱାରପାଳ ରହି ଆସିଚ । ଯିଏ ତୁମର ସ୍ତୁତିଗାନ କରି ନଥାଏ, ଗୁଣାନୁବାଦ ଶ୍ରବଣ ସୁଦ୍ଧା କରିନଥାଏ, କିନ୍ତୁ କେବଳ ସମ୍ଭାଷଣରେ ତୁମର ନାମ ଉଚ୍ଚାରଣ କରିଥାଏ, ସେହିଭଳି ବେଶ୍ୟାକୁ ତୁମେ ପୂରାକାଳରେ ସଦ୍‌ଗତି ପ୍ରଦାନ କରିଅଛ । ଯିଏ କେବଳ ଭଗବାନଙ୍କ ଉପରେ ନିର୍ଭର କରୁଛି ବୋଲି ଛଳନା କରିଥାଏ, ତୁମେ ସ୍ୱେଚ୍ଛାରେ ତାକୁ ନିଜ ପଦ ପ୍ରଦାନ କରିଛ । ଏ ଦୃଷ୍ଟାନ୍ତ ଅନେକ ରହିଛି । ତେବେ ମୋ ଲାଗି କ'ଣ ଅନ୍ୟ ବ୍ୟବସ୍ଥା ହେବ ? ଅବାରିତ ଭାବରେ ଦୁଗ୍‌ଧର ପ୍ରାଚୁର୍ଯ୍ୟରେ ଯିଏ ସମଗ୍ର ଜଗତର ସଂକଟ ଦୂର କରିଦେଇପାରେ, ସେହି କାମଧେନୁର ବାଛୁରୀ କ'ଣ କ୍ଷୁଧାର୍ତ୍ତ ରହିବ ? ମୁଁ ଯାହା ପ୍ରାର୍ଥନା କରୁଛି,

ତାହା ତୁମେ ଅପୂର୍ଣ୍ଣ ରଖିବ ବୋଲି ମୋର ବିଶ୍ୱାସ ନାହିଁ । ମତେ ପ୍ରଥମେ ଦର୍ଶନର ଯୋଗ୍ୟତା ପ୍ରଦାନ କରନ୍ତୁ । ଯଦି ମୋର ବିଶ୍ୱରୂପ ଦେଖିବାର ଯୋଗ୍ୟତା ଅଛି ବୋଲି ଭାବୁଥାଅ, ତାହାହେଲେ ସେ ଇଚ୍ଛା ପୂର୍ଣ୍ଣ କରନ୍ତୁ ।

ସୁଭଦ୍ରାପତି ବିନୀତ ଭାବରେ ଏତିକି କହିବାପରେ ଚୁପ୍ ରହିଲେ । ଷଡ଼୍‌ଗୁଣ ଚକ୍ରବର୍ତ୍ତୀ ଶ୍ରୀକୃଷ୍ଣ ଆଉ ନୀରବରେ ରହି ପାରିଲେ ନାହିଁ । ସେ ହେଉଚନ୍ତି ଦୟାମୃତପୂର୍ଣ୍ଣ ମେଘ ଏବଂ ଅର୍ଜୁନ ହେଉଛନ୍ତି ଯଥାକାଳରେ ବର୍ଷାଋତୁ । ଶ୍ରୀକୃଷ୍ଣ କୋକିଳ, ଅର୍ଜୁନ ବସନ୍ତ । ପୂର୍ଣ୍ଣଚନ୍ଦ୍ରର ବିଶ୍ୱଦର୍ଶନରେ କ୍ଷୀରସମୁଦ୍ର ଉଚ୍ଛଳିତ ହୋଇ ଉଠିଥାଏ ।

ଅର୍ଜୁନଙ୍କ ପ୍ରେମରେ ବଶୀଭୂତ ହୋଇ ଶ୍ରୀକୃଷ୍ଣ ମଧ୍ୟ ଦ୍ୱିଗୁଣିତ ଉଲ୍ଲସିତ ହୋଇ ଉଠିଲେ । ପ୍ରସନ୍ନ ଭାବରେ ସେ କୃପାପରବଶ ହୋଇ କହିବାକୁ ଲାଗିଲେ— ହେ ପାର୍ଥ ! ଦେଖ, ମୋର ଏହି ବିଶ୍ୱରୂପ ଦେଖ । ଅର୍ଜୁନ ସାମାନ୍ୟ ବିଶ୍ୱରୂପ ଦେଖିବାକୁ ଚାହିଁଥିଲେ ଅଥଚ ଶ୍ରୀକୃଷ୍ଣ ସମଗ୍ର ବିଶ୍ୱରୂପ ପ୍ରଦର୍ଶନ କରିବାରେ ଲାଗିଲେ । ବାସ୍ତବରେ ପ୍ରଭୁଙ୍କର ଉଦାରତା ଅସୀମ, ଅପରିମେୟ । ମାଗିବାବାଲା ବା ପ୍ରାର୍ଥୀ ଯେତିକ ପ୍ରାର୍ଥନା କରିଥାଏ, ପ୍ରଭୁ ତାର ସହସ୍ରଗୁଣ, ଏପରିକି ନିଜର ସର୍ବସ୍ୱ ପ୍ରଦାନ କରିଦେଇ ଥାଆନ୍ତି । ଯେଉଁ ରୂପ ଶେଷନାଗ ମଧ୍ୟ ଦେଖି ପାରି ନାହିଁ, ଯେଉଁଥିରୁ ବେଦମାତାମାନେ ବଞ୍ଚିତ, ଯାହା ପରମାପ୍ରିୟା ଲକ୍ଷ୍ମୀଦେବୀଙ୍କଠାରେ ମଧ୍ୟ ଗୁପ୍ତ, ସେହି ବିଶ୍ୱରୂପକୁ ନାନା ରୀତିରେ ପ୍ରକାଶ କରି ସେ ପରମଶ୍ରେଷ୍ଠ ସୌଭାଗ୍ୟଶାଳୀ ଅର୍ଜୁନଙ୍କୁ ଦେଖାଇବାଲାଗି ଉଦ୍ୟମ କଲେ । ଜାଗ୍ରତ ବ୍ୟକ୍ତି ସ୍ୱପ୍ନରାଜ୍ୟରେ ବିଚରଣ ସମୟରେ ଯେପରି ନିଜେ ସ୍ୱପ୍ନରେ ଦେଖିଥିବା ବସ୍ତୁ ପାଲଟିଯାଇଥାଏ, ସେହିଭଳି ଶ୍ରୀକୃଷ୍ଣ ନିଜେ ଅନନ୍ତ ବ୍ରହ୍ମାଣ୍ଡ ହୋଇ ଉଠିଛନ୍ତି । ସେହି ସ୍ୱରୂପକୁ ଭଗବାନ ପ୍ରକାଶ କଲେ ଏବଂ ଅର୍ଜୁନଙ୍କ ଅଜ୍ଞତାକୁ ଅପସାରିତ କରି ନିଜ ଯୋଗସଂପଦ ପ୍ରଦର୍ଶନ କଲେ । ଅର୍ଜୁନ ଏହି ସ୍ୱରୂପ ଦେଖିବାକୁ ସମର୍ଥ ହେବେ କି ନାହିଁ, ପ୍ରଭୁଙ୍କର ଏ ବିଷୟରେ ଅନୁସନ୍ଧାନ କରିବାର ଅବସର ମଧ୍ୟ ରହିଲାନି । ସ୍ନେହବଶତଃ ସେ କହିବାକୁ ଲାଗିଲେ, ଦେଖ ଅର୍ଜୁନ ଦେଖ ।

ଶ୍ରୀ ଭଗବାନ ଉବାଚ

ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ ।
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ।।୫।।

ହେ ଅର୍ଜୁନ ! ତୁମେ କେବଳ ଗୋଟିଏ ସ୍ୱରୂପକୁ ଦେଖିବାକୁ ଚାହିଁଥିଲ, କିନ୍ତୁ ସେହି ଗୋଟିକ ଦେଖାଇଲେ କ'ଣ ତୁମେ ସନ୍ତୁଷ୍ଟ ହୋଇ ପାରିବ ? ଗୋଟିଏ ଦେଖିବାପରେ କହିବ ଆହୁରି ଦେଖାଅ । ତେଣୁ ମୁଁ ମୋର ସମଗ୍ର ବିଶ୍ୱରୂପକୁ ଦେଖାଉଚି । ଏବେ ଦେଖ, ସକଳ ଜଗତ ମୋ ରୂପରେ ପରିପୂର୍ଣ୍ଣ । ଏହି ରୂପଗୁଡ଼ିକ ମଧ୍ୟରୁ କେହି କେହି କୃଶ, ସ୍ଥୂଳ, ହ୍ରସ୍ୱ, ବିଶାଳ, ସୂକ୍ଷ୍ମ, ସରଳ, ବୁଦ୍ଧିମାନ, କ୍ରିୟାଶୀଳ, ନିଶ୍ଚଳ, ଉଦାସୀନ, ତୀବ୍ର, ପ୍ରେମଯୁକ୍ତ, ଅନନ୍ତ, ଅକପଟ, ଅବୋଧ, ସାବଧାନ, ସୁଗମ, ଅଗାଧ, ଉଦାର, କୃପଣ, କ୍ରୋଧଯୁକ୍ତ, ଶାନ୍ତ, ଉତ୍ତମ, ସୁମତ୍ତ, ଦନ୍ତାବ୍ଧ, ଆନନ୍ଦୀ, ଗର୍ଜନକାରୀ, ନିସ୍ତବ୍ଧ, ସୌମ୍ୟ, ସକାମ, ବିରକ୍ତ, ଜାଗ୍ରତ, ନିଦ୍ରିତ, ସନ୍ତୁଷ୍ଟ, ଆର୍ତ୍ତ ଓ ପ୍ରସନ୍ନ । ଆଉ କେହି କେହି ଶାସ୍ତ୍ରରହିତ, ଶସ୍ତ୍ରସହିତ, ଉଗ୍ର, ପ୍ରେମମୟ, ଭୟାନକ, ବିଚିତ୍ର ଓ ସମାଧିସ୍ଥ । କେହି କେହି ଉତ୍ପତ୍ତି କର୍ମରେ ନିଯୁକ୍ତ, କେହି ପ୍ରେମର ପାଳନକାରୀ, କେହି କ୍ରୋଧରେ ସଂହାରକର୍ତ୍ତା, ଆଉ କେହି କେହି ସାକ୍ଷୀଭୂତ । ଏଗୁଡ଼ିକ ନାନା ଦିବ୍ୟ ତେଜରେ ତେଜିୟାନ ଓ ପ୍ରକାଶମୟ । ବର୍ଣ୍ଣରେ ମଧ୍ୟ ସବୁଗୁଡ଼ିକ ସମାନ ନୁହଁ,ଭିନ୍ନ ଭିନ୍ନ । କେହି କେହି ତପ୍ତସ୍ୱର୍ଣ୍ଣ ଭଳି ଅତି ଉଜ୍ଜ୍ୱଳ । କେହି କେହି ଏଡ଼େ ସୁନ୍ଦର ଯେ ମନେହେବ ଆକାଶ ଦେହରେ ସିନ୍ଦୂର ବୋଳାଯାଇଛି । କେହି କେହି ସ୍ୱଭାବତଃ ସୁନ୍ଦର, ଯେପରିକି ବ୍ରହ୍ମାଣ୍ଡ ମାଣିକ୍ୟ ମଣ୍ଡିତ । କେହି କେହି ଅରୁଣୋଦୟ ଭଳି ରକ୍ତିମାମୟ, ନିର୍ମଳ ସ୍ଫଟିକଭଳି ଉଜ୍ଜ୍ୱଳ, ଇନ୍ଦ୍ରନୀଳମଣି ଭଳି ଅତ୍ୟନ୍ତ ନୀଳ, କଜ୍ଜ୍ୱଳ ଭଳି କୃଷ୍ଣବର୍ଣ୍ଣ, ଉଜ୍ଜ୍ୱଳ ସ୍ୱର୍ଣ୍ଣଭଳି ଲାଲ୍, ସଜଳ ଜଳଦଭଳି ଶ୍ୟାମଳ, ଚମ୍ପକ ପରି ନିର୍ମଳ ଓ ଗୌର, ଆଉ କେହି କେହି ହରିତ୍‌ବର୍ଣ୍ଣ । କେହି କେହି ତପ୍ତ ତାମ୍ରଭଳି ପାଟଳ, କେହି ଶୁଭ୍ରଚନ୍ଦ୍ର ଭଳି ଶୀତଳ ଦୀପ୍ତିଶାଳୀ— ଏଭଳି ମୋର ବିବିଧ ବର୍ଣ୍ଣର, ରୂପ ଦର୍ଶନ କର । ବର୍ଣ୍ଣ ଯେପରି ଭିନ୍ନଭିନ୍ନ, ସେହିଭଳି ଆକୃତି ମଧ୍ୟ ପୃଥକ୍ ପୃଥକ୍ । କେହି କେହି ଏଭଳି ସୁନ୍ଦର ଯେ ତାକୁ ଦେଖି ମଦନ

ମଧ୍ୟ ଲଜ୍ଜିତ— କେହି କେହି ଅତ୍ୟନ୍ତ ଲାବଣ୍ୟମଣ୍ଡିତ । ଏଭଳି ତେଜସ୍ୱୀ ଓ ମନୋହର ଯେ, ଦେଖିଲେ ମନେ ହେବ ଶୃଙ୍ଗାର-ଲକ୍ଷ୍ମୀର ଭଣ୍ଡାର ଉନ୍ମୁକ୍ତ କରିଦିଆଯାଇଛି । କେହି କେହି ହୃଷ୍ଟପୁଷ୍ଟ ଓ ସ୍ଥୂଳ । କେହି କେହି ଶୁଷ୍କ ଓ ଭୟାନକ, ସେମାନଙ୍କ କଣ୍ଠ ଦୀର୍ଘ । କାହାର କାହାର ଗ୍ରୀବା ଅତି ଦୀର୍ଘ । ଏହିଭଳି ନାନା ପ୍ରକାର ଆକୃତିର ସୀମା ନାହିଁ । ଯାହାସବୁ ଦେଖୁଛି ସେମାନଙ୍କର ଗୋଟିଏ ଗୋଟିଏ ଅଙ୍ଗରେ ଜଗତ୍ ପୂର୍ଣ୍ଣ ହୋଇ ରହିଛି ।

ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।
ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ॥୬॥

ମୁଁ ଯେଉଁ ଦିଗକୁ ଆଖିଖୋଲି ଦେଖିବି, ସେ ଦିଗରେ ଆଦିତ୍ୟ ଓ ଅନ୍ୟ ଦେବତାମାନଙ୍କ ପ୍ରକାଶ । ଆଖି ବୁଜିବା ମାତ୍ରେ ସେମାନେ ବିଲୀନ ହୋଇପଡ଼ନ୍ତି । ମୋର ମୁଖରୁ ବାଷ୍ପ ନିର୍ଗତ ହେବା ମାତ୍ରେ ସର୍ବତ୍ର ଜ୍ୱାଳାମୟ ହୋଇଉଠେ, ଏହିଥିରୁ ପାବକ ପ୍ରଭୃତି ଅଷ୍ଟବସୁଙ୍କର ଉତ୍ପତ୍ତି । କ୍ରୋଧବଶତଃ ଭ୍ରୂକୁଞ୍ଚିତ କରିବାମାତ୍ରେ ଏକାଦଶ ରୁଦ୍ରଙ୍କର ଜନ୍ମ ହୋଇଥାଏ । ମୋର ସୌମ୍ୟ ରୂପ ଦେହରୁ ବହୁ ଅଶ୍ୱିନୀ କୁମାର ଜନ୍ମ ଗ୍ରହଣ କରିଥାଆନ୍ତି । ହେ ପାଣ୍ଡବ ! ମୋ କର୍ଣ୍ଣରୁ ବାୟୁର ଉତ୍ପତ୍ତି । ଏହିଭଳି ଭାବରେ ମୋର ଗୋଟିଏ ଅବୟବର ଲୀଳାରୁ ଦେବତା ଓ ସିଦ୍ଧପୁରୁଷମାନେ ଜନ୍ମଗ୍ରହଣ କରନ୍ତି । ଏଭଳି ବିଶାଳ ଓ ଆପଣାର ରୂପ ବର୍ଣ୍ଣନା କରି କରି ବେଦ ମଧ୍ୟ ସ୍ତବ୍ଧ ହୋଇପଡ଼ିଛି । ଏହାକୁ ଦର୍ଶନ କରିବାଲାଗି ସ୍ୱୟଂ କାଳ ମଧ୍ୟ ଅଳ୍ପାୟୁ ମନେ ହୋଇଥାଏ । ବ୍ରହ୍ମା ମଧ୍ୟ ଏହାର ଆଦି ଅନ୍ତ ପାଇ ନ ଥାଆନ୍ତି । ତିନି ବେଦ ଯେଉଁ ସ୍ୱରୂପର କଥା ଶୁଣି ପାରି ନାହାନ୍ତି, ଏଭଳି ମୋର ବହୁମୂର୍ତ୍ତିକୁ ପ୍ରତ୍ୟକ୍ଷ କରି ବିସ୍ମୟ ଓ ଲୀଳାରସ ଆସ୍ୱାଦନ କର ।

ଇହୈକସ୍ଥଂ ଜଗତ୍ କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।
ମମ ଦେହେ ଗୁଡ଼ାକେଶ ଯଚ୍ଚାନ୍ୟଦ୍ରଷ୍ଟୁମିଚ୍ଛସି ॥୭॥

ହେ କିରୀଟି ଦେଖ, ଏହି ମୂର୍ତ୍ତିଗୁଡ଼ିକର ଲୋମକୂପ ହେଉଚି ଗୋଟିଏ ଗୋଟିଏ ବ୍ରହ୍ମାଣ୍ଡ । କଳ୍ପବୃକ୍ଷ ମୂଳରେ ଘାସଥିବା ଭଳି ଏହା ପୂର୍ଣ୍ଣ ରହିଛି ।

ଗବାକ୍ଷର ଦ୍ୱାରଦେଶରେ ପରମାଣୁ ବା ଧୂଳି କଣିକା ଯେପରି ଉଡ଼ି ଉଡ଼ି ଆସି ପଡ଼ିରହିଥାଏ,ସେହିଭଳି ମୋ ଅବୟବର ସିଦ୍ଧିସ୍ଥାନମାନଙ୍କରେ ବ୍ରହ୍ମାଣ୍ଡଗୁଡ଼ିକ ଘୂରି ବୁଲୁଛନ୍ତି । ଗୋଟିଏ ଗୋଟିଏ ଅଙ୍ଗରେ ସମଗ୍ର ବିଶ୍ୱ ବିସ୍ତୃତ ହୋଇ ରହିଛି । ମୁଁ ହାତ କିମ୍ବା ଗୋଡ଼ ପ୍ରସାରି ଦେବାମାତ୍ରେ ସମଗ୍ର ଜଗତ ମଧ୍ୟ ପ୍ରସାରିତ ହୋଇପଡୁଛି । ତୁମର ଯାହା ଇଚ୍ଛା ମୋ ସ୍ୱରୂପରେ ଦେଖିପାର ।

କରୁଣାମୟ ଶ୍ରୀକୃଷ୍ଣ ଏକଥା କହିଲେ ମଧ୍ୟ 'ସବୁ ଦେଖିଚି କିନ୍ତୁ କିଛି ଦେଖିନି'– ଏହିଭଳି ଭାବ ନିଜ ମୁଖଭଙ୍ଗୀରେ ପ୍ରକାଶ କରି ଅର୍ଜୁନ ନୀରବ ରହିଲେ । ଅର୍ଜୁନ ଚୁପ୍ ରହିବା ଫଳରେ ଶ୍ରୀକୃଷ୍ଣ ତାଙ୍କୁ ଲକ୍ଷ୍ୟ କଲେ । ଜାଣିପାରିଲେ ଅର୍ଜୁନଙ୍କର ଯଥେଷ୍ଟ ଉତ୍କଣ୍ଠା ରହିଚି, କିନ୍ତୁ କିଛି କହି ନପାରି ଚୁପ୍‌ଚାପ୍ ରହିଛନ୍ତି ।

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ॥୮॥

ଶ୍ରୀକୃଷ୍ଣ ଜାଣିପାରିଲେ ଯେ, ଅର୍ଜୁନଙ୍କର ଉତ୍କଣ୍ଠା ତିଳେ ହେଲେ କମି ନାହିଁ । ସୁଖର ଉପାୟ ହସ୍ତଗତ ହୋଇନାହିଁ । ଯେପରି ଭାବରେ ସେ ବିଶ୍ୱରୂପ ଦେଖାଇଲେ, ସେଥିପ୍ରତି ତାଙ୍କର ଧ୍ୟାନ ମଧ୍ୟ ନାହିଁ । ନୀରବ ନିସ୍ତବ୍ଧ ଭାବରେ ଦଣ୍ଡାୟମାନ ଥିବା ଅର୍ଜୁନଙ୍କୁ ହସି ହସି ସେ କହିଲେ, କିହୋ ପାର୍ଥ ! ମୁଁ ଯେପରି ଭାବରେ ବିଶ୍ୱରୂପ ଦେଖାଇଲି, ତାକୁ ତ ତୁମେ ଦେଖିଲାଭଳି ମନେ ହେଉ ନାହିଁ !

ଅର୍ଜୁନ କମ୍ ଚତୁର ନୁହନ୍ତି । ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ଦୋଷ କାହାର ? ଚନ୍ଦ୍ରାମୃତ କ'ଣ ବଗର ଆସ୍ୱାଦନ ଯୋଗ୍ୟ ? ଏହା କେବଳ ଚକୋରର ଉପଭୋଗ୍ୟ । ତୁମେ ଦର୍ପଣକୁ ପରିଷ୍କାର କରି ଅନ୍ଧକୁ ଦେଉଚ ଦେଖିବାପାଇଁ, ବଧିର ନିକଟରେ ଗୀତ ଗାଉଚ ପଞ୍ଚମ ତାନରେ, କାଦୁଅ ଭିତରେ ଥିବା ବେଙ୍ଗକୁ ଦେଉଚ ଫୁଲର ରେଣୁ, ସେହିଭଳି ମତେ କହୁଚ ବିଶ୍ୱରୂପ ଦେଖାଇଲି, ଦେଖ । ମୁଁ ସେଥିଲାଗି ଉପଯୁକ୍ତ ହେଲେ ସିନା ଦେଖିବି ! ଯାହା

ଇନ୍ଦ୍ରିୟାତୀତ, କେବଳ ଜ୍ଞାନଚକ୍ଷୁ ଦ୍ୱାରା ଦୃଷ୍ଟିଗୋଚର, ସେହିଭଳି ବସ୍ତୁକୁ ଏହି ଚର୍ମଚକ୍ଷୁ ନିକଟରେ ରଖିଲେ, ସେ ଦେଖିବ କିପରି ? ଏଥିଲାଗି ତୁମର ବୁଦ୍ଧି କମ୍ ବୋଲି ତ ମୁଁ କହିପାରିବିନି, କିଛି ନକହି ବରଂ ଚୁପ୍ ରହିବା ଉଚିତ୍ ମନେ କରି ଚୁପ୍ ରହୁଛି ।

ପ୍ରଭୁ କହିଲେ, ବତ୍ସ ! ତୁମେ ଠିକ୍ କଥା କହିଚ । ବିଶ୍ୱରୂପ ଦେଖାଇବାକୁ ହେଲେ ଦର୍ଶକକୁ ସେ ଦେଖିପାରିବା ଭଳି ଶକ୍ତି ଓ ସାମର୍ଥ୍ୟ ଅର୍ପଣ କରାଯିବା ଉଚିତ୍ । ମୁଁ ତମ ପ୍ରେମରେ ଏତେ ବିଭୋଳ ଯେ, ଏକଥା ଭୁଲିଯାଇଛି । ଭୂମିକୁ ନ ଚଷି ମଞ୍ଜି ବୁଣିଲେ ଫସଲ ଆଶା ବୃଥା । ଯାହାହେଉ ମୋ ସ୍ୱରୂପ ଦେଖିବା ଲାଗି ମୁଁ ତୁମକୁ ଉପଯୁକ୍ତ ଦୃଷ୍ଟିଶକ୍ତି ଦେଉଛି । ହେ ପାଣ୍ଡବ ! ସେହି ଦୃଷ୍ଟିଦ୍ୱାରା ମୋର ସଂପୂର୍ଣ୍ଣ ଐଶ୍ୱର୍ଯ୍ୟ ଦର୍ଶନ କର, ଅନୁଭବ କର ।

ବେଦାନ୍ତବେଦ୍ୟ ନିଖିଳଲୋକାଦିକାରଣ— ଜଗଦ୍‌ବରେଣ୍ୟ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହିଭଳି କଥା କହିଲେ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ତତୋ ରାଜନ୍ ମହାଯୋଗେଶ୍ୱରୋ ହରିଃ ।
ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ॥୯॥

ସଞ୍ଜୟ କହିଲେ ଧୃତରାଷ୍ଟ୍ରଙ୍କୁ, ହେ କୁରୁକୁଳ ଚକ୍ରବର୍ତ୍ତି ! ଏ ପର୍ଯ୍ୟନ୍ତ ଆମେ ଜାଣିଥିଲୁ ଯେ ସ୍ୱୟଂ ଲକ୍ଷ୍ମୀଠାକୁରାଣୀଙ୍କ ବ୍ୟତୀତ ତ୍ରିଭୁବନରେ ଅଧିକ ଭାଗବ୍ୟତୀ କେହି ନାହିଁ । ବିଭିନ୍ନ ସଂକେତ ବର୍ଣ୍ଣନାର ନୈପୁଣ୍ୟ ବେଦମାତାଙ୍କଠାରୁ ଆଉ ଅଧିକ କାହାର ନାହିଁ । ଶେଷନାଗଠୁ ବଳି ସେବକ ଆଉ କେହି ନାହିଁ । ଅଷ୍ଟପ୍ରହର କଷ୍ଟ ସ୍ୱୀକାର କରି ଉପାସନାରେ ରତ ଥିବା ଗରୁଡ଼ଠୁ ବଳି ଯୋଗୀ ଆଉ କେହି ନାହିଁ । କିନ୍ତୁ ସେମାନେ ସମସ୍ତେ ପଛରେ ପଡ଼ି ରହିଲେ । ପଞ୍ଚପାଣ୍ଡବଙ୍କ ଜନ୍ମହେବା ପର୍ଯ୍ୟନ୍ତ ଏହିମାନେହିଁ କୃଷ୍ଣସୁଖ ଉପଭୋଗ କରି ଆସୁଥିଲେ । ଏବେ ଜଣାଗଲା ପଞ୍ଚପାଣ୍ଡବଙ୍କ ମଧ୍ୟରେ ଅର୍ଜୁନ

ସବୁଠାରୁ ଭାଗ୍ୟବାନ୍ । ବର୍ତ୍ତମାନ ଶ୍ରୀକୃଷ୍ଣ ସ୍ୱାଭାବିକ ଭାବରେ ଅର୍ଜୁନଙ୍କ ଅଧୀନ କହିଲେ ଅତ୍ୟୁକ୍ତି ହେବ ନାହିଁ । କାମୁକ ପୁରୁଷ ସ୍ତ୍ରୀର ଅଧୀନହୋଇ ସ୍ତ୍ରୀ ଯାହା କହେ ଯେପରି ତତ୍‌କ୍ଷଣାତ୍ କରିଥାଏ, କୃଷ୍ଣଙ୍କ ଅବସ୍ଥା ଠିକ୍ ସେହିଭଳି ହୋଇଛି । ଅର୍ଜୁନଙ୍କ ସୌଭାଗ୍ୟ ଯେ ଭଗବାନ ସୁପ୍ରସନ୍ନ । ଆଜି ଅର୍ଜୁନଙ୍କ ନୟନଯୁଗଳ ପୂର୍ଣ୍ଣ ପରମବ୍ରହ୍ମ ଭୋଗର ସୁଯୋଗ ଲାଭ କରିଛି । ଅର୍ଜୁନ ଯାହା ମାଗୁଛନ୍ତି, ଶ୍ରୀକୃଷ୍ଣ ତାହା ଅକୁଣ୍ଠିତ ଭାବରେ ଦେବାକୁ ପ୍ରସ୍ତୁତ । ଅର୍ଜୁନ କ୍ରୋଧ ପ୍ରକାଶ କଲେ ଶ୍ରୀକୃଷ୍ଣ ଚୁପ୍ । କଠୋର ଭାବ ପ୍ରକାଶ କରିବାମାତ୍ରେ ତାଙ୍କୁ ବୁଝାଇବାରେ ଲାଗୁଛନ୍ତି । ଶ୍ରୀକୃଷ୍ଣ ବାସ୍ତବରେ ଅର୍ଜୁନଙ୍କ ପ୍ରେମରେ ବିଭୋଳ ହୋଇ ପଡ଼ିଛନ୍ତି । ସଂସାର ବିଷୟଭୋଗକୁ ପରିତ୍ୟାଗ କରି ଶୁକ ପ୍ରଭୃତି ମହାତ୍ମାଗଣ ଜନ୍ମଗ୍ରହଣ କରୁ କରୁ ଆଜୀବନ ଯାହାର ସ୍ତୁତି-ଗାନ କରିବାରେ ଲାଗିଥିଲେ, ଯିଏ ଯୋଗୀମାନଙ୍କ ସମାଧିଲବ୍ଧ ସମ୍ପତ୍ତି, ସେହି ମହାପ୍ରଭୁ ଶ୍ରୀକୃଷ୍ଣ ବର୍ତ୍ତମାନ ଅର୍ଜୁନଙ୍କ ଅଧୀନ ।

ସଞ୍ଜୟ କହିଲେ, ହେ ରାଜନ୍ ! ଏହି କାରଣରୁ ମୁଁ ବିସ୍ମୟାଭିଭୂତ । କିନ୍ତୁ ଏବେ ଭାବୁଚି, ବିସ୍ମିତ ହେବାର କୌଣସି କାରଣ ନାହିଁ । କାରଣ ଭଗବାନ ଯାହାକୁ ନିଜର ବୋଲି ସ୍ୱୀକାର କରିନେଇ ଥାଆନ୍ତି, ତାକୁ ସବୁକିଛି ସମର୍ପି ଦେଇଥାଆନ୍ତି ।

ଯାହାହେଉ ଦେବତାମାନଙ୍କ ଅଧିରାଜ ଶ୍ରୀକୃଷ୍ଣ ପାର୍ଥଙ୍କୁ କହିଲେ, ତୁମକୁ ଦିବ୍ୟଦୃଷ୍ଟି ଦେଉଚି, ତଦ୍ୱାରା ତୁମେ ମୋର ବିଶ୍ୱରୂପ ଦେଖିପାରିବ ।

ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ଏହିକଥା ବାହାରୁ ନ ବାହାରୁଣୁ ଅର୍ଜୁନଙ୍କ ଅଜ୍ଞାନ-ଅନ୍ଧକାର ଦୂରୀଭୂତ ହୋଇ ଆସିଲା । ଶ୍ରୀକୃଷ୍ଣଙ୍କ ଶ୍ରୀମୁଖବାଣୀ କେବଳ କେତୋଟି ଅକ୍ଷରର ସମଷ୍ଟି ନୁହେଁ, ଏ ବାଣୀ ବ୍ରହ୍ମସ୍ୱରୂପ ଐଶ୍ୱର୍ଯ୍ୟର ପ୍ରଦର୍ଶକ ଜ୍ଞାନଦୀପ । ସଙ୍ଗେସଙ୍ଗେ ଅର୍ଜୁନଙ୍କ ଦିବ୍ୟନେତ୍ର ଫିଟି ଆସିଲା । ଜ୍ଞାନଦୃଷ୍ଟି ବିକଶିତ ହୋଇ ଆସିଲା ।

ଏହିଭଳି ଭାବରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ଐଶ୍ୱର୍ଯ୍ୟ ଦେଖାଇଲେ ।

ଅର୍ଜୁନ ଅନୁଭବ କରିପାରିଲେ– ଭଗବାନଙ୍କ ସମଗ୍ର ଅବତାର ବିଶ୍ୱରୂପକ ମହାସାଗରରେ କେବଳ ଗୁଡ଼ିଏ ତରଙ୍ଗ ଭଳି ଏବଂ ଭଗବାନଙ୍କ କିରଣ-ସମ୍ପାତରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ହେଉଛି ଠିକ୍ ମରୀଚିକା ଭଳି । ଏକ ଅନାଦି ପଟ୍ଟଭୂମିରେ ସମଗ୍ର ଚରାଚର ସ୍ପଷ୍ଟଭାବରେ ଚିତ୍ରିତ ହୋଇଛି । ପିଲାଦିନେ ଥରେ ଶ୍ରୀକୃଷ୍ଣ ମାଟି ଖାଇଥିଲେ, ମାତା ଯଶୋଦା ରାଗରେ ତାଙ୍କ ହାତ ଧରି କହିଥିଲେ– କହ୍ନେଇ ! ଦେଖି ତୋର ପାଟି ! ତୁ ମାଟି ଖାଇଛୁ ? ଛଳିଆ କାଳିଆ ଶ୍ରୀକୃଷ୍ଣ ସେତେବେଳେ ପାଟିକୁ ଆଁ କରି ପାଟି ଭିତରେ ଦେଖାଇଥିଲେ ନିଜର ବିଶ୍ୱରୂପ । ଯଶୋଦା ସେହି ପାଟି ଭିତରେ ଦେଖିଲେ ଚତୁର୍ଦ୍ଦଶ ଭୁବନ । ମଧୁବନରେ ଧ୍ରୁବପ୍ରତି ମଧ୍ୟ ପ୍ରଭୁ ସେହିଭଳି ଦୟା କରିଥିଲେ । ଶ୍ରୀକୃଷ୍ଣଙ୍କ ହାତରେ ଥିଲା ଶଙ୍ଖ । ଶଙ୍ଖଟିକୁ ଧ୍ରୁବର ଗାଲରେ ଛୁଆଁଇ ଦେବାମାତ୍ରେ ଧ୍ରୁବର ଜ୍ଞାନଚକ୍ଷୁ ଖୋଲି ଆସିଥିଲା । ଅଳ୍ପ ବୟସରେ ବେଦଭଳି ଅଗମ୍ୟ ବସ୍ତୁ ଲାଭ କରି ସେ ଅନର୍ଗଳ ଭାବରେ କହି ଚାଲିଥିଲା । ସେହି ବେଦଦ୍ୱାରା ଭଗବାନଙ୍କର ସ୍ତୁତି କରିଥିଲା ଧ୍ରୁବ ।

ସଞ୍ଜୟ କହିଲେ ଧୃତରାଷ୍ଟ୍ରଙ୍କୁ, ହେ ରାଜନ୍ ! ଶ୍ରୀହରି ଧନଞ୍ଜୟ ଅର୍ଜୁନଙ୍କ ପ୍ରତି ମଧ୍ୟ ସେହିଭଳି ଅନୁଗ୍ରହ ପ୍ରଦର୍ଶନ କଲେ । ସେହି କୃପା ଫଳରେ ଅର୍ଜୁନଙ୍କ ମନରୁ ସମସ୍ତ ମାୟା ଲୋପ ପାଇଗଲା । ସମ୍ପୂର୍ଣ୍ଣ ଐଶ୍ୱର୍ଯ୍ୟ ପ୍ରକାଶ କରି ସେ ଅର୍ଜୁନଙ୍କୁ ଚମତ୍କୃତ କରିଦେଲେ । ଚିତ୍ତ ତାଙ୍କର ବିସ୍ମୟରେ ଡୁବିଗଲା । ବ୍ରହ୍ମଲୋକ ପର୍ଯ୍ୟନ୍ତ ବିସ୍ତାରିତ ମହାପ୍ରଳୟ ସମୁଦ୍ରରେ ମାର୍କଣ୍ଡ ମୁନି ଯେପରି ଏକାକୀ ଭାସିବାରେ ଲାଗିଥିଲେ, ସେହିଭଳି ପାର୍ଥ ଚମତ୍କାରିତାର ସମୁଦ୍ରରେ ସନ୍ତରଣ କରିବାରେ ଲାଗିଲେ । ମନେ ମନେ ଭାବିଲେ, କେତେବଡ଼ ଆକାଶ ଥିଲା, ତାକୁ ନେଲା କିଏ ?ଗଲା କୁଆଡ଼େ ? ଦିଗଗୁଡ଼ିକର ମଧ୍ୟ ଚିହ୍ନବର୍ଣ୍ଣ ରହିଲା ନାହିଁ । ଆକାଶ ପାତାଳର ବିଚାର ମଧ୍ୟ ରହିଲା ନାହିଁ । ଅର୍ଜୁନଙ୍କ ଜାଗ୍ରତ ଅବସ୍ଥାରେ ହିଁ ନିଜର ଆକାର ସ୍ୱପ୍ନଭଳି କୁଆଡ଼େ ଲୋପ ପାଇଗଲା । ସୂର୍ଯ୍ୟ ଉଦୟ ହେବାମାତ୍ରେ ସେ ଚନ୍ଦ୍ର ସହିତ ନକ୍ଷତ୍ରଗୁଡ଼ିକୁ ମଧ୍ୟ ଲୋପକରି ଦେଇଥାଏ, ସେହିଭଳି ପ୍ରଭୁଙ୍କ ବିଶ୍ୱରୂପ ସମସ୍ତ ପ୍ରପଞ୍ଚକୁ ନଷ୍ଟ କରିଦେଲା । ମନର ମନତ୍ୱ

ମଧ୍ୟ ଲୋପ ପାଇଗଲା । ବୁଦ୍ଧି ସ୍ଥିର ହୋଇ ଆସିଲା । ଇନ୍ଦ୍ରିୟଗୁଡ଼ିକର ବୃତ୍ତି ବା ସ୍ୱଭାବ ହୃଦୟାଭିମୁଖୀ ହୋଇ ଆସିଲା । ସ୍ତବ୍ଧତା ମଧ୍ୟ ସ୍ତବ୍ଧ ହୋଇପଡ଼ିଲା । ଏକାଗ୍ରତା ଆହୁରି ଘନୀଭୂତ ହୋଇ ଆସିଲା । ସମଗ୍ର ବିଚାର ବୁଦ୍ଧି ବା ବିବେକ ଉପରେ କେହି ମୋହନାସ୍ତ୍ର ପ୍ରୟୋଗ କରିବା ଭଳି ମନେ ହେଲା । ଭଲମନ୍ଦ ବିଚାର ଆଉ କିଛି ରହିଲା ନାହିଁ । ବିବେକ ନିଜେ ଅବିବେକୀ ହୋଇ ଆସିଲା । ଅର୍ଜୁନ ପ୍ରଥମେ ପ୍ରଥମେ ଭାରି ଖୁସି ହୋଇ ଉଠିଲେ । ସେ ଦେଖିଲେ, ଚତୁର୍ଭୁଜ ସ୍ୱରୂପ ନାରାୟଣ ଦଣ୍ଡାୟମାନ ହୋଇ ଉଗ୍ରରୂପ ପ୍ରକାଶ କରିବାରେ ଲାଗିଛନ୍ତି । ବର୍ଷା କାଳରେ ମେଘ ଯେପରି ଚାରିଆଡ଼େ ଛାଇଯାଏ, ମହାପ୍ରଳୟରେ ତେଜ ଯେପରି ବିସ୍ତାର ଲାଭକରେ, ସେହିଭଳି ଏହି ଚତୁର୍ଭୁଜ ମୂର୍ତ୍ତି ନିଜର ସ୍ୱରୂପ ବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ ଖାଲି ରଖିନାହିଁ । ସବୁଆଡ଼େ ଏହା ବ୍ୟାପିଯାଇଛି । ପ୍ରଥମେ ଅର୍ଜୁନ ନିଜ ଅନ୍ତର୍ଚକ୍ଷୁରେ ସେ ମୂର୍ତ୍ତିକୁ ଦର୍ଶନ କରିବାପରେ ଆଖିଖୋଲି ବାହାରେ ମଧ୍ୟ ସେହି ବିଶ୍ୱରୂପକୁ ଦର୍ଶନ କଲେ ।

ଶ୍ରୀକୃଷ୍ଣ ଏହିଭଳି ଭାବରେ ଅର୍ଜୁନଙ୍କ ଅଭିଳାଷ ପୂର୍ଣ୍ଣ କଲେ ।

ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍ ।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ॥୧୦॥

ଅର୍ଜୁନ ସେହି ବିଶ୍ୱରୂପ ଭିତରେ ଦେଖିଲେ ଅସଂଖ୍ୟ ମୁଖ । ସେହି ମୁଖ ଭିତରେ ଯାହାଦେଖିଲେ, ମନେ ହେଲା ଯେପରିକି ବିଷ୍ଣୁଙ୍କ ରାଜଭବନ ଲାବଣ୍ୟମୟ ଶୋଭା ସମ୍ଭାରଦ୍ୱାରା ଉଦ୍‌ଭାସିତ । ଏସବୁ କେବଳ ମୁଖ ନୁହଁ, ମନେହେଲା ଯେପରିକି ବହୁ ନନ୍ଦନକାନନର ସମାହାର । ସୌନ୍ଦର୍ଯ୍ୟ ତା'ର ସମଗ୍ର ସାମ୍ରାଜ୍ୟକୁ ଠୁଳ କରି ରଖିଚି ଏହା ଭିତରେ । ଅର୍ଜୁନ ଶ୍ରୀକୃଷ୍ଣଙ୍କର ଏହିଭଳି କମନୀୟ ମୁଖ ଦର୍ଶନ କରି ଉଲ୍ଲସିତ ହୋଇ ଉଠିଲେ । ସେ ଦେଖିଲେ, ଏହି ମୁଖଗୁଡ଼ିକ ମଧ୍ୟରୁ କୌଣସି କୌଣସିଟି ଭୀଷଣ, ଭୟାନକ । ମନେହେଲା ଯେପରିକି କାଳରାତ୍ରିର ସୈନ୍ୟବାହିନୀ ମାଡ଼ି ଆସୁଛନ୍ତି । ଏହି ମୁଖ ଭିତରେ ନାନା ମୁଖର ଉଦ୍ଭବ ହୋଇଛି । ତା ମଧ୍ୟରୁ ଗୋଟିଏ ମୃତ୍ୟୁମୁଖ ଭଳି ମନେ

ହେଉଛି । ଏହାରି ଭିତରେ ଭୟର ଦୁର୍ଗ ମଧ୍ୟ ରଚନା ହୋଇଛି । ମନେ ହେଉଛି ଯେପରି ପ୍ରଳୟାନଳର ମହାକୁଣ୍ଡର ଦ୍ୱାର ଖୋଲି ଦିଆଯାଇଛି । ଅର୍ଜୁନ ସେହି ମୁଖ ମଧ୍ୟରେ ଅଦ୍ଭୁତ, ଭୟାନକ ଏବଂ ବହୁପ୍ରକାରର ଅଳଙ୍କାରରେ ଅଳଙ୍କୃତ ସୌମ୍ୟମୁଖ ଦର୍ଶନ କଲେ । ଅବଶ୍ୟ ସେ ଜ୍ଞାନଦୃଷ୍ଟି ତଥା ଦିବ୍ୟଦୃଷ୍ଟିରେ ଦେଖିଥିଲେ, ତଥାପି ମୁଖଗହ୍ୱରର ଶେଷ କେଉଁଠି ଜାଣି ପାରିଲେ ନାହିଁ କିମ୍ବା ଦେଖିପାରିଲେ ନାହିଁ ।

ସେହି ମୁଖରେ ଥିବା ଚକ୍ଷୁଆଡ଼କୁ ଅର୍ଜୁନଙ୍କ ଦୃଷ୍ଟି ପଡ଼ିଲା । ସେ ଚକ୍ଷୁକୁ ଦେଖିବାମାତ୍ରେ ମନେ ହେଲା ଯେପରି ଗୁଡ଼ିଏ ସୂର୍ଯ୍ୟର ସମାବେଶ ଘଟିଚି ଏଠାରେ । ସେ ଅନୁଭବ କଲେ ଏହି ନୟନରେ ଗୁଡ଼ିଏ କମଳବନ ବିକଶିତ ହୋଇ ଉଠିଛି । ସେହି ଚକ୍ଷୁର ଭ୍ରୁକୁଟି ତଳକୁ ଲକ୍ଷ୍ୟ କଲେ ସେ । ସେଠାରେ ଦେଖିଲେ, କୃଷ୍ଣବର୍ଣ୍ଣ ମେଘମାଳା ଭିତରେ ବିଜୁଳି ଚମକିଲା ଭଳି ଅଗ୍ନିର ସ୍ଫୁଲିଙ୍ଗ । ଯାହା ଯାହା ଦେଖିଲେ ସେସବୁ ଅତ୍ୟନ୍ତ ବିସ୍ମୟକର । ଗୋଟିଏ ରୂପ ଭିତରେ ସେ ଦର୍ଶନ କଲେ ଅନେକ ରୂପ । ମନେ ମନେ ଭାବିଲେ, ଏ ରୂପର ପାଦ କେଉଁଠି ? ମୁକୁଟ ରହିଲା କେଉଁଠି ? ହାତଗୁଡ଼ାକ ଗଲା କୁଆଡ଼େ ? ପ୍ରେମର ପ୍ରାଚୁର୍ଯ୍ୟ ମଧ୍ୟରେ ଅଧିକରୁ ଅଧିକ ଦେଖିବା ଲାଗି ତାଙ୍କର ଇଚ୍ଛା ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । ଭାଗ୍ୟବାନ୍ ଅର୍ଜୁନଙ୍କର ବାସନା କ'ଣ ଅପୂର୍ଣ୍ଣ ରହିପାରେ ? ଶଙ୍କରଙ୍କ ତୂଣୀରରେ କ'ଣ ନିଷ୍ଫଳ ବାଣ ରହିପାରେ ? ବ୍ରହ୍ମାଙ୍କ ବାକ୍ୟରେ କ'ଣ କେବେ ମିଥ୍ୟାଳାପର ଛାଞ୍ଚସୁଦ୍ଧା ରହିପାରେ ? ସେହିଭଳି ଅର୍ଜୁନଙ୍କ ଇଚ୍ଛା ଅପୂରଣୀୟ ରହିନପାରେ । ଶ୍ରୀକୃଷ୍ଣ ତାଙ୍କୁ ଅପାର ସ୍ୱରୂପର ଆଦିଅନ୍ତ ସବୁ ଦେଖାଇବାରେ ଲାଗିଲେ । ବେଦ ଯାହାର ଅନ୍ତ ପାଇ ନାହିଁ, ଅର୍ଜୁନ ଦୁଇ ନୟନରେ ତାଙ୍କର ସମ୍ପୂର୍ଣ୍ଣ ଅବୟବର ଦର୍ଶନ ଭୋଗ ଲାଭ କରିପାରିଲେ । ପାଦଠାରୁ ମଥା ତଥା ମୁକୁଟ ପର୍ଯ୍ୟନ୍ତ ସେ ବିଶ୍ୱରୂପ ଦର୍ଶନ କରି ପାରିଲେ । ସେହିରୂପ ନାନା ଅଳଙ୍କାରରେ ସୁଶୋଭିତ । ନିଜ ଶରୀରରେ ଧାରଣ କରିବା ଲାଗି ସ୍ୱୟଂ ପରମବ୍ରହ୍ମ ଯାହାର ଅଳଙ୍କାର ପାଲଟିଛନ୍ତି, ତାକୁ ତୁଳନା କରିବ କିଏ ? ଯାହାର ପ୍ରଭାବରେ ସୂର୍ଯ୍ୟ ଚନ୍ଦ୍ର ପ୍ରଭାବିତ, ଯିଏ

ମହାତେଜର ଜୀବନ, ଯେଉଁଥିରୁ ସମଗ୍ର ବିଶ୍ୱର ପ୍ରକାଶ, ସେହି ଦିବ୍ୟତେଜର ଶୋଭାସମ୍ଭାର କାହାରବା ବୁଦ୍ଧିଗୋଚର ହୋଇପାରିବ ? ପ୍ରଭୁ ନିଜେ ନିଜକୁ ଅଳଂକୃତ କରି ରଖିଛନ୍ତି । ଅର୍ଜୁନ ସେହି ଅଳଂକୃତ ରୂପକୁ ଦେଖିବାର ସୁଯୋଗ ଲାଭକଲେ । ଅର୍ଜୁନ ଜ୍ଞାନଦୃଷ୍ଟିରେ ଦେଖିଲେ, ପ୍ରଭୁ ଯେଉଁ ଦଣ୍ଡଟି ଧରିଛନ୍ତି, ତାହା ଦଣ୍ଡ ନୁହଁ— ଏକ ଅଖଣ୍ଡ ବସ୍ତୁ । କଳ୍ପାନ୍ତର ଜ୍ୱାଳାକୁ ପ୍ରଶମିତ କରିବାଲାଗି ତାଙ୍କର ଏହି ଦଣ୍ଡ ଧାରଣ । ଏହି ଦଣ୍ଡ ଭିତରେ ସେ ଦେଖିଲେ ଅନେକ ଅସ୍ତ୍ରର ସମାହାର । ପ୍ରଭୁ ନିଜେ ହିଁ ଶରୀର, ନିଜେ ଅଳଙ୍କାର, ନିଜେ ହସ୍ତ, ନିଜେ ଅସ୍ତ୍ର, ନିଜେ ଦେହୀ ଓ ଦେହ । ସଚରାଚର ଶ୍ରୀକୃଷ୍ଣମୟ । ତାଙ୍କ କିରଣର ତୀବ୍ରତା ପାଖରେ ନକ୍ଷତ୍ରଗୁଡ଼ିକ କ୍ଷୁଦ୍ର ଶସ୍ୟକଣା ଭଳି । ଏହି ତେଜର ଭୟରେ ଅଗ୍ନି ସମୁଦ୍ରରେ ପ୍ରବେଶ କରେ । କାଳକୂଟ ସମୁଦ୍ରତଳେ ଯାଇ ଲୁଚି ରହେ । ସେ ହେଉଛନ୍ତି ସାକ୍ଷାତ୍ ବିଦ୍ୟୁତ୍‌ମୟ ଅରଣ୍ୟ । ତାଙ୍କର ଅସଂଖ୍ୟ ହସ୍ତ । ସେ ହସ୍ତମାନଙ୍କରେ ଅସଂଖ୍ୟ ଶସ୍ତ୍ର । ସେଗୁଡ଼ିକ ପ୍ରଭାମୟ, ଜ୍ୟୋତିର୍ମୟ ।

ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ॥୧୧॥

ଅର୍ଜୁନ ଏହି ଭୟଙ୍କର ରୂପକୁ ଦେଖି ପଛପଟକୁ ମୁହଁ ବୁଲେଇ ନେଲେ । କିନ୍ତୁ ଦୃଷ୍ଟି ଯିବ କୁଆଡ଼େ ? ଚାରିଆଡ଼େ ସେହି ରୂପ । ସେ ସେହି ବିଶ୍ୱରୂପର କଣ୍ଠ ଓ ମୁକୁଟକୁ ଚାହିଁବାମାତ୍ରେ ଦେଖାଗଲା ଏକ ବିରାଟ କଳ୍ପବୃକ୍ଷ । ଦେଖିଲେ, ମହାସିଦ୍ଧମାନଙ୍କ ଅଧିଷ୍ଠାତ୍ରୀ ଦେବୀ ମା ମହାଲକ୍ଷ୍ମୀ କ୍ଳାନ୍ତ ଶ୍ରାନ୍ତ ହୋଇ ସେହି ବୃକ୍ଷତଳେ ଆଶ୍ରୟ ଗ୍ରହଣ କରିଛନ୍ତି । ସେହି ବିଶ୍ୱରୂପର କି ସୁନ୍ଦର ନୟନାଭିରାମ କଣ୍ଠ ! ଅତି ନିର୍ମଳ । କୁସୁମଶୋଭିତ । ମୁକୁଟ ମଧ୍ୟ ତହୁଁବଳି କମନୀୟ । ମୁକୁଟ ଉପରେ ଗୁଚ୍ଛଗୁଚ୍ଛ ହୋଇ ନାନା ବର୍ଣ୍ଣର ପୁଷ୍ପ । କଣ୍ଠଦେଶରେ ପରମରମଣୀୟ ପୁଷ୍ପମାଳା । ସ୍ୱର୍ଗରାଜ୍ୟ ଯେପରି ସୂର୍ଯ୍ୟକିରଣରେ ଉଦ୍ଭାସିତ । ମନେହେଉଚି ମେରୁପର୍ବତ ସ୍ୱର୍ଣ୍ଣରେ ବିମଣ୍ଡିତ । ପରିଧାନ ହେଉଚି ଉଜ୍ଜ୍ୱଳସୁଶୋଭିତ ପୀତାମ୍ବର । ମନେହେଉଚି ଶଙ୍କରଙ୍କ ଅଙ୍ଗ କର୍ପୂର ଦ୍ୱାରା ମାର୍ଜନା କରାଯାଇଛି ।

କୈଳାସ ପର୍ବତ ପାରଦଦ୍ୱାରା ଲେପିତ ହୋଇଛି । କ୍ଷୀର-ସମୁଦ୍ର ଉପରେ ଶୁଭ୍ର-ବସନର ଆଚ୍ଛାଦନ ଦିଆଯାଇଛି । ଚନ୍ଦ୍ରକିରଣଦ୍ୱାରା ବସ୍ତ୍ର ପ୍ରସ୍ତୁତ କରାଯାଇ ଗଗନକୁ ପିନ୍ଧାଇ ଦିଆଯାଇଛି । ସର୍ବାଙ୍ଗ ଶୁଭ୍ରଚନ୍ଦନ ଦ୍ୱାରା ଚର୍ଚ୍ଚିତ ହୋଇଛି ।ଏହାର ସୁଗନ୍ଧ ଓ ଶୀତଳତାରେ ବ୍ରହ୍ମାନନ୍ଦଙ୍କ ଜ୍ୱାଳାର ଉପଶମ ହୋଇପାରୁଚି । ପୃଥିବୀ ନବଜୀବନ ଲାଭ କରିପାରିଛି । ପ୍ରକୃତ ଶରୀର ରହିତ ପରବ୍ରହ୍ମ ଯେଉଁ ପ୍ରଲେପରେ ନିର୍ମଳ ହୋଇ ଉଠନ୍ତି ଏବଂ ଯାହାକୁ ସେ ଆନନ୍ଦରେ ସର୍ବାଙ୍ଗରେ ଧାରଣ କରିଥାଆନ୍ତି, ସେ ସୁଗନ୍ଧର ମହିମାକୁ ବର୍ଣ୍ଣନା କରିବ କିଏ ?

ଶୃଙ୍ଗାର-ଭୂଷଣାଳଂକାରର ଗୋଟିଏ ଗୋଟିଏ ଶୋଭାଦର୍ଶନ କରୁ କରୁ ଅର୍ଜୁନ ଅବାକ୍ ହୋଇପଡ଼ିଲେ । ପ୍ରଭୁ ବସିଛନ୍ତି କି ଠିଆ ହୋଇ ରହିଛନ୍ତି, ପଛରେ ଅଛନ୍ତି କି ଆଗରେ ଅଛନ୍ତି,ଏକଥା ସ୍ଥିର କରିବାକୁ ସେ ଅସମର୍ଥ ହୋଇ ପଡ଼ିଲେ । ଆଖି ଖୋଲିଦେବାମାତ୍ରେ ଦେଖିଲେ ଚତୁର୍ଦ୍ଦିଗରେ ସେହି ମୂର୍ତ୍ତି । ଆଖିବୁଜି ଦେଲେ ମଧ୍ୟ ଅନ୍ତରରାଜ୍ୟ ସେହି ଦୃଶ୍ୟରେ ପରିପୂର୍ଣ୍ଣ । ସମ୍ମୁଖରେ ଅଗଣିତ ବଦନ । ଭୟରେ ପଛଆଡୁ ଚାହିଁବାମାତ୍ରେ ସେ ଦେଖିଲେ ପଛରେ ମଧ୍ୟ ଆଗଭଳି ଅଗଣିତ ଶ୍ରୀମୁଖ । କେତେ ହସ୍ତ, କେତେ ପାଦ ! ଦେଖିବାକୁ ଚାହିଁଲେ ତ ଦେଖାଯିବା ସ୍ୱାଭାବିକ, କିନ୍ତୁ ସବୁଠୁ ଅଦ୍ଭୁତ କଥା ହେଉଛି ନ ଦେଖିବାକୁ ଚାହିଁଲେ ମଧ୍ୟ ଦେଖାଯାଉଚି । ଲୀଳାମୟ ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କ ପ୍ରତି ଏତେ କୃପା ଯେ ଦେଖ ନ ଦେଖ ସବୁ ତାରି ଭିତରେ ବ୍ୟାପି ରହିଛନ୍ତି । ମନୁଷ୍ୟ ନଦୀବନ୍ୟାରେ ଉବେଇ ଟୁବେଇ ହୋଇ କୂଳରେ ଲାଗିବାମାତ୍ରେ ପୁଣି ସମୁଦ୍ରରେ ବୁଡ଼ିବା ଭଳି ଅନନ୍ତରୂପୀ ଭଗବାନ ଶ୍ରୀକୃଷ୍ଣ ନିଜର ଲୀଳା ସମୁଦ୍ରରେ ଅର୍ଜୁନଙ୍କୁ ନିଜର ସନ୍ଦର୍ଶନାମୃତ ଚଖେଇବା ଲାଗି ଅପୂର୍ବ କୌଶଳରେ ତାଙ୍କୁ ଜଡ଼େଇନେଲେ । ଭଗବାନ୍ ସ୍ୱଭାବତଃ ବିଶ୍ୱତୋମୁଖ । ଅର୍ଜୁନ ତାଙ୍କର ବିଶ୍ୱରୂପ ଦର୍ଶନ ଲାଗି ପ୍ରାର୍ଥନା କରିଥିଲେ, ତେଣୁ ଅର୍ଜୁନ ମଧ୍ୟ ବିଶ୍ୱମୟ ହୋଇ ପଡ଼ିଛନ୍ତି । ପ୍ରଦୀପ ସୂର୍ଯ୍ୟାଲୋକରେ ମଧ୍ୟ ଦେଖାଯାଏ, କିନ୍ତୁ ଆଖିବୁଜିଲେ ଦେଖାଯାଏନା । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଦିବ୍ୟ ଦୃଷ୍ଟି ଦେଇଛନ୍ତି, ତାହାଦ୍ୱାରା ସେ ଭିତରେ ବାହାରେ ସବୁଆଡ଼େ ବିଶ୍ୱରୂପ ଦର୍ଶନ କରିବାକୁ ସମର୍ଥ ହୋଇ ପାରିଛନ୍ତି ।

ହସ୍ତିନାପୁରରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଏକଥା କହିବାପରେ ପୁଣି କହିଲେ, ହେ ରାଜନ୍ ! ଅର୍ଜୁନ ନାନାଅଳଙ୍କାରରେ ବିଭୂଷିତ ବିଶ୍ୱତୋମୁଖ ବିଶ୍ୱରୂପକୁହିଁ ଦର୍ଶନ କରିବାରେ ଲାଗିଛନ୍ତି । ଗୋଟିଏ ଅଲୌକିକତାକୁ ଦେଖୁ ଦେଖୁ ପୁଣି ଆଉ ଏକ ଅଲୌକିକତା ଆସି ତାଙ୍କ ଆଖି ଆଗରେ ଉପସ୍ଥିତ ହୋଇ ଯାଉଛି । କାହାକୁ ଦେଖିବେ, କାହାକୁ ଛାଡ଼ିବେ ଅର୍ଜୁନ ଭାବିପାରୁ ନାହାନ୍ତି ।

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍‌ଯୁଗପଦୁତ୍‌ଥିତା ।
ଯଦି ଭାଃ ସଦୃଶୀ ସା ସ୍ୟାଦ୍‌ଭାସସ୍ତସ୍ୟ ମହାତ୍ମନଃ ॥୧୨॥

ହେ ରାଜନ୍ ! ସେହି ଅଙ୍ଗଶୋଭାର ତୁଳନା ନାହିଁ । କଳ୍ପାନ୍ତ ସମୟରେ ଦ୍ୱାଦଶ ଆଦିତ୍ୟ ଏକ ହୋଇଯାଆନ୍ତି; ସହସ୍ର ଦିବ୍ୟସୂର୍ଯ୍ୟ ଏକ ସମୟରେ ଉଦୟ ହୁଅନ୍ତି— କିନ୍ତୁ ସେଥିରେ ମଧ୍ୟ ଏହି ମହାତେଜର ଉପମା ଦିଆଯାଇ ନପାରେ । ସଂପୂର୍ଣ୍ଣ ବିଦ୍ୟୁତ୍‌ମାଳାର ତେଜଗୁଡ଼ିକୁ ଏବଂ ପ୍ରଳୟାଗ୍ନିର ସମଗ୍ର ଶକ୍ତିକୁ ଏବଂ ସେ ସମସ୍ତଙ୍କର ଦଶଗୁଣ ତେଜକୁ ଏକତ୍ର କରାଗଲେ ମଧ୍ୟ ଏହି ଅଙ୍ଗଶୋଭା ଆଗରେ ସେ ସମସ୍ତ କ୍ଷୀଣପ୍ରଭ ହୋଇପଡ଼ିବ, ଏଭଳି ନିର୍ମଳ ଦେଖାଯିବ ନାହିଁ । ଏହି ବିଶ୍ୱରୂପରେ ଶ୍ରୀହରିଙ୍କ ସର୍ବ ଅଙ୍ଗକାନ୍ତି ସ୍ୱାଭାବିକ ଭାବରେ ପ୍ରକାଶିତ ହୋଇଛି । ବ୍ୟାସମୁନିଙ୍କ କୃପାରେ ଏହା ଆମର ଦୃଷ୍ଟିଗୋଚର ହୋଇପାରିଛି ।

ତତ୍ରୈକସ୍ଥଂ ଜଗତ୍‌କୃତ୍ସ୍ନଂ ପ୍ରବିଭକ୍ତମନେକଧା ।
ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ॥୧୩॥

ମହାସମୁଦ୍ରରେ ପୃଥକ୍ ପୃଥକ୍ ପାଣି ଫୋଟକା ଭଳି ଏହି ବିଶ୍ୱରୂପରେ ସମଗ୍ରଜଗତ ମଧ୍ୟ ପୃଥକ୍ ପୃଥକ୍ । ଗଗନରେ ଗନ୍ଧର୍ବନଗର ଭୂମି ଉପରେ ପିମ୍ପୁଡ଼ିମାନଙ୍କ ଛୋଟ ଛୋଟ ଘର ଏବଂ ମେରୁପର୍ବତଉପରେ ଧୂଳିକଣା ଭଳି ଦେବଗଣଙ୍କ ଚକ୍ରବର୍ତ୍ତୀ ଶ୍ରୀହରିଙ୍କ ଶରୀରରେ ଅର୍ଜୁନ ସମଗ୍ର ଜଗତର ସ୍ଥିତିକୁ ଦର୍ଶନ କରିଥିଲେ ।

ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ ।
ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ ।।୧୪।।

'ବିଶ୍ୱ ଏକ ଓ ମୁଁ ଏକ' ଅର୍ଜୁନଙ୍କର ଏହି ଦ୍ୱୈତଭାବ ନଷ୍ଟ ହୋଇ ଯାଇଥିଲା । ଅନ୍ତଃକରଣ ଲୋପ ପାଇବାମାତ୍ରେ ଅନ୍ତର୍ଯ୍ୟାମୀ-ସ୍ୱରୂପର ଆନନ୍ଦ ଜାଗ୍ରତ ହୋଇଥିଲା । ତାଙ୍କର ବାହ୍ୟିକ ଅଙ୍ଗପ୍ରତ୍ୟଙ୍ଗର ବଳ ଚାଲିଗଲା । ଆପାଦମସ୍ତକ ରୋମାଞ୍ଚିତ ହୋଇ ଉଠିଲା । ପର୍ବତ ଦେହରେ ବର୍ଷାଜଳ ନିର୍ଗତ ହୋଇ ସାରିବାପରେ ଯେପରି କୋମଳ ଶିଉଳି ଜାତ ହୋଇଥାଏ, ସେହିଭଳି ଅର୍ଜୁନଙ୍କ ସର୍ବାଙ୍ଗରେ ରୋମାଞ୍ଚ ଜାତ ହେବାକୁ ଲାଗିଲା । ଚନ୍ଦ୍ରକିରଣରେ ଚନ୍ଦ୍ରକାନ୍ତମଣି ଯେପରି ଘର୍ମାକ୍ତ ହୋଇ ଉଠେ, ସେହିଭଳି ଅର୍ଜୁନଙ୍କ ଶରୀର ସ୍ୱେଦମୟ ହୋଇ ଉଠିଲା । କମଳକୋରକ ଭିତରେ ଭ୍ରମର ପ୍ରବେଶ କରି ଆବଦ୍ଧ ହୋଇ ପଡ଼ିବାମାତ୍ରେ ଜଳ ଉପରେ ଏହା ଯେପରି କମ୍ପିତ ହୋଇଥାଏ, ସେହିଭଳି ଅର୍ଜୁନଙ୍କ ଅନ୍ତର ଆନନ୍ଦରେ କମ୍ପି ଉଠିଲା । କର୍ପୂରପୁଡ଼ାକୁ ଖୋଲିଦେବା ମାତ୍ରେ ଏହାର କର୍ପୂରକଣା ଯେପରି ଝରିଆସେ, ସେହିଭଳି ଅର୍ଜୁନଙ୍କ ନୟନଯୁଗଳରୁ ଜଳବିନ୍ଦୁ ଝରିଆସିଲା । ଚନ୍ଦ୍ରୋଦୟ ମାତ୍ରେ ସମୁଦ୍ରର ତରଙ୍ଗ ଆନ୍ଦୋଳିତ ହେବାଭଳି ଅର୍ଜୁନ ଆନନ୍ଦ ତରଙ୍ଗରେ ଉଚ୍ଛଳିତ ହୋଇପଡ଼ିଲେ । ଅଷ୍ଟସାତ୍ତ୍ୱିକ ଭାବ * ପରସ୍ପର ସହିତ ପ୍ରତିଯୋଗିତା କରି ବିକଶିତ ହେବାରେ ସେ ବ୍ରହ୍ମାନନ୍ଦ ଲାଭ କଲେ । ଏହି ଆନନ୍ଦ ଅନୁଭବ ପରେ ଦ୍ୱୈତଭାବକୁ ଆଶ୍ରୟ କରି ନିଃଶ୍ୱାସ ପ୍ରଶ୍ୱାସ ନେଉ ନେଉ ଅର୍ଜୁନ ବାହ୍ୟଦୃଷ୍ଟି ଫେରାଇ ଯେଉଁ ଦିଗକୁ ମୁହଁ କରି ରହିଥିଲେ, ସେଦିଗକୁ ହାତଯୋଡ଼ି ମୁଣ୍ଡନୁଆଇଁ କହିବାକୁ ଲାଗିଲେ :

---

* ଚିତ୍ତଂ ସତ୍ତ୍ୱୀଭବତ୍ ପ୍ରାଣେନ୍ୟସ୍ୟତ୍ୟାତ୍ମାନମୁଭଟଂ-
ପ୍ରାଣସ୍ତୁବିକ୍ରିୟାଂ ଗଚ୍ଛନ୍ଦେହଂ ବିକ୍ଷୋଭୟତ୍ୟଳଂ !
ତଦା ସ୍ତମ୍ଭାଦୟୋ ଭାବା ଭକ୍ତଦେହେ ଭବନ୍ତ୍ୟାମୀ ।
ତେ ସ୍ତମ୍ଭସ୍ୱେଦ ରୋମାଞ୍ଚାଃ ସ୍ୱରଭେଦୋହ୍ୟଥବେପଥୁଃ ।

ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭେଦ, କମ୍ପ, ବିବର୍ଣ୍ଣତା, ଅଶ୍ରୁ ଓ ପ୍ରଳୟ ଆଦି ଅଷ୍ଟସାତ୍ତ୍ୱିକ ଭାବ ଭକ୍ତ ଦେହରେ ଉଦିତ ହୋଇଥାଏ ।

ଅର୍ଜୁନ ଉବାଚ

ପଶ୍ୟାମି ଦେବାଂସ୍ତବ ଦେବଦେହେ
ସର୍ବାଂସ୍ତଥା ଭୂତବିଶେଷସଂଘାନ୍ ।
ବ୍ରହ୍ମାଣମୀଶଂ କମଳାସନସ୍ଥ-
ମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ॥୧୫॥

ଅର୍ଜୁନ କହିଲେ, ପ୍ରଭୋ ! ତମର ଜୟ ହେଉ । ମୋ ଭଳି ସାମାନ୍ୟ ମନୁଷ୍ୟ-ଦେହଧାରୀକୁ କେବଳ ଯେ ବିଶ୍ୱରୂପ ଦେଖାଇଚ ତା ନୁହଁ, ଦେଖିପାରିବା ଭଳି ସାମର୍ଥ୍ୟ ମଧ୍ୟ ପ୍ରଦାନ କରିଛ । ଏହାଠୁ ବଳି କୃପା ଆଉ କ'ଣ ଥାଇପାରେ ? ମୋର ବହୁତ ଉପକାର କରିଚ । କାରଣ ତୁମେ ହିଁ ଯେ ସମଗ୍ର ବିଶ୍ୱସୃଷ୍ଟିର ପରମାଶ୍ରୟ, ତାହା ମୁଁ ପ୍ରତ୍ୟକ୍ଷ କରି ପାରିଛି । ମନ୍ଦର ପର୍ବତରେ ଯେପରି ଶ୍ୱାପଦସଂକୁଳ ଅରଣ୍ୟ ଦେଖାଯାଏ, ସେହିଭଳି ତୁମ ଶରୀର ଅସଂଖ୍ୟ ଭୁବନର ଆବାସ । ଆକାଶରେ ଯେପରି ଅଗଣିତ ଗ୍ରହ ନକ୍ଷତ୍ର, ମହାବୃକ୍ଷ ଦେହରେ ଯେପରି ବହୁ ପକ୍ଷୀଙ୍କ କୋଟର, ସେହିଭଳି ହେ ଶ୍ରୀହରି ! ତୁମର ଏହି ବିଶ୍ୱରୂପ ବିଗ୍ରହରେ ଦେବତାମାନଙ୍କ ସହିତ ସମଗ୍ର ସ୍ୱର୍ଗପୁରୀ ଦେଖାଯାଉଛି । ମୁଁ ଏହା ଭିତରେ ପଞ୍ଚଭୂତକୁ ଦେଖୁଚି । ଏହି ପଞ୍ଚଭୂତରୁ ହିଁ ସମଗ୍ର ଜୀବଜଗତର ସୃଷ୍ଟି । ମୁଁ ଏଥିରେ ସତ୍ୟଲୋକକୁ ଦେଖୁଚି । ଦେଖୁଚି ଗୋଟିଏ ପାଖରେ ରହିଛନ୍ତି ପରମପୁରୁଷ ସୃଷ୍ଟିକର୍ତ୍ତା ନିଜେ ବ୍ରହ୍ମଦେବ ଏବଂ ଅନ୍ୟ ପାଖରେ ସଂହାରକର୍ତ୍ତା କୈଳାସପତି ମହାଦେବ । ସେ ପାର୍ବତୀଙ୍କ ସହିତ ରହିଛନ୍ତି । ହେ ହୃଷୀକେଶ ! ତୁମେ ନିଜକୁ ନିଜ ଭିତରେ ଦେଖାଇବାରେ ଲାଗିଚ । କଶ୍ୟପ ସମେତ ଋଷିଗଣ ଓ ବାସୁକୀନାଗ ସହିତ ସପ୍ତପାତାଳକୁ ମଧ୍ୟ ଦେଖୁଚି । ହେ ତ୍ରୈଲୋକ୍ୟପତି ! ତୁମର ଅବୟବରୂପକ ପ୍ରାଚୀର ଦେହରେ ଚତୁର୍ଦ୍ଦଶ ଭୁବନର ଚିତ୍ରାଙ୍କନ କରାଯାଇଛି । ଜୀବଜଗତର ଚିତ୍ର ମଧ୍ୟ ଅଂକିତ ହୋଇଛି । ବାସ୍ତବିକ ତୁମର ଅଗାଧ ସ୍ୱରୂପ ଅସାଧାରଣ ।

ଅନେକ ବାହୂଦରବକ୍ତ୍ର ନେତ୍ରଂ-
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ-
ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ॥୧୬॥

ମତେ ଯେଉଁ ଦିବ୍ୟଦୃଷ୍ଟି ଦେଇଚ, ତା ଫଳରେ ମୁଁ ଦେଖୁଚି ତୁମର ବାହୁମାନଙ୍କରୁ ଗଗନର ଅଙ୍କୁରୋଦ୍‌ଗମ ହୋଇଛି । ତୁମର ଶ୍ରୀହସ୍ତ ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ଚଳାଇବା ସଙ୍ଗେ ସଙ୍ଗେ ବହୁ କର୍ମ କରିବାରେ ଲାଗିଛି । ତୁମ ଉଦର ହେଉଚି ବ୍ରହ୍ମାଣ୍ଡର ଭଣ୍ଡାର । ଏହା ହେଉଚି ଅବ୍ୟକ୍ତ ବ୍ରହ୍ମର ବିସ୍ତାର । ପରବ୍ରହ୍ମର ଫଳଭଳି ମୁଁ ଅସଂଖ୍ୟ ମସ୍ତକରେ ଅସଂଖ୍ୟ ମୁଖ ଏବଂ ଅଗଣିତ ଚକ୍ଷୁ ଦେଖୁଚି । ଯୁଆଡ଼େ ଚାହୁଁଚି ଦେଖୁଚି ସେହି ଶ୍ରୀମୁଖ । ହେ ବିଶ୍ୱମୂର୍ତ୍ତେ ! ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ଦିଗ୍‌ବିଦିଗ, ଆକାଶ ସମସ୍ତେ ଯେପରି ତୁମ ମୂର୍ତ୍ତି ଧାରଣ କରିଛନ୍ତି । ଅଣୁ, ପରମାଣୁ ସବୁଠି ତୁମେ ପୂରି ରହିଚ । ହେ ଅନନ୍ତ ! ତୁମେ ନାନାବିଧ ପ୍ରପଞ୍ଚକୁ ବିସ୍ତାର କରି ସର୍ବବ୍ୟାପୀ ହୋଇ ରହିଛ । ତୁମେ କେଉଁଠାରୁ ପ୍ରକାଶିତ ହୋଇଚ, ବସିଚ କି ଠିଆ ହୋଇଚ, ତୁମକୁ କେଉଁ ମାତା ଗର୍ଭରେ ଧାରଣ କରି ଜନ୍ମ ଦେଇଚି,ତୁମର ଆକାର ଓ ରୂପ କ'ଣ, ବର୍ଣ୍ଣ କ'ଣ, ତୁମର ଘର କେଉଁଠି, ବୟସ କେତେ, ତୁମର ଆଉ କିଏ କିଏ ଅଛନ୍ତି, ଆଗରୁ କେଉଁଠି ଥିଲ, ତୁମର ମୂଳଦୁଆ କେଉଁଠି— ଏହି ସମସ୍ତ ପ୍ରଶ୍ନର ଏକମାତ୍ର ଉତ୍ତର ହେଉଚି, ତୁମର ଆଶ୍ରୟ ତମ ଛଡ଼ା ଆଉ ଦ୍ୱିତୀୟ କେହି ନାହିଁ । ତୁମର ଆଦି ନାହିଁ କି ଅନ୍ତ ନାହିଁ । ତୁମେ ବସିନାହଁ କି ଠିଆ ହୋଇ ରହିନାହଁ । ତୁମେ ଖର୍ବକାୟ ନୁହଁ କି ଦୀର୍ଘକାୟ ନୁହଁ । ତୁମର ଉପରେ ଓ ତଳେ ତୁମେ ନିଜେ । ତୁମେ ତୁମର ଆୟୁଷ । ତୁମ ଆଗରେ ତୁମେ, ତୁମ ପଛରେ ତୁମେ । ନିଜେ ନିଜର ହିଁ ସବୁ । ତୁମର ଗୋଟିଏ ମାତ୍ର ଅଭାବ ହେଉଛି— ତୁମର ଆଦି, ମଧ୍ୟ ଓ ଅନ୍ତ— ଏହି ତିନୋଟିଯାକ ନାହିଁ । ଏହି ତିନୋଟିର ହିଁ ଅଭାବ । ସବୁଠି ଅଛ, ତେଣୁ ଏହାର ସୀମା ଖୋଜିଲେ ମିଳିବ କେଉଁଠୁ ?

ହେ ଅପରିମିତ ବିଶ୍ୱେଶ୍ୱର ! ହେ ବିଶ୍ୱରୂପ ! ତୁମର ମହାମୂର୍ତ୍ତି ମଧ୍ୟରେ ପୃଥକ୍ ପୃଥକ୍ ବହୁମୂର୍ତ୍ତିର ପ୍ରକାଶ— ଏ ମୂର୍ତ୍ତିଗୁଡ଼ିକ ଯେପରି ତୁମ ଶ୍ରୀବିଗ୍ରହର ବିଚିତ୍ର ବର୍ଣ୍ଣର ଅଳଂକାର । ଏହି ଅଗଣିତ ପୃଥକ୍ ପୃଥକ୍ ମୂର୍ତ୍ତି ତୁମ ଦେହସ୍ୱରୂପ ପର୍ବତରେ ବୃକ୍ଷ ଓ ଅଙ୍କୁର ଏବଂ ନାମଅଳଂକାର ସ୍ୱରୂପ ଫଳପୁଷ୍ପରେ ସୁଶୋଭିତ । ହେ ଦେବ ! ତୁମର ମୂର୍ତ୍ତିମୟ ତରଙ୍ଗରେ ତରଙ୍ଗାୟିତ

ମହାସମୁଦ୍ର । ତୁମେ ବୃକ୍ଷ ସ୍ୱରୂପ ହୋଇ ବିବିଧ ମୂର୍ତ୍ତିଦ୍ୱାରା ମୁକୁଳିତ ହୋଇଛ । ପୃଥିବୀର ଜୀବ ସମୂହରେ, ଆକାଶର ନକ୍ଷତ୍ର ଦେହରେ ଏହି ମୂର୍ତ୍ତି ପରିପୂର୍ଣ୍ଣ । ମୁଁ ଦେଖୁଚି ତୁମର ପ୍ରତ୍ୟେକ ଲୋମକୂପରେ ଏପରି ଏକ ଏକ ମୂର୍ତ୍ତି ପ୍ରକାଶ ପାଇଚି, ଯେଉଁ ମୂର୍ତ୍ତିର ଅଙ୍ଗରୁ ତ୍ରିଭୁବନ ଉତ୍ପନ୍ନ ହେଉଛିଏବଂ ବିଲୀନ ହୋଇଯାଉଛି । ଏହି ବିଶ୍ୱବ୍ୟାପକ ତୁମେ କିଏ ଓ କାହାର ? ଏହି ପ୍ରଶ୍ନର ଉତ୍ତର ଖୋଜି ଖୋଜି ଶେଷରେ ଜାଣି ପାରୁଛି ଯେ, ତୁମେ ତୁମର ହିଁ ସାରଥି । ହେ ମୁକୁନ୍ଦ ! ମୁଁ ବେଶ୍ ବୁଝି ପାରୁଛି ଯେ, ତୁମେ ସର୍ବଦା ସର୍ବବ୍ୟାପକ ହୋଇ ମଧ୍ୟ ଭକ୍ତକୁ ପ୍ରେମ ବିତରଣ କରିବା ଲାଗି ହିଁ ପ୍ରେମମୟ ବିଗ୍ରହ ଧାରଣ କରିଥାଅ । ତୁମର ଚତୁର୍ଭୁଜ ମୂର୍ତ୍ତି ଏପରି ମନୋରମ ଯେ, ଏଥିରେ ମୋର ମନ ଓ ନୟନ ଜଡ଼ିଯାଉଛି । ଏହି ମୂର୍ତ୍ତିକୁ ଆଲିଙ୍ଗନ କରିବାକୁ ହାତ ବଢ଼ାଇବାମାତ୍ରେ ସେ ଆସି ମୋ ଦୁଇହାତ ମଝିରେ ରହି ଯାଉଛି । ମୋ ଦୃଷ୍ଟିକୋଣ ଦୂଷିତ ହୋଇ ପଡ଼ିଥିବା ହେତୁ ମୁଁ ତୁମକୁ ସାଧାରଣ ଭାବରେ ଦେଖି ଆସୁଥିଲି । ଏବେ ସେ ଦୋଷଦୂର ହୋଇଛି, ମତେ ଦିବ୍ୟଦୃଷ୍ଟି ପ୍ରଦାନ କରିଛ, ତେଣୁ ତୁମ ମହିମାକୁ ଯଥାର୍ଥ ଭାବରେ ଉପଲବ୍ଧି କରିବାର ସାମର୍ଥ୍ୟ ଲାଭ କରିଛି ।

କିରୀଟିନଂ ଗଦିନଂ ଚକ୍ରିଣଂ ଚ
ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।
ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତା-
ଦ୍ଦୀପ୍ତାନଳାର୍କଦ୍ୟୁତିମପ୍ରମେୟମ୍ ॥୧୭॥

ଆଗରୁ ତୁମ ମସ୍ତକର ଯେଉଁ ମୁକୁଟ ଦେଖୁଥିଲି, ଇଏତ ସେହି ମୁକୁଟ, କିନ୍ତୁ ଏ ମୁକୁଟ ସେ ମୁକୁଟ ଭିତରେ ଆକାଶପାତାଳ ପ୍ରଭେଦ । ଏହି ବିଶ୍ୱମୂର୍ତ୍ତିର ମୁକୁଟ କି ପ୍ରଭାମୟ ! ଅତୁଳନୀୟ ଏ ପ୍ରଭା । ହେ ବିଶ୍ୱମୂର୍ତ୍ତି ! ଗୋଟିଏ ହାତରେ ଚକ୍ରଧାରଣ କରିବାରେ ମନେ ହେଉଛି ଯେପରିକି ଶତ୍ରୁବ୍ୟୂହକୁ ନିକ୍ଷେପ କରିବାପାଇଁ ତୁମେ ପ୍ରସ୍ତୁତ । ଅନ୍ୟ ହାତରେ ଅଛି ଗଦା । ହେ ଗୋବିନ୍ଦ ! ତଳେ ରହିଛି ଆଉ ଦୁଇଟି ହାତ । ଏଥିରେ ଅସ୍ତ୍ର ନାହିଁ । ଏ ଦୁଇହାତରେ ତୁମେ ଅଶ୍ୱର ବଲ୍‌ଗାକୁ ଧରିଚ । ହେ ବିଶ୍ୱେଶ୍ୱର ! ମୁଁ ଭଲ ଭାବରେ ବୁଝି ପାରୁଛି ଯେ, ମୋ

ମନୋରଥ ପୂର୍ଣ୍ଣ କରିବାଲାଗି ହିଁ ତୁମେ ବିଶ୍ୱରୂପ ଧାରଣ କରିଛ । ଅବଶ୍ୟ ତୁମେ ମତେ ସମସ୍ତ ପ୍ରକାରର ସୁବିଧା ଦେଇଚ, କିନ୍ତୁ ମୁଁ ସେହି ସୁବିଧା ଉପଭୋଗ କରିବାପାଇଁ ପ୍ରକୃତରେ ଉପଯୁକ୍ତ ନୁହଁ । ଏହି ଅଭିନବ ରୂପକୁ ଦେଖି ବିସ୍ମୟ ପ୍ରକାଶର ସାମର୍ଥ୍ୟ ମୋର ନଥିଲା । ଚିତ୍ତ ଆଶ୍ଚର୍ଯ୍ୟରେ ଅଧୀର ହୋଇ ପଡୁଥିଲା । ତୁମର ଅଙ୍ଗକାନ୍ତି ଚାରିଆଡ଼େ ଏଭଳି ବିସ୍ତୃତ ହୋଇ ପଡ଼ିଛି ଯେ ଏହି ଚତୁର୍ଭୁଜ ମୂର୍ତ୍ତି ଏବେ ଏଠି ଅଛି କି ନାହିଁ, ଏକଥା ମଧ୍ୟ ଠିକ୍ ଭାବରେ ଜାଣି ପାରୁନାହିଁ । ଏହି ଅଙ୍ଗକାନ୍ତି ନିକଟରେ ଅଗ୍ନିର ପ୍ରଭା ମଧ୍ୟ ଜୁଳୁଜୁଳିଆ ପୋକର ଆଲୋକଠାରୁ କ୍ଷୀଣ । ଏହାର ତେଜ ଯେପରି ଅଦ୍‌ଭୁତ, ଏହାର ତୀବ୍ରତା ମଧ୍ୟ ସେହିଭଳି ଅଦ୍‌ଭୁତ । ମନେ ହେଉଛି, ମହାତେଜର ମହାସମୁଦ୍ରରେ ସମଗ୍ର ସୃଷ୍ଟି ଚରାଚର ଡୁବି ଯାଇଛି । ପ୍ରଳୟକାଳର ବିଦ୍ୟୁତ୍‌ର ପ୍ରଭାରେ ସମଗ୍ର ଗଗନମଣ୍ଡଳ ଆଚ୍ଛାଦିତ ହୋଇପଡ଼ିଛି । ସଂହାରକାଳୀନ ମହାତେଜ ତାର ସମସ୍ତ କିରଣକୁ ଏକତ୍ର କରି ଆକାଶରେ ତାର ଉତ୍ସବ-ମଣ୍ଡପ ପ୍ରସ୍ତୁତ କରିବାରେ ଲାଗିଛି । ଦିବ୍ୟଜ୍ଞାନର ଚକ୍ଷୁ ନେଇ ମଧ୍ୟ ଏହି ବିଶ୍ୱମୂର୍ତ୍ତି ଆଡ଼କୁ ଦୃଷ୍ଟି ନିକ୍ଷେପ କରି ହେଉନି । ଏହି ମୂର୍ତ୍ତିର ଆଲୋକ ଏତେ ତୀବ୍ର ଯେ, ଏହାକୁ ଦେଖିବାମାତ୍ରେ ଆଖି ଜଳିଉଠୁଚି । ଏହି ଅଦ୍‌ଭୁତ ଅତୁଳନୀୟ ପ୍ରଭାକୁ ଆଜି ମୁଁ ଦେଖୁଚି । ଏହାର ବ୍ୟାପକତା ଓ ତେଜର ସୀମା ନାହିଁ । ମନେ ହେଉଛି ଶଙ୍କରଙ୍କ ତୃତୀୟନୟନ-କୋରକରୁ ଏହି ତେଜ ବାହାରି ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇପଡ଼ିଛି ।

ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା
ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥୧୮॥

ହେ ପ୍ରଭୁ ! ତୁମେ ଅବ୍ୟୟ, ଅକ୍ଷୟ, ଅଗାଧ, ଅବିନଶ୍ୱର । ତୁମେ ଓଁକାରଠାରୁ ଉର୍ଦ୍ଧ୍ୱରେ । ତୁମେ ହେଉଚ ଧର୍ମର ପ୍ରାଣ, ଅନାଦିସିଦ୍ଧ, ନିତ୍ୟନୂତନ, ସନାତନ ପୁରୁଷ । ସମଗ୍ର ବିଶ୍ୱକୁ ଏକତ୍ର ରଖିବାର ମୂଳାଶ୍ରୟ ହେଉଚ ତୁମେ । ତୁମକୁ ବେଦ ମଧ୍ୟ ଖୋଜି ଖୋଜି କ୍ଳାନ୍ତ ।

ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟ-
ମନନ୍ତବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।
ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ-
ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ॥୧୯॥

ତୁମେ ଆଦି, ମଧ୍ୟ ଓ ଅନ୍ତରହିତ । ତୁମେ ସ୍ୱପରାକ୍ରମୀ, ଅନନ୍ତ, ଅପରିମିତ । ତୁମର ବାହୁ କେତୋଟି, ଏଗୁଡ଼ିକ କେତେଦୂରକୁ ବିସ୍ତାରିତ, ତୁମର ପାଦ କେତୋଟି, ଏଗୁଡ଼ିକର ବିସ୍ତାର କେତେ ଦୂର ତାହା ଅକଳନୀୟ । ଚନ୍ଦ୍ର ଓ ସୂର୍ଯ୍ୟ ତୁମର ପ୍ରସନ୍ନତା ଓ କୋପର ଲୀଳାକୁ ପ୍ରକାଶ କରିଥାଆନ୍ତି । ତୁମେ ଗୋଟିଏ ଆଖିରୁ କ୍ରୋଧାଗ୍ନି ବୃଷ୍ଟି କରୁଥିବାବେଳେ, ଅନ୍ୟ ଆଖିରୁ କୃପାବାରି ସିଞ୍ଚିବାରେ ଲାଗିଛ । ଏହିଭଳି ଭାବରେ ମୁଁ ତୁମର ସ୍ପଷ୍ଟରୂପକୁ ଦେଖି ପାରୁଛି । ଦାବାନଳରେ ଦଗ୍ଧ ପର୍ବତରେ କେବଳ ଅଗ୍ନିର ଲେଲିହାନ ଜିହ୍ୱାକୁ ହିଁ ଦେଖିବାକୁ ମିଳେ । ସେହିଭଳି ତୁମର ବିଶାଳ ଦନ୍ତ ଓ ଭୟଙ୍କର ଲେଲିହାନ ରସନା ଦେଖା ଯାଉଚି । ପ୍ରଳୟ କାଳର ଅଗ୍ନିଭଳି ତୁମ ମୁଖମଣ୍ଡଳ ଦୃଷ୍ଟିଗୋଚର ହେଉଚି । ତୁମ ତୁଣ୍ଡ ଭିତରେ ଯେଉଁ ନିଆଁ ହୁ ହୁ ହୋଇ ଜଳୁଚି, ସେଥିରେ ସମଗ୍ର ବିଶ୍ୱଚରାଚର ଉତ୍ତପ୍ତ ଓ କ୍ଷୁବ୍ଧ ମନେ ହେଉଛି । ଏହି ମୁଖକୁ ଦେଖିବାମାତ୍ରେ ନିଆଁରେ ହଠାତ୍ ପଡ଼ି ଯାଇଥିବା ପତଙ୍ଗମାନଙ୍କ ଭଳି ମୁଁ ଚିନ୍ତାରେ ଛଟପଟ ହେଉଛି ।

ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି
ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।
ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ ତବେଦଂ-
ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ॥୨୦॥

ସ୍ୱର୍ଗ, ମର୍ତ୍ତ୍ୟ, ଆକାଶ, ପାତାଳ ଓ ଦଶଦିଗ ତୁମ ସ୍ୱରୂପରେ ହିଁ ପରିପୂର୍ଣ୍ଣ । ତୁମ ଭୟାନକ ମୂର୍ତ୍ତି ଭିତରେ ଆକାଶ ଡୁବି ଯାଇଛି । ଅଦ୍ଭୁତ ରସର ତରଙ୍ଗ ଭିତରେ ମୋର ମନେ ହେଉଛି ଯେପରି ଚତୁର୍ଦ୍ଦଶ ଭୁବନର ଜାଲ ଖେଳେଇ ଦିଆଯାଇଛି । ଏହି ଅଦ୍ଭୁତ ଦୃଶ୍ୟକୁ କେତେ ଦେଖିବି ? ଏହା ଅସାଧାରଣ ।

ଏହାର ଶେଷ ନାହିଁ । ରୂପର ଉଗ୍ରତା ଅସହ୍ୟ ବୋଧ ହେଉଚି । ବନ୍ୟାଜଳକୁ ଦେଖିଲେ ଯେପରି ଭୟ ଲାଗେ; ସେହିଭଳି ତୁମର ଏ ରୂପକୁ ଦେଖି ଭୀଷଣ ଭୟ ହେଉଛି । ତ୍ରିଭୁବନ ଦୁଃଖ ତରଙ୍ଗରେ ଡୁବି ଯାଇଛି । ମତେ ଯେଉଁ ମୂର୍ତ୍ତି ଦେଖାଇବାରେ ଲାଗିଚ, ତାହା ଆଦୌ ସୁଖମୟ ନୁହଁ । ମତେ ଏ ରୂପ ଦେଖାଇବା ପୂର୍ବରୁ ସାଂସାରିକ ସୁଖ ଭଲ ବୋଧ ହେଉଥିଲା । ବର୍ତ୍ତମାନ ମୁଁ ବଡ଼ ଅଡୁଆରେ ପଡ଼ିଛି । ମୋ ମନ ଅଥୟ ହୋଇ ପଡୁଚି । ମୁଁ ଦୁଃଖିତ ଯେ, ଏହି ବିଶ୍ୱରୂପ ଦେଖିବାପରେ ତୁମକୁ ଆଗରୁ ଯେପରି ଆଲିଙ୍ଗନ କରି ପାରୁଥିଲି, ତାହା କରିବା ଆଉ ସମ୍ଭବ ନୁହଁ । ଯଦି ପୁଣି ପଛକୁ ଫେରିଯାଏ, ତାହାହେଲେ ଜନ୍ମ ମରଣ ଚକ୍ରରେ ପଡ଼ିବା ଅନିବାର୍ଯ୍ୟ, ଯଦି ଆଗକୁ ଆଗେଇବି, ତାହାହେଲେ ଏହି ସ୍ୱରୂପହିଁ ଦେଖିବା ସାର ହେବ ଏବଂ ଏହା ଦେଖୁଥିଲେ, ମୋର ଅତି ଆପଣାର ବୋଲି ତୁମକୁ ନିଃସଙ୍କୋଚ ଭାବରେ ପୂର୍ବଭଳି ଆଲିଙ୍ଗନ କରି ପାରିବି ନାହିଁ ।

ଏହିଭଳି ଉଭୟ ସଙ୍କଟରେ ପଡ଼ି ଅର୍ଜୁନ ନିରୂପାୟ ହୋଇ ପଡ଼ିଲେ । ତାଙ୍କର ତ୍ରିଭୁବନର ସ୍ମୃତି ଲୋପ ପାଇଗଲା । ଶ୍ରୀକୃଷ୍ଣଙ୍କୁ କହିଲେ, ହେ ପ୍ରଭୋ ! ହେ ଜଗନ୍ନାଥ ! ଅଗ୍ନିଦଗ୍ଧ ଶରୀରକୁ ଶୀତଳ କରିବା ଲାଗି ସମୁଦ୍ର ପାଖକୁ ଗଲେ, ତାର ଉତ୍ତାଳ ତରଙ୍ଗକୁ ଦେଖି ମନରେ ଅଧିକ ଭୟ ହୋଇଥାଏ । ସେହିଭଳି ତୁମର ବିଶ୍ୱରୂପ ଦର୍ଶନରେ ଜଗତର ବିପରୀତ ରୀତି ଦେଖୁଚି ।

ଅମୀ ହି ତ୍ୱାଂ ସୁରସଂଘା ବିଶନ୍ତି
କେଚିଦ୍ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି ।
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଂଘାଃ
ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ ॥୨୧॥

ତୁମର ଏହି ବିଶ୍ୱରୂପ ଭିତରେ ମୁଁ ଦେବତାମାନଙ୍କୁ ଦେଖି ପାରୁଚି । ମୁଁ ଦେଖୁଚି, ଯେଉଁ ମୁନି ଋଷିମାନେ ନିଜର ସମସ୍ତ କର୍ମର ବୀଜକୁ ସୁଦ୍ଧା ନଷ୍ଟ କରିଦେଇ କେବଳ ତୁମପ୍ରତି ମନପ୍ରାଣ ଢାଳି ଦେଇଛନ୍ତି, ସେମାନେ ମଧ୍ୟ ତୁମର ଏହି ବିଶ୍ୱରୂପକୁ ଦେଖି ଭୟତ୍ରସ୍ତ । ସେହି ଦେବତା ତଥା ମୁନି ଋଷିମାନେ ଅତି

ସଂତ୍ରସ୍ତ ଭାବରେ କରପତ୍ର ଯୋଡ଼ି ପ୍ରାର୍ଥନା କରୁଛନ୍ତି । ହେ ଦେବ ! ମୁଁ ଅବିଦ୍ୟା, ଅଶିକ୍ଷା ସମୁଦ୍ରରେ ଉବୁଟୁବୁ ହେବାରେ ଲାଗିଛି । ଖାଲି ସେତିକି ନୁହଁ, ମୁଁ ବିଷୟ ଜଞ୍ଜାଳରେ ଆବଦ୍ଧ । ଗୋଟିଏ ଦିଗରେ ସଂସାର, ଅନ୍ୟ ଦିଗରେ ସ୍ୱର୍ଗର ଆକର୍ଷଣ, ମଝିରେ ମୁଁ । ଥଳକୂଳ ପାଉନାହିଁ । ତୁମ ଛଡ଼ା ମତେ ଏହି ଅବସ୍ଥାରୁ ମୁକ୍ତି ଦେବାକୁ କେହି ସମର୍ଥ ନୁହନ୍ତି । ହେ ପ୍ରଭୋ ! ମୁଁ ମନପ୍ରାଣ ସବୁ ସମର୍ପି ଦେଇ ତୁମ ନିକଟରେ ଶରଣାପନ୍ନ । ଋଷି, ଦେବତା ଏବଂ ଅଗଣିତ ଭକ୍ତ 'ସ୍ୱସ୍ତି ସ୍ୱସ୍ତି' ଉଚ୍ଚାରଣପୂର୍ବକ ତୁମକୁ ଅତି ବିନୀତ ଭାବରେ ପ୍ରାର୍ଥନା କରିବାରେ ଲାଗିଛନ୍ତି ।

ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା
ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।
ଗନ୍ଧର୍ବଯକ୍ଷାସୁରସିଦ୍ଧସଂଘା
ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ ॥୨୨॥

ରୁଦ୍ର, ଆଦିତ୍ୟସମୂହ, ଅଷ୍ଟବସୁ, ସାଧ୍ୟଦେବ, ଅଶ୍ୱିନୀକୁମାର ଯୁଗଳ, ବିଶ୍ୱେଦେବ, ବାୟୁଦେବ, ପିତୃଦେବଗଣ, ଗନ୍ଧର୍ବ, ଯକ୍ଷ, ରାକ୍ଷସ ଓ ଇନ୍ଦ୍ର ପ୍ରମୁଖ ଦେବତା ଓ ସିଦ୍ଧଗଣ ନିଜ ନିଜର ବିଭବ ସହିତ ଉତ୍କଣ୍ଠିତ ଭାବରେ ନିଜ ନିଜର ସ୍ଥାନ ଛାଡ଼ି ବାହାରକୁ ଆସି ପ୍ରଭୁଙ୍କ ମୂର୍ତ୍ତି ଦର୍ଶନ କରୁଛନ୍ତି । ଖାଲି ଦର୍ଶନ ତ କରୁନାହାନ୍ତି, ବିସ୍ମିତ ଭାବରେ ମଥାନତ କରି ତୁମର ଆରତି କରୁଛନ୍ତି । ସେମାନଙ୍କ ମଞ୍ଜୁଳ 'ଜୟ ଜୟ' ଧ୍ୱନିରେ ସମଗ୍ର ସ୍ୱର୍ଗରାଜ୍ୟ ମୁଖରିତ । ସେମାନେ ହାତକୁ ଯୋଡ଼ି ନିଜ ନିଜ ଲଲାଟ ସ୍ପର୍ଶ କରି କେବଳ ମନେ ମନେ କହୁଛନ୍ତି— କି ସୁନ୍ଦର ! କିମ୍ଭୁତକିମାକାର ! କି ଭୟଙ୍କର ଏ ବିଶ୍ୱମୂର୍ତ୍ତି ! ଥରକୁ ଥର ନମସ୍କାର କରୁଛନ୍ତି ତୁମକୁ । ଦେଖିବାମାତ୍ରେ ସେମାନଙ୍କ ଦେହରେ ରୋମାଞ୍ଚ ଜାତ ହେଉଛି । ଶରୀର ଆନନ୍ଦରେ ପୁଲକିତ ହୋଇ ଉଠୁଛି । ଚକ୍ଷୁ ସଜଳ ହୋଇ ପଡୁଚି । ଯେପରି ମନେ ହେଉଚି ବିଷୟରୂପକ ତରୁମୟ ଉପବନରେ ସାତ୍ତ୍ୱିକ ଭାବମୟ ବସନ୍ତ ଋତୁର ସମାଗମ ହୋଇଛି । ଏ ଦୃଶ୍ୟ ଦେବତାଗଣଙ୍କର ସମସ୍ତ ଦର୍ଶନ-ପିପାସାକୁ ମେଣ୍ଟାଇ ଦେଇ ପାରିଛି । ମନ ଆନନ୍ଦ ସମ୍ଭାରରେ ଲୋଟି ପଡୁଛି ।

ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ
ମହାବାହୋ ବହୁବାହୂରୂପାଦମ୍ ।
ବହୂ ଦରଂ ବହୁଦଂଷ୍ଟ୍ରାକରାଳଂ
ଦୃଷ୍ଟ୍ୱାଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ।।୨୩।।

ମହାରାଜ ! ଲୋଚନର ଭାଗ୍ୟୋଦୟ ହୋଇଚି । ମନରେ ସୁଖର ସୁଦିନ ଆସିଛି । କାରଣ ଆଜି ତୁମର ଅପାର ବିଶ୍ୱରୂପ ଦୃଷ୍ଟିଗୋଚର ହୋଇଛି । ତ୍ରିଭୁବନବ୍ୟାପୀ ତୁମର ଏହି ମୂର୍ତ୍ତିକୁ ଦେଖି ଦେବତାମାନେ ଭୟତ୍ରସ୍ତ । ମୁଁ ତ ଛାର ମନୁଷ୍ୟମାତ୍ର ! ଯେଉଁ ଆଡ଼କୁ ଚାହିଁଲେ ମଧ୍ୟ ତୁମର ସମ୍ମୁଖ ହିଁ ଦେଖାଯାଉଛି । ଇଏ କ'ଣ ଗୋଟିଏ ମୂର୍ତ୍ତି ହୋଇଚି ଯେ ଥରକରେ ଦେଖି ପାରିବି ? ଗୋଟିଏ ଗୋଟିଏ ମୂର୍ତ୍ତିରୁ ତ ଅଗଣିତ ମୂର୍ତ୍ତି ବାହାରୁଛି । ସେ ମୂର୍ତ୍ତିରେ ରହିଛି ଅଗଣିତ ବିଚିତ୍ର ଭୟଙ୍କର ମୁଖ, ଅସଂଖ୍ୟ ଚକ୍ଷୁ, ଚରଣ ଓ ଉଦର । ଏ ମୁଖଗୁଡ଼ିକ ନାନା ବର୍ଣ୍ଣର । ଗୋରା, କଳା, ଶ୍ୟାମଳ, ହଳଦିଆ ଆଦି ଏତେ ବର୍ଣ୍ଣ ଯେ, ବର୍ଣ୍ଣ ମଧ୍ୟ ଅବର୍ଣ୍ଣନୀୟ । ଗୋଟିଏ ଗୋଟିଏ ମୁହଁରେ ଅସଂଖ୍ୟ ଭାବ । ବିଚିତ୍ର ସେସବୁ ଭାବ । ମନେ ହେଉଚି ଯେପରିକି ମହାକଳ୍ପର ଶେଷରେ କାଳ ନିଜେ କ୍ରୋଧାନ୍ୱିତ ହୋଇ ପ୍ରଳୟାଗ୍ନି ଜାଳି ଦେଇଚି । ଗୋଟିଏ ଗୋଟିଏ ମୁଖ ଦେଖିଲେ, ମନେ ହେଉଚି ଯେପରିକି ଏଗୁଡ଼ିକ ହେଉଛି ଶଙ୍କରଙ୍କ ବିଶ୍ୱସଂହାର କରିବାର ଗୋଟିଏ ଗୋଟିଏ ଯନ୍ତ୍ର । ପ୍ରଳୟ ସୃଷ୍ଟିକାରୀ ଭୈରବମାନଙ୍କର ସମ୍ମିଳନୀ ବସିଚି ଏହି ମୁଖ ଭିତରେ । ଏହି ମୁହଁର ଦାନ୍ତଗୁଡ଼ିକ ଏପରି ଭୟଙ୍କର ଯେ, ମନେ ହେଉଚି ଯେପରିକି ଗୁହା ଭିତରେ ଥାଇ ଗୁଡ଼ିଏ ସିଂହ ଦାନ୍ତ ଦେଖେଇ ଗର୍ଜି ଉଠୁଛନ୍ତି । ସତେକି କାଳରାତ୍ରିର ଘୋର ଅନ୍ଧକାର ଭିତରେ ପିଶାଚଗଣ ଆନନ୍ଦରେ ବିଜୟ ଉଲ୍ଲାସରେ ନାଚିବାରେ ଲାଗିଛନ୍ତି । ତୁମ ଦାନ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ଗୋଟିଏ ଦାନ୍ତରେ ଯେପରିକି ସହସ୍ର ସହସ୍ର ଡାଆଁଣୀ ପିଶାଚର ସମାବେଶ ଘଟିଛି । ଆଉ ଅଧିକ କ'ଣ କହିବି ? ଯମ ଆସିଚି ସମରକୁ ନିମନ୍ତ୍ରଣ କରିବାକୁ । ସମସ୍ତଙ୍କୁ ସଂହାର କରିବା ପରେ ମୃତ୍ୟୁ ନିଜେ ଉନ୍ମତ୍ତ ହୋଇ ଉଠିଛି । ଏହିଭଳି

ଅସାଧାରଣ ଭୟାନକ ଭାବ ତୁମ ବଦନ ଭିତରୁ ଦେଖାଯାଉଚି । ଏ ପରିସ୍ଥିତିରେ ସୃଷ୍ଟିର ଅବସ୍ଥା କ'ଣ ବର୍ଣ୍ଣନା କରିବି ? ବିଚରା ସେ କୌଣସି ଥଳକୂଳ ନପାଇ ଦୌଡ଼ି ଦୌଡ଼ି ଯାଇଚି ପ୍ରଳୟ ନଦୀର କୂଳବର୍ତ୍ତୀ ବୃକ୍ଷତଳେ ଆଶ୍ରୟ ନେବା ପାଇଁ । କିନ୍ତୁ ପ୍ରଳୟ ସୃଷ୍ଟିକୁ କହୁଚି, ଆରେ ବାବା, ମୁଁ ନିଜେ ଆଶ୍ରୟ ନପାଇଁ କାଳ ବନ୍ୟାରେ ଡାଳ ଖଣ୍ଡିଏ ଭାସି ଭାସି ଗଲାଭଳି ଭାସିବାରେ ଲାଗିଚି, ତତେ ଆଶ୍ରୟ ଦେବି କେଉଁଠି ? ଯିଏ ନିରାଶ୍ରିତ, ସେ ଆଶ୍ରୟ ଦେବ କିପରି ? ହେ ପ୍ରଭୋ ! ତୁମର ଏହି ରୂପ ହେଉଚି ମହାମୃତ୍ୟୁର ସମୁଦ୍ର । ଏହା ଉପରେ ଚାଲିଚି ତ୍ରିଭୁବନର ଜୀବନ ତରୀ । ଶୋକର ତରଙ୍ଗମାଳା ଆଘାତରେ ଏହା ଦୋଳାୟିତ ।

ହେ ବୈକୁଣ୍ଠନାଥ ! ରାଗିଯାଇ ମତେ ଯଦି କୁହ, କିହୋ ଅର୍ଜୁନ, ଅନ୍ୟମାନେ ଏହି ବିଶ୍ୱରୂପକୁ ଦେଖି କ'ଣ ହେଉଚନ୍ତି ସେ ସମ୍ପର୍କରେ ଚିନ୍ତା କରିବାର କ'ଣ ଅଛି, ତୁମେ ନିଜେ ଦେଖ, ଧ୍ୟାନସୁଖ ଅନୁଭବ କର, ତାହାହେଲେ ମୁଁ କହିବି, ଅନ୍ୟମାନଙ୍କ କଥା କହୁଚି, କାରଣ ମୁଁ ନିଜେ ଏ ରୂପ ଦେଖି ଭୟତ୍ରସ୍ତ । ମୋର ଏ ଭୟକୁ ପ୍ରକାଶ କରିବାପାଇଁ ହିଁ ମୁଁ ଅନର୍ଥକ ଭାବରେ ଅନ୍ୟମାନଙ୍କ ପ୍ରତିକ୍ରିୟାକୁ ବର୍ଣ୍ଣନା କରିବାରେ ଲାଗିଚି । କାରଣ ମୁଁ ଭାବୁଚି ଏହାଦ୍ୱାରା ମୋ ଭୟ କମିଯିବ ପରା ! କିନ୍ତୁ ମୁଁ ଦେଖୁଚି, ଭୟ ତ ନିଜେ ତ୍ରସ୍ତ, ସେ ବାଟ ଖୋଜୁଚି କୁଆଡ଼େ ଚାଲିଯିବା ପାଇଁ । ଝଡ଼ର ଧ୍ୱଂସକାରୀ ଶକ୍ତି ଏତେ ପ୍ରବଳ ହୋଇ ଉଠିଚି ଯେ, ଡେଇଁ ଡେଇଁ ସିଏ ନିଜେ ଝଡ଼ି ଗଲାଣି । ହେ ପ୍ରଭୋ ! ଅନ୍ୟମାନଙ୍କ କଥା କ'ଣ କହିବି, ଏ ପର୍ଯ୍ୟନ୍ତ ମୁଁ ଭାବିଥିଲି ମୋ ଭଳି ନିର୍ଭୀକଲୋକ ସଂସାରରେ ଦ୍ୱିତୀୟ କେହି ନାହାନ୍ତି; କିନ୍ତୁ ଏ ବିଶ୍ୱରୂପକୁ ଦେଖିବା ପରେ ମୋର ସେ ଅଭିମାନ ତୁଟି ଯାଇଛି । ଭୟରେ ମୋ ସର୍ବାଙ୍ଗ କମ୍ପି ଉଠୁଚି ।

ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ
ବ୍ୟାତ୍ତାନନଂ ଦୀପ୍ତବିଶାଳନେତ୍ରମ୍ ।
ଦୃଷ୍ଟ୍ୱାହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା
ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ॥୨୪॥

ଇଏଏଭଳି ଭୟଙ୍କର ବିଶ୍ୱରୂପ ଯେ ଏହାକୁ ଦେଖି ଭୟ ନିଜେ ଭୟଭୀତ । ମହାକାଳ ପରାଜିତ । ଏହା ଅବର୍ଣ୍ଣନୀୟ ମହାପ୍ରଳୟ । ତୁମର ଏଭଳି ଗୁଡ଼ିଏ ମୁଖ ଅଛି, ଯାହାର ଆକାର ଭିନ୍ନ ଭିନ୍ନ, ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ । ମୁଖ ଗହ୍ୱର ଏଡ଼େ ଏଡ଼େ ହୋଇଚି ଯେ ଆକାଶକୁ ସୁଦ୍ଧା ଗିଳି ପକାଇବ । ବାୟୁ ତ କେଉଁ କଳରେ ରହିଯିବ ଜଣାପଡ଼ିବନି । ଏ ମୁଖର ତେଜ ଆଗରେ ଅଗ୍ନି କିଛି ନୁହଁ । ଏ ତେଜ ଅଗ୍ନିକୁ ସୁଦ୍ଧା ଦହନ କରିପାରେ । ଏହି ମୁଖକୁ ଦେଖିବାମାତ୍ରେ ବାୟୁ ସ୍ଥାଣୁ ପାଲଟି ଯାଉଛି । ସମୁଦ୍ରକୁ ଗୋଟିଏ ଚଳୁରେ ଶୋଷି ନେଉଛି । ଦାବାନଳ ଓ ପ୍ରଳୟାଗ୍ନି, ଏ ତେଜକୁ ଦେଖି କୁଆଡ଼େ ଯିବେ ବାଟ ପାଉ ନାହାନ୍ତି । ମନେ ହେଉଛି ବାୟୁକୁ ଧନୁଷ୍ଟଙ୍କାର ରୋଗ ଧରିଚି । ସମୁଦ୍ର ଓ ଅଗ୍ନି ହଳାହଳ ବିଷପାନ କରି ଆତ୍ମହତ୍ୟା କରିବାକୁ ଉଦ୍ୟତ । ଏ ତେଜ ତ ମୁହୂର୍ତ୍ତକରେ ତ୍ରିଭୁବନକୁ ଧ୍ୱଂସ କରି ଦେଇପାରେ । ଏ ବିଶ୍ୱମୂର୍ତ୍ତି ଏତେ ଭୟଙ୍କର ଯେ ଏହାକୁ ଦେଖି ଭୟରେ ମୃତ୍ୟୁ ମଧ୍ୟ ଆତ୍ମହତ୍ୟା କରି ଦେଇପାରେ । କି ବିରାଟ, କି ବିକଟାଳ ଏ ମୂର୍ତ୍ତି ! ମୁଁ ଦେଖୁଚି ମୁଖ ଭିତରେ ଦାନ୍ତ ଓ ଜିଭ ଅସଂଖ୍ୟ, କିନ୍ତୁ ସେଗୁଡ଼ିକ ନିଷ୍କ୍ରିୟ ଭାବରେ ବିଶ୍ରାମ ଗ୍ରହଣ କରିଛନ୍ତି । ଅଥଚ ସେମାନଙ୍କ ବିନା ସାହାଯ୍ୟରେ ଏ ମୁଖ ବିଶ୍ୱବ୍ରହ୍ମାଣ୍ଡକୁ ଏକାବେଳକେ ଗର୍ଭସାତ୍ କରିଦେଇପାରେ ।

ଓଃ ଇଏ କି ଦୃଶ୍ୟ ! ମନେ ହେଉଚି ଯେପରି ଚାରୋଟି ଯାକ ଦିଗ ଭାଙ୍ଗି ପଡ଼ିଛି । ଆକାଶ ଯେପରି ଗୋଟିଏ ଗଣ୍ଡିଳି ହୋଇ ପଡ଼ିଛି । ପୃଥିବୀକୁ ହସ୍ତଗତ କରିବାପରେ ଦୈତ୍ୟ ହିରଣାକ୍ଷ ସମୁଦ୍ର ଗହ୍ୱର ଦେଇ ପାତାଳରେ ପ୍ରବେଶ କରିବା ମାତ୍ରେ ଶଙ୍କର ତାକୁ ପାତାଳର ଗୁହା ଦେଖାଇ ଦେଇଥିଲେ । ସେ ଗହ୍ୱର ଥିଲା ଅତି ଗଭୀର । ସେହିଭଳି ତୁମର ମୁଖଗହ୍ୱର । ତୁମର ଏ ଯେଉଁ ଲେଲିହାନ ଜିହ୍ୱା ତା ତୁଳନାରେ ସମଗ୍ର ବିଶ୍ୱ ତ ଅତି କ୍ଷୁଦ୍ର ! ପାତାଳ ନିବାସୀ ସର୍ପରାଜର ନିଃଶ୍ୱାସରୁ ବିଷଜ୍ୱାଳା ଚାରିଆଡ଼କୁ ବ୍ୟାପି ଯେପରି ଆକାଶକୁ ସ୍ପର୍ଶ କରିଥାଏ, ସେହିଭଳି ତୁମର ଏହି ମୁଖଗହ୍ୱରର ଜିହ୍ୱା ଏତେ ବିରାଟ ଯେ, ଟିକିଏ ଲହ ଲହ ହେବାମାତ୍ରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ମୁହୂର୍ତ୍ତକରେ ଚାଟି ପକାଉଚି । ପ୍ରଳୟକାଳର ମେଘଗର୍ଜନ ସହିତ ବିଜୁଳି ଯେପରି ଆକାଶରେ ବିଭିନ୍ନ ଦୁର୍ଗ ରଚନା କରିଥାଏ, ସେହିଭଳି

ତୁମର ଓଠ ପାଖକୁ ରହିଚି ତୁମର ସେହି ଜିହ୍ୱାରୂପକ ଦୁର୍ଗ । ଲଲାଟରେ ଥିବା ଚକ୍ଷୁ ସଂଖ୍ୟା ଅଗଣିତ ନକ୍ଷତ୍ରଭଳି ଅଗଣିତ । ଏହି ଚକ୍ଷୁଗୁଡ଼ିକ ଭୟକୁ ଭୟ ଦେଖାଉଛନ୍ତି । ମହାମୃତ୍ୟୁର ଚିରନ୍ତନ ପ୍ରବାହ ତ କୁଆଡ଼େ ଅନ୍ଧକାର ଭିତରେ ଆତ୍ମଗୋପନ କଲାଣି । ମୁଁ ତ ଛାର ମନୁଷ୍ୟ ମାତ୍ର !

ମୁଁ ଜାଣି ପାରୁନି, ଚେଷ୍ଟା କଲେ ମଧ୍ୟ ବୁଝିପାରୁନି — ତୁମେ ଏହି ଭୟଙ୍କର ମୂର୍ତ୍ତିକୁ ଧାରଣ କରିଚ କେଉଁ କାର୍ଯ୍ୟ ପାଇଁ ଏବଂ କାହିଁକି ? ମୁଁ ଭୟତ୍ରସ୍ତ । ମୁଁ ତୁମର ବିଶ୍ୱରୂପ ଦେଖିବାକୁ ଚାହିଁଥିଲି । କିନ୍ତୁ ଯାହା ଦେଖେଇଲଣି, ସେ ସବୁ ମୋ ପକ୍ଷରେ ଏକାବେଳକେ ଅସହ୍ୟ । ଏହି ଭୟଙ୍କର ବିଶ୍ୱମୂର୍ତ୍ତି ବିସ୍ତାର କରିବାର କାରଣ କ'ଣ ମୁଁ ବୁଝି ପାରୁନାହିଁ । ଯାହା ଚାହିଁଥିଲି ତାର ଫଳ ପାଇଗଲିଣି । ବିଶ୍ୱରୂପ ଦେଖିଲି । ନୟନ ସାର୍ଥକ ହେଲା । ଏ ଶରୀର ତ ମାଟିରେ ମିଶିଯିବ ! ସେଥିଲାଗି ମୋର ଚିନ୍ତା ନାହିଁ । କିନ୍ତୁ ଚେତନା ରହିବ କି ନାହିଁ ତାହା ସନ୍ଦେହଜନକ । ଚେତନା ରହିଲେ ସିନା ଯାହା ଦେଖଉଚ ଦେଖିବି ? ସେତକ ଚାଲିଗଲେ, ଏସବୁ ଦେଖାଇବା ଯାହା ନ ଦେଖାଇବା ତାହା । ଭୟରେ ମୋ ଶରୀର କମ୍ପି ଉଠୁଚି । ବୁଦ୍ଧି ହରେଇ ବସିଚି । ମନରେ ଯାହା ବା ଅଭିମାନ ଥିଲା, ସେ କୁଆଡ଼େ ଉଭେଇ ଗଲାଣି । ଏ ସବୁଠାରୁ ଭିନ୍ନ ହେଉଚି ଅନ୍ତରାତ୍ମା । ଏହା ଆନନ୍ଦମୟ । ସେ ଅନ୍ତରାତ୍ମା ମଧ୍ୟ କମ୍ପି ଉଠୁଛି । ଏ ବିଶ୍ୱମୂର୍ତ୍ତିର ପ୍ରଭାବ ଯେ ଏପରି ଅସାଧାରଣ ଭାବ ସୃଷ୍ଟି କରିବ, ଏକଥା ମୁଁ କଳ୍ପନାସୁଦ୍ଧା କରିନଥିଲି । ଏହି ମୂର୍ତ୍ତିକୁ ଦେଖିବାମାତ୍ରେ ଜ୍ଞାନସୁଦ୍ଧା ଯେ ଚାଲିଯିବ— ଏକଥା ମୁଁ ଆଶା କରି ନଥିଲି । ତୁମେ ଯାହା କଲଣି, ସେଥିରେ ଗୁରୁଶିଷ୍ୟର ସମ୍ପର୍କ ରକ୍ଷା ମଧ୍ୟ କଷ୍ଟକର ମନେ ହେଲାଣି । ସ୍ପଷ୍ଟ କହିଦେଉଚି, ମୁଁ ତ ଆଉ ତୁମର ଶିଷ୍ୟ ହୋଇ ପାରିବି ନାହିଁ । ତୁମର ସଖାହେବା କଥା ଛାଡ଼ । ତୁମ ବିଶ୍ୱରୂପ ଦର୍ଶନ-ପ୍ରସାଦ ଲାଭ କରିବାରେ ମୋ ଅନ୍ତର ଭିତର ଯେପରି ବିକଳ ହୋଇ ଉଠିଲାଣି, ତାକୁ ସମ୍ଭାଳିବା ପାଇଁ ଯେଉଁ ଧୈର୍ଯ୍ୟ ଆବଶ୍ୟକ, ସେ ଧୈର୍ଯ୍ୟ ମତେ ସାହାଯ୍ୟ କରିବ କ'ଣ, ସେ ମୋ ନାଁ ଶୁଣି ଲୁଚିବାକୁ ବସିଲାଣି । ସେହି 'ଧୈର୍ଯ୍ୟ' ଏ ବିଶ୍ୱରୂପ ଦର୍ଶନ କରି ଅଧୈର୍ଯ୍ୟ ହୋଇ ପଡ଼ିଲାଣି । ମୋ ଅଶାନ୍ତ ମନକୁ ଶାନ୍ତକରିବ

କ'ଣ, ବିଶ୍ୱରୂପ ଦେଖେଇ ମୋ ମୁଣ୍ଡକୁ ଅଧିକ ପାଗଳା କରିଦେଲଣି । ବିଚରା ମୋର ଆତ୍ମା ଚାହୁଁଥିଲା ଶାନ୍ତି କିନ୍ତୁ ବର୍ତ୍ତମାନ ତୁମ ଅଶାନ୍ତ ରୂପ ଚାରିଆଡ଼କୁ ଏପରି ଛାଇଯାଇଛି ଯେ, ଶାନ୍ତି ମଧ୍ୟ ନିରାଶ୍ରିତ ହୋଇ ପଡ଼ିଛି । ତଥାପି କହିବାକୁ ବାଧ୍ୟ ହେଉଚି ଯେ ଏହି ଦର୍ଶନ ଦେଇ ମୋର ବହୁ ଉପକାର କରିଚ ।

ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି
ଦୃଷ୍ଟ୍ୱୈବ କାଳାନଳସନ୍ନିଭାନି ।
ଦିଶୋ ନ ଜାନେ ନ ଲଭେ ଚ ଶମ
ପ୍ରସୀଦ ଦେବେଶ ଜଗନ୍ନିବାସ ! ।।୨୫।।

ମୁଁ ଦେଖୁଚି, ସତେ ଯେପରି ଅଖଣ୍ଡ ମହାଭୟର ପୂର୍ଣ୍ଣକୁମ୍ଭ ଭାଙ୍ଗିଯାଇ ତୁମର ବ୍ୟାପକ ମୁଖମଣ୍ଡଳର ଆକାର ଧାରଣ କରିଛି । ଦନ୍ତ ଓ ଜିହ୍ୱା ଅସଂଖ୍ୟ । ଏଗୁଡ଼ିକ ଏତେ ବଡ଼ ବଡ଼ ଯେ, ଅଧର ମଧ୍ୟ ତାକୁ ଘୋଡ଼େଇ ରଖି ପାରୁ ନାହିଁ । ଚାରିଆଡ଼େ ଯେପରି ପ୍ରଳୟାସ୍ତ୍ରର ବର୍ଷଣ ଚାଲିଚି । ଏହି ପ୍ରଚଣ୍ଡ ମୁଖମଣ୍ଡଳ ଦର୍ଶନ କରି ତକ୍ଷକର ଶରୀରରେ ମଧ୍ୟ ମନେ ହେଉଚି ଯେପରି ବିଷକ୍ରିୟା ଆରମ୍ଭ ହୋଇଚି । କାଳରାତ୍ରିକୁ ମଧ୍ୟ ଭୂତ ଲାଗି ଯାଇଛି । ମନେ ହେଉଚି ଆଗ୍ନେୟାସ୍ତ୍ର ମଧ୍ୟ ବିଦ୍ୟୁତ୍ ସଂଯୋଗରେ ଲିଭିଯାଉଛି । ବାହାରେ ଯେଉଁ ବାତାବରଣ ସୃଷ୍ଟି ହେଉଛି, ସେଥିରୁ ମନେ ହେଉଚି ମୋର ମରଣଦଶା ଆସନ୍ନ । ପ୍ରଳୟକାଳର ପ୍ରଚଣ୍ଡ ବାୟୁ ଏବଂ କଳ୍ପାନ୍ତର ପ୍ରଳୟାଗ୍ନି— ଏ ଦୁହେଁ ଯଦି ମିଳିତ ହୁଅନ୍ତି, ତାହାହେଲେ ଏଭଳି କେଉଁ ବସ୍ତୁ ଅଛି କି ନ ଜଳି ରହିପାରେ ? ତୁମର ଏ ସଂହାର ମୂର୍ତ୍ତିକୁ ଦେଖି ମୋର ଧୈର୍ଯ୍ୟଚ୍ୟୁତି ଘଟିଲାଣି । ମୁଁ ଭ୍ରମରେ ପଡ଼ି ଦିଗହରା ହୋଇ ପଡ଼ିଲିଣି । ବାସ୍ତବରେ ମୁଁ ବଡ଼ ଭୁଲ୍ କରି ପକାଇଛି । ବୃଥାରେ ମୁଁ ବିଶ୍ୱରୂପ ଦେଖିବାକୁ ଚାହିଁଥିଲି । ବର୍ତ୍ତମାନ କରିବି କ'ଣ ? ଏହା ଦେଖି ସୁଖୀ ହେବା ଦୂରେ ଥାଉ, ଅତ୍ୟନ୍ତ ଦୁଃଖୀ ହୋଇ ପଡ଼ିଛି । ହେ ପ୍ରଭୋ ! ଏହି ସ୍ୱରୂପକୁ ସଙ୍କୁଚିତ କରି ଦିଅନ୍ତୁ ନଚେତ୍ ଏହାକୁ ହଟେଇ ଦିଅନ୍ତୁ । ଏଭଳି ରୂପ ଦେଖାଇବ ବୋଲି ଜାଣିଥିଲେ ଏ ବିଷୟ ବିଲ୍‌କୁଲ୍ ଉତ୍‌ଥାପନ କରି ନଥାନ୍ତି । ମୁଁ ତ ଏବେ ନିଜେ ନିଜକୁ ଭୁଲିଗଲିଣି । ମହାରାଜ ! ଏ ବିଶ୍ୱମୂର୍ତ୍ତିର ପ୍ରଳୟରୁ ମତେ ରକ୍ଷା କରନ୍ତୁ । ହେ ଅନନ୍ତ, ତୁମେ ମୋର ପ୍ରଭୁ ! ତୁମେ ମୋର

ରକ୍ଷକ ! କିନ୍ତୁ ତୁମେ ତ ରକ୍ଷକହୋଇ ମତେ ଭକ୍ଷଣ କରିବାକୁ ବସିଲଣି । ହେ ପରମଦେବତା ! ନିଜର ଚେତନା ଦ୍ୱାରା ହିଁ ତୁମେ ଏ ଜଗତକୁ ଜୀବମୟ କରିଛ । ଏ କଥା କ'ଣ ଭୁଲି ଯାଉଚ ? ଯଦି ଭୁଲି ଯାଇ ନାହିଁ ତାହାହେଲେ ଏ ସଂହାର ମୂର୍ତ୍ତି କାହିଁକି ? ହେ ଦେବରାଜ ! ମୋ ପ୍ରତି ପ୍ରସନ୍ନ ହୁଅ । ମାୟା ସଙ୍କୁଚିତ କର । ମତେ ଭୟରୁ ନିସ୍ତାର କର । ଅତି ଆକୁଳ ଓ କାତର ଭାବରେ ବାରମ୍ବାର ତୁମକୁ ମିନତି କରୁଚି । କାରଣ ମତେ ବଡ଼ ଭୟ ଲାଗିଲାଣି । ହେ ପ୍ରଭୁ ! ତୁମେ ହିଁ ମତେ ଅମରାବତୀକୁ ନେଇଥିଲ । ସେତେବେଳେ ମୁଁ ଏକା ଏକା ଯୁଦ୍ଧରେ ଜୟଲାଭ କରିଥିଲି । ଯମକୁ ସୁଦ୍ଧା ମୁଁ ଭୟ କରିନଥିଲି, କିନ୍ତୁ ଦେଖୁଚି ଏ ବିଶ୍ୱରୂପ ତ ମୃତ୍ୟୁଠୁ ବଳି ଭୟଙ୍କର । ଏହାତ ସମଗ୍ର ବିଶ୍ୱକୁ ମୁହୂର୍ତ୍ତକରେ ସୁଦ୍ଧା ଗ୍ରାସ କରି ଦେଇପାରେ । ତ୍ରିଭୁବନର ଆୟୁଷ କ୍ଷୀଣ ହେବାକୁ ବସିଲାଣି । ମୋର କି ଦୁର୍ଭାଗ୍ୟ ! ଆଶା କରିଥିଲି ଶାନ୍ତି ପାଇବି ବୋଲି । କିନ୍ତୁ ଅଶାନ୍ତିକୁ ଆମନ୍ତ୍ରଣ କରି ବସିଲି । ହାୟ ! ବିଶ୍ୱ ଯେ ବୁଡ଼ିବାକୁ ବସିଲାଣି ! ଇଏ କ'ଣ କରୁଚ– ଉପସ୍ଥିତ ସୈନ୍ୟମାନଙ୍କୁ ଏବଂ କୌରବମାନଙ୍କୁ ସୁଦ୍ଧା ଏକାବେଳକେ ଗ୍ରାସ କରିବାକୁ ଉପକ୍ରମ କଲଣି !

ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ
ସର୍ବେ ସହୈବାବନିପାଳସଂଘୈଃ ।
ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ
ସହାସ୍ମଦୀୟୈରପିଯୋଧମୁଖ୍ୟୈଃ ॥୨୬॥

ଅନ୍ଧ ଧୃତରାଷ୍ଟ୍ରଙ୍କ କୌରବ-କୁଳର ଗୌରବ ସମସ୍ତ ପୁତ୍ର ସପରିବାର ତୁମ ମୁଖ ଭିତରେ ପ୍ରବେଶ କରୁଥିବା ମୁଁ ଦେଖୁଚି । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆସିଥିବା ବିଭିନ୍ନ ପ୍ରଦେଶର ରାଜା ମହାରାଜାମାନଙ୍କୁ ତୁମେ ଏପରି ଭାବରେ ଗ୍ରାସ କରିବାରେ ଲାଗିଚ ଯେ, ମୁଁ ତାହା ବର୍ଣ୍ଣନା କରି ପାରୁନାହିଁ । ତୁମେ ଏଭଳି ଭାବରେ ସେମାନଙ୍କ ବଂଶ ବୁଡ଼େଇବାରେ ଲାଗିଚ ଯେ, ମୋର ମନେ ହେଉଛି, ଏମାନଙ୍କୁ ତିଳୋଦକ ଦେବାପାଇଁ ମଧ୍ୟ ଜଣେ କେହି ଆଉ ରହିବେ ନାହିଁ । ଶୋଷ ହେଲେ ଯେପରି ମଣିଷ ପାଣି ପାଇବାମାତ୍ରେ ବ୍ୟାକୁଳ

ଭାବରେ ପିଇଯାଏ, ସେହିଭଳି ଯୁଦ୍ଧକ୍ଷେତ୍ରକୁ ଆସିଥିବା ହାତୀଗୁଡ଼ାକୁ ତୁମେ ପିଇ ଯାଉଚ । ଯୁଦ୍ଧ କ୍ଷେତ୍ରରେ ଯାହାକିଛି ଅଛି ଅର୍ଥାତ୍ ତୋପ, କମାଣ, ବିଶ୍ୱ ସଂହାରକ ଅସ୍ତ୍ରଶସ୍ତ୍ର, ଚତୁରଙ୍ଗ ସେନା, ଅଶ୍ୱସଂଯୁକ୍ତ ହଜାର ହଜାର ରଥ ଆଦିକୁ ତୁମେ ଦାନ୍ତ ନଲଗେଇ ମଧ୍ୟ ଚୋବେଇ ଗିଳି ପକାଉଚ କିଭଳି ? ସତ୍ୟ ଓ ବୀରତ୍ୱର ଅଦ୍ୱିତୀୟ ଭୀଷ୍ମ ଏବଂ ବ୍ରାହ୍ମଣଶ୍ରେଷ୍ଠ ଦ୍ରୋଣାଚାର୍ଯ୍ୟ ତୁମ ମୁଖ ଗହ୍ୱର ଭିତରକୁ ଅଗ୍ରସର ହେଉଥିବା ଦେଖୁଚି । ଏମାନଙ୍କୁ ମଧ୍ୟ ଗ୍ରାସ କରିବାକୁ ତୁମର ଟିକିଏ ବି କୁଣ୍ଠାବୋଧ ନାହିଁ । ଆରେ,ସୂତପୁତ୍ର ତଥା ସୂର୍ଯ୍ୟପୁତ୍ର କର୍ଣ୍ଣ ମଧ୍ୟ ମୃତପ୍ରାୟ ! ଆମ ପକ୍ଷରେ ସୈନ୍ୟଗଣଙ୍କୁ ମଧ୍ୟ ଆପଣ ତଷୁଭଳି ଉଡ଼େଇ ଦେଲେଣି । ହାୟରେ ବିଧାତା ! ଇଏ କ'ଣ ହେଲା ! ମୁଁ ବିଶ୍ୱରୂପ ଦର୍ଶନ ଲାଗି ଅନୁଗ୍ରହ ପ୍ରାର୍ଥନା କରି ଜଗତର ଅନ୍ତିମ ଦଶାକୁ ଆମନ୍ତ୍ରଣ କରିବା କ'ଣ ସାର୍ ହେଲା ? ପ୍ରଥମତଃ ତମେ ମତେ ନିଜର ବିଭୂତି ଦେଖାଇଲ । ସେ ବିଭୂତି ଏଭଳି ଭୟଙ୍କର ନଥିଲା । ତେଣୁ ଆହୁରି ଅଧିକ ଦେଖିବା ପାଇଁ ଇଚ୍ଛାକରି ବସିଲି । ପ୍ରାରବ୍ଧ କେବେହେଲେ ଅନ୍ୟଥା ହୁଏନା । ପ୍ରାରବ୍ଧ ଅନୁଯାୟୀ ହିଁ ବୁଦ୍ଧି ହୋଇଯାଏ । ତାର ବ୍ୟତିକ୍ରମ କେଭେଁ ହୋଇ ନପାରେ । ଯୁଦ୍ଧକ୍ଷେତ୍ରରେ ଆତ୍ମୀୟସ୍ୱଜନ ନିଧନର ଦୋଷ ମୋ ମୁଣ୍ଡରେ ଚାପିଦେବାର ଚେଷ୍ଟା ଅନ୍ୟଥା ହୁଅନ୍ତା କିପରି ? ଅମୃତ ପାଇ ମଧ୍ୟ ତୃପ୍ତ ନ ହେବାରେ ଦେବତାମାନେ ପୁନଶ୍ଚ ସମୁଦ୍ର ମନ୍ଥନ କଲେ । ଫଳରେ ସେଥିରୁ ବାହାରିଲା କାଳକୂଟ ବିଷ । ଯାହାହେଉ ଏହି ବିଷ ସେତେ ମାରାତ୍ମକ ହୋଇପାରି ନଥିଲା । କାରଣ ମହାଦେବ ସେତେବେଳେ ଏ ବିପଦରୁ ଦେବତାମାନଙ୍କୁ ରକ୍ଷା କରିଥିଲେ । ପ୍ରଜ୍ୱଳିତ ଅଗ୍ନିକୁ କିଏ କେବେ ଆଲିଙ୍ଗନ କରିପାରେ କି ? ଏବେ ତ ଗଗନମଣ୍ଡଳ ବିଷର ଜ୍ୱାଳାରେ ଜର୍ଜରିତ ହୋଇ ପଡ଼ିଚି— ଏହାକୁ ଗ୍ରାସ କରିବ କିଏ ? ମହାକାଳ ସହିତ ଖେଳିବା ଭଳି ଶକ୍ତି କାହାର ବା ଅଛି ?

ଅର୍ଜୁନ ଏଭଳି ଭାବରେ ବ୍ୟାକୁଳ ହୃଦୟରେ ଦୁଃଖ ପ୍ରକାଶ କରିବାରେ ଲାଗିଲେ । ଶ୍ରୀକୃଷ୍ଣ ଏସବୁ ଦେଖାଇବାର ଉଦ୍ଦେଶ୍ୟ କ'ଣ ଅର୍ଜୁନ ହୃଦୟଙ୍ଗମ କରି ପାରିଲେ ନାହିଁ ।

ମୁଁ ବଧକର୍ତ୍ତା, ଏହି କୌରବ ସୈନ୍ୟ ବଧ— ଅର୍ଜୁନଙ୍କ ଏହି ପ୍ରକାରର ମୋହ ଦୂର କରିବା ଲାଗିହିଁ ଶ୍ରୀକୃଷ୍ଣ ତାଙ୍କୁ ନିଜର ସ୍ୱରୂପ ପ୍ରଦର୍ଶନ କରିଛନ୍ତି । ବିଶ୍ୱରୂପ ଦେଖାଇବା ଛଳରେ ଶ୍ରୀକୃଷ୍ଣ ତାଙ୍କୁ ଜଣାଇଦେଲେ, ଏ ସଂସାରରେ କେହି କାହାକୁ ବଧ କରି ନପାରେ, ମୁଁ ହେଉଛି ସବୁ ଜୀବ ଓ ବସ୍ତୁର ସଂହାରକର୍ତ୍ତା ।

ଅର୍ଜୁନ ବୃଥାରେ ବ୍ୟାକୁଳ ହୋଇ ପଡ଼ିଲେ । ଶ୍ରୀକୃଷ୍ଣଙ୍କ ଅଭିପ୍ରାୟକୁ ସେ ବୁଝି ପାରିଲେ ନାହିଁ । ତାଙ୍କ ଦେହ କ୍ରମଶଃ କମ୍ପିଉଠିଲା ।

ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି
ଦଂଷ୍ଟ୍ରାକରାଳାନି ଭୟାନକାନି ।
କେଚିଦ୍‌ବିଲଗ୍ନା ଦଶନାନ୍ତରେଷୁ
ସଂଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ॥୨୭॥

ଅର୍ଜୁନ ପୁଣି କହିଲେ— ଢାଲ ତରବାରି, ଅଙ୍ଗାଭରଣ, କବଚ ଆଦି ସହିତ କେବଳ କୌରବ ପକ୍ଷର ନୁହଁନ୍ତି, ଉଭୟ ପକ୍ଷର ସୈନ୍ୟମାନେ ଶୂନ୍ୟ ଆକାଶରେ ଅଭ୍ରଜାଲ ଭଳି ତୁମ ମୁଖ ଗହ୍ୱରରେ ପ୍ରବେଶ କରୁଛନ୍ତି । ମହାକଳ୍ପ ଶେଷରେ ସୃଷ୍ଟିକୁ ଧ୍ୱଂସ କରିବା ଲାଗି କୃତାନ୍ତ ଯେପରି ପାତାଳ ସମେତ ସମଗ୍ର ସୃଷ୍ଟିକୁ ଗ୍ରାସ କରିଥାଏ, ଭାଗ୍ୟହୀନର କଷ୍ଟୋପାର୍ଜିତ ସମ୍ପତ୍ତି ଯେପରି ଯେଉଁଠୁଁ ଆସିଥାଏ, ମୁହୂର୍ତ୍ତକରେ ସେଠିକି ଚାଲିଯାଏ, ସେହିଭଳି ଏହି ଅଗଣିତ ସୈନ୍ୟ ତୁମ ମୁଖ ଗହ୍ୱରରେ ଲୀନ ହୋଇ ପଡ଼ିବା ମୁଁ ଲକ୍ଷ୍ୟ କରୁଛି । ତୁମ ଗ୍ରାସରୁ କେହି ନିସ୍ତାର ପାଇବାର କୌଣସି ଉପାୟ ନାହିଁ । ଏମାନଙ୍କ ଭାଗ୍ୟକୁ ଦେଖ ! ଓଟ ଯେପରି ଅଶୋକ ଗଛର ପତ୍ର ଚୋବେଇଥାଏ, ସେହିଭଳି ଲୋକଜଗତ୍ ତୁମ ମୁଖ-ଗହ୍ୱରରେ ବୃଥା ପଶିବାରେ ଲାଗିଛନ୍ତି । ମୁଁ ଦେଖୁଚି, ରାଜା ମହାରାଜାମାନଙ୍କ ମୁଣ୍ଡଗୁଡ଼ିକ ମୁକୁଟ ସହିତ ତୁମର ଦାନ୍ତ ମଝିରେ ପଡ଼ି ଚୁନାଚୁନା ହୋଇ ପଡୁଛି । ଦାନ୍ତରେ ସିଠା ଲାଗିଲାଭଳି ସେମାନଙ୍କ ମୁକୁଟରେ ଖଚିତ ଥିବା ବିଭିନ୍ନ ରତ୍ନ ତୁମ ଦାନ୍ତ ମୂଳରେ ଲାଗିଛି ଏବଂ ଯେଉଁଗୁଡ଼ିକ ଚୁନା ହୋଇ ଯାଇଛି ସେଗୁଡ଼ିକ ତୁମ ଓଠରେ ଲାଗି ଚିକ୍ ଚିକ୍ କରୁଛି । ବିଶ୍ୱରୂପଧାରୀ

ମହାକାଳ ସମସ୍ତ ସୈନ୍ୟଙ୍କ ଶରୀର ଓ ବଳ ଗ୍ରାସ କରି ପକାଇଛି । କେବଳ ସେମାନଙ୍କ ଚମଡ଼ାଗୁଡ଼ିକ ପଡ଼ି ରହିଛି । ଶରୀର ଭିତରେ ଉତ୍ତମ ଅଙ୍ଗ ହେଉଚି ମସ୍ତକ । ତେଣୁ ଚାଲାକି କରି ସେଗୁଡ଼ିକୁ ଗିଳିଦେଇ ଦେହ ଅବଶିଷ୍ଟକୁ ଛାଡ଼ି ଦେଉଚ । ଅର୍ଜୁନ ପୁଣି ପଚାରିଲେ, ଜନ୍ମଲାଭ କରି ପ୍ରାଣୀମାନଙ୍କ ପକ୍ଷରେ କ'ଣ ମୃତ୍ୟୁ ଛଡ଼ା ଦ୍ୱିତୀୟ କୌଣସି ପଥ ନାହିଁ ? କ'ଣ ସମସ୍ତଙ୍କୁ ତୁମ ମୁଖ-ସରୋବର ଭିତରେ ବୁଡ଼ି ମରିବାକୁ ହିଁ ପଡ଼ିବ ? ଏ ସୃଷ୍ଟି କ'ଣ ତିଆରି ହୋଇଛି ସୃଷ୍ଟିକର୍ତ୍ତା ଦ୍ୱାରା ଧ୍ୱଂସ ପାଇବାକୁ ? କେବଳ ମନୁଷ୍ୟ କିମ୍ବା ଜୀବଜଗତ ନୁହଁନ୍ତି, ମୁଁ ଦେଖୁଚି ବ୍ରହ୍ମାଦି ଦେବତାମାନେ ଏହି ମୁଖର ଉଚ୍ଚଭାଗରେ ଯାତାୟାତ କରୁଥିବା ବେଳେ ସାଧାରଣ ଦେବତାମାନେ ଅନ୍ୟ ବାଟରେ ଏହା ଭିତରକୁ ପ୍ରବେଶ କରୁଛନ୍ତି । ତା ଛଡ଼ା ଏହି ମୁଖ ଭିତରେ ଜୀବଗଣ ଯେଉଁଠି ଜନ୍ମଗ୍ରହଣ କରୁଛନ୍ତି, ସେଇଠି ଲୀନ ହୋଇଯାଉଛନ୍ତି । ଏହି ମୁଖ ଏପରି ଯେ କେହିହେଲେ ଏଥିରୁ ତ୍ରାହି ପାଇ ନ ପାରନ୍ତି ।

ଯଥା ନଦୀନାଂ ବହବୋଽମ୍ବୁ ବେଗାଃ
ସମୁଦ୍ରମେବାଭିମୁଖା ଦ୍ରବନ୍ତି ।
ତଥା ତବାମୀ ନରଲୋକବୀରା
ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି ॥୨୮॥

ମହାମହା ନଦୀର ପ୍ରବାହ ଅଚିରେ ଯେପରି ସମୁଦ୍ରରେ ମିଳିତ ହୋଇଥାଏ, ସେହିଭଳି ସମଗ୍ର ଜଗତ ଚାରିଆଡୁ ଏହି ମୁଖ ଭିତରେ ପ୍ରବେଶ କରୁଛି । ପ୍ରାଣୀଗଣ ଆୟୁଷ ପଥରେ ଦିବସ ଓ ରାତ୍ରିର ସୋପାନ ନିର୍ମାଣ କରି ଅତିଶୀଘ୍ର ଏହି ମୁଖରେ ପ୍ରବେଶ କରିବାଲାଗି ସାଧନାରତ ।

ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା
ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।
ତଥୈବ ନାଶାୟ ବିଶନ୍ତିଲୋକା-
ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ॥୨୯॥

ଜ୍ୱଳନ୍ତ ଅଗ୍ନି ଭିତରେ ପତଙ୍ଗଗୁଡ଼ିକ ଝାସ ଦେବାଭଳି ଦେବତାମାନେ ଏହି ମୁଖ ଗହ୍ୱର ଭିତରେ ଝାସ ଦେଉଛନ୍ତି । ତତଲା ଲୁହା ଉପରେ ଜଳବିନ୍ଦୁ ପଡ଼ିବାମାତ୍ରେ ଜଳର ଯେଉଁ ଦଶା ହୋଇଥାଏ, ଦେବତାମାନଙ୍କର ଦଶା ସେହିଭଳି ହୋଇଛି । ସେମାନଙ୍କ ନାମ, ଗନ୍ଧ ସବୁ ଲୋପ ପାଉଛି ।

ଲେଲି ହ୍ୟସେ ଗ୍ରସମାନଃ ସମନ୍ତା-
ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଦ୍ଭିଃ ।
ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ
ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ।।୩୦।।

ତୁମ ଉଦର ଏତେ ବଡ଼ ଯେ ଏତେ ଖାଇ ମଧ୍ୟ ତୁମ କ୍ଷୁଧା ମେଣ୍ଟୁନାହିଁ । କି ଅସାଧାରଣ କ୍ଷୁଧା ! ରୋଗୀ ଜ୍ୱରରୁ ମୁକ୍ତ ହେବା ମାତ୍ରେ ଯେପରି ଖାଇବି ଖାଇବି ହୋଇଥାଏ, ସେହିଭଳି ତୁମର କ୍ଷୁଧା ! ମନେ ହେଉଛି ଯେପରି ଭିକ୍ଷାପରେ ଦୁର୍ଭିକ୍ଷ ଆରମ୍ଭ ହୋଇଛି । ଜିହ୍ୱା ଖାଲି ଲହ ଲହ ହେଉଛି । ମଝିରେ ମଝିରେ ଓଠକୁ ଚାଟି ପକାଉଚ । ମୁଁ ଭାବୁଚି, ସବୁ ତ ଖାଇଗଲଣି, ଆଉ କ'ଣ ଅଛି ଯେ ଖାଇବ ? ଓଃ କି ଅପୂର୍ବ କ୍ଷୁଧା ! ସମୁଦ୍ରଗୁଡ଼ିକ ତମ ମୁହଁ ଭିତରେ ପଶି ଗଲେଣି, ପର୍ବତଗୁଡ଼ିକ ମଧ୍ୟ ତୁମର ଉଦରସ୍ଥ । ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ଏହି ମୁହଁ ଭିତରେ । ଚତୁର୍ଦ୍ଦିଗକୁ ତ ଗ୍ରାସ କରି ଗଲଣି । ନକ୍ଷତ୍ରଗୁଡ଼ିକୁ ଚାଟିଚୁଟି ସଫା କରି ଦେଲଣି । ଯେତିକି ଖାଉଚ ସେତିକି ତ କ୍ଷୁଧା ବଢ଼ିବାରେ ଲାଗିଛି । ଭୋଗ କରି କରି କାମନା ବଢ଼ି ବଢ଼ି ଚାଲିଥାଏ, ଇନ୍ଧନ ଦେବା ମାତ୍ରେ ଅଗ୍ନି ଧୂ ଧୂ ହୋଇ ଜଳି ଉଠିଥାଏ,ସେହିଭଳି ଖାଇ ଖାଇ ତୁମର ଖାଇବା ଇଚ୍ଛା କ୍ରମଶଃ ବଢ଼ି ବଢ଼ି ଚାଲିଛି । ଗୋଟିଏ ମୁଖ, କିନ୍ତୁ ଏହା ଏପରି ବ୍ୟାପକ ଯେ ତ୍ରିଭୁବନ ସୁଦ୍ଧା ଜିଭର ଗୋଟିଏ କଡ଼ରେ କୁଆଡ଼େ ଲୁଚି ଯାଉଛି, ଦେଖାଯାଉନି । ବଡ଼ବାନଳ ଭଳି ତୁମର ଗୋଟିଏ ଗୋଟିଏ ମୁଖ ଭିତରେ ବହୁ ମୁଖର ଧାଡ଼ି ଲମ୍ବିଚି । ଏହି ମୁଖଗୁଡ଼ିକ ଲାଗି ଖାଦ୍ୟ କାହିଁ ? ଏତେ ଗୁଡ଼ିଏ ଜଗତ୍ ତ ନାହିଁ ! ଖାଦ୍ୟ ନଥାଇ ଏତେଗୁଡ଼ିଏ ମୁଖ ଧରି ବସିଚ କାହିଁକି ? ଗୋଟିଏ ମୁଖ ପାଇଁ

ତ ଏ ଜଗତ ଯଥେଷ୍ଟ ନୁହେଁ, ଏତେଗୁଡ଼ିଏ ମୁଖପାଇଁ ଖାଦ୍ୟ ଆସିବ କେଉଁଠୁ ? ପ୍ରଥମେ ଖାଦ୍ୟର ବ୍ୟବସ୍ଥା କରି ସିନା ମୁଖ ଓ ଉଦର ପ୍ରସ୍ତୁତ କରିଥାଆନ୍ତ... ତା ନ କରି ଖାଇବା ପାଇଁ ଏଭଳି ହାଇଁପାଇଁ ହେଉଚ କାହିଁକି ? ବାସ୍ତବରେ ତୁମର କ୍ଷୁଧାକୁ ଦେଖି ମତେ ବଡ଼ ବିକଳ ଲାଗୁଚି ।

ବନାଗ୍ନି ଭିତରେ ପଡ଼ି ମୃଗ ଯେପରି ଛଟପଟ ହୋଇଥାଏ, କୁଆଡ଼େ କେମିତି ଯିବ ତାକୁ ବାଟ ଦେଖା ଯାଏନା, ସେହିଭଳି ତୁମ ଜଠରାଗ୍ନି ଭିତରେ ପଡ଼ି ବିଶ୍ୱବ୍ରହ୍ମାଣ୍ଡ ଛଟପଟ ହେଉଚି । ମନେ ହେଉଚି, ଜଗତର କୃତକର୍ମ ସକଳ କାଳରୂପୀ ଦେବତାର ମୂର୍ତ୍ତି ଧାରଣ କରିଛି । ଜଗତ୍‌ସ୍ୱରୂପ ଜଳଚରକୁ ଧରିବାଲାଗି ମହାକାଳ ଏକ ବିରାଟ ଜାଲ ବିଛେଇ ଦେଇଚି । ତୁମର ଏ ଅଙ୍ଗପ୍ରଭାର ଫାଶରୁ ସଚରାଚର ବିଶ୍ୱ ଖସି ଯିବ କିପରି ? ଏହି ମୁଖକୁ କ'ଣ ବୋଲି ବର୍ଣ୍ଣନା କରିବି ବୁଝି ପାରୁ ନାହିଁ । ଇଏ କ'ଣ ଜୀବଜଗତକୁ ଜାଳିପୋଡ଼ି ଧ୍ୱଂସ କରିବା ଲାଗି ନିର୍ମିତ ଏକ ଜଉଘର ? ଅଗ୍ନି ନିଜ ଉତ୍ତାପକୁ ବୁଝିପାରେନା । ନିଜ ତୀକ୍ଷ୍ଣତାର ମୃତ୍ୟୁ କିପରି ଘଟେ, ଶସ୍ତ୍ର କ'ଣ ଜାଣିପାରେ ? ବିଷ ନିଜର ପ୍ରାଣନାଶକାରୀ ଗୁଣକୁ ଚିହ୍ନେନା । ସେହିଭଳି ମୋର ମନେ ହେଉଛି ତୁମର ଏହି ବିଶ୍ୱରୂପ କିପରି ଭୟଙ୍କର ନିଜେ ବୋଧହୁଏ ଜାଣି ପାରୁନାହିଁ । ଯଦି ଏକ ଆତ୍ମା ସମଗ୍ର ଜଗତରେ ବ୍ୟାପି ରହିଛି, ତାହାହେଲେ ନିଜେ ନିଜକୁ ଧ୍ୱଂସ କରୁଛ କିପରି ? ମୋ କଥା ବୁଝ, ମୁଁ ତ ଜୀବନର ଆଶା ଛାଡ଼ି ଦେଲିଣି ।

ହେ ପ୍ରଭୋ ! ତୁମର ଅଭିଳାଷ ସ୍ପଷ୍ଟ ଭାବରେ ପ୍ରକାଶ କର । ଏହାଠୁଁ ବିଷମ, ମାରାତ୍ମକ ଆଉ କ'ଣ ଅଛି କି ? ଆହୁରି କ'ଣ ମତେ ଦେଖାଇବା ପାଇଁ ତୁମର ଇଚ୍ଛା ? ଏହି ଉଗ୍ରରୂପ ଆହୁରି କ'ଣ ବ୍ୟାପକ ହୋଇ ଉଠିବ ? ବିନୀତ ଭାବରେ ହାତଯୋଡ଼ି ହୃଦୟଭିତରୁ କହୁଛି, ଯଥେଷ୍ଟ କଲଣି, ଯଥେଷ୍ଟ ଦେଖାଇ ସାରିଲଣି, ସେତିକି ଥାଉ । ଆଉ ବପୁ ବିସ୍ତାର କର ନାହିଁ । ଯେଉଁ ଭଗବତ୍ ସ୍ୱରୂପ ମୋର ଧ୍ୟେୟ ହେବା ଉଚିତ୍, କେବଳ ସେହି ରୂପକୁ ଦେଖାଇ ବାକି ରୂପଗୁଡ଼ିକୁ ପ୍ରତ୍ୟାହାର କରି ନିଅନ୍ତୁ— ମୋ ପ୍ରତି ଦୟା କର ମହାରାଜ !

ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ
ନମୋଽସ୍ତୁତେ ଦେବବର ପ୍ରସୀଦ ।
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ
ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ।।୩୧।।

ହେ ବିଶ୍ୱବନ୍ଦ୍ୟ ! ହେ ତ୍ରିଲୋକର ଆଦି କାରଣ, ହେ ଶ୍ରୁତି ଅଗମ୍ୟ ! ମୋ ନିବେଦନ ଟିକିଏ ଶୁଣନ୍ତୁ । ଏହା କହି ଅର୍ଜୁନ ସେହି ବିଶ୍ୱରୂପ ଚରଣରେ ମଥା ରଖି ନମସ୍କାର କଲେ । ପୁଣି କହିଲେ, ହେ ସର୍ବେଶ୍ୱର ! ମୋ କଥା ଟିକିଏ ମନ ଦେଇ ଶୁଣନ୍ତୁ । ମୁଁ ମାନସିକ ଶାନ୍ତି ଲାଭ ଲାଗି ବିଶ୍ୱରୂପର ପରିଚୟ ପାଇବା ପାଇଁ ଚାହିଁଥିଲି । କିନ୍ତୁ ଦେଖୁଛି, ଏ ବିଶ୍ୱରୂପ ତ ବିଶ୍ୱକୁ ଗ୍ରାସ କରିବାକୁ ବସିଲାଣି । ମୁଁ ଜାଣିବାକୁ ଚାହେଁ ପ୍ରକୃତରେ ତୁମେ କିଏ ? ଏପରି ରୂପ ଧରିଚ କାହିଁକି ?ଏ ଭୟାନକ ମୃତ୍ୟୁରୂପୀ ଅସ୍ତ୍ରଧାରଣ କରିଚ କେଉଁ କାରଣରୁ, କେଉଁ ଉଦ୍ଦେଶ୍ୟରେ ? ଏତେ କ୍ରୋଧ କାହିଁକି ? ଏଡ଼େ ଏଡ଼େ ଆଖି ଦେଖାଇ ମତେ ଭୟଭୀତ କରାଉଚ କାହିଁକି ?

ତାପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ— ମୁଁ କିଏ, କାହିଁକି ଏ ଉଗ୍ର ଭୟଙ୍କର ରୂପ ଧାରଣ କରିଛି, ଏହି ପ୍ରଶ୍ନର ଉତ୍ତର ଦେଉଚି ଶୁଣ ।

ଶ୍ରୀ ଭଗବାନ ଉବାଚ

କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁ ମିହ ପ୍ରବୃତ୍ତଃ ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।।୩୨।।

ବାସ୍ତବରେ ମୁଁ ହେଉଚି କାଳ ବା ମୃତ୍ୟୁସ୍ୱରୂପ । ଲୋକ ସଂହାର ଲାଗି ମୁଁ ଏହି ବିରାଟ ମୂର୍ତ୍ତି ଧାରଣ କରିଛି । ବିଶ୍ୱବ୍ରହ୍ମାଣ୍ଡକୁ ଗ୍ରାସ କରିବାଲାଗି ଆଁ କରି ରହିଛି । ଯେଉଁମାନଙ୍କୁ ଇଚ୍ଛା ସେମାନଙ୍କୁ ଖାଇବି ନିଶ୍ଚୟ ।

ଏକଥା ଶୁଣିବାମାତ୍ରେ ଅର୍ଜ୍ଜୁନ ଚମକି ପଡ଼ିଲେ । କହିଲେ, ହାୟ, ହାୟ ଇଏ କ'ଣ କହୁଛନ୍ତି ? ଗୋଟିଏ ବିପଦରୁ ଉଦ୍ଧାର ପାଇବା ଲାଗି ପ୍ରାର୍ଥନା କରୁ କରୁ ପୁଣି ନୂତନ ସଂକଟ ଆସି ଉପସ୍ଥିତ !

ଶ୍ରୀକୃଷ୍ଣ ଜାଣନ୍ତି ଯେ ତାଙ୍କ କଥା ଶୁଣିବା ମାତ୍ରେ ଅର୍ଜ୍ଜୁନ ଅତ୍ୟନ୍ତ ନିରାଶ ଓ ଦୁଃଖିତ ହୋଇପଡ଼ିବେ । ତେଣୁ ସେ କହିଲେ, ଏଭଳି ଭୟଭୀତ ହେଉଚ କାହିଁକି ? ତୁମର ପ୍ରଶ୍ନର ଉତ୍ତର କ'ଣ ସବୁ ଦିଆ ସରିଲାଣି ? ପାଣ୍ଡବ ! ତୁମେ ବ୍ୟସ୍ତ ହୁଅନାହିଁ । ମୁଁ ଯାହାକୁ ଭଲପାଏ, ଏହିକ୍ଷଣି ତାକୁ ଗ୍ରାସ କରିବି ନାହିଁ । ତେଣୁ ତୁମେ ସଂହାରରୂପକ ବିପଦରୁ ମୁକ୍ତ ।

ଏହା ଶୁଣିବାମାତ୍ରେ ଅର୍ଜ୍ଜୁନ ମନେ ମନେ କହିଲେ, ଯାହାହେଉ ମୁଁ ବଞ୍ଚିଗଲି । ବାସ୍ତବରେ ଅର୍ଜ୍ଜୁନ ସେତେବେଳକୁ ନ ମରୁଣୁ ମରିବା ଭଳି ହୋଇ ପଡ଼ିଥିଲେ । ଶ୍ରୀକୃଷ୍ଣଙ୍କଠାରୁ ଏହି ଆଶ୍ୱାସନା ବାଣୀ ଶୁଣିବାମାତ୍ରେ ସେ ସଚେତନ ହୋଇ ଉଠି ଶ୍ରୀକୃଷ୍ଣଙ୍କ କଥା ଶୁଣିବାକୁ ଲାଗିଲେ ।

ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଲେ, ଭୁଲି ଯାଅନି ଯେ ତୁମେ ହେଉଚ ମୋର ପ୍ରିୟସଖା ! ମୁଁ ତୁମକୁ ଛାଡ଼ି ସମସ୍ତଙ୍କୁ ଗ୍ରାସ କରିବି । ପ୍ରଜ୍ୱଳିତ ଅଗ୍ନି ଭିତରେ ଲହୁଣୀ ପଡ଼ିଲେ ଲହୁଣୀର ଯେଉଁ ଦଶା ହୋଇଥାଏ, ମୋ ମୁଖ ଭିତରେ ଜଗତର ଦଶା ମଧ୍ୟ ତଦନୁରୂପ । ଏହି ସୈନ୍ୟମାନେ ଭାବୁଛନ୍ତି, ସେମାନେ ମୃତ୍ୟୁଠାରୁ ମଧ୍ୟ ବଡ଼ । ଏସବୁ ବୃଥା ଆସ୍ଫାଳନ ବ୍ୟତୀତ କିଛି ନୁହଁ । ଚତୁରଙ୍ଗ ସୈନ୍ୟବଳ ସହିତ ବୀରବର ଯୋଦ୍ଧାମାନେ ନିଜ ନିଜର ପରାକ୍ରମକୁ ଦେଖେଇ ମହାକାଳ ସହିତ ଲଢ଼ିବାକୁ ବାହାରିଛନ୍ତି । କହି ଚାଲିଛନ୍ତି, ସେମାନେ ଦ୍ୱିତୀୟ ସୃଷ୍ଟି ରଚନା କରିବେ, ପ୍ରତିଜ୍ଞା କରିବାରେ ଲାଗିଛନ୍ତି ଯେ, ମୃତ୍ୟୁକୁ ସୁଦ୍ଧା ହତ୍ୟାକରି ପକାଇବେ । ଖାଲି ସେତିକି ନୁହଁ, କେହି କେହି ମନେ ମନେ କହି ହେଉଛନ୍ତି, ସମଗ୍ର ଜଗତକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ଉଦରସ୍ଥ କରି ଦେବୁ, ସମଗ୍ର ପୃଥିବୀକୁ ଗ୍ରାସ କରି ପକାଇବୁ, ଆକାଶକୁ ପୋଡ଼ି ପାଉଁଶ କରିଦେବୁ, ବାୟୁକୁ ସୁଦ୍ଧା ବାଣମାରି ଜର୍ଜରିତ କରି ପକାଇବୁ । ଏମାନେ ଏଭଳି ଆସ୍ଫାଳନ

କରିବାରେ ଲାଗିଛନ୍ତି ଯେ, ମନେ ହେଉଛି ଯେପରି ସେମାନଙ୍କ ବାକ୍ୟବାଣ ତୀକ୍ଷ୍ଣ ଅସ୍ତ୍ରଠାରୁ ମଧ୍ୟ ତୀକ୍ଷ୍ଣ । ତେଜରେ ଅଗ୍ନିଠାରୁ ମଧ୍ୟ ବଳୀୟାନ । ସେମାନେ କାଳକୂଟ ବିଷକୁ ମଧ୍ୟ ଅତି ମଧୁର ମନେ କରୁଛନ୍ତି । କିନ୍ତୁ ବାସ୍ତବରେ ସେମାନେ ଗୋଟିଏ ଗୋଟିଏ ଚିତ୍ରପ୍ରତିମା ମାତ୍ର । କନାକୁ ଗୁଡ଼େଇ ଯେପରି ସାପ ତିଆରି କରାଯାଇଥାଏ, ଏମାନେ ହେଉଛନ୍ତି ସେହିଭଳି ଗୋଟିଏ ଗୋଟିଏ ସାପ । କଣ୍ଢେଇକୁ ଅଳଙ୍କାରରେ ସଜେଇବା ଭଳି ଏମାନେ କେବଳ ବାହାରକୁ ସଜ୍ଜିତ ହୋଇଛନ୍ତି । ଏମାନେ ନାମମାତ୍ର ସୈନ୍ୟ । ଗୋଟିଏ ଗୋଟିଏ ପ୍ରାଣହୀନ କଣ୍ଢେଇ । ଏହି ରାଜା ମହାରାଜାମାନେ ମଧ୍ୟ ସେହିଭଳି । ନାମକୁ ମାତ୍ର ରାଜା । ଯେପରି କାନ୍ଥ ଦେହରେ ତୁଳିରେ ରାଜାମହାରାଜାଙ୍କ ଛବି ଅଙ୍କା ଯାଇଥାଏ, ସେହିଭଳି ପୃଥିବୀର କାନ୍ଥ ଦେହରେ ଏମାନେ ଜଣେ ଜଣେ ଚିତ୍ରିତ ଛବି ମାତ୍ର । ଏମାନେ କାହାର କିଛି କରିବେ ନାହିଁ । କେବଳ ବଡ଼େଇ କରିବା ଜାଣନ୍ତି ।

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୁନ୍‌ଭୁଙ୍କ୍ଷ୍ୱରାଜ୍ୟଂ ସମୃଦ୍ଧମ୍ ।
ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।।୩୩।।

ଏମାନଙ୍କ ଶରୀରରେ ଯେଉଁ ବଳବୀର୍ଯ୍ୟ ଥିଲା, ମୁଁ ତାକୁ ହରଣ କରି ନେଇଛି । ସେମାନେ ବର୍ତ୍ତମାନ ଗୋଟିଏ ଗୋଟିଏ କଣ୍ଢେଇଭଳି ନିର୍ଜୀବ । କଣ୍ଢେଇକୁ ସୂତାରେ ବନ୍ଧାଯାଇ ନଚା ଯାଇଥାଏ । ସୂତା ଛିଣ୍ଡିଗଲେ ଏମାନଙ୍କ ନାଚିବା ବନ୍ଦ । ତଳେ ଗଡ଼ି ପଡ଼ନ୍ତି । ତେଣୁ ଏ ସୈନ୍ୟ ଓ ଏହି ରାଜା ମହାରାଜାମାନଙ୍କର ଜୀବନ ଚାଲିଯାଇଥିବାରୁ ସେମାନଙ୍କୁ ଧ୍ୱଂସ କରିବା ଅତି ସହଜ । ତେଣୁ ହେ ଅର୍ଜୁନ ! ତୁମେ ଯୁଦ୍ଧ ପାଇଁ ଶୀଘ୍ର ପ୍ରସ୍ତୁତ ହୁଅ । ମନରୁ ମୋହ ଦୂର କର । ତୁମେ ବିରାଟ ରାଜାଙ୍କ ଗୋ-ଧନ ହରଣ ସମୟରେ ବିରାଟ ନନ୍ଦନ ଉତ୍ତର ଜରିଆରେ ମୋହନାସ୍ତ୍ର ନିକ୍ଷେପ କରି ଶତ୍ରୁମାନଙ୍କ ବସ୍ତ୍ର ସୁଦ୍ଧା ହରଣକରି ନେଇଥିଲ । ଆଜି ଏଠାରେ ଯେଉଁ ସୈନ୍ୟମାନେ ଯୁଦ୍ଧ କରିବାକୁ

ଆସିଛନ୍ତି, ଏମାନେ ସେହି ସୈନ୍ୟମାନଙ୍କଠାରୁ ମଧ୍ୟ ଦୁର୍ବଳ, ନିରୂପାୟ । ତେଣୁ ଏମାନଙ୍କୁ ତ ତୁମେ ସହଜରେ ସଂହାର କରିପାରିବ । ସମଗ୍ର ଶତ୍ରୁ ପକ୍ଷକୁ ଜୟ କରି କୀର୍ତ୍ତି ଲାଭ କର । କେବଳ ଯଶଃନୁହଁ, ସଂପୂର୍ଣ୍ଣ ସାମ୍ରାଜ୍ୟ ତୁମର ହସ୍ତଗତ ହୋଇପାରିବ । ହେ ସବ୍ୟସାଚି ! ତୁମେ ନିମିତ୍ତ ମାତ୍ର ହୁଅ । ମୁଁ ସବୁ କରିସାରିଚି, ତେଣୁ ତୁମକୁ ଆଉ କିଛି କରିବାକୁ ପଡ଼ିବ ନାହିଁ ।

ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ
କର୍ଣ୍ଣଂ ତଥାନ୍ୟାନପିଯୋଧବୀରାନ୍ ।
ମୟାହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା
ଯୁଧସ୍ୱ ଜେତାସି ରଣେ ସପତ୍ନାନ୍ ।।୩୪।।

ଦ୍ରୋଣାଚାର୍ଯ୍ୟଙ୍କର ନିଜର କୌଣସି ଯୋଗ୍ୟତା ଅଛି ବୋଲିମନେ କରନା । ଭୀଷ୍ମକୁ ମଧ୍ୟ ଭୟ କରନି । କର୍ଣ୍ଣ ବିରୁଦ୍ଧରେ ଅସ୍ତ୍ରଧାରଣ କରିବାକୁ କୁଣ୍ଠାବୋଧ କର ନାହିଁ କିମ୍ବା କର୍ଣ୍ଣ ତୁମ ବିରୁଦ୍ଧରେ କି ପ୍ରକାରର ଅସ୍ତ୍ର ବର୍ଷଣ କରିବେ, ସେ ସମ୍ପର୍କରେ ଚିନ୍ତା ସୁଦ୍ଧା କରନି । ଜୟଦ୍ରଥଙ୍କୁ କିପରି ବଧ କରିବ, ସେ ବିଷୟରେ ମଧ୍ୟ ଭାବ ନାହିଁ । ଯେତେ ଯେତେ ବିଖ୍ୟାତ ବିଖ୍ୟାତ ବୀର ଏ ରଣାଙ୍ଗନରେ ସମବେତ ହୋଇଛନ୍ତି, ସେମାନେ ସମସ୍ତେ ଚିତ୍ରରେ ଅଙ୍କିତ ସିଂହଭଳି ଗୋଟିଏ ଗୋଟିଏ ଜଳଛବି । କେବଳ ତୁମେ ହାତ ବୁଲେଇଦେବା ମାତ୍ରେ ଏମାନଙ୍କ ଚିହ୍ନବର୍ଣ୍ଣ ସୁଦ୍ଧା ରହିବ ନାହିଁ । ସବୁ ଲିଭିଯିବ । ହେ ଅର୍ଜୁନ ! ଏ ଯୁଦ୍ଧ ନଗଣ୍ୟ । ଏହା ନାମକୁ ମାତ୍ର ଯୁଦ୍ଧ । ଯୁଦ୍ଧର ଯେଉଁ ମୂଳ ରସ, ତାକୁ ମୁଁ ଗ୍ରାସ କରିସାରିଛି । ତୁମେ ତ ନିଜେ ଦେଖିଲ ମୋ ମୁଖଗହ୍ୱରରେ ଏମାନେ କିପରି ପୋକମାଛି ପରି ପ୍ରବେଶ କଲେ । ପ୍ରବେଶ କରିବାମାତ୍ରେ ଏମାନଙ୍କ ଆୟୁଷ ଶେଷ ହୋଇଗଲା । ସେମାନଙ୍କର ଖୋଳପା ମାତ୍ର ପଡ଼ିରହିଛି । ରସ ଚାଲିଯାଇନି । ତେଣୁ ବୃଥା ଶୋକ କର ନାହିଁ । ବ୍ୟଥିତ ହୁଅ ନାହିଁ । ଶୀଘ୍ର ଯୁଦ୍ଧ କର । ଯେଉଁମାନଙ୍କୁ ମୁଁ ବଧ କରି ସାରି ଏଇଠି ରଖିଚି, ସେମାନଙ୍କୁ ବଧ କର । ଧନୁର୍ବିଦ୍ୟା ଶିକ୍ଷାବେଳେ ନିଜର ଲକ୍ଷ୍ୟ ଠିକ୍ ରହୁଚି କି ନାହିଁ, ପରୀକ୍ଷା ଲାଗି

ଆଗରେ ନିଜେ ଏକ ଖୁଣ୍ଟ ପୋତି ଧନୁର୍ଦ୍ଧାରୀ ବୀର ଦୂରସ୍ଥ ସେହି ଖୁଣ୍ଟକୁ ଲକ୍ଷ୍ୟକରି ଶର ନିକ୍ଷେପ କରେ । ସେ ନିଜେ ଯେଉଁ ଖୁଣ୍ଟର ନିଶାଣ ରଖିଥାଏ ତାକୁ ସେ ନିଜେ ଶରମାରି ଟାଳିଦିଏ । ସେହିଭଳି ତୁମେ କେବଳ ନିମିତ୍ତ ମାତ୍ର । ତୁମର ଶତ୍ରୁ ଜନ୍ମଗ୍ରହଣ କରୁ କରୁ ତାକୁ ବାଘ ଆକ୍ରମଣ କରିସାରିଛି । ତୁମେ ଯୁଦ୍ଧ କର, ରାଜ୍ୟ ସହିତ ସଂପୂର୍ଣ୍ଣ ଯଶଃଲାଭ କର, ତାକୁ ଭୋଗ କର । ତୁମର କୀର୍ତ୍ତି ଏ ମୁଖରୁ ସେ ମୁଖ ହୋଇ ପୃଥିବୀସାରା ବ୍ୟାପିଯିବ । ଇତିହାସ ତୁମକୁ ମନେ ରଖିବ ।

ସଞ୍ଜୟ ଉବାଚ

ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ
କୃତାଞ୍ଜଳିର୍ବେପମାନଃ କିରୀଟି ।
ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ
ସଗଦ୍‌ଗଦଂ ଭୀତଭୀତଃ ପ୍ରଣମ୍ୟ ।।୩୫।।

ଜ୍ଞାନଦେବ କହୁଛନ୍ତି— ଏତେ ଶୁଣିବା ପରେ ମଧ୍ୟ ଧୃତରାଷ୍ଟ୍ରଙ୍କର ପୂର୍ବଭଳି ମନସ୍କାମନା ଅପୂର୍ଣ୍ଣ ରହିଛି ।

ସଞ୍ଜୟ ଧୃତରାଷ୍ଟ୍ରଙ୍କ ନିକଟରେ ଏସବୁ କଥା ପ୍ରାଞ୍ଜଳଭାବରେ ବର୍ଣ୍ଣନା କଲେ । କହିଲେ, ସତ୍ୟଲୋକରୁ ଗଙ୍ଗାର ସ୍ରୋତ କଳ କଳ ନାଦରେ ପ୍ରବାହିତ । ମହାମେଘ ସମୂହ ଏକତ୍ର ହୋଇ 'ଗୁରୁ ଗୁରୁ' ଧ୍ୱନିରେ ନିନାଦିତ । କ୍ଷୀର ସମୁଦ୍ର ମନ୍ଥନ ସମୟରେ ମନ୍ଦରାଚଳମନ୍ଥନ ଦଣ୍ଡ ଘୂରିବାରେ ଏଥିରୁ ବିକଟ ଘର୍ଘର ଧ୍ୱନି ଉତ୍‌ଥିତ ହୋଇଥିଲା । ବିଶ୍ୱର ମୂଳ ଅନନ୍ତଦେବ ଶ୍ରୀକୃଷ୍ଣ ସେହିଭଳି ଭାବରେ ମହାଗମ୍ଭୀର ନାଦରେ ଯେଉଁ ବାକ୍ୟ ଉଚ୍ଚାରଣ କଲେ, ତାର ଏକ କଣିକା ମାତ୍ର ଅର୍ଜୁନଙ୍କ କର୍ଣ୍ଣଗହ୍ୱରରେ ପଡ଼ି ତାଙ୍କର ଆନନ୍ଦ ଓ ଭୟକୁ ଦ୍ୱିଗୁଣିତ କରି ପକାଇଲା ।

ଅର୍ଜୁନଙ୍କ ଦେହ କମ୍ପି ଉଠିଲା । ଶ୍ରୀକୃଷ୍ଣଙ୍କ ଆଗରେ ସେ ସଙ୍କୁଚିତ ଭାବରେ ମଥାନତ କରି କେବଳ ତାଙ୍କର ଚରଣ ସ୍ପର୍ଶ କରିବାରେ ଲାଗିଲେ । ତାଙ୍କର କଣ୍ଠରୋଧ ହୋଇଆସିଲା ।

ହେ ରାଜନ୍ ! ଅର୍ଜୁନଙ୍କର ଏହା ଆନନ୍ଦ କି ଭୟ ନିଜେ ବିଚାର କରନ୍ତୁ ।

ଶ୍ରୀକୃଷ୍ଣଙ୍କ ଚରଣରେ କରପତ୍ର ଯୋଡ଼ି ପ୍ରଣାମ କରୁ କରୁ ଅର୍ଜୁନ କହିଲେ—

ଅର୍ଜୁନ ଉବାଚ

ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା
ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି
ସର୍ବେ ନମସ୍ୟନ୍ତି ଚ ସିଦ୍ଧସଂଘାଃ ।।୩୬।।

ହେ ପ୍ରଭୁ ତୁମେ ମତେ କହିଲ, 'କାଳ ଓ ଜଗତକୁ ଗ୍ରାସ କରିବା ହେଉଛି ମୋ ଖେଳ ।' ଏକଥା ସତ୍ୟ ବୋଲି ମୁଁ ମାନୁଛି । କିନ୍ତୁ ତୁମେ ନିଜେ ପାଳନକର୍ତ୍ତା ହୋଇ ଯାହାକୁ ପାଳୁଚ, ତାକୁ ସଂହାର କରିବାଲାଗି ପ୍ରବୃତ୍ତ ହେଉଚ କିପରି ? ମୁଁ ଏକଥା କିଛି ବୁଝିପାରୁ ନାହିଁ । ସମୟ ନ ହେଉଣୁ ଦେହରୁ ଯୌବନକୁ କାଢ଼ିନେଇ ସେଥିରେ ବାର୍ଦ୍ଧକ୍ୟକୁ ପ୍ରବେଶ କରାଯାଇପାରେ କି ? ଚାରି ପ୍ରହର ପୂର୍ଣ୍ଣ ନ ହେଉଣୁ ଅର୍ଥାତ୍ ମଧ୍ୟାହ୍ନକାଳରେ ସୂର୍ଯ୍ୟ ଅସ୍ତମିତ ହୋଇପାରେ କି ? ତୁମର ଅଖଣ୍ଡିତ କାଳସ୍ୱରୂପ ତିନିଭାଗରେ ବିଭକ୍ତ । ଏଥିରେ ଯଥା ସମୟରେ ପ୍ରତ୍ୟେକ ଭାଗର ପ୍ରଭାବ ବେଶି । ଉତ୍ପତ୍ତି କାଳରେ ସ୍ଥିତି ଓ ପ୍ରଳୟ, ସ୍ଥିତିକାଳରେ ଉତ୍ପତ୍ତି ଓ ପ୍ରଳୟ ଏବଂ ପ୍ରଳୟକାଳରେ ସୃଷ୍ଟି ଓ ସ୍ଥିତିର ଶକ୍ତି ଲୁପ୍ତ ରହିଥାଏ । ଚକ୍ରବତ୍ ଏହି ପ୍ରକ୍ରିୟା ଅନାଦି କାଳରୁ ଚାଲିଆସିଛି । କୌଣସି କାଳରେ ଏହି ନିୟମର ବ୍ୟତିକ୍ରମ ହୋଇ ନ ପାରେ । ସେଥିଲାଗି ତ ଏହି ସୃଷ୍ଟି ତିଷ୍ଠି ରହିଛି । ବର୍ତ୍ତମାନ ହେଉଛି ଜଗତର ସ୍ଥିତିକାଳ । ଏହା ବିଷୟ ଭୋଗରେ ପରିପୂର୍ଣ୍ଣ । ଏହାକୁ ଏହି ସମୟରେ ଗ୍ରାସ କରୁଛ କାହିଁକି ବୁଝି ହେଉନାହିଁ ।

ଶ୍ରୀକୃଷ୍ଣ ସଙ୍କେତଦ୍ୱାରା ଅର୍ଜୁନଙ୍କୁ ବୁଝାଇ କହିଲେ, ଏହି କ୍ଷଣି ପ୍ରତ୍ୟକ୍ଷ ଭାବରେ ତୁମାକୁ ଦେଖେଇଦେଲି ଯେ, ଉଭୟ ପକ୍ଷର ସୈନ୍ୟବାହିନୀର ପାଳନ ପୋଷଣ କାର୍ଯ୍ୟ ଶେଷ ହୋଇଛି । ଏମାନଙ୍କ ମରଣ ଯଥା ସମୟରେ ଘଟିବ ।

ଶ୍ରୀକୃଷ୍ଣଙ୍କ ଏହି ସାଙ୍କେତିକ ବାଣୀରୁ ଅର୍ଜୁନ ପୂର୍ବଭଳି ସମଗ୍ର ସଂସାରକୁ ଦେଖିଲେ । ସେ କହିଲେ, ତୁମେ ହେଉଚ ବିଶ୍ୱର ଧାରଣକର୍ତ୍ତା, ସୂତ୍ରଧର । ଜଗତର ପୂର୍ବ ଅବସ୍ଥାକୁ ଫେରାଇ ଦେଇଚ । ହେ ହରି ! ତୁମେ ହିଁ ଦୁଃଖ ସାଗରରେ ନିମଜ୍ଜିତ ଜଗତର ଉଦ୍ଧାରକର୍ତ୍ତା । ତୁମର କୀର୍ତ୍ତିକୁ ଜଗତର ଜୀବଗଣ ବାରମ୍ବାର ସ୍ମରଣ କରି ମହାସୁଖ ଓ ଆନନ୍ଦଭୋଗ କରି ଆସୁଛନ୍ତି । ମୁଁ ମଧ୍ୟ ଆନନ୍ଦ ତରଙ୍ଗରେ ଉଛୁଟୁବୁ ହେବାରେ ଲାଗିଛି । ହେ ଦେବ ଦେବ, ତୁମେ ହିଁ ଦୁଷ୍ଟ ସଂହାର କରିଥାଅ ଏବଂ ତୁମର ଯିଏ ଶରଣ ପଶେ ତାକୁ ରକ୍ଷା କରିଥାଅ । ତ୍ରିଭୁବନର ରାକ୍ଷସ ପ୍ରବୃତ୍ତିର ଲୋକେ ତୁମକୁ ଭୟ କରିଥାଆନ୍ତି । ଭୟରେ ତୁମ ପାଖ ସୁଦ୍ଧା ମାଡ଼ି ପାରି ନଥାନ୍ତି । କିନ୍ତୁ ତୁମେ କ'ଣ ସେମାନଙ୍କୁ ଛାଡ଼ିଚ ? ଗୋଡ଼େଇ ଗୋଡ଼େଇ ମାରୁଚ । କିନ୍ତୁ ସୁର, ନର, ସିଦ୍ଧ, କିନ୍ନର, ସକଳ ଚରାଚର ତୁମ ଦର୍ଶନରେ ଆନନ୍ଦିତ । ସମସ୍ତେ ନତ ମସ୍ତକରେ ତୁମକୁ ନମସ୍କାର କରିବାରେ ଲାଗିଛନ୍ତି । ତୁମର କୀର୍ତ୍ତିଗାନ କରୁଛନ୍ତି ।

କସ୍ମାଚ୍ଚ ତେ ନ ନମେରନ୍ ମହାତ୍ମନ୍
ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ତ୍ରେ ।
ଅନନ୍ତ ଦେବେଶ ଜଗନ୍ନିବାସ
ତ୍ୱମକ୍ଷରଂ ସଦସଦ୍ୱପୂରଂ ଯତ୍ ॥୩୭॥

ହେ ନାରାୟଣ ! ରାକ୍ଷସଗଣ ତଥା କୁକର୍ମରେ ରତ ସମସ୍ତ ମନୁଷ୍ୟ ତୁମ ଚରଣରେ ପ୍ରଣତ ନ ହୋଇ ଦୂରକୁ ପଳେଇଯିବା ବ୍ୟତୀତ ସେମାନଙ୍କର ଅନ୍ୟ ବାଟ କିଛି ନଥିଲା । କାରଣ ସେମାନେ ତୁମକୁ ଦେଖିବା ମାତ୍ରେ ଭୟଭୀତ । ପଳେଇଯିବା ବ୍ୟତୀତ ସେମାନଙ୍କ ପକ୍ଷରେ ଅନ୍ୟ କୌଣସି ପନ୍ଥା ନାହିଁ । ସୂର୍ଯ୍ୟ ଉଦୟ ହେଲେ ତ ଅନ୍ଧକାର ଆଉ ରହି ନପାରେ । ସେହିଭଳି ତୁମେ ହେଉଚ ଜ୍ୟୋତିପ୍ରକାଶ । ତୁମ ଆତ୍ମପ୍ରକାଶରେ ସମସ୍ତ କୁକର୍ମରୂପକ

ଅନ୍ଧକାର ହଟିଯିବା ସ୍ୱାଭାବିକ । ହେ ଶ୍ରୀରାମ ! ମୁଁ ତୁମକୁ ଓ ତୁମ ଗଭୀର ମହିମାକୁ ଭଲ ଭାବରେ ଚିହ୍ନି ନଥିଲି, ଜାଣି ନଥିଲି, ଏବେ ଜାଣିଲି । ଏବେ ନିଜ ଆଖିରେ ଦେଖିଲି, ଅନୁଭବ କଲି । ଯେଉଁ ମହାଭୂତର ବୀଜରୁ ବିବିଧ ସୃଷ୍ଟିର ବିଭାଗ ବିସ୍ତାରିତ ହୋଇଛି, ସେହି ବୀଜ ତୁମ ଇଚ୍ଛାରୁ ହିଁ ଉତ୍ପନ୍ନ । ଯେଉଁ ସୃଷ୍ଟି ଚାରିଆଡ଼େ ବ୍ୟାପି ରହିଛି, ଯେଉଁ ମାୟା ଏହି ସଂସାରକୁ ଧାରଣ କରିଛି, ସବୁ ହେଉଚି ତୁମରି କାରିଗରି । ହେ ଦେବ ! ତୁମେ ଅସୀମ, ଅନନ୍ତ ଗୁଣରେ ପରିପୂର୍ଣ୍ଣ । ତୁମେ ହିଁ ଦେବତାମାନଙ୍କ ପରମଦେବତା, ତ୍ରିଲୋକ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ଜୀବନ । ହେ ସଦାଶିବ ! ତୁମେ ଅବିନାଶୀ, ସତ୍, ଅସତ୍, ସ୍ୱୟଂସଂପୂର୍ଣ୍ଣ । ଯାହା ଅଛି, ଯାହା ନାହିଁ, ତୁମେ ତାର ଅତୀତ ।

ତ୍ୱମାଦିଦେବଃ ପୁରୁଷଃ ପୁରାଣ-
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତରୂପ ॥୩୮॥

ତୁମେ ହେଉଚ ପ୍ରକୃତି ଓ ପୁରୁଷର ଆଦି କାରଣ । ଦୃଶ୍ୟ ଜଗତକୁ ମାୟାରେ ଢାଙ୍କିଦେଇ ତୁମେ ରହିଛ ତାର ସୀମା ଆରପଟେ । ତୁମେ ହେଉଛ ପୁରାତନ, ଅନାଦି ପୁରୁଷ । ତୁମେ ହିଁ ତୁମେ, ଅର୍ଥାତ୍ ସ୍ୱୟଂରୂପ ।

ତୁମେ ହିଁ ସମଗ୍ର ବିଶ୍ୱର ଜୀବନ । ଅତୀତରେ କ'ଣ ଘଟିଥିଲା, ଭବିଷ୍ୟତରେ କ'ଣ ସବୁ ଘଟିବ, ତୁମେ ହିଁ ସବୁକଥା ଜାଣ । ସେଥିଲାଗି ତୁମକୁ ପରମ ଓ ମହାଧାମ କୁହାଯାଏ । ଶ୍ରୁତି ବା ବେଦକୁ ଅର୍ଥ ପ୍ରଦାନ କରିଚ ତୁମେ । ତୁମେ ହିଁ ପରମାନନ୍ଦ । ଆଉ କେତେ କହିବି, ତୁମର ବର୍ଣ୍ଣନା କରିବାକୁ ମୁଁ କ'ଣ କେବେ ସମର୍ଥ ହୋଇପାରେ ? ଅସମ୍ଭବ !

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂପ୍ରପିତାମହଶ୍ଚ ।
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ॥୩୯॥

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋ ଽସ୍ତୁ ତେ ସର୍ବତ ଏବ ସର୍ବ ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋ ଽସି ସର୍ବଃ ॥୪୦॥

ତୁମେ କ'ଣ ନୁହଁ, କେଉଁଠି ନାହଁ, ଭାବି ହେଉ ନାହିଁ । ଯେଉଁ ରୂପରେ ଥାଅନା କାହିଁକି, ମୋର ପ୍ରଣାମ ଗ୍ରହଣ କର । ହେ ଅନନ୍ତ ! ତୁମେ ହେଉଚ ବାୟୁ, ଶାସନକର୍ତ୍ତା ଯମ, ପ୍ରାଣୀମାନଙ୍କ ଜଠରାଗ୍ନି, ବରୁଣ, ଚନ୍ଦ୍ର, ସୃଷ୍ଟିକର୍ତ୍ତା ବ୍ରହ୍ମା ଏବଂ ପିତାମହଙ୍କଠାରୁ ଶ୍ରେଷ୍ଠ ଜନକ । ହେ ଜଗନ୍ନାଥ ! ତୁମର ସାକାର, ନିରାକାର ତୁମର ଯେତେ ରୂପ ଅଛି ସବୁଗୁଡ଼ିକ ମୋର ପ୍ରଣାମ ।

ଅର୍ଜୁନ ସପ୍ରେମ ନମସ୍କାର କରି କହିଲେ, ହେ ପ୍ରଭୁ, ନମସ୍କାର ନମସ୍କାର ! ସେ ସେହି ଶ୍ରୀମୂର୍ତ୍ତିର ପାଦରୁ ମୁଣ୍ଡଯାଏଁ ଲକ୍ଷ୍ୟ କରି ପୁଣି କହିଲେ, ନମସ୍କାର, ନମସ୍କାର । ପ୍ରତି ଅଙ୍ଗର ଶେଷଭାଗକୁ ଦର୍ଶନ କରି ଅର୍ଜୁନ ଅଭିଭୂତ ଭାବରେ ପୁଣି କହିଲେ, ନମସ୍କାର, ନମସ୍କାର । ସଚରାଚର ସମସ୍ତ ପ୍ରାଣୀ ଭିତରେ ସେହିରୂପ ଦର୍ଶନ କରି ସେ କହିଲେ ନମସ୍କାର, ନମସ୍କାର । ଏହିଭଳି ଅନନ୍ତ, ଅଦ୍‌ଭୁତ ଓ ଆଶ୍ଚର୍ଯ୍ୟ ରୂପ ପ୍ରକାଶ ଦେଖି ସେ କେବଳ ନମସ୍କାର, ନମସ୍କାର କରିବାରେ ଲାଗିଲେ । କିଭଳି ଯେ ସ୍ତୁତି କରିବେ ତାର ଭାଷା ସୁଦ୍ଧା ତାଙ୍କର ମନେ ପଡ଼ିଲା ନାହିଁ । ଚୁପ୍ ରହିବା ମଧ୍ୟ ସମ୍ଭବ ନୁହଁ । ସେ ପ୍ରେମବିହ୍ୱଳ ଓ ଆତ୍ମହରା ହୋଇ ପଡ଼ିଲେ । ସହସ୍ରବାର ନମସ୍କାର କରି ମଧ୍ୟ କହିଲେ ହେ ଶ୍ରୀହରି ! ତୁମର ସମ୍ମୁଖକୁ ନମସ୍କାର । ତୁମର ପୁଣି ଆଗପଛ କ'ଣ ? ଯଦି ଥାଏ, ତୁମ ଆଗକୁ ନମସ୍କାର, ତୁମ ପଛକୁ ବି ନମସ୍କାର । ତୁମେ ତ ମୋ ଆଗରେ ଠିଆ ହୋଇଚ; ସେଥିଲାଗି ତୁମର 'ପଛଆଡ଼' ବୋଲି କୁହାଯାଇ ପାରେ । କିନ୍ତୁ ତୁମେ ଜଗତର ଆଗରେ ଅଛ କି ପଛରେ ଅଛ, ତାହା କହିବା କଠିନ ବ୍ୟାପାର ।

ହେ ଦେବ ! ତୁମର ପୃଥକ୍ ପୃଥକ୍ ଅଙ୍ଗକୁ ବର୍ଣ୍ଣନା କରିବାକୁ ମୁଁ ଅସମର୍ଥ । ହେ ସର୍ବରୂପି ! ତୁମକୁ ମୋର ପ୍ରଣାମ । ହେ ଅନନ୍ତ, ହେ ପ୍ରତିପତ୍ତିଶାଳୀ, ହେ

ଅମିତପରାକ୍ରମଶାଳୀ, ହେ ସର୍ବକାଳ ସ୍ୱରୂପ, ହେ ସର୍ବବ୍ୟାପୀ, ତୁମକୁ ମୋର ପ୍ରଣାମ । ଅଖଣ୍ଡ ଅବକାଶ ଆକାଶର ସ୍ୱରୂପ ଲାଭ କରିଥାଏ । ସେହିଭଳି ତୁମେ ସର୍ବବ୍ୟାପୀ ହୋଇ ସର୍ବରୂପରେ ପ୍ରକାଶିତ । ହେ କେବଳ ସ୍ୱରୂପ ! କ୍ଷୀର ସମୁଦ୍ରରେ ଥାଏ କେବଳ ଦୁଗ୍ଧମୟ ତରଙ୍ଗ, ସେହିଭଳି ତୁମେ କୌଣସି ବସ୍ତୁଠାରୁ ପୃଥକ୍ ନୁହଁ, ସର୍ବତ୍ର ବର୍ତ୍ତମାନ । ତୁମେ ହେଉଚ ଅନନ୍ତଶକ୍ତିର ସାଗର, ଆକାଶର ଆକାଶ । ଆଉ କ'ଣ କହି ପ୍ରାର୍ଥନା କରିବି ଭାବି ପାରୁନାହିଁ ।

ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ
ହେ କୃଷ୍ଣ ହେ ଯାଦବ ହେ ସଖେତି ।
ଅଜାନତା ମହିମାନଂ ତବେଦଂ
ମୟା ପ୍ରମାଦାତ୍ ପ୍ରଣୟେନ ବାପି ॥୪୧॥

ପ୍ରଭୋ ! ଏଭଳି ଭାବରେ ତୁମକୁ ମୁଁ କେବେହେଲେ ଜାଣିନଥିଲି । ତେଣୁ ତୁମ ସହିତ ସଖା, ସହୋଦର ଭଳି ବ୍ୟବହାର କରି ଆସିଛି । ପ୍ରକୃତରେ ବଡ଼ ଅନ୍ୟାୟ କରିଛି । ମୋଭଳି ବୋକା କେହି ଥାଇପାରେ ? ଅମୃତରେ ମୁଁ ଅଗଣାକୁ ଧୋଇବାରେ ଲାଗିଛି । ଘୋଡ଼ା ପାଇବି ବୋଲି ପାଖରେ ଥିବା କାମଧେନୁକୁ ଦେଇ ଦେଇଛି । ପାଇଥିଲି ପରଶମଣିର ପର୍ବତ । ତାକୁ ଚୂନ୍‌ଚୁନା କରି ଘର ପାଖରେ ଥିବା ଗାତକୁ ପୋତିବାରେ ଲାଗିଛି । କଳ୍ପବୃକ୍ଷକୁ ଭାଙ୍ଗି ବିଲର ଚାରିପଟେ ବାଡ଼ ବାନ୍ଧିବାରେ ଲାଗିଛି । ପରିଚୟ ଅଭାବରେ ଚିନ୍ତାମଣି ମଧ୍ୟ ପରିତ୍ୟକ୍ତ ହୋଇଥାଏ । ତୁମର ଘନିଷ୍ଠତା ଓ ସାନ୍ନିଧ୍ୟ ଲାଭ କରି ମଧ୍ୟ ଅବହେଳା ବଶତଃ ତାର ଅପବ୍ୟବହାର କରିଛି । ଯଥାର୍ଥରେ ବିଚାର କରି ଦେଖିଲେ, ଏ ଯୁଦ୍ଧ ଅତି ତୁଚ୍ଛ । ତଥାପି ହେ ପରମବ୍ରହ୍ମ, ତୁମକୁ ମୁଁ ମୋ ରଥର ସାରଥି କରିଛି । ହେ ଦାତା, କୌରବମାନଙ୍କ ପାଖକୁ ତୁମକୁ ଦୂତ ଭାବରେ ପଠାଇଛି । ହେ ଜଗଦୀଶ୍ୱର, ତୁମପ୍ରତି ଯଥେଚ୍ଛା ବ୍ୟବହାର କରିଛି । ନିତାନ୍ତ ହୀନ କାର୍ଯ୍ୟରେ ମଧ୍ୟ ତୁମକୁ ବ୍ୟବହାର କରିଛି । ଆମଠୁ ବଳି ମୂଢ଼କିଏ ଥାଇପାରେ ? ଯୋଗୀମାନେ ଯେଉଁ ଶେଷ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ

ତପସ୍ୟା କରିଥାଆନ୍ତି, ତୁମେ ହେଉଛ ସେହି ଶେଷ ଲକ୍ଷ୍ୟ, ସମାଧି ସ୍ୱରୂପ । ତଥାପି ତୁମପ୍ରତି ବହୁତ ଖରାପ ବ୍ୟବହାର କରିଛି ।

ଯଚ୍ଚାବହାସାର୍ଥମସତ୍କୃତୋଽସି
ବିହାରଶଯ୍ୟାସନଭୋଜନେଷୁ ।
ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ
ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ ॥୪୨॥

ତୁମେ ହେଉଚ ବିଶ୍ୱର ଆଦି କାରଣ, ତଥାପି ମୁଁ ତୁମ ସହିତ ନାନା ପରିହାସ ଥଟ୍ଟା ତାମସା କରିବାରେ ଲାଗିଛି । ତୁମ ଘରକୁ ଗଲେ ମୁଁ ଯଥାଯୋଗ୍ୟ ସମ୍ମାନ ପାଇଥାଏ । ଅଥବା ସାମାନ୍ୟ ବ୍ୟତିକ୍ରମ ହୋଇଗଲେ ମୁଁ ଥରେ ଥରେ ରାଗିଯାଇଛି, ବିରକ୍ତ ମଧ୍ୟ ହୋଇଛି । ହେ ସାରଙ୍ଗପାଣେ ! ମୁଁ ଏଭଳି କେତେ ଯେ କ'ଣ ଗର୍ହିତ କାର୍ଯ୍ୟ କରିଛି, ସେଥିଲାଗି ତୁମ ପାଦତଳେ ପଡ଼ି କ୍ଷମାଭିକ୍ଷା କରୁଛି । ଥରେ ଥରେ ସାଙ୍ଗସାଥିଙ୍କ ଭଳି ମୁଁ ତୁମକୁ ପଛ କରି ମଧ୍ୟ ବସିପଡ଼ିଛି । ଧିକ୍ ମୋର ଜୀବନ ! ହେ ବୈକୁଣ୍ଠନାଥ ! ଏସବୁ ଯୋଗ୍ୟତା ମୋର ଆସିଲା କେଉଁଠୁ ? ମୁଁ ଭୁଲ୍ କରିଛି । ମୁଁ ତୁମ ସହିତ ଗଦାଯୁଦ୍ଧ କରିଛି । ମଲ୍ଲଯୁଦ୍ଧ କରି ତୁମ ସହିତ ଲଢ଼ିଛି । ପଶା ଖେଳିଲାବେଳେ ତୁମକୁ ଗାଳିଦେଇ ସୁବିଧାଜନକ ଘର ଦଖଲ କରିଛି । ଭଲ ଜିନିଷଟିଏ ତୁମ ପାଖରେ ଥିବା ଦେଖିବା ମାତ୍ରେ ତାକୁ ମାଗିନେଇଛି । ତୁମେ ସର୍ବତ୍ର, ତଥାପି ମୁଁ ଏଭଳି ମୂଢ଼ ଯେ ଥରେ ଥରେ କହିଛି, କ'ଣ ଚାହଁ କହ, ମୁଁ ଦେବାକୁ ପ୍ରସ୍ତୁତ । ଏତେ ଅପରାଧ କରିଛି, ଏତେ ଭୁଲ୍ କରିଛି ଯେ ତାର ସୀମା ନାହିଁ । ତମ ପାଦତଳେ ମୁଣ୍ଡରଖି କହୁଚି, ଯାହାସବୁ କରି ପକାଇଚି, ସେସବୁ ଅଜ୍ଞାତରେ ହିଁ କରିଚି, ମତେ କ୍ଷମାଦିଅ । ହେ ଦେବ ! ଥରେ ଥରେ ତମେ ମତେ ଖାଇବାପାଇଁ ନିମନ୍ତ୍ରଣ କଲାବେଳେ ମୁଁ ବୃଥା ଅଭିମାନରେ ରୁଷି ବସିଛି । ତୁମ ବିଳାସ ଗୃହରେ ମୁଁ ନିଃସଙ୍କୋଚରେ ଖେଳିଚି, ବୁଲିଚି, ତୁମ ଶେଯରେ, ଏପରିକି ତୁମ ପାଖରେ ବି ଶୋଇଛି । କୃଷ୍ଣ କୃଷ୍ଣ ବୋଲି ତୁମ ନାଆଁ ଧରି ମଧ୍ୟ ଡାକିଛି । ଜଣେ ସାଧାରଣ ଯାଦବ ବୋଲି ତୁମକୁ ବୁଝିଛି । ତୁମେ କୁଆଡ଼େ ଯିବାକୁ ଚାହିଁଲେ, ରାଣପକେଇ ଯାଅନି ବୋଲି କହିଛି । ହେ ଅନନ୍ତ ! ଏଭଳି

ତୁମର କେତେ ଅବାଧ ନହୋଇଛି ! କେତେ କ'ଣ କହିବି ? ମୁଁ ହେଉଛି ପୁଞ୍ଜିଭୂତ ଅପରାଧ ସ୍ୱରୂପ । ହେ ପ୍ରଭୋ ! ଏ ପର୍ଯ୍ୟନ୍ତ ଯାହାକିଛି କହିଛି ବା କରିଛି, ସେଥିଲାଗି ମାଆ, ପୁଅକୁ କ୍ଷମା ଦେବାଭଳି ମତେ ତୁମେ ତୁମର କୋଳକୁ ନେଇ କ୍ଷମାଦିଅ । ନଦୀ ଯେତେ ଗୋଳିଆପାଣି ଧରି ଆସିଲେ ମଧ୍ୟ ସମୁଦ୍ର ତାକୁ ଆନନ୍ଦରେ ଗ୍ରହଣ କରିଥାଏ । କାରଣ ନଦୀର ଆଉ କୌଣସି ଉପାୟ ନାହିଁ, ସମୁଦ୍ରହିଁ ତାର ଏକମାତ୍ର ଭରସା । ହେ ମୁକୁନ୍ଦ ! ପ୍ରେମରେ ବା ଅପ୍ରେମରେ, କଥାଛଳରେ ବା କହୁ କହୁ ଯାହା କହିଛି ବା କରିଛି, ସେଥିଲାଗି ହେ ଅପ୍ରମେୟ ! ଶରଣାଗତର ଅପରାଧ କ୍ଷମାକର ।

ପିତାସି ଲୋକସ୍ୟ ଚରାଚରସ୍ୟ
ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍ ।
ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ-
ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥୪୩॥

ହେ ପ୍ରଭୋ ! ଆଜି ତୁମର ଯଥାର୍ଥ ମହିମା ଜାଣିଲି । ହେ ଦେବ ! ତୁମେ ସ୍ଥାବର, ଅସ୍ଥାବର ଚରାଚରର ଜନ୍ମସ୍ଥାନ । ତୁମେ ହରି ଓ ହର ପ୍ରଭୃତି ସମସ୍ତ ଦେବତାଙ୍କର ପରମଦେବତା । ତୁମେ ଦେବଗଣଙ୍କର ମଧ୍ୟ ଆଦି ଶିକ୍ଷାଗୁରୁ । ହେ ଶ୍ରୀରାମ ! ତୁମେ ଗମ୍ଭୀର, ସର୍ବଜୀବ ପ୍ରତି ତୁମର ସମାନଭାବ । ତୁମେ ସର୍ବଗୁଣାଳଂକୃତ, ଅତୁଳନୀୟ, ଅଦ୍ୱିତୀୟ । ତୁମ ସମାନ କେହି ନାହିଁ, ତୁମଠୁ ବଡ଼ କେହି ନାହିଁ । ତୁମ ଅପୂର୍ବ ମହିମା ଅବର୍ଣ୍ଣନୀୟ ।

ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ
ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।
ପିତେବପୁତ୍ରସ୍ୟ ସଖେବସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସିଦେବ ସୋଢୁମ୍ ॥୪୪॥

ପ୍ରଣାମ କରୁ କରୁ ଅର୍ଜୁନଙ୍କ ମନରେ ସାତ୍ତ୍ୱିକଭାବର ବନ୍ୟା ଛୁଟି ଆସିଲା । ସେ କହିବାକୁ ଲାଗିଲେ, ଦୟାକର, କୃପାକର ମହାରାଜ ! ମୋର

କଣ୍ଠରୋଧ ହୋଇଆସିଲାଣି । ଅପରାଧ ସମୁଦ୍ରରେ ମୁଁ ବୁଡ଼ିବାକୁ ବସିଲିଣି । ମତେ ଉଦ୍ଧାର କରନ୍ତୁ । ତୁମେ ଯେ ଜଗତରନାଥ ଜଗନ୍ନାଥ, ଜଗବନ୍ଧୁ— ଏକଥା ମୁଁ ମୋର ଗୋତ୍ର କୁଳାଭିମାନ ଯୋଗୁଁ ପୂର୍ବେ ସ୍ୱୀକାର କରୁନଥିଲି । ଯିଏ ଐଶ୍ୱର୍ଯ୍ୟର ଭଣ୍ଡାର, ତା ଆଗରେ ମୁଁ ମୋର ଐଶ୍ୱର୍ଯ୍ୟକୁ ମେଲି ବସିଥିଲି । ମୁଁ ଏବେ ଭାବୁଚି, ଆରେ ସତେ କେଡ଼େ ଭୁଲ୍ କରି ନାହିଁ ! ତୁମେ ହେଉଚ ସବୁ ପ୍ରଶଂସା ପାଇଁ ଏକମାତ୍ର ଯୋଗ୍ୟପାତ୍ର, ତୁମେ ହିଁ ବନ୍ଦନୀୟ ଅଥଚ ସଭାମାନଙ୍କରେ ତୁମେ ମୋର ପ୍ରଶଂସା କରୁଥିବାବେଳେ ମୁଁ ଗର୍ବରେ ମୁଣ୍ଡ ହଲେଇବାରେ ଲାଗିଥିଲି । ଆହୁରି ପ୍ରଶଂସା ମିଳନ୍ତା କି ଏଭଳି ଆଶା ମଧ୍ୟ ବହୁତ କରିଛି । ହେ ମୁକୁନ୍ଦ ! ଏସବୁ ଅପରାଧର ସୀମା ନାହିଁ । ମୁଁ ଏବେ ଦେଖୁଚି, ଯେତେ ଅପରାଧ କରିଛି, ସେସବୁ ଗୋଟିଏ ଗୋଟିଏ ମସ୍ତବଡ଼ ବିପଦ । ସେ ବିପଦରୁ ମତେ ଉଦ୍ଧାର କରନ୍ତୁ । ମିନତି କରିବାର ଯୋଗ୍ୟତା ମଧ୍ୟ ମୋର ନାହିଁ । କିନ୍ତୁ ପ୍ରେମବଳରେ ପିଲା ତା ବାପ ସହିତ ବାଦାନୁବାଦ କରିଥାଏ । ସେଥିରେ ପିଲାର ଘୋର ଅପରାଧ ହେଲେ ମଧ୍ୟ ବାପ ସେସବୁ ସହ୍ୟ କରିଥାଏ । ସେହିଭଳି ମୋର ଦୋଷ ତ୍ରୁଟି ଯାହା ହୋଇଚି, ତାକୁ ମନରେ ଘେନିବ ନାହିଁ ବୋଲି ମୋର ଆଶା । ବନ୍ଧୁର ଉଦ୍ଧତଭାବକୁ ବନ୍ଧୁ ଶାନ୍ତ ଭାବରେ ସହିନିଏ । ସେହିଭଳି ତୁମେ ମୋର ଅପରାଧ ସହି ନିଅ । ପ୍ରେମିକ ପ୍ରିୟଜନ ନିକଟରୁ କୌଣସି ସମ୍ମାନର ଆଶା କରିନଥାଏ । ସେ ତାକୁ ମନର କଥା ଖୋଲି କହିଯାଏ । କାରଣ ସେପରି କହିବାରେ ତା ମନ ଉଶ୍ୱାସ ହୋଇଆସେ । ସେହିଭଳି ମୁଁ ଯାହା କହିଚି ବା କରି ପକାଇଚି, ତାହା ତମେ ମୋର ପ୍ରିୟଜନ ଭାବି କହିଚି ବା କରିଛି । ମତେ ସେଥିପାଇଁ କ୍ଷମା କରନ୍ତୁ । ପ୍ରେମିକା ତାର ପ୍ରଣୟୀ ଜନକୁ ଦେଖିବାମାତ୍ରେ ତାର ଦେହ, ପ୍ରାଣ, ମନ ସର୍ବସ୍ୱ ସମର୍ପଣ କରି ତା ହୃଦୟର ଗୋପନ କଥା କହିଦିଏ । ସେହିଭଳି ହେ ସ୍ୱାମୀନ୍ ! ତୁମ ଚରଣରେ ମୋର ଏକମାତ୍ର ମିନତି, ମତେ କ୍ଷମା କରନ୍ତୁ । ହଁ, ଆଉ ଗୋଟିଏ କଥା କହିବାକୁ ଚାହେଁ...

ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା
ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।
ତଦେବ ମେ ଦର୍ଶୟ ଦେବରୂପଂ
ପ୍ରସୀଦ ଦେବେଶ ଜଗନ୍ନିବାସ ॥୪୫॥

ହେ ପ୍ରଭୋ ! ତୁମର କୌଣସି ଦୋଷ ନାହିଁ, ସବୁ ଦୋଷ ମୋର । ମୋ ମନ କ'ଣ ହେଲା କେଜାଣି ତୁମର ପ୍ରକୃତ ରୂପ ଦେଖାଅ ଦେଖାଅ ବୋଲି ଜିଦ୍ ଧରି ବସିଲି । ପିଲା ଜିଦ୍ କଲେ, ବାପା ମାଆ ଯେପରି ତାକୁ ଖୁସି କରିବା ପାଇଁ ସେ ଯାହା ମାଗେ ଦେଇଥାଆନ୍ତି, ତୁମେ ସେହିଭଳି ମତେ ବିଶ୍ୱରୂପ ଦେଖାଇଲ । ମୋର ଇଚ୍ଛା ପ୍ରବଳ ହୋଇ ଉଠିବାରେ ତାହା ପୂରଣ କରିବା ଲାଗି ତୁମର ମଧ୍ୟ ଇଚ୍ଛା ପ୍ରବଳ ହୋଇ ଉଠିଲା । ମୋର ଅଝଟରେ ତୁମ ହୃଦୟ ଏପରି ତରଳି ଗଲା ଯେ, ମୁଁ ଭାବିଥିଲି ଖେଳିବାପାଇଁ ଗୋଟିଏ ସାଧାରଣ ବାଛୁରୀ ପାଇବି ବୋଲି, କିନ୍ତୁ ତୁମେ ଆଣିଦେଲ କାମଧେନୁର ବାଛୁରୀ । ମୁଁ ମାଗିଥିଲ ଡାଳ ଖଣ୍ଡେ, ତମେ ଆଣି ମେଣ୍ଢେଇ ଦେଲ କଳ୍ପବୃକ୍ଷକୁ । ମୁଁ ଚାହିଁଥିଲି ଚନ୍ଦ୍ରକିରଣ, ତୁମେ ଚନ୍ଦ୍ରକୁ ଆଣି ଥୋଇଦେଲ । ସେ ପୁଣି ଗୋଟିଏ ଚନ୍ଦ୍ର ନୁହଁ, କୋଟି କୋଟି ଚନ୍ଦ୍ର । ବିନ୍ଦୁଏ ଅମୃତ ମୋ ପକ୍ଷରେ ଯଥେଷ୍ଟ ହୋଇଥାଆନ୍ତା, କିନ୍ତୁ ତୁମେ ଏଭଳି ଅମୃତ ବର୍ଷଣ କଲ ଯେ ମୁଁ ପିଇ ପିଇ ନାକେଦମ୍ ।

ଯାହା ସଂପର୍କରେ ଉପନିଷଦ ନିସ୍ତବ୍ଧ, ନୀରବ; ଯିଏ ଶଙ୍କର ବ୍ରହ୍ମା ଓ ଶ୍ରୁତିର ଅଗୋଚର, ଋଷି ମହର୍ଷିମାନେ ଯାହା କଥା କାନରେ ସୁଦ୍ଧା ଶୁଣି ନାହାନ୍ତି, ସେହି ବିଶ୍ୱରୂପକୁ ମତେ ଦେଖେଇଚ । ମୋର ବାଳକସୁଲଭ ସକଳ ବାସନା ପୂରଣ କରିଛ । ମୋ ଲାଗି ତୁମ ହୃଦୟ କବାଟ ଖୋଲି ଦେଇଛ । କଳ୍ପ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମୋର ଯେତେ ଜନ୍ମ ହୋଇଛି, ସେସବୁ ଭାବି ଦେଖିଲେ ମନେ ହେଉଛି ଏଭଳି ଅପୂର୍ବ ଦର୍ଶନ କେବେ ହୋଇନାହିଁ । ଏହି ସ୍ୱରୂପ, ବୁଦ୍ଧିର ବାହାରେ, ଆଲୋଚନାର ଉର୍ଦ୍ଧ୍ୱରେ । ବକ୍ଷୁବା କିପରି ଏହାକୁ ଦେଖିବାକୁ ସମର୍ଥ ହୋଇପାରିବ ? ଅବଶ୍ୟ ଆନନ୍ଦ ଉଲ୍ଲାସରେ ମୋ ମନ ଅଭିଭୂତ ହୋଇପଡ଼ିଚି

କିନ୍ତୁ ଏବେ ଇଚ୍ଛା ହେଉଛି ତୁମ ସହିତ ପୂର୍ବଭଳି ଟିକିଏ ଆଳାପ କରନ୍ତି, ତୁମ ପାଖକୁ ଲାଗି ଆସନ୍ତି । ତୁମକୁ କୁଣ୍ଢେଇ ପକାନ୍ତି । କିନ୍ତୁ ବିଶ୍ୱରୂପ ସହିତ ତ ସେସବୁ ହୋଇ ପାରିବ ନାହିଁ । କାରଣ କେଉଁ ପଟେ ଠିଆ ହୋଇ ତୁମର କେଉଁ ପଟକୁ ଦେଖିବି, ମୁହଁକୁ ଦେଖିବି କି ଗୋଡ଼କୁ ଦେଖିବି, ତୁମକୁ କ'ଣ ବୋଲି ସମ୍ବୋଧନ କରିବି, ବୁଝି ପାରୁନାହିଁ । ବାୟୁ ପଛରେ ଗୋଡ଼ାଇବା, ଆକାଶକୁ ପ୍ରଲେପ ଦେବା, ସମୁଦ୍ର ସହିତ ମିଶି ଜଳକ୍ରୀଡ଼ା କରିବା ଯେପରି ଅସମ୍ଭବ, ସେହିଭଳି ଏହି ବିଶ୍ୱରୂପକୁ ଆଲିଙ୍ଗନ କରିବା ଅସମ୍ଭବ । ତାଛଡ଼ା ତୁମର ଏ ରୂପକୁ ଦେଖି କାହିଁକି କେଜାଣି ବଡ଼ ଭୟ ହେଉଚି । ତେଣୁ କଇଁଚ ତା ପାଦକୁ ଲୁଚେଇ ଦେବାଭଳି ତୁମର ଏହି ବିଶ୍ୱରୂପକୁ ଲୁଚେଇ ନେଇ ଯେଉଁ ଶ୍ରୀକୃଷ୍ଣ ରୂପରେ ଥିଲ, ସେହି ଶ୍ରୀକୃଷ୍ଣ ରୂପ ଧର । ତାହାହେଲେ ମନରୁ ଭୟ ଦୂର ହେବ । ବିଶ୍ୱବ୍ରହ୍ମାଣ୍ଡ ଶାନ୍ତି ପାଇବ । ମୋର ଦରକାର ତୁମର ସେହି ଆନନ୍ଦମୟ ଚତୁର୍ଭୁଜ ମୂର୍ତ୍ତି । ଯୋଗାଦି ଅଭ୍ୟାସ କଲେ ମିଳିଥାଏ ଏହି ଚତୁର୍ଭୁଜ ରୂପ । ଶାସ୍ତ୍ର ଆଲୋଚନା କଲେ ମଧ୍ୟ ମିଳେ ଏହି ସିଦ୍ଧାନ୍ତ । ସର୍ବତୀର୍ଥ ଭ୍ରମଣରୁ ମଧ୍ୟ ମିଳିଥାଏ ଏହି ଫଳ । ଦାନପୁଣ୍ୟରୁ ମଧ୍ୟ ମିଳିଥାଏ ଏହି ଚତୁର୍ଭୁଜ ରୂପର ଦର୍ଶନ । କିନ୍ତୁ ଆକାଙ୍କ୍ଷା ପ୍ରବଳ ହେଲେ ଯାଇ ଏହା ମିଳେ । ମୁଁ ସେହି ରୂପ ଦେଖିବାକୁ ଚାହେଁ । ହେ ପ୍ରଭୋ ! ମୋର ନିବେଦନ ରକ୍ଷା କରନ୍ତୁ, ମତେ ତୁମର କମନୀୟ ନୟନାଭିରାମ ଶାନ୍ତ ଶୀତଳ ମାନବରୂପ ପ୍ରଦର୍ଶନ କରାନ୍ତୁ ।

କିରୀଟିନଂ ଗଦିନଂ ଚକ୍ରହସ୍ତ-
ମିଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।
ତେନୈବ ରୂପେଣ ଚତୁର୍ଭୁଜେନ
ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ॥୪୬॥

ନୀଳକମଳ ଚିତ୍ରାଙ୍କନର ଆଦର୍ଶ ସ୍ୱରୂପ ତୁମର ଅଙ୍ଗକାନ୍ତି ଆକାଶଠାରୁ ମଧ୍ୟ ଗାଢ଼ନୀଳ । ଇନ୍ଦ୍ରନୀଳମଣିଠାରୁ ମଧ୍ୟ ପ୍ରଭାମୟ । ମନେ ହେଉଛି ମରକତମଣି ସୁଗନ୍ଧଯୁକ୍ତ ହୋଇଚି । ଆନନ୍ଦର ହାତଗୋଡ଼ ଚାରିଆଡ଼େ ବିସ୍ତାରିତ ହୋଇ ପଡ଼ିଛି । ଏହି ଚରଣତଳେ ପଡ଼ି ମଦନ ସୁଶୋଭିତ

ହୋଇଥାଏ । ଯାହାର ଶିରୋଦେଶ ମୁକୁଟର ମୁକୁଟ ହୋଇ ଅଳଂକୃତ କରିଛି, ଯେଉଁ ରୂପରେ ଭୂଷଣ ନିଜେ ଭୂଷିତ ହୋଇପଡ଼ିଛି, ସେହି ଅଙ୍ଗ ଇନ୍ଦ୍ରଧନୁ ପରିବେଷ୍ଟିତ ମେଘମାଳାଭଳି ବୈଜୟନ୍ତୀମାଳା ଦ୍ୱାରା ସୁବେଷ୍ଟିତ । ତୁମର ଗଦା ଉଦାର, ଏହା ଶତ୍ରୁକୁ ସୁଦ୍ଧା ମୋକ୍ଷ ପ୍ରଦାନ କରିଥାଏ । ହେ ଗୋବିନ୍ଦ ! ତୁମର ଚକ୍ର କି ସୁନ୍ଦର ! କି ଶୋଭାମୟ ! ଆଉ ଅଧିକ କ'ଣ କହିବି ? ସେହି ରୂପ ଦେଖିବାଲାଗି ମୁଁ ବ୍ୟାକୁଳ । ମତେ ସେହି ରୂପ ଦେଖାଅ । ଏହି ବିଶ୍ୱରୂପ ଦର୍ଶନ କରି ମୋ ଆଖି ଝଲସି ଯିବାପରେ କୃଷ୍ଣ ମୂର୍ତ୍ତି ଲାଗି ତୃଷାକାତର ହୋଇ ପଡ଼ିଛି । ସାକାର କୃଷ୍ଣମୂର୍ତ୍ତି ବ୍ୟତୀତ ଏ ଆଖିକି ଆଉ କୌଣସି ରୂପ ଭଲ ଲାଗୁନି । ସେ ରୂପର ଦର୍ଶନ ନ ହେଲେ ଏ ରୂପର ମହିମା ବୁଝି ହେବ ନାହିଁ । ଯେଉଁ ଶ୍ରୀମୂର୍ତ୍ତି ଭୋଗ ଓ ମୋକ୍ଷ ପ୍ରଦାନ କରିଥାଏ, ସେହି ମୂର୍ତ୍ତି ବ୍ୟତୀତ ପ୍ରେମମୟ ଆଉ କିଛିନାହିଁ । ତେଣୁ ହେ ପ୍ରଭୋ ! ଚତୁର୍ଭୁଜ ହୋଇ ଏହି ବିଶ୍ୱମୂର୍ତ୍ତିକୁ ଲୁଚାଇ ନିଅ— ଏତିକି ମୋର ମିନତି ।

ଶ୍ରୀ ଭଗବାନ ଉବାଚ

ମୟା ପ୍ରସନ୍ନେନ ତବାର୍ଜ୍ଜୁନେଦଂ
ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ
ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ॥୪୭॥

ଅର୍ଜ୍ଜୁନଙ୍କ ମୁହଁରୁ ଏକଥା ଶୁଣି ଶ୍ରୀକୃଷ୍ଣ ବିସ୍ମିତ ଭାବରେ କହିଲେ, ତୁମ ଭଳି ଅରସିକ ମୁଁ କେଉଁଠି ଦେଖିନାହିଁ । ଏତେ ଶ୍ରେଷ୍ଠ ବସ୍ତୁ ଲାଭ କରି ମଧ୍ୟ ତୁମେ ଆନନ୍ଦ ପାଇଲ ନାହିଁ !! ତୁମେ ଯାହାକୁ ଦେଖି ସାରିଲଣି, ତାହା କିଏ କେବେ ଦେଖି ନାହିଁ । ଅଥଚ କହୁଚ ଆହୁରି ରୂପ ଦେଖାଅ ! ଏସବୁ ଭୀରୁମାନଙ୍କ ଲକ୍ଷଣ । ମୋର ପ୍ରସନ୍ନତା ଅନ୍ତର ଓ ବାହାରେ ଚିର ନିର୍ଲିପ୍ତ । ନିଜର ଆୟକୁ କିଏ କ'ଣ କେବେ ବ୍ୟୟ କରିଥାଏ ? ତୁମର ଅଭିଳାଷ ପୂର୍ଣ୍ଣ କରିବା ଲାଗିହିଁ ନିଜ ସ୍ୱରୂପ ପ୍ରଦର୍ଶନ କଲି । ତୁମ ପ୍ରେମରେ ମୁଁ ଏଭଳି ବିହ୍ୱଳ ହୋଇପଡ଼ିଲି ଯେ, ମୋ ଗୁପ୍ତ ସ୍ୱରୂପକୁ ସୁଦ୍ଧା ଜଗତ ଆଗରେ ପ୍ରକାଶ କରିଦେଲି । ଏହି

ରୂପଠାରୁ ଆଉ ଅଧିକ ବା କ'ଣ ଅଛି ? ଏହାହିଁ ତ ପରାତ୍ପର ରୂପ ! ଏହିଥିରୁ ହିଁ ସକଳ ଅବତାର ଉତ୍ପନ୍ନ ହୋଇଥାଏ । ଏହି ସ୍ୱରୂପ ହିଁ ଜ୍ଞାନମୟ, ବିଶ୍ୱମୟ, ଅନନ୍ତ, ଅଚଳ ଏବଂ ସମସ୍ତଙ୍କର ଆଦି କାରଣ । ହେ ଅର୍ଜୁନ ! ତୁମ ବ୍ୟତୀତ ଆଉ କେହି ଏହାକୁ ଦେଖି ନାହାନ୍ତି, ଶୁଣି ନାହାନ୍ତି । କାରଣ ଏହା ସାଧନାଦ୍ୱାରା ଲାଭ କରାଯାଇ ନପାରେ ।

ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈ-
ର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।
ଏବଂରୂପଃ ଶକ୍ୟ ଅହଂ ନୃଲୋକେ
ଦ୍ରଷ୍ଟୁଂତ୍ୱଦନ୍ୟେନ କୁରୁପ୍ରବୀର ॥୪୮॥

ଏହି ରୂପ ଯେ କି ରୂପ, ଏହାକୁ ନିର୍ଣ୍ଣୟ କରିବାରେ ବେଦ ଶବ୍ଦହୀନ, ନିଃସ୍ତବ୍ଧ । ଯଜ୍ଞ ସ୍ୱର୍ଗ ପର୍ଯ୍ୟନ୍ତ ଏହି ରୂପକୁ ଖୋଜି ଖୋଜି ଯାଇ ନପାଇ ଫେରି ଆସିଛି । ସାଧକମାନେ ଯୋଗାଭ୍ୟାସ କରି କରି ଏହାକୁ ନ ପାଇ ଯୋଗକୁ ମଧ୍ୟ ଛାଡ଼ିଦେଇଛନ୍ତି । ଅଧ୍ୟୟନଦ୍ୱାରା ଏହି ରୂପକୁ କେହି ପାଇପାରେନା । ଯାହାକୁ ସମ୍ପୂର୍ଣ୍ଣ ସତ୍‌କର୍ମ କୁହାଯାଏ, ସେ ଏହି ସ୍ୱରୂପକୁ ପାଇବା ଆଶାରେ ଦୌଡ଼ି ଦୌଡ଼ି ସତ୍ୟଲୋକ ପର୍ଯ୍ୟନ୍ତ ଯାଏ, କିନ୍ତୁ ପାଏନା, ଫେରିଆସେ । ତପସ୍ୟା ଏହି ରୂପର ଐଶ୍ୱର୍ଯ୍ୟକଥା ଶୁଣୁ ଶୁଣୁ ନିଜର ତୀବ୍ରତା ହରେଇ ବସେ । ତେଣୁ ହେ ଅର୍ଜୁନ ! ତୁମେ ଯାହା ଦେଖିଚ, ତାହା ତପସ୍ୟା ଓ ସାଧନାର ଅତୀତ । ତୁମେ ଏହାକୁ ଅନାୟାସରେ ଦେଖିପାରିଲ । ମନୁଷ୍ୟଲୋକରେ ଏହି ରୂପ ଦର୍ଶନ କାହାର ହୋଇନାହିଁ । ଜଗତରେ ଏହି ସମ୍ପଦରେ ଧନୀ ଏକମାତ୍ର ତୁମେ । ଏଭଳି ଭାଗ୍ୟ ବ୍ରହ୍ମାଙ୍କର ସୁଦ୍ଧା ହୋଇନାହିଁ ।

ମା ତେ ବ୍ୟଥା ମା ଚ ବିମୂଢ଼ଭାବୋ
ଦୃଷ୍ଟ୍ୱାରୂପଂ ଘୋରମିଦୃଙ୍ ମମେଦମ୍ ।
ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ
ତଦେବ ମେ ରୂପମିଦଂ ପ୍ରପଶ୍ୟ ॥୪୯॥

ଭଗବାନ କହିଲେ, ହେ ଅର୍ଜ୍ଜୁନ ! ବିଶ୍ୱରୂପ ଦର୍ଶନ କରି ତମେ ନିଜକୁ ଧନ୍ୟ ମନେ କରିବା ଉଚିତ । ଏଥିରେ ଭୟଭୀତ ହେବାର କିଛି ନାହିଁ । ଏହା ସର୍ବୋତ୍ତମ । ଅମୃତମୟ ସମୁଦ୍ରରେ ଡୁବିବାକୁ କେହି କ'ଣ କେବେ ଭୟ କରିଥାଏ ? ଏ ସମୁଦ୍ରରେ ଅଥବା ଡୁବି ମରିଯିବି ବୋଲି ଭାବି କେହି କ'ଣ ଧାଇଁ ପଳାଏ ? ହିରଣ୍ୟମୟ ପର୍ବତକୁ ଦେଖି ତାକୁ ଆରୋହଣ କରିବା କଠିନ ଭାବି କିଏ କ'ଣ ଏହାକୁ ଛାଡ଼ି ଚାଲିଯାଏ ? ଭାଗ୍ୟବଶତଃ କେହି ଯଦି ରତ୍ନଭାଣ୍ଡାର ପାଇଯାଏ, ତାହାହେଲେ ଏ ଭଣ୍ଡାରର ଜିନିଷଗୁଡ଼ାକ ଓଜନିଆ ହେବ, ନେବି କିଭଳି ଭାବି କିଏ କ'ଣ ଏହାକୁ ପରିତ୍ୟାଗ କରେ ? ପାଳି ପାରିବିନି, ପୋଷି ପାରିବିନି କହି କିଏ କ'ଣ କାମଧେନୁକୁ ଛାଡ଼ିଦିଏ ? ଘର ଭିତରେ ଚନ୍ଦ୍ରକିରଣ ପଡ଼ିଲେ, କିଏ କ'ଣ ଚନ୍ଦ୍ରକୁ କହେ ଯେ ନା ତୁ ବି ଚାଲିଯାଆ ମତେ ଭଲ ଲାଗୁନି ବୋଲି ? ଛାୟା ବିସ୍ତାର କରୁଚି ବୋଲି ସୂର୍ଯ୍ୟକୁ କିଏ କ'ଣ କହେ, ନା ତୁ ବି ଚାଲିଯାଆ । ଐଶ୍ୱରିକ ମହାତେଜ ଅନାୟାସରେ ତୁମକୁ ମିଳିଚି, ତାକୁ ହଟିଯାଅ, ହଟିଯାଅ ବୋଲି ଏତେ ହଟ କରୁଚ କାହିଁକି ? ହେ ଧନଞ୍ଜୟ ! ପ୍ରକୃତରେ ତୁମେ ଅବୋଧ ଶିଶୁଭଳି ହେଉଚ । କିଛି ବୁଝିପାରୁନା । ଅବଶ୍ୟ ମୁଁ ରାଗୁନି, ତେବେ ତମେ ନିଜେ ଚିନ୍ତାକରି ଦେଖ, ମୁଁ ଯାହା କହୁଚି ଠିକ୍ କି ନୁହଁ, ଭାବ ।

ତୁମେ ଶରୀରକୁ ଆଲିଙ୍ଗନ ନ କରି ତା ଛାୟାକୁ ଆଲିଙ୍ଗନ କରୁଛ । ଏହି ବିଶ୍ୱରୂପକୁ ଭୟ କରି ତୁମେ ଚାହୁଁଚ ମୋର ଚତୁର୍ଭୁଜ ରୂପକୁ । କିନ୍ତୁ ଚତୁର୍ଭୁଜ ରୂପ କ'ଣ ମୋର ସତ୍ୟସ୍ୱରୂପ ? ହେ ଅର୍ଜ୍ଜୁନ ! ଏହି ବିଶ୍ୱରୂପପ୍ରତି ଅନାସ୍ଥା ପ୍ରକାଶ କରନାହିଁ । ଯଦି ଏହି ମୂର୍ତ୍ତି ଭୟାନକ, ଏହାର ଅବୟବ ବିଶାଳ, ଉଗ୍ରମୁଖମଣ୍ଡଳ ତଥାପି ଏହାପ୍ରତି ତୁମେ ବିଶ୍ୱାସ ସ୍ଥାପନ କରିବା ଉଚିତ୍ । କୃପଣ ଯେପରି ଚାରିଆଡ଼େ ବୁଲୁଥିଲେ ମଧ୍ୟ ତାର ମନ ରହିଥାଏ ସାଇତା ଧନ ଉପରେ, ପକ୍ଷିଣୀ ଯେପରି ଚାରିଆଡ଼େ ଉଡ଼ିବୁଲୁଥିଲେ ମଧ୍ୟ ତାର ମନଥାଏ ବସାରେ ଛାଡ଼ି ଆସିଥିବା ଶାବକ ଉପରେ, ଗାଈ ପାହାଡ଼ ପର୍ବତରେ

ଚରିବୁଲୁଥିଲେ ମଧ୍ୟ ତାର ମନଥାଏ ଗୁହାଳରେ ଥିବା ବାଛୁରୀ ପାଖରେ, ସେହିଭଳି ତୁମେ ପ୍ରଗାଢ଼ ପ୍ରେମରେ ମନକୁ ଏହି ବିଶ୍ୱରୂପ ଉପରେ ରଖି ବାହ୍ୟତଃ ବନ୍ଧୁସୁଖ ଅନୁଭବ ଲାଗି ମୋର ଚତୁର୍ଭୁଜ ରୂପକୁ ଚିନ୍ତା କରୁଥାଅ । ହେ ପାଣ୍ଡବ ! ଏହି ସ୍ୱରୂପ ପ୍ରତି ତୁମର ସଦ୍‌ଭାବର ଅଭାବ ଯେପରି ନରହେ, ସେଥିପ୍ରତି ସର୍ବଦା ସଚେତ ରହିବା ଆବଶ୍ୟକ । ତୁମେ ତ ଏହି ବିଶ୍ୱରୂପକୁ କେବେ ଦେଖି ନଥିଲ । ସେଥିଲାଗି ତମର ଭୟଭାବ ଆସିଚି । ଭକ୍ତି ବିନିମୟରେ ହୃଦୟକୁ ପ୍ରେମପୂର୍ଣ୍ଣ କରିନିଅ ।

ବିଶ୍ୱରୂପୀ ଶ୍ରୀକୃଷ୍ଣ କହିଲେ, ବର୍ତ୍ତମାନ ମୁଁ ତୁମ ଇଚ୍ଛାନୁଯାୟୀ ପୂର୍ବ ରୂପକୁ ଫେରିଯାଉଚି । ଆନନ୍ଦରେ ଦର୍ଶନ କର ।

ସଞ୍ଜୟ ଉବାଚ

ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା
ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।
ଆଶ୍ୱାସୟାମାସ ଚ ଭୀତମେନଂ
ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ॥୫୦॥

ଶ୍ରୀଭଗବାନ ଏହା କହୁ କହୁ ମନୁଷ୍ୟ ରୂପ ଧାରଣ କଲେ । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, ଏସବୁ ତାଙ୍କର ପ୍ରେମର ମହିମା । ପରମବ୍ରହ୍ମ ଶ୍ରୀକୃଷ୍ଣ ତାଙ୍କର ଯଥାସର୍ବସ୍ୱ ବିଶ୍ୱରୂପ-ସମ୍ପଦକୁ ଅର୍ଜୁନଙ୍କ ହସ୍ତରେ ଅର୍ପଣ କଲେ ସତ, କିନ୍ତୁ ଅର୍ଜୁନଙ୍କୁ ତାହା ଭଲ ଲାଗିଲା ନାହିଁ । ଦାନ ଗ୍ରହଣ କରି ଫେରାଇଦେବା ଏବଂ କନ୍ୟାରତ୍ନ ଦେଖିସାରି 'ନା, ଏପରି ଦେଖାଦେଖି କରିବା ଭଲ ନୁହେଁ' ବୋଲି କହିବା ଯାହା, ଅର୍ଜୁନଙ୍କ ଦଶା ମଧ୍ୟ ତାହା ହୋଇଛି । ବିଶ୍ୱରୂପ ପ୍ରଦର୍ଶନ ମାତ୍ରେ ଅର୍ଜୁନଙ୍କ ପ୍ରେମଭାବ ବହୁ ଗୁଣରେ ବଢ଼ିଯାଇଥିଲା, ଶ୍ରୀକୃଷ୍ଣ ମଧ୍ୟ ତାଙ୍କୁ ସର୍ବୋତ୍କୃଷ୍ଟ ଉପଦେଶ ପ୍ରଦାନ କରିଥିଲେ । ସୁନାମୁଣ୍ଡାକୁ ତରଲେଇ ଅଳଙ୍କାର ତିଆରି କରିସାରିବା ପରେ ଏହା ପସନ୍ଦ ନ ହେଲେ, ପୁଣି ଏହାକୁ ତରଳାଇ ଦିଆଯାଇଥାଏ । ସେହିଭଳି ଯିଏ ଭକ୍ତର ପ୍ରେମସ୍ୱରୂପ ଶ୍ରୀକୃଷ୍ଣ, ସେ ହିଁ ବିଶ୍ୱରୂପ ।

ସେହି ଭଗବାନ ଭକ୍ତକୁ ବିଶ୍ୱରୂପ ଭଲ ଲାଗୁନଥିବା ଜାଣିପାରି ପୁଣି ମନୁଷ୍ୟରୂପକୁ ଫେରିଆସିଲେ । ଶିଷ୍ୟର ଏପରି ଅଝଟକୁ ସହିବା ଭଳି ସଦ୍‌ଗୁରୁ ଶ୍ରୀକୃଷ୍ଣଙ୍କଠୁ ଆଉ କିଏ ଅଛି ?

ସଞ୍ଜୟ କହିଲେ, ଶ୍ରୀକୃଷ୍ଣଙ୍କ ପ୍ରେମକୁ ମୁଁ ମାପିବାପାଇଁ ଅକ୍ଷମ । ଶ୍ରୀଭଗବାନ ଯେଉଁ ଦିବ୍ୟତେଜ ପ୍ରକାଶ କରି ସାରା ବିଶ୍ୱକୁ ବ୍ୟାପି ରହିଥିଲେ, ସେହି ତେଜକୁ ନିଜର ଶ୍ରୀକୃଷ୍ଣ ରୂପକୁ ସଙ୍କୁଚିତ କରିନେଇ ଆସିଲେ । ବିଶାଳ ବିଶ୍ୱରୂପ ସୌମ୍ୟ ହୋଇଆସିଲା । ଶ୍ରୀକୃଷ୍ଣ ନିଜର କ୍ଷୁଦ୍ରାକୃତିକୁ ପ୍ରକାଶ କରି ଭୟଭୀତ ହୋଇପଡ଼ିଥିବା ଅର୍ଜୁନକୁ ଆଶ୍ୱାସ ପ୍ରଦାନ କଲେ । ସ୍ୱପ୍ନରେ ମନୁଷ୍ୟ ସ୍ୱର୍ଗକୁ ଯାଇ ହଠାତ୍ ନିଦ ଭାଙ୍ଗିଗଲେ ଯେପରି ବିସ୍ମିତ ହୋଇପଡ଼େ, ସେହିଭଳି ଅର୍ଜୁନ ବିସ୍ମୟାଭିଭୂତ ହୋଇପଡ଼ିଲେ ।

ସମ୍ପୂର୍ଣ୍ଣ ସାଂସାରିକ ଜ୍ଞାନ ଲୋପ ପାଇଗଲେ ଗୁରୁଙ୍କ କୃପାଦ୍ୱାରା ପ୍ରକାଶିତ ହୁଏ ବ୍ରହ୍ମତତ୍ତ୍ୱ । ସେହିଭଳି ଶ୍ରୀକୃଷ୍ଣ ପୂର୍ବ ସ୍ୱରୂପ ପ୍ରକାଶ କଲେ ।

ଅର୍ଜୁନ ମନେ ମନେ କହିଲେ, ଭାରି ଭଲ ହେଲା । ଏହି କମନୀୟ ସୌମ୍ୟ ମୂର୍ତ୍ତି ଉପରେ ବିଶ୍ୱରୂପର ଯବନିକା ପଡ଼ିଯାଇଥିଲା, ଭାଗ୍ୟବଶତଃ ଯାହାହେଉ ଏହା ଘୁଞ୍ଚିଯାଇଛି ।

ମହାକାଳକୁ ପରାଜିତ କଲେ, ମହାବାୟୁକୁ ଦ୍ରୁତ ଗତିରେ ଅତିକ୍ରମ କଲେ ଅଥବା ସପ୍ତସମୁଦ୍ରକୁ ପାରହେଲେ, ମନରେ ଯେଉଁ ସନ୍ତୋଷ ମିଳନ୍ତା, ଶ୍ରୀକୃଷ୍ଣଙ୍କ ସୌମ୍ୟମୂର୍ତ୍ତି ଦର୍ଶନ କରି ଅର୍ଜୁନ ସେହିଭଳି ଅପରିମେୟ ସନ୍ତୋଷ ଲାଭକଲେ । ସୂର୍ଯ୍ୟାସ୍ତ ପରେ ଗଗନମଣ୍ଡଳରେ ନକ୍ଷତ୍ର ପ୍ରକାଶିତ ହୋଇଥାଏ, ସେହିଭଳି ଯୁଦ୍ଧ କ୍ଷେତ୍ରରେ ଅର୍ଜୁନ ପୁଣି ପୂର୍ବଭଳି ଦେଖିପାରିଲେ— ସୈନ୍ୟ ସାମନ୍ତ ଅସ୍ତ୍ର ଶସ୍ତ୍ରରେ ସୁସଜ୍ଜିତ । ତାଙ୍କ ଦୃଷ୍ଟି ଯେତେଦୂର ଗଲା, ଦେଖିଲେ କେବଳ 'କୁରୁ' କ୍ଷେତ୍ର । ଉଭୟ ପକ୍ଷରେ ସ୍ୱଗୋତ୍ର ସମ୍ଭୂତ ବୀରପୁରୁଷଗଣ ପରସ୍ପର ପ୍ରତି ଅସ୍ତ୍ରଶସ୍ତ୍ର ବର୍ଷଣ କରିବାରେ ଲାଗିଛନ୍ତି । ବାଣ ସମୂହର ମଣ୍ଡପ ତଳେ ରଥ ପୂର୍ବଭଳ ଅବସ୍ଥିତ, ଶ୍ରୀକୃଷ୍ଣ ସାରଥି ଭାବରେ ଆଗରୁ ଯେଉଁଠି ଥିଲେ, ସେଇଠି ରହିଛନ୍ତି ଏବଂ ଅର୍ଜୁନ ନିଜେ ଅଛନ୍ତି ଶ୍ରୀକୃଷ୍ଣଙ୍କ ପାଦତଳେ ।

ଅର୍ଜୁନ ଉବାଚ

ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦ୍ଦନ !
ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତିଃ ॥୫୧॥

ବୀର ପ୍ରତାପୀ ଅର୍ଜୁନ ଇଚ୍ଛାନୁଯାୟୀ ଶ୍ରୀକୃଷ୍ଣଙ୍କ ମନୁଷ୍ୟ ରୂପକୁ ଦେଖି କହିଲେ, ହେ ପ୍ରଭୋ ! ଯାହାହେଉ ବଞ୍ଚିଗଲି । ମୋର ଜ୍ଞାନ, ବୁଦ୍ଧିକୁ ଛାଡ଼ପତ୍ର ଦେଇ ଭୟରେ ଜଙ୍ଗଲକୁ ଚାଲି ଯାଇଥିଲା, ମନ ଅହଂକାରକୁ ଧରି ଦେଶତ୍ୟାଗ କରିଥିଲା, ଜିଭ କଥା କହିବାକୁ ଅସମର୍ଥ ହୋଇ ପଡ଼ିଥିଲା— ଏଭଳି ଦୁର୍ଦ୍ଦଶା ହୋଇଥିଲା ମୋ ଶରୀରର । ଏବେ ପ୍ରକୃତିସ୍ଥ ହୋଇ ତୁମର ଶ୍ରୀମୂର୍ତ୍ତି ଦର୍ଶନ କରିବା ପରେ ପ୍ରାଣ ଫେରିପାଇଲି ।

ଅର୍ଜୁନ ଅନ୍ତର ଭିତରେ ଏହିଭଳି ଆନନ୍ଦ ଅନୁଭବ କଲେ । ସେ କହିଲେ, ତୁମର ମନୁଷ୍ୟରୂପ ଦର୍ଶନ କରି ଆଶ୍ୱସ୍ତ ହେଲି । ମାଆ ଯେପରି ଅଝଟ ପିଲାକୁ ବୁଝେଇ ସୁଝେଇ ଶେଷକୁ ଭୟ ଦେଖେଇ ସ୍ତନ୍ୟପାନ କରାଇଥାଏ, ଏହି ସୌମ୍ୟରୂପ ପ୍ରଦର୍ଶନ ଠିକ୍ ସେହିଭଳି ।

ଅର୍ଜୁନ ପୁଣି କହିଲେ, ମୁଁ ବିଶ୍ୱରୂପ- ସମୁଦ୍ରରେ ସନ୍ତରଣ କରି ଉତ୍ତୀର୍ଣ୍ଣ ହେବାକୁ ଚେଷ୍ଟା କରିଥିଲି । ଏବେ ସୌମ୍ୟମୂର୍ତ୍ତିର ତୀର ଦେଶରେ ପହଞ୍ଚିଚି । ହେ ଦ୍ୱାରକାଧୀଶ ! ମୁଁ ଥିଲି ଠିକ୍ ଏକ ଶୁଖିଲା ଥୁଣ୍ଟା ଗଛ ଭଳି । ବିଶ୍ୱରୂପ ପ୍ରଦର୍ଶନ କଲ ନାହିଁ ଯେ ମେଘ ବର୍ଷା କଲ । କାରଣ ଶୋଷ ଥିଲେ ବୁଝିଥାଆନ୍ତି ଯେ ମତେ ଅମୃତର ସମୁଦ୍ର ମିଳିଛି । ଯାହାହେଉ ପ୍ରାଣହାନିର ସଂଶୟ ଦୂର ହୋଇଛି । ମୋ ହୃଦୟରେ ହର୍ଷଲତିକାର ଉଦ୍‌ଗମ ହୋଇଛି । ଆନନ୍ଦ ଓ ଚିତ୍ତ ମଧ୍ୟରେ ଯେଉଁ କଳହ ଲାଗି ରହିଥିଲା, ତାର ସମାଧାନ ହୋଇଯାଇଛି ।

ଶ୍ରୀଭଗବାନ ଉବାଚ

ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ୍ ।
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍କ୍ଷିଣଃ ॥୫୨॥

ପାର୍ଥଙ୍କ ମୁହଁରୁ ଏସବୁ କଥା ଶୁଣି ଭଗବାନ କହିଲେ, ଏଣୁତେଣୁ କ'ଣ ଗୁଡ଼ାଏ କହିଯାଉଚ ? ବିଶ୍ୱରୂପ ପ୍ରତି ତୁମର ପ୍ରୀତି ରହିବା ଉଚିତ୍ । ସେହି ମୂର୍ତ୍ତିକୁ ଆଲିଙ୍ଗନ କରିବା ଲାଗି ହିଁ ତୁମେ ଏହି ଶରୀର ଲାଭ କରିଅଛ । ହେ ସୁଭଦ୍ରାପତି ! ତୁମକୁ ଆଗରୁ ଯାହାସବୁ ଉପଦେଶ ଦେଇଛି, ସେ ସବୁ କ'ଣ ଏଡ଼େ ଶୀଘ୍ର ଭୁଲିଗଲ ? ହେ ଅର୍ଜୁନ ! ମେରୁ ପର୍ବତକୁ ମଧ୍ୟ ଅନ୍ଧ ଭାବିଥାଏ ଅତିକ୍ଷୁଦ୍ର । ଏହା ମନର ଭ୍ରମ । ବିଶ୍ୱାତ୍ମକ ରୂପକୁ ଶଙ୍କର ତପସ୍ୟା କରି ମଧ୍ୟ ଦର୍ଶନ କରି ପାରି ନାହାନ୍ତି । ହେ କିରୀଟି ! ଯୋଗୀ ଅଷ୍ଟାଙ୍ଗ ଯୋଗର କ୍ଲେଶ ସହ୍ୟ କରି ମଧ୍ୟ ଏହି ରୂପର ସନ୍ଧାନ ଲାଭ କରି ପାରେନା । ଦେବତାମାନେ ଏହି ବିଶ୍ୱରୂପର କିଞ୍ଚିତ୍ ଦର୍ଶନ କରିବା ଲାଗି ସବୁବେଳେ ଉତ୍କଣ୍ଠିତ ରହିଥାଆନ୍ତି । ଚାତକ ଆଶାର ଅଞ୍ଜଳିପାତି ଚାହିଁ ରହିଥାଏ ଆକାଶକୁ । ସେହିଭଳି ସୁରଶ୍ରେଷ୍ଠ ମଧ୍ୟ ଅଷ୍ଟପ୍ରହର ଉତ୍କଣ୍ଠାର ସହିତ ବସି ରହିଥାଆନ୍ତି ବିଶ୍ୱରୂପ ଦର୍ଶନ ଆଶାରେ । କିନ୍ତୁ ସ୍ୱପ୍ନରେ ସୁଦ୍ଧା ଏହାକୁ ଦର୍ଶନ କରିବାପାଇଁ ସେମାନେ ଅସମର୍ଥ । ସେହି ବିଶ୍ୱରୂପକୁ ତୁମେ ଅନାୟାସରେ ଦେଖି ପାରିଚ ।

ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥୫୩॥

ହେ ସୁହୃଦ୍ ! ଏହି ବିଶ୍ୱରୂପ ଦର୍ଶନ ଲାଗି ବେଦ ମଧ୍ୟ କୌଣସି ପନ୍ଥା ନିରୂପଣ କରି ପାରିନାହିଁ । ହେ ଧନୁର୍ଦ୍ଧର ! ମୋ ବିଶ୍ୱରୂପ ଦର୍ଶନ ଲାଗି ସମସ୍ତ ପ୍ରକାରର ତପସ୍ୟା ମଧ୍ୟ ଅଯୋଗ୍ୟ । ଦାନବ୍ରତ ଆଦି ସାଧନାରେ ମଧ୍ୟ ମତେ ପାଇ ପାରିବେ ବୋଲି କେହି ନିଶ୍ଚିତ ନୁହନ୍ତି । ତୁମେ ଅକ୍ଲେଶରେ ସେ ରୂପ ଦେଖି ପାରିଚ । ଯଜ୍ଞଦ୍ୱାରା ମଧ୍ୟ ଏହି ସ୍ୱରୂପ ଦର୍ଶନ ସମ୍ଭବ ନୁହଁ । କେବଳ ଗୋଟିଏ ମାତ୍ର ମାର୍ଗ ରହିଛି, ତାହା ହେଉଚି ଭକ୍ତି । ହୃଦୟରେ ଯେତେବେଳେ ଭକ୍ତି ଉଛୁଳି ଉଠେ, ସେତେବେଳେ ଯାଇ ମତେ ପାଇବା ସମ୍ଭବ ହୋଇଥାଏ ।

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବମ୍ବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥୫୪॥

ବର୍ଷାର ଧାରା ପୃଥିବୀ ବ୍ୟତୀତ ଅନ୍ୟ କାହାକୁ ଜାଣେନା । ସମଗ୍ର ଜଳସମ୍ପଦକୁ ଧାରଣ କରି ଗଙ୍ଗା କେବଳ ସମୁଦ୍ର ଅଭିମୁଖେ ଧାଇଁଥାଏ ଏବଂ ଥରକୁ ଥର ତା ସହିତ ହିଁ ମିଳିତ ହୋଇଥାଏ । ଏହି ଭକ୍ତି ମଧ୍ୟ ସେହିଭଳି ହେବା ଆବଶ୍ୟକ । ସଂପୂର୍ଣ୍ଣ ଭକ୍ତି ସହିତ ଭକ୍ତ ମତେ ପାଇବା ଲାଗି ତାର ପ୍ରେମଭାବକୁ ଚାରିଆଡ଼େ ବିସ୍ତାରି ଦେଇଥାଏ । ତାପରେ, ମୁଁ ଆଉ ସିଏ ଏକ ପାଲଟିଯାଉ । କ୍ଷୀରସମୁଦ୍ର– ମଝିରେ ଯେପରି କ୍ଷୀରମୟ, ସେହିଭଳି ତୀରରେ ମଧ୍ୟ କ୍ଷୀରମୟ । ମୁଁ ମଧ୍ୟ ସେହିପରି । ମୋଠାରୁ ଆରମ୍ଭ କରି କ୍ଷୁଦ୍ର ପିମ୍ପୁଡ଼ି ପର୍ଯ୍ୟନ୍ତ ସମସ୍ତେ ମତେହିଁ ଭଜନ କରିଥାଆନ୍ତି । ଭଜନ ବ୍ୟତୀତ ଦ୍ୱିତୀୟ ଆଉ କିଛି ନାହିଁ । ମୁଁ ନିଜେ ମଧ୍ୟ ନିଜକୁ ଭଜନ କରିଥାଏ । ଏହି ଏକମାତ୍ର ସ୍ୱରୂପ ଉପରେ ଭକ୍ତି ଦୃଢ଼ୀଭୂତ ରହିଲେ ଜ୍ଞାନ ଲାଭ ହୁଏ ଏବଂ ବିଶ୍ୱରୂପ ଦର୍ଶନ ମିଳିଥାଏ । ଅଗ୍ନି ସଂଯୋଗରେ ଇନ୍ଧନ ଅଗ୍ନି ହୋଇଉଠେ । ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅନ୍ଧକାର ରହିଥାଏ । ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ଚାଲିଯାଏ । ସେହିଭଳି ମୋର ସାକ୍ଷାତ୍‌କାରରେ ଅହଂକାର ଲୋପ ପାଇଯାଏ ଏବଂ ଦ୍ୱୈତଭାବ ବିନଷ୍ଟ ହୁଏ । ମୁଁ ଯେ ସର୍ବତ୍ର, ବିଶ୍ୱବ୍ୟାପୀ ଏଭଳି ଭାବଭକ୍ତି ଦ୍ୱାରା ଭକ୍ତ ମୋ ସାଙ୍ଗରେ ମିଶିଯାଏ ।

ମତ୍‌କର୍ମ୍ମକୃନ୍ମତ୍‌ପରମୋ ମଦ୍‌ଭକ୍ତଃ ସଙ୍ଗବର୍ଜିତଃ ।
ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ॥୫୫॥

ଯିଏ ସମସ୍ତ କର୍ମ ମୋଠାରେ ସମର୍ପଣ କରିଦେଇଥାଏ, ମୋ ବ୍ୟତୀତ ଯାହା ପାଖରେ ଉପାଦେୟ ବୋଲି କିଛି ନାହିଁ, ଇହ ଓ ପରଲୋକରେ କେବଳ ରହିଛି ମୁଁ ବୋଲି ଯିଏ ଭାବେ, ଯାହାର ଜୀବନର ଫଳ ହେଉଛି ମୁଁ, ଯିଏ ପ୍ରାଣୀଙ୍କ ମଧ୍ୟରେ ଭେଦଭାବକୁ ଭୁଲିଯାଏ, ଯାହାର ଦୃଷ୍ଟିରେ କେବଳ ମୁଁ ହିଁ ରହିଥାଏ ଏବଂ ଯିଏ ଶତ୍ରୁହୀନ, ସର୍ବଦା ଭଜନଶୀଳ ସେହି ଭକ୍ତ କଫ, ବାତ, ପୀତାତ୍ମକ ଶରୀରତ୍ୟାଗ କରି ମୋ ସ୍ୱରୂପତା ଲାଭ କରେ ।

ସଞ୍ଜୟ କହିଲେ, ଯିଏ ସମଗ୍ର ବିଶ୍ୱକୁ ନିଜ ଉଦରରେ ଧାରଣ କରିଛନ୍ତି, ସେହି କରୁଣାରସରସାଳ ଶ୍ରୀକୃଷ୍ଣ ଅର୍ଜୁନକୁ ଏହି କଥା କହିଲେ ।

ଅର୍ଜୁନ ତାଙ୍କକଥା ଶୁଣି ଆନନ୍ଦରେ ଉଲ୍ଲସିତ ହୋଇଉଠିଲେ । ଶ୍ରୀକୃଷ୍ଣଙ୍କ ଚରଣୋପାସନାରେ ସେ ବେଶ୍ ଚତୁର । ଦୁଇରୂପ ଦର୍ଶନ ପରେ ମନରେ ଭଲଭାବରେ ଚିନ୍ତା କରି ଅର୍ଜୁନ ବିଶ୍ୱରୂପ ଦର୍ଶନଠାରୁ ଅଧିକ ଆନନ୍ଦ ଲାଭ କଲେ ଶ୍ରୀକୃଷ୍ଣ ରୂପରେ ।

ପ୍ରଭୁ ତାଙ୍କ ଜ୍ଞାନର ପ୍ରଶଂସା ନ କରି କେବଳ ବୁଝାଇଲେ, ହେ ଅର୍ଜୁନ ! ବ୍ୟାପକ ଶରୀରଠାରୁ ଏହି କ୍ଷୁଦ୍ର ଶରୀର ଶ୍ରେଷ୍ଠ ନୁହଁ । ଏଥିଲାଗି ସେ କେତୋଟି ଯୁକ୍ତି ମଧ୍ୟ ବାଢ଼ିଲେ । ତାହା ଶୁଣି ସୁଭଦ୍ରାକାନ୍ତ ଅର୍ଜୁନ ମନେ ମନେ କହିଲେ, ସେତିକି ଥାଉ, ଦୁଇ ସ୍ୱରୂପ ମଧ୍ୟରୁ କେଉଁଟି ଶ୍ରେଷ୍ଠ ପରେ ପଚାରିବି ।

ଉତ୍ତମ ରୀତିରେ ସେ ଯେଉଁ ପ୍ରଶ୍ନ କଲେ ତାହା ପରେ ଶୁଣିବ ।

ଜ୍ଞାନଦେବ ଶ୍ରୋତାମାନଙ୍କୁ କହିଲେ, ସେହି କଥା ମୁଁ ପ୍ରେମର ସହିତ 'ଓବି' ଛନ୍ଦରେ ପ୍ରକାଶ କରୁଛି । ଏହି ଓବିସ୍ୱରୂପ ପ୍ରସ୍ଫୁଟିତ କୁସୁମାଞ୍ଜଳି ମୁଁ ବିଶ୍ୱମୂର୍ତ୍ତି ଶ୍ରୀ ଭଗବାନଙ୍କର ଚରଣ ଯୁଗଳରେ ସମର୍ପଣ କରୁଛି ।

ଇତି ଶ୍ରୀ ନିବୃତ୍ତିଦାସ ଜ୍ଞାନଦେବକୃତ ଗୀତା-ଭାବାର୍ଥ-ଦୀପିକାୟାଂ

ଏକାଦଶୋଽଧ୍ୟାୟ ।

●

ଭକ୍ତିଯୋଗ

ଦ୍ୱାଦଶ ଅଧ୍ୟାୟ

ହେ ନିର୍ମଳ, ହେ ଉଦାର, ହେ ଖ୍ୟାତିମାନ, ନିରନ୍ତର ଆନନ୍ଦାମୃତ ବର୍ଷଣକାରୀ ମାତୃତୁଲ୍ୟା କୃପାମୟୀ ହେ ଗୁରୁଦେବ ! ତୁମର ଜୟ ହେଉ । ବିଷୟସର୍ପ, ଜୀବକୁ ଗ୍ରାସ କଲେ ମଧ୍ୟ ତୁମର ଅପାର କୃପାରେ ସେ ମୋହାବିଷ୍ଟ ନ ହୋଇ ନିର୍ବିଷ ହୋଇଥାଏ । ତୁମ କୃପାମୃତ-ବନ୍ୟାରେ ନିମଗ୍ନ ହେଲେ ସଂସାର ଯେତେ ଚେଷ୍ଟା କଲେ ମଧ୍ୟ ଶୋକ, ତାପ, ମୋହ ପ୍ରଭୃତି କୌଣସି ଜ୍ୱାଳା କିମ୍ବା ପୀଡ଼ା ସୃଷ୍ଟି କରିବାକୁ ଅସମର୍ଥ ହୋଇଥାଆନ୍ତି । ବ୍ରହ୍ମପ୍ରାପ୍ତି ଲାଗି ଶିଷ୍ୟର ଶିଶୁସୁଲଭ ଅଝଟକୁ ତୁମେ ପୂରଣ କରିଥାଅ । ତୁମେ ତୁମର ଶକ୍ତିମୟ କ୍ରୋଡ଼ରେ ଦୟାକାଶକୁ ଦୋଳି କରି ତାକୁ ସେହି ଦୋଳିରେ ବସେଇ ଖେଳେଇବାରେ ଲାଗିଥାଅ । ତା ମନରୁ ଜୀବାତ୍ମଭାବ ଦୂର କରି ମାଆ ପିଲାକୁ ଯେପରି ନାନା ଅଳଙ୍କାରରେ ବିଭୂଷିତ କରିଥାଅ, ତୁମେ ସେହିଭଳି ତାକୁ ନାନା ଅଳଙ୍କାରରେ ବିଭୂଷିତ କରିଥାଅ । ତାକୁ ଅମୃତକଳାର ଦୁଗ୍ଧ ପାନ କରିବାକୁ ଦେଇଥାଅ । ତାକୁ ଅନାହତର ସଙ୍ଗୀତ ଶୁଣାଇ ସମାଧିଜ୍ଞାନର ପ୍ରବୋଧନା ଦେଇଥାଅ । ତୁମେ ହେଉଚ ସାଧକର ମାତା । ତୁମ ଚରଣରୁ ନିଖିଳ ବିଦ୍ୟାର ଉତ୍ପତ୍ତି । ସେଥିଲାଗି ମୁଁ ତୁମର ପଦଛାୟା ପରିତ୍ୟାଗ କରି ନଥାଏ । ହେ ସଦ୍‌ଗୁରୁ ! ତୁମ କୃପାଦୃଷ୍ଟି ଓ କରୁଣା ଆଶ୍ରୟରେ ସାଧକ ହୋଇଥାଏ ସର୍ବ ବିଦ୍ୟାସମ୍ପନ୍ନ ।

ହେ ମାତଃ, ହେ ଭକ୍ତଗଣର କଳ୍ପଲତିକେ ! ମତେ ଗ୍ରନ୍ଥାର୍ଥ ନିରୂପଣ କରିବାଲାଗି ଆଦେଶ କରନ୍ତୁ । ହେ ଅମ୍ବେ ! ମତେ ନବରସାମୃତ (କ) ସାଗର,

ଉତ୍ତମ ରତ୍ନର ଆକର ଓ ଭାବାର୍ଥର ପର୍ବତ ରୂପରେ ଦଣ୍ଡାୟମାନ କରାନ୍ତୁ । ଭାଷାରୂପକ ଧରିତ୍ରୀ ବକ୍ଷରେ ଅଳଙ୍କାର-ସ୍ୱର୍ଣ୍ଣଖଣି ଆବିଷ୍କୃତ ହେଉ ଏବଂ ଚାରିଆଡ଼େ ବିବେକଲତାର ଅଙ୍କୁରୋଦ୍‌ଗମ ହେଉ । ମୁଁ ଯେପରି ଫଳପୁଷ୍ପ ବିମଣ୍ଡିତ 'ସିଦ୍ଧାନ୍ତ' ରୂପକ ଘନଉଦ୍ୟାନ ରଚନା କରିପାରିବି, ସେହିଭଳି ଆଦେଶ କରନ୍ତୁ । ଯେତେ ଯେଉଁଠି ପାଷଣ୍ଡ ମତର ଗର୍ତ୍ତ ରହିଛି, ତାକୁ ବନ୍ଦ କରି ଦିଅନ୍ତୁ । ବାଦାନୁବାଦର କୁଟିଳ ପଥକୁ ନଷ୍ଟ କରି ପକାନ୍ତୁ । ବିତଣ୍ଡା ବା କୁତର୍କରୂପକ ହିଂସ୍ର ଜନ୍ତୁମାନଙ୍କୁ ସଂହାର କରନ୍ତୁ ।

ହେ ମାତଃ ! ମତେ ଶ୍ରୀକୃଷ୍ଣ ଗୁଣବର୍ଣ୍ଣନରେ ନିରନ୍ତର ନିଯୁକ୍ତ କରନ୍ତୁ ଏବଂ ଶ୍ରୋତାମାନେ ଯେପରି ଶ୍ରବଣସୁଖ ଲାଭ କରି ପାରିବେ, ତାର ବ୍ୟବସ୍ଥା କରନ୍ତୁ । ଭାଷାନଗରୀରେ ବ୍ରହ୍ମବିଦ୍ୟାର ସୁଦିନ ଆସୁ । ସଂସାରରେ କେବଳ ବ୍ରହ୍ମାନନ୍ଦର ଆଦାନ ପ୍ରଦାନ ଚାଲୁ । ହେ ମାତଃ ! ତୁମେ ତୁମର କରୁଣାଞ୍ଚଳରେ ମୋ ଭାଗ୍ୟକୁ ଆଚ୍ଛାଦିତ କଲେ ଏସବୁ ଅବିଳମ୍ବେ ଘଟିପାରେ ।

ଏହି ମିନତି ଶୁଣିବାମାତ୍ରେ ଗୁରୁଦେବ କୃପାବଲୋକନ କରି କହିଲେ, ଆଉ ବେଶିକିଛି କହନାହିଁ, ପୁଣି ଗୀତାର୍ଥ ବର୍ଣ୍ଣନ ଆରମ୍ଭ କର ।

ଜ୍ଞାନେଶ୍ୱର ମହାରାଜ ସେତେବେଳେ ଆନନ୍ଦିତ ହୋଇ କହିଲେ, ହେ ଆଜ୍ଞା ! ମୋ ପ୍ରତି ଗୁରୁକୃପା ହେଲାଣି, ଆଦେଶମତେ ଗୀତାର୍ଥ ନିରୂପଣ କରୁଛି ।

(କ) ଶୃଙ୍ଗାରହାସ୍ୟ କରୁଣ ରୌଦ୍ର ବୀରଭୟାନକାଃ ।
ବୀଭତ୍ସଦ୍‌ଭୂତ ସଂଜ୍ଞାଶ୍ଚେତ୍ୟ ଷ୍ଟୌନାଟ୍ୟେ ରସାଃସ୍ମୃତାଃ ।
x x x
ନିର୍ବେଦସ୍ଥାୟୀଭାବୋଽସ୍ତି ଶାନ୍ତୋଽପି ନବମୋରସଃ ।

ଆଳଂକାରିକ ନବରସଃ (୧) ଶୃଙ୍ଗାର (୨) ହାସ୍ୟ (୩) କରୁଣ (୪) ରୌଦ୍ର (୫) ବୀର (୬) ଭୟାନକ (୭) ବୀଭତ୍ସ (୮) ଅଦ୍‌ଭୁତ ଓ (୯) ଶାନ୍ତ ।

ଅର୍ଜ୍ଜୁନ ଉବାଚ

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥୧॥

ସର୍ବବୀରାଗ୍ରଗଣ୍ୟ ଚନ୍ଦ୍ରବଂଶର ବିଜୟ ପତାକା ପାଣ୍ଡୁନୃପାତ୍ମଜ ଅର୍ଜ୍ଜୁନ କହିଲେ, ହେ କୃଷ୍ଣ ! ତୁମେ ମତେ ଯେଉଁ ଅଦ୍‌ଭୁତ ବିଶ୍ୱରୂପ ପ୍ରଦର୍ଶନ କଲ, ସେଥିରେ ମୋ ହୃଦୟ ଭୟାଭିଭୂତ ହୋଇ ପଡ଼ିଥିଲା । ତୁମର ଶ୍ରୀକୃଷ୍ଣ ରୂପ ସହିତ ମୋର ଆଗରୁ ପରିଚୟ ଅଛି ଏବଂ ଅନ୍ତର ଏହି ରୂପ ପ୍ରତି ଆକୃଷ୍ଟ ରହିଆସିଛି । ମୁଁ ସେହି ରୂପକୁ ଫେରି ପାଇବାକୁ ଚାହୁଁଥିଲି । ତମେ ମନା କରୁଥିଲ କାହିଁକି ? ବ୍ୟକ୍ତ, ଅବ୍ୟକ୍ତ, ଉଭୟ ତ ତୁମର ମୂର୍ତ୍ତି । (ଖ) ଭକ୍ତିଦ୍ୱାରା ବ୍ୟକ୍ତ ଓ ଯୋଗଦ୍ୱାରା ଅବ୍ୟକ୍ତ ସ୍ୱରୂପର ପ୍ରାପ୍ତି ଘଟିଥାଏ । ହେ ବୈକୁଣ୍ଠ ! ତୁମକୁ ହିଁ ପାଇବାଲାଗି ଏହିପରି ଦୁଇଟିଯାକ ପଥ ରହିଛି । ବ୍ୟକ୍ତ ବା ଅବ୍ୟକ୍ତ ସ୍ୱରୂପ ପାଖରେ ପହଞ୍ଚିବା ଲାଗି ପୃଥକ୍ ପୃଥକ୍ ଦ୍ୱାର ଦେଇ ଯିବାକୁ ହିଁ ପଡ଼ିଥାଏ । ସମଗ୍ର ସ୍ୱର୍ଣ୍ଣପିଣ୍ଡରେ ଯେଉଁ ଉଜ୍ଜ୍ୱଳତା, ଏହାକୁ ଖଣ୍ଡ ଖଣ୍ଡ କରାଯାଇଥିବା ଏକରତି ସ୍ୱର୍ଣ୍ଣରେ ମଧ୍ୟ ସେହି ଉଜ୍ଜ୍ୱଳତା । ଉଭୟର ଯୋଗ୍ୟତା ସମାନ— ହୁଏତ ପରିମାଣ ଅଳ୍ପବହୁତ ହୋଇପାରେ । ଅମୃତ ସମୁଦ୍ରର ମହିମା ଯାହା, ଅମୃତତରଙ୍ଗରୁ ଆଞ୍ଜୁଳାଏ ଅମୃତର ମହିମା ମଧ୍ୟ ତାହା । ମୋ ମନରେ ନିଶ୍ଚିତ ଭାବରେ ଏହି ବିଶ୍ୱାସ ହୋଇପାରିଛି । ସେଥିଲାଗି ପଚାରୁଛି, ହେ ପ୍ରଭୋ ! କ୍ଷଣକ ପାଇଁ ତୁମେ ମୋ ଆଗରେ ଯେଉଁ ବିରାଟ ମୂର୍ତ୍ତି ପ୍ରକାଶ କଲ, ତାହା ତୁମର ବାସ୍ତବ ରୂପ, ନା

(କ) ଦ୍ୱେବାବ ବ୍ରହ୍ମଣୋ ରୂପେ ମୂର୍ତ୍ତିଂଚୈବାମୂର୍ତ୍ତିଂଚଃ ଇତି ଶ୍ରୁତିଃ ।
ଆନନ୍ଦୋଦ୍ଭିବିଧଃ ପ୍ରୋକ୍ତୋ ମୂର୍ତ୍ତାମୂର୍ତ୍ତ ବିଭେଦତଃ ।
ଅମୂର୍ତ୍ତସ୍ୟାଶ୍ରୟୋ ମୂର୍ତ୍ତୋ ମୂର୍ତ୍ତାନନ୍ଦୋଽଚ୍ୟୁତୋ ମତଃ ।
(ହୟଶୀର୍ଷ ପଞ୍ଚରାତ୍ର)

ବ୍ରହ୍ମାନନ୍ଦ ମୂର୍ତ୍ତ ଓ ଅମୂର୍ତ୍ତ ଉଭୟ । ମୂର୍ତ୍ତଆନନ୍ଦ, ଅମୂର୍ତ୍ତ ଆନନ୍ଦର ଆଶ୍ରୟ । "ସତ୍ୟଂ ଶିବଂ ସୁନ୍ଦରଂ" ଓ "ସତ୍ ଚିତ୍ ଆନନ୍ଦମ୍"— ଏକ ସ୍ୱରୂପର ନିର୍ଦ୍ଦେଶ । ସତ୍ୟ ମଙ୍ଗଳମୟ, ସୁନ୍ଦର ସଚ୍ଚିଦାନନ୍ଦଘନ । ସେ ସୁନ୍ଦରର ସୌନ୍ଦର୍ଯ୍ୟ ଓ ମୂର୍ତ୍ତାନନ୍ଦକୁ ଛାଡ଼ି ରହିପାରେନା ।

କୌତୁକରେ ଏହା ଧାରଣ କରିଥିଲ ? ଯିଏ ତୁମ ନିକଟରେ ନିଜର ସମସ୍ତ କର୍ମଫଳ ସମର୍ପଣ କରିଦେଇଛି, ଯିଏ ତୁମକୁ ସର୍ବଶ୍ରେଷ୍ଠ ମନେକରେ, ଯିଏ କେବଳ ଭକ୍ତିମାର୍ଗରେ ଚାଲିଛି, ଯିଏ ତୁମ ଭିତରେ ଆବଦ୍ଧ ରହି ତୁମ ସ୍ୱରୂପକୁ ହିଁ ଉପାସନା କରୁଛି, ସେ ଉତ୍ତମ ତଥା ଯଥାର୍ଥ ମାର୍ଗରେ ଯାଉଛି ନା ଯିଏ ଯୋଗମାର୍ଗକୁ ଗ୍ରହଣ କରିଛି, ଯେଉଁ ଜ୍ଞାନୀ ଓଁକାର ନେଇ ପଡ଼ିରହିଛି, ଯିଏ ଅକ୍ଷର-ଅବ୍ୟକ୍ତ ବ୍ୟାପକ ସ୍ୱରୂପକୁ ସୋ ଽହଂ ଭାବରେ ଉପାସନା କରୁଛି, ସେ ତୁମର ଯଥାର୍ଥ ରହସ୍ୟ ଭେଦ କରି ପାରିଛି, ମତେ ବୁଝେଇ ଦିଅନ୍ତୁ ।

ଅର୍ଜୁନଙ୍କ ଏହି ପ୍ରଶ୍ନରେ ଜଗବନ୍ଧୁ ଦୀନବନ୍ଧୁ ଶ୍ରୀକୃଷ୍ଣ ସନ୍ତୋଷ ଲାଭ କରି କହିଲେ, ଦେଖୁଚି ତୁମେ ତ ବେଶ୍ ସୁନ୍ଦର ପ୍ରଶ୍ନ କରିପାରୁଚ ।

ଶ୍ରୀଭଗବାନ ଉବାଚ

ମଯ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥୨॥

ହେ କିରୀଟି ! ସୂର୍ଯ୍ୟ ଅସ୍ତମିତ ହେଲେ ତାର ବିମ୍ବ ସହିତ କିରଣ ମଧ୍ୟ ଚାଲିଯାଏ । ହେ ପାଣ୍ଡୁ ନନ୍ଦନ ! ବର୍ଷାଋତୁ ଆଗମନ ମାତ୍ରେ ନଦୀର ବକ୍ଷ ଫୁଲିଉଠେ । ସେହିଭଳି ପ୍ରତ୍ୟହ ନିରନ୍ତର ଯିଏ ମୋ ସ୍ତୁତିଗାନ କରେ,ମୋ ପ୍ରତି ତାର ଶ୍ରଦ୍ଧା ଓ ଭକ୍ତିଭାବ ବୃଦ୍ଧିଲାଭ କରିଥାଏ । ସମୁଦ୍ର ଭିତରକୁ ଯେପରି ଗଙ୍ଗାର ଜଳପ୍ରବାହ ଅବିଶ୍ରାନ୍ତ ଭାବରେ ଚାଲିଥାଏ, ସେହିଭଳି ମୋ ପ୍ରତି ମୋ ଭକ୍ତର ଶ୍ରଦ୍ଧାର ପ୍ରବାହ ଲାଗି ରହିଥାଏ । କେତେବେଳେ ଦିନ ଗଲା, କେତେବେଳେ ରାତିହେଲା ସେଥିପ୍ରତି ତାର ଦୃଷ୍ଟି ନଥାଏ । ନିଶିଦିନ ସେ ଉପାସନାରତ । ତାର ଏକମାତ୍ର ଅଭିଳାଷ ହେଉଚି ନିଜ ହୃଦୟମନ୍ଦିର ଭିତରେ ମତେ ଦର୍ଶନ କରିବା । ଏଭଳି ଭାବରେ ନିଜକୁ ଯିଏ ମୋ ନିକଟରେ ସମର୍ପଣ କରେ, ସିଏ ହିଁ ପରମଯୋଗୀ ।

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ ॥୩॥

ହେ ପାଣ୍ଡବ ! ଯିଏ ସୋଽହଂଭାବାବିଷ୍ଟ ହୋଇ ନିରାକାର ଅକ୍ଷର ସ୍ୱରୂପକୁ ଧ୍ୟାନ କରେ, ଯେଉଁଠି ମନର ଆଞ୍ଚ ସୁଦ୍ଧା ଲାଗେନା, ବୁଦ୍ଧିର ଦୃଷ୍ଟି ସୁଦ୍ଧା ପହଞ୍ଚି ପାରେନା, ଯାହା ଇନ୍ଦ୍ରିୟ ଜ୍ଞାନର ଅତୀତ, ଧ୍ୟାନରେ ମଧ୍ୟ ଦୁର୍ଲ୍ଲଭ, ଯାହା କେଉଁଠୁହେଲେ ପାଇବା କଠିନ, ଯାହାର କୌଣସି ହେଲେ ଆକାର ନାହିଁ, ସର୍ବଦା ସର୍ବରୂପରେ ବର୍ତ୍ତମାନ, ଯାହାକୁ ପାଇବାମାତ୍ରେ ଚିନ୍ତାରାଜ୍ୟ ସ୍ତବ୍ଧ ହୋଇପଡ଼େ, ଯାହାର ଉତ୍ପତ୍ତି ନାହିଁ କି ବିନାଶ ନାହିଁ, ଯିଏ ଅଚଞ୍ଚଳ, ଯାହା ଶେଷ ହୋଇଯାଏନା, ଯାହାକୁ ହଟାଇ ଦିଆଯାଇ ନପାରେ, ଯିଏ ଦୂଷିତ ହୋଇ ନପାରେ, ସେହି ବସ୍ତୁକୁ ତୁମେ ନିଜ ଶକ୍ତିରେ ଲାଭ କରିପାରିଛ ।

ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।
ତେ ପ୍ରାପ୍ନୁବନ୍ତି ମାବେବ ସର୍ବଭୂତହିତେ ରତାଃ ॥୪॥

ଯିଏ ବୈରାଗ୍ୟରୂପକ ଅଗ୍ନିରେ ସାଂସାରିକ ବିଷୟରୂପକ ସ୍ୱର୍ଣ୍ଣକୁ ଦଗ୍ଧ କରି ଉତ୍ତପ୍ତ ଇନ୍ଦ୍ରିୟକୁ ଧୈର୍ଯ୍ୟର ସହିତ ବଶୀଭୂତ କରିପାରିଛି, ନିଗ୍ରହ ବା ଯମ ଓ ନିୟମର ଫାଶଦ୍ୱାରା ଇନ୍ଦ୍ରିୟର ଗଳାକୁ ବାନ୍ଧି ତା ହୃଦୟକନ୍ଦରରେ ଆବଦ୍ଧ କରିପାରିଛି, ଯିଏ ନିଜ ଅପାନବାୟୁର ଦ୍ୱାର ଦେଶରେ ଆସନମୁଦ୍ରା ରଚନା କରି 'ମୂଳବନ୍ଧ'ର ଦୁର୍ଗକୁ ସୁରକ୍ଷିତ କରିପାରିଛି, ସେ ମୋ ପାଖରେ ପହଞ୍ଚି ପାରିଥାଏ । ଏଭଳି ଭକ୍ତ, ଆଶାର ସମ୍ବନ୍ଧ ତ୍ୟାଗ କରିଥାଏ । ଅଧୈର୍ଯ୍ୟର ପଥ ପରିଷ୍କାର କରି ନିଦ୍ରାରୂପକ ଅନ୍ଧକାର ଦୂର କରିଥାଏ । ମୂଳବନ୍ଧର ହୋମାଗ୍ନିରେ ସେ ସପ୍ତ ଧାତୁକୁ ଦଗ୍ଧ କରିଥାଏ । ସେ ଷଡ଼ଚକ୍ରବ୍ୟାଧିର ଶିରଚ୍ଛେଦ କରିଥାଏ । ତାପରେ ମୂଳାଧାର ଓ ଅଧର ଚକ୍ରରେ ଦୀପଦାନଦ୍ୱାରା କୁଣ୍ଡଳିନୀର ପ୍ରଦୀପ ଜଳାଇଥାଏ । ଏହି ପ୍ରଦୀପର ଦୀପ୍ତିରେ ଶିଖର ଦେଶ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏ । ଇନ୍ଦ୍ରିୟ ସଂଯମ ଦ୍ୱାରା ସେ ନବମଦ୍ୱାରର କବାଟ ବନ୍ଦ କରିଦେଇ ଦଶମ ଦ୍ୱାରର ଫାଟକ ଖୋଲିଦିଏ । ସଂକଳ୍ପ ରୂପକ ଛାଗଳକୁ ବଳି ଦେଇସାରି ପ୍ରାଣଶକ୍ତି ରୂପିଣୀ ଚଣ୍ଡୀ ଚାମୁଣ୍ଡା ସମ୍ମୁଖରେ ମନମହିଷର ମସ୍ତକ ମଧ୍ୟ ଛେଦନ କରି ବଳିଦିଏ । ତାପରେ ଇଡ଼ା, ପିଙ୍ଗଳା ଉଭୟ ନାଡ଼ିର ମିଳନରେ ଅନାହତ ଧ୍ୱନିକୁ ଉଦ୍‌ବୁଦ୍ଧ କରି ସାଙ୍ଗେ

ସାଙ୍ଗେ ଅମୃତ ସରୋବର ଲାଭ କରିଥାଏ । ସୁଷୁମ୍ନା ନାଡ଼ି ମଧ୍ୟଦେଇ କ୍ରମଶଃ ଉର୍ଦ୍ଧ୍ୱଗାମୀ ହୋଇ ଶେଷ ବ୍ରହ୍ମରନ୍ଧ୍ର ପର୍ଯ୍ୟନ୍ତ ଗମନ କରିଥାଏ । ଉପରିସ୍ଥ ଦଶମ ଦ୍ୱାରର ଗହନ ଅରଣ୍ୟାନି 'ମକାର' ପ୍ରଦେଶକୁ ଅତିକ୍ରମ କରି ହୃଦୟାକାଶକୁ ଗୋଟିଏ ପାଖରେ ରଖିଦେଇ ସେ ବ୍ରହ୍ମପଦରେ ମିଳିତ ହୁଏ । ଏହିଭଳି ଭାବରେ ସିଦ୍ଧିଲାଭ ଲାଗି ଯୋଗୀମାତ୍ରେ ସମଭାବାପନ୍ନ ହୋଇଥାଏ । ସେ ଯୋଗାଭ୍ୟାସ କରେ ଏବଂ ଏହି ଅବସ୍ଥାକୁ ସମର୍ପଣ କରି ଅଚିରେ ନିରାକାର ବ୍ରହ୍ମସ୍ୱରୂପ ଲାଭ କରେ । ହେ କିରୀଟି ! ଏହି ବ୍ୟକ୍ତି ହିଁ ମୋ ପାଖରେ ପହଞ୍ଚିପାରେ । ଯୋଗବଳ ଯୋଗୁଁ ଭକ୍ତପକ୍ଷରେ ଏହି ପ୍ରାପ୍ତି ଅପେକ୍ଷା ଅଧିକ ଲାଭ କରାଯାଏନା । ଯୋଗ ସାଧନରେ କଷ୍ଟ ହିଁ ଲାଭ ହୁଏ ।

କ୍ଲେଶୋ ଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ॥୫॥

ଯିଏ ସର୍ବପ୍ରାଣୀର ଉପକାରୀ ଅଥଚ ନିରାଧାର ଅବ୍ୟକ୍ତ ପଦରେ ଭକ୍ତି ନ ରଖି ଅନ୍ୟ ଭାବରେ ଆସକ୍ତ, ତାର ଚଳାପଥରେ ଇନ୍ଦ୍ରପଦଇଚ୍ଛା ବିଘ୍ନ ଘଟାଇଥାଆନ୍ତି । ସିଦ୍ଧିର ଲାଳସା ହିଁ ଋଷିଙ୍କ ସାଧନାର ପଥକୁ କଣ୍ଟକିତ କରିପକାଏ । କାମ ଓ କ୍ରୋଧ ପ୍ରଭୃତି ବହୁ ସଂକଟ ଦେଖାଦିଏ । ସେ ନିଜ ଶରୀରଦ୍ୱାରା ଶୂନ୍ୟବସ୍ତୁ ସହିତ ଲଢ଼େଇ କରିଥାଏ । ତୃଷ୍ଣାକୁ ତୃଷ୍ଣାଦ୍ୱାରା ମେଣ୍ଟାଇ ଥାଏ । କ୍ଷୁଧାକୁ କ୍ଷୁଧା ଦ୍ୱାରା ନିବୃତ୍ତ କରିଥାଏ । ଦିନ ରାତି ନିଜ ହାତରେ ବାୟୁକୁ ମାପିବାରେ ବ୍ୟସ୍ତ ରହେ । ରୌଦ୍ର କିରଣରେ ଶୟନ କରେ । ନିରୋଧ ସହିତ କ୍ରୀଡ଼ା କରେ । ବୃକ୍ଷକୁ ନିଜର ବନ୍ଧୁ ମନେ କରି ତା ସହିତ ହଲି ହଲି କଥାବାର୍ତ୍ତା କରେ । ଶୀତାନୁଭୂତିକୁ ବସ୍ତ୍ରରୂପେ ପରିଧାନ କରି ଏବଂ ଉଷ୍ଣତାକୁ ଉତ୍ତରୀୟ କରି ବର୍ଷାଗୃହରେ ଯାଇ ବାସ କରିଥାଏ । ହେ ପାଣ୍ଡବ ! କୌଣସି ସ୍ତ୍ରୀ ପତି ବିନା ପ୍ରତିଦିନ ସହମରଣ ପାଇଁ ଚିତାଉପରେ ବସିବା ଭଳି ଏହି ଯୋଗସାଧନା ସୁକଠିନ । ଏଥିରେ କୌଣସି ସ୍ୱାମୀର କିମ୍ବା କୁଳ-ପରମ୍ପରାଗତ ଧର୍ମର ବନ୍ଧନ ନାହିଁ, କେବଳ ରହିଛି ପ୍ରତିଦିନ ନିତ୍ୟନବ ମୃତ୍ୟୁ

ସହିତ ସଂଗ୍ରାମ । ମୃତ୍ୟୁଠୁ ବଳି ତୀକ୍ଷ୍ଣ, କଟୁ ଓ ଜ୍ୱାଳାମୟ ବିଷକୁ କେହି ଗିଳେ କି ? ପର୍ବତକୁ ଗିଳିଲେ ମୁହଁ ଭାଙ୍ଗିବା ସାର ନୁହଁ କି ? ତେଣୁ ହେ ଅର୍ଜୁନ ! ଯୋଗମାର୍ଗରେ ଯିଏ ଅଗ୍ରସର ହୁଏ, ତାର ଦୁଃଖ ହିଁ ସାର ହୋଇଥାଏ । ଲୁହାଗୁଣ୍ଡ ଗୁଡ଼ିଏ ଚୋବାଇଲେ ଉଦର ପୂରଣ ହୁଏ କି ମୃତ୍ୟୁ ହୁଏ ତମେ ନିଜେ କହ । ଶୂନ୍ୟରେ ଚାଲିଯିବାପାଇଁ କିଏ କ'ଣ ବାଟ ତିଆରି କରେ ? କେବଳ ହାତ ହଲେଇଲେ କେହି ସମୁଦ୍ର ପାର ହୋଇ ନପାରେ । ଆହତ ନ ହୋଇ କେହି କେବେ ଯୁଦ୍ଧ ଜୟ କରି ନପାରେ । ଯୁଦ୍ଧରେ ପଶିବାମାତ୍ରେ ତାକୁ ବିଧେଗୋଇଠେ ମାଡ଼ ଖାଇବାକୁ ହିଁ ପଡ଼ିଥାଏ । ଛୋଟାଲୋକ କ'ଣ ପବନ ସହିତ ଦୌଡ଼ିବା ଲାଗି ପ୍ରତିଯୋଗିତା କରିବାକୁ ଆଗଭର ହୋଇପାରେ ? ନିଜ ଦେହ ସମ୍ପର୍କରେ ଯିଏ ସଚେତ, ଯାହାର ଅହଂଭାବ ତୁଟିନାହିଁ, ଏଭଳି ଯୋଗାଭ୍ୟାସଦ୍ୱାରା ସେ ବ୍ରହ୍ମକୁ ପାଇ ନପାରେ । ଅସୀମ ଧୈର୍ଯ୍ୟ ସହିତ ଆକାଶ ସଙ୍ଗେ ଯୁଦ୍ଧ କରିବାକୁ ଚାହିଁଲେ କିମ୍ବା ଅବ୍ୟକ୍ତ ପଦ ଲାଭପାଇଁ ଚେଷ୍ଟାକଲେ, କ୍ଲେଶ ଭୋଗହିଁ ସାରହୁଏ । କିନ୍ତୁ ହେ ପାର୍ଥ ! ଭକ୍ତିପଥର ପଥିକ ଏଭଳି ଦୁଃଖ ଭୋଗେନା ।

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥୬॥

ଯିଏ କର୍ମେନ୍ଦ୍ରିୟ ସାହାଯ୍ୟରେ ବର୍ଣ୍ଣାଶ୍ରମାନୁସାରେ ଭାଗ୍ୟାନୁରୂପ କର୍ମ ସମ୍ପାଦନ କରେ, ଯଥାବିଧି ଜୀବନଯାପନ କରେ, ନିଷିଦ୍ଧ କର୍ମ ତ୍ୟାଗ କରେ ଏବଂ କର୍ମଫଳକୁ ମୋଠାରେ ସମର୍ପଣ କରେ ଏବଂଏହି ଭଳି ଭାବରେ ନିଜକୁ ସମର୍ପଣ କରି କର୍ମ ପରିମାଣକୁ କ୍ଷୟ କରେ, ଯାହାର କାୟିକ, ବାଚିକ ଓ ମାନସିକ ଭାବର ଗତି ମତେ ଅତିକ୍ରମ କରେ ନାହିଁ, ଯିଏ ନିରନ୍ତର ମୋର ଉପାସକ, ଧ୍ୟାନ ମାଧ୍ୟମରେ ଯିଏ ମୋର ଗୃହ ସ୍ୱରୂପ ହୋଇପଡ଼େ, ଯିଏ ପ୍ରେମଦ୍ୱାରା ମୋ ସହିତ ସମ୍ପର୍କ ସ୍ଥାପନକରେ ଏବଂ ଦୀନହୀନ ଭୋଗସୁଖ ଓ ମୋକ୍ଷସୁଖସ୍ୱରୂପ କଏଦୀକୁ ଛାଡ଼ିଦିଏ, ଯିଏ ଅନନ୍ୟ ଯୋଗଦ୍ୱାରା ମନପ୍ରାଣ ସହିତ ମୋଠାରେ ନିଜକୁ ବିକ୍ରି କରିଦେଇଥାଏ, ମୁଁ ତାର ସମସ୍ତ କର୍ମ ସମ୍ପାଦନ କରିଥାଏ ।

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନ ଚିରାତ୍ ପାର୍ଥ ମଯ୍ୟାବେଶିତଚେତସାମ୍ ॥୭॥

ହେ ଧନୁର୍ଦ୍ଧର ! ଗର୍ଭଧାରିଣୀ ମାଆ ତା' ପୁଅ ପ୍ରତି କିପରି ସ୍ନେହବତୀ ସେକଥା ତ ତୁମେ ଜାଣ । ସେହିଭଳି ଭକ୍ତ ହେଉଛି ମୋର ଅତି ସ୍ନେହର ପାତ୍ର । କଳିକାଳର ପ୍ରଭାବକୁ ପରାଭୂତ କରି ମଧ୍ୟ ମୁଁ ଭକ୍ତର ପକ୍ଷ ଅବଲମ୍ବନ କରିଥାଏ । ମୋ ପ୍ରତି ଯାହାର ଅଚଳା ଭକ୍ତି, ତାର ଆଉ କୌଣସି ଚିନ୍ତା ନଥାଏ । ଯାହାର ଅଚଳାଚଳ ସମ୍ପତ୍ତି, ତାର ସ୍ତ୍ରୀ କ'ଣ କେବେ ଅନ୍ନ, ବସ୍ତ୍ର ଲାଗି ଭିକ୍ଷା କରେ ? ଭକ୍ତ ମୋର ଆତ୍ମୀୟ । ତାର ଯେକୌଣସି କାମ କରିବାକୁ ମୋର ଲଜ୍ଜାବୋଧ ନଥାଏ । ଜନ୍ମ ଓ ମୃତ୍ୟୁର ସମୁଦ୍ରରେ ଏ ସଂସାର ନିୟନ୍ତ୍ରିତ ହେଉଥିବା ଦେଖି ହୁଏତ ମୋ ଭକ୍ତ ଭୟଭୀତ ହୋଇପାରେ, ସେଥିଲାଗି ମୁଁ ସବୁବେଳେ ଚିନ୍ତିତ । ମୁଁ ତାର ପାଖେ ପାଖେ ରହିଥାଏ । ମୋର କରୁଣା ଭଣ୍ଡାର ତା ପାଇଁ ସବୁବେଳେ ଖୋଲି ରଖିଥାଏ । ସେଥିଲାଗି ମୁଁ ଯୁଗ ଯୁଗ ଧରି ଅବତାର ଗ୍ରହଣ କରି ଆସିଥାଏ । ବାରମ୍ବାର ମୋ ନାମ-ସ୍ମରଣ ହେଉଛି ସଂସାର ସାଗରରେ ନୌକା ସଦୃଶ । ମୋର ସହସ୍ର ସହସ୍ର ନାମ-ନୌକାରେ ଭକ୍ତମାନଙ୍କୁ ବସାଇ ମୁଁ ସେମାନଙ୍କୁ ସଂସାର ସାଗର ପାରି କରାଇଥାଏ । କାହା କାହା ହୃଦୟକୁ ପ୍ରେମରୂପକ ଲଙ୍ଗଳରେ ବାନ୍ଧିସାଯୁଜ୍ୟ ମୁକ୍ତି କୂଳକୁ ଟାଣିନେଇ ଆସିଥାଏ । ପଶୁ ହୁଅନ୍ତୁ, ପକ୍ଷୀ ହୁଅନ୍ତୁ, ଜୀବମାତ୍ରେ ଯିଏ ମୋର ଭକ୍ତ, ତାକୁ ମୁଁ ବୈକୁଣ୍ଠ ରାଜ୍ୟ ପାଇପାରିବା ଭଳି ଯୋଗ୍ୟତା ପ୍ରଦାନ କରିଥାଏ । ତେଣୁ ଭକ୍ତର କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ । ମୁଁ ସର୍ବଦା ତାର ଉଦ୍ଧାରକର୍ତ୍ତା ! ସେ ମୋଠାରେ ନିଜ ମନକୁ ସମର୍ପଣ କରିଦେବା ମାତ୍ରେ, ମୁଁ ତାର ସମସ୍ତ ଦାୟିତ୍ୱ ବହନ କରିଥାଏ ।

ହେ ଭକ୍ତରାଜ ଧନଞ୍ଜୟ ! ତୁମେ ମଧ୍ୟ ଏହି ପଥ ଅବଲମ୍ବନ କରିବାର ରହସ୍ୟ କ'ଣ ରହିଛି ତାକୁ ଶିକ୍ଷାକର ।

ମଯ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।
ନିବସିଷ୍ୟସି ମଯ୍ୟେବ ଅତି ଊର୍ଦ୍ଧ୍ୱଂ ନ ସଂଶୟଃ ॥୮॥

ମନ ଓ ବୁଦ୍ଧିକୁ ମୋ ସ୍ୱରୂପର ସାକ୍ଷୀଭାବରେ ରଖ । ଏହି ଦୁଇଟିକୁ ମୋଠାରେ ସମର୍ପଣ କରିଦେଲେ ତୁମେ ନିଶ୍ଚିତ ଭାବରେ ମତେ ପାଇପାରିବ । ତାପରେ 'ମୁଁ ଓ ସେ' ଏହି ଭାବ ରହିବ ନାହିଁ । ଦ୍ୱୈତଭାବ ରହିବ ନାହିଁ କି ଅହଂଭାବ ରହିବ ନାହିଁ । ଦୀପ ଲିଭିଯିବା ମାତ୍ରେ ଦୀପ୍ତିର ବିଲୁପ୍ତି ଘଟେ, ସୂର୍ଯ୍ୟ ଅସ୍ତମିତ ହୋଇଗଲେ ଏହାର ବିମ୍ବ ସହିତ ପ୍ରଭା ମଧ୍ୟ ଲୁଚିଯାଏ । ପ୍ରାଣ ଚାଲିଯିବା ମାତ୍ରେ ଇନ୍ଦ୍ରିୟଗୁଡ଼ିକର ମଧ୍ୟ ମୃତ୍ୟୁ ଘଟେ । ସେହିଭଳି ମନ ଓ ବୁଦ୍ଧିକୁ ମୋଠାରେ ସମର୍ପଣ କରିଦେବା ମାତ୍ରେ ଅହଂକାର ମଧ୍ୟ ମୋ ଭିତରେ ମିଳେଇଯାଏ । ମୁଁ ବାରମ୍ବାର କହୁଚି ତୁମ ମନ ଓ ବୁଦ୍ଧିକୁ ମତେ ଦେଇଦିଅ, ତାହାହେଲେ ତୁମେ ମୋଭଳି ହୋଇଯିବ ଅର୍ଥାତ୍ ମୁଁ ଓ ତମେ ଯେ ଅଭିନ୍ନ ଏକଥା ଅନୁଭବ କରିପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଅଥ ଚିତ୍ତଂ ସମଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।
ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ॥୯॥

ସର୍ବଦା ସଂପୂର୍ଣ୍ଣ ଭାବରେ ତୁମ ଚିତ୍ତକୁ ମୋଠାରେ ସମର୍ପଣ କରି ନ ପାରିଲେ ଅଷ୍ଟପ୍ରହର ମଧ୍ୟରୁ ଅନ୍ତତଃ କ୍ଷଣିକ ପାଇଁ ହେଲେ ମଧ୍ୟ ସମର୍ପଣ କର । ଯେଉଁ କ୍ଷଣକ ପାଇଁ ମୋ ସ୍ୱରୂପ-ସୁଖ ଅନୁଭବ ହେବ, ସେଥିରୁ ବିଷୟ ପ୍ରତି ଅରୁଚି ଜନ୍ମିବ । ଇନ୍ଦ୍ରିୟଗୁଡ଼ିକ ଆଉ ତୁମକୁ ହଇରାଣ କରିପାରିବେ ନାହିଁ । ଶୀତଦିନେ ହିମାଳୟରେ ନଦୀଗୁଡ଼ିକ ବରଫ ପାଲଟି ଯାଇଥାଏ, ଗ୍ରୀଷ୍ମଦିନ ଆସିବା ମାତ୍ରେ ନଦଗୁଡ଼ିକ ଶୁଖି ଯାଇଥାଏ, ସେହିଭଳି ମୋ ସ୍ୱରୂପସୁଖ ଅନୁଭବମାତ୍ରେ ମନ ଆପେ ଆପେ ସାଂସାରିକ ଜଞ୍ଜାଳ ତଥା ପ୍ରପଞ୍ଚ ସୁଖଠାରୁ ଅଲଗା ହୋଇଯାଏ । ପୂର୍ଣ୍ଣିମା ପରେ ଚନ୍ଦ୍ରବିମ୍ବ ପ୍ରତିଦିନ କ୍ଷୀଣରୁ କ୍ଷୀଣତର ହୋଇ ଅମାବାସ୍ୟା ଦିନ ହୀନ ହୋଇଯାଏ । ସେହିଭଳି କ୍ରମଶଃ ମନକୁ ଭୋଗ ତଥା ଇନ୍ଦ୍ରିୟସୁଖଠାରୁ ପ୍ରତ୍ୟାହାର କରିନେଇ, ହେ ପାଣ୍ଡୁନନ୍ଦନ ! ମୋ ଚିନ୍ତାରେ ଦୃଢ଼ ରଖ । ଏହାକୁ କୁହାଯାଏ ଅଭ୍ୟାସ ଯୋଗ । ଏହି ଅଭ୍ୟାସ ଯୋଗ ନିକଟରେ ଅପ୍ରାପ୍ୟ ବୋଲି କିଛି ନାହିଁ । ଏହି ଅଭ୍ୟାସ ବଳରେ କେହି କେହି

ଶୂନ୍ୟମାର୍ଗରେ ଗମନ କରି ପାରନ୍ତି, କେହି କେହି ବ୍ୟାଘ୍ର ଓ ସର୍ପ ପ୍ରଭୃତି ହିଂସ୍ର ଜନ୍ତୁମାନଙ୍କୁ ବଶ କରି ପାରନ୍ତି, ବିଷକୁ ଜୀର୍ଣ୍ଣ କରି ଦେଇ ପାରନ୍ତି, ସମୁଦ୍ର ଉପରେ ଚାଲି ପାରନ୍ତି । ଅଭ୍ୟାସ ଓ ସଂଯମ ଦ୍ୱାରା ଶବ୍ଦବ୍ରହ୍ମର ମାଧୁର୍ଯ୍ୟକୁ ମଧ୍ୟ ପରାଭୂତ କରିବା ଏବଂ ସମସ୍ତ ପ୍ରକାରର ଦାର୍ଶନିକ ତତ୍ତ୍ୱର ଶେଷ ସୀମାରେ ପହଞ୍ଚିବା ଅସମ୍ଭବ । ତେଣୁ ହେ ଅର୍ଜୁନ ! ଅଭ୍ୟାସ ଦ୍ୱାରା ତୁମେ ମୋ ସହିତ ମିଶିଯାଅ ।

ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ ।
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି ॥୧୦॥

ଅଭ୍ୟାସ କରିବାଲାଗି ଯଦି ତୁମର ଉପଯୁକ୍ତ ଶକ୍ତି ନାହିଁ, ତାହା ହେଲେ ଯାହା କରୁଚ ତାହା ହିଁ କରିପାର, ଯେଉଁଠି ଇଚ୍ଛା ସେହିଠାରେ ଅବସ୍ଥାନ କରିପାର, ଇନ୍ଦ୍ରିୟ ଅବରୋଧ କରି ନପାର, ଭୋଗ ଓ ଅଭିମାନକୁ ତ୍ୟାଗ କରି ନପାର, ନିଜ କୁଳର କୌଳିକ ଧର୍ମ ପାଳନ କରିପାର, ବିଧିନିଷେଧ ମାନି ଚଳିପାର— ଏହିଭଳି ଭାବରେ ସକଳକର୍ମ କରିବାକୁ ମୁଁ ଅନୁମତି ଦେଉଛି । କିନ୍ତୁ ଗୋଟିଏ କଥା ମନେ ରଖ । ମନ, ବାକ୍ୟ ଓ ଶରୀର ଦ୍ୱାରା ଯାହା କରିବ, ସେଥିରେ 'ମୁଁ କରୁଛି' ଏହି ଭାବ ଯେପରି ନରହେ । ମନେରଖ ଯେ, ସେ ହିଁ ଏକମାତ୍ର ପରମାତ୍ମା, ସେ ହିଁ ବିଶ୍ୱର ନିଦାନ, ବିଶ୍ୱର ନିୟନ୍ତ୍ରଣକାରୀ, କିଏ କ'ଣ କରୁଛି କେବଳ ସିଏ ହିଁ ଜାଣେ, ତା ବ୍ୟତୀତ କେହି କିଛି ଜାଣନ୍ତି ନାହିଁ । କର୍ମ କଲି, ସଫଳ ହେଲି, ବିଫଳ ହେଲି ଏ ଭାବ ମନରେ ସ୍ଥାନ ଦିଅ ନାହିଁ । ନିଜର ଜୀବନକୁ ପରମାତ୍ମାଙ୍କ ସ୍ୱଜାତୀୟ କରି ରଖ ।

ମାଳୀ ଜଳ ପ୍ରବାହକୁ ଉଦ୍ୟାନରେ ଯେଉଁ ଆଡ଼କୁ ସିଆରକାଟି ଟାଣି ନିଏ, ଜଳ ସେହି ବାଟରେ ହିଁ ପ୍ରବାହିତ ହୁଏ । ସେଥିରେ ଜଳର ବିଚାର, ଅବିଚାର କିଛି ନଥାଏ । ତୁମକୁ ସେହି ଜଳପ୍ରବାହ ଭଳି ହେବାକୁ ପଡ଼ିବ । ଯଦି କୌଣସି ଭଲକାମ ଆଂଶିକ ଭାବରେ ସଫଳ ହୁଏ, ସେଥିଲାଗି ଚିନ୍ତିତ ହୋଇ ପଡ଼ ନାହିଁ । କାରଣ ସେହି ଆଂଶିକ ଫଳ ହିଁ ତୁମର ପ୍ରାପ୍ୟ, ତାଠୁ ଅଧିକ ନୁହେଁ । ବୁଦ୍ଧିର ମୁଣ୍ଡ ଉପରେ ପ୍ରବୃତ୍ତି ଓ ନିବୃତ୍ତିର ବୋଝକୁ ଚାପି ଦିଅ ନାହିଁ । ତୁମର

ଅଖଣ୍ଡିତ ବୁଦ୍ଧିକୁ ମୋ ଉପରେ ଲଦିଦିଅ । ତାହାହେଲେ 'ଏଇଟା କରିବା ଉଚିତ ହେବ କି ନାହିଁ', ଏହି ଚିନ୍ତାରୁ ତୁମ ବୁଦ୍ଧି ରକ୍ଷା ପାଇ ପାରିବ । ହେ ଅର୍ଜୁନ ! ରାସ୍ତା ସିଧା କି ବଙ୍କା, ସେଥିଲାଗି ରଥ କ'ଣ କେବେ ଅସନ୍ତୋଷ ପ୍ରକାଶ କରେ ? ତାକୁ ଯୁଆଡ଼େ ନିଆଯାଏ, ସିଏ ସିଆଡ଼େ ଯାଏ । କୃତକର୍ମ ଅଳ୍ପ କି ବେଶି ସେଥିପ୍ରତି ଦୃଷ୍ଟି ନରଖି ନୀରବରେ ସେହି ଦୃଷ୍ଟିକୁ ମୋଠାରେ ସମର୍ପଣ କର । ସମସ୍ତ କର୍ମ ପ୍ରତି ଯଦି ତୁମର ସମର୍ପଣ ଭାବ ରହେ, ତାହାହେଲେ ଦେହତ୍ୟାଗ ପରେ ତୁମେ ମୋକ୍ଷ ଲାଭ ତଥା ସାୟୁଜ୍ୟ ଲାଭ କରି ପାରିବ ।

ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍‌ଯୋଗମାଶ୍ରିତଃ ।
ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ॥୧୧॥

ଏହିଭଳି ଭାବରେ ତୁମର ସମସ୍ତ କର୍ମ ମୋଠାରେ ସମର୍ପଣ କରି ନପାରିଲେ, ହେ ପାଣ୍ଡୁତନୟ ! ତୁମେ ଗୋଟିଏ କଥା କର । ତୁମେ କର୍ମର ହିଁ ସେବା କଲେ ମଧ୍ୟ ଅନ୍ତତଃ କର୍ମ ଆରମ୍ଭରେ ଓ ଶେଷରେ ମତେ ଚିନ୍ତା କର । ଏତକ ସୁଦ୍ଧା ଯଦି କରି ନ ପାର, ତାହାହେଲେ ତୁମ ଶରୀର କର୍ମ କଲାବେଳେ ଇନ୍ଦ୍ରିୟ ନିବୃତ୍ତି ଲାଗିଅନ୍ତତଃ ଉଦ୍ୟମ କର । ସମସ୍ତ କର୍ମକୁ ଏହି ଉଦ୍ୟମ ଦିଗରେ ନିଯୁକ୍ତ କର । ସମୟୋଚିତ କାର୍ଯ୍ୟକରି ଫଳ ଆଶା ତ୍ୟାଗ କର । ବୃକ୍ଷ ଓ ଲତାଗୁଡ଼ିକ ନିଜ ଫଳକୁ ଖାଇବାକୁ କେବେହେଲେ ଇଚ୍ଛା କରି ନଥାନ୍ତି । ସେହିଭଳି ଯାହା କରିବ ତାର ଫଳପ୍ରତି ଆଶା ରଖ ନାହିଁ । ମତେ ହିଁ କେବଳ ଚିନ୍ତା କର । ଫଳପ୍ରତି ଉଦାସୀନ ରହି କର୍ମ କରିଯାଅ ।

ପଥର ଉପରେ ବର୍ଷାପାଣି ପଡ଼ିଲେ ଯେପରି ଏହା ଗଡ଼ିଯାଏ ଏବଂ ନିଆଁରେ ମଞ୍ଜି ପୋତିଲେ ଯେପରି ଏହା ପୋଡ଼ିଯାଏ ସିନା ଗଛ ହୁଏନା, ସେହିଭଳି କର୍ମକୁ ବୁଝିନିଅ । ମନେକର ଏହା ଏକ ସ୍ୱପ୍ନଦର୍ଶନ । କନ୍ୟା ସମ୍ପର୍କରେ ପିତା ଯେପରି ନିଷ୍କାମ, ସେହିଭଳି ତମେ କର୍ମ ସମ୍ପର୍କରେ ନିରଭିଳାଷୀ ହୁଅ । ଅଗ୍ନିଶିଖା ଯେଉଁଭଳି ଶୂନ୍ୟରେ ମିଳେଇ ଯାଏ, ସେହିଭଳି କର୍ମକୁ ଶୂନ୍ୟରେ ବିଲୀନ ହେବାକୁ ଦିଅ । ହେ ଅର୍ଜୁନ ! ନିଷ୍କାମ କର୍ମ ସୁଲଭ ଓ ସହଜ ମନେ ନ ହେଲେ ମଧ୍ୟ ଏହା ହେଉଛି ଶ୍ରେଷ୍ଠଯୋଗ । ବାଉଁଶ ଗଛରେ ଥରେ ମାତ୍ର ଫୁଲ

ଫୁଟେ, ସେହିଭଳି ଫଳତ୍ୟାଗ ପୂର୍ବକ ଯେଉଁ କର୍ମତ୍ୟାଗ କରାଯାଏ, ସେଥିରୁ ପୁଣି କର୍ମ ଉତ୍ପନ୍ନ ହୁଏନା, ଅର୍ଥାତ୍ ନିଷ୍କାମ କର୍ମ ଫଳରେ ପୁନର୍ଜନ୍ମର ଦଶା ଭୋଗ କରିବାକୁ ପଡ଼େନା, ଏହି ଶରୀର ତ୍ୟାଗ ପରେ ଦେହାନ୍ତର ପ୍ରାପ୍ତି ଘଟେନା । ଜନ୍ମମୃତ୍ୟୁ ଚକ୍ରର ଘୂର୍ଣ୍ଣନ ବନ୍ଦ ହୋଇଯାଏ । ଅଭ୍ୟାସଦ୍ୱାରା ଜ୍ଞାନ ଅର୍ଜନ ଓ ଜ୍ଞାନଦ୍ୱାରା ଧ୍ୟାନ କରାଯିବା ଉଚିତ । ଧ୍ୟାନ ମଧ୍ୟରେ ସମସ୍ତ ଭାବ ଆବଦ୍ଧ ହୋଇ ପଡ଼ିଲେ କର୍ମଦ୍ୱାର ବନ୍ଦ ହୋଇଯାଏ । କର୍ମ ଦୂରେଇ ଗଲେ ଫଳତ୍ୟାଗ ଆପେ ଆପେ ସିଦ୍ଧ ହୋଇଯାଏ । ତେଣୁ ତ୍ୟାଗରେ ହିଁ ସଂପୂର୍ଣ୍ଣ ଶାନ୍ତି ମିଳେ । ତେଣୁ ମୁଁ ତୁମକୁ ଆଉଥରେ କହୁଛି ଇନ୍ଦ୍ରିୟ-ନିବୃତ୍ତିର ଅଭ୍ୟାସ କର । ଶାନ୍ତିଲାଭ ଲାଗି ଯାହା କ୍ରମାନ୍ୱୟରେ କରିବା କଥା ତୁମକୁ କହିଲି ।

ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।
ଧ୍ୟାନାତ୍ କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ॥୧୨॥

ହେ ପାର୍ଥ ! ଅଭ୍ୟାସ ତଥା ଇନ୍ଦ୍ରିୟ ସଂଯମଠାରୁ ଜ୍ଞାନପ୍ରାପ୍ତି କଠିନ । ଜ୍ଞାନଠାରୁ ଧ୍ୟାନର ମହିମା ଅଧିକ । ନିଷ୍କାମ କର୍ମ ଧ୍ୟାନଠାରୁ ଉତ୍ତମ । ତ୍ୟାଗଦ୍ୱାରା ହିଁ ପରମଶାନ୍ତି ମିଳେ । ବ୍ରହ୍ମପ୍ରାପ୍ତି ପାଇଁ ଏହା ହିଁ ଉତ୍କୃଷ୍ଟ ପନ୍ଥା । ପୂର୍ବୋକ୍ତ ଅବସ୍ଥାଗୁଡ଼ିକୁ ଅତିକ୍ରମ କରି ଯିଏ ଶାନ୍ତିର ଗୃହଲାଭ କରି ପାରିଛି, ତାର ଲକ୍ଷଣଗୁଡ଼ିକ କହୁଛି ଶୁଣ ।

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।
ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ ॥୧୩॥

ଏହି ଶାନ୍ତି ଲାଭ ପରେ ମନୁଷ୍ୟ ହୋଇଉଠେ ଚୈତନ୍ୟସ୍ୱରୂପ । ସେ କାହା ପ୍ରତି କ୍ରୋଧ ପ୍ରକାଶ କରେନା । ତା ମନରେ ଦ୍ୱେଷ କିମ୍ବା ଅସହିଷ୍ଣୁଭାବ ରହେନା । ପର ଆପଣା ଭେଦଭାବ ଆପେ ଆପେ ଲୋପ ପାଇଯାଏ । ଉତ୍ତମକୁ ସ୍ଥାନ ଦେବି, ଅଧମକୁ ତ୍ୟାଗ କରିବି— ପୃଥିବୀ ଏଭଳି କେବେ ଚିନ୍ତା କରେନା । ଆତ୍ମାର 'ମୋର' 'ତାର' ଭାବ ନଥାଏ । ଯିଏ ପ୍ରକୃତ ସାଧକ, ତାର ରାଜା ପ୍ରତି ଯେଉଁ ଭାବ, ଦରିଦ୍ର ଭିକାରି ପ୍ରତି ମଧ୍ୟ ସେହି ଭାବ । ତା ବିଚାରରେ ସମସ୍ତେ ସମାନ । ନଦୀ ଗାଈର ତୃଷ୍ଣା ମେଣ୍ଟାଏ, ବାଘର ମଧ୍ୟ

ତୃଷ୍ଣା ମେଣ୍ଟାଏ । ସେହିଭଳି ହେ ଅର୍ଜୁନ ! ଯିଏ ମୋର ଭକ୍ତ, ସେ ସମସ୍ତ ପ୍ରାଣୀ ପ୍ରତି ସମଭାବାପନ୍ନ । ସେ ସ୍ୱୟଂ କୃପାଳୁ । ତା ମନରେ ଅହଂକାରର ସତ୍ତା ନଥାଏ । 'ମୋର' ବୋଲି ତାର କୌଣସି ଭାବ ନଥାଏ । ସୁଖ ଦୁଃଖ କି ପ୍ରକାରର ଜିନିଷ, ସେ ଜାଣେ ନାହିଁ । ସେ ଅନୁଭବ ତାର ନଥାଏ । ପୃଥିବୀ ଭଳି ସେ କ୍ଷମାଶୀଳ । ସନ୍ତୋଷ ହିଁ ତାର ସର୍ବସ୍ୱ ।

ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ ।
ମଯ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ॥୧୪॥

ସମୁଦ୍ର ବର୍ଷା ଋତୁରେ ଯେପରି, ଅନ୍ୟ ସମୟରେ ମଧ୍ୟ ସେହିପରି ପରିପୂର୍ଣ୍ଣ । ସେହିଭଳି ମୋ ଭକ୍ତ ସର୍ବଦା ପ୍ରଫୁଲ୍ଲ ତଥା ସନ୍ତୁଷ୍ଟ । ସେ ନିଜ ଅନ୍ତରକୁ ନିଜ ଅଧୀନରେ ରଖିଥାଏ । ସେ ଦୃଢ଼ ପ୍ରତିଜ୍ଞ, ତେଣୁ ସତ୍ୟନିଷ୍ଠ । ତା ହୃଦୟରେ ଜୀବ ଓ ପରମାତ୍ମା ଏକା ଆସନରେ ଏକତ୍ର ଉପବିଷ୍ଟ । ସେ ଯୋଗସମ୍ପନ୍ନ ହେଲେ ମଧ୍ୟ ନିରନ୍ତର ମନ ଓ ବୁଦ୍ଧିକୁ ମୋଠାରେ ସମର୍ପଣ କରିଥାଏ । ମୋ ପ୍ରତି ତାର ପ୍ରେମ ଅସୀମ । ଅନ୍ତର ଓ ବାହାରେ ସେ ଯୋଗସିଦ୍ଧି ଲାଭ କଲେ ମଧ୍ୟ ମୋ ପ୍ରତି ଯାହାର ପ୍ରଗାଢ଼ ଅନୁରାଗ, ହେ ଅର୍ଜୁନ ! ସେ ହେଉଛି ମୋର ପରମ ଭକ୍ତ । ସେ ମୋର ପ୍ରାଣଠୁଁବଳି ପ୍ରିୟ । ଏତିକି କହିଲେ ମଧ୍ୟ ଯଥେଷ୍ଟ ହେବନାହିଁ । ମୁଁ ହେଉଛି ପ୍ରେମ, ସେ ହେଉଚି ପ୍ରେମିକ । ପ୍ରେମିକ ଭକ୍ତର ପଦେକଥା ମତେ ଯାଦୁମନ୍ତ୍ର ଭଳି ମୋହିତ କରିପକାଏ । ଏହା ବର୍ଣ୍ଣନାର ବିଷୟ ନ ହେଲେ ମଧ୍ୟ ହେ କିରୀଟି ! ଭକ୍ତର ପ୍ରେମରେ ମୁଁ ଏପରି ବିହ୍ୱଳ ଯେ ତା କଥା ନ କହି ରହିପାରୁନି । ପ୍ରକୃତରେ ପ୍ରେମର ମହିମା ବର୍ଣ୍ଣନା ସମ୍ଭବ ନୁହେଁ । ହେ ଅର୍ଜୁନ ! ପ୍ରେମିକର କଥା କହିଲେ ପ୍ରେମର ମହିମା ଦ୍ୱିଗୁଣିତ ହୁଏ । କିନ୍ତୁ ପ୍ରେମିକ ମୁହଁରେ ଏହା ବର୍ଣ୍ଣିତ ହେଲେ ପ୍ରେମର ଅତୁଳନୀୟ ମାଧୁର୍ଯ୍ୟ ପ୍ରକାଶ ପାଏ । ହେ ପାଣ୍ଡୁନନ୍ଦନ ! ତୁମେ ମୋର ପ୍ରେମିକ, ତୁମେ ହିଁ ଶ୍ରୋତା । ପ୍ରସଙ୍ଗକ୍ରମେ ପ୍ରେମର କଥା ହିଁ ଆରମ୍ଭ ହୋଇଛି, ତେଣୁ ଏହି ପ୍ରସଙ୍ଗ ବର୍ଣ୍ଣନା କରିବାର ଅବସର ପାଇ ମୁଁ ଅତି ସୁଖୀ ହୋଇଛି । ଶ୍ରୀକୃଷ୍ଣ କହିଲେ, ଯେଉଁ ଭକ୍ତକୁ ମୁଁ ହୃଦୟରେ ବସାଏ, ତାର ଲକ୍ଷଣ ବର୍ଣ୍ଣନା କରୁଛି, ଶୁଣ ।

ଯସ୍ମାନ୍ନୋଦ୍‌ବିଜତେ ଲୋକୋଲୋକାନ୍ନୋଦ୍‌ବିଜତେ ଚ ଯଃ ।
ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ॥୧୫॥

ସମୁଦ୍ରର ଗର୍ଜନରେ କିମ୍ବା ଜୁଆରବେଳେ ସମୁଦ୍ର ଭିତରେ ଥିବା ଜଳଚରର ଭୟ ହୁଏନା । ଜଳଚର ଦ୍ୱାରା ସମୁଦ୍ରର ମଧ୍ୟ କୌଣସି କ୍ଷତି ହୁଏନା କିମ୍ବା ସେମାନଙ୍କ ପ୍ରତି ସମୁଦ୍ରର କୌଣସି ଶତ୍ରୁଭାବ ନଥାଏ । ସେହିଭଳି ଜଗତ ଭିତରେ ରହିଥିଲେ ମଧ୍ୟ ଏହି ଉନ୍ମତ୍ତ ଜଗତର ଜାଗତିକ ଅହଂକାରଦ୍ୱାରା ଭକ୍ତର କୌଣସି କ୍ଷତି ହୁଏନା, ତାର କୌଣସି ଖେଦ ଉତ୍ପନ୍ନ ହୁଏନା, ତା ଯୋଗୁ ଅନ୍ୟକେହି ଦୁଃଖିତ କିମ୍ବା ଉତ୍ତେଜିତ ହୁଅନ୍ତି ନାହିଁ । କୌଣସି ଅଙ୍ଗ ପ୍ରତ୍ୟଙ୍ଗରେ କଷ୍ଟ ହେଲେ ଯେପରି ଶରୀର ତାକୁ ତ୍ୟାଗ କରି ନଥାଏ, ସେହିଭଳି ମୋ ଭକ୍ତ ସମଗ୍ର ଜୀବ ଜଗତକୁ ଏକ ମନେକରେ । ସମସ୍ତ ପ୍ରାଣୀଙ୍କ ପ୍ରତି ତାର ସମାନଭାବ । ସେ ସମଗ୍ର ଜଗତକୁ ଆତ୍ମାର ସ୍ୱରୂପ ମନେକରେ । ତେଣୁ ପ୍ରିୟ, ଅପ୍ରିୟ ଭାବ ଚାଲିଯାଏ । ତାର ଅଦ୍ୱୈତ ଜ୍ଞାନ ଚାଲିଆସେ । ଏହି ଜ୍ଞାନ ରହିଲେ, ହର୍ଷ ଓ କ୍ରୋଧର ଭେଦ ରହେନା । ସେ ସୁଖ, ଦୁଃଖର ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଯାଏ । ଭୟ ଚାଲିଯାଏ । ତାର ସମଗ୍ର ପ୍ରାଣ ମୋ ଅଭିମୁଖୀ ହୋଇପଡ଼େ । ତେଣୁ ଏଭଳି ପ୍ରେମିକ ମୋର ପ୍ରାଣାରାମ । ସେ ଆତ୍ମାନନ୍ଦରେ ପରିତୃପ୍ତ, ପୂର୍ଣ୍ଣବ୍ରହ୍ମର ଅବତାର ସଦୃଶ । 'ପୂର୍ଣ୍ଣତା' ରୂପିଣୀ ସ୍ତ୍ରୀର ସେ ହେଉଛି ପ୍ରାଣବଲ୍ଲଭ ।

ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।
ସର୍ବାରମ୍ଭ ପରିତ୍ୟାଗୀ ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ॥୧୬॥

ହେ ପାଣ୍ଡବ ! ଏଭଳି ଭକ୍ତର ହୃଦୟରେ କୌଣସି କାମନା, ବାସନା ପ୍ରବେଶ କରିପାରେନା । ସେ ଯେଉଁଠି ରହେ, ସେଠାରେ ସୁଖର ଜୁଆର ମାଡ଼ିଆସେ । ବାରାଣସୀ ବା କାଶୀଧାମ ଅବଶ୍ୟ ଏକ ପବିତ୍ରତୀର୍ଥ ସ୍ଥାନ କିନ୍ତୁ ଏଠାରେ ଯିଏ 'ଦେହତ୍ୟାଗ' କରେ, ସିଏହିଁ କେବଳ ମୋକ୍ଷ ଲାଭ କରେ । ହିମାଳୟ ହେଉଛି ପବିତ୍ର, ମହାନ୍ ଓ ବିରାଟ କିନ୍ତୁ ଏହା ହିମମୟ ହୋଇଥିବାରୁ ଏଠାରେ କୌଣସି ଜୀବଜନ୍ତୁ ବାସ କରିପାରନ୍ତି ନାହିଁ । ଏଠାରେ ମଧ୍ୟ

ଜୀବନହାନିର ଆଶଙ୍କା ରହିଛି । କିନ୍ତୁ ଭକ୍ତର ପବିତ୍ରତା ଏମାନଙ୍କ ଭଳି ନୁହେଁ । ଏହି ପବିତ୍ରତାରେ କୌଣସି ଆଶଙ୍କା ନାହିଁ କିମ୍ବା ମଳିନତା ନାହିଁ । ଗଙ୍ଗାଜଳ ପବିତ୍ର ଅଥଚ ଏହି ଗଙ୍ଗାରେ ବୁଡ଼ି ମରିବାର ଭୟ ରହିଛି, କିନ୍ତୁ ଭକ୍ତିର ଗଙ୍ଗା ଅଦ୍ୱିତୀୟ । ଏହା ଅତି ଗଭୀର । ଏହାର ଯେକୌଣସି ସ୍ଥାନରେ ପ୍ରବେଶ କରନା କାହିଁକି, ବୁଡ଼ି ମରିବାର ଭୟ ନାହିଁ । ଏହି ଭୟହୀନ ଭକ୍ତିଦ୍ୱାରା ହିଁ ମୋକ୍ଷ ଲାଭ ହୁଏ । ସାଧୁସଙ୍ଗଦ୍ୱାରା ଗଙ୍ଗା ପାପମୁକ୍ତିର ଶକ୍ତି ଲାଭ କରିଥାଏ । ସାଧୁସଙ୍ଗର ମହିମା କେତେ ଏହିଥିରୁ ବୁଝିପାରିବ । ସାଧୁମାନଙ୍କ ସମାଗମ ଦ୍ୱାରା ହିଁ ସ୍ଥାନର ପବିତ୍ରତା ବଢ଼େ, ଏହା ତୀର୍ଥସ୍ଥାନରେ ପରିଣତ ହୁଏ । ସେମାନଙ୍କ ପବିତ୍ରତା ହିଁ ମନର ଆବିଳତାକୁ ଦଶଦିଗରୁ ନଷ୍ଟ କରେ । ମୋ ଭକ୍ତମାନେ ସୂର୍ଯ୍ୟ ଭଳି ବାହାରେ ଓ ଭିତରେ ନିଷ୍କଳଙ୍କ, ଶୁଦ୍ଧ, ନିର୍ମଳ । ସେ 'ପାୟାଳୁ' (ଗ) ମନୁଷ୍ୟ ଭଳି ଦିବ୍ୟଦୃଷ୍ଟି ସମ୍ପନ୍ନ । ଆକାଶ ଯେଭଳି ବ୍ୟାପକ ଓ ଉଦାସୀନ, ଭକ୍ତର ମନ ସେହିଭଳି ବ୍ୟାପକ, କିନ୍ତୁ କାହା ସହିତ ଜଡ଼ିତ ନୁହେଁ । ସେ ସୁଖଦୁଃଖ ପ୍ରତି ବୀତସ୍ପୃହ । ଜଳରକ୍ଷକ ଯେପରି ଜଳ କେଉଁଠି ଅଛି ଜାଣେ, ସେହିଭଳି ବ୍ରହ୍ମ କେଉଁଠି, ତା ପାଖରେ କିପରି ପହଞ୍ଚି ହେବ, ଭକ୍ତସାଧକ ହିଁ ଜାଣେ । ପକ୍ଷୀ ଯେପରି ବ୍ୟାଧ କବଳରୁ ଖସି ପଳାଏ, ସେହିଭଳି ଭକ୍ତ କେବଳ ବ୍ରହ୍ମ ବ୍ୟତୀତ ଅନ୍ୟକୌଣସି ବିଷୟରେ ଆଗ୍ରହୀ ନ ହେବାରେ ସେ ସଂସାର ଜଞ୍ଜାଳରୁ ମୁକ୍ତ ରହିଥାଏ । ଚିରନ୍ତନ ସୁଖ ହିଁ ତାର ଏକମାତ୍ର ପ୍ରାପ୍ୟ । ଦୁଃଖର ସମ୍ବାଦ ସୁଦ୍ଧା ତା ପାଖରେ ପହଞ୍ଚି ପାରେନା । ଦେହରୁ ଲୁଗାପଟା କାଢ଼ି ଦେଲେ ମୃତ ବ୍ୟକ୍ତି କ'ଣ ଲଜ୍ଜା କରେ ? ସେହିଭଳି ଭକ୍ତର ଆସକ୍ତି ବୋଲି କିଛି ନଥାଏ । ଇନ୍ଧନ ନ ଦେଲେ ଅଗ୍ନି କ୍ରମଶଃ ନିର୍ବାପିତ ହୋଇଯାଏ । ସେହିଭଳି ଯେକୌଣସି କର୍ମକଲେ ମଧ୍ୟ ସେଥିଲାଗି ଭକ୍ତର ଅହଂଭାବ ନଥାଏ । ମୋକ୍ଷ ଲାଗି ଯେଉଁ ଶାନ୍ତି ଆବଶ୍ୟକ, ତାହା ସେ ପାଇଥାଏ । ସେ ଦ୍ୱୈତଭାବର ପ୍ଲାବିତ ନଦୀ

(ଗ) **ପାୟାଳୁ**– ମାତୃଗର୍ଭରୁ ଭୂମିଷ୍ଠ ହେବାବେଳେ ଯାହାର ଦୁଇଟିଯାକ ପାଦ ଆଗେ ବାହାରିଆସେ, ସେ ଭବିଷ୍ୟତରେ ଦିବ୍ୟଦୃଷ୍ଟି ଲାଭ କରେ– ମହାରାଷ୍ଟ୍ରରେ ଏଭଳି ବିଶ୍ୱାସ ଆଗେ ଥିଲା । ପାଦ ଆଗେ ବାହାରେ ବୋଲି ତାକୁ 'ପାୟାଳୁ' କୁହାଯାଏ ।

ଅତିକ୍ରମ କରି 'ମୁଁ ବ୍ରହ୍ମ' (ବ୍ରହ୍ମାଽସ୍ମି) ଅର୍ଥାତ୍ ଅଦ୍ୱୈତଭାବର କୂଳରେ ପହଞ୍ଚିଥାଏ । ଭକ୍ତିସୁଖ ଉପଭୋଗ କରିବା ଲାଗି ସେ ନିଜକୁ ଦାସାନୁଦାସ ବୋଲି କହିଥାଏ । କିନ୍ତୁ ତାର ଏହି ପୃଥକ୍ ଭାବ କ୍ରମଶଃ ଲୋପ ପାଇଯାଏ । ସିଏ ଯିଏ, ମୁଁ ସିଏ (ସୋଽହଂ) ଭାବ ଆପେ ଆପେ ତାର ଚାଲି ଆସେ । ସେ ନିଜ ବାହାରେ ଥିବା ସମସ୍ତ ଜିନିଷକୁ ପ୍ରଭୁ ମନେ କରିଥାଏ ଏବଂ ଚାକର ଯେପରି ପ୍ରଭୁର ସେବା କରେ, ସେ ଅଣୁ ପରମାଣୁଠାରୁ ଆରମ୍ଭ କରି କୀଟପତଙ୍ଗ ଜୀବଜନ୍ତୁ ସମସ୍ତଙ୍କୁ ପ୍ରଭୁ ଭାବରେ ପୂଜା କରେ, ସେମାନଙ୍କର ସେବା କରେ । ସେ ସମସ୍ତଙ୍କ ପକ୍ଷରେ ଏକ ପରମ ଆଦର୍ଶ । ଏପରି ଯୋଗୀ, ସାଧକ ବା ଭକ୍ତପ୍ରତି ମୋର ଅତ୍ୟନ୍ତ ପ୍ରୀତି । ସେ ମୋ ଆତ୍ମାସ୍ୱରୂପ । ତା ସହିତ ମିଶିଯିବାରେ ମୋର ଶାନ୍ତି । ତାଲାଗି ହିଁ ମୋର ମନୁଷ୍ୟରୂପ ପ୍ରକାଶ ଏବଂ ଅବତାର ଗ୍ରହଣ । ସେ ମୋର ଏଭଳି ପ୍ରିୟ ଯେ ମୁଁ ମୋର ପ୍ରାଣଦ୍ୱାରା ତାକୁ ଆଲିଙ୍ଗନ କରିନିଏ, ମୁଁ ତାକୁ ମୋର କୋଳକୁ ଟାଣି ନେଇଆସେ ।

ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଙ୍କ୍ଷତି ।
ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ॥୧୭॥

ଏଭଳି ଭକ୍ତ ତଥା ସାଧକ ନିକଟରେ ବ୍ରହ୍ମ ହିଁ ଏକମାତ୍ର ଭୋଗ୍ୟ ବସ୍ତୁ । ଆତ୍ମଲାଭ ବ୍ୟତୀତ ସେ କାହାକୁ ଉତ୍ତମ ମନେ କରେନା । ଅନ୍ୟ କୌଣସି ବିଶେଷ ଭୋଗଦ୍ୱାରା ସେ ସନ୍ତୋଷଲାଭ କରେନା । ସେ ବିଶ୍ୱମୟ ହୋଇପଡ଼େ । ତା ମନରେ ବ୍ରହ୍ମ ସହିତ ଏକତ୍ୱ ଭାବ ହିଁ ରହେ । ତେଣୁ ତା ହୃଦୟରେ ଦ୍ୱେଷଭାବର ଚିହ୍ନ ସୁଦ୍ଧା ରହେନା । ସେ ଯେଉଁ ଜିନିଷ ଲାଭ କରିଛି, ତାହା କଳ୍ପାନ୍ତରେ ସୁଦ୍ଧା ଧ୍ୱଂସ ହୁଏନା ! ତେଣୁ କ'ଣ ହରେଇଦେଲି ବୋଲି ତା ମନ ବିଚଳିତ ହୁଏନା । ଏକମାତ୍ର ବାଞ୍ଛନୀୟ ହେଉଛି ବ୍ରହ୍ମ, ଏକଥା ଜାଣିପାରିଥିବାରୁ ସେ ଆଉ କୌଣସି ଜିନିଷ ପାଇବାପାଇଁ ଇଚ୍ଛା କରେନା । ସେ ଉପଲବ୍ଧି କରେ ଯେ, ତାର ହୃଦୟ ଭିତରେ ରହିଛି ବ୍ରହ୍ମ । ସୂର୍ଯ୍ୟ ଯେପରି ଦିନ ଆଉ ରାତିର ପାର୍ଥକ୍ୟ ଜାଣେନା, ସେହିଭଳି ଭକ୍ତ ଭଲ ଓ ମନ୍ଦର ପାର୍ଥକ୍ୟ

ଜାଣେନା । ଏହିଭଳି ଶୁଦ୍ଧ ଜ୍ଞାନମୟ ହୋଇ ଯିଏ ମୋର ଭଜନ କରେ, ମୁଁ ତୁମ ନାଁ ଧରି ଶପଥ କରି କହୁଛି, ସେହି ଭକ୍ତ ହେଉଛି ମୋର ଅଦ୍ୱିତୀୟ ପ୍ରେମିକ ଓ ସ୍ନେହର ପାତ୍ର ।

ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।
ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ॥୧୮॥

ହେ ପାଣ୍ଡବ ! ଘରେ ଥିବା ମନୁଷ୍ୟକୁ ହିଁ ଆଲୋକ ଦେବି, ଅନ୍ୟକୁ ଦେବି ନାହିଁ, ପ୍ରଦୀପ ଏଭଳି ଭାବି ନଥାଏ । ସେଭଳି ଭକ୍ତର କୌଣସି ବିଷମ ଭାବ ନଥାଏ, ତାର ଶତ୍ରୁ ମିତ୍ର ଉଭୟ ପ୍ରତି ସମାନ ଭାବ । ଯିଏ ମଞ୍ଜି ପୋତିଚି ଗଛ ତାକୁ ଯେପରି ଛାୟା ପ୍ରଦାନ କରେ, ଯିଏ କୁରାଢ଼ି ବା କାତିରେ ତା ଦେହକୁ ଆଘାତ କରେ, ତାକୁ ମଧ୍ୟ ସେହିଭଳି ଛାୟା ପ୍ରଦାନ କରେ । ଆଖୁତାର ମଧୁରତାକୁ କେବଳ ତାର କ୍ଷେତ୍ରପାଳକ ପାଇଁ ଲୁଚେଇ ରଖି ନଥାଏ । କ୍ଷେତ୍ରପାଳକ ଯେପରି ମଧୁରତା ପାଏ, ତାକୁ ପେଡୁଥିବା ଲୋକେ ମଧ୍ୟ ସେହି ମଧୁରତା ପାଇଥାଆନ୍ତି । ସେମାନଙ୍କ ଲାଗି ସେ ତିକ୍ତ ହୋଇ ପଡ଼େନା । ମୋ ଭକ୍ତ ଶତ୍ରୁମିତ୍ର ତଥା ମାନ ଅପମାନରେ ପ୍ରେମଭାବାପନ୍ନ । ଆକାଶ ସବୁ ଋତୁରେ ସମାନ । ବର୍ଷାଋତୁରେ ସେ ଛୋଟ ହୋଇ ଯାଏନା କିମ୍ବା ଗ୍ରୀଷ୍ମ ଓ ଶୀତଋତୁରେ ବଡ଼ ହୋଇଯାଏନା । ହେ ପାଣ୍ଡବ ! ପବନ ଦକ୍ଷିଣରୁ ଆସୁ ବା ଉତ୍ତରରୁ ଆସୁ ମେରୁ ପର୍ବତ ଯେପରି ଅଚଳ ରହିଥାଏ, ସେହିଭଳି ଭକ୍ତମାତ୍ରେ ସୁଖ ଆସୁ, ଦୁଃଖ ଆସୁ କେବେ ବିଚଳିତ ହୋଇ ପଡ଼େନା । ଚନ୍ଦ୍ରାଲୋକର ମାଧୁରୀ ରାଜା ଓ ପ୍ରଜା, ଧନୀ ଓ ଦରିଦ୍ର ସମସ୍ତଙ୍କ ପ୍ରତି ସମାନ ଭାବରେ ମିଳିଥାଏ । ସେହିଭଳି ସମସ୍ତ ପ୍ରାଣୀଙ୍କପ୍ରତି ମୋ ଭକ୍ତଙ୍କର ଭାବ ଏକ । ଜଳ ହେଉଚି ସମସ୍ତଙ୍କର ସେବ୍ୟ । ଅନ୍ତର ଓ ବାହାରେ ବିଷୟକୁ ତ୍ୟାଗ କରି ଯିଏ ଆତ୍ମାରେ ଏକାନ୍ତ ଭାବେ ସ୍ଥିର ହୋଇ ଅବସ୍ଥାନ କରେ, ସେ ହେଉଚି ମୋର ଭକ୍ତ ।

ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍ ।
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ ମେ ପ୍ରିୟୋ ନରଃ ॥୧୯॥

ଯିଏ ନିନ୍ଦାକୁ ଭୟ କରେନା, ସ୍ତୁତିଗାନରେ କୃତାର୍ଥ ହୁଏନା, ଯିଏ ଆକାଶ ଭଳି ନିର୍ଲିପ୍ତ ଭାବରେ ନିନ୍ଦା ଓ ସ୍ତୁତିକୁ ଗୋଟିଏ ସ୍ତରରେ ରଖି ଘରେ ହେଉ ବା ବଣରେ ହେଉ ବିଚରଣ କରେ, ଯିଏ ଅସତ୍ୟ ବା ମିଥ୍ୟାକୁ ପରିତ୍ୟାଗ କରିଥାଏ, ଯାହାର ଭାଷଣ ହେଉଛି ମୌନତା, ସେ ବ୍ରହ୍ମଅବସ୍ଥାରେ ହିଁ ସ୍ଥିର ରହିଥାଏ । ବର୍ଷା ନହେଲେ ମଧ୍ୟ ସମୁଦ୍ର ଶୁଖିଲା ରହେନା । ସେହିଭଳି ଭକ୍ତମାତ୍ରେ କ'ଣ କିଛି ପାଇବାରେ ସନ୍ତୁଷ୍ଟ ହୁଏନା କିମ୍ବା ନ ପାଇବାରେ ଅସନ୍ତୁଷ୍ଟ ହୋଇ ପଡ଼େନା । ବାୟୁ ଯେପରି କେବଳ ଗୋଟିଏ ସ୍ଥାନରେ ହିଁ ରହେ ନାହିଁ, ସେହିଭଳି ସାଧକ କେବଳ ଗୋଟିଏ ସ୍ଥାନକୁ ନିଜର ବିଶ୍ରାମସ୍ଥଳୀ ମନେ କରେନା । ବାୟୁ ଯେପରି ସର୍ବଆକାଶବ୍ୟାପୀ, ସେହିଭଳି ଭକ୍ତର ସମଗ୍ର ଜଗତ ବିଶ୍ରାମସ୍ଥଳୀ । ସେ ଚରାଚର ବିଶ୍ୱକୁ ନିଜର ଘର ମନେ କରିଥାଏ । କାରଣ ସେ ନିଜେ ବିଶ୍ୱରୂପ । ସେ ଅନୁଭବ ସହିତ ମୋର ଭଜନ କୀର୍ତ୍ତନ କରେ । ତେଣୁ ମୁଁ ତାକୁ ମୋ ମଥାର ମୁକୁଟମଣି କରି ରଖିଥାଏ । ଏଭଳି ଭକ୍ତ ଆଗରେ ସମସ୍ତେ ମଥା ଅବନତ କରିବାରେ ଆଶ୍ଚର୍ଯ୍ୟ କିଛି ନାହିଁ । ଏଭଳି ଭକ୍ତର ପାଦ ଯେଉଁଠି ପଡ଼େ, ତାହା ଏକ ପବିତ୍ର ପୀଠରେ ପରିଣତ ହୁଏ । ତା ହୁଏ ପରମ ପବିତ୍ର ତୀର୍ଥସ୍ଥାନ । ଶଙ୍କରଙ୍କ ଭଳି ଗୁରୁ ହେଲେ ଯାଇ ଭକ୍ତର ଶ୍ରଦ୍ଧା ଓ ପ୍ରେମକୁ ଚିହ୍ନି ପାରିବ । ସେ କଥା ଥାଉ କାରଣ ଶଙ୍କରଙ୍କ ମହିମା ବର୍ଣ୍ଣନା କରି ବସିଲେ ତାହା ଆତ୍ମସ୍ତୁତି ହୋଇ ପଡ଼ିବ ।

ଶ୍ରୀ ରମାନାଥ ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଏଭଳି ଭକ୍ତକୁ ମୁଁ ମୁଣ୍ଡରେ ମୁଣ୍ଡେଇ ରଖିଥାଏ । ସେହି ଭକ୍ତ ମୋକ୍ଷରୂପକ ଚତୁର୍ଥ ପୁରୁଷାର୍ଥର ସିଦ୍ଧିକୁ ଆପଣାର କରି ଜଗତରେ ଏକ ଆଦର୍ଶପୁରୁଷ ଭାବରେ ପ୍ରତିଷ୍ଠିତ ହୋଇଥାଏ । ସେ ଶୀର୍ଷ ଦେଶକୁ ଉଠି ସୁଦ୍ଧା, ଜଳଭଳି ନିମ୍ନତମ ସ୍ତରରେ ମଧ୍ୟ ପହଞ୍ଚି ପାରେ । ତାର ମୋକ୍ଷପର୍ବ ନଥାଏ । ଜଳଭଳି ନମ୍ର ସେ । ମୁଁ ଏଭଳି ଭକ୍ତକୁ ନମସ୍କାର କରେ, ସମ୍ମାନ ପ୍ରଦର୍ଶନ କରେ, ମଥାର ମୁକୁଟ କରି ରଖେ, ଏପରିକି ତାର ଚରଣ ଚିହ୍ନକୁ ମୁଁ ମୋ ବକ୍ଷରେ ଧାରଣ କରିଥାଏ । ତାର ଗୁଣକୀର୍ତ୍ତନ ହିଁ ହୁଏ ମୋ କଥାର ଅଳଙ୍କାର, ତା କୀର୍ତ୍ତିଶ୍ରବଣ ହୁଏ ମୋ କର୍ଣ୍ଣର ଭୂଷଣ । ମୋର ଚକ୍ଷୁ ନାହିଁ କି କର୍ଣ୍ଣ ନାହିଁ, କିନ୍ତୁ ଭକ୍ତକୁ ଦେଖିବା ଲାଗି, ତା କଥା ଶୁଣିବା ଲାଗି

ମୁଁ ଚକ୍ଷୁ ଓ କର୍ଣ୍ଣ ଆଦି ଇନ୍ଦ୍ରିୟକୁ ଗ୍ରହଣ କରିଥାଏ । ହାତର ଲୀଳାକମଳ ଦ୍ୱାରା ତାର ପୂଜା କରିଥାଏ । ତାକୁ ଆଲିଙ୍ଗନ କରିବା ଲାଗି ହିଁ ଦୁଇଟି ହାତ ଯଥେଷ୍ଟ ନ ହେବାରୁ ମୁଁ ଆଉ ଦୁଇଟି ହାତ ଗ୍ରହଣ କରି ଚତୁର୍ଭୁଜ ହୋଇଛି । ଭକ୍ତମାନଙ୍କ ସମାଗମ ସୁଖଲାଭ ଲାଗି ମୁଁ ଦେହାତୀତ ହେଲେ ମଧ୍ୟ ଦେହ ଗ୍ରହଣ କରିଛି । ଅଧିକ କ'ଣ କହିବି, ଭକ୍ତପ୍ରତି ମୋର ପ୍ରେମ ଅତୁଳନୀୟ । ପରସ୍ପର ମଧ୍ୟରେ ପ୍ରେମ ବିନିମୟ ବିଚିତ୍ର ନୁହଁ । ଭକ୍ତର ଚରିତ ଯିଏ ଶ୍ରବଣ କରେ, ଅଥବା ତାର ପ୍ରଶଂସା କରେ, ସେ ମଧ୍ୟ ମୋର ଅତିପ୍ରିୟ ।

ହେ ଅର୍ଜୁନ ! ଏ ପର୍ଯ୍ୟନ୍ତ ତୁମକୁ ମୁଁ ଭକ୍ତିଯୋଗର ଆଦ୍ୟାନ୍ତ ଶୁଣାଇଲି । ଏକଥା ଜାଣ ଯେ, ଭକ୍ତ ହିଁ ମୋର ପ୍ରିୟତମ ।

ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ ।
ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ॥୨୦॥

ଯିଏ ଏହି ଧର୍ମ୍ମାନୁକୂଳ ଅମୃତଧାରା ତଥା ରମଣୀୟ ତତ୍ତ୍ୱକଥା ଶୁଣେ ଓ ଅନୁଭବ କରେ, ଯାହା ଜୀବନରେ ଏହା ବିସ୍ତାର ଲାଭ କରେ, ଯିଏ ହୃଦୟରେ ସ୍ଥିର ଭାବରେ ଏହାକୁ ଧାରଣ କରେ ଏବଂ କାର୍ଯ୍ୟରେ ପରିଣତ କରେ,ସେ ହେଉଛି ପରମଭକ୍ତ ।ଏ ଦିଗରେ ତାର ସାଧନା ହିଁ ଭକ୍ତିଯୋଗ । ମୁଁ ଯାହା ବର୍ଣ୍ଣନା କଲି ତାହାର ମନର ଅବସ୍ଥା ଠିକ୍ ଏହିଭଳି । ଉତ୍ତମ କ୍ଷେତରେ ମଞ୍ଜି ବୁଣିଲେ ଗଛ ମଧ୍ୟ ଉତ୍ତମ ହୋଇଥାଏ । ଯିଏ ମତେ ଶ୍ରେଷ୍ଠ ମନେ କରି ମୋ ପ୍ରତି ପ୍ରେମ ଓ ଭକ୍ତି ପ୍ରଦର୍ଶନପୂର୍ବକ ପ୍ରେମ ଓ ଭକ୍ତିପଥକୁ ହିଁ ଅବଲମ୍ବନକରିଥାଏ, ହେ ପାର୍ଥ ! ସିଏ ହିଁ ପରମଯୋଗୀ । ମୁଁ ତା ଲାଗିହିଁ ଚିରକାଳ ଉତ୍କଣ୍ଠିତ । ତାର ମତି କେବଳ ଭକ୍ତିକଥାରେ ହିଁ ଲାଖି ରହିଥାଏ । ସେହି ବ୍ୟକ୍ତି ହିଁ ତୀର୍ଥ ଓ ପୁଣ୍ୟକ୍ଷେତ୍ର ଭାବରେ ଜଗତରେ ପବିତ୍ର । ମୁଁ ମଧ୍ୟ ତାକୁ ହିଁ ଧ୍ୟାନ କରିଥାଏ ଏବଂ ତାହା ହିଁ ମୋର ଦେବାର୍ଚ୍ଚନା । ତାକୁ ଛାଡ଼ି ମୁଁ ମୁହୂର୍ତ୍ତେ ସୁଦ୍ଧା ରହିପାରେନା । ସେ ମୋର ଅୟନ, ଶୟନ, ବ୍ୟସନ ତଥା ସକଳ ସାମଗ୍ରୀର ଆଶ୍ରୟ । ତାକୁଦେଖିଲେ ଯାଇ ମୋ ମନ ସ୍ଥିର ରହେ ।

ହେ ପାଣ୍ଡୁନନ୍ଦନ ! ଯିଏ ମୋ ପ୍ରେମିକଭକ୍ତର ମହିମା ବର୍ଣ୍ଣନା କରେ, ତା ପାଖରେ ମୁଁ କାନପାତି ବସି ରହିଥାଏ । ତାକୁ ମୁଁ ମୋର ପରମ ଦେବତା ମନେ କରିଥାଏ ।

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ଜଗତର ଆଦିକର୍ତ୍ତା ନୟନାନନ୍ଦ ମୁକୁନ୍ଦ, ଅର୍ଜୁନଙ୍କୁ ଏହିଭଳି ବର୍ଣ୍ଣନା କରି କହିଲେ । ହେ ରାଜନ୍, ଯିଏ ନିର୍ମଳ, ନିଷ୍କଳଙ୍କ, କୃପାଳୁ, ଶରଣାଗତବତ୍ସଳ, ଦୀନଶରଣ୍ୟ, ବିଶ୍ୱପାଳକ, ଲୀଳାମୟ, ଶରଣାଗତ ରକ୍ଷଣକାରୀ, ଧର୍ମ ଓ କୀର୍ତ୍ତିଦ୍ୱାରା ବିମଳ, ଅଗାଧ ଦାନଶୀଳ, ସରଳ, ଅନୁପମ, ମହାପରାକ୍ରମଶାଳୀ ଏବଂ ଭକ୍ତିଦ୍ୱାରା ଦୈତ୍ୟରାଜ ବଳୀଦ୍ୱାରା ଆବଦ୍ଧ, ଭକ୍ତପ୍ରିୟ, ଭୃତ୍ୟର ସହାୟ, ନିଖିଳ କଳାବିଦ୍ୟାର ଭଣ୍ଡାର– ସେହି ବୈକୁଣ୍ଠର ନାଥ ଶ୍ରୀକୃଷ୍ଣ ଯାହା କହୁଛନ୍ତି, ଭାଗ୍ୟବାନ୍ ଅର୍ଜୁନ ତାହା ଶୁଣୁଛନ୍ତି ।

ଜ୍ଞାନଦେବ ତାଙ୍କ ଶ୍ରୋତାମାନଙ୍କୁ କହିଲେ, ଏହାପରେ ଯାହା କହିବାପାଇଁ ନିର୍ଦ୍ଦିଷ୍ଟ ହୋଇଛି, ସେହି ରସମୟ କଥା ପ୍ରାକୃତ ଭାଷାରେ କହୁଛି ଆପଣମାନେ ଶୁଣନ୍ତୁ ।

ଜ୍ଞାନଦେବ ଜ୍ଞାନେଶ୍ୱର କହିଲେ, ପ୍ରଭୁ ନିବୃତ୍ତିଦେବ ମତେ ଏହି ଶିକ୍ଷା ଦେଇଛନ୍ତି ଯେ ଆପଣମାନେ ହେଉଛନ୍ତି ଗୀତାର ସଗ୍ରାହୀ । ଆପଣମାନଙ୍କ ଭଳି ସାଧୁମାନଙ୍କ ଶରଣ ଗ୍ରହଣ କରି ଆପଣମାନଙ୍କର ହିଁ ସେବା କରିବାପରେ ମୁଁ ନିଜକୁ କୃତାର୍ଥ ମନେ କରୁଛି ।

ଇତି ଶ୍ରୀ ନିବୃତ୍ତିଦାସ ଜ୍ଞାନଦେବକୃତ ଗୀତା-ଭାବାର୍ଥ-ଦୀପିକାୟାଂ
ଦ୍ୱାଦଶୋଽଧ୍ୟାୟଃ ।

●

କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗଯୋଗ

ତ୍ରୟୋଦଶ ଅଧ୍ୟାୟ

ଯାହାର ସ୍ମରଣମାତ୍ରେ ନିଖିଳ ବିଦ୍ୟାଲାଭ ହୋଇଥାଏ, ସେହି ଆତ୍ମସ୍ୱରୂପ ଶ୍ରୀଗଣେଶଙ୍କ ସ୍ମରଣ କରିବା ସଙ୍ଗେ ସଙ୍ଗେ ଶ୍ରୀଗୁରୁଦେବଙ୍କ ଚରଣ ବନ୍ଦନା କରୁଛି । ଯାହାକୁ ସ୍ମରଣ କରିବାମାତ୍ରେ ମନୁଷ୍ୟ ବାଗ୍ମୀ ହୋଇଉଠେ, ସକଳ ବିଦ୍ୟା ରସନାରେ ଆସନ ପକାଇ ଉପବେଶନ କରନ୍ତି, ବାକ୍‌ଶକ୍ତି ମାଧୁର୍ଯ୍ୟମଣ୍ଡିତ ହୁଏ, ତାଙ୍କ ନିକଟରେ ଅମୃତର ଆସ୍ୱାଦ ମଧ୍ୟ ବିସ୍ୱାଦ ବୋଧହୁଏ । ପ୍ରତ୍ୟେକ ଅକ୍ଷର ରସମୟ ହୋଇଉଠେ । ଉଦ୍ଦେଶ୍ୟ ମୂର୍ତ୍ତିମାନ୍ ହୋଇ ଅନୁଭବ ଚିହ୍ନ ପ୍ରକାଶ କରେ ଏବଂ ସଂପୂର୍ଣ୍ଣ ଆତ୍ମଜ୍ଞାନ କରତଳଗତ ହୁଏ । ଯେଉଁ ଗୁରୁଙ୍କୁ ହୃଦୟ କମଳରେ ବସାଇଲେ, ଏଭଳି ଜ୍ଞାନୋଦ୍ଦୟର ସୌଭାଗ୍ୟ ଘଟେ, ସେହି ଗୁରୁଦେବଙ୍କ ଚରଣକମଳରେ ମୋର ନମସ୍କାର । ପ୍ରଜାପତି ପିତା ଶ୍ରୀପତି ଶ୍ରୀକୃଷ୍ଣ କହିଲେ—

ଶ୍ରୀଭଗବାନୁବାଚ

ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମତ୍ୟଭିଧୀୟତେ ।
ଏତଦ୍ ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍‌ବିଦଃ ॥୧॥

ହେ ପାର୍ଥ ! ଏ ଦେହକୁ ହିଁ କ୍ଷେତ୍ର କୁହାଯାଏ । ଯିଏ ଏହାର ତତ୍ତ୍ୱ ଜାଣେ, ସେ ହେଉଛି କ୍ଷେତ୍ରଜ୍ଞ ।

କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ ।
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ॥୨॥

ପ୍ରକୃତ କ୍ଷେତ୍ରଜ୍ଞ ହେଉଛି ସର୍ବକ୍ଷେତ୍ରର ପାଳନକାରୀ ମୁଁ । କ୍ଷେତ୍ର କ୍ଷେତ୍ରଜ୍ଞଙ୍କୁ ଭଲକରି ଜାଣିବା ହେଉଛି ଯଥାର୍ଥ ଜ୍ଞାନ ।

ତତ୍‌କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍‌ବିକାରି ଯତଶ୍ଚ ଯତ୍ ।
ସ ଚ ଯୋ ଯତ୍ ପ୍ରଭାବଶ୍ଚ ତତ୍ ସମାସେନ ମେ ଶୃଣୁ ॥୩॥

ଶରୀରକୁ କାହିଁକି କ୍ଷେତ୍ର ଆଖ୍ୟା ଦିଆଯାଇଛି ଏବେ ସେକଥା ବର୍ଣ୍ଣନା କରୁଛି । ଏହି ଦେହକୁ କାହିଁକି କ୍ଷେତ୍ର କୁହାଯାଏ, କେଉଁଠାରୁ ଏହାର ଉତ୍ପତ୍ତି, ଏହା କିପରି ନାନା ପରିବର୍ତ୍ତନ ଦେଇ ଗତି କରେ, ଏହା କିପରି ବିକୃତ ହୁଏ, କିଭଳି ବୃଦ୍ଧିଲାଭ କରେ, ଏହା କେତେ ବଡ଼, କେତେ ଭାରୀ, ସରସ କି ନିରସ, ଯିଏ ଦେହ ଧରେ ସିଏ ଦେହର ଅଧିକାରୀ କି ନୁହଁ, ସବୁ ବିଷୟ ଗୋଟି ଗୋଟି ବର୍ଣ୍ଣନା କରୁଛି ଶୁଣ ।

ବେଦ ଓ ତର୍କଶାସ୍ତ୍ର ପ୍ରଭୃତି ବହୁଶାସ୍ତ୍ର ଏହି କ୍ଷେତ୍ରକୁ ବର୍ଣ୍ଣନା କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି କିନ୍ତୁ କେହିହେଲେ ନିର୍ଦ୍ଦିଷ୍ଟ ଭାବରେ କୌଣସି ନିଷ୍ପତ୍ତି ଗ୍ରହଣ କରିପାରି ନାହାନ୍ତି । ଏହାକୁ ବର୍ଣ୍ଣନା କରିବା ଦିଗରେ ସମସ୍ତଶାସ୍ତ୍ର ବାଚାଳ । ଏହାର ଗୁଣ ନିର୍ଦ୍ଧାରଣ କରିବାରେ ବିଜ୍ଞାନ ପ୍ରଭୃତି ଷଡ଼୍‌ବିଧ ଶାସ୍ତ୍ର ବ୍ୟର୍ଥ । କେହିହେଲେ ଏ ସମ୍ପର୍କରେ ସଂପୂର୍ଣ୍ଣ ଜ୍ଞାନ ଲାଭ କରିପାରିନାହାନ୍ତି । ଯୁକ୍ତି ଚାଲିଚି ଅନେକ । ତତ୍ତ୍ୱର ବ୍ୟାଖ୍ୟାନ ଚାଲିଚି ସଦାସର୍ବଦା । ତତ୍ତ୍ୱ ଯେତିକି, ବାଦବିବାଦ ସେତିକି । କିଏ କ'ଣ କହୁଛନ୍ତି ତାର ଠିକ୍‌ଠିକଣା ନାହିଁ । କାହା ମୁହଁ ପୂର୍ବଦିଗକୁ ତ କାହାର ମୁହଁ ପଶ୍ଚିମକୁ । ଅଯଥା ଗଣ୍ଡଗୋଳ କରି ପରସ୍ପରକୁ ପରାଜିତ କରିବାରେ ଲାଗିଛନ୍ତି । ବାଡ଼ିଆପିଟା ମଧ୍ୟ କମ୍ ନୁହେଁ । ଦେହକାହାର ଏ ସମ୍ପର୍କରେ ଜ୍ଞାନନାହିଁ ଅଥଚ ଦେହରେ ମହା ପରାକ୍ରମ ପ୍ରକାଶ କରିବାରେ ଏବଂ 'ମୁଁ ଅତିବଳବାନ୍' ବୋଲି ଅହଂକାର ପ୍ରକାଶ କରିବାରେ ଲାଗିଛନ୍ତି । କେହି କେହି ଏହି ଦେହକୁ ଚିହ୍ନିବାକୁ ଇଚ୍ଛା କରୁଛନ୍ତି ଅଥଚ ଚିହ୍ନିପାରୁନାହାନ୍ତି । ଅନେକ ପାଷଣ୍ଡ ମଧ୍ୟ ଅଛନ୍ତି ଯେଉଁମାନେ କି ଦିଗମ୍ବର ସାଜି, ଲଣ୍ଡିତମସ୍ତକ ହୋଇ ଦେହ ସମ୍ପର୍କରେ ନାନା ବିତଣ୍ଡା କରିଥାଆନ୍ତି । ଏହି ବିତଣ୍ଡା ସଙ୍ଗେ ସଙ୍ଗେ ଖଣ୍ଡିତ ହୋଇ ଯାଇଥାଏ । ଦେହର ବଳ ମୃତ୍ୟୁ ଭୟରେ ନିରର୍ଥକ ହୋଇପଡ଼େ । ମୃତ୍ୟୁ ଆସିଗଲା ବୋଲି କହିଦେବା ମାତ୍ରେ ଶାରୀରିକ ଶକ୍ତିର ସମସ୍ତ ଅହଙ୍କାର ଧୂଳିସାତ୍ ହୋଇଯାଏ । ଅତଏବ ଯୋଗସାଧନା ଦ୍ୱାରା ମୃତ୍ୟୁ କବଳରୁ ରକ୍ଷାପାଇବା ପାଇଁ ଲାଗିପଡ଼ ବୋଲି ଯୋଗୀମାନେ ପରାମର୍ଶ ଦେଇଥାଆନ୍ତି ।

ସେମାନେ ଏହି ମୃତ୍ୟୁକୁ ଭୟ କରି ନିର୍ଜନ ସ୍ଥାନକୁ ଯାଇ ଯମ, ନିୟମାଦି ଅଭ୍ୟାସ କରନ୍ତି, ତପସ୍ୟା କରନ୍ତି । ଏହି ଦେହ ବା କ୍ଷେତ୍ରାଭିମାନ ଦୂର କରିବାଲାଗି ହିଁ ସ୍ୱୟଂ ଭଗବାନ ଶଙ୍କର ସ୍ୱର୍ଗର ରାଜଭୋଗ ସୁଖ ତ୍ୟାଗ କରି ଶ୍ମଶାନରେ ବାସ କରିଥାଆନ୍ତି । ଦେହାଭିମାନ ତ୍ୟାଗ କରିବାଲାଗି ମନେ ମନେ ଦୃଢ଼ପ୍ରତିଜ୍ଞ ହୋଇ ସେ ଦଶଦିଗକୁ ନିଜ ଅଙ୍ଗର ଆଚ୍ଛାଦନ କରିଛନ୍ତି । ଅଥବା କାମ ଦ୍ୱାରା ପ୍ରଲୁବ୍ଧ ହୋଇ ପଡ଼ିବେ ଏହି ଆଶଙ୍କାରେ ସେ କାମଦେବକୁ ଜାଳିପୋଡ଼ି ପାଉଁଶ କରି ଦେଇଛନ୍ତି । ଏହି ଦେହ ବା କ୍ଷେତ୍ରକୁ ନିର୍ଦ୍ଧାରଣ କରିବାଲାଗି ନିଜେ ବ୍ରହ୍ମା ହୋଇଛନ୍ତି ଚତୁର୍ମୁଖ । ତଥାପି ସେ ସଂପୂର୍ଣ୍ଣ ଜ୍ଞାନଲାଭ କରି ପାରିଛନ୍ତି ବୋଲି ମନେ ହେଉନାହିଁ ।

ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।
ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍ଭିର୍ବିନିଶ୍ଚିତୈଃ ॥୪॥

କେହି କେହି କହନ୍ତି, ଦେହଭୂମି ହେଉଛି ଜୀବର କ୍ଷେତ୍ର । ପ୍ରାଣବାୟୁ ହେଉଛି ଜୀବର କୟେଦୀ । ପ୍ରାଣରୂପଗୃହରେ ଅପାନ, ବ୍ୟାନ, ଉଦାନ ଓ ସମାନ ନାମକ ଆଉ ଚାରିଭାଇ ଅଛନ୍ତି । 'ମନ' ଏମାନଙ୍କ ମୂଲିଆ । ଇନ୍ଦ୍ରିୟ-ବଳଦମାନେ ଦିନରାତି ବିଷୟକ୍ଷେତ୍ରକୁ କର୍ଷଣ କରିଥାଆନ୍ତି । କର୍ତ୍ତବ୍ୟ-ଅଙ୍କୁର ଧ୍ୱଂସକରି ଅନ୍ୟାୟରୂପକ ମଞ୍ଜି ବୁଣିଲେ ଏବଂ କୁକର୍ମର ସାର ପ୍ରୟୋଗ କଲେ, ପାପ ଉତ୍ପନ୍ନ ହୁଏ । ଜୀବ କୋଟି କୋଟି ଜନ୍ମଧରି ଦୁଃଖ ଭୋଗ କରେ । ଶାସ୍ତ୍ରାଦେଶରୂପକ ସୂର୍ଯ୍ୟକିରଣରେ ସତ୍‌କର୍ମର ବୀଜ ବପନ କଲେ କୋଟିଜନ୍ମ ପର୍ଯ୍ୟନ୍ତ ସୁଖଲାଭ ହୁଏ ।

ଆଉ କେହି କେହି କହନ୍ତି, ଏହା ହୋଇ ନପାରେ । ଏହି ଦେହରୂପୀ କ୍ଷେତ୍ରର ମାଲିକ ଜୀବ ନୁହେଁ । ଜୀବ ହେଉଛି ଜଣେ ପ୍ରବାସୀ । ଏହା ରାସ୍ତାରେ ବୁଲୁ ବୁଲୁ କୌଣସି ଏକ ଦେହର ଆଶ୍ରୟ ନେଇଛି । ପ୍ରାଣ ହେଉଛି ପ୍ରହରୀ । ସେ ଜଗିବସିଛି ବୋଲି ଦେହରେ ଚେତନା ରହିଛି । ସାଂଖ୍ୟ ଶାସ୍ତ୍ରକାରମାନେ ଯାହାକୁ 'ପ୍ରକୃତି' ଆଖ୍ୟା ଦେଇଛନ୍ତି, ତାହାର ବୃତ୍ତିବିଶେଷ ହେଉଛି ଏହି ଦେହ

ବା କ୍ଷେତ୍ର । ଏହି ପ୍ରକୃତି ଗୃହରେ କୃଷି କର୍ମପାଇଁ ସକଳ ଉପାଦାନ ରହିଛି । ତେଣୁ ପ୍ରକୃତି ନିଜେ କ୍ଷେତ୍ରର ସମସ୍ତ କାର୍ଯ୍ୟ କରିଥାଏ । ପ୍ରକୃତି ଗର୍ଭରୁ ଜାତ ଗୁଣତ୍ରୟ (ରଜ,ତମ, ସତ୍ତ୍ୱ) ହେଉଛନ୍ତି କୃଷିକାର୍ଯ୍ୟର ମୁଖ୍ୟ ଉପାଦାନ । ରଜୋଗୁଣ (କର୍ମ)ରେ ହୁଏ ବପନକାର୍ଯ୍ୟ । ସତ୍ତ୍ୱ (ସତ୍ୟ) ଦ୍ୱାରା ହୁଏ ରକ୍ଷଣାବେକ୍ଷଣ କାର୍ଯ୍ୟ । ଶସ୍ୟ ପାଚି ଆସିବାମାତ୍ରେ ଉପଯୁକ୍ତ ସମୟରେ ତମ ଗୁଣ (ଅନ୍ଧକାର) ଶସ୍ୟକୁ କାଟିଥାଏ । ମହତ୍‌ତତ୍ତ୍ୱ ରୂପକ ବିସ୍ତୀର୍ଣ୍ଣ ଖଳାରେ କାଳ ରୂପକ ବଳଦ ଦ୍ୱାରା ଚକଟି ଶିସାରୁ ଶସ୍ୟକୁ ପୃଥକ୍ କରାଯାଇ ଅବ୍ୟକ୍ତରୂପକ ଶସ୍ୟର ସ୍ତୁପ କରାଯାଏ ।

କୌଣସି କୌଣସି ବୁଦ୍ଧିମାନ ବ୍ୟକ୍ତି ଏହି ଯୁକ୍ତିକୁ ଖଣ୍ଡନ କରି କହି ଥାଆନ୍ତି ଯେ ଏପରି କଳ୍ପନା ଅର୍ବାଚୀନ । ବାସ୍ତବରେ ପରାତତ୍ତ୍ୱ ନିକଟରେ ପ୍ରକୃତିର ସ୍ଥାନ ନାହିଁ । ଏହି କ୍ଷେତ୍ର ସମ୍ପର୍କରେ ମୋର ଉପଦେଶକୁ ସ୍ଥିର ଭାବରେ ଶ୍ରବଣ କର । 'ଅବ୍ୟକ୍ତ'ର ଶୟନ ମନ୍ଦିରରେ ପ୍ରଳୟ ଶଯ୍ୟାରେ ସୃଷ୍ଟିର ସଂକଳ୍ପ ଗାଢ଼ ନିଦ୍ରାରେ ଅଭିଭୂତ ଥିଲା । ଅକସ୍ମାତ୍ ଏହାର ନିଦ୍ରାଭଙ୍ଗ ହେଲା । ଅତ୍ୟନ୍ତ ଉତ୍ସାହୀ ହୋଇଥିବାରୁ ତାହାର ଇଚ୍ଛାନୁରୂପ ସମ୍ପଦ ଲାଭ ହେଲା । ପରବ୍ରହ୍ମର ତ୍ରିଭୁବନ ଏହି 'ସଂକଳ୍ପ'ର ଉଦ୍ୟମ ଫଳରେ 'ମୋର' ବୋଲି ଅନୁଭୂତ ହେଲା । ସେ ମହାଭୂତର ବନ୍ଧ ବାନ୍ଧି ଭୂତଗୁଡ଼ିକୁ ଚାରିଭାଗରେ ବିଭକ୍ତ କଲା । ପ୍ରଥମତଃ ଅଲଗା ଅଲଗା ପଞ୍ଚଭୂତକୁ ଗଠନ କରାଗଲା । ଯେଉଁ ଭୂମି ଅନୁର୍ବର ଥିଲା, ତାହା ଉର୍ବର ହୋଇଉଠିଲା । ଏହି କ୍ଷେତ୍ର ବା ଭୂମିରେ ଗମନାଗମନ ଲାଗି 'ସଂକଳ୍ପ', ଶୂନ୍ୟପଥରେ ସୁନ୍ଦର ସୁଡ଼ଙ୍ଗ ନିର୍ମାଣ କଲା– ଏହି ସୁଡ଼ଙ୍ଗ ଦୁଇଟି ହେଉଛନ୍ତି ଜନ୍ମ ଆଉ ମୃତ୍ୟୁ । ମନୁଷ୍ୟ ଦେହର ଦୁଇକୂଳରେ ଭଲ ଆଉ ମନ୍ଦ କର୍ମର ଦୁଇଟି ବନ୍ଧ ବନ୍ଧାଗଲା । ଜୀବନାକାଶରେ ସଂକଳ୍ପର ଶାଖା ପ୍ରଶାଖା ଚାରିଆଡ଼େ ବିସ୍ତାର ଲାଭ କଲା । ସବୁ କର୍ମର ମୂଳ ହେଲା ଏହି ସଂକଳ୍ପ ।

ଏହି ଯୁକ୍ତିକୁ ମଧ୍ୟ ଆଉ କେତେକ ଲୋକ ଖଣ୍ଡନ କରିଥାଆନ୍ତି, ସେମାନେ କହନ୍ତି, ଏହି ଯୁକ୍ତି ବିବେକସମ୍ମତ ନୁହଁ । ବ୍ରହ୍ମ ବା ପରାତତ୍ତ୍ୱ ସଂକଳ୍ପରୂପକ

ଶଯ୍ୟାରେ ଶୟନ କରିଥାଏ ବୋଲି ଯଦି ସ୍ୱୀକାର କରାଯାଏ, ତାହାହେଲେ ସେଥିରୁ ଯେଉଁ ପ୍ରକୃତିର ସୃଷ୍ଟି ତାକୁ ଅସ୍ୱୀକାର କରାଯିବ କାହିଁକି ? ସେଥିଥା ଥାଉ । ଏ ସମ୍ପର୍କରେ କୌଣସି ଯୁକ୍ତିତର୍କର ପ୍ରୟୋଜନ ନାହିଁ । ଆକାଶକୁ ମେଘପୂର୍ଣ୍ଣ କରେ କିଏ ? ଅନ୍ତରୀକ୍ଷରେ ନକ୍ଷତ୍ରମାଳାକୁ ଧାରଣ କରେ କିଏ ? ଆକାଶରେ ଚନ୍ଦ୍ରକୁ କିଏ କେବେ ଟଙ୍ଗେଇ ରଖିଛି ? ବାୟୁର ସଞ୍ଚାଳନକୁ ଆଦେଶ ଦେଇଛି କିଏ ? ଦେହର ଚର୍ମରେ ଲୋମରାଜିକୁ ବପନ କରିଛି କିଏ ? ସମୁଦ୍ରକୁ ଜଳଦ୍ୱାରା ପୂର୍ଣ୍ଣ କରିଛି କିଏ ? ବର୍ଷାଧାରାକୁ ସୃଷ୍ଟି କରିଛି କିଏ ? ସେମାନେ କହନ୍ତି ଯେ ଏସବୁ ସ୍ୱଭାବତଃ ହୋଇଯାଏ । ଦେହ ମଧ୍ୟ ସ୍ୱଭାବତଃ ଉତ୍ପନ୍ନ ହୋଇଛି । ଏହା କାହାର ବୃତ୍ତି ନୁହଁ । ଯିଏ ଏହି ଦେହ ବା କ୍ଷେତ୍ରକୁ କାର୍ଯ୍ୟରେ ଲଗାଇବ, ସେ ତାକୁ ଫଳ ଦେବ, ଅନ୍ୟକୁ ଦେବ ନାହିଁ ।

ଆଉ କେତେକ ଲୋକ ଅଛନ୍ତି, ଯେଉଁମାନେ କି ଏଭଳି ଯୁକ୍ତିରେ ସନ୍ତୁଷ୍ଟ ନୁହନ୍ତି । ସେମାନେ କ୍ରୋଧ ପ୍ରକାଶ କରି କହିଥାଆନ୍ତି— ଆମେ ହେଉଛୁ ଦେହରୂପକ କ୍ଷେତ୍ରର ଭୋକ୍ତା । କାଳ ବ୍ୟତୀତ ଆମେ କାହାକୁ ଦେଖୁନାହୁଁ । କାଳର ଆଘାତ ଅନିବାର୍ଯ୍ୟ । ଅଭିମାନୀ ନିଜ ମତରେ ବଡ଼େଇ କରିଥାଏ । ମାତ୍ର କାଳକୁ ମୃତ୍ୟୁ ସିଂହର ଗୁହା ବୋଲି ଜାଣିବ । ମୃତ୍ୟୁ କାହାକୁ ଛାଡ଼େନା । ଜୀବ ମାତ୍ରେ ଜନ୍ମ ମୃତ୍ୟୁ ନିକଟରେ ନିଃସହାୟ ! ମୃତ୍ୟୁର ପ୍ରବାହ ମହାକଳ୍ପ ପରେ ସତ୍ୟଲୋକକୁ ସୁଦ୍ଧା ଗ୍ରାସ କରିଥାଏ । କାଳ ବା ମୃତ୍ୟୁ ଫାଶପକାଇ ଜଗଦାକାର-ହସ୍ତୀକୁ ସୁଦ୍ଧା ବଧ କରିଥାଏ । ଅତଏବ କ୍ଷେତ୍ର ଉପରେ ମୃତ୍ୟୁର ସମ୍ପୂର୍ଣ୍ଣ ଅଧିକାର ରହିଛି । ଏହା ହେଉଛି ଯଥାର୍ଥ ମତ ।

ହେ ପାଣ୍ଡୁସୁତ ! କ୍ଷେତ୍ର ସମ୍ପର୍କରେ ଏଭଳି ବହୁ ଯୁକ୍ତି ତଥା ବାଦବିବାଦ ରହିଛି । ନୈମିଷାରଣ୍ୟବାସୀ ଋଷିଗଣ ଏ ସମ୍ପର୍କରେ ବହୁ ବାଦବିବାଦ କରିଛନ୍ତି । ପୁରାଣରେ ମଧ୍ୟ ବିବିଧ ମତବାଦ ଦେଖାଯାଏ । ଏହି ମତଗୁଡ଼ିକ ଅତି ଦକ୍ଷତାର ସହିତ 'ଅନୁଷ୍ଟୁପ' ପ୍ରଭୃତି ଛନ୍ଦରେ, ବହୁ ପ୍ରବନ୍ଧରେ, ବିଭିନ୍ନ ଗ୍ରନ୍ଥରେ ନିବଦ୍ଧ କରାଯାଇଛି । ବେଦ ଅନ୍ତର୍ଗତ ଅତିପବିତ୍ର ବୃହତ୍‌ସାମ ନାମକ

ସୂକ୍ତ ଜ୍ଞାନମୟ । ତଥାପି ଏଥିରେ ମଧ୍ୟ କ୍ଷେତ୍ର ସମ୍ପର୍କରେ ବିଶେଷ କୌଣସି ବିଷୟର ଉଲ୍ଲେଖ ସମ୍ଭବ ହୋଇ ନାହିଁ । ଦୂରଦର୍ଶୀ ମହାକବିଙ୍କ ମଧ୍ୟରୁ କେହି କେହି କ୍ଷେତ୍ର ସମ୍ପର୍କରେ ଜାଣିବା ପାଇଁ ନିଜର ବୁଦ୍ଧି ପ୍ରୟୋଗ କରିଛନ୍ତି ସତ କିନ୍ତୁ ଏ ବିଷୟ ଏପରି ଦୁରୂହ ଯେ 'ଏହା ପ୍ରକୃତରେ କିପରି' ତାହା ନିର୍ଦ୍ଧାରଣ କରି ପାରି ନାହାନ୍ତି । ମୁଁ ମୋର ମତ ତୁମ ନିକଟରେ ଉପସ୍ଥାପନ କରିବି, ଶୁଣ ।

ମହାଭୂତାନ୍ୟହଙ୍କାରୋ ବୁଦ୍ଧିରବ୍ୟକ୍ତମେବ ଚ ।
ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚଚେନ୍ଦ୍ରିୟଗୋଚରାଃ ॥୫॥

ମହାଭୂତର ସଂଖ୍ୟା ହେଉଛି ପାଞ୍ଚ ଯଥା– ପୃଥିବୀ (ମାଟି), ଜଳ, ଅଗ୍ନି, ବାୟୁ ଓ ଆକାଶ । ସେମାନଙ୍କ କାରଣ ହେଉଛି ଅହଙ୍କାର, ବୁଦ୍ଧି, ଓ ତ୍ରିଗୁଣମୟୀ ମାୟା । ଇନ୍ଦ୍ରିୟ ସଂଖ୍ୟା ଦଶ । ପାଞ୍ଚଟି ହେଉଛି ଜ୍ଞାନେନ୍ଦ୍ରିୟ ଯଥା– ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱକ । ଆଉ ପାଞ୍ଚଟି ହେଉଛି କର୍ମେନ୍ଦ୍ରିୟ ଯଥା– ବାକ୍, ପାଣି, ପାଦ, ପାୟୁ (ମଳଦ୍ୱାର) ଓ ଉପସ୍ଥ (ଜନନେନ୍ଦ୍ରିୟ) । ଏହି ଦଶଟି ଇନ୍ଦ୍ରିୟକୁ ନିୟନ୍ତ୍ରଣ କରୁଛି 'ମନ' । ମନ ହେଉଛି ଏକାଦଶ ଇନ୍ଦ୍ରିୟ । ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଏହି ପାଞ୍ଚଟି ଇନ୍ଦ୍ରିୟବିଷୟ ବ୍ୟତୀତ ରହିଛି ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସଂଘାତ, ଚେତନା ଓ ଧୃତି ପ୍ରଭୃତି । ଏତେଗୁଡ଼ିକ ତତ୍ତ୍ୱ (୩୬) ବ୍ୟକ୍ତ କ୍ଷେତ୍ରରେ ଅବସ୍ଥାନ କରିଥାଆନ୍ତି । ଜାଗ୍ରତ ଅବସ୍ଥାରେ ସ୍ୱପ୍ନ ଲୁକ୍‌କାୟିତ ଥାଏ । ଅମାବାସ୍ୟା ତିଥିରେ ଚନ୍ଦ୍ର ଗୁପ୍ତଥାଏ । ଶିଶୁର ଅଙ୍ଗରେ ତାରୁଣ୍ୟ ହୀନ ହୋଇ ରହିଥାଏ । ଅବିକଶିତ କୁସୁମ କଳିକାରେ କୁସୁମର ସୁବାସ ଅବଶ୍ୟ ରହିଥାଏ । କାଠରେ ଅଗ୍ନି ଅଦୃଶ୍ୟ ଅବସ୍ଥାରେ ଥାଏ । ଧାତୁଗତ ଜ୍ୱର କୁପଥ୍ୟକୁ ଅପେକ୍ଷା କରି ରହିଥାଏ । କୁପଥ୍ୟ ହେବାମାତ୍ରେ ଏହା ଅନ୍ତର ଓ ବାହାରେ ପ୍ରକାଶିତ ହୁଏ ।ସେହିଭଳି ପଞ୍ଚଭୂତକୁ ନେଇ ଗଠିତ ଓ ପ୍ରକାଶିତ ଦେହକୁ ଯିଏ ନଚେଇଥାଏ, ତାର ନାମ ହେଉଛି ଅହଙ୍କାର । ଅହଙ୍କାରର ଅପୂର୍ବ ରହସ୍ୟ ହେଉଛି, ଏହା ଅଜ୍ଞାନୀ ନିକଟକୁ ବେଶି ନଯାଇ ଜ୍ଞାନୀର ଗଳାକୁ ଚିପି ଧରେ ଏବଂ ତାକୁ ନାନା ବିପଦରେ ପକାଏ ।

ଯଦୁପତି ଶ୍ରୀକୃଷ୍ଣ କହିଲେ, ବୁଦ୍ଧିର ଲକ୍ଷଣ କ'ଣ ଶୁଣ ।

ଭୋଗ ବା କାମ ବଳରେ ଏବଂ ଇନ୍ଦ୍ରିୟ-ବୃତ୍ତିର ସମାଗମରେ ନାନା ବିଷୟ ଆସି ଏକତ୍ରିତ ହୁଅନ୍ତି । ଏଥିରୁ ଉତ୍ପନ୍ନ ହୁଏ ସୁଖ ଓ ଦୁଃଖ, ପାପ, ପୁଣ୍ୟ, ମଳିନତା, ସ୍ୱଚ୍ଛତା, ଭଲ ମନ୍ଦ, ଛୋଟ ବଡ଼ ଆଦି ନାନା ବିଷୟ । କେଉଁଟି ସାର୍ଥକ, କେଉଁଟି ନିରର୍ଥକ, କେଉଁଟି ବାସ୍ତବ, କେଉଁଟି ଅବାସ୍ତବ —ଏହାକୁ ଯିଏ ଚିହ୍ନେଇଦିଏ, ତାର ନାମ ହେଉଛି 'ବୁଦ୍ଧି' । ତେଣୁ ବୁଦ୍ଧି ହେଉଛି ଜ୍ଞାନଶକ୍ତିର ମୂଳ । ଏହି ବୁଦ୍ଧିଦ୍ୱାରା ହିଁ ସତ୍ତ୍ୱ (ସତ୍ୟର) ଅଭିବୃଦ୍ଧି ସମ୍ଭବ । ତେଣୁ ଜୀବ ଓ ଆତ୍ମାର ସଂଯୋଗସ୍ଥଳ ହେଉଛି ବୁଦ୍ଧି ।

ଅବ୍ୟକ୍ତ ତଥା ମାୟାର ଲକ୍ଷଣ ଶ୍ରବଣ କର । ସାଂଖ୍ୟବାଦୀମାନେ ଯାହାକୁ ପ୍ରକୃତି ଆଖ୍ୟା ଦେଇଥାଆନ୍ତି, ତାହାହିଁ ମାୟା । ଏହା ଅବ୍ୟକ୍ତ ବା ଅଦୃଶ୍ୟ ।

ସାଂଖ୍ୟ ମତାନୁସାରେ ମୁଁ ତମ ଆଗରେ ପ୍ରକୃତି ସମ୍ପର୍କରେ ଯେଉଁ ବର୍ଣ୍ଣନା କରିଛି, ତାହା ଦୁଇପ୍ରକାରର ବୋଲି କହିଛି । ସେଥିରେ 'ଜୀବଭୂତ' ବା ସୂକ୍ଷ୍ମ ଜୀବଦ୍ଦଶା ବୋଲି ଯାହା କୁହାଯାଇଛି, ତାହାକୁ ହିଁ 'ଅବ୍ୟକ୍ତ' ନାମ ଦିଆଯାଇଛି । ରାତି ଶେଷ ହେବା ମାତ୍ରେ ନକ୍ଷତ୍ରଗୁଡ଼ିକ ଆକାଶରେ ଆଉ ଦେଖାଯାଆନ୍ତି ନାହିଁ । ସୂର୍ଯ୍ୟାସ୍ତ ପରେ ପ୍ରାଣୀମାନଙ୍କ ଦୈନନ୍ଦିନ କାର୍ଯ୍ୟକଳାପବନ୍ଦ ହୋଇ ପଡ଼େ । ଶରୀରାନ୍ତ ମାତ୍ରେ ସମସ୍ତ କାମନା ମଧ ଆପେ ଆପେ ଚାଲିଯାଏ । ବୀଜ ଭିତରେ ବୃକ୍ଷ ଗୋପନରେ ରହିଥାଏ । ସୂତା ଦେହରେ ମଧ ବସ୍ତ୍ର ରହିଥାଏ । ସେହିଭଳି ପଞ୍ଚମହାଭୂତ ଏବଂ ସମଗ୍ର ଜୀବଜଗତ ସୂକ୍ଷ୍ମରୂପରେ ଅଦୃଶ୍ୟ ଭାବରେ ଯାହା ଭିତରେ ଅବସ୍ଥାନ କରିଥାଆନ୍ତି, ତାହା ହେଉଛି ଅବ୍ୟକ୍ତ ବା 'ମାୟା' ।

ଇନ୍ଦ୍ରିୟର ପରିଚୟ ଶ୍ରବଣ କର । ଆଗରୁ କହିଛି, ପୁଣି ଆଉ ଥରେ କହୁଛି । କର୍ଣ୍ଣ, ଚକ୍ଷୁ, ତ୍ୱକ୍, ନାସିକା ଓ ରସନା— ଏହି ପାଞ୍ଚଟି ହେଉଛି ଜ୍ଞାନେନ୍ଦ୍ରିୟ । ଏମାନଙ୍କଦ୍ୱାରା ସୃଷ୍ଟି ହେଉଥିବା ସୁଖ ଦୁଃଖର ବିଚାରକ ହେଉଛି ବୁଦ୍ଧି । ବାକ୍, ପାଣି, ଚରଣ, ଉପସ୍ଥ ଓ ପାୟୁ ହେଉଛନ୍ତି କର୍ମେନ୍ଦ୍ରିୟ । ଶ୍ରୀକୃଷ୍ଣ

କହିଲେ, ପ୍ରାଣର ପ୍ରିୟତମା କ୍ରିୟାଶକ୍ତି ଦେହରେ ଅବସ୍ଥାନ କରିଥାଏ ଏବଂ ପଞ୍ଚଦ୍ୱାରରେ ଗମନାଗମନ କରିଥାଏ । ଏହା ହେଲା ଦଶଟି ଇନ୍ଦ୍ରିୟର କଥା ।

'ମନ' କ'ଣ କହୁଛି ଶୁଣ । ମନ ଦଶଟିଯାକ ଇନ୍ଦ୍ରିୟ ଓ ବୁଦ୍ଧିର ମଧ୍ୟସ୍ଥଳରେ ରଜଗୁଣର ଶାଖାକୁ ଅବଲମ୍ବନ କରି ଦୋଳି ଖେଳୁଥାଏ । ମନକୁ ଆକାଶର ଅବାସ୍ତବ ନୀଳିମା, ମରୀଚିକାର ତରଙ୍ଗ ଅଥବା ବାୟୁ ସଞ୍ଚାଳନ ସହିତ ତୁଳନା କରାଯାଇପାରେ । ଶୁକ୍ର ଓ ଶୋଣିତର ମିଳନରେ ପଞ୍ଚତତ୍ତ୍ୱର ଆକାର ପ୍ରକାଶ ପାଇବା ମାତ୍ରେ ମନ ଦଶଧା ବିଭକ୍ତ ହୋଇ ପ୍ରାଣ ରୂପରେ ଦେହର ଧର୍ମ ଅନୁଯାୟୀ ପୃଥକ୍ ପୃଥକ୍ ଅଙ୍ଗରେ ଅବସ୍ଥାନ କରେ । କିନ୍ତୁ ଏହି ମନ ସବୁବେଳେ ଚଞ୍ଚଳ । ଏହି ଚାଞ୍ଚଲ୍ୟ ହିଁ ରଜୋଗୁଣର ସାମର୍ଥ୍ୟ ରକ୍ଷା କରେ । ସେ ବୁଦ୍ଧିର ସୀମା ବାହାରକୁ ଚାଲିଯାଇ ଅହଂକାର ସହିତ ସମ୍ମିଳିତ ହୋଇ ମଧ୍ୟସ୍ଥ ଭାବରେ ନିଜର ପରାକ୍ରମ ଓ ଅସ୍ଥିରତା ପ୍ରକାଶ କରେ । ଏହି ଅସ୍ଥିରତାକୁ ଅବଶ୍ୟ ମାନସ ଆଖ୍ୟା ଦିଆଯାଇଥାଏ, କିନ୍ତୁ ଏହା କାଳ୍ପନିକ । କଳ୍ପନା ମୂର୍ତ୍ତିମତୀ ହୋଇ ଆତ୍ମା ବା ବ୍ରହ୍ମକୁ ଜୀବଦ୍ଦଶା ଭୋଗ କରିବାକୁ ବାଧକରେ । ଏହି ମନ ହେଉଛି ପ୍ରକୃତି ଓ କର୍ମର ମୂଳ । ଏହା କାମନାକୁ ବଳ ଦେଇଥାଏ । ଅହଂକାରକୁ ସ୍ପର୍ଦ୍ଧିତ କରେ । ଇଚ୍ଛାକୁ ବଢ଼ାଏ, ଆଶାକୁ କ୍ଷମତାଶାଳୀ କରାଏ । କିନ୍ତୁ ଏହା ଭୟର ଅନୁଗାମୀ । ଏହିଥିରୁ ଦ୍ୱୈତ ଅଦ୍ୱୈତର ଭାବ ଜାଗ୍ରତ ହୁଏ । ବୁଦ୍ଧିକୁ ଅଜ୍ଞାନ ଦ୍ୱାରା ପର୍ଯ୍ୟବସିତ କରାଏ । ଇନ୍ଦ୍ରିୟଗୁଡ଼ିକୁ ବିଷୟ ପଙ୍କରେ ନେଇ ବୁଡ଼ାଏ । ଯେଉଁ ସଂକଳ୍ପ ଦ୍ୱାରା ସମଗ୍ର ଜଗତର ସୃଷ୍ଟି, ସେହି ମୌଳିକ ସଂକଳ୍ପକୁ ଏହି ମନହିଁ ସନ୍ଦେହ, ସଂଶୟ ଆଦି ଦ୍ୱାରା ଅନାୟାସରେ ଧ୍ୱଂସ କରିଥାଏ । ଏହି ମନହେଉଚି ଭ୍ରମର ଭଣ୍ଡାର । ଏହା ଶୂନ୍ୟରେ ଦୁର୍ଗ ନିର୍ମାଣ କରିପାରେ । ଏହା ବାୟୁ ଭଳି ଅସ୍ଥିର । ଏହା ବୁଦ୍ଧିର ସମସ୍ତ ଦୁର୍ଗକୁ ବନ୍ଦ କରି ପକାଏ ।

'ବିଷୟ' କ'ଣ ଜାଣିରଖ । ସ୍ପର୍ଶ, ଶବ୍ଦ, ରୂପ, ରସ, ଗନ୍ଧ ହେଉଚି ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଦ୍ୱାରା ଗୃହୀତ ବିଷୟ । ଗୁଳ୍ମଲତା କିମ୍ବା କଅଁଳ ଘାସ ଦେଖିଲେ ଯେପରି ଗୋରୁଗାଈ ସେଥିପ୍ରତି ଆକୃଷ୍ଟ ହୋଇଥାଆନ୍ତି, ସେହିଭଳି ଏହି ପାଞ୍ଚଟି ବିଷୟପ୍ରତି ଜ୍ଞାନ ଆପେ ଆପେ ଛୁଟିଆସେ ।

ସ୍ୱର, ବ୍ୟଞ୍ଜନ ଓ ବିସର୍ଗ ଆଦିର ଉଦ୍ଧରଣ ଓ ଉଚ୍ଚାରଣ, ବସ୍ତୁକୁ ଗ୍ରହଣ କରିବା ଓ ତାକୁ ତ୍ୟାଗ କରିବା, ବିଚରଣ କରିବା, ମଳମୂତ୍ର ତ୍ୟାଗ କରିବା ହେଉଛି କର୍ମେନ୍ଦ୍ରିୟର ପଞ୍ଚକର୍ମ । ଦେହ ଭିତରେ ଏହି ଦଶଟିଯାକ ବିଷୟର ଅବସ୍ଥାନ ।

ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ ।
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ।।୬।।

ଯେଉଁ ବୃତ୍ତିଦ୍ୱାରା ବିଗତ ବିଷୟ ସ୍ମରଣ ସମ୍ଭବ, କର୍ଣ୍ଣର ଦ୍ୱାରଦେଶରେ ଶବ୍ଦ ପ୍ରବେଶ କରିବାମାତ୍ରେ ଯିଏ ସଚେତ ହୋଇ ଉଠେ, ଇନ୍ଦ୍ରିୟ ବିଷୟର ସଂସର୍ଗ ମାତ୍ରେ ଯିଏ କାମନାର ହସ୍ତ ପ୍ରସାରିତ କରି ଦଣ୍ଡାୟମାନ ହୁଏ, ଯାହାର ଉଦ୍ରେକ ମାତ୍ରେ ମନ ଇତଃସ୍ତତଃ ହୋଇ ପଡ଼େ, ଇନ୍ଦ୍ରିୟଗୁଡ଼ିକ୍ କ୍ଷିପ୍ର ଓ ଅବାଧ ଗତିରେ ପ୍ରଧାବିତ ହୁଏ, ଯାହାର ପ୍ରେମରେ ମୁଗ୍ଧ ହୋଇ ବୁଦ୍ଧି ଉନ୍ମାଦଗ୍ରସ୍ତହୋଇ ପଡ଼େ, ବିଷୟ ଜଞ୍ଜାଳ ସହିତ ଯାହାର ଅଭେଦ ପ୍ରୀତି, ସେହି ସୁନ୍ଦରୀ ତରୁଣୀର ନାମ 'ଇଚ୍ଛା' । ଇଚ୍ଛାର ଉଦ୍‌ଗମ ମାତ୍ରେ ବିଷୟଭୋଗ ଲାଗି ମନ ବ୍ୟାକୁଳ ହୋଇ ପଡ଼େ । ଏହା ପୁରଣ ନ ହେବାରେ ମନରେ ଯେଉଁ ଭାବ ଆସେ, ତା'ର ନାମ 'ଦ୍ୱେଷ' ।

ଯାହାକୁ ପାଇବାମାତ୍ରେ ଜୀବ ସବୁକିଛି ଭୁଲିଯାଏ, ତାହାର ନାମ 'ସୁଖ' । ଯାହା ମନ, ଶରୀର ଓ ବାକ୍ୟରେ ସ୍ଥିର ନିଶ୍ଚଳ, ଯାହାକୁ ପାଇବାମାତ୍ରେ ଶାରୀରିକ ଚିନ୍ତା ଚାଲିଯାଏ, ପ୍ରାଣ ଶୀଥିଳ ହୋଇ ପଡ଼େ, ସାତ୍ତ୍ୱିକ ଭାବ ଦ୍ୱିଗୁଣିତ ହୋଇ ଉଠେ, ଯିଏ ସମସ୍ତ ଇନ୍ଦ୍ରିୟ ପ୍ରବୃତ୍ତିକୁ ହୃଦୟରେ ଏକାନ୍ତ ଭାବରେ ଲୁକ୍‌କାୟିତ ରଖେ, ଯାହାଦ୍ୱାରା ଜୀବ ଆତ୍ମା ସହିତ ମିଳନର ଆନନ୍ଦ ଲାଭ କରେ, ତାହାହିଁ ହେଉଛି 'ସୁଖ' । ହେ ପାର୍ଥ ! ଏଭଳି ଅବସ୍ଥା ଲାଭ ନ କରି ଜୀବିତ ରହିବା ଅବସ୍ଥା ହେଉଛି 'ଦୁଃଖ' । କାମନା ବା ବାସନା ସହିତ ବାସ କରିବା ସୁଖ ନୁହେଁ । ଯଦି କାମନା ଲାଗିରହେ, ତାହାହେଲେ ସୁଖସନ୍ଧାନର କୌଣସି ଆବଶ୍ୟକତା ନାହିଁ । କଳ୍ପନାକୁ ଛାଡ଼ିଲେ ଯାଇ ସୁଖ । ଐହିକ ସୁଖ ଦୁଃଖର କାରଣ ହେଉଛି ବାସନା ଓ ତାର ସଙ୍ଗ ।

ହେ ପାଣ୍ଡୁସୁତ ! ଯିଏ ସବୁ ଦେଖେ, ଶୁଣେ ଅଥଚ କାହା ସହିତ ସଂପୃକ୍ତ ନ ରହି, ଦେହ ଭିତରେ ସାକ୍ଷୀଭୂତ ରହିଥାଏ, ତାର ନାମ 'ଚେତନା' । ପଦ ଓ ନଖାଗ୍ରଠାରୁ କେଶାଗ୍ର ପର୍ଯ୍ୟନ୍ତ ଯିଏ ସର୍ବାଙ୍ଗରେ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ତିନୋଟିଯାକ ଅବସ୍ଥାରେ ଅପରିବର୍ତ୍ତିତ, ସେ ହେଉଛି 'ଚେତନା' । ଏହାର ରୂପାନ୍ତର ହୁଏନା । ଏହା ମନ ଓ ବୁଦ୍ଧି ପରିପୂର୍ଣ୍ଣ । ପ୍ରକୃତିର ଉପବନରେ ଏହା ହେଉଛି ବସନ୍ତ ଋତୁର ସମାଗମ ସଦୃଶ । ଏହା ସ୍ଥାବର, ଜଙ୍ଗମ, ସର୍ବତ୍ର ସମଭାବରେ ଓ ସମ୍ୟକ୍ ଭାବରେ ସଞ୍ଚାରିତ । ନୃପତି କିମ୍ବା ତାଙ୍କ ପରିବାରବର୍ଗ ନିଜେ କିଛି ନ କଲେ ମଧ୍ୟ, ରାଜାଜ୍ଞାରେ ଶତ୍ରୁର ପରାଜୟ ହୁଏ । ରଣକ୍ଷେତ୍ରରେ କିଏ ମଲେ ଗଲେ ରାଜା ଜାଣନ୍ତି ନାହିଁ । ପୂର୍ଣ୍ଣଚନ୍ଦ୍ରର ଉଦୟମାତ୍ରେ ସମୁଦ୍ରରେ ଜୁଆର ଆସେ । ଚୁମ୍ବକ ପାଖକୁ ଲାଗି ଆସିବା ମାତ୍ରେ ଲୌହପିଣ୍ଡ ତା' ଆଡ଼କୁ ଆକୃଷ୍ଟ ହୋଇପଡ଼େ । ସୂର୍ଯ୍ୟୋଦୟମାତ୍ରେ ଜୀବଗଣ କର୍ମରେ ପ୍ରବୃତ୍ତ ହୁଅନ୍ତି । ସ୍ତନ୍ୟପାନ ନ କରାଇ କଇଁଚ କେବଳ ନିଜ ଶାବକଙ୍କୁ ଆଖିରେ ନିରୀକ୍ଷଣ କରି ପାଳନ ପୋଷଣ କରିଥାଏ । ତେଣୁ ଦେହରେ ଆତ୍ମାର ସଙ୍ଗଲାଭ ଯୋଗୁଁ ହିଁ ଜୀବର ଜୀବନ ରହିଛି, ନଚେତ ସେ ଜଡ଼ । ଏହି ସଜୀବତା ହିଁ ଚେତନା । ଦେହ + ଆତ୍ମା = ଚେତନା ।

'ଧୃତି'ବା ଦୃଢ଼ତା କ'ଣ ଶୁଣ । ପଞ୍ଚଭୂତ ବା ପଞ୍ଚତତ୍ତ୍ୱ ନିଜ ଜାତି ଓ ସ୍ୱଭାବ ହେତୁ ପରସ୍ପର ସହିତ ବୈରଭାବ ପ୍ରକାଶ କରିଥାଆନ୍ତି । ଜଳ ପୃଥିବୀକୁ ନାଶ କରିଥାଏ । ଜଳ ଅଗ୍ନିକୁ ନିର୍ବାପିତ କରିଥାଏ । ଅଗ୍ନି ସହିତ ବାୟୁର ବିରୋଧଭାବ ରହିଥାଏ । ବାୟୁ ଅଗ୍ନିକୁ ଲିଭାଇ ଦେଇଥାଏ । ଆକାଶ ସ୍ୱାଭାବିକ ଧର୍ମବଳରେ ବାୟୁକୁ ଗ୍ରାସ କରେ । କେବେ କାହା ସହିତ ନ ମିଶି ଆକାଶ ସର୍ବବ୍ୟାପକ ଭାବରେ ଏବଂ ସ୍ୱତନ୍ତ୍ର ଭାବରେ ବାସକରେ । ଏହି ରୀତିରେ ପଞ୍ଚ ତତ୍ତ୍ୱ ପରସ୍ପରବିରୋଧୀ । କିଏ କାହାକୁ ସହ୍ୟ କରିପାରନ୍ତି ନାହିଁ । କିନ୍ତୁ ଏମାନେ ଦେହ ଭିତରେ ଏକତ୍ୱଭାବ ପୋଷଣ କରି ମିଳିତ ଭାବରେ କର୍ମ କରିଥାଆନ୍ତି ଏବଂ ପରସ୍ପରକୁ ପୋଷଣ କରିଥାଆନ୍ତି । ମିଳନଲାଗି ଉପଯୁକ୍ତ

ଭାବର ଅଭାବ ସତ୍ତ୍ୱେ ଯେଉଁ ଧୈର୍ଯ୍ୟହେତୁ ମିଳନ ସମ୍ଭବ ହୋଇଥାଏ, ତାର ନାମ 'ଧୃତି' ବା ଦୃଢ଼ତା ।

ଆଗରୁ ଯେଉଁ ଛତିଶଟି ତତ୍ତ୍ୱକଥା କହିଛି, ଜୀବ ସହିତ ଏଗୁଡ଼ିକର ମିଳନର ନାମ ସଂଘାତ ବା ସାମୂହିକ ଜୀବନ । ଏହି ମିଳନର କ୍ଷେତ୍ର ହେଉଛି ଦେହ । ଦେହ ହିଁ କ୍ଷେତ୍ର ।

ଏହା ଏକ ରଥ ସହିତ ତୁଳନୀୟ । ରଥର ଯେପରି ଚକ ରହିଛି, ଖମ୍ବ ଅଛି, ସେହିଭଳି ଦେହର ମୁଣ୍ଡ, ହାତ, ଗୋଡ଼ଆଦି ଅଙ୍ଗ ପ୍ରତ୍ୟଙ୍ଗ ରହିଛି । ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ପ୍ରଭୃତି ବିଭିନ୍ନ ବିଭାଗକୁ ନେଇ ସୈନ୍ୟବାହିନୀ ଗଠିତ । ଗୁଡ଼ିଏ ଅକ୍ଷରର ସମଷ୍ଟିରେ ଗଠିତ ହୁଏ ବାକ୍ୟ । ମେଘକୁ ନେଇ ଆକାଶ । ସମଗ୍ର ଦୃଶ୍ୟମାନ ଜୀବକୁ ନେଇ ଜଗତ । ତୈଳ, ସଳିତା ଓ ଅଗ୍ନି ଯେଉଁଠି ଏକତ୍ର ବାସ କରିଥାଆନ୍ତି, ତାର ନାମ 'ପ୍ରଦୀପ' । ସେହିଭଳି ଉପରୋକ୍ତ ଛତିଶଟି ତତ୍ତ୍ୱର ସମଷ୍ଟି- ସ୍ଥଳର ନାମ ଦେହ ବା କ୍ଷେତ୍ର । ପାପହେଉ ବା ପୁଣ୍ୟ ହେଉ ଯାହାର ଯେପରି ଭାବ ସେହି ଭାବକୁ ନେଇ ଏହି କ୍ଷେତ୍ରରେ ଫସଲ ଅମଳ ହୋଇଥାଏ । ତେଣୁ ଏ ଦେହକୁ ଏକ କ୍ଷେତ୍ର ସହିତ ତୁଳନା କରାଯାଇଛି । ମୁଁ କହେ କ୍ଷେତ୍ର, ଅନ୍ୟମାନେ ତାକୁ କହିଥାଆନ୍ତି ଦେହ । ଏହାର ଅନେକ ନାମ ରହିଛି । ବ୍ରହ୍ମ ବାହାରେ ସ୍ଥାବର, ଜଙ୍ଗମ ସମସ୍ତେ ହେଉଛନ୍ତି ଗୋଟିଏ ଗୋଟିଏ କ୍ଷେତ୍ର । ଦେବତା, ମନୁଷ୍ୟ ଓ ସର୍ପ ପ୍ରଭୃତି ଯୋନିବିଭାଗ, ଗୁଣ ଓ କର୍ମ ସହିତ ଉତ୍ପନ୍ନ । ଏହି ଗୁଣଗୁଡ଼ିକର ବିଚାର ପରେ କରିବି, ଏବେ 'ଜ୍ଞାନ'ର ବର୍ଣ୍ଣନା କରୁଛି ।

'ଜ୍ଞାନ' ଏପରି ଏକ ବିଷୟ ଯାହାକୁ ଲାଭ କରିବା ଲାଗି ଯୋଗୀ ସ୍ୱର୍ଗକୁ ସୁଦ୍ଧା ତୁଚ୍ଛ ମନେ କରିଥାଏ । ଋଷିସୁଲଭ ମର୍ଯ୍ୟାଦା ବା ସିଦ୍ଧି ପ୍ରାପ୍ତିର ଇଚ୍ଛା ରଖି ନଥାଏ । ଧନ ଲାଳସା କରେନା । କଠିନ ଯୋଗକର୍ମକୁ ମଧ୍ୟ ତୁଚ୍ଛ ମନେ କରିଥାଏ । ସେ ତପସ୍ୟାର ଦୁର୍ଗକୁ ଅତିକ୍ରମ କରିଥାଏ ଏବଂ ସକଳ ପ୍ରକାରର ଯଜ୍ଞସାଧନକୁ ଅବହେଳା କରିଥାଏ । ସେ କର୍ମବୀଜର ମୂଳୋତ୍ପାଟନ

କରିଥାଏ । ଏହି ଜ୍ଞାନ ଲାଭ ଲାଗି କୌଣସି କୌଣସି ସାଧକ ଭକ୍ତି ପଥର ଅନୁସରଣ କରି ଥାଆନ୍ତି । କେହି କେହି ଦିଗମ୍ବର ସାଜି ଇତଃସ୍ତତ ବିଚରଣ କରି ଥାଆନ୍ତି । ଆଉ କେହି କେହି ମଧ୍ୟମ ପନ୍ଥା ଅବଲମ୍ବନ କରିଥାଆନ୍ତି । ଜ୍ଞାନଲାଭ ଆଶାରେ ମୁନୀଶ୍ୱରଗଣ ଏକୋଦ୍ଦିଷ୍ଟ ଭାବରେ ବସ୍ତୁତଃ ବେଦରୂପକ ମହାବୃକ୍ଷର ପତ୍ରେ ପତ୍ରେ ଭ୍ରମଣ କରିଥାଆନ୍ତି । ଗୁରୁସେବା ଦ୍ୱାରା ଏହି ଜ୍ଞାନଲାଭ ହୋଇପାରିବ ବୋଲି ଆଶା କରି ଗୁରୁଙ୍କ ପାଦତଳେ ନିଜର ସର୍ବସ୍ୱ ଅର୍ପଣ କରି ଦେଇଥାଆନ୍ତି । ଜ୍ଞାନର ଆଗମନମାତ୍ରେ ଭ୍ରମ ଚାଲିଯାଏ । ତାପରେ ଘଟେ ଜୀବାତ୍ମା ଓ ପରମାତ୍ମାର ମଧୁର ମିଳନ । ଏହି ସବୁର ମିଳନ ପୀଠ ହେଉଚି ଜ୍ଞାନ । ଏହା ଆସିବାମାତ୍ରେ ଇନ୍ଦ୍ରିୟର ସମସ୍ତ ଦ୍ୱାର ବନ୍ଦ ହୋଇଯାଏ । କର୍ମର ଗୋଡ଼ ଭାଙ୍ଗିଯାଏ । ମନର ଦୈନ୍ୟ ଦୂର ହୁଏ । ଦ୍ୱୈତଭାବର ଦୁର୍ଭିକ୍ଷ ଦେଖାଦିଏ । ଅଦ୍ୱୈତ ଭାବର ସୁଦିନ ଆସେ । ଆତ୍ମଜ୍ଞାନ ଲାଭମାତ୍ରେ ମନରେ ଦେଖାଦିଏ ପ୍ରଶାନ୍ତି । ଅହଙ୍କାର ଖସି ପଳାଏ । ମହାମୋହ ଧ୍ୱଂସ ପାଏ । ଆତ୍ମଚେତନା ବ୍ୟତୀତ ଅନ୍ୟ କୌଣସି ଭାବ ରହେ ନାହିଁ । ଆପଣା ପର ଭାବର ଚିହ୍ନ ସୁଦ୍ଧା ଲୋପ ପାଇଯାଏ । ସାଂସାରିକ ଜଞ୍ଜାଳର କୁଣ୍ଡଳି ଫିଟି ଫିଟି ଯାଏ ।ଜ୍ଞାନ ଏପରି ଏକ ଉଜ୍ଜ୍ୱଳ ମଣି, ଯାହାର ସଂସ୍ପର୍ଶ ମାତ୍ରେ ଅତୀତ ଜୀବନର ସମସ୍ତ ମଳିନତା ଓ ପଙ୍କିଳତା ନିର୍ମଳ ହୋଇଯାଏ ଏବଂ ସର୍ବବ୍ୟାପକ ପରବ୍ରହ୍ମଙ୍କ ଦର୍ଶନ ଲାଗି ପଥ ପ୍ରଶସ୍ତ କରିଦିଏ । ଏହି ଜ୍ଞାନଲାଭ ମାତ୍ରେ, ଯେଉଁ ପ୍ରାଣଦ୍ୱାରା ସମସ୍ତ ଜଗତ ସକ୍ରିୟ, ସେହି ପ୍ରାଣ ପଙ୍ଗୁ ହୋଇପଡ଼େ । ଏହି ଜ୍ଞାନାଲୋକରେ ବୁଦ୍ଧିର ଚକ୍ଷୁ ଖୋଲିଯାଏ, ଜୀବ ଆନନ୍ଦକୋଳରେ ଅବାଧରେ ଖେଳିବାରେ ଲାଗିଯାଏ । ଜ୍ଞାନ ହେଉଚି ପବିତ୍ରତାର ପରମାଶ୍ରୟ । ପରମାତ୍ମାଙ୍କର ସାମୀପ୍ୟହେତୁ ଜୀବାତ୍ମା ନିଜ ବୁଦ୍ଧି ରୂପକ କ୍ଷୟରୋଗରୁ ଆରୋଗ୍ୟଲାଭ କରେ । 'ମୁଁ, ମୋର'— ଏହି ବୁଦ୍ଧି ହେଉଚି କ୍ଷୟରୋଗ ସ୍ୱରୂପ । କିନ୍ତୁ ଜ୍ଞାନର ପ୍ରବେଶ ମାତ୍ରେ ଏହି ଭାବ ଲୋପ ପାଇଯାଏ ।

ହେ ଅର୍ଜୁନ ! ଜ୍ଞାନର ସମ୍ୟକ୍ ବର୍ଣ୍ଣନା ଅସମ୍ଭବ । କିନ୍ତୁ ଯେତିକି କହୁଛି ସେତକ ଗ୍ରହଣ କର । ଶ୍ରବଣଦ୍ୱାରା ବୁଦ୍ଧି ସାହାଯ୍ୟରେ ଜ୍ଞାନର ନିର୍ଦ୍ଧାରଣ

ଆବଶ୍ୟକ । ତୁମେ ଏହାକୁ ଚକ୍ଷୁ ଦ୍ୱାରା ଦେଖି ନପାର । ଶରୀର ଭିତରେ ଜ୍ଞାନର ଅଙ୍କୁରୋଦ୍‌ଗମମାତ୍ରେ ଏହା ଇନ୍ଦ୍ରିୟମାନଙ୍କ ଦ୍ୱାରା କୃତ ସମସ୍ତ କର୍ମକୁ ବ୍ୟାପୀଯାଏ । ବୃକ୍ଷରେ ନବ ନବ କିଶଳୟ ଓ ପୁଷ୍ପର ବିକାଶ ମାତ୍ରେ ବସନ୍ତ ସମାଗମର ସୂଚନା ମିଳେ । ସେହିଭଳି ଇନ୍ଦ୍ରିୟଗୁଡ଼ିକର ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟରୁ ଜ୍ଞାନର ପରିଚୟ ମିଳେ । ବୃକ୍ଷର ଶାଖା ପ୍ରଶାଖାରୁ ଏହାର ତଳେ ଥିବା ମୃତ୍ତିକାର ଉର୍ବରତା ସହଜେ ଅନୁମିତ ହୋଇଯାଏ । ଗଛ ମୂଳରେ ପାଣି ଦେଲେ, ଏହାର ଚେରଗୁଡ଼ିକ ସତେଜ ହୋଇ ଉଠେ, ଗଛ ବଢ଼େ । ଫଳପୁଷ୍ପ ଧାରଣ କରେ । ସେହିଭଳି ମନୁଷ୍ୟର ପ୍ରକୃତି, ସମୃଦ୍ଧି, ଭଦ୍ରତା, ଶିକ୍ଷା, ଦୀକ୍ଷାରୁ ତାର ଆଚରଣ ଜଣାପଡ଼େ । ଆଦର, ଅଭ୍ୟର୍ଥନା ତଥା ଆତିଥ୍ୟରୁ ମନୁଷ୍ୟ କେତେ ସ୍ନେହୀ ଜାଣି ହୁଏ । ପୁଣ୍ୟବାନ୍ ପୁରୁଷକୁ ଦେଖିବାମାତ୍ରେ ମନରେ ଶାନ୍ତିଲାଭ ହୋଇଥାଏ । ସୁଗନ୍ଧ ଦ୍ୱାରା ଲୁକ୍‌କାୟିତ କର୍ପୂରର ସନ୍ଧାନ ମିଳେ । କାଚ ଆବରଣ ମଧ୍ୟରେ ପ୍ରଦୀପକୁ ରଖିଲେ ମଧ୍ୟ ତାର ଆଲୋକ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇଥାଏ । ତେଣୁ ହେ ଅର୍ଜୁନ ! ଦେହ ଭିତରେ ଥିବା ଜ୍ଞାନର ଲକ୍ଷଣଗୁଡ଼ିକ ମନଦେଇ ଶୁଣ ।

ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।
ଆଚାର୍ଯ୍ୟୋପାସନଂ ଶୌଚଂ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ ।।୭।।

'ଅମାନିତ୍ୱ'ର ପରିଚୟ ଶୁଣ । କାହାର ସମତୁଲ ବା ସମକକ୍ଷ ହେବାକୁ ଯାହାକୁ ଭଲ ଲାଗେନା, ବଡ଼ ହେବାର ଭାବ ଯାହାକୁ ଭାରୀ ବୋଝ ଭଳି ବୋଧ ହୋଇଥାଏ, ନିଜର ପ୍ରଶଂସା ସମ୍ମାନ ବା ଯୋଗ୍ୟତା ସମ୍ପର୍କରେ ଅନ୍ୟଠୁ ବର୍ଣ୍ଣନା ଶୁଣିଲେ ଯାହାକୁ ପିତାଲାଗେ, ବ୍ୟାଧଜାଲରେ ପଡ଼ିଥିବା ହରିଣ ଭଳି ଯିଏ ଛଟପଟ ହୁଏ, ଭଉଁରୀ ପାଖରେ ସନ୍ତରଣ କରୁ କରୁ ଭୟଭୀତ ହେବାଭଳି ସମ୍ମାନ ପାଇବା ମାତ୍ରେ ବିପଦ ଆସିଗଲା ବୋଲି ଯିଏ ମନେକରେ, ଯିଏ ଗୌରବକୁ ପାଖ ସୁଦ୍ଧା ଲାଗିବାକୁ ଦିଏନା, ଲୋକଙ୍କ ପାଖରେ 'ମୁଁ ପୂଜନୀୟ ହେବି' ଏଭଳି ଇଚ୍ଛା ଯାହାର ମନରେ ବିଲ୍‌କୁଲ୍ ନଥାଏ, ମୋ କୀର୍ତ୍ତି ଅନ୍ୟ କାହାର କାନରେ ନ ପଡୁ କିମ୍ବା ମୁଁ ବହୁତ ବଡ଼ କିମ୍ବା ଛୋଟ ଏ ସମ୍ବାଦ ଅନ୍ୟ

କାହାର ଗୋଚରକୁ ନ ଆସୁ, ଯେଉଁ ବ୍ୟକ୍ତି ଏହିଭଳି ଭାବନା କରେ, ଯିଏ ଅନ୍ୟର ନମସ୍କାରକୁ ନିଜର ମୃତ୍ୟୁ ବୋଲି ମନେକରେ, ସେ ହେଉଛି 'ଅମାନିତ୍ୱ' ଗୁଣସମ୍ପନ୍ନ । ସେ ବୃହସ୍ପତିଙ୍କର ଭଳି ସର୍ବଜ୍ଞ ହୋଇଥିଲେ ମଧ୍ୟ ଭୟରେ ପାଗଳଙ୍କଭଳି ବିଚରଣ କରେ । ନିଜ ଚାତୁର୍ଯ୍ୟକୁ ଗୋପନ ରଖେ, ଶ୍ରେଷ୍ଠତାକୁ ଲୋପକରି ପ୍ରେମରେ ମତ୍ତହୋଇ ଉନ୍ମାଦଙ୍କ ଭଳି ବ୍ୟବହାର କରେ । ଲୌକିକତା ସୂତ୍ରରେ ବନ୍ଧା ହୋଇଥିବା ଶାସ୍ତ୍ରର ନିୟମକୁ ଉପେକ୍ଷା କରି ନିରାଡ଼ମ୍ବର ଜୀବନ ଯାପନ କରେ । ସମଗ୍ର ଜଗତ ତାକୁ ଅପମାନିତ କଲେ କରନ୍ତୁ, ଆତ୍ମୀୟ ସ୍ୱଜନମାନେ ତାକୁ ନ ମାନିଲେ ନ ମାନନ୍ତୁ, ସେଥିପ୍ରତି ତାର ଭ୍ରୂକ୍ଷେପ ନଥାଏ । ସେ ଏହି ଭାବରେ ପ୍ରଣୋଦିତ ହୋଇ ଏଭଳି ସବୁ କର୍ମରେ ପ୍ରବୃତ୍ତ ହୁଏ, ଯେଉଁଥିରେ କି ତାର ଲଘୁତା ଓ ଦୀନତାର ଅଳଙ୍କାର ହିଁ ଆବିଷ୍କୃତ ହୋଇଥାଏ । ତାର ଏଭଳି ଇଚ୍ଛା ହୁଏ, 'ମୁଁ ଜୀବିତ ଅଛି କି ମୃତ'ଏ ବିଷୟରେ ଲୋକଙ୍କ ସନ୍ଦେହ ହେଉ । ସେ ଭାବେ ମୋର ଏଭଳି ଦଶା ହେଉ, ଯେଉଁଥିରେ, 'ମୁଁ ଚାଲୁଚି କି ସ୍ଥିର ଅଛି କିମ୍ବା ପବନରେ ଦୋହଲୁଚି', ଏ ସମ୍ପର୍କରେ ଲୋକଙ୍କ ଭ୍ରମ ହେବ । ସେ ଚାହେଁ ମତେ କେହି ନ ଚିହ୍ନନ୍ତୁ— ଚିହ୍ନିଥିଲେ ମଧ୍ୟ ଭୁଲିଯାଆନ୍ତୁ— ମୋର ଅସ୍ତିତ୍ୱ, ନାମ, ଗନ୍ଧ, ରୂପ ଲୋପ ପାଇଯାଉ, ମୋ ଲାଗି କେହି ଭୟଭୀତ ନ ହୁଅନ୍ତୁ । ଏଥିଲାଗି ହିଁ ତାର ନିତ୍ୟ ପ୍ରାର୍ଥନା । ତେଣୁ ସେ ନିର୍ଜନତାକୁ ଭଲପାଏ । କେହି କେଉଁଠି ନଥିବାଭଳି କୌଣସି ଗୋଟିଏ ସ୍ଥାନ ପାଇଯିବା ମାତ୍ରେ ସେ ଉଲ୍ଲସିତ ହୋଇ ଉଠେ । ତାର ଏକମାତ୍ର ସଙ୍ଗୀ ହେଉଚି ବାୟୁ । ସେ ଆକାଶ ସହିତ କଥାବାର୍ତ୍ତା କରେ । ବୃକ୍ଷ ହେଉଛି ତାର ପ୍ରାଣ ତଥା ଜୀବନଠାରୁ ବଳି ପ୍ରିୟ । ଯେଉଁ ଲୋକଠାରେ ଏସବୁ ଗୁଣ ଦେଖିବ, ସେ ଜ୍ଞାନଶଯ୍ୟାରେ ଶାୟିତ ବୋଲି ଜାଣିବ । ଏସବୁ ହେଉଛି, 'ଅମାନିତ୍ୱ' ଗୁଣର ଲକ୍ଷଣ ।

'ଅଦମ୍ଭିତ୍ୱ'ର ରହସ୍ୟ କ'ଣ କହୁଚି, ମନଦେଇ ଶୁଣ । ଲୋଭୀ କୃପଣ ବ୍ୟକ୍ତିକୁ ମୃତ୍ୟୁର ଧମକ ଦେଲେ ମଧ୍ୟ ନିଜ ଲୁଚାଧନକୁ ସେ ପ୍ରକାଶ କରି ନଥାଏ ।

ସେହିପରି ପ୍ରାଣସଙ୍କଟ ଭଳି ବିପଦ ଉପସ୍ଥିତ ହେଲେ ମଧ୍ୟ ସେ ନିଜ ସତ୍‌କର୍ମକୁ ପ୍ରକାଶ କରିନଥାଏ । 'ମୁଁ ଏ ଭଲ କାମଟି କରିଛି' ବୋଲି କହି ହୁଏ ନାହିଁ । ସେ ହେଉଛି ଦାମ୍ଭିକତାହୀନ ବା ବିନୟୀ ବ୍ୟକ୍ତି । ହେ ଅର୍ଜୁନ ! ଦୁଷ୍ଟ ଗାଈ ନିଜ ଦୁଗ୍‌ଧକୁ ଲୁଚାଇ ରଖିଥାଏ । ବେଶ୍ୟା ବା ଗଣିକା ନିଜର ବୟସ ଗୋପନ ରଖେ । ବଣ ଜଙ୍ଗଲ ଭିତରେ ଯାଉଥିବା ଧନୀବ୍ୟକ୍ତି ନିଜ ପାଖରେ କେତେ ଧନ ରଖିଚି ପ୍ରକାଶ କରେ ନାହିଁ । କୁଳବତୀ ସମ୍ଭ୍ରାନ୍ତ ରମଣୀ ନିଜ ଅବୟବକୁ ଆବୃତ୍ତ ରଖିଥାଏ । କୃଷକ ବିହନ ବୁଣି ସାରିବାପରେ ତାକୁ ମାଟିରେ ଘୋଡ଼େଇ ରଖେ । ସେହିଭଳି ବ୍ୟକ୍ତି, ଆତ୍ମକୃତ ଦାନ ବା କୀର୍ତ୍ତିକୁ ଗୋପନ ରଖେ, ନିଜ ବାହ୍ୟ ଶରୀରକୁ ସୁଶୋଭିତ କରେନା, କାହାର ଖୋସାମଦ କରେନା, କେବଳ ବଡ଼ ବଡ଼ କଥା କହି ଧର୍ମରକ୍ଷା କରୁଛି ବୋଲି କହି ହୁଏନା, ପରୋପକାର କରି ସାରି ଏହାର ସେବା କଲି, ତାହାର ସେବା କଲି ବୋଲି ଡିଣ୍ଡିମ ପିଟେନା । ମୁଁ ଏହା ଜାଣେ ବୋଲି ନିଜ ବୁଦ୍ଧିର ବାହାଦୁରୀ କରେନା, ଖ୍ୟାତିଲାଭ ଲାଗି ସେ କେବେହେଲେ ନିଜ ଜ୍ଞାନ ବିକ୍ରୀ କରେନା । ସେ ନିଜ ବ୍ୟକ୍ତିଗତ ଆବଶ୍ୟକତା ଲାଗି ହୁଏତ କୃପଣଙ୍କ ଭଳି ଅଭିନୟ କରିପାରେ, ମାତ୍ର ଅନ୍ୟମାନଙ୍କୁ ଦେବାବେଳେ କିମ୍ବା ନିଜର କର୍ତ୍ତବ୍ୟ ସମ୍ପାଦନବେଳେ ତ୍ୟାଗ କରିବାକୁ ପଡ଼ିଲେ ସେ କୁଣ୍ଠାବୋଧ ନକରି ଅକାତରରେ ନିଜର ଧନ ସମ୍ପତ୍ତି ବ୍ୟୟ କରିଥାଏ । ସେ ସର୍ବଦା ଦୈହିକ ସୁଖ ଉପଭୋଗ ଲାଗି ବିମୁଖ । ସେ ଦୀନହୀନ ଭାବରେ ବାହ୍ୟ କରିପାରେ, ଏପରିକି ତାକୁ କ୍ଷୁଧିତ ରହିବାକୁ ପଡ଼ିପାରେ, କିନ୍ତୁ ଦାନ ଦେବାରେ ସେ କଳ୍ପବୃକ୍ଷକୁ ମଧ୍ୟ ପରାଜିତ କରି ଦେଇପାରେ । ସେ ଅତ୍ୟନ୍ତ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାଏ ଏବଂ ଅନ୍ୟକୁ ଉପକୃତ କରିବା ଲାଗି କୌଣସି ସୁଯୋଗ ହରାଇ ନଥାଏ । ଆତ୍ମଜ୍ଞାନ ସମ୍ପର୍କରେ ଯେକୌଣସି ସ୍ଥଳରେ ଚର୍ଚ୍ଚା ବା ଆଲୋଚନା ପ୍ରତି ସେ କାନପାତି ରହିଥାଏ ଏବଂ ସେଥିପ୍ରତି ସେ ସବୁବେଳେ ପ୍ରସ୍ତୁତ ଥାଏ । କିନ୍ତୁ ଅନ୍ୟ ବିଷୟପ୍ରତି ସେ ବିଚାରଶୂନ୍ୟ ଅଜ୍ଞାନୀଭଳି ଆଚରଣ କରିଥାଏ । କଦଳୀଗଛ ଉଶ୍ୱାସିଆ ଓ ଜଳପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ବହୁ ସରସ ଫଳ ପ୍ରଦାନ କରିଥାଏ । ମେଘ

ଏଭଳି ହାଲୁକା ଯେ ପବନ ଏହାକୁ ସହଜରେ ଉଡ଼େଇ ନେଇଥାଏ, ତଥାପି ସେହି ମେଘ ମୂଷଳଧାରାରେ ବର୍ଷା କରିଥାଏ । ସେହିଭଳି ବାହାରେ ଦୀନ ଦରିଦ୍ର ଦେଖାଗଲେ ମଧ୍ୟ ଆତ୍ମଜ୍ଞାନୀ ଏପରି ସୁଗୁଣସମ୍ପନ୍ନ ଯେ, ଯିଏ ଦେଖୁନା କାହିଁକି ତାର ହୃଦୟ ଆନନ୍ଦରେ ନାଚି ଉଠିଥାଏ । ଏହିସବୁ ଲକ୍ଷଣ ଯାହାଠାରେ ଦେଖିବ, ତାକୁ ଆତ୍ମଜ୍ଞାନୀ ବୋଲି ବୁଝିବ । ଏହି ଲକ୍ଷଣଗୁଡ଼ିକ ହିଁ 'ଅଦାମ୍ଭିକତା' ।

'ଅହିଂସା' । ଅହିଂସାର ବର୍ଣ୍ଣନା ନାନା ପ୍ରକାରର । ବହୁ ଧର୍ମ ବ୍ୟବସ୍ଥାରେ ଏହା ବର୍ଣ୍ଣନା ରହିଛି । କିନ୍ତୁ ଅନେକେ ନାନା ପ୍ରକାରର ଭ୍ରମରେ ପଡ଼ିଥାଆନ୍ତି । ଶାଖାପ୍ରଶାଖାଗୁଡ଼ିକୁ କାଟି ସେହିଥିରେ ସେହି ଗଛର ରକ୍ଷା ଲାଗି ଗଛର ଚାରିପଟେ ବାଡ଼ ବାନ୍ଧିବା, ନିଜ ଦେହରୁ ମାଂସକାଟି ସେହି ମାଂସକୁ ରନ୍ଧନ କରି ନିଜର କ୍ଷୁଧା ନିବାରଣ କରିବା, ମନ୍ଦିର ଭାଙ୍ଗି ବାସଗୃହ କିମ୍ବା ମଣ୍ଡପ ନିର୍ମାଣ କରିବା ହେଉଛି କର୍ମକାଣ୍ଡରେ ବର୍ଣ୍ଣିତ 'ଅହିଂସା'ର ସ୍ୱରୂପ । ଏହି କର୍ମକାଣ୍ଡର ଧ୍ୱଜାଧାରୀମାନେ କହିଥାଆନ୍ତି ଯେ ହିଂସାରୁ ଅହିଂସାର ଉତ୍ପନ୍ନ । କର୍ମକାଣ୍ଡରେ ନିର୍ଦ୍ଦେଶ ରହିଛି ଯେ, ଅନାବୃଷ୍ଟିରେ ବିଶ୍ୱପୀଡ଼ିତ ହେଲେ, ବହୁସଂଖ୍ୟାରେ ପର୍ଜନ୍ୟେଷ୍ଟି ଓ ଯାଗଯଜ୍ଞ କରାଯିବା ଆବଶ୍ୟକ ଏବଂ ଏହି ଯଜ୍ଞରେ ପଶୁ ବଳିଦାନ କରାଯିବା ଉଚିତ । ସେମାନଙ୍କର ଆଶା ଯେ ହିଂସାର ବୀଜ ବପନ କଲେ, ଅହିଂସାରୂପକ ଶସ୍ୟ ଅମଳ ହୋଇପାରିବ । କିନ୍ତୁ ଏହାଦ୍ୱାରା ଅହିଂସା ସେମାନଙ୍କ ପାଖଛାଡ଼ି ବହୁ ଦୂରକୁ ଚାଲିଯାଏ ।

ଯାଜ୍ଞିକମାନଙ୍କ ଧୈର୍ଯ୍ୟ ଅତୁଳନୀୟ । ସେମାନେ ନାନା ଯୁକ୍ତି ବାଢ଼ି ଥାଆନ୍ତି । ହେ ପାଣ୍ଡବ ! ସମଗ୍ର ଆୟୁର୍ବେଦ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି ଯେ ଜୀବରକ୍ଷାଲାଗି ଜୀବହତ୍ୟା କରିବା ଅନ୍ୟାୟ ନୁହଁ । ବହୁରୋଗ ଦ୍ୱାରା ପୀଡ଼ିତ ରୋଗୀକୁ ଦେଖିବାମାତ୍ରେ ଚିକିତ୍ସକ ତାକୁ ବଞ୍ଚେଇବା ଲାଗି କେଉଁ ଗଛର ମୂଳ ଉପାଡ଼ି ପକାଏ ତ କେଉଁ ଗଛର ପତ୍ର ପୁଷ୍ପ ସହିତ ମୂଳ ସୁଦ୍ଧା ଉପାଡ଼ି ପକାଇଥାଏ । କେଉଁ ଫଳର ରସ ଚିପୁଡ଼ି ପକାଏ ତ କେଉଁ ଗଛର ବକଳାକୁ

କାଢ଼ି ନେଇ ଆସେ । କୌଣସି କୌଣସି ଅଜାତଶତ୍ରୁ ବୃକ୍ଷର ପ୍ରାଣରସ ବାହାର କରିନେଇ ଗଛଟିକୁ ଶୁଖେଇ ଶୁଖେଇ ମାରି ଦିଆଯାଏ । ଜଙ୍ଗଲର ପଶୁକୁ ମଧ୍ୟ ହତ୍ୟା କରି ତାର ଅନ୍ତବୁଜୁଳା ଓ ପିତ୍ତ ସୁଦ୍ଧା ବାହାର କରି ଦେଇ ଅନ୍ୟକୁ ପୀଡ଼ାରୁ ଉଦ୍ଧାର କରିବା ଲାଗି ଉଦ୍ୟମ କରାଯାଏ । ପଲ୍ଲୀର ଘରଦ୍ୱାର ଭାଙ୍ଗି ମନ୍ଦିର ନିର୍ମାଣ କରିବା, ବ୍ୟବସାୟରେ ଅନ୍ୟମାନଙ୍କୁ ଠକି ଅନ୍ନଛତ୍ର ଖୋଲିବା, ମୁଣ୍ଡରେ ଠେକାଭିଡ଼ି ଲଙ୍ଗଳାହୋଇ ବୁଲିବା, ନିଜଘର ଭାଙ୍ଗି ନାଟ୍ୟଶାଳା ନିର୍ମାଣ କରିବା, ଦେହରେ ଥିବା ଲୁଗାପଟାକୁ ଜାଳି ନିଆଁ ପୁଇଁବା, ହାତୀର ଦେହରେ ହାଣ୍ଡି ହାଣ୍ଡି ପାଣି ଇଡ଼ି ତାକୁ ଗାଧୋଇବା, ବଳଦ ବିକି ଘର ତିଆରି କରିବା, ନିଜ ଶୁଆଟିକୁ ଅନ୍ୟ ପାଖରେ ବନ୍ଧା ପକାଇ ଭଲ ପଞ୍ଜୁରୀ ତିଆରି କରିବା ଆଦି କାର୍ଯ୍ୟ କେବେହେଲେ ପ୍ରଶଂସନୀୟ ହୋଇପାରେ କି ? ହାସ୍ୟାସ୍ପଦ ହେବା ହିଁ ସାର ହୋଇଥାଏ ।

କୌଣସି କୌଣସି ଧର୍ମ ସଂପ୍ରଦାୟର ଲୋକେ କନାରେ ପାଣି ଛାଣି ପିଇଥାଆନ୍ତି, କିନ୍ତୁ ପାଣି ଛାଣିଲାବେଳେ କନାରେ ଲାଖିରହି ଛଣାଛଣି କ୍ରମରେ ଯେଉଁ କୀଟପତଙ୍ଗଗୁଡ଼ିକ ମରିଯାଆନ୍ତି, ସେଥିପ୍ରତି ସେମାନଙ୍କର ଦୃଷ୍ଟି ନଥାଏ । ସେମାନେ ସେ ସମ୍ପର୍କରେ ଚିନ୍ତା ସୁଦ୍ଧା କରନ୍ତି ନାହିଁ । କେହି କେହି ହିଂସା ହୋଇଯିବ ମନେ କରି ଶସ୍ୟକୁ ରନ୍ଧନ ନକରି ତାକୁ ସିମିତି ଖାଇ ଥାଆନ୍ତି, କିନ୍ତୁ ଏହାଦ୍ୱାରା ନିଜ ପ୍ରାଣକୁ ଯେଉଁ କଷ୍ଟ ଦିଅନ୍ତି, ତାହା ଯେ ଏକପ୍ରକାରର ହିଂସା, ସେକଥା ସେମାନେ ଜାଣିପାରନ୍ତି ନାହିଁ । ହେ ପ୍ରସନ୍ନଚିତ୍ତ ଅର୍ଜୁନ ! ପ୍ରକୃତ ଅହିଂସା କ'ଣ ତାର ପରିଚୟ ଦେବାପାଇଁ ମୁଁ ଏହିସବୁ ବିଷୟ ଦୃଷ୍ଟାନ୍ତ ସ୍ୱରୂପ ଉପସ୍ଥାପନ କଲି । କର୍ମକାଣ୍ଡର ମତକୁ ପର୍ଯ୍ୟାଲୋଚନା କଲେ ଦେଖାଯାଏ ହିଂସା ହିଁ ଅହିଂସା । କର୍ମକାଣ୍ଡୋକ୍ତ ଅହିଂସାକୁ ତ୍ୟାଗ କରିବା ଲାଗି ମୁଁ ଉପରୋକ୍ତ ବିଷୟର ଅବତାରଣା କଲି । ମୋର ଧାରଣା ଥିଲା ତୁମର ଏହି ମତ ସମ୍ପର୍କରେ ଅଭିଜ୍ଞତା ଅଛି । ତେଣୁ ଆଗରୁ ଏ ସମ୍ପର୍କରେ ସେହି ମତବାଦକୁ ପ୍ରକାଶ କରିନଥିଲି । ହେ ଧନୁର୍ଦ୍ଧର ! ସ୍ୱମତ ପ୍ରତିଷ୍ଠା ଲାଗି ପରମତର ବିଚାର

କରାଯାଇଥାଏ । ସିଦ୍ଧାନ୍ତ ପ୍ରକାଶର ଏହାହିଁ ରୀତି । ମୁଁ ଏ ସମ୍ପର୍କରେ ପ୍ରଧାନମତ ଯାହା, ତାହା ଅଭିବ୍ୟକ୍ତ କରିଛି । ପ୍ରକୃତ ଅହିଂସା ଯାହା ସେହି ରୀତିରେ ଦେଖିଲେ ଜ୍ଞାନ ଉପଲବ୍ଧି କରିପାରିବ । ଅହିଂସା ଶରୀରରେ ବ୍ୟାପକ ଭାବରେ ରହିଛି କି ନା ତାହା ଆଚରଣରୁ ବୁଝାଯାଇଥାଏ । କଷଟି ପଥରରୁ ସ୍ୱର୍ଣ୍ଣର ପରିଚୟ ମିଳିଥାଏ ।

ମନରେ ଜ୍ଞାନ ଅର୍ଜନ ହେଲେ ପ୍ରକୃତ ଅହିଂସା ଭାବ ଉତ୍ପନ୍ନ ହୋଇଥାଏ । ଜଳର ତରଙ୍ଗକୁ ଲଙ୍ଘନ ନ କରି, ପାଦରେ ଲହରୀର କୌଣସି କ୍ଷତି ନକରି, ମାଛପ୍ରତି ଏକାନ୍ତ ଦୃଷ୍ଟି ରଖି ବଗ କ୍ଷିପ୍ରଭାବରେ ଅଥଚ ସନ୍ତର୍ପଣରେ ଜଳ ଭିତରୁ ମାଛକୁ ଧରିଥାଏ । ଅଥବା କେଶରର କ୍ଷତି ହୋଇପାରେ, ସେଥିପ୍ରତି ଦୃଷ୍ଟି ରଖି ଭ୍ରମର ଧୀରେ ଧୀରେ ସତର୍କ ଭାବରେ କମଳ ପାଖୁଡ଼ା ଭିତରେ ପ୍ରବେଶ କରେ । ସେହିଭଳି ପ୍ରତି ଧୂଳିକଣାରେ ଅତି କ୍ଷୁଦ୍ର କ୍ଷୁଦ୍ର ଜୀବ ରହିଥିବେ ଜାଣି ଯେଉଁ ବ୍ୟକ୍ତି ଅତ୍ୟନ୍ତ ଦୟାଳୁ ଭାବରେ ପାଦ ପକେଇ ପକେଇ ଚାଲେ, ସେ ହେଉଛି ଜ୍ଞାନୀ । ସେ ଯେଉଁ ପଥ ଦେଇ ଚାଲେ, ସେ ପଥରେ ରହେ ତାର କରୁଣାର ପାଦଚିହ୍ନ । ଚତୁର୍ଦ୍ଦିଗ ତାର କରୁଣାରେ ପରିପୂର୍ଣ୍ଣ ହୋଇଉଠେ । ସେ ନିଜେ ଜୀବନ ଅପେକ୍ଷା ଅନ୍ୟମାନଙ୍କ ଜୀବନକୁ ଅତି ପ୍ରିୟ ମନେ କରିଥାଏ । ଏହିଭଳି ଭାବରେ ଯିଏ ବିଚରଣ କରିଥାଏ, ସେ ହେଉଛି ପ୍ରକୃତ ଅହିଂସ । ବିରାଡ଼ି ତା ଛୁଆକୁ ଦାନ୍ତରେ ଚିପି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଥାଏ । ସେଥିରେ ଛୁଆର କୌଣସି କଷ୍ଟ ହୋଇ ନଥାଏ । ମାଆ ପିଲାର ବାଟ ଚାହିଁ ବସିଥିବାବେଳେ ମାଆର ନୟନଯୁଗଳରେ ଫୁଟି ଉଠିଥାଏ କେବଳ ପ୍ରେମର କୋମଳତା । କମଳ ଦଳକୁ ଧୀରେ ଧୀରେ ନଚାଇବା ବେଳେ ବାୟୁର ମୃଦୁଳତା ଦର୍ଶକକୁ ପ୍ରଭୂତ ଆନନ୍ଦ ଦେଇଥାଏ । ଏହି ମୃଦୁଳତା ସହିତ ଯିଏ ଭୂମି ଉପରେ ଚାଲେ, ତାର ଚରଣସ୍ପର୍ଶ ମାତ୍ରକେ ଜୀବର ସୁଖାନୁଭବ ସ୍ୱାଭାବିକ ।

ହେ ପାଣ୍ଡୁନନ୍ଦନ ! ଯିଏ ଏଭଳି ଅହିଂସ-ପ୍ରାଣ, ସେ ବାଟରେ ଗଲାବେଳେ କ୍ଷୁଦ୍ର କୀଟଗୁଡ଼ିକ ତାକୁ ଦେଖିବା ମାତ୍ରେ ଆପେ ଆପେ ଆଡ଼େଇ

ହୋଇ ଯାଇଥାଆନ୍ତି । ସେ ନିଜେ କୀଟଗୁଡ଼ିକୁ ଦେଖିଲେ ଅଥବା ଦଳି ଚକଟି ହୋଇଯିବେ ସେଥିଲାଗି ଅନ୍ୟଆଡ଼େ ପାଦ ପକାଇ ଥାଏ । ଜ୍ଞାନୀ ତଥା ଅହିଂସଭାବାପନ୍ନ ବ୍ୟକ୍ତି ଭାବେ, ଜୋରରେ ପାଦ ପକାଇଲେ ହୁଏତ କୀଟ ପତଙ୍ଗଗୁଡ଼ିକର ନିଦ୍ରାଭଙ୍ଗ ହୋଇ ଶାନ୍ତିରେ ବ୍ୟାଘାତ ହେବ । ତେଣୁ ସେ ଧୀରେ ଧୀରେ ଚାଲିଥାଏ ଯେପରିକି କୌଣସି ଶବ୍ଦ ନହେବ । ଜୀବ ବୋଲି ଜାଣିବାମାତ୍ରେ ସେ ତା ଉପରେ କେବେହେଲେ ପାଦ ପକାଏନା, ଏପରିକି ଘାସ ଉପରେ ମଧ୍ୟ ଚାଲି ନଥାଏ– ଜୀବନର ଅବମାନନା ତ ଦୂରର କଥା । କ୍ଷୁଦ୍ରକୀଟ ବା ପିପିଲିକା ମେରୁପର୍ବତକୁ ଲଙ୍ଘନ କରି ନପାରେ । କ୍ଷୁଦ୍ର ପତଙ୍ଗ ସମୁଦ୍ର ପାର ହେବାଲାଗି ଅସମର୍ଥ । ସେହିଭଳି ଅହିଂସ ବ୍ୟକ୍ତି ରାସ୍ତାରେ ପଡ଼ିଥିବା ଜୀବର ପ୍ରାଣହାନି କରିବା ଅସମ୍ଭବ । ତାର କଥାରେ,କାମରେ ଓ ବ୍ୟବହାରରେ ଥାଏ କେବଳ କରୁଣା, ଦୟା ଓ ମମତା । ସେ ନିଃଶ୍ୱାସ ପ୍ରଶ୍ୱାସ ସୁଦ୍ଧା ନିଏ ଅତି ସନ୍ତର୍ପଣ ଭାବରେ । ତାର ମୁଖମଣ୍ଡଳ ହେଉଛି ଦୟା ଓ ପ୍ରେମର ଏକ ଭଣ୍ଡାର । ତାର ଦାନ୍ତଗୁଡ଼ିକ ମାଧୁର୍ଯ୍ୟର ଅଙ୍କୁରୋଦ୍‌ଗମ ଭଳି । ପ୍ରସନ୍ନତା ହେଉଛି ତା ମୁଖନିଃସୃତ ବାଣୀର ଅଗ୍ରଦୂତ । ସେ ଯାହା ଲେଖେ, ତାହା କୃପାମୟ ହୋଇଉଠେ । କିଛି କହିଲେ ହୁଏତ କାହା ମନରେ କଷ୍ଟ ହୋଇପାରେ ଭାବି ସେ ନୀରବ ରହିଯାଏ । ଯଦି କିଛି କହିବା ଆବଶ୍ୟକ ହୁଏ; ତାହା ହେଲେ ସେ ଆବଶ୍ୟକତା ଅନୁଯାୟୀ ପଦେ ଦି'ପଦ କଥା କହେ । ତଥାପି କହିବା ପୂର୍ବରୁ ଭାବିନିଏ ମୋର କହିବା ଦ୍ୱାରା କାହା ମନରେ କୌଣସି ସନ୍ଦେହ ହେବନି ତ, କାହାର କିଛି କଷ୍ଟ ହେବ ନାହିଁ ତ ? ସେ ଏପରି ଜଗିରଖି କଥା କହେ ଏବଂ ଏପରି କାମ କରେ ଯେଉଁଥିରେ କାହାପ୍ରତି ଶତ୍ରୁତା ହେବ ନାହିଁ, କେହି ତାକୁ ଭୟ କରିବେ ନାହିଁ, ବାଟ ଭୁଲ୍ ହୋଇଯିବ ନାହିଁ, କାହା ମନରେ କଷ୍ଟ ହେବ ନାହିଁ, କେହି ବିରକ୍ତି ପ୍ରକାଶ କରିବେ ନାହିଁ । ମାତା ପିତାଙ୍କଭଳି ସେ ସସ୍ନେହ କଥାବାର୍ତ୍ତା କରିଥାଏ । ତାର ପ୍ରତ୍ୟେକ କଥା ମୂର୍ତ୍ତିମାନ ଶବ୍ଦବ୍ରହ୍ମ, ତଥା ଗଙ୍ଗାର ଉଚ୍ଛଳିତ ପ୍ରବାହ । ଏହା ବୃଦ୍ଧାବସ୍ଥାରେ ପତିବ୍ରତାନାରୀର ସେବା ଭଳି ପବିତ୍ର, ନିର୍ମଳ । ତା କଥାରେ ପ୍ରତ୍ୟେକ ଶବ୍ଦ ସଦ୍ୟ, କୋମଳ ପରିମିତ, (ଯେତିକି

ଆବଶ୍ୟକ ସେତିକି) ସରଳ ଏବଂ ତାହା ଅମୃତର ତରଙ୍ଗରେ ଲୀଳାୟିତ । ତା କଥାରେ ନଥାଏ ପ୍ରତିବାଦର ପରାକ୍ରମ । ପ୍ରାଣୀମାନଙ୍କ ମନକୁ ବ୍ୟାକୁଳିତ କରିବା, କାହାକୁ ଉପହସିତ, ପ୍ରତାରିତ କରିବା, ମର୍ମବେଦନାରେ ଦରହସିତ କରିବା କିମ୍ବା ଅବସାଦ, ଶଠତା, ଆଶା, ଆଶଙ୍କା, ଛଳନା ଆଦି ଦୁର୍ଗୁଣ ତା କଥାରେ ତିଳେମାତ୍ର ନଥାଏ ।

ହେ କିରୀଟି ! ଯିଏ ଜୀବମାତ୍ରେ ପରମବ୍ରହ୍ମ ମନେ କରିଥାଏ, ହୁଏତ ଆସକ୍ତି ଗ୍ରାସ କରିଯିବ ଏହି ଆଶଙ୍କାରେ ଯିଏ ଇତଃସ୍ତତ ଦୃଷ୍ଟି ନିକ୍ଷେପ ନକରି ସ୍ଥିରଦୃଷ୍ଟିରେ ରହିଥାଏ, ସେହି ଜ୍ଞାନୀବ୍ୟକ୍ତି ଆଖି ଖୋଲି ଚାହିଁବା ମାତ୍ରେ ତା ଆଖିରୁ ଅଗୋଚରରେ ବିଗଳିତ ହୋଇଆସେ କେବଳ ସୁଧାଧାର । ଚନ୍ଦ୍ରବିମ୍ବରୁ ଅଦୃଶ୍ୟ ଭାବରେ ବିଗଳିତ ଅମୃତଧାରାର ଆସ୍ୱାଦନ ଲାଗି ଚକୋର ଆନନ୍ଦରେ ଆତ୍ମହରା ହୋଇଉଠେ । ସେହିଭଳି ଜ୍ଞାନୀର ଦୃଷ୍ଟି ପଡ଼ିବାମାତ୍ରେ ପ୍ରାଣୀଗଣ ଆନନ୍ଦରେ ଉଲ୍ଲସିତ ହୋଇ ଉଠିଥାଆନ୍ତି । ମାଆ କଇଁଚ ଯେପରି ତା ପିଲାମାନଙ୍କୁ ନିଜର ସର୍ବସ୍ୱ ଦେଇଦେବା ପାଇଁ କେବଳ ସେମାନଙ୍କୁ ନିରୀକ୍ଷଣ କରିଥାଏ, ସେହିଭଳି ଜ୍ଞାନୀମାତ୍ରେ ଅନ୍ୟକୁ ସର୍ବସ୍ୱ ଦେବାପାଇଁ ଉଦାର ହୃଦୟରେ ପ୍ରଗାଢ଼ ପ୍ରେମର ସହିତ କେବଳ ଅପେକ୍ଷା କରିଥାଏ । ସେ କାହାଠାରୁ କିଛି ନେବାପାଇଁ ଆଶା କରି ନଥାଏ, କେବଳ ଦେବାପାଇଁ ଉତ୍କଣ୍ଠିତ ଥାଏ । ତାର ହସ୍ତଯୁଗଳ ଦାନର ଉତ୍ସ ସ୍ୱରୂପ । ସିଦ୍ଧପୁରୁଷ କୃତକୃତ୍ୟ ହୋଇଯିବା ପରେ ତାର ମନ ଆଉ କୌଣସି କର୍ମ କରିବାକୁ ଚାହେଁନା । ତାର ହସ୍ତ କ୍ରିୟାରହିତ ତଥା କର୍ମସାଧନରେ ଅସମର୍ଥ ହୋଇପଡ଼େ ଅର୍ଥାତ୍ ସେ କର୍ମତ୍ୟାଗ କରେ । ଇନ୍ଧନ ନଦେଲେ ଅଗ୍ନି ନିର୍ବାପିତ ହୋଇଯାଏ । ମୂକ ମୌନବ୍ରତ ଗ୍ରହଣ କରିବା ଭଳି ତାର ହସ୍ତଯୁଗଳ କର୍ତ୍ତବ୍ୟରହିତ ହୋଇ ଅକର୍ତ୍ତାରୂପରେ କେବଳ ପରମବ୍ରହ୍ମ ପାଦତଳେ ବିଶ୍ରାମ ଗ୍ରହଣ କରେ । ହୁଏତ ବାୟୁ ଦେହରେ ଆଘାତ ଲାଗିବ, ହୁଏତ ଆକାଶରେ ନଖାଘାତ ଲାଗିବ, ସେଥିଲାଗି ସେ ହାତ ଦୁଇଟିକୁ ସ୍ଥିର ରଖିଥାଏ । ତା'ର ଦୁଇଟି ହାତ ଟିକିଏ ବି ଥରି ଉଠେନା । ଶରୀରରେ ମଶା ମାଛି ବସିଲେ ସେମାନଙ୍କୁ ତଡ଼ିବା, ଆଖି ଭିତରେ କୀଟ ପତଙ୍ଗ ପ୍ରବେଶ

କଲେ ସେଗୁଡ଼ିକୁ ଦୂର କରିବା, ପଶୁପକ୍ଷୀଙ୍କୁ ଭୟ ଦେଖାଇବା ଆଦି ମନୋବୃତ୍ତି ତାର ନଥାଏ । ଏସବୁ ମନୋଭାବକୁ ସେ ଆଗରୁ ତ୍ୟାଗ କରିଥାଏ ।

ଅଥବା ପଶୁପକ୍ଷୀ ଦେଖିଲେ ଭୟ କରିବେ, ସେଥିଲାଗି ସେ ହାତରେ ବାଡ଼ିଖଣ୍ଡିଏ ସୁଦ୍ଧା ଧରିଯାଏନା କିମ୍ବା ପାଖରେ ସେହିଭଳି କୌଣସି ପଦାର୍ଥ ରଖେନା । ଅସ୍ତ୍ରଶସ୍ତ୍ର ରଖିବା କଥା ତ ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥାଏ । ହୁଏତ ଫୁଲର ପାଖୁଡ଼ାଗୁଡ଼ିକ ଛିଣ୍ଡିଯିବ କିମ୍ବା ସେଗୁଡ଼ିକର କୋମଳତା ଓ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ, ସେଥିଲାଗି ଫୁଲଟିଏ ସୁଦ୍ଧା ହାତରେ ଧରେନା, ଫୁଲମାଳ ପିନ୍ଧେନା । ଦେହରେ ହାତ ବୁଲାଇବା ମାତ୍ରେ ଦେହରେ ଥିବା ଲୋମଗୁଡ଼ିକ କଥା ତାର ମନେ ପଡ଼ିଯାଏ । ଅଥବା ସେମାନଙ୍କର କଷ୍ଟ ହେବ, ସେଥିଲାଗି କାହା ଦେହରେ ହସ୍ତ ସଂଚାଳନ କରେନା । ହାତର ନଖଗୁଡ଼ିକ ଯେତେ ବଡ଼ ହେଲେ ହୁଅନ୍ତୁ ନା କାହିଁକି, ସେଥିଲାଗି ତାର ଚିନ୍ତା ନଥାଏ । ନକର କଷ୍ଟ ହେବ ମନେ କରି ସେ କାଟେନା । ତାର ହସ୍ତଯୁଗଳ କେବଳ ପ୍ରଣିପାତ ଲାଗି ସବୁବେଳେ ସଂପୁଟିତ ଅବସ୍ଥାରେ ରହିଥାଏ । ନଚେତ୍ ଅନ୍ୟର ସେବା ନିମିତ୍ତ ହାତ ଦୁଇଟି ନିୟୋଜିତ ରହିଥାଏ । ଅନ୍ୟକୁ ଅଭୟ ପ୍ରଦାନ ଲାଗି ତା ହାତ ଉତ୍ତୋଳିତ ହୋଇଥାଏ । ପତିତକୁ ଉଠାଇବା ଲାଗି ଅଗ୍ରସର ହୋଇଥାଏ, ଆର୍ତ୍ତକୁ କୋମଳ ସ୍ପର୍ଶଦାନ କରିଥାଏ । ଏହିସବୁ କାମରେ ତାର ହାତ ତତ୍‌ପର । ସୁଶୀତଳ ଚନ୍ଦନବୃକ୍ଷ ଫଳବାନ୍ ନହେଲେ ମଧ୍ୟ ନିଷ୍ଫଳ ନୁହେଁ । ଜ୍ଞାନୀ ତଥା ସିଦ୍ଧପୁରୁଷର ହସ୍ତଯୁଗଳର ସ୍ପର୍ଶ-ସ୍ନିଗ୍ଧତା ସହିତ ଚନ୍ଦ୍ରକିରଣର ଶୀତଳତା ମଧ୍ୟ ତୁଳନୀୟ ନୁହେଁ । ମଳୟାନୀଳ ଭଳି ତାର ହସ୍ତସ୍ପର୍ଶ ରୁଗ୍‌ଣବ୍ୟକ୍ତିଙ୍କର ମନରେ ସୁଦ୍ଧା ଆନନ୍ଦ ଦିଏ । ପଶୁ ସୁଦ୍ଧା ସେହି ହସ୍ତ କୋମଳତାକୁ ଅନୁଭବ କରିପାରେ । ଯିଏ ଜ୍ଞାନୀ, ସିଏ ମୁକ୍ତ । ସଂକ୍ଷେପରେ କହିବାକୁ ଗଲେ, ତାର ହସ୍ତଯୁଗଳ ହେଉଛି ସାଧୁର ସ୍ୱଭାବ ଭଳି ନିର୍ମଳ ।

ଜ୍ଞାନାର୍ଜନ କରିଥିବା ଅର୍ଥାତ୍ ଜ୍ଞାନବାନ୍ ବ୍ୟକ୍ତିର ମନର ଅବସ୍ଥା କ'ଣ ବର୍ଣ୍ଣନା କରୁଛି ଶୁଣ । ଆଗରୁ ଯେଉଁସବୁ କଥା ବର୍ଣ୍ଣନା କରିଛି, ସେ ସବୁ

କାହାର ? ଏହି ଜ୍ଞାନୀର । ଶାଖାଠାରୁ ବୃକ୍ଷ ପୃଥକ୍ ନୁହଁ । ବୃକ୍ଷ ହେଉଛି ଶାଖାର ସମଷ୍ଟି । ଜଳକୁ ନେଇ ସାଗର । ଜଳ ଓ ସାଗର ଅଭିନ୍ନ । ଅବୟବ କ'ଣ ଶରୀରଠାରୁ ପୃଥକ୍ ? ତେଜ କଥା ବର୍ଣ୍ଣନୀ କଲାବେଳେ ଏହି ତେଜର ଉତ୍ପତ୍ତିସ୍ଥଳ ସୂର୍ଯ୍ୟକୁ ବାଦ ଦିଆଯାଇ ନପାରେ । ତେଣୁ ଇନ୍ଦ୍ରିୟଦ୍ୱାରା ଯେଉଁସବୁ କାର୍ଯ୍ୟ ହୋଇଥାଏ, ସେସବୁ କାର୍ଯ୍ୟ ମନରୁ ହିଁ ଉତ୍ପନ୍ନ ହୋଇଥାଏ । ହୃଦୟରେ ଅହିଂସଭାବ ଜାଗ୍ରତ ନ ହେଲେ ଇନ୍ଦ୍ରିୟଗୁଡ଼ିକ ଅହିଂସ ଆଚରଣ କରିବେ କିପରି ? ଯେ କୌଣସି ଭାବର ଜନ୍ମସ୍ଥଳ ହେଉଛି ମନ । ମନ ଯାହା ଭାବେ ସେ ଭାବ ପ୍ରକାଶିତ ହୋଇଥାଏ— ମୁଖ, ଚକ୍ଷୁ, ହସ୍ତ ଅର୍ଥାତ୍ ବଚନ ଓ ଦର୍ଶନ ମାଧ୍ୟମରେ । ମନରେ ଯାହା ନାହିଁ, ତାହା ତୁଣ୍ଡରେ କହିହେବ ନାହିଁ । ମଞ୍ଜି ପୋତିଲେ ସିନା ଗଛ ହେବ ! ମନକୁ ଅଚଳ ବା ଧ୍ୱଂସ କରିଦେଲେ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ଅଚଳ ହୋଇପଡ଼ିବେ । କଣ୍ଢେଇ ନାଚରେ ସୂତ୍ରଧର ନଥିଲେ କଣ୍ଢେଇ କ'ଣ ନାଚିପାରେ ? ପାଚିଲାଫଳର ବାସନା ଯେପରି ଚାରିଆଡ଼େ ଖେଳେଇ ହୋଇଯାଏ, ସେହିଭଳି ଯେଉଁ ଭାବ ମନ ଭିତରେ ଆଧିପତ୍ୟ ବିସ୍ତାର କରେ, ତାହା ବାହାରେ ପ୍ରକାଶିତ ହୁଏ ।

ତେଣୁ ଇନ୍ଦ୍ରିୟମାନଙ୍କ ସମସ୍ତ କାମନା ବାସନା ମୂଳରେ ରହିଛି ମନ । ମନରେ ଯେଉଁ ଭାବର ସୂତ୍ରପାତ ହୁଏ, ତାକୁ ସଂପୂର୍ଣ୍ଣ କରେ ଇନ୍ଦ୍ରିୟ । ଉପରମୁଣ୍ଡରେ ବର୍ଷା ନ ହେଲେ, ନଦୀ ଶୁଖିଲା ପଡ଼ି ରହେ । ଝରଣାର ଉତ୍ପତ୍ତିସ୍ଥଳ ଜଳଶୂନ୍ୟ ହୋଇପଡ଼ିଲେ, ଝରଣାର ଅସ୍ତିତ୍ୱ ଆଉ ରହେନା । ଜୀବନ ଚାଲିଯିବା ପରେ ଦେହ ଶବ ପାଲଟିଯାଏ । ସେହିଭଳି ମନ ଭାବଶୂନ୍ୟ ହୋଇପଡ଼ିଲେ, ଇନ୍ଦ୍ରିୟଗୁଡ଼ିକ ନିସ୍ତେଜ ହୋଇ ପଡ଼ନ୍ତି । ସେମାନଙ୍କର ଆଉ କିଛି କରିବାର ନଥାଏ । ବିନା ନିର୍ଦ୍ଦେଶକରେ କ'ଣ ନାଟକ, ନାଟକ-ପଦବାଚ୍ୟ ହୋଇପାରେ ? ମନର ଅହିଂସ ଭାବ ଅନୁଯାୟୀ ଇନ୍ଦ୍ରିୟଗୁଡ଼ିକର ଏକମାତ୍ର ବାଞ୍ଛନୀୟ ହୁଏ ଅହିଂସା । ଇନ୍ଦ୍ରିୟଗୁଡ଼ିକ ମନର ମୂଳଧନକୁ ନେଇ ଅହିଂସାର ବାଣିଜ୍ୟ କରିଥାଆନ୍ତି । ସମୁଦ୍ରରେ ଜୁଆର ଆସିଲେ, ନଦୀ ପରିପୂର୍ଣ୍ଣ ଅବସ୍ଥାକୁ ଆସିଯାଏ । ଠିକ୍ ସେହିଭଳି ମନ ନିଜ ନିଜର ସମ୍ପଦଦ୍ୱାରା ଇନ୍ଦ୍ରିୟକୁ ସମୃଦ୍ଧ

କରିଥାଏ । ଶିକ୍ଷକ ଛାତ୍ରର ଖଡ଼ିଛୁଆଇଁଲା ବେଳେ ତା ହାତକୁ ଧରି ବର୍ଣ୍ଣମାଳା ମଧ୍ୟରୁ ଗୋଟିଏ ଦୁଇଟି ଖଡ଼ିରେ ଲେଖି ଦିଅନ୍ତି । ସେହିଭଳି ମନ, ହାତ, ପାଦ ଆଦି ନିଜର ଦୟାପ୍ରଦାନ କରିବା ପରେ ସେମାନେ ତାଙ୍କରି ନିର୍ଦ୍ଦେଶ ଅନୁଯାୟୀ ଅଙ୍ଗ ପ୍ରତ୍ୟଙ୍ଗକୁ ବ୍ୟବହାର କରିଥାଆନ୍ତି । ମନ ଯଦି କହେ ଅହିଂସ ଆଚରଣ କର, ଇନ୍ଦ୍ରିୟ ତାହା କରିବାକୁ ବାଧ । 'ଇନ୍ଦ୍ରିୟର ପ୍ରକୃତି' ବୋଲି ଯାହା କୁହାଯାଏ, ତାହା ପ୍ରକୃତରେ ମନର ପ୍ରକୃତି । ମନଦ୍ୱାରା ହିଁ ଇନ୍ଦ୍ରିୟର କ୍ରିୟା । କାୟମନୋ-ବାକ୍ୟରେ ଯିଏ ହିଂସାକୁ ତ୍ୟାଗ କରି ଅହିଂସାକୁ ନିଜର ସମ୍ବଳ କରି ନେଇଥାଏ, ସେହି ଆନନ୍ଦମୟ ପୁରୁଷ ହିଁ ଜ୍ଞାନୀ । ତାର ମନର ଅବସ୍ଥାକୁ କୁହାଯାଏ ପ୍ରଜ୍ଞା ବା ଜ୍ଞାନ । ସେ କେବଳ ଅହିଂସାର କଥା ହିଁ ଶୁଣିବାକୁ ଭଲପାଏ । ସେ ଅହିଂସା ବିଷୟ ଲିପିବଦ୍ଧ କରେ । ସେହି ବିଷୟ ପାଠକରେ । ଯଦି କେହି ଅହିଂସା ଅନ୍ୱେଷଣରେ ବ୍ରତୀ ଥାଏ, ତାକୁ ବେଶି ବାଟ ଯିବାକୁ ପଡ଼ିବ ନାହିଁ । ସେ ଏହିଭଳି ଜ୍ଞାନୀବ୍ୟକ୍ତିର ଦର୍ଶନ ଦ୍ୱାରା ଯଥେଷ୍ଟ ଫଳ ପାଇପାରିବ ।

ଅହିଂସା ବିଷୟଟିକୁ ସଂକ୍ଷେପରେ କହିବି ବୋଲି ଭାବିଥିଲି, କହୁ କହୁ ବିସ୍ତୃତ ଭାବରେ କହିପକାଇଲି । ସେଥିଲାଗି ଶ୍ରୋତାଗଣ ମତେ କ୍ଷମା ଦେବେ ।

ଗାଈ କଅଁଳିଆ ଘାସ ଦେଖିବାମାତ୍ରେ ପଛ କଥା ଭୁଲିଯାଏ, ଆଗକୁ ସୁଦ୍ଧା ଯାଇପାରେ ନାହିଁ । ବାୟୁର ବେଗରେ ପକ୍ଷୀ ଉପରକୁ ଉଡ଼ି ନ ପାରି ତଳକୁ ଖସି ଆସେ । ସେହିଭଳି ମୋ ଅବସ୍ଥା । ମନକୁ ପାଇଲା ଭଳି, ମନକୁ ଅନୁରଞ୍ଜିତ କରିବା ଭଳି, ବିଷୟର ଚର୍ଚ୍ଚା କଲାବେଳେ, ଏତିକି କହିବି, ତାଠୁ ବେଶି କହିବି ନାହିଁ ବୋଲି କେହି ମାପ୍‌ଚୁପ୍ କରି କଥା କହି ନପାରେ । କହିବାବେଳେ ମୋ ବୁଦ୍ଧି ଆଉ ମୋ ଆୟତ୍ତରେ ନଥିଲା । ତେଣୁ କହୁ କହୁ ଗୁଡ଼ାଏ କହିପକାଇଲି । ବିସ୍ତୃତ ଭାବରେ ଏହି ବିଷୟଟିର ବର୍ଣ୍ଣନା କରାଯାଉଛି କାହିଁକି, ତାର ଯଥେଷ୍ଟ କାରଣ ରହିଛି । 'ଅହିଂସା' ଶବ୍ଦଟି ତିନୋଟି ଅକ୍ଷରର ସମଷ୍ଟି । ଉଚ୍ଚାରଣ ଦୃଷ୍ଟିରୁ ମଧ୍ୟ ଅତି ଅଳ୍ପ । କିନ୍ତୁ ଏ ସମ୍ପର୍କରେ ଅନେକଙ୍କ ମନରେ ଯେଉଁ ଭ୍ରମଧାରଣା ରହିଛି, ଏହାକୁ ଖଣ୍ଡନ କରିବା ଆବଶ୍ୟକ ମନେ

କରୁଛି । ପ୍ରଚଳିତ ମତଭେଦକୁ ଉପେକ୍ଷା ନ କରି ଯୁକ୍ତିସମ୍ମତ ଭାବରେ ଏହାର ଖଣ୍ଡନ କରାଯିବା ଉଚିତ୍ । ଜହୁରୀମାନଙ୍କ ଗ୍ରାମକୁ ସୁନାବିକ୍ରି କରିବାକୁ ଯାଇ ସ୍ଫଟିକର ସ୍ତୁତି କଲେ କୌଣସି ଲାଭ ହେବନାହିଁ । ସେଠାରେ ଶାଳଗ୍ରାମର ମହିମା ବର୍ଣ୍ଣନା କରାଯିବା ଅନାବଶ୍ୟକ । କର୍ପୂରର ଚାହିଦା ନଥିଲେ, ଏଥିରେ ସୁଗନ୍ଧି ଅଛି କି ନାହିଁ ଜାଣି ଲାଭ କ'ଣ ?

ହେ ପୂଜନୀୟ ଶ୍ରୋତାବୃନ୍ଦ ! ଏହି ସଭାରେ ବାଗ୍ମିତାକୁ ବଢ଼େଇଲେ ବକ୍ତୃତାର ମୂଲ୍ୟ ବଢ଼ିବ ନାହିଁ । ସାଧାରଣ ଓ ବିଶେଷ କଥାକୁ ଏକତ୍ର କରି ପରିବେଷଣ କରାଗଲେ ଆପଣମାନେ ଶ୍ରବଣସୁଖଲାଭ କରିବେ ବୋଲି ମୋର ବିଶ୍ୱାସ । ସନ୍ଦେହର କାଳିମା ଦ୍ୱାରା ଶୁଦ୍ଧପ୍ରେମ ମଳିନ ହୋଇ ପଡ଼ିଲେ ତତ୍ତ୍ୱଜ୍ଞାନ ସ୍ୱଭାବତଃ ପଳାୟନ କରିଥାଏ । ଶୈବାଳ ସମାଚ୍ଛାଦିତ-ଜଳ ପ୍ରତି ରାଜହଂସର ଦୃଷ୍ଟିପଡ଼େ କି ? ମେଘାବୃତ୍ତ ଚନ୍ଦ୍ରାମୃତ ଲାଳସାରେ ଚକୋର କେବେ କ'ଣ ତାର ଚଞ୍ଚୁପୁଟ ବିସ୍ତାର କରେ କି ? ସେହିଭଳି ମୁଁ ଯେଉଁ ସିଦ୍ଧାନ୍ତ ବର୍ଣ୍ଣନା କରୁଛି; ତାହା ନିର୍ଦ୍ଦୋଷ ନ ହେଲେ ଆପଣମାନେ ମତେ ବିଶ୍ୱାସ କରିବେ ନାହିଁ କିମ୍ବା ମୋ କଥାକୁ ଅଙ୍ଗୀକାର କରିବେ ନାହିଁ; ବରଂ ବିରକ୍ତ ହୋଇ ପଡ଼ିବେ । ସନ୍ଦେହ ଓ ତାର ଆତ୍ମୀୟ ସ୍ୱଜନମାନଙ୍କୁ ଧ୍ୱଂସ ନକରି ଯଦି ମୁଁ ଗୀତାର୍ଥ ବ୍ୟାଖ୍ୟା କରେ, ତାହାହେଲେ ଆପଣମାନେ ମୋ କଥାକୁ ଶୁଣିବେ ବା କାହିଁକି ?

ଆପଣମାନେ ଯଥାର୍ଥରେ ଗୀତାର୍ଥ ପ୍ରେମିକ । ରସକୁ ରସିକ ହିଁ ଗ୍ରହଣ କରିପାରେ । ଆପଣମାନେ ଉପଯୁକ୍ତ ରସିକ ଜାଣି ମୁଁ ଆପଣମାନଙ୍କ ହୃଦୟରେ ଗୀତାରସ ଢାଳିବାରେ ଲାଗିଛି । ହେ ସାଧୁଗଣ ! ଆପଣମାନେ ସର୍ବସ୍ୱଧନ ମତେ ସମର୍ପଣ କଲେ ଯାଇ ମୁଁ ଗୀତା ରସକୁ ପ୍ରତ୍ୟର୍ପଣ କରିବି । ଏହା ଗ୍ରନ୍ଥ ନୁହେଁ, ଏହା ହେଉଛି ବନ୍ଧକ ଧନ । ଆପଣମାନଙ୍କ ସର୍ବସ୍ୱ ପାଇପାରିବି ବୋଲି ଆଶା କରି ମୁଁ ଗୀତାର୍ଥକୁ ବନ୍ଧକ ରଖୁଛି । ଏହାକୁ ଯଦି ଆପଣମାନେ ଉପେକ୍ଷା କରିବେ, ତାହାହେଲେ ଗୀତାର ଯେଉଁ ଗତି ହେବ, ମୋର ମଧ୍ୟ ସେହି ଗତି ହେବ, ଅର୍ଥାତ୍ ଉପେକ୍ଷିତ ହୋଇପଡ଼ିବି । ମୋ ପ୍ରତି

ଆପଣମାନଙ୍କର କୃପାର ଆବଶ୍ୟକତା ଅଛି ବୋଲି ମୁଁ ଏହିଭଳି ଭାବରେ ଗ୍ରନ୍ଥ ନିରୂପଣର ଧାରା ଅବଲମ୍ବନ କରିଛି । ଏଥିରେ ଶ୍ଳୋକାର୍ଥ ଦୂରରେ ରହିଯାଉଛି, କଥାର ବିସ୍ତାର ଚାଲିଛି । ମୁଁ ଅଳ୍ପମତି ବାଳକ । ମୋ ଦୋଷ କ୍ଷମା କରିବେ । ଦାନ୍ତରେ ଗୋଡ଼ି ଲାଗିଲେ ତାକୁ ଅବଶ୍ୟ ଦୂର କରିବା ଆବଶ୍ୟକ । ସାଧୁବେଶଧାରୀ ଚୋର କବଳରୁ ଶିଶୁକୁ ଉଦ୍ଧାର କରି ଅତି ଯତ୍ନରେ ମାଆ ଘରକୁ ନେଇଥାଏ । ସେ ଜାଣେ ଦୋଷ ପିଲାର ନୁହଁ,ତେଣୁ ତା ପ୍ରତି କ୍ରୋଧ ପ୍ରକାଶ କରି ନଥାଏ । ମନେହୁଏ ଆପଣମାନେ ମତେ ଠିକ୍ ସେହିଭଳି ଗୋଟିଏ ପିଲା ଭାବି କ୍ଷମା କରୁଛନ୍ତି । ମନରେ ଯାହା ଆସୁଛି, ଗୁରୁ ମୋତେ ଯେପରି ପ୍ରେରଣା ଦେଉଛନ୍ତି, ମୁଁ ସେହିଭଳି କହିଯାଉଛି ।

ଏଥର ଶୁଣନ୍ତୁ, ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଯାହା ଜ୍ଞାନୋତ୍ତମ ନୟନବିଶିଷ୍ଟ, ତାହା ହେଉଛି 'କ୍ଷାନ୍ତି' ବା 'କ୍ଷମା' । ଏହି କ୍ଷମାର ଲକ୍ଷଣ କ'ଣ କହୁଛି ଶୁଣ । ଯେଉଁଠି ନିର୍ଲିପ୍ତ ଏବଂ ଦୁଃଖରହିତ ଭାବରେ କ୍ଷମାର ଅବସ୍ଥାନ, ସେଇଠି ରହିଥାଏ ଜ୍ଞାନ । କମଳ ଯେପରି ଅଗାଧ ସରୋବରରେ ବାସ କରିଥାଏ, ଭାଗ୍ୟବାନ୍‌ର ଗୃହରେ ଯେପରି ସମ୍ପଦ ଭରପୂର ହୋଇ ରହିଥାଏ, ସେହିଭଳି ନିରନ୍ତର ଯାହାର କ୍ଷମାଗୁଣ ବୃଦ୍ଧି ଲାଭ କରିଥାଏ, ଯାହାର ପ୍ରତ୍ୟେକ ଆଚରଣରେ କ୍ଷମାର ପରିଚୟ ମିଳିଥାଏ, ସେ ହେଉଛି ଜ୍ଞାନୀ । ଅତିଶୟ ପ୍ରିୟ ଅଳଙ୍କାର ବା ବସ୍ତ୍ରକୁ ଅଙ୍ଗରେ ଧାରଣ କରିବାଭଳି, ଯିଏ ସକଳ ଅତ୍ୟାଚାର ଓ କଷ୍ଟକୁ ସହ୍ୟ କରିନିଏ; ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ଏହି ତ୍ରିବିଧ ସନ୍ତାପର ଉପଦ୍ରବ ମୁଣ୍ଡରେ ଆସି ପଡ଼ିଲେ ମଧ୍ୟ ଯିଏ ତିଳେମାତ୍ର ବିଚଳିତ ହୁଏ ନାହିଁ; ଅଭିଳଷିତ ସାମଗ୍ରୀ ପାଇଗଲେ କିମ୍ବା ନ ପାଇଲେ ଯିଏ ସମାନ ସନ୍ତୋଷ ଲାଭ କରିଥାଏ; ମାନ ଅପମାନକୁ ସମାନ ଭାବରେ ଯିଏ ସହ୍ୟ କରେ, ସେ ହେଉଛି ପ୍ରକୃତ ଜ୍ଞାନୀ । ତା ନିକଟରେ ସୁଖ ଦୁଃଖ, ନିନ୍ଦା ସ୍ତୁତି, ଉଷ୍ଣତା ଓ ଶୀତଳସ୍ପର୍ଶ ସବୁ ସମାନ । ସେ ସଙ୍କଟରେ, ବିପଦରେ ଭୀତତ୍ରସ୍ତ କିମ୍ବା ବିଚଳିତ ହୋଇପଡ଼େନା । ମେରୁ ପର୍ବତ ନିଜର ଶୃଙ୍ଗଭାର ବୋଧ କରେନା । ପୃଥିବୀ ସଚରାଚର ପ୍ରାଣୀମାନଙ୍କ ଭାରରେ ଝୁଙ୍କି ପଡ଼େନା ।

ସେହିଭଳି ସୁଖ ଦୁଃଖର ଦ୍ୱନ୍ଦ୍ୱରେ ଜ୍ଞାନୀର କୌଣସି କ୍ଲେଶବୋଧ ହୁଏନା । ସମୁଦ୍ର ନଦନଦୀର ଜଳ ପ୍ରବାହକୁ ଅନାୟାସରେ ଆତ୍ମସାତ୍ କରିଥାଏ । ଆତ୍ମସାତ୍ କରିପାରୁଛି ବୋଲି ସମୁଦ୍ର କେବେହେଲେ ଗର୍ବରେ ଫୁଲି ଉଠେନା । ସେହିଭଳି ଜ୍ଞାନୀ ଅସହିଷ୍ଣୁତା କ'ଣ ଜାଣେନା । 'ମୁଁ ସହିଷ୍ଣୁ' ଏହି ଭାବ ମଧ୍ୟ ତାର ନଥାଏ । ଦେହକୁ ଯାହା ଆସେ ତାକୁ ସେ ନିଜର ବୋଲି ଗ୍ରହଣ କରିନିଏ । ଏଥିଲାଗି ସେ ଅଭିମାନର ବଶୀଭୂତ ହୋଇପଡ଼େନା । ଏହିଭଳି ସୁଖଦୁଃଖହୀନ କ୍ଷମାଶୀଳ ବ୍ୟକ୍ତିଦ୍ୱାରା ହିଁ ଜ୍ଞାନର ମହିମା ବୃଦ୍ଧିପାଏ । ପ୍ରିୟୋତ୍ତମ ପାଣ୍ଡବ ! ତୁମେ ସେହି ଜ୍ଞାନର ଅଧିକାରୀ ।

''ଆର୍ଜ୍ଜବ'' ବା ସରଳତା କ'ଣ ବର୍ଣ୍ଣନା କରୁଛି । ପ୍ରାଣଶକ୍ତି ସମସ୍ତ ଜୀବ ପ୍ରତି ସମାନ ଭାବରେ ସୌଜନ୍ୟ ପ୍ରକାଶ କରିଥାଏ । ସୂର୍ଯ୍ୟ କେବଳ ବସିଥିବା ଲୋକଙ୍କ ମୁହଁକୁ ଦେଖି ଆଲୋକ ପ୍ରଦାନ କରି ନଥାଏ । ତାର କୌଣସି ପକ୍ଷପାତିତା ନଥାଏ । ଆକାଶ ମନରେ କୌଣସି ଭେଦଭାବ ନରଖି ଚନ୍ଦ୍ରାତପପରି ସମସ୍ତଙ୍କ ଆବରଣର କାର୍ଯ୍ୟ ସମ୍ପାଦନ କରିଥାଏ । ଜ୍ଞାନୀର ମନ ସେହିଭଳି ସମସ୍ତଙ୍କ ପ୍ରତି ସମାନ । ସେ ବିଭିନ୍ନ ବ୍ୟକ୍ତିଙ୍କପ୍ରତି ବିଭିନ୍ନ ଭାବ ପୋଷଣ କରି ନଥାଏ । ସମଗ୍ର ସଂସାର ତା ପକ୍ଷରେ ଏକ ଭାବରେ ପରିଚିତ । ପୁରାତନ୍ ବନ୍ଧୁଭଳି ସେ ଆଦରର ସହିତ ସମସ୍ତଙ୍କୁ ସ୍ୱାଗତ କରିଥାଏ । ତାର ଆପଣାପର ଭାବ ନଥାଏ । ସମସ୍ତଙ୍କ ସହିତ ତାର ସମାନ ପ୍ରେମ । ଜଳ ଭଳି ନମ୍ର ସ୍ୱଭାବ । କ୍ଲେଶ ଯନ୍ତ୍ରଣା ଯାହା ଆସୁନା କାହିଁକି, ତା ଚିତ୍ତ ଅକ୍ଷୁବ୍ଧ । ବାୟୁର ଗତିଭଳି ତା ସ୍ୱଭାବ ସରଳ । ସେ ନିଃସନ୍ଦେହ, ନିଃଶଙ୍କ । ମାଆ ପାଖରେ ନିଷ୍କପଟ ବାଳକ ଭଳି ଏହି ଜ୍ଞାନୀ ନିକଟରେ ଦ୍ୱିଧାହୀନ ଭାବରେ ମନକୁ ସମର୍ପଣ କରାଯାଇପାରେ ।

ହେ ଧନୁର୍ଦ୍ଧର ! ବିକଶିତ କମଳ ପୁନର୍ବାର ମୁକୁଳିତ ହୁଏନା । ପୁଷ୍ପ ତାର ସୁଗନ୍ଧକୁ ଗୋପନ ରଖିପାରେନା । ଜ୍ଞାନୀ ଲୋକର ମନ ସେହିଭଳି । ଭୂପତିତ ରତ୍ନର ଜ୍ୟୋତି ପ୍ରଥମେ ଆଖିରେ ପଡ଼େ । ସେହିଭଳି ଜ୍ଞାନୀର ମନର

ପଦକ୍ଷେପ ଇନ୍ଦ୍ରିୟର ପଦକ୍ଷେପକୁ ଟପି ଚାଲିଯାଏ । ନିର୍ଦ୍ଦିଷ୍ଟ କୌଣସି ଏକ ଜିନିଷକୁ ଅନୁମୋଦନ କରିବା ଉଚିତ ହେବ କି ନାହିଁ ଏଭଳି ସନ୍ଦେହାତ୍ମକ ଭାବ ତା ହୃଦୟରେ ଉଦୟ ସୁଦ୍ଧା ହୁଏ ନାହିଁ । ସେ ଅନୁଭାବାନନ୍ଦରେ ସବୁବେଳେ ତୃପ୍ତ । ଦୃଷ୍ଟି ତାର ନିଷ୍କପଟ । ବାକ୍ୟ ନିଃସଂଶୟ । ଆତ୍ମୀୟତାରେ କୌଣସି ଖଳବୁଦ୍ଧି ନଥାଏ । ତାର ଦଶଟିଯାକ ଇନ୍ଦ୍ରିୟ ଅତି ସରଳ, ନିଷ୍କପଟ ନିର୍ମଳ ଓ ଆତ୍ମସ୍ଫୁର୍ତ୍ତ ଭାବରେ କାର୍ଯ୍ୟ କରିଥାଆନ୍ତି । ତାର ମନ ସୁବିମଳ । ତା ଅନ୍ତରର ଭାବ ଅବିରତ ଅମୃତଧାରା ଭଳି ପ୍ରବାହିତ । ତାର ପଞ୍ଚପ୍ରାଣ ଅଷ୍ଟପ୍ରହର ମୁକ୍ତ । ଜ୍ଞାନୀର ଏହି ଗୁଣଗୁଡ଼ିକୁ ହିଁ କୁହାଯାଏ ''ଆର୍ଜ୍ଜବ'' ବା ସରଳତା । ଜ୍ଞାନଲାଭ ଯୋଗୁ ହିଁ ସେ ସରଳ ।

ହେ ଚତୁରନାଥ ଅର୍ଜ୍ଜୁନ ! ଏଥର ''ଆଚାର୍ଯ୍ୟୋପାସନା'' ବା ଗୁରୁଭକ୍ତି କଥା ଶୁଣ । ଏହି ଗୁରୁଭକ୍ତି ହେଉଛି ସମସ୍ତ ସୌଭାଗ୍ୟର ମୂଳ । କାରଣ ଏହା ଶୋକସନ୍ତପ୍ତ ମନୁଷ୍ୟକୁ ବ୍ରହ୍ମଲାଭ ଲାଗି ସୁଯୋଗ ଦେଇଥାଏ । ଗଙ୍ଗା ନିଜର ସମସ୍ତ ଜଳସମ୍ପଦ ସମୁଦ୍ରକୁ ସମର୍ପଣ କରିଥାଏ । ବେଦ ବା ଶ୍ରୁତିର ସମସ୍ତ ଆଲୋଚନା କେବଳ ବ୍ରହ୍ମପଦ ଲାଭ ଲାଗି । ପତିବ୍ରତା ନାରୀ ତାର ମନପ୍ରାଣ ସବୁକିଛି ସମର୍ପଣ କରିଥାଏ ନିଜ ପତି ପଦରେ । ସେହିଭଳି ଯିଏ ଜ୍ଞାନୀ ସେ ସର୍ବସ୍ୱ ସମର୍ପଣ କରିଥାଏ ଗୁରୁପଦରେ । ବିରହିଣୀ ଯେପରି ନିଜ ପ୍ରିୟତମର ପଥ ଚାହିଁ ରହିଥାଏ ସେହିଭଳି ଜ୍ଞାନୀର ମନ ଲାଖି ରହିଥାଏ ଗୁରୁକୁଳାଶ୍ରମରେ । ସେ ଏପରି ଗୁରୁପ୍ରାଣ ଯେ, ଗୁରୁଙ୍କ ନିବାସ ବା ଆଶ୍ରମ ଆଡ଼କୁ ଗତି କରୁଥିବା ବାୟୁକୁ ସୁଦ୍ଧା ପ୍ରଣିପାତ କରେ । ବାଟରେ ଗଛ, ଲତା, ବଣ, ପର୍ବତ ଯାହା କିଛି ପଡ଼େ, ସେମାନଙ୍କ ସହିତ ସେ ଆଳାପ କରିବାକୁ ଭଲ ପାଇଥାଏ । ସେ ପ୍ରେମର ବିହ୍ୱଳତାରେ କେବଳ ଗୁରୁଙ୍କ ସମ୍ପର୍କରେ ଆଳାପ ଆଲୋଚନାକୁ ଭଲପାଏ । ସେ ନିଜ ହୃଦୟକୁ ଗୁରୁଗୃହର ପ୍ରହରୀ କରି ରଖିଥାଏ । ବାଛୁରୀକି ତା ମାଆଠାରୁ ଦୂରରେ ବାନ୍ଧି ରଖିଲେ ମଧ୍ୟ ସେ କେବଳ ମାଆ ପାଖକୁ ଯିବାପାଇଁ ବ୍ୟାକୁଳ ହୋଇ ପଡ଼ିଥାଏ । ସେହିଭଳି ଜ୍ଞାନୀର ମନପ୍ରାଣ ନିଜ ଇଚ୍ଛାନୁଯାୟୀ ଦାସତ୍ୱ ସ୍ୱୀକାର କରି ଗୁରୁଙ୍କ ଆଶ୍ରମର ଦ୍ୱାର

ଦେଶରେ ବନ୍ଧା ହୋଇ ରହିଥାଏ । ସେ ପ୍ରତିମୁହୂର୍ତ୍ତରେ ନିଜକୁ ନିଜେ ପଚାରିବାରେ ଲାଗିଥାଏ, ଭଗବାନ ମତେ ସଂସାର-ଜଞ୍ଜାଳରୁ ମୁକ୍ତ କରିଦିଅ । ସମସ୍ତ ଶୃଙ୍ଖଳରୁ ମୁକ୍ତିକରି ମତେ କେବଳ ଗୁରୁପାଦ ସେବାରେ ନିଯୁକ୍ତ କର । ଏହି ଉତ୍କଣ୍ଠାରେ ପ୍ରାଣ ତାର ବ୍ୟାକୁଳ ହୋଇଉଠେ । ଗୋଟିଏ ପଲକକୁ ସେ ଭାବେ ଏକ ଯୁଗଭଳି । ଗୁରୁଦେବଙ୍କ ଗ୍ରାମରୁ ବା ନିବାସରୁ କେହି ଆସିଲେ କିମ୍ବା ଗୁରୁ ତା ପାଖକୁ କାହାକୁ ପଠାଇଲେ, ସେ ସେହି ଲୋକକୁ ଦେଖିବା ମାତ୍ରେ ଅପାର ଆନନ୍ଦ ଅନୁଭବ କରିଥାଏ । ପାଣି ଅଭାବରେ ଶୁଖିଯାଉଥିବା ଗଛମୂଳରେ ପାଣି ଦେଲେ ଗଛ ଯେପରି ସଜୀବ ହୋଇଉଠେ, ଶୁଷ୍କ ପୁଷ୍କରିଣୀରୁ ମାଛକୁ ନେଇ ସମୁଦ୍ରରେ ଛାଡ଼ିଲେ ସେ ଯେପରି ବଞ୍ଚିଗଲି କହି ଉଲ୍ଲସିତ ହୋଇଉଠେ, ଜ୍ଞାନୀ ସେହିଭଳି ଗୁରୁପ୍ରେରିତ ଲୋକକୁ ଦେଖିବାମାତ୍ରେ ଆନନ୍ଦିତ ହୋଇଉଠେ । କପର୍ଦ୍ଦକଶୂନ୍ୟ ଲୋକ କୋଟିନିଧି ପାଇବା ଭଳି ଅଥବା ଅନ୍ଧ ଦୃଷ୍ଟିଶକ୍ତି ପାଇବାଭଳି ଅଥବା ଭିକ୍ଷୁକ ଇନ୍ଦ୍ରଭୁବନ ଲାଭ କଲାଭଳି ସେ ଅନୁଭବ କରିଥାଏ ।

ଏତିକି ନୁହଁ, ଗୁରୁଙ୍କ ନାମସୁଦ୍ଧା ତା କାନରେ ପଡ଼ିବାମାତ୍ରେ ସେ ଏଭଳି ଆନନ୍ଦରେ ନାଚିଉଠେ ଯେ, ନିଜ ଘର ଭିତରେ ଯାହାକୁ ପାଏ ତାକୁ କୁଣ୍ଢାଇପକାଏ । ତାକୁ ଆଲିଙ୍ଗନ କରିବାକୁ ଲାଗେ । ଗୁରୁପ୍ରତି ଏପରି ଶ୍ରଦ୍ଧା, ଏପରି ଭକ୍ତି ଯାହାଠାରେ ଦେଖିବ, ସେ ଜ୍ଞାନଶୃଙ୍ଗ ଜୟ କରି ସାରିଛି ବୋଲି ଜାଣିବ । ସେହି ଉଚ୍ଛ୍ୱସିତ ଶ୍ରଦ୍ଧା ମଧ୍ୟରେ ସେ ମନ ଭିତରେ ଗୁରୁଙ୍କର ସ୍ପଷ୍ଟ ଚିତ୍ର ଅଙ୍କନ କରିନେଇଥାଏ । ଗୁରୁଙ୍କର ସେହି ରୂପକୁ ମନରୁ ନେଇ ସେ ତାର ସୁନିର୍ମଳ ହୃଦୟ ଆସନରେ ବସାଏ । ଗୁରୁଙ୍କୁ ଇଷ୍ଟଦେବତା ରୂପରେ ସେ ନିଜର ସର୍ବସ୍ୱ ଦେଇ ଉପାସନା କରେ । ସୂର୍ଯ୍ୟୋଦୟ ବେଳେ ମନୁଷ୍ୟ ନିଜ ହସ୍ତସଂପୁଟ ଦ୍ୱାରା ଯେପରି ସୂର୍ଯ୍ୟୋପାସନା କରିଥାଏ, ସେହିଭଳି ଜ୍ଞାନବାନ ବ୍ୟକ୍ତି ସେ ତାରମାନସିକ ଚେତନା ସହିତ ନିଜ ବୁଦ୍ଧିଦ୍ୱାରା ଗୁରୁଙ୍କ ଆରାଧନା କରିଥାଏ । ଯଜ୍ଞ ହୋମାଦି ସମୟରେ ଯେପରି ଦିନରେ ତିନିଥର ଧୂପ ଦିଆଯାଇଥାଏ, କର୍ପୂର ବା ସଳିତା ଜଳାଇ ଆରତି କରାଯାଇଥାଏ, ସେହିଭଳି ସେ ନିଜର

ସମସ୍ତ ଆସୁରିକ ପ୍ରକୃତିକୁ ଜାଳି ନିର୍ମଳ ହୃଦୟରେ ଜ୍ଞାନଦୀପ ଦ୍ୱାରା ଗୁରୁଙ୍କ ଆରତି କରିଥାଏ । ତାର ଶ୍ରଦ୍ଧା ଓ ଭକ୍ତି ହେଉଛି ଗୁରୁଙ୍କ ନିକଟରେ ତାର ଭୋଗ ନୈବେଦ୍ୟ । ସେ ଗୁରୁରୂପକ ମନ୍ଦିରର ନିଯୁକ୍ତ ପୂଜକ । ଜ୍ଞାନସୂର୍ଯ୍ୟ ଉଦୟ ହେବାମାତ୍ରେ ଜ୍ଞାନୀ ତାର ବୁଦ୍ଧିରୂପକ ଡାଲାରୁ ସାତ୍ତ୍ୱିକ ଭାବରୂପକ ଲକ୍ଷ ଲକ୍ଷ ପୁଷ୍ପାଞ୍ଜଳି ଅର୍ପଣ କରେ । ମନ ରୂପକ ଶଯ୍ୟାରେ ଗୁରୁଙ୍କୁ ପତି ରୂପରେ ଶୟନ କରାଇ ସେ ତାଙ୍କର ସେବା କରେ । ସେ ନିଜକୁ ଲକ୍ଷ୍ମୀ ମନେକରି ନିଜର ପ୍ରେମରୂପକ କ୍ଷୀରସମୁଦ୍ରରେ ଶାୟିତ ଗୁରୁମୂର୍ତ୍ତି ବିଷ୍ଣୁଙ୍କ ପଦସେବା କରିଥାଏ । କେବେ ଗୁରୁଙ୍କୁ ମାତା ରୂପରେ ଭାବନା କରି ନିଜେ ସେ ସ୍ତନ୍ୟପାୟୀ ଶିଶୁ ଭଳି ତାଙ୍କ କୋଳରେ ଲୋଟିପଡ଼େ ।

ହେ କିରୀଟି ! ସେ ଗୁରୁଙ୍କୁ ନିଜ ଚୈତନ୍ୟରୂପକ କଳ୍ପବୃକ୍ଷ ତଳେ ଆବଦ୍ଧ ଗୋମାତା ମନେ କରି ନିଜକୁ ସେହି ଗୋମାତାର ବତ୍ସା ବୋଲି ଭାବିଥାଏ । କେବେ କେବେ ନିଜକୁ ଭାବେ ଗୁରୁକୃପା ଓ ଗୁରୁସ୍ନେହ ଜଳରେ ଗୋଟାଏ କ୍ଷୁଦ୍ର ମାଛ ଭଳି ଖେଳୁଛି । ଆଉ କେବେ କେବେ ନିଜକୁ ଏକ ବୃକ୍ଷ ମନେକରି ତା ଉପରେ ଗୁରୁଙ୍କ କୃପାମୃତର ବର୍ଷଣ ଚାଲିଥିବା ଭଳି ଅନୁଭବ କରେ । ଯାହାର ମନର ସଂକଳ୍ପ ଏଭଳି, ଭାବି ଦେଖ ତ ତାର କି ଅସୀମ ପ୍ରେମ ! ସେ ଭାବିଥାଏ ଗୁରୁ ହେଉଛନ୍ତି ପକ୍ଷୀ, ସେ ତାଙ୍କର ପକ୍ଷ । ଗୁରୁ ହେଉଛନ୍ତି ମାଆପକ୍ଷୀ, ସେ ଦୃଷ୍ଟିହୀନ ଶାବକ । ଗୁରୁ ତା ମୁହଁରେ ଆହାର ଯୋଗାଇବାରେ ଲାଗିଛନ୍ତି, ସେ ନିଶ୍ଚିନ୍ତରେ ଖାଇବାରେ ଲାଗିଛି । ଗୁରୁ ହେଉଛନ୍ତି ନୌକା, ଯାହା ସାହାଯ୍ୟରେ ସଂସାରାର୍ଣ୍ଣବ ଅତିକ୍ରମ କରିବା ତା ପକ୍ଷରେ ସମ୍ଭବ ହୋଇପାରୁଛି । ସମୁଦ୍ରରେ ଗୋଟିକ ପରେ ଗୋଟିଏ ଲହଡ଼ି ଆସିଥାଏ । ସେହିଭଳି ତା ହୃଦୟରେ ଆସେ ଗୁରୁପ୍ରେମର ତରଙ୍ଗ ଗୋଟିକ ପରେ ଗୋଟିଏ । — ଏ ତରଙ୍ଗ ଆନନ୍ଦର ତରଙ୍ଗ, ସୁଖାନୁଭବର ତରଙ୍ଗ ।

ଗୁରୁଙ୍କ ପ୍ରତି ଜ୍ଞାନୀଲୋକର ବାହ୍ୟ ମନୋଭାବ ତଥା ଆଚରଣ କ'ଣ ତାହା ବର୍ଣ୍ଣନା କରୁଛି ଶୁଣ । ଯଥାଶକ୍ତି ଗୁରୁସେବା କରିବା ପରେ, ଗୁରୁ ତା ଭକ୍ତିରେ ସନ୍ତୁଷ୍ଟ ହୋଇଛନ୍ତି ଜାଣି ଗୁରୁ ପ୍ରସନ୍ନଥିବା ବେଳେ ସେ ତାଙ୍କ ଆଗରେ

ହାତଯୋଡ଼ି ସବିନୟ ପ୍ରାର୍ଥନା କରେ । କହେ ହେ ପ୍ରଭୋ ! ମତେ ଏହି ବର ଦିଅନ୍ତୁ ଯେପରିକି ମୁଁ ଆପଣଙ୍କର ସବୁଠାରୁ ଆତ୍ମୀୟ ହୋଇ ପାରିବି, ମୋର ସର୍ବସ୍ୱ ଯେପରି ଆପଣଙ୍କର ପୂଜାସାମଗ୍ରୀ ହୋଇ ପାରିବ । ଗୁରୁ ସମସ୍ତଙ୍କର ମାତୃତୁଲ୍ୟ କିନ୍ତୁ ମୁଁ ତାଙ୍କର ଏକମାତ୍ର ପୁତ୍ର ହେବାକୁ ଚାହେଁ । ତାଙ୍କ ସ୍ନେହ, ମମତା ଯେପରି ବିଚ୍ଛୁରିତ ନ ହୋଇ କେବଳ ମୋ ପ୍ରତି ଠୁଳ ହୋଇ ରହିବ, ତାହାହିଁ ମୋର ଏକାନ୍ତ କାମନା । ସେ ଭାବେ ଗୁରୁଙ୍କୁ ସନ୍ତୁଷ୍ଟ କରାଇ ତାଙ୍କୁ ଏପରି ଶପଥ କରାଇ ନେବି, ଯେପରିକି ସେ କେବଳ ମୋର ଏକା ହୋଇ ରହିବେ । ତାଙ୍କୁ ତାଙ୍କ ଚକ୍ଷୁରେ ପ୍ରେମର ମୋହାଞ୍ଜନ ଲଗାଇ ଦେବି । ତାଙ୍କୁ ଏକପତ୍ନୀ ବ୍ରତଧାରୀ କରାଇନେବି । ତାଙ୍କୁ ଅନ୍ୟସ୍ଥାନ ସମ୍ପର୍କରେ ନିସ୍ପୃହ କରାଇ ମୋ ନିକଟରେ କ୍ଷେତ୍ର ସନ୍ନ୍ୟାସୀ କରାଇବି । ଗୁରୁକୃପାକୁ ମୋ ଶରୀର-ପଞ୍ଜୁରୀ ଭିତରେ ଆବଦ୍ଧ କରି ରଖିବି । ବାୟୁ ଯେପରି ଚାରିଦିଗରେ ଆବଦ୍ଧ ରହିଥାଏ, ସେହିଭଳି ତାଙ୍କ କୃପାକୁ କେବଳ ମୋ ଉଦ୍ଦେଶ୍ୟରେ ଏପରି ଭାବରେ ଆବଦ୍ଧ ରଖିବି, ଯେପରି କେହିହେଲେ ତାର ସନ୍ଧାନ ପାଇ ପାରିବେ ନାହିଁ । ଗୁରୁକୃପାକୁ ଗୁରୁପତ୍ନୀ ଭାବରେ ସଜ୍ଜିତ କରିବା ଲାଗି ମୁଁ ମୋର ସର୍ବଗୁଣକୁ ଅଳଙ୍କାରରେ ପରିଣତ କରାଇବି । ମୁଁ ହେବି ଗୁରୁଗୃହ । ମୁଁ ଓଢ଼ଣି ଏବଂ ଗୁରୁଙ୍କ କରୁଣା ବର୍ଷଣର ଉପଯୁକ୍ତ କ୍ଷେତ୍ର ।

ଜ୍ଞାନୀବ୍ୟକ୍ତି ଗୁରୁଙ୍କୁ କହେ, ମୁଁ ହେବି ଗୁରୁଗୃହ । ମୁଁ ସେବକ ହୋଇ ତାଙ୍କର ସେବା କରିବି । ଯାତାୟାତ ସମୟରେ ସେ ଯେଉଁ ଦେଉଳ ଅତିକ୍ରମ କରି ଯାଇଥାଆନ୍ତି, ମୁଁ ହେବି ସେହି ଦେଉଳ । ମୁଁ ହେବି ସେହି ପଥ । ମୁଁ ହେବି ତାଙ୍କ ଘରର ଦ୍ୱାର ଓ ଦ୍ୱାରପାଳ । ମୁଁ ହେବି ତାଙ୍କର ପାଦୁକା ଏବଂ ତାଙ୍କୁ ସେହି ପାଦୁକା ପିନ୍ଧେଇଦେବି । ମୁଁ ହେବି ତାଙ୍କର ଛତ୍ର ଓ ଛତ୍ରଧାରୀ । ମୁଁ ହେବି ଗୁରୁଙ୍କ ମଶାଲଧାରୀ । ମୁଁ ହେବି ତାଙ୍କର ଅଗ୍ରଦୂତ । ତାଙ୍କ ଯିବା ଆସିବା ବାଟକୁ ପରିଷ୍କାର କରିବା ହେବ ମୋର କାମ । ତାଙ୍କ ହାତଧରି ମୁଁ ବାଟ କଢ଼େଇ ନେବି । ଖାଲ ଢ଼ିପ ଥିଲେ ଆଗରୁ ସାବଧାନ କରାଇଦେବି । ମୁଁ ହେବି ତାଙ୍କର ପିକଦାନୀ । ତାଙ୍କୁ ସ୍ନାନ କରାଇବି । ଗୁରୁଦେବଙ୍କର ଆସନ, ଅଳଙ୍କାର, ବସ୍ତ୍ର,

ଚନ୍ଦନ ସବୁ ହେବି ମୁଁ । ମୁଁ ପାଚକ ହୋଇ ରନ୍ଧନ କରିବି, ପରିବେଷଣ ମଧ୍ୟ କରିବି । ତାଙ୍କୁ ଖୁଆଇଦେବି, ଆଞ୍ଚୋଇ ଦେବି । ତାଙ୍କ ଉଚ୍ଛିଷ୍ଟ ଖାଇବି । ତାଙ୍କ ଅଇଁଠା ବାସନ ଧୋଇଦେବି । ତାଙ୍କୁ ତାମ୍ବୁଳ ଖୁଆଇବି । ତାଙ୍କ ପାଇଁ ଶେଯ ସଜାଇ ଦେବି । ତାଙ୍କ ପଦସେବା କରିବି । ମୁଁ ହେବି ଗୁରୁଦେବଙ୍କ ସିଂହାସନ । ସେଥିରେ ଗୁରୁଦେବଙ୍କୁ ବସାଇ ଉପବେଶନସୁଖ ଅନୁଭବ କରିବି । ଶ୍ରୀଗୁରୁଦେବଙ୍କ ଆଖିକୁ ଯାହା ଭଲ ଲାଗିବ, ତାଙ୍କ ଜିଭକୁ ଯାହା ରୁଚିକର ହେବ, ମୁଁ ହେବି ସେହି ବସ୍ତୁ । ତାଙ୍କ ଶ୍ରବଣ ଯୁଦ୍ଧରେ ମୁଁ ଅକ୍ଷୌହିଣୀ ସୈନ୍ୟ ହୋଇ କେବଳ ହରିକଥା ହିଁ ତାଙ୍କୁ ଶୁଣାଇବି । ସେ ଯେଉଁ ବସ୍ତୁରୁ ସ୍ପର୍ଶସୁଖ ଲାଭ କରିବେ, ମୁଁ ହେବି ସେହି ବସ୍ତୁ । ମୁଁ ହେବି ତାଙ୍କ ଘ୍ରାଣେନ୍ଦ୍ରିୟର ସୁଖଦାୟକ ସୁଗନ୍ଧ । ମୁଁ ତାଙ୍କ ବାହ୍ୟ ଓ ଅନ୍ତରରେ ସମସ୍ତ ପ୍ରକାରର ସେବା କରିବି । ଯେତେଦିନ ଏହି ଦେହରେ ଥିବି, ଏହି ଭାବରେ ସେବା କରିବି ଏବଂ ମୃତ୍ୟୁପରେ ମଧ୍ୟ ଗୁରୁସେବାର ମନୋବୃତ୍ତି ରଖି ମୃତ୍ୟୁବରଣ କରିବି । ଗୁରୁଙ୍କ ଚରଣଚାଳିତ ଭୂମିରେ ମୋର ଦେହାବଶେଷକୁ ମିଶେଇଦେବି । ମୁଁ ହେବି ତାଙ୍କର ସ୍ପର୍ଶସୁଖଦାୟକ ଜଳର ଜଳୀୟଅଂଶ । ତାଙ୍କ ଆରତି କରାଯାଉଥିବା ଦୀପଶିଖାର ତେଜାଂଶ ହେବି ମୁଁ । ତାଙ୍କର ଚାମର ଓ ପଙ୍ଖାର ପବନ ଦେହରେ ମୋ ପ୍ରାଣବାୟୁକୁ ମିଶେଇ ମୁଁ ତାଙ୍କ ସେବା କରିବି । ସେ ଯେଉଁ ଆକାଶରେ ଅବସ୍ଥାନ କରନ୍ତି, ସେଥିରେ ମୋ ଆକାଶର ଅଂଶକୁ ମିଳେଇ ଦେବି । ଏହିଭଳି ଭାବରେ ଜୀବନ ମରଣ କୌଣସି ଅବସ୍ଥାରେ ମୁଁ ଗୁରୁସେବା ଛାଡ଼ିବି ନାହିଁ । କ୍ଷଣିକ ପାଇଁ ସୁଦ୍ଧା ଅନ୍ୟ କାହାକୁ ସେବାର ସୁଯୋଗ ନଦେଇ ଜନ୍ମଜନ୍ମାନ୍ତରର କୋଟିକଳ୍ପ ଧରି ମୁଁ କେବଳ ଗୁରୁଙ୍କ ସେବା କରିବି ।

ହେ ଅର୍ଜୁନ ! ଏହିଭଳି ଭାବରେ ଗୁରୁସେବାର ଅତୁଳନୀୟ ମାନସିକ ଧୈର୍ଯ୍ୟ ଯେଉଁ ବ୍ୟକ୍ତିର ଦିବସ ରଜନୀ, ଅଳ୍ପ ବା ଅଧିକ ବିଚାର ନ କରି ଯିଏ ଗୁରୁଆଜ୍ଞା ବଳରେ ହୃଷ୍ଟପୁଷ୍ଟ ରହିଥାଏ, ସେହି ବ୍ୟକ୍ତି ଆକାଶଠାରୁ ମଧ୍ୟ ମହାନ୍ । ସେ ଏକା ଏକା ସବୁ ସମସ୍ୟାର ସମାଧାନ କରିଦେଇପାରେ । ସେବା କରିବି, ଏହି ମନୋଭାବ ଜାଗ୍ରତ ନ ହେଉଣୁ, ସେ ଗୁରୁସେବା କରିବା ଲାଗି ଅଗ୍ରସର

ହୋଇପଡ଼େ । ମନକୁ କହେ ତୁ ପଛରେ ପଡ଼ିଗଲୁ । ମୁଁ ତା ପୂର୍ବରୁ ମୋର କର୍ତ୍ତବ୍ୟ ସାଧନ କରି ସାରିଲିଣି ।

ଏଭଳି ବ୍ୟକ୍ତି ଗୁରୁଲୀଳା କ୍ରମେ ନିଜ ଜୀବନକୁ ଦାନ କରିଥାଏ । ଗୁରୁସେବାରେ ଦାତାର ଶରୀର କୃଶ ବା କ୍ଷୀଣ ହେଲେ ମଧ୍ୟ, ଗୁରୁସେବାରେ ତା ଅନ୍ତର ପରିପୁଷ୍ଟ ରହିଥାଏ । ସେ ନିଜେ ଗୁରୁଆଜ୍ଞାର ନିବାସ ସ୍ଥାନ । ଗୁରୁ ଗୌରବରେ ସେ ଗୌରବାନ୍ୱିତ । ସେ ଗୁରୁଙ୍କ ବନ୍ଧୁବାନ୍ଧବଙ୍କ ସୌଜନ୍ୟର ସୁଜନ । ଗୁରୁବିଳାସରେ ବିଳାସୀ ସେ । ଗୁରୁ ସଂପ୍ରଦାୟରୁ ଧର୍ମ ହିଁ ତାର ବର୍ଣ୍ଣାଶ୍ରମ । ଗୁରୁପରିଚର୍ଯ୍ୟା ହିଁ ତାର ନିତ୍ୟକର୍ମ । ଗୁରୁ ହିଁ ତାର କ୍ଷେତ୍ରଧାମ, ତୀର୍ଥଭୂମି । ଗୁରୁ ହିଁ ଦେବତା । ଗୁରୁ ପିତାମାତା । ଗୁରୁସେବା ବ୍ୟତୀତ ସେ ଅନ୍ୟକିଛି ଜାଣେନା । ଗୁରୁଦ୍ୱାର ଯାହାର ସର୍ବସ୍ୱ, ଗୁରୁସେବକ ଯାହାର ସହୋଦର, ଯାହା ମୁଖରେ ଗୁରୁନାମ ଏକମାତ୍ର ମନ୍ତ୍ରଜପ, ଗୁରୁସ୍ପୃଷ୍ଟ ଜଳ ଯାହାର ତୀର୍ଥ ସଲୀଳ, ଗୁରୁଉଚ୍ଛିଷ୍ଟ ଯାହାର ଅମୃତତୁଲ୍ୟ, ଯାହା ପକ୍ଷରେ ଗୁରୁବାକ୍ୟ ଭିନ୍ନ ଅନ୍ୟଶାସ୍ତ୍ର ଅସ୍ପୃଶ୍ୟ, ଯେଉଁ ବ୍ୟକ୍ତି ଗୁରୁଙ୍କ ଗମନ ବେଳେ ତାଙ୍କ ପାଦଧୂଳିକୁ କୈବଲ୍ୟ ମନେ କରି ଆନନ୍ଦରେ ଗ୍ରହଣ କରିଥାଏ, ସେହି ବ୍ୟକ୍ତି ହେଉଛି ପ୍ରକୃତ ଜ୍ଞାନୀ ।

ଗୁରୁଭକ୍ତି ଅପାର । ଗୁରୁସେବା ଲାଗି ଯାହାର ଏଭଳି ଇଚ୍ଛା ଓ ପ୍ରେମ, ଗୁରୁସେବା ବ୍ୟତୀତ ଯାହା ପକ୍ଷରେ ମଧୁରତର କିଛି ନାହିଁ, ସେ ହେଉଛି ତତ୍ତ୍ୱଜ୍ଞାନୀ । ଗୁରୁଭକ୍ତର ସେବା ହେଉଛି ତା ଜ୍ଞାନର ଶୋଭା । ଜ୍ଞାନ ତାର ସେବକ । ଗୁରୁଭକ୍ତ ହେଉଛି ଜ୍ଞାନର ଉପାସ୍ୟ ଦେବତା । ଏହି ଗୁରୁସେବା ଲାଗି ମୋ ମନ ଅଭିଳାଷୀ । ତେଣୁ ଗୀତାବ୍ୟାଖ୍ୟାର ସରଳପଥ ଛାଡ଼ି ମୁଁ ଏହି ପଥରେ ଭ୍ରମଣ କରି ଚାଲିଛି । ମୋ ହସ୍ତପଦ ଅବଶ, ଭଜନ ବିଷୟରେ ମୁଁ ଅନ୍ଧ, ସେବା ସମ୍ପର୍କରେ ମୋ ବୁଦ୍ଧି ପଙ୍ଗୁ, ଗୁରୁଗୁଣବର୍ଣ୍ଣନରେ ମୋ ମନ ମୌନୀ, ଆଳସ୍ୟପରାୟଣ । ମୁଁ ବୃଥାରେ ଏହି ପରିପୁଷ୍ଟ ଦେହ ଧାରଣ କରିଛି । ମୋ ମନ ପ୍ରେମପୂର୍ଣ୍ଣ । କେବଳ ଗୁରୁଙ୍କ ଲାଗି ଏ ଦେହ ପୋଷଣ ଆବଶ୍ୟକ

ହୋଇଛି । ମୋର ଏ ବାଚାଳତା ଲାଗି, ହେ ଶ୍ରୋତାବୃନ୍ଦ ! ମୋତେ କ୍ଷମା କରନ୍ତୁ । ଗୁରୁସେବା ଲାଗି ମତେ ସୁଯୋଗ ଦିଅନ୍ତୁ । ଏବେ ଗୀତାର୍ଥ ବର୍ଣ୍ଣନା କରୁଛି ଶୁଣନ୍ତୁ ।

ସମଗ୍ର ଜୀବଜଗତର ଆଶ୍ରୟ ବିଷ୍ଣୁ ନାମରେ ଖ୍ୟାତ ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ଶୁଚିତା ବା 'ଶୌଚ' କ'ଣ ଶୁଣ । ଯିଏ ଶୁଦ୍ଧ, ତାର ଅନ୍ତର ଓ ବାହାର କର୍ପୂର ଅଥବା ରତ୍ନଭଳି ନିର୍ମଳ ଓ ଉଜ୍ଜ୍ୱଳ । ସୂର୍ଯ୍ୟଭଳି ଭିତରେ ଓ ବାହାରେ ସେ ଆଲୋକମୟ । ସେ ବାହାରେ କର୍ମଦ୍ୱାରା ଓ ଅନ୍ତରରେ ଜ୍ଞାନଦ୍ୱାରା ପବିତ୍ର ଓ ନିର୍ମଳ । ବେଦମନ୍ତ୍ର, ମୃତ୍ତିକା ଓ ଜଳ ହେଉଛି ବାହ୍ୟ ଶୌଚର ଉପକରଣ । କିନ୍ତୁ ବୁଦ୍ଧି ନହେଲେ ଏହିସବୁ ଉପକରଣର ବ୍ୟବହାର ଯଥାରୀତି ହୋଇ ନପାରେ ।

ଦର୍ପଣ ଦେହରେ ଧୂଳି ଲାଗିଲେ ବୁଦ୍ଧିଦ୍ୱାରା ହିଁ ପରିଷ୍କାର କରାଯାଇଥାଏ । ରଜକ କ୍ଷାର ଦ୍ୱାରା ବସ୍ତ୍ର ପରିଷ୍କାର କରିଥାଏ । ସେହି ଭଳି ବାହାରେ ଯିଏ ଦେହକୁ ପରିଷ୍କାର ରଖେ ଏବଂ ଅନ୍ତର ଭିତରେ ଜ୍ଞାନଦୀପ ପ୍ରଜ୍ୱଳ କରିଥାଏ, ତାହାକୁ ଶୁଚିଶୁଦ୍ଧ କୁହାଯାଏ । ହେ ପାଣ୍ଡୁସୁତ ! ଅନ୍ତର ଶୁଦ୍ଧ ନ ହେଲେ ବାହ୍ୟିକ ଶୌଚକର୍ମାଦି ବିଡ଼ମ୍ବନା ମାତ୍ର । ଶବକୁ ଅଳଂକୃତ କରିବା, ଗଧକୁ ନେଇ ତୀର୍ଥସ୍ନାନ କରାଇବା, ତିକ୍ତବସ୍ତୁ ଉପରେ ଗୁଡ଼ ପ୍ରଲେପ ଦେବା, ଶୂନ୍ୟଗୃହରେ ତୋରଣ ସଜାଇବା, ଉପବାସ କରିଥିବା ବ୍ୟକ୍ତି ଆଗରେ ନେଇ ଅନ୍ନ ବ୍ୟଞ୍ଜନ ଥୋଇବା, ବିଧବା ଲଲାଟରେ ସିନ୍ଦୂର ଟୋପାଦେବା ଯେପରି ନିରର୍ଥକ, ସେହିଭଳି ଭିତରେ ଶୁଦ୍ଧ ନ ରହି ବାହାର ନିର୍ମଳ ରଖିବା ମଧ୍ୟ ନିରର୍ଥକ । କେବଳ ଶରୀରର ବାହାରକୁ ଯିଏ ନିର୍ମଳ ରଖେ, ତାକୁ ଶ୍ରେଷ୍ଠ କୁହାଯାଇ ନପାରେ । ମଦିରାଭାଣ୍ଡ ବା ମଦବୋତଲକୁ ଗଙ୍ଗା ଜଳରେ ଯେତେ ବୁଡ଼ାଇଲେ ମଧ୍ୟ ତାହା ପବିତ୍ର ହୋଇଯାଇ ନ ପାରେ । ଅନ୍ତର ଭିତରେ ଜ୍ଞାନ ଆବଶ୍ୟକ । ଥରେ ଏହି ଅନ୍ତର୍ଜ୍ଞାନ ଚାଲିଆସିଲେ, ବାହାରର ଶୁଚିତ୍ୱ ତା'ମନକୁ ଚାଲି ଆସିବ । ବହିଃଶୌଚ ଅଭ୍ୟାସଲଭ୍ୟ । ଉତ୍ତମ କର୍ମାନୁଷ୍ଠାନ ଦ୍ୱାରା ବାହ୍ୟଦେଶ ନିର୍ମଳ ଏବଂ ଜ୍ଞାନଦ୍ୱାରା ଅନ୍ତରର କଳଙ୍କ ଶୋଧିତ ହେଲେ ବାହ୍ୟ ଓ ଅନ୍ତର ଭେଦ

ଦୂର ହୋଇ କେବଳ ଅବଶିଷ୍ଟ ରହେ ପବିତ୍ରତା, ନିର୍ମଳତା ବା ଶୁଚିତ୍ୱ । ଆଲୋକ ଯେପରି କାଚକୁ ଭେଦ କରି ଆସିଥାଏ, ସେହିଭଳି ଅନ୍ତରର ସୁଚିନ୍ତା ବା ସଦ୍‌ଭାବ ବାହାରେ ଦୃଷ୍ଟିଗୋଚର ହୋଇଥାଏ । ମେଘର ପବିତ୍ର ବର୍ଣ୍ଣରେ ଆକାଶର କୌଣସି ପରିବର୍ତ୍ତନ ହୋଇ ନଥାଏ କିମ୍ବା ମଳିନ ହୋଇ ପଡ଼ିନଥାଏ, ସେହିଭଳି ଯେଉଁସବୁ ବିଷୟ ଦ୍ୱାରା ସନ୍ଦେହ ଓ କୁକର୍ମ ଆଦିର ସୃଷ୍ଟି ହୋଇଥାଏ, ସେ ବିଷୟଗୁଡ଼ିକ ପବିତ୍ର ବ୍ୟକ୍ତିକୁ ସ୍ପର୍ଶ କରି ନଥାଏ । ସେସବୁ ସହିତ ସେ ଜଡ଼ିତ ହୋଇ ପଡ଼େନା । କୌଣସି ବିଳାସପୂର୍ଣ୍ଣ ବା ଉପଭୋଗ୍ୟ ବସ୍ତୁ ଦେଖିବା ରୁ ସେ ସମ୍ପର୍କରେ ଶୁଣିବା ଲାଗି ତା ମନ ଆକୃଷ୍ଟ ହୁଏନା କିମ୍ବା ସେଥିରେ ସେ ଜଡ଼ିତ ହୁଏନା । ସେ ତାର ଇନ୍ଦ୍ରିୟଗୁଡ଼ିକୁ କାର୍ଯ୍ୟ କରିବା ଲାଗି ସୁଯୋଗ ଦେଲେ ମଧ୍ୟ ଇନ୍ଦ୍ରିୟବିକାର ଦୋଷରେ ସେ ଲିପ୍ତ ହୁଏନା । ସାଧୁ ବ୍ୟକ୍ତି ବାଟରେ ଯାଉଥିବା ବେଳେ ସେହି ବାଟରେ ଯାଉଥିବା କୌଣସି ସ୍ତ୍ରୀଲୋକକୁ ଦେଖି ସେ ସୁନ୍ଦର କି ନୁହଁ, ସେ ଗୌରାଙ୍ଗୀ କି ଶ୍ୟାମଳୀ ଜାଣିବାଲାଗି ଯେପରି ଆଗ୍ରହୀ ହୋଇ ନଥାଏ, ସେହିଭଳି ଶୂଚିବାନ୍ ବା ଜ୍ଞାନୀବ୍ୟକ୍ତି ସଂସାର ପ୍ରତି ଆଗ୍ରହୀ ନଥାଏ । ସେହି ଗୋଟିଏ ଯୁବତୀ, ପତିକୁ ଆଲିଙ୍ଗନ କରେ, ପୁଅକୁ ମଧ୍ୟ ଆଲିଙ୍ଗନ କରେ । କିନ୍ତୁ ଏହି ଆଲିଙ୍ଗନରେ ଭାବର ପାର୍ଥକ୍ୟ ଥାଏ ଯଥେଷ୍ଟ । ପୁଅକୁ ଆଲିଙ୍ଗନ କଲାବେଳେ ତା ମନରେ ତିଳେହେଲେ କାମଭାବ ଜାଗ୍ରତ ହୋଇ ନଥାଏ । ପବିତ୍ର ମନୋଭାବାପନ୍ନ ବ୍ୟକ୍ତିର ହୃଦୟରେ ସେହିଭଳି ବିଷୟବୁଦ୍ଧିର ଚିହ୍ନବର୍ଣ୍ଣ ସୁଦ୍ଧା ନଥାଏ । କେଉଁଟା ଭଲ, କେଉଁଟା ମନ୍ଦ ସେ ଆଗରୁ ଜାଣିପାରେ, ତେଣୁ କୌଣସି ବିଷୟ ସମ୍ପର୍କରେ ତାର ସନ୍ଦେହ ନଥାଏ କିମ୍ବା କୌଣସି ଜିନିଷକୁ ପାଇବା ଲାଗି ତାର ଆଶା ନଥାଏ । ହୀରାକୁ ତରଳାଯାଇ ନପାରେ । ବାଲୁକାକୁ ପାଣିରେ ରନ୍ଧନ କରାଯାଇ ନପାରେ । ସେହିଭଳି କୌଣସି କୁଚିନ୍ତା ଦ୍ୱାରା ଜ୍ଞାନୀର ମାନସ କଳୁଷିତ ହୋଇ ନଥାଏ ।

ଏହିସବୁ ହେଉଚି ଶୁଚିତ୍ୱର ଲକ୍ଷଣ । ତୁମେ ଯେଉଁଠାରେ ଏହି ଲକ୍ଷଣ ସବୁ ଲକ୍ଷ୍ୟ କରିବ, ଜାଣିବ ସେ ହେଉଛି ପ୍ରକୃତ ଜ୍ଞାନର ଭଣ୍ଡାର ।

'ଧୈର୍ଯ୍ୟ'ର ଲକ୍ଷଣ କ'ଣ ଶୁଣ ।

ଦେହ ନିଜର ରୀତିମତ୍ କାମ କରେ । ମନ ତାର ନିଶ୍ଚଳତା ତ୍ୟାଗ କରେନା । ଗାଈ ନିଜ ବାଛୁରୀ କଥା ହିଁ ଭାବିଥାଏ । ବାଛୁରୀ ମଧ୍ୟ ମାଆ ପାଖେ ପାଖେ ରହିଥାଏ । ଲୋଭୀ ବା କୃପଣ ବ୍ୟକ୍ତି ଘର ଛାଡ଼ି ଦୂରକୁ କୌଣସି କାମରେ ଗଲେ ମଧ୍ୟ ତା ମନ ସବୁବେଳେ ରହିଥାଏ ଘରେ ପୋତିଥିବା ମୂଲ୍ୟବାନ୍ ସମ୍ପତ୍ତି ଉପରେ । ସତୀର ଭୋଗବାସନା ନିଜ ପତିକୁ ଛାଡ଼ି ଅନ୍ୟତ୍ର ଯାଏନା । ସେହିଭଳି ଦେହର ରୋଗ ଯନ୍ତ୍ରଣାରେ ଧୈର୍ଯ୍ୟବାନ୍ ବ୍ୟକ୍ତିର ଚିତ୍ତବିକାର ଘଟେନା । ମେଘଗୁଡ଼ିକ କ୍ଷିପ୍ର ଗତିରେ ଏପଟ ସେପଟ ହେଲେ ମଧ୍ୟ ଆକାଶ ସ୍ଥିର ନିଶ୍ଚଳ । ଗ୍ରହ ନକ୍ଷତ୍ରଗୁଡ଼ିକ ଗତିଶୀଳ ହେଲେ ମଧ୍ୟ ଧ୍ରୁବତାରା ଯେଉଁଠି ସେଇଠି । ଲକ୍ଷ ଲକ୍ଷ ପଥିକ ଓ ଯାନବାହନ ଚଳାଚଳ କରୁଥିଲେ ମଧ୍ୟ ପଥ ସ୍ଥିର । ବୃକ୍ଷ କେଉଁଠାକୁ ଯାତାୟତ କରେନା । ସେ ଜନ୍ମବେଳୁ ଯେଉଁଠି, ମଲା ପର୍ଯ୍ୟନ୍ତ ସେହିଠାରେ ହିଁ ରହିଥାଏ ।

ସେହିଭଳି ହେ ଅର୍ଜୁନ ! ଏହି ପଞ୍ଚଭୂତାତ୍ମକ ଚଳମାନ ଦେହରୁ ନାନା ବିକାରର ତରଙ୍ଗ ଗୋଟିକ ପରେ ଗୋଟିଏ ମାଡ଼ି ଆସିଲେ ମଧ୍ୟ ଧୈର୍ଯ୍ୟବାନ୍ ବ୍ୟକ୍ତିର ମନ ଅସ୍ଥିର, ବିକୃତ କିମ୍ବା ବିକାରଗ୍ରସ୍ତ ହୋଇପଡ଼େନା । ଯେତେ ଝଡ଼ଝଞ୍ଝା ଆସୁନା କାହିଁକି ପୃଥିବୀ କମ୍ପିତ ହୁଏନା । ସେହିଭଳି ଧୈର୍ଯ୍ୟବାନ୍ ବ୍ୟକ୍ତି କୌଣସି କ୍ଷୋଭ, ଉପଦ୍ରବ, ଦାରିଦ୍ର୍ୟ, ଦୁଃଖ, ଭୟ, ଶୋକଦ୍ୱାରା ବିଚଳିତ ହୋଇପଡ଼େନା । ତାର ମୃତ୍ୟୁ ଭୟ ନଥାଏ । ତାର ଚିତ୍ତର ଗତି ସରଳ ହୋଇଥିବାରୁ ଆଶା ଓ ହତାଶାର ଦୁର୍ବାର ପ୍ରଭାବ, ଦୁରାରୋଗ୍ୟ ବ୍ୟାଧିର ଭୟଙ୍କର ଗର୍ଜନ ତା କାନରେ ପଡ଼େନା । ଦୈବାତ୍ ନିନ୍ଦା, ଅପମାନ ଓ କାମଲୋଭର ଅଧୀନତା ସ୍ୱୀକାର କଲେ ମଧ୍ୟ ତା ମନ ବିକୃତ ହୋଇପଡ଼େନା । ଆକାଶ ଭାଙ୍ଗି ପଡୁ ବା ପୃଥିବୀ ମିଳେଇ ଯାଉନା କାହିଁକି, ଧୈର୍ଯ୍ୟବାନ୍ ବ୍ୟକ୍ତିର ଚିତ୍ତବୃତ୍ତି ଅବିଚଳିତ ରହିଥାଏ । ଫୁଲମାଳାଟିଏ ଧରି ହାତୀକି ବାଡ଼େଇଲେ ସେ ପଛକୁ ଫେରି ଚାହେଁନା । ସେହିଭଳି ଧୈର୍ଯ୍ୟବାନ୍ ବ୍ୟକ୍ତିକୁ ଯେତେ ତିରସ୍କାର କଲେ ମଧ୍ୟ ତାର ଧୈର୍ଯ୍ୟଚ୍ୟୁତି ଘଟେନା । ସେ ତିରସ୍କାର ପ୍ରତି ଉଦାସୀନ ରହିଥାଏ । ମନ୍ଦରାଚଳ କ୍ଷୀରସାଗର ବକ୍ଷକୁ ତରଙ୍ଗାୟିତ କରି ନପାରେ କିମ୍ବା

ସମୁଦ୍ରରୁ ଉତ୍‌ଥିତ ବାତ୍ୟା ପର୍ବତକୁ ସ୍ଥାନଚ୍ୟୁତ କରି ନପାରେ । ଦାବାଗ୍ନି ଦ୍ୱାରା ଗଗନମଣ୍ଡଳ ଦଗ୍ଧ ହେବା ଅସମ୍ଭବ । ସେହିଭଳି ଇନ୍ଦ୍ରିୟମାନଙ୍କ ବିଭିନ୍ନ ପ୍ରବୃତ୍ତି ଲହଡ଼ି ଭାଙ୍ଗି ଚାଲିଲେ ମଧ୍ୟ ଜ୍ଞାନୀ ବା ଧୈର୍ଯ୍ୟବାନ୍‌ର ମନ ବିକ୍ଷୁବ୍ଧ ହୋଇପଡ଼େନା । ପ୍ରଳୟ ଦ୍ୱାରା ଜଗତ ନିଶ୍ଚିହ୍ନ ହୋଇଯାଇପାରେ, ତଥାପି ତାର ଧୈର୍ଯ୍ୟଚ୍ୟୁତି ଘଟେନା । ଦେହ ଓ ମନରେ ଯିଏ ଏହି ପରାକ୍ରମଶାଳୀ ଧୈର୍ଯ୍ୟର ଅନୁଶୀଳନ କରିଥାଏ, ସେ ହେଉଛି ବ୍ରହ୍ମଜ୍ଞାନୀ ।

ବ୍ରହ୍ମରାକ୍ଷସ ଯେଉଁ ଗୃହରେ ରହିଥାଏ, ସେହି ଗୃହକୁ ଛାଡ଼ି ସେ ଅନ୍ୟତ୍ର ଯାଏନା । ଯୋଦ୍ଧା ଅସ୍ତ୍ରତ୍ୟାଗ କରେନା । ଲୋଭୀ ନିଜ ଭଣ୍ଡାରକୁ ଛାଡ଼େନା । ମା' ସନ୍ତାନର ମୋହ ତ୍ୟାଗ କରିପାରେନା । ମହୁମାଛି ମହୁ ସଂଗ୍ରହ ଚିନ୍ତାରେ ହିଁ ରହିଥାଏ । ସେହିଭଳି ଜ୍ଞାନୀବ୍ୟକ୍ତି ଅଥବା କାମନା ଓ ଆଶାର ଡାଆଣୀ ଭୟରେ ଭୟତ୍ରସ୍ତ ହୋଇପଡ଼ିବ, ସେଥିଲାଗି ସେ ତା ମନକୁ ଇନ୍ଦ୍ରିୟ ଦ୍ୱାରରେ ଦଣ୍ଡାୟମାନ ରହିବାକୁ ସୁଯୋଗ ଦିଏନା । ଶାସନକ୍ଷମ ପତି ଯେପରି ବ୍ୟଭିଚାରିଣୀ ସ୍ତ୍ରୀକୁ ନିଜ ବନ୍ଧନ ଭିତରେ ରଖିଥାଏ, ବାହାରକୁ ଯିବାକୁ ଦିଏନା, ସେହିଭଳି ସେ ନିଜ ଇନ୍ଦ୍ରିୟଗୁଡ଼ିକୁ ଭୋଗବାସନାରୁ ନିବୃତ୍ତ ରଖିଥାଏ । ଶରୀର କ୍ଷୀଣହୋଇ ବିନଷ୍ଟ ହେବା ପର୍ଯ୍ୟନ୍ତ ସେ ବିବେକ ସହିତ ଇନ୍ଦ୍ରିୟସଂଯମ କରିଥାଏ । ସେ ଯମ ଓ ନିୟମକୁ ଶରୀର ଓ ମନର ଦ୍ୱାର ଦେଶରେ 'ପ୍ରତ୍ୟାହାର'ର ପ୍ରହରୀ ଭାବରେ ନିଯୁକ୍ତ କରିଥାଏ । ମୂଳାଧାର ନାଭିମଣ୍ଡଳରେ ଓ କଣ୍ଠଦେଶରେ ଯଥାକ୍ରମେ ବଜ୍ରାସନ, ଉଡ୍‌ଡ଼ିୟାନ ଓ ଜାଳନ୍ଧର ନାମକ ତିନୋଟି ପ୍ରତାପୀସୈନ୍ୟଙ୍କୁ ମଧ୍ୟ ସେ ପହରାଦାର ସୈନ୍ୟଭାବରେ ନିଯୁକ୍ତ ରଖିଥାଏ । ଇଡ଼ା ଓ ପିଙ୍ଗଳା ଦ୍ୱାରା ଚିତ୍ତକୁ ଶାସନ କରେ ଏବଂ ସୁଷୁମ୍ନାକୁ ଶୁଆଇ ରଖି ନିଜ ଚୈତନ୍ୟକୁ ସମାଧିସ୍ଥ କରାଇ ନିଏ । ତାର ଚିତ୍ତବୃତ୍ତି ଚୈତନ୍ୟମୟ ଗୋଟିଏ ରସରେ ମଗ୍ନ ରହେ । ମନର ଏହି ଅବସ୍ଥାକୁ କୁହାଯାଏ 'ଆତ୍ମସଂଯମ' । ଏହିଠାରେ ଜ୍ଞାନର ବିଜୟଶଙ୍ଖ ନିନାଦିତ ହୁଏ । ଯାହାର ଆଜ୍ଞାକୁ ଅନ୍ତଃକରଣ ଶିରୋଧାର୍ଯ୍ୟ କରେ, ସେ ହେଉଚି ମନୁଷ୍ୟାକାରରେ ମୂର୍ତ୍ତିମାନ୍ 'ଜ୍ଞାନ' ।

ଇନ୍ଦ୍ରିୟାର୍ଥେଷୁବୈରାଗ୍ୟମନହଂକାର ଏବ ଚ ।
ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ ॥୮॥

ଜ୍ଞାନୀର ମନରେ ଇନ୍ଦ୍ରିୟପ୍ରତି ପୂର୍ଣ୍ଣବୈରାଗ୍ୟ ସର୍ବଦା ଜାଗ୍ରତ ରହିଥାଏ । ବାନ୍ତି କରାଯାଇଥିବା ଅନ୍ନ ପ୍ରତି ରସନା ଲୋଲୁପ ହୋଇ ଉଠେନା । କୌଣସି ବ୍ୟକ୍ତି ମୃତଦେହକୁ ଆଲିଙ୍ଗନ କରିବାକୁ ଆଗଭର ହୁଏନା । କେହି କେବେ ହେଲେ ଆନନ୍ଦରେ ବିଷପାନ କରେନା । ଜଳନ୍ତା ଘର ଭିତରେ କେହି ପ୍ରବେଶ କରିବାକୁ ଇଚ୍ଛା କରେନା । ବାଘ ରହୁଥିବା ଗୁମ୍ଫାକୁ କେହି କେବେ ଆଶ୍ରୟସ୍ଥଳ ଭାବରେ ଗ୍ରହଣ କରେନା କିମ୍ବା ତରଳ ଉତ୍ତପ୍ତ ଲୁହାଭିତରକୁ ଡିଏଁନା । ଅଜଗର ସାପ ଗୁଡ଼େଇ ହୋଇଥିବା ସ୍ତମ୍ଭକୁ କେହି କାଣିଶୁଣି କୁଣ୍ଢାଇ ଧରେନା । ସେହିଭଳି ଜ୍ଞାନୀବ୍ୟକ୍ତି ବିଷୟଜଞ୍ଜାଳ ସମ୍ପର୍କରେ ଅଲୋଚନା ସୁଦ୍ଧା କରି ନଥାଏ କିମ୍ବା ଇନ୍ଦ୍ରିୟଗୁଡ଼ିକୁ ଏଥିପ୍ରତି ଆକୃଷ୍ଟ ହେବାକୁ ସୁଯୋଗ ଦେଇ ନଥାଏ । ତା ମସ୍ତିଷ୍କ ଅଳସ, ଦେହ କ୍ଷୀଣ ଓ ଦୁର୍ବଳ ହୋଇଯାଇପାରେ, ମାତ୍ର ତାର ହୃଦୟ ସବୁବେଳେ ଇନ୍ଦ୍ରିୟଗୁଡ଼ିକୁ ସଂଯତ କରି ରଖିଥାଏ । ହେ ପାଣ୍ଡବ ! ଏ ଧରଣର ବ୍ୟକ୍ତି ଅର୍ଥାତ୍ ଜ୍ଞାନୀ, ତପସ୍ୟାକୁ ଭଲପାଏ, ଜନକୋଳାହଳମୟ ସ୍ଥାନକୁ ପରିହାର କରିଥାଏ । ଯୋଗାଭ୍ୟାସ ପ୍ରତି ତାର ତୀବ୍ର ଲାଳସା ଥାଏ । ସେ ଯେଉଁଠିକି ଯାଏ ସେଠାରେ ନୂତନ ଯୁଗର ଆଭାସ ମିଳିଥାଏ । ଅବସ୍ଥାକ୍ରମେ ସେ ଲୋକଙ୍କ ଭିତରେ ବିଚରଣ କରୁଥିଲେ ମଧ୍ୟ ତା ମନ ଲାଖି ରହିଥାଏ ନିର୍ଜନ ପ୍ରଦେଶରେ । ସେ ଭୋଗୀର ଭୋଗବର୍ଣ୍ଣନାକୁ ସହ୍ୟ କରି ପାରେନା । ଭୋଗବିଳାସକୁ ସେ ଶରଶଯ୍ୟାଭଳି ଦୁଃଖଦାୟକ ମନେ କରିଥାଏ । ସେ ଭାବେ, ଭୋଗ ହେଉଛି, ପୂଜରକ୍ତମୟ ଦୁର୍ଗନ୍ଧର ନର୍କକୁଣ୍ଡ । ତାକୁ ସ୍ୱର୍ଗସୁଖ କଥା କହିଲେ, ସେ ଭାବେ କୁକୁରର ପଚାମାଂସ କଥା କୁହାଯାଉଛି । ଏଭଳି ଆଚରଣକୁ କୁହାଯାଏ 'ବୈରାଗ୍ୟ' । ଏହି ଆଚରଣଦ୍ୱାରା ହିଁ ବ୍ରହ୍ମାନନ୍ଦର ସୌଭାଗ୍ୟ ଓ ଯୋଗ୍ୟତା ଲାଭ କରାଯାଇଥାଏ । ଇହଲୋକ ଓ ପରଲୋକରେ ଯିଏ ଭୋଗପ୍ରତି ବିମୁଖ, ବୀତସ୍ପୃହ, ସେହି ମନୁଷ୍ୟ ହେଉଛି ଜ୍ଞାନର ଭଣ୍ଡାର ।

''ଅନହଂକାର'' ବା ନିରଭିମାନୀ ବ୍ୟକ୍ତିର ଲକ୍ଷଣ ସମ୍ପର୍କରେ କେତେକ କଥା କହୁଛ ଶୁଣ । କୌଣସି ଯଜ୍ଞାନୁଷ୍ଠାନ କିମ୍ବା କୌଣସି ଧର୍ମାନୁଷ୍ଠାନ କରିବାରେ ଯାହା ମନରେ କୌଣସି ଅଭିମାନ ନଥାଏ, ସେ ହେଉଛି ନିରଭିମାନୀ । ବର୍ଣ୍ଣାଶ୍ରମ ଅନୁସାରେ ଧର୍ମାନୁକୂଳ ନିତ୍ୟନୈମିତ୍ତିକ କର୍ମ କରିବାରେ ଅବଶ୍ୟ ତା ମନରେ କୌଣସି ନ୍ୟୂନଭାବ ନଥାଏ, ତଥାପି ସେ ଭାବେ ନାହିଁ ଯେ ଏସବୁ କାର୍ଯ୍ୟ ମୁଁ କରିଛି କିମ୍ବା ମୋ ଯୋଗୁଁ ହୋଇଛି । ବାୟୁ ସ୍ୱଭାବତଃ ସର୍ବତ୍ର ଭ୍ରମଣ କରିଥାଏ । ମନରେ କୌଣସି ଅଭିମାନ ନ ରଖି ସୂର୍ଯ୍ୟ ଉଦୟରୁ ଅସ୍ତକାଳ ପର୍ଯ୍ୟନ୍ତ ଜଗତକୁ ଆଲୋକ ପ୍ରଦାନ କରିଥାଏ । ବେଦ ଓ ଶାସ୍ତ୍ର ସକଳ ଲୋକକୁ ଉପଯୁକ୍ତ ମାର୍ଗରେ ଯିବାପାଇଁ ଦିଗ୍‌ଦର୍ଶନ କରିଥାଆନ୍ତି । ଗଙ୍ଗା ତା ମନକୁ ପ୍ରବାହିତ ହୁଏ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଜଳପ୍ରଦାନ କରେ । ବୃକ୍ଷ ଋତୁ ଅନୁସାରେ ଫଳବାନ ହୋଇ ଅନ୍ୟକୁ ଫଳ ପ୍ରଦାନ କରିଥାଏ, ଅଥଚ ''ମୁଁ ଫଳ ପ୍ରଦାନ କରୁଛି, ଅନ୍ୟର ଉପକାର କରୁଛି'' ବୋଲି କହି ହୁଏନାହିଁ । ଏହିଭଳି ଭାବରେ ଯାହାର ମନ ଅହଂକାରଶୂନ୍ୟ, ସେ ହେଉଚି ପ୍ରକୃତ ଜ୍ଞାନୀ । ସୂତା ଛିଣ୍ଡିଯିବା ମାତ୍ରେ ସେଥିରେ ଗୁନ୍ଥା ହୋଇଥିବା ରତ୍ନଗୁଡ଼ିକ ଖସି ତଳେ ପଡ଼ିଥାଏ । ସେହିଭଳି ଜ୍ଞାନୀର କାୟ, ମନ ଓ ବାକ୍ୟରେ ଅହଙ୍କାରର ଚିହ୍ନସୁଦ୍ଧା ଲୋପ ପାଇଥାଏ, ସେ ନିରାଲମ୍ବ ମେଘଭଳି କେବଳ ଦୈହିକ କର୍ମ କରିଥାଏ । ମଦ୍ୟପ ତା ଦେହରେ ଲୁଗାପଟା ଅଛି କି ନାହିଁ ତାର ଖବର ଅନ୍ତର ରଖି ନଥାଏ । ଚିତ୍ରାଙ୍କିତ ଯୋଦ୍ଧା ତା ହାତରେ ଖଡ଼୍‌ଗ ଥିବା କଥା ଜାଣେ ନାହିଁ । ପିଠିରେ ଲଦା ହୋଇଥିବା ପୁସ୍ତକରେ କ'ଣ ଲେଖା ହୋଇଛି ବଳଦ ଜାଣେନା, ସେହିଭଳି ବିନମ୍ରତା ତଥା ନିରହଂକାର ଏପରି ଏକ ଭାବ, ଯେଉଁଥିରେ ବ୍ୟକ୍ତି ଦେହଧରି ରହିଥିଲେ ମଧ୍ୟ ନିଜ ଅସ୍ତିତ୍ୱ ସମ୍ପର୍କରେ ସଚେତ ନଥାଏ । ନିରହଂକାର ଭାବ ଯେଉଁଠି, ସେହିଠାରେ ହିଁ ଜ୍ଞାନର ବିକାଶ ଲାଭ ହୋଇଥାଏ ।

ଜ୍ଞାନୀମାତ୍ରେ ଜନ୍ମ, ମୃତ୍ୟୁ, ଜରା, ଦୁଃଖ, ରୋଗ, ଶୋକ, ବାର୍ଦ୍ଧକ୍ୟ ପ୍ରଭୃତିର ଆକ୍ରମଣ ପୂର୍ବରୁ ଦୂରରୁ ଦେଖିପାରେ । ଗୁଣିଆ ପିଶାଚକୁ ଠିକ୍ ଚିହ୍ନିପାରେ । ଯୋଗୀ ତା ପକ୍ଷରେ ସମ୍ଭାବିତ ଉପଦ୍ରବ କ'ଣ ଜାଣିପାରି ତାର

ମୂଳୋତ୍ପାଟନ କରିଥାଏ । ହାତରେ ଧରିଥିବା ଯନ୍ତ୍ରପାତିରୁ ରାଜମିସ୍ତ୍ରୀକୁ ଚିହ୍ନି ହୁଏ । ସର୍ପ ପୂର୍ବଜନ୍ମର ବୈରଭାବକୁ ଭୁଲି ପାରେନା । ସେହିଭଳି ଜ୍ଞାନୀ ଭବିଷ୍ୟତରେ ଅର୍ଥାତ୍ ପରବର୍ତ୍ତୀ ଜନ୍ମରେ ପାପକୁ ପରିହାର କରିବା ଉଦ୍ଦେଶ୍ୟରେ ପୂର୍ବଜନ୍ମର ପାପକୁ ଭୁଲିଯାଏନା । ଆଖିରେ ଧୂଳି ପଡ଼ିଲେ କିମ୍ବା କ୍ଷତ ସ୍ଥାନରେ ଲୁହା କଣ୍ଟା ବା କୌଣସି କଣ୍ଟା ରହିଯାଇଥିଲେ, ଯେପରି ମନୁଷ୍ୟ ତାକୁ ଭୁଲି ପାରେନା, ସେହିଭଳି ଜ୍ଞାନୀ ପୂର୍ବଜନ୍ମର ପାପ ଓ ଦୁଃଖ ଭୁଲିଯାଇ ପାରେନା । ସେ ଜନ୍ମ ହେବାବେଳର ଏବଂ ପିଲାଦିନର କଥାକୁ ଠିକ୍ ମନେ ରଖି ଭାବିଥାଏ, ''ହାୟରେ ! ମୁଁ ପୂଜ-ପରିପୂର୍ଣ୍ଣ ଏକ ଗାତ ଭିତରେ ପ୍ରବେଶ କରିଥିଲି, ମୂତ୍ରଦ୍ୱାର ବାଟେ ବାହାର ହୋଇଥିଲି, ସ୍ତନ୍ୟପାନ ସଙ୍ଗେ ସଙ୍ଗେ ସ୍ତନରେ ଲାଗିଥିବା ଝାଳକୁ ମଧ୍ୟ ପାନକରୁଥିଲି ।'' ପୁନର୍ଜନ୍ମଲାଗି ସେ ଭୟ ପାଇ କହିଥାଏ, ମୁଁ ଏଭଳି କୌଣସି କର୍ମ କରିବି ନାହିଁ, ଯେଉଁଥିରେ ମତେ ପୁଣି ଜନ୍ମ ଗ୍ରହଣ କରିବାକୁ ପଡ଼ିବ । ଜୁଆଖେଳାଳୀ ହରାଇଥିବା ଧନକୁ ପାଇବା ଲୋଭରେ ଥରକୁ ଥର ବାଜି ଲଗାଇଥାଏ, କିନ୍ତୁ ଥରେ ହାରିଯିବା ପରେ ସେ ସତର୍କ ହୋଇଯାଏ । ପିତାଙ୍କ ଶତ୍ରୁର ପ୍ରତିଶୋଧ ନେବାପାଇଁ ପୁତ୍ର ସବୁବେଳେ ସୁଯୋଗ ଉଣ୍ଡି ରହିଥାଏ । ସେହିଭଳି ଜ୍ଞାନୀବ୍ୟକ୍ତି ଯେପରି ପୁନର୍ଜନ୍ମ ଗ୍ରହଣ କରିବାକୁ ନ ପଡ଼ିବ, ସେଥିଲାଗି ମନରେ ସଜାଗ ରହି କର୍ମ କରିଥାଏ ।

ସମ୍ମାନିତ ବ୍ୟକ୍ତି ଦୁର୍ନାମକୁ ଏଡ଼େଇବାଲାଗି ସବୁବେଳେ ଉଦ୍ୟମ କରିଥାଏ । ସେହିଭଳି ଜ୍ଞାନୀବ୍ୟକ୍ତି ପୁନର୍ଜନ୍ମ ବ୍ୟାପାରକୁ ଅତି ଲଜ୍ଜାକର ବୋଲି ଅନୁଭବ କରିଥାଏ । ଭବିଷ୍ୟତରେ ମୃତ୍ୟୁ ଯେ ସୁନିଶ୍ଚିତ, ଏ ବିଷୟକୁ ସେ ବହୁ ଆଗରୁ ଉପଲବ୍ଧି କରି ତଦନୁଯାୟୀ ସତ୍‌କର୍ମ ହିଁ କରିଥାଏ । ନଦୀରେ ବହୁତ ପାଣି ହେବ ଜାଣି ପହଁରା ଜାଣୁଥିବା ବ୍ୟକ୍ତି ଆଗରୁ ଅଣ୍ଟାଭିଡ଼ି ପ୍ରସ୍ତୁତ ହୋଇଥାଏ । ଯୋଦ୍ଧା ଯୁଦ୍ଧ କ୍ଷେତ୍ରକୁ ଯିବା ପୂର୍ବରୁ ନିଜକୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିଥାଏ ଏବଂ ଆଘାତ ଲାଗିବା ପୂର୍ବରୁ ସେ ଢାଲକୁ ଦେଖାଇଥାଏ । ଜଙ୍ଗଲ ରାସ୍ତାରେ ଯିବା ପୂର୍ବରୁ ପଥିକ ମନରେ ସାହସ ବାନ୍ଧି ନେଇଥାଏ । ଘରପାଖରେ ଘାତକ ଥିଲେ ଆଗରୁ ସାବଧାନ ହେବାକୁ ପଡ଼େ । ରୋଗରେ ଜୀବନାନ୍ତ ହେବା

ପୂର୍ବରୁ ବଞ୍ଚିବା ଆଶାରେ ଔଷଧ ସେବନ କରିବାକୁ ପଡ଼ିଥାଏ । ଘରେ ନିଆଁ ଲାଗିଲେ ଯାଇ କୂଅ ଖୋଳିବା ହେଉଚି ବାଚାଳତା । ପୋଖରୀ ଭିତରକୁ ପଥରଟିଏ ଫିଙ୍ଗିଲେ ଏହା ସାମାନ୍ୟ ଶବ୍ଦକରି ଡୁବିଯାଏ । ପୋଖରୀ ତା ଚିତ୍କାର ପ୍ରତି କର୍ଣ୍ଣପାତ ନକରି ତାକୁ ଡୁବେଇ ଦିଏ । କର୍ତ୍ତୃପକ୍ଷସହିତ କଳହ କରିଥିବା ଲୋକକୁ ଦିନରାତି ତଥ୍ୟ ପ୍ରମାଣ ସହିତ ଲଢ଼ିବା ଲାଗି ପ୍ରସ୍ତୁତ ହେବାକୁ ପଡ଼େ । ଯାହାର ଶତ୍ରୁ ଅଧିକ, ସେ ଆଘାତରୁ ରକ୍ଷା ପାଇବାଲାଗି ସବୁବେଳେ ପ୍ରସ୍ତୁତ ରହିଥାଏ । ବିବାହଯୋଗ୍ୟା କନ୍ୟା ସର୍ବଦା ମନେ ମନେ ବିବାହ କଥା ଚିନ୍ତା କରିଥାଏ । ମାଆ ମଧ୍ୟ କନ୍ୟାକୁ ବିବାହ ଦେବାଲାଗି ଅଳଂକୃତ କରିଥାଏ । ସେହିଭଳି ଭାବରେ ଜନ୍ମଗ୍ରହଣ କରିବାରେ ଯିଏ ଜନ୍ମ ନିବାରଣ ଲାଗି ଉପାୟ ଅବଲମ୍ବନ କରେ, ମୃତ୍ୟୁ ସାହାଯ୍ୟରେ ମୃତ୍ୟୁର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରିଥାଏ,ସେ ବାସ୍ତବରେ ଜ୍ଞାନବାନ୍ ।

ଯାହାଠାରୁ ମୃତ୍ୟୁର ଯନ୍ତ୍ରଣା ଅପସାରିତ, ତା'ପାଇଁ ଜ୍ଞାନର ସମସ୍ତ ଦ୍ୱାର ଉନ୍ମୁକ୍ତ । ବୃଦ୍ଧକାଳ ଆସିବା ପୂର୍ବରୁ ନିଜ ଦେହରେ ଫୁଟି ଉଠିଥିବା ତାରୁଣ୍ୟ ଓ ତାର ସୌନ୍ଦର୍ଯ୍ୟକୁ ଦେଖି ସେ କହିଥାଏ, ଏସବୁ ଅଳ୍ପ ସମୟ ପାଇଁ, ଏହା ନିଶ୍ଚୟ କ୍ଷୀଣ ଓ ଶୁଷ୍କ ହୋଇଯିବ । ଯିଏ ଅଭାଗା, ତାର ସମସ୍ତ କର୍ମ ଆପେ ଆପେ ନିଷ୍ଫଳ ହୋଇପଡ଼େ । ସେହିଭଳି ଏ ଦେହ, ଏ ହାତ ଗୋଡ଼ ଦିନେ ଅଚଳ ଅବଶ ହୋଇପଡ଼ିବେ । ବିନା ମନ୍ତ୍ରୀରେ ନୃପତିର ଦଶା ଯାହା ହୋଇଥାଏ, ସେହିଭଳି ଏ ଶରୀରର ସମସ୍ତ ବଳବୀର୍ଯ୍ୟ ଚାଲିଯାଇ ସେହି ଦଶା ହୋଇଥାଏ । ଜ୍ଞାନୀ ଜାଣେ ଯେ ସୁବାସିତ ପୁଷ୍ପମାଳାଭଳି ଏ ଅଙ୍ଗ ଆଜି ସିନା ସ୍ନିଗ୍ଧସୁନ୍ଦର ରହିଛି, ଏହା ଓଟର ଆଣ୍ଠୁଭଳି ଦିନେ କୁତ୍ସିତ ହୋଇପଡ଼ିବ । ଆଷାଢ଼ ମାସର ବାୟୁ ସ୍ପର୍ଶରେ ପଶୁର ଖୁରାରେ ଘା' ହେଲାଭଳି, ଏ ଶରୀରରେ ମଧ୍ୟ ଘା' ଘଉଡ଼ି ହୋଇଯିବ, ପାଚିଲା ଫଳ ଭଳି ଏହା ଝଡ଼ିପଡ଼ିବ । କମଳକୁ ଜିଣି ଯେଉଁ ନୟନଯୁଗଳ, ଯୌବନକାଳରେ ଯେତେ ଆକର୍ଷଣୀୟ ହେଉନା କାହିଁକି, ତାହା କ୍ରମଶଃ ନିସ୍ତେଜ ହୋଇପଡ଼ିବ । ଭ୍ରୂଲତାରେ ଆଉ କଟାକ୍ଷ ରହିବ ନାହିଁ । ସେ ସବୁ ଗଛର ବକଳା ଭଳି ଲୋଳଚର୍ମ ହୋଇ ଓହଳି

ପଡ଼ିବ । ଚକ୍ଷୁର ଅଶ୍ରୁରେ ବକ୍ଷସ୍ଥଳ ପ୍ଲାବିତ ହେବ । ବଟବୃକ୍ଷକୁ ହାଣିଦେବା ମାତ୍ରେ ଯେପରି କ୍ଷୀର ଭଳି ଅଠା ଚାରିଆଡ଼େ ଖେଳିଯାଏ, ସେହିଭଳି ବୃଦ୍ଧବୟସରେ ପାଟିରୁ ଲାଳ ଏଭଳି ଭାବରେ ଗଡ଼ିବ ଯେ, ତାକୁ ସମ୍ଭାଳିବା କଷ୍ଟକର ହୋଇପଡ଼ିବ । ନାକରୁ ସିଂଘାଣି ବାହାରିବାରେ ଲାଗିବ । ଯେଉଁ ଓଷ୍ଠ ତାମ୍ବୁଳରଞ୍ଜିତ ହୋଇ ଅରୁଣବର୍ଣ୍ଣ ଧାରଣ କରିଥାଏ, ହସିବା ମାତ୍ରେ ଯେଉଁ ଦାନ୍ତଗୁଡ଼ିକ ଦେଖା ଯାଉଥାଏ, ଯେଉଁ କାନ ମଧୁର ସଂଗୀତ ଶୁଣିବା ପାଇଁ ଉତ୍କଣ୍ଠିତ ରହିଥାଏ, ସେହି ମୁଖରୁ ଚୁଲି ପାଖରେ ଥିବା ନାଳ ନର୍ଦ୍ଦମାର ମଇଳା ପାଣି ଭଳି ଲାଳ ଗଡ଼ିବ, ଦାନ୍ତ ଭାଙ୍ଗିପଡ଼ିବ, ମାଢ଼ି ମଧ୍ୟ ଦଲ୍‌ଦଲିଆ ହୋଇପଡ଼ିବ । ରଣପ୍ରସ୍ତ ବ୍ୟକ୍ତି ଓ ଶୀତାର୍ତ୍ତ ପଶୁଙ୍କଭଳି ତାର ରସନା ବାକ୍ୟ ଉଚ୍ଚାରଣ ଲାଗି ଅସମର୍ଥ ହୋଇପଡ଼ିବ । ପବନରେ କୁଟାପାଳ ଯେପରି ଏପଟରୁ ସେପଟକୁ ଉଡ଼ିବାରେ ଲାଗିଥାଏ, ସେହିଭଳି ଦାଢ଼ି ସବୁ ପାଟି ଭିତରେ ପଶିଯାଉଥିବ । ପର୍ବତ ଶିଖରରୁ ବର୍ଷାପାଣି ଗଡ଼ିବା ଭଳି ଦାନ୍ତ ମୂଳରୁ ପୂଜରକ୍ତ ଗଡ଼ିବାରେ ଲାଗିବ । ବାକ୍‌ଶକ୍ତି ଲୋପ ପାଇବ । କାନକୁ ଆଉ ଶୁଭିବ ନାହିଁ । ଶରୀର ବୁଢ଼ାମାଙ୍କଡ଼ ଭଳି ଦେଖାଯିବ । ବିଲମାନଙ୍କରେ ଟଙ୍ଗାଯାଇଥିବା ନଡ଼ାପାଳରେ ତିଆରି କୃତ୍ରିମ ମଣିଷ ଭଳି ପବନରେ ଦେହ କମ୍ପି ଉଠିବ । ଜଙ୍ଘରେ ଜଙ୍ଘ ବାଡ଼େଇ ହେବ । ହାତ ବଙ୍କା ହୋଇଯିବ । ସର୍ବାଙ୍ଗର ଅନ୍ତିମକାଳ ଆସି ଉପସ୍ଥିତ ହେବ । ମଳ ମୂତ୍ର ଏପରି ଭାବରେ ବାହାରିବ ଯେ, ଆତ୍ମୀୟ ସ୍ୱଜନମାନେ କହିବେ ଲୋକଟା ଶୀଘ୍ର ମରୁନି କାହିଁକି ? ଘୃଣାରେ ସମସ୍ତେ ତମକୁ ଦେଖିବାମାତ୍ରେ ଥୁ ଥୁ କରିବେ । କେବଳ ମୃତ୍ୟୁକୁ ଅପେକ୍ଷା କରି ରହିବ । ତରୁଣୀମାନେ ତୁମର ଯେଉଁ ସୁନ୍ଦର ପୁରୁଷାଙ୍ଗକୁ ଦେଖି ଆକୃଷ୍ଟ ହୋଇ ପଡୁଥିଲେ, ସେହିମାନେ ତମକୁ ଘୃଣା କରିବେ । ପିଲାମାନେ ତୁମର ଏହି ବିକଳ କଦର୍ଯ୍ୟ ଅବସ୍ଥା ଦେଖି ଭୟଭୀତ ହୋଇ ପଡ଼ିବେ । ତୁମର ରୁଗ୍‌ଣାବସ୍ଥାରେ ସାହିପଡ଼ିଶା ଲୋକେ ମଧ୍ୟ ବିରକ୍ତ ହୋଇ ଉଠିବେ । ତୁମର କାଶିବାଶବ୍ଦ ଶୁଣିବାମାତ୍ରେ ଆଖପାଖର ଲୋକେ କହିବେ, ବୁଢ଼ାଟା ଆଦୌ ଶୁଆଇ ଦେଉନି ।

ଜ୍ଞାନୀବ୍ୟକ୍ତି ଏହିଭଳି ବାର୍ଦ୍ଧକ୍ୟ ଦଶାକୁ ନିଜର ତରୁଣ ଅବସ୍ଥାବେଳୁ ଅନୁମାନ କରି ସାରିଥାଏ । ଯାହା ସେ ଆଗରୁ ଅନୁଭବ କରିପାରେ, ତାକୁ

ସେ ଭୁଲିଯାଏନା । ଏକଥା ତାର ସର୍ବଦା ମନେଥାଏ ବୋଲି ସେ ବୁଝିପାରେ ଯେ ଯୌବନଭୋଗ ଦିନେ ନା ଦିନେ ଚାଲିଯିବ, ତାର ଚିହ୍ନ ସୁଦ୍ଧା ରହିବ ନାହିଁ । ତେଣୁ ସମୟ ନଷ୍ଟ କରନା । ସେ ବଧିର ହେବା ଆଗରୁ ଯାହା ଶୁଣିବା ଉପଯୁକ୍ତ, ସେସବୁ ଶୁଣି ଯାଇଥାଏ । ଦେହ ଅଚଳ ହୋଇପଡ଼ିବା ପୂର୍ବରୁ ତୀର୍ଥଯାତ୍ରା କରିପକାଇଥାଏ । ଦର୍ଶନୀୟ ବସ୍ତୁର ଦର୍ଶନ ଏବଂ ବାକ୍‌ଶକ୍ତି ବନ୍ଦ ହେବା ପୂର୍ବରୁ ସେ ଯାହା ଯାହା କହିବା ଉପଯୁକ୍ତ, କହି ପକାଇଥାଏ । ହାତ ଅଚଳ ହୋଇ ପଡ଼ିବା ପୂର୍ବରୁ ପରୋପକାର ଦିଗରେ ହାତକୁ ନିୟୋଜିତ କରିଥାଏ, ଦାନଧର୍ମ କରିଥାଏ । ସ୍ଥବିର ଅବସ୍ଥାରେ ମନ ବିଚଳିତ ବା ଭାରସାମ୍ୟ ହରାଇବା ପୂର୍ବରୁ ଆତ୍ମଜ୍ଞାନ ସମ୍ପର୍କରେ ଚିନ୍ତା କରିଥାଏ । ଆସନ୍ତାକାଲି ଚୋର ଓ ଲୁଣ୍ଠନକାରୀଙ୍କ ପ୍ରତି ସାବଧାନ ହେବାଲାଗି ଘରର ସାମଗ୍ରୀଗୁଡ଼ିକୁ ଆଜିଠୁ ହଟାଇ ଦେବା ଭଲ । ହୁଏତ ଦୀପ ଲିଭିଯିବ, ସେଥିଲାଗି ତେଲ ଓ ବଳିତାକୁ ଠିକ୍ କରିବାକୁ ପଡ଼େ । ସେଥିଲାଗି ବାର୍ଦ୍ଧକ୍ୟ ପୂର୍ବରୁ ଯାହା ଯାହା ନଷ୍ଟ ହୋଇଯିବାର ଆଶଙ୍କା ରହିଛି, ସେ ସବୁର ସଦୁପଯୋଗ କରାଯିବା ଆବଶ୍ୟକ । ସଂଧ୍ୟା ପୂର୍ବରୁ ପକ୍ଷୀଗୁଡ଼ିକ ନିଜ ନିଜ ବସାକୁ ଫେରି ଆସନ୍ତି । ସଂଧ୍ୟା ପୂର୍ବରୁ ବାଟୋଇ ନିରାପଦ ସ୍ଥାନରେ ଆସି ଆଶ୍ରୟ ନେଇଥାଏ । ନଚେତ୍ ସେ ଚୋର ତଥା ଦସ୍ୟୁଙ୍କ ହାବୁଡ଼ରେ ପଡ଼ିଯିବାର ଆଶଙ୍କା ଥାଏ ।

ଯିଏ ଜନ୍ମବେଳୁ ଭାବିନିଏ ଯେ ମୁଁ ଶତବର୍ଷର ବୃଦ୍ଧ, ବାର୍ଦ୍ଧକ୍ୟ ଆସିଲେ ମଧ୍ୟ ତାର କିଛି ଯାଏ ଆସେନା । ଚାଉଳ ବାହାରି ଆସିବା ପରେ ତଷୁକୁ ଯେତେ କୁଟ, ସେଥିରୁ ଚାଉଳ ଆଉ ବାହାରି ନପାରେ । ତେଣୁ ଜ୍ଞାନୀକୁ ବାର୍ଦ୍ଧକ୍ୟ ସ୍ପର୍ଶ କରି ପାରେନା । ଯିଏ ପଥ୍ୟ ଠିକ୍ ରଖିଥାଏ, ଆଗରୁ ପ୍ରତିଷେଧକ ବ୍ୟବସ୍ଥା କରିଥାଏ, ତା ଦେହକୁ ରୋଗ ଆସେ ନାହିଁ । ଅଗ୍ନି ଭସ୍ମକୁ ଆଉ ପୋଡ଼ି ପାରେନା । କାରଣ ପୋଡ଼ି ପୋଡ଼ି ସେ ଭସ୍ମ ହୋଇ ସାରିଛି । ଆହୁରି କେତେବର୍ଷ ଗଲେ ଯାଇ ବୁଢ଼ା ହେବି, ଏତେବେଳୁ ସେଥିଲାଗି କାହିଁକି ଚିନ୍ତା କରିବି ବୋଲି କୌଣସି ଜ୍ଞାନୀବ୍ୟକ୍ତି ଭାବି ନଥାଏ । ସେ ଆଗରୁ ସତର୍କ ହୋଇ ଯାଇଥାଏ । ସେ ଦେହରେ ଥିଲେ ମଧ୍ୟ ଦେହ ସହିତ ସେ ଜଡ଼ିତ ରହେନା ।

ଦେହଭୋଗ କ'ଣ ସେ ଜାଣେନା । ଦୁଃଖ ସୁଖ, ଯନ୍ତ୍ରଣା ଆଦିକୁ ସେ ବିଷମିଶ୍ରିତ ଖାଦ୍ୟ ମନେକରି ସେଗୁଡ଼ିକୁ ଏଡ଼େଇ ଯାଇଥାଏ । ଅର୍ଥାତ୍ ଏସବୁ ପ୍ରତି ସେ ଉଦାସୀନ ରହିଥାଏ । ଅଙ୍ଗପ୍ରତ୍ୟଙ୍ଗ ଓ ଇନ୍ଦ୍ରିୟ ମାନଙ୍କରେ ପାପପ୍ରବୃତ୍ତି ମୁଣ୍ଡ ଟେକିବା ମାତ୍ରେ ଜ୍ଞାନୀବ୍ୟକ୍ତି ଆତ୍ମସଂଯମ ରୂପକ ବଡ଼ ବଡ଼ ପଥର ଫିଙ୍ଗି ସେମାନଙ୍କ ଅଗ୍ରଗତିକୁ ବନ୍ଦ କରି ଦେଇଥାଏ । ବାର୍ଦ୍ଧକ୍ୟ ଦିନେନା ଦିନେ ଆସିବା ଜାଣି ଯିଏ ଆଗରୁ ସତର୍କ ରହି ଏହାର ଆଗମନମାତ୍ରେ ତାର ବଶୀଭୂତ ହୋଇ ପଡ଼େନା ଏବଂ ଯାହାଠାରେ ଆଗରୁ ଯେଉଁସବୁ ଚାତୁର୍ଯ୍ୟପୂର୍ଣ୍ଣ ଆଚରଣର ବର୍ଣ୍ଣନା କରାଯାଇଚି, ସେସବୁ ଥିବା ଦେଖିବ, ଜାଣିବ ଯେ ସେହିବ୍ୟକ୍ତିହେଉଚି ଜ୍ଞାନସମ୍ପନ୍ନ । ହେ ଧନଞ୍ଜୟ ! ଏହାପରେ ତୁମକୁ ଆଉ ଏକ ଅସାଧାରଣ ଲକ୍ଷଣ କହିବି ।

ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ ।
ନିତ୍ୟଂ ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ॥୯॥

ମୁସାଫିର ବା ପ୍ରବାସୀ ରାତ୍ରି ଆଶ୍ରୟସ୍ଥଳ ପ୍ରତି ଯେପରି ଉଦାସୀନ, ସେହିଭଳି ଜ୍ଞାନୀ ନିଜ ଦେହ ପ୍ରତି ଉଦାସୀନ ରହିଥାଏ । ନିଜ ଗୃହପ୍ରତି ତାର କୌଣସି ଆସକ୍ତି ବା ଆକର୍ଷଣ ନଥାଏ । ବରଂ ବାଟରେ ଗଲାବେଳେ ଯେଉଁ ଗଛଗୁଡ଼ିକ ତାକୁ ଛାୟା ପ୍ରଦାନ କରିଥାଆନ୍ତି, ସେଥିପ୍ରତି ସେ ଅଧିକ ଆସ୍ଥାବାନ୍ । କାରଣ ସେଥିରୁ ସେ ଭଗବତ୍ ସତ୍ତା ଅନୁଭବ କରିପାରେ । କାୟା ସହିତ ଛାୟା ଚାଲିଥିଲେ ମଧ୍ୟ ମନୁଷ୍ୟ ଯେପରି ଏହି ଛାୟା ସମ୍ପର୍କରେ କୌଣସି ଚିନ୍ତା କରିନଥାଏ, ଜ୍ଞାନୀବ୍ୟକ୍ତି ନିଜ ସ୍ତ୍ରୀ ପ୍ରତି ସେହିଭଳି ମନୋଭାବ ପୋଷଣ କରିଥାଏ । ସ୍ତ୍ରୀ ପ୍ରତି ତାର କୌଣସି ଲୋଲୁପତା ନଥାଏ । ଦିପହର ଖରାରେ ଗୋରୁଗାଈ ଆଦି ପାଳିତ ପଶୁଗୁଡ଼ିକ ଗଛତଳେ ଆଶ୍ରୟ ନେଇ ଥାଆନ୍ତି । କିନ୍ତୁ ଗଛ ଏଗୁଡ଼ିକ ପ୍ରତି ଆସକ୍ତ ନଥାଏ । ସେହିଭଳି ଜ୍ଞାନୀବ୍ୟକ୍ତି ନିଜ ସନ୍ତାନମାନଙ୍କ ପ୍ରତି ଅନାସକ୍ତ । ଅଚଳାଚଳ ସମ୍ପତ୍ତି ଭିତରେ ଥିଲେ ମଧ୍ୟ ସେ ଏହି ଧନସମ୍ପତ୍ତି ପ୍ରତି ଦେଖଣାହାରୀ ବାଟୋଇ ଭଳି ଆଚରଣ କରିଥାଏ । ଧନ ସମ୍ପତ୍ତିରେ ସେ ଜଡ଼ିତ ହୋଇ ପଡ଼େନା । ପିଞ୍ଜରାବଦ୍ଧ ଶୁକପକ୍ଷୀ ଯେପରି

ଗୃହସ୍ୱାମୀର ଆଜ୍ଞା ମାନିଥାଏ, ସେହିପରି ଯେଉଁ ବ୍ୟକ୍ତି ବେଦାନ୍ତର ଅନୁଶାସନ ତଥା ଶୃଙ୍ଖଳାକୁ ମାନି ଚଳେ; ଯିଏ ସ୍ତ୍ରୀ, ଗୃହ, ପୁତ୍ର, ଧନସମ୍ପତ୍ତି ଆଦି ପ୍ରତି ଅନାସକ୍ତ, ସେ ହେଉଚି ଜ୍ଞାନୀ ବା ଜ୍ଞାନର ଅଧିଷ୍ଠାନ । ଗ୍ରୀଷ୍ମ ଆସୁ, ବର୍ଷା ଆସୁ, ଇଷ୍ଟ ଓ ଅନିଷ୍ଟରେ ଯିଏ ସମଭାବାପନ୍ନ; ସକାଳ, ମଧ୍ୟାହ୍ନ ଓ ରାତ୍ରି ଏବଂ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କାଳରେ ସୂର୍ଯ୍ୟଭଳି ଯାହାର ହୃଦୟ ସୁଖ, ଦୁଃଖରେ ସମାନ, ଆକାଶ ଭଳି ଯାହାର ହୃଦୟ ପ୍ରଶାନ୍ତ, ସେ ହେଉଛି ଶୁଦ୍ଧଜ୍ଞାନୀ ।

ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।
ବିବିକ୍ତଦେଶସେବିତ୍ୱମରତିଜନସଂସଦି ॥୧୦॥

ସେ କାୟମନୋବାକ୍ୟରେ ନିଶ୍ଚିତ ଭାବରେ ଉପଲବ୍ଧି କରିଥାଏ ଯେ, ସଂସାରରେ ଭଗବାନ ବା 'ମୋ' ବ୍ୟତୀତ ଉତ୍ତମ କିଛି ନାହିଁ; ସେ ମୋ ବ୍ୟତୀତ ଅନ୍ୟ କୌଣସି ପଦାର୍ଥ ଦର୍ଶନ କରେନା । ମୋ କଥା ବ୍ୟତୀତ ଅନ୍ୟକିଛି ଶୁଣେନା । ତୁଣ୍ଡରେ ମୋ ନାମ ହିଁ କୀର୍ତ୍ତନ କରିଥାଏ । ମୋ ବ୍ୟତୀତ ତାର ଅନ୍ୟ କୌଣସି ଚିନ୍ତା ନଥାଏ । ବଲ୍ଲଭ ନିକଟରେ କାନ୍ତା ଅର୍ଥାତ୍ ସ୍ୱାମୀ ନିକଟରେ ସ୍ତ୍ରୀ ଯେପରି ତା ଦେହ ଓ ମନର କୌଣସି ଅଂଶ ଗୋପନ ରଖିବାକୁ ଲଜ୍ଜାବୋଧ କରି ନଥାଏ, ସେହିଭଳି ସେ (ଜ୍ଞାନୀ) ତା ମନର ସମସ୍ତ ବିଷୟକୁ ମୋ ଆଗରେ ଖୋଲିଦେଇ ମୋର ଭଜନ କରିଥାଏ । ତେଣୁ ତାର ଭକ୍ତି ଅଦ୍ୱିତୀୟ । ସମୁଦ୍ରରେ ମିଳିତ ହେବାପାଇଁ ଗଙ୍ଗା ଯେପରି ସର୍ବଦା ସମୁଦ୍ରାଭିମୁଖୀ, ସେହିଭଳି ସେ ମୋ ସହିତ ମିଳିତ ହେବାପାଇଁ ସତତ ମତେ ହିଁ ଭଜନ କରିଥାଏ । ଆଲୋକ ସହିତ ଯେପରି ସୂର୍ଯ୍ୟ ଉଦିତ ହୁଏ ଏବଂ ସେହି ଆଲୋକ ସହିତ ଅସ୍ତ ଯାଏ, ସେହିଭଳି ସେ ବ୍ରହ୍ମମୟ ହୋଇ ବ୍ରହ୍ମକୁ ହିଁ ଭଜନ କରେ । ଜଳ ଉପରକୁ ଉଠିଲେ ତାକୁ ତରଙ୍ଗ କୁହାଯାଏ; କିନ୍ତୁ ଏହା ଯେଉଁ ଜଳକୁ ସେହି ଜଳ । ଜଳ ଓ ତରଙ୍ଗ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସେହିଭଳି ଯିଏ ମୋ ସହିତ ମିଳିଯାଇ ଏକନିଷ୍ଠ ଭାବରେ ମତେ ହିଁ ଭଜନ କରେ, ସେ ହେଉଛି ଜ୍ଞାନୀ ବା ପ୍ରଜ୍ଞାବାନ୍ । ସେ ତୀର୍ଥ ଓ ପବିତ୍ର ସ୍ଥାନ, ନିର୍ଜନ ନିର୍ମଳ

ତମୋବନ, ଗୁହାଗହ୍ୱର ପ୍ରଭୃତିକୁ ପ୍ରୀତିପଦ ମନେ କରିଥାଏ । ନଦୀକୂଳ, ଜଳାଶ୍ରୟ ନିକଟସ୍ଥ ସ୍ଥାନକୁ ସେ ଭଲପାଏ । କୋଳାହଳମୟ ନଗର ବା ସହର ସ୍ଥାନକୁ ସେ ଆସି ନଥାଏ । ଯିଏ ଏକାନ୍ତ ଭାବନିଷ୍ଠ, ତାକୁ ଜନାରଣ୍ୟ ଭଲ ଲାଗେ ନାହିଁ । ଜନରବରେ ତା ମନ ଉଦ୍‌ବିଗ୍ନ ହୋଇପଡ଼େ ।

ହେ ସୁମତି ଅର୍ଜୁନ ! ତମକୁ ଏଥର ଜ୍ଞାନର ସିଦ୍ଧାନ୍ତ ସମ୍ପର୍କରେ ଆଉ ଏକ ଲକ୍ଷଣ କହିବି ।

ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।
ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥୧୧॥

ଜ୍ଞାନରେ ପରମାତ୍ମାଙ୍କର ଦର୍ଶନ ହୋଇଥାଏ । ଜ୍ଞାନୀ ଜାଣେ ଏହି ପରମାତ୍ମାଲାଭ ଭିନ୍ନ ଆଉ ସମସ୍ତ ଜ୍ଞାନ, ଅଜ୍ଞାନ । ସେ ଏଥିଲାଗି ସ୍ୱର୍ଗଭୋଗକୁ ମଧ୍ୟ ତୁଚ୍ଛ ମନେକରିଥାଏ । ଅନ୍ୟ କୌଣସି ପାର୍ଥିବ ଭୋଗପ୍ରତି ସେ କର୍ଣ୍ଣପାତ କରି ନଥାଏ । କେବଳ ଅଧ୍ୟାତ୍ମ ଜ୍ଞାନର ଅଗାଧ ଜଳରେ ସେ ମଗ୍ନ ରହିଥାଏ । ସମସ୍ତ ପ୍ରକାର ସଂକୀର୍ଣ୍ଣ ପଥକୁ ପରିତ୍ୟାଗ କରି ସେ ସରଳ ରାଜପଥରେ ଗତି କରିଥାଏ । ସେହିଭଳି ସେ ତାର ସମସ୍ତ ଜ୍ଞାନକୁ ଏହି ରୀତିରେ ଚାଳିତ କରିଥାଏ । ସେ ସମସ୍ତ ବସ୍ତୁକୁ ପୃଥକ୍ କରିଦେଇ ମନେ ମନେ ସ୍ଥିର କରିନିଏ ଯେ ଆତ୍ମଜ୍ଞାନ ବା ବ୍ରହ୍ମପଥ ହିଁ ସତ୍ୟ, ଅନ୍ୟସବୁ ଭ୍ରମାତ୍ମକ । ଏହା ବୁଝିପାରି ସେ ନିଜ ମନ ଓ ବୁଦ୍ଧିକୁ କେବଳ ଅଧ୍ୟାତ୍ମ ଜ୍ଞାନ ଲାଗି ନିଯୁକ୍ତ କରିଥାଏ । ଏହି ଆତ୍ମବିଶ୍ୱାସରେ ସେ ଅଟଳ ରହିଥାଏ । ତାର ସିଦ୍ଧାନ୍ତ ସର୍ବଦା ଧ୍ରୁବତାରା ଭଳି ନିଶ୍ଚିତ ରହିଥିବାରୁ ସେ ବ୍ରହ୍ମଦ୍ୱାରଦେଶରେ ରହିଥାଏ । କେବଳ ଜ୍ଞାନରେ ମଗ୍ନ ରହିବାରେ ସେ ମୋ ସ୍ୱରୂପ ଲାଭ କରେ । ତଥାପି ଜ୍ଞାନ ନିକଟକୁ ଆସିବା ଏବଂ ଜ୍ଞାନଲାଭ କରିବା, ଏ ଦୁଇଟି ବିଷୟରେ ପାର୍ଥକ୍ୟ ରହିଛି । ଭୋଜନ ଲାଗି ଉପବେଶନ କରିବା ଏବଂ ଭୋଜନ କରିବାରେ ସମାନ ଆନନ୍ଦ ଲାଭ ହୋଇ ନଥାଏ । ଜ୍ଞାନଲାଭ ଲାଗି ଯିଏ ବ୍ୟାକୁଳ, ସେ ଜ୍ଞାନର ଚୂଡ଼ାନ୍ତଫଳ ପ୍ରତି ଲକ୍ଷ୍ୟ ରଖିଥାଏ । କାରଣ ଯଦି ଫଳ ନଫଳେ, ତାହାହେଲେ ଜ୍ଞାନ

ନିରର୍ଥକ । ଅନ୍ଧ ହାତରେ ଦୀପ ଯେପରି ନିରର୍ଥକ, ସେହିଭଳି ଯେଉଁ ଜ୍ଞାନଦ୍ୱାରା ଆତ୍ମୋପଲବ୍ଧି ହୋଇପାରେନା, ସେ ଜ୍ଞାନ— ଜ୍ଞାନ ନୁହେଁ; ଅଜ୍ଞାନ । ଯେଉଁ ଆଲୋକଦ୍ୱାରା ଯଦି ପରବ୍ରହ୍ମର ଦର୍ଶନ ନ ମିଳିଲା, ସେହି ଆଲୋକକୁ ଜ୍ଞାନ କୁହାଯିବ କିପରି ? ଏହି ଜ୍ଞାନକୁ ଅଜ୍ଞାନ କୁହାଯିବ । ଯିଏ ପ୍ରକୃତରେ ଜ୍ଞାନୀ ସେ ଉପଲବ୍ଧି କରିଥାଏ ଯେ, ଜ୍ଞାନରୁ ଯାହାସବୁ ଉତ୍ପନ୍ନ ହୋଇଥାଏ, ସେ ହେଉଚି ବ୍ରହ୍ମ । ଜ୍ଞେୟ ବସ୍ତୁ ଦର୍ଶନଯୋଗ୍ୟବୁଦ୍ଧି ବା ଜ୍ଞାନ ସହିତ ବୃଦ୍ଧି ଲାଭ କରିଥାଏ । ଜ୍ଞାନର ଆଲୋକରେ ତାହାର ବୁଦ୍ଧି ଜ୍ଞେୟ ବସ୍ତୁରେ ପ୍ରବେଶ କରେ ଏବଂ ସେ ପରମତତ୍ତ୍ୱକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରେ । ତାର ଜ୍ଞାନାର୍ଜନ ସମ୍ପୂର୍ଣ୍ଣ ହୋଇଉଠେ । ସେ ବ୍ରହ୍ମସ୍ୱରୂପ ହୋଇଉଠେ ।

ଶ୍ରୋତାମାନେ କହିଲେ, ସେତିକି ଥାଉ । ଆଉ ଅଧିକ ବର୍ଣ୍ଣନା ନିଷ୍ପ୍ରୟୋଜନ । ଗ୍ରନ୍ଥାର୍ଥରେ ବାଧା ଯେପରି ନ ଆସେ ସେଥିପ୍ରତି ଦୃଷ୍ଟି ରହୁ । ଜ୍ଞାନ ସମ୍ପର୍କରେ ବହୁତ ବର୍ଣ୍ଣନା ହେଲାଣି । ବାଗ୍ମିତାରେ ଆମର ଯଥେଷ୍ଟ ତୃପ୍ତିଲାଭ ହେଲାଣି । ଗୋଟିଏ ରସକୁ ବାରମ୍ବାର ପରିବେଷଣକରି ଅନ୍ୟ କବିମାନଙ୍କ ଭଳି ଉପସ୍ଥିତ ନିମନ୍ତ୍ରିତ ଜନମାନସକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ଭୋଜନ ଲାଗି ବସାଇଦେଇ ଯଦି ପରିବେଷଣକାରୀ କେବଳ ଖାଦ୍ୟ ସାମଗ୍ରୀକୁ ଦେଖାଇ ଦେଇ ପଳାଇଯାଏ, ତାହାହେଲେ ଖାଦ୍ୟର ଆବଶ୍ୟକତା ବା କ'ଣ ଅଛି ? ସେଥିପ୍ରତି ଆକୃଷ୍ଟ ହୋଇ ଲାଭ ବା କ'ଣ ? ସବୁ ସମୟରେ ଭଲ ଅଥଚ କ୍ଷୀର ଦୁହିଁବା ବେଳେ ଯେଉଁ ଗାଈ ଚିରରେ ହାତ ଲଗାଇବାକୁ ଦିଏନାହିଁ, ସେଭଳି ଗାଈ ରଖି ଲାଭ କ'ଣ ? ଜ୍ଞାନ ବିଷୟ ଜାଣିବା ଲାଗି ଯାହାର ବୁଦ୍ଧିର ବିକାଶ ଘଟି ନାହିଁ, ସେଭଳି କବି କେବଳ ଏହି ବିଷୟଟିର କଳ୍ପନା ଜଳ୍ପନା କରିବା ସାର ହୋଇଥାଏ ।

ଯାହା କୁହାଗଲାଣି, ତାହାର ବର୍ଣ୍ଣନା ସୁନ୍ଦର ଭାବରେ ହୋଇଛି । ଯୋଗାଦି ପରିଶ୍ରମ ହେଉଛି ଜ୍ଞାନର ଅଂଶ ମାତ୍ର । ଜ୍ଞାନପ୍ରାପ୍ତି ଲାଗି ଏହା କରାଯାଉଥିଲେ ମଧ୍ୟ ଏହା ସନ୍ତୋଷର କାରଣ । ଏ ସମ୍ପର୍କରେ ଯେଉଁ ବର୍ଣ୍ଣନା

ହୋଇଛି, ତାହା ସପ୍ତାହବ୍ୟାପୀ ଅମୃତମୟ ଝଡ଼ଭଳି । ଏଥିରେ ଆନନ୍ଦ ତଥା ସୁଖର ଶତଲକ୍ଷ ଦିବସ ଅତିବାହିତ ହେବାର ଅନୁଭୂତି ହୋଇଛି । ପୂର୍ଣ୍ଣଚନ୍ଦ୍ର ସହିତ ଚକୋର ଏକାଠି ଗୋଟିଏ ଯୁଗ କଟିଗଲେ ମଧ୍ୟ ଚକୋର କ'ଣ ଚନ୍ଦ୍ରକୁ ଉତ୍କଣ୍ଠିତ ଭାବରେ ଚାହିଁ ରହିବ ନାହିଁ ? ସେହିଭଳି ଜ୍ଞାନ ସମ୍ପର୍କରେ ଅପୂର୍ବ ବର୍ଣ୍ଣନା ଶୁଣିବାରେ ଆଉ ପ୍ରୟୋଜନ ନାହିଁ ବୋଲି କିଏ କହିବ ? ଜ୍ୱାଇଁପୁଅ ଘରକୁ ଆସିଲେ ଏବଂ ଘରେ ଭଲ ସୂପକାର ଥିଲେ ଦିନସାରା ରନ୍ଧାବଢ଼ା ଲାଗି ରହିଥାଏ । ବର୍ତ୍ତମାନର ପରିସ୍ଥିତି ଠିକ୍ ସେହିଭଳି ହୋଇଛି । ଆମମାନଙ୍କର ମନରେ ରୁଚି ଅଛି, ତାଛଡ଼ା ଆପଣଙ୍କ ବର୍ଣ୍ଣନା ଶୁଣିବାକୁ ଭଲ ଲାଗୁଛି, ତେଣୁ ଗୀତା ବ୍ୟାଖ୍ୟାନରେ ଚତୁର୍ଗୁଣ ଆନନ୍ଦ ବୃଦ୍ଧି ପାଉଛି । ସେଥିରେ 'ଆଉ କହନ୍ତୁ' ବୋଲି ଆଉ କେତେ କହିବୁ ? ହେ ଜ୍ଞାନୀ ପ୍ରବର ! ଏହାପରେ ଶ୍ଳୋକରେ ଥିବା ପଦଗୁଡ଼ିକର ତାତ୍ପର୍ଯ୍ୟ ନିଜ ବୁଦ୍ଧି ବଳରେ ପ୍ରକାଶ କରନ୍ତୁ ।

ଶ୍ରୋତାମାନଙ୍କ ଏହି ବାକ୍ୟ ଶ୍ରବଣରେ ନିବୃତ୍ତିଦାସ ଜ୍ଞାନେଶ୍ୱର କହିଲେ, ମୋର ମଧ୍ୟ ସେହି ଇଚ୍ଛା । ସେଥିରେ ପୁଣି ଆପଣମାନେ ଆଦେଶ କଲେଣି । ଆଉ ବୃଥା ବାଚନିକଜାଲ ବିସ୍ତାର କରିବି ନାହିଁ ।

ଶ୍ରୀକୃଷ୍ଣ କହିଲେ, 'ଜ୍ଞାନ' କ'ଣ, ଆଠଟି ଲକ୍ଷଣରୁ ଜାଣିବ । ହାତ ପାପୁଲିରେ ଗୋଟିଏ ଅଁଳା ଫଳକୁ ଧରି ଦେଖାଇବା ଭଳି ମୁଁ ତୁମକୁ ଜ୍ଞାନଫଳ ଦେଖାଇଲି । ହେ ଧନଞ୍ଜୟ ! ହେ ମହାମତି ! ଏବେ ତୁମକୁ ମୁଁ 'ଅଜ୍ଞାନ'ର ଲକ୍ଷଣ କହୁଛି । ଜ୍ଞାନ ସ୍ପଷ୍ଟ ହୋଇଗଲେ ଅଜ୍ଞାନ କ'ଣ ଜାଣି ହୁଏ । କାରଣ ଜ୍ଞାନ ବ୍ୟତୀତ ଆଉ ଯାହା ରହେ ତାହା ଅଜ୍ଞାନ । ଦିନ ଗଲେ ରାତି ଆସେ, ରାତି ଗଲେ ଦିନ ଆସେ । ଏହି ଦୁଇଟି ବ୍ୟତୀତ ଆଉ ତୃତୀୟ କିଛି ନାହିଁ । ସେହିଭଳି ଜ୍ଞାନ ନ ରହିଲେ ଅଜ୍ଞାନ ହିଁ ଅବଶିଷ୍ଟ ଥାଏ । ତଥାପି ଏହି ଅଜ୍ଞାନର କେତେକ ଲକ୍ଷଣ କହୁଛି ।

ଯିଏ ପଦପଦବୀ, କ୍ଷମତା ବା ପ୍ରତିଷ୍ଠା ଲାଗି ବ୍ୟାକୁଳ, ସମ୍ମାନ ଲାଗି ଆତୁର, କେବଳ ସ୍ୱାର୍ଥସିଦ୍ଧି ହେଲେ ଯିଏ ସନ୍ତୋଷ ଲାଭ କରେ, ଯାହାର

ଅହଂଭାବ ପର୍ବତ ଶିଖର ଭଳି ଉଚ୍ଚ, ଯିଏ ମୁଣ୍ଡ ନୁଆଇଁବାକୁ ପ୍ରସ୍ତୁତ ନୁହଁ, ତା'ଠାରେ ରହିଥାଏ ପୂର୍ଣ୍ଣ ଅଜ୍ଞାନ । ଯିଏ ସୁବାକ୍ୟରୂପକ ଦେବଦାରୁ ପତ୍ରରେ ସ୍ୱଧର୍ମର ତୋରଣ ସଜାଏ, ମନ୍ଦିରର ଚାମରଭଳି ଯିଏ ନିଜ ବିଦ୍ୟାର ବିଜ୍ଞାପନ କରାଇଥାଏ, ଯିଏ ନିଜକୁ ସମସ୍ତଙ୍କର ଆଦର୍ଶ ବୋଲି ମନେକରେ, ପରୋପକାର କଲି ବୋଲି ଯିଏ ନିଜର ଡିଣ୍ଡିମ ପିଟେ, ନିଜର ସ୍ମୃତି ଓ କୀର୍ତ୍ତି ରକ୍ଷା ଅଭିପ୍ରାୟରେ ମନ୍ଦିର ନିର୍ମାଣ ବା ଅନ୍ୟାନ୍ୟ କମାନୁଷ୍ଠାନ କରେ, ମୁଁ ସର୍ବତ୍ୟାଗୀ ସାଧୁସନ୍ନ୍ୟାସୀ ବୋଲି ଦେଖାଇହେବା ଲାଗି ଦେହରେ ଭସ୍ମ ମାଖେ; ଲୋକଙ୍କଠାରୁ ପୂଜା ପାଇବାଲାଗି କପଟତାର ଆଶ୍ରୟ ନିଏ– ସେ ହେଉଛି ଅଜ୍ଞାନର ଏକ ଖଣି ସ୍ୱରୂପ । ଦାବାନଳ କାହାକୁ ଛାଡ଼େନା । ବାଟରେ ଯାହା ପଡ଼େ ସ୍ଥାବର ଜଙ୍ଗମ ସମସ୍ତଙ୍କୁ ପୋଡ଼ି ଜାଳି ଧ୍ୱଂସ କରିଦିଏ । ସେହିଭଳି ଅଜ୍ଞାନୀର ଆଚରଣରୁ କେବଳ ଉତ୍ପନ୍ନ ହୋଇଥାଏ ଦୁଃଖ । ସେ କୌତୁକରେ କଥା ପଦେ କହିଲେ ମଧ୍ୟ ଅନ୍ୟ ମନରେ ତାହା ତୀକ୍ଷ୍ଣ ଛୁଞ୍ଚିଭଳି ବିନ୍ଧିଥାଏ । ତାର ଚିନ୍ତାଧାରା ବିଷଠାରୁ ବଳି ମାରାତ୍ମକ । ଅଜ୍ଞାନୀ ସର୍ବଦା ହିଂସାଶ୍ରିତ । ପବନ ପ୍ରବେଶ କରିବାମାତ୍ରେ ପେଣ୍ଡୁ ଫୁଲିଉଠେ, କିନ୍ତୁ ପବନ ଚାଲିଯିବାମାତ୍ରେ ଶୀର୍ଣ୍ଣକାୟ ହୋଇପଡ଼େ । ସେହିଭଳି ଅଜ୍ଞାନୀମାତ୍ରେ ଲାଭରେ ସନ୍ତୁଷ୍ଟ ହୋଇଥାଏ, କ୍ଷତିରେ ଅସନ୍ତୁଷ୍ଟ ହୋଇଥାଏ । ଘୂର୍ଣ୍ଣିବାତ୍ୟାରେ ଧୂଳିପଟଳ ଆକାଶମାର୍ଗକୁ ଉଠିଥାଏ । ସେହିଭଳି ଅଜ୍ଞାନୀମାତ୍ରେ ପ୍ରଶଂସାରେ ଓ ଗର୍ବରେ ଉଲ୍ଲସିତ ହୋଇଉଠେ । ପାଣି ପଡ଼ିଲେ ଯେପରି ମାଟି ଉଲୁସିଯାଇ କାଦୁରେ ପରିଣତ ହୁଏ ଏବଂ ପାଣି ଶୁଖିଗଲେ ଯେଉଁ ମାଟିକି ସେହି ମାଟି ହୋଇଯାଏ; ସେହିଭଳି ଅଜ୍ଞାନୀର ଅବସ୍ଥା । ସେ ସାମାନ୍ୟ ଦୁର୍ନାମ ବା ନିନ୍ଦାରେ ମୁଣ୍ଡରେ ବଜ୍ରାଘାତ ଭଳି ଅନୁଭବ କରେ । ମାନ, ଅପମାନ ଉପରେ ତାର ସ୍ଥିତି ନିର୍ଭର କରିଥାଏ । ସେ କାହାର ବିକ୍ଷୋପ ସହ୍ୟ କରିବା ଲାଗି ଅସମର୍ଥ । ସେ ନିଷ୍ଠାବାନ୍ ବୋଲି ଦେଖାଇ ହୁଏ । କିନ୍ତୁ ବାସ୍ତବରେ ସେ ତାହା ନୁହଁ । ସେ ଜଣକୁ ସାହାଯ୍ୟ କରିବି ବୋଲି ଭରସା ଦେଇ ତାର କ୍ଷତି କରିବା ଭଳି ଅନ୍ୟକୁ ସାହାଯ୍ୟ କରେ । ଆହାର ଦେଖାଇ ହରିଣକୁ ଡାକିଆଣି ବ୍ୟାଦ ଯେପରି ତାକୁ ଜାଲରେ ପକାଏ,

ସେହିଭଳି ଅଜ୍ଞାନୀର କଥା ଓ କାର୍ଯ୍ୟ ସରଳ ଭଳି ଦେଖାଯାଉଥିଲେ ମଧ୍ୟ ଅତ୍ୟନ୍ତ ଜଟିଳ । ସେ ଭଲ ମନକୁ ମଧ୍ୟ ଖରାପ କରିଦିଏ । ତାର ପ୍ରକୃତି ହେଉଛି ଜଟିଳ । ମନରେ ସବୁବେଳେ କ୍ରୂର ଭାବ ପୋଷଣ କରିଥାଏ । ଧଳାପଥର ଉପରେ ଶିଉଳି ଲାଗିବା ଭଳି ତାର ବାହ୍ୟ ବ୍ୟବହାର ବେଶ୍ ସ୍ନିଗ୍ଧ, ଚିକ୍କଣ କିନ୍ତୁ ଅନ୍ତର ନିମ ଭଳି ପିତା । ଗୁରୁକୂଳର କଥା କହିଲେ ସେ ଲଜ୍ଜିତ ହୁଏ । ଗୁରୁଭକ୍ତି ନାଁ ପଡ଼ିଲେ ତା ନାହି ଡିଏଁ । ଗାତ୍ରଦାହ ହୁଏ । ଗୁରୁଙ୍କ ପାଖରେ ବସି ଅଧ୍ୟୟନ କରିବାକୁ ଯେ ଭଲପାଏନା, ଅଥଚ ଗୁରୁଙ୍କ ପାଖରୁ ଯେଉଁ ଶିକ୍ଷାଲାଭ କରିଥାଏ, ତାର ଆସ୍ଫାଳନ କରିବାରେ ଲାଗିଥାଏ ।

ଏଭଳି ବ୍ୟକ୍ତିର କଥା କହିବାଦ୍ୱାରା ଅପବିତ୍ର ଅନ୍ନ ଗ୍ରହଣ ଭଳି 'ବାଣୀ' ଲଜ୍ଜିତା ହବା ସ୍ୱାଭାବିକ । କିନ୍ତୁ ଅଜ୍ଞାନୀର ଲକ୍ଷଣ ବର୍ଣ୍ଣନା କରିବାବେଳେ ସେହି ବ୍ୟକ୍ତିର ବର୍ଣ୍ଣନା କରିବାକୁ ବାଧ ହେଉଛି । ଯାହାହେଉ ଏବେ ଗୁରୁଭକ୍ତିର ଲକ୍ଷଣ ବର୍ଣ୍ଣନା କରି ମୋ 'ବାଣୀ'ର ପ୍ରାୟଶ୍ଚିତ କରାଇନେବି । 'ଗୁରୁଭକ୍ତି' ହେଉଚି ସୂର୍ଯ୍ୟ ଭଳି ତେଜସ୍ୱୀ । ଗୁରୁବିଦ୍ୱେଷର ନାମ ଉଚ୍ଚାରଣରେ ବାଣୀର ଯେଉଁ ପାପ ବା ଦୋଷ ହୁଏ, ଗୁରୁଭକ୍ତିର ସ୍ମରଣମାତ୍ରେ ସେ ଦୋଷ ଦୂର ହୋଇଯାଏ । ଗୁରୁଦ୍ରୋହୀ ନାମ ଉଚ୍ଚାରଣରେ ଯେଉଁ ପାପ ହୋଇଥାଏ, ତାହା ଗୁରୁଭକ୍ତିର ନାମକୀର୍ତ୍ତନ ଦ୍ୱାରା ଦୂର ହୋଇଥାଏ ।

ଅଜ୍ଞାନର ଆଉ କେତୋଟି ଲକ୍ଷଣ କହୁଚି ଶୁଣ । ଯିଏ ଆଳସ୍ୟ ପରାୟଣ, ମନରେ ଯାହାର ନାନା ସନ୍ଦେହ ପରିପୂର୍ଣ୍ଣ, ଜଙ୍ଗଲର କଣ୍ଟକ ଓ ଭିତରେ ହାଡ଼ଭର୍ତ୍ତି ହୋଇଥିବା କୂଅଭଳି ଯାହାର ଅନ୍ତର ଓ ବାହାର ଆବର୍ଜ୍ଜନାମୟ, ସେ ହେଉଛି ଅଜ୍ଞାନୀ । ଆବୃତ୍ତି କି ଅନାବୃତ୍ତି କୌଣସି ବିଚାର ନ କରି କୁକୁର ଯେପରି ଯାହା ପାଏ ଖାଇପକାଏ, ସେହିଭଳି ଅଜ୍ଞାନୀ ନିଜର କି ଅନ୍ୟର ବିଚାର ନକରି ଯେକୌଣସି ଦ୍ରବ୍ୟ ଗ୍ରହଣ କରିଥାଏ । ଭଲମନ୍ଦ ବିଚାର ନକରି କାମଲାଳସାରେ କୁକୁର ଯେପରି କୁକୁରୀ ପଛରେ ଗୋଡ଼େଇଥାଏ, ସେହିଭଳି ଅଜ୍ଞାନୀ ଯେକୌଣସି ସ୍ତ୍ରୀ ପିଛା ଲାଗି ରହିଥାଏ

ଏବଂ ଯାହାକୁ ପାଏ ତାକୁ ଗ୍ରହଣ କରିଥାଏ । ଯେଉଁ କାମ ସେ ଯେତେବେଳେ କରିବା କଥା, ନ କରିବାରେ ତାହା ପଡ଼ିରହେ; ତଥାପି ତା ମନରେ କୌଣସି କ୍ଷୋଭ ନଥାଏ । ସେ ପାପ ଆଚରଣରେ ନିର୍ଲଜ । ପୁଣ୍ୟ ପଥରୁ ସେ ଭ୍ରଷ୍ଟ । ସନ୍ଦେହଦ୍ୱାରା ତା ମନ ଆନ୍ଦୋଳିତ, ଦୁଶ୍ଚିନ୍ତାରେ ପ୍ରପୀଡ଼ିତ ।

ଧନ ଲୋଭରେ ସେ ଅନ୍ଧ । ତା ଆଖିରେ ସବୁବେଳେ ଧନ ଲୋଭର ପ୍ରଚକ୍ଷୁ ଲାଗି ରହିଥାଏ । ଛୋଟ ଗୋଟିଏ ପିମ୍ପୁଡ଼ି ବସିବା ମାତ୍ରେ ଘାସଗଛ ହଲଚଲ୍ ହୋଇପଡ଼େ । ସେହିଭଳି ଅଳ୍ପସ୍ୱାର୍ଥ ସନ୍ଧାନରେ ତା ଚିତ୍ତ ବିଚଳିତ । ପଙ୍କୁଆ ପୋଖରୀରେ ପାଦ ଦେବାମାତ୍ରେ ଜଳ ଯେପରି ଗୋଳିଆ ହୋଇଯାଏ, ସେହିଭଳି ଅଜ୍ଞାନୀର ହୃଦୟ ସାମାନ୍ୟ ଘଟଣାରେ ଭୟରେ ଥରିଉଠେ । ଜଳପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଯେପରି ମାଟିହାଣ୍ଡି ସ୍ରୋତରେ ଭାସି ଭାସି ଯାଏ, ଧୂଆଁ ଯେପରି ବାୟୁ ସାହାଯ୍ୟରେ ସଙ୍ଗେ ସଙ୍ଗେ ଚାରିଆଡ଼କୁ ବ୍ୟାପିଯାଏ, ସେହିଭଳି ତା ମନରେ କାମନା, ଦୁଃଖ ଓ ଚାଞ୍ଚଲ୍ୟ ଖେଳି ଖେଳି ଯାଏ । ତା ମନ ଘୂର୍ଣ୍ଣିବାତ୍ୟାଭଳି ଅସ୍ଥିର । ସେ ଅନ୍ଧଙ୍କ ଭଳି ଆଶ୍ରୟହୀନ । ଗ୍ରାମ, ନଗର କିମ୍ବା ତୀର୍ଥସ୍ଥାନ କେଉଁଠି ହେଲେ ସେ ସ୍ଥାନ ପାଏନା । ଗ୍ରୀଷ୍ମକାଳରେ ଉନ୍ମତ୍ତ ଏଣ୍ଡୁଅ ଯେପରି ଥରକୁଥର ଗଛରେ ଚଢୁଥାଏ ପୁଣି ଓହ୍ଲାଉଥାଏ, ଅଜ୍ଞାନୀର ମନ ସେହିଭଳି ଇତସ୍ତତଃ ହୋଇଥାଏ । ମର୍କଟ ଭଳି ସେ ଚଞ୍ଚଳମନା । ତା ଅନ୍ତରରେ ସଂଯମ ବୋଲି କିଛି ନଥାଏ । ହାଣ୍ଡିଟିଏ ସମତଳ ଜାଗାରେ ରଖିଲେ ହଲ୍‌ଚଲ୍ ହୋଇଥାଏ, ଉଗୁଡ଼େଇ ଦେଲେ ଯାଇ ତାହା ସ୍ଥିର ରହେ । ସେହିଭଳି ଅଜ୍ଞାନୀର ଅବସ୍ଥା । ବନ୍ୟା ଆସିଲେ ନଦୀ ଯେପରି ବାଲିବନ୍ଧକୁ ମାନେନା, ତାକୁ ଭାଙ୍ଗି ମାଡ଼ିଯାଏ, ସେହିଭଳି ଅଜ୍ଞାନୀ କୌଣସି ବିଧିବିଧାନକୁ ମାନେନା । ଯିଏ ବ୍ରତ ନିୟମକୁ ଲଙ୍ଘନ କରେ, ସ୍ୱଧର୍ମକୁ ଲଙ୍ଘନ କରେ, ପାପକର୍ମ କରିବାରେ ନିର୍ଭୀକ, ପୁଣ୍ୟ କାର୍ଯ୍ୟଲାଗି ବିତସ୍ପୃହ, ନିର୍ଲ୍ଲଜ, କୁଳାଚାରହୀନ, ଯିଏ ବେଦବାକ୍ୟକୁ ଅମାନ୍ୟ କରେ, ଯାହା କର୍ତ୍ତବ୍ୟାକର୍ତ୍ତବ୍ୟର ବିଚାର ନାହିଁ, ଷଣ୍ଢଙ୍କ ଭଳି ଯିଏ ଯୁଆଡ଼େ ସିଆଡ଼େ ମାଡ଼ିଚାଲେ, ପାରିବାରିକ ତଥା ବଂଶଗତ ପରମ୍ପରାକୁ ଯିଏ ମାନିବାକୁ ପ୍ରସ୍ତୁତ

ନୁହଁ, ଯାହାର ମନ, ବାୟୁର ଗତି ଭଳି ବ୍ୟାପକ, ଜଙ୍ଗଲରେ ନିଆଁ ଲାଗିଲେ ହାତୀ ବାଟଘାଟ ନମାନି ଦୌଡ଼ିଲାଭଳି ଯାହାର ମନ ଇତସ୍ତତଃ ଦୌଡ଼ିଥାଏ, ସେ ହେଉଛି ଅଜ୍ଞାନୀ ।

ସବୁ ଆଜେବାଜେ ଜିନିଷ ଆସି ଗଦାହୁଏ ମଇଳା ଖାତରେ । ସମସ୍ତଙ୍କପାଇଁ ନଗରଦ୍ୱାର ଖୋଲା । ଅନ୍ନଛତ୍ରରେ ଯିଏ କେହି ପହଞ୍ଚେ, ତାକୁ ଖାଇବାପାଇଁ ମିଳିଥାଏ । ନୀଚମନା କୌଣସି ବ୍ୟକ୍ତି ଉଚ୍ଚ କ୍ଷମତା ପାଇଗଲେ ସେ ଧରାକୁ ସରା ମଣିଥାଏ । ବଣିକର ଦୋକାନକୁ କିଏ ନ ଯାଏ ? ସେହିଭଳି ଯାହାର ହୃଦୟ ସମସ୍ତପ୍ରକାର ବିଷୟଭୋଗର ଏକ ପସରା, ତାକୁହିଁ କୁହାଯାଏ ଅଜ୍ଞାନୀ । ମରୁ ବା ବଞ୍ଚୁ, ସେ ବିଷୟଭୋଗକୁ ଛାଡ଼ି ପାରେନା । ଏପରିକି ମୃତ୍ୟୁପରେ ଯଦି ସ୍ୱର୍ଗଲାଭ ଘଟେ, ସେଠାରେ ମଧ୍ୟ ଯେପରି ଏହି ବିଷୟଭୋଗ ମିଳେ, ସେହି କାମନା ତାର ରହିଥାଏ । ସେଥିଲାଗି ସେ ବ୍ରତ ଉପବାସ ଆଦି କରେ, କଠୋର ପରିଶ୍ରମ କରେ । ସେ ସର୍ବଦା କାମକ୍ରୀଡ଼ା ଓ ବ୍ୟସନ ପରାୟଣ । ସାଧୁ ସନ୍ନ୍ୟାସୀ, ବୈରାଗ୍ୟବାନ୍ ଲୋକଙ୍କୁ ଦେଖିଲେ ସେ ଖସି ପଳାଏ । ସେ ସର୍ବଦା ଅସାବଧାନ । ବିଷୟ ତା ପାଖରେ ରହିବାକୁ ନ ଚାହିଁଲେ ମଧ୍ୟ ସେ ତାକୁ ଜାବୁଡ଼ି ଧରିଥାଏ । କୁଷ୍ଠରୋଗୀ ତାର ଗଳିତ ହସ୍ତରେ ଅନ୍ନ ଗ୍ରହଣ କରିବା ଭଳି, ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ଅଜ୍ଞାନୀ କର୍ମଫଳ ତ୍ୟାଗ କରିପାରେନା । ମାଇଗଧର ଲାତ ମାଡ଼ରେ ନାକ କାନ ଖଣ୍ଡିଆ ହେଲେ ମଧ୍ୟ ଗଧ ତା ପିଛା ଛାଡ଼େ ନାହିଁ । ସେହିଭଳି ଅଜ୍ଞାନୀ ବ୍ୟକ୍ତି ଯେତେ କଷ୍ଟ ସ୍ୱୀକାର କରିବାକୁ ପଡ଼ିଲେ ମଧ୍ୟ ବିଷୟଭୋଗକୁ ଛାଡ଼ି ପାରେନା । ସେ ବିଷୟଭୋଗର ହିଁ ପ୍ରଶଂସା କରିଥାଏ । ଏପରିକି ଏହି ଭୋଗ ଲାଗି ସେ ପତଙ୍ଗ ଭଳି ନିଆଁକୁ ସୁଦ୍ଧା ଝାସ ଦେବାଲାଗି ପ୍ରସ୍ତୁତ । ମୃଗ ଭ୍ରମରେ ପଡ଼ି ମଲା ପର୍ଯ୍ୟନ୍ତ ପାଣି ଆଶାରେ ମରୀଚିକା ପଛରେ ଗୋଡ଼େଇଥାଏ— ସେଥିଲାଗି ମରୀଚିକାକୁ କୁହାଯାଏ ମୃଗତୃଷ୍ଣା । ସେହିଭଳି ଅଜ୍ଞାନୀ ବ୍ୟକ୍ତି ନାନା ଭୋଗ ବାସନାରେ ବ୍ୟାକୁଳ ହୋଇ ନାନା ବାଧାବିଘ୍ନର ସମ୍ମୁଖୀନ ହେଲେ ମଧ୍ୟ ତାର ବୁଦ୍ଧି ସ୍ଥିର ରହେନା । ବରଂ ବିଷୟଭୋଗ ପ୍ରତି ଅଧିକରୁ ଅଧିକ ଆସକ୍ତ ହୋଇପଡ଼େ ।

ଉଦାହରଣ ସ୍ୱରୂପ ମନୁଷ୍ୟ ବାଲ୍ୟାବସ୍ଥାରେ ନିଜ ବାପମାଆଙ୍କୁ ସ୍ନେହ କରେ, ଯୁବକ ଅବସ୍ଥା ଆସିବାମାତ୍ରେ ସେ ସ୍ତ୍ରୀ ବୋଲରେ ପଡ଼େ । ସେ ସମୟରେ ସେ ସ୍ତ୍ରୀକୁ ହିଁ ଭଲପାଏ । ତାପରେ ତାର ପିଲାପିଲି ହୁଅନ୍ତି । କ୍ରମଶଃ ବୃଦ୍ଧାବସ୍ଥା ଆସେ । ତଥାପି ତାର ସ୍ନେହ ଲାଖିରହେ ଏହି ପିଲାଙ୍କ ଉପରେ । ତେଣୁ ଆସକ୍ତି ଲାଗି ରହିଥାଏ କେତେବେଳେ ମାଆ ବାପାଙ୍କ ପ୍ରତି ତ କେତେବେଳେ ସ୍ତ୍ରୀ ପ୍ରତି, କେତେବେଳେ ପିଲାପିଲିଙ୍କ ପ୍ରତି । ଆସକ୍ତି ହେଉଛି ଅଜ୍ଞାନୀର ଭ୍ରମ । ଜନ୍ମାନ୍ଧ ନିଜ ଗୃହ ମଧ୍ୟରେ ଆବଦ୍ଧ ରହିଥାଏ । ସେହିଭଳି ଅଜ୍ଞାନୀ ବ୍ୟକ୍ତି ମୃତ୍ୟୁ ପର୍ଯ୍ୟନ୍ତ ସନ୍ତାନ ସ୍ନେହରେ ନିଜକୁ ଜଡ଼ିତ ରଖିଥାଏ । ବିଷୟବୁଦ୍ଧିରୁ ସେ ନିଜକୁ ବଞ୍ଚିତ କରିନଥାଏ ।

ଆଉ କେତେକ ଲକ୍ଷଣ ଶୁଣ । ଅଜ୍ଞାନୀବ୍ୟକ୍ତି ଦେହକୁ ଆତ୍ମା ମନେ କରିଥାଏ ଏବଂ ଏହି ଭ୍ରମବଶତଃ ସେ ନାନା କୁକର୍ମ କରିଥାଏ । ଭଲମନ୍ଦ ଯାହାବା କରୁ ସେଥିଲାଗି ବଢ଼େଇ କରିଥାଏ । ଉପଭୋଗ୍ୟ କିଛି ନପାଇଲେ ସେ ମନକୁ ମାରି ବସିରହେ । ବିଦ୍ୟା ଓ ବୟସ ଗର୍ବରେ ସେ ଫୁଲିଉଠେ । ସେ ମନେ ମନେ ଭାବେ, ମୋଠାରୁ ବଳି ଧନବାନ୍ କେହି ନାହିଁ । ସେ କହିହୁଏ, ମୋଠି ଯେଉଁ ସମ୍ପତ୍ତି, ଅଳଙ୍କାର, ବିଦ୍ୟା ବୁଦ୍ଧି ଅଛି, ତାହା କାହାଠି ନାହିଁ, ମୁଁ ଯେପରି ସୁନ୍ଦର ଆଚରଣ କରିଥାଏ, ଅନ୍ୟ କାହାଠି ଦେଖିବାକୁ ପାଇବ ନାହିଁ । ରୋଗୀ ଭଲ ସୁମିଷ୍ଟ ଖାଦ୍ୟକୁ ଭଲପାଏନା । ଯେତେ ଉପଭୋଗ୍ୟବସ୍ତୁ ଦେଲେ ମଧ୍ୟ ସେ ଉପଭୋଗ କରିପାରେନା । ସେହିଭଳି ଅଜ୍ଞାନୀ ବ୍ୟକ୍ତି ପରର ଭଲ ଦେଖିପାରେନା । ଦୀପଶିଖା ନିଜ ସଳିତାକୁ ଖାଇପକାଏ, ତେଲକୁ ଶୋଷିନିଏ— ତାକୁ ଯେଉଁଠି ରଖିବ ସେ ସ୍ଥାନଟିକୁ ପୋଡ଼ିପାଡ଼ି କଳା କରିପକାଏ । ଏହା ଉପରେ ଜଳ ସିଞ୍ଚିଲେ ଚଡ଼ଚଡ଼ ଶବ୍ଦକରେ; ପବନ ବାଜିବାମାତ୍ରେ ଏହା ଲିଭିଯାଏ । ଯାହାକୁ ପାଖରେ ପାଏ ତାକୁ ଜାଳି ପକାଏ । କିନ୍ତୁ ଏହି ଦୀପଶିଖା ହିଁ ଅନ୍ଧକାର ଦୂର କରି ଆଲୋକ ପ୍ରଦାନ କରେ । ଏହା ପାଖରେ ରହିଲେ ଉଷ୍ମ ବୋଧହୁଏ । ଅଜ୍ଞାନୀ ହେଉଛି ଏହି ଦୀପଶିଖା ଭଳି । କେତୋଟି ଭଲଗୁଣ ଥିଲେ କ'ଣ ହେଲା, ଦୁର୍ଗୁଣ ଅନେକ । ସାପକୁ ଦୁଧ ପିଆଇଲେ କ'ଣ ହେବ, ତାହା ବିଷରେ ପରିଣତ ହୁଏ । ନବଜ୍ୱରରେ ଦୁଗ୍ଧପାନ ବିଷତୁଲ୍ୟ । ସେହିଭଳି

ଅନ୍ୟର ସତ୍‌କର୍ମ ପ୍ରତି ସେ ସର୍ବଦା ଈର୍ଷୁକ, ବିଦ୍ୟା ଗର୍ବରେ ସେ ଗର୍ବୀ । ସମୟେ ସମୟେ ସେ ତପସ୍ୟା କରୁଛି ବୋଲି ଦେଖାଇ ହୁଏ । ନୀଚ ପ୍ରକୃତିର ବ୍ୟକ୍ତିକୁ ରାଜସିଂହାସନରେ ବସାଇଲେ କିମ୍ବା ଅଜଗର ସର୍ପ କୌଣସି ମୋଟା ଜିନିଷକୁ ଗିଳିଥିଲେ ଯେପରି ଫୁଲି ଉଠେ, ସେହିଭଳି ଅଜ୍ଞାନୀ ବ୍ୟକ୍ତି ଅହଂକାରରେ ଫୁଲି ଉଠିଥାଏ । ସହସ୍ର ରୁଟି ବେଲିଲେ ମଧ୍ୟ ବେଲଣା କାଠି ବଙ୍କା ହୋଇଯାଏ ନାହିଁ । ପଥର କେବେ ତରଳେ ନାହିଁ, ଯେଉଁ ପଥରକୁ ସେହି ପଥର ରହିଥାଏ । ବିଷଧର ସର୍ପ ବାଜିକରର ବଶ ହୁଏନା । ସେହିଭଳି ଅଜ୍ଞାନୀ ବ୍ୟକ୍ତି ଗୁଣୀ ବ୍ୟକ୍ତିଦ୍ୱାରା ବଶୀଭୂତ କିମ୍ବା ପ୍ରଭାବିତ ହୁଏନା ।

ହେ ଅର୍ଜୁନ ! ଘରସଂସାର ଓ ଦେହ ପ୍ରତି ଅଜ୍ଞାନୀର ଆସକ୍ତି ଯୋଗୁଁ ତାର ପୂର୍ବଜନ୍ମର ସ୍ମୃତି ରହେନା । ଅକୃତଜ୍ଞ ଭାବରେ ସେ ପୂର୍ବଜନ୍ମର ଉପକାର ସବୁ ଭୁଲିଯାଏ । ଚୋର ଘରେ ପଶି ଧନସମ୍ପତ୍ତି ଲୁଟିନେବା ସଙ୍ଗେ ସଙ୍ଗେ ଯେପରି ଗୃହସ୍ଥକୁ ମଧ୍ୟ ଆଘାତ କରିଥାଏ, ସେହିଭଳି ଅଜ୍ଞାନୀ ଏତେ ନିର୍ଲ୍ଲଜ ଯେ ପୂର୍ବ ପ୍ରଶଂସାକୁ ମନେ ରଖେନା । କୁକୁରକୁ ଯେତେ ତଡ଼ିଲେ ବି ସେ ଲାଙ୍ଗୁଡ଼ ହଲେଇ ହଲେଇ ଫେରି ଆସିଥାଏ । ସାପ ପାଟିରେ ଥାଇ ସୁଦ୍ଧା ବେଙ୍ଗ ତା ପାଟି ପାଖରେ ପୋକ ମାଛିଟିଏ ଦେଖିବାମାତ୍ରେ ଟା'କୁକିନା ଗିଳିପକାଏ । ସେହିଭଳି ସମସ୍ତ ପ୍ରକାର ରୋଗବ୍ୟାଧି ପୂଜ ରକ୍ତର ଲୀଳାକ୍ଷେତ୍ର ଯେ ଏହି ଦେହ, ଏହାକୁ ଧାରଣ କରି ସୁଦ୍ଧା ଅଜ୍ଞାନୀ ବ୍ୟକ୍ତି ଏକଥା ମନେ ରଖେନା । ସେ ଏ ବିଷୟରେ ତିଳେ ବି ବିଚଳିତ ନୁହେଁ । ବିଷ୍ଠା ଓ କୃମିପୂର୍ଣ୍ଣ ମାତୃଗର୍ଭରେ ନଅ ଦଶମାସକାଳ ରହି ସୁଦ୍ଧା ତାକୁ ସେ ପାସୋରିଯାଏ । ଭୂମିଷ୍ଠ ହେବା ସମୟରେ ବ୍ୟଥାକୁ ସେ ସହଜରେ ଭୁଲିଯାଏ । ନିଜ କୋଡ଼ରେ ତା ନିଜ ପିଲା ହଗୁଥିବା, ମୂତୁଥିବା ଦେଖି ସେ ବୁଝିପାରେନା ଯେ ସେ ବି ଦିନେ ଏଭଳି ଥିଲା । ଅତି ଅଳ୍ପ ସମୟ ବ୍ୟବଧାନରେ ଜନ୍ମ ଓ ମୃତ୍ୟୁ ଯେ ଅନିବାର୍ଯ୍ୟ, ଏ କଥା ସେ ବିଚାର କରେନା । ଜୀବନ ଯେ କ୍ଷଣସ୍ଥାୟୀ, ଏକଥା ଜାଣି ସୁଦ୍ଧା ତା ନିଜ ମୃତ୍ୟୁ କଥା ଭାବିପାରେନା । ଜୀବନର ମୋହରେ ସେ ମୃତ୍ୟୁକୁ ଭୁଲିଯାଏ । ସେ ଏପରି କାର୍ଯ୍ୟସବୁ କରେ, ଯେପରିକି ଜୀବନ ତାର ଚିରସ୍ଥାୟୀ । ଜୀବନ ଯେ

କେଉଁ ମୁହୂର୍ତ୍ତରେ ଚାଲିଯିବ, ସେ ଏ କଥା ଚିନ୍ତା ସୁଦ୍ଧା କରିପାରେନା । ପୋଖରୀ ଅଳ୍ପ ଜଳରେ ଆନନ୍ଦରେ ପହଁରୁଥିବା ମାଛ ଭାବେ ଏ ପୋଖରୀ ତ କେବେ ଶୁଖିବ ନାହିଁ । ଅନ୍ୟତ୍ର ଗଭୀରଜଳକୁ ଯିବି କାହିଁକି ? ଖରାଦିନେ ପୋଖରୀ ଶୁଖିଗଲେ ସେ ମରେ । ବ୍ୟାଧର ସଙ୍ଗୀତ ମୋହରେ ମୃଗ ବ୍ୟାଧକୁ ଦେଖିପାରେନା କିମ୍ବା ବ୍ୟାଧ ଯେ ତାକୁ ମାରିବା ପାଇଁ ଛକି ରହିଛି, ଏକଥା ଜାଣିପାରେନା । ମାଛ ବନିଶୀକାଠିରେ ଗୁନ୍ଥା ଥିବା କଣ୍ଟା ପ୍ରତି ଲକ୍ଷ୍ୟ ନ ରଖି ତା ଦେହରେ ଲାଗିବା କେଞ୍ଚୁଆ ପ୍ରତି ଲକ୍ଷ୍ୟ ରଖିଥାଏ । ପ୍ରଥମେ ତାକୁ ଖାଇବା ମାତ୍ରେ ବନିସୀ କଣ୍ଟା ତା ତଣ୍ଟିରେ ଲାଖିରହେ । ନିଆଁରେ ଯେ ପୋଡ଼ିମରିବ, ପତଙ୍ଗର ସେ ଚିନ୍ତା ନଥାଏ । ନିଆଁକୁ ଡେଇଁ ସେ ମରେ । ନିଘୋଡ଼ ନିଦରେ ଶୋଇଥିବା ବ୍ୟକ୍ତି ଘରେ ନିଆଁ ଲାଗିଗଲେ ମଧ୍ୟ ଜାଣିପାରେନା । କ୍ଷୁଧିତ ବ୍ୟକ୍ତି ଖାଦ୍ୟରେ ବିଷ ମିଶ୍ରିତ ହୋଇଥିବା ଜାଣିପାରେନା ।

ସେହିଭଳି ଅଜ୍ଞାନୀ ବ୍ୟକ୍ତି ଜାଣିପାରେନା ଯେ ଜନ୍ମରୂପକ ମୁଖା ପିନ୍ଧି ମୃତ୍ୟୁ ତାକୁ ଗ୍ରାସ କରିବା ଲାଗି ସର୍ବଦା ଅଗ୍ରସର । ଏ କଥା ବୁଝିପାରେନା ବୋଲି ସେ ଶରୀରର ସେବା କରିବାରେ ଲାଗିଥାଏ । ଇନ୍ଦ୍ରିୟର ଉପଭୋଗ ଲାଗି ଯାହା ଯାହା ଉପାଦାନ ଆବଶ୍ୟକ, ସେ ସବୁ ଯୋଗାଇ ଦେଇଥାଏ । ସେ ଭାବେ ବିଷୟସୁଖ ହେଉଛି ଶ୍ରେଷ୍ଠ ସୁଖ । ବେଶ୍ୟା କାମାତୁର ବ୍ୟକ୍ତିକୁ 'ଏ ତନୁ ଧନ ମନ ସବୁ ତୁମପାଇଁ' କହି ଆପଣାର କରିନେଇ ପରେ ତାଠାରୁ ସର୍ବସ୍ୱ ଲୁଣ୍ଠନ କରିଥାଏ । ମୂଢ଼ କାମାତୁର ବ୍ୟକ୍ତି ଏହା ଜାଣିପାରେନା । ସାଧୁବେଶଧାରୀ କପଟୀ ସହିତ ସାଙ୍ଗହେବା ଦ୍ୱାରା ମୃତ୍ୟୁ ହିଁ ସାର ହୋଇଥାଏ । କାନ୍ଥରେ ଅଙ୍କିତ ଚିତ୍ରକୁ ସଫା କରିବା ଅର୍ଥ ହେଉଛି ତାକୁ ନଷ୍ଟ କରିଦେବା । ଶୋଥରୋଗରୁ ଦେହ ଫୁଲିଉଠିଚି ବୋଲି ଭାବିବା ଠିକ୍ ନୁହେଁ ଯେ ଭଲସ୍ୱାସ୍ଥ୍ୟ ହୋଇଛି । ଏହି ଦେହବୃଦ୍ଧି ହେଉଛି କ୍ଷୟର ଲକ୍ଷଣ । ନିଦ୍ରାସୁଖରେ ନିମଜ୍ଜିତ ବ୍ୟକ୍ତି ଜାଣେନା ଯେ ଆଗରେ ଥିବା ଶୂଳୀ ଉପରକୁ ଦୌଡ଼ିଗଲେ ମୃତ୍ୟୁ ନିଶ୍ଚିତ । ଦେହର ବୃଦ୍ଧି ଯେତେ ଶୀଘ୍ର ଶୀଘ୍ର ହୋଇଥାଏ, ମୃତ୍ୟୁ ସେତିକି ପାଖକୁ ପାଖକୁ ଲାଗି ଆସିଥାଏ । ଲୁଣ ଜଳରେ ଶୀଘ୍ର ମିଳେଇ

ଗଲାଭଳି, ଜୀବନ ମଧ୍ୟ କାଳଗର୍ଭରେ ମିଳେଇ ଯାଇଥାଏ । ତେଣୁ କାଳର ଗତିପ୍ରତି ଯେ ଦୃଷ୍ଟି ରଖିବା କର୍ତ୍ତବ୍ୟ, ଏକଥା ସେ ଜାଣିପାରେନା । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ମୃତ୍ୟୁ ଘନିଷ୍ଠରୁ ଘନିଷ୍ଠତର ହୋଇଆସିଥାଏ । ମୃତ୍ୟୁ ଠିକ୍ ଦ୍ୱାରଦେଶରେ ଦଣ୍ଡାୟମାନ ରହିଥାଏ ତଥାପି ଅଜ୍ଞାନୀ ତାକୁ ଚିହ୍ନିପାରେ ନାହିଁ । ବିଷୟ ବାସନା ଆଦି ମୋହରେ ପଡ଼ି ସେ ଯେପରି ମୃତ୍ୟୁକୁ ବୁଝିପାରେନା, ସେହିଭଳି ଯୌବନମଦରେ ମତ୍ତ ଥାଇ ଠିକ୍ ଏହା ପରେ ପରେ ଯେ ତା ଦେହରେ ବାର୍ଦ୍ଧକ୍ୟ ଆସିବ, ଏକଥା ସେ ବୁଝିପାରେନା ।

ପର୍ବତ ଉପରୁ ଗାଡ଼ି ଓଲଟିପଡ଼ିଲେ ତାହା ଅତଳଗର୍ଭରେ ପଡ଼ି ନିଶ୍ଚିହ୍ନ ହୋଇପଡ଼େ । ଶିଖର ଦେଶରୁ ପଥର ଗଡ଼ିଆସିଲେ ସମ୍ମୁଖରେ କୌଣସି ବାଧାକୁ ସେ ମାନେନା । ସେହିଭଳି ଅଜ୍ଞାନୀ ବ୍ୟକ୍ତି ଭାବିଥାଏ ଯେ, ସବୁବେଳେ ସୁଖରେ ହିଁ ତାର ଜୀବନ ଅତିବାହିତ ହେବ, ଦୁଃଖ ବିଲ୍‌କୁଲ୍ ଆସିବ ନାହିଁ । ତେଣୁ ସେ ଆଗରେ କ'ଣ ଅଛି ଆଦୌ ଭାବି ନଥାଏ । ପାହାଡ଼ିଆ ଦେଶମାନଙ୍କରେ ବନ୍ୟା କ୍ଷିପ୍ର ଗତିରେ ଆସିଥାଏ । ଲଢ଼େଇ କରିବାବେଳେ ମଇଁଷି ମତ୍ତ ହୋଇପଡ଼େ । ସେହିଭଳି ଯୌବନର ଉନ୍ମତ୍ତତା ଅଜ୍ଞାନୀ ବ୍ୟକ୍ତିକୁ ସବୁବେଳେ ମୋହିତ ରଖିଥାଏ । ସମୟ ଆସେ ଯେତେବେଳେ ଶରୀର କ୍ଷୀଣ ହୋଇପଡ଼େ, ମୁଣ୍ଡ ଥରେ, ଦେହର କାନ୍ତି ମଳିନ ହୋଇପଡ଼େ, ଶ୍ମଶ୍ରୁ ଶୁଭ୍ର ହୋଇଆସେ, ଦେହ କମ୍ପେ । ତଥାପି ଅଜ୍ଞାନୀମନୁଷ୍ୟ ମୋହପାଶରେ ନିଜକୁ ବାନ୍ଧିରଖିଥାଏ । ଅବାସ୍ତବ ସୁଖରେ ଲିପ୍ତ ରହିଥାଏ । ଅନ୍ଧ ବ୍ୟକ୍ତି ନ ଝୁଣ୍ଟିବା ପର୍ଯ୍ୟନ୍ତ ସେ ରାସ୍ତା ବଦଳାଏନି । ଘର ଭୁଷୁଡ଼ି ନ ପଡ଼ିବା ପର୍ଯ୍ୟନ୍ତ ଅଳସୁଆ ଘରୁ ବାହାରେ ନାହିଁ । ସେହିଭଳି ଅଜ୍ଞାନୀ ଯୌବନକାଳ ଦେଇ ଗତି କଲାବେଳେ ଆଗକୁ ଯେ ବାର୍ଦ୍ଧକ୍ୟ ଅଛି ଜାଣିପାରେନା । ଯୌବନଗର୍ବରେ ମତ୍ତବ୍ୟକ୍ତି ଅନ୍ୟର ବାର୍ଦ୍ଧକ୍ୟକୁ ଦେଖି ନାକ ଟେକିଥାଏ । ସେ ଜାଣିପାରେନା ଯେ ତା ପାଇଁ ମଧ୍ୟ ବାର୍ଦ୍ଧକ୍ୟ ସାଇତା ହୋଇ ରହିଛି । ଅସମର୍ଥ ପଙ୍ଗୁକୁ ଦେଖି ତାକୁ ସେ ଗୋଡ଼ରେ ଠେଲି ପକାଇଥାଏ । ସେ ବୁଝିପାରେନା ଯେ ସେ ବି ଦିନେ ପଙ୍ଗୁ ହୋଇପଡ଼ିବ ।

ଅଜ୍ଞାନୀ ବ୍ୟକ୍ତିର ଆଉ କେତେକ ବିଶେଷ ଲକ୍ଷଣର ପରିଚୟ ଦେଉଚି ଶୁଣ । ଯେଉଁ ବଣରେ ବାଘ ଥାଏ, ସେଠାରେ ଅନ୍ୟ ପଶୁ ହଠାତ୍ ପ୍ରବେଶ କରିବା ମାତ୍ରେ ବାଘ ରହିଥିବା ସୂଚନା ପାଇ ଛୁଟି ପଳାଏ । ସାପଗାତରେ ହାତ ପୂରାଇ ନିରାପଦରେ ଥରେ କୌଣସି ଜିନିଷ ଆଣିସାରିଲେ, ଗାତରେ ସାପ ନାହିଁ ବୋଲି ମଣିଷର ବିଶ୍ୱାସ ହୋଇଯାଏ । ଥରେ ଦିଥର ହାତ ପୂରାଇ ଥିବା ଜିନିଷକୁ ଆଣିସାରିବା ପରେ ସେ ଗାତରେ ସାପ ଅଛି ବୋଲି ଅନ୍ୟ କେହି କହିଲେ, ହାତ ପୂରାଇଥିବା ବ୍ୟକ୍ତି ତା କଥାକୁ ମାନି ନ ଥାଏ । ଶତ୍ରୁ ଶୋଇପଡ଼ିଛି ଭାବି ନିଶ୍ଚିନ୍ତ ରହିଲେ ଗୃହସ୍ଥ ସପରିବାର ଆକ୍ରାନ୍ତ ହୁଏ । ସେହିଭଳି ଯିଏ ଆହାର ଓ ନିଦ୍ରାର ବନ୍ୟାରେ ଭାସିବାରେ ଲାଗିଥାଏ, ରୋଗ ତ ଆସିନାହିଁ ଭାବି ଯିଏ ନିଶ୍ଚିତ ରହିଥାଏ; ଧନଜନର ପ୍ରାଚୁର୍ଯ୍ୟରେ ଏବଂ ସେ ସବୁ ପାଇବା ଚିନ୍ତାରେ ଯାହାର ମନ ଅନ୍ଧ; ନିକଟରେ ସର୍ବସ୍ୱ ଚାଲିଯିବ, ହେଇ ଅଳ୍ପ ସମୟ ପରେ ବିପଦ ଆସିବ ଜାଣି ସୁଦ୍ଧା ଯିଏ ଆଗରୁ ସତର୍କ ରହି ଉଦ୍ୟମ କରେନା, ସେ ହେଉଛି ଅଜ୍ଞାନୀ । ଇନ୍ଦ୍ରିୟଗୁଡ଼ିକୁ ମନଇଚ୍ଛା ଯାହାତାହା କରିବାକୁ ଯିଏ ସୁଯୋଗ ଦେଇଥାଏ, ସେ ହେଉଚି ନିପଟ ଅଜ୍ଞାନୀ ।

ଏହିଭଳି ବ୍ୟକ୍ତି ଯୌବନ ଓ ଧନମଦରେ ଏପରି ଉନ୍ମତ୍ତ ରହିଥାଏ ଯେ, ଭୋଗାଭୋଗ୍ୟ, କର୍ତ୍ତବ୍ୟାକର୍ତ୍ତବ୍ୟ, ଶୁଚି ଅଶୁଚି ସମ୍ପର୍କରେ ତାର ବିଚାର ଅବିଚାର କିଛି ନଥାଏ । କ'ଣ ଗ୍ରହଣୀୟ, ଚିନ୍ତନୀୟ, ବର୍ଣ୍ଣନୀୟ, ସ୍ପୃଶ୍ୟ, ଜ୍ଞାତବ୍ୟ, ଦ୍ରଷ୍ଟବ୍ୟ, ଆଦ୍ୟ, ସତ୍‌ସଙ୍ଗ, ସମ୍ବନ୍ଧ, ବ୍ୟବହାର, ଜ୍ଞାତବ୍ୟ ଓ ବକ୍ତବ୍ୟ – ଏ ବିଷୟରେ ସେ ବିଚାରଶୂନ୍ୟ । କେଉଁ କାର୍ଯ୍ୟରେ ପାପ ହୁଏ, ତାହା ନ ବୁଝି ସେ କେବଳ ଦେହ ଓ ମନ ଲାଗି ଯାହା ଆରାମଦାୟକ, ସେହିଭଳି କର୍ମରେ ପ୍ରବୃତ୍ତ ହୋଇଥାଏ । ମୁଁ କର୍ତ୍ତବ୍ୟ କରୁଚି କହି ତା'ର ବିପରୀତ କାର୍ଯ୍ୟ କରେ । ସେ ଏଭଳି ଅବିବେକୀ ଯେ ଏ କାମଟି କଲେ ପାପ ହେବ ବା ନରକଯାତନା ଭୋଗ କରିବାକୁ ପଡ଼ିବ, ସେ ବିଚାର ତାର ନଥାଏ । ତାର ଅବିବେକିତା ଏତେ ବେଶି ଯେ ସେ ଜ୍ଞାନୀ ସହିତ ମଧ୍ୟ ଲଢ଼େଇ କରିବାକୁ ପ୍ରସ୍ତୁତ ହୋଇଥାଏ ।

ଆହୁରି ଶୁଣ । ସଦ୍ୟପ୍ରସ୍ଫୁଟିତ କୁସୁମ-ରେଣୁର ବସିବା ପାଇଁ ଭ୍ରମର ବ୍ୟାକୁଳତା ଭଳି ଅଜ୍ଞାନୀ ଗୃହସଂସାର ଓ ପରିବାର ପ୍ରତି ସଂପୂର୍ଣ୍ଣ ଆସକ୍ତ । ଗୁଡ଼ ଉପରେ ବସିଥିବା ମାଛିକୁ ଯେତେ ଅଡ଼େଇଲେ ମଧ୍ୟ ସେ ଘୁଞ୍ଚିବାକୁ ଚାହେଁନା । ସେହିଭଳି ଅଜ୍ଞାନୀର ମନ ଲାଖି ରହିଥାଏ ସଂସାର ବାସନାରେ । ସବୁଠୁ ବଡ଼ ଆସକ୍ତି ହେଉଚି କାମିନୀ ଓ କାଞ୍ଚନ ପ୍ରତି । କଫ ଉପରେ ମାଛି, କାଦୁଅ ଭିତରେ ବେଙ୍ଗ, ପଙ୍କୁଆପାଣି ଭିତରେ ମଇଁଷି ଲଟପଟ ହେବାଭଳି ଅଜ୍ଞାନୀର ମନପ୍ରାଣ ଘରସଂସାରରେ ଲଟପଟ ହୋଇ ରହିଥାଏ । ତାକୁ ଧକ୍କା ଦେଇ ବାହାରକୁ ଯାଆ ବୋଲି କହିଲେ ମଧ୍ୟ ସେ ଯାଏନା । ପ୍ରିୟତମର କଣ୍ଠାଲିଙ୍ଗନ ଭଳି ସେ ଘରକୁ ଅତିଶୟ ଭଲ ପାଏ । ମହୁମାଛି ତା ଫେଣା ଭିତରେ ସଂଗୋପନରେ ମହୁ ରଖିବା ଭଳି, ଅଜ୍ଞାନୀ ତା ଘରେ ଜିନିଷପତ୍ରଗୁଡ଼ିକୁ ସଜେଇ ରଖିଥାଏ । ସେ ମୂଲ୍ୟବାନ୍ ଜିନିଷଗୁଡ଼ିକୁ ଲୁଚେଇ ରଖିଥାଏ । ବୁଢ଼ାକାଳରେ ସନ୍ତାନ ଜାତ ହେଲେ ବାପ ମାଆଙ୍କର ପୁଅ ପ୍ରତି ଯେପରି ଅତ୍ୟଧିକ ସ୍ନେହ, ସେହିଭଳି ଘରପ୍ରତି ଅଜ୍ଞାନୀର ଅତ୍ୟଧିକ ସ୍ନେହ ମମତା । ସ୍ତ୍ରୀ ଭିନ୍ନ ସେ ଅନ୍ୟ ଚିନ୍ତା କରେନା, ସ୍ତ୍ରୀ ଦେହ ପ୍ରତି ତାର ପ୍ରଧାନ ଆକର୍ଷଣ । ମୁଁ କିଏ, ମୋର କର୍ତ୍ତବ୍ୟ କ'ଣ, ଏ ସମ୍ପର୍କରେ ଚିନ୍ତା କରିବାକୁ ତାର ସମୟ କାହିଁ ?

ଈଶ୍ୱରଚିନ୍ତା କଲେ ହୁଏତ ବିଷୟଭୋଗରୁ ମନ ହଟିଯିବ, ଏହି ଭୟରେ ସେ ମନ୍ଦିର ଦ୍ୱାରା ସୁଦ୍ଧା ମାଡ଼େନାହିଁ । ମନ ଅଥବା ବଦଳିଯିବ ଏହି ଭୟରେ ସେ ସତ୍‌ସଙ୍ଗ କରିବାକୁ ଭଲପାଏନା । କ୍ଷତି, ନିନ୍ଦା, ଲଜ୍ଜା, ଅପମାନ ଆଦି ମଧ୍ୟରୁ କୌଣସି ଗୋଟିକୁ ସୁଦ୍ଧା ଖାତିର ନ କରି ସେ ତାର ସମସ୍ତ ଇନ୍ଦ୍ରିୟକୁ କେବଳ ସ୍ତ୍ରୀ ସେବାରେ ଏକାନ୍ତ ଭାବରେ ନିଯୁକ୍ତ ରଖିଥାଏ । ମାଙ୍କଡ଼ ନଚେଇବାବାଲା ମାଙ୍କଡ଼କୁ ଯେପରି ନଚାଇଥାଏ, ସେହିଭଳି ଅଜ୍ଞାନୀ ବ୍ୟକ୍ତି ସ୍ତ୍ରୀ ବୋଲକରା ହୋଇଥାଏ । ସେ ନିଜର ଓ ବନ୍ଧୁବାନ୍ଧବମାନଙ୍କର ଦୁଃଖର କାରଣ ହୋଇଥାଏ । ସେ କେବଳ ଧନ ସଂଚୟ କରିବା ଜାଣେ । ନିଜ କାର୍ଯ୍ୟଦ୍ୱାରା ଯାହାବା ପୁଣ୍ୟ ଅର୍ଜନ କରିଥାଏ, ତାକୁ ମଧ୍ୟ ହରାଏ । ନିଜ ସ୍ତ୍ରୀକୁ

ସନ୍ତୁଷ୍ଟ କରିବା ଲାଗି ସେ ଆତ୍ମୀୟସ୍ୱଜନମାନଙ୍କୁ ଭର୍ତ୍ସନା କରିଥାଏ । ସେ କୌଣସି ଦେବଦେବୀଙ୍କୁ ମାନେ ନାହିଁ କିମ୍ବା ସେମାନଙ୍କୁ ପୂଜା କରେ ନାହିଁ । ଛଳ ବାକ୍ୟଦ୍ୱାରା ଗୁରୁଙ୍କୁ ସୁଦ୍ଧା ପ୍ରବଞ୍ଚନା କରିଥାଏ । ପିତାମାତାଙ୍କ ଆଗରେ ନିଜର ଦାରିଦ୍ର୍ୟ ପ୍ରଦର୍ଶନ କରି, ସ୍ତ୍ରୀ କହିବାମାତ୍ରେ ତାର ସମସ୍ତ ଉପଭୋଗ୍ୟ ବସ୍ତୁ ସଂଗ୍ରହ କରି ଆଣି ତା ପାଦତଳେ ଥୋଇଥାଏ । ସ୍ତ୍ରୀର ଇଚ୍ଛା ନିକଟରେ ସେ ଆତ୍ମସମର୍ପଣ କରିଥାଏ । ଧର୍ମପ୍ରାଣବ୍ୟକ୍ତି ମନ୍ଦିରରେ ସମସ୍ତ ନୀତିନିୟମ ପାଳନ କରିବାଭଳି, ଅଜ୍ଞାନୀବ୍ୟକ୍ତି ନିଜ ସ୍ତ୍ରୀକୁ ଠାକୁରାଣୀ ମନେକରି, ସେ ଯାହା ଖାଇବାକୁ ଭଲପାଏ, ସେ ଯାହା ଶୁଣିବାକୁ ଭଲପାଏ, ଯାହା ପିନ୍ଧିବାକୁ ଭଲପାଏ, ସବୁ ଆଣିଦେଇଥାଏ । ତାକୁ ନାନା ବିଭୂଷଣ, ଅଳଙ୍କାର ଓ ପୁଷ୍ପରେ ବିମଣ୍ଡିତା କରିଥାଏ । ସେ କେବଳ ସ୍ତ୍ରୀକୁ ଯେ ଭଲପାଏ ତା ନୁହଁ, ସ୍ତ୍ରୀ ଯେଉଁସବୁ ବନ୍ଧୁମାନଙ୍କୁ ଭଲପାଏ, ସେ ସେହିମାନଙ୍କୁ ସ୍ନେହ, ଶ୍ରଦ୍ଧା କରେ । ସ୍ତ୍ରୀ ସହିତ କେହି କଳି କଲେ ସେ ପ୍ରଳୟ ସୃଷ୍ଟି କରିଦିଏ । ତା ବିରୁଦ୍ଧରେ ସେ ଖଡ଼୍‌ଗହସ୍ତ ହୋଇଉଠେ । ସେ ସ୍ତ୍ରୀ ଲାଗି କାହା ସହିତ ବିରୋଧ କରେ ତ କାହା ସହିତ ବନ୍ଧୁତା ରକ୍ଷା କରିଥାଏ । ଅଥବା ସାପ ଥିବ ଭାବି ନାଗେଶ୍ୱର ଫୁଲ ତୋଳିବା ଲାଗି ଭୟ ହୋଇଥାଏ, ତଥାପି ତୋଳାଯାଏ । ସେହିଭଳି ସେ ପତ୍ନୀର ଇଚ୍ଛାପୂରଣ ଲାଗି ସବୁବେଳେ ସନ୍ତ୍ରସ୍ତ ତଥାପି ଇଚ୍ଛା ପୂରଣ କରେ । ତାର ଭୟ ଯେ ଯଦି ସେ କଡ଼ା ଭାଷାରେ କିଛି କହେ ହୁଏତ ସ୍ତ୍ରୀ ବିରକ୍ତ ହୋଇପାରେ, ହୁଏତ ରୁଷି ପାରେ ।

ହେ ଧନଞ୍ଜୟ ! ଆଉ ଅଧିକ କ'ଣ କହିବି ? ଏପ୍ରକାର ବ୍ୟକ୍ତିର ସ୍ତ୍ରୀ ହେଉଛି ସର୍ବସ୍ୱ ଏବଂ ତା ଗର୍ଭରୁ ଜାତ ସନ୍ତାନ ତାର ଏକମାତ୍ର ସମ୍ପତ୍ତି । ଯିଏ ଏଭଳି ମୋହରେ ଆବଦ୍ଧ, ତାକୁ ଅଜ୍ଞାନୀ ଛଡ଼ା ଆଉ କ'ଣ କୁହାଯିବ ? ତାର ଆଚାର ବ୍ୟବହାରରେ ଅଜ୍ଞାନହିଁ ପରିପୂର୍ଣ୍ଣ ଅବସ୍ଥାରେ ରହିଥାଏ । ବିକ୍ଷୁବ୍ଧ ସମୁଦ୍ରରେ ତରଙ୍ଗାନ୍ଦୋଳିତ ନୌକା ଭଳି ପ୍ରିୟ, ଅପ୍ରିୟ ବସ୍ତୁର ପ୍ରାପ୍ତି ଓ ଅପ୍ରାପ୍ତିରେ ସର୍ବଦା ତାର ଚିତ୍ତ ଆନ୍ଦୋଳିତ ହୋଇଥାଏ । ଧନ ଲୋଭରେ ସେ ବୈରାଗ୍ୟର ଛଦ୍ମବେଶ ଧାରଣ କରିଥାଏ ଏବଂ କୌଣସି ଫଳପ୍ରାପ୍ତି ଲାଗି ନିଜକୁ ଈଶ୍ୱରଭକ୍ତ ବୋଲି ଦେଖେଇ ହୋଇଥାଏ । କିନ୍ତୁ ବାସ୍ତବ ଭକ୍ତି ତା

ମନରେ ବିନ୍ଦୁଏ ସୁଦ୍ଧା ନଥାଏ । ବ୍ୟଭିଚାରିଣୀ ସ୍ତ୍ରୀ ବାହାରେ ନିଜର ସତୀତ୍ୱଭାବ ପ୍ରଦର୍ଶନ କରି ଭିତରେ ପରପୁରୁଷ ପ୍ରତି ପ୍ରୀତିଭାବ ରଖିଥାଏ । ସେହିଭଳି ହେ କିରୀଟି ! ଯିଏ ମତେ ଭକ୍ତି କରି ବିଷୟ ବାସନାରେ ମନକୁ ଡୁବେଇ ରଖିଥାଏ, କାମନା ପୂର୍ଣ୍ଣ ନ ହେଲେ ଯିଏ ଭଜନ ପରିତ୍ୟାଗ କରେ, ସେ ହେଉଛି ଅଜ୍ଞାନୀ । ଏଭଳି ବ୍ୟକ୍ତି ଆଡ଼ମ୍ବରପୂର୍ଣ୍ଣ ଗୁରୁଙ୍କ ପଦ ଅନୁସରଣ କରିଥାଏ । ଅଥଚ ଯିଏ ଭଲ କଥା କହେ, ଭଲ ଶିକ୍ଷାଦିଏ, ସେହିଭଳି ନିରାଡ଼ମ୍ବର ଗୁରୁଙ୍କୁ ଘୃଣା କରେ । କୃଷକ ଯେପରି ତାର ଅଲଗା ଅଲଗା ଜମି ପାଇଁ ଅଲଗା ଅଲଗା ଦିଅଁ ଦେବତା ପୂଜା କରିଥାଏ, ପୃଥକ୍ ପୃଥକ୍ ମାନସିକ କରିଥାଏ, ସେହିଭଳି ଅଜ୍ଞାନୀ ବ୍ୟକ୍ତି କେତେବେଳେ କାଳୀଙ୍କୁ ତ କେତେବେଳେ ଶିବଙ୍କୁ, କେତେବେଳେ ରାମକୃଷ୍ଣ ଆଦିକୁ ପୂଜା କରିଥାଏ । ପ୍ରାଣୀ ପ୍ରତି ନିଷ୍ଠୁର ବ୍ୟବହାର କରି ଖଣ୍ଡିଏ ପଥର ଉପରେ ସେ ନିଷ୍ଠା ରଖିଥାଏ । ସେତିକିରେ ତାର ନିଷ୍ଠା ଶେଷ ହୋଇଯାଏ ନାହିଁ । ମୋ ବିଗ୍ରହ ବା ମୂର୍ତ୍ତିକୁ ନିଜ ଘର କୋଣରେ ରଖି, ସେ ଅନ୍ୟ ଦେବତାମାନଙ୍କ ଦର୍ଶନ ଲାଗି ତୀର୍ଥ ପର୍ଯ୍ୟଟନ କରେ, ଯାତ୍ରା ମହୋତ୍ସବ କରେ । କେବେ କେବେ ମତେ ବି ପୂଜା କରେ । କିନ୍ତୁ କାମନା ପୂରଣ ନହେଲେ, 'ଏହି ଠାକୁର ଦ୍ୱାରା କିଛି କାମ ହେଉନାହିଁ' କହି ମନେ ମନେ ଛି ଛାକର କରେ ଏବଂ କୁଳାଚାର ବର୍ଜିତ ଅନ୍ୟ ଦିଅଁ ଦେବତାକୁ ପୂଜା କରେ । ମତେ ମନ୍ଦିରରେ ସ୍ଥାପନ କରି ଅନ୍ୟ ଦେବତା ପାଖରେ ମାନସିକ କରିଥାଏ । ଶ୍ରାଦ୍ଧ ଦିବସରେ ପିତୃ ପୁରୁଷଙ୍କୁ ଭକ୍ତି କରେ । ଏକାଦଶୀଦିନ ମତେ ଯେତିକି ଆଦର ଅଭ୍ୟର୍ଥନା, ନାଗପଞ୍ଚମି ଦିନ ନାଗଦେବତାଙ୍କୁ ମଧ୍ୟ ତାର ସେତିକି ଆଦର । ଗଣେଶଚତୁର୍ଥୀ ଆସିଗଲେ ସେ ପୁଣି ଗଣେଶଙ୍କୁ ଭକ୍ତି କରେ । ଚତୁର୍ଦ୍ଦଶୀ ଆସିଗଲେ ସେ କହେ, ମା ଦୁର୍ଗେ ! ତୁମେ ହିଁ ମୋର ସର୍ବସ୍ୱ । ଦଶହରା ବେଳେ ନିତ୍ୟନୈମିତ୍ତିକ କର୍ମ ପରିତ୍ୟାଗ କରି ନବରାତ୍ର ଚଣ୍ଡୀପାଠ କରେ । ରବିବାରଦିନ ଭୈରବଙ୍କ ନାମରେ ଭୋଗ ରାଗ କରିଥାଏ । ସୋମବାର ଦିନ ଶିବଙ୍କ ମଥାରେ ବେଲପତ୍ର ଚଢ଼ାଏ । ଏହିଭଳି ଭାବରେ ଜଣେ ସକଳ ଦେବତାଙ୍କୁ ନାନା ଭାବରେ ପୂଜା କରିଥାଏ । ସେମାନଙ୍କ ସେବା କରିଥାଏ । ଗାଁର ବାରବନିତା ଯେପରି ସବୁ ପୁରୁଷଙ୍କୁ ଭଲ ପାଇଥାଏ, ସେହିଭଳି ସେ

ସବୁଦେବତାଙ୍କ ଭଜନକୀର୍ତ୍ତନ କରେ । କ୍ଷଣିକ ପାଇଁ ମଧ୍ୟ ତାର ଚିତ୍ତ ସ୍ଥିର ନଥାଏ । ଏଭଳି ଅସ୍ଥିର ଚିତ୍ତ ଯାହାର, ସେ ହେଉଛି ଅଜ୍ଞାନୀ ।

ନିର୍ଜନତା, ସୁପବିତ୍ର ତପୋବନ, ନଦୀତୀର ପ୍ରତି ଯାହାର ରୁଚି ନଥାଏ, ତାକୁ ଅଜ୍ଞାନୀ ବୋଲି ଜାଣିବ । ଅଜ୍ଞାନୀମାତ୍ରେ କୋଳାହଳପୂର୍ଣ୍ଣ ପଲ୍ଲୀ ବା ନଗରରେ ବାସକରିବା ଏବଂ ବହୁଲୋକଙ୍କ ମଧ୍ୟରେ ଆତଯାତ କରିବାକୁ ଭଲ ପାଇଥାଏ । ତା'ଭଳି ସଂସାରୀ ବ୍ୟକ୍ତିର ପ୍ରଶଂସା ଶୁଣିବା ପାଇଁ ସେ କାନ ଡେରି ରହିଥାଏ । ସେ ପରମାତ୍ମାଙ୍କ ଦର୍ଶନ ସମ୍ପର୍କରେ ଏପରି ଯୁକ୍ତିତର୍କ କରେ ଏବଂ ବଡ଼ ବଡ଼ କଥା କହେ ସତେ ଯେପରି ପରମାତ୍ମାଙ୍କ ସହିତ ତାର ଯୋଗସୂତ୍ର ଅବିଚ୍ଛିନ୍ନ ରହିଛି । ସେ ସମ୍ପର୍କରେ ସେ ମନଇଚ୍ଛା ଯାହାତାହା କହିଯାଏ । ବେଦ କଥା ନ୍ୱାଡ଼, ଉପନିଷଦକୁ ସୁଦ୍ଧା ସେ ଆଦୌ ପଢ଼େନା । ଯୋଗଶାସ୍ତ୍ର ପ୍ରତି ତାର ଭୀଷଣ ଅରୁଚି । ଆଧ୍ୟାତ୍ମିକ ଜ୍ଞାନରେ ତାର ମନ ଲାଗେନା । ଅଥଚ ଆଜେବାଜେ କଥାହିଁ ପଢ଼ିଥାଏ, ସେ ସମ୍ପର୍କରେ ଗପସପ କରିଥାଏ । ତାର ଆତ୍ମାନାତ୍ମ ବିଚାର ନଥାଏ । ସେ କର୍ମକାଣ୍ଡରେ ନିପୁଣ ହୋଇପାରେ, ପୁରାଣାଶାସ୍ତ୍ରାଦି ତାର କଣ୍ଠସ୍ଥ ଥାଇପାରେ, ଜ୍ୟୋତିଷୀ, ଶିଳ୍ପଶାସ୍ତ୍ର କଳା ଓ ବିଜ୍ଞାନରେ ସୁପଣ୍ଡିତ, ରନ୍ଧନ ବିଦ୍ୟାରେ ପଟୁ ଏବଂ ଜାରଣ, ମାରଣ, ବଶୀକରଣ ଆଦି ବିଦ୍ୟାରେ ପ୍ରବୀଣ ହୋଇ ଥାଇପାରେ; ସେ ଅଥର୍ବ ବେଦର ବିଧିବିଧାନ ସବୁ ଜାଣି ଥାଇପାରେ; ସେ କାମଶାସ୍ତ୍ର କିମ୍ବା ରାମାୟଣ, ମହାଭାରତ ଆଦି ପାଠ କରିଥାଇପାରେ; ଧର୍ମଶାସ୍ତ୍ରର ଅନୁଶୀଳନ ଏବଂ ନୀତିଶାସ୍ତ୍ର ଅଧ୍ୟୟନ କରିଥାଇପାରେ, ଚିକିତ୍ସା ବିଜ୍ଞାନରେ ଅଭ୍ୟସ୍ତ, କାବ୍ୟ ନାଟକରେ ସୁଚତୁର, ବେଦପାଠରେ ନିରତ, ବାଜୀକରଣରେ ସମର୍ଥ, ନିରୁକ୍ତ, ବ୍ୟାକରଣ ନ୍ୟାୟଆଦି ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରି ଥାଇପାରେ; କିନ୍ତୁ ଯାହାର ଆଧ୍ୟାତ୍ମ ଜ୍ଞାନ ନାହିଁ, ତାର ମୁଖ ଦର୍ଶନ କରିବା ଅନୁଚିତ ।

ମୂଳା ନକ୍ଷତ୍ରରେ ଯେଉଁ ସନ୍ତାନ ଜନ୍ମଗ୍ରହଣ କରିଥାଏ, ତାର ମୁଖ ଦର୍ଶନ ଯେପରି ଅମଙ୍ଗଳକର, ସେହିଭଳି ଆଧ୍ୟାତ୍ମଜ୍ଞାନବିହୀନ ବ୍ୟକ୍ତିର ଅବସ୍ଥା । ଆତ୍ମଜ୍ଞାନ ବ୍ୟତୀତ ଆଉ ସକଳଜ୍ଞାନର ପଠନ, ଅଧ୍ୟୟନ, ଅନୁଶୀଳନ ନିରର୍ଥକ । ମୟୂର ଦେହରେ ଆଖି ଭଳି ବହୁ ପୁଚ୍ଛ ରହିଥାଏ କିନ୍ତୁ ଏହିସବୁ

ଆଖିରେ ଦୃଷ୍ଟିଶକ୍ତି ନଥାଏ । ସେହିଭଳି ଆତ୍ମଜ୍ଞାନ ଭିନ୍ନ ସକଳଶାସ୍ତ୍ର ସମ୍ପର୍କରେ ବିଦ୍ୟାର୍ଜନ ନିରର୍ଥକ । ଯିଏ ନିଜକୁ ଜାଣିନି, ନିଜର ପରିଚୟ ପାଇନି, ସେ ଅନ୍ୟକୁ ଜାଣିପାରିବ କିପରି ? ଜୀବନରକ୍ଷାକାରୀ ଔଷଧରୁ ଟୋପାଏ କିମ୍ବା ଅମୃତତୁଲ୍ୟ ସେହିଭଳି ଚେରମୂଳିରୁ ସାମାନ୍ୟ ଟିକିଏ ପାଇଗଲେ, ତା ତୁଳନାରେ ଶଗଡ଼େ ହେବ ଅନ୍ୟ ଚେରମୂଳି ବା ଗାଡ଼ିଏ ହେବ ଔଷଧ ନିରର୍ଥକ ନୁହେଁ କି ? ଯେଉଁ ଜ୍ଞାନରେ ବ୍ରହ୍ମପ୍ରାପ୍ତି ସମ୍ଭବ, ସେହିଭଳି ଜ୍ଞାନାର୍ଜନ ଲାଗି ଅଜ୍ଞାନୀ ବ୍ୟକ୍ତିର ମନ ବଳେନା କିମ୍ବା ଏଭଳି କର୍ମ ଉପରେ ତାର ବିଶ୍ୱାସ ନଥାଏ । କ୍ଷୀଣାୟୁ ବ୍ୟକ୍ତି ଦେହରେ ସୁଲକ୍ଷଣ, ମୁଣ୍ଡଗଣ୍ଡିହୀନ ବ୍ୟକ୍ତି ଦେହରେ ଅଳଙ୍କାରସଜ୍ଜା, ବିଧବାବସ୍ଥାରେ ବିବାହ ସଂଗୀତ ମଙ୍ଗଳ ଗାନ କରିବା ଯେପରି ନିରର୍ଥକ, ସେହିଭଳି ହେ ପାର୍ଥ ! ଅଧ୍ୟାତ୍ମଜ୍ଞାନ ବ୍ୟତୀତ ଅନ୍ୟ ସମସ୍ତ ଶାସ୍ତ୍ର ହେଉଛି ନିରର୍ଥକ । ଯେଉଁ ମୂଢ଼ବ୍ୟକ୍ତିର ଆତ୍ମଜ୍ଞାନ ନାହିଁ, ସେ କେବଳ ଅଜ୍ଞାନର କାରଣ ହୋଇଥାଏ ଏବଂ ଅଜ୍ଞାନର ବୀଜବପନ କରିଥାଏ । ସେହି ବୀଜରୁ ଅଜ୍ଞାନର ମହାଦ୍ରୁମ ହୋଇ ଚାରିଆଡ଼କୁ ଶାଖା ପ୍ରଶାଖା ମେଲିଥାଏ । ତାର ସମସ୍ତ ବିଦ୍ୟା ହେଉଛି ଅଜ୍ଞାନରୂପକ ଗୋଟିଏ ଗୋଟିଏ ବୃକ୍ଷ । ଏଭଳି ଅଜ୍ଞାନୀର କଥା ହେଉଚି ଏହି ଅଜ୍ଞାନବୃକ୍ଷର ପୁଷ୍ପ ଏବଂ ପୁଣ୍ୟ ଆଚରଣ ହେଉଚି ଏହି ବୃକ୍ଷର ଫଳ । ଅଧ୍ୟାତ୍ମଜ୍ଞାନ ପ୍ରତି ତାର ଶ୍ରଦ୍ଧା ନଥାଏ । ବେଦ ବେଦାନ୍ତ ଉପରେ ବିଶ୍ୱାସ ନଥାଏ । ତେଣୁ ତତ୍ତ୍ୱଜ୍ଞାନ ବା ସୁଜ୍ଞାନ ହେବ କୁଆଡୁ ? ଯିଏ ନଦୀର ପାଖ ସୁଦ୍ଧା ମାଡ଼େନି, ସେ ଅନ୍ୟ କୂଳର ଖବର ଜାଣିବ କିପରି ? ଯିଏ ଯାଉ ଯାଉ ଦ୍ୱାରମୁହଁରେ ଥିବା ଗାତ ଭିତରେ ଖସିପଡ଼େ; ସେ ଘରେ କ'ଣ ଘଟୁଚି ଜାଣିବ କିପରି ? ସେହିଭଳି ଯିଏ ଅଧ୍ୟାତ୍ମଜ୍ଞାନର ଦ୍ୱାର ସୁଦ୍ଧା ମାଡ଼ି ନାହିଁ, ସେ ତତ୍ତ୍ୱଜ୍ଞାନ ଲାଭ କରିବା ସଂପୂର୍ଣ୍ଣ ଅସମ୍ଭବ । ଏହିଭଳି ଅଜ୍ଞାନୀ ଜ୍ଞାନତତ୍ତ୍ୱ ସମ୍ପର୍କରେ ଅନ୍ଧ କହିଲେ ଚଳେ । ଅଜ୍ଞାନୀ ବ୍ୟକ୍ତି ଆଗରେ ଜ୍ଞାନତତ୍ତ୍ୱ ବ୍ୟାଖ୍ୟାନ ଏକ ଭ୍ରମ । ଏ ସମ୍ପର୍କରେ ଆଗରୁ ବହୁ କଥା କୁହାଯାଇଛି । ଗର୍ଭିଣୀକୁ ଭଲ ଭଲ ଖାଦ୍ୟ ଖୁଆଇଲେ ତା ଗର୍ଭରେ ଥିବା ପିଲା ମଧ୍ୟ ପାଇଥାଏ । ଜଣେ ଅନ୍ଧ ବ୍ୟକ୍ତିକୁ ନିମନ୍ତ୍ରଣ କଲାବେଳେ ତାକୁ ବାଟ କଢ଼େଇ ଆଣିବାଲାଗି ଆଉ

ଜଣେ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବାକୁ ପଡ଼ିଥାଏ । ତେଣୁ ଜ୍ଞାନ କଥା କହିବାବେଳେ ଅଜ୍ଞାନକଥା ମଧ୍ୟ କହିବାକୁ ପଡ଼ିଲା । ଜ୍ଞାନର ଅଠରଟି ଲକ୍ଷଣର ବିପରୀତ କାର୍ଯ୍ୟ ହେଉଚି ଅଜ୍ଞାନ ।

ସେଥିଲାଗି ଏକାଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି, ଜ୍ଞାନର ବିପରୀତ ହେଉଚି ଅଜ୍ଞାନ । ସେଥିଲାଗି ଅଜ୍ଞାନର ଲକ୍ଷଣଗୁଡ଼ିକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କରିବାକୁ ପଡୁଛି । ଦୁଗ୍ଧରେ ବେଶି ପାଣି ମିଶାଇଲେ ଦୁଗ୍ଧର ସାର୍ଥକତା କିଛି ରହେନା । ସେଥିଲାଗି ଅଜ୍ଞାନ ସମ୍ପର୍କରେ ଆଉ ଅଧିକ କହିବାକୁ ଚାହେଁନା । କିନ୍ତୁ ପଦପ୍ରୟୋଗର ମର୍ଯ୍ୟାଦାକୁ ତ୍ୟାଗ କରାଯାଇ ନ ପାରେ । ମୂଳଶ୍ଳୋକର ଧ୍ୱନିରୁ ତାତ୍ପର୍ଯ୍ୟ ଗ୍ରହଣ କରିବା ଦିଗରେ ମୋ ଭାଷା ହେଉଚି ନିମିତ୍ତ ମାତ୍ର ।

ଶ୍ରୋତାମାନେ କହିଲେ, ହେ କବିକୁଳପୋଷକ ଜ୍ଞାନେଶ୍ୱର ! ତୁମ ମନକୁ ଯାହା ଆସୁଚି କହିଯାଅ । ମନରେ ଆସୁଥିବା କୌଣସି ବିଷୟକୁ ପରିହାର କର ନାହିଁ । ଭୟ କାହିଁକି ? ଶ୍ରୀକୃଷ୍ଣ ନିଜେ ତୁମକୁ ଆଦେଶ କରିଛନ୍ତି, ''ଗୀତାର ଯେଉଁ ଅଭିପ୍ରାୟକୁ ମୁଁ ଗୋପନ ରଖିଥିଲି, ତୁମେ ତାହା ପ୍ରକାଶ କରିଦିଅ ।''ହେ ଜ୍ଞାନେଶ୍ୱର ! ପ୍ରଭୁଙ୍କ ସେହି ମନୋଭାବକୁ ତୁମେ ଆମ ଆଗରେ ଖୋଲି କହୁଚ । ଯାହାହେଉ ଏ ସମସ୍ତ କଥା ଶୁଣି ହୁଏତ ତୁମେ ପ୍ରେମରେ ବିଭୋର ହୋଇପଡ଼ିବ, ସେଥିଲାଗି ଆମେ ଆଉ କିଛି କହିବାକୁ ଚାହୁଁନୁ । ତେବେ ଏତିକିମାତ୍ର କହୁଚୁ ଯେ ତୁମର ବାଣୀ ମଧ୍ୟରେ ଆମେ ଶ୍ରବଣସୁଖଦାୟକ ନୌକାଲାଭ କରିଛୁ । ଏହାପରେ ଶ୍ରୀହରି ଅର୍ଜୁନଙ୍କୁ ଯାହାସବୁ କହିଲେ ତାହା ମଧ୍ୟ ଆମ ଆଗରେ ଶୀଘ୍ର ପ୍ରକାଶ କରନ୍ତୁ ।

ସାଧୁ ଶ୍ରୋତାମାନଙ୍କଠାରୁ ଏକଥା ଶୁଣି ନିବୃତ୍ତିଦାସ ଜ୍ଞାନେଶ୍ୱର କହିଲେ, ହେ ମହାଶୟଗଣ ! ଶୁଣନ୍ତୁ ! ପ୍ରଭୁ ଶ୍ରୀକୃଷ୍ଣ କହିଲେ, ହେ ପାଣ୍ଡବ ! ତୁମକୁ ଅଜ୍ଞାନର ଲକ୍ଷଣ କହିଲି । ଏହି ଅଜ୍ଞାନକୁ ଅନ୍ତରାଳରେ ରଖି ଜ୍ଞାନ ସମ୍ପର୍କରେ ମନର ଦୃଢ଼ତା ପୋଷଣ କର । ଶୁଦ୍ଧଜ୍ଞାନ ଦ୍ୱାରା ହିଁ ଜ୍ଞେୟ ବସ୍ତୁ ଲାଭ ହୋଇ ପାରିବ । ଏହି ଜ୍ଞେୟ ପ୍ରଜ୍ଞାନ ଲାଗି ହିଁ ଅର୍ଜୁନ ଆଶା କରିଥିଲେ । ତାଙ୍କର ଭାବ ବୁଝି ସର୍ବଜ୍ଞ ଶ୍ରୀକୃଷ୍ଣ କହିଲେ, ଏବେ ମୁଁ ଜ୍ଞେୟ ବିଷୟର ଉଦ୍ଦେଶ୍ୟ ପ୍ରକାଶ କରିବି ।

ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱାମୃତମଶ୍ନୁତେ ।
ଅନାଦିମତ୍ ପରଂ ବ୍ରହ୍ମ ନ ସତ୍‌ତନ୍ନାସଦୁଚ୍ୟତେ ॥୧୨॥

ଜ୍ଞାନ ବିନା ତାକୁ ପାଇହୁଏନା ବୋଲି ପରବ୍ରହ୍ମକୁ ଜ୍ଞେୟ କୁହାଯାଏ । ତାକୁ ଜାଣି ସାରିବା ପରେ କର୍ତ୍ତବ୍ୟ ବୋଲି ଆଉ କିଛି ଅବଶିଷ୍ଟ ରହେନା । ଜ୍ଞାନପ୍ରାପ୍ତିରେ ଜ୍ଞାତା ବ୍ରହ୍ମସ୍ୱରୂପ ହୋଇଉଠେ । ସେ ଜନ୍ମ ଓ ମୃତ୍ୟୁଠାରୁ ଦୂରରେ ରହି ଏବଂ ସଂସାର ମୋହକୁ ଛିନ୍ନ କରି ନିତ୍ୟାନନ୍ଦ-ସାଗରରେ ନିମଗ୍ନ ହୋଇଯାଏ । ଏହି ଜ୍ଞାନ ଏପରି ଏକ ବସ୍ତୁ, ଯାହାର କି ଆରମ୍ଭ ନାହିଁ କିନ୍ତୁ ଏହା ସହଜ ଏବଂ ଆତ୍ମସ୍ଥିତ । ତୁମେ ଯଦି କହ ଯେ ବ୍ରହ୍ମର କୌଣସି ଅସ୍ତିତ୍ୱ ନାହିଁ, ତାହାହେଲେ ତାଙ୍କୁ ତୁମେ ବିଶ୍ୱାକାରରେ ଦେଖିପାରିବ । କାରଣ ସେ ବିଶ୍ୱାକାରରେ ପ୍ରକାଶିତ । କିନ୍ତୁ ବିଶ୍ୱକୁ ବ୍ରହ୍ମ କହିଲେ ଯଥାର୍ଥ ହେବ ନାହିଁ । କାରଣ ବାସ୍ତବ ଦୃଷ୍ଟିରେ ବିଶ୍ୱ ହେଉଚି ଏକ ମାୟା । ଜ୍ଞେୟ ବା ବ୍ରହ୍ମ ଦୃଶ୍ୟ ନୁହେଁ କି ଅଦୃଶ୍ୟ ନୁହେଁ, ଏହାର ରୂପ ବା ଆକାର ନାହିଁ କି ବର୍ଣ୍ଣ ମଧ୍ୟ ନାହିଁ । ତାର ଅସ୍ତିତ୍ୱ ଅଛି ବୋଲି କହିବା କଷ୍ଟକର । କିନ୍ତୁ ନାହିଁ ବୋଲି କହିବା ଦ୍ୱାରା ସୃଷ୍ଟିତତ୍ତ୍ୱକୁ ବିଶ୍ଳେଷଣ କରିବାକୁ ପଡ଼ିବ । ଏହି ବିଶ୍ୱକୁ ସୃଷ୍ଟି କଲା କିଏ, କାହିଁକି କଲା, ଏ ସବୁ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ । ଏହାର ଅସ୍ତି ଓ ନାସ୍ତି ସମ୍ପର୍କରେ ବେଦ ମଧ୍ୟ ବୁଝେଇ ବୁଝେଇ ଶବ୍ଦହୀନ ହୋଇପଡ଼ିଛି । ଏହିସବୁ ପ୍ରଶ୍ନର ଉତ୍ତର ଦେବାଲାଗି ବିଚାରଶକ୍ତି ମଧ୍ୟ ନିସ୍ତେଜ ହୋଇ ପଡ଼ିଛି । ମାଟି ହେଉଚି ଗୋଟିଏ ଜିନିଷ ଯାହାକି ଭିନ୍ନ ଭିନ୍ନ ପ୍ରକାରର ଛୋଟ ବଡ଼ ହାଣ୍ଡି ମାଠିଆରେ ଲାଗିଚି । ସେହିଭଳି ଏହି ଜ୍ଞେୟ ବସ୍ତୁ ସର୍ବତ୍ର ସର୍ବରୂପରେ ଅବସ୍ଥିତ ।

ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥୧୩॥

ଜ୍ଞାନୀ ଦେଶ ଓ କାଳଠାରୁ ଅଭିନ୍ନ ରହି ସର୍ବଦେଶ ଓ ସର୍ବକାଳରେ ସ୍ଥାବର, ଜଙ୍ଗମ, ସ୍ଥୂଳ ଓ ସୂକ୍ଷ୍ମ ସମସ୍ତ ବସ୍ତୁକୁ ଓ ସମସ୍ତ କ୍ରିୟାକୁ ନିଜ ଅଧୀନରେ ରଖିଥାଏ । ସେ ବିଶ୍ୱବାହୁ, ସର୍ବରୂପ, ସର୍ବଦା ସକଳ କର୍ମର କର୍ତ୍ତା ଏବଂ ଏକ

ସମୟରେ ସବୁ ଦିଗରେ ସମସ୍ତଙ୍କ ଦେହରେ ସେ ଅବସ୍ଥିତ । ସେ ହେଉଚି ବିଶ୍ୱପାଦ । ପୃଥକ୍ ପୃଥକ୍ ଚକ୍ଷୁ ନଥିଲେ ମଧ୍ୟ ସେ ସୂର୍ଯ୍ୟଭଳି ସ୍ୱାଭାବିକ ଭାବରେ ସର୍ବଦ୍ରଷ୍ଟା । ସେ ସମସ୍ତଙ୍କୁ ଦେଖିପାରେ । ତାର ଚକ୍ଷୁ ନାହିଁ ବୋଲି କୁହାଯାଉଥିଲେ ମଧ୍ୟ ବେଦ ଭାଷାରେ ସେ ବିଶ୍ୱଚକ୍ଷୁ ଅର୍ଥାତ୍ ସେ ଭିତର ବାହାର ସବୁକିଛି ଏକାବେଳକେ ଦେଖିପାରେ । ସେ ସମସ୍ତଙ୍କ ମୁଣ୍ଡ ଉପରେ ଅବସ୍ଥିତ । ତେଣୁ ତାଙ୍କୁ କୁହାଯାଏ 'ବିଶ୍ୱମୁର୍ଦ୍ଧା' । ଅଗ୍ନିର ମୁଖ ଅଗ୍ନି ଭିତରେ ହିଁ ଥାଏ ଏବଂ ସେ ଯାହା ପାଏ ଖାଇଯାଏ । ଅଗ୍ନିର ମୁଖଭଳି ତାର ମୁଖ । ତେଣୁ ଶ୍ରୁତି ବା ବେଦ ତାକୁ 'ବିଶ୍ୱତୋମୁଖ' ବୋଲି ବର୍ଣ୍ଣନା କରିଛି । ସବୁ ବସ୍ତୁରେ ଆକାଶ ରହିଥିବା ଭଳି ସେ ଶବ୍ଦ ମାତ୍ରକେ ଶ୍ରବଣ କରିଥାଏ । ସେ ସର୍ବବ୍ୟାପୀ ହୋଇଥିବାରୁ ସେ ସର୍ବଶ୍ରୋତା । ହେ ମହାମତି ! ପରବ୍ରହ୍ମ ସମ୍ପର୍କରେ ଯାହାସବୁ କୁହାଗଲା, ସେ ସବୁର ବର୍ଣ୍ଣନା ହେଉଚି ସେହି ପରବ୍ରହ୍ମଙ୍କ ସର୍ବବ୍ୟାପକତାକୁ ବର୍ଣ୍ଣନା କରିବାଲାଗି କେବଳ ଆଖ୍ୟାଧମାତ୍ର । ନଚେତ୍ ଏହି ହସ୍ତ, ପଦ ଓ ଚକ୍ଷୁଆଦି ଉଦ୍‌ଭଟ । ପରିକଳ୍ପନାମାତ୍ର । ବାସ୍ତବରେ ଏସବୁର ଅସ୍ତିତ୍ୱ ବୋଲି କିଛି ନାହିଁ– ସେହି ପରବ୍ରହ୍ମ ଶୂନ୍ୟତାର ସାରସ୍ୱରୂପ । ଗୋଟିଏ ତରଙ୍ଗ ସହିତ ଅନ୍ୟ ତରଙ୍ଗର ସଂଘର୍ଷ ହୋଇଥାଏ । ଦେଖାଯାଏ ଯେପରି କି ଗୋଟିଏ ଅପରକୁ ଗ୍ରାସ କରିପକାଉଚି, ଅନ୍ୟକୁ ଭାଙ୍ଗି ପକାଉଚି, କିନ୍ତୁ ଆକ୍ରମଣକାରୀ ତରଙ୍ଗ ଓ ଆକ୍ରାନ୍ତ ତରଙ୍ଗ ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ । ଉଭୟ ତରଙ୍ଗ ହେଉଚନ୍ତି ଏକା ଜଳ । ସେହିଭଳି ବ୍ରହ୍ମ ହେଉଚି ଏକ । ଯେଉଁସବୁ ବର୍ଣ୍ଣନା କରାଗଲା, ସେସବୁର ଉଦ୍ଦେଶ୍ୟ ହେଉଚି ଯାହାକୁ ଦୁଇ ପୃଥକ୍ ଜିନିଷ ବୋଲି ଚିନ୍ତା କରାଯାଉଚି, ତାହା ବାସ୍ତବରେ ଏକ ବୋଲି ଦର୍ଶାଇବା । ଯଥାର୍ଥ ଅଦ୍ୱୈତ ତତ୍ତ୍ୱରେ ବାଚ୍ୟ ଓ ବାଚକକୁ ବର୍ଣ୍ଣନା କରାଯିବ କିପରି ? ଶୂନ୍ୟକୁ ଦେଖାଇବାକୁ ହେଲେ ଏକ ବର୍ତ୍ତୁଳାକାର ଦର୍ଶାଇବାକୁ ପଡ଼ିଥାଏ । ସେହିଭଳି ଅଦ୍ୱୈତକୁ ବର୍ଣ୍ଣନା କରିବାକୁ ଗଲେ ଦ୍ୱୈତକୁ ସ୍ୱୀକାର କରିବାକୁ ପଡ଼ିଥାଏ । ହେ ପାର୍ଥ ! ନଚେତ୍ ଗୁରୁ ଶିଷ୍ୟ ସମ୍ପ୍ରଦାୟ ସର୍ବଥା ବାଧାପ୍ରାପ୍ତ ହେବେ ଏବଂ ତତ୍ତ୍ୱ ନିରୁପଣ ଅସମ୍ଭବ ହେବ । ସେଥିଯୋଗୁଁ ବେଦ ଦ୍ୱୈତଦ୍ୱାରା ଅଦ୍ୱୈତକୁ ବୁଝାଇବାର ରୀତି ଦର୍ଶାଇଛି । ସେହି ଜ୍ଞେୟ ଦୃଶ୍ୟ ଆକାରରେ କିଭଳି ଭାବରେ ପୂର୍ଣ୍ଣ ହୋଇ ରହିଛି, ତାହା ଶ୍ରବଣ କର ।

ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।
ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ॥୧୪॥

ହେ କିରୀଟି ! ଆକାଶରେ ଅବକାଶ ଓ ବସ୍ତ୍ରରେ ସୂତ୍ର ଯେପରି ବ୍ୟାପକ ଭାବରେ ରହିଛି, ସେହିଭଳି ସକଳ ବସ୍ତୁରେ ବ୍ରହ୍ମ ବ୍ୟାପି ରହିଛି । ଫଳରେ ରସ, ଦୀପଶିଖାରେ ତେଜ, କର୍ପୂରରେ ସୁଗନ୍ଧ, ଶରୀରରେ ଚର୍ମ ଯେପରି ମିଳିତ ଭାବରେ ଅବସ୍ଥାନ କରିଥାଏ, ସେହିଭଳି ବ୍ରହ୍ମବସ୍ତୁ ସର୍ବସ୍ୱରୂପ ହୋଇ ସର୍ବତ୍ରବ୍ୟାପ୍ତ ରହିଛି । ସୁବର୍ଣ୍ଣ ଓ ଏହାର ପରମାଣୁ ଏକ, ଅଭିନ୍ନ । ସ୍ୱର୍ଣ୍ଣକଣା ଓ ସ୍ୱର୍ଣ୍ଣ ପୃଥକ୍ ନୁହଁ । ହେ ସୁହୃଦ୍ ! ନଦୀର ପ୍ରବାହ ବା ସ୍ରୋତ କୁଟିଳ ତଥା ରଜୁଗତିରେ ପ୍ରବାହିତ ହେଲେ ମଧ୍ୟ ଏଥିରେ ଥିବା ଜଳ ସରଳ ଓ ତରଳ । ଲୌହ ଉତ୍ତପ୍ତ ହୋଇ ଲାଲ୍ ପଡ଼ିଗଲେ ମଧ୍ୟ ତାର ଲୌହତ୍ୱ ଲୋପ ପାଏନା । ସିଏ ଯେଉଁ ଲୌହକୁ ସେହି ଲୌହ । ଘଟର ଆକାର ନେଇ ଆକାଶ ଗୋଲାକାର । ଘରେ ଏହାର ଆକାର ଚତୁଷ୍କୋଣ । ଏହି ଆକାର ଦ୍ୱାରା ଆକାଶ ବିକୃତରୂପ ଧାରଣ କଲେ ମଧ୍ୟ ଏହା ଅବିକୃତ । ହେ ଧନଞ୍ଜୟ ! ସେହିଭଳି ବ୍ରହ୍ମ ଅପରିବର୍ତ୍ତନୀୟ । ଏହା ଯେଭଳି ଥିଲା ସେହିଭଳି ରହିଚି, ରହିବ ମଧ୍ୟ । ହୁଏତ ତୁମ ଆଖିକୁ ଏହାର ପରିବର୍ତ୍ତନ ହେଉଥିବା ଦେଖାଯାଇପାରେ । କିନ୍ତୁ ଏହି ଦେଖାଯିବାଟା ସତ୍ୟ ନୁହେଁ । ମନ, ଇନ୍ଦ୍ରିୟ ଓ ଆଧ୍ୟାତ୍ମିକ ଗୁଣ ମଧ୍ୟରେ ଏହାର ସ୍ୱରୂପ ଅଭିବ୍ୟକ୍ତ ହୋଇପାରେ ।

ଗୁଡ଼ର ମଧୁରତା ଯେପରି ଏହାର ଖଦା ବା ଚିଟାରୁ ମିଳି ନଥାଏ, ସେହିଭଳି ଇନ୍ଦ୍ରିୟଗୁଡ଼ିକ ଓ ଗୁଣ ବାସ୍ତବରେ ବ୍ରହ୍ମତତ୍ତ୍ୱ ନୁହଁ । ଲହୁଣୀ ବା ଘିଅ ଦୁଗ୍ଧ ଭିତରେ ହିଁ ରହିଥାଏ । କିନ୍ତୁ ଦୁଗ୍ଧକୁ ଘୃତ ବା ଲହୁଣୀ କୁହାଯାଇ ନ ପାରେ । ସେହିଭଳି ବ୍ରହ୍ମ ସର୍ବବ୍ୟାପୀ ବା ବିଶ୍ୱବ୍ୟାପକ ହୋଇଥିଲେ ମଧ୍ୟ ଏହାକୁ ବିଶ୍ୱ କୁହାଯାଇ ନ ପାରେ । ଏହା ବିକାରମୟ ରାଜ୍ୟରେ ଅବସ୍ଥାନ କଲେ ମଧ୍ୟ ଅବିକୃତ । ଆକାର ଓ ପ୍ରକାର ନେଇ ଏଇଟା ଅମୁକ ଅଳଙ୍କାର, ସେଇଟା ସବୁକ ଅଳଙ୍କାର, ଯଥା– କାନଫୁଲ, ହାର, ମୁଦି ଆଦି କୁହାଯାଇପାରେ । କିନ୍ତୁ ଏସବୁର ମୂଳଧାତୁ ହେଉଛି ସୁନା । ହେ ଧନଞ୍ଜୟ ! ତମେ ଜ୍ଞେୟବସ୍ତୁ ତଥା

ବ୍ରହ୍ମର ଗୁଣ ଓ ଇନ୍ଦ୍ରିୟକୁ ନେଇ ଏହାର ପାର୍ଥକ୍ୟକୁ ଭଲଭାବରେ ବୁଝ । ବ୍ରହ୍ମର ନାମ, ରୂପ, ଜାତିଭେଦ, କ୍ରିୟାଭେଦ କିଛି ନାହିଁ । ଏସବୁ ହେଉଚି ଆକାରର ସଂଜ୍ଞା । ବ୍ରହ୍ମ ଗୁଣ ଭିତରେ ରହିଥିବା ଭଳି ଦେଖାଯାଏ, କିନ୍ତୁ ସେ ଗୁଣାତୀତ । ଅଜ୍ଞାନୀ ବ୍ରହ୍ମ ପ୍ରତି ଗୁଣାରୋପ କରିଥାଏ, କିନ୍ତୁ ତାହା ଭୁଲ୍ । ମେଘକୁ ଆକାଶ କୁହାଯାଇ ନ ପାରେ । ଦର୍ପଣ ଭିତରେ ଦେଖାଯାଉଥିବା ଅଳଙ୍କାରକୁ ଆଣି କେହି ପିନ୍ଧି ନପାରେ । ପୁଷ୍କରିଣୀରେ ସୂର୍ଯ୍ୟର ପ୍ରତିବିମ୍ବ ସୂର୍ଯ୍ୟ ନୁହଁ । ମରୀଚିକାରେ ଜଳ ନଥାଏ । ସେହିଭଳି ଗୁଣାତୀତ ବ୍ରହ୍ମକୁ ତ୍ରିଗୁଣମୟୀ ବ୍ରହ୍ମ ବୋଲି କଳ୍ପନା କରିବା ଏକ ଭ୍ରମ । ସ୍ୱପ୍ନରେ ଭିକ୍ଷୁକର ରାଜ୍ୟାଭିଷେକ ହୋଇଛି ବୋଲି କ'ଣ ଭିକ୍ଷୁକ ରାଜା ହୋଇଯାଇ ପାରିବ ? ଏହି ସ୍ୱପ୍ନଦୃଷ୍ଟ ରାଜ୍ୟାଭିଷେକ ଯେପରି ଏକ ଭ୍ରମ, ସେହିଭଳି ନିର୍ଗୁଣକୁ ସଗୁଣ କହିବା ଏକ ଭ୍ରମ ।

ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ॥୧୫॥

ହେ ପାଣ୍ଡୁ ନନ୍ଦନ ! ଅଗ୍ନିର ଆକାର ଯାହା ହେଉନା କାହିଁକି ଏହାର ଦେହର ଉଷ୍ଣତା ସମାନ ଭାବରେ ରହିଥାଏ । ସେହିଭଳି ଯିଏ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ସଚରାଚର ସର୍ବଭୂତରେ ବ୍ୟାପି ରହିଛି, ସେ ହେଉଛି ଜ୍ଞେୟ । ଦେହରେ, ଭିତରେ, ବାହାରେ, ପାଖରେ ବା ଦୂରରେ ଏହା ଏକ । ଆଉ ଦ୍ୱିତୀୟ କିଛି ନାହିଁ । ଏହାହିଁ ପରମ ଜ୍ଞେୟ । କ୍ଷୀର ସମୁଦ୍ରର ମାଧୁର୍ଯ୍ୟ ସମୁଦ୍ର ଭିତରେ ଅଧିକ ଏବଂ କୂଳରେ ଅଳ୍ପ ହୋଇ ନଥାଏ । ସେହିଭଳି ସେ ସର୍ବତ୍ର ଏକ ରୂପରେ ପରିପୂର୍ଣ୍ଣ । ସ୍ୱେଦଜ, ଅଣ୍ଡଜ ପ୍ରଭୃତି ପୃଥକ୍ ପୃଥକ୍ ଯୋନି ତଥା ଅଣୁ ପରମାଣୁରେ ତାର ଅଖଣ୍ଡ ବ୍ୟାପ୍ତି । ଚନ୍ଦ୍ରମା ଯେପରି ଭିନ୍ନ ଭିନ୍ନ ସହସ୍ର ଘଟରେ ପ୍ରତିବିମ୍ବିତ, ସେହିପରି ଏକ ବ୍ରହ୍ମ ଅନେକ ଦେହରେ ପରିବ୍ୟାପ୍ତ । ଲବଣ ଛୋଟ ବଡ଼ ଆକାରରେ ମିଳିପାରେ, କିନ୍ତୁ ସବୁଥିରେ ସେହି ଲବଣର ହିଁ ସ୍ୱାଦ ମିଳିଥାଏ । ଲକ୍ଷ ଲକ୍ଷ ସଂଖ୍ୟାରେ ଆଖୁଗଛ ରହି ଥାଇପାରେ, କିନ୍ତୁ ସବୁ ଗଛରେ ମଧୁରତା ହିଁ ନିହିତ ଥାଏ ।

ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।
ଭୂତଭର୍ତ୍ତୃ ଚ ତଜ୍ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ॥୧୬॥

ବିଭିନ୍ନ ଜାତିର ପ୍ରାଣୀ ମଧ୍ୟରେ ସେହି ଏକ ତତ୍ତ୍ୱ ହିଁ ବ୍ୟାପକ ହୋଇ ରହିଛି । ହେ ସୁମତି ! ଏହି ତତ୍ତ୍ୱହିଁ ସୃଷ୍ଟିର ମୂଳାଧାର । ତରଙ୍ଗ ସମୁଦ୍ରରୁ ଉତ୍ପନ୍ନ ଏବଂ ସମୁଦ୍ର ହିଁ ତରଙ୍ଗର କାରଣ । ସେହିଭଳି ସର୍ବଜୀବନର ଆଧାର ହେଉଛି ଏହି ବ୍ରହ୍ମ । ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ ଆଦି ତିନୋଟି ଅବସ୍ଥା ଦେଇ ଗତି କଲେ ମଧ୍ୟ ଦେହ ଯେପରି ସେହି ଗୋଟିଏ, ସେହିଭଳି ଉତ୍ପତ୍ତି, ସ୍ଥିତି ଓ ପ୍ରଳୟରେ ବ୍ରହ୍ମ ଅଖଣ୍ଡ । ସକାଳ, ମଧ୍ୟାହ୍ନ ବା ସାୟଂ କାଳରେ ଅପରିବର୍ତ୍ତିତ ଆକାଶ ଭଳି, ହେ ପ୍ରିୟତମ ଅର୍ଜୁନ ! ସୃଷ୍ଟିର ଆରମ୍ଭରୁ ତାକୁ ବ୍ରହ୍ମା, ସ୍ଥିତିରେ ବିଷ୍ଣୁ ଓ ପ୍ରଳୟକାଳରେ ରୁଦ୍ର ବା ଶଙ୍କର କୁହାଯାଇଥାଏ । ଗୁଣତ୍ରୟର ଧ୍ୱଂସ ହେଲେ ଯେଉଁ ମହାଶୂନ୍ୟତା ଆକାଶର ଶୂନ୍ୟତାକୁ ଧ୍ୱଂସ କରି ମଧ୍ୟ ଅବଶିଷ୍ଟ ରହିଥାଏ, ବେଦ ତାର ନାମକରଣ କରିଚି 'ବ୍ରହ୍ମ' ।

ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟ ହୃଦି ସର୍ବସ୍ୟଧିଷ୍ଠିତମ୍ ॥୧୭॥

ବ୍ରହ୍ମ ହେଉଚି ଅଗ୍ନିର ତେଜ, ଚନ୍ଦ୍ରର ଶୀତଳତା, ସୂର୍ଯ୍ୟର ଦୀପ୍ତି, ନକ୍ଷତ୍ରର ପ୍ରକାଶ, ମହାତେଜର ପ୍ରଭା, ସକଳ ମୂଳର ଆଦି, ବୁଦ୍ଧିର ବର୍ଦ୍ଧନକାରୀ ଶକ୍ତି, ବୁଦ୍ଧିର ପ୍ରକାଶକ, ଅନ୍ତରର ସଚେତକ, ମନର ମନ, ନେତ୍ରର ଦୃଷ୍ଟିଶକ୍ତି, କର୍ଣ୍ଣର ଶ୍ରବଣ, ବାଣୀର ବାକ୍‌ଶକ୍ତି, ପ୍ରାଣର ପ୍ରାଣ, ଗତିର ଚଳନଶକ୍ତି, କ୍ରିୟାର କର୍ତ୍ତୃତ୍ୱ, ଆକାରର ଆକୃତି ଓ ବିସ୍ତୃତି, ସଂସାରର ମାରକଶକ୍ତି, ପୃଥିବୀର ଧାରଣଶକ୍ତି, ଜଳର ଜୀବନୀଶକ୍ତି ଓ ତରଳତା, ଦୀପର ପ୍ରଭା, ବାୟୁର ପ୍ରାଣବାୟୁ, ଗଗନର ଅବକାଶ । ହେ ପଣ୍ଡୁକୁମାର ! ଆଉ ଅଧିକ କ'ଣ କହିବି, ସେ ହେଉଚି ସ୍ୱସ୍ୱରୂପ । ସେ ପୃଥିବୀକୁ ଧାରଣ କରିଛି, ଜଳକୁ ପ୍ରବାହିତ କରୁଚି, ଆଲୋକକୁ ସଞ୍ଚାରିତ କରୁଚି, ବାୟୁକୁ ସଞ୍ଚାଳିତ କରୁଚି । ସେ ଆକାଶକୁ ନିଜ ଭିତରେ ଧରି ରଖିଛି । ଆମେ ଯାହା ଅନୁଭବ କରୁଅଛେ, ଯାହା ଦେଖୁଛେ, ସବୁ ତାରି

ମାଧ୍ୟମରେ ହିଁ ହେଉଚି । ସେ ଦ୍ୱୈତହୀନ ଅଦ୍ୱୈତ । ସେ ନିଜେ ଜ୍ଞାନ, ଜ୍ଞାତା ଓ ଜ୍ଞେୟ ଏବଂ ଏହି ତିନୋଟିଯାକର ଐକ୍ୟ ବିଧାୟକ ଓ ନିଦାନସ୍ୱରୂପ । ଦୃଶ୍ୟ ଓ ଦର୍ଶନର ବିନାଶ ଘଟି ଅବଶିଷ୍ଟ ରହିଥାଏ ବ୍ରହ୍ମ । ସଂଖ୍ୟା ମାତ୍ରକେ ତାର ସମଷ୍ଟିରୂପ ଭଳି ସେ ମନ ସାଧନାଦିର ଏକତ୍ୱକାରକ । ବ୍ରହ୍ମ ଏପରି ଏକ କ୍ଷେତ୍ର, ଯେଉଁଥିରେ ସାଧକର ସାଧନା ଏବଂ ସାଧନାର ଲକ୍ଷ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଲୋପ ପାଇଯାଏ । ବ୍ରହ୍ମ ଅଦ୍ୱୈତ ଓ ସର୍ବହୃଦୟନିବାସୀ ।

ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।
ମଦ୍ଭକ୍ତ ଏତଦ୍‌ବିଜ୍ଞାୟ ମଦ୍ଭାବାୟୋପପଦ୍ୟତେ ॥୧୮॥

ହେ ବନ୍ଧୋ ! ମୁଁ ତୁମକୁ ଆଗରୁ କ୍ଷେତ୍ର ସମ୍ପର୍କରେ କହିଛି । ସେଥିରୁ ତୁମେ ଅସ୍ତିତ୍ୱ କ'ଣ ଜାଣିପାରିବ । ଜ୍ଞାନ କ'ଣ ସେ କଥା ମଧ୍ୟ ବର୍ଣ୍ଣନା କରିଚି । ଅଜ୍ଞାନର ଲକ୍ଷଣ ମଧ୍ୟ କ'ଣ କହିଚି । ତା'ପରେ ଜ୍ଞେୟର ପରମ ଲକ୍ଷ୍ୟ କ'ଣ କହିଚି । ଯେଉଁମାନେ ମତେ ପାଇବା ଲାଗି ସାଧନା କରିଥାଆନ୍ତି । ସେମାନେ, ମୁଁ ଯାହାସବୁ କହିଲି ନିଷ୍ଠାପର ଭାବରେ ଆଚରଣ କରିଥାଆନ୍ତି । ଯେଉଁ ଭକ୍ତ ବା ସାଧକମାନେ ଶରୀର ବା ଇନ୍ଦ୍ରିୟର ଉପଭୋଗକୁ ମନରୁ ତ୍ୟାଗ କରିଥାଆନ୍ତି, ସାଂସାରିକ ଜଟିଳତା ଭିତରେ ପ୍ରବେଶ କରି ନଥାଆନ୍ତି, ଯେଉଁମାନେ ସର୍ବାନ୍ତଃକରଣରେ ମତେ ହିଁ ଭଲ ପାଇଥାଆନ୍ତି, ନିଜର ସମସ୍ତ ଚେତନାକୁ ମତେ ପାଇବା ଲାଗି ପ୍ରୟୋଗ କରିଥାଆନ୍ତି, ଯେଉଁମାନେ ମୋ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ପ୍ରତି ପ୍ରଲୁବ୍ଧ ନୁହଁନ୍ତି, ପରିଶେଷରେ ସେମାନେ ମତ୍‌ସ୍ୱରୂପ ହୋଇଉଠନ୍ତି ।

ମୋ ପାଖରେ ପହଞ୍ଚିବା ଲାଗି ପ୍ରଧାନ୍ ପ୍ରଧାନ ଓ ଅତି ସୁଲଭ ରୀତି ମୁଁ ଦେଖାଇ ଦେଇଚି । ହଠାତ୍ କେହି ମୋ ପାଖରେ ପହଞ୍ଚିପାରିବେ ନାହିଁ ବୋଲି ମୁଁ ପାହାଚ ତିଆରି କରି ଦେଇଚି । ଉପରକୁ ଉଠିବାକୁ ହେଲେ ପାହାଚ ଆବଶ୍ୟକ । ଗିରିଶୃଙ୍ଗ ଆରୋହଣ ଲାଗି ସୋପାନ, ଉଚ୍ଚସ୍ଥାନକୁ ଉଠିବାଲାଗି ମଞ୍ଚ, ନଦୀପାର ହେବାଲାଗି ନୌକା ଆବଶ୍ୟକ ହୋଇଥାଏ । ସର୍ବତ୍ର ପରମାତ୍ମା

ବିଦ୍ୟମାନ କହିଦେଲେ ମୋ ସ୍ୱରୂପକୁ ତୁମର ବୁଦ୍ଧି ଧାରଣା କରିପାରିବ ନାହିଁ । ତୁମର ବୁଦ୍ଧି ଏଥିଲାଗି ଅସମର୍ଥ ଜାଣି ହିଁ ବ୍ରହ୍ମଭଳି ବ୍ୟାପକ ବିଷୟକୁ ମୁଁ ଚାରୋଟି ବିଭାଗ କରି ତୁମକୁ ବର୍ଣ୍ଣନା କଲି । ଛୋଟ ପିଲାକୁ ଖୁଆଇବାବେଳେ ଗୋଟିଏ ଗୁଣ୍ଡାକୁ ଛୋଟ ଛୋଟ ଗୁଡ଼ିଏ ଗୁଣ୍ଡା କରିବା ଆବଶ୍ୟକ ହୋଇଥାଏ । ସେହିଭଳି ସେହି ଗୋଟିଏ କଥାକୁ ମୁଁ କ୍ଷେତ୍ର, ଜ୍ଞାନ, ଅଜ୍ଞାନ ଓ ଜ୍ଞେୟ— ଏହିଭଳି ଚାରୋଟି ବିଭାଗ କରି କହିଚି ।

ହେ ପାର୍ଥ ! ତଥାପି ତୁମେ ଅଥବା ବୁଝିପାରି ନଥିବ ଭାବି ଆଉ ଥରେ କହୁଚି । କିନ୍ତୁ ଏବେ ଚାରୋଟି ବିଭାଗ କରିବି ନାହିଁ । ସବୁ ଏକ ଆତ୍ମା କହିଦେଲେ ତ ଚଳିବ ନାହିଁ ! ଆତ୍ମା କ'ଣ, ଅନାତ୍ମା କ'ଣ, ବିଚାର କରିବାକୁ ପଡ଼ିବ । ଏଥିଲାଗି ତୁମର ପୂର୍ଣ୍ଣ ମନୋଯୋଗ ବାଞ୍ଛନୀୟ ।

ଏତିକି କହୁ କହୁ ଶ୍ରୀକୃଷ୍ଣଙ୍କ କଳେବର ରୋମାଞ୍ଚିତ ହୋଇ ଉଠିଲା । ନିଜ ଚିତ୍ତକୁ 'ଅସ୍ଥିର ହୁଅନାହିଁ' ବୋଲି କହି ନିଜ ହୃଦୟର ଆବେଗ ସମ୍ବରଣପୂର୍ବକ ପୁନଶ୍ଚ କହିଲେ, ''ହେ ଅର୍ଜୁନ ! ମୁଁ ଯାହା କହିଚି ତାକୁ ଅନ୍ୟପ୍ରକାରରେ ପୁରୁଷ ଓ ପ୍ରକୃତିର ବର୍ଣ୍ଣନା କରି କହୁଚି, ଶୁଣ । ଯୋଗୀ ଏହାକୁ ସାଂଖ୍ୟଯୋଗ ବୋଲି କହିଥାଆନ୍ତି । ଏହି ସାଂଖ୍ୟ ଯୋଗର ବର୍ଣ୍ଣନା ଲାଗି ମତେ କପିଳ ମୁନି ହେବାକୁ ପଡ଼ିଥିଲା । ଏବେ ସେହି ପୁରୁଷ ଓ ପ୍ରକୃତି କ'ଣ କହୁଚି ।

ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।
ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତିସମ୍ଭବାନ୍ ॥୧୯॥

ପୁରୁଷ ଅନାଦି, ପ୍ରକୃତି ମଧ୍ୟ ସେହିଭଳି । ରାତ୍ରି ଦିବସକୁ ଏବଂ ଦିବସ ଯେପରି ରାତ୍ରିକୁ ଛାଡ଼ି ରହିନପାରେ, ସେହିଭଳି ପୁରୁଷ ପ୍ରକୃତିକୁ ଓ ପ୍ରକୃତି ପୁରୁଷକୁ ଛାଡ଼ି ରହିପାରେନା । ଦୁହେଁ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଛାୟା, ରୂପ ନହେଲେ ମଧ୍ୟ ରୂପ ସହିତ ଏହା ଅଯଥା ଲାଗି ରହିଥାଏ । ଶସ୍ୟ ସହିତ ଏହାର ଖୋଳପା ବା ଚୋପାର ବୃଦ୍ଧି ହୋଇଥାଏ । ଭିତରେ ଶସ ବଢ଼ିଲେ ତାର ଉପର ଖୋଳପା ମଧ୍ୟ ବଢ଼େ । ସେହିଭଳି ପୁରୁଷ ଓ ପ୍ରକୃତି । ଅନାଦି କାଳରୁ ଏ ଦୁହେଁ ପରସ୍ପର ସହିତ ଜଡ଼ିତ ରହି ଆସିଛନ୍ତି । ପ୍ରକୃତିକୁ ମୁଁ ଆଗରୁ କ୍ଷେତ୍ର ନାମରେ ଅଭିହିତ

କରିଛି । ପୁରୁଷକୁ ବର୍ଣ୍ଣନା କରାଯାଇଚି କ୍ଷେତ୍ରଜ୍ଞ ଭାବରେ । ହେ ଅର୍ଜୁନ ! ମନକୁ ସ୍ଥିର କରି ବୁଝ । ନାମ ପୃଥକ୍ ହେଲେ ମଧ୍ୟ ବସ୍ତୁ ପୃଥକ୍ ପୃଥକ୍ ନୁହଁ । ହେ ପାଣ୍ଡୁସୁତ ! ଅସ୍ତିତ୍ୱ ସ୍ୱରୂପ ହେଉଛି ପୁରୁଷ ଏବଂ ସମସ୍ତ କ୍ରିୟାସ୍ୱରୂପ ହେଉଚି ପ୍ରକୃତି । ବୁଦ୍ଧି, ଇନ୍ଦ୍ରିୟ ଓ ହୃଦୟ ଇତ୍ୟାଦି ବିକାରର ଉତ୍ପତ୍ତି ଓ ସତ୍ତ୍ୱାଦି ତିନୋଟିଯାକର ଗୁଣର ମିଳନରୁ କର୍ମ । ଏ ଗୁଡ଼ିକର ମୂଳ କାରଣ ହେଉଚି ପ୍ରକୃତି ।

କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥୨୦॥

ବୁଦ୍ଧି ଜାତ ଇଚ୍ଛାରୁ ଆତ୍ମବୋଧ ବା ଅହଂକାର ଓ ଫଳପ୍ରାପ୍ତି ଲାଗି ପ୍ରଲୋଭନ ଜାତ ହୋଇଥାଏ । ଏହି ପ୍ରାପ୍ତିଲାଗି ଯେଉଁ ଉପାୟ ଅବଲମ୍ବନ କରାଯାଏ, ତାହାକୁ କୁହାଯାଏ 'କାର୍ଯ୍ୟ' । ପ୍ରକୃତି ପ୍ରବଳ ଇଚ୍ଛା ସାହାଯ୍ୟରେ ମନକୁ ଜାଗ୍ରତ ଓ ଉଦ୍‌ବୁଦ୍ଧ କରିଥାଏ ଏବଂ ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟରେ ଲିପ୍ତ ହୋଇ ଇନ୍ଦ୍ରିୟଗୁଡ଼ିକୁ କର୍ତ୍ତୃତ୍ୱ ପ୍ରଦାନ କରିଥାଏ ।

ସିଦ୍ଧେଶ୍ୱର ଶ୍ରୀକୃଷ୍ଣ କହିଲେ, ତେଣୁ ହେ ଅର୍ଜୁନ ! କାର୍ଯ୍ୟ, କାର୍ଯ୍ୟର କାରଣ ଓ କାର୍ଯ୍ୟର ଉପାୟ—ଏହି ତିନୋଟିଯାକର ମୂଳ ହେଉଛି ପ୍ରକୃତି । ତିନୋଟି ଗୁଣ ଅନୁଯାୟୀ କାର୍ଯ୍ୟର ବିଭାଗ କରାଯାଇଥାଏ । ଯଥା ଭଲ, ମଧ୍ୟମ ଓ ମନ୍ଦ କାର୍ଯ୍ୟ । ସତ୍ତ୍ୱଗୁଣରେ ଏହା ସତ୍‌କର୍ମ; ରଜୋଗୁଣରେ ଏହା ମଧ୍ୟମ କର୍ମ ଏବଂ ତମୋଗୁଣରେ ଏହା ନିନ୍ଦନୀୟ ବା ଅଧର୍ମ କାର୍ଯ୍ୟ । ଏହି ଭଲ ଓ ମନ୍ଦ କର୍ମରୁ ସୁଖ ଓ ଦୁଃଖର ଉତ୍ପତ୍ତି । ଭଲ କର୍ମରେ ସୁଖ, ମନ୍ଦ କର୍ମରେ ଦୁଃଖ । ପୁରୁଷହିଁ ଏହା ଭୋଗ କରେ । ଏହି ସୁଖ ଓ ଦୁଃଖକୁ ପୁରୁଷ ଉପଭୋଗ କରିବା ପର୍ଯ୍ୟନ୍ତ ପ୍ରକୃତି ତା କାର୍ଯ୍ୟରେ ଲିପ୍ତ ରହିଥାଏ । ପୁରୁଷ ଓ ପ୍ରକୃତି ମଧ୍ୟରେ ଏହା ହେଉଛି ଏକ ବିଚିତ୍ର, ଅଦ୍‌ଭୁତ ବୁଝାମଣା । ସ୍ତ୍ରୀ ସୁଖ ଦୁଃଖ ସୃଷ୍ଟି କରେ, ପୁରୁଷ ଏହି ଧନକୁ ବସି ବସି ଉପଭୋଗ କରେ । ଏହି ପୁରୁଷ ଓ ସ୍ତ୍ରୀର କେବେହେଲେ ସଂଗମ ବା ସହବାସ ନହେଲେ ମଧ୍ୟ ଆଶ୍ଚର୍ଯ୍ୟର କଥା, ଏହି ପ୍ରକୃତି ସ୍ତ୍ରୀ ଗର୍ଭରୁ ସମଗ୍ର ଜଗତ ଉତ୍ପନ୍ନ ହୋଇଥାଏ ।

ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍‌ଗୁଣାନ୍ ।
କାରଣଂଗୁଣସଙ୍ଗୋଽସ୍ୟ ସଦସଦ୍‌ଯୋନିଜନ୍ମସୁ ॥୨୧॥

ପୁରୁଷର ବର୍ଣ୍ଣନା ଶୁଣ । ସେ ନିରାକାର, ଅନାସକ୍ତ, ନିଃସଙ୍ଗ, ପ୍ରାଚୀନ, ଅତିବୃଦ୍ଧାତିବୃଦ୍ଧ । ବସ୍ତୁତଃ ସେ ସ୍ତ୍ରୀ ନୁହଁ କି ନପୁଂସକ ନୁହଁ । ତାର ନିର୍ଦ୍ଧାରଣ କରାଯାଇ ପାରିନାହିଁ । ତାର ଆଖି ନାହିଁ, କାନ ନାହିଁ, ପାଦ ନାହିଁ । ସେ ରୂପହୀନ । ତାର ବର୍ଣ୍ଣ ନାହିଁ କି ନାମ ନାହିଁ । ହେ ଅର୍ଜୁନ ! ତାର କିଛି ନାହିଁ. ତଥାପି ତାକୁ ପ୍ରକୃତିର ଭର୍ତ୍ତା ଏବଂ ସୁଖ ଦୁଃଖ ଭୋଗର କର୍ତ୍ତା କୁହାଯାଏ । ସେ ଅକର୍ତ୍ତା, ଉଦାସୀନ ଓ ଅଭୋକ୍ତା ହେଲେ ମଧ୍ୟ ପତିବ୍ରତା ପ୍ରକୃତି ତାକୁ ଭୋଗ କରିବାଲାଗି ବାଧ୍ୟ କରିଥାଏ । ପ୍ରକୃତିର ଅନ୍ୟନାମ ହେଉଛି ମାୟା । ପ୍ରକୃତି ହିଁ ନିଜର ବିଭିନ୍ନ ଗୁଣଦ୍ୱାରା ଅପୂର୍ବ କ୍ରୀଡ଼ା ପ୍ରଦର୍ଶନ କରିଥାଏ । ସେଥିଯୋଗୁଁ ତାକୁ ଗୁଣମୟୀ କୁହାଯାଇଥାଏ । ସେ ଗୁଣର ପ୍ରତିମା । ପ୍ରତିକ୍ଷଣରେ ରୂପ ଓ ଗୁଣର ନବ ନବ ମୂର୍ତ୍ତି ଧାରଣ କରିଥାଏ । ଜଡ଼ବସ୍ତୁ ମଧ୍ୟ ସେହି ମୋହରେ ମୋହିତ ହୋଇଥାଏ । ଏହି ମାୟା ବା ପ୍ରକୃତି ହେଉଛି ପ୍ରସିଦ୍ଧି, ସୁନାମ, ସ୍ନେହ, ମମତା, ପ୍ରଣୟ ଏବଂ ଇନ୍ଦ୍ରିୟ ଉତ୍ତେଜନାର କାରଣ । ଏହା ଜଡ଼, ନପୁଂସକ ମନକୁ ବିଭିନ୍ନ ଭ୍ରମଦ୍ୱାରା ତ୍ରିଲୋକରେ ଭ୍ରମଣ କରାଇଥାଏ । ତାର କାର୍ଯ୍ୟ ଏହିଭଳି ଅଲୌକିକ ।

ପ୍ରକୃତି 'ଭ୍ରମ'ର ଏକ ମହାଦ୍ୱୀପ । ଏହା ହେଉଛି ଅସଂଲଗ୍ନ କାମନାର ସଂଯୋଜକ । ପ୍ରଲୋଭନର ମହାରଣ୍ୟରେ ନିର୍ମିତ କାମନାର ରାଜ ଦରବାରରେ ଏହି ମାୟା ସିଂହାସନାରୂଢ଼ା । ଏହା ଭାଷାକୁ ଉଦ୍ଦୀପ୍ତ କରାଇ ନିରାକାରକୁ ଆକାର ପ୍ରଦାନ କରାଇଥାଏ ଏବଂ କର୍ମର ବର୍ଣ୍ଣନା କରିବାରେ ମୁଖର ହୋଇଉଠିଥାଏ । ଏହା ଅପରିମିତ ବିକୃତିର ଜନ୍ମଭୂମି । କାମନାର ମଣ୍ଡପ, ମୋହଉଦ୍ୟାନର ଶୋଭା । ଇଏ ମାୟାଦେବୀ ନାମରେ ସୁପ୍ରସିଦ୍ଧା । ଏହା ଶବ୍ଦର ସୃଷ୍ଟି, ବୃଦ୍ଧି ଓ ସାକାର-ଉତ୍ପନ୍ନକାରିଣୀ ପ୍ରପଞ୍ଚ ମହାରାକ୍ଷସୀ । ଏହି ମାୟା ଦେହରୁ ସକଳ କଳାବିଦ୍ୟା, ଇଚ୍ଛା ଓ କ୍ରିୟାର ଜନ୍ମ । ଧ୍ୱନିର ମୁଦ୍ରାଶାଳା, ଚମତ୍କାରୀତାର

ଆବାସସ୍ଥଳ, ମାୟାର ଲୀଳାକ୍ଷେତ୍ର ହେଉଛି ଅଖିଳ ଜଗତ । ଉତ୍ପତ୍ତି ହେଉଛି ତାର ପ୍ରଭାତ, ପ୍ରଳୟ ହେଉଛି ସନ୍ଧ୍ୟାକାଳ । ଏହି ପ୍ରକୃତି ମୋହିନୀର ଚରିତ୍ର ଅଦ୍‌ଭୁତ । ଏହା ଅଦ୍ୱିତୀୟର ଦ୍ୱିତୀୟା, ନିଃସଙ୍ଗର ଆତ୍ମୀୟା । ଏହି ପ୍ରକୃତି ଶୂନ୍ୟରେ ଗୃହ ନିର୍ମାଣ କରି ଅବସ୍ଥାନ କରିଥାଏ । ତାର ସୌଭାଗ୍ୟ, ମହିମା ଅନିର୍ବଚନୀୟ । କାରଣ ସେ ପୁରୁଷକୁ ଆଲିଙ୍ଗନ କରୁଥିଲେ ମଧ୍ୟ ରୂପତଃ ଅବର୍ଣ୍ଣନୀୟା । ପୁରୁଷ ସ୍ୱରୂପରେ କିଛି ନଥିଲେ ମଧ୍ୟ ପ୍ରକୃତି ତାର ସର୍ବସ୍ୱ ।

ଏହି ପ୍ରକୃତି ସ୍ୱୟଂସିଦ୍ଧର ଉତ୍ପତ୍ତି, ନିରାକାରର ଆକାର, ଚିରପ୍ରତିଷ୍ଠାର ପ୍ରତିଷ୍ଠାଭୂମି, ଇଚ୍ଛାରହିତର ଇଚ୍ଛା, ପୂର୍ଣ୍ଣର ପରିତୃପ୍ତି, କୁଳହୀନର ଜାତି ଓ ଗୋତ୍ର ରଚନା କରିଥାଏ । ଅନିର୍ବଚନୀୟର ଲକ୍ଷଣ, ଅପ୍ରମେୟର ପ୍ରମାଣ, ମନହୀନର ମନ ଓ ବୁଦ୍ଧି, ଅମୂର୍ତ୍ତର ମୂର୍ତ୍ତି, ଅକ୍ରିୟର କ୍ରିୟା, ନିରହଙ୍କାରର ଅଭିମାନ, ନାମ ଓ ଜନ୍ମରହିତର ନାମ ।

ଜନ୍ମ ଓ କର୍ମ ଏହି ପ୍ରକୃତି ହିଁ ସମ୍ପାଦନ କରିଥାଏ । ଯାହାର କୌଣସି ଗୁଣ, ଚରଣ, ଶ୍ରବଣ ଓ ଦର୍ଶନ ଆଦି ଇନ୍ଦ୍ରିୟ ନଥାଏ, ଏହି ପ୍ରକୃତି ତାକୁ ସେସବୁ ଯୋଗାଇ ଦେଇଥାଏ । ଏହା ଭାବାତୀତକୁ ଭାବ ଦିଏ । ଅବୟବହୀନ ବ୍ୟକ୍ତିକୁ ଅବୟବ ଦେଇଥାଏ । ଏହି ସର୍ବବ୍ୟାପିକା ପ୍ରକୃତି ପୁରୁଷକୁ ନାନା ବିକାର ଦ୍ୱାରା ବଶ କରିଥାଏ । ଅମାବାସ୍ୟା ତିଥିରେ ଚନ୍ଦ୍ରବିମ୍ବ ଯେପରି ଦୃଷ୍ଟିଗୋଚର ହୁଏନା, ସେହିଭଳି ପ୍ରକୃତିର ଅବସ୍ଥିତି ଫଳରେ ପୁରୁଷଙ୍କ ପୌରୁଷ ଲୋପ ପାଇଥାଏ । ଅଳ୍ପମୂଲ୍ୟର ଖାଦ କିଞ୍ଚିତ ପରିମାଣରେ ମିଶ୍ରିତ କଲେ ମଧ୍ୟ ବହୁମୂଲ୍ୟବାନ୍ ସ୍ୱର୍ଣ୍ଣର ଦର କମିଯାଏ । ରାତ୍ରିର ଅନ୍ଧକାରରେ ସାଧୁ ମଧ୍ୟ ଅପବିତ୍ର ଗର୍ତ୍ତରେ ପଡ଼ିଯାଇପାରେ । ମେଘ ଆକାଶକୁ ଢାଙ୍କିଦେଲେ, ଦିନବେଳେ ମଧ୍ୟ ଆଲୋକ ସ୍ଥଳେ ଅନ୍ଧକାର ଦେଖାଯାଏ । କାଷ୍ଠ ଭିତରେ ମଧ୍ୟ ଅଗ୍ନି ଲୁକ୍‌କାୟିତ ରହିଥାଏ । ପଶୁ ଦେହରୁ ଦୁର୍‌ଗ୍ଧ ମିଳିଥାଏ । ରତ୍ନ ଯେତେ ପ୍ରଭାମୟ ହେଲେ ମଧ୍ୟ ଖଣ୍ଡିଏ କନାରେ ତାର ପ୍ରଭା ଘୋଡ଼େଇ ହୋଇଯାଏ । ବନ୍ଦୀ ହୋଇପଡ଼ିଲେ ରାଜା ଶକ୍ତିହୀନ ହୋଇପଡ଼େ । ରୋଗାକ୍ରାନ୍ତ ହୋଇଗଲେ ସିଂହର ବଳବୀର୍ଯ୍ୟ ଓ ପରାକ୍ରମ ରହେନା ।

ସେହିଭଳି ପ୍ରକୃତିର ସଙ୍ଗଦୋଷରୁ ପୁରୁଷ ତେଜୋହୀନ ଅବସ୍ଥାଭୋଗ କରିଥାଏ । ନିଦ୍ରାଭିଭୂତ ମନୁଷ୍ୟ ସ୍ୱପ୍ନରେ ନାନା ସୁଖ ଦୁଃଖର ଅଧୀନ ହୋଇପଡ଼େ । ଉଦାସୀନ ସାଧୁର କୌଣସି ସ୍ତ୍ରୀସଙ୍ଗ ଘଟିଲେ ସେ ତାର ବଶୀଭୂତ ହୋଇପଡ଼େ । ଏହି ପ୍ରକୃତି ଯୋଗୁଁ ପୁରୁଷ ନାନା ଗୁଣବିକାର ଭୋଗ କରେ । ହେ ପାଣ୍ଡବ ! ଉତ୍ତପ୍ତ ଲୌହକୁ ଆଘାତ କରିବା ଯାହା, ଅଗ୍ନିକୁ ଆଘାତ କରିବା ତାହା । ଜଳ ଚହଲି ଉଠିଲେ ଚନ୍ଦ୍ରର ପ୍ରତିବିମ୍ବ ଏପଟକୁ ସେପଟକୁ ହଲିଥାଏ । ସେଥିରେ ବହୁ ଚନ୍ଦ୍ର ଦେଖାଯାଏ । ଦର୍ପଣର ସମ୍ମୁଖରେ ଠିଆହେଲେ ଆଉ ଏକ ମୁହଁ ଦେଖାଯାଏ । କୁଙ୍କୁମ-ରଞ୍ଜିତ ସ୍ଫଟିକ ରକ୍ତବର୍ଣ୍ଣ ଦେଖାଯାଏ । ସ୍ତ୍ରୀକୁ ସୁଖୀ କରିବା ଲାଗି ବ୍ୟସ୍ତ ହେଲାଭଳି ଆଶାଛନ୍ନ ମନୁଷ୍ୟ ବହୁ ଅଭିଜ୍ଞତା ଭିତର ଦେଇ ଗତି କରିଥାଏ । ସେହିଭଳି ପ୍ରକୃତିର ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଶାଶ୍ୱତ ଆତ୍ମା (ଯାହାକି ଜନ୍ମରହିତ) ଜନ୍ମ ଓ ମୃତ୍ୟୁକୁ ବରଣ କରିବାଭଳି ଏବଂ ଆତ୍ମା ମଧ୍ୟ ଶରୀର ସହିତ ଜନ୍ମଲାଭ କରୁଥିବା ଭଳି ମନେହୁଏ । କିନ୍ତୁ ବାସ୍ତବରେ ତାହା ନୁହଁ । ସଂସାରତ୍ୟାଗୀ ସନ୍ନ୍ୟାସୀ ପକ୍ଷରେ ଶୂଦ୍ର ବା ଅଶୂଦ୍ର, ଜାତି ଅଜାତି ଆଦି ବିଷୟ ଯେପରି ଅବାସ୍ତବ, ସେହିଭଳି ପୁରୁଷର ଉଚ୍ଚନୀଚ ଘରେ ଜନ୍ମ ହେବା ଅବାସ୍ତବ । ବାସ୍ତବରେ ପୁରୁଷର କୌଣସି ଜନ୍ମ ନଥାଏ କି ଭୋଗ ନଥାଏ । ଗୁଣ ସଙ୍ଗରୁ ହିଁ ପୁରୁଷ ସବୁକିଛି ଭୋଗ କରୁଥିବାଭଳି ମନେ ହୋଇଥାଏ ।

ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱର ।
ପରମାତ୍ମେତି ଚାପ୍ୟୁକ୍ତୋଦେହେଽସ୍ମିନ୍‌ପୁରୁଷଃ ପରଃ ॥୨୨॥

ପୁରୁଷ ଓ ପ୍ରକୃତି ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଖମ୍ବ ଦେହରେ ଯୂଇ ଫୁଲର ଲତା ଲଟେଇଥିଲାଭଳି ପୁରୁଷ ଦେହରେ ପ୍ରକୃତି ଲଟେଇ ରହିଥାଏ । ନଦୀ କୂଳରେ ମେରୁପର୍ବତ ଦଣ୍ଡାୟମାନ ଥିବାଭଳି ପୁରୁଷ କେବଳ ଦଣ୍ଡାୟମାନ ରହିଥାଏ । ନଦୀଜଳରେ ପର୍ବତ ପ୍ରତିବିମ୍ବିତ ହେଲେ ମଧ୍ୟ ବନ୍ୟାଜଳରେ ପର୍ବତ ଭାସିଯାଏନା । ପ୍ରକୃତି ଆସେ ଯାଏ, କିନ୍ତୁ ପୁରୁଷ ଯିମିତି ସେମିତି ରହିଥାଏ । ସେ ଶାଶ୍ୱତ । ପ୍ରକୃତି ଜନ୍ମ ହୁଏ, ମରେ; ସେ ନିଜ ଗୋଡ଼ରେ

ନିଜେ ଠିଆହୋଇ ପାରେନା, ସେ ଯାହା କିଛି ସୃଷ୍ଟିକରେ କେବଳ ପୁରୁଷ ଲାଗି; କାରଣ ପୁରୁଷ ହେଉଚି ଆବ୍ରହ୍ମ, ନିଖିଳ ବିଶ୍ୱର ଶାସନକର୍ତ୍ତା । ଏହି ପୁରୁଷର ଆଶ୍ରୟରେ ହିଁ ପ୍ରକୃତିର ଜୀବନ ଏବଂ ଜଗତର ସୃଷ୍ଟି । ତେଣୁ ପୁରୁଷ ହେଉଚି ପ୍ରକୃତିର ଭର୍ତ୍ତା । କଳ୍ପାନ୍ତରେ ଅନନ୍ତକାଳରୁ ସୃଷ୍ଟି ହୋଇଥିବା ବ୍ରହ୍ମାଣ୍ଡସମୂହ ପୁରୁଷର ଉଦରସ୍ଥ ହୋଇପଡ଼େ । ପ୍ରକୃତିର ନିୟନ୍ତ୍ରଣକାରୀ ଏହି ପୁରୁଷ ହେଉଛି ବିଶ୍ୱବ୍ରହ୍ମାଣ୍ଡର ପରିଚାଳକ, ନିର୍ଦ୍ଦେଶକ । ଏହାର ଶକ୍ତି ଅପାର । ଏହା ସମସ୍ତ ପ୍ରକାର ମାୟାର ଊର୍ଦ୍ଧ୍ୱରେ ଗତିକରିଥାଏ । ଦେହ ଭିତରେ ଏହା ପରମାତ୍ମା ଭାବରେ ବିରାଜମାନ । ତେଣୁ ପ୍ରକୃତିର ଊର୍ଦ୍ଧ୍ୱରେ ପୁରୁଷ ।

ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।
ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ॥୨୩॥

ଏହା ମୂଳବସ୍ତୁ କି ତାର ଛାୟା, ଏହା ପ୍ରକୃତରେ ଜଳ କି ମରୀଚିକା, ଏ କଥା ଯେପରି ମନେ ମନେ ସ୍ଥିର କରିବାକୁ ପଡ଼ିଥାଏ, ସେହିଭଳି ଯିଏ ପ୍ରକୃତି ଓ ପୁରୁଷର ପ୍ରଭେଦକୁ ଉପଲବ୍ଧି କରିଥାଏ, ଧୂଳି'ଝଡ଼ରେ ଆକାଶ ଅମଳିନ ରହିବା ଭଳି ସେ କୌଣସି ଗୁଣ ସଙ୍ଗରେ ନ ପଡ଼ି ନିର୍ଲିପ୍ତ ରହିଥାଏ । ତାର ଦେହ ପ୍ରତି କିମ୍ବା ଦୈହିକ ଭୋଗ ପ୍ରତି କୌଣସି ମୋହ ବା ଆସକ୍ତି ନଥାଏ । ସେ ଜନ୍ମ ଓ ମୃତ୍ୟୁରୁ ମୁକ୍ତ ହୋଇଥାଏ ।

ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।
ଅନ୍ୟେ ସାଂଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ ॥

ହେ ସୁଯୋଦ୍ଧା ! ଆତ୍ମା କ'ଣ, ଅନାତ୍ମା କ'ଣ, ଜାଣିବା ପାଇଁ ମୁଁ ତମକୁ କେତେକ ଉପାୟ କହୁଚି । ସୂର୍ଯ୍ୟ ଆଲୋକରେ ସବୁ ଜିନିଷ ଦେଖିପାରିବାଭଳି ତମେ ଏହି ଉପାୟଗୁଡ଼ିକଦ୍ୱାରା ଆତ୍ମା ଓ ଅନାତ୍ମା ମଧ୍ୟରେ ପ୍ରଭେଦ କ'ଣ ଭଲଭାବରେ ବୁଝିପାରିବ ।

ବିଚାରରୂପକ ଅଗ୍ନିରେ ଆତ୍ମାରତ୍ନ ସହିତ ଅଳ୍ପ ମୂଲ୍ୟର ଅନାତ୍ମ ବସ୍ତୁକୁ ପୋଡ଼ିଲେ ଛତିଶ ପ୍ରକାରର ଭେଦ ଦୂର ହୋଇ ଶୁଦ୍ଧ ଆତ୍ମାର ପରିଚୟ

ମିଳିଥାଏ । କେହି କେହି ଗଭୀର ଧ୍ୟାନଧାରଣାଦ୍ୱାରା ସମସ୍ତ ମୋହମାୟାକୁ ଧ୍ୱଂସ କରିଦେଇଥାନ୍ତି ଏବଂ ଛତିଶଟି କ୍ଷେତ୍ରରେ ବାସକରି ଆତ୍ମାର ନୟନରେ ଆତ୍ମାର ରୂପକୁ ଦର୍ଶନ କରିଥାଆନ୍ତି । ଆଉ କେହି କେହି ଭକ୍ତିମାର୍ଗରେ, ସାଂଖ୍ୟଯୋଗ ରୀତିରେ କିମ୍ବା କର୍ମ-ମାର୍ଗରେ ବ୍ରହ୍ମଲାଭ କରିଥାଆନ୍ତି ବା ଆତ୍ମାର ସନ୍ଧାନ ଲାଭ କରିଥାଆନ୍ତି । ଏହି ଚାରିପ୍ରକାରର ଉପାୟ ଦ୍ୱାରା ଯିଏ ମୋ ସହିତ ସମ୍ପୂର୍ଣ୍ଣ ଭାବରେ ମିଳିତ ହୁଏ, ତାର ଭୋକ୍ତବ୍ୟ ବୋଲି ଆଉ କିଛି ନଥାଏ ।

ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।
ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ॥୨୫॥

ପୂର୍ବୋକ୍ତ ଉପାୟରେ ସାଧକ ନିଶ୍ଚିତଭାବରେ ଭ୍ରମସଂସାର ପାରିହୋଇ ପରପାରକୁ ଯାଇପାରେ । କେହି କେହି ଅଭିମାନକୁ ତ୍ୟାଗପୂର୍ବକ ଶ୍ରୁତିର ଏକମାତ୍ର ବାକ୍ୟକୁ ବିଶ୍ୱାସ କରି ମୋର ଉପାସନା କରିଥାଆନ୍ତି । ଅତି ବିନମ୍ର ଭାବରେ ସେମାନେ କେବଳ ଗୋଟିଏ ବିଷୟରେ ଆସ୍ଥା ସ୍ଥାପନ କରିଥାଆନ୍ତି । ସେମାନେ ହିତାହିତ ବିବେଚକ, ଦୟାଳୁ, ଦୁଃଖୀର ଦୁଃଖମୋଚନ ଲାଗି ବ୍ୟଗ୍ର । ଅନ୍ୟକୁ ସୁଖ ଦେବା ଦିଗରେ ସଚେଷ୍ଟ । ଯାହା ଶୁଣନ୍ତି, ତା ଉପରେ ଚିନ୍ତା କରି ଠିକ୍ କି ଭୁଲ୍ ମନେ ମନେ ସ୍ଥିର କରିଥାଆନ୍ତି । ଯେକୌଣସି ସାଧୁ ବ୍ୟକ୍ତିର ଅମୃତବାଣୀ ଶୁଣିବାଲାଗି ଅନ୍ୟ ସମସ୍ତ କାର୍ଯ୍ୟକୁ ସେମାନେ ତୁଚ୍ଛ ମନେକରିଥାଆନ୍ତି । ସେମାନେ ସଦୁପଦେଶକୁ କାନ ଡେରି ଶୁଣିଥାଆନ୍ତି ଏବଂ ସାଧୁସନ୍ତଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଥାଆନ୍ତି ।

ହେ କପିଧ୍ୱଜ ! ଏମାନେ ଜନ୍ମ ମରଣର ଦୁସ୍ତର ଭବସାଗରକୁ ସହଜରେ ଅତିକ୍ରମ କରିଥାନ୍ତି । ସେହି ଗୋଟିଏ ବିଷୟ ଜାଣିବା ଲାଗି ବହୁଉପାୟ ନିର୍ଦ୍ଦିଷ୍ଟ ଅଛି । ସବୁ ବିଷୟକୁ ମନ୍ଥନକରି ନବନୀତଭଳି ସିଦ୍ଧାନ୍ତ ବାହାର କରି ତମକୁ କୁହାଗଲେ, ତୁମେ ଅନୁଭୂତିରୂପକ ଆନନ୍ଦଲାଭ କରିପାରିବ, ତୁମର ସକଳ ଦୁଃଖ ଦୂର ହୋଇପାରିବ । ତେଣୁ ବିଭିନ୍ନ ମତବାଦକୁ ଖଣ୍ଡନ କରି ତୁମକୁ ଶୁଦ୍ଧଜ୍ଞାନର ଅନୁକୂଳ ସିଦ୍ଧାନ୍ତ କହିଛି ।

ଯାବତ୍ ସଞ୍ଜାୟତେ କିଞ୍ଚିତ୍ ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ ତଦ୍‌ବିଦ୍ଧି ଭରତର୍ଷଭ ।।୨୬।।

କ୍ଷେତ୍ରଜ୍ଞ ଶବ୍ଦର ବିଶ୍ଳେଷଣ କଲାବେଳେ ଯେଉଁ ଆତ୍ମସ୍ୱରୂପର ବର୍ଣ୍ଣନା କରିଛି ଏବଂ ଯାହାକୁ କ୍ଷେତ୍ର ବୋଲି କହିଛି, ଏହି ଦୁଇର ମିଳନରେ ସମଗ୍ର ଭୂତଜଗତର ସୃଷ୍ଟି । ଦେହ ସହିତ ଆତ୍ମାର କି ସମ୍ପର୍କ, ସେକଥା ମଧ୍ୟ କହିଛି । ବାୟୁଦ୍ୱାରା ଜଳରେ ଛୋଟ ଛୋଟ ତରଙ୍ଗ ସୃଷ୍ଟି ହୋଇଥାଏ । ସୂର୍ଯ୍ୟକିରଣ ଓ ବାଲୁକାରାଶିର ସଂଯୋଗରେ ସୃଷ୍ଟି ହୋଇଥାଏ ମୃଗତୃଷ୍ଣା । ବର୍ଷାଧାରା ପଡ଼ିବାମାତ୍ରେ ବିଭିନ୍ନ ଅଙ୍କୁରୋଦ୍‌ଗମ ହୋଇଥାଏ । ସେହିଭଳି ବିଶ୍ୱରେ 'ଜୀବ' ନାମରେ ପ୍ରସିଦ୍ଧ ସବୁକିଛି, କ୍ଷେତ୍ର ଓ କ୍ଷେତ୍ରଜ୍ଞ ଅର୍ଥାତ୍ ପୁରୁଷ ଓ ପ୍ରକୃତିର ମିଳନରୁ ଉତ୍ପନ୍ନ ହୋଇଥାଏ । ହେ ଅର୍ଜୁନ ! ଭୂତପ୍ରପଞ୍ଚ ପୁରୁଷ, ପ୍ରକୃତିଠାରୁ ଭିନ୍ନ ନୁହେଁ ।

ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ।।୨୭।।

ବସ୍ତ୍ର ତନ୍ତୁ ନୁହେଁ କିନ୍ତୁ ଏଥିରେ ତନ୍ତୁ ଭିନ୍ନ ଅନ୍ୟ କିଛି ନଥାଏ । ଏହିଭଳି ଭାବରେ ସୂକ୍ଷ୍ମଦୃଷ୍ଟିରେ ଈଶ୍ୱର ସୃଷ୍ଟି ଯେ ଏକ, ଏକଥା ବୁଝିବାକୁ ପଡ଼ିବ । ପ୍ରାଣୀ ଅଗଣିତ । ଗୋଟିକରୁ ଅନ୍ୟର ଉତ୍ପତ୍ତି । କିନ୍ତୁ ପ୍ରତ୍ୟେକର ଅନୁଭୂତି ପୃଥକ୍ । ଯେହେତୁ ଜୀବମାନଙ୍କର କ୍ରିୟା, ରୂପ ଓ ନାମ ପୃଥକ୍ ପୃଥକ୍, ତେଣୁ ଏମାନଙ୍କ କ୍ରିୟା, ନାମ ଓ ରୂପକୁ ଗଣିବସିଲେ କୋଟି କୋଟି ଜନ୍ମରେ ମଧ୍ୟ ଗଣନା ଶେଷ ହେବ ନାହିଁ । ଗୋଟିଏ ମଞ୍ଜିରୁ ଗଛ ହୋଇ ତା ଦେହରେ ବିଭିନ୍ନ ଆକୃତିର ଫଳ ହୋଇଥାଏ । ଗଛର ଡାଳ ବଙ୍କାଟଙ୍କା ହେଲେ ମଧ୍ୟ ଫଳ ଗୋଲାକାର ହୋଇପାରେ । ଲମ୍ବା ଲାଉ, ଗୋଲ ଲାଉ ହେଲେ ମଧ୍ୟ ତରକାରି ଲମ୍ବା କିମ୍ବା ଗୋଲ୍ ହୋଇ ନଥାଏ । ସମସ୍ତେ କହନ୍ତି 'ଆମର ଲାଉ ତରକାରି ହୋଇଚି ।' କେହି କହନ୍ତି ନାହିଁ ଯେ ଆମର ଲମ୍ବା ଲାଉର ତରକାରି ହୋଇଚି କି ଆମର ଗୋଲ୍ ଲାଉର ତରକାରି ହୋଇଚି । ସେହିଭଳି ପ୍ରାଣୀ ବିଭିନ୍ନ ପ୍ରକାରର ହେଲେ

ମଧ୍ୟ ଏହାର ଉତ୍ପାଦକ ବ୍ରହ୍ମ ଏକ; ଅଗ୍ନି ସ୍ଫୁଲିଙ୍ଗ ବିଭିନ୍ନ ପ୍ରକାରର ହେଲେ ମଧ୍ୟ ଉଷ୍ଣତା ଏକ । ସେହିଭଳି ଅନନ୍ତ ଜୀବ ମଧ୍ୟରେ ପରମେଶ୍ୱର ସମାନ ଭାବରେ ରହିଛନ୍ତି । ବର୍ଷାର ପ୍ରତ୍ୟେକ ଧାରାରେ ସେହି ଜଳ ବର୍ଷଣ ହୋଇଥାଏ । ଛୋଟ ବଡ଼ ଘଟ କିମ୍ବା ଛୋଟ ବଡ଼ ଘରେ ଆକାଶ ସର୍ବତ୍ର ସମାନ । ଅଳଙ୍କାର ଭିନ୍ନ ଭିନ୍ନ ହେଲେ ମଧ୍ୟ ସ୍ୱର୍ଣ୍ଣ ହିଁ ଏହାର ଉପାଦାନ । ସେହିଭଳି ସକଳ ପଦାର୍ଥରେ ସେହି ଏକ ପରମେଶ୍ୱର । ଭୂତାକାଶ ବା ଜୀବନର ବିଲୁପ୍ତି ଘଟିଥାଏ, କିନ୍ତୁ ଅବିନାଶୀ ଆତ୍ମା ଚିରଦିନ ଏକରୂପ । ତେଣୁ ବ୍ୟକ୍ତିଗତ ଜୀବନର ବିଭିନ୍ନ କର୍ମ ବା କର୍ତ୍ତବ୍ୟ ସହିତ ଅସଂଶ୍ଳିଷ୍ଟ । ଜ୍ଞାନୀବ୍ୟକ୍ତି ଆତ୍ମାକୁ ସର୍ବଭୂତ ବା ସର୍ବଜୀବନରେ ଉପଲବ୍ଧି କରିଥାଏ । ହେ ବୀର ଶ୍ରେଷ୍ଠ ଅର୍ଜୁନ ! ଜ୍ଞାନୀ ଯେ ପ୍ରକୃତ ଦ୍ରଷ୍ଟା ଏହା ଅତିରଞ୍ଜିତ ନୁହେଁ । ବାସ୍ତବରେ ଏଭଳି ଜ୍ଞାନୀ ଅତିଶୟ ଭାଗ୍ୟବାନ୍ ।

ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ॥୨୮॥

ଦେହ ହେଉଚି ବିଭିନ୍ନ ଗୁଣ ଓ ଇନ୍ଦ୍ରିୟର ଏକ ଗଣ୍ଠିଲି । ବାତ, ପିତ୍ତ ଓ କଫ— ଏହି ତିନୋଟି ଧାତୁ ଏବଂ ପଞ୍ଚ ମହାଭୂତର ମିଶ୍ରଣରେ ଏହି ଦେହ । ଏସବୁ ପଞ୍ଚମୁଖୀ କଙ୍କଡ଼ାବିଛା ଭଳି ଦଂଶନ କରି ଜଳାପୋଡ଼ା ସୃଷ୍ଟି କରିଥାଏ । ଜୀବରୂପକ ବ୍ୟାଘ୍ରର ଶିକାର ହେଉଚି ଦେହରୂପୀ ହରିଣ । ଶରୀର ଅନିତ୍ୟ ଜାଣି ସୁଦ୍ଧା ନିତ୍ୟ ଜ୍ଞାନରୂପକ ଛୁରିକାଦ୍ୱାରା ଏହାକୁ କେହି ନଷ୍ଟ କରି ନଥାନ୍ତି । ଜ୍ଞାନୀବ୍ୟକ୍ତି ଶରୀରରେ ଅବସ୍ଥାନ କରୁଥିଲେ ମଧ୍ୟ ଆତ୍ମଘାତୀ ନ ହୋଇ ପରିଶେଷରେ ପରମପଦ ଲାଭ କରିଥାଏ । ବ୍ରହ୍ମପ୍ରାପ୍ତି ଲାଁଗି ସାଧକ ତଥା ଯୋଗୀ ଯୋଗ ଓ ଜ୍ଞାନର ମହିମାରେ କୋଟି ଜନ୍ମଭୋଗକୁ ଲଙ୍ଘନ କରିଥାଏ ଏବଂ ଧ୍ୟାନଧାରଣାରେ ଡୁବି ରହିଥାଏ । ଯାହା ଆକାରର ଅତୀତ, ଧ୍ୱନିର ସୀମାତୀତ, ଯାହା ଯୌଗିକ ଅବସ୍ଥା ବା ତୁରୀୟ ଅବସ୍ଥାର ଲକ୍ଷ୍ୟସ୍ଥଳ; ତାହାହିଁ ଗଙ୍ଗାଆଦି ସବୁ ନଦୀର ମିଳନସ୍ଥଳ ସମୁଦ୍ରଭଳି ପରମ ମୋକ୍ଷସ୍ଥଳ । ତାହା ହିଁ ପରମ ବିଶ୍ରାନ୍ତି ଏବଂ ସର୍ବସୁଖମୟ ପଦ । ସଦ୍‌ଗୁରୁଙ୍କ ସେବାଦ୍ୱାରା ସମସ୍ତ ଭେଦଭାବଶୂନ୍ୟ ସାଧକ ନିଜ ଦେହ ମଧ୍ୟରେ ସେହି ବ୍ରହ୍ମକୁ ଲାଭ କରିପାରେ ।

ସମସ୍ତ ପ୍ରଦୀପରେ ଜ୍ୟୋତି ହେଉଚି ଏକ । ସେହିଭଳି ଆତ୍ମା ହେଉଚି ସର୍ବବ୍ୟାପୀ । ସର୍ବତ୍ର ସମଭାବରେ ଈଶ୍ୱର ଦର୍ଶନ କରି ଜୀବନ ଧାରଣ କଲେ, ଜୀବ ଜନ୍ମମୃତ୍ୟୁର ବଶ ହୁଏନା । ସେଥିଲାଗି ସମତା-ଶଯ୍ୟାରେ ଶାୟିତ ଭାଗ୍ୟବାନ୍ ଜ୍ଞାନୀର ମହିମା ମତେ ବାରମ୍ବାର ବର୍ଣ୍ଣନା କରିବାକୁ ପଡୁଚି ।

ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।
ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ॥୨୯॥

ମନ ଓ ବୁଦ୍ଧିକୁ ନେଇ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ଯାହା ଯାହା କରିଥାଆନ୍ତି, ସେ ସବୁ ହେଉଚି ପ୍ରକୃତିର କର୍ମ । ଘରେ ଥିବା ଲୋକେ କର୍ମ କରନ୍ତି, ଘର କିଛି କରେନା । ମେଘ ଆକାଶରେ ଏପଟରୁ ସେପଟକୁ ଯିବା ଆସିବା କରିଥାଏ, କିନ୍ତୁ ଆକାଶ ସ୍ଥିର, ନିଶ୍ଚଳ । ସେହିଭଳି ଆତ୍ମାର ଆଲୋକରେ ପ୍ରକୃତି ବିଭିନ୍ନ କର୍ମ କରିବା ଲାଗି ବିଭିନ୍ନ ଗୁଣ ସହିତ ବିଚଳିତ ହୋଇଥାଏ; କିନ୍ତୁ ଆତ୍ମା ସ୍ଥିର, ଅବିଚଳିତ; କୌଣସି ଗୁଣ ସହିତ ଜଡ଼ିତ ନୁହଁ । ଏ କଥା ଯିଏ ଉପଲବ୍ଧି କରିପାରେ, ସେ ଚିରମୁକ୍ତ । କାରଣ ସେ ଜାଣେ ଯେ ଆତ୍ମା କିଛି କରୁନାହିଁ । ଆତ୍ମଦର୍ଶନ ଲାଭ ପରେ ସେ ଅକର୍ତ୍ତା ହୋଇପଡ଼େ ।

ଯଦା ଭୂତପୃଥଗ୍‌ଭାବମେକସ୍ଥମନୁପଶ୍ୟତି ।
ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ॥୩୦॥

ହେ ଅର୍ଜୁନ ! ଭିନ୍ନ ଭିନ୍ନ ଜୀବକୁ ଏକ ରୂପରେ ଦର୍ଶନ ବା ଉପଲବ୍ଧି କଲେ ଜୀବମାତ୍ରେ ବ୍ରହ୍ମସମ୍ପନ୍ନ ହୋଇଥାଏ । ତରଙ୍ଗ ଯେପରି ଜଳଠାରୁ, ପରମାଣୁ ଭୂମିଠାରୁ, କିରଣ ସୂର୍ଯ୍ୟଠାରୁ, ଅଙ୍ଗପ୍ରତ୍ୟଙ୍ଗ ଦେହଠାରୁ, ଭାବ ମନଠାରୁ ଏବଂ ସ୍ଥୁଲିଙ୍ଗ ଅଗ୍ନିଠାରୁ ପୃଥକ୍ ନୁହଁ, ଇଏ ଯାହା ସିଏ ତାହା, ସେହିଭଳି ଭିନ୍ନ ଭିନ୍ନ ଜୀବ ଆତ୍ମାଠାରୁ ପୃଥକ୍ ନୁହଁ । ସମସ୍ତଙ୍କଠାରେ ସେହି ଏକ ଆତ୍ମା ବିଦ୍ୟମାନ୍ । ଏ କଥା ଯିଏ ଉପଲବ୍ଧି କରେ, ଯେଉଁଆଡ଼େ ଆଖି ପକାଏ, ଦେଖେ କେବଳ ଏକ ବ୍ରହ୍ମ । ସର୍ବତ୍ର ବ୍ରହ୍ମଦର୍ଶନ ତାକୁ ଅପାର ସୁଖ ପ୍ରଦାନ

କରିଥାଏ । ଏହି ଏକତ୍ୱଭାବର ସନ୍ଧାନରେ ତାର ବ୍ରହ୍ମସମ୍ପତ୍ତି ଲାଭ ହୋଇଥାଏ । ହେ ପାର୍ଥ ! ଏଥର ତୁମେ ପ୍ରକୃତି ଓ ପୁରୁଷତତ୍ତ୍ୱକୁ ବୁଝିପାରିଚ । ଏହି ଜ୍ଞାନକୁ ତୁମେ ଅଞ୍ଜଳିପୂର୍ଣ୍ଣ ଅମୃତ ଅଥବା ବହୁ ମୂଲ୍ୟବାନ୍ ଦ୍ରବ୍ୟର ଖଣି ପାଇବା ଭଳି ମନେକରିବା ଉଚିତ । ମୁଁ ଆଉ କେତୋଟି ବିଷୟରେ ଉପଦେଶ ଦେବି, ମନୋଯୋଗପୂର୍ବକ ଶୁଣ । ଯାହା ଯାହା ଅନୁଭବ କରିଗଲଣି ଏବଂ ତଦ୍ଦ୍ୱାରା ଯେଉଁ ବିଚାର କରିଛ, ତାହା ସେତିକିରେ ଥାଉ ।

ପ୍ରଭୁ ପୁଣି କହିବା ଆରମ୍ଭ କଲେ । ଅର୍ଜୁନ ମଧ୍ୟ ନିଜର ସମସ୍ତ ଇନ୍ଦ୍ରିୟକୁ ଶ୍ରବଣେନ୍ଦ୍ରିୟ ମନେକରି ଶୁଣିବାକୁ ଲାଗିଲେ ।

ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।
ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ ॥୩୧॥

ପରମାତ୍ମା ଠିକ୍ ସୂର୍ଯ୍ୟଭଳି । ଜଳରେ ସୂର୍ଯ୍ୟ ପ୍ରତିବିମ୍ବିତ ହେଲେ ମଧ୍ୟ ଏହା ଜଳରେ ସିକ୍ତ ନୁହେଁ । ସୂର୍ଯ୍ୟ ଜଳରେ ପ୍ରତିଫଳିତ ହେବା ପୂର୍ବରୁ ଥିଲା ଏବଂ ପ୍ରତିଫଳିତ ହେବାପରେ ମଧ୍ୟ ରହିବ, ରହିଛି । ଆତ୍ମା ଶରୀର୍‌କୁ ଧାରଣ କରିଥିଲେ ମଧ୍ୟ ଆତ୍ମା ଶରୀରର ବୋଲି କୁହାଯାଇ ନପାରେ । ଦେହ ପୂର୍ବରୁଆତ୍ମା ଥିଲା, ଦେହ ପରେ ମଧ୍ୟ ଆତ୍ମା ରହିଛି । ଏହା ଯେପରି ଯେଉଁଠିଥିଲା, ସେଇଠି ସେହିଭଳି ରହିଛି । ଦର୍ପଣରେ ମୁହଁର ପ୍ରତିଫଳନରୁ ଜଣାପଡ଼େ ଯେ ମୁହଁ ଅଛି । କିନ୍ତୁ ଦର୍ପଣ ଭିତରେ ମୁହଁ ନାହିଁ । ସେହିଭଳି ଆତ୍ମା ଶରୀରରେ ପ୍ରତିଫଳିତ ହୋଇଥାଏ, କିନ୍ତୁ ଦେହ ସହିତ ଏହାର କୌଣସି ସମ୍ପର୍କ ନଥାଏ । ଆତ୍ମା କେବଳ ଶରୀରରେ ବାସ କରିବା ଭଳି ପ୍ରତୀତ ହୋଇଥାଏ । ଧୂଳି ପବନରେ ଉଠିଥାଏ । କିନ୍ତୁ ଧୂଳି ସହିତ ପବନର କୌଣସି ସମ୍ପର୍କ ନଥାଏ । ଅଗ୍ନି ଓ ତୁଳାକୁ ଏକାଠି ଗୁନ୍ଥା ଯାଇ ନପାରେ । ଆକାଶ ଓ ପୃଥିବୀକୁ ଏକତ୍ର କରାଯାଇ ନ ପାରେ । ଜଣେ ପୂର୍ବାଭିମୁଖୀ ଓ ଜଣେ ପଶ୍ଚିମାଭିମୁଖୀ ଯାତ୍ରୀର ମିଳନ ଅସମ୍ଭବ । ସେହିଭଳି ଦେହ ଓ ଆତ୍ମାର ସମ୍ବନ୍ଧ ଅନିତ୍ୟ । ଆଲୋକ ଓ ଅନ୍ଧକାର, ଜୀବିତ ଓ ମୃତ, ଦିବସ ଓ ରାତ୍ରି, ସୁବର୍ଣ୍ଣ ଓ କାର୍ପାସ ଯେପରି ସମାନ ନୁହଁ, ସେହିଭଳି ଆତ୍ମା ଓ ଦେହର ତୁଳନା କରାଯାଏନା ।

ହେ ଅର୍ଜ୍ଜୁନ ! ଦେହ ପଞ୍ଚମହାଭୂତୋତ୍ପନ୍ନ ଏବଂ କର୍ମରଜ୍ଜୁରେ ଆବଦ୍ଧ । ଏହା ଜନ୍ମମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ । ମୃତ୍ୟୁରୂପକ ଅଗ୍ନିକୁଣ୍ଡରେ ଦେହ ଠିକ୍ ମେଞ୍ଚାଏ ଲହୁଣୀଭଳି, ଆଖି ପିଛୁଳାକେ ତରଳି ଲୋପ ପାଇଯାଏ । ଝଡ଼ିପୋକର ପକ୍ଷ ଝାଡ଼ିବାମାତ୍ରେ ତାର ଦେହାନ୍ତ ହୋଇଯାଏ, ନଚେତ୍ ଏହା ଅଗ୍ନିରେ ପୋଡ଼ି ମରେ । ଦେହ, ଶବ ପାଲଟିବା ପରେ କୁକୁର ଏହାକୁ ଝିଙ୍କି ଓଟାରି ଖାଆନ୍ତି ନଚେତ୍ ଚିତାରେ ପୋଡ଼ି ପାଉଁଶ ହୋଇଯାଏ । କୀଟପତ୍ଙ୍ଗ ମଧ୍ୟ ଏହାକୁ ଖାଇଯାଆନ୍ତି । ଦେହର ଏହି ଦୁର୍ଦ୍ଦଶା ।

କିନ୍ତୁ ଆତ୍ମା ଅନାଦି । ଏହା ସହଜ, ନିତ୍ୟ ଓ ଶୁଦ୍ଧ । ଏହା ନିର୍ଗୁଣ । ଏହା ପୂର୍ଣ୍ଣ ନୁହେଁ କି ଅପୂର୍ଣ୍ଣ ନୁହଁ; ନିଷ୍କ୍ରିୟ ନୁହଁ କି ସକ୍ରିୟ ନୁହଁ; ସୂକ୍ଷ୍ମ ନୁହଁ କି ସ୍ଥୂଳ ନୁହଁ । ଏହା ନିରାକାର ବୋଲି ପ୍ରକାଶିତ ବା ଅପ୍ରକାଶିତ, ଦୃଶ୍ୟ ବା ଅଦୃଶ୍ୟ, ଅଳ୍ପ ବା ବହୁତ ନୁହଁ । ଶୂନ୍ୟରୂପ ବୋଲି ଏହା ରିକ୍ତ, ପୂର୍ଣ୍ଣ, ରହିତ, ସହିତ, ବ୍ୟକ୍ତ ବା ଅବ୍ୟକ୍ତ ନୁହଁ । ଏହା ଆତ୍ମା ବୋଲି ଆନନ୍ଦରହିତ କିମ୍ବା ସାନନ୍ଦ; ଏକ ବା ଅନେକ, ମୁକ୍ତ ବା ବଦ୍ଧ ନୁହଁ । ଲକ୍ଷଣରହିତ ବୋଲି ଏହା ଏତିକିଟିକିଏ ବା ଏତେ ବେଶୀ, କୃତ ବା ଅକୃତ, ପ୍ରଗଲ୍‌ଭ, ବାଗ୍ମୀ କିମ୍ବା ମୌନୀ ନୁହଁ । ସୃଷ୍ଟିର ପ୍ରାରମ୍ଭରେ ଏହାର ଉତ୍ପତ୍ତି କିମ୍ବା ପ୍ରଳୟରେ ଏହାର ଧ୍ୱଂସ ହୁଏନା । ଉତ୍ପତ୍ତି ଓ ପ୍ରଳୟର ଲୟସ୍ଥଳ ଏହି ଆତ୍ମା । ଏହା ଅବ୍ୟୟ, ଅପରିମେୟ ତଥା ଅବର୍ଣ୍ଣନୀୟ । ଏହାର କ୍ଷୟନାହିଁ କି ବୃଦ୍ଧି ନାହିଁ । ଏହାର କ୍ଲାନ୍ତି ନାହିଁ । କ୍ଷୀଣ ହୋଇଯିବା ବା ବ୍ୟଥିତ ହୋଇଯିବାର ଅବକାଶ ଏହାଠି ନାହିଁ । ଦେହର ଆକାର ପ୍ରକାର ବହୁତ ଏବଂ ଏହାର ପରିବର୍ତ୍ତନ ହୋଇଥାଏ କିନ୍ତୁ ଆତ୍ମାର ଆକାର ନାହିଁ, ପ୍ରକାର ନାହିଁ କିମ୍ବା କୌଣସି ପରିବର୍ତ୍ତନ ନାହିଁ । ଦିବସ ପରେ ରାତ୍ରି ଓ ରାତ୍ରି ପରେ ଦିବସ ଆସିବା ପରି ଆତ୍ମସତ୍ତା ଭିତରେ ବହୁ ଶରୀର ଜାତ ହୋଇଥାଏ, ଯାଇଥାଏ । ଆତ୍ମା ଦେହରେ ଥାଇ ମଧ୍ୟ କୌଣସି କର୍ମ କରେନା କିମ୍ବାକୌଣସି କର୍ମ ପ୍ରତି ଆସକ୍ତ ହୋଇପଡ଼େନା । ଶରୀରର ଆକାର ପ୍ରକାରକୁ ଦେଖି ଆତ୍ମାକୁ ନ୍ୟୂନ ବା ପୂର୍ଣ୍ଣ କୁହାଯାଏନା । ଦେହର କର୍ମରେ ସେ ଲିପ୍ତ ହୁଏନା ।

ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।
ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ॥୩୨॥

ଆକାଶ ରହିଚି ସର୍ବତ୍ର । ଏହା ସର୍ବତ୍ର ପ୍ରବେଶ କରିଥାଏ । କିନ୍ତୁ ଏହା ଯାହା ଭିତରେ ରହିଥାଏ, ତାହାର ଆକାରଦ୍ୱାରା ଏହାର କୌଣସି ପରିବର୍ତ୍ତନ ହୋଇ ନଥାଏ କିମ୍ବା ତଦ୍ୱାରା କାହାର କୌଣସି ପୀଡ଼ା ଉତ୍ପନ୍ନ ହୋଇ ନଥାଏ । ଏହି ଆକାଶଭଳି ଆତ୍ମା ସର୍ବତ୍ର ସର୍ବଦେହରେ ଅବସ୍ଥାନକରି ମଧ୍ୟ କୌଣସି ସଙ୍ଗଦୋଷରେ ଲିପ୍ତହୁଏନା । ଏ ସମ୍ପର୍କରେ ସ୍ଥିର ସିଦ୍ଧାନ୍ତ ହେଉଚି କ୍ଷେତ୍ରଜ୍ଞ, କ୍ଷେତ୍ରଠାରୁ ଭିନ୍ନ ।

ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂଲୋକମିମଂ ରବିଃ ।
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ॥୩୩॥

ଚୁମ୍ବକର ଆକର୍ଷଣରେ ଲୌହ ଚଞ୍ଚଳ ହୋଇଉଠେ । କିନ୍ତୁ ଲୌହ ଚୁମ୍ବକ ନୁହେଁ । କ୍ଷେତ୍ର ଓ କ୍ଷେତ୍ରଜ୍ଞର ପାର୍ଥକ୍ୟ ମଧ୍ୟ ତଦନୁରୂପ । ଦୀପଶିଖା ଗୃହକୁ ଆଲୋକିତ କରେ କିନ୍ତୁ ପ୍ରଦୀପ ଗୃହ ନୁହେଁ । କାଠରେ ନିଆଁ ଥାଏ । କାଠକୁ କାଠ ଘଷିଲେ ନିଆଁ ବାହାରେ କିନ୍ତୁ କାଠ ନିଆଁ ନୁହଁ କିମ୍ବା ନିଆଁ କାଠ ନୁହଁ । ଆତ୍ମାର ଆଲୋକ ମଧ୍ୟ ସେହିଭଳି । ଆକାଶ ଓ ମେଘ ଏବଂ ସୂର୍ଯ୍ୟ ଓ ମରୀଚିକା ମଧ୍ୟରେ ଯେଉଁ ପାର୍ଥକ୍ୟ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ସେହି ପାର୍ଥକ୍ୟ । ଆକାଶରେ କେବଳ ଏକମାତ୍ର ସୂର୍ଯ୍ୟ ଯେପରି ସମଗ୍ର ପୃଥିବୀକୁ ଆଲୋକିତ କରିଥାଏ, ସେହିଭଳି ଏକ ଆତ୍ମା ସମସ୍ତ ଶରୀରକୁ ଆଲୋକିତ କରିଥାଏ । ଏହାପରେ ଆଉ କୌଣସି ପ୍ରଶ୍ନର ଅବକାଶ ରହିବ ନାହିଁ ବୋଲି ମୋର ଆଶା ।

କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।
ଭୂତପ୍ରକୃତିମୋକ୍ଷଂ ଚ ଯେ ବିଦୁର୍ଯାନ୍ତି ତେ ପରମ୍ ॥୩୪॥

କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ପ୍ରଭେଦକୁ ଯିଏ ଜାଣିପାରେ, ସେ ହେଉଚି ପରମଜ୍ଞାନୀ । ଚତୁର ଲୋକ ଏହି ତତ୍ତ୍ୱ ଜାଣିବା ପାଇଁ ଜ୍ଞାନୀବ୍ୟକ୍ତିଙ୍କ ଦ୍ୱାରରେ ଶରଣାପନ୍ନ ହୋଇଥାନ୍ତି । ହେ ସୁମତି ! ହେ ଶବ୍ଦତତ୍ତ୍ୱସାରଜ୍ଞ ! ସାଧକ ଓ

ଯୋଗୀମାନେ ଏଥିଲାଗି ନାନା ଶାସ୍ତ୍ର ସମ୍ପତ୍ତି ସଂଗ୍ରହକରି, ସିଦ୍ଧାନ୍ତାମୃତ ପାନ କରିଥାଆନ୍ତି ଏବଂ ବେଦଶାସ୍ତ୍ରରୂପକ ଗାଭୀ ପାଳନ କରିଥାଆନ୍ତି । ଏହାକୁ ପାଇବା ଆଶାରେ ସେମାନେ ଧୈର୍ଯ୍ୟ, ଧ୍ୟାନ, ଧାରଣା ମାଧ୍ୟମରେ ଯୋଗାକାଶରେ ଆରୋହଣ କରିଥାଆନ୍ତି । ସେମାନେ ଶରୀରକୁ ତୃଣତୁଲ୍ୟ ତୁଚ୍ଛଜ୍ଞାନ କରିଥାଆନ୍ତି ଏବଂ ମନପ୍ରାଣରେ ସାଧୁମାନଙ୍କ ଚରଣ ସେବା କରିଥାଆନ୍ତି ।

ଯେଉଁ ଜୀବ ବିବିଧ ଉପାୟରେ ଜ୍ଞାନଲାଭପୂର୍ବକ ଶାନ୍ତି ପାଏ ଏବଂ କ୍ଷେତ୍ର, କ୍ଷେତ୍ରଜ୍ଞ ବିଭାଗକୁ ବୁଝିପାରେ, ତାର ମନକୁ ମୁଁ ଆରତି କରିଥାଏ । ଏହି ଜ୍ଞାନୀବ୍ୟକ୍ତି ଉପଲବ୍ଧି କରିଥାଏ ଯେ ଯେଉଁ ମାୟାରୂପିଣୀ ପ୍ରକୃତି ପଞ୍ଚଭୂତଦ୍ୱାରା ସମଗ୍ର ବିଶ୍ୱରେ ଭିନ୍ନ ଭିନ୍ନ ବସ୍ତୁରୂପରେ ବିସ୍ତୃତ, ଏହା ବାସ୍ତବ ଓ ସ୍ଥିର ଭାବରେ ପ୍ରତୀୟମାନ ହେଉଥିଲେ ମଧ୍ୟ ଏହା ଅବାସ୍ତବ ଓ ଅସ୍ଥିର । ଏହା ସାପ ନୁହେଁ, ଗୋଟିଏ ଫୁଲମାଳ ବୋଲି ଯେତେବେଳେ ମନରୁ ଭ୍ରମ ଦୂର ହୁଏ, ସେତେବେଳେ ମିଳେ ଆନନ୍ଦ । ଏହା ଏକ ଶାମୁକା ବୋଲି ହୃଦୟଙ୍ଗମ ହୋଇସାରିବା ପରେ ଏହା ଏକ ରୂପାଟଙ୍କା ବୋଲି ମନର ଭ୍ରମଧାରଣା ତୁଟିଯାଏ । ସେହିଭଳି ଏ ଦେହ ପ୍ରକୃତିର ଏକ ପସରା । ଏହା ଆତ୍ମା ନୁହେଁ ବୋଲି ହୃଦ୍‌ବୋଧ ହୋଇସାରିବା ପରେ ବ୍ରହ୍ମଲାଭ ସହଜ ହୋଇଯାଏ । ଏହି ବ୍ରହ୍ମ ଆକାଶଠାରୁ ବୃହତ୍ତର, ଅବ୍ୟକ୍ତଠାରୁ ଅତୀତ, ସମବିଷମଭାବହୀନ, ଜୀବନର ପରମାଶ୍ରୟ, ଦ୍ୱୈତବିହୀନ, ଅଦ୍ୱିତୀୟ । ବ୍ରହ୍ମପ୍ରାପ୍ତି ପରେ ଆତ୍ମା ତାର କିପରି କାର୍ଯ୍ୟ କରୁଛି, ମନୁଷ୍ୟ ବା ଜୀବ ଅନୁଭବ କରିପାରେ । ରାଜହଂସ ଯେପରି ଭାବରେ ଜଳରୁ ଦୁଗ୍ଧକୁ ପୃଥକ୍ କରିଥାଏ, ସେହିଭଳି ଭାବରେ ଜ୍ଞାନୀ ଶରୀରଠାରୁ ଆତ୍ମାକୁ ପୃଥକ୍ ଭାବରେ ଉପଲବ୍ଧି କରିପାରେ ।

ଗୋଟିଏ ମାଠିଆରୁ ପାଣି ନେଇ ଅନ୍ୟ ମାଠିଆରେ ଢାଳିବା ଭଳି ଶ୍ରୀକୃଷ୍ଣ ନିଜ ଅନୁଭବାମୃତକୁ ନେଇ ଅର୍ଜୁନଙ୍କ ଅନ୍ତରରେ ଢାଳିଦେଲେ । କିନ୍ତୁ କିଏ କାହାକୁ ଦେଲାବୋଲି କୁହାଯିବ ? ଯିଏ ନର, ସିଏ ନାରାୟଣ । ଶ୍ରୀକୃଷ୍ଣ ତ ଅର୍ଜୁନଙ୍କୁ ନିଜର ବିଭୂତି ବୋଲି ଜାଣନ୍ତି ।

ଯାହାହେଉ ଏ କଥା ମତେ ନ ପଚରାଗଲେ ମଧ୍ୟ କହୁଛି । ଶ୍ରୀଭଗବାନ୍ ଅର୍ଜୁନଙ୍କୁ ସର୍ବସ୍ୱ ଦାନ କଲେ । ତଥାପି ଅର୍ଜୁନଙ୍କ ମନ ତୃପ୍ତ ହେଲା ନାହିଁ । ବରଂ ତୃଷ୍ଣା ବେଳକୁ ବେଳ ବଢ଼ିଲା । ତୈଳ ଅଧିକ ପାଇଲେ ପ୍ରଦୀପ ଅଧିକ ଆଲୋକ ପ୍ରଦାନ କରିଥାଏ । ସେହିଭଳି ଶ୍ରୀକୃଷ୍ଣଙ୍କ କଥା ଶୁଣି ଅର୍ଜୁନଙ୍କ ମନରେ ଶୁଣିବାର ଇଚ୍ଛା ଅଧିକ ବଳବତୀ ହୋଇଉଠିଲା । ଯେଉଁ ଗୃହିଣୀ ଭଲ ରାନ୍ଧି ଜାଣେ ଏବଂ ଦେବାରେ ଯିଏ ଉଦାର, ଭଲ ଖାଇବାବାଲା ଜୁଟିଲେ ସେ ଭାରି ଖୁସି ହୋଇଉଠେ ଏବଂ ଯାହା ରାନ୍ଧିଥାଏ ସେଥିରୁ ସେ ଗୋଟିକ ପରେ ଗୋଟିଏ ପରଷିବାରେ ଲାଗିଯାଏ । ଶ୍ରୀକୃଷ୍ଣ ସେହିଭଳି ଜଣେ ଉଦାର ରନ୍ଧନକାରିଣୀ । ସେ ରାନ୍ଧିଥିବା ଦ୍ରବ୍ୟଗୁଡ଼ିକୁ ଯଥାଶୀଘ୍ର ପରିବେଷଣ କରିବାଲାଗି ବ୍ୟଗ୍ର । ଅର୍ଜୁନଙ୍କର ଶୁଣିବାଲାଗି ଅତିଶୟ ଆଗ୍ରହକୁ ଲକ୍ଷ୍ୟ କରି ଶ୍ରୀକୃଷ୍ଣଙ୍କ ବ୍ୟାଖ୍ୟା ଚତୁର୍ଗୁଣ ବୃଦ୍ଧି ପାଇଲା ।

ଅନୁକୂଳ ବାୟୁ ତରଙ୍ଗରେ ମେଘ ସମୂହ ଏକତ୍ରିତ ହୋଇ ଥାଆନ୍ତି । ଚନ୍ଦ୍ରଦର୍ଶନରେ ସମୁଦ୍ର ସ୍ଫୀତ ହୁଏ । ସେହିଭଳି ଶ୍ରୋତାଙ୍କ ପ୍ରୀତିରେ ବକ୍ତାର ରସ ବୃଦ୍ଧି ହୋଇଥାଏ ।

ସଞ୍ଜୟ କହିଲେ ଧୃତରାଷ୍ଟ୍ରଙ୍କୁ, ହେ ରାଜନ୍ ! ଶ୍ରୀକୃଷ୍ଣ ଯେଉଁ କଥାରେ ସମଗ୍ର ବିଶ୍ୱକୁ ଆନନ୍ଦମୟ କରି ପକାଇବେ, ଏବେ ସେହି କଥା ଶ୍ରବଣ କରନ୍ତୁ । ବୁଦ୍ଧିମାନ ବ୍ୟାସଦେବ ମହାଭାରତର ଭୀଷ୍ମପର୍ବରେ ଯାହା ବର୍ଣ୍ଣନା କରିଛନ୍ତି, ସେହି କୃଷ୍ଣାର୍ଜୁନ ସମ୍ବାଦ ମୁଁ ପ୍ରାଞ୍ଜଳ ଭାବରେ 'ଓବିଛନ୍ଦ'ରେ ବର୍ଣ୍ଣନା କରୁଛି ।

ମୁଁ କେବଳ ଶାନ୍ତିର କଥା କହିବି । ଏହି କଥା କାମ-ମସ୍ତକରେ ପଦାଘାତ କରିବ । ପ୍ରାକୃତ ହେଲେ ମଧ୍ୟ ଏପରି ପ୍ରେମମୟ ଭାଷା କହିବି ଯେ ସାହିତ୍ୟ ଶିକ୍ଷାଲାଭ କରିବ ଏବଂ ମାଧୁର୍ଯ୍ୟ ଅମୃତ ଆଖ୍ୟାଲାଭ କରିବ । ଶବ୍ଦବିନ୍ୟାସ ଶୀତଳତାର ଗୁଣରେ ଚନ୍ଦ୍ରର ଆଦର୍ଶରେ ରସରଙ୍ଗକୁ ଭୁଲାଇ ନାଦ ମାଧୁର୍ଯ୍ୟାସ୍ୱାଦନ କରାଇବ । ଏହି ଭାଷାରେ ରାକ୍ଷସର ମନରେ ମଧ୍ୟ ସାତ୍ତ୍ୱିକ ଭାବର ସଂଚାର ହେବ । ଏହାକୁ ଶୁଣିବା ମାତ୍ରେ ସମାଧିସୁଖଲାଭ ହେବ ।

ଏହି ପ୍ରକାର ବାଗ୍‌ବିଳାସ ବିସ୍ତାର ଦ୍ୱାରା ମୁଁ ସମଗ୍ର ବିଶ୍ୱକୁ ଗୀତାର୍ଥପୂର୍ଣ୍ଣ କରି ଜଗତର ଚତୁର୍ଦ୍ଦିଗରେ ଆନନ୍ଦଭବନ ନିର୍ମାଣ କରିବି । ବିବେକର ଦୀନତା ମେଣ୍ଟି ଯାଉ, କାମ ଓ ମନର ଜନ୍ମ ସଫଳ ହେଉ ଏବଂ ବ୍ରହ୍ମବିଦ୍ୟାର ଖଣି ଆବିଷ୍କୃତ ହେଉ । ମୁଁ ବାଣୀକୁ ଏପରି ଭାବରେ ବ୍ୟବହାର କରିବି, ଯେଉଁଥିରେ ପରବ୍ରହ୍ମର ଦର୍ଶନ ହୋଇପାରିବ । ସୁଖର ସମାରୋହ ଘଟିବ । ବିଶ୍ୱର ମହାବୋଧୋଦୟର ସୁପ୍ରଭାତ ହେବ । ମୁଁ ପରମ ଦେବତା ନିବୃତ୍ତିନାଥଙ୍କ ଆଶ୍ରୟଲାଭ କରିପାରିଚି । ଉତ୍କୃଷ୍ଟ ପଦ, ଉପମା ଏବଂ କବିତା ସୃଷ୍ଟି କରି ମୁଁ ପ୍ରତିପଦରେ ଗ୍ରନ୍ଥାର୍ଥ ପ୍ରକାଶ କରିବି । ଶ୍ରୀଗୁରୁରାଜ ମତେ ବିଦ୍ୟାଦ୍ୱାରା ପରିପୂର୍ଣ୍ଣ କରିଛନ୍ତି । ତାଙ୍କ କୃପାରେ ଏହି ସାଧୁସମାଜରେ ମୋ ବାକ୍ୟର ସମାବେଶ ହୋଇଛି ଏବଂ ଗୀତାର୍ଥ ବର୍ଣ୍ଣନାର ସୌଭାଗ୍ୟ ଲାଭ ହୋଇଛି । ତା ବ୍ୟତୀତ ଆପଣମାନଙ୍କ ଭଳି ସାଧୁମାନଙ୍କ ଚରଣ ଆଶ୍ରୟଲାଭ ଫଳରେ ମୋ ଆଗରେ କୌଣସି କଣ୍ଟକ ନାହିଁ ।

ହେ ଶ୍ରୋତାବୃନ୍ଦ ! ସରସ୍ୱତୀଙ୍କ ଗର୍ଭରୁ କେବେହେଲେ ମୂକ ଜନ୍ମ ହୋଇ ନଥାଏ, ଲକ୍ଷ୍ମୀଙ୍କ ପୁତ୍ର ସାମୁଦ୍ରିକ ଲକ୍ଷଣରୁ ବଞ୍ଚିତ ହୋଇ ନପାରେ । ସେହିଭଳି ଆପଣମାନଙ୍କ ସନ୍ନିଧାନରେ ଅଜ୍ଞାନ ଲେଶମାତ୍ର ରହି ନ ପାରେ । ମୁଁ ଆପଣମାନଙ୍କ ଆଶୀର୍ବାଦରୁ ନବରସ ବର୍ଷଣ କରିବି ।

ଜ୍ଞାନଦେବ କହିଲେ, ହେ ମୋର ଶ୍ରୋତାବୃନ୍ଦ ! କୃପାପୂର୍ବକ ଆପଣମାନେ ସୁନ୍ଦର, ସରଳଭାବରେ ଗ୍ରନ୍ଥ ନିରୂପଣ କରିବାରେ ମତେ ସୁଯୋଗ ଓ ଅବସର ଦିଅନ୍ତୁ ।

ଇତି ଶ୍ରୀ ନିବୃତ୍ତିଦାସ ଜ୍ଞାନଦେବକୃତ ଗୀତା-ଭାବାର୍ଥ-ଦୀପିକାୟାଂ
ତ୍ରୟୋଦଶୋଽଧ୍ୟାୟଃ ।

●

ଗୁଣତ୍ରୟବିଭାଗ ଯୋଗ

ଚତୁର୍ଦ୍ଦଶ ଅଧ୍ୟାୟ

ହେ ଆଚାର୍ଯ୍ୟ ଗୁରୁଦେବ ! ତୁମକୁ ମୋର ପ୍ରଣାମ । ତୁମେ ସର୍ବଦେବତା ସ୍ୱରୂପ, ତୁମେହିଁ ବୁଦ୍ଧିରୂପକ ଉଦୟଭାନୁ ! ତୁମେ ସମସ୍ତଙ୍କର ବିଶ୍ରାନ୍ତିସ୍ଥାନ, ସୋଽହଂଭାବର ଶୋଭାକାରୀ ଲୋକମାନଙ୍କର ଆଶ୍ରୟ-ସମୁଦ୍ର । ତୁମର ଜୟ ହେଉ । ହେ ଦୀନବନ୍ଧୁ ! ନିରନ୍ତର ଦୟାର ସାଗର, ହେ ଶୁଦ୍ଧ ବିଦ୍ୟାବଧୂର ଜୀବନବଲ୍ଲଭ ! ତୁମର ଅପ୍ରକାଶ୍ୟରେ ପ୍ରପଞ୍ଚର ଦର୍ଶନ ହୁଏ ଏବଂ ତୁମ ପ୍ରକାଶକାଳରେ ସମଗ୍ର ଜଗତରେ ତୁମର ହିଁ ରୂପ ପରିଦୃଷ୍ଟ ହୁଏ । ଜଗତରେ ଅନ୍ୟର ଦୃଷ୍ଟି ବନ୍ଦ କରିବାଲାଗି ତୁମେ ନିଜର ଅପୂର୍ବ ଚାତୁର୍ଯ୍ୟରୂପକ ଧୂଳିପଟଳ ବିସ୍ତାର କରିଥାଅ, କାରଣ ତୁମେ ନିଜକୁ ଗୋପନ ରଖିଥାଅ ।

ଏକମାତ୍ର ତୁମେ ହିଁ ଭୁବନମୟ । ଜୀବମାତ୍ରେ ତୁମରି ମାୟାବଦ୍ଧ । ଏ ସକଳ ହେଉଚି ତୁମର ଲୀଳା । ତୁମକୁ ମୋର ବାରମ୍ବାର ନମସ୍କାର । ଜଗତର ଜଳର ଆର୍ଦ୍ରତା ଓ ମଧୁରତା, ପୃଥିବୀର ସହନଶୀଳତା ସବୁ ତୁମର ପ୍ରଭାବରେ ସମ୍ଭବ ହୋଇଛି । ଚନ୍ଦ୍ର, ସୂର୍ଯ୍ୟ ଆଦି ତୁମର ସମ୍ମୁଖରେ ପରିଚାରକ ଭଳି ଦଣ୍ଡାୟମାନ । ତୁମର ପ୍ରଭାବରେ ତ୍ରିଲୋକ ଉଦ୍‌ଭାସିତ ।

ହେ ଦେବ ! ତୁମେ ହିଁ ବାୟୁର ବଳ ଓ ଆକାଶର ଆଶ୍ରୟ । ତୁମର କୃପାରେ ମାୟା ସମ୍ପର୍କରେ ତତ୍ତ୍ୱବୋଧ ହୋଇଥାଏ । ଶ୍ରୁତି ତୁମର ସ୍ୱରୂପଦର୍ଶନ ଲାଗି ଅଶେଷ ଚାତୁର୍ଯ୍ୟ ପ୍ରକାଶ କରିଛି ସତ କିନ୍ତୁ ତତ୍ତ୍ୱଦର୍ଶନ ବର୍ଣ୍ଣନାରେ ଅସମର୍ଥ ହୋଇପଡ଼ି ପରିଶେଷରେ ମୌନ ହୋଇପଡ଼ିଛି । ମୋର ଦଶା ମଧ୍ୟ ଠିକ୍ ସେହିଭଳି । ସମଗ୍ର ଜଗତ୍ ଜଳମୟ ହୋଇପଡ଼ିଲେ, ଯେଉଁଠି ପ୍ରଳୟର ମେଘ କୌଣସି କାମରେ ଲାଗେ ନାହିଁ, ସେଠାରେ ମହାନଦୀର କର୍ତ୍ତୃତ୍ୱ ବା କ'ଣ

ଅଛି ? ସୂର୍ଯ୍ୟୋଦୟରେ ଚନ୍ଦ୍ର ଖଦ୍ୟୋତ ଭଳି ଯେପରି ଅତି ସାମାନ୍ୟ, ବେଦ ସେହିଭଳି ତୁମର ତତ୍ତ୍ୱ ବର୍ଣ୍ଣନାରେ ଅତି ସାମାନ୍ୟ । ମୋ କଥା ଛାଡ଼, ମୁଁ ତ ସାମାନ୍ୟରୁ ସାମାନ୍ୟ, କିଞ୍ଚିତ୍‌ରୁ କିଞ୍ଚିତ୍ । ଯେଉଁଠି ଦ୍ୱୈତର ଚିହ୍ନ ସୁଦ୍ଧା ନାହିଁ, ଯେଉଁଠି ବର୍ଣ୍ଣନାର ବାଣୀ ଲୁପ୍ତ, ତାକୁ କେଉଁ ମୁଖରେ ବର୍ଣ୍ଣନା କରିବି ? ତେଣୁ କୌଣସି ସ୍ତୁତିଗାନ ନ କରି ନୀରବରେ ତୁମ ଚରଣରେ ମଥା ଅବନତ କରି ରଖିବା ହିଁ ଭଲ ମନେ କରୁଛି । ହେ ଗୁରୁରାଜ ! ତୁମର ସ୍ୱରୂପ ଯାହାହେଉନା କାହିଁକି ତୁମକୁ ମୋର ନମସ୍କାର । ଗୀତାର୍ଥ ବର୍ଣ୍ଣନାରେ ସଫଳତା ସମ୍ପର୍କରେ ତୁମେ ମୋର ମହାଜନ । ତୁମଠାରୁ ଲବ୍ଧ କୃପା ହେଉଚି ମୋର ମୂଳଧନ । ଏହି ମୂଳଧନକୁ ବୁଦ୍ଧିରୂପକ ଥଳିରେ ପୂର୍ଣ୍ଣ କରି ଜ୍ଞାନମୟ କାବ୍ୟରଚନାର ମହତ୍ତ୍ୱ ଲାଭ କରିବି ବୋଲି ଆଶା କରିଛି । ଏହି କୃପାରେ ମୋ ଅନ୍ତଃସ୍ଥା ସ୍ୱଚ୍ଛଳ ହୋଇଉଠିଲେ ଯାଇ ସାଧୁଶ୍ରୋତାମାନଙ୍କୁ ସୁଲକ୍ଷଣ ବିବେକମୟ କର୍ଣ୍ଣଭୂଷଣରେ ଅଳଂକୃତ କରିବି । ହେ ମହାରାଜ ! ମୋ ଚକ୍ଷୁରେ କୃପାରଅଞ୍ଜନ ଲେପିଦିଅ, ତାହାହେଲେ ମୁଁ ଗୀତାର୍ଥର ପରିଚୟ ପାଇପାରିବି । ତୁମ କରୁଣା-ସୂର୍ଯ୍ୟର ଉଦୟ ହେଉ— ତାହାହେଲେ ଯାଇ ସମ୍ପୂର୍ଣ୍ଣ ଶବ୍ଦସୃଷ୍ଟି ଦୃଷ୍ଟିଗୋଚର ହୋଇପାରିବ । ହେ ପ୍ରେମିକ ଶିରୋମଣି ! ତୁମେ ବସନ୍ତ ଋତୁ ଧାରଣ କଲେ, ମୋ ବୁଦ୍ଧି-ବୃକ୍ଷରେ କାବ୍ୟରୂପକ ସୁଫଳ ଫଳିବ ।

ହେ ଉଦାର ! ମୋ ବୁଦ୍ଧିରୂପକ ଗଙ୍ଗାରେ ଯେପରି ବନ୍ୟା ଦେଖାଦେବ, ସେହିଭଳି ଭାବରେ ମୋ ହୃଦୟରେ ତୁମର ପ୍ରେମମୟ ଦୃଷ୍ଟି ବର୍ଷଣ ହେଉ । ହେ ବିଶ୍ୱୈକଧାମ ! ତୁମ କୃପାଚନ୍ଦ୍ରମା କାବ୍ୟସ୍ଫୁର୍ତ୍ତି ଲାଗି ପୌର୍ଣ୍ଣମାସୀ ହେଉ । ତାର ଦର୍ଶନରେ ମୋର ଜ୍ଞାନସମୁଦ୍ର ରସିକତାରେ ସ୍ଫୀତ ହୋଇ ସେଥିରେ ମତେ ଭସେଇ ନେଇଯାଉ ।

ସ୍ତୁତି ଓ ମିନତି ମଧ୍ୟରେ ଦ୍ୱୈତଭାବ ପ୍ରକାଶିତ ହେବା ଦେଖି ଶ୍ରୀଗୁରୁଦେବ କହିଲେ, ସେସବୁ ବୃଥା କଥା ଥାଉ, ଯାହା ଜାଣିବା ଯୋଗ୍ୟ ବା ଜ୍ଞେୟ, ସେହି ବିଷୟର ବର୍ଣ୍ଣନାଦ୍ୱାରା ଗ୍ରନ୍ଥାର୍ଥ ପ୍ରକାଶ କରନ୍ତୁ, ଉତ୍କଣ୍ଠା ଭଙ୍ଗ କରନ୍ତୁ ନାହିଁ ।

ସେତେବେଳେ ଜ୍ଞାନେଶ୍ୱର କହିଲେ, ପ୍ରଭୋ ! ମୁଁ ତୁମ ଶ୍ରୀମୁଖରୁ ଗ୍ରନ୍ଥ ବର୍ଣ୍ଣନା ଲାଗି ଆଦେଶ ପାଇବାକୁ ଅପେକ୍ଷା କରିଥିଲି । ମୁଁ ଗୀତାର୍ଥ କରୁଚି କିମ୍ବା ମୋ ଯୋଗୁଁ ହେଉଚି, ଏ ଭାବ ମୋ ମନରେ ନାହିଁ । ଦୂର୍ବାଦଳ ସ୍ୱଭାବତଃ ଅମର ହେଲେ ମଧ୍ୟ ଏହା ଉପରେ ଅମୃତ ବର୍ଷଣ କରାଗଲେ ସେ ମନା କରିବ କି ? ସେହିଭଳି ତୁମର କୃପାମୃତ ଦ୍ୱାରା ଗୀତାଶାସ୍ତ୍ରର ମୂଳପଦ ସ୍ପଷ୍ଟ ଓ ବିସ୍ତୃତ ଭାବରେ ପ୍ରକାଶ କରିବି । ସେଥିରେ ଅନ୍ତରର ସନ୍ଦେହ-ନୌକା ଡୁବିଯିବ ଏବଂ ଶ୍ରୋତାମାନଙ୍କର ଉତ୍ତରୋତ୍ତର ଶ୍ରବଣ ଆକାଂକ୍ଷା ବୃଦ୍ଧି ପାଇବ । ମୋ ବାଣୀ, ଗୁରୁକୃପାଗୃହରେ ଭିକ୍ଷାଲାଭ କରି ମଧୁର ଭାବରେ ପ୍ରକାଶିତ ହେବ ।

ପୂର୍ବ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ବଚନର ମର୍ମ ହେଉଚି କ୍ଷେତ୍ର ଓ କ୍ଷେତ୍ରଜ୍ଞ ସମ୍ପର୍କରୁ ଜଗତ୍ ଉତ୍ପନ୍ନ । ଗୁଣ ସହିତ ଆତ୍ମାର ସଂସାର । ମାୟାର ଉପାଧିଦ୍ୱାରା ଏହା ସୁଖ ଦୁଃଖ ଭୋଗ କରିଥାଏ । ଶୁଦ୍ଧଆତ୍ମା ଗୁଣାତୀତ ଅବସ୍ଥାରେ ଥାଏ । ଅସଙ୍ଗର ସଙ୍ଗ କିପରି, କ୍ଷେତ୍ର ଓ କ୍ଷେତ୍ରଜ୍ଞର କିପରି ସଂଯୋଗ ହୋଇଥାଏ, ସୁଖ ଦୁଃଖ ଭୋଗ କିପରି ଭାବରେ ହୁଏ, ଗୁଣ କ'ଣ ଓ ଏହା କେତେ ପ୍ରକାରର; ଏମାନେ କିପରି ପରସ୍ପର ସହିତ ବନ୍ଧନଯୁକ୍ତ, ଗୁଣାତୀତର ଲକ୍ଷଣ କ'ଣ ଏସବୁ ବିଷୟର ବର୍ଣ୍ଣନା ହୋଇଚି ଚତୁର୍ଦ୍ଦଶ ଅଧ୍ୟାୟରେ । ବୈକୁଣ୍ଠାଧିପତି ଶ୍ରୀକୃଷ୍ଣ ସେ ସମ୍ପର୍କରେ ଭୂମିକା ମଧ୍ୟ କରିଛନ୍ତି ।

ସେ କହିଛନ୍ତି, ହେ ଅର୍ଜୁନ ! ମନୋଯୋଗର ସୈନ୍ୟଙ୍କୁ ସମବେତ କରି ଜ୍ଞାନ ସହିତ ଯୁଦ୍ଧ କର । ପୂର୍ବରୁ ବହୁ ଯୁକ୍ତିଦ୍ୱାରା ଏହି ଜ୍ଞାନତତ୍ତ୍ୱ ବୁଝାଇଛି; ଏବେ ମଧ୍ୟ ତୁମର ଅନୁଭବ-ଗହ୍ୱରରେ ତାହା ପ୍ରବେଶ କରିପାରି ନାହିଁ ।

ଶ୍ରୀଭଗବାନ ଉବାଚ

ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।
ଯଜ୍ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ॥୧॥

ବେଦ ଓ ଶାସ୍ତ୍ରମାନଙ୍କରେ ଯାହା 'ପର' ବା ପରମଜ୍ଞାନ ଭାବରେ ବର୍ଣ୍ଣିତ, ଏବେ ତୁମକୁ ସେହି ଜ୍ଞାନ ସମ୍ପର୍କରେ କହିବି ଶୁଣ । ଆତ୍ମଜ୍ଞାନ ହେଉଚି

ସର୍ବୋତ୍କୃଷ୍ଟ । କାରଣ ଏହା ଅଗ୍ନିତୁଲ୍ୟ, ଅନ୍ୟସବୁ ଜ୍ଞାନ ହେଉଚି କାଠିକୁଟାଭଳି । ଏହି ଅହଂଜ୍ଞାନରୁ ମନୁଷ୍ୟର ସ୍ୱର୍ଗସୁଖବାସନା ଜାତ ହୋଇଥାଏ । ସେଥିଲାଗି ସେ ଯଜ୍ଞାନୁଷ୍ଠାନ, ବ୍ରତ, ଉପବାସ ଆଦି କରିଥାଏ । ଦ୍ୱୈତଭାବର ରାଜଭବନ ନିର୍ମାଣ କରିଥାଏ । ଏ ସବୁ ହେଉଚି ପରମଜ୍ଞାନ ସମ୍ମୁଖରେ ସ୍ୱପ୍ନଭଳି ଅଳୀକ । ମହାଶୂନ୍ୟ ଯେପରି ବାୟୁତରଙ୍ଗକୁ ଗ୍ରାସ କରିଥାଏ, ସୂର୍ଯ୍ୟୋଦୟରେ ଚନ୍ଦ୍ରର ପ୍ରଭା ଯେପରି ଲୁପ୍ତ ହୁଏ, ଜଳର ପ୍ରଳୟ ବା ବନ୍ୟାବେଳେ ଯେପରି ନଦନଦୀ, ପୁଷ୍କରିଣୀ ଏକାକାର ହୋଇପଡ଼େ, ସେହିଭଳି ଶ୍ରେଷ୍ଠ ଆତ୍ମଜ୍ଞାନୋଦୟରେ ଅନ୍ୟ ସମସ୍ତ ଜ୍ଞାନ ବିଲୀନ ହୋଇଯାଏ । ହେ ପାଣ୍ଡୁନନ୍ଦନ ! ଏହି ଆତ୍ମଜ୍ଞାନ ବଳରେ ମନୁଷ୍ୟ ଜନ୍ମମୃତ୍ୟୁ କବଳରୁ ମୁକ୍ତ ହୁଏ ଏବଂ ତା ପକ୍ଷରେ ସମସ୍ତ ସାଂସାରିକ ଜଟିଳତା ଲୋପପାଏ । ମନକୁ ଯେତେବେଳେ ସେହି ମନ ସଂଯତ କରିଦିଏ ଏବଂ ଆତ୍ମା ବ୍ରହ୍ମରେ ଅବସ୍ଥାନ କରେ, ସେତେବେଳେ ମନୁଷ୍ୟ ଶରୀର ଭିତରେ ଥିଲେ ମଧ୍ୟ ଶରୀର ଆତ୍ମାକୁ ବାନ୍ଧି ରଖିପାରେନା । ପରିଶେଷରେ ପରମଜ୍ଞାନୀର ଦେହାଭିମାନ ରହେନା ଏବଂ ନିଜର ଯୋଗ୍ୟତା ବଳରେ ସେ ମତେ ଲାଭ କରେ । ସେ ନିଜେ ବ୍ରହ୍ମସ୍ୱରୂପ ହୋଇପଡ଼େ ।

ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।
ସର୍ଗେଽପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ॥୨॥

ହେ ପାଣ୍ଡବ ! ଏଭଳି ପରମଜ୍ଞାନୀ ମତେ ଲାଭ କରି ମୋର ନିତ୍ୟତାରେ ନିତ୍ୟ, ମୋ ପୂର୍ଣ୍ଣତାରେ ପରିପୂର୍ଣ୍ଣ ଓ ମୋ ଭଳି ଆନନ୍ଦଯୁକ୍ତ ଓ ସତ୍ୟପ୍ରତିଜ୍ଞ ହୋଇଉଠେ । ଅର୍ଥାତ୍ ଯେତେବେଳେ ସେ ଓ ମୋ ମଧ୍ୟରେ କୌଣସି ପାର୍ଥକ୍ୟ ରହେ ନାହିଁ, ସେତେବେଳେ ସେ ମୋ ଭଳି ସତ୍ୟସ୍ୱରୂପ ଓ ଆନନ୍ଦସ୍ୱରୂପ ହୋଇପଡ଼େ । ଘଟ ଭାଙ୍ଗିଲେ ଘଟ ଭିତରେ ଥିବା ଶୂନ୍ୟତା ବା ଆକାଶ ମହାକାଶ ହୋଇଯାଏ । ପ୍ରଦୀପଶିଖା ମୂଳଜ୍ୟୋତିରେ ମିଳେଇଯାଇ ଯେଉଁ ସ୍ଥିତି ଲାଭ କରେ, ଆତ୍ମଜ୍ଞାନର ମଧ୍ୟ ସେହି ଅବସ୍ଥା । ହେ ଅର୍ଜୁନ ! ତା'ପରେ ଦ୍ୱୈତଭାବ ଲୋପ ପାଇଥାଏ । 'ମୁଁ' ଓ 'ତୁମେ' ଭେଦଭାବ ଦୂର ହୋଇ ନାମ

ଓ ପଦାର୍ଥ ଗୋଟିଏ ଗୁଚ୍ଛରେ ଅବସ୍ଥାନ କରନ୍ତି । ସୃଷ୍ଟିର ମୂଳ କଳ୍ପନା କାଳରେ ଯିଏ କଳ୍ପିତ ହୁଏନା କିମ୍ବା ସୃଷ୍ଟିର ପ୍ରାରମ୍ଭରେ ଯିଏ ସୃଷ୍ଟ ହୁଏନା, ପ୍ରଳୟକାଳରେ ସେ ଧ୍ୱଂସ ହେବ କିପରି ? ହେ ଧନଞ୍ଜୟ ! ଉକ୍ତ ଜ୍ଞାନର ଅନୁସରଣଦ୍ୱାରା ଜନ୍ମ ଓ ମୃତ୍ୟୁ ମୋର ସ୍ୱରୂପତା ଲାଭ କରେ । ଶ୍ରୀକୃଷ୍ଣ ଏହିଭଳି ଭାବରେ ଅର୍ଜୁନଙ୍କୁ ଜ୍ଞାନ ଦେବାଲାଗି ଜ୍ଞାନୀର ମହିମା କୀର୍ତ୍ତନ କଲେ । ଏଥିରେ ଅର୍ଜୁନଙ୍କ ଅବସ୍ଥାର ପରିବର୍ତ୍ତନ ଘଟିଲା । ତାଙ୍କଠାରେ ଏପରି ମନୋଯୋଗ ପ୍ରକାଶ ପାଇଲା, ଯେପରି ମନେହେଲା ତାଙ୍କର ସର୍ବାଙ୍ଗ ଶ୍ରବଣେନ୍ଦ୍ରିୟ ପାଲଟି ଯାଇଛି । ଅର୍ଜୁନଙ୍କର ଏପରି ମନୋଯୋଗ ଲକ୍ଷ୍ୟ କରି ଶ୍ରୀକୃଷ୍ଣଙ୍କ ହୃଦୟ ଉତ୍‌ଫୁଲ୍ଲିତ ହୋଇଉଠିଲା । ଅର୍ଜୁନଙ୍କୁ ଅଧିକରୁ ଅଧିକ ଉପଦେଶ ଦେବାଲାଗି ତାଙ୍କର ଇଚ୍ଛା ଏପରି ପ୍ରବଳ ହୋଇଉଠିଲା ଯେ ସେ ଇଚ୍ଛାକୁ ପୂର୍ଣ୍ଣ କରିବାଲାଗି ଅନନ୍ତଆକାଶ ମଧ୍ୟ ନିଅଣ୍ଟ ହେଲା ।

ଶ୍ରୀକୃଷ୍ଣ କହିଲେ, ହେ ପ୍ରଜ୍ଞାକାନ୍ତ ! ଯାହାହେଉ ମୋ ବାଗ୍ମୀତା ସଫଳ ହେଲା, କାରଣ ବର୍ଣ୍ଣନାନୁସାରେ ମୁଁ ଶ୍ରୋତା ଲାଭ କରିଛି । ମୁଁ ଏକ, ତଥାପି ତ୍ରିଗୁଣରେ ବହୁଦେହୀ । କ୍ଷେତ୍ର ବା ଦେହର ସଂଯୋଗରେ ମୁଁ କିପରି ଭାବରେ ଜଗତ୍ ସୃଷ୍ଟି କରେ, ସେ କଥା କହିବି । ଦେହକୁ କ୍ଷେତ୍ର କହିବାର ଉଦ୍ଦେଶ୍ୟ ହେଉଚି, ମୋ ସଙ୍ଗ ଓ ବୀଜରୁ ପ୍ରାଣୀଜଗତ ଉତ୍ପନ୍ନ ହୋଇଥାଏ ।

ମମ ଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍ ।
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ।।୩।।

ଏହାର ନାମ ମହତ୍ ବ୍ରହ୍ମ, କାରଣ ମହତ୍ତତ୍ତ୍ୱ ପ୍ରଭୃତିର ବିଶ୍ରାନ୍ତି ଏହିଥିରେ। ବିକାରଗୁଡ଼ିକୁ ବୃଦ୍ଧି କରିଥାଏ ବୋଲି ଏହାକୁ ମହତ୍‌ବ୍ରହ୍ମ କୁହାଯାଇଥାଏ । ଅବ୍ୟକ୍ତବାଦୀ ଏହାକୁ ହିଁ ଅବ୍ୟକ୍ତ କହଥାଏ । ସାଂଖ୍ୟବାଦୀ କହେ ଏହାର ନାମ ପ୍ରକୃତି । ହେ ଜ୍ଞାନଶ୍ରେଷ୍ଠ ! ବେଦାନ୍ତବାଦୀ ଏହାକୁ କହେ ମାୟା । ଆଉ ଅଧିକ କ'ଣ କହିବି, ଏହାର ନାମ ଅଜ୍ଞାନ । ହେ ଧନଞ୍ଜୟ ! ସ୍ୱ-ସ୍ୱରୂପର ବିସ୍ମୃତି ହିଁ ଏହି ଅଜ୍ଞାନର ସ୍ୱରୂପ । କିନ୍ତୁ ଗୋଟିଏ କଥା, ଦୀପାଲୋକରେ ଅନ୍ଧକାର ଦୂର

ହେବାଭଳି ଆତ୍ମଜ୍ଞାନ ଲାଭମାତ୍ରେ ଅଜ୍ଞାନ ରହେନା । ଦୁଧକୁ କ୍ରମାଗତ ଭାବରେ ଫେଣ୍ଟିଲେ ସର ଜମିପାରେନା । ସ୍ଥିର ରହିଲେ ଯାଇ ଜମେ । ଜାଗୃତି ନଥିଲେ ହେଁ ସ୍ୱପ୍ନ ସମ୍ଭବ, ସମାଧି ନ ହେଲେ ମଧ୍ୟ ନିଦ୍ରା ହୋଇପାରେ । ବାୟୁର ତରଙ୍ଗାନୁଭବ ନ ହେଲେ ଆକାଶ ବନ୍ଧ୍ୟା ମନେହୁଏ । ଅଜ୍ଞାନର ରୀତି ଠିକ୍ ସେହିଭଳି । ଆଗରେ ଥିବା ବସ୍ତୁଟି ଗୋଟିଏ ଖମ୍ବ କି ମଣିଷ ଠିକ୍ ଦେଖା ନ ଗଲେ ମଧ୍ୟ ସେଭଳି ଗୋଟାଏ କିଛି ମନେହୁଏ । ବ୍ରହ୍ମର ଯଥାର୍ଥ ସ୍ୱରୂପ ଦର୍ଶନ ନ ହେବାଯାଏଁ ଏହା ଏକ ଭିନ୍ନ ପଦାର୍ଥ ବୋଲି ମନେ ହୋଇଥାଏ । ଦିନ ନୁହେଁ କି ରାତି ନୁହେଁ— ସେଭଳି ସମୟକୁ ସନ୍ଧ୍ୟା କୁହାଯାଏ । ସେହିଭଳି ଜ୍ଞାନ ନୁହେଁ କି ଆତ୍ମଜ୍ଞାନ ନୁହେଁ— ଏଭଳି ଅବସ୍ଥାକୁ ଅଜ୍ଞାନ କୁହାଯାଏ । ଚୈତନ୍ୟ ବା ଚେତନା ଉପରେ ଅଜ୍ଞାନର ଆବରଣକୁ କ୍ଷେତ୍ରଜ୍ଞ କୁହାଯାଏ । ଅଜ୍ଞାନର ପ୍ରତିଷ୍ଠା ବୃଦ୍ଧି କରିବା ଏବଂ ସ୍ୱସ୍ୱରୂପ ସମ୍ପର୍କରେ ଅଜ୍ଞତା ହିଁ କ୍ଷେତ୍ରଜ୍ଞର ରୂପ । ଏହି ଦୁଇଟିଯାକର ସଂଯୋଗକୁ ଭଲକରି ବୁଝ । ଏହାହିଁ ମାୟାର ନୈସର୍ଗିକ ବୃତ୍ତି । ବ୍ରହ୍ମସ୍ୱରୂପହିଁ ଅଜ୍ଞାନୀ ଭଳି ବହୁ ରୂପ ଧାରଣ କରିଥାଏ । କୌଣସି ଦରିଦ୍ରଲୋକ ଭ୍ରମବଶତଃ 'ମୁଁ ରଜା ହୋଇଗଲିଣି' କହିବା କିମ୍ବା ମୂର୍ଚ୍ଛିତ ଅବସ୍ଥାରେ ସ୍ୱର୍ଗ ଗମନ କରିବା ଯେପରି ଅଳୀକ, ଏହା ସେହିଭଳି ଅଳୀକ । ଆତ୍ମଦୃଷ୍ଟି ବଙ୍କା ହେଲେ ଯାହା ଦେଖାଯାଏ, ଏହାହିଁ ସୃଷ୍ଟିରଚନା । ତାହାକୁ ମଧ୍ୟ ମୁଁ ଉତ୍ପନ୍ନ କରିଥାଏ । ସ୍ୱପ୍ନରେ ଜଣେ ଲୋକ ଯେପରି ବହୁ ବିଷୟ ଦର୍ଶନ କରିଥାଏ, ଆତ୍ମସ୍ମୃତି ଅଭାବରୁ ଜୀବାତ୍ମାର ସେହି ଦଶା ହୋଇଥାଏ । ଏହି ସିଦ୍ଧାନ୍ତ ସମ୍ପର୍କରେ ପରେ ବିଶେଷ ଭାବରେ କହିବି । ଏବେ ତୁମେ ଏହି ଟିକକ ବୁଝିନିଅ ଯେ ଏହି ଅବିଦ୍ୟା ମୋର ଗୃହିଣୀ । ଏହା ଅନାଦି, ଚିରଯୌବନା ଏବଂ ଅନିର୍ବଚନୀୟ ଗୁଣସମ୍ପନ୍ନା । ସେ ମୂର୍ତ୍ତିମତୀ ଅଭାବ । ଏହାର ଆକୃତି ସ୍ଥୂଳ ଏବଂ ଏହା ଅଜ୍ଞାନର ସଙ୍ଗିନୀ । ମୋର ଶୟନରେ ତାର ଜାଗରଣ । କେବଳ ମୋ ସତ୍ତାର ସମ୍ଭୋଗରେ ସେ ଗର୍ଭିଣୀ । ମହତ୍‌ବ୍ରହ୍ମୋଦରରେ ଅଷ୍ଟପ୍ରକାର ବିକାରଦ୍ୱାରା ପ୍ରକୃତି ଏହାର ଗର୍ଭ ପୋଷଣ କରିଥାଏ । ଆତ୍ମା ଓ ପ୍ରକୃତି ଏହି ଦୁଇଟିଯାକର ସଙ୍ଗମରେ ବୁଦ୍ଧିତତ୍ତ୍ୱର ଉତ୍ପତ୍ତି । ବୁଦ୍ଧିରୁ ଉତ୍ପତ୍ତି ମନ । ମନର ସ୍ତ୍ରୀ

ହେଉଚି ମମତା । ଏହି ମମତାର କାମ ହେଉଚି ଅହଙ୍କାର ସୃଷ୍ଟି କରିବା । ଏହି ଅହଂକାରରୁ ସୃଷ୍ଟି ହୁଏ ପଞ୍ଚ ମହାଭୂତ ।

ଭୋଗ୍ୟ ବିଷୟ ଓ ଇନ୍ଦ୍ରିୟ ପ୍ରବୃତ୍ତିରୁ ବାସନାର ପ୍ରକାଶ । ଜଳର ସଂଯୋଗ ମାତ୍ରେ ବୀଜ କଣିକା ଯେପରି ବୃକ୍ଷର ଆକାରକୁ ଭାବିନିଏ, ଠିକ୍ ସେହିଭଳି ମୋର ସଙ୍ଗ ହେତୁ ଅବିଦ୍ୟା ବହୁରୂପ ଜଗତର ଅଙ୍କୁର ଧାରଣ କରେ । ହେ ସୁଜନଶ୍ରେଷ୍ଠ ! ସେହି ଗର୍ଭଗୋଲକ କିପରି ଭାବରେ ପ୍ରକାଶିତ ହୁଏ, ତାହା ଶ୍ରବଣ କର । ଏହା ହେଉଚି ଅଣ୍ଡଜ, ସ୍ୱେଦଜ, ଉଦ୍ଭିଦଜ, ଜରାୟୁଜ, ଏହିଭଳି ଭାବରେ ବିବିଧ ଅବୟବ । ଆକାଶ ଓ ବାୟୁ ସାହାଯ୍ୟରେ ରସବୃଦ୍ଧି ଘଟିଲେ ରଜଗୁଣ ପ୍ରଭାବରେ ହୁଏ ଅଣ୍ଡଜ, ତମୋଗୁଣରେ ଜଳ ଓ ଅଗ୍ନିର ସହଯୋଗରେ ହୁଏ ସ୍ୱେଦଜ, ସେହି ତମୋଗୁଣ ପ୍ରଭାବରେ ଜଳ ଓ ପାର୍ଥିବ ଅଂଶର ମିଳନରେ ସ୍ଥାବର ଉଦ୍ଭିଦ । କର୍ମ ଓ ଜ୍ଞାନେନ୍ଦ୍ରିୟ ବା ମନ ଓ ବୁଦ୍ଧି ପ୍ରଭୃତିର ସମବାୟରେ, ଜରାୟୁଜ ଦେହର ଉତ୍ପତ୍ତି । ଏହି ସୃଷ୍ଟିଚତୁଷ୍ଟୟ ଏହାର କରଚରଣ, ମହାପ୍ରକୃତି ହେଉଚି ମସ୍ତକ, ପ୍ରବୃତ୍ତି ହେଉଚି ଉଦର, ନିବୃତ୍ତି ହେଉଚି ପୃଷ୍ଠଦେଶ; ଏହାର ଉତ୍ତମାଙ୍ଗ ହେଉଚି ଅଷ୍ଟପ୍ରକାରର ଦେବଯୋନି, ଆନନ୍ଦମୟ ସ୍ୱର୍ଗଲୋକ ହେଉଚି କଣ୍ଠ, ମୃତ୍ୟୁ ହେଉଚି ମଧ୍ୟଭାଗ, ପାତାଳ ହେଉଚି ନିତମ୍ବ । ଏହିଭଳି ସୁନ୍ଦର ଗୋଟିଏ ଶିଶୁ ମାୟାର ଗର୍ଭରୁ ଜାତ ହୋଇଥାଏ । ଜନ୍ମ ହେଉ ହେଉ ଏହାର ଅବୟବ ତ୍ରିଲୋକବିସ୍ତୃତ । ଚଉରାଶି ଲକ୍ଷ ଯୋନିକୁ ନେଇ ଏହାର ସୃଷ୍ଟି । ଏହି ଅଦ୍ଭୁତ ଶିଶୁ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଥାଏ । ବିବିଧ ଦେହର ଆକାରକୁ ନେଇ ବିଭିନ୍ନ ନାମରେ ଏସବୁ ଅଭିହିତ । ଏହି ଶିଶୁକୁ ବିଭିନ୍ନ ନାମ-ଅଳଙ୍କାର ପିନ୍ଧେଇ ମାୟା ଏହାକୁ ନିତ୍ୟନୂତନ ମୋହମୟ ସ୍ତନ୍ୟପାନ କରାଇ ପାଳନ କରିଥାଏ । ପୃଥକ୍ ପୃଥକ୍ ସୃଷ୍ଟି ଏହି ଶିଶୁର ଅଙ୍ଗୁଳି ଏବଂ ଭିନ୍ନ ଭିନ୍ନ ଦେହାଭିମାନ ଏହାର ଅଙ୍ଗୁରୀୟ ସ୍ୱରୂପ । ସୁନ୍ଦର ଚରାଚରରୂପୀ ଏକ ଅଜ୍ଞାନୀ ମହାନ୍ ପୁତ୍ର ପ୍ରସବକରି ମାୟା ସୁପ୍ରତିଷ୍ଠିତା । ଏହି ବାଳକର ପ୍ରାତଃକାଳ ହେଉଚି ବ୍ରହ୍ମା, ମଧ୍ୟାହ୍ନ ହେଉଚି ବିଷ୍ଣୁ ଓ ସନ୍ଧ୍ୟା ହେଉଚି ଶଙ୍କର । ଏହି ବାଳକ ମହାପ୍ରଳୟର ଶଯ୍ୟାରେ କ୍ରୀଡ଼ା କରି କରି ଶେଷରେ ଶ୍ରାନ୍ତ ହୋଇ ନିଦ୍ରିତ ହୁଏ ଏବଂ ତାର

ବିଷମ ଜ୍ଞାନର କନ୍ଦାରମ୍ଭରେ ନିଦ୍ରାଭଙ୍ଗ ହୁଏ । ହେ ଅର୍ଜୁନ ! ଯୁଗ ଯୁଗାନ୍ତ ଧରି ସେ ପଦକ୍ଷେପ ପୂର୍ବକ କ୍ରୀଡ଼ା କରିଥାଏ । ସଂକଳ୍ପ ତାର ବନ୍ଧୁ, ଅହଙ୍କାର ତାର ପରିଚାରକ ଓ ଜ୍ଞାନ ତାର ଅନ୍ତକ । ବିଶ୍ୱସୃଷ୍ଟି ବ୍ୟାପାରରେ ମୋର ସତ୍ତାହିଁ ମାୟାର ସହଯୋଗିନୀ ।

ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ ।
ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ।।୪।।

ହେ ପାଣ୍ଡବ ! ମୁଁ ହେଉଚି ପିତା, ପ୍ରକୃତି ହେଉଚି ମାତା । ଏହି ଜଗତ୍ ଆମମାନଙ୍କ ପୁତ୍ର । ଏହାର ଦେହ ଭିନ୍ନ ହେଲେ ମଧ୍ୟ ଏହାର ଭିତର ଭିନ୍ନ ନୁହେଁ । ଜଗତର ମନ, ବୁଦ୍ଧି ଓ ପ୍ରାଣ ଏକ । ଗୋଟିଏ ଦେହରେ ଭିନ୍ନ ଭିନ୍ନ ଅଙ୍ଗ ଭଳି ବିଶ୍ୱ ବିଚିତ୍ର ହେଲେ ମଧ୍ୟ ଏକ ବୀଜହିଁ ଏହାର ମୂଳ । ମାଟିରେ ତିଆରି ପାତ୍ରକୁ ଯେପରି ମାଟିର ପୁତ୍ର କୁହାଯାଏ, ବସ୍ତ୍ରକୁ ତୁଳାର ନାତି କୁହାଯାଏ, ତରଙ୍ଗସମୂହକୁ ସମୁଦ୍ରର ସନ୍ତାନ ସନ୍ତତି କୁହାଯାଏ, ସେହିଭଳି ମୋ ସହିତ ଏହି ବିଶ୍ୱଚରାଚରର ସମ୍ପର୍କ । ଅଗ୍ନି ଓ ଜ୍ୱଳନ ପୃଥକ୍ ନୁହନ୍ତି । ସେହିଭଳି ଜଗତ୍ ଓ ମୁଁ ପୃଥକ୍ ନୋହୁଁ । ମୁଁ ହେଉଚି ସମଗ୍ର ଜଗତ୍ । ଅନ୍ୟ ସମ୍ପର୍କ ଅଛି ବୋଲି ଅବଧାରଣା ମିଥ୍ୟା । ବିଶ୍ୱବ୍ରହ୍ମାଣ୍ଡ ବୋଲି ଯାହା ଜାଣୁଚ ଅର୍ଥାତ୍ ଦୃଶ୍ୟମାନ ଜଗତରୁ ଯଦି ମୁଁ ନିଜକୁ ଅଲଗା କରି ନିଏ, ତାହାହେଲେ ଆଉ କିଛି ରହିବ ନାହିଁ । ଜଗତ୍ ଉତ୍ପନ୍ନ ହେଲେ ମୋ ସ୍ୱରୂପ ନଷ୍ଟ ହୋଇଯାଏ ବୋଲି ମନେକରିବା ହେଉଚି ଭ୍ରମ । କାରଣ ମୁଁ ନ ଥିଲେ ଜଗତ୍ ପ୍ରକାଶିତ ହେବ କିପରି ?

ମଣିମାଣିକ୍ୟ ପ୍ରଭା ପ୍ରକାଶ କରନ୍ତି ବୋଲି କେବେ ନଷ୍ଟ ହୋଇଯାଆନ୍ତି ନାହିଁ । ସୁବର୍ଣ୍ଣ ଅଳଙ୍କାରରୂପରେ ପରିଣତ ହୁଏ ବୋଲି ତାର ସୁବର୍ଣ୍ଣତ୍ୱ ବିନଷ୍ଟ ହୋଇଯାଏନା । କମଳ ବିକଶିତ ହୋଇଉଠିଲେ ଏହା କମଳତ୍ୱରୁ ବଞ୍ଚିତ ହୋଇପଡ଼େନା । ହେ ଧନଞ୍ଜୟ ! ପତ୍ର ଗଛର ଆଚ୍ଛାଦନର କାର୍ଯ୍ୟ କରି ନଥାଏ, ଏହା କେବଳ ଶୋଭାବର୍ଦ୍ଧନ କରିଥାଏ । ଶସ୍ୟରୁ ଉତ୍ପନ୍ନ ବୀଜ, ବୀଜରୁ ପୁଣି ଶସ୍ୟ ଉତ୍ପନ୍ନ ହୋଇଥାଏ । ଏଥିରେ ବୀଜର କୌଣସି କ୍ଷତି ହୁଏନା, ବୀଜରୁ ବୀଜ ହୋଇ ହୋଇ ଏହା ସଂପ୍ରସାରିତ ହୋଇଥାଏ । ତେଣୁ ବୁଝିବା ଉଚିତ

ଯେ ମୋଠାରୁ ଜଗତକୁ ପୃଥକ କରିନେଇ ମତେ ଦର୍ଶନ କରିପାରିବ ନାହିଁ । କାରଣ ମୁଁ ନିଜେ ସମ୍ପୂର୍ଣ୍ଣ ଜଗତ୍ । ହେ ବୀର ଅର୍ଜୁନ ! ତୁମେ ଏହି ସତ୍ୟଟିକୁ ଏବଂ ନିଶ୍ଚିତ ସିଦ୍ଧାନ୍ତଟିକୁ ତୁମର ଅନ୍ତରର ଲୁଗାକାନିରେ ବାନ୍ଧିରଖ । ମୁଁ ଭିନ୍ନ ଭିନ୍ନ ଶରୀରରେ ନିଜକୁ ପ୍ରକାଶିତ କରିଛି । ଗୁଣମୟ ସୃଷ୍ଟି ହେଉଚି ମୋର ରଚନା । ତଥାପି ମୁଁ ତ୍ରିଗୁଣ ରଜ୍ଜୁରେ ବନ୍ଧା ହୋଇ ପଡ଼ିଥିବା ଭଳି ଅନ୍ୟମାନଙ୍କୁ ଦେଖାଯାଉଛି । ହେ କପିଧ୍ୱଜ ! ସ୍ୱପ୍ନରେ ମନୁଷ୍ୟ ନିଜର ମୃତ୍ୟୁଦୁଃଖ ଭୋଗ କରିଥାଏ । କାମଳରୋଗାକ୍ରାନ୍ତ ବ୍ୟକ୍ତିକୁ ଶୁଭ୍ରବର୍ଣ୍ଣ ମଧ୍ୟ ପୀତବର୍ଣ୍ଣ ଦେଖାଯାଇଥାଏ, ତା' ଚକ୍ଷୁ ମଧ୍ୟ ପୀତବର୍ଣ୍ଣ ହୋଇପଡ଼ିଥାଏ । ସୂର୍ଯ୍ୟର ଆଲୋକ ପ୍ରକଟିତ ହେଲେ ଯାଇ ମେଘ ଦେଖାଯାଏ ଏବଂ ମେଘ ସୂର୍ଯ୍ୟକୁ ଢାଙ୍କିଦେଲେ ମଧ୍ୟ ସୂର୍ଯ୍ୟାଲୋକରେ ହିଁ ସେହି ମେଘ ଦେଖାଯାଇଥାଏ । ଏଥିରେ ମୂଳବସ୍ତୁର କୌଣସି କ୍ଷତି ହୁଏନା ।

ଭଗବାନ କହିଲେ—

ନିଜ ଦେହର ଛାଇକି ଦେଖି କିଏ କେବେ ଭୟଭୀତ ହୁଏ କି ? ଭୀତ ହେଲେ ମଧ୍ୟ ଏହା ମୋ ଦେହର ଛାଇ ନୁହଁ ବୋଲି କହିପାରିବ କି ? ମୁଁ ନିଜେ ବହୁରୂପ ପ୍ରକାଶପୂର୍ବକ ବହୁରୂପୀ ହୋଇ ନିଜେ ହିଁ ଏହି ଭାବ ପ୍ରଦର୍ଶନ କରିଥାଏ । ବିଭିନ୍ନ ରୂପ ହେଲେ ମଧ୍ୟ ଏହାର ସଂଯୋଗ ରଜ୍ଜୁ ସେହି ଗୋଟିଏ ମୁଁ । ମୋ ନିଜ ସ୍ୱରୂପରେ ମତେ ଜାଣିବା ହେଉଚି ମୋକ୍ଷ ବା ସଂସାରବନ୍ଧନରୁ ମୁକ୍ତି । ଏହି ଜ୍ଞାନର ଅଭାବ ହିଁ ବନ୍ଧନ । ହେ ଅର୍ଜୁନ ! କେଉଁ ଗୁଣଦ୍ୱାରା କିଭଳି ବନ୍ଧନ ପ୍ରତୀତ ହୋଇଥାଏ; ଗୁଣ କେତୋଟି ଏବଂ ସେଗୁଡ଼ିକର ଲକ୍ଷଣ, ନାମ, ରୂପ ଓ ଉତ୍ପତ୍ତିର ରହସ୍ୟ କ'ଣ କହୁଚି ଶୁଣ ।

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ॥୫॥

ଗୁଣ ତିନୋଟି । ଏମାନଙ୍କ ନାମ ସତ୍ତ୍ୱ, ରଜଃ ଓ ତମ । ପ୍ରକୃତି ଏମାନଙ୍କ ଜନ୍ମଭୂମି । ସତ୍ତ୍ୱ ଉତ୍ତମ, ରଜଃ ମଧ୍ୟମ ଓ ତମ ସ୍ୱଭାବତଃ କନିଷ୍ଠ ବା ଅଧମ ।

ଗୋଟିଏ ଦେହରେ ଶୈଶବ, ଯୌବନ ଓ ବାର୍ଦ୍ଧକ୍ୟ ତିନି ଅବସ୍ଥା ଭଳି, ସେହି ଗୋଟିଏ ବୃତ୍ତିରେ ଏହି ତିନୋଟିଯାକ ଗୁଣ ଦେଖାଯାଏ । ଖାଦର ପରିମାଣ ଅନୁଯାୟୀ ସ୍ୱର୍ଣ୍ଣର ମୂଲ୍ୟ ଅଳ୍ପ ବହୁତ ହୋଇଥାଏ । ଜାଗ୍ରତ ଅବସ୍ଥାରେ ଯେଉଁ କ୍ଲାନ୍ତବ୍ୟକ୍ତି ଢୋଳାଏ, ଶୋଇବାମାତ୍ରେ ସେ ଗଭୀର ନିଦ୍ରାରେ ଅଚେତନ ହୋଇପଡ଼େ । ଅଜ୍ଞାନର ବୁଦ୍ଧି ସଙ୍ଗେ ସଙ୍ଗେ ଯେଉଁ ବୃତ୍ତି ଉତ୍ପନ୍ନ ହୋଇଥାଏ, ସେଥିରୁ ବିସ୍ତାରଲାଭ କରେ ସତ୍ତ୍ୱ, ରଜଃ ଓ ତମଗୁଣ । ଏହି ତିନୋଟିଯାକ ଗୁଣ ତିନି ପ୍ରକାରର ମନୋଭାବର ସୂଚନା ଦେଇଥାଏ । ଏହା ସହିତ ଆତ୍ମାର କୌଣସି ସମ୍ପର୍କ ଅଛି କି ? ଜୀବାତ୍ମା ଯେପର୍ଯ୍ୟନ୍ତ ଦେହବୋଧ ସହିତ ଜଡ଼ିତ ରହିଥାଏ, ସେପର୍ଯ୍ୟନ୍ତ ଅହଙ୍କାରରେ ବୁଡ଼ି ରହିଥାଏ । ସେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସର୍ବଦା 'ମୁଁ ଦେହଠାରୁ ଅଭିନ୍ନ' ଏ ରୂପ କଳ୍ପନା କରିଥାଏ । ମାଛ ମୁହଁରେ ବନ୍‌ସୀକଣ୍ଟା ପ୍ରବେଶ କରିବାମାତ୍ରେ ଧୀବର ବନ୍‌ସୀଦଣ୍ଡାକୁ ଟାରିଆଣି ମାଛକୁ ଧରେ । ସେହିଭଳି ସତ୍ତ୍ୱଗୁଣ ସୁଖ ଓ ଜ୍ଞାନର ରଜ୍ଜୁ ଦ୍ୱାରା ଜୀବାତ୍ମାକୁ ଟାଣିନିଏ ।

ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ।।୬।।

ଏହି ଅବସ୍ଥାରେ ଜୀବ ଜାଲରେ ଆବଦ୍ଧ ମୃଗ ଭଳି ଛଟପଟ ହୋଇ ଜ୍ଞାନ ଲାଗି କ୍ଷୁବ୍‌ଧ ହୁଏ । ଜ୍ଞାତୃତ୍ୱ ବା ଜାଣିବା ଭିତରେ ହିଁ ଆତ୍ମସୁଖ ପ୍ରବାହିତ ହୋଇଥାଏ । ଅନ୍ୟ କେହି ତା ଜ୍ଞାନର କୀର୍ତ୍ତିଗାନ କଲେ ସେ ସନ୍ତୋଷ ଲାଭ କରେ ଏବଂ ଅଳ୍ପ ଲାଭରେ ସେ ସନ୍ତୁଷ୍ଟ ହୋଇଉଠେ । ସେ ମନେକରେ ଅଳ୍ପ ଲାଭରେ ସନ୍ତୁଷ୍ଟ ହେତୁ ମୁଁ ଧନ୍ୟ । କେତେ ସୌଭାଗ୍ୟ ମୋର ! ମୋ ଭଳି ଆଉ କିଏ ଅଛି ? ଏହି ପ୍ରକ୍ରିୟାରେ ସେ ଅଷ୍ଟସାତ୍ତ୍ୱିକଭାବରେ ପୁଲକିତ ହୋଇଉଠେ । କେବଳ ସେତିକି ନୁହଁ, ସେ ଆହୁରି ଆବଦ୍ଧ ହୋଇପଡ଼େ । ତା ଦେହରେ ଜ୍ଞାନାଭିମାନର ଭୂତାବେଶ ହୁଏ । ସ୍ୱୟଂ ଜ୍ଞାନସ୍ୱରୂପ ହୋଇ ମଧ୍ୟ ସେହି ଜ୍ଞାନାବସ୍ଥାକୁ ଭୁଲିଗଲେ ତାର ଦୁଃଖ ହୁଏନା । ବିଷୟଜ୍ଞାନରେ ସେ ଆକାଶଠାରୁ ବଡ଼ ହୋଇଯାଏ । ସ୍ୱପ୍ନରେ ସମ୍ରାଟ ଦରିଦ୍ର ହୋଇ ଅନ୍ୟଠୁ

ଭିକ୍ଷାଲାଭ କଲେ ମଧ୍ୟ ସେ ମନେ ମନେ ଇନ୍ଦ୍ରସୁଖ ଲାଭ କରିଥାଏ । ହେ ପାଣ୍ଡବ ! ଦେହାତୀତ ଦେହବନ୍ଧନ ଲାଭ କଲେ ବାହ୍ୟଜ୍ଞାନରେ ସେ ଏଭଳି ହୋଇଥାଏ । ସେ ସମସ୍ତ କର୍ମସମ୍ପାଦନାରେ ସୁଚତୁର । ଶାସ୍ତ୍ର ନିର୍ଣ୍ଣୟରେ ନିପୁଣ, ଯଜ୍ଞବିଦ୍ୟାରେ ଧୁରୀଣ ଏବଂ ସବୁକିଛି ଜାଣେ । ସେ ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରି ମନେ ମନେ ଭାବେ ମୋଭଳି ଜ୍ଞାନୀ ଆଉ କେହି ନାହିଁ । ସେ ଭାବେ ମୁଁ ହେଉଛି ସବୁଠାରୁ ସୁଚତୁର । ସତ୍ତ୍ୱଗୁଣ ଏହି ଭାବରେ ଜୀବକୁ ସୁଖ ଓ ଜ୍ଞାନ ବନ୍ଧନରେ ବାନ୍ଧିରଖେ । ଜଣେ ଅସମର୍ଥଲୋକ ବଳଦକୁ ବାନ୍ଧି ଆଗେ ଆଗେ ଯିବାଭଳି ସତ୍ତ୍ୱଗୁଣ ଜୀବକୁ ସେହି ଅବସ୍ଥାରେ ପକାଇଥାଏ । ରଜୋଗୁଣ ଜୀବକୁ କିପରି ବାନ୍ଧିଥାଏ କହୁଛି ଶୁଣ ।

ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତିକୌନ୍ତେୟ କର୍ମସଙ୍ଗେନ ଦେହିନମ୍ ॥୭॥

ଜୀବକୁ ମୋହିତ କରେ ବୋଲି ଏହାର ନାମ ରଜଃ । ଏହା ମନକୁ ଖୁସିରେ ରଖିଥାଏ । ସର୍ବଦା ସେ ପୂର୍ଣ୍ଣାଭିଳାଷୀ ଯୁବକ ଭଳି । ଏହି ଗୁଣ ମନରେ କିଞ୍ଚିତ୍ ପ୍ରବେଶ କରିବା ମାତ୍ରେ କାମନା ହୁଏ ତାର ମନ ରାଜ୍ୟର ରାଜା । ମନ ପବନଭଳି ଉଡ଼ିବୁଲେ । ବାସନା କ୍ରମଶଃ ପ୍ରବଳରୂପ ଧାରଣ କରେ । ଅଗ୍ନିଗୁଣ୍ଡରେ ଘୃତାହୁତି ଦେବାମାତ୍ରେ ଏହା ଅଧିକ ପ୍ରଜ୍ୱଳିତ ହୋଇଉଠେ । ସେତେବେଳେ ସେହି ଅଗ୍ନିଶିଖାରେ ଯାହା ପକାଇଲେ ମଧ୍ୟ ପୋଡ଼ି ଜଳି ଧ୍ୱଂସ ହୋଇଯାଏ । ବାସନା କାମନାର ବୃଦ୍ଧି ହେଲେ, ମନୁଷ୍ୟ ମେରୁପର୍ବତକୁ ପାଇଲେ ମଧ୍ୟ ଆହୁରି ବେଶି କିଛି ପାଇବାଲାଗି ଆଶା କରିଥାଏ । ତାର ଲୋଭ ଏଭଳି ବଢ଼ିଉଠେ ଯେ, ଫଟାପଇସାଟିଏ ପାଇବାଲାଗି ସେ ପ୍ରାଣବଳି ଦେବାକୁ ପଶ୍ଚାତ୍‌ପଦ ହୁଏନାହିଁ । କାଠିକୁଟାଟିଏ ସୁଦ୍ଧା ପାଇଲେ ମଧ୍ୟ 'ଯାହାହେଉ ଗୋଟାଏ ଜିନିଷ ପାଇଗଲି' ଭାବି ନିଜକୁ କୃତାର୍ଥ ମନେକରେ । କେବଳ ଅଧିକରୁ ଅଧିକ ପାଇବା ଆଶାରେ ସେ ନାନା ପ୍ରକାର କଳ୍ପନା କରେ ଏବଂ ମନେ ମନେ ଭାବେ ଗଚ୍ଛିତ ପଇସା ଖର୍ଚ୍ଚ କରିଦେଲେ ଭବିଷ୍ୟତରେ କରିବି

କ'ଣ ? ସ୍ୱର୍ଗକୁ ଗଲେ ମଧ୍ୟ ଖାଇବି କ'ଣ ? ରଖିଥିଲେ ସିନା ଖାଇବି— ତେଣୁ ସେ ଯାଗଯଜ୍ଞ କରିବାକୁ ଚେଷ୍ଟା କରେ, କ୍ରମଶଃ ବୃହତ୍ତର ବ୍ରତ ପୂଜାଦି କରେ । କ୍ରମଶଃ ଯଜ୍ଞ କର୍ମ ଏକ କାମନାରେ ପର୍ଯ୍ୟବସିତ ହୁଏ ! ସେ ମନ୍ଦିର ତୋଳେ, କୂଅ ପୋଖରୀ ଖୋଳେ । କିନ୍ତୁ ଏସବୁ କରେ ପୁଣ୍ୟଲାଭ ଆଶାରେ ।

ଗ୍ରୀଷ୍ମ ଋତୁରେ ଯେପରି ଦିନ ରାତି ବାୟୁ ପ୍ରବଳ ଭାବରେ ପ୍ରବାହିତ ହୋଇଥାଏ, ସେହିଭଳି ଭାବରେ ରଜୋଗୁଣସମ୍ପନ୍ନ ବ୍ୟକ୍ତି ଭବିଷ୍ୟତରେ ବହୁତ ପାଇବା ଆଶାରେ ମନେ ମନେ ହିସାବ କରି ଯଜ୍ଞାଦି କରେ ଓ ସେବାଦି କାର୍ଯ୍ୟ କରିଥାଏ । ଲାଭ ପାଇବା ଆଶାରେ ପ୍ରଲୁବ୍ଧ ହୋଇ ସେ ଦିନରାତି ବିଶ୍ରାମ କ'ଣ ଜାଣେନା । ସେ ଏତେ ଅସ୍ଥିରମନା ଯେ ମୀନ ସୁଦ୍ଧା ତା ତୁଳନାରେ ସ୍ଥିରଭାବର ବୋଲି କୁହାଯାଇପାରେ । ସ୍ୱର୍ଗ ଓ ବିଷୟ ଆଶାରେ ସେ କର୍ମ-ବହ୍ନିରେ ସ୍ତ୍ରୀଲୋକର କଟାକ୍ଷଭଳି କ୍ଷିପ୍ର ଗତିରେ ଝାସ ଦେଇଥାଏ । ଏତେ ଚଞ୍ଚଳ ଯେ ବିଦ୍ୟୁତ୍ ସୁଦ୍ଧା ତା ଚାଞ୍ଚଲ୍ୟ ସହିତ ତୁଳନୀୟ ନୁହଁ । ଜୀବାତ୍ମା ଦେହଠାରୁ ଭିନ୍ନ ହେଲେ ମଧ୍ୟ ଏହି ରଜଃଗୁଣକୁ ନିଜ ମନରେ ପ୍ରବେଶ କରାଇ କାମନାର ଶୃଙ୍ଖଳରେ ନିଜକୁ ନିଜେ ବାନ୍ଧିପକାଏ । ସେ ଆମରଣ କାମନାର ବନ୍ଧନରେ ଘାଣ୍ଟି ହୋଇଥାଏ ।

ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।
ପ୍ରମାଦାଳସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ॥୮॥

ଏବେ ତାମସ ଗୁଣ କ'ଣ ଶୁଣ । ଏହା ଘୋର ଅନ୍ଧକାର ରାତ୍ରିରେ କଳାମେଘ ଭଳି ଚକ୍ଷୁ ସମ୍ମୁଖରେ ମୋହ ପରଦା ଟାଣି ଦୃଷ୍ଟି ଶକ୍ତିକୁ କ୍ଷୀଣ କରିଦିଏ । ଅଜ୍ଞାନ ସହିତ ଏହାର ଘନିଷ୍ଠତା ଅଧିକ । ଏହିଥିରୁ ସୃଷ୍ଟି ହୁଏ ମହାଭ୍ରମ । ଏହା ହେଉଛି ସକଳ ବିଶ୍ୱର ଉନ୍ମାଦକ, ଅବିଚାରର ମହାମନ୍ତ୍ର । ମୂର୍ଖତା ମଦିରାରେ ଏହାର ପାତ୍ର ପରିପୂର୍ଣ୍ଣ । ଦେହାତ୍ମବାଦୀକୁ ଏହା ଚାରିପଟେ ଘେରି ବାନ୍ଧି ପକାଏ । ସେ ଏକା ହେଲେ ମଧ୍ୟ ଏହାର ଅବସ୍ଥାନ ସଚରାଚର । ଇଏ ପ୍ରବେଶ କରିବା ମାତ୍ରେ ଆଉ କେହି ରହିପାରନ୍ତି ନାହିଁ । ମନୁଷ୍ୟର ସମସ୍ତ

ଇନ୍ଦ୍ରିୟକୁ ସେ ଜଡ଼ କରିପକାଏ । ମନ ମୂଢ଼ହୋଇଯାଏ ଏବଂ ଦେହରେ ଆଳସ୍ୟର ଉଦୟ ହୁଏ । ସମସ୍ତପ୍ରକାର ଦୈହିକ କର୍ମରେ ଅରୁଚି ଓ ଶିଥିଳତା ଦେଖାଦିଏ ।

ହେ କିରୀଟି ! ତାମସଗୁଣସମ୍ପନ୍ନ ବ୍ୟକ୍ତିର ଆଖି ଖୋଲା ଥିଲେ ମଧ୍ୟ ସେ କିଛି ଦେଖିପାରେ ନାହିଁ । ଅବାନ୍ତର ଭାବରେ ନାନାକଥା ଗପେ । ଉପରୁ ପଥରଟିଏ ପକାଇଲେ ଯେପରି ତଳେ ଯେଉଁଠି ପଡ଼େ ସେଇଠି ରହେ, ହଲ୍‌ଚଲ୍ ସୁଦ୍ଧା ହୁଏନାହିଁ, ସେହିଭଳି ତାମସୀବ୍ୟକ୍ତି ଯେଉଁଠି ସେଇଠି ଶୋଇପଡ଼େ । ପୃଥିବୀ ରସାତଳକୁ ଯାଉ ବା ଆକାଶ ଭାଙ୍ଗିପଡୁ ତାର ସେହି ଗୋଟିଏ ଭାବ । ତାକୁ କେହି ସକ୍ରିୟକରି ନପାରେ । ଉଚିତ, ଅନୁଚିତ ବୋଲି ସେ କୌଣସି ବିବେଚନା କରିପାରେ ନାହିଁ । ନିଦ୍ରା ହିଁ ତାର ଚିରସଙ୍ଗୀ । ନିଦ୍ରାକୁ ପାଇଲେ ସେ ସ୍ୱର୍ଗକୁ ସୁଦ୍ଧା ତୁଚ୍ଛ ମନେକରେ । ସେ ମନେମନେ ଭାବେ ଲକ୍ଷ ଲକ୍ଷ ବର୍ଷଧରି ବଞ୍ଚିରହନ୍ତା କି, ଶୋଇ ଶୋଇ ଦିନରାତି କଟେଇ ଦିଅନ୍ତା । ବସିଲେ ଢୋଳାଏ, ଚାଲୁଥିଲେ ମଧ୍ୟ ତା ଆଖି ପଡ଼ି ପଡ଼ି ଆସେ । କାହାପ୍ରତି କିଭଳି ଆଚରଣ କରିବା ଉଚିତ, କାହାକୁ କିପରି ସମ୍ବୋଧନ କରିବା ଉଚିତ, ଧନୀଙ୍କ ପ୍ରତି ଓ ଗରିବଙ୍କ ପ୍ରତି କିପରି ବ୍ୟବହାର କରିବା ଉଚିତ, ସେ କିଛି ଜାଣେନା । ପ୍ରଜାପତି ନିଜ ପକ୍ଷଦ୍ୱାରା ନିଆଁକୁ ଲିଭାଇଦେଇ ପାରିବ ମନେକରି ଯେପରି ସେଥିରେ ଝାସ ଦେଇ ମରେ, ସେହିଭଳି ସେ ନିଷିଦ୍ଧବିଷୟ ପ୍ରତି ଆକୃଷ୍ଟ ହୋଇ ସେଥିରେ ଧ୍ୱଂସ ପାଏ । ତା ପାଖରେ ନାନାଦି ପ୍ରମାଦ ଦେଖାଦିଅନ୍ତି । ଭୁଲ୍ କାମ କରି ସେ ଉଲ୍ଲସିତ ହୋଇଉଠେ ଏବଂ ଅନୁଚିତ କାମକୁ ହିଁ ପ୍ରଶଂସାକରେ । ନିଦ୍ରା, ଆଳସ୍ୟ ଓ ଅବିଚାର— ଏହି ତିନି ବନ୍ଧନରେ ତମୋଗୁଣ ଆତ୍ମାକୁ ଦୃଢ଼ଭାବରେ ବାନ୍ଧିପକାଏ । କିନ୍ତୁ ଆତ୍ମା ମୂଳତଃ ନିର୍ଗୁଣ, ନିରଞ୍ଜନ ଓ ଶୁଦ୍ଧ । କାଠରେ ଅଗ୍ନି ପ୍ରବେଶ କଲେ ଅଗ୍ନି କାଷ୍ଠାକାର ଧାରଣ କରେ । ସରୋବରରେ ଚନ୍ଦ୍ରର ପ୍ରତିବିମ୍ବ ଦେଖାଯାଏ । ସେହିଭଳି ଆତ୍ମା ଗୁଣର ବନ୍ଧନରେ ଆବଦ୍ଧ ହୋଇ ପଡ଼ିଥିବା ଭଳି ମନେହୁଏ କିନ୍ତୁ ବାସ୍ତବରେ ଆତ୍ମା ଆବଦ୍ଧ ନୁହଁ ।

ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।
ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ॥୯॥
ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।
ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ॥୧୦॥

କଫ ଓ ବାତକୁ ଅଭିଭୂତ କରି ପିତ୍ତ ପ୍ରବଳ ହେଲେ ଦେହର ତାପ ବୃଦ୍ଧିପାଏ । ଗ୍ରୀଷ୍ମକାଳ ଅନ୍ତେ ଶୀତର ପ୍ରାଦୁର୍ଭାବରେ ବାତାବରଣ ଶୀତଳ ତଥା ହିମାଚ୍ଛନ୍ନ ହୋଇପଡ଼େ । ସ୍ୱପ୍ନ ଓ ଜାଗ୍ରତ ଅବସ୍ଥା ପରେ ମଧ୍ୟ କିଛି ସମୟ ପାଇଁ ଚିତ୍ତବୃତ୍ତି ସୁଷୁପ୍ତି ଅବସ୍ଥାରେ ହିଁ ରହେ । ରଜ ଓ ତମକୁ ପରାଜିତ କରି ସାତ୍ତ୍ୱିକ ଭାବ ପ୍ରତିଷ୍ଠିତ ହେବାମାତ୍ରେ ଜୀବ କହେ 'ମୁଁ ସୁଖୀ' । ସତ୍ତ୍ୱ ଓ ରଜର ପ୍ରଭାବ କମିଯାଇ ତମୋଭାବ ପ୍ରବଳ ହୋଇଉଠିଲେ ଜୀବ ସ୍ୱାଭାବିକଭାବେ ଅସାବଧାନ ହୋଇପଡ଼େ । ସତ୍ତ୍ୱ ଓ ତମୋଭାବକୁ ଗ୍ରାସ କରି ରଜୋଗୁଣ ବୃଦ୍ଧିଲାଭ କଲେ ଜୀବ କର୍ମ ବ୍ୟତୀତ ଆଉ କାହାକୁ ଭଲ ମନେକରେନା । ପୂର୍ବ ଶ୍ଳୋକରେ ଏହା କୁହାଯାଇଛି । ଏବେ ତିନୋଟିଯାକ ଗୁଣ କିପରି ବୃଦ୍ଧିପାଏ, ତାର ଲକ୍ଷଣ କୁହାଯିବ ।

ସର୍ବଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ ।
ଜ୍ଞାନଂ ଯଦା ତଦା ବିଦ୍ୟାଦ୍‌ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ୍ ॥୧୧॥
ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମାଣାମଶମଃ ସ୍ପୃହା ।
ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ॥୧୨॥
ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।
ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ॥୧୩॥
ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍ ।
ତଦୋତ୍ତମବିଦାଂ ଲୋକାନମଳାନ୍ ପ୍ରତିପଦ୍ୟତେ ॥୧୪॥
ରଜସି ପ୍ରଳୟଂ ଗତ୍ୱାଂ କର୍ମ ସଙ୍ଗିଷୁ ଜାୟତେ ।
ତଥା ପ୍ରଲୀନସ୍ତମସି ମୂଢ଼ଯୋନିଷୁ ଜାୟତେ ॥୧୫॥

ରଜଃ ଓ ତମକୁ ପରାଜିତ କରି ସତ୍ତ୍ୱ ପ୍ରବଳ ହୋଇଉଠିଲେ ନିମ୍ନୋକ୍ତ ଲକ୍ଷଣ ପ୍ରକାଶିତ ହୁଏ । ବସନ୍ତ ଋତୁଆଗମରେ କମଳର ସୁଗନ୍ଧ ପ୍ରକାଶିତ ହେବାଭଳି ସତ୍ତ୍ୱଗୁଣସମ୍ପନ୍ନ ବ୍ୟକ୍ତିର ପ୍ରଜ୍ଞା ବାହାରେ ପ୍ରକାଶିତ ହୁଏ । ତାର ସମସ୍ତ ଇନ୍ଦ୍ରିୟର ଦ୍ୱାରଦେଶରେ ଏପରିକି ତାର ସର୍ବାଙ୍ଗରେ ବିବେକ ପ୍ରହରୀର କାମ କରେ । ଯାହା ଶୁଣିବା ଅନୁଚିତ କାନ ତାହା ଶୁଣେ ନାହିଁ, ଯାହା ଦେଖିବା ଅନୁଚିତ ଆଖି ତାହା ଦେଖେ ନାହିଁ, ଯାହା କହିବା ଅନୁଚିତ ଜିଭ ତାହା କହେ ନାହିଁ । ରାଜହଂସ ଯେପରି କ୍ଷୀରରୁ ନୀରକୁ ଅଲଗା କରିନିଏ, ସେହିଭଳି ତାର ଇନ୍ଦ୍ରିୟଗୁଡ଼ିକ ଦୋଷ ଓ ଅଦୋଷକୁ ଅଲଗା କରିନିଏ । ନିୟମ ତାର ନିୟମିତ ସେବାରେ ନିୟୋଜିତ ରହେ । ଆଲୋକ ଯେପରି ଅନ୍ଧକାରର ପାଖ ସୁଦ୍ଧା ମାଡ଼ି ନଥାଏ, ସେହିଭଳି ସତ୍ତ୍ୱଗୁଣସମ୍ପନ୍ନ ବ୍ୟକ୍ତି ନିଷିଦ୍ଧ ବିଷୟଠାରୁ ଦୂରରେ ରହିଥାଏ । ବର୍ଷାକାଳରେ ବଡ଼ବଡ଼ ନଦୀର ପ୍ରବଳ ବନ୍ୟାଭଳି ସମଗ୍ର ଶାସ୍ତ୍ର ବିଷୟରେ ତା ଜ୍ଞାନ ପ୍ରଖର ହୋଇଉଠେ । ନୂତନ ନୂତନ ଚିନ୍ତାଧାରା ତା ମସ୍ତିଷ୍କରେ ପ୍ରବେଶ କରେ । ପୂର୍ଣ୍ଣମୀର ଚନ୍ଦ୍ରକିରଣଭଳି ତାର ମସ୍ତିଷ୍କ ଜ୍ଞାନର ସମୀକ୍ଷା କରିଥାଏ ଏବଂ ସେହି ଜ୍ଞାନ ସମସ୍ତ ବିଷୟ ପ୍ରତି ବିସ୍ତାର ଲାଭ କରିଥାଏ । ଇନ୍ଦ୍ରିୟଭୋଗରୁ ତା ମନ ଚାଲିଯାଏ । ବାସନା ସଙ୍କୁଚିତ ହୋଇଆସେ । ପ୍ରବୃତ୍ତି ସ୍ଥଗିତ ହୁଏ । ସାଂସାରିକ ବିଷୟ ପ୍ରତି ତାର ବିରକ୍ତିଭାବ ଆସେ ।

ମନରେ ସତ୍ତ୍ୱଭାବର ଉଦ୍ରେକ ହେବାମାତ୍ରେ ତାର ସମସ୍ତ କର୍ମରେ ପବିତ୍ରତା ପରିସ୍ଫୁଟିତ ହୁଏ । ସେତିକିବେଳେ ମୃତ୍ୟୁ ହେଲେ ତାର ପରମ ସୌଭାଗ୍ୟ ମନେ କରାଯାଏ । କାରଣ ତାର ସମସ୍ତ କୁକର୍ମର ଫଳଭୋଗ ସେହିକ୍ଷଣରେ ହୋଇଥାଏ । କୌଣସି ଏକ ଶୁଭଦିନରେ ସମସ୍ତ ମଙ୍ଗଳକର ଭଲ ଭଲ ଖାଦ୍ୟ ପ୍ରସ୍ତୁତ ହୋଇ ରହିଥିବାବେଳେ ସମ୍ମାନିତ ଅତିଥି ଯଦି ଅକସ୍ମାତ୍ ପହଞ୍ଚିଯାଏ, ତାହାହେଲେ ତୁମେ ଯେପରି ଆନନ୍ଦ ଲାଭ କରିବା କଥା ଏବଂ ନିଜର ସୌଭାଗ୍ୟ ବୋଲି ମନେ କରିବା କଥା, ମୃତ୍ୟୁ ଆସିଲେ ସତ୍ତ୍ୱଗୁଣସମ୍ପନ୍ନ ବ୍ୟକ୍ତି ଠିକ୍ ସେହିଭଳି ମନେକରିବା ସ୍ୱାଭାବିକ । ହେ ଧନଞ୍ଜୟ ! ସତ୍ତ୍ୱଗୁଣ ସହିତ ସଂଯୁକ୍ତ ଥିବାବେଳେ ମୃତ୍ୟୁ ହେଲେ ମନୁଷ୍ୟ ଆଉ ଯିବ କୁଆଡ଼େ ? ସେ

ଭୋଗମୟ ଦେହତ୍ୟାଗ କରି ସେହି ସତ୍ତ୍ୱମୂର୍ତ୍ତି ଧାରଣ କରି ପୁନଶ୍ଚ ଜ୍ଞାନୀଘରେ ଜନ୍ମଗ୍ରହଣ କରେ । ରାଜ୍ୟକୁ ସୁ-ପ୍ରତିଷ୍ଠିତ ରଖି ରାଜା ପର୍ବତରେ ଆଶ୍ରୟ ଗ୍ରହଣ କଲେ ମଧ୍ୟ ତାର କୌଣସି ଦୋଷ ହୁଏନା । ପ୍ରଦୀପ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଗଲେ ମଧ୍ୟ ଯେଉଁ ଆଲୋକ ଦେବା କଥା, ସେହି ଆଲୋକ ଦେଇଥାଏ । ସତ୍ତ୍ୱର ଅଭିବୃଦ୍ଧି ଘଟିଲେ ବୁଦ୍ଧି ନିର୍ମଳ ହୋଇ ଆସେ, ମସ୍ତିଷ୍କରେ ନୂତନ ନୂତନ ସୁଜ୍ଞାନର ତରଙ୍ଗ ପରେ ତରଙ୍ଗ ସୃଷ୍ଟି ହୁଏ । ଏ ଦେଶର ପ୍ରଦୀପକୁ ସ୍ୱର୍ଣମଣିମୟ-ଦେଶକୁ ନେଲେ ମଧ୍ୟ ପ୍ରଦୀପ ନିଜ କାର୍ଯ୍ୟକୁ ସାଧନ କରିଥାଏ । ଶୁଦ୍ଧସତ୍ତ୍ୱର ପ୍ରାଚୁର୍ଯ୍ୟରେ ଉତ୍ତମ ଜ୍ଞାନ ବୃଦ୍ଧି ହୁଏ ଏବଂ ବୁଦ୍ଧିକୁ ବିଚାର-ସମୁଦ୍ରର ଆରପାରିକୁ ନେଇଯାଏ । ପରିଶେଷରେ ସତ୍ତ୍ୱଗୁଣ, ବିବେକ ଉତ୍ପନ୍ନ କରି ତାକୁ ଆତ୍ମଜ୍ଞାନରେ ଲୀନ କରାଏ ଏବଂ ସେ ପଞ୍ଚଭୂତରେ ଗଢ଼ା ହୋଇଥିବା ଶରୀରଠାରୁ ଆତ୍ମାର ପାର୍ଥକ୍ୟକୁ ଭଲଭାବରେ ବୁଝିପାରେ । ଆତ୍ମଜ୍ଞାନ ହେଉଚି ଛତିଶଟି ତତ୍ତ୍ୱପରେ ସଇଁତ୍ରିଶ ତତ୍ତ୍ୱ । ସାଂଖ୍ୟ ମତାନୁସାରେ ଏହା ଚବିଶ ତତ୍ତ୍ୱପରେ ପଚିଶତତ୍ତ୍ୱ ଏବଂ ଦେହତ୍ରୟର ଅନ୍ତରାଳରେ ଏହା ତୁରୀୟପଦାର୍ଥ । ଏହା ବ୍ୟତିରେକ ଦେହ କାର୍ଯ୍ୟ କରି ନ ପାରେ । ଏହାକୁ ସତ୍ତ୍ୱଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ଲାଭ କରିପାରେ ।

ଅତ୍ୟଧିକ ଶାରୀରିକ କ୍ରିୟାଦ୍ୱାରା ରଜଗୁଣର ଆଧିପତ୍ୟ ପରିଲକ୍ଷିତ ହୋଇଥାଏ । ସେତେବେଳେ ଘୂର୍ଣ୍ଣିବାତ୍ୟା ଭଳି ଇନ୍ଦ୍ରିୟଗୁଡ଼ିକ ଅସମ୍ଭାଳ ଭାବରେ ସକ୍ରିୟ ହୋଇଉଠନ୍ତି । ସମସ୍ତ ବିଷୟବୁଦ୍ଧି ଏହା ଭିତରକୁ ଟାଣି ହୋଇଯାଏ । ପଡ଼ିଆରେ ମେଣ୍ଢା ଚରୁଥିବାବେଳେ ଯେପରି ସମଗ୍ର ପଡ଼ିଆର ଘାସପ୍ରତି ତାର ଲୋଭ ହୋଇଥାଏ, ସେହିଭଳି ରଜଗୁଣସମ୍ପନ୍ନ ବ୍ୟକ୍ତିର ଅନ୍ୟ ସ୍ତ୍ରୀ ପ୍ରତି ଲୋଭ ହୋଇଥାଏ । ତାର ଲୋଭ ଏତେ ବଢ଼ିଯାଏ ଯେ ସବୁକିଛି ପାଇବା ପାଇଁ ସେ ବ୍ୟାକୁଳ ହୋଇଉଠେ ଏବଂ ସେଥିଲାଗି ସେ ଯେ କୌଣସି କାମ କରିବାକୁ ମଧ୍ୟ ପଛାଏ ନାହିଁ । ତାର ଆଚରଣ ଭୀଷଣମୂର୍ତ୍ତି ଧାରଣ କରେ । ଯେକୌଣସି ଅସାଧ୍ୟ କର୍ମ କରିବାକୁ ମଧ୍ୟ ସେ ଆଗଭର ହୋଇଉଠେ । ପୁଣ୍ୟ ହେଉ ବା ଅନ୍ୟ ଯାହା କିଛି ହେଉ, କିଛି ନା କିଛି ପାଇବା ହେଲା ତାର ପ୍ରଧାନ ଲକ୍ଷ୍ୟ ।

ଦେଉଳ ତୋଳାଠାରୁ ଆରମ୍ଭ କରି ଅଶ୍ୱମେଧ ଯଜ୍ଞ ପର୍ଯ୍ୟନ୍ତ ଯିଏ ଯାହା କହିଲା, ତାହା ସେ ଗର୍ବର ସହିତ କରିଥାଏ । ନଗର ନିର୍ମାଣ, କୂଅ ପୁଷ୍କରିଣୀ ଖନନ, ମରୁଭୂମି ଭିତରେ ଉଦ୍ୟାନ ନିର୍ମାଣ କିମ୍ବା ତାଠୁ ବଳି ବଡ଼ କାମ କରିବାପରେ ମଧ୍ୟ ତାର କାମନାର ଅନ୍ତ ହୁଏନା । ଦିନେ ଯେ ସେ ପରଲୋକ ଗମନ କରିବ, ସେ କଥା ତା ମନକୁ ସୁଦ୍ଧା ସ୍ପର୍ଶ କରେନା । ତାର ଅସରନ୍ତି ଲୋଭ ଆଗରେ ସମୁଦ୍ର ବା ଅଗ୍ନି ମଧ୍ୟ ପରାଜିତ । ତାର ମନର ଆଗେ ଆଗେ ବାସନା ଆଶାମୟୀ ହୋଇ ଛୁଟେ ଏବଂ ସମଗ୍ର ବିଶ୍ୱକୁ ତା ବାସନାର ପାଦତଳେ ବିଛେଇଦିଏ । ରଜୋଗୁଣ ବୃଦ୍ଧି ସହିତ ଏହିସବୁ ଲକ୍ଷଣ ଦେଖାଦିଏ । ଏହି ଅବସ୍ଥାରେ ମୃତ୍ୟୁ ହେଲେ ଏହି ଭାବ ନେଇ ପୁଣି ମନୁଷ୍ୟର ଦେହପ୍ରାପ୍ତି ଘଟେ । ଦରିଦ୍ର ରାଜଗୃହଭଳି ସୁଖଲାଭ କଲେ ମଧ୍ୟ ରାଜା ହୋଇ ନପାରେ । ରଜୋଗୁଣସମ୍ପନ୍ନ ବ୍ୟକ୍ତି ସଙ୍ଗସୁଖରେ ମତ୍ତ ହୋଇ ଦିନରାତି ବିଶ୍ରାମ କରିବାର ସୁଯୋଗ ପାଏନା । ରଜୋଗୁଣମୟ ସରୋବରରେ ଡୁବି ଯାହାର ଦେହାନ୍ତ ହୁଏ, ସେ ଜନ୍ମାନ୍ତରରେ ମଧ୍ୟ ଜଡ଼-କର୍ମନିଷ୍ଠମାନଙ୍କ କୁଳରେ ହିଁ ଜନ୍ମଗ୍ରହଣ କରେ । ବଳଦ, ଶଗଡ଼ରେ ବିବାହ ଉତ୍ସବ ପାଇଁ ଭେଟିସ୍ୱରୂପ ନାନା ପନିପରିବା ବହନ କରିନେଲେ ମଧ୍ୟ ତାକୁ ଘାସ ଛଡ଼ା ଅନ୍ୟ କୌଣସି ଜିନିଷ ଖାଇବାକୁ ମିଳେନା ।

ରଜଃ ଓ ସତ୍ତ୍ୱଗୁଣକୁ ଅଭିଭୂତ କରି ତମୋଗୁଣର ଉଦୟ ହେଲେ ମନୁଷ୍ୟର ଭିତରେ ଓ ବାହାରେ ନାନାଦି ଲକ୍ଷଣ ପ୍ରକାଶ ପାଇଥାଏ । ମନର ଅବସ୍ଥା ତମୋଗୁଣର ପ୍ରଭାବରେ ସୂର୍ଯ୍ୟାଲୋକ କିମ୍ବା ଚନ୍ଦ୍ରକିରଣ ଅଭାବରେ ଅମାବାସ୍ୟା ରାତ୍ରିର ଅନ୍ଧକାରଭଳି ହୋଇଥାଏ । ଅନ୍ତରରେ ସ୍ଫୁର୍ତ୍ତିର ଅଭାବ ଘଟେ । ବିରାଟ ଶୂନ୍ୟତା ଦେଖାଦିଏ । ମନୁଷ୍ୟ ବିଚାରହୀନ ହୋଇପଡ଼େ । ସ୍ମୃତିଶକ୍ତି ଲୋପ ପାଏ । ବୁଦ୍ଧି ପଥରଭଳି ଜଡ଼ ପାଲଟେ । ଅବିବେକିତାର ମାଦକତାରେ ତାର ଦେହ ଓ ମନ ଅବସନ୍ନ ହୋଇପଡ଼େ । ମୂର୍ଖତା ତାକୁ ଆଲିଙ୍ଗନ କରେ । ଆଚାରହୀନତା ଦେଖାଦିଏ । ମୃତ୍ୟୁ ପର୍ଯ୍ୟନ୍ତ ତାର ସମସ୍ତ କର୍ମରେ ଅନାଚାର ହିଁ ପରିଦୃଷ୍ଟ ହୁଏ । ପେଚକ ଅନ୍ଧକାରରେ ହିଁ ଦେଖିଥାଏ । ସେହିଭଳି ତମୋଗୁଣସମ୍ପନ୍ନ ବ୍ୟକ୍ତିର ଚିତ୍ତ ଦୁଷ୍କର୍ମରେ ଉତ୍‌ଫୁଲ୍ଲ ହୋଇଥାଏ ।

ନିଷିଦ୍ଧ ବସ୍ତୁକୁ ପାଇବାପାଇଁ ସେ ବ୍ୟାକୁଳ ହେବାମାତ୍ରେ ଇନ୍ଦ୍ରିୟ ତାର ଅନୁଧାବନ କରେ । ମଦିରା ବିନା ମାଦକତା, ସନ୍ନିପାତ ବିନା ପ୍ରଳାପ, ପ୍ରେମ ବିନା ଉନ୍ମତ୍ତତା ତମୋଗୁଣ ପ୍ରଭାବରେ ହିଁ ହୋଇଥାଏ । ତା ମନ ବିଷୟରେ ଲାଗେନା ସତ କିନ୍ତୁ ତାକୁ ସମାଧି ଅବସ୍ଥା କୁହାଯାଇ ନ ପାରେ । ଏହା ଏକ ମୋହମୟ ମାଦକତାର ଦଶା । ତମୋଗୁଣ ବୃଦ୍ଧିପାଇଲେ ଏହି ଅବସ୍ଥା ହୋଇଥାଏ । ମୃତ୍ୟୁ ଘଟିଲେ, ତମୋଗୁଣର ହିଁ ଜନ୍ମାନ୍ତର ଘଟେ । ସୋରିଷ ବୁଣିଲେ ସୋରିଷଗଛ ହିଁ ହୋଇଥାଏ । ପ୍ରଦୀପ ଜାଳି, ତାକୁ ଲିଭାଇ ଦେଲେ ମଧ୍ୟ ସେହି ପ୍ରଦୀପ ହିଁ ରହିଥାଏ । ଅଗ୍ନି ଶିଖାରୁ ଅଗ୍ନିନେଇ ଅନ୍ୟତ୍ର ଜାଳିଲେ ସେହି ଅଗ୍ନି ହିଁ ହୋଇଥାଏ । ପୂର୍ବ ଅଗ୍ନି ନିର୍ବାପିତ ହୋଇଗଲେ କ'ଣ ହେବ,ତା'ଠାରୁ ନିଆଯାଇଥିବା ଅଗ୍ନି ତ ରହିଛି । ତମୋଗୁଣକୁ ଗଣ୍ଠିଲିରେ ବାନ୍ଧି ମୃତ୍ୟୁର ଅତିଥି ହେଲେ ଦେହାନ୍ତରରେ ତମୋଗୁଣ ନେଇହିଁ ପୁଣି ଦେହଲାଭ ହୋଇଥାଏ । ପଶୁ, ପକ୍ଷୀ, ଗୁଳ୍ମଲତା ବା ବୃକ୍ଷ ରୂପରେ ତାର ଜନ୍ମ ହୋଇଥାଏ ।

କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍ ।
ରଜସସ୍ତୁ ଫଳଂ ଦୁଃଖମଜ୍ଞାନଂ ତମସଃ ଫଳମ୍ ॥୧୬॥

ଯେଉଁଥିରେ ସତ୍ତ୍ୱଗୁଣ ବୃଦ୍ଧି ହୋଇଥାଏ ତାକୁ ସୁକୃତ କୁହାଯାଏ । ସ୍ୱଭାବତଃ ଏ ପ୍ରକାର ମନୁଷ୍ୟର ସୁଖ ଶାନ୍ତି ଓ ଜ୍ଞାନର ନିର୍ମଳ ସାତ୍ତ୍ୱିକ ଫଳହିଁ ପ୍ରାପ୍ୟ । ରଜଃଭାବର ଉତ୍ପନ୍ନ ଫଳ ହେଉଛି ମହାକାଳ ଫଳ ଭଳି । ବାହାରେ ଦେଖିବାକୁ ଭାରି ସୁନ୍ଦର କିନ୍ତୁ ଭିତରେ ବିଷାକ୍ତ । ଏହାର ପରିଣାମ ଦୁଃଖମୟ । ନିମ୍ବଫଳଭଳି ଦେଖିବାକୁ ସୁନ୍ଦର ହେଲେ ମଧ୍ୟ ରଜୋଗୁଣ ମିଠା ପିତାର ମିଶ୍ରଣ । ବିଷ ମଞ୍ଜିରୁ ବିଷ ଫଳ ହିଁ ହୋଇଥାଏ । ସେହିଭଳି ତାମସ କର୍ମର ଫଳ ଅଜ୍ଞାନମୟ ।

ସତ୍ତ୍ୱାତ୍ ସଂଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।
ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ॥୧୭॥

ହେ ଅର୍ଜୁନ ! ସୂର୍ଯ୍ୟ ହିଁ ଦିବସର ଜ୍ଞାପକ । ସତ୍ତ୍ୱଗୁଣ ହିଁ ଜ୍ଞାନର ନିର୍ଦ୍ଦେଶକ । ଆତ୍ମତତ୍ତ୍ୱ ବା ଆତ୍ମସତ୍ତାର ବିସ୍ମରଣ ହିଁ ଦ୍ୱୈତଭାବର କାରଣ ।

ରଜୋଗୁଣ ହିଁ ଲୋଭର କାରଣ । ହେ ପ୍ରବୁଦ୍ଧ ପାର୍ଥ ! ମୋହ, ଅଜ୍ଞାନ, ପ୍ରମାଦ ପ୍ରଭୃତି ମିଳନ ଦୋଷସମୂହର ହେତୁ ହେଉଛି ତମଗୁଣ । ସତ୍ତ୍ୱଗୁଣ ହିଁ ଆତ୍ମପରିଚୟର ପ୍ରଧାନ ଆୟୁଧ । ଏହା ସଂଯମର ଭିତ୍ତିଭୂମି । ଚିର ସତ୍ତ୍ୱବ୍ରତୀ ମୃତ୍ୟୁ ପରେ ସ୍ୱର୍ଗଲାଭ କରିଥାଏ । ଏହି ଗୁଣ ବ୍ୟତୀତ କେହିହେଲେ ଜ୍ଞାନମୁଖୀ ହୋଇ ନ ପାରେ ।

ଊର୍ଦ୍ଧ୍ୱଂଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।
ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ॥୧୮॥

ସତ୍ତ୍ୱଆଚରଣଶୀଳ ବ୍ୟକ୍ତି ଦେହାନ୍ତରେ ସ୍ୱର୍ଗାଦି ଊର୍ଦ୍ଧ୍ୱଲୋକକୁ ଗମନ କରିଥାଆନ୍ତି । ରଜୋଗୁଣରେ ଜୀବନାନ୍ତେ ମର୍ତ୍ତ୍ୟରେ ମନୁଷ୍ୟ ଯୋନିରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ମର୍ତ୍ତ୍ୟଲୋକରେ ସେହି ଏକ ଦେହରୂପକ ଥାଳିରେ ସୁଖଦୁଃଖର ଖେଚେଡ଼ି ଖାଇ ପୁଣି ମୃତ୍ୟୁଦ୍ୱାରକୁ ଯିବାକୁ ପଡ଼େ । ତମୋଗୁଣରେ ଦେହାନ୍ତ ହେଲେ ନରକବାସ ଲାଗି ପରୱାନା ଆସେ । ଏହି ଗୁଣତ୍ରୟ ସଂପୂର୍ଣ୍ଣ ଜଗତର ହେତୁ । ବ୍ରହ୍ମ ତ୍ରିଗୁଣମୟୀ ରୂପରେ ବିଭିନ୍ନ ଗୁଣ ଅନୁରୂପ କାର୍ଯ୍ୟ କରିଥାଏ । ରାଜା ସ୍ୱପ୍ନରେ ଶତ୍ରୁ ଆକ୍ରମଣର ସମ୍ମୁଖୀନ ହେଲେ ମଧ୍ୟ ସେ ନିଜେହିଁ ବିଜୟୀ, ନିଜେହିଁ ପରାଜିତ । ସ୍ୱର୍ଗ, ମର୍ତ୍ତ୍ୟ ଓ ନରକ ଗୁଣର ବୃତ୍ତିଭେଦ ମାତ୍ର । ସେହି ଦୃଷ୍ଟିକୁ ତ୍ୟାଗକଲେ ଏକମାତ୍ର ସତ୍ୟ- ବ୍ରହ୍ମହିଁ ଦର୍ଶନ ହୋଇଥାଏ ।

ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।
ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍ଭାବଂ ସୋଽଧିଗଚ୍ଛତି ॥୧୯॥

ସର୍ବଦା ଚିନ୍ତା କରିବା ଉଚିତ ଯେ, ବ୍ରହ୍ମ ଭିନ୍ନ କିଛି ନାହିଁ । ବ୍ରହ୍ମର ସତ୍ତା ଦ୍ୱାରାହିଁ ତିନୋଟିଯାକ ଗୁଣ ଦେହକୁ ଆଶ୍ରୟ କରି ଉତ୍ପନ୍ନ ହୋଇଥାଏ । ଅଗ୍ନି ଇନ୍ଧନର ଆକାର ଧାରଣ କରିଥାଏ । ମୃତ୍ତିକା ଓ ଜଳକୁ ନେଇ ବୃକ୍ଷର ଆକାର । ଦୁଗ୍ଧ ଦଧିରେ ରୂପାନ୍ତରିତ ହୋଇଥାଏ । ଆଖୁରସରୁ ଗୁଡ଼ ବା ଚିନି ହୋଇଥାଏ । ସେହିଭଳି ଆତ୍ମା ଗୁଣତ୍ରୟର ମୂର୍ତ୍ତି ଧରି ଦେହରୂପ ଧାରଣ କରିଥାଏ । ବନ୍ଧନର କାରଣ ହେଉଛି ଏହି ଗୁଣ ତିନୋଟି ।

ହେ ଧନୁର୍ଦ୍ଧର ! ମୋକ୍ଷ ମାର୍ଗର ବିସ୍ତାର ମଧ୍ୟ କମ୍ ନୁହଁ । ଗୁଣତ୍ରୟ ସ୍ୱ ସ୍ୱ ଧର୍ମାନୁସାରେ ସଞ୍ଚିତ ଓ କ୍ରିୟମାଣ କର୍ମ କଲେ ମଧ୍ୟ ଜ୍ଞାନୀ ଗୁଣାତୀତ ଦଶା ଲାଭ କରେ । ତୁମେ ଜ୍ଞାନାମ୍ବୁଜର ରସଗ୍ରାହୀ ମଧୁକର । ଜ୍ଞାନୀ କିଭଳି ଭାବରେ ଏବଂ ଅନାୟାସରେ ମୁକ୍ତିଲାଭ କରେ ଏବେ ତାହାହିଁ କହିବି । ପୂର୍ବରୁ କହିଛି, ଗୁଣ ଅନ୍ତରାଳରେ ଯେଉଁ ସଦ୍‌ବସ୍ତୁ ଅଛି, ଏହା ଗୁଣମୟ ନୁହଁ । ଏହି ସଦ୍‌ଜ୍ଞାନ ହେଲେ, ଜାଗ୍ରତ ଦଶାରେ ସ୍ୱପ୍ନର ଅଳୀକତା ଭଳି ଗୁଣମୟ ସଂସାରର ଅସାରତାର ଉପଲବ୍ଧ ହୋଇଥାଏ । ତୀର ଦେଶରେ ଉପବିଷ୍ଟ ବ୍ୟକ୍ତି ପୁଷ୍କରିଣୀର ତରଙ୍ଗାଘାତରେ ନିଜର ପ୍ରତିବିମ୍ବ ଦେଖି ମଧ୍ୟ ବୁଝିପାରେ ଯେ ପ୍ରତିବିମ୍ବ ହିଁ କମ୍ପିତ ହେଉଛି, ସେ ନୁହଁ । ଅତି ନିପୁଣ ଭାବରେ ବେଶଭୂଷାରେ ସଜ୍ଜିତ କରି ରୂପ ପରିବର୍ତ୍ତନ କରିଦେଲେ ମଧ୍ୟ ଅଭିଜ୍ଞତା ନିଜକୁ ଭୁଲି ଯାଏନା । ଜ୍ଞାନୀ ମଧ୍ୟ ସେହିଭଳି ବିଭିନ୍ନ ଗୁଣଦ୍ୱାରା ଅଭିଭୂତ ନ ହୋଇ ନିଜେ ସାକ୍ଷୀଭୂତ ହୋଇ ଅବସ୍ଥାନ କରିଥାଏ । ଋତୁମାନଙ୍କ ପରିବର୍ତ୍ତନରେ ଆକାଶ ନିଜ ସ୍ୱରୂପ ପରିବର୍ତ୍ତନର ସୁଯୋଗ ଦିଏନା । ଗୁଣାତୀତ, ଗୁଣସିଦ୍ଧ ଓ ମୂଳ ଅହଂକାରର ଅହଙ୍କାରଦାତା ମୁଁ ହିଁ ସାକ୍ଷୀସ୍ୱରୂପ ଅକର୍ତ୍ତା । ସତ୍ତ୍ୱ, ରଜଃ ଓ ତମୋଗୁଣର କର୍ମ ସେହି ସେହି ଗୁଣର ବିକାର ମାତ୍ର । ବସନ୍ତଋତୁ ହିଁ ବନଶୋଭାର ପ୍ରକାଶକ । ସେହିଭଳି ଗୁଣ ବିକାଶର ହେତୁ ହେଉଛି ମୁଁ । ଆକାଶରେ ନକ୍ଷତ୍ରସକଳଦେଖା ନଯିବା, ସୂର୍ଯ୍ୟକାନ୍ତମଣିର ପ୍ରକାଶନ, କମଳର ବିକାଶ, ଅନ୍ଧକାରର ବିନାଶ— ଏସବୁ କାର୍ଯ୍ୟ ସୂର୍ଯ୍ୟ କରେନା । ତଥାପି ସୂର୍ଯ୍ୟକୁହିଁ କର୍ତ୍ତା କୁହାଯାଏ । ସୂର୍ଯ୍ୟଭଳି ମୁଁ ଅକର୍ତ୍ତା ହେଲେ ମଧ୍ୟ ଦେହରେ ସତ୍ତାସ୍ୱରୂପ ଗୁଣତ୍ରୟକୁ ପ୍ରକାଶ କରି ମଧ୍ୟ ମୁଁ ସେସବୁର ସାକ୍ଷୀସ୍ୱରୂପ । ଗୁଣଧର୍ମର ପୋଷଣ ମୋ ଲାଗି ସମ୍ଭବ ହୁଏ ଏବଂ ଏଗୁଡ଼ିକ ନିବୃତ୍ତହେଲେ ଯାହା ରହେ, ତାହା ହେଉଚି ମୁଁ । ହେ ଧନଞ୍ଜୟ ! ଏହି ପ୍ରକାର ବିବେକ ଉଦୟରେ ଊର୍ଦ୍ଧ୍ୱପଥରେ ଗୁଣାତୀତ ଅବସ୍ଥା ଲାଭ ହୋଇଥାଏ ।

ଗୁଣାନେତାନତୀତ୍ୟ ତ୍ରୀନ୍‌ଦେହୀ ଦେହସମୁଦ୍ଭବାନ୍ ।
ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥୨୦॥

ମନୁଷ୍ୟ ନିର୍ଗୁଣ ବ୍ରହ୍ମଜ୍ଞାନଲାଭ କରିବାମାତ୍ରେ ବ୍ରହ୍ମସ୍ୱରୂପ ହୋଇଉଠେ । ହେ ପାଣ୍ଡବ ! ନଦୀ ସମୁଦ୍ରରେ ମିଳିତ ହେଲେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ, ବ୍ରହ୍ମଜ୍ଞାନର ସେହି ଅବସ୍ଥା ହୁଏ । ପିଞ୍ଜରାରୁ ଫିଟି ମୁକ୍ତ ଶୁକପକ୍ଷୀ ଯେପରି ବୃକ୍ଷଶାଖାରେ ଯାଇ ବସେ, ସେହିଭଳି ଜ୍ଞାନୀ ଅଜ୍ଞାନରୁ ମୁକ୍ତ ହୋଇ ମତ୍‌ସ୍ୱରୂପ ଲାଭ କରିଥାଏ । ସେ ଗୁଣାତୀତ ଭାବରେ 'ଅହଂବ୍ରହ୍ମ' ଏହି ମୂଳଚେତନାକୁ ଫେରିଆସେ । ଗଭୀର ନିଦ୍ରାପରେ ଏହା ହେଉଚି ତାର ଜାଗ୍ରତ ଅବସ୍ଥା । ସୁଖ ଦୁଃଖ ଆଦି ପ୍ରତିବିମ୍ବ ଦେଖାଯାଉଥିବା ଅଜ୍ଞାନଦର୍ପଣ ତା ମନରୁ ଖସି ଚୁର୍‌ମାର୍ ହୋଇଯାଏ । ସେ ସମସ୍ତ ବନ୍ଧନରୁ ମୁକ୍ତ ହୋଇଯାଏ । ହେ ବୀର ପାର୍ଥ ! ଦେହାଭିମାନ ରୂପକ ବାୟୁଚାଳନା ବନ୍ଦ ହୋଇଗଲେ, ଜୀବ-ତରଙ୍ଗ ଓ ଈଶ୍ୱର-ସମୁଦ୍ର ମଧ୍ୟରେ କୌଣସି ପାର୍ଥକ୍ୟ ରହେନା । ବର୍ଷା ଶେଷରେ ଆକାଶରେ ମେଘ ଲୀନ ହୋଇଗଲାଭଳି ଗୁଣାତୀତ ବ୍ୟକ୍ତି ମୋ ସହିତ ଆତ୍ମସ୍ଫୁର୍ତ୍ତଭାବରେ ମିଳିତ ହୋଇଥାଏ ।

ଆତ୍ମା ବା ସ୍ୱରୂପତା ମୋର ଏକ ଅଂଶବିଶେଷ, ଏହା ଦେହରେ ଅବସ୍ଥାନ କରୁଥିଲେ ମଧ୍ୟ ଦୈହିକ ଗୁଣଦ୍ୱାରା ଅଭିଭୂତ ହୋଇପଡ଼େନା । ଏହାଠାରେ କୌଣସି ଗୁଣର ସ୍ପର୍ଶ ସୁଦ୍ଧା ଲାଗିପାରେନା । କାଚଘରେ ଆଲୋକର ଧାରାକୁ ବାଧା ଦିଆଯାଇ ନ ପାରେ । ବଡ଼ବାନଳକୁ ସମୁଦ୍ର ଜଳରେ ନିର୍ବାପିତ କରିବା ଅସମ୍ଭବ । ଆଗନ୍ତୁକ ଓ ବିନାଶଶୀଳ ଗୁଣ ଦ୍ୱାରା ଜ୍ଞାନ ବା ବିଶ୍ୱାସକୁ ମଳିନ କରିବା ସମ୍ଭବ ନୁହେଁ । ଜ୍ଞାନୀ, ଦେହୀ ହୋଇଥିଲେ ମଧ୍ୟ ଆକାଶରେ ନିର୍ଲିପ୍ତଚନ୍ଦ୍ର ଭଳି ଦେହର ସମ୍ପର୍କରେ ନିର୍ଲିପ୍ତ । ଗୁଣତ୍ରୟ ନିଜ ନିଜ ପ୍ରଭାବରେ ନାନା ଆକୃତି, ପ୍ରକୃତି, ବିକୃତି ଉତ୍ପନ୍ନ କରାଇ ସେଗୁଡ଼ିକୁ ଦେହ ଭିତରେ ନୃତ୍ୟ କରାଇଥାଆନ୍ତି । କିନ୍ତୁ ଜ୍ଞାନୀ ସେ ସବୁ ନୃତ୍ୟକୁ ଦେଖିବାଲାଗି ଆଦୌ ଆକୃଷ୍ଟ ହୋଇ ନଥାଏ । ସାପ କାତି ଛଡ଼ାଇବା ପରେ ଗାତ ଭିତରେ ପଶିଯାଏ, କାତି ପ୍ରତି ଦୃଷ୍ଟି ଫେରାଏ ନାହିଁ କିମ୍ବା ସେଥିଲାଗି କୌଣସି ଚିନ୍ତା କରେ ନାହିଁ । ଶୁଷ୍କ, ଜୀର୍ଣ୍ଣ କମଳର ଗନ୍ଧ ଶୂନ୍ୟରେ ମିଳେଇଯାଏ, ସେ ଗନ୍ଧ ଆଉ କମଳକୁ ଫେରିଆସେନା । ସେହିଭଳି ଜ୍ଞାନୀ ଅନ୍ତରାତ୍ମାର

ନିଶ୍ଚଳରୂପରେ ଅବସ୍ଥାନ କରିବା ପରେ ଦେହରେ କ'ଣ ହେଉଚି ନ ହେଉଚି ସେଥିପ୍ରତି ଦୃଷ୍ଟିପାତ କରେ ନାହିଁ । ଗୁଣାତୀତ ଅବସ୍ଥାରେ ସେ ଆତ୍ମସ୍ୱରୂପ ବା ବ୍ରହ୍ମରେ ମିଳେଇଯାଏ, ଆଉ ସେ ତା ଭିତରକୁ ଫେରିଆସେନା । ସେହି ଅବସ୍ଥାରେ ଶରୀର ଲକ୍ଷଣ ପ୍ରତି ତାର କୌଣସି ଅଭିନିବେଶ ନ ଥାଏ । ଜନ୍ମ, ଜରା, ମୃତ୍ୟୁ ଇତ୍ୟାଦି ଶରୀରର ଛଅଟି ଧର୍ମ ଶରୀରରେ ହିଁ ଥାଏ । ଏଗୁଡ଼ିକ ସହିତ ଜ୍ଞାନର କୌଣସି ସମ୍ପର୍କ ନଥାଏ । ଘଟ ଭାଙ୍ଗିଗଲେ ମଧ୍ୟ ଘଟାକାଶ ମହାକାଶ ହୋଇ ରହିଥାଏ । ସେହିଭଳି ଦେହବୋଧ ଧ୍ୱଂସ ହୋଇଗଲେ ଆତ୍ମସ୍ମୃତିର ଉଦୟରେ ଆତ୍ମସ୍ୱରୂପ ବ୍ୟତୀତ ଅନ୍ୟ କିଛି ଅବଶିଷ୍ଟ ରହେନା । ଜ୍ଞାନୀ ଏହି ଶ୍ରେଷ୍ଠଜ୍ଞାନ ନେଇ ଦେହରେ ଅବସ୍ଥାନ କରେ ବୋଲି କେହି କେହି ତାକୁ ଗୁଣାତୀତ କହିଥାଆନ୍ତି ।

ମେଘ ଗର୍ଜ୍ଜନରେ ମୟୂର ଆନନ୍ଦରେ ନୃତ୍ୟ କରିବାଭଳି ଶ୍ରୀକୃଷ୍ଣଙ୍କ ଏହି କଥାରେ ଅର୍ଜ୍ଜୁନ ପରମାନନ୍ଦ ଲାଭ କଲେ । ଆନନ୍ଦରେ ତାଙ୍କ ଅନ୍ତର ନାଚିଉଠିଲା ।

ଅର୍ଜ୍ଜୁନ ଉବାଚ

କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ ।
କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତ୍ତତେ ॥୨୧॥

ଆନନ୍ଦରେ ମଗ୍ନ ଥାଇ ଅର୍ଜ୍ଜୁନ ପୁଣି ପଚାରିଲେ, ଗୁଣାତୀତଜ୍ଞାନ କେଉଁ କେଉଁ ଲକ୍ଷଣରୁ ଜଣାଯାଏ ? ନିର୍ଗୁଣ ବ୍ୟକ୍ତିର ଆଚାର ବ୍ୟବହାର କିପରି ? ମନୁଷ୍ୟ କିଭଳି ଭାବରେ ଗୁଣାତୀତ ହୋଇଯାଏ ? ହେ ଦୟାମୟ ! ଅନୁଗ୍ରହପୂର୍ବକ ମତେ ଏକଥା ବର୍ଣ୍ଣନା କରି କହନ୍ତୁ । ଷଡ଼ଗୁଣାଧୀଶ ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ତୁମର ଏହି ପ୍ରଶ୍ନରେ ମୁଁ ବିସ୍ମିତ ହେଉଚି । ତୁମେ କ'ଣ ଭାବୁଚ ଯେ ଗୁଣାତୀତ ହେବା କଠିନ ବ୍ୟାପାର ? ମୁଁ ଯାହାକୁ ଗୁଣାତୀତ କହୁଚି ସେ କୌଣସି ଗୁଣର ଅଧୀନ ନୁହଁ, ଏପରିକି ସଗୁଣ ବ୍ୟବହାର କଲେ ମଧ୍ୟ ସେ ଗୁଣର ବଶୀଭୂତ ନୁହଁ । ବ୍ୟବହାରରେ ଗୁଣ ରହିଲେ ମଧ୍ୟ ତାର ଅଧୀନ

ନ ହେବା ବା ବଶୀଭୂତ ନ ହେବା କିଭଳି ଜଣାପଡ଼ିବ— ଏ ସମ୍ପର୍କରେ ଯଦି ତୁମ ମନରେ ସନ୍ଦେହ ଥାଏ, ତେବେ ଶୁଣ ।

ଶ୍ରୀ ଭଗବାନ ଉବାଚ

ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।
ନ ଦ୍ୱେଷ୍ଟି ସଂପ୍ରବୃତ୍ତାନି ନ ନିବୃତ୍ତାନି କାଙ୍କ୍ଷତି ॥୨୨॥

ରଜୋଗୁଣର ପ୍ରଭାବରେ ଦୈହିକ କର୍ମ ଉତ୍ପନ୍ନ ହୁଏ । ଏହି କର୍ମ ବା ପ୍ରବୃତ୍ତି ଚାଲିଗଲେ ମଧ୍ୟ ଗୁଣାତୀତ ଜ୍ଞାନୀ କର୍ମର ସଫଳତାରେ ଅଭିମାନୀ ହୋଇ ଉଠେନା କିମ୍ବା କର୍ମର ବିଫଳତାରେ ଉଦ୍‌ବିଗ୍ନ ହୋଇପଡ଼େନା । ସାତ୍ତ୍ୱିକ ଭାବୋଦୟଦ୍ୱାରା ଜ୍ଞାନର ଅଭିବୃଦ୍ଧି ଘଟିଥାଏ । କିନ୍ତୁ ଏହା ସଙ୍ଗେ ସଙ୍ଗେ ଯେଉଁ ସନ୍ତୋଷାଭିମାନର ଉଦୟ ହୁଏ ଏବଂ ତମୋଗୁଣ ଅଭାବରେ ଯେଉଁ ମୋହ, ଭ୍ରମ ଓ ଜ୍ଞାନର ପ୍ରାଦୁର୍ଭାବ ଘଟେ, ଜ୍ଞାନୀ ବ୍ୟକ୍ତି ଏ ସବୁକୁ ଅଙ୍ଗୀକାର କରି ଦୁଃଖ ଅନୁଭବ କରେ ନାହିଁ । ମୋହଦଶାରେ ଜ୍ଞାନପ୍ରାପ୍ତି ଓ ଜ୍ଞାନଦଶାରେ କର୍ମ ତ୍ୟାଗ ଯୋଗୁଁ ସେ କ୍ଷୁବ୍ଧ ହୁଏ ନାହିଁ । ସୂର୍ଯ୍ୟ ଯେପରି ସକାଳ, ମଧ୍ୟାହ୍ନ ବା ସନ୍ଧ୍ୟା ହେବା ନ ହେବାକୁ ଲକ୍ଷ୍ୟ କରେନା, ଗୁଣାତୀତର ଅବସ୍ଥା ମଧ୍ୟ ତଦ୍ରୂପ । ସମୁଦ୍ର ନିଜକୁ ପରିପୂର୍ଣ୍ଣ ରଖିବାଲାଗି ବର୍ଷା ଜଳକୁ ଅପେକ୍ଷା କରି ନଥାଏ, ସେହିଭଳି ଯାହାର ସଂପୂର୍ଣ୍ଣ ଜ୍ଞାନ ଲାଭ ହୋଇଯାଇଛି, ସେ ଆଉ ସତ୍ତ୍ୱଗୁଣକୁ ଅପେକ୍ଷା କରେନା । ସତ୍ତ୍ୱ ଆସି ତାର ଆଉ ବା କ'ଣ ଗୌରବ ବଢ଼େଇପାରିବ ? ତାର କେଉଁ ସ୍ଥାନ ଖାଲି ଅଛି ଯେ ପୂର୍ଣ୍ଣ କରିବ ? ହିମାଳୟ ହିମର ପ୍ରକୋପରେ କମ୍ପିତ ହୁଏନା । ସେହିଭଳି ଜ୍ଞାନୀ କର୍ମରେ ପ୍ରବୃତ୍ତହେଲେ ମଧ୍ୟ ତାର କର୍ମଠତା ଜଣା ଯାଏନା । ପ୍ରାକୃତ ମୋହ ତାର ନିର୍ମଳ ଜ୍ଞାନକୁ ଆବୃତ୍ତ କରିପାରେନା । ତାପ କ'ଣ ମହାଗ୍ନିକୁ ଜଳେଇ ଦେଇପାରେ ? ସେହିଭଳି କୌଣସି ଭ୍ରମ ଜ୍ଞାନୀର ଜ୍ଞାନକୁ ହଟେଇ ଦେଇ ନ ପାରେ ।

ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ॥୨୩॥

ଦୋଷ ଓ ଗୁଣର କର୍ମ ସ୍ୱାଭାବିକ; ଏମାନଙ୍କର କୌଣସି ପାର୍ଥକ୍ୟ ନାହିଁ । ବାଟରେ ଯାଉ ଯାଉ କୌଣସି ବାଧା ଆସିଲେ ବାଟୋଇ ଅଟକିଗଲା ଭଳି ଜ୍ଞାନୀବ୍ୟକ୍ତି ପୂର୍ବୋକ୍ତ ଅନୁଭୂତି ନେଇ ଦେହରେ ନାଁକୁ ମାତ୍ର ଅବସ୍ଥାନ କରିଥାଏ । ରଣଭୂମିରେ ଯୋଦ୍ଧା ଭଳି ତାର ଜୟ ପରାଜୟ ନାହିଁ । ଜ୍ଞାନୀ କୌଣସି ଗୁଣରେ ବଶୀଭୂତ ହୋଇ କର୍ମରେ ପ୍ରବୃତ୍ତ ହୋଇନଥାଏ । ଦେହରେ ପ୍ରାଣବାୟୁ ଘରକୁ ଆସିଥିବା ଅତିଥି କିମ୍ବା ଚାରିଛକିରେ ଥିବା ସ୍ତମ୍ଭ ଭଳି ସେ ଉଦାସୀନ । ହେ ପାଣ୍ଡବ ! ମରୀଚିକାର ଜଳରେ ମେରୁ ପର୍ବତ ଡୁବି ଯାଏନା । ପବନ ଯେତେ ପ୍ରଖର ହେଉନା କାହିଁକି ତଦ୍ୱାରା ଗଗନ କମ୍ପିତ ହୁଏନା । ଅନ୍ଧକାର ସୂର୍ଯ୍ୟକୁ ଗ୍ରାସ କରି ନ ପାରେ । ଜାଗ୍ରତ ବ୍ୟକ୍ତିର ସ୍ୱପ୍ନଭ୍ରମ ଚାଲିଯାଏ । ସେହିଭଳି ତିନୋଟିଯାକ ଗୁଣ ଜ୍ଞାନୀର ଶରୀର ଭିତରେ ଯାତାୟାତ କଲେ ମଧ୍ୟ ତାର ଜ୍ଞାନ ବ୍ୟାହତ ହୋଇପଡ଼େନା । ଗୁଣର ବଶ ନ ହୋଇ କଣ୍ଢେଇନାଚର ଦର୍ଶକ ଭଳି ସେ ଦୂରେଇ ରହିଥାଏ । ସେ ଜାଣେ ଯେ ସତ୍‌କର୍ମ ଦ୍ୱାରା ସତ୍ତ୍ୱ, ରାଜସିକ କର୍ମ ଦ୍ୱାରା ରଜୋଗୁଣ ଏବଂ ତାମିକ କର୍ମଦ୍ୱାରା ତମୋଗୁଣର ଉଦୟ ହୁଏ— କିନ୍ତୁ ସେହି ଗୁଣଗୁଡ଼ିକ ତାକୁ ସ୍ପର୍ଶ ସୁଦ୍ଧା କରିପାରେନା । ସେ ଏକଥା ମଧ୍ୟ ଜାଣେ ଯେ ସୂର୍ଯ୍ୟୋଦୟ ସଙ୍ଗେସଙ୍ଗେ ମନୁଷ୍ୟ ଯେପରି ସକ୍ରିୟ ହୋଇଉଠେ, ଗୁଣଗୁଡ଼ିକ ସେହିଭଳି ବିଚିତ୍ରଭାବରେ କର୍ମ କରନ୍ତି । ଏ ସବୁ ହେଉଛି ବ୍ରହ୍ମ ଶକ୍ତିର ପରିଣାମ । ଚନ୍ଦ୍ରୋଦୟ ମାତ୍ରେ ସମୁଦ୍ରରେ ଜୁଆର ଓ ଭଟ୍ଟା ହୁଏ, ଚନ୍ଦ୍ରକାନ୍ତମଣି ବିଗଳିତ ହୁଏ, କୁମୁଦ ବିକଶିତ ହୁଏ, କିନ୍ତୁ ଚନ୍ଦ୍ରକୁ କୌଣସି କାର୍ଯ୍ୟ କରିବାକୁ ପଡ଼େନା । ବାୟୁ ପ୍ରବାହିତ ହେଉ ବା ନ ହେଉଆକାଶ ସର୍ବଦା ଏକରୂପ । ସେହିଭଳି ଗୁଣତ୍ରୟର ବିକ୍ଷୋଭରେ ଯିଏ ତିଳେମାତ୍ର ବିକ୍ଷୁବ୍ଧ ହୁଏନା,ଯାହାର କୌଣସି ଚାଞ୍ଚଲ୍ୟ ଦେଖାଯାଏନା, ସେ ହେଉଚି ଗୁଣାତୀତ ।ଏହି ଗୁଣାତୀତ ବ୍ୟକ୍ତିର ଆଚରଣ ବର୍ଣ୍ଣନା କରୁଛି ଶୁଣ ।

ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟ୍ରାଶ୍ମକାଞ୍ଚନଃ ।
ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ॥୨୪॥

ହେ କିରୀଟି ! ବସ୍ତ୍ରରେ ସୂତ୍ର ଭିନ୍ନ କିଛି ନାହିଁ; ସେହିଭଳି ଗୁଣାତୀତ ବ୍ୟକ୍ତି ଜାଣେଯେ ତ୍ରିଲୋକରେ ମୋ ଭିନ୍ନ କିଛି ନାହିଁ । ମୋ କରୁଣା ସମସ୍ତଙ୍କୁ ସମାନ ଭାବରେ ମିଳିଥାଏ । ଶତ୍ରୁ, ମିତ୍ର ବୋଲି ପାର୍ଥକ୍ୟ କିଛି ନାହିଁ । ସେହିଭଳି ଗୁଣାତୀତ ବ୍ୟକ୍ତି ପକ୍ଷରେ ସୁଖ ଯାହା, ଦୁଃଖ ତାହା । ଦେହରୂପକ ଜଳ ଭିତରେ ମନରୂପକ ମାଛ ପହଁରିବାବେଳେ ସୁଖ, ଦୁଃଖର ଉଦ୍ରେକ ହୋଇଥାଏ । କିନ୍ତୁ ଯାହାର ଦେହାଭିମାନ ନାହିଁ, ଯାହା ମନରେ କେବଳ ବ୍ରହ୍ମଚିନ୍ତା, ତାର ସୁଖ ଦୁଃଖ ଆଉ ଆସିବ କୁଆଡୁ ? ଶସ୍ୟ ଅମଳ ପରେ ଆଉ ବିହନର ଅଭାବ ରହେ ନାହିଁ । ନଦୀ ପ୍ରବାହିତ ହେଉଥିବା ବେଳେ କୁଳୁକୁଳୁ ନାଦ ହୋଇଥାଏ କିନ୍ତୁ ଏହା ସମୁଦ୍ରରେ ପଡ଼ିବାପରେ ସେ ନାଦର ପରିସମାପ୍ତି ଘଟେ । ଘରେ ଥିବା ସ୍ତମ୍ଭ ପକ୍ଷରେ ରାତି ଯାହା, ଦିନ ତାହା । ତେଣୁ ଦେହ ଭିତରେ ଥିବା ଆତ୍ମା ପକ୍ଷରେ ଦୁଃଖ ଯାହା, ସୁଖ ତାହା । ନିଘୋଡ଼ ନିଦରେ ଶୋଇଥିବା ବ୍ୟକ୍ତି ପାଖରେ ଉର୍ବଶୀଅପ୍‌ସରା ଶୋଇଥାଉ ବା କାଳସର୍ପ ଶୋଇଥାଉ, ଉଭୟେ ସମାନ । କାରଣ ତା ପାଖରେ କିଏ ଶୋଇଚି ସେ ଜାଣିପାରେନା । ଆତ୍ମସମାହିତ ବ୍ୟକ୍ତିପକ୍ଷରେ ସୁଖ, ଦୁଃଖ, ସୁବର୍ଣ୍ଣ, ଗୋମୟ, ରତ୍ନ ଓ ପ୍ରସ୍ତର ସବୁ ସମାନ । ସ୍ୱର୍ଗ ତା ପାଖକୁ ଓହ୍ଲାଇ ଆସୁ କିମ୍ବା ବାଘ ଆସି ତାକୁ ଆକ୍ରମଣ କରୁ, ତା ବୁଦ୍ଧିର ବ୍ୟତିକ୍ରମ ଘଟେନା । ମୃତବ୍ୟକ୍ତିକୁ ବଞ୍ଚା ଯାଇପାରେନା । ମଞ୍ଜିକୁ ଭାଜିଦେବାପରେ ତାକୁ ବୁଣିଲେ ଗଜା ହୁଏନା । ସେହିଭଳି ବ୍ରହ୍ମୋପଲବ୍‌ଧିରୁ ତାକୁ କେହି ହଟେଇ ନପାରେ । 'ତୁମେ ବ୍ରହ୍ମ' ବୋଲି କହି ତାର ପ୍ରଶଂସା କଲେ କିମ୍ବା 'ତୁ ଅତି ନୀଚ' କହି ନିନ୍ଦା କଲେ, ସେ ବିଚଳିତ ହୋଇପଡ଼େନା । ଭସ୍ମକୁ ପୋଡ଼ିଲେ ସେହି ଭସ୍ମ ହିଁ ରହେ, ତାକୁ କେହି ନଷ୍ଟ କରିଦେଇ ନ ପାରେ । ସୂର୍ଯ୍ୟର ଗୃହରେ ଅନ୍ଧକାର ରହିପାରେନା କିମ୍ବା ଦୀପ ଜାଳିବା ପ୍ରୟୋଜନ ହୋଇ ନଥାଏ ।

ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ॥୨୫॥

ଗୁଣାତୀତ ବ୍ୟକ୍ତି, ମାନ-ଅପମାନ କିଛି ବୋଧ କରେନା । ତାକୁ ଇଷ୍ଟଦେବତା ମନେକରି ପୂଜାକର, କିମ୍ବା ଚୋର ବୋଲି ଭାବି ବାନ୍ଧିପକାଅ, କିମ୍ବା ରାଜସିଂହାସନରେ ନେଇ ତାକୁ ବସାଅ, ତା ପାଖକୁ ମିତ୍ର ଆସନ୍ତୁ କିମ୍ବା ତା ବିରୁଦ୍ଧରେ ଶତ୍ରୁ ଆକ୍ରମଣ କରନ୍ତୁ, ସେ ଉଦାସୀନ ରହିଥାଏ । ସୂର୍ଯ୍ୟ ଯେପରି ଦିନ ରାତିର ପାର୍ଥକ୍ୟ କିଛି ଜାଣେନା, ସେହିଭଳି ମାନ-ଅପମାନ ତା ପକ୍ଷରେ ସମାନ । ଛଅଟିଯାକ ଋତୁରେ ଆକାଶ ସମାନ ଭାବରେ ନିର୍ଲିପ୍ତ । ସେହିଭଳି ଗୁଣାତୀତ ବ୍ୟକ୍ତିରଭାବ ସବୁବେଳେ ସମାନ । ତାର ବିଷମ ଭାବ କିଛି ନଥାଏ । ଯାହା କରେ, ସେ ଜାଣେ ଯେ ତାହା ଶୂନ୍ୟ । କୌଣସି କାମନା ରଖି ସେ କୌଣସି କାମ ଆରମ୍ଭ କରେନା । ତା ହୃଦୟରେ କର୍ମଫଳର ବାସନା ନଥାଏ । କାରଣ ତାର ଜ୍ଞାନାଗ୍ନିରେ କର୍ମଫଳ ଦଗ୍ଧ ହୋଇପଡ଼ିଥାଏ । ସଂସାର କିମ୍ବା ସ୍ୱର୍ଗପ୍ରତି ତାର କୌଣସି ବାସନା ନଥାଏ । ଯାହା ଆସୁ ପଛେ ସେ ତାକୁ ଆନନ୍ଦରେ ଗ୍ରହଣ କରେ । ପଥର ଖଣ୍ଡ ଭଳି ତାର ହୃଦୟ ସୁଖଦୁଃଖହୀନ ହୋଇପଡ଼ିଥାଏ । କୌଣସି ଜିନିଷ ପାଇଲେ ସେ ସନ୍ତୁଷ୍ଟ କିମ୍ବା ନ ପାଇଲେ ଅସନ୍ତୁଷ୍ଟ ନୁହେଁ । ସେ କାହାଠୁ କିଛି ନିଏ ନାହିଁ କିମ୍ବା କାହାକୁ କିଛି ଦିଏ ନାହିଁ । ଏ ସବୁ ହେଉଛି ଗୁଣାତୀତ ବ୍ୟକ୍ତିର ଲକ୍ଷଣ ।

ମନୁଷ୍ୟ ଗୁଣସମୁଦ୍ରକୁ କି ଉପାୟରେ ପାର ହୋଇପାରେ, ଶ୍ରୀକୃଷ୍ଣ ପୁଣି ସେହିକଥା ଅର୍ଜୁନକୁ କହି ଚାଲିଲେ ।

ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।
ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ॥୨୬॥

ମନରେ କୌଣସି ଦ୍ୱୈତଭାବ ନରଖି ଯିଏ ମତେ ଭକ୍ତି କରେ, ସେ ସହଜରେ ଗୁଣତ୍ରୟର ପ୍ରଭାବକୁ ନଷ୍ଟ କରିଦେଇପାରେ । ମୁଁ କିଭଳି, ଭକ୍ତି କାହାକୁ କୁହାଯାଏ, ଏକନିଷ୍ଠ ଭକ୍ତିର ଲକ୍ଷଣ କ'ଣ—ଏ ସବୁ ବିଷୟ ସ୍ପଷ୍ଟ ବର୍ଣ୍ଣନା କରିବା ଆବଶ୍ୟକ ହେଉଚି । ହେ ପାର୍ଥ ! ରତ୍ନ ଓ ତାର ଲାବଣ୍ୟକୁ ପୃଥକ୍ କରାଯାଇ ନପାରେ । ଜଳ ଓ ରସ, ଆକାଶ ଓ ଅବକାଶ, ଗୁଡ଼ ଓ ଏହାର

ମଧୁରତା ଭିନ୍ନ ନୁହଁ । ପଦ୍ମପତ୍ର ସହିତ ପଦ୍ମଫୁଲ, ବୃକ୍ଷ ସହିତ ଏହାର ଶାଖା ଓ ଏହାର ପୁଷ୍ପ, ହିମ ସହିତ ହିମାଳୟ, ଦୁଧ ସହିତ ଦହିର ଯେଉଁ ସମ୍ପର୍କ, ବିଶ୍ୱ ସହିତ ମୋର ସେହି ସମ୍ପର୍କ । ମନୁଷ୍ୟ ଯାହାକୁ ବିଶ୍ୱବ୍ରହ୍ମାଣ୍ଡ କହୁଛି, ସେ ହେଉଛି ମୁଁ । ଶୁକ୍ଳପକ୍ଷରେ ପନ୍ଦରଦିନ ଭିତରେ ଚନ୍ଦ୍ର ବିଭିନ୍ନ ଆକାରରେ ପ୍ରତିଭାତ ହୋଇଥାଏ– ଚନ୍ଦ୍ର ତାର ଏହି ବିଭିନ୍ନ ଆକାରଠାରୁ ପୃଥକ୍ କୌଣସି ବସ୍ତୁ ନୁହେଁ । ଚନ୍ଦ୍ରରୁ ପ୍ରକାଶିତ ଚନ୍ଦ୍ରକଳା । ଘିଅ ବସିଲେ ଘିଅ, ତରଳାଇଲେ ମଧ୍ୟ ସେହି ଘିଅ । ସ୍ୱର୍ଣ୍ଣକଙ୍କଣକୁ ନ ଝାଳିଲେ ମଧ୍ୟ ସେହି ସ୍ୱର୍ଣ୍ଣ । ସୂତା ବସ୍ତ୍ର ଆକାରରେ ରହିଲେ ମଧ୍ୟ ସେହି ସୂତା । ମାଟି ଘଟକୁ ନ ଭାଙ୍ଗିଲେ ମଧ୍ୟ ସେହି ମାଟି । ତେଣୁ କେବଳ ବିଶ୍ୱ ବାହାରକୁ ଗଲେ ଯେ ମୋର ଦର୍ଶନ ମିଳିବ, ତାହା ଭାବିବା ଠିକ୍ ନୁହେଁ । ମୁଁ ତ ବିଶ୍ୱ ଆକାରରେ ରହିଛି । ଏହି ଭାବରେ ମତେ ଜାଣିବା ହେଉଛି ଅବିଚ୍ଛିନ୍ନ ଭକ୍ତି । ଏ ସମ୍ପର୍କରେ ମନରେ ସନ୍ଦେହ ଉପୁଜିବା ଅର୍ଥ ହେଉଚି ଭକ୍ତିଠାରୁ ଦୂରେଇଯିବା । ଭେଦବୁଦ୍ଧି ତ୍ୟାଗ ପୂର୍ବରୁ ଏକନିଷ୍ଠ ଭାବରେ ହୃଦ୍‌ବୋଧ କରିବା ଆବଶ୍ୟକ ଯେ ତୁମ ସମେତ ସମଗ୍ର ବିଶ୍ୱ ହେଉଚି ବ୍ରହ୍ମମୟ । ସୁବର୍ଣ୍ଣ ଅଳଙ୍କାର ଦେହରେ ଖଞ୍ଜାଯାଇଥିବା ସୁବର୍ଣ୍ଣମାଳି, ସୁବର୍ଣ୍ଣ ବ୍ୟତୀତ ଅନ୍ୟ କିଛି ନୁହଁ । ସେହିଭଳି ନିଜକୁ ମଧ୍ୟ ମୋ'ଠାରୁ ଅଲଗା ବୋଲି ଭାବ ନାହିଁ । କିରଣ ହେଉଛି ସୂର୍ଯ୍ୟର, ସୂର୍ଯ୍ୟରୁ ଏହାର ଉତ୍ପତ୍ତି । ଏହା ସୂର୍ଯ୍ୟଠାରୁ ଅଲଗା ନୁହଁ । ତୁମେ ନିଜକୁ ସେହିଭଳି ଭାବ । ହିମକଣା ହିମାଚଳଠାରୁ ପୃଥକ୍ ନୁହେଁ । ତରଙ୍ଗ ବଡ଼ ହେଉ ବା ଛୋଟ ହେଉ ସେହି ସମୁଦ୍ରର ଅଂଶବିଶେଷ । ସେହିଭଳି ତୁମେ ବ୍ରହ୍ମଠାରୁ ଅଲଗା ନୁହଁ । ମୁଁ ଈଶ୍ୱରଙ୍କଠାରୁ ଉତ୍ପନ୍ନ, ସେହିଠାରୁ ଆସିଚି, ସେହିଠିକୁ ହିଁ ଯିବି; ସେ ଓ ମୁଁ ଏକ, ଏହି ଏକତ୍ୱଭାବକୁ ହିଁ ମୁଁ କହେ 'ଭକ୍ତି' । ଜ୍ଞାନର ଉତ୍କର୍ଷ ଦ୍ୱାରାହିଁ ଏହି ଭାବ ବା ଆତ୍ମସତ୍ତାକୁ ବୁଝାଯାଏ । ଏହି ଦୃଷ୍ଟିକୋଣ ହିଁ 'ଯୋଗ'ର ସର୍ବସ୍ୱ ଓ ଅନ୍ତିମ ଲକ୍ଷ୍ୟ ।

ମୂଷଳଧାରାରେ ଅବିଶ୍ରାନ୍ତ ବର୍ଷାବେଳେ ବର୍ଷା, ମେଘ ଓ ସମୁଦ୍ର ଏକା ଦେଖାଯାଏ । ଭକ୍ତିର ପ୍ରବୃତ୍ତି ମଧ୍ୟ ଅନୁରୂପ । ଭକ୍ତି ପ୍ରବଳ ହୋଇଉଠିଲେ ବିଶ୍ୱବ୍ରହ୍ମାଣ୍ଡ, ବ୍ୟକ୍ତି ଓ ବ୍ରହ୍ମ ଏକାକାର ହୋଇଉଠେ । କୂଅ ଭିତରେ ଯେଉଁ

ଶୂନ୍ୟତା, ଆକାଶରେ ମଧ୍ୟ ଠିକ୍ ସେହି ଶୂନ୍ୟତା । ଭକ୍ତ ଓ ବ୍ରହ୍ମର ଅବସ୍ଥା ଅବିକଳ ସେହିଭଳି । ସୂର୍ଯ୍ୟର ମଣ୍ଡଳଠାରୁ ଆରମ୍ଭକରି ଜଳରେ ତାର ପ୍ରତିବିମ୍ବ ପର୍ଯ୍ୟନ୍ତ, ସବୁଠାରେ ରହିଥାଏ ସୂର୍ଯ୍ୟର ପ୍ରଭାବ ବା ଉତ୍କର୍ଷ । ସେହିଭଳି ଗୁଣାତୀତ ଜ୍ଞାନୀବ୍ୟକ୍ତିର 'ସୋଽହଂ' ବୃତ୍ତି ମଧ୍ୟ ଈଶ୍ୱରଙ୍କ ମହିମାର ପ୍ରକାଶକ । ଈଶ୍ୱର ପର୍ଯ୍ୟନ୍ତ, ଏହି ବୃତ୍ତି ପ୍ରସାରିତ ହେଲେ, ଅର୍ଥାତ୍ 'ମୁଁ ବ୍ରହ୍ମ' ବ୍ୟତୀତ ମନରେ ଆଉ କୌଣସି ଭାବ ନ ରହିଲେ, ମନୁଷ୍ୟର ସମସ୍ତ ବିଦ୍‌ବତ୍ତା ଲୋପ ପାଇଯାଏ । ସେ ଈଶ୍ୱରଙ୍କଠାରେ ଲୀନ ହୁଏ । ଲୁଣ ଥରେ ପାଣିରେ ମିଳେଇଗଲେ ଆଉ ମିଳେଇବା ଦରକାର ହୁଏ ନାହିଁ । କୁଟା ଜଳିସାରିବା ପରେ ନିଆଁ ଲିଭିଯାଏ । ସେହିଭଳି ମନରୁ ଦ୍ୱୈତଭାବ ଥରେ ଚାଲିଗଲେ, ଅଜ୍ଞାନ ଆପେ ଆପେ ଚାଲିଯାଏ । ମନରୁ ଭେଦଭାବ ଦୂର ହୋଇଗଲେ, ମୁଁ ଆଉ ଦୂରରେ ରହେନା । ଭକ୍ତ ଓ ମୁଁ ଏକତ୍ର ରହୁ । ଗୁଣମୟ ସମସ୍ତ ବିଷୟ ଦୂର ହୋଇଯାଏ । 'ମୁଁ ହେଉଚି ଭଗବାନ', ମୁଁ ସମସ୍ତଙ୍କଠାରୁ ବଡ଼, ମୋ ଭକ୍ତ ହେଉଚି ଜଣେ ବିନୀତ ମନୁଷ୍ୟ ମାତ୍ର— ଜ୍ଞାନୀର ଏହିଭାବ ଦୂର ହୋଇଯାଏ । ଏହି ଅବସ୍ଥାକୁ କୁହାଯାଏ ବ୍ରହ୍ମତ୍ୱ, ବ୍ରହ୍ମସାମ୍ୟ । ମୋ ଭକ୍ତ ଏହି ଦଶା ଲାଭ କରେ । ବ୍ରହ୍ମତ୍ୱ ହେଉଚି ପତିବ୍ରତା ନାରୀ ଭଳି । ଏହି ନାରୀ ଉପରୋକ୍ତ ଲକ୍ଷଣଯୁକ୍ତ ସ୍ୱାମୀର ସେବା କରେ । ଗଙ୍ଗାରେ ପ୍ରବାହିତ ଜଳର ଲକ୍ଷ୍ୟସ୍ଥଳ ହେଉଚି ଏକମାତ୍ର ସମୁଦ୍ର । ସେହିଭଳି ହେ କିରୀଟି ! ଜ୍ଞାନଦୃଷ୍ଟିରେ ଯିଏ ମତେ ଭକ୍ତି କରେ, ସେ ମୋ ବ୍ରହ୍ମତ୍ୱ ମୁକୁଟର ଚୂଡ଼ାମଣି । ଏହି ବ୍ରହ୍ମତ୍ୱରେ ବିଲୟଭାବକୁ କୁହାଯାଏ ସାୟୁଜ୍ୟ ମୁକ୍ତି, ମୋକ୍ଷ ବା ଚତୁର୍ଥ ପୁରୁଷାର୍ଥ । ମତେ ଭକ୍ତି କର ବୋଲି କହୁଥିବାରୁ ତୁମେ ମନେକର ନାହିଁ ଯେ ମୁଁ କେବଳ ବ୍ରହ୍ମତ୍ୱପ୍ରାପ୍ତି ଲାଗି ଏକ ସାଧନା ବା ଉପାୟ ମାତ୍ର । ବାସ୍ତବରେ ବ୍ରହ୍ମ ମୋଠାରୁ ଅତିରିକ୍ତ କୌଣସି ଦ୍ୱିତୀୟ ବସ୍ତୁ ନୁହଁ ।

ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।
ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ॥୨୭॥

ହେ ପାଣ୍ଡବ ! ବ୍ରହ୍ମଶବ୍ଦର ତାତ୍ପର୍ଯ୍ୟ ମଧ୍ୟ ମୋ ଭିତରୁ ଉଦ୍‌ଗତ । ଏହି ଶବ୍ଦଦ୍ୱାରା ମୋର ବ୍ୟାପକ ସ୍ୱରୂପର ବର୍ଣ୍ଣନା କରାଯାଇଥାଏ । ହେ ଧର୍ମଜ୍ଞ ! ଚନ୍ଦ୍ରମଣ୍ଡଳ ଓ ଜ୍ୟୋତ୍ସ୍ନା ଅଲଗା ଅଲଗା ଦୁଇ ବସ୍ତୁ ନୁହଁ । ସେହିଭଳି ବ୍ରହ୍ମ ଓ ମୁଁ ଅଲଗା ବୋଲି ବିଚାର କର ନାହିଁ । ନିତ୍ୟ, ଅଚଳ, ଅନାବୃତ୍ତ, ଧର୍ମରୂପ, ଅପାର, ଅଦ୍ୱିତୀୟ ଆଦି ଜ୍ଞାନ ଧ୍ୱଂସ ହୋଇ ଯେଉଁ ଅପରିମେୟ ସ୍ୱରୂପରେ ଲୀନ ହୁଅନ୍ତି, ସେହି ବ୍ରହ୍ମତତ୍ତ୍ୱ ହେଉଚି ମୁଁ । ସବୁ ନୀତି, ଆଦର୍ଶର ଚୂଡ଼ାନ୍ତ ହେଉଚି ମୁଁ । ମୁଁ ହେଉଚି ଭକ୍ତର ଏକମାତ୍ର ନିର୍ଭରଶୀଳ ଆଶ୍ରୟସ୍ଥଳ ।

ଏକନିଷ୍ଠ ଭକ୍ତପ୍ରିୟ ଶ୍ରୀକୃଷ୍ଣ ବୀର ଅର୍ଜୁନଙ୍କୁ ଏହି ଭାବରେ ବୁଝାଇ କହିଲେ । ସେତେବେଳେ ଧୃତରାଷ୍ଟ୍ର ସଞ୍ଜୟଙ୍କୁ କହିଲେ, ମୁଁ କ'ଣ ତୁମକୁ ସେହିକଥା ପଚାରୁଥିଲି ? ବିଜୟବାର୍ତ୍ତା କହି ମୋ ଚିନ୍ତା ଦୂର କର ।

ସଞ୍ଜୟ ମନେ ମନେ କହିଲେ, ବିଜୟର କଥା କହିବା କ'ଣ ବା ଦରକାର ? ଧୃତରାଷ୍ଟ୍ରଙ୍କ ଦୁର୍ଭାଗ୍ୟ ! ସେ କୃଷ୍ଣରସର କାଣିଚାଏ ସୁଦ୍ଧା ଆସ୍ୱାଦନ କରିପାରିଲେନି । ଧୃତରାଷ୍ଟ୍ର ତ କେବଳ ଯୁଦ୍ଧଚିନ୍ତାରେ ନିମଗ୍ନ । ହେ ଭଗବାନ ! ପ୍ରସନ୍ନ ହୁଅ, ଧୃତରାଷ୍ଟ୍ରଙ୍କୁ ଜ୍ଞାନ ଦାନକର । ମୋହରୂପକ ମହାରୋଗରୁ ସେ ଆରୋଗ୍ୟଲାଭ କରନ୍ତୁ ।

ଏକଥା ଭାବି ସଞ୍ଜୟ ପୁଣି ଶ୍ରୀକୃଷ୍ଣଙ୍କ ଉପଦେଶ ବର୍ଣ୍ଣନା କରିବାରେ ଲାଗିଲେ । ଆନନ୍ଦ ସରୋବରରେ ଡୁବିଗଲେ ସେ । ସେ ଯାହା କହିଛନ୍ତି, ନିବୃତ୍ତିନାଥ ଜ୍ଞାନଦେବ ତାର ଭାବାର୍ଥ ଆପଣମାନଙ୍କୁ ଶୁଣାଉଛନ୍ତି ।

ଇତି ଶ୍ରୀ ଜ୍ଞାନଦେବ କୃତ ଗୀତା-ଭାବାର୍ଥ-ଦୀପିକାୟାଂ
ଚତୁର୍ଦ୍ଦଶୋଽଧ୍ୟାୟଃ ।

●

ପୁରୁଷୋତ୍ତମ ଯୋଗ

ପଞ୍ଚଦଶ ଅଧ୍ୟାୟ

ମୁଁ ମୋର ହୃଦୟର ମନୋରମ ସିଂହାସନରେ ଶ୍ରୀଗୁରୁଙ୍କ ପାଦୁକା ସ୍ଥାପନ କରିଛି । ମନର ଐକ୍ୟଭାବରୂପକ ଅଞ୍ଜଳିରେ ଅର୍ପଣ କରିଛି ମୋର ପଞ୍ଚେନ୍ଦ୍ରିୟରୂପକ ପୁଷ୍ପାର୍ଘ୍ୟ । ଅନନ୍ୟ ଭାବର ସଲିଳରେ ତାଙ୍କୁ ସ୍ନାନ କରାଇ ଗୁରୁନିଷ୍ଠାର ସୁବାସିତ ଚନ୍ଦନ ଲେପନ କରିଛି । ଶ୍ରୀଗୁରୁଙ୍କ ସୁକୁମାର ଚରଣଯୁଗଳରେ ପ୍ରେମମୟ ବିଶୁଦ୍ଧ ସ୍ୱର୍ଣ୍ଣନୂପୁର ଏବଂ ପଦ ଅଙ୍ଗୁଳିରେ ଅନୁରାଗର ଅଙ୍ଗୁରୀୟ ପିନ୍ଧେଇ ଦେଇଛି । ସାତ୍ତ୍ୱିକ ଭାବଦ୍ୱାରା ବିକଶିତ ଆନନ୍ଦମୟ ସୁଗନ୍ଧିଯୁକ୍ତ ଅଷ୍ଟଦଳକମଳ ତାଙ୍କ ମସ୍ତକରେ ମଣ୍ଡନ କରିଛି । ତାଙ୍କୁ ଅହଙ୍କାର-ଧୂପ ଜଳେଇ, ନିରଭିମାନ ପ୍ରଦୀପରେ ଆରତି କରି ସୋଽହଂଭାବରେ ଆଲିଙ୍ଗନ କରୁଛି । ଶ୍ରୀଗୁରୁଙ୍କ ଚରଣରେ ନିଜ ଦେହ ଓ ପ୍ରାଣମୟ ପାଦୁକା ପିନ୍ଧେଇଦେଇ ଭୋଗ ଓ ମୋକ୍ଷମୟ ସର୍ଷପ-ଲବଣ ଦେଇ ତାଙ୍କୁ ମାର୍ଜନା କରୁଛି । ଏପରି ଗୁରୁସେବା ଫଳରେ ନିଖିଳ ପୁରୁଷାର୍ଥ ମୋର ପଟ୍ଟାଭିଷେକ କରିବେ । ମୋ ଜ୍ଞାନ ପ୍ରଖର ହୋଇ ବ୍ରହ୍ମରେ ବିଶ୍ରାନ୍ତିଲାଭ କରିବ ଏବଂ ମୋ ବାକ୍ୟ ଅମୃତ-ସମୁଦ୍ରରେ ପରିଣତ ହେବ । ବ୍ୟାଖ୍ୟା ପ୍ରସଙ୍ଗରେ, ଶବ୍ଦ-ଝଙ୍କାରରେ, ମାଧୁର୍ଯ୍ୟ ବର୍ଷଣରେ ଚନ୍ଦ୍ର ସୁଦ୍ଧା ପରାଜିତ ହେବ । ପୂର୍ବଦିଗରେ ସୂର୍ଯ୍ୟୋଦୟ ଯେପରି ଜଗତକୁ ଆଲୋକ-ସମ୍ପଦ ଅର୍ପଣ କରିଥାଏ, ସେହିଭଳି ମୋ ବାଣୀ ଶ୍ରୋତାମାନଙ୍କୁ ଜ୍ଞାନଦୀପାଳିର ଆଲୋକ ପ୍ରଦାନ କରିବା ଲାଗି ସମର୍ଥ ହୋଇପାରିବ । ସେହି ସୌଭାଗ୍ୟୋଦୟରେ ବେଦଠାରୁ ମଧ୍ୟ ଗଭୀରାର୍ଥସମ୍ପଦ ଲାଭ ହୋଇପାରିବ । ଏ ସମ୍ପଦ ତୁଳନାରେ କୈବଲ୍ୟ ମଧ୍ୟ ତୁଚ୍ଛ । ସେହି ବାଣୀଲତିକା ଏତେ ଶୋଭାମୟ ହୋଇଉଠିବ ଯେ, ଶ୍ରବଣ ସୁଖମୟ ମଣ୍ଡପରେ ବସନ୍ତଋତୁର ଉପଭୋଗ ସମ୍ଭବ ହୋଇପାରିବ ।

ଆଉ ଏକ ବିସ୍ମୟର କଥା ଶୁଣନ୍ତୁ । ଯାହାକୁ ନ ପାଇ ବାଣୀ ତା ମନ ସହିତ ହତାଶରେ ଫେରିଆସେ, ସେହି ପରମେଶ୍ୱର ମଧ୍ୟ ବାଣୀର ବଶୀଭୂତ ହୋଇପଡ଼ିବେ । ଯିଏ ଜ୍ଞାନାତୀତ, ଧ୍ୟାନର ଅଗମ୍ୟ, ଯିଏ ମନର ଅଗୋଚର, ସେହି ପରମେଶ୍ୱର ବାଣୀର ଦ୍ୱାରଦେଶରେ ପ୍ରକାଶିତ ହେବେ ।

ଶ୍ରୀଗୁରୁଙ୍କ ପଦଧୂଳିରୁ କଣିକାଏ ସୁଦ୍ଧା ପାଇପାରିଲେ ବାଣୀ ଏହି ସୌଭାଗ୍ୟଲାଭ କରିପାରେ ।

ଶ୍ରୀ ଜ୍ଞାନଦେବ ଶ୍ରୋତାମାନଙ୍କୁ କହିଲେ, ଆଜି ଶ୍ରୀଗୁରୁ କୃପାର ପୂର୍ଣ୍ଣ ବର୍ଷଣ ଚାଲିଛି । ମୁଁ ତାଙ୍କର କ୍ଷୁଦ୍ର ବାଳକ, ତେଣୁ ମୋ ପ୍ରତି ତାଙ୍କର କୃପା ପରିପୂର୍ଣ୍ଣ । ଏହି ଭରସାରେ ମୁଁ ଗୀତା-ମାଧୁର୍ଯ୍ୟ ଆସ୍ୱାଦନରେ ବାକ୍ୟ ପ୍ରୟୋଗ କରୁଛି । ପ୍ରାରବ୍ଧ ଅନୁକୂଳ ହେଲେ ମୃତ୍ତିକା ମଧ୍ୟ ସ୍ୱର୍ଣ୍ଣରେ ପରିଣତ ହୋଇଥାଏ, ଆୟୁର ବଳ ଥିଲେ ମନୁଷ୍ୟ ମୃତ୍ୟୁକୁ ମଧ୍ୟ ପ୍ରେମ କରିପାରେ । ଗରମଜଳରେ ଗୋଡ଼ିପଥର ପକେଇଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ କୃପାରେ ଏହା କ୍ଷୁଧା ସମୟରେ ଅମୃତତୁଲ୍ୟ ଅନ୍ନ ହୋଇଯାଇପାରେ । ଶ୍ରୀଗୁରୁ ଯାହାକୁ ଗ୍ରହଣ କରିନିଅନ୍ତି, ତାର ସଂସାର ମୋକ୍ଷମୟ ହୋଇଉଠେ । ଶ୍ରୀକୃଷ୍ଣଙ୍କ କୃପାରେ ଦୁର୍ଜ୍ଜନମାନଙ୍କ କଥା ମଧ୍ୟ ପୁରାଣମାନଙ୍କରେ ସ୍ଥାନ ପାଇପାରିଛି । ସେହିଭଳି ଶ୍ରୀଗୁରୁ ନିବୃତ୍ତିରାଜ ଆଜି ମୋ ଅଜ୍ଞାନକୁ ସୁଦ୍ଧା ଜ୍ଞାନର ଯୋଗ୍ୟତା ଦେଇଛନ୍ତି । ଶ୍ରୀଗୁରୁଙ୍କ ପ୍ରେମ କଥା ଯେତେ କହିଲେ ମଧ୍ୟ ସରିବ ନାହିଁ ।

ଶ୍ରୀଗୁରୁଙ୍କ ମହିମା ବର୍ଣ୍ଣନା କରିବାରେ ମନରେ କି ଉଲ୍ଲାସ ! ମୁଁ ସେହି ଉଲ୍ଲାସରେ ଗୀତାର ଭାବାର୍ଥକୁ ନେଇ ସାଧୁମାନଙ୍କ ଚରଣ ଆଶ୍ରୟ ଲାଭ କରିପାରିଛି ।

ପୂର୍ବ ଅଧ୍ୟାୟର ଶେଷଭାଗରେ କୈବଲ୍ୟପତି ଶ୍ରୀକୃଷ୍ଣ କହିଛନ୍ତି— ଜ୍ଞାନୀହିଁ ମୋକ୍ଷଲାଭ କରିପାରେ । ଯାଜ୍ଞିକ ସ୍ୱର୍ଗ ସମ୍ପତ୍ତିଲାଭ କରେ, ବ୍ରହ୍ମକର୍ମ କରି ବ୍ରହ୍ମର ସ୍ୱରୂପପ୍ରାପ୍ତ ହୁଏ । ନେତ୍ରବାନ୍ ସୂର୍ଯ୍ୟଙ୍କ ପ୍ରକାଶ ଦେଖେ । ଜ୍ଞାନହିଁ ମୋକ୍ଷର ଜୀବନ । ତେବେ ଜ୍ଞାନର ଯୋଗ୍ୟତା ଲାଭ ସମ୍ପର୍କରେ ବିଚାର କଲେ

ଦେଖାଯାଏ ଯେ କେବଳ ଗୋଟିଏ ଉପାୟରେ ଏହା ମିଳେ । ଚକ୍ଷୁରେ ଦିବ୍ୟାଞ୍ଜନ ପ୍ରୟୋଗରେ ଭୂ-ବିବରସ୍ଥ ବସ୍ତୁର ଦର୍ଶନ ସମ୍ଭବ ହୁଏ– କିନ୍ତୁ ଜ୍ଞାନଦାୟୀଚକ୍ଷୁର ଦୃଷ୍ଟି ସେଥିଲାଗି ଯୋଗ୍ୟ ହେବା ଆବଶ୍ୟକ । ଶ୍ରୀକୃଷ୍ଣ ବିଚାର କରି ଦେଖାଇ ଦେଇଛନ୍ତି ଯେ, ବୈରାଗ୍ୟ ବ୍ୟତୀତ ଜ୍ଞାନର ସ୍ଥିରତା ସମ୍ଭବ ନୁହେଁ । କିନ୍ତୁ ମନରେ କିପରି ଭାବରେ ଏହି ବୈରାଗ୍ୟ ଉଦୟ ହୁଏ, ତାହା ସର୍ବଜ୍ଞ ଶ୍ରୀହରି ନିର୍ଣ୍ଣୟ କରିଛନ୍ତି । ଖାଇବାକୁ ବସି ସାରିଥିଲେ ମଧ୍ୟ ଖାଦ୍ୟଦ୍ରବ୍ୟରେ ବିଷ ଦିଆଯାଇଛି ଜାଣିଲେ ତତ୍‌କ୍ଷଣାତ୍ ତାହା ତ୍ୟାଗ କରିବା ଉଚିତ୍ । ଏ ସଂସାର ଅନିତ୍ୟ– ଏହି ଜ୍ଞାନ ହେଲେ ଯାଇ ବୈରାଗ୍ୟ ଆସେ । ବୃକ୍ଷ ଉତ୍ପାଟନ କଲେ ସହଜରେ ଏହା ଶୁଖିଯାଏ । କିନ୍ତୁ ସଂସାରବୃକ୍ଷ ସେହିଭଳି ନୁହଁ ।

ସଂସାରକୁ ଯିବା ଆସିବା ବନ୍ଦ କରିବା ଲାଗି ଭଗବାନ ଶ୍ରୀକୃଷ୍ଣ ଗୋଟିଏ ରୂପକର ଆଶ୍ରୟରେ ସିଦ୍ଧାନ୍ତ ପ୍ରକାଶ କରିଛନ୍ତି । ସଂସାର ଯେ ମିଥ୍ୟା, ଏହାକୁ ସିଦ୍ଧ କରି ଅହଂକାରକୁ ସ୍ୱସ୍ୱରୂପରେ ସ୍ଥାପନ କରିବାହିଁ ଏହି ଅଧ୍ୟାୟର ବିଶେଷ ଉଦ୍ଦେଶ୍ୟ ।

ମୁଁ ସହୃଦୟ ସେହି ଗୂଢ଼ ଅଭିପ୍ରାୟକୁ ବିଶଦଭାବରେ ବର୍ଣ୍ଣନା କରୁଛି, ଆପଣମାନେ ଅବଧାନ କରନ୍ତୁ । ମହାନୀଳ ରୂପକ ସମୁଦ୍ରର ପରମୋଲ୍ଲାସକ ପୂର୍ଣ୍ଣିମାର ନିଷ୍କଳଙ୍କ ସ୍ନିଗ୍ଧ ଶୀତଳଚନ୍ଦ୍ର ଦ୍ୱାରକାଧୀଶ ଶ୍ରୀକୃଷ୍ଣ କହିଲେ, ହେ ପାଣ୍ଡବ ! ସ୍ୱସ୍ୱରୂପର ଗୃହାଭିମୁଖେ ଅଗ୍ରସର ହେବା ପଥରେ ଏହି ବିରାଟ ବିଶ୍ୱାଭାସହିଁ ପ୍ରଧାନ ପ୍ରତିବନ୍ଧକ । ଏ ସଂସାର ହେଉଚି ଏକ ପ୍ରକାଣ୍ଡ ବୃକ୍ଷ । ସାଧାରଣ ବୃକ୍ଷ ଭଳି ତଳେ ଏହାର ମୂଳ ଓ ଉପରେ ଶାଖା ବିସ୍ତାରିତ ନୁହେଁ । ତେଣୁ ଏହା ବୃକ୍ଷ ରୂପରେ ପ୍ରତୀତ ହୁଏନା । ମୂଳରେ ଅଗ୍ନି ସଂଯୋଗ କଲେ କିମ୍ବା କୁଠାରାଘାତ କଲେ ବୃକ୍ଷ ଯେତେ ବଡ଼ ହୋଇଥାଉ ବା ଯେତେ ଶାଖା ପ୍ରଶାଖା ଥାଉନା କାହିଁକି, ଏହା ଭୂମିରେ ଲୋଟିପଡ଼େ । ମୂଳ ଛିନ୍ନ ହେଲେ ଶାଖାପ୍ରଶାଖା ଏହାକୁ ରଖିପାରେନା । କିନ୍ତୁ ସଂସାରବୃକ୍ଷ ସେହିଭଳି ନୁହଁ । ଏହା ଛିନ୍ନ ହୁଏନା ।

ହେ ଅର୍ଜୁନ ! ସବୁଠାରୁ ରହସ୍ୟ ହେଉଛି— ଏ ସଂସାର ବୃକ୍ଷଭ ମୂଳ ହେଉଚି ଉପରେ, ଏହାର ଶାଖା ଶାଖାର ବିସ୍ତାର ହେଉଚି ତଳେ । ସୂର୍ଯ୍ୟ କେତେ ଉପରେ ଅଛି ଏହା ଜଣା ନ ହେଲେ ମଧ୍ୟ କିରଣ ଯେ ତଳଦେଶରେ ସୁପ୍ରସାରିତ, ତାହା ସମସ୍ତେ ଅନୁଭବ କରିଥାନ୍ତି । ସେହିଭଳି ସଂସାରବୃକ୍ଷ ହେଉଚି ବଡ଼ ଆଶ୍ଚର୍ଯ୍ୟଜନକ । ଏହା କଳ୍ପାନ୍ତର ଜଳ ଭଳି ସର୍ବବ୍ୟାପକ । ସୂର୍ଯ୍ୟାସ୍ତର ଅନ୍ଧକାର ଭଳି ଏହାର ବିସ୍ତାର । କିନ୍ତୁ ଏହା ଏଭଳି ଏକ ବୃକ୍ଷ ଯେ, ଏହା ଦେହରେ କୌଣସି ସୁଖାଦ୍ୟ ଫଳ ଫଳେନା କିମ୍ବା କୌଣସି ସୁବାସିତ କୁସୁମ ଫୁଟେନା । ଏହାର ମୂଳ ଯେହେତୁ ଉପରକୁ ରହିଚି; ତେଣୁ ଭାବ ନାହିଁ ଯେ କେହି ଏହାକୁ ଉପାଡ଼ି ଓଲଟେଇ ରଖିଦେଇଛି । ଏହି ବୃକ୍ଷ ସର୍ବଦା ପତ୍ରାଦିରେ ପରିପୂର୍ଣ୍ଣ । ଅବଶ୍ୟ ଉପର ଆଡ଼କୁ ଏହାର ମୂଳ, ତଥାପି ତଳଆଡ଼କୁ ଯେ ମୂଳର କିୟଦଂଶ ନାହିଁ ତାହା ନୁହଁ । ଏହା ଠିକ୍ ଏକ ଅଶ୍ୱତ୍ଥ ଗଛ ଭଳି । ଏହା ଏଡ଼େ ବିଶାଳ ଯେ, ଏହାର ମୂଳ ଚାରିଆଡ଼କୁ ପ୍ରସାରିତ । ଶାଖାର ବିସ୍ତାର ସାଙ୍ଗକୁ ଏହାର ମୂଳର ବିସ୍ତାର ମଧ୍ୟ ହୋଇଛି ।

ହେ ଧନଞ୍ଜୟ ! ଶାଖା ଯେ କେବଳ ତଳ ଆଡ଼କୁ ବିସ୍ତୃତ ତାହା ନୁହଁ । ଉପର ଆଡ଼କୁ ମଧ୍ୟ ଅଗଣିତ ଶାଖା ରହିଛି । ମନେହୁଏ ସମସ୍ତ ଆକାଶ ମଧ୍ୟ ପଲ୍ଲବିତ । ବାୟୁ ବୃକ୍ଷାକାରରେ ପରିଣତ ହୋଇଛି ଅଥବା ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଏହି ତିନୋଟିଯାକ ଅବସ୍ଥା ମୂର୍ତ୍ତି ପରିଗ୍ରହ କରିଚି । ଏହାର ଊର୍ଦ୍ଧ୍ୱରେ କ'ଣ ଅଛି, ମୂଳ କେଉଁଠି, ଏହା ଅଧୋମୁଖୀ ଓ ଶାଖାର ବିସ୍ତାର କାହିଁକି, ନିମ୍ନ ଦେଶରେ ଥିବା ମୂଳ ଓ ଊର୍ଦ୍ଧ୍ୱରେ ବିସ୍ତୃତ ଶାଖାର ପରିଚୟ, ଅଶ୍ୱତ୍ଥ ବୃକ୍ଷ ନାମର ସାର୍ଥକତା, ଆତ୍ମଜ୍ଞାନୀର ଅଭିମତ ପ୍ରଭୃତି ଯେପରି ତୁମେ ସହଜରେ ବୁଝିପାରିବ, ମୁଁ ଠିକ୍ ସେହିଭାବରେ ବର୍ଣ୍ଣନା କରିବି । ହେ ସୁଭଗ ! ଏହା ତୁମର ହିଁ ଶ୍ରବଣୀୟ । ନିଜ ଅନ୍ତର ସହିତ ସମସ୍ତ ଇନ୍ଦ୍ରିୟକୁ ଅବଧାନମୟ କରିନିଅ ।

ଯଦୁବୀର ଶ୍ରୀକୃଷ୍ଣଙ୍କ ଏହି ବାକ୍ୟରେ 'ଅବଧାନ' (attention) ଅର୍ଜୁନ ରୂପରେ ମୂର୍ତ୍ତିମାନ ହୋଇଉଠିଲା । ଅର୍ଜୁନଙ୍କ ଗଗନଚୁମ୍ବୀ ମନୋଯୋଗ ଏପରି

ବୃଦ୍ଧି ପାଇଲା ଯେ, ତା ତୁଳନାରେ ଭଗବାନଙ୍କ ବର୍ଣ୍ଣନା ଅଳ୍ପ ମନେହେଲା । ଶ୍ରୀକୃଷ୍ଣଙ୍କ ସିଦ୍ଧାନ୍ତ ସାଗରକୁ ଅର୍ଜୁନ ଦ୍ୱିତୀୟ ଅଗସ୍ତି ଭଳି ଗୋଟିଏ ଅଙ୍ଗୁଳିରେ ପାନ କରିବାକୁ ବ୍ୟଗ୍ର ହୋଇପଡ଼ିଲେ । ଏହି ଅବସ୍ଥା ଦର୍ଶନରେ ଶ୍ରୀକୃଷ୍ଣ ଅନିର୍ବଚନୀୟ ଆନନ୍ଦରେ ମଗ୍ନ ହୋଇ ପଡ଼ିଲେ ।

ଶ୍ରୀ ଭଗବାନ ଉବାଚ

ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦସ ବେଦବିତ୍ ॥୧॥

ଭଗବାନ ଶ୍ରୀକୃଷ୍ଣ କହିଲେ, ହେ ଧନଞ୍ଜୟ ! ଏହି ସଂସାର ବୃକ୍ଷର ନାମ ଅଶ୍ୱତ୍ଥ । ଏହାର ଊର୍ଦ୍ଧ୍ୱ, ଅଧଃ, ମଧ୍ୟ ଆଦିର ଭେଦ ନାହିଁ । ଯଦି ଊର୍ଦ୍ଧ୍ୱର ପରିଚୟ ଜାଣିବାକୁ ଚାହଁ, ତାହା ହେଉଚି ବ୍ରହ୍ମ । ଅଦ୍ୱୈତତତ୍ତ୍ୱ ସହିତ ଏହାର ଏକତା । ଏହା ସମସ୍ତ ଶବ୍ଦର ମୂଳାଧାର, ଏହା ସବୁଗନ୍ଧର ମୂଳ, ଏହା ଆତ୍ମସ୍ଫୁର୍ତ୍ତ ଆନନ୍ଦ । ଏହାର କୂଳ ନାହିଁ,ଏହା ଅଗ୍ରପଶ୍ଚାତ୍‌ହୀନ । ଦୃଶ୍ୟର ଅଭାବରେ ମଧ୍ୟ ଏହା ଦ୍ରଷ୍ଟା । ଏହି ବ୍ରହ୍ମ ନିଜଠାରୁ ଦୂରରେ । ଆଗରେ ରହିଛି, ପଛରେ ରହିଛି । ସେ ଅନ୍ୟ କିଛି ନୁହଁ, ନିଜେହିଁ ନିଜେ । ସେ କେବଳ ତାକୁ ଦେଖିପାରେ, ଅନ୍ୟ କେହି ତାକୁ ଦେଖିପାରେନା । ସେ ଅଦୃଶ୍ୟ । ଏହି ବ୍ରହ୍ମ ଯେତେବେଳେ ଦୁଇଭାଗରେ ବିଭକ୍ତ ହୋଇପଡ଼େ, ଦ୍ୱୈତ ଉପାଧି ଧାରଣକରେ, ନାମ ଓ ରୂପ ଗ୍ରହଣ କରେ, ସେତେବେଳେ ସମଗ୍ର ସଂସାରକୁ ବ୍ୟାପିଯାଏ । ସେ ହେଉଚି ନିର୍ମଳ ଜ୍ଞାନ ।ଏହି ଜ୍ଞାନ ଜ୍ଞାତା ଓ ଜ୍ଞେୟଠାରୁ ଭିନ୍ନ । ଏହା ହେଉଚି ଆନନ୍ଦ ତଥା ସୁଖର ନିର୍ଯାସ । ଏହି ବ୍ରହ୍ମ କୌଣସି କାର୍ଯ୍ୟ କରେନା କିମ୍ବା ତଦ୍ୱାରା କେହି କୌଣସି କାର୍ଯ୍ୟ କରାଏନା । ସେ ଦ୍ୱୈତ ନୁହେଁ କି ଅଦ୍ୱୈତ ନୁହେଁ । ସେ କେବଳ ତାକୁ ହିଁ ଜାଣେ । ଏଭଳି ଆତ୍ମତତ୍ତ୍ୱର ବିଜ୍ଞତା ପରବ୍ରହ୍ମ ପରମାତ୍ମାହେଉଚି ଏହି ବୃକ୍ଷର ଊର୍ଦ୍ଧ୍ୱ । ଏହାର ମୂଳରୁ କିପରି ଅଙ୍କୁରୋଦ୍‌ଗମ ହୋଇଥାଏ,ତାର ରହସ୍ୟ କହୁଛି ଶୁଣ ।ଏହା କୌଣସି ବସ୍ତୁ ନ ହେଲେ ମଧ୍ୟ 'ମାୟା' ନାମରେ ସୁପରିଚିତ । ବନ୍ଧ୍ୟାର ସନ୍ତାନ ସନ୍ତତି ଭଳି ଏହା ସତ୍ୟ ନୁହଁ କିମ୍ବା ଅସତ୍ୟ ନୁହଁ । ଏହାକୁ

ଚିନ୍ତା କରିବାର ଅବକାଶ ନାହିଁ, ଅଚିନ୍ତନୀୟ ସେ । ତଥାପି ଏହା ଅନାଦି, ଶାଶ୍ୱତ ଭାବରେ ସଂସାରରେ ପ୍ରସିଦ୍ଧ । ଏହା ବହୁ ସିଦ୍ଧାନ୍ତର ଏକ ପେଟିକାଭଳି । ଏହା ବିଶ୍ୱାକାରରେ ମେଘାକୃତି କିମ୍ବା ଚଉତା ହୋଇଥିବା ଏକ ଲୁଗାଭଳି । ଏହା ଏଭଳି ଏକ ବୀଜ ଯେଉଁଥିରୁ କି ଏହି ବିଶ୍ୱବୃକ୍ଷର ଉଦ୍‌ଗମ ହୋଇଚି । ଏହା ହେଉଚି ଏକ ପରଦା ଯେଉଁଥିରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଚିତ୍ର ପ୍ରଦର୍ଶିତ । ସମସ୍ତ ପ୍ରକାରର ବିପରୀତ ଜ୍ଞାନର ପ୍ରକାଶକ ପ୍ରଦୀପ ହେଉଛି ଏହି ମାୟା । ବ୍ରହ୍ମ ଆଗରେ ଏହି ମାୟାର କୌଣସି ସତ୍ତା ନ ଥାଏ । ବ୍ରହ୍ମ ହେଉଛି ମାୟାରହିତ । କିନ୍ତୁ ଏହି ମାୟାଦ୍ୱାରା ହିଁ ବ୍ରହ୍ମର ପ୍ରଭାବ ପ୍ରକାଶିତ ହୋଇଥାଏ । ନିଦ୍ରା ଜୀବକୁ ମୋହିତ କରିଦିଏ, ଚେତନାଶୂନ୍ୟ କରିପକାଏ । ଦୀପଶିଖାରୁ କଜ୍ଜଳ ହୁଏ । ତରୁଣୀ ସ୍ୱପ୍ନରେ ନିଜ ପ୍ରିୟତମକୁ ଜାଗ୍ରତ କରାଇ, ସେ ବାସ୍ତବରେ ପାଖରେ ନ ଥିଲେ ମଧ୍ୟ ଆନନ୍ଦରେ ତାକୁ ଆଲିଙ୍ଗନ କରିଥାଏ ଏବଂ କାମବାସନା ଜାଗ୍ରତ କରାଇଥାଏ । ବ୍ରହ୍ମ ସହିତ ମାୟାର ସମ୍ପର୍କ ଠିକ୍ ସେହିଭଳି ।

ହେ ଧନଞ୍ଜୟ ! ଆତ୍ମସତ୍ତା ସମ୍ପର୍କରେ ଅଜ୍ଞତା ହିଁ ଏ ସଂସାର ବୃକ୍ଷର ଆଦିମୂଳ । ବ୍ରହ୍ମସ୍ୱରୂପର ଆତ୍ମା-ମାୟାହିଁ ଏହାର ଊର୍ଦ୍ଧ୍ୱ ଭାଗରେ ଘନୀଭୂତ କନ୍ଦ ଭଳି । ବେଦାନ୍ତରେ ଏହାକୁହିଁ କୁହାଯାଏ ସଂସାର ଜୀବ । ମୋର ଅଜ୍ଞାନ ହେଉଛି ନିଦ୍ରା ଓ ସ୍ୱପ୍ନର ମଧ୍ୟମ ଅବସ୍ଥା ଏବଂ ଉଭୟ ନିଦ୍ରା ଓ ସ୍ୱପ୍ନର ମଧ୍ୟମ ଅବସ୍ଥା ହେଉଛି ଏହି ମଧ୍ୟବର୍ତ୍ତୀ ଅବସ୍ଥାର ପରିଣତି । ହେ ସୁଜ୍ଞାନୀ ଅର୍ଜୁନ ! ତୁମେ ଭଲଭାବରେ ବୁଝ ଯେ, ଏହି ସଂସାରବୃକ୍ଷର ମୂଳ ହେଉଛି ଅଜ୍ଞାନ । ଏହାର ଊର୍ଦ୍ଧ୍ୱରେ ନିର୍ମଳ ଆତ୍ମା ଏବଂ ଚାରିଆଡ଼େ ମାୟାର ବିସ୍ତାର । ପ୍ରଥମତଃ ସନ୍ଦେହରୂପରେ ଏହି ବୃକ୍ଷର ମୂଳ ବିସ୍ତାରିତ ହୁଏ । ଏହି ସନ୍ଦେହ ଦେହରୁ ଗଜା ବାହାରି ଏହା ବୃଦ୍ଧିଲାଭ କରେ ଏବଂ ତଳକୁ ତଳକୁ ଏହା ବିସ୍ତୃତ ହୁଏ । ଏହିଭଳି ଭାବରେ ସଂସାର ବୃକ୍ଷର ମୂଳ ଉପରଆଡ଼କୁ ବଢ଼ିଲେ, ତଳଆଡ଼େ ଗଜା ବାହାରେ । ଜ୍ଞାନାଭିମୁଖୀ ଚିତ୍ତବୃତ୍ତି ହେଉଛି ଏହି ବୃକ୍ଷର ପଲ୍ଲବ । ସତ୍ତ୍ୱ, ରଜଃ ଓ ତମୋରୂପକ ଅହଂକାର ତିନିଦିଗରେ ତଳକୁ ତଳକୁ ବିସ୍ତୃତ ହୋଇଥାଏ । ଏଥିରୁ ଜାତ ହୁଏ 'ମୁଁ' ଓ 'ସେ' ଆଦିର ଭେଦବୁଦ୍ଧି । ଏହି ଭେଦଭାବ ବୃକ୍ଷର

ଶାଖା । ଏହି ଭେଦଭାବ ପରିପୁଷ୍ଟ ହେବା ପରେ ଏଥିରୁ ବାହାରେ ମନରୂପକ ବୃହତ୍ ଶାଖା । ସନ୍ଦେହର ଜଳସେଚନଦ୍ୱାରା ଏହି ମନ ଯେତେବେଳେ ଦୃଢ଼ୀଭୂତ ହୋଇଯାଏ, ଏହିଥିରୁ ବାହାରେ ବହୁ ଶାଖା ପ୍ରଶାଖା । ଆକାଶ, ବାୟୁ, ତେଜ, ଜଳ ଏବଂ ପୃଥ୍ୱୀ ଏହି ପଞ୍ଚମହାଭୂତର ସୁନ୍ଦରସରଳ ନବାଙ୍କୁର ଉଦ୍ଗମରେ ଏଥିରୁ ବାହାରେ ପଞ୍ଚେନ୍ଦ୍ରିୟ । ଶବ୍ଦ ଆସେ ଏହାକୁ ଶୁଣିବାଲାଗି । ଶ୍ରବଣେନ୍ଦ୍ରିୟ ବ୍ୟାକୁଳ ହୋଇଉଠେ । ସ୍ପର୍ଶେନ୍ଦ୍ରିୟର ଅଙ୍କୁରୋଦ୍‌ଗମମାତ୍ରେ ନବକିଶଳୟ-ଆକାଶରେ ସ୍ପର୍ଶ ବିକାର ଉତ୍ପନ୍ନ ହୁଏ । ରୂପର ପତ୍ରବିକାଶ ମାତ୍ରେ ଚକ୍ଷୁ ପ୍ରସାରିତ ହୋଇ ବିଶେଷ ମୋହ ଉତ୍ପନ୍ନ କରାଏ । ରସର ବିକାଶ ସଙ୍ଗେ ସଙ୍ଗେ ସ୍ୱାଦରୂପକ ପଲ୍ଲବ ଜାତ ହୁଏ । ଗନ୍ଧର ଅଙ୍କୁରୋଦ୍‌ଗମ ସହିତ ଘ୍ରାଣ-ଶାଖା ଦୃଢ଼ୀଭୂତ ହୁଏ । ମନତତ୍ତ୍ୱ, ଅହଂଭାବ, ମନ ଓ ପଞ୍ଚ ମହାଭୂତ ଏହି ସଂସାରର ସୀମାନ୍ତ ପର୍ଯ୍ୟନ୍ତ ବିସ୍ତୃତ । ସଂସାରବୃକ୍ଷ ଏହି ଆଠପ୍ରକାରରେ ବିସ୍ତୃତ । ଏହା ଠିକ୍ ବ୍ରହ୍ମ ସମୁଦ୍ରରେ ଅଜ୍ଞାନର ତରଙ୍ଗଭଳି । ମନୁଷ୍ୟ ସ୍ୱପ୍ନରେ ବହୁ ଆତ୍ମୀୟସ୍ୱଜନକୁ ଦେଖେ । ମାତ୍ର ତାର ଅସ୍ତିତ୍ୱ ବ୍ୟତୀତ ଅନ୍ୟ କାହାରି ଅସ୍ତିତ୍ୱ ନ ଥାଏ । ସେହିଭଳି ଏ ସଂସାରର ବିସ୍ତୃତି ହେଉଛି କେବଳ ଅଜ୍ଞାନର ସ୍ୱପ୍ନ ଜାଲ ।

ବ୍ରହ୍ମହିଁ ସ୍ୱୟଂ ଏହି ଜଗତର ଆକାର ଧାରଣ କରିଛନ୍ତି । ଏହା ମହତ୍‌ତତ୍ତ୍ୱ ଆଦି ଅଙ୍କୁର ସହିତ ନିମ୍ନରେ ବିବିଧ ଶାଖାଯୁକ୍ତ ଏକ ଅଭିନବ ବୃକ୍ଷ । ଏହାକୁ ଜ୍ଞାନୀ କାହିଁକି 'ଅଶ୍ୱତ୍ଥ' କହନ୍ତି, ତାହା କହୁଛି ଶୁଣ । ଅ+ଶ୍ୱ+ତ୍ଥର ଅର୍ଥ ହେଉଚି ପରଦିନ ସକାଳେ ଯିଏ ଏକରୂପରେ ନଥାଏ । ଅତି ଅଳ୍ପ ସମୟ ମଧ୍ୟରେ ମେଘ ନାନା ବର୍ଣ୍ଣ ଧାରଣ କରିଥାଏ । ବିଦ୍ୟୁତ୍ ଏକ ପଲକ ସୁଦ୍ଧା ଅପେକ୍ଷା କରେନା । କମ୍ପିତ ପଦ୍ମପତ୍ରରେ ଜଳ ସର୍ବଦା ଅସ୍ଥିର । ବ୍ୟାକୁଳ ମନୁଷ୍ୟର ମନ ସବୁ ବେଳେ ଚଞ୍ଚଳ । ସେହିଭଳି ଏହି ସଂସାର ବୃକ୍ଷ । କ୍ଷଣକ୍ଷଣକେ ଏହା ପରିବର୍ତ୍ତନାଶୀଳ । ତେଣୁ ଏହାକୁ ଅଶ୍ୱତ୍ଥ କୁହାଯାଏ । ଅଶ୍ୱତଥ ଶବ୍ଦ ଦ୍ୱାରା ସାଧାରଣତଃ ଯେଉଁ ବୃକ୍ଷକୁ ବୁଝାଏ, ଏହି ଅଶ୍ୱତ୍ଥ ବୃକ୍ଷ ଠିକ୍ ତାହା ନୁହେଁ । ବିଷୟ-ସଂସାରକୁ ବୃକ୍ଷ ବୋଲି ବର୍ଣ୍ଣନା କଲେ ଆମମାନଙ୍କ ପକ୍ଷରେ ବୋଧଗମ୍ୟ ହୋଇପାରେ । କିନ୍ତୁ ଏହି ଶବ୍ଦ ପ୍ରୟୋଗ କରିବା ପଛରେ

ଭଗବାନଙ୍କର ବିଶେଷ ଉଦ୍ଦେଶ୍ୟ ରହିଛି । ଯେଉଁ ଗ୍ରନ୍ଥ ଅଲୌକିକ, ତାର ଅର୍ଥ ବୁଝିବା ଅସମ୍ଭବ ବ୍ୟାପାର । ସଂସାରକୁ ଏହାର କ୍ଷଣିକତା ଲାଗି ଅଶ୍ୱତ୍ଥ କୁହାଯାଇଛି । ଏହାର ଅବିନାଶିକତା ଲାଗି ମଧ୍ୟ ଖ୍ୟାତି ରହିଛି । ମେଘ ବାଷ୍ପ ଆକାରରେ ସମୁଦ୍ରରୁ ଜଳ ନେଇଥାଏ, ପୁଣି ବର୍ଷାକାରରେ ନଦୀ ନାଳ ଦେଇ ଏହାକୁ ସମୁଦ୍ରକୁ ଫେରାଇଦିଏ । ତେଣୁ ସମୁଦ୍ର ସର୍ବଦା ପୂର୍ଣ୍ଣ ରହିଥାଏ । ଏହା ବଢ଼େନା କି ଛିଡ଼େନା । ମେଘ ଓ ନଦୀମାନଙ୍କ ମଧ୍ୟରେ ଆଦାନ ପ୍ରଦାନ ଚାଲିଥିବାଯାଏଁ ଏହି କ୍ରମ ଲାଗି ରହିଥିବ । ସେହିଭଳି ଏହି ସଂସାର ବୃକ୍ଷର ଜନ୍ମ ଓ ମୃତ୍ୟୁ ଏତେ ଶୀଘ୍ର ହୋଇଥାଏ ଯେ, ଏହାକୁ ସହଜରେ ବୁଝି ହୁଏନା । ତେଣୁ ସଂସାର ଅବ୍ୟୟ, ଅକ୍ଷୟ ମନେ ହୋଇଥାଏ । ଅତି କ୍ଷିପ୍ରଗତିରେ ଗାଡ଼ିର ଚକ ଘୂରୁଥିବା ବେଳେ ଏହା ଘୂରୁଚି କି ସ୍ଥିର ଅଛି ଜଣାପଡ଼ି ନ ଥାଏ । ସେହିଭଳି ଜୀବ ଆକାରରେ ଏହି ସଂସାରବୃକ୍ଷ କାଳକ୍ରମେ ନଷ୍ଟ ହେଉ ହେଉ ଏହା ଦେହରୁ ଲକ୍ଷ ଲକ୍ଷ ଗଜା ବାହାରେ । ଏହି ଗଜାଗୁଡ଼ିକ ପୁଣି ଡାଳ ଆକାରରେ ବିସ୍ତୃତ ହୁଅନ୍ତି, ପୁଣି ନଷ୍ଟ ହୁଅନ୍ତି । ଆଷାଢ଼ ମାସର ମେଘଭଳି ଏହି ଡାଳ ଭିତରୁ କେଉଁଟି କେତେବେଳେ ନଷ୍ଟ ହେଲା, କେଉଁଟି ନୂଆ ହୋଇ ବାହାରିଲା, ଜାଣିହୁଏନା । ମହାକଳ୍ପାନ୍ତରେ ସୃଷ୍ଟି ଧ୍ୱଂସ ହେବାମାତ୍ରେ ପୁଣି ସୃଷ୍ଟି ହୁଏ । ପ୍ରଚଣ୍ଡ ପ୍ରଳୟବାୟୁରେ ପ୍ରଳୟାନ୍ତ ହୋଇଗଲେ, ନବକଳ୍ପର ନବପତ୍ର ପ୍ରକାଶ ପାଏ । ଆଖୁଗଛ ବଢ଼ିବା ସଙ୍ଗେ ସଙ୍ଗେ ଏହାର ଗୋଟିଏ ବକଳା ଛାଡ଼ି ପୁଣି ଆଉ ଏକ ବକଳା ହୋଇଥାଏ । ଗଣ୍ଠି ପରେ ଗଣ୍ଠି ବଢ଼ିବା ସାଙ୍ଗକୁ ନୂଆ ନୂଆ ବକଳା ହୋଇଚାଲିଥାଏ । ସେହିଭଳି ଗୋଟିଏ ମନୁ ପରେ ଆସେ ଆଉ ଏକ ମନୁ । ବଂଶ ପରେ ବଂଶୋଦ୍ଭବ ହୋଇଥାଏ । କଳିଯୁଗର ଶେଷରେ ଚାରୋଟିଯାକ ଯୁଗର ବକଳା ଖସିପଡ଼ିଲେ, ନୂତନ ଯୁଗର ଆରମ୍ଭ ହୁଏ । ବର୍ଷ ଶେଷ ହୋଇଗଲେ ନୂତନ ବର୍ଷ ଆରମ୍ଭ ହୋଇଥାଏ । ବାୟୁ ତରଙ୍ଗର ଆଗ କେଉଁଟା ପଛ କେଉଁଟା ଜଣାପଡ଼େନା । ସେହିଭଳି ଏ ସଂସାର ବୃକ୍ଷର ଅନନ୍ତ ଶାଖାର ଉତ୍‌ଥାନପତନ ଅବର୍ଣ୍ଣନୀୟ । ଗୋଟିଏ ଦେହ ନଷ୍ଟ ହେଉ ନ ହେଉଣୁ ଅଗଣିତ ଦେହ ଜନ୍ମାଏ । ତେଣୁ ଏହା ଅବ୍ୟୟ ମନେ ହୋଇଥାଏ । ନଦୀର ଜଳପ୍ରବାହ ନିରନ୍ତର ଅଗ୍ରସର ହେଉଥିଲେ ମଧ୍ୟ ଏହାର ଜଳ ନିଶ୍ଚଳ ମନେ ହୋଇଥାଏ ।

ସଂସାରର ସ୍ଥିରତା ମଧ୍ୟ ଠିକ୍ ସେହିଭଳି । ନିମିଷକରେ ସମୁଦ୍ର ଦେହରେ ଯେପରି କୋଟି କୋଟି ତରଙ୍ଗ ଆସିଥାଏ, ସେହିଭଳି ଏହି ସଂସାର ସମୁଦ୍ରରେ ଅଗଣିତ ତରଙ୍ଗ ସୃଷ୍ଟି ହୋଇଥାଏ । କେବଳ ଅଜ୍ଞାନୀହିଁ ଭାବେ ଏହା ସ୍ଥିର ରହିଛି । କୁଆ ତା ଆଖିଡୋଳାକୁ ଏତେ ଶୀଘ୍ର ଲେଉଟେଇ ନିଏ ଯେ ମନେହୁଏ ତାର ଗୋଟିଏ ଆଖିରେ ଦୁଇଟି ଡୋଳା ଅଛି । ଲଟୁ ଖୁବ୍ ଜୋରରେ ଘୂରେ ବୋଲି ସେ ଭୂଇଁ ଉପରେ ବୁଲୁଥିବାଯାଏଁ ସ୍ଥିର ହୋଇ ରହିଥାଏ । ନିଆଁହୁଳାକୁ ଅନ୍ଧାରଘର ଭିତରେ ଜୋରରେ ବୁଲେଇଲେ ଏହା ଏକ ଚକ ଭଳି ମନେହୁଏ । ସେହିଭଳି ଏହି ସଂସାରବୃକ୍ଷ ପ୍ରତିମୁହୂର୍ତ୍ତରେ ଜନ୍ମ-ମୃତ୍ୟୁର ଦଶା ଭୋଗୁଥିଲେ ମଧ୍ୟ ଅଜ୍ଞାନୀ ଏହାକୁ ଅକ୍ଷୟ, ଅବ୍ୟୟ ମନେକରିଥାଏ । ଏହି ଭବ ବୃକ୍ଷର ମୂଳ ହେଉଚି ଅଜ୍ଞାନ । ବାସ୍ତବ ଦୃଷ୍ଟିରେ ଏହାର ଅସ୍ତିତ୍ୱ ମିଥ୍ୟା । ଏହି ସଂସାରବୃକ୍ଷକୁ ଏହାର ମୂଳରୁ ଅଗଯାଏଁ ଅର୍ଥାତ୍ ଏହାର ଫଳଯାଏଁ ଯିଏ ଅବାସ୍ତବ ମନେ କରେ, ମୁଁ ତାକୁ କହେ ଜ୍ଞାନୀ । ସେ ହେଉଚି ବନ୍ଦନୀୟ । ସେ କେବଳ ଯୋଗ-ସମ୍ପଦ ଲାଭ କରିଥାଏ । ଆଉ ଅଧିକ କ'ଣ କହିବି, ଜ୍ଞାନ ତା ଲାଗି ହିଁ ଜୀବନ ଧାରଣ କରେ । ଏହି ଜ୍ଞାନ ଅବର୍ଣ୍ଣନୀୟ ।

ଅଧଶ୍ଚୋର୍ଦ୍ଧ୍ୱଂପ୍ରସୃତାସ୍ତସ୍ୟ ଶାଖା
ଗୁଣପ୍ରବୃଦ୍ଧା ବିଷୟପ୍ରବାଳାଃ ।
ଅଧଶ୍ଚ ମୂଳାନ୍ୟନୁସନ୍ତତାନି
କର୍ମାନୁବନ୍ଧୀନି ମନୁଷ୍ୟଲୋକେ ॥୨॥

ଅଧୋମୁଖୀ ଏହି ପ୍ରପଞ୍ଚ ବୃକ୍ଷର ବହୁ ଶାଖା ପ୍ରଶାଖା ଉପର ଆଡ଼କୁ ମଧ୍ୟ ପ୍ରସାରିତ । ପୂର୍ବରୁ ମୁଁ କହିଛି ଯେ ନିମ୍ନ ଦିଗକୁ ପ୍ରସାରିତ ଶାଖାପ୍ରଶାଖା ଆଦି ପରିଶୋଭିତ ହୋଇ ମୂଳରୂପେ ପରିଣତ ହୋଇଥାଏ । ଏହାର ଦୃଢ଼ମୂଳ ହେଉଚି ଅଜ୍ଞାନ । ଏଥିରୁ ମହତ୍‌ତତ୍ତ୍ୱ ଆଦି ଆଠ ପ୍ରକାରର ମାୟା ଉତ୍ପନ୍ନ ହୋଇ ଜ୍ଞାନର ଘୋର ଜଙ୍ଗଲ ସୃଷ୍ଟି ହୁଏ । ଏହାର ମୂଳରୁ ପ୍ରଥମେ ସ୍ୱେଦଜ, ଜରାୟୁଜ, ଉଦ୍‌ଭିଜ୍ଜ ଓ ଅଣ୍ଡଜ ଜୀବର ବିରାଟ ବିରାଟ ଚାରୋଟି ଶାଖା ବିସ୍ତୃତ

ହୋଇଥାଏ । ଏହାର ପ୍ରତ୍ୟେକ ଶାଖାରୁ ୮୪ ଲକ୍ଷ ପ୍ରଶାଖା ଜାତ ହୋଇଥାଏ । ଏହାହିଁ ହେଉଛି ଜୀବଜଗତ । ସେଥିରୁ ପୁଣି ସ୍ତ୍ରୀ, ପୁରୁଷ ନପୁଂସକ ଆଦି ଶାଖା ବାହାରିବାରେ ଏହା ତଳକୁ ଓଲଟି ଆସି ଦୋହଲିବାରେ ଲାଗେ । ଶାଖାଗୁଡ଼ିକର ଆନ୍ଦୋଳନବେଳେ ସମୟ ଅନୁଯାୟୀ ଏଗୁଡ଼ିକ ପରସ୍ପର ସହିତ ଲଗାଲଗି ହୋଇ ଆସନ୍ତି । ଏହି ସଂଯୋଗ ଫଳରେ ପୁଣି ତୀର୍ଯ୍ୟକ ଶାଖା ବାହାରେ । ବର୍ଷାକାଳର ମେଘ ଭଳି ଅଜ୍ଞାନହିଁ ସମସ୍ତଙ୍କୁ ଆଚ୍ଛାଦିତ କରି ରହିଥାଏ । ଶାଖାଗୁଡ଼ିକର ଦୋଳନକ୍ରିୟା ବିଭିନ୍ନ ଗୁଣରୂପକ ବାୟୁର ସଞ୍ଚାଳନ ଦ୍ୱାରା ହୋଇଥାଏ । ଗୁଣର କ୍ଷମତା ଅପରିମିତ । ଏହାର ଆଘାତ ଯୋଗୁଁ ବୃକ୍ଷ ତିନୋଟି ସ୍ଥାନରେ ଫାଟିଯାଏ । ରଜଗୁଣ ଅତ୍ୟନ୍ତ ଆନ୍ଦୋଳିତ ହେଲେ ମନୁଷ୍ୟ ଜାତିର ଶାଖା ଉଚ୍ଚକୁ ଉଠେ । ଏହା ଉପରେ ନୁହଁ କି ନିମ୍ନରେ ନୁହଁ, ମଧ୍ୟସ୍ଥଳରେ ଅବସ୍ଥାନ କରେ । ଏଥିରୁ ଚାରିବର୍ଣ୍ଣର ଶାଖା ବିସ୍ତାରିତ ହୁଏ । ବେଦ ନିଷେଧ ବାକ୍ୟର ଅପୂର୍ବ ପଲ୍ଲବ ଅଙ୍କୁରିତ ହୋଇଉଠେ । ଅର୍ଥ ଓ କାମର ନବପଲ୍ଲବ ଦେଖାଦିଏ । ପୁରୁଷାର୍ଥ ଏହା ଦେହରେ କ୍ଷଣିକ ସାଂସାରିକ ଫଳ ଫଳାଏ । ପ୍ରବୃତ୍ତିମାର୍ଗ ବୃଦ୍ଧି ପାଇବାମାତ୍ରେ ଶୁଭ ଓ ଅଶୁଭ କର୍ମର ଅଗଣିତ କ୍ଷୁଦ୍ର ଶାଖା ମଧ୍ୟ ଦେଖାଯାଏ । ଏହିଭଳିଭାବେ ପୂର୍ବଜନ୍ମର ପୁଣ୍ୟର ସ୍ରୋତ କ୍ଷୀଣ ହୋଇ ଆସିଲେ ଶରୀରରୁ ଶୁଷ୍କ ଶାଖା ଖସିପଡ଼େ ଏବଂ ନୂତନ ଶରୀର-ଶାଖା ଜନ୍ମେ । ମନୋମୁଗ୍ଧକର ଶବ୍ଦ ଓ ସ୍ୱାଭାବିକ ମୋହଆଦି ବିବିଧ ବିଷୟର ନବପଲ୍ଲବ ଜାତ ହୁଏ । ରଜଗୁଣର ପ୍ରବଳ ବାତ୍ୟାରେ ମନୁଷ୍ୟସମାଜର ଶାଖାଗୁଡ଼ିକ ବୃଦ୍ଧି ଲାଭ କରେ । ଏହା ହେଉଛି ମର୍ତ୍ତ୍ୟ ବା ମନୁଷ୍ୟଲୋକ । କ୍ଷଣିକ ପାଇଁ ରଜଗୁଣର ଗତି ବନ୍ଦ ହୋଇ ଆସିଲେ ତାମସଗୁଣର ପ୍ରବଳବାୟୁ ପ୍ରବାହିତ ହୋଇ ମନୁଷ୍ୟ-ଶାଖାର ତଳେ କୁକର୍ମ-ଶାଖାର ବାସନା ସୃଷ୍ଟି କରେ । କୁପଥର ଅଙ୍କୁର ଉଦ୍‌ଗତ ହୁଏ ଏବଂ ନାନାଦି ପ୍ରମୋଦର ପଲ୍ଲବ ଦେଖାଯାଏ । ସାମ ଓ ଯଜୁର୍ବେଦରେ କଥିତ ନିଷେଧାଦେଶର ଠିକ୍ ଅଗ୍ରଭାଗରେ ଏହି ପଲ୍ଲବର ଅବସ୍ଥିତ । ଅନ୍ୟକୁ ପୀଡ଼ାଦେବାଭଳି ନାନାଦି ଅକର୍ମ ଓ ବାରମ୍ବାର ଜନ୍ମ ମୃତ୍ୟୁର ଶାଖା ବୃଦ୍ଧି ପାଏ । ଜୀବ କର୍ମଭ୍ରଷ୍ଟ ହୋଇ ନୀଚ ଜାତିରେ ଏବଂ ପଶୁ, ପକ୍ଷୀ,

ଶୂକର, ବ୍ୟାଘ୍ର, ବିଛା ଓ ସର୍ପ ଆଦି ଯୋନିରେ ଜନ୍ମଗ୍ରହଣ କରେ ଏବଂ ସେହି ଶାଖାର ଗଛ ବୃଦ୍ଧି କରିଥାଏ । ଏହି ଶାଖାରେ ନିତ୍ୟ ନୂତନ ଫଳ ଫଳିଥାଏ ।

ହିଂସା, ଦ୍ୱେଷ, ଈର୍ଷା ଆଦି ପ୍ରବୃତ୍ତିର ଉଦୟ ଏବଂ କୁକର୍ମର ଅଙ୍ଗ ଦ୍ୱାରା ଯେଉଁ ଜନ୍ମଲାଭ ହୁଏ, ତା ଦେହରୁ ମଧ୍ୟ ଗଜା ବାହାରେ । ତରୁ, ତୃଣ, ଲୌହ, ଖଣିଜ ପଦାର୍ଥ, ମୃତ୍ତିକା, ପ୍ରସ୍ତରରୂପକ ଶାଖାରେ ମଧ୍ୟ ଅନୁରୂପ ଗଜା ହୁଏ । ହେ ଅର୍ଜୁନ ! ମନୁଷ୍ୟଠାରୁ ଆରମ୍ଭକରି ସ୍ଥାବର ପର୍ଯ୍ୟନ୍ତ ସର୍ବତ୍ର ଏହି ଭାବରେ ଶାଖା ବିସ୍ତୃତ । ମନୁଷ୍ୟ ଜୀବନ ହେଉଚି ଏହି ସଂସାରବୃକ୍ଷର କେନ୍ଦ୍ରସ୍ଥଳ । ତାମସ, ରାଜସ, ସାତ୍ତ୍ୱିକ ଆଦି ଭଲ ମନ୍ଦ ମିଶ୍ରିତ ଅଙ୍କୁର ଏହାର ତଳଆଡୁ ଜନ୍ମେ । ହେ ଅର୍ଜୁନ ! ଉପରଆଡୁ ଦେଖି ଏହାର ମୁଳକୁ ଲକ୍ଷ୍ୟ କଲେ ତଳ ଶାଖା ମଝିରେ ଥିବାଭଳି ମନେହେବ । ମନୁଷ୍ୟ ଜୀବନ ହିଁ ଏହି ଶାଖା ପ୍ରଶାଖାମାନଙ୍କ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମୂଳ ହିଁ କେନ୍ଦ୍ରକୁ ଶକ୍ତି ଯୋଗାଏ ଏବଂ ଏହି କେନ୍ଦ୍ର ଦେଇ ବିଭିନ୍ନ ଶାଖା ପ୍ରଶାଖାକୁ ଶକ୍ତି ପ୍ରବାହିତ ହୁଏ । ମାନବ ଶରୀରର ମୂଳ ଉପରଆଡ଼କୁ ଥିଲେ ମଧ୍ୟ ଏହା ହେଉଚି କର୍ମବୃଦ୍ଧିର କାରଣ । ଶାଖା ସହିତ ସଂଯୁକ୍ତ ବୋଲି ଏହାର ମୂଳ ଦୃଢ଼ । ମନୁଷ୍ୟ ଶରୀର ମଧ୍ୟ କର୍ମ ଯୋଗୁଁ ବୃଦ୍ଧି ଲାଭ କରିଥାଏ । ଦେହ ଲାଭ କରି କର୍ମତ୍ୟାଗ ସମ୍ଭବ ନୁହେଁ ।

ଜଗତ୍‌ପିତା ଶ୍ରୀକୃଷ୍ଣ ସରଳ ଭାବରେ ପୁଣି ବୁଝାଇ କହିଲେ, ହେ ଅର୍ଜୁନ ! ମନୁଷ୍ୟ ଶରୀର ଯେ କର୍ମମୟ ଶାଖାର ମୂଳ ଏହାକୁ ଅସ୍ୱୀକାର କରାଯାଇ ନ ପାରେ । ତମୋଗୁଣର ଗାଢ଼ ଅନ୍ଧକାର ମଧ୍ୟରେ ସତ୍ତ୍ୱଗୁଣର ବାୟୁ ପ୍ରବାହିତ ହେଲେ, ମନୁଷ୍ୟ ଦେହରେ ହିଁ ସଦ୍‌ଚିନ୍ତାର ଅଙ୍କୁର ଓ ସୁକୃତିର ନବପଲ୍ଲବ ଦେଖାଦିଏ । ଜ୍ଞାନୋଦୟ ସଙ୍ଗେ ସଙ୍ଗେ ସଦ୍‌ବୁଦ୍ଧିର ଅଗ୍ରଗତି ଘଟେ । ଦେହରେ ବଳବୀର୍ଯ୍ୟର ସଞ୍ଚାର ଘଟେ । ମନରେ ସ୍ଫୁର୍ତ୍ତି ଆସେ । ବିବେକ ଉଦୟ ହୁଏ । ସଦାଚରଣର ବହୁ ପଲ୍ଲବ ଜନ୍ମେ । ବେଦବାକ୍ୟର ଧ୍ୱନିରେ ଶରୀର ପୁଲକିତ ହୋଇଉଠେ । ଶିଷ୍ଟାଚାର ଓ ଯଜ୍ଞାଦି ପୂଜାପାଠ, ଈଶ୍ୱର ଆରାଧନାଆଦି ବହୁ ସତ୍‌କର୍ମ ରୂପକ ପତ୍ର ଜାତ ହୁଏ । ଯମ ନିୟମାଦି ଗୁଚ୍ଛଯୁକ୍ତ ତପସ୍ୟାର ଶାଖା ବୃଦ୍ଧି ପାଇ ଏହା ବୈରାଗ୍ୟରୂପକ ଶାଖା ସହିତ ସଂଯୁକ୍ତ ହୁଏ । ଆତ୍ମସଂଯମ,

ଏକାଗ୍ରତା, ସ୍ଥିରଚିତ୍ତତା ଆଦି ଏହି ଶାଖାକୁ ଉପରକୁ ନେଇଯାଏ ଏବଂ ସତ୍ତ୍ୱରୂପକ ବାୟୁ ଦ୍ୱାରା ଏହା ଶାନ୍ତିରେ ଆନ୍ଦୋଳିତ ହୋଇଥାଏ । ଧର୍ମମୟ ଶାଖାରୁ ଜନ୍ମରୂପକ ସରଳଶାଖା ବାହାରେ ଏବଂ ଏହାର ଫଳ ହେଉଚି ସ୍ୱର୍ଗସୁଖ । ଏହି ଶାଖା କ୍ରମଶଃ ଆପେ ଆପେ ମୋକ୍ଷଲାଭ କରେ ।

ସୃଷ୍ଟି ବୃକ୍ଷର ଆଉ ବହୁ ଶାଖା ମଧ୍ୟ ରହିଛି ଯଥା ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ପିତୃଗଣ, ଋଷି ଓ ବିଦ୍ୟାଧର ପ୍ରଭୃତି । ଏମାନଙ୍କଠାରୁ ଉନ୍ନତ ଶାଖା ମଧ୍ୟ ରହିଛି । ଏଥିରୁ ଇନ୍ଦ୍ରାଦି ମହାଶାଖା ଉତ୍ପନ୍ନ ହୋଇଥାଏ । ସେମାନଙ୍କ ଉପରେ ମରୀଚି, କଶ୍ୟପ ପ୍ରଭୃତି ମହାମହା ତପସ୍ୱୀମାନଙ୍କର ଶାଖା । ଶାଖା ଉପରେ ଶାଖା ଜନ୍ମିଥାଏ । ଊର୍ଦ୍ଧ୍ୱଶାଖାର ବିସ୍ତାର ମୂଳଆଡ଼କୁ ଅଳ୍ପ କିନ୍ତୁ ଏହି ଶାଖାର ଅଗ୍ରଭାଗ ଶ୍ରେଷ୍ଠ ଫଳଦାୟକ । ଏସବୁ ଶାଖାର ଉପରେ ବ୍ରହ୍ମା ଓ ଶଙ୍କରଙ୍କ ଶାଖା । ଫଳଭାରରେ ଅବନତ ହୋଇ କେତେକ ଶାଖା ମୂଳ ସହିତ ସଂଯୁକ୍ତ ହେବାକୁ ଚାହିଁ ଥାଆନ୍ତି । ଜ୍ଞାନବୁଦ୍ଧିର ଶାଖା ଏହିଭଳି ଭାବରେ ମୂଳପର୍ଯ୍ୟନ୍ତ ଅବନତ ହୋଇ ଆସେ, କିନ୍ତୁ ବ୍ରହ୍ମା ଓ ଶିବଙ୍କ ପରେ ଆଉ କୌଣସି ଶାଖାର ବୃଦ୍ଧି ହୋଇ ନଥାଏ । ତାପରେ କେବଳ ବ୍ରହ୍ମର ହିଁ ଅବସ୍ଥାନ । ସ୍ୱୟଂ ବ୍ରହ୍ମାଙ୍କ ସାମର୍ଥ୍ୟ ମଧ୍ୟ ବ୍ରହ୍ମ ସହିତ ତୁଳନୀୟ ନୁହେଁ । ଉଚ୍ଚଶାଖାରେ ଅବସ୍ଥିତ ପ୍ରସିଦ୍ଧ ସନକାଦି ସପ୍ତମହର୍ଷି ଫଳ ବା ମୂଳକୁ ସ୍ପର୍ଶ କରି ବ୍ରହ୍ମମୟ ହୋଇ ପଡ଼ିଛନ୍ତି । ମନୁଷ୍ୟଠାରୁ ଆରମ୍ଭ କରି ବ୍ରହ୍ମଲୋକ ପର୍ଯ୍ୟନ୍ତ ଶାଖାର ବିସ୍ତାର ଊର୍ଦ୍ଧ୍ୱମୂଳ ଏହି ସଂସାରବୃକ୍ଷର ଉପରେ ଓ ତଳେ ଉଭୟ ଦିଗରେ ଅଗଣିତ ଶାଖାର ବିସ୍ତାର । ଏହା ଅଲୌକିକ ।

ଏହି ବୃକ୍ଷକୁ ଉପାଡ଼ିବାର ଉପାୟ କ'ଣ କହୁଛି ଶୁଣ ।

ନ ରୂପମସ୍ୟେହ ତଥୋପଲଭ୍ୟତେ
ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା ।
ଅଶ୍ୱତ୍ଥମେନଂ ସୁବିରୂଢ଼ମୂଳ-
ମସଙ୍ଗଶସ୍ତ୍ରେଣ ଦୃଢ଼େନ ଛିତ୍ତ୍ୱା ।।୩।।

ହେ କିରୀଟି ! ଏହି ବିରାଟ ବୃକ୍ଷକୁ ଉପାଡ଼ିବା କିପରି ସମ୍ଭବ ଏକଥା ତମେ ଭାବିପାର । ଏହାର ଉପରର ଶାଖା ବ୍ରହ୍ମଲୋକ ପର୍ଯ୍ୟନ୍ତ ବ୍ୟାପିଚି ଏବଂ ମୂଳ ନିରାକାର ବ୍ରହ୍ମ ପର୍ଯ୍ୟନ୍ତ ମାଡ଼ି ରହିଛି । ତଳେ ମଧ୍ୟ ଏହାର ବହୁ ଶାଖା ପ୍ରଶାଖା । ମଧ୍ୟଭାଗରେ ମନୁଷ୍ୟ ଜାତିର ଦ୍ୱିତୀୟ ମୂଳ । ଏହି ଦୃଢ଼ ଓ ବିସ୍ତୃତ ବୃକ୍ଷର ବିନାଶ ଘଟେଇବ କିଏ ? ହେ ଅର୍ଜୁନ ! ଏପରି କଳ୍ପନାକୁ ମନରେ ସ୍ଥାନ ଦିଅନା । ପିଲା ମନରୁ ଭୂତ ଭୟ ଛଡ଼େଇବା କ'ଣ କଷ୍ଟକର କାମ ? ଆକାଶରେ କଳ୍ପନା କରାଯାଉଥିବା ଦୁର୍ଗକୁ ଭାଙ୍ଗିବାପାଇଁ ପରିଶ୍ରମ କରିବାକୁ ପଡ଼ିଥାଏ କି ? ଠେକୁଆର ଶିଙ୍ଗକୁ ଭାଙ୍ଗିବାପାଇଁ କେହି କ'ଣ କେବେ ଚିନ୍ତା କରିଥାଏ ? ଠେକୁଆର ଶିଙ୍ଗ ନ ଥାଏ, ତେଣୁ ତାକୁ ଭାଙ୍ଗିବାର ପ୍ରଶ୍ନ ବା ଉଠିବ କାହିଁକି ? ଆକାଶକୁସୁମର ଅସ୍ତିତ୍ୱ ଥିଲେ ସିନା ଏହାକୁ ତୋଳିବା କଥା ଉଠିପାରେ । ସେହିଭଳି ହେ ବୀର ଅର୍ଜୁନ ! ସଂସାରଟା ପ୍ରକୃତରେ କୌଣସି ବୃକ୍ଷ ନୁହେଁ, ତେଣୁ ଏହାକୁ ଉପାଡ଼ିବା ସେଭଳି ପରିଶ୍ରମ ସାପେକ୍ଷ ନୁହଁ । ବନ୍ଧ୍ୟାର ଘର ସନ୍ତାନସନ୍ତତିରେ ଭର୍ତ୍ତିଥିବା ଭଳି ଏବଂ ସ୍ୱପ୍ନରେ କଥାବାର୍ତ୍ତା କରିବାଭଳି ଏହା ଏକ ଅବାନ୍ତର ବ୍ୟାପାର । ମୁଁ ଯେପରି ଭାବରେ ବର୍ଣ୍ଣନା କରିଚି, ସେଭଳି ବୃକ୍ଷ ଯଦି ପ୍ରକୃତରେ ଥାଏ, ତାକୁ ଉପାଡ଼ିବ କିଏ ? ରାଜାଙ୍କୁ କଇଁଚଦୁଧର ଲହୁଣୀ ପରଷିବା (କାରଣ କଇଁଚ ଦୁଧ ଦିଏନା କିମ୍ବା ଲହୁଣୀ ଦିଏନା) ଭଳି ଏହା ଅବାସ୍ତବ । କେବଳ ଦୂରରୁ ମରୀଚିକାରେ ପାଣିଥିବାଭଳି ମନେହୋଇଥାଏ । କୌଣସି ଧାନଗଛ କିମ୍ବା କଦଳୀଗଛ କାଠର କାମ ଦିଏନା । ତେଣୁ ମୂଳ ଯାହାର ମିଥ୍ୟା, ତାର ଫଳ କିପରି ସତ୍ୟ ହେବ ? ଏହି ସଂସାର ବୃକ୍ଷର ମୂଳ ହେଉଛି ଅଜ୍ଞାନ । ଯେଉଁ ଅଜ୍ଞାନ ମିଥ୍ୟା, ତାର କାର୍ଯ୍ୟ କିପରି ବା ସତ୍ୟ ହେବ ?

ସଂସାରବୃକ୍ଷ ନିଶ୍ଚିତଭାବରେ ମିଥ୍ୟା । ତେବେ ଏହାକୁ ଅନନ୍ତ ବୋଲି ଯାହା କୁହାଯାଇଛି, ଗୋଟିଏ ଦିଗରୁ ତାହା ଯଥାର୍ଥ । ନିଦ୍ରା ଥିବାଯାଏଁ ଚୈତନ୍ୟ ଆସିବ କୁଆଡୁ ? ରାତି ଶେଷ ହେବା ପୂର୍ବରୁ ସକାଳ ହୋଇପାରେ କି ? ହେ

ପାର୍ଥ ! ସେହିଭଳି ବିବେକ ଉଦୟ ନ ହେବା ପର୍ଯ୍ୟନ୍ତ ଏହି ସଂସାର ବୃକ୍ଷର ଶେଷ ହୁଏ ନାହିଁ । ବାୟୁ ସ୍ତବ୍ଧ ନ ହେବା ପର୍ଯ୍ୟନ୍ତ ସମୁଦ୍ରରେ ଅଗଣିତ ତରଙ୍ଗ ସୃଷ୍ଟି ହୋଇ ଚାଲିଥାଏ । ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ମରୀଚିକା ଦୂର ହୋଇଯାଏ । ପ୍ରଦୀପର ନିର୍ବାଣ ସଙ୍ଗେ ସଙ୍ଗେ ଏହାର ପ୍ରଭା ନଷ୍ଟ ହୋଇଯାଏ । ସେହିଭଳି ମୂଳ ଅଜ୍ଞାନର ବିନାଶ ଦ୍ୱାରା ଜ୍ଞାନର ପ୍ରକାଶ ଘଟିଲେ ସଂସାରବୃକ୍ଷ ଶେଷ ହୋଇଯାଏ । ଏହି ବୃକ୍ଷକୁ ଅନାଦି କୁହାଯାଇଛି । ପୂର୍ବରୁ ଯାହାସବୁ କୁହାଯାଇଛି ତଦନୁଯାୟୀ ଏକଥା ମିଥ୍ୟା ନୁହଁ । ତେବେ ସଂସାରବୃକ୍ଷର ତିଳେ ମାତ୍ର ସତ୍ୟତା ନାହିଁ । ଯାହାର ଅସ୍ତିତ୍ୱ ନାହିଁ, ତାର ଆରମ୍ଭ କିପରି ସମ୍ଭବ ? ସତ୍ୟର ଉତ୍ପତ୍ତି ସ୍ଥଳକୁ ଆଦି କୁହାଯାଏ । ବସ୍ତୁତଃ ଯାହାର ଉତ୍ପତ୍ତି ନାହିଁ, ତାର ଆଦି ନିର୍ଦ୍ଧାରିତ ହେବ କିପରି ? ଯାହାର ଜନ୍ମ ନାହିଁ ବା ଅସ୍ତିତ୍ୱ ନାହିଁ, ତାର ଜନନୀ କିଏ ? ତେଣୁ ଏହାର ଜନ୍ମ ହୋଇ ନାହିଁ ବୋଲି ଏହାକୁ ଅନାଦି କୁହାଯାଉଛି । ଅର୍ଥାତ୍ ଯାହାର ଅସ୍ତିତ୍ୱ ନାହିଁ ସେ ଅନାଦି ବା ଶାଶ୍ୱତ । ବନ୍ଧ୍ୟାର ପୁତ୍ରର ଜାତକ ପ୍ରସ୍ତୁତ କରିବା କ'ଣ ସମ୍ଭବ ? ମାଟିର ଘଟ ତିଆରି ନ କରିବା ପର୍ଯ୍ୟନ୍ତ ମାଟିଘଟର ଅସ୍ତିତ୍ୱ ନଥାଏ । ସେହିଭଳି ଏହି ବୃକ୍ଷର ଆରମ୍ଭ ନାହିଁ କି ଶେଷ ନାହିଁ । ତେଣୁ ସାଧାରଣ ଜୀବନରେ ଆମେ ଯାହାଦେଖୁ, ତାହା ସମ୍ଭବ ନୁହଁ । ମରୀଚିକାର ଜଳ କୈଳାସ ପର୍ବତରୁ ନିର୍ଗତ ହୁଏ ନାହିଁ କିମ୍ବା ସମୁଦ୍ରରେ ପଡ଼େନାହିଁ । ଏହି ଭ୍ରମ ସୂର୍ଯ୍ୟକିରଣରୁ ଜାତ ହୁଏ ଏବଂ ଏହା ଅବାସ୍ତବ । ଏହା ମଝିମଝିରେ ମିଥ୍ୟାକୁ ପ୍ରତିପାଦନ କରେ ମାତ୍ର । ସଂସାରର ଆଦି ଓ ଅନ୍ତ ନାହିଁ । କେବେହେଲେ ଏହା ସତ୍ୟ ନୁହଁ । କେବଳ ମିଥ୍ୟାଶ୍ରୟରେ ଏହା ପ୍ରତିଭାତ ହୋଇଥାଏ । ଇନ୍ଦ୍ରଧନୁ ବହୁବର୍ଣ୍ଣରେ ବିଚିତ୍ର ଦେଖାଯିବାଭଳି ସଂସାରବୃକ୍ଷ ଅଜ୍ଞାନ ହେତୁ ସତ୍ୟଭଳି ମନେହୁଏ । ବହୁରୂପୀଙ୍କ ଭଳି ଏ ସଂସାର ଅଜ୍ଞାନୀକୁ ନାନା ଭ୍ରମରେ ପକାଏ ।

ଆକାଶ କେବେହେଲେ ନୀଳ ନୁହଁ, ତଥାପି ସାଧାରଣ ଆଖିକୁ ଏହା ନୀଳ ଦେଖାଯାଏ । ଯାଦୁକର ନାନା କୁହୁକ ଦେଖାଇବା ଭଳି ଏହି ସଂସାର,

ଜୀବକୁ ନାନା କୁହୁକ ଦେଖାଇ ମୋହିତ କରାଏ । ସଂସାରର ଅସ୍ତିତ୍ୱ ନ ଥିଲେ ମଧ୍ୟ ଏହା ପ୍ରତିକ୍ଷଣରେ ଉତ୍ପନ୍ନ ହୋଇ ବିଲୀନ ହୋଇପଡୁଥିବାଭଳି ମନେହୁଏ । ସ୍ୱପ୍ନ ମିଥ୍ୟା, ତଥାପି ଏହା ଏକପ୍ରକାର ନୁହଁ ! ସ୍ୱପ୍ନର ଯେଉଁ ଆଭାସ ମିଳେ, ଜାଗ୍ରତ ଅବସ୍ଥାରେ ତାହା ଉଭେଇଯାଏ । ପୁଷ୍କରିଣୀରେ ଚନ୍ଦ୍ରର ପ୍ରତିବିମ୍ବ ଦେଖାଯାଏ, କିନ୍ତୁ ଏହା ଚନ୍ଦ୍ର ନୁହଁ, ଏହାକୁ ଧରାଯାଇପାରେନା । ସେହିଭଳି ସଂସାର ଏକ ପ୍ରତିବିମ୍ବ ମାତ୍ର । ଏହା ଥିଲାଭଳି ଦେଖାଗଲେ ମଧ୍ୟ ଏହାର ଅସ୍ତିତ୍ୱ ନାହିଁ । ସାଂସାରିକ ଜୀବନରୂପକ ତରଙ୍ଗ ଏତେ କ୍ଷିପ୍ର ଗତିରେ ଆସେ ଓ ଯାଏ ଯେ ବିଦ୍ୟୁତ୍ ମଧ୍ୟ ଏହାକୁ ଧରିବା ସମ୍ଭବ ନୁହଁ । ଗ୍ରୀଷ୍ମଋତୁ ଶେଷରେ ବାୟୁର ଗତି କ୍ଷଣକ୍ଷଣିକେ ବଦଳେ । ଏହା ଚାରିଦିଗରୁ ପ୍ରବାହିତ ହୋଇଥାଏ । ତେଣୁ ଏହା କେଉଁ ଦିଗରୁ ପ୍ରବାହିତ ହେଉଛି କହିହୁଏନା । ସଂସାରମହାବୃକ୍ଷର ପରିବର୍ତ୍ତନ ସୁନିଶ୍ଚିତ । ଏହି ବୃକ୍ଷର ଆଦି, ଅନ୍ତ କିମ୍ବା ସ୍ଥିତି ନାହିଁ । ତେଣୁ ଯାହାର କିଛି ନାହିଁ, ତାକୁ ଉପାଡ଼ିବା ଆଦୌ କଷ୍ଟକର ନୁହଁ । ଯିଏ ଜନ୍ମଲାଭ ନକରି ମଧ୍ୟ ଅଜ୍ଞାନ ଯୋଗୁଁ ବୃଦ୍ଧି ପାଇଚି, ହେ କିରୀଟି ! ଏହାକୁ ଆତ୍ମଜ୍ଞାନରୂପକ ଶସ୍ତ୍ରଦ୍ୱାରା ବିନାଶ କର । ଜ୍ଞାନ ବ୍ୟତୀତ ଅନ୍ୟ କୌଣସି ଉପାୟରେ ଏହାକୁ ନଷ୍ଟ କରିପାରିବ ନାହିଁ, କାରଣ ଏହାର ମୂଳ ଦୃଢ଼ । ଏହି ସଂସାରବୃକ୍ଷ ସହିତ ଘନିଷ୍ଠତା କରି ବସିଲେ ତୁମକୁ ଏ ଶାଖାରୁ ସେ ଶାଖା, ମୂଳରୁ ଅଗ୍ରଭାଗକୁ— ଏଭଳି ଏପଟରୁ ସେ ପଟକୁହିଁ ହେବାକୁ ପଡ଼ିବ । ତେଣୁ ମୂଳ ଅଜ୍ଞାନକୁ ଯଥାର୍ଥ ଜ୍ଞାନଦ୍ୱାରା କାଟିପକାଅ । ଦଉଡ଼ିକୁ ସାପ ବୋଲି ଭାବି ତାକୁ ବାଡ଼ିରେ ପିଟିବା ବୃଥା । ଏଥିରେ ପରିଶ୍ରମ ହିଁ ସାର ହୋଇଥାଏ । ମରୀଚିକାକୁ ଅତିକ୍ରମ କରିବା ପାଇଁ ନୌକା ପାଇବାଲାଗି ଗଭୀର ନଦୀରେ ପ୍ରବେଶ କଲେ ବୁଡ଼ି ମରିବା ସାର ହୁଏ । ସେହିଭଳି ମିଥ୍ୟା ସଂସାରକୁ ଧ୍ୱଂସ କରିବାଲାଗି ପନ୍ଥା ଅନ୍ୱେଷଣ କରୁକରୁ ମନୁଷ୍ୟ ନିଜର ଅନିଷ୍ଟ କରିବା ସଙ୍ଗେ ସଙ୍ଗେ ଅଧିକ ଭ୍ରମରେ ହିଁ ପଡ଼ିଥାଏ ।

ହେ ଧନଞ୍ଜୟ ! ସ୍ୱପ୍ନରେ କୌଣସି ଆଘାତ ପାଇଲେ, ତାର ଏକମାତ୍ର ଔଷଧ ବା ପ୍ରତିକାର ହେଉଚି ଚେଇଁଉଠିବା । ତେଣୁ ଅଜ୍ଞାନର ମୂଳ ଯେଉଁ

ସଂସାର, ତାକୁ ଛେଦନ କରିବାପାଇଁ ଏକମାତ୍ର ଶସ୍ତ୍ର ହେଉଚି ଜ୍ଞାନ । କିନ୍ତୁ ଏହି ଶସ୍ତ୍ର ଚାଳନା ଲାଗି ତାଲିମ ନେବାକୁ ପଡ଼ିବ । ଏହି ତାଲିମ ହେଉଛି ବୈରାଗ୍ୟବଳରେ ବୁଦ୍ଧିକୁ ଜ୍ଞାନମୁଖୀ କରାଇବା । ବୈରାଗ୍ୟ ଉଦୟ ହେବାମାତ୍ରେ ଧର୍ମ, ଅର୍ଥ ଓ କାମନାକୁ କୁକୁରର ବାନ୍ତି ଭଳି ଘୃଣ୍ୟ ମନେକରି ତ୍ୟାଗ କରିବାକୁ ପଡ଼ିବ । ହେ ପାଣ୍ଡବ ! କେବଳ ଗୋଟିଏ କ୍ଷେତ୍ରରେ ବୈରାଗ୍ୟ ଯଥେଷ୍ଟ ନୁହଁ । ସର୍ବତ୍ର ବୈରାଗ୍ୟ ଆବଶ୍ୟକ । ଦେହାଭିମାନର କୋଷ ଭିତରୁ 'ମୁଁ ଆତ୍ମା' ଏହି ଜ୍ଞାନର ତରବାରି ବାହାର କରି ବିବେକ ପଥରରେ ତାକୁ ଶାଣିତ କରିବାକୁ ପଡ଼ିବ, ତା'ପରେ 'ବ୍ରହ୍ମାଽସ୍ମି' ଜ୍ଞାନର ତୀକ୍ଷ୍ଣ ତରବାରିରେ ଆତ୍ମଜ୍ଞାନର ତୈଳ ଲଗାଇ ହାତରେ ଧରିବାକୁ ପଡ଼ିବ । ଦୃଢ଼ ବିଶ୍ୱାସ ରୂପକ ମୁଠାଦ୍ୱାରା ଏହାକୁ ଦୃଢ଼ଭାବରେ ଧରି ଏହାଦ୍ୱାରା ସଂସାରବୃକ୍ଷକୁ ଛେଦନ କରି, ହେଉଛି କି ନାହିଁ ଚୋଟେ ଦିଚୋଟ ପକାଇ, ପରୀକ୍ଷା କରି ନେବାକୁ ପଡ଼ିବ । ଜ୍ଞାନ ଏକ ତରବାରି । 'ତୁମେ ଏକ ଅଭିନ୍ନ' ଯୋଗବଳରେ ବା ନିଦିଧ୍ୟାସନରେ ଏହା ବୁଝିନେଲେ, ଏଣିକି ଚୋଟ ପକାଇବାଲାଗି ଆପେ ଆପେ ଆତ୍ମଶକ୍ତି ଆସିଯିବ । ତା'ପରେ ପବନ ମେଘକୁ ଭାଙ୍ଗିଦେବା, ସୂର୍ଯ୍ୟ ଅନ୍ଧକାରକୁ ବିନାଶ କରିବା ଏବଂ ଜାଗୃତି ସ୍ୱପ୍ନକୁ ଧ୍ୱଂସ କରିଦେବା ଭଳି ଆତ୍ମଜ୍ଞାନର ତରବାରି ଏହି ସଂସାରବୃକ୍ଷକୁ ଅଚିରେ କାଟି ନିପାତ କରିଦେଇପାରିବ । ଚନ୍ଦ୍ରାଲୋକରେ ମରୀଚିକାର ସତ୍ତା ଯେପରି ରହେନା, ସେହିଭଳି ସଂସାରବୃକ୍ଷର କୌଣସି ସତ୍ତା ରହିବ ନାହିଁ । ସେତେବେଳେ ସଂସାରବୃକ୍ଷର ତଳ କେଉଁଟା, ଉପର କେଉଁଟା, ଏହା ଅଶ୍ୱତ୍ଥ ବୃକ୍ଷ ଭଳି କି ନୁହଁ, ଏହାର କେତୋଟି ଶାଖା, କେତୋଟି ପ୍ରଶାଖା, ଏ ସବୁର ଗଣନା କରିବାର ପ୍ରଶ୍ନ ଉଠିବ ନାହିଁ ।

ତତଃ ପଦଂ ତତ୍ ପରିମାର୍ଗିତବ୍ୟଂ
ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ
ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ॥୪॥

ଏହା ପରେ ଯେଉଁ ଆତ୍ମସ୍ୱରୂପ ରହିଛି, ତାକୁ ଚିହ୍ନିବାକୁ ପଡ଼ିବ । ଏହାର ଆକାର ନାହିଁ କିମ୍ବା ସମ୍ପତ୍ତିବାଡ଼ି କିଛି ନାହିଁ । ମୂଢ଼ ଲୋକ ଦର୍ପଣରେ ସେହି ଗୋଟିଏ ରୂପକୁ ଅଲଗା ଦର୍ଶନ କରିଥାଏ । ସେହିଭଳି ଆତ୍ମସ୍ୱରୂପକୁ ଭିନ୍ନ ଭିନ୍ନ ଭାବରେ ଦର୍ଶନ କରାଯାଏ ନାହିଁ । କୂଅ ଖୋଳା ନ ଗଲେ ମଧ୍ୟ ମାଟିତଳେ ପାଣି ଅଛି ବୋଲି ସମସ୍ତେ ଜାଣନ୍ତି । ଜଳ ଶୁଖିଗଲେ ସୂର୍ଯ୍ୟର ପ୍ରତିବିମ୍ବ ସୂର୍ଯ୍ୟରେ ହିଁ ଆଶ୍ରୟ ନେଇଥାଏ । ଘଟ ଭିତରେ ଯେଉଁ ଶୂନ୍ୟତା ରହିଛି, ଘଟ ଭାଙ୍ଗିଗଲେ ତାହା ମହାଶୂନ୍ୟରେ ହିଁ ମିଳେଇଯାଏ । ଇନ୍ଧନରୁ ନିଆଁ ଲିଭିଗଲେ ନିଆଁର ଶକ୍ତି ଚାଲିଯାଏ । ଜିଭ ନିଜର ହିଁ ଆସ୍ୱାଦ ନିଏ, ଚକ୍ଷୁ ନିଜର ସ୍ୱରୂପକୁ ହିଁ ଦର୍ଶନକରେ । ଆତ୍ମସ୍ୱରୂପର ଦର୍ଶନ ଠିକ୍ ସେହିଭଳି । ଦ୍ରଷ୍ଟା ନ ହୋଇ ଦର୍ଶନ କରିବା ଉଚିତ୍ । କୌଣସି ବସ୍ତୁର ଜ୍ଞାତା ନ ହୋଇ ଜ୍ଞାନଲାଭ ଆବଶ୍ୟକ । ଏହା ଠିକ୍ ଆଲୋକ ସହିତ ଆଲୋକର ମିଶ୍ରଣ ଭଳି ଏବଂ ଆକାଶରେ ଆକାଶ ଘୋଡ଼େଇ ରହିବାଭଳି । ଆତ୍ମସ୍ୱରୂପକୁ ଉପଲବ୍ଧି କରିବାକୁ ହେଲେ ମନର ଏକତ୍ୱ ଅର୍ଥାତ୍ ଅଦ୍ୱୈତ ଭାବ ଆବଶ୍ୟକ । ତାକୁ ପାଇବା ଲାଗି ବେଦଠାରୁ ଆରମ୍ଭ କରି ନାନା ଶାସ୍ତ୍ରରେ କେତେ ଯେ ଉପାୟର ଉଲ୍ଲେଖ କରାଯାଇଛି, ତାର ସୀମା ନାହିଁ । ନାମ ସ୍ମରଣ ଲାଗି ବିଭିନ୍ନ ନାମ ଓ ଚିହ୍ନିବା ଲାଗି ବିଭିନ୍ନ ରୂପର ଅବତାରଣା କରାଯାଇଛି । ଋଷି ମହର୍ଷିମାନେ ସଂସାର ପ୍ରତି ବିରକ୍ତ ହୋଇ ପୁନର୍ଜନ୍ମକୁ ଏଡ଼େଇବା ଲାଗି ବୈରାଗ୍ୟର ପନ୍ଥା ଧରିଛନ୍ତି । ସଂସାର-ସାଗରକୁ ପାରି ହୋଇ ଏବଂ କର୍ମମୟ କ୍ଷେତ୍ରକୁ ଅତିକ୍ରମ କରି ବ୍ରହ୍ମଲୋକରେ ପହଞ୍ଚିବାଲାଗି କେତେ ନା କେତେ କଠୋର ତପସ୍ୟା କରିଛନ୍ତି । ଏପରିକି ଜ୍ଞାନାଭିମାନର ଉର୍ଦ୍ଧ୍ୱକୁ ଉଠି ସେମାନେ ବ୍ରହ୍ମ ଦର୍ଶନ ଲାଗି ବହୁ ଉଦ୍ୟମ କରିଛନ୍ତି । କିନ୍ତୁ ସେହି ଆଦ୍ୟବସ୍ତୁ ଯେ ଆତ୍ମସ୍ୱରୂପ, ତାକୁ ଜାଣିବା ଆବଶ୍ୟକ । ମୁଁ ଓ ତୁମେ— ଏହି ଭାବ ଅଳୀକ । ମୁଁ ଓ ତୁମେ ଏକ । ଶୀତଦିନେ କୁହୁଡ଼ି ଆସି କୁହୁଡ଼ି ସହିତ ମିଳେଇଯିବା ଦେଖାଯାଏ । ବିଭିନ୍ନ 'ଲୋକ' ଯଥା ଭୂଲୋକ, ସ୍ୱର୍ଗଲୋକ ଆଦି ଏକ ଲତାଭଳି ମାଡ଼ି ମାଡ଼ି ଯାଏ କିନ୍ତୁ ଏହା ଫଳହୀନ । ହେ ଧନଞ୍ଜୟ ! ଆତ୍ମସ୍ୱରୂପରେ ଥରେ ମିଳେଇଗଲେ ଆଉ ଫେରିବା ପ୍ରଶ୍ନ ନାହିଁ । ମହାପ୍ରଳୟ

ସମୟରେ ଜଳ ବ୍ୟତୀତ ଅନ୍ୟ କିଛି ନଥାଏ । ସେହିଭଳି ଜ୍ଞାନଲାଭଦ୍ୱାରା ଯିଏ ଏକଦୃଷ୍ଟି ସମ୍ପନ୍ନ ହୋଇ ଉଠେ, ସେ ସ୍ୱରୂପରେ ମିଳେଇଯାଏ ।

ନିର୍ମାନମୋହା ଜିତସଙ୍ଗଦୋଷା
ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।
ଦ୍ୱନ୍ଦୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ-
ର୍ଗଚ୍ଛନ୍ତ୍ୟମୂଢ଼ାଃ ପଦମବ୍ୟୟଂ ତତ୍ ॥୫॥

ଅଦ୍ୱୈତଭାବସମ୍ପନ୍ନ ବ୍ୟକ୍ତିର ଅବସ୍ଥା କ'ଣ ବର୍ଣ୍ଣନା କରୁଛି ଶୁଣ । ବର୍ଷାପରେ ମେଘ ଆକାଶ ଛାଡ଼ି ଚାଲିଯାଏ । ସେହିଭଳି ଅଦ୍ୱୈତ ଭାବାପନ୍ନ ବ୍ୟକ୍ତିର ମନର କୌଣସି କୋଣରେ ସୁଦ୍ଧା ଅହଂଭାବ କିମ୍ବା ମୋହ ନଥାଏ । ସେଗୁଡ଼ିକ ଛାଡ଼ି ଚାଲିଯାଇଥାନ୍ତି । ଆତ୍ମୀୟସ୍ୱଜନଙ୍କ ଶତ ତିରସ୍କାର ସତ୍ତ୍ୱେ ଅତ୍ୟନ୍ତ ଦରିଦ୍ର ଦୀନହୀନବ୍ୟକ୍ତି ସେମାନଙ୍କ ଆଶ୍ରୟ ଛାଡ଼ି ଯାଇପାରେନା । କିନ୍ତୁ ଏହାର (ଅଦ୍ୱୈତଭାବସମ୍ପନ୍ନ ବ୍ୟକ୍ତିର) ଦରିଦ୍ରତାଭଳି କୌଣସି ବନ୍ଧନ ନଥାଏ । କଦଳୀଗଛ ଥରେ କାନ୍ଧି ପକାଇବା ପରେ ଆଉ କାନ୍ଧି ଦିଏନା । ଲୋକେ ତାକୁ କାଟିପକାନ୍ତି । ସେହିଭଳି ଅଦ୍ୱୈତଭାବସମ୍ପନ୍ନ ବ୍ୟକ୍ତି ଆତ୍ମସ୍ୱରୂପ ଲାଭ କରିବାମାତ୍ରେ ତାର ସମସ୍ତ କର୍ମ ପ୍ରବଳ ହୋଇ ଧୀରେ ଧୀରେ ବନ୍ଦ ହୋଇ ଆସେ । ଗଛରେ ନିଆଁ ଲାଗିବା ଦେଖିବାମାତ୍ରେ ପକ୍ଷୀ ଇତସ୍ତତଃ ହୋଇ ଚାଲିଯାଏ, ସେହିଭଳି ଆତ୍ମସ୍ୱରୂପ ଦର୍ଶନରେ ତାର ସମସ୍ତ ସନ୍ଦେହ ଦୂର ହୋଇଯାଏ । ମନର ଯେଉ ଭାବରେ 'ମୁଁ ଓ ତୁମେ' ଆଦି ଭାବର ଉଦ୍ରେକ ହୋଇଥାଏ, ତାହାର କ୍ରିୟା ଏକାବେଳକେ ବନ୍ଦ ହୋଇଆସେ । ସୂର୍ଯ୍ୟକୁ ଦେଖିବାମାତ୍ରେ ଅନ୍ଧକାର ଯେପରି ଦୌଡ଼ିପଳାଏ, ସେହିଭଳି ଆତ୍ମସ୍ୱରୂପର ଦର୍ଶନମାତ୍ରେ, ଅଜ୍ଞାନ ଓ ଦେହାଭିମାନ ଅନ୍ତର୍ଦ୍ଧାନ ହୋଇଯାଏ । ଜୀବନ ଚାଲିଯିବାପରେ ଆତ୍ମା କେବଳ ଶରୀରରୁ ଚାଲିଯାଏ । ସେହିଭଳି ଆତ୍ମସ୍ୱରୂପ ଦର୍ଶନମାତ୍ରେ ଦ୍ୱୈତଭାବର ଭ୍ରମ ଚାଲିଯାଏ । ଏହି ଦ୍ୱୈତଭାବ ଅର୍ଥାତ୍ 'ସେ ଓ ମୁଁ ଅଲଗା' ଏହି ଭାବ ଚାଲିଯିବାପରେ ଦେହଭାବରୁ ଉତ୍ପନ୍ନ ଦୁଃଖ, ସୁଖ,

ଆନନ୍ଦଉଲ୍ଲସ, ଶୋକ, ଯନ୍ତ୍ରଣା ଆଦିର ଅନୁଭୂତି ଲୋପପାଏ । ସ୍ୱପ୍ନରେ ରାଜସିଂହାସନ ଲାଭ କିମ୍ବା ମୃତ୍ୟୁଚିନ୍ତାରୁ ଯେଉଁ ସୁଖ ଓ ଦୁଃଖ ଜାତ ହୋଇଥାଏ, ଜାଗ୍ରତ ଅବସ୍ଥାରେ ତାହା ରହେନା । ଗରୁଡ଼ ଆଗରେ ସର୍ପ ଫଣା ଉଠେଇ ନପାରେ । ସେହିଭଳି ଅଦ୍ୱୈତଭାବାପନ୍ନ ବ୍ୟକ୍ତି ସୁଖ ଦୁଃଖରୁ ଉତ୍ପନ୍ନ ପାପ ପୂଣ୍ୟ ଦ୍ୱାରା ବିଚଳିତ ହୁଏନା । ସେ ଅବାସ୍ତବତାକୁ ଛାଡ଼ି ଯାହା ବାସ୍ତବ ଅର୍ଥାତ୍ ଆତ୍ମଜ୍ଞାନକୁ ହିଁ ଗ୍ରହଣ କରିଥାଏ । ଯେଉଁ ଜଳ ବର୍ଷାକାରରେ ଉପରୁ ପଡ଼େ, ସୂର୍ଯ୍ୟ ତାର କିରଣ ସାହାଯ୍ୟରେ ସେହି ଜଳକୁ ପୁଣି ନେଇଯାଏ । ସେହିଭଳି ଅଦ୍ୱୈତଭାବାପନ୍ନ ଜ୍ଞାନୀ ଆତ୍ମଭ୍ରମରେ ଅନେକ ବସ୍ତୁରୂପରେ ବିସ୍ତୃତ ବ୍ରହ୍ମକୁ ଜ୍ଞାନଦୃଷ୍ଟି ଦ୍ୱାରା ଏକ କରିନିଏ । ଗଙ୍ଗା ପରିଶେଷରେ ଯେପରି ସମୁଦ୍ରରେ ଯାଇ ଲୀନ ହୁଏ, ସେହିଭଳି ଆତ୍ମସ୍ୱରୂପର ପରିଚୟ ପାଇବାମାତ୍ରେ ଜ୍ଞାନୀ ବିବେକକୁ ସୁଦ୍ଧା ହରାଇବସେ; କାରଣ ତାର ବିବେକ ଆତ୍ମସ୍ୱରୂପରେ ଡୁବିଯାଏ । ଗଗନ ତ ସର୍ବତ୍ର, ସେ ଅନ୍ୟତ୍ର ଯିବାର ପ୍ରଶ୍ନ ସୁଦ୍ଧା ଉଠି ନ ପାରେ । ସେହିଭଳି ଜ୍ଞାନୀବ୍ୟକ୍ତି ଏକାବେଳକେ କାମନାଶୂନ୍ୟ ହୋଇପଡ଼େ । ନିଆଁ ଲାଗିଥିବା ପାହାଡ଼ରେ ମଞ୍ଜି ପଡ଼ିଲେ ଗଜା ହୁଏନା । ସେହିଭଳି ଜ୍ଞାନୀର ହୃଦୟ-ସମୁଦ୍ରରେ ସମସ୍ତ ତରଙ୍ଗ ଶାନ୍ତ ହୋଇଆସେ । ପୂର୍ଣ୍ଣଚନ୍ଦ୍ର ଭଳି ତା ହୃଦୟ ସର୍ବଦା ପରିପୂର୍ଣ୍ଣ ରହିଥାଏ । ସେ ଅତୁଳନୀୟ । ଧୂଳି ପବନ ଆଗରେ ରହି ନ ପାରେ, ସେହିଭଳି ତା ପାଖରେ କୌଣସି ଇନ୍ଦ୍ରିୟର ତାଡ଼ନା ନଥାଏ । ଜ୍ଞାନାଗ୍ନିରେ ସେ ତାର କାମନାକୁ ପୋଡ଼ିଜାଳି ପାଉଁଶ କରିଦେଇଥାଏ । ସୁନାକୁ ଆଉଟେଇଲେ ତାହା ଯେପରି ଅଧିକ ଉଜ୍ଜ୍ୱଳ ହୋଇଉଠେ, ସେହିଭଳି ସେ ନିଜକୁ ଆଉଟେଇ ଆଉଟେଇ ଆତ୍ମସ୍ୱରୂପ ଲାଭ କରିଥାଏ । ଏହାକୁ କୁହାଯାଏ ''ତତ୍‌ପଦ'' ଲାଭ । ତତ୍‌ପଦ ହେଉଚି ସେହି ଅବିନାଶୀ ଆତ୍ମପଦ । ଦୃଷ୍ଟବସ୍ତୁ ଦ୍ୱାରା ଏହାକୁ ଦେଖାଯାଏନା । ଜ୍ଞେୟ ବସ୍ତୁଦ୍ୱାରା ଏହାକୁ ଜଣାଯାଏନା । ସେ ହେଉଚି ''ଅମୁକ ବସ୍ତୁ''— ଏଭଳି ମଧ୍ୟ କେହି ନିର୍ଦ୍ଦେଶ କରିପାରେନା ।

ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥୬॥

ଅଗ୍ନି କିମ୍ବା ଚନ୍ଦ୍ର ବା ସୂର୍ଯ୍ୟ ଯେଉଁମାନେ ପୃଥିବୀକୁ ଆଲୋକ ପ୍ରଦାନ କରିଥାଆନ୍ତି, କେହିହେଲେ ଏହାକୁ ଦେଖାଇବାପାଇଁ ସକ୍ଷମ ନୁହଁନ୍ତି । ଏହି ବସ୍ତୁ (ଆତ୍ମସ୍ୱରୂପ) ସ୍ୱୟଂ ଅଦୃଶ୍ୟ ରହି ସମଗ୍ର ବିଶ୍ୱକୁ ପ୍ରକାଶିତ କରିଥାଏ । ମୁକ୍ତାର ଭ୍ରମ ଦୂର ହେଲେ କ୍ରମଶଃ ରୌପ୍ୟର ସତ୍ୟସ୍ୱରୂପ ପ୍ରକାଶ ପାଏ । ରଜ୍ଜୁଭାବ ଦୂର ହେଲେ ସତ୍ୟ ସର୍ପଜ୍ଞାନ ହୁଏ । ଚନ୍ଦ୍ର, ସୂର୍ଯ୍ୟାଦି ଉଜ୍ଜ୍ୱଳ ଗ୍ରହମଣ୍ଡଳ ଏହାର ଅଧିଷ୍ଠାନରେ ପ୍ରକାଶିତ ହୁଏ । ଏହା ଏକ ବିରାଟ ତେଜପୁଞ୍ଜ । ଏହା ସର୍ବତ୍ର ସମଭାବରେ ସର୍ବଭୂତରେ ଅବସ୍ଥିତ । ଚନ୍ଦ୍ର, ସୂର୍ଯ୍ୟ ଅନ୍ତରରେ ତାର ଅଧିଷ୍ଠାନ । ଏଗୁଡ଼ିକ ତାର ଛାୟାଭଳି । ତେଜୋମୟ ପଦାର୍ଥର ପ୍ରଭା ହେଉଚି ଏହି ଆତ୍ମସ୍ୱରୂପ । ସୂର୍ଯ୍ୟୋଦୟରେ ଚନ୍ଦ୍ରମା ସହିତ ନକ୍ଷତ୍ରଗଣ ମଧ୍ୟ ଅସ୍ତମିତ ହୁଅନ୍ତି । ସେହିଭଳି ଆତ୍ମାର ପ୍ରକାଶମାତ୍ରେ ଚନ୍ଦ୍ର ସୂର୍ଯ୍ୟ ସହିତ ସମଗ୍ର ଜଗତ ଅସ୍ତମିତ ହୁଏ । ଜାଗ୍ରତ ହେବାମାତ୍ରେ ସ୍ୱପ୍ନରଥ ଧ୍ୱଂସ ହୁଏ । ସନ୍ଧ୍ୟା ହେବାମାତ୍ରେ ମରୀଚିକା ଲୋପପାଏ । ସେହିଭଳି ମୋ ସ୍ୱରୂପରେ କୌଣସି ପ୍ରକାରର ଆଭାସ ରହିନପାରେ । ତାହା ହିଁ ମୋର ମୁଖ୍ୟଧାମ । ଯେଉଁ ବ୍ୟକ୍ତି ଅଗ୍ରସର ହୋଇ ସେହି ସ୍ୱରୂପରେ ମିଳିତ ହୁଏ, ସେ ସମୁଦ୍ରଗାମୀ ନଦୀ ଭଳି ଆଉ ଫେରିଆସେନା । ଲୁଣରେ ତିଆରି ହାତୀ ସ୍ନାନ କରିବାଲାଗି ସମୁଦ୍ର ଭିତରକୁ ପଶିବାପରେ ଆଉ ଫେରିଆସି ନ ପାରେ । ସେ ସମୁଦ୍ରରେ ହିଁ ମିଳେଇଯାଏ । ଅଗ୍ନିଶିଖା ସବୁବେଳେ ଉର୍ଦ୍ଧ୍ୱମୁଖୀ, ସେ ନିମ୍ନମୁଖୀ ହୁଏନା । ତତଲା ଲୁହା ଉପରେ ଜଳଟୋପା ପକାଇଲେ ଯେତେ ଖୋଜିଲେ ମଧ୍ୟ ଜଳ ଆଉ ମିଳେନା । ସେହିଭଳି ଯେଉଁ ବ୍ୟକ୍ତି ଶୁଦ୍ଧଜ୍ଞାନଦ୍ୱାରା ମୋ ସହିତ ଏକ ହୋଇଥାଏ, ତାର ଜନ୍ମ ମୃତ୍ୟୁ ଚକ୍ର ବନ୍ଦ ହୋଇଯାଏ ।

ଜ୍ଞାନରାଜ୍ୟର ରାଜା ଅର୍ଜୁନ ଶ୍ରୀକୃଷ୍ଣଙ୍କର ବାଣୀକୁ କାନଡେରି ନୀରବରେ ଶୁଣୁଥିଲେ । ସେ ହଠାତ୍ କହିଉଠିଲେ, ପ୍ରଭୋ ! ମୋ ପ୍ରତି ଆପଣଙ୍କର ଅଶେଷ କୃପା ! ମୋର ସନ୍ଦେହ ଦୂର କରନ୍ତୁ । ମୋର ପ୍ରଶ୍ନ ହେଉଛି— ଯେଉଁମାନେ ଶୁଦ୍ଧଜ୍ଞାନ ଦ୍ୱାରା ବ୍ରହ୍ମରେ ଲୀନ ହୁଅନ୍ତି, ସେମାନେ ତ ଆଉ ଫେରି ଆସନ୍ତି ନାହିଁ, କିନ୍ତୁ ତୁମ ସହିତ ଅଭିନ୍ନ ଭାବରେ ରହନ୍ତି କି ଭିନ୍ନ

ଭାବରେ ରହନ୍ତି ? ଅନାଦିସିଦ୍ଧ ଭିନ୍ନଭାବେ ରହିଲେ 'ସେ ଫେରିଆସେନା' ବୋଲି କହିବା ତ ଯୁକ୍ତିଯୁକ୍ତ ହେଉନି । ଭ୍ରମର ପୁଷ୍ପର ମଧୁ ଆସ୍ୱାଦନ କରିବାକୁ ଯାଇ କ'ଣ ସେ ପୁଷ୍ପ ହୋଇଯାଏ । ଶସ୍ତ୍ର ଯାହାକୁ ଲକ୍ଷ୍ୟକରି ମରାଯାଏ, ତାହା ସେ ବସ୍ତୁଠାରୁ ଭିନ୍ନ । ତେଣୁ ଏହା ଯାହାକୁ ଲକ୍ଷ୍ୟ କରି ମରାଯାଏ, ତାକୁ ସ୍ପର୍ଶ କରିବା ପରେ ତାଠାରୁ ଅଲଗା ହୋଇଯାଏ । ସେହିଭଳି ଜୀବ ମଧ୍ୟ ତୁମକୁ ସ୍ପର୍ଶ କରି ଅଲଗା ହୋଇଯିବା କଥା । କିନ୍ତୁ ତୁମେ କହୁଚ ଯେ ଜୀବ ତୁମ ସ୍ୱରୂପ ଲାଭ କରିବା ପରେ ତୁମ ସହିତ ମିଶିଯାଏ, ଆଉ ଫେରିଆସେନା । ଯଦି ଶୁଦ୍ଧଜ୍ଞାନୀ ତୁମର ରୂପ ଲାଭ କରେ, ତାହାହେଲେ କିଏ କାହା ସହିତ ମିଳିତ ହୁଏ ? ଶର ନିଜକୁ ନିଜେ ବିଦ୍ଧ କରିବ କିପରି ? ଦେହ ଓ ତାର ଅଙ୍ଗପ୍ରତ୍ୟଙ୍ଗ ପରସ୍ପରଠାରୁ ଅଲଗା ନୁହଁନ୍ତି । ସେହିଭଳି ତୁମ ସହିତ ଜୀବର ସଂଯୋଗ ଓ ବିୟୋଗକୁ କଳ୍ପନା କରାଯାଇ ନ ପାରେ । ସର୍ବଦା ଭିନ୍ନରୂପ ହେଲେ ତ ତୁମ ସହିତ ଏକରୂପ ହେବା ଅସମ୍ଭବ । ସେ ଫେରିଆସେ କି ନା ସେ କଥା ମଧ୍ୟ ଏକାବେଳକେ ନିରର୍ଥକ ।

ହେ ସର୍ବତୋମୁଖୀ ପ୍ରଭୋ ! କିଏ ଫେରିଆସେ ଏବଂ କିଏ ଆସେନା, ତାହା ମତେ ଭଲଭାବରେ ବୁଝାଇଦିଅନ୍ତୁ ।

ଅର୍ଜୁନଙ୍କ ଏହି ପ୍ରଶ୍ନକୁ ବିଚାର କରି ସର୍ବଜ୍ଞ ମୁକୁଟମଣି ଶ୍ରୀକୃଷ୍ଣ ଅର୍ଜୁନଙ୍କ ଭଳି ପରମ ଶିଷ୍ୟଙ୍କ ଜ୍ଞାନର ପରିଚୟ ପାଇ ସନ୍ତୋଷଲାଭ କଲେ ।

ଶ୍ରୀକୃଷ୍ଣ କହିଲେ, ଯିଏ ମତେ ଲାଭ କରି ଆଉ ଫେରିଆସେନା, ସେ ଭିନ୍ନ ଓ ଅଭିନ୍ନ ଦୁଇ ଭାବରେ ଥାଏ । ଗଭୀର ଭାବରେ ବିଚାର କଲେ ଜାଣିପାରିବ, ମୁଁ ଓ ସେ ସ୍ୱଭାବତଃ ଏକ । କିନ୍ତୁ ଉପରକୁ ଜଣାପଡ଼େ ସେ ମୋଠାରୁ ଭିନ୍ନ । ଚଞ୍ଚଳ ତରଙ୍ଗ ଜଳଠାରୁ ଭିନ୍ନ ଦେଖାଗଲେ ମଧ୍ୟ ଏହା ଭିନ୍ନ ନୁହେଁ । ସ୍ୱର୍ଣ୍ଣଦ୍ୱାରା ପ୍ରସ୍ତୁତ ଅଳଙ୍କାର ଭିନ୍ନ ଭିନ୍ନ ହେଲେ ମଧ୍ୟ ସ୍ୱର୍ଣ୍ଣ ଏକ । ହେ କିରୀଟି ! ଜ୍ଞାନଦୃଷ୍ଟିରେ ମୁକ୍ତ ପୁରୁଷ ଓ ମୁଁ ଅଭିନ୍ନ– ତେବେ ଅଜ୍ଞାନ ଯୋଗୁଁ ଭିନ୍ନ ମନେହୁଏ । ଯେଉଁଠି ଅଭିନ୍ନ ଭାବ ରହିଛି, ସେଠାରେ ଦ୍ୱୈତଭାବର

ବନୋତ୍ସବ ନିରର୍ଥକ । ଭେଦାଭେଦ କାହା ସହିତ ? ସୂର୍ଯ୍ୟର ବିମ୍ବ ଆକାଶର ସର୍ବତ୍ର ବ୍ୟାପ୍ତ ହୋଇ ରହିଲେ ପ୍ରତିବିମ୍ବ ପଡ଼ିବ କେଉଁଠି ? କିରଣ ବା ଯିବ କୁଆଡ଼େ ? ପ୍ରଳୟ ବେଳେ ଜଳ ଚତୁର୍ଦ୍ଦିଗ ବ୍ୟାପିଗଲେ ଜୁଆର ଓ ଭଟ୍ଟା ଆସିବ କୁଆଡୁ ? ମୁଁ ହେଉଚି ଏକ, ଅଭିନ୍ନ ଓ ଅଖଣ୍ଡ । ତେଣୁ ମତେ ଭାଗ ଭାଗ କରି ବିଚାର କରାଯାଇ ନ ପାରେ । ସରଳ ଜଳସ୍ରୋତ ଅନ୍ୟ ସ୍ରୋତ ସହିତ ମିଳିତ ହୋଇ କୁଟିଳ ପଥରେ ଗତି କଲାଭଳି ଦେଖାଯାଏ । ସୂର୍ଯ୍ୟର ବିମ୍ବ ଏକ କିନ୍ତୁ ଜଳରେ ପ୍ରତିବିମ୍ବିତ ସୂର୍ଯ୍ୟ ଭିନ୍ନ ଦେଖାଯାଏ । ଆକାଶ ଚାରିକୋଣିଆ କି ଗୋଲ୍ କହିପାରିବ କି ? ତାକୁ ଯେପରି ଭାବରେ ସୀମାବଦ୍ଧ କରିବ, ସେ ସେହିଭଳି ଦେଖାଯିବ । ସ୍ୱପ୍ନରେ ଯିଏ ରାଜା ହୁଏ, ସେହି ରାଜାର ସାମ୍ରାଜ୍ୟ ଯେପରି ମିଥ୍ୟା, ତାର ରାଜତ୍ୱ ମଧ୍ୟ ସେହିଭଳି ମିଥ୍ୟା । ଅଶୁଦ୍ଧ ସ୍ୱର୍ଣ୍ଣ ସହିତ ମିଳିତ ହେଲେ, ଶୁଦ୍ଧବର୍ଣ୍ଣ ଅଶୁଦ୍ଧ ଦେଖାଯାଏ । ସେହିଭଳି ଶୁଦ୍ଧସ୍ୱରୂପ ସ୍ୱମାୟାଦ୍ୱାରା ଆଚ୍ଛାଦିତ ହେଲେ ଦେଖାଦିଏ ଅଜ୍ଞାନ । ଅଜ୍ଞାନୀ ମତେ ଭୁଲିଯାଇ ଦେହ ସର୍ବସ୍ୱ ହୋଇଉଠେ ।

ମମୈବାଂଶୋ ଜୀବଲୋକେ ଜୀବଭୂତଃସନାତନଃ ।
ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥୭॥

ଜ୍ଞାନ ହିଁ ମନୁଷ୍ୟକୁ ବୁଦ୍ଧି ଦିଏ ଯେ ଆତ୍ମା କେବେହେଲେ ଶରୀର ନୁହେଁ । ତା'ପରେ ଆତ୍ମା ସହିତ ମୋର ସମ୍ପର୍କ କ'ଣ ସେ ଜାଣିପାରେ । ବାୟୁର ପ୍ରବାହ ଦ୍ୱାରା ସମୁଦ୍ରଜଳ ତରଙ୍ଗାୟିତ ହୋଇଥାଏ । ସେହିଭଳି ଏହି ଜୀବଲୋକରେ ଜ୍ଞାନ ହିଁ ଚୈତନ୍ୟଦାତା ଭାବରେ ସମସ୍ତଙ୍କୁ ପରିଚାଳିତ କରିଥାଏ । ଦେହରେ ଅହଂଭାବର ଉଦୟକାରୀ ହେଉଚି ମୁଁ । ଜୀବଲୋକରେ ଯେଉଁ ଶରୀର ଜନ୍ମ ମୃତ୍ୟୁ ଦେଇ ଗତି କରିଥାଏ, ତାକୁ ଜୀବମାତ୍ରେ ଭାବେ ବାସ୍ତବ । ଜଳରେ ଚନ୍ଦ୍ରର ପ୍ରତିବିମ୍ବଭଳି ଏହି ଜୀବଲୋକରେ ମୁଁ ରହିଛି ଆତ୍ମାଭାବରେ । ଶରୀରର ସୀମା ଭିତରେ ଏହା ସୀମିତଥିବା ଭଳି ମନେହୁଏ । ସ୍ଫଟିକକୁ କୁଙ୍କୁମରେ ରଖାଗଲେ ଏହା ଆରକ୍ତ ଦେଖାଯାଏ, କିନ୍ତୁ ବାସ୍ତବରେ ଏହା ଆରକ୍ତ ନୁହେଁ । ସେହିଭଳି ଜୀବଲୋକରେ ମୁଁ ରହିଥିଲେ ମଧ୍ୟ ମୁଁ ଯେଉଁ ସନାତନ— ସେହି ସନାତନ,

ଶାଶ୍ୱତ, ଅନାଦି ଓ କ୍ରିୟାରହିତ । ମୋ ପ୍ରତି କୌଣସି କର୍ତ୍ତୃତ୍ୱର ଆରୋପ ଭ୍ରମ ବ୍ୟତୀତ କିଛି ନୁହଁ । ଶୁଦ୍ଧଆତ୍ମା ପ୍ରକୃତି ସହିତ ମିଳିତ ହୋଇ ଜୀବଭାବରେ ନିଜ ଉପରେ ପ୍ରକୃତିର ଧର୍ମ ଆରୋପ କରେ । ପ୍ରକୃତି, ପଞ୍ଚେନ୍ଦ୍ରିୟ ଓ ମନ ଜରିଆରେ କାର୍ଯ୍ୟ କରେ । ଜୀବ ଆତ୍ମବୋଧଦ୍ୱାରା 'ମୁଁ ହିଁ କର୍ମ କରେ' ଭାବି କର୍ମରେ ପ୍ରବୃତ୍ତ ହୁଏ । ସ୍ୱପ୍ନରେ ସନ୍ନ୍ୟାସୀ ମଧ୍ୟ ଯେପରି ନିଜେ ନିଜର ଆତ୍ମୀୟ ହୁଏ ଏବଂ ଏହି ଆତ୍ମୀୟତା ମୋହରେ ଇତସ୍ତତଃ ଭ୍ରମଣ କରି ସୁଖଦୁଃଖ ଭୋଗ କରେ, ସେହିଭଳି ଜୀବ ସ୍ୱରୂପକୁ ଭୁଲିଯାଇ ପ୍ରକୃତି ପ୍ରତି ଅନୁରକ୍ତ ହୁଏ । ସେ ମନରୂପକ ରଥରେ ଚଢ଼ି ଶ୍ରବଣ ଦ୍ୱାରବାଟେ ବାହାରି ଶବ୍ଦମୟ କାନନରେ ପ୍ରବେଶ କରେ । ପ୍ରକୃତିର ଦଉଡ଼ି ତାକୁ ତ୍ୱକ୍ ଇନ୍ଦ୍ରିୟଆଡ଼କୁ ଟାଣିନେଇ ସ୍ପର୍ଶସୁଖରୂପକ ଘୋର ଅରଣ୍ୟ ଭିତରେ ଛାଡ଼ିଦିଏ । ସେ କେତେବେଳେ କେତେବେଳେ ଚକ୍ଷୁଦ୍ୱାରବାଟେ ବାହାରି ରୂପ-ପର୍ବତ ଉପରେ ଦୌଡ଼େ । ହେ ସୁଭଟ ଅର୍ଜୁନ ! ରସନା ବାଟ ଦେଇ ସେ ରସର ଗୁହାରେ ପ୍ରବେଶ କରେ କିମ୍ବା ଘ୍ରାଣପଥ ଦେଇ ବାହାରି ଆସି ସୁଗନ୍ଧବନରେ ପ୍ରବେଶ କରେ । ଦେହ ଓ ଇନ୍ଦ୍ରିୟର ନାୟକ 'ଜୀବ' ଏହି ଭାବରେ ମନ ସହିତ ମିଳିତ ହୋଇ ଶବ୍ଦାଦି ବିଷୟଭୋଗରେ ଲିପ୍ତ ହୁଏ ।

ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ ।
ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ॥୮॥

'ମୁଁ କର୍ତ୍ତା, ମୁଁ ଭୋକ୍ତା' ଜୀବର ଏହି ଭାବ ଥିବାଯାଏଁ ସେ ଦେହସର୍ବସ୍ୱ ହୋଇ ରହିଥାଏ । ହେ ଧନଞ୍ଜୟ ! ରାଜାମହାରାଜାମାନଙ୍କ ଲାଗି ଯେଉଁ ସ୍ଥାନ ଯୋଗ୍ୟ, ସେହି ସ୍ଥାନରେ କୌଣସି ବ୍ୟକ୍ତି ବାସ କଲେ ସେ ସମ୍ପତ୍ତିବାନ ବୋଲି ଜଣାଯାଏ । ଜୀବ ଶରୀର ଭିତରେ ଥିବାବେଳେ ଅହଙ୍କାରର ବଶବର୍ତ୍ତୀ ହୋଇପଡ଼େ ଏବଂ ସକଳ ଇନ୍ଦ୍ରିୟର ଚାଞ୍ଚଲ୍ୟ ପ୍ରକାଶ ପାଏ । ଶରୀର ଚାଲିଯିବା ପରେ, ତା ସହିତ ମନ ଓ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ଚାଲିଯାଆନ୍ତି । ଅତିଥି ଅପମାନିତ ହୋଇ ଚାଲିଗଲେ ତା ସହିତ ଆତିଥ୍ୟର ପୁଣ୍ୟ ମଧ୍ୟ ଚାଲିଯାଏ । ସୂତା ଛିଣ୍ଡିଗଲେ କଣ୍ଢେଇ ଆଉ ଏ ପଟକୁ ସେ ପଟକୁ ହେଇପାରେନା । ସୂର୍ଯ୍ୟ ଅସ୍ତମିତ

ହୋଇଗଲେ ମନେହୁଏ ଯେପରିକି ସୂର୍ଯ୍ୟ ଜୀବର ଦୃଷ୍ଟିଶକ୍ତିକୁ ମଧ୍ୟ ନେଇ ଚାଲିଯାଇଛି । ପବନ ଫୁଲର ସୁବାସକୁ ହରଣ କରିନିଏ । ସେହିଭଳି ଦେହର ରାଜା ଜୀବ ମଧ୍ୟ ଦେହତ୍ୟାଗ ସମୟରେ ପଞ୍ଚଇନ୍ଦ୍ରିୟ ସହିତ ମନକୁ ସୁଦ୍ଧା ନେଇଯାଏ ।

ଶ୍ରୋତଂ ଚକ୍ଷୁସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।
ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥୯॥

ଦେହ ତ୍ୟାଗପରେ ଜୀବ ଯେଉଁଠିକି ଯାଉ, ଯେଉଁ ରୂପ ପରିଗ୍ରହ କରୁନା କାହିଁକି, ମନ ଓ ପାଞ୍ଚଟିଯାକ ଇନ୍ଦ୍ରିୟ ନିଜ ନିଜର କାର୍ଯ୍ୟ କରିଥାଆନ୍ତି । ଦୀପ ଲିଭିଗଲେ ଆଲୋକ ଚାଲିଯାଏ, ପୁଣି ଦୀପ ଜଳିଲେ ଯେଉଁ ଆଲୋକ, ସେହି ଆଲୋକ । ଅଜ୍ଞାନ ତଥା ଅବିବେକିତା ଜୀବ ମନରେ ବିଶ୍ୱାସ ଜନ୍ମାଇଥାଏ ଯେ ଆତ୍ମାହିଁ ଦେହ ଧାରଣ କରେ ଏବଂ ବିଷୟଭୋଗ କରେ । ଜନ୍ମ, ମୃତ୍ୟୁ, କର୍ମ ଭୋଗ ଆଦି ହେଉଛି ପ୍ରକୃତିର ଧର୍ମ । ଏହା ଆତ୍ମାର ଧର୍ମ ନୁହଁ ।

ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନାଂ ବା ଗୁଣାନ୍ୱିତମ୍ ।
ବିମୂଢ଼ା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ॥୧୦॥
ଯତନ୍ତୋଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।
ଯତନ୍ତୋଽପ୍ୟକୃତାତ୍ମାନୋନୈନଂ ପଶ୍ୟନ୍ତ୍ୟଚେତସଃ ॥୧୧॥

ଦେହର ଜନ୍ମ ହେଲେ ଏବଂ ଏହା ଭିତରେ ଜୀବନର ସଞ୍ଚାର ହେଲେ, ଏହାର ସଞ୍ଚାଳନକୁ ଦେଖି ଲୋକେ କହନ୍ତି ଆତ୍ମା ଜନ୍ମଲାଭ କଲା । ଦେହ ସହିତ ସଂପୃକ୍ତ ଇନ୍ଦ୍ରିୟଗୁଡ଼ିକ ନିଜ ପ୍ରକୃତି ଅନୁଯାୟୀ ସକ୍ରିୟ ହୋଇଉଠନ୍ତି । ସେତେବେଳେ ଲୋକେ କହନ୍ତି ଆତ୍ମା ଉପଭୋଗ କରୁଛି । ଭୋଗ କରି କରି ଦେହ କ୍ରମଶଃ କ୍ଷୀଣ ହୋଇଆସେ, ଶେଷକୁ ଚାଲିଯାଏ । ସେତେବେଳେ କୁହାଯାଏ ଆତ୍ମା ଛାଡ଼ିଗଲା । ଗଛଡ଼ାଳ ହଲିଲେ ଯାଇ ବିଶ୍ୱାସ ହୁଏ ପବନ ହେଉଛି । କିନ୍ତୁ ଡାଳପତ୍ର ନ ହଲିଲେ ପବନ ନାହିଁ ବୋଲି କହିପାରିବ କି ? ଦର୍ପଣରେ ନିଜର ପ୍ରତିଛବି ଦେଖିଲେ ଯାଇ କ'ଣ ତୁମେ କହିବ ଯେ, ହଁ ମୋର ଅସ୍ତିତ୍ୱ ଅଛି ? ଦର୍ପଣ ନ ଥିଲେ କ'ଣ ତୁମର ଅସ୍ତିତ୍ୱ ନାହିଁ ? ବାହାରର ପ୍ରତୀକକୁ

ଦେଖି ନିଜର ଅସ୍ତିତ୍ୱକୁ ବିଚାର କରିବା ଏକ ଭ୍ରମ । ଶବ୍ଦ ଆସେ ଆକାଶରୁ, କିନ୍ତୁ ଲୋକେ ଭାବନ୍ତି ମେଘ ଗର୍ଜୁଚି । ରାତିରେ ମେଘର ଗତିକୁ ଦେଖି ଚନ୍ଦ୍ର ଗତିଶୀଳ ମନେହୁଏ । ସେହିଭଳି ଅବିବେକୀ ମାତ୍ରେ ଦେହର ଜନ୍ମ ଓ ମୃତ୍ୟୁକୁ ଆତ୍ମା ଉପରେ ଆରୋପକରି କହିଥାଏ ଆତ୍ମାର ଜନ୍ମ, ମୃତ୍ୟୁ ଘଟୁଛି । ବାସ୍ତବରେ ଆତ୍ମାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଏହା ଅପରିବର୍ତ୍ତନୀୟ । ଆତ୍ମା ନିଜ ସ୍ଥାନରେ ରହିଛି । ଶରୀର ଧର୍ମ ଶରୀରରେହିଁ ରହେ । ଶରୀର କର୍ମ କରେ ଏବଂ ନିଜ କର୍ମକୁ ଭୋଗ କରେ । ଦୃଷ୍ଟି ଜ୍ଞାନସିଦ୍ଧ ହେଲେ ଏବଂ ତାହା ଶରୀରରେ ନ ରହିଲେ, ଆତ୍ମାର ନିର୍ଭୁଲ ପରିଚୟ ମିଳେ । ଗ୍ରୀଷ୍ମକାଳରେ ପ୍ରଖର ସୂର୍ଯ୍ୟକିରଣ ମେଘକୁ ଭେଦ କରିଥାଏ । ସେହିଭଳି ଯାହାର ଚିତ୍ତ ବ୍ରହ୍ମାଭିମୁଖୀ, ଜ୍ଞାନାଲୋକରେ ଯାହାର ହୃଦୟ ଉଦ୍ଭାସିତ, ସେ ଜାଣେ ଯେ ଆତ୍ମା କିଛି କରେ ନାହିଁ, ଏହା କର୍ମରହିତ । ନକ୍ଷତ୍ର ସମୁଦ୍ରରେ ବା ଜଳରେ ପ୍ରତିଫଳିତ ହେଉଥିଲେ ମଧ୍ୟ ଏହା ସମୁଦ୍ରକୁ ଖସିପଡ଼େ ନାହିଁ କିମ୍ବା ଏହାର ପ୍ରତିଫଳନକୁ ନକ୍ଷତ୍ର କୁହାଯାଏ ନାହିଁ । ସେହିଭଳି ଆତ୍ମା ଦେହ ସହିତ ଥିଲେ ମଧ୍ୟ ଏହାର ବିଚ୍ୟୁତି ଘଟେନା । ଆକାଶ ତା ନିଜ ସ୍ଥାନରେ ରହିଥାଏ, ସମୁଦ୍ର ମଧ୍ୟ ତାର ନିଜ ସ୍ଥାନରେ ରହିଥାଏ । ସମୁଦ୍ର ବକ୍ଷରେ ନକ୍ଷତ୍ରର ପ୍ରତିଫଳନ ଯେପରି ମିଥ୍ୟା, ସେହିଭଳି ଦେହକୁ ଆତ୍ମା ବୋଲି ମନେ କରିବା ଭୁଲ୍ । ଚନ୍ଦ୍ର ଚନ୍ଦ୍ରରେ ହିଁ ଥାଏ । ଜଳପ୍ରବାହର ସ୍ୱଚ୍ଛତା ହେତୁ ଏଥିରେ ତାର ପ୍ରତିବିମ୍ବ ଦେଖାଯାଏ । କିନ୍ତୁ ଏହି ପ୍ରତିବିମ୍ବ ଚନ୍ଦ୍ର ନୁହେଁ । ଗହ୍ୱରର ଅନ୍ଧକାର ଯାଉ ନ ଯାଉ ସେଥିରେ ସୂର୍ଯ୍ୟର ହାନି କିମ୍ବା ଲାଭ ହୁଏନା । ପାଣି ଶୁଖିଗଲେ ସୂର୍ଯ୍ୟର ପ୍ରତିବିମ୍ବ ଆଉ ସୃଷ୍ଟି ହୁଏନାହିଁ । ସୂର୍ଯ୍ୟ ସେହି ଏକରୂପ । ସେହିଭଳି ଆତ୍ମା ଅବିନାଶୀ, ଶାଶ୍ୱତ । ମନୁଷ୍ୟ ଅତି ବୁଦ୍ଧିମାନ ହୋଇପାରେ, ବୁଦ୍ଧିଦ୍ୱାରା ଅଣୁପରମାଣୁକୁ ସୁଦ୍ଧା ଗଣନା କରିପାରେ, ଏବଂ ବିଜ୍ଞାନର ବହୁ ଜଟିଳ ସମସ୍ୟାର ସମାଧାନ କରିପାରେ କିନ୍ତୁ ତା ଅନ୍ତର ଜ୍ଞାନୋଜ୍ଜ୍ୱଳ ନହେଲେ ସେ ମୋ ସ୍ୱରୂପ ବା ଆତ୍ମସତ୍ତାକୁ ଉପଲବ୍ଧି କରିପାରିବ ନାହିଁ । ମୁହଁରେ ବିବେକୀଙ୍କ ଭଳି କଥା କିନ୍ତୁ ହୃଦୟରେ ବିଷୟର ବୋଝ ବହନ କରି କେହି ମତେ ପାଇପାରିବେ ନାହିଁ । ସ୍ୱପ୍ନରେ କୁଢ଼ କୁଢ଼ ବହି ପଢ଼ିଲେ ଜ୍ଞାନ ଆହରଣ ହୋଇ

ନଥାଏ । ବିରାଟ ଗ୍ରନ୍ଥାଳୟର ଅଧିକାରୀ ହେଲେ ଜ୍ଞାନାର୍ଜନ ହୋଇଯାଏ ନାହିଁ । ଚକ୍ଷୁ ବନ୍ଦକରି ମୁକ୍ତାକୁ ନେଇ ନାକ ପାଖରେ ରଖିଲେ କେହି ମୁକ୍ତାର ମୂଲ୍ୟ ନିର୍ଦ୍ଧାରଣ କରିପାରେ ନାହିଁ । ମନରେ ଅହଂକାର ରଖି ଶହ ଶହ ଶାସ୍ତ୍ର ଅଧ୍ୟୟନ କରି ଜ୍ଞାନୀ ବୋଲାଇଲେ କୋଟି କୋଟି ଜନ୍ମ ଅତିବାହିତ ହୋଇଗଲେ ମଧ୍ୟ ମତେ ପାଇବା ସମ୍ଭବ ନୁହେଁ । ମୁଁ ଅଦ୍ୱୈତ ଏବଂ ସର୍ବଭୂତରେ ମୋର ଅବସ୍ଥାନ ।

ଯଦାଦିତ୍ୟଗତଂ ତେଜୋ ଜଗଦ୍ଭାସୟତେଽଖିଳମ୍ ।
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ॥୧୨॥

ମୁଁ କିପରି ସର୍ବବ୍ୟାପକ ତାହା କହୁଛି ଶୁଣ । ଯେଉଁଥିରୁ ସୂର୍ଯ୍ୟ ସମେତ ସମଗ୍ର ବିଶ୍ୱର ରଚନା, ସେହି ଆଦ୍ୟନ୍ତ ଆକାଶ ହେଉଚି ମୁଁ । ଯେଉଁ ଶକ୍ତିଦ୍ୱାରା ସୂର୍ଯ୍ୟ ଓ ବିଶ୍ୱକୁ ଦେଖିବା ସମ୍ଭବ ହେଉଚି, ମୁଁ ସେହି ପ୍ରଭା । ଯେଉଁ ସୂର୍ଯ୍ୟ ଜଳ ଶୁଷ୍କକରି ଅସ୍ତ ଯାଏ, ମୁଁ ସେହି ସୂର୍ଯ୍ୟ । ଚନ୍ଦ୍ରର ଯେଉଁ ଜ୍ୟୋତ୍ସ୍ନା ଶୀତଳତା ପ୍ରଦାନ କରେ, ସେହି ଜ୍ୟୋତ୍ସ୍ନା ହେଉଚି ମୁଁ । ମୋର ଉତ୍ତାପ ଦ୍ୱାରାହିଁ ଅଗ୍ନି ଦହନ କରେ । ଶରୀରର ଜୀର୍ଣ୍ଣ ଶକ୍ତି ହେଉଚି ମୁଁ ।

ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।
ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ॥୧୩॥

ମୁଁ ରହିଛି ପୃଥିବୀର ସର୍ବତ୍ର । ଭୂଭାଗରେ ମୁଁ, ଜଳଭାଗରେ ମୁଁ । ଯେଉଁ ମୃତ୍ତିକା ଯୋଗୁଁ ମନୁଷ୍ୟ ଶସ୍ୟ ଫଳାଉଚି, ଜୀବନଧାରଣ କରୁଚି, ସେହି ମୃତ୍ତିକା ଭିତରେ ଅଛି ମୁଁ । ମୁଁ ଜଳ ଭାଗରେ ରହିଥିବାରୁ ସମୁଦ୍ର ଭୂଭାଗକୁ ଗ୍ରାସ କରିପାରୁନି । ସ୍ଥାବର, ଜଙ୍ଗମ ଆଦି ପ୍ରାଣୀଙ୍କୁ ଧାରଣ କରିବାର ସାମର୍ଥ୍ୟ ମୁଁ ଦେଇଛି ପୃଥବୀକୁ । ହେ ପାଣ୍ଡୁନନ୍ଦନ ! ଗଗନରେ ଚନ୍ଦ୍ର ରୂପରେ ଅମୃତର ସରୋବର ହୋଇ ରହିଛି ମୁଁ । ଅନନ୍ତ ରସ ପ୍ରବାହ ଦ୍ୱାରା ମୁଁ ଔଷଧର ଭଣ୍ଡାର ପୂର୍ଣ୍ଣ କରି ରଖିଛି । ବିଭିନ୍ନ ଶସ୍ୟ ଉତ୍ପାଦନ ଲାଗି ସମସ୍ତ ଉପାଦାନ ଯୋଗାଉଛି ମୁଁ । ଅନ୍ନ ଭକ୍ଷଣ ଦ୍ୱାରା ଜୀବନୀଶକ୍ତି ଦାନ କରୁଛି ମୁଁ । ଭୁକ୍ତ ଅନ୍ନର ପରିପାକ ଲାଗି ଶକ୍ତି ଯୋଗାଉଚି ମୁଁ । କ୍ଷୁଧା ସୃଷ୍ଟି କରୁଚି ମୁଁ ଏବଂ କ୍ଷୁଧା ନିବାରଣ ଲାଗି ଅନ୍ନ ଯୋଗାଉଚି ମଧ୍ୟ ମୁଁ ।

ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।
ପ୍ରାଣାପାନ ସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।।୧୪।।

ପ୍ରାଣୀମାନଙ୍କ ନାଭି କୁଣ୍ଡରେ ଜଠରାଗ୍ନି ହୋଇ ମୁଁ ଅବସ୍ଥାନ କରିଥାଏ । ପ୍ରାଣ ଓ ଅପାନ ଦୁଇ ବାୟୁଦ୍ୱାରା ଏହି ଜଠରାଗ୍ନିକୁ ପ୍ରଜ୍ୱଳିତ ରଖିଥାଏ ମୁଁ । ଶୁଷ୍କ, ସ୍ନିଗ୍ଧ, ସୁଖକର ଅଥବା ଦଗ୍ଧ, ଚର୍ବ୍ୟ, ଲେହ୍ୟ, ପେୟ– ଏହିଭଳି ଚତୁର୍ବିଧ ଅନ୍ନକୁ ଜୀର୍ଣ୍ଣ କରିଥାଏ ମୁଁ । ମୋ ବ୍ୟାପକତା ସମ୍ପର୍କରେ ଆଉ କ'ଣ କହିବି ? ସଂସାରରେ ମୋ ବ୍ୟତୀତ ଅନ୍ୟ ବସ୍ତୁ କିଛି ନାହିଁ । ତେଣୁ ସମସ୍ତ ଜୀବ ଜଗତ ହେଉଛି ମୁଁ । ମୁଁ ସେମାନଙ୍କ ଖାଦ୍ୟ । ମୁଁ ସେମାନଙ୍କର ଜୀବନ । ତୁମେ ବିସ୍ମିତ ହୋଇ ପଚାରିପାର ଯେ ମୁଁ ଯଦି ସର୍ବତ୍ର, ସମସ୍ତଙ୍କ ଶରୀରରେ ମୋର ଅବସ୍ଥାନ, ମୁଁ ସମସ୍ତଙ୍କୁ ଚଳାଉଛି, ତାହାହେଲେ କେତେକ ଲୋକ ସୁଖୀ କାହିଁକି, କେତେକ ଲୋକ ଦୁଃଖୀ କାହିଁକି ? ନଗରର ସମସ୍ତ ପ୍ରଦୀପ ଯଦି ଗୋଟିଏ ପ୍ରଦୀପରୁ ପ୍ରଜ୍ୱଳିତ, ତାହାହେଲେ ଗୋଟିଏ ସ୍ଥାନରେ ଅନ୍ଧକାର ରହିବ କାହିଁକି ? ଏହି ପ୍ରଶ୍ନର ଉତ୍ତର ଦେଉଛି ଶୁଣ । ସବୁଠି ଯେ ମୁଁ ଅଛି, ଏକଥା ମିଥ୍ୟା ନୁହଁ । କିନ୍ତୁ ମନୁଷ୍ୟ ତାର ବିଶ୍ୱାସ ଅନୁଯାୟୀ ସବୁ ଦେଖେ । ଯାହାର ବିଶ୍ୱାସ ପ୍ରଗାଢ଼, ସେ ମୋର ପ୍ରକାଶକୁ ଦେଖେ, ଯାହାର ବିଶ୍ୱାସର ଅଭାବ ରହିଚି, ସେ ମୋର ଅପ୍ରକାଶକୁ ହିଁ ଦେଖେ । ଶବ୍ଦ ଏକ କିନ୍ତୁ ବିଭିନ୍ନ ବାଦ୍ୟ ଯନ୍ତ୍ରଦ୍ୱାରା ଏହା ବିଭିନ୍ନ ଭାବରେ ଶୁଣାଯାଏ । ସୂର୍ଯ୍ୟ ଏକ କିନ୍ତୁ ଏହାର କିରଣରେ ଲୋକେ ବିଭିନ୍ନ ଧନ୍ଦା କରିଥାଆନ୍ତି । ଜଳ ଏକ କିନ୍ତୁ ମଞ୍ଜି ଭିନ୍ନ ଭିନ୍ନ । ଏହି ଭିନ୍ନ ଭିନ୍ନ ମଞ୍ଜି ପୋତି ସେହି ଜଳ ଦ୍ୱାରା ବିଭିନ୍ନ ବୃକ୍ଷ ଉତ୍ପନ୍ନ କରାଯାଏ । ଅଜ୍ଞାନୀ ନିକଟରେ ଗଳାର ସ୍ୱର୍ଣ୍ଣହାର ମଧ୍ୟ ସର୍ପଭାବରେ ପ୍ରତୀତ ହୁଏ । କିନ୍ତୁ ବିବେକୀ ଲୋକ ଏହାକୁ ପିନ୍ଧି ଆନନ୍ଦ ଲାଭ କରେ । ସ୍ୱାତୀ ନକ୍ଷତ୍ରରେ ବୃଷ୍ଟି ହେଲେ ଏବଂ ଏହି ଜଳ ଶାମୁକାରେ ପଡ଼ିଲେ ମୁକ୍ତାର ଉଦ୍ଭବ ହୋଇଥାଏ । କିନ୍ତୁ ଏହି ଜଳ, ସର୍ପର ଶରୀରରେ ପ୍ରବେଶ କରି ବିଷବୃଦ୍ଧି କରିଥାଏ । ସେହିଭଳି ଜ୍ଞାନୀ ପକ୍ଷରେ ମୁଁ ହେଉଛି ସୁଖସ୍ୱରୂପ ଏବଂ ଅଜ୍ଞାନୀ ପକ୍ଷରେ ଦୁଃଖସ୍ୱରୂପ ।

ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ
ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ
ବେଦାନ୍ତକୃଦ୍‌ବେଦବିଦେବ ଚାହମ୍ ॥୧୫॥

'ମୁଁ ଅମୁକ, ମୁଁ ସମୁକ'– ମନୁଷ୍ୟକୁ ଯିଏ ଏହି ଚେତନାଶକ୍ତି ବା ବୁଦ୍ଧି ଦେଉଛି, ସେ ହେଉଛି ମୁଁ । ସତ୍‌ସଙ୍ଗ, ଯୋଗାଭ୍ୟାସ ଏବଂ ଜ୍ଞାନଲାଭ ସହିତ ଶ୍ରୀଗୁରୁଙ୍କ ସେବା ଦ୍ୱାରା ଅଜ୍ଞାନ ବିନଷ୍ଟ ହୋଇ ଯାହାର ବୁଦ୍ଧି ଆତ୍ମସ୍ୱରୂପରେ ବିଶ୍ରାମ ଲାଭ କରେ, ସେହି ବ୍ୟକ୍ତିହିଁ ଆତ୍ମଦର୍ଶନ ପୂର୍ବକ ସର୍ବଦା ସୁଖୀ ହୁଏ । ସେହି ସୁଖ ମୋ ସ୍ୱରୂପ ବ୍ୟତୀତ ଅନ୍ୟକିଛି ନୁହଁ । ହେ ଧନଞ୍ଜୟ ! ସୂର୍ଯ୍ୟୋଦୟରେ ସୂର୍ଯ୍ୟାଲୋକ ଦ୍ୱାରାହିଁ ସୂର୍ଯ୍ୟକୁ ଦର୍ଶନ କରାଯାଏ । ତେଣୁ ମତେ ଜାଣିବାଲାଗି ମତ୍‌ସ୍ୱରୂପ ହେବାକୁ ପଡ଼ିବ । ଯିଏ ନିଜ ଦେହର ହିଁ ସେବା କରିଥାଏ, ସଂସାର କଥା ଶୁଣି ଶୁଣି ଯିଏ ଅହଂଭାବ ଭିତରେ ଡୁବି ରହିଥାଏ, ସତ୍‌କର୍ମ କଲେ ଅଥବା ସ୍ୱର୍ଗସୁଖ ମିଳିବ ବୋଲି ଆଶା କରି ଯିଏ କର୍ମ କରେ, ତାର ଦୁଃଖ ଭୋଗ କରିବା ସାର ହୋଇଥାଏ । ନିଦ୍ରାର ମୂଳ ହେଉଛି ଜାଗରଣ । ଜାଗରଣ ଅଛି ବୋଲି ଏଇଟା ସ୍ୱପ୍ନ, ଏଇଟା ନିଦ୍ରା ବୋଲି ଜାଣି ପାରୁଛ । ମେଘଦ୍ୱାରା ସୂର୍ଯ୍ୟ ଆଚ୍ଛାଦିତ ହେଲେ ମଧ୍ୟ ସୂର୍ଯ୍ୟ ନଥିଲେ ଏଇଟା ମେଘ ବୋଲି ଜାଣିବ କିପରି ? ସେହିଭଳି ଅଜ୍ଞାନୀର ଦୁଃଖସନ୍ତାପର ମୂଳ ହେଉଚି ମୁଁ । ମନୁଷ୍ୟ ମତେ ଜାଣି ନ ପାରି ସଂସାରର ବିଷୟଭୋଗରେ ଜଡ଼ିତ । ଜୀବନୀଶକ୍ତି ହେଉଚି ନିଦ୍ରା କିମ୍ବା ଜାଗରଣର କାରଣ । ସେହିଭଳି ଜ୍ଞାନର ମୂଳ ହେଉଚି ମୁଁ, ଅଜ୍ଞାନର ମୂଳ ହେଉଚି ମୁଁ । ଏଇଟା ଦଉଡ଼ି କି ସାପ, ଏହି ସନ୍ଦେହ ମନର ଭ୍ରମରୁ ଜାତ ହୋଇଥାଏ । କିନ୍ତୁ ସତ୍ୟ ହେଉଚି ଦଉଡ଼ି । ମୋର ଯଥାର୍ଥ ସ୍ୱରୂପ ନିରୂପଣ କରିନପାରି ବେଦ ବିଭକ୍ତ ହୋଇପଡ଼ିଛି । ବେଦ ବ୍ୟର୍ଥ ହେଲା ମନେ କରି ନାନାଶାସ୍ତ୍ରର ଅବତାରଣା କରାଯାଇଛି । ପଶ୍ଚିମରୁ ଆସୁ ବା ପୂର୍ବରୁ ଆସୁ କିମ୍ବା ଯେକୌଣସି ଦିଗରୁ ଆସୁ, ସବୁ ନଦୀର ଗନ୍ତବ୍ୟ

ସେହି ସମୁଦ୍ର । ସେହିଭଳି ବେଦ ହେଉ ବା ବେଦାନ୍ତ ହେଉ କିମ୍ବା ଯେକୌଣସି ଶାସ୍ତ୍ର ହେଉ, ସମସ୍ତଙ୍କର ଉଦ୍ଦେଶ୍ୟ ହେଉଛି ମତେ ପାଇବା ।

ଫୁଲର ସୁଗନ୍ଧି ନେଇ ବାୟୁ ଆକାଶରେ କେଉଁଠି ଯେ ତାକୁ ମିଳେଇଦିଏ, ତାର ସନ୍ଧାନ ଅସମ୍ଭବ । ସେହିଭଳି ମୋର ଅନୁସନ୍ଧାନରେ ବେଦର ଗତି ସ୍ତମ୍ଭିତ ହୋଇପଡ଼େ । ସମଗ୍ର ଶ୍ରୁତି ଯାହାକୁ ଖୋଜି ଖୋଜି ନିଜର ବ୍ୟର୍ଥତା ଲାଗି ଲଜ୍ଜିତ ହୋଇପଡ଼େ, ସେହି ରହସ୍ୟ ବସ୍ତୁକୁ ମୁଁ ବର୍ଣ୍ଣନା କରୁଚି, ଶୁଣ । ଶ୍ରୁତି ସହିତ ସମଗ୍ର ବିଶ୍ୱ ନିଜକୁ ନିଃଶେଷ କରି ଯେଉଁଠି ବିଲୀନ ହୋଇଯାଏ, ସେହି ଶୁଦ୍ଧ ଆତ୍ମଜ୍ଞାନର ପ୍ରକାଶକ ହେଉଛି ମୁଁ । ଜାଗରଣ ପରେ ମନୁଷ୍ୟ ଉପଲବ୍ଧି କରେ ଯେ ସ୍ୱପ୍ନରେ ସେ ଯାହା ଦେଖିଥିଲା ତାହା ସତ ନୁହେଁ, ତାର ଦ୍ୱୈତଭାବ ଦୂର ହୋଇଯାଏ । ସତ୍ତା ସୁଦ୍ଧା ରହେନା । ସେ ବୁଝିପାରେ ଯେ ସେ ଯାହା ଥିଲା ତାହା । ସେ ନିଜ ସହିତ ଏକ ବୋଲି ବୋଧ କରେ । ଏହି ଯେଉଁ ବୋଧଶକ୍ତି, ଏହି ବୋଧଶକ୍ତି ହେଉଛି ମୁଁ । କର୍ପୂର ଜଳିଗଲେ ଏହା କଜ୍ଜ୍ୱଳ ହୁଏନା କିମ୍ବା ଅଗ୍ନି ମଧ୍ୟ ରହେନା । ସେହିଭଳି ଜ୍ଞାନ ଅଜ୍ଞାନକୁ ନଷ୍ଟ କରିଦେବା ପରେ, ଅଜ୍ଞାନର ପରିସମାପ୍ତି ଘଟିଲା କି ଏହାର ଅବଶେଷ ରହିଲା, ସେ ସମ୍ପର୍କରେ ଚିନ୍ତା କରିବା ନିରର୍ଥକ । ସେହିଭଳି ଯିଏ ସଂସାରକୁ ଧ୍ୱଂସ କରିଦେଇ ଚାଲିଯାଏ, ସେହି ମହାଚୋରକୁ ଖୋଜିବ କେଉଁଠୁ ? ନିର୍ମଳ ଆତ୍ମୋପଲବ୍ଧି ହିଁ ମୋର ପ୍ରକୃତ ସ୍ୱରୂପ ।

କୈବଲ୍ୟପତି ଶ୍ରୀକୃଷ୍ଣ ଜଡ଼ ଅଜଡ଼ ସର୍ବତ୍ର ନିଜ ବ୍ୟାପ୍ତିର ପରିଚୟ ଦେଇ ନିଜ ଉପାଧିରହିତ ସ୍ୱରୂପରେ ଆସି ଶେଷ କଲେ । ଏହି ଜ୍ଞାନ ଅର୍ଜୁନଙ୍କ ହୃଦୟପଟରେ ଚିତ୍ରିତ ହୋଇ ରହିଲା । ମନେହେଲା ଯେପରି ଗଗନୋଦିତ ଚନ୍ଦ୍ରର ପ୍ରତିବିମ୍ବ ପଡ଼ିଚି କ୍ଷୀରସାଗରରେ । ନିର୍ମଳ ଦର୍ପଣରେ ସମ୍ମୁଖସ୍ଥ ଚିତ୍ରପଟ ଯେପରି ନିଖୁଣ ଭାବରେ ପ୍ରତିଫଳିତ ହୋଇଥାଏ, ଅର୍ଜୁନ ସେହିଭଳି ଶ୍ରୀକୃଷ୍ଣଙ୍କ ମଧ୍ୟରେ ପ୍ରକାଶିତ ହୋଇଉଠିଲେ । ବସ୍ତୁଭାବ ଅତ୍ୟନ୍ତ ଶ୍ରେଷ୍ଠ । ଏହାର ପରିଚୟରେ ମାଧୁର୍ଯ୍ୟ ବୃଦ୍ଧି ପାଇଥାଏ । ଅନୁଭବ ରାଜ୍ୟର ରାଜା ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜର ବିଭୂତି ବର୍ଣ୍ଣନା ପ୍ରସଙ୍ଗରେ ଆପଣ ଯେଉଁ ଗୁଣାତୀତ ସ୍ୱରୂପ ବର୍ଣ୍ଣନା କଲେ, ସେ ସ୍ୱରୂପଟିକୁ ମତେ ଭଲ ଭାବରେ ବୁଝେଇ ଦିଅନ୍ତୁ ।

ଶ୍ରୀଦ୍ୱାରକାନାଥ କହିଲେ, ହେଉ ବୁଝାଉଛି । ତମକୁ ମୋର ବୁଝେଇବାର ଆଶା ମଧ୍ୟ ତୁଟି ନାହିଁ । ତୁମଭଳି ପ୍ରଶ୍ନକର୍ତ୍ତା ଦୁର୍ଲଭ । ତୁମଭଳି ପ୍ରଶ୍ନକର୍ତ୍ତା ପାଇ ମୋର ଆଶା ସଫଳ ହୋଇଛି । ଅଦ୍ୱୈତ ଭାବ ସମ୍ପର୍କରେ ତୁମର ଯେଉଁ ଅନୁଭୂତି, ତାର ସୂଚନା ତୁମର ପ୍ରଶ୍ନରୁ ପାଇସାରି ମୁଁ ସୁଖୀ । ଦର୍ପଣ ଆଗରେ ଠିଆହେଲେ ନିଜ ଆଖିକୁ ନିଜେ ଦେଖିପାର । ହେ ନିର୍ମଳ ସିଦ୍ଧାନ୍ତ ଶିରୋମଣି ! ତୁମେ ମୋର ପ୍ରେମମୟ ଦର୍ପଣ ସଦୃଶ । ତୁମ ମୋ ଭିତରେ ଏଭଳି ପାର୍ଥକ୍ୟ ନାହିଁ ଯେ, ତୁମେ ଜ୍ଞାନ ଅଭାବରୁ ପ୍ରଶ୍ନ କରୁଛ କିମ୍ବା ମୁଁ ତାର ସମାଧାନ କରୁଛି । ଏହା କହୁ କହୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆଲିଙ୍ଗନ କରି କହିଲେ, ଦୁଇଟି ଓଠ କିନ୍ତୁ ଉଚ୍ଚାରଣ ଏକ । ଦୁଇଟିଯାକ ଓଠ ପରସ୍ପର ସହିତ ସହଯୋଗ ରକ୍ଷା କରି କଥା କହିଥାଆନ୍ତି, ଶବ୍ଦ ଉଚ୍ଚାରଣ କରିଥାଆନ୍ତି । ଗୋଡ଼ ଦୁଇଟି କିନ୍ତୁ ଗତି ଏକ । ସେହିଭଳି ତୁମର ପ୍ରଶ୍ନ ଓ ମୋର ଉତ୍ତର ଏକ । ତୁମେ ଓ ମୁଁ ଭିନ୍ନ ନୁହଁ । ଏଠାରେ ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତା ସେହି ଜଣେ ।

ଏତିକି କହି ପ୍ରେମମୁଗ୍ଧ ଶ୍ରୀକୃଷ୍ଣ କିଛି ସମୟ ନୀରବ ରହିଲେ । ପୁଣି ମନେ ମନେ କହିହେଲେ– ନା, ଏତେ ପ୍ରେମ ଭଲ ନୁହଁ । ଆଖୁ ପେଡ଼ି ଗୁଡ଼ କଲାବେଳେ ଗୁଡ଼ରେ ସାମାନ୍ୟ ଲୁଣ ଦିଆଯାଇଥାଏ । ସେହିଭଳି ଘନୀଭୂତ ଆସ୍ୱାଦମୟ ଅବସ୍ଥାରେ ସାମାନ୍ୟ ଦ୍ୱୈତଭାବ ନ ରହିଲେ ପ୍ରେମ ନଷ୍ଟ ହୋଇଯିବ । ଅର୍ଜୁନ ଓ ମୁଁ ନରନାରାୟଣ । ଅତଏବ ଆମ ଦୁହିଁଙ୍କ ମଧ୍ୟରେ କୌଣସି ଭେଦ ନାହିଁ । କିନ୍ତୁ ପ୍ରେମର ଆବେଗ ଏତେ ହୋଇଉଠିଲାଣି ଯେ, ଏହାକୁ ସୀମାବଦ୍ଧ କରିବାକୁ ପଡ଼ିବ ।

ଶ୍ରୀକୃଷ୍ଣ ସ୍ୱଗତୋକ୍ତି ପରେ ହଠାତ୍ ଅର୍ଜୁନଙ୍କୁ ପଚାରିଲେ– ହଁ କି ପ୍ରଶ୍ନ କଲ, ଆଉଥରେ କହ ତ ।

କିନ୍ତୁ ଅର୍ଜୁନ ସେତେବେଳକୁ ଶ୍ରୀକୃଷ୍ଣ ସ୍ୱରୂପ-ସରୋବରରେ ବୁଡ଼ି ରହିଥିଲେ ।

ଅର୍ଜୁନ ଏହି ସରୋବର ଉପରକୁ ଉଠି ଶ୍ରୀକୃଷ୍ଣଙ୍କୁ ଗଦ୍‌ଗଦ୍ କଣ୍ଠରେ କହିଲେ, ପ୍ରଭୋ ! ତୁମର ନିରୂପାଧି ଗୁଣାତୀତ ସ୍ୱରୂପର ବର୍ଣ୍ଣନା କରିବାକୁ ଆଉ ଥରେ ଅନୁରୋଧ କରୁଛି ।

ତା'ପରେ ଶାର୍ଙ୍ଗଧର ଶ୍ରୀକୃଷ୍ଣ ଉପାଧିକୁ ଦୁଇ ପ୍ରକାରରେ ବର୍ଣ୍ଣନା କରି ନିରୂପାଧି ସ୍ୱରୂପ ନିର୍ଦ୍ଧାରଣ କରିବା ଆରମ୍ଭ କଲେ ।

ତୁମେ କହିପାର ଯେ, ପ୍ରଶ୍ନ ତ ପଚରାଯାଉଛି ନିରୂପାଧି ବା ନିର୍ଗୁଣ ସ୍ୱରୂପ ସମ୍ପର୍କରେ, ତେବେ ଉପାଧି ସମ୍ପର୍କରେ ବର୍ଣ୍ଣନା କରୁଛ କାହିଁକି ?

ଏହାର ଉତ୍ତରରେ କୁହାଯାଇପାରେ ଯେ, ଦହିକୁ ଘୋଳ କରିବାର ଉଦ୍ଦେଶ୍ୟ ହେଉଚି ଲହୁଣୀ ବାହାର କରିବା । ଶୁଦ୍ଧ ସୁବର୍ଣ୍ଣକୁ ବାହାର କରିବା ଲାଗି ନିକୃଷ୍ଟ ସୁନାକୁ ପୃଥକ୍ କରିବାକୁ ପଡ଼ିଥାଏ । ଦଳ ଓ ଶିଉଳି କାଢ଼ିଲେ ଯାଇ ନିର୍ମଳ ଜଳ ଦେଖାଯାଏ । ମେଘ ଚାଲିଗଲେ ଯାଇ ସ୍ୱତଃସିଦ୍ଧ ଆକାଶ ଆପେ ଆପେ ପ୍ରକାଶ ପାଏ । ତଷୁ ପାଛୁଡ଼ି ବାହାର କରିଦେଲେ ଚାଉଳ ପାଇବାକୁ କଷ୍ଟ ହୁଏନାହିଁ । ସେହିଭଳି ବିଚାରଦ୍ୱାରା ଉପାଧି ବା ଆବରଣକୁ ହଟେଇଦେଲେ ନିରୁପାଧି ବସ୍ତୁ ଅବଶିଷ୍ଟ ରହେ । କୁଳବଧୂ ତା ସ୍ୱାମୀର ନାଁ ଶୁଣିବାମାତ୍ରେ ଚୁପ୍ ରହେ ! ସେହିଭଳି ମୋ ସ୍ୱରୂପ ଏପରି ଏକ ବସ୍ତୁ, ଯାହାପାଖରେ ଶବ୍ଦ ମଧ୍ୟ ସ୍ତବ୍ଧ । ମୋ ସ୍ୱରୂପ ଅନିର୍ବଚନୀୟ । ପୂର୍ବୋକ୍ତ ରୀତିରେହିଁ ତାର ବର୍ଣ୍ଣନା । ସେଥିଲାଗି ପ୍ରଥମେ ଉପାଧିର ଲକ୍ଷଣ ଜଣାଇବା ଆବଶ୍ୟକ ହେଉଛି । ପ୍ରତିପଦାର ଚନ୍ଦ୍ରକୁ ଦେଖାଇବାଲାଗି ଗୋଟିଏ ଡାଳ କି କାଠିଟାଏ ଧରିବାକୁ ପଡ଼େ ।

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥୧୬॥

ଶ୍ରୀକୃଷ୍ଣ କହିଲେ, ହେ ସବ୍ୟସାଚି ! ଏ ସଂସାରରେ କେବଳ ଦୁଇ ପୁରୁଷର ବାସ । ଆକାଶରେ ଯେପରି କେବଳ ଦିନ ଓ ରାତିର ଆବିର୍ଭାବ, ସେହିଭଳି ଏହି ଦୁଇ ପୁରୁଷ । ଏହି ଦୁଇଜଣଙ୍କର ଗୋଟିଏ ମାଆ । ଏହି ମାଆର ଗୋଟିଏ ପୁଅ ଅନ୍ଧ, ଛୋଟା ଓ ପାଗଳ । ଅନ୍ୟଜଣଙ୍କ ବେଶ୍ ସୁସ୍ଥ, ସବଳ ଓ ପୂର୍ଣ୍ଣାଙ୍ଗ । କିନ୍ତୁ ଦୁଇଜଣଯାକ ଏକାଠି ରହନ୍ତି । ଜଣଙ୍କର ନାମ 'କ୍ଷର' ଓ ଅନ୍ୟର ନାମ 'ଅକ୍ଷର' । ଏହି ଦୁଇଜଣ ସମଗ୍ର ସଂସାରକୁ ବ୍ୟାପି ରହିଛନ୍ତି । ଯାହା ବ୍ରହ୍ମଠାରୁ ଆରମ୍ଭ କରି କ୍ଷୁଦ୍ର ତୃଣ ପର୍ଯ୍ୟନ୍ତ କ୍ଷୁଦ୍ର ବା ବୃହତ୍; ସ୍ଥାବର ଜଙ୍ଗମ ବା

ମନ ତଥା ବୁଦ୍ଧିର ଗୋଚର, ପଞ୍ଚମହାଭୂତ ଅନ୍ତର୍ଭୁକ୍ତ, ନାମ ଓ ରୂପର ସୀମା ଭିତରେ ଅବସ୍ଥିତ, ତ୍ରିଗୁଣ-କାରଖାନାରେ ନିର୍ମିତ, ଯେଉଁଥିରେ ଭୂତାକୃତି ସୁବର୍ଣ୍ଣମୁଦ୍ରା ତିଆରି ହୋଇଛି, ଯେଉଁ ସମ୍ପଦଦ୍ୱାରା ମହାକାଳ ଜୁଆଖେଳେ; ବିପରୀତ ଜ୍ଞାନଦ୍ୱାରା ଯାହାର ତତ୍ତ୍ୱ ଜଣାଯାଏ ଏବଂ ଭ୍ରାନ୍ତିମୟ କାଷ୍ଠଦ୍ୱାରା ସୃଷ୍ଟିର ରୂପ ପରିଗ୍ରହ ହୋଇ ଯାହାର ନାମ-ଜଗତ୍, ଯାହାକୁ ପ୍ରକୃତି ନାମରେ ଆଠପ୍ରକାରରେ ପୃଥକ୍ ପୃଥକ୍ ଭାବରେ ବର୍ଣ୍ଣନା କରାଯାଇଛି; ଯାହାକୁ କ୍ଷେତ୍ର ନାମଦେଇ ଛତିଶଟି ବିଭାଗ କରାଯାଇଛି; ଏହି ଅଧ୍ୟାୟରେ ଯାହାକୁ ବୃକ୍ଷରୂପରେ ବର୍ଣ୍ଣନା କରାଯାଇଛି— ସେହି ସମ୍ପୂର୍ଣ୍ଣ ସାକାରବସ୍ତୁକୁ ନିଜର ବାସସ୍ଥାନ ମନେକରି ଚୈତନ୍ୟ ତଦନୁରୂପ ହୋଇଯାଇଛି । କୂଅରେ ନିଜର ପ୍ରତିବିମ୍ବ ଦର୍ଶନ କରି କ୍ଷୁବ୍ଧ ସିଂହ କୂଅ ଭିତରକୁ ଡେଇଁପଡ଼େ । ଶୂନ୍ୟ ଆକାଶ ସର୍ବବ୍ୟାପୀ ହେଲେ ମଧ୍ୟ ଜଳରେ ତାର ପ୍ରତିବିମ୍ବ ପଡ଼େ । ସେହିଭଳି ଅଦ୍ୱୈତ ହେଲେ ମଧ୍ୟ ଚୈତନ୍ୟ ଦ୍ୱୈତର ଆଶ୍ରୟ ଗ୍ରହଣ କରେ । ହେ ଅର୍ଜୁନ ! ସାକାର-ନଗରର କଳ୍ପନା କରି ଆତ୍ମା ଏଥିରେ ବିସ୍ମୃତିର ନିଦ୍ରାକୁ ଡାକିଆଣେ । ଏ ଦେଶରେ ଆତ୍ମାର ଶୟନ ଠିକ୍ ସ୍ୱପ୍ନ ଦୃଷ୍ଟି ଶଯ୍ୟାରେ ଶୋଇବା ଭଳି । ଶରୀର ହେଉଚି ଆତ୍ମା— ଏଭଳି ଧାରଣା ହେଉଚି ଠିକ୍ ଏହି ଶୟନଭଳି । ଏହି ଶୟନବେଳେ ମୁଁ, ସିଏ, ଇଏ, ମୋର, ସିଏ ମୋ ପିତା, ମୁଁ ଭଲ, ମୁଁ ଖରାପ, ମୋର ପିଲାପିଲି ଅଛନ୍ତି, ମୋର ସମ୍ପତ୍ତିବାଡ଼ି ଅଛି, ମୋର ସ୍ତ୍ରୀ ଅଛି ଆଦି ଭାବନାରୁ ମନୁଷ୍ୟ ଦୁଃଖ, ସୁଖ ଆଦି ଭୋଗ କରିଥାଏ । ଏହିଭଳି ସ୍ୱପ୍ନର ଆଶ୍ରୟରେ ସଂସାର ଓ ସ୍ୱର୍ଗର ଉପବନରେ ଯେଉଁ ଚୈତନ୍ୟ ବିଚରଣ କରିଥାଏ, ତାକୁ କ୍ଷରପୁରୁଷ କୁହାଯାଏ ।

ଏବେ ଅକ୍ଷର କ'ଣ ବୁଝାଉଚି ଶୁଣ ।

ହେ ଧନୁର୍ଦ୍ଧର ! ଦୁଇପୁରୁଷ ମଧ୍ୟରୁ ଗୋଟିକର ନାମ ଅକ୍ଷର । ଏହା ମେରୁପର୍ବତର ମଝିଖମ୍ବ ଭଳି । ମେରୁ ପର୍ବତ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିଲୋକରୁ ପୃଥକ୍ ନୁହଁ । ଅକ୍ଷରପୁରୁଷ ମଧ୍ୟ ଜ୍ଞାନ ଓ ଅଜ୍ଞାନରୁ ଭିନ୍ନ ନୁହେଁ । ଯଥାର୍ଥ ଜ୍ଞାନଦ୍ୱାରା ଅଦ୍ୱୈତଭାବାପନ୍ନ ହେବା ଏବଂ ଅଜ୍ଞାନ ଦ୍ୱାରା ଅନେକ ରୂପ ଧାରଣ କରିବାହିଁ ଅକ୍ଷରର କାର୍ଯ୍ୟ ।

ଚନ୍ଦ୍ର ଜଳରେ ପ୍ରତିଫଳିତ ହୁଏ । ଜଳ ହଲିଲେ ଚନ୍ଦ୍ର ମଧ୍ୟ ହଲିଲାଭଳି ଦେଖାଯାଏ । ସେହିଭଳି ଶରୀରର ପରିବର୍ତ୍ତନ ଅନୁଯାୟୀ ଆତ୍ମାର ପରିବର୍ତ୍ତନ ଘଟିବାଭଳି ମନେ ହୋଇଥାଏ । ଜଳ ଶୁଷ୍କ ହୋଇଗଲେ, ବସ୍ତୁର ପ୍ରତିଫଳନ ହୁଏନା । ଅକ୍ଷର ବା ଆତ୍ମାର ମଧ୍ୟ ସେହିଭଳି ଆକାର ବିହୀନ ସ୍ଥିତି । ଶରୀର ଚାଲିଗଲେ ମନେହୁଏ ଆତ୍ମା ମଧ୍ୟ ଲୋପ ପାଇଗଲା । କିନ୍ତୁ ଆତ୍ମା ଯେ ଅକ୍ଷର । ଏହା ଲୋପ ପାଇବାର ପ୍ରଶ୍ନ ସୁଦ୍ଧା ଉଠି ନପାରେ । ଜାଗ୍ରତ ଅବସ୍ଥା ଚାଲିଗଲେ ସ୍ୱପ୍ନରେ ପ୍ରବେଶ ପର୍ଯ୍ୟନ୍ତ ଯେଉଁ ନିଦ୍ରାବସ୍ଥା, ତାହାହିଁ ଅକ୍ଷରର ସ୍ୱରୂପ । ସମ୍ପୂର୍ଣ୍ଣ ବିଶ୍ୱର ବିଲୟରେ ଆତ୍ମବୋଧର ପୂର୍ବ ପର୍ଯ୍ୟନ୍ତ ଯେଉଁ ଅବସ୍ଥା, ତାହାର ନାମ ହିଁ ଅକ୍ଷର । ଅମାବାସ୍ୟା ତିଥିରେ କଳାହୀନ ଚନ୍ଦ୍ରର କେବଳ ଚନ୍ଦ୍ରତ୍ୱ ହିଁ ଅବଶିଷ୍ଟ ରହିଥାଏ । 'ଅକ୍ଷର'ର ସ୍ୱରୂପ ସେହିଭଳି । ବୃକ୍ଷ ନିଜ ଫଳରେ ବୀଜରୂପରେ ଅବସ୍ଥାନ କରିଥାଏ । ସେହିଭଳି ସମସ୍ତ ଗୁଣ ବା ଉପାଧିକୁ ବିସର୍ଜନ କରିଦେବାପରେ ଜୀବ ଯେଉଁଥିରେ ଅବସ୍ଥାନ କରିଥାଏ, ତାହା ହେଉଚି ଅକ୍ଷର ବା ଆତ୍ମା । ତାହାକୁହିଁ ଅବ୍ୟକ୍ତ କୁହାଯାଏ । ଘୋର ଅଜ୍ଞାନକୁ ବୀଜଭାବ କୁହାଯାଏ । ସ୍ୱପ୍ନ ଓ ଜାଗୃତିକୁ ଫଳ କୁହାଯାଏ । ବେଦାନ୍ତରେ ଯାହାକୁ ବୀଜଭାବ କୁହାଯାଇଛି, ତାହାହିଁ ଅକ୍ଷର ପୁରୁଷର ସ୍ଥାନ । ଏହିଥିରୁ ହିଁ ବିପରୀତ ଜ୍ଞାନର ବିକାଶ— ଜାଗ୍ରତ, ସ୍ୱପ୍ନ ଓ ବୁଦ୍ଧି ବୃତ୍ତିର ବିଶାଳକ୍ଷେତ୍ର ପ୍ରକାଶିତ ହୁଏ । ହେ କିରୀଟି ! ଉତ୍ପନ୍ନ ସଂସାର ଓ ଅଭିବ୍ୟକ୍ତ ଜୀବତ୍ୱର ଲୟସ୍ଥାନ ହେଉଛି ଏହି ଅକ୍ଷର ପୁରୁଷ । କ୍ଷର ନାମରେ ଜାଗ୍ରତ ଓ ସ୍ୱପ୍ନ-ଦେହରେ କ୍ରୀଡ଼ାପରାୟଣ ପ୍ରସିଦ୍ଧ ପୁରୁଷ ଯେଉଁଥିରୁ ଉତ୍ପନ୍ନ ହୁଏ; ଯାହା ଅଜ୍ଞାନ ବା ଘୋର ସୁଷୁପ୍ତି ଆଦି ନାମରେ ବିଖ୍ୟାତ; ଯାହାର ଅନ୍ତରାଳରେ କେବଳ ବ୍ରହ୍ମପ୍ରାପ୍ତି; ଯେଉଁ ଅବସ୍ଥାରେ ସ୍ୱପ୍ନ ଓ ଜାଗରଣ ନଥିଲେ ସତ୍ୟ ସତ୍ୟ ବ୍ରହ୍ମଭାବ ହିଁ କୁହାଯାଆନ୍ତା; ଯିଏ ପୂର୍ଣ୍ଣତା ଅବଲମ୍ବନ କରି ପ୍ରକୃତି ଓ ପୁରୁଷ ଉଭୟକୁ ଉତ୍ପନ୍ନ କରେ; ଯାହା କ୍ଷେତ୍ର ଓ କ୍ଷେତ୍ରଜ୍ଞର ସ୍ୱପ୍ନଭୂମି, ଊର୍ଦ୍ଧ୍ୱମୂଳ ଏବଂ ଅଧଃଶାଖ ବୃକ୍ଷର ମୂଳ, ତାହାହିଁ ଅକ୍ଷର ପୁରୁଷ । ଛଳନାପୂର୍ବକ ନିଦ୍ରା ଓ ମାୟାପୁରୀରେ ଶୟନ ହେତୁ ଏହାକୁ ପୁରୁଷ କୁହାଯାଏ । ଜ୍ଞାନର ଅଭାବରୁ ହିଁ ଅକ୍ଷରକୁ ଚିହ୍ନି ହୁଏନା । ବେଦାନ୍ତରେ ଅକ୍ଷର ପୁରୁଷ ସମ୍ପର୍କରେ ଏହି ସିଦ୍ଧାନ୍ତ ପ୍ରକାଶ କରାଯାଇଛି । ଅତି ସଂକ୍ଷିପ୍ତ ଭାବରେ କୁହାଯାଇପାରେ ଯେ, ଜୀବରୂପକ କାର୍ଯ୍ୟର କାରଣ

ମାୟାସଙ୍ଗୀ ଯେଉଁ ଚୈତନ୍ୟ, ତାହାହିଁ ଅକ୍ଷର ପୁରୁଷ । ମାୟାରେ ଜଡ଼ିତ ହୋଇ ଆତ୍ମା ସୀମାବଦ୍ଧ ହୋଇପଡ଼ିବା ଭଳି ମନେହୁଏ ।

ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥୧୭॥

ସଂସାରରେ ଜାଗ୍ରତ ଓ ସ୍ୱପ୍ନ ଦୁଇଟି ଅବସ୍ଥା । ଘୋର ଅଜ୍ଞାନ ହିଁ ସୁଷୁପ୍ତି ଏହି ଅଜ୍ଞାନ ଜ୍ଞାନରେ ବିଲୀନ ହୁଏ । ସେତେବେଳେ କେବଳ ଜ୍ଞାନହିଁ ଅବଶିଷ୍ଟ ରହେ । କାଠ ଜଳିଗଲେ ନିଆଁ ମଧ୍ୟ ଲିଭିଯାଏ । ସେହିଭଳି ଜ୍ଞାନ ଓ ଅଜ୍ଞାନକୁ ନାଶ କରି ବ୍ରହ୍ମସ୍ୱରୂପର ପରିଚୟ ଲାଭ କଲେ ଜ୍ଞାତୃତ୍ୱର ଅଭିମାନକୁ ବିସର୍ଜନ ଦେଇ ଯେଉଁ ଜ୍ଞାତା ରହେ, ତାହାହିଁ ଉତ୍ତମପୁରୁଷ ଅର୍ଥାତ୍ ପୁରୁଷୋତ୍ତମ । ଇଏ ହେଉଛି ତୃତୀୟ ପୁରୁଷ । ପୂର୍ବକଥିତ ଦୁଇ ପୁରୁଷଠାରୁ ଏହା ପୃଥକ୍ । ଜାଗ୍ରତ ଅବସ୍ଥା ସୁଷୁପ୍ତି ଓ ସ୍ୱପ୍ନ ଅବସ୍ଥାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସୂର୍ଯ୍ୟକିରଣ ଓ ମରୀଚିକାଠାରୁ ସୂର୍ଯ୍ୟମଣ୍ଡଳ ସମ୍ପୂର୍ଣ୍ଣ ପୃଥକ୍ । କାଠରେ ଅଗ୍ନି ଥିଲେ ମଧ୍ୟ ଅଗ୍ନି କାଠଠାରୁ ଭିନ୍ନ । ସେହିଭଳି ଉତ୍ତମ ପୁରୁଷ କ୍ଷର ଓ ଅକ୍ଷରଠାରୁ ଭିନ୍ନ । ପ୍ରଳୟକାଳରେ ସମୁଦ୍ର ସୀମାଲଙ୍ଘନ କରି ନଦନଦୀଗୁଡ଼ିକୁ ଏକାକାର କରି ପକାଏ । ଦିନରାତି ଶେଷ ହୋଇଯାଏ । ସେହିଭଳି ଉତ୍ତମ ପୁରୁଷ ନିକଟରେ ଜାଗୃତି, ସ୍ୱପ୍ନ ଓ ସୁଷୁପ୍ତିର ପ୍ରଶ୍ନ ନଥାଏ । ତା ପାଖରେ ଏକତ୍ୱ ବା ଦ୍ୱୈତ କିମ୍ବା କିଛି ଅଛି କି ନାହିଁ ଜଣା ଯାଏନା । ଏହିଭଳି ଏକ ଅନିର୍ବଚନୀୟ ସ୍ଥିତି ହେଉଛି ଉତ୍ତମପୁରୁଷ ବା ପରମାତ୍ମା । ଏହାର ବର୍ଣ୍ଣନା ଜୀବର ଅଭିମାନରେ ହିଁ ସମ୍ଭବ । ନଦୀରେ ବୁଡ଼ିଯାଉଥିବା ବ୍ୟକ୍ତିର ଅବସ୍ଥାକୁ ତଟ ଦେଶରେ ଥିବା ବ୍ୟକ୍ତି ବର୍ଣ୍ଣନା କଲେ ଯାହା ହୁଏ, ଏହା ସେହିଭଳି । ବେଦ ଓ ବିବେକର ସମୁଦ୍ରତୀରରେ ଦଣ୍ଡାୟମାନ ରହି ମନୁଷ୍ୟ ଅନ୍ୟତୀରସ୍ଥ ପରମାତ୍ମାକୁ ବର୍ଣ୍ଣନା କରିବାରେ ଲାଗିଛି । କ୍ଷର ଓ ଅକ୍ଷର ଦୁଇଟିଯାକ ପୁରୁଷ ପ୍ରକୃତି, ସମୁଦ୍ରର ଏହି ତୀରରେ । ତେଣୁ ଉତ୍ତମପୁରୁଷ ଅନ୍ୟ ତୀରରେ ଅବସ୍ଥିତ ବୋଲି କୁହାଯାଉଛି । ହେ ଅର୍ଜୁନ ! 'ପରମାତ୍ମା'— ଏହି ଶବ୍ଦଦ୍ୱାରା ପୁରୁଷୋତ୍ତମ ସୂଚିତ ହୋଇଥାଏ । ମୌନହିଁ ତାର ଶବ୍ଦ । କୌଣସି ପ୍ରାକୃତ ବସ୍ତୁର ଜ୍ଞାନ ନହେବାହିଁ ତାର ଜ୍ଞାନ । କୌଣସି ଶବ୍ଦାର୍ଥ ସ୍ୱରୂପର ଜ୍ଞାନ ନ ହେବା ହିଁ ତାର ଅସ୍ତିତ୍ୱ । ସେଥିରେ 'ସୋଽହଂ' ଭାବର ମଧ୍ୟ ବିଲୟ ଘଟେ । ଅର୍ଥାତ୍ 'ସିଏ ଯିଏ, ମୁଁ ସିଏ, ବା ବ୍ରହ୍ମଽସ୍ମି

ଭାବ ମଧ୍ୟ ଚାଲିଯାଏ । ବିମ୍ବ ଓ ପ୍ରତିବିମ୍ବର ମଧ୍ୟସ୍ଥିତ ପ୍ରଭାକୁ ଧରି ନ ପାରିଲେ ମଧ୍ୟ ତାକୁ ଅସ୍ୱୀକାର କରାଯାଇ ନ ପାରେ । ନାସିକା ଓ କୁସୁମର ମଝିରେ ଥିବା ସୁଗନ୍ଧ ଦେଖାନଗଲେ ମଧ୍ୟ ସୁଗନ୍ଧର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇପାରେନା । ସେହିଭଳି ଦ୍ରଷ୍ଟା ଓ ଦୃଶ୍ୟ ବିଲୀନ ହୋଇଗଲେ ଯାହା ରହେ, ତାହା କ'ଣ କିଏ କହିବ ? କିନ୍ତୁ ସେହି ସ୍ଥିତିର ପ୍ରତୀତି ହିଁ ପୁରୁଷୋତ୍ତମ ରୂପ । ତାର ଆଲୋକ କୌଣସି ଆଲୋକ ଉପରେ ନିର୍ଭର କରେ ନାହିଁ । ତାର ଶକ୍ତି ସମସ୍ତ ଶକ୍ତିଠାରୁ ପୃଥକ୍ ଓ ସ୍ୱାଧୀନ । ତାଠାରୁ ହିଁ ନାଦର ଉତ୍ପତ୍ତି । ସେ ଆକାଶକୁ ସୁବାସିତ କରେ । ସୁସ୍ୱାଦକୁ ସ୍ୱାଦ ଯୋଗାଏ । ଆନନ୍ଦକୁ ଉପଭୋଗ କରିବାର ଶକ୍ତି ଯୋଗାଏ ସେ । ସେ ହେଉଛି ପୂର୍ଣ୍ଣତାର ପରିଣାମ । ସେ ସର୍ବଶ୍ରେଷ୍ଠ ପୁରୁଷ । ବିଶ୍ରାନ୍ତିର ବିଶ୍ରାମ ସ୍ଥଳ । ସେ ସୁଖର ସ୍ୱାମୀ । ସେ ତେଜକୁ ଉପଲବ୍ଧି କରାଇବା ଲାଗି ଉପଯୁକ୍ତ ତେଜ ଦେଇଥାଏ । ତାର ମହାଶୂନ୍ୟତାରେ ଆକାଶ ମଧ୍ୟ ବିଲୀନ ହୁଏ । ସେ ସ୍ୱୟଂ ବିକଶିତ ହେଲେ ମଧ୍ୟ ଅବଶିଷ୍ଟ ରହିଥାଏ । ସେ ସଂହାରକୁ ସଂହାର କରି ଅବସ୍ଥାନ କରିଥାଏ । ସେ ବୃହତ୍‌ରୁ ବୃହତ୍ତମ । ମୁକ୍ତା ରୂପା ନ ହେଲେ ମଧ୍ୟ ଅଜ୍ଞାନୀର ଚକ୍ଷୁରେ ମୁକ୍ତା ରୂପା ଭଳି ଦେଖାଯାଏ । ସୁବର୍ଣ୍ଣ ଅଳଙ୍କାର ରୂପରେ ଆତ୍ମଗୋପନ କରିଥାଏ । ସେହିଭଳି 'ସେ' ବିଶ୍ୱ ନ ହେଲେ ମଧ୍ୟ ବିଶ୍ୱକୁ ଧାରଣ କରେ । ଜଳ ଓ ତରଙ୍ଗ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସେହିଭଳି ସେ ହେଉଚି ନିଜ ଉଦୟ ଓ ଅସ୍ତର କାରଣ । ବିଶ୍ୱର ପ୍ରକାଶ ଓ ଅପ୍ରକାଶରେ ତାର ଅଭ୍ୟୁଦୟ କିମ୍ବା କ୍ଷୟ ଘଟେନା । ରାତ୍ରି ଓ ଦିନର ପାର୍ଥକ୍ୟ ହେଲେ ମଧ୍ୟ ସୂର୍ଯ୍ୟର ପାର୍ଥକ୍ୟ ହୁଏନା । କୌଣସି କାରଣରୁ ମଧ୍ୟ 'ଅକ୍ଷର'ର କ୍ଷୟ ହୁଏନା । ତାର ତୁଳନା ସେ ନିଜେ ।

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥୧୮॥

ହେ ଧନଞ୍ଜୟ ! ସ୍ୱୟଂ ପ୍ରକାଶ, ଅଦ୍ୱିତୀୟ, ଉପାଧିରହିତ, ଗୁଣାତୀତ ମୁଁ ହେଉଚି କ୍ଷର ଓ ଅକ୍ଷର ପୁରୁଷଠାରୁ ଉତ୍ତମ । ତେଣୁ ବେଦ ଓ ଶାସ୍ତ୍ର ମତେ ହିଁ ପୁରୁଷୋତ୍ତମ କରିଥାଏ ।

ଯୋ ମାମେବମସଂମୂଢ଼ୋ ଜାନାତି ପୁରୁଷୋତ୍ତମମ୍ ।
ସ ସର୍ବବିଦ୍‌ଭଜତି ମାଂ ସର୍ବଭାବେନ ଭାରତ ।।୧୯।।

ଜ୍ଞାନର ସୂର୍ଯ୍ୟାଲୋକରେ ପୁରୁଷୋତ୍ତମ ଭାବରେ ମତେ ଯିଏ ଚିହ୍ନିପାରେ, ଜାଗ୍ରତ ଅବସ୍ଥାରେ ସ୍ୱପ୍ନ ଲୋପପାଇବା ଭଳି ତାର ସକଳ ସାଂସାରିକ ଜ୍ଞାନ ଲୋପପାଏ । ଗଳାର ହାର ହାତରେ ଧରିଲେ ସର୍ପ ଭ୍ରମ ଚାଲିଯାଏ । ଆତ୍ମୋପଲବ୍ଧିର ଜ୍ଞାନକୁ ମିଥ୍ୟା ଜ୍ଞାନ ଅଭିଭୂତ କରିପାରେନା । ଅଳଙ୍କାର ସୁବର୍ଣ୍ଣରେ ନିର୍ମିତ ବୋଲି ଜ୍ଞାନ ଯାହାର ଥାଏ, ସେଥିରେ ନାନା ଅଳଙ୍କାର କଲେ ମଧ୍ୟ ସେ ସବୁ ଯେ ସୁବର୍ଣ୍ଣ ଏହି ଧାରଣା ତାର ବଦ୍ଧମୂଳ ରହିଥାଏ । ସେହିଭଳି ମୋ ସ୍ୱରୂପକୁ ଉପଲବ୍ଧି କରି ସାରିବା ପରେ ଆଉ ଦ୍ୱୈତଭାବର ଅବକାଶ ରହେନା । ଏହି ସଂପୂର୍ଣ୍ଣ ଜ୍ଞାନରେ ଯିଏ ବିମଣ୍ଡିତ, ସେ ନିଜକୁ କହେ ମୁଁ ହେଉଛି ସଚ୍ଚିଦାନନ୍ଦ ସ୍ୱରୂପ, ବ୍ରହ୍ମସ୍ୱରୂପ । ସେ ସର୍ବତ୍ର ଆତ୍ମସ୍ୱରୂପକୁ ଉପଲବ୍ଧି କରେ । ସେହି ଜ୍ଞାନୀ ମୋର ଭଜନଲାଗି ଉପଯୁକ୍ତ । କ୍ଷୀରସାଗରର ସତ୍‌କାର ଲାଗି କ୍ଷୀରସାଗର ହିଁ ସମର୍ଥ । ଅମୃତ ହେଲେ ଯାଇ ଅମୃତ ସହିତ ତୁଳନା ସମ୍ଭବ । ଗଗନକୁ ଆଲିଙ୍ଗନ କରିବାଲାଗି ଗଗନ ହିଁ ଉପଯୁକ୍ତ । ଖାଣ୍ଟିସୁନାରେ ଖାଣ୍ଟିସୁନାକୁ ହିଁ ମିଳେଇବାକୁ ପଡ଼େ । ମୋ ସ୍ୱରୂପଲାଭ ନକରି ମତେ ଭକ୍ତି କରିବା ହେଉଚି ଲେଖାଯୋଖାରେ ସମ୍ପର୍କ ଯୋଡ଼ିବା ଭଳି । ସମୁଦ୍ର ସହିତ ତରଙ୍ଗର ଯେଉଁ ସମ୍ପର୍କ, ମୋ ସହିତ ଭକ୍ତର ସେହି ସମ୍ପର୍କ । ସୂର୍ଯ୍ୟ ସହିତ ତା କିରଣର ଯେଉଁ ସମ୍ବନ୍ଧ, ମୋ ସହିତ ଭକ୍ତର ସେହି ସମ୍ବନ୍ଧ ।

ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।
ଏତଦ୍‌ବୁଦ୍ଧ୍ୱାବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ।।୨୦।।

ଏହି ଅଧ୍ୟାୟର ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ଯେଉଁ ସିଦ୍ଧାନ୍ତ ନିରୂପଣ କରାଯାଇଛି, ସେଥିରେ ସକଳ ଶାସ୍ତ୍ରର ସମନ୍ୱୟ ଘଟିଛି । ଏହା ଉପନିଷଦରୂପକ କମଳଦଳର ସୁବାସରେ ଆମୋଦିତ । ମୁଁ ବ୍ୟାସଦେବଙ୍କ

ଜ୍ଞାନଭଣ୍ଡାରର ଶବ୍ଦବ୍ରହ୍ମକୁ ମନ୍ଥନ କରି ତାର ସାରାଂଶ ନବନୀତ ବାହାର କରିଛି । ଏହା ଜ୍ଞାନମୃତ ପରିପୂର୍ଣ୍ଣ ଗଙ୍ଗା ଏବଂ ବିବେକରୂପକ କ୍ଷୀର ସମୁଦ୍ରର ନବଲକ୍ଷ୍ମୀ ।

ଶ୍ରୀକୃଷ୍ଣ କହିଲେ, ଏହି ଗୀତା-ପଦ, ବର୍ଣ୍ଣ, ଅର୍ଥ, ଜୀବନ, ପ୍ରାଣ ସବୁଦିଗରୁ ମୋ ବ୍ୟତୀତ ଦ୍ୱିତୀୟ କିଛି କାରଣ ନାହିଁ । ଗୀତାର ଶିକ୍ଷା କ୍ଷର ଓ ଅକ୍ଷରର ବର୍ଣ୍ଣନା ଉର୍ଦ୍ଧ୍ୱରେ । ଯେଉଁ ଗୀତାକୁ ତୁମେ ଶୁଣୁଚ, ଏହା ଜଗତରେ ପତିବ୍ରତା ଭାବରେ ଖ୍ୟାତିସମ୍ପନ୍ନା । ଏହା ଗୁଡ଼ିଏ ଶବ୍ଦର ବିଜ୍ଞାନ ବୋଲି ମନେକର ନାହିଁ । ସଂସାର ସାଗର ପାର ହେବାଲାଗି ଏହା ଏକ ପୋତ । ଏହା ଅକ୍ଷର ଆତ୍ମାର ପ୍ରକାଶକାରୀ ମନ୍ତ୍ର । ନିଜର ମୁଖ ଦର୍ଶନ ଲାଗି ଦର୍ପଣ ଧରିବା ଭଳି, ହେ ଅର୍ଜୁନ ! ତୁମ ମାଧ୍ୟମରେ ମୁଁ ନିଜକୁ ନିଜେ ପ୍ରକାଶ କରୁଚି । ଆକାଶର ନକ୍ଷତ୍ରକୁ ସମୁଦ୍ର ପ୍ରତିଫଳିତ କରିବାଭଳି ତୁମେ ମତେ ତୁମ ହୃଦୟ ଭିତରକୁ ଆକୃଷ୍ଟ କରିନେଇଛ । ଚୈତନ୍ୟ-ଶଙ୍କରସ୍ୱରୂପ ମୋ ମସ୍ତକରେ ଗୀତା ଗଙ୍ଗାରୂପିଣୀ ଯେଉଁ ସମ୍ପଦ ରଖିଥିଲି, ସେଥିଲାଗି ତୁମେ ଶ୍ରଦ୍ଧାନିଧି ଗୌତମ ପାଲଟିଚ । ଅନ୍ୟକଥାରେ କହିଲେ, ଯାହା ଏପର୍ଯ୍ୟନ୍ତ ମହାମୂଲ୍ୟବାନ୍ ଓ ଗୋପନୀୟ ରହିଥିଲା, ତାକୁ ମୁଁ ସମଗ୍ର ଜଗତ ଲାଗି ତୁମ ମାଧ୍ୟମରେ ବିତରଣ କରୁଛି । ଜଳ ହେଉ, ଦର୍ପଣ ହେଉ ସ୍ୱଚ୍ଛ ଥିଲେ ତା ସାହାଯ୍ୟରେ ନିଜ ରୂପ ଦେଖିବା ସମ୍ଭବ ହୋଇଥାଏ । ତୁମେ ଆଜି ସେହି ସ୍ୱଚ୍ଛ ଦର୍ପଣର କାର୍ଯ୍ୟ ତୁଲେଇବ । ହେ ବୀର ! ତୁମର ତ୍ରିବିଧ ପାପ ଦୂର ହୋଇଛି । ତୁମେ ଗୀତା ସହିତ ମୋର ବସତି ସ୍ଥାନ ହୋଇପାରିଚ । ଗୀତା ମୋର ଅଙ୍ଗଲତା । ଏହାକୁ ଯିଏ ଜାଣେ ସେ ଅଜ୍ଞାନରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥାଏ । ହେ ପାଣ୍ଡୁନନ୍ଦନ ! ଏହାକୁ ସେବନ କଲେ ଏହି ଅମୃତର ନିର୍ଝରିଣୀ, ରୋଗୀ ପକ୍ଷରେ ଅମୃତ ତୁଲ୍ୟ ହୋଇଉଠେ । ଏହାକୁ ଜାଣିଲେ ସମସ୍ତପ୍ରକାରର ମୋହରୁ ମୁକ୍ତ ହୋଇପାରିବ । ଆତ୍ମଜ୍ଞାନଦ୍ୱାରା କର୍ମର ଧ୍ୱଂସ— ଏକଥା ଗୀତାରୁ ହିଁ ଲାଭ ହୋଇଥାଏ । ହଜିଥିବା ବସ୍ତୁ ମିଳିଗଲେ, ଏହାକୁ ଖୋଜିବା ଆବଶ୍ୟକ ହୁଏନାହିଁ । ସେହିଭଳି କର୍ମମୟ ମନ୍ଦିର ଉପରେ ଜ୍ଞାନରୂପକ ମଙ୍ଗଳକଳସ ବସାଇଲେ ଜ୍ଞାନୀର କର୍ମ ସମାପ୍ତ ହୁଏ ।

ଅନାଥବନ୍ଧୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହିଭଳି ଭାବରେ ବୁଝାଇଲେ । ଶ୍ରୀମୁଖର ଅମୃତ ପାର୍ଥଙ୍କ ହୃଦୟରେ ଭର୍ତ୍ତି ହୋଇ ଉଛୁଳିପଡ଼ିବାରେ ଶ୍ରୀବ୍ୟାସଙ୍କ କୃପାରୁ ସଞ୍ଜୟ ଏହି ଉଚ୍ଛଳା ଅମୃତ ଲାଭ କଲେ । ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଏହା ପାନ କରାଇବାଲାଗି ପ୍ରାଣପଣେ ଉଦ୍ୟମ ଚଳାଇଥିଲେ ।

ପ୍ରଥମତଃ ଗୀତାଶ୍ରବଣରେ ଧୃତରାଷ୍ଟ୍ର ନିଜକୁ ଅନଧିକାରୀ ମନେକଲେ ମଧ୍ୟ ସେ ଅନ୍ତଃକାଳରେ ଉତ୍ତମ ଗତିଲାଭ କଲେ । ଦ୍ରାକ୍ଷାଲତା ମୂଳରେ କ୍ଷୀର ଢାଳିଲେ ଏହା ବୃଥା ହେଲା ବୋଲି ମନେହେଲେ ମଧ୍ୟ ପରିଣାମରେ ଏହା ଦୁଇଗୁଣ ଲାଭ ଦେଖାଇଥାଏ ।

ସଞ୍ଜୟ ଶ୍ରୀହରିଙ୍କ ବାକ୍ୟପ୍ରେମର ସହିତ ବର୍ଣ୍ଣନା କରିବାରେ ଯଥାକାଳରେ ଧୃତରାଷ୍ଟ୍ରଙ୍କ ଆନନ୍ଦଲାଭ ହେଲା । ସେହି କଥାକୁ ସ୍ଥୂଳଜ୍ଞାନରେ ମୁଁ ଯାହାକିଛି ବୁଝିଚି, ମରାଠୀ ଭାଷାରେ ଆପଣମାନଙ୍କ ନିକଟରେ ନିବେଦନ କରୁଛି ।

ସେବତୀ ଫୁଲର ରୂପ ଦେଖି ଅରସିକ ବ୍ୟକ୍ତି ଆନନ୍ଦଲାଭ ନ କଲେ ମଧ୍ୟ ଏହାର ବିଶେଷତ୍ୱକୁ ସୁବାସହରଣକାରୀ ଭ୍ରମର ହିଁ ଜାଣେ । ତେଣୁ ଯେଉଁ ସିଦ୍ଧାନ୍ତ ରସିକମାନଙ୍କ ଆଦରଣୀୟ ତାହାହିଁ ଆପଣମାନେ ଗ୍ରହଣ କରିବା ଉଚିତ । ଯାହା ଅଯୌକ୍ତିକ ମନେହେବ ତାକୁ ଛାଡ଼ିଦେଲେ କୌଣସି କ୍ଷତି ହେବ ନାହିଁ ।

ବାଳକ ସ୍ୱଭାବତଃ ଅଜ୍ଞାନ । ଅଜ୍ଞାନ ହେଲେ ମଧ୍ୟ ତାକୁ ବାପ ମାଆ ଦେଖି ଖୁସି ହୋଇ ଥାଆନ୍ତି । ଆପଣମାନେ ମୋର ବାପ ମାଆ ସଦୃଶ । ଆପଣମାନଙ୍କୁ ଦେଖି ମୁଁ ଆନନ୍ଦରେ କହିଯାଉଛି । ଗ୍ରନ୍ଥ ତ କେବଳ ଉପଲକ୍ଷ୍ୟ ମାତ୍ର ।

ଜ୍ଞାନଦେବ କହିଲେ, ହେ ବିଶ୍ୱାତ୍ମକ ପ୍ରଭୁ ନିବୃତ୍ତିରାଜ ! ଆପଣ ଏହି ବାଣୀର ପୂଜା ଗ୍ରହଣ କରନ୍ତୁ ।

ଇତି ଶ୍ରୀଜ୍ଞାନଦେବକୃତ ଭାବାର୍ଥଦୀପିକାୟାଂ ପୁରୁଷୋତ୍ତମ-ଯୋଗ ନାମ ପଞ୍ଚଦଶୋଽଧ୍ୟାୟଃ ॥

●

ଦୈବାସୁରସମ୍ପଦ ବିଭାଗ ଯୋଗ

ଷୋଡ଼ଶ ଅଧ୍ୟାୟ

ଯାହାର ଉଦୟରେ ଅଦ୍ୱୈତଜ୍ଞାନକମଳ ବିକଶିତ ହୁଏ ଏବଂ ବିଶ୍ୱାଭାସ ଅସ୍ତ ହୁଏ, ସେହି ନିର୍ମଳ ସୂର୍ଯ୍ୟକୁ ମୁଁ ବନ୍ଦନା କରୁଛି । ମୋ ଗୁରୁ ନିବୃତ୍ତିନାଥହିଁ ସେହି ଜ୍ଞାନସୂର୍ଯ୍ୟ । ତାଙ୍କ ଉଦୟରେ ଅବିଦ୍ୟାରାତ୍ରି ଶେଷ ହୁଏ । ଜ୍ଞାନାଜ୍ଞାନଦ୍ୱନ୍ଦ୍ୱ-ଚନ୍ଦ୍ରାଲୋକ ଲୋପ ପାଏ ।.ଜ୍ଞାନୀଲାଗି ଆତ୍ମବୋଧର ସୁଦିନ ସମାଗତ ହୁଏ । ପ୍ରଭାତ ହେବାମାତ୍ରେ ଜୀବପକ୍ଷୀ ଆତ୍ମଜ୍ଞାନର ଚକ୍ଷୁ ଉନ୍ମୀଳିତ କରେ । ସେ ଦେହାଭିମାନ-ବସାର ବାହାରକୁ ଉଡ଼ିଯାଏ । ଏହି ଜ୍ଞାନସୂର୍ଯ୍ୟ ସୂକ୍ଷ୍ମଦେହ କମଳକୋଷରେ ଅବସ୍ଥିତ ଦୁର୍ବଳ ଜୀବକୁ ଚୈତନ୍ୟଭ୍ରମରୁ ବନ୍ଧନମୁକ୍ତ କରାଏ । ଭେଦବୁଦ୍ଧି ରୂପକ ନଦୀର ଉଭୟ ତୀରରେ ପରସ୍ପରବିରୋଧୀ ଶାସ୍ତ୍ରବାକ୍ୟର କର୍ଦ୍ଦମମୟ ଭୂମିରେ ଚକ୍ରବାକ ମିଥୁନଭଳି ବିରହରେ ବ୍ୟାକୁଳ ଯେଉଁ ଜ୍ଞାନ ଓ ବୁଦ୍ଧି, ତାର ଆର୍ତ୍ତନାଦ ବନ୍ଦ କରାଇ ଚିଦାକାଶଭୁବନର ପ୍ରଦୀପସ୍ୱରୂପ ସମାଧାନ ଓ ସୁସିଦ୍ଧାନ୍ତର ମିଳନ ସୁଖ ଭୋଗ କରାଏ । ପ୍ରଭାତର ଆଲୋକସମ୍ପାତମାତ୍ରେ ଭେଦବୁଦ୍ଧିର ଚେରଅପସାରିତ ହୋଇଯାଏ ଏବଂ ପଥିକ-ଯୋଗୀ ଆତ୍ମସାକ୍ଷାତ୍‌କାର ପଥରେ ନିର୍ବିଘ୍ନରେ ଚାଲିପାରେ । ବିବେକ କିରଣରେ ଜ୍ଞାନସୂର୍ଯ୍ୟକାନ୍ତମଣିର ସ୍ଥୂଳଲିଙ୍ଗ ବର୍ହିଗତ ହୁଏ ଏବଂ ଏହା ସଂସାରର ଅରଣ୍ୟକୁ ଉଦ୍‌ଭାସିତ କରେ । ସେହି ତୀବ୍ର କିରଣପାତରେ ଆତ୍ମସ୍ୱରୂପର କଠିନ ଭୂମିରେ ମହାସିଦ୍ଧି-ମରୀଚିକା ଜଳରେ ବନ୍ୟା ଛୁଟିଆସେ । ସୋଽହଂ ଜ୍ଞାନର ମଧ୍ୟାହ୍ନକାଳରେ ଆତ୍ମବୋଧ ଶିଖରରେ ସୂର୍ଯ୍ୟ ଆରୋହଣ କଲେ, ଆତ୍ମା ଭ୍ରମର ଛାୟା ପାଦତଳେ ମିଳେଇଯାଏ । ସେହି ସମୟରେ ମାୟାର ରାତ୍ରି ନ ଥାଏ । ତେଣୁ ବିଶ୍ୱସ୍ୱପ୍ନମୟ-ଅନ୍ୟଥାଜ୍ଞାନ ନିଦ୍ରାର ଅବକାଶ ରହେନା । ସେତେବେଳେ

ଅଦ୍ୱୈତଜ୍ଞାନ-ନଗରରେ ମହାନନ୍ଦର ଚାଞ୍ଚଲ୍ୟ ସୃଷ୍ଟି ହୁଏ ଏବଂ ବିଷୟ ସୁଖାନୁଭବର ଆଦାନପ୍ରଦାନ ଶିଥିଳ ହୋଇଆସେ । ଯାହାର ଉଦୟରେ ଏହିଭଳି ଶୁଭଦିବସ ଆଗମନର କୈବଲ୍ୟ ଲାଭ ହୁଏ, ଯିଏ ନିଜ ଧାମ-ମହାକାଶର ରାଜା, ସର୍ବଦା ସମୁଦିତ, ଯାହାର ଉଦୟରେ ଦିଗସମୂହ ବିଲୀନ ହୋଇଯାଆନ୍ତି, ଯିଏ ଅପ୍ରକାଶିତ ବସ୍ତୁର ପ୍ରକାଶକାରୀ, ସେହି ଜ୍ଞାନସୂର୍ଯ୍ୟ ଦିନ ଓ ରାତ୍ରିର ଅନ୍ତରାଳରେ ଅବସ୍ଥିତ । ତାକୁ ଦର୍ଶନ କରିବାକୁ କିଏ ବା ସମର୍ଥ ? ପ୍ରକାଶ୍ୟବସ୍ତୁ ବ୍ୟତୀତ ଯାହାର ପ୍ରକାଶ, ସେହି ଜ୍ଞାନସୂର୍ଯ୍ୟ ଗୁରୁଦେବ ଶ୍ରୀଶ୍ରୀନିବୃତ୍ତିନାଥଙ୍କୁ ମୋର ବାରମ୍ବାର ନମସ୍କାର ।

ତାଙ୍କୁ ସ୍ତୁତି କରିବା ହେଉଛି କେବଳ ଶବ୍ଦଦ୍ୱାରା ବାଧା ସୃଷ୍ଟି କରିବା । ସ୍ତବର ମହିମାରାଜି ବୁଦ୍ଧି ସହିତ ବିଲୀନ ହେଲେଯାଇ ପ୍ରଭୁଙ୍କ ମହିମାର ସ୍ତୁତି କରିବା ସମ୍ଭବ । ସମଗ୍ର ବିଷୟଭୋଗ ତ୍ୟାଗ ଦ୍ୱାରା ଜ୍ଞାନ ମୌନକୁ ଆଲିଙ୍ଗନ କଲେ ଯାଇ ଯାହାର ସ୍ତୁତି ସମ୍ଭବ; ଅନ୍ୟ ରୂପ ନ ଧରିଲେ ହିଁ ଯାହାର ପ୍ରତୀତି, ଯାହାର ସ୍ତବ ବୈଖାରୀ, ମଧ୍ୟମା ଓ ପଶ୍ୟନ୍ତୀକୁ ଗ୍ରାସ କରେ ଏବଂ ଧରା ସହିତ ନିଜର ଲୋପ ସାଧନ ଘଟେ, ହେ ଗୁରୁଦେବ ! ମୁଁ ଦାସ୍ୟଭାବରେ ସେହି ଆପଣଙ୍କୁ ବାକ୍ୟମୟ ସ୍ତୁତି ଅଳଙ୍କାରରେ ପରିଧାନ କରାଉଛି ।

ହେ ଅଦ୍ୱୈତାନନ୍ଦ ! ମୋର ଏ ସ୍ତୁତିକୁ ଆପଣ ଗ୍ରହଣ କରନ୍ତୁ ବୋଲି ନିବେଦନ କରିବା ମଧ୍ୟ ମୋ ପକ୍ଷରେ ଅନ୍ୟାୟ । ଦରିଦ୍ର ବ୍ୟକ୍ତି ହଠାତ୍ ଅମୃତ ଦର୍ଶନକଲେ, କିପରି ଭାବରେ ଏହାକୁ ଅଭ୍ୟର୍ଥନା କରିବ, ତାହା ଭୁଲିଯାଇ ତାର ସାଧାରଣ ଶାଗଖରଡ଼ା ନେଇ ଅତିଥି ସେବା କରିବା ଲାଗି ବ୍ୟାକୁଳ ହୋଇଉଠେ । ଅତିଥି ଦରିଦ୍ରର ସେହି ଶାକାନ୍ନକୁ ଅମୃତ ମନେ କରି ଗ୍ରହଣ କରିବା ଉଚିତ । ତାର ଅତିଥିପରାୟଣତା ଓ ତାର ଆନନ୍ଦ ଉଚ୍ଛ୍ୱାସ ପ୍ରତି ଦୃଷ୍ଟିଦେବା ଉଚିତ । ଆରତିଦ୍ୱାରା ଦିବ୍ୟସ୍ୱରୂପ ଦର୍ଶନ କରିବାଲାଗି ତାର ଉଦ୍ୟମ ଓ ଭକ୍ତିଭାବକୁ ଦେଖିବା ଉଚିତ । ଯେଉଁ ବାଳକର ଉଚିତ୍ ଅନୁଚିତ ବିଚାର ଆସିଗଲାଣି, ତାକୁ ଆଉ ବାଳକ କୁହାଯିବ କି ? ମାଆ ପିଲାର ସମସ୍ତ ବ୍ୟବହାରରେ ସନ୍ତୁଷ୍ଟ ରହେ । ଗଙ୍ଗା ଦେହରେ ଛୋଟ ଛୋଟ ବହୁ ନାଳନର୍ଦ୍ଦମା

ଜଳଆସି ପଡ଼େ । ଏ ନାଳଗୁଡ଼ିକୁ ଅପବିତ୍ର କହି ଗଙ୍ଗା ସେମାନଙ୍କୁ ଦୂରକୁ ଠେଲିଦିଏ କି ? ଭୃଗୁମୁନି ଭଗବାନଙ୍କୁ ଗୋଇଠା ମାରି ବହୁ ଅପରାଧ କରିଥିଲେ ମଧ୍ୟ ଶାର୍ଙ୍ଗପାଣି ସେସବୁ ଅପରାଧକୁ ପ୍ରେମର ଉପଚାର ମନେକରି, ଭୃଗୁଙ୍କ ପଦଚିହ୍ନକୁ ନିଜର ଭୂଷଣ ମନେକରି ସନ୍ତୁଷ୍ଟ ରହିଲେ । ମେଘାଚ୍ଛନ୍ନ ଅନ୍ଧକାରମୟ ଆକାଶକୁ ଦିନମଣିସୂର୍ଯ୍ୟ ''ମୋ ଦେହରେ ଅନ୍ଧକାରର କଳଙ୍କଲାଗିଚି''କହି ଦୂରେଇ ଦିଏ ନାହିଁ ।

ହେ ଗୁରୁରାଜ ! ମୁଁ ମୋ ଭେଦବୁଦ୍ଧିଦ୍ୱାରା ଆପଣଙ୍କୁ ସୂର୍ଯ୍ୟର ଉପମାଦେଇ ପରିମାପ କରିବାକୁ ଚେଷ୍ଟାକରୁଛି । ଇଏ ମଧ୍ୟ ମୋର ଏକ ଅପରାଧ । ଦୟାକରି ମତେ କ୍ଷମା କରନ୍ତୁ । ଯେଉଁମାନେ ଆପଣଙ୍କୁ ଧ୍ୟାନନେତ୍ରରେ ଦେଖି ମଧ୍ୟ ବେଦବାକ୍ୟ ଦ୍ୱାରା ସ୍ତୁତି କରୁଛନ୍ତି, ସେମାନଙ୍କୁ ଆପଣ କ୍ଷମାଚକ୍ଷୁରେ ଦେଖିଛନ୍ତି । ମତେ ମଧ୍ୟ ସେହିଭାବରେ କ୍ଷମା କରନ୍ତୁ । ମୁଁ ସାମାନ୍ୟ ମନୁଷ୍ୟ ହୋଇ ଆପଣଙ୍କ ଗୁଣ-ପ୍ରଲୁବ୍ଧ ହୋଇଛି । ମୋର ଏ ଅପରାଧକୁ ଧରିବେନି । ଆପଣ ଯାହା କହନ୍ତୁ ନା କାହିଁକି ମତେ ଅତୃପ୍ତ ରଖି ଛାଡ଼ିଯାଆନ୍ତୁ ନାହିଁ । ଆପଣଙ୍କ ମଧୁରପ୍ରସାଦାମୃତ ଗୀତା ବର୍ଣ୍ଣନାରେ ଉଦ୍ୟତ ହୋଇ ଭାଗ୍ୟବଳରେ ମୁଁ ଦ୍ୱିଗୁଣିତ ଶକ୍ତିଲାଭ କରିଛି । ମୋ ବାଣୀ କେତେ କଳ୍ପକଳ୍ପାନ୍ତର ଧରି ସତ୍ୟାଳାପ କରିବା ଫଳରେ ଏହି ଗୀତା ମହାଦ୍ୱୀପ ଲାଭ କରିଛି । ଆଜି ପର୍ଯ୍ୟନ୍ତ ହୁଏତ ମୁଁ ବହୁ ଅଲୌକିକ ପୁଣ୍ୟକାର୍ଯ୍ୟ କରିଛି, ଯାହାଫଳରେ ମତେ ଆପଣଙ୍କ ଗୁଣଗାନ କରିବା କାର୍ଯ୍ୟରେ ନିଯୁକ୍ତ କରିଛନ୍ତି । ମୁଁ ଏହି ଜୀବାବସ୍ଥା ଅରଣ୍ୟରେ ପ୍ରବେଶ କରି ମୃତ୍ୟୁଫାଶରେ ନିଜକୁ ବାନ୍ଧିପକାଇଛି । କିନ୍ତୁ ଆପଣଙ୍କ ଗୁଣକୀର୍ତ୍ତନ ଦ୍ୱାରା ମୋର ସେ ଦୁର୍ଦ୍ଦଶା ଦୂର ହୋଇପାରିଛି, ଆପଣଙ୍କ ଯେଉଁ କୀର୍ତ୍ତି ଗୀତାନାମରେ ପ୍ରସିଦ୍ଧ, ଯାହା ପ୍ରପଞ୍ଚ ବିଶ୍ୱାଭାସକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେବାଲାଗି ସମର୍ଥ, ସେ କୀର୍ତ୍ତି ବର୍ଣ୍ଣନାର ଦାୟିତ୍ୱ ବର୍ତ୍ତମାନ ମୋ ଉପରେ ପଡ଼ିଛି । ଏହା କମ୍ ସୌଭାଗ୍ୟ ନୁହଁ । ଯାହାର ଘରେ ସ୍ୱୟଂ ମହାଲକ୍ଷ୍ମୀଙ୍କ ଆବିର୍ଭାବ, ତାକୁ ଦରିଦ୍ର କୁହାଯାଇ ପାରେ କି ? ଅନ୍ଧକାରର ଗୃହରେ ସୌଭାଗ୍ୟତଃ ଯଦି ସୂର୍ଯ୍ୟ ଅତିଥି ରୂପରେ ପହଞ୍ଚନ୍ତି,

ଅନ୍ଧକାର ଆଲୋକରେ ପରିଣତ ନ ହୋଇ ରହିପାରେ କି ? ଯାହାର ମହିମା ନିକଟରେ ସମଗ୍ର ବିଶ୍ୱ ଧୂଳିକଣା ଭଳି; ସେ ଯଦି ଭକ୍ତିଫାଶରେ ଆସି ପଡ଼େ, ଭକ୍ତଲାଗି ସେ କ'ଣ ବା କରି ନ ପାରେ ? କି ରୂପ ଧାରଣ କରି ନ ପାରେ ? ବସ୍ତୁତଃ ଗୀତାକୁ ବ୍ୟାଖ୍ୟାନ କରିବା ଆକାଶକୁସୁମର ସୁଗନ୍ଧ ଆଘ୍ରାଣ କରିବା ଭଳି ମୋ ପକ୍ଷରେ ଅସମ୍ଭବ ବ୍ୟାପାର । ତେବେ ମୁଁ ସିନା ଅସମର୍ଥ, ଆପଣ ତ ସମର୍ଥ ।ଆପଣ ତ ସର୍ବଶକ୍ତିମାନ୍ । ତେଣୁ ମୋର ଶକ୍ତିର ଅଭାବ ଘଟିଲେ ଆପଣ ତାକୁ ପୂରଣ କରିଦେଇ ପାରିବେ । ମୁଁ ଆପଣଙ୍କ ଶିଷ୍ୟ ଜ୍ଞାନଦେବ କହୁଛି, ହେ ମହାରାଜ ! ଗୀତାଭଳି ଗଭୀର ଓ ଅଗାଧ ଶ୍ଳୋକଗୁଡ଼ିକର ଅର୍ଥ ଅତି ସ୍ପଷ୍ଟ ଓ ସୁଗମ କରିବା ଦିଗରେ ଆପଣଙ୍କ କୃପାଭିକ୍ଷା କରିବା ଅପ୍ରାସଙ୍ଗିକ ହେବ ନାହିଁ ।

ପଞ୍ଚଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସମସ୍ତ ଶାସ୍ତ୍ରୀୟ ସିଦ୍ଧାନ୍ତ ବୁଝାଇ ଦେଇଛନ୍ତି । ଚତୁର ଚିକିତ୍ସକ ଯେପରି ରୋଗୀର ରୋଗକୁ ନିଦାନ କରିଥାଏ, ସେହିଭଳି ଶ୍ରୀକୃଷ୍ଣ ବୃକ୍ଷକୁ ଉପମାରୂପରେ ବ୍ୟବହାର କରି ଆଳଙ୍କାରିକ ରୂପରେ ଉପାଧିରୂପୀ ସମଗ୍ର ବିଶ୍ୱକୁ ବିବେଚନା କରିଛନ୍ତି । ଅବିନାଶୀ ଜୀବାତ୍ମାକୁ ପୁରୁଷରୂପରେ ସେ ବର୍ଣ୍ଣନା କରିଛନ୍ତି । ଏହି ଅକ୍ଷର ପୁରୁଷର ଉପାଧିରେ ଚୈତନ୍ୟ ସାକାର ହୋଇ ଉଠିଛି । ପରିଶେଷରେ ଉତ୍ତମପୁରୁଷର ବର୍ଣ୍ଣନାଦ୍ୱାରା ସେ ନିର୍ମଳ ଆତ୍ମତତ୍ତ୍ୱକୁ ମଧ୍ୟ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ଶ୍ରୀକୃଷ୍ଣ ଏକଥା ମଧ୍ୟ କହିଛନ୍ତି ଯେ, ଆତ୍ମସତ୍ତା ପ୍ରାପ୍ତିର ଆନ୍ତରିକ ଓ ଶ୍ରେଷ୍ଠସାଧନ ହେଉଛି ଜ୍ଞାନ । ତେଣୁ ଏହି ଷୋଡ଼ଶ ଅଧ୍ୟାୟରେ ପ୍ରତିପାଦନ କରିବାଭଳି ଆଉ ବିଶେଷ କୌଣସି ବିଷୟ ନାହିଁ । କେବଳ ବାକି ରହିଛି ଗୁରୁ ଓ ଶିଷ୍ୟର ସମ୍ପର୍କ ବିଷୟ । ପୂର୍ବ ପ୍ରକରଣ ଗୁଡ଼ିକରେ ଜ୍ଞାନୀମାନଙ୍କର ସମ୍ପୂର୍ଣ୍ଣ ସନ୍ତୋଷଲାଭ ହୋଇପାରିଛି । ସବୁ ବିଷୟ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାହୋଇସାରିଛି । କିନ୍ତୁ ଆତ୍ମପ୍ରାପ୍ତି ଲାଗି ଇଚ୍ଛୁକଥିବା ମୁମୁକ୍ଷୁମାନଙ୍କ ମନରେ ତଥାପି ସଂଶୟ ରହିଛି । ବିଶ୍ୱାଧିପତି ତ୍ରିଲୋକନାୟକ ଶ୍ରୀକୃଷ୍ଣ ଗୋଟିଏ ଶ୍ଳୋକରେ କହିଛନ୍ତି ଯେ, ଯେଉଁ ଭାଗ୍ୟବାନବ୍ୟକ୍ତି ଜ୍ଞାନଦ୍ୱାରା ମତେ ଅର୍ଥାତ୍ ପୁରୁଷୋତ୍ତମଙ୍କୁ ଲାଭ କରିଥାଏ, ସେ ହେଉଛି ସର୍ବଜ୍ଞ ଏବଂ ସେ ଭକ୍ତିର ଶିଖରଦେଶରେ ପହଞ୍ଚି ଥାଏ । ଏହି

ଅଧ୍ୟାୟର ଅନ୍ତିମଶ୍ଳୋକରେ ଏହି ଜ୍ଞାନର ମହତ୍ତ୍ୱକୁ ଅନେକ ପ୍ରକାରରେ ବର୍ଣ୍ଣନା କରାଯାଇଛି । ଶୁଦ୍ଧଜ୍ଞାନର ଅଧିପତି ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ କହିଛନ୍ତି ଯେ ଯାହା ପ୍ରପଞ୍ଚକୁ ବିନାଶ କରି ଦର୍ଶକକୁ ଦୃଷ୍ଟବସ୍ତୁ ସହିତ ମିଳେଇଦିଏ, ଦୃଷ୍ଟବସ୍ତୁରେ ତାକୁ ଲୀନ କରିଦିଏ, ଜୀବକୁ ଆନନ୍ଦ ସାମ୍ରାଜ୍ୟର ସମ୍ରାଟ କରିଦିଏ, ତାହା ହେଉଛି 'ଜ୍ଞାନ' । ଏହାଠୁ ବଳି ପ୍ରଭାବଶାଳୀ ସାଧନ ଅନ୍ୟ କିଛି ନାହିଁ ।

ପ୍ରଭୁ କହିଲେ, ଯଥାର୍ଥ ଜ୍ଞାନ ହେଉଛି ସମସ୍ତ ଉପାୟ ମଧ୍ୟରେ ଶ୍ରେଷ୍ଠ । ଆତ୍ମଜିଜ୍ଞାସୁ ପ୍ରସନ୍ନହୃଦୟରେ ଏହି ଜ୍ଞାନ ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଦିଏ । ମନରେ ଏଥିଲାଗି ଅନୁରାଗ ଜାତ ହେଲେ ଜ୍ଞାନ ଅଧିକ ବୃଦ୍ଧିଲାଭ କରେ । ଯେଉଁ ବିଷୟ ପ୍ରତି ମନରେ ଅନୁରାଗ ହୋଇଥାଏ, ସେ ବିଷୟ ପାଇବା ଲାଗି ଉତ୍କଣ୍ଠା ବଢ଼ିଥାଏ ଏବଂ ଏହି ଉତ୍କଣ୍ଠାକୁ ହିଁ 'ପ୍ରେମ' କୁହାଯାଏ । ତେଣୁ ଯେଉଁ ଜିଜ୍ଞାସୁଲୋକଙ୍କ ମନରେ ଜ୍ଞାନସମ୍ପର୍କରେ ଏହି ପ୍ରେମାନୁଭବ ହୋଇ ନ ଥାଏ, ତା ମନରେ ଏ ପ୍ରକାରର ଚିନ୍ତା ଉତ୍ପନ୍ନ ହେବା ସ୍ୱାଭାବିକ ଯେ, ମୁଁ ଜ୍ଞାନଲାଭ କରିବି କିପରି ? ଯଦିବା ଲାଭ କରେ ଏହା ସ୍ଥାୟୀ ହୋଇ ରହିବ କିପରି ? ତେଣୁ ପ୍ରଥମେ ବିଚାର କରିବା ଉଚିତ ଯେ, ଶୁଦ୍ଧଜ୍ଞାନ ଲାଭ ହେବ କିପରି ? ଲାଭ ହୋଇସାରିବା ପରେ ଏହାର ବୃଦ୍ଧିଲାଭ ହେବ କିପରି ? ଏହି ଜ୍ଞାନକୁ ମୁଁ ପାଇପାରୁନି କାହିଁକି ? ଜ୍ଞାନଲାଭ ପଥରେ କ'ଣ ସବୁ ବାଧାବିଘ୍ନ ରହିଛି । ଜ୍ଞାନଲାଭ ହେଲେ ମଧ୍ୟ ଏହାକୁ କୁଟିଳ ପଥରେ ଗତି କରାଉଛି କିଏ ? ଯଦି ବା ବାଧାବିଘ୍ନ ବା ପ୍ରତିରୋଧ ରହିଛି ତାକୁ ହଟେଇଦେଲେ ତ ଚଳିବ, ଯେଉଁ ବିଷୟଜ୍ଞାନର ବୁଦ୍ଧି ସମ୍ଭବ, ସେଥିରେ ତ ମନୋନିବେଶ କରାଯାଇପାରେ ।

ଜ୍ଞାନଜିଜ୍ଞାସୁ ଶ୍ରୋତାମାନଙ୍କ ମନରେ ଥିବା ଏହିସବୁ ପ୍ରଶ୍ନ ବା ସଂଶୟ ଦୂର କରିବା ଲାଗି ଲକ୍ଷ୍ମୀପତି ଭଗବାନ ଶ୍ରୀକୃଷ୍ଣ ପୁନରାୟ ଏହି ଅଧ୍ୟାୟରେ ସମାଧାନର ପନ୍ଥା ନିରୂପଣ କରିଛନ୍ତି ।

ଏହି ଅଧ୍ୟାୟରେ ସେସବୁ ଦୈବୀସମ୍ପଦର ବର୍ଣ୍ଣନା କରାଯିବ, ଯାହାଦ୍ୱାରା କି ଉତ୍କୃଷ୍ଟଜ୍ଞାନ ଉତ୍ପନ୍ନ ହୋଇଥାଏ ଏବଂ ଶାନ୍ତିର ବୃଦ୍ଧି ହୋଇଥାଏ । ଏହା ସଙ୍ଗେ

ସଙ୍ଗେ ଯାହାଦ୍ୱାରା ବିଷୟ ବାସନା, ରାଗ, ଦ୍ୱେଷ, ଈର୍ଷା ଆଦି ଦୁଷ୍ଟ ବିକାରାଦି ଉତ୍ପନ୍ନ ହୋଇଥାଏ, ସେସବୁ ଆସୁରୀ ସମ୍ପତ୍ତିର ଭୟଙ୍କର ସ୍ୱରୂପର ବର୍ଣ୍ଣନା ମଧ୍ୟ କରାଯିବ । ଏହି ଦୁଇଟିଯାକ ସମ୍ପଦ ଇଷ୍ଟ ଓ ଅନିଷ୍ଟ ଉଭୟ କାର୍ଯ୍ୟ କରିଥାଏ । ଏ ବିଷୟରେ ପ୍ରସ୍ତାବନା ନବମ ଅଧ୍ୟାୟରେ କରାଯାଇଛି । ସେତିକିବେଳେ ଏ ବିଷୟରେ ପ୍ରତ୍ୟକ୍ଷ ଓ ଉଚିତ ବିଚାର କରିବା କଥାଥିଲା, କିନ୍ତୁ ସେ ସମୟରେ ଆଉ ଏକ ବିଷୟ ଆସି ଉପସ୍ଥିତ ହୋଇଗଲା, ଯାହାଫଳରେ ଏହାର ପ୍ରକରଣ ସେଇଠି ରହିଗଲା । ସେଥିଲାଗି ଭଗବାନ ଶ୍ରୀକୃଷ୍ଣ ସେ ବିଷୟଟିକୁ ଏହି ଅଧ୍ୟାୟରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି । ଏଥିଲାଗି ଷୋଡ଼ଶ ଅଧ୍ୟାୟକୁ ନବମ ଅଧ୍ୟାୟର ପରିପୂରକ ବୋଲି ବୁଝିବା ଉଚିତ । କିନ୍ତୁ ଏହି ପ୍ରସ୍ତାବନା ଏବେ ବହୁତ ହୋଇଗଲାଣି । ପୂର୍ବ ଅଧ୍ୟାୟରେ ପ୍ରସ୍ତାବିତ ଜ୍ଞାନର ହିତ ଓ ଅହିତ ସାଧନାରେ ଦୈବୀ ଓ ଆସୁରୀ ଏହି ଦୁଇଟିଯାକ ସମ୍ପଦ ସମର୍ଥ । ପ୍ରଥମତଃ ଦୈବୀସମ୍ପଦର ଆଲୋଚନା କରାଯାଉ । ଏହା ମୁମୁକ୍ଷୁକୁ ବାଟ ଦେଖାଇଥାଏ ଏବଂ ଦୀପର ଜ୍ୟୋତିଭଳି ମୋହ ଅନ୍ଧକାରକୁ ଦୂର କରି ଉଜ୍ଜ୍ୱଳ ଆଲୋକ ପ୍ରଦାନ କରିଥାଏ । ଗୋଟିଏ ଜିନିଷ ପାଇବାଲାଗି ଆଉ ଗୋଟିଏ ଜିନିଷର ସାହାଯ୍ୟ ଲୋଡ଼ା ହୋଇଥାଏ । ଯେଉଁ ବସ୍ତୁ ଅନେକ ବସ୍ତୁଲାଭ ଲାଗି ସମର୍ଥ ହୋଇଥାଏ, ତାହାକୁ ସଂସାରରେ 'ସମ୍ପତ୍ତି' କୁହାଯାଏ । ଦୈବୀ ସମ୍ପତ୍ତି ମନରେ ସୁଖ ଉତ୍ପନ୍ନ କରାଇଥାଏ । ଦୈବାତ୍ ଯେଉଁ ସମ୍ପତ୍ତି ମିଳିଯାଏ, ଲୋକେ ତାହା ଦୈବବଳରେ ମିଳିଲା ବୋଲି କହିଥାଆନ୍ତି ।

ଶ୍ରୀ ଭଗବାନ ଉବାଚ

ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।
ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ ॥୧॥

ଏହି ଦୈବୀସମ୍ପତ୍ତି ମଧ୍ୟରୁ ଶ୍ରେଷ୍ଠ ଗୁଣ ହେଉଛି 'ଅଭୟ' । ଯିଏ ବନ୍ୟା ଭିତରେ ଲମ୍ଫ ଦିଏନା, ତାର ଡୁବିଯିବାର ଭୟ ନଥାଏ । ଯିଏ ସୁପଥ୍ୟରେ ରହେ,

ସେ ରୋଗଗ୍ରସ୍ତ ହେବାର ସମ୍ଭାବନା କମ୍ । ସେହିଭଳି କର୍ମ ଓ ଅକର୍ମ ମାର୍ଗରେ ଅହଂକାରଭାବକୁ ପ୍ରବେଶ କରିବାର ସୁଯୋଗ ଦିଆଯିବା ଅନୁଚିତ ଏବଂ ମନରୁ ସଂସାରଭୟ ତ୍ୟାଗ କରିବା ଉଚିତ । ଐକ୍ୟଭାବର ବିସ୍ତାର ଦ୍ୱାରା ସମଗ୍ର ଜଗତକୁ ଆତ୍ମସ୍ୱରୂପ ମନେ କରି ଭୟ ବିଷୟକୁ ମନରୁ ହଟେଇଦେବା ଉଚିତ । ଲବଣକୁ ଜଳରେ ଡୁବେଇଲେ ତାହା ଜଳମୟ ହୋଇପଡ଼େ । ସେହିଭଳି 'ମୁଁ ଜୀବ' ଏହି ଅଭିମାନ ଅଦ୍ୱୈତ ଭାବରେ ଡୁବିଗଲେ, ଆଉ ଭୟ ରହେନା । ହେ ଅର୍ଜୁନ ! ଏହାହିଁ 'ଅଭୟ' । ସମ୍ପୂର୍ଣ୍ଣଜ୍ଞାନ ଲାଭର ସୀମା ହେଉଛି ଏହା । 'ସତ୍ତ୍ୱଶୁଦ୍ଧି'ର ଲକ୍ଷଣ ଏହିଥିରୁ ଜଣା ପଡ଼ିଥାଏ ।

ଭସ୍ମ ଜଳିଯାଏନା କିମ୍ବା ଲିଭିଯାଏନା । ଚନ୍ଦ୍ର ଅମାବାସ୍ୟାରେ କ୍ଷୟ କିମ୍ବା ପ୍ରତିପଦାର ବୃଦ୍ଧିକୁ ଅପେକ୍ଷା ନ କରି ମଧ୍ୟମ ଅବସ୍ଥାରେ ସୂକ୍ଷ୍ମ ରୂପରେ ଅବିକୃତ ରହିଥାଏ । ବର୍ଷାଋତୁର ଶେଷ ଓ ଗ୍ରୀଷ୍ମଋତୁର ପୂର୍ବ ପର୍ଯ୍ୟନ୍ତ ଗଙ୍ଗା ନିଜ ସ୍ୱରୂପରେ ହିଁ ଥାଏ, ତାର ହ୍ରାସ କିମ୍ବା ବୃଦ୍ଧି ହୋଇ ନଥାଏ । ସେହିଭଳି ସଂକଳ୍ପ କିମ୍ବା ବିକଳ୍ପଦ୍ୱାରା ଆକୃଷ୍ଟ ନହୋଇ 'ବୁଦ୍ଧି', ରଜଃ ଓ ତମୋଗୁଣର ପ୍ରବୃତ୍ତି ତ୍ୟାଗ କରି ଆତ୍ମାନନ୍ଦହିଁ ଉପଭୋଗ କରିଥାଏ । ଇନ୍ଦ୍ରିୟଗଣ ଭଲ ଓ ମନ୍ଦ ଉଭୟ ବିଷୟର ପ୍ରଲୋଭନ ଦେଖାଇଲେ କିମ୍ବା କେହି କୌଣସି ଅନିଷ୍ଟକଲେ ମଧ୍ୟ ମନ ବିଚଳିତ ହୋଇପଡ଼େନା । ପତି ବିଦେଶକୁ ଗଲେ ମଧ୍ୟ ପତିବ୍ରତା ପତ୍ନୀର ବିରହ-ବ୍ୟାକୁଳ ମନ କୌଣସି ହାନି ବା ଲାଭରେ ବିଚଳିତ ହୋଇପଡ଼େନା, କେବଳ ସେ ଉଦାସୀନ ରହିଥାଏ । ସେହିଭଳି କେବଳ ଆତ୍ମସ୍ୱରୂପରେ ନିମଗ୍ନ ରହି ଯେଉଁ ବୁଦ୍ଧି ତନ୍ମୟ ହୋଇଉଠେ, ତାହାକୁ ହିଁ କୁହାଯାଏ 'ସତ୍ତ୍ୱଶୁଦ୍ଧି' । ଏହା ହେଉଛି ଦୈବୀ ସମ୍ପତ୍ତିର ଦ୍ୱିତୀୟ ଗୁଣ ।

କେଶୀନିସୂଦନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହିଭଳି ଭାବରେ ବୁଝାଇଲେ । ସେ ପୁଣି କହିଲେ, ଆତ୍ମଲାଭ ଲାଗି ଜ୍ଞାନ ବା ଯୋଗର ଯେଉଁଦିଗରେ ଅଭିଳାଷ ହେଉଚି, ସେ ଦିଗପ୍ରତି ଚିତ୍ତବୃତ୍ତିକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରାଯିବା ଆବଶ୍ୟକ । ଏହା ଠିକ୍ ନିଷ୍କାମ ମନୁଷ୍ୟର ପୂର୍ଣ୍ଣାହୂତି ଭଳି କରାଯିବା ଉଚିତ ।

କୁଳୀନବ୍ୟକ୍ତି ନିଜକନ୍ୟାକୁ ଉତ୍ତମ କୁଳରେହିଁ ସମର୍ପଣ କରିଥାଏ । ଶ୍ରୀଲକ୍ଷ୍ମୀ ଶ୍ରୀମୁକୁନ୍ଦଙ୍କ ପାଦପଦ୍ମରେ ମନକୁ ରଖି ଅବସ୍ଥାନ କରିଥାଆନ୍ତି । ପ୍ରଭୁ ଶ୍ରୀକୃଷ୍ଣ କହିଲେ, ସଂକଳ୍ପ- ବିକଳ୍ପକୁ ତ୍ୟାଗକରି ଜୀବନବୃତ୍ତିକୁ ଜ୍ଞାନ ଓ ଯୋଗରେ ଲିପ୍ତରଖିବା ଆବଶ୍ୟକ । ଏହି ତୃତୀୟ ଗୁଣକୁ 'ଜ୍ଞାନଯୋଗ ବ୍ୟବସ୍ଥିତ' କୁହାଯାଏ ।

ପରମଶତ୍ରୁ ହେଲେ ମଧ୍ୟ ସେ ଦୁଃଖରେ ପଡ଼ିଥିବା ବେଳେ କାୟମନୋବାକ୍ୟଦ୍ୱାରା ତାକୁ ଯଥାଶକ୍ତି ସାହାଯ୍ୟ କରିବା ହେଉଚି 'ଦାନ' । ହେ ଧନଞ୍ଜୟ ! ବୃକ୍ଷ କୌଣସି ଶତ୍ରୁ ମିତ୍ର ବିଚାର ନ କରି ପଥିକମାତ୍ରେ ସମସ୍ତଙ୍କୁ ନିଜର ଫଳ, ପୁଷ୍ପ, ଛାୟା, ମୂଳ ଓ ପତ୍ର ସୁଦ୍ଧା ଦେଇ ଆପ୍ୟାୟିତ କରିଥାଏ । ସେହି ରୀତି ଅନୁସାରେ ଯଥା ସମୟରେ ମନ ଓ ଧନଦ୍ୱାରା ଆର୍ତ୍ତ ବା ଦୁଃଖୀକୁ ସାହାଯ୍ୟ କରିବାକୁ 'ଦାନ' କୁହାଯାଏ । ଏହାକୁ ମୋକ୍ଷ ପ୍ରକାଶକାରକ ଅଞ୍ଜନ ମଧ୍ୟ କୁହାଯାଏ !

ଏଥର 'ଦମ'ର ଲକ୍ଷଣ ଶ୍ରବଣ କର । ଏହା ଭୋଗ୍ୟ ବିଷୟ ଓ ଇନ୍ଦ୍ରିୟକୁ ନିୟମିତ କରିଥାଏ । ଇଠା ଫଳ କିମ୍ବା ସ୍ଫଟିକ, ଜଳରେ ଥିବା ମଇଳାକୁ ଅଲଗା କରିଦିଏ । ସେହିଭଳି 'ଦମ' ଏପରି ଏକ ଗୁଣ ଯାହାକି ଇନ୍ଦ୍ରିୟ ଦ୍ୱାରଦେଶରେ ବିଷୟର ବାୟୁ ସୁଦ୍ଧା ପହଞ୍ଚିବାକୁ ଦିଏନା । ଏହାକୁ ବାନ୍ଧି ପକାଇ ସେ ପ୍ରତ୍ୟାହାର ହାତରେ ସମର୍ପଣ କରିଦିଏ । ପ୍ରବୃତ୍ତିଗୁଡ଼ିକକୁ ମନଭିତରେ ପ୍ରବେଶକରିବାକୁ ନଦେଇ ଦଶ ଇନ୍ଦ୍ରିୟଦ୍ୱାରରେ ସେ ବୈରାଗ୍ୟର ଅଗ୍ନି ପ୍ରଜ୍ୱଳିତ କରିଥାଏ । ଯେଉଁ ବ୍ୟକ୍ତି ଏ ପ୍ରକାରର କଠୋରବ୍ରତକୁ ଶ୍ୱାସ ଓ ଉଚ୍ଛ୍ୱାସଠାରୁ ଅଧିକ ଅଖଣ୍ଡ ଭାବରେ ଆଚରଣ କରିଥାଏ ଏବଂ ଅବିଶ୍ରାନ୍ତ ଭାବରେ ଦିବାରାତ୍ରି ବ୍ରତାଚରଣ କରିଥାଏ, ତାର ଏହି ଆଚରଣକୁ 'ଦମ' କୁହାଯାଏ ।

ଯାଗ ବା 'ଯଜ୍ଞ'ର ଅର୍ଥ କ'ଣ ସଂକ୍ଷେପରେ କହୁଚି ଶୁଣ । ମନୁଷ୍ୟ ମଧ୍ୟରେ ପ୍ରଥମେ ଗଣାଯାଇଥାଏ ବ୍ରାହ୍ମଣଙ୍କୁ ଏବଂ ସବା ଶେଷରେ ଗଣା ଯାଇଥାଏ ସ୍ତ୍ରୀଲୋକଙ୍କୁ । ଏହି ବ୍ରାହ୍ମଣଠାରୁ ଆରମ୍ଭ କରି ସ୍ତ୍ରୀଲୋକ ପର୍ଯ୍ୟନ୍ତ

ସମସ୍ତେ ନିଜ ଅଧିକାର ଅନୁସାରେ ଯଥୋପଯୁକ୍ତ ସର୍ବୋତ୍ତମ ଆଚରଣ ତଥା ଦେବଧର୍ମ ପନ୍ଥା ଅନୁସରଣ କରିବା ଉଚିତ । ବେଦ ହିଁ ଶାସ୍ତ୍ରାନୁମୋଦିତ ବିଧିବିଧାନ ଅବଲମ୍ବନ କରି ବ୍ରାହ୍ମଣ ଯେଉଁ ଷଡ଼୍‌କର୍ମାନୁଷ୍ଠାନ କରିଥାଏ ଏବଂ ସେଥିରୁ ଯେଉଁ ଫଳ ମିଳେ, ବ୍ରାହ୍ମଣକୁ ନମସ୍କାର କରୁଥିବା ଶୂଦ୍ର ମଧ୍ୟ ଶାସ୍ତ୍ରାନୁମୋଦିତ ବିଧିବିଧାନ ଅବଲମ୍ବନ କରି ଭଗବାନଙ୍କୁ ବନ୍ଦନାକଲେ ଠିକ୍ ସେହି ଫଳ ପାଇଥାଏ । ତେଣୁ ସମସ୍ତେ ନିଜ ନିଜର ଅଧିକାର ଅନୁସାରେ ଯଜ୍ଞ କରିବା କର୍ତ୍ତବ୍ୟ । କିନ୍ତୁ ଏହା କରିବା ସମୟରେ ଯଜ୍ଞକୁ ଫଳଆଶାର ବିଷ ଦ୍ୱାରା ବିଷାକ୍ତ କରିବା ଅନୁଚିତ ଏବଂ ଦେହାଭିମାନରୁ ମନରେ ଏପରି ଅହଂଭାବ ଜାଗ୍ରତ ହେବା ଅନୁଚିତ ଯେ 'ମୁଁ ଏହି ଯଜ୍ଞ କରୁଛି' । ଯେକୌଣସି କାମ କଲାବେଳେ ବେଦର ନିର୍ଦ୍ଦେଶକୁ ମାନି ଚଳିବା ଆବଶ୍ୟକ । ହେ ଅର୍ଜୁନ ! ଶାସ୍ତ୍ରୋକ୍ତ 'ଯଜ୍ଞ' ଏହାକୁହିଁ କୁହାଯାଏ । ଯଜ୍ଞ ହେଉଚି ମୋକ୍ଷ ପଥରେ ଜ୍ଞାନବାନର ସଙ୍ଗୀ ବା ସହଚର ।

ପେଣ୍ଡୁ (ବଲ୍)କୁ ଭୂମି ଉପରେ ପିଟାଯାଏ । ଭୂମିକୁ ଆଘାତ ଦେବା ଉଦ୍ଦେଶ୍ୟରେ ଯେ ଏହା ଫିଙ୍ଗାଯାଏ ତାହା ନୁହେଁ, ଏହା ଯେପରି ହାତକୁ ପୁଣି ଫେରି ଆସିବ ସେଥିଲାଗି ଏହାକୁ ଭୂମି ଉପରେ ଆଘାତ କରାଯାଇଥାଏ । ବିଲରେ ବିହନ ବୁଣିବାର ଉଦ୍ଦେଶ୍ୟ ହେଉଛି ଅଧିକ ଫସଲ ପାଇବା । ରଖାଯାଇଥିବା ବସ୍ତୁକୁ ଖୋଜିବା ଲାଗିହିଁ ଦୀପ ଆବଶ୍ୟକ ହୁଏ । ଫଳପ୍ରାପ୍ତି ଲାଗି ହିଁ ଗଛ ମୂଳରେ ଜଳସେଚନ କରାଯାଇଥାଏ । ନିଜ ମୁହଁକୁ ଦେଖିବାଲାଗି ହିଁ ଦର୍ପଣକୁ ବାରମ୍ବାର ଭଲକରି ପୋଛାଯାଇଥାଏ । ସେହିଭଳି ଶାସ୍ତ୍ରପ୍ରତିପାଦ୍ୟ ଈଶ୍ୱରଙ୍କ ପରିଚୟଲାଭ ଲାଗି ନିରନ୍ତର ଶ୍ରୁତି ବା ବେଦଗ୍ରନ୍ଥକୁ ଅଧ୍ୟୟନ କରାଯିବା ଆବଶ୍ୟକ । ବ୍ରାହ୍ମଣ ବେଦୋକ୍ତ ବ୍ରହ୍ମସୂତ୍ର ପାଠ କରିବା ଉଚିତ ଏବଂ ଅନ୍ୟ ବର୍ଣ୍ଣର ଲୋକେ ତତ୍ତ୍ୱଲାଭ ଲାଗି ବିଭିନ୍ନ ସ୍ତୋତ୍ର ଓ ନାମମନ୍ତ୍ର ପାଠ କରିବା ଉଚିତ । ଶୁଦ୍ଧଚୈତନ୍ୟ ଲାଭ ଲାଗି ଏହା ଯଥେଷ୍ଟ । ହେ ପାର୍ଥ ! ଏହାକୁ ହିଁ କୁହାଯାଏ 'ସ୍ୱାଧ୍ୟାୟ' ।

'ତପ' କାହାକୁ କୁହାଯାଏ ଶୁଣ । ଯଥାସର୍ବସ୍ୱ ଦାନ, ଅନ୍ୟଥା ଖର୍ଚ୍ଚ କରିବାକୁ ନିରର୍ଥକ ମନେ କରିବା, ବନସ୍ପତି ଭଳି ଫଳପ୍ରସବ କରି ଶୁଷ୍କ ହୋଇପଡ଼ିବା, ଧୂପ ଭଳି ନିଜେ ଅଗ୍ନିରେ ଜଳି ଜଳି ଅନ୍ୟକୁ ସୁଗନ୍ଧ ଦାନ କରିବା, ଚନ୍ଦ୍ରଭଳି କୃଷ୍ଣପକ୍ଷକୁ ବୃଦ୍ଧି କରି ନିଜେ କ୍ଷୟ ପ୍ରାପ୍ତ ହେବା ଆଦି ରୀତିରେ ଆତ୍ମସ୍ୱରୂପ ପ୍ରାପ୍ତି ନିମିତ୍ତଦେହ, ପ୍ରାଣ ଓ ଇନ୍ଦ୍ରିୟବୃତ୍ତିକୁ ହ୍ରାସ କରିବା ହିଁ 'ତପସ୍ୟା' । ତପସ୍ୟାର ରୂପ ମଧ୍ୟ ଅନେକ ପ୍ରକାରର ରହିଛି । ତେବେ ରାଜହଂସ ଯେପରି ନିଜ ଚଞ୍ଚୁଦ୍ୱାରା ଜଳକୁ ଅଲଗା କରି ଦୁଗ୍ଧକୁ ଗ୍ରହଣ କରିନିଏ, ଠିକ୍ ସେହିଭଳି ଭାବରେ ଶରୀର ଓ ଜୀବର ସଂଯୋଗ ହେବାପରେ ଏଥିରୁ ଦେହଭାବକୁ ଦୂରକୁ ହଟେଇ ଜୀବଭାବକୁ ଅଲଗା କରିନେବା କାମ ଯେଉଁ ବିବେକଦ୍ୱାରା ହୋଇଥାଏ, ସେହି ବିବେକକୁ ନିଜ ଅନ୍ତରରେ ସର୍ବଦା ଜାଗ୍ରତ ରଖିବା ଉଚିତ । ଆତ୍ମବିଚାର କରିବାବେଳେ ବୁଦ୍ଧିର ମୁଣ୍ଡ ଘୂରେଇ ଯାଇଥାଏ । ଜାଗ୍ରତାବସ୍ଥାରେ ନିଦ୍ରା ସହିତ ସ୍ୱପ୍ନାବସ୍ଥା ଯେପରି ଲୋପ ପାଇଯାଏ, ଠିକ୍ ସେହିଭଳି ଭାବରେ ଯେଉଁ ବ୍ୟକ୍ତି ଆତ୍ମଦର୍ଶନ ଲାଗି ବିବେକପୂର୍ବକ ଆଚରଣ କରେ, ତାର ଏହି ଆଚରଣ ତଥା ଆତ୍ମାବଲୋକନ ପ୍ରବୃତ୍ତିହିଁ 'ତପସ୍ୟା' । ଶିଶୁର ହିତଲାଗି ଯେପରି ମାତାର ବକ୍ଷରେ ସ୍ତନ୍ୟ ରହିଥାଏ, ସକଳ ଭୂତରେ ଯେପରି ସମଭାବରେ ଚୈତନ୍ୟର ଅଧିଷ୍ଠାନ, ସେହିଭଳି ଭାବରେ ସମସ୍ତ ପ୍ରାଣୀପ୍ରତି ମଧୁର ଏବଂ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିବା ହିଁ 'ଆର୍ଜବ' ।

ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଳମ୍ ॥୨॥

ଠିକ୍ ଏହିଭଳି ଭାବରେ ଜଗତକୁ ସୁଖୀ ରଖିବାଲାଗି କାୟମନୋବାକ୍ୟରେ ଯେଉଁ ଉଦ୍ୟମ କରାଯାଇଥାଏ, ତାକୁ 'ଅହିଂସା, କୁହାଯାଏ । ଯୂଇ ଫୁଲର କଢ଼ି ଛୋଟ ହେଲେ ମଧ୍ୟ ଏହା ଫୁଟୁ ଫୁଟୁ ଯେପରି ଚାରିଆଡ଼ ମହକେଇ ଦିଏ, ଚନ୍ଦ୍ରର କିରଣ ତେଜସ୍ୱୀ ହେଲେ ମଧ୍ୟ ଯେପରି ଶୀତଳ ଓ କୋମଳ, ସେହିଭଳି ଯାହାର କଥା ସୂକ୍ଷ୍ମ ଓ ତେଜସ୍ୱୀ ହେଲେ ମଧ୍ୟ

ମଧୁର ଓ କୋମଳ, ତାହାର ନାମ 'ସତ୍ୟ' । ସତ୍ୟ ଅନୁପମ । ଏହା ଏପରି ଏକ ବସ୍ତୁ ଯାହାର ଦର୍ଶନମାତ୍ରେ ରୋଗ ଆପେ ଆପେ ଭଲ ହୋଇଯାଏ, ରସନାକୁ କଟୁ ଅନୁଭବ ହୁଏନା । ସତ୍ୟ ସହିତ ଉପମା ଦେବାଭଳି ବସ୍ତୁ ମିଳିବ ବା କେଉଁଠି ? ମୃଦୁ ସ୍ୱଭାବସମ୍ପନ୍ନ ଜଳଭଳି ଯିଏ କମଳଦଳକୁ ନଚାଇଥାଏ, କଠିନ ପାହାଡ଼କୁ ସୁଦ୍ଧା ଚୂର୍ଣ୍ଣ କରିଦେଇପାରେ; ସନ୍ଦେହ ଦୂର କରିବା ଦିଗରେ ଯିଏ ଲୌହଠାରୁ ବଳି ସୁକଠିନ; ମଧୁରତାଠୁ ବଳି ଯାହାର ମାଧୁର୍ଯ୍ୟ; ଯାହା ଶୁଣିବାମାତ୍ରେ କାନର ମଧ୍ୟ କଥା କହିବାକୁ ଇଚ୍ଛା ହୁଏ– ସେ ହେଉଛି 'ସତ୍ୟ' । ଏହା ବ୍ରହ୍ମତତ୍ତ୍ୱକୁ ସ୍ପଷ୍ଟ କରିଥାଏ । ଏହା ସମସ୍ତଙ୍କର ପ୍ରିୟ । କାହା ସହିତ ଏହା ପ୍ରତାରଣା କରେନା । ଏହା ଯଥାର୍ଥ ହେଲେ ମଧ୍ୟ କାହାର ମର୍ମକୁ ଆଘାତ କରେନା । ବ୍ୟାଧର ସଙ୍ଗୀତ ମଧୁର ହେଲେ ମଧ୍ୟ ହରିଣୀ ପକ୍ଷରେ ଏହା ପ୍ରାଣନାଶକ । ଅଗ୍ନିଦ୍ୱାରା ସମସ୍ତ କାର୍ଯ୍ୟ ସୁସମ୍ପନ୍ନ ହେଲେ ମଧ୍ୟ ଏଥିରେ ତାପ ଅଛି । ଶ୍ରବଣ ମଧୁର ହେଲେ ମଧ୍ୟ ମର୍ମନ୍ତୁଦ ବାଣୀ ରାକ୍ଷସୀ ଭଳି । ଅପରାଧ କରିଥିବା ଶିଶୁପ୍ରତି ମାତା ବାହାରେ କ୍ରୋଧ ପ୍ରକାଶ କଲେ ମଧ୍ୟ ଲାଳନପାଳନ ବେଳେ ପିଲାପ୍ରତି ମାତାର ହୃଦୟ କୁସୁମଭଳି କୋମଳ । କାନକୁ ଅତ୍ୟନ୍ତ ସୁଖକର ନ ହେଲେ ମଧ୍ୟ ଯାହାର ପରିଣାମ ଭଲ, ତାହାହିଁ 'ସତ୍ୟ' । ପଥରରେ ଯେତେ ଜଳସେଚନ କଲେ ମଧ୍ୟ ସେଥିରୁ ଅଙ୍କୁରୋଦ୍‌ଗମର ସମ୍ଭାବନା ନଥାଏ । କାଞ୍ଜିକୁ ମନ୍ଥିଲେ ଲହୁଣୀ ମିଳେନା । ସାପକାତି ଉପରେ ପଦାଘାତ କଲେ ମଧ୍ୟ ଏହା ଫଣା ଟେକେନା । ବସନ୍ତଋତୁର ସମାଗମରେ ଆକାଶରେ କେବେହେଲେ କୁସୁମ ବିକଶିତ ହୁଏନା । ସ୍ୱର୍ଗର ସୁନ୍ଦରୀ ଅପ୍‌ସରୀ ରମ୍ଭା ତାର ସମସ୍ତ ରୂପଲାବଣ୍ୟ ବିସ୍ତାର କରିସୁଦ୍ଧା ଶୁକମୁନିଙ୍କ ମନରେ କାମବିକାରର ସଞ୍ଚାର କରିପାରି ନଥିଲା । ଭସ୍ମରେ ଘୃତାହୂତି ଦେଲେ ମଧ୍ୟ ଏହା ଜଳିଉଠେନା । ଯାହା ମନରେ କ୍ରୋଧ ନାହିଁ, ତାକୁ ଯେତେ ରଗେଇଲେ ମଧ୍ୟ ସେ ରାଗିଯାଏନା । ବ୍ରହ୍ମାଙ୍କ ପାଦସ୍ପର୍ଶ ସତ୍ତ୍ୱେ ମୃତ ମନୁଷ୍ୟ ଜୀବନ ଫେରିପାଏନା । ଚେଷ୍ଟା ସତ୍ତ୍ୱେ ଯାହାର କ୍ରୋଧକୁ ଉଦ୍ଦୀପ୍ତ କରାଯାଏନା, ତାକୁ ହିଁ 'ଅକ୍ରୋଧ' ଭାବ କୁହାଯାଏ ।

ମୃତ୍ତିକାର ତ୍ୟାଗରେ ମୃଣ୍ମୟ ଘଟ, ତନ୍ତୁର ତ୍ୟାଗରେ ବସ୍ତ୍ର, ବୀଜର ତ୍ୟାଗରେ ବୃକ୍ଷ, ନିଦ୍ରା ତ୍ୟାଗରେ ସ୍ୱପ୍ନ, ଜଳତ୍ୟାଗରେ ତରଙ୍ଗ, ବର୍ଷା ତ୍ୟାଗରେ ମେଘ ଓ ଧନ ତ୍ୟାଗରେ ଉପଭୋଗ ଆପେ ଆପେ ପରିତ୍ୟକ୍ତ ହୋଇଥାଏ । ସେହିଭଳି ବୁଦ୍ଧିମାନ ବ୍ୟକ୍ତି ଦେହାତ୍ମବୋଧ ତ୍ୟାଗ କରି ସମ୍ପୂର୍ଣ୍ଣଭାବରେ ସଂସାରର ବିଷୟବୁଦ୍ଧିକୁ ମଧ ତ୍ୟାଗ କରିଥାଏ ।

ଏକଥା ଶୁଣିବା ପରେ ଭାଗ୍ୟବାନ୍ ଅର୍ଜୁନ କହିଲେ, ବେଶ୍ ବୁଝିହେଲା, ଏବେ 'ଶାନ୍ତି' କାହାକୁ କୁହାଯାଏ ମତେ ବୁଝେଇ ଦିଅନ୍ତୁ ।

ଶ୍ରୀକୃଷ୍ଣ କହିଲେ, ତାହାହେଲେ ମନଦେଇ ଶୁଣ । ଜ୍ଞେୟ ଓ ଜ୍ଞାତାକୁ ବିଲୀନ କରି ଜ୍ଞାନ ଯେଉଁଠି ଲୀନ ହୋଇଯାଏ, ତାର ନାମ 'ଶାନ୍ତି' । ପ୍ରଳୟର ଜଳ ସମଗ୍ର ବିଷୟକୁ ପ୍ଲାବିତ କରି ନିଜେ ଜଳମୟ ହୋଇପଡ଼େ— କେଉଁ ନଦୀ କେଉଁଠୁ ବାହାରିଥିଲା, ଏହା କେଉଁ କେଉଁ ବାଟ ଦେଇ ପ୍ରବାହିତ ହେଉଥିଲା, ଏହା ସମୁଦ୍ରରେ କେଉଁଠି ଯାଇ ପଡ଼ିଥିଲା— ଏସବୁର ଚିହ୍ନବର୍ଣ୍ଣ ସୁଦ୍ଧା ରହେନା । ପ୍ରଳୟକାଳରେ ସମଗ୍ର ସୃଷ୍ଟି ଜଳମୟ ଥିଲା କି ନାହିଁ ତାହା ଦେଖିବାକୁ ମଧ କେହି ବଞ୍ଚି ରହିନଥାଏ । ଠିକ୍ ସେହିଭଳି ଜ୍ଞେୟର ଆଲିଙ୍ଗନ ମାତ୍ରେ ଜ୍ଞାତୃତ୍ୱ ଲୋପ ପାଇଯାଏ । ହେ କିରୀଟି ! ଏହି ଅବସ୍ଥା ହିଁ 'ଶାନ୍ତି'ର ସ୍ୱରୂପ । ପ୍ରକୃତରେ ଯିଏ ସୂଚିକିତ୍ସକ, ସେ ରୋଗୀର କଷ୍ଟ ନିବାରଣ ଲାଗି ପର ଆପଣା ବିବେଚନା କରି ନଥାଏ । କର୍ଦ୍ଦମାକ୍ତ କୂପରେ କୌଣସି ଗାଈ ପଡ଼ିଥିବା ଦେଖିବାମାତ୍ରେ ଦୟାଳୁବ୍ୟକ୍ତି ଗାଈଟିକୁ ଉଠେଇବାକୁ ଚେଷ୍ଟା କରିଥାଏ । ଗାଈଟି ଦୁଧିଆଳୀ କି ନୁହଁ ସେକଥା ସେ ସେତେବେଳେ ଭାବି ନଥାଏ । ପାଣିରେ ବୁଡ଼ିଯାଉଥିବା ବ୍ୟକ୍ତିକୁ ଉଦ୍ଧାର କଲାବେଳେ 'ତୁ ବ୍ରାହ୍ମଣ କି ଶୂଦ୍ର' ଏ ପ୍ରଶ୍ନ କେହି କେବେ କରି ନଥାଏ । ସେ ତାକୁ ପ୍ରଥମେ ବଞ୍ଚେଇବାପାଇଁ ଆପ୍ରାଣ ଉଦ୍ୟମ କରିଥାଏ । ଦୁର୍ଭାଗ୍ୟକ୍ରମେ କୌଣସି ପାପିଷ୍ଠବ୍ୟକ୍ତି ସତୀ ତଥା ପତିବ୍ରତା ନାରୀକୁ ଉଲଗ୍ନ କରି ଛାଡ଼ି ଚାଲିଯାଇଥିବା ଦେଖିଲେ ଯେକୌଣସି ସହୃଦୟ ଶିଷ୍ଟ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ଉକ୍ତ ସ୍ତ୍ରୀ ଲୋକକୁ ପ୍ରଥମେ ଲୁଗା ପିନ୍ଧେଇବା । ତାପରେ ଯାଇ ସେ ତା ସହିତ ବାକ୍ୟାଳାପ କରିପାରେ । ତାକୁ ଲୁଗା ନ ପିନ୍ଧଉଣୁ ଉଲଗ୍ନ ଅବସ୍ଥାରେ କୌଣସି ବ୍ୟକ୍ତି ବାକ୍ୟାଳାପ କରିନଥାଏ । ଅଜ୍ଞାନ, ପ୍ରମାଦ ପ୍ରଭୃତି

ଦୋଷ ହେତୁ ଅଥବା ଜନ୍ମାନ୍ତରର ଦୁଷ୍କୃତିବଶତଃ ନିନ୍ଦନୀୟ ବିଷୟରେ ଲିପ୍ତ ବ୍ୟକ୍ତିକୁ ମଧ୍ୟ ଯଥାର୍ଥ ଭାବରେ ସାହାଯ୍ୟ କରି ତାକୁ ସେହି ଦୁଃଖରୁ ମୁକୁଳେଇଦେବା, ଅନ୍ୟର ଦୋଷକୁ ନିଜ ଦୃଷ୍ଟି ଦ୍ୱାରା ଶୋଧନପୂର୍ବକ କୃପା କରିବା; ପୂଜା ପରେ ପୁଣି ଦେବଦର୍ଶନ କରିବା; ବୀଜବପନ ପରେ କ୍ଷେତ୍ରକୁ ଗମନ କରିବା, ନିଜ ଗୁଣରେ ଅନ୍ୟର ନ୍ୟୂନତା ଦୂରକରି ତା ପ୍ରତି ଦୃଷ୍ଟିପାତ କରିବା, କେବେହେଲେ କାହା ମନରେ ଦୁଃଖ ନଦେବା, ଦୁଷ୍କର୍ମ ପ୍ରକାଶ ନ କରିବା, ପତିତକୁ ନିଜ ହାତରେ ଉଠେଇନେବା; କାହା ହୃଦୟରେ ଆଘାତ ନ ଦେବା, ନୀଚକୁ ମଧ୍ୟ ଉତ୍ତମ ଭଳି ଦେଖିବା; ହେ କିରୀଟି ! ଏସବୁ ହେଉଛି 'ଅପୈଶୂନ୍ୟ'ର ଲକ୍ଷଣ । ଏହି ଅପୈଶୁନ୍ୟ ହେଉଛି ମୋକ୍ଷପଥରେ ପ୍ରଧାନ 'ଶିବିକା' ।

ଏଥର 'ଦୟା' କ'ଣ କହୁଛି ଶୁଣ । ପୂର୍ଣ୍ଣଚନ୍ଦ୍ର ଶୀତଳ ଜ୍ୟୋତ୍ସ୍ନା ବିତରଣ କରିବାବେଳେ ଛୋଟ ବଡ଼ ବିଚାର କରିନଥାଏ । ସମର୍ଥ ବ୍ୟକ୍ତି ଦୁଃଖମୋଚନ କରିବାରେ ଉତ୍ତମ ଅଧମର ବିଚାର କରିନଥାଏ । ଜଳ ନିଜେ ନଷ୍ଟ ହୋଇ ମୁମୂର୍ଷୁତୃଣର ପ୍ରାଣରକ୍ଷା କରିଥାଏ । ଦୟାଳୁ ବ୍ୟକ୍ତି ଅନ୍ୟର ଦୁଃଖ ଦୂର କରିବାଲାଗି ବ୍ୟାକୁଳ ହୋଇପଡ଼େ ଏବଂ ନିଜ ପ୍ରାଣଦାନକୁ ମଧ୍ୟ ତୁଚ୍ଛ ମନେକରେ । ଜଳ ପ୍ରବାହିତ ହେଲାବେଳେ ବାଟରେ ଗାତ ପଡ଼ିଲେ ତାକୁ ପ୍ରଥମେ ପୂରଣ କରିବା ପରେ ଯାଇ ଅଗ୍ରସର ହୁଏ । ସେହିଭଳି ଦୟାଳୁ ବ୍ୟକ୍ତି ଅନ୍ୟର ସନ୍ତୋଷ ବିଧାନ ନ କରି ଅଗ୍ରସର ହୁଏନା କିମ୍ବା ନିଜେ ସନ୍ତୁଷ୍ଟ ହୋଇପାରେନା । ସେ ପରଦୁଃଖରେ ଦୁଃଖୀ ହୁଏ । ଅନ୍ୟର ଦୁଃଖ ଦେଖିବାମାତ୍ରେ ନିଜ ପାଦରେ କଣ୍ଟା ପଶିବା ଭଳି କଷ୍ଟ ଅନୁଭବ କରେ । ପରର ସୁଖରେ ନିଜେ ସୁଖୀ ମନେକରେ ଏବଂ ଶୀତଳ ବସ୍ତୁର ସ୍ପର୍ଶ ଭଳି ଉତ୍‌ଫୁଲ୍ଲ ହୁଏ । ତୃଷିତ ପକ୍ଷରେ ଜଳଭଳି ଦୟାଳୁର ଜୀବନ ଅତିବାହିତ ହୁଏ ଦୁଃଖୀ ରଙ୍କୀଙ୍କ ଲାଗି ।

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ମୂର୍ତ୍ତିମାନ ଦୟାପରାୟଣ ପରହିତ ବ୍ରତୀ ବ୍ୟକ୍ତି ନିକଟରେ ମୁଁ ତାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଋଣୀ ।

ତା'ପରେ 'ଅଲୋଲୁପତା' କ'ଣ ଶୁଣ । କମଳ ପ୍ରାଣପଣେ କେବଳ ସୂର୍ଯ୍ୟଙ୍କୁ ହିଁ ଅନୁସରଣ କରିଥାଏ । କିନ୍ତୁ ସୂର୍ଯ୍ୟ ତାର ସୁଗନ୍ଧ ସୁଦ୍ଧା ସ୍ପର୍ଶ କରେନାହିଁ । ବନଶୋଭା ବସନ୍ତର ଅନୁଗାମିନୀ ହୁଏ, କିନ୍ତୁ ବସନ୍ତ ସେଥିପ୍ରତି

ଲକ୍ଷ୍ୟ ନ ରଖି ଚାଲିଥାଏ । ମହାବିଷ୍ଣୁ ମହାସିଦ୍ଧି ସହିତ ଲକ୍ଷ୍ମୀଙ୍କୁ ଲାଭକଲେ ମଧ୍ୟ ଏହି ପ୍ରାପ୍ତିରେ କେବେହେଲେ ବିଚଳିତ ହୁଅନ୍ତି ନାହିଁ । ଐହିକ, ପାରଲୌକିକ 'ଭୋଗ' ସ୍ୱେଚ୍ଛାରେ ସେବକ ହୋଇ ରହିଥିଲେ ମଧ୍ୟ 'ଉପଭୋଗ'ର ଆକାଙ୍କ୍ଷା କରିବା ଉଚିତ୍ ନୁହଁ । ଯେଉଁ ଅବସ୍ଥାରେ ରହସ୍ୟ ଭିତର ଦେଇ ମଧ୍ୟ ଅନ୍ତରରେ ବିଷୟ ଅଭିଳାଷ ଉପସ୍ଥିତ ହୁଏନା, ତାହାହିଁ 'ଅଲୋଲୁପତା' ।

ତା'ପରେ 'ମାର୍ଦ୍ଦବ' । ମହୁମାଛିର ମହୁଫେଣା, ଜଳଚରର ଜଳ, ପକ୍ଷୀର ଅବାଧ ଅନନ୍ତ ଆକାଶ, ଶିଶୁପ୍ରତି ସ୍ନେହବତୀ ମାତାର ସ୍ନେହ, ବସନ୍ତସ୍ପର୍ଶଯୁକ୍ତ ମଳୟର ହିଲ୍ଲୋଳ ଏବଂ ପ୍ରିୟଜନର ଦର୍ଶନଭଳି କୋମଳତା ସହିତ ଜୀବପ୍ରତି ବ୍ୟବହାର କରାଯିବା ଉଚିତ । ଏହି କୋମଳତା ହେଉଚି ସ୍ପର୍ଶଗୁଣରେ ମୃଦୁ, ଆସ୍ୱାଦନରେ ମଧୁର, ଆଘ୍ରାଣରେ ସୁଗନ୍ଧି, କାନ୍ତିଦୃଷ୍ଟିରୁ ଅତି ଉଜ୍ଜ୍ୱଳ । କର୍ପୂର ଅଧିକ ପରିମାଣରେ ଖାଇଲେ ଯଦି ହାନିକର ନ ହୁଅନ୍ତା, ତାହେଲେ କର୍ପୂର ସହିତ ଏହା ତୁଳନୀୟ ହୁଅନ୍ତା । ମହାଭୂତକୁ ଯେପରି ଆକାଶ ସ୍ଥାନ ଦେଇଛି ଅଥଚ ପ୍ରତି ପରମାଣୁ ଭିତରେ ପ୍ରବେଶ କରି ବିଶ୍ୱରୂପ ଧାରଣ କରିଛି, ସେହିଭଳି ବିଶ୍ୱଜୀବନ ଅନୁସାରେ ଜୀବନଧାରଣ ହେଉଛି 'ମାର୍ଦ୍ଦବ' ।

ନୃପତି ପରାଜିତ ହେବାମାତ୍ରେ ଲଜ୍ଜାରେ ଦୁଃଖିତ ହୋଇପଡ଼ିଥାଏ । ଅକସ୍ମାତ୍ ସନ୍ନ୍ୟାସୀ କୌଣସି ଅପବିତ୍ର ଲୋକ ଘରେ ପହଞ୍ଚିଲେ ଲଜ୍ଜିତ ହୋଇପଡ଼େ । ସଂଭ୍ରାନ୍ତ ବ୍ୟକ୍ତି ହୀନ ଅବସ୍ଥାରେ ପଡ଼ିଲେ ନିସ୍ତେଜ ହୋଇପଡ଼େ । ଯୁଦ୍ଧରୁ ପଳାୟନ କରିବା ହେଉଚି ଯୋଦ୍ଧାପକ୍ଷରେ ସବୁଠାରୁ ବଡ଼ ଅପମାନ । ପତିବ୍ରତାନାରୀକୁ ଯଦି ବିଧବା କହି ନିମନ୍ତ୍ରଣ କରାଯାଏ, ରୂପବତୀ ଦେହରେ କୁଷ୍ଠରୋଗ ହୁଏ, କୌଣସି ମାନବୀୟ ସଜ୍ଜନ ପ୍ରତି ଦୁର୍ନୀତି ଆରୋପ କରାଯାଏ, ତାହାହେଲେ ଯେଉଁ ସଙ୍କଟ ଉପସ୍ଥିତ ହୁଏ, ତାହାହିଁ ହେଉଛି 'ଲଜ୍ଜା' । ଥରକୁ ଥର ଜନ୍ମ ଓ ମୃତ୍ୟୁବରଣକୁ ମୁନିଋଷିମାନେ ସବୁଠାରୁ ଲଜ୍ଜାକର ବିଷୟ ବୋଲି ଗ୍ରହଣ କରିଥାଆନ୍ତି । ସାର୍ଦ୍ଧତ୍ରିହସ୍ତ ପରିମିତ ଦେହରେ ଶବ ଭଳି ଅବସ୍ଥାନ କରିବା, ବାରମ୍ବାର ଜନ୍ମ ମୃତ୍ୟୁକୁ ଗ୍ରହଣ କରିବା, ଗର୍ଭସ୍ଥ ମୂତ୍ରରସରେ ପଡ଼ି ମୂର୍ତ୍ତି ଧାରଣ କରିବା ଏବଂ ଦେହଧାରଣ କରି ନାମ ଓ ରୂପକୁ ସ୍ୱୀକାର କରିବାଠୁ ବଳି ଅଧିକ ଲଜ୍ଜାକର କ'ଣ ଅଛି ? ପୂର୍ବୋକ୍ତଦୋଷ ସ୍ମରଣ କରି

ଦେହସଂଯୋଗ ଯୋଗୁଁ ସାଧୁସନ୍ଥମାନେ ସଙ୍କୁଚିତ ହୋଇଥାଆନ୍ତି । ଏହି ସଙ୍କୋଚ ହିଁ 'ଲଜ୍ଜା' । ନିର୍ଲଜ ପକ୍ଷରେ ଏହି 'ଲଜ୍ଜା' ସୁଖକର ହୋଇଥାଏ ।

ସୂତା ଛିଣ୍ଡିଗଲେ କାଠକଣ୍ଢେଇ ଆଉ ନାଚିପାରେ ନାହିଁ । ପ୍ରାଣାୟାମରେ କର୍ମେନ୍ଦ୍ରିୟର ବ୍ୟବହାର ବନ୍ଦ ହୋଇଯାଏ । ସୂର୍ଯ୍ୟ ଅସ୍ତାଚଳରେ ଡୁବିଗଲେ ଆଲୋକ ବିସ୍ତାର ଆପେ ଆପେ ବନ୍ଦ ହୋଇଯାଏ । ମନକୁ ଜୟ କରିପାରିଲେ ବୁଦ୍ଧି ଓ ଇନ୍ଦ୍ରିୟଗୁଡ଼ିକର ଅବସ୍ଥା ସେହିଭଳି ହୋଇଥାଏ । ମନ ଓ ପ୍ରାଣକୁ ସଂଯତ କରାଗଲେ ଦଶଇନ୍ଦ୍ରିୟ ପଙ୍ଗୁ ହୋଇପଡ଼ନ୍ତି । ଏହି ପଙ୍ଗୁ ହୋଇଯିବା ଭାବକୁ ହିଁ 'ଅଚାପଲ୍ୟ' କୁହାଯାଏ ।

ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ।।୩।।

ଈଶ୍ୱରପ୍ରାପ୍ତି ଲାଗି ଜ୍ଞାନଯୋଗରେ ପ୍ରବୃତ୍ତ ହେଲେ ଧୈର୍ଯ୍ୟର ଅଭାବ ରହେନା । ମୃତ୍ୟୁ ହେବ ଜାଣି ସୁଦ୍ଧା ପତିବ୍ରତାନାରୀ ପ୍ରାଣରପତି ଲାଗି ନିଜକୁ ବିସର୍ଜନ ଦେବା ନିମିତ୍ତ ଅଗ୍ନିପ୍ରବେଶ ଦୁଃଖକୁ ଭୟ କରେନା । ବିଷୟବିଷ ତ୍ୟାଗ କରି ନିଜ ପ୍ରଭୁଙ୍କୁ ଲାଭ କରିବା ଲାଗି ଶୂନ୍ୟମାର୍ଗରେ ମଧ୍ୟ ବିଚରଣ କରିବାକୁ ଅଭିଳାଷ ହୁଏ । ଯେତେବେଳେ କୌଣସି ନିଷେଧର ପ୍ରତିବନ୍ଧକ ରହେନା, ବିଧିମର୍ଯ୍ୟାଦା ରକ୍ଷା କରିବାର ଚିନ୍ତା ମଧ୍ୟ ମନରୁ ଚାଲିଯାଏ, ଏପରିକି ମହାସିଦ୍ଧିର ଲୋଭ ମଧ୍ୟ ପ୍ରଲୁବ୍ଧ କରିପାରେନା– ଏହିଭାବରେ ମନ ଯେତେବେଳେ ସ୍ୱଭାବତଃ ଈଶ୍ୱର ଅଭିମୁଖୀ ହୋଇ ଧାବିତ ହୁଏ, ସେତେବେଳେ ଆଧ୍ୟାତ୍ମିକ 'ତେଜ'ର ପରିଚୟ ମିଳେ ।

ସହିଷ୍ଣୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ପରିଗଣିତହୋଇ ସମ୍ମାନିତ ହେଲେ ମଧ୍ୟ ଯାହା ମନରେ ତିଳେମାତ୍ର ଗର୍ବାନୁଭବ ନ ଥାଏ, ତାର ଭାବକୁ ହିଁ 'କ୍ଷମା' କୁହାଯାଏ ।

ଇନ୍ଦ୍ରିୟ ବୃତ୍ତିର ବିନାଶ ଘଟୁ ପଛକେ, ପ୍ରାରବ୍ଧ ଅନୁସାରେ ଯେକୌଣସି ରୋଗ ଆକ୍ରମଣ କରୁ ପଛକେ, ସମସ୍ତ ପ୍ରକାରର ମଙ୍ଗଳକର ଅବସ୍ଥା ହେଉ,

କିମ୍ବା ସମସ୍ତ ଦୁଃଖ ଦୂର ହୋଇଯାଉ ନା କାହିଁକି ତଥାପି ଯିଏ ଅଗସ୍ତ୍ୟ ଋଷିଙ୍କ ଭଳି ଧୈର୍ଯ୍ୟବାନ୍ ଓ ସ୍ଥିର, ତାର ଭାବକୁ 'ଧୃତି' କୁହାଯାଏ । ଆକାଶରେ ଧୂମକୁଣ୍ଡଳିକୁ ବାୟୁ କ୍ଷଣକ ମଧ୍ୟରେ ଉଡ଼େଇ ନେଇଯାଏ । ସେହିଭଳି ହେ ପାଣ୍ଡବ ! ତ୍ରିବିଧ ଦୁଃଖକୁ କ୍ଷଣକମଧ୍ୟରେ ଯିଏ ଉଡ଼େଇ ନେଇଯାଏ ଏବଂ ମନ ବିକ୍ଷୁବ୍ଧ ରହିଥିବା ସମୟରେ ମଧ୍ୟ ଯିଏ ଧୈର୍ଯ୍ୟଧାରଣାପୂର୍ବକ ସ୍ଥିର ରହେ, ତାହାର ଭାବକୁ ହିଁ 'ଧୃତି' କୁହାଯାଏ ।

'ଶୌଚ' ହେଉଚି ଗଙ୍ଗାଜଳ ପରିପୂର୍ଣ୍ଣ ଶୁଦ୍ଧ ସ୍ୱର୍ଣ୍ଣକଳସ ଭଳି । କାମନାଶୂନ୍ୟ ଦୈହିକ କର୍ମାନୁଷ୍ଠାନ ଓ ଅନ୍ତରରେ ନିର୍ମଳ ବିବେକ ପୋଷଣକୁ ଅନ୍ତର୍ବାହ୍ୟ 'ଶୌଚ' କୁହାଯାଏ ।

ଗଙ୍ଗା ପାପ ଓ ସନ୍ତାପ ଉଭୟ ଦୂର କରିଥାଏ । ଏହା ତଟଦେଶରେ ବୃକ୍ଷାଦିକୁ ପୋଷଣ କରେ । କ୍ଷେତ୍ରକୁ ଶସ୍ୟଶ୍ୟାମଳା କରେ ଏବଂ ସମୁଦ୍ର ଅଭିମୁଖରେ ପ୍ରବାହିତ ହୁଏ । ସୂର୍ଯ୍ୟ ସଂସାରର ଅନ୍ଧକାର ଦୂରକରି ଆଲୋକ ସମ୍ପଦର ପ୍ରାସାଦ ନିର୍ମାଣ କରି ମଧ୍ୟ ପୃଥିବୀ ପ୍ରଦକ୍ଷିଣ କରୁଥିବା ଭଳି ପ୍ରତୀୟମାନ ହୁଏ । ସେହିଭଳି ବନ୍ଦୀକୁ ମୁକ୍ତ ଏବଂ ନିମଗ୍ନକୁ ଉଦ୍ଧାର ଓ ଦୁଃଖୀର ଦୁଃଖ ଦୂର କରି ଅନ୍ୟର ସୁଖ ବୃଦ୍ଧି କରିବା ଏବଂ ନିଜ ସ୍ୱାର୍ଥ ନିମିତ୍ତ ଅନ୍ୟର ଅହିତଚିନ୍ତା ନ କରିବା ଏବଂ ଅନ୍ୟର ହିତକାର୍ଯ୍ୟରେ ବାଧା ନ ଦେବା ଭାବକୁ କୁହାଯାଏ 'ଅଦ୍ରୋହ' ।

ହେ ପାର୍ଥ ! ଶଙ୍କରଙ୍କ ଶିରଦେଶରେ ରହି ଗଙ୍ଗା ନିଜକୁ ସଙ୍କୁଚିତ କରିନେଇଛି । ସେହିଭଳି ହେ ସୁମତି ! ସମ୍ମାନଲାଭ କରିବାରେ ଲଜ୍ଜାନୁଭବ କରିବାକୁ କୁହାଯାଏ 'ନିରଭିମାନତା' । ପୂର୍ବରୁ ମୁଁ ଏ ସମ୍ପର୍କରେ ବହୁ କଥା କହିଛି । ଏବେ ପୁନରାବୃତ୍ତି କରୁଚି ମାତ୍ର । ବ୍ରହ୍ମସମ୍ପଦ ହେଉଛି ଅଭୟଠାରୁ ଆରମ୍ଭ କରି ଏହି 'ନିରଭିମାନିତା' ପର୍ଯ୍ୟନ୍ତ ଷଡ଼ବିଂଶତି ଗୁଣଯୁକ୍ତ । ଏହା ମୋକ୍ଷରୂପୀ ନୃପତିଙ୍କ ଅଗ୍ରଦୂତ । ଏହି ଦୈବୀସମ୍ପଦ ବୈରାଗ୍ୟସାଗର ସହିତ ମିଳିତ ତୀର୍ଥମୟୀ ନିତ୍ୟନବଗଙ୍ଗା । ମୁକ୍ତିରୂପିଣୀ ବାଳିକା ଏହି ଗୁଣମୟ ପୁଷ୍ପମାଲ୍ୟକୁ ନିରପେକ୍ଷ-ବୈରାଗ୍ୟ-ବରର କଣ୍ଠରେ ଦେବା ପାଇଁ ଉତ୍କଣ୍ଠିତା । ଏହି ଚବିଶଟି

ଗୁଣରତ୍ନପ୍ରଦୀପ ନେଇ ଗୀତାଦେବୀ ନିଜେ ପତି ପରମାତ୍ମାଙ୍କ ଆରତି ଲାଗି ସୁସଜ୍ଜିତା । ଗୀତା-ସମୁଦ୍ରରେ ଦୈବୀସମ୍ପଦ ଶକ୍ତି ଭିତରେ ଏହି ମହାମୂଲ୍ୟବାନ୍ ଗୁଣ ମୁକ୍ତାମଣିର ଜନ୍ମ । ଏହିଭଳି ଭାବରେ ବ୍ରହ୍ମସମ୍ପଦ ଅନିର୍ବଚନୀୟ । ଦୈବୀସମ୍ପଦ ବର୍ଣ୍ଣନା ପରେ ଦୋଷକଣ୍ଟକାକୀର୍ଣ୍ଣ ଆନ୍ତରିକ ଦୁଃଖର ମୁକୁଳ ସଦୃଶ ଆସୁରୀସମ୍ପଦର ବର୍ଣ୍ଣନା କରିବି । ଅନୁପଯୁକ୍ତ ହେଲେ ମଧ୍ୟ ତ୍ୟାଜ୍ୟବସ୍ତୁକୁ ତ୍ୟାଗ ନିମିତ୍ତ ଜାଣିବା ଆବଶ୍ୟକ । ତେଣୁ ସେହି ଆସୁରୀସମ୍ପଦ ବିଷୟ ମନଦେଇ ଶୁଣ । ନରକଦୁଃଖ ବୃଦ୍ଧି କରିବାଲାଗି ପାପସମୂହ ଚାରିଆଡୁ ଆକ୍ରମଣ କରିଥାଆନ୍ତି । ଏସବୁ ହେଉଛି ଆସୁରୀ-ସମ୍ପଦ । ଏହାର ପ୍ରତିରୋଧ କରିବା ଆବଶ୍ୟକ । ଏହି ବିଷ ସମୂହର ନାମ ହେଉଚି କାଳକୂଟ । ଏହା ସହଜ, ସରଳ ପଦାର୍ଥ ନୁହେଁ । ବହୁଦୋଷର ସମନ୍ୱୟରୁ ହିଁ ଆସୁରୀସଂପଦ ।

ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।
ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସମ୍ପଦ୍‌ମାସୁରୀମ୍ ।।୪।।

ଏହି ଆସୁରୀ ସମ୍ପଦ ମଧ୍ୟରେ ବୀରଶ୍ରେଷ୍ଠ ଉପାଧି ଲାଭ କରିବା ଦୋଷଟିର ନାମ ହେଉଚି 'ଦମ୍ଭ' ବା ଶଠତା । ଏହା ଭଲକୁ ମଧ୍ୟ ଖରାପ କରିଦିଏ । ମାଆମାତ୍ରେ ତୀର୍ଥ ସ୍ୱରୂପିଣୀ ଅଥଚ କୌଣସି ବ୍ୟକ୍ତି ଯଦି ବିଚ୍‌ଦାଣ୍ଡରେ ନିଜ ମାଆକୁ ଉଲଗ୍ନ କରି ପ୍ରହାର କରେ, ତାହାହେଲେ ତାର ଅଧଃପତନ ସାରହୋଇଥାଏ । ଗୁରୁ ଉପଦେଶ ହେଉଚି ମୋକ୍ଷପଥର ସୋପାନ । କିନ୍ତୁ ଗୁରୁ ଉପଦେଶକୁ ଛକଜାଗାରେ ଠିଆହୋଇ ବଡ଼ପାଟିରେ କହିଲେ, ନିଜର ଅନିଷ୍ଟହିଁ ସାର ହୁଏ । ଲୋକେ ପାଗଳଟା ଭାବି ଟେକାପଥର ଫିଙ୍ଗନ୍ତି । ଗୁରୁ ଉପଦେଶର ଅପବ୍ୟବହାର ହେଉଚି ପାପ । ନୌକାଦ୍ୱାରା ନଦୀକୁ ଅତିକ୍ରମ କରାଯାଏ । କିନ୍ତୁ ଯଦି କେହି ଏହି ନୌକାକୁ ମୁଣ୍ଡେଇ ଜଳରେ ପ୍ରବେଶ କରେ, ଅଚିରେ ତାର ଡୁବିବା ସାର ହୁଏ । ଖାଦ୍ୟଦ୍ୱାରା ମନୁଷ୍ୟ ଜୀବନ ଧାରଣ କରିଥାଏ । କିନ୍ତୁ ଏହି ଖାଦ୍ୟ ଥରେ ଥରେ ବିଷତୁଲ୍ୟ ହୋଇଉଠେ ଏବଂ ଅତିଗୁଡ଼ାଏ ଖାଇଲେ ଜୀବନ ନାଶ ହୁଏ । ତେଣୁ ହେ ପାର୍ଥ ! ଇହଲୋକ ଓ ପରଲୋକରେ ପରମସଙ୍ଗୀ ପରିତ୍ରାଣକାରୀ ଧର୍ମକୁ ନେଇ ବଢ଼େଇ

କରିବାଦ୍ୱାରା ପାପ ହୁଏ । କର୍ତ୍ତବ୍ୟପାଳନ ହେଉଚି ମୋକ୍ଷର ପାଥେୟ । କିନ୍ତୁ ମନରେ ଶଠତା ରଖି ଯଦି ଏହାକୁ ପାଳନ କରାଯାଏ, ଏହା ବିପର୍ଯ୍ୟୟର କାରଣ ହୁଏ । ଧର୍ମବାଣୀକୁ ଦାଣ୍ଡଘାଟରେ କହିବୁଲିଲେ ଅଧର୍ମ ହୋଇଥାଏ । ନିଜ ପୁଣ୍ୟର ବଡ଼ିମା କରିବା ହେଉଚି ପାପ । ମୁଁ ଏହାକୁ କହେ 'ଦମ୍ଭ' ।

ମୂର୍ଖତୁଣ୍ଡରେ ଚାରୋଟି ଅକ୍ଷର ପଇଟିଗଲେ ସେ ନିଜକୁ ଭାବେ ମହାନ୍ ପଣ୍ଡିତ । ସେ ତତ୍ତ୍ୱଜ୍ଞାନୀମାନଙ୍କ ସଭାକୁ ମଧ ହୀନ, ତୁଚ୍ଛ ମନେ କରିଥାଏ । ସେ କେବଳ ସେହି ଚାରିପଦକୁ ଘୋଷିହୁଏ । ଅନ୍ୟ ମୂର୍ଖଲୋକେ ତା ଚାରିପଟେ ଜୁଟିଯାଆନ୍ତି । ଭାରି ଭଲ କହୁଚି ବୋଲି ମଞ୍ଚ ନିର୍ମାଣ କରି ତାକୁ ବସାନ୍ତି । ତା ଗଳାରେ ଫୁଲମାଳ ପିନ୍ଧେଇ ଚାରିଆଡ଼େ ତାର ଡିଣ୍ଡିମ ପିଟିଥାଆନ୍ତି । ଏହି ସମୟରେ ଏହି ମୂର୍ଖପଣ୍ଡିତର ମନରେ ଯେଉଁ ଭାବ ଜାତ ହୋଇଥାଏ, ତାକୁ ହିଁ କୁହାଯାଏ 'ଦର୍ପ' । ମଦ୍ୟପୀ ଅଶ୍ୱଚାଳକର ଅଶ୍ୱ ଐରାବତକୁ ମଧ ତୁଚ୍ଛ ମନେ କରିଥାଏ । ପ୍ରଜାପତି କଣ୍ଟକବୃକ୍ଷରେ ବସିଥିଲେ ମଧ ସ୍ୱର୍ଗକୁ ସୁଦ୍ଧା ତୁଚ୍ଛ ମନେ କରେ । କାଠିକୁଟାକୁ ଇନ୍ଧନରୂପରେ ପାଇ ମଧ ଅଗ୍ନି ପ୍ରଜ୍ୱଳିତ ହେବାମାତ୍ରେ ଆକାଶକୁ ସ୍ପର୍ଶ କରିବାକୁ ଉଦ୍ୟତ ହୋଇଥାଏ । ମାଛ ପୋଖରୀ ଭିତରେ ଥାଇ ସମୁଦ୍ରରେ ଥିବାଭଳି ଗର୍ବ ଅନୁଭବ କରିଥାଏ ।

ଭାଗ୍ୟବଶତଃ ଦରିଦ୍ର ଏକଦା ସୁଖାଦ୍ୟ ଓ ସୁପେୟ ପାଇଗଲେ ମତ୍ତ ହୋଇଉଠେ । ଯେଉଁ ଲୋକ ସ୍ତ୍ରୀ, ଧନ, ବିଦ୍ୟାର ପ୍ରଶଂସା ଶୁଣିବାମାତ୍ରେ ଉନ୍ମତ୍ତ ହୋଇଉଠେ, ତାହାର ଦଶା କ'ଣ ହୁଏ ଜାଣ ? ସେ ମେଘର ଛାୟାକୁ ଦେଖି ବଡ଼ ଗୋଟାଏ ଘର ମିଳିଗଲା ଭାବି ନିଜ ଘରକୁ ଭାଙ୍ଗି ପକାଏ । ମରୀଚିକାକୁ ଦେଖି ଝରଣା ମିଳିଗଲା ଭାବି ଘରେ ଥିବା କୂଅକୁ ପୋତିପକାଏ । ସମ୍ପତ୍ତି ଆଶାରେ ସେ ଉନ୍ମତ୍ତ ହୋଇଉଠେ । ଏହିଭଳି ଲୋକର 'ଭାବ'କୁ ହିଁ କୁହାଯାଏ 'ଦର୍ପ' ।

ବେଦକୁ ବିଶ୍ୱାସ କରୁଥିବା ଲୋକ ସଂସାରରେ ଅବଶ୍ୟ ଅଛନ୍ତି । ଶ୍ରଦ୍ଧାର ସହିତ ଈଶ୍ୱର ଆରାଧନା କରୁଥିବା ଲୋକଙ୍କର ଅଭାବ ନାହିଁ । ସେମାନେ ଭାବନ୍ତି ସୂର୍ଯ୍ୟହିଁ ଏକମାତ୍ର ଆଲୋକଦାତା । ସାର୍ବଭୌମପଦ ହିଁ ସ୍ପୃହଣୀୟ ବସ୍ତୁ । କିନ୍ତୁ ଏଭଳି କେତେକ ଲୋକ ଅଛନ୍ତି ଯେଉଁମାନେ ଅନ୍ୟ କାହାକୁ ସହ୍ୟ

କରିପାରନ୍ତି ନାହିଁ; ଏପରିକି ଭଗବାନ ଅଛନ୍ତି ବୋଲି ବିଶ୍ୱାସ କରନ୍ତି ନାହିଁ । ଭଗବାନଙ୍କ କଥା ପଡ଼ିବାମାତ୍ରେ ସେମାନଙ୍କ ଗାତ୍ରଦାହ ହୁଏ । କେବଳ ଯେ ସେମାନେ ବେଦପ୍ରତି ଅସହିଷ୍ଣୁ ତାହା ନୁହଁ, ଯେଉଁମାନେ ଭଗବାନଙ୍କ ଗୁଣକୀର୍ତ୍ତନ କରନ୍ତି, ସେମାନଙ୍କ ପ୍ରତି ଖଡ଼୍‌ଗହସ୍ତ ହୋଇଉଠନ୍ତି । ଏହାକୁ କୁହାଯାଏ 'ମାତ୍ସର୍ଯ୍ୟ' ଭାବ । ଏଭଳି ଲୋକେ କହନ୍ତି ''ତୁମ ଭଗବାନଙ୍କୁ ମୁଁ ଗିଳି ପକାଇବି । ତୁମ ବେଦ ମୋ ସମ୍ମାନକୁ ନଷ୍ଟ କରୁଛି, ତେଣୁ ସେହି ବେଦକୁ ବିଷ ଦେଇ ହତ୍ୟା କରାଯିବା ଉଚିତ ।''

ପତଙ୍ଗକୁ ଦିବାଲୋକ ଭଲଲାଗେ ନାହିଁ । ରାତିରେ ଦୀପ ଜାଳିବା ମାତ୍ରେ ସେ ତା ପାଖକୁ ଛୁଟେ ଏବଂ ଅଗ୍ନିଶିଖାରେ ପଡ଼ି ମରେ । ଜୁଳୁଜୁଳିଆ ପୋକ ସୂର୍ଯ୍ୟକୁ ଘୃଣା କରେ । ଟିଇଁଟିଆଁ ପକ୍ଷୀ ସମୁଦ୍ର ସହିତ ସ୍ପର୍ଦ୍ଧାକରେ । ସେହିଭଳି କେତେକ ଲୋକ ଅଛନ୍ତି, ଅଭିମାନମୋହରେ ଭଗବାନଙ୍କ ନାମକୁ ସହି ପାରନ୍ତି ନାହିଁ । ଏମାନେ ନିଜ ପିତାଙ୍କୁ ସୁଦ୍ଧା ଶତ୍ରୁ ମନେ କରିଥାଆନ୍ତି । ଏ ପ୍ରକାରର 'ଅଭିମାନ'ରେ ଅଭିମାନୀ ବ୍ୟକ୍ତି ହେଉଛି ରୌରବନରକଗାମୀ ।

ତା'ପରେ 'କ୍ରୋଧ' କ'ଣ ଶୁଣ । ଅନ୍ୟର ସୁଖ ଦେଖିବାମାତ୍ରେ ଯାହା ମନରେ ଈର୍ଷା ଓ ଦ୍ୱେଷ ଭାବ ଜାତ ହୋଇଥାଏ, ସେ ହେଉଛି 'କ୍ରୋଧୀ' । ତତଲା ତେଲ ଦେହରେ ଥଣ୍ଡା ପାଣି ପଡ଼ିବାମାତ୍ରେ ଯେପରି ଚଡ଼ଚଡ଼ ହୋଇ ଫୁଟେ, କ୍ରୋଧୀ ଲୋକର ଜୀବନ ସେହିଭଳି କ୍ରୋଧରେ ଟକ୍‌ମକ୍ ହୋଇ ଫୁଟୁଥାଏ । ଚନ୍ଦ୍ରୋଦୟମାତ୍ରେ ଆକାଶରେ ଚନ୍ଦ୍ରକୁ ଦେଖି ଶୃଗାଳ ଅତି କ୍ଷୁବ୍ଧ ଭାବରେ ବୋବାଏ । ସକାଳ ହେବାମାତ୍ରେ ଅର୍ଥାତ୍ ଦିବସରେ ପେଚକ ଅନ୍ଧ ପାଲଟିଯାଏ । ତା ଆଖିକି କିଛି ଦେଖାଯାଏନା । ଅନ୍ୟମାନଙ୍କ ପକ୍ଷରେ ପ୍ରଭାତ ସୁଖମୟ ହୋଇଉଠିଲେ ମଧ୍ୟ ଚୋର ପକ୍ଷରେ ଏହା ଘୃଣ୍ୟ, ମୃତ୍ୟୁଠାରୁ ମଧ୍ୟ ନିକୃଷ୍ଟ । ସର୍ପ ଦୁଗ୍ଧ ପାନ କଲେ ମଧ୍ୟ ଏହା ବିଷରେ ପରିଣତ ହୁଏ । ବଡ଼ବାନଳ ସମୁଦ୍ରରେ ଜଳପାନକଲେ ମଧ୍ୟ ଏହା ଜଳିବାରେ ହିଁ ଲାଗିଥାଏ, ତାର ତୃଷ୍ଣାର ଉପଶମ ହୁଏନା, ସେ ଶାନ୍ତି ପାଏନା । ସେହିଭଳି ଅନ୍ୟର ବିଦ୍ୟା, ବିନୋଦ, ଐଶ୍ୱର୍ଯ୍ୟ, ସୌଭାଗ୍ୟାଦି ଦେଖିବାମାତ୍ରେ ଯେଉଁ କ୍ଷୋଭ ଉତ୍ପନ୍ନ ହୁଏ, ଏହି

କ୍ଷୋଭର ନାମହିଁ 'କ୍ରୋଧ' । କ୍ରୋଧବେଳେ ମନୁଷ୍ୟର ମନ ସାପ ରହୁଥିବା ଉଇହୁଙ୍କା ଭଳି ହୋଇଉଠେ । ଆଖି ଦୁଇଟା ଶରଠାରୁ ଅତୀବ ତୀକ୍ଷ୍ଣ ହୋଇଉଠେ, କଥାଗୁଡ଼ାକ କଙ୍କଡ଼ା ବିଛା କାମୁଡ଼ିବାଭଳି ହୋଇପଡ଼େ । ତାର ବ୍ୟବହାର ଠିକ୍ ସୁତୀକ୍ଷ୍ଣ କରତ ଭଳି । ମନେହୁଏ ଏହା ଦେହରେ ପ୍ରବେଶକରି ଅନବରତ କାଟିବାରେ ଲାଗିଛି । ଏଭଳି ବ୍ୟକ୍ତି ହେଉଚି ଅତ୍ୟନ୍ତ ନୀଚ ପ୍ରକୃତିର । ଏହି ନୀଚ ପ୍ରବୃତ୍ତିକୁ ହିଁ କୁହାଯାଏ ''ପାରୁଷ୍ୟ'' ।

'ଅଜ୍ଞାନ'ର ଲକ୍ଷଣ କ'ଣ ଶୁଣ । ସୂର୍ଯ୍ୟ ଶୀତଳ କ'ଣ, ଉଷ୍ଣ କ'ଣ ନିଜେ ଜାଣେନା । ରାତ୍ରି ଓ ଦିବସମଧ୍ୟରେ ପାର୍ଥକ୍ୟ କ'ଣ ଜନ୍ମାନ୍ଧ ଜାଣିପାରେନା । ଅଗ୍ନି ପ୍ରଜ୍ୱଳିତ ହୋଇଉଠିଲେ କାହାକୁ ପୋଡ଼ାଯିବ, କାହାକୁ ପୋଡ଼ାଯିବ ନାହିଁ ତାର ହିସାବ ରଖେନା । ସେହିଭଳି ଜଠରାଗ୍ନି ଜଳିଉଠିଲେ ଖାଦ୍ୟ ଅଖାଦ୍ୟର ବିଚାର ରହେନା । ସ୍ପର୍ଶମଣି ସ୍ୱର୍ଣ୍ଣ ଓ ଲୌହର ବିଚାର କରେନା । ବହୁ ରସରେ ପ୍ରବେଶ କରିବାପରେ ଚାମଚକୁ ଯଦି ପଚରାଯାଏ କେଉଁ ରସର ଆସ୍ୱାଦନ କିପରି, ସେ କହିପାରିବ କି ? ସିଧା ବାଟରେ ଯିବି କି ବଙ୍କା ବାଟରେ ଯିବି ଏ ବିଚାର ବାୟୁର ନଥାଏ । ଛୋଟ ପିଲାର କର୍ତ୍ତବ୍ୟାକର୍ତ୍ତବ୍ୟ ଓ ଭଲମନ୍ଦର ବୁଦ୍ଧି ନଥାଏ । ହାତରେ ସେ ଯାହା ପାଏ ପାଟିରେ ଭର୍ତ୍ତିକରିଦିଏ । ସେହିଭଳି ଯିଏ ଅଜ୍ଞ, କ'ଣ କରିବା ଉଚିତ, ଅନୁଚିତ ସେ ବିଚାର ତାର ନଥାଏ । ସେ ପାପ କରେ, ପୁଣ୍ୟ କରେ, ଉଭୟ ମିଶ୍ରଣରେ ଖେଚୁଡ଼ି ପ୍ରସ୍ତୁତ କରି ତାକୁ ଖାଇ ବଢ଼ିଆ ଲାଗୁଛି କହି ହେଣ୍ଡିମାରି ବୁଲେ । ମଧୁର ଓ ତିକ୍ତର ବିଚାର ତାର ନଥାଏ । ଏହି ପାପପୁଣ୍ୟର ଖେଚୁଡ଼ିଖିଆ ଅବସ୍ଥାକୁ ହିଁ 'ଅଜ୍ଞାନ' କୁହାଯାଏ ।

ଏହି ଛଅପ୍ରକାରର ଶକ୍ତିଶାଳୀ ଦୋଷକୁ ନେଇ ଆସୁରୀ ସମ୍ପଦର ଅଭିବୃଦ୍ଧି ଘଟିଥାଏ । କଥାରେ ଅଛି ଛୋଟସାପର ବିଷ ଟାଣ । ସେହିଭଳି ଦୋଷଗୁଡ଼ିକ ସାମାନ୍ୟ ଜଣାପଡୁଥିଲେ ମଧ୍ୟ ଅତ୍ୟନ୍ତ ବିଷମ । ତିନୋଟି ଅଗ୍ନିକୁଣ୍ଡ ଦେଖିବାକୁ କ୍ଷୁଦ୍ର ହେଲେ ମଧ୍ୟ ଏହା ସମଗ୍ର ବ୍ରହ୍ମାଣ୍ଡକୁ ଧ୍ୱଂସ କରିଦେଇପାରେ । ତ୍ରିଦୋଷ ସନ୍ନିପାତ ହେଲେ ବ୍ରହ୍ମାଙ୍କ ଶରଣ ଗ୍ରହଣ କଲେ ମଧ୍ୟ ମୃତ୍ୟୁ ଅନିବାର୍ଯ୍ୟ । ତିନୋଟି ଦୋଷର ତ ଏତେ ପ୍ରକୋପ, ଯେଉଁଠି ଛଅଟି ଯାକ ଦୋଷ ଏକତ୍ର ହୋଇଯାଆନ୍ତି, ସେଠାରେ 'ଧ୍ୱଂସ'ର ପ୍ରଳୟଙ୍କରୀ

ରୂପ ଦେଖିବାକୁ ମିଳେ । ସେଠାରେ ମନୁଷ୍ୟର ପାଶବିକତାକୁ ଟପିଯାଏ । ଏଗୁଡ଼ିକର ଏକମାତ୍ର କାର୍ଯ୍ୟ ହେଉଛି ଆସୁରୀ ସମ୍ପଦର ମହିମା ପ୍ରଚାର କରିବା । ତେଣୁ ଏମାନଙ୍କୁ ସାମାନ୍ୟ ମନେ କର ନାହିଁ । ଦଶା ଖରାପ ହେଲେ, ଦୁର୍ବିପାକର ସମୟ ଆସିଲେ, ମନ୍ଦଗ୍ରହଗୁଡ଼ିକ ଗୋଟିଏ ରାଶିରେ ଏକାଠି ହୋଇଯାଆନ୍ତି । ସେତେବେଳେ ସମସ୍ତ ପାପର ମିଳନ ଘଟେ । ମୃତ୍ୟୁ ପାଖେଇ ଆସିଲେ ସମସ୍ତ ଦୁରାରୋଗ୍ୟ ରୋଗ ଆସି ଠୁଳ ହୁଏ । ଦୁର୍ଭାଗ୍ୟର ଶାସନକ୍ଷମତା ବୃଦ୍ଧି ପାଏ । ବିଶ୍ୱସ୍ତଲୋକ ଚୋର ହାବୁଡ଼ରେ ପଡ଼ିବା ଭଳି ଏହି ଛଅଟିଯାକ ଦୋଷ ମନୁଷ୍ୟକୁ ଆକ୍ରମଣ କରିଥାଆନ୍ତି । ଭୀତତ୍ରସ୍ତ ଲୋକ ବନ୍ୟାରେ ଭାସିଯାଏ । ଏଥିରୁ ଗୋଟିଏ ଦୋଷ ମଧ୍ୟ ମନୁଷ୍ୟର ହଠାତ୍ ଅନିଷ୍ଟ କରିଥାଏ । ମୃତ୍ୟୁ ସମାଗତ ହେଲେ କଙ୍କଡ଼ାବିଛାର ଦଂଶନରେ ମଧ୍ୟ ମୃତ୍ୟୁ ଘଟିଥାଏ । ଅବୋଧ ମନୁଷ୍ୟ ମଧ୍ୟ ଏହି ଛଅଟି ଦୋଷର କବଳରେ ପଡ଼ିଥାଏ । ମୋକ୍ଷପଥକୁ ଯିଏ ଜଳାଞ୍ଜଳି ଦିଏ, ସଂସାର ବନ୍ଧନକୁ ଛିନ୍ନ କରିବା ଦିଗରେ ସେ ଅକ୍ଷମ ହୋଇ ସଂସାର ସମୁଦ୍ରରେ ଉବୁଟୁବୁ ହେଉଥାଏ । ଅଧମ ଯୋନିରୁ ଉଠି ଯିଏ ସ୍ଥାବରଠାରୁ ମଧ୍ୟ ହୀନ ହୋଇଯାଏ, ତା ମନରେ ଏହି ଆସୁରୀ ସମ୍ପଦ ବୃଦ୍ଧି ପାଇଥାଏ ।

ତୁମକୁ ଦୁଇ ପ୍ରକାରର ସମ୍ପଦ କଥା ବର୍ଣ୍ଣନା କରି କହିଲି । ଅନ୍ୟଗୁଡ଼ିକ ବିଷୟରେ ଏଣିକି ବର୍ଣ୍ଣନା କରିବି ।

ଦୈବୀ ସମ୍ପଦ୍‌ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।
ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ॥୫॥

ଦୈବୀସମ୍ପଦ ହେଉଚି ମୋକ୍ଷସୂର୍ଯ୍ୟର ଅରୁଣୋଦୟ । ଆସୁରୀ ସମ୍ପଦ ହେଉଚି ମୋହମୟ ଦୃଢ଼ ଲୌହଶୃଙ୍ଖଳ । ଏଥିରେ ଭୀତତ୍ରସ୍ତ ହୋଇପଡ଼ ନାହିଁ । ଦିବସ କେବେହେଲେ ରାତ୍ରିର ଭୟରେ ଭୟଭୀତ ହୁଏନା । ହେ ଧନଞ୍ଜୟ ! ଏହି ଛଅଟି ଦୋଷକୁ ଆଶ୍ରୟ ଦେଲେ, ସେଗୁଡ଼ିକ ମନୁଷ୍ୟକୁ ବାନ୍ଧିପକାନ୍ତି । କିନ୍ତୁ ହେ ପାଣ୍ଡବ ! ତୁମେ ଦୈବୀସମ୍ପଦ ବଳରେ କୈବଲ୍ୟ ସୁଖଲାଭ କର । ସେ ସୁଖଠୁ ଭଲି ସୁଖ କିଛି ନାହିଁ ।

ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ ।
ଦୈବୋ ବିସ୍ତରଶଃ ପ୍ରୋକ୍ତଂ ଆସୁରଂ ପାର୍ଥ ମେ ଶୃଣୁ ।।୬।।

ଏହି ଉଭୟ ସମ୍ପତ୍ତିବାନ୍ ମନୁଷ୍ୟର ବ୍ୟବହାର-ପରିଚୟ ଅନାଦିସିଦ୍ଧ । ନିଶାଚର କେବଳ ରାତିରେ ହିଁ ବାହାରକୁ ବାହାରେ । ମନୁଷ୍ୟ ଦିବାଲୋକରେ କାର୍ଯ୍ୟ କରେ । ହେ କିରୀଟି ! ଏ ସଂସାରରେ ଦୈବୀ ଓ ଆସୁରୀ ଉଭୟ ସୃଷ୍ଟିର ଜୀବ ନିଜ ନିଜ ବୃତ୍ତି ଅନୁସାରେ ଚଳିଥାଆନ୍ତି । ପୂର୍ବରୁ ଜ୍ଞାନର ପରିଚୟ ଦେବାବେଳେ ଦୈବୀଗୁଣ କଥା ବିସ୍ତୃତ ଭାବରେ କୁହାଯାଇଛି । ଏବେ ଆସୁରୀଗୁଣ କଥା କହିବି । ବିଶେଷ ମନୋଯୋଗପୂର୍ବକ ଶୁଣ । ବାଦ୍ୟ ବିନା ଧ୍ୱନି ଶୁଣାଯାଏ କି ? ପୁଷ୍ପ ନ ଥିଲେ ମକରନ୍ଦ ମିଳିବ କେଉଁଠୁ ? ସେହିଭଳି ଦେହଧାରଣ ନ କଲେ ଆସୁରୀ ସମ୍ପଦର ପରିଚୟ ମିଳେ ନାହିଁ । ଅଗ୍ନି ପ୍ରକାଶିତ ହୁଏ ଇନ୍ଧନରେ । ସେହିଭଳି ପ୍ରାଣୀ ମାଧ୍ୟମରେ ହିଁ ଆସୁରୀପ୍ରକୃତି ପ୍ରକଟିତ ହୁଏ । ଦେହର ଅବସ୍ଥା ଠିକ୍ ଆଖୁଗଛ ଭଳି । ଗଛ ବଢ଼ିବା ସଙ୍ଗେ ସଙ୍ଗେ ଆଖୁରସ ବୃଦ୍ଧି ପାଇଥାଏ । ସେହିଭଳି ଜୀବର ଦେହଦଶାରେ ହିଁ ଆସୁରୀ ପ୍ରବୃତ୍ତି ବୃଦ୍ଧିପାଏ ।

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।
ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ।।୭।।

ଦୋଷଦୁଷ୍ଟ ବ୍ୟକ୍ତିର ବ୍ୟବହାର ଏହି ପ୍ରକାରର । ଜ୍ଞାନ ବୋଲି ସେମାନଙ୍କ ମସ୍ତିଷ୍କରେ କିଛି ନ ଥାଏ । ପୁଣ୍ୟ କିମ୍ବା ପାପରେ ଲିପ୍ତ ହେବା ସମ୍ପର୍କରେ ତା ମନ ଅନ୍ଧକାରାଚ୍ଛନ୍ନ । ଏଣ୍ଡିପୋକ ଖୁବ୍ ଯତ୍ନରେ ତା ବସା ବା ଖୋଷା ତିଆରି କରେ । କିନ୍ତୁ ବସା ତିଆରି କଲାବେଳେ କେଉଁବାଟେ ବାହାରିବ ଚିନ୍ତା କରି ନଥାଏ, ଯିବାପାଇଁ ବାଟ ରଖେନା । ଫଳରେ ନିଜ ଖୋଷା ଭିତରେ ଆବଦ୍ଧ ହୋଇ ମରେ । ଚୋରକୁ ଟଙ୍କା ଋଣ ଦେବା ହେଉଛି ମୂର୍ଖତା । ଋଣ ପରିଶୋଧ କରିବ କି ନାହିଁ ନ ଭାବି ଚୋର ହାତରେ ସମସ୍ତ ଧନ ସମର୍ପଣ କରିଦେଇ ମୂର୍ଖ ମନେ ମନେ ଭାବେ ଯେତେବେଳେ ପାଇବି ମୂଳସୁଧ ମିଶେଇ ପାଇବି । କିନ୍ତୁ ସୁଧ କଥା ଛାଡ଼, ମୂଳ ମଧ୍ୟ ଚାଲିଯାଏ । ସେହିଭଳି ଆସୁରୀପ୍ରକୃତିର ଲୋକ

ସତ୍‌କାର୍ଯ୍ୟ କ'ଣ, ଅକାର୍ଯ୍ୟ କ'ଣ, ପ୍ରବୃତ୍ତି କ'ଣ, ନିବୃତ୍ତି କ'ଣ ତାର ଖବରଅନ୍ତର ରଖେନାହିଁ । ପବିତ୍ରତା ବିଷୟରେ ସେ ସ୍ୱପ୍ନରେ ସୁଦ୍ଧା ଭାବିପାରେନା । କୋକିଳ କିମ୍ବା ଅଙ୍ଗାର କୃଷ୍ଣବର୍ଣ୍ଣ ତ୍ୟାଗ କରିପାରେ, କାକ ଶୁଭ୍ର ହୋଇପାରେ, ରାକ୍ଷସ ମାଂସ ତ୍ୟାଗ କରିପାରେ କିନ୍ତୁ ମଦ୍ୟପାତ୍ର କେବେହେଲେ ପବିତ୍ର ହୋଇ ନ ପାରେ । ସେହିଭଳି ଆସୁରୀପ୍ରକୃତିର ଲୋକର ମନରେ କେବେହେଲେ ପବିତ୍ରଭାବ ଜାତ ହୋଇ ନ ପାରେ । ସେ ଶାସ୍ତ୍ରୋକ୍ତ ଧର୍ମକର୍ମାନୁଷ୍ଠାନରେ ବିଶ୍ୱାସ କରେନା । କୌଣସି ବୈଧ ବା ଉଚିତ କର୍ମ କରିବାକୁ ତା ମନରେ ଇଚ୍ଛା ସୁଦ୍ଧା ଜାତ ହୁଏନା । ସେ ପୁରୁଷାନୁକ୍ରମିକ ରୀତିନୀତିକୁ ପଦାଘାତ କରେ । କହେ, ଏଗୁଡ଼ାକ ଅନ୍ଧବିଶ୍ୱାସ । ଛେଳି ଚରୁଥିବାବେଳେ ଇତସ୍ତତଃ ଗତି କରିଥାଏ । ବାୟୁପ୍ରବାହର କିମ୍ବା ଅଗ୍ନିଶିଖାର କୌଣସି ସ୍ଥିରତା ନ ଥାଏ । ଆସୁରୀପ୍ରକୃତିର ଲୋକର ମନ ସେହିଭଳି ସବୁବେଳେ ଅସ୍ଥିର, ସେ ସର୍ବଦା ଅଧୀର ଓ ଅଧୈର୍ଯ୍ୟ । ତେଣୁ ସେ ସ୍ୱେଚ୍ଛାଚାରୀ । ସତ୍ୟ ସହିତ ତାର ଶତ୍ରୁତା ସଦାସର୍ବଦା । ନାନା କାମନା ଦ୍ୱାରା ତା ମନ ପରିଚାଳିତ । କଙ୍କଡ଼ାବିଛା କାମୁଡ଼ିଲେ ମନୁଷ୍ୟ ଯଦି କହେ ମତେ କୁତୁକୁତୁ କଲାଭଳି ଲାଗୁଚି ଏବଂ ସେ କଥା ଯଦି ସତ୍ୟ ହୁଏ, ତାହାହେଲେ ଆସୁରୀପ୍ରକୃତିର ଲୋକ ସତ କହୁଛି ବୋଲି ବିଶ୍ୱାସ କରାଯାଇପାରେ । ଆମେ ନିଃଶ୍ୱାସ ନେଉଛେ ଛାଡୁଛେ । ନିଃଶ୍ୱାସ ଛାଡ଼ିବାକୁ କୁହାଯାଏ ଅପାନ ବାୟୁ । ଏହି ଅପାନବାୟୁରେ ସୁଗନ୍ଧ ପାଇବା ଆଶା କରିବା ବୃଥା । ଆସୁରୀପ୍ରକୃତିର ଲୋକ ମୁହଁରେ ସତ୍ୟ ପ୍ରକାଶ ସେହିଭଳି ନିତାନ୍ତ ଅସମ୍ଭବ । ତାର ଆଚରଣ ସ୍ୱଭାବତଃ କୁତ୍ସିତ । ଓଟର କୌଣସି ଅଙ୍ଗପ୍ରତ୍ୟଙ୍ଗ ସିଧାସଳଖ କିମ୍ବା ମସୃଣ ନୁହେଁ । ସେହିଭଳି ଅସୁରଲୋକର କଥା କେବେହେଲେ ସରଳ ନୁହଁ, ସବୁବେଳେ ବଙ୍କା ଟଙ୍କା । ଚିମ୍‌ନିରୁ ଧୂମକୁଣ୍ଡଳି ନିର୍ଗତ ହେବାଭଳି ତା କଥାଗୁଡ଼ାକ ସବୁବେଳେ ଖରାପ । ସେ ପଦେହେଲେ ଭଲ କଥା କହିପାରେନା ।

ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।
ଅପରସ୍ପରସମ୍ଭୂତଂ କିମନ୍ୟତ୍ କାମହୈତୁକମ୍ ॥୮॥

ଏ ଜଗତ ଅନାଦି, ଈଶ୍ୱର ଏହାର ନିୟାମକ । ନ୍ୟାୟ ଓ ଅନ୍ୟାୟର ବିଚାରକ ସେ । ଏହି କଥା ବେଦରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି । ନ୍ୟାୟ ଓ ଅନ୍ୟାୟ ଆଚରଣର ନିର୍ଣ୍ଣୟ ବେଦ-ବିଚାରାଳୟରେ ହୋଇଥାଏ । ବେଦ ଯାହାକୁ ଦୋଷୀ ସାବ୍ୟସ୍ତ କରିଥାଏ, ତାଲାଗି ଦଣ୍ଡ ହେଉଚି ନରକ-ଭୋଗ । ନ୍ୟାୟପରାୟଣ ବ୍ୟକ୍ତି ଲାଗି ପୁରସ୍କାର ହେଉଛି ସ୍ୱର୍ଗସୁଖଭୋଗ । ହେ ପାର୍ଥ ! ଈଶ୍ୱରଙ୍କ ଏହି ଅନାଦି ବ୍ୟବସ୍ଥାକୁ ଆସୁରୀପ୍ରକୃତିର ଲୋକେ ବୃଥା ମନେକରି-ଥାଆନ୍ତି । ସେମାନେ କହନ୍ତି, ମୂର୍ଖଙ୍କୁ ଠକିବା ଲାଗି ଯଜ୍ଞାଦି ଅନୁଷ୍ଠାନର ବ୍ୟବସ୍ଥା କରାଯାଇଛି । ପ୍ରତିମା ବା କୌଣସି ପ୍ରତୀକ ଦେହରେ ଦେବତା ରହି ନ ପାରନ୍ତି । ଭାବୁକ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବାଲାଗି ଏବଂ ସେମାନଙ୍କୁ ପ୍ରତାରିତ କରିବା ଲାଗି ଭକ୍ତମାନଙ୍କର ଏସବୁ ହେଉଚି ଫନ୍ଦିଫିକର । ଏଭଳି କହି ଆସୁରୀପ୍ରକୃତିର ଲୋକେ ଈଶ୍ୱରବିଶ୍ୱାସୀ ଲୋକଙ୍କୁ ଘୃଣା କରିଥାଆନ୍ତି । ସେମାନେ କହନ୍ତି ଗୈରିକ ବସନଧାରୀ ଯୋଗୀମାନେ ସମାଧି ଭ୍ରମରେ ପଡ଼ି ରସାତଳକୁ ଗମନ କରିଥାଆନ୍ତି । ସେମାନଙ୍କ ଦୃଢ଼ବିଶ୍ୱାସ ଯେ, ନିଜ ଶକ୍ତିବଳରେ ମନୁଷ୍ୟ ଯାହା ସଂଗ୍ରହ କରେ ତାକୁ ଭୋଗକରିବା ହେଉଚି ପୁଣ୍ୟ । ନିଜ ଦୁର୍ବଳତା ଯୋଗୁଁ ଧନ ସମ୍ପତ୍ତି ଠୁଳ କରି ନ ପାରି ବିଷୟସୁଖରୁ ବଞ୍ଚିତ ରହିବା ହେଉଛି ପାପ । ଧନୀଲୋକକୁ ହତ୍ୟା କରିବା ହୁଏତ ପାପ ହୋଇପାରେ, କିନ୍ତୁ ତାର ସର୍ବସ୍ୱ ଆତ୍ମସାତ୍ କରିବା ହେଉଛି ପୁଣ୍ୟର ଫଳ । ତେଣୁ ଏହି ଆତ୍ମସାତ୍ ଲାଗି ସେହି ପାପକୁ ଭୁଲିଯିବା ଉଚିତ । ସେମାନଙ୍କ ନୀତି ହେଉଛି ବଳ ଯାହାର ମୂଳକ ତାର । ଦୁର୍ବଳକୁ ଆତ୍ମସାତ୍ କରିବା ବଳବାନ୍ ପକ୍ଷରେ ଉଚିତ ନୁହେଁ କହିବାଟା ଭୁଲ୍ । ଏହି ନୀତିକୁ ପାଳନ କରୁଥିଲେ ମାଛ ବଂଶ ଲୋପ ପାଇ ସାରନ୍ତାଣି । ବଡ଼ମାଛ ଛୋଟ ମାଛକୁ ଖାଏ ତଥାପି ତ ମାଛର ବଂଶ ଲୋପ ନ ପାଇ ରହିଛି । ଜାତି କୁଳ ମାନ ମର୍ଯ୍ୟାଦାକୁ ଦେଖି ଝିଅ ପୁଅଙ୍କର ବିବାହ ଶୁଭମୁହୂର୍ତ୍ତରେ କରାଯିବା ଉଚିତ ବୋଲି କହିଲେ ସେମାନେ ଯୁକ୍ତି ଦର୍ଶାଇ ଥାଆନ୍ତି ଯେ, ପଶୁପକ୍ଷୀଙ୍କର ସଙ୍ଗମ ବା ବିବାହ କୌଣସି ବିଧିବିଧାନ ପୂର୍ବକ ହୁଏ କି ? ସେମାନଙ୍କର ତ ସନ୍ତାନ ସନ୍ତତି ଅଗଣିତ । ସେମାନେ ଯଦି

ବିଧିବିଧାନ ମାନୁନାହାନ୍ତି ଆମେ କାହିଁକି ମାନିବୁ ? ଆମେ ଯାହାକୁ ଇଚ୍ଛା ତାକୁ ଯେକୌଣସି ସମୟରେ ବିବାହ କରିପାରିବୁ । ଚୋରି କରି ଅର୍ଥ ସଂଗ୍ରହ କରିପାରିଲେ ଏହା କ'ଣ ବିଷ ପାଲଟିଯାଏ ? ପଡ଼ିଶା ଘରର ସ୍ତ୍ରୀକୁ ଚୋରି କଲେ କିମ୍ବା ତାକୁ ଉପଭୋଗ କଲେ କ'ଣ କେହି କୁଷ୍ଠରୋଗଗ୍ରସ୍ତ ହୋଇପଡ଼େ ? ଏହା କହି ସେମାନେ ସମସ୍ତ ପ୍ରକାରର ନୈତିକତାକୁ ପଦାଘାତ କରିଥାଆନ୍ତି । ଭଲ କାମକଲେ ଭଲ ଫଳ ମିଳେ, ଖରାପ କାମ କଲେ ଫଳ ଖରାପ ହୁଏ, ଏହି କଥା ଉପରେ ସେମାନଙ୍କର ବିଶ୍ୱାସ ନଥାଏ ।

ପରଲୋକରେ କିମ୍ବା ଭଗବାନଙ୍କ ଉପରେ ସେମାନଙ୍କର ବିଶ୍ୱାସ ନଥାଏ । କାରଣ ସେମାନେ ଯୁକ୍ତି କରନ୍ତି ଯେ, ପରଲୋକ କିମ୍ବା ଭଗବାନଙ୍କୁ ଆମେ ପ୍ରତ୍ୟକ୍ଷରେ ଦେଖିପାରୁନୁ, ସେ ସବୁ ଅଛି ବୋଲି ବିଶ୍ୱାସ କରିବୁ କିଭଳି ? ମୃତ୍ୟୁ ତ ସମସ୍ତଙ୍କପାଇଁ ଅନିବାର୍ଯ୍ୟ, ତାହାହେଲେ ଭୋଗର ସ୍ଥାନ କେଉଁଠି ? ତେଣୁ ଯାହା ଭୋଗ କରିବା କଥା ଜୀବଦ୍ଦଶାରେ ହିଁ ଭୋଗ କରିବାକୁ ପଡ଼ିବ । ସେମାନଙ୍କର ଆହୁରି ମଧ୍ୟ ଯୁକ୍ତି ହେଉଛି ଯେ ସ୍ୱର୍ଗରେ ଉର୍ବଶୀ ସହିତ ଇନ୍ଦ୍ର ଯେଉଁ ସୁଖ ଉପଭୋଗ କରୁଛନ୍ତି ବୋଲି କୁହାଯାଉଛି, ବିଷ୍ଠାର କୃମିକୀଟ ମଧ୍ୟ ନରକରେ ସେହିଭଳି ସୁଖ ଲାଭ କରୁଛି । ଅତଏବ ନରକ କିମ୍ବା ସ୍ୱର୍ଗ, ପାପ ଓ ପୁଣ୍ୟର ସ୍ଥାନ ନୁହଁ । ଉଭୟ ସ୍ଥାନରେ ଏକାରକମର କାମସୁଖ ଭୋଗ । ସକାମ ସ୍ତ୍ରୀ ଓ ପୁରୁଷର ମିଳନରେ ହିଁ ସମ୍ପୂର୍ଣ୍ଣ ଜଗତର ସୃଷ୍ଟି । ସ୍ୱାର୍ଥ ହାସଲଦ୍ୱାରା ସୁଖ ମିଳେ, ହାସଲ ହୋଇ ନ ପାରିଲେ ମିଳେ ଦୁଃଖ । ସେମାନଙ୍କ ମତରେ କାମନା ହେଉଛି ଏ ଜଗତର ମୂଳ । ଏସବୁ ହେଉଛି ଆସୁରୀପ୍ରକୃତି ଲୋକର ମତ । ତେଣୁ ଏଭଳି ନିନ୍ଦନୀୟ ବିଷୟକୁ ବିସ୍ତାରିତ ଭାବରେ କହିବା ଅନାବଶ୍ୟକ ।

ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଳ୍ପବୁଦ୍ଧୟଃ ।
ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ॥୯॥

ଏହି ଆସୁରୀପ୍ରକୃତିର ଲୋକେ ଈଶ୍ୱରଙ୍କ ବିରୁଦ୍ଧରେ ନାନା ତର୍କ ବିତର୍କ କରିଥାଆନ୍ତି । ସେମାନେ ନିଜେ ଭଗବାନଙ୍କୁ ତ ବିଶ୍ୱାସ କରନ୍ତି ନାହିଁ, ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କୁ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ ।

ସେମାନଙ୍କ ମନରେ ଦୃଢ଼ ସିଦ୍ଧାନ୍ତ ବୋଲି କିଛି ନ ଥାଏ । ନିଜର ପାପକାର୍ଯ୍ୟ ଲାଗି ଗୌରବ ଅନୁଭବ କରିବା ସଙ୍ଗେ ସଙ୍ଗେ ସେମାନେ ନିଜ ନାସ୍ତିକତାର ପତାକା ଉଡ଼ାଇଥାଆନ୍ତି । ଚିକିଟାମାଟିରେ ଯେପରି ଗୋଡ଼ ଲାଖି ରହେ, ପଙ୍କୁଆ ପାଣିରୁ ଫୋଟକା ବାହାରେ, ସେହିଭଳି ସେମାନେ କେବଳ ଶରୀର ଚିନ୍ତାରେ ଏବଂ ବିଷୟପଙ୍କରେ ନିମଗ୍ନ ରହିଥାଆନ୍ତି । ଭଲ କାମ କଲେ ଭବିଷ୍ୟତରେ ମୋର ଭଲ ହେବ, ଏ ଚିନ୍ତା ସେମାନଙ୍କର ନଥାଏ । ସ୍ୱର୍ଗଲାଗି ସେମାନଙ୍କର ଆଗ୍ରହ ନଥାଏ କିମ୍ବା ନରକର ଭୟ ନଥାଏ । ଜଳାଶୟ ଶୁଖିଯିବାରେ ମାଛର ମୃତ୍ୟୁବେଳ ଆସିବା ଜାଣି ଧୀବର ଉପସ୍ଥିତ ହୁଏ । ସେହିଭଳି ମୃତ୍ୟୁ ସମୟ ଆସିଗଲେ ଦେହରେ ନାନାଦି ରୋଗ ଦେଖାଦିଏ । ଧୂମକେତୁ ଦେଖାଗଲେ ଜଗତର ଅମଙ୍ଗଳ ହୁଏ । ଓଲଟା ମଧ୍ୟ କୁହାଯାଇପାରେ ଯେ ଜଗତର ବିନାଶ ଲାଗି ଧୂମକେତୁର ଉଦୟ ହୁଏ । ସେହିଭଳି ଲୋକଙ୍କୁ ଦୁଃଖ ଦେବାଲାଗି, ସେମାନଙ୍କ ଅନିଷ୍ଟ କରିବା ଲାଗି, ଆସୁରୀପ୍ରକୃତିର ଲୋକେ ଜନ୍ମଗ୍ରହଣ କରିଥାଆନ୍ତି । ଅମଙ୍ଗଳକର ମଞ୍ଜି ବୁଣାଯିବାମାତ୍ରେ ସେଥିରୁ ଆସୁରୀମନୁଷ୍ୟରୂପୀ ଅଙ୍କୁର ଉତ୍ପନ୍ନ ହୁଏ । ଏମାନେ ହେଲେ ପାପର ଚଳମାନ କୀର୍ତ୍ତିସ୍ତମ୍ଭ । ଅଗ୍ନି ଥରେ ଜଳିବା ଆରମ୍ଭ କରିବାମାତ୍ରେ ଆଗପଛ କିଛି ଦେଖି ନ ଥାଏ । ସେହିଭଳି ଆସୁରୀପ୍ରକୃତିର ଲୋକେ ଆଗପଛ କିଛି ଦେଖିପାରନ୍ତି ନାହିଁ, ଅନ୍ୟମାନଙ୍କ ଅମଙ୍ଗଳ ଚିନ୍ତାରେହିଁ ଲିପ୍ତ ରହିଥାଆନ୍ତି । ନୀତିବିରୁଦ୍ଧ କାର୍ଯ୍ୟ କରିବାବେଳେ ପାପପୁଣ୍ୟର ବିଚାର ସେମାନଙ୍କର ନଥାଏ । ଯାହା ମନକୁ ଆସିଲା କରି ଯାଆନ୍ତି । ଖାଲି ତ କରନ୍ତି ନାହିଁ, ନିଜ ଆଚରଣ ଲାଗି ଗର୍ବ କରିଥାଆନ୍ତି, ନିଜକୁ ଅଭିନନ୍ଦିତ କରନ୍ତି, ବୁକୁ ଫୁଲେଇ ଚାଲନ୍ତି ।

ଭଗବାନ ଲକ୍ଷ୍ମୀପତି ଶ୍ରୀକୃଷ୍ଣ ଠିକ୍ ଏହି କଥା ଅର୍ଜୁନଙ୍କୁ କହିଲେ ।

କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।
ମୋହାଦ୍‌ଗୃହୀତ୍ୱାଽସଦ୍‌ଗ୍ରାହାନ୍ ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ॥୧୦॥

ପୁଣି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, 'ଯେତେ ପାଣି ହେଲେ ମଧ୍ୟ ଜାଲରେ ପାଣି ରହେନା । ଅଗ୍ନିରେ ଯେତେ ଇନ୍ଧନ ଦେଲେ ମଧ୍ୟ ଜଳେଇବା ଲାଗି

ଅଗ୍ନିପକ୍ଷରେ ଯଥେଷ୍ଟ ନୁହେଁ । ସେହିଭଳି କାମ ତଥା କାମନାର କ୍ଷୁଧା କେବେହେଲେ ଦୂର ହୁଏନା । ସେହି କ୍ଷୁଧା ଯାହାର ଯେତିକି, ସେ ସେତିକି ପାପୀ । ହେ ଅର୍ଜୁନ ! ତେଣୁ ତୁମେ କାମନାକୁ ହୃଦୟରେ ସ୍ଥାନ ଦିଅନା । କାମ ଏପରି ଏକ ପଦାର୍ଥ ଯାହାକି ଦମ୍ଭ, ଅଭିମାନ, କ୍ରୋଧ ଆଦି ସମସ୍ତଙ୍କୁ ଆଣି ଶରୀରରେ ଠୁଳ କରେ । ମତ୍ତହସ୍ତୀକୁ ମଦିରା ପାନ କରାଇଲେ ତାର ଯେଉଁ ଅବସ୍ଥା ହୁଏ, ବାର୍ଦ୍ଧକ୍ୟ ଉପସ୍ଥିତ ହେଲେ କାମୁକ ବ୍ୟକ୍ତିର ସେହି ଅବସ୍ଥା ହୁଏ । ତାର କାମନା ବଢ଼ିବା ସଙ୍ଗେ ସଙ୍ଗେ ଅଭିମାନ ବଢ଼ି ବଢ଼ି ଚାଲେ । ତା ମନରେ ନାନା ଦୁରାଗ୍ରହ ଓ ଦୁଶ୍ଚିନ୍ତା ଦେଖାଦିଏ । ମୂର୍ଖତା ଦେଖାଦିଏ । ଏହାର ଦୁର୍ବୁଦ୍ଧି କଥା କ'ଣ କହିବି ? ଯେଉଁ କାମ କଲେ ଅନ୍ୟ ମନରେ ଦୁଃଖ ହୁଏ, ଅନ୍ୟର ପ୍ରାଣ ବ୍ୟାକୁଳ ହୁଏ, ସେହିଭଳି କାର୍ଯ୍ୟ କରିବାକୁ ଆସୁରୀ ପ୍ରକୃତିର ଲୋକେ ଉତ୍ସାହିତ ହୋଇଉଠନ୍ତି । ନିଜେ ଯାହା କରେ, ସେଥିରେ ଗର୍ବ ଅନୁଭବ କରିବା, ଅନ୍ୟ ସମସ୍ତଙ୍କୁ ଧିକ୍‌କାର କରିବା ତାର ସ୍ୱଭାବସିଦ୍ଧ କାର୍ଯ୍ୟ ହୋଇପଡ଼େ । ସେ ଚାରିଆଡ଼େ ନିଜ ବାସନା ଓ ପରାକ୍ରମର ଜାଲ ବୁଣି, ନିଜ ଗୁଣର ଡିଣ୍ଡିମ ପିଟି କେବଳ ପାପର ମହିମା ବିସ୍ତାର କରିଥାଏ । ସେମାନେ ଭାବନ୍ତି ଆମେ ଯାହା କରୁଛୁ ତା ଆଗରେ ସଂସାର ତୁଚ୍ଛ । ପଘା ଫିଟିଗଲେ ଓଲେଇଗାଈ ଯେପରି ଏଣେ ତେଣେ ବୁଲି ନାନା ଫସଲ ଖାଇଯାଏ, ସେହିଭଳି ଆସୁରୀ ପ୍ରକୃତିର ଲୋକେ ସ୍ୱେଚ୍ଛାଚାରୀ ହୋଇ ପାପ ବୃଦ୍ଧି କରିବାରେ ଲାଗିଥାଆନ୍ତି ।

ଚିନ୍ତାମପରିମେୟାଂ ଚ ପ୍ରଳୟାନ୍ତାମୁପାଶ୍ରିତାଃ ।
କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ॥୧୧॥

ଏହି ଲୋକମାନଙ୍କର ସକଳ ବ୍ୟବହାର ଏହି ପ୍ରକାରର ହୋଇଥାଏ । ସେମାନେ ଉପରୋକ୍ତ ଗୋଟିଏ ନୀତିଦ୍ୱାରା ପରିଚାଳିତ । କିନ୍ତୁ ଏସବୁ କୁକର୍ମ ଓ ପାପ କଲାବେଳେ ସେମାନେ ଏକଥା ମଧ୍ୟ ଚିନ୍ତା କରିଥାଆନ୍ତି ଯେ ମରିବା ପରେ ଆମର କ'ଣ ହେବ ? ସେମାନଙ୍କ ବଡ଼ ଚିନ୍ତା ଯେ ଦିନେ ନା ଦିନେ, ହୁଏତ ଏହି ମୁହୂର୍ତ୍ତରେ ମରିଯାଇପାରୁ । ଏହି ଚିନ୍ତାରେ ସେମାନେ ଉଦ୍‌ବିଗ୍ନ

ହୋଇପଡ଼ନ୍ତି, ଅସ୍ଥିର ହୋଇପଡ଼ନ୍ତି । ସେମାନଙ୍କର ଉଦ୍‌ବିଗ୍ନତା ଓ ଅସ୍ଥିରତା ପାତାଳଠାରୁ ମଧ୍ୟ ଗଭୀର, ଆକାଶଠାରୁ ବିଶାଳ, ତ୍ରିଲୋକଠାରୁ ବୃହତ୍ । ସାଧୁସନ୍ତ ଯେପରି ପ୍ରଭୁଙ୍କ ଧ୍ୟାନରେ ନିମଗ୍ନ ରହିଥାଆନ୍ତି, ପତିବ୍ରତା ନାରୀ ଯେପରି ସ୍ୱାମୀଚିନ୍ତାରେ ବୁଡ଼ିରହେ, ସେହିଭଳି ଆସୁରୀପ୍ରକୃତିର ଲୋକଙ୍କ ମନରେ "ମୃତ୍ୟୁପରେ ମୋର ଏ ଧନଜନ କ'ଣ ହେବ"— ଏହି ଚିନ୍ତା ଘାରି ହେଉଥାଏ . ସେମାନେ ଭାବନ୍ତି ସବୁଠାରୁ ଆନନ୍ଦ ଓ ଉପଭୋଗ୍ୟ ହେଉଛି ରମଣୀଙ୍କ କଣ୍ଠରୁ ସଙ୍ଗୀତ ଶ୍ରବଣ କରିବା, ସେମାନଙ୍କ ରୂପ ଦର୍ଶନ କରିବା, ଯୁବତୀର ସର୍ବାଙ୍ଗ ଆଲିଙ୍ଗନ କରିବା । ସେମାନଙ୍କ ଦୃଢ଼ମତ ହେଉଛି ସ୍ତ୍ରୀସୁଖଠୁ ବଳି ସୁଖ କିଛି ନାହିଁ, ସ୍ତ୍ରୀସଙ୍ଗ ବା ତାର ସହବାସଠୁ ବଳି ଆନନ୍ଦ କିଛି ନାହିଁ, ଏହାହିଁ ହେଉଛି ରାଜଭୋଗ । ଏହି ସ୍ତ୍ରୀଭୋଗ ଲାଗି ସେମାନେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ସୀମା ଅତିକ୍ରମ କରିବାକୁ ମଧ୍ୟ ପ୍ରସ୍ତୁତ ।

ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।
ଈହନ୍ତେ କାମଭୋଗାର୍ଥ ମନ୍ୟାୟେନାର୍ଥ ସଞ୍ଚୟାନ୍ ॥୧୨॥

ମାଛ ଆଗପଛ ବିଚାର ନ କରି, ପରିଣାମ ଚିନ୍ତା ନ କରି, ବନ୍‌ସୀ କଣ୍ଟାରେ ଗୁନ୍ଥା ହୋଇଥିବା ମାଂସ ପାଇବା ଆଶାରେ କଣ୍ଟା ସହିତ ମାଂସକୁ ଗିଳିପକାଏ । ସେହିଭଳି ଆସୁରୀ ପ୍ରକୃତିର ବ୍ୟକ୍ତି ବିନା ବିଚାରରେ ବିଷୟବାସନାର ଜାଲରେ ନିଜକୁ ଗୁଡ଼ାଇପକାଏ । ସେ ଯାହା ଆଶା କରେ, ତାହା ତ ପାଏନା, ବରଂ ଟସରପୋକ ଯେପରି ତନ୍ତୁ ସୃଷ୍ଟି କରି କ୍ରମଶଃ ସେହି ତନ୍ତୁରେ ନିଜକୁ ଆବଦ୍ଧ କରିନିଏ, ଆଉ ତା ଭିତରୁ ବାହାରିପାରେନା, ସେହିଭଳି ମନୁଷ୍ୟ ଗୁଡ଼ିଏ ଆଶା ଆକାଂକ୍ଷା ସୃଷ୍ଟି କରି ତାରି ଭିତରେ ଗୁଡ଼େଇ ହୋଇ ମରେ । ଅଭିଳାଷ ପୂର୍ଣ୍ଣ ନହେଲେ ମନରେ ସୃଷ୍ଟି ହୁଏ ଦ୍ୱେଷ । ମନର ବାସନା ହିଁ ଦ୍ୱେଷରେ ପରିଣତ ହୁଏ । ସାରାଂଶ ହେଉଛି— ଏ ପ୍ରକାରର ଲୋକ ପକ୍ଷରେ କାମ ଓ କ୍ରୋଧ ବ୍ୟତୀତ ଜୀବନରେ ଆଉ କୌଣସି କର୍ତ୍ତବ୍ୟ ବାକି ରହେ ନାହିଁ । ହେ ଅର୍ଜୁନ ! ପ୍ରହରୀର କାର୍ଯ୍ୟ ହେଉଛି ଦିନବେଳେ ପ୍ରଭୁଙ୍କ ଦେହରକ୍ଷା ଲାଗି ତାଙ୍କ ପଛେ

ପଛେ ଲାଗି ରହିବା, ରାତି ହେଲେ ପ୍ରଭୁଙ୍କ ଘର ଜଗିବା । ଦିନରାତି କୌଣସି ସମୟରେ ତାର ବିଶ୍ରାମ ନାହିଁ । ସେ ନିଶ୍ଚିତ ହୋଇ ମୁହୂର୍ତ୍ତେ ସୁଦ୍ଧା ବସିପାରେ ନାହିଁ । ସେହିଭଳି ଆସୁରୀପ୍ରକୃତିର ଲୋକ କାମବାସନାରେ ଅତି ଉପରକୁ ଉଠିଯିବା ପରେ କ୍ରୋଧରୂପକ ପାହାଡ଼ ଉପରେ ଛେଚି ହୋଇ ପଡ଼ିଥାଏ । ତା'ପରେ ରାଗ ଦ୍ୱେଷ ପ୍ରତି ତାର ପ୍ରେମ ଗାଢ଼ ହୋଇ ଆସେ । ଏ ଦୁଇଟି ଦୋଷ ଏତେ ବଢ଼ିଯାଏ ଯେ, ତାକୁ ରଖିବା ପାଇଁ ସମଗ୍ର ବିଶ୍ୱଭଣ୍ଡାର ମଧ୍ୟ ଯଥେଷ୍ଟ ନୁହେଁ । ଅଭିଳାଷ ଅନୁଯାୟୀ ବିଷୟ ବାସନା ଏକତ୍ର ହେଲେ ମଧ୍ୟ ତା ମନ ଶାନ୍ତି ପାଏନା । ଭୋଗସାମଗ୍ରୀ ଉପାର୍ଜନ କରିବା ଲାଗି ସେ ସଂସାରର ଚତୁର୍ଦ୍ଦିଗକୁ ହାତ ବଢ଼ାଏ । ଯାହା ପାଏ, ଅଣ୍ଡାଳି ଅଣ୍ଡାଳି ଧରିନିଏ, ଗଣ୍ଠିଲିରେ ବାନ୍ଧେ । ସୁଯୋଗ ପାଇଲେ ହୁଏତ କାହାକୁ ହତ୍ୟା କରେ, କାହାର ସର୍ବସ୍ୱ ଲୁଣ୍ଠନ କରେ । ବ୍ୟାଧ ବଣକୁ ଶିକାର କରିବାକୁ ଗଲାବେଳେ ତା ସାଙ୍ଗରେ ଜାଲ, ଫାଶ, କୁକୁର, ବାଜପକ୍ଷୀ, ବର୍ଚ୍ଛା, ଛୁରି ଆଦି ଧରି ଯାଇଥାଏ । ପେଟ ପୋଷିବାଲାଗି ପକ୍ଷୀମାନଙ୍କୁ ମାରେ । ସେହିଭଳି ଆସୁରୀ ପ୍ରକୃତିର ଲୋକେ ଅନ୍ୟକୁ ଫଶେଇବାପାଇଁ ନାନା କଦର୍ଯ୍ୟ ନିକୃଷ୍ଟ ପନ୍ଥା ଧରିଥାଆନ୍ତି । ନାନା ଉତ୍ପାତ୍ ଓ ଉପଦ୍ରବ କରିଥାଆନ୍ତି । ଧନଅର୍ଜନ କରିବା ଲାଗି ନାନା କୌଶଳ ରଚନା କରନ୍ତି । ନାନା ଯନ୍ତ୍ରତନ୍ତ୍ର ରଚନା କରନ୍ତି । ଅନ୍ୟର ପ୍ରାଣହାନି କଲେ ମଧ୍ୟ ଧନଲାଭ ଯୋଗୁଁ ସେମାନେ ଆନନ୍ଦ ଅନୁଭବ କରିଥାଆନ୍ତି ।

ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍ସ୍ୟେ ମନୋରଥମ୍ ।
ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ॥୧୩॥

ଆସୁରୀପ୍ରକୃତିର ଲୋକ ମନେ ମନେ କହି ହୋଇଥାଏ, ଯାହାହେଉ ବହୁ ସମ୍ପତ୍ତି ଠୁଳ କରିପାରିଲି । ସେଥିଲାଗି ସେ ନିଜକୁ ଧନ୍ୟ ମନେ କରେ । ସେ ଏହିଭଳି କେବଳ ଆତ୍ମପ୍ରଶଂସାରେ ମାତି ରହେ । ଏହି ଆତ୍ମପ୍ରଶଂସା ବଢ଼ିବା ସଙ୍ଗେ ସଙ୍ଗେ ତା ମନରେ ନବ ନବ ଅଭିଳାଷର କିଶଳୟ ଦେଖାଦିଏ । ସେ କହିବାକୁ ଲାଗେ, କାଲି ଆଉ କାହାକୁ ଫଶେଇ ଯଦି ଆଉ ଅଧିକ ଧନ

ଲୁଟି କରିପାରିବି ତ ଆହୁରି ଭଲହେବ । ତାର ଧନ ଯେତିକି ବଢ଼େ, ଆଶା ମଧ୍ୟ ସେତିକି ବଢ଼ି ବଢ଼ି ଚାଲେ । ସେ ସଚରାଚର ଭାବେ, ଯେତେ ସମ୍ପତ୍ତି ଅଛି ସବୁ ମୋର । ଯେତିକି ମୂଳଧନ ପାଇଲିଣି, ସେଥିରେ ମୁଁ ବିଶ୍ୱସମ୍ରାଟ ହୋଇଯାଇପାରିବି । ସମସ୍ତେ ମରିଯାଆନ୍ତୁ, ମୁଁ ବଞ୍ଚି ରହିଥିଲେ ହେଲା ।

ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।
ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଳବାନ୍‌ସୁଖୀ ॥୧୪॥

ସେ ମନେ ମନେ ଭାବେ ଧନ ଆଶାରେ ଏ ପର୍ଯ୍ୟନ୍ତ ମୁଁ ଯେଉଁମାନଙ୍କୁ ହତ୍ୟା କରିଛି, ସେଗୁଡ଼ାକ ଅତି ତୁଚ୍ଛ, କୀଟ ପତଙ୍ଗଠାରୁ ହୀନ, ମତେ ଆହୁରି ଅନେକଙ୍କୁ ହତ୍ୟା କରିବାକୁ ପଡ଼ିବ । ସମଗ୍ର ସଂସାରରେ କେବଳ ରହିବ ମୋର କୀର୍ତ୍ତି, ମୋର ପ୍ରତିଷ୍ଠା । ଯେଉଁମାନେ ମୋ ଆଦେଶ ପାଳି ରହିବେ, ମୋ ଆଜ୍ଞା ମାନି ରହିବେ, ସେମାନଙ୍କ ବ୍ୟତୀତ ମୁଁ ଆଉ ସମସ୍ତଙ୍କୁ ହତ୍ୟା କରିବି । ସମସ୍ତଙ୍କୁ ଧ୍ୱଂସ କରିବି । ସଂସାରରେ ଲୋକେ ଯାହାକୁ ଈଶ୍ୱର କହୁଛନ୍ତି, ସେ ହେଉଛି ମୁଁ । ଭୋଗ ରାଜ୍ୟର ଚକ୍ରବର୍ତ୍ତୀ ମୁଁ । ମୁଁ ହେଉଛି ସମସ୍ତ ସୁଖର ଆଧାର, ମୋ ତୁଳନାରେ ଇନ୍ଦ୍ରପଦ ତୁଚ୍ଛ । କାୟମନୋବାକ୍ୟରେ ମୁଁ ଯାହା ଚାହିଁବି, ତାହା ପୂର୍ଣ୍ଣ ହେବ । ସଂସାରରେ ଏପରି କୌଣସି ବ୍ୟକ୍ତି ନାହିଁ, ଯିଏ ମୋ ସହିତ ତୁଳନୀୟ ହୋଇପାରିବ । ଏହିଭଳି ନିଜକୁ ସେ କାଳଜୟୀ ମନେ କରିଥାଏ । ସେ ଭାବେ ମୃତ୍ୟୁ ପ୍ରତି ଦୃଷ୍ଟିପାତ କଲେ ସିନା ସେ ଆକ୍ରମଣ କରିବ, ମୁଁ ତ ତାଠାରୁ ସବୁବେଳେ ଦୂରରେ ରହିଥିବି, ସେ ଆସିବ କିପରି ?

ଆଢ଼ ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା ।
ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟାଜ୍ଞାନବିମୋହିତାଃ ॥୧୫॥

ସେ କହେ, ''କୁବେର ଧନବାନ ହୋଇପାରେ, କିନ୍ତୁ ମୋ ସହିତ ସମାନ ନୁହଁ । ମୋ ପାଖରେ ଯେତେ ସମ୍ପତ୍ତି ଅଛି, ସ୍ୱୟଂ ଲକ୍ଷ୍ମୀପତି ବିଷ୍ଣୁଙ୍କ ପାଖରେ ମଧ୍ୟ ନଥିବ । ଯଦି ମୋ କୁଳର ମହିମା, ଜାତି ଓ ଗୋତ୍ରର ବିଚାର କରାଯାଏ ତ, ପ୍ରଜାପତି ବ୍ରହ୍ମା ମଧ୍ୟ ହୀନ ପ୍ରତିପାଦିତ ହେବେ । ଈଶ୍ୱର ନାମ ବୃଥା । ଯେଉଁମାନେ ଈଶ୍ୱର ଈଶ୍ୱର ହେଉଛନ୍ତି, ସେମାନଙ୍କଠାରୁ ମୂର୍ଖ କେହି ନାହିଁ ।

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଯେତେ ନାମ କୁହାଯାଉଛି, ସେମାନଙ୍କ ମଧ୍ୟରୁ କାହାର ହେଲେ ମୋ ସହିତ ତୁଳନା ହୋଇପାରିବାଭଳି ଯୋଗ୍ୟତା ନାହିଁ । ଆଜିକାଲି ଜାରଣ, ମାରଣ ଆଦି ମାରାତ୍ମକ ମନ୍ତ୍ରତନ୍ତ୍ର ଲୋପ ପାଇବାକୁ ବସିଲାଣି, ମୁଁ ସେଗୁଡ଼ିକର ପୁନରୁଦ୍ଧାର କରି ମଣିଷ ସମାଜକୁ ଯନ୍ତ୍ରଣା ଦେବାଭଳି ଯାଗଯଜ୍ଞର ବ୍ୟବସ୍ଥା କରିବି । ଯେଉଁମାନେ ମୋର ପ୍ରଶଂସା କରିବେ, ନାଚି ଗାଇ ମୋର ମନୋରଞ୍ଜନ କରାଇପାରିବେ, ସେମାନେ ଯାହା ମାଗିବେ, ତାହା ଦେବି । ଅର୍ଥାତ୍ ମୋର ଭାଟ, ସ୍ତାବକ, ନର୍ତ୍ତକ, ନର୍ତ୍ତକୀ, ଅଭିନେତା, ଅଭିନେତ୍ରୀମାନଙ୍କୁ ଧନରତ୍ନ ଦାନ କରିବି । ଯେଉଁମାନେ ଭଗବାନଙ୍କ ନାମ ନେବେ, ପୂଜାପାଠ କରିବେ, ସେମାନଙ୍କ ଶିର ଛେଦନ କରିବି । ମାଦକ ଦ୍ରବ୍ୟ ପାନକରି, ମାଛ ମାଂସ ଆଦି ଖାଇବି । ତନ୍ୱୀ, ଯୁବତୀ, ରୂପସୀ ସ୍ତ୍ରୀଲୋକଙ୍କୁ ଆଲିଙ୍ଗନ କରି ଆନନ୍ଦରେ ରହିବି । ବିଳାସ ବ୍ୟସନରେ ମାତି ରହିବି ।''

ହେ ଅର୍ଜୁନ ! ଆଉ ଅଧିକ କ'ଣ କହିବି, ଆସୁରୀ ପ୍ରକୃତିରେ ଉନ୍ମତ୍ତ ବ୍ୟକ୍ତି ଏପରି ଭାବରେ ଅପରିମିତ ଅଭିଳାଷର ବଶବର୍ତ୍ତୀ ହୋଇ ଆକାଶ-କୁସୁମର ଗନ୍ଧ ଆଘ୍ରାଣ କରିବାକୁ ଚାହିଁଥାଏ ।

ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।
ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ॥୧୬॥

ଜ୍ୱର ପ୍ରକୋପରେ ରୋଗୀ ଯେପରି ପ୍ରଳାପ କରେ, ଆସୁରୀ ପ୍ରକୃତିର ଲୋକେ କାମନାରେ ଜର୍ଜ୍ଜରିତ ହୋଇ ସେପରି ପ୍ରଳାପ କରି ଥାଆନ୍ତି । ରାତି ବଢ଼ିବା ମାତ୍ରେ ଅନ୍ଧକାର ଯେପରି ବଢ଼ି ବଢ଼ି ଚାଲେ, ସେମାନଙ୍କର କାମନା ମଧ୍ୟ ସେହିଭଳି ବୃଦ୍ଧି ପାଇବାରେ ଲାଗେ । ଅଜ୍ଞାନରୂପକ ଧୂଳି ସହିତ ମିଶି ସେମାନେ ଆଶାରୂପକ ଅନ୍ଧକାର ସହିତ କାମନା ଆକାଶରେ ଉଡ଼ି ବୁଲନ୍ତି । ଆଷାଢ଼ ମାସରେ ମେଘ ନିରନ୍ତର ବୃଦ୍ଧି ପାଇଥାଏ । ସମୁଦ୍ରରେ ତରଙ୍ଗର ବିଶ୍ରାମ ନଥାଏ । ସେହିଭଳି ଆସୁରୀପ୍ରକୃତି ଲୋକର ଆଶା ଆକାଂକ୍ଷା ଅସୀମ । ତା ମନରେ ବାସନା ହୃଦୟ ଭିତରେ ଜାଲ ଭଳି ବିସ୍ତାରିତ ହୋଇପଡ଼େ । କଣ୍ଟାରେ ପଦ୍ମପତ୍ର ଛିନ୍ନ ଭିନ୍ନ ହୋଇ ପଡ଼ିବା ଭଳି ତା ହୃଦୟ

କାମନାରୂପକ କଣ୍ଟକରେ ବିଦୀର୍ଣ୍ଣ ହୋଇପଡ଼େ । ସେ ମୋହଗ୍ରସ୍ତ ହୋଇପଡ଼େ । ମୋହ ବଢ଼ିବା ସଙ୍ଗେ ସଙ୍ଗେ ବିଷୟବାସନାପ୍ରତି ତାର ଅନୁରାଗ ବଢ଼ି ବଢ଼ି ଚାଲେ । ଏହି ବିଷୟାନୁରାଗ ହିଁ ତାର ପାପ ବୃଦ୍ଧି କରାଏ । ହେ ସୁମତି ଅର୍ଜୁନ ! ଯିଏ କାମନାକୁ ପୋଷଣ କରେ, ତାର ନରକବାସ ସାର ହୋଇଥାଏ । ତାକୁ ଏହି ମର୍ତ୍ତ୍ୟଭୂମିରେ ହିଁ ସମସ୍ତ ପ୍ରକାରର ଯନ୍ତ୍ରଣା ଭୋଗ କରିବାକୁ ପଡ଼େ । ଏହି ଲୋକ ଅନ୍ତିମ କାଳରେ ଏପରି ଏକ ସ୍ଥାନରେ ଯାଇ ବାସ କରେ, ଯେଉଁଠାରେ ବୃକ୍ଷର ପତ୍ରଗୁଡ଼ାକ ଖଣ୍ଡାଧାର ଭଳି ତୀକ୍ଷ୍ଣ; ଯେଉଁଠି ରଡ଼ ନିଆଁରେ ପର୍ବତ ଦଣ୍ଡାୟମାନ, ଯେଉଁଠି ରହିଛି ତପ୍ତତୈଳର ଉଦ୍‌ବେଳିତ ସମୁଦ୍ର । ଏହାକୁ କୁହାଯାଏ ନରକ । ଏଠାରେ ଯାତନା ବ୍ୟତୀତ କିଛି ନାହିଁ । ଏଠାରେ ଯମରାଜ ଲୋକଙ୍କୁ ସବୁବେଳେ ଦଣ୍ଡ ପରେ ଦଣ୍ଡ ଦେଇଥାଆନ୍ତି । ଏଭଳି ନରକର ବିଶିଷ୍ଟ ଯାତନାମୟ ସ୍ଥାନରେ ଜନ୍ମଗ୍ରହଣ କଲେ ମଧ୍ୟ ଲୋକେ ନିଜର ଭ୍ରାନ୍ତିପୂର୍ଣ୍ଣ ଅବସ୍ଥାରେ ଯାଗଯଜ୍ଞ ଆଦି କରିବା ଦେଖାଯାଏ । ଯାଗଯଜ୍ଞାଦି ବିଧିବିଧାନପୂର୍ବକ କଲେ ମଧ୍ୟ ଏହା ଯେ ଲୋକେ ଆନ୍ତରିକତା ସହିତ କରିଥାଆନ୍ତି, ତାହା ନୁହଁ । ଆସୁରୀ ପ୍ରକୃତିର ଲୋକଙ୍କର ଏସବୁ ଅଭିନୟ ମାତ୍ର । ନିଜକୁ ପୁଣ୍ୟବାନ୍, ପବିତ୍ର ବୋଲି ଦେଖେଇ ହେବା ପାଇଁ ସେମାନେ ଏସବୁ କରିଥାଆନ୍ତି । କୁଳଟା ସ୍ତ୍ରୀର ପ୍ରୀତି ରହିଥାଏ ଉପପତି ନିକଟରେ, କିନ୍ତୁ ନିଜ ପତି ପାଖରେ ଅତି ସତୀ ସାଧ୍ୱୀଭଳି ଅଭିନୟ କରେ ସେ । ସେହିଭଳି ଆସୁରୀ ପ୍ରକୃତିର ବ୍ୟକ୍ତି ନିଜେ ନିଜକୁ ଶ୍ରେଷ୍ଠ ମନେ କରି ଅସାଧାରଣ ଆତ୍ମାଭିମାନରେ ଜର୍ଜରିତ ରହିଥାଏ ।

ଆତ୍ମସମ୍ଭାବିତାଃ ସ୍ତବ୍‌ଧା ଧନମାନମଦାନ୍ୱିତାଃ ।
ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ॥୧୭॥

ଲୌହସ୍ତମ୍ଭ କିମ୍ବା ଉଚ୍ଚପର୍ବତ ଯେପରି ମୁଣ୍ଡନୁଆଁଇବା ଜାଣନ୍ତି ନାହିଁ, ଆସୁରୀପ୍ରକୃତିର ଲୋକର ମଧ୍ୟ ସେହି ଭାବ । ସେ ନିଜ ସ୍ୱାର୍ଥସିଦ୍ଧି ଦ୍ୱାରାହିଁ ସନ୍ତୁଷ୍ଟ । ସେ ଅନ୍ୟକୁ କାଠିକୁଟାଠୁ ହୀନ ମନେ କରିଥାଏ । ହେ ଅର୍ଜୁନ ! ଏମାନେ କାମିନୀ, କାଞ୍ଚନ, କାଦମ୍ବରୀରେ ମତ୍ତହୋଇ କର୍ତ୍ତବ୍ୟାକର୍ତ୍ତବ୍ୟ ଭୁଲି ଯାଇଥାଆନ୍ତି । ଏଭଳି ବ୍ୟକ୍ତିକୁ ତ୍ୟାଗ, ଯଜ୍ଞାନୁଷ୍ଠାନ କରିବାକଥା କହିବା ବୃଥା ।

ବେଶ୍ୟା ଯେପରି ନିଜ ଗ୍ରାହକଙ୍କ ଆଶ୍ରୟରେ ରହି, ନିଜକୁ ସୌଭାଗ୍ୟବତୀ ମନେ କରିଥାଏ, ସେହିଭଳି ଆସୁରୀପ୍ରକୃତିର ଲୋକ ନିଜ ବଡ଼ିମା ଲାଗି ନିଜେ ଡିଣ୍ଡିମ ପିଟି ଅଭିମାନରେ ବୁକୁ ଫୁଲେଇ ଚାଲିଥାଏ । ଦେଖେଇହେବାଲାଗି ଯଦିବା ଏ ଲୋକ ଯଜ୍ଞ କରେ, ସେଥିପାଇଁ କୌଣସି କୁଣ୍ଡ, ମଣ୍ଡପ କିମ୍ବା ବେଦିର ବ୍ୟବସ୍ଥା କରି ନଥାଏ । ବ୍ରାହ୍ମଣକୁ କହେ, ଏସବୁ ନ ହେଲେ କ'ଣ ଯଜ୍ଞ ହେବନି ? ଦିଅ ସିମିତି ସିମିତି କରିଦିଅ । ଦୈବାତ୍ ନା କାନରେ ଦେବତା କିମ୍ବା ଭଗବାନଙ୍କ ନାମ ପଡ଼ିଗଲେ ସେ ନାକ ଟେକିଥାଏ । ଛି, ଛାକର କରିଥାଏ । ଚତୁର ଲୋକେ କୃତ୍ରିମ ବାଛୁରୀ ପ୍ରସ୍ତୁତ କରି ଗାଈକୁ ଭୁଲେଇ ଭାଲେଇ ଦୁଧ ଦୁହିଁଥାଆନ୍ତି । ସେହିଭଳି ଆସୁରୀ ପ୍ରକୃତିର ଲୋକ ଯଜ୍ଞ ନାମରେ ବିଭିନ୍ନ ଲୋକଙ୍କୁ ନିମନ୍ତ୍ରଣ କରି ବା ଆକୃଷ୍ଟକରି ଅନ୍ୟର ଅର୍ଥ ଲୁଣ୍ଠନ କରିଥାଏ । ଅର୍ଥାତ୍ ନାନା ଭେଟି ଓ ଉପହାର ଆକାରରେ ସେମାନଙ୍କଠାରୁ ନାନା ଦ୍ରବ୍ୟ ଗ୍ରହଣ କରି ଆତ୍ମସାତ୍ କରିଥାଏ । ଲୋକଙ୍କୁ ଦେଖାଇବା ପାଇଁ ସେଥିରୁ କିଛିଟା ବ୍ୟୟକରେ, ବାକିତକ ନିଜ ଭଣ୍ଡାରରେ ଭର୍ତ୍ତି କରେ । ଏହି ଆସୁରୀପ୍ରକୃତିର ଲୋକ କେବେ କେବେ ହୋମର ଆୟୋଜନ ମଧ୍ୟ କରେ ଏବଂ ହୋମରେ ବଳିଦେବା ନାମରେ ବହୁ ନିରୀହ ଜୀବକୁ ହତ୍ୟା କରିଥାଏ ।

ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।
ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ॥୧୮॥

'ମୁଁ ଦୀକ୍ଷା ଗ୍ରହଣ କରିଛି', 'ମୁଁ ଯଜ୍ଞାନୁଷ୍ଠାନ କରିଛି' କହି ଏହିଭଳି ଲୋକ ନିଜେ ଓ ଅନ୍ୟମାନଙ୍କୁ ଲଗେଇ ନିଜର ଡିଣ୍ଡିମ ପିଟିଥାଏ । ଅନ୍ଧକାର ଚକ୍ଷୁରେ କଜ୍ଜ୍ୱଳର ପ୍ରଲେପ ଦେଲେ, ତାହା ଆହୁରି ଘନୀଭୂତ ଓ ଉଗ୍ର ହୋଇଉଠିଥାଏ । ସେହିଭଳି ଆସୁରୀପ୍ରକୃତି ଲୋକର ମୂର୍ଖତା ଅଧିକ ଘନୀଭୂତ ହୋଇ ଉଠିଥାଏ । ଏହାର ଔଦ୍ଧତ୍ୟ ଶିଖରଦେଶକୁ ଉଠିଥାଏ । ଅହଂକାର ଦ୍ୱିଗୁଣିତ ହୋଇଉଠେ । ଅବିବେକିତା ମଧ୍ୟ ସେହି ମାତ୍ରାରେ ବୃଦ୍ଧି ପାଏ । ଅନ୍ୟର ବଳକୁ ପରାଭୂତ କରିବା ଲାଗି ସେ ଉପଯୁକ୍ତ ବଳ ସଂଗ୍ରହ କରିବାକୁ ଉଦ୍ୟମ

କରିଥାଏ । ଅହଂକାର ଓ ବଳ ଏକତ୍ର ହୋଇ ଦର୍ପସମୁଦ୍ରର ସୀମାଲଙ୍ଘନ କରେ । ଏଥିରେ କାମନା-ପିତ୍ତର ପ୍ରକୋପ ବୃଦ୍ଧି ପାଏ । କ୍ରୋଧାଗ୍ନି ପ୍ରଜ୍ୱଳିତ ହୁଏ । ଗ୍ରୀଷ୍ମଋତୁରେ ତୈଳ ବା ଘୃତଭଣ୍ଡାରରେ ସାମାନ୍ୟ ଅଗ୍ନି ସଂଯୋଗ ମାତ୍ରେ ପଚଣ୍ଡ ବାୟୁ ପ୍ରବାହ ସଙ୍ଗେ ସଙ୍ଗେ ଏହା ଦାଉ ଦାଉ ହୋଇ ଜଳିଉଠେ । ସେହିଭଳି ହେ ବୀରାଗ୍ରଗଣ୍ୟ ! ବଳ, ଦର୍ପ, କାମ, କ୍ରୋଧ ଏକତ୍ର ହେଲେ ସ୍ୱେଚ୍ଛାଚାରୀ ଲୋକ ହିଂସାରେ ପ୍ରବୃତ୍ତ ହୋଇଥାଏ । ହେ ଧନୁର୍ଦ୍ଧର ! ଜାରଣ, ମାରଣ ଆଦି ବ୍ୟଭିଚାର କର୍ମରେ ପ୍ରଥମେ ସେ ନିଜ ରକ୍ତ ଖଟାଏ । ସେଥିରେ ଦେହର କଷ୍ଟ ହୁଏ, ଦେହସ୍ଥିତ ଆତ୍ମା ଅର୍ଥାତ୍ ମତେ (ଶ୍ରୀକୃଷ୍ଣ) ସେସବୁ ସହ୍ୟ କରିବାକୁ ପଡ଼େ । ଚୈତନ୍ୟସ୍ୱରୂପ ମତେ ହିଁ ଏହା କଷ୍ଟ ଦେଇଥାଏ । କାରଣ ସେ ଜାରଣ ମାରଣଦ୍ୱାରା ଯେଉଁସବୁ ଜୀବକୁ କଷ୍ଟ ଦିଏ, ସେମାନଙ୍କ ଭିତରେ ମୁଁ ଚୈତନ୍ୟସ୍ୱରୂପରେ ରହିଥାଏ । ଯେଉଁଲୋକ ଦୈବାତ୍ ତା ବ୍ୟଭିଚାର ଜାଲରୁ ନିସ୍ତାର ପାଏ, ସେ ତାର ପିଛା ଲାଗିଥାଏ । ତାକୁ ନାନା ଭାବରେ ସେ ନିନ୍ଦାରୂପକ ଟେକାପଥର ଫିଙ୍ଗିଥାଏ । ନିଜେ ନିନ୍ଦାକରି ନପାରିଲେ, ଅନ୍ୟକୁ ଲଗେଇ ତାର ନିନ୍ଦା କରାଏ । ସତୀ, ପତିବ୍ରତା ନାରୀ, ସାଧୁ, ଦାତା, ଯାଜ୍ଞିକ, ତପସ୍ୱୀ, ସନ୍ନ୍ୟାସୀ, ମହାତ୍ମା ଓ ଭକ୍ତମାନେ ହେଉଛନ୍ତି ମୋର ପରମପ୍ରିୟ । ଏମାନେ ଶ୍ରୌତ, ସ୍ମାର୍ତ୍ତ ଆଦି କ୍ରିୟାନୁଷ୍ଠାନଦ୍ୱାରା ପବିତ୍ର । ଆସୁରୀପ୍ରକୃତିର ଲୋକେ ଏହି ସଜ୍ଜନଙ୍କ ପ୍ରତି ମଧ୍ୟ ଦ୍ୱେଷରୂପକ ତୀବ୍ର ବାଣ ନିକ୍ଷେପ କରିଥାଆନ୍ତି ।

ତାନହଂ ଦ୍ୱିଷତଃ କ୍ରୂରାନ୍‌ସଂସାରେଷୁ ନରାଧମାନ୍ ।
କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ॥୧୯॥

ହେ ଅର୍ଜୁନ ! ଏତେ କଥା ଶୁଣିବା ପରେ ତୁମେ ଭାବିବା ସ୍ୱାଭାବିକ ଯେ ଯେଉଁ ଲୋକ ମୋର ଦ୍ରୋହୀ, ମୁଁ (ଭଗବାନ) ତାକୁ ତ ନିଶ୍ଚୟ ଶିକ୍ଷାଦେବା ଉଦ୍ଦେଶ୍ୟରେ ଶାସ୍ତି ଦେଉଥିବି । ସେମାନଙ୍କୁ ମୁଁ କି ପ୍ରକାରର ଶାସ୍ତି ଦିଏ, କହୁଛି ଶୁଣ । ସେମାନେ ମନୁଷ୍ୟ ଶରୀରରେ ଜନ୍ମଗ୍ରହଣ କରି ନିଜ କର୍ତ୍ତବ୍ୟ ପ୍ରତି

ଉଦାସୀନ ରହିବା ଫଳରେ ନିଜର ମନୁଷ୍ୟତ୍ୱ ହରାଇ ବସନ୍ତି । ମୁଁ ସେମାନଙ୍କୁ କ୍ଲେଶରୂପୀ ସଂସାରରେ ବୁଲେଇ ପୁଣି ସେହି ସଂସାର-ସମୁଦ୍ର ଭିତରେ ନୀଚ ଓ ତମୋଯୋନିରେ ଜନ୍ମ ଦେଇଥାଏ । ସେମାନେ ସବୁବେଳେ ଅଭାବଗ୍ରସ୍ତ ରହନ୍ତି । ମୁଠିଏ ଖାଇବା, ପିନ୍ଧିବା, ମୁଣ୍ଡଗୁଞ୍ଜି ରହିବାପାଇଁ ସେମାନଙ୍କୁ କଠୋର ସଂଗ୍ରାମ କରିବାକୁ ପଡ଼ିଥାଏ । ସେମାନେ କ୍ଷୁଧାରେ ବାରଦାଣ୍ଡ ଶୁଣ୍ଠୀପିଣ୍ଡା ହୁଅନ୍ତି । ବିଭିନ୍ନ କୀଟପତଙ୍ଗ, ହିଂସ୍ର ପଶୁ ପକ୍ଷୀଙ୍କ ଯୋନିରେ ମଧ୍ୟ ସେମାନଙ୍କୁ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । କ୍ଷୁଧାରେ ଜର୍ଜର ହୋଇ ସେମାନେ ନିଜ ଦେହର ମାଂସ ସୁଦ୍ଧା ଖାଇବାକୁ ବାଧ୍ୟ ହୋଇଥାଆନ୍ତି । ସଂସାରରେ ସେମାନଙ୍କୁ ବାରମ୍ବାର ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ଜନ୍ମ, ମୃତ୍ୟୁ ଚକ୍ରରେ ଘାଣ୍ଟି ହୋଇଥାଆନ୍ତି । କେତେବେଳେ କେତେବେଳେ ସେମାନଙ୍କୁ ସର୍ପଯୋନିରେ ମଧ୍ୟ ଜନ୍ମହେବାକୁ ପଡ଼ିଥାଏ ଏବଂ ଗର୍ତ୍ତରେ ରହି ନିଜ ବିଷଜ୍ୱାଳାରେ ନିଜେ ଜଳିପୋଡ଼ି ମରିଥାଆନ୍ତି । ଦୁର୍ଜନଲୋକେ ମୁହୂର୍ତ୍ତେସୁଦ୍ଧା ଶାନ୍ତିରେ କାଳାତିପାତ କରିପାରନ୍ତି ନାହିଁ । ଏହି ଯନ୍ତ୍ରଣା ମଧ୍ୟରେ ମୁଁ ସେମାନଙ୍କୁ କୋଟିକଳ୍ପ ଧରି ରଖିଦିଏ । ପରେ ଆହୁରି ଅଧିକ ଦୁଃଖମୟ ସ୍ଥାନକୁ ସେମାନଙ୍କର ଗତି ହୁଏ । ସେମାନେ ଯେତିକି ଖରାପ କାମ କରନ୍ତି, ସେମାନଙ୍କର ଦୁଃଖ ସେତିକି ଅଧିକରୁ ଅଧିକ ବଢ଼ି ବଢ଼ି ଚାଲେ । ନାନା ବିପଦରେ ପଡ଼ନ୍ତି ସେମାନେ ।

ଆସୁରୀଂ ଯୋନିମାପନ୍ନା ମୂଢ଼ା ଜନ୍ମନି ଜନ୍ମନି ।
ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ॥୨୦॥

ଆସୁରୀସମ୍ପଦ ଯୋଗୁଁ ହିଁ ସେମାନେ ଅଶେଷ ଦୁଃଖ ଭୋଗ କରିଥାଆନ୍ତି । ତେଣୁ ଏହାକୁ ସମ୍ପଦ କୁହାଯିବା ଉଚିତ ନୁହଁ, କାରଣ ଏହା ଯୋଗୁଁ ମନୁଷ୍ୟର ଅଧୋଗତି ହୋଇଯାଏ । ବ୍ୟାଘ୍ରହୋଇ ଜନ୍ମ ହେଲେ କ'ଣ ହେଲା, ତା ମନରେ ମଧ୍ୟ ସାମାନ୍ୟ ଶାନ୍ତି ରହିବା ଉଚିତ । କିନ୍ତୁ ମୁଁ ସେ ଶାନ୍ତିଟିକକ ମଧ୍ୟ ତାଠାରୁ ହରଣ କରିନେଇଯାଏ । ତା'ପରେ ତାର ସମଗ୍ର ଜୀବନ ହୋଇଉଠେ

ଅନ୍ଧକାରମୟ । ଅନ୍ଧକାର ଦେହରେ କାଳି ଲାଗିଲେ ସେ ଯେପରି ଭୟଙ୍କର ହୋଇଉଠେ, ଆସୁରୀ ପ୍ରକୃତି ଲୋକର ଅବସ୍ଥା ମଧ୍ୟ ଅନୁରୂପ ହୋଇଥାଏ । ସେ ଏପରି ଘୃଣିତ ହୋଇପଡ଼େ ଯେ, ପାପ ମଧ୍ୟ ତାକୁ ଘୃଣା କରେ । ନରକ ମଧ୍ୟ କହେ ମୁଁ ତା ଲାଗି ଯଥେଷ୍ଟ ନୁହଁ । ସ୍ୱୟଂ କଷ୍ଟ ତାର କଷ୍ଟକୁ ଦେଖି ମୂର୍ଚ୍ଛିତ ହୋଇପଡ଼େ । ମଳ ମଧ୍ୟ ତାର ସ୍ପର୍ଶରେ ମଳିନ ହୋଇପଡ଼େ । ଉତ୍ତାପ ତାର ଉତ୍ତାପରେ ତପ୍ତ ହୋଇପଡ଼େ । ମହାଭୟ ମଧ୍ୟ ତାକୁ ଦେଖିବା ମାତ୍ରେ ଥର ଥର ହୋଇ କମ୍ପିଉଠେ । ଅମଙ୍ଗଳ କହେ ଇଏତ ମୋଠାରୁ ଅଧିକ ଅମଙ୍ଗଳ । ଅସ୍ପୃଶ୍ୟତା କହେ ମୁଁ ତାକୁ ଛୁଇଁବାମାତ୍ରେ ଅସ୍ପୃଶ୍ୟ ହୋଇପଡ଼ିବି । ହେ ଅର୍ଜୁନ ! ଆସୁରୀପ୍ରକୃତିର ଲୋକ ଏହିଭଳି ଭାବରେ ଅଧମରୁ ଅଧମ ହୋଇ ବିଭିନ୍ନ ତାମସଯୋନିରେ ଜନ୍ମଗ୍ରହଣ କରେ ଏବଂ ପରିଶେଷରେ ସେ ନିଜେ 'ତମ' ହୋଇପଡ଼େ । ସେ ଏପରି ଘୃଣ୍ୟ ଯେ, ତାର ଦୁର୍ଗୁଣ ବର୍ଣ୍ଣନା କରିବାକୁ କହିବାମାତ୍ରେ ବାଣୀ କେବଳ ସେ ଅନିଚ୍ଛା ପ୍ରକାଶ କରେ ତା ନୁହଁ, ମତେ ଏହି ଦାୟିତ୍ୱ କାହିଁକି ଦିଆଗଲା ବୋଲି ଭାଳି ଭାଳି କାନ୍ଦିଉଠେ । ଏପରି ଲୋକର ରୂପ କିମ୍ବା ନାମକୁ ଭାବିବାମାତ୍ରେ ମନ ସଙ୍କୁଚିତ ହୋଇପଡ଼େ । ହାୟ, ସେ କେତେ ଯେ ପାପ ସଞ୍ଚୟ କରିଚାଲେ, ନିଜେ ବୁଝିପାରେନା । ଆସୁରୀ ସମ୍ପଦ ସଂଗ୍ରହ କରି କରି ଅଧୋଗତି ବ୍ୟତୀତ ତାର ଅନ୍ୟ କୌଣସି ଲାଭ ହୁଏନାହିଁ ।

ହେ ଅର୍ଜୁନ ! ଆସୁରୀପ୍ରକୃତିର ଲୋକେ ଯେଉଁ ପଥରେ ଯାତାୟାତ କରିଥାଆନ୍ତି, ସେ ପଥରେ ପାଦସୁଦ୍ଧା ପକାଇବା ଅନୁଚିତ । ଦମ୍ଭ, କ୍ରୋଧ ଓ ଲୋଭଆଦି ଦୋଷ ଯାହାଠାରେ ଦେଖିବ, ତା ପାଖ ସୁଦ୍ଧା ମାଡ଼ିବା ଅନୁଚିତ । ତାଠାରୁ ଯେତେଦୂରରେ ରହିବ ସେତିକି ଭଲ ।

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥୨୧॥

କାମ, କ୍ରୋଧ ଓ ଲୋଭ ବୃଦ୍ଧି ସଙ୍ଗେ ସଙ୍ଗେ ଅଶୁଭ ହିଁ ଜନ୍ମଗ୍ରହଣ କରେ । ଦୁଃଖ ଏମାନଙ୍କଲାଗି ଏଭଳି ତିନୋଟି ମାର୍ଗ ପ୍ରସ୍ତୁତ କରିରଖିଚି ଯେ,

ଯେଉଁ ବାଟରେଗଲେ ମଧ୍ୟ ମନୁଷ୍ୟ ସେହି ଦୁଃଖ ବ୍ୟତୀତ ଅନ୍ୟ କିଛି ଦର୍ଶନ କରିପାରିବ ନାହିଁ । ପାପୀମାନଙ୍କୁ ନରକ ଯନ୍ତ୍ରଣା ଭୋଗଲାଗି ସଂସାରରେ ଏମାନେ ମିଶି (କାମ, କ୍ରୋଧ, ଲୋଭ ପ୍ରଭୃତି) ଏକ ସମବାୟ ସଂସ୍ଥା ଗଠନ କରିଛନ୍ତି । ଏହି ତିନୋଟିର ମିଳନରେ ନରକଗ୍ରନ୍ଥର ବର୍ଣ୍ଣନା ଚାଲେ । ସଂସାରରେ ଯେତେ ବିପଦ ଅଛି, ଏହି ସମବାୟ ପ୍ରତିଷ୍ଠାନ ଦ୍ୱାରା କିଣାହୋଇ ଆସେ । ଏମାନଙ୍କ ଗୁଣ ଯୋଗୁଁ ଯାତନାର କ୍ଷୁଧା ବଢ଼େ, ସେ ଅଶାନ୍ତି ଭୋଗ କରେ । ଏମାନଙ୍କ ପାଖକୁ ଯେତେ ଅନିଷ୍ଟ ଆସେ, ଆଉ କାହାପାଖକୁ ଆସେନା । ଆସୁରୀପ୍ରକୃତିର ଲୋକ କାମ, କ୍ରୋଧ ଓ ଲୋଭର ସେବା ଶୁଶ୍ରୁଷା କରି ନରକଗାମୀ ହୁଏ । ହେ କିରୀଟି ! ସର୍ବାପେକ୍ଷା ନିକୃଷ୍ଟ ଏହି ଏହି କାମଆଦି ତିନୋଟି ଦୁର୍ଗୁଣକୁ ପରିତ୍ୟାଗ କରିବା ଉଚିତ ।

ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରୀଭିର୍ନରଃ ।
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ॥୨୨॥

ଏହିସବୁ ଦୁର୍ଗୁଣ ବା ଦୋଷରୁ ମୁକ୍ତ ହେଲେ ଯାଇ ମନୁଷ୍ୟ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରୋଟିରୁ ଯେ କୌଣସି ଗୋଟିଏ ଲାଭ ଲାଗି ଯୋଗ୍ୟ ହୋଇଥାଏ । କାମ, କ୍ରୋଧ ଓ ଲୋଭ ଏହି ତିନୋଟି ଦୋଷ ଯେଉଁ ମନୁଷ୍ୟ ହୃଦୟରେ ଥାଏ, ମୁଁ ତାର କଲ୍ୟାଣର ସମ୍ବାଦ ସୁଦ୍ଧା ଶୁଣିବାକୁ ଚାହେଁନା । ଯାହାର ଆତ୍ମପ୍ରୀତି ରହିଛି, ଅର୍ଥାତ୍ ଯିଏ ଆତ୍ମାକୁ ଭଲ ପାଏ, ଆତ୍ମବିନାଶକୁ ଭୟ କରେ, ସେ ଆସୁରୀପ୍ରକୃତିର ଲୋକ ଗମନାଗମନ କରୁଥିବା ପଥରୁ ଦୂରରେ ରହିବା ଉଚିତ । ଛାତିରେ ପଥର ବାନ୍ଧି କେବଳ ବାହୁବଳରେ କେହି ସମୁଦ୍ର ଅତିକ୍ରମ କରି ନ ପାରେ । ବଞ୍ଚିବାଲାଗି ବିଷପାନ କଲେ ଫଳ ବିପରୀତ ହୋଇଥାଏ । ତେଣୁ କାମ, କ୍ରୋଧ, ଲୋଭ– ଏହି ତିନିଗୁଣଠାରୁ ସମ୍ପର୍କ ଛିନ୍ନ କଲେ ଯାଇ ପରମସୁଖ ଓ ଶାନ୍ତି ମିଳେ । ଏହି ତ୍ରିଦୋଷ ଦୂର ହେଲେ ପରନିନ୍ଦା, ଚୋରି ଓ ଲମ୍ପଟତା ଦୋଷରୁ ମନୁଷ୍ୟ ମୁକ୍ତ ହୁଏ । ଅନ୍ତରରେ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ, ଏହି ତ୍ରିବିଧ ସନ୍ତାପ ଶାନ୍ତରୂପ ଧାରଣ କରେ ।

ଅର୍ଥାତ୍ ଏହି ସନ୍ତାପରୁ ମଧ୍ୟ ମନୁଷ୍ୟ ମୁକ୍ତ ହୋଇ ସୁଖୀ ହୋଇଥାଏ ଏବଂ ମୋକ୍ଷମାର୍ଗରେ ଯିବାପାଇଁ ସାଧୁସଙ୍ଗ ଲାଭ କରିଥାଏ । ସତ୍‌ସଙ୍ଗର ପ୍ରଭାବରେ ଏବଂ ଶୁଦ୍ଧଶାସ୍ତ୍ର ଅଧ୍ୟୟନ ଫଳରେ ମନୁଷ୍ୟ ଜନ୍ମ ମୃତ୍ୟୁର ଘୋର ଅରଣ୍ୟ ଅତିକ୍ରମ କରିପାରେ । ଶ୍ରୀଗୁରୁଙ୍କ କୃପାରୁ ଏପରି ଏକ ସ୍ଥାନ ଲାଭ ହୁଏ, ଯେଉଁଠି ପରିପୂର୍ଣ୍ଣ ଆତ୍ମାନନ୍ଦ ବିରାଜମାନ । ସେଠାରେ ପରମପବିତ୍ର ସ୍ଥାନରେ ଅବସ୍ଥାନ କରୁଥିବା ପରମପିତା ପରମାତ୍ମା ସହିତ ମିଳନ ଘଟେ ଏବଂ ପରମପିତାଙ୍କ ସ୍ପର୍ଶରେ ହୃଦୟର ସମସ୍ତ କୋଳାହଳ ଶାନ୍ତ ହୋଇଆସେ । କାମ, କ୍ରୋଧ ଓ ଲୋଭକୁ ତ୍ୟାଗ କରି ଦୂରରେ ପୃଥକ୍ ଭାବରେ ରହିଲେ ଉପ୍‌ରୋକ୍ତ ପ୍ରଶାନ୍ତି ଅନୁଭବ ହୋଇଥାଏ ।

ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ ।
ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂଗତିମ୍ ॥୨୩॥

କାମ, କ୍ରୋଧ, ଲୋଭକୋଳରେ ମୁଣ୍ଡ ରଖି ଯିଏ ଶୟନସୁଖ ଅନୁଭବ କରିଥାଏ, ଯିଏ ହିତାହିତ-ପ୍ରଦର୍ଶକ ଶ୍ରେଷ୍ଠପ୍ରଦୀପ ବେଦର ଅବମାନନା କରେ, ବିଧିବିଧାନର ସୀମା ଲଙ୍ଘନ କରେ, ଆତ୍ମପ୍ରାପ୍ତି ଲାଗି ଯତ୍ନବାନ ହୁଏ, ଇନ୍ଦ୍ରିୟ ବାସନା ବୃଦ୍ଧି କରେ, କାମ କ୍ରୋଧ ଲୋଭର ପିଛା ଛାଡ଼େନା, ସ୍ୱେଚ୍ଛାଚାରୀ ହୁଏ, ମୁକ୍ତିନଦୀର ଅମୃତ ପାନ କରିବା ତା ଭାଗ୍ୟରେ କେବେହେଲେ ଘଟେନାହିଁ । ଏଭଳି ସୁଖ ତା ନିକଟରେ ସ୍ୱପ୍ନରେ ସୁଦ୍ଧା ଦୁର୍ଲଭ । ପରଲୋକରେ ତ ତା ପାଇଁ ସୁଖ ନାହିଁ, ଐହିକ ଭୋଗରେ ମଧ୍ୟ ସେ ଶାନ୍ତି ପାଏନା । ମାଛ ଲୋଭରେ ବ୍ରାହ୍ମଣ କେଉଟ ସାଙ୍ଗରେ ସଙ୍ଗାତ ବସିଲେ କେଉଟ ଦ୍ୱାରା ମଧ୍ୟ ସେ ନାସ୍ତିକ ବୋଲି ନିନ୍ଦିତ ହୋଇଥାଏ । ବିଷୟଭୋଗ ଲୋଭରେ ପରଲୋକ ସୁଖକୁ ମଧ୍ୟ ଯିଏ ନଷ୍ଟ କରେ, ମୃତ୍ୟୁ ତାକୁ ସିଧାସଳଖ ନରକକୁ ଠେଲିଦିଏ । ଫଳରେ ସେ ସ୍ୱର୍ଗ, ପାରଲୌକିକ ଓ ଐହିକ ଭୋଗରୁ ବଞ୍ଚିତ ହୁଏ । ମୋକ୍ଷ ତାଲାଗି ବହୁ ଦୂରରେ । କାମର ଅଧୀନ ହୋଇ ଜବରଦସ୍ତି ବିଷୟଭୋଗରେ ଲିପ୍ତ ହେଲେ, ବିଷୟ ଓ ସ୍ୱର୍ଗ ଉଭୟ କୁଳ ନଷ୍ଟ ହୁଏ । ଉଦ୍ଧାର ଲାଗି ଆଉ ଉପାୟ ରହେନା ।

ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ॥୨୪॥

ବତ୍ସ ଅର୍ଜ୍ଜୁନ ! ବେଦୋକ୍ତ ନିର୍ଦ୍ଦେଶ ହେଉଚି ମଙ୍ଗଳକାରକ । ଏହାର ନିନ୍ଦା କର ନାହିଁ । ପତିଙ୍କ ସମ୍ମତି ଅନୁସାରେ ଜୀବନଯାପନ କରି ପତିବ୍ରତା ନାରୀ ସୁକଲ୍ୟାଣୀ ହୋଇଥାଏ । ଶିଷ୍ୟ ଶ୍ରୀଗୁରୁଙ୍କ କଥା ଅନୁସାରେ ଯତ୍ନବାନ୍ ହୋଇ କାର୍ଯ୍ୟ କରିଥାଏ ଏବଂ ତଦ୍ୱାରା ଆତ୍ମାନନ୍ଦ ଲାଭ କରିଥାଏ । ହାତରେ ଦୀପ ନେଇ ସୁରକ୍ଷିତ ଗୁପ୍ତଧନର ସନ୍ଧାନ କରାଯାଇଥାଏ । ସେହିଭଳି ହେ ପାର୍ଥ ! ପୁରୁଷାର୍ଥ ପ୍ରାପ୍ତି ଲାଗି ଶ୍ରୁତି (ବେଦ) ସ୍ମୃତିକୁ ଶିରୋଧାର୍ଯ୍ୟ କରି ଅଗ୍ରସର ହେବା ଉଚିତ । ଶାସ୍ତ୍ର ଯାହା ଯାହା ତ୍ୟାଗ କରିବାକୁ କହିଛି, ସାମ୍ରାଜ୍ୟସମ୍ପଦ ଲାଭ ହୋଇଥିଲେ ମଧ୍ୟ ତାକୁ ତୁଚ୍ଛ ମନେକରି ତ୍ୟାଗ କରିବା ଉଚିତ । ଶାସ୍ତ୍ର ଯଦି ବିଷପାଦ କରିବାକୁ କହେ, ତାକୁ ମଧ୍ୟ ନିର୍ବିଚାରରେ ଗ୍ରହଣ କରିବା ଉଚିତ । ''ଶାସ୍ତ୍ର-ଆଜ୍ଞାର ବିରୋଧୀ ହେବି ନାହିଁ'' ମନରେ ବେଦପ୍ରତି ଏଭଳି ନିଷ୍ଠା ରହିଲେ, କୌଣସି ଅନିଷ୍ଟର ଆଶଙ୍କା ନାହିଁ । କାରଣ ବେଦ ହେଉଛି ତୁମର ରକ୍ଷାକବଚ । ଅମଙ୍ଗଳ ପଥରୁ ହଟେଇ ଆଣି ତୁମକୁ ହିତୋପଦେଶ ଦେବାରେ ବେଦମାତା ହେଉଛି ଅଦ୍ୱିତୀୟା । ତେଣୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଅର୍ଥାତ୍ ଆଜୀବନ ଶ୍ରୁତି ବା ବେଦକୁ ତ୍ୟାଗ କରିବା ଅନୁଚିତ ।

ହେ ଅର୍ଜ୍ଜୁନ ! ତୁମେ ବେଦମାତାର ସେବା ଆନ୍ତରିକ ଭାବରେ କର । ବର୍ତ୍ତମାନ ତୁମେ ଧର୍ମଭାବରେ ବଳୀୟାନ୍ । ଶାସ୍ତ୍ରର ତାତ୍ପର୍ଯ୍ୟକୁ ସାର୍ଥକ କରିବାଲାଗି ହିଁ ତୁମର ଜନ୍ମ । ତୁମେ ହେଉଚ ଧର୍ମପୁତ୍ରଙ୍କ ଭ୍ରାତା । ତେଣୁ ମୁଁ ଜାଣେ, ତୁମେ ବେଦବାକ୍ୟକୁ ଅବଜ୍ଞା କରିପାରିବ ନାହିଁ । କର୍ତ୍ତବ୍ୟାକର୍ତ୍ତବ୍ୟର ବିଚାର ଶାସ୍ତ୍ରଦ୍ୱାରା ହିଁ ହୋଇଥାଏ । ଶାସ୍ତ୍ରୋକ୍ତ ଅନୁଶାସନ ପାଳନରେ ଅକର୍ତ୍ତବ୍ୟ ଦୂରୀଭୂତ ହେବ । ନିର୍ଦ୍ଧାରିତ କର୍ତ୍ତବ୍ୟ ପାଳନ ଲାଗି ଦେହକୁ ଆୟୁଧ ଭାବରେ ଗ୍ରହଣ କରିବା ଉଚିତ । ହେ ସୁବୁଦ୍ଧି ! ପୃଥିବୀରେ ତୁମେ ହେଉଛ ଆଦର୍ଶ ପୁରୁଷ । ଲୋକଙ୍କୁ ଏକଜୁଟ କରିବାରେ ତୁମେ ହିଁ ସମର୍ଥ ।

ଶ୍ରୀକୃଷ୍ଣ ଏହିଭଳି ଭାବରେ ବୁଝେଇ ବୁଝେଇ ଆସୁରୀପ୍ରକୃତିକୁ ପରିହାର କରି ମନୁଷ୍ୟ କିପରି ସତ୍‌ମାର୍ଗରେ ଚଳିପାରିବ, ତାର ପନ୍ଥା ନିର୍ଦ୍ଧାରଣ କଲେ ।

ଅର୍ଜୁନ ଏହାପରେ ତାଙ୍କ ମନୋଭାବ ଯେପରି ଭାବରେ ପ୍ରକାଶ କରିବେ, ତାହା ଆପଣମାନେ (ଶ୍ରୋତାଗଣ) ମନଦେଇ ଶୁଣନ୍ତୁ ।

ଶ୍ରୀ ବ୍ୟାସଦେବଙ୍କ ଆଜ୍ଞାରେ ଶ୍ରୀ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଏହି ପ୍ରସଙ୍ଗ ଯେପରି ଭାବରେ ଶୁଣାଇଥିଲେ, ମୁଁ ଶ୍ରୀ ନିବୃତ୍ତିନାଥଙ୍କ କୃପାରୁ ସେହିକଥା ଆପଣମାନଙ୍କୁ ଠିକ୍ ଭାବରେ ଶୁଣାଉଛି । ଆପଣମାନେ ହେଉଛନ୍ତି ସାଧୁସନ୍ତ । ତେଣୁ ଆପଣମାନେ ଯଦି ମୋ ପ୍ରତି କୃପାକଟାକ୍ଷ ବର୍ଷଣ କରିବେ, ମୁଁ ମଧ୍ୟ ଆପଣମାନଙ୍କ ଭଳି ଯୋଗ୍ୟ ଆସନ ପାଇପାରିବି । ମୋର ଆଉ କୌଣସି ନିବେଦନ ନାହିଁ, କେବଳ ଏତିକିମାତ୍ର ନିବେଦନ, ଆପଣମାନେ ଅବଧାନପୂର୍ବକ ମୋ କଥା ଶୁଣନ୍ତୁ । ଆପଣମାନଙ୍କ ଅବଧାନପ୍ରସାଦ ଲାଭ କଲେ ମୁଁ କୃତାର୍ଥ ହେବି ।

ଇତି ଶ୍ରୀ ନିବୃତ୍ତିଦାସ ଜ୍ଞାନଦେବକୃତ ଭାବାର୍ଥଦୀପିକାୟାଂ
ଷୋଡ଼ଶୋଽଧ୍ୟାୟ ।

●

ଶ୍ରଦ୍ଧାତ୍ରୟବିଭାଗ ଯୋଗ

ସପ୍ତଦଶ ଅଧ୍ୟାୟ

ଯାହାର ଯୋଗ-ସମାଧି ଦ୍ୱାରା ନାମରୂପବିଶିଷ୍ଟ ବିଶ୍ୱର ବନ୍ଧନ ତୁଟିଯାଏ ଏବଂ ସଂସାରରୁ ଛୁଟି ମିଳିଯାଏ, ସେ ହେଉଛନ୍ତି ଆପଣ ଗୁରୁରାଜରୂପୀ ଶ୍ରୀଗଣେଶ । ମୁଁ ଆପଣଙ୍କୁ ପ୍ରଣିପାତ କରୁଛି । ତ୍ରିପୁରାସୁର ମହାଦେବ ତଥା ଶଙ୍କରଙ୍କୁ ଦୁର୍ଗରେ ବନ୍ଦୀ କରି ରଖିଥିବାବେଳେ ରାମନାମ ସ୍ମରଣରେ ସେ ବନ୍ଧନରୁ ମୁକ୍ତ ହୋଇଥିଲେ । ସେହିଭଳି ତ୍ରିଗୁଣ ଜାଲରେ ପଡ଼ି ଜୀବଦ୍ଦଶାରୂପକ ବନ୍ଧନରେ ବନ୍ଧା ହୋଇଥିବା ଆତ୍ମା ଆପଣଙ୍କ ସ୍ମରଣରେ ମୁକ୍ତ ହୋଇପାରେ । ଶଙ୍କରଙ୍କ ସହିତ ଆପଣଙ୍କୁ ତୁଳନା କରାଗଲେ ଯାଇ ଆପଣଙ୍କ ଗୁରୁତ୍ୱ ଉପଲବ୍ଧି କରାଯାଇପାରିବ । ସୋଲଭେଳାରେ ମନୁଷ୍ୟ ବେଶ୍ ସୁରୁଖୁରୁରେ ନଦୀ ପାର ହୋଇପାରେ । କାରଣ ସୋଲ ହେଉଛି ଉଶ୍ୱାସିଆ । ଆପଣ ହେଉଛନ୍ତି ଶ୍ରୀଗୁରୁ । ଆପଣଙ୍କ ଲଘୁତା ଅସୀମ । ତେଣୁ ମାୟାନଦୀ ପାରିହେବା ଲାଗି ଆପଣ ହିଁ ଏକମାତ୍ର ଭେଳା । ଅଜ୍ଞମାନଙ୍କ ପକ୍ଷରେ ଆପଣ ବକ୍ରତୁଣ୍ଡ, ଜ୍ଞାନୀ ନିକଟରେ ଅତି ସରଳ । ଆପଣଙ୍କର ସେହି ଛୋଟ ଛୋଟ ଆଖି ଦୁଇଟିର ଦୃଷ୍ଟିରେ ଏହି ସଂସାରର ସୃଷ୍ଟି । ଆଖି ଦୁଇଟି ବୁଜିଦେବା ମାତ୍ରେ ପ୍ରଳୟ । ଆପଣ ନିଜର ପ୍ରବୃତ୍ତିରୂପକ ଗୋଟିଏ କାନ ହଲେଇ ଦେବାମାତ୍ରେ ସେଥିରୁ ଯେଉଁ ସୁବାସିତ ମଳୟ ସୃଷ୍ଟି ହେଉଛି, ସେଥିରେ ଆକୃଷ୍ଟ ହୋଇ ଜୀବରୂପକ କଳାଭ୍ରମର ଆସି ଗଣ୍ଡସ୍ଥଳରେ ବସୁଛି । ସେତେବେଳେ ମନେହେଉଛି କିଏ ଯେପରି ନୀଳକମଳରେ ଆପଣଙ୍କୁ ପୂଜା କରୁଛି । ନିବୃତ୍ତିରୂପକ ଅନ୍ୟ କାନଟି ହଲେଇଦେବା ମାତ୍ରେ ମନେହୁଏ ପୂଜା ଶେଷ ହୋଇଗଲା । ସେତେବେଳେ ଜୀବ-ଭ୍ରମର ଉଡ଼ି ପଳାଉଛି । ସେତେବେଳେ ଶୋଭା ପାଉଛି ଆପଣଙ୍କର

ସୁନ୍ଦର ଲାବଣ୍ୟମୟ ଆତ୍ମସ୍ୱରୂପ । ମାୟାସ୍ୱରୂପିଣୀ ଲଳନାର ନୃତ୍ୟକ୍ରୀଡ଼ା ହେଉଛି ଏହି ଜଗଦାଭାସ । ନୃତ୍ୟକଳାର ନୈପୁଣ୍ୟରେ ସେ ଆପଣଙ୍କର ନୈପୁଣ୍ୟର ହିଁ ପରିଚୟ ଦିଏ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯିଏ ଆପଣଙ୍କର ବନ୍ଧୁତ୍ୱ ଲାଭ କରେ, ସେ ବନ୍ଧୁଠାରୁ ଯେଉଁ ବ୍ୟବହାର ପାଇବା କଥା, ସେଥିରୁ ବଞ୍ଚିତ ହୋଇପଡ଼େ । ସେ ବନ୍ଧନମୁକ୍ତ ଦଶାରେ ଆପଣଙ୍କର ଜଗତବନ୍ଧୁ ଭାବରେ ବିଭୋଳ ହୋଇପଡ଼େ ଏବଂ ନିଜ ଭିତରେ ହିଁ ଆନନ୍ଦରେ ଡୁବି ରହେ । ହେ ଦେବରାଜ ! ତାକୁ ଏଭଳି ଜ୍ଞାନ ଦେଇଥାଅ ଯେ, ଯେଉଁ ଦେହଟି ତାର ଦ୍ୱୈତଜ୍ଞାନର ସହାୟକ, ସେ ଦେହଜ୍ଞାନ ମଧ୍ୟ ଲୋପ ପାଇଯାଏ । ଦେହଠାରୁ ପୃଥକ୍ ଭାବରେ ସେ ନାନା ସାଧନା କରେ । ଏହି ସାଧନାବେଳେ ଆପଣ ତା ପଛରେ ଲୁଚି ରହିଥାଆନ୍ତି, ଧ୍ୟାନରେ ସେ ଆପଣଙ୍କୁ ତା ମନ ଭିତରେ ଧରି ରଖିବା ପାଇଁ ଚେଷ୍ଟା କରିବାମାତ୍ରେ ଆପଣ ତା ପାଖ ଛାଡ଼ି ପଳାଇ ଯାଇଥାଆନ୍ତି । ଯିଏ ଧ୍ୟାନକୁ ସୁଦ୍ଧା ଭୁଲିଯାଏ ଅର୍ଥାତ୍ 'ମୁଁ ଧ୍ୟାନ କରୁଛି' ବୋଲି ମନରେ ଯାହାର ଧାରଣା ସୁଦ୍ଧା ନ ଥାଏ, ଅଥଚ ସେ ଧ୍ୟାନରତ, ଆପଣ ସେହିଭଳି ଲୋକକୁ ହିଁ ଭଲ ପାଇଥାଆନ୍ତି । 'ମୁଁ ସିଦ୍ଧପୁରୁଷ', 'ମୁଁ ସର୍ବଜ୍ଞ' ଏ ଅଭିମାନ ଯାହାର ରହିଛି, ସେ ଆପଣଙ୍କୁ ଜାଣି ପାରେନା । ବେଦର ବାଣୀ ମଧ୍ୟ ସେତେଦୂର ପହଞ୍ଚି ପାରେନା । ତେଣୁ ଆପଣଙ୍କ ଜନ୍ମ ରାଶିର ନାମ 'ମୌନ' ।

ହେ ଗୁରୁରାଜ ଗଜାନନ ! ଆପଣଙ୍କର କ'ଣ ବା ସ୍ତୁତି କରିବି ? ସ୍ତୁତି କରିବାକୁ କିଏବା ସାହସ କରିବ ? ଦୃଶ୍ୟ ଜଗତ ମାତ୍ରେ ତ ମାୟା ! ତେଣୁ ଆପଣଙ୍କ ଭଜନ ପାଇଁ ସାଧନା ମୋର କାହିଁ ? ଆପଣ ପ୍ରଭୁ, ମୁଁ ସେବକ । ଏହି ଭେଦଭାବକୁ ମାନିଲେ ତ ଆତ୍ମଦ୍ରୋହ ହୋଇଯିବ । ତେଣୁ ଆପଣଙ୍କ ସମ୍ପର୍କରେ ବରଂ କିଛି ନ କହିବା ଭଲ । ଏହି ଭେଦଭାବକୁ ତ୍ୟାଗ କଲେ ଯାଇ ଆପଣଙ୍କ ଅଦ୍ୱିତୀୟ ସ୍ୱରୂପ ଲାଭ କରିବା ସମ୍ଭବ । ମୁଁ ଏହାହିଁ ବୁଝିଚି । ଲବଣ ଅଭିନ୍ନ ଭାବରେ ଜଳ ଭିତରେ ରହିଥାଏ । ଶୂନ୍ୟ କଳସୀକୁ ସମୁଦ୍ରରେ ଡୁବେଇ ଉପରକୁ ଉଠାଇବା ମାତ୍ରେ ଏହା ଜଳପୂର୍ଣ୍ଣ ହୋଇଆସେ । ଛୋଟ ପ୍ରଦୀପ

ମଧ୍ୟ ଅନ୍ୟ ଆଲୋକ ସହିତ ପ୍ରଜ୍ୱଳିତ ହୋଇ ଆଲୋକ ଦିଏ । ମୁଁ ମଧ୍ୟ ଆପଣଙ୍କ ଭିତରେ ଥାଇ ଆପଣଙ୍କୁ ନମସ୍କାର କରୁଛି ।

ହେ ଗୁରୁରାଜ ନିବୃତ୍ତିନାଥ ! ଆପଣଙ୍କୁ ପ୍ରଣାମ କରିବା ଦ୍ୱାରା ମୁଁ ପୂର୍ଣ୍ଣତା ଲାଭ କରୁଛି ।

ଏଣିକି ଗୀତାର୍ଥ ପ୍ରକାଶ କରୁଛି । ଷୋଡ଼ଶ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ଶ୍ରୀକୃଷ୍ଣ ଏକଥା ସ୍ପଷ୍ଟ ଭାବରେ କହିଛନ୍ତି ଯେ, କ'ଣ କରିବା ଉଚିତ, କ'ଣ ଅନୁଚିତ ଏହାକୁ ସ୍ଥିର କରିବା ଦିଗରେ ଶାସ୍ତ୍ର ହେଉଛି ପ୍ରକୃଷ୍ଟ ପ୍ରମାଣ ।

ଫଳରେ ଅର୍ଜୁନ ମନେ ମନେ ଭାବିଲେ, ଶାସ୍ତ୍ର ବ୍ୟତୀତ ପ୍ରମାଣର ଅନ୍ୟ ଉପାୟ ରଖା ନ ଯିବାର କାରଣ କ'ଣ ? ସର୍ପରାଜ ତକ୍ଷକର ଫଣା ଉପରେ ପାଦରଖି ତା ମସ୍ତକରୁ ମଣି ବାହାର କରି ଆଣିବା କ'ଣ ସହଜ ? ସିଂହ ନାକମୂଳରୁ ନିଶ ଉପାଡ଼ିବା କ'ଣ ସହଜ ? ଖାଲି ସେତିକି କୁହାଯାଉ ନାହିଁ, କୁହାଯାଉଛି ଯେ ସର୍ପରାଜ ମସ୍ତକରୁ ମଣି ଆଣିବ, ସିଂହ ନାକମୂଳରୁ ବାଳ ଆଣିବ ଏବଂ ଏହି ବାଳରେ ସେହି ମଣିକୁ ଗୁନ୍ଥି ଗଳାରେ ଲଗାଇବ । ଯେଉଁ ମନୁଷ୍ୟ ଏହା କରିପାରିବ ନାହିଁ ସେ କ'ଣ ତା ଗଳାକୁ ଫୁଙ୍ଗୁଳା ରଖିବ ? ଶାସ୍ତ୍ରକୁ ହିଁ ପ୍ରମାଣ ଭାବରେ ମାନ ବୋଲି ଯାହା କୁହାଯାଉଛି, ତାହା ତ ଏହି ମଣି ଓ ବାଳ ଆଣିବା ଭଳି ନିର୍ଦ୍ଦେଶନାମା । କାରଣ ଶାସ୍ତ୍ରରେ ଏ କଥା ଅଛି । ଶାସ୍ତ୍ର ତ ଅନନ୍ତ । ତା ଛଡ଼ା ଗୋଟିଏ ଶାସ୍ତ୍ର ଗୋଟିଏ ମତ ଦେବାବେଳେ, ଆଉ ଗୋଟିଏ ଶାସ୍ତ୍ର ତାର ଖଣ୍ଡନ କରିଚାଲିଛି । ଶାସ୍ତ୍ର ହେଇଚି ମତ ଓ ଅମତର ଏକ ଗଣ୍ଡିଳି । ଏହି ଗଣ୍ଡିଳିକୁ ନିଜ ବେଦରେ ବାନ୍ଧିବାକୁ କେହି କ'ଣ ଚାହିଁପାରେ ? ପରସ୍ପରବିରୋଧୀ ଶାସ୍ତ୍ରକୁ ଏକମତ କରାଇବାରେ କିଏ କେବେ ସମର୍ଥ ହୋଇ ପାରିଛି କି ? ଧର ସମାଧାନ ହୋଇ ପାରିଲା, ସଭା ଡକାଯାଇ ବିଭିନ୍ନ ଶାସ୍ତ୍ରବିଦ୍‌ଙ୍କୁ ଏକମତ କରାଯାଇପାରିଲା, ତଥାପି ଯେଉଁ ଏକମତ ପ୍ରକାଶ ପାଇବ, ତାକୁ କାର୍ଯ୍ୟରେ ପରିଣତ କରିବାପାଇଁ ସାମର୍ଥ୍ୟ ଅଛି କାହାର ? ଜୀବନ ମଧ୍ୟ କେତେକାଳ ପାଇଁ ? କଥା କହୁ କହୁ ପ୍ରାଣ ଚାଲିଯାଇ ପାରେ । ତେଣୁ ଜୀବନ ଅସ୍ଥାୟୀ । ଏହି ଅସ୍ଥାୟୀ

ଜୀବଦ୍ଦଶା ମଧ୍ୟରେ ମନୁଷ୍ୟ ଶାସ୍ତ୍ରକୁ ଘାଣ୍ଟିବ କେତେବେଳେ, ଘରସଂସାର ପାଇଁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବ କେତେବେଳେ ? ଦେଶ ଓ କାଳର ଅନୁକୂଳତାର ପ୍ରଶ୍ନ ମଧ୍ୟ ରହିଚି । ଏ ସବୁର ସୁଯୋଗ ସବୁ ମନୁଷ୍ୟ ପାଇବା ସମ୍ଭବ କି ? ତେଣୁ ଶାସ୍ତ୍ରାନୁସାରେ ସାଧନ ଅସମ୍ଭବ । ଏହି ଅବସ୍ଥାରେ ଯାହାର ବିଦ୍ୟାବୁଦ୍ଧି ନାହିଁ, ସେହିଭଳି ମୁମୂକ୍ଷୁର ଉପାୟ କ'ଣ ?

ଅର୍ଜୁନଙ୍କ ମନରେ ଏହିସବୁ ପ୍ରଶ୍ନ ଉତ୍ପନ୍ନ ହେବାମାତ୍ରେ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଯେଉଁସବୁ ଉତ୍ତର ଦେଇଛନ୍ତି, ତାହାହିଁ ସପ୍ତଦଶ ଅଧ୍ୟାୟର ବିଷୟବସ୍ତୁ ।

ଯିଏ ସର୍ବବିଷୟରେ ନିରାକାଙ୍କ୍ଷ, ନିଖିଳ କଳାନିପୁଣ, ଯିଏ କୃଷ୍ଣଙ୍କ ଦୃଷ୍ଟିରୁ ଅର୍ଜୁନ ରୂପରେ ଦ୍ୱିତୀୟ କୃଷ୍ଣ, ଯିଏ ଭଗବାନଙ୍କ ଚିତ୍ତ ଆକର୍ଷଣକାରୀ, ଯିଏ ଶୌର୍ଯ୍ୟବୀର୍ଯ୍ୟର ଅଧିଷ୍ଠାନ, ସୋମବଂଶର ଶୃଙ୍ଗାର ସ୍ୱରୂପ, କ୍ରୀଡ଼ାଛଳରେ ମଧ୍ୟ ଯିଏ ପରୋପକାରରେ ବ୍ରତୀ, ଯିଏ ପ୍ରଜ୍ଞାବଧୂର ପ୍ରାଣବଲ୍ଲଭ, ବ୍ରହ୍ମବିଦ୍ୟାର ବିଶ୍ରାନ୍ତିସ୍ଥଳ, ଯିଏ ଶ୍ରୀକୃଷ୍ଣଙ୍କ ଘନିଷ୍ଠ ସହଚର, ସେହି ମନୋଧର୍ମସ୍ୱରୂପ ଅର୍ଜୁନ କହିଲେ—

ଅର୍ଜୁନ ଉବାଚ

ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ॥୧॥

ହେ ତମାଳ ପତ୍ର-ଶ୍ୟାମଳ ଭଗବାନ ଶ୍ରୀକୃଷ୍ଣ ! ଆପଣ ଯଦିଓ ଇନ୍ଦ୍ରିୟ ଗୋଚର ପ୍ରତ୍ୟକ୍ଷ ପରବ୍ରହ୍ମ, ତଥାପି ଆପଣ ଯାହା ଯାହା କହିଗଲେ, ସେଥିରେ ମୋର ସନ୍ଦେହ ବୃଦ୍ଧି ପାଉଛି । ଶାସ୍ତ୍ର ବ୍ୟତୀତ ଅନ୍ୟ କୌଣସି ଉପାୟରେ ମୋକ୍ଷଲାଭ ହୁଏନା— ଏହା କହିବାର ଉଦ୍ଦେଶ୍ୟ କ'ଣ ? ଯଦି ଆପଣଙ୍କ କଥା ସତ୍ୟ, ତାହାହେଲେ ଯାହାର ଶାସ୍ତ୍ରାନୁକୂଳ ଦେଶ, ଗ୍ରାମ ବା ସ୍ଥାନରେ ଜନ୍ମ ହୋଇନାହିଁ, ଶାସ୍ତ୍ରାଭ୍ୟାସ ବା ଶାସ୍ତ୍ରାଧ୍ୟୟନ ଲାଗି ଯାହାର ଉପଯୁକ୍ତ ଆୟୁଷ ନାହିଁ, ଯିଏ ଉପଯୁକ୍ତ ଗୁରୁ ପାଇପାରି ନାହିଁ, ଯିଏ ଶାସ୍ତ୍ରାନୁମୋଦିତ ସାମଗ୍ରୀ ସଂଗ୍ରହ କରିପାରି ନାହିଁ, ଯାହାର ପ୍ରାରବ୍ଧ ଅନୁକୂଳ ନୁହଁ ଅର୍ଥାତ୍ ଯିଏ

ପୂର୍ବଜନ୍ମରେ ପୁଣ୍ୟ ଅର୍ଜନ କରିପାରି ନାହିଁ, ଯାହାର ବୁଦ୍ଧିବଳ ମଧ୍ୟ ନାହିଁ, ତାର ଗତି କ'ଣ ହେବ ? ଅନେକଙ୍କର ବୁଦ୍ଧି ଥିଲେ ମଧ୍ୟ ଶାସ୍ତ୍ରାର୍ଥ ବୁଝିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହଁ, ଶାସ୍ତ୍ରରେ ଏଭଳି ସବୁ ବାକ୍ୟ ଅଛି, ଯେଉଁଥିରେ ଦାନ୍ତ ଭୁକିବ ନାହିଁ । ସାଧାରଣ ଲୋକେ ଶାସ୍ତ୍ରାନୁସାରେ ଚଳିବାପାଇଁ ଅକ୍ଷମ । ସେମାନେ ଶାସ୍ତ୍ର ସମ୍ପର୍କରେ ଆଲୋଚନା ସୁଦ୍ଧା କରି ନ ଥାଆନ୍ତି । ତେଣୁ ସେମାନେ ପରମ୍ପରା ଅନୁଯାୟୀ ବାପଅଜାକାଳରୁ ଯାହାକୁ ପୂଜା କରି ଆସିଥାଆନ୍ତି, ସେହି ଦିଅଁ ଦେବତା ଉପରେ ବିଶ୍ୱାସ ସ୍ଥାପନ କରି ଥାଆନ୍ତି । ଅନ୍ଧଲୋକ ଆଖିଥିବା ଲୋକର ପଛେ ପଛେ ତାର ନିର୍ଦ୍ଦେଶ ଅନୁଯାୟୀ ଚାଲିଥାଏ । ଅକ୍ଷର ଚିହ୍ନି ନ ଥିଲା ପିଲା ଅକ୍ଷରକୁ ଦେଖି ତା ତଳେ ସେହିଭଳି ଅକ୍ଷର ଲେଖିବାଲାଗି ଶିକ୍ଷା କରିଥାଏ । ସେହିଭଳି ଶାସ୍ତ୍ରପ୍ରମାଣ ଅନୁସାରେ କାର୍ଯ୍ୟ ନ କଲେ ମଧ୍ୟ ବିଧି ଅନୁସାରେ ଚାଲି, ଯିଏ ପରଲୋକ ଗମନ କରିଥାଏ ଏବଂ ଯିଏ ପୁଣ୍ୟବାନଙ୍କ ଭଳି ପରଲୋକରେ ଭଲ ଆସନ ଲାଭଲାଗି ମନରେ ଆକାଙ୍କ୍ଷା ପୋଷଣ କରିଥାଏ, ସର୍ବଶାସ୍ତ୍ରନିପୂଣ ଲୋକର ଆଚରଣକୁ ପ୍ରାଣରୂପେ ଗ୍ରହଣ କରି ଶ୍ରଦ୍ଧାପୂର୍ବକ ଶିବ ଓ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜାଅର୍ଚ୍ଚନା କରିଥାଏ, ଭୂମି ଓ ଗୋଦାନ କରିଥାଏ, ଅଗ୍ନିହୋତ୍ରାଦି ଯଜ୍ଞାନୁଷ୍ଠାନ କରିଥାଏ, ତାର ସାତ୍ତ୍ୱିକ, ରାଜସିକ ଓ ତାମସିକ ମଧ୍ୟରେ କେଉଁ ଗତି ହୋଇଥାଏ, ତାହା ମତେ ବୁଝେଇ ଦିଅନ୍ତୁ ।

ଏହାପରେ ଯିଏ ବୈକୁଣ୍ଠର ସ୍ୱାମି, ଯିଏ ଶ୍ରୁତିରୂପକ କମଳର ପରାଗ, ଯାହାର ଅଙ୍ଗଚ୍ଛଟାରେ ଜଗତଜୀବନ ପରିଚାଳିତ ଏବଂ ଯିଏ କାଳଭଳି ସ୍ୱଭାବତଃ ବଳବାନ୍ ଏବଂ ଅଲୌକିକ ଭାବରେ ବିସ୍ତୃତ, ଯିଏ ଗୂଢ଼ ଆନନ୍ଦାମୃତ ମେଘ, ଯିଏ ବଳବାନ୍‌ର ବଳସ୍ୱରୂପ, ସେହି ଶ୍ରୀକୃଷ୍ଣ କହିଲେ—

ଶ୍ରୀଭଗବାନ ଉବାଚ

ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସ ସ୍ୱଭାବଜା ।
ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ॥୨॥

ଭଗବାନ୍ କହିଲେ, ହେ ପାର୍ଥ ! ତୁମ ମନ କଥା ମୁଁ ବେଶ୍ ବୁଝିପାରୁଛି । ତୁମେ ଭାବୁଚ ଶାସ୍ତ୍ର ଅଧ୍ୟୟନ ଏକ ବନ୍ଧନ ଏବଂ ଏହା ଅତ୍ୟନ୍ତ କଷ୍ଟଦାୟକ । ତୁମେ ମନେ ମନେ ଭାବୁଚ ଯେ କେବଳ ଶ୍ରଦ୍ଧା ଓ ବିଶ୍ୱାସଦ୍ୱାରା ପରମପଦ ଲାଭ କରିବା ଲାଗି ବ୍ୟବସ୍ଥା କରାଯାଉ ନାହିଁ କାହିଁକି ? କିନ୍ତୁ ହେ ଅର୍ଜୁନ ! ପରମପଦଲାଭ ଏତେ ସହଜ ନୁହଁ । ମନରେ ଶ୍ରଦ୍ଧାଭାବ ଆସିଲେ ମଧ୍ୟ ଏହା ନିର୍ମଳ ହେବା କଠିନ । ଅପବିତ୍ର ଲୋକର ସଂସର୍ଗରେ ବ୍ରାହ୍ମଣ ମଧ୍ୟ ଅପବିତ୍ର ହୋଇଉଠେ । ମଦପାତ୍ରରେ ଗଙ୍ଗାଜଳ ଭର୍ତ୍ତି କଲେ ମଧ୍ୟ ଏହା ପାନୀୟ ନୁହଁ । ମୁଁ ଯାହା କହୁଚି ଠିକ୍ କି ଭୁଲ୍ ତୁମେ ନିଜେ ବିଚାର କରି ଦେଖ । ଚନ୍ଦନ ସ୍ୱଭାବତଃ ଶୀତଳ କିନ୍ତୁ ଏହା ସହିତ ଅଗ୍ନିର ସଂଯୋଗ ପରେ ଚନ୍ଦନକାଠକୁ ହାତରେ ଧରି ହୁଏନା । ଏଥିରେ ହାତ ପୋଡ଼ିଯାଏ । ଖାଣ୍ଡିସୁନାରେ ଖାଦ ମିଶାଇଦେଲେ ଆଉ ଏହା ଖାଣ୍ଡିସୁନା ପଦବାଚ୍ୟ ହୋଇ ନପାରେ । ଶ୍ରଦ୍ଧା ଓ ଭକ୍ତି ଅତି ଉତ୍କୃଷ୍ଟ ହେଲେ ମଧ୍ୟ ମନୁଷ୍ୟର ମନର ସଂଯୋଗରେ ଏହାର ଗୁଣ ଭିନ୍ନ ଆକାର ଧାରଣ କରେ । ଅନାଦିକାଳରୁ 'ମାୟା' ରହିଆସିଛି । ମନୁଷ୍ୟ ଜନ୍ମ ହେବାମାତ୍ରେ ଏହି ମାୟା ହିଁ ତା ମନକୁ ଆଲୋଡ଼ିତ କରିଥାଏ । ତେଣୁ ସେ ତିନୋଟି ଗୁଣର ଦାସ । ଏଥିରୁ ଦୁଇଟି ଗୁଣ ଚାପି ରହିଯାଏ । ଗୋଟିଏ ଗୁଣ ତାର ଆଧିପତ୍ୟ ବିସ୍ତାର କରେ । ଏହି ଗୁଣ ଅନୁସାରେ ତାର ମନ ମଧ୍ୟ ଗଠିତ ହୁଏ । ମନ ଅନୁସାରେ କ୍ରିୟା ଚାଲେ ଏବଂ ଏହି କ୍ରିୟା ଅନୁସାରେ ମନୁଷ୍ୟର ଜନ୍ମ ଓ ମୃତ୍ୟୁ ଚକ୍ର ଚାଲେ । ସେ ଜନ୍ମ ହୁଏ, ମରେ, ପୁଣି ଜନ୍ମ ହୁଏ, ପୁଣି ମରେ । ଏହା ଚାଲେ ଠିକ୍ ମଞ୍ଜିରୁ ଗଛ, ଗଛରୁ ମଞ୍ଜି, ପୁଣି ମଞ୍ଜିରୁ ଗଛ ହେବା ଭଳି । ଏହି ରୀତିରେ କୋଟି କଳ୍ପ ଅତୀତ ହେଲେ ମଧ୍ୟ ଜୀବଜାତି ଧ୍ୱଂସ ପାଏନା । ଜୀବର ବହୁ ଜନ୍ମାନ୍ତର ଘଟିଲେ ମଧ୍ୟ ଏହି ତ୍ରିଗୁଣର ପ୍ରଭାବ ଦୂର ହୁଏନାହିଁ । ମନରେ ଯେଉଁ ଶ୍ରଦ୍ଧାଭାବ ଜାତ ହୁଏ, ତାହା ଏହି ତିନୋଟି ଗୁଣ ଅନୁସାରେ ହିଁ ହୁଏ । ଶୁଦ୍ଧ ସତ୍ତ୍ୱଗୁଣ ବୃଦ୍ଧି ହେଲେ ଜ୍ଞାନୋଦୟ ହୁଏ । ଏହି ଜ୍ଞାନ ଅନ୍ୟ ଦୁଇଟି ଗୁଣକୁ ଚାପିଦିଏ— କାରଣ ସେ ଦୁଇଟିଯାକ ଗୁଣ ସର୍ବଦା ଜ୍ଞାନର ବିରୋଧୀ । ଶ୍ରଦ୍ଧା ବା ବିଶ୍ୱାସ ଏହି ଜ୍ଞାନ ସହିତ ସଂଯୁକ୍ତ ହେଲେ ଏହା ମନୁଷ୍ୟକୁ ମୋକ୍ଷପଥରେ ପରିଚାଳିତ କରେ । କିନ୍ତୁ ସେତେବେଳେ ରଜଃ କିମ୍ବା ତମଃ ଗୁଣ ଚୁପ୍‌ଚାପ୍ ବସି ରହେନା । ସେମାନେ

ସତ୍ତ୍ୱଗୁଣ ସହିତ ଯୁଦ୍ଧ କରି ତାକୁ ହଟେଇବାକୁ ଲାଗିପଡ଼ନ୍ତି । ଏହି ଯୁଦ୍ଧବେଳେ ରଜଃ ପ୍ରବଳ ହୋଇଉଠିଲେ, ଶ୍ରଦ୍ଧା ବିଭିନ୍ନ କର୍ମରେ ସକ୍ରିୟ ହୋଇଉଠେ । ତମଃ ପ୍ରବଳ ହୋଇଉଠିଲେ ମନରେ ଯେଉଁ ଶ୍ରଦ୍ଧାଭାବ ଜାତ ହୋଇଥାଏ, ତାହା ନାନା ଭୋଗ ବାସନା ସୃଷ୍ଟି କରିଥାଏ ।

ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ।
ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ॥୩॥

ହେ ଜ୍ଞାନୀ ଅର୍ଜୁନ ! ସାରାଂଶ ହେଉଛି, ଜୀବମାନଙ୍କର ଶ୍ରଦ୍ଧା ସତ୍ତ୍ୱ, ତମଃ, ରଜଃ ଏହି ତିନୋଟି ଗୁଣକୁ ଛାଡ଼ି ରହିପାରେନା । ଗୁଣାତୀତ ଶ୍ରଦ୍ଧା ବା ପ୍ରେମ ବୋଲି କିଛି ନାହିଁ । ଶ୍ରଦ୍ଧା ସ୍ୱଭାବତଃ ସାତ୍ତ୍ୱିକ କିନ୍ତୁ ଏହି ତିନୋଟି ଗୁଣ ତାକୁ ସଦାସର୍ବଦା ଘେରି ରହିଥାଆନ୍ତି । ଜଳର ଅନ୍ୟ ନାମ ଜୀବନ । କିନ୍ତୁ ଏହି ଜଳ ବିଷ ସହିତ ମିଶିଲେ ଏହା ମାରାତ୍ମକ ହୋଇଉଠେ । ଲଙ୍କାମରିଚ ସହିତ ମିଶିଲେ ଏହା ରାଗ ହୁଏ ଏବଂ ଆଖୁ ରସ ସହିତ ମିଶିଲେ ମିଠା ହୁଏ । ଯିଏ ସର୍ବଦା ତମଃଗୁଣ ସହିତ ଲିପ୍ତ ହୋଇ ବାରମ୍ବାର ଜନ୍ମଗ୍ରହଣ କରିଥାଏ ଏବଂ ମରିଥାଏ, ତାର ପ୍ରେମ ବା ଶ୍ରଦ୍ଧା ତାମସୀ ହୋଇଥାଏ । କଜ୍ଜଳ ଓ ଅନ୍ଧକାର ମଧ୍ୟରେ ଯେପରି କୌଣସି ପାର୍ଥକ୍ୟ ନଥାଏ, ସେହିଭଳି ତାର ଶ୍ରଦ୍ଧା ଓ ତାମସୀ ପ୍ରବୃତ୍ତିମଧ୍ୟରେ କୌଣସି ପାର୍ଥକ୍ୟ ଜଣାପଡ଼େ ନାହିଁ । ରାଜସଗୁଣସମ୍ପନ୍ନ ବ୍ୟକ୍ତିର ଶ୍ରଦ୍ଧା ରାଜସିକ ଏବଂ ସାତ୍ତ୍ୱିକ ବ୍ୟକ୍ତିର ଶ୍ରଦ୍ଧା ସାତ୍ତ୍ୱିକ ହୋଇଥାଏ । ଜଗତରେ ସମସ୍ତଙ୍କର, ସବୁପ୍ରାଣୀର ପ୍ରେମ ଓ ଶ୍ରଦ୍ଧା ଭାବ ରହିଛି, ସମଗ୍ର ଜଗତ ଶ୍ରଦ୍ଧାମୟ କିନ୍ତୁ ଏହା ଗୁଣାତୀତ ନୁହଁ । ଏହା ଗୁଣମୟ । ଫୁଲରୁ ଗଛର ପରିଚୟ ମିଳେ, କଥାବାର୍ତ୍ତାରୁ କେଉଁ ମନୁଷ୍ୟର ଆଚରଣ କିପରି, ତାର ବିଚାର କରାଯାଇଥାଏ । ମନୁଷ୍ୟ ଏ ଜନ୍ମର ଭୋଗ ବା ଦୁଃଖ ସୁଖରୁ ପୂର୍ବ ଜନ୍ମରେ ସେ କି କି କର୍ମ କରିଥିଲା, ଜାଣିପାରେ । ସେହିଭଳି ଯେଉଁ ଚିହ୍ନ ଦ୍ୱାରା ଶ୍ରଦ୍ଧାର ତିନୋଟିଯାକ ରୂପକୁ ଜାଣିହୁଏ, ସେ ଚିହ୍ନଗୁଡ଼ିକୁ କହୁଚି ଶୁଣ–

ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ ।
ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ॥୪॥

ସାତ୍ତ୍ୱିକ-ଶ୍ରଦ୍ଧାସମ୍ପନ୍ନ ଜୀବର ମନ ସ୍ୱର୍ଗଭୋଗ ଲାଗି ଧାବିତ ହୋଇଥାଏ । ସେ ବିଦ୍ୟାନୁଶୀଳନ କରିଥାଏ, ଉତ୍ତମ ଯଜ୍ଞାନୁଷ୍ଠାନ କରିଥାଏ ଏବଂ ଶେଷରେ ତାର ଦେବଲୋକ ପ୍ରାପ୍ତି ଘଟିଥାଏ । କିନ୍ତୁ ଯିଏ ରାଜଶ୍ରଦ୍ଧାସମ୍ପନ୍ନ, ସେ ରାକ୍ଷସ ଓ ପିଶାଚାଦିଙ୍କ ପୂଜା ଆରାଧନା କରିଥାଏ । ତାମସୀଶ୍ରଦ୍ଧାସମ୍ପନ୍ନ ବ୍ୟକ୍ତିର କଥା ଶୁଣ । ସେ ହେଉଚି ପାପର ମୂର୍ତ୍ତି ସ୍ୱରୂପ । ତାର ସ୍ୱଭାବ ଅତ୍ୟନ୍ତ ନିଷ୍ଠୁର ଓ କର୍କଶ । ସେ ଜୀବହତ୍ୟା କରି ବଳି ଦିଏ । ଗଭୀର ରାତ୍ରିରେ ଶ୍ମଶାନକୁ ଯାଇ ଘୃଣିତ ଭୂତପିଶାଚଙ୍କୁ ପୂଜା କରେ । ତାର ଶ୍ରଦ୍ଧା ହେଉଚି ତାମସିକ । ତେଣୁ ତ୍ରିବିଧ ଲକ୍ଷଣ ଦ୍ୱାରା ତ୍ରିବିଧ ଶ୍ରଦ୍ଧାର ପରିଚୟ ମିଳେ । ହେ ଅର୍ଜୁନ ! ଏହା ବର୍ଣ୍ଣନା କରିବାର ଉଦ୍ଦେଶ୍ୟ ହେଉଚି, ତୁମେ ସାତ୍ତ୍ୱିକ ଶ୍ରଦ୍ଧାର ଅନୁଶୀଳନ କର, ଅନ୍ୟ ଦୁଇଟିକୁ ପରିତ୍ୟାଗ କର । ସାତ୍ତ୍ୱିକ ଶ୍ରଦ୍ଧା ସହାୟକ ହେଲେ ମନୁଷ୍ୟ ବ୍ରହ୍ମସୂତ୍ର ପାଠ କରି ନ ଥାଉ ପଛକେ, ବେଦଆଦି ଶାସ୍ତ୍ରରେ ପାରଙ୍ଗମ ନହୋଇଥାଉ ପଛକେ, ତା ପକ୍ଷରେ କୈବଲ୍ୟ ଦୁର୍ଲଭ ନୁହଁ । ସେ ଏଭଳି ସାତ୍ତ୍ୱିକ ଶ୍ରଦ୍ଧାଯୁକ୍ତ ତଥା ପ୍ରେମମୟ ଯେ, ସେ ଶ୍ରୁତି ଓ ସ୍ମୃତିର ମୂର୍ତ୍ତିମାନ ଅବତାର ଭାବରେ ସଂସାରରେ ସଦାଚରଣର ଆଦର୍ଶ ହୋଇଉଠେ । ତାର ଶୀଘ୍ର ସିଦ୍ଧିଲାଭ ଘଟେ । ଏଥିଲାଗି ତାକୁ ସାଧନା କିମ୍ବା ତପସ୍ୟା କରିବାକୁ ପଡ଼େନା । କାରଣ ସେ ତାର ପୂର୍ବଜନ୍ମରୁ ସାତ୍ତ୍ୱିକଗୁଣକୁ ଧରି ଆସିଥାଏ । ସେ ସଂସାରକୁ ଆସୁ ଆସୁ ମନେହୁଏ ଯେପରି ସମସ୍ତ ଜ୍ଞାନ ତା ଲାଗି ଅତି ଯତ୍ନରେ ସୁରକ୍ଷିତ ଥିଲା । ସେ ସେଥିରେ ଅଳଂକୃତ ହୁଏ । ତାକୁ ଆଉ କୌଣସି ଶାସ୍ତ୍ର ଅଧ୍ୟୟନ କରିବାକୁ ପଡ଼େନା । ସେ କାମ ତାର ପୂର୍ବଜନ୍ମମାନଙ୍କରେ ଶେଷ ହୋଇଥାଏ ।

ଦୀପ ଜଳୁଛି । ଅଥଚ କୌଣସି ବ୍ୟକ୍ତିକୁ ତା ଦୀପ ଲଗାଇବା ପାଇଁ ହୁଏତ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ କିମ୍ବା ଅନ୍ୟ କେହି ତା ଦୀପକୁ ସହଜରେ ଅନାୟାସରେ ଲଗେଇ ଦେଇପାରେ । ତା ବୋଲି ଯିଏ ଅଳ୍ପ ସମୟରେ ସହଜରେ ଦୀପ ଲଗେଇଲା, ତା ଦୀପକୁ କ'ଣ ଅଳ୍ପ ଆଲୋକ ଏବଂ ଯିଏ ବେଶି ପରିଶ୍ରମ କଲା, ତାକୁ ଅଧିକ ଆଲୋକ ମିଳେ ? ମନୁଷ୍ୟ ଘର କରେ ଉପରର ପାଣି, ଉତ୍ତାପ ଓ ଥଣ୍ଡାରୁ ରକ୍ଷା ପାଇବା ପାଇଁ, ଆଶ୍ରୟ ଲାଭ ଲାଗି । ଧର ଜଣେ ବହୁ ଅର୍ଥ ବ୍ୟୟ କରି ଏକ ସୁନ୍ଦର କୋଠାଘର କଲା;

ସେ ଘରେ ସେ ରହିଲା ଏବଂ ପରିବାରର ଅନ୍ୟମାନେ ମଧ୍ୟ ରହିଲେ; ତେବେ କ'ଣ ବହୁ ଅର୍ଥବ୍ୟୟ କରିଛି ବୋଲି ସେ କେବଳ ସେହି କୋଠାଘରର ସୁଖ ଭୋଗ କରିବ ଏବଂ ଅନ୍ୟମାନେ କମ୍ ସୁଖ ଭୋଗ କରିବେ ? ସେ କୋଠାଘରେ ଯିଏ ରହିଲେ ସମସ୍ତେ ସେହି ସୁଖ ହିଁ ଭୋଗ କରିବେ । ସୁଖ ପଦାର୍ଥଟି ଏକ । ପୁଷ୍କରିଣୀ କେବଳ ଖୋଳିଥିବା ଲୋକର ତୃଷ୍ଣା ନିବାରଣ କରିନଥାଏ; ଯିଏ ଏଠାରୁ ପାଣି ପାଏ, ତାର ତୃଷ୍ଣା ନିବାରଣ ହୋଇଥାଏ । ଘରେ ଯିଏ ରାନ୍ଧେ କେବଳ ତାର କ୍ଷୁଧା ଦୂର ହୁଏନା । ଅନ୍ୟମାନଙ୍କର ମଧ୍ୟ ହୁଏ । ଗଙ୍ଗା କେବଳ ଭାଗୀରଥ କିମ୍ବା ଗୌତମ * ଋଷିଙ୍କଲାଗି ଜଗତକୁ ଆସି ନାହିଁ, ଗଙ୍ଗା ଆସିଚି ସମସ୍ତଙ୍କ ଲାଗି । ତେଣୁ ଶ୍ରଦ୍ଧା ସହିତ ଶାସ୍ତ୍ରାନୁଷ୍ଠାନରେ ନିପୁଣ ବ୍ୟକ୍ତିର ଅନୁସରଣ କଲେ ମୂର୍ଖ ମଧ୍ୟ ଉଦ୍ଧାର ପାଏ ।

---

* ଗଙ୍ଗାଦ୍ୱିବିଧା ଜାତା ଭାଗୀରଥୀ ଗୌତମୀ ଚ
ତଦୁକ୍ତଂ ବ୍ରହ୍ମାଣ୍ଡ ପୁରାଣେ ।
"ଏକମେବ ଜଟାଜୁଟେ ଶମ୍ଭୋରାସୀନ୍ ମହଜ୍ଜଳମ୍ ।
ଅର୍ଦ୍ଧଂ ଭାଗୀରଥାନୀତଂ ଅର୍ଦ୍ଧଂତଦ୍ ଗୌତମାହୃତମ୍ ॥"

ଗୌତମ ମୁନି ରହୁଥିଲେ ବ୍ରହ୍ମଗିରି ଆଶ୍ରମରେ । ଥରେ ଦେଖାଦେଲା ଭୀଷଣ ଦୁର୍ଭିକ୍ଷ । ଚାରିଆଡ଼େ ହାହାକାର ପଡ଼ିଗଲା । ସେତେବେଳେ ଶିଷ୍ୟମାନଙ୍କ ସହିତ ମହର୍ଷି ବଶିଷ୍ଠ ଅତିଥି ହୋଇଥିଲେ ଗୌତମଙ୍କର । ଗୌତମ ପ୍ରତିଦିନ କ୍ଷେତରେ ବିହନ ବୁଣି ସନ୍ଧ୍ୟାରେ ଫସଲ ଅମଳ କରି ଆଣୁଥିଲେ ଆଶ୍ରମକୁ ଏବଂ ପ୍ରତିଦିନ ଭୁରିଭୋଜନ ଦେଇ ଆପ୍ୟାୟିତ କରୁଥିଲେ ଅତିଥିମାନଙ୍କୁ । ଏହିଭଳି ଭାବରେ ବହୁଦିନ ଅତିବାହିତ ହେଲା । ଦିନେ ବଶିଷ୍ଠ ଚାହିଁଲେ ବିଦାୟ ନେବାକୁ । ଆଉ କେତେଦିନ ରହନ୍ତୁ ବୋଲି ଗୌତମ ଅନୁରୋଧ କରିବାରେ ସେ ନ ଯାଇ ରହିଲେ । ଇତିମଧ୍ୟରେ ଗୌତମଙ୍କର ଆତିଥ୍ୟପରାୟଣତାକୁ ପରୀକ୍ଷା କରିବାପାଇଁ ଗଣପତିଙ୍କ ନିର୍ଦ୍ଦେଶକ୍ରମେ କାର୍ତ୍ତିକେୟ ଗୋରୁ ରୂପ ଧରି ଦିନବେଳେ ଗୌତମ ମୁନିଙ୍କ ଶସ୍ୟକ୍ଷେତ୍ର ନଷ୍ଟ କରିଦେଲେ । ମୁନି ଗୋରୁଟି ପ୍ରତି ଦୃଷ୍ଟି ନିକ୍ଷେପ କରିବାମାତ୍ରେ ଗୋରୁ ମଲାଭଳି ଭୂମିରେ ପଡ଼ି ରହିଲା । ବଶିଷ୍ଠ ଓ ତାଙ୍କ ଶିଷ୍ୟମାନେ କହିଲେ, ଏ ଭୂମି ଗୋହତ୍ୟା ପାପରେ କଳଙ୍କିତ ହୋଇଗଲା । ତେଣୁ ଆମେ

ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।
ଦମ୍ଭାହଙ୍କାରସଂଯୁକ୍ତାଃ କାମରାଗବଳାନ୍ୱିତାଃ ॥୫॥

ଯିଏ ସାରାଜୀବନ ଶାସ୍ତ୍ରକୁ ଘୃଣା କରିଥାଏ, ଶାସ୍ତ୍ରର ନାମ ସୁଦ୍ଧା ଧରେନା, ଏହାକୁ ତାର ତ୍ରିସୀମା ସୁଦ୍ଧା ମାଡ଼ିବାକୁ ଦିଏନା, ପୂର୍ବପୁରୁଷମାନଙ୍କ କ୍ରିୟାକୁ ବିଦ୍ରୂପ କରିଥାଏ; ଗୁରୁରାଜ ତଥା ମହାପୁରୁଷମାନଙ୍କ ବ୍ୟବହାର ତଥା ଆଚରଣକୁ ଦେଖି ଖତେଇ ହୋଇଥାଏ, ସେମାନଙ୍କ କଥାକୁ ଫୁଟୁକିମାରି ଥଟ୍ଟାତାମ୍‌ସା କରି ଉଡ଼େଇ ଦେଇଥାଏ; ନିଜ ଗୌରବ ଓ ସମ୍ପଦର ବଢ଼େଇ କରିଥାଏ, ପାଷଣ୍ଡ ପ୍ରକୃତିର ଲୋକଙ୍କ ସାଙ୍ଗସାଥୀ ହୋଇଥାଏ, ଯାଜ୍ଞିକ ବେଶ ଧରି ଏବଂ ସାଙ୍ଗସାଥିମାନଙ୍କୁ ସେହି ବେଶରେ ଭୂଷିତ କରାଇ ଯଜ୍ଞପାତ୍ରକୁ ରକ୍ତମାଂସ ପୂର୍ଣ୍ଣ କରି ଅଗ୍ନିରେ ଆହୁତି ଦେଇଥାଏ ଏବଂ ସେସବୁ ନେଇ ଦେବଦେବୀଙ୍କ ତୁଣ୍ଡରେ ଲଗାଇଥାଏ; ମାନସିକ କରି ଶିଶୁମାନଙ୍କୁ ନେଇ ବଳିଦିଏ; ନାନା ଯାଦୁବିଦ୍ୟାଦ୍ୱାରା ଅନ୍ୟମାନଙ୍କୁ ଦେବତା ନାମରେ ପ୍ରବଞ୍ଚିତ କରେ; ଛୋଟ ଛୋଟ ଦେବଦେବୀଙ୍କ ବରପ୍ରାପ୍ତିଲାଗି ଦିନ ଦିନ ଧରି ଅନ୍ନତ୍ୟାଗ କରି ବ୍ରତପାଳନ କରୁଛି ବୋଲି କହିହୁଏ; ସେହି ବ୍ୟକ୍ତି ତମୋଗୁଣରୂପକ କ୍ଷେତ୍ରରେ ନିଜପାଇଁ ଓ ଅନ୍ୟମାନଙ୍କପାଇଁ କ୍ଷତିକାରକ ବୀଜ ବପନକରେ ଏବଂ ତଦନୁରୂପ ଫଳଲାଭ କରେ ।

ହେ ଧନଞ୍ଜୟ ! ଯିଏ ହାତ ଦୁଇଟିକୁ ବ୍ୟବହାର କରିବାକୁ ନାରାଜ, ସେ ନଦୀ କିମ୍ବା ସମୁଦ୍ର ପାର ହେବା ଲାଗି ନୌକା ବ୍ୟତୀତ ଆଉ କାହା ଉପରେ

ଅନ୍ୟତ୍ର ଚାଲି ଯାଉଚୁ । ଗୌତମ ସେମାନଙ୍କୁ ଭୂମି-ଶୋଧନର ଆଶ୍ୱାସନା ଦେଇ ତ୍ର୍ୟମ୍ବକ ପର୍ବତକୁ ଯାଇ ସେଠାରେ କଠୋର ତପସ୍ୟା କଲେ । ପ୍ରସନ୍ନ ହେଲେ ଶଙ୍କର । ଗୌତମଙ୍କୁ କହିଲେ, କି ବର ମାଗୁଛ ମାଗ । ଗୌତମ କହିଲେ, ମୁଁ ଚାହେଁ ତୁମ ମସ୍ତକ ଉପରେ ଥିବା ଗଙ୍ଗାକୁ । ଗଙ୍ଗା ମୋ ଆଶ୍ରମ ପାର୍ଶ୍ୱଦେଇ ପ୍ରବାହିତ ହୋଇ ମୋ କ୍ଷେତକୁ ଯେପରି ପବିତ୍ର କରିବ ଏବଂ ମୋ ନାମରେ ଯେପରି ପ୍ରସିଦ୍ଧ ହେବ, ସେ ବ୍ୟବସ୍ଥା କରନ୍ତୁ । ଶଙ୍କର ତଥାସ୍ତୁ କହି ମୁକ୍ତ କରିଦେଲେ ଗଙ୍ଗାକୁ । ଦକ୍ଷିଣ ସମୁଦ୍ର ଆଡ଼କୁ ପ୍ରବାହିତ ହୋଇ ଗଙ୍ଗାର ନାମ ହେଲା ଗୌତମୀ ଗଙ୍ଗା-ଗୋଦାବରୀ । ତେଣୁ ଗୋଦାବରୀର ଅନ୍ୟନାମ ଗୌତମୀଗଙ୍ଗା ।

ଭରସା କରି ପାରେ କି ? ଯିଏ ରୋଗୀ, ସେ ଯଦି ଚିକିତ୍ସକର ଉପଦେଶ ଗ୍ରହଣ ନ କରେ, ଔଷଧକୁ ପଦାଘାତ କରେ, ତାର ଅବସ୍ଥା ଯେ ଶୋଚନୀୟ ହୋଇଉଠେ, ଏଥିରେ ସନ୍ଦେହର ଅବକାଶ ଅଛି କି ? ଅନ୍ୟ ସହିତ ଝଗଡ଼ା କରି ଯିଏ ନିଜ ଆଖି ଦୁଇଟିକୁ ନଷ୍ଟ କରିଦିଏ, ତା ପକ୍ଷରେ ଅନ୍ଧ ହେବା ସାର ହୋଇଥାଏ । ଶାସ୍ତ୍ରୀୟ ବ୍ୟବସ୍ଥାକୁ ନିନ୍ଦା କରୁଥିବା ଆସୁରୀ ପ୍ରକୃତି ଲୋକର ଠିକ୍ ଏହିଭଳି ଦୂରବସ୍ଥା ହୋଇଥାଏ । ସେ ମୋହାଚ୍ଛନ୍ନ ଭାବରେ ସଂସାର-ରୂପକ ଅରଣ୍ୟରେ ଅବାଟରେ ଦୌଡ଼ାଦୌଡ଼ି କରି ଇତସ୍ତତଃ ହୋଇଥାଏ । ବିଷୟବାସନା ଦ୍ୱାରା ପରିଚାଳିତ ହୋଇ ସେ ବିଭିନ୍ନ କର୍ମ କରିଥାଏ । ବିଷୟବାସନାକୁ ତାକୁ ବସ କହିଲେ ବସେ, ଉଠ କହିଲେ ଉଠେ । କ୍ରୋଧ ଯାହାକୁ ମାର ବୋଲି କହେ, ସେ ତାକୁ ମାରେ । ଏହି କାମରେ ହିଂସା ଦ୍ୱେଷ ମଧ ସହାୟକ ହୋଇଥାଆନ୍ତି । କେବଳ ସେତିକି ନୁହଁ, ସମସ୍ତଙ୍କ ହୃଦୟବାସୀ ଯେ 'ମୁଁ' ଏକଥା ତା ମନରେ ବିଲ୍‌କୁଲ୍ ନଥାଏ । ତେଣୁ ଅନ୍ୟମାନଙ୍କୁ କଷ୍ଟ ଦେବାଦ୍ୱାରା ମତେ ମଧ ଦୁଃଖ-ରୂପକ ପଥର ମଡ଼େଇ ତା ଉପରେ ସେ ବସି ରହେ ।

କର୍ଷୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।
ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ।।୬।।

ଏଭଳି ଲୋକ ନିଜକୁ ଓ ଅନ୍ୟକୁ ଯେଉଁ ଦୁଃଖ ଦେଇଥାଏ, ସେ ଦୁଃଖ ମତେ ହିଁ ବାଧେ । ତେଣୁ ହେ ଅର୍ଜୁନ ! ଏଭଳି ପାପୀର କଥା ମୁହଁରେ ସୁଦ୍ଧା ଉଚ୍ଚାରଣ କରିବା ଅନୁଚିତ । ମୁଁ ଏତେକଥା ବୁଝେଇବାର ପ୍ରଧାନ ଉଦ୍ଦେଶ୍ୟ ହେଉଚି, ଏଭଳି ଲୋକଠାରୁ ସମସ୍ତେ ଦୂରରେ ରହିବା ଉଚିତ । କିନ୍ତୁ ଏହି ଅବସରରେ ତୁମକୁ ସେମାନଙ୍କ ସମ୍ପର୍କରେ କହିବାକୁ ପଡୁଛି । ଶବକୁ ହାତରେ ଉଠେଇ ବାହାରେ ଫିଙ୍ଗି ଦିଆଯାଏ କିମ୍ବା ପୋଡ଼ି ଦିଆଯାଏ । ନୀଚବ୍ୟକ୍ତି ହୋଇଥିଲେ ସୁଦ୍ଧା ତାକୁ ବାଟ ଦେଖାଇବାପାଇଁ ଦି ଚାରିପଦ କଥା କହିବାକୁ ପଡ଼ିଥାଏ । ମଳକୁ ହାତରେ ଧୋଇବାକୁ ପଡ଼ିଥାଏ । ଚିତ୍ତ ଶୁଦ୍ଧ ଥିଲେ କିମ୍ବା ମନରେ ଚିତ୍ତଶୁଦ୍ଧିର ଆକାଙ୍କ୍ଷା ଥିଲେ, ଅପବିତ୍ରକୁ ଛୁଇଁଲେ ଦୋଷ ହୁଏନା ।

ସେହିଭଳି ପାପୀକୁ ତ୍ୟାଗ କରିବାଲାଗି ହିଁ ମୁଁ ଏସବୁ ବର୍ଣ୍ଣନା କରିଛି । ହେ ଅର୍ଜୁନ ! ଏ ପ୍ରକାର ଲୋକର କବଳରେ ପଡ଼ିଲେ, ତୁମେ ମତେ ସ୍ମରଣ କର । ନିଶ୍ଚୟ ଉଦ୍ଧାର ପାଇବ, ପବିତ୍ର ହୋଇଉଠିବ । ଏହା ବ୍ୟତୀତ ଆଉ କୌଣସି ଉପଯୁକ୍ତ ପ୍ରାୟଶ୍ଚିତ୍ତ ନାହିଁ । ତେଣୁ ସାତ୍ତ୍ୱିକ ଶ୍ରଦ୍ଧାଭାବକୁ ଯତ୍ନପୂର୍ବକ ପୋଷଣ କର । ଯାହାର ସଂସର୍ଗରେ ସାତ୍ତ୍ୱିକଭାବର ଅଭିବୃଦ୍ଧି ଘଟିବ, କେବଳ ସେହିମାନଙ୍କ ସହିତ ସମ୍ପର୍କ ରଖ । ସାତ୍ତ୍ୱିକ ଆହାର ଗ୍ରହଣ କର । ସାତ୍ତ୍ୱିକ ଆହାର ବାଛି ଭୋଜନ କରିବା ହେଉଛି ସ୍ୱଭାବଗଠନ ଦିଗରେ ଶ୍ରେଷ୍ଠସାଧନ । ହେ ବୀର ! ଭଲ ମନୁଷ୍ୟ ମଧ୍ୟ ମଦ୍ୟପାନ କଲେ ଉନ୍ମତ୍ତ ହୋଇଉଠେ । କେବଳ ଭାତ ଖାଇଲେ ଶରୀରରେ ବାତ ଓ ଶ୍ଳେଷ୍ମା ହୁଏ । ଜ୍ୱର ହେଲେ କ'ଣ ଦୁଧ ପିଇଲେ କମିଯାଏ ? ଅମୃତ ମନୁଷ୍ୟକୁ ମୃତ୍ୟୁ ମୁଖରୁ ରକ୍ଷା କରିଥାଏ । କିନ୍ତୁ ବିଷ ମୃତ୍ୟୁର କାରଣ ହୋଇଥାଏ । ସେହିଭଳି ଆହାର ଅନୁଯାୟୀ ଶରୀରର ସପ୍ତଧାତୁ ଗଠିତ ହୁଏ । ଚିତ୍ତବୃତ୍ତି ମଧ୍ୟ ତଦନୁରୂପ ହୁଏ । ପାତ୍ରକୁ ତତେଇଲେ ତା ଭିତରର ଜଳ ମଧ୍ୟ ତାତିଉଠେ । ସେହିଭଳି ଧାତୁ ଅନୁରୂପ ମନୋବୃତ୍ତି । ସାତ୍ତ୍ୱିକ ଅନ୍ନ ବ୍ୟଞ୍ଜନ ଗ୍ରହଣରେ ସାତ୍ତ୍ୱିକବୃତ୍ତି, ରାଜସିକ ଖାଦ୍ୟରେ ରାଜସିକ ମନୋଭାବ, ତାମସିକ ଖାଦ୍ୟଗ୍ରହଣରେ ତାମସିକ ପ୍ରବୃତ୍ତି ଉତ୍ପନ୍ନ ହୁଏ । ସାତ୍ତ୍ୱିକ, ରାଜସିକ ଓ ତାମସିକ ଆହାର କ'ଣ କ'ଣ କହୁଛି ଶୁଣ—

ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।
ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ॥୭॥

ହେ ବୀର ଅର୍ଜୁନ ! ଆହାର ତ ଏକ, ତାହା କିପରି ତ୍ରିବିଧ ହେଲା ଶୁଣ— ଭୋଜନ କରିବା ଲୋକର ରୁଚିଅନୁଯାୟୀ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ ଏବଂ ଖାଇବାଲୋକ ଗୁଣର ଦାସ ହୋଇପଡ଼ିଥାଏ । ଯେଉଁ ଜୀବ ବା ମନୁଷ୍ୟ କର୍ତ୍ତା ଓ ଭୋକ୍ତା ହୁଏ, ସେ ତ୍ରିଗୁଣର ପ୍ରଭାବରେ ସ୍ୱଭାବତଃ ତିନି ଶ୍ରେଣୀରେ ବିଭକ୍ତ ହୋଇଥାଏ । ସେ ତିନି ପ୍ରକାରର ଆଚରଣ କରିଥାଏ । ତେଣୁ ଆହାର ମଧ୍ୟ ତିନି ପ୍ରକାରର । ଠିକ୍ ଏହିଭଳି ଭାବରେ ଯଜ୍ଞ, ତପସ୍ୟା ଓ ଦାନ ପ୍ରତ୍ୟେକେ

ତିନି ପ୍ରକାର । ପ୍ରଥମତଃ ଆହାରର ଲକ୍ଷଣ ବର୍ଣ୍ଣନା କରୁଛି ଶୁଣ । ଏହି ଲକ୍ଷଣଗୁଡ଼ିକୁ ମୁଁ ସରଳ ଭାବରେ ବୁଝାଉଛି ।

ଆୟୁଃସତ୍ତ୍ୱବଳାରୋଗ୍ୟସୁଖପ୍ରୀତିବିବର୍ଦ୍ଧନାଃ ।
ରସ୍ୟାସ୍ନିଗ୍ଧା ସ୍ଥିରାହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ।।୮।।

ଦୈବଯୋଗକୁ ଭୋଜନକର୍ତ୍ତା ସତ୍ତ୍ୱଗୁଣ ପ୍ରତି ଆକୃଷ୍ଟ ହେଲେ ତାର ରୁଚି ମଧୁରରସ ପ୍ରତି ବୃଦ୍ଧିପାଏ । ଯେଉଁ ଖାଦ୍ୟପଦାର୍ଥ ମୂଳତଃ ସୁରସ୍ନ, ମଧୁର, ରସପୂର୍ଣ୍ଣ, ପରିପକ୍ୱ, ଆକାରରେ ତେଢ଼ା ବଙ୍କା କିମ୍ବା ଅତିବଡ଼ ନୁହଁ, ଅଥଚ କୋମଳ ରସନାକୁ ତୃପ୍ତିକର; ମୂଳରୁ ଶେଷ ପର୍ଯ୍ୟନ୍ତ ରସପରିପୂର୍ଣ୍ଣ, ଦ୍ରବଭାଗଥିଲେ ମଧ୍ୟ ଅଗ୍ନିର ଉତ୍ତାପ ପାଇବାମାତ୍ରେ ଯାହା ଶୁଖିଯାଇପାରେ, ଯାହା ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ଅପାର ଆନନ୍ଦଦାୟକ, ଯାହା ଉପରେ ସୁନ୍ଦର ଭିତରେ ମଧ୍ୟ ମଧୁର— ସେହିଭଳି ଖାଦ୍ୟ ପ୍ରତି ସାତ୍ତ୍ୱିକଭାବାପନ୍ନ ଲୋକର ରୁଚି ଥାଏ । ଶ୍ରୀଗୁରୁଦେବଙ୍କ ବଚନ ଅଳ୍ପକେତୋଟି ପଦ ହେଲେ ମଧ୍ୟ ତାଙ୍କ ଉପଦେଶ ଯେପରି ପରିଶେଷରେ ହିତକାରକ ହୋଇଥାଏ, ସେହିଭଳି ଏ ଧରଣର ଖାଦ୍ୟ ଅଳ୍ପ ହେଲେ ମଧ୍ୟ ପରମ ଆନନ୍ଦଦାୟକ । ଏପରି ଖାଦ୍ୟଦ୍ୱାରା ମନୁଷ୍ୟର ଆୟୁଷ ସର୍ବଦା ସୁରକ୍ଷିତ ହୋଇଥାଏ । ଶରୀରରେ ସାତ୍ତ୍ୱିକରସର ବର୍ଷଣହେଲେ ଦେହସ୍ଥ ଆୟୁଷରୂପକ ନଦୀ ପ୍ରତିଦିନ ବୃଦ୍ଧିଲାଭ କରିଥାଏ । ହେ ସୁମତି ! ଦିବସର ବୃଦ୍ଧି ଦିଗରେ ଯେପରି ସୂର୍ଯ୍ୟ ହେଉଛି କାରଣ, ସେହିଭଳି ସତ୍ତ୍ୱଗୁଣ ବୃଦ୍ଧିଲାଗି ଏଭଳି ଆହାର ହେଉଚି ପ୍ରଧାନ କାରଣ । ଏଥିରେ ଦେହ ଓ ମନ ଉଭୟ ଶକ୍ତିଶାଳୀ ହୋଇଥାଏ । ରୋଗ ଶରୀରର ସୀମା ମାଡ଼ିପାରେନା । ସାତ୍ତ୍ୱିକ ଆହାର ମନୁଷ୍ୟକୁ ସବୁଦିଗରୁ ସୁସ୍ଥ ରଖେ ଏବଂ ଜୀବ ସୁସ୍ଥ ରହିଲେ ଜଗତ ମଧ୍ୟ ସୁଖମୟ ହୁଏ । ମନୁଷ୍ୟ ନିଜେ ସୁଖୀ ରହିଲେ ଅନ୍ୟକୁ ମଧ୍ୟ ସୁଖରେ ରଖିପାରେ । ତେଣୁ ହେ ଅର୍ଜୁନ ! ଏହି ସାତ୍ତ୍ୱିକ ଆହାର ହେଉଚି ଦେହ ଓ ଅନ୍ତରର ଉପକାରୀ । ପ୍ରସଙ୍ଗକ୍ରମେ ରଜୋଗୁଣସମ୍ପନ୍ନ ବ୍ୟକ୍ତି କି ପ୍ରକାରର ଖାଦ୍ୟକୁ ଭଲପାଏ, ତାହା ବର୍ଣ୍ଣନା କରୁଛି ଶୁଣ ।

କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୁକ୍ଷବିଦାହିନଃ ।
ଆହାର ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ॥୯॥

ଯେଉଁ ପଦାର୍ଥ କାଳକୂଟ ବିଷଠୁ ବଳି ଉତ୍କଟ, ଯାହା ଚୁନଠୁ ବଳି ଦାହକ, ତାହା ଅତ୍ୟନ୍ତ ଖଟା, ଅତି ଲୁଣିଆ, ମସଲାମସଲି ମିଶ୍ରିତ, ତୈଳଯୁକ୍ତକିମ୍ବା ଜ୍ୱାଳାମୟ, ସେହିଭଳି ଖାଦ୍ୟ ହେଉଚି ରାଜସ ପ୍ରକୃତି ଲୋକଙ୍କ ଆହାର । ସେମାନେ ଏଭଳି ଆହାରକୁ ଗରମଥିବା ଅବସ୍ଥାରେ ଗିଳିପକାନ୍ତି । ଏଭଳି ଖାଦ୍ୟ ବାହାରେ କୌଣସି କ୍ଷତ ସୃଷ୍ଟି ନ କଲେ ମଧ୍ୟ ଦେହ ଭିତରେ ଭୀଷଣ ଆଘାତ କରିଥାଏ । ପଥର ଗଦାକୁ ଶାବଳ ଦ୍ୱାରା ଆଘାତ କଲେ ଯେପରି ପଥରଗୁଡ଼ାକ ଇତସ୍ତତଃ ବିଛେଇ ହୋଇପଡ଼େ, ସେହିଭଳି ଏ ଧରଣର ଖାଦ୍ୟକୁ ଭଲପାଉଥିବା ବ୍ୟକ୍ତିର ମନ, ଏସବୁ ଜିନିଷ ଭକ୍ଷଣ କରିବା ଫଳରେ ବିକ୍ଷିପ୍ତ ହୋଇପଡ଼େ । ଯେଉଁ ଖାଦ୍ୟ ପାଉଁଶ ଭଳି ଶୁଷ୍କ, ଯେଉଁ ଖାଦ୍ୟ ଦାନ୍ତପାଇଁ କଠିନ ଏବଂ ଜିଭରେ ଲାଗିଯାଏ, ସେହିଭଳି ଖାଦ୍ୟ ଖାଇବାରେ ସେ ସନ୍ତୋଷଲାଭ କରିଥାଏ । ରସଶୂନ୍ୟ ଚଟଣୀକୁ ସେ ଭଲପାଏ । ସୋରିଷବଟା ହୋଇ ରନ୍ଧା ହୋଇଥିବା ଖାଦ୍ୟ ଅର୍ଥାତ୍ ଯାହା ଖାଇଲେ ଆଖିରୁ ଲୁହ ଖସି-ଆସେ, ନାକରୁ ପାଣି ବାହାରେ, ସେହିଭଳି ରାଗ ଆଚାର ପ୍ରଭୃତି ତାର ପ୍ରିୟ । ସେଥିରେ ତୃପ୍ତି ନ ମିଳିଲେ ଆହୁରି ଜ୍ୱାଳାମୟ ଆହାର ଖାଇ ସେ ଛଟପଟ ହୁଏ ଏବଂ ସେ ଜ୍ୱାଳାକୁ କମେଇବା ଲାଗି ଥରକୁଥର ପାଣି ପିଇଥାଏ । ଏହି ପ୍ରକାର ଖାଦକୁ ଭୋଜ୍ୟ ନ କହି ବରଂ ବ୍ୟାଧିରୂପକ ସର୍ପକୁ ଜାଗ୍ରତ କରିବା ଲାଗି ମାଦକଦ୍ରବ୍ୟ ବୋଲି କହିବା ଉଚିତ । ଏହିସବୁ ଖାଦ୍ୟ ଖାଇବାରେ ତା ଦେହରେ ଗୋଟିକ ପରେ ଗୋଟିଏ ରୋଗ ଦେଖାଦିଏ । ଫଳ ହୁଏ ଦୁଃଖମୟ । ହେ ଅର୍ଜୁନ ! ରାଜସ ଆହାର ଓ ତାର ପରିମାଣ କ'ଣ ତ ଜାଣିଲ । ଏହାପରେ ତୁମର ମୁଁ ତାମସ ଆହାର କ'ଣ କହିବି । ଏହା ଶୁଣିବାମାତ୍ରେ ତୁମର ଘୃଣାଭାବ ଜାତ ହୋଇପାରେ । ତଥାପି ଶୁଣ ! ମହିଷ ଉଚ୍ଛିଷ୍ଟ ଖାଏ । ତାମସ ପ୍ରକୃତିର ଲୋକେ ମଧ୍ୟ ଉଚ୍ଛିଷ୍ଟ ଓ ପଚାସଢ଼ା ଖାଦ୍ୟ ଖାଇବାକୁ କୁଣ୍ଠାବୋଧ କରି ନ ଥାଆନ୍ତି ।

ଯାତଯାମଃ ଗତରସଂ ପୂତି ପର୍ଯ୍ୟୁଷିତଂ ଚ ଯତ୍ ।
ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ ॥୧୦॥

ବାସି ଖାଦ୍ୟ ଅର୍ଥାତ୍ ରନ୍ଧା ହେବାର ଦୁଇ ପ୍ରହର କିମ୍ବା ଦିନେ ଅତୀତ ହୋଇଥିବା ଖାଦ୍ୟ, ଯାହାର ଅର୍ଦ୍ଧସିଦ୍ଧ, ଯାହା ପେଜୁଆ ପେଜୁଆ, ଯେଉଁଥିରୁ ପାଣି ନିଗିଡ଼ିନଥାଏ କିମ୍ବା ଯାହା ଏକାବେଳେ ଶୁଷ୍କ, ନିରସ, ସେହି ଖାଦ୍ୟକୁ ତାମସ ପ୍ରକୃତିର ଲୋକହିଁ ଖାଇଥାଏ । ଭଲଭାବରେ ରନ୍ଧାଯାଇଥିବା ସରସଖାଦ୍ୟ ତାକୁ ଭଲଲାଗେନା । ଭଲ ଖାଦ୍ୟ ଜୁଟିଲେ ମଧ୍ୟ ସେଥିରୁ ପଚା ଦୁର୍ଗନ୍ଧ ନ ବାହାରିବା ପର୍ଯ୍ୟନ୍ତ ସେ ତାକୁ ଖାଏନା । ବାଘର ରୀତି ହେଉଛି ଠିକ୍ ଏହିଭଳି । କେତେଦିନ ପଡ଼ି ପଡ଼ି ଯେଉଁ ଖାଦ୍ୟ ପଚା, ଯାହା ଅସ୍ୱାଦୁକର, ଶୁଷ୍କ, ଗଳିତ, ସେଭଳି ଖାଦ୍ୟ ଖାଉଥିବା ବେଳେ ମଧ୍ୟ ତାମସିକ ପ୍ରକୃତିର ଲୋକ ପିଲାଙ୍କଭଳି ଆବୁରଜାବୁର ସବୁ ଜିନିଷ ଗୋଳିଆପୋଳିଆ କରି ଖାଇଥାଏ । ସମୟେ ସମୟେ ଗୋଟିଏ ଥାଳିରେ ଖାଦ୍ୟ ପରଷି ସ୍ୱାମୀ ସ୍ତ୍ରୀ ଏକାଠି ଖାଇଥାଆନ୍ତି । ନିନ୍ଦନୀୟ ଆହାର ଖାଇବାରେ ସେ ସନ୍ତୋଷଲାଭ କରିଥାଏ । ଏଥିରେ ମଧ୍ୟ ସେ ପାପୀର ନିଷ୍କୃତି ନଥାଏ । ନିଷିଦ୍ଧ ପଦାର୍ଥ, ଦୋଷଦୁଷ୍ଟ ଖାଦ୍ୟ, ଅପେୟ, ଅଖାଦ୍ୟ ପ୍ରତିହିଁ ତାର ଆଗ୍ରହ । ତାମସ ପ୍ରକୃତି ଲୋକର ଆହାର ହେଉଛି ଏହିଭଳି, ତାକୁ ଏହି ଆକାରର ପରିଣାମ ଭୋଗିବାକୁ ଡେରି ହୁଏନା । ଅପବିତ୍ର ପଦାର୍ଥ ମୁହଁରେ ଦେବାମାତ୍ରେ ତାର ପାପଭୋଜନ ସାର ହୋଇଥାଏ । ପବିତ୍ର ଖାଦ୍ୟ ପେଟରେ ପ୍ରବେଶ କରିବାମାତ୍ରେ ନିଜର ମୁଣ୍ଡ କାଟି ଦିଆଗଲାଭଳି, ନିଆଁରେ ପଡ଼ିବାଭଳି ସେ ଅନୁଭବ କରିଥାଏ । ଅର୍ଥାତ୍ ମୃତ୍ୟୁକୁ ସେ ନିଜ ଇଚ୍ଛାରେ ଡାକିଆଣେ । ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ତାମସିକ ଆହାର ସାତ୍ତ୍ୱିକ ଓ ରାଜସିକ ଖାଦ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ ଫଳ ଉତ୍ପନ୍ନ କରିଥାଏ । ଆହାରଭଳି ଯଜ୍ଞ ମଧ୍ୟ ତିନିପ୍ରକାରର । ସେଥିମଧ୍ୟରୁ ପ୍ରଥମେ ସାତ୍ତ୍ୱିକ ଯଜ୍ଞକଥା ଶ୍ରବଣ କର—

ଅଫଳାକାଙ୍କ୍ଷିଭିର୍ଯଜ୍ଞୋ ବିଧିଦିଷ୍ଟୋ ଯ ଇଜ୍ୟତେ ।
ଯଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ॥୧୧॥

ପତିବ୍ରତା ନାରୀ ତା ପ୍ରିୟ ପତି ବ୍ୟତୀତ ଅନ୍ୟ କୌଣସି ପୁରୁଷକୁ ଇଚ୍ଛାକରେନା । ଗଙ୍ଗା ସମୁଦ୍ରରେ ପ୍ରବେଶ କରି ଆଉ ଅଗ୍ରସର ହୁଏନା । ବେଦ ଆତ୍ମଦର୍ଶନ କରି ସ୍ତବ୍ଧ ହୁଏ । ତେଣୁ ଆତ୍ମହିତରେ ଚିତ୍ତବୃତ୍ତିକୁ ଲଗାଇ ଫଳ ପାଇବାଲାଗି ଅଭିମାନ କରିବା ଅନୁଚିତ । ବୃକ୍ଷମୂଳକୁ ଅଗ୍ରସର ହୋଇ ଜଳ ଆଉ ଫେରିଆସେନା । ସେହି ବୃକ୍ଷ ତଳେହିଁ ସେ ଚିଇଁଯାଏ । କାୟମନୋବାକ୍ୟରେ ଯଦି କାର୍ଯ୍ୟରେ ନିମଗ୍ନ ହେଲେ, ଆଉ କୌଣସି ବିଷୟକୁ ମନରେ ସ୍ଥାନଦେବା ଅନୁଚିତ । ଯିଏ ସ୍ୱଧର୍ମ ବ୍ୟତୀତ ଅନ୍ୟ ବିଷୟରେ ବିରକ୍ତ, ନିଷ୍କାମ ଓ ସର୍ବାଙ୍ଗସୁନ୍ଦର ଯଜ୍ଞରେ ନିରତ, ସେ ଦର୍ପଣରେ ନିଜ ମୁହଁକୁ କିମ୍ବା ହାତରେ ଧରିଥିବା ରତ୍ନକୁ ଦର୍ଶନ କରିବାଭଳି ତଥା ସୂର୍ଯ୍ୟାଲୋକରେ ଆଲୋକିତ ପଥଭଳି ଏବଂ ବେଦର ନିର୍ଦ୍ଦେଶ ଅନୁଯାୟୀ କୁଣ୍ଡ, ମଣ୍ଡପ, ବେଦୀ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ଏଭଳି ଭାବରେ ସଂଗ୍ରହ କରିଥାଏ ଯେ, ମନେହୁଏ ସ୍ୱୟଂ 'ବେଦ' ଆସି ଏସବୁ କାର୍ଯ୍ୟ କରିଛି । ଯେଉଁଠି ଯେଉଁ ଅଳଙ୍କାର ପିନ୍ଧିବା କଥା, ସେ ଅଳଙ୍କାର ପିନ୍ଧିଲେ ସୁନ୍ଦର ଦେଖାଯାଏ । ସେହିଭଳି ସାତ୍ତ୍ୱିକ ଲୋକ ଯଜ୍ଞସ୍ଥଳକୁ ବିଭିନ୍ନ ଆବଶ୍ୟକ ଜିନିଷଦ୍ୱାରା ସୁସଜ୍ଜିତ କରିଥାଏ । ମନରେ କୌଣସି ପ୍ରତିଷ୍ଠା ବା ସମ୍ମାନଲାଭର ଲୋଭ ନ ରଖି ସେ ଯଜ୍ଞାନୁଷ୍ଠାନ କରେ । ତୁଳସୀଠାରୁ ଫଳ କିମ୍ବା ପୁଷ୍ପର ଆଶା କରାଯାଏନା । କିନ୍ତୁ ତୁଳସୀଗଛ ପ୍ରତି ଅଧିକ ଯତ୍ନ ଦିଆଯାଇଥାଏ । ସେହିଭଳି ନିଷ୍କାମ ଯଜ୍ଞାନୁଷ୍ଠାନ ହେଉଛି ସାତ୍ତ୍ୱିକ ।

ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍ ।
ଇଜ୍ୟତେ ଭରତଶ୍ରେଷ୍ଠ ତଂ ଯଜ୍ଞଂ ବିଦ୍ଧିରାଜସମ୍ ॥୧୨॥

ଶ୍ରାଦ୍ଧ କିମ୍ବା ଯଜ୍ଞାନୁଷ୍ଠାନ କରି ଯିଏ ମନେ ମନେ ଭାବେ ଯେ ଏତେ ପଇସା ତ ଖର୍ଚ୍ଚ କଲିଣି, ଏତେ ଆୟୋଜନ ତ କଲିଣି, ରାଜା ବା କ୍ଷମତାଶାଳୀ ଲୋକଙ୍କୁ ନିମନ୍ତ୍ରଣ କଲେ ଭଲହେବ, କାରଣ ତଦ୍ୱାରା ଧନପ୍ରାପ୍ତି ତ ହେବ, ସମ୍ମାନ ମଧ୍ୟ ବଢ଼ିବ, ନତୁବା ତାର ଯଜ୍ଞାନୁଷ୍ଠାନ ବୃଥା । ଏଭଳି ଲୋକ ବହୁତ ଅଛନ୍ତି ଯେଉଁମାନେ କେବଳ ରାଜା ବା କ୍ଷମତାପନ୍ନଲୋକଙ୍କୁ ନିମନ୍ତ୍ରଣ କରିବା

କଥା ଖାଲି ଭାବନ୍ତି ନାହିଁ, ଘରକୁ ବା ଯଜ୍ଞପୀଠକୁ ଡାକନ୍ତିମଧ୍ୟ । ସେମାନଙ୍କ ଆଗମନରେ ଯଜ୍ଞକର୍ତ୍ତା ନିଜକୁ କୃତକୃତ୍ୟ ମନେକରନ୍ତି । ଯଜ୍ଞ ଚାଲିଥିବାବେଳେ ସେମାନେ ଏହି ରାଜାଙ୍କ ସେବାରେ ଲାଗିପଡ଼ନ୍ତି । ଦେବତାର ପୂଜାଠାରୁ ରାଜପୂଜା ବଳିପଡ଼େ । କେହି କେହି ସ୍ୱର୍ଗଲାଭ ଆଶାକରି କିମ୍ବା ସମାଜରେ ସମ୍ମାନ, ଗୌରବଲାଭ ଆଶା କରି ମଧ୍ୟ ଜ୍ଞାନାନୁଷ୍ଠାନ କରିଥାଆନ୍ତି । ଏହିଭଳିମନୋଭାବ ସହିତ ଯେଉଁ ଯଜ୍ଞ କରାଯାଏ, ତାହା ହେଉଚି ରାଜସଯଜ୍ଞ ।

ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍ ।
ଶ୍ରଦ୍ଧାବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷତେ ॥୧୩॥

ହେ ଅର୍ଜୁନ ! ଆଉ ଗୋଟିଏ କଥା ଶୁଣ । ପଶୁପକ୍ଷୀଙ୍କ ବିବାହ ଲାଗି କାମବାସନା ବ୍ୟତୀତ ଅନ୍ୟ କିଛି ନଥାଏ । ଏ ବିବାହ ଲାଗି ପୁରୋହିତର ଆବଶ୍ୟକତା ପଡ଼େନା । ସେହିଭଳି ତାମସ ଯଜ୍ଞର ମୂଳ ହେଉଛି ''ଆଗ୍ରହ'' । ବାୟୁ ଯିବାକୁ ବାଟ ଖୋଜିବା, ମୃତ୍ୟୁ ଶୁଭଲଗ୍ନକୁ ଅପେକ୍ଷା କରିବା, ଅଗ୍ନି ନିଷିଦ୍ଧ ପଦାର୍ଥକୁ ପୋଡ଼ିବାପାଇଁ ଭୟ କରିବା, ଏଭଳି ଅଘଟନୀୟ ଘଟଣା ଘଟିଲେ ମଧ୍ୟ ତାମସପ୍ରକୃତି ଲୋକର ଆଚରଣର କୌଣସି ଠିକଣା ମିଳେନା । ସେ ବିଧିବିଧାନକୁ ମାନେନା । କାରଣ ସେ ସ୍ୱେଚ୍ଛାଚାରୀ ! ତା ପକ୍ଷରେ କୌଣସି ମନ୍ତ୍ରଉଚ୍ଚାରଣ ଆବଶ୍ୟକ ହୁଏନାହିଁ । ଖୋଲା ପଡ଼ିଥିବା ପଚାସଢ଼ା ଖାଦ୍ୟ ପଦାର୍ଥକୁ ଦେଖିବାମାତ୍ରେ ମାଛି ଯେପରି ଅବାଧରେ ବସେ, ସେହିଭଳି ତାମସ ଲୋକର ପ୍ରକୃତି । ଯଜ୍ଞାନୁଷ୍ଠାନ କରିବାବେଳେ ସେ ବ୍ରାହ୍ମଣସହିତ ଝଗଡ଼ା କରେ, ଯଜ୍ଞଶେଷରେ ତାକୁ ଦକ୍ଷିଣା ଦିଏନାହିଁ । ଅନ୍ଧହାତରେ ନିଆଁହୁଳା ପଡ଼ିଲେ, ସେ ସମଗ୍ର ସଂସାରକୁ ପୋଡ଼ିଜାଳି ପାଉଁଶ କରିଦିଏ । ସେହିଭଳି ଯାହା ହୃଦୟରେ ଶ୍ରଦ୍ଧା ବା ପ୍ରେମର ଚିହ୍ନବର୍ଣ୍ଣ ନ ଥାଏ, ସେ ଅଭିମାନ ବଶତଃ ଯଜ୍ଞାନୁଷ୍ଠାନ କରି ବସିଲେ ଜିଦ୍‌ରେ ଯଥାସର୍ବସ୍ୱ ଖର୍ଚ୍ଚ କରିବସେ । ଯିଏ ଅପୁତ୍ରିକ, ମୃତ୍ୟୁପରେ ଯେପରି ତା ସମ୍ପତ୍ତିବାଡ଼ିକୁ ଅନ୍ୟମାନେ ଲୁଣ୍ଠନ କରି ନିଅନ୍ତି, ତାମସ ପ୍ରକୃତି ଲୋକର ସେହି ଅବସ୍ଥା ଘଟେ । ତାକୁ ଯଜ୍ଞାନୁଷ୍ଠାନ କରିବାଲାଗି ଯେଉଁମାନେ

ଉସକାଇଥାନ୍ତି, ସେହିମାନେହିଁ ଏଥିରେ ଏହା ଖର୍ଚ୍ଚ, ତା ଖର୍ଚ୍ଚ ହେବ ବୋଲି କହି ଯାହା ପାଆନ୍ତି, ମାରିନିଅନ୍ତି । ଲକ୍ଷ୍ମୀପ୍ରତି ଶ୍ରୀକୃଷ୍ଣ କହିଲେ, ଏହି ପ୍ରକାରର ଯଜ୍ଞାନୁଷ୍ଠାନକୁ ତାମସିକ କୁହାଯାଏ ।

ସେହି ଏକ ଗଙ୍ଗାଜଳ ବିଭିନ୍ନ ନାଳରେ ପ୍ରବାହିତ ହୋଇଥାଏ । ଏହା କେଉଁଠି ନିର୍ମଳ, କେଉଁଠି ଗୋଳିଆ । ସେହିଭଳି ତ୍ରିଗୁଣ ପ୍ରଭାବରେ ତପସ୍ୟା ମଧ୍ୟ ତ୍ରିବିଧମୂର୍ତ୍ତି ଧାରଣ କରିଥାଏ । ଏକପ୍ରକାରର ତପସ୍ୟା ପାପ ସୃଷ୍ଟି କରୁଥିବାବେଳେ, ଅନ୍ୟ ପ୍ରକାରର ତପସ୍ୟା ତପସ୍ୱୀକୁ ଉଦ୍ଧାର କରିଥାଏ । ପ୍ରଥମ ପ୍ରକାରର ତପସ୍ୟା କଥା କହୁଚି ଶୁଣ । ତପସ୍ୟା କାହାକୁ କୁହାଯାଏ ସେ କଥା ମଧ୍ୟ କହିବି । ଉତ୍ତମ ତପସ୍ୟା ମଧ୍ୟ ଶାରୀରିକ, ମାନସିକ ଓ ବାଚିକ ଭେଦରେ ତିନିପ୍ରକାରର । ଶାରୀରିକ ତପସ୍ୟାର ରୂପ କ'ଣ କହୁଛି ଶୁଣ—

ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।
ବ୍ରହ୍ମଚର୍ଯ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ ॥୧୪॥

ଶଙ୍କର କିମ୍ବା ଶ୍ରୀହରି, ଯାହାର ଯାହା ପ୍ରତି ଭକ୍ତି ବା ଶ୍ରଦ୍ଧା ଥାଏ, ସେ ସେହି ମନ୍ଦିରମାନଙ୍କୁ ପାଦରେ ଚାଲି ଚାଲି ତୀର୍ଥ ପର୍ଯ୍ୟଟନ କରିଥାଏ । ସେ ପଦଯୁଗଳକୁ ନିଜର ଅବୈତନିକ ଭୃତ୍ୟ ମନେକରି ଏହି ଦୁଇଟିକୁ ଅଷ୍ଟପ୍ରହର ତୀର୍ଥ ପର୍ଯ୍ୟଟନରେ ନିଯୁକ୍ତ କରିଥାଏ । ତା ହାତ ଦୁଇଟି ଏହି ମନ୍ଦିରର ବେଢ଼ା ସଫାସୁତରା କରିବା, ତାର ଶୋଭାବର୍ଦ୍ଧନ କରିବା, ଗନ୍ଧପୁଷ୍ପ ଆଦି ସଂଗ୍ରହ କରିବାରେ ଲାଗି ରହିଥାଏ । ଶିବ ମୂର୍ତ୍ତି କିମ୍ବା ଶିବଲିଙ୍ଗ ଦର୍ଶନ କରିବା ମାତ୍ରେ ସେ ସାଷ୍ଟାଙ୍ଗ ପ୍ରଣିପାତ କରେ । ମନଭରି ବେଦଜ୍ଞ ବ୍ରାହ୍ମଣର ସେବାକରେ । ପ୍ରବାସୀ, ପ୍ରପୀଡ଼ିତ,ଅକର୍ମଣ୍ୟ ବ୍ୟକ୍ତିର ସେବାକରେ । ସର୍ବତୀର୍ଥର ଶ୍ରେଷ୍ଠ ହେଉଛନ୍ତି ମାତା ପିତା । ତେଣୁ ସେ ଏମାନଙ୍କ ସେବାକର୍ମରେ ନିଜକୁ ସର୍ବଦା ନିୟୋଜିତ ରଖେ ଏବଂ ଦୁଃଖହରଣକାରୀ ଜ୍ଞାନଦାତା କରୁଣାମୟ ଶ୍ରୀଗୁରୁଙ୍କ ଭଜନ କରେ । ସ୍ୱଧନ ରୂପକ ମୁଦିରେ ଅଭ୍ୟାସ ଯୋଗର ପୁଟ ଦେଇ ଦେହାଭିମାନ ରୂପକ ସବୁ ଦୋଷକୁ ସେ ଭସ୍ମ କରି ଦେଇଥାଏ । ଏହିଭଳି

ତପସ୍ୱୀର ତପସ୍ୟାକୁ କୁହାଯାଏ ଶାରୀରିକ ତପ । ସେ ସମସ୍ତ ବସ୍ତୁରେ ଭଗବାନଙ୍କ ସତ୍ତା ତଥା ଆତ୍ମସତ୍ତା ବିରାଜମାନ ଥିବା ବୋଧକରି ସମସ୍ତଙ୍କୁ ପ୍ରଣାମ କରିଥାଏ । ପରୋପକାର କରିଥାଏ, ବିଷୟଭୋଗରେ ସଂଯମ ଅବଲମ୍ବନ କରିଥାଏ । ସେ ଭାବେ ଜନ୍ମବେଳେ ତ ସ୍ତ୍ରୀଲୋକର ଶରୀରକୁ ସ୍ପର୍ଶ କରିବାକୁ ପଡ଼ିଥିଲା, କ'ଣ ଜନ୍ମପରେ ମଧ୍ୟ ତା ଶରୀରକୁ ସ୍ପର୍ଶକରିବାରେ ଲାଗିଥିବି ? ତେଣୁ ସ୍ତ୍ରୀଠାରୁ ସେ ନିଜକୁ ମୁକ୍ତ କରି ନେଇଥାଏ । ଅର୍ଥାତ୍ ଇନ୍ଦ୍ରିୟସଂଯମ କରିଥାଏ । ପ୍ରାଣ ଯାହାର ଅଛି, ସେ ପ୍ରାଣୀ । ତେଣୁ କୌଣସି ପ୍ରାଣୀକୁ କଷ୍ଟଦେବାକୁ ସେ ଚାହେଁନା । ଏପରିକି ଘାସକୁ ସୁଦ୍ଧା ଉପାଡ଼େନା । ଯେତେବେଳେ ଶରୀରର ସମସ୍ତ ବ୍ୟବହାର ଏହିଭଳି ଭାବରେ ଶୁଦ୍ଧ ହୋଇଉଠେ, ସେତେବେଳେ ଶାରୀରିକ ତପସ୍ୟା ପୂର୍ଣ୍ଣତା ଲାଭକଲା ବୋଲି ଜାଣିବା । ଏସବୁ କାର୍ଯ୍ୟରେ ଶରୀର ହେଉଛି ମୁଖ୍ୟ । ତେଣୁ ଏହାକୁ ଶାରୀରିକ ତପସ୍ୟା କୁହାଯାଏ । ଏଥର ନିଷ୍ପାପ ବାଙ୍ମୟ ବା ବାଚିକ ତପସ୍ୟା କଥା କହିବି ।

ଅନୁଦ୍‌ବେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ।
ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ ॥୧୫॥

ସ୍ପର୍ଶମଣିର ସଂଯୋଗରେ ଲୁହାର ପରିମାଣ ନ କମି ଏହା ସ୍ୱର୍ଣ୍ଣରୂପ ଧାରଣ କରେ । ଲୁହା ନିଜେ ସୁନା ହୋଇଯାଏ । ସେହିଭଳି ଯାହାର କଥା ସାଧୁ, ଯାହାର କଥାରେ କାହା ମନରେ କିଞ୍ଚିତ ଦୁଃଖ ଜାତ ହୁଏନା, ଯାହାର ମଧୁରବାଣୀ ଶୁଣିବାମାତ୍ରେ ମନ ଆନନ୍ଦିତ ହୁଏ, ସେହିଭଳି ବ୍ୟକ୍ତି ହେଉଚି ବାଚିକତପସ୍ୱୀ ବା ବାଙ୍ମୟ । ବୃକ୍ଷ ଉଦ୍ଦେଶ୍ୟରେ ପାଣି ମଡ଼ାଇଲେ ସେହି ପାଣି ବୃକ୍ଷତଳେ ଥିବା ଘାସ ମଧ୍ୟ ପାଏ । ତେଣୁ ଏଭଳିକଥା କହିବା ଉଚିତ, ଯାହାଦ୍ୱାରା କି ଜଣକୁ କହୁଥିଲେ ମଧ୍ୟ ଅନ୍ୟମାନେ ଉପକୃତ ହେବେ । ଯାହାର ଭାଷଣ ଅମୃତତୁଲ୍ୟ ଗଙ୍ଗା ସହିତ ତୁଳନୀୟ, ଏଥିରେ ଯିଏ ସ୍ନାନ କରେ, ତାର ସମସ୍ତ ପାପତାପ ଦୂର ହୋଇ ଯାଇଥାଏ । ଏହାକୁ ଯିଏ ପାନକରେ, ସେ ଲାଭକରେ ଅମରତ୍ୱ । ଜନ୍ମ ମୃତ୍ୟୁ ଚକ୍ରରୁ ସେ ଉଦ୍ଧାର ପାଏ । ତେଣୁ କଥା

ଏପରି କୁହାଯିବା ଉଚିତ, ଯାହାଦ୍ୱାରା ଅନ୍ୟମାନଙ୍କ ମନରୁ ଅଜ୍ଞାନଅନ୍ଧକାର ଦୂର ହୋଇପାରିବ, ଆତ୍ମସ୍ୱରୂପ ପ୍ରକଟିତ ହୋଇପାରିବ । ଯାହା କୁହାଯାଉନା କାହିଁକି, ଶୁଣିଲେ କାନକୁ ଯାହା ଅପ୍ରୀତିକର ହେବନାହିଁ ବରଂ ଅନ୍ୟର ଅବିଚାର, ଅବିବେକିତା ଦୂର ହୋଇପାରିବ, ସେଭଳି କଥା କୁହାଯିବା ଉଚିତ । ତେଣୁ ହେ ଅର୍ଜୁନ ! ଅମୃତ ଆସ୍ୱାଦନ ଭଳି, ଯେଉଁକଥା ରୁଚିକର, ହିତକର, ତାହାହିଁ ବାଚିକତପସ୍ୟା । ଯେକୌଣସି ପ୍ରଶ୍ନର ଉତ୍ତର ମଧୁର ଭାବରେ ଦେବା, ଅନ୍ୟକୁ କହିବାର ଆବଶ୍ୟକତା ନଥିବାବେଳେ ବେଦପାଠ କରିବା କିମ୍ବା ଭଗବାନଙ୍କ ନାମ ଜପ କରିବା, ନାମସଂକୀର୍ତ୍ତନ କରିବା ହେଉଚି ବାଚିକତପସ୍ୟା ।

ଲୋକପାଳକ ପ୍ରଭୁ ଶ୍ରୀକୃଷ୍ଣ କହିଲେ, ଏଣିକି ମାନସିକ ତପସ୍ୟାର ଲକ୍ଷଣ କହିବି ।

ମନଃପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।
ଭାବସଂଶୁଦ୍ଧିରିତ୍ୟେତତ୍ ତପୋ ମାନସମୁଚ୍ୟତେ ॥୧୬॥

ଯେତେବେଳେ ସମସ୍ତ ଦ୍ୱନ୍ଦ୍ୱ, ଦ୍ୱିଧା, ସନ୍ଦେହ, ସଂଶୟ ଦୂର ହୋଇ ମନ ସ୍ୱଚ୍ଛ ନିର୍ମଳ ହୋଇଉଠେ, ସେତେବେଳେ ମାନସିକ ତପସ୍ୟା ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ଏହା ନିସ୍ତରଙ୍ଗ ସମୁଦ୍ର, ମେଘହୀନ ଆକାଶ, ସର୍ପହୀନ ଚନ୍ଦନ ବନ ଭଳି ଶାନ୍ତ, ନିର୍ମଳ, ସୁଗନ୍ଧିଯୁକ୍ତ । ପୂର୍ଣ୍ଣିମାର ଚନ୍ଦ୍ର ଯେପରି ନିଷ୍କଳଙ୍କ ଦେଖାଯାଏ, ଏହା ସେହିପରି ଚିନ୍ତାହୀନ ରାଜା, ମନ୍ଥନକାରୀ ମନ୍ଦରାଚଳରହିତ କ୍ଷୀରସମୁଦ୍ର ଭଳି ମନରୁ କଳ୍ପନା ଜଳ୍ପନାର ଜାଲ ଏକାବେଳକେ ଦୂର ହୋଇଗଲେ ମନ ଆତ୍ମସତ୍ତାରେ ଅବସ୍ଥାନ କରିଥାଏ । ଉଷ୍ଣତାଶୂନ୍ୟ ଆଲୋକ, ଜଡ଼ତାହୀନ ରସ, ଶୂନ୍ୟତାହୀନ ଆକାଶଭଳି ମନ ସ୍ୱରୂପରେ ଅବସ୍ଥାନ କରି ଚାଞ୍ଚଲ୍ୟ ତ୍ୟାଗ କରେ । ଅଜୀର୍ଣ୍ଣ ଦୋଷରହିତ ଖାଦ୍ୟ ଭଳି ମନ ସର୍ବଦା ସନ୍ଦେହମୁକ୍ତ ରହିଥାଏ । ହିମ ନିଜ ଶରୀରରେ ଥଣ୍ଡା ଲାଗିବାକୁ ଦିଏନା । ନିଷ୍କଳଙ୍କ, ନିଶ୍ଚଳ, ନିତ୍ୟ ଓ ପରିପୂର୍ଣ୍ଣ ଚନ୍ଦ୍ରଭଳି ମନ ଶୁଦ୍ଧ, ଉଲ୍ଲସିତ ଓ ଶାନ୍ତ ରହିଲେ ବୈରାଗ୍ୟଜନିତ କ୍ଲେଶ ମଧ୍ୟ ଦୂର ହୋଇଥାଏ । ସେତେବେଳେ ହୃଦୟରେ ଶଙ୍କା ନଥାଏ ।

ଆତ୍ମବୋଧର ପୂର୍ଣ୍ଣତା ଲାଭ ହୋଇଥାଏ । ମନର ଚାଞ୍ଚଲ୍ୟ ଦୂର ହୋଇଯାଏ । ଶାସ୍ତ୍ର ଉପଦେଶ ଦେବାଲାଗି ଯେତିକି କହିବା କଥା, ତୁଣ୍ଡ କେବଳ ସେତିକି କଥା କହିଥାଏ । ଅନ୍ୟ ସମୟରେ ମୌନ ରହିଥାଏ । ଆତ୍ମସ୍ୱରୂପ ଲାଭ ପରେ ମନର ମନତ୍ୱ ମଧ୍ୟ ନଷ୍ଟ ହୋଇଯାଏ । ମନ ଆତ୍ମତତ୍ତ୍ୱରେ ଲୀନ ହୋଇଯାଏ । ଲବଣ ଯେପରି ପାଣିରେ ପଡ଼ିବା ମାତ୍ରେ ସେଥିରେ ଗୋଳେଇ ହୋଇଯାଏ, ସେହିଭଳି ମନ ଆତ୍ମତତ୍ତ୍ୱରେ ଲୀନ ହୋଇଯାଏ । ମନ ଆତ୍ମସ୍ୱରୂପ ଲାଭ ଦ୍ୱାରା ନିଜର ସତ୍ତା ରକ୍ଷା କରିବାକୁ ଯେତେବେଳେ ଅସମର୍ଥ, ସେତେବେଳେ ଇନ୍ଦ୍ରିୟ ଦ୍ୱାରା କବଳିତ ହୋଇ ବିଷୟଭୋଗ କରିବାକୁ ତାର ଫୁରସତ କାହିଁ ? ଯେପରି ହାତ ପାପୁଲିରେ ବାଳ ଉଠିନଥାଏ, ସେହିଭଳି ପୂର୍ବୋକ୍ତ ବ୍ୟକ୍ତିର ମନରେ ଅସତ୍‌ଭାବ ସ୍ଥାନ ପାଏନା । ଏହା ଭାବଶୁଦ୍ଧ ହୋଇଉଠିଥାଏ ।

ହେ ଅର୍ଜୁନ ! ମନର ଏହି ଅବସ୍ଥାକୁ ମାନସିକ ତପସ୍ୟା ନାମରେ ଅଭିହିତ କରାଯାଏ । କାୟମନୋବାକ୍ୟରେ ଯେଉଁ ସାମାନ୍ୟ ତପସ୍ୟା କରାଯାଏ, ସେ କଥା ମୁଁ ବର୍ଣ୍ଣନା କଲି । ତିନୋଟି ଗୁଣର ପ୍ରଭାବରେ ଏହା ତିନି ତିନି ପ୍ରକାରର ମୂର୍ତ୍ତି ଧାରଣ କରେ ।

ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ ।
ଅଫଳାକାଙ୍କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷତେ ॥୧୭॥

ହେ ସୁବିଜ୍ଞ ଅର୍ଜୁନ ! ଯେଉଁ ତିନିପ୍ରକାରର ତପସ୍ୟା କଥା ମୁଁ କହିଲି, ଫଳ ଆଶା ନରଖି ସେସବୁ କରାଯିବା କର୍ତ୍ତବ୍ୟ । ଏସବୁ ଯେତେବେଳେ ଶୁଦ୍ଧସାତ୍ତ୍ୱିକଭାବ ଓ ଆସ୍ତିକ ବୁଦ୍ଧି ଦ୍ୱାରା ଅନୁଷ୍ଠିତ ହୁଏ, ସେତେବେଳେ ଜ୍ଞାନବାନ୍ ଲୋକେ ତାକୁ ସାତ୍ତ୍ୱିକତପ କହି ଥାଆନ୍ତି ।

ସତ୍କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।
କ୍ରିୟତେ ତଦିହପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍ ॥୧୮॥

କେବଳ ଭେଦଭାବ ବୃଦ୍ଧି କରିବା ଏବଂ କ୍ଷମତା ସିଂହାସନରେ ଅଧିରୂଢ଼ ହେବା ଇଚ୍ଛାରେ ଯେଉଁ ତପସ୍ୟା କରାଯାଏ, ତାହା ରାଜସିକ । ସଂସାରରେ

ମତେ ସମସ୍ତେ ସମ୍ମାନ କରନ୍ତୁ, ଖାଦ୍ୟପେୟରେ ମୁଁ ଶ୍ରେଷ୍ଠ ସ୍ଥାନ ଲାଭ କରିବି, ଜଗତର ଲୋକେ ମୋର ମହିମା କୀର୍ତ୍ତନ କରନ୍ତୁ, ସମସ୍ତେ ମୋ ପାଦତଳକୁ ଆସନ୍ତୁ, ମୁଁ ସମସ୍ତ ପ୍ରକାରର ପୂଜାଲାଭ କରିବି, ଉତ୍ତମ ସାମଗ୍ରୀ ଉପଭୋଗ କରିବି ବୋଲି ଭାବି ଯେଉଁ ତପସ୍ୟା କରାଯାଏ, ତାହା ହେଉଛି ରାଜସିକ ତପସ୍ୟା । ବୃଦ୍ଧାବେଶ୍ୟା ଯେପରି ପ୍ରସାଧନ ଦ୍ୱାରା ନିଜର ମହତ୍ତ୍ୱ ପ୍ରଦର୍ଶନ କରିଥାଏ, ସେହିଭଳି ଯିଏ ନିଜ ମନକୁ ତପସ୍ୟାଜଳରେ ସ୍ନାନ କରାଇ 'ମୁଁ ପବିତ୍ର ହୋଇଗଲି' ବୋଲି ଭାବିଥାଏ, ଧନ ଆଶାରେ ତପସ୍ୟାକଷ୍ଟ ସହ୍ୟ କରିଥାଏ, ତାର ତପସ୍ୟା ରାଜସିକ । ଏକପ୍ରକାରର କୀଟ ଅଛନ୍ତି, ଯେଉଁମାନେ କି ଗାଈର ଚିରରୁ ଅଲକ୍ଷିତ ଭାବରେ ଦୁଗ୍ଧ ପାନ କରିନିଅନ୍ତି, ଫଳରେ ଗାଈ ପ୍ରସବ କରିବାପରେ ମଧ୍ୟ ଦୁଗ୍ଧ ଦିଏନା । ପାଚିଲା ଶସ୍ୟ କ୍ଷେତ୍ରରେ ପଶୁ ପ୍ରବେଶ କଲେ ଫସଲ ଘରକୁ ଆସେ କି ? ସେହିଭଳି ତପସ୍ୟାର ବଢ଼େଇ କରି ବସିଲେ, ଏହାର ଫଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । କେହି କେହି ଏ ତପସ୍ୟା ନିଷ୍ଫଳ ମନେକରି ଅଧାରୁ ପରିତ୍ୟାଗ କରିଥାଆନ୍ତି । ଅଦିନମେଘ ଚାରିଆଡ଼ ଅନ୍ଧାର କରିଦେଇ ଗର୍ଜନ କଲେ ମଧ୍ୟ ଅଧିକକାଳ ସ୍ଥାୟୀ ହୁଏନାହିଁ, ସେହିଭଳି ରାଜସତପସ୍ୟାରୁ ଯେଉଁ ଫଳ ମିଳେ, ତାହା କ୍ଷଣସ୍ଥାୟୀ ।

କିନ୍ତୁ ତାମସିକ ତପସ୍ୟାରେ ଇହଲୋକ ଓ ପରଲୋକ ଉଭୟ ନଷ୍ଟ ହୁଏ ।

ମୂଢ଼ଗ୍ରାହେଣାତ୍ମନୋ ଯତ୍‌ପୀଡ଼ୟା କ୍ରିୟତେ ତପଃ ।
ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ॥୧୯॥

ହେ ଧନୁର୍ଦ୍ଧର ! ତାମସ ପ୍ରକୃତିର ତପସ୍ୱୀ ଅନ୍ତର ଭିତରେ ମୂର୍ଖତାକୁ ବୃଦ୍ଧିକରି ଶରୀରକୁ ଶତ୍ରୁ ମନେକରିଥାଏ ଏବଂ ତାକୁ ପ୍ରଜ୍ୱଳିତ ପଞ୍ଚାଗ୍ନିରେ ତପ୍ତ କରିଥାଏ । ଦେହକୁ ଇନ୍ଧନ କରି ଅଗ୍ନିରେ ଆହୁତି ଦିଏ । ନିଜ ମସ୍ତକ ଉପରେ ଧୂପ ତଥା ଅଗ୍ନି ପ୍ରଜ୍ୱଳିତ କରେ, କଣ୍ଟକିତ ଆସନରେ ଉପବେଶନ କରେ, ଦେହକୁ ଅଙ୍ଗାରରେ ପରିଣତ କରେ । ଶ୍ୱାସ, ପ୍ରଶ୍ୱାସ ବନ୍ଦ କରି ବୃଥା

ଉପବାସରେ ସମୟ ଅତିବାହିତ କରେ । କେହି କେହି ଗୋଡ଼କୁ ଉପରକୁ ରଖି ମୁଣ୍ଡକୁ ତଳକୁ କରି ଥାଆନ୍ତି । ଧୂନି ପାଖରେ ମୁହଁକୁ ଲଟକେଇ ଧୂମପାନ କରିଥାଆନ୍ତି । ଆଉ କାହାର କାହାର ସାଧନା ଅଦ୍‌ଭୁତ ପ୍ରକାରର । ଏମାନେ ବରଫ ଭଳି ଥଣ୍ଡା ନଦୀ ଜଳରେ ବେକେ ପର୍ଯ୍ୟନ୍ତ ବୁଡ଼ି ରହନ୍ତି । କେହି କେହି ନିଜ ଦେହରୁ ଖଣ୍ଡ ଖଣ୍ଡ କରି ମାଂସ କାଟି ପକାଇଥାନ୍ତି । କେହି କେହି ଖୋଲା ଆକାଶ ତଳେ ନଦୀକୂଳରେ କିମ୍ବା ଖୋଲା ପଡ଼ିଆରେ ଦିନରାତି ବସି ରହିଥାଆନ୍ତି । ଏହିଭଳି ଭାବରେ ଶରୀରକୁ ଅନେକ ପ୍ରକାରର କଷ୍ଟ ଦେଇ ଯେଉଁ ତପସ୍ୟା କରାଯାଏ, ସେଥିରେ ଅନ୍ୟମାନଙ୍କର ଅନିଷ୍ଟ କରିବା ହିଁ ସାର ହୁଏ । ହେ ଧନଞ୍ଜୟ ! ପଥର ସ୍ୱସ୍ଥାନଚ୍ୟୁତ ହୋଇ ତଳେ ପଡ଼ିଲେ ତଳେ ଥିବା ବସ୍ତୁ ପେଷି ହୋଇଯାଏ । ନିଜେ ପଥର ମଧ୍ୟ ନିଜ ଓଜନ ହେତୁ ତଳେ ପଡ଼ି ଚୂନ୍‌ଚୂନା ହୋଇଯାଏ । ସେହିଭଳି ଯିଏ ନିଜେ କ୍ଲେଶ ଭୋଗ କରି ନିଜେ ସୁଖୀ ହୁଏ ଏବଂ ଅନ୍ୟ ଲୋକକୁ ଦୁଃଖ ଦିଏ, ସେହି କ୍ଲେଶଦାୟକ ତପସ୍ୱୀର ତପସ୍ୟା ତାମସିକ । ସାତ୍ତ୍ୱିକ ଆଦି ଗୁଣ ଭେଦରେ ତିନିପ୍ରକାରର ତପସ୍ୟା କଥା କହିଲି । ବର୍ତ୍ତମାନ ତୁମକୁ ମୁଁ ତ୍ରିବିଧ 'ଦାନ'ର ଲକ୍ଷଣ ବର୍ଣ୍ଣନା କରିବି । ତିନି ପ୍ରକାରର ଗୁଣ ହେତୁ ଦାନ ମଧ୍ୟ ତିନି ଶ୍ରେଣୀର । ଏଥିରୁ ପ୍ରଥମେ ସାତ୍ତ୍ୱିକ 'ଦାନ'ର ଲକ୍ଷଣ କଥା କହୁଛି ଶୁଣ ।

ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ ।
ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂସ୍ମୃତମ୍ ॥୨୦॥

ଧର୍ମାଚରଣପୂର୍ବକ ଯେଉଁ ଧନ ମିଳିଥାଏ, ତାକୁ ଆଦର ପୂର୍ବକ ଅନ୍ୟକୁ ଦାନ କରିବା ଉଚିତ । କେବେ କେବେ ଏଭଳି ପରିସ୍ଥିତି ହୁଏ, ଯେଉଁଥିରେ ଭଲ ବିହନ ମିଳିଲେ ମଧ୍ୟ ବୁଣିବାଲାଗି ଉପଯୁକ୍ତ କ୍ଷେତ୍ର ମିଳେନାହିଁ । ଦାନ ସମ୍ପର୍କରେ ଠିକ୍ ଏହିଭଳି ଅବସ୍ଥା ହୁଏ । ବହୁ ମୂଲ୍ୟବାନ୍ ରତ୍ନ ମିଳିଲେ ମଧ୍ୟ ସ୍ୱର୍ଣ୍ଣର ଅଭାବ ଦେଖାଯାଏ । ରତ୍ନ ଓ ସ୍ୱର୍ଣ୍ଣ ଉଭୟ ମିଳିଲେ ମଧ୍ୟ ଏହି ଦୁଇର ସଂଯୋଗରେ ନିର୍ମିତ ଅଳଙ୍କାର ପିନ୍ଧିବା ଲାଗି ଶରୀର ଅସମର୍ଥ ହୁଏ । କଥାରେ ଅଛି, କାନ

ଥିଲେ ନୋଳି ନାହିଁ, ନୋଳି ଥିଲେ କାନ ନାହିଁ । ଥରେ ଥରେ 'ଦାନ'ର ଏହି ଅବସ୍ଥା ହୋଇଥାଏ । କିନ୍ତୁ ମନୁଷ୍ୟର ଭାଗ୍ୟୋଦୟ ଘଟିଲେ, ସମୟ ଯେପରି ଅନୁକୂଳ ହୁଏ, ସେହିଭଳି ଆତ୍ମୀୟସ୍ୱଜନ, ଧନସମ୍ପଦ ମଧ୍ୟ ଆସି ଜୁଟେ । ସେହିଭଳି ଦାନର ସହାୟତା ଲାଗି ଯେତେବେଳେ ସତ୍ତ୍ୱଗୁଣ ଆଗଭର ହୋଇ ଆସେ, ସେତେବେଳେ ଉପଯୁକ୍ତ ଦେଶ, କାଳ, ପାତ୍ର ଏବଂ ଦ୍ରବ୍ୟ ମଧ୍ୟ ମିଳିତ ହୁଏ । ତେଣୁ ଉଚିତ ଦାନ କରିବାଲାଗି ପ୍ରଥମତଃ କୁରୁକ୍ଷେତ୍ର, କାଶୀ, ଗୟା, ଗଙ୍ଗା ପ୍ରଭୃତି ପବିତ୍ର ଭୂପ୍ରଦେଶରେ ପହଞ୍ଚିବା ଲାଗି ଉଦ୍ୟମ କରାଯିବା ଆବଶ୍ୟକ । ସେହିଭଳି ସୂର୍ଯ୍ୟପରାଗ କିମ୍ବା ଚନ୍ଦ୍ରଗ୍ରହଣ ଭଳି ପୁଣ୍ୟକାଳକୁ ଅପେକ୍ଷା କରାଯିବା ଉଚିତ । ଯଦି ତାହା ସମ୍ଭବ ନହୁଏ, ପୂର୍ଣ୍ଣିମା କିମ୍ବା ଅମାବାସ୍ୟା କିମ୍ବା ସେହିଭଳି ପୁଣ୍ୟକାଳ ଦେଖିବା ଉଚିତ ।

କେବଳ ସେତିକି ନୁହେଁ, ଦାନଗ୍ରହଣ ଲାଗି ଯୋଗ୍ୟ ବ୍ୟକ୍ତିକୁ ପାଇବା ନିମନ୍ତେ ଉଦ୍ୟମ କରିବାକୁ ପଡ଼ିବ । ଦାନ ଗ୍ରହଣକାରୀ ଜଣେ ଶୁଦ୍ଧପୁରୁଷ, ପବିତ୍ର ବ୍ରାହ୍ମଣ, ଶ୍ରେଷ୍ଠ ବେଦଜ୍ଞ ପଣ୍ଡିତ ଓ ସଦାଚାରୀ ହୋଇଥିବା ଆବଶ୍ୟକ । ଏଭଳି ବ୍ୟକ୍ତି ମିଳିଲେ ତାଙ୍କୁ ଦାନ କରିବା ଉଚିତ । କିନ୍ତୁ ଏହି କାମ କିପରି କରାଯିବା ଆବଶ୍ୟକ, ତାହା ଜାଣିବା ଉଚିତ । ପ୍ରିୟ ପତି ନିକଟକୁ କାନ୍ତା ମର୍ଯ୍ୟାଦା ସହିତ ଗମନ କରିଥାଏ । ନିଜ ପାଖରେ ରଖିଥିବା ଅନ୍ୟର ଜିନିଷ ତାକୁ ଫେରାଇଦେବା ପରେ ମନୁଷ୍ୟ ଉଶ୍ୱାସବୋଧ କରେ । ନୃପତିକୁ ଅତି ନମ୍ରଭାବରେ ତାମ୍ବୁଲ ଅର୍ପଣ କରି ଭୃତ୍ୟ ତାର କର୍ତ୍ତବ୍ୟ ସମ୍ପାଦନ କରିଥାଏ । ସେହିଭଳି ନିଷ୍କାମ ମନରେ ଶ୍ରେଷ୍ଠ ବ୍ରାହ୍ମଣଙ୍କୁ ଭୂମି ପ୍ରଭୃତି ଦାନ କରିବା ଉଚିତ । ଦାନ କରିବାବେଳେ ମନରେ କୌଣସି କାମନାକୁ ସ୍ଥାନ ଦେବା ଅନୁଚିତ । ଦାନ ଏଭଳି ଲୋକଙ୍କୁ ଦିଆଯିବା ଉଚିତ, ଯାହାଠାରୁ କି ଦାନ ବିନିମୟରେ କିଛି ପାଇବା ଆଶା କରାଯାଇ ନ ପାରେ । ଶୂନ୍ୟରେ ଅର୍ଥାତ୍ ଆକାଶକୁ ମୁହଁ କରି କୌଣସି ଧ୍ୱନି କଲେ ତାର କୌଣସି ପ୍ରତିଧ୍ୱନି ହୋଇ ନଥାଏ, ଦର୍ପଣର ପଛପଟୁ ଦେଖିଲେ ମୁହଁ ଦେଖାଯାଏନା । ଜଳ ଭିତରକୁ ପେଣ୍ଡୁ ଫିଙ୍ଗିଲେ ତାହା ଲେଉଟି ଆସେନା । ଷଣ୍ଢକୁ ଆଦର କଲେ କିମ୍ବା କୃତଘ୍ନ ମନୁଷ୍ୟର ଉପକାର କଲେ ପ୍ରତ୍ୟୁପକାରର ଆଶା କରିବା ବୃଥା । ସେହିଭଳି ଯାହାକୁ ଦାନ କରିବ, ତାହାଠୁ

କୌଣସି ଉପକାର ଆଶା କରିବ ନାହିଁ । ଏହିଭଳି ଯେଉଁ ଦାନ କରାଯାଏ, ତାହା ସାତ୍ତ୍ୱିକ ।

ଯତ୍ତୁପ୍ରତ୍ୟୁପକାରାର୍ଥଂ ଫଳମୁଦ୍ଦିଶ୍ୟ ବା ପୁନଃ ।
ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ॥୨୧॥

ଲାଭ ପାଇବା ବା ଅନ୍ୟ କୌଣସି କୁଉଦ୍ଦେଶ୍ୟରେ ଯେଉଁ ଦାନ କରାଯାଏ, ତାହା ହେଉଛି ରାଜସଦାନ । କ୍ଷୀର ପାଇବା ଉଦ୍ଦେଶ୍ୟରେ ଗାଈକୁ ଦାନ ଦେବା, ଶସ୍ୟ ବିକିବା ଉଦ୍ଦେଶ୍ୟରେ ବିହନ ବୁଣିବା, ନାନାଦି ଉପହାର ପାଇବା ଉଦ୍ଦେଶ୍ୟରେ ବନ୍ଧୁମାନଙ୍କୁ ବିଭିନ୍ନ ଉତ୍ସବାନୁଷ୍ଠାନକୁ ନିମନ୍ତ୍ରଣ କରିବା, ପ୍ରତ୍ୟୁପହାର ପାଇବା ଆଶାରେ ଆତ୍ମୀୟସ୍ୱଜନଙ୍କ ନିକଟକୁ ମିଠାଦି ଉପହାର ପଠାଇବା, ବେତନଦେଇ ରୋଗୀର ସେବା କରାଇବା କିମ୍ବା ଅନ୍ୟର କୌଣସି କାର୍ଯ୍ୟ କରିଦେବା ହେଉଛି ରାଜସିକ ଦାନ । ଅର୍ଥ ବିନିମୟରେ ଚିକିତ୍ସକ ଔଷଧ ଦିଏ । ମୋ ଦେବା ଧନରେ ତାର ଭରଣପୋଷଣ ହେବ ଏବଂ ସେ ବାରମ୍ବାର ମୋର ଯଶଗାନ କରିବ– ଦାନ ଦେବାବେଳେ ଯଦି ମନରେ ଏହି ଭାବ ରହିଥାଏ, ତାହାହେଲେ ସେ ଦାନ ରାଜସିକ । ବାଟରେ ଯାଉ ଯାଉ ପ୍ରତ୍ୟୁପକାରର ଆଶା ନ ରଖି ମଧ୍ୟ ଉତ୍ତମ ବ୍ରାହ୍ମଣ ଦେଖିଲେ ତାକୁ ପଇସେ, ଦି' ପଇସା ଦାନ କରି ତାଠାରୁ ନିଜ ଆତ୍ମୀସ୍ୱଜନଙ୍କ ପାପମୋଚନର କାମନା କରିବା ହେଉଛି ରାଜସିକ ଦାନ । ଜଣଙ୍କର ପେଟ ନ ପୂରିବାଭଳି ଅନ୍ନଦାନ କରି ସ୍ୱର୍ଗୀୟ ସୁଖ ଆଶା କରି ବସିବା କିମ୍ବା ଦାନଗ୍ରହଣ କରିସାରି ବ୍ରାହ୍ମଣ ତା ଘରକୁ ଫେରିବାବେଳେ ଦାତା ଯଦି ଭାବେ ଲୋକଟା ମାରିନେଲା ବୋଲି, ତାର ଦାନକୁ କୁହାଯାଏ ରାଜସିକ ।

ଅଦେଶକାଳେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।
ଅସତ୍କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ॥୨୨॥

ହେ ଅର୍ଜୁନ ! ଅପବିତ୍ର ଲୋକଙ୍କ ବସ୍ତିରେ, ଜଙ୍ଗଲରେ, ଅପବିତ୍ର ସ୍ଥାନରେ, ତମ୍ବୁରେ, ନଗରର ଚାରିଛକିରେ କିମ୍ବା ସେହିଭଳି ସ୍ଥାନରେ,

ସନ୍ଧ୍ୟାବେଳେ କିମ୍ବା ରାତିରେ ଚୋରି କରାଯାଇଥିବା କିମ୍ବା ଠକିଆଣିଥିବା ଧନକୁ ଭାଟ, ବାଜିଗର, ବେଶ୍ୟା, ଜୁଆଖେଳାଳୀ, ଭ୍ରମଜନ୍ମାଉଥିବା ଲୋକ, ରୂପବତୀ କିମ୍ବା ଲାବଣ୍ୟବତୀ ନୃତ୍ୟଶୀଳା ଯୁବତୀ ହାତରେ, ତୋଷାମଦକାରୀ ହାତିର ଯେଉଁ ଦାନ ଦିଆଯାଏ, ତାହା ତାମସିକ । କାରଣ ଏହା ଶାରୀରିକ ସୁଖ ଲାଗି ଦିଆଯାଏ । କେବେ କେବେ ଦେବଯୋଗରେ ପୁଣ୍ୟଲାଭ ହେଲାଭଳି ମନେ ହୋଇପାରେ । କୌଣସି କୀଟ କାଠ କାଟୁ କାଟୁ ଯେଉଁ ଗାର ପଡ଼ିଯାଏ * ତାହା ଅକ୍ଷରଭଳି ମଧ୍ୟ କେବେ କେବେ ଦେଖାଯାଇପାରେ । ଦୁଇ ହାତରେ ତାଳି ମାରୁ ମାରୁ ଦୈବାତ୍ କୁଆ ଉଡ଼ିଯାଉଥିବା ସମୟରେ ଦୁଇହାତ ମଝିରେ ପଡ଼ି ଅଟକିଯାଇପାରେ ** । ସେହିଭଳି କେବେ କେବେ ତାମସ ବ୍ୟକ୍ତି ଲାଗି ପବିତ୍ର ସମୟ କିମ୍ବା ପବିତ୍ର ସ୍ଥଳ ଜୁଟିଯାଇପାରେ, ସେହି ସମୟରେ ଦୈବଯୋଗକୁ ଦାନ ଗ୍ରହଣଯୋଗ୍ୟ ବ୍ୟକ୍ତି ବା ବ୍ରାହ୍ମଣ ମଧ୍ୟ ଜୁଟିଯାଇପାରେ କିନ୍ତୁ ଦାତା ଦାନ ଦେବାକୁ ଗଲାବେଳେ ସେ ଅଭିମାନରେ ଏତେ ପ୍ରମତ୍ତ ହୋଇ ଉଠେ ଯେ, ତା ମନରୁ ଶ୍ରଦ୍ଧାଭାବ ଲୋପ ପାଏ । ସେ ଯାଚକ ଆଗରେ ମଥା ଅବନତ କରେନା । ନିଜେ ଅର୍ଘ୍ୟାଦି ଅର୍ପଣ କରିବା କିମ୍ବା କାହାଦ୍ୱାରା ଏହି କାମ କରିବା ଦିଗରେ ମର୍ଯ୍ୟାଦା ହରେଇ ବସେ । ଗନ୍ଧ, ଅକ୍ଷତ ଯୋଗାଡ଼ କରିବା ଦୂରେ ଥାଉ, ଅଭ୍ୟାଗତକୁ ଡାକିଆଣି ସୁଦ୍ଧା ତାକୁ ବସିବାକୁ ଆସନ ଦିଏନା । ହେ ଅର୍ଜୁନ ! ଉପଯୁକ୍ତ କ୍ଷେତ୍ରରେ ମଧ୍ୟ ତାମସିକ ଲୋକ ଏହିଭଳି ଅନୁଚିତ ବ୍ୟବହାର କରିଥାଏ । ସେ ତ କିଛି ଦିଏ ନାହିଁ; ଯଦି ବା ଦିଏ, ତାକୁ ସେଥିଲାଗି ଉତ୍ତମ ମଧ୍ୟମ ଶୁଣେଇ ଛାଡ଼େ । ଋଣଦାତାକୁ ଯେପରି ଅଳ୍ପ କିଛି ଦେଇ ବିଦାୟ କରାଯାଏ, ତାମସିକ ପ୍ରକୃତିର ଲୋକ ସେହିଭଳି ଦାନ ଗ୍ରହଣକାରୀଙ୍କୁ ପ୍ରବଞ୍ଚିତ କରେ ଏବଂ ବହୁତ ଦେଲିଣି, ଆଚ୍ଛା ଆଚ୍ଛା କହି ବିଦାୟ କରିଦିଏ ।

୬୪ କିରୀଟି ! ସେ ଦାନ କରି ମଧ୍ୟ ଗ୍ରହୀତାକୁ ଅପମାନିତ କରେ, ଅବହେଳା କରେ ଏବଂ କଠୋର କଥା କହି ତା ମନରେ କଷ୍ଟ ଦିଏ । ଏହିଭଳି

* ଏହାକୁ 'ଘୃଣାକ୍ଷର' କୁହାଯାଏ ।

** ଏହାକୁ ''କାକତାଳୀୟ ନ୍ୟାୟ'' କୁହାଯାଏ ।

ଭାବରେ ଅର୍ଥବ୍ୟୟକୁ ତାମସିକ ଦାନ କୁହାଯାଏ । ହେ ନୃପନନ୍ଦନ ଅର୍ଜୁନ ! ତିନି ପ୍ରକାରର ଦାନର ସ୍ୱ ସ୍ୱ ଲକ୍ଷଣ ବ୍ୟାଖ୍ୟାନ କରି ତମକୁ ଶୁଣାଇଲି ।

ତୁମ ମନରେ ଏ ପ୍ରଶ୍ନ ଉଠିପାରେ ଯେ, ଯଦି ସାତ୍ତ୍ୱିକ କର୍ମଦ୍ୱାରା ମୋକ୍ଷଲାଭ ସମ୍ଭବ, ତାହାହେଲେ ରାଜସିକ, ତାମସିକ ଆଦି ହୀନକର୍ମ ଗୁଡ଼ିକର ଅଯଥା ବର୍ଣ୍ଣନା କରାଯାଉଛି କାହିଁକି ? ମନରୁ ଭୂତଭୟ ନ ହଟେଇଲେ, ଗୁମ୍ଫାଭିତରେ ଥିବା ଗୁପ୍ତଧନକୁ ପାଇବା ସମ୍ଭବ ନୁହଁ, ଧୂଆଁକୁ ସହିବାର ଶକ୍ତି ଯାହାର ନାହିଁ, ସେ ନିଆଁ ପୁଇଁବାଲାଗି ବସିବା ଅନୁଚିତ । ଶୁଦ୍ଧତତ୍ତ୍ୱ ତଥା ଶୁଦ୍ଧଜ୍ଞାନ ଉପରେ ମଧ୍ୟ ରଜଃ ଓ ତମଃର ଆବରଣ ରହିଛି । ତେଣୁ ତାକୁ କିପରି ହଟାଯାଇ ପାରିବ, ସେ କଥା ବୁଝାଇବା ଲାଗି ଏ ଦୁଇଟିର ବର୍ଣ୍ଣନା ଅପ୍ରାସଙ୍ଗିକ ନୁହଁ । ମୁଁ ଏବେ ତୁମକୁ (ଦ୍ୱିତୀୟ ଶ୍ଳୋକରୁ ଆରମ୍ଭ କରି ବାଇଶି ଶ୍ଳୋକ ପର୍ଯ୍ୟନ୍ତ) ଶ୍ରଦ୍ଧାଠାରୁ ଆରମ୍ଭ କରି ଦାନ ପର୍ଯ୍ୟନ୍ତ ଯାହା ବୁଝାଇଲି, ସେସବୁ ତିନିଗୁଣ ସମ୍ପନ୍ନ । ସତ୍ତ୍ୱଗୁଣର ଯଥାର୍ଥ ପରିଚୟ ଦେବାଲାଗି ଶ୍ରଦ୍ଧା ଓ ଦାନର ପ୍ରକାରଭେଦକୁ ବୁଝାଇଲି । କେବଳ ସତ୍ତ୍ୱଗୁଣର ବର୍ଣ୍ଣନା କରିଦେଲେ ଚଳିବନି; ଅନ୍ୟ ଦୁଇଟିର ବର୍ଣ୍ଣନା ନ କଲେ ସତ୍ତ୍ୱର ସମ୍ୟକ୍ ପରିଚୟ ମିଳିବନି । ରଜଃ ଓ ତମଃ ଏ ଦୁଇଟିକୁ ତ୍ୟାଗକଲେ ଯାଇ ସାତ୍ତ୍ୱିକଭାବ ଉଦୟ ସମ୍ଭବ । ଦିନ କିମ୍ବା ରାତି ନୁହେଁ କହିଲେ ସନ୍ଧ୍ୟାକୁ ବୁଝାଯାଇଥାଏ । ଠିକ୍ ସେହିଭଳି ରଜଃ ଓ ତମଃ ନଷ୍ଟ ହୋଇଗଲେ ବାକି ରହେ ସତ୍ତ୍ୱଗୁଣ । ସତ୍ତ୍ୱଗୁଣର ପରିଚୟ ଲାଗିହିଁ ରଜଃ ଓ ତମଃଗୁଣର ବର୍ଣ୍ଣନା । ଏ ଦୁଟିକୁ ପରିତ୍ୟାଗ କରି ସତ୍ତ୍ୱଗୁଣଦ୍ୱାରା ଯଜ୍ଞାଦି କର୍ମରେ ପ୍ରବୃତ୍ତ ହୁଏ, ତେବେଯାଇ ଆତ୍ମସତ୍ତା ସହିତ ସାକ୍ଷାତ୍‌କାର ହୋଇପାରିବ । ସୂର୍ଯ୍ୟ ଉଦୟ ହେଲେ ଯାଇ ଆଖିକୁ ଦେଖାଯାଏ । ସେହିଭଳି ସତ୍ତ୍ୱଗୁଣର କର୍ମଦ୍ୱାରା ହିଁ ସବୁ ସଫଳ ହୋଇଥାଏ । ଫଳପ୍ରାପ୍ତି କରାଇବାର ଉପଯୁକ୍ତ ସାମର୍ଥ୍ୟ କେବଳ ସତ୍ତ୍ୱଗୁଣର ହିଁ ରହିଛି । କିନ୍ତୁ ମୋକ୍ଷଲାଭ ସମ୍ପୂର୍ଣ୍ଣ ପୃଥକ୍ କଥା । ଏହାକୁ ପାଇବା ଲାଗି ଉପାୟ ରହିଛି । ସ୍ୱର୍ଣ୍ଣ ଖାଣ୍ଟି ହେଉ ବା ଏହାର ତୋଳାକର ଦାମ ପନ୍ଦର ଟଙ୍କା ହେଉ * ଏଥିରେ ରାଜାଙ୍କ ନାମ ବା ପ୍ରତୀକର ଛାପ ନ ରହିଲେ ଏହା ଚଳି ନଥାଏ । ନିର୍ମଳ, ଶୀତଳ ଓ ସୁବାସିତ

* ଜ୍ଞାନେଶ୍ୱର ମହାରାଜଙ୍କ ସମୟରେ ସୁନାର ଦର ସେତିକି ଥିଲା ।

ଜଳ ସୁଖକର ହୋଇଥାଏ । କିନ୍ତୁ ତୀର୍ଥ ଜଳ ନ ହେଲେ ପବିତ୍ରତା ଲାଭ କରାଯାଇ ନ ପାରେ । ନଦୀ ଯେତେ ବଡ଼ ହେଉନା କାହିଁକି ଏହା କୌଣସି ମହାନଦୀ ସହିତ ନମିଶିଲେ ସମୁଦ୍ରରେ ମିଳିତ ହୋଇ ନଥାଏ । ସେହିଭଳି ହେ କିରୀଟି ! ସାତ୍ତ୍ୱିକ କର୍ମ ମୋକ୍ଷ ପଥରେ ଅଗ୍ରସର ହୋଇପାରେ, ସେଥିରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ମୋକ୍ଷପ୍ରାପ୍ତି ଲାଗି ଏହା ବ୍ୟତୀତ ଆହୁରି କିଛି ରହିଛି ।

ଏକଥା ଶୁଣିବାପରେ ଅର୍ଜୁନଙ୍କ ମନରେ ଉତ୍କଣ୍ଠା ବୃଦ୍ଧି ପାଇବାକୁ ଲାଗିଲା । ସେ କହିଲେ, ହେ ପ୍ରଭୋ ! ଯଦି ଆଉ କିଛି ଅଛି ମତେ ଶୀଘ୍ର କହନ୍ତୁ ।

ପରମ କୃପାଳୁ ଶ୍ରୀକୃଷ୍ଣ କହିଲେ— ତୁମେ ଶୁଣିବାଲାଗି ଯେପରି ବ୍ୟାକୁଳ, ମୁଁ କହିବା ଲାଗି ତାଠାରୁ ଅଧିକ ବ୍ୟାକୁଳ । ସାତ୍ତ୍ୱିକ ପୁରୁଷ କିପରି ମୋକ୍ଷରୂପକ ରତ୍ନ ଦର୍ଶନ କରିପାରେ, ମୁଁ ସ୍ପଷ୍ଟ ଭାବରେ ବୁଝେଇ ଦେବି, ତୁମେ ବ୍ୟସ୍ତ ହୁଅ ନାହିଁ ।

ଓଁ ତତ୍‌ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।
ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ॥୨୩॥

ଜଗତର ମୂଳ କାରଣ ଏବଂ ବିଶ୍ରାନ୍ତିର ସ୍ଥଳ ଯେଉଁ ଅନାଦି ପରବ୍ରହ୍ମ— ତାଙ୍କର ନାମ ଏକ ହେଲେ ମଧ୍ୟ ସେ ତିନିପ୍ରକାରର । ବାସ୍ତବରେ ପରବ୍ରହ୍ମଙ୍କର କୌଣସି ନାଆଁ ନାହିଁ କି କୌଣସି ଜାତି ନାହିଁ କିନ୍ତୁ ଅନାଦି ଅବିଦ୍ୟା ରାତ୍ରିର ଅନ୍ଧକାର ମଧ୍ୟରେ ତାଙ୍କୁ ଚିହ୍ନିବାପାଇଁ ବେଦ ତାଙ୍କର ନାମକରଣ କରିଛି । ଏହା ବେଦର କାଳ୍ପନିକ ନାମ ମାତ୍ର । ପିଲା ଜନ୍ମ ହେବାପରେ ତାର ନାଁ ଦିଆଯାଏ, ସେ ନାଁ ଧରି ଆସିନଥାଏ । ନାଁ ଦିଆ ସରିବା ପରେ ଏବଂ ତାର ବୟସ ସହିତ ବୁଦ୍ଧି ବଢ଼ିବା ସଙ୍ଗେ ସଙ୍ଗେ ତାକୁ ତାର ନାଁ ଧରି ଡାକିଲେ ସେ ଉତ୍ତର ଦିଏ । ସେହିଭଳି ଏହି ସଂସାର ଭିତରେ ରହୁଥିବା ଦୁଃଖ କଷ୍ଟରେ ପୀଡ଼ିତ ଜୀବ ନିଜର ଦୁଃଖ ଜଣାଇବା ଲାଗି ନାନା ନାମରେ ପରବ୍ରହ୍ମଙ୍କୁ ଡାକେ । ତାଙ୍କ ପାଖରେ ନିବେଦନ କରେ । ସେ ଯେଉଁ ନାଁରେ ଡାକୁନା କାହିଁକି ପରବ୍ରହ୍ମ ଉତ୍ତର ଦେଇଥାଆନ୍ତି । ସେ ଯେଉଁ ନାମରେ ପ୍ରତ୍ୟୁତ୍ତର ଦେଇଥାଆନ୍ତି, ସେ ନାମଟି

ହେଉଛି ସତ୍ୟ ଏବଂ ଏହି ନାଁଟି ହେଉଛି ସାଙ୍କେତିକ । ତାଙ୍କର ପରିଚୟ ପାଇବାଲାଗି ହିଁ ନାଁଟି ଧରା ଯାଇଥାଏ । ବେଦ ନିଜର ଦିବ୍ୟଦୃଷ୍ଟି ବଳରେ ଜଗତର ଜୀବଙ୍କ ପ୍ରତି କୃପା କରି ଏପରି ଏକ ମନ୍ତ୍ର ବାହାର କରିଛି, ଯାହା ସାହାଯ୍ୟରେ କି ପରବ୍ରହ୍ମଙ୍କ ଅନିର୍ବଚନୀୟତା ମେଣ୍ଟି ଯାଇପାରୁଛି, ତା ସଙ୍ଗେ ସଙ୍ଗେ ତାଙ୍କର ଅଦ୍ୱୈତ ସ୍ୱରୂପକୁ ବ୍ୟକ୍ତ ରୂପରେ ଅନୁଭବ କରାଯାଇପାରୁଛି । ସେହି ଗୋଟିଏ ମନ୍ତ୍ରକୁ ଉଚ୍ଚାରଣ କରି ବ୍ରହ୍ମଙ୍କୁ ଡାକିପାରିଲେ, ବ୍ରହ୍ମ ପଛରେ ଲୁଚି ରହିଥିଲେ ମଧ୍ୟ ସାମନାକୁ ଚାଲିଆସିବେ । କିନ୍ତୁ ଏହି ମନ୍ତ୍ରର ଜ୍ଞାନପ୍ରାପ୍ତି ସହଜ ନୁହେଁ । ଏହି ମନ୍ତ୍ରଜ୍ଞାନ କେବଳ ତାହାର ହିଁ ଲାଭ ହୋଇପାରେ ଯିଏ ବେଦ-ରୂପକ ପର୍ବତ ଉପରେ ଉପନିଷଦ-ରୂପକ ନଗରରେ ବ୍ରହ୍ମ-ରୂପକ ପଂକ୍ତିରେ ଆସନ ପକାଇ ବସିପାରେ । ପ୍ରଜାପତି ଓ ଶକ୍ତିଦ୍ୱାରା ସୃଷ୍ଟି ହୋଇଛି ଏ ଜଗତ— ଯେଉଁ ଗୋଟିଏ ନାମ ଆବୃତ୍ତି କରିବା ଫଳରେ ଏହା ସୃଷ୍ଟି ହୋଇଛି ଏବଂ ଉପରେ ଯେଉଁ ନାମ କଥା କୁହାଯାଇଛି, ସିଏ ଏହି ନାମ । ହେ ବୀରୋତ୍ତମ ଅର୍ଜୁନ ! ସୃଷ୍ଟିର ଆଦିକାଳରେ ବ୍ରହ୍ମା ଉନ୍ମତ୍ତଙ୍କ ଭଳି ଥିଲେ । ସେ ପରମେଶ୍ୱରଙ୍କୁ ଜାଣି ନଥିଲେ । ତାଙ୍କର ଦୃଷ୍ଟିଶକ୍ତି ମଧ୍ୟ ନଥିଲା । କିନ୍ତୁ ସେହି ଗୋଟିଏ ନାମର ସାଧନ ହିଁ ତାଙ୍କୁ ଶ୍ରେଷ୍ଠ କରିଦେଲା । ମନରେ ଏହି ନାମକୁ ଚିନ୍ତା କରି ଏବଂ ନାମାକ୍ଷରକୁ ଜପ କରି କରି ବିଶ୍ୱରଚନାର ଯୋଗ୍ୟତା ଲାଭ କଲେ ସେ । ଏହି ନାମ ଉଚ୍ଚାରଣ, ଏହି ନାମର ସାଧନାଦ୍ୱାରା ସେ ସୃଷ୍ଟି କଲେ ବ୍ରାହ୍ମଣ ଜାତିକୁ ଏବଂ ବେଦ ମାଧ୍ୟମରେ ଉପଦେଶ ଦ୍ୱାରା ବ୍ରାହ୍ମଣର ଆଚରଣକୁ ନିୟନ୍ତ୍ରିତ କଲେ ସେ । ଜୀବନ ନିର୍ବାହ ଲାଗି ସେ ଯଜ୍ଞ କର୍ମର ବ୍ୟବସ୍ଥା ମଧ୍ୟ କଲେ । ତାପରେ ସୃଷ୍ଟିକଲେ ଅଗଣିତ ମନୁଷ୍ୟ ଏବଂ ଏହି ମନୁଷ୍ୟ ସମାଜକୁ ତ୍ରିଭୁବନ ଉପହାର ଦେଲେ ସେ ।

ଶ୍ରୀ ଲକ୍ଷ୍ମୀପତି କହିଲେ, ଯେଉଁ ମନ୍ତ୍ରଦ୍ୱାରା ବ୍ରହ୍ମା ଶ୍ରେଷ୍ଠତ୍ୱ ଲାଭ କଲେ, ସେ ମନ୍ତ୍ରଟି କ'ଣ କହୁଛି ଶୁଣ । ସବୁ ମନ୍ତ୍ରର ମୁକୁଟମଣି ସମ୍ରାଟ ହେଉଛି ପ୍ରଣବ ଅର୍ଥାତ୍ 'ଓଁକାର' । ଓଁ ହେଉଛି ଆଦି ଅକ୍ଷର, ଦ୍ୱିତୀୟ ଅକ୍ଷର ହେଉଛି 'ତତ୍',

ତୃତୀୟ ହେଉଛି 'ସତ୍' । ଏହିଭଳି ଭାବରେ ବ୍ରହ୍ମର ନାମ ହେଉଛି 'ଓଁ ତତ୍ ସତ୍' । ବ୍ରହ୍ମାଙ୍କର ଏହି ତ୍ରିଦଳ (ତିନିପାଖୁଡ଼ା) ବିଶିଷ୍ଟ ନାମ ହେଉଛି ଉପନିଷଦର ସବୁଠାରୁ ସୁବାସିତ ପୁଷ୍ପ । ତୁମେ ସାତ୍ତ୍ୱିକ କର୍ମରେ ନିବିଷ୍ଟ ରହି ଯଦି କେବଳ ଏହି ନାମ ଉଚ୍ଚାରଣ କର, ତାହାହେଲେ ମୋକ୍ଷଲାଭ ସୁଦୂରପ୍ରସାରୀ ନୁହଁ । ଅଳଙ୍କାର ପାଇବା କଷ୍ଟକର ହୋଇପାରେ କିନ୍ତୁ ପାଇଗଲେ ତାକୁ କିଭଳି ପିନ୍ଧିବ, କେଉଁଠି ପିନ୍ଧିବ, ଜାଣିବା କଷ୍ଟକର ନୁହଁ । ସାତ୍ତ୍ୱିକ କର୍ମ କରିବା ଏବଂ ପରବ୍ରହ୍ମର ଏହି ନାମ ଉଚ୍ଚାରଣ କରିବା କେବଳ ଗୁରୁତ୍ୱପୂର୍ଣ୍ଣ ନୁହଁ, ଏହି ନାମ କିପରି ଓ କାହିଁକି ଯଥାର୍ଥ ଓ ଉପଯୋଗୀ ଜାଣିବା ଆବଶ୍ୟକ । କର୍ପୂରମାଳା ପାଇବା ଯଥେଷ୍ଟ ନୁହଁ, ଏହାକୁ ଧାରଣ କରିବାର ରୀତି ନଜାଣି ପାରିଲେ ଏହି ମାଳା ବୃଥା । ମୁହଁରେ ବ୍ରହ୍ମ ନାମ ଓ ସତ୍‌କର୍ମ କଲେ ମଧ୍ୟ ଏହାର ବ୍ୟବହାର ରୀତି ନ ଜାଣିଲେ ସବୁ ବୃଥା । ଗୁଡ଼ିଏ ସୁନ୍ଦର ଫୁଲ ସଂଗ୍ରହ କରି ଆଣିଲେ ମଧ୍ୟ ଏହାକୁ ସୁନ୍ଦର ଭାବରେ ସଜେଇ ଗୁନ୍ଥି ନ ଜାଣିଲେ ଫୁଲ କେବଳ ଫୁଲ ହୋଇ ରହିବ । ଘରେ ଖାଦ୍ୟ ଅଛି, ପିଲାର କ୍ଷୁଧା ମଧ୍ୟ ଅଛି, କିନ୍ତୁ ପିଲାକୁ ଖୁଆଇବାର ରୀତି ଜଣାନଥିଲେ ପିଲା ଭୋକରେ ରହିବା ସାର ହୋଇଥାଏ । ତେଲ, ସଳିତା ଓ ଅଗ୍ନି ଥିଲେ ମଧ୍ୟ ପ୍ରଦୀପ ଜାଳିବାର ରୀତି ଜଣା ନଥିଲେ ଆଲୋକ ପାଇବା ସମ୍ଭବ ହୁଏନା । ସେହିଭଳି ଯଥା ସମୟରେ ସତ୍ କର୍ମାନୁଷ୍ଠାନ ଏବଂ ମନ ଭିତରେ ମନ୍ତ୍ର ଥିଲେ ମଧ୍ୟ ଏହାର ପ୍ରୟୋଗ-ଜ୍ଞାନ ନଥିଲେ, ଏହା ନିଷ୍ଫଳ ହୁଏ । ଏଥିଲାଗି ପରବ୍ରହ୍ମଙ୍କ ନାମ ଏହି ତିନୋଟି ଅକ୍ଷରର ବିନିଯୋଗରେ ପ୍ରଦର୍ଶିତ ହୋଇଛି ।

ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃ କ୍ରିୟାଃ ।
ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ ॥୨୪॥

ଏହି ନାମର ଅକ୍ଷର ତିନୋଟିକୁ କର୍ମର ଆରମ୍ଭ, ମଧ୍ୟ ଓ ଶେଷରେ ଯଥାକ୍ରମରେ ପ୍ରୟୋଗ କରାଯିବା ଉଚିତ । ହେ କିରୀଟି ! ଏହି ପ୍ରଯୁକ୍ତି ବଳରେ ବ୍ରହ୍ମଜ୍ଞାନୀ ବ୍ରହ୍ମର ସାକ୍ଷାତ୍‌ଲାଭ କରେ । ଯେଉଁ ଲୋକ ଶାସ୍ତ୍ରଜ୍ଞାନ ଯୋଗୁଁ କର୍ମନିଷ୍ଠ

ହୋଇଉଠେ, ସେ ବ୍ରହ୍ମ ସହିତ ଲୀନ ହେବାଲାଗି ଯଜ୍ଞ ନ କରି ରହିପାରେନା । ସେ ପ୍ରଥମତଃ ଧ୍ୟାନରେ ଓଁକାରକୁ ପ୍ରତ୍ୟକ୍ଷ ଦର୍ଶନ କରି ତୁଣ୍ଡରେ ଏହି ଓଁକାରର ସ୍ପଷ୍ଟ ଉଚ୍ଚାରଣପୂର୍ବକ କର୍ମ ଆରମ୍ଭ କରିଥାଏ । କର୍ମ ଆରମ୍ଭରେ ଓଁକାରର ଦର୍ଶନ ଓ ଉଚ୍ଚାରଣ କରିବା ହେଉଛି ଅନ୍ଧକାରାଚ୍ଛନ୍ନ ଗୃହରେ ପ୍ରବେଶ ମାତ୍ରେ ଅଖଣ୍ଡ ପ୍ରଦୀପ ପାଇବାଭଳି ଏବଂ ଅରଣ୍ୟ ପଥରେ ଯିବାବେଳେ ବଳବାନ୍ ସାହସୀ ବନ୍ଧୁ ପାଇବା ଭଳି । ବ୍ରହ୍ମଜ୍ଞାନୀ ନିଜର ଇଷ୍ଟଦେବତା ଉଦ୍ଦେଶ୍ୟରେ ଧର୍ମ ପଥରେ ଅର୍ଜିତ ବହୁ ଦ୍ରବ୍ୟ ବ୍ୟୟପୂର୍ବକ ବ୍ରାହ୍ମଣଦ୍ୱାରା ଯଜ୍ଞାନୁଷ୍ଠାନ କରାଇଥାଆନ୍ତି । ଆବହନୀୟ, ଗାର୍ହପତ୍ୟ ଓ ଦକ୍ଷିଣ ଏହି ତିନି ଅଗ୍ନିରେ ବିଧିପୂର୍ବକ ଦକ୍ଷତା ସହିତ ସେମାନେ ହୋମ କରିଥାଆନ୍ତି । ସେ ବହୁ ପ୍ରକାରର ଯାଗଯଜ୍ଞାଦି ଅଙ୍ଗୀକାର କରି ଏହି ମାୟାଜନିତ ସାଂସାରିକ ମୋହକୁ ତ୍ୟାଗ କରିଥାଏ । ନ୍ୟାୟୋଚିତ ଭାବରେ ସେ ପାଇଥିବା ଗୋ, ଭୂମି ଆଦି ଦ୍ରବ୍ୟକୁ ଉପଯୁକ୍ତ ସ୍ଥାନ, କାଳ, ପାତ୍ରରେ ଦାନ କରିଥାଏ । ଦିନେ ଛଡ଼ା ଦିନେ କୁଚ୍ଛ ଚାନ୍ଦ୍ରାୟଣ (ଦିନେ ଖାଇଲେ ଆରଦିନ ନ ଖାଇ ରହିବା) ବ୍ରତ ଓ ଉପବାସାଦିଦ୍ୱାରା ଦେହର ଧାତୁକୁ ଶୁଖେଇ ଶୁଖେଇ ସେ ତପସ୍ୟା କରିଥାଏ । ଏହି ପ୍ରକାରର ଯଜ୍ଞ, ଦାନ ଓ ତପସ୍ୟା ପ୍ରଭୃତି ଯାହାକୁ ବନ୍ଧନର ହେତୁ ବୋଲି କୁହାଯାଇଛି, ସେସବୁ ମଧ୍ୟ ବ୍ରହ୍ମଜ୍ଞାନୀ ଲାଗି ମୋକ୍ଷର ସୁଲଭ ସାଧନ ରୂପେ ପରିଣତ ହୋଇଉଠେ । ଯେଉଁଠି ନୌକା ଚାଲେନା, ସେଠାରେ ପାଦରେ ଚାଲି ଚାଲି କିମ୍ବା ପହଁରି ପହଁରି ନଦୀ ପାରହେବାକୁ ପଡ଼ିଥାଏ । ସେହିଭଳି ଏହି ନାମଦ୍ୱାରା ବନ୍ଧନକାରକ କର୍ମ ମଧ୍ୟ ମୁକ୍ତିର ହେତୁ ହୁଏ । ଯଜ୍ଞ ଓ ଦାନ ଆଦି କ୍ରିୟା 'ଓଁକାର' ସାହାଯ୍ୟରେ ହିତକାରକ ହୁଏ । ହେ ଅର୍ଜୁନ ! ତୁମେ ଏକଥା ଧ୍ୟାନରେ ରଖ ଯେ ଏହି କ୍ରିୟାର ଫଳ ନିକଟରେ ପହଞ୍ଚିଗଲଣି, ତାହା ଅନୁଭବ କରିବା ମାତ୍ରେ 'ତତ୍' ଶବ୍ଦର ପ୍ରୟୋଗ କରିବ ।

ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ ।
ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ॥୨୫॥

ନିଖିଳ ବିଶ୍ୱର ଅତୀତ ସର୍ବସାକ୍ଷୀ ପରବ୍ରହ୍ମ 'ତତ୍' ଶବ୍ଦ ଦ୍ୱାରା ପରିଚିତ । ଜ୍ଞାନୀ ସେହିପରି ପରବ୍ରହ୍ମଙ୍କୁ ହିଁ ସମସ୍ତଙ୍କର ଆଦି ତଥା କାରଣ ବୋଲି ଜାଣି ଅନ୍ତରରେ ତାଙ୍କର ରୂପକୁ ଧ୍ୟାନ କରେ ଏବଂ ଉଚ୍ଚାରଣଦ୍ୱାରା ବାଣୀ ମାଧ୍ୟମରେ ପ୍ରତ୍ୟକ୍ଷ କରେ । ସେ କହେ ସକଳ କର୍ମ ଫଳ ସହିତ 'ତତ୍' ସ୍ୱରୂପ ବ୍ରହ୍ମରେ ଅର୍ପିତ ହେଉ । ମୋର ଭୋଗ କିଛି ବାକୀ ନ ରହୁ । ଏହିଭଳି ଭାବରେ ତତ୍‌ରୂପୀ ବ୍ରହ୍ମଙ୍କୁ ନିଜର ସମସ୍ତ କର୍ମ ସମର୍ପଣ କରି, 'ମୋର କିଛି ନାହିଁ' କହି ସମସ୍ତ କର୍ମରୁ ସେ ନିଜକୁ ଅଲଗା କରିନିଏ । ଓଁକାର ସହିତ ଆରବ୍ଧ କର୍ମ 'ତତ୍‌କାର' ଦ୍ୱାରା ସମର୍ପିତ ହେଲେ, ସେ କର୍ମ 'ବ୍ରହ୍ମାକାର' ହୋଇଯାଏ । ଏହି ଅବସ୍ଥାରେ ମଧ୍ୟ ଦ୍ୱୈତଭାବ ରହିଥାଏ ବୋଲି ଏହାଦ୍ୱାରା ସଫଳତା ମିଳେନା । ଲୁଣ ନିଜେ ପାଣିରେ ମିଳେଇଗଲେ କ'ଣ ହେବ ତଥାପି ଏହି ଲବଣାଂଶ ବାକୀ ରହିଯାଏ । ସେହିଭଳି 'ମୁଁ ମୋର କର୍ମ ବ୍ରହ୍ମଙ୍କ ନିକଟରେ ଅର୍ପଣ କରି ଦେଇଛି'— ଏହି ଭାବହିଁ କର୍ତ୍ତାର ମନରେ ଦ୍ୱୈତଭାବ ସୃଷ୍ଟି କରିଥାଏ । ଏହି ଦ୍ୱୈତଭାବ ମନ ଭିତରେ ରହିଥିବାଯାଏ ସଂସାର ଭୟ ରହିଥାଏ । ଏକଥା ବେଦ କହି ଆସିଛି । ତେଣୁ କର୍ତ୍ତୃତ୍ୱର ଅଭିମାନ ହେତୁ ଯେଉଁ ବ୍ରହ୍ମ ନିଜଠାରୁ ଅଲଗା ଜଣାପଡ଼ିଥାଏ, ସେଥିରେ ଆତ୍ମତ୍ୱର (ଅର୍ଥାତ୍ ନିଜେହିଁ ଆତ୍ମସ୍ୱରୂପ) ପ୍ରତ୍ୟୟ ଲାଗି 'ସତ୍' ଶବ୍ଦ ରଖାଯାଉଛି । ଓଁ କାର ଓ ତତ୍‌କାରଦ୍ୱାରା ଯେଉଁ କର୍ମକୁ ବ୍ରହ୍ମସ୍ୱରୂପ କରିଦିଆଯାଏ, ଏହାକୁ 'ପ୍ରଶସ୍ତ' ଆଦି ଶବ୍ଦଦ୍ୱାରା ବର୍ଣ୍ଣନା କରାଯାଇଥାଏ । ଅର୍ଥାତ୍ ସେହି ପ୍ରଶଂସିତ କର୍ମରେହିଁ ସତ୍ ଶବ୍ଦର ପ୍ରୟୋଗ କରାଯାଇଥାଏ । ଏହି 'ସତ୍' ଶବ୍ଦଟିକୁ ସ୍ପଷ୍ଟ କରିବାଲାଗି ମୁଁ ତୁମକୁ ସବିଶେଷ ଭାବରେ କହିବି ।

ସଦ୍ଭାବେ ସାଧୁଭାବେ ଚ ସଦିତ୍ୟେତତ୍ ପ୍ରଯୁଜ୍ୟତେ ।
ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ ॥୨୬॥

ଏହି ସତ୍ ଶବ୍ଦ ଦ୍ୱାରା ଅସତ୍ ଅଜ୍ଞାନରୁ ଜାତ ନାମରୂପାତ୍ମକ ବିଶ୍ୱର ସତ୍ତା ଲୋପ ପାଏ ଏବଂ ସତ୍ ବା ନିଷ୍କଳଙ୍କ ସତ୍ତ୍ୱର ସ୍ୱରୂପ ପ୍ରକଟିତ ହୋଇଥାଏ । କୌଣସି କାଳରେ କୌଣସି କ୍ଷେତ୍ର ବା ସ୍ଥାନରେ ଯିଏ ନିଜର ସ୍ୱରୂପ ତ୍ୟାଗ

କରେନା, ତାହାହିଁ ସତ୍ । ଏହା ଅଖଣ୍ଡ । ଦୃଷ୍ଟ ବସ୍ତୁମାତ୍ରକେ ଅନିତ୍ୟ; ଅତଏବ ଅସତ୍ ଏହି ଜ୍ଞାନ ହେଲେ ଯେଉଁ ବ୍ରହ୍ମପ୍ରାପ୍ତି ହୁଏ, ଏହାଦ୍ୱାରା ସର୍ବାତ୍ମକ ବ୍ରହ୍ମସ୍ୱରୂପାକାର ହୋଇ ସମସ୍ତ କର୍ମ ସମାନ ହୋଇଉଠେ ଏବଂ ସବୁକ୍ଷେତ୍ରରେ ଅଭିନ୍ନତା ହିଁ ଦେଖାଯାଏ, ତେଣୁ ଓଁକାର ଓ ତତ୍‌କାର ଦ୍ୱାରା ଯେଉଁ କର୍ମ ବ୍ରହ୍ମାକାର ହୋଇଯାଏ, ସେହି କର୍ମ ସଦ୍‌ରୂପୀ ହୋଇଯାଏ । ହେ ଅର୍ଜୁନ ! ଏହିଭଳି ଭାବରେ ଏହି ସତ୍ ଶବ୍ଦର ଉପଯୋଗକୁ ତୁମେ ଧ୍ୟାନରେ ରଖ ।

ରଙ୍ଗନାଥ ଶ୍ରୀକୃଷ୍ଣ ଏକଥା କହିଲେ, ମୁଁ ଜ୍ଞାନେଶ୍ୱର ଏକଥା କହୁନି । ଯଦି କହେ 'ମୁଁ କହୁଚି', ତାହାହେଲେ ଶ୍ରୀକୃଷ୍ଣ ସମ୍ପର୍କରେ ଦ୍ୱୈତଭାବ ରହିବ । ତେଣୁ ପୂର୍ବରୁ ଯାହା କୁହାଗଲା, ତାହା ଶ୍ରୀକୃଷ୍ଣ କହିଛନ୍ତି ବୋଲି ଶ୍ରୋତାବର୍ଗ ବୁଝିବା ଉଚିତ ।

ଏହି ସତ୍ ଶବ୍ଦ ସାତ୍ତ୍ୱିକ କର୍ମର ଆହୁରି ଏକପ୍ରକାରର ଉପକାର କରିଥାଏ । ଉତ୍ତମ ସତ୍‌କର୍ମ ଅଧିକାର ଅନୁସାରେ କରାଗଲେ ମଧ୍ୟ କୌଣସି ଭାବରେ ଏହାର କୌଣସି ନ୍ୟୂନତା ରହିଲେ, ଏହା ଅସତ୍ ହୋଇପଡ଼େ । ଅନ୍ୟ ସବୁ ଅଙ୍ଗ ସୁନ୍ଦର ଥାଇ ମଧ୍ୟ ଯଦି ଗୋଟିଏ ଅଙ୍ଗ ଅସୁନ୍ଦର ରହେ, ତାହାହେଲେ ଶରୀରର ଶୋଭା ବିଘ୍ନିତ ହୋଇପଡ଼େ । ଚକ ନ ଥାଇ ରଥ ଚଳିପାରେ କି ? ସେହିଭଳି କୌଣସି ଗୋଟିଏ ଗୁଣର ଅଭାବରେ ସତ୍‌କର୍ମ ମଧ୍ୟ ଅସତ୍ ହୋଇଉଠେ । ସେହି ସମୟରେ ଓଁକାର ଓ ତତ୍‌କାର ସହିତ ସତ୍‌ଶବ୍ଦ ମିଳିତ ହୋଇ କର୍ମର ଅଭାବକୁ ପୂରଣ କରିଦିଏ, ତ୍ରୁଟିକୁ ଦୂର କରିଦିଏ । ସତ୍ ଶବ୍ଦ ଏହି ଅସତ୍ ସ୍ୱରୂପକୁ ଦୂର କରି ହୀନକର୍ମକୁ ସର୍ବାଙ୍ଗସୁନ୍ଦର କରିଦିଏ । ଔଷଧ ରୋଗଗ୍ରସ୍ତ ଲୋକକୁ ରୋଗମୁକ୍ତ କରେ, ପୀଡ଼ିତ ମନୁଷ୍ୟର ପୀଡ଼ା ଦୂର କରେ, ସେହିଭଳି ସତ୍‌ଶବ୍ଦର ପ୍ରୟୋଗରେ ଅସତ୍ ହଟିଯାଏ । ସମୟେ ସମୟେ କୌଣସି ଭୁଲବଶତଃ କୌଣସି କୌଣସି କର୍ମ ବିଧିବିଧାନକୁ ଲଙ୍ଘନ କରି ନିଷିଦ୍ଧ ମାର୍ଗରେ ଅଗ୍ରସର ହୋଇଥାଏ । ବାଟୋଇ ମଧ୍ୟ ଥରେ ଥରେ ବାଟବଣା ହୋଇପଡ଼େ । ପରୀକ୍ଷକର ମଧ୍ୟ ଭୁଲ ହୁଏ । ତେଣୁ ଏହିଭଳି ଅବିଚାରବଶତଃ

ଭୁଲ୍ ଯୋଗୁଁ କର୍ମ ନିଜର ସୀମାକୁ ଛାଡ଼ି ଅସତ୍‌କର୍ମର ପାଲରେ ପଡ଼ିଯାଏ । ସେତେବେଳେ ହେ ସଖା ଅର୍ଜୁନ ! ଓଁକାର ଓ ତତ୍‌କାରର ପ୍ରୟୋଗଠାରୁ ଅଧିକ ଯତ୍ନର ସହିତ ଯଦି 'ସତ୍‌କାର'ର ପ୍ରୟୋଗ କରାଯାଏ, ତେବେ କର୍ମ ନିର୍ମଳ ହୋଇଉଠିବ । ଲୌହ ସହିତ ସ୍ୱର୍ଶମଣିର ସଂଯୋଗ ଘଟିଲେ, ନାଳନର୍ଦ୍ଦମାର ଜଳ ଗଙ୍ଗାର ଜଳ ସହିତ ମିଶିଲେ, ମୃତ ଉପରେ ଅମୃତ ବର୍ଷଣ ହେଲେ, ଯେପରି କୃତାର୍ଥ ଲାଭ ହୁଏ, ହେ ବୀରେଶ ! ସତ୍ ଶବ୍ଦର ପ୍ରୟୋଗରେ ଅସାଧୁ କର୍ମର ସେହିଭଳି ଉପକାର ସାଧିତ ହୋଇଥାଏ । ନାମର ମହିମା ଏହିଭଳି ।

ପୂର୍ବରୁ ଯେଉଁ ସିଦ୍ଧାନ୍ତର ଅବତାରଣା କରାଯାଇଛି, ତାର କର୍ମକୁ ବୁଝି ଏହି ନାମର (ଓଁ ତତ୍ ସତ୍) ବିଚାର କଲେ ଏହା ଯେ ବ୍ରହ୍ମସ୍ୱରୂପ, ତାହା ସ୍ପଷ୍ଟଭାବରେ ବୁଝିପାରିବ । 'ଓଁ ତତ୍ ସତ୍' ଏହି ଅକ୍ଷରଗୁଡ଼ିକର ଉତ୍ପତ୍ତି ଯେଉଁଠାରୁ, ଏହି 'ଓଁ ତତ୍ ସତ୍'କୁ ଉଚ୍ଚାରଣ କଲେ ଜୀବ ସେହିଠାରେ ପହଞ୍ଚିଥାଏ । ସେହି ମୂଳ ପୀଠ ହେଉଚି ଶୁଦ୍ଧ ପରବ୍ରହ୍ମ । 'ଓଁ ତତ୍ ସତ୍' ସେହି ପରବ୍ରହ୍ମଙ୍କ ସ୍ୱରୂପାନ୍ତର୍ଗତ ଏବଂ ଏହା ସେହି ସ୍ୱରୂପର ବ୍ୟଞ୍ଜନାତ୍ମକ ନାମ । ଆକାଶର ଆଶ୍ରୟ ହେଉଛି ଆକାଶ । ସେହିଭଳି ଏହି ନାମର ଆଶ୍ରୟ ସେହି ଅନାମ ପରବ୍ରହ୍ମ । ଏହା ନାମଠାରୁ ଅଭିନ୍ନ । ଆକାଶରେ ଉଦିତ ହୋଇ ସୂର୍ଯ୍ୟ ହିଁ ସୂର୍ଯ୍ୟକୁ ପ୍ରକାଶ କରେ, ସେହିଭଳି ପରବ୍ରହ୍ମକୁ ଏହି ନାମହିଁ ପ୍ରକାଶ କରେ । ତିନୋଟି ଅକ୍ଷରର ଏହି ନାମ ଶବ୍ଦ ମାତ୍ର ନୁହଁ । ଏହା ପରବ୍ରହ୍ମ ସ୍ୱରୂପ ।

ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ ।
କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ॥୨୭॥

ଅନୁଷ୍ଠିତ କର୍ମ, ଯଜ୍ଞ, ଦାନ, କୃଚ୍ଛ୍ରସାଧନା ପୂର୍ଣ୍ଣ ବା ଅପୂର୍ଣ୍ଣ ହେଉ, ସ୍ୱର୍ଶମଣିର ନିକଷପଥରରେ ଯେପରି ଉତ୍ତମ ଓ ହୀନସ୍ୱର୍ଣ୍ଣର ଭେଦ ରହି ନଥାଏ, ସେହିଭଳି ସମସ୍ତ କର୍ମ ବ୍ରହ୍ମପଦରେ ସମର୍ପିତ ହେଲେ ଏହା ବ୍ରହ୍ମମୟ ହୋଇଯାଏ । ସମୁଦ୍ରରେ ମିଳିତ ହେଲେ ନଦୀଗୁଡ଼ିକର କୌଣସି ପାର୍ଥକ୍ୟ ରହେନା, ସେହିଭଳି ବ୍ରହ୍ମାର୍ପିତ କର୍ମରେ ନ୍ୟୂନ, ପୂର୍ଣ୍ଣ ଅପୂର୍ଣ୍ଣର କୌଣସି ପାର୍ଥକ୍ୟ

ରହେ ନାହିଁ । ହେ ସୁବିଜ୍ଞ ଅର୍ଜୁନ ! ମୁଁ ତୁମକୁ ବ୍ରହ୍ମନାମର ପାର୍ଥକ୍ୟ ବୁଝେଇଲି । ହେ ବୀର ! ପ୍ରତ୍ୟେକ ଅକ୍ଷରର ପୃଥକ୍ ପୃଥକ୍ ପ୍ରୟୋଗ ଶୈଳୀକୁ ମଧ୍ୟ କହିଲି ।

ସଞ୍ଜୟ କହିଲେ ଧୃତରାଷ୍ଟ୍ରଙ୍କୁ, ବ୍ରହ୍ମନାମ କିଭଳି ଶ୍ରେଷ୍ଠ ଏଥର ବୁଝିଲେ ତ ? ଆଜିଠାରୁ ଏହି ନାମରେ ମହିମା ବିସ୍ତାର ଲାଗି ଚେଷ୍ଟା କରିବା ହୁଅନ୍ତୁ । ଏଥିରେ ଆପଣଙ୍କ ଜନ୍ମାନ୍ଧଦୋଷ ଦୂର ହୋଇଯାଇ ପାରିବ । ଯେଉଁ କର୍ମରେ ଏହି ନାମର ପ୍ରୟୋଗ ହେବ, ତାହା ବୈଦିକ ଅନୁଷ୍ଠାନ ସହିତ ସମାନ ହେବ ।

ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।
ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ ପ୍ରେତ୍ୟ ନୋ ଇହ ॥୨୮॥

ଏହା ତିନୋଟି ଅକ୍ଷରର ସଂଯୋଗ ବୋଲି ଭାବ ନାହିଁ, ଏହାକୁ ପ୍ରତ୍ୟକ୍ଷ ବ୍ରହ୍ମ ବୋଲି ଭାବ । କିନ୍ତୁ ଏହି ନାମ ଓ ଶ୍ରଦ୍ଧାକୁ ତ୍ୟାଗ କରି କୋଟିଏ ଅଶ୍ୱମେଧଯଜ୍ଞ, ରତ୍ନ ସହିତ ଭୂମିଦାନ, ଅଗ୍ନିକୁଣ୍ଡରେ ଗୋଟିଏ ଅଙ୍ଗୁଠିରେ ଠିଆହୋଇ ହଜାରେ ବର୍ଷ ଧରି ତପସ୍ୟା କିମ୍ବା ଜଳାଶୟଠୁ ବଳି ସାଗର ଖୋଳିଲେ ମଧ୍ୟ ସବୁ ବୃଥା । ପଥର ଉପରେ ବର୍ଷା, ଭସ୍ମ ଦେହରେ ଆହୁତି ପ୍ରଦାନ, ଛାୟାକୁ ଆଲିଙ୍ଗନ କରିବା କିମ୍ବା ଆକାଶକୁ ଚାପୁଡ଼ା ମାରିବା ଯେପରି ବୃଥା, ଶ୍ରଦ୍ଧାହୀନର କର୍ମ ସେହିଭଳି ବୃଥା । ତେଲ ଘଣାରେ ପଥରଗୁଣ୍ଡ କିମ୍ବା ବାଲି ପକାଇ ତେଲ ପାଇବାଲାଗି ଆଶା କରିବା ବିଡ଼ମ୍ବନା ମାତ୍ର । ଶ୍ରଦ୍ଧାହୀନ କର୍ମର ଫଳ କେବଳ ଦାରିଦ୍ର୍ୟ । କାନିରେ ଇଟାଖଣ୍ଡ ବାନ୍ଧିନେଇ ଦେଶ ହେଉ ବା ବିଦେଶ ହେଉ କେଉଁଠାରେ ହେଲେ ତାହାର ବିନିମୟରେ ଆହାର ପାଇବା ସମ୍ଭବ ନୁହେଁ । ସେହିଭଳି ପ୍ରେମ ବା ଶ୍ରଦ୍ଧାହୀନ କର୍ମଦ୍ୱାରା ଇହଲୋକରେ ଶାନ୍ତି ତ ମିଳିନଥାଏ, ପରଲୋକରେ ମଧ୍ୟ ପାଇବା ଦୂରର କଥା । ବ୍ରହ୍ମନାମରେ ଅନୁରାଗ ନ ରଖି ଯେକୌଣସି କର୍ମ କରାଯାଉ ନା କାହିଁକି ଏହା ଇହଲୋକରେ ଓ ପରଲୋକରେ କେବଳ କଷ୍ଟଦାୟକ ହୋଇଥାଏ ।

ପାପରୂପକ ମତ୍ତଗଜର ସଂହାରକ ଶ୍ରୀହରି, ତ୍ରିତାପ ଅନ୍ଧକାର ବିନାଶକାରୀ ରବି, କମଳାପତି ନିଖିଳ ବୀରେନ୍ଦ୍ର ଶ୍ରୀକୃଷ୍ଣଙ୍କ ଏହି ଉପଦେଶ

ଶୁରି ଅର୍ଜ୍ଜୁନ ଚନ୍ଦ୍ରାଲୋକରେ ଚନ୍ଦ୍ର ଭଳି ଅସୀମ ଆତ୍ମାନନ୍ଦରେ ଡୁବି ରହିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ କୁରୁକ୍ଷେତ୍ର ଯୁଦ୍ଧ ଭଳି ଏକ ଦୁଃସମୟରେ ମଧ୍ୟ ଅର୍ଜ୍ଜୁନ ଏହିସବୁ ଉପଦେଶ ଫଳରେ ସାନନ୍ଦ ସାମ୍ରାଜ୍ୟର ସୁଖ ଭୋଗ କରୁଥିଲେ । ବାସ୍ତବିକ ଏଭଳି ଭାଗ୍ୟୋଦୟ କେବେ କାହାର ହୋଇନାହିଁ ।

ସଞ୍ଜୟ କହିଲେ, ହେ କୌରବରାଜ ! ଅର୍ଜ୍ଜୁନ ଶତ୍ରୁ ହେଲେ ମଧ୍ୟ ତାଙ୍କର ସଦ୍‌ଗୁଣରେ ମୁଁ ଅପାର ଆନନ୍ଦ ଲାଭ କରୁଛି । ଏହି ଆନନ୍ଦ ଉପଭୋଗ କରାଇବା ଦୃଷ୍ଟିରୁ ଅର୍ଜ୍ଜୁନ ମୋର ଗୁରୁ । ଅର୍ଜ୍ଜୁନ ପ୍ରଶ୍ନ ନ କଲେ, ଶ୍ରୀକୃଷ୍ଣ ଏଭଳି ଉପଦେଶ ଦେଇଥାଆନ୍ତେ କି ? ଆମେ ଏହି ପରମାର୍ଥ ପାଇଥା'ନ୍ତୁ କେଉଁଠୁ ? ମୁଁ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଥିଲି ଏବଂ ଜନ୍ମକୀଟ ମତେ ଦଂଶନ କରିବାରେ ଲାଗି ରହିଥିଲା । ଅର୍ଜ୍ଜୁନ ହିଁ ମତେ ଆତ୍ମଜ୍ଞାନ ମନ୍ଦିରକୁ ଉଠାଇ ଆଣିଛନ୍ତି । ସେ ଆପଣଙ୍କର ଓ ମୋର ଉଭୟଙ୍କର ଯଥେଷ୍ଟ ଉପକାର କରିଛନ୍ତି । ସେ ବ୍ୟାସଦେବଙ୍କ ସହୋଦର ସ୍ୱରୂପ ।

ସଞ୍ଜୟ ବିଭୋଳ ଭାବରେ ଧୃତରାଷ୍ଟ୍ରଙ୍କୁ ଏଭଳି କହୁ କହୁ ହଠାତ୍ ଆତ୍ମସଂବରଣ କରିନେଇ ନିଜକୁ ନିଜେ କହିଲେ, ମୁଁ ଏସବୁ କହୁଚି କାହିଁକି ଓ କାହାକୁ ? ଯାହାସବୁ କହିଲି, ଧୃତରାଷ୍ଟ୍ରଙ୍କୁ ତ ଟିକିଏ ବି ଭଲ ଲାଗିବା ଭଳି ମନେ ହେଉନି । ଯାହା କହିଛି, କହିଛି, ଆଉ କହିବିନି । ମୋ କୁହା ସେତିକିରେ ଥାଉ । ଅର୍ଜ୍ଜୁନ ଏହାପରେ ଶ୍ରୀକୃଷ୍ଣଙ୍କୁ ଯାହାସବୁ ପ୍ରଶ୍ନ କଲେ, ଧୃତରାଷ୍ଟ୍ରଙ୍କୁ ସେହିକଥା କହିବି ।

ନିବୃତ୍ତିନାଥ ଜ୍ଞାନଦେବ କହୁଛନ୍ତି— ସଞ୍ଜୟଙ୍କ ପଦାଙ୍କ ଅନୁସରଣ କରି ମୁଁ ମଧ୍ୟ ସେହି କଥା କହିବି ।

ଇତି ଶ୍ରୀ ଜ୍ଞାନଦେବକୃତ ଗୀତା-ଭାବାର୍ଥ-ଦୀପିକାୟାଂ
ସପ୍ତଦଶୋଽଧ୍ୟାୟଃ ।

ମୋକ୍ଷସନ୍ନ୍ୟାସ ଯୋଗ

ଅଷ୍ଟାଦଶ ଅଧ୍ୟାୟ

ଜୟ ଜୟ ଦେବ ନିର୍ମଳ ।
ନିଜ ଜନାଖିଳ ମଙ୍ଗଳ ।
ଜନ୍ମଜରାଜଳଦଜାଳ ।
ପ୍ରଭଞ୍ଜନ ।୧।
ଜୟ ଜୟ ଦେବ ପ୍ରବଳ
ବିଦଳିତାମଙ୍ଗଳ କୁଳ ।
ନିଗମାଗମଦ୍ରୁମ ଫଳ ।
ଫଳପ୍ରଦ ।୨।
ଜୟ ଜୟ ଦେବ ସକଳ
ବିଗତ ବିଷୟ ବସ୍ତଳ ।
କଳିତକାଳ କୌତୂହଳ
କଳାତୀତ ।୩।
ଜୟ ଜୟ ଦେବ ସ୍ୱପ୍ରଭ !
ଜଗଦାମ୍ବୁଦ ଗର୍ଭ ନଭ ।
ଜୟ ଜୟ ଦେବ ନିଶ୍ଚଳ ।
ଚଳଚିତ୍ତ ପାନ ତୁନ୍ଦିଳ ।
ଜଗଦ୍ରୁନ୍ମୀଳନାବିରଳ ।
କେଳିପ୍ରିୟ ।୪।(କ)
ଜୟ ଜୟ ଦେବ ନିଖିଳ ।
ସ୍ଫୁରଦମଦାନନ୍ଦ ବହଳ । (ଖ)
ନିତ୍ୟ ନିରସ୍ତାଖିଳ ମଳ ।
ମୂଳଭୂତ ।୫ ।

(କ) ଚଞ୍ଚଳଚିତ୍ତ ଜୀବର ଚାଞ୍ଚଲ୍ୟ ପାନ କରି ତୁମେ ସ୍ଥୂଳୋଦର ହୋଇଛ । ଜଗତର ସୃଷ୍ଟିଆଦି ଲୀଳାରେ ତୁମେ ସର୍ବଦା ଆନନ୍ଦ ଅନୁଭବ କରିଥାଅ ।

(ଖ) ବହଳ-ପ୍ରଚୁର । ଓଡ଼ିଆରେ ଆମର ବହଳ ଶବ୍ଦ ରହିଛି ।

ଭୁବନୋଦ୍ଭବାରମ୍ଭ ସ୍ତମ୍ଭ ।
ଭବଧ୍ୱଂସ ।୬।
ଜୟ ଜୟ ଦେବ ବିଶୁଦ୍ଧ ।
ବିଦ୍ରୁଦୟୋଦ୍ୟାନ ଦ୍ୱିରଦ ।(ଗ)
ଶମ ଦମ ଦମନ ମଦ ।
ଦୟାର୍ଣ୍ଣବ ।୭।
ଜୟ ଜୟ ଦବୈକରୂପ ।
ଅତିକୃତ କନ୍ଦର୍ପ ସର୍ପ ଦର୍ପ । (ଘ)
ଭକ୍ତଭାବ ଭୁବନ ଦୀପ
ତାପାମହ ।୮।
ଜୟ ଜୟ ଦେବ ଅଦ୍ୱିତୀୟ
ପରିଣତୋପରମୈକପ୍ରିୟ (ଙ)
ନିଜ ଜନ ଜିତ ଭଜନୀୟ ।
ମାୟାଗମ୍ୟ ।୯।
ଜୟ ଜୟ ଦେବ ଶ୍ରୀଗୁରୋ ।
ଅକଳ୍ପନାଖ୍ୟ କଳ୍ପତରୋ ।
ସ୍ୱ ସମ୍ବିଦ୍ ଦ୍ରୁମ ବୀଜପ୍ରଭୋ
ହଣାବନି । ୧୦।(ଚ)

ହେ ନିର୍ମଳ ଦେବତା ! ହେ ନିଜ ଭକ୍ତମାନଙ୍କର ମଙ୍ଗଳଦାତା ! ତୁମେ ଜନ୍ମଜରାରୂପକ ମେଘ ଦୂର କରିବାରେ ଝଡ଼ ତୁଲ୍ୟ । ତୁମେ ଶକ୍ତିମାନ, ଅମଙ୍ଗଳ ଧ୍ୱଂସକରିବାରେ ସମର୍ଥ । ତୁମେ ବେଦବେଦାନ୍ତ କଳ୍ପବୃକ୍ଷର ଫଳଦାତା ତଥା ଫଳ ସ୍ୱରୂପ । ତୁମର ଜୟ ହେଉ ।

(ଗ) ବିଦ୍—ଅବିଦ୍ୟା ଦଳନକାରୀ ମାତଙ୍ଗ ।
(ଘ) କନ୍ଦର୍ପରୂପକ ସର୍ପର ଦର୍ପ ଚୂର୍ଣ୍ଣ କରିଚ ।
(ଙ) ପରିପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭକ୍ତର ଏକାନ୍ତ ପ୍ରିୟ ।
(ଚ) ଅଚିନ୍ତ୍ୟ ଶକ୍ତିଶାଳୀ ଅଦ୍‌ଭୁତ କଳ୍ପତରୁ ଯାହାକି ଆତ୍ମଜ୍ଞାନର ବୀଜ ଅଙ୍କୁରିତ ହେବାଲାଗି ଅନୁକୂଳ କ୍ଷେତ୍ରସ୍ୱରୂପ ।

ତୁମେ ଅଚଞ୍ଚଳ । ଚଞ୍ଚଳ ଚିତ୍ତ ସାଧକର ଚଞ୍ଚଳତାକୁ ଉଦରସ୍ଥ କରି ତୁମେ ସ୍ଥୂଳୋଦର । ଜଗତର ସୃଷ୍ଟି, ସ୍ଥିତି, ପ୍ରଳୟର ଖେଳ ତୁମର ଅତିପ୍ରିୟ । ତୁମେ ଅଖଣ୍ଡ ସ୍ୱରୂପ । ବିଷୟ ସଂସର୍ଗରହିତ । ବାତ୍ସଲ୍ୟପୂର୍ଣ୍ଣ କାଳର ସାକ୍ଷୀ ଏବଂ କାଳାତୀତ । ତୁମେ ନିଷ୍କପଟ, ଅଫୁରନ୍ତ ଆନନ୍ଦର ପ୍ରକାଶକ, ତୁମେ ନିତ୍ୟ, ତୁମେ ସର୍ବପ୍ରକାରର ପାପ ଦୂର କରିଥାଅ । ତୁମେ ସକଳର ମୂଳ । ତୁମେ ସ୍ୱପ୍ରକାଶ, ସକଳ ଜଗତ-ମେଘର ଗର୍ଭସ୍ଥଳ ଭାବରେ ବିମଳ ଆକାଶସ୍ୱରୂପ । ତୁମେ ଭୁବନ ସୃଷ୍ଟିର ପରମାଶ୍ରୟ ପ୍ରଥମ ସ୍ତମ୍ଭ । ତୁମେ ହିଁ ସଂସାର ଧ୍ୱଂସର କାରଣ । ବିଶୁଦ୍ଧ ତୁମର ରୂପ, ଅଜ୍ଞାନ-ଉଦ୍ୟାନ ସ୍ୱରୂପ ସଂସାର ଦଳନରେ ତୁମେ ମହାମାତଙ୍ଗ, ଶମ, ଦମ ହେଉଚି ତୁମର ରୂପ । ତୁମେ ମଦନର ଦର୍ପହାରୀ, ଦୟାର ସାଗର । ତୁମେହିଁ ପ୍ରଧାନ ଦେବତା । ତୁମେହିଁ କନ୍ଦର୍ପ-ସର୍ପର ଅହଙ୍କାର ଚୂର୍ଣ୍ଣ କରିଚ । ତୁମେ ହିଁ ଭକ୍ତଭାବ ଧାରଣ କରିଚ । ତୁମେ ହିଁ ଅନ୍ଧକାର ପରିପୂର୍ଣ୍ଣ ସଂସାରର ପ୍ରଦୀପସ୍ୱରୂପ । ତୁମେ ସଂସାର ଦୁଃଖତାପ ହରଣକାରୀ ଅଦ୍ୱିତୀୟ ଦେବତା । ତୁମେ ଏକାନ୍ତ ଭକ୍ତପ୍ରାଣ, ଭକ୍ତପ୍ରିୟ । ଭକ୍ତର ଭକ୍ତିରେ ତୁମେ ନିଜକୁ ପରାଜିତ ମନେ କରିଥାଅ । ହେ ଭଜନୀୟ ! ମାୟାର ଅଗମ୍ୟ ତୁମର ସ୍ୱରୂପ । ହେ ଗୁରୁଦେବ ! କଳ୍ପନାର ଅତୀତ କଳ୍ପବୃକ୍ଷ ତୁମେ । ଆତ୍ମଜ୍ଞାନର ବୀଜ ଅଙ୍କୁରିତ କରାଇବା ଲାଗି ତୁମେ ନିଜେ କ୍ଷେତ୍ରସ୍ୱରୂପ ହୋଇଛ । ମୁଁ ତୁମର ଜୟ ଜୟକାର କରୁଛି ।

ହେ ନିର୍ବିଶେଷ ! ବିବିଧ ଶବ୍ଦ ଦ୍ୱାରା ପୃଥକ୍ ଭାବରେ ଆଉ କେତେ ସ୍ତୁତି କରିବି ? ମୁଁ ଜାଣେ, ତୁମକୁ ଯେ କୌଣସି ବିଶେଷଣ ଦ୍ୱାରା ସ୍ତବ କରାଯାଉନା କାହିଁକି, ସେଥିରେ ତୁମର ଯଥାର୍ଥ ରୂପ ବର୍ଣ୍ଣନା ଅସମ୍ଭବ । ତେଣୁ ସ୍ତବ କରିବାକୁ ମଧ୍ୟ ମୁଁ ଲଜ୍ଜାବୋଧ କରୁଛି । ସମୁଦ୍ର ମର୍ଯ୍ୟାଦା ଲଙ୍ଘନ କରେନା, ଏକଥା ପୂର୍ଣ୍ଣଚନ୍ଦ୍ରୋଦୟର ପୂର୍ବ ପର୍ଯ୍ୟନ୍ତ ସତ୍ୟ । ଚନ୍ଦ୍ରକାନ୍ତ ମଣି ଚନ୍ଦ୍ରକିରଣରେ ସ୍ୱେଦମୟ ହୋଇପଡ଼େ; କିନ୍ତୁ ଭାବିବା ଉଚିତ ନୁହେଁ ଯେ ଚନ୍ଦ୍ରପ୍ରତି ଅର୍ଘ୍ୟାର୍ପଣ ଲାଗି ସେ ଏପରି ହୋଇଥାଏ । ବାସ୍ତବରେ ଚନ୍ଦ୍ର ତାକୁ ବିଗଳିତ କରିଥାଏ । ବସନ୍ତ ସମାଗମରେ ବୃକ୍ଷ ନବପଲ୍ଲବିତ ହୋଇଥାଏ । ଅନ୍ୟ କୌଣସି ସମୟରେ ତାର ଏପରି ମୁକୁଳିତ ଶୋଭା କେବେ ଦେଖାଯାଇ ନଥାଏ ।

ସୂର୍ଯ୍ୟକିରଣ ପାଇବାମାତ୍ରେ ପଦ୍ମିନୀ ଲଜ୍ଜାତ୍ୟାଗପୂର୍ବକ ପ୍ରଫୁଲ୍ଲିତ ହୁଏ । ଜଳର ସ୍ପର୍ଶମାତ୍ରକେ ଲବଣ ନିଜ ଅସ୍ତିତ୍ୱ ଭୁଲିଯାଏ । ସେହିଭଳି ହେ ପ୍ରଭୁ ! ତୁମର ସ୍ମରଣମାତ୍ରେ ମୁଁ ନିଜକୁ ଭୁଲିଯାଏ । ଭୋଜନରେ ପରିତୃପ୍ତ ବ୍ୟକ୍ତିକୁ ଆହୁରି ଖାଦ୍ୟ ଯାଚିଲେ, 'ନା ଆଉ ଦିଅ ନାହିଁ, ଦିଅ ନାହିଁ' କହି ଚିତ୍କାର କରିଉଠେ । ସେହିଭଳି ମୁଁ ତୃପ୍ତି ସହିତ ତୁମର ସ୍ତବ କରୁଛି । ଉନ୍ମାଦ ନିରନ୍ତର ବକିବାରେ ଲାଗିଥାଏ । ସେହିଭଳି ମୁଁ ଅହଂଭାବରେ ଉନ୍ମାଦ । ତୁମେ ସେହି ଭାବକୁ ଦୂର କରି ମୋର ବାଣୀକୁ ନିଜ ସ୍ତୁତିଗାନରେ ନିଯୁକ୍ତ କରିଛ । ଆତ୍ମସ୍ମୃତି ରଖି ସ୍ତୁତି କଲେ ତୁମର ଗୁଣ କେତେ, ଅବଗୁଣ କେତେ, ତାର ବିଚାର ଚାଲିବ । କିନ୍ତୁ ତୁମେ ତ ଏକରସାତ୍ମକ, ତୁମ ଗୁଣାଗୁଣ ବର୍ଣ୍ଣନା ସମ୍ଭବ ହେବ କିପରି ? ମୁକ୍ତାମଣିକୁ ଖଣ୍ଡ ଖଣ୍ଡ କରିବା ଉଚିତ କି ? ତାକୁ ଅଖଣ୍ଡ ରଖିବା ହିଁ ଭଲ ।

ତୁମେ ହିଁ ମାତା, ତୁମେ ହିଁ ପିତା କହିଦେଲେ ତୁମର ସ୍ତୁତି ହୋଇ ନପାରେ; କାରଣ ମୁଁ ଜଣେ ବାଳକ । ଏହି ବାଳକ ଉପାଧି ତୁମକୁ ସ୍ପର୍ଶ କରିବ । ବାସ୍ତବରେ ତୁମେ ମୋର ପ୍ରଭୁ, ମୁଁ ହେଉଚି ତୁମର ସେବକ ମାତ୍ର । ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ । ଏକଥା କହିବା ମଧ୍ୟ ଅନାବଶ୍ୟକ । ତେଣୁ ମାତା, ପିତା, ବାଳକ ଆଦି ଉପାଧି ଦ୍ୱାରା ତୁମକୁ ଦୂଷିତ କରିବି କାହିଁକି ? ଯଦି କୁହାଯାଏ ଯେ ତୁମେ ସମସ୍ତଙ୍କ ଆତ୍ମା ରୂପରେ ବ୍ୟାପି ରହିଚ, ଅନ୍ତର୍ଯ୍ୟାମୀ ରୂପରେ ଅନ୍ତରରେ ରହିଚ, ତାହାହେଲେ ମଧ୍ୟ ତୁମକୁ ବାହାରକୁ ଅଣାଗଲା ବୋଲି ମନେହେବ । ତେଣୁ ତୁମକୁ ସ୍ତୁତି କରିବା ଲାଗି ଉପଯୁକ୍ତ ଭାଷା ବା ବାଣୀ ପାଉନାହିଁ । ତୁମର ସ୍ତୁତି ଲାଗି ମୌନଭାବ ବ୍ୟତୀତ ଅନ୍ୟ କୌଣସି ଅଳଙ୍କାର ଅଛି ବୋଲି ମନେହେଉନାହିଁ । 'ତୁମେ ଏହା' 'ତୁମେ ତାହା' ଏଭଳି କୌଣସି କଥା ନ କହିବା ହିଁ ବାସ୍ତବ ସ୍ତୁତି । କିଛି ନ କରିବା ହିଁ ତୁମର ପୂଜା ଏବଂ ଆଉ କାହା ସହିତ ସମ୍ପର୍କ ରକ୍ଷା ନ କରିବା ହିଁ ତୁମ ସ୍ୱରୂପରେ ଅବସ୍ଥିତ ହେବା । ଭ୍ରମବଶତଃ ଉନ୍ମାଦଭଳି ମୁଁ ତୁମର ସ୍ତୁତିଗାନ ଚଳାଇବି । ହେ ପ୍ରଭୋ ! ମୋ ଭାଷା ବା ବାଣୀକୁ ଗୀତାର୍ଥ ପ୍ରକାଶ-ମୁଦ୍ରାରେ ଏଭଳି ଭାବରେ ସୁସଜ୍ଜିତ କରିଦିଅ ଯଦ୍ୱାରା ଏହି ବାଣୀ ସଜ୍ଜନମଣ୍ଡଳିରେ ସମ୍ମାନଲାଭ ଲାଗି ସମର୍ଥ ହୋଇପାରିବ ।

ନିବୃତ୍ତିଦାସ ଜ୍ଞାନଦେବ କହିଲେ— ଥରକୁ ଥର ଏଭଳି ପ୍ରାର୍ଥନାର ଆବଶ୍ୟକତା ବା କ'ଣ ଅଛି ? ସ୍ୱର୍ଶମଣି ଦେହରେ ଲୌହଖଣ୍ଡକୁ ବାରମ୍ବାର ଘର୍ଷଣ କରିବାକୁ ପଡ଼ି ନଥାଏ । ଛୁଆଇଁ ଦେବାମାତ୍ରେ ଏହା ରତ୍ନ ପାଲଟିଯାଏ । ମୁଁ ସେହିଭଳି ଭାବରେ ପ୍ରଭୁଙ୍କ ପ୍ରସାଦ ଲାଭ କରିଛି । ହେ ଶ୍ରୋତାଦେବଗଣ, ଏଥର ଗ୍ରନ୍ଥବିଷୟରେ ମନୋଯୋଗ କରନ୍ତୁ ।

ଅଷ୍ଟାଦଶ ଅଧ୍ୟାୟ ହେଉଚି ଚିନ୍ତାମଣି ଖଚିତ ଗୀତାରତ୍ନ ମନ୍ଦିର ଚୂଡ଼ାର କଳସ । ଏହା ସମଗ୍ର ଗୀତା ଦର୍ଶନର ମୁକୁଟ । ଦୂରରୁ ମନ୍ଦିର କଳସ ଦୃଷ୍ଟିଗୋଚର ହେବାମାତ୍ରେ ସେଥିରେ ଦେବଦର୍ଶନର ଫଳଲାଭ ହୋଇଥାଏ । ଏହି ଅଧ୍ୟାୟ ସମ୍ପର୍କରେ ସେହି କଥା ପ୍ରଯୁଜ୍ୟ । ଏହି ଗୋଟିଏ ଅଧ୍ୟାୟର ଅଧ୍ୟୟନରେ ସମ୍ପୂର୍ଣ୍ଣ ଗୀତାଶାସ୍ତ୍ର ଅବଗତ ହୋଇଥାଏ । ସେଥିଲାଗି ଶ୍ରୀ ବ୍ୟାସଦେବବିରଚିତ ଗୀତାମନ୍ଦିରର ଅଷ୍ଟାଦଶ ଅଧ୍ୟାୟକୁ ମୁଁ ଚୂଡ଼ାର କଳସ ରୂପରେ ବର୍ଣ୍ଣନା କରିଚି । ମନ୍ଦିରଚୂଡ଼ାରେ କଳସ ସ୍ଥାପନ ପରେ ଆଉ କୌଣସି କାର୍ଯ୍ୟ ଅବଶିଷ୍ଟ ରହେ ନାହିଁ । ତେଣୁ ଏହି ଅଧ୍ୟାୟ ଗୀତାସମାପ୍ତିର ଦ୍ୟୋତକ । ଶ୍ରୀବ୍ୟାସଦେବ ସ୍ୱଭାବତଃ ଶ୍ରେଷ୍ଠଶିଳ୍ପୀ । ସେ ବେଦରତ୍ନର ପର୍ବତ ଉପରେ ଉପନିଷଦାର୍ଥଆଦି ବହୁମୂଲ୍ୟବାନ ପ୍ରସ୍ତର ଏକତ୍ରିତ କରି ମୂଳ ଭୂମିର ଧର୍ମ, ଅର୍ଥ, କାମ ଆଦି ଅନୁପଯୋଗୀ ମୃତ୍ତିକା ବାହାର କରିଦେଇ ମହାଭାରତ ସ୍ୱରୂପ ଦେବାୟତନର ଭିତ୍ତି ସ୍ଥାପନ କରିଛନ୍ତି । ସେହି ଦେବାୟତନର ମଧ୍ୟଭାଗରେ ଖଚିତ କୃଷ୍ଣାର୍ଜୁନସମ୍ବାଦମୟ ଅଖଣ୍ଡ ଆତ୍ମଜ୍ଞାନର ଶୁଦ୍ଧ ଓ ଅତି ଉତ୍ତମ ମର୍ମର ପ୍ରସ୍ତର ବିଶେଷ ନୈପୁଣ୍ୟର ପରିଚାୟକ । ଏଥିରେ ନିବୃତ୍ତିରୂପକ ସୂତ୍ର ଧରି ତା ସାହାଯ୍ୟରେ ମୋକ୍ଷମର୍ଯ୍ୟାଦାର ଆକାର ସିଦ୍ଧ କରାଯାଇଛି । ସେହିଭଳି ଗୀତାମନ୍ଦିର ନିର୍ମାଣରେ ପଞ୍ଚଦଶ ଅଧ୍ୟାୟ ପର୍ଯ୍ୟନ୍ତ ପନ୍ଦରଟି ସ୍ତର ନିର୍ମିତ ହୋଇଛି । ଷୋଡ଼ଶ ଅଧ୍ୟାୟରେ ସେହି ମନ୍ଦିରର ଘଣ୍ଟା, ସପ୍ତଦଶ ଅଧ୍ୟାୟରେ ବେଦୀ ସ୍ଥାପନ ପରେ ଏହି ଅଷ୍ଟାଦଶ ଅଧ୍ୟାୟରେ ମନ୍ଦିରଚୂଡ଼ାରେ କଳସ ସ୍ଥାପନ ପୂର୍ବକ ଶ୍ରୀବ୍ୟାସଦେବ ଗୀତା ନାମାଙ୍କିତ ଧ୍ୱଜା ଆରୋପଣ କରିଛନ୍ତି । ଏହି ଅଧ୍ୟାୟରେ ବୁଝାଇ ଦିଆଯାଇଛି ଯେ ପୂର୍ବରୁ ଅଧ୍ୟାୟ ପରେ ଅଧ୍ୟାୟ ସ୍ଥାପିତ ହେବାର ପରିପୂର୍ଣ୍ଣତା ଏହିଠାରେ ସାଧିତ ହେଉଛି । କଳସ ସ୍ଥାପନ ପରେ ଆଉ

କିଛି ଗୋପନ ରହେନା, ସବୁ ପ୍ରକାଶିତ ହୋଇଯାଏ । ସେହିଭଳି ଅଷ୍ଟାଦଶ ଅଧ୍ୟାୟ ସମ୍ପୂର୍ଣ୍ଣ ଗୀତାଶାସ୍ତ୍ରକୁ ପ୍ରକାଶ କରୁଛି । ଶ୍ରୀ ବ୍ୟାସଦେବ ଅତି କୌଶଳରେ ଗୀତାମନ୍ଦିର ନିର୍ମାଣ କରି ପ୍ରାଣୀମାନଙ୍କୁ ବହୁ ଦୃଷ୍ଟିରୁ ରକ୍ଷା କରିଛନ୍ତି । କେହି କେହି ଏହାକୁ ପାଠ କରିଥାଆନ୍ତି ଅର୍ଥାତ୍ ବାହାରେ ରହି ମନ୍ଦିର ପ୍ରଦକ୍ଷିଣ କରିଥାଆନ୍ତି । କେହି କେହି ଗୀତାକୁ ଶ୍ରବଣ କରିଥାଆନ୍ତି ଅର୍ଥାତ୍ ମନ୍ଦିରର ଛାୟା ସେବନ କରିଥାଆନ୍ତି । କେହି କେହି ଅବଧାନରୂପକ ତାମ୍ବୁଳ ଓ ଦକ୍ଷିଣା ଗ୍ରହଣପୂର୍ବକ ଅର୍ଥଜ୍ଞାନସ୍ୱରୂପ ଗମ୍ଭୀରା ଭିତରେ ପ୍ରବେଶ କରି ଅନତିବିଳମ୍ବେ ଆତ୍ମଜ୍ଞାନ ଲାଭ ସଙ୍ଗେ ସଙ୍ଗେ ପରମାତ୍ମା ଶ୍ରୀହରିଙ୍କ ସହିତ ମିଳିତ ହୋଇଥାଆନ୍ତି । ଏହି ମୋକ୍ଷ ମନ୍ଦିରରେ ସମସ୍ତ ପ୍ରକାର ସାଧନର ଯୋଗ୍ୟତା ସମାନ । ମହତ୍ ଲୋକର ଘରେ ପଂକ୍ତିଭୋଜନରେ ବସିଥିବା ଉଚ୍ଚନୀଚ ସମସ୍ତେ ସମାନ ଭାବରେ ଖାଇବାକୁ ପାଇଥାଆନ୍ତି । ସେହିଭଳି ଗୀତା ଶ୍ରବଣ, ଗୀତାର୍ଥଜ୍ଞାନ ଲାଭ କିମ୍ବା ଏହାକୁ କେବଳ ପାଠ କରିବାରେ ମୋକ୍ଷଲାଭ ହୋଇଯାଏ । ଏହି ପରିଚୟ ପାଇଚି ବୋଲି ମୁଁ ଗୀତାକୁ ବିଷ୍ଣୁମନ୍ଦିରର ଆଖ୍ୟା ଦେଇ ଅଷ୍ଟାଦଶ ଅଧ୍ୟାୟକୁ କଳସ ବୋଲି କହିଛି ।

କିଭଳି ଭାବରେ ଅଷ୍ଟାଦଶ ଅଧ୍ୟାୟର ଅବତାରଣା କରାଯାଇଛି, ସେ ସମ୍ପର୍କରେ ମୁଁ ଯେତିକି ଜାଣିଚି, କହିବି । ଗଙ୍ଗା ଓ ଯମୁନାର ଜଳ ପ୍ରବାହ ଭେଦରେ ଭିନ୍ନ ଭିନ୍ନ ପ୍ରତୀତ ହେଲେ ମଧ୍ୟ ଜଳ ଦୃଷ୍ଟିରୁ ଦୁହେଁ ଏକା । ଅର୍ଦ୍ଧନାରୀ ନଟେଶ୍ୱର ମୂର୍ତ୍ତିରେ ପୁରୁଷ ଓ ପ୍ରକୃତି ଦୁଇ ଆକୃତିର କୌଣସି ହାନି ହୁଏନା । ଉଭୟର ମିଳନରେ ଏହା ଏକ ମୂର୍ତ୍ତି । ଦିନକୁ ଦିନ ଚନ୍ଦ୍ରକଳା ବୃଦ୍ଧି ପାଇ ଚନ୍ଦ୍ରରେ ବିସ୍ତୃତ ହେଲାଭଳି ମନେ ହୋଇଥାଏ କିନ୍ତୁ ଯଥାର୍ଥରେ ପୂର୍ବାପର ଗୋଟିଏ ଗୋଟିଏ କଳା ପୃଥକ୍ ପୃଥକ୍ ଭାବରେ ଚନ୍ଦ୍ରରେ ମିଳିତ ହୋଇ ନ ଥାଏ । ଗୀତାର ଅନ୍ତର୍ଗତ ପ୍ରତ୍ୟେକ ଅଧ୍ୟାୟସ୍ଥିତ ପ୍ରତି ଶ୍ଳୋକର ପ୍ରତ୍ୟେକ ପଦ ପୃଥକ୍ ପୃଥକ୍ ମନେହୁଏ । କିନ୍ତୁ ଯିଏ ଏହାର ଅର୍ଥ ପ୍ରକାଶ କରିଥାଏ, ତାର ବିଚାରରେ ବୁଝାଯାଏ ଯେ ଏଗୁଡ଼ିକର ରୂପ ଭିନ୍ନ ନୁହଁ । ଗୋଟିଏ ସୂତ୍ରରେ ବହୁ ସଂଖ୍ୟକ ମଣି ଧାରଣପୂର୍ବକ ମୁକ୍ତାହାର ଗ୍ରଥିତ ହେଲେ ମଧ୍ୟ ଏହି କଣ୍ଠହାରର ଅଖଣ୍ଡିତ ଶୋଭା ବିତରଣ କରିଥାଏ । କୁସୁମମାଳାରେ ବହୁ କୁସୁମ ଥିଲେ ମଧ୍ୟ ଏହାର

ଗନ୍ଧସ୍ୱାଦ ଗୋଟିଏ କୁସୁମରୁ ମଧ ମିଳିଥାଏ । ଅଷ୍ଟାଦଶ ଅଧ୍ୟାୟର ସବିଶେଷ ଶ୍ଳୋକରେ ଶ୍ରୀକୃଷ୍ଣ ଯେଉଁ ତତ୍ତ୍ୱ ନିର୍ଣ୍ଣୟ କରିଛନ୍ତି, ତାହା ଅଦ୍ୱିତୀୟ । ମୁଁ ମଧ ଗ୍ରନ୍ଥାନୁସରଣପୂର୍ବକ ଗୀତାର୍ଥ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛି ।

ସପ୍ତଦଶ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି, ହେ ଅର୍ଜୁନ ! ବ୍ରହ୍ମନାମ ବିଷୟରେ ଶ୍ରଦ୍ଧାହୀନ ବ୍ୟକ୍ତିର ଯେ କୌଣସି କର୍ମାନୁଷ୍ଠାନ ହେଉଚି ଅସତ୍‌କର୍ମ । ଏହା କହିବାମାତ୍ରେ ଅର୍ଜୁନ ଭାବିଲେ, ଶ୍ରୀକୃଷ୍ଣ କର୍ମନିଷ୍ଠ ବ୍ୟକ୍ତିମାନଙ୍କର ନିନ୍ଦା କରୁଛନ୍ତି । ଅଜ୍ଞାନମୁଗ୍ଧ ବ୍ୟକ୍ତି ସମ୍ମୁଖରେ ଭଗବାନ ଦଣ୍ଡାୟମାନ ଥିଲେ ସୁଦ୍ଧା ତାଙ୍କୁ ଚିହ୍ନିପାରେନା, ସେ ଭଗବାନଙ୍କ ନାମର ଶ୍ରେଷ୍ଠତାକୁ ବୁଝିବ କିପରି ? ରଜଃ ଓ ତମୋଗୁଣ ଦୂର ନ ହେବା ପର୍ଯ୍ୟନ୍ତ ଶ୍ରଦ୍ଧା କ୍ଷୀଣ ଥାଏ, ସେହି ଅବସ୍ଥାରେ ବ୍ରହ୍ମନାମରେ ଅନୁରକ୍ତି ହୁଏ ନାହିଁ । ସର୍ପକୁ ଆଲିଙ୍ଗନ କରିବାଦ୍ୱାରା ଓ ସର୍ପିଣୀକୁ ପୋଷଣ କରିବା ଦ୍ୱାରା ମୃତ୍ୟୁକୁ ଆମନ୍ତ୍ରଣ କରିବା ସାର ହୋଇଥାଏ । ସେହିଭଳି ଦୁର୍ଘଟ କର୍ମାନୁଷ୍ଠାନ ଜନ୍ମାନ୍ତର ପ୍ରାପ୍ତିର କାରଣ ହୋଇଥାଏ । କର୍ମର ପରିଣତି ଦୁଃଖମୟ । ଭାଗ୍ୟତଃ ଯଥାରୀତି କର୍ମର ସମାପ୍ତି ଘଟିଲେ ଏଥିରୁ ଜ୍ଞାନୋଦୟ ହୁଏ । ଅନ୍ୟଥା ନରକଦଶା ଭୋଗିବାକୁ ପଡ଼ିଥାଏ । କର୍ମରେ ଏତେ ବିପଦର ସମ୍ଭାବନା ରହିଲେ, ମୋକ୍ଷଲାଭର ସୁଯୋଗ ମିଳିବ କିପରି ? କର୍ମର ପରାଧୀନତାରୁ ମୁକ୍ତ ହେବାକୁ ଚାହିଁଲେ, ସମ୍ପୂର୍ଣ୍ଣ କର୍ମତ୍ୟାଗପୂର୍ବକ ପୂର୍ଣ୍ଣ ସନ୍ନ୍ୟାସଗ୍ରହଣ ଶ୍ରେୟସ୍କର । କର୍ମବନ୍ଧନରୁ କିପରି ମୁକୁଳି ପାରିବ, ଆତ୍ମଜ୍ଞାନର ଉପାୟ, ଜ୍ଞାନର ଆବାହନ, ଜ୍ଞାନର ଉତ୍ତମ କ୍ଷେତ୍ର, ଜ୍ଞାନାକର୍ଷଣର ସୂତ୍ର ଏବଂ କିଭଳି ଭାବରେ ସନ୍ନ୍ୟାସ ଓ ତ୍ୟାଗ ଅନୁଷ୍ଠାନଦ୍ୱାରା ସଂସାରରୁ ମନୁଷ୍ୟ ମୁକ୍ତି ପାଇପାରିବ, ସେହି କଥା ସ୍ପଷ୍ଟ ଭାବରେ ପଚାରିବି । ଏହା ଭାବି ପାର୍ଥ ତ୍ୟାଗ ଓ ସନ୍ନ୍ୟାସ ସମ୍ପର୍କରେ ସବିଶେଷ ଉପଦେଶ ଦାନ ଲାଗି ଶ୍ରୀକୃଷ୍ଣଙ୍କୁ ଅନୁରୋଧପୂର୍ବକ ପ୍ରଶ୍ନ କଲେ ।

ସେ ସମ୍ପର୍କରେ ଶ୍ରୀକୃଷ୍ଣଙ୍କ ଉତ୍ତର ହେଉଚି ଏହି ଅଷ୍ଟାଦଶ ଅଧ୍ୟାୟ । ଏହିଭଳି ଜନ୍ମିତ ଓ ଜନକ ଭାବରେ ଗୋଟିଏ ଅଧ୍ୟାୟରୁ ଅନ୍ୟ ଅଧ୍ୟାୟର ପ୍ରକାଶ । ଏବେ ପ୍ରଶ୍ନଟିକୁ ଭଲଭାବରେ ଶୁଣନ୍ତୁ । ଶ୍ରୀକୃଷ୍ଣଙ୍କ ପୂର୍ବବାକ୍ୟ

ଶ୍ରବଣରେ ଅର୍ଜୁନଙ୍କର ଦୁଃଖ ହୋଇଛି । ତତ୍ତ୍ୱ ବିଷୟରେ ସେ ଯଥାର୍ଥ ନୀରବ ରହିଥିଲେ । କିନ୍ତୁ ଶ୍ରୀକୃଷ୍ଣ ଯେ ନୀରବ ରହିଯିବେ, ଏହା ତାଙ୍କର ସହ୍ୟ ହେଲା ନାହିଁ । ବାଛୁରୀ କ୍ଷୀର ଖାଇ ସନ୍ତୁଷ୍ଟ ହେଲେ ମଧ୍ୟ ଗାଈର ପାଖ ଛାଡ଼ିବାକୁ ଇଚ୍ଛା କରିନଥାଏ । ଅନ୍ୟାନ୍ୟ ସାଧାରଣ ପ୍ରୀତିର ଏହା ହେଉଚି ରୀତି । ପ୍ରେମିକର ପ୍ରେମିକା ଅକାରଣରେ ପ୍ରେମାଳାପ କଲେ ମଧ୍ୟ ପ୍ରେମିକ ତା ଦୃଷ୍ଟି ଅନ୍ତରାଳରେ ରହୁ ବୋଲି ସେ ଚାହିଁ ନଥାଏ । ଏହାର ତାତ୍ପର୍ଯ୍ୟ ହେଉଚି ଯେ ପ୍ରେମାସ୍ୱାଦନ କରିବାଲାଗି ମନର ଆକାଙ୍କ୍ଷା ଦ୍ୱିଗୁଣିତ ହୋଇଥାଏ । ଏହାହିଁ ପ୍ରେମର ସ୍ୱଭାବ । ମୂର୍ତ୍ତିମାନ ହେଉଚି ପ୍ରେମ । ତେଣୁ କ୍ଷଣିକ ପାଇଁ ହେଉନା କାହିଁକି ଶ୍ରୀକୃଷ୍ଣଙ୍କ ନୀରବତା ଅର୍ଜୁନଙ୍କ ପକ୍ଷରେ ଅସହ୍ୟ ହୋଇପଡ଼ିଲା ।

ଦର୍ପଣରେ ଆତ୍ମଦର୍ଶନ ଭଳି ଶ୍ରୀକୃଷ୍ଣଙ୍କ କଥନରେ ରହିଚି ନିଷ୍କାମ ପରବ୍ରହ୍ମର ଉପଦେଶ । ତେଣୁ ତାଙ୍କ କଥନ ବନ୍ଦ ହୋଇଗଲେ ପ୍ରେମାସ୍ୱାଦନ ବନ୍ଦ ହୋଇଯାଇପାରେ ବୋଲି ଅର୍ଜୁନଙ୍କ ଆଶଙ୍କା ସ୍ୱାଭାବିକ । ଯାହାର ଥରେ ସୁଖାସ୍ୱାଦନ ହୋଇଛି, ସେ ତାର ବିରହ ସହ୍ୟ କରିବ କିପରି ? ସେଥିଲାଗି ତ୍ୟାଗ ଓ ସନ୍ନ୍ୟାସ ସମ୍ପର୍କୀୟ ପ୍ରଶ୍ନର ବେଳାଭୂମିରେ ବସି ପାର୍ଥ ଶ୍ରୀକୃଷ୍ଣଙ୍କୁ ଗୀତାର୍ଥ ସ୍ପଷ୍ଟୀକରଣ ଦିଗରେ ପ୍ରବୃତ୍ତ କରାଇଲେ । ବାଛୁରୀ ମାଆ ଚିରରେ ପାଟି ଲଗାଇବା ଲାଗି ସମୟ ଅସମୟରେ ବିଚାର କରି ନଥାଏ । ସେହିଭଳି ଅର୍ଜୁନ ଗୀତାକଥା ପରିସମାପ୍ତି କାଳରେ ଶ୍ରୀକୃଷ୍ଣଙ୍କ ମୁଖରେ ତାହାର ପୁନରାବୃତ୍ତି କରାଇଲେ । ଭକ୍ତର ପ୍ରଶ୍ନରେ ପ୍ରଭୁ ଉତ୍ତର ନଦେଇ ରହି ନପାରନ୍ତି । ଅର୍ଜୁନ କହିଲେ, ହେ ବିଶ୍ୱେଶ୍ୱର ! ମୁଁ କ'ଣ ପ୍ରଶ୍ନ କରୁଛି ଦୟାକରି ଶୁଣନ୍ତୁ—

ଅର୍ଜୁନ ଉବାଚ

ସଂନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।
ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍ କେଶିନିସୂଦନ ॥୧॥

ସଂଘ ଓ ସଂଘାତ—ଏ ଦୁଇଟିଯାକ ଯେପରି ଏକାର୍ଥବୋଧକ, ସେହିଭଳି ସନ୍ନ୍ୟାସ ଓ ତ୍ୟାଗ ଶବ୍ଦ ଦୁଇଟିର ଅର୍ଥ ଏକ ବୋଲି ମୋର ମନେହେଉଚି ।

ତ୍ୟାଗ ଓ ସନ୍ନ୍ୟାସକୁ ଲୋକେ ତ୍ୟାଗ ବୋଲି ବୁଝିଲେ କିଛି ଭୁଲ୍ ହେବ କି ? ମୁଁ ମଧ୍ୟ ତ୍ୟାଗ ଅର୍ଥକୁ ହିଁ ବୁଝୁଛି । ବାସ୍ତବରେ ଏହି ଦୁଇ ଶବ୍ଦର କୌଣସି ଯଥାର୍ଥ ପାର୍ଥକ୍ୟ ଅଛି କି ନାହିଁ, ମତେ ସ୍ପଷ୍ଟ ଭାବରେ ବୁଝେଇ ଦିଅନ୍ତୁ ।

ଶ୍ରୀମୁକୁନ୍ଦ କହିଲେ, ଭିନ୍ନ ଭିନ୍ନ ଦୁଇଟି ଶବ୍ଦ ହେଲେ ମଧ୍ୟ ତ୍ୟାଗ ଓ ସନ୍ନ୍ୟାସର ଅର୍ଥ ଏକା ମନେ ହେଉଥିବା ମୁଁ ଭଲ ଭାବରେ ଜାଣେ । କିନ୍ତୁ ବାସ୍ତବରେ ସର୍ବଥା କର୍ମତ୍ୟାଗକୁ ସନ୍ନ୍ୟାସ ଓ ଫଳତ୍ୟାଗକୁ ତ୍ୟାଗ କୁହାଯାଇଥାଏ । ତେବେ କେଉଁ କର୍ମରେ ଫଳତ୍ୟାଗ ଏବଂ କେଉଁ କର୍ମକୁ ତ୍ୟାଗ କରାଯିବା ଉଚିତ, ସେ ବିଷୟ ତୁମକୁ ବିଶଦ ଭାବରେ କହିବି । ବଣ ପର୍ବତରେ ତ ମନକୁମନ ବହୁ ବୃକ୍ଷ ଜାତ ହୋଇ ସେଥିରେ ଫୁଲ ଫଳ ହୋଇଥାଏ । କିନ୍ତୁ ଜଙ୍ଗଲ ଭିତରେ ଧାନଫସଲ କିମ୍ବା ଫଳ ଫୁଲ ଉଦ୍ୟାନ ତା ମନକୁମନ ହୋଇପାରେନା । ଘାସ ମଞ୍ଜି ନ ବୁଣିଲେ ମଧ୍ୟ ଏହା ସ୍ୱତଃ ଗହଳିଆ ହୋଇ ଉଠିଥାଏ । କିନ୍ତୁ ଧାନ ଚାଷ କରିବାକୁ ହେଲେ ଜମିକୁ ଭଲଭାବରେ ଚଷିବାକୁ ପଡ଼େ । ପାଗ ଦେଖି ଧାନବିହନ ବୁଣିବାକୁ ପଡ଼ିଥାଏ ଏବଂ ଭଲ ଫସଲ ପାଇବା ପାଇଁ ସାର ପିଡ଼ିଆ ଦେବାକୁ ପଡ଼େ । ଏହିଭଳି ବହୁ ଯତ୍ନ କରିବାକୁ ପଡ଼େ । ଦୈହିକ ସୌନ୍ଦର୍ଯ୍ୟ ହେଉଚି ପ୍ରକୃତିର ଦାନ । ତଥାପି ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଅଳଙ୍କାର ତିଆରି କରିବାକୁ ପଡ଼େ । ନଦୀର ପ୍ରବାହ ସ୍ୱାଭାବିକ । କିନ୍ତୁ କୂଅ ଖୋଳିବାକୁ ପଡ଼ିଥାଏ । ସେହିଭଳି ନିତ୍ୟ ନୈମିତ୍ତିକ କର୍ମ ସ୍ୱାଭାବିକ କିନ୍ତୁ ସକାମ କର୍ମ କାମନା ସହିତ ସଂଶ୍ଳିଷ୍ଟ । ମନରେ ଫଳ ଆଶା ନରଖି ଯେଉଁ କର୍ମ କରାଯାଏ, ତାହା କର୍ମ ବନ୍ଧନ କାରକ ନୁହଁ ।

ଶ୍ରୀଭଗବାନ ଉବାଚ

କାମ୍ୟାନାଂ କର୍ମଣାଂ ନ୍ୟାସଂ ସଂନ୍ନ୍ୟାସଂ କବୟୋ ବିଦୁଃ ।
ସର୍ବକର୍ମଫଳତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ॥୨॥

ସମସ୍ତ ପ୍ରକାରର କର୍ମର ମୂଳ ହେଉଛି ମନର ପ୍ରବଳ ବାସନା ବା କାମନା । ସେଥିଲାଗି ମନୁଷ୍ୟ ଅଶ୍ୱମେଧାଦି ଯାଗ କରିଥାଏ । କୂଅ, ପୋଖରୀ ଖୋଳିବା, ତୋଟା ବଗିଚାଦି କରିବା, ରାସ୍ତା କଡ଼ରେ ବୃକ୍ଷ ରୋପଣ କରିବା,

ଧର୍ମଶାଳା ବା ପାନ୍ଥଶାଳାଦି ନିର୍ମାଣ କରିବା, ଗ୍ରାମଦାନ କରିବା ବା ବିଭିନ୍ନ ବ୍ରତାଚରଣ ମୂଳ ହେଉଚି ଏହି କାମନା । ଏହି ସମସ୍ତ କର୍ମାନୁସାରେ ମନୁଷ୍ୟ ଫଳଭୋଗ କରିବାକୁ ବାଧ ହୋଇଥାଏ ଏବଂ ଏହି କର୍ମରେ ହିଁ ସେ ବାନ୍ଧି ହୋଇ ରହିଥାଏ । ହେ ଧନଞ୍ଜୟ ! ଦେହଗ୍ରାମରେ ବାସ କରି ମନୁଷ୍ୟ ଜନ୍ମମୃତ୍ୟୁର ଅଧୀନ ହୋଇଥାଏ । ସେ ଏହି ସକାମ କର୍ମଦ୍ୱାରା ନିଜର ଯେଉଁ ଅଦୃଷ୍ଟ ରଚନା କରିଥାଏ, ତାକୁ ଖଣ୍ଡନ କରିବା ଅସମ୍ଭବ ହୋଇପଡ଼େ । ମନୁଷ୍ୟଦେହରେ କୃଷ୍ଣ ବର୍ଣ୍ଣ ବା ଗୌରବର୍ଣ୍ଣକୁ ଧୋଇଲେ ଛାଡ଼େନା, ସେହିଭଳି ସକାମ କର୍ମର ଫଳ ତାକୁ ଅବଶ୍ୟ ଭୋଗିବାକୁହିଁ ପଡ଼ିଥାଏ । ମହାଜନର ଗୁମାସ୍ତା ଋଣଗ୍ରସ୍ତ ଲୋକଠାରୁ ଟଙ୍କା ଆଦାୟ କରିବା ଲାଗି ଦାଣ୍ଡ ମୁହଁରେ ବସି ରହିଥାଏ, ସେହିଭଳି ସକାମ କର୍ମ ମନୁଷ୍ୟ ମନରେ ସର୍ବଦା ଧାରଣା ଦେଇ ବସି ରହିଥାଏ । ମନରେ କୌଣସି ଉଦ୍ଦେଶ୍ୟ ନଥିଲେ ମଧ କାମନା ସହିତ କର୍ମ କରିବାକୁ ପଡ଼ିଥାଏ– ଯେପରିକି କ୍ରୀଡ଼ା ସମୟରେ କାହାକୁ ମାରିବା ଲାଗି ଉଦ୍ଦେଶ୍ୟ ନ ଥିଲେ ମଧ ଥରେ ଥରେ ଆକସ୍ମିକ ଭାବରେ ଆଘାତ ଫଳରେ କାହାରି କାହାରି ମୃତ୍ୟୁ ମଧ ଘଟିପାରେ । ଏହା ଅଜ୍ଞାତସାରରେ ଘଟେ । ଅଜ୍ଞାତସାରରେ ମୁହଁରେ ଗୁଡ଼ ଲାଗିଗଲେ ଏହା ମିଠା ହିଁ ଲାଗିଥାଏ । ପାଉଁଶ ଭାବି ଜଳିଲା ନିଆଁରେ ହାତ ପୂରାଇଲେ ହାତ ନ ପୋଡ଼ି ରହିବ କି ? ସେହିଭଳି ସକାମ କର୍ମରେ ଫଳଭୋଗ କରିବା ସ୍ୱାଭାବିକ । ଏହିଭଳି କର୍ମ ମନୁଷ୍ୟକୁ ଫଳଭୋଗ କରିବାକୁ ବାଧ କରିଥାଏ । କିନ୍ତୁ ମୁମୂକ୍ଷୁ କୌତୂହଳରେ ମଧ ଏଭଳି କର୍ମ କରେ ନାହିଁ ।

ହେ ପାର୍ଥ ! ଯଦି ଦୈବତ୍ କାହାକୁ ଏଭଳି କର୍ମ କରିବାକୁ ପଡ଼ିଥାଏ, ଏହା ବିଷବୃକ୍ଷ ବୋଲି ଜାଣିବା ପରେ ଯେପରି ତାକୁ ପରିତ୍ୟାଗ କରାଯାଏ, ସେହିଭଳି ସକାମ କର୍ମକୁ ପରିତ୍ୟାଗ କରାଯିବା ଉଚିତ । ଏହିଭଳି ସକାମ କର୍ମତ୍ୟାଗକୁ ହିଁ କୁହାଯାଏ 'ସନ୍ନ୍ୟାସ' । ପାଖରେ ଧନ ନ ଥିଲେ ଯେପରି ଚୋରି ଭୟ ନଥାଏ, ସେହିଭଳି ସକାମ କର୍ମ ତ୍ୟାଗଦ୍ୱାରା କାମନାର ଭୟ ତୁଟିଯାଏ । ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ବେଳେ ଶ୍ରଦ୍ଧାରେ ଯେଉଁ ଦାନ କରାଯାଇଥାଏ, ମାତା ପିତାଙ୍କ ମୃତ୍ୟୁ ତିଥିରେ ଯେଉଁ ଶ୍ରାଦ୍ଧ କରାଯାଇଥାଏ

କିମ୍ବା ଅତିଥି ସତ୍କାରାଦି ଯେଉଁ କର୍ତ୍ତବ୍ୟ କର୍ମ କରାଯାଏ, ସେସବୁ ହେଉଛି ନୈମିତ୍ତିକ କର୍ମ । ବର୍ଷାକାଳରେ ବିଜୁଳି, ଘଡ଼ଘଡ଼ି ଓ ଝଡ଼ ବାତ୍ୟାଦି ସହ ଗଗନ କ୍ଷୁବ୍ଧ ହୁଏ । ବସନ୍ତ କାଳରେ ବୃକ୍ଷଲତାଦି ନବ ନବ କିଶଳୟରେ ପଲ୍ଲବିତ ହୁଏ, କୁସୁମ ସମ୍ଭାରରେ ସୁଶୋଭିତ ହୋଇଉଠେ, ଚନ୍ଦ୍ରକାନ୍ତ ମଣି ଚନ୍ଦ୍ରୋଦୟରେ ବିଗଳିତ ହୁଏ, ସୂର୍ଯ୍ୟୋଦୟ ମାତ୍ରେ କମଳ ପ୍ରସ୍ଫୁଟିତ ହୁଏ; ଯୌବନ କାଳରେ ଶରୀର ସତେଜ ରହିଥାଏ– ଏଥିରେ ବିସ୍ମୟକର କିଛି ନାହିଁ । ବସ୍ତୁରେ ବିଦ୍ୟମାନ ଗୁଣାବଳୀରହିଁ ବିସ୍ତାର ହୋଇଥାଏ । ଏହା ହେଉଚି ନିତ୍ୟକର୍ମ । ଜୀବନର ଦୈନନ୍ଦିନ ଓ ନିତ୍ୟ ନୈମିତ୍ତିକ କାର୍ଯ୍ୟ ବିଭିନ୍ନ ଘଟଣାବଳୀଦ୍ୱାରା ପରିଚାଳିତ ହୋଇଥାଏ । କୌଣସି କାର୍ଯ୍ୟକୁ ଉପଲକ୍ଷ୍ୟ କରି ଯାହା ନିୟମପୂର୍ବକ ଅନୁଷ୍ଠିତ ହୁଏ, ତାହା ଶ୍ରେଷ୍ଠ ବିବେଚିତ ହୋଇଥାଏ ଏବଂ ସେଥିଲାଗି ତାକୁ ନୈମିତ୍ତିକ କର୍ମ କୁହାଯାଇଥାଏ ।

ପ୍ରତିଦିନ ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ସନ୍ଧ୍ୟାବନ୍ଦନାଦିକୁ ନିତ୍ୟକର୍ମ କୁହାଯାଏ । ଚକ୍ଷୁରେ ଦର୍ଶନ ଶକ୍ତି, ପାଦରେ ଗମନ ଶକ୍ତି, ଦୀପଶିଖାରେ ପ୍ରଭା ଓ ଚନ୍ଦନରେ ସୁଗନ୍ଧ ଭଳି ବ୍ୟାପକ ସ୍ୱରୂପ ପ୍ରକାଶର କର୍ମ ହିଁ ସ୍ୱାଭାବିକ ନିତ୍ୟକର୍ମ । ହେ ପାର୍ଥ ! ନିତ୍ୟ ଓ ନୈମିତ୍ତିକ ଏହି ଦୁଇ ପ୍ରକାରର କର୍ମ ମଧ୍ୟରେ କି ପାର୍ଥକ୍ୟ ରହିଛି ବୁଝିଲ ତ ? ଏହି ଉଭୟ କର୍ମ ଅବଶ୍ୟ କର୍ତ୍ତବ୍ୟ । କେହି କେହି ଏହି କର୍ମଗୁଡ଼ିକୁ ନିଷ୍ଫଳ ମନେ କରିଥାଆନ୍ତି । ଭୋଜନଦ୍ୱାରା ତୃପ୍ତି ଓ କ୍ଷୁଧା ନିବାରଣ ଭଳି ନିତ୍ୟ ଓ ନୈମିତ୍ତିକ କର୍ମ ସର୍ବତୋଭାବରେ ଫଳଦାୟକ । ନିକୃଷ୍ଟ ସ୍ୱର୍ଣ୍ଣକୁ ଅଗ୍ନିରେ ନିକ୍ଷେପ କଲେ ତାର ମଇଳା ନଷ୍ଟ ହୁଏ ଓ ଗୁଣ ବୃଦ୍ଧି ପାଏ । ନିତ୍ୟ ନୈମିତ୍ତିକ କର୍ମକୁ ମଧ୍ୟ ସେହିଭଳି ଭାବରେ ବୁଝିବା ଆବଶ୍ୟକ । ପ୍ରତ୍ୟେକ ପାପ ଧ୍ୱଂସସହିତ ଜୀବ ଗୋଟିଏ ଗୋଟିଏ ଅଧିକାର ଓ ସଦ୍‌ଗତି ଲାଭ କରିଥାଏ । ମୂଳା ନକ୍ଷତ୍ରରେ ଜନ୍ମ ହୋଇଥିବାପୁତ୍ରକୁ * ଯେପରି ତ୍ୟାଗ

* କଥିତ ଅଛି, ଭକ୍ତକବି ତୁଳସୀଦାସ ମୂଳାନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ବୋଲି ତାଙ୍କ ବାପା ମାଆ ତାଙ୍କୁ ତ୍ୟାଗ କରିଥିଲେ । ଲୋକଙ୍କ ବିଶ୍ୱାସ ଯେ ମୂଳାନକ୍ଷତ୍ରରେ ପୁତ୍ର ଜାତ ହେଲେ ପିତାମାତାଙ୍କର ଶୀଘ୍ର ମୃତ୍ୟୁ ହୁଏ ।

କରାଯାଇଥାଏ, ସେହିଭଳି ନିତ୍ୟ ନୈମିତ୍ତିକ କର୍ମ ଯେତେ ବିରାଟ ହେଲେ ମଧ୍ୟ ତାକୁ ତ୍ୟାଗ କରିବା ଉଚିତ । ବସନ୍ତ ଋତୁର ସମାଗମରେ ସମସ୍ତ ବୃକ୍ଷଲତା ନବପଲ୍ଲବରେ ମଣ୍ଡିତ ହୋଇଥାଏ, ଆମ୍ରକୁଞ୍ଜରେ ନବମୁକୁଳ ଦେଖାଯାଏ କିନ୍ତୁ ଋତୁରାଜ କାହାକୁ ସ୍ପର୍ଶ ନ କରି ଆପେ ଆପେ ଚାଲିଯାଏ । ନବପଲ୍ଲବ କିମ୍ବା ପୁଷ୍ପର ଗନ୍ଧରେ ସେ ଜଡ଼ିତ ହୋଇ ପଡ଼େନାହିଁ । ନିଜ କର୍ମ ଶେଷ କରି ସେ ଚାଲିଯାଏ । ପୁଣି ଯେତେବେଳେ କର୍ମର ଆହ୍ୱାନ ଆସେ, ସେ ପୁଣି ଆସି ନିଜ କର୍ମ ସମ୍ପାଦନ କରିଥାଏ । ଯେତିକି କର୍ମ କରିବା କଥା, କେବଳ ସେତିକି ହିଁ କରେ । ତେଣୁ ହେ ଅର୍ଜୁନ ! କର୍ମର ସୀମା ଲଙ୍ଘନ ନକରି ଏବଂ ଫଳର ଆଶା ନରଖି ନିତ୍ୟ ନୈମିତ୍ତିକ କର୍ମ କରିଯିବା ଉଚିତ । ଜ୍ଞାନୀ କର୍ମଫଳ ତ୍ୟାଗ କରିଥାଏ ବୋଲି ତାର ତ୍ୟାଗହିଁ ପ୍ରକୃତ ତ୍ୟାଗ । ଏହାହିଁ ତ୍ୟାଗ ଓ ସନ୍ନ୍ୟାସର ତାତ୍ପର୍ଯ୍ୟ । ସନ୍ନ୍ୟାସ ଗ୍ରହଣ କଲେ କାମ୍ୟକର୍ମ ତାକୁ ବାଧା ଦେଇ ନପାରେ । ନିଷିଦ୍ଧ ବୋଲି ହିଁ ନିଷିଦ୍ଧକର୍ମ ସ୍ୱଭାବତଃ ପରିତ୍ୟକ୍ତ ହୋଇଥାଏ । ନିତ୍ୟକର୍ମ ଯାହାବା ଥାଏ, ଫଳତ୍ୟାଗ ଫଳରେ ଏହା ପ୍ରକୃତ ତ୍ୟାଗ ବୋଲି ସିଦ୍ଧ ହୋଇଯାଏ । ଧାନ ପାଚିଲେ ତାହା କଟା ହୋଇ ଘରକୁ ଆସେ । ସେହିଭଳି ସମ୍ପୂର୍ଣ୍ଣ କର୍ମ ଶେଷରେ ଆତ୍ମଜ୍ଞାନ ନିଜେ ଖୋଜି ଖୋଜି ଆସି ସାଧକର ଦ୍ୱାର ଦେଶରେ ଉପସ୍ଥିତ ହୁଏ । ସୁଚିନ୍ତିତ ବିଚାରକୁ ଭୁଲି କେବଳ ଅନୁମାନରେ କର୍ମତ୍ୟାଗ କଲେ, ତ୍ୟାଗ ଆଦୌ ହୁଏ ନାହିଁ ବରଂ ଝିଞ୍ଜଟ ବଢ଼େ । ନାନା ଜଟିଳତା ଦେଖାଦିଏ । ରୋଗୀ ପକ୍ଷରେ ଯାହା ଅନୁପଯୋଗୀ, ସେହିଭଳି ଔଷଧ ଖାଇଲେ ତାହା ବିଷଭଳି ପ୍ରତିକ୍ରିୟା ସୃଷ୍ଟି କରିପାରେ । ଅନ୍ନତ୍ୟାଗ କଲେ କ୍ଷୁଧାରେ ମନୁଷ୍ୟର ମୃତ୍ୟୁ ହୁଏ । ତେଣୁ ଯେଉଁସବୁ କର୍ମତ୍ୟାଗ କରିବା ଉଚିତ, କେବଳ ସେହିସବୁ ନିଷିଦ୍ଧ କର୍ମ ତ୍ୟାଗ କରିବ, କିନ୍ତୁ ଯାହା ତ୍ୟାଗ କରିବା ଉଚିତ ନୁହେଁ, ତାହା ତ୍ୟାଗ ନ କରାଯିବା ଆବଶ୍ୟକ । ମନେ ରଖିବା ଉଚିତ ଯେ ତ୍ୟାଗ ଏକ ସୂକ୍ଷ୍ମ ପଥ । ଏଥିରେ ଗଲାବେଳେ ଯଦି କୌଣସି ଭ୍ରମ ହୁଏ, ତାହାହେଲେ ପରିତ୍ୟକ୍ତ କର୍ମଗୁଡ଼ିକ ମନୁଷ୍ୟ ପକ୍ଷେ ଭାରି ବୋଝ ହୋଇପଡ଼େ । ବୈରାଗ୍ୟବାନ ବ୍ୟକ୍ତି ସର୍ବଦା ନିଷିଦ୍ଧ କର୍ମଠାରୁ ଦୂରରେ ଥାଏ ।

ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ ।
ଯଜ୍ଞଦାନତପଃକର୍ମ ନ ତ୍ୟଜ୍ୟମିତି ଚାପରେ ।।୩।।

ଯେଉଁମାନେ କର୍ମତ୍ୟାଗର କୌଶଳ ଜାଣନ୍ତି ନାହିଁ, ସେମାନେ କହନ୍ତି, କର୍ମ ହେଉଚି ବନ୍ଧନର କାରଣ । ଯେଉଁମାନେ କଣ୍ଟାବାଡ଼ରେ ଲୁଗା ପକାଇ ଝଗଡ଼ା କରିଥାଆନ୍ତି, କଳି କରିବା ଲାଗି ଲଙ୍ଗଳା ମଧ୍ୟ ହୋଇପଡ଼ନ୍ତି, ଅଥଚ ଅନ୍ୟମାନଙ୍କୁ କଳିହୁଡ଼ା ବୋଲି ଦୋଷ ଦିଅନ୍ତି, ଏମାନଙ୍କୁ ସେମାନଙ୍କ ସହିତ ତୁଳନା କରାଯାଇପାରେ । ଯେଉଁ ରୋଗୀର ଅରୁଚି (ରସନା ଲମ୍ପଟ-ରୋଗୀ) ହୋଇଥାଏ, ସେ ସବୁପ୍ରକାରର ସୁସ୍ୱାଦ ଖାଦ୍ୟକୁ ମଧ୍ୟ ଭଲ ନୁହେଁ କହି ଦୋଷ ଦିଏ । କୁଷ୍ଠରୋଗୀ ନିଜ ଶରୀର ପ୍ରତି ନ ରାଗି ତା ଘା ଘଉଡ଼ରେ ବସୁଥିବା ମାଛି ଉପରେ ରାଗ ଛିଣ୍ଡାଏ । ସେହିଭଳି ଫଳ କାମନା କରୁଥିବା ବ୍ୟକ୍ତି 'କର୍ମ'ର ନିନ୍ଦା କରିଥାଏ ଏବଂ କର୍ମତ୍ୟାଗ କରିବା କର୍ତ୍ତବ୍ୟ ବୋଲି ସ୍ଥିର କରିଥାଏ । କେହି କେହି କହନ୍ତି, ଯାଗଯଜ୍ଞଆଦି ବ୍ୟତୀତ ଚିତ୍ତଶୁଦ୍ଧି ଲାଗି ଅନ୍ୟ କୌଣସି ଉପାୟ ନାହିଁ, ତେଣୁ ଯଜ୍ଞାନୁଷ୍ଠାନ ଅବଶ୍ୟ କରଣୀୟ । ହେ ଧନଞ୍ଜୟ ! ମନର ବିଶୋଧନ ପଥରେ ବିଜୟଲାଭ କରିବାକୁ ହେଲେ, କର୍ମରୂପକ ଶସ୍ତ୍ରଧାରଣ ଏକାନ୍ତ ଆବଶ୍ୟକ । ସ୍ୱର୍ଣ୍ଣକୁ ଶୁଦ୍ଧ କରିବାଲାଗି ତାକୁ ଅଗ୍ନିରେ ତତେଇବାକୁ ପଡ଼ିଥାଏ । ଦର୍ପଣରେ ଭଲଭାବରେ ମୁହଁକୁ ଦେଖିବାକୁ ଚାହିଁଲେ ପ୍ରଥମେ ଦର୍ପଣକୁ ପରିଷ୍କାର କରିବା ଆବଶ୍ୟକ । ଲୁଗା ସଫା କରିବାକୁ ଚାହିଁଲେ, ଧୋବା ଲୁଗା ସିଝାଉଥିବା ହାଣ୍ଡିଟା ମଇଳା ଅଛି ବୋଲି ଆପତ୍ତି କଲେ ଚଳିବ କି ? ଭଲ ଖାଦ୍ୟ ଖାଇବାକୁ ଇଚ୍ଛାକଲେ ରାନ୍ଧିବାଲାଗି କଷ୍ଟସ୍ୱୀକାର କରିବାକୁ ପଡ଼ିବ । ସେହିଭଳି କର୍ମ କରିବା କଷ୍ଟକର ଭାବି ଏହାକୁ ତ୍ୟାଗ କରାଯିବା ଅନୁଚିତ । କର୍ମ ଓ ତ୍ୟାଗ ସମ୍ପର୍କରେ ନାନା ବିରୁଦ୍ଧ ମତବାଦ ରହିଚି । ଏହି ବିରୁଦ୍ଧ ମତବାଦ ପୋଷଣ କରିବା ଫଳରେ କେହି କେହି କହନ୍ତି ଯେ କର୍ମ କରିବା ଉଚିତ, କେହି କେହି କହନ୍ତି କର୍ମତ୍ୟାଗ ଉଚିତ ।

ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ।
ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସଂପ୍ରକୀର୍ତ୍ତିତଃ ।।୪।।

ପ୍ରକୃତ ସମସ୍ୟାଟି କ'ଣ ତୁମକୁ ବୁଝେଇଦେଉଚି । ହେ ଅର୍ଜୁନ ! ମନେରଖ ତ୍ୟାଗ ହେଉଚି ତିନି ପ୍ରକାରର । ଏହି ତ୍ୟାଗର ପ୍ରକୃତି କ'ଣ କହୁଚି । ଏହା ତିନି ପ୍ରକାରର ହେଲେ ମଧ୍ୟ ମୂଳତଃ ଏହାର ତାତ୍ପର୍ଯ୍ୟ ଓ ସାରାଂଶ ସମାନ । ଏ ବିଷୟରେ ମୁଁ ତୁମକୁ ନିର୍ଦ୍ଦିଷ୍ଟ ଦିଗ୍‌ନିର୍ଦ୍ଦେଶ କରିବି । ଏହି ସାଂସାରିକ ଜଞ୍ଜାଳରୁ ଯିଏ ମୁକ୍ତିଲାଭ କରିବାକୁ ଚାହିଁବ, ସେ ଆନ୍ତରିକ ଭାବରେ ତ୍ୟାଗର ବାସ୍ତବ ପ୍ରକୃତି କ'ଣ ଜାଣିବା ଲାଗି ଉଦ୍ୟମ କରିବା ଆବଶ୍ୟକ ।

ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥୫॥

ବାଟୋଇ ଚଲାପଥକୁ ଛାଡ଼ି ଅବାଟରେ ମାଡ଼ିଚାଲିବା ଅନୁଚିତ । ସେହିଭଳି ଯଜ୍ଞ, ଦାନ ଓ ତପସ୍ୟା ଆଦି କର୍ମକୁ ତ୍ୟାଗ କରିବା ଅନୁଚିତ । ହଜିଯାଇଥିବା ଜିନିଷ ନ ମିଳିବା ପର୍ଯ୍ୟନ୍ତ ତାକୁ ଖୋଜିବା ଲାଗି ମନ ଛଟପଟ ହୋଇଥାଏ । କ୍ଷୁଧା ନିବାରଣ ନ ହେବାଯାଏ କିଏ ଥାଳି ଗିନାକୁ ଧୋଇବାପାଇଁ ନେଇ ନ ଥାଏ । ନଈ ମଝିରେ କେହି ନୌକାକୁ ଛାଡ଼େ ନାହିଁ । ଫଳ ନ ଫଳିବାଯାଏଁ କେହି କେବେ ଗଛକୁ କାଟି ପକାଏନା କିମ୍ବା ଉପାଡ଼ି ପକାଏନା । ଦୀପ ଲଗେଇ ଖୋଜୁଥିବା ଜିନିଷକୁ ନ ପାଇବାଯାଏ କେହି ଦୀପକୁ ଲିଭାଇ ଦିଏ ନାହିଁ । ତେଣୁ ଆତ୍ମାକୁ ସଂପୂର୍ଣ୍ଣଭାବରେ ନ ଚିହ୍ନିବା ଯାଏଁ, ଆତ୍ମସତ୍ତା ସମ୍ପର୍କରେ ସଂପୂର୍ଣ୍ଣ ଜ୍ଞାନ ନ ହେବାଯାଏଁ, କେହି ଯୋଗ ଆଦି କର୍ମକୁ ତ୍ୟାଗ କରିବା ଅନୁଚିତ । ତେଣୁ ହେ ପାର୍ଥ ! ପ୍ରତ୍ୟେକ ବ୍ୟକ୍ତି ନିଜ ଅବସ୍ଥା ଅନୁଯାୟୀ ନିର୍ଦ୍ଦିଷ୍ଟ ବିଧିବିଧାନକୁ ଅନୁସରଣ କରି ନିରନ୍ତର ଯଜ୍ଞ, ଦାନ ଓ ତପସ୍ୟାଦି କର୍ମ କରିବା ଉଚିତ । ଯିଏ ଯେତେ ଶୀଘ୍ର ଚାଲି ଚାଲି ଗନ୍ତବ୍ୟ ସ୍ଥାନରେ ପହଞ୍ଚିପାରେ, ସେ ସେତେ ଶୀଘ୍ର ଯାତ୍ରା ଶେଷରେ ବିଶ୍ରାମଲାଭର ସୁଯୋଗପାଏ । ଯିଏ ଯେତେ ଧୈର୍ଯ୍ୟର ସହିତ ଚିକିତ୍ସକର ନିର୍ଦ୍ଦେଶ ଅନୁଯାୟୀ ଔଷଧ ଖାଏ, ସେ ସେତେ ଶୀଘ୍ର ଆରୋଗ୍ୟଲାଭ କରିଥାଏ । ସେହିଭଳି ବିଧିବିଧାନକୁ ମାନି ଯିଏ ଯେତେ ଶୀଘ୍ର କର୍ମ ସମ୍ପାଦନ କରେ, ତାଠାରୁ ରଜଃ ଓ ତମଭାବ ସେତେ ଶୀଘ୍ର ଦୂର ହୋଇଯାଏ । ସୁନା ଅପମିଶ୍ରିତ ହୋଇଥିଲେ ତାକୁ ରକ୍ଷା (ଏସିଡ଼) ଦେଇ

ତରଳାଇଲେ ତା ଦେହରୁ ମଇଳା ବା ଅପମିଶ୍ରଣର ଦୋଷ ଚାଲିଯାଏ, ସୁନା ପରିଷ୍କାର ହୋଇଉଠେ । ସେହିଭଳି ବିଶ୍ୱାସର ସହିତ ଏବଂ ନିଷ୍ଠା ଓ କର୍ତ୍ତବ୍ୟବୋଧ ସହିତ କର୍ମ କଲେ ରଜଃ ଓ ତମ ଗୁଣ ନଷ୍ଟ ହୋଇଯାଏ, ସତ୍ତ୍ୱଗୁଣ ଆପେ ଆପେ ଚାଲିଆସେ । ତେଣୁ ହେ ଧନଞ୍ଜୟ ! ସତ୍‌କାମୀ ନିକଟରେ କର୍ମ ହେଉଚି ତୀର୍ଥ ସ୍ୱରୂପ । ତୀର୍ଥଜଳ ଯେପରି ବାହାରର ଅପବିତ୍ରତାକୁ ଦୂର କରେ, ସେହିଭଳି ସତ୍‌କର୍ମ ଅନ୍ତର ଆବର୍ଜନାକୁ ଦୂର କରି ଏହାକୁ ନିର୍ମଳ ଓ ଉଜ୍ଜ୍ୱଳ ରଖେ । ତେଣୁ ହେ ଅର୍ଜୁନ ! ମନକୁ ନିର୍ମଳ ରଖିବାଲାଗି ସତ୍‌କର୍ମ ହିଁ ନିର୍ମଳ ତୀର୍ଥଜଳ । ମରୁଭୂମିରେ ଯାଉଥିବା ବ୍ୟକ୍ତି ପକ୍ଷରେ ଉତ୍ତପ୍ତ ବାୟୁପ୍ରବାହ ବ୍ୟତୀତ ତୃଷ୍ଣା ନିବାରଣ ଉପାୟ ଆଉ କ'ଣ ବା ରହିଛି ? ଅନ୍ଧ ସୂର୍ଯ୍ୟାଲୋକକୁ ହିଁ ଦର୍ଶନ କରିବା ଲାଗି ଏକମାତ୍ର ସାମର୍ଥ୍ୟ ବୋଲି ଧରିନିଏ । ଜଳରେ ବୁଡ଼ିଯାଉଥିବା ବ୍ୟକ୍ତିକୁ ନଦୀ ହିଁ ରକ୍ଷା କରିପାରେ । ଭୂ-ପତିତ ବ୍ୟକ୍ତିକୁ ଧରି ରଖିବାଲାଗି ପୃଥିବୀ ହିଁ ଏକମାତ୍ର ସହାୟକ । ମୁମୂର୍ଷୁକୁ ସ୍ୱୟଂ ମୃତ୍ୟୁ ହିଁ ଦୀର୍ଘାୟୁ ପ୍ରଦାନ କରିପାରେ । ତେଣୁ ହେ ପାଣ୍ଡୁସୁତ ! କର୍ମରୁ ମୁକ୍ତି ପାଇବା ଲାଗି କୌଶଳକ୍ରମେ କର୍ମାନୁଷ୍ଠାନ ହିଁ ଏକମାତ୍ର ଉପାୟ । ରସାୟନ ପ୍ରକ୍ରିୟାରେ ନିପୁଣତା ସହିତ ପ୍ରସ୍ତୁତ ବିଷ ମଧ୍ୟ ରୋଗୀକୁ ଶେଷମୁହୂର୍ତ୍ତରେ ମୃତ୍ୟୁମୁଖରୁ ରକ୍ଷା କରିଥାଏ । ହେ ଧନଞ୍ଜୟ ! କର୍ମାନୁଷ୍ଠାନରେ ଏପରି କୌଶଳ ଅଛି ଯଦ୍ୱାରା କି ଏହା ମନୁଷ୍ୟକୁ ବନ୍ଧନମୁକ୍ତ କରିବାକୁ ସମର୍ଥ । ହେ କିରୀଟି ! ସେହି ରୀତି ଅନୁସାରେ କର୍ମ କଲେ କର୍ମ ବନ୍ଧନ ଆଉ ରହେନା ।

ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ ।
କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ॥୬॥

ବଡ଼ଧରଣର ଯଜ୍ଞାନୁଷ୍ଠାନ କଲେ ମଧ୍ୟ 'ମୁଁ ଏହି ଯଜ୍ଞର କର୍ତ୍ତା' ଏହି ଗର୍ବ କରିବା ଅନୁଚିତ । ଯିଏ ଅନ୍ୟର ଅର୍ଥ ସାହାଯ୍ୟ ନେଇ ତୀର୍ଥଯାତ୍ରା କରେ, ସେ କେବେହେଲେ ଗର୍ବ କରିବା ଅନୁଚିତ ଯେ ମୁଁ ଅମୁକ ତୀର୍ଥ କରି ଫେରିଚି । ରାଜାଦେଶ ପାଇ ରାଜାଙ୍କ କ୍ଷମତା ବଳରେ ଯଦି କେହି ଏକାକୀ କୌଣସି ବ୍ୟକ୍ତିକୁ ଧରି ଆଣେ, ସେ କେବେହେଲେ ଗର୍ବ କରି ନ ପାରେ ଯେ ମୁଁ ତାକୁ

ପରାଜିତ କରି ଧରିଆଣିଚି । ଯିଏ ଅନ୍ୟର ସାହାଯ୍ୟରେ ବଢ଼ିଲା ନଈକୁ ପାରି ହୁଏ, ମୁଁ ପହଁରି ପହଁରି ଆସିଗଲି ବୋଲି ଗର୍ବ କରି ନ ପାରେ । ପୁରୋହିତ ଜରିଆରେ ରାଜା ଅନ୍ୟକୁ ଦାନ କରିଥାଆନ୍ତି ବୋଲି ପୁରୋହିତ ଦାତାପଣ ଦେଖାଇ ଗର୍ବ କରି ନପାରେ ।

ସେହିଭଳି ହେ ଅର୍ଜୁନ ! କର୍ତ୍ତୃତ୍ୱର ଅଭିମାନ ତ୍ୟାଗ କରି ଯଥାକାଳରେ କର୍ମାନୁଷ୍ଠାନ ସମ୍ପନ୍ନ କରାଯିବା ଉଚିତ । ତା ଛଡ଼ା ଯାହା କଲ, ସେଥିପାଇଁ ଫଳକୁ ମଧ୍ୟ ଅପେକ୍ଷା କରିବା ଅନୁଚିତ । ମୁଁ ଯାହାକୁ ପାଳିବି, ପୋଷିବି, ଭବିଷ୍ୟତରେ ତା'ଠାରୁ ଲାଭବାନ ହେବି, ସେ ମତେ ପୋଷିବ— ଏପରି ଫଳ ଆଶା ନ ରଖି ଧାଇମାଆ ଯେପରି ଅନ୍ୟର ସନ୍ତାନମାନଙ୍କୁ ପାଳେ, ପୋଷେ, ସେହିଭଳି ଫଳ ଆଶା ନ ରଖି କର୍ମ କରିବାକୁ ପଡ଼ିବ । ପିପ୍‌ପଳ ଗଛରୁ କୌଣସି ଫଳ ଆଶା କରାନଯାଇ ତା ମୂଳରେ ପାଣି ଦିଆଯାଏ । ଗଉଡ଼ ଗାଁଟାଯାକର ଲୋକଙ୍କ ଗାଈ ଚରାଇବାକୁ ନେଇଥାଏ, ଅଥଚ ସେ ଦୁଗ୍‌ଧ ପାଇବାର ଆଶା ରଖି ନ ଥାଏ । ସେହିଭଳି ଫଳ ଆଶା ନ ରଖି ଯିଏ ସତ୍‌କର୍ମ କରେ, ସେ ଆତ୍ମଜ୍ଞାନ ଲାଭ କରେ— ଯାହାକି ନିଜ ଭିତରେ ହିଁ ରହିଛି । ତେଣୁ ହେ ପାର୍ଥ ! ଫଳାଶା ଓ ଦେହାଭିମାନ ତ୍ୟାଗପୂର୍ବକ କର୍ମ କର— ଏହା ହେଉଚି ମୋର ସଦୁପଦେଶ । ଯେଉଁ ଜୀବ ସଂସାରବନ୍ଧନ ଜ୍ୱାଳାରେ ଅଶେଷ ଯନ୍ତ୍ରଣା ଭୋଗ କରୁଛି, ମୁଁ ତାକୁ ବାରମ୍ବାର କହୁଛି, ମୁଁ ଯାହା କହୁଚି ତାହା କର, ଅନ୍ୟଥାଚରଣ କର ନାହିଁ । କଲେ ବନ୍ଧନରୁ ମୁକ୍ତି ନାହିଁ ।

ନିୟତସ୍ୟ ତୁ ସଂନ୍ୟାସଃ କର୍ମଣୋ ନୋପପଦ୍ୟତେ ।
ମୋହାତ୍ ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ॥୭॥

ଅନ୍ଧାରରେ ଯାଉ ଯାଉ କାନ୍ଥରେ ବାଡ଼େଇ ହୋଇଗଲ ବୋଲି ଅନ୍ଧାର ଉପରେ ରାଗି ନିଜ ଆଖିକୁ ଦୋଷୀ ସାବ୍ୟସ୍ତ କରି ଆଖିକୁ ରାମ୍ପୁଡ଼ି ବିଦାରି ପକାଇବା ଭଳି ଯଦି ଦ୍ୱେଷପୂର୍ବକ କର୍ମ ତ୍ୟାଗ କର, ତାହାହେଲେ ସେ ତ୍ୟାଗକୁ 'ତାମସତ୍ୟାଗ' ମନେ କରାଯିବ । ମୁଣ୍ଡ ବଥଉଚି ବୋଲି ମୁଣ୍ଡ ଉପରେ ରାଗି ଯଦି ମୁଣ୍ଡକୁ ବାଡ଼ାଅ, ତାହାହେଲେ ବ୍ୟଥା ବଢ଼ିବ ସିନା, କମିବ ନାହିଁ । ତାମସ-

ତ୍ୟାଗ ହେଉଚି ଏହି ମୁଣ୍ଡ ବାଡ଼ିଆ କିମ୍ବା ମୁଣ୍ଡ ବଥଉଚି ବୋଲି ମୁଣ୍ଡକୁ କାଟି ଫିଙ୍ଗିଦେବା ଭଳି ଏକ ତ୍ୟାଗ । ରାସ୍ତା ଭଲ ନ ଥିଲେ ମଧ୍ୟ ଯେକୌଣସିମତେ ଆସ୍ତେ ଆସ୍ତେ ଚାଲିଚାଲି ଆରପଟକୁ ଯିବାକୁ ପଡ଼ିଥାଏ । କିନ୍ତୁ ରାସ୍ତା ତ ଭଲ ନାହିଁ, ପାଦରେ ଚାଲିବି କିମିତି କହି କେହି ଦିଗୋଡ଼କୁ କାଟିପକାଏ ନାହିଁ । ଭୋକିଲାଲୋକ ଆଗରେ ଗରମ ଗରମ ଭାତ ବାଢ଼ିଦିଆଗଲେ, ଏଗୁଡ଼ାକ ବହୁତ ଗରମ କହି ସେ ଯଦି ଭାତ ଥାଳିକୁ ଗୋଇଠା ମାରି ଫିଙ୍ଗିଦିଏ, ତାହାହେଲେ ସେ ଭୋକିଲା ରହିବା ହିଁ ସାର ହୁଏ । ତା ନ କରି ସେ ଯଦି ବୁଦ୍ଧି ପ୍ରୟୋଗ କରି, ଭାତକୁ ଥଣ୍ଡା କରି ଆସ୍ତେ ଆସ୍ତେ ଖାଏ, ତାହାହେଲେ ସେ ଭୋକରୁ ତ୍ରାହି ପାଏ । ତେଣୁ ହେ ଅର୍ଜୁନ ! ମନେରଖ ଯଦି ବିଧିବିଧାନକୁ ମାନି ଉଚିତ ମାର୍ଗରେ କର୍ମାନୁଷ୍ଠାନ କରାଯାଏ, ତାହାହେଲେ କର୍ମବନ୍ଧନରୁ ମୁକ୍ତି ସୁନିଶ୍ଚିତ । କିନ୍ତୁ ତାମସ ପ୍ରକୃତିର ଲୋକେ ନାନା ଭ୍ରମରେ ପଡ଼ି ବିଧିପୂର୍ବକ କର୍ମାନୁଷ୍ଠାନ ତ୍ୟାଗ କରି ସଂସାର ବନ୍ଧନରେ ଗୁଡ଼େଇ ତୁଡ଼େଇ ହୋଇଥାଆନ୍ତି । ସେମାନେ କର୍ତ୍ତବ୍ୟକର୍ମକୁ ମଧ୍ୟ ତ୍ୟାଗ କରିଥାଆନ୍ତି । ତୁମେ ଏହି ତାମସ ତ୍ୟାଗର ବଶୀଭୂତ ହୁଅନା । କର୍ତ୍ତବ୍ୟ କର୍ମ ହିଁ କର ।

ଦୁଃଖମିତ୍ୟେବ ଯତ୍ କର୍ମ କାୟକ୍ଲେଶଭୟାତ୍ ତ୍ୟଜେତ୍ ।
ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥୮॥

ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ କି ନିଜ ଅଧିକାର ଓ ଅବସ୍ଥାକୁ ବୁଝିପାରନ୍ତି ଏବଂ ବିହିତ କର୍ମ କ'ଣ ଜାଣନ୍ତି, ଅଥଚ କର୍ମାନୁଷ୍ଠାନ ପଥରେ ବାଧାବିଘ୍ନକୁ ଭୟ କରିଥାଆନ୍ତି । ଖାଦ୍ୟ ପଦାର୍ଥକୁ ବାନ୍ଧି ନେବାବେଳେ ଭାରି ବୋଧହୁଏ, ନିମ୍ବକୁ ଖାଇଲେ ପିତା ଲାଗେ, ଗାଈକୁ ଦୁହିଁବାବେଳେ ତା ଶିଙ୍ଗକୁ ଦେଖି ଭୟ ହୁଏ, କେତକୀ ଫୁଲ ତୋଳିବାକୁ ଗଲାବେଳେ ତା କଣ୍ଟାକୁ ଭୟ ଲାଗେ, ରାନ୍ଧିବା କଷ୍ଟକର ମନେକରି କେହି କେହି ଭୋକରେ ରହିଯାଆନ୍ତି, ସେହିଭଳି ସତ୍‌କର୍ମ ଆରମ୍ଭବେଳେ ତାହା କଷ୍ଟସାଧ ମନେହେବା ସ୍ୱାଭାବିକ୍ । ଏକଥା ମୁଁ ବାରମ୍ବାର କହିଛି । ଅନେକ ସମୟରେ ଦେଖାଯାଏ କେହି କେହି ଖୁବ୍ ଦାମ୍ଭିକତାର ସହିତ ବିହିତ କର୍ମାନୁଷ୍ଠାନ ଆରମ୍ଭ କରିଦିଅନ୍ତି; କିନ୍ତୁ ହାତରେ

ତାତିଲା ଜିନିଷ ପଡ଼ିଲେ ଯେପରି ମନୁଷ୍ୟ ତାକୁ ତତ୍‌କ୍ଷଣାତ୍ ପକେଇଦିଏ, ସେହିଭଳି କର୍ମ କରୁ କରୁ କଷ୍ଟ ଆରମ୍ଭ ହେବା ମାତ୍ରେ ତାକୁ ଛାଡ଼ିଦେଇ ମନେ ମନେ କହିହୁଅନ୍ତି, ''ବହୁ ଭାଗ୍ୟରୁ ତ ମନୁଷ୍ୟ ଦେହ ଭଳି ଏକ ସୁନ୍ଦର ଜିନିଷ ପାଇଛି, ଅଥଚ ପାପୀଙ୍କଭଳି ଅଯଥା ବିହିତ କର୍ମ କରି ତାକୁ କଷ୍ଟ ଦେବି କାହିଁକି ? କର୍ମଫଳ ଭୋଗନ ହେଲେ ନ ହେଉ, ଏବେ ଯେଉଁ ଉପଭୋଗ୍ୟ ସମ୍ପତ୍ତି ଲାଭ କରିଛି, ତାକୁ ଭୋଗ କରିବି ନାହିଁ କାହିଁକି ?''

ହେ ଅର୍ଜୁନ ! ଶାରୀରିକ କଷ୍ଟ ଭୟରେ ଯେଉଁ କର୍ମ ତ୍ୟାଗ କରାଯାଏ, ତାହା ହେଉଛି ରାଜସ ତ୍ୟାଗ । ତଦ୍ୱାରା ତ୍ୟାଗଫଳ ମିଳେନା । ଲହୁଣୀ ବସେଇଛ ଚୁଲିରେ ଘିଅ କରିବା ପାଇଁ । ଲହୁଣୀ ଉତୁରି ଯଦି ନିଆଁରେ ପଡ଼େ, ତାକୁ ଯଜ୍ଞରେ ଘୃତାହୂତି କରାଗଲା ବୋଲି କୁହାଯାଇ ନ ପାରେ । ଦୁର୍ଘଟଣାବଶତଃ ଯଦି କେହି ପୋଖରୀ ବା ନଦୀରେ ବୁଡ଼ି ମରେ, ତାର ଜଳ-ସମାଧି ହେଲା ବୋଲି କୁହାଯାଇ ନ ପାରେ । ତାହା ଅପମୃତ୍ୟୁ । ନିଜ ଶରୀରକୁ ସୁକୁମାରିଆ କରି ରଖିବାଲାଗି ଯଦି କେହି ଆଳସ୍ୟପରାୟଣ ହୁଏ ଏବଂ କର୍ମଠାରୁ ଖସି ପଳାଏ, ତାହାହେଲେ ସେ ତ୍ୟାଗଫଳ ଲାଭ କରି ନ ପାରେ । ସୂର୍ଯ୍ୟୋଦୟମାତ୍ରେ ନକ୍ଷତ୍ର ଦର୍ଶନ ସମ୍ଭବ ନୁହେଁ । ସେହିଭଳି ଆତ୍ମଜ୍ଞାନୋଦୟ ହେବା ମାତ୍ରେ କର୍ମ ଲୋପ ହୋଇଯାଏ । ତ୍ୟାଗର ଫଳ ହେଉଚି ମୋକ୍ଷ । ଅଜ୍ଞାନୀ ଏହା ପାଏନା । ରାଜସିକ ତ୍ୟାଗୀ ମଧ୍ୟ ଏଥିରୁ ବଞ୍ଚିତ । ଯେଉଁ ତ୍ୟାଗରୁ ମୋକ୍ଷଲାଭ ହୁଏ, ତା କହୁଚି ଶୁଣ ।

କାର୍ଯ୍ୟମିତ୍ୟେବ ଯତ୍ କର୍ମ ନିୟତଂ କ୍ରିୟତେଽର୍ଜୁନ ।
ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥୯॥

ନିଜର ଅବସ୍ଥା ଓ ଅଧିକାର ଅନୁସାରେ ପ୍ରାପ୍ତକର୍ମକୁ ବିଧିବିଧାନ ସହିତ ଆଚରଣ କରିବା ଉଚିତ୍ ଏବଂ 'ମୁଁ ଏହି କର୍ମ କରିଛି' ଏହି ଅଭିମାନ ଓ ଫଳାଶା ତ୍ୟାଗ କରିବା ଉଚିତ । ନିଜ ମାତାକୁ ଅବହେଳା କରିବା କିମ୍ବା ମାଆ ପ୍ରତି କୁତ୍ସିତ ଭାବ ପୋଷଣ କରିବା ହେଉଚି ଅଧୋଗତିର କାରଣ । ମନରୁ ଏହି ଦୁଇଟିଯାକ ପାପ ତ୍ୟାଗ କରି ମାଆର ସେବା କରିବା କର୍ତ୍ତବ୍ୟ । ଗାଈର ମୁହଁଟା

ଅପବିତ୍ର ମନେକରି କେହି ତାକୁ ତ୍ୟାଗ କରି ନଥାଏ । କମଳାରେ ଗୁଡ଼ିଏ ଖୋଷା ଥାଏ । ଗୋଟିଏ ଖୋଷାରେ ରସ ନ ଥିବା ଦେଖି କେହି କମଳା ଗୋଟିକଯାକ ଫିଙ୍ଗି ଦିଏନା । 'ମୁଁ କରୁଛି'– ଏହିଭଳି କର୍ତ୍ତୃତ୍ୱାଭିମାନ କିମ୍ବା କର୍ମ ଫଳର ଆଶଙ୍କା– ଏ ଦୁଇଟିଯାକ ହେଉଛି କର୍ମର ବନ୍ଧନ । ପିତା ଯେପରି ନିଜ ଦୁହିତା ସମ୍ପର୍କରେ ନିରାଭିଳାଷୀ, ସେହିଭଳି କର୍ତ୍ତୃତ୍ୱ ଓ କର୍ମଫଳ ଏ ଦୁଇଟିଯାକ ସମ୍ପର୍କରେ ଯିଏ ନିରାଭିଳାଷୀ ହୋଇ କର୍ମ କରେ, ତା ମନକୁ କୌଣସି ଦୁଃଖ ଆସେନା । ଏହି ତ୍ୟାଗ ହେଉଚି ମୋକ୍ଷଫଳ ପ୍ରସବକାରୀ ଏକ ମହାଦ୍ରୁମ । ଏହାକୁ କୁହାଯାଏ ସାତ୍ତ୍ୱିକ ତ୍ୟାଗ । ମଞ୍ଜିକୁ ପୋଡ଼ିଦେଲେ ବୃକ୍ଷର ବଂଶ ବୁଡ଼ିଯାଏ । ସ୍ୱର୍ଣ୍ଣମଣି ଯେପରି ଲୁହାର କଳଙ୍କ– ଦୋଷ ଦୂର କରେ, ସେହିଭଳି ଫଳତ୍ୟାଗପୂର୍ବକ କର୍ମ କଲେ ରଜ, ତମ ଦୂରକୁ ହଟିଯାଏ । ଶୁଦ୍ଧତତ୍ତ୍ୱର ଉଦୟ ମାତ୍ରେ ଆତ୍ମଜ୍ଞାନର ଚକ୍ଷୁ ଖୋଲିଯାଏ । ସଂଧାବେଳେ ଯେପରି ମନରେ ମରୀଚିକାର ଜଳଭ୍ରମ ଘଟେନାହିଁ ସେହିଭଳି ସାତ୍ତ୍ୱିକ ମନୁଷ୍ୟର ବୁଦ୍ଧି ନିକଟରେ ଏହି ବିରାଟ ବିଶ୍ୱ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଭଳି ଆଉ ଦୃଷ୍ଟିଗୋଚର ହୁଏନାହିଁ ।

ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ ।
ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ॥୧୦॥

ମେଘ ଆକାଶରେ ସୃଷ୍ଟି ହୋଇ ଆକାଶରେ ହିଁ ମିଳେଇ ଯାଇଥାଏ । ସେହିଭଳି ଗତଜନ୍ମର କର୍ମଫଳ ଅନୁସାରେ ଏ ଜନ୍ମର କର୍ମଫଳ ଭୋଗ କରିବାକୁ ପଡୁଥିଲେ ମଧ୍ୟ ସାତ୍ତ୍ୱିକ ମନୁଷ୍ୟ ପକ୍ଷରେ ସମସ୍ତ କର୍ମଫଳ ପବିତ୍ରବୋଧ ହୋଇଥାଏ । ସେ ସୁଖ ଦୁଃଖରେ ଖୁସି ହୋଇପଡ଼େନା କିମ୍ବା ଭାଙ୍ଗି ପଡ଼େନା । ଏଇଟା ଶୁଭକର୍ମ ମନେକରି ଆନନ୍ଦରେ ସେ ମାତି ଉଠେନା କିମ୍ବା ଏଇଟା ଅଶୁଭ କର୍ମ ମନେକରି ଛି ଛାକର କରେନା । ଜାଗ୍ରତ ବ୍ୟକ୍ତିର ସ୍ୱପ୍ନ ସମ୍ପର୍କରେ ଯେପରି ନିଃସନ୍ଦେହ ଭାବ, ସାତ୍ତ୍ୱିକ ଲୋକର ଶୁଭାଶୁଭ କର୍ମ ପ୍ରତି ଠିକ୍ ସେହିଭଳି ଭାବ । ତେଣୁ ହେ ପାଣ୍ଡୁ ସୁତ ! କର୍ମ ଓ କର୍ତ୍ତା ଏହି ଦ୍ୱୈତଭାବ ତ୍ୟାଗ କରିବା ହିଁ ହେଉଛି ସାତ୍ତ୍ୱିକ ଭାବ । ଏହି ଭାବ ତ୍ୟାଗ କରିଲେ ହିଁ ସର୍ବତୋଭାବେ କର୍ମତ୍ୟାଗ ହୋଇଥାଏ ନଚେତ୍ ଅନ୍ୟ ତ୍ୟାଗ ଦ୍ୱାରା ମଣିଷ ଅଧିକ ବାନ୍ଧି ହୋଇ ପଡ଼ିଥାଏ ।

ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।
ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ॥୧୧॥

ତେଣୁ ହେ ଅର୍ଜ୍ଜୁନ !ହେ ସବ୍ୟସାଚି ! ଦେହ ଧାରଣ କରି କର୍ମ ପ୍ରତି କ୍ରୋଧ କରିବା କିମ୍ବା ସେଥିପ୍ରତି ଅବହେଳା କରିବା ହେଉଚି ମୂର୍ଖତା । ଅଜ୍ଞାନୀ ହିଁ ଏଭଳି ଆଚରଣ କରିଥାଏ । ମାଟି ଚକଟି ଚକଟି ହାଲିଆ ହୋଇପଡ଼ିଲେ ହାଣ୍ଡି ପ୍ରତି କ୍ରୋଧ ପ୍ରକାଶ କରିବାରେ ଲାଭ କ'ଣ ? ବସ୍ତ୍ର, ସୂତା ସହିତ ତାର କୌଣସି ସମ୍ପର୍କ ନାହିଁ ବୋଲି କହି ପାରେ କି ? ଅଗ୍ନି ମାତ୍ରେ ହିଁ ଉତ୍ତପ୍ତ । ସେ ଉତ୍ତାପ ପ୍ରତି କ୍ରୋଧ କରି କି ଲାଭ ? ଆଲୋକ ସହିତ ମୋର କୌଣସି ସମ୍ପର୍କ ନାହିଁ ବୋଲି ପ୍ରଦୀପ କହିପାରିବ କି ? ହେଙ୍ଗୁ ଯଦି କହେ ତା ଗନ୍ଧ ତାକୁ ଗନ୍ଧଉଛି, ସେ ଭଲ ଗନ୍ଧ ପାଇବ କେଉଁଠୁ ? ସୁଗନ୍ଧ ତ ବହୁତ ଅଛି କିନ୍ତୁ ହେଙ୍ଗୁର ନାକକୁ କ'ଣ ସେ ସବୁ ଭଲ ଲାଗିବ । ଜଳ ଯଦି ତା ନିଜର ତରଳତା ଗୁଣକୁ ଶାସ୍ତିବିଧାନ କରି ବସେ ତାହାହେଲେ ତା ପାଖରେ ଆଉ କେଉଁ ଗୁଣ ରହିବ ? ସେ ତରଳତାକୁ ଛାଡ଼ି ଯିବ କୁଆଡ଼େ ? ସେହିଭଳି ମନୁଷ୍ୟ ଦେହ ଧରି ରହିଥିବାଯାଏ ତାର କର୍ମତ୍ୟାଗ ଭାବନା ପାଗଳାମି ବ୍ୟତୀତ କିଛି ନୁହେଁ । ମନୁଷ୍ୟ କପାଳରେ ତିଳକ ମାରିପାରେ ଏବଂ ତାକୁ ଇଚ୍ଛା ମତେ ପୋଛି ଦେଇପାରେ, କିନ୍ତୁ ସେ କପାଳଟିଏ ତିଆରି କରି ନପାରେ କିମ୍ବା ତାକୁ ଛିନ୍ନ କରିଦେଇ ନ ପାରେ । ସେହିଭଳି ବିହିତ କର୍ମକୁ ଆରମ୍ଭ କରି ଏହାକୁ ତ୍ୟାଗ କରି ଦିଆଯାଇପାରେ କିନ୍ତୁ ଯେଉଁ କର୍ମ ଦେହସ୍ୱରୂପ ହୋଇଯାଇଛି, ତାକୁ ସଂଗ୍ରହ କରାଯାଇ ନ ପାରେ କିମ୍ବା ପରିତ୍ୟାଗ କରାଯାଇ ନପାରେ । ମନୁଷ୍ୟ ଶୋଇଥିବାବେଳେ ମଧ୍ୟ ତାର ନିଃଶ୍ୱାସ ପ୍ରଶ୍ୱାସ ଚାଲିଥାଏ । ଅନ୍ୟଭାବରେ କୁହାଯାଇପାରେ ଯେ, ତୁମେ କିଛି ନ କଲେ ମଧ୍ୟ କର୍ମ ତା' ମନକୁ ମନ ଚାଲିଥାଏ । ଶରୀର ସହିତ କର୍ମ ଜୀବର ପଛେ ପଛେ ଲାଗି ରହିଥାଏ । ଜୀବିତ ଥିଲେ ଯାହା, ମୃତ୍ୟୁ ପରେ ମଧ୍ୟ ତାହା । କୌଣସି ଅବସ୍ଥାରେ ହେଉନା କାହିଁକି, କର୍ମ ଦେହୀର ଅନୁଗମନ ନ କରି ରହି ନ ପାରେ । ଏହି କର୍ମ ତୁମର ପିଛା ଯେପରି ନ କରିବ ସେଥିଲାଗି ଏକମାତ୍ର ଉପାୟ ହେଉଚି କର୍ମ କଲାବେଳେ

କୌଣସି ଫଳପ୍ରାପ୍ତିର ଆଶା ନ ରଖିବା । କର୍ମଫଳ ଭଗବାନଙ୍କୁ ସମର୍ପି ଦେଲେ ତାଙ୍କ କୃପାରେ ପ୍ରକାଶିତ ହେବ ଜ୍ଞାନ । ଦଉଡ଼ି ବୋଲି ଜାଣିବା ପରେ ସାପ ବୋଲି ଆଗରୁ ମନରେ ଥିବା ଭ୍ରମଧାରଣା ଯେପରି ଦୂର ହୋଇଯାଏ, ସେହିଭଳି ଆତ୍ମଜ୍ଞାନଦ୍ୱାରା ଅବିଦ୍ୟା ଦୂର ହେବା ସଙ୍ଗେ ସଙ୍ଗେ କର୍ମର ମଧ୍ୟ ବିନାଶ ଘଟିଥାଏ । ହେ ପାର୍ଥ ! ଏହାହିଁ ଯଥାର୍ଥ ତ୍ୟାଗ । ସଂସାରରେ ଏଭଳି ଭାବରେ କର୍ମ ତ୍ୟାଗୀ ହିଁ ମହାତ୍ୟାଗୀ । ସାତ୍ତ୍ୱିକ ତ୍ୟାଗ ସମ୍ପର୍କରେ ଯାହାର ଧାରଣା ନ ଥାଏ, ସେ ଅଚେତ ହୋଇପଡ଼ିଥିବା ରୋଗୀକୁ ଦେଖିବା ମାତ୍ରେ କହେ, ଲୋକଟା ଆରାମରେ ବିଶ୍ରାମ ଗ୍ରହଣ କରିଛି । ଏଭଳି ମନୁଷ୍ୟ ଲାଠିମାଡ଼ ନ ଖାଉଣୁ ମୁଷ୍ଟିକାଘାତ ଖାଇବା ପାଇଁ ନିଜ ପିଠିକୁ ପଜେଇ ବସିଥାଏ । ସେ ଗୋଟିଏ କର୍ମରେ ଦୁଃଖୀ ହୋଇ ଶାନ୍ତି ପାଇବା ଆଶାରେ ଅନ୍ୟ କର୍ମରେ ପ୍ରବୃତ୍ତ ହୋଇଥାଏ ।

ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଳମ୍ ।
ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସଂନ୍ନ୍ୟାସିନାଂ କ୍ୱଚିତ୍ ॥୧୨॥

ହେ ଧନଞ୍ଜୟ ! ଯିଏ ଆଶା ତ୍ୟାଗ କରେ ନାହିଁ, ସେ ହିଁ ତ୍ରିବିଧ କର୍ମଫଳ ଭୋଗ କରେ । ପିତା କନ୍ୟାକୁ ଜନ୍ମ ଦେଇଥିଲେ ମଧ୍ୟ 'ମୋର ନୁହେଁ' କହି ଅନ୍ୟ ହସ୍ତରେ ଅର୍ପଣ କରିଥାଏ । କନ୍ୟାଦାନ ପରେ ସେ ତା' ଦାୟିତ୍ୱରୁ ମୁକ୍ତ ହୁଏ । ଜାମାତା ଏହି କନ୍ୟାର ଦାୟିତ୍ୱ ଗ୍ରହଣ କରି ଜଞ୍ଜାଳରେ ପଡ଼େ । ଯିଏ ବିଷାକ୍ତ ଜିନିଷ ବା ବିଷ ବିକ୍ରୟ କରେ, ସେ ଲାଭ ପାଇବାପାଇଁ ତାହା ବିକ୍ରୟ କରିଥାଏ, କିନ୍ତୁ ଯିଏ ଏହାକୁ ଖାଏ, ସେ ମରେ । ସେହିଭଳି ନିଷ୍କାମ କର୍ତ୍ତା ବା ଅକର୍ତ୍ତା କାହାକୁ ହେଲେ କର୍ମ ବଶ କରି ପାରେନା । ବାଟରେ ଥିବା ଗଛର ଫଳ ପାଚିଲେ ଯିଏ କେହି ଏହାକୁ ମନ ଇଚ୍ଛା ଖାଇପାରେ । ସେହିଭଳି କର୍ମଫଳ ସାଧାରଣ ସମ୍ପତ୍ତିହେଲେ ମଧ୍ୟ କର୍ମାନୁଷ୍ଠାନ କରି ଯିଏ ଫଳପ୍ରତି ଆଶା ରଖେନା, ତାକୁ ସଂସାର ବିଷୟକ କାମନା ମଧ୍ୟ ଆବଦ୍ଧ କରିବାକୁ ସମର୍ଥ ହୁଏନା । ତ୍ରିବିଧ ସଂସାର କର୍ମର ହିଁ ଫଳ । ଦେବତା, ମନୁଷ୍ୟ ଓ ସ୍ଥାବର ଯୋନିକୁ ନେଇ ସଂସାର । କର୍ମଫଳର ପ୍ରକାର ଭେଦରୁ ଏହି ତ୍ରିବିଧ ଜନ୍ମ । କର୍ମଫଳ ତିନି

ପ୍ରକାରର ଯଥା ଇଷ୍ଟ (ଭଲ), ଅନିଷ୍ଟ (ମନ୍ଦ) ଓ ଇଷ୍ଟାଇଷ୍ଟ (ଭଲମନ୍ଦର ମିଶ୍ରଣ) । ବିଧିବିଧାନକୁ ଲଙ୍ଘନ କରି ନିଷିଦ୍ଧ ଓ ନିନ୍ଦିତ କର୍ମରେ ପ୍ରବୃତ୍ତହେଲେ କୃମି, କୀଟପତଙ୍ଗ ଓ ଜଡ଼ବସ୍ତୁ ଆଦି ନିକୃଷ୍ଟ ଅବୟବନେଇ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ପଡ଼େ । ଏହାକୁ କୁହାଯାଏ ଅନିଷ୍ଟ କର୍ମଫଳ । ହେ ଅର୍ଜୁନ ! ନିଜ ଅବସ୍ଥା ଓ ଅଧିକାର ପ୍ରତି ଦୃଷ୍ଟି ରଖି ସ୍ୱଧର୍ମ ପାଳନପୂର୍ବକ ବେଦର ଆଦେଶାନୁସାରେ ଯିଏ ସତ୍‌କର୍ମ କରେ ସେ ଇନ୍ଦ୍ରାଦି ଦେବତାଙ୍କ ଶରୀର ଲାଭ କରେ । ଏହି କର୍ମଫଳ ହେଉଚି ଇଷ୍ଟ ବା ଭଲ । ଖଟା ସହିତ ମିଠା ମିଳେଇ ଖାଇଲେ ଭିନ୍ନ ପ୍ରକାରର ରସାସ୍ୱାଦନ ହୋଇଥାଏ । ଯୋଗ ପ୍ରକ୍ରିୟାରେ ରେଚକ ହିଁ କୁମ୍ଭକର କାରଣ ହୋଇଥାଏ । ସତ୍ୟ ଓ ଅସତ୍ୟର ମିଶ୍ରଣ ଘଟିଲେ ଉଭୟ ଯଥାର୍ଥଭାବରେ ଫଳପ୍ରଦ ହୋଇଥାଏ । ସେହିଭଳି ଶୁଭ ଓ ଅଶୁଭ କର୍ମ ମିଶ୍ରଣରୁ ମନୁଷ୍ୟ ଦେହ ନେଇ ଜନ୍ମହେବାକୁ ପଡ଼େ । ତେଣୁ ମନୁଷ୍ୟ ଶରୀର ହେଉଛି ଭଲମନ୍ଦ କର୍ମର ମିଶ୍ରଫଳ । କର୍ମଫଳ ତ୍ରିବିଧ ହେଲେ ମଧ୍ୟ ଏବଂ ଆଶାରେ ବଶୀଭୂତ ଜୀବ ନିଜ ଫଳ.ଅନୁଯାୟୀ ମନୁଷ୍ୟ ଦେହ ନେଇ ଜନ୍ମଗ୍ରହଣ କଲେ ମଧ୍ୟ ପୁଣି ଭଲମନ୍ଦ କର୍ମରେ ଲିପ୍ତ ହୋଇପଡ଼େ । ତେଣୁ ତାକୁ ଥରକୁଥର ମନୁଷ୍ୟ ଦେହ ଧରି ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ସେ କର୍ମଫଳକୁ ନିଃଶେଷ କରିପାରେନା ।

ପାଟିକି ଭଲଲାଗୁଚି ବୋଲି ଗୁଡ଼ାଏ ଜିନିଷ ଖାଇଲେ ମରିବାହିଁ ସାର ହୋଇଥାଏ । ସାଧୁ ସହିତ ଚୋରର ବନ୍ଧୁତା ବଣକୁ ଆସିବା ପର୍ଯ୍ୟନ୍ତ ଠିକ୍‌ଭାବରେ ଚାଲିଥାଏ । ବଣକୁ ଆସିବାମାତ୍ରେ ଚୋର ନିଛାଟିଆ ଦେଖି ସାଧୁଠାରୁ ସମସ୍ତ କିଛି ଚୋରି କରି ନେଇଯାଏ । ସହବାସ ପର୍ଯ୍ୟନ୍ତ ବା ତା ଦେହ ସ୍ପର୍ଶ ପର୍ଯ୍ୟନ୍ତ ବେଶ୍ୟା ପ୍ରଲୋଭନୀୟା ମନେ ହୋଇଥାଏ । ସେହିଭଳି ଦେହ ଥିବାଯାଏ ମନୁଷ୍ୟ ନାନାପ୍ରକାର କର୍ମରେ ପ୍ରବୃତ୍ତ ହୋଇଥାଏ । ମୃତ୍ୟୁପରେ ତାକୁ ପୁଣି ଶରୀର ଗ୍ରହଣ କରି ପୁର୍ବଜନ୍ମର କର୍ମଫଳ ଭୋଗ କରିବାକୁ ପଡ଼ିଥାଏ । ମହାଜନଠୁ ଋଣ ନେଇ ସେ ମାଗିଲେ, 'ନା ନେଇନାହିଁ' ବୋଲି କହିପାରିବ କି ? ସେହିଭଳି ପ୍ରତ୍ୟେକ ଜୀବକୁ ତାର କର୍ମଫଳ ଭୋଗିବାକୁ

ହିଁ ପଡ଼ିବ । 'ନା ଭୋଗିବି ନାହିଁ' ବୋଲି କହିପାରିବ ନାହିଁ । ଫୁଲରୁ ଫୁଲରେଣୁ ପଡ଼ି ଗଛ ହୁଏ । ଗଛରେ ଫୁଲ ଫୁଟେ, ସେଥିରୁ ପୁଣି ପୁଷ୍ପରେଣୁ ଚାରିଆଡ଼େ ପଡ଼ି ଥରକୁଥର ଗଛ ହୁଏ । ବିହନରୁ ଗଛ ହୁଏ, ଗଛରୁ ବିହନ ହୁଏ । ସେହିଭଳି କର୍ମଫଳରୁ କର୍ମଫଳ ଜାତ ହୋଇ ହୋଇ ଚାଲେ । ଗୋଟିଏ ପାନ୍ଦ ପରେ ଆଉ ଏକ ପାଦ ପକାଇଲେ ଯାଇ ଚାଲିହୁଏ, ଚାଲିଲେ ଯାଇ ବାଟ ସରେ । ଘାଟ ନାଆ ଯେକୌଣସି କୂଳରେ ଥାଉ ନା କାହିଁକି, ତାକୁ ଅନ୍ୟ କୂଳକୁ ଯିବାକୁ ହିଁ ପଡ଼ିଥାଏ । କର୍ମର ଯେପରି ଅନ୍ତ ନାହିଁ, କର୍ମଫଳର ମଧ୍ୟ ଅନ୍ତ ନାହିଁ । ଯିଏ ଫଳେଚ୍ଛା ତ୍ୟାଗର ସଙ୍କେତ ଜାଣେନା, ସେ ପୂର୍ବୋକ୍ତପ୍ରକାରରେ ଭୋଗ ସହିତ ବନ୍ଧା ପଡ଼ିଥାଏ । ଜାଇଫୁଲ ଫୁଟିବାମାତ୍ରେ ଏହାର ଶୁଖିବା ଆରମ୍ଭ ହୋଇଥାଏ । ବୁଣିବାଲାଗି ଯେଉଁ ବିହନ ରଖାଯାଇଥାଏ, ତାକୁ ଯଦି ଖାଇଦିଆଯାଏ, ତାହାହେଲେ ଯେତେବଡ଼ ଚାଷୀ ହେଲେ ମଧ୍ୟ ସେ ଶସ୍ୟ ପାଇବ କୁଆଡୁ ? ତାର ବିହନ ବୁଣା କାମ ଶେଷ ହୋଇଯାଏ ।

ସେହିଭଳି ଫଳଆଶା ତ୍ୟାଗ କରିଦେଲେ, କର୍ମଫଳ ଦ୍ୱାରା ଯେଉଁ ଜନ୍ମ ମୃତ୍ୟୁର ଚକ୍ର ଘୂରିବାରେ ଲାଗିଚି, ତାହା ବନ୍ଦ ହୋଇଯାଏ । ତେଣୁ ହେ ଧନଞ୍ଜୟ ! ଯାହାର ଫଳତ୍ୟାଗ ସହିତ କର୍ମର ବିନାଶ ଘଟେ, ସତ୍ତ୍ୱଶୁଦ୍ଧି ଦ୍ୱାରା ଚତୁର୍ଦ୍ଦିଗରେ ଗୁରୁକୃପାମୃତ ଦ୍ୱାରା ତାର ଦ୍ୱୈତ-ଦାରିଦ୍ର୍ୟ ଅପନୋଦନ ହୁଏ, ତାର ଜଗଦାଭାସରୂପୀ ତ୍ରିବିଧ କର୍ମଫଳ ନଷ୍ଟ ହୋଇଯାଏ । ହେ ବୀରେଶ ! ସେହି ଜ୍ଞାନପ୍ରଧାନ ସନ୍ନ୍ୟାସୀ ହିଁ ଫଳଭୋଗ ଦୁଃଖରୁ ମୁକ୍ତ । ସନ୍ନ୍ୟାସଦ୍ୱାରା ଆତ୍ମସ୍ୱରୂପ ଦର୍ଶନ ହେବା ମାତ୍ରେ କର୍ମ ଆଉ ଅଲଗା କିଛି ହୋଇ ରହେନା । ପ୍ରାତଃକାଳର ଆଗମନରେ ରାତ୍ରିର ଅନ୍ଧକାର ତିଳେସୁଦ୍ଧା ରହିପାରେନା । ମୂର୍ତ୍ତି ନଥିଲେ ଛାୟା ଆସିବ କୁଆଡୁ ? ଘରର କାନ୍ଥ ଭାଙ୍ଗି ପଡ଼ିଲେ, କାନ୍ଥରେ ଅଙ୍କାହୋଇଥିବା ଚିତ୍ର ମାଟି ସହିତ ମିଶିଯାଏ । ନିଦ୍ରା କ'ଣ ଯିଏ ଜାଣେନା, ସ୍ୱପ୍ନ ତା ପକ୍ଷରେ କିଛି ନୁହଁ । ଦର୍ପଣ ନ ଥିଲେ ମୁହଁର ପ୍ରତିବିମ୍ବ ଦେଖାଯିବ କି ? ଧ୍ୟାନକୁ ମୁଣ୍ଡର ତକିଆ କରି ଯିଏ କର୍ମ ସନ୍ନ୍ୟାସୀ, ତା ପାଖରେ ଅବିଦ୍ୟା ବୋଲି କିଛି ନ ଥାଏ, ସେ କର୍ମର କୌଣସି ଖବର ଅନ୍ତର ସୁଦ୍ଧା ରଖେନା ।

ଶରୀରରେ ଅବିଦ୍ୟା ଥିବାଯାଏ ଜୀବ କର୍ତ୍ତୃତ୍ୱର ଅଭିମାନ ପୋଷଣ କରି ଶୁଭ ଓ ଅଶୁଭ କର୍ମରେ ପ୍ରବୃତ୍ତ ହୋଇଥାଏ । ମନୁଷ୍ୟର ଦୃଷ୍ଟି ଭେଦଭାବର ସୀମା ଅତିକ୍ରମ ନ କରିବାଯାଏଁ ଜୀବ ଓ କର୍ମ ପଶ୍ଚିମ ଓ ପୂର୍ବଦିଗ ଭଳି ବିପରୀତ ପାର୍ଶ୍ୱରେ ଅବସ୍ଥାନ କରିଥାଆନ୍ତି । ଆକାଶ ଓ ମେଘ, ସୂର୍ଯ୍ୟ ଓ ମରୀଚିକାର ଜଳ, ପୃଥିବୀ ଓ ବାୟୁ ପରସ୍ପର ସହିତ ସଂଶ୍ଳିଷ୍ଟ ଥିଲେ ମଧ୍ୟ ପୃଥକ୍ ପୃଥକ୍ । ନଦୀ ଭିତରେ ପଥର ଜଳଦ୍ୱାରା ବୁଡ଼ି ରହିଥିଲେ ମଧ୍ୟ ଜଳ ଓ ପଥର ଅଲଗା ଅଲଗା ଜିନିଷ । ସଳିତା ଓ ଦୀପ ଏକାଠି ରହିଥିଲେ ମଧ୍ୟ ଦୁହେଁ ପୃଥକ୍ । ଚନ୍ଦ୍ରରେ କଳଙ୍କ ଅଛି କିନ୍ତୁ ଚନ୍ଦ୍ର ଓ କଳଙ୍କ ଏକବସ୍ତୁ ନୁହେଁ । ଦୃଷ୍ଟିଶକ୍ତି ଓ ଚକ୍ଷୁ, ପଥିକ ଓ ପଥ, ଜଳ ଓ ପ୍ରବାହ, ଦର୍ପଣରେ ପ୍ରତିଛବିର ଦର୍ଶକ ଓ ଦର୍ପଣ ମଧ୍ୟରେ ଯେତିକି ପାର୍ଥକ୍ୟ, ହେ ପାର୍ଥ ! ଆତ୍ମକ୍ରିୟା ଓ କର୍ମ ମଧ୍ୟରେ ସେତିକି ପ୍ରଭେଦ । ଅଜ୍ଞାନ ଯୋଗୁଁ ଏହା ଏକା ଭଳି ମନେ ହୋଇଥାଏ । ସରୋବରରେ କମଳିନୀ ପାଖୁଡ଼ା ଖୋଲିବାମାତ୍ରେ ଜଣାପଡ଼େ ଯେ ସୂର୍ଯ୍ୟଦୟହେଲା; ଭ୍ରମରର ଆଗମନ ତାର ମଧୁପାନ ଦ୍ୱାରା ସିଦ୍ଧ ହୋଇଥାଏ । ସେହିଭଳି ଆତ୍ମକ୍ରିୟା ଅପର କାରଣରୁ ହିଁ ଉଦ୍‌ଭୁତ ହୋଇଥାଏ ।ଏହି କାରଣ ହେଉଛି ପଞ୍ଚବିଧ । ସେଗୁଡ଼ିକର ଆଚରଣ କଥା କହୁଛି ।

ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।
ସାଂଖ୍ୟେକୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ॥୧୩॥

ଏହି ପାଞ୍ଚଟି କାରଣ ତୁମେ ହୁଏତ ଜାଣିଥିବ । ଶାସ୍ତ୍ର ପଞ୍ଚମୁଖ ହୋଇ ଏହାର ମହିମାଘୋଷଣା କରିଛି । ବେଦରୂପକ ନୃପତିଙ୍କ ରାଜଧାନୀରେ, ସାଂଖ୍ୟରୂପକ ବେଦାନ୍ତ ମନ୍ଦିରରେ ଏହାର ସିଦ୍ଧାନ୍ତ ଡିଣ୍ଡିମ ସର୍ବଦା ବାଜି ଉଠିଥାଏ । ଯେ କୌଣସି କର୍ମର ସିଦ୍ଧିଲାଗି ଏହି ପାଞ୍ଚଟି କାରଣ ହେଉଛନ୍ତି ମୂଳ । ଏକଥା ନିଶ୍ଚିତ ଭାବରେ ଜାଣ ଯେ, ପରମାତ୍ମା କର୍ମସିଦ୍ଧିର କାରଣ ନୁହଁନ୍ତି । ଆତ୍ମା ସହିତ ଏମାନଙ୍କର କୌଣସି ସମ୍ପର୍କ ନାହିଁ । ଏହି ପାଞ୍ଚକାରଣର ଡେଙ୍ଗୁରା ପିଟାଯିବା ଫଳରେ ଏଗୁଡ଼ିକ ପ୍ରସିଦ୍ଧ ହୋଇ ଉଠିଛନ୍ତି, ତେଣୁ ମୁଁ

ଭାବୁଛି, ଏସବୁ କାରଣକୁ ଶୁଣିଗଲେ ତୁମ ପକ୍ଷରେ ଭଲ ହେବ । ମୁଁ ତ ହେଉଛି ଜ୍ଞାନର ଚିନ୍ତାମଣି । ଏ ଚିନ୍ତାମଣି ତୁମର ହସ୍ତଗତ ଥିବାବେଳେ ଏକଥା ମୋଠାରୁ ନ ଶୁଣି ଆଉ କାହାଠୁ ଶୁଣିବ ? ସାମନାରେ ଦର୍ପଣ ଥାଉ ଥାଉ 'ମୁଁ ଦେଖିବାକୁ କେମିତି' ଏକଥା ଅନ୍ୟ କାହାକୁ ପଚାରିବାର ଆବଶ୍ୟକତା କ'ଣ ଅଛି ? ଭକ୍ତ ମତେ ଯେଉଁଠି ଯେଉଁଭଳି ଭାବରେ ଦେଖେ, ମୁଁ ସେହି ରୂପ ଧାରଣ କରିଥାଏ । ମୁଁ ତ ବର୍ତ୍ତମାନ ତୁମ ହାତର ଖେଳଣା ହୋଇପଡ଼ିଛି । ପ୍ରେମାବିଷ୍ଟ ହୋଇ ଶ୍ରୀକୃଷ୍ଣ ଏହିକଥା କହୁ କହୁ ନିଜକୁ ନିଜେ ଭୁଲିଗଲେ । ସେତେବେଳେ ଅର୍ଜୁନଙ୍କ ଅବସ୍ଥା କ'ଣ ହୋଇଥିବ ସହଜେ ଅନୁମେୟ । ସେ ଆନନ୍ଦସାଗରରେ ଉବୁଟୁବୁ ହେବାକୁ ଲାଗିଲେ । ଚନ୍ଦ୍ରାଲୋକ ଅଧିକ ପ୍ରକାଶିତ ହେଲେ, ଚନ୍ଦ୍ରକାନ୍ତମଣିପର୍ବତ ବିଗଳିତ ହୋଇ ସରୋବର ଆକାର ଧାରଣ କରେ । ସେହି ଭଳି ସୁଖ ଓ ଆତ୍ମପ୍ରତ୍ୟୟ ତଥା ଅନୁଭୂତି ମଝିରେ ଥିବା ପରଦା ନଷ୍ଟ ହୋଇଯିବାରେ ଅର୍ଜୁନ ମୂର୍ତ୍ତିମନ୍ତ ସୁଖ ପାଲଟିଗଲେ । ଶ୍ରୀକୃଷ୍ଣ ସବୁଦିଗରୁ ସମର୍ଥ, ତାଙ୍କର ବିସ୍ମୃତି ହୁଏନାହିଁ, ତେଣୁ ପୁଣି ପ୍ରକୃତିସ୍ଥ ହୋଇ ସେ ଅର୍ଜୁନଙ୍କୁ ଆନନ୍ଦ-ବନ୍ୟାରୁ ଉଦ୍ଧାର କରିନେଲେ । ଅର୍ଜୁନ ଜ୍ଞାନୀ ହେଲେ ମଧ୍ୟ ସେତେବେଳେ ଆନନ୍ଦରୂପୀ ବନ୍ୟା ଏତେ ଜୋର୍‌ରେ ମାଡ଼ି ଆସିଥିଲା ଯେ ସେ ବିଚାରବୁଦ୍ଧି ସହିତ ଡୁବି ଯାଇଥିଲେ । କିନ୍ତୁ ଭଗବାନ ଶ୍ରୀକୃଷ୍ଣ ଏହି ଆନନ୍ଦ-ବନ୍ୟାକୁ ପ୍ରଥମେ ରୋକିନେଇ ଅର୍ଜୁନଙ୍କୁ ଟାଣି ଆଣିବା ପରେ କହିଲେ, ହେ ପାର୍ଥ ! ତୁମେ ନିଜ ଆତ୍ମସ୍ୱରୂପକୁ ଭୁଲିଯାଅ ନାହିଁ ।

ସେତେବେଳକୁ ତ ଅର୍ଜୁନ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ, ଶ୍ରୀକୃଷ୍ଣଙ୍କ ଏହି ବାଣୀର ସ୍ପର୍ଶରେ ସେ ମନେ ମନେ ଭାବିଲେ, 'ଯାହାହେଉ ବଞ୍ଚିଗଲି ! ଆରେ, ଆନନ୍ଦ ମଧ୍ୟ ଏତେ ଉତ୍କଟ ହୋଇପାରେ !' ସେ ମଥାପୋତି କହିଲେ, ତୁମଠୁ ବଳି ଉଦାର କେହି ନାହିଁ । ମୁଁ ମଧ୍ୟ ତୁମର ପୃଥକ ସାନ୍ନିଧ୍ୟକୁ ଭୁଲିଯାଇ ଅଦ୍ୱୈତଭାବାବିଷ୍ଟ ହୋଇ ପଡ଼ିଥିଲି । ତେବେ ପୁଣିଜୀବଭାବରେ ପ୍ରତିବନ୍ଧକ ରଖୁଛନ୍ତି କାହିଁକି ? ଅଦ୍ୱୈତାନୁଭବାନନ୍ଦ ତ ତୁମରହିଁ ଦାନ । ତୁମେ ବୁଝିପାରିଚ

ଯେ, ଯଦିବା ମୁଁ ତୁମର ପାଖରେ ହିଁ ରହିଛି, ତଥାପି ତୁମଠାରୁ ଅଲଗା ରହିବାରୁ ବଡ଼ ଦୁର୍ଦ୍ଦଶାରେ ପଡ଼ିଛି । ତେଣୁ ମୁଁ ତୁମ ସହିତ ସମ୍ପୂର୍ଣ୍ଣ ଏକତ୍ୱ ଲାଭ ଲାଗି ବ୍ୟାକୁଳ । ମୋର ଏହି ଅବସ୍ଥା ହୋଇଥିବାବେଳେ ଯଦିବା ତୁମେ ପ୍ରେମପୂର୍ବକ କୌଣସି ପରିହାସ କରୁନାହଁ, ତେବେ ବାରମ୍ବାର ମୋ ଜୀବଦ୍ଦଶାକୁ ସ୍ମରଣ କରାଇ ଦେଉଛ କାହିଁକି ?

ଶ୍ରୀକୃଷ୍ଣ କହିଲେ, ଯାହା କହୁଚ ଯଥାର୍ଥ । ତେବେ ତୁମେ ବିଷୟଟିକୁ ଭଲଭାବରେ ବୁଝିପାରି ନଥିବାରୁ ବାତୁଳଙ୍କ ଭଳି ଏଣୁତେଣୁ ପଚାରୁଚ । ଚନ୍ଦ୍ର ଓ ଜ୍ୟୋତ୍ସ୍ନା ମଧ୍ୟରେ କୌଣସି ପାର୍ଥକ୍ୟ ଥାଏ କି ? ଏହା ବ୍ୟତୀତ ମୁଁ ତୁମ ମନର ଆଉ ଗୋଟିଏ କଥା କହିବାକୁ ଚାହେଁ । କିନ୍ତୁ କହିବି କି ନାହିଁ ଭାବୁଚି । ଏବେ ତୁମକୁ ନ କହିଲେ ତ ଚଳିବନି । ତୁମେ ରାଗିଗଲେ କିମ୍ବା ରୁଷି ବସିଲେ ତୁମର ସେହି ରାଗରୁଷାକୁ ସହ୍ୟ କରିବାଲାଗି ମୋ ଭିତରେ ଯଥେଷ୍ଟ ସାମର୍ଥ୍ୟ ରହିଛି, ତାର ଏକ କାରଣ ହେଉଛି, ତୁମକୁ ମୁଁ ଅତି ଭଲପାଏ । ପରସ୍ପର ମଧ୍ୟରେ ଏହି ପ୍ରେମ ଥିବାଯାଏ ବ୍ୟକ୍ତିଭେଦ ଅବଶ୍ୟ ରହିବ । ବିରହରେ ପ୍ରେମ ବୃଦ୍ଧିପାଏ– ଏକଥା କ'ଣ ତୁମେ ଜାଣିନ ? ବିଚ୍ଛେଦଦ୍ଦଶାରେ ପରସ୍ପରର ସଙ୍କେତ ଦ୍ୱାରା ବିଚ୍ଛେଦଜନିତ ଦୁଃଖ ଦୂର ହୋଇଥାଏ । ଏ ବିଷୟରେ ଅଧିକ ଚର୍ଚ୍ଚାର ଆବଶ୍ୟକତା ନାହିଁ । ଛାଡ଼ ସେ କଥା । ଆତ୍ମାଠାରୁ କର୍ମ କିପରି ଭିନ୍ନ, ବର୍ତ୍ତମାନ ମୁଁ ତୁମକୁ ସେହି କଥା କହୁଛି ।

ଅର୍ଜୁନ ସଙ୍ଗେ ସଙ୍ଗେ କହିଲେ, ମୁଁ ତ ସେହି କଥା ଜାଣିବାକୁ ଚାହୁଁଚି । ମୋର ପ୍ରାର୍ଥନାନୁସାରେ ହିଁ ତୁମେ କଥାଟିକୁ ଆରମ୍ଭ କରିଥିଲ । ସମସ୍ତ କର୍ମର ମୂଳ ବୀଜ ଯେଉଁ ପାଞ୍ଚଟି କାରଣ, ଏହାର ସ୍ପଷ୍ଟୀକରଣ ଲାଗି ତୁମେ ମତେ କଥା ଦେଇଥିଲ । ତା ଛଡ଼ା ଆତ୍ମା ସହିତ କର୍ମର କୌଣସି ସମ୍ପର୍କ ନାହିଁ ବୋଲି ଯାହା କହିଲ, ତାର ମଧ୍ୟ ସ୍ପଷ୍ଟୀକରଣ ଆବଶ୍ୟକ ।

ଅର୍ଜୁନଙ୍କ ମୁହଁରୁ ଏକଥା ଶୁଣି ବିଶ୍ୱାଧିପତି ଶ୍ରୀକୃଷ୍ଣ ଅତ୍ୟନ୍ତ ସନ୍ତୋଷଲାଭ କଲେ । କହିଲେ, ସବୁପ୍ରକାରର ପ୍ରଶ୍ନର ଉତ୍ତର ମନଧ୍ୟାନଦେଇ ଶୁଣିବାଲାଗି ଧୈର୍ଯ୍ୟର ସହିତ ଧାରଣା ଦେଇ ବସୁଥିବା ତୁମଭଳି ଶ୍ରୋତା ଭାଗ୍ୟରେ ଜୁଟୁଚି

କାହାକୁ ? ତେଣୁ ହେ ଅର୍ଜୁନ ! ଯେଉଁ ଯେଉଁ କଥା କହିବି ବୋଲି ପ୍ରତିଶ୍ରୁତି ଦେଇଚି, ସେସବୁ ଗୋଟି ଗୋଟି କରି କହିବାକୁ ମୁଁ ପ୍ରସ୍ତୁତ । ତୁମକୁ କହିଦେଲେ ମୁଁ ଋଣମୁକ୍ତ ହୋଇଯିବି ।

ଅର୍ଜୁନ କହିଲେ, ପୂର୍ବକଥା କ'ଣ ଭୁଲିଗଲଣି ? ଋଣମୁକ୍ତ ହେବି କହିଲେ ତ 'ତୁମେ ଓ ମୁଁ' ଏହି ଦ୍ୱୈତଭାବ ରହିଯାଉଛି ।

ଶ୍ରୀକୃଷ୍ଣ କହିଲେ, ଠିକ୍ କହିଚ । ହେଉ ଏଣିକି ଯାହା କୁହାଯିବ ମନଦେଇ ଶୁଣ । ପାଞ୍ଚଟି ଉପକରଣ ଦ୍ୱାରା ଯେ ସମସ୍ତ କର୍ମ ସିଦ୍ଧ ହୁଏ, ଏହା ନିରାଟ ସତ୍ୟ । ଏହି ପଞ୍ଚୋପକରଣର ମୂଳ ମଧ୍ୟ ପାଞ୍ଚଟି । ଆତ୍ମା ଏ ସବୁ ବିଷୟରେ ଉଦାସୀନ । ଆତ୍ମା କର୍ମର କାରଣ ନୁହଁ କିମ୍ବା ଉପାଦାନ ନୁହଁ, କର୍ମସିଦ୍ଧିର ସହକାରୀ ମଧ୍ୟ ନୁହଁ । ଆକାଶରେ ଦିବା ଓ ରାତ୍ରି ପ୍ରକାଶ ପାଇବାଭଳି ନିର୍ଲିପ୍ତ ଆତ୍ମାର ଆଶ୍ରୟରେ ଶୁଭ ଓ ଅଶୁଭ କର୍ମ ହୋଇଥାଏ । ଅଗ୍ନି, ଜଳ, ଧୂମ ଓ ବାୟୁର ମିଳନରେ ସୃଷ୍ଟି ହୋଇଥାଏ ଅଭ୍ରପଟଳ ବା ମେଘ । ଆକାଶ ଏହାଠାରୁ ସମ୍ପୂର୍ଣ୍ଣ ପୃଥକ । କାଠରେ ତିଆରି ନୌକା ବାୟୁ ସାହାଯ୍ୟରେ ଚାଲେ । ଏହାକୁ ନାଉରୀ ଚଳାଏ, ଜଳ କେବଳ ସାକ୍ଷୀସ୍ୱରୂପ । ଚକରେ ମାଟି ରଖି କୁମ୍ଭାର ହାଣ୍ଡି ମାଠିଆ ଆଦି ଗଢ଼େ । ଏହା କୁମ୍ଭାରର କୃତିତ୍ୱ । ପୃଥିବୀର କାମ ହେଉଚି ଆଶ୍ରୟ ଦେବା । ତା ଛଡ଼ା ତାକୁ ଅନ୍ୟ କୌଣସି ବ୍ୟୟ କରିବାକୁ ପଡ଼େନା । ମନୁଷ୍ୟ ସୂର୍ଯ୍ୟାଲୋକରେ ବହୁକାମ କରେ କିନ୍ତୁ ସେଥିରେ ସୂର୍ଯ୍ୟର ଲାଭକ୍ଷତି କିଛି ନଥାଏ । ହେତୁପଞ୍ଚକରୁ ଉତ୍ପନ୍ନ କାରଣପଞ୍ଚକଦ୍ୱାରା କର୍ମଲତାର ବିସ୍ତାର ହୋଇଥାଏ । ବସ୍ତୁତଃ ଆତ୍ମା ଏହାଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର । ମୁଁ ଅଲଗା ଅଲଗା ଭାବରେ ଏହି ପାଞ୍ଚଟି କାରଣର ବର୍ଣ୍ଣନା କରିବି ।

ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।
ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥୧୪॥

ଯେପରି ଭିନ୍ନ ଭିନ୍ନ ମୋତିକୁ ଅଲଗା ଅଲଗା କରି ପରୀକ୍ଷା କରାଯାଇଥାଏ, ସେହିଭଳି କର୍ମରୁ ପାଞ୍ଚଟିଯାକ କାରଣକୁ ଅଲଗା ଅଲଗା ଲକ୍ଷଣ ସହିତ ପରୀକ୍ଷା କରିବା ଆବଶ୍ୟକ ।

ଏହି ପାଞ୍ଚଟି କାରଣ ମଧ୍ୟରୁ ଦେହ ହେଉଚି ପ୍ରଥମ କାରଣ । ଏହି କାରଣ ନାମ ହିଁ ଅଧିଷ୍ଠାନ, କାରଣ ଭୋକ୍ତା, ଭୋଗ ସହିତ ଏହି ଦେହରେ ଅବସ୍ଥାନ କରିଥାଏ । ଇନ୍ଦ୍ରିୟ ଦିନରାତି ପରିଶ୍ରମ କରିଥାଏ । ଏହାଦ୍ୱାରା ଏବଂ ପ୍ରକୃତିର ବଳରେ ସୁଖ ଦୁଃଖ ଉତ୍ପନ୍ନ ହୋଇଥାଏ ଏବଂ ଏହି ସୁଖ ଦୁଃଖକୁ ଭୋଗିବାଲାଗି ପୁରୁଷ ପକ୍ଷରେ ଏହି ଦେହ ବ୍ୟତୀତ ଅନ୍ୟ କୌଣସି ସ୍ଥାନନାହିଁ । ଚବିଶଟି ପରିବାରର ଘର ହେଉଛି ଏ ଦେହ । ଚବିଶଟି ପରିବାର ହେଉଛନ୍ତି ଚବିଶଟି ତତ୍ତ୍ୱ । ବନ୍ଧନ ଓ ମୋକ୍ଷ ଉଭୟର ହେତୁ ହେଉଛି ଏହି ଦେହ । ଜାଗୃତି, ସ୍ୱପ୍ନ ଓ ସୁସୁପ୍ତି ଏହି ତିନୋଟି ଅବସ୍ଥାର ଆବାସସ୍ଥଳ ମଧ୍ୟ ଏହି ଦେହ । ତେଣୁ ଏ ଦେହକୁ ଅଧିଷ୍ଠାନ କୁହାଯାଏ ।

କର୍ମର ଦ୍ୱିତୀୟ କାରଣ ହେଉଛି କର୍ତ୍ତା ଅର୍ଥାତ୍ ଯିଏ କର୍ମ କରିଥାଏ, ସେ । ଏହି କର୍ତ୍ତାକୁ ଚୈତନ୍ୟର ପ୍ରତିବିମ୍ବ ମଧ୍ୟ କୁହାଯାଏ । ଆକାଶ ହିଁ ଜଳ ବର୍ଷା କରିଥାଏ । ଏହି ଜଳରେ ହ୍ରଦ ପୁଷ୍କରିଣୀ ଆଦି ପୂର୍ଣ୍ଣ ହୁଏ ଏବଂ ଏହି ହ୍ରଦ, ପୁଷ୍କରିଣୀରେ ହିଁ ଆକାଶ ପ୍ରତିବିମ୍ବିତ ହୋଇଥାଏ । ନିଦ୍ରାରେ ରାଜା ନିଜ ରାଜ୍ୟକୁ ମଧ୍ୟ ସ୍ୱପ୍ନରେ ଭୁଲିଯାଇ ଦରିଦ୍ର ପାଲଟି ଥାଏ । ସେହିଭଳି ଚୈତନ୍ୟ ଆତ୍ମବିସ୍ମୃତ ହେବାଫଳରେ ଏହି ବିସ୍ମୃତିରୁ ଉତ୍ପନ୍ନ ହୋଇଥାଏ ଦେହର ଆଭାସ । ଚୈତନ୍ୟ ମଧ୍ୟ ଆତ୍ମବିସ୍ମୃତି ଫଳରେ ଦେହ-ଆକାଶରେ ପ୍ରଭାସିତ ହୋଇ ଦେହ ରୂପରେ ପ୍ରକାଶିତ ହୁଏ । ଯିଏ ସବୁ କଥାରେ ଦେହ ସହିତ ଜଡ଼ିତ ରହିବାକୁ ପ୍ରତିଜ୍ଞାବଦ୍ଧ ଏବଂ ଯିଏ ଭ୍ରମରେ ପଡ଼ି ପ୍ରକୃତି ଦ୍ୱାରା ହେଉଥିବା 'ସବୁ କର୍ମକୁ ମୁଁ କରୁଛି' ବୋଲି କହି ହୁଏ, ସେହି ଜୀବକୁ କୁହାଯାଏ 'କର୍ତ୍ତା' ।

ଦୃଷ୍ଟି ଏକ ହେଲେ ମଧ୍ୟ ଭୁଲତା-ବାଳର ଆଚ୍ଛାଦନ ହେତୁ ଗୋଟିଏ ବସ୍ତୁ ବହୁପ୍ରକାରର ଦେଖାଯାଇପାରେ । ଘରେ ଥିବା ସେହି ଗୋଟିଏ ପ୍ରଦୀପ ବାହାରର ଭିନ୍ନ ଭିନ୍ନ ଝରକାରୁ ଦେଖିଲେ ଅଲଗା ଅଲଗା ଜଣା ପଡ଼ିଥାଏ । ସେହି ଜଣେ ଅଭିନେତାର ମୁହଁ ଶୃଙ୍ଗାର, ବାତ୍ସଲ୍ୟ, ବୀର ଓ କରୁଣ ଆଦି ନବରସକୁ ଫୁଟାଇବାବେଳେ ନଅପ୍ରକାରର ଦେଖାଯାଏ । ସେହିଭଳି ବୁଦ୍ଧିର

ଜାଣିବା ଶକ୍ତି ବା ଜ୍ଞାନ ଏକ ହେଲେ ମଧ୍ୟ ଏହା କାନ, ଆଖି ଆଦି ବାହ୍ୟ ଇନ୍ଦ୍ରିୟ ମାଧ୍ୟମରେ ଭିନ୍ନ ଭିନ୍ନ ରୂପରେ ପ୍ରକଟିତ ହୋଇଥାଏ । ଇନ୍ଦ୍ରିୟର ଏହି ପୃଥକ୍ ପୃଥକ୍ ଅବସ୍ଥା ହେଉଛି କର୍ମର ତୃତୀୟ କାରଣ ।

ପୂର୍ବ ଓ ପଶ୍ଚିମରୁ ପ୍ରବାହିତ ଜଳପ୍ରବାହ ଭିନ୍ନ ଭିନ୍ନ ନଦୀରେ ସମ୍ମିଳିତ ହେବାପରେ ଏକାକାର ହୋଇଯାଏ । ସେହିଭଳି ପ୍ରାଣ-ବାୟୁରେ ଯେଉଁ ଅବିନାଶୀ କ୍ରିୟାଶକ୍ତି ରହିଛି, ଏହା ଭିନ୍ନ ଭିନ୍ନ ସ୍ଥାନରେ ପ୍ରକାଶ ପାଉଥିବାରୁ ଭିନ୍ନ ଭିନ୍ନ ମନେହୁଏ । ଏହି ଶକ୍ତି ଯେତେବେଳେ ବାକ୍ୟରେ ପ୍ରକାଶିତ ହୁଏ, ମନୁଷ୍ୟ କହିଚାଲେ । ଏହାକୁ ବାଣୀ କୁହାଯାଏ । ହସ୍ତରେ ପ୍ରକାଶିତ ହେଲେ ଆଦାନପ୍ରଦାନ ଚାଲେ । ପାଦରେ ଏହି ଶକ୍ତି ପ୍ରକାଶିତ ହେଲେ ମନୁଷ୍ୟ ଚାଲେବୁଲେ, ଗତିଶୀଳ ହୋଇଉଠେ । ମଳମୂତ୍ରାଦି ତ୍ୟାଗ ମଧ୍ୟ ଏହାର କ୍ରିୟା । ନାଭିଠାରୁ ହୃଦୟ ପର୍ଯ୍ୟନ୍ତ ଏହି ବାୟୁ ଯେତେବେଳେ ଓଁକାରରେ ପ୍ରକଟିତ ହୁଏ, ତାହାକୁ 'ପ୍ରାଣବାୟୁ' କୁହାଯାଏ । ଏହି ଶକ୍ତି ଯେତେବେଳେ ଉପର ଭାଗରେ ପ୍ରବେଶ କରେ, ସେତେବେଳେ ଏହାକୁ କୁହାଯାଏ 'ଉଦାନ ବାୟୁ' । ଏହା ଗୁହ୍ୟଦ୍ୱାର ଦେଇ ବହିର୍ଗତ ହେଲେ ଏହାକୁ କୁହାଯାଏ 'ଅପାନ' । ଏହା ସମଗ୍ର ଶରୀରରେ ବ୍ୟାପ୍ତ ରହିଥିଲେ, ଏହାକୁ କୁହାଯାଏ 'ବ୍ୟାନବାୟୁ' । ଜୀବ ଯାହା ଖାଏ ସେହି ଖାଦ୍ୟର ରସକୁ ଏହି ଶକ୍ତିହିଁ ଶରୀରର ଭିନ୍ନ ଭିନ୍ନ ସ୍ଥାନକୁ ପଠାଇଥାଏ ଏବଂ ଏହି ଶକ୍ତି ଶରୀରର ଭିତରେ ଅନ୍ଦିକନ୍ଦି ସବୁଆଡ଼େ ବ୍ୟାପୀ ରହିଥାଏ । ଏହିଭଳି ଚାରିଆଡ଼େ ବୁଲିସାରି ଏହି କ୍ରିୟାଶକ୍ତି ପରିଶେଷରେ ନାଭିକମଳରେ ସ୍ଥିର ରହେ । ଏହି ସମୟରେ ଏହାକୁ 'ସମାନ ବାୟୁ' କୁହାଯାଏ । ଏହାକୁ 'ନାଭିସ୍ଥବାୟୁ' ମଧ୍ୟ କୁହାଯାଇଥାଏ । ହାଇମାରିବା, ଛିଙ୍କିବା, ବାନ୍ତି କରିବା ଆଦି ବାୟୁର କ୍ରିୟାର ନାମ ଯଥାକ୍ରମେ ନାଗ, କୂର୍ମ ଓ କୃକର । ଏ ସମସ୍ତ ସେହି ଗୋଟିଏ ବାୟୁର କାର୍ଯ୍ୟ । କିନ୍ତୁ ରୀତିଭେଦ ଅନୁସାରେ ଏହାର ନାମ ଭିନ୍ନ ଭିନ୍ନ । ଏହି ବୃତ୍ତିର ହେତୁ ବାୟୁଶକ୍ତି ହିଁ କର୍ମର ଚତୁର୍ଥ କାରଣ ।

ଋତୁ ମଧ୍ୟରେ ଶରତଋତୁ ସର୍ବୋତ୍ତମ । ସେଥିରେ ଶୁକ୍ଳପକ୍ଷ ଓ ପୂର୍ଣ୍ଣିମା ରଜନୀ ଅତୀବ ମନୋରମ । ବସନ୍ତଋତୁରେ ଉଦ୍ୟାନର ଶୋଭାସହିତ ଯଦି

ପ୍ରିୟାର ସହବାସ ହୁଏ ଏବଂ ସେଥିରେ ଯଦି ଗନ୍ଧପୁଷ୍ପଆଦି ପ୍ରେମପୂର୍ଣ୍ଣ ଉପଚାର ମିଳେ, ତାହାହେଲେ ସୁଖର ପାରାବାର ଉଛୁଳି ଉଠେ । ହେ ପାଣ୍ଡବ ! ବିକଶିତକମଳ ସ୍ୱଭାବତଃ ସୁନ୍ଦର, ସେଥିରେ ସୁଗନ୍ଧିତ ପରାଗର ବିପୁଳତା ତ୍ରିବେଣୀ ସଙ୍ଗମ ଭଳି ଅଧିକ ସୁନ୍ଦର । ବାଣୀ ଶୋଭାପାଏ କବିତ୍ୱରେ, କବିତ୍ୱର ଉତ୍କର୍ଷ ଅନୁଭୂତ ହୁଏ ରସିକତାରେ, ରସିକତାର ରସାଳତା ବଢ଼ିଉଠେ ବ୍ରହ୍ମ ନିରୂପଣରେ । ଏହି ପ୍ରକାରର ଅପ୍ରତିମ ଯୋଗ ଉପସ୍ଥିତ ହେଲେ ପରିବେଶ ଉତ୍ତମ ହୋଇଉଠେ । ଠିକ୍ ଏହିଭଳି ସମସ୍ତ ବୃତ୍ତି ମଧ୍ୟରେ ବୁଦ୍ଧି ହେଉଚି ସର୍ବୋତ୍କୃଷ୍ଟ । ଇନ୍ଦ୍ରିୟର ଆବେଶରେ ଏହା ଅଧିକ ତେଜସ୍ୱୀ ହୋଇଉଠେ । ଇନ୍ଦ୍ରିୟମାନଙ୍କର ଆବେଶରେ ଅଧିଦେବତାମାନଙ୍କ ମଣ୍ଡଳ ଅଧିକ ଶୋଭାମୟ ହୋଇଉଠେ । ସୂର୍ଯ୍ୟାଦି ଦେବତାଗଣ ଚକ୍ଷୁ ଆଦି ଦଶ ଇନ୍ଦ୍ରିୟର ଅଧିଷ୍ଠାତା । ଏହି ଦେବତାମାନେ ହେଉଛନ୍ତି କର୍ମର ପଞ୍ଚମ କାରଣ । ହେ ଅର୍ଜୁନ ! ତୁମେ ଯେପରି ବୁଝିପାରିବ ସେଥିଲାଗି ମୁଁ ସରଳ ଭାବରେ କର୍ମର ପଞ୍ଚବିଧ କାରଣ ନିରୂପଣ କରି ଶୁଣାଇଲି । ଏହି କାରଣଗୁଡ଼ିକ ବଢ଼ିବା ସଙ୍ଗେ ସଙ୍ଗେ ଯେଉଁ 'ହେତୁ'ର ଅବଲମ୍ବନରେ କର୍ମର ରଚନା ହୋଇଥାଏ,ସେହି ପାଞ୍ଚଟି ହେତୁ କ'ଣ ବର୍ଣ୍ଣନା କରିବି ।

ଶରୀରବାଙ୍ ମନୋଭିର୍ଯତ୍‌କର୍ମ ପ୍ରାରଭତେ ନରଃ ।
ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ॥୧୫॥

ସଂପୂର୍ଣ୍ଣ ବସନ୍ତ ଋତୁର ଆଗମନହିଁ ନବପଲ୍ଲବ ଉତ୍ପତ୍ତିର ହେତୁ । ପଲ୍ଲବରୁ ହୁଏ ପୁଷ୍ପ ଏବଂ ପୁଷ୍ପରୁ ହୁଏ ଫଳ । ବର୍ଷାର ହେତୁ ହେଉଛି ମେଘ ଏବଂ ମେଘରୁ ହୁଏ ବୃଷ୍ଟି ଏବଂ ବୃଷ୍ଟି ଯୋଗୁଁ ଶସ୍ୟ ସମୃଦ୍ଧ ହୁଏ । ପୂର୍ବଦିଗରେ ଅରୁଣୋଦୟ ହୁଏ, ଅରୁଣୋଦୟ ପରେ ହୁଏ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟୋଦୟରୁ ହୁଏ ଦିବସର ପ୍ରକାଶ । ସେହିଭଳି କର୍ମସଙ୍କଳ୍ପର ହେତୁ ହେଉଚି ମନ । ସଙ୍କଳ୍ପଦ୍ୱାରା ବାଣୀର ପ୍ରଦୀପ ପ୍ରଜ୍ୱଳିତ ହୁଏ ଏବଂ ଏହି ପ୍ରଦୀପ ସମଗ୍ର କର୍ମମୟ ପଥକୁ ଆଲୋକିତ କରେ । କର୍ତ୍ତା କର୍ମ କରିବା ଉଦ୍ୟମରେ ଲାଗେ । ଶରୀର ପ୍ରଭୃତି ସମୁଦାୟର

ହେତୁ ହେଉଚି ସେହି ଶରୀର । ହୀରା କାଟିବାଲାଗି ହୀରା ହିଁ ଦରକାର ହୋଇଥାଏ । ସୂତା ହିଁ ତାନା ଓ ସୂତା ହିଁ ଭରଣା ହୋଇ ଲୁଗା ପ୍ରସ୍ତୁତ ହୁଏ । ଲୁହାର ଯେକୌଣସି ଜିନିଷ ତିଆରି କରିବାଲାଗି ଲୁହାର ଯନ୍ତ୍ରପାତି ହିଁ ବ୍ୟବହାର କରାଯାଇଥାଏ । ରତ୍ନରୁହିଁ ରତ୍ନାଳଙ୍କାର ପ୍ରସ୍ତୁତ ହୁଏ । ସେହିଭଳି ମନ, ବାକ୍ୟ ଓ ଦେହ ଦ୍ୱାରା ଯେଉଁ କର୍ମ କରାଯାଏ, ସେହି କର୍ମ ହିଁ ମନ, ବାକ୍ୟ ଓ ଦେହର ହେତୁ ହୋଇଥାଏ । ଯଦି କେହି ପ୍ରଶ୍ନକରେ ଯେ, ଯଦି ଶରୀରାଦି କର୍ମର କାରଣ, ତାହାହେଲେ ଶରୀରାଦିକୁ ହେତୁ କହିବାର ଉଦ୍ଦେଶ୍ୟ କ'ଣ ?

ଏହାର ଉତ୍ତର ଶୁଣ । ସୂର୍ଯ୍ୟାଲୋକର ହେତୁ ଓ କାରଣ ନିଜେ ସୂର୍ଯ୍ୟ । ଆଖୁ ଗଣ୍ଠିର କାରଣ ହେଉଛି ଆଖୁଗଛର ଅଭିବୃଦ୍ଧି । ଗଛ ଯେତିକି ଅଧିକ ବଢ଼େ, ଏହାର ଗଣ୍ଠି ସେତିକି ବଢ଼େ । ବାଗ୍‌ଦେବୀଙ୍କ ସ୍ତୁତି ଲାଗି ବାକ୍ ବା ବାଣୀକୁ ହିଁ ପରିଶ୍ରମ କରିବାକୁ ପଡ଼ିଥାଏ । ଅର୍ଥାତ୍ ସରସ୍ୱତୀ ହିଁ ସରସ୍ୱତୀଙ୍କ ସ୍ତୁତି କରିଥାଆନ୍ତି । ବେଦର ମହିମା ବ୍ୟାଖ୍ୟା କରିବା ଲାଗି ସ୍ୱୟଂ ବେଦହିଁ ସମର୍ଥ । ତେଣୁ ଏ କଥା ସୁବିଦିତ ଯେ, କର୍ମଲାଗି ଏ ଶରୀର ଏବଂ ଶରୀର ମଧ୍ୟ ସମସ୍ତ କର୍ମର ହେତୁ । ଏହି ଶରୀରାଦି କାରଣ ମିଳିତ ଭାବରେ ଯେଉଁ କର୍ମସମ୍ପାଦନ କରେ, ଏହା ଶାସ୍ତ୍ରସମ୍ମତ ହେଲେ ଯାଇ କର୍ମ ନ୍ୟାୟସଙ୍ଗତ ହୁଏ ଏବଂ ଏହି କର୍ମ ନ୍ୟାୟର ହେତୁ ମଧ୍ୟ ହୋଇଥାଏ । ବର୍ଷାପାଣି ପ୍ରବାହିତ ହୋଇ ଧାନ ବିଲରେ ପଡ଼େ ଏବଂ ଏହି ଧାନକ୍ଷେତରେ ଚିଇଁଗଲେ ଧାନଗଛର ଲାଭ ହୁଏ । କ୍ରୋଧବଶତଃ ଗୃହତ୍ୟାଗ କରି ଯାଉ ଯାଉ ଦ୍ୱାରକା ଅଭିମୁଖେ ଚାଲିଲେ, ଚାଲିବା କଷ୍ଟ ନିଷ୍ଫଳ ହୁଏନା । ସେହିଭଳି ହେତୁ ଓ କାରଣ ମିଳିତ ଭାବରେ ଅନ୍ୟାୟ କର୍ମ କଲେ ମଧ୍ୟ ଏହି କର୍ମ ଯଦି ଶାସ୍ତ୍ର ଦୃଷ୍ଟିରୁ ପୂତ, ପବିତ୍ର, ସିଦ୍ଧ ହୁଏ, ଏହାକୁ ନ୍ୟାୟସଙ୍ଗତ କର୍ମ କୁହାଯିବା ଉଚିତ । ଦୁଧକୁ ଗରମ କଲାବେଳେ ଅର୍ଥାତ୍ ଦୁଧ ସିଝେଇବାବେଳେ ଯଦି ଏହା ଉତୁରି କିଛିଟା ଏପଟେ ସେପଟେ ପଡ଼ିଯାଏ, ଏହାକୁ କ୍ଷତି ବୋଲି ଧରାଯାଏନା । ଶାସ୍ତ୍ରର ସହାୟତା ବିନା କୃତକର୍ମ ଯଦିଓ ବୃଥା ନୁହଁ, ତଥାପି ଏହାକୁ ପ୍ରଶଂସା କରାଯାଇ ନ ପାରେ । ଦ୍ରବ୍ୟ ଲୁଣ୍ଠିତ ହେବା ଏବଂ ଦାନ କରିବା ସମାନ ନୁହଁ ।

ହେ ପାଣ୍ଡୁନନ୍ଦନ ! ଯେ କୌଣସି ମନ୍ତ୍ର ଉଚ୍ଚାରଣ କରନା କାହିଁକି, ବର୍ଣ୍ଣମାଳାର ବାଉନ ଅକ୍ଷର ବହିର୍ଭୂତ ନୁହଁ । ଏହି ବର୍ଣ୍ଣମାଳାର ଅକ୍ଷର ଦ୍ୱାରା ଉଚ୍ଚାରିତ ନ ହେବାଭଳି କୌଣସି ଜୀବର ନାମ ଅଛି କି ?

ହେ କୋଦଣ୍ଡପାଣେ ! ମନ୍ତ୍ରର ରୀତି ନ ମିଳିବା ପର୍ଯ୍ୟନ୍ତ ମନ୍ତ୍ର ଉଚ୍ଚାରଣର ଫଳଲାଭ ହୁଏନା । ସେହିଭଳି କାରଣ ଓ ହେତୁର ସମ୍ମିଳନରେ ଯେଉଁ ଅନିୟମିତ କର୍ମ ଉତ୍ପନ୍ନ ହୁଏ, ସେହି କର୍ମକୁ କର୍ମ କୁହାଗଲେ ମଧ୍ୟ ତାହା ନ୍ୟାୟସଙ୍ଗତ ନୁହଁ, ଏହା ପାପ ଆଡ଼କୁ ଗତି କରାଏ ।

ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଳଂ ତୁ ଯଃ ।
ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ॥୧୬॥

ଏହିଭଳି ଭାବରେ କର୍ମର ପାଞ୍ଚଟି କାରଣ ରହିଛି ଏବଂ ପାଞ୍ଚଟି କାରଣର ପାଞ୍ଚଟି ହେତୁ ବା ଉପାୟ ମଧ୍ୟ ରହିଛି । ଆତ୍ମା କର୍ମର ଅନ୍ୟତମ କାରଣ କି ନୁହଁ ଏବଂ କର୍ମର ଝାମେଲାରେ ଆତ୍ମା ପଡୁଛି କି ନାହିଁ, ବିଶ୍ଳେଷଣ କରି ଦେଖାଯାଏ । ସୂର୍ଯ୍ୟ ଯେପରି କୌଣସି ରୂପ ଧାରଣ ନ କରି ଅର୍ଥାତ୍ ଏହା କୌଣସି ବିଷୟରେ ଜଡ଼ିତ ନ ହୋଇ ଚକ୍ଷୁ ଓ ଅନ୍ୟ ବସ୍ତୁର ରୂପକୁ ପ୍ରକାଶିତ କରିଥାଏ, ସେହିଭଳି ଆତ୍ମା ସ୍ୱୟଂ କର୍ମ ନ ହୋଇ ବିଭିନ୍ନ କର୍ମକୁ ପ୍ରକଟ କରିଥାଏ । ହେ ବୀରେଶ ! ଦର୍ପଣରେ ନିଜକୁ ଦେଖିବା ଲୋକ ବା ଦ୍ରଷ୍ଟା ନିଜେ ଦର୍ପଣ ହୁଏନା କିମ୍ବା ପ୍ରତିବିମ୍ବ ହୁଏନା କିନ୍ତୁ ଉଭୟକୁ ପ୍ରକାଶିତ କରିଥାଏ । ସୂର୍ଯ୍ୟ ଦିନ ନୁହେଁ କି ରାତି ନୁହେଁ କିନ୍ତୁ ଦିନ ରାତିକୁ ପ୍ରକାଶ କରେ । ସେହିଭଳି ଆତ୍ମା କର୍ମ ନୁହେଁ କି କର୍ତ୍ତା ନୁହେଁ, ଅଥଚ ଏହି ଦୁଇଟିକୁ ପ୍ରକାଶ କରେ । କିନ୍ତୁ ଦେହାଭିମାନର ଭ୍ରମରେ ପଡ଼ିବା ଯୋଗୁଁ ଯେଉଁ ମନୁଷ୍ୟର ବୁଦ୍ଧି ଦେହରେ ଲାଖି ରହିଥାଏ, ତା ପକ୍ଷରେ ଆତ୍ମଜ୍ଞାନ ମଧ୍ୟରାତ୍ରିର ଘୋର ଅନ୍ଧକାର ଭଳି ।

ଯେଉଁ ଲୋକ ଚୈତନ୍ୟରୂପୀ ଈଶ୍ୱର ଓ ବ୍ରହ୍ମକୁ ଦେହର ସୀମା ଭିତରେ ବନ୍ଦ କରି ରଖିଥାଏ, ତାର ଅଟଳ ବିଶ୍ୱାସ ଯେ ଆତ୍ମାହିଁ କର୍ତ୍ତା ! ସେ ଭାବିବାରେ ଲାଗିଥାଏ ଯେ, ସେ ହେଉଛି ଦେହ ଏବଂ ସବୁ କର୍ମ ସେ କରୁଛି । ତେଣୁ ଦେହ

ହେଉଛି କର୍ମର କାରଣ । କିନ୍ତୁ କର୍ମର ଅନ୍ତରାଳରେ ସାକ୍ଷୀସ୍ୱରୂପ ହୋଇ ଯେ ମୁଁ ରହିଛି ସେହି ଅପରିମିତ ଆତ୍ମା 'ମତେ' ସେ ଦେହଦ୍ୱାରା ହିଁ ପରିମାପ କରିବାକୁ ଚାହେଁ । କିନ୍ତୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଯିଏ ଆକାଶରେ ସୂର୍ଯ୍ୟକୁ ଦେଖି ନାହିଁ, ସେ ପୋଖରୀରେ ପ୍ରତିବିମ୍ବିତ ସୂର୍ଯ୍ୟକୁ ସତ୍ୟ ମନେକରେ । ତେଣୁ ଗଡ଼ିଆ କିମ୍ବା ପୋଖରୀରେ ପାଣି ଜମାହେଲେ ଯାଇ ସେ ଭାବେ ଯେ, ସୂର୍ଯ୍ୟୋଦୟ ହେଲା । ପେଚା ଦିନବେଳେ ଆଖିକୁ ବୁଜି ରହିଥାଏ ଏବଂ ରାତିକି ଦିବସ ବୋଲି ଭାବେ । ପେଚା ରାତିରେ ଦେଖିପାରେ, ଦିନବେଳେ କିଛି ଦେଖିପାରେନା । ସେହିଭଳି ଗଡ଼ିଆ ଭିତରେ ସୂର୍ଯ୍ୟର ପ୍ରତିବିମ୍ବକୁ ଯିଏ ବାସ୍ତବ ସୂର୍ଯ୍ୟ ମନେ କରିଥାଏ, ପବନରେ ଜଳ କମ୍ପିତ ହେବାମାତ୍ରେ ସେ ଭାବେ ସୂର୍ଯ୍ୟଟା ଦୋହଲୁଚି, ଥରିଉଠୁଚି । ପୋଖରୀ ପୋତିହୋଇଗଲେ ସେ ଭାବେ ସୂର୍ଯ୍ୟ ମଧ୍ୟ ଧ୍ୱଂସ ପାଇଲା । ସୁପ୍ତ ମନୁଷ୍ୟ ଜାଗ୍ରତ ନ ହେବା ପର୍ଯ୍ୟନ୍ତ, ସ୍ୱପ୍ନକୁ ହିଁ ସତ୍ୟ ମନେ କରିଥାଏ । ଯିଏ ଦଉଡ଼ିକୁ ଦଉଡ଼ିବୋଲି ଠଉରେଇ ପାରେନା, ଝାପ୍‌ସା ଆଲୋକରେ ସେ ଦଉଡ଼ିକୁ ଦେଖି ଭାବେ ସାପଟାଏ ଶୋଇଚି, ଫଣା ଟେକିଚି ଇତ୍ୟାଦି । କାମଳରୋଗାକ୍ରାନ୍ତ ବ୍ୟକ୍ତି ଭାବେ ଚନ୍ଦ୍ରର ବର୍ଣ୍ଣ ହେଉଚି ହଳଦିଆ । ମୃଗ ନିଜେ ମୃଗତୃଷ୍ଣାର ଭ୍ରମରେ ପଡ଼ିଥାଏ । ଶାସ୍ତ୍ର ଅଧ୍ୟୟନ ଓ ଗୁରୁସେବା ତ ଦୂରର କଥା, ଯିଏ ଶାସ୍ତ୍ର ଓ ଗୁରୁଙ୍କ ନାମକୁ ପାଖ ସୁଦ୍ଧା ମଡ଼େଇ ଦିଏନା ଏବଂ ମୂର୍ଖଙ୍କ ଭଳି ଜୀବନ ଧାରଣ କରେ, ସେ ବ୍ୟକ୍ତି ଆତ୍ମା ଉପରେ ଶରୀରର ଜାଲକୁ ବିଛେଇ ବସିଥାଏ । ଶୃଗାଳ ମେଘକୁ ଦେଖି ଏହି ମେଘ ଚନ୍ଦ୍ର ହିଁ କରୁଛି ବୋଲି ଚନ୍ଦ୍ର ଉପରେ ଦୋଷାରୋପ କରିଥାଏ । ସେହିଭଳି ଦେହାଭିମାନୀ ବ୍ୟକ୍ତି ଆତ୍ମା ଉପରେ ଦେହକୁ ଆରୋପ କରିଥାଏ । ଏହି ଭୁଲ ଯୋଗୁଁ ସେ କର୍ମରୂପକ ଟାଣୁଆ ଗଣ୍ଠିଦ୍ୱାରା ନିଜକୁ ବାନ୍ଧି ଶରୀରରୂପକ କାରାଗାରରେ ନିଜକୁ ବନ୍ଦୀ କରି ରଖେ । ବିଚରା ଶୁଆର ବନ୍ଧନର ମୋହ ଏତେ ପ୍ରବଳ ହୋଇଉଠେ ଯେ, କୌଣସି ସ୍ଥାନରେ ତାକୁ ବନ୍ଧା ନ ଯାଇଥିଲେ ସୁଦ୍ଧା ଅର୍ଥାତ୍ ମୁକ୍ତ ରହିଥିଲେ ମଧ୍ୟ ସେ ଭାବେ ତାର ଗୋଡ଼କୁ ବନ୍ଧା ହୋଇଚି । ସେ ଉଡ଼ି ଯାଇପାରେନା । ବନ୍ଧନ ତାର ଏକ ଅଭ୍ୟାସରେ ପଡ଼ିଯାଇଥାଏ ।

ସେହିଭଳି ଯେଉଁ ମନୁଷ୍ୟ ଶରୀରର କର୍ମକୁ ନିର୍ମଳ ଆତ୍ମାର କର୍ମ ବୋଲି ଆରୋପ କରିଥାଏ, ସେ କୋଟି କୋଟି କଳ୍ପ ଧରି କର୍ମ ବନ୍ଧନରେ ଜଡ଼ିତ ରହିଥାଏ ।

ବଡ଼ବାନଳ ସମୁଦ୍ରରେ ଥିଲେ ମଧ୍ୟ ସମୁଦ୍ର ଜଳ ଏହାକୁ ସ୍ପର୍ଶ କରିନଥାଏ । ସେହିଭଳି କର୍ମ କରି ମଧ୍ୟ କର୍ମରେ ଜଡ଼ିତ ନ ଥିବା ବ୍ୟକ୍ତିକୁ ଚିହ୍ନିବ କିପରି, ସେହି କଥା ହିଁ ତୁମକୁ ଏହିକ୍ଷଣି କହିବି । ସମସ୍ତ କର୍ମ ନିର୍ଲିପ୍ତ ଭାବରେ କରିବା ଉଚିତ । ଅନ୍ଧକାରରେ ହଜିବା ଜିନିଷକୁ ଦୀପ ଲଗେଇ ଖୋଜିଲେ ଯାଇ ମିଳେ । ଦର୍ପଣକୁ ଯେତିକି ପୋଛି ପୋଛି ସଫା କରିବ, ମୁହଁକୁ ସେତିକି ସ୍ପଷ୍ଟ ଭାବରେ ଦେଖିପାରିବ । ଜଳରେ ଲୁଣ ପଡ଼ିଲେ ଲୁଣ ଜଳ ଆକାର ଧାରଣ କରେ । ଦର୍ପଣରେ ନିଜ ପ୍ରତିବିମ୍ବକୁ ଦେଖିବାପରେ ନିଜର ରୂପ ଅଧିକ ବାସ୍ତବ ହୋଇଉଠେ । ସେହିଭଳି ମୁକ୍ତିଦାତାର ଲକ୍ଷଣକୁ ଚିନ୍ତା କରୁ କରୁ ମନୁଷ୍ୟର ମୋକ୍ଷଲାଭ ହୋଇଯାଏ । ସାଧୁସନ୍ଥମାନଙ୍କ କଥାକୁ ବିଚାର କରୁ କରୁ ମନୁଷ୍ୟ ନିଜର ଦୃଢ଼ ଆତ୍ମସ୍ୱରୂପ ଲାଭ କରିଥାଏ । ତେଣୁ ସର୍ବଦା ସାଧୁସନ୍ଥମାନଙ୍କ ସ୍ତୁତି ଓ ଗୁଣ ବର୍ଣ୍ଣନା କରିବା ଉଚିତ । କର୍ମରେ ଲିପ୍ତଥାଇ ମଧ୍ୟ ସେମାନେ ସୁଖଦୁଃଖର ବଶୀଭୂତ ନୁହଁନ୍ତି, ଚକ୍ଷୁର ଦୃଷ୍ଟିଶକ୍ତି ଚମଡ଼ାର ପତାତଳେ ରହିଥିଲେ ମଧ୍ୟ, ଏହା ଯେପରି ଚମଡ଼ାଦ୍ୱାରା ବାନ୍ଧି ହୋଇପଡ଼ିନଥାଏ, ସେହିଭଳି ଯିଏ ବନ୍ଧନମୁକ୍ତ, ତାର ଲକ୍ଷଣଗୁଡ଼ିକୁ ମୁଁ ସ୍ପଷ୍ଟଭାବରେ କହୁଚି ଶୁଣ ।

ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।
ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ॥୧୭॥

ହେ ଅର୍ଜୁନ ! ଯେଉଁ ଜୀବ ଅଜ୍ଞାନ ନିଦ୍ରାରେ ଅନନ୍ତକାଳ ଧରି ନାନାପ୍ରକାରର ଜାଲରେ ପଡ଼ି ରହିଥାଏ, ସେ 'ତତ୍ତ୍ୱମସି' ଆଦି ମହା ସିଦ୍ଧାନ୍ତକୁ ଶ୍ରବଣ କରିବାମାତ୍ରେ ଏବଂ ଗୁରୁକୃପା ପାଇବାମାତ୍ରେ ତତ୍‌କ୍ଷଣାତ୍ ବିଶ୍ୱର ସ୍ୱପ୍ନମୟ ମାୟାନିଦ୍ରାକୁ ଛାଡ଼ି ଅଭେଦାନନ୍ଦ ଲାଭ କରିଥାଏ । ସେ ଆତ୍ମପରିଚୟ ପାଇବାମାତ୍ରେ ଅଜ୍ଞାନନିଦ୍ରାରୁ ଜାଗ୍ରତ ହୁଏ । ବିଶ୍ୱର ସ୍ୱପ୍ନାଭାସ ତା ମନରୁ

ଚାଲିଯାଏ । ଚନ୍ଦ୍ରର ଉଦୟ ମାତ୍ରେ ମୃଗତୃଷ୍ଣାର ଜଳଭ୍ରମ ଲୋପ ପାଏ । ବାଲ୍ୟାବସ୍ଥା ଅତୀତ ହୋଇଗଲେ ଭୂତ କଥା ମିଥ୍ୟାବୋଲି ଜ୍ଞାନହୁଏ । ଇନ୍ଧନ ଜଳିସାରିଲେ ରନ୍ଧନ ହୋଇପାରେନା । ନିଦ ଭାଙ୍ଗିଗଲେ ଆଉ ସ୍ୱପ୍ନ ରହେନା । ସେହିଭଳି ଆତ୍ମୋପଲବ୍ଧି କରିଥିବା ବ୍ୟକ୍ତିର ମନରେ ଅହଂଭାବର ଚିହ୍ନ ସୁଦ୍ଧା ରହେନା । ଅନ୍ଧକାର ଜିନିଷଟି କିଭଳି ତାକୁ ଟିକିଏ ଦେଖନ୍ତି ଭାବି ସୂର୍ଯ୍ୟ ଯେଉଁ ଗୁହା ଗହ୍ୱରରେ ପ୍ରବେଶ କରୁନା କାହିଁକି, ତା ଭାଗ୍ୟରେ ଅନ୍ଧକାରର ଦର୍ଶନ ମିଳେନା । କାରଣ ସୂର୍ଯ୍ୟ ଯେଉଁଠିକି ଯାଏ, ଆଲୋକକୁ ନେଇଯାଏ । ଠିକ୍ ସେହିଭଳି ଯେଉଁ ବ୍ୟକ୍ତି ଆତ୍ମସତ୍ତାର ପରିଚୟ ପାଏ, ସେ ଯେଉଁ ପଦାର୍ଥକୁ ଦେଖୁନା କାହିଁକି, ସେ ପଦାର୍ଥ ତା ରୂପ ଧାରଣକରେ ଏବଂ ସେ ତା ସହିତ ମିଶିଯାଇ ଏକରୂପ ହୋଇଯାଏ । ଅଗ୍ନିର ସଂଯୋଗରେ ପଦାର୍ଥ ଅଗ୍ନିରୂପ ଧାରଣ କରେ । କିଏ ଜଳାଇଲା, କିଏ ଜଳିଲା—ଏ ପାର୍ଥକ୍ୟ କିଛି ରହେନା । କର୍ମ ଆତ୍ମାଠାରୁ ଭିନ୍ନ ଜାଣିଲେ ଏବଂ ଆତ୍ମାକୁ କର୍ତ୍ତୃତ୍ୱର ଜାଲରେ ପକାଇବାର ଭ୍ରମ ଦୂର ହୋଇଗଲେ, ଆତ୍ମସ୍ଥବ୍ୟକ୍ତି ଦେହକୁ ପୃଥକ୍ ମନେ କରେ ନାହିଁ । ପ୍ରଳୟକାଳରେ ଜଳସ୍ରୋତ ଆଉ କୌଣସି ଜଳ ସ୍ରୋତକୁ ରଖେଇ ଦିଏନା ! ସବୁ ସ୍ରୋତକୁ ଏକାକାର କରିଦିଏ ସେ । ଠିକ୍ ସେହିଭଳି ଥରେ ବ୍ରହ୍ମ ସହିତ ଅଭିନ୍ନ ହୋଇଉଠିବା ପରେ ଦେହଭାବ ଆଉ ରହେନା । ବ୍ରହ୍ମଚେତନାକୁ ଦେହଭାବ ସ୍ପର୍ଶ କରି ପାରେନା । ସୂର୍ଯ୍ୟର ପ୍ରତିବିମ୍ବ କିମ୍ବା ଛାୟାଦ୍ୱାରା ସୂର୍ଯ୍ୟକୁ ଧରି ହୁଏ କି ? ଦହିକୁ ମନ୍ଥନ କରି ଲହୁଣୀ ବାହାର କରାଯିବା ପରେ ତାକୁ ଘୋଳ ଦହିରେ ଭର୍ତ୍ତି କରି ପୁଣି ଦହି କରାଯାଇପାରେ କି ? ଅଗ୍ନିକୁ କାଠରୁ ଅଲଗା କରିନେଲେ ମଧ୍ୟ ଏହାକୁ କାଠସିନ୍ଦୁକରେ ବନ୍ଦକରି ରଖାଯାଇପାରେ କି ? ରାତ୍ରିର ଗର୍ଭଭେଦ କରି ସୂର୍ଯ୍ୟୋଦୟ ହେଲେ ରାତ୍ରି ରହିପାରେ କି ? ସେହିଭଳି ଜ୍ଞେୟ ଓ ଜ୍ଞାତାକୁ ଯିଏ ଏକ କରିଦିଏ, ଏ ଦୁଇଟି ମଧ୍ୟରେ ଯିଏ କୌଣସି ଭେଦଭାବ ରଖେନା, ତାଠାରେ 'ମୁଁ ଦେହ' ଏହି ଅହଂକାର ଭାବ ରହିପାରେ କି ? ଆକାଶ ସର୍ବତ୍ର ବ୍ୟାପ୍ତ, ଯେଉଁଠିକି ଗଲେ ମଧ୍ୟ ସେହି ଆକାଶ । ସେହିଭଳି ଆତ୍ମୋପଲବ୍ଧି କରିଥିବା ବ୍ୟକ୍ତି ଯାହା କରୁନା କାହିଁକି, ସବୁ

ଆତ୍ମମୟ ହୋଇଉଠେ । ଏହି ପରିସ୍ଥିତିରେ ସେ କୌଣସି କର୍ମରେ କର୍ତ୍ତୃତ୍ୱାଭିମାନରେ ଲିପ୍ତ ରହିପାରେ କି ? ଆକାଶର କୌଣସି ସ୍ୱତନ୍ତ୍ର ନିବାସସ୍ଥଳ ନାହିଁ । ସମୁଦ୍ରର କୌଣସି ସ୍ୱତନ୍ତ୍ର ପ୍ରବାହ ନାହିଁ, ଅବଶ୍ୟ ସେ ସମସ୍ତ ନଦନଦୀର ପ୍ରବାହକୁ ନିଜ ଗର୍ଭରେ ସ୍ଥାନ ଦେଇଥାଏ । ଧ୍ରୁବତାରାର କୌଣସି ଗତିନାହିଁ । ସେହିଭଳି ପୂର୍ବୋକ୍ତ ବ୍ୟକ୍ତିର ସର୍ବଦା ସେହି ଗୋଟିଏ ଭାବ । ଜ୍ଞାନଦ୍ୱାରା ତାର ଅହଙ୍କାର ଦୂର ହେଲେ ମଧ୍ୟ ଦେହାନ୍ତ ପର୍ଯ୍ୟନ୍ତ ସେ କର୍ମରେ ଲିପ୍ତ ରହିଥାଏ, କିନ୍ତୁ ତାର କର୍ତ୍ତୃତ୍ୱଭାବ ନଥାଏ ।

ପବନ ବନ୍ଦହୋଇଗଲା ଭଳି ମନେ ହେଲେ ମଧ୍ୟ ଗଛର ଡାଳ ହଲୁଥିବା ଦେଖାଯାଏ । କର୍ପୂର କାଢ଼ିନେଲେ ମଧ୍ୟ ସିନ୍ଦୁକରେ ତାର ସୁଗନ୍ଧ ରହିଥାଏ । ସଙ୍ଗୀତ ଶେଷ ହୋଇଗଲେ ମଧ୍ୟ ରସମଗ୍ନ ବ୍ୟକ୍ତିର ମନରେ ପ୍ରସନ୍ନତା ବହୁ ସମୟ ପର୍ଯ୍ୟନ୍ତ ରହେ । ଜଳ ବାହାରିଗଲେ ମଧ୍ୟ ଭୂମିର ଶୀତଳତା ଅବଶିଷ୍ଟ ରହିଥାଏ । ସୂର୍ଯ୍ୟ ଅସ୍ତ ହୋଇଗଲେ ମଧ୍ୟ ପଶ୍ଚିମ ଦିଗରେ ଏହାର ଦୀପ୍ତି ଅଳ୍ପ କେତେ ସମୟପାଇଁ ରହେ ।ଏହାକୁ କୁହାଯାଏ ଗୋଧୂଳି ଲଗ୍ନ । ଶର ନିକ୍ଷେପ କରାଗଲେ ଏହା ଲକ୍ଷ୍ୟସ୍ଥଳକୁ ଭେଦ କରିସାରି ମଧ୍ୟ ଏହାର ଯେତିକି ବଳ ଥାଏ ସେ ପର୍ଯ୍ୟନ୍ତ ମାଡ଼ିଯାଏ । କୁମ୍ଭାର ଚକ ଉପରୁ ଗଢ଼ା ସରିଥିବା ଜିନିଷ ଉଠେଇ ନେଇସାରିବା ପରେ ମଧ୍ୟ ଚକର ଜୋରଅନୁଯାୟୀ ଏହା କିଛିସମୟ ପାଇଁ ଘୂରୁଥାଏ । ସେହିଭଳି ଆତ୍ମୋପଲବ୍ଧି କରିଥିବା ବ୍ୟକ୍ତିର ମନରୁ ଦେହାଭିମାନ ଚାଲିଗଲେ ମଧ୍ୟ ଯେଉଁ ସ୍ୱଭାବରୁ ଦେହଭାବର ଉତ୍ପତ୍ତି, ସେହି ସ୍ୱଭାବ ଦେହକୁ କର୍ମରେ ନିଯୁକ୍ତ ରଖିଥାଏ । କିନ୍ତୁ ଏହି କର୍ମ, କାମନା ଉପରେ ନିର୍ଭରଶୀଳ ନୁହଁ । ସ୍ୱପ୍ନ ଦେଖିବା ଲାଗି କାହାକୁ କଳ୍ପନା କରିବାକୁ ପଡ଼ିନଥାଏ । ଦାବାନଳକୁ ଜଳେଇବାକୁ ପଡ଼ିନଥାଏ । ମଞ୍ଜି ନ ପୋତିଲେ ମଧ୍ୟ ମରୁଭୂମିରେ ଗଛ ଉଠିଥାଏ । ଆକାଶରେ ପରିଦୃଶ୍ୟମାନ ଗନ୍ଧର୍ବନଗରକୁ କେହି ରଚନା କରିନଥାଏ । ନାନାବର୍ଣ୍ଣର ମେଘଦ୍ୱାରା ଗନ୍ଧର୍ବନଗର ଆପେ ଆପେ ରଚିତ ହୋଇଥାଏ । ସେହିଭଳି ଆତ୍ମା କୌଣସି ଚେଷ୍ଟା ନକଲେ ମଧ୍ୟ ପାଞ୍ଚଟିଯାକ କାରଣରୁ ସମସ୍ତ କର୍ମ ଆପେ ଆପେ ହୋଇଯାଇଥାଏ ।

କାରଣପଞ୍ଚକ ଓ ପଞ୍ଚହେତୁ ପୂର୍ବ ଜନ୍ମର ସଂସ୍କାର ଅନୁଯାୟୀ ବିଭିନ୍ନ କର୍ମ କରାଇଥାଆନ୍ତି । ଏଥିରେ ଜଗତର ଧ୍ୱଂସ ହେଉ କିମ୍ବା ନୂତନ ସୃଷ୍ଟି ହେଉ, ସେଥିରେ ଆତ୍ମାର ଲାଭ ନାହିଁ କି କ୍ଷତି ନାହିଁ । କୁମୁଦିନୀ କିଭଳି ଫୁଟେ, କିଭଳି ଝାଉଁଳି ପଡ଼େ, ସୂର୍ଯ୍ୟ ତାର ଖବର ଅନ୍ତର ରଖିନଥାଏ । ବଜ୍ରପାତରେ ପୃଥିବୀର ବକ୍ଷ ବିଦୀର୍ଣ୍ଣ ହୋଇଯାଉ କିମ୍ବା ବର୍ଷାଦ୍ୱାରା ପୃଥିବୀ ଶସ୍ୟଶ୍ୟାମଳା ହେଉ, ଆକାଶ ତାର ଖୋଜ ଖବର ରଖେନା । ସେହିଭଳି ଦେହରେ ଥାଇ ଯିଏ ଦେହାତୀତ, ସେହିବ୍ୟକ୍ତି ଦେହର କର୍ମଦ୍ୱାରା କୌଣସି ସୃଷ୍ଟି ହେଉଛି କି ସୃଷ୍ଟି ଧ୍ୱଂସ ପାଉଛି, ସେଥିପ୍ରତି କୌଣସି ଦୃଷ୍ଟି ଦିଏନା । ଜାଗ୍ରତ ଥିବା ବ୍ୟକ୍ତି ପକ୍ଷରେ ସ୍ୱପ୍ନ ଦେଖିବା କ'ଣ ସମ୍ଭବ ? ଯେଉଁ ବ୍ୟକ୍ତି କେବଳ ଚର୍ମଚକ୍ଷୁ ଦ୍ୱାରା ଦେଖେ, ଯାହାର ଦୃଷ୍ଟି କେବଳ ଦେହାଭିମାନରେ ଆବଦ୍ଧ, ସେ ଭାବେ ଯେ ବ୍ରହ୍ମଜ୍ଞାନୀ ମୁକ୍ତପୁରୁଷ ମଧ୍ୟ କର୍ମରେ ଲିପ୍ତ । ପଶୁପକ୍ଷୀମାନଙ୍କୁ ଡରେଇବାଲାଗି ପାଳବିଣ୍ଡାରେ ଏକ ମଣିଷ ତିଆରି କରି ବିଲମାନଙ୍କରେ ଖୁଣ୍ଟରେ ଟଙ୍ଗା ଯାଇଥାଏ । ଶୃଗାଳ ଭାବେ ଏହା ସତକୁସତ ମଣିଷଟାଏ, ବିଲର ଫସଲକୁ ଜଗିବାପାଇଁ ଠିଆ ହୋଇଛି ସେ । ଉନ୍ମତ୍ତବ୍ୟକ୍ତି ଲୁଗା ପିନ୍ଧିଛି କି ଉଲଗ୍ନ ରହିଛି, ସେ ନିଜେ ଜାଣି ପାରେନା, କିନ୍ତୁ ଅନ୍ୟଲୋକେ ଜାଣିପାରନ୍ତି । ଯୁଦ୍ଧରେ ନିହତ ସୈନ୍ୟର ଦେହରେ ଆଘାତର କେତୋଟି ଚିହ୍ନ ରହିଛି, ଦର୍ଶକ ହିଁ ଗଣନା କରେ । ଯିଏ ମଲା ତାର ଯାଏ ଆସେ କେତେ ? ମହାସତୀ ପତିବ୍ରତା ନାରୀ ପତିର ଚିତାରେ ନିଜକୁ ଝାସ ଦେବାକୁ ଯାଉଥିବାବେଳେ ସେ ଅନ୍ୟ କୌଣସି ଆଡ଼େ ଦୃଷ୍ଟି ନ ଦେଇ ଏକାନ୍ତ ଭାବରେ ପତିଚିନ୍ତାରେ ହିଁ ନିମଗ୍ନ ଥାଏ । ସତୀ ନାରୀ ଜଣକ କେତେ ଅଳଙ୍କାର ପିନ୍ଧିଥିଲା, କେଉଁଠି କେଉଁଠି ପିନ୍ଧିଥିଲା, ସେ କିପରି ବେଶଭୂଷା ହୋଇଥିଲା, ସେ ଆଲୋଚନା ଦେଖଣାହାରୀମାନେ ହିଁ କରିଥାଆନ୍ତି । ସେହିଭଳି ଦ୍ରଷ୍ଟା ଆତ୍ମସ୍ୱରୂପଲାଭପୂର୍ବକ ଦୃଶ୍ୟବସ୍ତୁ ସହିତ ଲୀନ ହୋଇଗଲେ, ଇନ୍ଦ୍ରିୟାଦି ସମ୍ପର୍କରେ ତାର କୌଣସି ଅଭିନିବେଶ ରହେନା । ଇନ୍ଦ୍ରିୟଗୁଡ଼ିକ ସକ୍ରିୟ ଅଛନ୍ତି କି ନିଷ୍କ୍ରିୟ ଅଛନ୍ତି ସେ ସମ୍ପର୍କରେ ତାର ଧାରଣା ନଥାଏ । ସମୁଦ୍ର କୂଳରେ ଠିଆହୋଇଥିଲା ଲୋକେ ଭାବନ୍ତି ବଡ଼ ବଡ଼

ତରଙ୍ଗଗୁଡ଼ିକ ଛୋଟ ଛୋଟ ତରଙ୍ଗଗୁଡ଼ିକୁ ଗିଳିପକାଉଛନ୍ତି । କିନ୍ତୁ ବାସ୍ତବରେ କିଏ କାହାକୁ ଗିଳୁଛି ? ସମୁଦ୍ରରେ ଜଳ ବ୍ୟତୀତ କିଛି ନାହିଁ । ମନୁଷ୍ୟ ପୂର୍ଣ୍ଣତାଲାଭ କରିବାପରେ ଅର୍ଥାତ୍ ଆତ୍ମସ୍ୱରୂପରେ ଲୀନ ହୋଇଯିବାପରେ ବିନାଶ କରିବାଭଳି କୌଣସି ଦ୍ୱିତୀୟ ବସ୍ତୁ ଅବଶିଷ୍ଟ ରହେନା ।

ହିରଣ୍ମୟୀ ଦେବୀପ୍ରତିମାଙ୍କ ହାତରେ ଥିବା ଶୂଳ, ସୁନାରେ ତିଆରି ଏବଂ ସୁନାର ମହିଷାସୁରକୁ ସେ ବଧ କରିଥାଆନ୍ତି । ମନ୍ଦିରର ପୂଜକ ତଥା ଭକ୍ତ ନିକଟରେ ପ୍ରତିମା, ଶୂଳ ଓ ଅସୁର-ସଂହାର ସବୁ ଯଥାର୍ଥ ମନେହୋଇଥାଏ । କିନ୍ତୁ ସୁବର୍ଣ୍ଣ ଦୃଷ୍ଟିରୁ ବିଚାର କଲେ ପ୍ରତିମା, ଶୂଳ ଓ ମହିଷାସୁର ତିନୋଟିଯାକ ବସ୍ତୁ ଏକା । ସେହିଭଳି ସୁବର୍ଣ୍ଣମୟକାନ୍ଥରେ ଅଙ୍କିତ ହ୍ରଦ ଓ ଅଗ୍ନି ବାସ୍ତବହ୍ରଦ କିମ୍ବା ଅଗ୍ନି ନୁହଁ । ଖଣ୍ଡିଏ କନା ନେଇ ଏହା ଦେହରେ ଲଗାଇଲେ ଏହା ଓଦା ହେବ ନାହିଁ କିମ୍ବା ପୋଡ଼ିବ ନାହିଁ । କାରଣ ସେହି ହ୍ରଦ ଓ ଅଗ୍ନି ଅବାସ୍ତବ । ସେହିଭଳି ଜ୍ଞାନୀର ଶରୀର ପୂର୍ବଜନ୍ମର ସଂସ୍କାରରୁ କର୍ମରେ ଲିପ୍ତ ହେବାଭଳି ମନେହୁଏ, ଏକଥା ଜାଣି ନ ପାରି ଅଜ୍ଞାନୀମାନେ କହିଥାଆନ୍ତି ଯେ, ଜ୍ଞାନୀ ମଧ୍ୟ କର୍ମଲିପ୍ତ । ବାସ୍ତବରେ ଜ୍ଞାନୀର କର୍ମ ନାହିଁ କିମ୍ବା ସେ କର୍ତ୍ତା ନୁହଁ । ତାର କର୍ମଦ୍ୱାରା ତ୍ରିଲୋକ ଧ୍ୱଂସ ପାଇଲେ ମଧ୍ୟ ତାକୁ କର୍ତ୍ତା ବୋଲି ମନେକରିବା ଠିକ୍ ନୁହଁ । ଅନ୍ଧକାର ଭିତରେ ଆଲୋକ ପ୍ରବେଶ କରିବାମାତ୍ରେ ଅନ୍ଧକାର ଧ୍ୱଂସ ପାଇଥାଏ, ସେତେବେଳେ ଆଉ କୌଣସି କଥା କହିବାର ଅବସର ନ ଥାଏ । ଜ୍ଞାନୀର ତ ଦ୍ୱୈତଭାବ ବୋଲି କାଣିଚାଏ ନଥାଏ, ସେ ବିନାଶ କରିବ କାହାକୁ ? ତା ମନରେ ପାପପୁଣ୍ୟର ପାର୍ଥକ୍ୟ ନଥାଏ । ତା ଦୃଷ୍ଟିରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତା ନିଜ ସ୍ୱରୂପ । ଗଙ୍ଗା ସହିତ ମିଳିତ ହେବାପରେ କୌଣସି ନଦୀର ଅଶୁଦ୍ଧତା ରହେନା । ଅଗ୍ନି, ଅଗ୍ନିକୁ ପ୍ରଜ୍ୱଳିତ କରିପାରେ କି ? ଶସ୍ତ୍ର ନିଜକୁ ଆଘାତ କରିପାରେନା । କର୍ମ ମୋଠାରୁ ଅଲଗା, ଏକଥା ଯିଏ ଜାଣେନା, ତାର ବୁଦ୍ଧିକୁ ଏହି କର୍ମ ସ୍ପର୍ଶ କରିବ କିପରି ? କର୍ତ୍ତା, କର୍ମ ଓ କ୍ରିୟାକୁ ଏହିଭଳି ଭାବରେ ଅପୃଥକ ବୋଲି ବୁଝିଲେ, ଦେହାଦି କର୍ମବନ୍ଧନ ରହେ ନାହିଁ । କର୍ତ୍ତୃତ୍ୱାଭିମାନୀ ଜୀବ ପଞ୍ଚମହାଭୂତର ଖଣିକ୍ର ଖୋଳି ଅତି ନୈପୁଣ୍ୟ ସହିତ

ଦଶଇନ୍ଦ୍ରିୟର ଯନ୍ତ୍ରପାତି ନେଇ କର୍ମମୟ ଗୃହ ନିର୍ମାଣ କରିଥାଏ । ସେ କ୍ଷଣିକ ମଧ୍ୟରେ ନ୍ୟାୟ, ଅନ୍ୟାୟ ତଥା ପାପ ଓ ପୁଣ୍ୟର ସୌଧ ନିର୍ମାଣ କରିଦେଇପାରେ । କିନ୍ତୁ ଏତିକି ମାତ୍ର ଜାଣ ଯେ ତାର କର୍ମଦ୍ୱାରା ଯେତେବଡ଼ ରାଜପ୍ରସାଦ ମୁହୂର୍ତ୍ତକ ମଧ୍ୟରେ ନିର୍ମିତ ହେଉନା କାହିଁକି, ଏହି କର୍ମରେ ଆତ୍ମା ସହାୟକ ନୁହଁ । ତୁମେ ପ୍ରଶ୍ନ କରିପାର ଯେ ଏହି ସୌଧ ନିର୍ମାଣର ଆରମ୍ଭରେ ବା ଯୋଜନା କରିବାରେ ତ ଆତ୍ମା ନିଶ୍ଚୟ ସାହାଯ୍ୟ କରିଥିବ । ଏହାର ଏକମାତ୍ର ଉତ୍ତର ହେଉଚି ଏହି ଯେ, ଯୋଜନାକାର୍ଯ୍ୟରେ ଆତ୍ମା ବିଲ୍‌କୁଲ୍ ସାହାଯ୍ୟ କରି ନଥାଏ । ଆତ୍ମା କେବଳ ସାକ୍ଷୀଭୂତ, ଜ୍ଞାନସ୍ୱରୂପ । ତେଣୁ କର୍ମ, ପ୍ରବୃତ୍ତି ଓ ସଂକଳ୍ପଲାଗି ଏହା ଆଦେଶ କରିବ କିଭଳି ? ଯେଉଁ କର୍ମ ପ୍ରବୃତ୍ତିର ଜାଲରେ ସମଗ୍ର ଜୀବଜଗତ ପଡ଼ିରହିଛି, ସେହି ପ୍ରବୃତ୍ତିର କ୍ଲେଶ ଆତ୍ମାକୁ ସ୍ପର୍ଶ କରି ନଥାଏ । ତେଣୁ ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଆତ୍ମସ୍ୱରୂପ ହୋଇଯାଏ, ସେ କେବେହେଲେ କର୍ମରୂପକ କାରାଗାରରେ ବନ୍ଦୀହୋଇ ରହି ନ ପାରେ । କିନ୍ତୁ ଯେତେବେଳେ ଅଜ୍ଞାନପଟରେ ଅଜ୍ଞାନର ଓଲଟା ଚିତ୍ର ଅଙ୍କିତ ହୁଏ, ସେତେବେଳେ କର୍ତ୍ତା, କର୍ମ ଓ କ୍ରିୟାର ପ୍ରସିଦ୍ଧ ତ୍ରିପୁଟି ଚିତ୍ରିତ ହୋଇଥାଏ ।

ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା ।
କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମସଂଗ୍ରହଃ ॥୧୮॥

ଜ୍ଞାନ, ଜ୍ଞାତା ଓ ଜ୍ଞେୟ ହେଉଚନ୍ତି ସଂସାରର ମୂଳବୀଜ । ଏହି ତ୍ରିପୁଟିର କର୍ମରୁ ପ୍ରବୃତ୍ତିର ଉତ୍ପତ୍ତି । ପୃଥକ୍ ପୃଥକ୍ ଭାବରେ ଏ ତିନୋଟି ବିଷୟକୁ ବର୍ଣ୍ଣନା କରୁଛି ଶୁଣ । ବୀଜରୂପକ ସୂର୍ଯ୍ୟମଣ୍ଡଳର କିରଣରେ ଶ୍ରବଣାଦି ପଞ୍ଚଜ୍ଞାନେନ୍ଦ୍ରିୟ ଯୋଗୁଁ ବିଷୟରୂପକ କମଳକୋରକ ବିକଶିତ ହୋଇଥାଏ । ଅନ୍ୟଭାବରେ କହିବାକୁ ଗଲେ, ଜୀବ ହେଉଛି ରାଜା । ଏହି ରାଜା ବସିଛି ଦେହରୂପକ ଲଗାମଛଡ଼ା ଅଶ୍ୱ ଉପରେ । ଲଗାମ ନାହିଁ ଅଥଚ ରାଜା ହାତରେ ରହିଛି ଇନ୍ଦ୍ରିୟରୂପକ ଚାବୁକ । ଏହି ଚାବୁକର ମାଡ଼ରେ ଶରୀରରୂପୀ ଅଶ୍ୱ ଦୌଡ଼ି ଦୌଡ଼ି ବେଦମ୍ । ସେ ବିଷୟ ବାସନାରୂପକ ପ୍ରଦେଶରେ ପ୍ରବେଶ କରି ସୁଖଦୁଃଖ ଆଦି ବାଟ ଅବାଟରେ ମାଡ଼ିଚାଲେ ।

ସଂକ୍ଷେପରେ କହିବାକୁ ଗଲେ, ଜୀବମାତ୍ରେ ତାର ଇନ୍ଦ୍ରିୟଗୁଡ଼ିକ ମାଧ୍ୟମରେ କର୍ମ କରେ । ଏହି କର୍ମ ମାଧ୍ୟମରେ ଜାଗ୍ରତ ଓ ସ୍ୱପ୍ନାବସ୍ଥାରେ ସେ କେତେବେଳେ ସୁଖଭୋଗ କରେ ତ କେତେବେଳେ ଦୁଃଖଭୋଗ କରେ । କିନ୍ତୁ ତାର ଏହି ସୁଖ ଦୁଃଖର ଅନୁଭୂତି ସୁଷୁପ୍ତିରେ ବିଲୀନ ହୁଏ । ଏହି ସୁଷୁପ୍ତି (ସମାଧି) ଅବସ୍ଥାର ଅନୁଭୂତିକୁ କୁହାଯାଏ ଜ୍ଞାନ । ଯେଉଁ ଜୀବ ଏହା ଅନୁଭବ କରିପାରେ, ସେ ହେଉଛି ଜ୍ଞାତା ଏବଂ ଯାହା ସେ ଅନୁଭବ କରେ, ତାହା ହେଲା ଜ୍ଞେୟ ।

ହେ ପାଣ୍ଡବ ! ତୁମକୁ ପ୍ରଥମେ ମୁଁ ଜ୍ଞାନ କଥା କହୁଛି । କାରଣ ଏହା ଅବିଦ୍ୟା ଗହ୍ୱରରୁ ଉଠି ନିଜର ତ୍ରିବିଧମୂର୍ତ୍ତି ଧାରଣ କରିଥାଏ । ଏହି ଜ୍ଞାନ ହିଁ ସମ୍ମୁଖରେ ଜ୍ଞେୟରୂପକ ପତାକା ଉତ୍ତୋଳନ କରି ପଛରେ ଜ୍ଞାତା ଭାବରେ ଠିଆହୋଇଥାଏ । ସେ ଜ୍ଞାତା ଓ ଜ୍ଞେୟ ଏ ଦୁହିଁଙ୍କ ମଧ୍ୟରେ ଥାଇ ଉଭୟଙ୍କ ସହିତ ସମ୍ପର୍କ ରକ୍ଷା କରିଥାଏ । ଜ୍ଞେୟ ସୀମା ଲଙ୍ଘନ କରିବାମାତ୍ରେ ଜ୍ଞାନର ଦୌଡ଼ ଶେଷ ହୋଇଯାଏ । ଅର୍ଥାତ୍ ଜ୍ଞାନର ଦୌଡ଼ ଜ୍ଞେୟର ସୀମା ପର୍ଯ୍ୟନ୍ତ । ଏହା ବିଭିନ୍ନ ପଦାର୍ଥକୁ ଭିନ୍ନ ଭିନ୍ନ ନାମ ଦେଇଥାଏ ।

ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ– ଏହି ପାଞ୍ଚଟି ହେଉଛି ଜ୍ଞେୟର ଲକ୍ଷଣ । ଏଗୁଡ଼ିକ ମାଧ୍ୟମରେ ଜ୍ଞେୟ ପ୍ରକଟିତ ହୋଇଥାଏ । ଆମ୍ବର ରସ, ବର୍ଣ୍ଣ ଓ ସୁଗନ୍ଧ ପୃଥକ ପୃଥକ ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୋଇଥାଏ । ଜ୍ଞେୟ ବସ୍ତୁ ଏକ ହେଲେ ମଧ୍ୟ ପଞ୍ଚଜ୍ଞାନେନ୍ଦ୍ରିୟ ଦ୍ୱାରା ପାଞ୍ଚ ପ୍ରକାରରେ ଅଭିବ୍ୟକ୍ତ ହୁଏ ।

ନଦୀର ପ୍ରବାହ ସମୁଦ୍ରରେ ପଡ଼ିଲେ ଏହା ଶେଷ ହୋଇଯାଏ । ଲକ୍ଷ୍ୟସ୍ଥଳରେ ପହଞ୍ଚିବାପରେ ଯାତ୍ରା ଶେଷ ହୁଏ । ଧାନ ଫଳିବାପରେ ଗଛ ଆଉ ବଢ଼େ ନାହିଁ । ସେହିଭଳି ଇନ୍ଦ୍ରିୟମାର୍ଗରେ ଜ୍ଞାନ ଦୌଡ଼ି ଦୌଡ଼ି ନିଜର ସୀମା ବା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ସେ ଜ୍ଞେୟ ନାମରେ ପରିଚିତ ହୁଏ । ଜ୍ଞାନ, ଜ୍ଞେୟ ଓ ଜ୍ଞାତା ଏହି ତିନୋଟିରୁ (ତ୍ରିପୁଟ) ସମସ୍ତ କ୍ରିୟା ଓ ଶବ୍ଦାଦି ବିଷୟ ଉତ୍ପନ୍ନ ହୋଇଥାଏ । ଏହି କ୍ରିୟା ଓ ବିଷୟ ପ୍ରିୟ ହୋଇପାରେ, ଅପ୍ରିୟ ମଧ୍ୟ ହୋଇପାରେ । ଜ୍ଞେୟ ସାମାନ୍ୟ ବା ଅତି ଅଳ୍ପଜ୍ଞାନ ଉପସ୍ଥାପନ କରିବାମାତ୍ରେ ଜ୍ଞାତା ଏହାକୁ ଗ୍ରହଣ କରିଥାଏ କିମ୍ବା ତ୍ୟାଗ କରିଥାଏ । ମାଛକୁ ଦେଖିବାମାତ୍ରେ

ବଗ, ଧନରତ୍ନ ଦେଖିବାମାତ୍ରେ ଦରିଦ୍ରଲୋକ, ସୁନ୍ଦରୀ ଯୁବତୀ ଦେଖିବାମାତ୍ରେ କାମୁକ ପୁରୁଷ ଯେପରି ବିଚଳିତ ହୋଇଉଠେ ଏବଂ ତାକୁ ପାଇବାପାଇଁ ପ୍ରାଣପଣେ ଉଦ୍ୟମ କରେ, ଜ୍ଞେୟପ୍ରତି ଜ୍ଞାତାର ଭାବ ମଧ୍ୟ ତଦନୁରୂପ । ଉଚ୍ଚ ସ୍ଥାନରୁ ପାଣି ତୁରନ୍ତ ତଳକୁ ଗଡ଼ିଆସେ । ଫୁଲର ସୁବାସ ଭ୍ରମରକୁ ଆକୃଷ୍ଟ କରେ । ସଂଧ୍ୟା ହେବାଦେଖି ଖୁଣ୍ଟିରେ ବନ୍ଧା ହୋଇଥିବା ବାଛୁରୀକୁ ଫିଟାଇଦେବା ମାତ୍ରେ ସେ କ୍ଷିପ୍ରଗତିରେ ମାଆ ପାଖକୁ ଦୌଡ଼ିଯାଏ । ଉର୍ବଶୀ, ମେନକା ପ୍ରଭୃତି ଅପ୍‌ସରୀମାନଙ୍କ ରୂପ ଲାବଣ୍ୟର ବର୍ଣ୍ଣନା ଶୁଣିବା ମାତ୍ରେ ମନୁଷ୍ୟର ମନ ସ୍ୱର୍ଗଲାଭ ଲାଗି ଯାଗଯଜ୍ଞର ନିଶୁଣି ନିର୍ମାଣ କରିବାରେ ଲାଗିଯାଏ । ମେଘ ଗର୍ଜନ ଶୁଣି ମୟୂର ଆକାଶ ଆଡ଼କୁ ଛୁଟିଯାଏ । ସେହିଭଳି ଜ୍ଞାତା ଅତି ବ୍ୟାକୁଳ ଭାବରେ ଜ୍ଞେୟ ଆଡ଼କୁ ଛୁଟେ । କପୋତ ଆକାଶରେ ବହୁ ଉଚ୍ଚରେ ଉଡୁଥିଲେ ମଧ୍ୟ ତଳେ କପୋତକୁ ଦେଖିବା ମାତ୍ରେ ତଳକୁ ଖସିଆସେ ।

ହେ ଅର୍ଜୁନ ! ଆହୁରି ଥରେ କହୁଛି ଯେ ସମସ୍ତ କର୍ମ ପ୍ରବୃତ୍ତିର ମୂଳ ହେଉଛି ଜ୍ଞାନ, ଜ୍ଞେୟ ଓ ଜ୍ଞାତା । ଭାଗ୍ୟବଶତଃ ଜ୍ଞେୟ ପରି ଜ୍ଞାତାର ପ୍ରିୟ ହୋଇଉଠେ ତ ଜ୍ଞାତା ଏହାକୁ ଉପଭୋଗ କରିବା ଲାଗି କ୍ଷଣେ ସୁଦ୍ଧା ଅପେକ୍ଷା କରିପାରେନା । ସଙ୍ଗେ ସଙ୍ଗେ ଏହାକୁ ଉପଭୋଗ କରିବାକୁ ଦୌଡ଼ିଯାଏ ସେ । ସେହିଭଳି ଜ୍ଞେୟ ଯଦି ଅପ୍ରିୟ ହୋଇ ଉଠେ, ଏହାକୁ ତ୍ୟାଗ କରିବାକୁ ତାର ତର ସହେନା । ତ୍ୟାଗ କରିବା ଲାଗି ଯେଉଁ ଟିକକ ସମୟ ଲାଗେ, ଜ୍ଞାତା ପକ୍ଷରେ ତାହା ଯୁଗ ଯୁଗ ଭଳି ମନେହୁଏ । ପାପକୁ ଦେଖିବା ମାତ୍ରେ ମନରେ ଯେପରି ଭୟ ଏବଂ ରତ୍ନହାର ପାଇଯିବା ମାତ୍ରେ ଯେପରି ଆନନ୍ଦ ଉଦୟ ହୁଏ, ସେହିଭଳି ପ୍ରିୟ ଓ ଅପ୍ରିୟ ବସ୍ତୁକୁ ଜ୍ଞେୟ ଦେଖିବା ମାତ୍ରେ ଜ୍ଞାତାର ଭଲ ମନ୍ଦ ଉଭୟ ଭାବ ଜାତ ହୋଇଥାଏ । ସେ ସବୁବେଳେ ଚେଷ୍ଟା କରିଥାଏ ପ୍ରିୟକୁ ଗ୍ରହଣ କରି, ଅପ୍ରିୟ ତ୍ୟାଗ କରିବା ଲାଗି । ସମାସ୍କନ୍ଧ ପ୍ରତିଯୋଦ୍ଧାକୁ ଦେଖିବା ମାତ୍ରେ ମଲ୍ଲବୀର ଯୁଦ୍ଧ କରିବାଲାଗି ରଥତ୍ୟାଗ କରି ତଳକୁ ଖସି ଆସିଥାଏ ଏବଂ ପାଦରେ ଚାଲି ଚାଲି ସେହି ଯୋଦ୍ଧା ପାଖକୁ ଯାଇଥାଏ । ସେହିଭଳି ଜ୍ଞାତା ହିଁ କର୍ମ ଓ କର୍ତ୍ତା ହୁଏ । ଯିଏ ନିଜର ଜ୍ଞାତୃତ୍ୱ ଯୋଗୁଁ କେବଳ ଜ୍ଞାତା

ପଦବାଚ୍ୟ, ସେ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ କର୍ତ୍ତା ପଦବାଚ୍ୟ ହୁଏ । ଯିଏ ଭୋଜନ କରେ, ତାକୁ ମଧ୍ୟ ଥରେ ଥରେ ରାନ୍ଧିବାକୁ ପଡ଼ିଥାଏ । ଭ୍ରମର ଉଦ୍ୟାନ ନିର୍ମାଣ କରିବା ଭଳି, ସୁନାକୁ ପରଖୁଥିବା କଷଟିପଥର ନିଜେ ସୁନା ପାଲଟିବା ଭଳି, ଦେବତା ନିଜ ପାଇଁ ମନ୍ଦିର ନିର୍ମାଣ କରିବା ଭଳି, ଜ୍ଞେୟବିଷୟକୁ ସ୍ୱୀକାର କରିବା କିମ୍ବା ତ୍ୟାଗ କରିବା ଦିଗରେ ଜ୍ଞାତା ନିଜ ଇନ୍ଦ୍ରିୟଗୁଡ଼ିକୁ କାମରେ ଲଗାଇଥାଏ ଏବଂ ଏହି ସମୟରେ ଜ୍ଞାତା ହିଁ କର୍ତ୍ତା ପାଲଟିଯାଏ । ସେ ନିଜେ କର୍ତ୍ତା ହୋଇ ଜ୍ଞାନକୁ କାରଣ ଏବଂ ଜ୍ଞେୟକୁ କାର୍ଯ୍ୟରେ ପରିଣତ କରେ ।

ହେ ସୁନୀତି ଅର୍ଜୁନ ! ଏହିଭଳି ଭାବରେ ଜ୍ଞାନର ନିଜ ଗତି ପରିବର୍ତ୍ତିତ ହୁଏ । ରାତି ଯେପରି ନେତ୍ରର ଶୋଭା ବଦଳାଇ ଦିଏ ଏବଂ ପ୍ରାରବ୍ଧ ପ୍ରତିକୂଳ ହେବାରେ ଭାଗ୍ୟ ବିପର୍ଯ୍ୟୟରୁ ଧନସମ୍ପନ୍ନ ବ୍ୟକ୍ତିର ବୈଭବ ଯେପରି ନଷ୍ଟ ହୋଇଯାଏ, ପୂର୍ଣ୍ଣମୀ ପରେ ଚନ୍ଦ୍ରମଣ୍ଡଳର ଯେପରି ପରିବର୍ତ୍ତନ ହୋଇଥାଏ ଏବଂ ଚନ୍ଦ୍ରାଲୋକ କ୍ଷୟପ୍ରାପ୍ତ ହୋଇଯାଏ, ସେହିଭଳି ଇନ୍ଦ୍ରିୟବଶତଃ ଜ୍ଞାତା କର୍ତ୍ତୃତ୍ୱ ଜାଲରେ ଆବଦ୍ଧ ହୋଇ ପଡ଼ିଥାଏ । ଏହି ଅବସ୍ଥା କିପରି ଘଟେ ସେ କଥା ତୁମକୁ କହୁଛି ।

ବୁଦ୍ଧି, ଚିତ୍ତ, ମନ ଓ ଅହଙ୍କାର ଏଗୁଡ଼ିକ ହେଉଛନ୍ତି ଅନ୍ତରେନ୍ଦ୍ରିୟ । ଚକ୍ଷୁ, ନାସା, କର୍ଣ୍ଣ, ଜିହ୍ୱା ଓ ତ୍ୱକ୍ ଏଗୁଡ଼ିକ ହେଉଛନ୍ତି ବହିରେନ୍ଦ୍ରିୟ । ଅନ୍ତରେନ୍ଦ୍ରିୟ ଦ୍ୱାରା କର୍ତ୍ତା ନିଜ କର୍ତ୍ତବ୍ୟ ନିର୍ଦ୍ଧାରଣ କରିଥାଏ । ଯେତେବେଳେ ସେ ନିଶ୍ଚିତ ଭାବରେ ଜାଣିପାରେ ଯେ ଏହି କର୍ତ୍ତବ୍ୟ ଦ୍ୱାରା ସୁଖ ମିଳିବ, ସେତେବେଳେ ସେ ଚକ୍ଷୁ, ନାସା ଆଦି ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ କାମରେ ଲଗେଇଦିଏ । କାର୍ଯ୍ୟ ସମ୍ପନ୍ନ ହେବା ପର୍ଯ୍ୟନ୍ତ ଇନ୍ଦ୍ରିୟଗୁଡ଼ିକ ବିଷୟବୁଦ୍ଧିରେ ଲାଗି ରହିଥାଆନ୍ତି । ଯଦି ଫଳ ଦୁଃଖମୟ ହୁଏ, ସେ ବିଷୟ ତ୍ୟାଗ କରିବାଲାଗି ଇନ୍ଦ୍ରିୟଗୁଡ଼ିକ ଉଦ୍‌ବୁଦ୍ଧ କରିଥାଏ । ଦୁଃଖ ନିର୍ମୂଳ ନହେବା ପର୍ଯ୍ୟନ୍ତ ଦିନରାତି କର୍ମ ଶେଷ ହୁଏନା । ପବନ ଯେଉଁଆଡ଼ିକି ବହେ, ତଷୁ ସେହି ଆଡ଼ିକି ଉଡ଼ିଯାଏ । ସେହିଭଳି ଜ୍ଞାତାର ତ୍ୟାଗ ଓ ସ୍ୱୀକାର ଅନୁସାରେ ଇନ୍ଦ୍ରିୟର ପ୍ରବୃତ୍ତି ହେଲେ, ଜ୍ଞାତାକୁ କର୍ତ୍ତା କୁହାଯାଏ । ଜମି ମାଲିକ ବିଲ କାମରେ ମୂଲିଆକୁ ନିଯୁକ୍ତ କରିବା ଭଳି ଇନ୍ଦ୍ରିୟ

ସମସ୍ତ କାର୍ଯ୍ୟରେ କର୍ତ୍ତାକୁ ଲଗେଇ ରଖେ । ସେଥିଲାଗି ଇନ୍ଦ୍ରିୟକୁ କରଣ ବା ସାଧନ କୁହାଯାଏ । ଏହି କରଣ ବା ସାଧନାଦ୍ୱାରା କର୍ତ୍ତା ଯେଉଁ କ୍ରିୟା କରେ ଏହାର ବ୍ୟାପ୍ତି ହେଉଛି କର୍ମ । ସ୍ୱର୍ଣ୍ଣକାରର ବୁଦ୍ଧିଦ୍ୱାରା ଅଳଙ୍କାର ବ୍ୟାପ୍ତ ହୁଏ । ଚନ୍ଦ୍ର କିରଣରେ ବ୍ୟାପ୍ତ ହୁଏ ଚନ୍ଦ୍ରିକା । ସୌନ୍ଦର୍ଯ୍ୟ ଦ୍ୱାରା ଶ୍ରୀଫଳ ବ୍ୟାପ୍ତି । ପ୍ରଭା ଦ୍ୱାରା ବ୍ୟାପ୍ତ ହୁଏ ପ୍ରକାଶ । ହେ ପାଣ୍ଡବ ! ସେହି କର୍ତ୍ତାର କ୍ରିୟା ଦ୍ୱାରା ଯାହା ବ୍ୟାପ୍ତ ହୁଏ ତାର ନାମ କର୍ମ ।

ହେ ଜ୍ଞାନଶ୍ରେଷ୍ଠ ପାର୍ଥ ! ତୁମକୁ କର୍ତ୍ତା, କର୍ମ ଓ କରଣର ଲକ୍ଷଣ କହିଲି । ଜ୍ଞାତା, ଜ୍ଞାନ ଓ ଜ୍ଞେୟ ଏ ତିନିହେଁ ହେଉଛନ୍ତି କର୍ମପ୍ରବୃତ୍ତିର ମୂଳ । କର୍ତ୍ତା, କରଣ ଓ କାର୍ଯ୍ୟର ସାହଚର୍ଯ୍ୟ ହେଉଛି କର୍ମ । ଅଗ୍ନି ଭିତରେ ଧୂମ, ବୀଜ ଭିତରେ ବୃକ୍ଷ, ମନ ଭିତରେ ସଙ୍କଳ୍ପ ଓ ବିକଳ୍ପ ଲୁଚି ଛପି ଜମାଟ ବାନ୍ଧି ରହିଥାଏ । ସେହିଭଳି କର୍ତ୍ତା, କ୍ରିୟା ଓ କରଣ ହେଉଛନ୍ତି କର୍ମର ଜୀବନ । ଏହି ତିନୋଟି ଭିତରେ କର୍ମ ଲୁଚି ରହିଥାଏ । ଖଣି ଭିତରେ ଲୁଚି ରହିଥାଏ ସ୍ୱର୍ଣ୍ଣ । ତେଣୁ ହେ ଅର୍ଜୁନ ! ଯେଉଁଠି "ଏଇଟି ହେଉଛି କାର୍ଯ୍ୟ, ମୁଁ ଏହାର କର୍ତ୍ତା" – ଏହି ଭାବନା ରହିଥାଏ, ସେହି ଭାବନାର ପୀଠଠାରୁ ଆତ୍ମା ଦୂରରେ ଅବସ୍ଥାନ କରିଥାଏ । ଆତ୍ମା ସର୍ବଦା ନିର୍ଲିପ୍ତ । ହେ ଅର୍ଜୁନ ! ମୁଁ ତୁମକୁ ବାରମ୍ବାର କହି ଆସିଚି ଯେ ଆତ୍ମା କର୍ମଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ।

ଜ୍ଞାନଂ କର୍ମ ଚ କର୍ତ୍ତା ଚ ତ୍ରିଧୈବ ଗୁଣଭେଦତଃ ।
ପ୍ରୋଚ୍ୟତେ ଗୁଣସଂଖ୍ୟାନେ ଯଥାବଚ୍ଛୃଣୁତାନ୍ୟପି ॥୧୯॥

ଜ୍ଞାନ, କର୍ମ ଓ କର୍ତ୍ତା ତ୍ରିଗୁଣଭେଦରେ ତ୍ରିବିଧ । ହେ ଧନଞ୍ଜୟ ! ଏଗୁଡ଼ିକ ବିଶ୍ୱାସଯୋଗ୍ୟ ନୁହଁନ୍ତି । ଏଥିରୁ ଦୁଇଟି ଗୁଣ ଜୀବକୁ ସଂସାର ବନ୍ଧନରେ ବାନ୍ଧି ରଖନ୍ତି । ତୃତୀୟ ଗୁଣଟି ସାତ୍ତ୍ୱିକ । ଏହା ମୁକ୍ତିର ସହାୟକ । ଗୁଣଭେଦକୁ ସାଂଖ୍ୟଶାସ୍ତ୍ରରେ ଭଲ ଭାବରେ ବିଶ୍ଳେଷଣ କରାଯାଇଛି । ସାଂଖ୍ୟଶାସ୍ତ୍ର ହେଉଛି ବିଚାର ବୁଦ୍ଧିର ସାଗର ସ୍ୱରୂପ । ଏହା ଆତ୍ମବୋଧରୂପକ କୁମୁଦିନୀର କୌମୁଦୀ । ଜ୍ଞାନଦାତା ଭାବରେ ଯେତେ ଶାସ୍ତ୍ର ଅଛି, ସାଂଖ୍ୟ ଶାସ୍ତ୍ର ହେଉଛି ସେମାନଙ୍କ ମଧ୍ୟରେ ସମ୍ରାଟ । ସୂର୍ଯ୍ୟ ଯେପରି ଦିନଠାରୁ ରାତିକୁ ଅଲଗା କରି

ଦେଖେଇ ଦେଇପାରେ, ସେହିଭଳି ସାଂଖ୍ୟଶାସ୍ତ୍ର ପ୍ରକୃତି ଓ ପୁରୁଷକୁ ସ୍ୱତନ୍ତ୍ର ଭାବରେ ଏବଂ ସ୍ପଷ୍ଟ ଭାବରେ ଦେଖେଇ ଦେଇଥାଏ । ଏହା ଚବିଶଟି ତତ୍ତ୍ୱରୂପକ ମାପକାଠିରେ ଅପରିମିତ ଅଜ୍ଞାନ ଓ ମୋହକୁ ସୁଦ୍ଧା ମାପି ଦେଖାଇ ଦେଇପାରେ । ସେହି ସାଂଖ୍ୟ ମତାନୁସାରେ ମୁଁ ଗୁଣଭେଦ କଥା ତୁମକୁ କହିଲି । ଏହି ତିନିଗୁଣ ନିଜ ନିଜ ରଙ୍ଗ ଦ୍ୱାରା ତ୍ରିରଙ୍ଗରେ ସମଗ୍ର ଦୃଶ୍ୟଜଗତକୁ ରଞ୍ଜିତ କରିଛନ୍ତି । ଏମାନଙ୍କ ମହିମା ଏପରି ଯେ, ଏମାନେ ସୃଷ୍ଟିର ଆଦି ବ୍ରହ୍ମାଠାରୁ ଆରମ୍ଭ କରି ସର୍ବଶେଷ କୀଟ ପର୍ଯ୍ୟନ୍ତ ସମସ୍ତେ ଏହି ଗୁଣଭେଦ ଯୋଗୁଁ ତ୍ରିବିଧ ହୋଇପଡ଼ିଛନ୍ତି । ଯିଏ ଏହି ସମଗ୍ର ବିଶ୍ୱକୁ ପୃଥକ୍ ଭାବରେ ସୃଷ୍ଟି କରିଛି, ସିଏ ନିଜେ କିପରି ଗୁଣଭେଦରେ ଜଡ଼ିତ— ସେହି ନିର୍ମଳଜ୍ଞାନ ସମ୍ପର୍କରେ ମୁଁ ବର୍ତ୍ତମାନ କହିବି । ଦୃଷ୍ଟି ନିର୍ମଳ ଥିଲେ, ସମସ୍ତ ବସ୍ତୁ ନିର୍ମଳ ଦେଖାଯାଏ । ସେହିଭଳି ଶୁଦ୍ଧ ଜ୍ଞାନଦ୍ୱାରା ସମସ୍ତ ପଦାର୍ଥ ଶୁଦ୍ଧବୋଧ ହୋଇଥାଏ । କୈବଲ୍ୟ ଗୁଣନିଧାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, ବର୍ତ୍ତମାନ ତୁମେ ସାତ୍ତ୍ୱିକ ଜ୍ଞାନ କଥା ଶ୍ରବଣ କର ।

ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ ।
ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ॥୨୦॥

ହେ ଅର୍ଜୁନ ! ଶୁଦ୍ଧଜ୍ଞାନର ଉଦୟ ମାତ୍ରେ ଜ୍ଞାତା ଓ ଜ୍ଞେୟ ବିଦାୟ ନେଇଥାଆନ୍ତି । ସୂର୍ଯ୍ୟୋଦୟ ମାତ୍ରେ ଅନ୍ଧକାର ଚାଲିଯାଏ । ନଦୀ ସମୁଦ୍ରର ଆକାର ପ୍ରକାର ଜାଣେନା । ନିଜର ପ୍ରତିବିମ୍ବକୁ କେହି ଆଲିଙ୍ଗନ କରିପାରେନା । ଶୁଦ୍ଧଜ୍ଞାନଦ୍ୱାରା ଶଙ୍କରଠାରୁ ଆରମ୍ଭ କରି ସମଗ୍ର ଚରାଚର ଅଭିନ୍ନ ଦେଖାଯାଏ । ରଙ୍ଗଦ୍ୱାରା ସଦ୍ୟ ଅଙ୍କିତ ଚିତ୍ରକୁ ହାତରେ ପୋଛିଦେଲେ, ଲୁଣକୁ ଜଳ ଦ୍ୱାରା ଧୋଇଲେ, ସ୍ୱପ୍ନ ଦେଖୁ ଦେଖୁ ଚେଇଁଉଠିଲେ, ଚିତ୍ର, ଲୁଣ କିମ୍ବା ସ୍ୱପ୍ନ ରହେନା । ସେହିଭଳି ଶୁଦ୍ଧଜ୍ଞାନରେ ଜ୍ଞାତା, ଜ୍ଞେୟ ଓ ଜ୍ଞାନ ବିଲୀନ ହୁଅନ୍ତି । ଅଳଙ୍କାରକୁ ତରଲେଇଲେ ମଧ୍ୟ ଏଥିରୁ ସ୍ୱର୍ଣ୍ଣକୁ ପୃଥକ୍ କରାଯାଏନା । ଜଳକୁ ଛାଣି ତରଙ୍ଗକୁ ପୃଥକ କରିବା ଅସମ୍ଭବ । ସେହିଭଳି ଯେଉଁ ଜ୍ଞାନଠାରୁ କୌଣସି ଦୃଶ୍ୟବସ୍ତୁ ଭିନ୍ନ ଦେଖାଯାଏନା, ସେହି ଜ୍ଞାନ ପୂର୍ଣ୍ଣତଃ ସାତ୍ତ୍ୱିକ । କୌତୂହଳବଶତଃ ଦର୍ପଣ ପାଖରେ ଠିଆହେଲେ ଦ୍ରଷ୍ଟା କେବଳ ନିଜର ପ୍ରତିବିମ୍ବକୁ

ହିଁ ଦେଖିଥାଏ । ତେଣୁ ହେ ଅର୍ଜୁନ ! ଜ୍ଞେୟର ନାମଗନ୍ଧକୁ ପୋଛିଦେଇ ଯେଉଁ ଜ୍ଞାନ ନିଜେ ଜ୍ଞାତା ହୋଇଉଠେ ଏବଂ ଯେଉଁ ଜ୍ଞାନ ମୋକ୍ଷଲକ୍ଷ୍ମୀଙ୍କ ମନ୍ଦିର, ତାହା ହେଉଚି ସାତ୍ତ୍ୱିକ ଜ୍ଞାନ । ଏ ସମ୍ପର୍କରେ ବହୁତ କୁହାଗଲାଣି । ଏବେ ତୁମକୁ ରାଜସଜ୍ଞାନର ଲକ୍ଷଣ କୁହାଯିବ ।

ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ ପୃଥକ୍‌ବିଧାନ୍ ।
ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ ॥୨୧॥

ହେ ଅର୍ଜୁନ ! ଯେଉଁ ଜ୍ଞାନ ଭେଦଭାବକୁ ଆଶ୍ରୟ କରି ଅଗ୍ରସର ହୋଇଥାଏ, ତାହା ହେଉଛି ରାଜସ । ଭୂତ ମାତ୍ରେ ଗୋଟିଏ ଭେଦଭାବରୁ ଅସଂଖ୍ୟ ଭେଦଭାବ ସୃଷ୍ଟି କରି ଜ୍ଞାତାକୁ ଭ୍ରମରେ ପକାଇଥାଏ । ଫଳରେ ଜ୍ଞାନ ବିଚିତ୍ର ରୂପ ଧାରଣ କରେ । ଏହି ରାଜସଜ୍ଞାନ ସତ୍ୟସ୍ୱରୂପ ଉପରେ ବିସ୍ମୃତିର ଆବରଣ ଦେଇ ଜୀବକୁ ନିଦ୍ରା, ସ୍ୱପ୍ନ ଓ କଷ୍ଟ ଅନୁଭବ କରାଏ ଏବଂ ଆତ୍ମଜ୍ଞାନମନ୍ଦିରର ବାହାରେ ମିଥ୍ୟା ମୋହର ଚକ୍ର ଭିତରକୁ ଠେଲିଦେଇ ଜାଗୃତି, ସ୍ୱପ୍ନ ଓ ସୁଷୁପ୍ତିର ଖେଳ ଦେଖାଏ । ଏହି ଅଳଙ୍କାର ଭିତରେ ସୁନା ଅଛି କହିଲେ ଛୋଟପିଲାର ବିଶ୍ୱାସ ହୁଏନା । ସେହିଭଳି ଯେଉଁ ଜ୍ଞାନରେ ନାମ ଓ ରୂପର ଜ୍ଞାନ ହୁଏ କିନ୍ତୁ ଅଦ୍ୱୈତ ଜ୍ଞାନ ଦୂରରେ ରହେ, ତାହା ହେଉଛି ରାଜସଜ୍ଞାନ । ଅର୍ଥାତ୍ ରାଜସ ଜ୍ଞାନରେ ମନୁଷ୍ୟ ଭଗବାନଙ୍କ ନାମ ଓ ରୂପରେ ହିଁ ଅଟକି ରହେ, ଆତ୍ମସତ୍ତା ସହିତ ତାର ପରିଚୟ ହୋଇପାରେନା । ସେହି ଏକ ମାଟିଦ୍ୱାରା ହିଁ ଘଟ ନିର୍ମିତ ହୋଇଥିବା କଥାବ୍ୟକ୍ତି ବୁଝିପାରେନା । ସେ ଭାବେ ମୃତ୍ତିକା ଓ ଘଟ ଅଲଗା ଅଲଗା ବସ୍ତୁ । ଦୀପକୁ ଦେଖିବାମାତ୍ରେ ତାର ଦୀପଶିଖା ଭିତରେ ଅଗ୍ନିଥିବା କଥା ସେ ଜାଣିପାରେନା । ବସ୍ତ୍ରରେ ସୂତା ଅଛି ବୋଲି ଅଜ୍ଞଲୋକର ଆଖିରେ ଧରାପଡ଼େନା । ଚିତ୍ରକୁ ଦେଖି ଏହା ଏକ ପଟ ଉପରେ ଯେ ଚିତ୍ରିତ, ଏ କଥା ସେ ଜାଣିପାରେନା । ରାଜସ ଜ୍ଞାନର ବଶବର୍ତ୍ତୀ ହେବାରେ ଭିନ୍ନ ଭିନ୍ନ ରୂପକୁ ଦେଖି ମନୁଷ୍ୟର ଏକତାବୋଧ ଲୋପ ପାଇଯାଏ । ଇନ୍ଧନର ଆକାର ଅନୁଯାୟୀ ଅଗ୍ନି ଭିନ୍ନ ଭିନ୍ନ ରୂପ ଧାରଣ କରେ ।

ଫୁଲ ଅଲଗା ଅଲଗା ହେଲେ ଗନ୍ଧ ମଧ୍ୟ ଅଲଗା ଅଲଗା ବୁଝାଯାଏ । ଅଲଗା ଅଲଗା ଜଳାଶୟରେ ଛୋଟ ବଡ଼ ତରଙ୍ଗ ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ମଧ୍ୟ ଛୋଟ ବଡ଼ ଦେଖାଯାଏ । ଠିକ୍ ସେହିଭଳି ଯେଉଁ ଜ୍ଞାନ ପୃଥକ୍ ପୃଥକ୍ ଭାବଦ୍ୱାରା ପଦାର୍ଥର ଛୋଟ ଓ ବଡ଼ ଆକାର ଅନୁସାରେ ଏହାକୁ ଛୋଟବଡ଼ ଆଦି ଶ୍ରେଣୀବିଭାଗ କରିଥାଏ, ତାହା ହେଉଚି ରାଜସଜ୍ଞାନ । ନୃଶଂସଠାରୁ ଆତ୍ମରକ୍ଷା କରିବାକୁ ହେଲେ ସେ କେଉଁଠି ରହେ, କାହା ସହିତ ମିଳାମିଶା କରେ, ତାହା ବୁଝିନେବା ଉଚିତ । ସେହିଭଳି ତାମସଜ୍ଞାନର ଲକ୍ଷଣକୁ ମଧ୍ୟ ଜାଣିରଖିବା ଉଚିତ । ମୁଁ ଏହାପରେ ତାମସ ଜ୍ଞାନର ଲକ୍ଷଣ କହିବି, ମନଦେଇ ଶୁଣ ।

ଯତ୍ ତୁ କୃତ୍ସ୍ନକଦେବସ୍ମିନ୍‌କାର୍ଯ୍ୟେ ସକ୍ତମହୈତୁକମ୍ ।
ଅତତ୍ତ୍ୱାର୍ଥବଦଳ୍ପଂ ଚ ତତ୍ ତାମସମୁଦାହୃତମ୍ ।।୨୨।।

ହେ ଅର୍ଜୁନ ! ଯେଉଁ ଜ୍ଞାନ ଶାସ୍ତ୍ରାନୁମୋଦିତ ବିଧିବିଧାନରୂପକ ବସ୍ତ୍ର ପିନ୍ଧେ ନାହିଁ, (ଅର୍ଥାତ୍ ଯେଉଁ ଜ୍ଞାନ ଶାସ୍ତ୍ରକୁ ମାନେ ନାହିଁ) ଫଳରେ ଉଲଗ୍ନ ରହେ, ତା ପ୍ରତି ସଦାଚାରିଣୀ ବେଦମାତା ଭୁଲ୍‌ରେ ସୁଦ୍ଧା ଦୃଷ୍ଟି ଦେଇ ନଥାଆନ୍ତି । କାରଣ ଏହି ଜ୍ଞାନକୁ ଅପବିତ୍ର ମନେ କରାଯାଇଥାଏ । ଶାସ୍ତ୍ର ବହିଷ୍କାର କରିଥିବାରୁ ଯେଉଁ ଜ୍ଞାନ ନିନ୍ଦାକୁ ମଧ୍ୟ ଖାତିର କରି ନଥାଏ, ଏପରି ଜ୍ଞାନକୁ ଶାସ୍ତ୍ର ଅପବିତ୍ର ମନେକରିଥାଏ । ଏଭଳି ଜ୍ଞାନକୁ ମ୍ଳେଚ୍ଛ-ଜ୍ଞାନ କୁହାଯାଇଥାଏ । ଏହା ଧର୍ମବିରୋଧୀ । ହେ ଅର୍ଜୁନ ! ଏ ପ୍ରକାରର ଜ୍ଞାନ ତମୋଗୁଣରୂପକ ପିଶାଚଦ୍ୱାରା ଆବିଷ୍ଟ ହେବା ଯୋଗୁଁ ପାଗଳଙ୍କ ଭଳି ଇତସ୍ତତଃ ଭ୍ରମିଥାଏ । ତେଣୁ ଏହାକୁ କୁହାଯାଏ ତାମସଜ୍ଞାନ । ଏହି ଜ୍ଞାନ ବିଧିନିଷେଧ ମାନି ନ ଥାଏ । ଖାଦ୍ୟର ଅଭାବ ଘଟିଲେ ଭୋକିଲା କୁକୁର, ଯାହା ଗିଳିପାରେନା ଏବଂ ଯାହା ଭୀଷଣ ରାଗ, ସେ ଧରଣର ଖାଦ୍ୟ ବ୍ୟତୀତ ସବୁ ଖାଇଥାଏ । ଏହି ଜ୍ଞାନ, ମୂଷାଙ୍କ ଭଳି ଆଚରଣ କରିଥାଏ । ମୂଷା ସୁନା ଅଳଙ୍କାର ଚୋରି କରି ସଙ୍ଗେ ସଙ୍ଗେ ତା ଗାତକୁ ନେଇଯାଇଥାଏ । ସୁନା ଭଲ କି ମନ୍ଦ ସେ ବିଚାର ତାର ନଥାଏ । ଯିଏ ଅତି ମାଂସାଶୀ, ସେ ମାଂସ ଭଲ କି ମନ୍ଦ ବିଚାର କରି ପାରେନା । ଦାବାନଳ ଇଏ କେଉଁ ଗଛ, କେଉଁ ଗଛର ମୂଲ୍ୟ କେତେ ବିଚାର କରି ଜାଳି

ନଥାଏ । ମାଛି ସମସ୍ତଙ୍କ ଦେହରେ ବସେ, ମୃତ କି ଜୀବିତ ସେ ବିଚାର ତାର ନଥାଏ । ଭାତ ଭଲ ଭାବରେ ରନ୍ଧା ହୋଇଚି କି ନାହିଁ, ଏହା ବଡ଼ା ହୋଇଛି କି ନାହିଁ, ଏହା ତଟକା କି ବାସି, ସେ ବିଚାର କୁଆର ନଥାଏ । ସେହିଭଳି ଯେଉଁ ଜ୍ଞାନ ବିଷୟପଙ୍କରେ ଲିପ୍ତଥାଇ ନିଷିଦ୍ଧ ଓ ବିହିତ କର୍ମପ୍ରତି ବିଚାରହୀନ ଏବଂ ଉପସ୍ଥିତ ଯେକୌଣସି ବିଷୟର ସେବାପରାୟଣ, ଯିଏ ସ୍ତ୍ରୀର କଥାକୁ ଶିରୋଧାର୍ଯ୍ୟ କରି ବସ୍ତୁ ଉପରେ ଗୁରୁତ୍ୱ ଦିଏ, ତାହା ହିଁ ତାମସଜ୍ଞାନ । ତାମସଜ୍ଞାନ ତୃଷାତୁର ଜୀବକୁ ଯେକୌଣସି ଜଳ ଯୋଗାଇଥାଏ । ଜଳ ନିର୍ମଳ କି ଅନିର୍ମଳ, ପବିତ୍ର କି ଅପବିତ୍ର, ପେୟ କି ଅପେୟ, ନିନ୍ଦ୍ୟ କି ଅନିନ୍ଦ୍ୟ, ତାର ବିଚାର କରିବାକୁ ସୁଯୋଗ ଦିଏନାହିଁ । ରସନାକୁ ତୃପ୍ତିକର ଯେକୌଣସି ବସ୍ତୁକୁ ସେ ଗ୍ରହଣ କରିଥାଏ । ତାର ସ୍ପର୍ଶେନ୍ଦ୍ରିୟ ସଙ୍ଗଲାଳସାରେ ଡୁବି ରହିଥାଏ ଏବଂ ସ୍ତ୍ରୀସଙ୍ଗ ଲାଗି ତାର ଇଚ୍ଛା ପ୍ରବଳ ହୋଇଥାଏ । ଯାହା ପାଖରେ ସ୍ୱାର୍ଥନିହିତ, କେବଳ ସେହିମାନଙ୍କପାଖକୁ ସେ ଆତଯାତ କରିଥାଏ ଏବଂ କେବଳ ସେମାନଙ୍କ ସହିତ ଦେହର ସମ୍ପର୍କ ରକ୍ଷା କରିଥାଏ । ମୃତ୍ୟୁର ଖାଦ୍ୟ ହେଉଛି ସମଗ୍ର ଜଗତ୍ । ଅଗ୍ନିର ଇନ୍ଧନ ହେଉଚି ନିଖିଳ ବସ୍ତୁଜଗତ । ସେହିଭଳି ତାମସଜ୍ଞାନ ମଧ୍ୟ ସମଗ୍ର ଜାଗତିକ ସମ୍ପତ୍ତିକୁ ନିଜର ଉପଭୋଗ୍ୟ ମନେ କରିଥାଏ । ନିଜ ଦେହର ପ୍ରତିପୋଷଣହିଁ ତାର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ଆକାଶରୁ ବର୍ଷିତ ଜଳର ଏକମାତ୍ର ଆଶ୍ରୟ ହେଉଛି ସମୁଦ୍ର । ତାମସଜ୍ଞାନରେ ଅବିଭୂତ ବ୍ୟକ୍ତି ପକ୍ଷରେ ଉଦରଭରଣ ହିଁ ସକଳ କର୍ମର ତାତ୍ପର୍ଯ୍ୟ । ଏଥିରେ ସ୍ୱର୍ଗ, ନରକ, ପ୍ରବୃତ୍ତି ଓ ନିବୃତ୍ତିର ଜ୍ଞାନ ରହେନା । ଦେହକୁ ଆତ୍ମା ମନେ କରି ସେ ଭଗବାନ ବୋଇଲେ ବୁଝେ ଏକ ପଥର ମୂର୍ତ୍ତି । ସେ ଭାବେ ଦେହ ଚାଲିଗଲେ କର୍ମ ସହିତ ଆତ୍ମାର ମଧ୍ୟ ବିନାଶ ଘଟେ । ସେ ଭାବେ ଦେହ ବ୍ୟତୀତ ଭୋଗିବାକୁ ଆଉ କେହି ନାହିଁ । ଯଦି ତାକୁ କୁହାଯାଏ ଯେ ଈଶ୍ୱର ହିଁ ସର୍ବଦ୍ରଷ୍ଟା ଏବଂ କର୍ମଫଳର ଭୋଗଦାତା, ସଙ୍ଗେ ସଙ୍ଗେ ସେ ଉତ୍ତର ଦିଏ, ତାହାହେଲେ ଦେବମୂର୍ତ୍ତିଗୁଡ଼ିକୁ ବିକିବାକି ଉଦରପୋଷଣ କରାଯାଉ । ତାକୁ ଯଦି କୁହାଯାଏ ଯେ ମନ୍ଦିରର ଦେବତା ହେଉଛନ୍ତି କର୍ମଫଳଦାତା, ତାହାହେଲେ ସେ କହେ, ଦୂରରେ ଥିବା ପର୍ବତ ତ ଅଧିକ କର୍ମଫଳ ଦେଇପାରେ, ତାକୁ ପୂଜା କଲେ ତ ଅଧିକ ଫଳ

ମିଳିବ । ତାମସଜ୍ଞାନୀ ଦେବତାକୁ ମାନିଲେ ମଧ୍ୟ ପ୍ରସ୍ତରମୂର୍ତ୍ତି ବ୍ୟତୀତ ଚିନ୍ମୟରୂପକୁ ଗ୍ରହଣ କରିପାରେନା । ସେ ଦେହକୁ ଆତ୍ମା ମନେକରି ପାପ, ପୁଣ୍ୟର ବିଚାରକୁ ମିଥ୍ୟାକହେ । ଅଗ୍ନି ଯେପରି ଯାହା କିଛି ପଡ଼େ ଭକ୍ଷଣ କରିଥାଏ, ସେହି ସର୍ବଗ୍ରାସୀ ଅଗ୍ନିଭଳି ସେ ମନଇଚ୍ଛା ଉପଭୋଗ କରିଥାଏ । ଚକ୍ଷୁରେ ଯାହା ଦେଖେ, ଯାହା ଇନ୍ଦ୍ରିୟର ସୁଖଦାୟକ ହୁଏ, ତାହାହିଁ ତା ବିଚାରରେ ଉତ୍କୃଷ୍ଟ । ଧୂମ୍ରକୁଣ୍ଡଳି ବୃଥାରେ ଆକାଶକୁ ଉଠିଥାଏ । ଜଙ୍ଗଲରେ ଏପରି ବହୁ ଗଛ ରହିଥାଏ ଯେଉଁଗୁଡ଼ିକ ଅପଦାର୍ଥ । ଏଥିରେ ଫୁଲ ଫୁଟେ ନାହିଁ କିମ୍ବା ଏହାର ଫଳ ହେଲେ ମଧ୍ୟ କୌଣସି ଜୀବର ଉପଯୋଗୀ ହୁଏନାହିଁ । ଏପରିକି ଏହା ଶୁଖିଗଲେ ଜାଳେଣି ଲାଗି ମଧ୍ୟ କାର୍ଯ୍ୟରେ ଲାଗେ ନାହିଁ । ତେଣୁ ଏହା ଯେତେ ବଡ଼ ହେଲେ ମଧ୍ୟ ବୃଥା । ଆଖୁଗଛର ଫଳ, ନପୁଂସକ କିମ୍ବା ଅକର୍ମଣ୍ୟ— ଆକାରରେ ବୃହତ୍ ହେଲେ ମଧ୍ୟ ଅପଦାର୍ଥ ଓ ନିରର୍ଥକ । ଶିଶୁର ମନ, ଚୋରର ଧନ, ଅଜାଗଳସ୍ତନ ଭଳି ଯେଉଁ ଜ୍ଞାନ ବୃଥା ଓ ନିନ୍ଦନୀୟ, ତାକୁ ତାମସିକଜ୍ଞାନ କୁହାଯାଏ । ଜନ୍ମାନ୍ଧକୁ ପଦ୍ମଲୋଚନ ନାମ ଦେବାଭଳି, ବଧିରକୁ ତୀକ୍ଷ୍ଣ ଶ୍ରୁତିଧର ଏବଂ ଅପେୟକୁ ପାନୀୟ କହିବା ଭଳି ତାମସଜ୍ଞାନକୁ ଜ୍ଞାନ ନାମରେ ବୃଥା ଅଭିହିତ କରାଯାଇଛି । ବାସ୍ତବରେ ଏହା ହେଉଛି ପ୍ରତ୍ୟକ୍ଷ ଅନ୍ଧକାର ।

ହେ ଶ୍ରୋତୃଶିରୋମଣି ଅର୍ଜୁନ ! ତୁମକୁ ପୂର୍ବରୁ ଗୁଣାତୀତ ଜ୍ଞାନ କଥା କହିଛି । ହେ ଧନୁର୍ଦ୍ଧର ! କର୍ତ୍ତାର କ୍ରିୟା ତିନି ପ୍ରକାରର ଏବଂ ଏହି କ୍ରିୟାସବୁ ଜ୍ଞାନଦ୍ୱାରା ପ୍ରକାଶ ପାଇଯାଏ । ପ୍ରବାହିତ ଜଳ ନିଜ ଧାରା ଅନୁସାରେ ପୃଥକ୍ ପୃଥକ୍ ହୋଇଥାଏ । ତ୍ରିବିଧକର୍ମ ବା କ୍ରିୟା ମଧ୍ୟରୁ ସାତ୍ତ୍ୱିକ କର୍ମ କଥା କହୁଚି ଶୁଣ ।

ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।
ଅଫଳପ୍ରେପ୍ସୁନା କର୍ମ ଯତ୍ତତ୍ ସାତ୍ତ୍ୱିକମୁଚ୍ୟତେ ॥୨୩॥

ପତିବ୍ରତା ସ୍ତ୍ରୀ ନିଜର ପ୍ରିୟ ପତିକୁ ହିଁ ଆଲିଙ୍ଗନ କରିଥାଏ । ସାତ୍ତ୍ୱିକକର୍ମ ମଧ୍ୟ ଅଧିକାର ଅନୁସାରେ କରାଯାଇଥାଏ ଏବଂ ଏହା ସର୍ବତଃ ସମାଦର ଲାଭ କରିଥାଏ । ଶ୍ୟାମଳଦେହରେ ଚନ୍ଦନ, ସ୍ତ୍ରୀଲୋକ ନେତ୍ରରେ କଜ୍ଜଳ ଯେପରି

ଶୋଭାବର୍ଦ୍ଧନ କରିଥାଏ, ସେହିଭଳି କର୍ମ, ସ୍ୱାଧିକାରର ଶୋଭାବର୍ଦ୍ଧନ କରିଥାଏ । ନିର୍ମଳ ନିତ୍ୟକର୍ମ ସହିତ ନୈମିତ୍ତିକ କର୍ମର ମିଳନରେ ମନେହୁଏ ସ୍ୱର୍ଗର ସୁଗନ୍ଧଲାଭ ହୋଇଛି । ମାତା କାୟମନୋବାକ୍ୟରେ ସନ୍ତାନର ମଙ୍ଗଳକାମନା କରିଥାଏ । ତା'ପ୍ରତି କେବେହେଲେ ବିରକ୍ତ ହୁଏନା । କୌଣସି ବାଞ୍ଛା ନ ରଖି ସନ୍ତାନକୁ ମାତା ଯେପରି ସର୍ବସ୍ୱ ମନେକରେ, ସେହିପରି ଫଳ ଆଶା ନ କରି ସମସ୍ତ କର୍ମ କରିଗଲେ, ସେହି କର୍ମକୁ ସାତ୍ତ୍ୱିକ କର୍ମ କୁହାଯାଏ । ପ୍ରିୟପତି ଭୋଜନ ଲାଗି ବସିଥିବାବେଳେ ପରିବେଷଣକାରୀ ସ୍ତ୍ରୀ ବ୍ୟଞ୍ଜନ ତା ନିଜ ପାଇଁ ରହିବ କି ନାହିଁ ବିଚାର କରି ନଥାଏ । ସତ୍‌କର୍ମ କଲାବେଳେ ମନୁଷ୍ୟ ଠିକ୍ ଏହିଭଳି ମନୋଭାବ ପୋଷଣ କରିବା ଉଚିତ । ସେତେବେଳେ କର୍ମ ପୂର୍ଣ୍ଣାଙ୍ଗ ନ ହେଲେ ମଧ୍ୟ କର୍ତ୍ତା ମନରେ ଦୁଃଖ ରହେନା, ସଂପୂର୍ଣ୍ଣ ହେଲେ ମଧ୍ୟ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ପଡ଼େନା । ହେ ଅର୍ଜ୍ଜୁନ ! ଏହିଭଳି ଭାବରେ ଯୁକ୍ତିଯୁକ୍ତ କର୍ମ ହିଁ ସାତ୍ତ୍ୱିକ ତଥା ସତ୍ତ୍ୱଗୁଣସମ୍ପନ୍ନ ବୋଲି ଅଭିହିତ ହୋଇଥାଏ ।

ବର୍ତ୍ତମାନ ରାଜସିକ କର୍ମର ଲକ୍ଷଣ ବର୍ଣ୍ଣନା କରୁଚି, ଶ୍ରବଣ କର ।

ଯତ୍ତୁ କାମେପ୍‌ସୁନା କର୍ମ ସାହଂକାରେଣ ବା ପୁନଃ ।
କ୍ରିୟତେ ବହୁଳାୟାସଂ ତଦ୍‌ରାଜସମୁଦାହୃତମ୍ ।।୨୪।।

ମୂର୍ଖ ନିଜ ଘର ଲୋକଙ୍କୁ ଅର୍ଥାତ୍ ପିତାମାତା, ଭାଇ ବନ୍ଧୁଙ୍କୁ ସମ୍ଭାଷଣ ନ କରି ବାହାରର ଲୋକଙ୍କୁ ଖୁବ୍ ଆଦର ଅଭ୍ୟର୍ଥନା କରିଥାଏ । ଘରେ ଥିବା ତୁଳସୀଗଛ ମୂଳରେ ପାଣି ନ ଦେଇ ଅଙ୍ଗୁର ଗଛ ମୂଳରେ ଦୁଧ ଢାଳିଥାଏ । ସେହିଭଳି ନିତ୍ୟନୈମିତ୍ତିକ କର୍ମ କରିବାକୁ ସୁଦ୍ଧା ସେ କଷ୍ଟବୋଧ କରେ । କାମ୍ୟ କର୍ମଲାଗି ଦେହ, ଧନ ପ୍ରଚୁର ଖର୍ଚ୍ଚ କରି ମଧ୍ୟ ସେ ତୃପ୍ତ ହୁଏନା । ଦ୍ୱିଗୁଣ ମୂଲ୍ୟ ପାଇଲେ କେହି ଯେକୌଣସି ବସ୍ତୁକୁ ବିକ୍ରୀ କରିବା ଲାଗି କୁଣ୍ଠାବୋଧ କରେନା । ବିହନ ବୁଣିବାବେଳେ କେହି ଭୟ କରେନା । ସ୍ୱର୍ଣ୍ଣମଣି ପାଇଲେ ଲୌହ କିଣିବା ଲାଗି ମନୁଷ୍ୟ ଯଥାସମ୍ଭବ ବ୍ୟୟ କରିଥାଏ । କାରଣ ସ୍ୱର୍ଣ୍ଣମଣିର ସ୍ୱର୍ଣ୍ଣରେ ଲୁହା ସୁନା ପାଲଟେ । ସେହିଭଳି ଭବିଷ୍ୟତ ଫଳ ଆଶାରେ ଯେକୌଣସି କାମ

ଯେତେ କଠିନ ହେଉନା କାହିଁକି, ମନୁଷ୍ୟ ତାକୁ କରିବା ଲାଗି ସଙ୍କୋଚବୋଧ କରେନା । ଫଳ ପାଇବାଲାଗି ଆଶା କରୁଥିବା ବ୍ୟକ୍ତି ଯେଉଁ କର୍ମକୁ ବିଧି ଅନୁସାରେ କରେ, ତାକୁ ରାଜସ କର୍ମ କୁହାଯାଏ । ଏହା ବିଧି ଅନୁସାରେ କରାଗଲେ ମଧ୍ୟ ଫଳର ଆଶା ରହିଥିବାରୁ ଏହା ରାଜସ ପଦବାଚ୍ୟ । କର୍ମ କରି 'ମୁଁ ଏ କାମ କଲି' ବୋଲି ଯିଏ ପ୍ରଚାର କରେ ଏବଂ ଗର୍ବ ଅନୁଭବ କରେ, ପିତା ଓ ଗୁରୁଙ୍କୁ ଯିଏ ମାନେ ନାହିଁ, ସେହି ଫଳାକାଙ୍କ୍ଷୀ ଅହଙ୍କାରୀ ବ୍ୟକ୍ତିର କୃତକର୍ମ ହେଉଛି ରାଜସ । ରାଜସ କର୍ମରେ ତାକୁ କଷ୍ଟମଧ୍ୟ ଭୋଗ କରିବାକୁ ପଡ଼ିଥାଏ । ବାଜିକର ଉଦରପୋଷଣ ଲାଗି କଷ୍ଟ ସ୍ୱୀକାର କରିଥାଏ । ମୂଷା ସାମାନ୍ୟ କେତୋଟି ଶସ୍ୟକଣା ପାଇବା ଲାଗି ପର୍ବତ ପ୍ରମାଣ ଭୂଇଁକୁ ଖୋଳି ଖୋଳି ଗାତ କରିପକାଏ । ଭେକ ସାମାନ୍ୟ ଶୈବାଳ ଲାଗି ସମଗ୍ର ଜଳଭାଗକୁ କାଦୁଅ କରିଦିଏ । ସାପୁଆକେଳା ଭିକ୍ଷା କରି କରି କିଛି ନ ପାଇଲେ ମଧ୍ୟ ସାପପେଡ଼ିକୁ ମୁଣ୍ଡେଇ ଘରକୁ ଫେରେ । ଉଇ ଅଣୁପରମାଣୁ ପାଇବାଲାଗି ପାତାଳ ପ୍ରବେଶ କରେ । ସ୍ୱର୍ଗସୁଖ ଲାଭ ଆଶାରେ ଶ୍ରମସ୍ୱୀକାର ଅର୍ଥାତ୍ ସକାମ କର୍ମକୁ ରାଜସ କର୍ମ କୁହାଯାଏ । ବର୍ତ୍ତମାନ ତାମସ କର୍ମର ଲକ୍ଷଣ କ'ଣ କହୁଛି ଶୁଣ ।

ଅନୁବନ୍ଧଂ କ୍ଷୟଂ ହିଂସାମନପେକ୍ଷ୍ୟ ଚ ପୌରୁଷମ୍ ।
ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ ॥୨୫॥

ନିନ୍ଦନୀୟ, କଳଙ୍କିତ, ପାପମୟ କର୍ମ (ଯେଉଁଥିରୁ 'ନିଷେଧ'ର ଜନ୍ମ ସାର୍ଥକ ହୋଇଛି) ଅର୍ଥାତ୍ ନିଷିଦ୍ଧ କର୍ମକୁ ତାମସ କର୍ମ କୁହାଯାଏ । ଜଳ ଉପରେ ଗାର ଟାଣିଲେ ଏହା ଦେଖାଯାଏନା । ସେହିଭଳି ତାମସିକ କର୍ମରେ କୌଣସି ଫଳ ହୁଏନା । ତୋଡ଼ାଣିକୁ ମନ୍ଥନ କଲେ, ଭସ୍ମକୁ ଫୁଙ୍କିଲେ, ତେଲଘଣିରେ ବାଲି ଭର୍ତ୍ତି କରି ପେଷିଲେ, କୌଣସି ଫଳ ହୁଏନା । ବରଫକୁ ବାଡ଼େଇବା, ଆକାଶରେ କଣା ଫିଟାଇବା, ବାୟୁକୁ ବାନ୍ଧିବା ଉଦ୍ୟମ ବୃଥା । ସେହିଭଳି ତାମସିକ କର୍ମ ବୃଥା । ଏଥିରେ ଶାରୀରିକ କ୍ଷୟ ହୁଏ, ସାଂସାରିକ ସୁଖ ବିନଷ୍ଟ ହୁଏ । ପଦ୍ମପୋଖରୀରେ ପଦ୍ମଫୁଲ ତୋଳିବାଲାଗି ଯଦି କଣ୍ଟାର ଜାଲ

ପକାଯାଏ, କେବଳ ପରିଶ୍ରମ କରିବା ସାର ହୁଏ, ପଦ୍ମବନ ମଧ୍ୟ ଧ୍ୱଂସ ପାଏ । ପ୍ରଦୀପପ୍ରତି ହିଂସା କରି ପତଙ୍ଗ ପୋଡ଼ି ମରେ, ପ୍ରଦୀପକୁ ଲିଭାଇ ଅନ୍ୟମାନଙ୍କ ପାଇଁ ଘର ଅନ୍ଧକାର କରେ । ସେହିଭଳି ତାମସିକ କର୍ମରେ ବୃଥା ଧନ ବ୍ୟୟ ଘଟେ, ଶରୀର ପୀଡ଼ା ହୁଏ, ଅନ୍ୟମାନେ ମଧ୍ୟ ଦୁଃଖିତ ହୁଅନ୍ତି । ମାଛି ପାଟି ଭିତରେ ପଶିଲେ ନିଜେ ମରେ, ଯାହାର ଗଳାରେ ପ୍ରବେଶ କରେ, ତାକୁ ମଧ୍ୟ କଷ୍ଟ ଦିଏ । ତାମସିକ କର୍ମ ମଧ୍ୟ ସେହିଭଳି । ଅବିଚାରରେ କରାଯିବା କର୍ମ ବ୍ୟକ୍ତିର ସାମର୍ଥ୍ୟକୁ ମଧ୍ୟ ବଳିପଡ଼େ । ଅଗ୍ନି ପ୍ରଥମେ ନିଜ ରହିଥିବା ସ୍ଥାନକୁ ପୋଡ଼ି ଅନ୍ୟ ସମସ୍ତଙ୍କୁ ପୋଡ଼ିବା ପାଇଁ ଅଗ୍ରସର ହୁଏ । ସମୁଦ୍ରରେ ଝଡ଼ ଆସିଲେ, ସମୁଦ୍ର ନିଜ ସୀମା ଟପିଯାଏ । ସେହିଭଳି ତାମସିକ କର୍ମ କର୍ତ୍ତବ୍ୟାକର୍ତ୍ତ୍ୟ, ସ୍ୱଧର୍ମ, ପରଧର୍ମର ଉତ୍କର୍ଷ ଓ ଅପକର୍ମର ବିଚାର କରେ ନାହିଁ । ହେ ଅର୍ଜୁନ ! ଗୁଣତ୍ରୟ ଅନୁସାରେ କର୍ମର ବିଚାର କରାଗଲା । କର୍ମାଭିମାନୀ ଜୀବ ମଧ୍ୟ ତିନି ପ୍ରକାରର । ଜଣେ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ— ଏହିଭଳି ଆଶ୍ରମଭେଦରେ ଚାରିପ୍ରକାରରେ ପରିଣତ ହୋଇଥାଏ । କର୍ମଭେଦରେ କର୍ତ୍ତା ମଧ୍ୟ ସାତ୍ତ୍ୱିକ, ରାଜସିକ ଓ ତାମସିକ । ବର୍ତ୍ତମାନ ତୁମେ ସାତ୍ତ୍ୱିକ କର୍ତ୍ତାର ପରିଚୟ ମନଦେଇ ଶୁଣ ।

ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।
ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ॥୨୬॥

ମଳୟାଚଳରେ ଚନ୍ଦନବୃକ୍ଷ ଶାଖା ଓ ଫଳର ଆଶା ତ୍ୟାଗ କରି ସରଳଭାବରେ ଉପରକୁ ବୃଦ୍ଧି ପାଇଥାଏ । ପାନର ଫଳ ନ ହେଲେ ମଧ୍ୟ ପାନ ପ୍ରୟୋଜନୀୟ । ସେହିଭଳି ନିତ୍ୟନୈମିତ୍ତିକ କର୍ମର ଫଳ ଥିଲେ ମଧ୍ୟ ଏହା ବିଫଳ ନୁହେଁ । ହେ ପାଣ୍ଡବ ! କର୍ମ ତ ନିଜେ ଫଳ, ଏହା ଆଉ କି ଫଳ ପ୍ରସବ କରିବ ? ମେଘ କ'ଣ କମ୍ କର୍ମ କରେ ? ସେ ସକ୍ରିୟ ରହି ବର୍ଷା କରାଏ । କିନ୍ତୁ 'ମୁଁ'ଏ ବର୍ଷା କରାଉଚି ବୋଲି କର୍ତ୍ତୃତ୍ୱର ଅଭିମାନ ତାର ନ ଥାଏ । ସେହିଭଳି ମନରେ କର୍ତ୍ତାଭାବ ନରଖି ଯିଏ ପରମାତ୍ମାଠାରେ ସମର୍ପଣ ହୋଇପାରିବାଭଳି ଉପଯୁକ୍ତ କର୍ମ କରେ, ଏଥିଲାଗି ଯିଏ କାଳର ବିଧାନକୁ ଲଙ୍ଘନ କରେ ନାହିଁ, ସ୍ଥାନଶୁଦ୍ଧି

ଓ ଶାସ୍ତ୍ରାନୁସାରେ କର୍ମକୁ ନିର୍ଣ୍ଣୟ କରି ଯିଏ ଇନ୍ଦ୍ରିୟ ଓ ମନୋବୃତ୍ତିର ଐକ୍ୟ ଦ୍ୱାରା ଚିତ୍ତକୁ ଫଳପ୍ରାପ୍ତିର ଆଶାଠାରୁ ଦୂରରେ ନିୟମ ଶିକୁଳିରେ ବାନ୍ଧିରଖେ, ଯିଏ କୌଣସି ବାଧାବିଘ୍ନ ଆସୁନା କାହିଁକି ସେଗୁଡ଼ିକୁ ଧୈର୍ଯ୍ୟର ସହିତ ସହ୍ୟ କରିପାରେ, ଦୈହିକ ସୁଖକୁ ଅପେକ୍ଷା ନ କରି କେବଳ ଆତ୍ମଦର୍ଶନ ଇଚ୍ଛାରେ କର୍ମାନୁଷ୍ଠାନ କରେ– ସେ ହେଉଚି ସାତ୍ତ୍ୱିକ କର୍ତ୍ତା । ଅଗ୍ନିଦଗ୍ଧ ସ୍ୱର୍ଣ୍ଣ ଓଜନରେ କମ୍ ହେଲେ ମଧ୍ୟ ଉତ୍କର୍ଷ ଲାଭ କରିଥାଏ । ସେହିଭଳି ନିଦ୍ରକୁ କମେଇବା, କ୍ଷୁଧା ତୃଷାକୁ ଭୁଲିଯିବା, ଦେହସୁଖ ପ୍ରତି ଅନିଚ୍ଛାପ୍ରକାଶ କରିବାଦ୍ୱାରା ସାତ୍ତ୍ୱିକ କର୍ତ୍ତାର ଉତ୍ସାହ ବୃଦ୍ଧି ପାଇଥାଏ । ଯଥାର୍ଥ ପ୍ରେମରେ ମଧ୍ୟ ଜୀବନ ଦୁଃଖମୟ ମନେହୁଏ । ସତୀ ସାଧ୍ୱୀ ସ୍ତ୍ରୀ ପତି ନିମିତ୍ତ ଅଗ୍ନିରେ ପ୍ରବେଶ କରିବାକୁ ଭୟ କରେନା । ସେହିଭଳି ହେ ଧନଞ୍ଜୟ ! ଆତ୍ମାକୁ ପ୍ରିୟଜନଙ୍କ ଭଳି ଭଲ ପାଇଲେ ଦୈହିକକଷ୍ଟ ପ୍ରତି ଲକ୍ଷ୍ୟ ରହେ ନାହିଁ । ବିଷୟବୁଦ୍ଧି ଚାଲିଯିବା ସଙ୍ଗେ ସଙ୍ଗେ ଦେହବୁଦ୍ଧି ଦୂର ହେଲେ କର୍ମାନୁଷ୍ଠାନର ଆନନ୍ଦ ଦ୍ୱିଗୁଣ ବୃଦ୍ଧି ପାଏ । ଶଗଡ଼ କିମ୍ବା ପର୍ବତ ଉପରୁ ତଳେ ପଡ଼ିବା ବ୍ୟକ୍ତିକୁ ଆଘାତ ଲାଗେ କିନ୍ତୁ ଶଗଡ଼ କିମ୍ବା ପର୍ବତର ଦୁଃଖ ହୁଏନା । ସେହିଭଳି କର୍ମାନୁଷ୍ଠାନ ସମ୍ପୂର୍ଣ୍ଣ ନହେଲେ ମଧ୍ୟ ସାତ୍ତ୍ୱିକକର୍ତ୍ତାର ଦୁଃଖ ହୁଏନା କିମ୍ବା ଆରବ୍ଧ କର୍ମ ସମ୍ପୂର୍ଣ୍ଣ ହେଲେ ମଧ୍ୟ ମନରେ ଗର୍ବଭାବ ଆସେନା ।

ହେ ଧନଞ୍ଜୟ ! ପୂର୍ବୋକ୍ତ ଲକ୍ଷଣସମ୍ପନ୍ନ ବ୍ୟକ୍ତି ହେଉଛି ସାତ୍ତ୍ୱିକ କର୍ତ୍ତା । ରାଜସିକ କର୍ତ୍ତା କିନ୍ତୁ ଭିନ୍ନ ପ୍ରକାରର । ସେ ହେଉଚି ସମସ୍ତ ଆଶା ଆକାଙ୍କ୍ଷାର ଗନ୍ତାଘର ।

ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋ ଽଶୁଚିଃ ।
ହର୍ଷଶୋକାନ୍ୱିତଃ କର୍ତ୍ତା ରାଜସଃ ପରିକୀର୍ତ୍ତିତଃ ॥୨୭॥

ଆଳସ୍ୟପରାୟଣ ଅକର୍ମଣ୍ୟ ଲୋକ ଘୃଣାର ପାତ୍ର । ଶ୍ମଶାନ ହେଉଚି ଅମଙ୍ଗଳର ବାସଭୂମି । ଯିଏ ଜଗତର ସମସ୍ତ କାମନାର ପଦସେବାପୂର୍ବକ 'ଦୋଷ'ର ଆକର ହୋଇଉଠିଛି, ଯିଏ ସହଜ ଫଳପ୍ରାପ୍ତି ଆଶାରେ କର୍ମରେ ପ୍ରବୃତ୍ତ, ସେ ହେଉଛି ରାଜସିକ କର୍ତ୍ତା । ଯିଏ ବହୁଧନସମ୍ପତ୍ତି ଲାଭକରି କପର୍ଦ୍ଦକ

ସୁଦ୍ଧା ବ୍ୟୟ କରିବାଲାଗି କୁଣ୍ଠିତ ଏବଂ ଧନ-ସମ୍ପତ୍ତିକୁ ପ୍ରାଣଠୁ ବଳି ଭଲପାଏ, ସେ ରାଜସିକ କର୍ତ୍ତା । କୃପଣ ଧନ ରକ୍ଷା ଲାଗି ସେହି ଧନ ଭିତରେ ହିଁ ମନକୁ ରଖି ଦେଇଥାଏ । ବଗର ଏକମାତ୍ର ଧ୍ୟାନ ମାଛ । ସେଭଳି ରାଜସିକ କର୍ତ୍ତାର ଆଖି ସର୍ବଦା ରହିଥାଏ ପରଧନ ଉପରେ । ଗୋଟିଏ ପ୍ରକାରର ଗଛ ଅଛି, ଯାହାର ପାଖକୁ ଗଲାମାତ୍ରେ ମନୁଷ୍ୟକୁ ବାନ୍ଧି ପକାଏ, ତାକୁ ଛୁଇଁବା ମାତ୍ରେ ଦେହକୁ ଫୋଡ଼ି ପକାଏ । ଏହାର ଫଳ ମଧ୍ୟ ଅନ୍ତଃସାରଶୂନ୍ୟ । ସେହିଭଳି ଯିଏ କାୟ, ମନ ଓ ବାକ୍ୟରେ ଅନ୍ୟ ମନରେ ଦୁଃଖ ଦିଏ, ନିଜ ସ୍ୱାର୍ଥସିଦ୍ଧି ଲାଗି କୁଶଳ ଅକୁଶଳ, ଶୁଭାଶୁଭ, ଭଲ ମନ୍ଦର ବିଚାର କରେନା, କ୍ଷମା କ'ଣ ଜାଣେନା, ଯାହାର ହୃଦୟ ଆବିଳତାରେ ପରିପୂର୍ଣ୍ଣ, ଧୂତୁରାଫଳର ବାହାରେ କଣ୍ଟା ଓ ଭିତରେ ବିଷ ଥିବା ଭଳି ଯାହାର ଅନ୍ତର ଓ ବାହାର ଅଶୁଦ୍ଧ, ଯିଏ ଫଳ ଲାଭ କଲେ ଖୁସି ହୁଏ, ନିଜକୁ ପ୍ରଶଂସା କରେ ଏବଂ ଭଲ ଫଳ ଲାଭ ନ କଲେ ଦୁଃଖିତ ହୁଏ ଏବଂ ଅନ୍ୟକୁ ଧିକ୍‌କାର କରେ, ତାକୁ ରାଜସିକ କର୍ତ୍ତା ବୋଲି ଜାଣିବ ।

ତାମସିକ କର୍ତ୍ତାର ଲକ୍ଷଣ ଶୁଣ । ଏ କର୍ତ୍ତା ହେଉଛି ସମସ୍ତ କୁକର୍ମର ଖଣି ।

ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋ ନୈଷ୍କୃତିକୋ ଽଳସଃ ।
ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତ୍ତା ତାମସ ଉଚ୍ୟତେ ॥୨୮॥

ଅଗ୍ନିସଂଯୋଗ ମାତ୍ରେ ସବୁକିଛି ଯେ ଜଳିଯାଏ, ଏକଥା ଅଗ୍ନି ଜାଣେନା । ନିଜ ଜ୍ୱଳନକୁ ନିଜେ ସେ ଅନୁଭବ କରି ପାରେନା । ଶାସ୍ତ୍ର ବୁଝିପାରେନା ଯେ ତାର ତୀକ୍ଷ୍ଣ ଧାରର ଆଘାତରେ ଅନ୍ୟକୁ କଷ୍ଟ ହୁଏ, ଏପରିକି ମୃତ୍ୟୁ ମଧ୍ୟ ହୋଇଯାଇପାରେ । କାଳକୂଟ ବିଷ ତା ପ୍ରୟୋଗର ଫଳକୁ ଜାଣେନା । ହେ ଧନଞ୍ଜୟ ! ଯିଏ ଅନ୍ୟକୁ ଆଘାତ କରି ଅସତ୍‌କର୍ମ କରିଥାଏ, ଆଘାତ ଦ୍ୱାରା ଅନ୍ୟର କଷ୍ଟ ହେଉଥିବ ବୋଲି ଯିଏ ବିଚାର କରେନା, ଉନ୍ମତ୍ତଙ୍କ ଭଳି ବ୍ୟବହାର କରେ, ବଳଦ ଦେହରେ ଟିକ୍ଙ୍କ ଭଳି ଯିଏ ଇନ୍ଦ୍ରିୟର ତୃପ୍ତିସାଧନ କରି ଜୀବନଧାରଣ କରେ, ସମୟ ଅସମୟରେ ଶିଶୁ କାନ୍ଦିବା ଭଳି ଯାହାର ବ୍ୟବହାର, ତାହାକୁ ହିଁ କୁହାଯାଏ ତାମସିକ କର୍ତ୍ତା । ସେ ପ୍ରକୃତିର ଅଧୀନ ହୋଇ ପଡ଼ିବାରେ କର୍ତ୍ତବ୍ୟ ଅକର୍ତ୍ତବ୍ୟର ବିଚାର ତାର ନଥାଏ । ଅପବିତ୍ର ପଦାର୍ଥ ପାଇ

ତୃପ୍ତିଲାଭ କରେ ସେ । ଦେବତା ଆଗରେ ସେ ମୁଣ୍ଡ ନୁଆଁଏନା । ସେ ପର୍ବତ ଭଳି ସ୍ତବ୍ଧ । ମନ ତାର କପଟତାରେ ପରିପୂର୍ଣ୍ଣ । ତାର ବ୍ୟବହାରରେ କେବଳ ଥାଏ ଅଭିମାନ । ବେଶ୍ୟାଙ୍କ ଭଳି ତାର ଦୃଷ୍ଟି । ତା ଜୀବନ ଠିକ୍ ଜୁଆଖେଳ ଭଳି । ତାର ମନୁଷ୍ୟ ଜନ୍ମ ହେଉଛି ଡକାୟତମାନଙ୍କ ଗ୍ରାମ ଭଳି ସ୍ୱାର୍ଥ ଓ ଲୋଲୁପତାରେ ପରିପୂର୍ଣ୍ଣ । ହେ ଅର୍ଜୁନ ! ଏଭଳି ଲୋକଙ୍କଠାରୁ ଦୂରରେ ରହିବା ଶ୍ରେୟସ୍କର । ତାମସ କର୍ତ୍ତା ପରୋପକାର କ'ଣ ଜାଣେନା । ଦୁଧ ସହିତ ଲୁଣ ମିଶିଲେ ତାହା ଅପାନୀୟ । ଅଗ୍ନିରେ ଘୃତାଦିପଦାର୍ଥ ପକାଇବା ମାତ୍ରେ ଏହା ହଠାତ୍ ଦପ୍‌କରି ଜଳିଉଠେ । ଯେତେ ଭଲ ସ୍ୱାଦୁକର ଜିନିଷ ହେଉନା କାହିଁକି, ଏହା ପେଟ ଭିତରକୁ ଗଲେ ମଳରେ ପରିଣତ ହୁଏ । ସେହିଭଳି ତାମସ କର୍ତ୍ତାର ମନରେ ଅନ୍ୟର କୁଶଳବାର୍ତ୍ତା ପହଞ୍ଚିଲେ ମଧ୍ୟ, ତାହା ଅକୁଶଳ ହୋଇ ବାହାରି ଆସେ । ଭଲଗୁଣ ଥିଲେ ମଧ୍ୟ ତାହା ଦୋଷରେ ପରିଣତ ହୁଏ । ଦୁଗ୍ଧ ପାନ କଲେ ମଧ୍ୟ ସର୍ପର ବିଷ ବୃଦ୍ଧି ହୋଇଥାଏ । ସେହିଭଳି ତାମସିକ ଲୋକକୁ 'ଇହଲୋକରେ ଓ ପରଲୋକରେ ଶାନ୍ତି ପ୍ରଦାୟକ କର୍ମ କର' ବୋଲି କେହି ଉପଦେଶ ଦେଲେ ତା ଆଖିରେ ନିଦ ମାଡ଼ିଆସେ । ସଦୁପଦେଶଗୁଡ଼ିକ ତାର ଏ କାନରେ ପଶି ସେ କାନ ବାଟେ ପଳାଏ । କୁକର୍ମ କରିବା ଦିଗରେ ତା ମନ ସବୁବେଳେ ଆଗ୍ରହୀ ହୁଏ । କୁଆକୁ ଦ୍ରାକ୍ଷା କିମ୍ବା ପାଚିଲା ଆମ୍ବ ଭଲ ଲାଗେନା । ଦିନ ଆଲୁଅରେ ପେଚାର ଆଖି ପୋଡ଼େ, ତେଣୁ ସେ ଆଖି ଖୋଲେନା । 'କଲ୍ୟାଣକର କାର୍ଯ୍ୟକର' କହିଲେ, ତାମସିକ କର୍ତ୍ତାର ଦେହ ଓ ମନରେ ଦେଖାଦିଏ ଆଳସ୍ୟ । କୁକର୍ମରେ ସେ ଲାଗିପଡ଼େ । ସମୁଦ୍ରରେ ବଡ଼ବାନଳ ଜଳିବାରେ ଲାଗିଥାଏ । ସେହିଭଳି ତାମସ-କର୍ତ୍ତାର ଅନ୍ତର ସର୍ବଦା ବିଷାଦରେ ପରିପୂର୍ଣ୍ଣ ରହିଥାଏ । ତଷୁନିଆଁରେ ଧୂଆଁ ଅବଶ୍ୟ ରହିଥାଏ । ମଳଦ୍ୱାର ଦେଇ ନିର୍ଗତ ବାୟୁ ଅବଶ୍ୟ ଦୁର୍ଗନ୍ଧ । ସେହିଭଳି ତାମସିକ କର୍ତ୍ତା ମଧ୍ୟ ଆଜୀବନ ବିଷାଦଗ୍ରସ୍ତ ।

ହେ ବୀର ଅର୍ଜୁନ ! ମନେରଖ; ସୁଦୂର ଭବିଷ୍ୟତରେ ଲାଭ ଆଶା ରଖି ଯିଏ କର୍ମ କରେ, ପରଲୋକରେ ମଧ୍ୟ ସୁଖ ପାଇବି ବୋଲି ଯିଏ ଆଶା କରିଥାଏ, ଯିଏ ପାମର ମୂର୍ତ୍ତିସ୍ୱରୂପ, ସେ ହେଉଛି ତାମସିକ କର୍ତ୍ତା ।

ହେ ସୁଜନରଞ୍ଜନ ! ତୁମକୁ କର୍ମ, କର୍ତ୍ତା ଓ ଜ୍ଞାନର ତ୍ରିବିଧ ଲକ୍ଷଣ ବୁଝେଇଲି ।

ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।
ପ୍ରୋଚ୍ୟମାନମଶେଷେଣ ପୃଥକ୍‌ତ୍ୱେନ ଧନଞ୍ଜୟଃ ।।୨୯।।

ଅବିଦ୍ୟାରୂପକ ନଗରୀରେ ମୋହରୂପକ ବସ୍ତ୍ର ପରିଧାନ କରି ସନ୍ଦେହରୂପକ ଅଳଙ୍କାରରେ ସୁଶୋଭିତ ହୋଇ ସର୍ବାଙ୍ଗ ସହିତ ଆତ୍ମନିଶ୍ଚୟ ରୂପକ ଶୋଭାକୁ ଯେଉଁ ଦର୍ପଣରେ ଦେଖାଯାଏ, ସେ ଦର୍ପଣର ନାମ ହେଉଛି 'ବୁଦ୍ଧି' । ଏହି ବୁଦ୍ଧିର ପ୍ରବାହ ମଧ୍ୟ ତିନିପ୍ରକାରର । ସଂସାରରେ ଯେତେ ପଦାର୍ଥ ରହିଛି ସତ୍ତ୍ୱ, ରଜ, ତମଃ ଆଦି ତିନିଗୁଣର ସଂଯୋଗରେ ତିନିଶ୍ରେଣୀରେ ବିଭକ୍ତ । ସୃଷ୍ଟିରେ ଏଭଳି କାଠ ନାହିଁ ଯେଉଁଥିରେ ଅଗ୍ନି ନାହିଁ । ସବୁ କାଠରେ ରହିଛି ଅଗ୍ନି । ଦୃଶ୍ୟବସ୍ତୁ ମାତ୍ରକେ ତିନିଶ୍ରେଣୀର । ବୁଦ୍ଧି ମଧ୍ୟ ତ୍ରିଗୁଣଯୁକ୍ତ । ତେଣୁ ତିନି ପ୍ରକାରର ବୁଦ୍ଧି ଭଳି ଧୃତି ମଧ୍ୟ ତିନି ପ୍ରକାରର । ବୁଦ୍ଧି ଓ ଧୃତି ମଧ୍ୟରୁ ବୁଦ୍ଧିର ବିଭାଗ କଥା ପ୍ରଥମେ ଶୁଣ ।

ହେ ସୁଯୋଦ୍ଧା ଅର୍ଜୁନ ! ଜଗତକୁ ଜୀବର ଆଗମନର ପଥ ନିତି ପ୍ରକାରର । ଯଥା– ଉତ୍ତମ, ମଧ୍ୟମ ଓ କନିଷ୍ଠ । କର୍ତ୍ତବ୍ୟକର୍ମ, କାମ୍ୟକର୍ମ ଓ ନିଷିଦ୍ଧକର୍ମ ହେଉଚି ତିନୋଟି ପ୍ରସିଦ୍ଧ ପଥ । ଏହି ପଥ ତିନୋଟି ହିଁ ଜୀବ ପକ୍ଷରେ ସଂସାରପ୍ରତି ଭୟର କାରଣ ଏବଂ କଷ୍ଟପ୍ରଦ ।

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ଯ୍ୟାକାର୍ଯ୍ୟେ ଭୟାଭୟେ ।
ବନ୍ଧଂ ମୋକ୍ଷଂ ଚ ଯା ବେତ୍ତି ବୁଦ୍ଧିଃ ସା ପାର୍ଥ ସାତ୍ତ୍ୱିକୀ ।।୩୦।।

ମନୁଷ୍ୟ ନିଜ ଅଧିକାର ଅନୁସାରେ ଏବଂ ବିଧିବଦ୍ଧ ଭାବରେ ଯେଉଁ ନିତ୍ୟକର୍ମ କରିଥାଏ, ତାହା ହେଉଛି ଉତ୍ତମ ପଥ । ତୃଷିତ ବ୍ୟକ୍ତି ଯେପରି ବ୍ୟାକୁଳତା ସହିତ ଜଳପାନ କରିଥାଏ, ସେହିଭଳି ଆତ୍ମପ୍ରାପ୍ତିର ଫଳପ୍ରତି ଆଶା ରଖି କର୍ମାନୁଷ୍ଠାନ କରିବା ଉଚିତ । ଏହି ରୀତିରେ କର୍ମ କଲେ ଜନ୍ମ ଭୟ ଓ ମୃତ୍ୟୁ ଦୁଃଖ ଦୂର ହୁଏ ଏବଂ ମୋକ୍ଷଲାଭ ସୁଗମ ହୁଏ । ଯେଉଁ ମନୁଷ୍ୟ ଏହି

ଭାବରେ କର୍ମ କରେ, ତା ମନରୁ ସଂସାର ବନ୍ଧନର ଭୟ ତୁଟିଯାଏ ଏବଂ ସେ ମୁମୁକ୍ଷୁ ପଦଲାଭ କରେ । ପରିଶେଷରେ ତାର ମୋକ୍ଷ ହୁଏ । ଏ ପ୍ରକାର କର୍ମରେ ଯିଏ ବୁଦ୍ଧିକୁ ଅଟଳ ରଖେ, ମୋକ୍ଷ ତା ଲାଗି ଅପେକ୍ଷା କରି ରହିଥାଏ । ପ୍ରବୃତ୍ତିର ଭିତ୍ତି ଉପରେ ନିବୃତ୍ତିକୁ ରଚନା କରିବାର କର୍ମ ହେଉଛି ସାତ୍ତ୍ୱିକ । ଜଳ ପାଇଲେ ତୃଷିତର ପ୍ରାଣରକ୍ଷା ହୁଏ, କୂଳକୁ ପାଇଲେ ବନ୍ୟାରେ ଭାସି ଭାସି ଯାଉଥିବା ବ୍ୟକ୍ତିର ଜୀବନ ରକ୍ଷା ହୁଏ । ଅନ୍ଧକୂପରେ ପତିତ ବ୍ୟକ୍ତି ସୂର୍ଯ୍ୟାଲୋକ ପାଇଲେ ଉଠିବାଲାଗି ଉଦ୍ୟମ କରେ । ପଥ୍ୟ ଓ ଔଷଧ ଖାଇଲେ ରୋଗୀର ପ୍ରାଣରକ୍ଷା ହୁଏ । ଜଳ ପାଇଗଲେ ମାଛର ଆଉ ଭୟ ରହେନା । ସେହିଭଳି ନିତ୍ୟକର୍ମାନୁଷ୍ଠାନ ଦ୍ୱାରା ମୋକ୍ଷଲାଭ ହୁଏ । ଶୁଦ୍ଧବୁଦ୍ଧି ସହିତ ନିତ୍ୟକର୍ମ କରାଗଲେ ତାହା ସାତ୍ତ୍ୱିକ ପଦବାଚ୍ୟ ହୁଏ । ସଂସାର-ଭୟ ଉତ୍ପାଦନକାରୀ, ଯାହା ନିଷିଦ୍ଧ, ଅକରଣୀୟ, ଜନ୍ମ ମୃତ୍ୟୁ ଭୟଦାୟକ, ସେହିଭଳି ପ୍ରବୃତ୍ତିକୁ ଯିଏ ପଛକୁ ହଟେଇ ନେଇଯାଇପାରେ, ତାହା ହେଉଚି ସାତ୍ତ୍ୱିକୀ ବୁଦ୍ଧି । ଅଗ୍ନିରେ ପ୍ରବେଶ କରିବା, ଅଗାଧ ଜଳ ଭିତରେ ପ୍ରବେଶ କରିବା, ତୀକ୍ଷ୍ଣ ଶୂଳକୁ ହାତରେ ଧରିବା, କୃଷ୍ଣ ସର୍ପର ଗର୍ଜନ ଶୁଣି ହାତ ବଢ଼େଇବା, ବାଘ ଥିବା ଗୁମ୍ଫା ଭିତରେ ପ୍ରବେଶ କରିବା ହେଉଛି ଶଙ୍କାଜନକ, ତେଣୁ ଏସବୁ ନିଷିଦ୍ଧକର୍ମ । ଏହିଭଳି ନିଷିଦ୍ଧ କର୍ମ ପ୍ରତି ଯେଉଁ ବୁଦ୍ଧିର ଶଙ୍କା ଉତ୍ପନ୍ନ ହୁଏ, ତାହା ହେଉଛି ସାତ୍ତ୍ୱିକୀ । ବିଷମିଶ୍ରିତ ଖାଦ୍ୟ ମୃତ୍ୟୁର ହେତୁ । ନିଷିଦ୍ଧ କର୍ମ ମଧ୍ୟ ଜନ୍ମମୃତ୍ୟୁ ବନ୍ଧନର କାରଣ । ଏହି ବନ୍ଧନଭୟଯୁକ୍ତ ନିଷିଦ୍ଧକର୍ମ ଆସି ଉପସ୍ଥିତ ହେଲେ ଯେଉଁ ବୁଦ୍ଧି ତାକୁ ତ୍ୟାଗ କରିବାର କୌଶଳ ଜାଣେ ଏବଂ ଯିଏ କେଉଁଟା କରଣୀୟ, କେଉଁଟା ଅକରଣୀୟ ଜାଣେ, ଜହୁରୀ ସୁନାକୁ ପରଖିଲା ଭଳି ଯେଉଁ ବୁଦ୍ଧି ପ୍ରବୃତ୍ତିକୁ ପରଖ କରିପାରେ, ତାହା ହେଉଛି ସାତ୍ତ୍ୱିକୀ ବୁଦ୍ଧି ।

ଯୟା ଧର୍ମମଧର୍ମଂ ଚ କାର୍ଯ୍ୟଂ ଚାକାର୍ଯ୍ୟମେବ ଚ ।
ଅଯଥାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ ॥୩୧॥

ଯେଉଁଠି କେବଳ ହଂସ ବାସ କରିଥାଆନ୍ତି, ସେଠାରେ ଦୁଗ୍ଧ ଓ ଜଳକୁ ପୃଥକ୍ କରିବାଲାଗି କଷ୍ଟ କରିବାକୁ ପଡ଼େନା । ଦିନରାତିର ଭେଦ ଅନ୍ଧର ନ

ଥାଏ । ଭ୍ରମର କୁସୁମର ମକରନ୍ଦ ପାନ କରେ, ବୃକ୍ଷରେ ଛିଦ୍ର ମଧ୍ୟ କରେ, ସେଥିରେ ଭ୍ରମରତ୍ୱର ହାନି ହୁଏ ନାହିଁ । କାର୍ଯ୍ୟ ଅକାର୍ଯ୍ୟ, ଧର୍ମ ଅଧର୍ମ ବିଚାର କରି ଯେଉଁ ବୁଦ୍ଧି ଆଚରଣ କରେ, ତାହା ହେଉଛି ରାଜସିକ ବୁଦ୍ଧି । ପରୀକ୍ଷା ନ କରି ମୁକ୍ତା କ୍ରୟ କଲେ ଭଲ ଜିନିଷ ମିଳେନା । ସେହିଭଳି ଯେଉଁ ବୁଦ୍ଧି ନିଷିଦ୍ଧକର୍ମକୁ କୌଣସିମତେ ଦୂରରେ ରଖି ନିଜକୁ କୃତାର୍ଥ ମନେକରେ, ଅଥଚ ସତ୍ ଓ ଅସତ୍‌କର୍ମ ସମାନ ଭାବରେ ଆଚରଣ କରେ, ଯୋଗ୍ୟ ଅଯୋଗ୍ୟ ବିଚାର କରେନା, ତାହାକୁ ରାଜସିକ ବୁଦ୍ଧି କୁହାଯାଏ ।

ଅଧର୍ମଂ ଧର୍ମମିତି ଯା ମନ୍ୟତେ ତମସାବୃତା ।
ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ ।।୩୨।।

ରାଜା ଓ ଚୋରର ବାଟ ଅଲଗା ଅଲଗା । ଚୋର ରାଜପଥରେ ଯିବାକୁ ଭୟ କରେ, ସେ ଜଙ୍ଗଲ ରାସ୍ତାରେହିଁ ଗତି କରିଥାଏ । ନିଶାଚର ପକ୍ଷରେ ରାତି ହେଉଚି ଦିନ । ଭାଗ୍ୟହୀନ ହାତରେ ଯେକୌଣସି ଜିନିଷ ପଡ଼ିଲେ ନଷ୍ଟ ହୋଇଯାଏ । ମୋହଗ୍ରସ୍ତ ଲୋକ ଭାବେ ଆତ୍ମା ବୋଲି କିଛି ନାହିଁ । ଧର୍ମକୁ ସେ ଭାବେ ପାପ । ସତକୁ ଭାବେ ମିଥ୍ୟା । ସରଳ କଥାକୁ ସେ ବିପରୀତ ମନେକରେ । ସଦ୍‌ଗୁଣକୁ ଦୋଷ ଆଖ୍ୟା ଦିଏ । ବେଦାନୁମୋଦିତ ବିଷୟକୁ ବିପରୀତ ମନେକରେ । ହେ ପାଣ୍ଡବ ! ଏଭଳି ବୁଦ୍ଧି ହେଉଚି ତାମସିକ । ଏବେ ରାତି ହୋଇଛି କି ଦିନ ହୋଇଛି, ଜାଣିବା ଲାଗି କେହି ଧର୍ମ ଶାସ୍ତ୍ରର ବିଧିବିଧାନକୁ ମନ୍ଥନ କରିନଥାଏ ।

ଜ୍ଞାନବୀଜବିକାଶୀ ସୂର୍ଯ୍ୟସ୍ୱରୂପ ହେ ଅର୍ଜୁନ ! ତୁମକୁ ତିନି ପ୍ରକାରର ବୁଦ୍ଧି ବିଷୟ କହିଲି । ବୁଦ୍ଧି ଦ୍ୱାରା କର୍ମ ସିଦ୍ଧାନ୍ତ କରିବା ସମୟରେ ହିଁ ଧୃତିର ପରିଚୟ ମିଳେ । ଏହି ଧୃତି ମଧ୍ୟ ତ୍ରିବିଧ ।

ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।
ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥସାତ୍ତ୍ୱିକୀ ।।୩୩।।

ସୂର୍ଯ୍ୟୋଦୟମାତ୍ରେ ଚୋର ଖସିପଳାଏ, ଅନ୍ଧକାର ଦୂରୀଭୂତ ହୁଏ । ରାଜାଜ୍ଞାରେ ନିତ୍ୟକର୍ମ ନିଷିଦ୍ଧ ହୁଏ । ବାୟୁର ବେଗ ତୀବ୍ର ହେଲେ ମେଘର

ଗର୍ଜନ ଓ ବର୍ଷଣ ହୁଏ । ଅଗସ୍ତ୍ୟ ମୁନିଙ୍କ ଦର୍ଶନମାତ୍ରେ ସମୁଦ୍ର ନିସ୍ତବ୍ଧ ହୁଏ । ସମ୍ମୁଖରେ ସିଂହ ଉପସ୍ଥିତ ହେଲେ ଉନ୍ମତ୍ତ ହସ୍ତୀ ମଧ୍ୟ ପଶ୍ଚାଦ୍‌ଗାମୀ ହୁଏ । ସେହିଭଳି ଧୃତିର ଉଦୟମାତ୍ରେ ମନ ପ୍ରଭୃତି ଅନ୍ତରେନ୍ଦ୍ରିୟଗୁଡ଼ିକ ତତ୍‌କ୍ଷଣାତ୍ ନିଜ ନିଜ କର୍ମ ତ୍ୟାଗ କରିଥାଆନ୍ତି । ସେତେବେଳେ ହିଁ ହେ କିରୀଟି ! ଇନ୍ଦ୍ରିୟ ଓ ବିଷୟର ସମ୍ବନ୍ଧ ତୁଟିଯାଏ । ଦଶଟିଯାକ ଇନ୍ଦ୍ରିୟ ମନୋମୟ ମାତୃଗର୍ଭରେ ପ୍ରବେଶ କରନ୍ତି । ଊର୍ଦ୍ଧ୍ୱ ଓ ଅଧୋବାୟୁର ପଥ ବନ୍ଦ ହୋଇଆସେ ଏବଂ ପ୍ରାଣ ନୂତନ ବାୟୁର ଗଣ୍ଠିଳି ବାନ୍ଧି ସୁଷୁମ୍ନାରେ ମିଳିତ ହୁଏ । ମନ ସଂକଳ୍ପ ଓ ବିକଳ୍ପର ଆବରଣ ଛାଡ଼ି ବୁଦ୍ଧିର ପଛପଟେ ନିସ୍ତବ୍ଧରେ ବସିରହେ । ଧୃତି ହେଉଚି ନୃପତି । ସେ ମନ, ପ୍ରାଣ ଓ ଇନ୍ଦ୍ରିୟଗୁଡ଼ିକୁ ହଠାତ୍ କୌଣସି କାର୍ଯ୍ୟ ଆରମ୍ଭ କରିବାପାଇଁ ସୁଯୋଗ ଦିଏନାହିଁ । ଯଦି ବା କର୍ମ ଆରମ୍ଭ କରାଯାଇଥାଏ, ତଥାପି ସେ କର୍ମରୁ ଏମାନଙ୍କୁ ଛଡ଼େଇନିଏ । ଯୋଗବଳରେ ଏକାନ୍ତରେ ଧ୍ୟାନକୁ ହୃଦୟକମଳରେ ଧାରଣ କରିବା ଲାଗିସେ ପ୍ରେରଣା ଦିଏ ଏବଂ କୌଣସି ପ୍ରତିଦାନକୁ ଅପେକ୍ଷା ନ କରି ଏହି ଇନ୍ଦ୍ରିୟଗୁଡ଼ିକୁ ପରମାତ୍ମାଙ୍କ ହସ୍ତରେ ସମର୍ପଣ କରିଥାଏ ।

ଶ୍ରୀକାନ୍ତ ଶ୍ରୀକୃଷ୍ଣ କହିଲେ, ଏହାହିଁ ସାତ୍ତ୍ୱିକ ଧୃତି ।

ଯୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜୁନ ।
ପ୍ରସଙ୍ଗେନଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ରାଜସୀ ।।୩୪।।

ଯେଉଁ ଜୀବ ଦେହାଭିମାନ ଦ୍ୱାରା ଧର୍ମ, ଅର୍ଥ ଓ କାମ— ଏହି ତିନୋଟିର ସେବା କରେ ଏବଂ ସ୍ୱର୍ଗ ହେଉ ବା ସଂସାରରେ ହେଉ, ବାସନାରୂପକ ସମୁଦ୍ରକୁ ଏହି ଧର୍ମ, ଅର୍ଥ ଓ କାମରୂପକ ଜାହାଜରେ ପାର ହୁଏ, ନାନା ବୈଭବ ଉପଭୋଗ କରେ, ଯେଉଁ ଧୃତି ସାହାଯ୍ୟରେ କର୍ମର ବେପାର ବଣିଜ କରେ, କର୍ମକୁ ମୂଳଧନ ମନେକରି ଯେଉଁ ଧୃତି ସାହାଯ୍ୟରେ ପୁଞ୍ଜିକୁ ଚତୁର୍ଗୁଣା କରିବାଲାଗି କଠୋର ପରିଶ୍ରମ କରେ, ହେ ଅର୍ଜୁନ ! ଏହି ଧୃତି ହେଉଛି ରାଜସ ।

ଏବେ ତାମସ ଧୃତିର ଲକ୍ଷଣ କ'ଣ ଶୁଣ ।

ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।
ନ ବିମୁଞ୍ଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ।।୩୫।।

ତାମସୀ ଧୃତି ହେଉଚି କଳାକୋଇଲାଭଳି ଅଧମଗୁଣସମ୍ପନ୍ନ । ତୁମେ ପଚାରିପାର ଅଧମ ବସ୍ତୁ ସହିତ ଗୁଣ ଶବ୍ଦଟିକୁ ଯୋଗ କରାଗଲା କାହିଁକି ? ନୀଚ ନିକୃଷ୍ଟ 'ତମ'କୁ ଯଦି ଗୁଣ କୁହାଯାଏ, ତାହାହେଲେ ରାକ୍ଷସପ୍ରକୃତିର ଲୋକକୁ ସାଧୁପୁରୁଷ କୁହାଯିବ ନାହିଁ କାହିଁକି ? ଏହାର ଉତ୍ତରରେ କୁହାଯିବ ଯେ ଗ୍ରହ ମଧ୍ୟରେ ଅଗ୍ନିମୂର୍ତ୍ତି ସ୍ୱରୂପ ମନ୍ଦଗ୍ରହ 'ମଙ୍ଗଳ' ନାମରେ ଅଭିହିତ । ସେହିଭାବରେ ତମଃ ସହିତ ଗୁଣ ଶବ୍ଦର ସଂଯୋଗ ହୋଇଛି । ହେ ସୁଯୋଦ୍ଧା ! ସର୍ବଦୋଷପରିପୂର୍ଣ୍ଣ ତମୋଗୁଣସମ୍ପନ୍ନ ଲୋକ ହେଉଛି ଆଳସ୍ୟପରାୟଣ । ପାପକାର୍ଯ୍ୟ କଲେ ଯେପରି ଦୁଃଖ ଛାଡ଼େ ନାହିଁ, ସେହିଭଳି ଏହି ଲୋକକୁ ନିଦ୍ରା ଛାଡ଼ି ନ ଥାଏ । ପଥର କଠିନତାକୁ ଯେପରି ଛାଡ଼ିପାରେନା, ସେହିଭଳି ତମୋଗୁଣସମ୍ପନ୍ନ ବ୍ୟକ୍ତିର ମନରୁ ଦେହ ଓ ଧନର ମୋହମାୟାହେତୁ ଭୟ ତୁଟେନା । କୃତଘ୍ନ ବ୍ୟକ୍ତି ପାପଠାରୁ ଦୂରରେ ରହିପାରେନା । ସେହିଭଳି ତାମସିକଲୋକ ପ୍ରତ୍ୟେକ ଜିନିଷକୁ ଲୋଭ କରିବା ହେତୁ ସର୍ବଦା ରୋଗଶୋକରେ ଘାଣ୍ଟି ହୋଇଥାଏ । ଦିନରାତି ହୃଦୟରେ ତାର ଅସନ୍ତୋଷ ଥିବା ଯୋଗୁଁ ବିଷାଦ ହଉଛି ତାର ଚିରସଙ୍ଗୀ । ସେ ଯୌବନ, ଧନ ଓ କାମନାରେ ପ୍ରମତ୍ତ ରହିଥାଏ ।

ଅଗ୍ନିକୁ ଉଷ୍ଣତା ତ୍ୟାଗ କରେନା । ବିଷଧର ସର୍ପ ଶତ୍ରୁକୁ ଭୁଲି ନଥାଏ । ଭୟର ବିସ୍ତାର ସର୍ବତ୍ର । କାଳଦେହକୁ ଭୁଲିଯାଏ ନା । ମଦ ତାମସିକ ବ୍ୟକ୍ତିର ସଙ୍ଗ ଛାଡ଼େନା । ସେହିଭଳି ନିଦ୍ରା, ଭୟ, ଶୋକ, ବିଷାଦ ଓ ମଦ ତାମସିକ ବ୍ୟକ୍ତିକୁ ଛାଡ଼େନା । ଏହି ପାଞ୍ଚଟି ବୃତ୍ତିକୁ ଯିଏ ଧାରଣକରେ, ତାର ନାମ ତାମସୀଧୃତି । ତିନି ପ୍ରକାରର ବୁଦ୍ଧି ଦ୍ୱାରା ନିର୍ଦ୍ଧାରିତ କର୍ମ ତ୍ରିବିଧ ଧୃତି ଦ୍ୱାରା ସିଦ୍ଧ ହୁଏ । ସୂର୍ଯ୍ୟ ପଥ ଘାଟ ପ୍ରକାଶ କରେ । ମନୁଷ୍ୟ ପାଦରେ ବାଟ ଚାଲେ । ଚାଲିବା କ୍ରିୟାର ମୂଳ ହେଉଚି ଧୈର୍ଯ୍ୟ । ଧୈର୍ଯ୍ୟ ନଥିଲେ ମନୁଷ୍ୟ ବାଟ ଚାଲି

ନ ପାରେ । ସେହିଭଳି ବୁଦ୍ଧି ଯେଉଁ କର୍ମକୁ ଦେଖେଇଦିଏ, ଇନ୍ଦ୍ରିୟ ଗୁଡ଼ିକ ସେହି କର୍ମରେ ଲାଗିପଡ଼ନ୍ତି, କିନ୍ତୁ ଏହି କର୍ମ କରିବାଲାଗି ଆବଶ୍ୟକ ହୁଏ ଧୈର୍ଯ୍ୟ ବା ଧୃତି । ଧୈର୍ଯ୍ୟ ବା ଧୃତିଦ୍ୱାରା ତ୍ରିବିଧ କର୍ମ ସମ୍ପନ୍ନ ହେଲେ ଯେଉଁ ଫଳ ଉତ୍ପନ୍ନ ହୁଏ, ତାର ନାମ ସୁଖ । ସୁଖ ମଧ୍ୟ କର୍ମାନୁସାରେ ତିନି ଶ୍ରେଣୀର । ସୁଖର ଫଳ କିପରି ଭିନ୍ନ ଭିନ୍ନ ତିନି ପ୍ରକାରର ହୋଇଥାଏ, ମୁଁ ପରିଷ୍କାର ଶବ୍ଦଦ୍ୱାରା ବର୍ଣ୍ଣନା କରୁଛି । 'ପରିଷ୍କାର ଶବ୍ଦ' କହିବାର ତାତ୍ପର୍ଯ୍ୟ ମଧ୍ୟ ଅଛି । କାରଣ ଏହାକୁ ଶବ୍ଦ ଦ୍ୱାରା ବର୍ଣ୍ଣନା କରିବାରେ ସୁଖ ଭଳି ଏକ ନିର୍ମଳ ପଦାର୍ଥରେ କର୍ମର ମଇଳା ଲାଗିଯିବାର ସମ୍ଭାବନା ରହିଛି । ତେଣୁ ହେ ଅର୍ଜୁନ ! ବାହାର କାନ ଦେଇ ଏ ବିଷୟ ଶୁଣିବାକୁ ପ୍ରୟାସ ନ କରି ଧ୍ୟାନପୂର୍ବକ ଅନ୍ତରର କାନ ଦ୍ୱାରା ଏହାକୁ ଶୁଣ ।

ଏହା କହି ଭଗବାନ ଶ୍ରୀକୃଷ୍ଣ ତ୍ରିବିଧ ସୁଖ ବର୍ଣ୍ଣନା କରିଥିଲେ । ମୁଁ ଆପଣଙ୍କୁ ସେହି କଥା ବର୍ଣ୍ଣନା କରୁଛି ।

ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ ।
ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାନ୍ତଂ ଚ ନିଗଚ୍ଛତି ।।୩୬।।

ଶ୍ରୀକୃଷ୍ଣ କହିଲେ, ହେ ପ୍ରାଜ୍ଞ ! ତୁମକୁ କଥା ଦେଇଚି ଯେ ତ୍ରିବିଧ ସୁଖର ବର୍ଣ୍ଣନା କରିବି । ମୁଁ ମୋ ବଚନ ରକ୍ଷା କରୁଚି । ଆତ୍ମା ସହିତ ସାକ୍ଷାତ୍‌କାରରେ ଜୀବକୁ ଯାହା ମିଳିଥାଏ, ତାହା ହେଉଛି ବାସ୍ତବ ସୁଖ । ଦିବ୍ୟ ଔଷଧ ମାତ୍ରା ମାତ୍ରା କରି ଖିଆଯାଇଥାଏ । ରାସାୟନିକ କ୍ରିୟା ଦ୍ୱାରା ଗଙ୍ଗା, ଧାତୁକୁ ରୂପାରେ ପରିଣତ କରିଥାଏ । ଲୁଣକୁ ଜଳରେ ପରିଣତ କରିବାକୁ ହେଲେ ପାଣିରେ ଲୁଣ ପକାଇ ଘାଣ୍ଟିବାକୁ ପଡ଼େ । ସେହିଭଳି ଧୀରେ ଧୀରେ ଅଳ୍ପ ଅଳ୍ପ କରି ସୁଖର ସନ୍ଧାନ ପାଇଲେ ମଧ୍ୟ କ୍ରମଶଃ ଅଭ୍ୟାସଦ୍ୱାରା ଏହା ବୃଦ୍ଧିଲାଭ କରେ । ଏହି ସୁଖ ଲାଭ ହେଉଥିବା ବେଳେ ମନୁଷ୍ୟର ଜୀବଦ୍ଦଶାରେ ଦୁଃଖ ମଧ୍ୟ କ୍ରମଶଃ ଦୂର ହୋଇଥାଏ । ଏକାବେଳକେ ଦୁଃଖ ଦୂର ହୋଇଯିବା ପରେ ମିଳେ ଆତ୍ମସୁଖ । ଏହି ଆତ୍ମସୁଖ ମଧ୍ୟ ତ୍ରିଗୁଣାତ୍ମକ । ସେଗୁଡ଼ିକୁ ଅଲଗା ଅଲଗା ବର୍ଣ୍ଣନା କରୁଛି ।

ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।
ତତ୍ ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧି ପ୍ରସାଦକମ୍ ।।୩୭।।

ଚନ୍ଦନ ବୃକ୍ଷ ସର୍ପସଙ୍କୁଳ ବୋଲି ଭୀତିପ୍ରଦ । ଭୂଇଁରେ ପୋତା ହୋଇଥିବା ହାଣ୍ଡି ମୁହଁରେ ପିଶାଚ ଥିବ ବୋଲି ଏହା ଭୟର କାରଣ । ସ୍ୱର୍ଗସୁଖ ଅବଶ୍ୟ ମଧୁର କିନ୍ତୁ ସ୍ୱର୍ଗରେ ରହିବାକୁ ହେଲେ ଯାଗଯଜ୍ଞ ଆଦି କରିବାକୁ ପଡ଼ିଥାଏ । ଶିଶୁ କାନ୍ଦେ, ତେଣୁ ଅନ୍ୟ ପକ୍ଷରେ ଶୈଶବ ଅଶାନ୍ତିକର । ଡିବିରି ଜଳାଇଲେ ଧୂଆଁ ସହ୍ୟ କରିବାକୁ ପଡ଼ିଥାଏ । ଔଷଧ ରୋଗ ଭଲ କରେ, ତେବେ ଏହା କଟୁ ଓ ଅସ୍ୱାଦୁକର ହୋଇପାରେ । ହେ ପାଣ୍ଡବ ! ସୁଖ ଆରମ୍ଭରେ ସେହିଭଳି ଦୁଃଖ ସହ୍ୟ କରିବାକୁ ପଡ଼ିଥାଏ । ଏଥିଲାଗି ନାମ, ନିୟମ ସାଧନାଦି ପ୍ରୟୋଜନ ହୋଇଥାଏ । ବିଷୟ ବାସନାକୁ ମନରୁ ଦୂର କରି, ସ୍ୱର୍ଗ ଓ ସଂସାରର ପ୍ରତିବନ୍ଧକକୁ ଏଡ଼ାଇ ମନରେ ବୈରାଗ୍ୟ ଉଦୟ ହେଲେ ବିବେକ ସହିତ ଶ୍ରବଣ, ଦର୍ଶନାଦି କରି ତୀବ୍ର ଓ କୃଚ୍ଛ୍ର ଆଚରଣ କରୁ କରୁ ବୁଦ୍ଧିର ଦୋଷ ଦୂର ହୁଏ । ସେତେବେଳେ ମନରେ ଉଦୟ ହୁଏ ସୁନିର୍ମଳ ସୁଖ । ସୁଷୁମ୍ନା ବାଟ ଦେଇ ପ୍ରାଣ ଓ ଅପାନବାୟୁ ପ୍ରବେଶ କଲାବେଳେ କଷ୍ଟ ଅନୁଭୂତ ହୋଇଥାଏ । ଏସବୁ କଷ୍ଟ କେବଳ ଆରମ୍ଭରୁ ହୋଇଥାଏ କିନ୍ତୁ ପରେ କୌଣସି କଷ୍ଟ ଜଣାପଡ଼େନା । ଚକ୍ରବାକ ପକ୍ଷୀକୁ ପ୍ରିୟାଠାରୁ ବିଚ୍ଛିନ୍ନ ରଖାଗଲେ, ନୂତନ ପ୍ରସୂତ ବାଛୁରୀକୁ ତା ମା' ପାଖରୁ ଛଡ଼େଇନେଲେ, ଭିକ୍ଷୁକ ହାତରୁ ଭିକ୍ଷାପାତ୍ର କାଢ଼ିନେଲେ, ମାଛକୁ ପାଣିରୁ ଉଠେଇ ଆଣିଲେ ଯେଉଁ ଦୁଃଖ ହୁଏ, ସେହିଭଳି ବିଷୟତ୍ୟାଗଆଦି ଅସହ୍ୟ ଦୁଖକୁ ବୈରାଗ୍ୟବାନ୍ ବ୍ୟକ୍ତି ଅକାତରରେ ସହ୍ୟ କରିଥାଏ । ସୁଖର ଆରମ୍ଭରେ ଏହିଭଳି ଦୁଃଖ ଓ କ୍ଷୋଭ ହୁଏ । କ୍ଷୀରସମୁଦ୍ରରୁ ଅମୃତ ଲାଭ ହୋଇଥାଏ । ବୈରାଗ୍ୟରୂପକ ବିଷକୁ ଆକଣ୍ଠ ପାନକରିବାଲାଗି ଧୈର୍ଯ୍ୟରୂପକ ନୀଳକଣ୍ଠ ଶଙ୍କର ଅଗ୍ରସର ହେଲେ ଯାଇ ଜ୍ଞାନାମୃତ-ଆନନ୍ଦ ଲାଭ ହୁଏ । ପାଚିନଥିବା ଦ୍ରାକ୍ଷା ଏଭଳି ଖଟା ଯେ, ତକ୍ଷକ ମଧ୍ୟ ମୁହଁମୋଡ଼ି ଦିଏ । କିନ୍ତୁ ପାଚିଲେ ଏହା ମହୁମାଛିକୁ ମଧ୍ୟ ପରାଜିତ କରିପାରେ । ଆତ୍ମପ୍ରକାଶ ବଳରେ ବୈରାଗ୍ୟାଦିର ପରିପାକ ଅବସ୍ଥାରେ ଅବିଦ୍ୟା ଦୂର ହେଲେ ଉଦୟ ହୁଏ ସୁଖ ।

ସାଗର ସଙ୍ଗମରେ ଗଙ୍ଗା ଯେପରି ସାଗର ପାଲଟିଯାଏ, ସେହିଭଳି ଆତ୍ମା ସହିତ ମିଳନ ଫଳରେ ବୁଦ୍ଧି ଅଦ୍ୱୈତାନନ୍ଦରେ ପରିଣତ ହୁଏ । ସମସ୍ତ ମାୟାଜନିତ ନାମ ରୂପାତ୍ମକ ଦ୍ୱୈତ ଭାବ ନଷ୍ଟ ହୋଇଯାଏ । ଯେଉଁ ସୁଖର ମୂଳରେ ଥାଏ ବୈରାଗ୍ୟ ଏବଂ ପରିଣାମରେ ଆତ୍ମାନୁଭବ, ତାହା ସାତ୍ତ୍ୱିକ ।

ବିଷୟେନ୍ଦ୍ରିୟସଂଯୋଗାଦ୍ ଯତ୍ତଦଗ୍ରେଽମୃତୋପମମ୍ ।
ପରିଣାମେ ବିଷମିବ ତତ ସୁଖଂ ରାଜସଂ ସ୍ମୃତମ୍ ।।୩୮।।

ହେ ଧନଞ୍ଜୟ ! ବିଷୟ ଓ ଇନ୍ଦ୍ରିୟର ସଂଯୋଗରେ ଯେଉଁ ସୁଖର ପ୍ରବାହ ଦୁଇ ତଟକୁ ଉଛୁଳେଇ ଛୁଟେ, ତାହା ହେଉଛି ରାଜସିକ । ରାଜା ବା ମନ୍ତ୍ରୀ କିମ୍ବା କ୍ଷମତାପନ୍ନ କୌଣସି ଉଚ୍ଚପଦସ୍ଥ ବ୍ୟକ୍ତି ନଗରକୁ ଆସିଲେ ଉତ୍ସବ ମଉଛବ ଆଦିର ଆୟୋଜନ କରିବାକୁ ଭଲ ଲାଗେ । ରଣକରି ବେଶ୍ ଆଡ଼ୁଡ଼ା ଚୌଡ଼ାରେ ବିବାହ ଉତ୍ସବ କରିବା ପ୍ରଥମତଃ ସୁଖଦାୟକ ହୋଇଥାଏ । ରୋଗୀକୁ ମନା କରାଯାଇଥିଲେ ମଧ୍ୟ ତାକୁ ଚିନି ଓ କଦଳୀ ଖାଇବାକୁ ଭଲଲାଗେ । ଝଗଡ଼ା ଲାଗି ନଥିବା ପୂର୍ବରୁ ମିଠା କଥା ଭାରି ଭଲ ଶୁଣାଯାଏ । ସାଧୁବେଶଧାରୀ ଚୋର ସହିତ ବନ୍ଧୁତା ପ୍ରଥମେ ଭଲ ଲାଗେ । ବାରବନିତା ସହିତ ପ୍ରୀତି ପ୍ରଥମେ ସୁଖଦାୟକ । ପ୍ରଥମେ ପ୍ରଥମେ ବହୁରୂପୀର ଖେଳ ଆନନ୍ଦଦାୟକ । ସେହିଭଳି ବିଷୟ ଓ ଇନ୍ଦ୍ରିୟର ସଂଯୋଗରେ ଜୀବ ପ୍ରଥମେ ପ୍ରଥମେ ସୁଖ ଅନୁଭବ କରେ,କିନ୍ତୁ ପରିଣାମରେ ଏହା ଦୁଃଖଦାୟକ । ପୋଖରୀ ଭିତରେ ନକ୍ଷତ୍ରର ପ୍ରତିବିମ୍ବ ଦେଖି ଏହା ରତ୍ନ ଭାବି ଡେଇଁପଡ଼ିଲେ ଦୁଃଖହିଁ ସାର ହୁଏ । ଅଧିକ ସୁଖ ଆଶାରେ ପୂର୍ବ ସମ୍ପାଦିତ ଲାଭର ହାନି ହୁଏ, ଜୀବନର ଆଶା ଲିଭିଯାଏ, ସଞ୍ଚିତ ପୁଣ୍ୟଧନର ଗଣ୍ଠିଳି ଖୋଲିଯାଏ, ମିଳିଥିବା ଭୋଗ ଓ ସୁଖ ସ୍ୱପ୍ନ ଭଳି କୁଆଡ଼େ ମିଳେଇଯାଏ, ଶେଷରେ ରହେ କେବଳ ଦୁଃଖ । ଯେଉଁ ସୁଖର ପରିଣାମ ଇହଲୋକରେ ଦୁଃଖମୟ, ପରଲୋକରେ ବିଷମୟ, ତାହାହିଁ ରାଜସିକ ସୁଖ । ଇନ୍ଦ୍ରିୟମାନଙ୍କର କାମନା ପୂର୍ଣ୍ଣ କରି, ଧର୍ମୋଦ୍ୟାନକୁ ନଷ୍ଟ କରି, ବିଷୟ ଉପଭୋଗ ଦ୍ୱାରା ପାପ ବୃଦ୍ଧି ପାଇବା ସଙ୍ଗେ

ସଙ୍ଗେ ନରକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ । ମିଠାବିଷ ପାଟିକୁ ମିଠା ଲାଗିଲେ ମଧ୍ୟ ପରିଣାମରେ ଯେପରି ମୃତ୍ୟୁକାରକ, ସେହିଭଳି ରାଜସିକ ସୁଖ ପ୍ରଥମେ ମଧୁର କିନ୍ତୁ ପରିଣାମରେ ଅତ୍ୟନ୍ତ ତିକ୍ତ ଅର୍ଥାତ୍ ଦୁଃଖଦାୟୀ । ହେ ପାର୍ଥ ! ଏହା ରଜୋଗୁଣ ସମ୍ଭୂତ । ତେଣୁ ଏହାକୁ କେବେହେଲେ ସ୍ପର୍ଶ କର ନାହିଁ ।

ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ ।
ନିଦ୍ରାଳସ୍ୟପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ ।।୩୯।।

ଯାହା ପାନୀୟ ନୁହେଁ ତାକୁ ପାନ କରିବା, ଅଖାଦ୍ୟ ଖାଇବା, ଯଥେଚ୍ଛା ଭାବରେ ସ୍ତ୍ରୀସଙ୍ଗ କରିବା, ଅନ୍ୟକୁ ଆଘାତ କରିବା, ପରସ୍ୱ ଅପହରଣ କରିବା, ସ୍ତାବକ ମୁହଁରୁ ନିଜର କୀର୍ତ୍ତି ଶୁଣିବାରେ ଆନନ୍ଦ ଅନୁଭବ କରିବା ଦ୍ୱାରା ଯେଉଁ ସୁଖ ମିଳେ, ଯେଉଁ ସୁଖରେ ଆଳସ୍ୟକୁ ପୋଷଣ କରାଯାଇଥାଏ, କେବଳ ଶୋଇ ରହିବାରେ ଯେଉଁ ସୁଖ ମିଳେ, ଯେଉଁ ସୁଖର ଆରମ୍ଭ ଓ ଶେଷରେ ଆତ୍ମଦର୍ଶନ ଲାଗି ପଥଭ୍ରାନ୍ତି ହୁଏ, ହେ ପାର୍ଥ ! ସେହି ସୁଖ ହେଉଛି ତାମସିକ । ଏହା ନିନ୍ଦନୀୟ । ତେଣୁ ଏହାର ବିଶେଷ ବର୍ଣ୍ଣନା ନିଷ୍ପ୍ରୟୋଜନ । ମୁଖ୍ୟଫଳ ହେଉଛି ସୁଖ କିନ୍ତୁ କର୍ମ ଭେଦରେ ଏହା ତିନି ପ୍ରକାରର । ଶାସ୍ତ୍ରାନୁସାରେ ମୁଁ ଏଗୁଡ଼ିକର ବର୍ଣ୍ଣନା କଲି । ସ୍ଥୂଳ ଓ ସୂକ୍ଷ୍ମ ସୃଷ୍ଟିରେ ଛୋଟ ବଡ଼ ସବୁ ବସ୍ତୁରେ କର୍ତ୍ତା, କର୍ମ ଓ କର୍ମଫଳ—ଏହି ତ୍ରିପୁଟୀ ବ୍ୟତୀତ ଆଉ କିଛି ନାହିଁ । ସୂତାରେ ଲୁଗା ବୁଣାଗଲା ଭଳି ଏହି ତ୍ରିପୁଟୀରେ ତିନୋଟିଯାକ ଗୁଣ ଓତପ୍ରୋତ ଭାବରେ ରହିଥାଏ ।

ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।
ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ ।।୪୦।।

ସ୍ୱର୍ଗରେ ହେଉ ବା ମର୍ତ୍ତ୍ୟରେ ହେଉ, ପ୍ରତ୍ୟେକ ବସ୍ତୁ ମାୟାର ଅଧୀନ ଏବଂ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣଯୁକ୍ତ । ଲୋମକୁ ଛାଡ଼ି କମ୍ବଳ, ମାଟିକି ଛାଡ଼ି ହାଣ୍ଡିମାଠିଆ ଓ ଜଳକୁ ଛାଡ଼ି ତରଙ୍ଗ ଅସମ୍ଭବ । ସେହିଭଳି ତ୍ରିଗୁଣ ବ୍ୟତୀତ ସୃଷ୍ଟି ଚଳି ନ ପାରେ । ଏହି ଗୁଣରୁ ହିଁ ଭଗବାନଙ୍କ ତିନିରୂପ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର; ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏବଂ ଚାରି ବର୍ଣ୍ଣାଶ୍ରମ ଏହି ଗୁଣତ୍ରୟରୁ ସୃଷ୍ଟି ।

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରଂତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ।।୪୧।।

ଚାରି ବର୍ଣ୍ଣ ମଧ୍ୟରେ ବ୍ରାହ୍ମଣ ଶ୍ରେଷ୍ଠ । ମହତ୍ତ୍ୱ ଦୃଷ୍ଟିରୁ କ୍ଷତ୍ରିୟ ଓ ବୈଶ୍ୟ ବ୍ରାହ୍ମଣ ସହିତ ସମାନ । କାରଣ ଏମାନଙ୍କର ମଧ୍ୟ ବୈଦିକକର୍ମରେ ଅଧିକାର ରହିଛି । ଚତୁର୍ଥ ବର୍ଣ୍ଣ ଶୂଦ୍ରର ବୈଦିକ କାର୍ଯ୍ୟରେ ଅଧିକାର ନଥିଲେ ମଧ୍ୟ ଏମାନଙ୍କ ଉପଜୀବିକା (ବେଉଷା) ଏହି ବର୍ଣ୍ଣର ଅଧୀନ । ସେବାବୃତ୍ତିଦ୍ୱାରା ଶୂଦ୍ର ମଧ୍ୟ ବ୍ରାହ୍ମଣାଦି ତିନି ବର୍ଣ୍ଣ ସହିତ ଘନିଷ୍ଠଭାବରେ ସଂପୃକ୍ତ । ତେଣୁ ବର୍ଣ୍ଣ ବିଭାଗରେ ଏହାକୁ ସ୍ଥାନ ଦିଆଯାଇଛି । ଫୁଲ ଗୁନ୍ଥାଯାଇଥାଏ ସୂତାରେ । ତେଣୁ ଫୁଲକୁ ଆଘ୍ରାଣ କରିବାବେଳେ ଫୁଲର ଗନ୍ଧ ସହିତ ସୂତାର ଗନ୍ଧ ମଧ୍ୟ ନାକକୁ ଯାଇଥାଏ । ବ୍ରାହ୍ମଣାଦିଙ୍କ ସହିତ ସଙ୍ଗହେତୁ ବେଦମାତା ଶୂଦ୍ରକୁ ମଧ୍ୟ ସ୍ୱୀକାର କରିଛନ୍ତି ।

ହେ ପାର୍ଥ ! ତୁମକୁ ଏହି ଚାରିବର୍ଣ୍ଣର ଅଧିକାର ଅନୁସାରେ ମୁଁ କର୍ମ କଥା କହୁଛି ଶୁଣ । ଯଥାରୀତି କର୍ମାନୁଷ୍ଠାନ କରି ଏହି ଚାରିବର୍ଣ୍ଣର ମନୁଷ୍ୟ ଜନ୍ମମୃତ୍ୟୁର ଭୟ ଏଡ଼େଇ ଭଗବଦ୍‌ସ୍ୱରୂପରେ ପ୍ରବେଶ କରିବାଲାଗି ସମର୍ଥ । ସତ୍ତ୍ୱ, ରଜ, ତମ—ଏହି ତିନିଗୁଣ କର୍ମର ଚାରୋଟି ବିଭାଗ କରି ଚାରିବର୍ଣ୍ଣର ବ୍ୟବସ୍ଥା କରାଯାଇଛି । ପୈତୃକସମ୍ପତ୍ତି ପୁଅମାନଙ୍କ ମଧ୍ୟରେ ବଣ୍ଟା ଯାଇଥାଏ । ସୂର୍ଯ୍ୟ ପଥିକକୁ ପୂର୍ବ-ପଶ୍ଚିମ ଆଦି ଦିଗନିର୍ଦ୍ଦେଶ କରିଥାଏ । ଗୃହସ୍ଥ ଘରର ଚାକରମାନଙ୍କୁ ବିଭିନ୍ନ କାର୍ଯ୍ୟ ବଣ୍ଟନ କରିଥାଏ । ସେହିଭଳି ପ୍ରକୃତିର ତ୍ରିଗୁଣ ଚାରିବର୍ଣ୍ଣ ମଧ୍ୟରୁ କିଏ କେଉଁ କାମ କରିବ, ତାହା ବାଣ୍ଟି ଦେଇଛନ୍ତି ।ସତ୍ତ୍ୱଗୁଣ ସମ ଓ ବିଷମ ଭାବରେ ଯଥାକ୍ରମେ ବ୍ରାହ୍ମଣ ଓ କ୍ଷତ୍ରିୟ ବର୍ଣ୍ଣକୁ ଉତ୍ପନ୍ନ କରିଛି । ସତ୍ତ୍ୱମିଶ୍ରିତ ରଜଗୁଣରେ ବୈଶ୍ୟର ଉତ୍ପତ୍ତି । ଶୂଦ୍ରର ଉତ୍ପତ୍ତି ରଜ ଓ ତମ ଗୁଣର ମିଶ୍ରଣରେ । ହେ ପ୍ରବୁଦ୍ଧ ଅର୍ଜୁନ ! ସେହି ଏକ ଜୀବକୁ ହିଁ ତ୍ରିଗୁଣ ଚାରିବର୍ଣ୍ଣରେ ଭିନ୍ନ ଭିନ୍ନ କରିଛି । ନିଜ ଧନକୁ ପ୍ରଦୀପର ଆଲୋକ ଦ୍ୱାରା ଦେଖିବାକୁ ପଡ଼ିଥାଏ । ସେହିଭଳି ଶାସ୍ତ୍ର ସାହାଯ୍ୟରେ ଗୁଣ ଅନୁସାରେ ପୃଥକ୍ ପୃଥକ୍ କର୍ମର ନିର୍ଦ୍ଦେଶକୁ ମାନିବା ଆବଶ୍ୟକ ।

ବର୍ଣ୍ଣ ଅନୁଯାୟୀ ବିହିତ କର୍ମର ଲକ୍ଷଣ ସବୁ କହୁଛି ଶୁଣ ।

ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ।।୪୨।।

ପ୍ରିୟା ପ୍ରିୟ ସହିତ ନିର୍ଜନରେ ମିଳିତ ହୁଏ । ଇନ୍ଦ୍ରିୟବୃତ୍ତି ବୁଦ୍ଧିରେ ପ୍ରବେଶ କଲେ ସ୍ଥିରାବୁଦ୍ଧି ଆତ୍ମା ସହିତ ମିଳିତ ହୁଏ । ବୁଦ୍ଧିର ଏହି ପ୍ରକାର ବିରାମର ନାମ 'ଶମ' । ଯେତେ ବିହିତ ଓ ଭଲ କର୍ମ ଏ ସବୁର ଆରମ୍ଭ ଏହି 'ଶମ'ରୁ ହିଁ ହୋଇଥାଏ । ଏହି କାମରେ 'ଦମ' ନାମକ ଆଉ ଏକ ଗୁଣ ଏହି 'ଶମ'ର ସହାୟକ ହୋଇଥାଏ । ଏହି ହେତୁ ସ୍ୱଧର୍ମଆଚରଣଦ୍ୱାରା ଜୀବନ ଧାରଣ ହୋଇଥାଏ । ଶିଶୁର ଜନ୍ମଦିନରୁ ଷଷ୍ଠରାତ୍ରି ପର୍ଯ୍ୟନ୍ତ ଅନୁଡ଼ିଶାଳରେ ଯେପରି ନିଆଁ ଅଲିଭା ରହିଥାଏ, ସେହିଭଳି ଅନ୍ତରରେ ନିରନ୍ତର ପରମେଶ୍ୱରଙ୍କ ଚିନ୍ତନ ହେଉଛି ତପସ୍ୟା । ଅନ୍ତର ଓ ବାହାର ପାପରହିତ ଶୁଚିତା, ସତ୍‌ବିଚାର-ପୂର୍ଣ୍ଣ ନିର୍ମଳ ମନ ଏବଂ ସତ୍‌କର୍ମଦ୍ୱାରା ଅଳଂକୃତ ଦେହ— ଏଭଳି ଭାବରେ ଜୀବନର ଉତ୍କର୍ଷକୁ କୁହାଯାଏ 'ଶୌଚ' । ପୃଥିବୀଭଳି ସବୁପ୍ରକାରର ସହନଶୀଳତାର ନାମ 'କ୍ଷମା' । ଗୁଣମାନଙ୍କ ମଧ୍ୟରେ କ୍ଷମାର ସ୍ଥାନ ପଞ୍ଚମ । ସ୍ୱର ମଧ୍ୟରେ ପଞ୍ଚମସ୍ୱର ଭଳି କ୍ଷମା ମାଧୁର୍ଯ୍ୟପୂର୍ଣ୍ଣ । ପ୍ରବାହ କୁଟିଳ ହେଲେ ମଧ୍ୟ ଗଙ୍ଗା ସରଳ । ଆଖୁଗଛ ବଙ୍କା ହେଲେ ମଧ୍ୟ ମଧୁରତାର ହାନି ଘଟେନା । ସେହିଭଳି ଦୁଃଖଦାୟକ ଲୋକ ସହିତ ସରଳଭାବରେ ରହିବାକୁ କୁହାଯାଏ ଆର୍ଜବ ବା ଋଜୁତା । ମାଳୀ ବୃକ୍ଷ ମୂଳରେ ଜଳସେଚନ ଲାଗି ଅନବରତ ପରିଶ୍ରମ କରେ, କାରଣ ସେ ଜାଣେ ତାର ପରିଶ୍ରମ ବୃଥା ହେବ ନାହିଁ । ସେହିଭଳି ଶାସ୍ତ୍ରାନୁସାରେ କର୍ମାନୁଷ୍ଠାନ କଲେ ଯେ ଈଶ୍ୱରପ୍ରାପ୍ତି ହୁଏ, ଏପ୍ରକାର ସ୍ଥିରଭାବ ହିଁ ଜ୍ଞାନ । ଅଷ୍ଟମ ଗୁଣରତ୍ନହେଉଛି ବିଜ୍ଞାନ । ସତ୍ତ୍ୱଶୁଦ୍ଧ ସମୟରେ ଶାସ୍ତ୍ରୀୟ ବିଚାରଦ୍ୱାରା କିମ୍ବା ଧ୍ୟାନବଳରେ ନିଶ୍ଚୟାତ୍ମିକା ବୁଦ୍ଧି ପରମେଶ୍ୱରଙ୍କ ସହିତ ମିଳିତ ହେଲେ ତାକୁ ବିଜ୍ଞାନ କୁହାଯାଏ । ରାଜାଙ୍କ ଚପରାସୀକୁ ମଧ୍ୟ ପ୍ରଜା ସମ୍ମାନ ପ୍ରଦର୍ଶନ କରିବାକୁ ବାଧ୍ୟ । ସେହିଭଳି ଶାସ୍ତ୍ର ଯେଉଁ ପଥ ନିର୍ଦ୍ଦେଶ କରିଛି, ତାକୁ ଆଗ୍ରହର ସହିତ ମାନିନେବା ହେଉଛି 'ଆସ୍ତିକ୍ୟ' । ଏହା ନବମଗୁଣ ଭାବରେ ଅଭିହିତ । ଶମ, ଦମ ଆଦି ନଅଟିଯାକ ଗୁଣ ଯେଉଁ କର୍ମରେ ନିର୍ଦ୍ଦୋଷ ଭାବରେ ଅବସ୍ଥାନ କରନ୍ତି, ତାହାହିଁ ବ୍ରାହ୍ମଣର ସ୍ୱାଭାବିକ କର୍ମ । ବ୍ରାହ୍ମଣ ଏହି ସମସ୍ତ ଗୁଣରତ୍ନର

ସମୁଦ୍ର । ଏହି ନବରତ୍ନଖଚିତ ହାର ତାର କଣ୍ଠର ଭୂଷଣ । କିରଣକୁ ପୃଥକ୍ ନକରି ମଧ୍ୟ ସୂର୍ଯ୍ୟ ଏହି କିରଣ ଦ୍ୱାରା ଅଳଂକୃତ । ଚମ୍ପକତରୁ ଚମ୍ପକପୁଷ୍ପଦ୍ୱାରା ହିଁ ସୁଶୋଭିତ । ଚନ୍ଦ୍ର ଜ୍ୟୋତ୍ସ୍ନାଦ୍ୱାରା ହିଁ ପ୍ରକାଶିତ । ଚନ୍ଦନ ନିଜ ଗନ୍ଧଦ୍ୱାରା ଚର୍ଚ୍ଚିତ । ସେହିଭଳି ପୂର୍ବୋକ୍ତ ନଅଟି ଗୁଣରେ ଗୁନ୍ଥା ହୋଇଥିବା ହାର ବ୍ରାହ୍ମଣର ନିର୍ଦ୍ଦୋଷ ଅଳଙ୍କାର । ଏହା କେବେହେଲେ ତା ଦେହରୁ ବିଚ୍ଛିନ୍ନ ହୋଇ ନଥାଏ ।

ଏଥର କ୍ଷତ୍ରିୟର କର୍ତ୍ତବ୍ୟ ବର୍ଣ୍ଣନା କରିବି, ଶୁଣ ।

ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଳାୟନମ୍ ।
ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ।।୪୩।।

ସୂର୍ଯ୍ୟ ଆଲୋକ ଲାଗି କାହାକୁ ଅପେକ୍ଷା କରେନା । ସିଂହ କୌଣସି ସହକାରୀ ଅନ୍ୱେଷଣ କରେନା । କ୍ଷତ୍ରିୟର ପ୍ରଥମ ଗୁଣ ହେଉଛି 'ଶୌର୍ଯ୍ୟ' । ନିଜ ବଳରେ ବଳୀୟାନ ସେ । ଅନ୍ୟର ସାହାଯ୍ୟ ବିନା ସେ ବୀରତ୍ୱ ପ୍ରଦର୍ଶନ କରିଥାଏ । ସୂର୍ଯ୍ୟାଲୋକରେ କୋଟି କୋଟି ନକ୍ଷତ୍ରର ପ୍ରଭା ଲୁପ୍ତ ହୋଇଥାଏ । ଚନ୍ଦ୍ର ସହିତ କୋଟି କୋଟି ନକ୍ଷତ୍ର ମିଳିତ ଭାବରେ ଉଦ୍ୟମ କଲେ ମଧ୍ୟ ସୂର୍ଯ୍ୟର ପ୍ରଭା ଲୁପ୍ତ ହୁଏନା । କ୍ଷତ୍ରିୟ ସୂର୍ଯ୍ୟ ଭଳି ନିଜ ପରାକ୍ରମରେ ସଂସାରର ସମସ୍ତଙ୍କୁ ବିସ୍ମିତ କରି ମଧ୍ୟ ସେ ନିଜେ ଅକ୍ଷୁବ୍ଧ ରହିଥାଏ । ତାର ପ୍ରଶଂସନୀୟ ଦ୍ୱିତୀୟ ଗୁଣ ହେଉଛି ଏହି ତେଜ । ମୁଣ୍ଡରେ ଆକାଶ ଭାଙ୍ଗିପଡ଼ିଲେ ମଧ୍ୟ ଯାହାର ଆଖିର ପଲକସୁଦ୍ଧା ପଡ଼େନା, ଏପରି ସ୍ଥିରତାହିଁ ଧୈର୍ଯ୍ୟ ନାମରେ ଅଭିହିତ । ଏହି ଧୈର୍ଯ୍ୟ ବା ଧୃତି ହେଉଛି କ୍ଷତ୍ରିୟର ତୃତୀୟ ଗୁଣ । ଜଳ ଯେତେ ଗଭୀର ହେଉନା କାହିଁକି କମଳ, ଜଳ ଉପରକୁ ଉଠି ପ୍ରସ୍ଫୁଟିତ ହୁଏ । ଆକାଶ ଉଚ୍ଚତାରେ ସବୁ ବସ୍ତୁକୁ ପରାଜିତ କରିଥାଏ । ସେହିଭଳି ହେ ପାର୍ଥ ! ନାନାପ୍ରକାରର ବିରୋଧ ଅବସ୍ଥା ଦେଖାଦେଲେ ମଧ୍ୟ ନିଜ ବିଚକ୍ଷଣ ବୁଦ୍ଧିଦ୍ୱାରା ସମସ୍ତ ଦୁର୍ଦ୍ଦଶାକୁ ଅତିକ୍ରମ କରି ଫଳଲାଭ କରିବାର ଦକ୍ଷତା ରହିଥାଏ କ୍ଷତ୍ରିୟର ଏବଂ ଏହି ଦକ୍ଷତା ହେଉଛି କ୍ଷତ୍ରିୟର ଚତୁର୍ଥ ଗୁଣ । ଅସାମାନ୍ୟ ଯୁଦ୍ଧବିଦ୍ୟା ତାର ପଞ୍ଚମ ଗୁଣ । ସୂର୍ଯ୍ୟମୁଖୀ ଫୁଲର ସର୍ବଦା ଦୃଷ୍ଟି ରହିଥାଏ ସୂର୍ଯ୍ୟ ପ୍ରତି । ସେହିଭଳି କ୍ଷତ୍ରିୟ ସର୍ବଦା ଶତ୍ରୁର ସମ୍ମୁଖୀନ ହୋଇଥାଏ । ଗର୍ଭବତୀ ସ୍ତ୍ରୀ ଯେପରି ପତିକୁ ନିଜ ଶଯ୍ୟାରେ

ଶୋଇବାକୁ ଦିଏନା କିମ୍ବା ପତିର ଶଯ୍ୟାରେ ନିଜେ ଶୁଏନା ଏବଂ ଅତି ସତର୍କ ଭାବରେ ପତିପ୍ରତି ବ୍ୟବହାର କରିଥାଏ, ଯୁଦ୍ଧକ୍ଷେତ୍ରରେ କ୍ଷତ୍ରିୟ ଶତ୍ରୁ ପ୍ରତି ଠିକ୍ ସେହିଭଳି ବ୍ୟବହାର କରିଥାଏ । ସେ ନିପୁଣତା ସହିତ ଶତ୍ରୁର ସମ୍ମୁଖୀନ ହୁଏ, କେବେହେଲେ ଶତ୍ରୁ ଆଗରେ ନିଜ ଛାତି ଦେଖାଇଦିଏନା । ଏହା ହେଉଛି କ୍ଷତ୍ରିୟର ପଞ୍ଚମଗୁଣ । ଚାରି ପୁରୁଷାର୍ଥ ମଧ୍ୟରେ ଭକ୍ତି ହେଉଛି ଶ୍ରେଷ୍ଠ । ସେଭଳି ଯୁଦ୍ଧରୁ ପଳାୟନ ନ କରିବା— ଏହି ପଞ୍ଚମଗୁଣଟି ହେଉଛି ଅନ୍ୟ ଚାରିଗୁଣଠାରୁ ଶ୍ରେଷ୍ଠ । ବୃକ୍ଷଶାଖା ଫଳପୁଷ୍ପ ପ୍ରଦାନ କରିଥାଏ । ଗନ୍ଧ ବିତରଣ କରିବାରେ ପଦ୍ମପୂର୍ଣ୍ଣ ସରୋବର ଉଦାର । ଜ୍ୟୋତ୍ସ୍ନା ଦାନ କରିବାରେ ଚନ୍ଦ୍ର କୁଣ୍ଠାବୋଧ କରି ନ ଥାଏ । ସେହିଭଳି ଦାନ ଗ୍ରହଣକାରୀକୁ ତା ଇଚ୍ଛାନୁଯାୟୀ 'ଦାନ' ଦେବା ହେଉଛି କ୍ଷତ୍ରିୟର ଷଷ୍ଠ ଗୁଣରତ୍ନ । କ୍ଷତ୍ରିୟର ଦାନ ଅପରିମେୟ । ଏକନିଷ୍ଠ ଭାବରେ ବେଦାଜ୍ଞା ପାଳନ କରି ଦେହପୋଷଣ କଲେ ମଧ୍ୟ ଏହାକୁ ଉପଯୁକ୍ତ କର୍ମ କୁହାଯାଇଥାଏ । ସେହିଭଳି ପ୍ରଜାଙ୍କୁ ପାଳନ କରି ଏବଂ ସେମାନଙ୍କ ସନ୍ତୋଷଦ୍ୱାରା ସଂସାରକୁ ଉପଭୋଗ କରିବା ହିଁ 'ଈଶ୍ୱରଭାବ' ନାମରେ ଅଭିହିତ । ଏହିଭଳି ଈଶ୍ୱରଭାବ ପୋଷଣ କ୍ଷତ୍ରିୟର ଗୁଣମାନଙ୍କ ମଧ୍ୟରେ ନୃପତି ସଦୃଶ ଏବଂ ଏହା ହେଉଛି ସପ୍ତମ ଗୁଣ । କ୍ଷତ୍ରିୟର ସ୍ୱାଭାବିକ କର୍ମ ଏହି ସାତୋଟିଯାକ ଗୁଣରେ ଅଳଂକୃତ । ଆକାଶ ଯେପରି ସପ୍ତର୍ଷିମଣ୍ଡଳ ଦ୍ୱାରା ଶୋଭା ପାଇଥାଏ, ସେହିଭଳି କ୍ଷତ୍ରିୟ ଏହି ସପ୍ତଗୁଣ ଦ୍ୱାରା ପରିଶୋଭିତ । ଏଭଳି ପବିତ୍ର କର୍ମଦ୍ୱାରା ସେ ସତ୍ତ୍ୱଗୁଣର ସୁବର୍ଣ୍ଣମୟ ମେରୁ ପର୍ବତ ଭଳି ପୃଥିବୀରେ ଅବସ୍ଥାନ କରିଥାଏ । ଏହି ସାତୋଟି ଗୁଣ ହେଉଛି ସ୍ୱର୍ଗର ଆଶ୍ରୟ । କ୍ଷତ୍ରିୟ ହେଉଛି ସପ୍ତଗୁଣ ପରିବେଷ୍ଟିତ ଧରଣୀ ଭଳି । ଏହି ସପ୍ତଗୁଣର ପ୍ରବାହ ବା କର୍ମ ଗଙ୍ଗା ସହିତ ତୁଳନୀୟ ଏବଂ ଏହା କ୍ଷତ୍ରିୟରୂପକ ମହାସାଗରରେ ଲୀନ ହୋଇଥାଏ । ତାତ୍ପର୍ଯ୍ୟ ହେଉଛି ଯେ ଯେଉଁ କର୍ମ ଶୌର୍ଯ୍ୟ ଆଦି ସପ୍ତଗୁଣଦ୍ୱାରା ହୋଇଥାଏ, ତାହା ହେଉଛି କ୍ଷତ୍ରିୟର ସ୍ୱାଭାବିକ କର୍ମ । ହେ ମହାମତି ଅର୍ଜୁନ ! ବର୍ତ୍ତମାନ ତୁମେ ବୈଶ୍ୟଜାତିର ଉଚିତ କର୍ମର ବର୍ଣ୍ଣନା ପ୍ରଣିଧାନ କର ।

କୃଷିଗୌରକ୍ଷ୍ୟବାଣିଜ୍ୟଂ ବୈଶକର୍ମ ସ୍ୱଭାବଜମ୍ ।
ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ॥୪୪॥

ଭୂମି, ବୀଜ, ହଳ ଆଦିକୁ ଆଶ୍ରୟ କରି ଯଥେଷ୍ଟ ଲାଭବାନ୍ ହେବା; ବିଲ ବାଡ଼ି କରି ଜୀବନ ନିର୍ବାହ କରିବା; ଗୋପାଳନ କରିବା; ଅଳ୍ପ ମୂଲ୍ୟରେ ଜିନିଷ କିଣି ଅଧିକ ମୂଲ୍ୟରେ ବିକି ଲାଭବାନ୍ ହେବା ହେଉଛି ବୈଶ୍ୟର ନିର୍ଦ୍ଦିଷ୍ଟ କର୍ମ । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ହେଉଛନ୍ତି ଦ୍ୱିଜ । ଏମାନଙ୍କ ସାମାନ୍ୟ ଜନ୍ମର ନାମ 'ଶୌଚ୍ଚ', ଉପନୟନ ସଂସ୍କାର ପରେ ଦ୍ୱିତୀୟ ଜନ୍ମର ନାମ 'ସାବିତ୍ରୀ' । ମନ୍ତ୍ରୋପଦେଶ ଦ୍ୱାରା ସ୍ୱୀକୃତ ଜନ୍ମକୁ ମଧ୍ୟ 'ସାବିତ୍ରୀ' କୁହାଯାଏ । ଏହି ଦୁଇଜନ୍ମ ହେତୁ ଏମାନେ ଦ୍ୱିଜ ନାମରେ ଅଭିହିତ । ଏମାନଙ୍କ ସେବା କରିବା ଶୂଦ୍ରର କର୍ମ । ଦ୍ୱିଜଙ୍କ ସେବା କରିବା ବ୍ୟତୀତ ଶୂଦ୍ରର ଅନ୍ୟ କୌଣସି କର୍ତ୍ତବ୍ୟ ନାହିଁ । ହେ ଅର୍ଜୁନ ! ତୁମକୁ ଚାରିବର୍ଣ୍ଣର କି କି କର୍ମ, ବର୍ଣ୍ଣନା କରି ଶୁଣାଇଲି ।

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।
ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତଚ୍ଛୃଣୁ ॥୪୫॥

ହେ ଜ୍ଞାନି ! ପୃଥକ୍ ପୃଥକ୍ ଜାତି ଓ ବର୍ଣ୍ଣ ଲାଗି ପୃଥକ୍ ପୃଥକ୍ କର୍ମର ନିର୍ଦ୍ଦେଶ କରାଯାଇଛି । ଇନ୍ଦ୍ରିୟମାନଙ୍କର ଗ୍ରହଣଯୋଗ୍ୟ ଶବ୍ଦାଦି ମଧ୍ୟ ପୃଥକ୍ । ହେ ପାଣ୍ଡୁସୁତ ! ମେଘ ଲାଗି ନଦୀ ଏବଂ ନଦୀର ଜଳ ଲାଗି ସମୁଦ୍ର ହେଉଛି ଉପଯୁକ୍ତ ପାତ୍ର । ବର୍ଣ୍ଣାଶ୍ରମାନୁସାରେ ଯେଉଁ କର୍ମ କରାଯାଏ, ତାହା ଗୌରବର୍ଣ୍ଣ ମନୁଷ୍ୟର ବର୍ଣ୍ଣ ଭଳି ଶୋଭାଦାୟକ ହୋଇଥାଏ । ଶାସ୍ତ୍ରାନୁସାରେ ଆଚରଣ ଲାଗି ବୁଦ୍ଧିର ସ୍ଥିରତା ଆବଶ୍ୟକ । ନିଜ ରତ୍ନକୁ ଜହୁରୀ ଦ୍ୱାରା ପରଖ କରିବାକୁ ପଡ଼ିଥାଏ । ସେହିଭଳି ନିଜର କର୍ମକୁ ମଧ୍ୟ ଶାସ୍ତ୍ରଦ୍ୱାରା ନିଶ୍ଚିତ କରାଯିବା ଆବଶ୍ୟକ । ଦୃଷ୍ଟିଶକ୍ତି ଅବଶ୍ୟ ତୁମର କିନ୍ତୁ ଆଲୋକଦ୍ୱାରା ତାର ବ୍ୟବହାର କରିବାକୁ ପଡ଼ିଥାଏ । ସେହିଭଳି ଜାତି ଧର୍ମ ଅନୁସାରେ ନିଜ କର୍ତ୍ତବ୍ୟକୁ ଶାସ୍ତ୍ରାଲୋକ ଦ୍ୱାରା ସ୍ଥିର କରାଯିବା ଉଚିତ । ଘରେ ଥିବା ଜିନିଷକୁ ପ୍ରଦୀପ ସାହାଯ୍ୟରେ ଦେଖିବାର ସୁବିଧା ହୁଏନାହିଁ । ସେହିଭଳି ସ୍ୱାଭାବିକ୍ ଭାବରେ

ଯେଉଁ କର୍ମ ଆସେ ଏବଂ ଶାସ୍ତ୍ର ଯାହାକୁ ବିଧାନ କରିଥାଏ, ଏହି ବିହିତ କର୍ମକୁ ମନରେ ଆଳସ୍ୟ କିମ୍ବା ଫଳାକାଂକ୍ଷା ନ ରଖି କାୟ, ମନ ଓ ବାକ୍ୟରେ କଲେ, ମୋକ୍ଷ ପାଖରେ ପହଞ୍ଚିବା ସମ୍ଭବ ହୋଇଥାଏ । ଏଭଳି ବ୍ୟକ୍ତି ଅକର୍ମ ଓ ନିଷିଦ୍ଧ କର୍ମକୁ ତ୍ୟାଗ କରିଥାଏ ବୋଲି ତା ଲାଗି ମୋକ୍ଷର ପ୍ରତିବନ୍ଧକ ଦୂର ହୋଇଥାଏ । ହାତକଡ଼ି ଚନ୍ଦନ କାଠରେ ହୋଇଥିଲେ ମଧ୍ୟ କେହି ତାକୁ ପିନ୍ଧିବାକୁ ଇଚ୍ଛା କରି ନଥାଏ । କାରଣ ଚନ୍ଦନକାଠରେ ତିଆରି ହେଲେ କ'ଣ ହେବ, ଯେତେହେଲେ ହାତକଡ଼ି ତ ! ସେହିଭଳି ଉପରୋକ୍ତ ବ୍ୟକ୍ତିର କୌଣସି କର୍ମ କାମ୍ୟ ହେଲେ ମଧ୍ୟ ଯଦି ତାହା ତାର କର୍ତ୍ତବ୍ୟ ନୁହଁ, ସେଥିପ୍ରତି ସେ କୌତୂହଳରେ ସୁଦ୍ଧା ଦୃଷ୍ଟି ଦେଇ ନ ଥାଏ । ସେ ଯେଉଁ ନିତ୍ୟକର୍ମ କରିଥାଏ, ତାହା ସେ ଫଳଲାଭର ଆଶା ନ କରି କରିଥାଏ ଏବଂ ସବୁ କାର୍ଯ୍ୟକୁ ଈଶ୍ୱରଙ୍କଠାରେ ଅର୍ପଣ କରିଥାଏ । ତେଣୁ ସେ ମୋକ୍ଷର ସୀମା ପାଖରେ ପହଞ୍ଚି ପାରେ । ସଂସାରର ଶୁଭ, ଅଶୁଭ ଝଗଡ଼ାରୁ ସେ ମୁକ୍ତହେବା ଫଳରେ ବୈରାଗ୍ୟ ମାର୍ଗର ଯାତ୍ରୀ ହୋଇ ମୋକ୍ଷଦ୍ୱାରରେ ପହଞ୍ଚିଥାଏ । ଯିଏ ସବଳ, ସୌଭାଗ୍ୟରେ ପରିପୂର୍ଣ୍ଣ, ଯାହାଲାଗି ମୋକ୍ଷଲାଭ ନିଶ୍ଚିତ, ଯାହାଠାରେ ସମସ୍ତ କର୍ମକାଣ୍ଡ ବିଶ୍ରାମ ଲାଭ କରିଛି, ଯିଏ ମୋକ୍ଷ ଫଳର ବନ୍ଧକଧନ, ଯିଏ ପୁଣ୍ୟକର୍ମ ରୂପକ ବୃକ୍ଷର କୁସୁମ ସଦୃଶ— ସେହି ବୈରାଗ୍ୟ-ସାଧକ ପୁରୁଷ ଭ୍ରମର ଭଳି ଧୀରେ ଧୀରେ ପଦକ୍ଷେପ କରିଥାଏ । ଏହି ବୈରାଗ୍ୟଭାବ ଠିକ୍ ଅରୁଣୋଦୟ ଭଳି ଆତ୍ମଜ୍ଞାନରୂପକ ସୂର୍ଯ୍ୟୋଦୟର ସୂଚନା ଦେଇଥାଏ । ଏହି ବୈରାଗ୍ୟ ଏପରି ଏକ ଅଲୌକିକଅଞ୍ଜନ ଯେ, ଏହାକୁ ଲଗାଇବା ମାତ୍ରେ ଆତ୍ମଜ୍ଞାନର ଗୁପ୍ତଭଣ୍ଡାର ସଙ୍ଗେ ସଙ୍ଗେ ଦେଖାଯାଏ ଏବଂ ସେ ଏହି ଭଣ୍ଡାରର ଅଧିକାରୀ ହୋଇଉଠେ । ସାଧକ ମାତ୍ରେ ଏହି ଅଞ୍ଜନ ଲଗାଇଥାଆନ୍ତି । ହେ ପାର୍ଥ ! ଏହିଭଳି ଭାବରେ ବିହିତ କର୍ମ କରାଗଲେ ସାଧକ ମୋକ୍ଷଲାଭ ପାଇଁ ଉପଯୁକ୍ତ ହୋଇଉଠେ । ମୁଁ ହେଉଛି ସର୍ବାତ୍ମା ପରମେଶ୍ୱର । ବିହିତ କର୍ମର ଆଚରଣ ହିଁ ମୋ ପ୍ରତି ସାଧକର ଶ୍ରେଷ୍ଠ ସେବା । ପତିବ୍ରତା ସ୍ତ୍ରୀ ସମସ୍ତ ପ୍ରକାରର ଉପଭୋଗଦ୍ୱାରା ପତି ସହିତ କ୍ରୀଡ଼ା କଲେ ମଧ୍ୟ ଏହା ହେଉଛି ତାର ତପସ୍ୟା । କାରଣ ତାର ଉପଭୋଗ ହେଉଛି ପତିର ସୁଖ ଲାଗି । ମାଆ ବ୍ୟତୀତ ଶିଶୁକୁ ଜୀବନଦାନ କରିବ କିଏ ?

କାରଣ ଶିଶୁକୁ ଜନ୍ମଦିଏ ମାଆ । ତେଣୁ ସନ୍ତାନର ଶ୍ରେଷ୍ଠ ଧର୍ମ ହେଉଛି ମାଆ ସେବା । ଅନ୍ୟତ୍ର ଜଳ ରହିଥିଲେ ମଧ୍ୟ ଗଙ୍ଗାରେ ଥିବା ମାଛ, ଗଙ୍ଗା ବ୍ୟତୀତ ଅନ୍ୟତ୍ର ଯାଏନା, ସେ ଗଙ୍ଗା ସହିତ ସାଗରକୁ ଯାଏ ଏବଂ ଗଙ୍ଗା ସହିତ ସକଳ ତୀର୍ଥ ଲାଭ କରେ । ସେହିଭଳି ବିହିତ କର୍ମ ବ୍ୟତୀତ ଅନ୍ୟ କୌଣସି ଆଶ୍ରୟ ନାହିଁ— ଏଭଳି ଚିନ୍ତା ସହିତ କର୍ମ କଲେ, ଭଗବାନ ତାର ସମସ୍ତ ବୋଝ ବହନ କରିଥାଆନ୍ତି । ଯଥାର୍ଥ ବା ବିହିତ କର୍ମ ହେଉଛି ଭଗବାନଙ୍କ ଇଚ୍ଛାନୁମୋଦିତ, ଏହାକୁ ଆଚରଣ କଲେ ଭଗବତ ପ୍ରାପ୍ତିନିଶ୍ଚିତ । ଯେଉଁ ସ୍ତ୍ରୀ କୌଣସି ଲୋକର ଅନ୍ତରର କଷଟି ପଥରରେ ପରୀକ୍ଷା ପରେ ପ୍ରିୟ ହୋଇଉଠେ, ସେ ପ୍ରଥମେ ଦାସୀ ଥିଲେ ମଧ୍ୟ ଗୃହକର୍ତ୍ତ୍ରୀ ହୋଇପଡ଼େ । ଦାସୀର ସେବା ବିବାହିତା ସ୍ତ୍ରୀର ସେବାରେ ପରିଣତ ହୁଏ । ସେ ପ୍ରଭୁର ଇଚ୍ଛାନୁସାରେ ସେବା କରିଥାଏ ଏବଂ ସେଥିରେ ତିଳେହେଲେ ତ୍ରୁଟି କରେ ନାହିଁ । ଏ ପ୍ରକାରର ସେବାକୁ ଉତ୍କୃଷ୍ଟ ସେବା କୁହାଯାଏ । ହେ ଅର୍ଜୁନ ! ଏ ପ୍ରକାରର ସେବା ବ୍ୟତୀତ ଯେଉଁ ସେବା କରାଯାଏ, ତାହା ବଜାରରୁ କିଣାହୋଇ ଆସିଥିବା ସେବା ଭଳି । ସେ ସେବାରେ କୌଣସି ଆନ୍ତରିକତା ନଥାଏ ।

ଯତଃ ପ୍ରବୃତ୍ତିର୍ଭୂତାନାଂଯେନ ସର୍ବମିଦଂ ତତମ୍ ।
ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।।୪୬।।

ବିହିତ କର୍ମାନୁଷ୍ଠାନ ବନ୍ଧନମୟ ନୁହେଁ, ଏହାକୁ ପରମାତ୍ମାଙ୍କ ମନୋଗତ ଇଚ୍ଛାର ପାଳନ ବୋଲି ବୁଝିବା ଉଚିତ । ଯାହା ପ୍ରଦୀପର ଆଲୋକ ଭଳି ସମସ୍ତ ଜୀବଜଗତକୁ ସୃଷ୍ଟି କରିଛି, ଯିଏ ମାୟା ତଥା ଅହଂକାରର ସୂତ୍ରରେ ସତ୍ତ୍ୱ, ରଜଃ ଓ ତମୋଗୁଣକୁ ଯୋଡ଼ି ଜୀବ ରୂପକ କଣ୍ଢେଇକୁ ନଚଉଛି, ସେହି ସର୍ବାନ୍ତର୍ଯ୍ୟାମୀ, ସର୍ବବ୍ୟାପକ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଲାଗି ସ୍ୱକର୍ମ-କୁସୁମରେ ଅର୍ଚ୍ଚନା କରିବା ହେଉଛି କର୍ତ୍ତବ୍ୟ । ପରମାତ୍ମା ସେହି ପୂଜାରେ ସନ୍ତୁଷ୍ଟ ହେଲେ ପୂଜକକୁ ବୈରାଗ୍ୟ ସିଦ୍ଧି ପ୍ରଦାନ କରିଥାଆନ୍ତି । ବୈରାଗ୍ୟ ଦଶାରେ ଈଶ୍ୱର ଚିନ୍ତାରେ ମଗ୍ନ ରହିଲେ ସଂସାରବିଷୟଗୁଡ଼ିକ ବାନ୍ତି କରାଯାଇଥିବା ଜିନିଷ ଭଳି ଘୃଣ୍ୟ

ହୋଇପଡ଼େ । ପ୍ରିୟତମର ଚିନ୍ତାରେ ବିରହିଣୀର ଜୀବନ ଧାରଣ କଷ୍ଟଦାୟକ ହେବାଭଳି ବୈରାଗ୍ୟ-କୁସୁମରେ ଭୂଷିତ ବ୍ୟକ୍ତି ନିକଟରେ ସୁଖ ମଧ୍ୟ ଦୁଃଖରେ ପରିଣତ ହୁଏ । ସେ ଏପରି ଜ୍ଞାନର ଅଧିକାରୀ ହୁଏ ଯେ ଅନୁଭବ ନ କରୁଣୁ କେବଳ ଚିନ୍ତା କରୁ କରୁ ସେ ତନ୍ମୟ ହୋଇଉଠେ । ତେଣୁ ମୁମୁକ୍ଷୁ ବ୍ୟକ୍ତି ପକ୍ଷରେ ଶ୍ରଦ୍ଧାପୂର୍ବକ ସ୍ୱଧର୍ମ ପାଳନ କର୍ତ୍ତବ୍ୟ ।

ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଭାବନିୟତଂ କର୍ମ କୁର୍ବନ୍ ନାପ୍ନୋତି କିଲ୍‌ବିଷମ୍ ॥୪୭॥

ନିଜର ଧର୍ମ କଠିନ ହେଲେ ମଧ୍ୟ ଆଚରଣୀୟ ଏବଂ ଏହାହିଁ ପରିଣାମରେ ଫଳଦାୟକ । ନିମ ତିକ୍ତ ହେଲେ ମଧ୍ୟ ସ୍ୱାସ୍ଥ୍ୟରକ୍ଷା ଲାଗି ଏହାକୁ ପଥ୍ୟ ରୂପେ ଗ୍ରହଣ କରିବାରେ ବିରକ୍ତ ହେବା ଅନୁଚିତ । କଦଳୀଗଛ ବଡ଼ ହୋଇଯିବା ପରେ ଫଳୁନିକାହିଁକି ଭାବି ଏହାକୁ କାଟି ପକାଇଲେ କଦଳୀ ପାଇବାରୁ ବଞ୍ଚିତ ହେବା ସାର ହୁଏ । ସେହିଭଳି ସ୍ୱଧର୍ମକୁ କଠିନ ମନେକରି ପରିତ୍ୟାଗ କଲେ ମୋକ୍ଷଲାଭ ହେବ କିପରି ? ମାଆ କୁବ୍‌ଜା ହେଲେ ମଧ୍ୟ ପୁତ୍ରପ୍ରତି ତାର ସ୍ନେହ ବଙ୍କା ହୁଏନା । ଅନ୍ୟ ସ୍ତ୍ରୀ ଅପ୍‌ସରା ରମ୍ଭାଠାରୁ ଅଧିକ ସୁନ୍ଦରୀ ହେଲେ ମଧ୍ୟ ଶିଶୁ ପକ୍ଷରେ ମାତୃପ୍ରେମ ଅଭାବରୁ ସେ କୌଣସି କାମରେ ଲାଗି ନଥାଏ । ଜଳ ଅପେକ୍ଷା ଘିଅର ଗୁଣ ବହୁତ ଅଧିକ, ତା ବୋଲି ମାଛ ଜଳକୁ ଛାଡ଼ି ଘିଅରେ ରହିପାରେ କି ? ସାରା ସଂସାର ଲାଗି ଯାହା ବିଷ, ତାହା କେତେକ କୀଟ ଲାଗି ଅମୃତତୁଲ୍ୟ । କାରଣ ସେମାନେ ସେହି ବିଷରୁ ହିଁ ଉତ୍ପନ୍ନ । ସମସ୍ତଙ୍କ ଲାଗି ଯାହା ଗୁଡ଼ଭଳି ମିଠା, ଏହା କୀଟଙ୍କ ପକ୍ଷରେ ମୃତ୍ୟୁକାରକ । ତେଣୁ ଯାହା ଲାଗି ଯେଉଁ କର୍ମର ବିଧାନ ରହିଛି, ତାହା କଠିନ ହେଲେ ମଧ୍ୟ କରିବା ଉଚିତ । ପାଦ ଦ୍ୱାରା ନ ଚାଲି ମୁଣ୍ଡଦ୍ୱାରା ଚାଲିବାକୁ ଚେଷ୍ଟା କଲେ ଯେଉଁ ଅବସ୍ଥା ହୋଇଥାଏ, ନିଜ କର୍ମକୁ ଛାଡ଼ି ଅନ୍ୟର କର୍ମ କରିବସିଲେ ସେହି ଅବସ୍ଥା ହୋଇଥାଏ । ଜାତି ଧର୍ମ ଅନୁସାରେ କର୍ମ କରାଯିବା ଉଚିତ, କାରଣ ତଦ୍ୱାରା ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇଥାଏ । ତେଣୁ ହେ ଅର୍ଜୁନ ! ନିଜ ଧର୍ମପାଳନ

କରି ଅନ୍ୟର ଧର୍ମକୁ ତ୍ୟାଗ କରିବା ଉଚିତ । ତୁମେ ଭାବି ଦେଖ ତ, ଯେ ପର୍ଯ୍ୟନ୍ତ ଆତ୍ମଦର୍ଶନ ନ ହୋଇଛି ସେ ପର୍ଯ୍ୟନ୍ତ କର୍ମବନ୍ଧନରୁ ମନୁଷ୍ୟ ମୁକ୍ତ ହୋଇ ପାରିବ କି ? ଯେକୌଣସି କର୍ମ କରନା କାହିଁକି, ସେଥିଲାଗି କଷ୍ଟସ୍ୱୀକାର କରିବାକୁ ପଡ଼ିବ ହିଁ ପଡ଼ିବ ।

ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।
ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ।।୪୮।।

କର୍ମ କରିବାମାତ୍ରେ ଯଦି କଷ୍ଟସ୍ୱୀକାର କରିବାକୁ ପଡ଼େ, ତେବେ ସ୍ୱଧର୍ମର ଦୋଷ କ'ଣ ? ସରଳପଥରେ ଗଲେ ମଧ୍ୟ ପାଦରେ ଚାଲିବାକୁ ପଡ଼େ; ଜଙ୍ଗଲର କୁଟିଳପଥରେ ଦୌଡ଼ି ଦୌଡ଼ି ଗଲେ ମଧ୍ୟ ପାଦକୁ କଷ୍ଟ ହୋଇଥାଏ । ପଥର ଗଣ୍ଠିଳି ହେଉ ବା ଖାଦ୍ୟଦ୍ରବ୍ୟର ଗଣ୍ଠିଳି ହେଉ, ଉଭୟରେ ଭାରବହନର କଷ୍ଟସ୍ୱୀକାର କରିବାକୁ ପଡ଼େ । ତେବେ ବିଶ୍ରାମ ଉପଯୋଗୀ ଜିନିଷ ମଧ୍ୟ ନେବା ଆବଶ୍ୟକ । ଧାନ କୁଟ ନଚେତ୍ ତଷୁ କୁଟ, କୁଟିବାର ପରିଶ୍ରମ ସମାନ । କୁକୁରମାଂସ ରାନ୍ଧ ନଚେତ୍ ପବିତ୍ର ଘିଅ ବାହାର କରିବା ଲାଗି ଲହୁଣୀକୁ ତତାଅ, ଉଭୟ କ୍ଷେତ୍ରରେ ପରିଶ୍ରମ ଏକ । ଘଣାରେ ରାଶି ପେଡ଼ କିମ୍ବା ବାଲି ପେଡ଼, ଘଣାକୁ ଚଳାଇବା ପରିଶ୍ରମ ସମାନ । ହୋମ ପାଇଁ ନିଆଁ ଜଳାଅ କିମ୍ବା ଅନ୍ୟ କାମ ପାଇଁ ନିଆଁ ଜଳାଅ, ଧୂଆଁକୁ ସହ୍ୟ କରିବାକୁ ହିଁ ପଡ଼ିବ । ଧର୍ମପତ୍ନୀ କିମ୍ବା ବ୍ୟଭିଚାରିଣୀ ଉଭୟକୁ ସନ୍ତୁଷ୍ଟ କରିବାଲାଗି ଯଦି ସମାନ ଅର୍ଥବ୍ୟୟ କରିବାକୁ ପଡ଼େ, ତାହାହେଲେ ବ୍ୟଭିଚାରିଣୀକୁ ରଖିବ କାହିଁକି ? ପିଠିରେ ଆଘାତ ଲାଗିଲେ ମୃତ୍ୟୁ ନିଶ୍ଚିତ । ତେବେ ସେହି ଅବସ୍ଥାରେ ଶତ୍ରୁ ସମ୍ମୁଖରେ ଠିଆହୋଇ ଆହତ ହେବା କୀର୍ତ୍ତିକାରକ ନୁହେଁ କି ? କୁଳସ୍ତ୍ରୀ ପତିର ଶାସନ ବା ମାଡ଼ ଭୟରେ ଅନ୍ୟ ଗୃହରେ ପ୍ରବେଶ କରି ଯଦି ଲାଠିମାଡ଼ ଖାଏ, ତାହାହେଲେ ଗୃହତ୍ୟାଗ କରିବା ନିଷ୍ପ୍ରୟୋଜନ ନୁହେଁ କି ? କର୍ମ ମାତ୍ରେ ଯଦି କଷ୍ଟଦାୟକ, ତାହାହେଲେ ବିହିତ କର୍ମକୁ କଠିନ ବୋଲି ତ୍ୟାଗ କରିବ କାହିଁକି ? ହେ ପାଣ୍ଡବ ! ଯେଉଁ ଅମୃତଦ୍ୱାରା ଜୀବନ ଅକ୍ଷୟ ହୋଇପାରେ, ସେଥିରୁ ବିନ୍ଦୁଏ ସୁଦ୍ଧା ପାଇବା ଲାଗି ଯଦି ସର୍ବସ୍ୱ ବ୍ୟୟ କରିବାକୁ ପଡ଼େ, ସେଥିରେ କ୍ଷତି କ'ଣ ? ବରଂ ଲାଭ ।

ଯେଉଁ ବିଷୟରେ ମୃତ୍ୟୁ ସୁନିଶ୍ଚିତ, ଯାହାକୁ ଖାଇଲେ ନିଜକୁ ନିଜେ ହତ୍ୟା କରିବା ସାର ହୁଏ, ତାକୁ ମୂଲ୍ୟ ଦେଇ କିଣିବ କାହିଁକି ? ଇନ୍ଦ୍ରିୟମାନଙ୍କ ଦୁଃଖ ଦେଇ ଏବଂ ଆୟୁଷକୁ ବ୍ୟୟ କରି ପାପାଚରଣ କରିବସିଲେ ଦୁଃଖ ଛଡ଼ା ଆଉ କି ଲାଭ ହୁଏ । ତେଣୁ ସ୍ୱଧର୍ମ ପାଳନ କର୍ତ୍ତବ୍ୟ । ସେଥିରେ ମୋକ୍ଷଲାଭ ହୁଏ । ସମୁଦ୍ର ଭିତରେ ନୌକାକୁ ତ୍ୟାଗ କରିବା ଅନୁଚିତ । ମହାରୋଗର ଉପଶମ ପାଇଁ ଯଦି ଦିବ୍ୟ ଔଷଧ ମିଳେ, ତାକୁ ଯେପରି ତ୍ୟାଗ କରିବା ଅନୁଚିତ, ସେହିଭଳି ସଂସାରରେ ଜୀବମାତ୍ରେ ସ୍ୱଧର୍ମ ତ୍ୟାଗ କରିବା ଅନୁଚିତ । ହେ କପିଧ୍ୱଜ ! ପରମେଶ୍ୱର ସ୍ୱଧର୍ମାନୁଷ୍ଠାନରୂପକ ମହାପୂଜାରେ ସନ୍ତୁଷ୍ଟ ହେବାମାତ୍ରେ ସେ ମନରୁ ରଜଃ ଓ ତମୋଭାବ ଦୂର କରି ମନୁଷ୍ୟର ଇଚ୍ଛାକୁ ସତ୍ତ୍ୱଗୁଣ ଦିଗରେ ନେଇଥାନ୍ତି । ସେତେବେଳେ ସେହି ମନୁଷ୍ୟ ସଂସାର ଓ ଏପରି ସ୍ୱର୍ଗସୁଖକୁ ମଧ୍ୟ କାଳକୂଟ ବିଷ ମନେକରେ । ସେତେବେଳେ ସେ ଲାଭ କରେ ପୂର୍ଣ୍ଣ ବୈରାଗ୍ୟ । ଏହି ଭୂମିକାରେ ମନୁଷ୍ୟ କିପରି ଅବସ୍ଥାରେ ଥାଏ ଏବଂ କ'ଣ ଲାଭ କରେ, ସେହି କଥା ତୁମକୁ ଏହାପରେ କହିବି ।

ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।
ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସଂନ୍ୟାସେନାଧିଗଚ୍ଛତି ।।୪୯।।

ବାୟୁକୁ ଜାଲରେ ଧରିବା ଅସମ୍ଭବ । ସେହିଭଳି ବୈରାଗ୍ୟବାନ୍ ପୁରୁଷ ଦେହ ଜାଲରେ ଧରାପଡ଼େନା । ଫଳ ପାଚିଗଲେ ଡାଳରେ ଲାଖି ରହିପାରେନା କିମ୍ବା ଡାଳ ତାକୁ ଧରି ରଖିପାରେନା । ସେହିଭଳି ପରିପୂର୍ଣ୍ଣତା ଲାଭ କରିବାପରେ ମନୁଷ୍ୟର ଆସକ୍ତି ଦୁର୍ବଳ ହୋଇପଡ଼େ, ତାକୁ ବିଷୟବାସନା ଧରି ରଖିପାରେନା । ବିଷପାତ୍ରର ଅଧିକାରୀ ହେବାକୁ କେହି ଚାହିଁ ନ ଥାଏ । ସେହିଭଳି ପୁତ୍ର, ଧନସମ୍ପତ୍ତି, ସ୍ତ୍ରୀ ଆଦି ତାର ଅଧୀନ ହେଲେ ମଧ୍ୟ ସେସବୁ ମୋର ବୋଲି ତାର କୌଣସି ଆଗ୍ରହ ରହେନା । ତାତ୍ପର୍ଯ୍ୟ ହେଉଛି, ତା ମନରେ ବିଷୟବାସନା ପ୍ରତି ଘୃଣା ଆସିଯାଇଥାଏ ଏବଂ ତାର ବୁଦ୍ଧି ବିବେକ ଏ ସବୁଠାରୁ ଦୂରରେ ରହିଥାଏ । ସେ ନିଜକୁ ହୃଦୟ ଭିତରେ ହିଁ ରଖିଥାଏ । ଏଭଳି ବ୍ୟକ୍ତିର

ମନ ଯଦି କଦାଚିତ୍ ବାହାରେ ଭ୍ରମଣ କରିବାକୁ ଚାହେଁ, ସଙ୍ଗେ ସଙ୍ଗେ ବୈରାଗ୍ୟଯୁକ୍ତ ବୁଦ୍ଧି ତାର ଏକନିଷ୍ଠ ଦାସୀ ଭଳି ଡରିଥରି ସବୁ କାମ କରିଥାଏ ଏବଂ ତାର ଆଦେଶକୁ କଦାପି ଲଙ୍ଘନ କରି ନ ଥାଏ ।

ଅନାସକ୍ତ ବ୍ୟକ୍ତି ତାର ଐକ୍ୟବୁଦ୍ଧିରେ ଚିତ୍ତବୃତ୍ତିକୁ ମୁଷ୍ଟିବନ୍ଧ କରି ଆତ୍ମାର ଆସ୍ୱାଦନ କାର୍ଯ୍ୟରେ ନିଜକୁ ନିଯୁକ୍ତ ରଖେ । ଅଗ୍ନିକୁ ଧୂଳି କିମ୍ବା ମାଟିଦ୍ୱାରା ଘୋଡ଼େଇ ରଖିଲେ ଯେପରି ଧୂଆଁ ବନ୍ଦ ହୋଇଯାଏ, ସେହିଭଳି ଏହି ଅନାସକ୍ତ ବ୍ୟକ୍ତିର ଇହଲୋକ ଓ ପରଲୋକ ସମ୍ପର୍କରେ ସମସ୍ତ ପ୍ରକାରର ଇଚ୍ଛା ଆପେ ଆପେ ବନ୍ଦ ହୋଇଯାଏ । ମନକୁ ଏହିଭଳି ଭାବରେ ସଂଯତ କଲେ, ବାସନା ସ୍ୱଭାବତଃ ନଷ୍ଟ ହୋଇଯାଏ । ଅଧିକ କହିବା ବାହୁଲ୍ୟ ଯେ, ଏହି ଅବସ୍ଥାରେ ସେହି ବ୍ୟକ୍ତିର ବିପରୀତ ଜ୍ଞାନ ଧ୍ୱଂସ ପାଇଥାଏ, ଅନ୍ତରରେ ଶୁଦ୍ଧଜ୍ଞାନ ବିରାଜମାନ କରିଥାଏ । ସଞ୍ଚିତ ଜଳ ବ୍ୟବହାର କରିବା ପରେ ଯେପରି ସରି ସରି ଯାଏ, ପ୍ରାରବ୍ଧ ଭୋଗ ମଧ୍ୟ ବା ପୂର୍ବଜନ୍ମର କର୍ମ ସେହିଭଳି ଭାବରେ ଦେହଭୋଗଦ୍ୱାରା ନଷ୍ଟ ହୋଇଥାଏ । ସେହି ଅବସ୍ଥାରେ ନୂତନ କର୍ମ କୌଣସି ଫଳ ଉତ୍ପନ୍ନ କରିପାରେନା । ହେ ଅର୍ଜୁନ ! ଏହି ଅବସ୍ଥାକୁ 'କର୍ମ-ସାମ୍ୟଦଶା' କୁହାଯାଏ । ଏହି ଅବସ୍ଥାରେ ଏହି ବ୍ୟକ୍ତିକୁ ସଦ୍‌ଗୁରୁଙ୍କ ଦର୍ଶନ ସହଜରେ ମିଳି ପାରିଥାଏ । ଚାରିପ୍ରହର ଅତୀତ ହେବା ପରେ ଯାଇ ସୂର୍ଯ୍ୟୋଦୟ ହୁଏ । ଫଳ ହେବାମାତ୍ରେ କଦଳୀଗଛ ଆଉ ବଢ଼େ ନାହିଁ । ଶ୍ରୀଗୁରୁଙ୍କ ଦର୍ଶନ ପରେ ମୁମୂକ୍ଷୁ ବ୍ୟକ୍ତିର ସେହି ଦଶା ହୋଇଥାଏ । ପୂର୍ଣ୍ଣିମା ସହିତ ମିଳିତ ହୋଇ ଚନ୍ଦ୍ର ତାର ନ୍ୟୂନତା ତ୍ୟାଗ କରେ । ସେହିଭଳି ଶ୍ରୀଗୁରୁଙ୍କ କୃପାରେ ସାଧକର ସର୍ବବିଧ ନ୍ୟୂନତା ଦୂର ହୁଏ । ଯାହାବା ଅଜ୍ଞାନ ରହିଥାଏ, ଶ୍ରୀଗୁରୁଙ୍କ କରୁଣାରୁ ତାହା ଲୋପ ପାଏ । ସୂର୍ଯ୍ୟୋଦୟ ମାତ୍ରେ ରାତ୍ରି ସହିତ ଅନ୍ଧକାର ଦୂର ହୋଇଥାଏ । ଗର୍ଭିଣୀ ପଶୁକୁ ବଧ କରିବାମାତ୍ରେ ତା ସହିତ ଗର୍ଭରେ ଥିବା ଶାବକର ମଧ୍ୟ ମୃତ୍ୟୁ ହୋଇଥାଏ । ସେହିଭଳି ଅଜ୍ଞାନ ଭିତରେ ରହିଥିବା କର୍ମ, କର୍ତ୍ତା ଓ କାର୍ଯ୍ୟ ନଷ୍ଟ ହୋଇଯାଏ । ସମସ୍ତ କର୍ମ ଏହି ଭଳି ଭାବରେ ନଷ୍ଟ ହୋଇଥାଏ । କର୍ମର ମୂଳ ସହ କର୍ମ ତ୍ୟାଗ କଲେ ଯାଇ ସନ୍ନ୍ୟାସ ସିଦ୍ଧ ହୁଏ । ଏହି ମୂଳଅଜ୍ଞାନ ବିନଷ୍ଟ

ହେଲେ, ମନୁଷ୍ୟ ଯେଉଁ ଦିଗକୁ ଦୃଷ୍ଟିପାତ କଲେ ମଧ୍ୟ ସ୍ୱୟଂ ସ୍ୱରୂପକୁହିଁ ଦର୍ଶନ କରେ । ସ୍ୱପ୍ନରେ ଯଦି କେହି ଗାତ ଭିତରେ ପଡ଼େ, ନିଦରୁ ଉଠିବା ପରେ ତାକୁ ଗାତରୁ ଉଠିବା ଲାଗି ଉଦ୍ୟମ କରିବାକୁ ପଡ଼େ କି ? ସେହି ରୀତିରେ ହିଁ ମନୁଷ୍ୟର ଅଜ୍ଞାନ ପ୍ରସୂତ ଭାବନା, 'ମୁଁ ଅଜ୍ଞାନୀ କିମ୍ବା ମୁଁ ଶିକ୍ଷାନବୀଶ' ଇତ୍ୟାଦି ଦୁଃସ୍ୱପ୍ନ ବନ୍ଦ ହୋଇ ଜ୍ଞାତା ଓ ଜ୍ଞେୟ ଚିଦାକାର ହୋଇଉଠେ । ଦର୍ପଣରେ ପ୍ରତିବିମ୍ବିତ ମୁଖମଣ୍ଡଳ ଦର୍ପଣଠାରୁ ପୃଥକ୍ । ଦ୍ରଷ୍ଟା ବ୍ୟତୀତ ମଧ୍ୟ ଏହା ଦର୍ଶନୀୟ ହୋଇ ରହିଥାଏ । ସେହିଭଳି ଅଜ୍ଞାନ ଚାଲିଗଲେ, ତାର ଅପେକ୍ଷିତ ଜ୍ଞାନ ମଧ୍ୟ ରହିପାରେନା । ତେବେ କ୍ରିୟା ରହିତ ସ୍ୱତନ୍ତ୍ର ଜ୍ଞାନ ସ୍ୱରୂପ ହିଁ ଅବଶିଷ୍ଟ ରହେ । ଏହାର ସ୍ୱଭାବତଃ କୌଣସି କ୍ରିୟା ନାହିଁ ବୋଲି ଏହାକୁ ନିଷ୍କ୍ରିୟ କୁହାଯାଏ । ଏହା ସ୍ୱୟଂ ଆତ୍ମସ୍ୱରୂପ, ତଥାପି ଏହା ମିଥ୍ୟା ଭଳି ବିଲୀନ ହୋଇଯାଏ । ବାୟୁ ପ୍ରବାହ ବନ୍ଦ ହେଲେ ଯେପରି ଜଳ ମଧ୍ୟ ନିସ୍ତରଙ୍ଗ ହୋଇଯାଏ ଏବଂ କେବଳ ସମୁଦ୍ର ହିଁ ଅବଶିଷ୍ଟ ରହେ, ଏହା ମଧ୍ୟ ସେହିଭଳି । ଏହିପରି ଯେଉଁ ନିଷ୍କର୍ମତା ଉତ୍ପନ୍ନ ହୁଏ, ତାହାହିଁ ନୈଷ୍କର୍ମ୍ୟ ସିଦ୍ଧି । ସକଳ ସିଦ୍ଧି ମଧ୍ୟରେ ଏହାହିଁ ଶ୍ରେଷ୍ଠ ସିଦ୍ଧି ।

ମନ୍ଦିରର ପୂଜା ଅର୍ଚ୍ଚନା କାର୍ଯ୍ୟରେ ଯେପରି କଳସ ସ୍ଥାପନ ଶ୍ରେଷ୍ଠ; ଗଙ୍ଗା ଲାଗି ଯେପରି ସମୁଦ୍ର ପ୍ରବେଶ ହିଁ ଶ୍ରେଷ୍ଠ ଏବଂ ସୁବର୍ଣ୍ଣ ସମ୍ପର୍କରେ ଷୋଡ଼ଶ ଶୋଧନ ଯେପରି ଶ୍ରେଷ୍ଠ, ସେହିଭଳି ଜ୍ଞାନଦ୍ୱାରା ଅଜ୍ଞାନକୁ ଦୂର କରିବା ଏବଂ ପରିଶେଷରେ ଜ୍ଞାନକୁ ହିଁ ବିଲୀନ କରିବା ହେଉଛି ପରମସିଦ୍ଧି । ଏହି ଅବସ୍ଥା ବ୍ୟତୀତ ଆଉ ଅନ୍ୟ କିଛି ସମ୍ପନ୍ନ ହୋଇପାରେନା ବୋଲି ହିଁ ଏହାକୁ ପରମସିଦ୍ଧି କୁହାଯାଇଛି ।

ତେବେ ଯେଉଁ ଭାଗ୍ୟବାନ୍ ବ୍ୟକ୍ତିର ଶ୍ରୀଗୁରୁ କୃପା ସହିତ ଏହି ଆତ୍ମସିଦ୍ଧି ଲାଭ ହୁଏ, ତା ସମ୍ପର୍କରେ ଆଉ କ'ଣ ବା କହିବି ?

ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ ।
ସମାସେନୈବ କୌନ୍ତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା ॥୫୦॥

ସୂର୍ଯ୍ୟର ଉଦୟ ମାତ୍ରେ ଅନ୍ଧକାର ଆଲୋକମୟ ହୋଇଉଠେ । ପ୍ରଦୀପର ସଂଯୋଗରେ କର୍ପୂର ଦୀପର ସ୍ୱରୂପ ଲାଭ କରେ । ଲୁଣ ଜଳ ସହିତ

ମିଶି ଜଳ ହୋଇଉଠେ । ଜାଗ୍ରତ ହେବାମାତ୍ରେ ନିଦ୍ରିତ ମନୁଷ୍ୟର ସ୍ୱପ୍ନ ଧ୍ୱଂସ ହୋଇଯାଏ ଏବଂ ସେ ନିଜର ଅବସ୍ଥାକୁ ବୁଝିପାରେ । ସେହିଭଳି ଯାହାର ଭାଗ୍ୟରେ ଗୁରୁବାକ୍ୟ ଶ୍ରବଣଦ୍ୱାରା ଦ୍ୱୈତଭାବ ଦୂର ହୋଇ ଭେଦବୁଦ୍ଧି ସ୍ୱତଃ ନିବୃତ୍ତ ହୁଏ, ତାର କୌଣସି କର୍ମ ଅବଶିଷ୍ଟ ରହେନାହିଁ । ଆକାଶ କ'ଣ କୌଣସିଠାକୁ ଯିବା ଆସିବା କରେ ? ସେହିଭଳି ଉପରୋକ୍ତ ବ୍ୟକ୍ତିର କୌଣସି କର୍ତ୍ତବ୍ୟ ଅବଶିଷ୍ଟ ରହେନାହିଁ । କିନ୍ତୁ ଶ୍ରବଣ ଦ୍ୱାରା କିମ୍ବା ଉପଦେଶାତ୍ମକ ବାକ୍ୟ ପାଠ କରି ନିଜେ ବ୍ରହ୍ମସ୍ୱରୂପ ହୋଇପାରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୁଏନା । ଯେଉଁ ବ୍ୟକ୍ତି ସ୍ୱକର୍ମରୂପକ ଅଗ୍ନିରେ କାମ୍ୟ ଓ ନିଷିଦ୍ଧ କର୍ମ ଅର୍ଥାତ୍ ରଜଃ ଓ ତମକୁ ଇନ୍ଧନ ଭଳି ଜାଳି ଦେଇଥାଏ; ପୁତ୍ର, ବିତ୍ତ ଓ ପରଲୋକ ପ୍ରାପ୍ତିର ଆଶା ଯାହାର ଗୃହସେବିକା ଦାସୀ ଭଳି ଅନୁଗତ ହୁଏ; ବିଷୟସୁଖରେ ମଗ୍ନ ପାପଚରିତ୍ର ଇନ୍ଦ୍ରିୟଗୁଡ଼ିକୁ ଯିଏ ସଂଯମରୂପକ ତୀର୍ଥଜଳରେ ସ୍ନାନ କରାଇଥାଏ; ଯିଏ ସ୍ୱଧର୍ମ ଆଚରଣରୁ ଲାଭ କରୁଥିବା ଫଳକୁ ପରମେଶ୍ୱରଙ୍କଠାରେ ସମର୍ପଣ କରିଥାଏ; ଆତ୍ମସାକ୍ଷାତ୍‌କାରରେ ପରିଣତ ହେବା ଭଳି ଯିଏ ଜ୍ଞାନର ଉତ୍କୃଷ୍ଟ ଅବସ୍ଥା ଲାଭ ଲାଗି ଉପଯୁକ୍ତ ଉପକରଣ ଲାଭ କରିଥାଏ ଏବଂ ଯାହାର ସେ ଅବସ୍ଥାରେ ସଦ୍‌ଗୁରୁ ଦର୍ଶନ ହୋଇପାରିଥାଏ ଏବଂ ଶ୍ରୀଗୁରୁ ଯାହାକୁ କୌଣସି ଗୋପନୀୟ ଉପଦେଶରୁ ବଞ୍ଚିତ କରନ୍ତି ନାହିଁ; ସେ ବ୍ୟକ୍ତି ଧନ୍ୟ । ତେବେ ଔଷଧ ପାନ କରିବାମାତ୍ରେ ଆରୋଗ୍ୟ ଲାଭ ହୋଇଯାଏନା । ଦିବାଲୋକ ପ୍ରକାଶ ମାତ୍ରେ ମଧ୍ୟାହ୍ନ କାଳ ଉପସ୍ଥିତ ହୁଏନା । କ୍ଷେତ୍ର ଯଦି ଭଲ ଥାଏ, ଶିଶିରସିକ୍ତ ଥାଏ, ତାହାହେଲେ ଉତ୍ତମ ବିହନ ବପନ କଲେ, ଫଳଲାଭ ନିଶ୍ଚିତ କିନ୍ତୁ ଏଥିଲାଗି ଉପଯୁକ୍ତ ସମୟକୁ ଅପେକ୍ଷା କରିବା ଅନିବାର୍ଯ୍ୟ । ରାସ୍ତା ଯଦି ଭଲ ଥାଏ ଏବଂ ସଜ୍ଜନର ସଙ୍ଗ ମିଳେ, ତାହାହେଲେ ଲକ୍ଷ୍ୟସ୍ଥଳରେ ଅବଶ୍ୟ ପହଞ୍ଚି ହେବ । ତେବେ ସେଥିଲାଗି ନିଶ୍ଚୟ ସମୟ ଲାଗିବ । ଯାହାର ବୈରାଗ୍ୟ ଓ ସଦ୍‌ଗୁରୁ ଲାଭ ହୋଇପାରିବା ସଙ୍ଗେ ସଙ୍ଗେ ଅନ୍ତର ଭିତରେ ବିବେକର ଅଙ୍କୁରୋଦ୍‌ଗମ ହୋଇପାରିଚି, ତାର ଦୃଢ଼ଦିଶ୍ୱାସ ହେବା ସ୍ୱାଭାବିକ ଯେ ଏକ ବ୍ରହ୍ମ ବ୍ୟତୀତ ଆଉ ସବୁ ଭ୍ରମ । ତଥାପି ବସ୍ତୁତଃ ଯେଉଁ ପରବ୍ରହ୍ମ ସର୍ବାତ୍ମକ ଓ ସର୍ବୋତ୍ତମ, ଯେଉଁ ତତ୍ତ୍ୱରେ ମୋକ୍ଷର ପ୍ରୟୋଜନ ନାହିଁ; ଯେଉଁ ଜ୍ଞାନ ସଂସାରର

ଅବସ୍ଥାତ୍ରୟର ବିଲୋପ ସାଧନ କରିଥାଏ ଏବଂ ଯେଉଁ ଜ୍ଞାନ ସେହି ଜ୍ଞାନକୁ ହିଁ ଆତ୍ମସାତ୍ କରିଥାଏ; ଯେଉଁଠାରେ ଐକ୍ୟର ଏକତା ନଷ୍ଟ ହୋଇଯାଏ, ଆନନ୍ଦର ଅଂଶ ମଧ୍ୟ ଯେଉଁଠି ବିଲୀନ; ଅନ୍ୟ ବସ୍ତୁର ଅଭାବରୁ ଯେଉଁ ବସ୍ତୁ ଏକମାତ୍ର ଶେଷ ହୋଇ ରହିଥାଏ, ସେହି ବ୍ରହ୍ମ ସହିତ ବ୍ରହ୍ମସ୍ୱରୂପ ହୋଇ ରହିବା ସମନ୍ୱୟରେ ହିଁ ସମ୍ଭବ ହୁଏ । ଏହା ଏକାବେଳକେ ହୋଇଯାଏନା । ବୈରାଗ୍ୟର ସହାୟତାରେ ବିବେକ ରୂପକ ପ୍ରଦୀପ ପ୍ରଜ୍ୱଳିତ ହେଲେ ଦେଖାଯାଏ ଆତ୍ମସତ୍ତା । ଅତଏବ ଯେଉଁ ବ୍ୟକ୍ତି ଆତ୍ମସମ୍ପଦର ଉପଭୋଗ ଲାଗି ଯୋଗ୍ୟ, ସେ କ୍ରମଶଃ ବ୍ରହ୍ମରୂପ ଲାଭ କରିଥାଏ । ସେ ଯେଉଁ କ୍ରମରେ ଏହା ଲାଭ କରେ, ତାର ମର୍ମ ମୁଁ ବର୍ଣ୍ଣନା କରୁଛି ଶୁଣ ।

ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।
ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ॥୫୧॥

ପ୍ରଥମତଃ ସେହି ବ୍ୟକ୍ତି ଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଚାଲି ଚାଲି ବିବେକ ତୀର୍ଥରେ ପହଞ୍ଚି ବୁଦ୍ଧିର ମଳିନତାକୁ ଧୌତ କରିଥାଏ । ତା ଫଳରେ ତାର ଶୁଦ୍ଧବୁଦ୍ଧି ଆତ୍ମସ୍ୱରୂପରେ ଯାଇ ମିଳିତ ହୁଏ । ସେତେବେଳେ ମନେହୁଏ ରାହୁଗ୍ରାସରୁ ମୁକ୍ତଚନ୍ଦ୍ର ଯେପରି ଜ୍ୟୋତ୍ସ୍ନାକୁ ଆଲିଙ୍ଗନ କରୁଛି । କୁଳସ୍ତ୍ରୀ ପିତୃକୁଳ ଓ ଶ୍ୱଶୁର କୁଳ ଉଭୟ କୁଳର ଅଭିମାନ ତ୍ୟାଗ କରି କେବଳ ପତିର ଅନୁସରଣ କରିଥାଏ, ସେହିଭଳି ଭାବରେ ବୁଦ୍ଧି ଦ୍ୱୈତଭାବ ତ୍ୟାଗ କରି ଆତ୍ମଚିନ୍ତାରେ ହିଁ ମଗ୍ନ ରହିଥାଏ । ଇନ୍ଦ୍ରିୟଗଣ ନିଜ ନିଜ ବିଷୟ ଶବ୍ଦାଦିର ମହିମା ଯାହା ବୃଦ୍ଧି କରି ରଖିଥାଆନ୍ତି, ଇନ୍ଦ୍ରିୟବୃତ୍ତିର ନିରୋଧଦ୍ୱାରା ସେସବୁର ବିଲୟ ଘଟେ । ସୂର୍ଯ୍ୟକିରଣର ଅଭାବରେ ମୃଗତୃଷ୍ଣାର ଭ୍ରମ ଯେପରି ଚାଲିଯାଏ, ଠିକ୍ ସେହିଭଳି ଜ୍ଞାନସ୍ୱରୂପ ପ୍ରାପ୍ତି ମାତ୍ରେ ଶବ୍ଦ, ସ୍ପର୍ଶ ଆଦି ଇନ୍ଦ୍ରିୟର ମହିମା ଲୋପପାଏ । ଅଜାଣତରେ ନୀଚ ପ୍ରକୃତି ଲୋକର ଅଖାଦ୍ୟ ଖାଇ ଦେଇଥିଲେ ଜାଣିବାମାତ୍ରେ ତାହା ବାନ୍ତି କରି ପକାଇବା ଉଚିତ୍ । ସେହିଭଳି ଶୁଦ୍ଧାତ୍ମା ବ୍ୟକ୍ତି ବାସନାସହିତ ବିଷୟାଦିକୁ ଇନ୍ଦ୍ରିୟ ଦେଇ ପରିତ୍ୟାଗ କରିଥାଏ ଏବଂ ପୁଣି ସେହି ଇନ୍ଦ୍ରିୟକୁ ଅନ୍ତର୍ମୁଖୀ କରାଇ ପବିତ୍ର ନଦୀତଟକୁ ନେଇ ତାକୁ ଶୁଦ୍ଧ କରାଏ ଅର୍ଥାତ୍ ପ୍ରାୟଶ୍ଚିତ କରେ । ସାତ୍ତ୍ୱିକବ୍ୟକ୍ତି

ଧୈର୍ଯ୍ୟଦ୍ୱାରା ଇନ୍ଦ୍ରିୟକୁ ଶୋଧନ କରାଏ । ଯୋଗସାଧନାଦିଦ୍ୱାରା ଏହାକୁ ମନ ସହିତ ମିଳେଇ ଏକ କରାଇଦିଏ । ନିଜର ପ୍ରାରବ୍ଧ ବା ପୂର୍ବଜନ୍ମର କର୍ମ ଅନୁସାରେ ତାକୁ ଏହି ଜନ୍ମରେ ଯେଉଁ ଇଷ୍ଟ ଓ ଅନିଷ୍ଟ ଭୋଗ ଭୋଗିବାକୁ ପଡ଼େ, ସେଥିରେ ଯଦି ବା କୌଣସି ବିପଦ ଓ କଷ୍ଟ ଦେଖାଦିଏ ତଥାପି ସେଥିଲାଗି ସେ ଦୁଃଖିତ ହୁଏନାହିଁ କିମ୍ବା କ୍ରୋଧ ପ୍ରକାଶ କରିନଥାଏ କିମ୍ବା ଏହି ଭୋଗରେ ଯଦି କୌଣସି ସୁଖକର ବିଷୟ ଦେଖାଯାଏ, ସେଥିରେ ଆନନ୍ଦର କୌଣସି ଲୋଭ ରଖି ନ ଥାଏ । ଏହିଭଳି ଭାବରେ ହେ ଅର୍ଜୁନ ! ଏହି ବ୍ୟକ୍ତି ଭଲ ହେଉ ବା ମନ୍ଦ ହେଉ, ସେ ସମ୍ପର୍କରେ ମନରେ ଲୋଭ କିମ୍ବା କ୍ଷୋଭ ଭାବ ନ ରଖି ଗିରିକନ୍ଦରରେ କିମ୍ବା ନିର୍ଜନ ବନରେ ଯାଇ ସେ ବାସ କରିଥାଏ ।

ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍‌କାୟମାନସଃ ।
ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ॥୫୨॥

ଏ ପ୍ରକାରର ବ୍ୟକ୍ତି କୋଳାହଳମୟ ସ୍ଥାନକୁ ଛାଡ଼ି ନିର୍ଜନ-ଜଙ୍ଗଲ ସ୍ଥାନରେ ବାସ କରିଥାଏ । ଶମ ଦମ ଆଦି ହେଉଛି ତାର ଖେଳ, ମୌନ ତା'ର ବାଣୀ । ଗୁରୁବାକ୍ୟ ଚିନ୍ତା ବ୍ୟତୀତ ଅନ୍ୟ କାମପାଇଁ ତାର ସମୟ ହୁଏନା । ଭୋଜନ ସମୟରେ ତାର ଭୋଜନର ଚିନ୍ତା ନଥାଏ । ଅର୍ଥାତ୍ ଭୋଜନଦ୍ୱାରା ତାର ଶରୀର ଲାଗି ହିଁ ଯେ ବଳ ବଞ୍ଚିତ ହେଲା, କ୍ଷୁଧା ଶାନ୍ତ ହେଲା କିମ୍ବା ଜିହ୍ୱାର ଲାଳସା ପୂରଣ ହେଲା– ଏ ବିଷୟ ତାର ମନରେ ନଥାଏ । ଅଳ୍ପାହାରରେ ତାର ସନ୍ତୋଷ । କେତେ ଖାଇଲା, କେତେ ଖାଇବା ଉଚିତ ଥିଲା, ଏହାର ଖବର ଅନ୍ତର ସେ ରଖେନା । କିଛି ନ ଖାଇଲେ ଜଠରାଗ୍ନି ଉତ୍ତପ୍ତ ହୋଇ ପ୍ରାଣନାଶର ସମ୍ଭାବନା ରହିଥାଏ, ତେଣୁ ସେ ପ୍ରାଣରକ୍ଷା ଲାଗି ଯେତେ କମ୍ ଆବଶ୍ୟକ, ସେତିକି ଆହାର କରିଥାଏ । ପରପୁରୁଷ ଇଚ୍ଛାକଲେ ମଧ୍ୟ ଯେପରି ପତିବ୍ରତା ସ୍ତ୍ରୀ ତାର ବଶୀଭୂତ ହୁଏନା, ସେହିଭଳି ନିଦ୍ରା କିମ୍ବା ଆଳସ୍ୟର ବଶୀଭୂତ ହୋଇପଡ଼ିବାଭଳି ସେ ଅନାବଶ୍ୟକ ଭାବରେ ଆହାର କରି ନଥାଏ । କେବଳ ଦଣ୍ଡବତ ପ୍ରଣାମ ସମୟରେ ତାର ଶରୀର ଭୂମି ସ୍ପର୍ଶ କରିଥାଏ, ଅନ୍ୟଥା ତା ଦେହଦ୍ୱାରା ଅନ୍ୟ କୌଣସି ଅବିଚାର ହୋଇ ନଥାଏ । ଶରୀର ରକ୍ଷାଲାଗି

ହସ୍ତପଦ ସଞ୍ଚାଳନ ଆଦି ଯେତିକି କାର୍ଯ୍ୟ ନିତାନ୍ତ ଆବଶ୍ୟକ ହୋଇଥାଏ, ସେ କେବଳ ସେତିକିମାତ୍ର କାର୍ଯ୍ୟ କରିଥାଏ । ତାତ୍ପର୍ଯ୍ୟ ହେଉଛି, ସେ ଶରୀରର ଅନ୍ତର ଓ ବାହାରକୁ ନିଜ ଅଧୀନସ୍ଥ କରି ରଖିଥାଏ । ହେ ବୀର ! ସେ ନିଜର ଅନ୍ତରର ବୃତ୍ତିକୁ ମନର ଦେଉଳ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିବାକୁ ଦିଏନାହିଁ । ଅର୍ଥାତ୍ ଅନ୍ତରକୁ ମନଠାରୁ ଦୂରରେ ରଖିଥାଏ । ଏହି ଅବସ୍ଥାରେ ମନର ବିଚାରକୁ ଶବ୍ଦଦ୍ୱାରା ପ୍ରକାଶ କରିବାର ଅବକାଶ କାହିଁ ? ଏହି ପ୍ରକାରରେ ଶରୀର, ବାକ୍ୟ ଓ ମନ ବହିଃପ୍ରଦେଶ ଜୟ କରି, ସେ ଧ୍ୟାନଦ୍ୱାରା ଆକାଶ ସୁଦ୍ଧା ଧାରଣ କରିଥାଏ । ଗୁରୁଉପଦେଶଦ୍ୱାରା ସେ ତାର ଜାଗ୍ରତ ମନକୁ ଏପରି ନିଶ୍ଚୟ କରିନିଏ ଯେ, ମନେହୁଏ ଯେପରି କି ସେ ନିଜ ମୁହଁକୁ କୌଣସି ଏକ ଦର୍ପଣରେ ଦେଖିପାରୁଛି । ନିଜେ ଧ୍ୟାନୀ; ମନବୃତ୍ତିଦ୍ୱାରା ଧ୍ୟାନ କରେ ଏବଂ ନିଜକୁ ମଧ୍ୟ ଧ୍ୟେୟକରି ସେ ଧ୍ୟାନ କରିଥାଏ । ତାର ଧ୍ୟାନର ରୀତି ହେଉଛି ଏହି ପ୍ରକାରର । ଧ୍ୟାନ, ଧ୍ୟେୟ ଓ ଧ୍ୟାନୀ— ଏହି ତିନୋଟିଯାକ ଏକ ନ ହେବା ପର୍ଯ୍ୟନ୍ତ ସେ ଧ୍ୟାନ କରିବାରେ ଲାଗିଥାଏ । ଅତଏବ ଯୋଗପ୍ରକ୍ରିୟା ସାହାଯ୍ୟରେ ମୁମୁକ୍ଷୁ ଆତ୍ମଜ୍ଞାନ ବିଷୟରେ ସମର୍ଥ ହୋଇଥାଏ । ସେ ଗୁହ୍ୟଦ୍ୱାର ଓ ମୂତ୍ରଦ୍ୱାରର ମଧ୍ୟସ୍ଥଳକୁ ଚାପ ଦେଇ ମୂଳବନ୍ଧକୁ ବାନ୍ଧିଥାଏ । ତା'ପରେ ଅଧୋଭାଗକୁ ସଙ୍କୁଚିତ କରି ଗୁହ୍ୟସ୍ଥାନରେ ମୂଳବନ୍ଧ ଏବଂ ନାଭିଚକ୍ରରେ ଉଡ୍‌ଡ଼ିୟମାନ ବନ୍ଧ ଏବଂ କଣ୍ଠସ୍ଥଳରେ ଜାଳନ୍ଧର ବନ୍ଧକୁ ସିଦ୍ଧ କରି ସେ ଶରୀରର ବାୟୁକୁ ସମାନ କରିଥାଏ । କୁଣ୍ଡଳିନୀକୁ ଜାଗ୍ରତ କରି ଏବଂ ସୁଷୁମ୍ନାକୁ ବିକଶିତ କରି ଆଧାରଚକ୍ରଠାରୁ ଅଗ୍ନିଚକ୍ର ପର୍ଯ୍ୟନ୍ତ ତାକୁ ସକଳ ଚକ୍ର ଭେଦ କରିବାକୁ ପଡ଼େ । ତା'ପରେ ସହସ୍ରଦଳ-କମଳ ମେଘରୁ ଯେଉଁ ଅମୃତ ବର୍ଷଣ ହୁଏ, ଏହାର ପ୍ରବାହକୁ ମୂଳାଧାର ଚକ୍ର ପର୍ଯ୍ୟନ୍ତ ପ୍ରବାହିତ କରିବାକୁ ପଡ଼େ । ପୁଣି ବ୍ରହ୍ମରନ୍ଧ୍ରରୂପକ କୈଳାସଉପରେ ତାଣ୍ଡବରତ ଚୈତନ୍ୟରୂପକ ଭୈରବର ଭିକ୍ଷାପାତ୍ରରେ ମନ ଓ ପ୍ରାଣବାୟୁର ଅନ୍ନ ପୂର୍ଣ୍ଣ କରିବାକୁ ପଡ଼େ । ଏହିଭଳି ଭାବରେ ଯୋଗସାଧନାର ବଳିଷ୍ଠ ଉପାଦାନକୁ ଆଗରୁ ନେଇ ଏହା ସାହାଯ୍ୟରେ ମୁମୁକ୍ଷୁବ୍ୟକ୍ତି ଧ୍ୟାନସ୍ଥ ହୁଏ । ଧ୍ୟାନ ଓ ଯୋଗ— ଏ ଦୁଇଟିଯାକ

ନିର୍ବିଘ୍ନରେ ଆତ୍ମତତ୍ତ୍ୱରୂପକ ଜ୍ଞାନରେ ପ୍ରବେଶ କରିଥାଆନ୍ତି । ତେଣୁ ପ୍ରଥମରୁ ସେ ବୈରାଗ୍ୟରୂପକ ବନ୍ଧୁକୁ ଆପଣାର କରିନିଏ । ସେ ସବୁପ୍ରକାର ଅବସ୍ଥାରେ ମୁମୁକ୍ଷୁର ସଙ୍ଗୀ ହୋଇ ରହିଥାଏ । ଯେଉଁ ବସ୍ତୁକୁ ଦେଖିବାକୁ ପଡ଼ିବ, ତାକୁ ଦେଖିବାକୁ ହେଲେ ଦୃଷ୍ଟି, ପ୍ରଦୀପର ସଙ୍ଗ ତ୍ୟାଗ କରିବା ଉଚିତ ନୁହେଁ । ଠିକ୍ ସେହିଭଳି ଭାବରେ ଯେଉଁ ବ୍ୟକ୍ତି ମୋକ୍ଷଲାଭ ଲାଗି ସାଧନାରତ, ତାର ବୃତ୍ତି ବ୍ରହ୍ମରେ ଲୀନ ହେବା ପର୍ଯ୍ୟନ୍ତ ଯଦି ବୈରାଗ୍ୟ ତାହାର ସାଙ୍ଗରେ ଥାଏ, ତେବେ ମୋକ୍ଷପ୍ରାପ୍ତି ପଥରେ ବାଧା ଆସିବ କେଉଁଠୁ ? ଅତଏବ ଭାଗ୍ୟବାନ୍ ବ୍ୟକ୍ତି ବୈରାଗ୍ୟ ସହିତ ଜ୍ଞାନର ଅଭ୍ୟାସ କରି ଆତ୍ମଜ୍ଞାନ ଲାଗି ଯୋଗ୍ୟ ହୋଇଥାଏ । ଶରୀରରେ ବଜ୍ରକବଚ ଧାରଣ ପୂର୍ବକ ସେ ରାଜଯୋଗର ଅଶ୍ୱ ଆରୋହଣ କରି ଆତ୍ମଜ୍ଞାନ ପଥରେ ଚାଲେ । ଦୃଷ୍ଟି ପଥରେ ଛୋଟ ବଡ଼ ବାଧା ପଡ଼ିଲେ ସେ ବିବେକ-କରଧୃତ ଧ୍ୟାନ ସାହାଯ୍ୟରେ ତାକୁ ଖଣ୍ଡନ କରିଥାଏ । ସୂର୍ଯ୍ୟ ଅନ୍ଧକାରରେ ପ୍ରବେଶ କରି ତାକୁ ଧ୍ୱଂସ କରିଥାଏ, ସେହିଭଳି ପରିଶେଷରେ ମୋକ୍ଷରୂପିଣୀ ବିଜୟଲକ୍ଷ୍ମୀ ସାଧକର ଗଳାରେ ଜୟମାଲ୍ୟ ପିନ୍ଧାଇ ଥାଏ ।

ଅହଂକାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।
ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ।।୫୩ ।।

ନିଜର ଦୋଷ ହେଉଚି ଶତ୍ରୁ ସ୍ୱରୂପ । ଏହି ଶତ୍ରୁ, ପଥ ଅବରୋଧ ଲାଗି ଅଗ୍ରସର ହେଲେ ମୁମୁକ୍ଷୁ ଏହାକୁ ପରାଭୂତ କରିଥାଏ । ଦେହାଭିମାନ ଏପରି ଏକ ପ୍ରବୃତ୍ତି ଯାହାକି ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ପିଛା ଛାଡ଼ି ନ ଥାଏ । ଏହା ଜନ୍ମ ଦେଇ ମଧ୍ୟ ବଞ୍ଚିବାକୁ ଦିଏନା । କିନ୍ତୁ ଏହା ସମସ୍ତଙ୍କ ଭିତରେ ପ୍ରବେଶ କରି ନ ଥାଏ । ମୁମୁକ୍ଷୁ ବ୍ୟକ୍ତି ଦେହାଭିମାନ ଦୁର୍ଗକୁ ଭାଙ୍ଗି ପକାଏ ।

ଦ୍ୱିତୀୟ ଶତ୍ରୁ ହେଉଛି 'ବଳ' । ବିଷୟ ସମ୍ପତ୍ତିର ନାମ ନେବାମାତ୍ରେ ଚତୁର୍ଗୁଣ ଆବେଶରେ ଏହା ରୁଦ୍ରମୂର୍ତ୍ତି ଧାରଣ କରିଥାଏ । ବିଷୟ ହେଉଛି ବିଷକନ୍ୟା । ସମସ୍ତ ଦୋଷର ରାଜା ଇଏ । କିନ୍ତୁ ଧ୍ୟାନରୂପକ ତରବାରିର ଆଘାତକୁ ଶାରୀରିକବଳ ସହ୍ୟ କରିପାରେନା । ଯେଉଁ ଯେଉଁ ବିଷୟ ମଧୁର ବୋଧହୁଏ ଏବଂ ସୁଖକର ମନେହୁଏ, ସେଗୁଡ଼ିକ ହେଉଛି ସାଞ୍ଜୁ ସଦୃଶ ।

ଶରୀର ଏଗୁଡ଼ିକ ଦ୍ୱାରା ନିଜକୁ ଆବୃତ୍ତ କରି ମନୁଷ୍ୟକୁ ଆକ୍ରମଣ କରିଥାଏ ଏବଂ ତାକୁ ସତ୍‌ମାର୍ଗରୁ ଅସତ୍‌ମାର୍ଗକୁ ଠେଲି ଠେଲି ନେଇଥାଏ । ଠିକ୍ ଏହି ସମୟରେ ମନୁଷ୍ୟ ମନରେ ଦେଖାଦିଏ 'ଦର୍ପ' ନାମକ ତୃତୀୟ ଶତ୍ରୁ । ଏହା ମନୁଷ୍ୟକୁ ଅଧର୍ମରୂପକ ଘୋର ଅରଣ୍ୟାନି ଭିତରକୁ ନେଇ ନରକାଦି ହିଂସ୍ରଜନ୍ତୁମାନଙ୍କ ସମ୍ମୁଖରେ ନିକ୍ଷେପ କରିଥାଏ । କିନ୍ତୁ ମୁମୁକ୍ଷୁବ୍ୟକ୍ତି ପ୍ରେମ ବା ଶ୍ରଦ୍ଧା ନାମକ ଶସ୍ତ୍ରାଘାତରେ ଦର୍ପ ନାମକ ଶତ୍ରୁକୁ ହତ୍ୟା କରେ । ମହାମହା ତପସ୍ୱୀମାନେ ମଧ୍ୟ ଦର୍ପରୂପୀ ଶତ୍ରୁ ହାବୁଡ଼ରେ ପଡ଼ିଥାଆନ୍ତି । ଦର୍ପର ଆକ୍ରମଣରେ ସେମାନଙ୍କ ମନରେ ଜାତ ହୁଏ 'କ୍ରୋଧ' ନାମକ ମହାଦୋଷ । ଏହି କ୍ରୋଧର କ୍ଷୁଧା ଅପରିମେୟ । ଚତୁର୍ଥ ଶତ୍ରୁ ହେଉଛି 'କାମ' । କିନ୍ତୁ ମୁମୁକ୍ଷୁ ବ୍ୟକ୍ତି ଏହି ଶତ୍ରୁକୁ ମଧ୍ୟ ଧ୍ୱଂସ କରିଥାଏ । କାମ, କ୍ରୋଧ, ଦର୍ପ ଏକତ୍ର ଧ୍ୱଂସ ପାଆନ୍ତି । କାମର ବିନାଶ ସଙ୍ଗେ ସଙ୍ଗେ କ୍ରୋଧର ବିନାଶ ଅନିବାର୍ଯ୍ୟ । କାମକୁ ଦୂର କରିପାରିଲେ କ୍ରୋଧର ଯାତାୟାତ ବନ୍ଦ ହୋଇଆସେ । ଯାହା ହାତରେ ବେଡ଼ି ପିନ୍ଧେଇବା କଥା, ରାଜାଦେଶରେ ସେହି ବେଡ଼ିକୁ ତା ମୁଣ୍ଡରେ ବହନ କରି ନିଆଯାଇଥାଏ । ସେହିଭଳି ପରିଗ୍ରହ-ଭୋଗ ବଳବାନ୍ ବ୍ୟକ୍ତିର ମୁଣ୍ଡରେ ଚଢ଼ିବସେ ଏବଂ ତାକୁ ଦୋଷଯୁକ୍ତ କରାଇ 'ଇଏ ମୋର' ଏହି ପ୍ରକାରର ଅଭିମାନରୂପକ ଦଣ୍ଡ ପ୍ରଦାନ କରିଥାଏ । ଏହି ପରିଗ୍ରହ ମନୁଷ୍ୟ ମନରେ ନାନା ପ୍ରକାରର ଦୁର୍ଗୁଣ ଉତ୍ପନ୍ନ କରିଥାଏ । ଏହା ଶିଷ୍ୟ ସଂପ୍ରଦାୟକୁ ମଠାଦି ପ୍ରତିଷ୍ଠା କରି ଉପଭୋଗ ଲାଗି ପ୍ରେରଣା ଦିଏ । ସନ୍ନ୍ୟାସୀ ତଥା ସାଧକମାନେ ମଧ୍ୟ ଏହାର ଫାଶରେ ପଡ଼ିଥାଆନ୍ତି । ସନ୍ନ୍ୟାସୀ ଆତ୍ମୀୟସ୍ୱଜନକୁ ତ୍ୟାଗ କରି ମନେ ମନେ ନିଜକୁ ନିଃସଙ୍ଗ ମନେ କରୁଥିଲେ ମଧ୍ୟ ବଣର ବୃକ୍ଷଲତାଦି ପ୍ରତି ତାର ମମତା ବଢ଼ିଥାଏ । ମମତା ଦିଗମ୍ବର ଦେହରେ ମଧ୍ୟ ପ୍ରବେଶ କରେ । କିନ୍ତୁ ମୁମୁକ୍ଷୁ ବ୍ୟକ୍ତି ସେହି ଦୁର୍ଜୟ ପରିଗ୍ରହକୁ ପରାଭୂତ କରି ସଂସାର-ବିଜୟୋତ୍ସବର ଆନନ୍ଦ ଉପଭୋଗ କରିଥାଏ । ମୁମୁକ୍ଷୁ ହେଉଛି ସାର୍ବଭୌମ ନୃପତି ଭଳି । 'ଅମାନିତ୍ୱ' ପ୍ରଭୃତି ଗୁଣଗୁଡ଼ିକ ଯଥାର୍ଥ ଜ୍ଞାନର ଉପହାର ନେଇ ତା ପାଖକୁ ଆସିଥାଆନ୍ତି ଏବଂ ଆତ୍ମୀୟମାନଙ୍କ ଭଳି ସମ୍ରାଟଙ୍କ ଗୃହରେ ଅବସ୍ଥାନ କରିଥାଆନ୍ତି । ପ୍ରବୃତ୍ତିରୂପକ ରାଜପଥରେ ଶୋଭାଯାତ୍ରା ବାହାର ହେଲେ

ଜାଗ୍ରତାଦି ଅବସ୍ଥାରୂପ ଲଳନାଗଣ ନିଜ ସୁଖଦ୍ୱାରା ତାକୁ ବରଣ କରିଥାଆନ୍ତି । ବିବେକ-ସର୍ଦ୍ଦାର ଜ୍ଞାନରୂପକ ଧନୁଶର ଧାରଣ କରି ଦୃଶ୍ୟଜଗତରେ ଲୋକଭିଡ଼କୁ ଠେଲି ରାସ୍ତା କରିଦେଇଥାଏ । 'ଯୋଗ'ର ଭୂମିକା ଗ୍ରହଣ କରିଥିବା ରମଣୀ ତାକୁ ଅର୍ଚ୍ଚନା କରିବା ଲାଗି ଅପେକ୍ଷା କରି ରହିଥାଏ । ସେତେବେଳେ ରୁଦ୍ଧି, ସିଦ୍ଧି ଆଦି ବହୁ ଲାଭ ମିଳିଥାଏ । ତା ଉପରେ ପୁଷ୍ପବର୍ଷଣପୂର୍ବକ ଅଭିଷେକ ହୁଏ । ବ୍ରହ୍ମୈକ୍ୟ ଘନିଷ୍ଠ ହୋଇଆସିଲେ ତ୍ରିଲୋକ ଆନନ୍ଦରେ ସେ ଉଲ୍ଲସିତ ହୋଇଉଠେ ।

ହେ ଧନଞ୍ଜୟ ! ଏହି ଅବସ୍ଥାରେ ଶତ୍ରୁ କିଏ, ମିତ୍ର କିଏ— ଏହାକୁ ତୁଳନା କରିବାର ବୁଦ୍ଧି ଆଉ ରହେନା । 'ମୋର' ବୋଲି ଅଭିମାନ କରିବା ଭଳି ବସ୍ତୁ ଆଉ କିଛି ରହେନା । ଅଦ୍ୱିତୀୟ ଭାବରେ ସମଗ୍ର ସଂସାରକୁ ଜଡ଼ିତ କରି ମମତାକୁ ସେ ଚିରଦିନ ଲାଗି ବିଦାୟ ଦିଏ । ସମଗ୍ର ଶତ୍ରୁବ୍ୟୂହକୁ ପରାଜିତ କରି ଯୋଗରୂପକ ଅଶ୍ୱ ଶାନ୍ତଭାବରେ ଦଣ୍ଡାୟମାନ ହୁଏ । ସେତେବେଳେ ସେହି ବ୍ୟକ୍ତି ବୈରାଗ୍ୟକବଚକୁ ସାମାନ୍ୟ ଶ୍ଳଥ କରିଦିଏ । ଧ୍ୟାନଖଡ଼୍‌ଗରେ ଆଘାତ କରିବାଲାଗି ଆଉ କେହି ରହି ନଥାଏ । ତେଣୁ ସେ ଧ୍ୟାନ ଧାରଣାର ବୃତ୍ତିକୁ ମଧ୍ୟ ସଙ୍କୁଚିତ କରିଦିଏ । ରୋଗ ଦୂର କରି ଔଷଧ ନିଜେ ଆଉ ନ ଥାଏ । ମୁମୁକ୍ଷୁର ଅବସ୍ଥା ମଧ୍ୟ ତଦନୁରୂପ । ଧାଉଁଥିବା ଲୋକ ଠିଆହେବାଲାଗି ସ୍ଥାନ ପାଇଗଲେ ଆଉ ଅଗ୍ରସର ହୁଏନା । ସେହିଭଳି ବ୍ରହ୍ମର ସମୀପବର୍ତ୍ତୀ ହୋଇସାରିବା ପରେ ଅଭ୍ୟାସର ବେଗ ବନ୍ଦ ହୋଇଯାଏ । ମହାସାଗରରେ ମିଳିତ ହୋଇଯିବାପରେ ଗଙ୍ଗାର ଗତି ବନ୍ଦ ହୋଇଯାଏ । କାମିନୀ ପତିର ସମୀପବର୍ତ୍ତିନୀ ହେବାପରେ ଶାନ୍ତଭାବ ଧାରଣ କରେ । ଫଳ ହୋଇଗଲେ କଦଳୀ ବୃକ୍ଷ ଆଉ ବଢ଼େନା । ନିଜ ଗ୍ରାମରେ ପହଞ୍ଚିବାପରେ ବାଟଚଲା ଶେଷ ହୁଏ । ସେହିଭଳି ମୁମୁକ୍ଷୁବ୍ୟକ୍ତି ଆତ୍ମସାକ୍ଷାତ୍‌କାର ଲାଭ କରିବାପରେ ସାଧନ-ଶସ୍ତ୍ରକୁ ଛାଡ଼ିଦିଏ । ବ୍ରହ୍ମର ଐକ୍ୟଲାଭହେଲେ ସାଧନା ଆଉ ରହେନାହିଁ । ବୈରାଗ୍ୟର ସନ୍ଧ୍ୟାବେଳେ, ଜ୍ଞାନାଭ୍ୟାସର ବୃଦ୍ଧାବସ୍ଥାରେ ଏବଂ ଯୋଗବଳର ପରିପକ୍ୱ ଦଶାରେ ମୁମୁକ୍ଷୁ ବ୍ରହ୍ମୈକ୍ୟ ଲାଗି ଯୋଗ୍ୟ ହୁଏ । ଚତୁର୍ଦ୍ଦଶୀରେ

ଚନ୍ଦ୍ରାଲୋକ ପୂର୍ଣ୍ଣମୀଠାରୁ କିଛି କମ୍ ଥାଏ । ଏକଅଣା ଖାଦ୍ୟମିଶ୍ରିତ ସ୍ୱର୍ଣ୍ଣର ଉଜ୍ଜ୍ୱଳତା ଖାଣ୍ଟି ସୁନାଠାରୁ କମ୍ । ସମୁଦ୍ର ଓ ଗଙ୍ଗା ଉଭୟରେ ଜଳ ରହିଥିଲେ ମଧ୍ୟ ଗଙ୍ଗା ହେଉଛି ବେଗବତୀ କିନ୍ତୁ ସମୁଦ୍ର ନିଶ୍ଚଳ । ସେହିଭଳି ବ୍ରହ୍ମ ଓ ବ୍ରହ୍ମୈକ୍ୟର ଯୋଗ୍ୟତାରେ ପାର୍ଥକ୍ୟ ରହିଥାଏ । ଶାନ୍ତିର ସହଯୋଗରେ ମୁମୁକ୍ଷୁ ଏହି ଅବସ୍ଥା ଲାଭ କରେ । ସ୍ୱୟଂ ବ୍ରହ୍ମ ନ ହେଲେ ମଧ୍ୟ ବ୍ରହ୍ମତ୍ୱର ଅନୁଭୂତି ହିଁ ବ୍ରହ୍ମୈକ୍ୟର ଯୋଗ୍ୟତା ।

ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍କ୍ଷତି ।
ସମଃ ସର୍ବେଷୁ ଭୂତେଷୁ ମଦ୍ଭକ୍ତିଂ ଲଭତେ ପରାମ୍ ।।୫୪।।

ହେ ପାଣ୍ଡବ ! ଏହି ଯୋଗ୍ୟତା ଯୋଗୁଁ ମୁମୁକ୍ଷୁ ବ୍ୟକ୍ତି ଆତ୍ମଜ୍ଞାନର ପ୍ରସନ୍ନତା ଲାଭ କରିଥାଏ । ରନ୍ଧନ ପରେ ଅଗ୍ନି ନିର୍ବାପିତ ହେଲେ ଏବଂ ଉତ୍ତାପ କମି ଆସିଲେ ରନ୍ଧନ ଦ୍ରବ୍ୟର ଆସ୍ୱାଦନ ଲାଭ ହୋଇଥାଏ । ଶରତକାଳରେ ଜୁଆରର ଭଟ୍ଟା ପଡ଼ି ଆସିଲେ ଗଙ୍ଗା ଶାନ୍ତ ହୋଇଆସେ । ସଙ୍ଗୀତ ବନ୍ଦ ହେବା ସଙ୍ଗେ ସଙ୍ଗେ ମୃଦଙ୍ଗ, ତାନ୍‌ପୁରା ପ୍ରଭୃତି ବାଦ୍ୟ ମଧ୍ୟ ବନ୍ଦ ହୋଇ ଆସିଲେ କେବଳ ଶେଷରେ ରହେ 'ବାଃ ବାଃ' ଧ୍ୱନି । ସେହିଭଳି ଆତ୍ମଜ୍ଞାନ-ଉଦ୍ୟମ ଜନିତ ଶ୍ରମ ଯେଉଁ ଅବସ୍ଥାରେ ବନ୍ଦ ହୋଇଯାଏ, ସେହି ଅବସ୍ଥାର ନାମହିଁ ଆତ୍ମଜ୍ଞାନ ପ୍ରସନ୍ନତା ।

ହେ ମହାମତି ଅର୍ଜୁନ ! ଉପଯୁକ୍ତ ବ୍ୟକ୍ତିହିଁ ପୂର୍ବୋକ୍ତ ଅବସ୍ଥାକୁ ଭୋଗ କରିଥାଏ । ସେତେବେଳେ ତାର ଆସକ୍ତି, ମମତା ଆଦି ତୁଟି ଯାଏ । ଅପ୍ରାପ୍ତ ବିନଷ୍ଟ ବସ୍ତୁ ଲାଗି ସେ ଶୋକ କରେ ନାହିଁ । ତା' ମନରୁ କୌଣସି ବସ୍ତୁକୁ ପାଇବା ଲାଗି ଇଚ୍ଛା ଦୂର ହୋଇଥାଏ । ଅବଶିଷ୍ଟ ରହେ କେବଳ ଐକ୍ୟଭାବ । ସୂର୍ଯ୍ୟୋଦୟମାତ୍ରେ ନକ୍ଷତ୍ରର ପ୍ରଭା ନଷ୍ଟ ହୋଇଯାଏ । ସେହିଭଳି ମୁମୁକ୍ଷୁ ଆତ୍ମାନୁଭବ ଲାଭ କରି ପଞ୍ଚମହାଭୂତ ଦ୍ୱାରା ବ୍ୟକ୍ତ ବିଜୟଜଗତକୁ ମନରୁ ଦୂର କରି କେବଳ ଦର୍ଶନ କରେ ଶୂନ୍ୟତା । ବିପରୀତଜ୍ଞାନ ଯୋଗୁଁ ଜାଗ୍ରତ ଓ ସ୍ୱପ୍ନ ସୁଷୁପ୍ତିର ଅଜ୍ଞାନରେ ଲୀନ ହୁଏ । ଜ୍ଞାନବୃଦ୍ଧି ସଙ୍ଗେ ସଙ୍ଗେ ଅବ୍ୟକ୍ତ ମଧ୍ୟ

ସାମାନ୍ୟ ଅନୁଭୂତ ହୋଇ ହୋଇ ଶେଷରେ ସଂପୂର୍ଣ୍ଣ ଜ୍ଞାନୋଦୟ ହୋଇଗଲେ ଏହା ସଂପୂର୍ଣ୍ଣ ରୂପେ ବିଲୀନ ହୋଇଥାଏ । ଭୋଜନ ସମୟରେ କ୍ଷୁଧା ଧୀରେ ଧୀରେ ନିବୃତ୍ତ ହୁଏ । କିନ୍ତୁ ତୃପ୍ତିର ସହିତ ଏହା ସଂପୂର୍ଣ୍ଣ ଭାବରେ ଶାନ୍ତ ହୁଏ । ଚାଲୁ ଚାଲୁ ପଥ ଅତିବାହିତ ହୁଏ ଏବଂ ଗନ୍ତବ୍ୟ ସ୍ଥାନରେ ପହଞ୍ଚିଲେ ଏହା ଶେଷ ହୁଏ । ଜାଗ୍ରତ ହେବା ସଙ୍ଗେ ସଙ୍ଗେ ତନ୍ଦ୍ରାଳସ୍ୟ ଲୋପ ପାଏ । କ୍ରମବୃଦ୍ଧିର ସମାପ୍ତି ପରେ ଚନ୍ଦ୍ର ପୂର୍ଣ୍ଣତା ପ୍ରାପ୍ତ ହୁଏ, ଶୁକ୍ଳପକ୍ଷ ମଧ୍ୟ ଶେଷ ହୁଏ । ସେହିଭଳି ଜ୍ଞେୟ ବିଷୟକୁ ସଂପୂର୍ଣ୍ଣ ଭାବରେ ଗ୍ରାସ କରିବା ପରେ ଜ୍ଞାନ ମୋ ସହିତ ମିଳିତ ହେଲେ ଅଜ୍ଞାନ ଧ୍ୱଂସ ହୁଏ ।

କଳ୍ପାନ୍ତରେ ନଦୀ ଓ ସମୁଦ୍ରର ପାର୍ଥକ୍ୟ ରହେନା । ବ୍ରହ୍ମଲୋକ ପର୍ଯ୍ୟନ୍ତ ଜଳମଗ୍ନ ହୋଇଯାଏ । ଘଟ ଭାଙ୍ଗିଗଲେ ମଧ୍ୟ ଆକାଶ ସର୍ବତ୍ର ରହେ । ଇନ୍ଧନ ଜଳିଯିବା ପରେ ଅବଶିଷ୍ଟ ରହେ ଅଗ୍ନି ଏବଂ ଅଗ୍ନି ନିର୍ବାପିତ ହେଲେ ରହେ କେବଳ ଭସ୍ମ । ଅଳଙ୍କାରକୁ ଅଗ୍ନି ଦ୍ୱାରା ତଳରାଇ ଦେଲେ ଏହା ଅମୁକ ଅଳଙ୍କାର ବୋଲି କୁହାଯାଇ ପାରେନା, କେବଳ ରହେ ସ୍ୱର୍ଣ୍ଣ । ଜାଗରଣରେ ସ୍ୱପ୍ନ ଦୂର ହୋଇ କେବଳ ରହେ ଦ୍ରଷ୍ଟା । ସେହିଭଳି ପୂର୍ବୋକ୍ତ ବ୍ୟକ୍ତି ମୋ ବ୍ୟତୀତ ଆଉ କାହାକୁ ଦେଖିପାରେନା । ମତେ ହିଁ ସେ ସର୍ବତ୍ର ଦେଖେ । ଏହିଭଳି ଭାବରେ ସେ ମୋର ଚତୁର୍ଥ 'ଭକ୍ତି' ଲାଭ କରେ । ଆର୍ତ୍ତ, ଅର୍ଥାର୍ଥୀ ଓ ଜିଜ୍ଞାସୁ ମତେ ଯେଉଁ ରୀତିରେ ଭକ୍ତି କରିଥାଆନ୍ତି, ସେମାନଙ୍କ ତୁଳନାରେ ଏହା ପୃଥକ୍ । ତେଣୁ ଏହାକୁ ଚତୁର୍ଥ ଭକ୍ତି କହିଲି । ନଚେତ୍ ଭକ୍ତିକୁ ଭକ୍ତି ଦୃଷ୍ଟିରୁ ଦେଖିଲେ ଏହାର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବା ଅନ୍ତିମ ବୋଲି କିଛି ନାହିଁ । ବ୍ରହ୍ମସ୍ଥିତିର ହିଁ ନାମ ହେଉଛି ଭକ୍ତି । ଏହି ଭକ୍ତି ବାସ୍ତବରେ ମୋର ସ୍ୱାଭାବିକ ଅବସ୍ଥା । ଯାହା ଅଜ୍ଞାନରୂପକ ଅନ୍ଧକାରକୁ ନଷ୍ଟ କରେ, ଯାହାଦ୍ୱାରା ଲୋକଙ୍କ ମନରେ କେବଳ ମୋ ବ୍ୟତୀତ ଆଉ କିଛି ରହେନା, ଯାହା ସାହାଯ୍ୟରେ ଲୋକଙ୍କୁ ସହଜରେ ମୋର ବାସ୍ତବିକ ସ୍ୱରୂପ ଦେଖାଯାଏ, ଯାହା ସମସ୍ତଙ୍କୁ କେବଳ ମୋର ଭଜନ କୀର୍ତ୍ତନରେ ଲିପ୍ତ ରଖି ବାସ୍ତବିକ ଜ୍ଞାନ ପ୍ରଦାନ କରିଥାଏ, ତାହା ହେଉଛି ମୋର ସ୍ୱାଭାବିକ ପ୍ରକାଶ । ଯିଏ ଯେଉଁ ଭାବରେ ବା ଯେଉଁ ବସ୍ତୁଭାବରେ ମତେ ଦର୍ଶନ କରିବାକୁ ଇଚ୍ଛା କରେ, ମୁଁ ତାକୁ ସେହି ଭାବରେ

ଦେଖାଦିଏ । ସ୍ୱପ୍ନରେ ଦେଖିବା ନ ଦେଖିବା ଦ୍ରଷ୍ଟାର ଅସ୍ତିତ୍ୱ ଉପରେ ନିର୍ଭର କରେ । ସେହିଭଳି ଯେଉଁ ପ୍ରକାଶରେ ବିଶ୍ୱର ଉତ୍ପତ୍ତି ଓ ଲୟ ନିର୍ଭର କରେ, ମୋର ସେହି ସ୍ୱାଭାବିକ ପ୍ରକାଶର ନାମ ହିଁ ଭକ୍ତି । ଆର୍ତ୍ତ ହୃଦୟରେ ଭକ୍ତି-ଇଚ୍ଛାରୂପରେ ଯେଉଁ ବସ୍ତୁ ପାଇବାଲାଗି ବ୍ୟାକୁଳ ହୋଇଉଠେ, ସେହି ବସ୍ତୁଟି ହେଉଛି ମୁଁ । ଆର୍ତ୍ତର ଆର୍ତ୍ତି ରୂପରେ ମୁଁ ପ୍ରତିଭାତ ହୁଏ । ଜିଜ୍ଞାସୁ ବା ଜ୍ଞାନୀର ଭକ୍ତିଜିଜ୍ଞାସା ଅର୍ଥାତ୍ ଜ୍ଞାନର ଲାଳସା ରୂପରେ ମଧ୍ୟ ପ୍ରତିଭାତ ହୁଏ । ଏହି ଜ୍ଞାନଲାଳସା ହେଉଛି ମୁଁ । ସେହିଭଳି ଅର୍ଥାର୍ଥୀ ଅର୍ଥପ୍ରାପ୍ତିର ଇଚ୍ଛାରେ ମତେ ଅର୍ଥ ନାମରେ ଅଭିହିତ କରି ତାର ଅନୁସରଣ କରିଥାଏ । ଯେଉଁ ଭକ୍ତି ଅଜ୍ଞାନ ଉପରେ ନିର୍ଭରଶୀଳ, ମୁଁ ସେହି ଦ୍ରଷ୍ଟା ବା ଦେଖିବା ଲୋକକୁ ଏପରି ଶକ୍ତି ଦିଏ, ଯାହାଦ୍ୱାରା କି ସେ ମତେ ଦୃଶ୍ୟ ଭାବରେ ବର୍ଣ୍ଣନା କରେ ।

ଦର୍ପଣରେ ମୁଖ ମୁଖକୁ ହିଁ ଦେଖେ, କିନ୍ତୁ ମଝିରେ ରହେ ଦର୍ପଣ । ଦର୍ପଣ ହିଁ ଭେଦଭାବର କାରଣ । ଚନ୍ଦ୍ର ଏକ, କିନ୍ତୁ ଯାହାକୁ ଦୁଇଟା ଚନ୍ଦ୍ର ଦେଖାଯାଏ, ସେ ହେଉଛି ଚକ୍ଷୁରୋଗୀ । ସର୍ବତ୍ର ସବୁ ଭକ୍ତ ନିଜର ଭକ୍ତି ହେତୁ କେବଳ ମତେ ହିଁ ଦେଖିଥାଆନ୍ତି । କିନ୍ତୁ ଯେଉଁ ଲୋକ ବ୍ୟର୍ଥ ଦୃଶ୍ୟର କଳ୍ପନା କରିଥାଏ, ତାହା ସେ ଅଜ୍ଞାନବଶତଃ କରିଥାଏ । ଯେତେବେଳେ ଏହି ଅଜ୍ଞାନ ଦୂର ହୋଇଯାଏ, ସେତେବେଳେ ଦ୍ରଷ୍ଟାର ଦ୍ରଷ୍ଟାତ୍ୱ ଏହିଭଳି ଭାବରେ ମଦ୍ରୂପ ହୋଇଯାଏ । ଯେପରିକି ବିମ୍ବରେ ପ୍ରତିବିମ୍ବ ମିଳେଇଯାଏ, ସେହିଭଳି ଭାବରେ ସେ ମୋ ଦେହରେ ଲୀନ ହୋଇଯାଏ । ସ୍ୱର୍ଣ୍ଣରେ ଖାଦ ମିଶ୍ରିତ ଥିଲେ ମଧ୍ୟ ଏହା ସ୍ୱର୍ଣ୍ଣ । ଖାଦ ଅଲଗା କରିଦେଲେ ଏହା ଶୁଦ୍ଧସ୍ୱର୍ଣ୍ଣ । ପୂର୍ଣ୍ଣିମାର ପୂର୍ବ ପର୍ଯ୍ୟନ୍ତ ଚନ୍ଦ୍ରମା ଖଣ୍ଡିତ ଦେଖାଯାଇଥାଏ କିନ୍ତୁ ପୂର୍ଣ୍ଣିମାଦିନ ଏହା ସମ୍ପୂର୍ଣ୍ଣ ହୋଇଉଠେ । ସେହିଭଳି ଜ୍ଞାନମାର୍ଗରେ କେବଳ 'ମତେ' ହିଁ ଦେଖିବାକୁ ମିଳେ । କିନ୍ତୁ ଭିନ୍ନ ଭିନ୍ନ ଦିଗରେ ଦେଖାଯାଏ । ଯଥାର୍ଥରେ ମତେ ଦେଖିଲେ ମଧ୍ୟ ଅଜ୍ଞାନ ଯୋଗୁଁ ଦୃଶ୍ୟରୂପରେ ପୃଥକ୍ ଦର୍ଶନ ହୁଏ । ଦୃଶ୍ୟତ୍ୱ ଲୋପ ପାଇଲେ ମତ୍‌ସ୍ୱରୂପ ପ୍ରାପ୍ତି ହୁଏ । ହେ ପାର୍ଥ ! ଏହି କାରଣରୁ ଦୃଶ୍ୟପଥର ଅନ୍ତରାଳରେ ସ୍ଥିତ ଭକ୍ତିଯୋଗକୁ ମୁଁ 'ଚତୁର୍ଥ' ଶ୍ରେଣୀଭୁକ୍ତ କରିଛି ।

ଭକ୍ତ୍ୟାମାମଭିଜାନାତି ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ ।
ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ॥୫୫ ॥

ସଜ୍ଞାନ ଭକ୍ତି ଦ୍ୱାରା ଭକ୍ତ ମୋ ସହିତ ଐକ୍ୟଲାଭ ପୂର୍ବକ ମଦ୍ରୂପତା ଲାଭ କରିଥାଏ, ଏ କଥା ଆଗରୁ ଶୁଣିଚ । ହେ କପିଧ୍ୱଜ ! ସପ୍ତମ ଅଧ୍ୟାୟରେ ମୁଁ ଭଲଭାବରେ କହିଛି ଯେ ଜ୍ଞାନୀ ହେଉଛି ମୋର ଆତ୍ମା । ଏହି ଭକ୍ତିଯୋଗ ଅତି ଉତ୍ତମ ବୋଲି କଳ୍ପାରମ୍ଭରେ ଏ କଥା ମୁଁ ଶ୍ରୀମଦ୍‌ଭାଗବତ ମାଧ୍ୟମରେ ବ୍ରହ୍ମ ଉପଦେଶ ଦେଇଚି । ଜ୍ଞାନୀ ଏହାକୁ କହେ ଆତ୍ମଜ୍ଞାନ । ଶୈବ ବା ଶିବୋପାସ୍ନକ ଏହାକୁ କହେ ଶିବ । ମୁଁ କହେ ଏହା ହେଉଛି ସ୍ୱଭକ୍ତି । କର୍ମଯୋଗୀ ମଦ୍ରୂପତା ଲାଭ କରିବା ସମୟରେ ଭକ୍ତିଫଳ ଲାଭ କଲେ ଜଗତର ସବୁ ବସ୍ତୁରେ ମତେ ହିଁ ଦର୍ଶନ କରିଥାଏ । ସେ ଅନୁଭବ କରେ ଯେ ମୁଁ ହେଉଛି ଜଗନ୍ମୟ । ସେତେବେଳେ ବୈରାଗ୍ୟ ବିବେକ ସହିତ ମାୟାବନ୍ଧନ ଛାଡ଼ି ମୋକ୍ଷରେ ବିଲୀନ ହୁଏ । ତ୍ୱଂପଦ ସହିତ ତତ୍‌ପଦର ମଧ୍ୟ ବିଲୟ ଘଟେ । ବୃତ୍ତି ନିବୃତ୍ତି ସହିତ ବିଲୀନ ହୁଏ । ଆକାଶ ଯେପରି ଚାରୋଟି ମହାଭୂତକୁ ଗ୍ରାସ କରିଛି, ସେହିଭଳି ସାଧ୍ୟ ସାଧନ ବିଲୀନ ହୋଇ ମୋଠାରେ ଅବସ୍ଥାନ କରନ୍ତି । ସେତେବେଳେ ମତେହିଁ ସେ ଅନୁଭବ କରେ । ସମୁଦ୍ରରେ ମିଳିତ ହେବା ପୂର୍ବରୁ ମଧ୍ୟ ଗଙ୍ଗା ପୃଥକ୍ ଭାବରେ ଶୋଭାପାଏ । ମତେ ଅନୁଭବ କରିବାରେ ଭକ୍ତ ଯେଉଁ ସୁଖଲାଭ କରେ, ତାହା ଗୋଟିଏ ଦର୍ପଣକୁ ଆଉ ଏକ ଉଜ୍ଜଳତର ଦର୍ପଣ ଦେଖାଇବା ଭଳି । ଦର୍ପଣକୁ କାଢ଼ିନେଲେ ଯେକୌଣସି ମୂର୍ତ୍ତିକୁ ଦେଖିବା ବନ୍ଦ ହୋଇଯାଏ । ସେତେବେଳେ କେବଳ ଦ୍ରଷ୍ଟା ନିଜେ ଦୃଶ୍ୟତ୍ୱ ଅନୁଭବ କରେ । ସ୍ୱପ୍ନ ଭାଙ୍ଗିଗଲେ ମନୁଷ୍ୟ ଜାଗ୍ରତ ଅବସ୍ଥାରେ ସ୍ୱପ୍ନର ଜିନିଷକୁ ହରାଇ ଏକାକୀ ଯାହା ଦେଖିଥିଲା ତାକୁ ଚିନ୍ତା କରି ସୁଖ ଅନୁଭବ କରିଥାଏ । ସେହିଭଳି ଭକ୍ତ କେବଳ ଆତ୍ମାନନ୍ଦ ହିଁ ଆସ୍ୱାଦନ କରିଥାଏ । କେହି କେହି ପ୍ରଶ୍ନ କରିଥାଆନ୍ତି ଯେ ବସ୍ତୁ ସହିତ ମନୁଷ୍ୟ ଏକରୂପ ହୋଇଗଲେ ବସ୍ତୁକୁ ଉପଭୋଗ କରିବ କିପରି ? ଏହାର ଏକମାତ୍ର ସଠିକ ଉତ୍ତର ହେଉଛି, ଶବ୍ଦଦ୍ୱାରା ଶବ୍ଦ ହିଁ ଉଚ୍ଚାରିତ ହୋଇଥାଏ । ପ୍ରଦୀପ ଜାଳି କେହି କ'ଣ ସୂର୍ଯ୍ୟଦର୍ଶନ କରେ ? ଆକାଶକୁ ଧାରଣ କରିବାଲାଗି ମଣ୍ଡପ

ନିର୍ମାଣ କରାଯାଇ ନ ଥାଏ । ବିନା ରାଜତ୍ୱପ୍ରାପ୍ତିରେ ରାଜସୁଖାନୁଭବ ଅସମ୍ଭବ । ଅନ୍ଧକାର ସୂର୍ଯ୍ୟକୁ ଆଲିଙ୍ଗନ କରିପାରେନା । ଆକାଶ ଭଳି ନିଜେ ବ୍ୟାପକ ନ ହେଲେ ଆକାଶର ବ୍ୟାପକତାକୁ ଜାଣିବ କିପରି ? କାଇଁଚର ଅଳଙ୍କାର ରତ୍ନାଳଙ୍କାରର ଶୋଭା ପ୍ରକାଶ କରିପାରେ କି ? ସେହିଭଳି ମଦ୍ରୂପତା ଲାଭ ନ କଲେ ମୋ ସମ୍ପର୍କରେ ଜ୍ଞାନଲାଭ ଅସମ୍ଭବ– ମଦ୍‌ଭକ୍ତି ତ ବହୁତ ଦୂରର କଥା । ତରୁଣୀର ତାରୁଣ୍ୟ ଉପଭୋଗ କରିବାଭଳି କର୍ମଯୋଗୀ ମଦ୍ରୂପତା ଲାଭ କରି ମତେ ଉପଭୋଗ କରିଥାଏ । ତରଙ୍ଗ ସର୍ବତ୍ର ଜଳକୁ ଚୁମ୍ବନ କରିଥାଏ । ପ୍ରଭା ସୂର୍ଯ୍ୟବିମ୍ବର ସର୍ବାଙ୍ଗ ପ୍ରକାଶ କରିଥାଏ । ଶୂନ୍ୟତା ଆକାଶରେ ସର୍ବବ୍ୟାପକ । ସେହିଭଳି କର୍ମଯୋଗୀ ମତ୍‌ସ୍ୱରୂପତା ଲାଭ କଲେ କୌଣସି କ୍ରିୟା ନ କରି ମଧ୍ୟ ମୋର ଭଜନ କରେ । ଅର୍ଥାତ୍ ମତେ ଉପଭୋଗ କରିଥାଏ । ଅଳଂକାର ସ୍ୱାଭାବିକ ଭାବରେ ସ୍ୱର୍ଣ୍ଣକୁ ଉପଭୋଗ କରିଥାଏ । ଚନ୍ଦନର ସୁବାସ କୌଣସି କ୍ରିୟା ନ କରି ମଧ୍ୟ ଚନ୍ଦନକୁ ଉପଭୋଗ କରେ । ଚନ୍ଦ୍ରପ୍ରତି ଚନ୍ଦ୍ରିକାର ଅନୁରକ୍ତି ସ୍ୱତଃସିଦ୍ଧ । ସେହିଭଳି ଅଦ୍ୱୈତ ସ୍ଥିତିରେ କ୍ରିୟା ନ ଥିଲେ ମଧ୍ୟ ଭକ୍ତି ଆପେ ଆପେ ହୋଇଯାଏ । ଏହା କେବଳ ଅନୁଭବ୍ୟ, ଏହାକୁ ଶବ୍ଦଦ୍ୱାରା ବର୍ଣ୍ଣନା କରାଯାଇ ନ ପାରେ । ପ୍ରାରବ୍ଧ କର୍ମାନୁସାରେ ସେହି ବ୍ୟକ୍ତି ଯାହା କହେ ତାହା ହିଁ ମୋର ଆହ୍ୱାନ ଏବଂ ମୁଁ ତାକୁ ତୁରନ୍ତ ଉତ୍ତର ଦେଇଥାଏ । ବକ୍ତା ମଧ୍ୟ ମୁଁ । ବକ୍ତା ଯେତେବେଳେ ନିଜକୁ ନିଜେ ଦେଖିପାରେ, ସେତେବେଳେ ତାର ବକ୍ତୃତା ଶେଷ ହୋଇଯାଏ । ସେ ଯଦି ନୀରବରେ ଚୁପ୍‌ଚାପ୍ ବସିରହେ, ତାର ସେହି ନୀରବତା ହିଁ ସର୍ବୋତ୍କୃଷ୍ଟ ସ୍ତୁତି । କିଛି କହିବାମାତ୍ରେ ମତେ ଅନୁଭବ କରି ସେ ମୌନ ହୋଇଯାଏ ଏବଂ ସେଇଥିରେ ମୋ ଲାଗି ତାର ସ୍ତବ ସମ୍ପୂର୍ଣ୍ଣ ହୁଏ ।

ହେ କିରୀଟି ! ବୁଦ୍ଧି ଚକ୍ଷୁରେ କିଛି ଦେଖିବାକୁ ଚେଷ୍ଟା କଲେ ତାର ଦର୍ଶନ କ୍ରିୟା ଦୃଶ୍ୟବସ୍ତୁକୁ ଲୋପ କରିଦେଇ ଦ୍ରଷ୍ଟା ତାର ସ୍ୱରୂପ ଚିହ୍ନେଇଦିଏ । ଦର୍ପଣରେ ଦ୍ରଷ୍ଟା ନିଜ ରୂପକୁ ଦେଖିଥାଏ । ଏହି ରୂପ ଦର୍ପଣରେ ଦେଖିବା ପୂର୍ବରୁ ମଧ୍ୟ ଥିଲା । ସେହିଭଳି ଭକ୍ତ ନିଜକୁ ନିଜେ ଦେଖିଥାଏ । ଦୃଶ୍ୟ ଲୋପ ହୋଇ ଏହା ଦ୍ରଷ୍ଟାରେ ପ୍ରବେଶ କଲେ, ଦୃଶ୍ୟ ଓ ଦ୍ରଷ୍ଟା ଏକହୋଇ ଯିବାରେ ଦ୍ରଷ୍ଟାତ୍ୱ

ଆଉ ରହେନା । ସ୍ୱପ୍ନ-ଦୃଷ୍ଟ ପ୍ରିୟାକୁ ଆଲିଙ୍ଗନ କରିବାବେଳେ ପ୍ରିୟା ବୋଲି କେହି ପାଖରେ ନଥାଏ । ଏକଥା ଜାଗ୍ରତ ଅବସ୍ଥାରେ ବୁଝାଯାଏ ଏବଂ ମନ ଆପେ ଆପେ ଶାନ୍ତ ହୋଇଆସେ । ଦୁଇଟି କାଠକୁ ଘଷିବାରେ ସେଥିରୁ ଅଗ୍ନିର ସ୍ଫୁରଣ ଘଟେ । ଅଗ୍ନି ବାହାରି ସାରିବା ପରେ କାଠର ଅସ୍ତିତ୍ୱ ଲୋପପାଏ । ଦୁହେଁ ମିଶି ଅଗ୍ନିରେ ପରିଣତ ହୁଅନ୍ତି । ଜଳରେ ସୂର୍ଯ୍ୟର ପ୍ରତିବିମ୍ବ ପଡ଼େ । ଏହି ପ୍ରତିବିମ୍ବକୁ ଧରିବାଲାଗି ଯଦି ସୂର୍ଯ୍ୟ ଅଗ୍ରସର ହୁଏ, ତାହାହେଲେ ପ୍ରତିବିମ୍ବ ହୋଇ କିଛି ରହିନପାରେ । ସୂର୍ଯ୍ୟ ଅନ୍ଧକାରକୁ ପ୍ରକାଶ କରେ । ପ୍ରକାଶ୍ୟବସ୍ତୁ ନଥିଲେ ତାର ପ୍ରକାଶବତା ରହେନା । ସେହିଭଳି ଦୃଶ୍ୟ ସମ୍ବନ୍ଧୀୟ ଦ୍ରଷ୍ଟାତ୍ୱ, ମଦ୍ରୂପତା ଲାଭ ସଙ୍ଗେ ସଙ୍ଗେ ଲୋପ ପାଏ । ଦେଖିବା ଓ ନ ଦେଖିବା ଏଭଳି ଅବସ୍ଥାହିଁ ମୋର ଦର୍ଶନ । ହେ କିରୀଟି ! ଭକ୍ତ ଏହି ଦର୍ଶନର ଅନୁଭୂତିକୁ ସର୍ବତ୍ର ଦ୍ରଷ୍ଟା ଓ ଦୃଶ୍ୟର ଅତୀତ ଦୃଷ୍ଟି ଦ୍ୱାରା ସର୍ବଦା ଲାଭ କରିଥାଏ ।

ଆକାଶକୁ ଠେଲିଦେଲେ ଏହା ସ୍ଥାନଚ୍ୟୁତ ହୁଏନା । ସେହିଭଳି ଭକ୍ତର ମନ । ତା ମନକୁ ଅନ୍ୟ କେହି ଠେଲି ଠେଲି ଅନ୍ୟତ୍ର ନେବାକୁ ଚେଷ୍ଟା କଲେ ମଧ୍ୟ ମୋଠାରେ ହିଁ ରହେ । ମନ ତାର ବିଚ୍ୟୁତ ହୁଏନା । କଳ୍ପାନ୍ତ ବେଳେ ସର୍ବତ୍ର ଜଳମୟ ହୋଇପଡ଼େ ଏବଂ ସବୁ ଜଳ ଗୋଟିଏ ଜାଗାରେ ଜମା ହୋଇ ରହେ । ତେଣୁ ଏହି ଜଳରେ ପ୍ରବାହର ଅବକାଶ ରହେନା । ସେହିଭଳି ଆତ୍ମାରେ ଆତ୍ମା ପରିପୂର୍ଣ୍ଣ ହୋଇଉଠିଲେ, ସେତେବେଳେ ସେଥିରେ କେବଳ ରହେ ନିସ୍ତବ୍ଧତା । ସେହିଭଳି ଭକ୍ତ ସର୍ବଦା ମଦ୍‌ଭାବରେ ପୂର୍ଣ୍ଣ ରହିଥାଏ ।

ଚରଣ ନିଜକୁ ନିଜେ ଲଙ୍ଘନ କରିପାରେନା । ଅଗ୍ନି ନିଜକୁ ଜଳେଇ ପାରେନା । ଜଳ ଜଳକୁ ସ୍ନାନ କରାଇ ପାରେନା । ସେହିଭଳି ମତ୍‌ସ୍ୱରୂପ ଲାଭ ପରେ ଭକ୍ତର ଦ୍ୱୈତଭାବ ବନ୍ଦ ହୋଇଯାଏ । ଚାଲେ ତାର ଅଦ୍ୱୈତ ଯାତ୍ରା । ଜଳ ଭିତରେ ତରଙ୍ଗର ଗତି ଯେତେ କ୍ଷିପ୍ର ହେଉନା କାହିଁକି, ସେହି ଜଳ ହିଁ ତାର ଆଶ୍ରୟ । ଭୂମି ଉପରେ ସେ କିଛି କରି ନ ପାରେ । ହେ ପାଣ୍ଡବ ! ଯେଉଁଠିକି ଯାଅନା କାହିଁକି ସର୍ବତ୍ର ଜଳ ଥିବାରୁ ଜଳ ସହିତ ତାର ଏକାତ୍ମବୋଧର ହାନି ଘଟେନା । ସେହିଭଳି ମଦ୍‌ଅନୁଭୂତିର ଏକାତ୍ମତା ଦ୍ୱାରା ଭକ୍ତ ସର୍ବୋତଭାବେ

ମୋଠାରେ ହିଁ ଅବସ୍ଥାନ କରେ । ଭକ୍ତର ମନ ଯେତେଦୂର ବିସ୍ତାରିତ ହେଲେ ମଧ୍ୟ ସେ ମୋର ଉପରେ ଲୟ ରଖି ହିଁ ଚାଲେ । ତାର ଯାତାୟାତ ସମୟରେ ସେ ମୋର ଯାତ୍ରୀ ହୋଇଚାଲେ । ହେ ଅର୍ଜୁନ ! ଏହି ସ୍ଥିତିରେ କର୍ମ ଓ କର୍ତ୍ତା ଦୁଇଟିଯାକର ନାମ ଗନ୍ଧ ଲୋପ ପାଇଯାଏ ଏବଂ ଆତ୍ମସ୍ୱରୂପକୁ ଦେଖି ସେ ସ୍ୱୟଂ 'ମୁଁ' ହୋଇଯାଏ ।

ଯଦି ଦର୍ପଣ ଦର୍ପଣକୁ ଦେଖେ, ଏହାକୁ ଦେଖିବା କୁହାଯାଏନା । ସୁନା ଉପରେ କେହି ସୁନାର ଛାଉଁଣି କରି ନଥାଏ । ପ୍ରଦୀପ ଦ୍ୱାରା ପ୍ରଦୀପ ପ୍ରକାଶିତ ହେଲେ ପ୍ରକାଶିତ କରାଗଲା ବୋଲି କୁହାଯାଏନା । ସେହିଭଳି ମୋର କର୍ମାନୁଷ୍ଠାନକୁ କର୍ମ କୁହାଯାଏନା । କର୍ମ କଲେ ମଧ୍ୟ 'ମୁଁ କର୍ମ କଲି' ବୋଲି କହିବାର ସୁଯୋଗ ଯଦି ନ ଥାଏ, ତେବେ କର୍ମ କରିବା ଯାହା ନ କରିବା ତାହା । ସେହିଭଳି ସମସ୍ତ କର୍ମ ମତ୍‌ସ୍ୱରୂପ ହୋଇଯିବା ହେତୁ ତାର ଫଳ 'କିଛି ନ କରିବାରେ' ପରିଣତ ହୋଇଯାଏ । ଏହାହିଁ ପ୍ରକୃତ ଭକ୍ତି ଓ ପୂଜା ।

ହେ କପିଧ୍ୱଜ ! ତାର କର୍ମ ଅନୁଷ୍ଠିତ ହେଲେ ମଧ୍ୟ ତାହା ଅକର୍ମ ଭଳି ଏବଂ ଏହାଦ୍ୱାରା ସେ ମୋର ମହାପୂଜା ସମ୍ପାଦନ କରେ । ସେ ଯାହାକହେ ତାହା ହେଉଛି ମୋର ସ୍ତୁତି, ସେ ଯାହା ଦେଖେ ତାହା ହେଉଛି ମୋର ଦର୍ଶନ ଏବଂ ତାର ଗମନହିଁ ମୋର ଅଦ୍ୱିତୀୟ ବିଜୟଯାତ୍ରା । ତାର କର୍ମ ମୋର ପୂଜା,ତାର କଳ୍ପନା ମୋର ଜପ, ନିଦ୍ରା ହେଉଛି ମୋର ସମାଧି । ସ୍ୱର୍ଣ୍ଣକଙ୍କଣ ସ୍ୱର୍ଣ୍ଣଠାରୁ ପୃଥକ୍ ନୁହେଁ । ସେହିଭଳି ତାର ଭକ୍ତିଯୋଗ ମୋଠାରୁ ପୃଥକ୍ ନୁହେଁ । ଜଳ ସହିତ ଯେପରି ତରଙ୍ଗ, କର୍ପୂର ସହିତ ସୁବାସ, ରତ୍ନ ସହିତ ପ୍ରଭା, ତନ୍ତୁ ସହିତ ବସ୍ତ୍ର, ମୃତ୍ତିକା ସହିତ ଘଟ ଯେପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ସେହିଭଳି ଭକ୍ତ ମୋ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ସେ ଅନନ୍ୟ ସିଦ୍ଧ ଭକ୍ତିଦ୍ୱାରା ପ୍ରତ୍ୟେକ ଦୃଶ୍ୟ ଭିତରେ ମତେହିଁ ଦର୍ଶନ କରିଥାଏ । ଜାଗୃତି, ସ୍ୱପ୍ନ ଓ ସୁଷୁପ୍ତି ଏହି ତିନୋଟିଯାକ ଅବସ୍ଥାରେ, ଉପାଧି ଓ ଉପାଧିଯୁକ୍ତ ରୂପରେ, ଭାବ ଓ ଅଭାବରେ ସେ ସର୍ବଦା 'ମୁଁ ହେଉଛି ଦ୍ରଷ୍ଟା'– ଏହି ଜ୍ଞାନ ପୋଷଣପୂର୍ବକ ଆତ୍ମାନନ୍ଦରେ ନୃତ୍ୟ କରିଥାଏ । ସର୍ପ ନୁହେଁ ଦଉଡ଼ିଟା ଏହା ବୁଝିଗଲେ

ଜଣାପଡ଼େ ଯେ ପୂର୍ବରୁ ଏହା ଯେପରି ଦଉଡ଼ି ଥିଲା, ଏବେ ମଧ୍ୟ ସେହି ଦଉଡ଼ି । ଅଳଙ୍କାରକୁ ତରଳେଇଦେଲେ ଜଣାପଡ଼େ ଯେ ଏଥିରେ ଅଳଙ୍କାରତ୍ୱ ଏକ ରତି ସୁଦ୍ଧା ନ ଥିଲା । ତରଙ୍ଗ ଜଳ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ସହିତ ମିଶିଲେ ତରଙ୍ଗ ଆକାର ଧାରଣ କରି ପାରେନା । ତରଙ୍ଗର ନାମ ସୁଦ୍ଧା ରହେନା । ଜାଗ୍ରତ ଅବସ୍ଥାରେ ସ୍ୱପ୍ନଜାତ ଦୃଶ୍ୟ ଲୋପପାଏ । ସେହିଭଳି ଭକ୍ତ ମାତ୍ରେ ଏ ସଂସାରରେ ମୁଁ ଯେ ଏକମାତ୍ର ଜ୍ଞେୟବସ୍ତୁ, ଏହି ଅନୁଭୂତି ବ୍ୟତୀତ ଅନ୍ୟ କିଛି ପାଇ ପାରେନା । ସେ ଜାଣେ ମୁଁ ଅଜ ବା ଜନ୍ମ ରହିତ, ଜରାରହିତ, ଅକ୍ଷୟ, ଅକ୍ଷର, ଅପୂର୍ବ, ଅପାର, ଆନନ୍ଦମୟ, ଅଚଳ, ଅଚ୍ୟୁତ, ଅନନ୍ତ, ଅଦ୍ୱିତୀୟ, ଆଦ୍ୟ, ଅବ୍ୟକ୍ତ, ବ୍ୟକ୍ତ, ଈଶ୍ୟ, ଈଶ୍ୱର, ସାକାର, ନିରାକାର, ଅନାଦି, ଅମୃତ, ଅଭୟ, ଆଧାର, ଆଧେୟ, ସର୍ବେଶ୍ୱର, ସ୍ୱଭାବସିଦ୍ଧ, ସର୍ବ, ସର୍ବଗତ, ସର୍ବାତୀତ, ନୂତନ, ପୂରାତନ, ଶୂନ୍ୟ, ପୂର୍ଣ୍ଣ, ସ୍ଥୂଳ, ପରମାଣୁ, କ୍ରିୟାରହିତ, ଏକ, ଅନେକ, ଅସଙ୍ଗ, ଅଶୋକ, ବ୍ୟାପ୍ୟ, ବ୍ୟାପକ, ପୁରୁଷୋତ୍ତମ, ଅଶବ୍ଦ, ଶ୍ରବଣ ରହିତ, ଅରୂପ, ଅଗୋତ୍ର, ସମ, ସ୍ୱତନ୍ତ୍ର ତଥା ପରବ୍ରହ୍ମ । ଭକ୍ତ ଏହି ଭାବରେ ଅଦ୍ୱିତୀୟ ମତେ ଆତ୍ମରୂପରେ ଜାଣି ଅଦ୍ୱୈତ ଭକ୍ତିଯୋଗ ବଳରେ ମୋ ସମ୍ପର୍କରେ ତତ୍ତ୍ୱଜ୍ଞାନ ଲାଭ କରେ ।

ନିଦ୍ରାଭଙ୍ଗମାତ୍ରେ ସ୍ୱପ୍ନଦୃଷ୍ଟ ବସ୍ତୁ ସମୂହର ଏକତ୍ୱ ହିଁ ଅବଶିଷ୍ଟ ଥାଏ । ସେହିଭଳି ଭକ୍ତ କେବଳ ମତେ ହିଁ ଜାଣେ । ସୂର୍ଯ୍ୟୋଦୟରେ ସମଗ୍ର ବିଶ୍ୱ ସେହି ଏକ ଆଲୋକରେ ଉଦ୍‌ଭାସିତ ହୁଏ । ସେହିଭଳି ଭକ୍ତମାତ୍ରେ ଅଭେଦ ଦର୍ଶନ କରେ । ଜ୍ଞେୟ ବସ୍ତୁର ବିଲୋପରେ ଜ୍ଞାନକଳାକୁ ସେ ମତ୍‌ସ୍ୱରୂପ ଜାଣି କୃତାର୍ଥ ହୁଏ । ଦ୍ୱୈତ ବା ଅଦ୍ୱୈତ ପରେ କେବଳ ରହିଲି ମୁଁ— ଏହି ଜ୍ଞାନଲାଭ କରି ମଧ୍ୟ ଆତ୍ମାନୁଭବରେ ସେ ଲୀନ ହୋଇଯାଏ । ଅଳଙ୍କାରକୁ ଦେଖିବାମାତ୍ରେ ଏହାକୁ ନ ତରଳେଇ ମଧ୍ୟ ଏହାର ମୂଳ ଯେ ସୁବର୍ଣ୍ଣ, ଏହା ଜାଣିହୁଏ । ଲୁଣ ପାଣିରେ ଗୋଳେଇ ହୋଇଗଲେ ମଧ୍ୟ ଲବଣତ୍ୱ ରହେ । କିନ୍ତୁ ଜଳ ଲୋପ ପାଇଗଲେ ଲବଣତ୍ୱ ମଧ୍ୟ ଲୋପପାଏ । ସେହିଭଳି ପୂର୍ବୋକ୍ତ ଭକ୍ତ ମଦ୍ରୂପତାଭାବରେ ଆତ୍ମାନୁଭବ ଆନନ୍ଦରେ ମିଳିତ ହୋଇ ମୋଠାରେ ଲୀନ ହୁଏ । ତଦ୍‌ଭାବ ନଷ୍ଟ

ହେଲେ ମଦ୍‌ଭାବ ରହେନା । ଅର୍ଥାତ୍ 'ସେ', 'ତାର' ଆଦି ଭାବ ଚାଲିଗଲେ 'ମୁଁ', 'ମୋର' ଭାବ ରହେନା । କର୍ପୂର ଜଳିସାରିଲେ ନିଆଁ ଲିଭିଯାଏ । ଅବଶିଷ୍ଟ ରହେ କେବଳ ଶୂନ୍ୟତା । ଏକରୁ ଏକ ଫେଡ଼ିଲେ ଫଳ ରହେ ଶୂନ । ସେହିଭଳି ଭାବ ଓ ଅଭାବର ଶେଷରେ ରହେ ମୁଁ । ବ୍ରହ୍ମ, ଆତ୍ମା, ଈଶ୍ୱରାଦି ଶବ୍ଦର ବ୍ୟବହାର ସେତେବେଳେ ଆଉ ରହେନା, ନାହିଁ କହିବାର ଅବକାଶ ମଧ୍ୟ ରହେନା । କେବଳ ରହେ ନିଃଶବ୍ଦତା, ନିସ୍ତବ୍ଧତା । ବିନାବାକ୍ୟରେ ଭାବ ପ୍ରକାଶ, ଜ୍ଞାନ ଓ ଅଜ୍ଞାନ ଭିନ୍ନ ଜ୍ଞାନ ଏହିଭଳି ଦ୍ୱନ୍ଦ୍ୱାତୀତ ଅବସ୍ଥା ଆସିଯାଏ । ଜ୍ଞାନ ସେତେବେଳେ କେବଳ ଜ୍ଞାନକୁ ହିଁ ଜାଣେ । ସୁଖହିଁ ସୁଖଭୋଗ କରେ, ଆନନ୍ଦହିଁ ଆନନ୍ଦ ଗ୍ରହଣ କରେ । ଲାଭହିଁ ଲାଭକରେ । ଆଲୋକ ଆଲୋକକୁ ଆଲିଙ୍ଗନ କରେ । ସେତେବେଳେ ଶ୍ରମ ଶାନ୍ତ ହୁଏ, ବିଶ୍ରାନ୍ତି ବିଶ୍ରାମ କରେ, ଅନୁଭବ ଅନୁଭୂତିରେ ଉନ୍ନତ ହୋଇଉଠେ । କର୍ମଯୋଗର ଅଙ୍କୁରର ସେବାଦ୍ୱାରା ଭକ୍ତପୁରୁଷ ଆତ୍ମମୟ ଫଳଲାଭ କରେ ।

ହେ କିରୀଟି ! ଭକ୍ତ ମୋଠାରେ ଆତ୍ମସମର୍ପଣ ପୂର୍ବକ କର୍ମଯୋଗରେ ମୁକୁଟମଣି ଜ୍ଞାନସ୍ୱରୂପ ମୋର ସ୍ୱରୂପତା ଲାଭ କରେ । ସେତେବେଳେ କର୍ମଯୋଗ ରୂପକ ମନ୍ଦିରର ମୋକ୍ଷରୂପକ କଳସ ଉପରେ ବିସ୍ତୀର୍ଣ୍ଣ ଆକାଶର ସ୍ୱରୂପତା ଲାଭ ହୁଏ । ସଂସାରରୂପକ କାନନରେ କର୍ମଯୋଗ ହେଉଛି ସରଳପଥ । ଏହାଦ୍ୱାରା ଭକ୍ତ ମୋ ସହିତ ଏକତ୍ୱ ଲାଭ କରେ । କର୍ମଯୋଗ ପ୍ରବାହରେ ଭକ୍ତିମୟୀ ଚିଦ୍‌ଗଙ୍ଗା ଆତ୍ମାନନ୍ଦ ସମୁଦ୍ରରେ ମିଳିତ ହୁଏ । ହେ ମର୍ମଜ୍ଞ ଅର୍ଜୁନ ! କର୍ମଯୋଗର ମହିମା କେତେ ଅଧିକ ବୁଝିଲ ତ ? ସେଥିଲାଗି ମୁଁ ବାରମ୍ବାର ସେହି କଥା କହିଆସିଛି । ଦେଶ, କାଳ, ପାତ୍ରର ସାଧନରେ ମତେ ପାଇପାରିବ ।

ମୁଁ ସମସ୍ତଙ୍କର ଯଥାସର୍ବସ୍ୱ । ଏଥିଲାଗି ଅଧିକ ପରିଶ୍ରମର ଆବଶ୍ୟକତା ନାହିଁ । କର୍ମଯୋଗଦ୍ୱାରା ମତେ ପାଇପାର । ଗୁରୁ ଶିଷ୍ୟ ଭିତରେ ପାର୍ଥକ୍ୟର ଯେଉଁ ବର୍ଣ୍ଣନା କରାଯାଇଛି, ତାହା କେବଳ ମତେ ଲାଭ କରିବାର ରୀତି ଜାଣିବା ଲାଗି । ପୃଥିବୀ ବକ୍ଷରେ ନାନା ଦ୍ରବ୍ୟ ରହିଛି; କାଠ ପଥରରେ ଅଗ୍ନି ରହିଛି,

ଗାଈ ଚିରରେ ଦୁଗ୍ଧ ଅଛି କିନ୍ତୁ ଏହାକୁ ପାଇବାଲାଗି କେତେକ ରୀତି ଦରକାର ହୁଏ । ସେହିଭଳି ମୁଁ ସିଦ୍ଧପଦାର୍ଥ ଭାବରେ ଚିରକାଳ ରହିଥିଲେ ମଧ୍ୟ ମତେ ପାଇବାଲାଗି କେତେ ନିର୍ଦ୍ଦିଷ୍ଟ ଉପାୟ ଗ୍ରହଣ କରିବା ଆବଶ୍ୟକ । କେହି କେହି ପ୍ରଶ୍ନ କରିପାରନ୍ତି ଯେ ଫଳପ୍ରାପ୍ତି ସମ୍ପର୍କରେ ବର୍ଣ୍ଣନା କରିବାପରେ ପୁଣି ଉପାୟର ପ୍ରଶ୍ନ ଉଠାଯାଉଛି କାହିଁକି । ଏହା କହିବାର ଉଦ୍ଦେଶ୍ୟ ହେଉଚି ଅନ୍ୟ ଶାସ୍ତ୍ରର ଉପାୟ ଅନୁଭବସିଦ୍ଧ ନୁହଁ । କିନ୍ତୁ ଗୀତାର୍ଥ ବିଚାରରେ ଯେଉଁ ମୋକ୍ଷପ୍ରାପ୍ତି କଥା କୁହାଯାଇଛି, ତାହା ଅନୁଭବସିଦ୍ଧ । ବାୟୁ ଦ୍ୱାରା ମେଘ ଦୂର ହୋଇଯାଏ । କିନ୍ତୁ ବାୟୁ ସୂର୍ଯ୍ୟକୁ ସ୍ପର୍ଶ କରି ପାରେନା । ହାତରେ ଶୈବାଳ ବା ଶିଉଳିକୁ ହଟାଇ ଦିଆଯାଇପାରେ କିନ୍ତୁ ହାତରେ ଜଳ ତିଆରି କରାଯାଇ ନ ପାରେ । ଆତ୍ମାନୁଭବର ପ୍ରତିବନ୍ଧକ ହେଉଛି ଅବିଦ୍ୟା । ଶାସ୍ତ୍ରଦ୍ୱାରା ଏହାକୁ ନଷ୍ଟ କରାଗଲେ ନିର୍ମଳ ଆତ୍ମା ସ୍ୱୟଂ ପ୍ରକାଶିତ ହୁଏ । ସମସ୍ତ ଶାସ୍ତ୍ର ଅବିଦ୍ୟା ଧ୍ୱଂସ ଲାଗିହିଁ ପ୍ରୟୋଜନୀୟ । କିନ୍ତୁ କେହି କାହାକୁ ଆତ୍ମାନୁଭବ ପ୍ରଦାନ କରି ନଥାଏ । ଅଧ୍ୟାତ୍ମଶାସ୍ତ୍ର ଯେଉଁ ସତ୍ୟ ନିର୍ଦ୍ଧାରଣ କରେ, ତାର ଆଶ୍ରୟ ହେଉଛି ଏହି ଗୀତା । ପୂର୍ବଦିଗରେ ପ୍ରକାଶିତ ସୂର୍ଯ୍ୟଦ୍ୱାରା ହିଁ ସର୍ବଦିଗ ପ୍ରକାଶିତ ହୋଇଥାଏ । ସେହିଭଳି ଶାସ୍ତ୍ରର ରାଜାଧିରାଜ 'ଗୀତା' ଦ୍ୱାରାହିଁ ସକଳ ଶାସ୍ତ୍ର କୃତାର୍ଥ । ପୂର୍ବ ଅଧ୍ୟାୟମାନଙ୍କରେ ଆତ୍ମାନୁଭୂତି ଲାଭର ଉପାୟ ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି ସତ କିନ୍ତୁ ଶିଷ୍ୟ ଅର୍ଜୁନ ! ଥରେମାତ୍ର ଶୁଣି ଏହାକୁ ହୃଦୟରେ ଧାରଣ କରାଯାଇପାରେ କି ? ଏକଥା ଭାବି ଶ୍ରୀକୃଷ୍ଣ ଦୟାପରବଶ ହୋଇ ପୁଣି ଥରେ ସଂକ୍ଷେପରେ ଉପଦେଶ କରିଛନ୍ତି । ଗୀତାଶାସ୍ତ୍ର ସମାପ୍ତ ହେବାକୁ ଆସିଲାଣି । ତେଣୁ ପ୍ରସଙ୍ଗତଃ ଆରମ୍ଭରୁ ଶେଷଯାଏଁ ସେହି ଗୋଟିଏ ଅର୍ଥ ଯେ ବୁଝାଉଚି, ଏ କଥା ସେ ପ୍ରତିପାଦନ କରିଛନ୍ତି । ଏହି ଗ୍ରନ୍ଥର ମଧ୍ୟଭାଗରେ ବିଭିନ୍ନ ଅଧିକାରର ବର୍ଣ୍ଣନା ବିବିଧ ସିଦ୍ଧାନ୍ତଦ୍ୱାରା ପ୍ରକାଶ କରାଯାଇଛି । ହୁଏତ କେହି ପୂର୍ବ ପର ତାତ୍ପର୍ଯ୍ୟ ବୁଝି ନ ପାରି ମନେକରିପାରନ୍ତି ଯେ ଗୀତାରେ ପରସ୍ପରବିରୋଧୀ ସିଦ୍ଧାନ୍ତ ହିଁ ସଂଗୃହୀତ ହୋଇଛି । ସେଥିଲାଗି ଶ୍ରୀକୃଷ୍ଣ ଏକ ମହାସିଦ୍ଧାନ୍ତକୁ ଅନ୍ତର୍ଗତ କରି ଅନ୍ୟ ସିଦ୍ଧାନ୍ତଗୁଡ଼ିକୁ ଶ୍ରେଣୀବଦ୍ଧ ଭାବରେ

ବର୍ଣ୍ଣନାପୂର୍ବକ ଗ୍ରନ୍ଥର ଉପସଂହାର କରୁଛନ୍ତି । ଅବିଦ୍ୟା ତଥା ଅଜ୍ଞାନର ବିନାଶହିଁ ଏହି ଗ୍ରନ୍ଥର ଭୂମିକା ଏବଂ ମୋକ୍ଷସମ୍ପାଦନହିଁ ଏହାର ଫଳ । ଏହି ଦୁଇଟିଯାକର ପ୍ରଧାନ ହେଉଛି ଜ୍ଞାନ । ଏହି ସିଦ୍ଧାନ୍ତହିଁ ବିଭିନ୍ନ ଭାବରେ ଏହି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ସେହିକଥା ପୁନର୍ବାର ସଂକ୍ଷେପରେ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ସାଧ୍ୟବସ୍ତୁପ୍ରାପ୍ତି ପରେ ମଧ୍ୟ ଶ୍ରୀକୃଷ୍ଣ ଉପାୟ କଥା କହିଛନ୍ତି ।

ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ ।
ମତ୍‌ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ।।୫୬।।

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! କର୍ମଯୋଗୀ ମଧ୍ୟ ନିଷ୍ଠାଦ୍ୱାରା ମୋ ସହିତ ମିଳିତ ହୁଏ । ସ୍ୱକର୍ମରୂପକ ନିର୍ମଳ-କୁସୁମରେ ପୂଜା କଲେ ମୋ ସମ୍ପର୍କରେ ଜ୍ଞାନ ନିଷ୍ଠା ଲାଭହୁଏ । ଏହି ଜ୍ଞାନନିଷ୍ଠା ଲାଭ ହେଲେ ପରମଭକ୍ତି ଉଲ୍ଲସିତ ହୁଏ ଏବଂ ସେତେବେଳେ ମୋ ସହିତ ମିଳିତ ହୋଇ ସାଧକ ସୁଖୀ ହୁଏ । ମୁଁ ହେଉଛି ବିଶ୍ୱପ୍ରକାଶକ, ମତେ ସର୍ବରୂପରେ ଭଜନ କଲେ କି ଅବସ୍ଥା ହୁଏ ଶ୍ରବଣ କର ।

ଲବଣ ବନ୍ଧନମୁକ୍ତ ହୋଇ ଜଳର ଆଶ୍ରୟ ନେଲେ ଏବଂ ବାୟୁ ସର୍ବତ୍ର ଭ୍ରମଣ କରି କରି ନିଶ୍ଚଳ ଅବସ୍ଥାରେ ଆକାଶରେ ଅବସ୍ଥାନ କଲେ ଯେଉଁ ଅବସ୍ଥା ହୁଏ— ସେହିପରି କାୟ, ମନ ଓ ବାକ୍ୟରେ ମୋର ଆଶ୍ରୟ ଗ୍ରହଣ କଲେ ସାଧକର ସେହି ଅବସ୍ଥା ହୁଏ । ସେ କଦାଚିତ୍ ନିଷିଦ୍ଧ କର୍ମ କଲେ ମଧ୍ୟ ଦୋଷଯୁକ୍ତ ହୁଏନା । ଗଙ୍ଗା ସହିତ ମିଳିତ ହୋଇଗଲେ ନଦୀ, ନାଳ ସମସ୍ତେ ସମଭାବ ଧାରଣ କରିଥାଆନ୍ତି । ସମସ୍ତେ ଗଙ୍ଗା ପାଲଟିଯାଆନ୍ତି । ସେହିଭଳି ମନ ଭିତରେ ଯିଏ ମତେ ହିଁ ଧାରଣ କରେ, ତାର ଶୁଭ, ଅଶୁଭ ସମସ୍ତ କର୍ମ ସମଭାବ ଧାରଣ କରେ । ଅଗ୍ନିରେ ଦଗ୍ଧ ନ ହେବା ପର୍ଯ୍ୟନ୍ତ ମଳୟପର୍ବତର ଚନ୍ଦନ ଓ ଅନ୍ୟକାଠ ମଧ୍ୟରେ ପାର୍ଥକ୍ୟ ରହିଥାଏ । ଅଗ୍ନିରେ ଦଗ୍ଧ ହୋଇଗଲେ ଉଭୟ ଭସ୍ମ ଆକାର ଧାରଣ କରନ୍ତି । ସ୍ପର୍ଶମଣିର ସଂଯୋଗରେ ସମଭାବ ଆସିବା ପୂର୍ବ ପର୍ଯ୍ୟନ୍ତ ସ୍ୱର୍ଣ୍ଣର ନିକୃଷ୍ଟତା ଓ ଉତ୍‌କର୍ଷରୁ ବିଚାର ଥାଏ । ସୂର୍ଯ୍ୟାଲୋକକୁ ଯିବା ପର୍ଯ୍ୟନ୍ତ ରାତ୍ରି ଓ ଦିବସର ପାର୍ଥକ୍ୟ ଥାଏ । ସେହିଭଳି ହେ କିରୀଟି ! ମତେ ପାଇବା

ଦ୍ୱାରା ସର୍ବନାଶ ହେଲେ ହିଁ ସେ ସାୟୁଜ୍ୟ ପାଦରେ ଆରୂଢ଼ ହୁଏ । ସେତେବେଳେ ସେ ଦେଶ, କାଳ ଓ ସ୍ୱଭାବର ଅତୀତ ମୋର ଅକ୍ଷୟ ଅବିନାଶୀ ପଦଲାଭ କରିଥାଏ । ହେ ପାଣ୍ଡବ ! ଏଭଳି ବ୍ୟକ୍ତି ପକ୍ଷରେ ମୋର ପ୍ରସନ୍ନତା ଫଳରେ ଅଲଭ୍ୟ କିଛି ରହେନା ।

ଚେତସା ସର୍ବକର୍ମାଣି ମୟିସଂନ୍ୟସ୍ୟ ମତ୍‌ପରଃ ।
ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ॥୫୭॥

ହେ ଧନଞ୍ଜୟ ! ତୁମେ ତୁମର ସମସ୍ତ କର୍ମକୁ ମୋ ସହିତ ସଂଯୁକ୍ତ କର । ମୋ ଉପରେ ସମସ୍ତ କର୍ମକୁ ଅର୍ପଣ କର । ଏହାହିଁ ନିତ୍ୟ କର୍ମସନ୍ନ୍ୟାସ । କିନ୍ତୁ ବାହ୍ୟତଃ କଲେ ଚଳିବନି । ଆତ୍ମବିଚାରରେ ହିଁ ଚିତ୍ତ ସ୍ଥିର ହୁଏ । ତେଣୁ କୁହାଯାଏ ଆତ୍ମାକୁ ଆତ୍ମାରେ ଦେଖ । ସେହି ବିଚାର ବଳରେ ତୁମେ ସ୍ୱୟଂ କର୍ମଯୁକ୍ତ । ସକଳ କର୍ମକୁ ମୋର ସ୍ୱଚ୍ଛ ନିର୍ମଳ ସ୍ୱରୂପରେ ହିଁ ଦେଖିବ । ସେତେବେଳେ ତୁମର ଧ୍ୟାନରେ ଆସିବ ଯେ କର୍ମର ଜନ୍ମଭୂମି ଯେଉଁ ପ୍ରବୃତ୍ତି ବା ମାୟା ସେ ଆତ୍ମାଠାରୁ ବହୁଦୂରରେ । ରୂପ ବିନା ଛାୟା ନଥାଏ । ସେହିଭଳି ଆତ୍ମା ବିନା ପ୍ରକୃତି ରହି ନ ପାରେ । ଆତ୍ମତତ୍ତ୍ୱଠାରୁ ପ୍ରକୃତି ଅଲଗା ରହି ନ ପାରେ । ପ୍ରକୃତିର ବିନାଶ ସଙ୍ଗେ ସଙ୍ଗେ କର୍ମସନ୍ନ୍ୟାସ ଆପେ ଆପେ ଆସିଯାଏ । କର୍ମ ଧ୍ୱଂସ ହୋଇଗଲେ କେବଳ ମୁଁ ବା ଆତ୍ମାହିଁ ଅବଶିଷ୍ଟ ରହେ । ସେତେବେଳେ ବୁଦ୍ଧି ପତିବ୍ରତା ନାରୀ ଭଳି ନିଷ୍ଠାର ସହିତ ମୋର ଅନୁଗାମିନୀ ହେବା ଆବଶ୍ୟକ । ଏହିଭଳି ଭାବରେ ବୁଦ୍ଧି ଅନନ୍ୟ ଭକ୍ତିରେ ମୋ ରଙ୍ଗରେ ରଞ୍ଜିତ ହୋଇଗଲେ ଚିତ୍ତ ମଧ୍ୟ ନିଜର ସମସ୍ତ ଚାଞ୍ଚଲ୍ୟକୁ ଛାଡ଼ି କେବଳ ମତେ ହିଁ ଭଜନ କରିଥାଏ । ତେଣୁ ହେ ଅର୍ଜୁନ ! ସର୍ବଦା ଏହିଭଳି ସଯତ୍ନଭାବରେ ବିଷୟବାସନା ତ୍ୟାଗ କରି ମୋ ପ୍ରତି ଚିତ୍ତକୁ ସଂଯୁକ୍ତ କରିବା ହେଉଛି ତୁମର କର୍ତ୍ତବ୍ୟ ।

ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍‌ପ୍ରସାଦାତ୍ ତରିଷ୍ୟସି ।
ଅଥ ଚେତ୍ତ୍ୱମହଂକାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ॥୫୮॥

ଅନନ୍ୟ ସେବାଦ୍ୱାରା ଚିତ୍ତ ମତ୍‌ସ୍ୱରୂପର ଅନୁସରଣ କଲେ ଅର୍ଥାତ୍ ଭେଦଭାବହୀନ ଭକ୍ତିରେ ମୁଁ ଯେତେବେଳେ ଚିତ୍ତରେ ସଂପୂର୍ଣ୍ଣ ପୂରି ଉଠିବି,

ସେତେବେଳେ ବୁଝିବ ଯେ ମୋର ପୂର୍ଣ୍ଣ ପ୍ରସାଦ ବା କୃପାଲାଭ ହୋଇଗଲା । ଏହି ଅବସ୍ଥାରେ ଜନ୍ମମୃତ୍ୟୁସଙ୍କୁଳ ଦୁଃଖମୟ ସଂସାର ମଧ୍ୟ ତୁମପାଇଁ ସୁଖମୟ ହୋଇଉଠିବ । ସୂର୍ଯ୍ୟାଲୋକରେ ଉଦ୍‌ଭାସିତ ଯେଉଁ ଦୃଷ୍ଟି, ସେଠାରେ ଅନ୍ଧକାରର ସ୍ଥାନ କାହିଁ ? ମୋ କୃପାରେ ଜୀବାଂଶ ଦୂର ହେଲେ ଆଉ ସଂସାରର ଭୟ ରହିବ ନାହିଁ । ହେ ଧନଞ୍ଜୟ ! ତୁମେ ମୋ କୃପାରେ ସଂସାର ସାଗର ପାର ହୋଇପାରିବ । ଅହଂକାରବଶତଃ ମୋର ଏହି ଉପଦେଶକୁ ମନରେ ଧାରଣ କରି ନ ପାରିଲେ, ତୁମେ ନିତ୍ୟମୁକ୍ତ ଓ ଅବ୍ୟକ୍ତସ୍ୱରୂପ ହେଲେ ମଧ୍ୟ ତୁମର ସାଧନା ବୃଥା ହୋଇପଡ଼ିବ ଏବଂ ତୁମକୁ ଦେହାଭିମାନର ଭୀଷଣ ଆଘାତ ସହ୍ୟ କରିବାକୁ ପଡ଼ିବ । ଦେହାଭିମାନ ଭିତରେ ପ୍ରବେଶ କରିବା ଫଳରେ ବାରମ୍ବାର ଆତ୍ମଘାତ କଷ୍ଟ ସହ୍ୟ କରିବାକୁ ପଡ଼ିବ । ମୋ ଉପଦେଶ ଶ୍ରବଣ ନ କଲେ ମୃତ୍ୟୁପରେ ମୃତ୍ୟୁ ଦଶା ହିଁ ଭୋଗିବାକୁ ପଡୁଥିବ ।

ଯଦହଂକାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।
ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିଯୋକ୍ଷ୍ୟତି ॥୫୯॥

ପଥ୍ୟ ଯାହାକୁ ଭଲ ଲାଗେନା ସେହି ରୋଗୀର ଜ୍ୱର ବୃଦ୍ଧି ପାଏ । ପ୍ରଦୀପ ଯାହାକୁ ଭଲ ଲାଗେନା ସେ ଅନ୍ଧକାରରେ ହିଁ ରହେ । ବିବେକପ୍ରତି ଦ୍ୱେଷ କରି ଏବଂ ମନରେ ଅହଂକାର ବୃଦ୍ଧିକରି କ୍ଷମତାନୁସାରେ ତୁମେ ତୁମ ଦେହକୁ 'ଅର୍ଜୁନ' ଶତ୍ରୁକୁ 'ସ୍ୱଜନ' ଏବଂ ଏହି ସଂଗ୍ରାମକୁ 'ପାପାଚରଣ'— ଏହି ତିନୋଟି ନାମ ଦେଇଚ । ହେ ଧନଞ୍ଜୟ ! ଯୁଦ୍ଧ କରିବିନି ବୋଲି ହୃଦୟରେ ଅବଶ୍ୟ ଦୃଢ଼ ସଙ୍କଳ୍ପ କରିଚ, କିନ୍ତୁ ଏହା ତୁମର 'କ୍ଷତ୍ରିୟଧର୍ମ' ଦୃଷ୍ଟିରୁ ବୃଥା । ମୁଁ ଅର୍ଜୁନ, ଏମାନେ ମୋର ଆତ୍ମୀୟ, ଏମାନଙ୍କୁ ବଧ କଲେ ପାପ ହେବ— ତୁମର ଏହିସବୁ ଭାବନା ମାୟା ବ୍ୟତୀତ ଅନ୍ୟ କିଛି ନୁହଁ, ଏହା ଅସତ୍ୟ । ସ୍ୱଭାବତଃ ତୁମେ ଯୋଦ୍ଧା, ଯୁଦ୍ଧ ଲାଗି ଅସ୍ତ୍ରଧାରଣ ତୁମର କର୍ତ୍ତବ୍ୟ । ଯୁଦ୍ଧ ତ୍ୟାଗ କରିବା ଲାଗି ପ୍ରତିଜ୍ଞା କରିବା ତୁମ ପକ୍ଷରେ ଉଚିତ କି ? ଯୁଦ୍ଧତ୍ୟାଗ କରିବାଲାଗି ତୁମର ସଙ୍କଳ୍ପ ବୃଥା । ଲୌକିକ ଦୃଷ୍ଟିରୁ ମଧ୍ୟ ତୁମର ଏ ସଙ୍କଳ୍ପ ବ୍ୟବହାରସିଦ୍ଧ ନୁହଁ ।

ମନରେ ଯୁଦ୍ଧତ୍ୟାଗର ଇଚ୍ଛା ଥିଲେ ମଧ୍ୟ ତୁମର ସ୍ୱଭାବହିଁ ତୁମ ସଙ୍କଳ୍ପର ବିରୁଦ୍ଧାଚରଣ କରିବ ଏବଂ ତୁମକୁ ଯୁଦ୍ଧ କରିବାଲାଗି ବାଧ୍ୟ କରିବ ।

ସ୍ୱଭାବଜେନ କୌନ୍ତେୟ ବିବଦ୍ଧଃ ସ୍ୱେନ କର୍ମଣା ।
କର୍ତ୍ତୁଂନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍ ॥୬୦॥

ପ୍ରବାହର ବିପରୀତ ଦିଗରେ ଉଜାଣି କାଟି ପହଁରି ପହଁରି ଯିବା ନିରର୍ଥକ ଶ୍ରମ । ପ୍ରବାହ ସନ୍ତରଣକାରୀକୁ ପ୍ରବାହ ଦିଗକୁ ଟାଣି ଟାଣି ନେଇଥାଏ । ଧାନ ବିହନରୁ ଧାନଗଛହିଁ ହୋଇଥାଏ । ଧାନ ଯଦି କହେ 'ମୁଁ ଧାନଗଛ ନ ହୋଇ ଅନ୍ୟ କିଛି ହେବି' ସେଥିରୁ ବୁଝିବାକୁ ହେବ ଯେ, ସେ ନିଜ ସ୍ୱାଭାବିକତାକୁ ଲଙ୍ଘନ କରିବାକୁ ଚାହେଁ । କିନ୍ତୁ ତାର ଚାହିଁବାରେ କ'ଣ ସେ ଧାନ ନ ହୋଇ ଅନ୍ୟକିଛି ହୋଇପାରେ ? ସେହିଭଳି ହେ ବୁଦ୍ଧିମାନ ଅର୍ଜ୍ଜୁନ ! ପ୍ରକୃତି ତୁମକୁ କ୍ଷତ୍ରିୟ କରିଛି, ତେଣୁ ଯୁଦ୍ଧ କରିବିନି କହିଦେଲେ ଯେ ତୁମେ ସେଥିରୁ ନିବୃତ୍ତ ହୋଇପାରିବ ତାହା ନୁହଁ, ତୁମକୁ ଅବଶ୍ୟ ଯୁଦ୍ଧ କରିବାକୁ ପଡ଼ିବ । ହେ ପାଣ୍ଡବ ! ଶୌର୍ଯ୍ୟ, ବୀର୍ଯ୍ୟ, ତେଜ, ଦକ୍ଷତା ପ୍ରଭୃତି ସ୍ୱାଭାବିକ କ୍ଷତ୍ରିୟ ଗୁଣ ତୁମର ଜନ୍ମଗତ । ଯଦି ତୁମେ ଏହି ଗୁଣାନୁରୂପ କାର୍ଯ୍ୟ ନ କରିବ, ତାହାହେଲେ ତୁମର ଏହି ପ୍ରକୃତି ହିଁ ତୁମକୁ ସ୍ଥିର ଭାବରେ ମୁହୂର୍ତ୍ତେ ସୁଦ୍ଧା ବସିବାକୁ ଦେବ ନାହିଁ । ହାତ ଓ ପାଦ ବନ୍ଧା ହୋଇଥିବା ବ୍ୟକ୍ତି ମଧ୍ୟ ରଥରେ ବସି ଦେଶ ଦେଶାନ୍ତର ଭ୍ରମଣ କରିପାରେ । ତୁମେ ନିଜେ କର୍ମତ୍ୟାଗ କରି ସ୍ଥିର ରହିଲେ ମଧ୍ୟ ପ୍ରକୃତି ତୁମକୁ କର୍ମ କରାଇବା ଲାଗି ବାଧ୍ୟ କରିବ । ବିରାଟ ଦେଶରେ ଗୋହରଣ ବେଳେ ରାଜକୁମାର ଉତ୍ତର ରଣକ୍ଷେତ୍ରରୁ ଦୌଡ଼ି ପଳାଇବା ଦେଖି ତୁମେ ବୃହନ୍ନଳା ରୂପରେ ଥାଇ ମଧ୍ୟ କୌରବ ସୈନ୍ୟ ସହିତ ଯୁଦ୍ଧ କରି ନ ଥିଲ କି ? ସେତେବେଳେ ତୁମ ସ୍ୱଭାବ ହିଁ ତୁମକୁ ବାଧ୍ୟ କରିଥିଲା ଯୁଦ୍ଧ କରିବା ପାଇଁ । ସେତେବେଳେ ଯୁଦ୍ଧ କରି କୌରବ ବଳକୁ ହଟେଇଦେଇ ପାରିଥିଲ । ତେଣୁ ହେ ଅର୍ଜ୍ଜୁନ ! ଏହି କ୍ଷତ୍ରିୟ ସ୍ୱଭାବ ହିଁ ବର୍ତ୍ତମାନ ତୁମକୁ ଯୁଦ୍ଧରେ ପ୍ରବୃତ୍ତ କରାଇବ । ଏକାଦଶ ଅକ୍ଷୌହିଣୀ ସୈନ୍ୟକୁ ଯେଉଁ ସ୍ୱଭାବବଳରେ ସେତେବେଳେ ପରାଜିତ କରିଥିଲ, ସେହି ସ୍ୱଭାବବଳରେ ହିଁ ତୁମେ ଏହି ଯୁଦ୍ଧରେ ଲଢ଼ିବ । ରୋଗୀକୁ ରୋଗ କେବେ ଭଲ ଲାଗିଥାଏ କି ? ଦରିଦ୍ର କେବେହେଲେ ଦାରିଦ୍ର୍ୟ

କାମନା କରି ନ ଥାଏ । ପ୍ରାରବ୍ଧ ଅନୁସାରେ ସେ ରୋଗ ଓ ଦାରିଦ୍ର୍ୟ ଭୋଗ କରିଥାଏ । ଏହା ଈଶ୍ୱରଙ୍କ ଅଧୀନ । ଏହା କେବେହେଲେ ଅନ୍ୟଥା ହୁଏନା । ସେହି ଈଶ୍ୱର ହିଁ ତୁମ ହୃଦୟବାସୀ ।

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।।୬୧।।

ସମସ୍ତ ଜୀବଜଗତର ହୃଦୟାକାଶରେ ଜ୍ଞାନରୂପକ ସହସ୍ର ସହସ୍ର କିରଣ ସମୁଦ୍ଭାସିତ କରି ଈଶ୍ୱରରୂପୀ ସୂର୍ଯ୍ୟ ସର୍ବଦା ଉଦିତ । ସେ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ତିନୋଟିଯାକ ଅବସ୍ଥାରେ ତ୍ରିଲୋକକୁ ଆଲୋକିତ କରି ମାୟାର ଘେରରେ ପଡ଼ିଥିବା ଜୀବରୂପକ ପଥିକକୁ ରକ୍ଷା କରିଥାଆନ୍ତି । ଦୃଶ୍ୟବସ୍ତୁରୂପକ ସରୋବରରେ ବିଷୟରୂପକ କମଳ ବିକଶିତ କରି ଏହି ଈଶ୍ୱରରୂପକ ସୂର୍ଯ୍ୟ ଭ୍ରମରରୂପୀ ଜୀବକୁ ଆକୃଷ୍ଟ କରିଥାଏ । ଏହି ଜୀବ ପଞ୍ଚଜ୍ଞାନେନ୍ଦ୍ରିୟ ଏବଂ ଏକ ମନକୁ ମିଶେଇ ଛଅଟି ଗୋଡ଼ରେ ଚାଲିଥାଏ । ହୃଦୟସ୍ଥ ଈଶ୍ୱର ଜୀବ ଦେହର ଅହଙ୍କାରରୂପକ ଚାଦର ଘୋଡ଼େଇ ହୋଇ ନିଜ ମାୟାର ଅନ୍ତରାଳରେ ଦଣ୍ଡାୟମାନ ରହି ଏକାକୀ ସମସ୍ତ ସୂତ୍ରକୁ ସଞ୍ଚାଳନ କରିଥାଏ । ତାର ରଙ୍ଗଭୂମି ହେଉଛି ବିଶ୍ୱବ୍ରହ୍ମାଣ୍ଡ । ତା ଉପରେ ସେ ଚଉରାଶି ଲକ୍ଷ ଜୀବରୂପକ କଣ୍ଢେଇକୁ ନଚାଇଥାଏ । ଏହି ଚଉରାଶି ଲକ୍ଷ ଜୀବ ଛାୟାଚିତ୍ର ଭଳି ନାଚି ନାଚି ଯାଆନ୍ତି, ଆସନ୍ତି । ବ୍ରହ୍ମଠାରୁ କ୍ଷୁଦ୍ରକୀଟ ପର୍ଯ୍ୟନ୍ତ ଯୋଗ୍ୟତାନୁସାରେ ଦେହାକାର ପ୍ରଦର୍ଶନ ହୋଇଥାଏ । ଯଥାଯୋଗ୍ୟ କୌଣସି ଦେହ ପ୍ରଦର୍ଶିତ ହେଲେ ଜୀବ ସେଥିରେ 'ମୁଁ' ବୋଲି ଅଭିମାନ କରିଥାଏ । ଏହି ଅହଂବୁଦ୍ଧି ଜୀବ ଦେହରେ ଆରୂଢ଼ ହୁଏ । ଗୋଟିଏ ସୂତା ଦେହରେ ଆଉ ଏକ ସୂତାର ଯେପରି ଗଣ୍ଠି ପଡ଼ିଯାଏ କିମ୍ବା ଘାସ ଦେହରେ ଘାସର ଗଣ୍ଠି ପଡ଼ିଯାଏ କିମ୍ବା ଶିଶୁ ପାଣି ଦେହରେ ନିଜ ପ୍ରତିବିମ୍ବକୁ ଦେଖି ବିଭ୍ରାନ୍ତ ହୁଏ, ସେହିଭଳି ଦେହ ଭିତରେ ନିଜ ଛାଇକୁ ଦେଖି ଜୀବର ସୃଷ୍ଟି ହୁଏ ଆତ୍ମବୁଦ୍ଧି । ଦେହ ଏକ ଯନ୍ତ୍ର ବା ମଞ୍ଚ । ଜୀବକୁ ତା ଉପରେ ବସାଇ ଈଶ୍ୱର ଅନ୍ତରାଳରେ ରହି ତାକୁ ନଚେଇ ଥାଆନ୍ତି । ଈଶ୍ୱରଙ୍କ ହାତରେ ଥିବା କର୍ମସୂତ୍ରରେ ଜୀବର ଶରୀର ବନ୍ଧା ହୋଇ ରହିଥାଏ । ସେ ତାକୁ ଯିମିତି

ନଚାନ୍ତି, ସେ ସେହିଭଳି ନାଚେ । ସେତେବେଳେ ନିଜ ନିଜର କର୍ମାନୁସାରେ ଜୀବର ଗତି ହୋଇଥାଏ । ବାୟୁ ଦ୍ୱାରା କାଠିକୁଟା ଯେପରି ଉଡ଼ିଥାଆନ୍ତି, ସେହିଭଳି ଈଶ୍ୱରଙ୍କ ଆକର୍ଷଣରେ ଜୀବର ସ୍ୱର୍ଗ କିମ୍ବା ନରକଗତି ହୋଇଥାଏ । ଚୁମ୍ବକର ଆକର୍ଷଣରେ ଲୁହାର ଯେଉଁ ଦଶା, ସେହିଭଳି ଈଶ୍ୱରଙ୍କ ଆକର୍ଷଣରେ ଜୀବର ସେହି ଦଶା । ଈଶ୍ୱର ଚୁମ୍ବକ, ଜୀବ ହେଉଛି ଲୁହା । ଚନ୍ଦ୍ରୋଦୟରେ ସମୁଦ୍ର ଉଚ୍ଛ୍ୱସିତ ହୋଇଉଠେ, ଚନ୍ଦ୍ରକାନ୍ତ ମଣି ବିଗଳିତ ହୁଏ, କୁମୁଦ ବିକଶିତ ହୁଏ, ଚକୋର ଉଲ୍ଲସିତ ହୁଏ । ସେହିଭଳି ମୂଳ ପ୍ରକୃତିର ଅଧୀନରେ ଜୀବ ବିବିଧ କର୍ମ କରିଥାଏ । ଏହାର ମୂଳ ହେତୁ ହେଉଚି ହୃଦୟସ୍ଥ ଈଶ୍ୱର । ଅର୍ଜୁନତ୍ୱ ଛାଡ଼ି ମଧ୍ୟ ତୁମର ଯେଉଁ ଅହଂଭାବ, ତାହା ହେଉଚି ଈଶ୍ୱରଙ୍କ ତାତ୍ତ୍ୱିକ ରୂପ । ତେଣୁ ଜାଣିରଖ ଯେ ପ୍ରକୃତିଦ୍ୱାରା ପ୍ରବୃତ୍ତ କରାଇ ତୁମକୁ ଯୁଦ୍ଧ କରିବାକୁ ବିରତ କରାଉଥିଲେ ମଧ୍ୟ ସେହି ଈଶ୍ୱର ସେହି ପ୍ରକୃତି ମାଧ୍ୟମରେ ହିଁ ତୁମକୁ ପୁଣି ଯୁଦ୍ଧରେ ପ୍ରବୃତ୍ତ କରାଇବେ । ଈଶ୍ୱର ହିଁ ପ୍ରକୃତିକୁ ନିୟନ୍ତ୍ରଣ କରାଇଥାଆନ୍ତି । ପ୍ରକୃତି ତୁମକୁ ଯଥାଯୋଗ୍ୟ କର୍ମରେ ନିଯୁକ୍ତ କରାଇଥାଏ । ଏବେ ତୁମେ ଯାହା କରିବାକୁ ଚାହୁଁଛ ଏବଂ ଯାହା ନ କରିବାକୁ ଚାହୁଁଚ, ସେହି ପ୍ରକୃତି ପାଖରେ ସମର୍ପଣ କରିଦିଅ । ପ୍ରକୃତି ହୃଦୟସ୍ଥ ଈଶ୍ୱରଙ୍କ ଅଧୀନ ।

ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍‌ପ୍ରସାଦାତ୍‌ପରାଂ ଶାନ୍ତିଂ ସ୍ଥାନଂପ୍ରାପ୍‌ସ୍ୟସି ଶାଶ୍ୱତମ୍ ॥୬୨॥

ତୁମେ ଅହଂକାର, କାୟ, ମନ, ବାକ୍ୟ ସବୁକିଛି ଅର୍ପଣ କରି ସମୁଦ୍ରରେ ଗଙ୍ଗାର ପ୍ରବେଶ ଭଳି ଈଶ୍ୱରଙ୍କ ଶରଣାଗତ ହୁଅ । ତାଙ୍କ କୃପାରେ ସବୁ ବିଷୟରେ ଶାନ୍ତିରୂପିଣୀ ତରୁଣୀ ସହିତ ତୁମର ସହବାସ ହୋଇପାରିବ, ତୁମେ ଆତ୍ମାନନ୍ଦରେ ସ୍ୱ-ସ୍ୱରୂପରେ ରମଣ କରିପାରିବ । ସ୍ୱୟଂ ଉତ୍ପତ୍ତି ଯାହାଠାରୁ ଉତ୍ପନ୍ନ, ବିଶ୍ରାମକୁ ଯେଉଁଠାରେ ବିଶ୍ରାମ ମିଳିଥାଏ ଏବଂ ସ୍ୱୟଂ ଅନୁଭବ ଯେଉଁଠାରୁ ଅନୁଭୂତି ଲାଭ କରିଥାଏ, ସେହି ଆତ୍ମରୂପୀ ପୀଠରେ ତୁମେ ଅଖଣ୍ଡ ରାଜୁତି କରିପାରିବ ।

ଲକ୍ଷ୍ମୀପତି ଶ୍ରୀକୃଷ୍ଣ ଏହି ସମୟରେ ଅର୍ଜୁନଙ୍କୁ ସେହି କଥା କହିଥିଲେ ।

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା ।
ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ ।।୬୩।।

ଏହି ଗୀତା ହେଉଛି ବେଦର ସାର । ସମସ୍ତ ସାହିତ୍ୟକୁ ମନ୍ଥନ କରାଯାଇ ସାରାଂଶ ଏଥିରେ ରଖାଯାଇଛି । ଏହି ଗୀତାରେ ଆତ୍ମାକୁ କରତଳଗତ ରତ୍ନ ଭଳି ଦର୍ଶନ କରାଯାଇପାରେ । ବେଦାନ୍ତ ଯାହାକୁ 'ଜ୍ଞାନ' ବୋଲି କହି ମହିମାକୀର୍ତ୍ତନ କରିଛି, ସଂସାରରେ ଯାହାର ସୁକୀର୍ତ୍ତି ପ୍ରତିଷ୍ଠିତ, ଯାହା ବୁଦ୍ଧିର ଉଦ୍ଭାସକ, ଯାହାର ଉଦୟମାତ୍ରେ ସର୍ବଦ୍ରଷ୍ଟାକୁ ଦର୍ଶନ କରାଯାଇଥାଏ– ସେହି ଆତ୍ମଜ୍ଞାନ ହେଉଚି ମୋର ଗୁପ୍ତ ସମ୍ପଦ । କିନ୍ତୁ ତୁମ ପାଖରେ ଏହାକୁ ଗୁପ୍ତ ରଖିପାରିଲି ନାହିଁ । ଦୟା ଓ ପ୍ରେମରେ ମୋ ହୃଦୟ ଏପରି ଉଛୁଳି ଉଠିଲା ଯେ, ମୁଁ ଏହି ଗୁପ୍ତଭଣ୍ଡାରକୁ ତୁମ ପାଖରେ ଏକାବେଳକେ ଖୋଲି ଦେଖାଇ ଦେଲି । ଯାହା ଥିଲା ଅବ୍ୟକ୍ତ, ତାକୁ ବ୍ୟକ୍ତ କରିଦେଲି । ସ୍ନେହାବଶରେ ମାଆ ଯେପରି ପିଲା ପାଖରେ ମନଖୋଲି କଥାବାର୍ତ୍ତା କରିଥାଏ, ସେହି ଆବେଶରେ ମୁଁ ତୁମକୁ ମନଖୋଲି ସବୁ କଥା କହିଦେଲି । ଇଏ ହେଉଛି ତୁମ ପ୍ରତି ମୋର ଦିବ୍ୟ ଉପଦେଶ । ଏହା ଆକାଶକୁ ବିଗଳିତ କରିଦେଇପାରେ । ଅମୃତର ମଧ୍ୟ ଛାଲ ଉତ୍ତାରି ଦେଇପାରେ । ଏହି ଦିବ୍ୟ ଉପଦେଶ ହେଉଛି ଦିବ୍ୟଭାବ ଉତ୍ପାଦନକ୍ଷମ । ଏହାର ଆଲୋକରେ ବିଶ୍ୱବ୍ରହ୍ମାଣ୍ଡର ଅଣୁ ପରମାଣୁ ସୁଦ୍ଧା ଉଦ୍ଭାସିତ ହୋଇଉଠେ । ଏହି ଦିବ୍ୟଜ୍ଞାନରେ ସୂର୍ଯ୍ୟର ଚକ୍ଷୁରେ ମଧ୍ୟ ଅଞ୍ଜନ ଲଗାଯାଇପାରେ । ସବୁଦିଗରୁ ବିଚାର କରି ମୁଁ ତୁମକୁ ସେହି ଦିବ୍ୟଜ୍ଞାନର ଉପଦେଶ କରିଚି । ତୁମେ କର୍ତ୍ତବ୍ୟ କ'ଣ ବିଚାର କରି କର୍ମରେ ପ୍ରବୃତ୍ତ ହୁଅ ।

ଶ୍ରୀକୃଷ୍ଣଙ୍କ ମୁଖରୁ ଏକଥା ଶୁଣିବା ପରେ ଅର୍ଜୁନ ସ୍ତବ୍ଧ ହୋଇ ପଡ଼ିଲେ ।

ସେତେବେଳେ ଭଗବାନ କହିଲେ, ''ହେ ଅର୍ଜୁନ ! ପ୍ରକୃତରେ ତୁମେ ଭାରି ଗମ୍ଭୀର । ଯଦି ଭାତ ପରଷୁଥିବା ଲୋକକୁ ଭୋକିଲା ଲୋକ କହେ ଯେ, ନାହିଁ ଭାଇ ମୋ ପେଟ ପୂରିଗଲାଣି, ତାହାହେଲେ ଭୋକିଲା ଲୋକର ଅବସ୍ଥା କ'ଣ ହେବ ? ଭୋକରେ ରହିବା ସାର ହୁଏ ନାହିଁକି ? ତାଛଡ଼ା ମିଥ୍ୟା କହିବାର

ଦୋଷରେ ମଧ୍ୟ ତାକୁ ଦୋଷୀ ହେବାକୁ ପଡ଼ିଥାଏ । ଠିକ୍ ସେହିଭଳି ସର୍ବଜ୍ଞ ସଦ୍‌ଗୁରୁଙ୍କୁ ପାଖରେ ପାଇ ଲଜ୍ଜାରେ ଯଦି ଆତ୍ମଜ୍ଞାନ ଉପଦେଶ ପାଇବାଲାଗି ଇଚ୍ଛାପ୍ରକାଶ ନ କର, ତାହାହେଲେ ଆତ୍ମପ୍ରବଞ୍ଚନା ହିଁ ସାର ହୋଇଥାଏ । ଆତ୍ମପ୍ରବଞ୍ଚନା ଦୋଷରେ ଭାଗୀ ହୋଇ ସେ ଆତ୍ମସ୍ୱରୂପରୁ ବଞ୍ଚିତ ହୋଇଥାଏ । ହେ ଧନଞ୍ଜୟ ! ତୁମ ନୀରବତାରୁ ବୁଝିପାରୁଚି ଯେ ତୁମେ ପୁଣି ପୂର୍ବୋକ୍ତ ଜ୍ଞାନର ସାର ଉପଦେଶ ଶୁଣିବାଲାଗି ଇଚ୍ଛୁକ ।

ଅର୍ଜୁନ କହିଲେ, ତୁମକୁ କ'ଣ କହିବି, ତୁମେ ତ ଅନ୍ତର୍ଯ୍ୟାମୀ ! ହେ ଗୁରୁ, ଅଧିକ କିଛି କହିବା ବୃଥା । ଆପଣଙ୍କଠାରୁ ବଳି ପରିଜ୍ଞାତା କିଏ ଅଛି ? ସବୁ ହେଉଛି ଜ୍ଞେୟ, ଆପଣ ଜ୍ଞାତା । ସୂର୍ଯ୍ୟକୁ ସୂର୍ଯ୍ୟ କହି ସ୍ତୁତି କରିବା ଅନାବଶ୍ୟକ ।

ଶ୍ରୀକୃଷ୍ଣ କହିଲେ, ତୁମେ ଯାହାସବୁ କହିଲ, ତାହା ତ କମ୍ ସ୍ତୁତି ନୁହଁ— ତେବେ ଶ୍ରବଣ କର ।

ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।
ଇଷ୍ଟୋଽସି ମେ ଦୃଢ଼ମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥୬୪॥

ସାବଧାନପୂର୍ବକ ପୁନଶ୍ଚ ମୋର ନିର୍ମଳ ବାକ୍ୟ ଶ୍ରବଣ କର । ଏହା କହିବାଭଳି ବିଷୟ ନୁହଁ, କହିବା ମଧ୍ୟ ସୁକଠିନ; ଶ୍ରବଣର ବିଷୟ ନୁହଁ, ଶୁଣିବା ମଧ୍ୟ କଠିନ । ତଥାପି ମୁଁ ତୁମକୁ କହୁଛି । ଏଥିରୁ ଜାଣିବା ଉଚିତ ଯେ, ତୁମର ଭାଗ୍ୟୋଦୟ ଘଟିଛି । କଚ୍ଛପୀ କେବଳ ନିଜର ଚିନ୍ତାଶକ୍ତି ଦ୍ୱାରାହିଁ ନିଜ ଶାବକକୁ ପୋଷଣ କରିଥାଏ । ସେ କେବଳ ଶାବକକୁ ଚାହିଁ ରହିଥାଏ, ଏହି ଚାହିଁବା ଦ୍ୱାରାହିଁ ଶାବକ ଦୁଗ୍ଧ ପାନ କରିବାଭଳି ଶକ୍ତି ଲାଭ କରେ । ଚାତକ ଲାଗି ଆକାଶ ମେଘପୂର୍ଣ୍ଣ ହୁଏ । ତେଣୁ ବ୍ୟବହାର ଭିନ୍ନ ହେଲେ ମଧ୍ୟ ଭାଗ୍ୟୋଦୟ ଘଟିଲେ ଫଳପ୍ରାପ୍ତି ହୁଏ । ଦେବାନୁକୂଳ ହୋଇଲେ ସବୁକିଛି ସମ୍ଭବ । ଏହି ରହସ୍ୟ ଜ୍ଞାନ ଏପରି ଯେ, ଦ୍ୱୈତର ବିବାଦ ଛାଡ଼ି ମନୁଷ୍ୟ ଅଦ୍ୱୈତ ଅର୍ଥାତ୍ ଏକତତ୍ତ୍ୱର ପ୍ରସାଦ ଲାଭ କରିପାରେ ।

ନିଷ୍କାମ ପ୍ରେମର ବିଷୟ ହେଉଛି ଏକମାତ୍ର ଆତ୍ମା । ଦର୍ପଣର ସ୍ୱାର୍ଥ ଲାଗି କେହି ଦର୍ପଣକୁ ପରିଷ୍କାର କରି ନ ଥାଏ । ମନୁଷ୍ୟ ଏହାକୁ ପରିଷ୍କାର

କରେ ନିଜ ମୁଁ ଦେଖିବା ଲାଗି । ସେହିଭଳି ହେ ଅର୍ଜୁନ ! ତୁମକୁ ନିମିତ୍ତମାତ୍ର କରି ବା ଅବଲମ୍ବନ କରି ମୁଁ ନିଜ ଲାଗି ନିଜେ କହୁଛି । ତୁମକୁ ଅବଲମ୍ବନ କରିବାର କାରଣ ହେଉଚି ତୁମେ ଓ ମୋ ଭିତରେ କୌଣସି ଦ୍ୱୈତଭାବ ବା ଭେଦଭାବ ନାହିଁ । ତେଣୁ ମୁଁ ମୋ ଗୂଢ଼ ରହସ୍ୟ ତୁମକୁ କହୁଚି, କାରଣ ତୁମେ ମୋ ଅନ୍ତର ଭିତରେ ରହିଛ । ମୁଁ ଏକନିଷ୍ଠ ଭକ୍ତ ଲାଗି ପାଗଳ । ଲବଣ ସଂପୂର୍ଣ୍ଣଭାବରେ ଆତ୍ମବିସ୍ମୃତ ହୋଇ ଜଳରେ ମିଶ୍ରିତ ହୋଇଥାଏ । ଜଳ ଭିତରେ ମିଶିଗଲେ ଯେ ସେ କେବଳ ଜଳ ହୋଇଯିବ, ତାର ନାମ ଯେ ଲୋପ ପାଇଯିବ, ଏକଥା ସେ ଭୁଲିଯାଇଥାଏ । ତୁମେ ଯେତେବେଳେ କୌଣସି ଭେଦଭାବ ନରଖି ମୋ ସହିତ ମିଳିତ ହେବାକୁ ବ୍ୟଗ୍ର, ମୁଁ ସେତେବେଳେ ମୋ ଗୋପନ କଥା ତୁମ ପାଖରେ ଛପେଇ ରଖିବି କିପରି ? ତେଣୁ ହେ ଅର୍ଜୁନ ! ମୋର ପରମ ନିର୍ମଳ ରହସ୍ୟ-ବଚନ ମନଦେଇ ଶୁଣ ।

ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥

ହେ ବୀରବର ଅର୍ଜୁନ ! ତୁମେ ଅନ୍ତର ଓ ବାହାର ସର୍ବତ୍ର ମତେ ହିଁ ପୋଷଣ କର । ଆକାଶରେ ବାୟୁ ଯେପରି ସର୍ବବ୍ୟାପକ, ସେହିଭଳି ସବୁ ସମୟରେ ଏବଂ ସବୁ କାମରେ ମୋ ସହିତ ମିଳିତ ହୋଇ ରହିଥାଅ । ସାରାଂଶ ହେଉଛି ତୁମେ ନିଜ ମନକୁ ଏକମାତ୍ର ମୋ ମନ୍ଦିର କରି ରଖ । କେବଳ ମୋ କଥା ଶୁଣିବାଲାଗି କାନଡେରି ରହିଥାଅ । କାମୁକ ବ୍ୟକ୍ତିର ମନ ଯେପରି କେବଳ ସ୍ତ୍ରୀ ଚିନ୍ତାରେ ବୁଡ଼ି ରହିଥାଏ, ସେହିଭଳି, ଯେଉଁ ସାଧୁସନ୍ତଙ୍କ ମନ ଆତ୍ମଜ୍ଞାନରେ ନିର୍ମଳ, ସେହିମାନଙ୍କ ପ୍ରତି ଦୃଷ୍ଟି ରଖ । କାରଣ ସେମାନେ ହେଉଛନ୍ତି ମୋର ଛୋଟ ଛୋଟ ପ୍ରତିମା ସ୍ୱରୂପ ଅର୍ଥାତ୍ ମତ୍‌ସ୍ୱରୂପ । ନିଖିଳ ବିଶ୍ୱର ବିଶ୍ରାମସ୍ଥଳ ହେଉଛି ମୁଁ । ମୋର ଶୁଦ୍ଧ ନାମ ଯେପରି ଅବାଧରେ ପ୍ରବେଶ କରିପାରିବ, ସେଥିଲାଗି ତୁମର ଅନ୍ତର-ଦ୍ୱାର ଖୋଲି ରଖ । ତୁମ ହାତର କାର୍ଯ୍ୟ ଓ ପାଦରେ ଚାଲିବା କାର୍ଯ୍ୟ ମୋ ଲାଗି ଏବଂ ଏହି ଭାବରେ ଜୀବନଯାପନ କର । ତୁମେ

ନିଜର ଓ ପରର ଯେଉଁ ଉପକାର କାର୍ଯ୍ୟ କରିବ, ସେଥିରେ ତୁମେ ହେବ ମୋର ଶ୍ରେଷ୍ଠ ଯାଜ୍ଞିକ । ଏଭଳି ଗୋଟି ଗୋଟି କରି କେତେ ଶିକ୍ଷା ଦେବି ? ନିଜକୁ ଜଣେ ସେବକ ମନେକରି ସମସ୍ତଙ୍କର ସେବା କର । ସମସ୍ତେ ମୋ ସ୍ୱରୂପ, ତେଣୁ ଅନ୍ୟ ଯାହାର ସେବା କରୁଚ ତଦ୍ୱାରା ତୁମେ ମୋର ହିଁ ସେବା କରୁଚ ବୋଲି ମନେକର । ଅନ୍ୟ ପ୍ରାଣୀ ପ୍ରତି ହିଂସାଭାବ ତ୍ୟାଗପୂର୍ବକ ସର୍ବଭୂତରେ ମତେ ହିଁ ନମସ୍କାର କର । ମନରେ ଏହି ଭାବ ପୋଷଣ କଲେ ତୁମେ ସଂପୂର୍ଣ୍ଣ ଭାବରେ ମୋର ଆଶ୍ରୟ ଲାଭ କରିପାରିବ । ତା'ପରେ ସଂସାରରେ ଆଉ ତୃତୀୟ ବସ୍ତୁ କିଛି ଅଛି ବୋଲି ତୁମେ କଳ୍ପନା କରିପାରିବନି, କେବଳ ରହିବ ତୁମର ଓ ମୋର ମିଳନ । ଯେତେବେଳେ ତୁମେ ମନଇଚ୍ଛା ମତେ ଉପଭୋଗ କରିପାରିବ, ସେତେବେଳେ ସ୍ୱଭାବତଃ ଆନନ୍ଦ ବୃଦ୍ଧି ହେବ । ତୁମ ଓ ମୋ ମଝିରେ ଆଉ କୌଣସି ପ୍ରତିବନ୍ଧକ ବା ବ୍ୟବଧାନ ନ ରହିବା ଫଳରେ ତୁମେ ମଦ୍ରୂପତା ଲାଭ କରି ମୋ ସହିତ ମିଶିଯାଇ ପାରିବ । ଜଳ ଥିବାଯାଏଁ ପ୍ରତିବିମ୍ବର ଅସ୍ତିତ୍ୱ ରହିଥାଏ । ଜଳ ଶୁଖିଗଲେ ପ୍ରତିବିମ୍ବର ପ୍ରଶ୍ନ ସୁଦ୍ଧା ଉଠି ନ ପାରେ । ଜଳନାଶ ସହିତ ପ୍ରତିବିମ୍ବର ମଧ୍ୟ ନାଶ ଘଟେ । ଏହା ମଧ୍ୟରେ ପ୍ରତିବନ୍ଧକ କିଛି ରହେନା । ଆକାଶରେ ବାୟୁ ଓ ସମୁଦ୍ରରେ ତରଙ୍ଗର ମିଳନରେ ପ୍ରତିବନ୍ଧକ ବୋଲି କିଛି ନ ଥାଏ । ଦେହଧର୍ମ ଯୋଗୁଁ ତୁମେ ଓ ମୁଁ ଅଲଗା ଅଲଗା ମନେହେଉଛି କିନ୍ତୁ ଦେହ ଭାବ ତୁଟିଗଲେ ତୁମେ ଓ ମୋ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ଦୁହେଁ ଏକ । ଶପଥ କରି କହୁଛି, ଏଥିରେ ସନ୍ଦେହ କରିବାର କିଛି ନାହିଁ । ତୁମ ରାଣ, ଏଥିଲାଗି ମନରେ କୌଣସି ଶଙ୍କା ରଖ ନାହିଁ । 'ତୁମ ରାଣ' କହିବା ଅର୍ଥ ହେଉଛି 'ମୋ ରାଣ' । ତୁମ ପ୍ରତି ମୋର ଯେଉଁ ପ୍ରେମଭାବ, ତାହାହିଁ ମତେ ଏପରି ରାଣ ପକାଇବା ପାଇଁ ନିର୍ଲ୍ଲଜ କରିପକାଇଛି । ନଚେତ୍ ଯିଏ ହେଉଛି ଜ୍ଞାନର ବିଷୟ, ଯାହାଲାଗି ପ୍ରପଞ୍ଚ ସହିତ ବିଶ୍ୱାଭାସ ସତ୍ୟ ପ୍ରତୀୟମାନ, ଯାହାର ଆଦେଶର ପ୍ରଭାବ କାଳକୁ ମଧ୍ୟ ବଶୀଭୂତ କରେ, ସେହି ସତ୍ୟସଂକଳ୍ପ ଈଶ୍ୱର, ଜଗତର ହିତାକାରୀ ପିତା ମୁଁ, ତୁମ ଲାଗି ଶପଥ କରନ୍ତି କାହିଁକି ? ତୁମ ପ୍ରେମରେ ବଶୀଭୂତ ହୋଇ ହେ ଅର୍ଜୁନ, ମୁଁ ଈଶ୍ୱରଭାବ ତ୍ୟାଗ

କରିଛି । ତୁମର ପୂର୍ଣ୍ଣତାରେ ମୁଁ ଅପୂର୍ଣ୍ଣ ହୋଇପଡ଼ିଛି । ରାଜା ନିଜ କାର୍ଯ୍ୟ ଲାଗି ନିଜେ ଶପଥ କରେ । ମୋ ଶପଥ ସେହିଭଳି ।

ଅର୍ଜ୍ଜୁନ ଏକାଗ୍ର ଭାବରେ ନୀରବରେ ସବୁ ଶୁଣୁଥିଲେ । ହଠାତ୍ କହି ଉଠିଲେ ଆଉ କିଛି କହନ୍ତୁ ନାହିଁ, ମୋର ସମସ୍ତ କାର୍ଯ୍ୟ ତୁମ ନାମ ସ୍ମରଣମାତ୍ରେ ହିଁ ସମ୍ପନ୍ନ ହୋଇଥାଏ । ଏକଥା ତ ମୁଁ ମର୍ମେ ମର୍ମେ ଅନୁଭବ କରିପାରୁଛି । ସେଥିରେ ପୁଣି ତୁମେ ଥରକୁ ଥର ବହୁ ଉପଦେଶ ଦେଲଣି– ତାପରେ ରାଣ ପକେଇ ମଧ୍ୟ କହିଲଣି । ଦେଖୁଚି ତୁମ ଲୀଳା ତ ବଡ଼ ଅଦ୍ଭୁତ ! ସୂର୍ଯ୍ୟର ସାମାନ୍ୟ କିରଣରେ କମଳ ବିକଶିତ ହୋଇଉଠେ । ତଥାପି ସୂର୍ଯ୍ୟ ତାର ସମ୍ପୂର୍ଣ୍ଣ ଆଲୋକ ପ୍ରଦାନ ନ କରି ଛାଡ଼େନା । ପୃଥିବୀକୁ ଶାନ୍ତ କରି ସମୁଦ୍ରକୁ ଯିଏ ପୂର୍ଣ୍ଣ କରେ, ସେହି ମେଘ ମନେହୁଏ କେବଳ ଚାତକର ତୃଷ୍ଣା ଦୂର କରିବାଲାଗି ହିଁ ବର୍ଷେ ।

ହେ ଦାତା ଶିରୋମଣି, କୃପାନିଧେ ! ତୁମର ଉଦାରତା ପ୍ରକାଶ ଲାଗି ମୁଁ ନିମିତ୍ତ ମାତ୍ର ।

ଶ୍ରୀକୃଷ୍ଣ କହିଲେ, ସ୍ଥିର ହୁଅ, ଏକଥା କହିବାର ସମୟ ହୋଇନି । ବାସ୍ତବରେ ପୂର୍ବରୁ ଯାହାସବୁ କହିଲ, ମନରେ ସେହି ଭାବ ଦ୍ୱାରାହିଁ ତୁମେ ମତେ ଲାଭ କରିପାରିବ । ସୈନ୍ଧବ ବା ଲବଣ ସମୁଦ୍ରରେ ପଡ଼ିବାମାତ୍ରେ ବିଗଳିତ ହୋଇପଡ଼େ, ତାର କିଛି ବାକି ରହେନା । ସେହିଭଳି ସର୍ବତୋଭାବେ ମତେ ଭକ୍ତି କଲେ, ସର୍ବତ୍ର ମତେ ଦର୍ଶନକଲେ, ସମ୍ପୂର୍ଣ୍ଣ ଅହଂକାର ନାଶ ହୋଇ ତତ୍ତ୍ୱତଃ ତୁମେ ମୋର ସ୍ୱରୂପ ଲାଭ କରିପାରିବ । କର୍ମାରମ୍ଭଠାରୁ ମତେ ପାଇପାରିବା ପର୍ଯ୍ୟନ୍ତ ସମସ୍ତ ଉପାୟ ସ୍ପଷ୍ଟ ଭାବରେ ଆଗରୁ ବର୍ଣ୍ଣନା କରାଯାଇଛି । ସମସ୍ତ କର୍ମ ମୋ ଠାରେ ସମର୍ପଣ କରି ମୋ କୃପାଲାଭ କଲେ, ସେହି କୃପା ବଳରେ 'ମତ୍‌ସାୟୁଜ୍ୟ' ପ୍ରାପ୍ତି ଲାଗି ଯେଉଁ ଉପାୟ ଆବଶ୍ୟକ, ସେହି ଜ୍ଞାନ ଲାଭ କରିପାରିବ । ସାୟୁଜ୍ୟ ପ୍ରାପ୍ତିରେ ସାଧ୍ୟ, ସାଧନ ବା ଅନ୍ୟକିଛି ଅବଶିଷ୍ଟ ରହେନା । ତୁମର ସମସ୍ତ କର୍ମ ମୋଠାରେ ସମର୍ପିତ, ତେଣୁ ତୁମ ପ୍ରତି ମୁଁ ପ୍ରସନ୍ନ ହେଉଛି । ଏହି ପ୍ରସନ୍ନତା ଦ୍ୱାରା ତୁମେ ମୁକ୍ତ । ଏହି ପ୍ରସନ୍ନତାର ସାମର୍ଥ୍ୟରୁ

ଯୁଦ୍ଧ କରିବାଲାଗି ସମସ୍ତ ପ୍ରତିବନ୍ଧକ ନଷ୍ଟହୋଇଯାଇଛି । ମୁଁ ଏଭଳି କୌଣସି ଅବସ୍ଥା ସୃଷ୍ଟି କରିବିନି ଯେଉଁଥିରେ ତୁମ ମନ ବିଗିଡ଼ିଯିବ । ସେଥିଲାଗି ତ ତମକୁ ଅଜ୍ଞାନ ବିନାଶର ପନ୍ଥା ଦେଖେଇଲି, ମୋର ସାକ୍ଷାତ ଦର୍ଶନର ସାଧନ କ'ଣ କ'ଣ ବତେଇ ଦେଲି । ସେଥିଲାଗି ଏହି ଗୀତାଜ୍ଞାନର ଉପଦେଶ । ଏଥିରେ ତୁମର ପାପପୁଣ୍ୟର ସମସ୍ତ ଅଜ୍ଞାନ ନଷ୍ଟ ହୋଇ ଯାଇଛି ।

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥

ଆଶା ଆକାଂକ୍ଷାରୁ ଉତ୍ପନ୍ନ ହୋଇଥାଏ ଦୁଃଖ, ନିନ୍ଦାରୁ ଜାତ ହୁଏ ପାପ, ଦୁର୍ଭାଗ୍ୟ ଦୋଷରୁ ଦେଖାଦିଏ ଦରିଦ୍ରତା । ଅଜ୍ଞାନରୁ ସ୍ୱର୍ଗ ଓ ନରକ ଏବଂ ସେଥିରୁ ଉତ୍ପନ୍ନ ହୁଏ ଧର୍ମ ଓ ଅଧର୍ମ । ଏହି ଅଜ୍ଞାନକୁ ଜ୍ଞାନ ଦ୍ୱାରା ଧ୍ୱଂସ କର । ଦଉଡ଼ିକୁ ହାତରେ ଧରିବା ପରେ ସର୍ପଭାବ ଦୂର ହୁଏ । ନିଦ୍ରାଭଙ୍ଗରେ ଲୋପ ପାଏ ସ୍ୱପ୍ନ । କାମଳରୋଗ ଦୂର ହେଲେ ଚନ୍ଦ୍ରାଲୋକ ଆଉ ହଳଦିଆ ଦେଖାଯାଏନା । ନିରୋଗୀର ଅରୁଚି ନ ଥାଏ । ଦିନ ଶେଷ ହେଲେ ମୃଗତୃଷ୍ଣାର ଜଳ ମଧ୍ୟ ଲୋପ ପାଏ । କାଠକୁ ତ୍ୟାଗ କଲେ ତା ଭିତରେ ଥିବା ଅଗ୍ନି ମଧ୍ୟ ତ୍ୟଜ୍ୟ ହୁଏ । ଯେଉଁ ଅଜ୍ଞାନ ମନ ଭିତରେ ଧର୍ମାଧର୍ମର କୋଳାହଳ ସୃଷ୍ଟି କରିଥାଏ, ସେ ଅଜ୍ଞାନକୁ ତ୍ୟାଗ କଲେ ସର୍ବ-ଧର୍ମ-ତ୍ୟାଗ ହୋଇଥାଏ । ଅଜ୍ଞାନ ଦୂର ହେଲେ କେବଳ ରହିଥାଏ ମୁଁ । ନିଦ୍ରା ସାଙ୍ଗକୁ ସ୍ୱପ୍ନ ଭଗ୍ନ ହେଲେ ଅବଶିଷ୍ଟ ରହିଥାଏ ଜାଗ୍ରତ ମଣିଷଟି । ସେହିଭଳି ମୋ ବ୍ୟତୀତ ଦ୍ୱିତୀୟ କେହି ନାହିଁ । ଏହି ଭାବରେ ଲୋକ ଜ୍ଞାନଦ୍ୱାରା ଅନନ୍ୟ ହୋଇ ରହିଥାଏ । ମନରେ କୌଣସି ଭିନ୍ନଭାବ ନ ରଖି ମୋ ସହିତ ମିଳି ଏକ ହୋଇ ରହିବାକୁ ହିଁ 'ମୋର ଶରଣାଗତି' କୁହାଯାଇଥାଏ । ଘଟ ଧ୍ୱଂସ ହେବାରେ ଘଟାକାଶ ମହାକାଶରେ ମିଳିତ ହୋଇଯାଇଥାଏ, ସେହିଭଳି ମୋର ଶରଣାଗତ ହୋଇ ମୋ ସହିତ ତୁମେ ମିଳିତ ହୋଇପାରିବ । ସ୍ୱର୍ଣ୍ଣ ସହିତ ସ୍ୱର୍ଣ୍ଣ, ଜଳ ସହିତ ତରଙ୍ଗର ଶରଣାଗତି ଭଳି ତୁମେ ମୋର ଶରଣ ନିଅ । ବଡ଼ବାନଳ ସମୁଦ୍ରର ଶରଣାଗତ ହେଲେ

ମଧ୍ୟ ଏହା ପୃଥକ୍ ଭାବରେ ଜଳୁଥାଏ—କିନ୍ତୁ ତୁମେ ସେହିଭଳି ହୁଅ ନାହିଁ । ମୋର ଶରଣ ନେଇ ''ମୁଁ, ମୁଁ'' ହେବାଭଳି ଜୀବାଭିମାନକୁ ଧିକ୍ । ଏଭଳି କହିବାଠୁ ବଳି ଲଜ୍ଜା କିଛି ନାହିଁ ।

ହେ ପାର୍ଥ ! କୌଣସି ରାଜା ଯଦି ସାମାନ୍ୟ ଦାସୀକୁ ଭଲପାଇ ବସେ, ଦାସୀ ମଧ୍ୟ ରାଜାଭଳି ଐଶ୍ୱର୍ଯ୍ୟ ଭୋଗ କରିଥାଏ । ବିଶ୍ୱେଶ୍ୱରଙ୍କୁ କେବଳ ଦର୍ଶନ କରି ତୁମର ଜୀବଭାବ ଦୂର ହୋଇପାରିବ କି ? ତୁମେ ଜୀବାଭିମାନ କଥା କାନରେ ସୁଦ୍ଧା ଶୁଣନା । କାରଣ ସେ ସବୁ କଥା ଶୁଣିବା ସୁଦ୍ଧା ଭଲ ନୁହେଁ । ତେଣୁ ଯେଉଁଥିରେ ମନ୍ଦୁପତା ଲାଭ କରି ସ୍ୱାଭାବିକ ଭାବରେ ମୋର ସେବା କରିପାରିବ, ସେହି ପନ୍ଥା ଧର । ଜ୍ଞାନଦ୍ୱାରା ହିଁ ଏହା ହୋଇପାରିବ । ଦହିକୁ ମନ୍ଥି ଲହୁଣୀ ବାହାର କରି ସାରିବା ପରେ ଲହୁଣୀକୁ ନେଇ ଘୋଳରେ ମିଶେଇଲେ ସେ ମିଶି ପାରେନା । ସେହିଭଳି ଅଦ୍ୱୈତ ଭାବରେ ମୋର ଶରଣ ନେଲେ, ତୁମକୁ ଧର୍ମାଧର୍ମ ଆଉ ସ୍ପର୍ଶ କରିପାରିବ ନାହିଁ । ସାଧାରଣ ଲୁହାରେ କଳଙ୍କ ଲାଗିଯାଇଥାଏ । କିନ୍ତୁ ସେହି ଲୁହା ସ୍ପର୍ଶମଣି ସାହାଯ୍ୟରେ ସୁବର୍ଣ୍ଣରେ ପରିଣତ ହେଲେ, ଆଉ ଏହା ଦେହରେ କଳଙ୍କ ଲାଗିପାରେନା । କାଠକୁ ଘଷି ନିଆଁ ବାହାର କରିସାରିବା ପରେ ସେ ନିଆଁକୁ ଆଉ କାଠ ଦ୍ୱାରା ଚାପି ରଖାଯାଇ ନପାରେ । ସୂର୍ଯ୍ୟ ଅନ୍ଧକାରକୁ ଦେଖି ନ ଥାଏ । ଜାଗ୍ରତ ବ୍ୟକ୍ତି ସ୍ୱପ୍ନ ଦେଖେନା । ସେହିଭଳି ମତ୍‌ସ୍ୱରୂପ ପ୍ରାପ୍ତ ହେଲେ ତୁମକୁ ମୋ ବ୍ୟତୀତ କିଛି ଦେଖାଯିବ ନାହିଁ । ତୁମେ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ । ଏହି ଅବସ୍ଥାରେ ମୁଁ ତୁମର ସମସ୍ତ ପାପପୁଣ୍ୟ ହୋଇ ରହିଥିବି । ଯିଏ ମତେ ହିଁ କେବଳ ଦର୍ଶନ କରେ, ତାର ବନ୍ଧନ ଓ ପାପ ଆଦି କଥା ମିଥ୍ୟା । ଜଳରେ ପ୍ରବେଶ କରିବାମାତ୍ରେ ଲୁଣ ଯେପରି ଜଳମୟ ହୋଇପଡ଼େ, ସେହିଭଳି ମୋ ସହିତ ତୁମେ ମିଶିଯିବାପରେ ଅର୍ଥାତ୍ ମୋର ଶରଣାପନ୍ନ ହେବାପରେ ତୁମେ 'ମୁଁ ମୟ' ହୋଇପଡ଼ିବ । ତୁମେ ଏହି ଭାବରେ ମୁକ୍ତିଲାଭ କରିପାରିବ । ମତେ ଜାଣିପାରିବାମାତ୍ରେ ତୁମେ ମୁକ୍ତ । ତେଣୁ ମୁକ୍ତି ଲାଗି ଅଯଥା ଚିନ୍ତା କରନାହିଁ । ମୁଁ ଅଦ୍ୱିତୀୟ, ମୋର ଶରଣ ନିଅ । ଯେତେ ରୂପ ରହିଛି ତାର ମୂଳ ରୂପ ହେଉଚି ମୁଁ, ମୁଁ ହେଉଚି ଚକ୍ଷୁର ଚକ୍ଷୁ, ସର୍ବସ୍ଥାନର ପରମସ୍ଥାନ ।

ଶ୍ରୀକୃଷ୍ଣ ଏହି କଥା କହି କଙ୍କଣଶୋଭିତ ଶ୍ୟାମଳ ଦକ୍ଷିଣବାହୁ ପ୍ରସାରିତ କରି ଶରଣାଗତ ଭକ୍ତରାଜ ଅର୍ଜୁନଙ୍କୁ ହୃଦୟରେ ଧାରଣ କଲେ । ଯାହାକୁ ପାଇ ନ ପାରି ବାଣୀ ବୁଦ୍ଧି ସହିତ ଫେରିଆସେ, ଯିଏ ବୁଦ୍ଧିର ଅପ୍ରାପ୍ୟ, ସେହି ବସ୍ତୁ ପ୍ରଦାନ ଲାଗି ଶ୍ରୀକୃଷ୍ଣ ଅର୍ଜୁନକୁ ଆଲିଙ୍ଗନ କରିବାଭଳି ଅଭିନୟ କଲେ । ଶ୍ରୀକୃଷ୍ଣଙ୍କ ଛାତିରେ ଅର୍ଜୁନଙ୍କ ଛାତି ଲାଗିବାମାତ୍ରେ ଶ୍ରୀକୃଷ୍ଣଙ୍କ ହୃଦୟର ପରମବସ୍ତୁ ଓ ପରମ ରହସ୍ୟ ଅର୍ଜୁନଙ୍କ ହୃଦୟରେ ପ୍ରବେଶ କରି ପରିପୂର୍ଣ୍ଣ ହୋଇଉଠିଲା । ଏହିଭଳି ଭାବରେ ଭଗବାନ ଅର୍ଜୁନଙ୍କ ଦ୍ୱୈତଭାବ ନାଶ କରି ନିଜ ହିତ ସମାନ କରିନେଲେ । ପ୍ରଦୀପ ସହିତ ପ୍ରଦୀପ ଶିଖାର ମିଳନ ଭଳି ଏହି ଆଲିଙ୍ଗନ ସୃଷ୍ଟି କଲା ଅପୂର୍ବ ଜ୍ଞାନ-ଦୀପ୍ତି । ସେତେବେଳେ ଅର୍ଜୁନଙ୍କ ହୃଦୟରେ ଆନନ୍ଦର ଯେଉଁ ବନ୍ୟା ଛୁଟିଲା, ସେଥିରେ ଉବୁଡୁବୁ ହୋଇଉଠିଲେ ଶ୍ରୀକୃଷ୍ଣ । ସମୁଦ୍ର ସହିତ ସମୁଦ୍ର ମିଶିଲେ ଫଳ ଯାହା ହେଉ, ଏହା ଦ୍ୱିଗୁଣିତ ହୋଇଉଠେ । ଉପରେ ଆକାଶ ମଧ୍ୟଏହାର ବିଶାଳତା ବୃଦ୍ଧି ଦିଗରେ ସହାୟକ ହୁଏ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କର ମିଳନରେ ସୃଷ୍ଟି ହୁଏ ଯେଉଁ ବିଶାଳ ଆନନ୍ଦର ମହାସାଗର, ତାକୁ ମାପିକ କିଏ ? କଳନା କରିବ କିଏ ? ସମ୍ପୂର୍ଣ୍ଣ ବିଶ୍ୱ ସେତେବେଳେ ଶ୍ରୀକୃଷ୍ଣମୟ ହୋଇଉଠେ ।

ଜ୍ଞାନଦେବ କହୁଛନ୍ତି ହେ ଶ୍ରୋତାବୃନ୍ଦ ! ଗୀତାଶାସ୍ତ୍ର ହେଉଚି ବେଦର ମୂଳସୂତ୍ର । ଏଥିରେ ସମସ୍ତଙ୍କର ଅଧିକାର । ଶ୍ରୀକୃଷ୍ଣ ହିଁ ଏହାକୁ ପ୍ରକାଶ କରିଛନ୍ତି । ମୁଁ ପ୍ରସିଦ୍ଧ ଯୁକ୍ତି ଉଲ୍ଲେଖ କରୁଛି । ଭଗବାନଙ୍କ ନିଃଶ୍ୱାସ ପ୍ରଶ୍ୱାସରୁ ସାମାଦି ବେଦର ଉଦ୍ଭବ । ସତ୍ୟସଂକଳ୍ପ ସେହି ଭଗବାନ ପ୍ରତିଜ୍ଞାପୂର୍ବକ ସ୍ୱମୁଖରେ ଗୀତା କହିଛନ୍ତି । ଅତଏବ ଗୀତା ବେଦର ମୂଳ । ଆଉ ଗୋଟିଏ କଥା ଅଛି, ଯିଏ ନିଜର ସ୍ୱରୂପ ନଷ୍ଟ ହେବାକୁ ନ ଦେଇ ଅନ୍ୟ ବସ୍ତୁର ବିସ୍ତାରକୁ ନିଜ ସ୍ୱରୂପରେ ଲୀନ କରି ରଖିଥାଏ, ତାହାହିଁ ବୀଜ ନାମରେ ଅଭିହିତ । ବୀଜ ଭିତରେ ଯେପରି ବୃକ୍ଷ ରହିଥାଏ, ଗୀତା ଶାସ୍ତ୍ରରେ କର୍ମ, ଉପାସନା ଓ ଜ୍ଞାନକାଣ୍ଡାତ୍ମକ ବେଦ ରହିଛି । ସେହି କାରଣରୁ ମୁଁ ଗୀତାକୁ ବେଦର ବୀଜ

ରୂପରେ ଦର୍ଶନ କରେ ଏବଂ ବିଶ୍ୱାସ କରେ । ରତ୍ନାଳଙ୍କାରରେ ଦେହ ଯେପରି ଶୋଭା ପାଇଥାଏ, ଗୀତାଳଙ୍କାର ଦ୍ୱାରା ବେଦର ତିନୋଟିଯାକ କାଣ୍ଡ ପରିଶୋଭିତ ।

ଏହି ତିନୋଟିଯାକ କାଣ୍ଡ ଗୀତା ଭିତରେ କିପରି ରହିଛି ସେ କଥା କହୁଚି ଶୁଣ ।

ଗୀତାର ପ୍ରଥମ ଅଧ୍ୟାୟରେ ରହିଛି ଶାସ୍ତ୍ର ନିରୂପଣର ପ୍ରସ୍ତାବନା । ଦ୍ୱିତୀୟ ଅଧ୍ୟାୟରେ ସାଂଖ୍ୟ ଶାସ୍ତ୍ରର ତାତ୍ପର୍ଯ୍ୟ । ଏହି ଜ୍ଞାନ-ପ୍ରଧାନ-ଶାସ୍ତ୍ର ସ୍ୱତନ୍ତ୍ରଭାବରେ ମୋକ୍ଷଦାୟକ । ଏହି ସିଦ୍ଧାନ୍ତ ସେହି ସ୍ଥଳରେ ହିଁ ପ୍ରତିପାଦିତ ହୋଇଛି । ତୃତୀୟ ଅଧ୍ୟାୟରେ ଅଜ୍ଞାନ ଫାଶରେ ବନ୍ଧା ହୋଇଥିବା ଜୀବ କିପରି ମୋକ୍ଷଲାଭ କରିପାରିବ, ସେହି ଉପାୟ ପ୍ରଦର୍ଶିତ ହୋଇଛି । ଯେଉଁ କାର୍ଯ୍ୟ ଓ ନିଷିଦ୍ଧ କର୍ମ ମନୁଷ୍ୟକୁ ଦେହାଭିମାନ ବନ୍ଧନରେ ବାନ୍ଧି ରଖିଥାଏ, ତାକୁ ଛାଡ଼ି ସର୍ବଦା ଯଥାର୍ଥ ଭାବରେ ନିଜ ଲାଗି ଉପଯୁକ୍ତ ନିତ୍ୟ ଓ ନୈମିତ୍ତିକ କର୍ମାଚରଣ କରିବା କଥା ଏହି ତୃତୀୟ ଅଧ୍ୟାୟରେ କୁହାଯାଇଛି । ନିତ୍ୟ ନୈମିତ୍ତିକ କାର୍ଯ୍ୟ ଅଜ୍ଞାନାତ୍ମକ ହେଲେ ମଧ୍ୟ ଏହାହିଁ କିପରି ମୋକ୍ଷର କାରଣ ହୋଇଥାଏ, ସେ ସମ୍ପର୍କରେ ଭଗବାନ କହିଛନ୍ତି ଯେ, ମନୁଷ୍ୟ ସମସ୍ତ କର୍ମାଚରଣ ବ୍ରହ୍ମାର୍ପଣ-ପୂର୍ବକ କରିବା ଉଚିତ । କାୟମନୋବାକ୍ୟରେ ପ୍ରତ୍ୟେକ ବିହିତ କର୍ମାନୁଷ୍ଠାନ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରାଯିବା କର୍ତ୍ତବ୍ୟ । କର୍ମଯୋଗପୂର୍ବକ ଈଶ୍ୱରଙ୍କ ଭଜନ କରିବା ପ୍ରସଙ୍ଗ ଚତୁର୍ଥ ଅଧ୍ୟାୟର ଅନ୍ତ ଭାଗରେ ଆରମ୍ଭ ହୋଇଛି । ଏକାଦଶ ଅଧ୍ୟାୟ ଅର୍ଥାତ୍ ବିଶ୍ୱରୂପଦର୍ଶନ ଅଧ୍ୟାୟ ପର୍ଯ୍ୟନ୍ତ କର୍ମଦ୍ୱାରା ଭଗବତ୍ ଭଜନର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି । ତେଣୁ ଚତୁର୍ଥ ଅଧ୍ୟାୟଠାରୁ ଏକାଦଶ ଅଧ୍ୟାୟ ଶେଷ ପର୍ଯ୍ୟନ୍ତ ଯେଉଁ ଆଠ ଅଧ୍ୟାୟ, ତାହା ହେଉଚି ଦେବତା କାଣ୍ଡ । ସମସ୍ତ ପ୍ରକାରର ପ୍ରତିବନ୍ଧକ ଦୂର କରି ଗୀତାଶାସ୍ତ୍ର ଭଗବତ୍ କୃପାଦ୍ୱାରା ଶ୍ରୀଗୁରୁପ୍ରସାଦ ଲଭ୍ୟ ନିର୍ମଳ ଓ ଯଥାର୍ଥ ଜ୍ଞାନ ଦାନ କରିଅଛି । ଦ୍ୱାଦଶ ଅଧ୍ୟାୟରେ 'ଅଦ୍ୱେଷ୍ଟା ସର୍ବଭୂତାନାଂ' ଇତ୍ୟାଦି ଶ୍ଳୋକରେ ଅଥବା ତ୍ରୟୋଦଶ ଅଧ୍ୟାୟରେ

'ଅମାମିତ୍ୱମଦମ୍ଭିତ୍ୱଂ' ଇତ୍ୟାଦି ଶ୍ଳୋକରେ ଏହା ବର୍ଣ୍ଣନା କରାଯାଇଥିବାରୁ, ମୁଁ ଏହାକୁ ଜ୍ଞାନକାଣ୍ଡ ଅନ୍ତର୍ଭୁକ୍ତ ମନେକରେ । ଦ୍ୱାଦଶରୁ ପଞ୍ଚଦଶ ପର୍ଯ୍ୟନ୍ତ ଜ୍ଞାନଫଳର ପରିପକ୍ୱ ଅବସ୍ଥା । ଉର୍ଦ୍ଧ୍ୱମୂଳ ମଧଃଶାଖଂ' ଇତ୍ୟାଦି ଶ୍ଳୋକାତ୍ମକ ପଞ୍ଚଦଶ ଅଧ୍ୟାୟ ପର୍ଯ୍ୟନ୍ତ ହେଉଛି ଜ୍ଞାନକାଣ୍ଡର ବିସ୍ତାର । ଏହି ଭାବରେ ଏହି କାଣ୍ଡତ୍ରୟ ନିରୂପଣ କରିଥିବା ଶ୍ରୁତି (ଅର୍ଥାତ୍ ବ୍ରହ୍ମବିଦ୍ୟା) ହେଉଚି ଏହି ଗୀତା, ଏହା ପଦ୍ୟରୂପୀ ନାନା ରତ୍ନ ଖଚିତ ଅଳଙ୍କାରରେ ଅଳଂକୃତ ତଥା ଭୂଷିତ । ଏହି କାଣ୍ଡ କ୍ରିୟାତ୍ମକ ଶ୍ରୁତି ମୋକ୍ଷଫଳକୁ ଗୁରୁଗମ୍ଭୀର କଣ୍ଠରେ ଘୋଷଣା କରି ଆସିଛି ଏବଂ ସମସ୍ତଙ୍କୁ ଆହ୍ୱାନ କରିଅଛି ଯେ, ସମସ୍ତେ ଏହି ଫଳ ପାଇବାଲାଗି ଉଦ୍ୟମ କରନ୍ତୁ ।

ଏଥିଲାଗି ଏକମାତ୍ର ସାଧନ ହେଉଛି ଜ୍ଞାନ । ଏହି ଜ୍ଞାନର ଚିରଶତ୍ରୁ ଅଜ୍ଞାନଗୁଡ଼ିକ କ'ଣ କ'ଣ, ସେ ସବୁର ବର୍ଣ୍ଣନା କରାଯାଇଛି ଷୋଡ଼ଶ ଅଧ୍ୟାୟରେ । ଶାସ୍ତ୍ର ସାହାଯ୍ୟରେ ଏହି ଅଜ୍ଞାନଗୁଡ଼ିକର କିପରି ବିନାଶ କରାଯାଇପାରେ, ସେ ଉପାୟ ଉପସ୍ଥାପିତ କରାଯାଇଛି ସପ୍ତଦଶ ଅଧ୍ୟାୟରେ । ପ୍ରଥମ ଅଧ୍ୟାୟ ଶେଷ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ବେଦର ତାତ୍ପର୍ଯ୍ୟ ହିଁ ପ୍ରକାଶ କରିଛନ୍ତି । ଅଷ୍ଟାଦଶ ଅଧ୍ୟାୟ ଅର୍ଥାତ୍ କଳସାଧ୍ୟାୟରେ ରହିଛି ପୂର୍ବୋକ୍ତ ସିଦ୍ଧାନ୍ତର ବିଚାର । ଶ୍ରୀକୃଷ୍ଣ ହେଉଛନ୍ତି ପୂର୍ଣ୍ଣଜ୍ଞାନର ସାଗର । ତାଙ୍କର ଉଦାରତା ଦ୍ୱାରା ମୂର୍ତ୍ତିମାନ ବେଦକୁ ସେ ଗୀତାଗ୍ରନ୍ଥ ରୂପରେ ପ୍ରକାଶ କରିଛନ୍ତି ।

ବେଦ ସର୍ବଗୁଣସମ୍ପନ୍ନ ହେଲେ ମଧ୍ୟ ତାହାଭଳି କୃପଣ କେହି ନାହିଁ । ବ୍ରାହ୍ମଣାଦି କେବଳ ତିନି ବର୍ଣ୍ଣର ହିଁ ଏଥିରେ ଅଧିକାର । ସ୍ତ୍ରୀ ସମାଜ ଓ ଶୂଦ୍ରାଦି ସଂସାର-ଦୁଃଖରେ ପତିତ ହୋଇ ମଧ୍ୟ ଏମାନେ ବେଦରୁ ବଞ୍ଚିତ । ମୋର ମନେହୁଏ, ପୂର୍ବ ବ୍ୟବସ୍ଥାର ସଂଶୋଧନ ନିମନ୍ତେ ଶ୍ରୀକୃଷ୍ଣ ବେଦକୁ ଗୀତା ରୂପରେ ସର୍ବସାଧାରଣଙ୍କ ସେବାଯୋଗ୍ୟ କରି ରଚନା କରିଛନ୍ତି । ଅର୍ଥରୂପରେ ମନରେ ପ୍ରବେଶ କରି ଶ୍ରବଣଦ୍ୱାରା ଅଥବା ଜପଦ୍ୱାରା ଅଥବା ପଠନଦ୍ୱାରା ଲୋକଙ୍କୁ ଏହା ମିଳିପାରୁଛି । ଯାହାର ଏହି ଗୀତାପାଠ କଥା ମନେପଡୁଛି ଅର୍ଥାତ୍ ସ୍ମରଣରେ ଆସିଯାଉଛି, ତାକୁ ବେଦ ଏହି ଗୀତା ରୂପରେ ମୋହ-

ସୁଖ ପ୍ରଦାନ କରିପାରୁଛି । ଯେଉଁମାନେ ଗୀତାକୁ ଲେଖି ପୁସ୍ତକ ରୂପରେ ନିଜ ପାଖରେ କେବଳ ରଖିପାରୁଛନ୍ତି, ସେହି ସାମାନ୍ୟ ବୁଦ୍ଧିମାନ ଲୋକଙ୍କ ଲାଗି ମଧ୍ୟ ବେଦ ଏହି ସଂସାରରୂପୀ ଚାରିଛକି ଉପରେ ମୋକ୍ଷସୁଖର ଅନ୍ନଛତ୍ର ଖୋଲି ଦେଇଛି କହିଲେ ଚଳେ । ଆକାଶରେ ବିଚରଣ, ଧରଣୀରେ ଉପବେଶନ କିମ୍ବା ସୂର୍ଯ୍ୟାଲୋକର ବ୍ୟବହାର ଲାଗି କାହାରିକି ବାଧା ନାହିଁ । କିଏ ଉତ୍ତମ, କିଏ ଅଧମ ସେ କଥା ମଧ୍ୟ ଗୀତା କାହାକୁ ପଚାରି ନଥାଏ । ଗୀତା ସମସ୍ତଙ୍କୁ ସମାନଭାବରେ ମୋକ୍ଷ ପ୍ରଦାନପୂର୍ବକ ସୁଖୀ କରିଥାଏ ।

ଏଥିରୁ ବୁଝାଯିବ ଯେ, ବେଦ ନିଜର କଟକଣା ଲାଗି ନିନ୍ଦା ଭୟରେ ଗୀତାଗର୍ଭରେ ଆଶ୍ରୟ ନେଇ ସୁକୀର୍ତ୍ତିର ପାତ୍ର ହୋଇ ପାରିଛି । ସର୍ବସାଧାରଣଙ୍କ ସେବାର ଯୋଗ୍ୟ ବେଦର ମୂର୍ତ୍ତି ହେଉଛି ଭଗବଦ୍‌ଗୀତା । ବାଛୁରୀର ପ୍ରେମରେ ଗାଈଠାରୁ ଦୁଧ ପ୍ରଚୁର ପରିମାଣରେ ମିଳିଥାଏ । ସେହିଭଳି ପାଣ୍ଡବଙ୍କ ପ୍ରେମରେ ଶ୍ରୀକୃଷ୍ଣ ଜଗଦୁଦ୍ଧାର କରିଛନ୍ତି । ମେଘ ଚାତକ ପ୍ରତି ଦୟାକରି ଜଳ ସହିତ ଛୁଟି ଆସେ । କିନ୍ତୁ ତାର ବର୍ଷଣରେ ସମଗ୍ର ବିଶ୍ୱ ଶାନ୍ତିଲାଭ କରେ । ଏକନିଷ୍ଠ ପ୍ରୀତମୟ କମଳ ଲାଗି ସୂର୍ଯ୍ୟ ସମୁଦିତ ହେଲେ ମଧ୍ୟ ସେହି ସୂର୍ଯ୍ୟାଲୋକରେ ତ୍ରିଭୁବନର ନେତ୍ର ସୁଖ ମିଳେ । ଅର୍ଜୁନଙ୍କୁ ବୁଝାଇବା ଛଳରେ ଶ୍ରୀକୃଷ୍ଣ ଜଗତର ପ୍ରପଞ୍ଚର ବୋଝ ଦୂର କରି ଦେଇଛନ୍ତି । ତ୍ରିଲୋକରେ ସକଳ ଶାସ୍ତ୍ର-ତାତ୍ପର୍ଯ୍ୟ ରତ୍ନ ପ୍ରକାଶକ ସୂର୍ଯ୍ୟ ହେଉଛନ୍ତି ଶ୍ରୀକୃଷ୍ଣ । ଯେଉଁ କୁଳରେ ଅର୍ଜୁନଙ୍କର ଜନ୍ମ, ସେହି କୁଳ ଧନ୍ୟ । ସଂସାରରେ ସେ ଗୀତା ରୂପରେ ଏକ ସ୍ୱତନ୍ତ୍ର ମନ୍ଦିର ରଚନା କଲେ ।

ଅର୍ଜୁନ ଶ୍ରୀକୃଷ୍ଣ-ଭାବରେ ତନ୍ମୟ ହୋଇପଡ଼ିଲେ । ଶ୍ରୀକୃଷ୍ଣ ତାଙ୍କୁ ପୁଣି ଦ୍ୱୈତଭାବକୁ ଫେରାଇ ଆଣି କହିଲେ, ହେ ପାଣ୍ଡବ ! ଏ ଶାସ୍ତ୍ର ସମ୍ପର୍କରେ ତୁମର ଯଥାର୍ଥ ଜ୍ଞାନଲାଭ ହେଲା ତ ?

ଅର୍ଜୁନ କହିଲେ, ହେ ପ୍ରଭୋ ! ଆପଣଙ୍କ କୃପାରେ କୃତାର୍ଥ ହେଲି । ପୁଣି ଶ୍ରୀକୃଷ୍ଣ କହିଲେ, ଦେଖ, ଧନ ଉପାର୍ଜନ ଭାଗ୍ୟ ଗୁଣରେ ହୁଏ । କିନ୍ତୁ

ଉପାର୍ଜନ କଲେ କ'ଣ ହେବ ତାକୁ ଉପଭୋଗ କରିବା ସହଜ ନୁହେଁ । ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଏହା ଘଟେ । କ୍ଷୀରସାଗର ଭଳି ଜମାଟ ଦୁଗ୍ଧର ପାତ୍ର ହେଲେ ମଧ୍ୟ ଦେବ ଓ ଅସୁରଙ୍କୁ ଏହାର ମନ୍ଥନ ଲାଗି ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିଥିଲା । ଅମୃତ ଲାଭ ହେଲା ସତ, କିନ୍ତୁ ଏହି ଅମରତ୍ୱ ହିଁ ରାହୁ ପକ୍ଷରେ ମୃତ୍ୟୁର କାରଣ ହେଲା । ଭାଗ୍ୟରେ ଉପଭୋଗ ନଥିଲେ ସମ୍ପତ୍ତି ମିଳିଲେ ମଧ୍ୟ ଏହି ଅବସ୍ଥା । ନହୁଷ ସ୍ୱର୍ଗର ରାଜା ହେଲେ ମଧ୍ୟ ଉପଭୋଗର ରୀତି ନ ଜାଣି ସର୍ପ-ଯୋନିରେ ପତିତ ହେଲା । ହେ ଧନଞ୍ଜୟ ! ତୁମେ ବହୁ ପୁଣ୍ୟ ବଳରେ ଗୀତାର ଅଧିକାର ଲାଭ କରିପାରିଲ । ତୁମ ଲାଗି ମୁଁ ଏହାକୁ ପ୍ରକାଶ କଲି । ସଂପ୍ରଦାୟପ୍ରତି ଅନୁଗତ ହୋଇ ଅନୁଷ୍ଠାନରେ ପ୍ରବୃତ୍ତ ହୁଅ । ସଂପ୍ରଦାୟାନୁଗତ ନ ହୋଇ ଯିଏ ଅନୁଷ୍ଠାନ କରିବାକୁ ଚେଷ୍ଟା କରିଥାଏ, ତାର ଅମୃତ-ମନ୍ଥନ ଅବସ୍ଥା ହୋଇଥାଏ । ଗାଈ ଦୁହିଁବା ଅଭ୍ୟାସ ଯାହାର ନାହିଁ, ସେ ଦୁହିଁ ବସିଲେ ଦୁଗ୍ଧବତୀ ଗାଈ ହୋଇଥିଲେ ସୁଦ୍ଧା ଆଶାନୁରୂପ ଦୁଗ୍ଧ ମିଳିନଥାଏ । ବିଦ୍ୟାଲାଭ ହେଲେ ମଧ୍ୟ ଶ୍ରୀଗୁରୁ ସନ୍ତୁଷ୍ଟ ହୋଇ ପାରିବା ଭଳି ସଂପ୍ରଦାୟ ଅନୁସାରେ ଉପାସନା ନକଲେ ଯଥାର୍ଥ ଫଳ ଲାଭ ହୁଏନା । ଶାସ୍ତ୍ରରେ ସଂପ୍ରଦାୟର କଥା ଅଛି, ଏହା ଶ୍ରଦ୍ଧାର ସହିତ ଶ୍ରବଣ କର ।

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।
ନ ଚାଶୁଶ୍ରୁଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ॥୬୭॥

ହେ ପାର୍ଥ ! ତୁମେ ଶ୍ରଦ୍ଧାଦ୍ୱାରା ଏହି ଗୀତାକୁ ଲାଭ କରିପାରିଚ । ଏହାକୁ କୌଣସି ତପସ୍ୟାହୀନ ବ୍ୟକ୍ତିକୁ କହିବ ନାହିଁ । କୌଣସି ବ୍ୟକ୍ତି ଭଲ ତପସ୍ୱୀ ହୋଇଥିଲେ ମଧ୍ୟ ତାର ଯଦି ଗୁରୁଭକ୍ତି ନଥାଏ, ତା ଆଗରେ ଗୀତା ଚର୍ଚ୍ଚା ଅନୁଚିତ । ଅପବିତ୍ର ଲୋକଭଳି ସେ ପରିତ୍ୟଜ୍ୟ । କୁଆ ଯେତେ ବୁଢ଼ା ହେଉନା କାହିଁକି ସେ କୁଆ । ତାକୁ ଯଜ୍ଞ ଆହୁତିର ଶେଷଭାଗ ଦିଆଯାଏନା । ସେହିଭଳି ତପସ୍ୟା କରି କରି କୌଣସି ବ୍ୟକ୍ତି ପୋଖତ ହୋଇଥିଲେ ମଧ୍ୟ ଯାହାର ଗୁରୁଭକ୍ତି ନାହିଁ, ତାକୁ ଗୀତା ଶୁଣାଇବା ଅନୁଚିତ । ଏଭଳି ମଧ୍ୟ ମନୁଷ୍ୟ ଥାଇପାରନ୍ତି,

ଯିଏକି ତପସ୍ୱୀ ଏବଂ ଗୁରୁଙ୍କ ପ୍ରତି ମଧ୍ୟ ତାଙ୍କର ଅପାର ଭକ୍ତି ରହିଥାଏ, କିନ୍ତୁ ସେ ଜ୍ଞାନବାଣୀ ଶୁଣିବା ପାଇଁ ଅନିଚ୍ଛୁକ । ସେପରି ବ୍ୟକ୍ତି ଲୋକଙ୍କ ମଧ୍ୟରେ ଅବଶ୍ୟ ପୂଜନୀୟ ହୋଇପାରନ୍ତି, କିନ୍ତୁ ଗୀତାବାଣୀ ଶୁଣିବା ଲାଗି ସେ ଅଯୋଗ୍ୟ । ମୋତି ଅତି ସୁନ୍ଦର, ଉଜ୍ଜଳତର ହୋଇଥାଇପାରେ, କିନ୍ତୁ ତା ଦେହରେ ଯଦି ଛିଦ୍ର ନ ଥାଏ, ତା ହେଲେ ସୂତା ଗଳିବ କିପରି ? ଏହା ମାଳାଲାଗି ଗୁଛା ହେବାକୁ ଅନୁପଯୁକ୍ତ । ଏହା ସମସ୍ତେ ଜାଣନ୍ତି ଯେ, ସମୁଦ୍ର ହେଉଛି ଗମ୍ଭୀର କିନ୍ତୁ ଏହା ଦେହରେ ବର୍ଷା ହେବା ବୃଥା । ଯାହାର ପେଟ ପୂରିଗଲାଣି, ଯାହାର କ୍ଷୁଧା ନାହିଁ ତା ଆଗରେ ମିଷ୍ଟାନ୍ନ ପରଷିବା ଅପେକ୍ଷା ଯିଏ କ୍ଷୁଧିତ ତାକୁ ଦେବା ଶ୍ରେୟସ୍କର ନୁହଁ କି ? ସେହିଭଳି ମନୁଷ୍ୟ ଯେତେ ପଣ୍ଡିତ ହେଉନା କାହିଁକି, ଯାହାର ହୃଦୟରେ ଜ୍ଞାନବାଣୀ ଶୁଣିବାର ଆଗ୍ରହ ନାହିଁ, ତା ପାଖରେ ଗୀତାଶାସ୍ତ୍ରର ଚର୍ଚ୍ଚା ଅନୁଚିତ । ନେତ୍ର ଦର୍ଶନ କରିଥାଏ କେବଳ ରୂପକୁ । ତାକୁ ଯଦି କହିବ ଏ ଜିନିଷଟା ଭାରି ବାସୁଚି ଆଘ୍ରାଣ କର, ସେ କେବେ ଆଘ୍ରାଣ କରିପାରିବ କି ? ଆଖିର ଯାହା ଯୋଗ୍ୟତା, ତଦନୁଯାୟୀ ସେ କାର୍ଯ୍ୟ କରିବ ।

ଆଉ ଏକ କଥା ମନେରଖ । ଏପରି ବ୍ୟକ୍ତି ଥାଇପାରନ୍ତି ଯେଉଁମାନେ କି ତପସ୍ୱୀ, ଯାହାର ଗୁରୁଭକ୍ତି ଅଛି ବହୁତ, ଶୁଣିବାର ଇଚ୍ଛା ମଧ୍ୟ ପ୍ରବଳ ଅଥଚ ଗୀତାର ରଚୟିତା ତ୍ରିଲୋକର ନାଥ ମତେ ଓ ମୋ ଭକ୍ତମାନଙ୍କର ନିନ୍ଦାଗାନରେ ପଞ୍ଚମୁଖ । ଏଭଳି ବ୍ୟକ୍ତି ଗୀତା ଉପଦେଶ ଶୁଣିବାପାଇଁ ସଂପୂର୍ଣ୍ଣ ଅଯୋଗ୍ୟ । ସେମାନେ ସର୍ବଗୁଣସମ୍ପନ୍ନ ହେଲେ କ'ଣ ହେବ ଏହି ଦୁର୍ଗୁଣ ଯୋଗୁଁ ସେମାନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ । ଦୀପ ନଜାଳି ରାତିସାରା ସମ୍ମୁଖରେ ଦୀପଟିଏ ଥୋଇ ଲାଭ କ'ଣ ? ଫଳରେ ଦୀପ ଥାଇ ମଧ୍ୟ ଅନ୍ଧକାରରେ ରାତ୍ରି ନିର୍ବାହ ହିଁ ସାର ହେବ । ଦେହର ଯୌବନ ଥାଇପାରେ, ରଙ୍ଗ ଗୋରା ତକ୍ ତକ୍ ହୋଇଥାଇପାରେ, ଦେହସାରା ଅଳଙ୍କାରରେ ବିମଣ୍ଡିତ ହୋଇଥାଇପାରେ କିନ୍ତୁ ଦେହରେ ଯଦି ପ୍ରାଣ ନାହିଁ ତାହାହେଲେ ଏ ସବୁ ସମ୍ଭାର, ସୌନ୍ଦର୍ଯ୍ୟ, ଅଳଙ୍କାର ବୃଥା ନୁହଁ କି ? ଘର ସୁନାରେ ତିଆରି ହେଲେ ମଧ୍ୟ କ'ଣ ହେବ,

ଦ୍ୱାରଦେଶରେ ରହିଛି ନାଗସାପ । ପ୍ରସ୍ତୁତ ହୋଇଛି ଦିବ୍ୟ ଅନ୍ନ କିନ୍ତୁ ଏଥିରେ ମିଶ୍ରିତ ହୋଇଛି କାଳକୂଟ ବିଷ । ବାହାରେ ସମସ୍ତେ ଜାଣିବା ପାଇଁ ପରସ୍ପର ମଧ୍ୟରେ ବନ୍ଧୁତା ଥାଇ ଭିତରେ ଯଦି ରହିଛି କପଟତା, ତାହାହେଲେ ବନ୍ଧୁତା ମୂଲ୍ୟହୀନ ନୁହଁକି ? ସେହିଭଳି ମୋର ବା ମୋର ଭକ୍ତର ଯିଏ ନିନ୍ଦୁକ, ତାର ସମସ୍ୟା ଓ ଭକ୍ତି ସଦ୍‌ବୁଦ୍ଧିସମ୍ପନ୍ନ ହେଲେ ମଧ୍ୟ ସବୁ ବୃଥା ।

ହେ ଅର୍ଜୁନ ! ଭୁଲରେ ସୁଦ୍ଧା ଏଭଳି ବ୍ୟକ୍ତିକୁ ଏହି ଗୀତା ଶାସ୍ତ୍ରର ପାଖ ସୁଦ୍ଧା ମଡ଼େଇ ଦେବ ନାହିଁ । ଯିଏ ମୋର ବା ମୋ ଭକ୍ତର ନିନ୍ଦୁକ, ସେ ବ୍ରହ୍ମାଙ୍କ ସମାନସ୍କନ୍ଧ ହେଲେ ମଧ୍ୟ ସେ ଗୀତା ଉପଦେଶ ଲାଭ ପାଇଁ ଅଯୋଗ୍ୟ ।

ଯିଏ ତପସ୍ୟାକୁ ଭିତ୍ତି କରି ଗୁରୁଭକ୍ତିର ମନ୍ଦିର ନିର୍ମାଣ କରିଛି, ଶ୍ରବଣେଚ୍ଛାର ଦ୍ୱାର ସର୍ବଦା ଉନ୍ମୁକ୍ତ ରଖିଛି, ମନ ମନ୍ଦିର ଚୂଡ଼ାରେ ମୋର ଓ ମୋ ଭକ୍ତର ପ୍ରଶଂସାରୂପକ କଳସ ସ୍ଥାପନ କରିଛି, ସେହି ନିର୍ମଳ ଭକ୍ତ-ମନ୍ଦିରରେ ଏହି ଗୀତା-ରତ୍ନେଶ୍ୱରକୁ ପ୍ରତିଷ୍ଠା କର ।

ଯ ଇଦଂ ପରମଂ ଗୁହ୍ୟଂ ମଭକ୍ତେଷ୍ୱଭିଧାସ୍ୟତି ।
ଭକ୍ତିଂ ମୟିପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ॥୬୮॥

ତୁମେ ଏହି ଭାବରେ ମୋର ସାମ୍ୟଲାଭ କରିପାରିବ । 'ଅ' କାର, 'ଉ'କାର ଓ 'ମ'କାର ଏକାକ୍ଷର ପ୍ରଣବ 'ଓଁ'କାର ଗର୍ଭରେ ଆବଦ୍ଧ ଥିଲେ । ସେହି ବେଦବୀଜ ଗୀତାଙ୍କୁର ହୋଇ କ୍ରମଶଃ ବିସ୍ତାର ଲାଭ କରିଛି । ଗୀତା ଶ୍ଳୋକର ଫୁଲ ଓ ଫଳ ଆକାରରେ ସ୍ୱୟଂ ଗାୟତ୍ରୀ ଅବତରିତ ହୋଇଛନ୍ତି । ଗୀତା ହେଉଚି ରହସ୍ୟ ମନ୍ତ୍ର । ଯିଏ ମୋ ଭକ୍ତକୁ ଏହା ଦାନ କରିଥାଏ, ସେ ମାଆ କୋଳରେ ଅସହାୟ ଶିଶୁକୁ ନେଇ ଛାଡ଼ିଦେବା ଭଳି, ମୋ କୋଳରେ ମୋ ଭକ୍ତକୁ ନେଇ ଛାଡ଼ି ଦେଇଥାଏ । ଯିଏ ଏହି କର୍ତ୍ତବ୍ୟ ସମ୍ପାଦନ କରେ, ସେ ଦେହାନ୍ତରେ ମତେ ହିଁ ଲାଭ କରେ ।

ନ ଚ ତସ୍ମାନ୍ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।
ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ॥୬୯॥

ଦେହରୂପକ ଅଳଙ୍କାର ଧାରଣ ଦ୍ୱାରା ଭକ୍ତ ଅଲଗା ଦେଖା ଯାଉଥିଲେ ମଧ୍ୟ ସେ ମୋ ପକ୍ଷରେ ପ୍ରାଣଠାରୁ ମଧ୍ୟ ପ୍ରିୟ । ଜ୍ଞାନୀ କର୍ମଠ ଓ ତପସ୍ୱୀମାନଙ୍କ ମଧ୍ୟରେ ସେହି ଭକ୍ତି ଭଳି ପ୍ରିୟ ଦ୍ୱିତୀୟ କିଛି ନାହିଁ । ଯେଉଁ ଭକ୍ତ ଜନସମାଜରେ ଗୀତାସିଦ୍ଧାନ୍ତ ପ୍ରକାଶ କରିଥାଏ, ପରମେଶ୍ୱର ସ୍ୱରୂପ 'ମତେ' ପ୍ରେମପୂର୍ବକ ସ୍ଥିରଚିତ୍ତରେ ସ୍ଥାପନ କରି ଗୀତାର୍ଥ ବର୍ଣ୍ଣନା କରିଥାଏ, ସେ ସାଧୁସମାଜର ଭୂଷଣ । ବୃକ୍ଷରେ ନବପଲ୍ଲବ ଉଦ୍‌ଗମ ଭଳି ଯିଏ ଶ୍ରୋତାମାନଙ୍କର ରୋମାଞ୍ଚ ଉଦ୍‌ଗତ କରି ମନ୍ଦନିଳୟରେ ଆନ୍ଦୋଳିତ କରିବାଭଳି ସେମାନଙ୍କୁ କମ୍ପିତ କରିଥାଏ, କୁସୁମର ମଧୁବର୍ଷଣ ଭଳି ଆନନ୍ଦାଶ୍ରୁ ବର୍ଷଣ କରାଇଥାଏ, ସେ ମୋର ଅତି ପ୍ରିୟ । ସେ ଭକ୍ତ-ଉଦ୍ୟାନରେ ମୁଁ ବସନ୍ତରୂପେ ପ୍ରବେଶ କରେ । ଆକାଶରେ ଚନ୍ଦ୍ରୋଦୟମାତ୍ରେ ଚକୋରର ଜୀବନ ସଫଳ ହୁଏ । ମୟୂରର 'କେ-କା' ଶବ୍ଦର ଉତ୍ତର ଦେବାଲାଗି ମେଘର ଆଗମନ । ସେହିଭଳି ମୋ ପ୍ରତି ଦୃଷ୍ଟି ରଖି ଯିଏ ସଜ୍ଜନସମାଜରେ ଗୀତାପଦ୍ୟରତ୍ନର ଅନବରତ ବର୍ଷଣ କରିଥାଏ, ତାଭଳି ମୋର ପ୍ରିୟଭକ୍ତ ପୂର୍ବରୁ କେହି ନ ଥିଲା କିମ୍ବା ପରେ ମଧ୍ୟ କେହି ହୋଇପାରିବେ ନାହିଁ । ଗୀତାର୍ଥ ପ୍ରକାଶପୂର୍ବକ ଯିଏ ସାଧୁସନ୍ଥମାନଙ୍କ ଆତିଥ୍ୟ ସତ୍‌କାର କରେ, ମୁଁ ତାକୁ ହୃଦୟରେ ଧାରଣ କରିଥାଏ ।

ଅଧ୍ୟେଷ୍ୟତେ ଚ ଯ ଇମଂ ଧର୍ମ୍ୟଂ ସମ୍ବାଦମାବୟୋଃ ।
ଜ୍ଞାନଯଜ୍ଞେନ ତେନାହମିଷ୍ଟ ସ୍ୟାମିତି ମେ ମତିଃ ॥୭୦॥

ତୁମ ଓ ମୋ ମଧ୍ୟରେ ମୋକ୍ଷଧର୍ମ ସୃଷ୍ଟି ଲାଗି ଯେଉଁ କଥାର ବିସ୍ତାର ହୋଇଛି, ସେହି ସାର୍ଥକ ସମ୍ବାଦର ତାତ୍ପର୍ଯ୍ୟ ନ ବୁଝି ଆକ୍ଷରିକ ଭାବରେ କେବଳ ପାଠ କଲେ ମଧ୍ୟ ପ୍ରଜ୍ୱଳିତ ଜ୍ଞାନାଗ୍ନିରେ ମୂଳ ଅବିଦ୍ୟାର ଆହୁତି ପ୍ରଦାନରେ ପରମାତ୍ମସ୍ୱରୂପ ମୋର ସନ୍ତୋଷଲାଭ ହୋଇପାରିବ । ଜ୍ଞାନୀ ତନ୍ନତନ୍ନ କରି ଖୋଜି ଖୋଜି ଯେଉଁ ଗୀତାର୍ଥ ଲାଭ କରିଥାଏ, ଗୀତା ପାଠ କରିବାମାତ୍ରେ ପାଠକ ତାହା ଲାଭ କରେ । ସେ ମଧ୍ୟ ଅର୍ଥ ବୁଝୁଥିବା ଜ୍ଞାନୀଙ୍କଭଳି ସମାନ ଫଳଲାଭ କରିଥାଏ । ଏହି ସନ୍ତାନ ଜ୍ଞାନୀ, ସେ ସନ୍ତାନ ଅଜ୍ଞାନୀ, ଗୀତାମାତାର ଏଭଳି ଭେଦବୁଦ୍ଧି ନ ଥାଏ ।

ଶ୍ରଦ୍ଧାବାନ୍‌ନସୂୟଶ୍ଚ ଶୃଣୁୟାଦପି ଯୋ ନରଃ ।
ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍‌ପ୍ରାପ୍ନୁୟାତପୁଣ୍ୟକର୍ମଣାମ୍ ॥୭୧॥

ସର୍ବୋତୋଭାବେ ନିନ୍ଦାକୁ ତ୍ୟାଗ କରି ଶ୍ରଦ୍ଧାର ସହିତ ଗୀତା ଶ୍ରବଣଦ୍ୱାରା ତତ୍‌କ୍ଷଣାତ୍ ହୃଦୟର ପାପ ଦୂର ହୋଇଥାଏ । ଦାବାନଳ ଜଳି ଉଠିଲେ ଜଙ୍ଗଲର ପଶୁପକ୍ଷୀ କିଏ କୁଆଡ଼େ ପଳେଇଥାଆନ୍ତି । ସୂର୍ଯ୍ୟୋଦୟମାତ୍ରେ ଯେପରି ଅନ୍ଧକାର ଦୂରୀଭୂତ ହୁଏ, ସେହିଭଳି ଗୀତା ଶୁଣିବାମାତ୍ରେ ନାନାଦି ପାପ ଦୂର ହୋଇଥାଏ । ଏଭଳି ବ୍ୟକ୍ତିର ବଂଶ ମଧ୍ୟ ପବିତ୍ର ହୁଏ, ସେ ପୁଣ୍ୟବାନ୍ ହୁଏ । ପ୍ରତ୍ୟେକ ଅକ୍ଷର ଶ୍ରବଣଦ୍ୱାରା ଅଶ୍ୱମେଧ ଯଜ୍ଞର ଫଳଲାଭ ହୁଏ । ପାପନାଶ, ଧର୍ମୋନ୍ନତି ଏବଂ ପରିଶେଷରେ ସ୍ୱର୍ଗଲାଭ ମଧ୍ୟ ହୋଇଥାଏ । ଗୀତାର ଶ୍ରୋତା ମୋ ପାଖକୁ ଆସିବା ପୂର୍ବରୁ ପ୍ରଥମତଃ ସ୍ୱର୍ଗରେ ବାସ କରିଥାଏ । ତା'ପରେ ସେ ମୋତେ ଉପଭୋଗ କରେ, ମୋ ସହିତ ମିଳିତ ହୁଏ । ଗୀତା ପାଠକ ଓ ଶ୍ରବଣକାରୀକୁ ଏହି ଆନନ୍ଦମୟ ଫଳ ମିଳେ ।

ଏଣିକି ହେ ଅର୍ଜୁନ ! ଯେଉଁ ଉଦ୍ଦେଶ୍ୟରେ ଏହି ଗୀତାଶାସ୍ତ୍ର ବୁଝେଇଲି, ସେ ସମ୍ପର୍କରେ ତୁମକୁ କେତେକ ପ୍ରଶ୍ନ କରିବାକୁ ଚାହେଁ ।

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା ।
କଚ୍ଚିଦଜ୍ଞାନସଂମୋହଃ ପ୍ରନଷ୍ଟସ୍ତେ ଧନଞ୍ଜୟ ॥୭୨॥

ତୁମେ ନିଃସନ୍ଦେହ ଭାବରେ ଗୀତାକୁ ବୁଝିପାରିଛ ତ ? ଏହାକୁ ଶୁଣୁ ଶୁଣୁ ତୁମ ହୃଦୟରେ ଏହା ପ୍ରବେଶ କରିପାରିଛି, ନା ମଝିରେ ଆଉ କୌଣସି ବାଧା ରହିଛି ? କୌଣସି ବିଷୟକୁ ଉପେକ୍ଷା କରିଛ କି ? ଯଦି ଠିକ୍ ହୃଦୟଙ୍ଗମ ହୋଇପାରିଚି ତ, ମୋ ପ୍ରଶ୍ନର ଉତ୍ତର ଦିଅ । ଯଦି ବୁଝିଚ, କହ ପାପପୁଣ୍ୟ ଆଦି କୌଣସି 'କର୍ମ' କରିବା ଉଚିତ୍ କି ନା ? ଆତ୍ମା ସମ୍ପର୍କୀୟ ଅଜ୍ଞାନବଶତଃ ତୁମ ମନରେ ଯେଉଁ ମୋହ ଉତ୍ପନ୍ନ ହୋଇଥିଲା ଏବଂ ଯାହା ତୁମକୁ ଭ୍ରମରେ ପକାଇଥିଲା, ତୁମର ସେ ମୋହ ଏବେ ଦୂର ହେଲାଣି ନା ନାହିଁ ? କର୍ମ ଓ ଅକର୍ମର ଭେଦ ତୁମେ ଜାଣି ପାରୁଚ ତ ?

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ପ୍ରଶ୍ନ ପଚାରି ତାଙ୍କର ଏପରି ଅବସ୍ଥା କରିଦେଇଥିଲେ ଯେ, ସେ ହୁଏତ ଆତ୍ମାନନ୍ଦର ଅଦ୍ୱୈତରସରେ ନିମଗ୍ନ ହୋଇଯାଇ ପାରନ୍ତି ଭାବି ଏ ସମ୍ପର୍କରେ ଆଉ କୌଣସି କଥା ପଚାରିବା ବଦଳରେ ଅର୍ଜୁନଙ୍କୁ ପୁଣି ସେହି ଦ୍ୱୈତଭାବ ଆଡ଼କୁ ଟାଣି ଆଣିଥିଲେ । କାରଣ ଶ୍ରୀକୃଷ୍ଣ ଭାବୁଥିଲେ ଯେ ଅର୍ଜୁନ ପୂର୍ଣ୍ଣବ୍ରହ୍ମସ୍ୱରୂପ ହୋଇପଡ଼ିଲେ, ତାଙ୍କଦ୍ୱାରା ସେ ଯେଉଁ କାର୍ଯ୍ୟ ସିଦ୍ଧ କରାଇବାକୁ ଚାହୁଁଛନ୍ତି, ଆଉ ତାହା ହୋଇପାରିବ ନାହିଁ । ତେଣୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପୂର୍ବଭଳି ଦ୍ୱୈତଭାବରେ ହିଁ ରଖିଦେଲେ । ତାଙ୍କ ମନରେ ପୂର୍ବଭଳି ଭେଦଭାବ ରହିଲା । ସର୍ବଜ୍ଞ ଶ୍ରୀକୃଷ୍ଣ ନିଜର କର୍ତ୍ତବ୍ୟକୁ ଭଲଭାବରେ ଜାଣନ୍ତି । ତେଣୁ ସେ ଇଚ୍ଛାକରି ଧ୍ୱଂସପ୍ରାୟ ଅର୍ଜୁନତ୍ୱକୁ ଫେରାଇଆଣି, ଅର୍ଥାତ୍ ଅର୍ଜୁନଙ୍କୁ ଯେଉଁ ଅର୍ଜୁନ, ସେହି ଅର୍ଜୁନରେ ରଖିଦେଇ, ନିଜର ପୂର୍ଣ୍ଣତା ସମ୍ପର୍କରେ ବର୍ଣ୍ଣନା କରିବାକୁ ଲାଗିଲେ ।

କ୍ଷୀର ସମୁଦ୍ରରୁ ପୃଥକ୍ ନ ହେଲେ ମଧ୍ୟ ଚନ୍ଦ୍ର ତେଜୋମଣ୍ଡଳ ରୂପରେ ଆକାଶରେ ଶୋଭାପାଏ । ଅର୍ଜୁନ ମଧ୍ୟ ସେହିଭଳି 'ଅହଂବ୍ରହ୍ମ' ଭାବକୁ ଭୁଲି ସର୍ବଜଗନ୍ମୟ ବ୍ରହ୍ମଦର୍ଶନ କଲେ । ଶ୍ରୀକୃଷ୍ଣ ତାଙ୍କୁ ଜଣାଇ ଦେଲେ ଯେ, ବାସ୍ତବରେ ସେ ହେଉଛନ୍ତି ବ୍ରହ୍ମ, ସମଗ୍ର ଜଗତ ବ୍ରହ୍ମମୟ ।

ଅର୍ଜୁନଙ୍କ 'ଅହଂବ୍ରହ୍ମ' ଭାବ ଲୋପ ପାଇବାପରେ 'ମୁଁ' ଅର୍ଜୁନ' ଏହି ଭାବ ସହିତ 'ମୋର ଏହି ଦେହ'— ଏହି ଭାବ ମଧ୍ୟ ଜାଗ୍ରତ ହେଲା । ଆଗରୁ ତାଙ୍କ ଦେହରେ ରୋମାଞ୍ଚ ଜାତ ହୋଇଥିଲା, ହାତ କମ୍ପି ଉଠୁଥିଲା, ଆଖିରୁ ଧାର ଧାର ହୋଇ ଲୁହଧାର ବହୁଥିଲା, ସେ ସବୁ ସମ୍ବରଣ କରି ଅର୍ଜୁନ ନିଜର ବିକ୍ଷୁବ୍ଧ ହୃଦୟକୁ ଶାନ୍ତ କରିନେଲେ । ଚିତ୍ତରେ ଭ୍ରାନ୍ତି, ଚକ୍ଷୁରେ ଆନନ୍ଦାଶ୍ରୁର ବନ୍ୟା, ଉତ୍କଣ୍ଠା ଯୋଗୁଁ କଣ୍ଠରେ ଗଦ୍‌ଗଦ୍ ବାଣୀ ଓ ଅନିୟମିତ ଶ୍ୱାସୋଚ୍ଛ୍ୱାସ ପ୍ରଭୃତି ଆବେଗକୁ ବହୁ କଷ୍ଟରେ ରୋକି ଅର୍ଜୁନ କହିଲେ—

ଅର୍ଜୁନ ଉବାଚ

ନଷ୍ଟୋମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍‌ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ।।୭୩।।

ହେ ପ୍ରଭୋ ! ଏବେ ଆଉ ମୋର ମୋହ ଅଛି କି ନାହିଁ ଏହି କଥା ପଚାରୁଛନ୍ତି ତ ? ମୋହ ତାର ଘରଦ୍ୱାର ଭାଙ୍ଗି ଚାଲିଗଲାଣି । ସୂର୍ଯ୍ୟ ଆସି ଯଦି କାହାକୁ ପଚାରେ ଅନ୍ଧକାର ଅଛି କି ନା, ତାହା କିପରି ପ୍ରଶ୍ନ ବୁଝିପାରୁଥିବେ । ହେ କୃଷ୍ଣ ! ଆପଣ ଆଖି ଆଗରେ ରହିଥିଲେ 'ମୋହ'ର ସମ୍ଭାବନା ରହିପାରେ କି ? ଆପଣ ନିଜ ମାଆଠୁ ବଳି ସ୍ନେହ ଢ଼ାଳି ଯେଉଁ ଜ୍ଞାନର ଉପଦେଶ ବ୍ୟାପକଭାବରେ ଦେଲେ, ତାହା ଅନ୍ୟ କୌଣସି ଉପାୟରେ ଅନ୍ୟ କାହାଠାରୁ ପାଇବା ଅସମ୍ଭବ । ଏକଥା ଜାଣି ମୋର ମୋହ ଆଉ ଅଛି କି ନାହିଁ ଏ ପ୍ରଶ୍ନ କରୁଛନ୍ତି କାହିଁକି ? ଜାଣନ୍ତୁ ଯେ ମୁଁ କୃତାର୍ଥ ହୋଇଛି । ମୁଁ ଆପଣଙ୍କ ଭିତରେ ଡୁବିଯାଇଛି । ଏବେ ପ୍ରଶ୍ନ ଓ ଉତ୍ତର ଦୁଇଟିଯାକ ଶେଷ ହୋଇଯାଇଛି । ଆତ୍ମଜ୍ଞାନର ଯେଉଁ ଉପଦେଶ ଦେଲେ ସେଥିରେ ମୋହ ଧ୍ୱଂସ ହୋଇଛି । କର୍ମ କରିବା ବା ନକରିବା ସବୁ ବିଷୟ ଭିତରେ ଆପଣଙ୍କ ବ୍ୟତୀତ ମୁଁ ଆଉ କିଛି ଦେଖି ପାରୁନି । ମୋର ଆଉ କୌଣସି ସନ୍ଦେହ ନାହିଁ । ମୋ ସ୍ୱରୂପରେ କର୍ମର କୌଣସି ଅସ୍ତିତ୍ୱ ନାହିଁ । ସ୍ୱରୂପପ୍ରାପ୍ତି ଦ୍ୱାରା ମୁଁ ବୁଝିଛି ଯେ କର୍ମ ଧ୍ୱଂସ ପାଇଛି । ଆପଣଙ୍କ ଆଜ୍ଞା ବ୍ୟତୀତ କର୍ତ୍ତବ୍ୟ ବୋଲି ମୋର କିଛି ନାହିଁ । ଆପଣଙ୍କ ଦର୍ଶନରେ ଅନ୍ୟସବୁ ଦୃଶ୍ୟ ଲୋପ ପାଇଥାଏ । ଆପଣଙ୍କ ଦ୍ୱୈତଜ୍ଞାନରେ ଅନ୍ୟର ଦ୍ୱୈତଭାବ ଦୂର ହୋଇଯାଇଥାଏ । କାରଣ ଆପଣ ସର୍ବତ୍ର । ଆପଣଙ୍କ ସମ୍ବନ୍ଧରେ ଅନ୍ୟ କୌଣସି ସମ୍ବନ୍ଧ ନଥାଏ । ଆପଣଙ୍କୁ ପାଇବା ଆଶାରେ ଅନ୍ୟ ଆଶା ଆପେ ଆପେ ଧ୍ୱଂସ ପାଇଥାଏ । ଆପଣଙ୍କ ଦର୍ଶନରେ ସର୍ବତ୍ର ଆତ୍ମଦର୍ଶନ ହୋଇଥାଏ । ଆପଣଙ୍କ ଗୁରୁମୂର୍ତ୍ତି ମୋର ସହାୟକ । ଆପଣଙ୍କ ନିମନ୍ତେ ଅଦ୍ୱୈତ ଜ୍ଞାନକୁ ପରପାରକୁ ଯିବାକୁ ପଡ଼ିଥାଏ । ପ୍ରଥମତଃ ସ୍ୱୟଂ ବ୍ରହ୍ମସ୍ୱରୂପତା ଲାଭ କଲେ କର୍ତ୍ତବ୍ୟାକର୍ତ୍ତବ୍ୟ ଦୂର ହୁଏ; ତାପରେ ଆପଣଙ୍କ ଅନନ୍ତ ସେବାର ଅବସର ମିଳିଥାଏ । ଗଙ୍ଗା ସମୁଦ୍ର-ମିଳନରେ ସମୁଦ୍ରର ଅସୀମତା ଲାଭ କରିବା ଭଳି ଆପଣ ଭକ୍ତକୁ ଆପଣଙ୍କ ସ୍ୱରୂପର ପରମୋତ୍କୃଷ୍ଟ ପ୍ରାପ୍ୟ ପ୍ରଦାନ କରିଥାଆନ୍ତି ।

ହେ କୃଷ୍ଣ ! ଆପଣଙ୍କ ସେହି ଉପାଧିହୀନ ସଦ୍‌ଗୁରୁମୂର୍ତ୍ତି ମୋର ସେବନୀୟ, ପୂଜନୀୟ । ବ୍ରହ୍ମତ୍ୱ ପ୍ରାପ୍ତିର ଉପକାରିତାରୁ ମୁଁ ଏତିକି ମାତ୍ର ସ୍ୱୀକାର କରୁଛି ଯେ, ଏହା ଆପଣ ଓ ମୋ ମଧ୍ୟରେ ଯେଉଁ ଭେଦର ପ୍ରତିବନ୍ଧକ ରଖିଥିଲା, ତାହା ଦୂର କରିଦେଇ ଆପଣଙ୍କ ସେବାସୁଖକୁ ପୂର୍ବ ଅପେକ୍ଷା ଅଧିକ ମଧୁମୟ କରି ଦେଇପାରିଛି ।

ହେ ନିଖିଳ ଦେବାଧିରାଜ ! ଏଣିକି ଆପଣ ଯାହା ଆଦେଶ କରିବେ ତାକୁ ପାଳନ କରିବା ଲାଗି ମୁଁ ପ୍ରସ୍ତୁତ । ଆପଣ ଇଚ୍ଛାନୁସାରେ ଆଜ୍ଞା କରନ୍ତୁ ।

ଅର୍ଜୁନଙ୍କ ମୁହଁରୁ ଏକଥା ଶୁଣି ଶ୍ରୀକୃଷ୍ଣ ଆନନ୍ଦରେ ବିହ୍ୱଳ ହୋଇ ନୃତ୍ୟ କରିବାକୁ ଲାଗିଲେ । କହିଲେ, ଯାହାହେଉ ବିଶ୍ୱରେ ମୁଁ ଅର୍ଜୁନରୂପୀ ନୂତନ ଫଳଲାଭ କରିପାରିଲି । ନିଜର ପୁତ୍ର ଚନ୍ଦ୍ରକୁ ସର୍ବକଳାରେ ପରିପୂର୍ଣ୍ଣ ଦେଖି କ୍ଷୀରସାଗର କ'ଣ ଉଚ୍ଛ୍ୱସିତ ହୋଇ ସୀମା ଲଙ୍ଘନ କରେନା ?

ସତ୍‌ସିଦ୍ଧାନ୍ତ ପ୍ରକାଶର ବିବାହ-ବାସରରେ ଭକ୍ତ ଓ ଭଗବାନଙ୍କ ଅନ୍ତରର ବିବାହ-ବାସରକୁ ଦେଖି ସଞ୍ଜୟଙ୍କ ମନମଧ୍ୟ ଆନନ୍ଦରେ ନାଚି ଉଠିଲା । ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ଶ୍ରୀକୃଷ୍ଣ ତ କୃପାନିଧି, ତେଣୁ ଅର୍ଜୁନଙ୍କୁ ପ୍ରାଣଖୋଲି ଉପଦେଶ ଦେଲେ । ହେ ମହାରାଜ ! ଯାହାହେଉ ଏହି ଉପଦେଶକୁ ଉଲ୍ଲେଖ କରି ଶ୍ରୀ ବ୍ୟାସଦେବ ଆମ ଦୁଇଜଣଙ୍କୁ କୃତାର୍ଥ କରିଛନ୍ତି । ଆପଣଙ୍କ ଚର୍ମଚକ୍ଷୁ ନଥିଲେ କ'ଣ ହେଲା, ଆପଣ ଜ୍ଞାନଚକ୍ଷୁ ତ ଲାଭ କରିଛନ୍ତି । କେବଳ ଅଶ୍ୱକୁ ପରୀକ୍ଷା କରିବା ଲାଗି ଏଥର ସାରଥି ଆମକୁ ଏ ବିଷୟରେ ଜ୍ଞାନ ଦାନ କରିଛନ୍ତି । ଯୁଦ୍ଧ ଏପରି ପ୍ରଚଣ୍ଡ ଭାବରେ ଚାଲିଛି ଯେ, ପ୍ରତ୍ୟେକ ବ୍ୟକ୍ତିର ଧାରଣା, ଯେଉଁ ପକ୍ଷର ପରାଜୟ ଘଟୁନା କାହିଁକି, ତାର ପ୍ରାଣ ଯିବା ନିଶ୍ଚିତ । ଶ୍ରୀକୃଷ୍ଣ ଭାବୁଛନ୍ତି ପରାଜୟ ଯାହାର ହେଉନା କାହିଁକି ଫଳ ସମାନ । ଏହି ପରିସ୍ଥିତି ମଧ୍ୟରେ ପ୍ରତ୍ୟକ୍ଷ ବ୍ରହ୍ମାନନ୍ଦ ବିତରଣ ହେଉଛି ତାଙ୍କର ଅସୀମ ଅନୁଗ୍ରହ । ଚନ୍ଦ୍ରକିରଣ ପଥରକୁ ବିଗଳିତ କରିପାରେନା । ସେହିଭଳି ସଞ୍ଜୟ ଯେତେ ବୁଝେଇଲେ ମଧ୍ୟ ଧୃତରାଷ୍ଟ୍ରଙ୍କ ପଥର-ହୃଦୟ ଆଦୌ ତରଳିଲା ନାହିଁ । ରାଜା

ଚୁପ୍‌ଚାପ୍ ବସି ରହିଲେ । ତାଙ୍କର ଏହି ଅବସ୍ଥାକୁ ଲକ୍ଷ୍ୟକରି ସଞ୍ଜୟ ଭାବିଲେ, ପୂର୍ବପ୍ରସଙ୍ଗ ଛାଡ଼ି ନୂତନ କୌଣସି ପ୍ରସଙ୍ଗ ବର୍ଣ୍ଣନା କରିବେ, କିନ୍ତୁ ସେ କୃଷ୍ଣାନନ୍ଦରେ ଏପରି ବିହ୍ୱଳ ହୋଇ ପଡ଼ିଲେ ଯେ କହୁ କହୁ ପୁଣି ଧୃତରାଷ୍ଟ୍ର ଯେଉଁ କଥା ଶୁଣିବା ଲାଗି ଅଯୋଗ୍ୟ, ସେହି କଥା କହି ଚାଲିଲେ ।

ସଞ୍ଜୟ ଉବାଚ

ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମହାତ୍ମନଃ ।
ସମ୍ବାଦମିମମଶ୍ରୌଷମଭୁତଂ ରୋମହର୍ଷଣମ୍ ।।୭୪।।

ସଞ୍ଜୟ କହିଲେ, ହେ କୁରୁରାଜ ! ଆପଣଙ୍କ ପୁତୁରା ଅର୍ଜ୍ଜୁନ ଯାହା ସବୁ କହିଲେ, ସେଥିରେ ଶ୍ରୀକୃଷ୍ଣ ଅତି ଆନନ୍ଦିତ ହୋଇଉଠିଲେ । ପୂର୍ବ ସାଗର ଓ ପଶ୍ଚିମ ସାଗର ଏଭଳି ଭିନ୍ନ ଭିନ୍ନ ନାମ ହୋଇଥିଲେ ମଧ୍ୟ ବାସ୍ତବରେ ସମୁଦ୍ର ଓ ଜଳ ଏକ । ସେହିଭଳି ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନଙ୍କ ଶରୀରର ରୂପ ଅଲଗା ଅଲଗା ହୋଇଥିଲେ ମଧ୍ୟ ଦୁହେଁ ଏକ, ଅଭିନ୍ନ । ଦର୍ପଣ ଆଗରେ ଦୁଇଟି ସ୍ୱଚ୍ଛ ପଦାର୍ଥ ଥୁଆହେଲେ ପଦାର୍ଥ ଦୁଇଟି ପରସ୍ପରର ପ୍ରତିଛବି ଦର୍ଶନ କରିଥାଆନ୍ତି । ସେହିଭଳି ଶ୍ରୀକୃଷ୍ଣଙ୍କ ଭିତରେ ଅର୍ଜ୍ଜୁନ ନିଜକୁ ଏବଂ ଅର୍ଜ୍ଜୁନଙ୍କ ଭିତରେ ଶ୍ରୀକୃଷ୍ଣ ନିଜକୁ ଦର୍ଶନ କରିବାକୁ ଲାଗିଲେ । ଶ୍ରୀକୃଷ୍ଣ ଯେଉଁ ଅଂଶ ଓ ସ୍ଥାନରୁ ନିଜେ ନିଜକୁ ଏବଂ ନିଜ ଭକ୍ତ ଅର୍ଜ୍ଜୁନଙ୍କୁ ଦେଖୁଥିଲେ, ସେହି ଅଂଶ ଓ ସେହି ସ୍ଥାନରୁ ହିଁ ଅର୍ଜ୍ଜୁନ ନିଜକୁ ଓ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ । ଦ୍ୱୈତଭାବ ବୋଲି କିଛି ରହିଲା ନାହିଁ । ଦୁହେଁ ଏକରୂପ ହୋଇଉଠିଲେ । ଭେଦଭାବ ଏକାବେଳକେ ଚାଲିଯିବା ପରେ ପ୍ରଶ୍ନ ରହେନା କିମ୍ବା ଉତ୍ତରର ଅବକାଶ ରହେନା । ଭେଦଭାବ ରହିଲେ, ସିଦ୍ଧାନ୍ତ ଲାଭହେବ କିପରି ? ଅତଏବ ଦ୍ୱୈତଭାବରେ ରହି ଅର୍ଜ୍ଜୁନ ପ୍ରଶ୍ନ କରୁଥିଲେ ମଧ୍ୟ ସିଦ୍ଧାନ୍ତରେ ଉପନୀତ ହେବା ମାତ୍ରେ ଦ୍ୱୈତଭାବ ଆଉ ରହିଲା ନାହିଁ ।

ସଞ୍ଜୟ କହିଲେ, ହେ ମହାରାଜ ! ଦୁଇଜଣଯାକର ସମ୍ଭାଷଣକୁ ମୁଁ ଯେପରି ଭାବରେ ଶୁଣୁଚି, ତାହାହିଁ ବର୍ଣ୍ଣନା କରୁଛି ଶୁଣନ୍ତୁ ।

ଦର୍ପଣ ଯେତେ ପରିଷ୍କାର ଥାଉ ନା କାହିଁକି ତା ଆଗରେ ଆଉ ଗୋଟିଏ ଦର୍ପଣ ଆଣି ରଖିଲେ ପରସ୍ପରକୁ ଦେଖିପାରିବେ କି ? ଯଦି ଜଳୁଥିବା ଦୁଇଟି

ଦୀପକୁ ସାମନା ସାମନି ରଖାଯାଏ, ସେଥିରୁ କେଉଁ ଦୀପ କାହାକୁ ପ୍ରକାଶ କରୁଛି ଜାଣିହୁଏ କି ? ସୂର୍ଯ୍ୟ ଆଗରେ ଯଦି ଆଉ ଏକ ସୂର୍ଯ୍ୟୋଦୟ ହୁଏ, ସେଥିରୁ କେଉଁ ସୂର୍ଯ୍ୟଟି କାହାକୁ ଆଲୋକ ଦେଉଛି କହି ହେବ କି ?

ସେହିଭଳି ହେ ମହାରାଜ ! ଶ୍ରୀକୃଷ୍ଣ ଓ ଅର୍ଜୁନ ପ୍ରଶ୍ନୋତ୍ତର ମଧ୍ୟରେ ସମତୁଲ ହୋଇ ଉଠିଛନ୍ତି । ଦୁଇ ଦିଗରୁ ଜଳ ପ୍ରବାହିତ ହେଲାବେଳେ ପ୍ରବାହକୁ ବାଧାଦେବା ଲାଗି ଯଦି ଲୁଣର ବନ୍ଧ ବନ୍ଧାଯାଏ, ତାହାହେଲେ ଅଳ୍ପସମୟ ମଧ୍ୟରେ ଲୁଣ ଜଳ ପାଲଟିଯାଏ । ଶ୍ରୀକୃଷ୍ଣ-ଅର୍ଜୁନ-ସମ୍ବାଦ ମୋତେ ଠିକ୍ ସେହିଭଳି ବୋଧ ହେଉଛି ।

ଏହି କଥା କହୁ କହୁ ସଞ୍ଜୟଙ୍କର ଅଷ୍ଟସାତ୍ତ୍ୱିକ ଭାବର ବିକାର ଆସିଯିବାରୁ ସେ ନିଜକୁ ନିଜେ ଭୁଲିଗଲେ । ତାଙ୍କର ଆତ୍ମସ୍ମୃତି ଲୋପ ପାଇଲା । ରୋମାଞ୍ଚ ଯୋଗୁଁ ଶରୀର ସଙ୍କୁଚିତ ହୋଇପଡ଼ିଲା । ସ୍ତମ୍ଭୀଭୂତ ହୋଇପଡ଼ିଲେ ସେ । ଦେହରୁ ସ୍ୱେଦ ବହିଲା । ସୃଷ୍ଟି ହେଲା କମ୍ପନ । ସେ ଅଦ୍ୱୈତାନନ୍ଦ ଅନୁଭବ କରିବା ଫଳରେ ଆଖିରୁ ଝରିଆସିଲା ଅଶ୍ରୁପ୍ରସ୍ରବଣ । ଏତେ ଆନନ୍ଦ ଯେ, ହୃଦୟରେ ସ୍ଥାନ ନ ପାଇ ଉଛୁଳି ଉଠିବାରେ ତାଙ୍କର କଣ୍ଠରୋଧ ହୋଇପଡ଼ିଲା । ଅଷ୍ଟସାତ୍ତ୍ୱିକ ଭାବ ପ୍ରକଟିତ ହେବା ଫଳରେ ମୁହଁରୁ ଆଉ ପଦେ ସୁଦ୍ଧା କଥା ବାହାରିଲା ନାହିଁ । ମନେକରନ୍ତୁ ଯେ ସଞ୍ଜୟ ହୋଇଉଠିଲେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ସମ୍ବାଦର ଚୌରାସ୍ତାର ଛକି ବା ଚତୁଷ୍ପଥର ମଧ୍ୟସ୍ଥଳ । ଏହି ସୁଖର ସ୍ୱଭାବ ଏପରି ଯେ ସେ ଆପେ ଆପେ ଶାନ୍ତ ହୋଇଆସେ । ତେଣୁ ସଞ୍ଜୟ ମଧ୍ୟ ଯଥାଶୀଘ୍ର ଶାନ୍ତ ହୋଇଆସିଲେ । ଆନନ୍ଦବନ୍ୟା ଅତିକ୍ରମ କରି ସେ ଫେରିପାଇଲେ ନିଜକୁ, ସେ ହେଲେ ଯେଉଁ ସଞ୍ଜୟ ସେହି ସଞ୍ଜୟ ।

ବ୍ୟାସପ୍ରସାଦାତ୍‌ଶ୍ରୁତବାନେତଦ୍‌ଗୁହ୍ୟଂମହଂ ପରମ୍ ।
ଯୋଗଂ ଯୋଗେଶ୍ୱରାତ୍ କୃଷ୍ଣାତ୍ ସାକ୍ଷାତ୍ କଥୟତଃସ୍ୱୟମ୍ ॥

ହେ ମହାରାଜ ! ଯାହା ଉପନିଷଦରେ ମଧ୍ୟ କୁହାଯାଇ ପାରିନାହିଁ, ବ୍ୟାସଦେବଙ୍କ କୃପାରୁ ସେହିଭଳି ଅଗୋଚର ଦୁର୍ଲ୍ଲଭ ରହସ୍ୟ କଥାକୁ ଆମେ

ଶୁଣିପାରୁଛେ । ଏହି ସମ୍ବାଦ ଶୁଣିବାମାତ୍ରେ ମୁଁ ବ୍ରହ୍ମ ଦର୍ଶନ ଲାଭ କରିପାରିଛି । ବିଷୟଭାବ ସହିତ 'ମୁଁ' ଓ 'ତୁମେ' ଆଦି ଭାବ ଲୋପ ପାଇଛି । ଯୋଗମାର୍ଗରେ ଚାଲି ଚାଲି ଯେଉଁ ସ୍ଥାନରେ ଯୋଗୀଋଷିମାନେ ପହଞ୍ଚିଥାଆନ୍ତି, ବ୍ୟାସଦେବ ସେହି ଅମୂଲ୍ୟ କୃଷ୍ଣବାକ୍ୟକୁ ଆମମାନଙ୍କ ଲାଗି ସୁଲଭ କରିଦେଇ ପାରିଛନ୍ତି । ଶ୍ରୀକୃଷ୍ଣ ନିଜେହିଁ ଅର୍ଜୁନରୂପରେ ଆଉ ଏକ ମୂର୍ତ୍ତି ପ୍ରକାଶ କରି ନିଜକୁହିଁ ନିଜେ ଉପଦେଶ ଦେଉଛନ୍ତି । ଶ୍ରୀଗୁରୁ ବ୍ୟାସଦେବଙ୍କ ସାମର୍ଥ୍ୟ ସ୍ୱତନ୍ତ୍ର । ସେ ଯେଉଁ ଗୂଢ଼କଥାକୁ ଆମର ଶ୍ରୁତିଗୋଚର କରାଇଛନ୍ତି— ତାହା କେତେ କ'ଣ ବର୍ଣ୍ଣନା କରିବି ?

ରାଜନ୍ ସଂସ୍କୃତ୍ୟ ସଂସ୍କୃତ୍ୟ ସମ୍ବାଦମିମମଦ୍ଭୁତମ୍ ।
କେଶବାର୍ଜ୍ଜୁନୟୋଃପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ॥୭୬॥

ରତ୍ନର ପ୍ରଭା କେବେ କେବେ ଚିକ୍‌ଚିକ୍ କରେ, କେବେ କେବେ ନିଜ ଭିତରେ ନିଜେ ଲୀନ ହୋଇଯାଏ । ସେହିଭଳି ସଞ୍ଜୟ, କଥା କହୁ କହୁ ନିଜ ବିସ୍ମୟରେ ନିଜେ ଡୁବିଯାଇଥିଲେ । ଚନ୍ଦ୍ରୋଦୟ ମାତ୍ରେ ହିମାଳୟର ସରୋବର ସ୍ଫଟିକ ପଥରଭଳି ଦେଖାଯାଏ ଏବଂ ସୂର୍ଯ୍ୟୋଦୟରେ ଜଳରୂପ ଧାରଣ କରେ । ସଞ୍ଜୟ ମଧ୍ୟ ସେହିଭଳି ମଝିରେ ମଝିରେ ଦେହଜ୍ଞାନ ହରାଇ କୃଷ୍ଣାର୍ଜ୍ଜୁନ-ସମ୍ବାଦକୁ ଭାବି ଭାବି ସେହି ରସରେ ବୁଡ଼ି ରହିଥିଲେ ।

ତଚ୍ଚ ସଂସ୍କୃତ୍ୟ ସଂସ୍କୃତ୍ୟ ରୂପମତ୍ୟଦ୍ଭୁତଂ ହରେଃ ।
ବିସ୍ମୟୋ ମେ ମହାନ୍ ରାଜନ୍ ହୃଷ୍ୟାମି ଚ ପୁନଃପୁନଃ ॥୭୭॥

ସଞ୍ଜୟ ପୁନଶ୍ଚ ଧୃତରାଷ୍ଟ୍ରଙ୍କୁ କହିଲେ, ହେ ରାଜନ୍ ! ଶ୍ରୀହରିଙ୍କ ପ୍ରତ୍ୟକ୍ଷ ବିଶ୍ୱରୂପ ଦର୍ଶନ କରି ଆପଣ ଏପରି ନିସ୍ତବ୍ଧ ଭାବରେ ବସି ରହିଛନ୍ତି କିପରି ? ଯାହା ନ ଦେଖିଲେ ମଧ୍ୟ ଦେଖାଯାଏ, ଯାହା ନ ହୋଇଥିଲେ ମଧ୍ୟ ହୋଇଯାଏ, ଯାହା ଅଭାବ ରୂପରେ ମଧ୍ୟ ବର୍ତ୍ତମାନ, ଯାହା ବିସ୍ମୃତ ହେଲେ ମଧ୍ୟ ଅବିସ୍ମୃତ, ତାହାଠାରୁ ରକ୍ଷା ପାଇପାରିବ ନାହିଁ, କିମ୍ବା ପରିହାର କରିପାରିବ ନାହିଁ । କାରଣ ଶ୍ରୀହରିଙ୍କ ସମ୍ଭାଷଣରୂପକ ଜ୍ଞାନ-ଗଙ୍ଗାର ପ୍ରବାହ ଏଭଳି ପ୍ରଖର ଯେ, ତାହା

ଭକ୍ତମାନଙ୍କ ସହିତ ମତେ ମଧ୍ୟ ଭସେଇ ନେଇଚାଲିଛି । ସେତେବେଳକୁ ଶ୍ରୀକୃଷ୍ଣାର୍ଜୁନ-ସମ୍ବାଦ-ରୂପକ ପ୍ରୟାଗତୀର୍ଥରେ ସ୍ନାନ କରି ସଞ୍ଜୟଙ୍କର ଅହଂଭାବ ମଧ୍ୟ ଲୋପ ପାଇ ଯାଇଥିଲା । ଆନନ୍ଦରସରେ ନିମଗ୍ନ ହୋଇ ରୁଦ୍ଧ ଗଦ୍‌ଗଦ୍ କଣ୍ଠରେ ସେ କେବଳ ଉଚ୍ଚାରଣ କରିବାକୁ ଲାଗିଲେ, 'ଶ୍ରୀକୃଷ୍ଣ, ଶ୍ରୀକୃଷ୍ଣ' ।

ତଥାପି ଧୃତରାଷ୍ଟ୍ର ସଞ୍ଜୟଙ୍କ ଭାବକୁ ହୃଦୟଙ୍ଗମ କରିପାରିଲେ ନାହିଁ । ମହାରାଜ ମନେ ମନେ ନାନା କଳ୍ପନା କରିବାକୁ ଲାଗିଲେ । ଇତ୍ୟବସରରେ ସଞ୍ଜୟ ଯେଉଁ ସୁଖାନୁଭବ-ପ୍ରସାଦ ଲାଭ କରିଆସିଥିଲେ, ତାକୁ ସେ ନିଜ ଭିତରେ ସୀମିତ ରଖି ନିଜ ବିଭୋରଭାବକୁ ଶାନ୍ତ କରିନେଲେ ।

ରାଜା ଯଥୋପଯୁକ୍ତ ପ୍ରଶ୍ନ ନ କରି ଅପ୍ରାସଙ୍ଗିକ ଭାବରେ ସଞ୍ଜୟଙ୍କୁ ପଚାରିଲେ, କିହୋ ସଞ୍ଜୟ ! ତୁମେ ଏସବୁ କଥା ମତେ କହିଲ କ'ଣ ? ଶ୍ରୀବ୍ୟାସଦେବ ତ ତୁମକୁ ନିଯୁକ୍ତ କରିଥିଲେ ଯୁଦ୍ଧ କଥା ଶୁଣାଇବାଲାଗି । କିନ୍ତୁ ତୁମେ ଅପ୍ରାସଙ୍ଗିକ ଭାବରେ ମଝିରେ ଏସବୁ କଥା ମତେ କହିଲ କାହିଁକି ?

ବନ୍ୟଜନ୍ତୁଙ୍କୁ ରାଜଉଆସ ଭିତରେ ଆରାମରେ ରଖିଲେ ମଧ୍ୟ ସେ ଖାଲି ଖାଲି ବୋଧ କରେ । ନିଶାଚର ଦିନାନ୍ତକୁ ହିଁ ଦିବସ ମନେ କରିଥାଏ । ଯିଏ ଯେଉଁ ବିଷୟକୁ ଭଲପାଏ ନାହିଁ ସେ ବିଷୟ ସେ ନିରସ ମନେ କରିଥାଏ । ସେହିଭଳି ଧୃତରାଷ୍ଟ୍ରଙ୍କୁ ଏସବୁ କଥା ଭଲ ଲାଗୁ ନଥିଲା । ସେ ଭାବୁଥିଲେ ସଞ୍ଜୟ ଯାହା ସବୁ କହିଗଲେ ସେସବୁ ନିରର୍ଥକ । ରାଜା ଏଭଳି ଭାବିବା ମଧ୍ୟ ସ୍ୱାଭାବିକ ।

ଧୃତରାଷ୍ଟ୍ର ପୁଣି ଥରେ ସଞ୍ଜୟଙ୍କୁ ପଚାରିଲେ, ''ଆଚ୍ଛା ମତେ ଏବେ କହ, ଏ ଯେଉଁ ଯୁଦ୍ଧ ଚାଲିଛି ସେଥିରେ ବିଜୟ ହେବ କାହାର ? ମୋର ମନେହୁଏ ଦୁର୍ଯ୍ୟୋଧନ ହିଁ ଅଧିକ ପ୍ରତାପଶାଳୀ । ପାଣ୍ଡବ ସେନାମାନଙ୍କଠାରୁ ଦୁର୍ଯ୍ୟୋଧନଙ୍କ ସୈନ୍ୟବଳ ଅଧିକ । ତେଣୁ ମୋର ବିଶ୍ୱାସ କୌରବ ପକ୍ଷରହିଁ ଜୟ ହେବ । ତୁମର ମତ କ'ଣ ଜଣାଇଲେ ଖୁସି ହେବି ।''

ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥୭୮॥

ସଞ୍ଜୟ କହିଲେ, କାହାର ଜୟ ହେବ ମୁଁ କହିବି କିପରି ? ଯିଏ ଆୟୁଷ୍ମାନ ସେ ନିଶ୍ଚୟ ଜୀବିତ ରହିବ । ଯେଉଁଠି ଚନ୍ଦ୍ରମା ସେଠାରେ ଚନ୍ଦ୍ରାଲୋକ, ଯେଉଁଠି ଶଙ୍କର ସେଇଠି ପାର୍ବତୀ । ସାଧୁ ସାଧକମାନଙ୍କ ନିକଟରେ ଜ୍ଞାନ ତଥା ବିବେକ ନିଶ୍ଚୟ ରହିଥାଏ । ରାଜାଙ୍କ ପାଖରେ ସୈନ୍ୟବଳ ଅବଶ୍ୟ ରହିଥାଏ । ଯେଉଁଠି ସୌଜନ୍ୟ, ସେଠାରେ ରହିଥାଏ ମୈତ୍ରୀ ଓ ଭଦ୍ରତା । ଅଗ୍ନି ମଧ୍ୟରେ ରହିଥାଏ ଦାହିକା ଶକ୍ତି । ଦୟାଗୁଣରେ ଥାଏ ଧର୍ମ, ଧର୍ମରେ ସୁଖ ଏବଂ ସୁଖରେ ହିଁ ପୁରୁଷୋତ୍ତମଙ୍କ ଆବାସ । ବସନ୍ତ ଆଗମନ ମାତ୍ରେ ବନଶୋଭା ପ୍ରକାଶିତ ହୋଇଥାଏ । ବନଶୋଭାରେ କୁସୁମର ବିକାଶ । ପ୍ରସ୍ଫୁଟିତ ପୁଷ୍ପରେ ହିଁ ଭ୍ରମର ଗୁଞ୍ଜନ ଶୁଣାଯାଏ । ଯେଉଁଠି ଗୁରୁ ସେହିଠାରେ ଜ୍ଞାନ । ଜ୍ଞାନରୁ ମିଳେ ଆତ୍ମଦର୍ଶନ । ଆତ୍ମନୁଭବ ବ୍ୟତୀତ ସମସ୍ୟାର ସମାଧାନ ଅସମ୍ଭବ । ସୌଭାଗ୍ୟୋଦୟରୁ ଲାଭ ହୁଏ ସୁଖଭୋଗ । ସୁଖରୁ ଆନନ୍ଦ । ସୂର୍ଯ୍ୟ ଯେଉଁଠି ଆଲୋକ ସେଇଠି ।

ହେ ରାଜନ୍ ! ଯେଉଁ କାରଣରୁ ସମସ୍ତ ପୁରୁଷାର୍ଥର ସାମର୍ଥ୍ୟ ତଥା ଶୋଭା ଠୁଳ ହୋଇଥାଏ, ସେହି କାରଣ ହେଉଛନ୍ତି ଶ୍ରୀକୃଷ୍ଣ । ତେଣୁ ଶ୍ରୀକୃଷ୍ଣ ଯାହା ସପକ୍ଷରେ, ଲକ୍ଷ୍ମୀ ମଧ୍ୟ ତାହା ପକ୍ଷରେ ରହିବା ସ୍ୱାଭାବିକ ଏବଂ ନିଜ ପତି ସହିତ ଜଗନ୍ମାତା ଲକ୍ଷ୍ମୀ ଯାହା ସପକ୍ଷରେ, ଅଣିମା ଆଦି ଅଷ୍ଟସିଦ୍ଧି ସେହି ପକ୍ଷରେ ଦାସୀ ଭାବରେ ଖଟିବା ନିଶ୍ଚିତ । ଶ୍ରୀକୃଷ୍ଣ ସ୍ୱୟଂ ବିଜୟ ସ୍ୱରୂପ । ତେଣୁ ସେ ଯାହା ପକ୍ଷରେ, ସେ ପକ୍ଷର ବିଜୟ ସୁନିଶ୍ଚିତ ।

ତା'ଛଡ଼ା ଧନୁର୍ଦ୍ଧର ପାର୍ଥ ବା ଅର୍ଜୁନଙ୍କ ଅନ୍ୟନାମ ହେଉଛି ବିଜୟ ଏବଂ ବିଜୟସ୍ୱରୂପ ଶ୍ରୀକୃଷ୍ଣ ଲକ୍ଷ୍ମୀଙ୍କ ସହିତ ତାଙ୍କ ପକ୍ଷରେ ରହିଛନ୍ତି । ତେଣୁ ପାଣ୍ଡବ ପକ୍ଷରେ 'ବିଜୟ' ବିରାଜମାନ ରହିଛି ବୋଲି କୁହାଯିବ ।

ସଞ୍ଜୟ ପୁଣି କହିଲେ, ଯେଉଁମାନଙ୍କର ମାତାପିତା ପ୍ରଭାବଶାଳୀ, ସେ-ଦେଶର ସାଧାରଣ ବୃକ୍ଷ କଳ୍ପବୃକ୍ଷକୁ ମଧ୍ୟ ପରାଜିତ କରିଥାଏ । ସେ ସ୍ଥାନରେ ସାଧାରଣ ପଥର ହେଉଚି ଚିନ୍ତାମଣି, ଭୂମି ସ୍ୱର୍ଣ୍ଣପ୍ରସୂ, ନଦୀରେ ବହେ ଅମୃତର ପ୍ରବାହ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ହେ ମହାରାଜ ! ବୁଝି ବିଚାରି ଦେଖନ୍ତୁ ଯାହାର ମୁଖରେ ଉଚ୍ଚାରିତ ପ୍ରତ୍ୟେକ ଶବ୍ଦ ବେଦସ୍ୱରୂପ, ସେ ହେଉଛନ୍ତି ମୂର୍ତ୍ତିମାନ୍ ସଚ୍ଚିଦାନନ୍ଦ । ଶ୍ରୀକୃଷ୍ଣ ଓ ଶ୍ରୀଲକ୍ଷ୍ମୀ ଯାହାର ପିତାମାତା, ସ୍ୱର୍ଗ ଓ ମୋକ୍ଷ ତାର ଅଧୀନ । ଶ୍ରୀକୃଷ୍ଣ ଯେଉଁ ପକ୍ଷରେ ରହିଛନ୍ତି, ସିଦ୍ଧଗଣ ସ୍ୱତଃ ସେହି ପକ୍ଷର ଆଶ୍ରୟ ଗ୍ରହଣ କରିଥାଆନ୍ତି । ତାଠାରୁ ମୁଁ ଅଧିକା କିଛି ଜାଣେନା । ସମୁଦ୍ରରୁ ମେଘର ଜନ୍ମ, ତେବେ ସମୁଦ୍ର ଅପେକ୍ଷା ମେଘ ଅଧିକ ଉପଯୋଗୀ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ସମ୍ବନ୍ଧରେ ମଧ୍ୟ ସେହିକଥା କୁହାଯାଇପାରେ । ଲୁହାକୁ ସୁନାରେ ପରିଣତ କରିବା ଦିଗରେ ଗୁରୁ ହେଉଛନ୍ତି ସ୍ୱର୍ଣ୍ଣମଣି— ତେବେ ଲୌକିକ ବ୍ୟବହାରରେ ବିଶେଷ ଆବଶ୍ୟକତା ହେଉଛି ସୁନାର । ଏଥିରୁ ମନେକରନ୍ତୁ ନାହିଁ ଯେ ଗୁରୁ ଅନାବଶ୍ୟକ । ଦୀପ ରୂପରେ ଅଗ୍ନି ନିଜକୁ ହିଁ ପ୍ରକାଶ କରିଥାଏ । ଶ୍ରୀକୃଷ୍ଣଙ୍କ ଶକ୍ତିରେହିଁ ଅର୍ଜୁନଙ୍କ ଗୁରୁତ୍ୱ ଏବଂ ସେ ଶ୍ରୀକୃଷ୍ଣଙ୍କ ଅପେକ୍ଷା ଅଧିକ ମହିମାମୟ ଭାବରେ ଅନୁଭୂତ । ପ୍ରତ୍ୟେକ ପିତା ସର୍ବଦା ଇଚ୍ଛା କରିଥାଆନ୍ତି ପୁଅ ସର୍ବଗୁଣସମ୍ପନ୍ନ ଓ ତାଙ୍କଠାରୁ ଅଧିକ ସମ୍ମାନିତ ହେଉ, ଅଧିକ ବଡ଼ ହେଉ । ତେଣୁ ଶ୍ରୀକୃଷ୍ଣ ଇଚ୍ଛା କରିବା ସ୍ୱାଭାବିକ ଯେ, ଅର୍ଜୁନ ଅଧିକ ପ୍ରଶଂସାଲାଭ କରନ୍ତୁ । କାରଣ ସେ ଜାଣନ୍ତି ଅର୍ଜୁନଙ୍କ ପ୍ରଶଂସାରେ ତାଙ୍କର ମହିମାହିଁ ବର୍ଣ୍ଣିତ ହେବ । ଶ୍ରୀକୃଷ୍ଣଙ୍କଏହି ଇଚ୍ଛା ସଫଳ ହୋଇଛି । ହେ ନୃପ ! ଶ୍ରୀକୃଷ୍ଣଙ୍କ କୃପାରେ ଅର୍ଜୁନ ପରିପୂର୍ଣ୍ଣ । ତେଣୁ ଅର୍ଜୁନଙ୍କ ପକ୍ଷର ଯେ ଜୟହେବ ଏଥିରେ ସନ୍ଦେହ କରିବାର କିଛି ନାହିଁ । ଅର୍ଜୁନଙ୍କ ସପକ୍ଷରେ ହିଁ ସଂପୂର୍ଣ୍ଣ ବିଜୟ ଏବଂ ଅଭ୍ୟୁଦୟ । ବ୍ୟାସଙ୍କ କଥା ସତ୍ୟ ବୋଲି ମନେକଲେ ଏ କଥା ସତ୍ୟ ବୋଲି ଜାଣିପାରିବେ ।

ସଞ୍ଜୟ କହିଲେ, ହେ ରାଜନ୍ ! ଯେଉଁଠି ଶ୍ରୀପତି ନାରାୟଣ, ସେଠାରେ ଭକ୍ତମାତ୍ରେ ପାଇବେ ଭକ୍ତଶ୍ରେଷ୍ଠ ଅର୍ଜୁନଙ୍କୁ । କେବଳ ସେତିକି ନୁହଁ, ସେଠାରେ ରହିଛି ସମସ୍ତ ସୁଖ ଓ କଲ୍ୟାଣ । ମୋର ଏ କଥା ଯଦି ଅସତ୍ୟ ହୁଏ, ମୁଁ ବ୍ୟାସଦେବଙ୍କ ଶିଷ୍ୟ ହେବାପାଇଁ ଅଯୋଗ୍ୟ ବୋଲି ଧରାଯିବ ।

ସଞ୍ଜୟ ଦୁଇହାତ ଉଠେଇ ଧୃତରାଷ୍ଟ୍ରଙ୍କୁ କେବଳ ଏହି ଗୋଟିକ ଶ୍ଳୋକରେ ସମଗ୍ର ମହାଭାରତର କଥାକୁ ବ୍ୟକ୍ତ କଲେ । ଅଗ୍ନି ଯେତେ ବ୍ୟାପକ ହେଉ ନା

କାହିଁକି ସୂର୍ଯ୍ୟଙ୍କ ଅନୁପସ୍ଥିତିକୁ ପୂରଣ କରିବାଲାଗି ଏହା ପ୍ରଦୀପର ଅଗ୍ରଭାଗକୁହିଁ ଆଶ୍ରୟ କରିଥାଏ । ସେହିଭଳି ଏହି ଶବ୍ଦବ୍ରହ୍ମ ବା ଲକ୍ଷେ ପଚିଶହଜାର ଶ୍ଳୋକାତ୍ମକ ମହାଭାରତ ହେଉଛି ଅନନ୍ତଦେବ (ଅର୍ଥାତ୍ ଯାହାର ଅନ୍ତ ନାହିଁ) । ଏଥିରେ ଗୀତା ସ୍ଥାନ ପାଇଛି । ଗୀତାର ସାତ ଶହ ଶ୍ଳୋକର ଅଭିପ୍ରାୟ ଏହି ଅନ୍ତିମ ଶ୍ଳୋକରେ ପ୍ରତିଷ୍ଠିତ । ବ୍ୟାସଦେବଙ୍କ ଶିଷ୍ୟ ସଞ୍ଜୟଙ୍କର ସମ୍ପୂର୍ଣ୍ଣ ବର୍ଣ୍ଣନା ଏହି ଶ୍ଳୋକରେ । ଏହି ଗୋଟିଏ ଶ୍ଳୋକର ତାତ୍ପର୍ଯ୍ୟ ସମ୍ପନ୍ନ ହେଲେ ଅବିଦ୍ୟା ଦୂର ହୋଇଥାଏ । ସପ୍ତଶତ ଶ୍ଳୋକ ମଧ୍ୟରେ ଶ୍ଳୋକରାଜ ଭାବରେ ପରିଗଣିତ ହୋଇଥାଏ ଏହି ଶ୍ଳୋକଟି । ଏହା ହେଉଛି ଗୀତାକାଶରୁ ପରମାମୃତର ବର୍ଷଣ । ପରମାତ୍ମାଙ୍କ ସତ୍ତାରୂପକ ଗୀତାମଣ୍ଡପର ସ୍ତମ୍ଭ ହେଉଛି ଏହି ଶ୍ଳୋକ । ମନେହୁଏ ମୋହ ହେଉଛି ମହିଷାସୁର ଏବଂ ଗୀତାଦେବୀ ହେଉଛନ୍ତି ମହିଷାସୁରମର୍ଦ୍ଦିନୀ । ସପ୍ତଶତ ଶ୍ଳୋକ ହେଉଛି ପୂଜାର ମନ୍ତ୍ର । ଏହି ଶ୍ଳୋକ ହେଉଚି ମୋହାସୁର ବଧ ପରେ ଦେବୀଙ୍କର ଆନନ୍ଦ ପ୍ରକାଶ ଧ୍ୱନି । ତେଣୁ କାୟ, ମନ ଓ ବାକ୍ୟରେ ଯିଏ ଏହାର ଭକ୍ତ, ସେ ଆତ୍ମାନନ୍ଦ ସାମ୍ରାଜ୍ୟର ଚକ୍ରବର୍ତ୍ତୀ । ଅର୍ଥାତ୍ ଅବିଦ୍ୟା ରୂପୀ ଅନ୍ଧକାର ଦୂର କରିବାଲାଗି ଏହି ଗୀତା ହେଉଛି ପ୍ରତିଜ୍ଞାରୂପୀ ସୂର୍ଯ୍ୟ ।

ସେହି ସୂର୍ଯ୍ୟଠୁ ବଳି ତେଜସ୍ୱୀ ଏହି ଶ୍ଳୋକକୁ ପ୍ରଭୁ ଶ୍ରୀକୃଷ୍ଣ ଗୀତା ରୂପରେ ପ୍ରକାଶ କରିଛନ୍ତି । ସଂସାର-ପଥରେ ପଥିକର ବିଶ୍ରାମ ଲାଗି ଏହି ଗୀତା ହେଉଛି ଶ୍ଳୋକାକ୍ଷର ରୂପକ ଦ୍ରାକ୍ଷାଲତା । ଶ୍ରୀକୃଷ୍ଣରୂପକ ସରୋବରରେ ଗୀତା ହେଉଛି କମଳର ବିକାଶ । ମଧୁକର ହେଉଛନ୍ତି ଭାଗ୍ୟବାନ୍ ସାଧୁସନ୍ଥଗଣ । ସାତଶହ ଶ୍ଳୋକ ହେଉଛନ୍ତି ଗୀତାର ମହିମାକୀର୍ତ୍ତନ ଲାଗି ଭାଟ ସ୍ୱରୂପ । ସମସ୍ତ ଶାସ୍ତ୍ର ଗୀତା-ନଗରର ଶ୍ଳୋକମୟ ରମଣୀୟ ଗୃହରେ ବାସ କରିବାଲାଗି ସମାଗତ ହୋଇଛନ୍ତି । ଗୀତା ପ୍ରାଣପତି ପରମାତ୍ମାଙ୍କୁ ଆଲିଙ୍ଗନ କରିବା ଲାଗି ଏହି ଗୋଟିକ ଶ୍ଳୋକରେ ହାତ ବଢ଼େଇଥିବା ଭଳି ମନେହୁଏ । ଏହି ଶ୍ଳୋକ ଗୀତା-କମଳର ଭ୍ରମର, ଗୀତା-ସମୁଦ୍ରର ତରଙ୍ଗ ତଥା ଗୀତା-ରଥର ଅଶ୍ୱ । ଅର୍ଜୁନରୂପକ ଅର୍ଥୋଦୟ ଦ୍ୱାରା ଶ୍ଳୋକାତ୍ମକ ତୀର୍ଥସମୂହ ଗୀତା ଗଙ୍ଗାରେ ମିଳିତ ହୋଇଛନ୍ତି । ଏହା ଚିନ୍ତାହୀନର ଚିନ୍ତାମଣି ଏବଂ ନିର୍ବିକଳ୍ପର କଳ୍ପବୃକ୍ଷ । ସାତଶହ

ଶ୍ଳୋକ ମଧ୍ୟରୁ କିଏ କାହାକୁ ଊଣା ନୁହନ୍ତି, ପ୍ରତ୍ୟେକେ ମହିମାମୟ । କାମଧେନୁକୁ ଦୁଗ୍ଧବତୀ ବ୍ୟତୀତ ଅନ୍ୟକିଛି କୁହାଯାଇ ନ ପାରେ । ତେଣୁ ଶ୍ଳୋକ ମଧ୍ୟରୁ କେଉଁଟିକୁ ଛାଡ଼ି କେଉଁଟିର ମହିମା କୀର୍ତ୍ତନ କରାଯିବ ଭାବି ହୁଏନା । ଦୀପର ଆଗପଛ କିଛି ନଥାଏ । ସୂର୍ଯ୍ୟର ଛୋଟବଡ଼ ବିଚାର ନାହିଁ । ଅମୃତର ସମୁଦ୍ର ଗଭୀର କି ଅଗଭୀର ତାର ବିଚାର ନିରର୍ଥକ । ସେହିଭଳି ଗୀତା ଶ୍ଳୋକ ମଧ୍ୟରୁ 'ଏହି ଗୋଟିକରୁ' ଆରମ୍ଭ କିମ୍ବା 'ଏହି ଗୋଟିକରେ' ଶେଷ କରିବାର କୌଣସି ଆବଶ୍ୟକତା ନାହିଁ । ପାରିଜାତ ପୁଷ୍ପରେ ନୂତନ ପୁରାତନ କିଛି ନଥାଏ । ସେହିଭଳି ଅମୁକ ଶ୍ଳୋକଟି ଅତୁଳନୀୟ କହିବାର ଆବଶ୍ୟକତା ବା କ'ଣ ରହିଛି ? ଏଠାରେ ବାଚ୍ୟ ଓ ବାଚକର ଭେଦ ନାହିଁ । ସମସ୍ତେ ଜାଣନ୍ତି ଏହି ଶାସ୍ତ୍ରରେ ଶ୍ରୀକୃଷ୍ଣ ହିଁ ବାଚ୍ୟ ଓ ସେ ନିଜେ ବାଚକ । ବାଚ୍ୟ ଓ ବାଚକର ସିଦ୍ଧି ଏହି ଶାସ୍ତ୍ରରେ ପ୍ରତିପାଦିତ ହୋଇଛି । ତେଣୁ ମୋର ସମର୍ଥନ ଲାଗି ଆଉ କିଛି ବାକ୍ୟ ନାହିଁ ।

ଗୀତା ଶ୍ରୀକୃଷ୍ଣଙ୍କର ବାଙ୍ମୟୀ ମୂର୍ତ୍ତି । ଯେ କୌଣସି ଶାସ୍ତ୍ର ପ୍ରଥମେ ଯେତେବେଳେ ବାଚକକୁ ନିଜର ଉଦ୍ଦିଷ୍ଟ ଅର୍ଥ ବୁଝେଇ ଦେଇଥାଏ, ସେତେବେଳେ ଆଉ ଶାସ୍ତ୍ରତ୍ୱ କିଛି ନଥାଏ । ବାଚକ ଓ ଶାସ୍ତ୍ର ଏକାକାର ହୋଇଯାଇଥାଆନ୍ତି । କିନ୍ତୁ ଗୀତା ସେ ପ୍ରକାରର ଶାସ୍ତ୍ର ନୁହଁ । ଏହା ସାକ୍ଷାତ୍ ପରବ୍ରହ୍ମ ସ୍ୱରୂପ, ଏହା ଅବ୍ୟୟ, ଅବିନାଶୀ । ସମଗ୍ର ବିଶ୍ୱପ୍ରତି କରୁଣା ଦୃଷ୍ଟି ରଖି ଗୀତାକୁ ଅର୍ଜୁନଙ୍କ ଲାଗି ରଚନା କରି ଶ୍ରୀକୃଷ୍ଣ ଏହି ମହାନନ୍ଦକୁ ସମଗ୍ର ଜଗତ ଲାଗି ସୁଲଭ କରିଛନ୍ତି । ଚନ୍ଦ୍ର କେବଳ ଚକୋରର ନୁହଁ, ଏହା ସନ୍ତପ୍ତ ସମଗ୍ର ଜଗତକୁ ଶାନ୍ତି ପ୍ରଦାନ କରିଥାଏ । ଶଙ୍କର ଗଙ୍ଗାକୁ ଗୌତମ ଋଷି ଲାଗି ସୃଷ୍ଟି କରିଥିଲେ ମଧ୍ୟ ଏହାକୁ କଳି-ତାପ-ଦଗ୍ଧ ଜୀବ ଲାଗି ପ୍ରବାହିତ କରିଛନ୍ତି ।

ସେହିଭଳି ଶ୍ରୀକୃଷ୍ଣରୂପୀ ଗାଈ ଅର୍ଜୁନରୂପୀ ବାଛୁରୀକୁ ଗୀତାରୂପକ କ୍ଷୀରଦେବା ଛଳରେ ସମଗ୍ର ବିଶ୍ୱବାସୀକୁ ଏହା ଦାନ କରିଛନ୍ତି । ଜୀବ ଭାବରେ ଗୀତାମୃତରେ ଅବଗାହନ ଦ୍ୱାରା ମନୁଷ୍ୟ ଅମୃତ ପାଲଟିଥାଏ । ଏହାକୁ ପାଠ କରିବା ଉଦ୍ଦେଶ୍ୟରେ ରସନାର ସ୍ପର୍ଶମାତ୍ରେ ବ୍ରହ୍ମଭାବ ସୃଷ୍ଟି ହୋଇଥାଏ ।

ସ୍ପର୍ଶମଣିର କୌଣସି ଗୋଟିଏ ହେଲେ ଅଂଶର ସ୍ପର୍ଶମାତ୍ରେ ଲୁହା ସୁନା ପାଲଟିଯାଏ, ସେହିଭଳି ରସନାରେ ଗୀତାର ସଂଯୋଗ ମାତ୍ରେ ସମଗ୍ର ଶରୀର ବ୍ରହ୍ମ-ଭାବରେ ପୂର୍ଣ୍ଣ ହୋଇଉଠେ । ଏହା କର୍ଣ୍ଣରେ ପ୍ରବେଶ କରିବାମାତ୍ରେ ମନର ସମସ୍ତ କୁଟିଳତା ଧୋଇ ହୋଇଯାଏ । ଗୀତାକୁ ଭର୍ତ୍ସନା କରି ଏହାକୁ ଶୁଣିବି ନାହିଁ ଭାବି ଗୀତା ଆଲୋଚନା-ସଭାକୁ ପଛ କରି ବସିଲେ ମଧ୍ୟ ଭୁଲରେ ଶ୍ଳୋକର କଣିକାଏ ଆସି କାନରେ ପଡ଼ିଗଲେ ମଣିଷ ପୁଣ୍ୟବାନ ହୋଇଉଠେ । ସମ୍ପତ୍ତିବାନ୍ ଦାତା ଏହାକୁ ଦେବି, ତାକୁ ଦେବିନି ଏପରି ବିଚାର କରି ନଥାଏ । ସେହିଭଳି ଯିଏ ଶୁଣେ, ଯିଏ ପଢ଼େ ବା ଯିଏ ବ୍ୟାଖ୍ୟା କରେ, ଗୀତା ସମସ୍ତଙ୍କୁ ଫଳଦାନ କରିଥାଏ । ଗୀତାର ସେବା କରିବା ହେଉଛି ସମସ୍ତଙ୍କର କର୍ତ୍ତବ୍ୟ । ଅନ୍ୟ ଶାସ୍ତ୍ରର ବା ଆବଶ୍ୟକତା କ'ଣ ? ବ୍ୟାସଦେବ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦକୁ ଜନସାଧାରଣଙ୍କ ଗ୍ରହଣଯୋଗ୍ୟ କରିଛନ୍ତି । ସ୍ନେହପୂର୍ବକ ମାଆ ପିଲାକୁ ନିଜ ହାତରେ ଗୁଣ୍ଡାଗୁଣ୍ଡା କରି ଖୁଆଇଲେ ପିଲାକୁ ଭଲ ଲାଗିଥାଏ । ଚତୁର ମଣିଷ ପଙ୍ଖା ନିର୍ମାଣକରି ଯେତିକି ବାୟୁ ଦରକାର, ସେତିକି ଗ୍ରହଣ କରିଥାଏ । ସେହିଭଳି ଯେଉଁ ବେଦ ଶବ୍ଦର ଅଗମ୍ୟ ଶ୍ରୀ ବ୍ୟାସଦେବ ଗୀତାରୂପରେ ଅନୁଷ୍ଟୁପ ଛନ୍ଦରେ ତାହା ରଚନା କରି ସ୍ତ୍ରୀ ସମାଜ ଓ ଶୂଦ୍ରାଦିଙ୍କ ବୁଦ୍ଧିଗୋଚର କରିଛନ୍ତି ।

ସ୍ୱାତୀ ନକ୍ଷତ୍ରରେ ମୁକ୍ତା ସୃଷ୍ଟି ନ ହେଲେ ମୁକ୍ତା କେବେହେଲେ ସ୍ତ୍ରୀଲୋକଙ୍କ ଅଳଙ୍କାର ଶୋଭାବୃଦ୍ଧି କରିପାରେ କି ? ବାଦ୍ୟରେ ଯଦି ନାଦ ନ ଥାଆନ୍ତା, ତାହାହେଲେ କାନକୁ ଶୁଣାଯାଆନ୍ତା କି ? ଯଦି ଗଛରେ ଫୁଲ ନ ଫୁଟେ, ଏହାର ସୁଗନ୍ଧ ଆସିବ କେଉଁଠୁ ? ଯଦି ଦର୍ପଣ ନଥାନ୍ତା, ତାହାହେଲେ ଆଖି କ'ଣ ନିଜକୁ ନିଜେ ଦେଖିପାରନ୍ତା ? ସେହିଭଳି ନିରାକାର ସାକାର ନହେଲେ, ଶ୍ରୀଗୁରୁରୂପ ଧାରଣ ନକଲେ,ଭକ୍ତର ସେବା ଗ୍ରହଣ କରିବେ କିପରି ? ଯେଉଁ ବେଦ ଅନନ୍ତ, ତାର ସାତଶହ ଶ୍ଳୋକ ଭିତରେ ଗୀତା ନିଜକୁ ପ୍ରକଟିତ ନ କରିଥିଲେ ସଂସାର ତାର ତାତ୍ପର୍ଯ୍ୟ ବୁଝିବା ସମ୍ଭବ ହୋଇଥାଆନ୍ତା କି ? ମେଘ ସମୁଦ୍ରରୁ ଜଳ ସଂଗ୍ରହ କରିଥାଏ, କିନ୍ତୁ ଲୋକେ ଚାହିଁଥାଆନ୍ତି ମେଘକୁ । ସେ କେଉଁଠୁ କ'ଣ ଆଣୁଚି ସେଥିପ୍ରତି ସେମାନଙ୍କର ଲକ୍ଷ୍ୟ ନଥାଏ । ସାଗର ତ ସେମାନଙ୍କୁ ସର୍ବଦା ଏକାଭଳି ଦେଖାଯାଏ ।

ସେହିଭଳି ବେଦ ପ୍ରତି ଲୋକଙ୍କର ଧ୍ୟାନ ନଥାଏ– ଏହା ତ ଅପରିମିତ ସମୁଦ୍ର ! ସେମାନେ ବେଦକୁ ଦେଖନ୍ତି ଗୀତା ମଧ୍ୟରେ । ଯାହାକୁ କଥାରେ କହି ହେବନାହିଁ, ତାକୁ ଯଦି ମନୋରମ ଶ୍ଳୋକ ଦ୍ୱାରା ଗୁନ୍ଥା ଯାଇନଥାନ୍ତା ତ ଏହି ଅଗୋଚର ବସ୍ତୁ ସୁଶ୍ରାବ୍ୟ ହୋଇଯାଇ ନ ଥାଆନ୍ତା । ଶ୍ରୀକୃଷ୍ଣଙ୍କ ବଚନାମୃତକୁ ବ୍ୟାସଦେବ ଗ୍ରନ୍ଥ ଆକାରରେ ପ୍ରଦାନ କରି ଆମମାନଙ୍କୁ କୃପାଦାନ କରିଛନ୍ତି । ଶ୍ରୀ ବ୍ୟାସଦେବଙ୍କ ପଦାବଳୀକୁ ଅବଲମ୍ବନ କରି ମୁଁ ଏହାକୁ ମରାଠୀ ଭାଷାରେ ଆପଣମାନଙ୍କ ଶ୍ରବଣଯୋଗ୍ୟ ହେବାଭଳି ଉଦ୍ୟମ କରିଛି । ଯେଉଁ ବିଷୟରେ ସ୍ୱୟଂ ବ୍ୟାସଦେବ ପ୍ରମୁଖ ମହର୍ଷିମାନଙ୍କ ଜ୍ଞାନ ମଧ୍ୟ ବାଟଘାଟ ପାଇବା ଲାଗି ଦରାଣ୍ଡି ହୋଇଛି, ସେ ଗଭୀର ବିଷୟରେ ଭାବାର୍ଥ ପ୍ରକାଶଲାଗି ମୋଭଳି ଦୀନ ଅକିଞ୍ଚନର ଉଦ୍ୟମକୁ ଧୃଷ୍ଟତା ବୋଲି କୁହାଯାଇପାରେ । ଏତିକି ମାତ୍ର ଭରସା ଯେ ଗୀତାମୟ ଈଶ୍ୱର ଅତି ଭୋଳା । ସେ ବ୍ୟାସଦେବଙ୍କ ହାତରୁ କୁସୁମମାଳିକା ଗ୍ରହଣ କରିଥିଲେ ମଧ୍ୟ ମୋ ଦୁବଘାସର ମାଳାଟିକୁ ଗ୍ରହଣ କରିବାରେ କୁଣ୍ଠିତ ହେବେ ନାହିଁ । କ୍ଷୀର ସମୁଦ୍ର କୂଳରେ ଠିଆ ହୋଇ ଗଜରାଜ ଜଳପାନ କଲେ ମଧ୍ୟ ଏହି ଜଳପାନ ଲାଗି କ୍ଷୁଦ୍ର ମୀନକୁ ମନା ନାହିଁ । ଯେଉଁ ଆକାଶରେ ଗରୁଡ଼ ବିଚରଣ କରିଥାଏ, ସେ ଆକାଶରେ ନୂଆକରି ପକ୍ଷ ଲାଗିଥିବା ଛୋଟପକ୍ଷୀ ଉଡ଼ି ନପାରିଲେ ମଧ୍ୟ ଆକାଶ ହିଁ ତାର ଆଶ୍ରୟ । ମାଟି ଉପରେ ରାଜହଂସ ଢଳି ଢଳି ବେଶ୍ ସୁନ୍ଦର ଗତିରେ ଚାଲିଥାଏ, ତା ବୋଲି କ'ଣ ଅନ୍ୟ କେହି ଏହି ମାଟି ଉପରେ ଚାଲିବାକୁ ମନା ? କଳସୀରେ ଅଧିକ ଜଳ ଧରିଲେ ମଧ୍ୟ ଅଞ୍ଜଳିରେ ତା ଅନୁପାତରେ ଅଳ୍ପ ଜଳ ଧରିଥାଏ । ମଶାଲ ଅଧିକ ଆଲୁଅ ଦେଲେ ମଧ୍ୟ କ୍ଷୁଦ୍ର ଦୀପ ତାର ଶକ୍ତି ଅନୁଯାୟୀ ସେହି ଆଲୋକ ହିଁ ପ୍ରଦାନ କରିଥାଏ । ଆକାଶ, ସମୁଦ୍ରରେ ସମୁଦ୍ରଭଳି ବିସ୍ତୃତ ଭାବରେ ପ୍ରତିବିମ୍ବିତ ହୋଇଥାଏ, ସେହିଭଳି ଛୋଟ ଗାଡ଼ିଆରେ ମଧ୍ୟ ଗାଡ଼ିଆର ଆକାର ନେଇ ସେହି ଆକାଶ ପ୍ରତିବିମ୍ବିତ ହୋଇଥାଏ ।

ଅତଏବ ବ୍ୟାସଭଳି ମହାଜ୍ଞାନୀ ଏହି ଗ୍ରନ୍ଥ ବିଚାର କରିଛନ୍ତି ବୋଲି ମୁଁ ଯେ ଏହାର ବିଚାରରୁ ବିରତ ହେବି, ତାହା ଆଦୌ ଯୁକ୍ତି ଯୁକ୍ତ ନୁହଁ । ସମୁଦ୍ରରେ

ମନ୍ଦରପର୍ବତ ଭଳି ବଡ଼ ବଡ଼ ଜଳଜୀବ ବାସ କରିଥାଆନ୍ତି, ତା ସଙ୍ଗେ ସଙ୍ଗେ ଛୋଟ ଛୋଟ ଜୀବ ମଧ୍ୟ ରହିଥାଆନ୍ତି । ଅରୁଣିମା ସୂର୍ଯ୍ୟ ପାଖରେ ସବୁବେଳେ ରହିଥାଏ, ସେ ସୂର୍ଯ୍ୟକୁ ଦେଖେ ବୋଲି କ'ଣ ପୃଥିବୀର ଛୋଟ ଛୋଟ ପିମ୍ପୁଡ଼ି ତାକୁ ଦେଖିପାରନ୍ତି ନାହିଁ ?

ତେଣୁ ଏସବୁ ବିଚାର ନିରର୍ଥକ । ଆପଣମାନେ ସମସ୍ତେ ଜାଣନ୍ତୁ ଯେ ମୁଁ ସାଧାରଣ ଲୋକଙ୍କ ଲାଗି କଥିତ ଭାଷାରେ ଗୀତାର୍ଥ ପ୍ରକାଶ କରିଛି । ପିତାଙ୍କ ପଦାନୁସରଣ କଲେ ବାଟ ଚାଲିବାରେ ପୁତ୍ରର କୌଣସି ଅସୁବିଧା ହୁଏ ନାହିଁ । ସେହିଭଳି ବ୍ୟାସଦେବଙ୍କ ପଥ ଅନୁସରଣ କରି ଶ୍ରୀଶଙ୍କରାଚାର୍ଯ୍ୟ ଯେଉଁ ବାଟରେ ଯାଇଛନ୍ତି, ସେ ବାଟ ପାଇବାପାଇଁ ପଚାରି ପଚାରି ଯାଉ ଯାଉ ମୋର ଦୃଢ଼ବିଶ୍ୱାସ ଯେ ନିର୍ଦ୍ଦିଷ୍ଟ ସ୍ଥଳରେ ପହଞ୍ଚିବାପାଇଁ ମୁଁ ସମର୍ଥ ହୋଇପାରିଛି ।

ଯାହାର କ୍ଷମାଗୁଣରେ ସ୍ଥାବର ଜଙ୍ଗମାଦି ପଦାର୍ଥ ସମୂହକୁ ଧାରଣ କରି ପୃଥିବୀ ଅବିଚଳିତ, ଯାହାର ଅଙ୍ଗଜ୍ୟୋତିରେ ସୂର୍ଯ୍ୟ ଅନ୍ଧକାର ଦୂର କରେ, ଯାହାର ଅପାର ଶକ୍ତିରେ ସମୁଦ୍ରରେ ଜଳ, ଜଳରେ ମଧୁର ଆସ୍ୱାଦ, ମହୁର ମଧୁରତା, ପବନର ବଳ, ଆକାଶର ବିସ୍ତାର, ଜ୍ଞାନର ପ୍ରକାଶ ଓ ଶ୍ରେଷ୍ଠତ୍ୱ, ବେଦର ବାକଚାତୁରୀ, ସୁଖର ଉଲ୍ଲାସ, ଜଗତର ସୃଷ୍ଟି— ସେହି ପରମୋପକାରୀ ବାନ୍ଧବ ସଦ୍‌ଗୁରୁ ସମର୍ଥ ପ୍ରଭୁ ଶ୍ରୀନିବୃତ୍ତିନାଥ ମୋ ହୃଦୟରେ ପ୍ରବେଶ କରି ସମସ୍ତ କର୍ମ ସମ୍ପାଦନ କରିଛନ୍ତି । ତେଣୁ ମୁଁ ମରାଠୀ ଭାଷାରେ ଗୀତାକୁ କହିବା ପାଇଁ ସମର୍ଥ ହୋଇଛି ।

ଶ୍ରୀଗୁରୁଙ୍କ ନାମ ସ୍ମରଣକରି ବାଳକ ଏକଲବ୍ୟ ପର୍ବତ ଉପରେ ମାଟିର ମୂର୍ତ୍ତି ସ୍ଥାପନ କରି ଯେପରି ଧନୁର୍ବିଦ୍ୟାରେ ପଟୁ ହୋଇ ପାରିଥିଲା, ସେ କୀର୍ତ୍ତି ତ୍ରିଲୋକରେ ସୁବିଦିତ । ଚନ୍ଦନ ସ୍ପର୍ଶରେ ସାଧାରଣ ବୃକ୍ଷ ଚନ୍ଦନର ଯୋଗ୍ୟତା ଲାଭ କରିଥାଏ । ମହର୍ଷି ବଶିଷ୍ଠ କାନ୍ଧରେ ଯେଉଁ ଉତ୍ତରୀୟ ଧାରଣ କରୁଥିଲେ, ତାର ତେଜ ଥିଲା ସୂର୍ଯ୍ୟଠାରୁ ଅଧିକ । ମୁଁ ତ ସଚେତନ ମନୁଷ୍ୟ ମାତ୍ର । ଶ୍ରୀଗୁରୁଙ୍କ ଦୃଷ୍ଟିମାତ୍ରକେ ମୁଁ କୃତାର୍ଥ । ଦୃଷ୍ଟିଶକ୍ତି ଯଦି ନିର୍ଦ୍ଦୋଷ ଥାଏ, ସେଥିରେ

ପୁଣି ଯଦି ସୂର୍ଯ୍ୟାଲୋକ ମିଳେ, ତାହାହେଲେ କୌଣସି ବସ୍ତୁ ଅଦୃଶ୍ୟ ରହେ କି ? ଶ୍ରୀଗୁରୁଙ୍କ କୃପାରେ କେବଳ ମୋର ଶ୍ୱାସୋଚ୍ଛ୍ୱାସରୁ ନୂତନ ନୂତନ ଗ୍ରନ୍ଥ ହୋଇପାରେ ।

ଜ୍ଞାନଦେବ କହୁଛନ୍ତି, ଶ୍ରୀଗୁରୁଙ୍କ କୃପାରେ ସବୁକିଛି ସମ୍ଭବ । ସେଥିଲାଗି ମରାଠୀ ଭାଷାରେ ମୁଁ ଏପରି ଗୀତାରେ ଗୀତାର ଅର୍ଥ କରିଛି, ଯାହାକି ସମସ୍ତେ ସହଜରେ ବୁଝିପାରିବେ । ଉପଯୁକ୍ତ ଗାୟକ ଯଦି ଏହାକୁ ଠିକ୍ ରୀତିରେ ଗାଏ, ତାହାହେଲେ ତ ଗାୟନର ମହିମାରେ କିଛି ଅପୂର୍ଣ୍ଣ ରହିବ ନାହିଁ । ଗାୟକ ନ ହେଲେ ମଧ୍ୟ, ଯଦି ଏହାକୁ ଗଡ଼ ଗଡ଼ ପଢ଼ିଯିବ, ତାହାହେଲେ ଗୀତାର ମଧୁରତାରେ ଯେକୌଣସି ବ୍ୟକ୍ତି ମଗ୍ନ ହୋଇପଡ଼ିବ ।

ଯାହାର ଅଙ୍ଗକାନ୍ତି ସ୍ୱଭାବତଃ ସୁନ୍ଦର, ଅଳଙ୍କାର ନ ପିନ୍ଧିଲେ ମଧ୍ୟ ଯାହାର ଅଙ୍ଗ ଶୋଭା ପାଇଥାଏ, ଅଳଙ୍କାର ପିନ୍ଧିଲେ ସେ ଅଧିକ ଶୋଭନୀୟ ଦେଖାଯାଏ । ସ୍ୱର୍ଣ୍ଣାଳଙ୍କାର ମଧ୍ୟରେ ମଣିମୁକ୍ତା ଖଞ୍ଜିଲେ ଅଧିକ ସୁନ୍ଦର ଦେଖାଯାଏ । ସେସବୁ ନ ଖଞ୍ଜିଲେ ମଧ୍ୟ ସ୍ୱର୍ଣ୍ଣାଳଙ୍କାର ସ୍ୱଭାବତଃ ସୁନ୍ଦର ଦେଖାଯାଏ । ବସନ୍ତ ଆଗମନରେ ଗୁଚ୍ଛାକାରରେ ଫୁଲ ନ ଫୁଟିଲେ ମଧ୍ୟ ଫୁଲର ସୁବାସ ଆଦୌ ନ୍ୟୂନ ହୋଇପଡ଼େନା । ସେହିଭଳି 'ଓବି' ଛନ୍ଦରେ ରଚିତ ଏହି ଗୀତାର୍ଥକୁ ସଙ୍ଗୀତ ଆକାରରେ ଗାଅ, ନଚେତ ଖାଲି ଖାଲି ପାଠ କର, ଆନନ୍ଦଲାଭ ସୁନିଶ୍ଚିତ । ଏହା ସମସ୍ତଙ୍କ ପାଇଁ ଯେପରି ଉପଯୋଗୀ ହୋଇପାରିବ, ସେଥିଲାଗି ବ୍ରହ୍ମରସରେ ରସାଳ ଶବ୍ଦରେ ଏବଂ 'ଓବି' ଛନ୍ଦରେ ଏହି ଗୀତାର୍ଥକୁ ଗୁନ୍ଥା ଯାଇଛି । ଚନ୍ଦନର କୁସୁମ ଅପେକ୍ଷା ଏହାର ବୃକ୍ଷରେ ଅଧିକ ସୁଗନ୍ଧ । ସେହିଭଳି ଏହି ଗୀତାର୍ଥକୁ ବ୍ୟାଖ୍ୟା କଲେ କ'ଣ ମିଳିବ ତାହା ଦୂରର କଥା, ଏହାକୁ ଶୁଣିବାମାତ୍ରେ ମିଳେ ସମାଧିସୁଖ । ଏହାକୁ ପାଠକରିବାରେ ଯେଉଁ ଆନନ୍ଦ, ତା ନିକଟରେ ଅମୃତ ସୁଦ୍ଧା ତୁଚ୍ଛ । ଏଥିରେ ଏପରି କବିତ୍ୱ ରହିଛି ଯେ, ସେଥିରୁ ମିଳିବ ଅଧିକ ଶାନ୍ତି । ଏହାର ଶ୍ରବଣଦ୍ୱାରା ମନନ ଓ ନିଦିଧ୍ୟାସନ ମଧ୍ୟ ପରାଜିତ ହେବା ସ୍ୱାଭାବିକ । ଏହାର ଶ୍ରବଣରେ

ପ୍ରତ୍ୟେକ ବ୍ୟକ୍ତି ସର୍ବୋଚ୍ଚ ଆତ୍ମାନନ୍ଦ ଲାଭ କରିପାରେ ଏବଂ ତାର ଇନ୍ଦ୍ରିୟ ପରିତୃପ୍ତ ହୋଇପାରେ । ଚନ୍ଦ୍ରାଲୋକକୁ ଉପଭୋଗ କରେ ଚକୋର । ତେବେ କେବଳ ଚକୋର ଯେ ଏହା ଭୋଗ କରେ ତାହା ନୁହଁ, ସମସ୍ତେ ଏହାକୁ ଉପଭୋଗ କରିଥାଆନ୍ତି । ସେହିଭଳି ଏହି ଅଧ୍ୟାତ୍ମଶାସ୍ତ୍ର ଅଧ୍ୟୟନ ଦ୍ୱାରା ପାଠକ ଆନ୍ତରିକ ସୁଖଲାଭ କରିବା ସଙ୍ଗେ ସଙ୍ଗେ ଏହାର ବାକ୍‌ଚାତୁର୍ଯ୍ୟ ଶୁଣୁଥିବା ଲୋକେ ମଧ୍ୟ ସୁଖରୁ ବଞ୍ଚିତ ହୋଇ ନ ଥାଆନ୍ତି ।

ଶ୍ରୀ ଶ୍ରୀ ନିବୃତ୍ତିନାଥଙ୍କ ମହିମା ଏହିଭଳି । ଏହି ଗ୍ରନ୍ଥ ତାଙ୍କରି କୃପାବୈଭବ । କ୍ଷୀରସମୁଦ୍ର ତୀରରେ ଶ୍ରୀ ଶଙ୍କର ପାର୍ବତୀଙ୍କ କାନରେ ଏକଦା ଉପଦେଶ ଦେବାବେଳେ ଏହି ସମୁଦ୍ରରେ ମଗରମାଛ ଗର୍ଭରେ ଥିବା ମତ୍ସ୍ୟେନ୍ଦ୍ରନାଥ ଶୁଣିଥିଲେ । ସପ୍ତଶୃଙ୍ଗ ପର୍ବତ ଉପରେ ଥିବା ପଙ୍ଗୁ ଚୌରଙ୍ଗୀନାଥଙ୍କ ସହିତ ସେହି ମତ୍ସ୍ୟେନ୍ଦ୍ରନାଥଙ୍କ ସାକ୍ଷାତ ହେବାପରେ ତାଙ୍କଠାରୁ ଉପଦେଶ ଲାଭ କରି ପୂର୍ଣ୍ଣାଙ୍ଗ ହୋଇଉଠିଥିଲେ ଚୌରଙ୍ଗୀନାଥ । ମତ୍ସ୍ୟେନ୍ଦ୍ରନାଥ ଯେଉଁ କେତେକ ଉପଦେଶ ଶୁଣିଥିଲେ, ସେଥିରେ ସେ ଏତେ ଶକ୍ତିଲାଭ କରିଥିଲେ ଯେ, ଚୌରଙ୍ଗୀନାଥଙ୍କୁ ଦେଖିବାମାତ୍ରେ ପଙ୍ଗୁ ଚୌରଙ୍ଗୀନାଥଙ୍କ ହାତଗୋଡ଼ ଯୋଡ଼ି ହୋଇଯାଇଥିଲା । ଏହାପରେ ମତ୍ସ୍ୟେନ୍ଦ୍ରନାଥ ଇଚ୍ଛା କରିଥିଲେ ଅଚଳ ସମାଧି ଲାଭ କରିବାଲାଗି । ତେଣୁ ସମାଧିସ୍ଥ ହେବା ପୂର୍ବରୁ ସେ ତାଙ୍କ ଶିଷ୍ୟ ଗୋରଖନାଥଙ୍କୁ ସମସ୍ତ ଉପଦେଶ ଦାନ କରିଥିଲେ ।

ଗୋରଖନାଥ ଥିଲେ ଯୋଗରୂପକ କମଳ-ସରୋବର । ସେ ଥିଲେ ବିଷୟବୁଦ୍ଧି ବିନାଶକ । ମତ୍ସ୍ୟେନ୍ଦ୍ରନାଥ ତାଙ୍କୁ ସମସ୍ତ ଅଧିକାର ଦେଇ ନିଜ ପୀଠରେ ଅଧିଷ୍ଠିତ କରିଥିଲେ । ଶ୍ରୀଶଙ୍କରଙ୍କଠାରୁ ପାରମ୍ପରିକ ରୀତିରେ ଚାଲିଆସିଥିବା ଅଦ୍ୱୈତାନନ୍ଦକୁ ଗୋରଖନାଥ ପରିବେଷଣ କରିଥିଲେ ତାଙ୍କ ଶିଷ୍ୟ ଗୈନୀନାଥଙ୍କୁ । ଶ୍ରୀ ଗୈନୀନାଥ ଦେଖିଲେ ଯେ କଳିକାଳ ସମଗ୍ର ଜୀବଜଗତକୁ ଗ୍ରାସ କରିବାକୁ ବସିଲାଣି, ସେତେବେଳେ ସେ ତାଙ୍କ ଶିଷ୍ୟ ନିବୃତ୍ତିନାଥଙ୍କୁ ଆଦେଶ କଲେ ଯେ ଶଙ୍କରଙ୍କଠାରୁ ଆରମ୍ଭ କରି ତାଙ୍କ ପର୍ଯ୍ୟନ୍ତ ଶିଷ୍ୟ ପରମ୍ପରା ଅନୁଯାୟୀ ଯେଉଁ ଅଦ୍ୱୈତାନନ୍ଦର ପ୍ରବାହ ଗଡ଼ିଆସିଛି, ତାକୁ

ରକ୍ଷା କରିବାକୁ ପଡ଼ିବ । ସେ ଶ୍ରୀନିବୃତ୍ତିନାଥଙ୍କୁ କହିଲେ, ତୁମେ ସେହି ପରମ୍ପରାକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଜୀବଜଗତକୁ କଳିକାଳର ଗ୍ରାସରୁ ରକ୍ଷାକରିବାପାଇଁ ଲାଗିଯାଅ । ଶ୍ରୀନିବୃତ୍ତିନାଥ ସ୍ୱଭାବତଃ ଅତ୍ୟନ୍ତ ଦୟାଳୁ ଥିଲେ । ଶ୍ରୀଗୁରୁଙ୍କ ଆଦେଶ ପାଇବାମାତ୍ରେ, ବର୍ଷାକାଳରେ ମେଘ ଉଠିବାଭଳି, ସେ ଜାଗ୍ରତ ହୋଇ ଉଠିଲେ । ଦୁଃଖୀ ପାପୀଙ୍କ ଉପରେ ସେ ଯେଉଁ କରୁଣାବାରି ବର୍ଷଣ କରିଥିଲେ, ସେହି କରୁଣା ହେଉଛି ଏହି ଗ୍ରନ୍ଥ । ଏହି ଶାନ୍ତରସର ବର୍ଷଣ ବେଳେ ମୁଁ ଚାତକ ଭଳି ସେ ରସକୁ ଗ୍ରହଣ କରୁଥିଲି ଏବଂ ସେହି ରସକୁ ଆପଣମାନଙ୍କୁ ପରିବେଷଣ କଲି ।

ଏହିଭଳି ଭାବରେ ଗୁରୁପରମ୍ପରାନୁକ୍ରମେ ଯେଉଁ ଆତ୍ମସମାଧି ରୂପକ ମହାର୍ଘ୍ୟ ଦ୍ରବ୍ୟ ଲାଭ ହୋଇଥିଲା, ସେ ଦ୍ରବ୍ୟକୁ ଶ୍ରୀଗୁରୁ ନିବୃତ୍ତିନାଥ ମତେ ଦେଇଥିଲେ । ତାହା ମୁଁ ଆପଣମାନଙ୍କୁ ବଢ଼େଇଦେଲି । ମୋ ପ୍ରତି ଗୁରୁକୃପା ଯଦି ନ ହୋଇଥା'ନ୍ତା, ତା'ହେଲେ ମୋ ଭଳି ଲୋକ ଯିଏ ପଢ଼ିଜାଣେନା କି ଲେଖିଜାଣେନା, ଯିଏକି ଗୁରୁଙ୍କର ସେବା ମଧ୍ୟ ଭଲଭାବରେ କରିପାରି ନାହିଁ, ସେ ଏଭଳି ଗ୍ରନ୍ଥ ରଚନା କରିବାକୁ ଯୋଗ୍ୟତା ଲାଭ କରିଥାଆନ୍ତା କିପରି ? ଆପଣମାନେ ମନେ ରଖିବା ଉଚିତ ଯେ, ଶ୍ରୀଗୁରୁଦେବ ମତେ ନିମିତ୍ତମାତ୍ର କରି ଏହି ଗ୍ରନ୍ଥ ରଚନା ଦ୍ୱାରା ଜଗତକୁ ରକ୍ଷା କରିପାରିଛନ୍ତି । ପୁରାଣପଣ୍ଡାଭଳି ମୁଁ ଆପଣମାନଙ୍କ ଆଗରେ ଅଳ୍ପ ବହୁତେ ଯାହା ବର୍ଣ୍ଣନା କଲି, ସେ ଧୃଷ୍ଟତା ଲାଗି ପିତୃତୁଲ୍ୟ ସାଧୁଗଣଙ୍କଠାରୁ କ୍ଷମା ପ୍ରାର୍ଥନା କରୁଛି ।

କିପରି ବାକ୍ୟଗଠନ କରିବାକୁ ହୁଏ, ସିଦ୍ଧାନ୍ତକୁ କିପରି ଉପସ୍ଥାପନ କରାଯାଏ, ଶବ୍ଦରେ କିପରି ଅଳଙ୍କାର ଖଞ୍ଜାଯାଏ, ମୁଁ ସେ ସବୁ କିଛି ଜାଣେନା । ଗୁରୁ ହେଉଛନ୍ତି ସୂତ୍ରଧର । ମୁଁ କାଠ କଣ୍ଢେଇ । ସେ ମତେ ନଚେଇଛନ୍ତି । ମୂଳରୁ ଶେଷଯାଏଁ ସେ ମୋ ତୁଣ୍ଡ ଦେଇ ଏହି ଗ୍ରନ୍ଥ କୁହାଇଛନ୍ତି । ତେଣୁ ଗ୍ରନ୍ଥର ଦୋଷତ୍ରୁଟି ଲାଗି ଆଉ ଅଧିକ କ୍ଷମା ମାଗିବାକୁ ଚାହେଁନା । ସାଧୁମାନଙ୍କ ସଭାରେ ସମସ୍ତେ ସମାନ ଭାବରେ ଆଦର ଲାଭ କରିଥାଆନ୍ତି । ଏହି ଗ୍ରନ୍ଥରେ ଯଦି କୌଣସି ଅଭାବ ରହିଯାଇଥାଏ, ଆପଣମାନଙ୍କର ଗୁଣରେ ତାହା ପୂର୍ଣ୍ଣ

ହେବ । ତାହା ଯଦି ନ ହୁଏ ତାହାହେଲେ ଆପଣମାନଙ୍କ ପ୍ରତି ମୋର ସପ୍ରେମ କ୍ରୋଧ ପ୍ରକାଶ ପାଇବ । ସ୍ପର୍ଶମଣିର ସଂଯୋଗରେ ଲୌହ ଯଦି ସୁବର୍ଣ୍ଣରେ ପରିଣତ ନ ହୁଏ, ତାହାହେଲେ ଦୋଷ କାହାର ? ଗଙ୍ଗାରେ ପଡ଼ି ଗଙ୍ଗାତ୍ୱ ଲାଭ ନ କଲେ ନାଳନର୍ଦ୍ଦମାକୁ ଦୋଷ ଦିଆଯାଇ ନ ପାରେ । ବହୁ ଭାଗ୍ୟବଳରେ ଯେତେବେଳେ ଆପଣମାନଙ୍କ ଭଳି ସାଧୁମାନଙ୍କ ପାଦପାଖରେ ଆସି ବସିପାରିଛି, ସେତେବେଳେ ଦୁର୍ଲ୍ଲଭ କ'ଣ ? ପ୍ରଭୁଙ୍କ କୃପାରୁହିଁ ଆପଣମାନଙ୍କ ସହିତ ଏହି ମିଳନ । ବାସ୍ତବରେ ମୁଁ କୃତାର୍ଥ । ସମସ୍ତ ସାଧନାର ଶୁଦ୍ଧ ସିଦ୍ଧସ୍ଥାନ ହେଉଚି ଆପଣମାନଙ୍କ ହୃଦୟ । ଆପଣମାନଙ୍କ କୃପାରୁ ହିଁ ମୋର ଗ୍ରନ୍ଥ ରଚନାର ପ୍ରବଳ ଆକାଂକ୍ଷା ପୂର୍ଣ୍ଣ ହୋଇପାରିଛି । ଧରଣୀକୁ ସ୍ୱର୍ଣ୍ଣମଣ୍ଡିତ କରିବା, ଚିନ୍ତାମଣିର ପର୍ବତ ନିର୍ମାଣ କରିବା, ସମୁଦ୍ରକୁ ଅମୃତରେ ପୂର୍ଣ୍ଣ କରିବା, ନକ୍ଷତ୍ରକୁ ଚନ୍ଦ୍ରରେ ପରିଣତ କରିବା, କେବଳ କଳ୍ପବୃକ୍ଷର ଉଦ୍ୟାନ ରଚନା କରିବା କଠିନ ନୁହଁ, କିନ୍ତୁ ଗୀତାର୍ଥ ପ୍ରକାଶ ଅତୀବ ଦୂରୁହ । ସବୁଦିଗରୁ ପଙ୍ଗୁ ହେଲେ ମଧ୍ୟ ସାଧାରଣ ବୋଧଗମ୍ୟ ଭାଷାରେ ମୁଁ ଗ୍ରନ୍ଥସାଗର ଅତିକ୍ରମ କରିବାରେ ସମର୍ଥ ହୋଇ କୀର୍ତ୍ତିଧ୍ୱଜା ଧାରଣକ ରିପାରିଛି । ମେରୁ ପର୍ବତଠାରୁ ମଧ୍ୟ ଉଚ୍ଚତମ ବିଶାଳ କଳସଖଚିତ ଗୀତାର୍ଥ-ମନ୍ଦିର ନିର୍ମାଣ କରି, ସେଥିରେ ଗୁରୁଦେବଙ୍କ ମୂର୍ତ୍ତି ସ୍ଥାପନ କରି ତାଙ୍କୁ ଅର୍ଚ୍ଚନା କରିଚି ମୁଁ ଗୀତାମାତା ଭାବରେ । ସବୁ ହେଉଛି ଗୁରୁଦେବଙ୍କ କୃପା । ଗୀତାଭଳି ମମତାମୟୀ ମାତାଙ୍କୁ ଭୁଲି ଯେଉଁ ବାଳକ ଇଆଡ଼େ ସିଆଡ଼େ ବୁଲୁଥିଲା, ସେ ପୁଣି ଭେଟିଛି ତା ମାଆକୁ । ଶୋଇ ପଡ଼ିଥିବା ପିଲା ହଠାତ୍ ଉଠିବାପରେ ଦେଖିଛି ତା' ମାଆକୁ । ଆନନ୍ଦରେ ନାଚିଉଠିଛି ସେ । ଏସବୁ ଆପଣମାନଙ୍କ କୃପାରୁ । କେବଳ ସାଧୁମାନଙ୍କ କୃପା ପ୍ରତି ଦୃଷ୍ଟି ରଖି ମୁଁ ବର୍ଣ୍ଣନା କରୁଛି । ଆପଣମାନଙ୍କ ଦୟା ଅପରିସୀମ । ଆପଣମାନଙ୍କ ଆଚରଣକୁ ବିଚାର କରି ମୁଁ ଏକଥା କହିଛି । ଏହା ଜ୍ଞାନଦେବର କଥା ନୁହଁ, ଆପଣମାନଙ୍କ କଥା । ଆପଣମାନଙ୍କ କୃପାରେ ଆଜି ମୁଁ ଏହି ଗ୍ରନ୍ଥ-ସମାପ୍ତି-ଉତ୍ସବ ପାଳନ କରିପାରିଥିବାରୁ ମୋ ଜନ୍ମ ସାର୍ଥକ ହୋଇଛି । ମନରେ ଯେଉଁ ଆଶା ରଖି ଗ୍ରନ୍ଥ ବ୍ୟାଖ୍ୟା ଆରମ୍ଭ କରିଥିଲି ଆପଣମାନେ ସେହି ଆଶା ପୂରଣ କରିଦେଇ ପାରିଥିବାରୁ ମୁଁ କୃତଜ୍ଞ ।

ହେ ଗୁରୋ ! ଆପଣ ମୋ ଲାଗି ଦ୍ୱିତୀୟ ସୃଷ୍ଟି ଏହି ଗ୍ରନ୍ଥ ପ୍ରକାଶ କରି ବିଶ୍ୱାମିତ୍ରଙ୍କ ସୃଷ୍ଟିକୁ ମଧ୍ୟ ପରାଜିତ କରିଦେଇ ପାରିଛନ୍ତି । ବିଶ୍ୱାମିତ୍ରଙ୍କ ସୃଷ୍ଟି ଥିଲା ବିନାଶଶୀଳ । ବ୍ରହ୍ମାଙ୍କୁ ନ୍ୟୂନ ପ୍ରତିପାଦିତ କରିବା ଏବଂ ତ୍ରିଶଙ୍କୁ ଲାଗି ବିଶ୍ୱାମିତ୍ର ସୃଷ୍ଟି କରିଥିଲେ ଦ୍ୱିତୀୟସ୍ୱର୍ଗ । କିନ୍ତୁ ଏହି ଗ୍ରନ୍ଥ ସେହିଭଳି ନୁହଁ । ଉପମନ୍ୟୁ ପ୍ରତି କୃପା କରି ଶଙ୍କର ସୃଷ୍ଟି କରିଥିଲେ କ୍ଷୀରସମୁଦ୍ର । ତାହା ମଧ୍ୟ ଏହି ଗ୍ରନ୍ଥର ତୁଳନୀୟ ନୁହଁ । କାରଣ କ୍ଷୀରସମୁଦ୍ର ଭିତରେ ମଧ୍ୟ ଥାଏ ବିଷ । ଅନ୍ଧକାର ଦୂର କରିବାରେ କ୍ଷମତାଶାଳୀ ସୂର୍ଯ୍ୟ ହୁଏତ ଏହି ଗ୍ରନ୍ଥର ତୁଳନୀୟ ହୁଅନ୍ତା କିନ୍ତୁ ସୂର୍ଯ୍ୟର ରହିଛି ଉଷ୍ଣତା ଦୋଷ । ଜ୍ୟୋତ୍ସ୍ନା ବିତରଣ କରି ଚନ୍ଦ୍ର ଜଗତକୁ ଶାନ୍ତିଦାନ କରୁଥିଲେ ମଧ୍ୟ ତା ଦେହରେ ରହିଛି କଳଙ୍କ । ଅତଏବ ସାଧୁଗଣଙ୍କ କୃପାରୁ ରଚିତ ଏହି ଗ୍ରନ୍ଥ ଅନୁପମ । ଏହି ଗ୍ରନ୍ଥ ଆପଣମାନଙ୍କର ହିଁ ମହିମା । ମୁଁ ଆପଣମାନଙ୍କ ସେବକ ମାତ୍ର ।

ଏଥର ହେ ବିଶ୍ୱରୂପ ଶ୍ରୀଗୁରୁଦେବ ! ଏହି ବାଣୀ-ଯଜ୍ଞରେ ସନ୍ତୁଷ୍ଟ ହୋଇ ମତେ ପ୍ରସାଦ ଦାନ କରନ୍ତୁ । ଦୁଷ୍ଟମାନଙ୍କ କୁଟିଳତା ଦୂର ହେଉ, ସମସ୍ତେ ସତ୍‌କର୍ମରେ ମନୋନିବେଶ କରନ୍ତୁ । ସମସ୍ତଙ୍କ ମଧ୍ୟରେ ଆନ୍ତରିକ ମିତ୍ରତା ସ୍ଥାପିତ ହେଉ । ପାପ ରୂପକ ଅନ୍ଧକାର ଦୂର ହୋଇ ସଂସାରରେ ସ୍ୱଧର୍ମାଚରଣ-ରୂପକ ସୂର୍ଯ୍ୟୋଦୟ ହେଉ । ପ୍ରାଣୀମାନଙ୍କ ବାସନା ପୂର୍ଣ୍ଣ ହେଉ । ଭଗବତ୍‌ପ୍ରେମୀ ଜନଗଣର ସମାଗମ ହେଉ । ସେମାନେ ସଚଳ କଳ୍ପବୃକ୍ଷ, ଜୀବନ୍ତ ଚିନ୍ତାମଣିର ଧାମ, ଅମୃତ ସୁଖର ସାଗର, ନିଷ୍କଳଙ୍କ ଚନ୍ଦ୍ର ଓ ତାପରହିତ ସୂର୍ଯ୍ୟସମ ସାଧୁମାନଙ୍କ ସହିତ ସମସ୍ତଙ୍କର ଅବିଚ୍ଛେଦ୍ୟ ସମ୍ପର୍କ ରହୁ । ସମସ୍ତେ ସର୍ବସୁଖରେ ପୂର୍ଣ୍ଣତା ଲାଭ କରି ପରମ ପୁରୁଷଙ୍କ ଅଖଣ୍ଡ ଭଜନ କରନ୍ତୁ । ଏହି ଗ୍ରନ୍ଥ ଯାହାର ଜୀବନସର୍ବସ୍ୱ, ସେମାନେ ଇହଲୋକ ଓ ପରଲୋକରେ ସୁଖୀ ହୁଅନ୍ତୁ ।

ଏହା ଶୁଣି ଶ୍ରୀଗୁରୁ କହିଲେ, ''ତୁମର ଅଭିଳାଷ ପୂର୍ଣ୍ଣ ହେବ ଏବଂ ଯେଉଁ ପ୍ରସାଦ ମାଗିଛ ତାହା ତମକୁ ଦିଆଯିବ ।''

ଗୁରୁଦେବଙ୍କ ଏହି ଉତ୍ତରରେ ଜ୍ଞାନଦେବ ଆନନ୍ଦିତ ହେଲେ ।

କଳିଯୁଗରେ ମହାରାଷ୍ଟ୍ରରେ ଗୋଦାବରୀର ଦକ୍ଷିଣ ତୀର ଦେଶରେ ରହିଛି ପବିତ୍ର ପଞ୍ଚକୋଶୀ ତୀର୍ଥ । ସେହିଠାରେ ବିରାଜିତ ଜଗତ୍‌ଜୀବନସ୍ୱରୂପ ଶ୍ରୀମୋହିନୀରାଜ ଏବଂ ଯାଦବକୁଳ-ଭୂଷଣ, ନିଖିଳ କଳାନିପୁଣ ନ୍ୟାୟବତାର ଶ୍ରୀରାମଚନ୍ଦ୍ର ନାମକ ନରପତି । ସେହିଠାରେ ଶ୍ରୀଶଙ୍କର ପରମ୍ପରାର ଶ୍ରୀ ନିବୃତ୍ତିନାଥଙ୍କ ଶିଷ୍ୟ ଜ୍ଞାନଦେବ ଶ୍ରୀଗୀତାକୁ ମରାଠୀ ଭାଷାରେ ଅଳଂକୃତ କରିଛନ୍ତି । ନିବୃତ୍ତି ଦାସ ଜ୍ଞାନଦେବ କହିଛନ୍ତି— ମହାଭାରତ ପ୍ରସିଦ୍ଧ ଭୀଷ୍ମପର୍ବରେ ବର୍ଣ୍ଣିତ ଶ୍ରୀକୃଷ୍ଣାର୍ଜୁନ-ସମ୍ବାଦ ହେଉଛି ଉପନିଷଦର ସାର । ଏହା ସର୍ବଶାସ୍ତ୍ରର ଆକର, ପରମହଂସମାନଙ୍କ ସେବାଉପଯୋଗୀ ସରୋବର । ପରବର୍ତ୍ତୀକାଳରେ ଜନସମାଜ ଏହି ଗ୍ରନ୍ଥର ପୁଣ୍ୟସମ୍ପଦ ଲାଭକରି ସର୍ବସୁଖୀ ହୁଅନ୍ତୁ । ଏହି ବ୍ୟାଖ୍ୟା ୧୨୧୨ ଶକାବ୍ଦରେ ଶ୍ରୀ ଜ୍ଞାନେଶ୍ୱର ବର୍ଣ୍ଣନା କରିବାବେଳେ ଶ୍ରୀ ସଚ୍ଚିଦାନନ୍ଦ ମହାରାଜ ଏହାକୁ ଲିପିବଦ୍ଧ କରିଥିଲେ ।

ଇତି ଶ୍ରୀ ଜ୍ଞାନଦେବକୃତ ଗୀତା-ଭାବାର୍ଥ-ଦୀପିକାୟାଂ
ଅଷ୍ଟଦଶୋଽଧ୍ୟାୟଃ ।

ଶ୍ରୀ ଏକନାଥକୃତ ଜ୍ଞାନେଶ୍ୱରୀର ସଂଶୋଧନ

୧୫୦୬ ଶକାବ୍ଦରେ ତାରକ ନାମକ ବର୍ଷରେ ଜନାର୍ଦ୍ଦନ ମହାରାଜଙ୍କ ଶିଷ୍ୟ ଶ୍ରୀ ଏକନାଥ ଜ୍ଞାନେଶ୍ୱରୀର ସଂଶୋଧନ କରିଥିଲେ । ଏହି ଗ୍ରନ୍ଥ ପ୍ରଥମରୁ ଶୁଦ୍ଧ ଥିଲା, କିନ୍ତୁ କାଳକ୍ରମେ ପାଠଭେଦରେ ଏହା ଅବୋଧ ହୋଇ ପଡ଼ିଥିଲା । ସନ୍ଥ ଏକନାଥ ସଂଶୋଧନ କରି ଏହାର ମୂଳ ରୂପ ପ୍ରକଟିତ କରିଥିଲେ ।

ଏକନାଥ ଲେଖିଛନ୍ତି— ଜ୍ଞାନେଶ୍ୱରୀଙ୍କୁ ନମସ୍କାର । ତାଙ୍କ ରଚିତ ଏହି ଗନ୍ଥପାଠଦ୍ୱାରା ଅତି ଭାବୁକ ବ୍ୟକ୍ତି ମଧ୍ୟ ଜ୍ଞାନଲାଭ କରିଥାଏ । ଭାଦ୍ରମାସ କପିଳାଷଷ୍ଠୀ ଭଳି ଏକ ଉତ୍ତମ ପର୍ବଦିନରେ ଗୋଦାବରୀତୀରସ୍ଥ ପୈଠାଣ ଗ୍ରାମରେ ଏହି ଲେଖନକାର୍ଯ୍ୟ ସମାପ୍ତ ହେଲା । ଏହି ଜ୍ଞାନେଶ୍ୱରୀ ପାଠ କଲାବେଳେ ଯଦି କେହି ଅନ୍ୟ 'ଓବି' ଛନ୍ଦର କବିତା ରଚନା କରି ଏହାକୁ ପାଠକରେ, ତାହାହେଲେ ଅମୃତ ଥାଳିରେ ତୁଚ୍ଛ ଖାଦ୍ୟ ତଥା ନଡ଼ିଆ ସଢ଼େଇ ପରଷିଲା ଭଳି ହେବ ।

●

ଜଙ୍ଗଲ ନା ଘର ?

ବାଳଯୋଗୀ ସନ୍ଥ ଜ୍ଞାନେଶ୍ୱରଙ୍କ ପିତାଙ୍କ ନାମ ବିଠଲ ପନ୍ଥ । କିନ୍ତୁ ସମସ୍ତେ ତାଙ୍କୁ 'ବିଠୋବା' ନାଁରେ ଡାକୁଥିଲେ । ବିବାହ କରିବାର ଅଳ୍ପ କେତେ ମାସ ପରେ ଗଙ୍ଗାସ୍ନାନକୁ ଯିବା ଆଳରେ କାଶୀ ଯାଇ ସେ ସନ୍ନ୍ୟାସୀ ହୋଇଥିଲେ । ବିଠୋବାଙ୍କ ନାଁ ବଦଳି ରହିଥିଲା ଚୈତନ୍ୟ ସ୍ୱାମୀ । ସେ ଥିଲେ ଗୁରୁ ରାମାନନ୍ଦଙ୍କ ବିଶ୍ୱସ୍ତ ଶିଷ୍ୟ ।

ଗୁରୁ ରାମାନନ୍ଦ, ଚୈତନ୍ୟ ସ୍ୱାମୀ (ବିଠୋବା)ଙ୍କୁ ଆଶ୍ରମର ଦାୟିତ୍ୱ ଦେଇ ଗଲେ ତୀର୍ଥ ଭ୍ରମଣ ଲାଗି । ବିଭିନ୍ନ ସ୍ଥାନ ବୁଲି ବୁଲି ଦିନେ ସେ ପହଞ୍ଚିଲେ ବିଠୋବାଙ୍କ ଗ୍ରାମ ଆଳନ୍ଦୀରେ । ଘଟଣାକ୍ରମେ ବିଠୋବାଙ୍କ ସ୍ତ୍ରୀ, ରୁକ୍ମାବାଈଙ୍କ ସହିତ ତାଙ୍କର ଭେଟ ହେଲା । ବିଠୋବା ବିବାହିତ, ସେ ତାଙ୍କ ସ୍ତ୍ରୀ ଓ ପିତାମାତାଙ୍କ ଅନୁମତି ନ ନେଇ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିବା ଜାଣିପାରି ରାମାନନ୍ଦ ବ୍ୟସ୍ତ ହୋଇପଡ଼ିଲେ । ତାଙ୍କ ତୀର୍ଥଭ୍ରମଣ ସେଇଠି ଶେଷ ହେଲା । ସେ କାଶୀ ଫେରି ଆସିଲେ । ଶିଷ୍ୟ ଚୈତନ୍ୟ ସ୍ୱାମୀଙ୍କୁକହିଲେ, ତୁମେ ଜଣେ ଗୃହସ୍ଥ । ଘରକୁ ଫେରିଯାଅ । ମୁଁ ଧ୍ୟାନବଳରେ ଜାଣିପାରିଚି, ସ୍ୱୟଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ସରସ୍ୱତୀ ତୁମ ଔରସରୁ ଜାତ ହେବା ଲାଗି ଅପେକ୍ଷା କରି ରହିଛନ୍ତି ।

ବିଠୋବା ବାଧ୍ୟ ହୋଇ ଫେରି ଆସିଲେ ଘରକୁ । ପୁଣି ତାଙ୍କର ଚାଲିଲା ଗୃହସ୍ଥାଶ୍ରମ । ତିନି ପୁଅ ନିବୃତ୍ତିନାଥ, ଜ୍ଞାନଦେବ (ଜ୍ଞାନେଶ୍ୱର), ସୋପାନନାଥ ଓ ମୁକ୍ତାବାଈଙ୍କର ଜନକ ହେଲେ ସେ ।

ପିତା ବିଠୋବାଙ୍କ ମନରେ ପୁନର୍ବାର ଉଦିତ ହେଲା ବୈରାଗ୍ୟ । ପୁଣି ଘର ସଂସାର ଛାଡ଼ି ଜଙ୍ଗଲକୁ ଚାଲିଗଲେ ସେ । କଠୋର ତପସ୍ୟା କଲେ । ସେତେବେଳକୁ ନିବୃତ୍ତି, ଜ୍ଞାନେଶ୍ୱର (ଜ୍ଞାନଦେବ), ସୋପାନ ଓ ମୁକ୍ତାଙ୍କ ଜ୍ଞାନ ଓ ଭକ୍ତିର ମହିମା ମହାରାଷ୍ଟ୍ରର ଖଣ୍ଡମଣ୍ଡଳରେ ବ୍ୟାପି ଯାଇଥିଲା । ବହୁ ମୁନି, ଋଷି, ଯୋଗୀ, ସନ୍ନ୍ୟାସୀ ଆସୁଥାଆନ୍ତି ସେମାନଙ୍କ ଦର୍ଶନ ଲାଗି । ଦିନେ ଦେବଗିରିର ରାଜା ଆସିଲେ ଦର୍ଶନ ପାଇବା ପାଇଁ । ଦର୍ଶନ କରି ଯଥେଷ୍ଟ ଆନନ୍ଦ ଓ ଶାନ୍ତି ଲାଭ କଲେ । କିନ୍ତୁ ବିଦାୟ ନେବାବେଳେ ତାଙ୍କ ମନରେ କୌତୂହଳ ସୃଷ୍ଟି ହେଲା, ଏହି ଦେବପୁରୁଷ ବାଳଯୋଗୀମାନଙ୍କ ପିତା କିଏ ଜାଣିବା ପାଇଁ । ଲୋକଙ୍କୁ ପଚାରିଲେ । ଆଳନ୍ଦୀର ଲୋକେ

କହିଲେ, ଏମାନଙ୍କ ପିତା ଜୀବିତ ଅଛନ୍ତି କି ନାହିଁ କହିହେବ ନାହିଁ । ଶୁଣିଛୁ, ଘୋର ଜଙ୍ଗଲ ଭିତରେ କେଉଁଠି ବସି ସେ ତପସ୍ୟା କରୁଛନ୍ତି ।

ରାଜା ଲୋକ ପଠାଇ ବିଠୋବା ପନ୍ଥଙ୍କ ସନ୍ଧାନରେ ଲାଗିଲେ । ସନ୍ଧାନ ନେଇ କେତେ ଜଣ ଆସି ରାଜାଙ୍କୁ କହିଲେ, ଜଣେ ଲୋକ ଗୋଟିଏ ଗୁମ୍ଫା ଭିତରେ ଧ୍ୟାନମଗ୍ନ ଥିବା ଦେଖି ଆସିଲୁ । ରାଜା ଆଗରୁ ବିଠୋବା ପନ୍ଥଙ୍କ ବୟସ, ଦେହର ବର୍ଣ୍ଣ ଓ ଗଠନ ସମ୍ପର୍କରେ ଖବର ଅନ୍ତର ସଂଗ୍ରହ କରିଥିଲେ । ସେ ନିଜେ ଗଲେ ତପସ୍ୱୀଙ୍କ ନିକଟକୁ । ସେତେବେଳେ ବିଠୋବା ଯାଇଥିଲେ ଜଳ ସଂଗ୍ରହ ଉଦ୍ଦେଶ୍ୟରେ ଝରଣାକୁ । ସେ ଗୁମ୍ଫା ପାଖକୁ ଆସି ଦେଖିଲେ ଜଣେ ରାଜପୁରୁଷ ସଦଳବଳ ଆସି ତାଙ୍କୁ ଅପେକ୍ଷା କରିଛନ୍ତି ।

ରାଜା ପଚାରିଲେ, ଆପଣଙ୍କ ନାମ ବିଠୋବା ପନ୍ଥ ?

ବିଠୋବା ମୁଣ୍ଡ ହଲେଇ ହଁ କଲେ । ସଙ୍ଗେ ସଙ୍ଗେ ରାଜା ହାତଯୋଡ଼ି ଅନୁରୋଧ କଲେ ଆପଣ ମୋ ସାଙ୍ଗରେ ଆସନ୍ତୁ, ଏ ସ୍ଥାନ ଆପଣଙ୍କ ଲାଗି ଉପଯୁକ୍ତ ନୁହଁ । ବ୍ରହ୍ମକୁ ପାଇ, ଭଗବାନଙ୍କ ଜନ୍ମଦାତା ହୋଇ, ଆପଣ ଆସିଛନ୍ତି ଜଙ୍ଗଲକୁ ବ୍ରହ୍ମଜ୍ଞାନ ପାଇବା ଲାଗି ?

ବିଠୋବା ମନା କଲେ । ରାଜା ବହୁତ ବୁଝେଇଲେ । ତଥାପି ବିଠୋବା ଅଟଳ । ଶେଷରେ ରାଜା ଫେରିଲେ ଆଳନ୍ଦୀକୁ । ବିଠୋବାଙ୍କୁ କିପରି ଫେରାଇ ଅଣାଯାଇ ପାରିବ ସେ ସମ୍ପର୍କରେ ସେ ଲୋକଙ୍କ ସହିତ ପରାମର୍ଶ କଲେ । ଲୋକେ କହିଲେ, ସାଙ୍ଗରେ ଜ୍ଞାନଦେବଙ୍କୁ ନେଇ ଯାଆନ୍ତୁ, ସେ କେବଳ ନିଜ ପିତାଙ୍କୁ ବାଟକୁ ଆଣି ପାରିବେ ।

ସାଙ୍ଗରେ ବିଠୋବାଙ୍କ ତିନିପୁଅ ଓ ଝିଅକୁ ଧରି ରାଜା ଗଲେ ଜଙ୍ଗଲକୁ ବିଠୋବା ପନ୍ଥଙ୍କ ପାଖକୁ । ସେତେବେଳେ ଜ୍ଞାନଦେବଙ୍କ ବୟସ ପନ୍ଦର ବର୍ଷ । ପିତା—ପୁତ୍ରଙ୍କ ମଧ୍ୟରେ ଚାଲିଲା ବ୍ରହ୍ମଜ୍ଞାନର ଲଢ଼େଇ । ପ୍ରଶ୍ନ ଆଉ ଉତ୍ତର । ପିତାଙ୍କ ସମସ୍ତ ଯୁକ୍ତିକୁ ଖଣ୍ଡନ କଲେ ଜ୍ଞାନେଶ୍ୱର ତଥା ଜ୍ଞାନଦେବ । x x x

x x x ପିତା ପୁତ୍ରଙ୍କ ମଧ୍ୟରେ ଯେଉଁ ଜ୍ଞାନ—ବିନିମୟ ହୋଇଥିଲା ତାହା ଲିପିବଦ୍ଧ ହୋଇଛି 'ମହାଭକ୍ତ ବିଜୟ' ପୁସ୍ତକରେ । ବିଠୋବା ପନ୍ଥ ଥିଲେ ଜଣେ ମହାଭକ୍ତ । ତାଙ୍କୁ ଜୟ କରିଥିବା ପୁତ୍ର ଥିଲେ ଜ୍ଞାନେଶ୍ୱର । x x x

''ମହାଭକ୍ତ ବିଜୟ''କୁ ଭିତ୍ତିକରି ମରାଠୀ, ଗୁଜରାଟୀ, ତାମିଲ, ତେଲୁଗୁ, କନ୍ନଡ଼ ଭାଷାରେ ବହୁ ସାହିତ୍ୟ ସୃଷ୍ଟି ହୋଇଚି । କାବ୍ୟ, କବିତା, ନାଟକ ରଚିତ ହୋଇଚି । ଚଳଚ୍ଚିତ୍ର ମଧ୍ୟ ହୋଇଛି ।

ପିତା ପୁତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଭାବରେ ଯେଉଁ ଜ୍ଞାନଚର୍ଚ୍ଚା ହୋଇଛି ତାହା ଆଧ୍ୟାତ୍ମିକତା କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଘଟଣା । ଜ୍ଞାନେଶ୍ୱର ଗୃହସ୍ଥାଶ୍ରମ ଉପରେ ଗୁରୁତ୍ୱ ଆରୋପ କରିବାବେଳେ ବିଠୋବା ଗୁରୁତ୍ୱ ଆରୋପ କରିଛନ୍ତି ସଂସାରତ୍ୟାଗପୂର୍ବକ ବୈରାଗ୍ୟସାଧନ ଉପରେ ।

x x x x

ଜ୍ଞାନେଶ୍ୱର ପିତାଙ୍କୁ କହିଲେ, ଜଙ୍ଗଲରେ ରହି ତୁମେ କ'ଣ ଭାବିଚ ବ୍ରହ୍ମଜ୍ଞାନ ପାଇ ପାରିବ ? ତୁମର ମୋକ୍ଷଲାଭ ହୋଇ ପାରିବ ? ତାହା ସମ୍ଭବ ନୁହଁ । ତୁମେ ଘରକୁ ଫେରିଆସ । ଆମେ ଆସିଚୁ ତୁମକୁ ନେବା ପାଇଁ ।

ବିଠୋବା ପଛ– ଯେତେ ସୁମିଷ୍ଟ, ସୁସ୍ୱାଦୁ ଓ ସୁକୁମାର ସୁପାକ ଖାଦ୍ୟ ହେଉନା କାହିଁକି, ଖାଇଥିବା ଖାଦ୍ୟକୁ ବାନ୍ତି କରିବା ପରେ ପୁଣି ସେ ବାନ୍ତିକୁ କିଏ ଖାଏ କି ? ସତ୍ୟନିଷ୍ଠ ଧର୍ମଶୀଳ ଲୋକ ତା ବ୍ରତରେ ଅଟଳ ରହିଥାଏ । ସଂସାର ଭିତରୁ ଥରେ ବାହାରି ଆସିବା ପରେ, ଜନକୋଳାହଳକୁ ତ୍ୟାଗ କରିବା ପରେ, ପୁଣି ତା ଭିତରକୁ ଫେରିଯାଇ ସେହି ମାୟାମୋହଗ୍ରସ୍ତ ଲୋକଙ୍କ ସହିତ ମିଶିବା ପାଇଁ ମୁଁ ଚାହେଁନା, କିମ୍ବା ରାଜାଙ୍କୁ ପୂଜା କରିବାକୁ ଚାହେଁନା । ଘର ସଂସାର ତୁମମାନଙ୍କର, ମୋର ନୁହେଁ । ତେଣୁ ତୁମେମାନେ ଫେରିଯାଅ । ବ୍ରତୋପନୟନ ତ ସରିଚି, ଏଣିକି ବିବାହ କରି ଘର ସଂସାର କର, ସୁଖରେ ରହ । ମତେ ପୁଣି ସେହି ଭିତରେ ଘାଣ୍ଟି ହେବାକୁ ବଳାଅନି ।

ଜ୍ଞାନେଶ୍ୱର– ତୁମେ ଜଙ୍ଗଲରେ ରହିଚ କାହିଁକି ?

ବିଠୋବା– ଆରେ ବାପ ! ଘର ସଂସାରକୁ ଫେରିଯାଇ କ'ଣ ବା ସୁଖ ପାଇବି ? ମୁଁ ଫେରିଗଲେ, ତୁମେମାନେ କି ଆନନ୍ଦ ପାଇବ ? ମୋର ପ୍ରତ୍ୟାବର୍ତ୍ତନ ମୁକ୍ତିପଥରେ ସହାୟକ ହେବ ନାହିଁ, ବରଂ ପ୍ରତିବନ୍ଧକ ହେବ । ଜଙ୍ଗଲରେ ରହିଛି, ବେଶ୍ ନିର୍ଜନ ନିଃସ୍ତବ୍ଧ ସ୍ଥଳୀ, ଜନସମାଜଠାରୁ ବହୁଦୂରରେ । ମୌନନିଷ୍ଠା ଲାଗି ଏହି ସ୍ଥାନଟି ଉତ୍କୃଷ୍ଟ । ମତେ ଏହି ଗିରିକନ୍ଦରରେ ନିଶ୍ଚିନ୍ତରେ ରହିବାକୁ ଦିଅ ।

ଜ୍ଞାନେଶ୍ୱର– ବାହାରର କୌଣସି ଦୃଶ୍ୟ, ଆକାଶ ବା କୌଣସି ପଦାର୍ଥକୁ ଦେଖିବି ନାହିଁ କହି ଆଖିରେ ପଟି ଭିଡ଼ିବା ମୂର୍ଖତା ନୁହେଁ କି ? ଆଖି ଦୁଇଟି ବୁଜିଦେଲେ ତ ଏହା ହୋଇପାରିବ । ଅଥବା ବ୍ରଜ ପଡ଼ିଯିବ ବୋଲି ଆଶଙ୍କା କରି କ୍ଷୁଦ୍ରକାୟ

ଟିଆଁଟିଆଁ ମକ୍ଷୀ ନିଜକୁ ରକ୍ଷା କରିବା ଲାଗି ନିଜ ଗୋଡ଼କୁ ଉପରକୁ ଉଠେଇ ରହିଥାଏ । ବଜ୍ରପାତକୁ ତା ଗୋଡ଼ କ'ଣ ପ୍ରତିରୋଧ କରି ପାରିବ ? ଦିନରାତି କେବଳ ପାପକର୍ମ କରି ପୁଣ୍ୟ ଆଶା କରିବା ବୃଥା ନୁହଁ କି ? ଯାହାର ହୃଦୟରେ ପ୍ରେମର ଆଭାସ ସୁଦ୍ଧା ନାହିଁ, ଯିଏ ଅତି କଠୋର, ନିର୍ମମ, ସେ କେବେହେଲେ ଭଗବାନଙ୍କୁ ପାଇବା ଲାଗି ଚିନ୍ତା କରିପାରେ କି ? ମନରୁ 'ମୁଁ, ମୋର' ଆଦି ଭାବ ନ ଗଲେ, ପ୍ରକୃତ ଜ୍ଞାନ ଅର୍ଜନ ହୋଇପାରେ କି ? ଯାହାର ମନରୁ ସମସ୍ତ ପ୍ରକାରର ଭେଦଭାବ ଚାଲିଯାଇଥାଏ, ତା ମନରେ ଭଗବାନ ଜଣେ, ମୁଁ ଆଉ ଜଣେ– ଏପରି ଦ୍ୱୈତଭାବର ଉଦୟ ହୁଏ କି ? ସେହିଭଳି ହେ ପିତଃ ! ତୁମ ମନରେ ଏଇଟା ନଗର, ସେଇଟା ଗ୍ରାମ, ଏଇଟା ଜଙ୍ଗଲ, ଘରଟା ସଂସାର– ଏହି ଭେଦଭାବ ରହିଥିବା ଯାଏଁ ତୁମର ବ୍ରହ୍ମନିଷ୍ଠା ହୋଇପାରିବ ନାହିଁ ।

ବିଠୋବା– ମୁଁ ମାନୁଚି ଯେ ମନରେ 'ମୁଁ ଓ ମୋର' ଭାବ ରହିଥିବାଯାଏଁ ଏଇଟା, ସେଇଟା ଏହି ଦ୍ୱୈତଭାବଲାଗି ରହିଥିବ, ତାହା ଲୋପ ପାଇବ ନାହିଁ । ମନରୁ ଏହି ଦ୍ୱୈତଭାବ ଦୂର କରିବା ଲାଗି ଆବଶ୍ୟକ ନିର୍ବିକଳ୍ପ ନିଷ୍ଠା । ସମସ୍ତ ପ୍ରକାରର ସଂକଳ୍ପରୁ ମୁକ୍ତ ହେଲେ, ମନରେ କୌଣସି କାମନା ନ ରଖିଲେ ଏବଂ ସମସ୍ତ ପ୍ରକାରର ସମାଜ ବନ୍ଧନରୁ ମୁକ୍ତ ହେଲେ, ଏହି ନିଷ୍ଠା ସମ୍ଭବ । ଜଙ୍ଗଲ ଏକ ନିର୍ଜନ ସ୍ଥାନ ଏବଂ ମୌନନିଷ୍ଠା ଲାଗି ଏହା ଉପଯୁକ୍ତ ସ୍ଥାନ ହୋଇଥିବାରୁ ମୁଁ ଏଇଠି ରହିଛି ।

ଜ୍ଞାନେଶ୍ୱର– ନିଜକୁ ଚିହ୍ନିବା ଓ ଆତ୍ମସ୍ୱରୂପ ଲାଭ କରିବା ହେଉଚି ବ୍ରହ୍ମନିଷ୍ଠା । ଜଙ୍ଗଲରେ ଆସି ରହିବା ବ୍ରହ୍ମନିଷ୍ଠା ନୁହଁ ।

ବିଠୋବା– ନିଜ ଗୁରୁଙ୍କ ସାନିଧ୍ୟ ଲାଭ ଏବଂ ତାଙ୍କ ଉପଦେଶକୁ କାର୍ଯ୍ୟରେ ପରିଣତ କରିବାରେ ଅବଶ୍ୟ ମନୁଷ୍ୟ ନିଜକୁ ନିଜେ ଚିହ୍ନିପାରେ । କିନ୍ତୁ ଆତ୍ମନିଷ୍ଠ ଓ ଆତ୍ମସ୍ୱରୂପ ହୋଇ ରହିବା ପାଇଁ ସଂସାର–ଜଞ୍ଜାଳରୁ ସମ୍ପର୍କ ତୁଟାଇ ନିର୍ଜନରେ ବାସ କରିବା ଆବଶ୍ୟକ ନୁହଁ କି ?

ଜ୍ଞାନେଶ୍ୱର– ଯିଏ ପ୍ରକୃତ ଜ୍ଞାନୀ, ସେ ଜାଣେ ଯେ କେବଳ ଜଙ୍ଗଲରେ ନିର୍ଜନ ବାସ କଲେ କିମ୍ବା ସେଠାରେ ତପସ୍ୟା କଲେ, ଅଜ୍ଞାନ ଧ୍ୱଂସ ହୋଇ ନପାରେ, 'ମୁଁ ଓ ମୋର' ଆଦି ଅହଂଭାବରୁ ମୁକ୍ତ ହୋଇ ନପାରେ । ମନରୁ ନଗର, ପଲ୍ଲୀ, ଅରଣ୍ୟ, ଘର ସଂସାର ଓ ବୈରାଗ୍ୟ ଆଦି ଭେଦଭାବକୁ ଦୂର କରି ଦୃଢ଼ଚିତ୍ତରେ ନିର୍ବିକଳ୍ପ ସମାଧି ପାଇଁ ସାଧନା କରାଯିବା ଉଚିତ । ତେଣୁ ଘର ସଂସାରକୁ ବିରୋଧ କରି ତୁମେ ଜଙ୍ଗଲରେ ରହିବା ପାଇଁ ଚାହୁଁଚ କାହିଁକି ?

ବିଠୋବା– ଯାହାର ଆତ୍ମ–ସାକ୍ଷାତ୍‌କାର ହୋଇ ଗଲାଣି ଏବଂ ଯିଏ ଆତ୍ମସ୍ୱରୂପ ହୋଇସାରିଲାଣି, ଯିଏ କେବଳ ସାକ୍ଷୀ ସ୍ୱରୂପ, ସେ ଯଦି ସାଂସାରିକ ଜୀବନ ଅତିବାହିତ କରେ, ତାହାହେଲେ ସମାଧି ଲାଭ ଲାଗି ତାର ସାଧନା ତଥା ଅଭ୍ୟାସ ବ୍ୟାହତ ହୋଇ ପଡ଼ିବ ଏବଂ ତା'ର ଆତ୍ମୋପଲବ୍‌ଧିର ଅନୁଭୂତି ଲୋପ ପାଇଯିବ । ତେଣୁ ଆତ୍ମସ୍ଫୁର୍ତ୍ତ ଭାବରେ ଏବଂ ସହଜରେ ଯାହାର ଆନନ୍ଦ ଓ ଶାନ୍ତି ଲାଭ ହୋଇ ସାରିଲାଣି, ସେ ସ୍ୱପ୍ନରେ ସୁଦ୍ଧା ସାଂସାରିକ ଜୀବନଯାପନ ଚାହିଁବ ନାହିଁ କିମ୍ବା ସେଥିରେ ପୁଣି ଲିପ୍ତ ହେବ ନାହିଁ ।

ଜ୍ଞାନେଶ୍ୱର– ଭଲ ପାଇବା ଓ ଘୃଣା କରିବା– ଏହି ଉଭୟ ଅଭ୍ୟାସରୁ ମୁକ୍ତ ହେବା ହେଉଛି ସହଜନିଷ୍ଠା ଓ ଆତ୍ମସ୍ଫୁର୍ତ୍ତ ବିଶ୍ୱାସ । ନଗର ବା ଘର ସଂସାରକୁ ଘୃଣା କରି ଜଙ୍ଗଲକୁ ଭଲ ପାଇବା କ'ଣ ଏହି ନିଷ୍ଠା ?

ବିଠୋବା– ଏଇଟା କରିବି ନାହିଁ, ସେଇଟା କରିବି ନାହିଁ ଆଦି କାମନା ଯାହାର ନାହିଁ, ସେ ଘର ସଂସାର ଚଳାଇବ କିପରି ? ତା'ଛଡ଼ା ସଂସାର ଭିତରେ ରହି ଯିଏ ସଂସାର ଚଳାଇବା ପାଇଁ ଅଯୋଗ୍ୟ, ସେ ସଂସାର ଭିତରେ ରହିବ କାହିଁକି ? ଶରୀର ସୁଖ ସୁବିଧା ଖୋଜିବା ଆଦି କାମନାରୁ ବହୁ ଅସୁବିଧା ଉପୁଜିଥାଏ । ମନୁଷ୍ୟ ତା'ର ଶିକାର ହୁଏ । ଶରୀରର ସୁଖ ସୁବିଧା ଖୋଜିବାର କାମନା ହେଉଚି ମଲାମଣିଷ ବା ଶବ ର ବିବାହ କରାଇବା ସହିତ ସମାନ । ସାଂସାରିକ ଜୀବନ ହେଉଚି କାମନାର ଏକ ଅସରନ୍ତି ଭଣ୍ଡାର । ତେଣୁ ଏହାକୁ ତ୍ୟାଗକରିବା ଉଚିତ ନୁହଁ କି ?

ଜ୍ଞାନେଶ୍ୱର– ସମାଧିସ୍ଥ ହେବାକୁ ସାଧନା କରିବା ଲାଗି ଅନ୍ୟ ସବୁ କର୍ମକୁ ତ୍ୟାଗ କରି ଦେଲି ବୋଲି ଯିଏ କହେ, ମୁଁ ତାକୁ ପଚାରିବାକୁ ଚାହେଁ, ସାଧନା କରିବା ଏକ କର୍ମ ନୁହଁ କି ମୁଁ ସମାଧିସ୍ଥ ହେବା ଲାଗି ସାଧନା କରିବି ବୋଲି କହିବା ବା ଭାବିବା ଏକ କାମନା ନୁହଁ କି ? ଯିଏ ସମାଧିସ୍ଥ ହେବାକୁ ସାଧନା କରୁଚି, ସେ ପାରିବାରିକ ଜୀବନ ଚଳାଇବା ଲାଗି ସାଧନା କରିବାରେ କ୍ଷତି କ'ଣ ? ସେଥିରେ ତ କାମନା ଅଛି, ଏଥିରେ ମଧ୍ୟ କାମନା ଅଛି, କାମନାକୁ ଛାଡ଼ି କିଏ ରହିପାରିବ କି ?

ବିଠୋବା– ଯଦିଓ ମନମୂନଚୈତନ୍ୟକୁ ଗୋଟିଏ ବିନ୍ଦୁ ଉପରେ ରଖିବା ବା ସମାଧିସ୍ଥ ହେବା ଏକ କାର୍ଯ୍ୟ, ତଥାପି ଏହା ମନରୁ ସମସ୍ତ ପ୍ରକାରର ଚିନ୍ତା ଏବଂ ଉଦ୍‌ବିଗ୍ନତାକୁ ଦୂର କରି ଦେଇଥାଏ । କିନ୍ତୁ ସାଂସାରିକ ତଥା ପାରିବାରିକ ଜୀବନରୁ ନାନା ଚିନ୍ତାର ଉଦ୍‌ଭବ ହୋଇଥାଏ । ମନ ବିଚଳିତ ହୋଇ ଉଠେ–ଅଶାନ୍ତି ଦେଖାଦିଏ ।

ଜ୍ଞାନେଶ୍ୱର– ଯିଏ ସତ୍, ଚିତ୍, ଆନନ୍ଦ ତଥା ସଚ୍ଚିଦାନନ୍ଦ ସ୍ୱରୂପ, ତା ପକ୍ଷରେ ସାଧନା ବା ନିଷ୍ଠାର କଣ ବା ଆବଶ୍ୟକତା ରହିଛି ?

ବିଠୋବା– ଜ୍ଞାନୀମାନେ କହିଛନ୍ତି, ବ୍ରହ୍ମନିଷ୍ଠା ହେଉଛି ଜାଗ୍ରତ ଅବସ୍ଥାରେ ନିଦ୍ରିତ ଅବସ୍ଥାକୁ ଉପଲବ୍ଧି କରିବା । ତୁମର ଯଦି ସେହି ଉପଲବ୍ଧି ହୋଇ ନ ପାରୁଛି,ତା'ହେଲେ ସମାଧି ଅବସ୍ଥାରୁ ଯେଉଁ ନିରନ୍ତର ଆନନ୍ଦ ପ୍ରବାହ ଚାଲିବ, ତାହାକୁ ଅନୁଭବ କରିବ କିପରି ?

ଜ୍ଞାନେଶ୍ୱର– ବେଦ କହେ, ବାସ୍ତବ ଆନନ୍ଦ ହେଉଛି, ଜାଗ୍ରତ ଅବସ୍ଥାରେ ନିଜ ମନର ଚାଞ୍ଚଲ୍ୟକୁ ଜଣେ ଦର୍ଶକଭାବରେ ଦେଖିବା, ସ୍ୱପ୍ନ ଅବସ୍ଥାରେ ନିଜର ମନର ଅଭିନୟକୁ ନାଟକ ଦେଖିବାପରି ଦେଖିବା ଏବଂ ଶୋଇବା ଅବସ୍ଥାରେ ଜଗତରେ ଯାହାକିଛି ହୋଇଗଲେ ମଧ ତାକୁ ଦେଖି ନ ପାରିବା ଏବଂ ତାକୁ ଜାଣି ନ ପାରିବା ଅବସ୍ଥାରେ ରହିବା । ତୁମେ ଯାହାକୁ ଜାଗ୍ରତ ଅବସ୍ଥାରେ ନିଦ୍ରିତ ଅବସ୍ଥା ବୋଲି କହୁଚ, ତାହା ହେଉଚି ଆକାଶରେ ଗୁଡ଼ି ଉଡୁଥିବାବେଳେ ଗୁଡ଼ିର ଛାଇ ମାଟିରେ ଥିବା ଗଛ, ଘରଦ୍ୱାର ସମସ୍ତ ଜିନିଷକୁ ଛୁଇଁ ଛୁଇଁ ଯିବାଭଳି ଏକ ଅବସ୍ଥା । କିନ୍ତୁ ପ୍ରକୃତରେ ଗୁଡ଼ି କ'ଣ ଛୁଏଁ କି ? ଗୁଡ଼ିତ ଆକାଶରେ ଉଚ୍ଚରେ ଉଡୁଥାଏ । ଗୁଡ଼ି କାହାକୁ ଛୁଏଁନି, ତା ଛାଇ ଛୁଏଁ । ଏହି ଅବସ୍ଥାକୁ ନିଦ୍ରିତ ଅବସ୍ଥାରେ ଶୂନ୍ୟ ଅବସ୍ଥା ବୋଲି କହିପାରିବ କି ? କିନ୍ତୁ ଏହି ଅବସ୍ଥା ହିଁ ପ୍ରକୃତ ଆନନ୍ଦମୟ ଅବସ୍ଥା । ତୁମେ ଯେଉଁ ଜାଗ୍ରତ ଅବସ୍ଥାରେ ନିଦ୍ରିତ ଅବସ୍ଥା କଥା କହୁଛ, ତାହା ଏହିଭଳି ଏକ ଶାନ୍ତିପ୍ରଦ ଆନନ୍ଦମୟ ଅବସ୍ଥା, ଏହା ମନର ଶୂନ୍ୟ ଅବସ୍ଥା ନୁହଁ ।

ବିଠୋବା– ଉଭୟ ଜାଗ୍ରତ ଓ ସ୍ୱପ୍ନାବସ୍ଥା ମଣିଷକୁ ସାଂସାରିକ ଜୀବନ ଅବସ୍ଥାକୁ ଠେଲି ଦେଇଥାଏ । ଫଳରେ ମନୁଷ୍ୟ କାମ, କ୍ରୋଧ, ହିଂସାଆଦି ପଶୁ ସୁଲଭ ଗୁଣର ବଶବର୍ତ୍ତୀ ହୋଇପଡ଼େ । କିନ୍ତୁ ସମାଧି ଅବସ୍ଥାରେ ସମସ୍ତ ସାଂସାରିକ ବିଷୟବୁଦ୍ଧିର ପରିସମାପ୍ତି ଘଟେ । ନିଦ୍ରିତ ଅବସ୍ଥାରେ ମନ ଯେପରି ଏକାବେଳକେ ଶୂନ୍ୟ ହୋଇପଡ଼େ, ସେହିଭଳି ଅବସ୍ଥା ହିଁ ପ୍ରକୃତ ସମାଧି ଅବସ୍ଥା ।

ଜ୍ଞାନେଶ୍ୱର– ମନକୁ ନିଦ୍ରିତ ଅବସ୍ଥାଭଳି ଶୂନ୍ୟ କରିଦେବା ଆଦୌ ସମାଧି ଅବସ୍ଥା ନୁହେଁ । ସଂସାର ଭିତରେ ରହି ଜୀବନ ସଂଗ୍ରାମର ସମ୍ମୁଖୀନ ହେବା, ବିଧାକୁ ବିଧାଦ୍ୱାରା ସାମନାସାମନି କରିବା, ଖାଲ ଢ଼ିପ ଯାହା ପଡୁ ପଛକେ ତାକୁ ଯଥାର୍ଥ ଅତିକ୍ରମ କରିବା, କିନ୍ତୁ ସୁଖ ଦୁଃଖରେ ବିହ୍ୱଳିତ କିମ୍ବା ମର୍ମାହତ ହୋଇ ନ ପଡ଼ିବା, ରାଜର୍ଷି ଜନକଙ୍କଭଳି ନିଶ୍ଚଳ ମନରୂପକ ତରବାରି ଦ୍ୱାରା ଇନ୍ଦ୍ରିୟଗୁଡ଼ିକର ଆକ୍ରମଣକୁ

ପ୍ରତିହତ କରିବା ଏବଂ ସଂସାର ଭିତରେ ଥାଇ ସବୁ ସାଂସାରିକ କାର୍ଯ୍ୟ କରି ମଧ୍ୟ ସଂସାରରେ ଜଡ଼ିତ ହୋଇ ନ ପଡ଼ିବା ହେଉଛି ପ୍ରକୃତ ସମାଧି ।

ବିଠୋବା— ମନ ହେଉଚି ଠିକ୍ ଏକ ମାଙ୍କଡ଼ଭଳି । ମନର ପ୍ରକୃତି ହେଉଚି ବିଷୟବାସନାରେ ସହଜରେ ଲିପ୍ତ ହୋଇପଡ଼ିବା । ସେଗୁଡ଼ିକୁ ଗୋଟିକ ପରେ ଗୋଟିଏ ଠୁଳକରି ସେଗୁଡ଼ିକ ଦ୍ୱାରା ନିଜେ ପରିଚାଳିତ ହେବା । ଏହା ସଂସାରର ରୀତି । ଯୁଗ ଯୁଗ ଧରି ଏହା ଚାଲି ଆସିଛି । କେବଳ ଶୁକମୁନି ହିଁ ସାଂସାରିକ ଆସକ୍ତିରୁ ନିଜକୁ ମୁକ୍ତ ରଖିପାରିଥିଲେ । ସଂସାରଠାରୁ ସେ ଦୂରରେ ରହିଥିଲେ । ନିଦ୍ରିତ ଅବସ୍ଥାଭଳି ସମାଧି ଅବସ୍ଥାରେ ନ ରହି ମଧ୍ୟ ଜନକ ଯଦିଓ ବ୍ରହ୍ମଜ୍ଞାନ ଲାଭ କରି ପାରିଥିଲେ, ତଥାପି ସେ ଶୁକମୁନିଙ୍କଭଳି ଆସକ୍ତିରୁ ମୁକ୍ତହୋଇ ପାରିନଥିଲେ । ଶୁକମୁନି କି ନିଦ୍ରିତ, କି ଜାଗ୍ରତ ସମସ୍ତ ଅବସ୍ଥାରେ ସମାଧିରେ ରହି ପାରୁଥିଲେ ।

ଜ୍ଞାନେଶ୍ୱର— କେବଳ ଜନକହିଁ ମନର ବିଲୋପ ସାଧନା କରିପାରିଥିଲେ । ସେ ତାଙ୍କ ମନକୁ ନିଜ ଇଚ୍ଛାନୁଯାୟୀ ପରିଚାଳିତ କରିପାରୁଥିଲେ, କିନ୍ତୁ ସେ ମନଦ୍ୱାରା ପରିଚାଳିତ ହେଉ ନଥିଲେ । ଅବଶ୍ୟ ଶୁକମୁନି ବୈରାଗ୍ୟ ସାଧନ କରି ସଂସାରରୁ ମୁକ୍ତ ହୋଇ ବଣକୁ ଯାଇ ତପସ୍ୟା କରିଥିଲେ, କିନ୍ତୁ ସେ ଜନକଙ୍କ ଭଳି ହୋଇ ପାରିନଥିଲେ ।

ବିଠୋବା— ନିଜେ ଦ୍ରଷ୍ଟା ହେଲେ ଯାଇ ଦୃଶ୍ୟକବଳରୁ ନିଜକୁ ମୁକ୍ତ କରିପାରିବ । କିନ୍ତୁ ଦୃଶ୍ୟ ଭିତରେ ରହି କିଏ କେବେ ମୁକ୍ତ ହୋଇପାରିବ କି ? ବିଷ ଖାଇବା ବ୍ୟକ୍ତିକୁ ଯଦି ଆହୁରି ବିଷ ଦିଆଯାଏ, ତାର ଶୀଘ୍ର ମୃତ୍ୟୁ ହେବ ନାହିଁ କି ?

ଜ୍ଞାନେଶ୍ୱର— ବିଷ ଝାଡ଼ିବାଲାଗି ଯେପରି ବିଷ ପ୍ରୟୋଗ କରାଯାଇଥାଏ, ସେହିଭଳି ଭିତର ଓ ବାହାର ଇନ୍ଦ୍ରିୟଗୁଡ଼ିକର ଆକ୍ରମଣକୁ ପ୍ରତିହତ କରିବାଲାଗି ଯିଏ ଅପ୍ରତିହତ ଜ୍ଞାନ ପ୍ରୟୋଗ କରେ, ସେ ହେଉଛି ସୁଚତୁର ଜ୍ଞାନବନ୍ତ । କିନ୍ତୁ ଇନ୍ଦ୍ରିୟର ପାଶବିକ ପ୍ରବୃତ୍ତିଗୁଡ଼ିକ ଅଥବା ଆକ୍ରମଣ କରି ପକାଇବେ କି, ମନରେ ଯାହାର ଏହି ଆଶଙ୍କା ସବୁବେଳେ ଥାଏ, ସେ ହେଉଛି ଅଜ୍ଞାନୀ ।

ବିଠୋବା— ମୁନି ଋଷିମାନେ ସମାଧିନିଷ୍ଠାରେ ରହିଥିଲେ ମଧ୍ୟ ସମୟେ ସମୟେ ଇନ୍ଦ୍ରିୟଗୁଡ଼ିକ ସେମାନଙ୍କମନକୁ ଚଞ୍ଚଳ କରି ପକାଇବାରେ ବହୁ ଦୃଷ୍ଟାନ୍ତ ରହିଛି । ଯେଉଁ ପରାକ୍ରମଶାଳୀ ଇନ୍ଦ୍ରିୟଗୁଡ଼ିକ ଆକ୍ରମଣ କରି ମୁନିଋଷିମାନେ ତପସ୍ୟା ଭଙ୍ଗ କରିପାରନ୍ତି, ସେହି ଇନ୍ଦ୍ରିୟଗୁଡ଼ିକ ସାଂସାରିକ ଜୀବନ ଅତିବାହିତ କରୁଥିବା ଲୋକଙ୍କୁ ବିଚଳିତ କରିବା ଅତି ସହଜ । ସ୍ରୋତସ୍ୱିନୀ ନଦୀ ଭିତରେ ଖସିପଡ଼ିଥିବା ଶୁଖିଲା ପତ୍ର କେବେହେଲେ ସ୍ଥିର ରହିପାରିବ କି ?

ଜ୍ଞାନେଶ୍ୱର– ଦୀର୍ଘକାଳ ଧରି କଠୋର ତପସ୍ୟାରେ ନିମଗ୍ନ ରହିଲେ ମଧ୍ୟ ଯାହାର ଆତ୍ମଜ୍ଞାନ ଅର୍ଜନ ହୋଇ ପାରିନାହିଁ, ତାକୁ ଇନ୍ଦ୍ରିୟଗୁଡ଼ିକ ନିମ୍ନଗାମୀ କରିବା ସଙ୍ଗେ ସଙ୍ଗେ ତା ମନରେ ନାନା ଅଶାନ୍ତି ସୃଷ୍ଟି କରିଥାଆନ୍ତି । ଯେତେ ଝଡ଼ବର୍ଷା ଆସୁନା କାହିଁକି, ପର୍ବତ ଅଟଳ । ତାର କେହି କିଛି କରିପାରନ୍ତି ନାହିଁ । ସେହିଭଳି ଯିଏ ପ୍ରକୃତ ଜ୍ଞାନୀ, ଯେତେ ଦୁଃଖ ଯନ୍ତ୍ରଣା ଆସୁନା କାହିଁକି, ଇନ୍ଦ୍ରିୟଗୁଡ଼ିକ ତାକୁ ପ୍ରତିମୁହୂର୍ତ୍ତରେ ଯେତେ ଆକ୍ରମଣ କରନ୍ତୁ ନା କାହିଁକି, ସେ ଅବିଚଳିତ ରହିଥାଏ । ଏହିଭଳି ଜ୍ଞାନୀମାନେ ବ୍ରହ୍ମଜ୍ଞାନ ଲାଭ କରିଥାନ୍ତି । ଯାହାର ମନ ଜ୍ଞାନରେ ଦୃଢ଼ ନ ଥାଏ, ତାର ଅଜ୍ଞାନ ଦୂର ହେବ କିପରି ?

ବିଠୋବା– ଜ୍ଞାନରେ ଯିଏ ଯେତେ ଦୃଢ଼ ରହୁନା କାହିଁକି, ସେ ଯଦି ସମାଜ ବା ସାଂସାରିକ ଜୀବନକୁ ତ୍ୟାଗପୂର୍ବକ ସମାଧିନିଷ୍ଠ ହୋଇ ବ୍ରହ୍ମୋପାସନା ନ କରେ, ସେ ମାୟାନ୍ଧକାରରେ ଆଚ୍ଛନ୍ନ ହୋଇପଡ଼ିବା ସ୍ୱାଭାବିକ ।

ଜ୍ଞାନେଶ୍ୱର– ବ୍ରହ୍ମଠାରୁ ପୃଥକ୍ 'ମାୟା' ବୋଲି ଯଦି କିଛି ରହିଥାଏ, ତାହାହେଲେ ଏହି ମାୟା କବଳରୁ ରକ୍ଷା ପାଇବାଲାଗି ଏକମାତ୍ର ଉପାୟ ହେଉଛି, 'ନିଷ୍ଠା'ରେ ରହିବା । ତୁମ 'ଇଚ୍ଛା' ତୁମ ସହିତ ଲଢ଼େଇ କରିବ ବୋଲି କହିବାଭଳି ତୁମେ ଅସ୍ତିତ୍ୱହୀନ ମାୟା ଓ ଅହଂକାରକୁ ଦର୍ଶାଇ ସମସ୍ତେ 'ନିଷ୍ଠା'ରେ ରହିବା ଉଚିତ ବୋଲି କହୁଚ । ନିଜର ଅବାସ୍ତବ ଛାଇ ସହିତ ଲଢ଼ିବାରେ ଝାଳନାଳ ହେବା ଯେପରି ସାର ହୋଇଥାଏ, ସେହିଭଳି ମାୟା ଯେ ଅବାସ୍ତବ– ଏକଥା ଉପଲବ୍ଧି କରି ମଧ୍ୟ ଯଦି ତୁମେ ମୌନ ନ ରହ ଏବଂ ନୀରବତା ଅବଲମ୍ବନ ନ କର, ଏବଂ ଖାଲି ନେତି ନେତି (ଏହା ନୁହେଁ, ତାହା ନୁହଁ) କହିବାରେ ଲାଗିଥାଅ, ତାହାହେଲେ ତୁମେ ଅସୀମ ଦୁଃଖଯନ୍ତ୍ରଣା ଭୋଗ କରିବା ସାର ହେବ । ମନରେ ଆନନ୍ଦ କିମ୍ବା ଶାନ୍ତି ପାଇବ ନାହିଁ ।

ବିଠୋବା– ଯାହା ଅବାସ୍ତବ, ମନରୁ ତାହା ଦୂର ନ କଲେ, ମନକୁ ଏକାଗ୍ର ନ ରଖିଲେ, କେବଳ ସାକ୍ଷୀଭୂତ ହୋଇ ନରହିଲେ ଏବଂ ଯେ କୌଣସି ଘଟଣାରେ ଅବିଚଳିତ ନ ରହିଲେ, ସହଜ ବା ଆତ୍ମସ୍ଫୁର୍ତ୍ତଜ୍ଞାନ ଆସିବ କିପରି ?

ଜ୍ଞାନେଶ୍ୱର– ନେତି, ନେତି ଅର୍ଥାତ୍ ଏହା ନୁହଁ, ତାହା ନୁହଁ କହି କହି ମନୁଷ୍ୟ ଯେତିକି ଯେତିକି ଅବାସ୍ତବ ବସ୍ତୁକୁ ଏଡ଼େଇ ଏଡ଼େଇ ଯାଉଥିବ, ସେତିକି ଅଧିକରୁ ଅଧିକ ବସ୍ତୁ ଆସି ତା ଆଗରେ ଦେଖା ଦେଉଥିବ । ଉଇ ହୁଙ୍କାରୁ ଝଡ଼ିପୋକ ଯେପରି ଦଳକୁଦଳ ବାହାରିଥାଅନ୍ତି, ସେପରି ନାନା ବସ୍ତୁ ଆସି ଉପସ୍ଥିତ ହୋଇଥାଆନ୍ତି । ବାୟୁପୂର୍ଣ୍ଣ କନ୍ଦୁକ (ବଲ୍)କୁ ଥରକୁ ଥର ତଳେ ବାଡ଼େଇଲେ ତାହା ଯେପରି ଥରକୁ ଥର ଉପରକୁ ଉଠିଆସେ, ସେହିଭଳି ମନକୁ ଏକାଗ୍ର ରଖିବାଲାଗି ତୁମେ ଯେତିକି

ଉଦ୍ୟମ କରିବ, ମନ ସେତିକି ସେତିକି ବିଚଳିତ ହେଉଥିବ । କୁକୁର ଲାଙ୍ଗୁଡ଼ ବଙ୍କା । ତାକୁ ସିଧା କରିବାଲାଗି ଯେତେ ଚେଷ୍ଟା କଲେ ମଧ୍ୟ ବଙ୍କା ହିଁ ରହିଥାଏ । ସେହିଭଳି ତୁମେ ଯେତେ ସାକ୍ଷୀଭୂତ ହୋଇ ରହିବ, ନିଜକୁ ଅନ୍ୟଠାରୁ ଭିନ୍ନ ବୋଲି ଯେତେ ଚେଷ୍ଟା କରୁଥିବ, ମୁଁ ହେଉଚି ଏହି ଶରୀର– ଏହି ଭ୍ରମ ତୁମକୁ ସେତିକି ଘାରୁଥିବ । ମୁକ୍ତା ଯେଉଁ ସାମୁକା ଦେହରେ ରହିଥାଏ, ତାର ବହିରାବରଣ ଯେପରି ରୂପାଭଳି ଦେଖାଯାଏ, ମାୟା, ଅବିଦ୍ୟା ଓ ଅହଂକାର ସେହିଭଳି ଅବାସ୍ତବ । ଏହି ଜ୍ଞାନ ଯାହାର ଲାଭ ହୋଇଥାଏ, ସେ କେବଳ ପରମବ୍ରହ୍ମାନନ୍ଦଙ୍କୁ ଉପଲବ୍ଧି କରିଥାଏ ।

ବିଠୋବା– କୌଣସି ପ୍ରକାରର ସାଧନା ନ କରି କେବଳ ଜ୍ଞାନ ବିଚାର ଦ୍ୱାରା 'ସୋଽହଂ' ବା ସିଏ (ବ୍ରହ୍ମ) ଯିଏ, ମୁଁ ସିଏ– ଏହି ଉପଲବ୍ଧି କରିଦେଲେ କ'ଣ ମନୁଷ୍ୟ ଦୁଃଖଦାୟକ ଇନ୍ଦ୍ରିୟଗୁଡ଼ିକୁ ଜୟ କରିପାରିବ ଏବଂ ସର୍ବବ୍ୟାପୀ ଆନନ୍ଦସ୍ୱରୂପ ହୋଇପାରିବ ?

ଜ୍ଞାନେଶ୍ୱର– ଜୀଅନ୍ତା ଗାଈ ବାଘକୁ କେବେହେଁ ମାରି ନ ପାରେ । ଭାବୁଚ କ'ଣ ଗାଈର ମଡ଼ା ଯାଇ ବାଘକୁ ମାରିଦେଇ ପାରିବ ? ସେହିଭଳି ଯେଉଁ ଆତ୍ମା ଅବିନଶ୍ୱର; ଯାହା ନିର୍ମଳ, ଯାହା ସର୍ବବ୍ୟାପୀ ଏବଂ ଆନନ୍ଦସ୍ୱରୂପ, ଇନ୍ଦ୍ରିୟଗୁଡ଼ିକ ତାର କ'ଣ ବା କ୍ଷତି କରିପାରିବେ ? ଗାଈ ଯେତେ ହୃଷ୍ଟପୁଷ୍ଟ ହେଉନା କାହିଁକି, ବାଘର ସମ୍ମୁଖୀନ ହେବାକୁ ସେ ଭୟ କରିଥାଏ । ସେହିଭଳି ଯେଉଁ ବ୍ୟକ୍ତି ଦୃଢ଼ ଜ୍ଞାନଦ୍ୱାରା ପୂର୍ଣ୍ଣାନନ୍ଦ ଲାଭ କରିଥାଏ, ଅଜ୍ଞାନ ତଥା ଇନ୍ଦ୍ରିୟ ତାର ପାଖ ସୁଦ୍ଧା ମାଡ଼ି ନ ପାରେ । ଯଦିବା ଆସନ୍ତି, ବାଘଦ୍ୱାରା ଗାଈର ଦଶା ଯାହା ହୋଇଥାଏ, ଇନ୍ଦ୍ରିୟଗୁଡ଼ିକର ଦଶା ମଧ୍ୟ ତାହା ହୋଇଥାଏ ।

ବିଠୋବା– ସତୀ ସାଧ୍ୱୀ ସ୍ତ୍ରୀ ଗଣିକାଙ୍କ ସହିତ ମିଶିବାରେ ଯେପରି ଅସତୀ ବିବେଚିତ ହୁଏ, ସେହିଭଳି ଜ୍ଞାନୀଲୋକେ ଅଜ୍ଞାନୀଙ୍କ ସହିତ ମିଳାମିଶା କଲେ,ଅଜ୍ଞାନୀଙ୍କ ଭଳି ଇନ୍ଦ୍ରିୟାସକ୍ତ ହୋଇପଡ଼ିବା ସ୍ୱାଭାବିକ । ତା ଫଳରେ ତାର ମନ ବିଚଳିତ ହୋଇପଡ଼େ, ସେ ଦୁଃଖ ଯନ୍ତ୍ରଣାଗ୍ନିରେ ଦଗ୍ଧ ହୁଏ ।

ଜ୍ଞାନେଶ୍ୱର– ଯିଏ ପ୍ରକୃତ ସତୀ, ସାଧ୍ୱୀ, ସେ ବେଶ୍ୟାଙ୍କ ସହିତ ମିଶିଲେ ମଧ୍ୟ ତାର ସତୀତ୍ୱ କ୍ଷୁଣ୍ଣ ହୁଏନା । କିନ୍ତୁ ଯାହାର ମନ ସବୁବେଳେ ବିଚଳିତ, ଦୁର୍ଜ୍ଜନଙ୍କ ସହିତ ମିଳାମିଶା ନ କଲେ ମଧ୍ୟ ସେ ଖରାପ ହିଁ ରହିବ । କିନ୍ତୁ ଯିଏ ସଂପୂର୍ଣ୍ଣ ଜ୍ଞାନୀ, ସେ ଅଜ୍ଞାନୀଙ୍କ ମେଳରେ ରହିଥିଲେ ମଧ୍ୟ ସେ ତାର ବ୍ରହ୍ମୋପଲବ୍ଧି ହରାଏ ନାହିଁ । ଯିଏ ଚଞ୍ଚଳମନା, ସେ ଯେତେ ନିର୍ଜ୍ଜନ, ନିକାଞ୍ଚନ ସ୍ଥାନରେ ରହୁନା କାହିଁକି, ତାର

ଜ୍ଞାନପ୍ରାପ୍ତି ହୋଇପାରିବ ନାହିଁ । କାରଣ ବାହାରେ କୋଳାହଳ ନଥିଲେ ମଧ୍ୟ ତା ମନ ଭିତରେ କୋଳାହଳ ଲାଗିରହିଥିବ ।

ବିଠୋବା– ଜଣେ ସବୁବେଳେ ପାରିବାରିକ ଜଞ୍ଜାଳରେ ବୁଡ଼ି ରହିଲେ, ଆତ୍ମସ୍ଫୁର୍ତ୍ତ ବା ସହଜ ଭାବରେ ତାର ଜ୍ଞାନଲାଭ ହେବ କିପରି ?

ଜ୍ଞାନେଶ୍ୱର– ଜଣେ ବ୍ରାହ୍ମଣ ମଞ୍ଚ ଉପରେ ଝାଡୁଦାରର ଅଭିନୟ କଲେ ମଧ୍ୟ ତାର ବ୍ରାହ୍ମଣ୍ୟ ଚାଲିଯାଏନି । ସେହିଭଳି ଜଣେ ଜ୍ଞାନୀ ଅଜ୍ଞାନୀମାନଙ୍କ ସହିତ ମିଶି ସେମାନଙ୍କ ସହିତ କେତେକ କର୍ମ କଲେ ମଧ୍ୟ ସେ ପରମାନନ୍ଦରେ ହିଁ ରହିଥାଏ । ସେ ଆନନ୍ଦରୁ ତିଳେହେଲେ ବଞ୍ଚିତ ହୋଇପଡ଼େନା ।

ବିଠୋବା– ମନୁଷ୍ୟର ଜ୍ଞାନ ବା ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ଯେତେ ଦୃଢ଼ ହେଉନା କାହିଁକି, ସେ ନିଜେ ବ୍ରହ୍ମ ବୋଲି ଯଦି କିଛି ସମୟ ଚିନ୍ତା ନ କରେ, ତାହାହେଲେ ସେ ବ୍ରହ୍ମଜ୍ଞାନୀ ହେବା କଷ୍ଟକର ।

ଜ୍ଞାନେଶ୍ୱର– ଝାଡୁଦାର ଭୂମିକାରେ ଅଭିନୟ କରୁଥିବା ବ୍ରାହ୍ମଣକୁ କ'ଣ ଥରକୁ ଥର ବାହାରକୁ ଆସି 'ମୁଁ ଝାଡୁଦାର ନୁହଁ, ବ୍ରାହ୍ମଣ' ବୋଲି କହିବା ଆବଶ୍ୟକ ହୋଇଥାଏ ? ସେ ଯଦି ନିରନ୍ତର 'ମୁଁ ବ୍ରାହ୍ମଣ' ବୋଲି ନ ଭାବେ, ସେ କ'ଣ ଝାଡୁଦାର ହୋଇଯିବ ? ଲୋକେ ଯାହାକୁ ବ୍ରାହ୍ମଣ ବୋଲି ଜାଣନ୍ତି, ନିଜକୁ ପରିଚୟ ଦେବାପାଇଁ ତାକୁ କ'ଣ ଥରକୁ ଥର 'ହେଇ ମୋର ପଇତା ଅଛି' ବୋଲି ଦେଖାଇବାକୁ ପଡ଼ିଥାଏ ? ମନରୁ ଅହଂଭାବ ଲୋପ କରି ସାରିବା ପରେ ସେହି ଅହଂ–ଚେତନାର ଗ୍ରନ୍ଥିରେ କିଏ କେବେ ନିଜକୁ ବାନ୍ଧି ରଖିବାକୁ ଚାହେଁ କି ? ସେ 'ମୁଁ ବ୍ରହ୍ମ, ମୁଁ ବ୍ରହ୍ମ' ବୋଲି ଘୋଷିହୁଏ କି ? ପଇତା ନ ପିନ୍ଧିଲେ ମଧ୍ୟ ବ୍ରାହ୍ମଣ, ବ୍ରାହ୍ମଣ ଭାବରେ ପୂଜା ପାଇଥାଏ । ସେହିଭଳି ଯିଏ 'ମୁଁ ଓ ମୋର' ଭାବକୁ ଜଳାଞ୍ଜଳି ଦେଇଥାଏ, ସେ ସର୍ବଦା ସମସ୍ତଙ୍କଦ୍ୱାରା ପୂଜା ପାଇଥାଏ । ସେ ଧ୍ୟାନ, ଧାରଣା, ସାଧନା, ତପସ୍ୟା ଆଦି ନ କଲେ ମଧ୍ୟ ପରମ ଆତ୍ମାନନ୍ଦ ଭୋଗ କରିଥାଏ ।

ବିଠୋବା– ସର୍ବଶକ୍ତିମାନ ଜଗଦୀଶଙ୍କ ସହିତ ସମାନ ହୋଇଗଲେ ମଧ୍ୟ 'ମୁଁ ବ୍ରହ୍ମ' ଭାବ ଲାଗି ଯଦି ଦୈନିକ ଧ୍ୟାନ, ତପସ୍ୟାଦିର ସାଧନା ନ କରାଯାଏ, ତାହାହେଲେ ମନୁଷ୍ୟ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିବ ହିଁ ରହିବ – ଏଥିରେ କୌଣସି ସନ୍ଦେହ ନାହିଁ । ତା'ଛଡ଼ା ସାଧନା ନ କଲେ ଶରୀର ତଥା ମନ ସହିତ ଓତପ୍ରୋତଃ ଭାବେ ଜଡ଼ିତ ରହିଥିବା ଅହଂଭାବ ତୁଟିବ ନାହିଁ ।

ଜ୍ଞାନେଶ୍ୱର — ହାତରେ ଆଲୋକ ବର୍ତ୍ତିକା ତଥା ମଶାଲ ଧରି କିଏ ଯଦି ଅନ୍ଧକାରକୁ କହେ ତୁ ଟିକିଏ ରହ, ସେ ରହିପାରିବ କି ? ଶରୀର ଓ ଏହାର ଇନ୍ଦ୍ରିୟଗୁଡ଼ିକ ନିରର୍ଥକ ବୋଲି ଉପଲବ୍ଧି କରି ଅଜ୍ଞାନ ଦୂର କରି ସାରିବା ପରେ ଏବଂ ନିଜେ ହିଁ ସର୍ବଶକ୍ତିମାନ୍ ପରବ୍ରହ୍ମ ବୋଲି ଉପଲବ୍ଧି କରି ସାରିବା ପରେ ଅଜ୍ଞାନ ଯଦି କହେ, 'ମୁଁ ତୁମ ପାଖରେ ହିଁ ରହିବି, ସେ ରହି ପାରିବ କି ? ତାର ଜିଦ୍ କଦାପି ରହିବ ନାହିଁ !

ହାତରେ ଗୋଟିଏ ବିରାଡ଼ି (ବିଡ଼ାଳ) ଧରି ଶୁଆକୁ ଯଦି କହିବ, ତୁ କଥା କହ, ଶୁଆ କଥା କହିବ କି ? ତାର ସବୁବେଳେ ଭୟ ଥିବ ବିରାଡ଼ି ତାକୁ ଖାଇ ଯିବନି ତ ! ଆତ୍ମା ତଥା ଈଶ୍ୱର ସତ୍ୟ, ସଂସାର ମିଥ୍ୟା ବୋଲି ଉପଲବ୍ଧି କରି ସାରିବା ପରେ 'ମାୟା'କୁ ଆମନ୍ତ୍ରଣ କଲେ ମଧ୍ୟ ସେ ଆସିବ କି ? ନପୁଂସକ ଭାବରେ ସୁପରିଚିତ କୌଣସି ପୁରୁଷ, ସ୍ତ୍ରୀଲୋକଙ୍କ ପାଖରେ, ମୁଁ ପୁରୁଷ, ମୋର ପୁରୁଷପଣିଆ ଅଛି ବୋଲି କହିବାକୁ ଲାଜ କରିଥାଏ, ସାହସ ମଧ୍ୟ କରି ନଥାଏ । ସେହିଭଳି ବ୍ରହ୍ମ ହିଁ ବାସ୍ତବ, ମାୟା ହେଉଛି ଅବାସ୍ତବ, ବ୍ରହ୍ମ ସମସ୍ତ ଚିନ୍ତାର ଉର୍ଦ୍ଧ୍ୱରେ । ମାୟା ହେଉଛି ସମସ୍ତ ପ୍ରକାରର କାମନା ଓ ସ୍ଖଳନର ସମାବେଶ । ସମସ୍ତ ଜଗତ ବ୍ରହ୍ମମୟ, ବ୍ରହ୍ମହିଁ ଜଗତ— ଏହି ଭାବ ଯାହାର ଆସିଗଲାଣି, ତା ନିକଟରେ କାମନା, ବିଶ୍ରାନ୍ତ, ବନ୍ଧନ, ସ୍ୱାଧୀନତା, ଜନ୍ମ, ମୃତ୍ୟୁ, ନଗର, ଗ୍ରାମ, ଜଙ୍ଗଲ, ଦାନ, ପୁଣ୍ୟ, ତପସ୍ୟା, ବୈରାଗ୍ୟ କିମ୍ବା ସାଂସାରିକ ଜୀବନର କୌଣସି ସତ୍ତା ସୁଦ୍ଧା ନ ଥାଏ । ମେଣ୍ଢା ମରିଗଲେ ମଧ୍ୟ, ତା ଆଖିକି ଲକ୍ଷ୍ୟ କଲେ ଜଣାଯିବ ସତେ ଯେମିତି ସେ ଦେଖି ପାରୁଛି । ମାୟା ହେଉଛି ମଲା ମେଣ୍ଢାର ଆଖିଭଳି । ଏହାର କୌଣସି ଶକ୍ତି ନଥାଏ । ପ୍ରକୃତରେ ଯିଏ ଜ୍ଞାନୀ, ତାକୁ ଏହି ମିଥ୍ୟା ମାୟା କୌଣସିମତେ ଅଜ୍ଞାନ ଆଡ଼କୁ ଟାଣିନେଇ ନପାରେ ।

ମୁଁ ଯାହା କହିଲି, ତାକୁ ଗଭୀରଭାବେ ଚିନ୍ତା କରନ୍ତୁ । ଘରକୁ ଫେରି ଚାଲନ୍ତୁ ।

ବିଠୋବା ଆଉ ଚିନ୍ତା କରିବେ କ'ଣ ? ପୁତ୍ର ଜ୍ଞାନେଶ୍ୱର ତାଙ୍କ ଚିନ୍ତାରାଜ୍ୟକୁ ଏପରିଭାବେ ଜୟ କରି ସାରିଥିଲେ ଯେ ସେ ବହୁସମୟ ଚିନ୍ତାଶୂନ୍ୟ ହୋଇପଡ଼ିଲେ । ଶେଷରେ ପୁଅମାନଙ୍କ ସହିତ ଘରକୁ ଫେରିଥିଲେ ସେ ।

●

ଶ୍ରୀମଦ୍ଭଗବଦ୍‌ଗୀତା

ଅକାରାଦିକ୍ରମେ ଶ୍ଳୋକ-ସୂଚୀ

ଏ ସୂଚୀରେ ପ୍ରତ୍ୟେକ ଶ୍ଳୋକର ପ୍ରଥମ ପାଦ ଏବଂ ଦ୍ୱିତୀୟ ପାଦର କିଛି ଅଂଶ ଦିଆଯାଇଛି । ଏଥିରେ ତିନୋଟି ସ୍ତମ୍ଭ ଅଛି । ପ୍ରଥମ ସ୍ତମ୍ଭରେ ସଂସ୍କୃତ ଶ୍ଳୋକ, ଦ୍ୱିତୀୟ ସ୍ତମ୍ଭରେ ଅଧ୍ୟାୟ ସଂଖ୍ୟା ଓ ତୃତୀୟ ସ୍ତମ୍ଭରେ ଶ୍ଳୋକ ସଂଖ୍ୟା ଦିଆଯାଇଅଛି ।

'ଅ'

	ଅଧ୍ୟାୟ	ଶ୍ଳୋକ
ଅକର୍ମଣଶ୍ଚ ବୋଦ୍ଧବ୍ୟଂ	୪	୧୭
ଅକୀର୍ତିଂ ଚାପି ଭୂତାନି	୨	୩୪
ଅକ୍ଷରଂ ବ୍ରହ୍ମପରମଂ	୮	୩
ଅକ୍ଷରାଣାମକାରୋଽସ୍ମି	୧୦	୩୩
ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ	୮	୨୪
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ	୩	୧୬
ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମ୍	୨	୨୪
ଅଜାନନ୍ତୋ ମହିମାନଂ ତବେଦଂ	୧୧	୪୧
ଅଜୋଽପି ସନ୍ନବ୍ୟୟାତ୍ମା	୪	୬
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ	୨	୨୦
ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ	୪	୪୦
ଅଜ୍ଞାନଂ ଚାଭିଜାତସ୍ୟ	୧୬	୪
ଅଜ୍ଞାନେନାବୃତଂ ଜ୍ଞାନଂ	୫	୧୫
ଅତ୍ରୈକସ୍ଥଂ ଜଗତ୍ କୃତ୍ସ୍ନଂ	୧୮	୨୨
ଅତୋଽସ୍ମି ଲୋକେ ବେଦେ ଚ	୧୫	୧୮
ଅତ୍ୟେତି ତତ୍‌ସର୍ବମିଦଂ	୮	୨୮
ଅତ୍ର ଶୂରା ମହେଷ୍ୱାସା	୧	୪
ଅଥ କେନ ପ୍ରଯୁକ୍ତୋଽୟଂ	୩	୩୬
ଅଥ ଚିତ୍ତଂ ସମାଧାତୁଂ	୧୨	୯
ଅଥ ତେତ୍ତ୍ୱମହଂକାରାନ୍ନ	୧୮	୫୮
ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ	୨	୩୩
ଅଥ ଚୈନଂ ନିତ୍ୟଜାତଂ	୨	୨୬
ଅଥବା ବହୁନୈତେନ	୧୦	୪୨
ଅଥବା ଯୋଗିନାମେବ	୬	୪୨
ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା	୧	୨୦
ଅଥୈତଦପ୍ୟଶକ୍ତୋଽସି କର୍ତୁଂ	୧୨	୧୧
ଅଦେଶକାଳେ	୧୭	୨୨
ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି	୧୧	୪୫
ଅଦ୍ୱେଷ୍ଟା ସର୍ବଭୂତାନାଂ	୧୨	୧୩
ଅଧର୍ମଂ ଧର୍ମମିତି ଯା	୧୮	୩୨
ଅଧର୍ମାଭିଭବାତ୍ କୃଷ୍ଣ	୧	୪୦
ଅଧଶ୍ଚ ମୂଳାନ୍ୟନୁସନ୍ତତାନି	୧୫	୨
ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ	୧୫	୨
ଅଧିଭୂତଂ ଚ କିଂ ପ୍ରୋକ୍ତ	୮	୧
ଅଧିଭୂତଂ କ୍ଷରୋଭାବଃ	୮	୪
ଅଧିଯଜ୍ଞଃ କଥଂ କୋଽତ୍ର	୮	୨
ଅଧିଯଜ୍ଞୋଽହମେବାତ୍ର	୮	୪
ଅଧିଷ୍ଠାନଂ ତଥା କର୍ତ୍ତା	୧୮	୧୪
ଅଧିଷ୍ଠାୟ ମନଶ୍ଚାୟଂ	୧୫	୯

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ	୧୩	୧୧	ଅନେନ ପ୍ରସବିଷ୍ୟଧ୍ୱମେଷ	୩	୧୦
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ	୧୦	୩୭	ଅନ୍ୟେ ତ ବ୍ରହ୍ମଣେ ଧୃତିଃ	୧	
ଅଧେକ୍ଷ୍ୟତେ ଚ ଯ ଇମଂ	୧୮	୭୦	ଅନ୍ୟେ ତ୍ୱେବମଜାନନ୍ତଃ	୧୩	୨୫
ଅନନ୍ତଦେବେଶ	୧୧	୩୭	ଅନ୍ୟେ ସାଂଖ୍ୟେନ ଯୋଗେନ	୧୩	୨୪
ଅନନ୍ତବିଜୟଂ ରାଜା	୧	୧୬	ଅନ୍ତକାଳେ ଚ ମାମେବ	୮	୫
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ	୧୧	୪୦	ଅନ୍ତବତ୍ତୁ ଫଳଂ ତେଷାଂ	୭	୨୩
ଅନନ୍ତଶ୍ଚାସ୍ମି ନାଗାନାଂ	୧୦	୨୯	ଅନ୍ତବନ୍ତ ଇମେ ଦେହା	୨	୧୮
ଅନନ୍ୟଚେତାଃ ସତତଂ	୮	୧୪	ଅନ୍ନାଦ ଭବନ୍ତି ଭୂତାନି	୩	୧୪
ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ	୯	୨୨	ଅପରସ୍ପର ସମ୍ଭୂତଂ	୧୬	୮
ଅନନ୍ୟେନୈବ ଯୋଗେନ	୧୨	୬	ଅପରଂ ଭବତୋ ଜନ୍ମ	୪	୪
ଅନପେକ୍ଷଃ ଶୁଚିର୍ଦକ୍ଷ	୧୨	୧୬	ଅପରେ ନିୟତାହାରାଃ	୪	୩୦
ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍	୧୩	୩୧	ଅପରେୟମିତସ୍ତ୍ୱନ୍ୟାଂ	୭	୫
ଅନାଦିମତ୍ପରଂ ବ୍ରହ୍ମ	୧୩	୧୨	ଅପର୍ଯ୍ୟାପ୍ତଂ ତଦସ୍ମାକଂ	୧	୧୦
ଅନାଦିମଧ୍ୟାନ୍ତମନନ୍ତ ବୀର୍ଯ୍ୟ	୧୧	୧୯	ଆପଶ୍ୟଦ୍ଦେବଦେବସ୍ୟ	୧୧	୧୩
ଅନାତ୍ମନସ୍ତୁ ଶତ୍ରୁତ୍ୱେ	୬	୬	ଅପାନେ ଜୁହ୍ୱତି ପ୍ରାଣଂ	୪	୨୯
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମ୍	୨	୨	ଅପି ଚେତ୍ ସୁଦୁରାଚାରୋ	୯	୩୦
ଅନାଶିନୋ ଽପ୍ରମେୟସ୍ୟ	୨	୧୮	ଅପି ଚେଦସି ପାପେଭ୍ୟଃ	୪	୩୬
ଅନାଶ୍ରିତଃ କର୍ମଫଳଂ	୬	୧	ଅପିତ୍ରୈଲୋକ୍ୟରାଜ୍ୟସ୍ୟ	୧	୩୪
ଅନିକେତଃ ସ୍ଥିରମତିର୍	୧୨	୧୯	ଅପ୍ରକାଶୋ ଽପ୍ରବୃତ୍ତିଶ୍ଚ	୧୪	୧୩
ଅନିଚ୍ଛନ୍ନପି ବାର୍ଷ୍ଣେୟ	୩	୩୬	ଅପ୍ରତିଷ୍ଠୋ ମହାବାହୋ	୬	୩୮
ଅନିତ୍ୟମସୁଖଂ ଲୋକମ୍	୯	୩୩	ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ	୯	୩
ଅନିଷ୍ଟମିଷ୍ଟଂ ମିଶ୍ରଂ ଚ	୧୮	୧୨	ଅପ୍ରାପ୍ୟ ଯୋଗସଂସିଦ୍ଧିଂ	୬	୩୭
ଅନୁଦ୍ୱେଗକରଂ ବାକ୍ୟଂ	୧୭	୧୫	ଅଫଲପ୍ରେପ୍ସୁନା କର୍ମ	୧୮	୨୩
ଅନୁବନ୍ଧଂ କ୍ଷୟଂ ହିଂସାମନପେକ୍ଷ୍ୟ	୧୮	୨୫	ଅଫଲାକାଙ୍କ୍ଷିଭିର୍ଯଜ୍ଞୋ	୧୭	୧୧
ଅନେକଚିତ୍ତବିଭ୍ରାନ୍ତା	୧୬	୧୬	ଅଫଲାକାଙ୍କ୍ଷିଭିର୍ଯୁକ୍ତୈ	୧୭	୧୭
ଅନେକଜନ୍ମସଂସିଦ୍ଧସ୍ତତୋ	୬	୪୫	ଅବଜାନନ୍ତି ମାଂ ମୂଢ଼ା	୯	୧୧
ଅନେକଦିବ୍ୟାଭରଣଂ	୧୧	୧୦	ଅବାଚ୍ୟ ବାଦାଂଶ୍ଚ ବହୂନ୍	୨	୩୬
ଅନେକବକ୍ତ୍ରନୟନମ୍	୧୧	୧୦	ଅବାପ୍ୟ ଭୂମାବସପତ୍ନମୃଦ୍ଧଂ	୨	୮
ଅନେକ ବାହୂଦରବକ୍ତ୍ର ନେତ୍ରଂ	୧୧	୧୬	ଅବିନାଶି ତୁ ତଦ୍ବିଦ୍ଧି	୨	୧୭

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଅବିଭକ୍ତଂ ଚ ଭୂତେଷୁ	୧୩	୧୬	ଅଶ୍ରଦ୍ଦଧାନାଃ ପୁରୁଷା	୯	୩
ଅବିଭକ୍ତଂ ବିଭକ୍ତେଷୁ	୧୮	୨୦	ଅଶ୍ରଦ୍ଧୟା ହୁତଂ ଦତ୍ତଂ	୧୭	୨୮
ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ	୭	୨୪	ଅଶ୍ୱତ୍ଥ ସର୍ବବୃକ୍ଷାଣାଂ	୧୦	୨୬
ଅବ୍ୟକ୍ତ ନିଧନାନ୍ୟେବ	୨	୨୮	ଅଶ୍ୱତ୍ଥମେନଂ ସୁବିରୁଢ	୧୫	୩
ଅବ୍ୟକ୍ତାଦ୍‌ବ୍ୟକ୍ତୟଃ ସର୍ବାଃ	୮	୧୮	ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ	୧	୮
ଅବ୍ୟକ୍ତାଦୀନି ଭୂତାନି	୨	୨୮	ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ	୧୦	୩
ଅବ୍ୟକ୍ତା ହିଁ ଗତିର୍ଦୁଃଖଂ	୧୨	୫	ଅସଂଯତାତ୍ମନା ଯୋଗୋ	୬	୩୬
ଅବ୍ୟକ୍ତୋଽୟଂ ମଚିନ୍ତ୍ୟୋଽୟମ୍	୨	୨୫	ଅସଂଶୟଂ ମହାବାହୋ	୬	୩୫
ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତ	୮	୨୧	ଅସଂଶୟଂ ସମଗ୍ରଂ ମାଂ	୭	୧
ଅଭୟଂ ସତ୍ତ୍ୱସଂଶୁଦ୍ଧି	୧୬	୧	ଅସକ୍ତଂ ସର୍ବଭୃଚ୍ଚୈବ	୧୩	୧୪
ଅଭିତୋ ବ୍ରହ୍ମନିର୍ବାଣଂ	୫	୨୬	ଅସକ୍ତବୁଦ୍ଧିଃ ସର୍ବତ୍ର	୧୮	୪୯
ଅଭିସନ୍ଧାୟ ତୁ ଫଳଂ	୧୭	୧୨	ଅସକ୍ତିରନଭିଷ୍ୱଂଗଃ	୧୩	୧୯
ଅଭ୍ୟାସଯୋଗଯୁକ୍ତେନ	୮	୮	ଅସକ୍ତୋ ହ୍ୟାଚରନ୍ କର୍ମ	୩	୧୯
ଅଭ୍ୟାସଯୋଗେନ ତତୋ	୧୨	୯	ଅସତ୍‌କୃତମବଜ୍ଞାତଂ	୧୭	୨୨
ଅଭ୍ୟାସାଦ୍ରମତେ ଯତ୍ର	୧୮	୩୬	ଅସତ୍ୟମପ୍ରତିଷ୍ଠଂ ତେ	୧୬	୮
ଅଭ୍ୟାସେଽପ୍ୟସମର୍ଥୋଽସି	୧୨	୧୦	ଅସଦିତ୍ୟୁଚ୍ୟତେ ପାର୍ଥ	୧୭	୨୮
ଅଭ୍ୟାସେନ ତୁ କୌନ୍ତେୟ	୬	୩୫	ଅସିତୋ ଦେବଲୋବ୍ୟାସଃ	୧୦	୧୩
ଅଭ୍ୟୁତ୍ଥାନମଧର୍ମସ୍ୟ	୪	୭	ଅସୌ ମୟା ହତଃ ଶତ୍ରୁଃ	୧୬	୧୪
ଅମାନିତ୍ୱମଦମ୍ଭିତ୍ୱମହିଂସା	୧୩	୭	ଅସ୍ମାକଂ ତୁ ବିଶିଷ୍ଟା ଯେ	୧	୭
ଅମୀ ଚ ତ୍ୱାଂ	୧୧	୨୬	ଅହଂକାର ଇତୀୟଂ ମେ	୭	୪
ଅମୀ ହି ତ୍ୱାଂ ସୁରସଂଘା	୧୧	୨୧	ଅହଂକାର ବିମୂଢ଼ାତ୍ମା	୩	୨୭
ଅମୃତଞ୍ଚୈବ ମୃତ୍ୟୁଶ୍ଚ	୯	୧୯	ଅହଂ କ୍ରତୁରହଂ ଯଜ୍ଞଃ	୯	୧୬
ଅଯତିଃ ଶ୍ରଦ୍ଧୟୋପେତୋ	୬	୩୭	ଅହଂ କୃତ୍ସ୍ନସ୍ୟ ଜଗତଃ	୭	୬
ଅଯଥାବତ୍ ପ୍ରଜାନାତି	୧୮	୩୧	ଅହଂ ତ୍ୱାଂ ସର୍ବପାପେଭ୍ୟୋ	୧୮	୬୬
ଅଯୁକ୍ତଃ କାମକାରେଣ	୫	୧୨	ଅହଂ ବୈଶ୍ୱାନରୋ ଭୂତ୍ୱା	୧୫	୧୪
ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ	୧୮	୨୮	ଅହଂ ସର୍ବସ୍ୟ ପ୍ରଭବୋ	୧୦	୮
ଅୟନେଷୁଚସର୍ବେଷୁ	୧	୧୧	ଅହଂ ହି ସର୍ବଯଜ୍ଞାନାଂ	୯	୨୪
ଅଶାସ୍ତ୍ରବିହିତଂ ଘୋରଂ	୧୭	୫	ଅହଂକାରଂ ବଳଂ ଦର୍ପଂ	୧୬	୧୮
ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ	୨	୧୧	ଅହଂକାର ବଳଂ ଦର୍ପଂ	୧୮	୫୩

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଅହମାଦିଶ୍ଚ ମଧ୍ୟଂ ଚ	୧୦	୨୦	ଆବ୍ରହ୍ମଭୁବନାଲ୍ଲୋକାଃ	୮	୧୬
ଅହମାର୍ଦ୍ଧିଦେବାନାଂ	୧୦	୨	ଆୟୁଃସତ୍ତ୍ୱବଳାରୋଗ୍ୟ	୧୭	୮
ଅହମାତ୍ମା ଗୁଡ଼ାକେଶ	୧୦	୨୦	ଆୟୁଧାନାମହଂ ବଜ୍ରଂ	୧୦	୨୮
ଅହମେବାକ୍ଷୟଃ କାଳୋ	୧୦	୩୩	ଆରୁରୁକ୍ଷୋର୍ମୁନେର୍ଯୋଗଂ	୬	୩
ଅହିଂସା ସତ୍ୟମକ୍ରୋଧ	୧୬	୨	ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ	୭	୧୬
ଅହିଂସା ସମତା ତୁଷ୍ଟି	୧୦	୫	ଆଶାପାଶଶତୈର୍ବଦ୍ଧାଃ	୧୬	୧୨
ଅହୋବତ୍ ମହତ ପାପଂ	୧	୪୪	ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ	୨	୨୯
'ଆ'			ଆଶ୍ଚର୍ଯ୍ୟବତ୍ ପଶ୍ୟତି	୨	୨୯
ଆଖ୍ୟାହି ମେ କୋ ଭବାନୁ	୧୧	୩୧	ଆଶ୍ୱାସୟାମାସ ଚ	୧୧	୫୦
ଆଗମାପାୟିନୋଽନିତ୍ୟା	୨	୧୪	ଆସୁରୀଂ ଯୋନିମାପନ୍ନା	୧୬	୨୦
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ	୧୬	୨୨	ଆସ୍ଥିତଃ ସ ହି ଯୁକ୍ତାତ୍ମା	୭	୧୮
ଆଚାର୍ଯ୍ୟମୁପସଂଗମ୍ୟ	୧	୨	ଆହାରସ୍ତ୍ୱପି ସର୍ବସ୍ୟ	୧୭	୭
ଆଚାର୍ଯ୍ୟାଃ ପିତରଃ ପୁତ୍ର	୧	୩୩	ଆହାରା ରାଜସସ୍ୟେଷ୍ଟା	୧୭	୯
ଆଚାର୍ଯ୍ୟାନ୍ ମାତୁଳାନ୍ ଭ୍ରାତୄନ୍	୧	୨୬	ଆହୁସ୍ତ୍ୱାମୃଷୟଃ ସର୍ବେ	୧୦	୧୩
ଆଚାର୍ଯ୍ୟୋପାସନଂ ଶୌଚଂ	୧୩	୭	'ଇ'		
ଆଢ୍ୟୋଽଭିଜନବାନସ୍ମି	୧୬	୧୫	ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ	୧୩	୬
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ	୩	୧୭	ଇଚ୍ଛାଦ୍ୱେଷଃସମୁତ୍ଥେନ	୭	୨୭
ଆତ୍ମନ୍ୟେବାତ୍ମନା ତୁଷ୍ଟଃ	୨	୫୫	ଇଜ୍ୟତେ ଭରତଶ୍ରେଷ୍ଠ	୧୭	୧୨
ଆତ୍ମବନ୍ତଂ ନ କର୍ମାଣି	୪	୪୧	ଇତି କ୍ଷେତ୍ରଂ ତଥା ଜ୍ଞାନଂ	୧୩	୧୮
ଆତ୍ମବଶୈର୍ବିଧେୟାତ୍ମା	୨	୬୪	ଇତି ଗୁହ୍ୟତମଂ ଶାସ୍ତ୍ରମ୍	୧୫	୨୦
ଆତ୍ମସଂଯମ ଯୋଗାଗ୍ନୌ	୪	୨୭	ଇତି ତେ ଜ୍ଞାନମାଖ୍ୟାତଂ	୧୮	୬୩
ଆତ୍ମସଂସ୍ଥଂ ମନଃ କୃତ୍ୱା	୬	୨୫	ଇତି ମାଂ ଯୋଽଭିଜାନାତି	୪	୧୪
ଆତ୍ମସମ୍ଭାବିତାଃ ସ୍ତବ୍ଧା	୧୬	୧୭	ଇତି ମତ୍ୱା ଭଜନ୍ତେ ମାଂ	୧୦	୮
ଆତ୍ମୈବ ହ୍ୟାତ୍ମାନୋ ବନ୍ଧୁ	୬	୫	ଇତ୍ୟର୍ଜୁନଂ ବାସୁଦେବ	୧୧	୫୦
ଆତ୍ମୌପମ୍ୟେନ ସର୍ବତ୍ର	୬	୩୨	ଇତ୍ୟହଂ ବାସୁଦେବସ୍ୟ	୧୮	୭୪
ଆଦିତ୍ୟାନାମହଂ ବିଷ୍ଣୁ	୧୦	୨୧	ଇଦଂ ଜ୍ଞାନମୁପାଶ୍ରିତ୍ୟ	୧୪	୨
ଆଦ୍ୟାନ୍ତବନ୍ତଃ କୌନ୍ତେୟ	୫	୨୨	ଇଦଂ ତୁ ତେ ଗୁହ୍ୟତମଂ	୯	୧
ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ	୨	୭୦	ଇଦଂ ତେ ନାତପସ୍କାୟ	୧୮	୬୭
ଆବୃତଂ ଜ୍ଞାନ ମେତେନ	୩	୩୯	ଇଦଂ ଶରୀରଂ କୌନ୍ତେୟ	୧୩	୧

	ଅଧ୍ୟାୟ	ଶ୍ଳୋକ
ଇଦମଦ୍ୟ ମୟା ଲବ୍ଧମ୍	୧୬	୧୩
ଇଦମସ୍ତୀଦମପି ମେ	୧୬	୧୩
ଇଦାନୀମସ୍ମି ସଂବୃତ୍ତଃ	୧୧	୫୧
ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ	୩	୩୪
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି	୧୦	୨୨
ଇନ୍ଦ୍ରିୟାଣାଂ ହି ଚରତାଂ	୨	୬୭
ଇନ୍ଦ୍ରିୟାଣି ଦଶୈକଂ ଚ	୧୩	୫
ଇନ୍ଦ୍ରିୟାଣି ପରାଣ୍ୟାହୁ	୩	୪୨
ଇନ୍ଦ୍ରିୟାଣି ପ୍ରମାଥୀନି	୨	୬୦
ଇନ୍ଦ୍ରିୟାଣି ମନୋବୁଦ୍ଧିର୍	୩	୪୦
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟ	୨	୫୮
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟ	୨	୬୮
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ	୫	୮
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା	୩	୬
ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟ	୧୩	୯
ଇମଂ ବିବସ୍ୱତେ ଯୋଗଂ	୪	୧
ଇଷୁଭିଃ ପ୍ରତିଯୋତ୍ସ୍ୟାମି	୨	୪
ଇଷ୍ଟାନ୍ ଭୋଗାନ୍ହି	୩	୧୨
ଇଷ୍ଟୋଽସି ମେ ଦୃଢ଼ମିତି	୧୮	୬୪
ଇହୈକସ୍ଥଂ ଜଗତ୍କୃତ୍ସ୍ନଂ	୧୧	୭
ଇହୈବ ତୈର୍ଜିତଃ ସର୍ଗୋ	୫	୧୯
'ଈ'		
ଈକ୍ଷତେ ଯୋଗଯୁକ୍ତାତ୍ମା	୬	୨୯
ଈଶ୍ୱରଃ ସର୍ବଭୂତାନାଂ	୧୮	୬୧
ଈଶ୍ୱରୋଽହମହଂ ଭୋଗୀ	୧୬	୧୪
ଈହନ୍ତେ କାମଭୋଗାର୍ଥମ୍	୧୬	୧୨
'ଉ'		
ଉଚ୍ଚୈଃଶ୍ରବସମଶ୍ୱାନାଂ	୧୦	୨୭
ଉଚ୍ଛିଷ୍ଟମପି ଚାମେଧ୍ୟଂ	୧୭	୧୦

	ଅଧ୍ୟାୟ	ଶ୍ଳୋକ
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ	୧୫	୧୭
ଉତ୍କ୍ରାମନ୍ତଂ ସ୍ଥିତଂ ବାପି	୧୫	୧୦
ଉତ୍ସନ୍ନକୁଳଧର୍ମାଣାଂ	୧	୪୩
ଉତ୍ସୀଦ୍ୟନ୍ତେ ଜାତିଧର୍ମାଃ	୧	୪୨
ଉତ୍ସୀଦେୟୁରିମେ ଲୋକା	୩	୨୪
ଉଦାରାଃ ସର୍ବ ଏବୈତେ	୭	୧୮
ଉଦାସୀନବଦାସୀନୋ	୧୪	୨୩
ଉଦାସୀନବଦାସୀନମସକ୍ତଂ	୯	୯
ଉଦ୍ଧରେଦାତ୍ମନାତ୍ମାନଂ	୬	୫
ଉପଦେକ୍ଷନ୍ତି ତେ ଜ୍ଞାନଂ	୪	୩୪
ଉପଦ୍ରଷ୍ଟାନୁମନ୍ତା ଚ	୧୩	୨୨
ଉପବିଶ୍ୟାସନେ ଯୁଞ୍ଜ୍ୟାଦ	୬	୧୨
ଉପୈତି ଶାନ୍ତରଜସଂ	୬	୨୭
ଉବାଚ ପାର୍ଥ ପଶ୍ୟୈତାନ୍	୧	୨୫
ଉଭୟୋରପି ଦୃଷ୍ଟୋଽନ୍ତ	୨	୧୬
ଉଭୌ ତୌ ନ ବିଜାନୀତୋ	୨	୧୯
'ଊ'		
ଊର୍ଦ୍ଧଂଗଚ୍ଛନ୍ତି ସତ୍ତ୍ୱସ୍ଥା	୧୪	୧୮
ଊର୍ଦ୍ଧ୍ୱମୂଳମଧଃଶାଖମ୍	୧୫	୧
'ଋ'		
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି	୧୧	୩୨
ଋଷିଭିର୍ବହୁଧା ଗୀତଂ	୧୩	୪
'ଏ'		
ଏକଂ ସାଙ୍ଖ୍ୟଂ ଚ ଯୋଗଂ	୫	୫
ଏକତ୍ୱେନ ପୃଥକ୍ତ୍ୱେନ	୯	୧୫
ଏକମପ୍ୟାସ୍ଥିତଃ ସମ୍ୟଗୁ	୫	୪
ଏକୟାଯାତ୍ୟନାବୃତ୍ତିମ୍	୮	୨୬
ଏକାକୀ ଯତଚିତ୍ତାତ୍ମା	୬	୧୦
ଏକୋଽଥବାପ୍ୟଚ୍ୟୁତ	୧୧	୪୨

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଏତଚ୍ଛ୍ରୁତ୍ୱା ବଚନଂ	୧୧	୩୫	ଏଷ ତୂଦ୍ଦେଶତଃ ପ୍ରୋକ୍ତୋ	୧୦	୪୦
ଏତଦ୍ କ୍ଷେତ୍ରଂ ସମାସେନ	୧୩	୬	ଏଷା ତେଽଭିହିତା ସାଂଖ୍ୟେ	୨	୩୯
ଏତଜ୍ଜ୍ଞାନମିତି ପ୍ରୋକ୍ତମ୍	୧୩	୧୧	ଏଷା ବ୍ରାହ୍ମୀସ୍ଥିତିଃ ପାର୍ଥ	୨	୭୨
ଏତଦ୍‌ବୁଦ୍ଧ୍ୱାବୁଦ୍ଧିମାନ୍	୧୫	୨୦	'ଐ'		
ଏତଦ୍ ଯୋନୀନି ଭୂତାନି	୭	୬	ଐରାବତଂ ଗଜେନ୍ଦ୍ରାଣାଂ	୧୦	୨୭
ଏତଦ୍ ଯୋ ବେତ୍ତି ତଂ	୧୩	୧	'ଓ'		
ଏତଦ୍ବେଦିତୁମିଚ୍ଛାମି ଜ୍ଞାନଂ	୧୩	୧	ଓମିତ୍ୟେକାକ୍ଷରଂ ବ୍ରହ୍ମ	୮	୧୩
ଏତଦ୍ଧି ଦୁର୍ଲଭତରଂ	୬	୪୨	ଓଁ ତତ୍‌ସଦିତି ନିର୍ଦ୍ଦେଶୋ	୧୭	୨୩
ଏତନ୍ମେ ସଂଶୟଂ କୃଷ୍ଣ	୬	୩୯	'କ'		
ଏତସ୍ୟାହଂ ନ ପଶ୍ୟାମି	୬	୩୩	କଚ୍ଚିଦଜ୍ଞାନ ସଂମୋହଃ	୧୮	୭୨
ଏତାଂ ବିଭୂତିଂ ଯୋଗଂ ଚ	୧୦	୭	କଚ୍ଚିଦେତଚ୍ଛ୍ରୁତଂ ପାର୍ଥ	୧୮	୭୨
ଏତାଂ ଦୃଷ୍ଟିମବଷ୍ଟଭ୍ୟ	୧୬	୯	କଚ୍ଚିନ୍ନୋଭୟବିଭ୍ରଷ୍ଟ	୬	୩୮
ଏତାନ୍ନ ହନ୍ତୁମିଚ୍ଛାମି	୧	୩୪	କଚ୍ଚିନ୍ମଳବଶାତ୍ୟେଷ୍ଟ	୧୭	୯
ଏତାନ୍ୟପି ତୁ କର୍ମାଣି	୧୮	୬	କର୍ତ୍ତବ୍ୟାନୀତି ମେ ପାର୍ଥ	୧୮	୬
ଏତୈର୍ବିମୁକ୍ତଃ କୌନ୍ତେୟ	୧୬	୨୨	କର୍ତ୍ତୁଂନେଚ୍ଛସି ଯନ୍ମୋହାତ୍	୧୮	୬୦
ଏତୈର୍ବିମୋହୟତ୍ୟେଷ	୩	୪୦	କଥଂ ନ ଜ୍ଞେୟମସ୍ମାଭିଃ	୧	୩୮
ଏବଂ ଜ୍ଞାତ୍ୱା କୃତଂ କର୍ମ	୪	୧୫	କଥଂ ବିଦ୍ୟାମହଂ	୧୦	୧୭
ଏବଂ ତ୍ରୟୀଧର୍ମ ମନୁପ୍ରପନ୍ନା	୯	୨୧	କଥଂ ଭୀଷ୍ମମହଂ ସଂଖ୍ୟେ	୨	୪
ଏବଂ ପରମ୍ପରାପ୍ରାପ୍ତମ୍	୪	୨	କଥଂ ସ ପୁରୁଷଃ ପାର୍ଥ	୨	୨୧
ଏବଂ ପ୍ରବର୍ତ୍ତିତଂ ଚକ୍ରଂ	୩	୧୬	କଥଂମେତଦ୍‌ବିଜାନୀୟାଂ	୪	୪
ଏବଂ ବହୁବିଧା ଯଜ୍ଞା	୪	୩୨	କଥୟନ୍ତଶ୍ଚ ମାଂ ନିତ୍ୟଂ	୧୦	୯
ଏବଂ ବୁଦ୍ଧେଃ ପରଂ	୩	୪୩	କବିପୁରାଣମନୁଶାସିତାରମ୍	୮	୯
ଏବଂରୂପଃ ଶକ୍ୟ ଅହଂ	୧୧	୪୮	କର୍ମ ଚୈବ ତଦର୍ଥୀୟଂ	୧୭	୨୭
ଏବଂ ସତତଯୁକ୍ତା ଯେ	୧୨	୧	କର୍ମଣଃ ସୁକୃତସ୍ୟାହୁଃ	୧୪	୧୬
ଏବମୁକ୍ତୋ ହୃଷିକେଶୋ	୧	୨୪	କର୍ମାଣୋ ହ୍ୟପି ବୋଦ୍ଧବ୍ୟଂ	୪	୧୭
ଏବମୁକ୍ତ୍ୱାର୍ଜୁନଃ ସଙ୍ଖ୍ୟେ	୧	୪୬	କର୍ମଣୈବ ହି ସଂସିଦ୍ଧିମ୍	୩	୨୦
ଏବମୁକ୍ତ୍ୱା ତତୋ ରାଜନ୍	୧୧	୯	କର୍ମଣ୍ୟକର୍ମ ଯଃ ପଶ୍ୟେଦ୍	୪	୧୮
ଏବମୁକ୍ତ୍ୱା ହୃଷିକେଶଂ	୨	୯	କର୍ମଣ୍ୟଭିପ୍ରବୃତ୍ତୋଽପି	୪	୨୦
ଏବମେତଦ୍ ଯଥାତ୍ଥ	୧୧	୩	କର୍ମଣ୍ୟେ ବାଧିକାରସ୍ତେ	୨	୪୭

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
କର୍ମଜଂ ବୁଦ୍ଧିଯୁକ୍ତା ହି	୨	୫୧	କାଶ୍ୟଶ୍ଚ ପରମେଷ୍ୱାସଃ	୧	୧୭
କର୍ମଜାନ୍‌ବିଦ୍ଧି ତାନସର୍ବାନ୍	୪	୩୨	କିଂ କର୍ମ କିମକର୍ମେତି	୪	୧୬
କର୍ମ ବ୍ରହ୍ମୋଦ୍‌ଭବଂ ବିଦ୍ଧି	୩	୧୫	କିଂ ତଦ୍‌ବ୍ରହ୍ମ କିମଧ୍ୟାତ୍ମଂ	୮	୧
କର୍ମାଣି ପ୍ରବିଭକ୍ତାନି	୧୮	୪୧	କିଂ ନୋ ରାଜ୍ୟେନ ଗୋବିନ୍ଦ	୧	୩୨
କର୍ମଭ୍ୟଶ୍ଚାଧିକୋ ଯୋଗୀ	୬	୪୬	କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା	୯	୩୩
କର୍ମେନ୍ଦ୍ରିୟାଣି ସଂଯମ୍ୟ	୩	୬	କିମାଚାରଃ କଥଂ ଚ	୧୪	୨୧
କର୍ମେନ୍ଦ୍ରିୟୈଃ କର୍ମଯୋଗ	୩	୭	କିରୀଟିନଂ ଗଦିନଂ ଚକ୍ରହସ୍ତ	୧୧	୪୬
କରଣଂ କର୍ମ କର୍ତ୍ତେତି	୧୮	୧୮	କିରୀଟିନଂ ଗଦିନଂ ଚକ୍ରିଣଂ ଚ	୧୧	୧୭
କଳ୍ପକ୍ଷୟେ ପୁନସ୍ତାନି	୯	୭	କୀର୍ତ୍ତିଃ ଶ୍ରୀର୍ବାକ୍ ଚ	୧୦	୩୪
କର୍ଷୟନ୍ତଃ ଶରୀରସ୍ଥଂ	୧୭	୬	କୁତସ୍ତ୍ୱା କଶ୍ମଳମିଦଂ	୨	୨
କସ୍ମାଚ୍ଚ ତେ ନ ନମେରନ୍	୧୧	୩୭	କୁର୍ଯ୍ୟାଦ୍‌ବିଦ୍ୱାଂସ୍ତଥାସକ୍ତ	୩	୨୫
କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ	୪	୧୨	କୁରୁ କର୍ମୈବ ତସ୍ମାତ୍ତ୍ୱଂ	୪	୧୫
କାର୍ପଣ୍ୟଦୋଷୋପହତ	୨	୭	କୁଳକ୍ଷୟକୃତଂ ଦୋଷଂ	୧	୩୭
କାମଃ କ୍ରୋଧସ୍ତଥା ଲୋଭ	୧୬	୨୧	କୁଳକ୍ଷୟକୃତଂ ଦୋଷଂ	୧	୩୮
କାମ ଏଷ କ୍ରୋଧ ଏଷ	୩	୩୭	କୁଳକ୍ଷୟେ ପ୍ରଣଶ୍ୟନ୍ତି	୧	୩୯
କାମକ୍ରୋଧବିୟୁକ୍ତାନାଂ	୫	୨୬	କୃପୟା ପରୟାବିଷ୍ଟୋ	୧	୨୭
କାମକ୍ରୋଧୋଦ୍‌ଭବଂ	୫	୨୩	କୃଷିଗୌରକ୍ଷ୍ୟବାଣିଜ୍ୟଂ	୧୮	୪୪
କାମମାଶ୍ରିତ୍ୟ ଦୁଷ୍ପୂରଂ	୧୬	୧୦	କେଚିଦ୍‌ବିଲଗ୍ନା	୧୧	୨୭
କାମରୂପେଣ କୌନ୍ତେୟ	୩	୩୯	କେଶବାର୍ଜୁନୟୋଃ ପୁଣ୍ୟଂ	୧୮	୭୬
କାମାତ୍ମାନଃ ସ୍ୱର୍ଗପରା	୨	୪୩	କେଷୁ କେଷୁ ଚ	୧୦	୧୭
କାମୋପଭୋଗପରମା	୧୬	୧୧	କୈର୍ମୟା ସହ ଯୋଦ୍ଧବ୍ୟମ୍	୧	୨୨
କାମୈସ୍ତୈସ୍ତୈର୍ହୃତଜ୍ଞାନାଃ	୭	୨୦	କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନ୍	୧୪	୨୧
କାମ୍ୟାନାଂ କର୍ମଣାଂ ନ୍ୟାସଂ	୧୮	୨	କୌନ୍ତେୟ ପ୍ରତିଜାନୀହି	୯	୩୧
କାର୍ଯ୍ୟକରଣକର୍ତ୍ତୃତ୍ୱେ	୧୨	୨୦	କ୍ରିୟତେ ତଦିହ ପ୍ରୋକ୍ତଂ	୧୭	୧୮
କାର୍ଯ୍ୟତେ ହ୍ୟବଶଃ କର୍ମ	୩	୫	କ୍ରିୟତେ ବହୁଳାୟାସଂ	୧୮	୨୪
କାର୍ଯ୍ୟମିତ୍ୟେବ ଯତ୍‌କର୍ମ	୧୮	୯	କ୍ରିୟାବିଶେଷବହୁଳାଂ	୨	୪୩
କାୟେନ ମନସା ବୁଦ୍ଧ୍ୟା	୫	୧୧	କ୍ରୋଧାଦ୍‌ଭବତି ସମ୍ମୋହଃ	୨	୬୩
କାରଣଂ ଗୁଣସଙ୍ଗୋଽସ୍ୟ	୧୩	୨୧	କ୍ଲେଶୋଽଧିକତରସ୍ତେଷାମ୍	୧୨	୫
କାଳୋଽସ୍ମି ଲୋକକ୍ଷୟକୃତ	୧୧	୩୨	କ୍ଲୈବ୍ୟଂ ମାସ୍ମ ଗମଃ ପାର୍ଥଂ	୨	୩

	ଅଧ୍ୟାୟ	ଶ୍ଳୋକ
କ୍ଷରଃ ସର୍ବାଣି ଭୂତାନି	୧୫	୧୬
କ୍ଷିପାମ୍ୟଜସ୍ରମଶୁଭାନ୍	୧୬	୧୯
କ୍ଷିପ୍ରଂ ଭବତି ଧର୍ମାତ୍ମା	୯	୩୧
କ୍ଷିପ୍ରଂ ହି ମାନୁଷେ ଲୋକେ	୪	୧୨
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ	୧୩	୩୩
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ	୧୩	୨
କ୍ଷେତ୍ରକ୍ଷେତ୍ରଜ୍ଞୟୋରେବ	୧୩	୩୪
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍	୧୩	୨୬
କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି	୧୩	୨
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ	୨	୩
'ଗ'		
ଗଚ୍ଛନ୍ତ୍ୟ ପୁନରାବୃତ୍ତିଂ	୫	୧୭
ଗତସଙ୍ଗସ୍ୟ ମୁକ୍ତସ୍ୟ	୪	୨୩
ଗତାସୂନ ଗତାସୂଂଶ୍ଚ	୨	୧୧
ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ	୯	୧୮
ଗନ୍ଧର୍ବଯକ୍ଷାସୁରସିଦ୍ଧସଂଘା	୧୧	୨୨
ଗନ୍ଧର୍ବାଣାଂ ଚିତ୍ରରଥଃ	୧୦	୨୬
ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍	୧	୨୯
ଗାମାବିଷ୍ୟ ଚ ଭୂତାନି	୧୫	୧୩
ଗୁଣା ଗୁଣେଷୁ ବର୍ତ୍ତନ୍ତ	୩	୨୮
ଗୁଣାନେତାନତୀତ୍ୟ ତ୍ରୀନ୍	୧୪	୨୦
ଗୁଣା ବର୍ତ୍ତନ୍ତ ଇତ୍ୟେବ	୧୪	୨୩
ଗୁଣେଭ୍ୟଶ୍ଚ ପରଂ ବେତ୍ତି	୧୪	୧୯
ଗୁରୁନହତ୍ୱା ହି ମହାନୁଭାବାନ୍	୨	୫
ଗୃହୀତ୍ୱୈତାନି ସଂଯାତି	୧୫	୮
'ଚ'		
ଚଞ୍ଚଳଂ ହି ମନଃ କୃଷ୍ଣ	୬	୩୪
ଚତୁର୍ବିଧା ଭଜନ୍ତେ ମାଂ	୭	୧୬
ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ	୪	୧୩
ଚିନ୍ତାମପରିମେୟାଂ ଚ	୧୬	୧୧
ଚେତସା ସର୍ବକର୍ମାଣି	୧୮	୫୭
'ଛ'		
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି	୧୫	୧
ଛିତ୍ତ୍ୱୈନଂ ସଂଶୟଂ ଯୋଗମ୍	୪	୪୨
ଛିନ୍ନଦ୍ୱୈଧା ଯତାତ୍ମାନଃ	୫	୨୫
'ଜ'		
ଜଘନ୍ୟଗୁଣବୃତ୍ତିସ୍ଥା	୧୪	୧୮
ଜନ୍ମ କର୍ମ ଚ ମେ ଦିବ୍ୟଂ	୪	୯
ଜନ୍ମମୃତ୍ୟୁଜରାଦୁଃଖୈ	୧୪	୨୦
ଜନ୍ମମୃତ୍ୟୁଜରାବ୍ୟାଧି	୧୩	୮
ଜନ୍ମବନ୍ଧବିନିର୍ମୁକ୍ତାଃ	୨	୫୧
ଜୟୋଽସ୍ମି ବ୍ୟବସାୟୋଽସ୍ମି	୧୦	୩୭
ଜରାମରଣମୋକ୍ଷାୟ	୭	୨୯
ଜହି ଶତ୍ରୁଂ ମହାବାହୋ	୩	୪୩
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ	୨	୨୭
ଜିଜ୍ଞାସୁରପି ଯୋଗସ୍ୟ	୬	୪୪
ଜିତାତ୍ମନଃ ପ୍ରଶାନ୍ତସ୍ୟ	୬	୭
ଜୀବନଂ ସର୍ବଭୂତେଷୁ	୭	୯
ଜୀବଭୂତାଂ ମହାବାହୋ	୭	୫
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ	୧୧	୫୪
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ	୧୬	୨୪
ଜ୍ଞାନଂ କର୍ମ ଚ କର୍ତ୍ତା	୧୮	୧୯
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ	୧୩	୧୭
ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା	୧୮	୧୮
ଜ୍ଞାନଂ ତେଽହଂ ସବିଜ୍ଞାନଂ	୭	୨
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ	୧୮	୪୨
ଜ୍ଞାନଂ ଯଦା ତଦା ବିଦ୍ୟାତ୍	୧୪	୧୧
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତି	୪	୩୯

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଜ୍ଞାନ ବିଜ୍ଞାନ ତୃପ୍ତାତ୍ମା	୬	୮	ତତୋ ମାଂ ତତ୍ତ୍ୱତୋ	୧୮	୫୫
ଜ୍ଞାନଂ ବିଜ୍ଞାନସହିତଂ	୯	୧	ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ	୨	୩୮
ଜ୍ଞାନମାବୃତ୍ୟ ତୁ ତମଃ	୧୪	୯	ତତ୍ କିଂ କର୍ମଣି ଘୋରେ ମାଂ	୩	୧
ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ	୯	୧୫	ତତ୍ କ୍ଷେତ୍ରଂ ଯଚ୍ଚ ଯାଦୃକ୍	୧୩	୩
ଜ୍ଞାନ ଯଜ୍ଞେନ ତେନାହଂ	୧୮	୭୦	ତତ୍ ପ୍ରସାଦାତ୍ପରାଂ ଶାନ୍ତିମ୍	୧୮	୬୨
ଜ୍ଞାନଯୋଗେନ ସାଂଖ୍ୟାନାଂ	୩	୩	ତତ୍ ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତ	୧୮	୩୭
ଜ୍ଞାନାଗ୍ନିଦଗ୍ଧକର୍ମାଣଂ	୪	୧୯	ତତ୍ସ୍ୱୟଂ ଯୋଗସଂସିଦ୍ଧଃ	୪	୩୮
ଜ୍ଞାନାଗ୍ନିଃ ସର୍ବକର୍ମାଣି	୪	୩୭	ତତ୍ତଦେବାବଗଚ୍ଛ ତ୍ୱଂ	୧୦	୪୧
ଜ୍ଞାନେନ ତୁ ତଦଜ୍ଞାନଂ	୫	୧୬	ତତ୍ତେ କର୍ମ ପ୍ରବକ୍ଷ୍ୟାମି	୪	୧୬
ଜ୍ଞେୟଂ ଯତ୍ତତ୍ପ୍ରବକ୍ଷ୍ୟାମି	୧୩	୧୨	ତତ୍ରୈକସ୍ଥଂ ଜଗତ୍ କୃତ୍ସ୍ନଂ	୧୧	୧୩
ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ	୫	୩	ତତ୍ତ୍ୱବିତ୍ତୁ ମହାବାହୋ	୩	୨୮
ଜ୍ୟାୟସୀ ଚେତ୍ କର୍ମଣସ୍ତେ	୩	୧	ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍	୮	୨୫
ଜ୍ୟୋତିଷାମପି ତଜ୍ଜ୍ୟୋତି	୧୩	୧୭	ତତ୍ର ତଂ ବୁଦ୍ଧିସଂଯୋଗଂ	୬	୪୩
'ଝ'			ତତ୍ର ପ୍ରୟାତା ଗଚ୍ଛନ୍ତି	୮	୨୪
ଝଷାଣାଂ ମକରଶ୍ଚାସ୍ମି	୧୦	୩୧	ତତ୍ର ଶ୍ରୀର୍ବିଜୟୋ ଭୂତି	୧୮	୭୮
'ତ'			ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍	୧୪	୬
ତଂ ତଂ ନିୟମମାସ୍ଥାୟ	୭	୨୦	ତତ୍ରା ପଶ୍ୟତ୍ସ୍ଥିତାନ୍ ପାର୍ଥଃ	୧	୨୬
ତଂ ତଥା କୃପୟାବିଷ୍ଟ	୨	୧	ତତ୍ରୈକାଗ୍ରଂ ମନଃ କୃତ୍ୱା	୬	୧୨
ତଂ ତମେବୈତିକୌନ୍ତେୟ	୮	୬	ତତ୍ରୈବଂ ସତି କର୍ତ୍ତାରମ୍	୧୮	୧୬
ତଂ ବିଦ୍ୟାଦ୍ ଦୁଃଖସଂଯୋଗ	୬	୨୩	ତଥା ତବାମୀ ନରଲୋକବୀରା	୧୧	୨୮
ତଇମେଽବସ୍ଥିତା ଯୁଦ୍ଧେ	୧	୩୩	ତଥା ଦେହାନ୍ତରପ୍ରାପ୍ତି	୨	୧୩
ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ	୧୮	୭୭	ତଥାପି ତ୍ୱଂ ମହାବାହୋ	୨	୨୬
ତତଃ ପଦଂ	୧୫	୪	ତଥା ପ୍ରଲିଳନ୍ତମସି	୧୪	୧୫
ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ	୧	୧୩	ତଥା ଶରୀରାଣି ବିହାୟ	୨	୨୨
ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ	୧	୧୪	ତଥା ସର୍ବାଣି ଭୂତାନି	୯	୬
ତତଃ ସ ବିସ୍ମୟାବିଷ୍ଟୋ	୧୧	୧୪	ତଥୈବ ନାଶାୟ ବିଶନ୍ତି	୧୧	୨୯
ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ	୨	୩୩	ତଦର୍ଥଂ କର୍ମ କୌନ୍ତେୟ	୩	୯
ତତ ଏବ ଚ ବିସ୍ତାରଂ	୧୩	୩୦	ତଦହଂ ଭକ୍ତ୍ୟୁପହୃତ	୯	୨୬
ତତସ୍ତତୋ ନିୟମୈ	୬	୨୬	ତଦସ୍ୟ ହରତି ପ୍ରଜ୍ଞାଂ	୨	୬୭

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ତଦା ଗନ୍ତାସି ନିର୍ବେଦଂ	୨	୫୨	ତସ୍ମାଦସକ୍ତଃ ସତତଂ	୩	୧୯
ତଦିତ୍ୟନଭିସନ୍ଧାୟ ଫଳଂ	୧୭	୨୫	ତସ୍ମାଦୁତ୍ତିଷ୍ଠ କୌନ୍ତେୟ	୨	୩୭
ତଦେକଂ ବଦ ନିଶ୍ଚିତ୍ୟ	୩	୨	ତସ୍ମାଦେବ ବିଦିତ୍ୱୈନଂ	୨	୨୫
ତଦେବ ମେ ଦର୍ଶୟ	୧୧	୪୫	ତସ୍ମାଦଜ୍ଞାନ ସମ୍ଭୂତଂ	୪	୪୨
ତଦୋତ୍ତମବିଦାଂ ଲୋକାନ୍	୧୪	୧୪	ତସ୍ମାଦପରିହାର୍ଯ୍ୟେଽର୍ଥେ	୨	୨୭
ତଦ୍ବତ୍ କାମା ଯଂ ପ୍ରବିଶନ୍ତି	୨	୭୦	ତସ୍ମାଦ୍ ଯସ୍ୟ ମହାବାହୋ	୨	୬୮
ତଦ୍ବିଦ୍ଧି ପ୍ରଣିପାତେନ	୪	୩୪	ତସ୍ମାଦ୍ଯୋଗାୟ ଯୁଜ୍ୟସ୍ୱ	୨	୫୦
ତଦ୍ବୁଦ୍ଧୟସ୍ତଦାତ୍ମାନ	୫	୧୭	ତସ୍ମାତ୍ ସର୍ବାଣି ଭୂତାନି	୨	୩୦
ତନ୍ନିବଧ୍ନାତି କୌନ୍ତେୟ	୧୪	୭	ତସ୍ମାଦୋମିତ୍ୟୁଦାହୃତ୍ୟ	୧୭	୨୪
ତପସ୍ୱିଭ୍ୟୋଽଧିକୋ ଯୋଗୀ	୬	୪୬	ତସ୍ମାନ୍ନାର୍ହା ବୟଂ ହନ୍ତୁଂ	୧	୩୭
ତପାମ୍ୟହମହଂ ବର୍ଷଂ	୯	୧୯	ତସ୍ମାତ୍ସର୍ବଗତଂ ବ୍ରହ୍ମ	୩	୧୫
ତମସ୍ୟେତାନି ଜାୟନ୍ତେ	୧୪	୧୩	ତସ୍ମାତ୍ ସର୍ବେଷୁ କାଳେଷୁ	୮	୭
ତମସ୍ତ୍ୱଜ୍ଞାନଜଂ ବିଦ୍ଧି	୧୪	୮	ତସ୍ମାତ୍ସର୍ବେଷୁକାଳେଷୁ	୮	୨୭
ତମୁବାଚ ହୃଷୀକେଶଃ	୨	୧୦	ତାନ୍କୃତ୍ସ୍ନବିଦୋ ମନ୍ଦାନ୍	୩	୨୯
ତମେବ ଚାଦ୍ୟଂ ପୁରୁଷଂ	୧୫	୪	ତାନହଂ ଦ୍ୱିଷତଃ କ୍ରୂରାନ୍	୧୬	୧୯
ତମେବ ଶରଣଂ ଗଚ୍ଛ	୧୮	୬୨	ତାନି ସର୍ବାଣି ସଂଯମ୍ୟ	୨	୬୧
ତୟୋର୍ନ ବଶମାଗଚ୍ଛେତ୍ତୌ	୩	୩୪	ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ	୧	୨୭
ତୟୋସ୍ତୁ କର୍ମସଂନ୍ୟାସାତ୍	୫	୨	ତାନ୍ୟହଂ ବେଦ ସର୍ବାଣି	୪	୫
ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍	୪	୨୦	ତାବାନ୍ ସର୍ବେଷୁ ବେଦେଷୁ	୨	୪୬
ତସ୍ୟ କର୍ତାରମପି ମାଂ	୪	୧୩	ତାସାଂ ବ୍ରହ୍ମ ମହଦ୍ଯୋନିର୍	୧୪	୪
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ	୭	୨୧	ତୁଲ୍ୟନିନ୍ଦାସ୍ତୁତି ର୍ମୌନୀ	୧୨	୧୯
ତସ୍ୟ ସଂଜନୟନ ହର୍ଷଂ	୧	୧୨	ତୁଲ୍ୟପ୍ରିୟାପ୍ରିୟୋ ଧୀର	୧୪	୨୪
ତସ୍ୟାହଂ ନ ପ୍ରଣଶ୍ୟାମି	୬	୩୦	ତେଽପି ଚାତିତରନ୍ତ୍ୟେବ	୧୩	୨୫
ତସ୍ୟାହଂ ନିଗ୍ରହଂ ମନ୍ୟେ	୬	୩୪	ତେଽପି ମାମେବ କୌନ୍ତେୟ	୯	୨୩
ତସ୍ୟାହଂ ସୁଲଭଃ ପାର୍ଥ	୮	୧୪	ତେଜଃ କ୍ଷମା ଧୃତିଃ ଶୌଚମ୍	୧୬	୩
ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ	୧୬	୨୪	ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ	୧୧	୩୦
ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ	୧୧	୪୪	ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ	୧୧	୪୭
ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ	୩	୪୧	ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ	୯	୨୧
ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ	୧୧	୩୩	ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା	୭	୨୮

	ଅଧ୍ୟାୟ	ଶ୍ଳୋକ
ତେନୈବ ରୂପେଣ	୧୧	୪୬
ତେ ପ୍ରାପ୍ନୁବନ୍ତି ମାମେବ	୧୨	୪
ତେ ପୁଣ୍ୟମାସାଦ୍ୟ	୯	୨୦
ତେଷା ଜ୍ଞାନୀ ନିତ୍ୟଯୁକ୍ତ	୭	୧୭
ତେଷାଂ ନିତ୍ୟାଭିଯୁକ୍ତାନାଂ	୯	୨୨
ତେଷାଂ ନିଷ୍ଠା ତୁ କା କୃଷ୍ଣ	୧୭	୧
ତେଷାଂ ସତତଯୁକ୍ତାନାଂ	୧୦	୧୦
ତେଷାମହଂ ସମୁଦ୍ଧର୍ତା	୧୨	୭
ତୋଷାମାଦିତ୍ୟବଜ୍ ଜ୍ଞାନଂ	୫	୧୬
ତେଷାମେବାନୁକମ୍ପାର୍ଥମ୍	୧୦	୧୧
ତେ ବ୍ରହ୍ମତଦ୍‌ବିଦୁଃ କୃତ୍ସ୍ନ	୭	୨୯
ତୈର୍ଦତ୍ତାନ୍ ପ୍ରଦାୟୈଭ୍ୟୋ	୩	୧୨
ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍	୪	୨୦
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ	୪	୯
ତ୍ୟାଗସ୍ୟ ଚ ହୃଷିକେଶ	୧୮	୧
ତ୍ୟାଗୀ ସତ୍ତ୍ୱ ସମାବିଷ୍ଟୋ	୧୮	୧୦
ତ୍ୟାଗୋ ହି ପୁରୁଷବ୍ୟାଘ୍ର	୧୮	୪
ତ୍ୟାଜ୍ୟଂ ଦୋଷବଦିତ୍ୟେକେ	୧୮	୩
ତ୍ରିବିଧଂ ନରକସ୍ୟେଦଂ	୧୬	୨୧
ତ୍ରିବିଧା ଭବତି ଶ୍ରଦ୍ଧା	୧୭	୨
ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ	୭	୧୩
ତ୍ରୈଗୁଣ୍ୟବିଷୟା ବେଦା	୨	୪୫
ତ୍ରୈବିଦ୍ୟା ମାଂ ସୋମପାଃ	୯	୨୦
ତ୍ୱତଃ କମଳପତ୍ରାକ୍ଷ	୧୧	୨
ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ	୬	୩୯
ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ	୧୧	୧୮
ତ୍ୱମବ୍ୟୟଃ ଶାଶ୍ୱତଧର୍ମ	୧୧	୧୮
ତ୍ୱମାଦିଦେବଃ ପୁରୁଷଃପୁରାଣ	୧୧	୩୮

	ଅଧ୍ୟାୟ	ଶ୍ଳୋକ
'ଦ'		
ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି	୧୧	୨୫
ଦଣ୍ଡୋ ଦମୟତାମସ୍ମି	୧୦	୩୮
ଦଦାମି ବୁଦ୍ଧି ଯୋଗଂ ତଂ	୧୦	୧୦
ଦୟା ଭୁତେଷ୍ୱଲୋଲୁପ୍ତ୍ୱଂ	୧୬	୨
ଦମ୍ଭାହଂକାରସଂଯୁକ୍ତାଃ	୧୭	୫
ଦମ୍ଭୋଦର୍ପୋଽଭିମାନଶ୍ଚ	୧୬	୪
ଦର୍ଶୟାମାସ ପାର୍ଥାୟ	୧୧	୯
ଦାନଂ ଦମଶ୍ଚ ଯଜ୍ଞଶ୍ଚ	୧୬	୧
ଦାନକ୍ରିୟାଶ୍ଚ ବିବିଧାଃ	୧୭	୨୫
ଦାନମୀଶ୍ୱର ଭାବଶ୍ଚ	୧୮	୪୩
ଦାତବ୍ୟମିତି ଯଦ୍ଦାନଂ	୧୭	୨୦
ଦିବି ସୂର୍ଯ୍ୟସହସ୍ରସ୍ୟ	୧୧	୧୨
ଦିବ୍ୟଂ ଦଦାମି ତେ ଚକ୍ଷୁଃ	୧୧	୮
ଦିବ୍ୟମାଲ୍ୟାମ୍ବରଧରଂ	୧୧	୧୧
ଦିଶୋ ନ ଜାନେ ନ ଲଭେ	୧୧	୨୫
ଦୀୟତେ ଚ ପରିକ୍ଲିଷ୍ଟଂ	୧୭	୨୧
ଦୁଃଖମିତ୍ୟେବ ଯତ୍‌କର୍ମ	୧୮	୮
ଦୁଃଖେସ୍ୱନୁଦ୍‌ବିଗ୍ନମନାଃ	୨	୫୬
ଦୂରେଣ ହ୍ୟବରଂ କର୍ମ	୨	୪୯
ଦ୍ୟୁତଂ ଛଳୟତାମସ୍ମି	୧୦	୩୬
ଦୃଷ୍ଟ୍ୱାଦ୍‌ଭୁତଂ ରୂପମୁଗ୍ରଂ	୧୧	୨୦
ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ	୧	୨
ଦୃଷ୍ଟ୍ୱା ହି ତ୍ୱାଂ	୧୧	୨୪
ଦୃଷ୍ଟ୍ୟେମାନଂ ସ୍ୱଜନାନ୍ କୃଷ୍ଣ	୧	୨୮
ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ	୧୧	୫୧
ଦେବଦ୍ୱିଜଗୁରୁପ୍ରାଜ୍ଞ	୧୭	୧୪
ଦେବା ଅପ୍ୟସ୍ୟ ରୂପସ୍ୟ	୧୧	୫୨
ଦେବାନ୍ ଦେବଯଜୋଯାନ୍ତି	୭	୨୩
ଦେବାନ୍ ଭାବୟତାନେନ	୩	୧୧

	ଅଧ୍ୟାୟ	ଶ୍ଳୋକ
ଦେହିନୋଽସ୍ମିନ ଯଥା ଦେହେ	୨	୧୩
ଦେହୀ ନିତ୍ୟମବଧ୍ୟୋଽୟଂ	୨	୩୦
ଦେଶେ କାଳେ ଚ ପାତ୍ରେ	୧୭	୨୦
ଦୈବମେବାପରେ ଯଜ୍ଞଂ	୪	୨୫
ଦୈବୀ ସମ୍ପଦ୍ବିମୋକ୍ଷାୟ	୧୬	୫
ଦୈବୀ ହ୍ୟେଷା ଗୁଣମୟୀ	୭	୧୪
ଦୈବୋ ବିସ୍ତରଶଃ ପ୍ରୋକ୍ତ	୧୬	୬
ଦୋଷୈରେତୈଃ କୁଳ	୧	୪୨
ଦ୍ୟାବାପୃଥିବ୍ୟୋରିଦମନ୍ତରଂ	୧୧	୨୦
ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା	୪	୨୮
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ	୧୧	୩
ଦ୍ରୁପଦୋ ଦ୍ରୌପଦେୟାଶ୍ଚ	୧	୧୮
ଦ୍ରୋଣଂ ଚ ଭୀଷ୍ମଂ ଚ	୧୧	୩୪
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖ ଦୁଃଖ	୧୫	୫
ଦ୍ୱାବିମୌ ପୁରୁଷୌ ଲୋକେ	୧୫	୧୬
ଦ୍ୱୌ ଭୂତସର୍ଗୌ ଲୋକେସ୍ମିନ୍	୧୬	୬
'ଧ'		
ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ	୧	୧
ଧର୍ମ ସଂସ୍ଥାପନାର୍ଥାୟ	୪	୮
ଧର୍ମାବିରୁଦ୍ଧୋଭୂତେଷୁ	୭	୧୧
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମ୍	୧	୩୯
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍	୨	୩୧
ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁ	୧	୪୫
ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେ	୧	୨୩
ଧୂମେନାବ୍ରିୟତେ ବହ୍ନି	୩	୩୮
ଧୂମୋ ରାତ୍ରିସ୍ତଥା କୃଷ୍ଣଃ	୮	୨୫
ଧ୍ୟାନଯୋଗପରୋ ନିତ୍ୟଂ	୧୮	୫୨
ଧ୍ୟାନତ୍ କର୍ମଫଳଂତ୍ୟାଗ	୧୨	୧୨
ଧ୍ୟାନେନାତ୍ମନି ପଶ୍ୟନ୍ତି	୧୩	୨୪
ଧ୍ୟାୟତୋ ବିଷୟାନ୍ ପୁଂସଃ	୨	୬୨
ଧୃତ୍ୟା ଯୟା ଧାରୟତେ	୧୮	୩୩
ଧୃଷ୍ଟକେତୁଶ୍ଚେକିତାନଃ	୧	୫
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ	୧	୧୭
'ନ'		
ନ କର୍ତ୍ତୃତ୍ୱଂ ନ କର୍ମାଣି	୫	୧୪
ନ କର୍ମଣାମନାରମ୍ଭାନ୍	୩	୪
ନ କର୍ମଫଳ ସଂଯୋଗଂ	୫	୧୪
ନ କାଙ୍କ୍ଷେ ବିଜୟଂ କୃଷ୍ଣ	୧	୩୧
ନକୁଳଃ ସହଦେବଶ୍ଚଃ	୧	୧୬
ନ ଚ ତତ୍ସ୍ମାନମନୁଷ୍ୟେଷୁ	୧୮	୬୯
ନାନାବିଧାନି ଦିବ୍ୟାନି	୧୧	୫
ନାନାଶସ୍ତ୍ରପ୍ରହରଣାଃ	୧	୯
ନାନ୍ତଂ ନ ମଧ୍ୟଂ ନ	୧୧	୧୬
ନାନ୍ତୋଽସ୍ତି ମମ ଦିବ୍ୟାନାଂ	୧୦	୪୦
ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ	୧୪	୧୯
ନାପ୍ନୁବନ୍ତି ମହାତ୍ମାନଃ	୮	୧୫
ନାଭିନନ୍ଦତି ନ ଦ୍ୱେଷ୍ଟି	୨	୫୭
ନ୍ୟାଯ୍ୟଂ ବା ବିପରିତଂ ବା	୧୮	୧୫
ନାୟଂ ଲୋକୋଽସ୍ତି ନ ପରୋ	୪	୪୦
ନାୟଂ ଲୋକୋଽସ୍ତ୍ୟ ଯଜ୍ଞସ୍ୟ	୪	୩୧
ନାୟକା ମମ ସୈନ୍ୟସ୍ୟ	୧	୭
ନାଶୟାମ୍ୟାତ୍ମଭାବସ୍ଥୋ	୧୦	୧୧
ନାସତୋ ବିଦ୍ୟତେ ଭାବୋ	୨	୧୬
ନାସ୍ତି ବୁଦ୍ଧିର ଯୁକ୍ତସ୍ୟ	୨	୬୬
ନାହଂ ପ୍ରକାଶଃ ସର୍ବସ୍ୟ	୭	୨୫
ନାହଂ ବେଦୈର୍ନ ତପସା	୧୧	୫୩
ନିଃସ୍ପୃହଃ ସର୍ବକାମେଭ୍ୟୋ	୬	୧୮
ନିତ୍ୟଂ ଚ ସମଚିତ୍ତତ୍ୱ	୧୩	୯

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ନିତ୍ୟଃ ସର୍ବଗତଃ ସ୍ଥାଣୁର୍	୨	୨୪	ନ ଚ ଶ୍ରେୟୋଽନୁପଶ୍ୟାମି	୧	୩୧
ନିଦ୍ରାଳସ୍ୟପ୍ରମାଦୋତ୍ଥଂ	୧୮	୩୯	ନ ଚ ସଂନ୍ୟସନାଦେବ	୩	୪
ନିଦ୍ରନ୍ତସ୍ତବ ସାମର୍ଥ୍ୟଂ	୨	୩୭	ନ ଚାତି ସ୍ୱପ୍ନଶୀଳସ୍ୟ	୬	୧୬
ନିରାଶୀର୍ନିର୍ମମୋ ଭୂତ୍ୱା	୩	୩୦	ନ ଚାଭାବୟତଃ ଶାନ୍ତି	୨	୬୬
ନିରାଶୀର୍ଯତ ଚିତ୍ତାତ୍ମା	୪	୨୧	ନ ଚାଷୁଶୁଶ୍ରୁଷବେ ବାଚ୍ୟଂ	୧୮	୬୭
ନିବଧ୍ନନ୍ତି ମହାବାହୋ	୧୪	୫	ନ ଚାସ୍ୟ ସର୍ବଭୂତେଷୁ	୩	୧୮
ନିବସିଷ୍ୟସି ମଯ୍ୟେବ	୧୨	୮	ନ ଚୈତଦ୍‌ବିଦ୍ମଃ	୨	୬
ନିମିତ୍ତାନି ଚ ପଶ୍ୟାମି	୧	୩୦	ନ ଚୈନଂ କ୍ଲେଦୟନ୍ତ୍ୟାପୋ	୨	୨୩
ନିୟତଂ କୁରୁ କର୍ମ ତ୍ୱଂ	୩	୮	ନ ଚୈବ ନ ଭବିଷ୍ୟାମଃ	୨	୧୨
ନିୟତଂ ସଙ୍ଗରହିତମ୍	୧୮	୨୩	ନ ଜାୟତେ ମ୍ରିୟତେ ବା	୨	୨୦
ନିୟତସ୍ୟ ତୁ ସଂନ୍ୟାସଃ	୧୮	୭	ନ ତଦ୍‌ଭାସୟତେ ସୂର୍ଯ୍ୟୋ	୧୫	୬
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ	୫	୩	ନ ତଦସ୍ତି ପୃଥିବ୍ୟାଂ	୧୮	୪୦
ନିର୍ଦ୍ୱନ୍ଦ୍ୱୋ ନିତ୍ୟ ସତ୍ତ୍ୱସ୍ଥୋ	୨	୪୫	ନ ତଦସ୍ତି ବିନା ଯତ୍	୧୦	୩୯
ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ	୫	୧୯	ନ ତୁ ମାଂ ଶକ୍ୟସେ	୧୧	୮
ନିର୍ମମୋ ନିରହଂକାରଃ	୧୨	୧୩	ନ ତୁ ମାମଭିଜାନନ୍ତି	୯	୨୪
ନିର୍ମମୋ ନିରହଂକାରଃ	୨	୭୧	ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ	୧୧	୪୩
ନିର୍ମାନମୋହା ଜିତ	୧୫	୫	ନ ତ୍ୱେବାହଂ ଜାତୁଂ ନାସଂ	୨	୧୨
ନିର୍ବୈରଃ ସର୍ବଭୂତେଷୁ	୧୧	୫୫	ନ ଦ୍ୱେଷ୍ଟି ସଂପ୍ରବୃତ୍ତାନି	୧୪	୨୨
ନିଶ୍ଚୟଂ ଶୃଣୁ ମେ ତତ୍ର	୧୮	୪	ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ	୧୮	୧୦
ନିହତ୍ୟ ଧାର୍ତରାଷ୍ଟ୍ରାନ୍ନଃ	୧	୩୫	ନ ପ୍ରହୃଷ୍ୟେତ ପ୍ରିୟଂ ପ୍ରାପ୍ୟ	୫	୨୦
ନୈହାଭିକ୍ରମନାଶୋଽସ୍ତି	୨	୪୦	ନବଦ୍ୱାରେ ପୁରେ ଦେହୀ	୫	୧୩
ନୈତେ ସୃତୀ ପାର୍ଥ ଜାନନ୍	୮	୨୭	ନ ବିମୁଞ୍ଚତି ଦୁର୍ମେଧା	୧୮	୩୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି	୨	୨୩	ନ ବୁଦ୍ଧିଭେଦଂ ଜନୟେତ୍	୩	୨୬
ନୈବ କିଞ୍ଚିତ୍ କରୋମୀତି	୫	୮	ନ ଦେବଯଜ୍ଞାଧ୍ୟୟନୈନ	୧୧	୪୮
ନୈବ ତସ୍ୟ କୃତେନାର୍ଥୋ	୩	୧୮	ନଭସ୍ପୃଶଂ ଦୀପ୍ତମନେକ ବର୍ଣ୍ଣଂ	୧୧	୨୪
ନୈଷ୍କର୍ମ୍ୟସିଦ୍ଧିଂ ପରମାଂ	୧୮	୪୯	ନଭଶ୍ଚ ପୃଥିବୀଂ ଚୈବ	୧	୧୯
ନ ଚ ମତ୍‌ସ୍ଥାନି ଭୂତାନି	୯	୫	ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ	୧୧	୪୦
ନ ଚ ମାଂ ତାନି କର୍ମାଣି	୯	୯	ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ	୧୧	୩୫
ନ ଚ ଶକ୍ନୋମ୍ୟବସ୍ଥାତୁଂ	୧	୩୦	ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା	୯	୧୪

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ନ ମାଂ କର୍ମାଣି ଲିମ୍ପନ୍ତି	୪	୧୪	ପରଂ ବ୍ରହ୍ମ ପରଂ ଧାମ	୧୦	୧୨
ନ ମାଂ ଦୁଷ୍କୃତି ନୋ ମୂଢ଼ାଃ	୭	୧୫	ପରଂ ଭାବମଜାନନ୍ତୋ	୭	୨୪
ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ	୩	୨୨	ପରଂ ଭାବମଜାନନ୍ତୋ ମମ	୯	୧୧
ନ ମେ ବିଦୁଃ ସୁରଗଣାଃ	୧୦	୨	ପରଂ ଭୂୟଃ ପ୍ରବକ୍ଷ୍ୟାମି	୧୪	୧
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ	୧୧	୩୯	ପରମଂ ପୁରୁଷଂ ଦିବ୍ୟଂ	୮	୮
ନ ଯୋତ୍ସ୍ୟ ଇତି ଗୋବିନ୍ଦମ୍	୨	୯	ପରମାମେତି ତାପ୍ୟୋଭ୍ରୋ	୧୩	୨୨
ନରକେଽନିୟତଂ ବାସୋ	୧	୪୩	ପରସ୍ତସ୍ମାତ୍ତୁ ଭାବୋଽନ୍ୟୋ	୮	୨୦
ନ ରୂପମସ୍ୟେହ	୧୫	୩	ପରସ୍ପରଂ ଭାବୟନ୍ତଃ	୩	୧୧
ନ ଶୌଚଂ ନାପି ଚାଚାରୋ	୧୬	୭	ପରସ୍ୟୋତ୍ପାଦନାର୍ଥଂ ବା	୧୭	୧୯
ନଷ୍ଟୋମୋହଃ ସ୍ମୃତିର୍ଲବ୍ଧା	୧୮	୭୩	ପରିଚର୍ଯ୍ୟାତ୍ମକଂ କର୍ମ	୧୮	୪୪
ନ ସ ସିଦ୍ଧିମବାପ୍ନୋତି	୧୬	୨୩	ପରିଣାମେ ବିଷମିବ	୧୮	୩୮
ନ ହି କଲ୍ୟାଣକୃତ୍ କଶ୍ଚିତ୍	୬	୪୦	ପରିତ୍ରାଣାୟ ସାଧୁନାଂ	୪	୮
ନ ହି କଶ୍ଚିତ୍ କ୍ଷଣମପି	୩	୫	ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ	୧୮	୧୬
ନ ହି ଜ୍ଞାନେନ ସଦୃଶଂ	୪	୩୮	ପଶ୍ୟନ୍ ଶୃଣ୍ୱନ୍ ସ୍ପଶନ୍	୫	୮
ନ ହି ତେ ଭଗବନ୍ ବ୍ୟକ୍ତିଂ	୧୦	୧୪	ପଶ୍ୟ ମେ ପାର୍ଥ ରୂପାଣି	୧୧	୫
ନ ହି ଦେହଭୃତା ଶକ୍ୟଂ	୧୮	୧୧	ପଶ୍ୟାଦିତ୍ୟାନ୍ ବସୁନ୍ ରୁଦ୍ରାନ୍	୧୧	୬
ନ ହିନସ୍ତ୍ୟାତ୍ମନାତ୍ମାନଂ	୧୩	୨୮	ପଶ୍ୟାମି ଦେବାଂସ୍ତବ ଦେବଂ	୧୧	୧୫
ନ ହି ପ୍ରପଶ୍ୟାମି	୨	୮	ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ	୧୧	୧୯
ନ ହ୍ୟସଂନ୍ୟସ୍ତ ସଂକଳ୍ପୋ	୬	୨	ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ	୧୧	୧୭
ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି	୬	୧୬	ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମ୍	୧	୩
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ	୬	୧୧	ପାଞ୍ଚଜନ୍ୟଂ ହୃଷୀକେଶୋ	୧	୧୫
ନାଦତ୍ତେ କସ୍ୟଚିତ୍ ପାପଂ	୫	୧୫	ପାପମେବାଶ୍ରୟେଦସ୍ମାନ୍	୧	୩୫
ନାନବାପ୍ତମବାପ୍ତବ୍ୟଂ	୩	୨୨	ପାପ୍ମାନଂ ପ୍ରଜହି ହ୍ୟେନଂ	୩	୪୧
'ପ'			ପାର୍ଥ ନୈବେହ ନାମୁତ୍ର	୬	୪୦
ପଞ୍ଚୈତାନି ମହାବାହୋ	୧୮	୧୩	ପିତାସି ଲୋକସ୍ୟ ଚରାଚରସ୍ୟ	୧୧	୪୩
ପତନ୍ତି ପିତରୋ ହ୍ୟେଷାଂ	୧	୪୧	ପିତାହମସ୍ୟ ଜଗତୋ	୯	୧୭
ପତ୍ରଂ ପୁଷ୍ପଂ ଫଳଂ ତୋୟଂ	୯	୨୬	ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ	୧୧	୪୪
ପବନଃ ପବତାମସ୍ମି	୧୦	୩୧	ପିତୃଣାମର୍ଯ୍ୟମା ଚାସ୍ମି	୧୦	୨୯
ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ	୧	୧୦	ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ	୭	୯

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ପୁରୁଜିତ୍ କୁନ୍ତିଭୋଜଶ୍ଚ	୧	୫	ପ୍ରଭବନ୍ତ୍ୟୁଗ୍ରକର୍ମାଣଃ	୧୬	୯
ପୁରୁଷଂ ଶାଶ୍ୱତଂ ଦିବ୍ୟମ୍	୧୦	୧୨	ପ୍ରମାଦମୋହୌ ତମସୋ	୧୪	୧୭
ପୁରୁଷଃ ପ୍ରକୃତିସ୍ଥୋ ହି	୧୩	୨୧	ପ୍ରମାଦାଳସ୍ୟ ନିଦ୍ରାଭି	୧୪	୮
ପୁରୁଷଃ ସ ପରଃ ପାର୍ଥ	୮	୨୨	ପ୍ରଯତ୍ନାଦ୍‌ଯତମାନସ୍ତୁ	୬	୪୫
ପୁରୁଷଃ ସୁଖଦୁଃଖାନାଂ	୧୩	୨୦	ପ୍ରୟାଣକାଳେଽପି ଚ ମାଂ	୭	୩୦
ପୁରୋଧସାଂ ଚ ମୁଖ୍ୟଂ ମାଂ	୧୦	୨୪	ପ୍ରୟାଣକାଳେ ଚ କଥଂ	୮	୨
ପୁଷ୍ଣାମି ଚୌଷଧୀଃ ସର୍ବାଃ	୧୫	୧୩	ପ୍ରୟାଣକାଳେ ମନସାଚଳେନ	୮	୧୦
ପୂର୍ବାଭ୍ୟାସେନ ତେନୈବ	୬	୪୪	ପ୍ରୟାତା ଯାନ୍ତି ତଂ କାଳଂ	୮	୨୩
ପୃଥକ୍‌ତ୍ୱେନ ତୁ ଯଜ୍‌ଜ୍ଞାନଂ	୧୮	୨୧	ପ୍ରଳପନ ବିସୃଜନ୍ ଗୃହ୍ଣନ୍	୫	୯
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖମ୍	୧	୧୫	ପ୍ରଶସ୍ତେ କର୍ମଣି ତଥା	୧୭	୨୬
ପ୍ରକାଶଂ ଚ ପ୍ରବୃତ୍ତିଂ ଚ	୧୪	୨୨	ପ୍ରଶାନ୍ତାତ୍ମା ବିଗତଭୀଃ	୬	୧୪
ପ୍ରକୃତିଂ ପୁରୁଷଂ ଚୈବ	୧୩	୧	ପ୍ରଶାନ୍ତମନସଂ ହ୍ୟେନଂ	୬	୨୭
ପ୍ରକୃତିଂ ପୁରୁଷଂ ଚୈବ	୧୩	୧୯	ପ୍ରସକ୍ତାଃ କାମ ଭୋଗେଷୁ	୧୬	୧୬
ପ୍ରକୃତିଂ ଯାନ୍ତି ଭୂତାନି	୩	୩୩	ପ୍ରସଙ୍ଗେନ ଫଳାକାଙ୍କ୍ଷୀ	୧୮	୩୪
ପ୍ରକୃତିଂ ସ୍ୱାମଧିଷ୍ଠାୟ	୪	୬	ପ୍ରସନ୍ନଚେତସୋ ହ୍ୟାଶୁ	୧	୬୫
ପ୍ରକୃତିଂ ସ୍ୱାମବଷ୍ଟଭ୍ୟ	୯	୮	ପ୍ରସାଦେ ସର୍ବଦୁଃଖାନାଂ	୨	୬୫
ପ୍ରକୃତେର୍ଗୁଣସଂମୂଢ଼ାଃ	୩	୨୯	ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ	୧୦	୩୦
ପ୍ରକୃତେଃ କ୍ରିୟମାଣାନି	୩	୨୭	ପାଣାପାନ ସମାଯୁକ୍ତଃ	୧୫	୧୪
ପ୍ରକୃତ୍ୟୈବ ଚ କର୍ମାଣି	୧୩	୨୯	ପ୍ରାଣାପାନଗତୀ ରୁଦ୍ଧ୍ୱା	୪	୨୯
ପ୍ରଜନଶ୍ଚାସ୍ମି କନ୍ଦର୍ପଃ	୧୦	୨୮	ପ୍ରାଣାପାନୌ ସମୌ କୃତ୍ୱା	୫	୨୭
ପ୍ରଜହାତି ଯଦା କାମାନ୍	୨	୫୫	ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ	୧୦	୧୯
ପ୍ରଣବଃ ସର୍ବବେଦେଷୁ	୭	୮	ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନ୍	୬	୪୧
ପ୍ରଣମ୍ୟ ଶିରସା ଦେବଂ	୧୧	୧୪	ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମ୍	୭	୧୭
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ	୯	୨	ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ	୧୭	୪
ପ୍ରବର୍ତନ୍ତେ ବିଧାନୋକ୍ତାଃ	୧୭	୨୪	ପ୍ରୋଚ୍ୟତେ ଗୁଣସଂଖ୍ୟାନେ	୧୮	୧୯
ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ	୧୬	୭	ପ୍ରୋଚ୍ୟମାନମଶେଷେଣ	୧୮	୨୯
ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ	୧୮	୩୦	'ବ'		
ପ୍ରବୃତ୍ତେ ଶସ୍ତ୍ରସମ୍ପାତେ	୧	୨୦	ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି	୧୧	୨୭
ପ୍ରଭବଃ ପ୍ରଳୟଃ ସ୍ଥାନଂ	୯	୧୮	ବକ୍ତୁମର୍ହସ୍ୟଶେଷେଣ	୧୦	୧୬

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ବନ୍ଧଂ ମୋକ୍ଷଂ ଚ ଯା ବେତ୍ତି	୧୮	୩୦	ବିମୂଢ଼ା ନାନୁପଶ୍ୟନ୍ତି	୧୫	୧୦
ବନ୍ଧୁରାତ୍ମାତ୍ମନସ୍ତସ୍ୟ	୬	୬	ବିମୃଶ୍ୟୈତଦଶେଷେଣ	୧୮	୬୩
ବଳଂ ବଳବତାଂ ଚାହଂ	୭	୧୧	ବିସୃଜ୍ୟ ସଶରଂ ଚାପଂ	୧	୪୬
ବହବୋ ଜ୍ଞାନତପସା	୪	୧୦	ବିସ୍ତରେଣାତ୍ମନୋ ଯୋଗଂ	୧୦	୧୮
ବହିରନ୍ତଶ୍ଚ ଭୂତାନାମଚରଂ	୧୩	୧୫	ବିସ୍ମୟୋ ମେ ମହାନ୍ ରାଜନ୍	୧୮	୭୭
ବହୁଶାଖା ହ୍ୟନନ୍ତାଶ୍ଚ	୨	୪୧	ବିଷୟା ବିନିବର୍ତନ୍ତେ	୨	୫୯
ବହୂଦରଂ ବହୁଦଂଷ୍ଟ୍ରାକରାଳମ୍	୧୧	୨୩	ବିଷୟେନ୍ଦ୍ରିୟସଂଯୋଗାତ୍	୧୮	୩୮
ବହୂନାଂ ଜନ୍ମନାମନ୍ତେ	୭	୧୯	ବିଷାଦୀ ଦୀର୍ଘସୂତ୍ରୀ ଚ	୧୮	୨୮
ବହୂନି ମେ ବ୍ୟତୀତାନି	୪	୫	ବିଷୀଦନ୍ତମିଦଂ ବାକ୍ୟମ୍	୨	୧
ବହୂନ୍ୟଦୃଷ୍ଟପୂର୍ବାଣି	୧୧	୬	ବିଷ୍ଟଭ୍ୟାହମିଦଂ କୃତ୍ସ୍ନମ୍	୧୦	୪୨
ବଶେ ହି ଯସ୍ୟେନ୍ଦ୍ରିୟାଣି	୨	୬୧	ବିହାୟ କାମାନ୍ ଯଃ ସର୍ବାନ୍	୨	୭୧
ବଶ୍ୟାତ୍ମନା ତୁ ଯତତା	୬	୩୬	ବୀଜଂ ମାଂ ସର୍ବଭୂତାନାଂ	୭	୧୦
ବସୂନାଂ ପାବକଶ୍ଚାସ୍ମି	୧୦	୨୩	ବୀତରାଗଭୟକ୍ରୋଧଃ	୨	୫୬
ବାୟୁର୍ଯମୋଽଗ୍ନି ର୍ବରୁଣଃ	୧୧	୩୯	ବୀତରାଗଭୟକ୍ରୋଧା	୪	୧୦
ବାସାଂସି ଜୀର୍ଣାନି ଯଥା ବିହାୟ	୨	୨୨	ବୁଦ୍ଧିର୍ଜ୍ଞାନମ୍ ସଂମୋହଃ	୧୦	୪
ବାସୁଦେବଃ ସର୍ବମିତି	୭	୧୯	ବୁଦ୍ଧିର୍ବୁଦ୍ଧିମତାମସ୍ମି	୭	୧୦
ବାହ୍ୟସ୍ପର୍ଶେଷ୍ୱ ସକ୍ତାତ୍ମା	୫	୨୧	ବୁଦ୍ଧିଯୁକ୍ତୋଜହାତୀହ	୨	୫୦
ବିକାରାଂଶ୍ଚ ଗୁଣାଂଶ୍ଚୈବ	୧୩	୧୯	ବୁଦ୍ଧିଯୋଗମୁପାଶ୍ରିତ୍ୟ	୧୮	୫୭
ବିଗତେଚ୍ଛାଭୟକ୍ରୋଧୋ	୫	୨୮	ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ	୧୮	୨୯
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ	୧୧	୩୧	ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ	୧୮	୫୧
ବିଦ୍ୟାବିନୟ ସଂପନ୍ନେ	୫	୧୮	ବୁଦ୍ଧ୍ୟାଯୁକ୍ତୋ ଜୟା ପାର୍ଥ	୨	୩୯
ବିଧିହୀନ ମସୃଷ୍ଟାନ୍ନଂ	୧୭	୧୩	ବୁଦ୍ଧୌ ଶରଣମନ୍ୱିଚ୍ଛ	୨	୪୯
ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ	୧୩	୨୭	ବୃଷ୍ଣୀନାଂ ବାସୁଦେବୋଽସ୍ମି	୧୦	୩୭
ବିନାଶମବ୍ୟୟସ୍ୟାସ୍ୟ	୨	୧୭	ବୃହତ୍‌ସାମ ତଥା ସାମ୍ନାଂ	୧୦	୩୫
ବିବସ୍ୱାନ ମନବେ ପ୍ରାହ	୪	୧	ବେତ୍ତାସି ବେଦ୍ୟଂ ଚ ପରଂ	୧୧	୩୮
ବିବିକ୍ତଦେଶସେବିତ୍ୱମ୍	୧୩	୧୦	ବେତ୍ତି ସର୍ବେଷୁ ଭୂତେଷୁ	୧୮	୨୧
ବିବିକ୍ତସେବୀ ଲଘ୍ୱାଶୀ	୧୮	୫୨	ବେତ୍ତି ଯତ୍ରନ ଚୈବାୟଂ	୬	୨୧
ବିବିଧାଶ୍ଚ ପୃଥକ୍ ଚେଷ୍ଟା	୧୮	୧୪	ବେଦବାଦରତାଃ ପାର୍ଥ	୨	୪୨
ବିମୁକ୍ତ୍ୟ ନିର୍ମମଃ ଶାନ୍ତୋ	୧୮	୫୩	ବେଦାନାଂ ସାମବେଦୋଽସ୍ମି	୧୦	୨୨

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ବେଦାବିନାଶିନଂ ନିତ୍ୟଂ	୨	୨୧	ଭବତ୍ୟତ୍ୟାଗିନାଂ ପ୍ରେତ୍ୟ	୧୮	୧୨
ବେଦାହଂ ସମତୀତାନି	୭	୨୬	ଭବନ୍ତି ଭାବା ଭୂତାନାଂ	୧୦	୫
ବେଦେଷୁ ଯଜ୍ଞେଷୁ ତପଃସୂ	୮	୨୮	ଭବନ୍ତି ସମ୍ପଦଂ ଦୈବୀଂ	୧୬	୩
ବେଦୈଶ୍ଚ ସର୍ବୈରହମେବ	୧୫	୧୫	ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ	୧	୮
ବେଦ୍ୟଂ ପବିତ୍ରମୋଁକାର	୯	୧୭	ଭବାପ୍ୟୟୌ ହି ଭୂତାନାଂ	୧୧	୨
ବେପଥୁଶ୍ଚ ଶରୀରେ ମେ	୧	୨୯	ଭବାମି ନ ଚିରାତ୍ ପାର୍ଥ	୧୨	୭
ବ୍ୟପେତଭୀଃ ପ୍ରୀତମନାଃ	୧୧	୪୯	ଭବିତା ନ ଚ ମେ ତସ୍ମାଦନ୍ୟଃ	୧୮	୬୯
ବ୍ୟବସାୟାତ୍ମିକା ବୁଦ୍ଧିଃ	୨	୪୪	ଭବିଷ୍ୟାଣି ଚ ଭୂତାନି	୭	୨୬
ବ୍ୟବସାୟାତ୍ମିକା ବୁଦ୍ଧି	୨	୪୧	ଭୟଦ୍ରଣାଦୁପରତଂ	୨	୩୫
ବ୍ୟାମିଶ୍ରେଣେବ ବାକ୍ୟେନ	୩	୨	ଭାବସଂଶୁଦ୍ଧିରିତ୍ୟେତତ୍	୧୭	୧୬
ବ୍ୟାସ ପ୍ରସାଦାଚ୍ଛ୍ରୁତବାନ୍	୧୮	୭୫	ଭୀଷ୍ମ ଦ୍ରୋଣ ପ୍ରମୁଖତଃ	୧	୨୫
ବ୍ୟୂଢ଼ାଂ ଦ୍ରୁପଦପୁତ୍ରେଣ	୧	୩	ଭୀଷ୍ମମେବାଭିରକ୍ଷନ୍ତୁ	୧	୧୧
ବ୍ରହ୍ମଚର୍ଯ୍ୟମହିଂସା ଚ	୧୭	୧୪	ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରଃ	୧୧	୨୬
ବ୍ରହ୍ମଣୋ ହି ପ୍ରତିଷ୍ଠାହମ୍	୧୪	୨୭	ଭୁଞ୍ଜତେ ତେ ତ୍ୱଘଂ ପାପା	୩	୧୩
ବ୍ରହ୍ମଣ୍ୟାଧାୟ କର୍ମାଣି	୫	୧୦	ଭୂତଗ୍ରାମଃ ସ ଏବାୟଂ	୮	୧୯
ବ୍ରହ୍ମଭୂତଃ ପ୍ରସନ୍ନାତ୍ମା	୧୮	୫୪	ଭୂତଗ୍ରାମମିମଂ କୃତ୍ସ୍ନମ୍	୯	୮
ବ୍ରହ୍ମସୂତ୍ର ପଦୈଶ୍ଚୈବ	୧୩	୫	ଭୂତପ୍ରକୃତିମୋକ୍ଷଂ ଚ	୧୩	୩୪
ବ୍ରହ୍ମାଣମୀଶଂ କମଳାସନସ୍ଥମ୍	୧୧	୧୫	ଭୂତଭର୍ତୃ ଚ ତଜ୍‌ଜ୍ଞେୟଂ	୧୩	୧୬
ବ୍ରହ୍ମାଗ୍ନାବପରେ ଯଜ୍ଞଂ	୪	୨୫	ଭୂତଭାବନ ଭୂତେଶ	୧୦	୧୫
ବ୍ରହ୍ମାର୍ପଣଂ ବ୍ରହ୍ମ ହବିଃ	୪	୨୪	ଭୂତଭାବୋଦ୍ଭବକରୋ	୮	୩
ବ୍ରହ୍ମୈବ ତେନ ଗନ୍ତବ୍ୟଂ	୪	୨୪	ଭୂତଭୃନ୍ନ ଚ ଭୂତସ୍ଥୋ	୯	୫
ବ୍ରାହ୍ମଣକ୍ଷତ୍ରିୟବିଶାଂ	୧୮	୪୧	ଭୂତାନି ଯାନ୍ତି ଭୂତେଜ୍ୟା	୯	୨୫
ବ୍ରାହ୍ମଣାସ୍ତେନ ବେଦାଶ୍ଚ	୧୭	୨୩	ଭୂମିରାପୋଽନଳୋ ବାୟୁଃ	୭	୪
'ଭ'			ଭୂୟଃ କଥୟ ତୃପ୍ତିର୍ହି	୧୦	୧୮
ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ	୧୧	୫୪	ଭୂୟ ଏବ ମହାବାହୋ	୧୦	୧
ଭକ୍ତ୍ୟା ମାମଭିଜାନାତି	୧୮	୫୫	ଭୋକ୍ତାରଂ ଯଜ୍ଞତପସାଂ	୫	୨୯
ଭକ୍ତିଂ ମୟିପରାଂ କୃତ୍ୱା	୧୮	୬୮	ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ	୨	୪୪
ଭକ୍ତୋଽସି ମେ ସଖା ଚେତି	୪	୩	ଭ୍ରାମୟନ୍ ସର୍ବଭୂତାନି	୧୮	୬୧
ଭଜନ୍ତ୍ୟନନ୍ୟମନସୋ	୯	୧୩	ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ	୮	୧୦

	ଅଧ୍ୟାୟ	ଶ୍ଳୋକ
'ମ'		
ମଚ୍ଚିତ୍ତଃ ସର୍ବଦୁର୍ଗାଣି	୧୮	୫୮
ମଚ୍ଚିତ୍ତା ମଦ୍‌ଗତପ୍ରାଣା	୧୦	୯
ମତ୍ତ ଏବେତି ତାନ୍ ବିଦ୍ଧି	୭	୧୨
ମଦ୍‌କର୍ମକୃନ୍ମତ୍‌ପରମୋ	୧୧	୫୫
ମତ୍‌ପ୍ରସାଦାଦ୍‌ବାପ୍ନୋତି	୧୮	୫୬
ମତ୍‌ସ୍ଥାନି ସର୍ବଭୂତାନି	୯	୪
ମତ୍ତଃ ପରତରଂ ନାନ୍ୟତ୍	୭	୭
ମଦର୍ଥମପି କର୍ମାଣି	୧୨	୧୦
ମଦନୁଗ୍ରହାୟ ପରମଂ	୧୧	୧
ମଦ୍‌ଭକ୍ତ ଏତଦ୍‌ବିଜ୍ଞାୟ	୧୩	୧୮
ମଦ୍‌ଭାବା ମାନସା ଜାତା	୧୦	୬
ମନଃପ୍ରସାଦଃ ସୌମ୍ୟତ୍ୱଂ	୧୭	୧୬
ମନଃ ସଂଯମ୍ୟ ମଚ୍ଚିତ୍ତୋ	୬	୧୪
ମନସସ୍ତୁ ପରା ବୁଦ୍ଧି	୩	୪୨
ମନସୈବେନ୍ଦ୍ରିୟଗ୍ରାମଂ	୬	୨୪
ମନଃଷଷ୍ଠାନୀନ୍ଦ୍ରିୟାଣି	୧୫	୭
ମନୁଷ୍ୟାଣାଂ ସହସ୍ରେଷୁ	୭	୩
ମନ୍ତ୍ରୋଽହମହମେବାଜ୍ୟମ୍	୯	୧୬
ମନ୍ମନା ଭବ ମଦ୍‌ଭକ୍ତୋ	୯	୩୪
ମନ୍ମନା ଭବ ମଦ୍‌ଭକ୍ତୋ	୧୮	୬୫
ମନ୍ୟସେ ଯଦି ତଚ୍ଛକ୍ୟଂ	୧୧	୪
ମମ ଦେହେ ଗୁଡ଼ାକେଶ	୧୧	୭
ମମ ବର୍ତ୍ମାନୁବର୍ତ୍ତନ୍ତେ	୩	୨୩
ମମ ବର୍ତ୍ମାନୁବର୍ତ୍ତନ୍ତେ	୪	୧୧
ମମ ଯୋନିର୍ମହଦ୍‌ବ୍ରହ୍ମ	୧୪	୩
ମମୈବାଂଶୋ ଜୀବଲୋକେ	୧୫	୭
ମୟୈବୈତେ ନିହତାଃ	୧୧	୩୩
ମଯ୍ୟର୍ପିତ ମନୋ ବୁଦ୍ଧି	୮	୭
ମଯ୍ୟର୍ପିତ ମନୋବୁଦ୍ଧି	୧୨	୧୪
ମଯ୍ୟାବେଶ୍ୟ ମନୋ ଯେ ମାଂ	୧୨	୨
ମଯ୍ୟାସକ୍ତ ମନାଃ ପାର୍ଥ	୭	୧
ମଯ୍ୟେବ ମନ ଆଧତ୍ସ୍ୱ	୧୨	୮
ମୟା ତତମିଦଂ ସର୍ବଂ	୯	୪
ମୟାଧ୍ୟକ୍ଷେଣ ପ୍ରକୃତିଃ	୯	୧୦
ମୟା ପ୍ରସନ୍ନେନ ତବାର୍ଜୁନେଦଂ	୧୧	୪୭
ମୟା ହତାଂସ୍ତ୍ୱଂ ଜହି ମା	୧୧	୩୪
ମୟି ଚାନନ୍ୟଯୋଗେନ	୧୩	୧୦
ମୟି ସର୍ବମିଦଂ ପ୍ରୋତଂ	୭	୭
ମୟି ସର୍ବାଣି କର୍ମାଣି	୩	୩୦
ମରୀଚିର୍ମରୁତାମସ୍ମି	୧୦	୨୧
ମହର୍ଷୟଃ ସପ୍ତ ପୂର୍ବେ	୧୦	୬
ମହାତ୍ମାନସ୍ତୁ ମାଂ ପାର୍ଥ	୯	୧୩
ମହାଭୂତାନ୍ୟହଂକାରୋ	୧୩	୫
ମହାଶନୋ ମହାପାପ୍ମା	୩	୩୭
ମହର୍ଷୀଣାଂ ଭୃଗୁରହଂ	୧୦	୨୫
ମାଂ ଚୈବାନ୍ତଃଶରୀରସ୍ଥଂ	୧୭	୬
ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ	୯	୩୨
ମା କର୍ମଫଳ ହେତୁର୍ଭୂର୍ମା	୨	୪୭
ମାଂ ଚ ଯୋଽବ୍ୟଭିଚାରେଣ	୧୪	୨୬
ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ	୧	୩୪
ମା ତେ ବ୍ୟଥା ମା ଚ ବିମୂଢ଼	୧୧	୪୯
ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ	୨	୧୪
ମାଧବଃ ପାଣ୍ଡବଶ୍ଚୈବ	୧	୧୪
ମାନାପମାନୟୋସ୍ତୁଲ୍ୟ	୧୪	୨୫
ମାମକାଃ ପାଣ୍ଡବାଶ୍ଚୈବ	୧	୧
ମାମପ୍ରାପ୍ୟୈବ କୌନ୍ତେୟ	୧୬	୨୦
ମାମାତ୍ମପରଦେହେଷୁ	୧୬	୧୮

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ମମୁପେତ୍ୟ ତୁ କୌନ୍ତେୟ	୮	୧୬	ଯଃ ପ୍ରୟାତି ତ୍ୟଜନ୍ ଦେହଂ	୮	୧୩
ମାମୁପେତ୍ୟ ପୁନର୍ଜନ୍ମ	୮	୧୫	ଯଃ ପ୍ରୟାତି ସ ମଦ୍‌ଭାବଂ	୮	୫
ମାମେବ ଯେ ପ୍ରପଦ୍ୟନ୍ତେ	୭	୧୪	ଯଃ ସର୍ବତ୍ରାନଭିସ୍ନେହସ୍ତ	୨	୫୭
ମାମେବୈଷ୍ୟସି ଯୁକ୍ତ୍ୱୈବମ୍	୯	୩୪	ଯଃ ସ ସର୍ବେଷୁ ଭୂତେଷୁ	୮	୨୦
ମାମେବୈଷ୍ୟସି ସତ୍ୟଂ ତେ	୧୮	୬୫	ଯଃଶାସ୍ତ୍ରବିଧିମୁତ୍ସୃଜ୍ୟ	୧୬	୨୩
ମାୟୟାପହୃତଜ୍ଞାନା	୭	୧୫	ଯ ଇଦଂ ପରମଂ ଗୁହ୍ୟଂ	୧୮	୬୮
ମାସାନାଂ ମାର୍ଗଶୀର୍ଷୋଽହଂ	୧୦	୩୫	ଯ ଏନଂ ବେତ୍ତି ହନ୍ତାରଂ	୨	୧୯
ମା ଶୁଚଃ ସଂପଦଂ ଦୈବୀ	୧୬	୫	ଯ ଏବଂ ବେତ୍ତି ପୁରୁଷଂ	୧୩	୨୩
ମିଥ୍ୟୈଷ ବ୍ୟବସାୟସ୍ତେ	୧୮	୫୯	ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ	୧୬	୧୫
ମୁକ୍ତସଙ୍ଗୋଽନହଂବାଦୀ	୧୮	୨୬	ଯଜନ୍ଦ୍ରମସି ଯଜାଗ୍ନୌ	୧୫	୧୨
ମୁନୀନାଂମପ୍ୟହଂ ବ୍ୟାସଃ	୧୦	୩୭	ଯଜାପି ସର୍ବଭୂତାନାଂ	୧୦	୩୯
ମୂଢ଼ଗ୍ରାହେଣାତ୍ମନୋ ଯତ୍	୧୭	୧୯	ଯଜ୍ଞାବହାସାର୍ଥମସତ୍‌କୃତୋଽସି	୧୧	୪୨
ମୂଢ଼ୋଽୟଂ ନାଭିଜାନାତି	୭	୨୫	ଯ ଜ୍ଜ୍ଞେୟଃ ସ୍ୟାନିଶ୍ଚିତଂ ବ୍ରୁହି	୨	୭
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମ୍	୮	୧୨	ଯଜ୍ଜ୍ଞେୟ ଏତୟୋରେକଂ	୫	୧
ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ	୧୦	୩୦	ଯଜ୍ଜ୍ଞାତ୍ୱା ନ ପୁନର୍ମୋହମ୍	୪	୩୫
ମୃତ୍ୟୁଃ ସର୍ବହରଶ୍ଚାହମ୍	୧୦	୩୪	ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟ	୭	୨
ମୋଘାଶା ମୋଘକର୍ମାଣୋ	୯	୧୨	ଯଜ୍ଜ୍ଞାତ୍ୱା ମୁନୟଃ ସର୍ବେ	୧୪	୧
ମୋହାତ୍ତସ୍ୟ ପରିତ୍ୟାଗ	୧୮	୭	ଯଜନ୍ତେ ନାମଯଜ୍ଞୈସ୍ତେ	୧୬	୧୭
ମୋହାଦ୍‌ଗୃହୀତ୍ୱାଽସଦ୍‌ଗ୍ରାହାନ୍	୧୬	୧୦	ଯଜନ୍ତେ ସାତ୍ତ୍ୱିକା ଦେବାନ୍	୧୭	୪
ମୋହାଦାରଭ୍ୟତେ କର୍ମ	୧୮	୨୫	ଯଜ୍ଞଦାନତପଃକର୍ମ	୧୮	୩
ମୋହିତଂ ନାଭିଜାନାତି	୭	୧୩	ଯଜ୍ଞଦାନତପଃକର୍ମ	୧୮	୫
ମୌନଂ ଚୈବାସ୍ମି ଗୁହ୍ୟାନାଂ	୧୦	୩୮	ଯଜ୍ଞାଶିଷ୍ଟାମୃତ ଭୁଜୋ	୪	୩୧
'ଯ'			ଯଜ୍ଞଶିଷ୍ଟାଶିନଃ ସନ୍ତୋ	୩	୧୩
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ	୮	୨୧	ଯଜ୍ଞସ୍ତପସ୍ତଥା ଦାନଂ	୧୭	୭
ଯଂ ଯଂ ବାପି ସ୍ମରନ୍ ଭାବଂ	୮	୬	ଯଜ୍ଞାର୍ଥାତ୍‌କର୍ମଣୋଽନ୍ୟତ୍ର	୩	୯
ଯଂ ସଂନ୍ୟାସମିତି ପ୍ରାହୁ	୬	୨	ଯଜ୍ଞାତ୍‌ଭବତି ପର୍ଜନ୍ୟୋ	୩	୧୪
ଯଂ ହି ନ ବ୍ୟଥୟନ୍ତ୍ୟେତେ	୨	୧୫	ଯଜ୍ଞାନାଂ ଜପଯଜ୍ଞୋଽସ୍ମି	୧୦	୨୫
ଯଂ ଲବ୍ଧ୍ୱା ଚାପରଂ ଲାଭଂ	୬	୨୨	ଯଜ୍ଞାୟାଚରତଃ କର୍ମ	୪	୨୩
ଯଃ ପଶ୍ୟତି ତଥାତ୍ମାନମ୍	୧୩	୨୯	ଯଜ୍ଞେ ତପସି ଦାନେ ଚ	୧୭	୨୭

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଯଜ୍ଞୋଦାନଂ ତପଶ୍ଚୈବ	୧୮	୫	ଯଥୈଧାଂସି ସମିଦ୍ଧୋ ଽଗ୍ନି	୪	୩୭
ଯତନ୍ତୋ ଽପ୍ୟକୃତାତ୍ମାନୋ	୧୫	୧୧	ଯଦକ୍ଷରଂ ବେଦବିଦୋ ବଦନ୍ତି	୮	୧୧
ଯତଃ ପ୍ରବୃତ୍ତିର୍ଭୂତାନାଂ	୧୮	୪୬	ଯଦଗ୍ରେ ଚାନୁବନ୍ଧେ ଚ	୧୮	୩୯
ଯତ୍କରୋଷି ଯଦଶ୍ନାସି	୯	୨୭	ଯଦହଂକାରମାଶ୍ରିତ୍ୟ	୧୮	୫୯
ଯତ୍ସାଂଖ୍ୟୈଃ ପାପ୍ୟତେ ସ୍ଥାନଂ	୫	୫	ଯଦ୍‌ଗତ୍ୱା ନ ବିବର୍ତନ୍ତେ	୧୫	୬
ଯତତାମପି ସିଦ୍ଧାନାଂ	୭	୩	ଯଦ୍‌ଯଦାଚରତି ଶ୍ରେଷ୍ଠଃ	୩	୨୧
ଯତତେ ଚ ତତୋ ଭୂୟଃ	୬	୪୩	ଯଦ୍‌ଯଦ ବିଭୂତିମତ୍ସତ୍ତ୍ୱଂ	୧୦	୪୧
ଯତତୋ ହ୍ୟପି କୌନ୍ତେୟ	୨	୬୦	ଯଦା ତେ ମୋହକଲିଳଂ	୨	୫୨
ଯତନ୍ତୋ ଯୋଗିନଶ୍ଚୈନଂ	୧୫	୧୧	ଯଦାଦିତ୍ୟଗତଂ ତେଜୋ	୧୫	୧୨
ଯତେନ୍ଦ୍ରିୟ ମନୋ ବୁଦ୍ଧି	୫	୨୮	ଯଦା ବିନିୟତଂ ଚିତ୍ତମ୍	୬	୧୮
ଯତୋ ଯତୋ ନିଶ୍ଚରତି	୬	୨୬	ଯଦା ଭୂତପୃଥଗ୍‌ଭାବ	୧୩	୩୦
ଯତ୍ତପସ୍ୟସି କୌନ୍ତେୟ	୯	୨୭	ଯଦା ଯଦାହି ଧର୍ମସ୍ୟ	୪	୭
ଯତ୍ତଦଗ୍ରେ ବିଷମିବ	୧୮	୩୭	ଯଦା ସଂହରତେ ଚାୟଂ	୨	୫୮
ଯତ୍ତୁକାମେପ୍ସୁନା କର୍ମ	୧୮	୨୪	ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ	୧୪	୧୪
ଯତ୍ତୁ କୃତ୍ସ୍ନବଦେକସ୍ମିନ୍	୧୮	୨୨	ଯଦା ହି ନେନ୍ଦ୍ରିୟାର୍ଥେଷୁ	୬	୪
ଯତ୍ତୁ ପ୍ରତ୍ୟୁପକାରାର୍ଥଂ	୧୭	୨୧	ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି	୮	୧୧
ଯତ୍ତେ ଽହଂ ପ୍ରିୟମାଣାୟ	୧୦	୧	ଯଦି ଭାଃ ସଦୃଶୀ ସା	୧୧	୧୨
ଯତ୍ତ୍ୱୟୋକ୍ତଂ ବଚସ୍ତେନ	୧୧	୧	ଯଦି ମାମପ୍ରତିକାରମଶସ୍ତ୍ରଂ	୧	୪୫
ଯତ୍ର କାଳେ ତ୍ୱନାବୃତ୍ତିମ୍	୮	୨୩	ଯଦି ହ୍ୟହଂ ନ ବର୍ତେୟଂ	୩	୨୩
ଯତ୍ର ଚୈବାତ୍ମନାତ୍ମାନଂ	୬	୨୦	ଯଦୃଚ୍ଛୟା ଚୋପପନ୍ନଂ	୨	୩୭
ଯତ୍ର ଯୋଗେଶ୍ୱରଃ କୃଷ୍ଣୋ	୧୮	୭୮	ଯଦୃଚ୍ଛା ଲାଭସନ୍ତୁଷ୍ଟୋ	୪	୨୨
ଯତ୍ରୋପରମତେ ଚିତ୍ତଂ	୬	୨୦	ଯଦ୍ୟପ୍ୟେତେ ନ ପଶ୍ୟନ୍ତି	୧	୩୭
ଯଥାକାଶସ୍ଥିତୋ ନିତ୍ୟଂ	୯	୬	ଯଦ୍ରାଜ୍ୟସୁଖଲୋଭେନ	୧	୪୪
ଯଥା ଦୀପୋ ନିବାତସ୍ଥୋ	୬	୧୯	ଯୟା ତୁ ଧର୍ମକାମାର୍ଥାନ୍	୧୮	୩୪
ଯଥା ନଦୀନାଂ	୧୧	୨୮	ଯୟା ଧର୍ମମଧର୍ମଂ ଚ	୧୮	୩୧
ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ	୧୩	୩୩	ଯୟା ସ୍ୱପ୍ନଂ ଭୟଂ ଶୋକଂ	୧୮	୩୫
ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା	୧୧	୨୯	ଯଷ୍ଟବ୍ୟମେବେତିମନଃ	୧୭	୧୧
ଯଥା ସର୍ବଗତଂ	୧୩	୩୨	ଯସ୍ୟ ନାହଂକୃତୋ ଭାବୋ	୧୮	୧୭
ଯଥୋଲ୍ବେନାବୃତୋ ଗର୍ଭ	୩	୩୮	ଯସ୍ୟ ସର୍ବେ ସମାରମ୍ଭାଃ	୪	୧୯

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ଯସ୍ୟାନ୍ତଃସ୍ଥାନି ଭୂତାନି	୮	୨୨	ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମ୍	୧୨	୩
ଯସ୍ୟାଂ ଜାଗ୍ରତି ଭୂତାନି	୨	୬୯	ଯେ ତ୍ୱେତଦଭ୍ୟସୂୟନ୍ତୋ	୩	୩୨
ଯସ୍ତୁ କର୍ମଫଳତ୍ୟାଗୀ	୧୮	୧୧	ଯେନ ଭୂତାନ୍ୟଶେଷେଣ	୪	୩୫
ଯସ୍ତ୍ୱାତ୍ମରତିରେବ ସ୍ୟାଦ୍	୩	୧୭	ଯେଽପ୍ୟନ୍ୟ ଦେବତା ଭକ୍ତା	୯	୨୩
ଯସ୍ତ୍ୱିନ୍ଦ୍ରିୟାଣି ମନସା	୩	୭	ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା	୯	୨୯
ଯସ୍ମାତ୍ କ୍ଷରମତୀତୋଽହମ୍	୧୫	୧୮	ଯେ ମେ ମତମିତଂ ନିତ୍ୟମ୍	୩	୩୧
ଯସ୍ମାନ୍ନୋଦ୍ୱିଜତେ ଲୋକେ	୧୨	୧୫	ଯେ ଯଥା ମାଂ ପ୍ରପଦ୍ୟନ୍ତେ	୪	୧୧
ଯସ୍ମିନ୍ନସ୍ଥିତୋ ନ ଦୁଃଖେନ	୬	୨୨	ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ	୧୭	୧
ଯାତଯାମଂ ଗତରସଂ	୧୭	୧୦	ଯେଷାଂ ତ ତ୍ୱଂ ବହୁମତୋ	୨	୩୫
ଯା ନିଶା ସର୍ବଭୂତାନାଂ	୨	୬୯	ଯେଷାଂ ତ୍ୱନ୍ତଗତଂ ପାପଂ	୭	୨୮
ଯାନେବ ହତ୍ୱା ନ ଜିଜୀବିଷାମ୍	୨	୬	ଯେଷାମର୍ଥେ କାଙ୍କ୍ଷିତଂ ନୋ	୧	୩୨
ଯାନ୍ତି ଦେବବ୍ରତା ଦେବାନ୍	୯	୨୫	ଯେ ହି ସଂସ୍ପର୍ଶଜା ଭୋଗା	୫	୨୨
ଯାବତ୍ ସଂଜାୟତେ କିଞ୍ଚିତ୍	୧୩	୨୬	ଯୋଗଂ ଯୋଗେଶ୍ୱରାତ୍ କୃଷ୍ଣାତ୍	୧୮	୭୫
ଯାବଦେତାନ୍ନିରୀକ୍ଷେଽହଂ	୧	୨୨	ଯୋଗଯୁକ୍ତୋ ବିଶୁଦ୍ଧାତ୍ମା	୫	୭
ଯାବାନର୍ଥ ଉଦପାନେ	୨	୪୬	ଯୋଗଯୁକ୍ତୋ ମୁନିର୍ବ୍ରହ୍ମ	୫	୬
ଯାଭିର୍ବିଭୂତିଭିର୍ଲୋକାନ୍	୧୦	୧୬	ଯୋଗାରୁଢ଼ସ୍ୟ ତସୈବ	୬	୩
ଯାମିମାଂ ପୁଷ୍ପିତାଂ ବାଚଂ	୨	୪୨	ଯୋଗସଂନ୍ୟସ୍ତ କର୍ମାଣଂ	୪	୪୧
ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା	୫	୧୨	ଯୋଗସ୍ଥଃ କୁରୁ କର୍ମାଣି	୨	୪୮
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ	୬	୮	ଯୋଗିନଃ କର୍ମ କୁର୍ବନ୍ତି	୫	୧୧
ଯୁକ୍ତ ସ୍ୱପ୍ନାବବୋଧସ୍ୟ	୬	୧୭	ଯୋଗିନାମପି ସର୍ବେଷାଂ	୬	୪୭
ଯୁକ୍ତାହାର ବିହାରସ୍ୟ	୬	୧୭	ଯୋଗିନୋ ଯତଚିତ୍ତସ୍ୟ	୬	୧୯
ଯୁଞ୍ଜନ୍ନେବଂ ସଦାତ୍ମାନଂ	୬	୧୫	ଯୋଗୀ ଯୁଞ୍ଜୀତ ସତତମ୍	୬	୧୦
ଯୁଞ୍ଜନ୍ନେବଂ ସଦାତ୍ମାନଂ	୬	୨୮	ଯୋଗେନବ୍ୟଭିଚାରିଣ୍ୟା	୧୮	୩୩
ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ	୧	୬	ଯୋଗେଶ୍ୱର ତତୋ ମେ ତ୍ୱଂ	୧୧	୪
ଯୁଯୁଧାନୋ ବିରାଟଶ୍ଚ	୧	୪	ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି	୧୨	୧୭
ଯେ ଚାପ୍ୟକ୍ଷରମବ୍ୟକ୍ତଂ	୧୨	୧	ଯୋଽନ୍ତଃସୁଖୋଽନ୍ତରାରାମ	୫	୨୪
ଯେ ଚୈବ ସାତ୍ତ୍ୱିକା ଭାବା	୭	୧୨	ଯୋ ମାଂ ପଶ୍ୟତି ସର୍ବତ୍ର	୬	୩୦
ଯେ ତୁ ଧର୍ମ୍ୟାମୃତମିଦଂ	୧୨	୨୦	ଯୋ ମାମଜମନାଦିଂଚ ବେତ୍ତି	୧୦	୩
ଯେ ତୁ ସର୍ବାଣି କର୍ମାଣି	୧୨	୬	ଯୋ ମାମେବମସଂମୂଢ଼ୋ	୧୫	୧୯

	ଅଧ୍ୟାୟ	ଶ୍ଳୋକ
ଯୋ ଯୋ ଯାଂ ଯାଂ ତନୁଂ	୭	୨୧
ଯୋସ୍ୟମାନାନବେକ୍ଷେଽହଂ	୧	୨୩
ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ	୬	୩୩
ଯୋ ଲୋକତ୍ରୟମାବିଶ୍ୟ	୧୫	୧୭
ଯୋଷୟେତ୍ ସର୍ବକର୍ମାଣି	୩	୨୬
'ର'		
ରକ୍ଷାଂସି ଭୀତାନି ନିଶୋ ଦ୍ରବନ୍ତି	୧୧	୩୬
ରଜଃ ସତ୍ତ୍ୱଂ ତମଶ୍ଚୈବ	୧୪	୧୦
ରଜସସ୍ତୁ ଫଳଂ ଦୁଃଖମ୍	୧୪	୧୬
ରଜସି ପ୍ରଳୟଂ ଗତ୍ୱା	୧୪	୧୫
ରଜସ୍ୟେତାନି ଜାୟନ୍ତେ	୧୪	୧୨
ରଜଃସ୍ତମଶ୍ଚାଭିଭୂୟ	୧୪	୧୦
ରଜୋରାଗାତ୍ମକଂ ବିଦ୍ଧି	୧୪	୭
ରସବର୍ଜଂ ରସୋଽପ୍ୟସ୍ୟ	୨	୫୯
ରସୋଽହମପ୍ସୁ କୌନ୍ତେୟ	୭	୮
ରସ୍ୟାଃସ୍ମିଗଧା ସ୍ଥିରାହୃଦ୍ୟା	୧୭	୮
ରାକ୍ଷସୀମାସୁରୀଂ ଚୈବ	୯	୧୨
ରାଗଦ୍ୱେଷବିଯୁକ୍ତୈସ୍ତୁ	୨	୬୪
ରାଗୀ କର୍ମଫଳ ପ୍ରେପ୍ସୁ	୧୮	୨୭
ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ	୧୮	୭୬
ରାଜବିଦ୍ୟା ରାଜଗୁହ୍ୟଂ	୯	୨
ରାତ୍ରିଂ ଯୁଗସହସ୍ରାନ୍ତାଂ	୮	୧୭
ରାତ୍ର୍ୟାଗମେ ପ୍ରଲୀୟନ୍ତେ	୮	୧୮
ରାତ୍ର୍ୟାଗମେଽବଶଃ ପାର୍ଥ	୮	୧୯
ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି	୧୦	୨୩
ରୁଦ୍ରାଦିତ୍ୟା ବସବୋ ଯେ	୧୧	୨୨
ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ	୧୧	୨୩
'ଲ'		
ଲଭତେ ଚ ତତଃ କାମାନ୍	୭	୨୨

	ଅଧ୍ୟାୟ	ଶ୍ଳୋକ
ଲଭନ୍ତେ ବ୍ରହ୍ମନିର୍ବାଣମ୍	୫	୨୫
ଲିପ୍ୟତେ ନ ସ ପାପେନ	୫	୧୦
ଲେଲିହ୍ୟସେ ଗ୍ରସମାନଃ	୧୧	୩୦
ଲୋକସଂଗ୍ରହମେବାପି	୩	୨୦
ଲୋକେଽସ୍ମିନ୍ ଦ୍ୱିବିଧାନିଷ୍ଠା	୩	୩
ଲୋଭଃ ପ୍ରବୃତ୍ତିରାରମ୍ଭଃ	୧୪	୧୨
'ଶ'		
ଶକ୍ୟ ଏବଂ ବିଧୋ ଦ୍ରଷ୍ଟୁଂ	୧୧	୫୩
ଶକ୍ନୋତୀହୈବ ଯଃ ସୋଢୁଂ	୫	୨୩
ଶନୈଃ ଶନୈରୁପରମେତ୍	୬	୨୫
ଶବ୍ଦାଦୀନ୍ ବିଷୟାନନ୍ୟ	୪	୨୬
ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା	୧୮	୫୧
ଶମୋ ଦମସ୍ତପଃ ଶୌଚଂ	୧୮	୪୨
ଶରୀରଂ ଯଦବାପ୍ନୋତି	୧୫	୮
ଶରୀରବାଙ୍ମନୋଭିର୍ଯତ୍	୧୮	୧୫
ଶରୀର ଯାତ୍ରାପି ଚ ତେ	୩	୮
ଶରୀରସ୍ଥୋଽପି କୌନ୍ତେୟ	୧୩	୩୧
ଶାନ୍ତି ନିର୍ବାଣଂପରମାଂ	୬	୧୫
ଶାରୀରଂ କେବଳଂ କର୍ମ	୪	୨୧
ଶ୍ରୀତୋଷ୍ଣ ସୁଖଦୁଃଖେଷୁ	୬	୭
ଶୀତୋଷ୍ଣସୁଖଦୁଃଖେଷୁ	୧୨	୧୮
ଶୁକ୍ଳକୃଷ୍ଣେ ଗତୀ ହ୍ୟେତେ	୮	୨୬
ଶୁଚିନାଂ ଶ୍ରୀମତାଂ ଗେହେ	୬	୪୧
ଶୁଚୌଦେଶେ ପ୍ରତିଷ୍ଠାପ୍ୟ	୬	୧୧
ଶୁନି ଚୈବ ଶ୍ୱପାକେ ଚ	୫	୧୮
ଶୁଭାଶୁଭପରିତ୍ୟାଗୀ	୧୨	୧୭
ଶୁଭାଶୁଭଫଲୈରେବଂ	୯	୨୮
ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ	୧୮	୪୩
ଶ୍ରଦ୍ଧାନା ମତ୍ପରମା	୧୨	୨୦

	ଅଧ୍ୟାୟ	ଶ୍ଳୋକ
ଶ୍ରଦ୍ଧୟା ପରୟା ତପ୍ତଂ	୧୭	୧୭
ଶ୍ରଦ୍ଧୟା ପରୟୋପେତା	୧୨	୨
ଶ୍ରଦ୍ଧାବନ୍ତୋଽନସୂୟନ୍ତୋ	୩	୩୧
ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି	୧୮	୭୧
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ	୬	୪୭
ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ	୪	୩୯
ଶ୍ରଦ୍ଧାବିରହିତଂ ଯଜ୍ଞଂ	୧୭	୧୩
ଶ୍ରଦ୍ଧାମୟୋଽୟଂ ପୁରୁଷୋ	୧୭	୩
ଶ୍ରେୟାନ୍ ଦ୍ରବ୍ୟ ମୟାଦ୍ ଯଜ୍ଞାତ୍	୪	୩୩
ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ	୩	୩୫
ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ	୧୮	୪୭
ଶ୍ରେୟୋ ହି ଜ୍ଞାନମଭ୍ୟାସାତ୍	୧୨	୧୨
ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ	୧୫	୯
ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ	୪	୨୬
ଶ୍ରୁତିବିପ୍ରତିପନ୍ନା ତେ	୨	୫୩
ଶ୍ରୃଣୁରାନ୍ ସୁହୃଦଶ୍ଚୈବ	୧	୨୬
ଶାଶ୍ୱତସ୍ୟ ଚ ଧର୍ମସ୍ୟ	୧୪	୨୭
'ସ'		
ସଂକଳ୍ପ ପ୍ରଭବାନ୍ କାମାନ୍	୬	୨୪
ସଂନିୟମ୍ୟେନ୍ଦ୍ରିୟଗ୍ରାମଂ	୧୨	୪
ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ	୬	୧୩
ସଂବାଦମିମମଶ୍ରୌଷମଦ୍ଭୁତଂ	୧୮	୭୪
ସ ଏବାୟଂ ମୟାଂ ତେଽଦ୍ୟ	୪	୩
ସ କାଳେନେହ ମହତା	୪	୨
ସ କୃତ୍ୱା ରାଜସଂ ତ୍ୟାଗଂ	୧୮	୮
ସକ୍ତାଃ କର୍ମଣ୍ୟବିଦ୍ୱାଂସୋ	୩	୨୫
ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ	୧୧	୪୧
ସ ଗୁଣାନ୍ ସମତୀତ୍ୟୈତାନ୍	୧୪	୨୬
ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ	୧୦	୩୨
ସର୍ଗେଽପି ନୋପଜାୟନ୍ତେ	୧୪	୨
ସଙ୍କରସ୍ୟ ଚ କର୍ତ୍ତାସ୍ୟାମ୍	୩	୨୪
ସଙ୍କଳ୍ପୋ ନରକାୟୈବ	୧	୪୧
ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ	୧୮	୯
ସଙ୍ଗାତ୍ ସଂଜାୟତେ କାମଃ	୨	୬୨
ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ	୧	୧୯
ସ ଚ ଯୋ ଯତ୍ପ୍ରଭାବଶ୍ଚ	୧୩	୩
ସତତଂ କୀର୍ତ୍ତୟନ୍ତୋ ମାଂ	୯	୧୪
ସ ତୟା ଶ୍ରଦ୍ଧୟାଯୁକ୍ତ	୭	୨୨
ସତ୍କାରମାନପୂଜାର୍ଥଂ	୧୭	୧୮
ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ	୧୮	୪୦
ସତ୍ତ୍ୱଂ ରଜସ୍ତମ ଇତି	୧୪	୫
ସତ୍ତ୍ୱଂ ସୁଖେ ସଞ୍ଜୟତି	୧୪	୯
ସତ୍ତ୍ୱାତ୍ ସଞ୍ଜାୟତେ ଜ୍ଞାନଂ	୧୪	୧୭
ସତ୍ତ୍ୱାନୁରୂପା ସର୍ବସ୍ୟ	୧୭	୩
ସଦ୍ଭାବେ ସାଧୁଭାବେ ଚ	୧୭	୨୬
ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ	୩	୩୩
ସ ନିଶ୍ଚୟେନ ଯୋକ୍ତବ୍ୟୋ	୬	୨୩
ସଂନ୍ୟାସଂ କର୍ମଣାଂ କୃଷ୍ଣ	୫	୧
ସଂନ୍ୟାସଃ କର୍ମଯୋଗଶ୍ଚ	୫	୨
ସଂନ୍ୟାସଯୋଗଯୁକ୍ତାତ୍ମା	୯	୨୮
ସଂନ୍ୟାସସ୍ୟ ମହାବାହୋ	୧୮	୧
ସଂନ୍ୟାସସ୍ତୁ ମହାବାହୋ	୫	୬
ସନ୍ତୁଷ୍ଟଃ ସତତଂ ଯୋଗୀ	୧୨	୧୪
ସ ବୁଦ୍ଧିମାନମନୁଷ୍ୟେଷୁ	୪	୧୮
ସ ବ୍ରହ୍ମଯୋଗଯୁକ୍ତାତ୍ମା	୫	୨୧
ସମଂ କାୟଶିରୋଗ୍ରୀବଂ	୬	୧୩
ସମଂ ପଶ୍ୟନ୍ ହି ସର୍ବତ୍ର	୧୩	୨୮
ସମଂ ସର୍ବେଷୁ ଭୂତେଷୁ	୧୩	୨୭

	ଅଧ୍ୟାୟ	ଶ୍ଳୋକ		ଅଧ୍ୟାୟ	ଶ୍ଳୋକ
ସମଃ ଶତ୍ରୌ ଚ ମିତ୍ରେ ଚ	୧୨	୧୮	ସର୍ବଭୂତସ୍ଥମାତ୍ମାନଂ	୬	୨୯
ସମଃ ସର୍ବେଷୁ ଭୂତେଷୁ	୧୮	୫୪	ସର୍ବଭୂତସ୍ଥିତଂ ଯୋ ମାଂ	୬	୩୧
ସମଃ ସିଦ୍ଧାବସିଦ୍ଧୌ ଚ	୪	୨୨	ସର୍ବଭୂତାନି କୌନ୍ତେୟ	୯	୭
ସମଦୁଃଖସୁଖଂ ଧୀରଂ	୨	୧୫	ସର୍ବଭୂତାନି ସଂମୋହଂ	୭	୨୭
ସମଦୁଃଖସୁଖଃ ସ୍ୱସ୍ଥଃ	୧୪	୨୪	ସର୍ବଭୂତାତ୍ମ ଭୂତାତ୍ମା	୫	୭
ସମାଧାବଚଳା ବୁଦ୍ଧିଃ	୨	୫୩	ସର୍ବଭୂତେଷୁ ଯେନୈକଂ	୧୮	୨୦
ସମାସେନୈବ କୌନ୍ତେୟ	୧୮	୫୦	ସର୍ବମେତଦୃତଂ ମନ୍ୟେ	୧୦	୧୪
ସମୋଽହଂ ସର୍ବଭୂତେଷୁ	୯	୨୯	ସର୍ବଯୋନିଷୁ କୌନ୍ତେୟ	୧୪	୪
ସମ୍ଭବଃ ସର୍ବଭୂତାନାଂ	୧୪	୩	ସର୍ବସଂକଳ୍ପସନ୍ନ୍ୟାସୀ	୬	୪
ସମ୍ଭାବିତସ୍ୟ ଚାକୀର୍ତ୍ତି	୨	୩୪	ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ	୧୫	୧୫
ସ ଯତ୍ ପ୍ରମାଣଂ କୁରୁତେ	୩	୨୧	ସର୍ବସ୍ୟ ଧାତାରମଚିନ୍ତ୍ୟରୂପମ୍	୮	୯
ସ ଯୋଗୀ ବ୍ରହ୍ମନିର୍ବାଣଂ	୫	୨୪	ସର୍ବାଣୀନ୍ଦ୍ରିୟ କର୍ମାଣି	୪	୨୭
ସର୍ବଂ କର୍ମାଖିଳଂ ପାର୍ଥ	୪	୩୩	ସର୍ବାର୍ଥାନ୍ ବିପରୀତାଂଶ୍ଚ	୧୮	୩୭
ସର୍ବଂ ଜ୍ଞାନପ୍ଲବେନୈବ	୪	୩୬	ସର୍ବାରମ୍ଭପରିତ୍ୟାଗୀ	୧୨	୧୬
ସର୍ବକର୍ମାଣି ମନସା	୫	୧୩	ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ	୧୪	୨୫
ସର୍ବ କର୍ମାଣ୍ୟପି ସଦା	୧୮	୫୬	ସର୍ବାରମ୍ଭାହି ଦୋଷେଣ	୧୮	୪୮
ସର୍ବ କର୍ମଫଳତ୍ୟାଗଂ	୧୨	୧୧	ସର୍ବାଶ୍ଚର୍ଯ୍ୟମୟଂ ଦେବମ୍	୧୧	୧୧
ସର୍ବ କର୍ମଫଳତ୍ୟାଗଂ	୧୮	୨	ସର୍ବେନ୍ଦ୍ରିୟ ଗୁଣାଭାସଂ	୧୩	୧୪
ସର୍ବ ଗୁହ୍ୟତମଂ ଭୂୟଃ	୧୮	୬୪	ସର୍ବେଽପ୍ୟେତେ ଯଜ୍ଞବିଦୋ	୪	୩୦
ସର୍ବଜ୍ଞାନବିମୂଢାଂସ୍ତାନ୍	୩	୩୨	ସ ସଂନ୍ୟାସୀ ଚ ଯୋଗୀ	୬	୧
ସର୍ବତଃ ପାଣିପାଦଂ ତତ୍	୧୩	୧୩	ସ ସର୍ବବିଦ୍ ଭଜତି ମାଂ	୧୫	୧୯
ସର୍ବତଃ ଶ୍ରୁତିମଲ୍ଲୋକେ	୧୩	୧୩	ସହଜଂ କର୍ମ କୌନ୍ତେୟ	୧୮	୪୮
ସର୍ବତ୍ରଗମଚିନ୍ତ୍ୟଂ ଚ	୧୨	୩	ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା	୩	୧୦
ସର୍ବତ୍ରାବସ୍ଥିତୋ ଦେହେ	୧୩	୩୨	ସହସୈବାଭ୍ୟହନ୍ୟନ୍ତ	୧	୧୩
ସର୍ବଥା ବର୍ତ୍ତମାନୋଽପି	୧୩	୨୩	ସହସ୍ର ଯୁଗପର୍ଯ୍ୟନ୍ତମ୍	୮	୧୭
ସର୍ବଥା ବର୍ତ୍ତମାନୋଽପି	୬	୩୧	ସାଂଖ୍ୟଯୋଗୌ ପୃଥଗ୍‌ବାଳାଃ	୫	୪
ସର୍ବଦ୍ୱାରାଣି ସଂଯମ୍ୟ	୮	୧୨	ସାଂଖ୍ୟେ କୃତାନ୍ତେ ପ୍ରୋକ୍ତାନି	୧୮	୧୩
ସର୍ବଦ୍ୱାରେଷୁ ଦେହେଽସ୍ମିନ୍	୧୪	୧୧	ସାତ୍ତ୍ୱିକୀ ରାଜସୀ ଚୈବ	୧୭	୨
ସର୍ବଧର୍ମାନ୍ ପରିତ୍ୟଜ୍ୟ	୧୮	୬୬	ସାଧିଭୂତାଧି ଦୈବଂ ମାଂ	୭	୩୦

	ଅଧ୍ୟାୟ	ଶ୍ଳୋକ
ସାଧୁରେବ ସ ମନ୍ତବ୍ୟଃ	୯	୩୦
ସାଧୁଷ୍ୱପି ଚ ପାପେଷୁ	୬	୯
ସିଂହନାଦଂ ବିନଦ୍ୟୋଚ୍ଚୈଃ	୧	୧୨
ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ	୧୮	୫୦
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା	୨	୪୮
ସିଦ୍ଧ୍ୟସିଦ୍ଧ୍ୟୋ ନିର୍ବିକାରଃ	୧୮	୨୬
ସୀଦନ୍ତି ମମ ଗାତ୍ରାଣି	୧	୨୮
ସୁଖଂ ତ୍ୱିଦାନୀ ତ୍ରିବିଧଂ	୧୮	୩୬
ସୁଖଂ ଦୁଃଖଂ ଭବୋଽଭାବୋ	୧୦	୪
ସୁଖଂ ବା ଯଦି ବା ଦୁଃଖଂ	୬	୩୨
ସୁଖଂ ଦୁଖେ ସମେ କୃତ୍ୱା	୨	୩୮
ସୁଖମାତ୍ୟନ୍ତିକଂ ଯତ୍ତଦ୍	୬	୨୧
ସୁଖସଙ୍ଗେନ ବିଧ୍ନାତି	୧୪	୬
ସୁଖିନଃ କ୍ଷତ୍ରିୟାଃ ପାର୍ଥ	୨	୩୨
ସୁଖେନ ବ୍ରହ୍ମସଂସ୍ପର୍ଶମ୍	୬	୨୮
ସୁଦୁର୍ଦର୍ଶମିଦଂ ରୂପଂ	୧୧	୫୨
ସୁହୃଦଂ ସର୍ବଭୂତାନାଂ	୫	୨୯
ସୁହୃନ୍ମିତ୍ରାର୍ଯ୍ୟୁଦାସୀନ	୬	୯
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ	୧୩	୧୫
ସେନୟୋରୁଭୟୋର୍ମଧ୍ୟେ	୧	୨୧
ସେନୟୋରୁଭୟୋର୍ମଧ୍ୟେ	୧	୨୪
ସେନୟୋରୁଭୟୋର୍ମଧ୍ୟେ	୨	୧୦
ସେନାନୀନାମହଂ ସ୍କନ୍ଦଃ	୧୦	୨୪
ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍	୧୮	୭୧
ସୋଽବିକମ୍ପେନ ଯୋଗେନ	୧୦	୭
ସୌଭଦ୍ରଶ୍ଚ ମହାବାହୁଃ	୧	୧୮
ସୌଭଦ୍ରୋ ଦ୍ରୌପଦେୟାଶ୍ଚ	୧	୬
ସ୍ତ୍ରୀୟୋ ବୈଶ୍ୟାସ୍ତଥା ଶୂଦ୍ରା	୯	୩୨
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ	୧	୪୦
ସ୍ଥାନେ ହୃଷିକେଶ ତବ ପ୍ରକୀର୍ତ୍ୟା	୧୧	୩୬
ସ୍ଥିତଧୀଃ କିଂ ପ୍ରଭାଷେତ	୨	୫୪
ସ୍ଥିତପ୍ରଜ୍ଞସ୍ୟ କା ଭାଷା	୨	୫୪
ସ୍ଥିତୋଽସ୍ମି ଗତସନ୍ଦେହଃ	୧୮	୭୩
ସ୍ଥିତ୍ୱାସ୍ୟାମନ୍ତକାଳେଽପି	୨	୭୨
ସ୍ଥିତ୍ୱେବୁଦ୍ଧିରସଂମୂଢ଼ୋ	୫	୨୦
ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟା	୫	୨୭
ସ୍ମୃତିଭ୍ରଂଶାଦ୍ବୁଦ୍ଧିନାଶୋ	୨	୬୩
ସ୍ୱକର୍ମଣା ତମଭ୍ୟର୍ଚ୍ୟ	୧୮	୪୬
ସ୍ୱକର୍ମନିରତଃ ସିଦ୍ଧିଂ	୧୮	୪୫
ସ୍ୱଜନଂ ହି କଥଂ ହତ୍ୱା	୧	୩୬
ସ୍ୱଧର୍ମମପି ଚାବେକ୍ଷ୍ୟ	୨	୩୧
ସ୍ୱଧର୍ମେ ନିଧନଂ ଶ୍ରେୟଃ	୩	୩୫
ସ୍ୱଭାବଜେନ କୌନ୍ତେୟ	୧୮	୬୦
ସ୍ୱଭାବନିୟତଂ କର୍ମ	୧୮	୪୭
ସ୍ୱୟମେବାତ୍ମନାତ୍ମାନଂ	୧୦	୧୫
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ	୨	୪୦
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଂଘା	୧୧	୨୧
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ	୪	୨୮
ସ୍ୱାଧ୍ୟାୟାଭ୍ୟସନଂ ଚୈବ	୧୭	୧୫
ସ୍ୱେ ସ୍ୱେ କର୍ମଣ୍ୟଭିରତଃ	୧୮	୪୫
'ହ'		
ହତୋ ବା ପାପ୍ସ୍ୟସି ସ୍ୱର୍ଗଂ	୨	୩୭
ହତ୍ୱାର୍ଥକାମାଂସ୍ତୁ ଗୁରୁନିହୈବ	୨	୫
ହତ୍ୱାପି ସ ଇମାଁଲ୍ଲୋକାନ୍ନ	୧୮	୧୭
ହନ୍ତ ତେ କଥୟିଷ୍ୟାମି	୧୦	୧୯
ହର୍ଷଶୋକାନ୍ୱିତଃ କର୍ତ୍ତା	୧୮	୨୭
ହର୍ଷାମର୍ଷଭୟୋଦ୍ବେଗୈ	୧୨	୧୫
ହୃଷିକେଶଂ ତଦା ବାକ୍ୟମ୍	୧	୨୦
ହେତୁନାନେନ କୌନ୍ତେୟ	୯	୧୦

ଶେଷ ପ୍ରକରଣ

ଆନେ ଗ୍ରନ୍ଥୋପଜୀବିୟେ । ବିଶେଷୀ ଲୋକୀଁ ଇୟେଁ । ଦୃଷ୍ଟାଦୃଷ୍ଟ ବିଜୟେଁ । ହୋୟାବେଂ ଜୀ । ୧ ।

ୟେଥ ମ୍ହଣେ ଶ୍ରୀବିଶ୍ୱେଶ୍ୱରାବେ । ହା ହୋଇଲ ଦାନପସାବୋ । ୟେଃଣଂ ବରେଁ ଜ୍ଞାନଦେବୋ । ସୁଖୀୟା ଜାଳା । ୨ ।

ଏସେଁ ୟୁ ଯୁଗୀଁ ପରୀ କଳି । ଆଣି ମହାରାଷ୍ଟ୍ରମଣ୍ଡଳିଁ । ଶ୍ରୀ ଗୋଦାରିଚ୍ୟା କୁଳିଁ । ଦକ୍ଷିଣଲିଙ୍ଗୀ । ୩ ।

ତ୍ରିଭୁବନୈକ ପତ୍ରେ । ଅନାଦି ପଞ୍ଚକୋଷ କ୍ଷେତ୍ର । ଯେତେ ଜଗାଚେଁ ଜୀବନସୂତ୍ର । ଶ୍ରୀ ମହାଳୟା ଆସେ । ୪ ।

ତେଥ ଯଦୁବଂଶବିଳାସୁ । ଜୋ ସକଳବିଳାନିବାସୁ । ନ୍ୟାୟାତେଁ ପୋଷୀ କ୍ଷିଣସୁ । ଶ୍ରୀ ରାମଚନ୍ଦ୍ର । ୫ ।

ତେଥ ମହେଶାନ୍ୱୟସଂଭୂତେଁ । ଶ୍ରୀ ନିବୃତ୍ତିନାଥସୁତେଁ । କେଲେ ଜ୍ଞାନଦେବେଁ ଗୀତେ । ଦେଶୀକାର ଲେଖଁ । ୬ ।

ଏବଂ ଭାରତଚ୍ୟା ଗାଁବୀଁ । ଭୀଷ୍ମନାମ ପବିତ୍ର ପବୀଁ । ଶ୍ରୀକୃଷ୍ଣାର୍ଜୁନନୀଁ ବରବୀ । ଗୋଠୀ ଜେ କେଳୀ । ୭ ।

ଜେଁ ଉପନିଷଦାଁ ଚେଁ ସାର । ସର୍ବଶାସ୍ତ୍ରୋଂଚେ ମାହେର । ପରମହଂସୀଁ ସରୋବର । ସେବିଜେ ଜେଁ । ୮ ।

ତିୟେ ଗୀତେଚା କଳସୁ । ସଂପୂର୍ଣ୍ଣ ହା ଅଷ୍ଟାଦଶୁ । ମହଣେ । ନିବୃତ୍ତିଦାସୁ । ଜ୍ଞାନଦେବୋ । ୯ ।

ପୁଢ଼ତି ପୁଢ଼ତି ପୁଢ଼ତି । ଇୟା ଗ୍ରନ୍ଥପୁଣ୍ୟସଂପତ୍ତି । ସର୍ବସୁଖୀ ସର୍ବଭୂତୀଁ । ସଂପୂର୍ଣ୍ଣ ହୋଇଜେ । ୧୦ ।

(ଶକେ ବାରାଶତେଁ ବାରୋତ୍ତରେଁ । ତେଁ ଟୀକା କେଲୀ ଜ୍ଞାନେଶ୍ୱରେଁ । ସଚ୍ଚିଦାନନ୍ଦବାବା ଆଦରେ । ଲେଖକୁ ଜାଇଲା ।)

●

DNYANESHWARI AND BHAKTI MOVEMENT

Presidential Speech delivered by :
SHRI GORACHAND MISHRA
Ex-News Editor of Daily 'prajatantra',
Cuttack.2
&
Editor 'The Prajatantra Pratibha'.

Seminar Conducted by :
KENDRIYA SAHITYA AKADEMI
Rabindra Bhaban,
35 Ferozeshah Road,
New Delhi-110 001
on 17 and 18 August 1990

Topic:
DNYANESHWARI LITERARY EVALUTION

DNYANESHWARI : LITERARY EVALUATION

At the outset, I must thank you all the learned luminaries of Kendriya Sahitya Akademi and specially Dr. Gangadhar Gadgil, Vice.President of the Akademi for giving me an opportunity to participate in this seminar on Dnyaneshwari. It is a noble attempt and unique in its own way which I personally and on behalf on the readers of my state praise with high spirit.

It is no surprise that Dnyandev has stood the test of time because, he speaks the language of eternity, which is creative and creativity is that which is never old and is never new, to which nothing can be added and from which nothing can be substracted. Modified old, appearing as new, is not creativity, because it is not timeless.

The relevance of the spiritual force is immanent and all pervasive. Dr. Gadgil referred to the Oriya translation of Dnyaneshwari in his speech delivered at Saraia Sahitya Award ceremony at Bhubaneswar during June 1990. He was happy that the Oriya version of Dnyaneshwari has gone upto three editions In ten years.

I am proud to say that now-a-days, it is the most popular Geeta-Vasya in Orissa.

A journalist by profession, a writer and translator by spirit, I took up thls formidable and stupendous task which was rather scintillating experience, quite elavating and illuminating.

Reading dnyandev is like embarking on a voyage of self-discovery, a voyage on an uncharted sea. Trying to appreciate or evalute, the outpourings of his mouth or pen would be tomfoolery. The texts are essentially an experiment with not wanting to be anything which is the state of innocence, the state of timelessness. Even wanting to be God-realised or Self realised does not arise. As soon as we cease to want anything; when all desire 'to become has dropped off like the dropping of a dry leaf from the tree, then the energy that was entangled in 'wanting', 'becoming', 'effort-making' gets released. This liberated energy of ours then enters our choiceless awareness, which is so alert and sensitive that nothing but 'what is' within and without holds the whole of our attention, resulting past, along with our ego, with its conditioned consciousness, becomes totally empty, so that, the unknown, the immeasurable, comes into being.

All that man is required to do is to be choicelessly aware of 'what is' from moment to moment, without trying to interfere with existential situation, without trying to change things wishfully according to his built-in likes and dislikes. This state of innocence and sensitivity ushers a mutation of brain cells culminating in fundamental transformation of the mind and the totality of one being.

Such an experiment needs great seriousness. but are we serious! We are serious about success, serious about money, serious about security or even serious about God. But we are not serious per se. Seriousness about God does not lead us to God, because in that case God is nothing but a projection of our own mind. Therefore the question boils, down as to whether we are here to evaluate Dnyandev's literature or undertake the journey with Dnyandev in exploration.

Evaluating or appreciating is not understanding. Self analysis or self-introspection is not self understanding; it is only self-enclosing. It does not liberate. Any evaluation or appreciation is an analytical and conceptual matter and thus is not a perceptive thing. Needless to say that understanding is a matter of direct perception. Therefore understanding Dnyandev verbally or intellectually is not understanding at all, and such understanding cannot make fundamental transformation possible. What is important here is communion with Dnyandev and not communication.

Dnyandev is a direct approach to reality. An approach where spontaneously there is experiencing without the experiencer. Truth or love, God or Reality is not a matter of argumentation, conclusion, conviction or opinion, Truth comes into being when desire for gratification or sensation comes to an end. Desire is a product of experience and ideation. There is conflict between action and idea because ideas control action. This conflict is always with us, which always intensifies an urge in us to be free from it, but until this conflict is understood and resolved, any attempt to be free from it is an escape only. We get temporary respite from conflict, contradiction and confusion through innumerable objects and methods of escape. We choose because we are confused. Every choice is born out of confusinn and is based on bias and prejudice. We may give a respectable name to our prejudice but that only signifies the inherent process of self-deception indulged by the mind. Therefore even the choice of Guru or cult, path or ideal is no different from any other choice. Hence in his direct approach Dnyandev considers all the so-called 'Margas'–Jnana, Bhakti, Karma, Yoga as of no significance.

Now I come to Bhakti, No Bibhakti is Bhakti. He whose mind is not divided is Bhakta. A fragmented mind is a

limited mind, petty mind. Man is a total process. The totality must be understood and not merely a part, however temporarily important the part may be. Separateness of the individual is not destroyed through substitution, supression, sublimation or identification with the collective or the ideal. As long as the feeling of 'Mine' and 'Thine' is there, there is no Bhakti.. The question is why we give so much importance to separateness. Though there is great similarity between us all, yet we are dissimilar and this dissimilarity gives each one the sense of importance in being separate. This sense of individuality with its separate name, surname, property, possessions, power and prestige, name and fame gives the feeling of separate identity which is 'EGO', We cling to it because our sensations are separate and we live by sensatiions. These sensations are at War with each other, conflict is inherent in sensation. Understanding separateness is important, for then only the possibility of mind becoming silent and that mind can discover 'LOVE' without 'Me' and 'Mine'.

Jnana is a constituent of Bhakti. So Bhakti is often referred to Jnan itself. Where the distinctive aspect of attachment is sought to be emphasized, their fusion is designated by the term 'Bhakti'.

Wherever scriptures speak of Jnana, as means of release, the inclusion of Bhakti within sense of jnana is certainly intended and pre-supposed. For clarity sometimes, the two are also separately referred to as means of release.

The form and unshakable love of God, Which rises above all other ties of love and affection based upon an adequate knowledge and conviction of His Great Majesty is called Bhakti. That alone is the means of Bhakti. Thal alone means of Mokshya or Mukti.

From Bhakti one reaches knowledge, thence again ripe Bhakti, thence vision and thence again very ripe devotion to lord. Then comes Mukti (release) and thereby Bhakti again which is essence of bliss and an end in itself.

Release from Sansar is possible only through God's grace. It is bestowed on those who have had direct vision of God.

The names of the children of Bithoba Panth, father of Dnyanadev, were the symbols and reflections of Jnana, Bhakti and Mukti. Nibriti (detachment) was his eldest son. Then Dnyanadev (knowledge) the second son. Third is Sopan (Bhakti), from Jnana steping towards devotion (Bhakti), then only one daughter Mukta or Mukti release from Sansar.

Swami Ranganathanandji says "India herself has given no particular name to any religion or philosophy, though she has evolved and fostered in later ages within her mother heart a large number of cults and creeds bearing specific names and forms."

Indla is noted for her long cultural history, unbroken for over five thousand years. During this impressively long career. she has experienced life from every conceivable angle, height and depth.

The terms 'Hindu' and Hinduism are coined by nations outside India. Specially the ancient Iranians to designate the people and religion of our country India to east of the river Sindhu or Indus. The terms India itself is a Greek and modern derivation from older Iranian term 'Hind'. Indian thinkers themselves called their religion by the general and; significant term 'Sanatan Dharma'– Eternal Religion.

We can study the emergence of central features of Satatan Dharma in the Upanisads and Vedant which are closing portions of Vedic Literature.

It is not a set of creed or dogma that is set forth in these Upanisads. In them we are in presence of that earnest poassion and mood in search of truth in nature, life and experience, characteristic of true science and fearlessness pervades that search and announcement of insights gained.

Swami Vivekananda in his address at Chicago parliament of religions said –

"By the Vedas, no books are meant. Tey mean the accumulated treasury of spiritual laws discovered by different persons at different times. Just as the law of gravitation existed before its discovery and would exist if all humanity forget it, so it is with the laws that govern the spiritual world. The moral, ethical and spiritual relations between soul and soul and between individual spirits and Father of all spirits were there before their discovery and would remain even if we forget them."

"The discoverers are called Rishis and we honour as perfected beings. I am glad to tell that some of the greatest of them were women."

"The Rishis, the protectors of Sanatan Dharma, the eternal religion are also eternal, they might be men or women".

Dnyandev and his sister Mukta were sages of this category. What they spoke, what they did, are Sanatan, Saswat.

While narrating the true devotion of Sri Ekanath Maharaj, Swami Ram das has drawn the conclusion that

true devotion, true knowledge is to know that you know nothing.

Before the devine attainment one has to unlearn what he has learnt. Those wo think that they know everything, really know nothing. If you are humble, the whole Universe can be won over.

The nine types of devotion or 'Nabadha Bhakti' are of same conclusion, same essence.

With all humbleness I like to confess before you all learned personalities and Pandits that I know nothing, learnt little. When the readers of Oriya version of Dnyaneswari come to me with abundant praises for my translation work, I tell them, praise. Santh Dnyaneshwar a boy of 14 years old, a Bal Brahmachari, at that age, he revolted against the orthodox Brahmis of thirteenth century to serve you all for all times the Gita Bhbartha Deepika, the Dnyaneshwari. He was an incarnation of Lord Sri Krishna who was as Dnyandev, lived for 21 years only and saved the divine message the 'Gita' from confinement and suffocation.

It will not be out of track or irrelevant, If I say something about my own state, Orissa, the land of Lord Jagannath.

Orissa or Utkal is famous for all kinds of arts, dance, music, sculptures etc. saturated with spiritualism. The most precious art is devotion.

Like Vithal or Panduranga in Pandharpur, Lord Jagannath at Puri is the source and inspiration for devotees of all communities. So Sri Jagannath at Puri is called the Lord of the Universe (Jagat).

Puri is the most sacred Dham among four Dhams in India. Mahaprabhu Sri Chaitanya, after adoption of Sanyas

came to Puri and remained there for 18 years till His Mahaprayana. From Puri He served 'Krishnapremamrita' all over India. His philosophy of Dwetabad dominated over Adwaitbad, Preached by Jagadguru Sankaracharya. Maha Nam was his only Mahamantra. This was so effective and so enchanting that people of Utkal who were warriors for long time, left their weapons and took the beads for Namasmaran. By that they got peace in mind and heart.

Utkal or Kalinga was that land wich changed Samrat Ashok from Chandashoka to Dharmashoka. From this land Budism flourished all over the world.

Dr. Harekrishna Mahatab who was Governor of Greater Bombay was my mentor and Guru in many ways– in journalim, literature and in politics. Once he told me to read Dnyaneshwari, the Gita Bhavarth Deepika, which is the most authentic and narrative. I read and ventured to translate this into Oriya. Dr. Mahatab helped me in providing the original Marathi version along with the English, Hindi and latest bengali versons. he has written the preface of my translation in his following sublime and lucid words.

"dnyaneshwari is the treasury of devotion. Maharastra is highly saturated with devotional thoughts. after Dnyaneshwar many devotees like Namdev, Tukaram, Akanath have regulated and stream-lined the devotional life of Mahasastra. Throughout ages in every region of Indian great devotees have taken birth and their devotion has influenced the life of the people. Dnyaneshwar did not make literary translation of Gita. Food, after digestion gets transformed into blood and flesh. Similarly translation of Gita by Dnyaneshwar as presented seems to be his own creation. It shows that he digested Gita in his own way. It is a matter of great regret that influence of Bhakti-cult is

not so widespread in Orissa as it is in Maharastra and in other languages. During my long association with the people of Maharastra as the Governor of undivided Bombay. I felt that promotion of Bhakti-cult in Oriya literature is absolutely necessary. I hope, translation of Dnyaneshwari by Gorachand will be of great help. let God reward him for his labour, let Bhakti cult spread in Oriya literature."

Santh Vinoba Bhave also inspired me for the translation and blessed me when he was observing silence.

The history of its publication is full of turmoils. I have gone door to door of the publishers and even the state Sahitya Akademi. All turned their deaf ears as the name of Dnyaneshwar was quite new to them. Somehow only one plublisher after many persuations reluctantly ventured to publish. But now a.days he is the pioneer in publications of spiritual books. Dnyaneshwari opened his eyes.

During my translation I have stumbled for some words in Marathi. But Bhagaban Dnvaneshwar cleared the path every time. I visited Pandharpur for Darsan of Lord Vithal. I felt many similarities between Maharastra and Orissa, not only in language but also in rituals, names and titles. The name of the river Chandrabhaga (Bhima) which flows at the feet of Vithal temple, is also in Orissa. We have also a river Chandravaga near Konark. Lakhs of pilgrims take their holy bath every year on Magha Saptami. The tuning of 'Abhangas' are similar to our 'Jananas'. We have also titles of Dandpat, Pradhan. Nayak, Bhatta like those in Maharastra.

Perhaps inter exchange might have occurred through marriages or other relationships between the two communities when Marathas ruled over some parts of

Orissa. We have also many Mahardstrian families in Orissa, who in course of time adopted the culture of Orissa.

Ranchhodji in Dwaraka came to Pandharpur for the devotion of Pundalik and stayed there as a deity of Vithal. Similarly lord Gopinath came from Kashi to Kanchi. then to puri as a witness in a case of a devotee and remained there as Sakhigopal.

Around lord Jagannath and Vithal, many stories, legends are there. Many of those are of same occurances. The rituals of both the temples are the reflections of contemporary social and cultural background.

Like Maharastra also in Orissa five devotees are known as 'Pancha Sakhas', like Gyandev, Namdev, Tukaram, Ekanath and Samartha Ram Das, we also adore five devotees of Lord jagannath. They are jagannath Das, Balaram Das, Achyutanand, Anant and Yosobant. Human aspects are profoundly reflected in devotion of the devotees of lord jagannath and Lord Bithala.

After completion of the temple, Lord Jagannath was pleased with Raja Indradyumna and the Lord offered the Raja a 'boon' which was declined by Indradyumna. Then the Lord wanted to know the reason for his non-acceptance of the offer. The Raja humbly said, 'Oh, Lord no one should take pride on the works of his ancesters and forefathers. Therefore, I would request you to 'bless' me to live and die without progeny and to serve you all alone till my death. The lord was overwhelmed with his devotion and decided. He, himself to offer 'Pinda' every year after the death of Raja Indradyumna. And this offering of 'Pinda' has become a ritual in the history of lord Jagannath cult.

Who is the real devotee? Dnyaneshwar has narrated many attributes of a true devotee as spelt by Srikrishna in Bhagavat Gita.

"The animals dwelling in the ocean, are not afraid when there is full tide, Nor does the ocean entertaining any hostile feelings towards them. My devotees are pained at. the unbridled pride of the world and their presence excites fear in no one."

"The real devotees are those who regard me as final goal of all attainments and who give their affection to me. I am at all times anxious for them. They are the purest. They are the most sacred. They love nothing so much as stories of other devotees. I think of them at all times. I am active for them. They constitute my wealth. I am not happy till I meet them. I love even those, who speak about them."

Sri P. Y. Deshpande has told in his book of same title that Dnyandev is a timeless wonder. He has started the book with the following words.

"Dnyandev is a name which evokes unique response from the hearts of million of Marathi speaking people. It is this response that cuts across all mindmade barriers between man and man and the world. It is a response which is atonce as intimately personal as it is profoundly cosmic in its significance. It is a response that melts human hearts into tears which gather up into a river, moving quickly towards boundless ocean of life."

"Jnanadev wanted to talk about the primal relationship governed by Dharma or universal law of life. He wanted to do because the high priests of vedic Dharma had lost touch with its living perfume and clinging to its sapless from like a ring on the finger of a skeleton "

Late Yashowant Balwant Rao Chauhan said– "Times were significant when Dnyaneshwar wrote unique commentary on Bhagabat Gita. A religious resurgence had been taking place in India and a liberation movement upholding the right of the common man to religion and spiritual knowledge was afoot. The undying spirit of democracy, which is common man's awareness to his individual rights, was making itself felt in the realm of religion, it is not politics. For in those days religion was a supreme fact in man's life, it was more real and intimate than politics or economics. People wanted religion but priests and pandits created barriers. They had kept spiritual knowledge shut behind the iron curtain of Sanskrit. These barriers had to be smashed. The Saints and mystics who spear-headed the aforesaid movement, did his job and did it well. they talked religion to common man and in his own parlance and soon spiritual knowledge which was a preserve of a few, became property at all.

"Dnyaneshwar was the first to start this process of democratization in Maharastra. dnyaneshwar is indeed the originator of Bhakti-cult in Maharastra. Dnyaneshwari is unequalled in Marathi literature. It is atonce the first and the best effort in literary writing in Marathi language. Dnyaneshwar is a household name in Maharastra."

I conclude my speech with the words of Santh Dnyaneshwar in Dnyaneshwari.

"Srikrishna says to Arjun, if you have not the strength to engage in the practice of discipline, then go on acting as you are doing, Do not give up enjoyment of things. Do not abandon the pride of family. Carry out your obligatons only. Do not do anything wrong. Subject to that, live truly, Do what you like with your body, speech and mind. But never think

that I am doing this. Remember that, only the Almighty who controls this Universe knows truly, who is doing what. If something good that you intended to do, is completed only in part, do not worry. You will have the fruit of that much in your life. Your mental attitude should at all times be simple wit full assurance that the water will flow whereever the gardener directs it. Then your intelligence will get free from particular thing or not and your heart (Chittabriti) will dwell all times on me."

Thank you all again. Jai Hind.

Gorachand Mishra
Cuttack- 9

●

ଏକ ଲକ୍ଷ୍ୟ—'ମୋତେ ପାଇବା'

''ବେଦ ହେଉ ବା ବେଦାନ୍ତ ହେଉ କିମ୍ବା ଯେ କୌଣସି ଶାସ୍ତ୍ର ହେଉ ସମସ୍ତଙ୍କର ଉଦ୍ଦେଶ୍ୟ ହେଉଛି ମତେ (ଭଗବାନ୍‌ଙ୍କୁ) ପାଇବା ।'' (ଜ୍ଞାନେଶ୍ୱରୀ)

ପ୍ରକୃତି, ପୁରୁଷ, ଆତ୍ମା, ପରମାତ୍ମା ଏବଂ ଜଗତର ନିୟାମକ ଧର୍ମ, ଜୀବନର ଅନ୍ତିମ ଲକ୍ଷ୍ୟ ଇତ୍ୟାଦି ଯେଉଁ ଯେଉଁ ଶାସ୍ତ୍ରରେ ନିର୍ଣ୍ଣିତ ହୋଇଥାଏ, ତାକୁ କୁହାଯାଏ ଦର୍ଶନଶାସ୍ତ୍ର । ୟୁରୋପର ଗ୍ରୀସ୍ ଦେଶରେ ପ୍ରାଚୀନ କାଳରେ ସକ୍ରେଟିସ୍, ପ୍ଲେଟୋ, ଆରିଷ୍ଟଟଲ ପ୍ରମୁଖ ପ୍ରତିଭାଶାଳୀ ପଣ୍ଡିତମାନେ ଦର୍ଶନ ଶାସ୍ତ୍ର ଚର୍ଚ୍ଚା କରିଥିଲେ । ଭାରତୀୟ ଦର୍ଶନଶାସ୍ତ୍ର ଛଅ ଭାଗରେ ବିଭକ୍ତ । ତେଣୁ ଏହାକୁ ଷଡ଼୍‌ଦର୍ଶନ କୁହାଯାଏ । ଏହି ଛଅଟି ଦର୍ଶନ ହେଉଛି— କପିଳଙ୍କ ସାଂଖ୍ୟ, ପତଞ୍ଜଳିଙ୍କ ଯୋଗ, ଗୌତମଙ୍କ ନ୍ୟାୟ, କଣାଦଙ୍କ ବୈଶେଷିକ, ଜୈମିନିଙ୍କ ମୀମାଂସା, ବ୍ୟାସଦେବଙ୍କ ବେଦାନ୍ତ । (ଭାଷାକୋଷ)

ଯାହାର ଆଲୋଚନା ଦ୍ୱାରା ବିଶେଷ ଜ୍ଞାନ (ଆତ୍ମବୋଧ, ଆତ୍ମପରିଚୟ) ବା ଧର୍ମାଧର୍ମ ଜ୍ଞାନ ଜନ୍ମେ, ତାହାହିଁ ବେଦ । ବିଦ୍ ଧାତୁରୁ ଏହି ଶବ୍ଦ ଉତ୍ପନ୍ନ । ବିଦ୍+ଅ=ବେଦ । ସାଧାରଣ ସରଳ ଭାଷାରେ ଏହାର ଅର୍ଥ ନିଜକୁ ନିଜେ ଜାଣିବା । ଏହା ଭାରତର ପ୍ରାଚୀନତମ ଶାସ୍ତ୍ର ଓ ସାହିତ୍ୟ । ବେଦ ଅର୍ଥାତ୍ ଜ୍ଞାନ । ହିନ୍ଦୁମାନଙ୍କର ଏହା ଶ୍ରେଷ୍ଠ ଧର୍ମଶାସ୍ତ୍ର । ଏହାର ସଂଖ୍ୟା ଚାରି ଯଥା ଋକ୍, ଯଜୁଃ, ସାମ ଓ ଅଥର୍ବ । ଏମାନଙ୍କ ମଧ୍ୟରୁ ପ୍ରଥମ ତିନୋଟି ପ୍ରାଚୀନ । ପରେ ଅଥର୍ବ ବେଦର ଉଦୟ ବୋଲି ଅନୁମାନ କରାଯାଏ । ଏହା ପ୍ରଥମେ ବ୍ରହ୍ମାଙ୍କ ମୁଖରୁ ଉଚ୍ଚାରିତ ହୋଇ ଋଷି ପରଂପରାକ୍ରମେ ସୃଷ୍ଟି ଆରମ୍ଭରୁ ଚଳି ଆସୁଚି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ । ଭାଷାକୋଷରେ ଉଲ୍ଲେଖ ଅଛି ଯେ, ବେଦ ଲୌକିକ ଓ ପାରମାର୍ଥିକ କର୍ତ୍ତବ୍ୟାକର୍ତ୍ତବ୍ୟ କର୍ମର ଶାସନ, ଅନୁଶାସନ, ରୂପକ ଶାସ୍ତ୍ର । ହିନ୍ଦୁଙ୍କ ସନାତନ ଧର୍ମର ଆସ୍ତିକମୂଳକ ସର୍ବ ପ୍ରଧାନ ପ୍ରାମାଣିକ ଧର୍ମଶାସ୍ତ୍ର ।

ହିନ୍ଦୁମାନଙ୍କ ବେଦ ପରି ଭିନ୍ନ ଭିନ୍ନ ଧର୍ମାବଲମ୍ବୀମାନଙ୍କର ଭିନ୍ନ ଭିନ୍ନ ଧର୍ମଶାସ୍ତ୍ର ରହିଛି— ମୁସଲମାନଙ୍କ କୋରାନ୍, ଖ୍ରୀଷ୍ଟିଆନ୍‌ମାନଙ୍କ ବାଇବେଲ, ବୌଦ୍ଧମାନଙ୍କ ତ୍ରିପିଟକ, ପାର୍ସିମାନଙ୍କ ବେନ୍ଦାଭେସ୍ତା ।

ବେଦର ମନ୍ତ୍ରଗୁଡ଼ିକ ଅପୌରୁଷେୟ ଅର୍ଥାତ୍ କୌଣସି ପୁରୁଷଙ୍କ ମୁଖନିସୃତ ନୁହଁ ବୋଲି ମଧ୍ୟ କୁହାଯାଏ । ଦୈବୀଶକ୍ତି ସମ୍ପନ୍ନ ଋଷି ବା ଦେବର୍ଷିମାନେ ଦ୍ରଷ୍ଟା ଥିଲେ । ଦିବ୍ୟ ଦୃଷ୍ଟିରେ ଦେଖୁଥିଲେ, ଦିବ୍ୟକର୍ଣ୍ଣରେ ଶୁଣୁଥିଲେ । ତେଣୁ ବେଦର ମନ୍ତ୍ରଗୁଡ଼ିକୁ ସେମାନେ ଶୁଣିଥିବାରୁ ବେଦର ଅନ୍ୟନାମ ଶ୍ରୁତି । ଶୁଣି ଶୁଣି ସେମାନେ ମନେ ରଖି ପାରିଥିଲେବୋଲି ଏହାକୁ 'ସ୍ମୃତି' ବୋଲି ମଧ୍ୟ କୁହାଯାଏ । ବେଦରେ ବହୁଦେବତାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରାଯାଇଥିଲେ ମଧ୍ୟ ପ୍ରତ୍ୟେକ ଦେବତାଙ୍କୁ ସୃଷ୍ଟିକର୍ତ୍ତା ଓ ପରମପୁରୁଷ ବୋଲି ସ୍ତୁତି କରାଯାଇଛି । ସବୁ ଦେବତାଙ୍କ ମଧ୍ୟରେ ପ୍ରଣବ ବା ଓଁକାର ରୂପରେ ଏକ ଈଶ୍ୱର ବିଦ୍ୟମାନ ବୋଲି ବୈଦିକ ବିପ୍ରଋଷିମାନେ ଅନୁଭବ କରୁଥିଲେ । ତେଣୁ କୁହାଯାଇଛି— ''ଏକଂ ସତ୍ ବିପ୍ରା ବହୁଧା ବଦନ୍ତି ।''

ଶ୍ରୀମଦ୍ ଭଗବତ୍ ଗୀତାରେ କେତେକ ସୂକ୍ତିରେ ବେଦର ଯେପରି ସମାଲୋଚନା କରାଯାଇଛି, ସେହିଭଳି କେତେକ ଶ୍ଳୋକରେ ପ୍ରଶଂସା ମଧ୍ୟ କରାଯାଇଛି । 'ସାମ' ବେଦକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ଭଗବାନ ଶ୍ରୀକୃଷ୍ଣ ନିଜର ବିଭୂତି ବର୍ଣ୍ଣନା କଲାବେଳେ କହିଛନ୍ତି— ବେଦଯାକରେ ମୁଁ ହେଉଛି ସାମବେଦ । ବେଦ ଦୁଇ ପ୍ରକାରର । କର୍ମକାଣ୍ଡ ଓ ଜ୍ଞାନକାଣ୍ଡ । ଗୀତାରେ ଋକ୍, ଯଜୁଃ ଓ ସାମବେଦକୁ ତ୍ରୈବିଦ୍ୟା ଭାବରେ ବର୍ଣ୍ଣନା କରାଯାଇଛି । ଏହାକୁ ତ୍ରୟୀଧର୍ମ ବା କର୍ମକାଣ୍ଡ ବୋଲି ମଧ୍ୟ କୁହାଯାଏ ।

ଗୀତାର ଦ୍ୱିତୀୟ ଅଧ୍ୟାୟ ୪୨ଠାରୁ ୪୫ ଶ୍ଳୋକରେ ବେଦବାଦୀ (ବେଦ—ବାଦରତାଃ)ମାନଙ୍କୁ ତୀବ୍ର ସମାଲୋଚନା କରାଯାଇଚି । ବେଦବାଦୀମାନେ ମନରେ ସ୍ୱର୍ଗକାମନା ରଖି ଯଜ୍ଞ କରିବାକୁ କହନ୍ତି, କିନ୍ତୁ ଯଜ୍ଞର ଭୋକ୍ତା ଯଜ୍ଞପୁରୁଷକୁ ଭୁଲି ଯାଇଥାନ୍ତି । ଏମାନେ କେବଳ ଭୋଗ ପ୍ରତି ଆସକ୍ତ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି— ଏହି ବେଦବାଦୀମାନେ ମୂର୍ଖ (ଦୁର୍ବୁଦ୍ଧି) । କିନ୍ତୁ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ବେଦ ଓ ବେଦାନ୍ତର ଭୂୟସୀ ପ୍ରଶଂସା ମଧ୍ୟ କରାଯାଇଛି ।

ଶ୍ରୀମଦ୍ ଭଗବଦ୍ ଗୀତା 'ବେଦ' ଅପୌରୁଷେୟ ଏବଂ ଶାସ୍ତ୍ରମାନଙ୍କ ମଧ୍ୟରେ 'ନୃପତି' ବୋଲି କହିଥିଲେ ମଧ୍ୟ ଏହାକୁ ଅନ୍ଧ ଭାବରେ ମାନି ନେଇ ନାହିଁ । ପରବର୍ତ୍ତୀ କାଳରେ ବେଦ ରୂପକ ସ୍ୱର୍ଣ୍ଣାଳଙ୍କାରକୁ ତରଳାଇ ଗୀତା ଖାଦ ଅଂଶତକ ବାଦ ଦେଇ କେବଳ ଖାଣ୍ଟି ନିଦା ସୁନାତକ ଲୋକଙ୍କୁ ଦେଇଛି । ତେଣୁ ଗୀତାହିଁ ଶେଷ୍ଠ ଶାସ୍ତ୍ର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବେଦକୁ ସରଳ କରିବା ଲାଗି ଉପନିଷଦର ସୃଷ୍ଟି । ବେଦର 'ବ୍ରାହ୍ମଣ' ଅଂଶକୁ ଉପନିଷତ୍(ଦ) କୁହାଯାଏ । ଏହାର ଅନ୍ୟନାମ ବେଦାନ୍ତ

ବା ବେଦର ନିର୍ଯାସ । ଉପନିଷଦର ବହୁ ଶାଖା ପ୍ରଶାଖା । ଯଥା କେନ, ମାଣ୍ଡୁକ, ତୈତରୀୟ ଇତ୍ୟାଦି । ଏଗୁଡ଼ିକର ଚର୍ଚ୍ଚା କରାଗଲେ, ଗ୍ରନ୍ଥର ଆକାର ଜ୍ଞାନେଶ୍ୱରୀଠାରୁ ଶହେ ଗୁଣ ବଡ଼ ହେବ । ତେଣୁ ଏଠାରେ ସେ ଚର୍ଚ୍ଚା ନିଷ୍ପ୍ରୟୋଜନ । ଏତିକି ମାତ୍ର କୁହାଯାଇପାରେ ଯେ, ଉପନିଷଦ ଗୁଡ଼ିକରେ ବର୍ଣ୍ଣନା କରାଯାଇଥିବା ବ୍ରହ୍ମନିର୍ଣ୍ଣୟ 'ସତ୍ୟ' ଗୁଡ଼ିକୁ ଏକାଠି କରି ବାଦାରାୟଣ ବ୍ୟାସଦେବ 'ବ୍ରହ୍ମସୂତ୍ର' ରଚନା କରିଥିଲେ । ଏହି ବ୍ରହ୍ମସୂତ୍ରଗୁଡ଼ିକରେ ବେଦର କ୍ରିୟାବହୁଳ କର୍ମକାଣ୍ଡର ଅନ୍ତ ବା ସମାପ୍ତି ହୋଇଥିବାରୁ ଏହାକୁ ବେଦାନ୍ତଦର୍ଶନ କୁହାଯାଏ । ଏହାକୁ 'ଉତ୍ତର ମୀମାଂସା' ବୋଲି ମଧ୍ୟ କୁହାଯାଇଥାଏ । ଗୀତାର ତ୍ରୟୋଦଶ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ଉଲ୍ଲେଖ ଅଛି ଯେ—

ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍
ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍ଭିର୍ବିନିଶ୍ଚିତୈଃ ।

ଅର୍ଥାତ୍ କ୍ଷେତ୍ର ଓ କ୍ଷେତ୍ରଜ୍ଞ ଜ୍ଞାନ ବିଷୟ ବିଭିନ୍ନ ମୁନି ଋଷିଙ୍କ ଦ୍ୱାରା ବିଭିନ୍ନ ବୈଦିକ ସାହିତ୍ୟରେ, ବିଭିନ୍ନ ଛନ୍ଦ ଆକାରରେ ବର୍ଣ୍ଣନା କରାଯାଇଛି । ଈଶ୍ୱରଙ୍କ ଅସ୍ତିତ୍ୱକୁ ନିଃଶଂସୟ ଭାବରେ ନିଶ୍ଚିତ କରୁଥିବା ଯୁକ୍ତିଯୁକ୍ତ ବ୍ରହ୍ମସୂତ୍ର ଏବଂ ବ୍ରହ୍ମପଦମାନଙ୍କରେ ଅଲଗା ଅଲଗା ଭାବରେ ବହୁପ୍ରକାରରେ ବର୍ଣ୍ଣିତ ହୋଇଛି ।

''କ୍ଷେତ୍ର ସମ୍ପର୍କରେ ବହୁ ଯୁକ୍ତି ଓ ବାଦ ବିବାଦ ରହିଛି । ନୈମିଷାରଣ୍ୟ—ବାସୀ ଋଷିଗଣ ଏ ସମ୍ପର୍କରେ ବହୁ ବାଦବିବାଦ କରିଛନ୍ତି । ପୁରାଣରେ ମଧ୍ୟ ବହୁ ମତବାଦ ଦେଖାଯାଏ । ଏହି ମତଗୁଡ଼ିକ ଅତି ଦକ୍ଷତାର ସହିତ 'ଅନୁଷ୍ଟୁପ୍' ପ୍ରଭୃତି ଛନ୍ଦରେ, ବହୁ ପ୍ରବନ୍ଧରେ, ବିଭିନ୍ନ ଗ୍ରନ୍ଥରେ ନିବଦ୍ଧ କରାଯାଇଛି । ବେଦ ଅନ୍ତର୍ଗତ ଅତି ଅତିପବିତ୍ର ବୃହଦ୍‌ସାମ ନାମକ ସୂକ୍ତ ଜ୍ଞାନମୟ । ତଥାପି ଏଥିରେ ମଧ୍ୟ କ୍ଷେତ୍ର ସମ୍ପର୍କରେ ବିଶେଷ କୌଣସି ବିଷୟର ଉଲ୍ଲେଖ ସମ୍ଭବ ହୋଇ ପାରିନାହିଁ । ଦୂରଦର୍ଶୀ ମହାକବିଙ୍କ ମଧ୍ୟରୁ କେହି କେହି କ୍ଷେତ୍ର ସମ୍ପର୍କରେ ଜାଣିବାପାଇଁ ନିଜର ବୁଦ୍ଧି ପ୍ରୟୋଗ କରିଛନ୍ତି ସତ, କିନ୍ତୁ ଏ ବିଷୟ ଏପରି ଦୂରୁହ ଯେ 'ଏହା ପ୍ରକୃତରେ କିପରି ?' ତାହା ନିର୍ଦ୍ଧାରଣ କରି ପାରିନାହାଁନ୍ତି । (ଜ୍ଞାନେଶ୍ୱରୀ)

ସୂତ୍ରଗୁଡ଼ିକ ଉପରେ ନାନା ଆଲୋଚନା ପର୍ଯ୍ୟାଲୋଚନା ଫଳରେ ହିଁ ଭିନ୍ନ ଭିନ୍ନ 'ମତବାଦ' ଅନୁସାରେ ବିଭିନ୍ନସଂପ୍ରଦାୟ ପ୍ରତିଷ୍ଠିତ । ରାଜନୀତି କ୍ଷେତ୍ରରେ ବିଭିନ୍ନ ଚିନ୍ତାଧାରା, ନୀତି, ଆଦର୍ଶକୁ ନେଇ ଯେପରି ବିଭିନ୍ନ ଦଳ ଓ ଗୋଷ୍ଠୀର ଗଠନ, ସେହିଭଳି 'ବ୍ରହ୍ମସୂତ୍ର'କୁ ନେଇ ମଧ୍ୟ ବିଭିନ୍ନ ଦଳ ବା ସଂପ୍ରଦାୟ । ଉଦାହରଣ ସ୍ୱରୂପ—

ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ, ଶ୍ରୀଚୈତନ୍ୟଙ୍କ ଦ୍ୱୈତବାଦ, ରାମାନୁଜାଚାର୍ଯ୍ୟଙ୍କ ବିଶିଷ୍ଟାଦ୍ୱୈତବାଦ ଇତ୍ୟାଦି । ସେହିଭଳି ବିଭିନ୍ନ ଦର୍ଶନ ।

ଦ୍ୱୈତବାଦ : ଶ୍ରୀ ଶ୍ରୀ ଚୈତନ୍ୟଦେବଙ୍କ ମତ ହେଉଛି— ଜୀବର ସ୍ୱରୂପ ସ୍ଥିତି ହେଉଛି ପରମପୁରୁଷ ଭଗବାନଙ୍କ ସେବା କରିବା । ତେଣୁ ଜୀବ ସବୁବେଳେ ଭଗବାନଙ୍କଠାରେ ପ୍ରାର୍ଥନା କରିଥାଏ— ତୁମେ ଯେତେବେଳେ ଆସିବ (ଧରାଧାମରେ ଅବତରଣ କରିବ), ସେତେବେଳେ ମତେ ମଧ୍ୟ ସାଙ୍ଗରେ ଆଣିବ— ତୁମେ ଯେଉଁଠି ଥାଅ ନା କାହିଁକି, ମୁଁ ଅନବରତ ତୁମର ଚରଣସେବା କରିବାକୁ ଚାହେଁ । ଭକ୍ତ ହନୁମାନ ମଧ୍ୟ ଭଗବାନ ଶ୍ରୀରାମଙ୍କଠାରେ ଏହି ପ୍ରାର୍ଥନା କରି ଆସିଥିଲେ । ତୁମେ ଭଗବାନ, ମୁଁ ତୁମର ଭକ୍ତ— ଏହି ଭାବହିଁ ଦ୍ୱୈତବାଦ । ତେଣୁ ଜୀବ ଯେପରି ସନାତନ, ସେହିପରି ପରମେଶ୍ୱର ଓ ତାଙ୍କ ଦିବ୍ୟଧାମ— ଉଭୟ ସନାତନ । ସନାତନଧାମରେ ଭଗବାନ ଓ ଜୀବର ସହାବସ୍ଥାନ ହିଁ ମାନବ ଜୀବନର ପରମଲକ୍ଷ୍ୟ ବା ସିଦ୍ଧି ।

ଅଦ୍ୱୈତବାଦ : ଏକମାତ୍ର ବ୍ରହ୍ମ ହିଁ ଆତ୍ମା । ଆତ୍ମା ଓ ବ୍ରହ୍ମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ''ଅହଂ ବ୍ରହ୍ମୋଽସ୍ମି'' । ଆତ୍ମା ଏକ, ଅନେକ ହୋଇ ନ ପାରେ । ଶରୀର ବହୁତ । କିନ୍ତୁ ଏକ ଆତ୍ମା— ଅଜ୍ଞାନ, ତଥା ଅବିଦ୍ୟାବଶତଃ 'ଅନେକ' ବୋଲି ମନେ ହୋଇଥାଏ । ସମସ୍ତ ଜୀବାତ୍ମା ଓ ପରମାତ୍ମା ଏକ । ଶରୀର ଓ ସମସ୍ତ ବସ୍ତୁ— ଐଶ୍ୱରୀ ମାୟାଶକ୍ତିର କାର୍ଯ୍ୟ । ବ୍ରହ୍ମହିଁ ସୃଷ୍ଟି, ସ୍ଥିତି ଓ ଲୟର କାରଣ ।

ଗୀତାର ୪ର୍ଥ ଅଧ୍ୟାୟ ୨୪ ଶ୍ଳୋକରେ କୁହାଯାଇଛି—

ବ୍ରହ୍ମାର୍ପଣ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମ ସମାଧିନା ।୪ । ୨୪ ।

ଅର୍ଥାତ୍ ଯଜ୍ଞଲାଗି ଯେଉଁ ସବୁ ପଦାର୍ଥ ବ୍ୟବହୃତ ହୋଇଥାଏ, ଯଥା— ସ୍ରୁବ, ଘୃତ, ଅର୍ପଣ ପାତ୍ର ଇତ୍ୟାଦି ସବୁ ହେଉଛି ବ୍ରହ୍ମ । ବ୍ରହ୍ମରୂପକ ଅଗ୍ନିରେ ବ୍ରହ୍ମରୂପୀ କର୍ତ୍ତାହିଁ ହୋମ କରନ୍ତି । କରଣ, କର୍ମ, କର୍ତ୍ତା ଓ କ୍ରିୟାରୂପକ ସମସ୍ତ କର୍ମ ବ୍ରହ୍ମମୟ । ଏହାର ମର୍ମକୁ ଯିଏ ଉପଲବ୍ଧି କରେ, ସେ ବ୍ରହ୍ମକୁ ହିଁ ପାଇଥାଏ ଅର୍ଥାତ୍ ତାର ବ୍ରହ୍ମପ୍ରାପ୍ତି ଘଟିଥାଏ ।

ବିଶିଷ୍ଟାଦ୍ୱୈତବାଦ : ଏହି 'ବାଦ'ର ପ୍ରବର୍ତ୍ତକ ରାମାନୁଜାଚାର୍ଯ୍ୟ । ତାଙ୍କ ମତ ହେଉଛି— ବ୍ରହ୍ମହିଁ ଏକମାତ୍ର ସତ୍ । ବ୍ରହ୍ମ ବାହାରେ ଆଉ କିଛି ନାହିଁ । ଅବିଦ୍ୟାହିଁ ଆତ୍ମାର ଜନ୍ମ-ମୃତ୍ୟୁ ଆଦି ବନ୍ଧନର କାରଣ । ଅବିଦ୍ୟା ଦୂର ହୋଇ ଜ୍ଞାନୋଦୟ ହେଲେ ମନୁଷ୍ୟ

ବୁଝିପାରେ ଯେ, ଆତ୍ମା ଶରୀରଠାରୁ ପୃଥକ୍ ଏବଂ ବ୍ରହ୍ମଙ୍କର ଏକ ଅଂଶ । ଯେତେବେଳେ ସେ ଏହା ବୁଝିପାରେ ସେତେବେଳେ ତା'ର ମୁକ୍ତି ହୋଇଯାଏ । ବୁଢ଼ିଆଣୀ ଯେପରି ନିଜ ଦେହରୁ ସୂତା ବାହାର କରିଥାଏ, ବ୍ରହ୍ମ ସେହିଭଳି ଆତ୍ମାଗୁଡ଼ିକୁ କର୍ମାନୁସାରେ ଗୋଟିଏ ଗୋଟିଏ ଦେହ ଦେଇ ନିଜ ଭିତରୁ ବାହାର କରି ସୃଷ୍ଟି ସମ୍ପାଦନ କରିଥାଆନ୍ତି ।

ଏହା ବ୍ୟତୀତ 'ଦ୍ୱୈତାଦ୍ୱୈତ' ସଂପ୍ରଦାୟ ମଧ୍ୟ ରହିଛି ।

ମୁକ୍ତି ପାଇଁ ଗୀତା ତିନୋଟି ମାର୍ଗ ଦେଖାଇ ଆସିଚି । ଏହି ତିନୋଟି ହେଉଛନ୍ତି— ଜ୍ଞାନ, କର୍ମ ଓ ଭକ୍ତି ।

ମୁକ୍ତି ସହ ସତ୍ୟକୁ ବୁଝିବା ଲାଗି ବିଭିନ୍ନ ଦର୍ଶନ ଶାସ୍ତ୍ରର ଉଦ୍ଭବ । ଏଥି ମଧ୍ୟରୁ ଛ'ଟି ଦର୍ଶନ—ବିଭାଗ ଉଲ୍ଲେଖ ଯୋଗ୍ୟ । ଏଗୁଡ଼ିକ ଷଡ୍‌ଦର୍ଶନ ଭାବରେ ବିଖ୍ୟାତ ।

ଚାର୍ବାକ୍ ଦର୍ଶନ : କଳିଯୁଗରେ ଏହି ମତବାଦୀ ଦର୍ଶନ ଅଧିକ ଜନପ୍ରିୟ । ଏମାନେ ଈଶ୍ୱରଙ୍କ ଅସ୍ତିତ୍ୱ, ପୁନର୍ଜନ୍ମକୁ ବିଶ୍ୱାସ କରନ୍ତି ନାହିଁ । ଯାଗ ଯଜ୍ଞ କଲେ ସ୍ୱର୍ଗସୁଖ ଭୋଗ ଏକ ଅବାସ୍ତବ କଥା ବୋଲି ଏମାନେ କହିଥାନ୍ତି । ଚାର୍ବାକ ଜଣେ ମହର୍ଷି ଥିଲେ । ସେ କହିଥିଲେ — ଋଣକୃତ୍ୱା ଘୃତଂ ପିବେତ, ଯାବଜ୍ଜୀବ ସୁଖଂ ଜୀବେତ । ଭସ୍ମୀଭୂତସ୍ୟ ଶରୀର କୁତଃ ଆୟାତ । ଅର୍ଥାତ୍ ଋଣ କରି ଘିଅ ଖାଅ, ଜୀଇଁଥିବା ଯାକ ସୁଖ ହିଁ ଉପଭୋଗ କରିଯାଅ । ମଣିଷ ମଲେ, ତା' ଶରୀର ଭସ୍ମୀଭୂତ ହୋଇଯାଇଥାଏ— ସେ ପୁଣି ଆସିବ କୁଆଡୁ ? ଯାହା ଅପ୍ରତ୍ୟକ୍ଷ ଅର୍ଥାତ୍ ଆଖିରେ ଦେଖାଯାଏନା, ତାହା ଜ୍ଞାନର ବିଷୟ ନୁହଁ । ଏହି ଦର୍ଶନର ଦାର୍ଶନିକମାନଙ୍କୁ 'ହେତୁବାଦୀ' ବା Rationalist କୁହାଯାଏ । ଯାହା ବିଚାରସମ୍ମତ ନୁହଁ, ତାକୁ ଏମାନେ ବିଶ୍ୱାସ କରି ନ'ଥାଆନ୍ତି ।

ଜୈନ ଦର୍ଶନ : ଏମାନେ ମହାପୁରୁଷ ମହାବୀରଙ୍କ ଅନୁଗାମୀ । ସତ୍ୟଦ୍ରଷ୍ଟା ଗୁରୁଙ୍କ ଉପଦେଶକୁହିଁ ଏମାନେ ଶିରୋଧାର୍ଯ୍ୟ କରିଥାଆନ୍ତି । ଏହି ଜୈନଗୁରୁମାନେ ଜୀନ ବା ତୀର୍ଥଙ୍କର । ଆଜନ୍ମସିଦ୍ଧ । ମହାବୀରଙ୍କ ପୂର୍ବରୁ ୨୩ ଜଣ ତୀର୍ଥଙ୍କର ଜନ୍ମ ଗ୍ରହଣ କରିଥିଲେ । ମହାବୀର ୨୪ ତମ ଏବଂ ଶେଷ ତୀର୍ଥଙ୍କର । ମହାବୀର ଓ ଗୌତମବୁଦ୍ଧ ସମସାମୟିକ । ଏମାନେ ସମାନ୍ତରାଳ ଭାବରେ ନିଜ ନିଜର ଧର୍ମପ୍ରଚାର କରୁଥିଲେ । ଜୀନ ବା ଜୈନମାନେ 'ଆତ୍ମା' ଅଛି ବୋଲି ବିଶ୍ୱାସ କରନ୍ତି । କୀଟ, କୀଟାଣୁ, ଗଛ, ପତ୍ର, ପଥର, ଏପରିକି ଧୂଳିକଣାରେ ମଧ୍ୟ ଆତ୍ମାର ଅସ୍ତିତ୍ୱକୁ ସେମାନେ

କଳ୍ପନା କରିଥାଆନ୍ତି । କିନ୍ତୁ ଈଶ୍ୱର ଏକ, ଅଦ୍ୱିତୀୟ ଏହି ଭାବଧାରାକୁ ବିଶ୍ୱାସ କରନ୍ତି ନାହିଁ ।

ବୌଦ୍ଧ ଦର୍ଶନ : ଗୌତମବୁଦ୍ଧ ଏହି ଦର୍ଶନର ପ୍ରତିଷ୍ଠାତା । ସେ ନେପାଳର କପିଳାବସ୍ତୁ ରାଜ୍ୟର ରାଜା ଶୁଦ୍ଧଦନଙ୍କ ପୁତ୍ର ଥିଲେ । ତାଙ୍କ ପିଲାଦିନର ନା ଥିଲା ସିଦ୍ଧାର୍ଥ । ପିଲାଦିନୁଁ ଜରା, ମୃତ୍ୟୁ, ରୋଗବ୍ୟାଧି, ଦୁଃଖ ଦେଖି ତାଙ୍କମନରେ ବୈରାଗ୍ୟ ଜାତ ହୋଇଥିଲା । ରାଜଉଆସ ଛାଡ଼ି ନାନା ସ୍ଥାନକୁ ଗଲେ । କଠୋର ତପସ୍ୟା କଲେ । ସିଦ୍ଧି ଲାଭ ପରେ ସେ ଚାରୋଟି ସିଦ୍ଧାନ୍ତରେ ଉପନୀତ ହେଲେ । (୧) ଦୁଃଖ ଅଛି । (୨) ଦୁଃଖର କାରଣ ମଧ୍ୟ ଅଛି । (୩) ଦୁଃଖରୁ ନିବୃତ୍ତି ଅଛି । (୪) ନିବୃତ୍ତି ଲାଭର ବାଟ ମଧ୍ୟ ଅଛି । ବୌଦ୍ଧମାନେ ଈଶ୍ୱର କିମ୍ବା ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ପୂର୍ବଜନ୍ମରେ ବିଶ୍ୱାସ କରନ୍ତି । ଜାତକ ଗଳ୍ପ ଏହାର ପ୍ରମାଣ । କାମନା ଥିବାଯାଏଁ ଦୁଃଖ ରହିଥିବ । ତେଣୁ କାମନାର ବିନାଶରେ ଦୁଃଖର ବିନାଶ ଘଟିଥାଏ ଏବଂ କାମନା ଯାହାର ନାହିଁ, ତା'ର ପୁନର୍ଜନ୍ମ ନାହିଁ । ଏମାନେ ଏହାକୁ 'ମୋକ୍ଷ' ନ କହି କହିଥାଆନ୍ତି ନିର୍ବାଣ ପ୍ରାପ୍ତି ।

ସାଂଖ୍ୟ ଦର୍ଶନ : ଏହାର ପ୍ରତିଷ୍ଠାତା ବା ପ୍ରବର୍ତ୍ତକ ମହର୍ଷି କପିଳ । ଯେଉଁ ଦର୍ଶନ ଦ୍ୱାରା ଆତ୍ମତତ୍ତ୍ୱକୁ ସମ୍ୟକ ଭାବରେ ଜାଣିହୁଏ, ତାହାହିଁ ସାଂଖ୍ୟ ।ଏହି ତତ୍ତ୍ୱ ହେଉଛି— ଦୁଇଟି ଚରମ ବସ୍ତୁ ପ୍ରକୃତି ଓ ପୁରୁଷ । ଏ ଦୁହେଁ ପରସ୍ପର ଠାରୁ ସ୍ୱତନ୍ତ୍ର ଭାବରେ ଅବସ୍ଥିତ । କିନ୍ତୁ କେହି କାହାକୁ ଛାଡ଼ି ରହି ନ ପାରନ୍ତି । ପୁରୁଷ ଚୈତନ୍ୟମୟ ଆତ୍ମା । ଏହା ଅବ୍ୟୟ ଓ ଅକ୍ଷୟ । ଏହା ଶରୀର, ଇନ୍ଦ୍ରିୟ ଓ ମନଠାରୁ ପୃଥକ୍ । ସମସ୍ତ ଜାଗତିକ କର୍ମ ପ୍ରକୃତି ଦ୍ୱାରା ହୋଇଥାଏ । ଆତ୍ମା ଶରୀର ଭିତରେ ଥାଇ ଦୁଃଖସୁଖ ଭୋଗ କରିଥାଏ । ପ୍ରତ୍ୟେକ ଶରୀରରେ ଗୋଟିଏ ଗୋଟିଏ ଆତ୍ମା— ତେଣୁ ପ୍ରକୃତି ଏକ ହେଲେ ହେଁ ଆତ୍ମା ଅନେକ । ପ୍ରକୃତି ତ୍ରିଗୁଣମୟୀ— ସତ୍ତ୍ୱ, ରଜ, ତମ । ଆତ୍ମାର ସନ୍ତୋଷ ବିଧାନ ହିଁ ପ୍ରକୃତିର ଏକମାତ୍ର ଉଦ୍ଦେଶ୍ୟ । ଏହା ଜଡ଼, ଅଚେତନ ଓ ପରିବର୍ତ୍ତନଶୀଳ । ପୁରୁଷ ସଂଯୋଗରେ ପ୍ରକୃତି ସକ୍ରିୟ ହୋଇ ସଚେତନ ଥିବାଭଳି ବୋଧ ହୋଇଥାଏ । ଆତ୍ମତତ୍ତ୍ୱ— ଅର୍ଥାତ୍ ସେ ନିଜେ କିଏ, ଏହି ଜ୍ଞାନୋଦୟ ହେଲେ ଜୀବ ବା ମନୁଷ୍ୟ ମୁକ୍ତିଲାଭ କରେ । ଆଉ ଜନ୍ମ ମରଣର ଅଧୀନ ହୁଏ ନାହିଁ । ଏହି ଆତ୍ମତତ୍ତ୍ୱ ସମ୍ପର୍କରେ ବିବେକ—ଜ୍ଞାନହିଁ ସାଂଖ୍ୟ ଦର୍ଶନର ଚରମ ପ୍ରତିପାଦ୍ୟ ବିଷୟ । ଏଥିଲାଗି ଇନ୍ଦ୍ରିୟ ସଂଯମ, ଧ୍ୟାନ, ଅଭ୍ୟାସ ଆଦି କଠୋର ସାଧନା ଆବଶ୍ୟକ ।

ସାଂଖ୍ୟବାଦୀମାନେ ଆତ୍ମାର ଅସ୍ତିତ୍ୱ ସ୍ୱୀକାର କରନ୍ତି କିନ୍ତୁ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ । ଅମର ବେଦ ପ୍ରତି ଏମାନଙ୍କର ଅଟଳ ବିଶ୍ୱାସ । ତେଣୁ ସେମାନେ ଆସ୍ତିକ ଶ୍ରେଣୀଭୁକ୍ତ ।

ମୀମାଂସା ଦର୍ଶନ : ଏହି ଦର୍ଶନର ପ୍ରବର୍ତ୍ତକ ମହର୍ଷି ଜୈମିନି । ଏହାକୁ ପୂର୍ବ ମୀମାଂସା ବୋଲି କୁହାଯାଇଥାଏ । ଏହି ମତବାଦୀଙ୍କ ମତରେ ବେଦ ସ୍ୱପ୍ରକାଶ, ଶାଶ୍ୱତ ଏବଂ ଅପୌରୁଷେୟ । ବେଦ ଅନୁସାରେ କର୍ମ ହିଁ ଧର୍ମ । ବେଦନିଷିଦ୍ଧ କର୍ମ ଅଧର୍ମ । କର୍ତ୍ତବ୍ୟଦୃଷ୍ଟିରୁ ବେଦବିହିତ ଯଜ୍ଞାଦି କର୍ମ କରଣୀୟ । କିନ୍ତୁ କାମନା ପୂର୍ତ୍ତି ଲାଗି ନୁହଁ । ମୀମାଂସକମାନଙ୍କ ମତରେ ମନୁଷ୍ୟ ମୃତ୍ୟୁ ପରେ ସ୍ୱର୍ଗ ରାଜ୍ୟରେ ଯେଉଁ ପରମସୁଖ ଉପଭୋଗ କରିଥାଏ, ତାହାହିଁ ଆତ୍ମାର ମୁକ୍ତି । ଆତ୍ମା ଏକ ନୁହଁ ବହୁତ ବୋଲି ଏମାନଙ୍କର ବିଶ୍ୱାସ କିନ୍ତୁ ଈଶ୍ୱରଙ୍କଅସ୍ତିତ୍ୱରେ ବିଶ୍ୱାସ ନାହିଁ । ଆତ୍ମାର କର୍ମ ଅନୁସାରେ ସଂସାରର ସମସ୍ତ ବସ୍ତୁ ସୃଷ୍ଟି ହୋଇଥାଆନ୍ତି । ଯଜ୍ଞାଦି କର୍ମ ଦ୍ୱାରା ଆତ୍ମା ମୋକ୍ଷ ଲାଭ କରି ସ୍ୱର୍ଗୀୟ ସୁଖ ଭୋଗ କରିଥାଏ ।

ନ୍ୟାୟ ଦର୍ଶନ : ମହର୍ଷି ଗୌତମଙ୍କ ଦ୍ୱାରା ଏହି ଦର୍ଶନ ପ୍ରବର୍ତ୍ତିତ । ଏହି ଦର୍ଶନ ପ୍ରତିପାଦନ କରିଥାଏ ଯେ, ଆତ୍ମା ଅବଶ୍ୟ ଶରୀରରେ ଥାଏ, କିନ୍ତୁ ଏହା ଶରୀରଠାରୁ ପୃଥକ୍ । ଆତ୍ମାର ମୁକ୍ତି ପୁନର୍ଜନ୍ମ ନିବାରଣ ଦ୍ୱାରା । ଈଶ୍ୱରହିଁ ଏକମାତ୍ର କର୍ତ୍ତା । ତାଙ୍କରି ଦ୍ୱାରା ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟ । ନ୍ୟାୟବାଦୀମାନେ ବହୁ ଆତ୍ମା ଓ ବହୁ ମନ ଥିବା କହିଥାଆନ୍ତି ।

ବୈଷୟିକା ଦର୍ଶନ : ଦୁଇଜଣ ମହର୍ଷି କଣାଦ ଓ ଉଲ୍ଲୁକଙ୍କ ଦ୍ୱାରା ଏହି ଦର୍ଶନର ପ୍ରବର୍ତ୍ତନ । ନାୟବାଦୀଙ୍କ ଭଳି ବୈଷୟିକାବାଦୀମାନେ କହନ୍ତି ଯେ, ବହୁ ଅଣୁ, ବହୁ ଆତ୍ମା ଓ ବହୁ ମନ କାହାଦ୍ୱାରା ସୃଷ୍ଟି ନୁହଁନ୍ତି । ଅନନ୍ତ କାଳରୁ ଏସବୁ ଅସୀମ ଶୂନ୍ୟରେ ବ୍ୟାପି ରହିଛନ୍ତି । ଈଶ୍ୱର କର୍ତ୍ତା ଭାବରେ ଏହି ଉପାଦାନଗୁଡ଼ିକରୁ ସଂସାର ସୃଷ୍ଟି କରିଛନ୍ତି । ଅଣୁ ପରମାଣୁ ଗୁଡ଼ିକର ସଂଯୋଗ ଓ ବିଯୋଗରୁ ଜୀବ ଜଗତର ସୃଷ୍ଟି ଓ ପ୍ରଳୟ । ପ୍ରତ୍ୟେକ ଅଣୁରେ କିଛି ନା କିଛି ବିଶେଷତ୍ୱ ରହିଛି । ଏହି ବିଶେଷତ୍ୱରୁ ସଂସାରର ବୈଚିତ୍ର ପ୍ରକାଶିତ । ଏହି ବିଶେଷବାଦ ହିଁ ବୈଶେଷିକା ଦର୍ଶନ । ଜୀବର ମୁକ୍ତି ସମ୍ପର୍କରେ ଏହି ବିଶେଷବାଦୀମାନେ କହନ୍ତି ଯେ ଈଶ୍ୱର ଆତ୍ମାମାନଙ୍କଠାରୁ ଅଲଗା । ଯଥାର୍ଥ ଜ୍ଞାନୋଦୟ ହେଲେ ଯାଇ ଜୀବର ମୁକ୍ତି ।

ଯୋଗ ଦର୍ଶନ : ମହର୍ଷି ପାତଞ୍ଜଳି ଏହାର ପ୍ରବର୍ତ୍ତକ । ସାଂଖ୍ୟ ଦର୍ଶନର ଚବିଶଟି ତତ୍ତ୍ୱକୁ ଏହା ସ୍ୱୀକାର କରିଥାଏ । ଏହାର ପ୍ରଧାନ ତତ୍ତ୍ୱ ହେଉଛି 'ଚିତ୍ତ–ବୃତ୍ତି ନିରୋଧ' । ଏହାହିଁ ଯୋଗ । ସାଂଖ୍ୟ ଅନୁସାରେ ଆତ୍ମା ପ୍ରକୃତିଠାରୁ ପୃଥକ୍ ଥିବା ଜ୍ଞାନ ଓ ଆତ୍ମଜ୍ଞାନ ହିଁ ମୁକ୍ତି । କିନ୍ତୁ ଯୋଗ ଦର୍ଶନ କହେ, କେବଳ ଈଶ୍ୱରୋପଲବ୍ଧି ଦ୍ୱାରା ମୁକ୍ତିମିଳେ । ଚିତ୍ତ ସର୍ବଦା ଚଞ୍ଚଳ । ତେଣୁ ଈଶ୍ୱରୋପଲବ୍ଧି ସହଜ ନୁହଁ । ମନୁଷ୍ୟ ମାତ୍ରେ ସକାମୀ । ଅଶେଷ କାମନା । ଏହି କାମନା ଯୋଗୁଁ ଚିତ୍ତରେ ଏକାଗ୍ରତା ଆସିନଥାଏ । ତେଣୁ ଚିତ୍ତବୃତ୍ତିକୁ ନିରୋଧ ଲାଗି ସାଧନା ଆବଶ୍ୟକ । ଏଥିଲାଗି ଆଠଟି ଉପାୟ ଉଲ୍ଲେଖ କରାଯାଇଛି । ଏହି ଉପାୟଗୁଡ଼ିକୁ ଯୋଗାଙ୍ଗ କୁହାଯାଏ । ଆଠଟି ସାଧନାର ଉପାୟ– ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । ପ୍ରଥମ ପାଞ୍ଚୋଟି ବହିରଙ୍ଗ ଓ ଶେଷଟି ଅନ୍ତରଙ୍ଗ ସାଧନା ।

ଗୀତାର ଦ୍ୱିତୀୟ ଅଧ୍ୟାୟ– ସାଂଖ୍ୟ ଯୋଗ ଓ କପିଳମୁନିଙ୍କ ପ୍ରବର୍ତ୍ତିତ ସାଂଖ୍ୟ ଦର୍ଶନ ଏକା ନୁହଁ । ଗୀତାର ସାଂଖ୍ୟ ଅଧ୍ୟାୟରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି, ଏକମାତ୍ର ଆତ୍ମା ବା ପରମାତ୍ମା ସତ୍ । ଶରୀର ଅସତ୍ ବା ବିନାଶଶୀଳ । ତେଣୁ ଅବ୍ୟୟ, ଅକ୍ଷୟ ଆତ୍ମା ସମ୍ବନ୍ଧୀୟ ଜ୍ଞାନ ହିଁ ସାଂଖ୍ୟ ଯୋଗ । କିନ୍ତୁ କପିଳମୁନିଙ୍କ ସାଂଖ୍ୟ ଦର୍ଶନ ପ୍ରକୃତି ଓ ପୁରୁଷ– ଦୁଇଟି ପୃଥକ୍ ପୃଥକ୍ ବୋଲି ସ୍ୱୀକାର କରାଯାଇଥିବାରୁ ଏହା ଦ୍ୱୈତବାଦ ଅନୁରୂପ । ଗୀତାର ସାଂଖ୍ୟ ଯୋଗରେ ନିଷ୍କାମ କର୍ମ ଆଚରଣ ଯୋଗମାର୍ଗର ସାଧନ ବୋଲି କୁହାଯାଇଛି । ଗୀତା ପୁନର୍ଜନ୍ମରେ ବିଶ୍ୱାସ କରେ । ମୋକ୍ଷ ଲାଭ କରିନଥିବା ମୃତ ବ୍ୟକ୍ତିର ପୁନର୍ଜନ୍ମ ନିଶ୍ଚିତ, ବହୁ ଜନ୍ମ ଲାଭ ପରେ ଜ୍ଞାନ ପରିପକ୍ୱ ହୋଇ ଉଠିଲେ ଜୀବାତ୍ମା ପରମାତ୍ମାରେ ଲୀନ ହୋଇଯାଏ । କିନ୍ତୁ ଏପରି ଜ୍ଞାନବାନ୍ ବ୍ୟକ୍ତି କ୍ୱଚିତ୍ । ଦୁର୍ଲ୍ଲଭ କହିଲେ ଚଳେ । ମନୁଷ୍ୟ ବା ଜୀବାତ୍ମା ପୁଣ୍ୟ ଅନୁସାରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଉଠିପାରେ କିନ୍ତୁ ସେଠାରେ ସୁଖଭୋଗ ପରେ ପୁଣି ଦୁଃଖପୂର୍ଣ୍ଣ ସଂସାରକୁ ଫେରି ଆସିଥାଏ ।

ଗୀତାରେ ଅବତାରବାଦ – ଯେତେବେଳେ ଅଧର୍ମର ପ୍ରାଦୁର୍ଭାବ ହୁଏ ଏବଂ ଧର୍ମ ମଳିନାକ୍ତ ହୋଇପଡ଼େ, ସେତେବେଳେ ନିରାକାର ନିର୍ଗୁଣ ବ୍ରହ୍ମ ନିଜ ମାୟାବଳରେ ସାକାର ଓ ସଗୁଣ ହୋଇ ଜୀବ ରୂପରେ ଜଗତରେ ଆବିର୍ଭୂତ ହୁଅନ୍ତି । ସେ ତ୍ରିଗୁଣାତ୍ମିକା (ସତ୍ତ୍ୱ, ରଜ, ତମଃ) ନିଜ ପ୍ରକୃତିକୁ ଅବଲମ୍ବନ କରି ରୂପ ଧାରଣ କରନ୍ତି । ସେତେବେଳେ ମୂଢ଼ ଲୋକେ ତାଙ୍କୁ ଅଜନ୍ମା ଏବଂ ଅବ୍ୟୟ ବ୍ରହ୍ମ ବୋଲି

ଚିହ୍ନିପାରନ୍ତି ନାହିଁ । ନବମ ଅଧ୍ୟାୟର ଏକାଦଶ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି—

ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂଭବମଜାନନ୍ତୋ ମମ ଭୂତ ମହେଶ୍ୱରମ୍ ।।

ବେଦାନ୍ତ ବା ଉପନିଷଦରେ ଅଦ୍ୱୈତବାଦୀମାନେ କହନ୍ତି ଯେ, ଅଗ୍ନିରେ ଯେପରି ଦହନ କରିବାର ଶକ୍ତି ନିହିତ, ସେହିଭଳି ନିର୍ଗୁଣ ବ୍ରହ୍ମଙ୍କଠାରେ ରହିଛି ମାୟାଶକ୍ତି । ଏହି ମାୟାଶକ୍ତି ବଳରେ ସମସ୍ତ ଜଗତ୍ ସୃଷ୍ଟି ବୋଲି ପ୍ରତୀୟମାନ ହେଉଥିଲେ ହେଁ ତାହା ଅସତ୍ ଏବଂ ବ୍ରହ୍ମଙ୍କର ଐନ୍ଦ୍ରଜାଲିକ ଲୀଳା ବ୍ୟତୀତ ଅନ୍ୟ କିଛି ନୁହଁ ।

ଭଗବାନ ମାୟାମନୁଷ୍ୟର ରୂପ ଧାରଣ କଲେହେଁ ସେ ମାୟାଧୀନ ନୁହନ୍ତି— ସେ ମାୟାକୁ ଧରିଥିବାରୁ ମାୟାଧର । ମାୟା—ମନୁଷ୍ୟ ରୂପରେ ଭଗବାନଙ୍କ ଅବତାରହିଁ ଦେବତ୍ୱ ଓ ମାନବତ୍ୱର ଅପୂର୍ବ ମିଳନ ।

'ଗୀତା'ର ପରମଶିକ୍ଷା ହେଉଛି 'ତ୍ୟାଗ' ।

■■■